

# ଡଗର

ଆନନ୍ଦ ଆଲୋଚନା ଓ ଅଗ୍ରଗତିର

ପ୍ରତୀକ

ଉତ୍କଳରେ ସର୍ବାଧିକ ଲୋକପ୍ରିୟ ପତ୍ର

ତ୍ରୟୋଦଶ ବର୍ଷ ପ୍ରଥମ ସଂଖ୍ୟା

୧।୬।୪୯

## ମହ୍‌ତାବ … ନ୍ଦାବାଦ୍




ମୂଲ୍ୟ ଟ ୦ ୫

odia.org
Digitized by srujanika@gmail.com

Dagaro
ORISSA's MOST POPULAR FORTNIGHTLY
Reg. No 04. 1-7-49

## ହାଉଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲ, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଅରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ।

## ଧବଳ

ଦେହରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

## ୫୧ ଟଙ୍କା ପୁରସ୍କାର

## ଅସଲି ମମିରା ସୁରମା

ଏହି ମମିରା ସୁରମା ଭୀମସେନ କର୍ପୂର ଓ ମମିରା ପ୍ରଭୃତି ବହୁମୂଲ୍ୟ ପଦାର୍ଥ ଦ୍ୱାରା ପ୍ରସ୍ତୁତ ହୋଇଅଛି। ଏହାକୁ ବ୍ୟବହାର କଲେ ଅଖିଧରା, ଅନ୍ଧାରିକଣା, ଅଖିରୁ ପାଣି ଗଡ଼ିବା, ଅଖିରୁ ଜଳ ପଡ଼ୁଥିବା, ଅଖିକୁ ଜାଲ୍‌ଜାଲ୍‌ଆ ଦେଖାଯିବା, ଅଳ୍ପ ଧାସରୁ କମ ଦେଖାଯିବା, ଅଖି ଲାଲ ହୋଇ ଫୁଲି ହେବା ପ୍ରଭୃତି ଅଖିରୁ ପ୍ରତ୍ୟେକ ରୋଗ ଅରୋଗ୍ୟ ହୁଏ। ଏହାକୁ ଲଗାଇବା ମାତ୍ରେ ସମୁଳେ ରୋଗ ପାଣି ହୋଇ ବାହାରିଯାଏ ଓ ଅଖି ବରଫପରି ଥଣ୍ଡା ହୋଇଯାଏ। ତିନି ଦୁନ୍ଦର ଶିଶି କାଠି ସହିତ ଟ ୧।, ୧ ଡର୍ଜନକୁ ଟ ୧୨୮, ଡାକଖର୍ଚ୍ଚ ଅଲଗା। ପରୀକ୍ଷା ପ୍ରାର୍ଥନୀୟ।

ଠିକଣା :—

ପନିରାମ ଦ୍ୱାରିକାମଲ

**ଅସଲି ପଞ୍ଚଗୁଣା ତୈଳ ଅଫିସ**

ତେଲେଙ୍ଗାବଜାର, କଟକ।

## ହାଇଡ୍ରୋସିଲ୍

ଅମ୍ଭର "ବି, ଏଚ," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଆ, ଟଣିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଅରୋଗ୍ୟ ହୁଏ। ମୂଲ୍ୟ ଟ ୩୮, ଅଭ୍ୟନ୍ତରିକ ଔଷଧ "ପାଚନ" ବଟିକା ୨୮ ଡା:ମା:୦ଏ।

## ପେଟବ୍ୟଥା

କଲିକ୍, ପେନ, ପେଟଫମ୍ପା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ କ୍ଷୁଧା ଓ ନିଦ୍ରା ନ ହେବା ଆଦି ରୋଗ ଅମ୍ଭର "ଦୀପନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣ-ରୂପେ ଚିରଦିନ ଲାଗି ଅରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ଟ ୩୮, ଡା:ମା: ୦ ଏ ।୵

Kaviraj R. N. Chakravarty. [D-M,]
24 Devendra Ghose Road,
Bhawanipore Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଅପଣ ୧୯୪୯—୫୦ ମହିହାରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ବିସ୍ତାର ଚନ ସବୁ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଅଜି ଖଣ୍ଡିଏ ପୋଷ୍ଟକାର୍ଡ଼ରେ ଅପଣଙ୍କ ପସନ୍ଦରେ ଅସୁଥିବା କୌଣସି ଫୁଲର ନାମ ପଦ ଲେଖିବା ସମୟ ଏବେ ପତ୍ରର ଭିତରେ ନିଜର ପୁରା ଠିକଣା ଲେଖିକରି ପଠାନ୍ତୁ। ତାହାହେଲେ ଅମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଅପଣଙ୍କ ଆଗାମୀ ବାରମାସର ଭାଗ୍ୟର ଫଳ, ଲାଭ, କ୍ଷତି କିପରି ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ସ୍ଥାନାନ୍ତରରେ ଉନ୍ନତି, ଶାରୀରିକ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, କୋର୍ଟ କେସ ଅଥବା କୌଣସି ଅବସ୍ଥାର କାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, କ୍ରସ୍ ଅଥବା କୌଣସି ଅବସ୍ଥାର କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ଚୋଷ୍ଟକାର୍ଡରେ ଲେଖା ଡାକଖରଚ, ଅମ୍ଭେ ବର୍ଷ ମାସବର୍ଷରେ ଠିକ୍ ଠିକ୍ ଘଟିବାର ସମସ୍ତ ଦଶାର ଫଳ ନିର୍ଣ୍ଣୟ କରି ଭି: ପି: ଯୋଗେ ପଠାଇ ଦେବୁ। ଡାକଖର୍ଚ୍ଚ ଅଲଗା ପଡ଼ିବ। ଖରାପ ଗ୍ରହକୁ ଶାନ୍ତ କରିବାର ଉପାୟ ମଧ୍ୟ ଅମେ କେବଳ ଟ ୧।୦ ବିନାମୂଲ୍ୟରେ ଲେଖିଦେବୁ। ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି। ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ।

THE BENGAL MESMERISM HOUSE (D.W)
HOSHIARPUR.

Printed & Published by G. C. Mohapatro, at the Gopinath Press, Bhadrak. 1. 7. 49.

Digitized by srujanika@gmail.com



ଆଷାଢ଼ ପ୍ରଥମାର୍ଦ୍ଧ ତ୍ରୟୋଦଶ ବର୍ଷ ପ୍ରଥମ ସଂଖ୍ୟା ୧ । ୭ । ୪୯

## ତର୍ପଣ

୬ଶ୍ରୀଯୁକ୍ତ ମନମୋହନ ସାବତ—ସଙ୍ଗୀତରୁ କେବଳ ବିନୋଦନ ନମଣି ଶବ୍ଦବ୍ରହ୍ମର ସାଧନାର ପ୍ରୟାସ ରଖି ଯେ ନିର୍ବାଣ ଲଭିଛନ୍ତି—ଓଡ଼ିଶା ତାର ପୂଜା କରିଜାଣେ ନାହିଁ । ଅତି ଦରିଦ୍ର ପରିବାରରେ ଜନ୍ମ—ଦାରିଦ୍ର୍ୟାବସ୍ଥାରେ ତାଙ୍କର ମୃତ୍ୟୁ । ସେଇ ଅମର ଆତ୍ମାର ଆଶୀର୍ବାଦ ଆମ ଉପରେ ପଡ଼ୁ ।

÷ + ÷

୬ ବ୍ୟାସକବି ଫକୀର ମୋହନ—ଗୋଟାଏ ଯୁଗର ସ୍ରଷ୍ଟା—ସାହିତ୍ୟ, ରାଜନୀତି, ସମାଜ ଓ ଧର୍ମ ସବୁରି ଉପରେ ଯାହାଙ୍କର ନିର୍ଦ୍ଦେଶ ଉତ୍କଳକୁ ସଚେତ କରିଥିଲା ତାଙ୍କର ଶୁଭେଚ୍ଛା ଆମ୍ଭମାନଙ୍କୁ ବଳ ଦେଉ ।

÷ + ÷

୬ ଜୀବରାମଜୀ—ତ୍ୟାଗର ଅନନ୍ୟ ପର୍ଦ୍ଦି ମାନବିକତାର ମାନଦଣ୍ଡ ହୁଏ ତେବେ ଜୀବରାମଜୀ ତାର ଥିଲେ ଆଦର୍ଶ । ଦରିଦ୍ର ଉତ୍କଳର ସେବା କରିବା ପାଇଁ ସୁଦୂର ଗୁଜରାଟରୁ ଯେ ଧାଇଁ ଆସିଥିଲେ । ଉତ୍କଳ ତାର ଋଣୀ ।

+ ÷ +

୬ଉତ୍କଳମଣି ଗୋପବନ୍ଧୁ—ଯେଉଁ ଦେଶ ପାଇଁ ସେ ଅହରହ ଲଢ଼େଇ କରିଥିଲେ—ସେ ଲଢ଼େଇ ଆଜିବି ଶେଷ ନାହିଁ—ସ୍ୱାଧୀନତା ପରେ । ତଥାକଥିତ ସ୍ୱାଧୀନତାର ବାତାବରଣରେ ଆଜି ରୁଦ୍ଧଶ୍ୱାସ ହୋଇ ତାଙ୍କରି ପ୍ରେରଣା ଆଶାରେ ଏ ଦେଶ ତାଙ୍କ ଉଦ୍ଦେଶ୍ୟରେ ଜଳ ତର୍ପଣ କରୁଛି ।

+ × +

## ନିଜକଥା

ବାରଟି ବରଷ ବିତିଲା—ଗୋଟାଏ ଯୁଗ । ଡଗରର ମଥା ଉପରେ ଝଡ଼ ଗଲା—ତୁଫାନ ଯାଉଛି । ତଥାପି ସେ ଶିର ନତ କରି ନାହିଁ । ଦେଶର ଆଶୀର୍ବାଦ, ଭଗବାନଙ୍କର କୃପା । ଆଜି ତ୍ରୟୋଦଶ ବର୍ଷର ଆରମ୍ଭ ।

ଏଇ ବର୍ଷାରମ୍ଭରେ ବିଶ୍ୱ-ଗୁରୁଙ୍କର ସେଇ ବାଣୀ—ମନେପଡ଼ୁଛି—"ଯଦି ଡାକ ଶୁଣି ତୋ'ର ନ ଆସେ କେହି ଏକାକୀ ଚଲରେ !"

ଯାହା ସତ୍ୟ—ଯାହା ଠିକ୍ ମନେକରେ, ଭୟ ବା କୃପାରେ ବିଚଳିତ ନହୋଇ ସେ ତାର ମତ ପ୍ରକାଶ କରି ଆସିବା ଦ୍ୱାରା ଡଗର ଦୁର୍ବିପାକକୁ ଆମନ୍ତ୍ରଣ କରି ମଧ୍ୟ ତାହାରି ଭିତରେ ଆତ୍ମରକ୍ଷା କରିବାରେ ସମର୍ଥ ହୋଇଛି । ଏହାହିଁ କଠୋର ଅଭିଜ୍ଞତା ଓ ସତ୍ୟ ଅଭିଜ୍ଞାନ ।

ଡଗର ହାସ୍ୟରସ ପ୍ରଧାନ ପତ୍ର ରୂପେ ଜାତ ହୋଇଥିଲା । ଦ୍ୱେଷ ରହିତ ବିଦ୍ରୂପ ହାସ୍ୟ ରସ ସଞ୍ଚାର କରିବା ଡଗରର ଥିଲା ଉଦ୍ଦେଶ୍ୟ । ଏ ଦେଶର ଲୋକେ ହାସ୍ୟକୁ ବୁଝିବାର ଓ ସମ୍ଭୁଝିବାର ମନୋବୃତ୍ତି କର୍ଷଣ କରି ନାହାନ୍ତି । ସେଥିପାଇଁ ଆମ୍ଭେମାନେ ଚୋରକୁ ସାଧୁ କହି (ରହସ୍ୟ) ଯେତିକି ବିପଦରେ ପଡ଼ୁଛୁଁ—ସାଧୁକୁ ଚୋର କହି ତହିଁ ଅଧିକ ଦୁର୍ଯୋଗ ଡାକି ଆଣିଛୁ । ବନ୍ଧୁ ଶତ୍ରୁ ହୋଇଛନ୍ତି—ଶତ୍ରୁ ପରମ ଶତ୍ରୁ ହୋଇଛନ୍ତି । ଏ ସବୁର ମୂଲ୍ୟ ଦେଇ ଆମେ ପାଇଛୁ କେବଳ ସତ୍ୟର ଆଶୀର୍ବାଦ । ମନୁଷ୍ୟର ଦୁର୍ବଳତା କେତେବେଳେ ହେଲେ ଯେ ଆମକୁ ପଥଭ୍ରଷ୍ଟ କରିନାହିଁ ସେଭଳି ଅସ୍ପର୍ଦ୍ଧା କରିବାର ସାହସ ଆମେ ରଖିନାହୁଁ । କିନ୍ତୁ ତ୍ରୁଟି ପାଇଁ ଆମେ ସବୁବେଳେ କୃତାଞ୍ଜଳି ପୁଟରେ କ୍ଷମାର୍ଥୀ ।

ଏକାଦଶ ବର୍ଷରେ ଆମେ ଡଗରକୁ ପାକ୍ଷିକରୁ ସାପ୍ତାହିକ କରିଥିଲୁ । ଏ [illegible] ସୁହାଇଲା ନାହିଁ । ଆର୍ଥିକ [illegible] ଆସି ପଡ଼ିଲା । ପୁଣି ପଛଘୁଞ୍ଚା ଦେଇ ପାକ୍ଷିକ କଲୁଁ । ଏହା ପଛଘୁଞ୍ଚା ନୁହେଁ । ଅଭିଜ୍ଞତା ମନେ କରି ଆମେ ଉଜ୍ଜ୍ୱଳ ଭବିଷ୍ୟତକୁ ଗ୍ରହଣ କରିଛୁ ।

ଆମର ବିଶ୍ୱାସ ଡଗରର ସେବା ଯଦି ଦେଶ ଚାହେଁ ତେବେ ସେ ରହିବ ନଚେତ୍ ତାର ମୃତ୍ୟୁରେ ଶୋକ କରିବାକୁ କେହି ନରହୁ ।

## କଂଗ୍ରେସର ପରାଜୟ

ଦକ୍ଷିଣ କଲିକତାରେ କଂଗ୍ରେସର ପରାଜୟ ବାଞ୍ଛନୀୟ ଥିଲା । କାରଣ କଂଗ୍ରେସ ବାଲାମାନଙ୍କର ଆଖି ସେ ଫିଟାଇ ଦେଇଛି । କିନ୍ତୁ ଏହାକୁ ଠିକ କଂଗ୍ରେସର ପରାଜୟ କହିବା ଅନ୍ୟାୟ ହେବ । ଏହା ଶରତ ବୋଷଙ୍କର ଜୟ । କୌଣସି କଂଗ୍ରେସ ବିରୋଧୀ ଦଳର ଜୟ ନୁହେଁ । ଶରତ ବୋଷଙ୍କର ଦଳ ଅର୍ବାଚୀନ ଏବଂ ଅସ୍ତିତ୍ୱହୀନ । ଶରତ ବୋଷ ତଥା ବୋଷ ଭ୍ରାତାଗଣଙ୍କର କଂଗ୍ରେସ ଜରିଆରେ ଦେଶର ସେବାକୁ ଦକ୍ଷିଣ କଲିକତା ବାସୀ ସ୍ୱୀକାର କରିଛନ୍ତି ମାତ୍ର । ଅବଶ୍ୟ କଂଗ୍ରେସ ଅଫିସିଏଲ ପ୍ରାର୍ଥୀଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ ବୋଲି ତାର ଅର୍ଥ ନୁହେଁ ଯେ ଦେଶର କଂଗ୍ରେସ [illegible] ଉପରୁ [illegible] ଚାଲିଯାଇଛି । ବର୍ତ୍ତମାନ ଯେଉଁ ପଦ୍ଧତିରେ ଶାସନ ଚାଲିଛି—ଏବଂ ଯେଉଁମାନେ ଶାସନ ଚଳାଉଛନ୍ତି ତାଙ୍କରି ପ୍ରତି ଅବିଶ୍ୱାସ ଆସିଛି ଦେଶର । ଏହା ସୁସ୍ପଷ୍ଟ । କଂଗ୍ରେସର ବର୍ତ୍ତମାନ ଧାରା ଯଦି ବଦଳି ଯାଏ—କଂଗ୍ରେସ ପୁଣି [illegible] ହୋଇ ରହିବ—ଅନ୍ୟଥା [illegible] ହୋଇ ରହିବ—[illegible] ନାହିଁ । [illegible] ହେବ ଦକ୍ଷିଣ କଲିକତା କଂଗ୍ରେସର ଦୋଷତ୍ରୁଟି [illegible] ବାର୍ତ୍ତା [illegible] ବଜାଇ ଦେଲା ।

Digitized by srujanika@gmail.com

# ଶୁଣ୍ଢା ପରୀକ୍ଷ ନରନାଥ

ହାଇଡ୍ରୋଜେନ ବୋମା ସମ୍ବନ୍ଧରେ ଜନୈକ U. N. O. ର ବଡ଼ କର୍ମଚାରୀ ଲେଖିଛନ୍ତି [Shy] ଧରିଛି—ଛାତି ଚାପିହୁଏ ।

...ଛାତିଫୁଲା କିଛି ଯୋଗ କରିଛନ୍ତି କି ?

\+ ÷ +

ସରକାରୀ ଅଫିସରେ ବାଳକାମାନେ ପୁରୁଷଙ୍କୁ କେଉଁଠାକୁ ବସିଲେଣି—ସମ୍ବାଦ ।

...ଦଉଡ଼ ଦଉଡ ପଡ଼ୀ ଗଦା ମୁଲକ ।

\+ × ×

ବାଲେଶ୍ବର ଖଣିଆ ସାହିରେ ଗୋଟିଏ ଗଛ ଦିନରେ ଥରେ ମରୁଛି ପୁଣି ବଞ୍ଚୁଛି—ସମ୍ବାଦ ।

...ନିକୃଷ୍ଟ ରାଜନୀତିଜ୍ଞ ହୋଇଥିବ ।

÷ + +

ଅନ୍ନପୁରରେ ଗୋଟିଏ ଗଛର ଗୋଟିଏ ପତ୍ର ସହିତ ଅନ୍ୟ ପତ୍ରର ମେଳ ନାହିଁ—ସମ୍ବାଦ ।

...ମହତ୍ମାଙ୍କ କଥା ନୁହେଁ ।

\+ ÷ ×

ଏହା ଲକ୍ଷ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିବ—ବିଜ୍ଞାପନ ।

...ଠକିବାରେ ।

\+ + +

ପରୁଣା ପ୍ରେମିକକୁ ପ୍ରତ୍ୟାହାର କରିବା ପାଇଁ ପ୍ରଣୟିନୀ କୌଣସି କାରଣ ଖୋଜି ପାଏନା—ମନବିଜ୍ଞାନ ।

...କିନ୍ତୁ ଅନ୍ୟ କୌଣସି ପ୍ରେମିକ ଖୋଜି ପାଇସାରି ଥାଏ ।

\+ × ×

ମାତୃବତ୍ ପର ଦାରେଷୁ—ହିତୋପଦେଶ ।

...ନିଜର ମା ଯଦି ନଥାଏ ।

\+ × +

... ଝିଅମାନଙ୍କୁ ଗୃହେ ନାହିଁ—କଲେଜଛାତ୍ର ।

...ମଇନସ ଦଶ—ଦସମାର ପାଉଡ଼ର ଥିବ ।

\+ × +

ପ୍ରଥମ ଦର୍ଶନରେ ପ୍ରେମରେ ପଡ଼ିବା ସଚରାଚର ଦେଖାଯାଇଥାଏ—ଅଭିଜ୍ଞତା ।

କିନ୍ତୁ ଦ୍ୱିତୀୟ ଓ ତୃତୀୟ ଦର୍ଶନ ପାଇବାକୁ ନମିଳେ କିଏ ?

÷ + ÷

ସୁଭାଷ ବୋଷ ଉଡ଼ାଯାହାଜରୁ ଯନ୍ତ୍ର ମନୋହରନ୍ତି—ଡାକ୍ତର ରାଧାବିନୋଦ ପାଲ ।

...ପଡ଼ା ଯାହାଜରୁ ପଡ଼ିଥିବେ ।

× ÷ ÷

ସୌର ଜଗତରେ ଭ୍ରାମ୍ୟମାଣ ଗୋଲ ଉଡନ୍ତେ ଆମେ ଗଣି କରୁଛୁ—ବୈଜ୍ଞାନିକ ମିତ୍ର ।

...ଚନ୍ଦ୍ରମୁଖୀ ମାନଙ୍କ ଜନକ ।

× × ×

ଲଣ୍ଡନ ଶଢ଼ିଅଖାନାରେ ଭିରଡ—ସମ୍ବାଦ ଶିରୋନାମା ।

...ବୋଧହୁଏ କମନୱେଲଥରେ ପଶିବା ପରଠୁ ।

\+ × ×

ରାଜକୋଟରେ ଗୋଟିଏ ଝିଅ ଯୋଡ଼ିଏ ମୁଣ୍ଡ ଗୁଡ଼ିଏ ହାତରେ ଜନ୍ମ ହୋଇଛି—ସମ୍ବାଦ ।

.. ଦୁଇ ମୁହଁରେ କଥା କହିବ ଓ ୪ ହାତରେ ଖାଇବା ପାଇଁ ସେ କଂଗ୍ରେସ ସଭ୍ୟ ହେବାର ସମ୍ଭାବନା ।

\+ × ×

ଉତ୍ପାଦନର ଖର୍ଚ୍ଚା କମିବା ଉଚିତ—ଶ୍ୟାମାପ୍ରସାଦ ।

...ମାଇପଙ୍କ ପ୍ରେମ ପାଉଡ଼ର କମିଲେ ଯାଇଁ ହେବ ।

× × ×

କମିଉନିଷ୍ଟମାନେ ପଶ୍ଚିମ ବଙ୍ଗ ସେକ୍ରେଟେରିଏଟ ଘରେ ଢେଲା ପଥର ପକାଇଲେ—ସମ୍ବାଦ ।

...ସେଠା ଭୂତକୋଠି ହୋଇଥିବ ।

÷ + ÷

ସୋନପୁରରେ ଗୀତ ନାଟକ ଅଭିନୀତ ହେବାକୁ ମନା—ସରକାରୀ ଆଦେଶ ।

...ସରକାରଙ୍କର ନାଟ ଅଭିନୟ ଚାଲିଛି ତ ଠିକ୍ ?

÷ ÷ ×

ଯକ୍ଷ୍ମା ଚିକିତ୍ସାଳୟ କଳାହାଣ୍ଡି ମହାରାଜାଙ୍କ ବଦାନ୍ୟତାରୁ ସମ୍ଭବ ହେଲା—ସମ୍ବାଦ

...ନିକଟରେ ଗୋଟିଏ ଉପଦଂଶ ଚିକିତ୍ସାଳୟ ଓ ପୁରୁଷତ୍ୱହୀନର କ୍ଲିନିକ ମାନ୍ୟବର ବରଦା ଓ ମହାରାଜଙ୍କ ବଦାନ୍ୟତାରୁ ସମ୍ଭବ ହେବ ବୋଲି ଆଶା କରାଯାଏ ।

\+ + ×

ନିଖିଳ ଭାରତ ଦନ୍ତକାର Dentist ମାନଙ୍କର ସମ୍ମେଳନ ହେବ—ସମ୍ବାଦ

...ଗଣେଶ ସଭାପତି ହେବେ ।

× ÷ +

ମାନ୍ଦ୍ରାଜ ମନ୍ତ୍ରୀ ମଣ୍ଡଳଙ୍କ ଦୁର୍ନୀତିର ତଦନ୍ତ ଚାଲିଛି—ସମ୍ବାଦ ।

...କିନ୍ତୁ ତଦନ୍ତ ଭାଙ୍ଗିବ ନାହିଁ ।

÷ + +

ବାପୁଜୀଙ୍କ ସମ୍ମତି ବିନା ଅପୋସ ନିଷ୍ପତ୍ତିରେ ପାକିସ୍ଥାନ ସୃଷ୍ଟ ହୋଇନି—ସମ୍ବାଦ ।

...ହନୁମାନ ଦାନ କଲେ...

\+ ÷ ÷

ବଙ୍ଗରେ ଗୋଟିଏ ଲୋକ ଦୁଇ ସପ୍ତାହ ହେବ ଅନବରତ ଛିଙ୍କୁଛି—ସମ୍ବାଦ ।

.. ଅଳ୍ପମତ ହେଉ ।

÷ ÷ +

ଚନ୍ଦନ ନଗର ଭାରତରେ ମିଶିବ—ସମ୍ବାଦ ।

...ଫରାସୀ ସରକାରଙ୍କ ଅନ୍ତ୍ୟେଷ୍ଟି ପାଇଁ କିଛି ଚନ୍ଦନକାଠ ଦାନ କରିବା ବଦାନ୍ୟତା ହେବ ।

\+ × +

ଭାରତ ଆମେରିକା ବାସୀଙ୍କର ସୁଯୋଗ—ବିଜୟଲକ୍ଷ୍ମୀ ।

...ଇଂଲଣ୍ଡ ବାସୀଙ୍କର ସଂଯୋଗ ଓ ରୁଷର—ବିୟୋଗ ।

\+ + ÷

ଗୁଳି କଲାବେଳେ ଆମେ ନାରୀ ଓ ନରକୁ ସମାନ ଆଖିରେ ଦେଖୁ—କଲିକତା ପୁଲିସ ।

ଓଡ଼ିଶାରେ Women first

\+ + +

ମଧ୍ୟବର୍ତ୍ତୀ ଶ୍ରେଣୀ ସରକାରଙ୍କୁ ସାହାଯ୍ୟ କର—ନଳିନୀରଞ୍ଜନ

...ସରକାର ଭାଙ୍ଗିଲେ ।

\+ × +

ହଜାର ହଜାର ଲୋକ ଚାକିରି ପାଇବାକୁ ମୋ ପଛରେ ଗୋଡ଼ାଉଛନ୍ତି—ଶ୍ୟାମା ପ୍ରସାଦ ।

...ଅଣରଣଜନ ଚାକିରି ପଣ ଯଣ ହୋଇଛନ୍ତି ସଂସ୍ରରେ ଜଡ଼ିତ ।



Digitized by srujanika@gmail.com



ଦକ୍ଷିଣ କଲିକତାରେ ଶ୍ରୀଯୁକ୍ତ ଶରତ ବୋଷ କଂଗ୍ରେସ ପ୍ରାର୍ଥୀମାନଙ୍କର ଶତ୍ରୁ ହରଣ କରିଥିଲେ ବୋଲି ବଙ୍ଗ ଲକ୍ଷ୍ମୀଭମନେ 'ଅନ୍ଧାଧୋ ଅଠ ଖାନା,' କିନ୍ତୁ ସେମାନେ ଭାବିପାରୁ ନାହାନ୍ତି ଯେ ଅଉ ସେ ରାମ ନାହିଁ କି ସେ ଅଯୋଧ୍ୟା ନାହିଁ । ସେ ବଙ୍ଗ ନାହିଁ କି ସେ ସୁଭାଷ ବା ନାହାନ୍ତି ।

× × ×

ଶରତବୋଷ ନେତାଜୀଙ୍କୁ ଧରି ଆସିବେ ବୋଲି ବାରମ୍ବାର ପ୍ରଚାର କରି କହୁଲେଣି । ତାର ଫଳରେ ଗୁଡ଼ାଏ ଭୋଟ ପାଇଲେ ବୋଲି କେତେକଙ୍କର ମତ । ଆମ ମତରେ ନେତାଜୀ ଆସିବେ ଆସିବେ କହିଲେ ଯଦି ଭୋଟ ମିଳେ ତେବେ ନେତାଜୀ ବଡ଼ଭାଇଙ୍କ ହିତ ଦୃଷ୍ଟିରୁ ଅନ୍ତତଃ ସବୁଦିନେ ତାଙ୍କୁ ଏହି ଭଳି କହିବାର ସୁଯୋଗ ଦେଉଥିବେ ।

× × ÷

କଲିକତା ପରାଜୟରେ କଂଗ୍ରେସର ଆଖି ଖୋଲିବ ବୋଲି ଆମେ ଆଶା କରିଥିଲୁ । କିନ୍ତୁ ପଣ୍ଡିତ ଜବାହରଲାଲ କହିଲେ—ଏହା ଜନମତର ରାୟ ନୁହେଁ । ବାସ୍ତବିକ ଯେଉଁ ଶୋଇଛି ଯିଏ ତା' ଉଠେଇବ କିଏ ?

÷ + +

ଓଡ଼ିଶାରେ ଦକ୍ଷିଣ କଲିକତା ହେଉଛି—ଏରସମା ତିରତୋଲ । କିନ୍ତୁ ଏଠି କିଏ ଜିତିବ କିଏ ହାରିବ କହି ହେଉନାହିଁ । କଲିକତାରେ ଭାରତର ବଡ଼ ନେତା ଜବାହର ଓ ପଟେଲ ଗର୍ଜନ କରିଥିଲେ । ଏଠି ଓଡ଼ିଶାର ମହାନେତା ମହତାବ କହିଲେ—ଦେଶରେ ରାବଣ— ସମାଜସମାଜ । କିନ୍ତୁ ସୋସାଲିଷ୍ଟ- ପାର୍ଟି ଯଦି ନଥାନ୍ତା ବ ମହତାବଙ୍କ ମହତ ଯିବ କିନା ।

+ + +

ତିରତୋଲ ଏରସମାରେ ଦିନେ ନଡେଇ ନୌରବ ... ନେ ପଦ୍ମଶ୍ରୀ କୀର୍ତ୍ତନ କରି କରି—

ଯ କ.ଥି...—

ନଡାଇ ମୁଁ ... ରସେର ସାଗର

... ରସେର ଗୁରୁ

ଯେ ଯାହା ଗୃଏ ... ସେ ତା' ପାଏ

ବାଞ୍ଛା କଳ୍ପ ତରୁ ।

× × ×

କିନ୍ତୁ ଦୁଃଖର କଥା ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନନଗୋ ମେଠାକୁ ଯାଇ ପହଞ୍ଚିବା କ୍ଷଣି ଅଉ ଦଳେ ସଙ୍କୀର୍ତ୍ତନିଆ 'ଫେଲ ଯ ଅ ନିତ୍ୟାନନ୍ଦ' ବୋଲି ପ୍ରଚାର କରିବାରୁ—ପ୍ରଥମ ତାଇଫା ଗାଇଲେ—ନଡାଇ ଏଲେ ଘରେ ଆମାର ଗୌର ଏଲେ ଘରେ । ଏହା ଶୁଣି ଶ୍ରୀଯୁକ୍ତ କାନନଗୋ ବରଷା ଆସିଲଣି ବୋଲି କହି—ମୈତ୍ରିକଲ୍ୟାଣର ଉପାସନା କରୁ କରୁ ଫେରି- ଆସିଲେ ।

× + ×

ନଡାଇଙ୍କର କାର୍ଯ୍ୟରୁ ସ୍ୱୟଂ ଶ୍ରୀହରି- ପୁରଣ କଲେ—ଏରସମା ତିରତୋଲରେ ଯେ ଯାହା ଗୃଏ—ତାକୁ ତା ଦେଇ ହରି ସନ୍ତୁଷ୍ଟ କରିଛନ୍ତି । ଲୋକମାନେ ଭଲକରି ବୁଝି ଗଲେ ଯେ ମହତାବ ଯାହାକୁ ଭୋଟ ଦେବା ପାଇଁ କହୁଛନ୍ତି ତାକୁ ଭୋଟ ଦେବୁ ଦେବୁ ବୋଲି କହିଲେ ମୁନାଫା ମିଳିବ କିନ୍ତୁ ଦେଇ ଦେଲେ ଗଇଲା; ଅଉ କଣିଆ କମ୍ପଲାର ଭୋଟ ନାହିଁ ।

+ + +

ତିରତୋଲରେ ଭୋଟ ଲଢ଼େଇ କଂଗ୍ରେସ କର୍ମୀମାନଙ୍କୁ ମହତାବ ଛତା ଓ ଯୋତା ଦେବାର ବ୍ୟବସ୍ଥା କରିଛନ୍ତି । ଫଳରେ ଯାହାଙ୍କର ଛତା ଓ ଯୋତା ନାହିଁ ସେମାନେ ସେଠିକି ଦଉଡ଼ୁଛନ୍ତି । ଯାହାଙ୍କର ପୁରୁଣା ଛତା ଓ ଯୋତା ଅଛି ସେ ତାକୁ ମହତାବଙ୍କୁ ଫେରେଇ ଦେଉଛନ୍ତି ।

× + ×

ଆଗରୁ ଜଣୁଛୁ ଯେ ଶ୍ରୀଯୁକ୍ତ ସୁଧୀର ଘୋଷ ସରକାରୀ ଚାକର ହୋଇ କଂଗ୍ରେସ ପକ୍ଷରେ ପ୍ରୋପାଗାଣ୍ଡା କରୁଛନ୍ତି । ଏମିତି ଅଜୁରି କେତେ ପ୍ରୋପାଗାଣ୍ଡା ଅଫିସର ମଧ୍ୟ କଂଗ୍ରେସ ପାଇଁ କାମ କରୁଛନ୍ତି । କଥା ହେଉଛି ପ୍ରତ୍ୟେକ ମନୁଷ୍ୟ କଣ ଗୋଟିଏ ନୁହେଁ । ସୁଧୀର ଘୋଷ ତାଙ୍କ ସ୍ତ୍ରୀଙ୍କର ସ୍ୱାମୀ ବୋଲି ତାଙ୍କ ଭାଇ ଭଉଣୀଙ୍କର ସ୍ୱାମୀ ନୁହନ୍ତି— ଭାଇ; ଓ ପୁଅ ଝିଅଙ୍କର ବାପା, ଭାଣିଜଙ୍କର ଶଳା ମଧ୍ୟ । ପ୍ରତ୍ୟେକ ଲୋକର ଏମିତି ଖାଲି ଭିନ୍ନ function ବା କଳପ ଅଛି । ସୁଧୀର ଘୋଷ ସେହିପରି ଓଡ଼ିଶାରେ ମନ୍ତ୍ରୀଙ୍କ ସେକ୍ରେଟେରୀ ସିନା—ମାତ୍ର ତିର୍ତୋଲ ଏରସମା ଲୋକଙ୍କର ସେ ନେତା—ବନ୍ଧୁ—ପଥପ୍ରଦର୍ଶକ ।

÷ ÷ ÷

ବ୍ରହ୍ମପୁରରେ ଓଡ଼ିଆ ତେଲୁଗୁ ସଂଘର୍ଷ ହୋଇଯାଇଛି । ତେଲୁଗୁ ମାନେ ନିଜର ଦାବି ଜଣାଇବାକୁ ଯାଇ ସାମାନ୍ୟ ଗୋଳ କରିବାର ବ୍ୟବସ୍ଥା କଲରୁ ପ୍ରଥ ଅମୁଲ କି କିଛି ପାଇ- ଗଲେ । ମାଡ଼ଖିଆ ଓଡ଼ିଆ ସେ ମାଡ ଦିଆ ଓଡ଼ିଆ ହେଲେଣି ଏହିକି ସୁଖର କଥା । କିନ୍ତୁ ଯେଉଁ ମନେ କହୁଛନ୍ତି ଆମ୍ଭେମାନେ ମାଡ ଖାଇଲେ, ଆମେ ସେମାନଙ୍କ ସହ ଏକ ମତ ନୋହୁଁ । ସଂବାଦରୁ ପରିଷ୍କାର ପ୍ରକାଶ ପାଇଛି ଯେ ଅନ୍ଧ୍ରମାନେ ଓଡ଼ିଆଙ୍କୁ ଯାହା ମାଗିଲେ—ଦାତା ଓଡ଼ିଆମାନେ ତାହା ଅକାତରେ ଦାନ କରିଛନ୍ତି ।

÷ + ×

ସରେଇକଳା ଖରସୁଆଁ ବିହାରରେ ମିଶିଲା । ସେ ତ କାହା ବୋଲେ ଗଲା ମୃତ ବାହୁଡ଼ ନାଇଲା ଲୋ କେଉଁଠି । କିନ୍ତୁ ଏବେ ବିହାରୀ ଓଡ଼ିଆଙ୍କ ଉପରେ ଯାହା ଥାଉ ନଥାଉ ସରେଇକଳା ଖରସୁଆଁର ଯୁବକମାନଙ୍କ ଉପରେ ବାଘ ପଡ଼ି ଗଲାଣି । ଖରସୁଆଁ ଯୁବକଙ୍କୁ ଲୁଆଡେ କହୁଛନ୍ତି ଯେ ବିହାରୀ ମାନଙ୍କର ଓଡ଼ିଆ ପ୍ରୀତି ଅଧିକ ବେଶୀ । ସରେଇକଳା ଯୁବକଙ୍କ ପ୍ରତିବାଦ କରିଛନ୍ତି । ଠିକ ଯେଉଁଠି ଆରମ୍ଭ ହୁଏ ସେଠିତ ପରିସମାପ୍ତି ହେଲେ । ଅତଏବ ଖରସୁଆଁଙ୍କ ଭାଗ୍ୟକୁ ଧନ୍ୟ କହିବା । କାରଣ ଓଡ଼ିଶାରେ ଓ ବିହାରରେ ଉଭୟଙ୍କ ସୁଖୀ ହେବେ । ବିହାରରେ ଖରସୁଆଁ ... ଛାଡ଼ିଦେଇ କହୁଛନ୍ତି—ଦେଲ ସର୍ଜି କିଲିକୁ ଦେବି ଜଳାଞ୍ଜଳି ! ମାତ୍ର ସରେଇକଳା ତାହା ପାରିଲେ ନାହିଁ । ତାଙ୍କର ଅଉ ତାଳସରି- ବାକୁ ଯାଗା ନାହିଁ ବୋଧହୁଏ ।

+ + +



Digitized by srujanika@gmail.com

ବଲ୍‌ଅପଡଙ୍କ କଂଳ କେନ୍ଦ୍ରରୁ ଜଣେ ଛାତ୍ର ପଚାରିଛନ୍ତି—ସଂଯୁକ୍ତ ମହତାବ ଜୀବନ୍ତ ଥାଉଁ ଥାଉଁ ତାଙ୍କ ନାଁରେ ଗୋଟିଏ ରାସ୍ତାର ନାମ କରଣ ହେଲା କାହିଁକି । ମହତାବ ଜୀଇଛନ୍ତି କି ନାହିଁ ତାଙ୍କୁ ପଚାରିଲେ ବୁଝା ପଡ଼ିବ ଏତ ବଲ୍‌ଅ ପଢ଼ ।

× × —

ଅଉଜଣେ ପଚାରିଛନ୍ତି ମହତାବ ଜଣେ ପ୍ରଧାନମନ୍ତ୍ରୀ ଥାଉଁ ଥାଉଁ ତାଙ୍କ ପରିଚାଳିତ ମିଉନିସିପାଲିଟି ତାଙ୍କ ନାମରେ ରାସ୍ତା ଟିଏର କାଲ କରିଛି । ଆମ ମତରେ ଏହାଦ୍ୱାରା ମହତାବ କିଛି ଅନ୍ୟାୟ କରିନାହାନ୍ତି । କାରଣ ଏହାକୁ ଅଳ୍ପ ପ୍ରଚୁର ବା କେଜେ କେଜେ ନାମ ରକ୍ଷା କରିବା କୁହାଯାଇ ନପାରେ । କାରଣ ଏଥିରେ ନାମ ପ୍ରତିଷ୍ଠାର ଆକାଂକ୍ଷା ନାହିଁ । ମନ୍ଦିର ବା ତୀର୍ଥ ସ୍ଥାନରେ ବଡ଼ ବଡ଼ ଭକ୍ତମାନେ ନିଜ ନାମ ତଳେ ଲେଖେଇ ଦେଇଥାନ୍ତି—ସାଧୁଜନ ମାନଙ୍କର ପଦ ରଜ ପାଇଁ । ମହତାବ ସେଇପରି ତାଙ୍କ ନାମାଙ୍କିତ ରାସ୍ତାରେ ସାଧୁସନ୍ଥ, ଚୋର, ବେଶ୍ୟା, କଳାପୋଡ଼ିଆ, ମାରୁଆଡ଼ି ନିର୍ବିଶେଷରେ ଛୋଟବଡ଼ ସମସ୍ତଙ୍କ ପଦରଜ ପାଇବା ମାନସରେ, ଏପରି କରିଛନ୍ତି । ମହତାବ ରୋଡ଼ ସଇନ ବୋର୍ଡ଼ଟା ତାଙ୍କ ଅମଲାମାନେ ତଳେ ନଲେଖି ଖୁଣ୍ଟରେ ମାରିବାର ଉଦ୍ଦେଶ୍ୟ ହେଉଛି—ତାଙ୍କ ନାମ ସବୁଦିନେ ସମସ୍ତଙ୍କ ତଳେ ଥିଲେ ମଧ୍ୟ ସେ ସବୁଦିନେ ସମସ୍ତଙ୍କ ଉପରେ ଚଢ଼ିଥିବେ ।

× × ‡

ଜଣେ ଛାତ୍ର ପଚାରିଛନ୍ତି—ଛତରବଜାରଟା ମହତାବ ରୋଡ଼ ହେବାର କାରଣ କଣ ? ଏ ସମ୍ବନ୍ଧରେ ବହୁ ଟୀକାକାରଙ୍କର ବହୁ ଟୀକା ଅଛି । ଅମ୍ଭେ ଏକେ ଏକେ ବ୍ୟାଖ୍ୟାନ କଲୁ—

୧—କଲେଜ ପାଖ ହୋଇଥିବାରୁ ତାହା ଛାତ୍ର ଫେର ଦଫେଣ ଛତା ହୋଇଥିଲା । ମହତାବଙ୍କ ଛାତ୍ରପ୍ରୀତି ଯୋଗୁଁ ମହତାବ ରୋଡ଼ ହେଲା ।

୨—ଅନେକ ଛତରଙ୍କୁ ମହତାବ କଂଗ୍ରେସ ଛତ୍ରରେ ମଣିଷ କରିଛନ୍ତି ବୋଲି ଲକେଇ ମିଶ୍ରଅଣ୍ଣସାହୁ ବ୍ରଜଦେବଙ୍କ ପାଟରେ ପ୍ରମାଣ ରହିଛି । ତେଣୁ ଛତର ବଜାରର ନାମ ମହତାବ ରୋଡ଼ ହେବା ଶ୍ରେୟ ।

୩—ମାରୁଆଡ଼ିଙ୍କ ମାଲ ଗୋଦାମ ଓ ସହରର ବଡ଼ ବଡ଼ ହାକିମ ଓ କଂଗ୍ରେସ ବାଲା ତଥା ମନ୍ତ୍ରୀଙ୍କ ଘର ମଝିରେ ଯେଉଁ ପ୍ରଧାନ ରାସ୍ତାରେ କଳାପୋଡ଼ା ଯାଏ ତାର ନାମ ମହତାବ ରୋଡ଼ ନହେଇ ହୁଅନ୍ତା କଣ ? ମହତାବ ଠାରୁ କଳା ଉପାଡ଼ିବାର ଆଶା କରାଯାଏ ।

୪—ମହତାବଙ୍କ ଛତରଧାରୀମାନେ ଏହି ରାସ୍ତାର ନାମ କରଣ କରୁଥିବାରୁ ଛତା ବଜାରହିଁ ଉପଯୁକ୍ତ ସ୍ଥାନ ନିର୍ବାଚିତ ହେଲା ।

୫—ଅନ୍ୟ ରାସ୍ତା ପିଚ ଏବଂ ଏ ରାସ୍ତା ଟେକ୍କା । ମହତାବଙ୍କ ସବୁ ବନ୍ଦୋବସ୍ତ ପକ୍କା ହୋଇଥିବାରୁ ଏ ରାସ୍ତାର ନାମ ସାର୍ଥକ ହୋଇଛି ।

୬—ମହତାବ ନିଜର ଜାତି ଲୁଗାର ବହୁଦିନ ଛତ୍ରୀ ଉତ୍ତମ ଶିରୋମଣି ବୋଲାଉଥିବାରୁ ଛତାବଜାରହିଁ ତାଙ୍କ ନାମରେ କରଣି ହେଲା ।

÷ + ×

ଶୁଣାଯାଏ ମହତାବଙ୍କ ନାମରେ ରୋଡ଼ ହେବାରୁ ଅଉ କେହି କେହି ମନ୍ତ୍ରୀ ନିଜ ସ୍ତ୍ରୀ ଆଗରେ ଅପ ବ ହୁନୁଛନ୍ତି । ଅମେ ତାଙ୍କୁ ଏତିକି କହୁଚୁ ଯେ କିଛିଦିନ ବୈଷ୍ଣବ ସେବା କରନ୍ତୁ । ଓଡ଼ିଆଙ୍କ ପ୍ରାଣରେ ତ ୨ ଟି ମନ୍ତ୍ରୀଙ୍କ ନାମ ଚିରଦିନ ମନ୍ଦିତ ହେଉଥିବ—ନିତ୍ୟାନନ୍ଦ ( କାନୁନଗୋ ) ଓ ହରେକୃଷ୍ଣ । ବାକି ମନ୍ତ୍ରୀଙ୍କ ନାମ ଟିକେ ସଂକୀର୍ତ୍ତନ କଲେ ପାଠ ହେବ । ଏଣିକି ସମସ୍ତେ ଏକବାର ଆନନ୍ଦେ ବୋଲ—

ନିତାଇ ବରଦା ସଦେଇରାଜ
ହରେକୃଷ୍ଣ ଲିଙ୍ଗରାଜ ।

÷ + +

ପଣ୍ଡିତ ନେହେରୁ ଜାପାନୀ ବାଳକ ମାନଙ୍କୁ ଗୋଟିଏ ହାତୀ ଉପହାର ଦେଇଛନ୍ତି । ଜାପାନୀ ପିଲାଏ କାନ୍ଦୁ କହୁଛନ୍ତି—ହାତୀ ନେ ଘୋଡ଼ା ନେ
ମୋ ପିଅଁ କାଳ ବଜାଇ ଦେ ।

× + +

ଯୁକ୍ତପ୍ରଦେଶର ସରକାର ଘୋଷଣା କରିଛନ୍ତି ଯେ ମନ୍ତ୍ରୀମାନେ ଗସ୍ତରେ ଥିବେ ହାକିମ ମାନେ ପଛେ ପାଛେ ଡାକେବାରି ହୋଇ ରହିବେ ନାହିଁ, ଅଫିସ ଅନୁଯାୟୀ କାର୍ଯ୍ୟ କରିବେ । ହାଇରେ ଭାଗ୍ୟ । ଏଣିକି ସମ୍ମାନ ମଧ୍ୟ ମାଗିଲେ ମିଳୁଛି । କିନ୍ତୁ ଓଡ଼ିଶା ମନ୍ତ୍ରୀ ମାନେ ସମ୍ମାନକୁ ଆଦୌ ଗ୍ରହଣ କରନ୍ତି ନାହିଁ । ତେଣୁ ଆପଣା ମହତ ରଖି ସେ ଯାଉବେ ।

× × +

ରାମ ମନୋହର ଲୋହିଆଙ୍କୁ ଜେଲ ହେବାରୁ ଲୋହିଆ ଦିବସ ପାଳନ କରାଗଲା । ଲୋକେ ମଲେ ଦିବସ ପାଳିତ ହୁଏ । ଜେଲ ଗଲେ ଦିବସ ପାଳନ ହେବା ପ୍ରଥା ଏଣିକି ସମାଜରେ କାଏମ ରହିବ ।

÷ + ÷

ନିଖିଳଭାରତ ଡାକ୍ତରମାନଙ୍କର ସମ୍ମେଳନୀ ହୋଇଯାଇଛି । ଆଶାକରୁ ଅଧିକ ରୋଗୀ ଓ ଅଧିକ ପଇସା ପାଇଁ ସରକାରଙ୍କଠାରେ ଦାବୀ ଉପସ୍ଥାପିତ ହୋଇଥିବ ।

÷ + ÷


## ପ୍ରେଗନିନ୍

ଗର୍ଭ ସଞ୍ଚାର ସମୟରୁ ସେବନ କଲେ ଗର୍ଭସ୍ଥ ଶିଶୁର ସ୍ୱାଭାବିକ କ୍ରିୟା, ସୁଖ ପ୍ରସବ କରାଏ । ମୃତବତ୍ସା, ସୂତିକାଦୋଷ, ଅକାଳ ଗର୍ଭପାତ, ଦୁଃସ୍ୱପ୍ନ ଇତ୍ୟାଦି ଦୋଷ ନାଶ କରେ । ସୁଦୂର ମଫସଲରେ ଏହା ପାଖରେ ଥିଲେ ଗର୍ଭ ସମ୍ବନ୍ଧୀୟ ଯାବତୀୟ ଯନ୍ତ୍ରଣାରୁ ଅକ୍ଲେଶରେ ରକ୍ଷା ପାଇ ପାରିବେ । ଏକସେଟ୍ ୫ ୬॥ ଠିକଣା—
ଡାକ୍ତର ବି: ବାସୁ: ବେଣ୍ଣସ୍ ହାଉସ୍, ପୁରୀ ।

ପୁରସ୍କାର ୧୦୦୦ ଟଙ୍କା
ରେଜିଷ୍ଟାର୍ଡ
ସର୍ବପ୍ରକାର କୁଷ୍ଠ
ମେହ ଓ
ସ୍ତ୍ରୀ ରୋଗ ମାନଙ୍କର



ପ୍ରେମିକାଙ୍କ ନୀରସ ପ୍ରାଣରେ ହତାଶର ବହ୍ନି ହୁହୁ ହୋଇ ଜଳି ଉଠୁଥିଲା ଯେବେ, ଦୈନିକ ସଂବାଦ ପତ୍ରର ପ୍ରଥମ ପୃଷ୍ଠାର ଶୀର୍ଷ ଦେଶ ଶୋଭନ କରି, ଆଖି ଆଗରେ ନାଚି ଉଠିଲା ଏକ ଛଟଳ ଯୁବତୀର ଭରା ଯୌବନଠାରୁ ଅଧିକ ସୁନ୍ଦରତର—ଅଧିକ ଆକର୍ଷକ ନିମ୍ନଲିଖିତ ବିଜ୍ଞାପନ······

**"ପ୍ରେମ କରିବାକୁ ଚାହାନ୍ତି କି ?"**

ଯଦି ଆପଣ ମନମୁତାବକ କୌଣସି ଏକ ସୁନ୍ଦରୀ ଝିଅ ସହିତ ପ୍ରେମ କରିବାକୁ ଚାହାନ୍ତି—ତା ହେଲେ ଆପଣଙ୍କର ଇଷ୍ଟଦେବଙ୍କୁ ସ୍ମରଣ କରି ଏକ ଫୁଲର ନାମ ଲେଖି ନିମ୍ନ ଠିକଣାକୁ ପଠାନ୍ତୁ—ଆମ୍ଭେମାନେ ୫ ୩ ୟ ର ଭି. ପି. ସହ ପ୍ରିୟା ପ୍ରାପ୍ତିର ଉପାୟ ବତାଇ ଦେବୁ ।

---

## "ବିଜ୍ଞାପନ"

---

ସନ୍ୟାସୀ—ପୋଷ୍ଟ ବକ୍ସ, ଧାଟମଳ ବଜାର [ୟୁ. ପି.]

ବିଶ୍ୱାସ ଆସିଲାନି···ସତରେ କଣ ୫ ୩ ୟ ଖର୍ଚ୍ଚ କଲେ ପ୍ରିୟାଟିଏ ଲାଭ କରି ପାରିବ ? ପୁଣି ଆପଣା ମନମୁତାବକ ? ଏହିପରି ଭାବୁ ଭାବୁ ସଂବାଦ ପତ୍ରଟି ରଖି ଦେଇ ଏକ ପ୍ରସିଦ୍ଧ ପାକ୍ଷିକ ପତ୍ରିକା ଖୋଲେ ତ ପୁଣି ଏକ ବିଜ୍ଞାପନ—ମହାକାଳ ଫଳଠାରୁ ଅଧିକ ଶକ୍ତିଶାଳୀ—ରେଡ଼ିଓ, ସୁଇପ୍, ନର୍ଗିସ ଡ୍ରଷ୍ଟଙ୍କଠାରୁ ଅଧିକ ଜମକାଳୁ—ଟଙ୍କା ପାଇବା ପାଇଁ ଟଙ୍କା ନାମରେ ସରଳ ସ୍ତ୍ରୀ ପାଠକ ବର୍ଗଙ୍କୁ ପ୍ରତାରଣା—

**"ଏକ ଲକ୍ଷ ଟଙ୍କା ପୁରସ୍କାର"**

ଅସଲ ସର୍ବଶକ୍ତ ମହାକାଳୀ କବଚ

ଆଶ୍ଚର୍ଯ୍ୟଜନକ ଆବିଷ୍କାର

ଏହି କବଚ ମ୍ୟାଜିକ୍ ଓ ସମ୍ମୋହନ ଶକ୍ତି ବଳରେ [ଥିଏର—ଏହା ଆଶ୍ଚର୍ଯ୍ୟଜନକ କାମ କରେ । ଏହି କବଚ ଧାରଣ କଲେ ଅସଂଭବ ସଂଭବ ହୁଏ, ଅସୁନ୍ଦରୀ ସୁନ୍ଦରୀ ହୁଏ, ବୁଢ଼ୀ ଯୁବତୀ ହୁଏ, ପ୍ରେମିକ ପ୍ରେମିକା ପ୍ରାପ୍ତି ହୁଏ, କଲେଜ ବୟ କଲେଜ ଗାର୍ଲଠାରୁ ପ୍ରେମ ଲାଭ କରେ, ସଂପାଦକ ଲେଖା ପ୍ରାପ୍ତ ହୁଅନ୍ତି, ଛାତ୍ରୀ ମାନେ ସ୍କୁଲରେ ପଢ଼ିଥିବା ହୁଅନ୍ତି ମଡ଼ାର୍ଣ୍ଣ ଗାର୍ଲଗଣ 'ଲାଭ୍ ମି ଏଭର୍' ରେଡ଼ିଓର ପାଆନ୍ତି—କୌଣସି ଟୋକା ବା ଟୋକୀ, ଯୁବକ ବା ଯୁବତୀ, କଲେଜ ବୟ ବା କଲେଜ ଗାର୍ଲ ଯେତେ କଠିଣ ହୃଦୟ ବା ହୋଇଥାନ୍ତୁ, ଏହି କବଚ ଧାରୀ ଲୋକ ପାଖରେ ସହଜରେ ଅଧୀନସ୍ଥ ରହିବେ ଏବଂ ସେ ଏହାର ପୂର୍ଣ୍ଣ ବଶ ହୋଇ ପଡ଼େ । ଏହି ମହାକବଚ ଧାରଣ କଲେ କଠିଣ ରୋଗ ଆରୋଗ୍ୟ ହୁଏ, ମୋକଦ୍ଦମାରେ ଜିତ ହୁଏ, ବେକାରଙ୍କୁ ନୌକରୀ ମିଳେ, ନିର୍ଦ୍ଧନ ଧନବାନ ହୁଏ, ପରୀକ୍ଷାରେ ପାସ ହୁଏ, ବ୍ୟବସାୟରେ ଉନ୍ନତି ହୁଏ, ଲଟେରିରେ ଟଙ୍କା ମିଳେ । ଏହି ମହାକାଳୀ କବଚ ଧାରଣ କଲେ ପ୍ରତ୍ୟେକ କ୍ଷେତ୍ରରେ ଜୟ ହେବ ବୋଲି ଆମ୍ଭେମାନେ ଗ୍ୟାରେଣ୍ଟି ଦେଉଅଛୁ ଥରେ ମାତ୍ର ପରୀକ୍ଷା କଲେ ଏହାର ଅଦ୍ଭୁତ ଫଳ ଅଳ୍ପ କାଳ ମଧ୍ୟରେ ଅନୁଭବ କରି ପାରିବେ । ଯଦି କୌଣସି ବ୍ୟକ୍ତି ଉକ୍ତ କବଚ ଧାରଣ କରି କୌଣସି ଉପକାର ନପାଏ ମୂଲ୍ୟ ଫେରସ୍ତ ଦେବୁ ଏବଂ କେହି ମିଥ୍ୟା ବୋଲି ପ୍ରମାଣିତ କରି ପାରିଲେ ଏକଲକ୍ଷ ଟଙ୍କା ପୁରସ୍କାର ଦେବୁ ।

ମୂଲ୍ୟ ୫ ୩ ୟ ଅଣ୍ଡା ଫଳଦାୟକ (ସ୍ପେଶାଲ୍) ୫ ୯ ୟ

ବାବା—ଲଙ୍ଗର ଟଙ୍କ, ଦାସ—ଗଡ଼-ଜଟା ବଜାର [ୟି. ପି.]

ଏଥରକ କିନ୍ତୁ ଅବିଶ୍ୱାସ କରି ପାରିଲି ନାହିଁ—ଫଳ ନ ପାଇଲେ ମୂଲ୍ୟ ଫେରସ୍ତ ମିଳିବ—ମିଥ୍ୟା ବୋଲି ପ୍ରମାଣିତ କରି ପାରିଲେ ଏକଲକ୍ଷ ଟଙ୍କା ପୁରସ୍କାର ଦେବେ କିଏ? ଶିକାରୀ ଶିକାରର ସନ୍ଧାନ ପାଇଲେ... ଲେଖକ ସଂପାଦକର ସନ୍ଧାନ ପାଇଲେ... ସିଂହ ଶୃଗାଳର ସନ୍ଧାନ ପାଇଲେ, ସଂପାଦକ ଲେଖା ପାଇଲେ, ଲୋକେ ଅଧାର ପାଇଲେ, ରଙ୍କ ନିଧି ପାଇଲେ ଯେପରି ହୁଏ—ପତ୍ରିକା ମହଲର ମଣିଡ଼ମଣି ଭାବରେ ପରିଚିତ ଉକ୍ତ ପତ୍ରିକାର ବିଜ୍ଞାପନଟି ମୋର ପ୍ରେମିକା ବିହୀନ, ଶୁଷ୍କ ଜୀବନ ସାହାରାର ମଧ୍ୟ ଭାଗରେ ମରୁଦ୍ୱୀପର ସନ୍ଧାନ ଆଣିଦେଲା—ମୁଁ କାଳ ବିଳମ୍ବ ନକରି ସଙ୍ଗେ ସଙ୍ଗେ ପୋଷ୍ଟ ଅଫିସକୁ ଯାଇଁ ଗୋଟେ ସ୍ପେଶାଲ ମହାକାଳୀ କବଚ ପାଇଁ ଅର୍ଡ଼ର ପଠାଇଲି—ଶୁଭସ୍ୟ ଶୀଘ୍ର—ଏହି କବଚ ଦ୍ୱାରା ଯେ ମୋର ଚିର ଆକାଂକ୍ଷିତ······

\+ \+ \+

ନୂଆ ନୂଆ ସ୍ପେଶାଲ ମହାକାଳୀ କବଚଟି ଧାରଣ କରିଥାଏ—ସେଥିପାଇଁ ସେ ବେଳଯାଏ ଦିନ ବହୁ ହୃଦୟରେ ଲାଗିଥାଏ; କାରଣ ପ୍ରତି ମୁହୂର୍ତ୍ତରେ କବଚର ଫଳାଫଳ ଦେଖିବା ପାଇଁ ମନେ ମନେ ଅପେକ୍ଷା କରି ରହୁଥାଏ—ତେଣୁ ଘରକୁ ଫେରୁଥିବା

---

ଲେଖକ—ଶ୍ରୀ ଗଜେନ୍ଦ୍ର ନାଥ ସାମଲ

---

ବେଳେ ଅସାନ୍ ସୋଲ୍ ଠାରେ ସ୍ୱର୍ଗ ଅସନ୍ ସୋଲ୍ ଗାଡ଼ିରେ ଭରା ଯୌବନର ମଧୁର ମେଳାର ଥିବା ଯୁବତୀ ଠାରୁ ଓହ୍ଲାଇବାରେ ସାହାଯ୍ୟ ପାଇ ବିଶେଷ କିଛି ଆଶ୍ଚର୍ଯ୍ୟ ହେଲି ନାହିଁ······କିନ୍ତୁ ଦୃଷ୍ଟି ପାଇଲି ଅପରିଚିତ ଯୁବତୀଟି ମୁଁ ଓଡ଼ିଆ ବୋଲି—ଏତେ ଶୀଘ୍ର ଜାଣିଲେ କିପରି ?···ଅଳ୍ପ ସମୟପରେ ମୋର ସନ୍ଦେହକୁ ମୋଚନ କରି ଯୁବତୀଟି କହିଲେ "ଆଶ୍ଚର୍ଯ୍ୟ ହେବାର କାରଣ କିଛି ନାହିଁ—ହାତରେ ଯେ ଓଡ଼ିଶାର ପ୍ରସିଦ୍ଧ ଲୋକପ୍ରିୟ ପତ୍ରିକା "ଜଗତ" ...ଅଛି ସତେତ । ମୁଁ ଲଜ୍ଜିତ ହେଲି··· ମାତୃଭୂମିର ବାହାରେ ମାତୃଭାଷାରେ ଗୁରୁ ଆକର୍ଷଣ ହେଲା ଖୁବ ଅଳ୍ପ ସମୟ ମଧ୍ୟରେ ଆମ୍ଭମାନଙ୍କୁ ନିବିଡ଼ ବନ୍ଧୁତାରେ ଆବଦ୍ଧ କରି ଦେଲା···ଶୁଣିଲି ଯେତେବେଳେ ଯୁବତୀ ଜଣକ କଲେଜ ଗାର୍ଲ, ଏତ କହୁଛି, ମୋ ମନ୍ୟା ତାହାଙ୍କ ଦେଖି ଆନନ୍ଦରେ ଉଛୁଳି ପଡ଼ିଲା···ପୁଣି ସେ କୁଆଡ଼େ ଅବିବାହିତା... ବିବାହ କରିବେନି ନୁହେଁ, ମନଲାଖି ବର ପାଇ ନାହାନ୍ତି···ନାମ ତାଙ୍କର "ପ୍ରିୟା"—



Digitized by srujanika@gmail.com

ତର୍ଗ ଯୁବତୀ-ବିହୀନ, ପ୍ରେମିକା-ହୀନ ଜୀବନ ଅତିବାହିତ କରେ ପ୍ରଦେଶ ବାହାରେ ଅଧୁନିକା, ଶିକ୍ଷିତା, ପରିମାର୍ଜିତା ଉତ୍କଳ ନମ୍ନୀର ନରେଲା ସାନ୍ନିଧ୍ୟ ମନରେ ନାନା ଆଶା ଓ ଆଶଙ୍କା ସୃଷ୍ଟିକଲା···ଆକାଶରେ ତାର ଗୁଡ଼ା ହସି ଉଠିଲେ—ସହସା ସେଇ ଖୁଲ ଅବର୍ଭିବ ହେଲା—ମୟୂର ନାଚିଲେ—କୋକିଳ ଗାଇଲେ—ଧନ୍ୟ ହେ ମହାକାଳୀ କବଚ !! ଧନ୍ୟ ତୋହର ମହିମା !! ଧନ୍ୟ ତୋହର ଅଦ୍ଭୁତ ଶକ୍ତି !!!···ଏ ଯୁଗର ପ୍ରେମିକାହୀନ ପ୍ରେମିକ ମାନଙ୍କ ପାଇଁ ତୁହହିଁ ଏକମାତ୍ର ଉପାୟ—ଟ୍ରେନରେ ଏକୁଟିଆ ଥିବାରୁ ଯୁବତୀଟି ଆସି ମୋର ଡବାରେ ବସିଲେ···୧୧ଟା ବେଳରେ ଭୟଙ୍କର ଗର୍ଜନ ଟାଏ ଛାଡ଼ି ଗାଡ଼ିଟି ଧାଇଁବାକୁ ଲାଗିଲା ପୁରୀ ଅଭିମୁଖେ—୨ । ୩ ଜଣ ହନୁମାନଙ୍କ ଛଡା ଡବା ମଧ୍ୟରେ ଆଉ କେହି ନଥାନ୍ତି—ଶୋଇବାକୁ ଯଥେଷ୍ଟ ସ୍ଥାନ ଥିଲେ ସୁଦ୍ଧା ଯୁବତୀଙ୍କର ଭାବ ଭଙ୍ଗୀ ପୋଷାକ ପରିପାଟୀରେ ଏପରି ମୁଗ୍ଧ ହୋଇ ପଡ଼ିଥାଏ ଯେ ତାଙ୍କର ମଧୁର ଆଳାପରୁ ମୁହୂର୍ତ୍ତକ ପାଇଁ ବଞ୍ଚିତ ହେବାକୁ ମୋଟେ ମନ ହେଉ ନଥାଏ···ପ୍ରତ୍ୟେକ ଷ୍ଟେସନରେ ଯୁବତୀଙ୍କୁ ପଚାରେ ତାଙ୍କର ଦରକାରୀ ଜିନିଷ କିଣି ଦେଉଥାଏ···ମହାକାଳୀ କବଚର ଗୁଣରୁ ମୋର ଚିର କାମ୍ୟ, ସୁନ୍ଦରୀ ତରୁଣୀଙ୍କର ସଙ୍ଗ ସୁଖ ପାଇବା ସଙ୍ଗେ ସଙ୍ଗେ ମୋର ଅଜାଣତରେ ତାଙ୍କୁ ହୃଦୟ ଦେଇ ଦେଲି ପାଗଳ ବସିଲି···ଆମ୍ଭେମାନେ ଦୁହେଁ ଦୁହିଁଙ୍କ ନିକଟରେ ନିଜ ନିଜ ଜୀବନର କେତେ କଅଣ ଅକୁହା କାହାଣୀ କହି ଗଲୁ··· କେତୋଟି ଷ୍ଟେସନ ଅତିକ୍ରମ କରିବା ପରେ ଯୁବତୀଟି ସଙ୍ଗରେ ଆସିଥିବା ଟିଫିନ୍ କ୍ୟାରିୟରରୁ ପୁରି, ତରକାରୀ ଆଉ ଷ୍ଟେସନରୁ ମିଠାଇ ଆଣି ତାହାର ସଦ୍-ବ୍ୟବହାର କରିବାରେ ଲାଗିଲୁ···ପେଟର ଭୋକଟା ମରିଗଲା କିନ୍ତୁ···

× × ×

ରାତି ସେତେବେଳକୁ ୩ଟା ବାଜିଲାଣି ଡବାରେ ଥିବା ୨ଜଣ ଲୋକ ବେଞ୍ଚ ଉପରେ ଶୋଇଗଲେଣି···ମହାକାଳୀ କବଚର ଅଲୌକିକ ଗୁଣରେ ପ୍ରିୟାଙ୍କର ପ୍ରିୟତ୍ୱ ଲାଭ କରି ସାରିବା ପରେ ସେ ସଂଖ୍ୟା "ଝଗଡ଼" ରେ ବାହାରିଥିବା ଲେଖାଟି ପଢିବାକୁ ଲାଗିଲି—ବାର୍ଥ ଉପରେ ଶୋଇପଡ଼······

# ଝଗଡ଼

## 'ଅବିବାହିତର ଅଭିଯୋଗ'

ଲେଖକ—ବିବାହେଚ୍ଛୁ

ଅବିବାହିତ ଜୀବନର ପ୍ରେମିକାହୀନ, ନୀରସ ଶୁଷ୍କ ଜୀବନଟା ବଡ଼ ଦୁର୍ବିସହ ହୋଇ ଉଠେ—ହୃଦୟ ବନର ଗହନରୁ କି ଏକ ଅତୃପ୍ତ ବାସନା ହାହାକାର କରେ—ରାତି ରାତି ଧରି ଆଖିରେ ପଲକ ପଡ଼େନି—ମାସ ମାସ ଧରି ଭୋଜନରେ ଶାନ୍ତି ମିଳେନି ବଦଳରେ କୁନିଆଁର ସ୍ୱପ୍ନ ଲଗାଇ ପ୍ରତିଥର ହୋଟେଲ ଚଳଚିତ୍ରର ସୁନେଲି ଓ ରୁପେଲି ପରଦା ମଝିରେ ଆସି ଝଲସାଇ ଦେଇ ଆଶା ଓ ଆଶଙ୍କା ସହ—ଲୁହେଇଲା ମୟୂ ମରଣ ସଂଧ୍ୟାର ଛାୟାତଳେ ପଲାଶ ହୁଏ ଉଦାସ ମୋର ଅବିବାହିତ ଜୀବନ!! ବୁଝି ସୁଦ୍ଧା ବୁଝେନି···ପାଇସୁଦ୍ଧା ପାଏନି···ମୁଁ କଳ୍ପନାର ପକ୍ଷୀରାଜରେ ଫେରିଆସେ ଚମକି ପଡ଼େ ପଛକୁ ଗୁହଁ—ମୋର ଅଜାଣତରେ ବୁକୁ ଫଟାଇ ବାହାରିଯାଏ ଗଣ୍ଠାଏ ଛଟା ପ୍ରେମିକା-ହୀନ ଦୀର୍ଘ ନିଶ୍ୱାସ···ସେଇ ମୋର କାମ୍ୟ, ସେଇ ମୋର ସର୍ବସ୍ୱ—ସେଇ ମୋର ନିଜସ୍ୱ—ତାହାହିଁ ଆଣେ ହା ହୁତାଶ-ମୟ-ପ୍ରେମିକା ହୀନ ଜୀବନରେ ଶାନ୍ତି, ମୁକ୍ତି, ଅଶ୍ୱସ୍ତି ନିଶ୍ୱାସ ନୁହେଁ—ମନେହୁଏ କାହିଁକି ଜୀବନକୁ ଉଶ୍ୱାସ କରିବା ପାଇଁ, ବନ୍ଧୁ ପିତାଙ୍କର ଆଶାମୟ ଆଶିଷ ସେ···ଆଶିଷଟା କେତେବେଳେ ଭ୍ରଷ୍ଟ ହୋଇଗଲା ମୁଁ ଜାଣେନି···କେତେବେଳେ କପଟ ସ୍ୱରରେ ନିଦ୍ରା ଦେବୀ ଯେ ବାହାର ଜଗତରୁ ତାଙ୍କର ସୁକୋମଳ କୋଳକୁ ଟାଣି ନେଲେ ମୁଁ ଜାଣେନି···

× × ×

"ଚା ଗରମ"—"ପାନ ବିଡ଼ି ସିଗାରେଟ୍"—"ଗରମ ଚା"···ଚମକି ପଡ଼ି ଦେଖେ ପେ ଖସି ପଡ଼ିଲାଣି···କିନ୍ତୁ ସୁଟ୍‌କେଶ୍‌ର ଚାବିଟା ଖୋଲା—ମୁଁ ଭୟରେ ଥର ଥର ଖୋଲି ଦେଖେ ଯେ ସୁଟ୍‌କେଶ୍‌ରେ ଥିବା ମନିବ୍ୟାଗ୍ ଶୂନ୍ୟ···ତା ବଦଳରେ ପଡ଼ିଛି ଖଣ୍ଡେ ଚିଠି—

ପ୍ରିୟବର,

ପ୍ରିୟା—ଆପଣଙ୍କର ପ୍ରିୟତ୍ୱ ପ୍ରାପ୍ତ ହୋଇ ସାରିଛି—ତେଣୁ ରହିବା ଦରକାର ମନେ କରିନି—ବ୍ୟସ୍ତ ହେବେନି—ମନି-ବ୍ୟାଗରେ ଥିବା ଟ ୫୦୯ ଙ୍କା ରୁ ଟ ୯ ଙ୍କା ପ୍ରିୟବରଙ୍କ ପାଇଁ ନେଇ ଅବଶିଷ୍ଟ ଟଙ୍କା ପ୍ରିୟା ସଙ୍ଗରେ ନେଇ ବିଦାୟ ହେଲେ—ଟ୍ରେନ ମଧ୍ୟରେ ଅପରିଚିତ ରମଣୀ ସହ ହଠାତ ପ୍ରେମ କରିବେନି···ଇତି

ସ୍ନେହର ପ୍ରିୟା—

ସଂପାଦକ ମହାଶୟ ! ସେଦିନଠୁଁ ଅଜଯାଏ ପ୍ରିୟାଙ୍କର ଅନୁସନ୍ଧାନ କରି ବୁଲୁଛି ତ କେଉଁଠି ହେଲେ ପାଉନି । ଏଥି ମଧ୍ୟରେ ସଂବାଦ ପତ୍ରରେ ନିମ୍ନଲିଖିତ ବିଜ୍ଞାପନଟି ପ୍ରକାଶ କରାଇଥିଲି—

### "ପ୍ରିୟା ନିଖୋଜ"

ଅମ୍ଭେ ଟ୍ରେନ ଜର୍ଣ୍ଣିରେ ଆସୁଥିଲା ବେଳେ ପ୍ରିୟା—ଙ୍କର ପ୍ରେମରେ ପଡ଼ି ଉଭୟ ବିଭୋର ହେଉଥିବା ସମୟରେ ପ୍ରିୟା ଆମ୍ଭ ନିକଟରୁ ଚମ୍ପଟ ଦେଇ ଖସି ପଳାଇଛନ୍ତି—ପ୍ରିଆଙ୍କର ବୟସ ପନ୍ଦର, ବର୍ଣ୍ଣ ଚମ୍ପାଫୁଲିଆ—ଦୁଇ କାନରେ ଇୟରିଂ ଅଛି—ନାମ ପ୍ରିୟା—ଆଖିରେ ଚଷମା ପିନ୍ଧିଛନ୍ତି, ହାତରେ ରିଷ୍ଟ ୱ୍ୟାଚ୍ ଅଛି—କେହି ସହୃଦୟ ବ୍ୟକ୍ତି ଉକ୍ତ ପ୍ରିୟାଙ୍କର ସନ୍ଧାନ ଦେଲେ ବିଶେଷ ଭାବରେ ପୁରସ୍କୃତ ହେବେ—ପ୍ରେମିକ ଦେବର

କିନ୍ତୁ ଆଜି ଯାଏ କୌଣସି ପ୍ରକାର—ସଂଧାନ ମିଳିନି— ବୋଧହୁଏ ଅମର ପ୍ରିୟତ୍ୱ ଲାଭ କରିବାକୁ ଗୃହାଗ୍ନିକ ସେ—ଆମେ ବି ଉଦ୍ଗ୍ରୀବ—କିନ୍ତୁ ପ୍ରେମିକା—ହୀନ ଅବିବାହିତ ଜୀବନଟା ବଡ଼ ଦୁର୍ବିସହ ହୋଇ ପଡ଼ିଲାଣି—କେତେ ବା ସହିବି—? ମହାକାଳୀ କବଚର ମୂଲ୍ୟ ଫେରସ୍ତ ପାଇବାକୁ ବହୁବାର ଲେଖି ଲେଖି ଥକି ପଡ଼ିଲେଣି—ତାଙ୍କ ବିଜ୍ଞାପନୀ ଅନୁସାରେ ମିଥ୍ୟା ପ୍ରମାଣିତ କଲେ ଏକଲକ୍ଷ ଟଙ୍କା ଦେଉଛନ୍ତି କିଏ ? ଯାହାହେଉ ମୋର ନିମ୍ନ ଲିଖିତ ବିଜ୍ଞାପନଟି ଆପଣଙ୍କ ପତ୍ରିକାରେ ସ୍ଥାନଦେଇ ଝଗଡ଼ାର ହାର ଜଣାଇ ମାସ ଶେଷରେ ବିଲ୍ ପଠାଇବାକୁ ଭୁଲିବେନି—

### "ପ୍ରେମିକା ଆବଶ୍ୟକ"

ପ୍ରେମ ସଂସାରରେ ଯଥେଷ୍ଟ ଜ୍ଞାନଥିବା ଜଣେ ଉଚ୍ଚଶିକ୍ଷିତ, ହିନ୍ଦୁ ଯୁବକ ପାଇଁ ଜଣେ ସୁନ୍ଦରୀ, ଲେଖାପଢା ଜାଣିଥିବା ପ୍ରେମିକା ଆବଶ୍ୟକ—ପ୍ରେମିକା ମାନେ ପ୍ରେମ ନିବେଦନର ପ୍ରକୃତି ଫଟୋ ସହ ଆସନ୍ତା ୧୫ ଦିନ ମଧ୍ୟରେ C/o ସଂପାଦକ ଝଗଡ଼ାଙ୍କ ଠିକଣାରେ ଅନୁସଂଧାନ କରନ୍ତୁ—ପ୍ରକାଶ ଥାଉ କି ପ୍ରେମିକା ମାନଙ୍କର ନାମ, ଧାମ ଆଦି ପ୍ରତ୍ୟେକ ବିଷୟ ଗୁପ୍ତ ରଖାଯିବ ।



Digitized by srujanika@gmail.com

# ୧୯୪୯—୫୦ ରେ ତମର ଭାଗ୍ୟ

—ଅବଧୂତ

ସେଦିନ ଜଣେ କନ୍ୟା ପିତା ଦୁଃଖ କରି କହିଲେ— "କଣ କହିବି ବନ୍ଧୁ, ତମେ ତମ ଝିଅକୁ ପାଠ ନ ପଢେଇଛ ବୁଦ୍ଧି-ମାନର କାମ କରିଛ। ନହେଲେ ଯଦି ମାଷ୍ଟର କି କିରାଣି କନ୍ୟା ନ ମିଳିବେ ଗୋଟାଏ ମୂଲିଆର ହାତ ଧରି ମଧ୍ୟ ସେ ସୁଖ ପାଇବ।"

"କିନ୍ତୁ ମୂଲିଆ ଯେ ମୋ ଝିଅକୁ ବିଭା ହେବା ପାଇଁ ନାରାଜ।" ମୁଁ ଏ କଥା କହି ବସିଲି— ବନ୍ଧୁଙ୍କର ପଡ଼ୋଶୀକା ଉତ୍ତମନ ମୋର ସମଦଶାକୁ ସହାନୁଭୂତି ବୋଲି ଗ୍ରହଣ କରି ସାନ୍ତ୍ୱନା ପାଇବ।

"ଏଁ—ତମର ବି ସେଇ ଦଶା !" ବନ୍ଧୁ ପଚାରିଲେ।

"ନୂଆ ଅର୍ଥନୈତିକ ପରିବର୍ତ୍ତନରେ ଏଇ ମଧ୍ୟବିତ୍ତ ବା ତଳମଧ୍ୟବିତ୍ତ ଶ୍ରେଣୀଟା ବିଲକୁଲ ଧ୍ୱଂସ ପାଇଯିବ।"

"କିନ୍ତୁ ଏଇମାନେ ହଉଛନ୍ତି—ଆଜିର ନେତା—ମନ୍ତ୍ରୀ।"

"ଆଜ୍ଞା ମାଫ କରିବେ। ଆମ ଶ୍ରେଣୀରୁ ନେତା ମନ୍ତ୍ରୀ ବାହାରୁଛନ୍ତି ସତ କିନ୍ତୁ ନେତା ହେଲା ମାତ୍ରେ ସେମାନେ ଆଉ ମଧ୍ୟବିତ୍ତ ହୋଇ ରହୁନାହାନ୍ତି। ବିଲକୁଲ ପୁଞ୍ଜିପତି ବା ଉଚ୍ଚ ଶ୍ରେଣୀର ଗୋଷ୍ଠୀ ଠେଙ୍ଗାକୁ ଧରି ଉଠି ଯାଉଛନ୍ତି। ମାରୁଓ୍ୱାଡ଼ିଙ୍କ ଉପରେ ଢେରୁ ଅଢ଼ ହୋଇ ବସୁଛନ୍ତି।"

ଆମ ପାଖରେ ଯେ ସତରୁ ସତ ଜଣେ ମନ୍ତ୍ରୀ ବସିଥିଲେ ତା ଆମର ଧାରଣାରୁ ବାହାରେ। କମ୍ୟୁନିଷ୍ଟମାନେ ସର୍ବହରାର ଏକଛତ୍ରତନ୍ତ୍ର କରିବାକୁ ଦାବି କରୁଥିଲେ— ତାହା ଏକ ପ୍ରକାର କାଏମ୍ ହୋଇ ଆସିଲାଣି ବୋଲି ଧରିନେଲେ ଆପତ୍ତି ନାହିଁ। ଅବଶ୍ୟ ପାର୍ଥକ୍ୟ ଅଛି। କମ୍ୟୁନିଷ୍ଟଙ୍କ ସର୍ବହରା ହେଲେ ସର୍ବସ୍ୱ ହରା—ଆଉ ଆମ ମନ୍ତ୍ରୀମାନେ ସର୍ବ ପରସ୍ୱହରା ମଧ୍ୟ। ପରର ବାଛି ବୃତ୍ତି ହରଣ କରି ଚଳନ୍ତି। କମ୍ୟୁନିଷ୍ଟ ସର୍ବହରାମାନେ ସ୍ୱତ୍ୱ ବା ସମ୍ପତ୍ତି ହରାଇଛନ୍ତି। ନେତାମାନେ ନିଜତ୍ୱ ହରାଇ ମନ୍ତ୍ରୀ ହୁଅନ୍ତି।

ମନ୍ତ୍ରୀ ମହୋଦୟ ହଠାତ୍ ଆମ ତର୍କରେ ସଚେତ ହୋଇ କହିଲେ—ଆଜ୍ଞା ମଧ୍ୟବିତ୍ତମାନେ କି ଆମକୁ ବୟକଟ୍ କଲେ ଆମେ କରିବୁ କଣ ?

ବନ୍ଧୁ ପଚାରିଲେ—ଆପଣ କଣ ଜଣେ ମନ୍ତ୍ରୀ ?

ମୁଁ ପଚାରିଲି—ଆପଣ କ'ଣ ଖାଦ୍ୟମନ୍ତ୍ରୀ ବରିହା ?

ବନ୍ଧୁ ପଚାରିଲେ—ଆପଣ କଣ ସଦାଶିବ ତ୍ରିପାଠୀ ?

ମୁଁ ପଚାରିଲି—ଆପଣ କ'ଣ ତେବେ ବୋଷ ?

ବନ୍ଧୁ କହିଲେ—ନମସ୍କାର ମାନ୍ୟବର କାନନଗୋ।

ମୁଁ ପ୍ରତିବାଦ କରି କହିଲି—କ୍ଷମା କରିବେ, ସେ ଆପଣଙ୍କୁ ଚିହ୍ନି ନାହାନ୍ତି। ମୁଁ କିନ୍ତୁ ଜାଣେ ଆପଣ ପଣ୍ଡିତ—ମନ୍ତ୍ରୀ ହୋଇଥିବେ।

ମନ୍ତ୍ରୀ ମହାଶୟ ହସି କହିଲେ— ମୁଁ ମନ୍ତ୍ରୀ ନୁହେଁ—ତେବେ ମନ୍ତ୍ରୀଙ୍କ ବୁଦ୍ଧିଦାତା ମୁଁ। ମୁଁ ଇଚ୍ଛା କଲେ ମନ୍ତ୍ରୀ ହୋଇ ପାରନ୍ତି କିନ୍ତୁ ମନ୍ତ୍ରୀଙ୍କୁ ଖେଳେଇ ବାରେ ମୋର ଆନନ୍ଦ।

"ଆପଣ କଣ ତେବେ ଖ ସ୍ୱ କ୍ତ ପଟ୍ଟନାୟକ ?" ମୁଁ ପଚାରିଲି।

"ନା-ନା-ନା- ମୁଁ ସେପରି ନାୟକ ଠାୟକ ନୁହେଁ—ତେବେ ମୁଁ—ଆପଣ ମାନଙ୍କପରି ଜଣେ କନ୍ୟାପିତା, ମଧ୍ୟ। ଏ ସମସ୍ୟା ଯେ କେବଳ ଆପଣ ମାନଙ୍କର ତା ନୁହେଁ। ଆମେ ଯେତିକି ନେତା, ମନ୍ତ୍ରୀ, ଇତ୍, ଆମ କନ୍ୟାଙ୍କୁ କେହି ବିବାହ କରିବାକୁ ରାଜି ନୁହନ୍ତି।"

"କାହିଁକି ?" ମୁଁ ପଚାରିଲି। ଏବଂ ମନେ ମନେ ଭାବିଲି ମୁଁ ଯଦି ଆଜି କନ୍ୟା ପିତା ନ ହୋଇ ବରପାତ୍ର ହୋଇଥାନ୍ତି—ଏ ସୁଯୋଗ କଣ ଛାଡ଼ନ୍ତି !

ବନ୍ଧୁ କହିଲେ—"କାହିଁକି ? ଆଜିଯାଏ ବୁଝୁ ନାହଁ ? ମୋ ଝିଅର କେଉଁ ଅପରାଧ। ମୁଁ ପାଠ ପଢେଇଲି—ବିଏ, ଏମ୍, ଏ। କେବଳ ଅପୂର୍ବ ଦର୍ଶ ନୂଆ ଉଦ୍ଭଟ ପାଇଯିବ। ଛଟି ଢେର ଆସିଲା। ପିକ୍‌ନିକ୍, ଥିଏଟର, ଖେଳ। କିନ୍ତୁ ଅମଳ ବାଢ଼ା ଖେଳକୁ ସବୁ ସେଇଠି ସବ୍‌ଡେମ୍ପ୍ଟି—ଅଧ୍ୟାପକ ଡାକରା ଗୃହକାରି ଦେଇ ଆସିଲେ— ବା ନୂଆ କଲେଜର ପ୍ରଫେସର ହେଲେ—ସମସ୍ତେ କହିଲେ-ଆମେ ପାଠ ପଢ଼ି ଝିଅ ବାହା ହେବୁ ନାହିଁ। ଅନେକ ବାବୁ ନିଜର ପାଇଁ ଓ ଝିଅଙ୍କୁ ପାଠ ପଢେଇଲେ—ଅଥଚ ତମେଇ ବାଛିଲ।"

ମୁଁ କହିଲି—"ଦୋଷଟା ପାଠ ପଢ଼ାର ନୁହେଁ- କାମ ନ କରିବାର ଦୋଷ। ଆଧୁନିକ ଶିକ୍ଷିତ ପିଲାଗୁଡ଼ାକ ଏବେ ବି ନାରୀ ଜାତିକୁ ଦାସୀ ପରିବାଣ୍ଟି କରି ରଖିବାକୁ ଚାହାନ୍ତି ସେଥିପାଇଁ ସେମାନେ ପାଠପଢ଼ୀ ବା ମନ୍ତ୍ରୀ ଇତ୍ ଝିଅକୁ ବାହା ହେବା ପାଇଁ ନାରାଜ। ମନ୍ତ୍ରୀ ଇତ୍ୟାଦିଙ୍କ ଝିଅ ଯେ ଘରଜୋଇଁ ଉପରେ ମନ୍ତ୍ରୀତ୍ୱ ବା କର୍ତ୍ତୃତ୍ୱ କରିବେ ଏଥିରେ ସନ୍ଦେହ କଣ ଅଛି ?"

ଏତିକି ବେଳେ ଜଣେ ପଗଡ଼ିବନ୍ଧା ଗେରୁଆପିନ୍ଧା ଲୋକ ଆସି କହିଲା— Your fortune Sir—your fortune — in 1949 - 50- ଅର୍ଥାତ୍ ୧୯୪୦- ୫୦ରେ ତମର ଭାଗ୍ୟ ?

ସର୍ବ ପ୍ରଥମେ ନେତା ବା ମନ୍ତ୍ରୀ କର୍ମୀଟା ହାତ ବଢ଼ାଇ ଦେଲେ। କହିଲେ,—ଦେଖିବି ତ ଦେଖ - କିନ୍ତୁ ମୋର ଏ ସବୁରେ ବିଶ୍ୱାସ ନାହିଁ - ଏ ସବୁ ଅନ୍ଧବିଶ୍ୱାସ।

ଜ୍ୟୋତିଷ କହିଲେ—You are in trouble — ମାନେ — ବଡ଼ ବିପଦରେ ପଡ଼ିଛନ୍ତି ଆପଣ।

ମନ୍ତ୍ରୀ କର୍ମୀଟା--ଠିକ୍ ଠିକ୍ ?

ଜ୍ୟୋତିଷ--ଦେଖନ୍ତୁ-- ଯୋଡ଼ିଏ ଲୋକ ଯୋଗୁଁ ଆପଣ ବଡ଼ ସମସ୍ୟାରେ ପଡ଼ିଛନ୍ତି।

ମନ୍ତ୍ରୀ -- ଉହୁଁ -- ଗୋଟିଏ ଲୋକ ! ସ୍ତ୍ରୀ ନା ପୁରୁଷ ?

ମୁଁ ମନେ ମନେ ହସିଲି। ଏବଂ ଠିକ୍ ଭାବିନେଲି ଫରଚୁନଟେଲର୍ କହିବ ସ୍ତ୍ରୀ। ଏବଂ ସତକୁ ସତ ସେ କହିଲା—"ସ୍ତ୍ରୀ, କିନ୍ତୁ



Digitized by srujanika@gmail.com

ଗୋଟିଏ ନୁହେ—ଯୋଡ଼ାଏ। ମୋତେ ଯଦି କ୍ଷମା କରିବେ ମୁଁ ସବୁ ଖୋଲି କହିଦେବି। ଆପଣଙ୍କର ଆପତ୍ତି ନାହିଁ ତ?"

ନେତା ମହାଶୟ ବଡ଼ ହଇରାଣରେ ପଡ଼ିଗଲେ—କହିଲେ—କହନ୍ତୁ କହନ୍ତୁ—କିନ୍ତୁ ମୁହଁ ହେଲା କାଠ!

"ଗୋଟିଏ ସ୍ତ୍ରୀ ନୁହେ—ଯୋଡ଼ାଏ। ଜଣଙ୍କ ମୁଣ୍ଡରେ ସିନ୍ଦୂର ଅଛି—ଆଉ ଜଣଙ୍କ ମୁଣ୍ଡରେ ନାହିଁ।"

"ଠିକ୍ ଠିକ୍-ମୋର ଝିଅ ବାହା ନେଇ ମୋର ସ୍ତ୍ରୀ ବଡ଼ ବ୍ୟସ୍ତ ଅଛନ୍ତି।"

"କିନ୍ତୁ-ଜ୍ୟୋତିଷ ଆପଣଙ୍କୁ କେନ୍ଦ୍ର କରି ଘୂରୁଛନ୍ତି ଯେ?"

"ଅରେ ଏ କିପରି କଥା ହୋଇଛି?" କହି ଅତ୍ୟନ୍ତ ବ୍ୟସ୍ତ ଉଠିଲେ—ଏବଂ କହିଲେ "ଆପଣମାନେ କ୍ଷମାକରନ୍ତୁ ମୁଁ ଅସୁସ୍ଥ।"

ସେ ପଞ୍ଜିକା ଜ୍ୟୋତିଷ କିନ୍ତୁ ନଛାଡ଼େ—"ଦିଅ ବାବୁ-ମୋ ପ୍ରାପ୍ୟ-ମେସ୍ ଇନାମ୍।", ଚିଶ ବାବୁଙ୍କ ଦେହର ପୋଷାକ ଦେଖି ମଧ୍ୟ ତା ପ୍ରାପ୍ୟ ଛାଡ଼ିବାକୁ ନାରାଜ। ନେତାଙ୍କ ପଛେ ପଛେ ସେ ଦୌଡ଼ିଲା।

ମୋ ବନ୍ଧୁ ହାତଖ ଛାଡ଼ି ରଖିଥିଲେ—ନେତାଙ୍କ ପରେ ଦେଖାଇଥାନ୍ତେ। ତାଙ୍କ ନିରାଶ ବଦନ ଦେଖି କହିଲି—'ବନ୍ଧୁ, ଚିନ୍ତା ନାହିଁ। ମୁଁ କିର୍ଓ ସେସବୁ ପଢ଼ିଛି—ହାତ ଦେଖାଅ—କହିଦେବି।'

ମୋ ପାଖରେ ଜଣେ ଯୁବକ ବସିଥିଲେ—"ଆପଣ କିର୍ଓ ସେସବୁ ପଢ଼ିଛନ୍ତି? ଅଚ୍ଛା ଦେଖିଲେ ମୋ ହାତ।"

ବନ୍ଧୁ ମୋର ଅପେକ୍ଷା କରୁଥିଲେ। କିନ୍ତୁ ଯୁବକଟି ସଙ୍ଗେ ସଙ୍ଗେ ହାତ ବଢ଼ାଇ ଦେବାରୁ ବନ୍ଧୁଙ୍କ ଖପ୍ପାଇବା ଭାବ ଦେଖି; ମୁଁ କହିଲି—ରହ ବନ୍ଧୁ-ତୁମ୍ଭର ମଧ୍ୟ ଦେଖିଦେବି।

ଯୁବକର ହାତ ଦେଖିଲି। ମୁଁ ଜାଇ-କୋଳ ମହାପାତ୍ର ବୋଲି ପରିଚୟ ଦେଇଥିଲେ ଯୁବକ କଦାପି ହାତ ଦେଖାଇ ନଥାନ୍ତା। କିନ୍ତୁ ଇଂରାଜୀ ପାଠୁଆ ଯୁବକ ଇଂରାଜୀ ନାମରେ ଆକର୍ଷଣ—ସଙ୍ଗେ ସଙ୍ଗେ ହାତ ବଢ଼ାଇ ଦେଲେ।

ମୁଁ ମନେ ମନେ ଭାବିଲି-ଏଇ ବୟସରେ ଟୋକା ଗୁଡ଼ାକ ପ୍ରେମରେ ପଡ଼ନ୍ତି। ଅଧ୍ୟବସାୟରେ ପଶି ବାଛି ପାରନ୍ତି ନାହିଁ। ସେଇ ମନୋବୃତ୍ତିକୁ ଠଉରେଇ କହିଲି—ତୁମର ବାହା। … ଟି ସ୍ତ୍ରୀ ଦେଖା ସମସ୍ୟା ଜୀବନରେ ଆସିବ—ସମୟେ ତୁମକୁ ଚକ୍କା ଦେବେ।

ଭଦ୍ରଯୁବକଟି ଜଣେ କେବଳ ବଙ୍ଗାଳି ସାହେବ-ମିଶ୍ର ଅଉ ମୋର ବନ୍ଧୁ ହୋଇଛନ୍ତି ଘୋଷ। ତେଣୁ ମୁଁ ଆପଣାର ମତଲବଟା ଥାକଲେଇ ନେଇ କହିଲି—ବର୍ତ୍ତମାନ ତମେ ମନେ ମନେ 'ବୃନ୍ଦା' ଯାଉଛ।"

ସେ ଯୁବକ ଅଶ୍ଚର୍ଯ୍ୟ ହୋଇ ଗୃହିଲେ। ମୁଁ କହିଲି—ଦେଖ, ଯେତେ ପ୍ରସ୍ତାବ ଆସୁଛି—ତମେ କହୁଛ … "ଗୃହ ନା"। ତାପରେ ଦିନ ଆସିବ—ଯେତେବେଳେ ବୟସ ଗଡ଼ିଯିବ—ସେତେବେଳେ 'ଯାପାନ' ଯିବାକୁ ବାଧ—ଅର୍ଥାତ୍—'ଯା ପାନ୍' ତାଇତେ ଝୁଣ୍ଡି। ସୁତରାଂ—young man—ବର୍ତ୍ତମାନ ଠାରୁ ଏଇ ପ୍ରେମିକା ମାନଙ୍କର ହାତରୁ ନିଜର ଅଧ୍ୟାକୁ ରକ୍ଷାକର ଗୋଟିଏ ଶିକ୍ଷିତା ଯୁବତୀ ଯାହାର ପିତାମାତା ସମ୍ବନ୍ଧ କରିବାକୁ ପ୍ରସ୍ତୁତ-ତାହାକୁହିଁ ବିବାହହେବା ଉଚିତ। ଦେଖ ତମ ହାତରେ ଅଛି ତମ ସ୍ତ୍ରୀ ଗୋଟିଏ କୁଳୀନ ଘରର ଝିଅ। ରୂପସୀ। ସୁନ୍ଦରୀ କିନ୍ତୁ ଉଜ୍ଜଳ ଶ୍ୟାମଳ ବର୍ଣ୍ଣ—ବାମ ଗଣ୍ଡରେ ତିଳ ଚିହ୍ନ ଥିବ। ତମେ ଯେଉଁଠି ଏପରି ସ୍ତ୍ରୀ ପାଇବ ଶୀଘ୍ର ବିବାହ କଲେ ତମର ଭାଗ୍ୟ ଖୋଲିଯିବ—୧୯୪୯—୫୦ରେ ଇ ତମର ଭାଗ୍ୟ ଫଳ ଭଲ ପଇବ।"

ମୋର ବନ୍ଧୁ କନ୍ୟାପିତା ସେତେବେଳକୁ ମୋତେ କଠ ମଞ୍ଚ କରି ଗୃହିଁଲେଣି। ସେତ ଅବାକ୍।

ମୁଁ ଯୁବକକୁ ପଚାରୁ ଥାଏଁ—ତମେ ବର୍ତ୍ତମାନ ଅଧିକ ପଢ଼ିବାକୁ ଗୃହଁ—ପଢ଼ା ଶେଷ ହୋଇନାହିଁ।

"ନା"

"ତମେ—କଳାବିଦ୍ୟାରେ—

"ମୁଁ ସାଏନ୍ସ ନେଇଛି—"

"ମୁଁ ଠିକ୍ ସେଇଆ କହୁଥିଲି। କଳା ବିଦ୍ୟାରେ ତମେ ବିଶେଷ ପାରଙ୍ଗମ ହେବ ନାହିଁ। ଅଙ୍କ ଶାସ୍ତ୍ରରେ ପ୍ରବୀଣ।"

"ଅଙ୍କ ମୋତେ ଖୁବ୍ ଭଲ ଲାଗେ ନାହିଁ।

"ଲାଗିବ। ଏଣିକି ଲାଗିବ। ତମେ କେତେଦୂର ପଢ଼ିଲଣି? ତମେ—ଇଞ୍ଜିନିୟରିଂରେ ଗଲ କିଆଁ?"

"I.Sc ଭଲ ପାସ ହୋଇ ନଥିଲି।"

"ଏବେ ଯାଅ। ବୟସ ତ କମ୍। ମୋତେ … ତମର ସ୍ତ୍ରୀ ଅଉ ତମକୁ ସାହାଯ୍ୟ ମିଳିବ—ଅର୍ଥାତ୍ ତମ ଶ୍ୱଶୁର ଘର ଅଉ। ଶୀଘ୍ର ବିବାହ ହୋଇପଡ଼। ଅର୍ଥିକ ଚିନ୍ତା ତମକୁ ବିବ୍ରତ କରୁଛି, ନୁହେଁ?"

"ହଁ" କହି ଯୁବକ ତଳକୁ ମୁହଁ ପୋତିଲେ।

ତେଣିକି ବନ୍ଧୁ ଅମର ଯୁବକ ସହିତ ଭୌତିକ ତର୍କ ଆରମ୍ଭ କରିଦେଲେ—ଦାମ ନାମ—ଗ୍ରାମ ନାମ—ବଂଶ ଗୋତ୍ର—ବୟସ ଇତ୍ୟାଦି। ଏବଂ ସେ-ଦିନ ସେ ସହରରେ ଥିବା ତାଙ୍କ ଘରର ଠିକଣା ଦେଇ ନିମନ୍ତ୍ରଣ କରି ଗୃଲିଗଲେ।

ଦିନ ପନ୍ଦରଟା ପରେ ବନ୍ଧୁଙ୍କ ଠୁଁ ନିମନ୍ତ୍ରଣ ପତ୍ର ପାଇଲି—ଯୁବକ ମିଶ୍ରଙ୍କ ସହ ତାଙ୍କର ପାଠୋଇଝିଅ—ବର୍ଣ୍ଣ ଶ୍ୟାମଉଜ୍ଜ୍ୱଳ ବାମାଙ୍ଗରେ ତିଳ ଚିହ୍ନ ଥିବା କୁମାରୀ ବିଦ୍ୟୁତର ବିବାହ ସଂଘଟିତ ହେବ ଅତଏବ ସବାନ୍ଧବେ ମୋତେ ତାଙ୍କ ବାସ ଭବନରେ ପଦାର୍ପଣ କରି ତାଙ୍କୁ ବାଧିତ କରିବା—ଓ ପତ୍ରଦ୍ୱାରା ନିମନ୍ତ୍ରଣର ତ୍ରୁଟି ମାର୍ଜନା କରିବାକୁ ହେବ।

ବିବାହ ଦିନ ବନ୍ଧୁ କହିଲେ—"ତୁ ଏମିତ ହାତ ଦେଖି ପାରୁ—ବାଃ—"

ମୁଁ କହିଲି—ଜ୍ୟୋତିଷଙ୍କ ହାତ ଦେଖା ଓ ମୋ ହାତ ଦେଖା ଭିତରେ ତଫାତ ଏତିକି ଯେ ଜ୍ୟୋତିଷ ହାତ ଦେଖି ପଇସା ନିଅନ୍ତି—ମୁଁ ହାତ ଦେଖିଲେ ମୋତେ ଓଲଟି ଦେବାକୁ ପଡ଼େ।

ଏତକ କହି ବିଦ୍ୟୁତ ପାଇଁ ଅଣିଥିବା ଉପହାରଟି ବଢ଼ାଇ ଦେଲି। ଯୁବକଟିକୁ ସାମାନ୍ୟ … ଗଚ୍ଛିତ ପରିହାସ ଛଳରେ କହିଲି—୧୯୪୯—୫୦ ରେ ତ ଭାଗ୍ୟ। ମନେ ମନେ କହିଲି—ବାପା ଦୁଃଖ ଦେଉଛି ପାଖ ଦେଖିଲ—ଭାଗ୍ୟ ନା ୧୯୫୦ ରେ ଏ ତମର ଦୁର୍ଭାଗ୍ୟ।



Digitized by srujanika@gmail.com



ଶିଳ୍ପୀ ଅଙ୍କନ କରି ଚାଲିଛି ଶିଳା ଉପରେ ତାର କଳ୍ପନାକୁ ସଜୀବ କରି—

ଇନ୍ଦୁବିନିନ୍ଦିତ ଚରଣ ପଦ୍ମର ଅଙ୍ଗୁଳି ଗୁଡ଼ିକ ମୃଦୁ ପଦକ୍ଷେପରେ ଏ କଠିନ ଭୂପୃଷ୍ଠ ଉପରେ କାହିଁ ହେବା ସମୟରେ ଜ୍ୟୋତିର୍ମୟୀ ନଖରୁ ଅତି ଉଜ୍ଜ୍ୱଳ କପରି ଏକ ରଶ୍ମି ଆଭା ବିଛୁରିତ ହେଉଛି—ମନେ ହେଉଛି ଯେପରି ଅଙ୍ଗୁଳି-ନଖ ପଞ୍ଚ ଭୂତଳରେ ସ୍ଥଳ ପଦ୍ମଶ୍ରେଣି ଫୁଟାଇ ଫୁଟାଇ ଚାଲିଛି। ନୂପୁର ଅଛି ପଦରେ—ଝୁମୁ ଝୁମୁ ଶବଦ ସୃଷ୍ଟି କରି ଚାଲି ଯାଉଥିବା ବେଳେ ଯେପରି ତା'ର କଙ୍କଣର ପଦଦାନ ଲୁଚିଗ ପାଇବା ଲାଗି ରାଜ ହଂସୀମାନେ ମନ୍ଦ-ମନୋହର ଅଳସ ଗମନ ଶିକ୍ଷା ଦେଇଛନ୍ତି, ସୁବର୍ତ୍ତୁଳ, କ୍ରମଶଃ ଭୂଷଣ ଭାବାପନ୍ନ ଓ ଅନତି ଦୀର୍ଘ ଜଘନଦ୍ୱୟରେ

## ଶିଳ୍ପୀ ଓ ପ୍ରତିମା

ଅତି ଭାବ-ପ୍ରେରଣା ଜୀବର ସୌନ୍ଦର୍ଯ୍ୟ କମାଠ ବାନ୍ଧି ପାଇଛି ସେ'ଠି। ବୟସର ବସନ୍ତରେ ଉଚ୍ଛଳିତ ଯୁଗଳ ଉନ୍ନତ ହୋଇ ଉଠିଛି। ପୀନୋନ୍ନତ ସ୍ତନଦ୍ୱୟର ଭାରରେ ଯେପରି ଆଗକୁ ଝୁଙ୍କି ପଡ଼ିଛି। ନିମ୍ନ ନାଭି ତଳର କଟି ଦେଶର ସମ୍ମୁଖରେ ନବୋଦ୍‌ଗତ ଅତି ସୂକ୍ଷ୍ମ ରୋମ ବଳୀ ତାହାର ନାଭି ଗର୍ଭ ମଧ୍ୟରେ ଅଳ୍ପ ପ୍ରବେଶ କରି ଏପରି ଶୋଭା ପାଉଛି ଯେ ମନେ ହୁଏ ସତେ ତାହାର ମେଖଳାର ମଧ୍ୟଗତ ନୀଳକାନ୍ତ ମଣିର ସ୍ନିଗ୍ଧୋଜ୍ଜ୍ୱଳ ଆଭା ନାଭିର ଉପରସ୍ଥିତ ବସନକୁ ଭେଦ କରି ସେହି ନାଭି ଗହ୍ୱରରେ ପ୍ରବେଶ କରିଛି। ସିଂହକଟୀ-ତନୁମଧ୍ୟା ସେ କଟିଦେଶର ତଳେ ସୁନ୍ଦର ତ୍ରିବଳୀ। ଉଚ୍ଚ ସ୍ତନଦ୍ୱୟ ପରିବୃତ ହୋଇ ବଳନାଶୈଳୀର ଶୃଙ୍ଗସମ ସୁମ୍ପଷ୍ଟ। ବାହୁଦ୍ୱୟ ଶିରୀଷ କୁସୁମ ଅପେକ୍ଷା ଅଧିକ କୋମଳ। ପକ୍ୱବିମ୍ବାଧରୋଷ୍ଠରେ ହସ ଯେତେବେଳେ ଝଲକି ଉଠିଛି ହସର ଶ୍ୱେତ ଆଭା ଲୋହିତ ଅଧର ଉପରେ ପଡ଼ି ସମସ୍ତ ମୁଖଟିକୁ ଅଲଙ୍କୃତ କରି ଦେଉଛି। ପ୍ରକୃତ

ସମୀରଣରେ ଏକାନ୍ତ ଚଞ୍ଚଳ ନୀଳୋତ୍ପଳ ପରି ସେହି ଅଧୀର କୃଷ୍ଣ ଶ୍ୟାମ ମୁଖଠାରୁ ଅଧିକ ହୋଇ ଉଠିଛି ସୁନ୍ଦର କାନ୍ତି। ଅଞ୍ଜନ ଶଳାକା ଦ୍ୱାରା ଅଂକିତ ତାର ଆକର୍ଣ୍ଣ ଦୀର୍ଘ କୁଞ୍ଚିତ ଭ୍ରୂଲତାର ବିନ୍ୟାସ-ମାଧୁରୀ ଓ ଶୃଙ୍ଗାରୀ ପ୍ରସୀ ପାଗଳ କରି ଦେଇଛି ଦର୍ଶକକୁ। ତରଙ୍ଗାୟିତ କେଶ କଳାପ ଚମରୀ ମୃଗର ପୁଚ୍ଛ ଲୋମରାଜି ଠାରୁ ଅତୀବ ସୁନ୍ଦର ଓ କାନ୍ତ। ପରିଧାନ କରିଛି ଶିଳ୍ପୀର କଳ୍ପନା ଆରକ୍ତ ବଳ୍କଳ ବସନ। ମୂର୍ତ୍ତିର ଅରୁଣ ଅଶୋକ-ପୁଷ୍ପ ପଦ୍ମରାଗ ମଣିକୁ ପରାସ୍ତ କରିଛି। କର୍ଣ୍ଣିକାର-କୁସୁମ ସୁବର୍ଣ୍ଣ ପରି ଶୋଭା ପାଉଛି ଏବଂ ଅମଳ ଧବଳ ସିନ୍ଧୁବାର-ପୁଷ୍ପର ହାର ମୁକ୍ତା ମାଳାର ସ୍ଥାନ ପୂରଣ କରିଛି ଅଙ୍ଗରେ। ବକୁଳ ମାଳକୁ ସେ ଚନ୍ଦ୍ରହାର କରି ପିନ୍ଧାଇ ଥିଲା। ସୁନ୍ଦରୀର ସ୍ତନରୁ ତାହା ଖସି ପଡ଼ୁ ଥିବାବେଳେ ସୁକୁମାରୀ ଲଜ୍ଜାଶୀଳା ହୋଇ ଉଠିଛି। ତାର ବ୍ରୀଡ଼ା ଦର୍ଶକର ନୟନରେ ଆଣିଛି ଅନୁଭବନାର ମାଦକତା—ଶିଳ୍ପୀର ତୁଳିର ବେଗ ସେଇଠି ଶେଷ ହୋଇ ଯାଇଛି, ଶିଳ୍ପୀର ଅଂକନ ଶେଷ ହୋଇଛି, ଶିଳ୍ପୀ ଜାଣି ପାରିନାହିଁ ଏହି ଖଣ୍ଡଗିରି ଭିତରେ ସେ କଟାଇ ଦେଇଛି ଦୀର୍ଘ ପନ୍ଦର ବର୍ଷ—ଖାଇବା ପିଇବା ଭୁଲି—ସମାଜ ସ୍ୱଜନ ଛାଡ଼ି—ଖଣ୍ଡଗିରିର ଏକ ନିର୍ଜନ ବନଲତା କୁଞ୍ଜ ଭିତରେ ଆତ୍ମହରା ହୋଇ ମୂର୍ତ୍ତି ଗଢ଼ୁଛି—ମୂର୍ତ୍ତି।

ସେଦିନ ଶ୍ରାବଣ ପୂର୍ଣ୍ଣିମା—ଶିଳ୍ପୀ ଭାବୁଛି ତାର ଅଂକନରେ ଭୁଲ ହୋଇ ରହି ଯାଇନାହିଁ—ସେ ଆହୁରି ଭାବୁଛି—ତାର ଅଯତ୍ନ କେଶରାଶି ତାର ମୁଖ ମଣ୍ଡଳକୁ ଆବୃତ କରୁଛି। ସେ ଭାବୁଛି-ତାର ସୃଜନ ସେଇଟା।

ଶିଳ୍ପୀ ବିନୋଦ ସହିତ ହଠାତ୍ ହୋଇଲ ବର୍ଷ ପରେ ଦେଖା।

"ଆରେ ବିନୋଦ—କେଉଁ-ଅଡ଼େ ଯାଇଥିଲୁ ଏ ଭିତରେ ?"



ବିନୋଦ ବାହାରି ଆସି "ଯାଇ ମୁଁ ବଡ଼ ବ୍ୟସ୍ତ—ମୋର କାଳି ଶବଦ—ମୁଁ କାଣ କରେ ଏକା ରହିଲି—"

ବିନୋଦକୁ ଚାଳିଶ ବର୍ଷ ହେଲାଣି—ଶୁଣିଥିଲି ତାର ପ୍ରତିମା ସହିତ ଭଲପାଇବା ଜମି ଉଠିଥିଲା କିନ୍ତୁ ପ୍ରତିମାର ପିତା କୋଉଠି ଏ ଶତ୍ରୁତାର ହାତରେ ସମର୍ପି ଦେବ ଠା ପସନ୍ଦ ନକରି ସେ ଜଣେ ଅନ୍ୟକାହାକୁ ବିବାହ ଦେଲେ। ସେଇଅଛି ବେଶ୍ ଘରଦ୍ୱାର କରି ରହିଛି।

ପଚାରିଲି—"କାହାକୁ ' ବାହାହେବୁ—କେଉଁଠି ଠିକ୍ ହୋଇଛି"

ବିନୋଦ ହସିଲା "ପ୍ରତିମାକୁ—ପ୍ରତିମା"

କହିଲି "ଆରେ ପ୍ରତିମା ତ ଘର କଲାଣି —ଅଜଣା—"

ଲେଖକ—ଶ୍ରୀ ଯୋଗୀନ୍ଦ୍ର ପଟ୍ଟନାୟକ

ବିନୋଦର ଭାବଦେଖି ଆମେ ତାକୁ କହୁଥିଲୁ "ପାଗଳ" ବୋଲି।

ବିନୋଦ ହସିଲା ପୁଣି, "ପ୍ରତିମା—ମୋର ହୃଦୟର ପ୍ରତିମାକୁ ନେଇ କେହି ଘର କରି ପାରିବେ ନାହିଁ—ସେ ମୋର ଭିତରେ—ମୋରି ଭିତରେ—ହେଉ, ଭାଇ ମୋର ବଡ଼ କାମ, ବଡ଼ ବ୍ୟସ୍ତ। ଦୋସ୍ତ ନମସ୍କାର—ନମସ୍କାର— ଯିବି—" ବିନୋଦ ଚାଲିଗଲା। ବିନୋଦର ବେଦନା-ଭରା ଅନୁଭବନା ଏହିପରି ସଦାସର୍ବଦା ଥାଏ। ସେ ଶିଳ୍ପୀ—ଚିତ୍ର ଆଙ୍କେ—ସେ ବାସ୍ତବ ଦୁନିଆ ସହିତ ସଂପର୍କ ତୁଟାଇ ଦେଇଛି। ଯେଉଁମାନେ ଲୋକକୁ ବରଦାସ୍ତ କରି ପାରିଛନ୍ତି କେବେ, ନିଜର ବେଦନାକୁ ସେ ବେଦନା ବୋଲି ନେଇ ପାରନ୍ତି—ସେ ବରି ନେଇଛି ମଥାରେ ସମସ୍ତ। ସେ ଘର କରନ୍ତି—ଘରବାହାର ସ୍ପୃହା ନାହିଁ। ସେ ଖଣ୍ଡଗିରିର ଗୁମ୍ଫାରେ ଗୁମ୍ଫାରେ ବୁଲେ—ଚିତ୍ର ଆଙ୍କେ ବସେ—ଶିଳ୍ପୀ—ଦେବତାକୁ ସମ୍ମାନ ଦିଏ।

[ଅବଶିଷ୍ଟାଂଶ ୧୧ ପୃଷ୍ଠା ଶେଷ ଦେଖନ୍ତୁ]

Digitized by srujanika@gmail.com

କାହାଣୀ

# ଉଇଁ ପୁଣି ଅସ୍ତ ହୁଏ।

ଲେଖକ—ଶ୍ରୀ କଣ୍ଡୁରୁ ଚରଣ ଦାସ।

ସୂର୍ଯ୍ୟ ଉଇଁ, ପ୍ରାଚୀ ଗଗନକୁ । ଦୈନନ୍ଦିନ । କେଉଁ ଅନାଦି କାଳରୁ ଏହି ବନ୍ଧା କାନୁନ ଭିତରେ ଚାଲି ଆସୁଛି ସେ । ଆକାଶରେ ସେଥିରେ ପ୍ରକୃତିର ବୈଚିତ୍ର୍ୟ । କିନ୍ତୁ ସପନା ବୁଝେନା ସେସବୁ । କେଉଁ କାଳର ପୁରୁଣା, ଅଜଣା, ଅଶୁଣା ବସୁନ୍ଧରା ଉପରେ ତାର ଜନ୍ମ । ଯାହା ଉପରେ ତା ବାପା ତାଙ୍କର ଜୀବନ ଲୀଳା ସାଙ୍ଗ କରିଛନ୍ତି । ବାପଙ୍କ ପାପ କରିଥିବେ । ତାଙ୍କ ବାପା ବି ବାଦ୍ ପଡ଼ି ନଥିବେ । ସେ ସବୁର ହିସାବ ରଖି ହୁଏନା । ପିଢ଼ି, ଗୋଷ୍ଠୀ, କେତେ କିଏ ବଢ଼ିଥିବ । ସମସ୍ତେ ଏମିତି ଆସିଥିବେ, ଏମିତି ଯାଇଥିବେ । ସେ କାଳରେ ଯେମିତି ସୂର୍ଯ୍ୟ ଉଇଁଥିବ, ଆଜିବି ସେମିତି ଉଇଁଛି । ଏଇ ଉଇଁବା ଭିତରେ ସେଦିନ ଓ ଆଜିର କିଛି ନୂଆ ପୁରୁଣା ନାହିଁ । ପୁଣି ଟିକିଏ ତଳେଇ ଦେଖିଲେ ଏଇ ଉଇଁବାଟା କେତେ ନୂତନ । ସପନା ପୂର୍ବ ଦିଗର ନାଲି ଟହଟହ ଦିନମଣିଙ୍କୁ ଯୋଡ଼ ହାତରେ ପ୍ରଣାମ କଲା । ରୋଜ ସେ କରେ ଏଇ କରିଛି । ଏଥିରେ ବି କିଛି ନୂତନତା ନାହିଁ । ପୁଣି ରହିଛି ଆକାଂକ୍ଷା ନିତ୍ୟ ନୂତନ ।

ସୂର୍ଯ୍ୟ ଉଇଁ । ଧରା ପୃଷ୍ଠରୁ କାଳିମା ମିଳେଇ ଯାଏ । ଦୁନିଆରେ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ପ୍ରାଣୀକୁଳ ଚେଇଁ ଉଠନ୍ତି । ସଭିଙ୍କ ଅନ୍ତରେ ଆଲୋକ ଖେଳିଯାଏ । ଜଡ଼ତା ଦୂରିଯାଏ । ଅମନୁଷ୍ୟ ପତଙ୍ଗ ଚଞ୍ଚଳ ହୋଇ ଉଠନ୍ତି ।

ରାତିକୁ ପଛକୁ ପେଲିଦେଇ ସୂର୍ଯ୍ୟ ଉଠେ । କ୍ଷଣ ଜନ୍ମା ମାନଙ୍କର ବଳିଦାନ କ୍ଷଣ ଅଗେଇ ଆସେ । ପୁଣି ସେଇ କ୍ଷଣ-ଜନ୍ମାଙ୍କ ଭିତରୁ କାହାର ନୂତନ ପନ୍ଥର ବଇଁଶୀ ବାଜେ କିଏ ହସେ, କିଏ କାନ୍ଦେ, କାହାର ଶିଶୁ ଉଠେ, କାହାର ଫୁଟେ ।

ସପନା କିନ୍ତୁ ଭକ୍ତି ଗଦ୍ ଗଦ୍ ଚିତ୍ତରେ ପ୍ରଣାମ କରେ ସେ ଜାଣେ ସେଇତ ର ଦେବତା । ଯେ ହେତୁ ସେ ଉଇଁଲେ ସପନା ପ୍ରାଣରେ ଭାବନା ଜାଏ, ସେ ତମ ବୁଦ୍ଧିହୀନ ହୋଇ ଉଠିଲେ, ସପନା ମନର ଲଗାମ ଛୁଟେ, ତାକୁ ବୁଦ୍ଧିକା ଦ ଶେ । ତା'ର ଶିଖା ବହ୍ନିରତ ହୋଇ ପଡ଼ିଲେ, ସପନା ସେଥିଲେ ଛନ୍ଦି ହୋଇପଡ଼େ । ତା' କାର୍ଯ୍ୟ ପ୍ରଣାଳୀ ସଙ୍ଗରେ ସପନାର ଅନ୍ତନାଡ଼ି ଜଡ଼ିତ ରହିଲା ପରି ତାକୁ ବୋଧିତ ହୁଏ । ତେଣୁ ସେ ପ୍ରଣାମ କରେ । ଦିନଟି ଯାକର ଶୁଭ ଅଶୁଭର ସେଇଠି କଳସ ଥାପନା କରାଯାଏ । ସେ ଓହ୍ଲେଇ ପଡ଼େ କର୍ମ କ୍ଷେତକୁ ।

ସବୁଦିନ ପରି ସେଦିନ ବି ପ୍ରଣାମ କରି ତା ଦଦରା ଘର ଝିଣ୍ଟିକୁ ଲେଉଟି ଆସିଲା ସପନା । ଚିକ୍କଣ ଗୁଳଅର ଶୀଳ ମୁଣ୍ଡରୁ ପଖାଳ କଂସାଟା ଖୋଜି ପାଇଲା ନାହିଁ । ମୁଣ୍ଡଟେକି ଦେଖିଲା-ଗଣ୍ଡା ମାଛ ଦିଟାକୁ ଜଗା ହୋଇଛନ୍ତି । ଡାକ ଛାଡ଼ିଲା "ପାଲ୍ଲଣି, ପାଲ୍ଲଣି ? କୁଆଡ଼େ ଗଲୁକି ଅଜି ? ବେଗି ଅଇ ଭଲ । ତାପ ବଢ଼ୁଛି । ଅଜ ଘଡ଼ିକୁ ବଳରେ ଦିହ-ରଖି ହବନାହିଁ ।"

କଥା ଗୁଡ଼ାକ ସବୁ ଲେଉଟି ଅସିଲେ ସପନା ପାଖକୁ । କିଛି ତାର ମଜ୍ଜା ଗତରେ ପଶିଲା ନାହିଁ । ପାଲ୍ଲଣୀ ଗଲାକୁଆଡ଼େ ? ଖୋଜିଲା—ପୋଖରୀ କୂଳରେ ନାହିଁ, କଂସା ବାସନ ମଜା ମଞ୍ଚର ଉପର ବର୍ଣ୍ଣିତ ଦେଖିଲା ନାହିଁ ।

ଗୁହାଳେ—ବାହାରୁ ତାଟି ଭିଡ଼ା ହୋଇଛି । ବ'ଳ ଗାଈଟା ପାଗୁଳି କରୁଛି । ନାଥିଆ ମା ଘରେ—ନାଁ, କଅଁ ନିଦ୍ରା ଧରି ଅଛି ସେ ଅଇନାହିଁ ।

ଗଲା ଅଜ କୁଆଡ଼େ ?

"ପାଲ୍ଲଣୀ ? ପାଲ୍ଲଣୀ ?"

ଦିହ ଗୋଟା ହାକରେ ଚମ୍ପଲତାର ଲହର ଦ୍ୱିତିଛି; ମୁହଁଟା ଅବଲୁରେ ଧାନ ଉଷୁଆଁ ହାଣ୍ଡି ଆକାର ଧାରଣ କରିଛି । ପୁଣି ସେ ମୁହଁଁ ଲୁଚି ଅଛି ଛତ୍ରା ଘର ଖଣ୍ଡିକ ଭିତରକୁ । ଶୋଇଲା ସରର ହୋଶ ଉଠିନାହିଁ, ନଜର ଅଟକିଗଲା ସେଇଠି । ପାଦ କଢ଼େଇ ନେଲା ସେଠାକୁ । ଛିଣ୍ଡା କନ୍ଥା ତଳେ ଗୋଟାଏ କାତର କଣ୍ଠ-ସ୍ୱର ଉଃ...ଆଃ...ଉଃ...ହୁଃ...ହୁଃ...ହୁଃ...

ଚାଦରଟା କାଢ଼ି ଦେଲା ସପନା । ଛିଣ୍ଡା ଲୁଗାର ଆବରଣ ତଳେ ଗୋଟିଏ ସଙ୍କୁଚିତ ତନୁ । ଥର ଥର କମ୍ପୁଛି, ସପନା ବସି ପଡ଼ିଲା । ହାତ ଥାପିଲା ପାଲ୍ଲଣି ଦିହରେ । ହାତ ଜଳି ଯାଉଛି; ଧାନ ଦିଟା ପକାଇ ଦେଲେ ଖଇ ଫୁଟି ଯିବ ।

"ପାଲ୍ଲଣି ?"

"ଉଠି ପାରିଲି ନାହିଁ; କଂସା ପଡ଼ିକି ମଜା ହୋଇନି ।"

"ହଉ ରୁଅ ତୁ । ଏଡ଼େ ପ୍ରବଳ ଜର ତତେ ଏଇ ରାତିକ ଭିତରେ ଘୋଟି ଆସିଲା ? ମତେ ତ କହିନାହୁଁ ?"...

"ତେମେ ଯା ଗାମୁଛା ବଦଳେଇ ପଖାଳ ଗଣ୍ଡାକ ଖାଇ ଦେଇ ଯିବ, ବେଳ ଟାଣ ହୋଇ ଆସୁଛି ।"

"ତୁ ଏମିତିଆ ଅବସ୍ଥାରେ ପଡ଼ିଛୁ, ଅଜ ମୁଁ..."

"ଟିକିଏ ନାଥିଆ ମାକୁ ଡାକିଦିଅ, କଷ୍ଟ ହଉଛି । ବୋଧେ ପିଲାପିଲି......"

ସପନା ଚେଇଁ ପଡ଼ିଲା । ପିଲାପିଲି ହବ ପାଲ୍ଲଣୀର । ଆଜି । କେତେ ଦିଅ ଦେବତାଙ୍କ ପୂଜା ଅର୍ଚ୍ଚନାର ଫଳ । ଦଉଡ଼ିଲା ନାଥିଆ ମା ଘର ଆଡ଼କୁ । ବାହାରକୁ ଗୁହାଳ ସୂର୍ଯ୍ୟ ଧୀରେ ଧୀରେ ଉପରକୁ ଉଠୁଛନ୍ତି । ସପନା ଦୁଆର ବନ୍ଦ ଦେଇଁ ପାରିଲା ନାହିଁ । ପଞ୍ଚାଏ ମଣିଷ ତାକୁ ବାଟ ଓଗାଳିଲେ । ଭାଗବତଟା ଜବ ଢ଼ବ ହୋଇ କାଣ ଉଠିଲା । ସପନା ମୁଣ୍ଡରେ ହାତ ରଖି ସେଇଠି ସେମିତି ବସି ପଡ଼ିଲା । ସବୁ ଭୁଲିଗଲା । କାହାକୁ, ନାଥିଆ ମାକୁ ପାଲ୍ଲଣୀକୁ । ଶୁଭ ବେଳରେ ଅଶୁଭ ହୁଡ଼ିକ । ଏଇ ବେଳରେ ନାଥ ସୁଇଁଙ୍କର ବୋବାକ ଢ଼କର । ମୁଣ୍ଡ ବୁଲେଇ ଦେଖେ ଯେମିତି ନାଗ ସାପର ଜିଭ ଲେଉଟ ତା ଶିଖ ଉପଶିଖ ମାନଙ୍କରେ ଚେଙ୍ଗି ପାଉଛି । ଅଚେତ । ଦି ଜଣ ତାକୁ ଜାବୁଡ଼ି ଧରିଲେ ।

\+ \+ \+



Digitized by srujanika@gmail.com

ଜୁଆଁ ଜୁଆଁ ନାଦରେ ସେ ଅପଣାକୁ ଫେରି ପାଇଲା। ସୂର୍ଯ୍ୟ ସେତେବେଳକୁ ପୂର୍ବ ଆକାଶରେ ଉଠିଲେଣି। ଘରେ ପ୍ରତିବେଶୀ ମାନଙ୍କର ଗହଳି ହେଲା। ଫାଲୁଣୀ ଦେହ ତଳେଇ ମାଟିରେ ଲୋଟୁଛି। କଅଁଳ ଛୁଆଟି ଛନ ଛନ ଚାହିଁ ଟିକି ମୁଠିଏ ଗୋଡ଼ ହାତ ହଲେଇ ଚୋବାଉଛି। ନାଥିଆ ମା, ଏକୁଟ ଲଗାଇବା ପାଇଁ ଲଙ୍ଗଳ ମୁଣ୍ଡା ଖୋଜୁଛି!

ସପନା ଦଉଡ଼ିଲା ବାଡ଼ ପଛ ଅଡ଼କୁ। ଖବରଟି ନଗରମ। ବରଷେ ହାଲ ହେଇ ଫଳ ତଳେ ଠିଆ ହେଇଛି। ସେଇଥିକୁ ଜଳେଇ କାମ ଚଳେଇ ଦେଇ ଥାଉ, ପରେ ଦେଖାଯିବ।

ସେ ତ ନାଇଁ? କିଛି ନାଇଁ? କଳା କଳା ଛାଞ୍ଚୁଣୀ ପାଖେ ନାଥ ଯୁଇଁ ଲେଖ ଦେଇ ଯାଇ ନ ହାନ୍ତି। କେତେ ନଷ୍ଟ ସେମାନେ? ସପନା ମନୁଆଙ୍କ ଘର ଭଳି ଭଳି ଜେଉଁଟି ଅସିଲା। ଫାଲୁଣୀ ନାକରେ ହାତ ଦେଇ ପରଖୁଥିଲା ନାଥିଆ ମା। ମୁହଁ ତା'ର ପାଣ୍ଡୁରା, ଫିକା।

ସପନା ଶଙ୍କି ଉଠିଲା। "କା'ଣ ହେଲା?"

ନାଥିଆ ମା ମୁଣ୍ଡ ହଲେଇଲା। "ସବୁ-ସବୁ ସରିଯାଇଛି। ସପନା ଛାତି ଫାଟିଗଲା ଯେମିତି। କୋହ ଭରା କଣ୍ଠରେ କଳକୁ ଗୁପିରେ ପଚାରିଲା—"ପୁଅ?"

କଅଁଳ ଶିଶୁଟିର ଓଠଟି ଥରିଟିଏ ପାଇଁ ଥର ଉଠିଲା।

ନାଥିଆ ମା ପରଶି କହିଲା-"ପୁଅ ମା ସାଙ୍ଗ ଛାଡ଼ିବା କେମିତି?"

× × ×

.. ସୂର୍ଯ୍ୟ ଅସ୍ତ ହେଲେ, ପ୍ରତୀଚୀ ଗଗନରେ, ସନ୍ଧ୍ୟା କାଳିମା ଘୋଟି ଆସେ ପୃଥିବୀର ବକ ଉପରକୁ। ଏଣେ କଲ୍ୟାଣ ଦୀପ ଜଳି ଉଠେ ଆସେ। ତାହା ର ତା ସ୍ପି ଅବେ।

ସପନା, ମା ପୁଅ ଯୋଡ଼ିକୁ ମଶାଣି ହୁଡ଼ାରେ ପାଉଁଶ କରି ଉଡ଼େଇ ଦେଲା। ପୁର୍ବ ଦିନର ସୂର୍ଯ୍ୟ ଦୃଷ୍ଟିରେ ଅସ୍ତ ହେଉଛି। ସପନା ଅନ୍ତରରେ ଜ୍ୱଳନା ଜଳୁଥିଲା। ସୂର୍ଯ୍ୟ ଦେଇ ପୁଣି ଅସ୍ତ ହୁଏ। ଏକେ, ଦୁଇ, ଅନେକ-ବାର ସେ। କିନ୍ତୁ ତା' ଜୀବନର ସୂର୍ଯ୍ୟ ଏଇ ଉଦୟରୁ ଅସ୍ତ ଭିତରେ ଲିଭି ଯାଇଛି। ହାତ ଯୋଡ଼ି ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଣାମ କଲା।

—+—

( ଶିଳ୍ପୀ ଓ ପ୍ରତିମା ଅବଶିଷ୍ଟାଂଶ )

ପ୍ରତିମାକୁ ନେଇ ଘର କରିବାକୁ ବସିଥିଲା ବିନୋଦ, ପାଗଳ—ହୁଏତ ଅଜ କାହାକୁ ନେଇ ସେ ଘର କରିବ—ଭଲକଥା।

...ଉଦ୍ଭ୍ରାନ୍ତ ମନେ ଖାଲି ସାରି ଗଲ ଗଲେଣି, ସମସ୍ତଙ୍କ ମୁହଁରେ ହସ ସମସ୍ତଙ୍କ ମୁହଁରେ ଏକ କଥା। ବିନୋଦ ପାଗଳ ହୋଇ ଯାଇଛି—ଏକଦମ୍ ପାଗଳ ଅର୍ଥ ବୁଝି ନି—କଣ ବିବାହ କେଉଁଥିରେ ସେ ପାଗଳ। ଘ ର ଭିତରକୁ ପଶିଗଲା ତାର—ବାହାରି ଆସୁଥିଲା ସେ, "ଅରେ ତୁ" ଡାକି ନେଲା ଘରକୁ "ଅରେ ତୋର ସ୍ତ୍ରୀ ମଧ୍ୟ? ଆ ଆ—କହୁ ମୋତେ ଟାଣି ନେଲା ତାର ଶୋଇବା ଘରକୁ। ପଲଙ୍କ ପଡ଼ିଛି—ପଲଙ୍କ ଧାରରେ ଝୁଲିଅଛି-ହେନାର ମାଳା। ବକୁଳ-ର ଗନ୍ଧ। ନବମୀ ଚନ୍ଦ୍ରର ଜ୍ୟୋତ୍ସ୍ନା ଆଲୋକିତ କରିଛି କୋଠରୀଟିକୁ। ପଲଙ୍କର ଧାରରେ ଗୋଟିଏ ନାରୀ ମୂର୍ତ୍ତି-ମୂର୍ତ୍ତିଟି ଯେପରି କଥା କହୁଛି—ପାଖକୁ ଯାଇ ଦେଖିଲି ଠିକ୍ ପ୍ରତିମାର ମୁଖ କମଳ—ଅଙ୍ଗ ଯଷ୍ଟି ନେଇ ସୃଷ୍ଟି ହୋଇ ଉଠିଛି—ବିନୋଦ ପାଗଳ ପରି ମୂର୍ତ୍ତିଟାକୁ କୁଣ୍ଡାଇ ଧରି କହି କହୁଥିଲା "ପ୍ରତିମା"— ପଥର ମୂର୍ତ୍ତିର ଅଧରରେ ହାସ୍ୟ ଧାରି ଅତୁଳି ସୁନ୍ଦର ହୋଇ ଉଠିଲା। ମୁଁ ପଚାରିଲି "ବିନୋଦ ଏ କିଏ?" ବିନୋଦର ମୁହଁରେ ସେହି ହସ, "ଏ ମୋର ପ୍ରିୟତମା ସ୍ତ୍ରୀ—ମାନସୀ ପ୍ରତିମା, ଏ ରକ୍ତ ମାଂସ ଦେହରେ ଯୌବନ ଅସେପୁଣି-ଏହି ଦେହରେ ମନ ଦେଲେ-ମଣିଷ ଭୁଲ ଏଯା; ଏ ଦୁନିଆ ର ସବୁ ଭୁଲ ହୁଏ, ସବୁ ଭୁଲ-ହୋଇଯାଏ—କିନ୍ତୁ ମୋର ଏ ପ୍ରତିମା କେବେ ମୋତେ-ଭୁଲି ପାରିବ ନାହିଁ। ତା ଅଧରରେ ସେହି ମିଠା ହସ ମୋତେ ଅନନ୍ତ ଦେଉଥିବ ଚିରଦିନ ପାଇଁ। ଯୌବନ ଲୁଚି ଯିବ ନାହିଁ ରଙ୍ଗ ଫିକା ପଡ଼ିଯିବ ନାହିଁ-ମୋର ଏ ଚିର ଜୀବନ୍ତ ପୂର୍ଣ୍ଣିମା—ବସନ୍ତ। ଏ ରୂପ ଇଚ୍ଛା ଭୁଲି ହେବନି—ଏ ପ୍ରତିମା ମୋତେ ଭୁଲି ଯାଇ ପାରିବନି— ଏ ପ୍ରତିମା ମୋତେ ଛାଡ଼ି ଅଉ କାହାଘରେ ଘର କରିବ ନାହିଁ—ଏ ମୋର ହୃଦୟର-ଏ ହୃଦୟର ଜ୍ୟୋତ୍ସ୍ନା। ଏ ମୋର ପତ୍ନୀ—ବାସର ଘରର ସାଥୀ।"

ମୂର୍ଚ୍ଛାରେ ଚେତନା ଅସିବାର ଯେମିତି ମୁଁ ଦେଖି ପାରିଲି।


ସ୍ତ୍ରୀ ରୋଗ ପାଇଁ

# ଚନ୍ଦ୍ରିକା ରେଚନୀ

ବ୍ୟବହାର କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ହେବ। ଔଷଧର କିଛି ଅପକାର ନାହିଁ। ମୂଲ୍ୟ ୫ ଓ ୧୯ ଡାକ ଖର୍ଚ୍ଚ—୫୦/୦

ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ଦୂରୀଭୂତ ହୁଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୨୲—ଡାକଖର୍ଚ୍ଚ—୫୦/୦ ଅତିରିକ୍ତ।

ପ୍ରତ୍ୟେକ ଔଷଧ ବ୍ୟାବସ୍ଥା ସହିତ ପଠାଯାଏ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta




Digitized by srujanika@gmail.com



## ଦେବସଭା

ଲେଖକ—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

( ବନ୍ଦେଶ୍ ବୈଠକ )

ଦ୍ରିଉଲ କଲେଜ୍ ହଲେ     ଅମରାବତୀ ନଗରରେ
ସେଠି ଅଛି ଦେବସଭା, ଦେଖ ସଙ୍ଗାତ ! !
ବଣ୍ଡୀ-ଦଣ୍ଡୀ ଓ ଶୁଣ୍ଡୀ     ଉଦଣ୍ଡୀ-ଦଳ, ହିଦଣ୍ଡୀ
ଚେନା ସାଙ୍ଗେ ମିଶା ଅବା ସରୁ ନବାତ ।
ଜା ଦେହେ ଝଦନ୍ କନା     ଅଧମ ତାରଣ ବାନା,
ଶୁଦ୍ଧ ଝଦା ଖୋଲେ ଯାଙ୍କ ଅହଂସ ପେଟ,
ମୁଣ୍ଡେ ଜାର ଗାନ୍ଧୀ ଟୋପି     କିଏ ପୁଣି ବନ୍ଧୁ ବ୍ରହ୍ମୀ
ପିନ୍ଧିଅଛି ଏକ ଲମ୍ବା ଇଦ୍ଦର କୋଟ ।
କିଏ ଚାଣେ ସ୍ୱରାଜ୍ୟ ଦଳ,
ସ୍ୱର୍ଗେ କେ ଅବାଦ୍ ନାସ     ହକି ହୁଏ ଅଶାସ୍ତ୍ରାସ
ଛଇ ନଦେ ଦେଖ ହୁଏ କେ ଭଙ୍ଗମୋଡ଼ ।
ଅପସରା, କୃରଣ, ଭାଟ
ଚନ୍ଦ୍ରବେଷ୍ଟ ବେଢ଼ା ଦେଇ     ଗାଉଛନ୍ତି ଛାଡ଼ ହୁଇ
ନାନା ରସେ ଜୟଧ୍ୱନି, କର ଯେ ନାଟ ।

( ଛାଡ଼ ବୃତ୍ତାନ୍ତ )

ସମ୍ମୁଖ ଚହ୍ୱର ମଝ     ଉଚ୍ଚ ବାଚସ୍ପତି ବର
ସୁରକୁଳ ଗୁରୁ ବୃହସ୍ପତି ପ୍ରବର,
ଯାହା ମୁଣ୍ଡେ ନାନା କଥା,     ନାନା ତନ୍ତ୍ର ଜଟିଳତା
ସାରା ବ୍ରହ୍ମାଣ୍ଡର ତତ୍ତ୍ୱ ହୁଏ ବାହାର ;
... ତଥ୍ୟ, ଅଙ୍କ କଷି     ଛମ୍ପୁ ଦାନ୍ତ ଗଲ ଖସି
ଗ୍ରେବାଇ ଗ୍ରେବାଇ ଶାସ୍ତ୍ର, ପୋଥି ବା ଘୋଷି
ତେଣୁ ଭଜ ପାଲଟି ସେ     ବସିଛନ୍ତି ମନଦାସେ
ବେଳେ ବେଳେ ପଦେ ଅଧେ ଦିଅନ୍ତି ଭାଷି ।
ତାଙ୍କ ଅଗେ ଦେଖ ବସେ     ମହାତପୀ ଦେବଗଣେ
ଅକ ବେଢ଼ ନାହିଁ ନିଜେ ସ୍ୱୟଂ ଶରୀରେ,
ହୃଷ୍ଟ ବସ୍ତୁର ଭରେ     ଶୀର୍ଣ୍ଣ ଦାସ୍ତାସନ ଥରେ
ବସିଛନ୍ତି ପାର୍ଶ୍ୱଚରେ ସୁନା ଗୃହରେ ।
ଦେହେ ଗମ ଗମ ଗାଲ     ଦମ ଦମ ପଦଭାର
ହମ ହନ ହବ ତାଙ୍କ ଉଚ୍ଚଳେ ମୁହେଁ
...ଲିଚା ଲଲ ସହ୍ରାଶ     ଗୋଲ ଦୁଇ ଦ ଟଣ ବୁଝ
ଏକ ମହା ଲକ୍ଷ୍ମୀ ମୁଣା ଶୋଭିତ ଦେହେ ।
ବର୍ଷ ଗଣେ ଜଟ କ୍ଳାନ୍ତ,     ବଣଅ ରଜାବ ଦାନ୍ତ
ଖସିଛନ୍ତି ଜିହ୍ୱାରନ୍ତ ଲଡେଇ ଜଳ,
ସାମା ବାଳ ଝାଣ୍ଡରେ     ଦହୁଛନ୍ତି ଜୋଗାନାଲ
ଡାକିଡ଼ିକା, ଧରିବାକୁ ଅପାର ଦଳ

ଉତାଇଲେ ଜୟ ବାନା     ମହାବାହୁ, ମହାମନା
ତେଣୁ ତାଙ୍କୁ ସାଜେ ସେନା ଏବା ସେନାପତି,
ଶ୍ରୀ ତାଙ୍କ ସ୍ତବ କରେ     କ୍ଷେତ୍ରରଙ୍ଗ ଲୀଳା ସ୍ମରେ
ତାଙ୍କୁ ପାଇ ଧନ୍ୟ ହେଲା ଏ ନାକ-ଲୋକ ।
ବନ୍ଧୁ ତପ ଦେବ କରି     ବୈକୁଣ୍ଠ ପୁରେ ହରି
ସ୍ଥୂଳ ଶରୀର ଭାର ହୋଇଛି କ୍ଷୀଣ,
ଆଜିକାଲି ହେଲେ ହେବ     ବେଶୀ ଜଣା, ଟିକେ ଲବେ,
ଓଜନରେ ବେଶୀ ନୁହଁ, ପାଞ୍ଚ ମହଣ ।
ପାଦ ଉଠ କର ଦେଲେ     କେତେ କିଏ ବଟା ଯେଲେ
କୃପାକୁ କାହାକୁ କେତେ କରିବେ ମନା,
ହର ହର ବମ୍ ବମ୍     ଓମ୍ ହର ହର ନମ
ତାଙ୍କ ପାଖେ ବସିଛନ୍ତି କିଏ ସେ ଅନା—
ନନ୍ଦୀଅର କିଡାର ଗୃହ,
ତଳ ତଳ ନାଚେ ଗୋରୀ     ଧନୁଶୀର ମନରେଖା,
ଧରି ଛାଡ଼ି ସ୍ୱର୍ଗେ ପ୍ରଭୁ ପାଇଲେ ସ୍ଥାନ—
ସଙ୍କୀର୍ତ୍ତନ ରସେ ଅମର—
ଅମଲ କର୍ବାମ ହେଲେ     ତାଳବା ପାଇଁ ବ୍ୟାକୁଳେ
ଦେବଲୋକୁ ବେଳେ ବେଳେ ଦାୟନ୍ତ ଡାକରା ।
ତାଙ୍କ ପରେ କେ ବରଜ     ତୁ ଯେ କଇଲାସରାଜ
ସାକ୍ଷାତରେ ଭୋଳାନାଥ, ଧୂର୍ଜଟି, ହର
ପିଙ୍ଗଳ ନୟନ କୋପ     ଯେବେ ଧାଉସର ଗସ,
ଛାଇ ନଦେ ଲାଗିଯାଏ ନୟନ ତଳ ।
ଫାଇଲ୍ ଗୋଭିତ କର,     ଅନ୍ୟ ହାତରେ ତ୍ରିଶୂଳ,
ଚନ୍ଦ୍ରଭାଳ ଜଳେ ଅଛୁ ତୁ କଳ-ଖୁରେ,
"ଉତ୍କଳ"ର କ୍ଷେତ୍ର ତୁଇ     କ୍ଷେତ୍ରପାଳ ଅଟୁ ତୁଇ
ଯୋଗ ସାଧୁ ସତା ମଡ଼ା ଶ୍ମଶାନ ପୁରେ ।
କଂକର ହାସ୍ ଗ୍ରାମଲ     ଚଳେଇ ଓ ଶବାଗାର
ସବୁ ତୋର କ୍ଷେତ୍ର ପ୍ରଭୁ, ଭ୍ରମଣ ଭୂଇଁ,
ଶିକ୍ଷା, ଦୀକ୍ଷା ମହାନନ୍ଦ     ଜପ, ତପ ଯୋଗ ତାଙ୍କ
ଭୋଗେ ଅଛେ, ଏ—ସବୁର ଦେବତା ତୁଇ ।
ଧନ୍ୟ ଧନ୍ୟ ତୁ ଭୂତନାଥ
ତୋ ନାମେ ପଳାଏ ଭୂତ     ଭୟେ ହୋଇ ଗୁଡ଼ମୁଡ଼,
ତ୍ରିଭୁବନ ହା-କର୍ତ୍ତା ତୁହି ହେ ତାତ !!
ତାଙ୍କ ପରେ ଭଗବାନ     ବସିଛନ୍ତି ବାଗ୍‌ଦେବୀ
ଶୁଭ ଲୋକେ ମଗ୍ନ ଭୟେ ଗାଅଣି ଚଣ୍ଡୀ,



Digitized by srujanika@gmail.com

# ଓଗାର

ଯୋଖିତା ଯେତେ ସଭାର    ଟେଡିବାରେ ଯାଇଥିଲେ,
ଧୁରନ୍ଧର, ଢଙ୍ଗି ଛଳ ଗଣ୍ୟାକୁ ଗଣ୍ୟା ।
କଳାକୁ କରିବା ଧଳା    ବ୍ରତ ଏହାଙ୍କର ପରା
ଡାକବାଜ ଯନ୍ତ୍ରମାନ ଥାଏ ସଙ୍ଗରେ,
ସତ୍ୟ ଛଡ଼ା ଅନ୍ୟ କିଛି    ଶୁଣିଲେ କରନ୍ତି ଛି, ଛି,
ସତ୍ୟ-ସମାଗ୍ରହ ଯାନ ରଥ ପ୍ରଗ୍ରହେ ।

ଏଇପରି ଦେବ ଦେବୀ—    ମାନ ଛନ୍ତି ହୋଇ ଉଭା
ତାଙ୍କ ପଛେ ସଭ୍ୟ ଗଣ ବହୁବା କେତେ,
ଏଙ୍କଠୁ ଅନ ଯେ ବଳେ    ରୂପ, ଗୁଣ, ବଳମାରେ
ଜ୍ଞାନ, ବିଦ୍ୟା ଅର୍ଜିଛନ୍ତି ସେମାନେ ଯେତେ—
ତୁଳନା ତାର ବା କାହିଁ    ଅସିଛନ୍ତି ଭୋଟ ପାଇ
ତ୍ରିଭୁବନ ରତ୍ନରାଜ, ଅକର୍ମା-ଶିଳା,
ହରିଙ୍କ ଚରଣ ବାକ    ଅହୋ! କିବା—ଭୋଜବାଜି !
ପଥର ପାଲଟି ଗଲା ପୁଣି ଅହଲ୍ୟା !

ବେଳେ ବେଳେ ବାଜି ପାଇ    ଲାଗିଯାଏ ଠେଲାପେଲା
କିଏ କେତେ ମୋଡ଼ି ପାରେ ଭୃଗୁଙ୍କ ପାଦ,
ସେଇଠି ସକଳ ତୀର୍ଥ    ସବୁ ପୁଣ୍ୟ, ସବୁ ବ୍ରତ
ଅଉ ସବୁ କଥା ପଛେ ହେଉ ପେ ବାଦ ।
ଜଣେ ଜଣେ ବଳେ ପ୍ରତିମା,
ତଥାପି ସେ ଗୃହେ ବୁଲେ    ଭକ୍ତା କିଏ, କଥା ବୋଲେ,
ବେଳେ ବେଳେ ଝାଡ଼ଦିଏ ଏକ ବକ୍ତମା !

ସଭ୍ୟଙ୍କର ଜ୍ଞାନ, ଗୁଣ    ନାଇ ତା ଉଦାହରଣ,
ତଥାପି ନମୁନା ଦେବା ଏଠାରେ ଏକ,
ନ ଘେନିବ ଦୋଷ ଗୁଣ,    ଅହେ ପୂଜ୍ୟ ସଭାଜନ
ରସିକତା ଖାଲି ଯେନ ଶହେର ଲେକ !!
କମ୍ୟୁନିଷ୍ଟ ସାମ୍ୟବାଦୀ    ବିଧର୍ମୀ, ବିରୋଧୀ ଆଦି
ଖୋଜି ତାଙ୍କ ଅଂଧି କଂଧି ଦେବାକୁ ଗାଳି,
ସଭ୍ୟଙ୍କର ବଡ ଗୁଣ,    ଟଉକ୍ ଅଥବା ଜାଣ
ସେଇଥିରୁ ମୂଲ୍ୟ ତାଙ୍କ ବଢ଼ୁଛି କାଳି ।
ଦିନେ ବଜେଟ୍ ବୈଠକ    ଆରମ୍ଭରୁ ସଭ୍ୟ ଏକ
କହିଲେ ଭୋ ସଭାପତି । ପ୍ରସ୍ତାବ ମୋର—
ଆମ୍ଭ ସହରର ରହୁ    ଗୃହସ୍ଥ ପୁଲିସ ଅଉ;
ଭୂତ ପ୍ରେତ ଅସୁରଙ୍କ ଦାଉ ଅକାଳ ।
ଶୁଣିଲି ମୁଁ ରାତି ଅଧେ    ଗୃହମନ୍ତ୍ରୀ ଗଛର ଅଗେ
ବସିଥିଲେ ସେ—ଗଳାରେ ଗୋଟାଏ ଭୂତ,
ଆମ୍ଭ ଗୃହଳ କଳର    ଶମିଶିଳୁ ଛଇତର
କେଉଁଠାରେ ହୋଇବ ଅସି ବାଅନ ହାତ ।

ମୋଦ୍ ମୋର ଗଳୀକର    ମାନ ନଣନ ଦିଅନ୍ତୁ
କନ୍‌ଟ୍ରୋଲ ଅଫିସେ ପରା ସେ ଟାଇଫିଷ୍ଟ,
ଦେଖି ସେଇ ବୁଢ଼ୀଟାକୁ    ଚେଷ୍ଟା କଲେ ସେ ତାକୁ
ହୋଇପାରେ ଧାଡ଼ା ଏକ କମିଉନିଷ୍ଟ ।
ଏକଥା ମହଲା ସଭ୍ୟା    ଶୁଣି ଭାଷଣିଲେ ଦିବ୍ୟ!
ପୁରୁଷଙ୍କ କଥା ଖାଲି ପୁରୁଷ ଜାଣେ,
ନାରୀ ପୁଲିଶୀ କଥା    ଆରେ ନାଇ କାହା ମଥା
ମାଇ ଭୂତେ କେ କରିବ ଜଗତ ଶୁଣେ ।
ମାଙ୍କଡ ମାରୁଚିବା ବେଳ    ପଟ୍‌ଟା ଦିନ ପୁଣି
ଏଇପରି ଅବହେଳା ମାଇପି ପ୍ରତି,
ଦେଖାଇଲ ଭୂତମାନେ    ଭୂତ ମୁଁ ପାରନି ମନେ
ଅଣ୍ଡିସି ମାଙ୍କଡ଼ ମୁଣ୍ଡ ପିଛାରେ ଅଛି—
କମ୍‌ରେ ଦୁଇଟା ଟଙ୍କା    ପୁରସ୍କାର ହେଲା ଲେଖା,
ମାଇ ବାନରୀ ଦଧିଲେ ଯିବ ସେ ଫାଙ୍କା;
ନାରୀ ପୁରୁଷ ମଧ୍ୟରେ    ଭେଦ ରଚ ଅଇନରେ
ନାଶି ଜାତି ପ୍ରତିଶୋଧ ନେବଟି ଏବେ ।

ଏକଥା ଶୁଣି ସତ୍ୱର    ସଭ୍ୟ ବିରୋଧୀ ଦଳର
ଛିଡ଼ା ହୋଇ ମହା-ବାହୁ ଉଠିଲେ କହି—
ସବଣ ଓଡ଼ଅ ଥିଲି    ଏ କଥା ମୁଁ ଥିଲି କହି
ଦୁଇ ବର୍ଷ ଅଗେ ଦିନେ ମନେ କି ନାଇ ?
ତାର ନାଥ, ଅଣନାଥ    ଅସୁର, ଭୂତଙ୍କ ଜାତ
ଏ—ଦେଶରେ ଥିବା କସ ବଣଜ ଆରେ
ମୋ କଥାକୁ ମିଛ ବୋଲି    ହସିଥିଲ ସର୍ବେ ମିଳି
ହୋମୋପାଥି ସମ୍ମିଳନୀ ମଣ୍ଡପ ତଳେ !!
ସଙ୍ଗେ ସଙ୍ଗେ କରତାଳି    ବାଜିଲା ଅଣନା ବଳି
ହୋବଗଲା ବଜେଟ୍‌ରେ ସେଦିନ ଲୀଳା—
ପୁଲିଶୀ ଶାସନ ପାଇ    ଟଙ୍କା ଲୋଡ଼େ, ବେଶୀ କାହିଁ,
କାଗଜପତ୍ର ନାଉ ତକେ ବଗାଲ ଶିଂଚା !!

ଏଇପରି ସ୍ୱର୍ଗ ଦେଶେ    ଦେବ ସଭା ନିତି ବସେ
ଦେଖାଏ ସେଠି ବସି ମଣିଷ ଭାଗ୍ୟ
ଛଅନ୍ତି କଳକ୍ଷାତେ    ଲାଗିଦିଅନ୍ତି ପୁଣି କେତେ
ସେମାନେ ଯେ ନିୟୋଗ କର୍ତ୍ତା ମହିଷ ଯୋଗ୍ୟ ।
ଏଇପରି ଗୋଟିଏ କଥା—
ଷାଠିଏ ମୁହୂର୍ତ୍ତରେ ଶୁଣେ    କରଦାତା ଏଣେ ଭାବେ
ଶୁଣା ହେଲା ଗୁହାର ତା ପ୍ରାଣ କାରିତା ।



Digitized by srujanika@gmail.com



ମନୁଷ୍ୟର ମନ କୌଣସି କାରଣରୁ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲେ-ତାଁର ହୃଦୟରେ ଭଲ ପାଇବାର ଡେଉ ଉଠେ। ସେ ସେତେବେଳେ ପ୍ରକାଶ କରିବାକୁ ଖୋଜି ବୁଲେ ଆଶ୍ରୟ—କବିତାରେ—କି ଏଗୀତରେ—କିଏ ଛବିରେ ଏପରି କି କାଠ, ପଥର, ଲୁଗା-ଟିକି ଏପରି ଛୋଟ ଛୋଟ ଘର କରେ। ଜୀବନ ମଧ୍ୟ ବାଦ ପଡ଼େନାହିଁ—ସବୁଠି କଳାସୃଷ୍ଟି କରି ସେ ସବୁଦିନ ନୂଆ ନୂଆ ପ୍ରେରଣା ପାଏ। ଏଇ ସୃଷ୍ଟି କରିବା ପଦ୍ଧତିକୁ କଳା କହିଲେ ଅତ୍ୟୁକ୍ତି ହେବନି।

ଭଲପାଇବାର ସୂକ୍ଷ୍ମ ସୋପାନ ବୃତ୍ତିକୁ ଆଧାର କରି ଆଦିମ ଯୁଗରୁ କଳାବୋଧ ପ୍ରଚଳିତ ହୋଇ ଆସିଛି। ଏହା ଆମର ଦୈନନ୍ଦିନ ଜୀବନର ଖାଇବା, ପିଇବା ପରି। ମନେ ହୁଏ ଭଲ ପାଇବାର ଅନୁଭୂତି ଟିକକ ଯଦି ନ ଥାନ୍ତା ତେବେ ଏ ଦୁନିଆ କଣ ଏମିତି ବିଚିତ୍ର ରଙ୍ଗରେ ଦେଖା ଯାଆନ୍ତା।

## କଳା ଓ ଜୀବନ

କୌଣସି ଦୂର ପାହାଡ଼ ଶିଖରକୁ ବୁଲି ଗଲେ—ସୁନେଲି ଖରା, ଦୂର ନୀଳ ପାହାଡ଼ର ଢ଼ୁଂଚ ଢ଼ୁଂଚିଆ ଢ଼ଙ୍ଗ, ଘଞ୍ଚ ଜଙ୍ଗଲ, ଶାଗ ପଟାଳି ପରି ଧାନ କିଆରି, ସାପେଇ ସାପେଇ ଯାଇଛି ନଈ ସଡ଼କ—ଅନେକ ଦୂରରେ କୋଉଟି ରୁପା ଥାଳିଆ ପରି ପୋଖରୀ ଟିଏ ଝକ୍ ଝକ୍ କରୁଛି—ଗାଁ ଗୁଡ଼ିକ ଧୂଳିଖେଳର ଘର ପରି କି ସୁନ୍ଦର।—କି ସୁନ୍ଦର ଏ ଦୃଶ୍ୟ!।

ହୁଏତ ଆପଣଙ୍କ ସୌନ୍ଦର୍ଯ୍ୟ ଅନୁଭୂତି ବୋଲାନ୍ତୁ—ବା ସେବୋଧ ଅଧିକ ବୋଲନ୍ତୁ-ହଠାତ୍ ଅନନ୍ଦରେ ନାଚି ଉଠିଲେ—ବା ଅଶ୍ରୁନ୍ତର ନିଶ୍ୱାସ ବାରମ୍ବାର ଛାଡ଼ି କହିଲେ—କି ସୁନ୍ଦର! କି ଶାନ୍ତ!! କେମେରାଟା ବାହାର କରି ଫଟୋ ନେଲେ—ଘରକୁ ଆସି ଧୋଇ ଶୁଖାଇ ଦେଖିଲେ ଏହା ସେ ନୈସର୍ଗିକ ଦୃଶ୍ୟର ଛାୟା ମାତ୍ର—କମ୍ପା ଲେଖି ଗଲେ ଅନେକ କଷ୍ଟ—ତଥାପି ମନକୁ ପାଇଲନି। ସୃଷ୍ଟି ହେଲନି। ଆଖି ଆଗରେ ସେଇ ଦୃଶ୍ୟ ଯେତେ-ବେଳେ ନାଚେ, ଠିକ୍ ଏ ସବୁ ଲେଖା ବା ଫଟୋ ଭଲ ଲାଗେ ନା—ତେଣୁ ଅନ୍ତରର ଯୋଗାଯୋଗ କଳାକାର ଠାରେ ସଂଗଠିତ ନହେଲେ, ସେ ଅଦୌ ସୃଷ୍ଟି କରିବାକୁ ସକ୍ଷମ ହୁଏ ନାହିଁ—ଭଲ ପାଇବାର ଟିକିଏ ଉଣା ହେଲେ ତାର ହାତ ଅଟକି ଯିବ—ତା ଆଖି ଆଗରେ ବାସ୍ତବ ଦୁନିଆଟା ହୁ ହୁ ହୋଇ ଜଳି ଉଠିବ। ଗୋଟିଏ ଦୀପରୁ ସହସ୍ର ଦୀପ ଜଳିବାର ପ୍ରେରଣା କମି ଯିବ—ମନୁଷ୍ୟ ଉଡ଼ି ପାଳିହି ଯିବ।

ମନୁଷ୍ୟ କହିଲେ ଯୁଳାଏ ମାଂସ ବା ହାଡ଼ ପଞ୍ଜରକୁ ବୁଝାଏ ନାହିଁ—ମଣିଷ କହିଲେ ଏହି ହାଡ଼ ମାଂସ ଭିତରେ ଯେଉଁ ଚେତନା ଅଛି ତାକୁ ବୁଝାଏ। ଏ ଚେତନା-ଶୀଳ ମନୁଷ୍ୟର ଅନୁଭବ କରିବାର ଶକ୍ତି ବେଶି ଥାଏ। ବାସ୍ତବ ଦୁନିଆର ଜୀବନ ସଂଗ୍ରା-ମରେ ଅହରହ ସବୁ ଛୋଟ ବଡ଼ ଘଟଣାକୁ ସେ ଯେପରି ଅନୁଭବ କରେ, ତାକୁ ଲିପିବଦ୍ଧ କରେ—ଛବି ଅଂକି ରଙ୍ଗ ଦିଏ—ସ୍ୱର ଝଙ୍କାର କରି ମନକୁ ଭସାଇ ଦିଏ, ଠିକ୍ ଯେମିତି ବୀଣାର ଗୋଟିଏ ତାରକୁ ଝଙ୍କୃତ କଲେ ଅନ୍ୟଟି ଆପେ ଆପେ ସମ ବେଦନାରେ କମ୍ପା ସହାନୁଭୂତିରେ କମ୍ପି ଉଠେ।

ଏଇଠି ମାନବିକତା ଫୁଟେ। ଯେଉଁ ସମାଜରେ କଳା ବୋଧ ହେଉ ହେଉ ବା ଅନ୍ୟ କୌଣସି ଅନୁଭୂତି ହେଉ ହେଉ ମନୁଷ୍ୟ ଦେବତ୍ୱ ଆଡ଼କୁ ଗତି କରେ ସେଇଠି ସେ ନୂଆ ନୂଆ ପ୍ରେରଣାରେ ନୂଆ ନୂଆ ଭାଷାରେ ନୂଆ ନୂଆ ରଙ୍ଗରେ ଜଗତକୁ ଚମତ୍କୃତ କରିଦିଏ। ଜଗତର ମଥା ତାର ମାନବିକତା ଆଗରେ ନଇଁ ପଡ଼େ।

କଳା ସଭ୍ୟତାର ମାପ କାଠି। କେଉଁ ଦେଶ କେତେ ସଭ୍ୟ ତା ଦୁନିଆ ଆଗରେ ଉପସ୍ଥାପିତ କରିବାହିଁ ଏହାର କାମ। ହଜାର ହଜାର ବର୍ଷ ତଳେ ଭାରତର ସଭ୍ୟତା ଆମେ ଏଇ କଳା ସାହାଯ୍ୟରେ ଆଜି ମାପି ପାରୁଛୁ।

ଆମ ଦେଶର ସଭ୍ୟତା ଓ ସଂସ୍କୃତିକୁ ବର୍ତ୍ତମାନ ମାପ କଲେ ଆମେ ଏ ଦିଗରେ କେତେ ଦୂର ଆଗେଇଛେ ତା ବେଶ ଜାଣି ପାରିବା—କୋଣାର୍କ ଓ ଭୁବନେଶ୍ୱର ଯୁଗକୁ ଛାଡ଼ିଦେଲେ ଓଡ଼ିଶାରେ ଆଜିକାଲି କଳା-ବୋଧ କୋଉଠି—କେତେ ପରିମାଣରେ ଅଛି? ଲୋକଙ୍କର ରୁଚି କୋଉଠି ତା ଟିକିଏ ତଳେଇ କରି ଚିନ୍ତା କଲେ ବେଶ୍ ଅନୁମାନ କରିହେବ। କାରଣ ଦେଢ଼ଶ ବର୍ଷ ଇଂରେଜ ଶାସନର ପ୍ରଭାବ ଯାଇନି—ପର ଉପରେ ନିର୍ଭର କରିବା ବା ବଜାରକୁ ସବୁବେଳେ ଚାହିଁ ରହିବାରେହିଁ ସମାଜ ତିଷ୍ଠିଛି। ଏଇ ଦାସ ମନୋବୃତ୍ତିର ଉତ୍କଟତା ସମାଜରେ ବା ମନୁଷ୍ୟର ମନରେ କଳାନିଷ୍ଠା ପ୍ରତି ଶ୍ରଦ୍ଧା ହୋଇ ପାରୁନି।

ଆଜି ଆମ ଘରେ ଦୁଆରେ—ଗାଁରେ—ଗାଁ ବାହାରେ ନୂଆ କଥା କଣ ଦେଖୁଛେ—ସେଇ ହଙ୍ଗା ଗୃହ କୋଣିଆ ଘର—ଟେବୁଲ

ଲେଖକ—ଶ୍ରୀ ଜଗନ୍ନାଥ ଦାସ

ଚେୟାର—କୋଠା ଥାଳି ବାଟି ଇତ୍ୟାଦି ଇତ୍ୟାଦି—ଲୁଗା ପଟା ମଧ୍ୟ ସହଜିଆ—ସହଜିଆ ସ୍ୱପ୍ନରେ ବୁଡ଼ି ଯେତେ ଅସହଜିଆ ଅସଜିଲିଆ ଘର କରୁଛେ, ସମାଜ ଗଢ଼ୁଛେ—ଫଳରେ ଶାନ୍ତି ମିଳୁନି। ମନ ଏକ ପରିବର୍ତ୍ତନ ପାଇଁ ବ୍ୟସ୍ତ। ସେଇଥି ପାଇଁ ଓଡ଼ିଶାର ପୁରାତନ ସଭ୍ୟତାରେ ରସ ବୋଧ ଅଧିକ ଥିଲା ଯାହାର ପ୍ରେରଣା ପାଇ କୋଣାର୍କ—ଭୁବନେଶ୍ୱର ମୁଣ୍ଡ ଟେକି ସୂକ୍ଷ୍ମ ଶିଳ୍ପ କଳାର ମୁକୁଟ ଝଲକୁଛି। ଅବଶ୍ୟ ସେତେବେଳେ ସାଧକ ମାନଙ୍କ ପାଇଁ ରାଜକୋଷ ଖୋଲା ରହୁ ଥିଲା—ଶିକ୍ଷା ପଦ୍ଧତିରେ ଆଜିକାଲି ପରି ପ୍ରହସନ ଥିଲା ନାହିଁ। ହଜାର ହଜାର କିରାଣୀ ଗଢ଼ିବା ପାଇଁ ସ୍କୁଲ କଲେଜ ନ ବସାଇ ଓଡ଼ିଶା ସଭ୍ୟତା ଓ ସଂସ୍କୃତିର ଦୁନିଆ ମଜଭୁତ କରିବା ପାଇଁ ଶିକ୍ଷା ପଦ୍ଧତି ସାହାଯ୍ୟ କରୁଥିଲା। ତା ନହେଲେ ଓଡ଼ିଶାର



Digitized by srujanika@gmail.com

ସେହିଅଡ଼େ କପଟ କଳା ଏତେ ପ୍ରଚାର ଲାଭ କରି ପାରନ୍ତା ।

ଆଜି ବ୍ୟକ୍ତିତ୍ୱର ପୂଜା ନାହିଁ—ସାଧନାର ପୂଜା ନାହିଁ—ଯେ ସାଧକ ଯେ ନିଜର ନିସ୍ୱାର୍ଥ ବ୍ୟକ୍ତିତ୍ୱର ପ୍ରଭାବରେ ଅନ୍ୟକୁ ପ୍ରଭାବିତ କରି ପାରିବ ଓ ସମାଜକୁ ପ୍ରଭାବିତ କରି ପାରିବ ସେ ପଛରେ ପଡ଼ିଛି । ସେ ରାଜନୀତି ନାହିଁ—ଜୀବନର କୌଣସି ପ୍ରଧାନ ସମସ୍ୟାକୁ ନେଇ ଗୁଳିବନ୍ଧ ଖେଳିବା ଆଜି ଧର୍ମ । କଥା ଓ କାମ କେହି କାହାରି ସଙ୍ଗେ ଖାପ ଖାଉନି । ମନୁଷ୍ୟର ଦୈନନ୍ଦିନ ଜୀବନକୁ ରାଜନୈତିକ ଓ ଅର୍ଥନୈତିକ ପ୍ରଶ୍ନ ଅଧିକ ଜଟିଳ କରି ଦେଉଛି । ବେଶୀ ମଜାର କଥା—ଆମେ କାନ୍ଦୁଥାଉ ଓ ବାନ୍ଧୁଥାଉଁ ।

ଯେଉଁମାନେ ଗାଁରେ—ସେମାନେ ବାହାର ଦୁନିଆଠୁଁ ଅଲଗା ଭାବେ ନିଜର ଘର ପରିବାର, ଖୁବ ବେଶୀ ଗାଁ ଭିତରେ ଅବଦ୍ଧ । ଯେଉଁମାନେ ସହରରେ ସେମାନେ ଗ୍ରାମବାସୀମାନଙ୍କଠୁ ଅନେକ ଦୂରରେ—ସବୁବେଳେ ଲାଭ କ୍ଷତି ପ୍ରଶ୍ନରେ ବ୍ୟସ୍ତ । ଗ୍ରାମରେ କେଲେ ଗାଉଁଲି ଜୀବନର ସରଳ ଛବି ରଙ୍ଗ-ରସ ଟିକିଏ ମିଳେ କିନ୍ତୁ ସହରରେ କଳା କହିଲେ ଫେସନର କଳା କିମ୍ବା ଅଳଙ୍କାରର କଳାକୁ ବୁଝିବେ ।

ସହରିଆ ଲୋକଙ୍କ ମନୋବୃତ୍ତି ଓ ଚିନ୍ତାଧାରା ଏପରି ହାଲୁକା ଓ ବୈଷୟିକତାରେ ପୂର୍ଣ୍ଣ ଯେ ସେ କୌଣସି ଜିନିଷକୁ କଳା ଦୃଷ୍ଟିରୁ ବା ସାଧନା ଦୃଷ୍ଟିରୁ ବିଚାର କରେ ନା । ମନଟିରେ ଖୁସି ହେବାର ପ୍ରବୃତ୍ତି ଟିକିଏ ମଧ୍ୟ ନାହିଁ । ବିଦେଶୀ ସରକାର ଏହି ଦେଡ଼ଶ ବର୍ଷ ଭିତରେ ଯେଉଁ କଳାଚାର ଗଢ଼ି ଯାଇଛି ସମ୍ପ୍ରେ ଗୃହକୁ ଗୃହକରେ ଉଠ-ବସ । ମଣିରେ ଶାସନ ଏ ନଡ଼ିବା ତାଙ୍କ ପକ୍ଷରେ ହୋଇ ପାରିବନି ।

ଅନେକ ଉଚ୍ଚ ଶିକ୍ଷିତ ବନ୍ଧୁଙ୍କ ଘରକୁ ଯାଇଛି—ପାଇଛି ଗ୍ଲାସ-ସିଗାରେଟ୍ । ବନ୍ଧୁତ୍ୱ ଏହି ଗ୍ଲାସ ସିଗାରେଟ ଭିତରେ ସୀମାବଦ୍ଧ । ବ୍ୟବହାରରେ ଆତ୍ମୀୟତା ଗ୍ରାମବାସୀମାନଙ୍କଠାରୁ ଅନେକ କମ୍—ହୋଇଥିଲେ ବି । ଆଧୁନିକତାର ମୋହରେ ପଡ଼ି ପୁରାତନ ସଭ୍ୟତା ସଂସ୍କୃତି ପ୍ରତି ଏମାନେ ଉଦାସୀନ ।

ଯେଉଁମାନେ ଶାସକର ଆସନରେ ବସିଛନ୍ତି ସେମାନଙ୍କର ରୁଚି ମଧ୍ୟ ଏହିପରି । ନା ଭାରତୀୟ-ନା ପାଶ୍ଚାତ୍ୟ-ସଭ୍ୟତା ମଝି ମଝିକା ଏକ ଅଦ୍ଭୁତ ସଭ୍ୟତା କଦଳୀ ପତର ଓ କଣ୍ଟା ଚାମୁଚ ସମ୍ମିଶ୍ରଣରେ ବଞ୍ଚିଛନ୍ତି । ରସ ବୋଧ ଖୁବ୍ କମ୍ । ବେଶି ମଜାର କଥା ବିଦେଶୀ ସରକାର ବେଳେ ଯେଉଁମାନେ ବିଦେଶୀ ବିଦେଶୀ ବୋଲି ଚିତ୍କାର କରୁଥିଲେ ସେମାନେ ବିଦେଶୀ ସଜୁଛନ୍ତି ଓ ସ୍ୱଦେଶୀ ଜିନିଷକୁ ନିମ୍ନଶ୍ରେଣୀ—ଶିଳ୍ପୀ ବା ଶିଳ୍ପକୁ ବୁଝିବା ଭଳି ଦେଖି ହୋଇ ପାରୁନି । ଶିଳ୍ପୀକୁ ମିସ୍ତ୍ରୀ ଆଖ୍ୟା ଦେଇ କାରିଗର ବୋଲି ସମ୍ବୋଧନ କରି ମୂଲ କଷୁଛନ୍ତି ।

ଶିକ୍ଷିତ ସମାଜ, ବିଶେଷ କରି କଲେଜର ପାଠୁଆ ବାବୁମାନେ ଏ ଦୃଷ୍ଟିକୁ ପରିବର୍ତ୍ତନ କରି ନିଜ ଘରର ସଭ୍ୟତା ସଂସ୍କୃତିକୁ ପୁନରୁଦ୍ଧାର ନ କରିବେ ତ ଆଉ କରିବ କିଏ ? କେତେ ଦିନ ଆଉ ବେଶ୍ୟାର ରୂପ ବର୍ଣ୍ଣନା କରି ବା ରେଡିଓ ନାଟକରେ କାନଦେଇ ନିଜର କଳା ବୋଧ ମେଣ୍ଟାଇବା । ଆମ ଘରଟିକୁ—ଘରର ଅଧିବାସୀଙ୍କୁ—ନିଜର ମା, ଭଉଣୀ, ସ୍ତ୍ରୀକୁ ଯଦି କଳା ରସ ସଙ୍ଗେ ପରିଚିତ ନ କରାଇବା ତେବେ କଳା ବଞ୍ଚିବ କିମିତି ? ବିଶେଷକରି ଓଡ଼ିଶା ପକ୍ଷେ ଏହା ଅତି ଯନ୍ତ୍ରଣା ଦାୟକ ।

ହଁ—ଆପଣ କହିବେ ଆମେ ଗରିବ-ଏ ସବୁ ବଡ଼ ଲୋକଙ୍କୁ ଶୋଭା ପାଏ—କିନ୍ତୁ ଭଲ ଖାଇବାରେ ବଡ଼ ଲୋକ ଗରିବ ଲୋକର ସ୍ଥାନ କେଉଁଠି ?—ହସିବ ତ ହସିବ-ବଡ଼ଲୋକ ମାନେ ଯେ କେବଳ ହସିବେ ଓ ଦୁନିଆର ସବୁ ଆନନ୍ଦ ନେବେ-ଆଉ ଗରିବ ତାର ଦରିଦ୍ରତା ଯୋଗୁଁ ହସି ବି ନ-ଆନନ୍ଦ ପାଇବ ନି ଏହାର କିଛି ମାନେ ଅଛି ? ଗରିବର ମନ ଆନନ୍ଦରେ ଅଧିକ ପ୍ରସାରିତ ହେବ—ବିପ୍ଳବ ଶୀଘ୍ର ତିଆରି ହୋଇଯିବ । ତେଣୁ ଚେତନା ଆଣି ପାରିଲେ ଗରିବର ମନକୁ ସରସ କରି ପାରିଲେ ଗଣତନ୍ତ୍ର ତାର ଗରିବ ପଣିଆକୁ ବରଦାସ୍ତ କରି ପାରିବ ନି । ବରଂ ନିଜର ହକ ଦାବି କରିବ । ତା ନ କଲେ ସ୍ୱାଧୀନତାର ଦୁରବସ୍ଥା ପାଇଁ ମାଇଲ ଖୁଣ୍ଟି ପାଖରେ କାନ୍ଦି ଲାଭ କଣ ?



ନିଦାଘିନ

ଶିଳ୍ପୀ—

ଅର୍ଘ୍ୟ ନନ୍ଦକୁଳ

Digitized by srujanika@gmail.com



# ରାଧାନାଥଙ୍କ ତୁଳସୀ ସ୍ତବକ ଓ ତୁଳସୀ ଦାସ

ଲେଖକ—ଶ୍ରୀ ବିନୋଦ ନାୟକ ଏମ୍. ଏ

(ପୂର୍ବ ପ୍ରକାଶିତ ପରେ)

ଉପକ୍ରମ

ରାଧାନାଥ ଗ୍ରନ୍ଥାବଳୀରେ ତୁଳସୀ ସ୍ତବକ ଦୁଇଟି ପର୍ବରେ ବିଭକ୍ତ—ବର୍ଷା ଓ ଶରତ । ଏହି ଦୁଇଟି ପର୍ବ ଗ୍ରନ୍ଥାବଳୀରେ ପ୍ରକାଶିତ ହେବା ପୂର୍ବରୁ ମ୍ୟାକ୍ ମିଲନ୍ ଏଣ୍ଡ କୋ: ଲିମିଟେଡ୍ କଲିକତାଙ୍କ ଦ୍ୱାରା ମିଶନ ପ୍ରେସ କଟକରେ ପ୍ରକାଶିତ ଚତୁର୍ଥ ପାଠରେ ବର୍ଷା ଓ ଶରତ୍ ନାମକ କବିତା ଶିରୋନାମାରେ ୧୬ ଓ ୧୩ ପୃଷ୍ଠାରେ ଯଥାକ୍ରମେ ପ୍ରକାଶିତ ହୋଇଥିଲା । ଏହାପରେ ତା ୨୭ । ୭ । ୧୮୯୪ ଖ୍ରୀଷ୍ଟାବ୍ଦରେ ଏହା ପୁସ୍ତକାକାରରେ ପ୍ରକାଶିତ ହେଲା, ତୁଳସୀ ସ୍ତବକ ଶିରୋନାମାରେ ।

ପ୍ରଥମ ଥର ପାଠକଲା ସମୟରେ ପାଠକ ମନରେ ସଂଶୟ ଜାତହୁଏ ତୁଳସୀ ସ୍ତବକର ସଂଜ୍ଞା ନେଇ । ରାଧାନାଥ ପ୍ରଥମଥର ପୁସ୍ତକାକାରରେ ପ୍ରକାଶିତ ତୁଳସୀ ସ୍ତବକର ଉତ୍ସର୍ଗ ପତ୍ରରେ ଏ ସମସ୍ୟାର ସମାଧାନ କରିବାକୁ ସଚେଷ୍ଟ ହୋଇଛନ୍ତି । "ନିଖିଳ ଗୁଣ ନିଦାନ ଅଷ୍ଟମଲ୍ଲିକାଧୀଶ୍ୱର ଶ୍ରୀଲ ଶ୍ରୀଯୁକ୍ତ ମହାରାଜା ମହେନ୍ଦ୍ର ଦେଓ ବାହାଦୁରଙ୍କ ସୁବିନୟ ନିବେ-ନିବେଦିତ ମିଦଂ ।" ଭଣାଇ ରାଧାନାଥ କହିଛନ୍ତି "ବାଗ୍ ଦେବୀଙ୍କ ଉଦ୍ୟାନରୁ ସୁନ୍ଦର ପୁଷ୍ପ ତୋଳି ସେହି ପୁଷ୍ପରେ ସ୍ତବକ ପ୍ରସ୍ତୁତ କରି ଉପହାର ଦେଲେ ତାହା ଶ୍ରୀ ଛାମୁଙ୍କ ଗୌରବାନ୍ୱିତ ନାମର କଥଂଚିତ୍ ଉପଯୁକ୍ତ ହୁଅନ୍ତା, ମାତ୍ର ମୋହର ସେପରି ସୁବିଧା ନଥିବାରୁ (ଅଗତ୍ୟା ଏହି ଉତ୍ସର୍ଗ ପତ୍ରରେ ରାଧାନାଥ ପ୍ରକାଶ କରିଛନ୍ତି ଯେ ଶାରୀରିକ ଦାରୁଣ ପୀଡା ହେତୁ ମନ ଯାହା ସଂପୂର୍ଣ୍ଣ ହୋଇ ନଥିବାରୁ ତାହା ଉତ୍ସର୍ଗ କରି ପାରି ନାହାନ୍ତି । ଏଣୁ—) ରୂପ ସଂପର୍କ ରହିତ କେତେ ଗୁଡ଼ିଏ ତୁଳସୀ ଦଳରେ ଏହି ସ୍ତବକ ପ୍ରସ୍ତୁତକରି ଶ୍ରୀ ଛାମୁରେ ଅର୍ପଣ କରିବାକୁ ସାହାସୀ ହେଲି । ଗୁଣଗ୍ରାହୀ ଅନୁମତି ହେଲେ ଚରିତାର୍ଥ ହେବି । କଟକ ୨୭ । ୭ । ୯୪ ଶ୍ରୀ ଛାମୁଙ୍କ ବିନୟାବନତ ରାଧାନାଥସ୍ୟ ।"

ଅଷ୍ଟମଲ୍ଲୀକାଧୀଶ୍ୱର ଯଦି ଜାଣି ଥାନ୍ତେ ଯେ ବିନୟାବନତ ରାଧାନାଥ ରାୟଙ୍କ "ରୂପ ସଂପର୍କ ରହିତ କେତେ ଗୁଡ଼ିଏ ତୁଳସୀ ଦଳ" ରୂପ ସଂପର୍କ ରହିତ ତୁଳସୀ ଦାସଙ୍କ ରାମାୟଣ ସ୍ତବକରୁ ଅପହୃତ ଓ ବାକ୍ ଦେବୀଙ୍କ ଉଦ୍ୟାନ ହିନ୍ଦୀ ସାହିତ୍ୟ; ତାହାହେଲେ କବିବରଙ୍କୁ ପୁରସ୍କୃତ ନକରି ତିରସ୍କୃତ ଓ ରାଜଦରବାରରୁ ବହିଷ୍କୃତ କରିଥାନ୍ତେ ।

ତୁଳସୀ ସ୍ତବକ ଯେ ତୁଳସୀ ଦାସଙ୍କ ଠାରୁ ଅପହୃତ ନୁହେଁ ଏହା ରାଧାନାଥ "ରୂପ ସଂପର୍କ ରହିତ ତୁଳସୀ ଦଳ" ରୂପେ ବାଖ୍ୟାନ କରି ବିନୟ ଛଳନା ପୂର୍ବକ ନିଜତ୍ୱ ପ୍ରତିପାଦନ କରିଅଛନ୍ତି; ଏବଂ କୌଣସି ଠାରେ ତୁଳସୀ ଦାସଙ୍କଠାରୁ ଗୃହୀତ ବୋଲି ମଧ୍ୟ ସ୍ୱୀକାର କରି ନାହାନ୍ତି ।

ବସ୍ତୁତଃ ତୁଳସୀ ସ୍ତବକ ଏପରି ଭାବରେ ତୁଳସୀ ଦାସଙ୍କ ହିନ୍ଦୀ ରାମାୟଣରୁ ଗୃହୀତ ଏପରି ଭାବରେ ସ୍ୱାଧୀନ ଭାବଭଙ୍ଗୀ, ପଦ୍ ବ୍ୟଞ୍ଜନା, ସ୍ୱରଚନା ଲାଗି ଯେ ରାଧାନାଥ ଅନୁବାଦ ବା ଅନୁକରଣ କରିଛନ୍ତି ଏ ବିଷୟ ପ୍ରତିପାଦନ କରିବାକୁ ଗଲେ ଲେଖନୀ ବିଦ୍ରୋହ ଘୋଷଣା କରେ ।

ଏହି ପ୍ରବନ୍ଧ ପାଠକରି ରାଧାନାଥଙ୍କ ସ୍ତାବକ ଗଣ ଲେଖକକୁ ଅର୍ବାଚୀନ ମନେ କରି ପାରନ୍ତି । ଲେଖକ ସେମାନଙ୍କ ସମ୍ମୁଖରେ ନିଜର ଅର୍ଜି ପେଶ୍ କରୁଛି ।

**ବର୍ଷା—**

ତୁଳସୀଦାସଙ୍କ ତୁଳସୀ ରାମାୟଣର [ମେସର୍ସ ଖେମ୍‌ରାଜ୍ ଶ୍ରୀ କିଷ୍ଣଦାସ ଭେଙ୍କଟେଶ୍ୱର ବୋମ୍ବେ ପ୍ରକାଶିତ ସଟୀକ ସଂସ୍କରଣ ଦ୍ରଷ୍ଟବ୍ୟ ] କିଷ୍କିନ୍ଧା କାଣ୍ଡ ତୃତୀୟ ବିଶ୍ରାମରେ ହୋଇଛି ।

*(ରାମ୍‌ଜୀ ଲକ୍ଷ୍ମଣ୍ ସେ ପ୍ରବର୍ଷଣ ପର୍ବତ୍ ପର୍ ବର୍ଷା ଔର୍ ଶରଦ୍ ଋତୁକା ବର୍ଣ୍ଣନା କର୍‌ନା )

ଲେଖା ହୋହା—

ପ୍ରଥମ ତୃତୀୟ ବିଶ୍ରାମ ମେ
ରାମ ପ୍ରବର୍ଷଣ ବାସ
ଚହୁଁ ଦିଶି ହେନା ଆଗମନ
ବମ ରେଷ କପିନାମ

ଏହାପରେ ମୂଳପାଠ:—

କହତ ଅନୁଜସେ ସନ ଅନେକା ।
ଭକ୍ତି ବିରତି ନୃପନୀତି ବିବେକା
ବର୍ଷାକାଲ ମେଘ ନଭ ଛାୟେ,
ଗର୍ଜନ ଲାଗତ ପରମ ସୁହାୟେ ।

ରାଧାନାଥ 'ପ୍ରବର୍ଷଣ ପର୍ବତ'କୁ ପ୍ରସ୍ରବଣ ରୂପେ ରୂପାନ୍ତରିତ କରି ଆରମ୍ଭ କଲେ

ପ୍ରସ୍ରବଣ ଶଇଳେ ଜଲ ବରଷତ
ସୌମିତ୍ରୀ ସଙ୍ଗେ ପ୍ରଭୁ ରାଘବପତି ;
\+ × —
ମେଘ ମାଳେ ମେଦୁର ଦେଖି ବିତାନ
କହନ୍ତି ଲକ୍ଷ୍ମଣକୁ ଶ୍ରୀ ରଘୁରାଣ,

ତୁଳସୀଦାସ ଲେଖିଲେ:—

ଲକ୍ଷ୍ମଣ ଦେଖହୁଁ ମୋର ଗଣ
ନାଚତ ବାରିଦ ପେଖି
ଗୃହି ବିରତି ରତି ହର୍ଷ ଜସ
ବିଷ୍ଣୁ ଭକ୍ତ ହର୍ଷ ଦେଖି ।

ରାଧାନାଥ ଲେଖିଲେ ;-

ଲକ୍ଷ୍ମଣ ଘନ ଦେଖି ନାଚନ୍ତି କେକୀ
ଭକତ ଯଥା ହରି ମାୟା ଉପେକ୍ଷି ;

ତୁଳସୀ ଦାସ ଲେଖିଲେ -

ଦାମିନି ଦମକ ରହତ ଘନ ମାହି
ଖଲକୀ ପ୍ରୀତି ଯଥା ଥିର ନାହିଁ

ରାଧାନାଥ ଲେଖିଲେ :-

ନୀଳ ନୀରଦ ମାଳେ ଖେଳେ ଚପଳା
ଖଳ ପିରତି ପ୍ରାୟେ ସଦା ଚଞ୍ଚଳା

ତୁଳସୀ ଦାସ :-

ବର୍ଷହି ଜଳଦ ଭୂମି ନିୟରାୟେ
ଯଥା ନବହିଁ ବୁଧ ବିଦ୍ୟା ପାୟେ ।

ରାଧାନାଥ :-

ବର୍ଷନ୍ତି ମହୀ ମୁଖେ ନଇଁ ଅମ୍ବୁଦେ
ବିଦ୍ୟା ସମ୍ପଦେ ଯଥା ନମନ୍ତି ବୁଧେ !



Digitized by srujanika@gmail.com

ଏହାପର ୫, ୬, ଏବଂ ୭ ପଦ ରାଧାନାଥଙ୍କ ନିଜସ୍ୱ ( ବେଦ ବୋଧିତ ... ଠାରୁ ଧର୍ମ ଶାସନେ ହୁହୁଁ ବଦ୍ଧ ପଦ ପର୍ଯ୍ୟନ୍ତ )
ପୁନଶ୍ଚ,

ବୁଁଦ ଅଘାତ ସହେଁ ଗିର କୈସେ
ଖଲକେ ବଚନ ସହେଁ ସନ୍ତ ଜୈସେ ।
[ ତୁଳସୀ ଦାସ ]

ସହନ୍ତ ଧାରାପାତ ଶୈଳ ଗଣ
ଖଳ ବଚନ ଯଥା ସହେ ସୁଜନ ।
[ ରାଧାନାଥ ]

ଏଥିର ତଳ ଦୁଇ ପାଦ ରାଧାନାଥଙ୍କ ନିଜସ୍ୱ ।

କ୍ଷୁଦ୍ର ନଦୀ ଭରି ଚଲି ଉତରାଇ
ଜିମି ଥୋରେ ଧନ ଖଲ ବୋରାଇ
[ ତୁଳସୀ ଦାସ ]

ଚଳନ୍ତି କୂଳ ଲଙ୍ଘି ଗିରି ସରିତେ
ମତ୍ତ ପାମର ଯଥା ଅଳପ ବିତ୍ତେ ।
[ ରାଧାନାଥ ]

ତଳ ଦୁଇପାଦ ରାଧାନାଥଙ୍କ ନିଜସ୍ୱ ।

ଭୂମି ପରତ ଭା ଢାବର ପାନି
ଜିମି ଜୀବହି ମାୟା ଲପଟାନି ।
[ତୁଳସୀ ଦାସ]

ଅମଳ ନବଜଳ ପରଶି ମହୀ
ମାୟାରେ ଯଥା ଜୀବ ଜଡ଼ ହୁଅଇ
[ରାଧାନାଥ]

ରାଧାନାଥ ଯେ ତୁଳସୀ ଦାସଙ୍କୁ ଅନୁବାଦ କରିଛନ୍ତି ଏ କଥା କହିବା ବାଟ ନାହିଁ । ସ୍ଥଳ ଅନୁରୂପରେ ସେ ସ୍ୱତନ୍ତ୍ର ଭାବରେ ନିଜସ୍ୱ ପଦ ଯୋଜନା ଦ୍ୱାରା ପାଦ ପୂରଣ କରିଛନ୍ତି, ଏବଂ କେବେ କେବେ ତୁଳସୀ ଦାସଙ୍କ ଭାବ ଭଗ୍ନ କରିଛନ୍ତି । ଯଥାଃ—

ସରିତା ଜଲ ଜଲନିଧି ମେ ଯାଈ
ହୋୟି ଅଚଲ ଜିମି ଜିୟ ହରି ପାଈ,
[ତୁଳସୀ ଦାସ]

ନିମ୍ନଗା ନୀର ବେଗେ ସାଗରେ ଧାଏଁ
ଶାନ୍ତେ ଭକ୍ତ-ଜନ-ମନ ପରମେ ।
[ରାଧାନାଥ]

ରାଧାନାଥଙ୍କ ଶାନ୍ତେ ଭକ୍ତ ଜନ ମନ ତୁଳସୀ ଦାସଙ୍କ ପଦଭରେ ନାହିଁ । ସେହିପରି ଶବ୍ଦର ଓଲଟ ପାଲଟ ମଧ୍ୟ ରାଧାନାଥଙ୍କ ରଚନାରେ ପରିଲକ୍ଷିତ ହୁଏ । ଯଥାଃ—

ମହା ବୃଷ୍ଟି ଚଲି ଫୁଟି କିଆରୀ
ଜିମି ସତନ୍ତ୍ର ହୁଇ ବିଗରହିଁ ନାରୀ ।
[ତୁଳସୀ ଦାସ]

ବହୁ ଯାଉଛି ବାରି ଭେଦି କିଆରୀ
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ ।
[ରାଧାନାଥ]

'ବିଗରହିଁ ନାରୀ' ସ୍ଥଳେ ରାଧାନାଥ 'ସ୍ୱତନ୍ତ୍ର ନାରୀ' ପ୍ରୟୋଗ କରିଛନ୍ତି । କେବଳ ସେତିକି ନୁହେଁ, ତୁଳସୀ ଦାସଙ୍କ ପଦ ସଂଯୋଗ (Link) କୁ ଭାଙ୍ଗି ଚୁରି ରାଧାନାଥ ଉଦ୍ଧୃତ କରି ଅନୁବାଦ କରିବାକୁ ସଚେଷ୍ଟ ହୋଇଛନ୍ତି, ଏପରିକି ପ୍ରଗାଢ଼ ଯତ୍ନ ମଧ୍ୟ ତାଙ୍କର କୌଶଳ ଅଗରେ ପରାଜିତ ହୁଏ । ତଳ ଉଦାହରଣ ପ୍ରତି ଦୃଷ୍ଟି ଦେଲେ ଏହା ଜଣାଯାଏ ।

ହରିତ ଭୂମି ତୃଣ ସଙ୍କୁଳିତ
          ସମୁଝି ପରହିଁ ନହିଁ ପନ୍ଥ
ଜିମି ପାଖଣ୍ଡ ବିବାଦତେ
          ଲୁପ୍ତ ଭୟେ ସଦ୍‌ଗ୍ରନ୍ଥ,
ଦାଦୁର ଧୁନି ଚହୁଁ
          ଔର ସୁହାଇ
ବେଦ ପଢେ ଯନୁ
          ବଟୁ ସମୁଦାଇ ।

ପଲ୍ଲବ ଭୟେ ବିଟପ ଅନେକା
ସାଧୁକେ ମାନ ଯିମି ମିଲେ ବିବେକା ।
[ତୁଳସୀ ଦାସ]

ଦର୍ଦ୍ଦୁର ରବ ଶୁଣି ନୀରବ ପିକ
ମୂଢ଼ ସଭାରେ ମୂକ ଯଥା ଧାର୍ମିକ
ତାର୍କିକ ବଂଶ ଲୁଚେ ନିରତେ ସବେ
ବଦ୍ଧଭଣୀ ଯେସନ କଲେ ସ୍ୱଭାବେ ।
ହରିତ ଦୂର୍ବାଦଳେ ହୋଇ ମଣ୍ଡନ
ନିଦାଘ ରୁକ୍ଷ ମହୀ ଦିଶେ ଯତନ,
ସରସ ସାଧୁ ହୃଦ ହୁଏ ଯେପରି
ଶୁଷ୍କ ବୈରାଗ୍ୟେ ଭକ୍ତି ରସେ ସଞ୍ଚରି ।
ପଲ୍ଲବ କଅଁଳ ବୃକ୍ଷେ ଅନେକ
ସାଧକ ହୃଦେ ଯଥା ଉଦେ ବିବେକ ।
[ରାଧାନାଥ]

କଦାଚିତ୍ ରାଧାନାଥ ସମ୍ପୂର୍ଣ୍ଣ ଅନୁବାଦ କରିଛନ୍ତି । ଯଥାଃ—

ଅର୍କ ଜବାସ ପାତ ବିନୁ ଭୟଉ
ଜିମି ସୁରାଜ୍ୟ ଖଲ ଉଦ୍ୟମ ଗୟଉ ।
[ତୁଳସୀ ଦାସ]

ଅର୍କ ଯାଦମ ହେଲ ପତ୍ର ବିହୀନ
ସୌରାଜ୍ୟେ ଖଳ ଯଥା ହୁଅନ୍ତି ମ୍ଳାନ ।
[ରାଧାନାଥ]

ଖୋଜତ କତହୁଁ ମିଲେ ନହିଁ ଧୂରି
କରେ କ୍ରୋଧ ଜିମି ଧର୍ମହିଁ ଦୂରି,
[ତୁଳସୀ ଦାସ]

ଜଳ ଗହଳେ ପଥଘାଟ ହରି
ବିଧର୍ମି ରାଜପଣେ ଶାସ୍ତ୍ର ଯେପରି
[ରାଧାନାଥ]

କଣ ସପଲ ସୋହ ମହି କୈସି
ଉପକାରୀ କୋ ସମ୍ପତି ଜୈସି
[ତୁଳସୀ ଦାସ]

ଶସ୍ୟେ ବସୁଧା ଦେଢେ ଶୋଭା ଅଧିକ
ଉପକାରୀ ଜନର ଯେସନେ ସଂପଦ ।
[ରାଧାନାଥ]

ତୁଳସୀ ଦାସ ପୂର୍ବତନ ହିନ୍ଦି ଭାଷାରେ ତୁଳସୀ ରାମାୟଣ ଲେଖିଛନ୍ତି । ପ୍ରଥମ ଥର ପାଇଁ ପ୍ରାକୃତରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଣ୍ଡିତ ଗଣ ହସ୍ତରେ ବହୁତ ଲାଞ୍ଛନା ସହିବାକୁ ପଡିଥିଲା ତାହା ଅଳ୍ପ ବହୁତ ସମସ୍ତଙ୍କୁ ଜଣା । ତଥାପି ତୁଳସୀ ଦାସଙ୍କ ଭାଷା କେତେ ସରଳ ମଧୁର ଏବଂ ଶବ୍ଦ ସମ୍ଭାର ଅଧୁନିକ ଧରଣ ତାହାର ରସ ଗ୍ରାହକ ଶବ୍ଦ କେତେ ତାହା ଦେଖିଲେ ଅବାକ ହେବାକୁ ହୁଏ । କିନ୍ତୁ ରାଧାନାଥଙ୍କ ରୂପାନ୍ତରଣ ପଦ୍ଧତି କ୍ଳିଷ୍ଟ । ଯଥାଃ—

କୃଷକ ସବହିଁ ଚତୁର କିସାନା
ଜିମି ବୁଧତ ଜହିଁ ମୋହ ମଦମାନା,
(ତୁଳସୀ ଦାସ)

କୃଷକେ ଉପାଡ଼ନ୍ତି ବାଲୁଙ୍ଗା ଚେଷ୍ଟେ
ସାଧୁ ଯେସନ ଅଘ-ବଢମା ଚେଷ୍ଟେ
(ରାଧାନାଥ)

ଦେଖିୟତ ଚକବାକ ଖଗ ନାହିଁ
କଳିହି ପାଇ ଜିମି ଧର୍ମ ପରାହି
(ତୁଳସୀ ଦାସ)

ସନ୍ଧ୍ୟାରୁଁ ପଳାଇଲେ କୋକ ଦ୍ୱନ୍ଦେ
ଅବୁଝ ରଜା ରାଜ୍ୟୁଁ ଯଥା ପଣ୍ଡିତେ ।
(ରାଧାନାଥ)



Digitized by srujanika@gmail.com

ଉଷର ବରଷେ ତୃଣ ନହିଁ ଜାମା
ସନ୍ତ ହୃଦୟ ଜସ ଉପଜନ କାମା,
(ତୁଳସୀ ଦାସ)

ନ ଉଠେ ଜାର ସଢ଼େ ତୃଣ ଉଷରେ,
ଜକାର କାମ ପ୍ରାୟେ ସନ୍ତ ଅନ୍ତରେ ।
[ରାଧାନାଥ]

ବିଟପ ଜନ୍ତୁ ସଂକୁଳ ମହି ଭ୍ରାଜା
ବଢ଼େ ପ୍ରଜା ଜିମି ପାଇ ସୁରାଜା
(ତୁଳସୀ ଦାସ)

ଜନ୍ତୁ ସଂକୁଳ ବନ ସ୍ଥଳୀ ସଂପ୍ରତି
ସୌରାଜ୍ୟେ ପ୍ରଜା ପୂର୍ଣ୍ଣ ରାଷ୍ଟ୍ର ଯେମତି
[ରାଧାନାଥ]

ଜହଁ ତହଁ ପଥିକ ରହେ ଥକ ନାନା
ଜିମି ଇନ୍ଦ୍ରିୟ ଗଣ ଉପଜେ ଜ୍ଞାନା ।
(ତୁଳସୀ ଦାସ)

ବାଟୋଇ ଠାବେ ଠାବେ ଅଟକି ରହେ
ଇନ୍ଦ୍ରିୟ ଯଥା ଦିବ୍ୟଜ୍ଞାନ ଉଦୟେ ।
(ରାଧାନାଥ)

କବହୁଁ ପ୍ରବଳ ଚଲମାରୁତ
ଜହଁ ତହଁ ମେଘ ବିଲାହି
ଜିମି କୁପୁତ କେ ଉପଜେ
କୁଳକର ଧର୍ମ ନଶାହି ।
(ତୁଳସୀ ଦାସ)

ପ୍ରବଳ ବାୟୁ କେବେ ଉଡ଼େ ଜଳଦ
କୁପୁତ୍ର ଯଥା କୁଳ-ଧର୍ମ ସମ୍ପଦ ।
[ରାଧାନାଥ]

ତୁଳସୀଦାସ ଛନ୍ଦର ଏକୀଭୂତକରଣ ଭଙ୍ଗ କରିବା ପାଇଁ ଦୋହା ପରେ ପରେ ଚୌପଦୀର ଅବତାରଣା କରିଛନ୍ତି । ରାଧାନାଥ କଲହଂସ କେଦାର ରାଗର ସମତା ରକ୍ଷା କରିବାକୁ ଯାଇ ଚୌପଦୀକୁ ଭାଙ୍ଗି ରାଗର ଉତ୍ତର ଛନ୍ଦରେ ସମାନ ରୂପେ ତାଳ ଦେଇ ବଳକା ଅଂଶ ଛାଡ଼ି ଦେଇଛନ୍ତି ।

ଯଥା:—

କବହୁଁ ଦିବସ ମହଁ ନିବିଡ଼ ତମ
କବହୁଁ ପ୍ରଗଟ ପତଂଗ
ଉପଜେ ବିନ ଶୈଳନ ଜିମି
ପାଇ ସୁସଙ୍ଗ କୁସଙ୍ଗ ।
[ତୁଳସୀ ଦାସ]

କ୍ଷଣେ ନିବିଡ଼ ତମ ଗ୍ରାସଇ ଧରା
କ୍ଷଣେ ଉପୁଜେ ପୁଣି ପ୍ରଚଣ୍ଡ ଖରା;
କୁସଙ୍ଗ ଏହିପରି ସୁଜ୍ଞାନ ନାଶେ,
ସୁସଙ୍ଗ ଏହିପରି ଜ୍ଞାନ ପ୍ରକାଶେ ।
[ରାଧାନାଥ]

ଏହାପରେ ବର୍ଷା ବର୍ଣ୍ଣନାର ଶେଷାଂଶ ଚୌପଦ ରାଧାନାଥଙ୍କ ନିଜସ୍ୱ ।

ଶରତ୍

ଠିକ୍ ଏହାପରେ ଶରତ୍ ଋତୁ ଆସିଲା । ରାଧାନାଥ ଲେଖିଲେ "ବନବାସ କାଳରେ ରାମଚନ୍ଦ୍ରଙ୍କର ଲକ୍ଷ୍ମଣଙ୍କୁ ଉକ୍ତି ।"

ତୁଳସୀ ଦାସ ଲେଖିଲେ
ବର୍ଷା ବିଗତ ଶରଦ ଋତୁ ଆଇ
ଦେଖହୁ ଲକ୍ଷ୍ମଣ ପରମ ସୁହାଇ,
ଫୁଲେ କାଶେ ସକଲ ମହିଛାଇ
ଜନୁ ବର୍ଷାକୃତ ପ୍ରଗଟ ବୁଢ଼ାଇ ।

ରାଧାନାଥ—
ଗୌରବତେ ଶରତ ଶୋଭାକୁ ଚାହିଁ
କହିଲେ ଅନୁଜଙ୍କୁ କୋଦଣ୍ଡ ସାଇଁ,
ବର୍ଷା ଗତେ ଆସିଲା ଋତୁ ବିମଳ
ଦିଗନ୍ତ କାନ୍ତ-ବାସେ ଦିଶେ ଉଜ୍ଜଳ ।
ଜରଠ ବରଷାର ଧବଳ ଜଟା
କାଶ କୁସୁମେ ଶୁକ୍ଳ ଲଟିଲା ପଠା;

ରାଧାନାଥ ପାଇ ତୁଳସୀ ଦାସଙ୍କୁ ବଶ୍ଲେଷଣ ଓ ପରିବର୍ଦ୍ଧନ କରିଛନ୍ତି । ମଝି ଉପର୍ଯ୍ୟୁକ୍ତ ପଦର ତଳ ଦୁଇପାଦ

ଅଗସ୍ତ୍ୟ ମାର୍ଗେ ନୀର ଶୁଖାଇ ଦେଲେ
ସନ୍ତୋଷ ତଟେ ଯଥା ଲୋଭକୁ ହେଲେ ।

ସଙ୍ଗେ ତୁଳସୀ ଦାସଙ୍କ
ଉଦିତ ଅଗସ୍ତ୍ୟ ପନ୍ଥ ଜଲ ଶୋଷା
ଜିମି ଲୋଭହି ଶୋଷେ ସଂତୋଷା ।

ସଙ୍ଗେସମାନ । ଏହାପର ପଦର ପ୍ରଥମ ଦୁଇପାଦ ରାଧାନାଥଙ୍କର ।

ତଳ ଦୁଇପାଦ:—
ସର ସରି-ତଡାଗର ପ୍ରସନ୍ନ ଅତି
ମୋହ ତୁଟିଲେ ଯଥା ସଜ୍ଜନ ମତି

ତୁଳସୀ ଦାସଙ୍କ
ସରିତା ସର ଜଲ ନିର୍ମଳ ଶୋହା
ସନ୍ତ ହୃଦୟ ଯଶ ଗତ ମଦ ମୋହା

ର ଅବିକଳ ଅନୁବାଦ ମାତ୍ର ।

ତତ୍ରୂପ—
ସର-ସରିତ-ନୀର କ୍ରମେ ହ୍ରାସଇ;
ମମତା ଯଥା ସାଧୁ ମନୁ ତୁଟଇ;
[ରାଧାନାଥ]

ରସ ରସ ଶୋଷ ସରିତ ସର ପାନି
ମମତା ତ୍ୟାଗ କରହି ଜିମି ଜ୍ଞାନୀ ।
(ତୁଳସୀ ଦାସ)

ଆସିଲା ରମ୍ୟ ଋତୁ ଦେଖି ଖଞ୍ଜନ
ସୁକୃତ ଫଳେ ଯଥା ମାତ ସୁକ୍ଷଣ
(ରାଧାନାଥ)

ଜାନି ଶରତ ଋତୁ ଖଞ୍ଜନ ଆଏ
ପାଇ ସମୟ ଜିମି ସୁକୃତ ସୁହାଏ ।
(ତୁଳସୀଦାସ)

ଏହାର ପରପଦ 'ଙ୍କ ରଙ୍ଗେ ସାର ସୁର...ସଂଗୀତ ପିନା' ତୁଳସୀ ରାମାୟଣରେ ନାହିଁ । ତା ପର

କର୍ଦ୍ଦମ ରେଣୁ ବିନୁ ଶୋହେ ଧରଣୀ
ଯେସନ ନୀତି ପଟୁ ନୃପ କରଣୀ ।
(ରାଧାନାଥ)

ପଙ୍କନ ରେଣୁ ସୋହ ଅସ ଧରଣୀ
ନୀତି ନିପୁଣ ନୃପକୀ ଯସ କରନୀ ।
(ତୁଳସୀ ଦାସ)

ଜଳ ସଂକୋଚେ ହେଲା ବିକଳ ମୀନ
ବହୁ କୁଟୁମ୍ବୀ ଯଥା ସମ୍ବଳ-ହୀନ ।
(ରାଧାନାଥ)

ଜଳ ସଂକୋଚ ବିକଲ ଭୟେ ମୀନା
ଅବୁଧ କୁଟୁମ୍ବୀ ଜିମି ଧନହୀନା ।
[ତୁଳସୀଦାସ]

ଘନ ବିନୁ ନିର୍ମଳ ହେଲା ଆକାଶ
ଭକତ ଛେଦି ଯଥା ଆଶାର ପାଶ,
(ରାଧାନାଥ)

ବିନୁ ଘନ ନିର୍ମଳ ସୋହ ଅକାଶା
ଜିମି ହରିଜନ ପରିହରି ସବ ଆଶା
(ତୁଳସୀଦାସ)

କୁଆଡ଼େ ଅଳ୍ପ ବୃଷ୍ଟି କାହିଁ କ୍ୱଚିତେ
ଲକ୍ଷକେ ଭକ୍ତ ଯଥା ଏକର ଚିତେ
(ରାଧାନାଥ)

କହୁଁ କହୁଁ ବୃଷ୍ଟି ଶାରଦୀ ଥୋରେ
କୋଉ ଏକ ପାବ ଭକ୍ତି ଜିମି ମୋରେ
[ତୁଳସୀଦାସ]

ବଣିକ ଭିକ୍ଷାରୀ ନୃପ ତାପସ,
ସୁବାସୁ ବାହାରିଲେ ହୋଇ ହରଷ ।
ସୁକୃତ ଫଳେ ଭକ୍ତ ଉଭିଲେ ମନେ,
ମାୟା ବନ୍ଧନ ତୁଟି ଯେମନ୍ତେ ସୁଜନେ ।
( ରାଧାନାଥ )

ଚଲି ହରଷି ତଜି ନଗର
ନୃପ ତାପସ ବଣିକ ଭିଖାରି
ଜିମି ହରି ଭକ୍ତ ପ୍ରାୟ୍ୟଶ୍ରମ
ତଜହିଁ ଆଶ୍ରମୀ ଚାରି ।
( ତୁଳସୀ ଦାସ )



Digitized by srujanika@gmail.com

ନିଶଙ୍କ ମୀନ ଯହିଁ ନୀର ଅଗାଧ,
ହରି ଆଶ୍ରିତେ ଯଥା ନାହିଁ- ପ୍ରମାଦ ;
ସୁଖି ମୀନ ଯହିଁ ନୀର ଅଗାଧା,
ଜିମି ହରି ଶରଣ ନଏ କୋ ବାଧା ।
( ତୁଳସୀଦାସ )

କମଳ ଫୁଟି ବହୁ ଶୋଭେ କେସନ,
ନିର୍ଗୁଣ ବ୍ରହ୍ମ ଗୁଣ ଆଶ୍ରେ ଯେସନ ।
(ରାଧାନାଥ)

ଫୁଲେ କମଲ ଶୋହ ସର କୈସେ,
ନିର୍ଗୁଣ ବ୍ରହ୍ମ ସଗୁଣ ଭୈସେ ।
(ତୁଳସୀଦାସ)

ତଦ୍‌ପର ପଦର "ତଡ଼ାଗ ତୀରଜାତ... ଗୁଣ କି ଜଦେ" ରାଧାନାଥଙ୍କ ସ୍ୱଲେଖନୀ ସମ୍ଭୂତ ବାକ୍ୟ,

ପଦ୍ମ ବନେ ଶୁଭଇ ଅଳି ଝଙ୍କାର
ବ୍ରହ୍ମବାଦୀର କଣ୍ଠେ ନାଦ ଓଁକାର ।

ତୁଳସୀ ଦାସଙ୍କର

ଗୁଞ୍ଜନ ମଧୁକର ନିକର ଅନୁପା,
ସୁନ୍ଦର ଖଗ ରବ ନାନା ରୂପା ।

ର ବିକଳ ଅନୁକରଣ ମାତ୍ର । ଏହାପର "ଅଦୃଶ୍ୟ ସ୍ୱୋସ୍ଫୁଲ..." ଠାରୁ..... "ସୌଧ ସମାନ" ଯାଏ ଛଅ ପଦ ରାଧାନାଥଙ୍କ ରଚିତ ।

ପୁନଶ୍ଚ—

ରଥାଙ୍ଗ-ଦମ୍ପତୀ ଦେଖି ହରଷ
ପୂର୍ଣ୍ଣ ସମ୍ପଦେ ଯଥା ଖଳ ମାନସ
[ରାଧାନାଥ]

ଚକ୍ରବାକ ଦୁଃଖ ନିଶି ପେଖି
ଜିମି ଦୁର୍ଜନ ପର ସଂପତ୍ତି ଦେଖି
(ତୁଳସୀ ଦାସ)

ନିଶା ଶିଶିର ହରେ ଦିବସ ତାପ
ସାଧୁ ସଙ୍ଗମ ଯଥା ବିନାଶେ ପାପ
(ରାଧାନାଥ)

ଶରଦା ତାପେ ନିଶି ଅପହରହି
ସଂତ ଦରଶ ଜିମି ପାତକ ଟରହି ।
(ତୁଳସୀ ଦାସ)

ପରବର୍ତ୍ତୀ ପଦ ରାଧାନାଥଙ୍କର । ତାପରେ:—

ଚକୋର ବିଧୁଛବି ହେରି ଉପତେ
ହରିକି ଧ୍ୟାନେ ଯଥା ଧରି ଭକତ,
[ରାଧାନାଥ]

ଦେଖହିଁ ବିଧୁ ଚକୋର ସମୁଦାଇ
ଚିତ ବହ ହରିଜନ ଜିମି ହରି ପାଇ ,
[ତୁଳସୀ ଦାସ]

ଶୀତେ ଉଲ୍ଲସଗଲେ ମଶକ ଦଂଶ
ସଦ୍‌ଗୁରୁ ଯୋଗେ ଯଥା ଅବିଦ୍ୟା ଧ୍ୱଂସ
(ରାଧାନାଥ)

ମଶକ ଦଂଶ ବୀତେ ହିମ ତ୍ରାସ ।
ଜିମି ଦ୍ୱିଜ ଦ୍ରୋହ କିୟେ କୁଳ ନାଶ ।
[ତୁଳସୀ ଦାସ]

ଏହାର ପରବର୍ତ୍ତୀ ବୃତପଦ ରାଧାନାଥଙ୍କର ।

ବ୍ୟତିକ୍ରମ—

ଉପର ଲିଖିତ ପଂକ୍ତାଂଶରେ ସ୍ପଷ୍ଟ ରାଧାନାଥଙ୍କ ସ୍ୱରଚିତ ଅଂଶ ସବୁରୁ ସ୍ୱତନ୍ତ୍ରତା ପ୍ରଦର୍ଶାଇ ଦିଆ ଯାଇଛି । ରାଧାନାଥଙ୍କ ତାଳ ପ୍ରୟୋଗ କୌଶଳ ଅଦ୍ଭୁତ, ହଠାତ୍ ସ୍ୱ ଓ ଅପହୃତ ବସ୍ତୁର ପାର୍ଥକ୍ୟ ବିବେଚନା କରିବା ଏକ ଗୁରୁତର ବ୍ୟାପାର । ରାଧାନାଥଙ୍କ ନିଜ ଭାଷାରେ କହୁ ତାଳ ପରେ ତାଳ ପୁଣି ତାଳ ତା ଉପରେ ଏତେ ତାଳ ସନ୍ଧେ ମୂର୍ତ୍ତି ଦିଶୁଛି ନା ଦେହ ।

ଅପହୃତ ଅଂଶ ବାଦ ଦେଲେ ରାଧାନାଥଙ୍କ ଯେତିକି ସ୍ୱରଚିତ, ସେଥିରେ ତୁଳସୀ ଦାସଙ୍କ ସ୍ୱଭାବଜର ସମନ୍ତ୍ୱଲତା ରକ୍ଷା କରିବାକୁ ଚେଷ୍ଟା କରି ଅଛନ୍ତି । ତୁଳସୀ ଦାସଙ୍କ ମୂଳ ଲକ୍ଷ୍ୟ—

କହତ ଅନୁରାଗ ସନ ଅନେକା
ଭକ୍ତି ବିରତି ନୃପନୀତି ବିବେକା

ଅର୍ଥାତ ଭକ୍ତି ନୀତି ବିବେକିତା ବିଷୟରେ କଥୋପକଥନ । ରାଧାନାଥ କିନ୍ତୁ ଏ ନୀତିରୁ ପାର୍ଥକ୍ୟ ଦେଖାଇଛନ୍ତି ସ୍ୱରଚିତ ଅଂଶରେ । ଯଥା—

ବେନି କୋଟିକି କହୁ ବେଳା ଶିଖରେ
ହିଂସ୍ର ଜ୍ୟୋତି ସ୍ରୋତ ସୃଜି ଅମ୍ବରେ
ମଣ୍ଡେ ଜୀମୂତ ସ୍ୱଚ୍ଛ ଶତ ଚାମୀକ
ଆଶା ଉଜଳେ ଯଥା ଅସ୍ଥିର ମୂର୍ଖ

ରାଧାନାଥ ନୈରାଶ୍ୟ ବାଦ ( Pessimist ) ତେଣୁ ସେ ଅନ୍ଧାର ରଙ୍ଗୀନ ଚିତ୍ର ଦେଖିଛନ୍ତି, କିନ୍ତୁ ତୁଳସୀଦାସଙ୍କ ନୀତି ମାର୍ଗରୁ ସେ ବହିର୍ଭୂତ ହୋଇଛନ୍ତି । ତାଙ୍କର ବାହ୍ୟଦୃଷ୍ଟି ପ୍ରକୃତି ବର୍ଣ୍ଣନା ମଧ୍ୟ ଉଦ୍ଧୃତ ପଦରୁ ଉପଲବ୍‌ଧି ହୁଏ ।

ଠାବେ ଠାବେ ଧବଳ ଘନ ନଭହେ
ଧବଳ ଅଭ୍ରଖଣ୍ଡ କି ଶୋଭା ବହେ,
ଶରତ୍ ଦୁଅର ପଡେ ପଡ଼ନ୍ତି କି
କ୍ଷୀରୋଦ ଫେଣ ବିନ୍ଦୁ ଅଙ୍ଗେ ଛିଟକି ।

ପୁନଶ୍ଚ 'ଶରତ' ରେ—

ପ୍ରଦୋଷେ ବାଦମ୍ବିନୀ ବାରୁଣୀ ଘଟେ· ·

ଇତ୍ୟାଦିର ସ୍ୱର୍ଣ୍ଣ-ଆଶା-ସୌଧ ସମାନ ଇତ୍ୟାଦି ରାଧାନାଥଙ୍କ ନୈରାଶ୍ୟବାଦ ଦୃଷ୍ଟି କେଶରୁ ରଚିତ । ପ୍ରକୃତି ବର୍ଣ୍ଣନା "ଉତ୍କଳ ଛାୟା ପଥ ନୟନ ରମେ—ସୁନ୍ଦର ଗୋଲାବରେ ଶରତ କୁଞ୍ଜ"ରୁ ପ୍ରଜାସ୍ୱମାନ ହୁଏ ।

ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା ସର୍ବତ୍ର ବାହ୍ୟ ଦୃଷ୍ଟି ସମ୍ଭୂତ, ନଗମନ୍ଦ ପଠ ରଚିତ ଦୃଶ୍ୟ ପରି ନାୟକ ନାୟିକାଙ୍କର ଦୁଃଖ ସୁଖ ଅନୁଭୂତିରେ ଅବିଚଳିତ । ଗଙ୍ଗାଧରଙ୍କ ପ୍ରକୃତି ପରି ସୀତାଙ୍କ ବନବାସ ଦୁଃଖରେ "ଭୃଙ୍ଗ ନିକର ଝଙ୍କାର କରେ" ଗର୍ଜନ କରେ ନାହିଁ । ତୁଳସୀ ଦାସଙ୍କର ସ୍ୱବର୍ଣ୍ଣିତ ପ୍ରକୃତି ମଧ୍ୟ ତଦ୍ରୂପ ।

ଭାଷା ଓ ଶୈଳୀ—ପରମ ବୈଷ୍ଣବ ତୁଳସୀ ଦାସଙ୍କ ଭାଷାର ଅନୁରୂପ ସରସ ବୈଷ୍ଣବ ଜଗନ୍ନାଥ ଦାସଙ୍କ ଭାଗବତରେ ଦେଖିବାକୁ ମିଳେ । ଭାବ ଗଭୀର ହେଲେ ଭାଷା ସରଳ ହୁଏ । ଗଭୀର ଭଗବତ ପ୍ରେମ ଉଦ୍ଭୂତ ତୁଳସୀ ରାମାୟଣର ଶୈଳୀ ଆଧୁନିକ ନୈରାଶ୍ୟ ବାଦୀ ସଂଶୟ ପୀଡ଼ିତ ରାଧାନାଥଙ୍କ ଦ୍ୱାରା ସମ୍ଭବପର ହୋଇ ନପାରେ ।

ତୁଳସୀଦାସ ଲେଖିଲେ—

ମହା ବୃଷ୍ଟି ଚଲି ଫୁଟି କିଆରୀ
ଜିମି ସ୍ୱତନ୍ତ୍ର ହୁଏ ବିଗରହିଁ ନାରୀ ।

ରାଧାନାଥ ଅନୁକରଣ କଲେ—

ବହି ଯାଉଛି ବାରି ଭେଦି କିଆରୀ,
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ ।

"ମହା ବୃଷ୍ଟି ଚଲି" ସଙ୍ଗେ ବହି ଯାଉଛି ବାରିର ଯେ ପାର୍ଥକ୍ୟ ତାହା ହିନ୍ଦୀ ଓ ଓଡ଼ିଆ ଉଭୟ ଭାଷା ଭାଷୀ ବ୍ୟକ୍ତି ପକ୍ଷରେ ହୃଦୟଙ୍ଗମ କରିବା ସମ୍ଭବ ମାତ୍ର । "ମହା ବୃଷ୍ଟି ଚଲି"ର ଆବେଗ force "ବହି ଯାଉଛି ବାରି"ରେ କଦାପି ପରିସ୍ଫୁଟ ହେବ ନାହିଁ । ତଦ୍ରୂପ ବିଗରହିଁ ନାରୀ ଓ "ସ୍ୱତନ୍ତ୍ର ନାରୀ ।" ତଦ୍ରୂପ

ପୁନଶ୍ଚ—

କୃଷି ନିରାବହିଁ ଚତୁର କିଷାନା,
କୃଷକେ ଉପାଡ଼ନ୍ତି ବାଳୁଙ୍ଗା କ୍ଷେତ୍ରୁ ।

ଇତ୍ୟାଦି ଇତ୍ୟାଦି ।

ଉପସଂହାର

ରାଧାନାଥଙ୍କ ତଥା କଥିତ:— ବିଶ ସପ୍ତ ତତ୍ତ୍ୱକୁ ଛିଦ୍ରିକ କରିବା ଏହି ଅକିଞ୍ଚନ ଲେଖକର ଲକ୍ଷ୍ୟ ନୁହେଁ । ବର୍ତ୍ତମାନ ହିନ୍ଦି ରାଷ୍ଟ୍ରଭାଷା ରୂପେ ଦ୍ରୁତ ପ୍ରସାର ଓ ଶିକ୍ଷା ଉତ୍କଳରେ ଚାଲିଛି । କେତୋଟି ମାତ୍ର ବର୍ଷ ପରେ ଉତ୍କଳର ଯୁବକ ମଣ୍ଡଳୀ ଯାହା ରାଧାନାଥଙ୍କ ସାହିତ୍ୟର ନଗ୍ନ ଦର୍ପଣରେ ଦେଖି ଥାନ୍ତେ, ଏହି କ୍ଷୁଦ୍ର ପ୍ରବନ୍ଧରେ ତାହାର ଇଙ୍ଗିତ ମାତ୍ର ଦିଆଯାଇଛି ।



Digitized by srujanika@gmail.com



ଆଧୁନିକ ଓଡ଼ିଆ ନାଟକ ଯେ ଶିଶୁ ଅବସ୍ଥାରେ ଅଛି, ଏଥିରେ ପ୍ରାୟ ସମସ୍ତେ ଏକମତ । ରାମଶଙ୍କରଙ୍କର 'କାଞ୍ଚିକାବେରୀ' ନାଟକ ଠାରୁ ଆରମ୍ଭ କରି ଅନେକ ତରୁଣ ନାଟ୍ୟକାର ମାନଙ୍କର ନାଟକମାନ ଆଲୋଚନା କଲେ ଏହି ତଥ୍ୟ ବେଶ ଉପଲବ୍ଧି କରିହୁଏ । ଅବଶ୍ୟ ଆଧୁନିକ ଯୁଗର ଅଶ୍ୱିନୀକୁମାର ଓ କାଳୀଚରଣଙ୍କର ଚେଷ୍ଟାରେ ଓଡ଼ିଆ ନାଟ୍ୟ ସାହିତ୍ୟ ଟିକିଏ ଉନ୍ନତ ଅବସ୍ଥାକୁ ଗତି କରିଛି, ମାତ୍ର ଅନ୍ୟ କେତେକ ନାଟ୍ୟକାର ମାନଙ୍କର ଲେଖାରେ ଏ ପର୍ଯ୍ୟନ୍ତ ଅତି ଅପରିପକ୍ୱ ଅବସ୍ଥାରେ ବା ଏହି ନାଟକର ଅପରିହାର୍ଯ୍ୟ ଅଙ୍ଗ Unit of time. Unit of place ଓ Unit of action ର ସମତା ରକ୍ଷା କରାଯାଇ ନଥାଏ । ତେଣୁ ନାଟକଟି ପ୍ରେକ୍ଷାଳୟରେ ଅଭିନୀତ ହେଲା ବେଳେ ଦର୍ଶକଙ୍କୁ ଅଭିଭୂତ କରି ପାରେନା । ଫଳରେ ନାଟକଟି ଲୋକପ୍ରିୟ ହେବା କଷ୍ଟକର ହୁଏ ।

## ଅନ୍ନପୂର୍ଣ୍ଣାରେ ବିଦ୍ରୋହୀ ଜଗବନ୍ଧୁ

ଖବର କାଗଜ ଉପର ପୃଷ୍ଠାର ଶୀର୍ଷ ବିଜ୍ଞାପନ ପରି, ଅନେକ ନାଟକର ଖୁବ୍ ବଡ଼ ହୃଦୟସ୍ପର୍ଶୀ ଭାଷାରେ ବିଜ୍ଞାପନ ଦିଆଯାଇ ଥାଏ । ମାତ୍ର ରଙ୍ଗ ମଞ୍ଚରେ ନାଟକଟିର ଅଭିନୟ ଦେଖି ସାରି ଦର୍ଶକ ଅନେକ ସମୟରେ ମୁହଁ ମୋଡ଼ି ଫେରେ, ନହେଲେ ଯଦି ସେ ଅର୍ଥନୀତି ( Economics ) ର ଛାତ୍ର ହୋଇଥାଏ, ସେ କେତେ ତୃପ୍ତିର ପରିମାଣ Unit of satisfacion ପାଇଲା ତୁଳନା କଲାବେଳେ ତାର Consumers surplus ଘରେ ନଞ୍-ବାଚକ negative ଚିହ୍ନ ଥିବା ଅନୁମାନ କରେ । ଓଡ଼ିଆ ଥିଏଟରକୁ ଯାଇଁ ହୋଲେଇ ହୋଲେଇ ଆସିବା ଅପେକ୍ଷା ସେ ଏଣିକି ହିନ୍ଦି ବା ବଙ୍ଗଳାର ଚଳଚିତ୍ର ଦେଖି ଯିବାକୁ ପସନ୍ଦ କରୁଛି ।

ଏହି ଦୃଷ୍ଟିରୁ ବର୍ତ୍ତମାନ କଟକ ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚରେ ଅଭିନୀତ ହେଉଥିବା ବିଦ୍ରୋହୀ ଜଗବନ୍ଧୁ ନାଟକର ଆଲୋଚନା କରାଯାଉ । ନାଟକଟିର ଲେଖକ ଶ୍ରୀ ମନୋରଞ୍ଜନ ଦାସ, ପରିଚାଳକ ମିଶ୍ରର ସାମୁଏଲ ସାହୁ ଓ ସଙ୍ଗୀତ ରଚକ ଶ୍ୟାମସୁନ୍ଦର ଦାସ । ନାଟକଟି କଟକ ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚରେ ତା ୮ ରିଖ ଦିନ ପ୍ରଥମ ଥର ପାଇଁ ଅଭିନୀତ ହେଲା । ଥରେ ମାତ୍ର ଦେଖି ଉକ୍ତ ନାଟକ ବିଷୟରେ ମୋର ଯାହା ଧାରଣା ତା ଲେଖୁଛି ।

ନାଟକଟିର ବିଷୟ ବସ୍ତୁ ଓଡ଼ିଶା ଇତିହାସର ଏକ ଗୌରବମୟ ଘଟଣା ଖୋର୍ଦ୍ଧାର ପାଇକ ମାନଙ୍କର ନବାଗତ ଇଂରେଜ ମାନଙ୍କ ବିରୁଦ୍ଧରେ ବିଦ୍ରୋହ । ଲେଖକ, ବିଦ୍ରୋହୀ ନେତା ଜଗବନ୍ଧୁର ବିଦ୍ରୋହୀ ପ୍ରାଣ ଇଂରେଜ ମାନଙ୍କର ଅତ୍ୟାଚାର ସହିନପାରି କପରି ବିଦ୍ରୋହୀ ହୋଇ ଉଠିଥିଲା, ଦେଖାଇବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି । ନାଟକଟିରେ ଥମାସଙ୍କର ଅଭିନୟ କରୁଥିବା ସାମୁଏଲ ସାହୁଙ୍କର ଅଭିନୟ ଅବଶ୍ୟ ସର୍ବୋତ୍କୃଷ୍ଟ । ମାତ୍ର ଓଡ଼ିଶାର ଶ୍ରେଷ୍ଠ ଅଭିନେତା ରୂପେ ତାଙ୍କର ଯେ ଖ୍ୟାତି, ଓ ଅନ୍ୟାନ୍ୟ ଅଭିନୟରେ ତାଙ୍କର ଅଭିନୟ ଯେପରି ଚିତ୍ତାକର୍ଷକ ହୁଏ, ଏଠାରେ ସେ ଯଥାସମ୍ଭବ ଚେଷ୍ଟା କଲେହେଁ, ତଦ୍ରୂପ କରି ପାରି ନାହାନ୍ତି । ଚିତ୍ତରଞ୍ଜନଙ୍କ ଅଭିନୟ ଟିକିଏ ବେଶୀ ବାହୁଲ୍ୟ ହୋଇ ଯାଉଛି । ମଦ୍ୟପ ଇଂରେଜମାନଙ୍କର ମଦ୍ୟପାନରେ ଏତାଦୃଶ ଭଙ୍ଗୀ (ଯାହାକି ସେ ଦେଖାଇବାକୁ ଚେଷ୍ଟାକରୁଛନ୍ତି) ଅପ୍ରାକୃତିକ ହୋଇ ଯାଉଛି । ସର୍ବୋପରି ଜଗବନ୍ଧୁଙ୍କର ଅଭିନୟ ସମଗ୍ର ନାଟକଟିକୁ ମାଟି କରି ଦେଉଛି । ଲେଖକ ଜଗବନ୍ଧୁଙ୍କୁ ନାଟକଟିର ମୁଖ୍ୟନାୟକ କରିବାକୁ ଚେଷ୍ଟା କରିଥିଲେ ହେଁ, ପୁରୀ ରାଜା ମୁକୁନ୍ଦଦେବଙ୍କ ଚରିତ୍ର ଉପରେ ବେଶୀ ପ୍ରାଧାନ୍ୟ ଦେଇଛନ୍ତି । ନାଟକଟିକୁ ଆମୂଳଚୂଳ ଦେଖିଲେ ମୁକୁନ୍ଦ ଦେବ ନାଟକଟିର ପ୍ରଧାନ ନାୟକ ପରି ପ୍ରତୀତ ହୋଇଛନ୍ତି, ଏପରିକି ମୁକୁନ୍ଦ ଦେବଙ୍କ ବନ୍ଦୀ ହୋଇବାପରେ ଜଗବନ୍ଧୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବଣକୁ ଚାଲିଯାଇଛନ୍ତି ଓ ସେଠାରେ ଇଂରେଜ ମାନଙ୍କ ଦ୍ୱାରା ନିହତ ହୋଇଛନ୍ତି ।

ନାଟକଟି ଐତିହାସିକ ହେଲେହେଁ ଲେଖକ ନାଟକୀୟ ଅଦି କେତୋଟି କାଳ୍ପନିକ ଚରିତ୍ରର ସମାବେଶ କରି ନାଟକଟିକୁ ଚିତ୍ତାକର୍ଷକ କରିବାର ଚେଷ୍ଟା କରିଛନ୍ତି । ଅଧିକନ୍ତୁ ଏହାର ଐତିହାସିକ ସତ୍ୟତା ଉପଲବ୍ଧି କରାଇବା ପାଇଁ ମହତାବଙ୍କ ଓଡ଼ିଶା ଇତିହାସର କେତୋଟି ଧାଡ଼ି ଅବିକଳ ଥୋଇ ଦେଇଛନ୍ତି । ଅବଶ୍ୟ ମହତାବଙ୍କ ଇତିହାସ ଯେ ନିର୍ଭୁଲ, ଏଥିରେ ଅନେକ ସନ୍ଦେହ ପ୍ରକାଶ କରୁଛନ୍ତି । ତଥାପି ଲେଖକ କେତୋଟି କାଳ୍ପନିକ ଘଟଣାର ଉଲ୍ଲେଖ କରି ନାଟକଟିକୁ ସରସ ବଦଳରେ ନୀରସ କରି ପକାଇଛନ୍ତି । ଯଥା ମୁସ୍ ରାଣୀଙ୍କ ସମ୍ମୁଖରେ ଇଂରେଜ ମାନଙ୍କର ମୁକୁନ୍ଦ ଦେବଙ୍କ ପ୍ରତି ଅତ୍ୟାଚାର ବେଳେ ଦର୍ଶକର ଧୈର୍ଯ୍ୟ ଚ୍ୟୁତ ଘଟୁଛି ।

ସର୍ବୋପରି ନାଟକର ପ୍ରଧାନ ଦୋଷ ହେଉଛି, ନାଟକଟିର ପରିସମାପ୍ତି ଆଦୌ

ଶ୍ରୀ ବନମାଳୀ ମହାନ୍ତି ବି.ଏ, ( ଅନର୍ସ )

ଚିତ୍ତା-କର୍ଷକ ନୁହେଁ । ମୁକୁନ୍ଦ ଦେବ ବନ୍ଦୀ ହୋଇଗଲା ପରେ, ବିଜୟୀ ଜଗବନ୍ଧୁ ହତୋତ୍ସାହ ହୋଇ ବିଦ୍ରୋହ ବନ୍ଦ କରିଦେଲେ । ମାତ୍ର ପରବର୍ତ୍ତୀ ଦୃଶ୍ୟରେ ବଣରେ, ଲୋକ—ଲୋଚନ-ଅଗୋଚରରେ ଇଂରେଜମାନେ ଜଗବନ୍ଧୁଙ୍କୁ ହତ୍ୟା କରୁଛନ୍ତି । ଯେଉଁ ଜଗବନ୍ଧୁ ଏତେ ଲୋକପ୍ରିୟ ବୋଲି ଲେଖକ ଦେଖାଇଛନ୍ତି, ସେହି ଜଗବନ୍ଧୁ କପରି ନିଃସହାୟପରି ଏକାକୀ ବଣକୁ ପଳାଇଯାଇ ଆତ୍ମ ସମର୍ପଣ କଲେ ଏହା ଅସମ୍ଭବ ପରି ପ୍ରତୀତ ହେଉ ନାହିଁ କି ?

ଅବଶ୍ୟ ଆମମାନଙ୍କ ଦେଶରୁ [illegible] ନାଟ୍ୟ ଶାଳା ପରି କଟକ ସହରରେ ଅନ୍ୟ କୌଣସି ଓଡ଼ିଆ ରଙ୍ଗାଳୟ ନଥିବାରୁ ଲୋକ ବାଧ୍ୟ ହୋଇ ଭଲ ହେଉ, ମନ୍ଦ ହେଉ ବା କେମିତିଆ ବିଜ୍ଞାପନରେ ଭୁଲି ହେଉ ଯାଉଛନ୍ତି, ମାତ୍ର ସେମାନଙ୍କର ଯିବା ବେଳର ଖୁସି ଆସିଲା ବେଳକୁ ରହୁନାହିଁ ।



Digitized by srujanika@gmail.com



ବଙ୍ଗସାହିତ୍ୟରେ ଆଧୁନିକ ଅର୍ଥରେ ଗଳ୍ପସାହିତ୍ୟର ସୃଷ୍ଟି ବେଶୀ ଦିନର ନୁହେଁ, ଏ ତଥ୍ୟ ଓଡ଼ିଆସାହିତ୍ୟ ପାଇଁ ମଧ୍ୟ ପ୍ରଯୁଜ୍ୟ; ନଚେତ୍ ଭାରତର ପ୍ରାଚୀନ କଥା ସାହିତ୍ୟ ମଧ୍ୟ 'ଜାତକ ଗଳ୍ପ' ପଞ୍ଚତନ୍ତ୍ର, ହିତୋପଦେଶ ପ୍ରଭୃତି ଗ୍ରହଣ କଲାପରି ପାଶ୍ଚାତ୍ୟ ସାହିତ୍ୟରେ ଏହିପରି ଧର୍ମମୂଳକ କାହାଣୀମଧ୍ୟ ସ୍ୱୀକାର କରାଯାଇଛି ସ୍ପଷ୍ଟ କରି ସ୍ୱୀକାର କହିଲେ କେବଳ କାଳ୍ପନିକ ବର୍ଣ୍ଣନା ବିନ୍ୟାସ ମଧ୍ୟରେ ଚିତ୍ତବିନୋଦନ ଯେପରି ପ୍ରଧାନ ଲକ୍ଷ୍ୟ ଥିଲା; ଏହିସାବରେ ଓଡ଼ିଆ ସାହିତ୍ୟରେ ବ୍ରଜନାଥ ବଡ଼ଜେନାଙ୍କର 'ଚତୁର ବିନୋଦ' ଏହି ଶ୍ରେଣୀର। ପାଶ୍ଚାତ୍ୟ ସାହିତ୍ୟରେ Iliad ଏବଂ Oyssey ଏହାର ଷ୍ପଷ୍ଟ ଉଦାହରଣ ସୂଚନା ଦେଇଥାଏ। Edda ମଧ୍ୟ ବୀରତ୍ୱପୂର୍ଣ୍ଣ କାହାଣୀର ସଂକଳନ ଅଟେ।

## ଗଳ୍ପ ସାହିତ୍ୟ ଓ ଫକୀର ମୋହନ

ମାତ୍ର ପ୍ରକୃତ ଓଡ଼ିଆ କ୍ଷୁଦ୍ରଗଳ୍ପର କଥା ମନକୁ ଆସିଲେ ଫକୀର ମୋହନହିଁ ଅମର ମନେପଡ଼ନ୍ତି। ସେ କ୍ଷୁଦ୍ରଗଳ୍ପ ସାହିତ୍ୟର ପିତା କହିଲେ ଭୁଲ ହେବନାହିଁ। ଇଂରେଜି ସାହିତ୍ୟରେ 'ଚସର'ଙ୍କର The canterbury-tales ଯେଉଁଭଳି ପ୍ରଥମେ ସମସାମୟିକ ଇଂରେଜି ଜାତୀୟ ଚରିତ୍ରର ଚିତ୍ର ପ୍ରଦାନ କରିବାରେ କୃତିତ୍ୱ ଦେଖାଇଛନ୍ତି, ସେହିପରି ଫକୀରମୋହନ ତାଙ୍କର ସାହିତ୍ୟରେ ପ୍ରକୃତ ଜାତୀୟ ସମାଲୋଚନା ବୋଲି ପ୍ରମାଣ କରିଛନ୍ତି।

ଫକୀରମୋହନ ସାଧାରଣ ଲେଖକଙ୍କ ପରି ପଲ୍ଲବଗ୍ରାହୀ ନଥିଲେ। ତାଙ୍କର ବିଶାଳ କର୍ମମୟ ଜୀବନ ମଧ୍ୟରେ ସେ ଓଡ଼ିଆ ପ୍ରାଣକୁ ତନ୍ନ ତନ୍ନ କରି ଅଧ୍ୟୟନ କରିଥିଲେ। ଓଡ଼ିଶାର ସମସ୍ତ ଅଞ୍ଚଳର ସହିତ ପ୍ରାକୃତିକ ଜଙ୍ଗଲକୁ ଭଲ ଭାବେ ଅଧ୍ୟୟନ କରିଥିଲେ। ସାଧାରଣ ଜୀବନରେ ଜଣେ ସାମ୍ବାଦିକ, ରାଜନୀତିଜ୍ଞ, ସଂସ୍କାରକ ଏବଂ ସାହିତ୍ୟିକ ଭାବରେ ସେ ବିଭିନ୍ନ ସ୍ଥଳରେ ବିଶେଷ ପରିଚିତ ହୋଇଥିଲେ। ସେତେବେଳର କଟକର ଠାକୁର ଆଧୁନିକ ଜମିଦାର, ଚାକରେ। ବଡ଼ବଡ଼ ହାକିମ ମାନଙ୍କଠାରୁ ଆରମ୍ଭ କରି ନଗରଣୀ ପର୍ଯ୍ୟନ୍ତ ଦାଣ୍ଡର ଚଳଣୀଠାରୁ ଆରମ୍ଭ କରି ଘରର ଅନ୍ତଃପୁର, ବାରଅଡ଼ ଏବଂ ପୋଖରୀତୁଠ ପର୍ଯ୍ୟନ୍ତ ସମସ୍ତ କିଛି ସେ ଉଦ୍ଭାବନା ପର୍ଯ୍ୟବେକ୍ଷଣ କରିଥିଲେ। ଓଡ଼ିଆ ଜାତୀୟ ଜୀବନକୁ ଐତିହାସିକ ଦୃଷ୍ଟିରେ ମଧ୍ୟ ତୁଳନା କରିଥିଲେ। ସମାଜରେ କିଭଳି ପରିବର୍ତ୍ତନ ଅବଶ୍ୟମ୍ଭାବୀ ଥିଲା, ନୂତନ ଇଂରେଜି ଶିକ୍ଷିତ ଯୁବକ ମାନେ ଏବଂ ସେମାନଙ୍କୁ ନେଇ ଦେଶର ମନସ୍ତତ୍ତ୍ୱ କିଭଳି କାର୍ଯ୍ୟ କରୁଥିଲା ପରାଧୀନତା ହେତୁ ଦେଶର ଜାତୀୟ ସମୃଦ୍ଧି ବାଣିଜ୍ୟ କିଭଳି ଲୋପ ପାଇ ଯାଉଥିଲା ପାଶ୍ଚାତ୍ୟ ଶିକ୍ଷା ଫଳରେ ପ୍ରାଚୀନ ଏବଂ ନୂତନପନ୍ଥୀ ମାନଙ୍କ ମଧ୍ୟରେ କିଭଳି ବିବାଦ ଲାଗି ରହିଥିଲା, ସମାଜରେ କନ୍ୟା ଦାୟଠାରୁ ଆରମ୍ଭ କରି ନାନା ଅସମ୍ଭବ ଜନକ କୁସଂସ୍କାର ମଧ୍ୟରେ ସାମାଜିକ ଜୀବନ କିଭଳି ବାନ୍ଧି ହେବାକୁ ଯାଉଥିଲା, ଏ ସମସ୍ତ ଦୈନନ୍ଦିନ ଘଟଣା କଳାକାର ସେନାପତିଙ୍କ ଆଖି ଏଡ଼ାଇ ପାରିନଥିଲା, ଫଳରେ ସାଧାରଣ ସାମାଜିକ ମାନବ ଯେଉଁ ସବୁ ଘଟଣା ନିତି ଦେଖିମଧ୍ୟ ଦେଖେନାହିଁ ଶୁଣିମଧ୍ୟ ଶୁଣିପାରେ ନାହିଁ, ଦୂରଦ୍ରଷ୍ଟା ଫକୀରମୋହନ ସେ ସବୁ ଦେଖିଥିଲେ ଏବଂ ଅମର ଲେଖାରେ ରୂପ ପ୍ରଦାନ କରିଥିଲେ।

ତାଙ୍କର 'ଗଳ୍ପସ୍ୱଳ୍ପ' ଏକମାତ୍ର ଗଳ୍ପ ପୁସ୍ତକ। ସେ ବେଶୀ ଗଳ୍ପ ଲେଖି ନାହାନ୍ତି, ମାତ୍ର ଯେଉଁ କେତେଗୋଟି ଲେଖି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପ୍ରଥମେ ସମୃଦ୍ଧ କରିଛନ୍ତି, ତାହା ଐନ୍ଦ୍ରଜାଲିକର ଜାଦୁ ଭଳି ଏବେ ମଧ୍ୟ ଶତ ଶତ ପାଠକଙ୍କୁ ମୋହିତ କରି ରଖିଛି। ଏବେ ମଧ୍ୟ ଓଡ଼ିଆ ଗଳ୍ପ ଲେଖକର ତାହା ଶ୍ରେଷ୍ଠ ଆଦର୍ଶ ହୋଇ ରହିଛି। ଗୋପାଳ ଚନ୍ଦ୍ର, ପ୍ରହରାଜ ଫକୀର ମୋହନଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବା ପରିଷ୍କାର ସ୍ୱୀକାର କରିଥିଲେ। ବର୍ତ୍ତମାନ ଯୁଗରେ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ କଥା ଦିଲ୍ଲୀ ଗୋଦାବରୀଶ ମହାପାତ୍ର, କାଳନ୍ଦୀ ଚରଣ ପାଣିଗ୍ରାହୀ ପ୍ରଭୃତି ଫକୀର ମୋହନଙ୍କ ଛାପ ଭାବ ଗ୍ରହଣ କରି ବାରେ ବାର ଦେଖାଇ ନାହାନ୍ତି। ଅବଶ୍ୟ ଏକଥା ସ୍ୱୀକାର୍ଯ୍ୟ ଯେ ବର୍ତ୍ତମାନ ଯୁଗରେ କଥା ସାହିତ୍ୟର ଧର୍ମରେ ଅନେକ ପରିବର୍ତ୍ତନ ହୋଇଗଲାଣି। ଏହା ଫକୀର ମୋହନ କଥା ସାହିତ୍ୟ ପରି ଜୀବନର ସମାଲୋଚନା ହେଲେ ମଧ୍ୟ ବର୍ତ୍ତମାନ ମନସ୍ତତ୍ତ୍ୱର ବିଶ୍ଳେଷଣହିଁ କଥା ସାହିତ୍ୟର ଆତ୍ମା ହୋଇ ରହିଛି। ଏ ଆଦର୍ଶ ଫକୀର ମୋହନଙ୍କ ସମୟରେ ନଥିଲା; ମାତ୍ର ଏକଥା ଜାଣିବାକୁ ହେବ ଯେ ରଚନାର ରୀତିରେ ଯେ ପରିବର୍ତ୍ତନ ହେଉନା କାହିଁକି ଆଜି ଅସଂଖ୍ୟ ଗଳ୍ପ ଲେଖକଙ୍କ ମଧ୍ୟରେ ଅଳ୍ପ କେତେ ଜଣଙ୍କୁ ଛାଡିଦେଲେ ଫକୀର ମୋହନଙ୍କ ପରି ଗଳ୍ପ ଲେଖାରେ

ଲେଖିକା—ଶ୍ରୀ ଧଠାଣି ପଟ୍ଟନାୟକ ବି.ଏ

କେହି କୃତିତ୍ୱ ହାସଲ କରି ନାହାନ୍ତି। ଏମୁ ତାଙ୍କର ପ୍ରଭାବ ଦିନୁଦିନ ଯାଏ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅବଶ୍ୟମ୍ଭାବୀ। ବଙ୍ଗସାହିତ୍ୟରେ ଅନୁଦିତ ହୋଇଥିବା ଅନେକ ଲେଖା ମଧ୍ୟ ତାଙ୍କର ଅଛି। କଥା ସାହିତ୍ୟରେ ଫକୀର ମୋହନ ଯେଉଁ ଗାଉଁଲି ଆଦର୍ଶ ଦେଖାଇ ଥିଲେ ଏ ଯୁଗର ଉଦୀୟମାନ ତରୁଣ ସାହିତ୍ୟିକ ଶଚୀଦାନନ୍ଦ ରାଉତରାୟ ତାଙ୍କର ମଶାଣି ରେ ପଦ୍ୟ ଭାଷାରେ ସେହିରୂପ ଦେବାକୁ ଚେଷ୍ଟା କରିଛନ୍ତି। ଶ୍ରୀଯୁକ୍ତ ରାଉତରାୟଙ୍କ ପାହିର ମଶିପ ଏବଂ ମଶାଣିର ଫୁଲରେ ଗଳ୍ପ କବିତାର କୃତୀ ମଧ୍ୟରେ ଫକୀର ମୋହନହିଁ ବେଳେ ବେଳେ ମନେ ପଡ଼ନ୍ତି। ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଗଳ୍ପ ଲେଖକ ମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଗୋପୀନାଥ ମହାନ୍ତି, ସୁରେନ୍ଦ୍ରଶୋର ରାୟ, ଲକ୍ଷ୍ମୀ ନାରାୟଣ ମହାନ୍ତି ପ୍ରଭୃତି ଅଳ୍ପ କେତେ ଜଣ କୃତୀଗାଳୀଙ୍କୁ ଛାଡ଼ି ଦେଲେ ଗଳ୍ପ ସାହିତ୍ୟରେ ଯେଉଁଭଳି ଗୋଟିଏ ଧାରାବାହିକ ରୀତି ଅନୁସୃତ ହେଉଛି ବୋଲି ମନେ



Digitized by srujanika@gmail.com

ହୋଇଛି । ଫକୀର ମୋହନଙ୍କ ଅଳ୍ପ ଜ୍ୟପରେତ୍ତ ଲେଖକମାନଙ୍କ ଲେଖାରେ ନାନା ବୈଶିଷ୍ଟ୍ୟ ମଧ୍ୟରେ ରସ ପରିବେଷଣ କରି ଯାଇଛି । ମାତ୍ର କାବ୍ୟ ଯୁଗର ସାଧାରଣ ରୀତି ମଧ୍ୟରେ ରାଜ-କୁମାର, ରାଜକୁମାରୀର ପ୍ରଣୟ, ବଂଶ ପ୍ରଭୃତି ବିଷୟ ଗଳ୍ପ ହେଉଥିବାରୁ ଏବେ ମଧ୍ୟ ଅସଂଖ୍ୟ ଗଳ୍ପ ଲେଖକ ସେହି ପ୍ରକାର ମାମୁଲି ରୀତିରେ ଗଳ୍ପ ଲେଖିଥାନ୍ତି । ଲକ୍ଷ୍ମୀଧର ନାୟକ, ଚନ୍ଦ୍ର ମଣି ଦାସ ପ୍ରଭୃତି ଗଳ୍ପ ଲେଖାରେ ଯଥେଷ୍ଟ କୃତିତ୍ୱ ଦେଖାଇଥିଲେ ମଧ୍ୟ ଏହି ଶ୍ରେଣୀର ଅଟନ୍ତି । ଏସବୁ ଆଲୋଚନା ପ୍ରସଙ୍ଗରେ ଏତିକି ମନେ ହେଉଛି ଯେ ଏବେ ମଧ୍ୟ ଫକୀର ମୋହନ ଆଦର୍ଶ ହୋଇ ରହିବା ଉଚିତ । ତାଙ୍କର ଲେଖାରେ ଯେଉଁଳି ଜୀବନ ଅଛି, ବର୍ଣ୍ଣନାର ବୈଶିଷ୍ଟ୍ୟ ଅଛି, ଏବଂ ଭାଷାର ସାବଲୀଳତା ମଧ୍ୟରେ ସମସାମୟିକ ଶୁଷ୍କ ଐତିହାସିକ ବିଷୟ ସବୁକୁ ଯେଉଁଳି ରସାଣିତ କରିପାରିଛି, ତାହା ଆଜି ପ୍ରାୟତଃ ଦେଖିବାକୁ ମିଳେନାହିଁ । ତାଙ୍କର ଆଦର୍ଶ ଭୁଲିଯିବା ଅର୍ଥ ସାହିତ୍ୟର ପ୍ରକୃତ ଆଦର୍ଶ ଭୁଲିଯିବା ।

ଏହିଭଳି ଆଲୋଚନା ପ୍ରସଙ୍ଗରେ ଫକୀର ମୋହନଙ୍କର ଗଳ୍ପ ଗୁଡ଼ିକ ବିଚାର କରାଯାଇ ପାରେ । ତାଙ୍କର ରେବତୀ ଗଳ୍ପ ସର୍ବ ପ୍ରଥମ ଗଳ୍ପ ଗୋଦାବରୀଶ ମହାପାତ୍ରଙ୍କ "ଘଟଣାଏବେ ପଛିଯାଉଛି" ଗଳ୍ପ ସଙ୍ଗେ ତୋଳେ ରେବତୀ ଗଳ୍ପରୁ ପ୍ରକୃତ ସ୍ପନ୍ଦନ ଗ୍ରହଣ କରିଛି । ତୃତୀୟ ମୁହଁରେ 'ଲୋ ରେବତୀ, ଲୋ ଦେଇ, ଲୋ କାଉଁ ଲୋ ଚୁଲି'ର ଚିତ୍ର ଏବଂ ଭାବ ଯେପରି ମହାପାତ୍ରଙ୍କ ଗଳ୍ପ ମଧ୍ୟରେ ପ୍ରତିଧ୍ୱନିତ ହୋଇଛି । ଇଂରେଜି ପାଠ ପଢ଼ିବା ଫଳରେ ସମାଜରେ ଯେଉଁଳି ସମସ୍ତ ବିଭ୍ରାଟ ସୃଷ୍ଟି ହୋଇଛି, ସମସ୍ତ ଦୁର୍ଗତିର ମୂଳରେ ଯେପରି ଏହି ଇଂରେଜୀ ପଢୁଆମାନେ ଅଛନ୍ତି, ଏହାହିଁ ସେ ସମୟର ସାମାଜିକ ମନର ଅବସ୍ଥା । ତେଣୁ ବୃଦ୍ଧଙ୍କର ରକ୍ଷଣଶୀଳ ମନରେ ରେବତୀର ଇଂରେଜୀ ପଢିବା ଯେପରି ତାଙ୍କ ପରିବାରର ଦୁର୍ଗତି, ବାମବନ୍ଧୁ ଓ ମାତାର ମୃତ୍ୟୁ ପ୍ରଭୃତି ସମସ୍ତ ଅଲକ୍ଷଣର କାରଣ ହୋଇ ଉଠିଛି । ପେଟଣ୍ଟ ମେଡ଼ିସିନ ଗଳ୍ପରେ ଇଂରେଜୀ ନାମ କରଣ କାଣ୍ଡରେ ନୂତନ ଇଂରେଜୀ ପ୍ରଭାବର ସୂଚନା ଦିଏ । ବ୍ୟଙ୍ଗୋକ୍ତି ଛଳରେ ଏଥିରେ ହାସ୍ୟ ରସର ଯଥେଷ୍ଟ ଅବତାରଣା କରା-ଯାଇଛି । ମଦଖୋର ସ୍ୱାମୀଙ୍କର ଧବଳେଶ୍ୱର ଯିବା ଛଳରେ ଗୁଲି ଖାଇବାର ପ୍ରୟାସ, ମଦ ଗୃହରକୁ ଠାକୁର ଘରେ ଅଧ୍ୟୟ ପଢିବାର ଛଳନା ବଦେଶ କରି ମଦ ଖାଇବାକୁ ପଳାୟନ ଏକ ବାସ୍ତବ ଚିତ୍ରର ସୂଚନା ଦିଏ । ପତିବ୍ରତା ସ୍ତ୍ରୀର ଅଦ୍ଭୁତ ସାହାଯ୍ୟରେ ମଦଭକ୍ତ ସ୍ୱାମୀର ପରିବର୍ତ୍ତନ କେବଳ 'ଉପଭୋଗ୍ୟ ନୁହେଁ; ହିନ୍ଦୁ ସମାଜର ଏକ ନଷ୍ଟ, ଜୀବନ ରହିଛି ରହିଛି ।

ଫକୀର ମୋହନଙ୍କ ସମୟରେ ନୂତନ ହୋଇ ଇଂରେଜୀ ସଭ୍ୟତା ଏ ଦେଶରେ ପ୍ରବେଶ କରୁଥିଲା । ଯେଉଁମାନେ ନୂଆ ପଢୁଆ ହୋଇ ବାହାରୁଥିଲେ । ସେମାନଙ୍କ ଜୀବନ ବହୁତ ସାଧାରଣ ସମାଜରେ ଏକ ବିଭ୍ରାଟ ଖାଲି ଛାଡ଼ି ଯାଉଥିଲା । ନୂତନ ଏବଂ ପୁରାତନ ମନୋବୃତ୍ତିର ଭୀଷଣ ସଂଘର୍ଷ ଲାଗି ରହିଥିଲା । ନୂଆ ଇଂରେଜୀ ଶିକ୍ଷିତମାନେ ଦେଶୀୟ ରୀତି ଛାଡ଼ି ଇଂରେଜ ମାନଙ୍କର ରୀତି ନୀତି ଗୁଡ଼ିକ ଚଳନ ଅତି କୃତ୍ରିମ ଭାବରେ ଗ୍ରହଣ କରିଥିଲେ, ଯାହାକି ଏ ଦେଶର ସମାଜର ବା ଜଳବାୟୁର ଉପଯୋଗୀ ନଥିଲା । ସେମାନେ ମଦ ମାଂସ ଠାରୁ ଆରମ୍ଭ କରି ଚରିତ୍ରହୀନତାର ଯଥେଷ୍ଟ ଗୌରବ ଦେଖାଉଥିଲେ । ଅନେକେ ସଂସ୍କାରକ ଭାବରେ ପରିବେଦନାରେ ନାନା ବିଭ୍ରାଟ ସୃଷ୍ଟି କରୁଥିଲେ । ତାଙ୍କର 'ଗାରୁଡ଼ି ମନ୍ତ୍ର' ଗଳ୍ପରେ ଉଚ୍ଚ ଶିକ୍ଷିତ ବାବୁ କଉଳ ସଂସ୍କାର ପ୍ରିୟ ଏବଂ ଇଚ୍ଛାମତ ପତ୍ନୀ ଗ୍ରହଣ କରିବାର ଖିଆଲ ନେଇ ଯେଉଁ ଭୁଲ କରୁଥିଲେ ତାହା ସେନାପତି ମହାଶୟ ତାଙ୍କର ସ୍ୱଭାବ ସିଦ୍ଧ ରହସ୍ୟ ନେଇ ମନୋମତ ସ୍ତ୍ରୀକୁ ବର୍ଣ୍ଣନା କରିଛନ୍ତି—

"ବୁଝା ପଢ଼ା ନାହିଁ ନାହିଁ
 ଗୋଡ଼ ଚିପି ଚିପି ଗମନା,
ମୁଖଚନ୍ଦ୍ର ଅବୃତ
 ହାତେ ଲମ୍ବ ଓଢ଼ଣା ।
ଚାଁ—ଚାଁ କଥା କଣ୍ଠ
 କାଡ଼ର୍ଜୀ ସମାନା,
ଧନୁକୋଣ ବାସିନୀ
 ଶର୍ଦ୍ଦସ ବଦନା ।
ମାର୍ଜ୍ଜାର ଶିଶୁ ପ୍ରାୟ
 ମୁଦ୍ରିତ ନେତ୍ର ।
ଢେଲ ହୃଦ୍ରୋଗି
 ଲୋହିତ ଗାନ୍ଧା ।

ସଭ୍ୟଜମିଦାର ଗଳ୍ପରେ ଇଂରେଜୀ ଶିକ୍ଷିତ ଗୋପାଳବାବୁଙ୍କ ପୁଅ ବାଦଶାର୍ଚୀଚରଣ ପ୍ରଧାନ ମଦ୍ୟପ ଓ ଅତ୍ୟଧିକ ବିଳାସପ୍ରିୟ । ସଂସ୍କାରର ଅପବ୍ୟବହାର ଫଳରେ ସମାଜରେ ନାନା ଦୁର୍ଘଟଣା ଘଟିଛି । ଦେଶରେ ଜମିଦାରୀ ଧ୍ୱଂସ ପାଇ ଯାଉଛି । "ବାରେଇ ଖଣାଛ" ଗଳ୍ପରେ ସ୍ୱାର୍ଥପର ସମାଜରେ ଉପଦର ସୁଯୋଗ ନେଇ ତଥା କଥିତ ବନ୍ଧୁମାନେ କଉଳ ଭଲ ପାଇବାର ଛଳନା କରି ସମସ୍ତ ବୋହି ନେବାକୁ ତିଆର, ତାର ଚିହ୍ନ ଦେଖି ଯାଇଛି । ସମାଜରେ କନ୍ୟାଦାୟର ପ୍ରଚଳନ ମଧ୍ୟରେ ଯେଉଁ ଅମନୁଷ୍ୟତା ବିଦ୍ୟମାନ ଥିଲା ଏବଂ ତାରଫଳରେ ଗରିବ ପିତା ଟଙ୍କାର ପ୍ରଲୋଭନରେ ଷାଠିଏ ବର୍ଷର ବୃଦ୍ଧକୁ ଯୁବତୀ କନ୍ୟା ବିବାହ ଦେବାକୁ ପରାଙ୍ମୁଖ ନୁହନ୍ତି । ଏଭଳି ଆମ ସମାଜରେ ଏବେ ମଧ୍ୟ କେତେଦିନ ଘଟୁଛି । ସେ କଥା ଦେଖୁଛି କିଏ ? ସେହିପରି ତାଳ ମୁହଁରେ ଚ ସେଇ ବିବାହ ନେଇ ମିଶ୍ରଙ୍କ ଅଗରେ ଲେଖକ ପ୍ରକାଶ କରିଛନ୍ତି—"ଦୈବଗରେ ଦୟାମାୟା କଣ ମିଶ୍ରେ ? ××× ଏତ ଚଉଦ ବର୍ଷର ଝିଅ-ଜିମିତି ଅର୍ଦ୍ଧ କ୍ଷୀଣରେ ପଶିବ । ××× ଯା ପିଛେ ଖଡ଼ଲଗାରେ କେତେଟଙ୍କା ସାରିଲଣି ? ××× ହଜାରେ ହେଲାତ ବସ, ନୋହିଲେ ସିଧା ଦାଣ୍ଡ ପଡ଼ିଛୁ ।" ଏହାହିଁ କଳୁଷିତ ପିତାର ମନସ୍ତତ୍ତ୍ୱ । ସମାଜର ଏ ଅଧପତନ ନେଇ ଲେଖକ ଲେଖନୀ ଚଳାଇବାକୁ ବାଧ୍ୟ ହୋଇଥିଲେ । କେବଳ ସେତିକି ନୁହେ ଦେଶରେ ପ୍ରକୃତ ଧନର ଅଦର କମିଯାଉଥିଲା । ବ୍ରାହ୍ମଣ ସମାଜ ଘୋର ଅଧଃ ପତିତ ଅବସ୍ଥାରେ ପଡ଼ିଥିଲା । ତାଙ୍କର "ଅଧର୍ମବିତ୍ତ" ଗଳ୍ପରେ ସମାଜରେ ଅଧଃପତନରେ ଲେଖକ କାରୁଣ୍ୟ ପ୍ରକାଶ କରି କହିଛନ୍ତି—"ବୋଲନ୍ତୁ ଭାଇ, ଏତେ ବଡ଼ ଶାସନ ଠାରେ ଗୋଟିଏ କ ତ୍ରିପାଠୀ ନାହିଁ—ଭିକ୍ଷା ନାସ ଶୁଙ୍ଘି ଭାଙ୍ଗ ପିଇ ଚୌପହର କେଳ ଦିନ କଟିବେ । ଦାତାଙ୍କୁ ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ ଆଜ, ଯଜନ ବ୍ରାହ୍ମଣ କୁଳରେ ଜାତ ହୋଇ କେତେଜଣ ତ୍ରିକାଳ ସନ୍ଧ୍ୟାରେ ଗାୟତ୍ରୀ ଜପ, ସନ୍ଧ୍ୟା ବନ୍ଦନାଦି ନିତ୍ୟକର୍ମ କରନ୍ତି ।" କେବଳ ସେତିକି ନୁହେଁ



Digitized by srujanika@gmail.com

ପ୍ରବଳ ଦୁର୍ବଳ ଉପରେ ଅତ୍ୟାଚାର ଅଗମ୍ୟ କରିଦେଇଛି । ଶରୀରର ଅସ୍ତନରେ କପି ଲେଖକ ଲୋଖି ମହାଜନଙ୍କ ଧ୍ୱଂସ କରିଛନ୍ତି । "ସଞ୍ଚିନ୍ତିଅ ଅନନ୍ତା ।" ଶବରେ ଗମ୍ଭୀର ହାସ୍ୟରସର ସୃଷ୍ଟି ହୋଇଛି । ଅନନ୍ତା ରମା ସିହାଣୀର ରୂପବର୍ଣ୍ଣନ ସହିତ ପାଠକ ତାଳ ଦେଇ ହସି ହସି ବେଦମ ହୋଇଯାଏ । ଓଡ଼ିଆ ଘରର ସାଧାରଣ ମା 'ପରି ଅନନ୍ତା ମା' "ସେଜ ବତି ସକାଳୁ ଉଠି ପୁଅକୁ ତେଲ ହଳଦି ଟିକିଏ ମାଖିଦେଇ କାଠ ପିଣ୍ଡାରେ ମୁଣ୍ଡ ଲୁଣ୍ଠାଇ ଗୋଟାଏ ସ ଳଣ୍ଠ ବାନ୍ଧି ଦିଏ । ଘଡ଼ିଏ ଯାଏଁ ପୁଅ ମୁହଁକୁ ଚାହିଁ ତବାଦେ ଅପେ ଛଡ଼ କାମୁଡ଼ି ପକାଇ କହେ—ମା ଉହାଣୀ । ସୁନ୍ଦର ପୁଅଟିକୁ ମୁଁ ଚାହିଁଛି ତାହାବାଦେ ତୁଳସୀ ମୂଳରୁ ଟିକିଏ ମାଟି ଆଣି ମୁଣ୍ଡରେ ଚିତା କରିଦିଏ । ତା ଉପରେ ଟିକିଏ ଗୋବର ଲଗାଇଦିଏ । ତାହାବାଦେ ପୁଅ-ଉପରକୁ ଟିକିଏ ଛେପ ପକାଇ ଦିଏ ।" ସମାଜକୁ ଅଧ୍ୟୟନ କରିବାରେ ଫକୀର ମୋହନ ଯେଉଁଳି କୃତିତ୍ୱ ଦେଖାଇଛନ୍ତି କ୍ଷୁଦ୍ର ଗଳ୍ପ ଦୃଷ୍ଟିରୁ ରସପରିବେଷଣ କରିବାରେ ସେତିକି ସମର୍ଥ ହୋଇଛନ୍ତି । ବର୍ତ୍ତମାନ ଯୁଗର ସମାଲୋଚକ Hudson ହୁମେନ କ୍ଷୁଦ୍ର ଗଳ୍ପ ସମ୍ବନ୍ଧରେ କହିଛନ୍ତି ।—"... a short story is a story, that can be read in one single sitting" 'ଏକାନିଶ୍ୱାସ୍‌କେ ପଢ଼ିବା ଭଳି ଗଳ୍ପ କେବଳ ଫକୀର ମୋହନ ହିଁ, ଏଥିରେ ଭୁଲନାହିଁ । ତାଙ୍କର 'ଡାକମୁନ୍‌ସୀ' ଗଳ୍ପରେ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କର ଚୂଡ଼ାନ୍ତ ମୋହ ଓ ନିଜର ଗୁରୁଜନଙ୍କୁ ଅସମ୍ମାନ ପ୍ରଦର୍ଶନ, 'ଧୂଳିଆ ବାବା' ରେ ଗାଁ ଲୋକଙ୍କର ସରଳ ପ୍ରକୃତିର ସୁଯୋଗ ନେଇ ଠକିବା, 'ଅଜାଙ୍କ କଥା' ରେ ରକ୍ଷଣଶୀଳ ବ୍ୟକ୍ତିଙ୍କର ଆଧୁନିକ ବ୍ୟବସାୟ ପ୍ରତି ଭୁଲଧାରଣା ଦୂରକରିବାର ଚେଷ୍ଟା, "ବାଲେଶ୍ୱର ସିହାଣୀ"ରେ ସେ ସମୟର ସ୍ତ୍ରୀପାଠରେ ଶିକ୍ଷୟିତ୍ରୀଙ୍କ ଅବସ୍ଥା, 'ପାଠୋଇ ବୋହୂ' ର ସମାଜର ନିଷ୍ଠୁରତା ଓ ଗମ୍ଭୀର ରହସ୍ୟ, ବାଦ 'ବାଲେଶ୍ୱରୀ ପଞ୍ଜାଲୁଣି' 'କମଳା ପ୍ରସାଦ ଗୋସ୍ୱାମୀ" ରେ ଉଲ୍ଲଙ୍ଘର ନୌବାଣିଜ୍ୟ ଏବଂ ସମୃଦ୍ଧିର ଚିତ୍ର, 'ମୋନାମୋଣି' ରେ ଦେଶର ଜମିଦାର ମାନଙ୍କରେ କାମାଳଙ୍କ ସନ୍ନ୍ୟାସୀଙ୍କର ଅତ୍ୟାଚାର, 'ସଭ୍ୟ ଜମିଦାର' ରେ ମାତ୍ର କଣ୍ଠସ୍ୱରକୁଳେ ଆଦର୍ଶ ଦମ୍ପତିର ଉଦାହରଣ ଓ ଆଦର୍ଶ ଜୀବନ, 'ପୁନର୍ମୂଷିକୋ ଭବ" ରେ ଛୋଟ ଲୋକ ବଡ଼ ଆସନ ପାଇଲେ ଅତ୍ୟାଗ୍ରହୀ ହେବା ଏବଂ ତାହାର ଧ୍ୱଂସ; ଏପରି ବହୁତ ଗଳ୍ପରେ ନାନା ବୈଚିତ୍ର୍ୟ ଏବଂ କଳାକୁଶଳତା ମଧ୍ୟରେ ଶ୍ରେଷ୍ଠ କଥାଶିଳ୍ପୀର ପରିଚୟ ଦେଇଅଛନ୍ତି ।

ବର୍ତ୍ତମାନ କାଳରେ Canabyଙ୍କର ଗଳ୍ପ ସାହିତ୍ୟର ବିଶ୍ଳେଷଣ ବିଶେଷ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି—"...he must find a beginning, a middle and an end for his narrative. It is a completed action that his audience asks for." ଏ ସବୁ ଅନେକ ପରିମାଣରେ ଫକୀର ମୋହନଙ୍କ ଗଳ୍ପରେ ସାର୍ଥକ ହୋଇଛି । ତାଙ୍କର ଉପନ୍ୟାସ ଭଳି ସେ ଚରିତ୍ରମାନଙ୍କୁ ବ୍ୟବହାର କରିନାହାନ୍ତି । ପ୍ରକୃତ କବିର ଅସ୍ତନରେ ସେ ସେମାନଙ୍କୁ ଉପଯୁକ୍ତ ପ୍ରଶଂସା ଏବଂ ଦଣ୍ଡପ୍ରଦାନ କରିଛନ୍ତି । ମାତ୍ର ତାଙ୍କର ସବୁଠାରୁ ବିଶେଷ ଦୁର୍ବଳତା ହେଉଛି ଯେ ସେ କୌଣସି ସମାଧାନର ଚେଷ୍ଟା କରିନାହାନ୍ତି । ଏତଦ୍‌ବ୍ୟତୀତ ଏ କଥା ଭୁଲିବା ଉଚିତ ନୁହେଁ ଯେ ଇତିହାସ ଗଢିବାରେ ତାଙ୍କର ଲେଖା ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । ଓଡ଼ିଆ ଗଳ୍ପ ସାହିତ୍ୟର ପିଢ଼ା ହିସାବରେ ତାଙ୍କର ଲେଖା ସର୍ବଯୁଗମୟୀ ହୋଇ ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଅକ୍ଷୁଣ୍ଣ ରହିବ ।



ନିମଗ୍ନତା

ଶିଳ୍ପୀ—ଜଗନ୍ନାଥ ମିଶ୍ରଙ୍କ ଦ୍ୱାରା ଅଙ୍କିତ )



Digitized by srujanika@gmail.com



ଏବେ ଆଉ ଲାଇନକୁ ଯାଇ ହେଉନି । ଗଲେ ଜିନିଷ ମିଳୁନି । ମିଳିଲେ ଏତେ ବେଶି ଦର କହୁଛନ୍ତି ଯେ ତୁମ ଆମ ଭଳି ଅଳ୍ପ ଆୟର ଲୋକେ କିଣିବା ସମ୍ଭବ ପର ନୁହେଁ । ଆଗେ ଲଢ଼େଇ ଲାଗିଥିଲା । ଜିନିଷ ନ ମିଳିଲେ ବା ଦର ବେଶି ହେଲେ ସରକାର କହୁଥିଲେ, ଇଂରେଜ ମନେ ଆମ ମତ ନ ନେଇ ଆମକୁ ଲଢ଼େଇରେ ପୂରାଇ ଦେଲେ । ସେମାନଙ୍କ ଫଉଜଙ୍କ ପାଇଁ ଏତେ ଜିନିଷ ଦରକାର ଏବଂ ଚୋର ବେପାରୀ ଦସ୍ତି ଦଳ ସବୁ ଜିନିଷ ନେଇଯିବା ସମସ୍ୟା ବି ତାଙ୍କର ଅଛି । ଲଢ଼େଇ ନ ସରିବା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କୁ କଷ୍ଟ ସହିବାକୁ ପଡ଼ିବ । ଲଢ଼େଇ

## ଡାଢିଲା ବଜାର

ସରିଲେ ଏବଂ ବିଶେଷରେ ଦେଶ ସ୍ୱାଧୀନ ହୋଇଗଲେ ଏ ସବୁ ଅସୁବିଧା ରହିବ ନାହିଁ । ଦାନାକନା ସହଜରେ ଓ ସୁଲଭରେ ମିଳିବ । ୨ ବର୍ଷ ହେଲା ସ୍ୱାଧୀନତା ଆସିଲାଣି । ଆମ ଲୋକେ ଲାଟ, ବଡ଼ଲାଟ, ମନ୍ତ୍ରୀ ବ୍ୟବସ୍ଥାପକ ସବୁ ହେଲେ । ସଭାସମିତି, ଅଭିନନ୍ଦନ ସଂଖ୍ୟା ଏତେ ବଢ଼ିଗଲା । ସାଧାରଣ ଲୋକ ଯେ ତିମିରେ, ସେ ତିମିରେ । ଜିନିଷ ପତ୍ର ମିଳୁନି; ଦରଦାମ ବି କମୁନି । ଜଣା ପଡ଼ିଲାଣି, ସ୍ୱାଧୀନତା ଓ ଡାଢିଲା ବଜାର ପରସ୍ପର ସଂପୃକ୍ତ ନୁହଁନ୍ତି । ଡାଢିଲା ବଜାରକୁ ଥଣ୍ଡା କରିବା ଲାଗି ଅନ୍ୟ ଉପାୟ ଚିନ୍ତା କରିବାକୁ ପଡ଼ିବ ।

ଅର୍ଥନୀତିଜ୍ଞ ମାନଙ୍କର ଗୋଟିଏ କାହାଣୀ ଜଣା ଅଛି । ସବୁ ଜିନିଷର କାରଣ ସେମାନେ ଖୋଜିଥିବାକୁ ଚାହାନ୍ତି । ସାଧାରଣ ଭାଷାରେ ସେହାକୁ ଯୋଗାଣ ଓ ଚାହିଦା ନିୟମ ବୋଲି କହନ୍ତି । ସେଥିରେ ଅଛି, ଜିନିଷ କମିଲେ ଦର ବଢ଼ିବ ଏବଂ ଦର ଘଟିଲେ, ଜିନିଷ ମିଳିବ । ପ୍ରକୃତରେ ଏ କଥା ପଦକ ଅତି ମୂଲ୍ୟବାନ ।

ପ୍ରଥମେ ଦର ବଢ଼ିବା କଥା ବିଚାର କରାଯାଉ । ଲଢ଼େଇ ସରିବା ପରେ ବଜାରକୁ ନୂଆ ଲୋକ ଆସିଲେ; ନୂଆ ପଇସା ଆସିଲା । ଯୁଦ୍ଧକାଳୀନ ସୁବିଧା ବ୍ୟବହାର କରି ଅନେକ ଲୋକ ଧନୀ ହୋଇଗଲେ ! ଅନ୍ୟ କେତେକଙ୍କର ପୂର୍ବାପେକ୍ଷା କିଣିବା ଶକ୍ତି ବଢ଼ିଗଲା । କଣ୍ଟ୍ରୋଲ୍ ବଜାରରେ ସରକାରଙ୍କ ଜରିଆରେ ବାଣ୍ଟକୁଣ୍ଟ ହେବାରେ ସମସ୍ତେ ଅଭ୍ୟାସ ବିରୁଦ୍ଧରେ ବି ନିଜ ଅଂଶ ଦାବୀ କରି ବସିଲେ । ଫଳରେ ଲୋକଙ୍କ କିଣିବା ଢଙ୍ଗ ବଦଳିଗଲା । ତା ସାଙ୍ଗକୁ ନୂଆ ଧନୀ ହୋଇ ଥିବା ଲୋକେ ନିଜ ଧନବଳରେ ବଜାରକୁ ଅବ୍ୟବସ୍ଥ କରି ପକାଇଲେ । ଜିନିଷ ଯୋଗାଉଥିବା ଲୋକେ ଏମାନଙ୍କ କିଣିବା ଆଗ୍ରହ ଦେଖି ନିଜ ପଦାର୍ଥ ଲୁଚାଇ ରଖିଲେ ଏବଂ ବେଶି ଦାମ ମାଗିଲେ । ଏମାନଙ୍କ ନୂଆ ଧନ କୌଣସି ବାଧା ନ ମାନି ବଜାରରେ ଲଦି ହେଲା । ତେଣୁ ବନାପୋତା, କଳାବଜାର ସବୁ ଚାଲିଲା । ଏହି ମୁନାଫାଖୋରଙ୍କ କାରସାଦି ନଷ୍ଟ କରିବା ଲାଗି ଦୁଇଟି ଉପାୟ ଥିଲା । ଦେଶ ମଧ୍ୟରେ ଅଧିକ ପଦାର୍ଥ ଉତ୍ପାଦନ କରିବାକୁ ହେବ, କିମ୍ବା ବିଦେଶରୁ ପଦାର୍ଥ ଆମଦାନୀ କରିବାକୁ ପଡ଼ିବ । ଦୁଇଟି ଯାକ ଉପାୟ ବର୍ତ୍ତମାନ ସରକାରଙ୍କ କ୍ଷମତା ମଧ୍ୟରେ ଅଛି ।

ଦାନା ଓ କନା ସରକାରଙ୍କ ନିୟନ୍ତ୍ରଣ-ପରିଭୁକ୍ତ । ଦାନା ତିଆରି କରନ୍ତି ଗାଁ ଲୋକେ; ସେଥିରେ କଳାବଜାର କରନ୍ତି ଧନୀ ଓ ସହରୀ ଲୋକେ । କନା ଲାଗି ତୁଳା ଚାଷ କରନ୍ତି ଗାଁ ଲୋକେ, କଳାବଜାର କରନ୍ତି ମିଲ ମାଲିକ ଓ ଦୋକାନୀ । ପ୍ରକୃତ ଉତ୍ପାଦନ କରୁଥିବା ଲୋକେ କଷ୍ଟ ସହୁଛନ୍ତି ଓ କୌଣସି କଥାକୁ ଖାତିର ନ କରି ପୂର୍ବପରି ଉତ୍ପାଦନ କରିବାରେ ବ୍ୟସ୍ତ । କୌଶଳୀ ବ୍ୟବସାୟୀ ତ ଷ୍ଟାଳକ୍ରୟା ଉପୃକ୍ତି ନେଇ ନିଜ ବ୍ୟାଙ୍କ-ସଞ୍ଚିତ ଧନର ପରିମାଣ ବଢ଼ାଇବାରେ ବ୍ୟସ୍ତ । ସରକାର ଅଧିକ ଉତ୍ପାଦନ କରିବା ଲାଗି ଆନ୍ଦୋଳନ ଓ ଉଦ୍ୟମ ଚଳାଇ ଛନ୍ତି । ମିଲମାଲିକ ଓ ଶ୍ରମିକଙ୍କ ଉପରେ ଚାପ ପକାଉଛନ୍ତି । ତେବେ ବି ଉତ୍ପାଦନ ଆଶାନୁରୂପ ବଢ଼ୁନି । ମିଲମାଲିକ ବା ଶିଳ୍ପପତି ମାନଙ୍କୁ ପଚାରିଲେ, ସେମାନେ ଶ୍ରମିକଙ୍କ ଉପରେ ଦୋଷ ଲଦି ଦେଉଛନ୍ତି । ଟିକିଏ କେଉଁଠି ସାମାନ୍ୟ ଗଣ୍ଡଗୋଳ ହେଲା ତାକୁ ତେଜି ଦେଇ ବା ତେଲର ଦେଇ ଶ୍ରମିକ ଆନ୍ଦୋଳନ ନାମରେ ଉତ୍ପାଦନ କମାଇ ଦେଉଛନ୍ତି । ସେମାନେ ଜାଣନ୍ତି, ଉତ୍ପାଦନ ବଢ଼ିଲେ ଦର କମିବା ସୁନିଶ୍ଚିତ ଓ ଦର କମିଲେ ଲାଭ କମିଯିବ । ଯେ କୌଣସି

ଲେ—ଅଧ୍ୟାପକ ଶ୍ରୀ ରାମଚନ୍ଦ୍ର ଦାଶ

ଉପାୟରେ ଉତ୍ପାଦନ କମ ରଖିବାରେ ତାଙ୍କ ସ୍ୱାର୍ଥ ଜଡ଼ିତ । ପରିଣାମରେ ଶ୍ରମିକ ବର୍ଗ ନିର୍ଯ୍ୟାତିତ ହେଉଛି । ୧୯୪୭ ଡିସେମ୍ବର ମାସରେ ଦିଲ୍ଲୀରେ ଗୋଟିଏ ତ୍ରିପକ୍ଷ ସମ୍ମିଳନୀ ହୋଇ ଉତ୍ପାଦନ ବଢ଼ାଇବା ଦୃଷ୍ଟିରୁ ଧର୍ମଘଟ ଇତ୍ୟାଦି ବା ବର୍ଷକାଳ ବନ୍ଦ ରଖିବା ପ୍ରସ୍ତାବ ହେଲା । ସମସ୍ତେ ପ୍ରତିଶ୍ରୁତି ଦେଲେ । ତଥାପି ଶ୍ରମିକ ମାନଙ୍କୁ ଆୟତ୍ତ ରଖିବା ଲାଗି "ଶିଳ୍ପ ଦ୍ୱନ୍ଦ୍ୱ ନିୟମ" ନାମରେ ଧର୍ମଘଟ ପରିବର୍ତ୍ତେ ଆପୋଷ ନିଷ୍ପତ୍ତିର ସୂତ୍ରପାତ ହେଲା । କେତେ ଜଣ ଶ୍ରମିକ ନେତା ଏହାର ପ୍ରତିବାଦ କରିଥିଲେ ସତ; ସେମାନଙ୍କ ମତ ଗ୍ରାହ୍ୟ ହେଲା ନାହିଁ । ତେଣୁ ଶ୍ରମିକଙ୍କର ଶ୍ରେଷ୍ଠ ଆୟୁଧ ଖସି ପଡ଼ିଲା । ପଣ୍ଡିତ ନେହେରୁଙ୍କ ଭାଷାରେ "ଶ୍ରମିକ ମନେ ମଜା ଦେଖିବାକୁ ଧର୍ମଘଟ କରନ୍ତି ନାହିଁ । କେବଳ ଅବସ୍ଥା ଅସହ୍ୟ ହେଲେ ସେମାନେ ଏହାକୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତି ।" ସବୁ ଜିନିଷର ଦରଦାମ ବଢ଼ିଲା; ମଜୁରିଆ ମାନଙ୍କ ଖାଇବା ପିନ୍ଧିବାକୁ ଓ ଆନ୍ୟାନ୍ୟ ସାଧାରଣ ଅସୁବିଧା ମେଣ୍ଟାଇ



Digitized by srujanika@gmail.com

ବାକୁ ଠିକା ମିଳୁଲା । ନିଜେ ସରକାର ହିସାବ କରି କହୁଛନ୍ତି ଯେ ୧୯୩୯ ମସିହାରେ ଦର ଯାହା ଥିଲା, ଏବେ ଦର ତାର ୩.୮୩ ଗୁଣ; ତେଣୁ ମଜୁରି ୪ଗୁଣ କରିବା ଲାଗି କହିବା ଓ ମାଲିକ ନ ଶୁଣିଲେ ବିଦ୍ରୋହ କରିବା ଛଡ଼ା ଅନ୍ୟ ଉପାୟ କଣ ଥିଲା ? ସବୁ ଦେଶରେ ଶିଳ୍ପପତିମାନଙ୍କ ପ୍ରଭାବ ସରକାରୀ କଳ ଉପରେ ବେଶି ପଡ଼େ; ଭାରତରେ ପଡ଼ୁଛି । ତେଣୁ ସେହିମାନଙ୍କ ଦାବୀ ହିଁ ଶୁଣାଗଲା ଏବଂ ଉତ୍ପାଦନ ବଢ଼ିବ ବୋଲି ମଜୁରିଆମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ମରିବାକୁ ବାଧ୍ୟକରାହେଲା । ତେବେ ବି ଉତ୍ପାଦନ ବଢ଼ିଲାନି । କେତେ ନୂଆ କଳ ବସିଲା, କେତେ ନୂଆ କଳ ବସିବ । ଦେଖା ଯାଉ କେବେ ଦର କମୁଛି ।

ବିଦେଶରୁ ଆମଦାନୀ ପ୍ରସଙ୍ଗ ଚର୍ଚ୍ଚା-ଧାରରେ ଗତି କରୁଛି । ଲଢେଇ ବେଳେ ସରକାର ଆମଦାନୀର ପରିମାଣ ବା ମୂଲ୍ୟ ଉଲ୍ଲେଖ କରି ବ୍ୟବସାୟୀଙ୍କୁ ଅନୁମତି ପତ୍ର ଦେଉଥିଲେ । ସେ ବ୍ୟବସ୍ଥା ସାମାନ୍ୟ କେତେକ ପରିବର୍ତ୍ତନ ସହ ଏବେ ବି ଚଳ-ଚଳିତ ହେଉଛି । ୧୯୪୮ ଆରମ୍ଭରେ ଏହି କଟକଣା କୋହଳ ହୋଇଯିବା ଫଳରେ ବଜାରକୁ ଅନେକ ପଦାର୍ଥ ଆସୁଥିଲା । ଟଙ୍କାର ଚଳଣି କମିଗଲା । ଅନେକ ଟଙ୍କା ସେ ଆଡ଼େ କମି ଯିବା ଫଳରେ ବଜାରର ତାତି କମି ଆସୁଥିଲା । ଏତିକି ବେଳେ ଜାଣିବା ଲୋକେ ମାନିଲେ ଯେ ଫେସନ ପାଇଁ ଜିନିଷ ଆସି ଇଂଲଣ୍ଡରେ ଥିବା ଆମ ଷ୍ଟର୍ଲିଂ ପାଣ୍ଠି କମି ଆସୁଛି । ଫଳତଃରେ ବିଦେଶରୁ ଜିନିଷ ଆସି-ବାରୁ ଦେଶୀ ଶିଳ୍ପପତିମାନଙ୍କ ଲାଭ ଅଣ କମି ଆସିଲା । ତେଣୁ ଜୁଲାଇ ମାସରେ କଟକଣା ପୁଣି ଦୃଢ଼ କରି ଦିଆଗଲା ଓ ମୁକ୍ତି ଆସୁଥିବା ବଜାର ପୁଣି ଖାଲି ହୋଇଗଲା । ପରିଣାମରେ ଦର ପୁଣି ଥରେ ବଢ଼ିବାକୁ ଆରମ୍ଭ କଲା । ଦେଶମାନଙ୍କୁ ବିଦେଶୀ ମୁଦ୍ରା ଦୃଷ୍ଟିରୁ ଦୁଇଭାଗ କରାହୁଏ । ପ୍ରଥମରେ କୋମଳ ମୁଦ୍ରା ଅଞ୍ଚଳ ଓ ଦ୍ୱିତୀୟରେ କଠିଣ ମୁଦ୍ରାଅଞ୍ଚଳ । ଆମେରିକା, କାନାଡ଼ା ଓ ଶ୍ୱେତଦ୍ୱୀପ ଆଦି କଠିଣ ମୁଦ୍ରା ଅଞ୍ଚଳରୁ ଆମ ଲୋକଙ୍କ ପାଇଁ ଖାଦ୍ୟ ପଦାର୍ଥ ଅଣିବାକୁ ପଡ଼େ । ସେ ସବୁ ଅଞ୍ଚଳ ଲାଗି ଆମଦାନୀ ଉପରେ କଟକଣା ରହିପାରେ; ନଚେତ୍ ଲୋକଙ୍କ ସ୍ୱାର୍ଥ ଉପରେ ଆଞ୍ଚ ଆସିବ । କେବଳ ଦରଦାମ କମାଇବା ଦୃଷ୍ଟିରୁ କୋମଳ ମୁଦ୍ରା ଅଞ୍ଚଳରୁ ଅବାଧ ଆମଦାନୀ ସୁବିଧା ମିଳିବା ଆବଶ୍ୟକ ।

ଦିନାବେଳେ ଶୁଣାଯାଉଥିଲା, ମୁଦ୍ରାସ୍ଫୀତି ହେତୁ ଦର ବଢ଼ିଯାଉଛି । ୧୯୩୯ରେ ୨୦୦ କୋଟି ଟଙ୍କାର ନୋଟ ଚଳୁଥିଲା; ଏବେ ଠିକ୍ ୧୨୦୦ କୋଟି ଟଙ୍କାର ନୋଟ ଚଳୁଛି । ଫିସରଙ୍କ ପରିମାଣ ନିୟମ ଅନୁସାରେ ଅନ୍ୟ ପରିସ୍ଥିତି ନବଦଳୁଥିଲେ ଦର ଅନ୍ତତଃ ୬ଗୁଣ ବଢ଼ିବା କଥା । ତେଣୁ ୪ ଗୁଣ ହେବାଟା ଅସମ୍ଭବ ବ୍ୟାପାର ନୁହେଁ । ଏବେ ଦିଲ୍ଲୀ ବାଣିଜ୍ୟ କଲେଜରେ ବକ୍ତୃତା ଦେଇ ଭାରତ ସରକାରଙ୍କ ଅର୍ଥ ବିଭାଗୀୟ ଅର୍ଥନୀତି ପରାମର୍ଶଦାତା ଡ଼ାକ୍ତର ପି. ଜେ. ଟମାସ କହିଲେ ଯେ ଭାରତରୁ ମୁଦ୍ରାର ପରିମାଣ ଅଧିକ ବେଶି କମାଇ ଦେବା ବିପଦ୍‌ଜନକ ହେବ । କାରଣ ଦ୍ୱାରା ଅର୍ଥନୀତିକ ବିପର୍ଯ୍ୟ-ୟର ସୂତ୍ରପାତ ହୋଇପାରେ । ଅନ୍ୟ ଭାଷାରେ କହିଲେ, ଆଜିକାଲି ବଜାରରେ ଜିନିଷର ପରିମାଣ ଓ ମୁଦ୍ରାର ପରିମାଣ ଅନୁପାତିକ ହୋଇଗଲାଣି । ଉତ୍ପାଦନ ବଢ଼ିବାକୁ ଆରମ୍ଭ କଲାଣି, ଏଣିକି ମୁଦ୍ରା କମାଇବା ବନ୍ଦ ନହେଲେ ଯୋଗାଣ ବୃଦ୍ଧିଦାକୁ ବାଧା ମିଳିବ ଏବଂ ଦରଦାମ ଏତେ ଦ୍ରୁତଗତିରେ ଖସି ପଡ଼ିବ ଯେ ୧୯୨୯-୩୧ ପରିସ୍ଥିତିର ପୁନରାବୃତ୍ତି ହୋଇପାରେ । ଏ ଧରଣ ମତର ପାଶ୍ଚାତ୍ୟଭାଗରେ କି ତଥ୍ୟ ନିହିତ ଅଛି, ତାହା ସଂବାଦ ପତ୍ରରୁ ମିଳିବ । ନିଜେ ବଲ୍ଲଭଭାଇ ଏବେ ବମ୍ବେରେ କହିଛନ୍ତି ଯେ ସରକାର ଦର କମେଇବେ ନାହିଁ ଅଧିକାଂଶ ଦରଦାମକୁ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଯୋଗାଣ ନିୟନ୍ତ୍ରଣ କରିବେ, ସେ ବିଷୟରେ ନୀତି ଗ୍ରହଣ କରା ହୋଇଛି । ସରକାରୀ ମତବାଦ ଯେ ମାତ୍ରାରେ ଗତି କଲାଣି, ସେଥିରେ ଭବିଷ୍ୟତରେ ଗୁରୁତର ପରିସ୍ଥିତି ଆସୁଥିବା ଶଙ୍କା ହେବା ବିଚିତ୍ର ନୁହେଁ ।

ମୋଟ ଉପରେ, ଯେଉଁ ମତ ଠିକ୍ ହେଉନା କାହିଁକି ବର୍ତ୍ତମାନ ପରିସ୍ଥିତି ଲାଗି ସରକାର ଶିଳ୍ପପତି ଓ ଶ୍ରମିକ ପ୍ରତ୍ୟେକ ଶ୍ରେଣୀଗତ ବା ସମଷ୍ଟିଗତ ଭାବରେ ଦାୟୀ । ବରଂ ଖାଉଟି ସେମାନଙ୍କ ଅଯୋଗ୍ୟତାରେ ଦରଦାମ ନିରୂପଣ କରିବାର ସ୍ୱାଧୀନତା ବା ସାମର୍ଥ୍ୟ ତାର ନାହିଁ । ସେ ଗତ ୧୦ ବର୍ଷ ହେଲା ଅଧିକ ଦରରେ ଜିନିଷ କିଣି କିଣି ବିରକ୍ତ ହେଲାଣି । ତା ଉପରେ ତାକୁ ଯଥେଷ୍ଟ ଉପାୟ ଯୋଗାଇ ଦେଇ ପାରୁନି । ସେ ସରକାରଙ୍କ ହାତକୁ ଆଖି ପତେଇ ଚାହିଁ ରହିଛି । ସରକାର ଙ୍କର ଅର୍ଥନୀତିକ ଅବସ୍ଥା ସୁଧାରିବାର ଶକ୍ତି ନାହିଁ । ଥିଲେ ବି ସେଥିଲାଗି ଯେତିକି ଅର୍ଥ ଓ ଯେଉଁ ଅନୁଷ୍ଠାନ ଦରକାର, ତାହା ତାଙ୍କର ନାହିଁ । ତେଣୁ ସାଧାରଣ ଲୋକଙ୍କୁ ନିଜ ଅବସ୍ଥା ସମ୍ଭାଳିବାକୁ ହେବ । ସଭ୍ୟତାର ଅନ୍ୟନାମ ପରନିର୍ଭରଶୀଳତା । ଆମ ଦରକାରୀ ଜିନିଷର ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଆତ୍ମ-ନିର୍ଭରଶୀଳତା ସଂକୁଚିତ ହେଉଛି ଏବଂ ନିଜ ଗୁପ୍ତୁରଣ ମେଣ୍ଟାଇବା ଲାଗି ପରର ଦ୍ୱାରସ୍ଥ ହେବାର ସ୍ପୃହା ବାଢ଼ି ଚାଲିଛି । ଯେଉଁମାନଙ୍କ ଉପରେ ନିର୍ଭର କରା ହେଉଛି, ସେମାନେ ନିଜ ମଦଦର ସୁବିଧା ଦେବାକୁ ଛାଡ଼ୁନାହାନ୍ତି ପରକୁ ଅପେକ୍ଷା କରି ବସି ରହିଲେ ଆଶା-ନୁରୂପ ଅନୁଗ୍ରହ ନମିଳିଲା ବୋଲି ଅନୁ-ଶୋଚନା କରିବା ସମ୍ମାନଜନକ ନୁହେଁ । ଏଣିକି ନିଜ କଥା ନିଜେବୁଝି ଶିଖିବା ଆବଶ୍ୟକ ।

ମହାତ୍ମା ଗାନ୍ଧୀ ଆତ୍ମନିର୍ଭରଶୀଳତା ଏ ଦେଶକୁ ଶିଖାଇବା ଲାଗି ପ୍ରାଣପଣ ଚେଷ୍ଟା କରି ପାରିଲେନି । ବସ୍ତ୍ର ଉପରେ ନିୟନ୍ତ୍ରଣ ନ ରଖିବା ଲାଗି ସରକାରଙ୍କୁ ପରାମର୍ଶ ଦେଇ ସେ ଭୁଲ କରିଥିଲେ ବୋଲି ଭାରତର ପାର୍ଲିମେଣ୍ଟ ସଭ୍ୟମାନେ ମତ ଦେଲେଣି । କେହି ବୁଝିଲେନି, ଗାନ୍ଧୀଜୀଙ୍କ ମତ ଓ ନିର୍ଦ୍ଦେଶ କ'ଣ ଓ କାହିଁକି ସେ ପରାମର୍ଶ ଦେଇଥିଲେ । ଭାରତର ସଭ୍ୟତା ଦୃଷ୍ଟିରୁ ଉଚ୍ଚ ଚିନ୍ତା ଓ ସରଳ ଜୀବନର ନମୁନା ସେ ନିଜେ ଦେଖାଇ ଦେଲେ; ନୀତି ହିସାବରେ ପ୍ରଚାର କଲେ । ଦୀର୍ଘ ଦେଢ଼ଶ ବର୍ଷର ପରାଧୀନତା ଭାରତୀୟ ଜାତିକୁ ପର-ନିର୍ଭରଶୀଳ କରି ପକାଇଥିଲା । ସେମାନେ ସବୁକଥାରେ ସରକାରଙ୍କୁ ଅପେକ୍ଷା କରୁ-



Digitized by srujanika@gmail.com

ଥିଲେ । କନ୍ଧୁନ୍ଧା ଉଠିଗଲେ ପ୍ରତ୍ୟେକ କେବଳ ନିଜ ଅଞ୍ଚଳ ହେତୁ ଆତ୍ମନିର୍ଭର-ଶୀଳ ହେବାକୁ ଚେଷ୍ଟା କରିବାକୁ ବାଧ୍ୟ ହେବେ ବୋଲି ତାଙ୍କର ଆଶା ଥିଲା । ସାଧାରଣ ବ୍ୟକ୍ତିତ୍ୱର ମହତ୍ତ୍ୱ ଉପରେ ଭରସା ରଖିବା ଭୁଲ ହୋଇପାରେ, ହୋଇଥିଲା ବି । ନହେଲେ ଗାନ୍ଧିଜୀଙ୍କ ମତବାଦ ନୂଆ ଦୁନିଆଁ ସୃଷ୍ଟି କରିଥାନ୍ତା; ପାର୍ଲିମେଣ୍ଟର ସଦସ୍ୟମାନେ ବର୍ଷକ ପରେ ପଦତ୍ୟାଗ କରିବାର ଆବଶ୍ୟକତା ନଥାନ୍ତା ।

ଏ ଭଳି ବିଚାରରୁ ଅଣ୍ଡା କ ଯା ଲଖି ଗାନ୍ଧୀ ଅର୍ଥନୀତି ହିଁ ଏକମାତ୍ର ପନ୍ଥା । ଭାରତ ଭଳି କୃଷିପ୍ରଧାନ ଦେଶର ଦୁର୍ଭିକ୍ଷ ପରିସ୍ଥିତି ସେ ଅତି ବିପଜ୍ଜନକ ଓ ନିନ୍ଦାଜନକ ବୋଲି ମନେ କରୁଥିଲେ । ନିଜେ ଚଣ୍ଡେ ଚାଷ କରି ଖାଇ ପାରିବେନି ଏବଂ କେତୋଟା କପ ଛଞ୍ଚ କରି ନିଜ ପରିଧେୟ ଖଣ୍ଡିଏ ତିଆରି କରି ପାରିବେ ନି; ଅଥଚ ସ୍ୱାଧୀନ ଜାତି ଭାବରେ ଦୁନିଆ ଦୁଆରେ ମୁଣ୍ଡଟେକି ଠିଆ ହେବାକୁ ଆକାଂକ୍ଷିତ ହେବ, ଏହା ଅତୀବ ବିଡ଼ମ୍ବନା । ସେହିହେତୁ ସେ ଚିରକାଳ ଅନ୍ନ ସ୍ୱାବଲମ୍ବନ ଉପରେ ଜୋର ଦେଉଥିଲେ । ସେ କେବେ ମନେ କରି ନଥିଲେ ଯେ ପ୍ରତ୍ୟେକ ଲୋକ ଲୁଗା ନିଜେ ତିଆରି କରି ପାରିବ । ଅବଶ୍ୟ ତାଙ୍କ ଦୃଷ୍ଟିରେ ସ୍ୱାବଲମ୍ବନଶୀଳତାର ଆଧାର ମାନ । ବାସ୍ତବ ଦୃଷ୍ଟିରୁ ବିଚାର କଲେ ମଧ୍ୟ ଏହା ଅସମ୍ଭବ ମନେହୁଏ ନା । ଲଢ଼େଇ ବେଳର ହିସାବରୁ ଜଣା ପଡ଼ୁଛି ଯେ ଆମ ଗୃହବାଦ ଏକତୃତୀୟାଂଶରୁ ଅଧିକ ତନ୍ତୁଗୁଡ଼ିକ ଯୋଗାଉ ଥିଲେ । ଆଜି ଟିକିଏ ଲାଗି ପଡ଼ିଥିଲେ ମିଲ୍ ଲୁଗା ଆଜି ବଜାରରୁ ବୋଧହୁଏ ଅଡ଼ି ନଥାନ୍ତା । ଏହି ନୀତି ଅନୁସରଣ କରି ନିଜ ସୁତୁରଣ ମେଣ୍ଟାଇ ପାରିଲେ ମଧ୍ୟବର୍ତ୍ତୀ ବ୍ୟବସାୟୀଙ୍କ ହାତ ବାନ୍ଧି ହୋଇ ପଡ଼ନ୍ତା ଏବଂ ବଜାର ଖୋଜଟି ଆ ଅନ୍ୟୋନ୍ୟ ରଚରେ ନିଷ୍ପେଷିତ ହୁଅନ୍ତା ନାହିଁ । ଦୁର୍ଭାଗ୍ୟ, ଗାନ୍ଧୀ ଆମ ଆଖିରେ ଦେବତା ହେଲେ । ତାଙ୍କ ମାନବତ୍ୱ ମରିକାଷ୍ଠା ଅପେ ଲୁଚିଗଲା ।

ଦୃଷ୍ଟି ଯେବେ ବଦଳିଲା, ଗାନ୍ଧୀଜୀ ବଡ଼ଲୋ ବୃହତ ଶିଳ୍ପପତିମାନଙ୍କ ପ୍ରତି ଅଧିକ ଥିଲେ । ଏ ଧାରଣା ଭ୍ରାନ୍ତ । ସାମାଜିକ ସଂପର୍କ ଯାହା ହେଉନା କାହିଁକି, ସେ ଜଣେ ପ୍ରକୃଷ୍ଟ ପୁଞ୍ଜିବିରୋଧୀ ସାମ୍ୟବାଦୀ ଥିଲେ । କାର୍ଲ ମାର୍କସ୍‌ଙ୍କ ଭଳି ସେ ବି କହୁଥିଲେ, ଶ୍ରମିକର ନ୍ୟାଯ୍ୟଅଂଶ ଅପହରଣ ନ କଲେ ପୁଞ୍ଜିପତି ଧନୀ ହୋଇ ପାରିବନି । ତେଣୁ, ପୁଞ୍ଜିପତିମାନଙ୍କୁ ଶ୍ରମିକର ଅଂଶର ଅପହର୍ତ୍ତା ବୋଲି ମନେ ନକରି ମାଲିକ ଦାର ମନେ କଲେ ଦୁହିଙ୍କ ବିବାଦ ଅପୋଷ-ରେ ସମାଧାନ ହୋଇ ପାରିବ । ଶ୍ରମିକର ଦରକାର ହେଲେ ମାଲିକ ନିଜ ଲାଭାଂଶ କମାଇ ତାକୁ ଅଧିକ ପରିମାଣରେ ଭାଗ ଦେବ । ଅନୁଷ୍ଠାନର କ୍ଷତିହେବା ଆଶଂକା ଥିଲେ ଶ୍ରମିକ ନିଜ ଇଚ୍ଛାରେ କିଛି ସ୍ୱାର୍ଥ ତ୍ୟାଗ କରିବ । ଏହା ହୋଇ ପାରିଲେ ଶ୍ରମିକ ଓ ମାଲିକ ଉଭୟ ଉତ୍ପାଦନ ଲାଗି ସହଯୋଗ କରିବେ; ଦେଶ ଓ ସମାଜର କ୍ଷତି ହେବାର ଆଶଂକା ରହିବ ନାହିଁ । ସରକାର ଅଇନ ବଳରେ ଏବେ ଲାଭାଂଶ ଶତକଡ଼ା ୬ରୁ କମାଇ ଦେଲେ ଏବଂ ଶ୍ରମିକଙ୍କୁ ଅଧିକ ପାରିଶ୍ରମିକ ଦେବାର ବନ୍ଦୋବସ୍ତ କଲେ । ଉଦ୍ଦେଶ୍ୟ ସମାନ ହେଲେ ବି ଉପାୟର ବିଭିନ୍ନତା ହେତୁ ଲକ୍ଷ୍ୟ ଲାଭ ହୋଇ ପାରିଲାନି । ପରିଣାମରେ ଘନ ଘନ ସଂଘର୍ଷ ଫଳରେ ଉତ୍ପାଦନ ବୃଦ୍ଧି ହେଲାନି । ମହାତ୍ମାଙ୍କ ନୀତି ଅହମଦାବାଦରେ ପ୍ରଯୁକ୍ତ ହୋଇ ଉପକାର ହୋଇଛି । ଦେଶ ତମାମ ପ୍ରବର୍ତ୍ତିତ ହେଲେ ପରସ୍ପର ହୃଦୟ ପରିବର୍ତ୍ତନ ହୋଇ ଉତ୍ପାଦନ ଅପେ ଅପେ ବଢ଼ିଯିବ ।

ପରିଶେଷରେ ଗାନ୍ଧୀଜୀ ସହଯୋଗ ନୀତି ଉପରେ ଜୋର ଦେଇଥିଲେ । ଆଜିକାଲି ଶିଳ୍ପର କେନ୍ଦ୍ରୀ-କରଣ ହେତୁ ବଡ଼ ପୁଞ୍ଜିପତି ସୃଷ୍ଟି ହୋଇ ଦେଶ ଓ ସରକାରଙ୍କର କ୍ଷତି ହେଉଛି ଏବଂ ଶ୍ରମିକ ନିଷ୍ପେଷଣ ସୁଗମ ହୋଇ ଯାଉଛି । ବିକେନ୍ଦ୍ରୀ-କରଣ ନୀତି ହିଁ ପୁଞ୍ଜିବାଦର ପ୍ରକୃଷ୍ଟ ସମାଧାନ । ବିକେନ୍ଦ୍ରୀ କରଣ ଫଳରେ ଛୋଟ ଛୋଟ ଶିଳ୍ପାନୁଷ୍ଠାନ ଗୃହଅଞ୍ଚଳ ସୃଷ୍ଟି ହେବ । ଲୋକେ ଚାହିଁଲେ ସହଯୋଗ ଉପାୟରେ ଉତ୍ପାଦନ ଦାୟିତ୍ୱ ବହନ କରିପାରିବେ । ସେମାନେ ମଧ୍ୟ ସହଯୋଗ ସମିତି ମାଧ୍ୟମରେ ବଣ୍ଟନ କାମ ହାତକୁ ନେଲେ ବିପୁଳ ମଧ୍ୟବର୍ତ୍ତୀ ଶ୍ରେଣୀ ନିରଙ୍କୁଶ ହୋଇପଡ଼ିବେ । ଖାଉଟିର ଶୋଷଣ ଆଉ ସମ୍ଭବ ହେବନି । ସେଇଥିଲାଗି କଂଗ୍ରେସ ଆଜି ଭାରତକୁ ସହଯୋଗୀ ରାଷ୍ଟ୍ରରେ ପରିଣତ କରିବା ଲାଗି ଚେଷ୍ଟିତ ।

ଦେଶ ଏତେ ଗଞ୍ଜଣା ସହିଲାଣି; ପୁଣି କେତେ ଗଞ୍ଜଣା ସହିବ । ତେବେ ବି ଗାନ୍ଧୀଜୀ-ଙ୍କ ପ୍ରବର୍ତ୍ତିତ ପନ୍ଥା ଅବଲମ୍ବନ କରିବନି । ଗାନ୍ଧୀଜୀଙ୍କ କଳ୍ପିତ ଦୁନିଆ ସୃଷ୍ଟି ଭାରତୀୟ ଜନତାକୁ ଅଭୁଷ୍ଟ କରିପାରିଲାନି । ଏଥିପାଇଁ କଂଗ୍ରେସ, ସରକାର ଓ ଲୋକେ ସମସ୍ତେ ଦାୟୀ । ଅର୍ଥନୀତିକ ଚକ୍ର ବରାବର ଘୂରୁଚାଲିବ ତାରସମାଧାନ ଅର୍ଥନୀତିଜ୍ଞ ମାନେ କରି ପାରି ନାହାନ୍ତି କି ପାରିବେନି । ଗାନ୍ଧୀ ଅର୍ଥନୀତି ହିଁ ଏ ବିପର୍ଯ୍ୟୟରୁ ନିସ୍ତାର ପାଇବା ଲାଗି ଏକମାତ୍ର ପନ୍ଥା ।



## ଶାଶ୍ୱତ

ଲେ—ଗୋପାଳ ଚନ୍ଦ୍ର ମିଶ୍ର ଏମ୍. ଏ.

ଫୁଲ ଫୁଟିଥିଲା ଗରିବ କୃଷୀର ଦୁଆରେ,
ନବ ପୁଲକିତ କଅଁଳ ଶାଗୁଆ ପୁଅରେ,
ଚକୋରୀ ବାଉଳା ଗଭୀର ନିଶିର,
ନୀଳ ଆକାଶର ଦୁଇଟି ଶଶିର,
ବଙ୍କିମ ଇଙ୍ଗିତ ଶିଥିଳ ଦିଶିର
ଚୁହିଁ ରହୁଥାଏ ଜୁଅରେ;
ଫୁଲ ଫୁଟିଥିଲା ଗରିବ କୃଷୀର ଦୁଆରେ—

ନୂଆ ବସନ୍ତର କୃଷ୍ଣ କୋଇଲି ପଞ୍ଚମ ତ
ଡାକି ନାହିଁ କୁହୁ କୁହୁ ସଙ୍ଗୀତ ସରତ;
ସେ ଫୁଲ ପାଇଁ କି କୃଷ୍ଣଭଅଁର,
ଡାକି ନାହିଁ ପ୍ରେମ ବଞ୍ଚକାହର,
ମୁଗ୍ଧ ଭ୍ରମର ହୋଇନାହିଁ କଏ
ତା ପାଇଁ ରତିର ପୁହାରେ;
ଫୁଲଟିଏ ଫୁଟି (ହସିଥିଲା) ଗରିବ କୃଷୀର ଦୁଆରେ ।

ଦୁର୍ଗମ ଗିରି ତନ୍ଦ୍ରା ବିଭୋର ତଟିନୀ
ଅପଣାର ବୁକେ ଭସାଇ ହଂସ ଜୁଟିନ,
ଧୋଇ ବାଉ କେବେ ଏହାତରୁ ମୂଳ,
ପରୁଷ ନାହିଁଟି ଫୁଲର କୁଶଳ,
ଶାନ୍ତ ସମୀରେ କଏ ହେଲେ ଥରେ
ଚୁମ୍ବି ନାହିଁ ସେ ପ୍ରିୟାରେ
ଫୁଲ ଫୁଟିଥିଲା ଗରିବ କୃଷୀର ଦୁଆରେ ।

ଗରିବ କୃଷୀ ସେ ଦୁନିଆ ସମାଜ ଦ୍ୱନ୍ଦେ,
ଗଢ଼ା ତା ଜୀବନ ନିଷ୍ପେଷଣର ମନ୍ଦେ,
ମାଟି ତାଡ଼ ଯୁଝି ମାଟି ସଙ୍ଗତେ,
ପରାଣ ପୁରାଇ ମାଟି ସଙ୍ଗୀତେ,
ଦୁଃସ୍ଥ ଜୀବନେ ବଂଚେ ଯେ କୃଷୀ
ନିତ୍ୟ ବେଦନା ହସ୍ୟାରେ;
ଫୁଲ ଫୁଟିଥିଲା ତାହାର ଭଙ୍ଗା ଦୁଆ ର ।

ସେହି ମାଟିଜୀବୀ ସରଳ ତରଳ ଜୀବନେ,
ଅନୁଭୂତ ଏକ ଜାଗିଅଛି ଏବେ ଗୋପନେ,
ଖାଇବାକୁ ହେଁ ପାଏ ନାହିଁ ସତ,
ସୁନ୍ଦରୀର ସେହି ପ୍ରେମ ଶାଶ୍ୱତ,
ଗୌର ଗୋଲାପ ମଧୁର ବେଶରେ
ଜାଗିଥିଲା ଧୀର ଛୁଆରେ
ଫୁଲ ଫୁଟିଥିଲା-ପ୍ରେମିକ କୃଷୀର ଦୁଆରେ ।

ଅବହେଳନାରେ ସେ ଫୁଲ ଝରଇ,
ଅଭିମାନଭରେ କୃଷୀଟି ଝୁରଇ,
ଯାହାପାଇଁ ସତେ ଭବେ କଏ କେତେ
ଦୁନିଆର ଦିଅ ନଥିଲେ
ଫୁଲ ଫୁଟିଥିଲା ଗରିବ କୃଷୀର ଦୁଆରେ ।

## କୋଣାର୍କ

ଲେ- ଶଚୀଲେଖ ବି. ଏ.

ବିରାଟ ଶୂନ୍ୟତା ବୁକେ
ଝାଙ୍କବନ ମନ୍ଦିରରେ ତା' ଦୀର୍ଘ ନିଶ୍ୱାସ ?
ଶଲଗ୍ନେ ଧୂସର ମରୁ ତାହାର ବ୍ୟର୍ଥତା ?
ଅବା ତା ବାସନାରାଜି ରୂପ ଧରେ ନିତି
ରାତିର ଅନ୍ଧାରେ, ଶିରୁ ଅନନ୍ତତା ତଳେ ?
ଅଲେଖିତ ହୁଏ ନିତ୍ୟ ଭୂମିକା ଅଙ୍ଗନ ?
ଶତ କୋଟି ବୀଣାରେ ଝଙ୍କାରେ ନନ୍ଦିନୀ-ନୂପୁର-ଛନ୍ଦେ
ମୁଖରିତ ହୁଏ ନିତ୍ୟ ଭ୍ରମରି ଚତ୍ୱର ?
ମନେ ପଡ଼େ ନିତ୍ୟ ତୁମ ସୁନେଲି ସେ ପ୍ରଥମ ପ୍ରଭାତ
ଯାହା ପ୍ରତୀକ୍ଷାରେ ତୁମେ ଦିନ ଦିନ ଧରି
ଶ୍ୟାମ ଅଙ୍ଗ ଢୋଳୁଥିଲ ଶୋକର ଲହରୀ ?

କିନ୍ତୁ ହାୟ୍...
ମଥାମଣି ଶିରୁଁ ତବ ଖସିଲା ସେଦିନ
ଲହରୀ ମାଳାର ଝାପ୍ସା ଶପଦର ସାଥେ
ଢୋଇଣରୁ ବାହୁଡ଼ିଲେ ଉପ୍ଳବିତ ତୁମରି
ମୌନବତୀ ହେ ରାଜକୁମାରୀ ।।
ତମର କି ଗୁହଁ ନାହିଁ କର୍ମ, ତପ ପାତେ
ଦସ୍ୟୁ ଭିତରେ ସୌମ୍ୟ ରୂପ ରାଣି ?
ତଥାପି ନ ପାରି ଚେଷ୍ଟା ସମୟ ନ ରୁପ୍ତ,
ସାଧନାରେ ଶୁଦ୍ଧ ମୂର୍ତ୍ତିତବ,
ଦେବତା ସେ ବଲେଣ୍ଟକାଲେ ତୁମର ଆନନ
ଦିନ ଦିନ ଧରି, ପ୍ରଥମ ପଲକେ ।
ହେ ଶିର ସୁନ୍ଦର !
କେତେ ପ୍ରତ୍ୟୁଷର ସେଇ ଶୁଭ ସନ୍ଧିକ୍ଷଣ
ପଡ଼ିଅଛି, ପଡ଼ୁଥିବ ମଧୁମୟ ଦୃଷ୍ଟି
ଦୂର ଦିଗ୍‌ବଳୟୁ ।

ଧ୍ୟାନରତା ଆଗୋ ଅଚଞ୍ଚଳେ,
ପ୍ରିୟତମ ଲାଗି ଥରେ, ଗୋ ଅଭିମାନିନୀ !
ଅମ୍ବରେ ମିଳାଏ ନାହିଁ ତବ ହାହାକାର ?

ଆଜିଏ ଦେଉଳ ଗାତେ ରମଣୀର ଶ୍ରେଣୀ
ଧରି କରେ ପୁଷ୍ପ ଦୁବା ଅକ୍ଷତ ଚନ୍ଦନ
ଦେବତାଙ୍କର ସ୍ୱାଗତବା ଲାଗି,
ଅଧର କୋଣରେ କାଣି ବକ୍ର ମନ୍ଦ ହସ
ହୁଏତ କହିବେ କେହି—'ଅହା-ଅଲଣ୍ଡି !'

କେବୁ ଅୟି ସନ୍ନ୍ୟାସିନୀ !
ଧ୍ୟାନରତା କଠୋର ତାପସି !
ଶିଳା ହୋଇ ଅଛ ତୁମେ ଜୀବନ ପାଷାଣେ,
କଳ୍ପର ମାନବ ପ୍ରାଣେ ପାଇଛ ଆସନ
କଳ୍ପନା -ମାନସି !



Digitized by srujanika@gmail.com



## ନାରୀ ଓ କୃଷି ବାଣିଜ୍ୟ ।

ଶ୍ରୀମତୀ ହରିପ୍ରିୟା ଦେବୀ

ଆଜି ପୃଥିବୀର ସବୁ କ୍ଷେତ୍ରରେ ନାରୀ ପୁରୁଷର ସମକକ୍ଷ ହେବାକୁ ବସିଛି ସମାନ ଅଧିକାର ପାଇବାକୁ ଚେଷ୍ଟା କରୁଛି । ତହିଁରେ କେତେକରେ ସଫଳ ହୋଇଛି ମଧ୍ୟ ।

କେବଳ ଶାରୀରିକ ଗଠନ ପଦ୍ଧତି ଛାଡ଼ିଦେଲେ ନାରୀ ଓ ପୁରୁଷ ମଧ୍ୟରେ ବିଦ୍ୟା, ବୁଦ୍ଧି, ଚତୁରତା ବା ଅନ୍ୟ କୌଣସିଥିରେ ବିଶେଷ କିଛି ତଫାତ୍ ଥିବା ପରି ମନେ ହେଉନାହିଁ । ଏ ଯୁଗର ନାରୀ ନକରି ପାରୁଛି କଣ ? ପାଠ ପଢ଼ୁଛି, ଚାକିରୀ କରୁଛି, ମଟର ଚଳାଉଛି, ଉଡ଼ା ଜାହାଜ ଚଳାଉଛି, ଡାକ୍ତରି କରୁଛି, କେରାଣୀ ଟାଇପିଷ୍ଟ ହେଉଛି । ତଥାପି ଆଜି ଗୋଟିଏ ସୁବିଧା ବାଟରେ ଆମ ଶିକ୍ଷିତା ସ୍ତ୍ରୀ ଲୋକମାନଙ୍କର ଗତାଗତ ବିଶେଷ ଦେଖାଯାଉ ନାହିଁ । ତାହା ହେଉଛି କୃଷି ଓ ବାଣିଜ୍ୟ । ଏହାକୁ ବୋଧହୁଏ ଆମ୍ଭେମାନେ ବିଶେଷ ଶ୍ରମସାଧ୍ୟ ଓ ଅସମ୍ମାନ ଜନକ ବୋଲି ଧାରଣା କରୁ । ମାତ୍ର ଭଲକରି ଭାବି ଦେଖିଲେ ଏହା ସବୁଠାରୁ ସୁବିଧା ଓ ସମ୍ମାନ-ଜନକ କର୍ମ ନାରୀ ଜୀବନରେ । ଶିକ୍ଷିତା ହୁଅନ୍ତୁ ବା ଅଶିକ୍ଷିତା ହୁଅନ୍ତୁ ଆମ ଦେଶରେ ଅଧିକାଂଶ ନାରୀ ବିବାହିତା—କାରଣ ବିବାହ ନକରି ଉଚ୍ଛୃଙ୍ଖଳ ଜୀବନ ଯାପନ କରିବାକୁ ଆମ ଦେଶ ପସନ୍ଦ କରେ ନାହିଁ । ପୁଣି ବିବାହ କଲେ ସନ୍ତାନ ସନ୍ତତିଙ୍କ ଜନନୀ ହେବା ଅନିବାର୍ଯ୍ୟ । ଅଉ ମଧ୍ୟ ସନ୍ତାନମାନଙ୍କୁ ମଣିଷ ପରି ମଣିଷ କରିବାକୁ ହେଲେ ସେହିପରି ଆର୍ଥିକ ବଳ ପ୍ରୟୋଜନ । ସେହି ଅର୍ଥ ସମସ୍ୟାକୁ ସମାଧାନ କରିବାକୁ ହେଲେ ପିତା ମାତା ଉଭୟଙ୍କ ସାହାଯ୍ୟ ଲୋଡ଼ା । କେବଳ ପୁରୁଷ ଉପରେ ଅର୍ଥ ଉପାର୍ଜନର ସମସ୍ତ ଦାୟିତ୍ୱ ନ ଦେଇ ସ୍ତ୍ରୀ ଲୋକ ମାନଙ୍କର ତହିଁକି ଅଣ୍ଟାଭିଡ଼ି ଠିଆ ହେବା ପ୍ରଥମ ଦାୟିତ୍ୱ । ପ୍ରଥମରେ ମୁଁ କହୁଛି କୃଷି ବା ଆମ ଗାଁ ଗହଳର ଗୃହିଣୀଙ୍କ କଥା ।

ଆମ ଓଡ଼ିଶାର ସହର ମାନଙ୍କରେ ଯେତେ ଲୋକ ବାସ କରନ୍ତି ତହିଁ ମଧ୍ୟରୁ ଶତକଡ଼ା ନବେ ଲୋକଙ୍କର ଘର ମଫସଲ ଗାଁ ଗଣ୍ଡାରେ । ମାତ୍ର ପୁଅ ଝିଅମାନେ ପାଠ ପଢ଼ିଲେ ସେମାନେ ଆଉ ଗାଁକୁ ଯିବାକୁ ଇଚ୍ଛା କରନ୍ତି ନାହିଁ । ଗ୍ରାମକୁ ଓ ଗ୍ରାମର ଅଧିବାସୀ ମାନଙ୍କୁ ବଡ଼ ଘୃଣା ଚକ୍ଷୁରେ ଦେଖିବାକୁ ଆରମ୍ଭ କରନ୍ତି । ଏହିଠାରେ ଆମ୍ଭ ଜୀବନର ସବୁଠାରୁ ବଡ଼ ଭୁଲ । ସହରର ମୋହ ଆମ୍ଭମାନଙ୍କୁ ଏକ ପ୍ରକାର ଗ୍ରାସ କରି ବସିଛି । ଗ୍ରାମ ସମ୍ବନ୍ଧରେ ଅଧିକାଂଶ ବଡ଼ ଘରର ସ୍ତ୍ରୀଲୋକ ମାନଙ୍କୁ ପଚାରିଲେ ସେମାନେ ହୁଏତ ଖାତିର ନଥିଲା ପରି କହିବେ "ହଁ ଆମର ଶହେ ଏକର ଜମି ପଡ଼ିଛି—ତାକୁ ସବୁ ଗୁମାସ୍ତା ଚାକରମାନେ କଣ କରନ୍ତି ଆମେ ସେ ସବୁର ଖବର ରଖୁନା । ଶହେ ଏକର ଜମିର ବାର୍ଷିକ ଆୟର ଖବର ରଖିବା ଅଗୌରବଠାରୁ ଏଣେ ସ୍ୱାମୀଙ୍କର ମାସିକ ଆୟ ତୁଳନାରେ ବଜାର ବାକୀ ତାର ଦେଢ଼ଗୁଣ ହୋଇଥିବା ଗୌରବ ଅନୁଭବ କରନ୍ତି । ଦେଣାଦାର ମାନଙ୍କର ଚ୍ୟାଁଭାଟେ ଗୃହକର୍ତ୍ତାଙ୍କୁ ନିଜ ବାବୁଘରେ ନାହାନ୍ତି କହିବାର ଶୁଣାଯାଏ ।

ସୁଖ ସମୃଦ୍ଧି ଓ ଶାନ୍ତି ଏ ତିନୋଟି ମାନବ ଜୀବନର ସବୁଠାରୁ ସ୍ପୃହଣୀୟ । ସେଥିପାଇଁ ସମସ୍ତଙ୍କର ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କରିବା ପ୍ରୟୋଜନ । କି ପୁରୁଷ କି ନାରୀ ଘରେ ବସି ଜଣକର ଶ୍ରମାର୍ଜିତ ଧନକୁ ଅପବ୍ୟୟ କରିବା କେବଳ ଅନ୍ୟାୟ ନୁହେଁ ପାପ ମଧ୍ୟ । ତଦ୍ୱାରା ନିଜର ବ୍ୟକ୍ତିତ୍ୱକୁ ଅପମାନିତ କରାଯାଏ । ପ୍ରତ୍ୟେକ ସ୍ତ୍ରୀର ପାଠ ପଢ଼ି ଜ୍ଞାନର ବିକାଶ କରିବା ଅବଶ୍ୟ କର୍ତ୍ତବ୍ୟ ମାତ୍ର ପାଠ ପଢ଼ିବାର ଯେ କେବଳ ଉଦ୍ଦେଶ୍ୟ ଚାକିରୀ ତା ହୋଇ ନପାରେ ।

ପୁରୁଷ ମାନଙ୍କ ଠାରୁ ସ୍ତ୍ରୀ ମାନଙ୍କର ସାଧାରଣ ଜ୍ଞାନ ଓ ମେଧା ଶକ୍ତି ଶ୍ରମସହିଷ୍ଣୁତା ଯେ ବେଶି ଏହା ବୋଧହୁଏ କେହି ଅସ୍ୱୀକାର କରିବେ ନାହିଁ । ଝିଅମାନଙ୍କ ମଧ୍ୟରେ କେହି କେହି ଯଦି ଉନ୍ନତ ଧରଣର କୃଷି ବିଜ୍ଞାନ ପଢ଼ି ଗାଁ ଗଣ୍ଡାରେ ରହି କୃଷିକାର୍ଯ୍ୟ ବା ବାଣିଜ୍ୟର ଖବର ନିଅନ୍ତେ ସାଧାରଣ କ୍ଲର୍କ ଟାଇପିଷ୍ଟ ଚାକିରି ଠାରୁ ସ୍ୱାଧୀନ ଭାବରେ ପ୍ରଚୁର ଅର୍ଥ ଉପାର୍ଜନ କରି ପାରୁ ଥାନ୍ତେ ।

ପୃଥିବୀର ଅନ୍ୟ ଦେଶମାନଙ୍କରେ ବ୍ୟବସାୟ ସ୍ତ୍ରୀଲୋକ ମାନଙ୍କର ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ । କେବଳ ଆମ ଦେଶରେ କୌଣସି ନାରୀ ବ୍ୟବସାୟୀ କରି ଉଠିବାର ଶୁଣା ଯାଏ ନାହିଁ । ସ୍ତ୍ରୀ ଲୋକମାନେ ଇଚ୍ଛାକଲେ ଏହା ସ୍ୱଚ୍ଛନ୍ଦରେ କରିପାରିବେ ମାତ୍ର ପ୍ରଥମେ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କରି ଅଭିଜ୍ଞତା ଲାଭ କଲେ ବଡ଼ ବଡ଼ ବ୍ୟବସାୟରେ ହାତ ଦେବା ଉଚିତ । ଧରନ୍ତୁ ଯେପରି ଗୋଟିଏ କୁକୁଡ଼ା ପାଳନ । ଏଥିରେ ମୂଳଧନ ବେଶୀ ପ୍ରୟୋଜନ ହେବ ନାହିଁ ମାତ୍ର ଲାଭ ତା ତୁଳନାରେ ପ୍ରଚୁର । ଆଜିକାଲି କଟକରେ ଡିମ୍ବର ମୂଲ୍ୟ ଯେପରି ଭାବରେ ଚଢ଼ କରୁଛି କେବଳ ଡିମ୍ବ ବିକ୍ରୟ କରି ମାସକୁ ଶତାଧିକ ଟଙ୍କା ପାଇ ପାରିବେ । ତା ପରେ କୁକୁଡ଼ାର ମୂଲ୍ୟ ତ ଅଛି । ଆଉ ଗୋଟିଏ ସହଜ ସାଧ୍ୟ ବ୍ୟବସାୟ ହେଉଛି ଡ଼ାଏରି ଫାର୍ମ । ଉନ୍ନତ ଧରଣର ଗାଈ ରଖି ଦୁଗ୍ଧ ଦଧି ଓ ଲହୁଣୀ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇଲେ ଦେଶ ଓ ଦଶର ମଙ୍ଗଳ କରିବା ସଙ୍ଗେ ସଙ୍ଗେ ନିଜର ପରିବାର ବର୍ଗର ଶିଶୁସନ୍ତାନ ମାନଙ୍କର ମଧ୍ୟ ଉପଯୁକ୍ତ ଖାଦ୍ୟର ଅଭାବ ରହନ୍ତା ନାହିଁ । ଅବଶ୍ୟ ଓଡ଼ିଶାରେ ଗୋଚର ଜମି ଆବାଦ କରିବା ଓ ସଙ୍କୋଚ ପଥ ହେବା ପରେ ଏକଥା ଦମ୍ଭ କରି କହି ହେଉ ନାହିଁ ।

ବର୍ତ୍ତମାନ ଦେଶର ସବୁଠାରୁ ବଡ଼ ସମସ୍ୟା ହେଉଛି ଖାଦ୍ୟ ସମସ୍ୟା । ଉପଯୁକ୍ତ ଖାଦ୍ୟ ଅଭାବରୁ ଆମ ଦେଶର ଲୋକମାନେ ଦିନକୁ ଦିନ ଦୁର୍ବଳ ହୋଇ ଯାଉଛନ୍ତି ।



Digitized by srujanika@gmail.com

# ଗୁଜରାଟି ଷ୍ଟୀଚ୍



ବର୍ତ୍ତମାନ ଗୁଜରାଟି ଷ୍ଟୀଚର ସୂଚଶୈଳୀ ମାନଙ୍କ ମଧ୍ୟରେ ବିଶେଷ ପ୍ରଚଳନ ଦେଖାଯାଏ । ମହିଳା-ମାନଙ୍କ ବ୍ଲାଉଜ ଓ ଶିଶୁମାନଙ୍କ ଫ୍ରକରେ ଏହି ସୂଚ କାର୍ଯ୍ୟ ଅତି ସୁନ୍ଦର ଦିଶେ । ପିଲା ଜାମାର ଗଳାରେ,ହାତରେ ଏବଂ ଗୋଟା ଦେହରେ ମଧ୍ୟ କରାଯାଇପାରେ । ସାଦା ଜମାରେ ରଙ୍ଗିନ ସୂତା ଦେଇ ଓ ରଙ୍ଗିନ୍ ଜାମାରେ ଧଳାସୂତା ଦେଲେ ବେଶ୍ ସୁନ୍ଦର ଦେଖାଯାଏ । ବାହାର Outline ଟି ଗୋଟିଏ ରଙ୍ଗର ଓ ଭିତରର ଭରଣି ସୂତାକୁ ଅନ୍ୟ ରଙ୍ଗରେ କଲେ ବେଶି ସୁନ୍ଦର ଦେଖାଯାଏ । ପ୍ରଥମେ ଲୁଗା ଉପରେ ଏକ ନମ୍ବର ଚିହ୍ନ ଅନୁରୂପ ଚିହ୍ନ ଅଙ୍କନ କରିବେ । ତାପରେ ୨ନମ୍ବର ଚିହ୍ନ ଅନୁସରଣ କରି 'କ' ବିନ୍ଦୁରେ ଛୁଞ୍ଚି ଉଠାନ୍ତୁ—'ଙ' ବିନ୍ଦୁରେ ଛୋଟ ଷ୍ଟୀଚ୍ ପକାଇ ସୂତା ଧରନ୍ତୁ । ପୁଣି ସୂତାକୁ 'ଗ' ବିନ୍ଦୁକୁ ନେଇ ସେହିପରି ଗୋଟିଏ ଷ୍ଟୀଚ୍ ଦ୍ୱାରା ସୂତା ଧରନ୍ତୁ । ତାହାପରେ କ୍ରମାନ୍ୱୟରେ ଘ, ଙ, ଚ, ଛ, ଜ, ଝ, ବିନ୍ଦୁମାନଙ୍କରେ ଗୋଟିଏ ଗୋଟିଏ ଷ୍ଟୀଚ୍ ଦେଇ ସୂତା ଧରନ୍ତୁ । ତାପରେ ଛବି ନିର୍ଦ୍ଦିଷ୍ଟ ୨ ନମ୍ବର ସୂତା ତଳବାଟେ ଛୁଞ୍ଚି ନେଇ ଟ ବିନ୍ଦୁରେ ଷ୍ଟୀଚ୍ ପକାନ୍ତୁ ଓ କ ବିନ୍ଦୁରେ ଛୁଞ୍ଚିଟି ଲୁଗାର ତଳବାଟେ ନେଇ ଯାନ୍ତୁ । କ ବିନ୍ଦୁ ନିକଟରେ ପୁନର୍ବାର ଛୁଞ୍ଚିଟି ଲୁଗାର ଉପରକୁ ଟାଣି ଆଣନ୍ତୁ । ଞ ବିନ୍ଦୁରେ ସୂତା ଅଟକାଇ ଏକ ନମ୍ବର ସୂତା ତଳବାଟେ ଛୁଞ୍ଚି ନିଅନ୍ତୁ । ୩ ନମ୍ବର ସୂତା ତଳବାଟେ, ୪ନମ୍ବର ସୂତା ଉପର ବାଟେ, ୫ନମ୍ବର ସୂତାର ତଳ ବାଟେ ଆଣି ଟ ବିନ୍ଦୁରେ ସୂତା ରଖନ୍ତୁ । ପୁଣି ୬ନମ୍ବର ସୂତା ତଳବାଟେ ଆଣି ଘ ବିନ୍ଦୁରେ ସୂତା ରଖନ୍ତୁ । ତାପରେ ୭ ନମ୍ବର ସୂତା ତଳବାଟେ ଆଣି ଗ ବିନ୍ଦୁରେ ସୂତା ରଖନ୍ତୁ । ୮ ନମ୍ବର ସୂତା ଓ ୯ ନମ୍ବର ସୂତାର ତଳବାଟେ ଓ ୬ ନମ୍ବର ସୂତାର ଉପର ବାଟେ ପୁଣି ୧୦ ଓ ୧୧ ନମ୍ବର ତଳ ବାଟେ ଆଣି ଢ ବିନ୍ଦୁରେ ସୂତା ରଖନ୍ତୁ । ତାପରେ ୧୨ ନମ୍ବର ସୂତା ତଳବାଟେ ନେଇ ଛ ବିନ୍ଦୁରେ ରଖନ୍ତୁ । ପୁଣି ୧୩ ନମ୍ବର ସୂତା ତଳ ବାଟେ ନେଇ ଚ ବିନ୍ଦୁରେ ସୂତା ରଖନ୍ତୁ । ୧୪ ଓ ୧୫ ତଳେ ଦେଇ ଓ ୨ ନମ୍ବର ସୂତାର ଉପର ଦେଇ ଝ ବିନ୍ଦୁରେ ସୂତା ଧରନ୍ତୁ । ୧୬ ଓ ୧୭ ନମ୍ବର ତଳବାଟେ ଆଣି ଖ ବିନ୍ଦୁରେ ସୂତା ଧରନ୍ତୁ । ୨ ନମ୍ବର ସୂତା ତଳଦେଇ ଓ ୧୯ ନମ୍ବର ସୂତାର ଉପର ଦେଇ 'କ' ବିନ୍ଦୁ ମଝିରେ ଛୁଞ୍ଚିକୁ ଲୁଗାର ପଛ ପାର୍ଶ୍ୱ ବା ତଳ ବାଟେ ନେଇ ଯାଆନ୍ତୁ । ନମୁନା ଏହିପରି ସଂପୂର୍ଣ୍ଣ ହେବା ଉଚିତ । ଏହି ମୂଳନମୁନା ଧରି ନମୁନା ପ୍ରଦତ୍ତ ସମସ୍ତ ନମୁନା ସୃଷ୍ଟି କରାଯାଇ ପାରେ । ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ଷ୍ଟୀଚ୍ ବାମଆଡୁ ଆରମ୍ଭ କରି ଦକ୍ଷିଣକୁ ନେବାକୁ ହେବ । ସୂତାଟା ସର୍ବଦା ଛୁଞ୍ଚିର ଡାହାଣ ପଟକୁ ରହିବ ଓ ଭିତରର ଭରଣୀଃ 'ଖାଞ୍ଜ'ର (ଅର୍ଥାତ ଗୋଟାଇ ସୂତା ଉପରେ ନେଇ ତଳେ ନେଇ) ବୁଣିବ । ଭରଣୀ ଭାଗ ତଳେ ଯେପରି ଦେଖାନଯାଏ ।

## ଗୁଜରାଟି ଷ୍ଟୀଚ୍‌ର କେତୋଟି ନମୁନା




[ଦାସ ଓ ଭକ୍ତି ବାଣିଜ୍ୟ ଅବଶିଷ୍ଟାଂଶ]

ଉପଯୁକ୍ତ ଖାଦ୍ୟ ଉତ୍ପାଦନ ଦାୟିତ୍ୱ ସ୍ତ୍ରୀ ଲୋକମାନେ ବହନ କରିବା ସର୍ବାଗ୍ରେ ଉଚିତ । ତା ପର ଅନ୍ୟବ୍ୟବସାୟ ମାନ ମଧ୍ୟ

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ନାରୀ କଲମରୁ

## ସବୁଶେଷ

ରଞ୍ଜନର ଚକ୍ଷୁ ପ୍ରାନ୍ତରୁ ବହି ପଡ଼ିଲା ଦୁଇଟି ଅଶ୍ରୁବିନ୍ଦୁ । ବନ୍ଧ୍ୟ ପ୍ରାଣ ତାର ତିକ୍ତ ବେଦନାର ତୀବ୍ର-ବାତ୍ୟାରେ ଆନ୍ଦୋଳିତ ହୋଇ ଉଠିଲା । ଜୀବନର ବନ୍ଧୁ ସମ୍ଭାଷଣରେ ତାର ବକ୍ଷରେ କୋଦର ଊର୍ମି ଉଦ୍‌ବେଳ ହୋଇ ପଡ଼ୁଛି ।

ରଞ୍ଜନ ଭାବେ । ଅନ୍ଧକାର ଘନ ଅନ୍ଧକାର ଭେଦି ନୂତନ ଆଲୋକ ସନ୍ଧାନ କରିବା ତାର ଲକ୍ଷ୍ୟ । କେତେ କଳ୍ପନା ତନ୍ତ୍ରୀ ତା ବୁକୁରେ ବାଜି ଉଠେ—ଭବିଷ୍ୟତ-ସ୍ୱପ୍ନର ମଧୁର ସୁରରେ । ତା କଳ୍ପନା ଏହି ଅଶ୍ରୁର ସଂକୁଚିତ ପଥ ଆର ଦିନେ ସଂପିବ । ସେ ହେବ ବିଶ୍ୱ-କବି । ସାମ୍ରାଜ୍ୟ ତାର ସର୍ଗ ତଳେ ମୂର୍ଚ୍ଛନାରୁ ଝୁହିଁ ବସିବ । ସେତେବେଳେ ତାର କଳ୍ପନା ମନ୍ଦିରର ଦେବୀ, ରୂପର ପୂଜାରିଣୀ ପୁଷ୍ପ ତାର ଚରଣ ତଳରେ ଜୀବନର ଅର୍ଘ୍ୟ ଉଜାଡ଼ି ଦେବ । ତାପରେ ନୀଳ ବିଶ୍ୱ ଗଗନରେ ଜଣେ ହେବ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା । ଆଉ ଜଣେ ସ୍ନିଗ୍ଧ ହିମାଂଶୁ ।

ହେଟିଏ କଳ୍ପନାର ମୁକ୍ତାଶ୍ରୀ ରଞ୍ଜନର ଜୀବନଧାରା ଭବିଷ୍ୟତ ଜୀବନର ରୂପ କଳ୍ପନା । ସେ ବଞ୍ଚିଛି ସେଇ କଳ୍ପନାର ସଞ୍ଜୀବନୀରେ । ସେ ଦିନେ ହେବ ବିଶ୍ୱ-କବି, ପୁଷ୍ପ ହେବ ତା ଦେବତା ।

ରଞ୍ଜନ କଲେଜ ଛାତ୍ର । ଏଇଟା ତାର ତୃତୀୟ ବାର୍ଷିକ । ଯାହା ହେଉ ତାକୁ ଆଉ ଗୋଟାଏ ବର୍ଷ ଅଭାବର ସଙ୍ଗେ ଯୁଝିବାକୁ ପଡ଼ିବ । ଘରେ ତାର କେହି ନାହିଁ । ନିଜ ତାର ସାନ ଭଉଣୀ । ସେ ଥାଏ ସବୁବେଳେ ମାମୁ ଘରେ । ପାଳିତା ଦାସୀ ଭଳି ସେ ଘରର ସବୁ କାମ କରେ, ଆଉ ଯାଏ ମୁଠାଏ ଭାତ, ନାଉ · ରଞ୍ଜନ ସବୁ ଜାଣେ । କଣ କରିବ ? ଗରିବ ସେ; ତାର ଗୌରବ ନାହିଁ । ସେ ଥରେ ଥରେ ତା ସୁଦୂର ଅତୀତକୁ ଫେରିଯାଏ । ସ୍ମୃତିର ଦରଭୁଲା ପଥରେ ସେ ଦେଖେ ସେ—ହୋଇଛି ଗୃହିବରଷର, ଆଉ ନିଜ ୨ ବର୍ଷର । ପ୍ରଥମଥର ଦିନେ ଯାକ ଯାଇଥିଲେ ମାମୁଘର, କି ଆଦର,ସ୍ନେହ·· ଓଃ କେତେ···

ରଞ୍ଜନ ରହେ ଗୋଟାଏ ଭଙ୍ଗା ଦରଦାସ ଘରେ । ଦିନସାରା ଖଟି ଖଟି ଟିଉସନରୁ ପାଏ ୧୮ ଟା ଟଙ୍କା । ସେତକ ଉଡ଼ିଯାଏ କଲେଜ ଦରମା ଆଉ ବହି ପତ୍ରରେ । ତେଣୁ ତାକୁ ପେଟପୁରା ଖାଇବାକୁ ମିଳେନା । ଦିନେ ଦିନେ ଉପାସ ରହିବାକୁ ହୁଏ ।

ସେଦିନ ରଞ୍ଜନ ପକେଟରେ ହାତ ମାରିଲା । ଦେଖିଲା ଶୂନ୍ୟ ।···ହଁ ଆଜି ଧୋବା କହିଛି ଆସିବ । ତାର ପାଞ୍ଚ ଟଙ୍କା । ପୁଣି ଭଣ୍ଡାରୀର ଏକ··· । ଆର ମାସରେ ୪ଦିନ ଖାଇଥିଲା ଗୋପବନ୍ଧୁ ହୋଟେଲରେ । ହୋଟେଲ ବାଲା ପଇସା ପାଇନାହିଁ । ମାଗୁଥିଲା, ଆଜି ଆସିବ । ଘରେ ମୁଠାଏ ଚାଉଳ ବି ନାହିଁ କ୍ଷୁଧାର ଦାବୀ ଅସହ୍ୟ । ରଞ୍ଜନର ମଥା ଘୂରିଗଲା । ସେ ସ୍ତବ୍ଧ ହୋଇ ପଡ଼ିଲା । ତାର ଚକ୍ଷୁ ପ୍ରାନ୍ତରୁ ବହି ପଡ଼ିଲା···

ରଞ୍ଜନ ଭାବିଲା ଯିବ ମାମୁ ଘର । ମାମୁଙ୍କ ଶ୍ରୀଚରଣରେ ଭିକ୍ଷା କରିବ ସାହାଯ୍ୟ । ଦେହରେ ଚିରା ସାର୍ଟଟା ଗଳାଇ ଦେଇ ଗଲା ଷ୍ଟେସନକୁ । ଗାଡ଼ି ଆସିବ ଘଣ୍ଟାଏ ପରେ । ଆଉ ଷ୍ଟେସନରେ ଠିଆ ହୋଇଛି କଲିକତା ମେଲ୍ । ରଞ୍ଜନ ଦେଖିଲା ଗୋଟାଏ ସେକେଣ୍ଡ କ୍ଲାସ ଡବାରେ ଚଢ଼ିଲେ କଲେଜର ଦଳେ ପିଲା । ପଛରେ ପ୍ରୋଫେସର, ପ୍ରିନ୍‌ସିପାଲ··· ସମସ୍ତେ । ଏକ୍‌ସ କରସନ୍‌ରେ ପାଟ୍ଣା, ବନାରସ ଲକ୍ଷ୍ନୌ, ଲାହୋର, ଏଲାହାବାଦ, ଆଗ୍ରା, ହିମାଳୟ· ·କେତେ ବୁଲିବେ···୨୦୦ ଟଙ୍କା ଲାଗିବ ଜଣକା । ରଞ୍ଜନ ଭାବିଲା, ସେ ଯେବେ ତାଙ୍କ ପରି ୨୦୦ଟଙ୍କା ପାଆନ୍ତା କଣ କରନ୍ତା ! ଦୁଇ ଶହ ଟଙ୍କା ! ! ! ତାର ଗୋଟାଏ ବର୍ଷର ଖର୍ଚ୍ଚ । ହଠାତ୍ ରଞ୍ଜନ ଚମକି ଉଠିଲା, "ନାଁ, ଛି, ଛି, ବହୁତ ଦୂରନ୍ତହେଁ ତାର ଅଭିଳାଷ, ସେ ବିଶ୍ୱଭ୍ରମଣ କରିବ । ବିଶ୍ୱନଜୀବନ ହେବ ତାର କବିତ୍ୱର ସୌଧ···

କଲିକତା ମେଲ୍ ଚାଲିଗଲା । ଘଣ୍ଟାକ ପରେ ଆସିଲା ମାଡ୍ରାସ ପାସେଞ୍ଜର । ରଞ୍ଜନ ଉଠି ଠିଆହେଲା । ଦେଖିଲା ସମସ୍ତେ ଟିକଟ କରୁଛନ୍ତି । ତା ଟିକଟ୍ କାହିଁ ? ବିନା ଟିକଟରେ ଯିବ ? ନାଁ । ଅସତ୍ ହେବନି ସେ । ତାର ସ୍ୱପ୍ନ ଭାଙ୍ଗିଗଲା । ବେଦନାକୁଳ ମାନସରେ ସେ ଫେରିଲା ।

ଛାତିରେ ତାର ବିଦ୍ରୋହର ଅଗ୍ନି ଉଦ୍ଦୀପ୍ତ ହୋଇ ଉଠିଲା । ସେ ଆଜି ଦୈନ୍ୟ ସାଥିରେ ସଂଗ୍ରାମ କରି ପାରିବନି । ତାର ବୁକୁ ସେଇ କାଠ ପାଷାଣର ଭଗବାନଙ୍କ ପ୍ରତି ବିଦ୍ରୋହୀ ହୋଇ ଉଠିଲା । ସେ ଆଜି ସଂଗ୍ରାମ ରଚନା କରିବ ସେଇ ଦେବତା ବିରୁଦ୍ଧରେ । ଦେବତାଙ୍କ ସୃଷ୍ଟିର ବିପର୍ଯ୍ୟୟ-ମୂର୍ତ୍ତି ସେ ହେବ । ରଞ୍ଜନ ଖୋଲିଲା ତାର ଜୀର୍ଣ୍ଣ ଆଲମାରିଟା । ତା ଭିତରୁ ବାହାର କଲା ଗୋଛା ଗୋଛା ଅଳିଆ ଲଗା କାଗଜ । ସବୁ ଗଦା କଲା । ପକେଟରୁ ବାହାର କଲା ଦିଆସିଲି··· ପ୍ରଦୁର୍ଦ୍ଦିକ ଭାବରେ ସବୁ ଶେଷ । ସେ

[ ମାସ ଓ ଶିଳ୍ପବାଣିଜ୍ୟର ଅବଶିଷ୍ଟାଂଶ ]

ନାରୀମାନେ ଯଦି ପରିଚାଳନା କରି ପାରନ୍ତି ପ୍ରଚୁର ଅର୍ଥ ଉପାର୍ଜନ କରି ପାରିବେ, ଯେପରି କୋଣାର୍କ ଭାବରେ ରଙ୍ଗ ତୁଳି ସଜାଇ ଉପକରଣମାନ, ଓ ନଜେ ସମସ୍ତ ହସ୍ତାବମ୍ମନ ରଙ୍ଗ ଓ ଲେବଲ ସ୍ୱୋସନାରୀ ଷ୍ଟୋରମାନ, ଭଲ ଭଲ ଦୋକାନମାନ ରଙ୍ଗ ସିଲର ଦୋକାନ ଜନ ସାଧାରଣଙ୍କ ପ୍ରତି ଦୃଷ୍ଟି ରଙ୍ଗ ଭଲ କାରିଗରଙ୍କ ଦ୍ୱାରା ମିଷ୍ଟାନ୍ନ ଭଣ୍ଡାର, ଉତ୍କୃଷ୍ଟ ହୋଟେଲ । ଏହା ସବୁ ନାରୀମାନଙ୍କ ଦ୍ୱାରା ପରିଚାଳନା ହେଉ । କାରଣ ପୁରୁଷମାନଙ୍କଠାରୁ ନାରୀମାନେ ଏହା ଶୃଙ୍ଖଳ ଭାବରେ ପରିଚାଳନା କରି ପାରିବେ ।

ନାରୀ ଜାତିର ଗୃହ କୋଣରେ ଆବଦ୍ଧ ହୋଇ ରହିବାର ଦିନ ସରିଗଲାଣି । ବର୍ତ୍ତମାନ ସବୁ କ୍ଷେତ୍ରରେ ସେମାନଙ୍କ ସାହାଯ୍ୟ ଓ ସହାନୁଭୂତି ଏକାନ୍ତ ପ୍ରୟୋଜନ । ବର୍ତ୍ତମାନ ପରିସ୍ଥିତିରେ ଅଳସ ବିଳାସ ବା କୌଣସି ବାଜେ ଗଳ୍ପ ଗୁଜବରେ ସମୟ ନଷ୍ଟ ନକରି ପ୍ରତ୍ୟେକ ସ୍ତ୍ରୀର କିଛି ନା କିଛି କାର୍ଯ୍ୟ କରିବା ପ୍ରୟୋଜନ । କେବଳ ଗୃହକର୍ମ ନାରୀ ପକ୍ଷରେ ପର୍ଯ୍ୟାପ୍ତ ନୁହେଁ । ଗୃହ ଚଳାଇବାର ଉପକରଣମାନ ମଧ୍ୟ ତାକୁ ସଂଗ୍ରହ କରିବାକୁ ହେବ ।

ନଚେ ପୁଣି ତାର ସମାଧି ରଚନା କଲ । ଜୀବନ ଅଧୈର୍ଯ ହୋଇ ପଡ଼ିଲ । ପକେଟରୁ ବାହାର କଲି ଗୋଟାଏ ଶିଶି । ଅଗ୍ନିବୃକ୍ଷ ଫଳପାକ ଅଙ୍ଗାଡ଼ ଦେଲି ପାଟି ଭିତରେ । ସାଙ୍ଗେ ସାଙ୍ଗେ ତା ମଥା ଘୂରିଗଲ । 'ଜିଣ୍' ଦେହ ସେ ପଡ଼ିଗଲି… ତାପରେ ସବୁ ଶେଷ । ଜୀବନର ଅଧ୍ୟାୟ, କବିର ଲେଖନୀ, ଭବିଷ୍ୟତ କଳ୍ପନା ସବୁଶେଷ ।

ଶ୍ରୀ ଶଶିକାନ୍ତ ଦାସ (୯୨୫)

ନଂ ୩୨ର ଅବସର ବିନୋଦନର ଉତ୍ତର—କବି ନବକିଶୋର ଉତ୍ତର ଦେଇଛନ୍ତି—

୫୧୯ ପୁରସ୍କାର । ଓ ଶ୍ରେୟସାମଗ୍ରୀ [୧୧୮୭]

ନଂ ୩୩ର ଉତ୍ତର—

୧—୩—୯, ଓ ୨୬ ସେଣ୍ଟ ସବୁବରି କର ।

## ନାଗଙ୍କ ପ୍ରଶ୍ନ

ତ୍ରିଲୋଚନ— (୯୧୧) "ମରଣେହୁଁ ସହଦ୍ ଅରେ—ଉପୁଡ଼ ତୋର ରକ୍ତ ଗାରେ ଏଇ ଭୂଇଁ ପର ଲେଖି — କେଉଁଠି କେହି ନ ଥିବେ ଦେଖି—ଏଇ ବେଢାରେ ଠାଣିଅ ସେ କି ପୁଷ୍ପାବଳୀ ତୋର ଦେବ—" ଏ ପଦ୍ୟାଂଶ କେଉଁ କବିତାରୁ ଅଣାଯାଇଛି ଓ କବି କିଏ ? ଏବଂ ଏଥିରୁ କବିଙ୍କର କି ଗୁଣ ପ୍ରକାଶ ପାଉଛି ?

## ନାଗଙ୍କ ଉତ୍ତର

ନଂ (୧୨୪୦) ସବୋଇ ହୁଇ ଜାଣିବ— ମଣିଷର ପୂର୍ବ ପୁରୁଷ ମାଙ୍କଡ—ଏହା ଡାରୁଇନଙ୍କ ମତ ।

## ମୟୂରଭଞ୍ଜ ନାଗମେଳା

ଓଡ଼ିଶାର ନାଗ, ସ୍ୱର ଓ ଭଉଣୀ ମାନେ,

ପ୍ରଥମ ଥର ପାଇଁ 'ନାଗସଂଘ' ତରଫରୁ 'ନାଗମେଳା' ବାରିପଦାରେ ବସୁଛି । ତାହା ଆସନ୍ତା ଜୁଲାଇ ମାସ ୧୬ ତାରିଖ ଶନିବାର ଦିନ ଆରମ୍ଭ ହୋଇ ୧୯ ତାରିଖ ସୋମବାର ଶେଷହେବ । ଏଥିରେ ସଭାପତିତ୍ୱ କରିବା ପାଇଁ ନାଗ ବର୍ଗ ଦଳର ପ୍ରଥମ ନାଗ ଶ୍ରୀଯୁକ୍ତ ସୂର୍ଯକାନ୍ତ ଦାସ, ଓ ଏହା ଉଦ୍‌ଘାଟନ କରିବା ପାଇଁ ଶ୍ରୀଯୁକ୍ତା ସାବିତ୍ରୀ ଦେବୀ, ଏମ୍.ଏଙ୍କୁ ଅନୁରୋଧ କରି ପତ୍ର ଦିଆ ହୋଇଛି । ଆପଣ ମାନଙ୍କୁ ଅନୁରୋଧ ଯେପରି ବହୁସଂଖ୍ୟାରେ ଏଥିରେ ଯୋଗ ଦେଇ ଆମ୍ଭ ମାନଙ୍କୁ ଉତ୍ସାହିତ କରିବେ । ଇତି

ଶ୍ରୀ ତ୍ରିଲୋଚନ ମିଶ୍ର ୯୧୧

ଶ୍ରୀ ବୈକୁଣ୍ଠନାଥ ମିଶ୍ର ୯୧୨

ଯୁଗ୍ମ ସଂପାଦକ ଅଭ୍ୟର୍ଥନା ସମିତି, ବାରିପଦା


## ହାଇଡ୍ରୋସିଲ

ଆମର 'ନିଶାକର ତୈଳ' ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ବାର୍ଣ୍ଣିଅ, ଗଣ୍ଡିବାତ ଆଦି ଅସ୍ତ୍ର ବିନା ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୯, ଅଭ୍ୟନ୍ତରର ଔଷଧ ଦିବାକର ବଟି ଦାମ ୫ ୨୯ ଭ: ପ : ୫୦୩୬/ ।

## ପେଟ ବ୍ୟଥା

ବଳକ୍ ପେନ୍, ଶୋଷମସ ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ କୋଷ୍ଠ ଓ କ୍ଷୁଧା ନ ହେବା ଆଦି ରୋଗ ଆମର 'ପାଚକାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ୩୯, ଭ: ପି: ୫୦୩୬/ ।

Kaviraj S. K. Chakravarty (D. C.)
126/2 Hazra Road, Calcutta 26
Stockists: Bhubaneswar Trading house
Bhubaneswar: (Orissa)



ସାଂପ୍ରତିକ ସାହିତ୍ୟରେ ଯୁଗାନ୍ତର ଆଣିଛି

# ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରଣୀତ

## କେତେକ ବହି

ଉତ୍କଳ ବୁକ୍ ଏଜେନ୍ସି, କଟକ ଦ୍ୱାରା ପ୍ରକାଶିତ

| | | |
|---|---|---|
| ୧ । ପାଣ୍ଡୁଲିପି | (କବିତା ସଂଗ୍ରହ) | ୫୨୯ |
| ୨ । ମଶାଣିର ଫୁଲ | (ଲେଖ ସଂଗ୍ରହ) ୨ୟ ସଂ | ୫୨୪ |
| ୩ । ମାଟିର ତାକ୍ | (ଗଳ୍ପ ସଂଗ୍ରହ) | ୫୧୯ |
| ୪ । ପଲ୍ଲିଶ୍ରୀ | (କବିତା ସଂଗ୍ରହ) ୨ୟ ସଂ | ୫୦୪୬/ |

ଭାରତୀ ଭବନ, ସଂ ହ ଭ. ଦ୍ୱାରା ପ୍ରକାଶିତ

| | | |
|---|---|---|
| ୫ । ବାଜି ରାଉତ | (କବିତା) ୩ୟ ସଂ | ୫୦୪୬/ |
| ୬ । ହନୁମନ୍ତର ଦେଶ | (କବିତା) | ୫୦୪୬/ |

ଅନ୍ୟାନ୍ୟ

| | | |
|---|---|---|
| ୭ । ଅଭିଯାନ | ( ବୈପ୍ଳବିକ କବିତା ) ୨ୟ ସଂ | ୫୦୪୬/ |
| ୮ । ଲବଙ୍ଗୀ | (ହାସ୍ୟରସୋଦ୍ଦୀପକ ଉପନ୍ୟାସ) | ୫୧୯ |
| ୯ । ପାଥେୟ | ( କବିତା ) | ୫୦।୬/ |

କବି ଶ୍ରୀ ହାରିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ କୃତ "ବାଜିରାଉତ"ର ଇଂରାଜୀ ଅନୁବାଦ

| | |
|---|---|
| ୧୦ । THE BOATMAN BOY AND OTHER POEMS | ୫୧୫ |

(ଗ୍ରନ୍ଥ ପ୍ରକାଶ, ଯମୁନାପୁର, କଟକ ୨)

ଅନ୍ୟାନ୍ୟ

| | | |
|---|---|---|
| ୧୧ । ପୂର୍ଣ୍ଣିମା | ( ଗୀତିନାଟ୍ୟ ) | ୫୦।୬/ |

ଯନ୍ତ୍ରସ୍ଥ ବହି—ଯାହା ଶୀଘ୍ର ପ୍ରକାଶିତ ହେବ

| | |
|---|---|
| ୧୨ । ଅଭିସାର | ( କବିତା ) |
| ୧୩ । ଦୁଷ୍ଟମି | ( ହାସ୍ୟରସାତ୍ମକ କବିତା ) |
| ୧୪ । ଛାଇ | ( ଗଳ୍ପ ସଂଗ୍ରହ ) |

ଲେଖକଙ୍କ ଅପ୍ରକାଶିତ ରଚନାବଳୀ

| | |
|---|---|
| ୧୫ । ପ୍ରଭେ | ( କବିତା ) |
| ୧୬ । ସଂବେଦନା | ( କବିତା ) |
| ୧୭ । ଗ୍ରାମର | ( କବିତା ) |
| ୧୮ । ଛଟଛ ମାଟି ଉପରେ ଆକାଶ | ( ଉପନ୍ୟାସ ) |
| ୧୯ । ସାଗର ତଳର ଢେଉ | ( ଉପନ୍ୟାସ ) |


Digitized by srujanika@gmail.com



# ବାପୁଜୀଙ୍କ ଆଶୀର୍ବାଦ

[ ... ଗାନ୍ଧୀ ଶ୍ରୀ ... ମୁକ୍ତିରେ ... ଦେବା ସମୟରେ ବାପୁଜୀ ... ଉଦ୍ଦେଶ୍ୟରେ ... ଉପଦେଶାବଳୀ ଲେଖିଥିଲେ ... ତାହାର ... ପ୍ରକାଶ କରୁଅଛୁ—ସଂପାଦକ ]

୧

ଈଶ୍ୱର ହୋଇଲେ ସେହିଁ ଏକ ।
ନାମହିଁ ତାଙ୍କର ଅନେକ ॥
ଅନେକେ ପୁଣି ଏକ କର ।
ଯେ ନାମ ସେହୁ ଥାନ୍ତୁ ଧର ॥
ସେ ନାମ 'ସତ୍ୟ' ବୋଲି ଜାଣ ।
ସତ୍ୟହିଁ ଈଶ୍ୱର ପ୍ରମାଣ ॥ ୨୦-୧୧-୪୪

୨

ଅହିଂସା ବିହୁନରେ ସତ୍ୟ-
ଦର୍ଶନ ନୁହେଁ ନା ପ୍ରାପତ ॥
ଅହିଂସା ବିହୁନରେ ପ୍ରାଣୀ ।
ସତ୍ୟକୁ ନପାରିଲ ଜାଣି ॥
ନାହିଁଟି ଜନା ସତ୍ୟ ସମ ।
ଅହିଂସା ଧର୍ମହିଁ ପରମ ।—୨୧-୧୧

୩

ଯେ କରେ ସତ୍ୟର ସାଧନ ।
ଅହିଂସା ପାଳନରେ ମନ ॥
ସେ ବ୍ରହ୍ମଚର୍ଯ୍ୟ ବ୍ରତ ଧର ।
ଅସ୍ତେୟ ପରମ ଅଟେ ॥
ଅପରିଗ୍ରହ ଯେ ଅଭୟ ।
ସର୍ବ ଧର୍ମ ସମନ୍ୱୟ ।
ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦ ହୀନ ।
ଏମନ୍ତେ କାଟୁଥିବ ଦିନ ॥
ଏ ଅଦି ଯେତେ ବିଧାନ ।
ପାଳିଲେ ହୁଏ ସତ୍ୟ ଜ୍ଞାନ ।—୨୨-୧୧

୪

କଠିନ ବ୍ରହ୍ମଚର୍ଯ୍ୟ ବ୍ରତ
ପାଳନେ ରହେ ଯେ ନିୟତ
କାୟବା ମନ ବଚନରେ
ଇନ୍ଦ୍ରିୟ ନିଗ୍ରହ ଯେବରେ
କାର୍ଯ୍ୟରେ ସ୍ତ୍ରୀଙ୍କ ସହବାସ
ବରଜି ସତୁଥାଇ ସ୍ୱାସ
ସେ ଯେବେ ମନରେ ବଳସେ
ବିକାର ମସ୍ତ ମନ କୋଷ
ଏମନ୍ତେ ମିଥ୍ୟାଗ୍ରହୀ କର
ସେ କାହୁଁ ହେବ ବ୍ରହ୍ମଗୃଷ ୨୦-୧୧

୫

ପୁଣି ଅସ୍ତେୟ ବ୍ରତ ଧର
ଯଦ୍ୟପି ନକରିଲେ ଚୋରି
ତାହାର ଯେତେ ଆବଶ୍ୟକ
ଯଦି ସେ ସଞ୍ଚୟେ ଅଧିକ
ଯହିଁରେ ତାର ନାହିଁ ଲୋଡ଼ା
ଚଳଇ ତହିଁରେ ଅବୋଡ଼ା
ସେହିନା କରୁଥାଏ ଚୋରି
ହେଲେହେଁ ଅସ୍ତେୟ ଅଗୃହୀ ।
ଏମନ୍ତେ ଯେତେ ସ୍ୱେର୍ଯ୍ୟ ବୃତ୍ତି
ହିଂସାରେ ପୂର୍ଣ୍ଣ ତାହା ଅଛି ।
୧୪-୧୧-୪୪

୬

ଅପରିଗ୍ରହ ଅନୁରାଗୀ
କେ ଯେବେ କାହିଁ ଥାଏ ତ୍ୟାଗୀ
ଅଡ଼ଯା ଅବଶ୍ୟକ ନାହିଁ
ନରଖେ କାଲିକାର ପାଇଁ
ସଂଗ୍ରହ ସର୍ବ ପ୍ରକାରେ
ବର୍ଜି ସନ୍ତୋଷ ଯେ ଧରେ
ଅପରିଗ୍ରହ ତାର ନାମ
ତା ଗୁଣ ଅଟେ ଅନୁପମ

୭

ଭୟ ଯେ ଥାଏ ନାନା ବିଧ
ମନୁଷ୍ୟ ମନର ସନ୍ନିଧ
ପ୍ରଥମ ମରଣର ଭୟ
ଯୁଦ୍ଧ ବା କଳହ ବିଗ୍ରହ
କ୍ଷୁଧା ବା ତୃଷ୍ଣା ଭୟମାନ
ଅଥବା ମାନ ଅପମାନ
ମୁଖ ଲଜ୍ଜା ବା ଲୋକ ଲଜ୍ଜା
ଭୂତ ପ୍ରେତର ଭୟଚର୍ଯ୍ୟା
ଅନ୍ୟର କ୍ରୋଧ ରାଗ ଡ଼ର
ଏ ଆଦି ନାନା ପ୍ରକାର
ସବୁରୁ ଲଭେ ଯେ ମୁକତି
ଅଭୟେ ସ୍ଥିତି ତାର ମତି । ୨୬-୧୪

୮

ସ୍ୱଧର୍ମେ ଯେସନ ଆଦର
ପର ଧର୍ମରେ ସେ ପ୍ରକାର
କେବଳ ସହିଷ୍ଣୁତା ଭାବ
ଯେ ପରଧର୍ମେ ଦେଖିବ
ଧର୍ମ ପାଳନେ ଶେଷ କଥା
ନୁହଇ ତାହା ସହିଷ୍ଣୁତା
ଏଥୁ ଅଧିକ ମହତ୍ତର
ପର ଧର୍ମରେ ହେଉ କର ।

୯

ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦ ଭୁଲି
ଯେ ହରିଜନେ ଛୁଏଁ ଖାଲି
ଅସ୍ପୃଶ୍ୟ ଭାବ ମନ ଦୂର
ନହୁଏ ବିଦୋଚନ ତାର
ଅପଣା ବନ୍ଧୁ ପରିଜନେ
ଅନ୍ତରେ ଥାନ୍ତି ନର ଯେନ୍ତେ
ତେସନେ ହରିଜନେ ମଣେ
ଅସ୍ପୃଶ୍ୟ ଭାବ ନିବାରଣେ
ସେ ଜାଣେ ସିନା ତାର ଭେଦ
ଜାତ କରରେ କି ପ୍ରଭେଦ
ଉଚ୍ଚ ଅଥବା ନୀଚ ଦେହ
ଏ ମହୀ ମଣ୍ଡଳରେ ନାହିଁ ।

୧୦

ଯୋଗ ଯେ ଚିତ୍ତ ବୃତ୍ତି ରୋଧ
ଏ ପାତଞ୍ଜଳ ଋଷି ସିଦ୍ଧ ।
ଯୋଗ ଦର୍ଶନ ପାତଞ୍ଜଳ
ଏ ମନ୍ତ୍ର ଅଟେ ତାର ମୂଳ
ଚିତ୍ତରେ ଘାତ ପ୍ରତିଘାତ
ଲାଗେ ହୁଏ ଅଭିଘାତ
ତାହାକୁ ସ୍ୱଚିତ୍ତେ ନିରୋଧ
ତେବେ ହୋଇବ ଯୋଗ ସିଦ୍ଧି ।

—କ୍ରମଶଃ—

Digitized by srujanika@gmail.com

# ଚିଟାଉ

## ହିନ୍ଦୁଟିକାଡ଼

ସମ୍ପାଦକ ମହାଶୟ

ଅଧାର୍ମିକ ସମାଜବାଦୀ ଦଳ ସୃଷ୍ଟିରେ ନାରୀମାନେ ଅଧେ ଆଉ ନରମାନେ ଅଧେ ଏସେମ୍ବ୍ଲିରେ ରହିବାର ଯୋଗାଡ କରି ଯାଉଛି ।

ଠିକ କଥା । ଭଲ କଥା । କିନ୍ତୁ ଏସେମ୍ବ୍ଲି ଘର ପାଖରେ ଗୋଟିଏ ପ୍ରସୂତି ଆଗାର ନ ରହିଲେ ନାରୀ ମେମ୍ବର ମାନେ ବଡ଼ ହର୍‌କତରେ ପଡ଼ିବେ—

ନର ମେମ୍ବର ମାନେ ପୁଣି ନର୍ସ ସାଜି ତାଙ୍କ ଚରଣ ସେବନ ସେବା କରିବେ । ତେବେ ଯାଇ ଅଧାର୍ମିକତାର ଚରମ ଉତ୍କର୍ଷ ସାଧିତ ହେବ ।

ଏହି କଥା ଜଣେ ନାରୀ ନେତ୍ରୀ ଗୋପନରେ ଚିତ୍କାର କରି କହୁଛନ୍ତି । ଅଧିକନ୍ତୁ ସେ କହୁଛନ୍ତି ନାରୀମାନେ ଅଧେ କଣ ହେବୁ କେଉଁଥିରେ; ସେମାନେ Better half ଅର୍ଥାତ ଭଲ ଅଧିକ—ଅତ ନରମାନେ ... ଅମୃତ ପଶୁ ଅଟନ୍ତି । ଅତଏବ ... ନରେ ଧୃଷ୍ଟତା ଯେ ସେ ନାରୀକୁ ... ଭାଗ ବା ଅଧା ଅଧା ଭାଗ ଦେବାକୁ ... ।

ନାରୀ ତ ମାତା—
ନାରୀ ତ ଜନନୀ—
ନାରୀ ତ ନର ପ୍ରସବିନୀ—

ନାରୀ ତ ନର ସୃଷ୍ଟି କାରିଣୀ । ଅଣ୍ଡା ଏସେମ୍ବ୍ଲିରେ ଯେଉଁ ନର ପୁଙ୍ଗବମାନେ ଅଛନ୍ତି ସେମାନେ ତ ନାରୀର ସୃଷ୍ଟି ।

ସେମାନେ ଆଜି ନାରୀକୁ ଅଧେ ଭାଗ ଦେବେ ବୋଲି କଣ କହୁଛନ୍ତି ? ନାରୀ ପୁରୁଷର ଅଶ୍ରୟ ପ୍ରାର୍ଥିନୀ ନୁହେଁ କିମ୍ବା ଭିକାରିଣୀ ନୁହେଁ ।

ନାରୀ ତ ଐଶ୍ୱର୍ଯ୍ୟପୂର୍ଣ୍ଣା । ସେ ତ ନରକୁ ତାର ଐଶ୍ୱର୍ଯ୍ୟ ଦ୍ୱାରା ପରିପୂର୍ଣ୍ଣ କରେ ।

ଲକ୍ଷ୍ମୀନାରାୟଣ ସାହୁ (ଦିଲ୍ଲୀ)

(କିନ୍ତୁ ନରଙ୍କ ସେଜଘରରେ ନାରୀ ଐଶ୍ୱର୍ଯ୍ୟ ହେବ କାହିଁକି? ବର୍ତ୍ତମାନ ଅଭାବ ତାର ... ସମ୍ପାଦକ)

'ଡଗର' ସମ୍ପାଦକ ମହୋଦୟ !

କିଛିଦିନ ତଳେ 'ଡଗର'ର ବର୍ଣ୍ଣିଷ୍ଠ ହୋଲି ସଂଖ୍ୟାରେ ପ୍ରଥମ ସ୍ଥାନରେ 'କହ ନୂଆ ବୋଉ ! ଅଛିକି ତୁମର ଉଜଣୀ ଅଉ ?' ଶୀର୍ଷକ ଗୋଟିଏ କବିତା ପ୍ରକାଶ ପାଇଥିଲା । ସେ କବିତାର ଲେଖକ ହେଉଛନ୍ତି ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ମିଶ୍ର ଏମ୍., ଏ । ସେ ମହାଶୟଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାର ସୁବିଧା ନ ଥିଲେ ମଧ୍ୟ 'ଡଗର' ପୃଷ୍ଠାରେ ସେ ମହାଶୟଙ୍କୁ ମୁଁ ଏବଂ ଆହୁରି, ପାଠକ ପାଠିକା ମାନେ ଜାଣନ୍ତି । କବିତାଟି ଯେ ଉଚ୍ଚ ଧରଣର ହୋଇଥିଲା, ଏହା କହିବା ବାହୁଲ୍ୟ ମାତ୍ର । କାରଣ ଆପଣଙ୍କ ଭଳି ବର୍ଣ୍ଣିଷ୍ଠ ସାହିତ୍ୟିକ ମଧ୍ୟ ନିଜର ସମ୍ପାଦକୀୟ ମନ୍ତବ୍ୟରେ କବିତାଟି ସମ୍ପର୍କରେ ଉଚ୍ଚ ମତ ପ୍ରକାଶ କରିଥିଲେ । କବିତାଟି ଉତ୍ତମ ଏବଂ ଉଚ୍ଚକୋଟୀର ହୋଇଥିଲା । ଏପରି ସ୍ଥଳେ ହଠାତ୍ ଆପଣଙ୍କ ଜ୍ୟେଷ୍ଠ ଦ୍ୱୀତୀୟାର୍ଦ୍ଧ ସଂଖ୍ୟା 'ଡଗର'ରେ ଶ୍ରୀଯୁକ୍ତ ବିନୋଦ ରାଉତରାୟଙ୍କ ଲିଖିତ 'କହ ନୂଆ ବୋଉ' ଶୀର୍ଷକ କବିତା ପଢ଼ିଲି ଏବଂ ଏ କବିତାଟି ଗୋପାଳ ବାବୁଙ୍କ ପରିପୂରଣ ବୋଲି ଲେଖକ ନିଜେ ସ୍ୱୀକାର କରିଛନ୍ତି । କବିତାର ଭାଷା ଯାହା ହେଉନା କାହିଁକି ଭାବ ଯେ ଅତି ନିକୃଷ୍ଟ ଏବଂ ଅସାହିତ୍ୟିକ, ଅସାମାଜିକ ... ବିକାର, ତା' ଯେ କେହି ସୂକ୍ଷ୍ମଦର୍ଶୀ ପାଠକ ପାଠିକା ମାନେ ବୁଝିନେବେ । ଗୋପାଳବାବୁ ତାଙ୍କ କବିତାରେ ନୂଆବୋଉଙ୍କ 'ତାଙ୍କର ଉଜଣୀ ଥିବା ନଥିବା କଥା ପଚାରିଛନ୍ତି । ନୂଆବୋଉଙ୍କର ଉଜଣୀ ଥିଲେ ସେ କହନ୍ତା କି ନାହାନ୍ତି, ବରଂ ତାର ଅନ୍ତର ସୌନ୍ଦର୍ଯ୍ୟପ୍ରତି ଦୃଷ୍ଟି ଦେଇଛନ୍ତି । ମାତ୍ର ବିନୋଦ ବାବୁଙ୍କ ମନରେ ଗୋପାଳବାବୁଙ୍କ [illegible] ଭାବ ଆସିଲା କୋଉଁଠି ସେ ତାଙ୍କ କବିତା ନୂଆ ବୋଉଙ୍କୁ ଆଉ କୌଣସି ପ୍ରଶ୍ନ ପଚାରି ନପାରି ନୂଆବୋଉଙ୍କ ଅସାମାଜିକ ଭେଟଣା ତତ୍ସଞ୍ଜାତ ଅବୈଧ ମାତୃତ୍ୱକୁ ନେଇ ପ୍ରଶ୍ନ କରିଛନ୍ତି । ଯଦି ସମାଜରେ ପାଜିଳିଆ ସଦୃଶ ଦିଅର 'ଡ୍ରିଗିଜାଲ୍ୟା' ନୂଆବୋଉର ଗୋଲାପୀ, କଅଁଳ ପାପୁଲି ରେଖା ନାହାକି ଦ୍ୱାରା ଗଣନା କରାଇ ଜନ୍ମରୁ ଶିଶୁ କାଢ଼ି ଦେବ ସଂଖ୍ୟା ହିସାବ କରି ବସନ୍ତି, ତାହେଲେ କବିଙ୍କର ଦୂରଦୃଷ୍ଟି କେତେଦୂର ପ୍ରଶଂସନୀୟ—ତା ପାଠକ ମାନେହିଁ ବିଚାର କରିବେ । କେଉଁ ଅବସ୍ଥାରେ କେଉଁ ଦିଅର ... ନୂଆବୋଉଙ୍କୁ ନାହିଁ ତେଲେ ଅଜଣା, ଅଦେଖା, ପୁଣି ପ୍ରଥମ ଗର୍ଭର ହିସାବ ମାଗେ । ତେବେ ବିନୋଦ ବାବୁଙ୍କ ଲେଖାରୁ ଆମେ ପଢ଼ିଲୁ, କବିତାର ନୂଆବୋଉ ଗୋଟାଏ କିଛି କରିସାରି ବି, ସମାଜ ଆଗରେ ଗୋଟାଏ କିଛି ନଅଁଗିଲା କାମ କରି ପକାଇଛନ୍ତି. ଯାହାଙ୍କ ତାଙ୍କ ଶିକ୍ଷିତ ଦିଅର ସହି ନ ପାରି ଧରାଇ ଦେଇଛନ୍ତି । ସାବାସ୍ କବି କଳ୍ପନାର ଦିଅର ।

। ଇତି ।

ଶ୍ରୀ ଗୋପିନାଥ ମିଶ୍ର [ବି ଏ: ଅନର୍ସ ପୁରୀ]

[ ବିଷୟଟାକୁ ଟିକେ ଓଲଟା ଦିଗରୁ ଦେଖାଗଲେ ବୁଝାଯିବ ଯେ ସମାଜର ଗୋଟିଏ କୁପ୍ରଥା ଓ ଗୋଟିଏ ଅନ୍ଧବିଶ୍ୱାସ ଉପରେ ବିନୋଦ ବାବୁ ମାଡ଼ ଦେଇଛନ୍ତି । ନାହିଁ କଥାରେ ବିଶ୍ୱାସ କରି ନୂଆବୋଉକୁ ଅସତୀ କହିବା ମୂଳରେ ଅଦୌ ଯୁକ୍ତି ଦେଖା ଯାଉନାହିଁ । ଏହା ଦିଅରଙ୍କ ପରିହାସ ଯାହାକି ଓଡ଼ିଶାର ଘରେ ଘରେ ଦେଖାଯାଏ । କିନ୍ତୁ ବାସ୍ତବିକ ଏଭଳି ଅଶ୍ଳୀଳ ପରିହାସ ଉଠିଯାଉ ଅଥଚ କୌଶଳ ପୂର୍ଣ୍ଣ ଢଙ୍ଗରେ ଆମୋଦ ନେବା ଉଚିତ । ଲେଖକ ଏହାହିଁ ସୂଚାଇ ଛନ୍ତି । ତେଣୁ ସେ ଦୁହିଁଙ୍କର ପ୍ରତିବାଦକୁ ଆମେ ସ୍ୱାଗତ କରୁଛୁ । ଏ ଦିଗରେ ସୁରୁଚି ସୃଷ୍ଟି ହେବା ଉଚିତ—ସଂପାଦକ]

ସମ୍ପାଦକେଷୁ,

ପ୍ରଣିପାତ । ଏବେ କିଛିଦିନ ହେଲା ଦଳେ ଶଠ ସ୍ୱାର୍ଥପର ଦଳଙ୍କର ଲମ୍ବା ଲମ୍ବା ବିଜ୍ଞାପନ ପତ୍ର ପତ୍ରିକାରେ ବାହାରୁଛି । ଆଜି ସେହି ହଠ ନେତା ବିଦ୍ୟାର ପାଲରେ ପଡ଼ୁଛନ୍ତି ବେଶୀ ପଲ୍ଲୀର ସରଳ ବିଶ୍ୱାସୀ ଲୋକେ । ସେହି ସରଳତାର ସୁଯୋଗ ନେଇ ତାଙ୍କୁ ଶୋଷଣ କରିବାରେ ତତ୍ପର ହୋଇ ଉଠିଛନ୍ତି । ଏ ଜମାନା ଦଳ ମୋଟାମୋଟି ବଳେଇ । ବର୍ଷରେ ଏକେ ଜଣ ଦାଗୀ ତାଙ୍କ କମ୍ପାନୀ ଧରୁରେ । ... ... କେନ୍ଦ୍ର ତଥା ପ୍ରାଦେଶିକ ସରକାର ଜଘନ୍ୟ ପ୍ରଣୟନ କରି ଏହି ଠକାମିଆ ଦଳକୁ ଜବତ୍ କରିବା ଉଚିତ । ଗୁପ୍ତ ପୁଲିସ ବିଭାଗ ଅଖିରେ ପଡ଼ୁନାହିଁ କିପରି ?

ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ ନାଃ ୮୧୮
। ମୁ । ବ୍ରଜନଗର .

[ଏଭଳି ଲଳନା ଅମ ଅଖିରେ ଅଛି ଅମେ ସାଧାରଣରେ ଜଣାଇଛୁଁ ।]

ସଂପାଦକ ।

ପ୍ରକାଶକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଯୁଗ୍ମ ସମ୍ପାଦକ—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com



ସନ୍ଧ୍ୟା (ଖାରନାଥ)

ଶିଳ୍ପୀ—ଶ୍ରୀ ଜଗନ୍ନାଥ ଦ

## ଅଜାଙ୍କ ନିର୍ମଳ କରନ୍ତି




ଅଜ ଅଗ୍ର ଦୁହେଁ ବୁଲୁଥିଲେ ଧରି
ଦୁହେଁ ଦୁହିଁଙ୍କ କର,
"ଦେଖିଲେ ମଠରୁ ବଡ ବିଜ୍ଞାପନ
ସହର ନିର୍ମଳ କର । ୧ ।

କାନ୍ଧରେ କୋଦାଳ ପଚାଉଣ ଅଜା
ଦୈନଗଲ ତାଡ଼ି ଚାଢ଼ି,
ସାଥି ପୁଣି, ସହ— ଧର୍ମିଣୀ ଅଇ ମୋ
ହାତରେ ଧରିଲେ ଝାଡ଼ୁ । ୨ ।

ଘରେ ଅସି ଅଜା ବୋଇଲେ ସଜନୀ
ପେଟ ମୋ ନିର୍ମଳ କର,
ହାଗି ମୁତି ଅଜା ଅଣ୍ଡି ଏ ଦେଖି
ଅଇ ଧରିଲେ ଚଅଁର । ୩ ।

Digitized by srujanika@gmail.com

ଅନନ୍ଦ ଅଟଲାଚ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର

ତ୍ରୟୋଦଶ ବର୍ଷ ଦ୍ୱିତୀୟ ସଂଖ୍ୟା
୧୬।୭।୪୯

# ଡଗର




## ମାନ ଉଦ୍ଧାରଣ

ମାନ ଉଦ୍ଧାରଣ କରହେ ତାରଣ
ଶରଣ ମୁଁ ତୁମ୍ଭ ପାଦତଳେ
ବୀରବର ଋଷି ଯେ ଉଠିଥିଲେ ଭାଷି
ଉଦ୍ଧର ଧଇଲ ବାହୁବଳେ

—ଉପେନ୍ଦ୍ର ଭଞ୍ଜ

× × × ×

ରଖହେ କଂଗ୍ରେସ ନନ୍ଦନ । ରଖହେ ମଦନ ବନ୍ଦନ ॥
ରଖହେ ବିଶ୍ୱନାଥ ଗଡ଼ । କାନ ଗୋଇଙ୍କ ପ୍ରାଣଗଡ଼ ॥
ରଖହେ ଦେବ କୃଷ୍ଣ ହର । ଦୋସର ପାତିରୁ ନସ୍ତାର ।
ତୁମ୍ଭେ ତ ନ ରଖିବ ଯେବେ । ନଷ୍ଟେ ସାମନ୍ତ ମଲ୍ଲ ତେବେ ॥
ଅନ୍ୟାୟ ହୋଇବ ଗୋସାଇଁ । ଭୋଟରେ ଜାବ ନ ହ ମୁହିଁ ॥
ଭୋଟ ସାଗରେ ଗଲା ପ୍ରାଣ । ରଖ ସୁଧୀର ପରିତ୍ରାଣ ॥
ସମାଜ ନାଶକ ତୋ ବାନା । ପ୍ରଜାତନ୍ତ୍ରରୁ ବନ୍ଧୁ ସେନା ॥
ବୀରେନ୍ଦ୍ର ରକ୍ଷଣ ମୁରାରି ! ନେବାକୁ ବୀରବର ଧରି ॥
ହସ୍ତ ଧରନ୍ତୁ ଗୋସାଇଁ । ତୋ' ବିନୁ ଆନ ଗତି ନାହିଁ ॥

—ଗଜ ନିସ୍ତାରଣ

ବାର୍ଷିକ ମୂଲ୍ୟ ୫ ୬ ୯
ଷାଣ୍ମାସିକ ୫ ୩ ୯

ପ୍ରତିଖଣ୍ଡ
୪ ଅଣା

Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଋତୁକାଳୀ ରେଚନୀ

ପରୀକ୍ଷିତରହୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପରେ ୨୪ ଘଣ୍ଟା ମଧ୍ୟରେ ଋତୁ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୫୦୧୨/

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ବିଦୁରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୧—ଡାକଖର୍ଚ୍ଚ—୫୦୧୨/ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)

70, Cornwallis St., Calcutta

## ଅପୂର୍ବ ସୁଯୋଗ ହରାନ୍ତୁ ନାହିଁ ।

ଆୟୁର୍ବେଦ ଚିକିତ୍ସକ ଆମ ଦେଶରେ ଅନେକ ଅଛନ୍ତି । କିନ୍ତୁ ସେ ମଧ୍ୟରୁ ପ୍ରାୟ ଅଧିକାଂଶଙ୍କର ସାର୍ଟିଫିକେଟ ନାହିଁ । ଏଥି ପାଇଁ ଆମ୍ଭେ ବହୁ ଯତ୍ନ ମହତ ଏଥିର ସୁବନ୍ଦୋବସ୍ତ କରିଅଛୁଁ । ଯେ କେହି ଆମ୍ଭ ପ୍ରତିଷ୍ଠିତ କେନ୍ଦ୍ରରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରିକୃତ କଲେଜରୁ ସର୍ଟିଫିକେଟ ମିଳିପାରିବ । କେହି ଏପରି ଭାବେ ପରୀକ୍ଷା ଦେବାକୁ ଇଚ୍ଛାକଲେ ସେମାନେ ଏଥିର ବିଶେଷ ବିବରଣୀ ପାଇବାକୁ ନିମ୍ନ ଠିକଣାରେ ଦର୍ଖାସ୍ତ କରନ୍ତୁ ।

ଯେଉଁମାନେ ଇଞ୍ଜେକସନ୍ ବିଷୟରେ ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ଆମ୍ଭଠାରୁ ଆମ୍ଭର 'ଆୟୁର୍ବେଦ ଇଞ୍ଜେକସନ୍ ଶିକ୍ଷା' [illegible] କରନ୍ତୁ । ଏଥିରେ ଇଞ୍ଜେକସନ୍ ସମ୍ବନ୍ଧେ ଯାବ [illegible] ବିଷୟ ବିଶଦ୍‌ଭାବେ ବୁଝାଇ ଦିଆଯାଇଛି । ଆୟୁର୍ବେଦର ଉଲ୍ଲତ ପାଇଁ ମୂଲ୍ୟ କେବଳ ମାତ୍ର ବାରଅଣା ।

Acharya Pt. T. L. Misra.
Manager,
Biroja bhusan Ousadhalaya.
P O. Bonaigarh
Orissa.

**HOMER**




# ହୋମର

ଫାଉଣ୍ଟେନ ପେନ୍—ବ୍ୟବହାର କରନ୍ତୁ

ନିର୍ମାତା—Matre pen & Plastic Industries
182, Girgaum—Bombay ... 4

ପୁରସ୍କାର ୫୧୦୦୦ ଙ୍କା

କ୍ଲେପା ରକ୍ତ ଉର

ରେଜିଷ୍ଟାର୍ଡ

ସର୍ବପ୍ରକାର କୁଷ୍ଠ ଧବଳ ରକ୍ତ, ମେହ ଓ ସ୍ତ୍ରୀ ରୋଗୀ ମାନଙ୍କର ବିଜ୍ଞାପନ

[illegible]

## ତ୍ରେଗାନିନ୍

ଗର୍ଭ ସଞ୍ଚାର ସମୟ ରୁ ସେବନ କଲେ ଗର୍ଭସ୍ଥ ଶିଶୁର ସ୍ୱାଭାବିକ କାନ୍ତି, ସୁଖ ପ୍ରସବ କରାଏ । ମୃତବତ୍ସା, ସୂତିକାଦୋଷ, ଅକାଳ ଗର୍ଭପାତ, ଦୁଃସ୍ୱପ୍ନ ଇତ୍ୟାଦି ଦୋଷ ନାଶ କରେ । ସହର ମଫସଲରେ ଏହା ପାଖରେ ଥିଲେ ଗର୍ଭ ସମ୍ବନ୍ଧୀୟ ଯାବତୀୟ ଯନ୍ତ୍ରଣାରୁ ଅକ୍ଳେଶରେ ରକ୍ଷା ପାଇ ପାରିବେ । ଏକସେଟ୍ ୫ ୭ ।।

ଠିକଣା—

ଡାକ୍ତର ବି: ଦାସ: କେମିଷ୍ଟ ହାଉସ୍, ପୁରୀ ।

## ସାବଧାନ

ଓଡ଼ିଶାରେ ପତ୍ର ପତ୍ରିକାରେ କେତେକ ଠକ ବିଜ୍ଞାପକ ବିଜ୍ଞାପନ ଦେଇ ଲୋକଙ୍କୁ ଭଣ୍ଡୁଛନ୍ତି । ଆମେ ଏହିଳି ବିଜ୍ଞାପନ ଦାତାଙ୍କ ସନ୍ଧାନ ପାଇଲେ ନିକାଶ ଦେବାକୁ କହିଥିଲୁ । ଏବେ କେତେକ ବିଜ୍ଞାପକ ଆଗରୁ ଠକିଛନ୍ତି । ତେଣୁ ଅନ୍ୟମାନଙ୍କୁ ବି ଠକି ଦେବା ବିଚିତ୍ର ନୁହେଁ । ନିମ୍ନର କେତେକ ନାମ ଦିଆଗଲା ।—ସଂପାଦକ, ଜଗର

୧—ହୋଲିଷ ଲିଖିତେ ଲୋକଙ୍କୁ ସାହାଯ୍ୟ କରିବ Dar ul shafa Golian -- Batala.

୨—Halka No, 22. ଅମୃତ ସରର ଯାବତୀୟ ପଦାର୍ଥ ।

ସଂପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ମୁଦ୍ରାକର ଓ ପ୍ରକାଶକ—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com



ଅଷାଢ଼ ଦ୍ୱିତୀୟାର୍ଦ୍ଧ ତ୍ରୟୋଦଶ ବର୍ଷ ଦ୍ୱିତୀୟ ସଂଖ୍ୟା ୧୬ । ୭ । ୫୯

## ଜୟ ଓ ପରାଜୟ

ଦକ୍ଷିଣ କଲିକତାରେ କଂଗ୍ରେସର ପରାଜୟ ପରେ ପୂର୍ବ କଟକରେ ଜୟ ହୋଇଛି କିନ୍ତୁ ଏହା ବଡ ନୈତିକ ବିଜୟ । ଦକ୍ଷିଣ କଲିକତାରେ କଂଗ୍ରେସ ଯେତିକି ନୈତିକତା ରକ୍ଷା କରି ପାରିଥିଲା ଓଡ଼ିଶାରେ ସେତିକ ମଧ୍ୟ ଜଳାଞ୍ଜଳି ଦେଇ ସେ ବିଜୟ କ୍ରୟ କରିଛି । ଆମେ କହୁନାହୁଁ ଯେ ସୋସାଲିଷ୍ଟ ମାନେ ବଡ଼ ନୀତିବାଦୀ । କିନ୍ତୁ ସୋସାଲିଷ୍ଟ ମାନେ ବା କମିଉନିଷ୍ଟ ମାନେ ନୀତି ଗର୍ହିତ କାମ କଲେ ଆମେ ଆଶ୍ଚର୍ଯ୍ୟ ହେଉ ନାହୁଁ । କାରଣ ସେମାନେ ନୀତିର ଢ଼ଣ୍ଡୋରା ବଜାନ୍ତି ନାହିଁ । ଦେଶ ଆଜିଯାଏଁ କଂଗ୍ରେସକୁ ବା କଂଗ୍ରେସ କର୍ମୀଙ୍କୁ ଯେଉଁ ଚକ୍ଷୁରେ ଦେଖି ଆସିଛି ସେମାନଙ୍କର ନୈତିକ ପତନ ଦେଖିଲେ ଆଦର୍ଶ ରହିବ କେଉଁଠି ? ଆଦର୍ଶ ସ୍ଥାନୀୟଙ୍କର ଆଚରଣ-ଭ୍ରଷ୍ଟତା ସମଗ୍ର ସମାଜକୁ ଭ୍ରଷ୍ଟ କରିଦେବା ସ୍ୱାଭାବିକ ।

ଛରତୋଳ ଏରସମାର ଭୋଟରୁ ଏତିକି ସ୍ପଷ୍ଟ ଜଣାଗଲା—ବର୍ତ୍ତମାନ ଦେଶରେ ଲୋକମତ ଆଉ କିଛି ନାହିଁ । ଅର୍ଥହିଁ ଏକମାତ୍ର ମତ । କଂଗ୍ରେସ ସୋସାଲିଷ୍ଟ ଉଭୟେ ଅର୍ଥବ୍ୟୟ ଅପର୍ଯ୍ୟାପ୍ତ କରିଛନ୍ତି । ଯେ ଅଧିକ କରି ପାରିଛି ସେ ଭୋଟ କ୍ରୟ କରି ନେଇଛି । ଏହାଫଳରେ ସାଧାରଣ ଲୋକେ ଆଉ ନିର୍ବାଚନ ଦ୍ୱନ୍ଦ୍ୱ ପାଇଁ ମନ ବଳାଇବେ ନାହିଁ । ନିର୍ବାଚନ ପ୍ରଥା ଏକ ମନଭୁଲାଣିଆ କଥା ହେବ—ବଡ ଲୋକଙ୍କର ଗାଦିକୁ ସ୍ଥାୟୀ କରିଦେବ ।

ଆମ ମତରେ କଂଗ୍ରେସ ନାୟକଗଣ ବୀରଗରଙ୍କ ପରି କଟିଣ ଦୁର୍ବଳ ସ୍ୱଭାବର ହୋଇଥିବାରୁ ଠିଆ ନକରାଇ ପୂର୍ଣ୍ଣ ସତ୍ୟ ନ୍ୟାୟ ଉପରେ ନିର୍ବାଚନ ଲଢ଼େଇ କରି ହାରି ଯାଇଥିଲେ ମଧ୍ୟ ତାଙ୍କର ଗୌରବ ରକ୍ଷା କରି ପାରିଥାଆନ୍ତା ।

ଆଜି ଶଙ୍କର ରାଓ ଚକ୍କାର କରି ଡାକିଛନ୍ତି—ସଂଗଠନ କର୍ମୀମାନଙ୍କୁ—କଂଗ୍ରେସ ସଙ୍ଗଠନରେ ମିଶି କାମ କରିବା ପାଇଁ, କଂଗ୍ରେସକୁ ରକ୍ଷା କରିବା ଉଦ୍ଦେଶ୍ୟରେ । କଂଗ୍ରେସ ଆଜି ଯେଉଁ ମାନଙ୍କ ହାତରେ ରହିଲାଣି ସେମାନେ କଂଗ୍ରେସକୁ ନିତାନ୍ତ ମୁଢ଼ିଗଣ୍ଠି [illegible] ନର୍ଦ୍ଦମା ମଧ୍ୟରେ ନିକ୍ଷେପ କରିସାରିଛନ୍ତି । ସଂଗଠନ କର୍ମୀମାନେ ତା ଭିତରକୁ ପଶି ଯୋଇଗଲେ ନିଜକୁ ଅପବିତ୍ର କରିଦେବେ ଏବଂ ସଂଗଠନ ମଧ୍ୟ ଶେଷ ହୋଇଯିବ । ଶଙ୍କର ରାଓ ଦେଖୁଛନ୍ତି ଦେଶରେ ବର୍ତ୍ତମାନ ଏକମାତ୍ର ଉଦୀୟମାନ ଶକ୍ତି—ଭାରତର ଜନତା ଯେଉଁ କ୍ଷୀଣ ରଶ୍ମିକୁ ଆଶାର ଦୃଷ୍ଟିରେ ଚାହିଁଛି ତାକୁ ଯଦି ଲୋପ କରି ଦିଆ ନଯାଏ ତେବେ କଂଗ୍ରେସର ବର୍ତ୍ତମାନ ଅନୀତି ପୂର୍ଣ୍ଣ ଶାସନ ସ୍ଥାୟୀ ହୋଇ ପାରିବ ନାହିଁ । ସେଥିପାଇଁ ସେ ବାରମ୍ବାର ଗଠନ ମୂଳକ କର୍ମୀମାନଙ୍କୁ ଡାକି ଭ୍ରାନ୍ତ କରିବାର ଉଦ୍ୟମ କରୁଛନ୍ତି । କେବଳ ରାଓଙ୍କୁ ଓଲଟି ଆମେ ପ୍ରସ୍ତାବ ଦେଉଛୁଁ—କଂଗ୍ରେସ ଆଜି ଶାସନ ଯନ୍ତ୍ର ଓ ତନ୍ତ୍ରକୁ ଛାଡ଼ି ଦେଇ ପୂର୍ଣ୍ଣ ପ୍ରାଣରେ ଗଠନ ମୂଳକ କାମରେ ଲାଗିଯାଉ । ତେବେ ଯାଇଁ କଂଗ୍ରେସର ପୂର୍ବ ଗୌରବ ଅଳରେ ଫେରି ଆସିବ । ଦେଶର ଦାୟିତ୍ୱ, ସୋସାଲିଷ୍ଟ, କମିଉନିଷ୍ଟ ବା ଯେ କେହି ଗ୍ରହଣ କରନ୍ତୁ ମିଳିଲେ ଆଉ ନ ବାହାରେ ଥାଇ ମଧ୍ୟ କଂଗ୍ରେସ, ସରକାର ଓ ଲୋକଙ୍କ ଭିତରେ ଗୋଟିଏ ଯୋଗ ସୂତ୍ର ସଦୃଶ ହୋଇ ରହିବ । ଏକ ଅକ୍ଷୟ ଶକ୍ତିରେ ପରିଣତ ହେବ ।

## ଖାଦ୍ୟ ସମସ୍ୟା

ଏ ସଂବନ୍ଧରେ ପୂର୍ବେ ଆଲୋଚନା ହୋଇସାରିଛି । କିନ୍ତୁ ପଣ୍ଡିତ ନେହେରୁ ଖାଦ୍ୟ ଅଭାବ ବିଷୟରେ ଏକ ଆବେଗ ପୂର୍ଣ୍ଣ ଭାଷଣ ଦେଲା ପରେ ଆଉ ପୁନରାୟ ଏ ବିଷୟ ଉପରେ ଆଲୋଚନା କରିବାକୁ ହେଲା । ଆମେ ସ୍ପଷ୍ଟ କହିବାକୁ ଗଲୁଁ, ଆବେଗ ପୂର୍ଣ୍ଣ ବକ୍ତୃତାର ଯୁଗ ଯାଇଛି । ଏବେ କେବଳ ଆଚରଣର ଲୋଡ଼ା । ଭାରତ ବହୁତ ଶୁଣିଲାଣି—ଆଚରଣ ଅଭାବ ସର୍ବତ୍ର । ପଣ୍ଡିତ ଜୀ କେତେ କହିଲେଣି ଏହି ବକ୍ତୃତାରେ—"ଆମେ—ଯେଉଁ ମାନେ ମହାତ୍ମାଙ୍କର ଶିଷ୍ୟରେ ନାଗରିକ ଜୀବନର ଆଚାର ଓ ଚରିତ୍ରର ଉନ୍ନତିର ମାନ ଉପରେ ଗୁରୁତ୍ୱ ଦେଉଥିଲୁଁ, ଆଜି ସେହି ମାନେହିଁ ସେ ସବୁ ବିସ୍ମୃତ ହୋଇଛୁ ।" ଫଳରେ ଆଜି ଆଦର୍ଶ ବୋଲି କିଛି ନାହିଁ । ଆଦର୍ଶ କେବଳ ସହଜ ଲକ୍ଷ୍ୟ ଅର୍ଥ ଉପାର୍ଜ୍ଜନ । ଆଉ ତାହାକୁ ଛାଡ଼ି ଦେଇ ଦେଲେ ମଧ୍ୟ ସୁଖ ହେବା ଆଉ ସମ୍ଭବ ନୁହେଁ । କାରଣ ସେପରି ଆଦର୍ଶ ଆଉ ପରିଶ୍ରମର ଆଦରରେ ନାହିଁ । ଆଜି ବଡ଼ ବଡ଼ ନେତାଙ୍କ ଠାରୁ ଆରମ୍ଭ କରି ଦେଶର ମୁଖ୍ୟ ଶାସକ ଲୋକମାନେ ମଧ୍ୟ ସେପରି ସହଜ ଲକ୍ଷ୍ୟ ପଛରେ ପାଗଳ ହୋଇ ଧାଇଁଛନ୍ତି । ସେମାନେ ମଧ୍ୟ ସେହି ଆଦର୍ଶକୁ ଆପଣାର କଲେଣି । ବଡ଼

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଅଲାବଲା ପୁରାଣ

ହରି ହରି ବୋଲ ଭାଇ କୃଷ୍ଣ କୃଷ୍ଣ ବୋଲ୍
ନାରାୟଣ ବୋଲ ଭାଇ ଏକ୍‌ସପା ଚିର ଢୋଲ୍

+ —

ଯେତେ ହେବ ଘୋଷ ଭାଇ ତେତେ ହେବୁ ତୋଷ,
ଦୋଷ ଧରି ଯାଉଛନ୍ତି ବାବୁ ସୁଧୀର ଘୋଷ ।

÷ ÷ ÷

କଂଗ୍ରେସର ଗୃହଲକ୍ଷ୍ମୀ କଲେ ମାଇଲ୍‌ଡ଼ ଗ୍ରୁପ୍ ଘାଟି
ମାଇଲ୍‌ଡ଼ ଡ଼ିଭାଇଡ କଲେ ସୋସାଲିଷ୍ଟ ପାର୍ଟି ।
କାଏ ହେଲ ଜଣେଇଣ୍, କାଏ ହେଲ ବସ୍,
ଇଷ୍ଟ ମିଷ୍ଟ ଠାରେ ଠୁର୍ ପାରେ କରମ୍ କସ୍ ।

× × ×

ବରଲ ଚଲେ ଅମେରିକା, ଚିରଲଙ୍କର ହସ,
ଘଇଆ ମାନେ କଣିଦେବେ ହନ୍ଦୁସ୍ତାନ ଦଶ ।

+ × +

ନଇରେ ବାଜୁଥିଲା ଚନ୍ଦ୍ରିକା—
ସିନ୍ଦୁର ଟିକା ହୁଅନ୍ତେ ଘଣ୍ଟେ ପୁଜଣି ରଙ୍ଗା
(ଅମେରିକାରୁ) କେଉଁଟିକ୍ ।

× + ×

ମେଘବରଷିଲ ଝୁପୁରୁଝୁପୁରୁ କେଶର ମାଇଲ ଗଙ୍ଗା
କଟକରୁ ଛାନ୍ଦି ପୁଣି ଦିଲ୍ଲୀଶ୍ୱର ହେବେ ମହତାବ ରଙ୍ଗା ।

+ + +

ଅଧ୍ୟ ଅଲକା ଦୂତ ହୋଇଗଲେ ବାନଗୋଇ ହେବେ ଲାଟ,
ତାଙ୍କ ପଟ ମନ୍ତ୍ରୀମାନଙ୍କ ଡହଁ ହୋଇବେ ଛାଟିଅ ଲାଟ ।

× + ×

କୃପଲାନୀ ଶିରେ ନେହେରୁ ଢାଳିବେ କଳସ ।
ଦିଲ୍ଲୀ ସେକ୍ରେଟେରିଏଟରେ ମରିବେ ଓଡ଼ିଶା ।

+ × +

ଶରତ ବୋଷଙ୍କ ସଙ୍ଗେ ଅସିବେ ସୁଭାଷ
ବଙ୍ଗଳାର ନାଶ ଯେତେ ବଢିବ ସୁବାସ ।

+ × +

କୋଶଲ ପ୍ରଜାଙ୍କ ସଙ୍ଗେ ଖଣ୍ଡାୟତ ପଦୀ
ତହୁଁ ସଙ୍ଗେ ମିଳନୀ ହୋଇଛନ୍ତି ଯନ୍ତି ।
ରାଜଗାନ୍ଧୀ ନଦୀରେ ଯେ ଲଗାଇବେ ତୋଡ
ଥୋଡ଼ ବଡ ଖଡ଼ା ଭାଇ ଖଣ୍ଡା ବଡ ଥୋଡ ।

+ + +

ରାମ ମନୋହର ଲୋହିଆ
ସୋସାଲିଷ୍ଟ ରୁ ହେଇଅ
ଜେଲ ଖାନାରୁ ହେଲେ ଛକ୍
ବେଥା ହଲେ ଆମାର ଘାଡ଼୍
ପଣ୍ଡିତ ଜୀ ଦେଲେ ଅମ୍
ସୋସିଲିଷ୍ଟଙ୍କ ନପିବ ଗାମ୍ ।

÷ ÷ ÷

ଓଡ଼ିଶା ରଭଜ ମୂର୍ତ୍ତି ଉତ୍କଳ ପ୍ରସଙ୍ଗ,
ମହାକାଳେ ପାଇଲେ ପ୍ରତାପଚନ୍ଦ୍ର ସଙ୍ଗ ।
ଯଜ୍ଞଭୂକ ମିଳେ ଭାଇ ହଜାର ହଜାର,
ଏମନ୍ତହିଁ କଳା ବାବୁ ଧବଳ ବଜାର ।

÷ ÷ ÷

ଧନ୍ୟହେ ଧନ୍ୟ ପାଣନାଥ
ଛାଡ଼ିଲ ଗ୍ରେଟି ଖାଇ ଭାତ ॥

ଦିଲ୍ଲୀର ଜିଭୁ ଦେଇ ଛାଡ
ହୋଇଲ କଟକେ କାଣୁଡ଼ ।
ନାହିଁକି ତୁମ୍ଭ ପାଶେ ଡେଲ
ଯାଅହେ ତୁରିତେ ବେଙ୍ଗଲ
ଶିଖିଣ ଅସିବ ଉପାୟ
ଦେବେ ହୋଇବ କାଟେ ଜୟ ।

+ + ÷

(ସଂପାଦକୀୟ ଅବଶିଷ୍ଟାଂଶ)

ଗୃହୀ ମୂଳିଆ ଖଟାଇ ଦେଖିଛୁ—ମୂଲିଆ ମିଳିନି । ଏହାର ଅବଶ୍ୟ ଅଣୁ ଉପାୟ ଜମିକୁ ବଡ ଗୃହୀ ହାତରୁ ନେଇ କ୍ଷେତ ରଖାଙ୍କ ହାତରେ ଦେବା କିନ୍ତୁ ସେଥିରେ ମଧ୍ୟ ବିଶେଷ ଫଳ ଫଳିବ ବୋଲି ଆଶା କରି ଯାଉନାହିଁ । କଲରେ କାମ କଲେ ମୂଲ ବେଶି ମିଳୁଛି । ଗୃହର ମୂଲ କଲ ମୂଲ ସାଙ୍ଗରେ ସମାନ କରିବାକୁ ଯାଇଁ ସରକାର ଧାନ ମୂଲ୍ୟ ବଢ଼ାଇ ଦେଲେ । ଫଳରେ ମୌଳିକ ପ୍ରୟୋଜନର ଦର ବୃଦ୍ଧି ସଙ୍ଗେ ସଙ୍ଗେ ଅନ୍ୟ ବସ୍ତୁର ଦର ବଢ଼ି ଚାଲି ଗଲା । ଚଷା ବା ଗୃହୀର ଲାଭ ଗଲା କୁଆଡେ । ଏହାର ପ୍ରତିକାର ଟ୍ରାକ୍‌ଟର ଅଣି କରାଯାଇ ପାରେ । ମନୁଷ୍ୟ ଶକ୍ତି ସ୍ଥାନରେ ଯନ୍ତ୍ର ଶକ୍ତିର ପ୍ରୟୋଗ କରାଯାଇ ପାରେ । ଏହା ଯଦି ଦୁର୍ବଳ ଉଦ୍ୟମରେ ଚାଲେ ତେବେ ବା ଖାଦ୍ୟ ସମସ୍ୟା ଗୋଟାଏ ପ୍ରକାରରେ ସମାଧାନ ହେବ । ଯଦିଓ ମନୁଷ୍ୟର ସ୍ୱାଧୀନତା ଲୋପ ପାଇବ ସୁନିଶ୍ଚିତ । କିନ୍ତୁ ସରକାର ନୂଆ ଆଇନକରି ଜମିକୁ ବଡ଼ ବଡ଼ ଚକଲାରେ ପରିଣତ କରି ସଙ୍ଗେ ସଙ୍ଗେ ଗ୍ରାମେ ଗ୍ରାମ ଟ୍ରାକ୍ଟର ଯୋଗାଇ ଦେବେ କି ? ଯଦି ସମ୍ଭବ ନହୁଏ ତେବେ ପନ୍ଥା ଅନ୍ୟ ପ୍ରକାର । ସେ ପନ୍ଥାରେ ପଣ୍ଡିତ ଜବାହରଲାଲଙ୍କୁ ସର୍ବ-ପ୍ରଥମେ ପ୍ରତ୍ୟେକ କିଛି ଉତ୍ପାଦନ କରିବାକୁ ହେବ । ସମାଜରେ ଯେ ଖାଦ୍ୟ ଓ ବସ୍ତ୍ର ଉତ୍ପାଦନ ନକରି ବଞ୍ଚିବ ତାକୁ ପତିତ ଅସ୍ପୃଶ୍ୟ କରି ଦିଆଯାଉ । ଶିକ୍ଷିତ ସ୍ତ୍ରୀ ମଣ୍ଡଳରେ ତାର ସ୍ଥାନ ନ ହେଉ । ସରକାରୀ ଦପ୍ତରରେ ଆସନ ନମିଳୁ । ଦେଶର ପ୍ରତିନିଧିତ୍ୱ କରିବାର, ଭୋଟ ଦେବାର ଅଧି-କାର ତାର ନରହୁ । ତେବେ ଯାଇଁ ଖାଦ୍ୟ ସମସ୍ୟା ସାମଧାନ ହୋଇ ପାରିବ ।

## କମ୍ୟୁନିଷ୍ଟ ଆତଙ୍କ

ପଶ୍ଚିମ ବଙ୍ଗରେ କମ୍ୟୁନିଷ୍ଟ ଆତଙ୍କ ଏକ ଘୃଣ୍ୟ ବ୍ୟାପାର ହୋଇଛି । ଏ ଦେଶର ଲୋକଙ୍କର ସହ୍ୟ କରିବାର ଶକ୍ତିକୁ ଧନ୍ୟ କହିବା । ବହୁଦିନ ବ୍ରିଟିଶ ଶାସନକୁ ସେପରି ସହ୍ୟ କଲେ—ଏବେ କଂଗ୍ରେସ ସରକାରଙ୍କ ଦୁର୍ନୀତିକୁ ମଧ୍ୟ ସେପରି ସହ୍ୟ କରୁଛନ୍ତି—କମ୍ୟୁନିଷ୍ଟଙ୍କ ବିଶୃଙ୍ଖଳା ଓ କଠୋରତାକୁ ମଧ୍ୟ ଉଦ୍ରୁପ ସହ୍ୟ କରିବା ବିଚିତ୍ର ନୁହେଁ । କଂଗ୍ରେସର ଅପଗୁର ଓ କମ୍ୟୁନିଷ୍ଟଙ୍କର ଦୁର୍ବଗୁଳ ମଧ୍ୟରେ ଯେଉଁ ସଂଘର୍ଷ ଆରମ୍ଭ ହୋଇଛି, ଦୁର୍ବଳ ଜନତା ପରିଶେଷରେ ବାଧ୍ୟ ହୋଇ ବେକରେ ବର ମାଲ୍ୟ ଦେବାର ମନ୍ତ୍ରୀ ଅନୁସରଣ କରିବେ । ଏହାହିଁ ଜନତାର ପରାଜୟ ।

Digitized by srujanika@gmail.com



ବ୍ରହ୍ମପୁରରେ ଅନ୍ଧ୍ର ନେତାମାନେ ଓଡ଼ିଆମାନଙ୍କୁ ମାଙ୍କଡ ବୋଲି ଗାଳି ଗୁଲଜ କରି ଛାଟା ମାରିଲେ । ଏ ଅନ୍ଧ୍ର ନେତାମାନଙ୍କୁ ଯେତେବେଳେ ପଚରାଗଲା—କାହିଁକି— ମାଙ୍କଡ଼ କାହିଁକି କହିଲ ? ଅନ୍ଧ୍ରନେତାମାନେ ଉତ୍ତର ଦେଲେ—"ଆମେ ସମସ୍ତେ ଡାରଉଇନ୍ ବାଦ—ଏବଂ ଡାରଉଇନ୍ ସିଦ୍ଧାନ୍ତକୁ ସ୍ୱୀକାର କରୁଁ । ଅର୍ଥାତ୍ ମାଙ୍କଡ଼ ଯେ ମନୁଷ୍ୟର ପୂର୍ବ ପୁରୁଷ ଏହା ପ୍ରମାଣସିଦ୍ଧ । ଅତଏବ ଆମେ ଅନ୍ଧ୍ର ମଣିଷ ହେଲେ ତମେ ଓଡ଼ିଆ ଗୁଡ଼ାକ ମାଙ୍କଡ଼ ।" ଏ ଉତ୍ତର ଶୁଣି ଅନ୍ଧ୍ରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିପାରିବ କି ନାହିଁ—ତାର ବିଚାର ଶ୍ରୀ ଗୋପୀନାଥ ବେହେରା କରୁଥାଇ ପାରନ୍ତି ।

× × ×

ବ୍ରହ୍ମପୁରରେ ଓଡ଼ିଆ ଅନ୍ଧ୍ର ଗୋଳମାଳ ବେଳେ ବାମନ ମୂର୍ତ୍ତି କାହିଁକି ଫଟିଗଲେ ତାର କାରଣ ଅନୁସନ୍ଧାନ କରି ଜଣାପଡ଼ିଛି ଯେ-ସେ ଜଣେ ବ୍ରହ୍ମବାଦୀ । ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି-ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ଆଦି ସେ ବିଶ୍ୱାସ କରନ୍ତି । ସେତେବେଳେ ସେ ବ୍ରହ୍ମରେ ଲୀନ ହୋଇ ଓଡ଼ିଆ ଅନ୍ଧ୍ରଙ୍କର ମିଳନ କାମନା କରୁଥିଲେ ମାତ୍ର ।

× + ×

ବିହାର ସରକାର ଲଞ୍ଚ ମିଛ ଦୂର କରିବାକୁ ଗୋଟିଏ ସ୍ୱତନ୍ତ୍ର ବିଭାଗ କରି କାର୍ଯ୍ୟାରମ୍ଭ କରିଛନ୍ତି । କିନ୍ତୁ ଆମର ପ୍ରଧାନ ମନ୍ତ୍ରୀ ଏ ସବୁ ବାଜେ ଝଞ୍ଜାଟର ବାଟ ଭଲ ଜାଣନ୍ତି । ସେ କହନ୍ତି—ମୁକ୍ତ ମାରିଲେ ଯିବ ସବୁ । ତେଣୁ ସେ ପ୍ରଦେଶିକ ମନ୍ତ୍ରୀ ମେଳାରେ ପିଲାମାନଙ୍କୁ ଆଗ ସଦାଚରଣ କରିବାକୁ କହିଛନ୍ତି । ଲୋକେ କହନ୍ତି ମହତାବ ପାହା କରିବାକୁ ବୃହାନ୍ତି ତାର ଓଲଟା କଥାଟା କହନ୍ତି । ମୁଁ ଏବେ ମେଲ୍‌କୁ ଯିବାକୁ ହିଁ କହୁ,ଥିଲେ । ମନ୍ତ୍ରୀ ହେବ ନାହିଁ କହୁ,ଥିଲେ । ଜଳପୋଡ଼ଆଙ୍କୁ ଛାଟ ମାରିବାକୁ କହୁ,-ପ୍ରଜା ତନ୍ତ କଲେ । ଚରଖା ବାଟ କହୁ, ମିଲ୍ ବସାଇଲେ ଓ ସ୍ୱର ନାମରେ ସେଥିରା କିଣିଲେ । ସେହି ପରି ପିଲାମାନଙ୍କୁ ସେ ସଦାଚରଣ କରିବାକୁ କହନ୍ତି ସଦା ସ୍ମରଣ କରିବେ କି ଅଭ୍ୟାସ କରିବେ ଦେଖିବାକୁ ରହିଲା ।

× + ×

ଘନଶ୍ୟାମ ଦାସ ବିରଳା ବାରମ୍ବାର ଆମେରିକା ଯାଉ ବୁଝିଛନ୍ତି । ଲୋକେ କହୁଛନ୍ତି—ଏ ଦେଶରେ ସାମ୍ୟବାଦ ହେବାର ସୂଚନା ପାଇ ସେ ଆଉ ବିଦେଶରେ ଧନ ଗଚ୍ଛାଇବା ପାଇଁ ବ୍ୟାକୁଳ । ବର୍ତ୍ତମାନ ଆମର ବିରଳା ପ୍ରେମିକ କୋଟିପତି ନେତା କୈମ୍ପର ପାଣିକି ଖାଇବେ ଗାଇବେ ।

ଧନ ଯୌବନ କାଳେ କଲୁ ଅନ୍ତର ରେ
ତୋତେ କିଏ ବା କଲୁ କେଉଁ ମନ୍ତର ରେ ।

× + ×

ଉଗର ସଂପାଦକଙ୍କୁ କେହି କେତେଟିକି ସମ୍ପତ୍ତି କରି ଡାକିଲେ ବାଲେଶ୍ୱର କଂଗ୍ରେସ ନେତା ମାନେ ବାଧା ଦେଉଛନ୍ତି ବୋଲି ଆମେ ଖବର ପାଇଛୁଁ ଏବଂ ଅନ୍ୟ ସଂବାଦ ପତ୍ରମାନଙ୍କରେ ସେହା ପ୍ରକାଶ ପାଇଲାଣି ମଧ୍ୟ । ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ଚନ୍ଦ୍ରାବଳୀ ପୂରକୁ ଗଲେ କଇବାର ଜାଣିଲେ ବାଧା ଦେବା ସ୍ୱାଭାବିକ । ଉଗର ସଂପାଦକ ଅନ୍ୟ କେଉଁ ସମ୍ବର୍ଦ୍ଧନା ହେବାକୁ ବାଲେଶ୍ୱର କଂଗ୍ରେସ ନେତା ସହ୍ୟ କରିପାରୁ ନାହାନ୍ତି ବୋଲି ଆମକୁ ଲୋକେ ପଚାରୁଛନ୍ତି ।

କିନ୍ତୁ ଆମର ବିଶ୍ୱାସ ସଂବାଦ ନିଶ୍ଚୟ ମିଥ୍ୟା । କାରଣ ବାଲେଶ୍ୱର ନେତାମାନଙ୍କର ପ୍ରକୃତ ଓ ଏକମାତ୍ର ପତି ସ୍ୱୟଂ ଶ୍ରୀହରି । ସେତ ଦିନରାତି କହୁଛନ୍ତି—

ଏଜୀବ ପଛେ ମୋର ଯିବ ଯାଉ
(ହରେ) କୃଷ୍ଣ ପଦେ ସଦା ମନ ଥାଉ ॥
କରୁଣାକର ହରି ନହେଲେ ଗଲା ସବୁ
ଧାନ ଦର ଦି' ଟଙ୍କା ବଢ଼ିଯାଉ ।
ହରେକୃଷ୍ଣ ପଦେ ସଦା ମନ ଥାଉ ॥
ହେ ସୁଖ ବର ଇନ୍ଦ୍ର ମୋ ଜୀବ ଭାର କେନ୍ଦ୍ର
ତୋ ବିନୁ ଠାବ ମୋର କାହିଁ ଅଉ ?
ହେ ପୁଣ୍ୟ ଭଗବତ ଦୁଃଖରୁ ବାଧବତ
ଲଘବ କର ତୋର ଗୁଣ ଗାଉ ।

ହେ ମିଳାପର ଯାର ଏବେ ହୋ ନାହିଁକି
ତୁ ମନା କଲି ସ୍ୱାମୀ ଯାଏ ତାହିଁ ।
ଅହେ ଗୋ କୃପା ନାଥ ଗଳିବ ମାର୍ଗ ଛାଡ଼
ମନଭୂତି ମୁଁ ତୁମ୍ଭ ବଳ ତାହିଁ ।
ହେ ନନ୍ଦ କିଶୋର ହେ କାହାଁ ଯାଉଥିଲ ହେ
ମୁଁ ଦେଖିଲି ପିତା ପଦ ଯାଉଁ ଯାଉଁ ।

+ + +

ପୁଷ ମିଳାପ ପାଇଁ ଧୂନା ଗିଲାଟି ପର ସରକାରଙ୍କୁ ଜଣେ ଅଫିସର ମାଗିଥିଲେ କାରଣ ମିଳାପ ଗିଲାଟି ସଭ୍ୟମାନେ ଚିହ୍ନ— ନ । ଆଜି କା—ତାଙ୍କ ମାଜା ମଫାଇସ ହୋଇ ଜଣେ ଅଫିସର ଗାର୍ଡ଼ନ ସୁଦ୍ଧା ରହିବେ । ମାତ୍ର ପ୍ରସ୍ତାବ ବେଳେ ଜାଣି ନଥିଲେ ଯେ ବାଗ ଫାଇଲ ପଡ଼ିଛନ୍ତି । ତେଣୁ ଯାହା ଅଣିବେ ତାଠୁଁ ଅଉ ବାହାରିବାର ଉପାୟ ନାହିଁ । ଏଥର ସେ ଅଫିସରଙ୍କୁ ମିଳାପ ଗ୍ରାନ୍ଟି ସଙ୍ଗ ପ୍ରସ୍ତାବ କରି ସବୁ କ୍ଷମତା ଦେଇ ନଦେଲେ ଅଫିସର ମିଳିବ ନାହିଁ ବୋଲି ସରକାରଙ୍କ ଧମକ ।

ଆପଣା ହସ୍ତେ ଜିହ୍ୱା ଛେଦି
କେ ପୁଣି ତା'ର ପ୍ରତିବାଦୀ ।

+ + +

ଛତ୍ରପୁରାଲ ଏକମତସାରେ ଯେଉଁ କମିଟିଆ ଭାଙ୍ଗି ଦେଲା ସେଥିରେ ବୀରବର ଛିଡ଼ିଲେ । ବୀରବର ଥାଉଁ ଥାଉଁ ପୁଣି ଆଉ କିଏ ସେ ? ବୀରବରଙ୍କ ନାମକୁ ସାର୍ଥକ କଲେ । ବାସ୍ତବିକ ସବୁ କଥାରେ ଏକା ସେ ବାରବର । ଅଳ ଉକାସି ବେଣିକି ବଳ ଦାଣ୍ଡକୁ ନପାଇ କୃଷକ ଦାଣ୍ଡରେ ଗାଇବେ—

ବୀରବର ପରି ଜଣେ ସାମନ୍ତ
ନାହିଁ ଏମନ୍ତ ।
କଂଗ୍ରେସ ନେତା ଥାଇ ଗଳ ପଛକି ଧାଇ
ପୁଣି ମାଙ୍କଡ ଚିହ୍ନି ହେମନ୍ତ ।
ଚରଖା ସଂଘ ଠାରୁ ସାଲୁ ଉପରେ ମାରୁ
ହରିବ ଅଠ ଖାଉ-(ଦେଖ) ହେପନ୍ତ ।
ବୀରବର ପରି ଜଣେ ସାମନ୍ତ
ନାହିଁ ଏମନ୍ତ ।

+ + +



Digitized by srujanika@gmail.com

ଗୋମାଂସ ତ କଣା ଅନ୍ଧାରରେ ରହି-ଗଲେ । ସାରଙ୍ଗ ଧର ଯେତେ ସାରଙ୍ଗୀ ଧରିଲେ ମଧ୍ୟ ଉଦରତୋଳର ମୁଣ୍ଡା କମ୍ପ! ଗୋମହନ୍ତଙ୍କି ତାଙ୍କ ସ୍ୱନରେ ମୁଗ୍ଧ ହୋଇ ନଦୀ ଗର୍ଭକୁ ଯାଇ ନାହାନ୍ତି । ସେମାନେ କୁମ୍ଭୀରରେ ପଡ଼ିବେ ପଛେ ନଇରେ ବୁଡ଼ି ମରିବେ ନାହିଁ ବୋଲି କହିଯାଇ କରି କଂଗ୍ରେସକୁ ଭୋଟ ଦେଇଛନ୍ତି ।

× ÷ ×

ଓଡ଼ିଶା ସରକାରଙ୍କ ସାହାଯ୍ୟରେ ଗଞ୍ଜାମରେ କେଉଁଠି ଅଗୁରୁ କାରଖାନା ବସୁଥିଲା । ଶୁଣାଯାଏ ସେଥିପାଇଁ ୨୦ ହଜାର ଟଙ୍କାର ଅମ୍ବ କଣା ହେବା ପରେ ହଠାତ୍ ଦେଖାଗଲା ସେ ଅମ୍ବ ଗୁଡ଼ାକ ନଷ୍ଟ ହୋଇ ଯାଉଛି ତେଣୁ ତାହାକୁ ଅଗୁରର ନବରି ବାଲିଶାରେ କରିଦେବା ଉଚିତ ବୋଲି କେହି କେହି ମତ ଦେଇଥିଲେ । ପରେ ଗୋରୁ ସାର ହୋଇ ଅମ୍ବ ଗୁଡ଼ାକୁ ଉରଟୋଳ ଏ ରସମା ଅଞ୍ଚଳରେ ନଷ୍ଟ କରି ଦିଆଯାଇଛି ବୋଲି ସମ୍ବାଦ ମିଳିଛି । ଅନ୍ୟ ସ୍ଥାନରେ ଏତେ ଟଙ୍କାର ଅମ୍ବ ନଷ୍ଟ କରିଥିଲେ ବହୁ ଟିଙ୍କାର ଭୟ ଥିଲା । ମାତ୍ର ଏରସମା ଉଦରତୋଳରେ ସମସ୍ତେ ପ୍ରତିପକ୍ଷଙ୍କ ଖାତରୀ ନେଇଥିଲେ ।

× ÷ ×

କେତେକ ଅବଶଣୀ ଲୋକେ କହୁଛନ୍ତି ଯେ ପ୍ରଧାନମନ୍ତ୍ରୀ ବା ଓଡ଼ିଶା ସରକାର ଯେଉଁ ଲୁହା କମ୍ପାନୀକୁ ଲୁହା ସପ୍ଲାଇ ପାଇଁ ଏକ-ଚାଟିଆ ଅଧିକାର ଦେଇଛନ୍ତି ସେ କମ୍ପାନୀର ଲାଭାଂଶରୁ ଶତକଡ଼ା ୨୫ ଅଂଶ ପ୍ରଧାନମନ୍ତ୍ରୀଙ୍କ ଅନୁକୂଲ୍ୟରେ ଏବଂ ସ୍ୱାର୍ଥାର୍ଥେ ପ୍ରତିଷ୍ଠିତ କୌଣସି ଅନୁଷ୍ଠାନକୁ ଦିଆଯିବ ବୋଲି କମ୍ପାନୀର ପ୍ରସ୍ପେକ୍ଟସରେ ଛାପା ଯାଇ-ଥିବାରୁ ମନେ ହୁଏ ଯେ ସରକାରର ମୁଖ୍ୟ ମନ୍ତ୍ରୀମାନେ ବା ସରକାର ଜଣେ ପ୍ରକାଶ୍ୟରେ ଘୁସ ନେଇଛନ୍ତି । ଆମେ କିନ୍ତୁ ଏହାକୁ ଘୁସ୍ ବୋଲି କହୁନାହୁଁ । ଆମେ ଏହିଭଳି କର୍ମକୁ 'ଖୁସ୍' ବୋଲି କହୁଁ । ଅର୍ଥାତ ତମେ ମୋତେ ଖୁସ୍ କଲେ ମୁଁ ତମକୁ ଖୁସ୍ କଲି । ଏ ଖୁସ ଅଭିଧାନର ପ୍ରଥମ ପର୍ବ ତ ଏ ନୁହେଁ—ଓଡ଼ିଶା ଟେକ୍ସଟାଇଲର ସ୍ଥାପନା

ସିନ୍ଧି ପ୍ରଥମ ଅଧ୍ୟାୟର ଉଦାହରଣ ବୋଲି କେହି କେହି କହନ୍ତି । ତେବେ ଏ ଖୁସାକୁ ସଭ୍ୟତାର ଭିତରେ—ବାହାରେ ନୁହେଁ । ଏହା ବୁଝିବା ଉଚିତ ।

÷ ÷ ÷

ଭାରତ ସରକାର ଘୋଷଣା କରିଛନ୍ତି ଯେ ବୁଶ ସାର୍ଟ ଅଫିସିଏଲ ଓ ସାଟି ବା ଦରବାରରେ କଡ଼ାନ୍ତ ଅଦ୍ଭୁତ—ଅତଏବ ଏହା ବର୍ଜନୀୟ । ଏ ସମ୍ବାଦ ଶୁଣି ମହତାବଙ୍କ ପ୍ରେମରେ ଦେଡ଼ ଯେଉଁମାନେ ବୁଶ୍ ସାର୍ଟ ପିନ୍ଧୁଥିଲେ ସେମାନଙ୍କ ଉପରେ ବଜ୍ର-ପାତ କାର୍ଯ୍ୟ କରିଛି । ଆମ ମତରେ ସର୍ବତ୍ର ଏ ବୁଶ୍ ସାର୍ଟ ପ୍ରଚଳିତ ହେବା କଡ଼ାନ୍ତ ଉଚିତ । କାରଣ ଏହା ପିନ୍ଧିଲେ ବୃଦ୍ଧ ଏବ ତରୁଣ ଯୁବତୀ । ଏ ସାର୍ଟ ପ୍ରଥମେ ଲର୍ଡ଼ ଓ୍ୟାଭେଲ ଏ ଦେଶକୁ ଆଣିଥିଲେ । ଲର୍ଡ଼ ଓ୍ୟାଭେଲ ସର୍ବ ପ୍ରଥମ ଲୋକ ଯେ କି ଓଡ଼ିଶାରେ ମହତ୍ତ୍ୱ ବୁଝି ମହତାବଙ୍କୁ ପ୍ରଥମ ସ୍ୱାଧୀନ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେବାକୁ ପ୍ରସ୍ତାବ କରିଥିଲେ । ତେଣୁ ପ୍ରତ୍ୟେକ ଓଡ଼ିଆ ବଶେଷତଃ ମହତାବ ଏ ସାର୍ଟ ପିନ୍ଧିବା ଉଚିତ । ପୁଣି ଏ ସାର୍ଟ ପିନ୍ଧିଲେ ଭିତରେ ଯେତେ କଳା ପେଟ ହୋଇଥାଉ ବାହାରକୁ ଆଦୌ ଦିଶିବ ନାହିଁ ।

÷ ÷ ÷

ମହତାବଙ୍କ ମୁଖପତ୍ରର ନାମ ମିଥ୍ୟାତନ୍ତ୍ର ନୁହେଁ ଏହା ଆମେ ଜୋରରେ ସହିତ ପ୍ରତିବାଦ କରି କହିପାରୁ । କିନ୍ତୁ ଭଦ୍ରକରୁ ନିତ୍ୟାନନ୍ଦ ମହାପାତ୍ର ସୋସାଲିଷ୍ଟ ମନଙ୍କ ପାଇଁ ଲଢ଼ିବାର ସମ୍ବାଦ ଭଳି ସମ୍ବାଦ ଯେ ଏ ମିଥ୍ୟାତନ୍ତ୍ରରେ ପ୍ରକାଶ ପାଇଛି ତାହା ନୁହେଁ । ନିତ୍ୟାନନ୍ଦ ମହାପାତ୍ର ହରିଜନ ମନ୍ଦିର ପ୍ରବେଶ ଆନ୍ଦୋଳନ ବିରୋଧ ପ୍ରଚାର ପାଇଁ ଦୁଇ ପାଉଥିବା ସମ୍ବାଦ ଯେଉଁ ସମ୍ବାଦ ପତ୍ରରେ ବାହାରିଲା—ଏ ସମ୍ବାଦ ତେଇ ଗୁଳ ଖଞ୍ଜିରୁ ବାହାରିଛି । ବ୍ରିଟିଶ ରାଜତ୍ୱରେ ସତ୍ୟ ସମାଚାର—ସ୍ୱାଧୀନ ରାଜତ୍ୱରେ ସତ୍ୟତନ୍ତ୍ର ଭିତରେ ପ୍ରାର୍ଥକ୍ୟକୁ ପୂରଣ କରିବା ପାଇଁ ମହତାବଙ୍କ ମୁଖ ବଳ ବଡ଼ ବଦାନ୍ୟ ।

÷ ÷ ÷

ବଙ୍ଗଳାରୁ ଜଣେ ପଳାତକା ମହିଳାଙ୍କୁ ଏକାଦିନେ ଆସି ଓଡ଼ିଶାର ଜଣେ ମନ୍ତ୍ରୀଙ୍କ ନିଜ ବାସଗୃହରେ ରଖିବା ପାଇଁ ସନ୍ତୋଷ

ତ୍ତରରେ ଯେଉଁ ଦାଗ ହୋଇଛି ତାର ମୂଲ୍ୟ ୫୦ର ଗୁଣ ଓ ୧୦୦ରୁ କମ୍ । ବୋଧହୁଏ ସେ ମହିଳାଙ୍କ ଆଗେ ପୂଜା ପାଉଥିବ—ଆରେ ଗୁଜ—ତୋର ମୂଲ୍ୟ କି ଶହେ ଟଙ୍କା । ଉଚ୍ଚର ମିଳିଥିବ ଏଥିରେ ସନ୍ଦେହ ନାହିଁ ।

+ × +

ବର୍ତ୍ତମାନ ଓଡ଼ିଶାର ଗାଁ ଗଣ୍ଡାରୁ ପତ୍ର ଆସୁଛି—ଶୀଘ୍ର କପରି ଗୃହଅଡ଼େ ଇଲେକ୍ସନ ହେବ । କାରଣ ନିର୍ବାଚନବାସୀମାନଙ୍କ ଚୋଡରେ ଯୋଡା—ମୁଣ୍ଡରେ ଛତା—ମୁହଁରେ ଅମ୍ବ ଓ ଇଲିଶି ଲାଗିବାର ଦେଖି ସମସ୍ତଙ୍କ ମନ ହକ ହକ ହେଉଛି । ଓଡ଼ିଶା ସରକାର ଧମନ୍ତଙ୍କର ମନବାଞ୍ଛା ପୂରଣ କରିବେ । ଏ ଜନ ସାଧାରଣ ସେବା ପାଇଁ ଉଭୟେ କଂଗ୍ରେସ ଓ ସୋସେଲିଷ୍ଟ ମିଳିମିଶି କାମ କଲେ ଅନେକ ଅପବ୍ୟୟ ସ୍ଥଗିତ ର ଉଚିତ ବ୍ୟୟ ହୁଅନ୍ତା । + × ÷

ବାଲେଶ୍ୱରରେ ଫକୀର ମୋହନଙ୍କ ଶାନ୍ତି କାନନ ଅଳ୍ପ ବାନ୍ତ ଜଙ୍ଗଲରେ ପରିଣତ ହୋଇଛି । କେତେକ ଉଦ୍ଧତ ଯୁବକ ତାକୁ ଫକୀରମୋହନଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଯେଉଁ ଅଶାନ୍ତ ସୃଷ୍ଟି କରିଛନ୍ତି ସେ ଭ୍ରାନ୍ତ ଫକୀର ମୋହନଙ୍କ ବଂଶଧର ମାନେ ବେଶ୍ ବୁଝିପାରି ବର୍ତ୍ତମାନ ବଂଶ (ବାର୍ଡ଼ଶ) ତରି ଉଦ୍ଧତ ଯୁବାକୁ ଘଉଡ଼େଇ ଦେଇଛନ୍ତି । ଫକୀର ମୋହନଙ୍କ ନାମକୁ ଧ୍ୱଂସ କରି ସେମାନେ ସେନାପତିଙ୍କ ଯୋଗ୍ୟ ଅବଛଣ ।

## ହାଇଡ୍ରୋସିଲ

ଆମର 'ନିଶାକର ତୈଳ' ଦ୍ୱାରା ହାଇଡ୍ରୋସିଲ ଅଣ୍ଡବୃଦ୍ଧି ଗୋଦର, ହାର୍ଣିଆ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୯, ଆଭ୍ୟନ୍ତରିକ ଔଷଧ ଦିବାକର ବଟି ଦାମ ୨ ୨୯ ଡା: ମ: ୦·୬୮ ।

## ପେଟ ବ୍ୟଥା

ଉଦର ବେଦନ୍, ଶୋଥମର ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର 'ପାଚକରାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ୩୯, ଡା: ପି: ୦·୬୮ ।

Kaviraj S. K. Chakravarty (D. C.)
126/2 Mazia Road, Calcutta 2
Stockists: Bhubaneswar Trading house6
Bhubaneswar: (Orissa)



Digitized by srujanika@gmail.com

କଂଗ୍ରେସ ସରକାର ଦେଶର ଶାସନ ଦଣ୍ଡ ହାତକୁ ନେବା ଦିନୁ ବୋଧହୁଏ ଚୋର ସହର, ଗ୍ରାମ, ବଲବାଙ୍ଗ ସବୁ କଳା ହୋଇଗଲା । ଧଳା ଲୋକେ ଯେତେବେଳେ ଶାସନ କରୁଥିଲେ ସେତେବେଳେ ସବୁଥିଲା ଧଳା, କଂଗ୍ରେସ ସରକାର ତ କଳା ଲୋକଙ୍କ ସରକାର ତେବେ ଏହାଙ୍କ ଅମଳରେ ବା ଦେଶର ସବୁ ଜିନିଷ ରଙ୍ଗ ପରିବର୍ତ୍ତନ ନ କରିବ କେମିତି ? ସବା ଅଗେ ମାର୍ୱାଡ଼ିଙ୍କ ବଜାର କଳା ହୋଇଗଲା । ଲୋକେ ହାହାକାର କଲେ, ମନ୍ତ୍ରୀ ମହାଶୟ କଳା ବ୍ୟବସ୍ଥା ସବୁ ଉପରେ ବସି ପାଞ୍ଚିକରି ପ୍ରସ୍ତାବ ଅଗତ କଲେ ଶାସନଭୁକ୍ତ ବନ୍ଦ ହେଲ ଉଡ଼ୁମା ସ୍କୀମ୍ ଫିନିଶ୍ କରିପାଞ୍ଜ । ବଜାର କିଁଆ କଣ କହୁଛ ସାରା ପ୍ରଦେଶ ଅଲୋକିତ ହୋଇଯିବ । ଲୋକେ ମନ୍ତ୍ରୀଙ୍କର ଏ ବୁଦ୍ଧି ଦେଖି ପ୍ରଶଂସା କରିବାକୁ ଲାଗିଲେ । ସରକାରଙ୍କ ଢୁଣ୍ଡି

## ବ୍ଲାକ୍ ମାରକେଟିଙ୍ଗ୍ ଲଭ୍

ଖୋର ବିଭାଗ (ପବ୍ଲିସିଟି ବିଭାଗ) ପାଞ୍ଚିକରି ଇଣ୍ଡଷ୍ଟ୍ରିକରେ କହିଲେ ସ୍କୁଲ ହେବ, କଲେଜ ହେବ । ଛାତ୍ର ଛାତ୍ରୀ ଏକ ସାଥିରେ ପଢ଼ିବେ । ମହିଳା ମାନଙ୍କୁ ପୁରୁଷ ମାନଙ୍କ ସହିତ ସମାନ ଅଧିକାର ଦିଆଯିବ । ସରକାର ଏତେ କଥା କଲେ ମାତ୍ର ଆଉ ଗୋଟିଏ ସ୍କିମ ପୂରାଇ ପାରିଲେ ନାହିଁ । କହୁଛି ସେ କଥା ।

କଳାବଜାରୀଙ୍କ ପରି ଇନ୍ସପେକ୍ଟର ରଖା ହେଲା ତେବେ ସେମାନେ କଳା ବଜାରୀ କି ନା ଦୃଷ୍ଟି ଦେବା ଦରକାର ଥିଲା ତ ? ଆଜିକାଲି ସ୍କୁଲ କଲେଜମାନେ ବି ଏ କଳାବଜାରର ମାଡ଼ ଗଲଣି । ଏଥିପାଇଁ ସରକାର ସ୍କୁଲ ଇନ୍ସପେକ୍ଟର ଓ ଡ଼ିପିଆଇ ସାହେବଙ୍କୁ ଲାଇଟ ଦେଇ ପଠାଇବା ଦରକାର ।

ସେଦିନ ଡ୍ରାମା ହେବାର ଥିଲା ଭଲ ଡ୍ରାମା । ଲେଖାଟି ଖୁବ ସୁନ୍ଦର, ତେବେ ଏ ଜାଗାରେ ଛାତ୍ରଙ୍କୁ ଛାତ୍ରୀଙ୍କ ସାହାଯ୍ୟ କରିବା କଥ ନିଶ୍ଚୟ । କିନ୍ତୁ କେହି ଛାତ୍ରୀ ନାଟକର ନାୟିକା ନ ହେବାରୁ ଜଣେ ଛାତ୍ର ନାୟିକା ହେଲା । ଏହା ମଧ୍ୟ କଳାବଜାର— ନାଟକର କଳା ବଜାର । ତେବେ ସୁନ୍ଦର କଥା ମିସ ଢେଙ୍କ ଶ୍ରୀମାନ୍ କୃଷ୍ଣ ହେଙ୍କ ସହ ଉଦୟ ଶଙ୍କରଙ୍କ ନୃତ୍ୟରେ ଅବତୀର୍ଣ୍ଣ ହେବାକୁ ଚାହିଁଲେ । ଏହି ସୁଅ ଏ ଅଙ୍କ ନାଟ ଦେଖିବାକୁ ବହୁ ଭଦ୍ର ମହିଳା ଓ ମହିଳ ଗଣ ନିଜ ନିଜ ଆସନରେ ଅସି ବସି ପଡ଼ିଲେ । ମନେ ରଖିବାକୁ ହେବ, ପ୍ରଥମ ଅଙ୍କ ଶେଷ ପରେ ଗୋଟିଏ ନୃତ୍ୟ ଦେଖା ହେଉଥାଏ । ନୃତ୍ୟଟି "ଲୁଚ ନୃତ୍ୟ" ଝଲଝଲା ସ୍ୱର ଦେଇ ଯେତେବେଳେ ଅଭିନେତା ଓ ଅଭିନେତ୍ରୀ ରଙ୍ଗମଞ୍ଚ ମାଡ଼ିଲେ, ହଠାତ୍ ଡ୍ରାଇନେମା ଫେଲ୍ କଲ୍ । ଅଭିନେତା ଜଣକ ଭୟରେ ଅଭିନେତ୍ରୀଙ୍କୁ କୁଣ୍ଢାଇ ପକାଇଲେ । ଭଦ୍ରମଣ୍ଡଳ ଭଦ୍ରମହିଳା ମାନଙ୍କୁ ସଙ୍କୋଚରେ ଆଲିଙ୍ଗନ କରି ପକାଇଲେ । ମନେ ହେଲ ଏଟା ବ୍ଲାକମାରକେଟିଂ ନୃତ୍ୟ ଯେପରି ।

ମିସ୍ ଢେଙ୍କ ସେଦିନ ଶ୍ରୀମାନ୍ ବାବୁ ଉଦୟ ଶଙ୍କରଙ୍କ ପଟ୍ଟଶିଷ୍ୟ କୃଷ୍ଣଚନ୍ଦ୍ରଙ୍କ ସହିତ ଏ ନୃତ୍ୟ ପ୍ରଦର୍ଶନ କରିଇବା ପାଇଁ ମଞ୍ଚ ଉପରେ ଉଠିଥିଲେ । କୃଷ୍ଣବାବୁଙ୍କ ଆଲିଙ୍ଗନରେ ରାଗିଙ୍ଗ ମଞ୍ଚରୁ ଯାଇ ଡ୍ରେସିଂ ରୁମରେ କହିଲେ—କୃଷ୍ଣବାବୁ ଆପଣଙ୍କର କି ଲଜ ନାହିଁ ? କୃଷ୍ଣ ବାବୁ ଅଳ୍ପ ହସି କହିଲେ 'ଏ ଯୁଗରେ କଂଗ୍ରେସ ନୀତି ତ ଅନୁସରଣ କରିବାକୁ ପଡ଼ିବ ?'

ମିସ ଢେଙ୍କ କ୍ରୋଧରେ କହି ଉଠିଲେ ତେବେ ଏ ବ୍ଲାକ୍ ମାରକେଟିଂ କାହିଁକି ? ଆପଣ ଖ୍ରୀଷ୍ଟିଆନ ହୋଇ ଯାଆନ୍ତୁ ନା ? ଅଳ୍ପ ହସି କୃଷ୍ଣବାବୁ କହିଲେ, ତୁମେ ଖ୍ରୀଷ୍ଟିଆନ ପୁରାକ ଧଳା ଲୋକଙ୍କ ଜାତିରେ ମିଶିଛ ବା । ଆମେ ତ କଳା ଲୋକ; ଆମର ସବୁ କଳା, ତେବେ ଲଭ୍ଟା କଳା ନହେବ କାହିଁକି ? ଆଜିକାଲିତ ପୁଣି ସରକାର ଆଇନ କଲେଣି ଖ୍ରୀଷ୍ଟିଆନମାନେ ଯେଉଁ ଯେଉଁ ଜାତିରେ ଥିଲେ ସେମାନେ ସେ ଜାତିକି ଫେରିଆସି ପାରନ୍ତି ତେବେ ତୁମେ କଳା ହୋଇ ଯାଅନା ? ଏଟା ମୋର କଳା ଆଲିଙ୍ଗନ ।

ଢେଙ୍କ ଅଳ୍ପ ହସି କହିଲେ ଆମର ଖ୍ରୀଷ୍ଟ ଆଉ କୃଷ୍ଣ ମଧ୍ୟରେ କି ତ କଳା ସମ୍ପର୍କ ଥିଲା, ଦୁହେଁ ଏକ ଅଂଶରୁ ଜନ୍ମ ହୋଇଥିଲେ— ତେବେ ଖ୍ରୀଷ୍ଟ ଧର୍ମ ଆଉ ହିନ୍ଦୁ ଧର୍ମ ଭିତରେ ପ୍ରଭେଦ କାହିଁକି ? ଧର୍ମରେ ବି ଏ କଳା ବଜାର କାହିଁକି ?

କୃଷ୍ଣଚନ୍ଦ୍ର ଅଳ୍ପ ହସି କହିଲେ—କୃଷ୍ଣ ଥିଲେ କଳା, ଗୋପୀମାନଙ୍କ ସହିତ ତାଙ୍କର କଳା ବଜାର ପ୍ରେମ କଦମ୍ବ ମୂଳରେ ହେଉଥିଲା—ଏଣୁ ଆମେ ତାଙ୍କର ଯୋଗ୍ୟ ବଂଶଧର ହୋଇ ସେଇ ବ୍ଲାକ ପ୍ରୀତି ଶିଖିନ୍ତୁ ପରା ?

ତା'ପରେ ହେଲା ବାହାଘର ହଠାତ୍ ଦୁହେଁ ସହରରୁ ଗାଏବ ହୋଇଗଲେ । କଲିକତାରେ ଦେଖି ମାଜିଷ୍ଟ୍ରେଟ୍ ଅଗରେ ଦୁହିଁଙ୍କର ବାହାଘର ରେଜେଷ୍ଟ୍ରି ହେଲା । ଢେଙ୍କ ପଚାରିଲ—କେଉଁ ବାଟ, ବାଜିବ ଖାଇବେ ନାହିଁ ? କୃଷ୍ଣବାବୁ କହିଲେ— ବ୍ଲାକମାର୍କେଟ ବାହାଘର ପରି ।

ବାସର ରାତି । ମଧୁ ଶଯ୍ୟା ଘରେ କୃଷ୍ଣ ବାବୁ ଆଉ ତାଙ୍କର ସ୍ତ୍ରୀ ନବପରିଣୀତା ବଧୂ । କୃଷ୍ଣବାବୁଙ୍କୁ ଦେଖି ଲାଜ ଲାଜ ଲାଗିଲା ବୋଧହୁଏ ।

ଗୃହଟି ଉତ୍ତମ ରୂପେ ସଜ୍ଜିତ ହୋଇଥାଏ । ମଝିରେ ମଝିରେ ଟେବୁଲ ଉପରେ ଫୁଲଦାନୀ । କୃଷ୍ଣବାବୁ ସମ୍ମୁଖରେ କଣେ ସୁ ତରୁଣୀ ଦେଖି ଧୈର୍ଯ୍ୟହୀନ ହୋଇ ଲୋମହର

ଲେ— ଶ୍ରୀ ରମାଶଙ୍କର ପଣ୍ଡା

ଲକ୍ଷ୍ୟ କରିଦେଲେ । ତରୁଣୀଙ୍କ ଜହ ପାଇ କହିଲ ଏ—କଣ ?

କୃଷ୍ଣବାବୁ କହିଲେ ବ୍ଲାକ ଶଯ୍ୟା—ବ୍ଲାକ ମୁନ୍ । ତେଣେ କୃଷ୍ଣବାବୁ କମିଉନିଷ୍ଟ ବୋଲି ସିଆଇଡି ମହାଶୟ ଜାନ୍ଲା ପାଖରେ ଶୁଣୁଥିଲେ । ଏଡିକ ଡ଼ାଇରିରେ ଲେଖି-ନେଇ ଥାନାରେ ହାଜର । ଥାନା—ତରଫରୁ ସରକାରଙ୍କ ପାଖକୁ ଗଲା ରିପୋର୍ଟ । ସମ୍ବାଦ ପତ୍ର ମାନଙ୍କରେ ଅବଶ୍ୟକ ବାହାରିଲା—ବ୍ଲାକ-ମାରକେଟିଂ ଲଭ ଡିପାର୍ଟମେଣ୍ଟ ପାଇଁ ଇନ୍ସପେକ୍ଟର ଦରକାର ।

କୃଷ୍ଣବାବୁ କଳାଛାତ୍ର । ସେଥିଙ୍କ ମଧ୍ୟରେ ବୁଝା ଗଲା ଯେପରି କେହି ପଚାରେ ନାହିଁ, ସେହିପରି ଅଧିକାଂଶ କଲେଜରେ କଳା ଛାତ୍ରଙ୍କୁ ( Arts Students ) କେହି ପଚାରନ୍ତି ନାହିଁ ।

ସେଦିନ ଅର୍ଥଶାସ୍ତ୍ର ପ୍ରଫେସର କହିଲେ ମୁଦ୍ରାସ୍ଫୀତି କଳାବଜାର ଯୋଗୁ ହୋଇଛି ଆମ ମନ୍ତ୍ରୀମାନେ ଏଇ କଳା ବଜାରୀଙ୍କ ସଙ୍ଗେ ବ୍ଲାକମାରକେଟିଂ ଲଭ କରୁଛନ୍ତି

ସମ୍ପାଦକ ମହାଶୟ, ଚତୁର୍ଦ୍ଦିଗରେ କଳା ବଜାର ଦେଖି ପରିଶେଷରେ କୃଷ୍ଣଚନ୍ଦ୍ରଙ୍କର ଗୋଟିଏ କଳା ଶିଶୁ ଜନ୍ମ ହୋଇଛି । ଅତଏବ ଅନୁରୋଧ କେହି ଯେପରି କଳାବଜାରୀ ପ୍ରେମ ଆଉ ନକରନ୍ତି ।



Digitized by srujanika@gmail.com

# କେବଳ ମହିଳାଙ୍କ ପାଇଁ

(ପୁରୁଷ ପଢ଼ିବେ ନାହିଁ—ତାଙ୍କ ମାଇପଙ୍କ ଦ୍ୱାହି)

ଲେଖକ—ଅନାମ (କେନ ମି ଗୋଟେଣାକାରୁ)

ପ୍ରିୟ ବାନ୍ଧବୀଗଣ (ପ୍ରିୟ ବାନ୍ଧବର ସ୍ତ୍ରୀ ଲିଙ୍ଗରେ)

[୧] ଯେଉଁମାନଙ୍କୁ ଏଲୁହିଆ ଏଣ୍ଡିଆ ଲାଗୁଛି—[୨] ଯେଉଁମାନେ ପୁରୁଷଙ୍କୁ ବଶ କରିବାକୁ ଚାହାଁନ୍ତି, [୩] ଯେଉଁମାନେ ପ୍ରେମର କଣ୍ଟାହିଆ ଖରାରେ ଅଣ୍ଡା ପାଗ ଦେଖି ଉଷୁମ ଗୁଆଁଇବାକୁ ଇଚ୍ଛନ୍ତି [୪] ଯେଉଁମାନେ ପୁରୁଷର ଅଧରୁ ଶିକାର ହେବାର ବାସନା ରଖନ୍ତି (୫) ଏବଂ ଯେଉଁମାନେ ପରିତ୍ୟକ୍ତା— ପରିକୁଳିତ ହୃତଭାଗିନୀଙ୍କ ହାତରେ ପ୍ରେଜେଣ୍ଟ ପଚାଇବାର ସୁଯୋଗ ଜୟ କରନ୍ତୁ, ସେମାନେ ନିମ୍ନ କେତୋଟି ନୀତି ଶିକ୍ଷା ଅବଧାନ କରନ୍ତୁ ।

ଏ ନୀତିଶିକ୍ଷାର ପ୍ରଥମ ବୀଜସୂତ୍ର ହେଉଛି—ପ୍ରତ୍ୟେକ ବାଳିକା ପାଇଁ କେଉଁଠି ନା କେଉଁଠି—କେହି ନା କେହି—ଜଣେ ବାଳ ପ୍ରେମିକ ନିଶ୍ଚୟ ଅଛି । ଏହା ପ୍ରଜାପତି ଲିଖିତ । କିନ୍ତୁ ଏହି ସୂତ୍ର ଅନୁସାରେ ଅଙ୍କ କଷିବା କଷ୍ଟ । ଅର୍ଥାତ୍ ଅପଣାର ଠିକ ଯୋଡ଼ ବାହାର କରିବା କାଠିକର ପଠ । ଦୁନିଆରେ ଯେତେ ହା ହୁତାଶ—ପ୍ରେମ ଫୋଟକାର ବିସ୍ଫୋରଣ ସବୁ ଏଇ ଠିକ୍ ଯୋଡ଼ ନ ପାଇବାର କାରଣରୁ । ବିଶେଷତଃ ଘରୁ ବାହାର ଯେଉଁମାନେ ପାଠ ପଢ଼ି ଆରମ୍ଭ କଲେଣି ସେମାନଙ୍କୁ ବାପ ମା ଆଖୁ ବାହାରେ ଛାଡ଼ 'ଖାମ ଖା' ହଇରାଣ କରନ୍ତି । ସେଇମାନଙ୍କ ପାଇଁ ମୋର ଏ ହିତ ବାଣୀ ।

ପ୍ରଥମ କଥା—ପୁରୁଷଙ୍କ ସହ ମିଶିବାର ସୁଯୋଗ ଅଛି କି ନାହିଁ ? ଯଦି ନଥାଏ, ବାଳିକା ସ୍କୁଲରୁ ନାମ କଟାଇ ବାଳକ ସ୍କୁଲ ବା କଲେଜରେ ପଢ଼ । ଏବଂ ଅଭିନେତ୍ରୀ ଡ୍ରାମାଟିକ କ୍ଲବ, ଇଷ୍ଟ ସୋସାଲିଷ୍ଟ ଲିଗ୍ ବା ଲଃରେଶ ଇଉନିୟନ ଗୋଟାଏ ନା ଗୋଟାଏ କଉଥିରେ ଅବାଞ୍ଛିତ ସଭ୍ୟା ହୋଇଯାଅ ।

ତାପରେ ୨ୟ ଦୃଶ୍ୟ । କହୁ ବାଳକ ପରିଚୟ କରିବାକୁ ଚାହିଁବେ । ତାଙ୍କ ଉତ୍ତରୁ ଯିଏ ତମକୁ କେଉଁ ଭଲ ଲାଗିବ—ଜାଣିବ ସେଇଟି ଗୋରୁବାଳି । ତା ପାଇଁ କେତେ ଯିବ ନାହିଁ । ସେଇ ଶେଷକୁ "ଦଗା ଦେଇ ଏ ପରାଣେ ଗୋ" ଗୀତ ଶିଖାଇ ଦେଇ ଉସ୍ତାଦ ପେଞ୍ଚ ମାରିଦେବ । ଦେଖିବ ଯାହା ସହଜ ହେଉ, ଝଗଡ଼ା ରଗଡ଼ା ହେବ—ସେମିତି ମିଶିପଡ଼ିଏ ବାଛି ନେଇ ପରିଚୟ କର । ଜାଣିରଖ ପୁରୁଷ ଗୁଡ଼ାକ ମାଇପଙ୍କ ଲୁହରେ ତଳନ୍ତି ନାହିଁ କି କ୍ରୋଧରେ ତଳନ୍ତି ନାହିଁ—କେବଳ ମୁହଁରେ ତଳନ୍ତି ।

୩ୟ ଦୃଶ୍ୟ— ବହିଖଣ୍ଡେ ଖସାଇ ପକାଇବ । ସେ ପଛେ ପଛେ ଆସୁଥିବ । ଉଠାଇ ନେଇ ଦେବ । 'ଥ୍ୟାଙ୍କ ଇଉ—' କହି ଦେଇ ବିଲକୁଲ୍ ମୁହଁ ସିଧା କରି ତରୁ ନଗୁହିଁ ପଳାଇବ । ତାପରେ ଦେଖିବ ତମକୁ May I help you କହିବା ପାଇଁ ସେ ଖାଲି ଉଙ୍କି ବୁଲୁଛି ।

୪ର୍ଥ ଦୃଶ୍ୟ—ଚେଷ୍ଟା କରିବ ଏଲୁହିଆ ହେବା ପାଇଁ । ଧର ନିଅ କ୍ଳବରେ—କମ୍ପା ପାର୍କରେ—ନଭୁବା ସିନେମା ଫେରନ୍ତା—ନଭୁବା ମଖଶା ପରେ ନଚେତ୍ ରିହରସାଲ ସାରି ନୋହିଲେ ବହିଟାଏ ମାଗିବାକୁ ଯାଇ ଇତ୍ୟାଦି । ଦେଖା ହେଲେ ତମେ ଆରମ୍ଭ କରିଦେବ ସେଇ ମୁହଁ—

"ପୁରୁଷ ଗୁଡ଼ାକୁ ମୋର ବଡ଼ ଡର ।"

ଉତ୍ତର ଆସିବ—"ପୁରୁଷ ଗୁଡ଼ାକ ଭୂତ ନା ପ୍ରେତ ?"

ଉତ୍ତର ଦେବ—"ଓଥର ।"

ଏଇଠି ଯଦି ଉତ୍ତର ଆସେ—"ମୁଁ ତ ବାଙ୍ଗୁଆ ନୁହେଁ—ତେଣୁ ଓଥର ହେବାର ଭୟ ନାହିଁ ।" ତେବେ ସେଇଠି ଛାଡ଼ ଚାଲିଯିବ । ଯଦି କହେ—"ଓଥର ଦୋଷ କଟିବାର ଉପାୟ ?" ସେଇଠୁ ତମେ ପଚାରିବ—ଅପଣ ବାଡ଼ା ହେଇ ନାହାନ୍ତି ?

ସେ କହିବ—ଆଜ୍ଞା ?

ଏଇଠି ଶାସ୍ତ୍ର କହିବ—ସେ ସ୍ତ୍ରୀଜାତି ପଦ୍ମିନୀ, ହସ୍ତିନୀ, ଶଙ୍ଖିନୀ ଆଉ ଚିତ୍ରିଣୀ ଭିତରୁ କାହାକୁ ଚାହେଁ । ଏ କଥା ଜାଣିବାର ଉପାୟ ଅଛି । ଯଦି ପୁରୁଷ ଉଚ୍ଚ ଚଉକିରେ ବସିବାକୁ ଭଲପାଉଥାଏ— ତେବେ ସେ ହସ୍ତିନୀ ଚାହେଁ, ଯଦି ସେ ଗଡ଼ି ଗଡ଼ି ବା ଲୁଣନରେ ବସିବାକୁ ଚାହେଁ ତେବେ—ଶଙ୍ଖିନୀ ଚାହେଁ ଆଉ ଯଦି ଆରାମ ଚେଅର ବା ତଳେ ଝୁଲ ଲାଗିଥିବା ଚେଅରରେ ବସିଥାଏ ତେବେ ସେ ଚିତ୍ରିଣୀ ଚାହେଁ ଅଭ ପଦ୍ମିନୀଙ୍କ ଲକ୍ଷ କର ମିଳିବା କଷ୍ଟ । ତେବେ ଯିଏ ଭ୍ରମର ଭଳି କେବଳ ଝିଅଙ୍କ ମୁହଁକୁ ଚାହୁଁଥିବ ଆଉ ମାଇପି ଲୋକ ଦେଖିଲେ ମୋହ ହେଇ ବନ୍ଦୀ ହେଲା ଭଳି ଦୁର୍ବଳତା ରଖିଥିବ ସେଇ ସୁକୁମାର ପୁରୁଷଙ୍କ ପାଇଁ ପଦ୍ମିନୀ । ତମେ କେଉଁ ଜାତିର ସ୍ତ୍ରୀ ସେଇ ଜାତିଆ ପୁରୁଷ ବାଛି ନେବ । ମନେ ରଖ ଯେ କୌଣସି ପୁରୁଷ ଯେ କୌଣସି ସ୍ତ୍ରୀ ପାଲରେ ପଡ଼ି ପାରନ୍ତି । କେବଳ ଦେଖିବାର କଥା ସେ ଯେପରି ତମର ଯୋଡ଼ ହେଇ ଥାଏ ।

ମାଇପେ ଗୋଟାଏ ଭୁଲ ସବୁବେଳେ କରନ୍ତି । ସେମାନେ ଅପଣାର ବୟସ ଲୁଚାଇବାର ଚେଷ୍ଟା କରିବାକୁ ଯାଇଁ ସବୁବେଳେ ଅପଦସ୍ତ ହୁଅନ୍ତି । ପୁରୁଷମାନେ ବୟସରେ ମାତନ୍ତି କିନ୍ତୁ ଠିକ୍ ପ୍ରେମ କରନ୍ତି ନାହିଁ । ଅଳ୍ପ ବୟସକୁ ଖୁବ ଭଲପାନ୍ତି—କିନ୍ତୁ ବେଶି ବୟସ ବାଲୀଙ୍କୁ ସେ ଘରଣୀ କରନ୍ତି । ଅଥଚ ତମେ ଯଦି ବେଶି ବୟସ୍, ବଡ଼—ମୁଁ ଦୁର୍ ହବେ—ଆଉ କମ ବୟସ କହିଲେ ଡ଼ରିବେ । ତେଣୁ ବୟସ ଆଦୌ କମାଇବ ନାହିଁ ।

କିନ୍ତୁ ଗୋଟାଏ କଥା ମନେରଖ—ତମର ବୟସ ଯେତେ ହେଉ—ତମେ ପଛେ ପୁରୁଷଠାରୁ ବଡ଼ ହୁଅ—ତମେ ଦେଖାଇ ହେବ ଯେମିତି ତମେ ସବୁକଥାରେ ତାଠୁଁ ଛୋଟ—ଆଉ ସେ ବଡ଼ । ପୁରୁଷକୁ ବଡ଼ ବୋଲି ମୁହଁରେ ମାନିଗଲେ ସେମାନେ ସବୁବେଳେ ମାଇପଙ୍କ ପାଖେ ଚଳଖୁଣ୍ଟ ଏଗାର ବା [ଗୋଲାମ] ହେଇ ରହନ୍ତି ।

[ଅନ୍ୟାନ୍ୟ ଉପଦେଶ ପାଇଁ ପରବର୍ତ୍ତୀ ସଂଖ୍ୟାକୁ ଅନାଇ ରହନ୍ତୁ । ]



Digitized by srujanika@gmail.com



## ଇଦ୍‌ର ଜହ୍ନ

ଲେଖକ—ଶ୍ରୀ ସଦାନନ୍ଦ ଦାସ

ଶଗଡ଼ିଆ ହମିଦ୍ ମିଆଁ ପାହାନ୍ତାରୁ ଗାଡ଼ି ଯୋଡ଼ି ଇଟା ବୋହୁଚି ହଜାର ହଜାର। କୁଜି ବଳଙ୍ଗ ଧାରେ ଧାରେ ଇଟାଭାଟି। ଗାଡ଼ି ବୋଝେଇ କରି ହମିଦ୍ ଚାଲିଚି—ଅଣ୍ଡ ମକ୍ରୁତ୍ ଚାବୁକରେ ବଳଦ ଯୋଡ଼ିକୁ ମାରୁଚି ସଟ୍‌ ସଟ୍‌। ଗାଡ଼ି ଚାଲିଛି ଅଣ ଓସାରିଆ ରାସ୍ତା ଦେଇ। ଦି ପାଖରେ କଂକାଳିଆ ଗଛର ଧାଡ଼ି। ମୋଟା ମୋଟା ଅକାଶ ମୁହାଁ ଗଛଗୁଡ଼ା ଯିମିତି ସବୁଜ କରି ରଙ୍ଗିଛି ଅକାଶଟାକୁ। କ୍ରମେ ସରିଗଲା ଗଛର ଧାଡ଼ି। ସହର ରାସ୍ତା। ଏ'ର ପିଚ୍ ତଳା ସର୍ପିଳ ସଡ଼କ - ଦି ପାଖରେ ନୂଆ ପୁରୁଣା ଇମାରତ୍। ଅକସ୍ମାତ ଅଟକି ଗଲା ଗାଡ଼ି। ହମିଦ୍ ଆଖି ବୁଜି ଗାଡ଼ିର ଅଳନ୍ଦ ଉପରେ ମୁଣ୍ଡ ଡାଳ ଦେଇ ଢୁଳଉ ଥାଏ। ହିଙ୍ଗିଗଲା ତା ଆମୋଦ। ଅନ୍ଧାର ଶଗଡ଼ ଛଡ଼ା ହୋଇଚି। ଇଟା ଖଲାସ ହେବ।

ଖାଲି ଗାଡ଼ି ନେଇ ଫେରୁଛି ହମିଦ। ଢେଲ ଘଣ୍ଟାରେ ଠଂ ଠଂ କରି ବାଜିଲା ଦି'ଟା। ଦ୍ୱିପ୍ରହରର ତଉଲ୍ଲ ଖରାରେ ଝଁ। ଝଁ।

ଶୁଭ୍ରତ ନିଦାଘ—ଶେଷ ଅଡ଼ରୁ। ରମଜାନ୍ ମାସରେ ବିଶ୍ରାମ ନାହିଁ। ବଳଦ ଦି'ଟା। ମଧ ଖାଟୁଚନ୍ତି ଅନବରତ୍—ନିଜର ଓ ମାଲିକର ଦାନାର ଯୋଗାଡ଼ ପାଇଁ। ରମଜାନ୍ ମାସ। ଦିନ ସାରା ଉପାସ। ପାହାନ୍ତାରୁ ପଖାଳ ଖାଇ ଗାଡ଼ି ଯୋଡ଼ିଥିଲା। ଖେଳରେ ପେଟ ଯାଣ୍ଟି ଟକିଟି ହୋଇଲାଣି। ବଳଦ ମଧ୍ୟ ଥକି ପଡ଼ିଲେଣି। କିନ୍ତୁ ଠିକା ନେଇଚି ସେ। ଦଶ ହଜାର ଇଟା ଏକା'ଦିନରେ ବୋହିବ।

ତମାମ ମାସଟା ଉପାସ। ଉପାସ ନ ପାଳିଲେ ଧର୍ମରେ ହେବ ଖିଲାପ। କାମର ଶେଷ ନାହିଁ। କିମିତି ଯେବା ଉପୁରି ଉପାସ ଓଟ୍ଟେଇବ ସେ।

ଗଲା ବର୍ଷ ହମିଦ୍ ଇଦ୍ ବେଳକୁ ବାନୁକୁ ନିକା କରି ଆଣିଚି। ସଂସାର ସମ୍ଭାଳିଚି ସେ। ବ୍ରେଖେ କରେ 'ଇଣ୍ଡା ଭୂଷି' ବଳଦଙ୍କୁ ଦିଏ ହାଣ୍ଡି ହାଣ୍ଡି ରନ୍ଧା। କାମରୁ ଫେରି ହମିଦକୁ ଭୋକ ଲଗିନି। ରନ୍ଧା ସରିନି। ପିଣ୍ଡାରେ ବସି ଶୁଙ୍ଘିଲା ଭୂଞ୍ଜା ଖାଉଚି ଲୁଣ ଲଙ୍କା ଲଗାଇ। ହଠାତ୍ ତା ମୁଣ୍ଡ ଉପରେ ଦେଖେ ଟକ୍ ଟକ୍ କରୁଚି ମିଳି ମିଳା ପରି ଉଗ ଭଗ ଅକାଶର ଟୁକୁରା ଖଣ୍ଡେ। ବର୍ଷାରେ କେତେଦିନୁଁ ରଙ୍ଗ ହୋଇ ଯାଇଛି ଟିଣର ଗୋଟିଏ କଣ ମରାମତି କରି ପାରିନି। ଦିନ ସାରା କାମ କରିକରି ଘର ଚଳାଏ। ଗାଡ଼ିର ଆୟ କମି ଯାଇଚି। ମାଲବୁହା ମଟର ସହର ସାରା ବୁଲୁଚି ଶଗଡ଼କୁ ଉଗିଣ୍ଡି କରି।

ହମିଦ୍ ବାନୁକୁ ନିକା କରିଚି। ପହିଲୁ ପହିଲୁ ମନ ମିଳିଥିଲା। ଏବେ ହଉଚି ଗରମିଲ୍। ବାନୁ ଦିନରେ ଥାଏ ଏକା। ହମିଦ୍ କାମ ସାରି ରାତିରେ ଫେରେ। ଶୋଇ ପଡ଼େ ଥକାରେ ଅଚେତ୍ ହୋଇ। ବାନୁ କାମ ପାଇଟି କରେ—ଖାଏ ପେଟେ—ପିନ୍ଧେ ଖଣ୍ଡେ ମୋଟା ଲୁଗା। ଏଥିରେ ସୁଖର ତାଲିକା ଶେଷ ହୋଇ ଯାଏ।

କରିମ ଟିକ୍ ହମିଦ୍ ଘରକୁ ଲାଗି ଥାଏ। ରିକ୍ସା ଚଳାଏ—ସାଇକେଲ ରିକ୍ସା। ଲୋଭନୀୟ ଚେହେରା ତା'ର। କେଶ ପ୍ରସାଧନର ଢଙ୍ଗି ଖାପ ଖାଇଚି ଚେହେରା ସହିତ! ମୁରଲା ମୁରଲା ଓଠ ଉପରେ ସରୁ ପତଳା ବାଦ୍‌ସାହି କାଇଦାର ନିଶ ମନେଇଚି ଦିଗୁଣ ବାହାର। ସକାଳେ ସଞ୍ଜରେ କରିମ ବାହାରି ପଡ଼େ 'ରିକ୍ସା ନେଇ ମାଟେଙ୍କର ଅଶାରେ। ଆଜି ରିକ୍ସାରେ ଘଣ୍ଟା ମାରେ ତାଳ ଦେଇ ଯିମିତି ଚାଲିଚି ବଡ଼ ଗୋଟିଏ ଦୁର୍ଗବିଜୟ ଅଭିଯାନରେ। ବାନୁ ନଖୁନ ଟିଣ ଖପୁରିଳା ଘଟଣ କାମରେ ବ୍ୟସ୍ତ ଥାଏ କେଜାଣି କାହିଁକି ଥରେ ଅଧେ ବାହାରକୁ ଅଣ୍ଡ କରିମ୍‌ର ସାଇକେଲ ରିକ୍ସାକୁ ଅନେଇ—ଦିଏ ବେଶିଆଳରେ। ଅନମନା ହୋଇ ପଡ଼େ। ହମିଦ୍ ନାହିଁ—ଏଥିକି ବେଳେ

କରିମ୍‌ର ମଜବୁତ୍ ଦେହଟାକୁ ମନପ୍ରାଣ ଦେଖିନିଏ ଥରେ ଦିଥର। ଗୋଟିଏ ଅଚିହ୍ନା ଅନନ୍ଦ ଜାଗି ଲୋମ ହୋଇ ଠାକୁରି ଉଠେ। ଭରା ଖରାବେଳେ ଦେହ ଶୀତ ଲାଗେ ଅନୁଭବ ଶିହରଣରେ। ଅବଚେତନ ମନ ମଧ୍ୟରେ କରିମ୍ ପ୍ରତି ଶ୍ରଦ୍ଧାରେ ମନ ଭାର ନଇଁ ଅସେ।

ଅଜି ଇଦ୍ ପର୍ବ। ରମଜାନ୍ ମାସ ଶେଷ। ହମିଦ୍ ସକାଳଠୁଁ ଯାଇଚି ଗାଡ଼ି ଭଡ଼ା ପାଇଁ। ଠିକା ନେଇ କାମ କରିଚି। ଭଡ଼ା ପାଇଲେ ପର୍ବରେ ଖର୍ଚ୍ଚ ହେବ।

ନମାଜ ସମସ୍ତ—ତୋପ ଫୁଟିଲା ମସଜିଦ୍‌ରୁ। ହମିଦ ଅନେଇ। କରିମ୍ ରିକ୍ସା ଅଜି ବନ୍ଦ କରିଚି। ପର୍ବଦିନ ନୂଆ ପୋଷାକ ପିନ୍ଧିଚି। ସାଦା ପାଇଜାମାରେ ଚମତ୍କାର ମନେଇଚି ବଳା ଡୋରିଆ ଟେନିସ ସାର୍ଟ। ତେଲ୍ ଖେଳା ବାଳ ଉପରେ ହାଲ୍କା ଭାବରେ ବସିଚି ଜରିଦାର ଟୋପି। ନମାଜକୁ ବାହାରୁଚି। ଦାଣ୍ଡ ପିଣ୍ଡରେ ଛିଡ଼ା ହୋଇଚି ବାନୁ ହମିଦ୍‌କୁ ଅପେକ୍ଷା କରି। କରିମ୍ ବାନୁକୁ ଦେଖି କହିଲା—"ହମିଦ ଗଲାଣି ମସଜିଦ୍‌କୁ?" କଥା କହି ସାରିଲାନି ସେ—ବାନୁର ଚାହାଁ ଭୂଅରେ ମିଳେଇ ଗଲା କିମିତି ସ୍ରୋତ। ବୁଲୁଦିରେ ହଜିଯାଏ। ନିସ୍ପଲକ ଦୃଷ୍ଟିରେ ଅନେଇ ଥାଏ କରିମ୍‌କୁ ଲଜ୍ଜା ସରମ ଜଳାଞ୍ଜଳି ଦେଇ। କରିମ୍ ଦେଖୁଚି ବାନୁ ତାକୁ ଅନେଇଚି—ସେ କିମିତି ନିଜେ ଅଦ୍ଭୁଆ ଅନୁଭବ କରୁଚି ଏ ଅପ୍ରତ୍ୟାଶିତ ସଙ୍କେତରେ।

"ହମିଦ୍ ଅଛି?" ପୁଣି ପଚାରିଲା ସେ, ହମିଦ୍ ନାହିଁ ତାର ଜବାବ ତଳେ ଅଘାତ ପାଇ ସମୁଦ୍ର କୂଳର ଲହରୀ ଅବାଧ ବଲ-ପରି। ଚେତନା ପାଇଲା ପରି ଅଖିପତା ଦିଟାକୁ ମିଟ୍ ମିଟ୍ କରିଦେଲା ଦି ତିନିଥର। ଅଙ୍ଗ



Digitized by srujanika@gmail.com

ପଢା ଦିଶୁଥିଲା ଖୁବ୍ ସୁନ୍ଦର । କଳା କଳା ବଡ ବଡ ଆଖିରେ ଯେମିତି ପୂରି ରହିଛି କେତେ ସବୁ ଅକୁହା କଥା । ଦି ଫାଳ ଓଠ ଫାଙ୍କରୁ ମଧୁ ଝରାଇ କହିଲା ବାନୁ—"ସଭିଏଁ ଯାଇଛନ୍ତି ଫେରି ନାହାନ୍ତି— ନମାଜରୁ ଫେରିବେନି ।"

ଆଉ କିଛି ପାରିଲାନି ବାନୁ କହିରେ । ଯେମିତି କଫ ଜମି ଯାଉଛି । ଦି ଧାଡ଼ି ଦାନ୍ତରେ ତାର ପତଳା ବାଙ୍କ ଓଠକୁ ଦଂଶନ କରି ଆଖି ଯୋଡ଼ିକୁ ଅର୍ଥହୀନ ଭାବରେ ଭସେଇ ଦେଇ ।

କରିମ୍ ର ମନ ଭାସିଗଲା ସ୍ବପ୍ନ ରାଇଜକୁ । ଏଥର ସେ ସ୍ପଷ୍ଟ ପଢ଼ି ପାରୁଛି ବାନୁ ଆଖିରୁ ବହେ ଅକୁହା କଥାର ଭାଷା ।

ବାନୁର ପ୍ରତିଟି ଅଂଗ ଯେପରି ତାର ପାଇଁ ସୃଷ୍ଟି ହୋଇଛି । କ୍ଷୀଣ ହସର ଛୋଟିଆ ରେଖାଟିଏ ସ୍ବତଃ ବାହାରି ଆସିଲା କରିମ୍ ର ଟୁଲୁଲା ଓଠ କୋଣରୁ । ବାନୁର ନଜର ଏଡି ପାରିଲାନି କରିମ୍ ର ଦରହସା ମୁଖମଣ୍ଡଳ, ମୁହୂର୍ତ୍ତକ ପାଇଁ ବାନୁର ମୁଖଶ୍ରୀ ଉଜ୍ଜ୍ବଳ ହୋଇ ପୁଣି ଫିକା ପଡ଼ିଗଲା କିମିତିକି ମଧ୍ୟରେ । ହମିଦ୍ ଆସୁଛି । ଧଳା ପଟଲୁନ୍ ଓ ଶସ୍ତା କନାର କମିଜ୍ ଧରିଛି ହାତରେ । ଖୋସ ଫୁଟିଲାଣି । ନମାଜକୁ ଯିବ । ଆସୁଛି ଧାଇଁ ଧାଇଁ । କରିମ୍ କୁ ଦେଖି ବେଗେ କହି ପକାଇଲା—"ଟିକିଏ ରହ କରିମ୍— ଯିବା ।"

"ଜଲଦି ଆ—।" କରିମ୍ ଅପେକ୍ଷା କରିଛି । ବାନୁର ମନ ଭୁଲାଣିଆ ଅଧା ହସର ତେଜ ଖେଳା ମୁଖଶ୍ରୀ—ବିଖ୍ୟାତ ଦେହର କୋମଳମୟ ଲାବଣ୍ୟ ଓ ଗୋଲାପ ଫୁଲ ଗନ୍ଧର ମତାଣିଆ ଆକର୍ଷଣୀ ଶକ୍ତି କରିମ୍ ର ହୃଦୟରେ ଧକ୍କା ଦେଇ ଗୋଟିଏ ଆବେଗମୟ ଅମେଜ୍ ସୃଷ୍ଟି କରି ପୁଣି ମିଳେଇ ଯାଉଛି । କରିମ୍ ଆଖି ବୁଜି ଦେଉଛି ନିଜ କାତର ଆଖି ପରି । ହମିଦ୍ ଆସିଲା । ଦୁହେଁ ବାହାରି ପଡ଼ିଲେ ।

କରିମ୍ ତାର ନୂଆ ପୋଷାକରେ ସାହାଜାଦା ପରି ମନେହେଉଛି । ହମିଦ୍ ର ଚେହେରା ଓ ପୋଷାକ କମିନ କନା ଭଳି ଧଳା । ବାନୁ ହସୁଛି—ଚାଲା ବୃନ୍ଦାବନ କଜା କରି ହମିଦ୍ ଅଣିଛି ତାକୁ । ଜମା ମୁଖ କରି ପାରିନି ସେ । ସବୁଦିନେ କାମ କରି ଆସିଛି । ମନ ତାର ଟିକିଏ ଲାଗି ଗଲାଣି । ହମିଦ୍ ଦିନ ରାତି କାମରେ ବ୍ୟସ୍ତ ଥାଏ କିନ୍ତୁ ସୁନ୍ଦରୀ ବାନୁକୁ ଅନେଇ ଦେଖିନି ଯେମିତି ଦେଖିବା କଥା ।

ପୁଣି କେତେବେଳେ ଭାବୁଛି—ହମିଦ୍ ପେଟକୁ ଦାନା ଦେଉଛି—ଲୁଗା ଦେଉଛି ଲଜ୍ଜା ଢାଙ୍କିବାକୁ, ଯେତେବେଳେ ସେ ଥିଲା ଅସହାୟ ଓ ଏକେଲା । ମନ ତାର ସ୍ବତଃ ହମିଦ୍ ପ୍ରତି ଭକ୍ତିରେ ନଇଁ ଆସେ । ଠିକ୍ ପର ମୁହୂର୍ତ୍ତରେ କରିମ ଚେହେରା ତା ମନରେ ଝଙ୍କ ମାରେ । ଏକ ଅପୂର୍ବ ଆନନ୍ଦରେ ତା ମନ ନାଚି ଉଠେ ଇଦ୍ ପର୍ବ ପରି ।

ପ୍ରେମ କଣ ଅନୁଭବ କରିନି ସେ । ଜୀବନର ପହିଲି ବୟସରୁ ତାର ସ୍ବାମୀ ମରି-ଗଲା ! କୁଲକ୍ଷଣୀ ବୋଲି ପାଇଲା ଛରପାର । ହମିଦ୍ ତାକୁ ଏକ ଠାବ ଆଣି ଦେଇଛି କିନ୍ତୁ ଆଉ ଦେଲା କହିଛି— ବେଶି ଏତିକି ବେଳେ ମନ ବିଦ୍ରୋହ କରି ଉଠେ ସମସ୍ତ ଉପଚ୍ଛୁଲି ସେ କହେ--କରିମ୍ କୁ ହୃଦୟ ଦେବ ମନ ଦେବ, ପ୍ରାଣ ଦେବ, ଆତ୍ମା ଦେବ ଘୋର ଦେହ ପ୍ରେମରେ ଚରମ ଅନୁଭୂତି ପାଇଁ । ମନେ ମନେ ସଂକଳ୍ପ କରି ଆକାଙ୍କ୍ଷା ଜଣାଏ ଆଖିବୁଜି ।

ଇଦ୍ ର ଜହ୍ନ ଉଇଁଛି ଠିକ୍ ଯେମିତି ବାନୁ ହସେ । ତାରଛୁଆ । ବସନ୍ତ ଆସମାନରେ ଇସ୍ତବକା ଗୃହ ଶୋଭା ପାଉଛି—ଆଜି ତାଙ୍କ ଦେଉଛି ପୃଥିବୀକୁ ମୁଲାୟମ ଅମୃତର ସ୍ବର୍ଗ । କରିମ୍ ଜାଣି ଜାଣି ଆସିଛି ହମିଦ୍ ଖୋଜରେ । ଦିନ ତମାମ ନିଜକୁ ସ୍ଥିର ରଖି ପାରିନି । ବାନୁର ଜୀବନ୍ତ ସୌନ୍ଦର୍ଯ୍ୟ ସବୁଠୁ ଦେଖି ତାର ପ୍ରୀତି ଖୋଲା ଧଳା ଦାନ୍ତର ମଧୁ ଝରା ହସ—କରିମ୍ କୁ ପାଗଳ କରିଛି । ବାନୁ ଆସିଲା କରିମ୍ ର ସ୍ବର ଶୁଣି । ଏକ ଅପୂର୍ବ ଆନନ୍ଦରେ ମନ ତାର ଭରି ପୁରି । ଚିର ଇପ୍ସିତ ପ୍ରିୟତମ ଆସିଛି ଯେମିତି । କରିମ୍ ପଶିଗଲା ଘରକୁ । ବାନୁ ଗୁମ୍ କି ରହିଗଲା । ଆସି ପାରିଲାନି ଆଉ ପାଦେ । କରିମ୍ ମଧ୍ୟ ଅଗ୍ରସର ହୋଇ ପାରୁନି । ଦଣ୍ଡେ ଉଭୟେ ନୀରବ । ମସ୍ ଜିଦର ନମାଜ ପଢ଼ା ଜାରି । ତାପରେ ବାନୁର ବନ ମୁଖ ଅଲ୍ପ ଉଠିଲା । ଆଖିରେ ଯେମିତି ଅଜସ୍ର ପ୍ରୀତି ଭରି ରହିଛି । ସେ ଆଖି ଭଙ୍ଗି ପଙ୍‌କ୍ତି ଭାଷାରେ କରିମ୍ ଅନେଇଛି ଏକ ମନଛ ପୂର୍ଣ୍ଣ ଦୃଷ୍ଟିରେ ।

ପ୍ରେମ ଲାଗି କାଙ୍ଗାଳ ସେ ତାର ଲଜ୍ଜା ନାହିଁ । ହୃଦୟ ଆବେଗରେ କରିମ୍ ବାନୁର ମହମ ପରି ହାତ ପାପୁଲିରେ ଦେଲା ମୃଦୁ ଚାପ । ଅଦ୍ଭୁତ ସେ ସ୍ପର୍ଶ । ଜୀବନରେ ପ୍ରଥମ ଥର ପାଇଛି ଏ ସ୍ପର୍ଶ । ଆହୁରି କିଛି ସମୟ ଏ ସ୍ପର୍ଶ ଅନୁଭବ କରିବା ପାଇଁ ମନ ତାର ବଳଉ ଥାଏ । କରିମ୍ ଯେ କି ଝରିଲା ବାନୁକୁ ତା ଛାତିରେ ମିଶେଇ । ବାନୁର ନରମ ପାପୁଲି କରିମ୍ ର ଶକ୍ତ ମୁଠା ଭିତରେ ଥାଏ । ଇଦ୍ ରେ ନୂଆ ଚୁଡ଼ି ପିନ୍ଧିଛି ବାନୁ—କରିମ୍ ଧୀରେ ଧୀରେ ହାତର ଉଜ୍ଜ୍ବଳ ହାତ ଉପରକୁ ଉଠେଇ ଆଣୁଛି ଚୁଡ଼ିର ମୁଁଛା—ତାର ବାଧା ବି କେଡ଼େ ମଧୁର—ଝୁରୁ ଝୁରୁ ହୋଇ ଉପରୁ ତଳକୁ ଖସି ପଡ଼ିଲା ପରି । ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ବାହୁରେ ଆସ୍ତେ ଆସ୍ତେ କରିମ୍ ଚାପ ଦେଉଛି ମନଇଚ୍ଛାରେ ଏଠି ସେଠି । ବାନୁ ସେ ଅପୂର୍ବ ଶିହରଣରେ ଆଖି ବୁଜି ଦେଉଛି ପରମ ତୃପ୍ତି ସହ । କରିମ୍ କଥା କହିବାକୁ ଚେଷ୍ଟା କରୁଛି—କହି ପାରୁନି । କଷ୍ଟ ହେଉଛି । କଣ୍ଠର କଫ ଥିଲା ଭଳି ସ୍ବର ଭାଙ୍ଗି ଯାଉଛି । ଚେଷ୍ଟା କରି ଡାକିଲା— "ବା—ନୁ ।" ବାନୁର ପଲକ ଅସହାୟ ଭାବରେ ସଙ୍କୁଚିତ ହୋଇଗଲା--ପ୍ରବଳ ଆବେଗରେ । ଆହୁରି ଥରେ କରିମ୍ ଡାକିଲା—"ବାନୁ ।" ବାନୁ ଆଖି ଦର ଖୋଲି କରି ହସିଲା ମୃଦୁ ହସ । ଯିମିତି ଦରଫୁଟା କଳି । ଦୁହେଁ ସମ୍ପୂର୍ଣ୍ଣ ନୀରବ । ହୃଦୟରେ ଅନର୍ଗଳ ଆବେଗ ଆଖିରେ ଗଭୀର କାମନା । କରିମ୍ ବାନୁକୁ ଆହୁରି ଟାଣି ନେଲା ନିବିଡ଼ କରି । ଗରମ ନିଶ୍ବାସ ବାରୁଛି ମୁହଁରେ । ବାନୁର ସମସ୍ତ ମୁଖଶ୍ରୀକୁ ଦୃଢ଼ ଧରି କେତେଥର ଚୁମ୍ବନ କଲା ତାର ବେଦାନା ରଙ୍ଗର ଅଧର ଓଠରେ ଅପଲକେ—ତାପରେ ପୁଣି ଚୁମ୍ବନ କଲା ଦ୍ବିଗୁଣ ଆବେଗରେ ଗଭୀର ଚୁମ୍ବନ ସମସ୍ତ ଶକ୍ତିର ନିଃଶେଷ କରି ।

ଅକସ୍ମାତ ହମିଦ୍ ପଶି ଆସିଲା ଘର ଭିତରକୁ । ହାତରେ ଧରିଛି ଅତର ଓ ସୁଙ୍ଘା । ଇଦ୍ ର ହାଲୁଆ କରିବ ବାନୁ । ଗୁମ୍ କି ଅଟକି ଗଲା ହମିଦ୍ । ଆଖିକୁ ବିଶ୍ବାସ କରି ପାରିଲାନି ଯେ ବାନୁ ତାର ପ୍ରାଣର ବାନୁ—

କରିମ୍ ବାନୁକୁ ଛାଡ଼ି ହୋଇ ଛିଡ଼ା ହେଲା ହମିଦ୍ ସାମନାରେ କନ୍ଦର୍ପ ପରି ।

[ଅବଶିଷ୍ଟାଂଶ ୮୦ ପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com



କେତୋଟି ଅତି ସାଧାରଣ ଷ୍ଟୀଚକୁ ଅଦଳ ବଦଳ କରି ଯେଉଁ କେତୋଟି ନୂତନ ଷ୍ଟୀଚରେ ପରିଣତ କରାଯାଇ ପାରେ ତଳେ ତା ଦ୍ୱାରା କେତେକ ଦୃଷ୍ଟାନ୍ତ ଦିଆଗଲା ।

ବୋତାମ ଘର ('କ' ଚିତ୍ର) ଏଇ ଷ୍ଟୀଚଟି ମନୁଷ୍ୟର ଦୈନନ୍ଦିନ ଜୀବନରେ ଅପରିହାର୍ଯ୍ୟ—ଏଥିରେ ନାନା ପ୍ରକାର ଡିଜାଇନ୍ କରି ଯାଇ ପାରେ । ଚିତ୍ର [କ]ର ଦକ୍ଷିଣ ଅଂଶରେ ଯେଉଁ ଓଲଟା ସିଲେଇ ହୋଇଛି ସେପରି କଲେ ବହୁ ନକ୍ସାରେ ବ୍ୟବହାର କରି ଯାଇ ପାରିବ । 'ଖ' ଚିତ୍ରରେ ଉକ୍ତ ବୋତାମ ଘର ଷ୍ଟୀଚଟି ଥରେ ଉପରକୁ ଓ ଥରେ ତଳକୁ କରି ଯାଇଛି ।

ମାଛକଣ୍ଟା— ['ଗ' ଚିତ୍ର] ଏହି ଷ୍ଟୀଚଟି ଦେଖିବାକୁ ଅତି ସାଧାରଣ । ଏହାର ମୁହଁ ଗୁଡ଼ିକ (କୋଣ) ବୋତାମ ଘର ପରି କଲେ ଭଲ ହେବ । ଘ ଚିତ୍ରରେ ବୋତାମ ଘର ଷ୍ଟୀଚ କେବଳ ଉପର କୋଣରେ ହୋଇଛି ଏବଂ ଙ ଚିତ୍ରରେ ଉପର ଓ ତଳ ଉଭୟ କୋଣରେ ଷ୍ଟୀଚ ପଡ଼ିଛି ।

ଲେଜି ଡେଇଜି ଷ୍ଟୀଚ—(ଛ ଚିତ୍ର) ଏହି ଷ୍ଟୀଚଟି ଖୁବ୍ ସହଜ ସାଧ୍ୟ । ଏହା ଚକ୍ଷୁ ଉପରେ ସୂତା ଗୁଡ଼ାଇ ପକାଯାଏ ।

ପାଲଙ୍କ ['ଜ' ଚିତ୍ର] ଏହା ଦ୍ୱାରା ସାଧାରଣତଃ ଛୋଟ ଛୁଆଙ୍କର ଜାମାର କଲର୍, କଫ୍ କରାଯାଏ । 'ଝ' ଚିତ୍ର ପରି ଗୋଟିଏ କୋଣରେ ପାଲଙ୍କ ଏବଂ ଗୋଟିଏ କୋଣରେ ବୋତାମ ଘର କରି ବହୁ ନକ୍ସାରେ ଦେଇ ହେବ । 'ଛ' ଚିତ୍ର ଓ ଦୁଇଟି ଅଙ୍କ ଲାଇନ ଷ୍ଟୀଚ [ଷ୍ଟେମ୍ ଷ୍ଟୀଚ] ଦ୍ୱାରା ହୋଇଛି । ଏଇ ନମୁନା ବ୍ଲାଉଜର ହାତ ଓ ଗଳାରେ ସୁନ୍ଦର ଦିଶେ ।

# କେତୋଟି ଷ୍ଟୀଚର ରୂପାନ୍ତର



ଏଇ ଷ୍ଟୀଚ ଗୁଡ଼ିକ ସାହାଯ୍ୟରେ ବହୁ ସୁନ୍ଦର ସୁନ୍ଦର ଡିଜାଇନ କରାଯାଇ ପାରେ । ତଳେ ତାହାର କେତୋଟି ଉଦାହରଣ ଦିଆଗଲା ।

'ଚ' ଚିତ୍ର—ବୋତାମ ଘର (ଖ ଚିତ୍ର) ମାଛକଣ୍ଟା (ଗ ଚିତ୍ର) ଓ ଲେଜି ଡେଇଜି

ଛ ଚିତ୍ର—ମଝିର ଫୁଲଟି ଲେଜି ଡେଇଜି ଷ୍ଟୀଚରେ କରାଯାଇଛି ଓ ବାହାର ଚାରିପଟ ବୋତାମ ଘର ଦ୍ୱାରା । ଏହା ଟେବୁଲ କ୍ଲଥ୍ କୋଣରେ ଖୁବ ଭଲ ଦିଶେ ।

'ଜ' ଚିତ୍ର—ଦୁଇ ଧାଡ଼ି ବୋତାମ ଘର ଦ୍ୱାରା କରାଯାଇଛି । ଏ ଡିଜାଇନ ଉପରେ ଶାଢ଼ୀ ସୁନ୍ଦର ହେବ ।

'ଝ' ଚିତ୍ର—ମଝି ଫୁଲ ଗୁଡ଼ିକ ଓ ଉପର ଦୁଇ ଧାଡ଼ି ଗୁଡ଼ିକ ବୋତାମ ଘର ସାହାଯ୍ୟ ହୋଇଛି ।

'ଟ' ଚିତ୍ର—ମଝିଟା ଚିତ୍ର ସଦୃଶ ହୋଇଛି ଓ ଫୁଲ ଗୁଡ଼ିକ ଲେଜି ଡେଇଜି ଷ୍ଟୀଚ ଦ୍ୱାରା ହୋଇଛି । ଉପରଟି ପ ଚିତ୍ର ପରି କରି ତାହା ଉପରେ ଲେଜି ଡେଇଜି ଷ୍ଟୀଚ ପଡ଼ିଛି ।

'ଠ' ଚିତ୍ର—ପ ଚିତ୍ର ପରି ହୋଇଛି ଓ ଫୁଲ ଗୁଡ଼ିକ ଗୁଡ଼ିକ ବୋତାମ ଘର ଷ୍ଟୀଚ ଦ୍ୱାରା କରି ତାହା ଉପରେ ଗୋଟିଏ ଲୋଗାଏ ଲେଜି ଡେଇଜି ଷ୍ଟୀଚ ପଡ଼ିଛି ।

ଣ ଚିତ୍ର—ଙ ଚିତ୍ର ଷ୍ଟୀଚ ପରି କରି ହୋଇଛି ।

ଢ ଚିତ୍ର—ଫୁଲ ଗୁଡ଼ିକ ବୋତାମ ଘର ସାହାଯ୍ୟ ପରି କରି ଯାଇଛି ଓ ପ୍ରତ୍ୟେକ ଫୁଲ ଭିନ୍ନ ଭିନ୍ନ ରଙ୍ଗ ସୂତାରେ ହୋଇଛି । ଏହା ଦୂରରୁ ଉଲନ ପରି ଦିଶେ ଓ ଛୋଟ ପିଲାଙ୍କ ଜାମାରେ ସୁନ୍ଦର ଦିଶେ ।

'ଫ' ଚିତ୍ର—ମାଛ କଣ୍ଟା ଓ ଲେଜି ଡେଇଜି ଷ୍ଟୀଚ ଦ୍ୱାରା କରି ପାରିଛି । ତାହାକୁ ବ୍ଲାଉଜ ଓ ଜାମାରେ ଲଗାଇଲେ ସୁନ୍ଦର ଦିଶେ ।

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com




ଅନ୍ଧପଥରେ ଏକାକୀ ମୁଁ—ଗଳ୍ପ ସଙ୍କଳନ—ଲେଖକ—ପ୍ରସିଦ୍ଧ ଗଳ୍ପକାର ଶ୍ରୀ ଚନ୍ଦ୍ରମଣି ଦାସ—ସାରସ୍ୱତ ଭଣ୍ଡାର ପ୍ରକାଶନ—ପନ୍ଦରଅଣା ଦାମ୍ । ଗଳ୍ପ ଗୁଡ଼ିକ ମଧୁର ଓ ଚିତ୍ତାକର୍ଷକ । ବିଶେଷତଃ 'ଶରଦିକାର' ଓ 'ପାପ କି ପୁଣ୍ୟ' ମନରେ ଦାଗ ରଖିଯାଏ । ଗଳ୍ପ ଗୁଡ଼ିକରୁ ଲେଖକଙ୍କ ଦରଦୀ ମନ ଓ ନିବିଡ଼ ଅନୁଭୂତିର ପରିଚୟ ମିଳେ । ଭାଷା ଗଠନ ସୁନ୍ଦର ।

ରକ୍ତ ବନ୍ଧନ—ବଡ଼ ଗଳ୍ପ—ଲେଖକ ଶ୍ରୀ ଚନ୍ଦ୍ରମଣି ଦାସ । ସାରସ୍ୱତ ଭଣ୍ଡାରର ପ୍ରକାଶନ—ମୂଲ୍ୟ—୧୲୦ । ଗଳ୍ପରେ ଯେଉଁ ମଦଦୋକାନର ବର୍ଣ୍ଣନା ଅଛି ତାହା ଲେଖକ ଉଜ୍ଜ୍ୱଳ କେଉଁଠୁ ପାଇଲେ ଜାଣିନି । ତଥାପି ଲେଖକ ଯେଉଁ ସମସ୍ୟା ଉତ୍‌ଥାପନ କରିଛନ୍ତି ତାହା ଅତି ବାସ୍ତବ । ସମାଜର ସ୍ତରେ ସ୍ତରେ ଅଛି 'ଲକ୍ଷ୍ମୀ' 'ଅଞ୍ଜଳି' ଙ୍କ ପରି ବହୁତ । ତାଙ୍କର ଦୁର୍ଦ୍ଦଶା ଦୀର୍ଘଶ୍ୱାସ ହିନ୍ଦୁ ସମାଜର ଅଟ୍ଟାଳିକା ତଳରୁ ଫାଟି ଉଠିନାହିଁ । ଦୁନିଆ ଆଗରେ 'ପୂର୍ଣ୍ଣିମା' ତାର ମରଣରେ ଯେଉଁ କଠୋର ପ୍ରଶ୍ନ ରଖି ଯାଇଛି ତାର ଉତ୍ତର ଦେବାର ଦାୟିତ୍ୱ କାର ? ବ୍ୟର୍ଥକାମ ଦେବବ୍ରତ, ଆଦର୍ଶ ବାଦୀର ପୋଷାକୀ ସମାଜର ଫ୍ୟାସନ୍‌ର ଲକ୍ଷ୍ମୀ, ଅଞ୍ଜଳି, ପୂର୍ଣ୍ଣିମା—ଏମାନଙ୍କୁ କଣ ଅଳ୍ପ ସୁଦ୍ଧା ବୁଝିବୁ ନା ? ଅଥଚ ଏ କଣ ଏମାନେ ସମାଜର ରଥ ଚକତଳେ ନିଷ୍ପେଷିତ ହେଉଥିବେ—ଅବହେଳିତ ଘୃଣିତ ହେଉଥିବେ ? ପ୍ରଶ୍ନର ଉତ୍ତର ଦେବ କିଏ ? ଲେଖକ—ନା ସମାଜ-ସଂସ୍କାରକ ଅଥବା ସମାଜର ଶିକ୍ଷିତ ସଂପ୍ରଦାୟ ?

ମୋଟ ଉପରେ ବହିଟି ସୁଖ ପାଠ୍ୟ । ସାହିତ୍ୟ ଯଦି ସମାଜର ଦର୍ପଣ ହୁଏ, ଆମ ସାହିତ୍ୟରେ ଏଭଳି ରଚନା ଅଧିକ ଆବଶ୍ୟକ ।

ପ୍ରଚ୍ଛଦ ପଟର ମର୍ମ କଳ୍ପନା ସୁନ୍ଦର ।

ଭୃଅଁ ଉସ—କେତୋଟି କବିତା—ଲେଖକ ଶ୍ରୀ ଜଗନ୍ନାଥ ଦାସ—ପ୍ରକାଶକ ନବଭାରତ ଗ୍ରନ୍ଥାଳୟ, କଟକ । ମୂଲ୍ୟ ଦଶଅଣା । ବହିଟିର ପରିଚୟ ଦେଇଛନ୍ତି ପରଲୋକଗତ କବି—ରାଧାମୋହନ ଗଡ଼ନାୟକ । ତାଙ୍କର ଭାଷାରେ ଆମେ କହିବୁ—ଲେଖକ ନବୀନ ହେଲେହେଁ ପ୍ରବୀଣ ହାତର ସ୍ପର୍ଶ ମିଳେ । ତଥାପି କବିତାକୁ ଅଧିକ ସୁଖ ପାଠ୍ୟ କରିବାପାଇଁ ମାର୍ଜ୍ଜନା ଦରକାର ଥିଲା । ଏହା ଅନୁଭୂତି ପ୍ରଧାନ କବିତା । ନୂଆ କଥା କହିବାର ନଥିଲେ କବିତା ପୁରୁଣା ଲାଗେ । ପୁରୁଣା ଅନୁଭୂତିକୁ ନୂଆ ଢଙ୍ଗରେ ଭୂଷିତ କଲେ ଆଧୁନିକ କବିତା ସୃଷ୍ଟି ହୁଏ ।

ସୈନିକ—ଶ୍ରୀ ନରସିଂହ ସାହୁ—ମୂଲ୍ୟ ୧ ।—୧୫୦ ପୃଷ୍ଠାର ବହି । ପ୍ରଚ୍ଛଦ ପଟଟି ସୁନ୍ଦର ହୋଇଛି । ନାମ ଓ ଦୂରରୁ ବହିଟିକୁ ଉପନ୍ୟାସ ବୋଲି ଭୁଲ୍ ବୁଝିବାର ସମ୍ଭାବନା ଅଛି । ଲେଖକଙ୍କର ଏ ଦେଶର ଝିଅବୋହୂଙ୍କ ଆଗରେ କେତେକ ଅନୁରୋଧ ବା ନିବେଦନ ଏ । ପରୋପକାର, ପତିସେବା, ତ୍ୟାଗ ସରଳତା, ଲଜ୍ଜାଶୀଳତା ଆଦି ବିଷୟରେ ଲେଖକ ଉପଦେଶ ଦେଇଛନ୍ତି—ସେ ପୁଣି ଛଅଟି ଅଧ୍ୟାୟ । ଭାଷା ଏତେ ସରଳ ଓ ତରଳ ଯେ ତା ଭିତରେ ଦୁରୂହ ଭାବରାଜି ଅଧିକ ପ୍ରକାଶ କରିବା ପାଇଁ କେଉଁଠି ହେଲେ ବାଧା ପାଇନାହିଁ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ଅଭିମତ ଦେଇଛନ୍ତି—ଏ ଲେଖା ପଣ୍ଡିତ ପାଇଁ ନୁହେଁ—ବାଳକ ପାଇଁ, ସ୍ନେହ ପାଇଁ । କିନ୍ତୁ ବାସ୍ତବରେ ପଣ୍ଡିତର ବୁଦ୍ଧି ଯଦି ଏ ସ୍ନେହ ସୁରଭିତାକୁ ଗ୍ରହଣ ନକରେ ତେବେ ସେ ମୂର୍ଖପଣ୍ଡିତ ବୋଲାଇବାକୁ ହେବ । ଶୁଣିବା କଥାକୁ ପୋଷାକ କରି ଥୋଇ ଲେଖକ ଚେଷ୍ଟାରେ ଯଶସ୍ୱୀ ହୋଇଛନ୍ତି ।

---

[କାହାଣୀ ବଳଦ]

ବାନ୍ଦୁ ଗୁଳିଗଲା ଉତ୍ତରକୁ ଲକ୍ଷ୍ୟରେ ଦର ମଙ୍ଗ । କରିମ୍ କଣ ଏଣୁ ତେଣୁ ପଦେ ଦି ପଦ କହି ଚାଲିଗଲା ।

ହମିଦ୍ ଅନୁଭବ କରୁଛି ଯେପରି ଲକ୍ଷେ କୋଟିଏ ବିଛା ଏକାଥରେ ତା' ଦେହର ସର୍ବାଙ୍ଗରେ ଦଂଶନ କରୁଛନ୍ତି । ମୁଣ୍ଡଟା ବୁଲୁଛି ମହାବେଗରେ ମଟର ଚକା ଯିମିତି ବୁଲେ । ବାନ୍ଦୁକୁ ଦେଖି ଚାଲି ଯାଉଛି ସେ ବାଟୁଳି ପରି । ହାତରେ ହାତ ଘଷି ସ୍ଥିର ରହିଛି କିଛି ନ କହି । ବାହାରକୁ ବାହାରି ଆସିଲା । ବଳଦ ବନ୍ଧା ହୋଇଛନ୍ତି ଦାଣ୍ଡ ପିଣ୍ଡା ତଳେ । ମଶାରେ ଛଟ୍ ପଟ୍ ହେଉଛନ୍ତି । କୁଣ୍ଡା କୁଟୁଣୀ ଖାଇ ନାହାନ୍ତି । ହମିଦ୍ ନିକେ ଯୋଗାଇବାକୁ ଦେଲା- ବାନ୍ଦୁ ସିଧି ଦିଏ ଘଣ୍ଟା ପର୍ଯ୍ୟନ୍ତ ଖାଇବାକୁ ଦେଇନି । ଆଜି କରୁଣ ମହଜତ । ରାଗି ଚାଲି ଯାଉଛି ସେ । ମନ ହେଉଛି ବାନ୍ଦୁକୁ ମାରି ଦନ୍ତ ପାଣି ଦି ଟିଣ୍ଡ କରି ଦେବ । ହତାଶ ଭାବିଥିଲା ସେ ନିଜ ପ୍ରାଣ ଠାରୁ ଅଧିକ । ବଳଦଙ୍କୁ ଖାଇବାକୁ ଦେଉଛି—କାଳିଆ ବଳଦଟା ଖାଉନି ଅନ୍ୟ ବଳଦକୁ ମାରୁଛି ତା'ର ସିଙ୍ଗରେ । ହମିଦ୍ ଚିଡ଼ି ଯାଉଛି ମନେ ମନେ । ତା ମନରେ ଲାଗୁଛି ଏହା ଅନ୍ୟାୟ କଥା । ହଠାତ୍ ଧୂଷ୍କନା ଭୁଷଣୀ ହାଣ୍ଡିଟା ଗଡ଼େଇ ଦେଲା—କାଳିଆ ବଳଦ ଏକ ମୁଣ୍ଡିଆରେ । ସବୁଜିକ ଭୁସଣୀ, ଲାଡ଼ କୁଣ୍ଡା ବହି ଯାଇ ମାଟି ଖଣ୍ଡେ ଭେଦେଇ ଦେଲା । ହମିଦ୍ ରାଗିଗଲା ଅଧିକ । ପିଣ୍ଡାରୁ ଖଣ୍ଡେ ବାଉଁଶ ବାଡ଼ ଟାଣି ଆଣି ବଳଦଟାକୁ ମାରୁଛି ଭୟଙ୍କର ମାଡ଼ । ମୁଣ୍ଡଟା ବାଗି ହୋଇ ଯାଉଛି ତାର । ଚୁଙ୍ଗି ଫାଟି ଲୋହୁ ହେଲା ଝାଳ ମାରୁଛି ବାଗରେ ଗଳ୍ପ ସାପ ପରି ଫଁ ଫଁ ହୋଇ । ବାନ୍ଦୁ ସେ ମାଡ଼ ଶୁଣି ଦଉଡ଼ି ଆସିଲା । ଦେଖିଲା ବଳଦଟା ମରିଯିବ । କାନ୍ଦି ହୋଇ ପଡ଼ିଲାଣି । ଧରି ନେଲା ଯାଇ ବାଉଁଶ ବାଡ଼ିକୁ । ବାନ୍ଦୁକୁ ସାମନାରେ ଦେଖି ହମିଦ୍ ଜଳିଗଲା ନିଆଁ ପରି । ହାତରୁ ଛିଡ଼ି ଆଣି ମାରିଲା ଏକ ପ୍ରଚଣ୍ଡ ପ୍ରହାର ଧୂସ କରି ବାନ୍ଦୁର ମୁଣ୍ଡ ଉପରେ । ବାଉଁଶ ଅଗଟା ହୋଇଗଲା ଗାତ ଭଳି । ବାନ୍ଦୁର କଳା ଦାଢ଼ି ଭିଜେଇ ବହି ଆସିଲା ମୁଣ୍ଡା ମୁଣ୍ଡା ରକ୍ତ । ବଳଦ ସିଙ୍ଗ ପରି ଇଦ୍‌ର ବଙ୍କା ଜହ୍ନ ଡୁବି ଯାଉଛି ଦୂର ଦିଗ୍‌ବଳୟ ସୀମାରେ । ଗାଁ ମୁଣ୍ଡରୁ ମାଣିଆ ଅନ୍ଧାର ଅପସରି ଯାଇ ମାଡ଼ି ଆସୁଛି ପୁଞ୍ଜା ପୁଞ୍ଜା ଘନୀଭୂତ ଅନ୍ଧାର । ହମିଦ ଛିଡ଼ା ହୋଇଛି ଯିମିତି ପ୍ରାଣହୀନ ପଥର ମୂର୍ତ୍ତି ନିଷ୍ପଲକ ଆଖି

---

[ ହଂସପୁର ବଳକ ]

'ଅ' ଚିହ୍ନ—ମଞ୍ଚ ଉଣ୍ଟା ଓ ଠେଲା ହେଉଛି ଷ୍ଟୀମ ହାଉସ କରି ଯାଉଛି । ଦୁଇଜଣ ଦୁଇ ଓ ଗଳାଚରିଂ ଚକାଇଲେ ସୁନ୍ଦର ଦେଖାଣ ।

'ଉ' ଚିହ୍ନ—ମନ୍ଦିର । 'ଘ' ଚିହ୍ନ ଷଣ୍ଢ କରି ଯାଉଛି ଚ ଷର ଯାଉଛି ମାଳବଣ୍ଟ [ଜ] ଓ ବାହାରର ଝଣା ଗୁଡ଼ିକ ଘ ଚିହ୍ନ ଷଣ୍ଢ ହୋଇଛି । ଏହା ପ୍ରଥମ ୯ ଅଙ୍କ ପ୍ରଭୁ ଷଷ୍ଠରେ କଳେଇ ଉଠ ଦିଶେ ।

—ଶ୍ରୀମତୀ ସୁଜାତା ଦେବୀ

(ନଦବାର ସୁଜାତା ଶ୍ରୀମତୀ ମଧ୍ୟ ଏହି ଲେଖିକା ନାଗ ଦାନ)



Digitized by srujanika@gmail.com

## ଛାରପୋକ ବନ୍ଦନା

ଲେଖକ—ଦିଗମ୍ବର ଦାସ

ଜୟ ଜୟ ଛାର ପୋକ ମଇଲା ନନ୍ଦନ,
ମୁଁ ଛାର କି ଗୁଣ ତୋର କରିବି ବର୍ଣ୍ଣନ ।
କଅଁଳିଆ ତନ, ତୋର ଦିଶେ ଅନୁପମ,
କଳା ବଜାରେ ସିନ୍ଦୁର ଫାଟିଲାର ସମ ।

ବଙ୍ଗ ଦେଶେ ତୋର ସଂଖ୍ୟା ଗଣିଲେ ନସରେ,
ହରେ କୃଷ୍ଣ ହରେ କୃଷ୍ଣ ହରେ କୃଷ୍ଣ ହରେ ।
ଅନ୍ୟାନ୍ୟ ପ୍ରଦେଶେ ତୋର ଅଙ୍ଗ ହୁଏ ହାନୀ,
ତେଣୁ ବଙ୍ଗଳାରେ ତୋର ପୂର୍ଣ୍ଣ ରାଜଧାନୀ ।

ଧନ୍ୟ ତୁଅ ସିଲ୍ ମେଟ ଚଉକିର ସନ୍ଧି,
ପଲଙ୍କ-ତୋଷକେ ତୁଲ୍ ଥାଉ ବନ୍ଦି ବନ୍ଦି ।
ଟ୍ରାମ୍, ବସ୍, ରିକ୍ସା ଆଉ ଯେତେ ଯେତେ ଯାନ,
ସବୁଥିରେ ଚଳଇ ତୋହରି ଅଭିଯାନ ।

କୋଟ ପ୍ୟାଣ୍ଟ ତଳେ ନିରାପଦେ ରହିଥାଉ,
ଧନୀ ସାଙ୍ଗ ସାଥୀ ସଙ୍ଗେ ଶିକାରକୁ ଯାଉ ।
କୁଟ୍ କୁଟ୍ କରି ରକ୍ତ ପିଉ ଯେତେବେଳେ,
ହାଫ୍ ସିପ୍ ଖୋଜୁଥାଏ ତୋତେ ବଳେ ବଳେ ।

"ବ୍ଲାକବ୍ୟାକ" ସମାନ ତୁ ଅଟୁ ରେ ନିପୁଣ,
କୋଣନୀ ମୁହେଁ କିଅବା ବଖାଣିବ ଗୁଣ ।
"କମ୍ୟୁନିଷ୍ଟ ପାର୍ଟି" ସମ ତୋହର ପ୍ରଚାର,
ମଶା ଡାଂଶ ଉକୁଣୀ ତୋର ସହଚର ।

ତୋର ଛିଣ୍ଡା ଭଙ୍ଗା ଖଟେ ଅଟଇ ତୁ ରାଜା,
ତେଲ ଚଟା ତକିଆରେ ବଢ଼େ ତୋର ମଜା ।
"ଇନ୍‌ଜେକ୍‌ସନ" ପରି ତୋର ଅଟେ ଦୁଇ ଶୁଣ୍ଢ,
ତୋତେ ଜିଣିବା ଉପାୟ ନପଶେ ମୋ ମୁଣ୍ଡ ।

ପୁଞ୍ଜିପତି ସମାନରେ ରକ୍ତ ଶୋଷି ଖାଉ,
କନ୍ଥା ତଳେ ହେ ରହି କୀଡ଼ା କରୁଥାଉ ।
ପୃଥିବୀର ଅନ୍ଧ-କନ୍ଦ ବିଚରଣ କରୁ,
ତୀର ବେଗେ ପାଉ ତୁହି ତୋତେ ଧରୁ ଧରୁ ।

କାଷ୍ଠର ଫାଶିରେ ତୋର ଅଙ୍ଗ ହୁଏ ହାନି,
ଫ୍ଲିଟ-ପମ୍ପ ଦେଲେ ବସି ରହୁ ତୁନି ଚାପି ।
ହାତ ଟିପେ ଦଳି ଧରିଲେଟି ନାକ ପାଖେ,
ତୋ ସୁଗନ୍ଧେ ମୋ' ନାକ ଫୁଲି ହୋଇ ଅଛେ ।

ବଡ ପରାକ୍ରମୀ ତୋର ବୁଦ୍ଧି ଅଟେ ଶାଣ,
ଭଙ୍ଗା କନ୍ଦେ ତୋତେ ନ ଲାଗଇ ବାକ୍ୟ ବାଣ ।
ଯହିଁ ପାରୁ ତହିଁ ଧୁଇ ଶୁଣ୍ଢ ଦେଉ ଭୁଙ୍କ,
ଅଣ୍ଡାଳି ଧଇଲେ ଲୁଗା ତଳେ ଯାଉ ଲୁଚ ।

ତୋହର ମହିମା ଧନ୍ୟ ଧନ୍ୟ "ଛାରପୋକ"
ତୋତେ ଜିଣି ନ ପାରିଲେ ଏ ଭାରତ ଲୋକ ।
ଏମେରିକା ସ୍ୱତେ୍ୟ ତୋର ପଣ୍ଡିଲ ଚିହ୍ନିଲ,
ତୋ ବଂଶ ନିପାତ ପାଇଁ ବସିଲା ସେ କଳ ।

"ମସ୍‌କୁଇଟୋ ବମ୍" ଅବିଷ୍କାର ହେଲା ତହିଁ,
ସେହି ସେହି ଭାରତକୁ ଗ୍ରହଣ ଅସଇ ।
ଏଇଥର "ଛାରପୋକ" ତୋବଂଶ ନିପାତ—
କ'ବାକୁ "ମସ୍‌କୁଇଟୋବମ୍" ହେଲା ଜାତ ।

ସାମ୍ରାଜ୍ୟ ବାଦ ନୀତିକୁ କରନ୍ତୁ ଧାରଣ,
ତେବେ ଏ ସ୍ୱାଧୀନ ଯୁଗେ ଲଭିବୁ ତାରଣ ।
ମୋର ଉପଦେଶ ଯଦି ନପଶେ ତୋ କାନେ,
ହାତ ଯୋଡ଼ି ଜଣାଉଛି ପଳା ପାକିସ୍ତାନେ ।

ମୋ କଥାକୁ ଯଦି ତୁହି କରୁ ଉପହାସ,
"ମସ୍‌କୁଇଟୋବମ୍" ଘାତେ ମୃତ୍ୟୁ ପିବୁ ନାଶ ।
ଚିରସ୍ଥାୟୀ ପଦ ହେବୁ ଏହି ଭାରତରେ,
ରକ୍ତ ଶୋଷଣକୁ ପୋଛି ଦିଅ ମନରେ ।

ଲୁଣ୍ଠି ମିଛ କଳାପୋଡା ସବୁ ଉଭେଇବ,
ରାମ-ରାଜ୍ୟ ଏ ଭାରତେ ପ୍ରତିଷ୍ଠା ପାଇବ ।

## ପ୍ରିୟାର ଚିଠି

ଲେଖକ—ଶ୍ରୀ ଯୁଗଳ କିଶୋର ଦତ୍ତ

ତର ତର କରି ଚିଠିଟି ଖୋଲି ମୁଁ ପଢ଼ିଲି ଆଗେ,
ଲେଖିଥିଲା ପ୍ରିୟା ଗାଁପଠରୁ ଚିଠି କି ଅନୁରାଗେ ।
ପଢ଼ିଲି—କେତେ ମାସ ହେଇଗଲା ଦେଇନ କିଛି,
ଲେଖିଥିଲା ପ୍ରିୟା କେତେ ମନକର କୋତ ସେ ଲିଛି ।

ହେଜଲିନ୍ ସ୍ନୋ, କୋରାପି ଶାଢ଼ୀ, ବାଟାର ଯୋତା,
ଭେନିଟି ବ୍ୟାଗ୍ କି, କାଲିକୋରୁମାଲ୍ ରେଶମି ଛତା ।
ଓଠ ତଳେ ଦେବ ଲିପଷ୍ଟିକ ପୁଣି ହେୟାର ଅୟେଲ୍,
ମୁହଁ ପୋଛିବାକୁ କିଣିବି ଖଣ୍ଡିଏ ଟେରିକଟ୍ ଟାୱେଲ୍ ।

ଲେଖିଥିଲା ବା' ଚନ୍ଦନ [illegible],
ବୁଝିଲି ନାହିଁ ସେ କିରାଣୀ ଜୀବନେ ସେ କାହିଁ ଅଛେ ।
ଚିଠି ଉପରେ ଚିଠି ପଠିଥିଲି କେତେ ନାହିଁ ମୋ ମନେ
ନାଲି ଲିଫାଫାରେ ନୀଳିଆ କାଗଜ ଅତି ଯତନେ ।

"ପ୍ରାଣର ଦେବତା" "ମନର ଠାକୁର" "ପ୍ରିୟ ହେ ମୋର"
କେତେ ଯେ ପ୍ରକାରେ ଲେଖିଥିଲା ମୋତେ ଅଛିକି ଥର ।

ଏଲ୍.ଡି. କିରାଣୀ ମାସକେ ପାଏ ମୁଁ ଷାଠିଏ ଟଙ୍କା,
ସେଥିରେ ପ୍ରିୟାର ଏତେ ଫରମାସି ନ ଛୁଟେ ରଙ୍କା ।
ବୁଝିଲା ନାହିଁ ସେ ପ୍ରିୟା ମୋହର ଲେଖିଲି ଚିଠି,
ବୁଝିଲା ନାହିଁ ସେ କାହିଁବେ ଉପର ତେଣ୍ଟି ଏଟି ।

ରହ ଯାଉଅଛି ଅଜକି ହୋଇବା ପନ୍ଦର ଦିନ
ପ୍ରିୟା ମୋତେ ଆଉ ଚିଠି ତ ନ ଲେଖେ ମାଡ଼ିଛି ମାନ ।
ଏତେଦିନେ ପୁଣି ସଂଗ ଜାତ ଏବେ ଲେଖିଛି ଚିଠି,
ଜାଣିବ 'ମନର ମୁଁଉ' ହି ଗଲିଣି ଚାଟକୁ ଏଟି ।

କହିଲି ଗୁଡ଼ାଏ ମନକୁ ନଜମୁଁ କି ଅଦଭୂତ !
ମଞ୍ଜିଛ ଯଦି ସେ ଚିଠି ଦେଲା କିଏ କାହିଁ ବି ଭୂତ ?
ଟଙ୍କା ଦେଇନାହିଁ [illegible] ପ୍ରିୟା ଯାଇଛି ମରି
ଟଙ୍କା ଦେଲେ ପୁଣି ସୁନ୍ଦର ତାର ଥିଏ କି ଫେରି ।

ଚିଠିକୁ ଲେଖିଲ ସବେବେ ଗୁଡ଼ିଲି କଲେଜ ବାଟେ
କବର ଏବଣି ମାମୁଲି କିରାଣୀ କେତେଟା ଘଟେ ।

Digitized by srujanika@gmail.com

କଟକ ବେତାର କେନ୍ଦ୍ର ଅନେକ ଦିନୁ ଦୁଇବର୍ଷ ହେବ ସ୍ଥାପିତ ହୋଇଅଛି। ଓଡ଼ିଶାରେ ବେତାର କେନ୍ଦ୍ର ନଥିଲା। ସ୍ଥାପିତ ହେଲା ପରେ ମଧ୍ୟ ଓଡ଼ିଶାର ନାମ ବିଶେଷ କିଛି ବଢ଼ିଯାଇଛି ବୋଲି ବୋଧହୁଏ ନାହିଁ। କାରଣ କଟକ ବେତାର ସମ୍ବାଦ ପୁରୀରୁ ମଧ୍ୟ ଶୁଣାଯାଏ ନାହିଁ। ତଥାପି ସେଇ ଯେଉଁ ଶିଶୁ ଅନୁଷ୍ଠାନଟି କଟକ ମଧୁପୁର କୋଠିରେ ଅନୁଷ୍ଠିତ ହେଉଛି, ଓ ସରକାର ତହିଁରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି, ସେଥିରେ ଯେଉଁ ବ୍ୟଭିଚାର ଓ [illegible] ପୂର ରହିଛି, ତା ଶୁଣିଲେ ସ୍ୱତଃ ଓଡ଼ିଆର ଘୃଣା ଆସେ।

---

## କଟକ ବେତାର କେନ୍ଦ୍ର

ଓଡ଼ିଆ ବେତାର କେନ୍ଦ୍ର ସ୍ଥାପିତ ହେଲା। ଓଡ଼ିଆ ଗାୟକ, ଗାୟିକା ମାନେ ଭାବିଥିଲେ ଯେ ସେମାନେ ଜୀବିକା ନିର୍ବାହ କରିପାରିବେ, ବେତାର କେନ୍ଦ୍ର ସାହାଯ୍ୟରେ। ମାତ୍ର ସେମାନଙ୍କର ଆଶା ଆକାଶରେଇ ରହିଗଲା। ସେମାନେ ଭେକ ଉପାୟରେ ପଶୁଥିବା ବେଳେ, ତାଙ୍କର କ ଦେଇ ଗଳାଯାଏ, ରେଡ଼ିଓର ଷ୍ଟେସନଡ଼ାଇରେକ୍ଟର୍, ଯେଉଁଥିରେ ବସିଥାନ୍ତି ଅନ୍ୟଭାଷୀ ଗାୟକ ଓ ଯାହାଙ୍କୁ ତାଙ୍କର ଅନିଚ୍ଛାସତ୍ତ୍ୱେ ମଧ୍ୟ ଶୁଣାଯାଉଥାଏ। କିନ୍ତୁ ଓଡ଼ିଆ ଗାୟକ ନିଜର 'ପ୍ରତିଭାକୁ ଯାଚିଲେ ସୁଦ୍ଧା, ଥରେ ହେଲେ କେନ୍ଦ୍ର ଅନଅଶିରେ ଗୃହୀତ ନାହିଁ। ଯନ୍ତ୍ର ସଙ୍ଗୀତ ଗୁଡ଼ିକ ମଧ୍ୟ କେତେକଣଙ୍କର ଏକଚାଟିଆ ହୋଇ ରହିଛି। ଯେଉଁମାନେ କର୍ତ୍ତୃପକ୍ଷଙ୍କର ଜଣାଶୁଣା ଲୋକ, ଯେଉଁମାନେ ସ୍ୱନାମ ଧନ୍ୟ ବ୍ୟକ୍ତି ସେଇମାନେ ପାଆନ୍ତି ଯଥେଷ୍ଟ Pro gramme. କିନ୍ତୁ ଅଜଣା ଅଶୁଣା ଗାୟକ ବା ଅଭିନେତା ମାନେ ମାସ ମାସ ଧରି Audition ଦେଇ ସାରି ବସିଥାଆନ୍ତି। voice fit ହେଲେ ମଧ୍ୟ ଅନେ chance ପାଆନ୍ତି ନାହିଁ। ଶୁଣି ଶତ ଶତ ଓଡ଼ିଆ ଗାୟକ ଗାୟିକା, ଓଡ଼ିଶାର ପୁରପଲ୍ଲୀରେ ରଣପଲ୍ଲୀ ମଠ ବଣରେ ମୁକ୍ତ ବଣରେ ଝଙ୍କାର ପକାଉଛନ୍ତି। ମାତ୍ର ତାଙ୍କର ଗୁଣର ଆଦର କରୁଛି କିଏ? ସେମାନଙ୍କ ଅଭାବ ଅଛିରେ ଗୃହିଁଛି ବା କିଏ? ଯେଉଁ କେତେଜଣ ଧରାବନ୍ଧା artist ଅଛନ୍ତି, ସେମାନେ କଦାଚିତ chance ପାଆନ୍ତି। ଯେଉଁମାନେ 'Programme Executive' ଙ୍କର ବନ୍ଧୁ, ସେମାନେ ମଧ୍ୟ Regular Programme ପାଉଛନ୍ତି। ଓଡ଼ିଶାରେ ବେତାର କେନ୍ଦ୍ର ହୋଇ ଓଡ଼ିଆଙ୍କର ଦୁଃଖ କଣ ଘୁଞ୍ଚିଲା? ନିଶ୍ଚୟ, ବେତାର କେନ୍ଦ୍ରର ଚପରାଶି ମାନେ ଓଡ଼ିଆ। ଓଡ଼ିଆମାନେ କଣ କିରାଣି ଓ ଚପରାଶି କାମ ଛଡ଼ା ଅନ୍ୟ କିଛି କାମକୁ ଯୋଗ୍ୟ ନୁହନ୍ତି?

ତା ମଧ୍ୟ ଠିକ୍! ଯେଉଁ କେତେଜଣ ଓଡ଼ିଆ ବେତାର କେନ୍ଦ୍ରରେ ଚାକିରି କରନ୍ତି, ସେମାନେ ନିଜ ଗୁଣରେ ପ୍ରମାଣ କରିଦେଉଛନ୍ତି, ଯେ ଓଡ଼ିଆମାନେ ବଡ଼ ଚାକିରି ପାଇବାକୁ ଅଯୋଗ୍ୟ! Female artist ମାନଙ୍କ ପ୍ରତି ସେମାନଙ୍କର ବ୍ୟବହାର ବିଶେଷ ଅସନ୍ତୋଷଜନକ। Male artist ମାନଙ୍କର ବସିବାପାଇଁ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଗୃହର ବ୍ୟବସ୍ଥା ନାହିଁ। ଏଥି ନିମନ୍ତେ ବହୁତ Complain ହେଉଥିବାର ଜଣାଯାଏ। Programme Executive ମାନେ ଯାହା କରନ୍ତି, ସେଥିରେ ଯେ ବାଧା ଦିଏ, ତାର Programme ଚିରଦିନ ପାଇଁ ବନ୍ଦ ହୋଇଯାଏ। ଏ ସବୁ ଦେଖିବ ବିଚାର କାହିଁକି?

ଏ ସବୁର ଗନ୍ଧ Managenent ଜାଣନ୍ତି? ବନ୍ଧ ନାଟକ ଓ ସଙ୍ଗୀତ ବିଷୟ ଟିକିଏ ଆଲୋଚନା ହେଉ। କଟକ ବେତାର କେନ୍ଦ୍ରରୁ ପ୍ରତି ସୋମବାର ଦିନ ଗୋଟିଏ ନାଟିକା ପ୍ରଚାରିତ କରାଯାଏ। ନାଟିକା ପାଇଁ ସମୟ ଦିଆ ଯାଇଥାଏ, ଅଧଘଣ୍ଟା ବା ୪୫ ମିନିଟ୍। ନାଟିକା ଆଗରୁ ମଧ୍ୟ ରିହରସାଲ କରାଯାଇ ନ ଥାଏ। ମାତ୍ର Broadcast ବେଳେ ନାଟିକା ଶେଷ ନ ହେଉଣୁ ସମୟ ସମ୍ପୂର୍ଣ୍ଣ ହୋଇଯାଏ ଓ ନାଟିକା ଅଧା ରହିଯାଏ। ଏ ସବୁ କାହିଁକି ଘଟୁଛି? ସେହିପରି ଅନ୍ୟାନ୍ୟ ଶିଶୁସଂସାର ଓ କେତେକ କଥିକା ଇତ୍ୟାଦି ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଯାଉଛି। ସେ ସମୟତକ ବାଜେ ଗୀତ ବାଜା ରେକର୍ଡ ବଜାଇ engage କରିଯାଉଛି। ବେତାର ଜଗତରେ ସମୟ ଜ୍ଞାନ ସବୁଠାରୁ ବଡ଼ ଜିନିଷ। ଏଥିରେ ଯଦି ଏପରି ଅବହେଳା ଘଟେ, ତେବେ ଏଥିପାଇଁ ଦାୟୀ କିଏ? କଟକ ବେତାର କେନ୍ଦ୍ରରେ ଯେଉଁ ସବୁ ପଲ୍ଲୀଗୀତ ବା ଆଧୁନିକ, ଭଜନ ଇତ୍ୟାଦି, Broadcast କରାଯାଉଛି ସେ ସବୁ ଧରାବନ୍ଧା। ସେଇ ଗୋଟିଏ ଗୀତ ସେ କେତେଥର ଗାଆନ୍ତି ତାର ଠିକଣା ନାହିଁ। କାହିଁକି? ଓଡ଼ିଶାରେ କଣ କବିର ଅଭାବ ନା ଲେଖକର ଅଭାବ? ନୂଆ ନୂଆ

---

ଲେ—ହରିହର ପ୍ରସାଦ ମହାନ୍ତି

---

ଧରଣର ନାଟିକା ପାଇଁ କିଛି ଟଙ୍କା ଖର୍ଚ୍ଚକଲେ ବୋଧହୁଏ ଯଥେଷ୍ଟ ନୂଆଗୀତ ମିଳିବ। ଓଡ଼ିଆ କବି ସେଠି ଭେକଳରେ ଫିଙ୍ଗିହେଉଛି ତାର ଲେଖକ ଓ ତା ସାଙ୍ଗେ ସାଙ୍ଗେ ତାର ଲେଖା। ସେମାନଙ୍କୁ ଉତ୍ସାହିତ କରିବା କଣ ବେତାର କେନ୍ଦ୍ରର ଉଚିତ ନୁହେଁ କି? ଏତେ ଟଙ୍କା ଖର୍ଚ୍ଚ ହେଉଥିବା ସ୍ଥଳେ, ଏ ସାମାନ୍ୟ କାର୍ଯ୍ୟ ପାଇଁ କଣ ଟଙ୍କା ନାହିଁ।

ତା ଛଡ଼ା, ବେତାର କେନ୍ଦ୍ରରେ ଯେଉଁମାନେ ନାଟିକା ପରିଚାଳନା କରୁଛନ୍ତି, ସେମାନଙ୍କର 'ନାଟିକା' ବିଷୟରେ ଅଭିଜ୍ଞତା ବା ଜ୍ଞାନ ନାହିଁ ତେଣୁ ନାଟିକା ସବୁ ସଫଳ ଭାବରେ Broadcast କରି ଯାଇ ପାରୁ ନାହିଁ।

ବେତାର ହେଉଛି ପ୍ରଚାରର ଯନ୍ତ୍ର। ଶହ ଶହ ଖବର କାଗଜ ଯାହା କରି ନ ପାରିବେ ବେତାର ତାହା କରିପାରିବ। ତେଣୁ ବେତାରର ଦାୟିତ୍ୱ ଯଥେଷ୍ଟ ବେଶୀ। ଓଡ଼ିଶାରେ ଯେଉଁଠି କି ପତ୍ର ପତ୍ରିକା ଖୁବ୍ କମ୍, ସେଠି ବେତାର କେନ୍ଦ୍ର ଯଦି ଏହି ପରି ଭାବରେ ଚାଳିତ ହୁଏ, ତେବେ ଦେଶର ମଙ୍ଗଳ ହେବା ଦୂରରେ ଥାଉ ବ୍ୟଭିଚାର ହିଁ ବୃଦ୍ଧି ପାଇବ! ତେଣୁ ଏ ସବୁର ଶୀଘ୍ର ପ୍ରତିକାର ନିମନ୍ତେ ଅଳ ରେଡ଼ିଓ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଉଛି।



Digitized by srujanika@gmail.com



ଜୟନ୍ତୀ,

ମୋତେ ଆଜ୍ଞା ଥିଲା ନିୟମିତ ଭାବେ ଚିଠି ଦେବାକୁ । ଗଲଥର ଗାଁରୁ ଆସିଲା ବେଳେ ଏଇ କଥାଟା ମୋର ବେଶ୍ ମନେ ଅଛି ।

ଅଥଚ ଏ ଯାଏ ତୋ' ପାଖକୁ ଖଣ୍ଡିଏ ହେଲେ ଚିଠି ଦେଇନାହିଁ । ତୁ ବଡ଼ ବିରକ୍ତ ହେଉଥିବୁ, ନା ? ମୋ' ନାଁରେ ମନେ ମନେ କେତେ କ'ଣ ଭାବି ସାଉଁରୁଣି ଯାଉଥିବୁ ଭିତରେ ।

ତୁ ଯାହା ଭାବ୍ । ନିଛକେ, ଏ ପର୍ଯ୍ୟନ୍ତ ଧୀର ସ୍ଥିର ହୋଇ କଲମ ଧରି ବସିବାର ଯୋଗ କେବେ ହୋଇ ନାହିଁ । ସଂସାରର ଅନେକ କଥା ଦେଖିଛି ଟିକିଏ ଫୁରସତ ପାଇଲେ ଗୋଟିଏ ନୂଆ ଜାଗାକୁ ଦଉଡ଼ି ଯାଇଛି, କିଛି ନୂଆ କଥା ଦେଖିବି ବୋଲି । ନୂଆ ଦୁନିଆ କୋଣରୁ ନୂଆ ଶହର ଭିତରୁ ମଣିଷକୁ ଦେଖି କିଛି ନୂଆ ଅନୁଭୂତି ପାଇବି ବୋଲି । ଅନେକ ଜାଗାରେ ଅନେକ କଥା ଦେଖିଛି, ଅନେକ ଲୋକଙ୍କୁ ଦେଖି ମନ ଝୁରି ଯାଇଛି, ଅନେକ ଧ୍ୱନି ଶୁଣି ନାନା ଭାବନାରେ ହୃଦୟ ଭିତରଟା କୁଣ୍ଢେଇ ମୋଡ଼ି ହୋଇ ଯାଇଛି । ଏଥର ତୋ' ପାଇଁ ଭଲକରି ଲମ୍ବା ଚିଠି ଟାଏ ଲେଖିବି ବୋଲି ଦୃଢ଼ ବାନ୍ଧିଲି । କିନ୍ତୁ ଫଳ ଫଳିଲା ଓଲଟା । ମନକୁ ନାନା ପ୍ରକାରେ ପାଚିଲା ପାଚିଲା କରି ଅଳସ କାଳ କାଟି କଲମ ନେଇ ଯେତେବେଳେ ଚିଠି ଆରମ୍ଭ କରିବାକୁ ଯାଉଛି, ଠିକ୍ ସେତିକି ବେଳେ ଅନ୍ତର ଭିତରୁ ଗୋଟାଏ ମହା ବିତୃଷ୍ଣାର ସ୍ରୋତ ଆସି ମୋର ସବୁ ଉଦ୍‌ଯୋଗ ପର୍ବ ଚୂର୍ଣ୍ଣ କରିଦେଉଛି । ମନର ଶତଧାନର ଏକାଗ୍ରତା ଭାଙ୍ଗି ଯାଉଛି, ସହସ୍ର ଘଟଣାକୁ ଗୁନ୍ଥେଇ ରଖିବାର ସୂତାଖିଅଟା ଛିଣ୍ଡି ଯାଉଛି ।

କେବେ କେବେ ହେଲେ । ସେଇ ଦଶା ହିଁ ମୋର ହୋଇଛି ।

ଦିନେ ମୁଁ ଭାବିଥିଲି, ଠିକ ତୋର ପରି । ବାପ ମା', ପରିବାର ଓ ଆତ୍ମୀୟ ସ୍ୱଜନର ସୀମା ଭିତରୁ ବାହାର ଯେତେବେଳେ ଖୁବ୍ ଖୁସି ହୋଇଥିଲି । ପୃଥିବୀରେ କେତେ ଲୋକ, କେତେ କଥା, କେତେ ଆଦର୍ଶ ? ଏଡ଼େ ବଡ଼ ପୃଥିବୀ ଭିତରେ ଜନ୍ମଲାଭ କରିପାରିଛି ବୋଲି ସେ ବୟସରେ ମୋର କିଶୋର ମନ କୁଣ୍ଢେଇ ମାଡ଼ି ହୋଇ ଯାଉଥିଲା । ଅଛି ଆନନ୍ଦର ଏଇ କଥା ଓ ମଣିଷର ମୁହଁରେ ଲୁହ ଖଣ୍ଡିକ ପରି ନଈକୁ ଉଛୁଳାଇ ଦେଉଥିଲା । ପଢ଼ୁଥିଲି ପଢ଼ିଲେ ଖୁବ ଆନନ୍ଦ ପାଉଥିଲି, ଠିକ କଲକଲ୍ଲୋଳର ଶିହରଣ ଉପରେ ନାଚିକୁ ଦେଇ ଝାମ୍ପି ଦେବାର ଆନନ୍ଦ !



ଶାନ୍ତିନିକେତନର ଏଇଆ ଛାତ୍ର ଓ ଛାତ୍ରୀ ବୃନ୍ଦ
କେବଳ ଚରମ ଉଦ୍ଦାଣରେ ଦଣ୍ଡାୟମାନ

କିଏ ଜାଣେ ? ସବୁ ଦିନର ଘଟଣା ଗୁଡ଼ାକୁ ଗୋଟି ଗୋଟି କରି ତୋ' ଆଗରେ ବଖାଣି ହେଉ ମୁଁ କି ଉପକାର କରିବ ? ଏଇସବୁ ଖେଳିଲା ଘଟଣାରୁ ମୁଁ ବା କି ଉପକାର ପାଉଛି ? ସେଇଥିବ ନାନା ଅଜୁ ନାନା ପ୍ରଶ୍ନ ମୋତେ ବ୍ୟାକୁଳ ବ୍ୟତିବ୍ୟସ୍ତ କରି ପକାଉଛି । ମନର ଭୁଷ୍ମାନି ଆରମ୍ଭ ହେଲେ, ସେ ଭୁଷ୍ମାନିକୁ ସମର୍ଥନ ଦେଇ ନାନା ଯୁକ୍ତି ଓ ନାନା ସନ୍ଦେହର ଅଭାବ ରହେ ନାହିଁ

ସେ ସବୁ ଆଉ ଭଲକରି ମନେ ନାହିଁ । କିଶୋର ଜୀବନର ନାନା କଥା ଆଜି ଉପନ୍ୟାସର ଗପ ପରି ଲାଗୁଛି । କେତେ ସହଜରେ ବିଶ୍ୱାସ କରି ପାରୁଥିଲି ବୋଲି ମାନ ପାଉଥିଲି, ସାରା ଦୁନିଆଟାକୁ ଆପଣାର କରିପାରୁଥିଲି !

ଜୀବନର ସେ ପର୍ଯ୍ୟାୟଟା ଆଉ ଅନେକ ଦୂରକୁ ଚାଲି ଯାଇଛି, ପ୍ରଥମ ଦେଖା, ପ୍ରଥମ ଶୁଣା ବା ପ୍ରଥମ ଅନୁଭବ କରିବାର ରୋମାଞ୍ଚକର ଉତ୍ତେଜନା ଆଉ ନାହିଁ । ଆଜି ଖାଲି ସବୁ



Digitized by srujanika@gmail.com

ଶୀତଳ; ସେଇ ଆଦରର ସମାଜ ଓ ସଂସାରକୁ ବାର ବାର ଖିଅ ଖିଅ କରି ଦେଖିବାକୁ ମନଭିତରୁ ଅନିଚ୍ଛା ଜାଗି ଉଠୁଛି ! ସେଇ ଅସମ୍ପୂର୍ଣ୍ଣ ମୂର୍ତ୍ତିଗୁଡ଼ା, ସେଇ ଅଦୃଶ୍ୟ ଆଦର୍ଶ, ସେଇ ପୁରୁଣା ସାମଗ୍ରୀ ଗୁଡ଼ାକ ଯେପରି ମନକୁ ଆଉ ତୃପ୍ତିକର ଖାଦ୍ୟ ଯୋଗାଇ ପାରୁ-ନାହିଁ ।

ଆଜି ଯେ ଯାହା ଦେଖିଛି, ତାହା ପଛରେ ଧାଉଁଛି, ଯାହାର ଆକର୍ଷଣରେ ମୁଗ୍ଧ ହୋଇଛି, ତାକୁ ଆଜି ମଞ୍ଚକୁ ଆଣି ପରଖି କରି ଦେଖୁଛି । କି ମାଟିଆ ରଙ୍ଗର ପୁରୁଣା ଚିତ୍ର ଗୁଡ଼ାକ । ବରଷ ବରଷ ଆଗରୁ ଟଙ୍ଗାହୋଇଥିଲା, ଏବେ ବି ସେଇଆ ପଡ଼ିରହିଛି । ମଝିରେ ମଝିରେ ଜଣେ ଜଣେ ଯାଦୁକର ଆସି ଖାଲି ଛାଞ୍ଚ ବଦଳେଇ ସମସ୍ତଙ୍କୁ ଚମକାଇ ଦେଇ ଯାଉଛନ୍ତି; ମନେ ହେଉଛି, ସତେ ଅବା ଯୁଗ ଲେଉଟି ଗଲା, କାଳଚକ୍ରର ଗୁହ୍ୟତ କଟିଗଲା । କିନ୍ତୁ ସଂସାର ଯେଉଁ ଥୋବରକୁ ସେଇ ଥୋବର ହୋଇ ପଡ଼ି ରହିଛି । ଖାଲି କଣଭଙ୍ଗା ମୋଡ଼ଭଙ୍ଗା ହେଉଛି ସିନା, କିନ୍ତୁ ସେଇ ପୁରୁଣା ମାଟି ଚହଟି ରହିଛି ।

ଏପାଏ ପଢ଼ି ତୁ ନିରାଶ ହୋଇ ସାରିଲୁଣି । କିଛି ଯଦି କହିଲଣି ନାହିଁ, ତେବେ ଏ ଚିଠିରେ ମୁଁ ତୋ ପାଖକୁ ଏତେ କଣିତା କରି ଲେଖୁଛି କାହିଁ ? ମନେ ମନେ ଭାରି ଚିଡ଼ି ଯାଉଣି, ନା ?

ଏତେ ଗୁଡ଼ାଏ ଅନାବଶ୍ୟକ କଥା ଯେ ତୋ' ପାଖକୁ ଲେଖୁଛି, ସେ କଥା ମୁଁ ଭଲ କରି ଜାଣେ । ତଥାପି ଲେଖୁଛି । କାହିଁକି ଜାଣୁ ? ଆଜିକାଲି ମଣିଷକୁ ସମସ୍ତେ ନିଶା ଖୁଆଇ ଗୁରୁପଦବୀ ଦଖଲାଇ ନେବାର ଚେଷ୍ଟା କରୁଛନ୍ତି । ସମାଜ-ସୁଧାରକର ନାଁରେ ଯେଉଁମାନେ ନୂଆ ନୂଆ କଥା କହି ଦେଇ ଯାଉଛନ୍ତି, ସେମାନେ ସମସ୍ତେ କୌଣସି ନା କୌଣସି କମିଟିର ସାହାଯ୍ୟ ନେଉଛନ୍ତି । ନାନା ସ୍ୱପ୍ନ ରଙ୍ଗର ପରିବେଶ ସୃଷ୍ଟି କରି, ନାନା ଦୂର ଅବାସ୍ତବ ଭବିଷ୍ୟତର ଉଜ୍ଜଳ କଳ୍ପିତ ମୂର୍ତ୍ତି ଲୋକ ସମକ୍ଷକୁ ଆଣି ଅଧିକାଂଶ ଲୋକ-ସୁଧାରକ କେବଳ ମଣିଷକୁ ନିଜ ପଛରେ ଦଉଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି । କିଏ ଜାତିକୁ ଦେବତା କରୁଛି, କିଏ ଦେଶକୁ ନେ ମାଆ ରୂପରେ ସଜାଉଛି, କିଏ ଶାସ୍ତ୍ର ପୁରାଣରୁ ଉପାଖ୍ୟାନ ଦେଉଛି । ସବୁ ଶତାବ୍ଦୀର ଇତିହାସରେ ଏଇ ଯାଦୁକର ଦେହସର ସବୁଦେଶରେ ଗୁଳ ଅସିଛି ।

ତା' ପଛରେ କାରଣ ଅଛି । ଏ ଏଇ କାରଖାନାର କାର୍ଯ୍ୟ ଯେମିତି ହେଉଛି ମଣିଷର ମନଭିତରେ । ଦୁଇ ରକମର ମଣିଷ ସମାଜକୁ ଚଳାଇ ପାରନ୍ତି, ସୃଷ୍ଟିକୁ ବଦଳାଇ ପାରନ୍ତି । ପ୍ରଥମ ରକମର ଲୋକଙ୍କ ଭିତରେ ପ୍ରଧାନ ଧର୍ମ ହେଉଛି ଅସ୍ଥିରତା, ଅସନ୍ତୋଷ ଓ ଅନ୍ୱେଷଣ; ସବୁ ଖାଲି 'ଅ' ଦେଇ ଆରମ୍ଭ । ସମାଜର କୌଣସି ଜିନିଷ ସେମାନେ ସହିପାରନ୍ତି ନାହିଁ । ସମାଜର ସମସ୍ତ ଅନ୍ୟାୟ ସେମାନଙ୍କୁ ଶାଣ ଛୁରୀ ପରି ସଦାସର୍ବଦା ଚୋଟ ମାରୁଥାଏ । ଏଇ ଅସ୍ଥିରତାର ବଶବର୍ତ୍ତୀ ହୋଇ ସେମାନେ ପଣ ନିଅନ୍ତି ସମାଜକୁ ବଦଳାଇବାକୁ । ନିଜର ଅସ୍ଥିରତା ପ୍ରଚୁର କରି ସେମାନେ ସହସ୍ର ହୃଦୟକୁ ଅସ୍ଥିର କରନ୍ତି—ଗୋଟାଏ ସୁନିଶ୍ଚିତ ଭବିଷ୍ୟତର ଲୋଭ ଦେଖାଇ ସେମାନେ ସାଧାରଣ ମଣିଷକୁ ଚଳଚଞ୍ଚଳ କରନ୍ତି । ସଭିଙ୍କର ଅସ୍ଥିରତାର ଆଘାତରେ ପୁରୁଣା ସ୍ଥିତିର ବନ୍ଧ ଭାଙ୍ଗିଯାଏ—ଲୋକ ମୁଖରେ ଗୁରୁଆଡ଼େ ଏଇ ବନ୍ଧ ଭାଙ୍ଗିବାର ଅସ୍ଥିର ଜୟନାଦ ଉଠେ ।

ଦ୍ୱିତୀୟ ଶ୍ରେଣୀର ସ୍ୱାର୍ଥପରକ ମଧ୍ୟ ସମାଜର ଅନ୍ୟାୟ ଦେଖି ଅସ୍ଥିର, ଅସନ୍ତୁଷ୍ଟ ଓ ଅଶ୍ୱସ୍ତ ହୁଅନ୍ତି କିନ୍ତୁ ଏଇ ଅସ୍ଥିରତା ଅନ୍ତର ଗାଢ଼ହୋଇ ଆତ୍ମପ୍ରକାଶ କରେ ସେମାନଙ୍କର ସାଧନାରେ । ଖାଲି ପୁରୁଣାସ୍ଥିତିକୁ ବଦଳାଇବାକୁ ନୁହେଁ, ତା' ଜାଗାରେ ନୂତନ ସ୍ଥିତି ସୃଷ୍ଟି କରିବାକୁ ମଧ୍ୟ ସେମାନେ ପଣ କରି ବସନ୍ତି । ଅତୀତ ଓ ବର୍ତ୍ତମାନର ସୀମାଟେଇଁ ସେମାନଙ୍କର ଦୃଷ୍ଟି ଭବିଷ୍ୟତ ଉପରେ ମଧ୍ୟ ପ୍ରତିଫଳିତ ହୁଏ । ବାଲିଚରର ତରଙ୍ଗ—ବିକ୍ଷୋଭକୁ ସାଗରବକ୍ଷର ପ୍ରଶାନ୍ତ ପୃଷ୍ଠଭୂମିରେ ପୂର୍ଣ୍ଣ କରି ଦେଖିବାକୁ ସେମାନେ କେବେ-କେବେ ଭୁଲନ୍ତି ନାହିଁ । ଏଇ ପୂର୍ଣ୍ଣ କଳ୍ପନାର ରୂପ ସେମାନେ ମଣିଷସମାଜରେ ପ୍ରଚାର କରନ୍ତି, ବାସ୍ତବ ଓ ପ୍ରକୃତ ବାଣୀ ଦେଇ ସେମାନେ ମଣିଷର ବଡ଼ଗୁଣଗୁଡ଼ିକୁ ଉଦ୍‌ବୁଦ୍ଧ କରନ୍ତି । ମଣିଷକୁ ଖାଲି ନିଜପଛରେ ଦଉଡ଼ାଇ ନେବାକୁ ନୁହେଁ, ମାତ୍ର ନିଜ ସାଙ୍ଗରେ ସାଥୀ-ସୈନିକ ଭାବରେ ପ୍ରତ୍ୟେକକୁ ଶକ୍ତ କରି ଗଢ଼ିବା ସେମାନଙ୍କର ଲକ୍ଷ୍ୟ ଥାଏ । ଖାଲି ଲୋକନେତା ନୁହଁଇ ସେମାନେ ଲୋକପ୍ରତିନିଧି ହୁଅନ୍ତି ।

ଗୋଟାଏ ଅତିସରଳ ଉଦାହରଣ ଦେଲେ କଥାଟା ସହଜ ହୋଇଯିବ । ଗୋଟାଏ ଦେଶରେ ସ୍ୱାଧୀନତାଲାଗି ଯୁଦ୍ଧ ଚାଲିଛି । ନେତାମାନେ ଚରମ ସଂଗ୍ରାମପାଇଁ ପ୍ରସ୍ତୁତ କରି ଚାଲିଛନ୍ତି । ଦେଶକୁ ବାପ ବା ମାଆର ଆସନରେ ବସା ହୋଇଛି; ଦେଶର ପତାକା, ଦେଶର ସମ୍ମାନ, ଦେଶର ଅଶ୍ରୁଜଳ ଦୁହାଇ ଦିଆ ହୋଇ ଅଗଣନ ମଣିଷର ମନକୁ ଟାଣି-ଆଣିବାର ଚେଷ୍ଟା କରାଯାଉଛି । ନେତା ଭାବୁଛି, ଯେ କୌଣସି ପ୍ରକାରେ ଲୋକମାନଙ୍କୁ ଏଇ ସଂଗ୍ରାମପ୍ରତି ଆକୃଷ୍ଟ କରିବାକୁ ହେବ; ନାୟକ ଭାବୁଛି, ଯେନ ପ୍ରକାରେଣ ବହୁ-ସଂଖ୍ୟକ ଲୋକଙ୍କୁ ତା'ର ଶିବିରକୁ ଆଣିବାକୁ ହେବ । ସତେ ଅବା ଦେଶ ଓ ଦଶର ସ୍ୱାଧୀନତା କେବଳ ତା'ର, ଦେଶର ଉଦ୍ଧାର ପାଇ ଯେମିତି କେବଳ ତା'ର ମୁଣ୍ଡ ବନ୍ଧେଇଲେ ଦେଖାହେବାର ହୋଇଯିବ ।

ସଂଖ୍ୟାଖୋଜ ବସିଲେ କେବେହେଲେ ମଣିଷର ଅଭାବ ହୁଏ ନାହିଁ । ଧର୍ମ ଓ ଦେଶ-ସେବାର ନାନା ଧୂର୍ତ୍ତ ବିଜ୍ଞାପନ କରି ମଣିଷ ଟାଣିବାକୁ ବେଶୀବେଳ ଲାଗେନାହିଁ । ସବୁଦେଶର ଇତିହାସରେ ଏହାର ଭୂରି ପ୍ରମାଣ ମିଳିବ । ସୁଅ ଛୁଟିଛି, ନେତାମାନେ ଦିବ୍ୟ ସାଧନା (?) କରି ପଥରର ଗୁମ୍ଫା ଫୁଟାଇ ଗଙ୍ଗାକୁ ଆଣି ସାରିଛନ୍ତି, କେବଳ ସେଇ ସୁଅକୁ ଡେଇଁ ପଡ଼ିଲେ ମୁକ୍ତ ହୋଇଯିବ, ଦେଶ ଦଶ ଓ ଜୀବନ ଧନ୍ୟ ହୋଇଯିବ । ଏଇ ସହଜ ପ୍ରଚାରର ପ୍ରଲୋଭନରେ ଯୁଗେ ଯୁଗେ ମଣିଷ ଭୁଲିଛି ଓ ସୁଅଭିତରକୁ ଅଖି-ବୁଜିଆ ଡେଇଁ ପଡ଼ିଛି । ଫଳରେ କୁଟାଖଣ୍ଡେ ପରି ଖାଲି ସେ ଭାସି ଚାଲିଛି ତା' ପରି ବଡ଼ ମୁଣ୍ଡମାନେ ରାସ୍ତା କରି ଦେଉଛନ୍ତି, ସେ ସେଇ ରାସ୍ତାରେ ଗଡ଼ିବାରେ ଲାଗିଛି । ଶେଷରେ ଚଲା ହୋଇ ଦେଶରେ ମୁକ୍ତି ଆସିଛି, ସିନ୍ଦୁକର ବନ୍ଦ ହୋଇ ଅନ୍ଧାରରେ ଅଳ୍ପ ଅସିଛି; ଦେଶର ମଣିଷ ଏଇ ମୁକ୍ତି ଓ ଅଳ୍ପଅର ସୁଅରେ ଝାସଦେଇ ଯୁଗେ ଯୁଗେ ଖାଲି ବାଉଳା ହୋଇ ଯାଉଛି ।

(କ୍ରମଶଃ)



Digitized by srujanika@gmail.com

# ଯିବିନି ଆଉ ଏକା।

ଲେ—ଶ୍ରୀ ଶିବବ୍ରତ ଦାସ

ଅସ୍ତ ଚଳି ସୁନା ଫୁଲ ଗୋ
 ଗଡ଼ି ଗଲଣି ବେଳ।
ପଶ୍ଚିମ ନଭୋଭାଗେ ମେଲିଲଣି
 ସୁନେଲି ରଙ୍ଗ ଖେଳ
ଅନ୍ଧାର କାହୁଁ ଆସିବ ଧାଇଁ
ଆସ ବା ଚାଲ ଘର ଯାଇଁ
ସୁନା ଝିଅଟି କଳସୀ କାଖେ
 ସଅଳ ତୋଳ ନେଲ। ୧।

ମନ୍ଦିମ କେତେ ନେତ୍ରସ ଦେବ
 ଶୁଣାଉ ଏବେ ଶୁଣ,
ଛଟିକ କେତେ ହାଙ୍କିଚ ସତେ
 ଝଟକୁଅଛୁ ଗୁଣ ?

ଟାପରା ଥାଉ କାଇଁକି କର
ଗୃହମ ବେଗ ସଙ୍ଗୀ ମୋର
ସ୍ୱଣ ଭ୍ରମର ଶୁଣିବକଏ
 ହୁମ ହିଲେ ଭୁନ। ୨।

ତାଙ୍କର ପାଇଁ, କହୁଚ ସିନା
 କହେନା ଆଉ ଥରେ।
ସେଦିନ ଯାଇଁ ଘର ପାଇଁକି
 ହେଲି ଯା ହରି ହଟା।

ସରମେ ମୋର ଅଧର ସହି
ମରମ ପରେ ଗଲ ଗୋ କହି
କରମେ ଥିଲି ତାଙ୍କର ଆଗେ
 ଲୁଗାରେ ଲାଗେ କଣ୍ଟା।

ସେଦିନ ଏକା ଆଗରୁ ମୁଁ ଗୋ
 ନୁଛିକି ଚଲ ଗଲି।
ଗୋଟିଏ କେହି ନ ଥିଲେ ତହିଁ
 ଭୁଟକି ଥିଲି ଖାଲି।

କଳସ ମୋର ପୂରାଇ ଜଳେ
ଘାଟରୁ ଉଠି ଆସିବା ବେଳେ
ପଛରୁ କାଏ ଡାକିଲ ଟିଏ
 ଉଡ଼ିଲି ଲୁଗା କାନି। ୪।

ଚକିତେ ଦେଖି ପଛକୁ ଚାହିଁ
 ଚମକି ଗଲି ସତେ
ଦେଖିଲି ଯେବେ ଭରା ନୟନେ
 ଅନାଇ ଚାହିଁ ମୋତେ।

କଳସୀ ତାଙ୍କ ଥିଲା ଗୋ କାଖେ
କହିଥିଲ ମୋ କାନ ଭିତରେ
କେମିତି ଆଉ ଜାଣିବ ତାକୁ
 ଭାବ ପଡ଼ିଲ ମୋଟେ। ୫।

ଆସିଲେ ଉଠି ବସିବା ଥାନୁ
 ତୋଳି ନେଲେ ସେ ଗାଗରୀ
ଯତନ ଭରେ ଆପଣା କରେ
 କାନ୍ଧ ଦେଲେ କାଢ଼ି।

ନୟନ ମୁଦି ବଦନ ମୋଡ଼ି
ପଣତେ ଢାଙ୍କି ନାସାର ମୋତି
ରହିଲି ଥିଏ ନିକଟେ ମୋର
 ଜୀବନ ଚଲି ଛାଡ଼ି। ୬।

ଖାଉଚ ରାଣ ଏକେଲି ଜାଣ
 ପିବନା କେବେ ଆଉ।
କଳସୀ ଭରି ନଦୀର ନୀରେ
 ଆଣିବା ମଞ୍ଚ ଥାଉ।

ଅସ୍ତ ଯେବେ ମୋ ସୁନା ଫୁଲ
ହୁଅନ୍ତି ନାହିଁ ନଭରେ ନାଲି
ଗାଗରୀକୁ ଆସି ଓହ୍ଲାଇ ନେଲ
 ଅଜଣା ହାତ କାହୁଁ।

# ଉତ୍ତର

ଲେ—ଶ୍ରୀ ବିନୋଦ ରାଉତରାୟ

[ ଲେଖିକା କୁମାରୀ ଶକୁନ୍ତଳା, ପ୍ରଭୃତିଙ୍କ 'ମଞ୍ଜରୀ' କବିତା ଚୟନର "କାହିଁକି" କବିତାର ଉତ୍ତରରେ... ]

କହଣି ଆଜି, ସୃଷ୍ଟି ପରେ ଦୃଷ୍ଟି ତୁମ ଥୋଇ
ବ୍ୟଥିତା ସତେ, ଧରଣୀ ପଥ ଅଶ୍ରୁଜଳେ ଧୋଇ ?
ବ୍ୟଥିତା ସତେ, ମଣିଷ ପାଇଁ ବ୍ୟଥିତା ସତେ ତୁମେ,
ଅନ୍ତରକୁ ଚାହାଁ ତୁମ ଜୀବ, ଦୁଃଖ ଧୂମେ ??
ସେଇଥିପାଇଁ ପଶୁସୃଷ୍ଟି ମଣିଷ ଜାଉ ଅଛେ;
ସରଳା ଧାଣା, କେବେ ତୁମ କଳ୍ପନା କଣ ଜାଗେ !
କମ୍ର ରୂପେ ନମ୍ର ହାତ ରଖି ଗୋ ଭବ ସାଥୀ,
ଦୁର୍ବହ ବେଦନା ଲାଗି ପ୍ରତିଜ୍ଞାର ଛାତି !
ଜନମ ଦିନୁ କାନ୍ଦେ ନର; ଜୀବନ ସଙ୍ଗୀ ହାଅ,
ଝର ପଡ଼ଇ ଅଶ୍ରୁ କଣା—କାହିଁ ସୁଖର ସନ୍ଧା ?
ପୃଥ୍ୱୀଙ୍କର ବୈଷ୍ଣବ ନ ଅଙ୍ଗରେ ଡାର ଟାଣି,
ତନ୍ତ୍ର ଏହି ଜୀବନ ପଥେ ଝଙ୍କାରପାଏ ଅଣି !
ଜୀବନ ଖାଲି ଛନ୍ଦ କାହିଁ ଦୁଃଖପୁରୁ ଝରେ,
ଛନ୍ଦତାରେ ମଣିଷ ଜାଏ ଜୀବନ ପଥ ଧାରେ।
ହସିବା ସତ୍ୟ, କାହିଁ ଆଖିର—ଲୁହର ବାଜିଗ୍ରାର;
କହିବାରେ ଜନମ ନର, ଗତରେ ଲୁହ ଛି !!!
କାହା ତୁମେ କହଣୀ ଅଛେ, ଏଦାନ ଛନ୍ଦ ସାଥେ;
"କଙ୍କାଳର" ଲୁହରେ ଦେଖ ଅଶ୍ରୁ ନଦୀ ମାତେ।
ଚଳାଇଦିଅ ପୃଥ୍ୱୀ ପରେ ଲହର ବନ୍ୟା ଘାଟେ,
ନୂତନ ସୃଷ୍ଟି କରୁ ସେ ଆଣି ନବ ଜୀବନ ଗ୍ରତେ।
କଳ୍ପନାର କୁଳଟୁଁ ଆସି ପଦେ ଫେରି;
କରୁଚ କାହିଁ କହଣୀ ଅଛେ, କରୁଚ କାହିଁ ଦେରି ???

* ପୃଷ୍ଠେନଃ—"କଙ୍କାଳର ଲୁହ"—ଏହା କବିଙ୍କର ଅମର କାବ୍ୟ !



## ନାଗଙ୍କ ପ୍ରଶ୍ନ

ମାନସ (୧୦୭୫)— ବର୍ତ୍ତମାନ ଭାରତରେ ନୂଆ କଣ ଐତିହାସିକ କାଏ ?

ଶୈଳେନ୍ଦ୍ର (?)—ଚନ୍ଦ୍ରଙ୍କୁ ଦଜସୀ ଓ ବଧଙ୍କୁ ମାମୁଁ କହନ୍ତି କାହିଁକି ?

ଗୋବିନ୍ଦ (୧୨୨୪) ପୃଥିବୀର ପ୍ରଥମ କବି ଓ କାବ୍ୟ କିଏ ? ତାହା କେତେ ଖ୍ରୀଷ୍ଟାବ୍ଦର କଥା ?

ଦୟାନିଧି [?] ପର୍ବତ ଦୂରରୁ ସୁନ୍ଦର ଦିଶେ କାହିଁକି ?

ସୋମନାଥ [?] ଇନ୍ଦ୍ରଧନୁ କଣ ଓ ତାହା କିପରି ଆକାଶରେ ଦୃଷ୍ଟିଗୋଚର ହୁଏ ?

ବିଶ୍ୱନାଥ (୧୦୦୮) ଓଡ଼ିଶାରେ ସର୍ବମୋଟ କେତେଟି ପତ୍ରିକା ପ୍ରକାଶିତ ହୁଏ ?

ସତ୍ୟେନକାନ୍ତ [ ୧୧୧୫ ] ବିଷୁବରେଖା ଉପରେ ଦିନରାତି ସମାନ ହୁଏ କାହିଁକି ?

## ଅବସର ବିନୋଦନ ୩୩

[ସାନ ନାଗଙ୍କ ପାଇଁ]

ଏପରି ଗୋଟିଏ ସଂଖ୍ୟା ବାହାର କର ତହିଁରେ ୨ ଯୋଗ କର, ୨ ବିୟୋଗ କରି ଓ ୨ ଦ୍ୱାରା ଗୁଣନ କର ୨ ଦ୍ୱାରା ହରଣ କର ୭ ଯୋଗ କଲେ ବାଉନ (୫୨) ହେବ।— ସେ ସଂଖ୍ୟାଟି କେତେ ?—ସତ୍ୟେନ ।

## ଅବସର ବିନୋଦନ ୩୪

[ ବଡ଼ ନାଗଙ୍କ ପାଇଁ ]

୧
N

୨ ୩ ୪
E S E

୫ ୬ ୭ ୮ ୯
L S S S S

୧୦ ୧୧ ୧୨
E S E

୧୩
N

ଉପରେ ଦିଆଯାଇଥିବା ଅନାବନା ଇଂରେଜୀ ଅକ୍ଷର ଗୁଡ଼ିକୁ ସଜାଇ ଦେଲେ— Seuselessness ଶବ୍ଦ ହେବ। ମଝି S (୭) ଠାରୁ ପଢ଼ି ଆରମ୍ଭ କର ତା ପରେ e n s ଅଧ ସ୍ଥାନକୁ ଗାର ଟାଣି ଏହି ଶବ୍ଦ ପୁରା ପୂର୍ଣ୍ଣ ଉଚ୍ଚାରଣ କରି ୮ ଘରେ ଶେଷ କରନ୍ତୁ। କିନ୍ତୁ ଏହି ଗାର ଟାଣିବାରେ ମଝିରେ ଗୋଟିଏ ଅକ୍ଷରକୁ ବାଦ ଦେଇ ଦେବେ ନାହିଁ ଅର୍ଥାତ୍ ଲଗି ଲଗି ଗାର ଟାଣିବେ ଏବଂ କୌଣସି ଅକ୍ଷରରେ ଦୁଇଥର ଗାର ଟାଣିବେ ନାହିଁ ।

## ଅଜାଙ୍କ ଉତ୍ତର

ମୋହନ [ ୧୨୧୪ ] ଓଡ଼ିଆ ଏବଂ ବଙ୍ଗଳା ଭାଷା ଭିତରେ ଓଡ଼ିଆ ଅଧିକ ପୁରୁଣା। ଅଧୁନିକ ଲୋକ। ଭାଷାର ଜନ୍ମ ଖୁବ୍ ବେଶୀ ଦିନର ନୁହେ ।

ଜଗଦୀଶ [୧୨୬୭, ୯] ଓଡ଼ିଶାର ସର୍ବଶ୍ରେଷ୍ଠ ନାଟକ ଲେଖକ ଅଶ୍ୱିନୀକୁମାର ।

ଗୌରୀଶଙ୍କର (?)—ପରୀକ୍ଷା ନଦେବା ପାଇଁ ଧର୍ମଘଟ କରିବା ଅତି ପିଲାଳି ଏବଂ ଅନ୍ୟାୟ କଥା ।

ମାନସ [୧୦୭୫] ରେଡ଼ିଓରେ ଗୀତ ଖୋଲିବା ଲୋକେ ପଇସା ପାଇବାର କଥା। ଯଦି ରେଡ଼ିଓ ମାଲିକ ନ ଦିଅନ୍ତି ତେବେ ଶପଥ ଖାଉଛନ୍ତି। ଏ ବିଷୟ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କର।

## ନୂଆ ନାଗଙ୍କ ନାମ

୧୨୫୨ ଚନ୍ଦ୍ରମୋହନ ମହାନ୍ତି ନଦିଙ୍ଗା ପୋଡ, ପୋଃ ଯଶିପୁର ମୟୂରଭଞ୍ଜ। ୧୨୫୩ ଜନାର୍ଦ୍ଦନ ଚରଣ ମହାନ୍ତି C/O ଦେବେନ୍ଦ୍ରନାଥ ମହାନ୍ତି ରାଜଗିରିପୁର ପୋଃ ସୋରୋ— ବାଲେଶ୍ୱର। ୧୨୫୪ ଉତ୍ପଳକୁମାର ଦାସ ୨ୟ ବାର୍ଷିକ ବିଜ୍ଞାନ, ଷ୍ଟୁଆର୍ଟ କଲେଜ।

# ବାଜୀରାଉତର ଜନ୍ମ ।

ଲେଖକ—ଶ୍ରୀ ମୋହନ ମୁରାରି ବାରିକ

ଗୁର୍ଖା ସଇନ୍ୟ ଗର୍ଜି କହଇ—"ଶୁଣରେ ବଞ୍ଚିତ ପୁଅ,
"ରାଜାର ଆଦେଶ-ନାଆ ବାହି ତୋର ନଈ ପାର କର ଦିଅ ।
"ପୁରେ ପୁରେ ଆଜ ବଢ଼ୁ ଅଛି-ନିଆଁ ବିଦ୍ରୋହୀ କୁଳ ଜାଳେ,
"ଦେଶ ପ୍ରେମ ଆଜ ଛନ୍ଦଇ ଦେବୁରେ-ରକ୍ତିଲ-ତରବାରେ ।"
ବାର ବରଷର ବାଳକ ଶିଶୁଟି ହସିଲା ଖଟ୍‌ଏତଟେ,
ଫେର୍ ଭୟେ ସେ ଯେ ଉତ୍ତର କରେ ବଦନେ ତା ହସ ଫୁଟେ ।
"ପ୍ରଜାମଣ୍ଡଳ ଅନୁମତି ନାହିଁ ରାଜାର ସୈନ୍ୟ ପାଇଁ—
"କେମନ୍ତେ କହ ମୁଁ ତାହା ନ ମାନିଏ ପାରି କରିଦେବି ନାଇ ?"
"ତୋଠାରୁ ମୋର ପ୍ରଜାମଣ୍ଡଳ କେଉଁ ଦିନ ହେଲା ବଡ଼ ?"
କହନ୍ତି ପାଇକେ "ପାଇକର ଅବା ମରଣ ବରଣ କର ।"
"ମରିବ ଚଳେ ମୁଁ ଡରିବ ନାହିଁ ସେ ବନ୍ଧୁକ ମୁନେ ତବ,
"ମରଣେ ମୋହର ଚିର ଶାନ୍ତି ହେ ମରଣ ମୋହର ଜୀବ ।"
"ଯେଉଁ ସଇନ୍ୟରେ କଥା କହିବାକୁ ବନ୍ଦ ହୋଇଛି ପାଟି,
"ଯେଉଁ ସଇନ୍ୟରେ ସତ୍ୟ କଥା କହି ମୁଣ୍ଡ ପଡ଼ୁଛି କାଟି ।
"ମଣିଷର ଶିଶୁ ଯେଉଁ ସଇନ୍ୟରେ ହୁଏ ପଶୁଠାରୁ ହୀନ,
"ସେହି ସଇନ୍ୟରେ ମଣିଷ ଥିଲେ । ସବୁ ଦିନ ହେ ସମାନ ।

"ଯେଉଁ ସଇନ୍ୟରେ ରକ୍ଷକ ହୁଏ ଭକ୍ଷକ ଅବତାର,
"ସେହି ସଇନ୍ୟର ପତନ ଚାହେଁଟି ଶିକ୍ଷା କୃତଜ୍ଞ ଛାର ।
"ବନ୍ଧୁକ ମୁନେ ଡରିବ ନାହିଁ ହେ—ଲାଠି ଗୋଳେ ନାହିଁ ଡର
"ଉମର ସମାନ ରଜା ଘୋଡ଼ା ସୃଷ୍ଟି ହେବନ କୁହୁର ତାର ।
"ପ୍ରଜାମଣ୍ଡଳ ଜୟ ହେଉ ମୋର—ଭାରତ ଜନନୀ ଜୟ,
"ଏ ନର ପିଶାଚେ ଧ୍ୱଂସ ହୁଅ ହେ ହେଉ ହେ ଦର୍ପ କ୍ଷୟ ।"
ଚମକି ଉଠିଲା ଗୁର୍ଖା ସଇନ୍ୟ ବାଳକର ବାଣୀ ଶୁଣି,
କ୍ରୋଧ ଉନ୍ମତ୍ତ ବନ୍ଧୁକ ଯେମନ ଗର୍ଜ୍ଜି ଉଠିଲା ପୁଣି—
"ବୁଝରେ ତୋର ଅପମାନନାର ଯେମନରେ ଜଟିଳ ଫଳ !"
ଗୁଡୁମ୍ ଗୁଡୁମ୍ ଗର୍ଜ୍ଜି ଉଠିଲା ବନ୍ଧୁକ ମହାବଳ ।
ଭାରତର ଜୟ ମୁଖେ ଉଚ୍ଚାରି କ୍ଷଣକ ଭିତରେ ତହିଁ,
ମଣିଷ ଶିଶୁ ଏ ଓଳଟି ପଡ଼ିଲା ଭୂମିରେ ଧୂଳିଅଁ ଗୁହଁ ।
ମୂର୍ଚ୍ଛି ପଡ଼ିଲା ଅଷ୍ଟଦିଗ କହିଲା ଏ ଟଳି ମଞ୍ଚ,
ଅଷ୍ଟ ଦଣ୍ଡେ କିଏ ସ୍ୱଚ୍ଛ ଗମ୍ଭୀରେ କହିଲା ଗଗନ ଚିର—
"ସ୍ୱର୍ଗ ନାଇଁ ସେ ପରେ—ମଣିଷ ନାହିଁ ହେ ଧର୍ମର ନାହିଁ କ୍ଷୟ,
"ଏ ପାପ ଦିନରେ ଲୋପ ହେବ ଗାଇ ବାଜୀରାଉତର ଜୟ ।"

Digitized by srujanika@gmail.com

# ଚିଠି

ସମ୍ପାଦକ, "ଝଗଡ଼", ମହାଶୟ,

ଗତ ତା୨୭ରିଖ ରବିବାର 'ଆନନ୍ଦ-ବଜାର ପତ୍ରିକା'ର ସମ୍ପାଦକୀୟ ସ୍ତମ୍ଭରେ ଦେଖିଲି, 'ଅପ୍ରଜାଜ୍ଞପା' ଶିରୋନାମାରେ ସମ୍ପାଦକ ମହାଶୟ ଆସାମର ଗଭର୍ଣ୍ଣରଙ୍କ ଶ୍ରୀଯୁକ୍ତ ଶ୍ରୀପ୍ରକାଶଙ୍କର ସମ୍ପ୍ରତି ଶିଲଂରେ ୦ରେ ବଙ୍ଗାଳୀମାନଙ୍କ ସମ୍ବନ୍ଧରେ ଯେ କେତୋଟି କଥା କହିଛନ୍ତି, ତାହା ଉପରେ ବଙ୍ଗ ବଙ୍ଗାଳୀ ଓ ଅବଙ୍ଗାଳୀ ଉଭୟ ସମାଜର ବିଶେଷ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି, "ଅବଙ୍ଗାଳୀ ମାନଙ୍କର କାହିଁକି ବିଶେଷ ଦୃଷ୍ଟି ଆକୃଷ୍ଟ ହେବା ଉଚିତ, ତାହା ପ୍ରଥମରେ ଉଲ୍ଲେଖ କରାଯାଇଛି।" ଶ୍ରୀପ୍ରକାଶ ବଙ୍ଗାଳୀଙ୍କ ବୃତ୍ତିକୁ ତାରିଫ କରି ଯେଉଁ ଭାଷଣ ଦେଇଛନ୍ତି, ତାହା ତାଙ୍କ ଗ୍ରୀକ୍‌ର ଅମ୍ଳ ବଡ଼ମା ସଙ୍ଗେ ସଙ୍ଗେ ପଡ଼ୋଶୀ ରାଜ୍ୟଗୁଡ଼ିକୁ (ପ୍ରଦେଶ) ନନ୍ଦାଭାଗୀ କରିବାର ଚେଷ୍ଟା କରିଛନ୍ତି।

ଶ୍ରୀପ୍ରକାଶ କହିଛନ୍ତି, "ଆସାମର ଉନ୍ନତି ପାଇଁ ବଙ୍ଗାଳୀଙ୍କ ଦାନ ପ୍ରଚୁର, କିନ୍ତୁ ସେମାନେ ଏବେ ଆସାମରେ ବିଦେଶୀ ରୂପରେ ଗଣ୍ୟ।" ସମ୍ପାଦକ ଅନ୍ୟକୁ ଦେଖାଇ ଦେବା ପାଇଁ ଲେଖିଛନ୍ତି, "ଆସାମ ଗଭର୍ଣ୍ଣରଙ୍କର ଏହି ଉକ୍ତି ଏବଂ ସେ ବଙ୍ଗାଳୀ ନୁହନ୍ତି, ଏହି କଥା ମନେ ରଖିବାକୁ ହେବ।" ଶ୍ରୀପ୍ରକାଶ କହିଛନ୍ତି, ବଙ୍ଗାଳୀଙ୍କର ଧୀଶକ୍ତି ଏବଂ ପ୍ରତିଭାକୁ ମୁଁ ପ୍ରଶଂସା କରେ। କିନ୍ତୁ ଏହା ଦେଖି ମୁଁ ଅତ୍ୟନ୍ତ ବେଦନା ବୋଧ କରୁଛି ଯେ, ବଙ୍ଗାଳୀମାନେ ଖାଲି ଆସାମ ନୁହେଁ— ବିହାର, ଓଡ଼ିଶା ଓ ଯୁକ୍ତପ୍ରଦେଶରେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।" ସମ୍ପାଦକ ମନ୍ତବ୍ୟ କରିଛନ୍ତି, "ବଙ୍ଗାଳୀମାନଙ୍କ ସମ୍ବନ୍ଧେ ଭାରତବର୍ଷରେ ଏହି ଗୁରୁତ୍ୱ ପ୍ରଦେଶରେ କାହିଁକି ଏପରି ବିରୁଦ୍ଧ ମନୋଭାବ, ପ୍ରଦେଶରେ କାହିଁକି ଏପରି ବିରୁଦ୍ଧ ମନୋଭାବ, ଏ ପ୍ରଶ୍ନର ଉତ୍ତର ଶ୍ରୀପ୍ରକାଶ ଦେଇନାହାନ୍ତି। ଏ ପ୍ରଶ୍ନର ଅଥବା ଗୁରୁତ୍ୱପୂର୍ଣ୍ଣ ସୁତରାଂ ଏ ପ୍ରଶ୍ନର ଅଥବା ଗୁରୁତ୍ୱପୂର୍ଣ୍ଣ ଅଭିଯୋଗର ଉତ୍ତର ଆସାମ, ଓଡ଼ିଶା, ବିହାର ଓ ଯୁକ୍ତପ୍ରଦେଶକୁହିଁ ଦେବାକୁ ହେବ।" ମୁଁ କହେଁ, ଏହାର ଉତ୍ତର ବଙ୍ଗାଳୀମାନେ ନିଜେ। ତାଙ୍କର ଅସ୍ପୃଶ୍ୟତା, ପରଶ୍ରୀ କାତରତା, ଅନ୍ୟମାନଙ୍କ ପ୍ରତି ଈର୍ଷା ଓ ହେୟଜ୍ଞାନ ହିଁ ଅନ୍ୟମାନଙ୍କଠାରେ ତାଙ୍କୁ ବିଦେଶୀ ବୋଲି ପ୍ରତିପନ୍ନ କରିଛି। ଏ ବିଶେଷତ୍ୱ ଗୁଡ଼ିକୁ ଢାଙ୍କି ରଖି ସମ୍ପାଦକ ଅପ୍ରଜାଜ୍ଞପା ଦେଖୁଛନ୍ତି ଯେ, "ବଙ୍ଗାଳୀ ଚରିତ୍ରର ଯେ ଗୋଟିଏ ସ୍ୱାତନ୍ତ୍ର୍ୟ ରହିଛି, ଏବଂ ତାହା ବ୍ୟବହାରରେ ଏପରି ଗୋଟିଏ ମୂର୍ତ୍ତି ଗ୍ରହଣ କରିଛି ଯେ, ଭିନ୍ନ ପ୍ରଦେଶ ସହିତ ତାହା ନିବିଡ଼ ଆତ୍ମୀୟ ବନ୍ଧନ ପଥରେ ଅନ୍ତରାୟ ହୋଇ ଛିଡ଼ା ହୋଇଛି।" ପୁନି ସମ୍ପାଦକ ଭୁଲିଯାଇଛନ୍ତି ଯେ ବ୍ରିଟିଶ ଜାତି ଓ ଇଂରାଜୀ ଶିକ୍ଷା ଭାରତକୁ ବିଶେଷତଃ ବଙ୍ଗଳାକୁ ସବୁ ଦିଗରେ ଉନ୍ନତ ସମୃଦ୍ଧିଶାଳୀ କରିଥିଲେ ମଧ୍ୟ ସେହି ବ୍ରିଟିଶ ଜାତି ଓ ଭାଷା ତାଙ୍କର ଅଧିପତ୍ୟ ଲୋପ ପାଇବା ସଙ୍ଗେ ସଙ୍ଗେ ଭାରତକୁ ତଥା ବଙ୍ଗଳାକୁ ଅନାଦୃତ ଓ ଅପସାରିତ ହେଉଛନ୍ତି। ଯେ ହେତୁ ସେମାନେ ସ୍ୱତନ୍ତ୍ର ଜାତି। ସେହିପରି ଭାରତର ପ୍ରତ୍ୟେକ ପ୍ରଦେଶ (ରାଷ୍ଟ୍ର) ନିଜ ନିଜ ଐତିହ୍ୟ ଓ ସଂସ୍କୃତିରେ ସ୍ୱୟଂଭାନ୍। କିନ୍ତୁ ବଙ୍ଗାଳୀ ସେହି ମନୋଭାବର (superiority complex) ରଖିଲେ— ଅନ୍ୟମାନେ କାହିଁକି ତାଙ୍କୁ ପର ନ ଭାବିବେ।

ଏ। ଡ ଧ୍ରୁ ବ. ସତ୍ୟ ଯେଁ ଭାରତର ଅବନତି ବେଳେ ବ୍ରିଟିଶ୍ ତା ଉପରେ ପ୍ରଭୁତ୍ୱ ଚଳାଇ ଆସିଛି, ତାର ଉନ୍ନତି ବେଳେ ସେ ଛାଡ଼ିଯିବାକୁ ବାଧ୍ୟ ହୋଇଛି।

ଯଦି ପ୍ରଶ୍ନ ହୁଏ, ଭାରତବର୍ଷରେ ସବୁ ପ୍ରଥମେ 'ବ୍ରିଟିଶ ହଟାଅ' କିଏ ଉଠାଇଥିଲା କହ? ଏହାର ଉତ୍ତର ବଙ୍ଗାଳୀ ଭାଇମାନେ ଦେବାକୁ ହୁଏତ କୁଣ୍ଠା ବୋଧ କରିବେ। ସେହି ବ୍ରିଟିଶ ବଳରେ ଯେଉଁ ପ୍ରଭୁତ୍ୱ ଚଳାଇ ଆସିଛନ୍ତି, ବର୍ତ୍ତମାନ ତାହା ବଜାୟ ରଖିବାକୁ ଚେଷ୍ଟା କଲେ କୁଆଡ଼ୁ ସମ୍ଭବ ହେବ!

ଶ୍ରୀଯୁକ୍ତ ଶ୍ରୀପ୍ରକାଶ ବଙ୍ଗାଳୀମାନଙ୍କୁ ପରାମର୍ଶ ଦେଇଛନ୍ତି, "ମୁଁ ସେମାନଙ୍କୁ ଖାଲି ଆସାମ ନୁହେଁ, ଅନ୍ୟାନ୍ୟ ପ୍ରଦେଶର ସ୍ଥାନୀୟ ଅଧିବାସୀମାନଙ୍କ ସହିତ ମିଶି ଏକ ହୋଇ ଯିବାକୁ ପରାମର୍ଶ ଦିଏଁ।" ଶ୍ରୀପ୍ରକାଶଙ୍କର ଏହି ପରାମର୍ଶକୁ ସମ୍ପାଦକ ଅଭିଯୋଗ ବୋଲି କହିଛନ୍ତି; ମାତ୍ର ସେହି କାହିଁକି, କହିଛନ୍ତି ଓ ଅଭିଯୋଗ ସତ ନାହିଁ, ତାକୁ ଏଡ଼ି ଦେଇ ଯାଇଛନ୍ତି, ହୁଏ ତ କାରଣ ରୂପେ ଖେଳେଇ ହୋଇଯିବା ଭୟରେ।

ତା ଛଡ଼ା ବଙ୍ଗାଳୀଙ୍କର ପ୍ରଚୁର କୌଶଳ ଟିକିଏ ଭିନ୍ନ ରକମର। ଅନ୍ୟପ୍ରଦେଶ ବାସୀମାନଙ୍କ ସହିତ ସେମାନଙ୍କର ବ୍ୟବହାର ଓ କଥାବାର୍ତ୍ତା ପୁର୍ବ ମାତ୍ରାରେ ଅସଂଯତ, ଯାହା ଫଳରେ ଅନ୍ୟମାନେ ପ୍ରକାଶ୍ୟ ବିଦ୍ରୋହ କରିବାକୁ ବାଧ୍ୟ ହୁଅନ୍ତି। ତାର ପ୍ରତିକ୍ରିୟା ସ୍ୱରୂପ ବଙ୍ଗାଳୀ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରି ପତ୍ର ପତ୍ରିକା ମାନଙ୍କରେ ବଡ଼ ବଡ଼ ବୋଲ ପ୍ରଚୁର କାର୍ଯ୍ୟରେ ଲଗି ପଡ଼ନ୍ତି। ଭାରତ ଜାତୀୟ କଂଗ୍ରେସ ଠାରେ କୈଫିୟତ ଗୁହାରୀ। ସେ ସବୁ ଧାଡ଼ିରେ ଶାଗନସି ହିଲେ ପୁଣି ନିଜର ଗୁଡ଼ାଏ ଅମ୍ଳବଡ଼ା ଦେଖାଇ କୁହନ୍ତି :—"ଆମେ ସ୍ୱାଧୀନତାର ମୂଳଦୁଆ ଦେଲୁ। ଯାହା କହିଛୁ ନୂଆ, ଆମେ ହିଁ ତାର ସ୍ରଷ୍ଟା, ଇତ୍ୟାଦି। ତେଣୁ ଭାରତର କେନ୍ଦ୍ରରୁ ଆମର ହକ୍ ଦାବୀ।" ତାଙ୍କର "ଅପର ପ୍ରଦେଶ ସହିତ ବ୍ୟବହାରରେ ଏପରି ଗୋଟିଏ ମୂର୍ତ୍ତି ଅପ୍ରଜାଜ୍ଞପାର ପରେ ସାରା ଭାରତରେ ସମସ୍ତଙ୍କଠାରେ ଯେତେବେଳେ ବିଦେଶୀ ବୋଲି ଗଣ୍ୟ ହୋଇବେ, ସେତେବେଳେ ଆଉ ଉତ୍ତର ଦେବାକୁ କେହି ନଥିବେ। ଉତ୍ତର ଆପଣାଛାଏଁ ପ୍ରକାଶିତ ହେବ, ହୋଇଥିବା ମନ ଦେଖି ଗୁରୁ, ଉଚିତ କେତେକେ ଯଥେଷ୍ଟ। ତେଣୁ ହେ ସାଧୁ ସାବଧାନ। ଆମ ଗ୍ରନ୍ଥକୁ ଦୂର କରି ଉତ୍ତର ପାଇ ପାରିଲେ, ତେବେ ଯାଇ ଅନ୍ୟମାନଙ୍କ ଠାରୁ ଉଚିତ ପ୍ରତିକାର ଆଶା କରିବେ।

ଆପଣଙ୍କର

ପ୍ରଭାକର ମିଶ୍ର

କଟକ

Digitized by srujanika@gmail.com

Reg. No O4.

Dagaro
ORISSA'S MOST POPULAR FORTNIGHTLY

16-7-49


## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ।

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା

ଶାଖା ୩୬—ନଂ ହରିସନ ରୋଡ କଲିକତା

## ୧୦୧ ଟଙ୍କା ପୁରସ୍କାର

**ନକଲରୁ ସାବଧାନ**

## ଅସଲି

## ପଞ୍ଚଗୁଣା ତୈଳ

[ରେଜିଷ୍ଟର୍ଡ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ ଅସଲି ପଞ୍ଚଗୁଣା ତୈଳ, ଗୋଇଠିରୁ ମୁଣ୍ଡ ପର୍ଯ୍ୟନ୍ତ ଦାଉଦ, କଚ୍ଛୁ, କାଛୁ, ପୋଡ଼ାଘାଅ, କାଟୁ, ବାଇଗଣ, ମଚକା, ଖାଜି ପ୍ରଭୃତି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ। ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ। ବ୍ୟବହାର ବିଧି ଶିଶି ସହିତରେ ଥାଏ। ପଢ଼ିଲେ ସମସ୍ତ ବିଷୟ ବୁଝି ପାରିବେ। ମୂଲ୍ୟ ପ୍ରତି ଗ୍ରୋସ ୫ ୬୫ଟଙ୍କା ପ୍ରତି ଡଜନ ୫ ୭ ।, ପ୍ରତି ଶିଶି ୫୦ ।୵ ମାତ୍ର। ଯଦି କେହି ଏହି ଔଷଧକୁ ନିଷ୍ଫଳ ପ୍ରମାଣ କରାଇ ଦିଅନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ। ଅଭ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ।

ପତ୍ର ଦେଇ କାଟଲଗ ମଗାଇ ଦେଖନ୍ତୁ।

ପ୍ରାପ୍ତିସ୍ଥାନ—

ମନରାମ କେଦାରନାଥ

୧୩୨ ଦେଲଙ୍ଗା ବଜାର, କଟକ

## ହାଇଡ୍ରୋସିଲ୍

ଆମ୍ଭର "ବି, ଏଚ୍," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଅ, ଗଣ୍ଠିବାତ ଆଦି ଅସ୍ଥାୟୀ ଭାବେ ଆରୋଗ୍ୟ ହୁଏ। ମୂଲ୍ୟ ୫ ୩ ୯, ଅଭ୍ୟନ୍ତରିକ ଔଷଧ "ପାନୀଅ" ବଟିଦାମ ୫୨୯ ଭାଃପିଃ ୫୦।୵।

## ପେଟବ୍ୟଥା

ବଳବ୍, ପେନ୍, ପେଟମରା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର "ଦୀପନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ୫ ୩ ୯, ଭାଃପିଃ ୫୦ ।୵

Kaviraj R. N. Chakravarty. [D-M,]
24 Devendra Ghose Road.
Bhawanipore Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମଧ୍ୟରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ବିବରଣୀ ଜାଣିବାକୁ ଚାହାନ୍ତି, ତାହାହେଲେ ଅଳ୍ପ ଖର୍ଚ୍ଚରେ ପୋଷ୍ଟକାର୍ଡ଼ରେ ଆପଣଙ୍କ ପସନ୍ଦର ଅସ୍ଥାୟୀ କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପତ୍ରର ଉପରେ ନିଜର ପୂରା ଠିକଣା ଲେଖି ପଠାନ୍ତୁ। ତାହାହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କ ଆଗାମୀ ବର୍ଷମାନର ଭବିଷ୍ୟତ ଫଳ, କେଉଁ ମାସ ଆପଣଙ୍କ ପକ୍ଷରେ ଶୁଭ ହେବ, କେଉଁ ବ୍ୟବସାୟରେ ଲାଭ ହେବ, ଚାକିରିରେ ଉନ୍ନତି, ଶାରୀରିକ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, ଜୁଆ ଅଥବା କୌଣସି ଅକସ୍ମିକ କାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ନୌକରୀ, ଜୁଆ ଅଥବା କୌଣସି ଅକସ୍ମିକ କାରଣରୁ ସୁଖ ଏବଂ ଧନହାନି ପ୍ରଭୃତି ବିଷୟ ପୋଷ୍ଟକାର୍ଡ଼ରେ ଲେଖି ପଠାଇବୁ, ଆପଣ ଯଦି ବର୍ଷର ପ୍ରତି ଦିନର ଘଟିବାର ସମସ୍ତ ବିସ୍ତାର ଫଳ ବିବରଣୀ ଚାହାନ୍ତି କେବଳ ୧୦।୵ ମନିଅର୍ଡରରେ ପଠାଇ ଦେବୁ। ତାହା ଆଶ୍ଚର୍ଯ୍ୟ ଜନକ ହେବ। ପ୍ରତ୍ୟେକ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବାର ଜ୍ଞାନ ଅଛି ଆମେ ଲେଖିଦେବୁ। ଏହା ଠିକ ନ ହେଲେ ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି। ଆଜି ହିଁ ପରୀକ୍ଷା କରନ୍ତୁ।

THE BENGAL MESMERISM HOUSE (D. W. B.)
HOSHIARPUR.


Printed & Published by G. C. Mohapatro, at the Gopinath Press, Bhadrak. 16. 7. 49

Digitized by srujanika@gmail.com

# ଡଗର

ଅବାଧ ଆଲୋଚନା ଓ ଅଗ୍ରଗତିର

ପ୍ରତୀକ

ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର

ତ୍ରୟୋଦଶ ବର୍ଷ  ତୃତୀୟ ସଂଖ୍ୟା

୧।୮।୪୯

## ପଦାଙ୍କ ଅନୁସରଣ



ପାକିସ୍ଥାନ ମଧ୍ୟ ବୃଟିଶ ରାଜ୍ୟ ଗୋଷ୍ଠୀରେ
ଥାଇ ସ୍ୱାଧୀନ ହେବ—ସମ୍ବାଦ

ବାର୍ଷିକ ମୂଲ୍ୟ ଟ ୨ ୲
ଷାଣ୍ମାସିକ ଟ ୩ ୲
ପ୍ରତିଖଣ୍ଡ
୪ ଅଣା

Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଋତୁ୍ବତୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫୲ ଡାକ ଖର୍ଚ୍ଚ—୲୦୲୯

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨୲—ଡାକଖର୍ଚ୍ଚ—୲୦୲୯ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta




# ହୋମର

ଫାଉଣ୍ଟେନ ପେନ୍—ବ୍ୟବହାର କରନ୍ତୁ
ଏଜେଣ୍ଟ—Mhatre pen & Plastic Industries
182. Girgaum—Bombay ... 4

ପୁରସ୍କାର ୧୦୦୦ଙ୍କା
ଲୋପା ରକ୍ଷ୍ମଓ୍ରର
ରେଜିଷ୍ଟାର୍ଡ
ସର୍ବପ୍ରକାର କୁଷ୍ଠ
ଧଳା କୁଷ୍ଠ, ମୋହ ଓ
ସ୍ତ୍ରୀ ରୋଗ ମାନଙ୍କର
ବିଜ୍ଞାନ୍ୟୁ ଔ
ଲକ୍ଷ୍ମୀ ଏଜେନ୍ସୀ
ଗୋପାଳ ଓ ଦୁଃଖୀଶ୍ୟାମ ବାଣୀହାଟ
କଟକ

### କୃତ୍ତିଚନ୍ଦ୍ର ଘୋଷ

ସମ୍ବାଦପତ୍ର ବିକ୍ରେତା

ହିନ୍ଦୁସ୍ଥାନ ଷ୍ଟାଣ୍ଡର୍ଡ, ଓରିଏଣ୍ଟ, ଜଗର;
ପ୍ରଜାତନ୍ତ୍ର ଆଦି ସମସ୍ତ ସମ୍ବାଦ ପତ୍ର ଓ
ପତ୍ରିକା ବିକ୍ରେତା

ଚୋର ଦୁର୍ଗ—[ପୁରୀକଲ]

—*—

# ଜଗର ଅଫିସ

## କଟକ

ଏତଦ୍ୱାରା ଗ୍ରାହକ ଗ୍ରାହିକା, ଓ ଏଜେଣ୍ଟ ଓ ଲେଖକ ମାନଙ୍କୁ ଜଣାଇ ଦିଆ ଯାଉଛି ଯେ ଅସନ୍ତା ୧।୮।୪୯ ଠାରୁ ଯାବତୀୟ ଚିଠି ପତ୍ର ଜଗର ଅଫିସ—ପିଠାପୁର କଟକ ଠିକଣାରେ ପଠାନ୍ତୁ—

ପରିଚାଳନା ସମ୍ପାଦକ
ଜଗର
ପିଠାପୁର—କଟକ-୧

# ହାଇଡ୍ରୋସିଲ୍

ଅମୃତ ନିଶାକର ତୈଲ' ଦ୍ୱାରା ହାଇଡ୍ରୋସିଲ ଅଚଷିଧ ଗୋଦର, ହାର୍ଣିଆ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୲, ଅଭ୍ୟନ୍ତରିକ ଔଷଧ ଦିବାକର ବଟି ଦାମ ୫ ୨୲ ଡା: ମା: ୲୦୲୯ ।

# ପେଟ ବ୍ୟଥା

କଲିକ୍ ପେନ୍, ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଅମୃତ 'ପାଚକରାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ୩୲, ଡା: ମା: ୲୦୲୯ ।

Kaviraj S. K. Chakravarty (D. C.)
126/2 Hazra Road, Calcutta 29
Stockists: Bhubanswar Trading house
Bhubaneswar: (Orissa)

## ସାବଧାନ

ଓଡ଼ିଶାରେ ପତ୍ର ପତ୍ରିକାରେ କେତେକ ଠକ ବିଜ୍ଞାପକ ବିଜ୍ଞାପନ ଦେଇ ଲୋକଙ୍କୁ ଭଣ୍ଡୁଛନ୍ତି । ଆମେ ଏହିଲି ବିଜ୍ଞାପନ ଦାତାଙ୍କ ସନ୍ଧାନ ପାଇଲେ ଜଣାଇ ଦେବାକୁ କହୁଥିଲୁ । ଏବେ କେତେକ ବିଜ୍ଞାପକ ଜଗରକୁ ଠକିଛନ୍ତି । ତେଣୁ ଅନ୍ୟମାନଙ୍କୁ ସତର୍କ କରି ଦେବା ଅନୁଚିତ ନୁହେଁ । ନିମ୍ନରେ କେତେକ ନାମ ଦିଆଗଲା ।—ସଂପାଦକ, ଜଗର

୧—ହୋଲିଷ୍ଟ ଲିମିଟେଡ ଲଟକୁ ସାହାଯ୍ୟ କାରବାର Dar ul shafa Golian-- Batala.
୨—Halka No. 22. ଅମୃତସର ଯାବତୀୟ ପଦାର୍ଥ ।

ପ୍ରକାଶକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,

ପରିଚାଳନା ସଂପାଦକ—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com



ଶ୍ରାବଣ ପ୍ରଥମାର୍ଦ୍ଧ - ତ୍ରୟୋଦଶ ବର୍ଷ ତୃତୀୟ ସଂଖ୍ୟା ୧ । ୮ । ୪୯

## ପ୍ରଦେଶର ଶିକ୍ଷା

ପ୍ରଦେଶର ଶିକ୍ଷା ସମ୍ବନ୍ଧରେ ସରକାର ଏକ ଇସ୍ତାହାର ବାହାର କରିଛନ୍ତି । ସେଥିରେ ସେ ସ୍ୱୀକାର କରିଛନ୍ତି ଯେ ପ୍ରାଥମିକ ଶିକ୍ଷା ସରକାରଙ୍କ ଦାୟିତ୍ୱ । ଉଚ୍ଚତର ଶିକ୍ଷା ପାଇଁ ସରକାର ଲୋକଙ୍କୁ ସାହାଯ୍ୟ ମାତ୍ର ଦେବେ । ଏହାର କାରଣ ଦର୍ଶାଇ ଇସ୍ତାହାର ଅତି ସତ୍ୟ କଥା ପ୍ରକାଶ କରିଛନ୍ତି ଯେ ଉଚ୍ଚଶିକ୍ଷା କେବଳ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ଉପକାର କରେ ।

ଏ ଘୋଷଣାରୁ ସ୍ପଷ୍ଟ ବୁଝା ଯାଉଛି ଯେ ସରକାରର ପରିଚାଳକ ମାନେ ଅତି ପୁରୁଣା ମନୋବୃତ୍ତିରୁ ଅବ୍ୟାହତି ପାଇପାରି ନାହାନ୍ତି । "ସରକାର ସବୁ କରିଦେବେ" ଭାବ ପ୍ରଚାର ଏବେ ବି ଚାଲିଛି । "ଆମେ କରିବୁ—ତମେ ଆମକୁ ମାନ ।" ଏଇ ଗୁପ୍ତ ରହସ୍ୟ ଏ ଇସ୍ତାହାରରୁ ସ୍ପଷ୍ଟ ପ୍ରକାଶ ପାଉଛି । ଲୋକଙ୍କଠାରୁ ନାନା ଉପାୟରେ କର ନେଇ ସରକାର, ମନ୍ତ୍ରୀ ବା ଲାଟ ସେଇ ଅର୍ଥରେ ଶିକ୍ଷା ଦାନ କଲାବେଳେ ଆମର ଦାୟିତ୍ୱ ଆମେ ତୁଲାଉଛୁ ବୋଲି କହିବା ଅଳ୍ପ ଅହମିକା ନୁହେଁ । ଯେଉଁ ଉଚ୍ଚ ଶିକ୍ଷା ସରକାର ଲୋକଙ୍କ ଉପରେ ଛାଡ଼ିଦେଇ ନିଜର ସାହାଯ୍ୟକୁ ବଦାନ୍ୟତା ବା ତାଙ୍କର ଭାଷାରେ 'ଉଦାରତା' ବୋଲି କହୁଛନ୍ତି ସେ ଲୋକେ—ସେ ଶ୍ରେଣୀର ଲୋକେ ସରକାରଙ୍କଠାରୁ ଭିନ୍ନ ନୁହନ୍ତି । ଆଜି ଉଚ୍ଚ ଶିକ୍ଷା ପାଏ କିଏ ? ପ୍ରଥମତଃ ଯେଉଁମାନେ ସରକାରୀ ଚାକିରିରେ ଅଛନ୍ତି—ବଂଶାନୁକ୍ରମେ ସେଇମାନଙ୍କର ପୁତ୍ରପୌତ୍ରାଦି ସରକାରୀ ଚାକିରି ବଜାୟ ରଖିବା ଉଦ୍ଦେଶ୍ୟରେ ସେଇମାନେ ହିଁ ପିଲାପିଲିଙ୍କୁ ପଢ଼ାନ୍ତି ଓ ପଢ଼ାଇବାର ସୁବିଧା ପାନ୍ତି । ତାଛଡ଼ା ଜମିଦାର ମହାଜନ, ବଡ଼ ବ୍ୟବସାୟୀ ପୁଞ୍ଜିପତି ମାନେ ଯେଉଁ ଶ୍ରେଣୀ ଆଜି ସରକାରୀ ଶାସନ କଳର ପରିଚାଳକ ମାନଙ୍କୁ ଜନ୍ମ ଦେବାର ଗୌରବ ନିଏ—ସେଇମାନଙ୍କର ସନ୍ତାନ, ଏବଂ ବଡ଼ ବଡ଼ ଅଧିକାରୀ ଲୋକଙ୍କ ପିଲାଏ ଚିର ଦିନ ଦେଶ ଶୋଷଣ କରିବା ପାଇଁ ପାଠ ପଢ଼ିବେ । ସରକାର ତାଙ୍କୁ ଦରମା, ସ୍ୱତ୍ୱ ବ୍ୟବସାୟୀକରଣ, କମ୍ପାନୀ ଅଂଶଲାଭ, ଦରମା ଆଦି ସୂତ୍ରରେ ଦାନ କରୁଛନ୍ତି । ତା ଉପରେ ପୁଣି ଗରିବ ଶ୍ରମିକଙ୍କ ଉଚ୍ଚ ଶିକ୍ଷା ପାଇଁ ଦେବାର ପ୍ରତିଶ୍ରୁତି ଦେଇ କହିବେ—ଶିକ୍ଷା ଅନୁଷ୍ଠାନ ପାଇଁ ଚାନ୍ଦା ଆଣ । ସେ ଚାନ୍ଦା ଆସିବ ସର୍ବସାଧାରଣଙ୍କଠୁ—ନାନା ଉପାୟରେ । ଏହାହିଁ ଆଜି ସାମାଜିକ ପରିସ୍ଥିତି ।

ଏ ସବୁ କେବଳ ଅଧିକାର ଲୋଲୁପୀ ମନର ଯୋଜନା । ଶିକ୍ଷା ଯେତେଦିନ ଯାଏ ଲୋକଙ୍କର ଓ ଛାତ୍ରଶିକ୍ଷକଙ୍କର ଦାୟିତ୍ୱ ନହୋଇ ସରକାରଙ୍କର ଦାୟିତ୍ୱ ହେବ—ସେତେଦିନ ଯାଏ ସ୍ୱାଧୀନତା ଅସମ୍ଭବ । ସ୍ୱାଧୀନତାର ଭାବ ଲୋକଙ୍କ ମନରେ ଆସିବା ଅସମ୍ଭବ । ଦାୟିତ୍ୱକୁ ଅନ୍ୟ ହାତରେ ଦେଇ ସ୍ୱାଧୀନ ବୋଲାଇବା ଅତି ହାସ୍ୟାସ୍ପଦ କଥା । ଗ୍ରାମ ପଞ୍ଚାୟତ ହାତରେ ଭୂମିକର ଦେଇ—ପ୍ରାଥମିକ ଶିକ୍ଷାର ସମସ୍ତ ଦାୟିତ୍ୱ ତାର ଉପରେ ଛାଡ଼ିଦେବା ଉଚିତ । ଏବଂ ଉଚ୍ଚ ଶିକ୍ଷାକୁ ସମ୍ପୂର୍ଣ୍ଣ ରୂପେ ବିଶ୍ୱ ବିଦ୍ୟାଳୟ ଦାୟିତ୍ୱରେ ଦେଇ ସରକାର କେବଳ ଦରିଦ୍ର ଛାତ୍ର ମାନଙ୍କୁ ସାହାଯ୍ୟ ହିସାବରେ ଦାନ ଦେବା ଉଚିତ ଏବଂ ଶିକ୍ଷାର କେତେକ ଉପକରଣ ଯୋଗାଇ ଦେଲେ ଯଥେଷ୍ଟରୁ ଅଧିକ ହେବ ବୋଲି ଆମର ମନେହୁଏ । ପ୍ରାଥମିକ ଶିକ୍ଷା ପ୍ରାପ୍ତ ମେଧାବୀ ଛାତ୍ରମାନଙ୍କୁ ଗ୍ରାମ ପଞ୍ଚାୟତ ମାନେ ଉଚ୍ଚଶିକ୍ଷାର୍ଥେ ପଠାଇ ପାରନ୍ତି । ଛାତ୍ରମାନେ ପ୍ରାଥମିକ ଓ ଉଚ୍ଚଶିକ୍ଷା ପାଇଲାବେଳେ ନିଜର ଖର୍ଚ୍ଚ ନିଜେ ବହନ କରି ଭଲ ନିଜାଶ୍ରୟୀ ହେବେ ଏବଂ ଅନୁଷ୍ଠାନର ଅଭାବ ପାଇଁ ଚେଷ୍ଟା କରିବେ । ତା ହେଲେ ଶିକ୍ଷକ, ଓ ଛାତ୍ର ସର୍ବସାଧାରଣଙ୍କ ଭିତରେ ସଂପର୍କ ରହିବ ଏବଂ ଛାତ୍ରଙ୍କର ଆତ୍ମନିର୍ଭରଶୀଳ ହେବାର ସାହସ ତଥା ବୈଷୟିକ ବୁଦ୍ଧିର ବିକାଶ ସଙ୍ଗେ ସଙ୍ଗେ ଦାୟିତ୍ୱ ଜ୍ଞାନ ମଧ୍ୟ ବଢ଼ିବ । ଶିକ୍ଷକମାନେ ଛାତ୍ରଙ୍କର ଅଧିକ ଯତ୍ନ ନେବେ ।

ବର୍ତ୍ତମାନ ଉଭୟ ପ୍ରାଥମିକ ଓ (ବିଶେଷତଃ) ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦେଖା ଯାଉଛି—ଛାତ୍ରମାନଙ୍କର ଉନ୍ନତି ପ୍ରତି ଶିକ୍ଷକମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି । ଅନୁଷ୍ଠାନ ମାନଙ୍କର ଦାୟିତ୍ୱହୀନତାର ଗୋଟାଏ ସାମାନ୍ୟ ଉଦାହରଣ ଏଠାରେ ଦିଆଯାଇ ପାରେ ।

ରେଭେନ୍‌ସା କଲେଜ ପ୍ରଦେଶର ମୁଖ୍ୟ ବିଦ୍ୟାପୀଠ । ଏଠାରେ ଛାତ୍ରାବାସରେ ଛାତ୍ର ରହନ୍ତି—ପରିଚାଳକ ରହନ୍ତି ଅଧ୍ୟାପକମାନେ । ସେଠାରେ ପିଲା ପଢ଼ନ୍ତି କି ନାହିଁ ତାହା ପରିଚାଳକ ଦେଖନ୍ତି ନାହିଁ—ଅଧ୍ୟାପକଙ୍କ କଥା ଛାଡ଼ ! ପିଲାଙ୍କ ଦେହ ଅସୁସ୍ଥତା ପ୍ରତି ପିଲା ନିଜେ ଦୃଷ୍ଟି ନଦେଲେ ଅଧ୍ୟାପକଙ୍କର ଦାୟିତ୍ୱ ନଥାଏ । ଏହିଭଳି କଲେଜ ଦାୟିତ୍ୱହୀନତା ଏବେ ଅତି ଉତ୍କଟ ଅଶ୍ଳୀଳ ଭାବରେ ଆତ୍ମ ପ୍ରକାଶ କରିଛି । ଯେଉଁ ଛାତ୍ରମାନେ ଚିକିତ୍ସା ନେଇ ଏହି କଲେଜରୁ ନିମ୍ନ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ବି ଏସ ସିରେ ସ୍ଥାନ ଦିଆଯାଉନାହିଁ । ଏହି ଛାତ୍ରମାନେ ନିମ୍ନଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପାଇଁ ଦାୟୀ କି କେବଳ ଛାତ୍ର ଏହା ବିଚାର୍ଯ୍ୟ ନୁହେଁ । କାରଣ ଯେଉଁ ଛାତ୍ର ମେଟ୍ରିକୁଲେସନ ଉଚ୍ଚ ଶ୍ରେଣୀରେ ପାସ କରିଥିଲେ ସେ ଆଇଏସସିରେ ଖରାପ କରିବାର ଅର୍ଥ କେବଳ ଛାତ୍ରର ଅବହେଳା ନୁହେଁ—ଅନୁଷ୍ଠାନରେ ଦୋଷଯୁକ୍ତ ଶିକ୍ଷା ପ୍ରଣାଳୀ ଓ ଅଧ୍ୟାପକଙ୍କ ଅବହେଳା ମଧ୍ୟ ବହୁପରିମାଣରେ ଦାୟୀ । ମାତ୍ର ଅଧ୍ୟାପକ ଓ ଅଧ୍ୟକ୍ଷ ଏ ଦାୟିତ୍ୱ ସ୍ୱୀକାର କରିବାର ଛାତ୍ରମାନଙ୍କୁ ମୂର୍ଖ ହେବାର ଉପଦେଶ ଦେବାକୁ ଲଜ୍ଜା ମଧ୍ୟ ବୋଧ କରୁନାହାନ୍ତି ।

Digitized by srujanika@gmail.com

# ଡାରେ ଡାରେ ଡାନା ନାନା

ସଂଗ୍ରାମ ସଂବାଦପତ୍ର—ଏବେଠୁଁ ନାଟ୍ୟଗ୍ରନ୍ଥ ହୋଇଲା—ସଂବାଦ ।

...ଏକା ଦିନରେ ଲିଙ୍ଗ ପରିବର୍ତ୍ତନ । ବୈଜ୍ଞାନିକ ଦେଖନ୍ତୁ ।

× × ×

ପ୍ରାଦେଶିକତା ଅଚିରେ ଲୋପ ହେବ—( କଲିକତାରେ ମହତାବ୍ଙ୍କ ଭାଷଣ )

...ଓଡ଼ିଶାକୁ ସ୍ୱତନ୍ତ୍ର କରି ବଙ୍ଗ, ମାନ୍ଦ୍ରାଜ, ବିହାର, ମଧ୍ୟ ପ୍ରଦେଶକୁ ଦେବେ ଦିଅ ହେଉଛି ?

+ + ×

ବଡ଼ଲାଟ ରାଜାଙ୍କ ଲଙ୍ଗଳ ଧରି ଚାଷ ଆରମ୍ଭ କଲେ ସତନ୍ତ୍ର ସଂବାଦ ।

...କଳି ଯୁଗର ଜନକ ଋଷି ?

+ + +

ଭାରତରେ ଜାତୀୟ-ଭାଷା ବାବଦରେ ସହାନୁଭୂତି ଓ ଉଦାର ଦୃଷ୍ଟି ଦେଇ ବିଚାର କର [ ବିନୋବା, କାକାଜୀ, ନେହରୁ ପ୍ରଭୃତି ]

...ତାହାହେଲେ ରାଷ୍ଟ୍ର ବି ସୁନ୍ଦର ଭାଷାକୁ ବରଣ କରିପାରିବ ।

+ + ×

ରୁଷିଆ ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକ ରାଷ୍ଟ୍ର ଦୃଢ଼ ହୋଇଚାଲିଛି—ସମ୍ବାଦ ।

...କ୍ଷତ୍ରିନାମ ଯୋଗେ ଏତେ ସରସ ହୋଇଉଠିଲେ କୃଷ୍ଣଙ୍କ ମେଳା ।

× + ×

ଅଣ ସବୁ କଥା ପଚାରୁ ରଖି ଖାଦ୍ୟ ସମସ୍ୟା ସ୍ଥିର କରାଅ ( ପାଟମନ୍ତ୍ରୀ ସମ୍ମିଳନରେ ପଣ୍ଡିତ ଜବାହରଲାଲ )

...କୃଷି ମନ୍ତ୍ରୀଙ୍କୁ ପାଟମନ୍ତ୍ରୀ କଲେ ହନା !

× + ÷

ଖାଦ୍ୟର ଅଭାବ ପୂରଣ ପାଇଁ ଚେଷ୍ଟା ଶୁଷ୍କ କର [ ପ୍ରଧାନ ମନ୍ତ୍ରୀ ନେହେରୁ ]

ମୂଲାଟା ଏକା କି ଦୋଷ କଲା ?

+ × +

ଏହି ବର୍ଷ ଭିତରେ ଭାରତର ଶାସନ କଳ ଭାଙ୍ଗି ପଡ଼ିବ । ( ଶ୍ରୀଯୁକ୍ତ ବୋଷ )

...କାଳକୁ ଲାଗେ ନା ଦେଶ ମାଡ଼ିବେ ?

+ × ×

ଏଥରକ ପଦ ବ୍ୟବସ୍ଥା ସତ୍ତ୍ୱେ ନୂଆ ନିର୍ବାଚନ ହୁଏ ତେବେ ଅଧିକାଂଶ ସ୍ଥାନରେ କଂଗ୍ରେସ ପରାଜିତ ହୋଇଯିବ—ଶରତ ବୋଷ ।

Nothing succeeds like success

+ × +

ଦେଶ ମଧ୍ୟ ଅସାଧୁତା ହେତୁ କଂଗ୍ରେସ ଅତି ଉତ୍ପୀଡ଼ିତ ପଡ଼ିଛି । ତାରୁ ଆମେ ତାକୁ ଭାଙ୍ଗି ଦେବା ଉଚିତ—ପଣ୍ଡିତ ନେହେରୁ ।

...Suicide ମହାପାପ ।

× ÷ ÷

କଂଗ୍ରେସ ବର୍ତ୍ତମାନ ଦୁର୍ବଳ ଓ ମୃତପ୍ରାୟ—ନେହେରୁ ।

...ମାର ନା, ମୁଁ ମଲିଣି ।

× × ÷

ଏପରି ପଦ ସ୍ଥଳରେ କଂଗ୍ରେସ ଅଳ ତିଷ୍ଠିବ ନାହିଁ—ମୁନସି

...ବେଙ୍ଗ ସମସ୍ୟା ଦେଖିଲେ ସମାଜର କଣ ?

× + ×

ଏଥରସମ ନିର୍ବାଚନ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତରେ ଏକ ଷ୍ଟୁଟ୍ ମୂର୍ତ୍ତି । ('କୃଷକ'ରେ ଅଶୋକ ମେହେଟା)

...ଅ-ଶୋକ ; ବନ ସୀତା—ବିଳାପ ।

× + ×

"ସାମ୍ୟବାଦର ଦୁର୍ଗମ ଯାତ୍ରାପଥ" (ଟ୍ରିବ୍ୟୁନର ହେଡଲାଇନ—କୃଷକ)



...କମ୍ୟୁନିଜମର ସୁଗମ ଧ୍ୱଂସର ପଥ ?

÷ × +

ଓଡ଼ିଶାର ନାରୀ ପ୍ରଗତି କିପରି ହେବ ?
[ ସଂଗ୍ରାମରେ ସରଳା ଦେବୀ ]

...ମାର୍ଶଲ ସରଳାଙ୍କ ସେନାପତିତ୍ୱରେ ନାରୀମାନେ ଘରେ ଘରେ ସଂଗ୍ରାମ ଆରମ୍ଭ କର ।

÷ × ÷

"ଲୁଗା କଣ୍ଟ୍ରୋଲ ଉଠିଲା" [ଦୈନିକ-ଆଶାର ହେଡ ଲାଇନ]

...ଗ୍ରେସ ଦେମାଗ ଛୁଟିଲା
କଲ ବଜାର ଛୁଟିଲା ।
ଗରିବର ଦୁଃଖ ଛୁଟିଲା,
ଗଇଚ୍ଛ ଫୁଲଟି ଫୁଟିଲା ।

× + ÷

"ଜନତାର ଆଶା ଧାପ କରି ଯାଉଛି"
[ କୃଷକରେ ନରେନ୍ଦ୍ର ଦେବ ]

...ଅବକାରୀର ଓ ନଈଓଡ଼ିଶା ତେଲ ଚାଲନ୍ତୁ ହେଲେ !

+ × ÷

"ପୋଲିସ ହାତରୁ ଚମେଟ" (ଆଧୁନିକର ହେଡ ଲାଇନ )

...ବ୍ରଜ-ବନ୍ଧୁ ବଡ଼ ନିମେଟ !

× ÷ ÷

ଓଡ଼ିଶାର ଗଡ଼ଜାତ 'ମନ୍ତ୍ରୀ କରି ପଦକ ପ୍ରଧାନଙ୍କୁ ନିଆଯାଉଛି [ ଗଣତନ୍ତ୍ରର ସମ୍ବାଦ ]

...ଅପଦେବୋ ପଦଦେବୋ କା... ।

÷ × +

କେବଳ ମାତ୍ର ଦୁଇଦିନ ପାଇଁ 'ଯୌବନ'—ସମ୍ପାଦକଙ୍କ ବିଜ୍ଞାପନ ।

...ହାୟ ହାୟ !...ଦେଶୀୟମାନଙ୍କ ବ୍ୟବସ୍ଥା ଶୀଘ୍ର କରାଯାଉ ଶୀଘ୍ର ।

÷ × ×

କଟକରୁ କମ୍ୟୁନିଷ୍ଟ ବନ୍ଦୀ ହରଣଗୁଳ—ସମାଜ ସମ୍ବାଦ ।

...ଏକାଇ ଦେଲେଇ ମରଣ କାଳ !

+ + ÷

ପ୍ରବାସୀ ଦର୍ଶନ ହୋଇ ଦିଲ୍ଲୀ ସହର ଭାସୁଛି—ସମ୍ବାଦ

...ପ୍ରଧାନମନ୍ତ୍ରୀମାନେ ବସୁଥିବା ଲମ୍ବା ଗୁଡ଼ାକ ଟାଣି ଅଣିବାକୁ ଛାଡ଼ିବେ ନାହିଁ କେବେ ।

÷ ÷ ÷

Digitized by srujanika@gmail.com

# ଶିଆଳ ଭାଷା

ନିକଟରେ ଗଡ଼ଜାତ ମାନଙ୍କରୁ କେତେ ଜଣ ପ୍ରତିନିଧି ବଛା ହୋଇ ଓଡ଼ିଶା ବ୍ୟବସ୍ଥା ସଭାକୁ ଆସିବେ । ବାଛିବେ ଓଡ଼ିଶା ସରକାର । ମାତ୍ର ବିରୁଦ୍ଧ ଦଳକୁ ସୁବିଧା ଦିଆଯାଇଛି କି ସଭାରେ ତାଙ୍କ ଦଳର ସଂଖ୍ୟା ଅଳ୍ପ ଯାହାତେ । ସେମାନେ ବି କେତେ ଜଣ ବାଛି ପାରିବେ । ଇଏ ବି ଏକ ତାମସା । ଯାହା ହେଉ ଗଡ଼ଜାତ ବେକାର ସମସ୍ୟା କେତେକଟା ହେଲେ ନିବାରଣ ହେବ ତ ।

ଯଉଁ କେତେଜଣ ଅସନ୍ତୁଷ୍ଟ ନେତା ଗଡ଼ଜାତରେ ଗୋଳ ଲଗେଇଛନ୍ତି ତାଙ୍କୁ ବାଛି ଆଣିବା ବୁଦ୍ଧିମାନର କାମ । ଅନ୍ଧବୁଦ୍ଧି ମହତାବଜୀଙ୍କ ହସ୍ତରୁ ଏ ବୁଦ୍ଧି ଦିଶିବ ।

÷ ÷ +

ଲୁହା ସିମେଣ୍ଟ ଆଦି ମିଳୁ ନଥିବାରୁ ଓଡ଼ିଶାରେ ପ୍ରସ୍ତାବିତ ଘର ଗୁଡ଼ିକ ଚଞ୍ଚଳ ତିଆରି ହୋଇ ପାରୁନାହିଁ । ତେଣୁ ବିନା ଇଟା, ବିନା ଲୁହା ଓ ବିନା ସିମେଣ୍ଟରେ କିପରି ମଜଭୁତ ଘର ତିଆରି ହୋଇ ପାରିବ ତାହାର ଗବେଷଣା ଚାଲିଛି । ଏକଥା କହୁଛନ୍ତି ସ୍ୱୟଂ ମହତାବଜୀ । ଆମେ କହୁଁ ତାସ ଘର ( house of cards ) କରି ନ ପାରିଲେ ହଓୟା ମହଲ [ castle in the air ] ତହୁଁ ସୁବିଧା ଓ ସହଜ ।

× × ×

ବାଃକମିସ୍ତ୍ରୀ ଓ ଡାକ୍ତରୀ ଏହି ଦୁଇ ଶ୍ରେଣୀରେ ମେଳ କାହିଁ ଅଛି ବୋଲି ଆଜି କାଲିକା କଲେଜ ପିଲେ ସବୁ ଇଞ୍ଜନ ପଢ଼ିବା ପାଇଁ ଧାଇଁ ଛୁଟି ଇଛନ୍ତି । ଏଣେ କଲେଜରେ ଇଞ୍ଜନ କ୍ଲାସରେ ସ୍ଥାନ ନାହିଁ । ଆମେ ପରାମର୍ଶ ଦେଉଁକି ସରକାର ଏମାନଙ୍କୁ ନେଇ P.W.D. ଅଫିସ ଓ ଡାକ୍ତରଖାନା ମାନଙ୍କରେ ଏପ୍ରେନ୍‌ଟିସ କରି ଭର୍ତ୍ତି କରନ୍ତୁ । ସେଠି ସେମାନେ ପ୍ରାକ୍‌ଟିକାଲ୍‌ ଟ୍ରେନିଂ ସଙ୍ଗେ ସଙ୍ଗେ ପଇସା ଉପାୟର ଫନ୍ଦି ଫିକର କଳଦି ଶିଖିଯିବେ ।

÷ + ÷

ଲେଖକ ଜାତିଟା ସବୁଦିନେ ଗରିବ ଓ ନିଉଛୁଣା । ବିଶେଷତଃ ଓଡ଼ିଶାରେ କେବଳ ଭାଗ୍ୟ ଦୟା ବଳରେ କାହାରି ବହି ଯଦି ପାଠ୍ୟ ପୁସ୍ତକ ହୋଇଗଲେ ଦୁଇ ଚାରିଟା ପ୍ରକାଶକଙ୍କ ଘରକୁ ବଳକା ଦି ପଇସା ପାଇଯାଇ ଆପଣାକୁ ଧନ୍ୟ ମଣୁଥିଲେ । ଏବେ ଆଉ ନୂଆ ବିଶ୍ୱବିଦ୍ୟାଳୟ ଏପରି ମନ୍ତ୍ରୀ-ମେଣ୍ଟ ଧରିଲେଣି ଯେ ସବୁ ଶ୍ରେଣୀ ପାଇଁ ପାଠ୍ୟ ପୁସ୍ତକ ନିଜେ ପ୍ରକାଶ କରିବାରେ ଲାଗିଛନ୍ତି । ଏଭଳି ଦାନାମବ କାମ ବେଶିଦିନ ଚାଲିଲେ ଏ ଲେଖକ ଜାତିଟା ଶୀଘ୍ର ଧ୍ୱଂସ ହୋଇଯିବ ପରା ? କୁଳପତି ଅଗ୍ରୂପେ ନିଜେ ଜଣେ ଲେଖକ ହୋଇ ଆପଣା ଗୋଡ଼ରେ ଆପେ କୁରାଢ଼ି ହାଣୁ ନାହାନ୍ତି ତ ।

÷ + ×

ବ୍ରିଟିଶ ଅମଳରେ ଯେଉଁ କଂଗ୍ରେସ ଆଉ ଯଉଁ ଜବାହରଲାଲ ନାଗରିକ-ସ୍ୱାଧୀନତା ପାଇଁ ମେଦିନୀ ଫଟାଉଥିଲେ, ଏବେ ତାଙ୍କରି ରାଜୁତିରେ ଗଣ୍ଡା ଗଣ୍ଡା ଅର୍ଡ଼ିନାନ୍‌ସ ଆଇନ ଉପରେ ସରକାର ଚାଲିଛି । ଏହି କଥା କହି ଏବେ ମାନ୍ଦ୍ରାଜରେ ନାମଜାଦା ବାରିଷ୍ଟର ପି, ଆର୍‌, ଦାସଙ୍କ ନେତୃତ୍ୱରେ ଏକ ନାଗରିକ-ସ୍ୱାଧୀନତା-ସଂଘ ବସିଛି । ଯେ କୌଣସି ଆଖିଥିବା ଲୋକ ଏ ଅମୂଳକ ଆନ୍ଦୋଳନକୁ ପସନ୍ଦ କରିବ ନାହିଁ । କାରଣ ସ୍ୱାଧୀନ ଭାରତରେ କାହାରି ବ୍ୟକ୍ତିଗତ ସ୍ୱାଧୀନତା ଉପରେ କି ବାଧା—ବା ଅସୁବିଧା ଅଛି ତାହା ଆମେ ଦେଖି ପାରୁ ନାହୁଁ । ବରଂ ଆମେ ଦେଖୁଛୁଁ—ମନ୍ତ୍ରୀଙ୍କଠୁଁ ଆରମ୍ଭ କରି ଚପ୍‌ରାଶୀ ପର୍ଯ୍ୟନ୍ତ ସମସ୍ତେ କିପରି ସ୍ୱାଧୀନ ଭାବରେ ହାତ ଚଳାଇ ପାରୁଛନ୍ତି । ପୁଲିସ ସ୍ୱାଧୀନ ଭାବରେ ଡାଏରି ଲେଖୁଛି, ଚୋର ସ୍ୱାଧୀନ ଭାବରେ ଚୋରି କରୁଛି, ସପ୍ଲାଇ ଅଫିସର ସ୍ୱାଧୀନ ଭାବରେ ଫେର କରୁଛି, ବେପାରି ସ୍ୱାଧୀନ ଭାବରେ ଚୋରବଜାର ମେଲୁଛି, ହାକିମ ସ୍ୱାଧୀନ ଭାବରେ ମକଦ୍ଦମା ବିଚାର କରି ଦଣ୍ଡ, ଖଲାସ, କରୁଛି, ଏପରି ସ୍ୱାଧୀନ ଭାବରେ ଉପଦ୍ରବ, ଅତ୍ୟାଚାର, ହେବରେ ଲାଗିଛି, ଡାକ୍ତର ସ୍ୱାଧୀନ ଭାବରେ ରୋଗୀ ମାରୁଛି, ଲୋକେ ସ୍ୱାଧୀନ ଭାବରେ ଅସଦାଚାର, ଅନାଚାର, ବ୍ୟଭିଚାର କରି ଚାଲିଛନ୍ତି, ମାଲିକ ସ୍ୱାଧୀନ ଭାବରେ ଲାଭ ଲୋଟୁଛି, ମୂଲିଆ ସ୍ୱାଧୀନ ଭାବରେ କାମ କମାଇ ମଜୁରି ବଢ଼ାଉଛି,—ମାଇପ ସ୍ୱାଧୀନ ଭାବରେ ଘଇତା ଛାଡ଼ି ଆନକୁ ବିଭା ହୋଇ ଯାଉଛି, ପୁଅ ସ୍ୱାଧୀନ ଭାବରେ ବାପକୁ ମାନୁନାହିଁ, ଝିଅ ସ୍ୱାଧୀନ ଭାବରେ ପ୍ରେମ କରୁଛି, ଛାତ୍ର ସ୍ୱାଧୀନ ଭାବରେ ପାଠ ନପଢ଼ି ଫେଲ କରି ମାଷ୍ଟରଙ୍କୁ ଠିକାରି ମାରୁଛି ବା ବେଳ ପଡ଼ିଲେ ଠେଙ୍ଗା ଚଳାଉଛି, ମାଷ୍ଟର ସ୍ୱାଧୀନ ଭାବରେ ପାଠ ପଢ଼ାଇବା ଛାଡ଼ି ଆଉ ସବୁ କରୁଛି ଓ ଦରମା ବଢ଼ାଇବା ପାଇଁ ଲଗିଛି, ଅମଲା, କିରାଣି, ବାଣିଜ୍ୟମନ୍ତ୍ରୀ, ପ୍ରେମରଫ୍‌ର ବାବୁମାନେ ପୂର୍ଣ୍ଣ ସ୍ୱାଧୀନତା ପାଇ ଅକୁଣ୍ଠି ନଥିବା ଭଳି କାମ କରୁଛନ୍ତି । ଏପରି କହିଲେ ସହିବ ନାହିଁ । ଯଉଁ ଆଡ଼କୁ ଚାହିଁଲେ ସ୍ୱାଧୀନ ଛଡ଼ା କେହି ଜଣେ ଦେଖା ଯାଉନାହିଁ । ଏଭଳି ଅବସ୍ଥାରେ ଭୁଲ୍‌ଟାରେ ନାଗରିକ ସ୍ୱାଧୀନତା ନାହିଁ ବୋଲି ହଲ୍ଲା ଉଠାଇବାଟା କେବଳ ଗୋଟା-କେତେ ବେକାର ବେଇମାନ ଲୋକଙ୍କ କାମ ନୁହେଁ କି !

+ × ÷

ଆଗରୁ କୃପାଳନୀ, ମସୂର୍ଓ୍ୟାଲ୍‌. କୁମାର ଆଶ୍ରମ ପ୍ରଭୃତି ଯାହା କହୁଥିଲେ ଏବେ ଜବାହରଲାଲ୍‌, ମୁନ୍‌ସୀ, ଶଙ୍କର ଦେଓ ହେଉଥିବା ସେଇଆ କହିଲେଣି—କଂଗ୍ରେସ ବୁଡ଼ିଲା ବୁଡ଼ିଲା । ଶୀଘ୍ର ଏଥିରେ ନୂଆ ଜୀବନ ପୂରାଅ—ନହେଲେ ମୂଳପୋଛ ହୋଇମରିଯିବ । ଜବାହରଙ୍କ ମତରେ ଏଥିରୁ ବଡ଼ ବଡ଼ ବାହରିବା ଦରକାର । ମାତ୍ର ଅମର ଭୟ ହେଉଛି—ତାଲେ କମଳପାଳ ନର୍ବାଳ ହୋଇଯିବ । ଶଙ୍କର ଦେଓ କହୁଛନ୍ତି—କଂଗ୍ରେସ ବାଲା କ୍ଷମତା, ଅର୍ଥ, ଲାଳସା ଛାଡ଼ି ପୂର୍ବବତ ସେବା ଭାବ ଧରନ୍ତୁ । ପୁଣି



Digitized by srujanika@gmail.com

ତାଙ୍କର ନଷ୍ଟ ଇଜ୍ଜତ୍ ଫେରି ଆସିବ । ଆମେ କହୁ ସେମାନେ ତ 'ସେବା' ଛାଡ଼ି ନାହାନ୍ତି— ସେବାର ବାଗଟା ବଦଳେଇଛନ୍ତି ମାତ୍ର— ଅର୍ଥାତ୍ ଲୋକ ସେବା ଛାଡ଼ି ମାହାର୍ଦ୍ଦ ସେବାରେ ଲାଗିଛନ୍ତି । ଏତକ ଛାଡ଼ିଲେ ଧର୍ମ ରହିବ ଟିକି !

÷ ÷ ÷

କଂଗ୍ରେସ ବାଲା ଗଲେଇ ପରି ଆଖିବୁଜି ଏଯାଏ ଦୁଧ ପିଉଥିଲେ । କଲିକତାର ଶରତ୍ ବୋଷ ବୋଠ କଡେଇ କଂଗ୍ରେସ ବାଲାଙ୍କ ଆଖି ଖୋଲି ଦେଇଛି । ତାହା ନୋହିଥିଲେ ପରସମାରେ ବି ସେଇଦଶା ହୋଇଥାଆନ୍ତା । ଫଣିଫିଇ ଲତି ପଣ୍ଡାରୁ ସିନା ମନଜା ରହିଗଲା ।

ଏହି ଆଖି ଖୋଲାର ଫଳରେ କାଳ ବୋହୁର ଆସି କଲିକତା ସଫର କରିଗଲେ । ତାଙ୍କ ବାବୃତରେ ସେଠା ମନ୍ତ୍ରୀ ଦଳଅ ଓ ପ୍ରାଦେଶିକ କମିଟି ଦଳଅଙ୍କ ଭିତରେ ଅବନ ଥିବାରୁ ଏପରି ଶତ୍‌ପଠାଙ୍ଗ ହେଲା । ଅତଏବ ଏ ଦୁଇଦଳ ମିଳିଯିବା ଦରକାର ।

ଭାଗବତ ପୋଥିରୁ ପଦ କହିବା ସହଜ, ମାତ୍ର କାମ କରେ କିଏ ! ସେଥିପାଇଁ ଆଦର୍ଶ ଲୋଡ଼ା । ଆମେ କହୁଁ କି ବାଙ୍ଗବାସୀ ଓଡ଼ିଶାର ଆଦର୍ଶ ଆଖି ଆଗରେ ଦେଖନ୍ତୁ । ଏଠି ମନ୍ତ୍ରୀ ଦଳ ଓ ପ୍ରାଦେଶିକ କମିଟି ଦଳ କମିଠ ଏକ ମନ ଏକ ପ୍ରାଣରେ ରହିଛନ୍ତି । ଯେଉଁଥିକୁ ଯେଉଁ ଚଉଦ ପା ହେଲେ ଚଳେ ନାହିଁ । ଜଣେ ଅନଳ୍ପ ଖାମିନ୍ଦ ଭକ୍ତ, ପ୍ରଭୁ ଭକ୍ତ, ଗୁରୁ ଭକ୍ତ ମାନବ ଦରକାର, ତେବେ ଯାଇ ଘର ଚଳିବ ।

× × +

ବଙ୍ଗ ବ୍ୟାଧିର ଔଷଧ—ବ୍ୟବସ୍ଥା ସଭାର ସାନ ନିର୍ବାଚନ କରିବା ବୋଲି ଜବାହରଙ୍କ ମତ । ଏତିକି କଲେ ବଙ୍ଗ କଂଗ୍ରେସ ସୁଧୁରି ଯିବ । କିନ୍ତୁ ଏ ଔଷଧ ପ୍ରୟୋଗ କରି ରୋଗୀକୁ ମାରଦେଇ ତାକୁ ରୋଗ ଯାତନାରୁ ଉଦ୍ଧାର କଲା । ଏହା କଲେ ବଙ୍ଗଳା କଂଗ୍ରେସ ପଟେ ଯାଇ ବ୍ରଞ୍ଚି ଶିଖନ୍ତେ । କିନ୍ତୁ ବିଧାନ ବାବୁଙ୍କ ପରି ପୁରୁଣା ଡାକ୍ତର ଆଜ ଥାଉ ଏ ଦବେଇ ପ୍ରୟୋଗ କରିବାକୁ ଦେବେ ବୋଲି ଆଶା କରିବା ବୃଥା ।

× × ×

ଆମ ମହତାବ ସେଦିନ କଲିକତାରେ ମହାବୋଧି ସମିତିରେ ବଙ୍ଗଳା ଭାଷାରେ ଭାଷଣ ଦେଇ ଓଡ଼ିଆର ମନ ରଖି ଆସିଲେ—ମାତ୍ର ଏଠା ଲୋକ ସେଥିପାଇଁ ତାଙ୍କ ନାଆଁରେ ନିନ୍ଦା ରଚନା ଦେଉଛନ୍ତି, କହୁଁ କି ବଙ୍ଗଳାରେ କହିଲେ ବୋଲି । ମହତାବଙ୍କ ଆଗରୁ ମଧ୍ୟ ୧ରେ ଦିଥର ବଙ୍ଗଳାରେ ଭାଷଣ ଦେଇ "ଇନ ଆମା ଦେର ବାଙ୍ଗାଲି" ବୋଲି ବଙ୍ଗାଳୀଙ୍କଠାରୁ ବାହାବା ପାଇଛନ୍ତି । ଆମ ମନେହୁଏ ଯେଉଁମାନେ ନିନ୍ଦା କରୁଛନ୍ତି, ତାଙ୍କୁ ବଙ୍ଗଳା କହି ଆସେ ନାହିଁ । କିଏ ନଜାଣେ ଯେ ମହତାବଙ୍କ ଓଡ଼ିଶାର ପ୍ରଧାନମନ୍ତ୍ରୀ ହୋଇଥିଲେ ମଧ୍ୟ ନିଜକୁ ଓଡ଼ିଆ ନକହି ଗଙ୍ଗପୁତାନାବାସୀ ଗ୍ରେହାନ ରାଜପୁତ୍ ବୋଲି କହନ୍ତି । କାହାକୁ ଜଣା ନାହିଁ ଯେ କ୍ଷୁଦ୍ର ପ୍ରାଦେଶିକତାକୁ ସେ କପରି ଘୃଣା କରନ୍ତି । ସେ ଯେ ମହା ଭାରତୀୟ । ଯେଉଁଠିକି ଯିବେ ସେହି ଭାଷାରେ କହି ପାରିବେ ସେ । ଏଭଳିଆକୁ ଗୁଣ ବୋଲି ନକହି ଯେଉଁମାନେ ଉକୁଣୀ ମାରି ବସନ୍ତି ତାଙ୍କୁ ଅସହ୍ୟ ଲୋଣୀ, ଦେଶଦ୍ରୋହୀ ନକହି ଆଉ କଣ କୁହାଯିବ ।

÷ ÷ ÷

ଓଡ଼ିଆଙ୍କ ଭଳି ଖାପ-ଖୁଆ (adaptability) ଗୁଣ ଆଉ କେଉଁ ଜାତିର ଅଛି ବୋଲି ଆମକୁ ଜଣା ନାହିଁ । ବେଶ ଭୂଷା, ଭାଷାଦିରେ ଓଡ଼ିଆ ଯେପରି ଅପରକୁ ଅନୁକରଣ କରି ପାରନ୍ତି ସେ କ୍ଷମତା ଆଉ କାହାର ଅଛି ? ଦୁଇଟି ପଣ୍ଡାମାନ ଯେପରି ସବୁ ଭାରତୀୟ ଭାଷାରେ ଅନର୍ଗଳ ନିଖୁଣ ଭାବରେ ବକି ପାରନ୍ତି, ଆଉ କିଏ ତାହା ପାରିବେ ? କେଉଁ ବଙ୍ଗାଳି ସେ ଯେତେ ବଡ଼ ବାଗ୍ମୀ ବା ପଣ୍ଡିତ ହେଉ, ଓଡ଼ିଶାକୁ ଆସି ଓଡ଼ିଆ ଭାଷାରେ ବକ୍ତୃତା ଦେଇ ପାରିବେ ? ଓଡ଼ିଆ ଛଡ଼ା ଏପରି ବାହାଦୁରି କରିବ କିଏ ? ଯାହାଙ୍କୁ ପୁଅ ମହତାବ କେବେ ପାରିଲେ ସିନା—କାରଣ ନିଜେ ନ ମାନନ୍ତୁ ପଛକେ, ସେ ଯେ ଓଡ଼ିଆ !

÷ + ÷

ସାମ୍ୟବାଦୀ ନେତା ଶ୍ରୀ ଲୋହିଆ କହି ଚେତାଇ ଦେଇଛନ୍ତି କି ୫ବର୍ଷ ଦୁଇବର୍ଷ ଭିତରେ ଭାରତର ଖାଦ୍ୟ ଆମଦାନୀ ନ ବଢ଼ିଲେ ଏପରି ଘୋର ଦୁର୍ଭିକ୍ଷ ପଡ଼ିବ ଯେ ଯାହା କହିବାର କଥା ନୁହେଁ । ତାଙ୍କ ମତରେ ନେହେରୁ ଯଦି ଅପାରଗ ହେଉଛନ୍ତି ସବୁ ସମ୍ଭାଳିବାକୁ ତେବେ କାମ୍ଯୁ ପ୍ରକଳ୍ପକୁ ଛାଡ଼ିଦେଲେ ସେ କଣ ପାରନ୍ତେ ନାହିଁ । ମହତାବ ନ ପାରିଲେ ମଙ୍ଗରାଜ ପାରିବେ ତ ।

× × ÷

ଶ୍ରୀ ଶଙ୍କର ରାଓ କଂଗ୍ରେସରେ ପ୍ରଧାନ ସମ୍ପାଦକ । ସେ କହୁଛନ୍ତି କଂଗ୍ରେସର ମାନ ଓ ପ୍ରଭାବ ଊଣା ହୋଇ ଗଲାଣି । ହରିମାନଙ୍କୁ ହୋଇ ମରିଯିବା ଠାରୁ ଭାଙ୍ଗି ଦେବା ଉଚିତ ଅଗତ୍ୟା । ଆମେ କହୁଁ—ମରିବା ଯେବେ ନିଶ୍ଚିତ, ଗୃହୀକ ମଡାନ୍ ସ୍ୱାରେ ଯେତେଦିନ ଜୀବନ ରହୁଛି, ଦୁମଜାଳୁ ଟିକି ନିଅ ମନଇଚ୍ଛା ।

÷ ÷ +

ଶଙ୍କର ଦେଓଙ୍କ ମତରେ ବଡ଼ ବଡ଼ ଦୂରର ଫଳ-ପ୍ରସୂ ଯୋଜନାମାନ ଛାଡ଼ ସଦ୍ୟ ଫଳ ମିଳିବା ଛୋଟ ଛୋଟ କାମ ସବୁ ଆମେ କରିବା ଉଚିତ ।

କିନ୍ତୁ ସେ ବୁଝୁ ନାହାନ୍ତି ଯେ ଯେତିକି ଲମ୍ବ ଯୋଜନା କରାଯିବ ଯୋଜକ ମାନଙ୍କ ଆୟୁ ସେତେ ବଢ଼ିବା ଆଶାରେ ଏ ଯୋଜନା କରା ହୋଇଛି । ଆଉ ମଧ୍ୟ ବଡ଼ ଯୋଜନା ଥିଲେ ସିନା ବଡ ଠକା ଚଳିବ ।

÷ + +

ପଶ୍ଚିମ ବଙ୍ଗଳାରେ ଯେଉଁ ପରିସ୍ଥିତି—ଶୁଣାଯାଏ ଜବାହର ଲାଲ ନେହେରୁ ତ ପଟେଲ ପଟେ । ଜବାହର ଲାଲ ସାନ ନିର୍ବା- ଚନ କରିବାକୁ କହିଲା ବେଳକୁ ନେହେରୁ ପାଟି- କରି ମନା କରୁଛନ୍ତି—ଥାଉ, ଥାଉ, କଂଗ୍ରେସ ର ମାନ ହାନି ହୋଇଯିବ । ମନେ ହେଉଛି ପଟେଲଙ୍କ ମଥାର ମାନ ଦଣ୍ଡଟାରେ ପାସଙ୍ଗ ଲୋଡ଼ା । ମାନଟାକୁ ସେ ଲୁଚାଇ ରଖି ଥାଆନ୍ତୁ ଘୋଡ଼ା ଚିଇବେ ।

—*—



Digitized by srujanika@gmail.com

ସେଦିନ ଆମଗାଁ ସମିତି ଘରେ ଭାଷଣ ଚାଲିଥିଲା। ଏ ଯେଉଁ ସମିତି ଘର ଥିଲା - ତାହା ସେ ଆମ ମୁରବୀ ଭାଗବତ ତୁଙ୍ଗୀର ଆଧୁନିକ ସଂସ୍କରଣ। ଗାଁର ସବୁ ଯୁବକ ମାନଙ୍କ ଉଦ୍ୟମରେ ଏହା ଗଢ଼ି ଉଠିଛି। ତା ବୋଲି ଯେ ଭାଗବତ ତୁଙ୍ଗୀ ଏକେବାରେ ଉଠିଯାଇଛି ତା ନୁହେଁ। ବୁଢ଼ାମାନେ ଏବେ ବି ନିତିନିୟମିତ ରୂପେ ଗୋଟାଏ ଯାଗାରେ ଏକାଠି ହୋଇ ଭାଗବତ ଟୀକାଠାରୁ ଆରମ୍ଭ କରି ଭାଗବତ ଚର୍ଚ୍ଚା ପର୍ଯ୍ୟନ୍ତ ସବୁ କରି ଆସୁଛନ୍ତି।

ଆମର ଏ ଯେଉଁ ସମିତି ହେଲା ତାହା ପଲ୍ଲୀ ମଙ୍ଗଳ ସମିତି। ତାହାର ବୈଠକଘରକୁ ଆମେ କେହି କ୍ଲବ୍, କେହି ସମିତିଘର ବା କେହି କେହି ଅଫିସ କହୁଥାଉଁ। ଗ୍ରୀଷ୍ମ, ଦଶହରା, ବଡଦିନ ପ୍ରଭୃତି ଛୁଟି ସମୟରେ

## ଶ୍ରାଦ୍ଧ ସଭା

ଆମର ଏହି ସମିତିଘର ସରଗରମ ହୋଇଉଠେ କାରଣ ଆମ ଗାଁର ପାଠପଢ଼ା ଟୁଆଟୋକା ସେହି ସବୁ ସମୟରେ ଛୁଟି ପାଇ ଗାଁରେ ଆସି ହାଜର ହୁଅନ୍ତି। ସେତେବେଳେ ଦିନ୍ ଦିନ୍ ସଭା ସମିତି ବୈଠକର ଧୁମ୍ ଲାଗେ। ଆଜି ଅମୁକଙ୍କର ଜୟନ୍ତୀ, କାଲି ଅମୁକଙ୍କର ଶ୍ରାଦ୍ଧସଭା, ଆଜି କୃଷିଦିବସ ପାଳନ ହେଉଛି କାଲି ସପ୍ତାହ ସ୍ବଚ୍ଛତାପାଳନ। ମୋଟରେ ଆମର ଏଠାରେ ସବୁଦିନ ପାଇଁ ସ୍ଥାନ ଥାଏ। ଏମିତି କେତେଦିନରୁ ବୈଠକବା ସଭା ଯୋଗୁଁ ବକ୍ତୃତା ଦେବାରେ ଆମ ଭିତରୁ ଅଧିକାଂଶଙ୍କର ଅଭ୍ୟାସ ହୋଇଗଲାଣି। ପହିଲେ ପହିଲେ ଲାଜମାଡୁଥିଲା, ଗୋଡ଼ ଥରୁଥିଲା, ତଣ୍ଟି ଶୁଖି ଆସୁଥିଲା। ଏବେ ସେ ସବୁ ଗଲାଣି।

ଆମ ସମିତିରେ ଗୋପବନ୍ଧୁ, ମଧୁସୂଦନ, ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ ଶ୍ରାଦ୍ଧ ଦିବସ ଓ ଅନ୍ୟ କେତେକ ସ୍ବନାମଧନ୍ୟ ବ୍ୟକ୍ତିଙ୍କ ଜୟନ୍ତୀ ବରାବର ପାଳିତ ହୋଇ ଆସୁଛି। ଏ ସବୁଦିବସ କେବେ ପଡ଼େ ତାହା ଆମେମାନେ ଦୈନିକ କାଗଜମାନଙ୍କ ମାରଫତରେ ଜାଣିଥାଉଁ। ଏହି ଦୈନିକ କାଗଜମାନ ନିଜ ନିଜ ସମ୍ପାଦକୀୟ ସ୍ତମ୍ଭରେ ଏସବୁ ଦିବସର ଘୋଷଣା କରନ୍ତି। ଶ୍ରାଦ୍ଧ ଦିବସ ମାନଙ୍କର କାର୍ଯ୍ୟକ୍ରମ ମଧ୍ୟ ଆଗରୁ ଘୋଷିତ ହୋଇଥାଏ; ଯେଣୁ ଶ୍ରାଦ୍ଧଦିବସରେ ଆମେମାନେ ପ୍ରଭାତ ଫେରି, ଜଳସେଚନ, ପତାକା ଉତ୍ତୋଳନ, ପୁଷ୍ପଚକ୍ର (ସବୁକ୍ଷେତ୍ରରେ ନୁହେଁ) ଓ ସଭାର ବନ୍ଦୋବସ୍ତ କରୁ। ଏ ସେସବୁ ଯଥାବିଧି ପାଳିତ ହେବାପରେ ତାହାର ବିବରଣୀ ଦୈନିକ ପତ୍ରିକା ମାନଙ୍କୁ ପଠାଇଦେଉଁ। ଦୈନିକ କାଗଜର ସମ୍ପାଦକମାନେ ସବିସ୍ତାରେ ହେଉ ବା ଚୁମ୍ବକରେ ହେଉ ଆମ ଗାଁ ନାମ ଓ ଆମ ସମିତି ନାମ ଦେଇ ଯେତେବେଳେ ଖବରଟାକୁ ଛାପିଦିଅନ୍ତି, ସେତେବେଳେ ଆମେ ଆମର ଶ୍ରମ ସାର୍ଥକ ହେଲା ବୋଲି ଭାବୁ; ଅବଶ୍ୟ ଖବରଟାକୁ ଗଣ୍ଡା ଗଣ୍ଡା ସେହି ଜାତୀୟ ଖବର ମଧ୍ୟରେ ଅତି ଚୁମ୍ବକରେ ଛାପିଦେଲେ ଆମେ ମନେ ମନେ ଟିକିଏ କ୍ଷୁଣ୍ଣ ହେଉ।

ସେଦିନ ଖବର କାଗଜରେ ବାହାରିଲା "କଟକ ରଙ୍ଗବସମିତିର ସମ୍ପାଦକ ଶ୍ରୀ ନରେଶ୍ୱର ଖୁଣ୍ଟିଆ ଲେଖିଛନ୍ତି ଯେ ସ୍ୱର୍ଗୀୟ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ଜୁନ୍ ମାସ ୫ ତାରିଖରେ ପାଳିତ ହେବ। ସ୍ୱର୍ଗୀୟ ଦାସ ଜଣେ, ପ୍ରତିଭାଶାଳୀ, କାର୍ଯ୍ୟଦକ୍ଷ ଓ କର୍ତ୍ତବ୍ୟପରାୟଣ ଦେଶ ସେବକ ଥିଲେ। ଯେଣୁ ତାଙ୍କର ଶ୍ରାଦ୍ଧବାସର ଯେପରି ପୁର ପଲ୍ଲୀ ସର୍ବତ୍ର ବିଶେଷତଃ ଯୁବକମାନଙ୍କ କର୍ତ୍ତୃକ ପାଳିତ ହୁଏ ସେଥିପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଦୈନିକ ସମ୍ବାଦପତ୍ରଟି ଯଥା ସମୟରେ ଆମ ସମିତିର ହସ୍ତଗତ ହେଲା, ଅନ୍ୟାନ୍ୟ ଖବର ମଧ୍ୟରେ ଏ ଖବରଟା ପଢ଼ି ଆମର ଯୁବକ ମନ ଉଦ୍‌ବେଳ ହୋଇ ଉଠିଲା, ସ୍ୱର୍ଗୀୟ ଦାସଙ୍କର ଶ୍ରାଦ୍ଧବାସର ଆମ ସମିତିରେ ପାଳନ କରାଯିବ ବୋଲି ସ୍ଥିର ହେଲା, ଶ୍ରାଦ୍ଧଦିବସର କାର୍ଯ୍ୟକ୍ରମ ଆମର ଏକାପରି ମୁଖସ୍ଥ ଥାଏ। ଏହି ସମିତି ଘରେ କେତେ କେତେ ଲୋକଙ୍କର ଶ୍ରାଦ୍ଧଦିବସ ପାଳିତ ହୋଇ ଆସିଛି। ସକାଳୁ ପ୍ରଭାତ ଫେରି, ପତାକା ଉତ୍ତୋଳନ ପ୍ରଭୃତି ହେବାର କଥା, ସାଧାରଣ ସଭା! ସ୍ୱର୍ଗୀୟ ଗୋପବନ୍ଧୁ ଦାସଙ୍କର ଶ୍ରାଦ୍ଧ ଦିବସରେ ସଭା ସେହି କାର୍ଯ୍ୟକ୍ରମର କୌଣସି ବ୍ୟତିକ୍ରମ ଘଟିଲା ନାହିଁ। ସବୁ ଯଥାବିଧି ପାଳିତ ହେଲା।

ସନ୍ଧ୍ୟାକୁ ସଭା। ସମିତି ଘରଟି ପତ୍ର ପୁଷ୍ପରେ ସଜା ହୋଇଛି। ଦୁର୍ଭାଗ୍ୟକୁ ସ୍ୱର୍ଗୀୟ ଦାସଙ୍କର ଫଟୋ ସମିତିଘରେ ନଥିଲା। ନୋହିଲେ ତାକୁ ମଧ୍ୟ ପତ୍ର ପୁଷ୍ପରେ ସଜେଇବାକୁ ପଡ଼ିଥାନ୍ତା। ସନ୍ଧ୍ୟାକୁ ଗାଁର ସମସ୍ତଙ୍କୁ ସମିତି ଘରକୁ ଆସିବାକୁ କୁହାଯାଇଛି। ଓଳିବେଳକୁ ଗାଁ ଲୋକେ ଯେଝା ଯେଝାର କାମ ଚାଲିଛି ସଅଳ ସଅଳ ସାରି ଦେଇ ଆସି ସମିତି ଘରେ ଜୁଟିବାକୁ ଲାଗିଲେ। ବୁଢ଼ା ବୁଢ଼ୀଏ ନାତି ନାତୁଣୀଙ୍କୁ ସାଥି ସଙ୍ଗରେ ଧରି ଆସିଥାନ୍ତି। ଉଦେଶ୍ୟ ସମିତି ଘରେ ଅନେକ ସମୟରେ ସଭା

ଲେଖ—ଶ୍ରୀ ପରମାନନ୍ଦ ମହାନ୍ତି

ପ୍ରଭୃତି ଶେଷକୁ ସାମାନ୍ୟ ଜଳଯୋଗର ବ୍ୟବସ୍ଥା ବି ନ ଦିନେ ହେଉଥାଏ। ଏ ଜଳଯୋଗର ବ୍ୟବସ୍ଥା ସମିତି ସଭ୍ୟମାନଙ୍କର ଗୋଟାଏ ଅସ୍ତ୍ର ରୂପେ ବ୍ୟବହୃତ ହୁଏ। ଗାଁ ଲୋକେ ସାଧାରଣତଃ ଦିନଯାକ ହାଡ଼ଭଙ୍ଗା ପରିଶ୍ରମ କରି ପୁଣି ସନ୍ଧ୍ୟାବେଳକୁ ଆସି ସଭା ସମିତିରେ ଯୋଗ ଦେବାକୁ ସୁବିଧା କରିପାରନ୍ତି ନାହିଁ। ଅଳ୍ପ ଯେଉଁମାନେ ସୁବିଧା କରି ଆସନ୍ତି ସେମାନେ ସଭା କାର୍ଯ୍ୟ ଆରମ୍ଭ ହେଉ ନହେଉଣୁ ପ୍ରାୟ ଢୁଳେଇ ପଡ଼ନ୍ତି। କିନ୍ତୁ ସଭାଶେଷକୁ ଜଳଯୋଗ ବା ଫଳାହାରର ବ୍ୟବସ୍ଥା ଥିବାର ଖବର ଜାଣିଥିଲେ ସମସ୍ତେ ଲୋକ ଟିକିଏ ଚେତା ଥାଆନ୍ତି। ଆଉ ସଭାରେ ଉପସ୍ଥାନ ମଧ୍ୟ ଭଲ ହୁଏ। ଅତଏବ ସଭାର ଉଦ୍ୟୋକ୍ତାମାନେ ସେପରି କିଛିର ବ୍ୟବସ୍ଥା କରିଛନ୍ତି କି ନାହିଁ ତାହା ଅଧିକାଂଶ ଗ୍ରାମବାସୀଙ୍କୁ ଜଣାନାହିଁ; ତଥାପି ଉଦ୍ୟୋକ୍ତା ମାନଙ୍କ ପ୍ରଚାର ଫଳରେ ଉପସ୍ଥାନ ମନ୍ଦ ହେଲା ନାହିଁ।



Digitized by srujanika@gmail.com

ସଭାପତି ନିର୍ବାଚନ ପରେ ପ୍ରାରମ୍ଭିକ ସଙ୍ଗୀତ ବୋଲା ଯିବ ସବୁ କାର୍ଯ୍ୟ ଆରମ୍ଭ ହେଲା। ଏ ସବୁ ବିଶେଷ ବିଶେଷ ଉପଲକ୍ଷ୍ୟ ପାଇଁ ବେଟେନ୍ଦ୍ରଙ୍କ ବନ୍ଧା ବନ୍ଧା ଗୀତ ଅଛି। ସେଥିରୁ ଗୋଟିଏ ବାଛି ସଭାରେ ବୋଲା ଗଲା। ସଭାର କାର୍ଯ୍ୟକ୍ରମ ଉଦ୍ୟୋକ୍ତା ମାନେ ସଭାପତିଙ୍କ ହାତକୁ ଦେଇ ଦେଇଥିଲେ। ଆଜି କାଲି ସଭା-ବହୁଳ ଯୁଗରେ ସଭା ପରିଚାଳନାରେ କୌଣସି ତ୍ରୁଟି ସାଧାରଣତଃ ଲକ୍ଷିତ ନ ହେବାର କଥା। ସଭାପତି ଗାଁ ସ୍କୁଲ ହେଡ୍ ପଣ୍ଡିତ। ସେ ମହାଶୟ ବୟସ୍କ ଲୋକ, ପ୍ରବୀଣ ବୋଲି ମଧ୍ୟ ଖ୍ୟାତି ଅଛି। ଅଧିକା ସଭାର ଉଦ୍ୟୋକ୍ତାମାନେ ଅଧିକାଂଶ ହେଡ ପଣ୍ଡିତଙ୍କ ହାତଗଢ଼ା ଛାତ୍ର। ସେମାନେ ସମସ୍ତେ ତାଙ୍କର ପାଖରେ ପଢି ଆଜି ଗୋଟିଏ ଗୋଟିଏ ଛୋଟ ଧରଣର ନେତା ହୋଇ ପାରିଛନ୍ତି ଦେଖି ପଣ୍ଡିତେ ମହାଶୟ ମନେ ମନେ ବଡ଼ ଗର୍ବ ଅନୁଭବ କରନ୍ତି। ଭୂତ ଛାତ୍ର ମାନଙ୍କ ମଧ୍ୟରୁ କେଇଟା ନିର୍ବାଚିତ ବାଳୁଙ୍ଗାଙ୍କୁ ତାଙ୍କର ପ୍ରାପ୍ୟ ଭକ୍ତି ଦେଖାନ୍ତି। ଯାହାହେଉ ପଣ୍ଡିତ ମହାଶୟ ଯଥାର୍ଥରେ ସଭାପତିର ଆସନ ଅଳଙ୍କୃତ କଲେ। କାର୍ଯ୍ୟକ୍ରମ ଦେଖି ପ୍ରାରମ୍ଭିକ ସଙ୍ଗୀତ ବୋଲା ସରିଯାଇଥିବାରୁ ସେଥିରେ ଗୋଟିଏ 'ଅସ୍ତି' ଚିହ୍ନ ମାରିଦେଇ ତାହାର ପରବର୍ତ୍ତୀ କର୍ମଟାକୁ ପଢ଼ି ଶ୍ରୀମାନ୍ ଯୁଗଳକିଶୋରକୁ ସଭାର ଉଦ୍ଦେଶ୍ୟ ଓ ଯାହାଙ୍କ ଶ୍ରାଦ୍ଧ ବାସରରେ ସମସ୍ତେ ଏଠାରେ ଋଣୀଭୂତ, ତାଙ୍କର ଗୁଣାବଳୀ କୀର୍ତ୍ତନ କରିବାକୁ ଅନୁରୋଧ କଲେ।

ଶ୍ରୀମାନ ଯୁଗଳକିଶୋର କଟକରେ କଲେଜରେ ପଢ଼ନ୍ତି। ୧୯୪୨ ମସିହାର ରାଜନୈତିକ ଜାଗରଣ ଯେଉଁ କେତେ ଜଣଙ୍କୁ ଅତିମାତ୍ରାରେ ସଚେତନ କରାଇଥିଲା, ଯୁଗଳକିଶୋର ସେହିମାନଙ୍କ ମଧ୍ୟରୁ ଜଣେ। ଗାଁ ପାଖ ରାସ୍ତା ପାଖରେ ଥିବା ଟେଲିଗ୍ରାମ ତାରକୁ କାଟି ୧୯୪୨ ରେ ସେ କାରାବରଣ କରିଥିଲେ। ଜେଲ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ଘୂର୍ଣ୍ଣିପାକ ମଧ୍ୟରେ ସେ ଘୂରି ଘୂରି ଅନେକ କଥା ହାସଲ କରିଛନ୍ତି। ଜେଲରୁ ଫେରି ସେ କଲେଜରେ ନାଁ ଲେଖାଇ ମଧ୍ୟ ପଢ଼ାକୁ ବାହାରି ଆସି ପାରି ନାହାନ୍ତି। ଗ୍ରାମର ଯୁବକମାନଙ୍କ ମଧ୍ୟରେ ଯାହାକିଛି ଆନ୍ଦୋଳନ କରାଯାଉଛି ସେ ସମସ୍ତ ତାଙ୍କର ଯୋଗୁଁ କହିଲେ ଚଳେ, ଅତଏବ ସଭାର ଆରମ୍ଭରେ ଯେ ସେ କହିବେ ଏଥିରେ କାହାରି ସନ୍ଦେହ ନଥିଲା। କିନ୍ତୁ ଯୁଗଳକିଶୋର ଏଣେ ଏକ ମହା ବିପଦରେ ପଡ଼ିଛନ୍ତି। ସଭାର ଆୟୋଜନ ହେଲା ବେଳଠାରୁ ସେ ଚିନ୍ତା କରୁଛନ୍ତି ଯେ 'ଗୋପବନ୍ଧୁ କର' ପୁଣି କିଏ। ପୁଣି ଭାବିଲେ ନା ନା। ଏସବୁ ଏ କାଗଜ ବାଲାଙ୍କର ଭୁଲ। ଅନେକ ସମୟରେ କିଣ ନାହିଁ କ'ଣ ଭୁଲରେ ଛାପି ଦେଉଛନ୍ତି। 'ଦାସ'ଙ୍କ ଜାଗାରେ 'କର' ଛାପି ଦେଇଛନ୍ତି ବୋଧହୁଏ। ଏଣେ ମଧ୍ୟ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସଟା ଠିକ୍ କେଉଁ ମାସର କେଉଁ ତାରିଖରେ ପଡ଼େ ସେଇଟା ଭାବି ଠିକ୍ କରି ପାରୁ ନାହାନ୍ତି। ସାଙ୍ଗର କେତେ ପିଲା ମଧ୍ୟ ସ୍କୁଲ କଲେଜରେ ପଢ଼ନ୍ତି। କିନ୍ତୁ ଯୁଗଳ କିଶୋର ଯେ କି ସମସ୍ତଙ୍କ ଅଗ୍ରଣୀ ସବୁ କଥାରେ ସେ ବା କିପରି ସମସ୍ତଙ୍କ ଆଗରେ ନିଜକୁ ଛୋଟକରି ନିଜର ଅଜ୍ଞତା ପ୍ରକାଶ କରିବେ। ଏହାପରେ ଗୋଳମାଳଅରେ ପଡ଼ି ସଭାପତିଙ୍କ ଆହ୍ୱାନ କ୍ରମେ ସେ ବକ୍ତୃତା ଦେବାକୁ ଛିଡା ହୋଇ ପଡ଼ିଲେ। ଛିଡାହୋଇ ସେ ଆଜି ଆଗପଛ ନ ଭାବି ଗୋପବନ୍ଧୁଙ୍କ ଜୀବନୀ ଗୋପବନ୍ଧୁ—ନେତା—ସେବକ—ସଂପାଦକ—କବି ଓ ଦାର୍ଶନିକ—ବିଭିନ୍ନ ଦୃଷ୍ଟି କୋଣରୁ ଆଲୋଚନା କରି ଗଲେ। କିଛି ସମୟ ବକ୍ତୃତା ଦେଇସାରି ସେ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ଘନ ଘନ କରତାଳି ମଧ୍ୟରେ ଆସନ ଗ୍ରହଣ କଲେ। ଆମ ଏଠା ସମିତି ଘନ ଧ୍ୱନିରେ କରତାଳିଟା ଖୁବ୍ ଚଳେ।

ତା' ପରେ ସଭାପତି ମହାଶୟ ଡାକ ଦେଲେ ଜଗଦୀଶ ପ୍ରସାଦଙ୍କୁ, ଜଗଦୀଶ ବାବୁ ମଧ୍ୟ କଲେଜଛାତ୍ର। ସେ ଟିକିଏ ନିଆରା ପ୍ରକୃତିର। ତେବେ କଲେଜରେ ଆଜିକାଲି ଯୁଗର ଛାତ୍ର ହୋଇ ରାଜନୀତି ସଂସ୍ପର୍ଶରୁ ଦୂରରେ ରହିବା ଏକାବେଳେକେ ଅସମ୍ଭବ, ତେଣୁ ସେ ମଧ୍ୟ ଏଥିରୁ ସମୟ ଅସମୟରେ କିଛି କିଛି ଚର୍ଚ୍ଚା କରୁଥାନ୍ତି। ନହେଲେ ପଛରେ ପଡ଼ିଯିବେ ଯେ। କିନ୍ତୁ ସେ ଅସଲରେ ଟିକିଏ ସାହିତ୍ୟିକ ଓ ସାମାନ୍ୟ କବି ପ୍ରକୃତିର। ଅନେକ ସମୟରେ ସେହି କେବଳ ଯୁଗଳ କିଶୋରଙ୍କ କଥାରେ ଯା'ହାପଦେ ଅଧେ ଭିଡନ୍ତି, କିନ୍ତୁ ଅନ୍ୟମାନେ ଯୁଗଳକିଶୋରଙ୍କ କଥାରେ ପଦେ ଫିଟେଇବାକୁ ସାହସ କରନ୍ତି ନାହିଁ। ଯୁଗଳ କିଶୋର ଯେତେବେଳେ ଗୋପବନ୍ଧୁ ଦାସଙ୍କ ଜୀବନୀ ଆଲୋଚନାରେ ଲାଗିଲେ ସେତେବେଳଠୁଁ ତାଙ୍କୁ କେମିତି କେମିତି ଲାଗିଲାଣି, ତାଙ୍କର ଖାଲି ମନେ ପଡୁଥାଏ ଆଉ ଜଣେ କରଙ୍କ କଥା। ସେ ସାହିତ୍ୟିକ ଓ ବାଗ୍ମୀ ଥିଲେ। 'କର' ମନେ ପଡ଼ୁଛି ଠିକ୍, କିନ୍ତୁ ନାଁଟା ଠିକ୍ କି 'କର' ତାହା ମନେ ପଡୁନାହିଁ। କିନ୍ତୁ ସଭାରେ ଯେତେବେଳେ କହିବାକୁ ଡାକରା ପଡ଼ିଲାଣି ସେତେବେଳେ ଆଉ 'କର' ବା 'ଦାସ' ମଧ୍ୟରେ ତର୍କ ମୀମାଂସା କରିବାକୁ ଅବସର ନାହିଁ। ସେ ଆଗପଛ ନ ଭାବି ଛିଡ଼ା ହୋଇ ପଡ଼ିଲେ। କିନ୍ତୁ ତାଙ୍କ ବକ୍ତୃତାରେ କେବଳ 'କର' ବା 'କର ମହାଶୟ' ଛଡ଼ା ଗୋପବନ୍ଧୁ ବୋଲି ମୋଟେ ଧରିଲେ ନାହିଁ। ଜଗଦୀଶ —ଉତ୍କଳ ସାହିତ୍ୟର ପ୍ରାଣଦାତା—ପ୍ରତିଷ୍ଠାତା—ସ୍ୱର୍ଗତ କର ମହାଶୟ ଦେଶର ନମସ୍ୟ କର ମହାଶୟଙ୍କ ଜୀବନୀ ଆଲୋଚନା କରି ଗଲେ। ସେତିକିବେଳେକୁ ସଭାର ଯେ କେତେଜଣ ଲୋକ ଅନ୍ତତଃ ସଚେତନ ଥିଲେ ସେମାନଙ୍କ ମନରେ ଘୋର ସନ୍ଦେହ ଜାତ ହେଲାଣି ଆଜି ଯେ କେତେଜଣ କଲେଜ ସ୍କୁଲ ପଢୁଆ ଛାତ୍ର ଥିଲେ ସେମାନେ କେହି ଯୁଗଳର କେହି ଜଗଦୀଶର ପକ୍ଷ ନେଇ ଆପଣା ଆପଣା ମଧ୍ୟରେ ଘୋର ତର୍କା—ତର୍କି ଆରମ୍ଭ କରି ଦେଲେ। ଜଗଦୀଶର ବକ୍ତୃତା ସରିଲା। ସଭାପତିଙ୍କ ଆହ୍ୱାନ କ୍ରମେ ଆଉ କେତେ ଜଣ ବକ୍ତୃତା ଦେବାକୁ ଉଠିଲେ। ସେମାନଙ୍କ ମଧ୍ୟରୁ କେହି କେହି ଯୁଗଳକୁ ଓ କେହି ଜଗଦୀଶକୁ ସମର୍ଥନ କରି ବକ୍ତୃତା ଦେଲେ। କ୍ରମେ ସଭାରେ ମୃତ ମନୀଷୀଙ୍କର ଜୀବନୀ ଆଲୋଚନା ବନ୍ଦରହି ଗୋପବନ୍ଧୁ ଓ କର ଦଳଙ୍କ ମଧ୍ୟରେ ତୁମୁଳ ବାକ୍ ଯୁଦ୍ଧର ଅବତାରଣା ହେଲା। ସ୍ପଷ୍ଟତଃ ଦୁଇଟା ଦଳ ସୃଷ୍ଟି ହୋଇ ଗଲା। ସଭାପତି ମହୋଦୟ ସଭାର

( ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ )



Digitized by srujanika@gmail.com



"ଆପଣଙ୍କୁ ଗୋଟାଏ ଟିକେଟ୍ ନେବାକୁ ହେବ"

"ମୋ ପାଖରେ ବର୍ତ୍ତମାନ ପଇସା ନାହିଁ, ତା ଛଡ଼ା..."

"ନା, ଆପଣଙ୍କୁ ନେବାକୁ ହେବ"

"ଦେଖ, ଗରିବ ଲୋକ ମୁଁ, କଅଣ ଅବା ଦରମା ପାଏଁ, ଏବେ ପଇସା..."

"ଆପଣ ମିନତିର ଭାଇ, ନା ?"

"ହଁ"

"ଆପଣଙ୍କୁ ଟିକେଟ୍ ନେବାପାଇଁ ହେବ" —ଚମତ୍କାର ଯୁକ୍ତି ! ନେଲି । ନେବାଛଡ଼ା ଅନ୍ୟ

## ପ୍ରବନ୍ଧ ଓ ପ୍ରକାଶ

ଉପାୟ ନ ଥିଲା । ତା ଉପଦ୍ରବରୁ ରକ୍ଷା ପାଇବା ସକାଶେ ସେଇଟା ଥିଲା ଏକମାତ୍ର ଉପାୟ ।

"ପଇସା ?"

ପକେଟରେ ପ୍ରକୃତରେ ପଇସା ନ ଥାଏ, କହିଲି—"ଦେଖ, ମୋ ପାଖରେ ବର୍ତ୍ତମାନ ପଇସା ନାହିଁ, ପଛେ ପଠାଇଦେବି"

"ନା, ନା, ଆପଣଙ୍କୁ ବର୍ତ୍ତମାନ ଦେବାକୁ ହେବ ।"—

କଅଣ ଆଉ କରାଯାଏ, ବାଧ୍ୟ ହୋଇ ଧାର କରିବାକୁ ହେଲା ପ୍ରାଣ ଭାଇଙ୍କ ପାଖରୁ ।

ସେଇଦିନ ତା ସଙ୍ଗରେ ମୋର ପ୍ରଥମ ଦେଖା—ସେ ଆସିଥିଲା ସ୍ଥାନୀୟ ବାଳିକା ବିଦ୍ୟାଳୟ ଛାତ୍ରୀ ମାନଙ୍କର ଭେରାଇଟି ସୋ'ର ଟିକେଟ୍ ବିକ୍ରୀ କରିବା ପାଇଁ । ଟିକେଟଟା ବଢ଼ାଇ ଦେଇ ପ୍ରଶ୍ନ କଲା—"ତୁମ ନା କଅଣ ?"

ସାଙ୍ଗେ ସାଙ୍ଗେ ଉତ୍ତର ଆସିଲା—"ମୋ ନାଁ ରୁ ଆପଣଙ୍କର କଅଣ ମିଳିବ"

"ଏତେ ଜୋର ଜବରଦସ୍ତି କରି ଟିକେଟ୍ ଖଣ୍ଡିଏ ଦେଲ, ପୁଣି ତୁମେ ମତେ ଜାଣ, ମୋ ଭଉଣୀକୁ ଜାଣ, ସେ କ୍ଷେତ୍ରରେ ମୋର ତୁମ ନାଁ ଟା ଜାଣିବାରେ ଦୋଷ କଅଣ ?"

ସେ ହସି ଦେଲା, ଅଳ୍ପ ଟିକିଏ ଲାଜେଇ ଚାହିଁ କହିଲା—"ମୋ ନାଁ ବନ୍ଧୁ ।"

ପଚାରିଲି — "କେଉଁ ଶ୍ରେଣୀରେ ପଢ଼ୁଛ ?"

ସେ ପୁଣି ଥରେ ହସି ଉଠି କହିଲା— "ମୁଁ ପଢ଼େନା । ପଢ଼ାଏଁ"

ମୁଣ୍ଡଟା ବୁଲାଇଗଲା । ଅଳ୍ପ ବୟସ, ମୋ ଠାରୁ ଅନେକ କମ ହେବ । ସ୍କୁଲରେ ପଢ଼ୁଛି ଭାବି ପ୍ରଥମରୁ 'ତୁମେ' ବୋଲି କହିବାକୁ ଆରମ୍ଭ କରିଥିଲି । ବର୍ତ୍ତମାନ 'ତୁମେ' ରୁ 'ଆପଣ'କୁ ଫେରିବାକୁ ଅସୁବିଧା ଜଣାଗଲା । କହିଲି—'ମୁଁ ଭାବିଥିଲି ଯେ ତୁମେ ଜଣେ ଛାତ୍ରୀ ତେଣୁ 'ତୁମେ' ବୋଲି କହିବାକୁ ଆରମ୍ଭ କରି ଦେଇ ଥିଲି । କିଛି ଭାବିଲ ନାହିଁ ତ ?'

—"ନା, ନା, ଭାବିବ କାହିଁକି ?"

"ଆଉ ତ ଛଡ଼ା ବୟସ ମଧ୍ୟ ତୁମଠାରୁ ଯଥେଷ୍ଟ ବେଶୀ ହେବ । ସେ କ୍ଷେତ୍ରରେ..."

"ଆପଣ ଯେ ସବୁ କିଛି ଭାବନ୍ତୁ ନାହିଁ ।" —ପୁଣି ଏପଟ ସେପଟ ଅନାଇ ପଚାରିଲା— "ମିନତି ଗଲା କୁଆଡ଼େ ?"

କହିଲି—"ବୋଧହୁଏ ଘରକୁ ଚାଲିଗଲା । ତା ସାଙ୍ଗରେ କଅଣ ଦରକାର ଥିଲା ?"

—"ହଁ, ତାଙ୍କ ଘରକୁ ଯାଇ ଥାଆନ୍ତି"

"କଅଣ ଟିକେଟ୍ ଦେବା ପାଇଁ ?"

"ହଁ"

"ଟିକେଟ୍ ନେବା ଲୋକ ସିଏ ତାକୁ ଦେଇ ସରିଲଣି, ପୁଣି ଆଉ କାହାକୁ ଦେବ ?"

ଲେଖକ—ଶ୍ରୀ କମଳ କୁମାର ମିଶ୍ର

"କାହିଁକି ପାଉସୀଙ୍କୁ ?"

ଆଶ୍ଚର୍ଯ୍ୟ ହେଲି । ଆମ ଘରେ କେତେ ଲୋକ ଅଛନ୍ତି ସେ ଖବର ପର୍ଯ୍ୟନ୍ତ ତାକୁ ଜଣା । କହିଲି —"ସେ କେବେ କୁଆଡ଼େ ଯାଆନ୍ତି ନାହିଁ ସେ ଟିକେଟ୍ ନେଇକି—" ପ୍ରକାରାନ୍ତରେ ଆମ ଘରକୁ ଯିବା ପାଇଁ ମନା କରି ଦେବାର କାରଣ ମଧ୍ୟ ଥିଲା । କାରଣ, ମାସ ଶେଷ । ଅଭାବ ଅନଟନ ତ ସାଧାରଣ ଥାଏ, ସବାଶେଷ ଯାହା ଅବା ଦି' ଚାରିଟା ଟଙ୍କା ଥିବ ଯୋଉ ସେଇକି ତା ଆଡ଼କୁ ବଢ଼ାଇ ଦେବି । ଫଳରେ ମତେ ଧାର କରି ଚଳିବାକୁ ପଡ଼ିବ !

ସେ ଆଉ ଫେରିଗଲା ପରେ ବାହାରି ଗଲା ବେଳେ ଦେଇଗଲା ଗୋଟାଏ ନମସ୍କାର ।

[ ମଜାକଥା ଅବଶିଷ୍ଟାଂଶ ]

ଏପରି ଗତି ହେବ ବୋଲି ଆଶା କରି ନଥିଲେ । ସେ ମଧ୍ୟ କାହାକୁ ସମର୍ଥନ କରି ତାଙ୍କ ସଭାପତିଙ୍କ କ୍ଷମତାଟା ଦେବେ ତାହା ଠିକ୍ କରିପାରୁ ନାହାନ୍ତି । ସଭାପତିତ୍ୱ କରିବା ତାଙ୍କର ନୌରସି, କିନ୍ତୁ ସଭାରେ ସଭାପତିଙ୍କୁ ଦେଲେ ବେଳେ ଲାଞ୍ଛିତ ହେବାକୁ ହୁଏ ଏକଥା ତାଙ୍କୁ ଗୋଚର ନଥିଲା । ସଭାରେ ଏପରି ଲୋକମାନେ ଶୁଣି ଯେଉଁମାନେ ପଛଆଡ଼େ ବସି ଢୁଳାଉଥିଲେ ବା ଆପଣା ମଧ୍ୟରେ କଥାବାର୍ତ୍ତା ହେଉଥିଲେ ସେମାନଙ୍କ ମଧ୍ୟରୁ କେତେକ ଖସିଗଲେ, ବାକି କେତେ ଜଣ ପଣ୍ଡମାନଙ୍କୁ କଳିରୁ ନିବୃତ୍ତ ହେବାକୁ ପ୍ରବର୍ତ୍ତାଇଲେ । ସମିତି ଘର ଭିତର ଅବସ୍ଥା ଏପରି ହେଲା ଯେ ସଭାପତି ପ୍ରମାଦ ଗଣିଲେ । ତାଙ୍କର ସଂସ୍ପୃହଣୀୟ ଭାଷଣଟା ଆଉ ହୋଇ ପାରିଲା ନାହିଁ କି ଶେଷ ସଙ୍ଗୀତ ବୋଲି ହେବାର ଅବସର ଆଉ ମିଳିଲା ନାହିଁ । କଥାଟା ହାତାହାତି ପର୍ଯ୍ୟନ୍ତ ଗଲା ପାଇଥାନ୍ତା । କିନ୍ତୁ ନିଜେ ସଭାପତି ଓ କେତେ ବୃଦ୍ଧଙ୍କର ଚେଷ୍ଟାରୁ ସେଇଟା ହୋଇ ପାରିଲା ନାହିଁ ।

ବହୁ ବାକ୍ ବିତଣ୍ଡା ପରେ ସେଦିନ ରାତିରେ ସମସ୍ତେ ଯେଝା ଯେଝା ଘରକୁ ଗଲେ । କିନ୍ତୁ ସେହି ମୁହୂର୍ତ୍ତରୁ ଉଦ୍ୟୋକ୍ତା ମାନଙ୍କ ମଧ୍ୟରେ ଦୁଇଟା ସ୍ୱତନ୍ତ୍ର ଦଳ ଗଢ଼ି ଉଠିଲା । ତା ପରଦିନ ଠାରୁ ଆମ ଗାଁ ର ସବୁ ପାକଚକ ସମିତିର ଉନ୍ନତି ପାଇଁ ସମବେତ ଭାବରେ ଚେଷ୍ଟା ନକରି କମେ ସମିତି ପ୍ରତି ଅନାସକ୍ତ ହୋଇ ଉଠିଲେ ! ଏବେ କିମ୍ବଦନ୍ତୀ ଗଡ଼ା ଆମ ଗାଁ ସମିତି ଶ୍ରାଦ୍ଧସଭା ଗୋଟାକରେ ଏପରି ଅଚଳ ହୋଇଗଲା ଭାବିଲେ ମନରେ ଏବେ ବି ଦୁଃଖ ହେଉଛି, କିନ୍ତୁ ସେ ଗୋଳ-ବନ୍ଦ କରି ଯେ ଠିକ୍ କଏ ତାହା ଆଜିଯାଏ ଭାବି ଠିକ୍ କରି ପାରୁନାହିଁ ।



Digitized by srujanika@gmail.com

ନମସ୍କାର । ଫେରାଇ ଦେଲି, କାରଣ ସେଇଆ ହେଉଛି ଭଦ୍ରତା ।

ଘଣ୍ଟାଏ ପରେ ଗଲି ସୁମିତା ଘରେ । ସେଦିନ ତାଙ୍କ ଘରେ ମୋର ଥିଲା ଖାଇବା ନିମନ୍ତ୍ରଣ । ପ୍ରାଣ ଭାଇ ମଧ୍ୟ ଆସିଥିଲେ । ତାଙ୍କର ପାଖରୁ ଯେ ଦଶ ଟଙ୍କା ଧାର କରି ବନ୍ଧୁ ନେଇଥିଲି, ସେଦିନ କୌଣସି ପ୍ରକାରେ ନିସ୍ତାର ପାଇଲି ।

ତା ପରଦିନ ମିନତି ସ୍କୁଲରୁ ଫେରି ଆରମ୍ଭ କରିଦେଲା ଗୋଟାଏ ସିନ୍ଧପଡ କାନ୍ଦଣା । ମୁଁ ପରା ତାଙ୍କ ଗୁରୁମାଙ୍କୁ ଆମ ଘରକୁ ଆସିବାକୁ ମନା କରିଦେଲି । ବୋଉ ମଧ୍ୟ ତା ସାଙ୍ଗରେ ମିଶି ଆରମ୍ଭ କରିଦେଲେ ତା ପାଟି ସାଙ୍ଗରେ ତାଳ ଦେବା ପାଇଁ । କଅଣ ଆଉ କରିବି, ଘରୁ ପଳାଇ ଯାଇ ନିଜକୁ ରକ୍ଷା କରିନେଲି ଅନ୍ତତଃ ସାମୟିକ ଭାବରେ ।

ତା ପରଦିନ ମିନତି ସ୍କୁଲକୁ ଗଲାବେଳେ ତାକୁ କହିଲି ତାଙ୍କ ବଡ଼ ଗୁରୁମାଙ୍କୁ ସାଙ୍ଗରେ ଧରି ଆଣିବାକୁ ।

ବନ୍ଧୁ ସେଦିନ ଆସି ପହଞ୍ଚିଲା ବେଳକୁ ମତେ ଧରିଥାଏ ଜ୍ୱର, ମେଲେରିଆ । ମାଘରେ ଚେସିମଡ, ମୁଣ୍ଡରେ ହାତ ଦେଇ କହି ଉଠିଲି— ମୁଣ୍ଡରେ ଯେ ଖଇ ଫୁଟୁଛି ।

ଓଦା ପଟି କଟେଇ କରିଆଣି ମୁଣ୍ଡରେ ଦେଇ ପାଖରେ ବସି ରହିଲା । ବୋଉ ଗୃହା ଚଳାଉଥାଅଣି ଦେଲେ । କେତେ ବାଧ ବାଧକତା ପରେ ସେ ଖାଇଲା ଅବଶ୍ୟ ସର୍ତ୍ତ ଅନୁସାରେ ଯେ ମୁଁ ଦିନେ ତାଙ୍କ ଘରେ ଯାଇ ଖାଇବି । ବୋଉ ରନ୍ଧା ଶାଳକୁ ଯିବା ପରେ ମୁଁ ତାକୁ କହିଲି—ତୁମେ ମୋ ନାଁରେ ମିନୁ ପାଖରେ କାହିଁକି ମିଛ କହିଥିଲ, ମୁଁ ତ ତୁମକୁ ଆମ ଘରକୁ ଆସିବାକୁ ମନା କରି ନଥିଲି ।

"ଦୋଷ କରିଥିଲି"—ତା ପରେ କଥା କାମୁଡ଼ି କହିଲା ନାଟକୀୟ ଭଙ୍ଗୀରେ "ଓଃ, ଭାରି ବଡ଼ ଦୋଷଟାଏ କରି ପକାଇଲି । ହେ ମହାଶୟ, ଆପଣଙ୍କ ଉଦାର ହୃଦୟର ପରୀକ୍ଷା ନେଉଥିଲି ମତେ କ୍ଷମା କର" କହୁ କହୁ ସେ ହାତ ଧରି ପକାଇଲା ହସି ହସି ।

ମୁଁ ତାର ହାତଟାକୁ ନିଜ ମୁଠାରେ ନେଇ କହିଲି—"ଓଃ ଥାଉ,...ସତେ ବନ୍ଧୁ ବଡ଼ ଦୁଷ୍ଟ, ବଡ଼ ଚଗଲା ତୁମେ ।"

କେତେ ବେଳ ପରେ ଜ୍ୱର ଛାଡ଼ି ଗଲା । ବନ୍ଧୁ ତାର ଅଞ୍ଚଳ ଦେଇ ମୋର ଜରୁଆ ଝାଳ ଟିକ ପୋଛି ଦେଲା ମୋର ମନା ନମାନି ।

ମୁଁ କହିଲି—ବନ୍ଧୁ, ସତେ ତୁମେ କେତେ ଭଲ ।

ସେ ହସି ଉଠିଲା, କହିଲା—ବର୍ତ୍ତମାନ ଦୁଷ୍ଟ ଥିଲି, ବର୍ତ୍ତମାନ ଭଲ ହୋଇଗଲି ? ଆଗକୁ ପୁଣି କଅଣ ହେବି ?

ହାତ ମୁଠାରେ ଟିକିଏ ଚାପ ଦେଇ ଦୁଷ୍ଟାମି କରି କହିଲି—ଆଉ ଦିନେ କହିବି ।

—ନା, ବର୍ତ୍ତମାନ କୁହନ୍ତୁ

—ଆଉଦିନେ

ହାତଟାକୁ ତାର ଧରି ରଖିଥାଏଁ, ସେ ଆପତ୍ତି କଲାନି ।

ପ୍ରାୟ ସାତ ଆଠଟା ବେଳକୁ ସେଦିନ ସେ ଆମଘରୁ ଗଲା ।

ଭେରାଇଟି ସୋ' ଦିନେ ଆସି ଏକରକମ ଜୋର କରି ମତେ ସେ ଧରି ନେଇଗଲା ସାଙ୍ଗରେ । ଯିବାପାଇଁ ଇଚ୍ଛା ନଥାଏ, ବାଧ୍ୟ ହୋଇ ଗଲି । ପ୍ରେକ୍ଷାଗାରର ଗୋଟାଏ କଣରେ ବେଞ୍ଚ ଉପରେ ବସିଥାଉଁ ଦୁଇଜଣ—କେତେ ବେଳେ ଆମ ଦୁହିଁଙ୍କର ହାତ ଛନ୍ଦି ହୋଇ ଯାଉଥାଏ । ହାତ ଛନ୍ଦା ମନହାତ ଛନ୍ଦି ହୋଇ ଆସୁଥାଏ ।

ପୁଣି ଦି' ଦିନ ପରେ ତାଙ୍କ ଘରେ ଥିଲା ମୋର ନିମନ୍ତ୍ରଣ । ଖାଇ ସାରିବା ପରେ ପାଖରେ ବସି ଆରମ୍ଭ କରିଦେଲା ଗଳ୍ପ । କେତେ ଗଳ୍ପ କହି ଗଲେ ଦେଖି ଆଶ୍ଚର୍ଯ୍ୟ ହେଲି । କଥା କଥାରେ ଫାଜିଲାମି ତାର—ବାସ୍ତବିକ—ବଡ଼ ଚଗଲା ଟାଏ ସେ !

ଗପ ମଝିରେ ମନ ଅନ୍ୟତ୍ର ପଳେଇକୁ ଲାଗି ଆସିଲା । କଥାବାର୍ତ୍ତା କରୁ କରୁ ତା ହାତକୁ ନିଜ ହାତ ମୁଠାରେ ନେଇ ପଚାରିଲି—ଆଚ୍ଛା ବନ୍ଧୁ, ମୁଁ ଚାଲିଯିବା ପରେ ଆମର ଯେ ଏତେ ସବୁ ଫାଜିଲାମି ହେଉଛି ତୁମର ମନେ ରହିବ ତ ?

ଚାଲିଯିବ ?

ହଁ, ମୋର କର୍ମ କ୍ଷେତ୍ରକୁ ତ ମତେ ଚାଲିଯିବାକୁ ହେବ । କୁହ ତୁମର ମତେ ମନେ ରହିବ ?

—ଭୁପର ?

'ଆପଣ'ରୁ 'ତୁମେ'କୁ ବଦଳଟା ଲକ୍ଷ୍ୟ କଲି । ତା ସାଙ୍ଗରେ ତାର ମୌଳିକ ଭାବର ପରିବର୍ତ୍ତନ ମଧ୍ୟ ।

କହିଲି—ହଁ, ନିଶ୍ଚୟ ମନେ ରହିବ । ହଠାତ୍ ସେ ମୋ କୋଳ ଭିତରେ ମୁହଁ ଦେଲା । ପଚାରିଲା—ସତେ ତୁମେ ଏଠୁ ଚାଲିଯିବ ?

କହିଲି—ହଁ

—ପୁଣି କେବେ ଆସିବ ?

—ଆର ଛୁଟି ରେ ।

—ଏତେ ଦିନ । ତେବେ, ତେବେ ତୁମେ ମୋ ସାଙ୍ଗରେ ପରିଚୟ କଲ କାହିଁକି, ଆତ୍ମୀୟତା ବଢ଼ାଇଲ କାହିଁକି ?—ସେ ପ୍ରାୟ କାନ୍ଦି ଉଠିଲା ।

କୌଣସି ପ୍ରକାର ତାକୁ ସେଦିନ ବୋଧ ଦେଇ ଘରକୁ ଫେରି ଆସିଲି— ତାର ଅଳ୍ପ ଦିନ ପରେ ମତେ ଚାଲି ଯିବାକୁ ହେଲା ମୋର କର୍ମ କ୍ଷେତ୍ରକୁ । ଦୂର ବିଦେଶରୁ ତା ନିକଟକୁ ଯୋଡ଼ାଏ ଚିଠି ଦେଇଥିଲି ତାର କୌଣସି ଉତ୍ତର ପାଇଲି ନାହିଁ ।

ପର ଛୁଟିରେ ଫେରିଆସି ଦେଖିଲି ଯେ ଏହା ମଧ୍ୟରେ ତାର ଆଉ ଜଣେ ନୂଆ ବନ୍ଧୁ ମିଳିଛନ୍ତି, ତେଣୁ ମୋର ଉତ୍ତର ନ ପାଇବାଟା ଅସ୍ୱାଭାବିକ ହେଇନ । ଏମିତିକି ସେଥର ସେ ମତେ ରାସ୍ତା ଉପରେ ଦେଖି ଚିହ୍ନି ପାରିନ ମଧ୍ୟ । ଅଥଚ ମୋରି ଆଗ ଦେଇ ସେ ଆଜ ତାର ନୂଆ ବନ୍ଧୁ ହାତ ଧରାଧରି ହୋଇ ଚାଲିଗଲେ । ଠିଆ ହୋଇ ଅନାଇ ରହିଥାଏଁ ତାଙ୍କରି ଆଡ଼କୁ । ଜଣେ କିଏ ଆସି ପଛଆଡ଼ୁ ଜଣାଇଲେ ମତେ—'ନମସ୍କାର' । ଭୁଲି ପଡ଼ି ଅନାଇଲି । ଚିହ୍ନି ପାରିଲି ନାହିଁ ତାଙ୍କୁ । ପ୍ରତି-ନମସ୍କାର ଜଣାଇ ପଚାରିଲି—ଆଗରୁ ତ କେଉଁଠି ଦେଖିଲା ଭଳି ମନେ ହୁଏନା ?

ସେ କହିଲେ—ମୁଁ କିନ୍ତୁ ଆପଣଙ୍କୁ ଜାଣେ । ଆପଣ ବର୍ତ୍ତମାନ କାମରେ ବ୍ୟସ୍ତ ଥିଲେ, କିଛି ବାଧା ଦେଲି ନାହିଁ ତ ?

ଆଶ୍ଚର୍ଯ୍ୟ ହୋଇ ପଚାରିଲି—ମାନେ ?

ସେ କହିଲେ—ଆପଣ ଭୁଲ ବୁଝିବେ ନାହିଁ । ମୁଁ ସବୁ ଜାଣେ । ଆପଣ ବର୍ତ୍ତମାନ ଅନାଇ ରହିଥିଲେ ବନ୍ଧୁଆଡ଼େ—ସେଇ ଯେ

( ଅବଶିଷ୍ଟାଂଶ ୯ ପୃଷ୍ଠା ଦେଖନ୍ତୁ )



Digitized by srujanika@gmail.com

# ଉପହାର

ଲେ—ଶ୍ରୀ ସର୍ବେଶ୍ୱର ଚେନା

ସେ ହୋଇବ ସର୍ବ ଶ୍ରେଷ୍ଠ ମୋ ଉପହାର
ତୁମ କରେ ଦେଇ ପାରିଲେ କବିତା ହାର ।
ଭଙ୍ଗା, ଗଢ଼ା ଏହି ତପତ ପଥରେ ଗୁଳି,
ଯାହା ମୁଁ ପାଇଛି ଜୀବନର ଶଙ୍ଖାଳି ।
ତାରେ ମୁଁ ବିଜନେ ଅଙ୍କେ ଏକାକୀ ବସି,
ସଂସାର ସ୍ରୋତେ ଯାଉଁ ଯାଉଁ ଧୀରେ ଭାସି ।
ଦୁଇଟି ହୃଦରେ କରୁଣ ସୁରର ଧ୍ୱନି
ବାଜିଲା ପୀଡ଼ିତ ନୂପୁରରେ କିଙ୍କିଣୀ ।
ତାକୁ ନେଇ ଯେବେ ଗଢ଼ା ହୁଏ ଉପହାର ।
ତାଠାରୁ ଅଧିକ ଅଛି କିଛା କହି ପାର ?

କେବେ ଦିନ ଯେବେ ମଳୟ ଉଠିବ ଥରି,
ଫଗୁଆ ବନରେ ବକୁଳ ଝୁରିବ ମରି,
କ୍ଳାନ୍ତ ରଜନୀ ଉଦାସ ଗୃହ ତଳେ,
ବାତାୟନ ମୁଖେ ବସିଣ ପ୍ରଦୀପ ଜଳେ,
ଅତି ସାବଧାନେ ଖୋଲିବ ଏ ଗୀତା ମମ,
ପଢ଼ିବ ଯେବେ ଗୋ ଥରିଇବ ନାହିଁ ପ୍ରେମ ।
ସୁନୀଳ ନୟନୁ ଲୋତକ ପୋଛିବ କିଏ ?
ତାହାଠାରୁ ଗୁରୁ ଗଉରବ ପାଇବ କି ?

# ବର୍ଷା ଆବାହନୀ

ଲେଖକ ଶ୍ରୀ ଗୋପୀନାଥ ବେହେରା

—୧—

ଝର, ଝର, ଝର, ଝର ଝୁରେ ବରଷା,
ଶୁଷ୍କ ଏ ଧରଣୀର ତୁ ଯେ ଆଶା ଭରସା ।
ଶୁଣୁଛି ତୋରେ ଆବାହନୀ ସଂଗୀତ ଗାଉଛି,
ଆସ ଆସ ବନ୍ଧୁ ହେ ତୃଷିତ ଯେ ନୋହୁଛି ।
ଡାକିଲିଣି ସରସିତ ପ୍ରାଣ କରି ଚକୋର,
ପୋଛିଯାଉ ବେଦନା ମୋ ହାହା ବଇଶାଖର ।
କଦମ୍ବ ନୀଳ ପୁଷ୍ପର ଦେଇ ଅଭିବାଦନ,
ଶୁଣିଲିଣି ଦେଖାଅସି ତାରେ ତୁମ ବଦନ ।
ଜୀବ ଉପକଣ୍ଠେ କରୁଛି ମୁଁ ଭରସା,
ଝର, ଝର, ଝର, ଝର, ଝର ଝୁରେ ବରଷା

—୨—

ଝର, ଝର, ଝର, ଝର, ଝର ଝୁରେ ବରଷା,
ମୁକ୍ତକର ଦ୍ୱାର ଖୋଲି ଦେଇ ତୋର ପରଶା ।
ପାପୀ ତାପୀ ମୃତ ଜନେ ଶୁଚି କରି ସକଳେ,
ବିଜୁଳିର ଅଲୋକ ତୁ ଜାଳି ଭବ ଲୋକରେ ।
ମହାଶୂନ୍ୟା ଏ-ଧରଣୀ ଉଠୁ ପୁଣି ଉଲସି,
ଶ୍ୟାମଳିମା କେଦାରରେ ପ୍ରାଣ ଉଠୁ ବିଲସି ।
ମୃଗଧ ସମାନ ଥରେ ଝଙ୍କାର ତୋଳି ଗୋ,
ସଂଶୟ ଅପସାରି ଜଣା ଦିଅ ବୋଲିଗୋ ।
ସ୍ୱନର ତାଳ ଗତି ନାଚୁ ମନ ହରଷା,
ଝର, ଝର, ଝର, ଝର, ଝର ଝୁରେ ବରଷା ।

# ସନ୍ଧାନ

ଦାରାଢି—

ମୁ ଅଛି ରଚୁଛି ଏଥି
ପ୍ରଣୟର ଲୟ ଖାଲି
ତମେ ଗୋ ନ ଅସ ଏଥେ
ନ ବୁହାଅ ଅଶ୍ରୁ ଥରେ
ନ କହିବ କେବେ ଅଜ
ଜୀବନେ ମରଣେ ସାଥି

କଳ୍ପନାର ଅନନ୍ତ ସମାଧି,
ନାହି ତାର କଳ୍ପ ଅନ୍ତ ଅବଧି
ନ ଢାଳ ଗୋ କୁସୁମ ସମ୍ଭାର,
ତାହା ମଧ୍ୟ ବୃଥା ମିଥ୍ୟାଗୃହ ।
ପ୍ରିୟ ଅହେ ତୋ' ପଦେ ମୁଁ ସେବିକା,
ତାହା ମଧ୍ୟ ମହା ଅଧମିକା ।

କେହି ଗୋ ନିରହୁ ପାଶେ
ନୂଆ ଏକ ମାନସରେ
ସେ ଯଦି ବଞ୍ଚନା ହେଲା
ପ୍ରଭାତ ପାଇଛି ଚାଲି
ନାଃ ସଙ୍ଗ ଜୀବନେ ମୁହିଁ
ମରଣର ପରିଚୟେ

ନଗୃହେଁ କା ସହ ଅନୁଭୂତି
ଖୋଜୁଛି ମୁଁ ଆପଣା ରୀତି ।
ଜାଣିଲି ମୁଁ ସେହି ସାଥି ମୋର
ବାଢ଼ି ଅମା ତମସାର ଘୋର ।
ଗୁଣିଛି ମୁଁ ମୋହର ସଂଧାନେ
ଜୀବନର ଘୋର ଅପମାନେ ।

[ କାହାଣୀ ଅବଶିଷ୍ଟାଂଶ ]

ନାଲିଆ ଦରିପାଡ଼ ଶାଢ଼ୀ ପିନ୍ଧି ଅସୁଛନ୍ତା ଭୁଲ କହିଲି ?

ଚୁପ ରହିବା ଶ୍ରେୟ ମନେକଲି । ସେ କହିଚାଲିଲେ—ମୁଁ ମିଛ କହେନା । ମୁଁ ଜାଣେ ବାବୁ ଆପଣଙ୍କୁ ପ୍ରତାରିତ କରିଛି । ଖାଲି ଆପଣ ନୁହେଁ, ମତେ—କରିଛି, ଅଉ...

—ଆପଣଙ୍କୁ ?—ପ୍ରଶ୍ନ କଲି

—ହଁ, ମତେ । ମୁଁ ଦୁଇବର୍ଷ ତଳେ ତାକୁ ପଢାଉଥିଲି, ଟ୍ୟୁସନ୍ । ଗୋଟାଏ ବର୍ଷ ତା ପଛରେ ଲାଗି ପଡ଼ି କୌଣସି ପ୍ରକାରେ ତାକୁ ପାସ କରାଇଲି । ସେମାନେ ଗରିବ, ଟଙ୍କା ପଇସା ଭଲ ଦେଇ ପାରନ୍ତି ନାହିଁ । ତଥାପି ମୁଁ ତାକୁ ପଢ଼ାଉଥିଲି ଗୋଟାଏ ବର୍ଷ ଧରି କାରଣ ମୁଁ ତାକୁ ଭଲ ପାଉଥିଲି ନିଜ ପ୍ରାଣଠାରୁ ଅଧିକ କରି । କେତେଦିନ ତା ସାଙ୍ଗରେ ବସି ଗପ କରିଛୁ, କେତେ ରଙ୍ଗୀନ୍ ଦୁନିଆଁ ଗଢ଼ିଛୁ ଏକା ସାଥିରେ । ତା ପାଇଁ ବଦନାମ ମଧ୍ୟ କମ ମୁଣ୍ଡାଇନାହିଁ, ଅଥଚ ସେ ମତେ—ଆଜ ଦେଖିଲେ ଚିହ୍ନି ପାରେନା । ତାର ପ୍ରକୃତ ସେଇଆ । ସେ ଜଣକୁ ନେଇ



ସନ୍ତୁଷ୍ଟ ରହି ପାରେନା । ଆପଣଙ୍କର ଅନେକ ସମୟ ବୃଥା ନେଲି । କ୍ଷମା କରିବେ, ମୁଁ ଯାଏଁ ।

ସେ ନମସ୍କାର ଜଣାଇ ଚାଲିଗଲେ ।

ପରେ ଭାବିଲି କ୍ଷମା ତାଙ୍କୁ ନାଁ ପଚାରିବ, ପୁଣି ଭାବିଲି ଲାଭ କଅଣ ?

ମଝି ଗୋଟାଏ ବର୍ଷା ପାଣି ଛିଟା ମୋ ଲୁଗାରୁ ବାଦଲ କହିଦେଲା । ପିଏ ବସି ଯାଉଛି ସେ ଜାଣେ ନାହିଁ । ଦାଗ ଲାଗି ରହିଲା ମୋ ଲୁଗାରେ ।

Digitized by srujanika@gmail.com



୧୧

ଯା ଚତ୍ତେ ତରଙ୍ଗ ଉଦ୍ଭବ ।
ସତ୍ୟ ଦର୍ଶନ ଅସମ୍ଭବ ॥
ଜଳେ ଯେସନ ପ୍ରଭଞ୍ଜନ ।
ତେସନେ ଜଦବେଗ ମନ ॥
ଏ ପ୍ରଭଞ୍ଜନେ ଯେଉଁ ପ୍ରାଣୀ ।
ସୁକାଳ ଧରିଥାଏ ଟାଣି ॥
ଉଠଇ ପଡଇ ତରଙ୍ଗ ।
ନିଶ୍ଚେ ନୋହୁ ଧରେ ସଙ୍ଗ ॥
ସପଦୁ ସେହୁ ପାଏ ତ୍ରାହ ।
ଚତ୍ତେ ଚନ୍ଦ୍ରଣ ଭବବାଧା ॥
ଏ ଯେତେ ଚଞ୍ଚଳ ଅଶାନ୍ତ ।
ଯେତେ ସପଦ ହୁଏ ଭ୍ରାନ୍ତ ॥
ଯେ ରାମ ନାମ ଅଙ୍ଗୀକରେ ।
ସେ କେବେ କାହାକୁ ନ ଡରେ ॥
ରାମ ପଦକୁ କର ଶରା ।
ସେ ଏକା ହୁଏ ଜଗଜ୍ଜତା ॥ ୩୦-୧୧

୧୨

* ଯେଉଁ ଭଜନ ମୁଖେ ଧର ।
ତାହାକୁ ସର୍ବଦା ସୁମର ॥
ବୃକ୍ଷ ଯେସନେ ନଜେ ଦାହ ।
ଅନେ ତାପରୁ କରେ ତ୍ରାହ ॥
ଦିଏ ସେ ଛାୟା ସୁଶୀତଳ ।
କରଇ ପରର ମଙ୍ଗଳ ॥

୧୩

ଜନ ଯେ ଦୁଇ ଜଟକା ।
ସତ୍ୟ ବା ମିଥ୍ୟାହି ଅବର ॥
ଯେ ଜନ ଲଭି ଜଗା ନରେ ।
ସତ୍ୟ ପଥରୁ ଅପସରେ ॥
ଯେ ଜନ ସତ୍ୟରୁ ଅମୃତ୍ରେ ।
ଦୂରି କରଇ ଅଚେତେ ॥
ଅଥବା ଦୂରେ ଥାଏ ରକ୍ଷି ।
ପିଞ୍ଜର ମଧ୍ୟେ ଯେସ୍ନେ ପକ୍ଷୀ ॥
ତାହାକୁ ମିଥ୍ୟା ଜନ କହ ।
ସାଧୁତା ଜାଣି ଯେ ପାରଇ ॥

୧୪

ଅତର କହିବ ଉପାୟେ ।
ସତ୍ୟ ଦର୍ଶନ ଯେତେହେ ହୁଏ ॥
ଜଗତେ ବହୁ ସାଧୁ ସନ୍ତ ।
ପଡିବ ତାଙ୍କର ଚରିତ ॥
ତାହାକୁ ସଦା ମନେ ଧ୍ୟାୟି ।
ସନ୍ଧିକେ ଜାଣ ସତ୍ୟ ପାଇ ॥

୧୫

ସଂସାରେ ନାହିଁ କେ କାଇଁ ।
ସକଳ ଘଟେ ନଜେ ହରି ॥
ନଜେ ସେ କହୁଛନ୍ତି ଜାଣ ।
ମୁଁ ସର୍ବଘଟେ ବିଦ୍ୟମାନ ॥ ୫-୧୨

୧୬

ମୀରା ଜୀବନ ଆଲୋଚନା ।
କଲେଟି ହେଲେ ଯାଏ ଜଣା ॥
ଗିରିଧାରୀଙ୍କ ପ୍ରେମ ଲାଗି ।
ହେଲେ ସେ କ୍ଷଣେ ସର୍ବତ୍ୟାଗୀ ॥
ଛାଡିଲେ ଶେଷେ ପ୍ରାଣପଣ ।
ଧନ୍ୟ ସେ ଅଟଳା ଭକତ ॥ ୬-୧୨

୧୭

ଶ୍ରଦ୍ଧା ବଳରେ ସାଧୁ ଜନ ।
ଅସାଧ୍ୟ କରନ୍ତି ସାଧନ ॥
ଏମନ୍ତ କାହି ନା ନଥିବ ।
ଶ୍ରଦ୍ଧାରେ ଯାହା ଅସମ୍ଭବ ॥ ୭-୧୨

୧୮

ଏ ଶ୍ରଦ୍ଧା ବଳ ଅଗ୍ରେ କର ।
ପଙ୍ଗୁ ଯେ ଲଙ୍ଘି ପାରେ ଗିରି ॥ ୭-୧୨

୧୯

ଯାହାର ଏକ ମାତ୍ର ଧ୍ୟେୟ ।
ଏକକୁ ମଣିଥାଏ ଶ୍ରେୟ ॥
ସେ ଏକ ବ୍ରତ ନିଷ୍ଠାକର ।
ଯେ ନର ପାରିବଟି ଧର ॥
ସେ କାର୍ଯେ ଲଭିଲେ ସେ ସିଦ୍ଧି ।
ସଫଳ କର୍ମ ପାରେ ସାଧି ॥ ୮-୧୨

୨୦

ପ୍ରକୃତ ସୁଖ ଯାରେ କହି ।
ବାହାରେ ନଥାଏ ତା ରହି ॥
ଖୋଜ ହେ ଅନ୍ତର ଭିତରେ ।
ସୁଖ ବସିଛି କନ୍ଦରରେ ॥

୯-୧୨-୪୪

୨୧

ଯେ ଜନ ନଜଭ୍ର ହରାଏ ।
ତାହାର ସର୍ବସ୍ୱ ଯାଏ ॥ ୧୦-୧୨

୨୨

ଧନ୍ୟ ମାର୍ଗରୁ ଭୁ ଯହିଁ ।
ସକଳ ଦିଶଇଟି ତାହା ॥
ସେ ପୁଣି ବଡଇ କଠିନ ।
ଭୟେ ଧରନ୍ତି ସାଧୁଜନ ॥
ସେ ଯଦି ନହୁନ୍ତା ଏମନ୍ତ ।
ସକଳେ ଧରନ୍ତେ ସେ ପଥ ॥-୧୧-୧୨

୨୩

ଯାବତ ପିଣ୍ଡେ ଥିବ ଜୀବ ।
ଦୟାହି କେବେ ନଛାଡିବ ॥
ଦୟା ଧର୍ମର ମୂଳ ଯେଣ ।
ଶୁଣ ଏ ତୁଳସୀ ବଚନ ॥ ୧୨-୧୨

୨୪

ଲଗିଣୀ ଏକ ଅସି ପାଶେ ।
ଭକ୍ଷିଲେ ଏକାନ୍ତ ବଶ୍ୱାସେ ॥
ଛାଡିଲି ଉପାସନା ସ୍ତବ ।
ମୋ ଦେଇ ନହେଲା ସମ୍ଭବ ॥
ପୁଚ୍ଛିଲି ମୁହିଁ କ କାରଣେ ।
ପ୍ରାର୍ଥନା ନ ବସଇ ମନେ ॥
ଭଗିନୀ ଦେଲେକ ଉତ୍ତର ।
କଲି ପ୍ରାର୍ଥନା ବାର ବାର ॥
ଲାଗିଲା ମୋତେ ଠକ ପଣ ।
ଆପଣେ ଭଣ୍ଡିବା ଆପଣ ॥
ଠକି ନ ପାରି ନଜ ହୃଦେ ।
ଛାଡିଲି ପ୍ରାର୍ଥନା ମୁଁ ଖେଦେ ॥
ଏମନ୍ତେ ତାଙ୍କର ଉତ୍ତର ।
ଶୁଣି ମୁଁ ଭାଷିଲଇ ଗିର ॥
ଭଣ୍ଡିବା ଅଟେ ମହାପାପ ।
ସେ ଲାଗି କର ଅନୁତାପ ॥
ଭଣ୍ଡ ପଣକୁ ପରିହର ।
ଛାଡିବ କପାଇଁ ଈଶ୍ୱର ॥
ଭଣ୍ଡ ପଣକୁ ବେଗେ ତେଜ ।
ଈଶ୍ୱର ନାମ ସଦା ଭଜ ॥

୧୩-୧୨

* "ହ୍ୱଶନ କ ମହ ଚଲ" ନାମ ... ଲଖାଦରି



Digitized by srujanika@gmail.com

# ଅଭିନବ ଭାଗବତ

ପରିବେଷକ—ଗିରିଶ୍ୟ, ଅମୃତେଶ ଃ—
ଲେଖକ—'ମସ ଲାନନ୍ଦ ଜଗନ୍ନାଥ'

ଶୁଣ ଜଗତର ସମ୍ପାଦକ—ଶୁଣ ହେ ପାଠିକା ପାଠକ ।
ଶୁଣ ରସିକ ଭକ୍ତାଭକ୍ତ—ଏ ଭାଗବତ ରସାମୃତ ।
ସତ୍ୟ, ତ୍ରେତୟା ଯୁଗାନ୍ତରେ—ଦ୍ୱାପର ଅଇପିବ ଖରେ ।
ଦ୍ୱାପରର କଳିକାଳ ଆସି—ଲୀଳା ବ୍ରହ୍ମାଣ୍ଡ ଦେଖାଇ ଯିବ ।
ନଥିବ ଧର୍ମର ବିଚାର—ଅଧର୍ମ ହେବ ଏ ସଂସାର ।
ଇଂରେଜ, ଆମେରିକା ଚୀନ—ଇଟାଲୀ, ଜର୍ମାନ, ଜାପାନ ।
ହିନ୍ଦୁସ୍ଥାନ ଓ ବ୍ରହ୍ମଦେଶ—ଆଫ୍ରିକା, ଅଷ୍ଟ୍ରେଲିଆ, ରୁଷ ।
ସର୍ବେ ହୋଇବେ ଯୁଦ୍ଧେ ରତ—ଅସଂଖ୍ୟ ହେବେ ହତାହତ ।
ଲୋକେ କରିବେ ବ୍ୟଭିଚାର—ନଥିବ ଜାତିର ବିଚାର ।
ଗାନ୍ଧୀ ଠାକୁର ଜନମିବେ—ଅହିଂସା ପ୍ରଚାର କରିବେ ।
ଇଂରେଜ ରାଜା ହାରିଯିବ—ଭାରତ ସ୍ୱାଧୀନ ହୋଇବ ।
ହିନ୍ଦୁ ମୁସଲମାନ ଆଦି—ଆପଣା ମଧ୍ୟେ କରି ବାଦି
ହିନ୍ଦୁସ୍ଥାନ ଓ ପାକିସ୍ଥାନ—ଏ ଭାବେ ଭାରତ ବଣ୍ଟନ ।
ଏସବୁ ସ୍ଥିତି ଦେଖି ଗାନ୍ଧି—ହୃଦୟେ ତାଙ୍କୁ ଯିବ ବାଧି ।
ଅହିଂସା ମହାମନ୍ତ୍ର ଦେଇ—ବସିବେ ଉନଶନ ହୋଇ ।
ଆପଣା ମନେ କ୍ରୁଦ୍ଧ କରି—ଗଡ଼ସେ ହାତେ ଯିବେ ମରି ।
ସେ ମହାପୁରୁଷ ଅମର—କିଏ ମାରିବ ନର ଛାର ।
ଲୋକେ ହୋଇବେ ମୂଢମତି—ଭୁଲିବେ ନିଜ ମତି ଗତି ।
ବ୍ରାହ୍ମଣେ ବେଦ ନ ପଢ଼ିବେ—ଗୃହୀ ଏ ଗୃହ ନ କରିବେ ।
ଶ୍ରମିକେ ହେବେ ଏକଜୁଟ—ଛାଡ଼ିବେ ଖାଲି ଧର୍ମଘଟ ।
ଥୋକାଏ ହେବେ କର୍ମପ୍ରିୟ—ହୋଇବେଟି କର୍ମନିଷ୍ଠ ।
କର୍ମ ଅନିଷ୍ଟ କାମ କରି—ନିଜ ସୁବିଧା ନେବେ ମାରି ।
ଛାତ୍ରଏ ଆନ୍ଦୋଳନ କରି—ପରୀକ୍ଷା ଉଠା ଦେବେ ହରି ।
ଯୁବକ; ଯୁବତୀଙ୍କ କଥା—ବର୍ଣ୍ଣିଲେ ହେବ ପୋଥି ଗୋଟା ।
ଅଧାବୟସୁଁ ଛାଡ଼ିବାଇ—ନାମକୁ 'ସୁଶ୍ରୀ' 'ଶ୍ରୀ' ଯୋଡ଼ାଇ ।
କୁମାର କୁମାରୀ ବୋଲାଇ—କୁକର୍ମେ ସଦା ମନ ଦେଇ ।
ଅଳ୍ପ ବୟସେ ନାଶଯିବେ—ଆପଣା କର୍ମ ସେ ଭୁଞ୍ଜିବେ ।
ବିବାହ ବିଧି ନ ମାନିବେ—ସ୍ୱେଚ୍ଛାଚାରେ, ଭ୍ରଷ୍ଟ ହେବେ ।
ଦାମ୍ପତ୍ୟ କଳହ ବଢ଼ିବ—ଜୀବନ ଦୁର୍ବିଷହ ହୋଇବ ।
ଛାଡ଼ପତ୍ରରେ ନାହିଁ ରକ୍ଷା—ସେ ହେବ ଖାଲି ଲୋକ ଦେଖା ।
ଦୁଷ୍ଟ ସଂହାରି ସନ୍ଥ ପାଳି—ଅଛି ଅଛନ୍ତି ବନମାଳୀ ।
ଦେଖି ଏ କଳିକାଳ ରୀତି—ରାମ, ଗୋବିନ୍ଦ ହେବେଚିନ୍ତ ।
କଳ୍କି ହୋଇ ଆସି ମର୍ତ୍ତ୍ୟପୁରେ—ଅବତରି ଭାରତ ମଧ୍ୟରେ ।
ନେହେରୁ ପଟେଲ ନାମେଣ—ପାଇବେ ବହୁତ କଷଣ ।
କଳାବଜାର, କଳାପୋତା—କୂଟ କପଟ ଓ ଶଠତା ।
ସର୍ବ ବିରୋଧେ ହେବ ଯୁଦ୍ଧ—ଅହିଂସା ହୋଇବ ଆୟୁଧ ।

ରାଜାଏ ଧର୍ମ ଭୁଲିଯିବେ—ପ୍ରଜାଙ୍କୁ ସୁଖେ ନ ପାଳିବେ ।
ରାଜ୍ୟ ହୋଇବ ଛାରଖାର—ପ୍ରଜା କରିବେ ହାହାକାର ।
ପଟେଲ ବୁଦ୍ଧି ଏ ପାଇବେ—ଦିଲ୍ଲୀ ମହଲରେ ଥିବେ ଥିବେ ।
ଦିଲ୍ଲୀବାଲା ଲଡ଼ୁ କହିଦେଇ—ରଜାଙ୍କୁ ଦେବେଟି ଲୋଭାଇ
ସେ ଲଡ଼ୁ ଖାଇ ରାଜାମାନେ—ପସ୍ତାଇ ହେବେ ମନେ ମନେ
ରଜାଙ୍କ ଗର୍ବ ଖର୍ବ ହେବ—ଶାନ୍ତି ପ୍ରଭୃତି ଦେଖା ଦେବ ।
ଉତ୍କଳ କଳା ନ ରହିବ—କଳିଙ୍ଗ ଭେଣ୍ଡା ମେଣ୍ଢା ହେବ ।
କପୂର ଉଡ଼ି ଯିବ ଚାଲି—ଜନତା ପଡ଼ିଥିବ ଖାଲି ।
ହର ଓ କୃଷ୍ଣ ଏକ ହେବେ—ଉତ୍କଳ ଦେଶେ ଜନ୍ମ ନେବେ ।
ଉତ୍କଳ ବିଶାଳ ହୋଇବ—ଗୁଣ ଗରିମା ବଢ଼ିଣିବ ।
ପତ୍ର, ପତ୍ରିକା ଜନ୍ମ ପାଇ—ଅନେକ ସାଧୁ ଜନ୍ମ ହୋଇ ।
ଅହିଂସା କରିବେ ପ୍ରଚାର—ଦୈନିକ ନକୁଳି ଖାଣ୍ଡିଧର ।
'ସମାଜ' ସତ୍ୟ ରଖିଥିବ—'ପ୍ରଜାତନ୍ତ୍ର'ଟି ତନ୍ତେ ଥିବ ।
ଅହିଂସା ଆନନ୍ଦ ଆଲୋକ—ଅଗର ଗଢ଼ିବ ପ୍ରତୀକ ।
ଏସବୁ ମୂଳେ ପରିପୂର୍ଣ୍ଣ—"ଜଗନ୍ନ" ହୋଇବଟି ଜଣ ।
'ସହକାର' 'ନବ ଭାରତ'—ଅଳ୍ପଙ୍କେ ହେଉଥିବେ ସ୍ୱତ ।
'ତୁଳସୀ' 'କସ୍ତୁରୀ' 'ସଙ୍କେତ'—କରିବେ ନାନା ସତ୍ୟାସତ୍ୟ ।
'କୁଙ୍କୁମ' ନାମ ଅନୁସାରେ—କାମ କରିଲେ ରହିପାରେ ।
'ନବୀନ' ଖଣ୍ଡାଟି ଧରିଥିବ—ନ ମାନ ଲୁଚେଇ କାମ ଦେବ ।
'ଆଶା'ଟି ଦେଉଥିବ ଆଶା—ଅନେକ ହୋଇବେ ଲୋକହସା ।
'ଭଦ୍ରଲୋକ' ଯେ ଅଦ୍ଭୁତ ଲୋକୀ—କିଏ ହୋଇବ ମହାସୁଖୀ ।
'ଝଙ୍କାର' ବଜାଇ ବୀଣା—ମହାନାଦରେ ହୋଇବ ଜଣା ।
'ଜନତା' ଜନ ହିତ ପାଇଁ—ବୃଥାରେ ହୋଇବ ବୋବାଇ ।
'କୃଷକ' କର୍ଷି ପଢ଼ାଇବ—ଫଳରେ ବାତ୍ରଙ୍ଗା ହୋଇବ ।
ହେଉର, ଭକ୍ତିଣୀ, ମଞ୍ଜୁଷା—ଆନନ୍ଦେ ଶିଖିବ ଅହିଂସା ।
ଅହିଂସା ବାଚମାନ କରି—ଏ କଳିକାଳଁ ହେବ ପାର ।
ଅହିଂସା ନାମେ ଲକ୍ଷ୍ୟ ଥାଉ—ହେ ରାମ ! କହୁ ଜୀବ ପଥ ।
ମୂଳଟି ଅଟଇ ଅହିଂସା—ଅନ୍ୟରେ ନାହିଁଟି ଭରସା ।
ଅହିଂସା ଅହିଂସା ଅହିଂସା—ଆଜି ତୋ ନାମେ ମୋର ଆଶା
ଭଣେ ମଧାଲ "ଜଗନ୍ନାଥ"—ଏ ଅଭିନବ ଭାଗବତ
ଏ ଭାଗବତ ପାଠ କର—ଭବ ସାଗରୁ ହେବ ପାର ।

ଇତି ଶ୍ରୀମଦ୍ ଅଭିନବ ଭାଗବତେ—ମହାପୁରାଣେ,
ପରମହଂସ୍ୟାଂ, ସଂହିତାୟାଂ, ବୈୟାସିକ୍ୟାଂ ଅଭିନବ ସମ୍ବାଦ
ବର୍ଣ୍ଣନେ ନାମ ପ୍ରଥମ ଓ ଶେଷୋଧ୍ୟାୟ ।

—*—



Digitized by srujanika@gmail.com



## ରନ୍ଧାବେଢ଼ା

ପଚିଲା ଅମ୍ବର ମୋହନ ଭୋଗ:—ଉପକରଣ:—ଅମ୍ବ ସେ ୧ ର, ଚିନି ସେ ୦।୲, କିସମିସ ସେ ୦/, ବାଦାମ ସେ ୦/, ଛୋଟ ଅଳାଇଚ ଦାନା ଓ କର୍ପୂର ସାମାନ୍ୟ ପରିମାଣ। ଘିଅ ସେ ୦ ।୲ ।

ଅମ୍ବ ଯେପରି ପଚି ନଥିଏ ତାହିଁ ପ୍ରତି ଲକ୍ଷ୍ୟ ରଖିବାକୁ ହେବ। ଅମ୍ବ ଗୁଡ଼ିକ ପାତ୍ରରେ ରଖି ଏପରି ଭାବରେ ଜଳ ଦେବେ ଯେପରି ଅମ୍ବ ଉପରେ ଦୁଇ ଅଙ୍ଗୁଳି ପରିମିତ ଜଳ ହୁଏ। ଏହି ପରିମାଣ ଜଳରେ ଅମ୍ବକୁ ଉତ୍ତମ ରୂପେ ସିଦ୍ଧ କରନ୍ତୁ। ଚୋପା ଛଡ଼ାଇ ସିଦ୍ଧ ଅମ୍ବ ଗୁଡ଼ିକୁ ପରିଷ୍କୃତ ଓ ଅନ୍ୟ ମସଲାର ଗନ୍ଧଶୂନ୍ୟ ଶିଳରେ ଉତ୍ତମ ରୂପେ ବାଟି ନିଅନ୍ତୁ। ବାଟିଲା ବେଳେ ଯଦି ଶିଳ ଓ ହାତ ବା ଚମଚ ଇତ୍ୟାଦିରେ ବେଶି ଲାଗି ଯିବାର ସମ୍ଭାବନା ଦେଖାଯାଏ ତେବେ ସାମାନ୍ୟ ପରିମାଣରେ ଉତ୍କୃଷ୍ଟ ଘିଅ ଶିଳ ଆଦିରେ ବାଟା ହୋଇଥିବା ଅମ୍ବରେ ବୋଳି ଦିଅନ୍ତୁ ବା ମିଶାଇ ଦିଅନ୍ତୁ।

ପରେ ସମସ୍ତ ଘିଅ ପାକ ପାତ୍ରରେ ଦେଇ ଅତ୍ୟନ୍ତ ତପ୍ତ ହେବା ପୂର୍ବରୁ ବଟା ଅମ୍ବ ତହିଁରେ ଦେବାକୁ ହେବ ଓ ଘଣ୍ଟେ ଘଣ୍ଟେ ତାହାର ମାତ୍ରା ପ୍ରାୟ ଅର୍ଦ୍ଧେକ କମାଇବା ଆବଶ୍ୟକ। ପ୍ରାୟ ସମସ୍ତ ଘୃତ ବଟା ଅମ୍ବର ସମସ୍ତ ସ୍ଥାନରେ ଶୋଷିତ ହେବ ପର୍ଯ୍ୟନ୍ତ ମୃଦୁତାପରେ ଅନବରତ ଯତ୍ନ ସହ ଚାଟୁ ଆଦି ଦ୍ୱାରା ବଟା ଅମ୍ବକୁ ତାଡ଼ନା କରିବାକୁ ହୁଏ। ତଳ ଯେପରି ନ ଧରେ।

ମନୋହର ପିଙ୍ଗଳ ବର୍ଣ୍ଣ ଧାରଣ କଲେ ଅମ୍ବବଟା ଗୁଡ଼ିକ ବର୍ତ୍ତମାନ ପରିପକ୍ୱ ହେଲା। ତାହାକୁ ଉଠାଇ ଚିନିରେ ଉପଯୁକ୍ତ ପରିମାଣ ଜଳ ଦେଇ ମଧ୍ୟମ ଘନ ରସ ପ୍ରସ୍ତୁତ କରନ୍ତୁ। ରସର ବର୍ଣ୍ଣ ମଳିନ ବା ଅପରିଷ୍କାର ବୋଧ ହେଲେ ଅର୍ଦ୍ଧ ଅଉନ୍ସ ଦୁଧ ତହିଁରେ ଦେଇ ଟିକିଏ ଫୁଟାଇଲେ ଅତି ପରିଷ୍କାର ରସ ପ୍ରସ୍ତୁତ ହେବ। ରସ ହେବାମାତ୍ରେ ତାହା ଉପରେ ଥାଉଁ ଥାଉଁ ଅର୍ଥାତ୍ ନ ଉଠାଇ, ତହିଁରେ ପୂର୍ବେ ପ୍ରସ୍ତୁତ ଅମ୍ବକୁ ଦେଇ ରସ ଶେଷ ହେବା ପର୍ଯ୍ୟନ୍ତ ଆଲୋଡ଼ନ ଆବଶ୍ୟକ। ପରିଷ୍କୃତ କିସମିସ ଗୁଡ଼ିକ ପାକ ଶେଷ ହେବାର ସାମାନ୍ୟ ପୂର୍ବରୁ ଦେବେ ଓ ଟିକିଏ ଲକ୍ଷ୍ୟ ରଖିବେ ଯେପରି ସେ ଗୁଡ଼ିକ ଅଧିକ ସିଦ୍ଧ ନହୁଅନ୍ତି। ବାଦାମ ମଧ୍ୟ ଏହି ସମୟରେ ଯୋଗ କରାଯାଏ। ପାକ ଶେଷରେ ସୁଗନ୍ଧି ଚୂର୍ଣ୍ଣ ପ୍ରକ୍ଷେପ କରି ଘୋଡ଼ାଇ ରଖିବେ।

ଶୀତଳ ହେଲେ ସମ୍ପୂର୍ଣ୍ଣ ବ୍ୟବହାର ଯୋଗ୍ୟ। ଏଥିରେ ଖର୍ଚ୍ଚ ବେଶୀ ନୁହେଁ, ଡାଲଡା ବା ଅନ୍ୟ ପ୍ରକାରର ବନସ୍ପତି ବାଦାମ ତେଲରେ ମଧ୍ୟ ପ୍ରସ୍ତୁତ କରାଯାଇ ପାରେ। ଟିକିଏ ତତ୍ପରତା ଓ ସାବଧାନତା ଆବଶ୍ୟକ, ମାତ୍ର ତାହା ଭୋକ୍ତାମାନଙ୍କର ସନ୍ତୋଷ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପୁରସ୍କୃତ ହୁଏ। ଖାଦ୍ୟର ବର୍ଣ୍ଣ ପ୍ରାୟ ଗୋଲାପିନ୍ ଭଳି ସ୍ୱଚ୍ଛ ଓ ଅତ୍ୟନ୍ତ ରୁଚିକର। ସ୍ୱାଦରେ ଦେବଭୋଗ୍ୟ କହିଲେ ଚଳେ।

ମାଉସୀ ଓ ଭଉଣୀ ମାନେ ନିଶ୍ଚୟ ପରୀକ୍ଷା କରନ୍ତୁ।

ଶ୍ରୀମତୀ ପ୍ରଭାମାଳିନୀ ଦେବୀ,
**ରତ୍ନାଚକ**



ସୁଶ୍ରୀ କଳ୍ପନା ସାହୁ
ଘରକରଣା

### ପରିଷ୍କାର କରିବାର ନିୟମ

କାଚ ଜିନିଷ—କାଚ ପରିଷ୍କାର କରିବାର ଅନେକ ଉପାୟ ରହିଛି। ଏଠି ଅତି ସହଜ ଉପାୟ ଦେଉଛି, ସାଧାରଣ ପୁରୁଣା ଖବର କାଗଜ ଭିଜାଇ ଅରଣି ଓ କାଚ ପ୍ରଭୃତିରେ ଘଷିଲେ ପୁଣି ପରେ ନରମ ଲୁଗା ନେଇ ପୋଛି ଦେଲେ କାଚ ଅତି ପରିଷ୍କାର ହୋଇଯାଏ।

କାଠ ଜିନିଷ—କାଠ ଉପରେ ସବୁ ରକମର ଦାଗ ଭିନିଗାର ଦେଇ ସାଧାରଣତଃ ପରିଷ୍କାର କରାଯାଏ। ଏକ ଗିନା ତେଲ, ଏକ ଚମଚ ଭିନିଗାର ମିଶାଇ ନରମ ଲୁଗାରେ ତ୍ରୋଇ ତାପରେ ଲୁଗାଟିକୁ ଜିନିଷ ଉପରେ ପ୍ରୟୋଜନୀୟ ସ୍ଥାନରେ ପୋଛିଲେ ଦାଗ ଉଠିଯାଏ।

ବୋତଲ

ବୋତଲ ପରିଷ୍କାର କରିବାକୁ ହେଲେ ଅଣ୍ଡାର ଖୋଳ ଗୁଣ୍ଡ ଗୁଣ୍ଡ କରି ଭାଙ୍ଗି ବୋତଲରେ ଭର୍ତ୍ତି କରିବ ଏବଂ ବୋତଲର ୩ ଭାଗ ପର୍ଯ୍ୟନ୍ତ ଥଣ୍ଡା ପାଣି ପୂରାଇବ। ତାପରେ ବୋତଲକୁ ଖୁବ ହଲାଇବ। ଏପରି କିଛି ସମୟ କରିବା ପରେ ଭଲ ପାଣିରେ ଧୋଇବ। ଏହିପରି ବୋତଲ ସଫା ହୋଇ ଯିବ।

ପ୍ରିୟ ଅନୁପମା ଦେବୀ,

ଆପଣଙ୍କର ବୈଶାଖ ଦ୍ୱିତୀୟାର୍ଦ୍ଧ 'ଉଲରର' ବୁଣା ବୁଣି ସ୍ତମ୍ଭ ପଢ଼ି କିଛି ବୁଝି ପାରିଲିନାହିଁ। ଆପଣଙ୍କର ସିନା ତାକୁ ବୁଣିବାରେ ଅଭ୍ୟାସ ଅଛି, ମାତ୍ର ନୂଆ ଶିଖାଳି କିପରି ଶିଖିବ ?

ପ୍ରଥମତଃ ତା ମନରେ ପ୍ରଶ୍ନ ଉଠିବ ଷାଠିଏଟି କେମିତି ବା କଣ। ତା ମଧ୍ୟରେ ୧୮ଟି ଷ୍ଟିଚରେ ଗଢ଼ା ହୋଇ ସେ କେଉଁ କାମରେ ଲାଗିବ ?

ଯଦି ୧୮ଷ୍ଟିଚଠୁଁ ବେଶୀ ଷ୍ଟିଚରେ ହେବ ତେବେ ମଝିରେ କେତେଷ୍ଟିଚ ଓଲଟା ରହିବ ଓ ସେହି ଅଠରଟି ଷ୍ଟିଚ୍ ସିଧା କି ବା ଓଲଟା ହେବ ? ଦ୍ୱିତୀୟ ଧାଡ଼ିରେ ଲେଖିଛନ୍ତି ୧ସିଧା, ୧୭ଟି ଧାଡ଼ି ପ୍ରଥମ ଧାଡ଼ି ପରି ବୁଣିବାକୁ ହେବ ଓ ଶେଷରେ ଗୋଟିଏ ସିଧା ରହିବ ଓ ତାହା ସିଧା ବୁଣାହେବ, ଏଥିରୁ ମଧ୍ୟ କିଛି ବୁଝି ହେଉନି। ଅନୁଗ୍ରହ କରି ପୁଣି ଥରେ ଭଲ ଭାବରେ 'ଉଲର'ର ଏବିଷୟ ଲେଖନ୍ତୁ।

ଏ ଦିଗରେ ଆପଣଙ୍କର ଉଦ୍ୟମ ଦେଖି ଅତ୍ୟନ୍ତ ଖୁସୀ ହେଲି, ଗୋଟିଏ ସମିତି ଗଢ଼ି ଏହି ସବୁର ଆଲୋଚନା କରୁଛି 'ଉଲର'ର ହଂସପୁର ବିଭାଗରେ କରେ ଭଲହୁଅନ୍ତା। ଆଶାକରେ ଆପଣ ଏ ବିଷୟରେ ଯତ୍ନ କରିବେ।

ଆପଣଙ୍କର
କୁମାରୀ ଶ...ଳା



Digitized by srujanika@gmail.com

# ଗ୍ରନ୍ଥାଗାର

**New Light on Freedom**—ସ୍ୱାଧୀନତାର ନବାଲୋକ ।—ଖଣ୍ଡିଏ ଇଂରାଜୀ ପୁସ୍ତକ । ଲେଖକ ଜଣେ ଓଡ଼ିଆ—ଶ୍ରୀ ମୋହନ ଦାସ । ଦୁର୍ଭାଗ୍ୟର କଥା—ପୁସ୍ତକର ପ୍ରକାଶକ କୌଣସି ବଡ଼ ପ୍ରକାଶକ ନୁହନ୍ତି । ଆଜିକାଲି ପୁସ୍ତକ ବଡ଼ ପ୍ରକାଶକଙ୍କ ନାମ ପ୍ରଚାରରେ ବିକାଏ । ଏ ପୁସ୍ତକ ଖଣ୍ଡି ଭଲ ହୋଇଛି, କଣ ମଲାଟରେ ତାଙ୍କ ନାମ ପଡ଼ିବ ! କିନ୍ତୁ ଆମେ ଦୃଢ଼ତାର ସହିତ କହିପାରୁ—ଭାରତର ସ୍ୱାଧୀନତା ପରେ ଭାରତ ବର୍ଷରେ କ୍ୱଚିତ ଏଭଳି ବହି ଲେଖା ଯାଇଥିବ । ଭାବ ବା ଚିନ୍ତାର ମୌଳିକତା ପୁସ୍ତକକୁ ମଣି ଭଳି ସମୁଜ୍ଜ୍ୱଳ କରିଛି । ଲେଖକ ପ୍ରଥମେ ସାମାନ୍ୟ ଅଗ୍ନି ଗଣିତ ଦେଇ ନିଜର ଚିନ୍ତା ସହିତ ପାଠକକୁ ଗୋଟାଏ ମଧୁର ସ୍ୱପ୍ନରେ ଛନ୍ଦିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ମତକୁ ସମସ୍ତେ ଗ୍ରହଣ କରନ୍ତୁ ନ କରନ୍ତୁ—କିନ୍ତୁ ଏହା ଯେ ଜୀବନ ଓ ସ୍ୱାଧୀନତା ଉପରେ ନୂତନ ଆଲୋକ ପାତ୍, ସନ୍ଦେହ ନାହିଁ । ହୁଏତ ଠିକ୍ ନୂତନ ନ ହୋଇ ପାରେ କିନ୍ତୁ ଯେତେବେଳେ ଅନ୍ୟ ଲୋକଙ୍କୁ ଛାଡ଼ ଆମ ଲୋକେ ଅନ୍ଧାରରେ ବାଟ ବୁଲାଇବାକୁ ଆଲୋକର ଅନୁସରଣ କରୁନାହାନ୍ତି ସେତେବେଳେ ଏ ଭଳି ଚିନ୍ତା ବଡ଼ ଉପାଦେୟ । ଯେଉଁମାନେ ମୋହନ ବାବୁଙ୍କୁ ଜଣେ କମ୍ୟୁନିଷ୍ଟ ବା କମ୍ୟୁନିଷ୍ଟ ସନ୍ତାନ୍ ଭୁଲସମ୍ଭଳ ବୋଲି ଜାଣନ୍ତି ସେମାନଙ୍କୁ ଅନୁରୋଧ କରୁଁ—ଏ ପୁସ୍ତକକୁ ଥରେ ପଢ଼ନ୍ତୁ । ଯେଉଁ କମ୍ୟୁନିଷ୍ଟ ମାନେ ଉପହାସ ସୃଷ୍ଟି କରୁଛନ୍ତି ସେମାନେ ତାଙ୍କର ଜଣେ ବନ୍ଧୁଙ୍କର ଚିନ୍ତା ସହିତ ପରିଚିତ ହେବାକୁ ମଧ୍ୟ ଅନୁରୋଧ କରୁଛୁ । ମୋହନ ବାବୁ ଲେଖିଛନ୍ତି—Let us embrace each other in expectation of the day when human order will be established.—ମାନବିକତାର ରାଜ୍ୟ ସ୍ଥାପନାକୁ ସ୍ୱାଗତ କରିବା ପାଇଁ ଆସ ଆମ୍ଭେମାନେ ପରସ୍ପର ଆଲିଙ୍ଗନ କରୁ।—"ସର୍ବେ ଭବନ୍ତୁ ସୁଖିନୋ ସର୍ବେ ସନ୍ତୁ, ନିରାମୟା" ସେ ଗାଇଛନ୍ତି । ସେ କହିଛନ୍ତି—ଅସ୍ତ୍ର ଶସ୍ତ୍ରକୁ ଉଦ୍‌ଯାପନ କରିବା ସମ୍ବନ୍ଧରେ ମତ ନିଆ ଗଲେ ସମସ୍ତେ ସପକ୍ଷରେ ଭୋଟ ଦେବେ । ଆଜିର ସ୍ୱାଧୀନତା—ଏ ବିଂଶ ଶତାବ୍ଦୀର ସ୍ୱାଧୀନତାକୁ ସେ ଛଦ୍ମ ସ୍ୱାଧୀନତା କହି ପ୍ରସ୍ତାବ ଦେଇଛନ୍ତି—The selfless and the best among people should form a group to guide people in a planned way with definite aims and purpose. ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ରୂପେ ଚାଳିତ କରିବା ପାଇଁ କେବଳ ତ୍ୟାଗୀ ଏବଂ ମହିମାନ୍ ଲୋକେ ଦଳଗଠନ କରିବା ଉଚିତ । ଆମ ମତରେ ଏହାହିଁ ବାସ୍ତବିକ ସ୍ୱାଧୀନତାର ପ୍ରଧାନ । ମହିମାନ ତ୍ୟାଗୀ ନ ହୋଇ ଭୋଗୀ ହେଲେ ସ୍ୱାଧୀନତା ଅସମ୍ଭବ । ଜୀବନର ଦର୍ଶନ ସମ୍ବନ୍ଧରେ ସେ କେତେ ଦିଗ ଦେଖାଇ କହିଛନ୍ତି—ବ୍ୟକ୍ତିଗତ ଉନ୍ନତି ଓ ସମଜଗତ ଉନ୍ନତି ଦୁଇଟି ଦାର୍ଶନିକ ଆଦର୍ଶ । ଆମେ ଦୁଇ ଆଦର୍ଶର ସନ୍ତାନ । ବାସ୍ତବିକ ବଣକୁ ଯାଇଁ ଋଷି ସନ୍ନ୍ୟାସୀ କେତେଜଣ ହେଲେ ସମାଜର ଦୁଃଖ ଘୁଞ୍ଚିବ ନାହିଁ । ଅଥଚ ସମାଜ ଭିତରେ ସମସ୍ତଙ୍କୁ ଭଲ ଭାବିବା ଓ ସମସ୍ତଙ୍କର ଭଲ କରିବାକୁ ଗଲେ ଗାନ୍ଧୀପରି ମରିବାକୁ ହେବ । ଏ ଉଭୟ ଦୃଷ୍ଟିରୁ ଆମର—ଏଇ ଚିନ୍ତାଶୀଳ ଲୋକଙ୍କର ଗୁରୁ ଦାୟିତ୍ୱ ପଡ଼ିଲାଣି ।

**ଧୂପ**—ଡାକ୍ତର ମାନସିଂହ—ପୃଃ ୧୦୭ଖଣ୍ଡା—ମୂଲ୍ୟ ଏକଟଙ୍କା—ଦ୍ୱିତୀୟ ମୁଦ୍ରଣ ।

ଏଥିରେ ଗୋଟି ୨୬ ମାନବଡ଼ କବିତା ଅଛି । କବିନକେଧୂପ ସାଜି ଶରତ୍‌ଗ୍ନିରେ ପୋଡ଼ିଜଳି ହୋଇ ଯେଉଁ ସୁଗନ୍ଧ ବିତରଣ କରିଛନ୍ତି ତାହା ଲୋକଙ୍କୁ କେବଳ ଆମୋଦିତ କରେ ନାହିଁ, ପରନ୍ତୁ ଉନ୍ମାଦିତ କରିଦିଏ । କବି ମାନସିଂହଙ୍କ କବି-ଖ୍ୟାତିର ମୂଳ ଏହି ଧୂପ । ଏଥିରେ ଥିବା କବିତା ଗୁଡ଼ିକ ଉଚ୍ଛ୍ୱାସଭରା, ଭାଷା ପ୍ରବାହମୟୀ । କୋମଳହୃଦୟ-ପ୍ରେମିକର ବା ଦୁର୍ଲଭ ନୁହେଁ—ବରଂ ଦଗ୍ଧ ପ୍ରଣୟୀର ଅନୁଚିନ୍ତା । ମନେହୁଏ ବାସ୍ତବ ଅନୁଭୂତିର ଛାୟାପାତ ହୋଇଥିବାରୁ ଏହା ଏପରି ପ୍ରାଣସ୍ପର୍ଶୀ ହୋଇଛି ।

ପରକୀୟା ପ୍ରୀତିର ନିର୍ମାଣ ଧୂପକୁ ଏତେ ମଧୁର କରିଛି ! ଅପବାଦ ପ୍ରପୀଡିତା ପ୍ରଣୟିନୀକୁ ଲକ୍ଷ୍ୟ କରି କବି ପ୍ରଶ୍ନ କରିଛନ୍ତି—

ପଙ୍କିଳ ଗାଧ ଜାଲିକେ ଯେ ଏକ ଜୀବନେ
ସଙ୍ଗୀତମୟ କାନ୍ତ ହେ ଏକ ଜୀବନେ
ଛାୟାତଳେ ଯାଇ ରହିଲା କାନ୍ତେ ମଧୁର
ଅଜି ଏହି ପ୍ରାଣ କ୍ଳାନ୍ତ ବ୍ୟଥିତ ବଧୁର
ସେ ଜୀବନେ ମୂଲ ଦେବ କିବା ଏହି ଧରଣୀ ?

ପ୍ରିୟା ପ୍ରତି କବିଙ୍କର ମମତା ପ୍ରକାଶ ପାଇଛି ଏହି ପଦକରୁ—

ଆରେ ପଥ ଘାସ ପ୍ରିୟାପଦ ସ୍ପର୍ଶ ପାଇବ
ଲୋଭି ଦେଉ ମଥା
ପ୍ରିୟା ଯେବେ ପାଦ ଥୋଇବ ।

ଦ୍ୱୟର ରୂପୀ ପ୍ରେମିକ କବି ସନ୍ଦେହ କରି ପଚାରିଛନ୍ତି—

ପ୍ରେମ କି ଥରେ ଆସି ଥରକେ ହୁଏ ଶେଷ,
ଜଣକୁ ଦେଲେ ସଁପି, ନ ରହେ ଅବଶେଷ ?

ସେ ପୁଣି ତାର ଉତ୍ତର ଦେଇ କହୁଛନ୍ତି—

ସଖୀ ସକଳ ଯେତେ ମଳଚେ ମୋ ଦୁଆରେ
ସବିଶେ ହେବେ ଶେଷ
ମୋ ପ୍ରେମ ଉପରୁରେ ।

ଶେଷରେ କବି ପ୍ରିୟାଙ୍କଠାରେ ମିନତି କରିଛନ୍ତି—

ଯାଇବ ଯଦି ଭସ୍ମପରେ ଅଶ୍ରୁଆଦ ମୂଳବ ଧୀରେ
ଜୀବନ ପୁଣି ଲଭିବ ସଖି
କାନ୍ତସ୍ପୃ ମୁଁ ମରଣ-ତୀରେ ।

"ପ୍ରେମର ପରିମାପ" କବିତାଟି ବଡ଼ ଛାପିଛନ୍ତି । ଆଦର୍ଶକୁ ସ୍ପର୍ଶ କରୁଛି । ଧୂପର ଗନ୍ଧ ରସିକ ପାଠକ ବୃନ୍ଦଙ୍କୁ ମତୁଆଳ କରୁଥିବ ଚିରଦିନ ।

**ପଦ୍ମପୁଷ୍ପ**—ଅଧ୍ୟାପକ ଗଗନ ବିହାରୀ ମହାନ୍ତି—ପୃ ୯୬ଖଣ୍ଡା ମୂଲ୍ୟ ଏକଟଙ୍କା ।

ଗୋଟି ୬୨ ଖଣ୍ଡ କବିତା-ସମ୍ବଳିତ କବିତା ବହି । ମୂଳରୁ ଶେଷ ଯାଏ ଗୋଟାଏ ନୂତନତାର ଚେଉ ଖେଳି ଯାଉଛି । ଛାନ୍ଦ ଗୁଡ଼ିକରେ ଯେପରି ଚିନ୍ତାଧାରାରେ ମଧ୍ୟ ସେହିପରି ମୌଳିକତା ଭରି ରହିଛି । ଅନେକ କବିତାରେ କବିତ୍ୱଠାରୁ ଦାର୍ଶନିକତା ପ୍ରଭାବ ଅଧିକ ଜଣାଯାଏ । କବି ଯୁବକ ହେଲେ ମଧ୍ୟ ଭାବ ବିଳାସରେ ସେ ଅନେକ ପୁରୁଣା ଲେଖକଙ୍କୁ ଟପି ଯାଇଛନ୍ତି । କବିଙ୍କର ଗଭୀର ଦୃଷ୍ଟିଶକ୍ତି Wordsworth ବା Shelly ଙ୍କ ସହିତ ତୁଳନା କରି ହେବ । ପଦ୍ମପୁଷ୍ପ ଖଣ୍ଡିକ ଥରେ ପଢ଼ିବା ପାଇଁ ସମସ୍ତ ସାହିତ୍ୟାମୋଦୀଙ୍କୁ ଆମେ ଅନୁରୋଧ କରୁଁ । ଏ ଖଣ୍ଡିକ ଓଡ଼ିଆ ସାହିତ୍ୟ ଭଣ୍ଡାରର ଶ୍ରୀବୃଦ୍ଧି କରିବ ଏଥିରେ ସନ୍ଦେହ ନାହିଁ । ଏହି ତରୁଣ କବିଙ୍କୁ ଆମେ ସ୍ୱାଗତ ଜଣାଉଛୁଁ ।



Digitized by srujanika@gmail.com



[ ପୂର୍ବ ପ୍ରକାଶିତ ଅଂଶରୁ ]

ପୃଥିବୀର ଇତିହାସ ଅନେକ ନର ମାଣରେ ଖେଳି ଏଇ ନିଶା ଖୋଇବାର କାହାଣୀରେ ପୂର୍ଣ୍ଣ । ଗୋଟାଏ ନିଶାର ମୋହ ତୁଟିଗଲେ ମଣିଷ ଯେତେବେଳେ ଧାଇଁ ଆସିଥିବା ବାଟଟାକୁ ସନ୍ଦେହ କରୁଛି, ଠିକ୍ ସେତିକିବେଳେ ଆଉ ଗୋଟାଏ ଉଲଟି ନିଶା ଖୁଆଇ ଦିଅ ହୋଇ ତାକୁ ଆଉ ଗୋଟାଏ ବାଟରେ ଦଉଡ଼ାଇ ନିଆ ହେଉଛି। ବିଚାର କରିବାର ବାଟ କାହିଁ ?

ବିଚାର କରିବାର ବେଳ ପାଇ ନାହିଁ ବୋଲି ମଣିଷ ଆଜିଯାଏ ତାର ଜୀବନଟିକୁ ସୁନ୍ଦରରୂପେ ଗଢି ପାରି ନାହିଁ । ଜଥାରେ ଭୁଲି ମାତି ଯାଇଛି ବୋଲି ବାରି ବାର ସେ ନିରାଶ ହୋଇ ଫେରି ଆସିଛି ।

କାଳର ବିଷ କଳା ନିହିତ ଏଇଠି, ଗଠନରେ ଏଇଠି ଗଳାଡ ରହି ଯାଇଛି । ଦୁଆ ପରେ ଦୁଆ ଗୃଳିଛି, କଳେବର ପରେ କଳେବର ବଦଳା ହେଉଛି, କିନ୍ତୁ ସେଇ ସନାତନ ଦୁଃଖ ଆଜିଯାଏ ମର୍ମ କାମୁଡି ଧରିଛି । ନିଶା ଖୁଆଇ ଯିଏ ଯେତେ ବଡ଼ ସୌଧ ଠିଆ କରିଇଲେ ବି ଅଚିରେ ସବୁ ଧୂଳିସାତ ହୋଇ ଯାଉଛି । ମଣିଷ ବୁଝିନାହିଁ ସେ କଣ କରୁଛି । କୌଣସି କଥାରେ 'କାହିଁକି ?' ଟା ଜାଣିବାର ପରିଶ୍ରମ କରିନାହିଁ ବୋଲି ଧୃଷ୍ଟ ନେତାର ଧନ୍ଦାରେ ପଡ଼ି ବାରବାର ତାକୁ ବିବ୍ରତ ହେବାକୁ ପଡୁଛି । ତା' ପାଇଁ ଆଉ ଜଣେ କାମ କରୁଛି, କେତେ ଜଣ ବଛା ଲୋକ ଗଢ଼ ଉଠେଇ କରୁଛନ୍ତି, ଖାଇ ଖେଳି ଗଡ଼ିକୁ ନିରାପଦ ରଖୁଛନ୍ତି; ସେ ଖାଲି ଦୁଃଖ ଭରି ଗୃଳିଛି । ନିଜର ବୁଦ୍ଧି ଓ ବିଚାର ଶକ୍ତି ତା'ର କୋଉଦିନୁ ପଙ୍ଗୁ ହୋଇ ସାରିଲାଣି । ହଠାତ୍ ଦୁର୍ଯୋଗକୁ ଯେତେବେଳେ ବେକରେ ଝୁଲାଉଛି, ଅସଲ ପରୀକ୍ଷାରେ ଯେତେବେଳେ ତା'ର ବଛା ଲୋକଙ୍କର ଅସ୍ତ୍ର ଭାଙ୍ଗି ପଡୁଛି, ସେତେବେଳେ ତା'ର ଅଣାବୁଝାପଣର ବୋଝ ବୁଝି ଯାଉଛି । ଅତୀତ ଅଭିଜ୍ଞତାର ସୁଅ ଉପରେ ପଡି ସେ ହାବୁଡ଼ୁବୁ ଖାଉଛି ପୁଣି ଆଉ କେଉଁ ନୂଆ ନେତାର ଖେଳନା ହେବ ବୋଲି, ଆଉ କିଛି ନୂଆ ନିଶା ଖାଇ କେତେଦିନ ବହଳେଇ ନେବ ବୋଲି ।

ସଂସାରର ରାଜା ଓ ରାଜନୀତି ପକ୍ଷରେ ଏଇ ନିଶାଖାଇବା ମାନଙ୍କଠାରୁ ବେଶୀ କାମ କରି ଆସିଛି । ସଂସାରର ଶତ ଶତ ପ୍ରଜା, ଯୁବକ ଓ ଛାତ୍ର ଏଥିରେ ଭୁଲିଛନ୍ତି, ଆଖି ବୁଜି 'ମାଆ' ପାଇଁ, 'ଜାତି' ପାଇଁ ଝାମ୍ପ ଦେଇଛନ୍ତି ।

ଏଇପରି ଝାମ୍ପଦେଇ ଲକ୍ଷ ଲକ୍ଷ ଜର୍ମାନ ଯୁବକ ହିଟଲରର ଦଳରେ ଯୋଗ ଦେଇଛନ୍ତି । ହିଟଲରଙ୍କ ଅଭ୍ୟୁତ୍ଥାନ ବେଳେ ଇତିହାସ ସେମାନଙ୍କର ଗୌରବ ଗାଇଛି, ପୁଣି ତାଙ୍କର ପତନରେ ସମସ୍ତ ଜର୍ମାନ ଜାତିର ପତନ ହୋଇଛି । ବିନେ ନବୁଝି ମିଛ ନେତୃତ୍ୱର ନିଆଁକୁ ଡେଇଁବାର ଫଳ ଆଜି ଜର୍ମାନୀ ଭୋଗକରୁଛି ।

ନୂଆ ସଙ୍ଗଠନକୁ ସ୍ଥାୟୀ କରିବାକୁ ହେଲେ ଏଇ ଡେଇଁବାର ଦୁର୍ବୁଦ୍ଧିଟି ଛାଡ଼ିବାକୁ ହେବ । ଆଗାମୀ ଯୁଗ ଶକ୍ତିର ଯୁଗ; ଯିଏ ଜାଣିବ, ବୁଝିବ, ଭଲାଧଲାକୁ ଭଲାଧଲା ବୋଲି ଚିହ୍ନିନେବ, ସେଇ ଆଗାମୀ କାଳର ଉପଯୁକ୍ତ ନାଗରିକ ।

ରାଜନୀତି, ସମାଜନୀତି, ଧର୍ମନୀତି ସବୁ ମଣିଷ ପାଇଁ । ଆପଣ ସୁବିଧା ଲାଗି ମଣିଷ ତାର ରାଜନୈତିକ ଭୂଗୋଳ ସୃଷ୍ଟି କରିଛି, ଦେଶ ଜାତି ଏସବୁ ପଛ, ମଣିଷ ଆଗ । ସବୁ ଦେଶର ସବୁ ପ୍ରକାରର ଆନ୍ଦୋଳନ କେବଳ ଏଇ ସଚ୍ଚା ମଣିଷ ଗଢ଼ିବାର ଆନ୍ଦୋଳନ ହେବା ଉଚିତ ।

ଯୁବକ ହିସାବରେ ଆମର ସ୍ଥାନ ମଣିଷ ଜାତିର ଏଇ ଉଚ୍ଚତମ ପାହାଚ ଉପରେ । ଆମେ ହେଇ ବୃହତ୍ତର ଭୂମିକାରେ ସବୁ କଥା ଦେଖିବା, ସବୁ ଆନ୍ଦୋଳନର ଓଜନ ପରୀକ୍ଷା କରିବା । ତାହାର ଚରମ କେତେ ଦୂରକୁ, ତାହାର କଳ୍ପନା କେତେ ଉପରକୁ, ଏଇ କଥାଟି ଭଲକରି ବୁଝି ଆମେ ଜଗତକୁ ଓହ୍ଲାଇବା ।

ସାଧନାର ଅପୂର୍ଣ୍ଣ ଅଶେଷ । ସେ ଗୃଳିଛି, ଚିରଦିନ ଗୃଳିଥିବ । ମନ ମୁତାବକ ନହେବା ଯାଏ ମଣିଷ ନିଜକୁ ନୂଆ ନୂଆ ଛାଞ୍ଚରେ ପକାଇ ବାରବାର ପରୀକ୍ଷା କରୁଥିବ । ସେଇ ସାଧନା-ପ୍ରବାହରେ ନିଜର ସେବା ଟିକକ ଦେଇ ପାରିଲେ ଆମର ଏ ଜନ୍ମରେ ଯଥେଷ୍ଟରୁ ଅଧିକ ହେବ । ନଦୀଜଳରେ ମିଶିବାରେ ହିଁ ବୃଷ୍ଟି ବିନ୍ଦୁର ସାର୍ଥକତା ।

ତୋ'ର କି ମୋର କଣିକର ଜୀବଦଶା ଭିତରେ ସେଇ ସାଧନା ସମ୍ପୂର୍ଣ୍ଣ ନୁହେଁ । ତେଣୁ ଅସ୍ଥିର ଭାବରେ ଆପଣା ମଥାକୁ ସମସ୍ତ ଜନଗଣଙ୍କୁ ଟାଣିବାର ଦୁଃସାହସ ଆମେ କରିବା ନାହିଁ । ଦଳବଢ଼ାଇବାର ଅବିରତ ଚେଷ୍ଟା, ନିଜମତକୁ ଅନ୍ୟ ଉପରେ ଲଦିବାର ଅଦ୍ଭୁତ ଆଶା, ମୋ ଛାଞ୍ଚରେ ଖାପ ନଖାଇଲା ଭଳି ଆଉ ସବୁ ସଙ୍ଗଠନକୁ ଭାଙ୍ଗି ଦେବାର ଆସୁରିକ ଇର୍ଷା, ଏସବୁ ଦ୍ୱାରା ରାଜନୀତି ହୁଏ, ମୁକ୍ତି ମିଳେ ସତ, କିନ୍ତୁ ମଣିଷର ସେବା ହୁଏ ନାହିଁ—ମଣିଷ ଭଲ ହୁଏ ନାହିଁ । କଳେ ରଙ୍ଗୀନ ପ୍ରଲାପ ପରି ଏ ଯୁଗର ରାଜନୀତି କେବଳ ଅସ୍ଥିର ଓ ଚଞ୍ଚଳ କରିପକାଏ । କିନ୍ତୁ ସାଧନାର ଉଦୟ ହୁଏ ପୂର୍ଣ୍ଣୋପଲବ୍ଧିର ପ୍ରତ୍ୟେକ-ମନ୍ତ୍ର ପରି । ରାଜନୈତିକ ନେତା ସମସ୍ତଙ୍କୁ ନିଜଆଡ଼କୁ ଟାଣେ, ସାଧକ ନିଜକୁ ସଭିଙ୍କ ସାଙ୍ଗରେ ମିଶାଇଦେଇ ଧନ୍ୟ ହୁଏ ।

ଆଜି ଏଇଟି ବନ୍ଦ ଥାଉ । ଇତି ।

ତୋର

"ଚିରସାଥୀ"



Digitized by srujanika@gmail.com

# କେବଳ ମହିଳାଙ୍କ ପାଇଁ

( ପୂର୍ବ ପ୍ରକାଶନ ପରେ )

ତମେ ସବୁବେଳେ ଦେଖେଇ ହେବ ଯେ ବନାଶ୍ରୟୁ ତ୍ କ ବର୍ତ୍ତନ୍ତେ । ଧର ଯଦି ତମର ପ୍ରେମିକ ହଠାତ ଜଖମ ହେଲେ, ତମେ ସଙ୍ଗେ ସଙ୍ଗେ କାହାର ଲୁଗାଟାଣି ବାଣ୍ଡେଜ କରିଦେବାକୁ ଚେଷ୍ଟା କରିବ ନାହିଁ । ତମେ ଲୁଗା ଚିରି ଦେଖେଇ ଦେବ ଯେ ତମେ ତ୍ୟାଗ କରିପାର । କିନ୍ତୁ ବାଣ୍ଡେଜ କରି କେବଳ ବାନ୍ଧିବ ଆଉ ଦେଖେଇ ହେବ ତମେ ରକ୍ତ ଦେଖି ଡାଳିଅ । ନାରୀ ଏବର ଅସହାୟ ଭାବ ସୀତାଙ୍କ ଠାରୁ ସାଧିକାଃ ଯାଏ ସମସ୍ତେ ପ୍ରକାଶ କରିଛନ୍ତି । କରି ଆସିଛନ୍ତି ।

ତମେ କେବଳ ମଠ ପଢ଼ିଛ ବୋଲି କହିଲେ ଚଳିବ ନାହିଁ । ବହି ଦୋକାନକୁ ଗଲେ ଯଦି ଦେଖିବ ସେ ମଧ୍ୟ ତମ ସଙ୍ଗେ ଅଛି, ତେବେ ଦୋକାନୀକୁ ପଚାରିବ—ଅଞ୍ଜ ମେରି ଷ୍ଟୋପସ—ହେବଲକ ଏଲିସ—ବାତ୍ସ୍ୟାୟନ ଅଛି ? ତାହେଲେ ସେ ବୁଝି ପାରିବେ ଯେ ତମେ କାମ ଶାସ୍ତ୍ରରେ ନିତାନ୍ତ ନଭିସ୍ । ତେଣୁ ତମର ଭର୍ଜିନତ୍ୱର ଶ୍ରଦ୍ଧା ଦେବାକୁ ସେ ଆଦୌ କୁଣ୍ଠା କରିବ ନାହିଁ । ଅଜି ସ୍କୁଲ୍‌ରେ ପ୍ରେମ କବିତା ବା ଉପନ୍ୟାସର ନା ମଧ୍ୟ ଧରିବ ନାହିଁ ତି । କାରଣ କେଣେ ଜାଣ ? ଆଜିକାଲି ଲୋକାଏ ବେଶ୍ ବୁଝି ପାରିଲେଣି ଯେ ଉପନ୍ୟାସ ପଢି ଝିଅମାନେ ଜୀବନଟାକୁ କେବଳ ଉପନ୍ୟାସ ଭାବୁଛନ୍ତି । ଅର୍ଥାତ ବାସ୍ତବ ଜଗତକୁ ଅସୁ ନାହାନ୍ତି । ଖାଲି ପ୍ରେମଛଡ଼ା ସଂସାର କାମ ଆଡ଼କୁ ଦୃଷ୍ଟି ଦେଉ ନାହାନ୍ତି ! ଅଜି ବଜାରର ଛତୁ ଫୁଟିଲା ପରି ଯଦା ତଦା ଉପନ୍ୟାସ ପଢ଼ିବା ସଙ୍ଗେ ସଙ୍ଗେ ନାୟକ ମାନଙ୍କୁ ଭୁଲିଲା ପରି ପ୍ରେମିକଙ୍କୁ ମଧ୍ୟ କ୍ଷଣ କ୍ଷଣକେ ଭୁଲି ଯାନ୍ତି । ଅତଏବ ସେ ବିଷୟରେ ସାବଧାନ !

ଅଜି ପଲିଟିକସ ହେଲେ କାରଲ ମାର୍କସ ମୁଁ ଲେଇଦେବେ । ଖବର କାଗଜ କିଣି ବାକୁ ହେଲେ—ଜାଣିଛତ ଗଲ ଏଥର ଇଲେକ୍‌ସନରେ କଏ ଜିତିଲା ? ତାଙ୍କର ସପକ୍ଷ କାଗଜ କିଣିଲେ ତମ ନାୟକ ବଲେ ବୁଝିନେବେ ଯେ ତମେ ବୁଦ୍ଧିମତୀ ଅଛ । ଏବଂ ଅଉ ବେଶିଦିନ ନାହିଁ ଯେତେବେଳେ ପ୍ରଧାନ ମନ୍ତ୍ରୀଙ୍କ ସହ ତମର ଫଟୋ ମଧ୍ୟ ଉଠି ଯିବ—ଛାପା ହେବ । ତାହାଲେ ତମ ଜୀବନଟା ଧନ୍ୟ, ତମ ପ୍ରେମିକ ବା ଭାବୀ ସ୍ୱାମୀଙ୍କ ଜୀବନ ମଧ୍ୟ ଧନ୍ୟ ହେବ । ଏ କାଗଜକୁ ଯେ ପ୍ରଶଂସା କରିବ ତାପାଇଁ ସେପା ଦ୍ୱାର ଉନ୍ମୁକ୍ତ ।

ସେ ତମ ସାଙ୍ଗରେ ସିନେମା ଦେଖି ଯିବାକୁ ଚାହିଁବ । ଟିକଟ କିଣି ଅଣିଛି ବୋଲି କହିବ । ତମେ ମନା କରିବ, । କହିବ ଭଲ ଲାଗେ ନାହିଁ । ସେ ବାଧ କରିବ । ତମେ କହିବ—ତମର ଯାହା ଖୁସି—ମୁଁ ସେଥିରେ ବାଧ ଦେବାକୁ ଚାହେଁ ନାହିଁ ।

ସେ କହିବ କଲେଜ ହେଉଛି ଶୋର ନାୟକ ନାୟିକା ପାଠ ନେବା । ତମେ କହିବ ରିହାରସଲରେ ଭଲ ହେଲେ ଉତ୍ସେଇବା । ରିହାରସଲରି ଯେଉଁ କନଶୀ ଲଗେଇବ ତାକୁ ଆଜ ବାହାରେ ସମସ୍ତଙ୍କୁ ଦେଖାଇଲେ ସମସ୍ତେ ଲୋଭ କରିବେ । ମାଇପଙ୍କର ସ୍ୱଭାବ—କୌଣସି ପୁରୁଷକୁ ଅନ୍ୟ ସ୍ତ୍ରୀ ସହିତ ପ୍ରେମ କରିବାର ଦେଖିଲେ ତା ପ୍ରତି ବଡ଼ ଆକୃଷ୍ଟ ହୋଇ ପଡ଼ନ୍ତି । ତମେ ଥିଏଟରରେ ଓଟ୍ଟେ-ଇବେ ତମ ପ୍ରେମିକକୁ ନିଶ୍ଚୟ ହରାଇବ । ଏଥିରେ ସନ୍ଦେହ ନାହିଁ ।

ଗୋଟି ଏଥକୁ ସାବଧାନ ଥିବ । ପୁରୁଷ ଗୁଡ଼ାକ ବଡ଼ ଧୈର୍ଯ୍ୟ-ହୀନ । ସେ ଘନ ଘନ ଚିଠିଦେଇ ତମକୁ ବ୍ୟତିବ୍ୟସ୍ତ କରିବେ । ତମେ ସହଜରେ ଉତ୍ତର ଦେବନାହିଁ । ଯଦି ଦିଅ ଠିକ୍ ପ୍ରେମିକର ଉତ୍ତର ନଦେଇ—ଅକାଶ ସୁନ୍ଦର—ଏଥର ବର୍ଷା ହେଇନାହିଁ ମନ୍ଦିରା ପଡ଼ି କଥା କହିବ ଇତ୍ୟାଦି ଗୋଟାଏ ଲିଖିବାକ୍ୟ ଶୁଣାଉଥିବ । ମଝିରେ ମଝିରେ ଚିଠି ପତ୍ର ଦେବାର ବା ଉତ୍ତର ବିଳମ୍ବ ହେବାର କାରଣ ସ୍ୱରୂପ ଲେଖିଦେବ—ସାମାନ୍ୟ ଅସୁସ୍ଥ ଥିଲି । ତାହେଲେ ପ୍ରେମିକ ଅଧିରି ଅଥୟ ହେଇ ପଡ଼ିବ । ସେ ଅଧିରି ଘନ ଘନ ପତ୍ର ଦେବେ - ଦେଖି - ଥା ଜାଣିବାକୁ । ତମେ ଉତ୍ତର ଦେବ ନାହିଁ । କିଛି ଦିନ ପରେ ଲେଖିବ—ଅଳସ ଯୋଗୁ—ଉତ୍ତର ଦେଇନାହିଁ—ତମେ କ୍ଷମା ଦେବ ଜାଣି ଉତ୍ତର ଦେଇନାହିଁ ଇତ୍ୟାଦି । ବେଳେ ବେଳେ ସାମାନ୍ୟ ପ୍ରଲୋଭନ ନ ଦେଲେ ସେ ଛାଡ଼ ପଳାଇବେ । ଲେଖିବ—'ଅଚାନକ ତମ କଥା ମନେ ପଡ଼ିଲା ।' 'ତମେ ବାସ୍ତବିକ ମହାନ'—'ତମକଥା ଅମୃତ ଭଉଣୀ କହୁଥିଲେ ।' 'ତମର ପ୍ରଶଂସା ଅନନ୍ତ ।' ଶେଷକୁ ଦିନେ ଲେଖିବ—ଆପଣ କେବେ ବାହା ହେଉଛନ୍ତି—ମୋତେ ଡାକିବେତ ? ସେ ଲେଖିବେ—ମେଣ୍ଟେ କଏ ବାହାହେବ ? ମୋର ନା ଅଛି ରୂପ—ନା ଗୁଣ—ନା ଟଙ୍କା । ସେଇଠି ତମେ ଲେଖିପାର—'ତମ ଭଳି ଲୋକଙ୍କୁ ଯେ କୌଣସି ବାଳିକା ଭଲ ପାଇବ—ବା ତମକୁ ବାହା ହେବା ସୌଭାଗ୍ୟର କଥା ।' ବାସ୍, ସେଇଠି ଶେଷ ।

ତେଣିକି ସିଧା ସଳଖ ପ୍ରଶ୍ନୋତ୍ତର ।

ସେ କହିବ—ତ୍ରିସ୍ୱେ—ମୁଁ ଯେତ କାହାକୁ ଜୀବନରେ ଭଲ ପାଇଥାଏଁ, ସେ ହେଉଛ ତମେ ।

ତମ ଭାଗ୍ୟରେ ଅଧିକ 'ମିଛ' । କିନ୍ତୁ ତାକୁ ଶ୍ରେୟ ତମେ କେବଳ ଏତିକି କହିବ—"ଇସ୍ ।" ତାହା ଉତ୍ତମ ଅଉଲୁ ବୁଝାଇବ ।

ସେ—ତମେ କଣ ଜୀବନରେ ସବୁ ପ୍ରଥମେ ମୋତେ ଭଲ ପାଇଲ ? ସତ କହିବ ।

ମାଇପେ ବଡ଼ ସରଳ—ତମେ କହି ଦେବ 'ନା' ! କିନ୍ତୁ ଦୋଷି ଏ ଭୁଲ କରିବ ନାହିଁ । ଜୀବନରେ ତମେ ଯେତେ ଥର ପ୍ରେମ କରିଛ ସେ ସବୁ ଯେମିତି ମିଛ ହେଉଛି—ବର୍ତ୍ତମାନ ଉତ୍ତରଟାକୁ ସେହିପରି ମିଛ ଦିଗକୁ କହିବ । ନହେଲେ ଘଟଣା ସାଂଘାତିକ ହେବ । ନାରୀ ଉଦାର ହୋଇପାରେ—କିନ୍ତୁ ପୁରୁଷ ବଡ଼ ଅନୁଦାର । ତେଣୁ ଏହିଭଳି ପ୍ରଶ୍ନର ଉତ୍ତରରେ କହିବ—'ମୋର ଅନ୍ତର ଚିରି ଦେଖିଲେ ବୁଝିପାରିବ—ବା ପ୍ରେମମୟ ଭଗବାନ ଜାଣନ୍ତି ।' ଏହା ମିଛ ବି ନୁହେଁ—ସତ ବି ନୁହେଁ ।

କିନ୍ତୁ ଜାଣିରଖ—ତମେ ଯେଉଁ ପୁରୁଷକୁ ଭଲପାଅ ଓ ଯାହାକୁ ନିଏଁ ଅ ମଧ୍ୟ ସମସ୍ତେ ତମକୁ ଏଇ ଏକା ଭାବରେ ଭେଟିବେ ବା approach କରିବେ । ତମେ ସମସ୍ତଙ୍କୁ କେବଳ ରହସ୍ୟ ଦେଖିବାକୁ ଏପରି ଉତ୍ତର ଦେବ । ଯାହାକୁ ତମେ ଚାହଁ ତାକୁ ଛାଡ଼ି ବାକି ସମସ୍ତଙ୍କ ବେଳରେ ସମ୍ପୂର୍ଣ୍ଣରେ କହିବ—ମୋର ଗୋଟିଏ କଥା ରଖିବେ ?

ସେ ଅଗ୍ରହରେ କହିବେ—କଣ କହ ରାଣୀ -ଜୀବନ ଦେବାକୁ ପ୍ରସ୍ତୁତ ।

ତମେ—"ତମେ ଶୀଘ୍ର ଗୋଟିଏ ବାହା-ହୁଅ ।"

ସେ—"ମୁଁ ପ୍ରସ୍ତୁତ ରାଣୀ ।"

ତମେ—'କେବେ ।'

ସେ—"ତମେ ଯେବେ କହିବ ।"

ତମେ—'ଆଜି ଏହି ମୁହୂର୍ତ୍ତରେ ।"

ସେ ତମକୁ କୁଣ୍ଢାଇ ପକାଇବ । ସେତିକି ବେଳେ ଦୁଇ ଖୁଆ ଦେଇ ପଳାଇ ଆସି କହିବ—ତମର ଜାଣିବା ଉଚିତ ଥିଲା—ମୁଁ ପୂର୍ବରୁ ପ୍ରସ୍ତୁତ ହୋଇ ସାରିଛି ।

ଯାହାକୁ ବାହାହେବ ଶେଷରେ ତାପାଇଁ ମଧ୍ୟ ଏଇ ଖୁଆ ବା ଖଟମୁଣ୍ଡା ସବୁବେଳେ ପ୍ରସ୍ତୁତ କରି ନ ରଖିଲେ ଦାମ୍ପତ୍ୟ ଜୀବନ ସୁଖକର ହୁଏ ନାହିଁ ।

Digitized by srujanika@gmail.com

ନାଗଙ୍କ କଲମରୁ—

## ଅଜାଙ୍କ ସାଇକେଲ ଚଢ଼ା

ଅଜା ଯାଇଥିଲେ ହାଟ କରିବାକୁ
ଦେଖି ଏକ ସାଇକେଲ
ଘରେ ଆସି ଅଜା କିଛି ନ କରନ୍ତି
ମନ ହୁଏ ଚଞ୍ଚଳ ।
ଅଜା ଯାଇକରି ଆଈଙ୍କ ପାଖରେ
କହନ୍ତି ଗୋ ପ୍ରାଣପ୍ରିୟ,
ଦିହରୁ ତୁମର ଗହଣା ଖଣ୍ଡିଏ
ଖୋଲିକରି ମୋତେ ଦିଅ ।
ଅଜା କଥା ଶୁଣି ଆଈ କହନ୍ତି ଯେ
ଗହଣା କରିବ କଣ ?
ପ୍ରଶ୍ନ ଶୁଣି ଅଜା ରାଗିଯାଇ ବାବା
ଫୁଲାଇ ଦିଅନ୍ତି କାନ ।
ରାଗ ଦେଖି ଆଈ ଡର ଡର କରି
ଦେଲେ ଯେ ଗହଣା କାଢ଼ି,
ଗହଣା ପାଇଣ ମନ ସୁଖେ ଅଜା
ଧଇଁଲେ ଅଣ୍ଟା ଭିଡ଼ି ।
ଗହଣା ନେଇଣ ଅଜା ପହଞ୍ଚିଲେ
ଦୋକାନୀ ପାଖରେ ଯାଇ,
ପଚାରନ୍ତି ତାଙ୍କୁ ଦୋକାନୀ ପୁଅ ରେ
ସାଇକଲ୍ ଅଛି କି ନାହିଁ ?
ବୁଢ଼ା ବୟସରେ ନୂଆ ସାଇକଲ୍
ନେଇ କି କରିବ କହ,
ଅଜା କହିଲେ ଯେ ପୁରୁଣା ସାଇକଲ୍
ଅଛି ଯଦି ତୁରନ୍ତ ଦିଅ ।
ଦୋକାନୀ ଦେଲା ତ ପୁରୁଣା ସାଇକଲ୍
ନଥିଲା ତହିଁରେ ବ୍ରେକ୍,
ଘରେ ପହଞ୍ଚିଣ ଆଈଙ୍କୁ ଦେଖିଣ
ଅଜା କଲେ ହେଣ୍ଡ ସେକ୍ ।
ସାଇକଲ୍ ଦେଖି ଆଈଙ୍କର ମୋର
କହିଲେ ନାସରେ ଖୁସି,
ଆଈଙ୍କର ଖୁସି ଦେଖି ଆମ ଅଜା
ଦେଲେ ମିଠା ହସ ହସି ।
ଆଈ କହିଲେ ଯେ ଆହେ ପ୍ରାଣ ନାଥ
ଚଢ଼ିବି ମୁଁ ସାଇକଲ୍,
ଆଈ କଥା ଶୁଣି ବେଗରେ ଅଜା
ଆଈ ସଙ୍ଗେ ହେଲେ ଗେଲ ।
ଅଜା କହନ୍ତି ଶୁଣ ପ୍ରାଣସଖି
ତୁମକୁ ଯେପରି ସ୍ନେହ,
ଶିଖାଇ ଦେଉଛି ତୁମେ ପୁଣି ମୋତେ
ଶିଖାଇବ ଗୃହ ମୁହିଁ ।
ବସ ତୁମେ ଆଗ ସୀଟ୍ ଉପରେ
ତାପରେ ଦେବି ମୁଁ ଠେଲି,
ଗଡ଼ ଗଡ଼ ହୋଇ ଚାଲିଯିବ ଗାଡ଼ି
ଯେପରେ କଣୁଆ ଠେଲି ।
ଆଈ ବୋଲେ ନାଥ ଶିଖିବି ମୁଁ ପଛେ
ତୁମେ ଆଗ ଯାଇ ବସ,
ମୁଁ ଆଗ ଠେଲିଲେ ତୁମେ ଚଲାଇବ
ମୁଖ କରି ହସ ହସ ।
ତହୁଁ ଆମ ଅଜା ଚଢ଼ି ସାଇକଲ
ଦେଲେ ଆଈଙ୍କୁ ଯେ ଠାରି,
ଯେତେବେଳେ ଥିଲା ଲଗାଇ ଆଈ ମୋ
ଠେଲି ଦେଲେ ବଳବାରି ।
ବେଗରେ ବେଗରେ ବୁଲିକରି ଅଜା
ତଣ୍ଡିଭ ଗଲଣି ପଡ଼ି,
ସାଇକେଲ ଠାଏ ଠାଏ ଆମଅଜା
ହେଉଛନ୍ତି ଗଡ଼ାଗଡ଼ି ।

### ଅଜାଙ୍କ ଉତ୍ତର

ଜ୍ୟୋତ୍ସ୍ନା [୧୧୮] ମୋର ପ୍ରଥମ ନାତି ଶ୍ରୀ ସୂର୍ଯ୍ୟକାନ୍ତ ଦାସ—ସେ ବର୍ତ୍ତମାନ ସମ୍ବଲପୁର କଲେଜର ଅଧ୍ୟାପକ । ପ୍ରଥମ ନାତୁଣୀ [ନଂ ୯] ଓ ବନିତା କେଉଁ । ବୟସ ଜଣା ନାହିଁ ।

ରାଣୀ (୧୨୬୮) ଓ ଜନାର୍ଦ୍ଦନ [୧୨୫୩] ଉତ୍ତର ସାଙ୍ଗରେ ନ ପଠାଇଲେ ଅବସର ବିନୋଦନ ଗୃହୀତ ହେବ ନାହିଁ ।

ସବିତାରାଣୀ (୧୨୪୪)

### ନାଗଙ୍କ ପ୍ରଶ୍ନ

ସରୋଜ (୧୧୮୪) ପ୍ରଥମେ ଫାଉଣ୍ଟେନ ପେନ୍ କିଏ ଆବିଷ୍କାର କଲେ ?

ସୂର୍ଯ୍ୟମଣି (୧୧୨୨) ପୃଥିବୀର ବୃହତ୍ତମ ପଦାର୍ଥ କିଏ ?

ନବ [୧୨୦୦] ଭାରତରେ ଶ୍ରେଷ୍ଠ ସୁନ୍ଦରୀ କିଏ କିଏ ?

ମହେନ୍ଦ୍ର [୧୨୪୨] ପୃଥିବୀରେ ସର୍ବ ପ୍ରଥମ କେଉଁ ଦେଶରେ ଡାକ ବିଭାଗର ସୃଷ୍ଟି ହୋଇଥିଲା ଓ କେବେ ?

### ନାଗଙ୍କ ଉତ୍ତର

ସରୋଜ [୧୧୧୫] ଜାଣିବ—ସୂର୍ଯ୍ୟ ବିଷୁବ ରେଖା ଉପରେ ଲମ୍ବ ସଳଖ ଭାବରେ କିରଣ ପକାନ୍ତି । ତେଣୁ ଯେଉଁଠି ସମସ୍ତ ସେ ସ୍ଥାନ କିରଣ ପାଇ, ସୂର୍ଯ୍ୟଠାରୁ ହଟିଗଲେ ସେଠିକି ସମ୍ପୂର୍ଣ୍ଣ ଅନ୍ଧାର ହୁଏ—ସୂର୍ଯ୍ୟମଣି (୧୧୨୨)

### ଅବସର ବିନୋଦନ ୩୫

ଷୋଳଟି ଇଂରାଜୀ ପିଲା ବଜାର ଯାଇଛନ୍ତି । ପ୍ରତ୍ୟେକଙ୍କ ପକେଟରେ ପଇସା ଅଛି କିନ୍ତୁ କୌଣସି ଦୁଇଟି ପିଲାର ସମାନ ପରିମାଣର ପଇସା ନାହିଁ । ସବୁଠାରୁ ବେଶି ପଇସା ଯାହା ପାଖରେ ଅଛି ତାର ପରିମାଣ ସବୁଠାରୁ କମ୍ ପଇସା ରଖିଥିବା ପିଲାଠାରୁ ୧ ସିଲିଙ୍ଗ ୬ ପେନ୍ସ ବେଶି । ଏବଂ ସବୁ ପଇସାର ହାରାହାରି ବା average ନେଲେ ହେବ ୧ ସିଲିଙ୍ଗ ଦୁଇ ପେନ୍ସ । ଯଦି ସବୁଠାରୁ ବେଶି ପଇସା ଥିଲାବାଲା ପିଲାଟିକୁ ଛାଡ଼ି ଆମେ ହିସାବ କରିବା ତେବେ ତାର ପରିମାଣ ହେବ ୧ ପେନ୍ସ । ଦ୍ୱିତୀୟ ବେଶି ପଇସା ବାଲାଙ୍କୁ ଛାଡ଼ିଦେଲେ ମଧ୍ୟ ହାରାହାରି ସେଇ ଏକ ପେନ୍ସ । ଏମିତି ତୃତୀୟ ଚତୁର୍ଥଙ୍କୁ ଜଣ ଜଣ କରି ଛାଡ଼ି ହାରାହାରି କଷିଲେ ସବା ଶେଷକୁ ଜଣେ ରହିଗଲାଯାଏଁ ସେଇ ଏକ ପେନ୍ସ ହିସାବ ପଡ଼ିବ ।

କହି ପାରିବ କେତେ ପିଲା ଥିଲେ ଓ କେତେ ପଇସାଥିଲା । ପ୍ରଥମ ଉତ୍ତର ଦାତା ବହିଖଣ୍ଡେ ପୁରସ୍କାର ପାଇବ ।

### ୩୪ ନମ୍ବର ଉତ୍ତର

ପ୍ରଥମ ଉତ୍ତର ଦାତା ବ୍ରଜନାଥ (?) ନାଗ ହୋଇଥିଲେ ପୁରସ୍କାର ପାଇବେ । ତାଛଡ଼ା ଠିକ ଉତ୍ତର ଦେଇଛନ୍ତି ଶରଦିନ୍ଦୁ [୧୨୫୦] ରାଣୀ [୧୨୪୮]

### ନୂଆ ନାଗଙ୍କ ନାମ

୧୨୫୫ ଗୌରି ଶଙ୍କର ମହାପାତ୍ର ମହେନ୍ଦ୍ର ଉତ୍କଳ ବାଳିକା ବିଦ୍ୟାଳୟ ୧୦ ଶ୍ରେଣୀ—ଅଠମଲ୍ଲିକ । ୧୨୫୬ ପ୍ରଫୁଲ୍ଲ ଚନ୍ଦ୍ର ଅଗ୍ରୁଯ ପୁରୀ ଜିଲାସ୍କୁଲ, ପୁରୀ । ୧୨୫୭ ଗଦାଧର ଅଗ୍ରୁଯ ଗଦାଧର ହାଇସ୍କୁଲ ପୋଃ ପୁରୀ । ୧୨୫୮ ମନୋରଞ୍ଜନ ମହାନ୍ତି ପୁରୀ ଜିଲା ସ୍କୁଲ ପୁରୀ । ୧୨୫୯ ହରବନ୍ଧୁ ଦାସ ଆନନ୍ଦପୁର, ବଳଭଦ୍ର ନାରାୟଣ ସ୍କୁଲ ୧୦ମ ଶ୍ରେଣୀ ପୋଃ ଆନନ୍ଦପୁର କେଉଁଝର ।

# ଚିଠି

## ପ୍ରଜାତନ୍ତ୍ର ଓ ପ୍ରଜାତାନ୍ତ୍ରିକଙ୍କୁ ନିବେଦନ

ଜୁଲାଇ ୨୭ ତାରିଖ 'ପ୍ରଜାତନ୍ତ୍ର'ରେ ଫାଁସିଗୃହ ଛଦ୍ମନାମରେ ଜଣେ କୁରୁଚି ସମ୍ପନ୍ନ କାପୁରୁଷ ଅଭଦ୍ର ବ୍ୟକ୍ତିଙ୍କ 'ପରିହାସ' ଶୀର୍ଷକ ଲେଖାରେ ନାରୀ ମାନଙ୍କୁ ଅତ୍ୟନ୍ତ ଅସମ୍ମାନଜନକ, ଅସଭ୍ୟ ଭାବରେ ଶ୍ଳେଷ ବିଦ୍ରୂପାତ୍ମକ ଲେଖା ଲେଖି ଲେଖକ ଉପହାସ କରିବାର ପରାକାଷ୍ଠା ଦେଖାଇ ଅଛନ୍ତି । ଶ୍ରୀମତୀ ରଥ, ଶ୍ରୀମତୀ ପାଣି, ପ୍ରଭୃତି ନାରୀମାନଙ୍କୁ under ground ପାଇଁ ଆକ୍ରମଣ କରା ହୋଇଛି । under ground କାମ ଯେମାନେ କରନ୍ତି ସେମାନଙ୍କର ନିଜ ଆଦର୍ଶ ଓ ମତବାଦ ସାମ୍ନାରେ ଲୋକ ସଂଗ୍ରହ କରିବାର ସାହସ ଓ କ୍ଷମତା ନାହିଁ, ତେଣୁ ରାଜନୀତିକ କର୍ମଧାରା ମାନଙ୍କରେ ଏହି ଢଙ୍ଗର ଗୁପ୍ତ କର୍ମ ପ୍ରଚେଷ୍ଟାକୁ ପୃଥିବୀର ଆଦର୍ଶବାଦୀ ରାଜନୀତିଜ୍ଞ ଓ ବଡ଼ ଲୋକ ମାନେ ମହତ୍ତ୍ୱ ଦେଇ ନାହାନ୍ତି । ମହାତ୍ମାଗାନ୍ଧୀ ଜୀବିତ ଥିବା ବେଳେ ୧୯୪୨ କଂଗ୍ରେସର ବିପ୍ଳବାତ୍ମକ underground ଆନ୍ଦୋଳନ ଓ କର୍ମକୁ ତୀବ୍ର ନିନ୍ଦା କରିଥିଲେ ଓ ସେହି କର୍ମ ପନ୍ଥାର ଦାୟିତ୍ୱ ମଧ୍ୟ ନିଜେ ନେଇ ନଥିଲେ । ଅନ୍ୟ ଗାନ୍ଧୀବାଦୀ କଂଗ୍ରେସ ନେତା ଓ କର୍ମୀମାନେ ମଧ୍ୟ ଧ୍ୱଂସାତ୍ମକ ହିଂସାତ୍ମକ କାର୍ଯ୍ୟରେ ଦାୟିତ୍ୱ ନ ନେଇ ସେହିମାନଙ୍କ, କଥା ଓ ମଣିଷ ମାରୁ କାର୍ଯ୍ୟ ମାନଙ୍କର ତୀବ୍ର ନିନ୍ଦାବାଦ କରିଥିଲେ । ସେହି ଦୃଷ୍ଟିରୁ କମ୍ୟୁନିଷ୍ଟ ଗୁପ୍ତ ରାଜନୀତିକ କର୍ମ ପଦ୍ଧତି (under ground work) ଆଦର୍ଶ ଶ୍ରେଣୀର ପନ୍ଥାରେ ନିଜେ ନାହିଁ । ପ୍ରତି ବ୍ୟଷ୍ଟି ବା ସମଷ୍ଟିର ମତବାଦକୁ ବହୁଜନ ଗ୍ରହଣ କରିବାର ସୁବିଧା ଗଣତନ୍ତ୍ର ନୀତିର ବା ପ୍ରଜାତନ୍ତ୍ର ନୀତିର ମୂଳ କଥା । ଏବଂ ସେଥିଯୋଗୁଁ ପ୍ରକାଶ୍ୟ ବିଦ୍ରୋହ କରି ଫାଶୀରେ ଝୁଲିବା କି ଜେଲ୍‌ରେ ନିଜର ଦୀର୍ଘ ସମଷ୍ଟିର ମତବାଦ ହେତୁ ଯାବଜ୍ଜୀବନ କଟିବା ଓ ଦାରିଦ୍ର୍ୟ, ଦୁଃଖ, କଷ୍ଟକୁ ବରଣ କରିବା ହିଁ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠାର ସାର ଉପାୟ । ମହାତ୍ମା ଗାନ୍ଧୀଜୀ ସତ୍ୟ ସହିତ ଅସତ୍ୟ, ନ୍ୟାୟ ସହିତ ଅନ୍ୟାୟ ରାଜନୀତିକ କୂଟନୀତି ଯୁଦ୍ଧ ବାଣର ରଫା କରିବା ପାଇଁ ସମର୍ଥନ କରୁନଥିଲେ । କିନ୍ତୁ କ୍ଷମତା ରାଜନୀତିରେ ଅସତ୍ୟ, ଅନ୍ୟାୟ ସହିତରେ ସତ୍ୟ ଓ ନ୍ୟାୟର ମିଳନ ଏ ଯୁଗର ଓ ଏ ଦେଶର ସ୍ୱୀକୃତ ହୋଇ ପଡ଼ିଥିବାରୁ ଗାଁ ଗଣ୍ଡା ଦେଶ ସମାଜ ସର୍ବାଙ୍ଗରେ ନାନା ଅଶାନ୍ତି, ଚଣ୍ଡ ଗୋଳ, କଳି ତକରାଳ ଜଳାଜଳର ଜ୍ୱାଳା ଅବ୍ୟାହତ ଭାବରେ ଜଳୁଅଛି । ଫଳରେ କମ୍ୟୁନିଜମ୍ ଓ ସୋସିଆଲିଜମ୍ ମନୋବୃତ୍ତି ଲୋକ ଚିତ୍ତରେ ବ୍ୟାପୁଛି । ଏହାର ନେତା ସବୁଠାରେ ନାହାନ୍ତି । ଏହି ସତ୍ୟ ନେତା ଜହରଲାଲ, କୃପଲାନୀ, ନାରାୟଣ, ମଣ୍ଡଳ, ଆଦି, ରାଧାକୃଷ୍ଣନ୍, ରାଜେନ୍ଦ୍ର ଓ କହୁଛନ୍ତି । ମହାତ୍ମାଜୀ ମଧ୍ୟ ଭାରତ ସ୍ୱାଧୀନତା ପରେ କ୍ଷମତା ରାଜନୀତିର କ୍ଷମତା ପ୍ରୟୋଗର ଅପବ୍ୟବହାର ସମ୍ବନ୍ଧରେ ବାରମ୍ବାର ତିକ୍ତ ସମାଲୋଚନା ଓ ସତର୍କ ବାଣୀ ଶୁଣାଇଛନ୍ତି । ଆଜି କ୍ଷମତାର ଅପପ୍ରୟୋଗ ବା ଦୁର୍ବଳ ପ୍ରୟୋଗ ନିମନ୍ତେ କ୍ଷମତା ରାଜନୀତିର ବିରୋଧ ଦେଶରେ ରୂପ ରେଖ ନେଇ ଦେଖା ଦେଇଛି । ଏହି ବିରୋଧ ସତ୍ୟ. ଏହାକୁ ଅସ୍ୱୀକାର କରିବାର ଉପାୟ ନାହିଁ । ଏହି ବିରୋଧ ନାରୀମାନଙ୍କ ଚିତ୍ତରେ ଯଦି ବିଦ୍ରୋହ ଭାବ ଜାଗ୍ରତ କରେ, ସେଥି ପାଇଁ ସୋସିଆଲିଜମ୍, କମ୍ୟୁନିଜମକୁ ଦାୟୀ କରିବାର ଉପାୟ କଣ ? କୁରୁ ସଭାରେ ଦୁର୍ଯ୍ୟୋଧନ ସିଂହାସନ ତଳେ ଦ୍ରୌପଦୀର ବସ୍ତ୍ର ହରଣ ? କୌଣସି ନାରୀ ଗୋଷ୍ଠୀ ବା ବ୍ୟକ୍ତି ଯଦି କଂଗ୍ରେସର ପ୍ରଚଳିତ ରାଜନୀତିକୁ ଓ କଂଗ୍ରେସ ନେତା ବା ସରକାରଙ୍କ ଆଦେଶ ଓ ମତକୁ ସମର୍ଥନ ନକରନ୍ତି ବା ବିରୋଧ କରନ୍ତି, ତେବେ ତାଙ୍କୁ କୌଣସି ଶିକ୍ଷିତ ଉନ୍ନତ ରୁଚି ବିଶିଷ୍ଟ ଭଦ୍ରବ୍ୟକ୍ତି ଅଶିଷ୍ଟ ଅଭବ୍ୟ ଅସଭ୍ୟ ଭାବ ଭାଷାରେ ରୂପକ କରି ଗଳ୍ପ ନାୟିକା ରୂପେ ପ୍ରକାଶ କରିଲେ ସେହି ବ୍ୟକ୍ତିଙ୍କର ଉନ୍ନତ ଅସହିଷ୍ଣୁତାକୁ କେବଳ ପ୍ରକାଶ କରେନା — ବରଂ ତାଙ୍କର ବ୍ୟକ୍ତିତ୍ୱହୀନ ଅମନୁଷ୍ୟତାର ପରିଚୟ ଦିଏ କେବଳ । ମାତ୍ର ଜାଣିବୁ ଯେଉଁମାନେ ନିଜର ରାଜନୀତିକ ଉଦ୍ଦେଶ୍ୟ ସିଦ୍ଧିର ଅନ୍ତରାୟ ବୋଲି ସେମାନଙ୍କର ଚରିତ୍ରକୁ କଳଙ୍କ କରି ଅତି ସହଜ ଅସ୍ତ୍ର ଅନ୍ତ ରାଲରେ ଥାଇ ଚିନ୍ତନ୍ତି, ସେମାନେ କୁଜନ୍ମା ଏବଂ ମାତାଙ୍କ କୁପୁତ୍ର । କୌଣସି ନାରୀକୁ ସେହି ଜାତୀୟ ଶିଖଣ୍ଡୀ ମାନେ ପୁରୁଷ ବୋଲି କହନ୍ତି ଯେଉଁମାନେ ଯଥାର୍ଥରେ ପୁନଃପ୍ରବେଶୀ ନାରୀ ଅଟନ୍ତି ଏହି ଶ୍ରେଣୀର ଫାଁସି ଗୃହଅ-ଫାଁସି ଦେଶ ସୁଅଙ୍ଗ ଲେଖାକୁ 'ପ୍ରଜାତନ୍ତ୍ର' କାଗଜର ପ୍ରତିଷ୍ଠାତା, ପୂର୍ବ ସମ୍ପାଦକ ଆମ ପ୍ରଧାନ ମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ ଓ ବର୍ତ୍ତମାନ ସମ୍ପାଦକଙ୍କ ଦୃଷ୍ଟିକୁ ସୁହାଏ ପୁଣି ଆମ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ମହତାବ ଓ ତାଙ୍କ କାଗଜ ସମ୍ପାଦକ ଏହିପରି ଅଶ୍ଳୀଳ ଅସଭ୍ୟ ରୁଚିର ଲେଖାକୁ ସାମ୍ପ୍ରଦାୟିକତା ଦୃଷ୍ଟିରେ ପ୍ରଶ୍ରୟ ଦେଇ ଛାପି ଦିଅନ୍ତି ତାହା ଆଶ୍ଚର୍ଯ୍ୟ ଜନକ ଓ ଅସ୍ୱାଭାବିକ ନ ହେଲେହେଁ ଆମ ଦେଶ ରାଜ୍ୟର ନାରୀମାନେ ଆଉ ପ୍ରେସ ଓ ପ୍ରଜାତାନ୍ତ୍ରିକ ନୀତିର କାଗଜ କୋଟିଙ୍କୁ ଏହା ଆଶା କରନ୍ତି ନାହିଁ । ସାଧାରଣ କ୍ଷେତ୍ରରେ ଯେଉଁ ନରନାରୀ କାର୍ଯ୍ୟ କରନ୍ତି ସେମାନଙ୍କ ଦୋଷ ଗୁଣ ସମାଲୋଚନାର ବହିର୍ଭୂତ ବିଷୟ ନୁହେଁ, କିନ୍ତୁ ତାର ଭାଷା, ଭାବ ଓ ପ୍ରକାଶ ଭଙ୍ଗୀ ମାର୍ଜିତ ସୁସ୍ଥ ଓ ଶାଳୀନ ହେଲେ ଭାବ ଓ ଉଦ୍ଦେଶ୍ୟ ପ୍ରକାଶରେ କ୍ଷତି ହୁଏକି ? ଏହି ଦିଗରୁ "ପ୍ରଜାତନ୍ତ୍ର"ର ମାଲିକ ଆମର ପ୍ରଧାନ ମନ୍ତ୍ରୀ ଓ ତାଙ୍କର ସମ୍ପାଦକଙ୍କୁ ବିଶେଷ କଂଗ୍ରେସ ନୀତି ବା tone ଟିକେ ଉଚ୍ଚରେ ରଖିବାକୁ ମୁଁ ନାରୀମାନଙ୍କ ପକ୍ଷରୁ ନିବେଦନ କରେ ।—କିମ୍ବା ପ୍ରତିକ୍ରିୟା ସମାଜ ଓ ଦେଶକୁ କେଉଁ ସ୍ତରକୁ ଆଣିନିଏ ଏ କଥା ରାଜନୀତି ବିଶାରଦ ନେତାମାନଙ୍କ ଦୃଷ୍ଟିର ଅଗୋଚର ନୁହେଁ । ମୁଁ ମତବାଦ ଭଲ ମନ୍ଦ ଉପରେ ପ୍ରତିବାଦ କରୁନାହିଁ— ନାରୀ ଜାତିକୁ ଅଯଥା ଅପଭାଷାରେ ଆକ୍ରମଣ କରିବାର ପ୍ରତିବାଦ କରୁଛି ।

ସରଳା ଦେବୀ

[ସରଳା ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ସଭ୍ୟା ଏବଂ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟି ।]

Digitized by srujanika@gmail.com

## ହାଉଡ଼ା କୁଷ୍ଠ କୁଟୀର
## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୁଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଅରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

## ଧବଳ

ଦେହରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—
ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)
୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

## ୧୦୧ ଟଙ୍କା ପୁରସ୍କାର
## ନକଲିଠୁ ସାବଧାନ
## ଅସଲି
## ପଞ୍ଚଗୁଣୀ ତୈଳ
[ ରେଜିଷ୍ଟାର୍ଡ଼ ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ, ଅସଲି ପଞ୍ଚଗୁଣୀ ତୈଳ, ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦାଦ, ଏକ୍‌ଜିମା, କଣ୍ଡୁ, ପୋଡ଼ାଘାଆ, କାଛୁ, ବଣ୍ଟ, ମଚଲା, ବାଗୀ ପ୍ରଭୃତି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ୧ରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ବ୍ୟବହାର ବିଧି ଶିଶି ସହିତରେ ଥାଏ । ପଡ଼ିଲେ ସମସ୍ତ ବିଷୟ ବୁଝି ପାରିବେ । ମୂଲ୍ୟ ପ୍ରତି ଗ୍ରୋସ ୭୫ଟଙ୍କା ପ୍ରତି ଡଜନ ୭ ୮, ପ୍ରତି ଶିଶି ୧୦ ଅଣା ମାତ୍ର । ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରିଦେଇ ପାରନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ । ଅତ୍ର ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ ।

ପତ୍ର ଦେଲେ କାଟଲଗ ପଠାଇ ଦେବୁ ।

ପ୍ରାପ୍ତିସ୍ଥାନ—
ମହାବୀର ଫାର୍ମେସି
୧୩୨ ଦେବଗଡ଼ ବଜାର, କଟକ

## ହାଇଡ୍ରୋସିଲ୍

ଆମର "ବି, ଏଚ," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଆ, ଗଣ୍ଠିବାତ ଆଦି ଅସ୍ଥାୟୀ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୩ ଟଙ୍କା, ଅଭ୍ୟନ୍ତରିକ ଔଷଧ "ପାଚନ" ବଟିକା ୨ ଟଙ୍କା ଡାଃ ଖ ୧୦ ଅଣା ।

## ପେଟବ୍ୟଥା

କଲିକ୍, ପେନ, ପେଟଫମ୍ପା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର "ପାଚନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୨ ଟଙ୍କା, ଡାଃ ଖ ୧୦ ଅଣା ।

Kaviraj R. N. Chakravarty. [D-M.]
24 Devendra Ghose Road.
Bhawanipore Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମଧ୍ୟରେ କେଉଁଁ ସବୁ ପରିବର୍ତ୍ତନ ହେବ ତାହାର ବିଶେଷ ବିବରଣ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଏକ ଖଣ୍ଡ ପୋଷ୍ଟକାର୍ଡ଼ରେ ଆପଣଙ୍କ ମସ୍ତିଷ୍କରେ ଆସୁଥିବା କୌଣସି ଫୁଲର ନାମ ଲେଖି ଏବଂ ସେହି ପୋଷ୍ଟକାର୍ଡ଼ର ଭିତରେ ନିଜର ପୂରା ଠିକଣା ଲେଖିକରି ପଠାନ୍ତୁ । ତାହା ହେଲେ ଆମେ ଜ୍ୟୋତିଷ ବିଦ୍ୟା ସାହାଯ୍ୟରେ ଆପଣଙ୍କ ଆଗାମୀ ବର୍ଷମାନର ଭାଗ୍ୟର ଫଳ, ଲାଭ, କ୍ଷତି କେଉଁ ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ମୋକଦ୍ଦମାରେ ଜୟ, ଶାରୀରିକ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୋପ୍ୟଧନ ପ୍ରାପ୍ତି, ଲଟେରୀ, କୂଅ ଅଥବା କୌଣସି ଅଲୌକିକ କାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୋପ୍ୟଧନ ପ୍ରାପ୍ତି, ଲଟେରୀ, ରେସ ଅଥବା କୌଣସି ଅଲୌକିକ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ସେହି କାର୍ଡ଼ରେ ଲେଖି ଦିଆଯାଉ, ଆମ୍ଭେ ଜବ ସାହେବଙ୍କରେ ଠିକ୍ ଠିକ୍ ଘଟିବାର ସମସ୍ତ ପ୍ରକାର ଫଳ ନିର୍ଣ୍ଣୟ କରି ଭିପିଯୋଗେ ପଠାଇ ଦେବୁ । ଡାକଖର୍ଚ୍ଚ ଅଲଗା ପଡ଼ିବ । ଖରାପ ଗ୍ରହଙ୍କୁ ଶାନ୍ତ କରିବାର ଉପାୟ ମଧ୍ୟ ଆମ୍ଭେ ଲେଖିଦେବୁ । ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି । ଅତଏବ ନିଶ୍ଚୟ ପରୀକ୍ଷା କରନ୍ତୁ ।



THE BENGAL MESMERISM HOUSE (D.W B.)
HOSHIARPUR.


Printed & Published by G. C. Mohapatro, at the Gopinath Press, Bhadrak. 1. 8. 49.

Digitized by srujanika@gmail.com



# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର

ପ୍ରତୀକ

ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର

ତ୍ରୟୋଦଶ ବର୍ଷ    ଚତୁର୍ଥ ସଂଖ୍ୟା

୧୭।୮।୪୯

## ମହତାପ ଶାସନର



ଶ୍ରୀଝଙ୍କାରର ଦର୍ପଣ

ବାର୍ଷିକ ମୂଲ୍ୟ ଟ ୬୲

ଷାଣ୍ମାସିକ ଟ ୩୲

ପ୍ରତ୍ୟେକ

୪ ଅଣା।

Digitized by srujanika@gmail.com

### ସ୍ତ୍ରୀ ରୋଗ ପାଇଁ

## ଚନ୍ଦ୍ରକା ବେଦନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ **ନିଶ୍ଚୟ ପ୍ରାକୃତିକ** ସ୍ରାବ ହେବ । ଔଷଧର କୌଣସି ଅପକାରୀ ହାନି କାରକ ନୁହେଁ । **ମୂଲ୍ୟ ୫ ୧ ଡାକ ଖର୍ଚ୍ଚ**—୫୦ ୰

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର **କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ** କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, **କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ** ବିକାର ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା **ଅମୂଲ୍ୟ** ବର ସଦୃଶ । **ମୂଲ୍ୟ**—୨୲—ଡାକଖର୍ଚ୍ଚ—୫୦ ୰ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ବ୍ୟାବସ୍ଥାପତ୍ରୀ ଯୁକ୍ତ ହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta






## ହୋମର

ଫାଉଣ୍ଟେନ ପେନ୍—ବ୍ୟବହାର କରନ୍ତୁ
ନିର୍ମାତା—Mhatre pen & Plastic Industries
182. Girgaum—Bombay...4



ପୁରସ୍କାର ୧୦୦୦ ଟଙ୍କା
ଲେପା ରଙ୍କ ଓର
ରେଜିଷ୍ଟ୍ରାର୍ଡ
ସର୍ବପ୍ରକାର କୁଷ୍ଠ
ଧଳା ଛତର, ମୋହୁଣ୍ଡ
ସ୍ତ୍ରୀ ରୋଗ ମାନଙ୍କର
ବିଶ୍ରାମାଶ୍ରୟ
ଶ୍ରୀ ଲୁହ୍ମୀ ଏଣ୍ଡ କୋଂ



### କୃଷ୍ଣଚନ୍ଦ୍ର ଘୋଷ

ସମ୍ବାଦପତ୍ର ବିକ୍ରେତା

ହିନ୍ଦସ୍ଥାନ ଷ୍ଟାଣ୍ଡର୍ଡ, ଓରିଏଣ୍ଟ, ଡଗର ପ୍ରଜାତନ୍ତ୍ର ଆଦି ସମସ୍ତ ସମ୍ବାଦ ପତ୍ର ଓ ପତ୍ରିକା ବିକ୍ରେତା

ପୋଃ ଖୁର୍ଦ୍ଧା—[ପୁରୀ ଜିଲ୍ଲା]



## ଡଗର ଅଫିସ

କଟକ

ଏତଦ୍ୱାରା ଗ୍ରାହକ ଗ୍ରାହିକା, ଓ ଏଜେଣ୍ଟ ଓ ଲେଖକ ମାନଙ୍କୁ ଜଣାଇ ଦିଆ ଯାଉଛି ଯେ ଅସନ୍ତା ୧ । ୮ । ୪୯ ଠାରୁ ଯାବତୀୟ ଚିଠି ପତ୍ର ଡଗର ଅଫିସ—ମିଠାପୁର କଟକ ଠିକଣାରେ ପଠାନ୍ତୁ—

ପତ୍ରିକା ସମ୍ପାଦକ
ଡଗର
ମିଠାପୁର—କଟକ-୧



## ହାଇଡ୍ରୋସିଲ୍

ଆମର **ନିଶାକର ତୈଳ** ଦ୍ୱାରା ହାଇଡ୍ରୋସିଲ ଅତଡିସ ରୋଗର, ହାର୍ଣ୍ଣିଆ, ଗଣ୍ଡିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୲, ଅଭ୍ୟନ୍ତରିକ ଔଷଧ ଦେବାକୁ ବଟି ଦାମ ୫ ୨୲ ଭିଃ ପିଃ ୫୦ ୰ ।

## ପେଟ ବ୍ୟଥା

କଲିକ୍ ପେନ୍, ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର **'ପାକପ୍ରାଣ'** ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ୩୲, ଭିଃ ପିଃ ୫୦ ୰ ।

Kaviraj S. K. Chakravarty (D. C.)
126/2 Hazra Road, Calcutta 29
Stockists: Bhubaneswar Trading house
Bhubaneswar (Orissa)



### ସାବଧାନ

ଓଡ଼ିଶାରେ ପତ୍ର ପତ୍ରିକାରେ କେତେକ ଠକ ବେଙ୍କଟେ ବିଜ୍ଞାପନ ଦେଇ ଲୋକଙ୍କୁ ଠକୁଛନ୍ତି । ଆମେ ଏହିଭଳି ବିଜ୍ଞାପନ ଦାତାଙ୍କ ସନ୍ଧାନ ପାଇଲେ ଜଣାଇ ଦେବାକୁ କହିଥିଲୁ । ଏବେ କେତେକ ବିଜ୍ଞାପକ ଦ୍ରୋଗୀଙ୍କୁ ଠକୁଛନ୍ତି । ତେଣୁ ଅନ୍ୟମାନଙ୍କୁ ଠକିଦେବା ଉଚିତ ନୁହେଁ । ନିମ୍ନର କେତେକ ନାମ ଦିଆଗଲା ।—ସଂପାଦକ, ଡଗର

୧—ଏଦ୍ୱାରା ଲୋକେ ଲଟରୀଙ୍କୁ ସାହାଯ୍ୟ କରିବ

Dar ul shafa Golian—Batala.

୨—Halka No. 22. ଅମୃତ ସରର ଯାବତୀୟ ପଦାର୍ଥ ।



ସଂପାଦକ - ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଚତୁରଙ୍ଗନା ସଂପାଦକ—ଶ୍ରୀ ଗୋପୀମୋହନ ଦାସ


Digitized by srujanika@gmail.com



ଶ୍ରାବଣ ଦ୍ୱିତୀୟାର୍ଦ୍ଧ    ତ୍ରୟୋଦଶ ବର୍ଷ    ୪ର୍ଥ ସଂଖ୍ୟା    ୦୬।୮।୪୯

## ପ୍ରଜାସ୍ୱତ୍ୱ

ଓଡ଼ିଶା ଜମିଜମା କମିଟିର ରିପୋର୍ଟ ପ୍ରକାଶ ପାଇଛି; କମିଟିର ସୁପାରିଶ ଅନୁସାରେ ଆଇନ ପ୍ରଣୟନ କରାଗଲେ ଦେଶରେ ଯେ ଗୋଟାଏ ବୈପ୍ଳବିକ ପରିବର୍ତ୍ତନ ହେବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ଯେଉଁମାନଙ୍କ ହାତରେ ଆଇନ ପ୍ରଣୟନର ଭାର ରହିବ ସେମାନେ ସୁପାରିଶର ଅର୍ଥକୁ ଆଇନର ଧାରା ଭିତରେ କେଉଁ ନିପୁଣତାର ସହିତ ନ୍ୟସ୍ତ କରାଯାଉଛି ତାହାହିଁ ଦେଖିବାର କଥା। ଆମର ବ୍ୟବସ୍ଥାପକ ମାନଙ୍କ ଉପରେ ଗୁରୁ ଦାୟିତ୍ୱ ଆସି ପଡ଼ିଛି।

ଜମିଜମାର ଗୋଟିଏ ମୂଳନୀତି ହେଲା ନିରାପତ୍ତା—ସ୍ୱାଧୀନତା। ପାଣି ବ୍ୟବହାରରେ ପକ୍ଷୀଙ୍କର ଯେମିତି ସ୍ୱାଧୀନତା, ପବନ ଗ୍ରହଣରେ ମଣିଷର ଯେମିତି ସ୍ୱାଧୀନତା, ଜମି ବ୍ୟବହାରରେ ମଧ୍ୟ ଠିକ ସେହିପରି ସ୍ୱାଧୀନତା ରହିବା ଉଚିତ। ଯିଏ ଯେତିକି ଚାଷ କରି ପାରିବ— ତାର ସେତିକି ଜମି ରହିବା ଆବଶ୍ୟକ, ବେଶି ନୁହେଁ, କିମ୍ବା କମ୍ ନୁହେଁ। ଏଥିରେ ଗୋଟାଏ ସମସ୍ୟା ଉଠିବ— ଲୋକ ସଂଖ୍ୟା ଅନୁପାତରେ ଜମି ଯଥେଷ୍ଟ ଅଛି କେଉଁଠୁ। କିନ୍ତୁ ନିଜ ହାତରେ ଲଙ୍ଗଳ ମୁଠି ଧରି ଚାଷ କରିବା ପାଇଁ ଆଗ୍ରହୀ ଚାଷୀଙ୍କ ସଂଖ୍ୟାନୁପାତରେ ଜମି ଯଥେଷ୍ଟ ଅଛିକି ନାହିଁ ତାର ହିସାବ କରାଯାଇ ନାହିଁ। ମନେହେଉଛି ହିସାବ କଲେ ଆଗ୍ରହୀ ଚାଷୀ ସଂଖ୍ୟାନୁପାତରେ ଜମି ପରିମାଣ ଅଳ୍ପ ହେବନାହିଁ। ଅଳ୍ପ ହେଲେ ବନା ଜମିରେ ଫସଲ କରିବାର ବୈଜ୍ଞାନିକ ପ୍ରକ୍ରିୟା ଗ୍ରହଣ କରାଯିବ। ସେ କ୍ଷେତ୍ରରେ ଜମିରେ ଫସଲ ଉତ୍ପାଦନ କରିବାର ଆଗ୍ରହ ହୁଏତ ରହିବ ନାହିଁ। ସେକ୍ଷେତ୍ରରେ ଜମିର ଉତ୍ପାଦିକା ଶକ୍ତିକୁ ହ୍ରାସ ନକରି ଅଳ୍ପ ଜମିରେ ବେଶି ଚାଷ କରିବାର ପ୍ରଣାଳୀ ଗ୍ରହଣ କରାଯିବ। ଏଥିପାଇଁ ଯଦି ସହଯୋଗ ସୂତ୍ରରେ ଚାଷ ଆବଶ୍ୟକ ହୁଏ ତେବେ ସେଥିରେ ଆଇନ ମଧ୍ୟ ସହଯୋଗୀ ହେବା ଉଚିତ।

ଜମିଜମା ସୁଧାରଣରେ ଏଇ ଭୂମ୍ୟଧିକାରୀର ସ୍ୱତ୍ୱ ନିର୍ଦ୍ଧାରଣ କରିବା ଥିଲା ସବୁଠାରୁ ବଡ଼ କାମ। ସେ ଦିଗରୁ କମିଟି ଖୁବ ସାହସୀ ହୋଇଛନ୍ତି ବୋଲି ମନେହୁଏ ନାହିଁ। ଜମିଦାରମାନଙ୍କ ଯେଉଁ ସାମନ୍ତ୍ୟ ଅଧିକାର ଅବସ୍ଥା ଅଛି ତାହା କାର୍ଯ୍ୟତଃ ନ ହେଲେ ହେଁ ଆଇନଗତ ଭାବରେ ସୃଷ୍ଟି ହୋଇଛି ଯେ ଜମିଦାର ହିଁ ମାଲିକ। କାରଣ ମାଲିକ ପାଖରୁ ଜମି [illegible] ହେବାରୁ ଠିକ୍ କ୍ଷତିପୂରଣ ନଦେଲେ ମଧ୍ୟ— ଗୋଟାଏ ମାନଦଣ୍ଡ [illegible] ଦେବାର ବ୍ୟବସ୍ଥା କରାଯାଉଛି। ଅଥଚ ଏଣେ ସରକାର ଓ ପ୍ରଜାଙ୍କ ଭିତରେ କୌଣସି ମଧ୍ୟସ୍ଥବ୍ୟକ୍ତିଙ୍କୁ ସରକାର ସ୍ୱୀକାର କରୁନାହିଁ, ତେଣେ ଜମିଦାରଙ୍କ ସ୍ୱତ୍ୱକୁ ସ୍ଥାୟୀ କରାଯାଉଛି। ଏପରି ଅନିଶ୍ଚିତ ଖୁବ କମିଟି କ୍ଷେତ୍ରରେ ପ୍ରଶଂସନୀୟ ନୁହେଁ।

ଆମେ ସ୍ୱୀକାର କରୁଛୁଁ— ଜମିଦାରମାନଙ୍କ ଠାରୁ ଜମିଦାରୀ ବିନା କ୍ଷତିପୂରଣରେ ଛଡ଼ାଇ ନେଲେ ଯେଉଁ ବେକାର ସମସ୍ୟା ସୃଷ୍ଟିହେବ ତାହାର ସମାଧାନ କଠିନ ହେଉ ବା ସହଜ ହେଉ ତାହା ଲୋକଶାସକ ସରକାରଙ୍କର ଦାୟିତ୍ୱ। ଅବଶ୍ୟ ବହୁ ବେକାରଙ୍କୁ ସରକାର କାମ ଯୋଗାଇବାର ଦାୟିତ୍ୱ ନେଇ ନାହାନ୍ତି। ତା ବୋଲି ନୂଆ ଦଳେ ବେକାର ସୃଷ୍ଟି କରି ସମାଜରେ ଅପରାଧର ବୃଦ୍ଧି କରିବା ଯୁକ୍ତିସଙ୍ଗତ ନୁହେଁ। କିନ୍ତୁ ସରକାର ଯେଉଁ ଧରଣର ବ୍ୟବସ୍ଥା କରୁଛନ୍ତି— ତାହା ଧର୍ମକୁ ଆଖିଠାରି ମାରିବା ପରି। ଗରିବ ଜମିଦାର— ଯାହାଙ୍କ ଜମିଦାରମାନେ ମୂଳପୋଛ ହେବେ। ବଡ଼ ଜମିଦାର— ଯେଉଁମାନଙ୍କ ଭିତରୁ ଅଧିକାଂଶ ବିଦେଶୀ ସେମାନେ ଯଥା କଥା ବଞ୍ଚିଯିବେ। ମଧ୍ୟବିତ୍ତଙ୍କ ଭଳି ଜମିଦାର ବେକାର ନ ହୋଇ ପାରନ୍ତି। କିନ୍ତୁ ଅନେକେ ଯେଉଁ ଅଳ୍ପ ଅର୍ଥ ପାଇବେ ତାହା ତାଙ୍କ ପେଟ ପୋଷିବାକୁ ଯଥେଷ୍ଟ ହେବନାହିଁ— ଅଧିକନ୍ତୁ ନୋଟ୍ [illegible] ର ଅର୍ଥ ମିଳିବାର ଯାବତୀୟ [illegible] ସେମାନେ ଅପବ୍ୟୟ କରିବା ସ୍ୱାଭାବିକ ହେବ।

ଆମ ମତରେ ସରକାର ଏକର୍ମା ଜମିଦାରମାନଙ୍କୁ ବଣ୍ଟା ନଦେଇ ଯୋଗ୍ୟତା ଅନୁଯାୟୀ ଚାକିରି ଦିଅନ୍ତୁ। ତା ହେଲେ ସମସ୍ୟା ଅନେକ ସମାଧାନ ହୋଇପାରିବ। କର୍ମଠକୁ ବର୍ଷ କ୍ଷତିପୂରଣ ଦେବାକୁ ପଡ଼ିବ ନାହିଁ।

## ଛିନ୍ନମସ୍ତା

ଚିରଦିନପାଇଁ ସରାଇକେଲା ଓ ଖରସୁଆଁ ସଙ୍ଗେ ସିଂହଭୂମି ମଧ୍ୟ ଓଡ଼ିଶାରୁ ଛିନ୍ନ ହୋଇ ରହିଗଲା। କେନ୍ଦ୍ରସରକାର ଶେଷଥର ପାଇଁ ଉତ୍କଳର ଭାଗ୍ୟ ନିଷ୍ପତ୍ତି କରି ଦେଇଛନ୍ତି। ସେଥିପାଇଁ ଆମର ପ୍ରାଦେଶିକ ସରକାର ସାହାଯ୍ୟ କରିନାହାନ୍ତି। ଆମେ ଜାଣୁ ମହତାବ ପ୍ରଭୃତି ନେତେ ଦାସାନୁଦାସ ଓଡ଼ିଶା ବ୍ୟବସ୍ଥାପକମାନେ ନୀରବ ରହିବାର ପ୍ରତିଜ୍ଞା କରି ନେବେ। ଏହାହିଁ ଆମର ପୌରୁଷ।

( ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ )

Digitized by srujanika@gmail.com

ଅନ୍ୟମାନଙ୍କ ମୁହଁରୁ ଶୁଣନ୍ତୁ [କୃଷକ

...କାନ ଯେ ବଧିର ହେଲଣି ।

÷ × ×

ଶୋଷକ ଶାସକ ମେଣ୍ଟ ' [କୃଷକ]

..ସିମେଣ୍ଟ ଦର ସେଥିପାଇଁ କି ତା !!

+ + ×

ଷଡ଼ିକିଆ ଖରସୁଆଁରେ ଓଡ଼ିଶା—ମିଶ୍ରଣ ଆନ୍ଦୋଳନ [ଜନତା]

...ବଅସ ଗଡ଼େଇ ଦେଲା ।

+ + ×

ମଙ୍ଗରାଜଙ୍କ ମୁଖ ବନ୍ଦ [ଜନତା]

...ହାତ ଗଲା ଏବେ ।

× + ×

ଅନ୍ତ, କଦଳୀ, କନ୍ଦମୂଳ—ଗଣତନ୍ତ୍ର ସମ୍ପାଦକୀୟ ।

.. ଗ୍ରୀନଫୁଡ୍ ଯୁଗରେ ଚାଲି ଯାଚକ ଗୃହ ଗଲା ।

÷ + +

ନାଗାଙ୍କ ସ୍ୱାଧୀନତା ବଦଳେ—ଜନତା

...ନୋହିଲେ ପୁରୁଷତ୍ୱ ନପୁଂସକତ୍ୱରେ ପରିଣତ ହୋଇଯିବ ଯେ !

÷ + ×

ବିଦେଶୀ ପୁଞ୍ଜିପତିଙ୍କୁ ସରକାରଙ୍କର ନିମନ୍ତ୍ରଣ—କୃଷକ

-- ଅନେ ଥି ପରାଧୀନତା !

+ ÷ ×

କଂଗ୍ରେସ ଦଳର ବିଭେଦ, ଅସନ୍ତୋଷ ଓ ଘଟଣା ଦ୍ରୁତତର ଜବାବ – କୃଷକ

...ନିବାଚ ପୁଅକୁ ଜବାବ ଦେଉଛ ଏପରି ରବାବ କାହିଁ ?

÷ ÷ +

କଂଗ୍ରେସ କର୍ତ୍ତାଙ୍କ ଗଡ଼ଜାତ ନୀତି—କୃଷକ ।

– ସେଇଥିପାଇଁ ତ ଗଡ଼ଜାତ ମିଶ୍ରଣ !

× + ÷

ବର୍ଷକ ମଧ୍ୟରେ ସରକାର ଭାଙ୍ଗି ଯିବ (ଶରତ ବୋଷ ।)

...ଭାଙ୍ଗିବ ପଛେ ନଇଁବ ନାହିଁ ।

÷ + ÷

ଗଡ଼ଜାତର ଦମନ ନୀତି—ଜନତା

...ନିଭିଲା ବେଳକୁ ଦୀପ ତେଜି ଉଠେ ପରା ।

÷ × ÷

ନେତାଜୀ ସୁଭାଷ ଜୀଇଛନ୍ତି ବୋଲି ମୋର ବିଶ୍ୱାସ ନାହିଁ ? [ଜବାହାର ଲାଲ]

ଯୋଗ୍ୟ ବିଶ୍ୱାସ ନେତାଜୀ ଜୀବିତ ଛନ୍ତି—(ଶରତ ବୋଷ ।)

...ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁ ଦୂର ।

× ÷ +

ଏଣିକି କଂଗ୍ରେସ କମିଟି ମେମ୍ବରମାନେ ସରକାରୀ ଲୋକଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିବେ ନାହିଁ—[ୱାର୍କିଂ କମିଟି ।]

...ଝିଅ ପୁଅଙ୍କ ବାହାଘର ସହିତେ ବନ୍ଦ !

+ ÷ ×

ସୋସିଏଲିଷ୍ଟ ଦଳ ଶାସନ ଦ୍ୱାରା ସବୁଠି ପାଇଁ ମଜୁରିଆ ଓ ସଭିଏଁ ସମାନ ଅଧିକାର ସୁବିଧା ପାଇବେ—ରାମମନୋହର ଲୋହିଆ ।

...ଜେଲରେ ଥିବାବେଳେ ଜବାହାର ଲାଲଙ୍କ ଠାରୁ ଅମ୍ବ ଉପହାର ମିଳୁଥିଲା ?

× + ÷

କଳା କର୍ମଗୃହଙ୍କ ଅପାରଗତା ହେତୁ ଦେଢ଼ ଯୋଜନା ଶାସନ କଳ ଚଳାଇବା ପାଇଁ ୫୦୦ ଗୋରା ସହେବ ପୁଣି ଆସୁଛନ୍ତି—ଗୋଟିଏ ଖବର ।

.. କଳା ମନ୍ତ୍ରୀ ଓ ଲାଟ ଟୌରିଙ୍ଗ ଭଳିବେ ।

÷ ÷ +

ସବୁ ବାମପନ୍ଥୀ ଦଳ ଏକଜୁଟ ହୋଇ ଦକ୍ଷିଣପନ୍ଥୀଙ୍କୁ ବିଦାକର—ଶରତ ବୋଷ ।

.. ବିଦେଶ ଦକ୍ଷିଣା ଦେଇ ନା ଗାଳି ଗାଳି ?

× ÷ +

ତନକଣ ଅବସର ପ୍ରାପ୍ତ ବଡ଼ ରାଜକର୍ମଚାରୀ ଓଡ଼ିଶା ଅଧିକବାସୀଙ୍କ ଫେର ଫେର କରିବେ—ସମ୍ବାଦ ।

.. ଅବସରେ—ବିନୋଦନ ।

× ÷ +

ବୁଢ଼ା ଅବଧାନ ଏମାନଙ୍କୁ ଅଧିକବାସୀଙ୍କ କଥା ବିଚାର କରିବେ—ସମ୍ବାଦ

.. ଅଧିକବାସୀମାନେ ଦୁଷ୍ଟ—ବାଳକ ପରା !

× ÷ ÷

ଓଡ଼ିଶା ସେକ୍ରେଟେରୀ ଏଥିରେ ମହିଳା ନିଯୁକ୍ତ ହେଲେ (ସମାଜ)

Home Dept ର କାମ ଭଲ ଚାଲିବ ।

---

ଗଡ଼ଜାତ ଅବଶିଷ୍ଟାଂଶ

ଯେତେବେଳେ ଅନ୍ୟାନ୍ୟ ଗଡ଼ଜାତ ସଙ୍ଗେ ଷଡ଼ିକିଆ ଖରସୁଆଁ ଓଡ଼ିଶାରେ ମିଶିଲା ସେତେବେଳେ ମହତାବ ବାବୁ ମାନେ ପ୍ରଚାର କଲେ— ପଟେଲ ଷଡ଼ିକିଆ ଖରସୁଆଁ ସାଙ୍ଗରେ ସରାଇକେଲାକୁ ମଧ୍ୟ ଓଡ଼ିଶା ମାନଚିତ୍ରରେ ଗାର କାଟି ଦେଇଛନ୍ତି । ଷଡ଼ିକିଆ ଖରସୁଆଁ ମିଶିବା ପୂର୍ବରୁ ମହତାବ ଜନସାଧାରଣଙ୍କୁ କହିଥିଲେ ବୋଲି ମହତାବଙ୍କ ଅନୁଗାମୀ ପୁରୀର ଜଣେ ବିଶିଷ୍ଟ ଭଦ୍ରଲୋକ ଯେଉଁ ସମ୍ବାଦ ଦେଲେ ତାହାର ପ୍ରତିବାଦ ଆମେ ଦେଖି ନାହୁଁ । ବରଂ ଷଡ଼ିକିଆ ଖରସୁଆଁ ମିଶିବା ପୂର୍ବରୁ ମହତାବଙ୍କ ମୁଖପତ୍ର ପ୍ରଚାରକଲେ— ଯେ ଏହା ଗଲେ କ୍ଷତି ନାହିଁ — ଆମର କେନ୍ଦ୍ର ସମ୍ପତ୍ତିକୁ ମାନିନେବା ଉଚିତ । ମହତାବ ମଧ୍ୟ ବହୁ ଥର ବିବରଣୀ କରି କହିଲେ— ଆମର ଆହୁରି ଅନେକ ଗଡ଼ଜାତ ଅଛି— ଦୁଇଟା ଗଲେ ତ ଦୁଃଖ ନାହିଁ । ଷଡ଼ିକିଆ ଖରସୁଆଁ ବିହାରରେ ମିଶିବା ବାସିଦିନ ଶ୍ରୀକୃଷ୍ଣ ସିଂହ ସେଠାକୁ ଯାଇ ଲୋକଙ୍କୁ ଅଭୟ ବାଣୀ ଶୁଣାଇ ଆସିଲେ, କିନ୍ତୁ ମାସ ମାସ ଧରି ଓଡ଼ିଶାରେ ଥିବା ବେଳେ ମହତାବ ତାଙ୍କ ପୁଲିସ ମାଜିଷ୍ଟ୍ରେଟ ଏବଂ ମୂଳ ରାଜା କରିବା ଥରେ କୌଣସି ମନ୍ତ୍ରୀଙ୍କୁ ପଠାଇବା ପାଇଁ ସତ୍ ସାହସ ସଂଗ୍ରହ କରି ନାହାନ୍ତି ।

ତାପରେ ପୁଣି ଶେଷରେ ସୀମା ଦେଖ କଳ କରିବେ ନାହିଁ ବୋଲି ଦଳୀମାନେ ହାତଚାଟି ଲେଖିଦେଇ ଆସିଲେ । ଲେଖା ପରେ ଏବେ କେନ୍ଦ୍ର ସରକାର ଚରମ ଘୋଷଣା ଦେଲେ— ଷଡ଼ିକିଆ ଖରସୁଆଁର ଭବିଷ୍ୟ ବିହାର ବ୍ୟବସ୍ଥା ସଭାରେ ରହିବେ !

ଏ ସବୁ ସତ୍ତ୍ୱେ ମନ୍ତ୍ରୀମଣ୍ଡଳ ରହିଛି । ଏ ମୂର୍ଖାର ଦେଶ ସହ୍ୟ କରୁଛି । ଏବଂ ମୃତ ଉତ୍କଳ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ବିରୁଦ୍ଧରେ ଅନାସ୍ଥା ଆଣି ନାହାନ୍ତି । ଉତ୍କଳ କଂଗ୍ରେସର ମୁଖ୍ୟ କର୍ତ୍ତାମାନେ ଏ ବିଷୟରେ ଗୁରୁତର ଦୃଷ୍ଟିପାତ ନକଲେ ନିଜର ସମାଧି ନିଜେ ଖୋଳିବେ— ଏବଂ ମହତାବଙ୍କର ଶତ ସ୍ତୁତି ଗାନ କଲେ ମଧ୍ୟ ଦେଶର ବା ନିଜର କୌଣସି ଉପକାର କରିବାର ସମ୍ଭାବନା ନଥିବ ।



Digitized by srujanika@gmail.com



ପ୍ରଜାତନ୍ତ୍ରରେ ଅଗ୍ନିଦିନରେ ଖବର ବାହାରିଗଲା—ମହତାବଙ୍କ ଜୀବନ ମାର୍ଗ ପରିବର୍ତ୍ତନ । ସାଙ୍ଗେ ସାଙ୍ଗେ ସହର ଗ୍ରାମ, ବଣ, ବୁଦା, ବାଲିବାଡି ନଦୀ ପର୍ଯ୍ୟନ୍ତ—ଏମନ୍ତ କି ଗଗନ ପବନ ଦୁଲ୍‌ମାଦୁଲ୍ କରି ଉଡ଼ିଗଲା ଗୋଟାଏ ଗୁଜବ ଚହଲ ।

ଗଳ୍ପ ସଭାର ସମ୍ପାଦକ ନୋଟିସ ଦେଇ ଏକ ଜରୁରୀ ସଭା (emergency meeting) ଡକାଇଲେ । ଝିଙ୍କସ ଭୁର ସାଂଖ ପ୍ରବନ୍ଦିରଣୀ ଭାବରେ ବସିଗଲା ।

ପ୍ରଥମେ ପ୍ରଶ୍ନ ଉଠିଲା—ମାର୍ଗ ପରିବର୍ତ୍ତନର ଅର୍ଥ କଣ ? ଜଣେ କହିଲେ—ନୂତନ ଦାର ପରିଗ୍ରହଣ କରିବେ ବୋଲି ଧାରଣା ନିମନ୍ତେ । ପୁଣି ଜଣେ କହିଲେ—ନାହିଁ ହେ, ସେ ତାଙ୍କ ବୟସ ! ସେ ଦେବେନ୍ଦ୍ରସ୍ୱାମୀଙ୍କ ମଠରେ ନାଥପନ୍ଥ ନଦୀ ମାର୍ଗରେ ମଠର ଲାଞ୍ଜ ଚଢ଼ି ଅଯିତେ ଶୀଘ୍ର । କାରଣ ଇଟିଲ ଚନ୍ଦ୍ରା ଓ କୁଟୀଳ ଅଳାପ କରିବାକୁ ନାଟ୍ୟଶାଳା ସମୟ ମିଳିବ ।

ଅନ୍ୟ ଜଣେ କହିଲେ—ସେକଥା ନୁହେଁ ଛତରା ବଜାରର ସଉଦା ଯେ 'ମହତାବ ସେଡ୍' ହୋଇଛି, ସେ ବାବଦରେ କମ୍ୟୁନିଷ୍ଟ ଚହଳ ଥିବାରୁ ଏବଂ 'ଛତରା' ଶବ୍ଦ ସହିତ 'ମହତାବ' ଶବ୍ଦର ସମ୍ପର୍କ ରହିଲେ କାଳେ ଦୂର ଭବିଷ୍ୟତରେ କେହି ଇତିହାସ ଲେଖକ ଏହି ଶବ୍ଦକୁ ଯୋଡ଼ିଦେଇ ତହିଁରୁ ଗୋଟାଏ ନୂଆ ଅର୍ଥ ବାହାର କରିବେ । ସେଥିପାଇଁ ସେ ମାର୍ଗରୁ ମହତାବ ନାମ ଉଠାଇ ଆଣି ବୋଧହୁଏ କଲେଜ ସଡ଼କ ବା କନିକାରଣୀ ସଡ଼କରେ ବସାଇଦେବେ । ଆଉ ଜଣେ କହିଲା—ହିଁ ହିଁ, ମୋ ମନକୁ କିଛି ପାଉନାହିଁ ଏବେ ! ମୁଁ ଠିକ୍ ବୁଝିଛି ସେ ବାନପ୍ରସ୍ଥ ମାର୍ଗ ଗ୍ରହଣ କରିବେ । ତାଙ୍କ କୋଷ୍ଠିରେ ଲୁଥିଲେ ପ୍ରବ୍ରଜ୍ୟା ଯୋଗ ଅଛି । ଏଥର ତାଙ୍କ ଜୀବନମାର୍ଗର ଗୋଟାଏ ବଡ଼ ପରିବର୍ତ୍ତନ ଘଟିବାର କଥା—ଯଥା— ସ୍ଥାନତ୍ୟାଗ, ମାନହାନି ଆଶ୍ରମ ପରିବର୍ତ୍ତନ ବନ୍ଧୁଗଣ ପେଟରୁ ଅପସାରଣ ଇତ୍ୟାଦି ।

ଆଲୋଚନା ସରିଲାରୁ ସଭାପତି ଉଠିଲେ—ମହତାବଙ୍କ ଜଣେ ଚେଲାଦଳ ଅଟନ୍ତି । କଂଗ୍ରେସର ଯେଉଁ ଚାଲ ଚଳନ ଅଛି ତାହା ସେ ଜାଣିଯାଇ ଆଗରୁ ଏ ବାଟ ଅର୍ଥାତ୍ ନୂଆ ମାର୍ଗ କାଢ଼ିଛନ୍ତି ।

ଜଣେ ସଭ୍ୟ କହିଲେ—ସେ ଗଲେ ତାଙ୍କ ସ୍ଥାନ ପୂରଣ କରିବାକୁ ଓଡ଼ିଶାରେ ଆଉ କିଏ ଅଛି ? ସଭାପତି କହିଲେ ସେ ଚିନ୍ତା କରିବାର ପ୍ରୟୋଜନ ନାହିଁ, ସେ ସେପରି ଅବିବେଚକ ନୁହନ୍ତି । ସରକାରୀ ଗାଦିରେ ସେ ଗଲା ବେଳକୁ ଯୁବରାଜ ବାଛି କରି ଗାଦି ଦେଇଯିବେ । ଉତ୍ତରାଧିକାରର ଅଭାବ ନାହିଁ । ଏତିକିରେ ସେଦିନ ସଭା ମଉକଲା—ତହିଁ ଆରଦିନ ଅଧିକ ଆଲୋଚନା ନିମନ୍ତେ ।

÷ + ÷

ପୁଣି ସଭା ବସନ୍ତେ ସମ୍ପାଦକ କହିଲେ—ଗତ କାଲି ଯେଉଁ ବିଷୟ ଆଲୋଚନା ହୋଇ ଆଜିକି ମୁଲତବି ଥିଲା, ପ୍ରଜାତନ୍ତ୍ର ଆଜି ପୁଣି ମାର୍କଡ଼ି ଛାପ ମାରି ଲେଖିଛନ୍ତି କି—"ପ୍ରଧାନ ମନ୍ତ୍ରୀଙ୍କୁ ପଚାରିବାରେ ସେ କହିଲେ କି ଉକ୍ତ ସମ୍ବାଦ ସମ୍ପୂର୍ଣ୍ଣ ଠିକ୍ ନୁହେଁ ।" ଅତଏବ ଏହି ନୂତନ ପରିସ୍ଥିତି ଦୃଷ୍ଟିରୁ ଏ ବିଷୟର ଆଲୋଚନା ବନ୍ଦ କରାଯାଉ ।

ସଭାରେ କଳରବ ଉଠିଲା । ଅନେକ ସଭ୍ୟ ଓ ଅସଭ୍ୟ ଏଥିରେ ଆପତ୍ତି ଉଠାଇଲେ—ଅଧିକାର ସଂଶୋଧିତ ସମ୍ବାଦ ଉପରେ ଆଲୋଚନା ହେଉ । ସଭାପତିଙ୍କ ଅନୁମତି କ୍ରମେ ପୁଣି ଆଲୋଚନା ଚାଲିଲା ।

ପ୍ରଥମ ବକ୍ତା କହିଲେ—ଆଲୋଚନା ସମ୍ପୂର୍ଣ୍ଣ ବନ୍ଦ ହୋଇ ନପାରେ—କାରଣ କୁହାଯାଉଛି ସମ୍ବାଦଟା ସମ୍ପୂର୍ଣ୍ଣ ଠିକ୍ ନୁହେଁ, ଅର୍ଥାତ୍ ଆଂଶିକ ଠିକ୍ । ତେବେ କେଉଁ ଅଂଶଟା ଠିକ୍ ଅଛି କେଉଁ ଅଂଶ ଅଠିକ ତାହା ପରିଷ୍କାର ନହେବା ଯାଏ ଆଲୋଚନା ବନ୍ଦ କରିବା ଠିକ୍ ହୋଇ ନପାରେ ।

ଦ୍ୱିତୀୟ ବକ୍ତା—ଏଥିରୁ ପରିଷ୍କାର ଜଣାଯାଉଛି ଯେ ପ୍ରଜାତନ୍ତ୍ର ସର୍ବସାଧାରଣରେ ଜଣାଇବାକୁ ଯାହା ଚାହାନ୍ତି ମହତାବଙ୍କ ସମ୍ବନ୍ଧରେ ପ୍ରଜାତନ୍ତ୍ରର ସମ୍ପୂର୍ଣ୍ଣ ଧାରଣା ସମ୍ଭବ ନଥିବାରୁ, ଉଡ଼ା ଶୁଣା ଖବରଟାଏ ମହତାବଙ୍କ ନାଁରେ ଛାପି ଦେଇଥିଲେ । ଏହା ଠିକ୍ କି ନୁହେଁ ?

ତୃତୀୟ ବକ୍ତା—ତାହା ନୁହେଁ, ଏଗୁଡ଼ା ଚହଲ-ପହଲ କରି ସମ୍ବାଦ ଛାପି ପ୍ରଜାତନ୍ତ୍ର ତଥା ମହତାବଙ୍କ ଗୁରୁତ୍ୱ ବଢ଼ାଇବାର ଗୋଟାଏ ସାମ୍ବାଦିକ କଳା—କୌଶଳ ଏଇଟା ।

ଚତୁର୍ଥ ବକ୍ତା—ସେ କଥା ନୁହେଁ; ଏପରି ସମ୍ବାଦ ପ୍ରକାଶ କରି ମହତାବ ନିଜେ ବୁଝିବାକୁ ଚାହୁଁଥିଲେ, ମହତାବଙ୍କ ଯିବା କଥା ଶୁଣି କେଉଁ ଲୋକ କଣ କହୁଛି—ଏହା ଗୋଟାଏ ଇଂରେଜୀରେ ଯାହାକୁ କହନ୍ତି—feeler.

ପଞ୍ଚମ ବକ୍ତା—ବଙ୍ଗଳା ଓ ମାନ୍ଦ୍ରାଜର ବ୍ୟବସ୍ଥା ଦେଖି ସେ ଆଗରୁ ସାବଧାନ ହେବାକୁ ପାଇଁ ଯାଇଁ ଏକଥା ପ୍ରକାଶ କରିଥିଲେ; ମାତ୍ର ବହୁ ଅଭିନନ୍ଦନ ଜାଣିନେବା ପରେ ପୁଣି ତାକୁ ମୁଲାୟମ କରି ଦେଇଛନ୍ତି କୌଶଳରେ । ଅର୍ଥାତ୍ ସମ୍ପୂର୍ଣ୍ଣ ଠିକ୍ ନୁହେଁ କି ସମ୍ପୂର୍ଣ୍ଣ ଅଠିକ ନୁହେଁ କହି ।

ଷଷ୍ଠ ବକ୍ତା—କୌଣସି ଯୁକ୍ତି ମୋ ମନକୁ ଆସୁନାହିଁ । ମୋ ମତରେ ନଭେମ୍ବର ମାସର ରଙ୍ଗ ଶନିବାରର ମୁଲତବି ମାର୍ଗଟିର ଦିନ—ଏହି ଅଂଶଟା ଅଠିକ୍, ଓ "ମାର୍ଗ ପରିବର୍ତ୍ତନ" ଅଂଶଟା ଠିକ୍ ।

ଶେଷରେ ସଭାପତି ଉଠିଲେ—ସଭ୍ୟମାନଙ୍କର ଯୁକ୍ତି ଆଂଶିକ ଦୃଷ୍ଟି ଦୋଷ ଦୁଷ୍ଟ । ମୁଁ ସବୁ ପକ୍ଷରୁ ଦେଖି ଏହି ସିଦ୍ଧାନ୍ତ ଗ୍ରହଣ କରୁଛି ଯେ ରାଜାଙ୍କ କଥା ମିଛ ହୋଇ ନପାରେ; ମହତାବ ଯେ ମାର୍ଗ ପରିବର୍ତ୍ତନ କରିବେ ଏହା ସୁନିଶ୍ଚିତ—ମାତ୍ର ତାହା ନଭେମ୍ବର ୧୯[illegible]ରେ କେବେ ନୁହେଁ । ସେ ସମସ୍ୟା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ (Sine die) ମୁଲତବି ରହିଲା । ଦଶନ୍ଧି ହେଲେ ଉପାରେ କୋଡ଼ିଏ ବର୍ଷ ହୋଇ



Digitized by srujanika@gmail.com

ପଡ଼େ, କେତେ ବର୍ଷ ଶ୍ଳେଷ ବର୍ଷ, ବ ହୋଇ ପାରେ। ମାତ୍ର ହେବ ନିଶ୍ଚୟ—ଇତିହାସ କହିବ।

÷ ÷ ÷

ଷଢ଼େଇକଲା ଖରସୁଆଁକୁ ଓଡ଼ିଶା ସାଙ୍ଗରେ ମିଶାଇବାର କଥା ପୁଣି ଉଠିଲାଣି। ସେଠି ଓଡ଼ିଆ ପ୍ରଜା ଖାଲି ନୁହେଁ, ଓଡ଼ିଆ ରାଜାର ବ୍ୟକ୍ତିତ୍ୱ। ବିହାର ସରକାର ସେଠି ଖାଲି ଓଡ଼ିଆ ଭାଷା ନୁହେଁ, ଓଡ଼ିଆ ସଂସ୍କୃତି ସୁଦ୍ଧା ଲୋପ କରି ଦେଉଛନ୍ତି। ମାତ୍ର ଏ ଅରଣ୍ୟ ରୋଦନ ଶୁଣୁଛି କିଏ! ଆଶା ହସ୍ତେ ଜିହ୍ବା ଛେଦି!

ତଥାପି ଏହା ଭିତରେ ଯେଉଁ ଉତ୍କଟ ପ୍ରାଦେଶିକତାର ଗନ୍ଧ ରହିଛି। ତେଲଙ୍ଗା, ତାମିଲ, ବିହାରୀ, ବଙ୍ଗାଳୀ ପଛେ କରନ୍ତୁ— ଆମେ ଜଗନ୍ନାଥିଆ ଓଡ଼ିଆ କ୍ଷୁଦ୍ର ପ୍ରାଦେଶିକତାରେ ମାତିବା ଶୋଭା ପାଉନାହିଁ। ନୋହିଲେ ଆମ ମହାଭାରତୀୟ ମହତାବଙ୍କୁ ନିନ୍ଦା ହୋଇଯିବ ଯେ! ଅତଏବ ଛକର ସେ ଛୋଟ କଥାକୁ।

× + ×

କଟକ ଚଉଧୁରୀ ବଜାର ଥାନାରେ ଡାକ୍ତର ଖବ ବେଲି ଜଣେ ବଡ଼ ଡାକ୍ତର ଅଛନ୍ତି। ନାଆଁରୁ ଜଣା ଯାଉଛି ଏ ମହାଶୟ ବମ୍ବେଇ ପ୍ରଧାନ ମନ୍ତ୍ରୀ ଖେରଙ୍କ ମାଉସୀପୁଅ କିମ୍ବା ମଧ୍ୟ ପ୍ରଦେଶର ଭୂତ ପ୍ରଧାନ ମନ୍ତ୍ରୀ ଖାରେଙ୍କ ପିଉସୀପୁଅ ହୋଇଥିବେ। ତାହା ନ ହୋଇଥିଲେ ଏହାଙ୍କ ଦାତବ୍ୟ ଖାନାରେ ରୋଗୀଙ୍କଠାରୁ ଅଜସ୍ର କାଞ୍ଚ ଛାଡ଼ ସରକାରୀ ମାନେ ଏପରି ଅଧିକ ହୋଇ ନଥାନ୍ତେ। ଓଡ଼ିଆମାନଙ୍କ ପ୍ରତି ଏହାଙ୍କର ବାତ୍ସଲ୍ୟ ଯୀଶୁଙ୍କ ମେଷଶାବକଙ୍କୁ ବଳି ଗଲା ପରି ବୋଧହୁଏ। କର୍ତ୍ତୃପକ୍ଷ ଟିକିଏ ତଳେଇ କରି ଶୁଭଦୃଷ୍ଟି ନିକ୍ଷେପ କରନ୍ତୁ ବୋଲି!

× × +

ମହାମୁନି ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ଉପଲକ୍ଷେ କଲିକତାରେ ଯେଉଁ ଉତ୍ସବ ହୋଇଛି, ତହିରେ ଆମ ପାଠ ମନ୍ତ୍ରୀ ମହତାବ ନେବେ ପୁରୋଧା। ଓ ମହତାବଙ୍କ ବହିର୍ମୁଖୀ ପ୍ରତିଭା ବହୁ କ୍ଷେତ୍ରରେ ସବୁ ବିଭାଗରେ ବିକାଶ ଲାଭ କରିଛି, ତାଙ୍କ ରହିଥିଲା ଆଧ୍ୟାତ୍ମିକ ଜଗତରେ। ସେ ସ୍ଥଳରେ ମଧ୍ୟ ଯେ ତାଙ୍କର ଗଭୀର ଦଖଲ ଅଛି ଏହା ବୋଧହୁଏ ଲୋକେ ଜାଣି ନ ଥିଲେ। ନେତା ଓ ରାଜନୀତିଜ୍ଞ ହିସାବରେ ଯେତେ ଲୋକଙ୍କ ବାରିପଡ଼ିଲେ। ଓଡ଼ିଶା ଦେଶରେ ଏହା ଜଣା ନେଇ ଓ ଗୌରବର କଥା ନୁହେ। ଅରବିନ୍ଦଙ୍କ ଆଡ଼କୁ ସେ ଆକୃଷ୍ଟ ହେବାର ଦେଖି ଲୋକଙ୍କୁ ନାନା ଆଶଙ୍କା ଉପଜାତ ହେବା ସ୍ୱାଭାବିକ। ଭଗବାନ ନ କରନ୍ତୁ। ଓଡ଼ିଆ କଣ କହିବେ!

÷ + ÷

ଓଡ଼ିଶାର ଜମିଜମା କମିଟି ତାଙ୍କ ରିପୋର୍ଟ ଦେଇଛନ୍ତି, ସେଥିରେ ଯାହା ସୁପାରିସ ହୋଇଛି ତାହା ଫଳରେ ଜମିଦାର ଉଠିବ ନାହିଁ—ଜମିଦାର 'ଉଠିବେ' ଅର୍ଥାତ୍ ଠେକିବେ। ଜଣେ ଜମିଦାର ଥିଲେ ପଞ୍ଚେ ହେଲେ ଜଣକର ଅତ୍ୟାଗୃହୀତ ପଣକ ଭାଗ କରି ନେବେ। ପ୍ରଜା ଜଣକୁ ଡରୁଥିଲା, ପଚିଶ ଜଣକୁ ଡରିବ। ହୁସିଆର। ମନ ନୁହେ—କାରଣ ଡିମୋକ୍ରେସିର ଯୁଗ ଯେ। ଏଭଳି ମୌଳିକତା ଆଉ କୌଣସି ପ୍ରଦେଶ ଦେଖେଇ ପାରି ନାହାନ୍ତି। ଏଭଳି ମୌଳୀ—ବଡ଼ା ମୂଣ୍ଡ କଉଁଠି ଅଛି।

× ÷ +

ସମ୍ରାଟ ଅଶୋକ ଲୋକଙ୍କ ଆଚରଣ ପାଇଁ ଗୋ.୧୦ଟା ଅନୁଶାସନ ପ୍ରଚାର କରିଥିଲେ। ତାଙ୍କ ଦେଖା ଦେଖି ବୋଧହୁଏ ଯଶୁଖ୍ରୀଷ୍ଟ ବି ଗୋ.୧୦ଟା ଅନୁଜ୍ଞା ଦେଇ ଗଲେ। ଏବେ ଓଡ଼ିଶୀ କଂଗ୍ରେସ ନେତା କଂଗ୍ରେସ ବାଲାଙ୍କ ଆଚରଣାର୍ଥେ ଏକ ଆଜ୍ଞା ପତ୍ରିକା ପ୍ରକାଶ କରିଛନ୍ତି, ଯହିରେ ଗୋ.୧୬ଟି ନିୟମ ରହିଛି। ଏହା ଯେ ନ କରି ପାରିବ ତାର କଣ ହେବ ତାହା ଲେଖା ନଥିବାରୁ ଅନେକେ ସନ୍ଦେହରେ ପଡ଼ିଛନ୍ତି। ଫାସି ହେବ ନା ସ୍ୱର୍ଗ ବାସନ୍ଦ ହେବ ?

+ × +

କଂଗ୍ରେସ ବଡ଼ବଡ଼ିଆଙ୍କ ହୁକୁମ ହୋଇ ଗଲାଣି କି ବଙ୍ଗଳାରେ ବ୍ୟବସ୍ଥାପକ ସଭା ଭଙ୍ଗା ହୋଇ ନୂଆ କରାଯିବ। ପୁଣି କଂଗ୍ରେସ କମିଟି ବି ନୂଆ କରି ଗଢ଼ା ହେବ। ଏ ଭୋଟ ଲଢେଇରେ କଂଗ୍ରେସ ଜିତିବେ କି ନଜିତିବେ ସେଥିରେ ମନ୍ତ୍ରୀମଣ୍ଡଳଙ୍କର ଯାଏ ଆସେ କଣ। ତେବେ ଲାଭ ଏତିକି, ଗରିବଙ୍କ ତୁଣ୍ଡରେ କିଛି କିଛି ଗୁଅଡ଼ିଆ ମାଳ ପଡ଼ିଯିବ ଓ ଯେତେ ଜେମ୍‌-ନେତ ବୋଲି ଫାଟିବ ସେତିକି ମଣିଷମୁଣ୍ଡ ନ ଫାଟିଲେ ରକ୍ଷା।

× + +

ଏହି ବଙ୍ଗ ବ୍ୟାଧି ଓ ତାର ଚିକିତ୍ସା ବିଧାନ ଯେ ଅନ୍ୟ ପ୍ରଦେଶ ମାନଙ୍କୁ ସଂକ୍ରମିତ ନହେବ ଏହା କିଏ କହିପାରେ। ଯଦି ତାହା ହୁଏ, ଏବଂ ହେବାଟା ଇ ଖୁବ ସମ୍ଭବ, ତେବେ ଭାରତବ୍ୟାପୀ ବଙ୍ଗଳାଶ୍ରୀ ରାଗ ସହିତ ବଙ୍ଗଳା ଗାର୍ଲିକ ବ୍ୟାପିଯିବ। ଓଡ଼ିଆ ଏକା ତାଳି ମାରି ଓଡ଼ିଶୀ ନାଚ ନାଚିବେ। 'ହରେକୃଷ୍ଣ'-ମହାମନ୍ତ୍ରରେ ଦୀକ୍ଷିତ ଓଡ଼ିଆଙ୍କୁ ଆମର ଚଉଷଠି କଳାରେ ଗୁଣିଆ ଡମ୍ବରୁ ବଜାଇ ନଚାଇବେ। ଭେଟ୍ କରି ପାରେ ନାହିଁ।

× + +

ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ଲୋକଙ୍କ ଔଦାସିନ୍ୟ ଦେଖି ସମାଜ ସମ୍ପାଦକେ ଅତୁର ହୋଇ ଶୋକଦାକାମୋଦାରେ ବିଳାପ କରି ଅଛନ୍ତି। ଆମ ବିଚାରରେ ଏଥିରେ ଦୁଃଖ ନକରି ବରଂ ଆନନ୍ଦ ହେବାର କଥା।

ଦିନେ ସାହିତ୍ୟ ସମାଜର ଅର୍ଥାତ ରାମଚନ୍ଦ୍ର ଭବନର ଗୃହକାଟି ହାତରେ ନେବା ପାଇଁ ଡାମଡା ଡାମଡାଙ୍କ ଭିତରେ ବାଡ଼ିଆ ବାଡ଼ି ଲାଗିଥିଲେ ମନେ ଥିବ। ଆଜି ପୁଣି ଏ ଅବସ୍ଥା କାହିଁକି ହେଉଛି ? ତାର କାରଣ ଯେ ଓଡ଼ିଆ ମନେ ହୃଦୟର ଗଣ୍ଡି ଏଡ଼ାଇ ବହୁତ ଉପରକୁ ଉଠିଗଲେଣି, ସାମାନ୍ୟ ସାହିତ୍ୟ ସମାଜର ମାଳିକ ପଣ ଆଉ ତାଙ୍କୁ ଆକର୍ଷଣ କରି ପାରୁ ନାହିଁ। ଅଦାର୍ଣ ଉଚ୍ଚ ହୋଇ ଯାଇଥିବାରୁ ସେମାନେ ବହୁତ ବଡ଼ କ୍ଷମତା ଓ ଅର୍ଥଲାଭର ପଛରେ ଗୋଡ଼ାଇବାକୁ ସମୟ ପାଉ ନାହାନ୍ତି। ଆଉ, ସାହିତ୍ୟିକଙ୍କ କଥା ଛଡ଼ା ଅନ୍ୟ ଆଡ଼େ ଯେଉଁ ନୂଆର ଭଣ୍ଡାର ଉଦ୍‌ଭବ କରୁଛି ରାମଚନ୍ଦ୍ର ଭବନ ସେଥିରୁ ଜାଣିହୁଏ ଯେ ଟାଇ ପାରୁ ନାହିଁ, ଜାତିର ଉନ୍ନତିରେ ଆମର ବେଦନ ନକରି ଖୁସି ହେବାର କଥା।

+ + ×



Digitized by srujanika@gmail.com

କଟକ ରେଭେନ୍ସା ଗାର୍ଲସ୍ କଲେଜର ୧୨ ଜଣ ଛାତ୍ରୀ ଅଳ୍ପ ଦିନରୁ ଗୋଟାଏ ନୂଆ କ୍ଲବ୍ ଗଢ଼ାଇ ଦେଇଛନ୍ତି, ଖୁବ ମଜାକଥା—

ବୀଣା, ସରଳୁ, ଶୋଭନା, ଶାନ୍ତା, ସୀତା, ଉଷା ଏହିପରି କେତେଜଣ ସମସ୍ତେ ମିଶି ଗୋଟିଏ ସଙ୍ଘ କରିଛନ୍ତି; ସୁମିତ୍ରା ହୋଇଛି ସେମାନଙ୍କର ପ୍ରେସିଡେଣ୍ଟ। ସଙ୍ଘର ନାମ ହେଉଛି କୋହନିବାରଣୀ ସଂଘ, ମେମ୍ବର ମାନେ ହୁ-ହୁ ହୋଇ ବଢ଼ୁଛନ୍ତି; ଓଃ ସେମାନଙ୍କର କି ନଡ଼କ। ତାଙ୍କର କାର୍ଯ୍ୟକ୍ରମ ଏହିପରି ଭାବରେ ନୋଟିସ୍ ଦେଇ ଜଣାଇ ଦେଇଛନ୍ତି।

ପ୍ରତ୍ୟେକ ମେମ୍ବରର ମାସିକ ଦେୟ ସ୍ୱ ଉପାର୍ଜିତ ଟଙ୍କାରୁ ୫୨—ସେ ନିଜେ ପରିଶ୍ରମ କରି ସେ ୨ ଟଙ୍କା ଆଣିବେ, ପିତା ମାତାଙ୍କ ଠାରୁ ଭିକ୍ଷା କରି ନୁହେଁ।

## ନୂଆକଥା

୨ । ପ୍ରତ୍ୟେକ ମେମ୍ବର ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ବିଦ୍ୟା ନାନାଦି ଶିଳ୍ପ କଳାର ନିୟମିତ ଚର୍ଚ୍ଚା କରୁଥିବେ।

୩ । ପୁରୁଷ ମାନଙ୍କ ସହିତ ସଙ୍ଘର କୌଣସି ଯୋଗାଯୋଗ ରହିବ ନାହିଁ—ଯଦି କୌଣସି ଶିକ୍ଷିତ ଓ ଉଦାରମନା ପୁରୁଷ, ସଙ୍ଘର କୌଣସି ମେମ୍ବରର ରୂପ ଗୁଣରେ ଆକୃଷ୍ଟ ହୋଇ ତାକୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିବ, ତାକୁ ଟାର୍ମ୍ କମ୍‌ରେ ତିନୋଟି ବର୍ଷ କୃଚ୍ଛ୍ର ସାଧନ କରିବାକୁ ହେବ, ୩ ବର୍ଷ ପରେ ମେମ୍ବରମାନେ ତାର ସମସ୍ତ କୁଳ ଶୀଳ ହୃଦୟ ଧାର୍ମିକ ଓ ଆର୍ଥିକ ପରିସ୍ଥିତିର ପରିଚୟ ପାଇ ସନ୍ତୁଷ୍ଟ ହୋଇ ପାରିଲେ ବରର ଦରଖାସ୍ତ ମଞ୍ଜୁର କରିପାରେ—ସେ ପୁଣି କନ୍ୟାର ଅନୁରାଗ ବିରାଗ ଉପରେ ବେଶି ପରିମାଣରେ ନିର୍ଭର କରେ। ବିବାହ ପରେ ଯଦି କୌଣସି ଅପ୍ରୀତିକର ଘଟଣା ହୁଏ ସଙ୍ଘକୁ ଜଣାଇଲେ ସେ ତାର ପ୍ରତିକାର କରିବେ—

୪ । ବରପଣ ପରିବର୍ତ୍ତରେ ଯଦି କନ୍ୟା ପିତା ଦରିଦ୍ର ହୋଇଥିବ ବରକୁ କନ୍ୟାର ଯୋଗ୍ୟତା ଅନୁସାରେ ପଣ ଦେବାକୁ ପ୍ରସ୍ତୁତ ହେବାକୁ ହେବ।

୫ । ମାସିକ ଆଦାୟ ଟଙ୍କା ଏକତ୍ରିତ ହୋଇ ଗୋଟିଏ ପାଣ୍ଠି ହେବ, ସେଥିରୁ ଶିକ୍ଷିତା କୁମାରୀମାନେ ଋଣ ସ୍ୱରୂପ ନେଇ ନାନାପ୍ରକାର ସ୍ୱାବଲମ୍ବନ ମୂଳକ ବ୍ୟବସାୟ ବାଣିଜ୍ୟ ଆଦି କରି ପାରିବେ।

ହୁଲସ୍ଥୁଲ୍ କାଣ୍ଡ। ବର ଜଗତରେ ଗୋଟିଏ ଚହଳ ପଡ଼ିଗଲା, ବରର ବାପମାନେ ମୁଣ୍ଡରେ ହାତ ଦେଇ ବସିଲେ, ଖାଲି ହେଲା କଣ? ମାଇକିନା ଝିଅଙ୍କୁ ଶିକ୍ଷା ମାରୁଥିଲେ ଗୋଟାଏ ଉତ୍ତର ମିଳୁ ନଥିବ। ବୁଢ଼ାମାନେ କହିଲେ ଏତ ମହାଭାରତର ପ୍ରମିଳା ରାଜ୍ୟ ହେଲା ହେ।

ସବୁଠାରୁ ମଜାକଥା ହେଲା ସଙ୍ଘ ପ୍ରତି ଅବିବାହିତ ଯୁବକ ମାନଙ୍କର ବିଶେଷ ଦୃଷ୍ଟି। ଦୁନିଆର ବସ୍ତୁ, ଯେଉଁଠି ବାଧା ନଥାଏ ମଣିଷ ତାକୁ ନଜରେ ଅସ୍ପୃଶ୍ୟ କରି ରଖାଏ, ସେ ଯେମିତି ଉପର ଜିନିଷ। ଯେତେବେଳେ ବର ଧନ୍ଦା ପୁରୁଷ ମାନଙ୍କ ଇଚ୍ଛା ଉପରେ ନିର୍ଭର କରୁଥିଲା ସେମାନେ ନିଶ୍ଚିନ୍ତ ମନରେ ବୁଲୁଥିଲେ, ଆମୋଦ ପ୍ରମୋଦରେ ମାତିଥିଲେ। ବାପାଙ୍କ କଥା ଶୁଣିଥିଲେ ବଡ଼ ଅବଜ୍ଞା ସହିତ କହୁଥିଲେ ହଉ ଦେଖିବା କନ୍ୟା କିପରି? 'ନିଜେ ନଦେଖିଲେ ବିଭା ହେବ ନାହିଁ,' କିଏ କି ବିବାହ ହେବାକୁ ଫୁରସତ୍ କାହିଁ? ବେଳ କହୁ କାଠା ହସରେ ଉଡ଼ାଇ ଦେଉଥିଲେ, ଯେଉଁଠିକି କନ୍ୟାମାନେ ଫୁଲ-ହାର ଧରି ଖାଲି ଗୁହାରି କରି ବସିଛନ୍ତି, 'ହଁ' କହିଲା ସାଥେ ସାଥେ ଗଳାରେ ଫୁଲ ହାରମାଳା ପିନ୍ଧାଇଦେବେ।

ଏଥର କନ୍ୟା ତରଫରୁ ଓଲଟା ଗୁହାରି ପଡ଼ିବା ଦେଖି ପ୍ରଥମେ ପ୍ରଥମେ କେତେକ ଟୋକା ଅପମାନ ଅନୁଭବ କରୁଥିଲେ। ସଙ୍ଘର କାର୍ଯ୍ୟ ଯେତେବେଳେ ଉନ୍ନତ ଗତି କରି ଗ୍ରାମ ଦିଗ୍‌ରେ ପଡ଼ିଲା, ଫେର୍ ନର୍ବାବାବରେ, ପାଜି ମାନଙ୍କ ମୁଣ୍ଡରେ ଆକାଶ ଭାଙ୍ଗି ପଡ଼ିଲା। ଯେତେ ହେକଲିନ୍ ସ୍ନୋ ମଣି ପ୍ରକାଶଢ ଜଣା ବାଟେଇ ମୁଣ୍ଡରେ ନାନା ପ୍ରକାର ଟେର କାଟି କଣ୍ଟ୍ରୋଲ ଦୋକାନରୁ ବ୍ଲାକ ମାର୍କେଟରେ ଟଙ୍କାକ ଯାଗାରେ ୧୦ ଦେଇ ଅଦିସନ୍ଧାନ ବଟନ ରଙ୍ଗ ଧାମ ଦେଖାଇଲା ନାହିଁ। ଗୋଟାଏ ଗୋଟାଏ ହତାଶାର ଦୀର୍ଘ ନିଶ୍ୱାସ ଖାଲି ପଡ଼ିଲା। ଝିଅ ମାନେ ମିଳିଯାଇ ଆଗରେ ମାର୍ଚ୍ଚ କରି ଗଲାପରି ବୁଲୁଛନ୍ତି। ଯୁଆମାନେ ଗୌରୀଶଙ୍କର ପାର୍କରେ ପାନ ଚୋବାଇଲେ ସରବତ୍ ଦୋକାନ୍‌ରେ ବସି କରୁଣ ନୟନରେ ଖାଲି ଚାହିଁ ରହିଥାନ୍ତି ଏ ଝିଅଗୁଡ଼ା ଟିକେ ହେଲେ କଟାକ୍ଷ ପାତ କରନ୍ତେ କେଲେ। ସେ ଗୋଟିଏ ଦେଖିବାର ଦୃଶ୍ୟ।

ସେଦିନ ସରସୀ ବୋଲି ଗୋଟିଏ ଝିଅ ଯାଉଥିଲା ବକ୍ସି ବଜାର, ତାର କୌଣସି

ଲେଖିକା—ଶ୍ରୀମତୀ ହରପ୍ରିୟା ଦେବୀ

ବନ୍ଧୁ ଘରକୁ। ସାଇକେଲ୍‌ରେ ବାଟରେ ଅଧା ଅନ୍ଧାର ହୋଇଗଲା। ତା ପଛରେ ଦିଜଣ ଟେଲିଙ୍କ ମଡ଼ୁଆ ଟୋକା ମୁଣ୍ଡରେ କିଛି ଦୁଷ୍ଟ ବୁଦ୍ଧି ଆଣି ଆସୁଥିଲେ। ସୁରେଶ ନାମକ ଟୋକାଟି ଜାଣି ଜାଣି ତା ସାଇକେଲ୍‌ରେ ଧକ୍କା ଲଗାଇ ଦେଲା। ଶରଦ ଦୌଡ଼ି ଯାଇ ହା ହା କଣ ହେଲା ହେଲା କହି ଧରି ଉଠାଇବାକୁ ଗଲା ତେଣିକୁ ସରସୀ ଠିଆ ହୋଇ ପଡ଼ି କହିଲା, ମହାଶୟ। ଆପଣଙ୍କ ନାମ ଟିକେ ଅନୁଗ୍ରହ କରି କହିବେକି?

ସୁରେଶ—ଆଜ୍ଞା ମୋ ନାଁ ସୁରେଶ, ପଟ୍ଟନାୟକ ଆଉ ଏଇ ମୋ ସାଙ୍ଗ ଅ ନାଁ ଶରଦଚନ୍ଦ୍ର ଦାସ।

ସରସୀ—ଧନ୍ୟବାଦ। ଆପଣମାନେ ନିଶ୍ଚୟ ଇଚ୍ଛା କରି ମୋ ଗାଡ଼ିରେ ଧକ୍କା ଲଗାଇଛନ୍ତି? ସତ କହନ୍ତୁ।

ଶରଦ—ସ୍ତ୍ରୀ କିପରି ହେବ? ଆପଣ ବରଂ ଆମକୁ ଧକ୍କା ଦେଇ ଯାଇ ପାରିବେ

[ ଅବଶିଷ୍ଟାଂଶ ୧୧ ପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

[ ଅତବାଲ ଦେଶରେ ନୂଆ ନୂଆ ଅନେକ ପ୍ରକାରର ପତ୍ରିକା ବାହାରିବା ସଙ୍ଗେ ସଙ୍ଗେ, ଅନେକ ନୂଆ ଲେଖକ ମଧ୍ୟ ଲେଖା ଜଗତରେ ମନୋନିବେଶ କରିଛନ୍ତି—ଏହା ଆମର ଓଡ଼ିଆ ସାହିତ୍ୟ ପକ୍ଷରେ ଯେ ଗୋଟିଏ ଶୁଭ ଖବର, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଅନେକ ସମୟରେ ଏହି ନୂଆ ଲେଖକମାନେ ଲେଖା ଲେଖି ସମ୍ବନ୍ଧରେ ପ୍ରକୃଷ୍ଟ ଉପଦେଶ ନ ପାଇ ପାରି, ହତାଶ ହୋଇ ଛାଡ଼ ଲେଖା ଲେଖି ଛାଡ଼ିଦେବାର ଅନେକ ଦୃଷ୍ଟାନ୍ତ ଦେଖା ଯାଉଛି । ମୁଁ କିଛି ଦିନ ତଳେ ଦେଶର ପ୍ରଖ୍ୟାତ ନାମା ଲେଖକ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ( କାନ୍ତକବି ) ଙ୍କ ନିକଟ ଗଳ୍ପ ଲେଖା ସମ୍ବନ୍ଧରେ ଉପଦେଶ

## 'ମଜାଗପ

ଦେବାପାଇଁ ଅନୁରୋଧ କରି ଲେଖିଥିଲି । 'କାନ୍ତକବି'ଙ୍କ ଉପଦେଶ ମୋର ବ୍ୟକ୍ତିଗତ ନୁହେଁ ବୋଲି ମନେକରି ତାହି ମୋର ଭାଇ ଏବଂ ଭଉଣୀମାନଙ୍କୁ ଜଗରରେ "ଉପହାର" ସ୍ୱରୂପ ଦେଲି ।

ଲେଖକ

ତା ୭ । ୮ । ୪୮

'ଶ୍ରୀମାନ୍ ଗଜେନ୍ଦ୍ର ବାବୁ,

ଆପଣଙ୍କର ତା ୨ । ୮ । ୪୮ ରିଖର ପତ୍ର ପାଇଲି । ପାଇ ବହୁତ ଖୁସି ହେଲି ଯେ ଆପଣ ନିଜ ଲେଖାର ଉନ୍ନତି ଦିଗରେ ଏପରି ଯତ୍ନଶୀଳ । ସବୁ ଲେଖକଙ୍କର ଏହିଭଳି ଇଚ୍ଛା ଓ ଚେଷ୍ଟାଥିବା ଏକାନ୍ତ ଉଚିତ ।

ଆଜ ମୁଁ ଆପଣଙ୍କ ଗଳ୍ପ ପୁସ୍ତକ 'ନଗର' ଫାଇଲ ବାହାର କରି ଦେଖିଲି । ନୂଆ ପଠାଇଥିବା 'ଲଭ୍‌ମ୍ୟାରେଜ'ର ପାଣ୍ଡୁଲିପି ମଧ୍ୟ ଦେଖିଲି । ପ୍ରଥମେ ମୋର କହିବାର କଥା ଯେ ସାଧାରଣ ଗଳ୍ପ ଲେଖିବାଠାରୁ ମଜାଗଳ୍ପ humour ଲେଖିବାର ପ୍ରକୃତ ସମ୍ପୂର୍ଣ୍ଣ ଭିନ୍ନ ଓ ବେଶି କଷ୍ଟ ଲେଖିବାମଧ୍ୟ କଷ୍ଟକର । Humour ଟା ଲଙ୍ଗଳା କା ପ୍ରକାଶ କରିଦେଲେ art ନଷ୍ଟ ହୋଇ-

ଯାଏ । ଯେତେ ଛନ୍ଦ୍ମ ବା ପ୍ରଚ୍ଛନ୍ନ ରହିବ ଅଥଚ ଫୁଟିଥିବ ସେତେ ଭଲ ! ଗଳ୍ପ ଲେଖାର ଟେକ୍‌ନିକ ବହୁତ



କାନ୍ତକବି

ପ୍ରକାରେର । ତାହା ଲେଖକର କ । କୁଶଳତା ଉପରେ ନିର୍ଭର କରେ । ସେସବୁ କହିଦେଲେ ବା ଶିଖେଇ ଦେଇ ହୁଏ ନାହିଁ । ତେବେ ନାନା ଭାଷାର ଭଲଭଲ ଗଳ୍ପ ବହୁତ କଥା କରି ପଢ଼ିଲେ ଯେ କୁଶଳତା ବଢ଼ିବାର କଥା । ଇଂରେଜି, ବଙ୍ଗଳା, ହିନ୍ଦି ଗଳ୍ପ ସବୁ ପଢ଼ିବେ । କିଏ କେଉଁ ଢଙ୍ଗରେ ଲେଖିଛି ତାହାପ୍ରତି ଲକ୍ଷ ରଖିବେ । ତା ପରେ ନିଜେବି ଲେଖିବେ । ଅଭ୍ୟାସ ଠାରୁ ବଡ଼ କଥା ନାହିଁ । ବହୁତ ପରିଶ୍ରମ କରି ମୁଣ୍ଡ ଘଷିଲେ ଓ କଲମ ଘେଷିଲେ ଯାଇ ଭଲ ଲେଖକ ହୋଇ ପାରିବେ । ଅବଶ୍ୟ ପ୍ରକୃତି ଗତ ମୌଳିକତା ଯାହାର ଥିବ ତାହା-କଥା କିଆରା ।

ଉଗନାରେ ବାହାର ଥିବା ଗଳ୍ପ ଗୁଡ଼ିକ ମୋଟରେ ଭଲ ହୋଇଛି ମୋ ମତରେ । ଆପଣଙ୍କ ପ୍ରକାଶ ଭଙ୍ଗି ( expression ) ଖୁବ୍ ସରଳ ଓ ସ୍ୱଚ୍ଛ । Style ମଧ୍ୟ ସ୍ୱାଭାବିକ (natural) । ଯେତେ ବେଶି ଲେଖିବେ

ତାହା କ୍ରମେ ଅଧିକ ମାର୍ଜିତ ହୋଇ ଉଠିବ ଯେପରି ମାଜିଲେ ଧାତୁ ଦ୍ରବ୍ୟ ଝଲେ । ଏଇଟି ମନେ ରଖିଥିବେ । ତେବେ ସବୁକଥା ଚିଠିରେ ଲେଖି ବୁଝାଇବା ଅସମ୍ଭବ । ପ୍ରତ୍ୟକ୍ଷ କଥା-ବାର୍ତ୍ତାର ସୁଯୋଗ ମିଳିଲେ ଅନେକ କଥା କହି ହୁଅନ୍ତା । ହଁ, ଲକ୍ଷ୍ୟ ରଖିଥିବେ ଯେପରି humour ଲେଖୁ ଲେଖୁ Vulgar ହୋଇ ନଯାଏ । ସବୁ ଲେଖା ଯେ ଭଲହେବ ତା'ର କୌଣସି ମାନେ ନାହିଁ । ମାତ୍ର ଛାଡ଼ିବେ ନାହିଁ । ଲେଖିଯିବେ । ଭଲ ମନ୍ଦର ମାପକାଠି ଲେଖକ ଠାରେ ନ ଥାଏ । ପାଠକ ବା କାଳ ତାହା ବିଚାର କରେ । ଲେଖକ ସେଥିପାଇଁ ଦାୟୀ ନୁହେଁ ଏବଂ ସେଥିପାଇ ଲେଖକର ଦୁଃଖ କରିବାର ବା ହତାଶ ହବାର କିଛି ନାହିଁ । ଆପଣ ଲେଖି ଯାଆନ୍ତୁ । ଗୁଣ ଥିଲେ ଆପେ ଫୁଟି ବାହାରିବ ।

ହଁ, 'ଲଭ୍ ମ୍ୟାରେଜ' କଥା ଭାଷା ଭଲ ହୋଇଛି । . କି

(ଜଗର ସୁପରିଚିତ ମଜାଗପ ଲେଖକ—ଗ: ନା: ସା:)



ଶ୍ରୀ ଗଜେନ୍ଦ୍ର ନାଥ ସାମଲ

ମୋ ମନେହୁଏ Puttiug ଟା artist ହୋଇ ପଡ଼ିନାହିଁ । ଆପଣ ଯେ "ମଜାକ

(ଅବଶିଷ୍ଟାଂଶ ୧୧ ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com



ଶୁଳ୍କ, ଦୁଲ୍କ, ବୁଲ୍କ, ଫୁଲ୍କ, ଗୋଲ୍କ ଚୁଲ୍କ ଏମିତି ସାତଟିଅ । ମୁଁ ଗପ ଟିଏ ହେଲେ ତା ଭାଗ୍ୟରେ ଥାଆନ୍ତା, କମାନ୍ଦ୍ୟୁରେ ଟିଏ କରଦେଲେ ଠିକ୍ ଗୋଟାଏ ପାହାଚ, ଯଦି ଯେମିତି ସେ ପାହାଚ ଉପରେ ଜଣେ ସିଧା ଦେବାଳିଆ ରାଜ୍ୟକୁ ଉଠି ଚାଲିଯିବ । ପ୍ରତି ଘର ଚୁଅଣି ବେଳକୁ ଗୋଟାଏ ଟିଏ । ସାତଟିଅ ବାଦ ଯେତେବେଳେ ଥୁକୁଲ ଲାଗି ପଡ଼ିଲା ହରି କନଷ୍ଟବଲ ଟେରେ ଟିକିଏ ନିଶ୍ୱାସ ନେଲା । ଦରମା ବୋଲି ମୋଟେ ଚାଳିଶ ପଚିଶ ଟି ଟଙ୍କା । ଉପୁରି ଯେ କିଛି ନମିଳେ ତାନୁହେଁ । ସକାଳ ଓ ସନ୍ଧ୍ୟାରେ ନଈ କୂଳରୁ ବୁଲି ଆସିଲେ ତା ପାଖ ଆଗନ ଧୂଳିରେ ବାଲ ହାଗୁରି ମାନେ ଦେଇ ପଇସା । ପକାନ୍ତି । ଗାଁରେ ସେ ବେଗର ଆଲୁଅ ବାନ୍ଧ

## ଘୁସ୍

ସାଇକଲ ଚଲାଳିମାନେ ଦଶ କୋଡ଼ି ଭେଟି ଦିଅନ୍ତି । ଏମିତି ସବମୋଟ ତାହାର ମାସିକ ଆୟ ହାରାହାରି ଷାଠିଏ ଟଙ୍କା ଭିତରେ । ଏଥିରୁ ଦିନକୁ କେବଳ ଚାଉଳ ବାବତ ଟଙ୍କାଏ, କାଠ, ତେଲ, ଲୁଣ ଓ ମସଲା ସବୁ ବାବତ ଚାରିଅଣା, ନ୍ୟୁନ ପଇସା ଯତେ ତଥାପି ସଞ୍ଚିବାକୁ ସେ ଚେଷ୍ଟା କଲେହେଁ ତାହା ଡାକ୍ତର ବୈଦ୍ୟଙ୍କ ହାତରୁ ରକ୍ଷା ପାଏ ନାହିଁ, ଯେମିତି ଟିକିଏ ଟିକିଏ ହୋଇ ଗଢା ଥିବା ଉଇହୁଙ୍କାଟି କାଳିଆ ପଥର ଶିଙ୍ଗ ଗଳି କଲା ବେଳେ ଏକାବେଳେକେ ଉସ୍ କରି ଭାଙ୍ଗି ଯାଏ । ସେହିପରି ହରିର ସଞ୍ଚିତ ଚାରି ଚାରି ଅଣା ପାଞ୍ଚ ପାଞ୍ଚ ଅଣା ଯୋଗାଡ଼ବେଳେ ଏକାଠି ହୋଇ କିଛି ଟଙ୍କାରେ ପରିଣତ ହୋଇଯାଏ ଠିକ୍ ସେତିକି ବେଳେ ତା ଝିଅ ମାନଙ୍କ ଭିତରୁ କାହାକୁ ଅଗଣ୍ଡି ବାଧେ କାହାକୁ ଖୁଦୁଡ଼ି ଖାଏ, କାହାକୁ ପିତ୍ତଳାମାରେ ଓ କାହା ନାକରୁ ଝର ପୂଜ ବୁହେ । ବାପ୍ ଡାକ୍ତର ପଣ୍ଡିତ ଏକାଳୁହାଳକେ ସବୁ ଶେଷ । ବରଡ଼ ବା ବାଘୁଣିର ଛୁଆ ଯେତେବେଳେ ମା ଦୁଧ ଛାଡ଼ି ଭଲ ହୋଇଯାନ୍ତି ସେତେବେଳେ ବାଘୁଣି ବା ବରଡ଼ ବଡ଼ ଭୟଙ୍କର ହୁଅନ୍ତି । ପିଲାକୁ ଶିକାର ଯୋଗାଇବା ଲାଗି ଏମାନେ ଅତି ଦୁଃସାହସରେ ଶିକାର କରନ୍ତି । ଠିକ୍ ଏହିପରି ଯେତେବେଳେ ହରିର ପିଲା, ମାନଙ୍କ ପାଇଁ ଔଷଧ ପୋଷଧ ବାବଦରୁ ଟଙ୍କା ଦରକାର ଦରକାର ପଡ଼େ ସେତେବେଳେ ହରି ଭୟଙ୍କର ହୋଇ ଉଠେ । କାଠଯୋଡ଼ର କାଳିହାଗୁଡ଼ି ରାସ୍ତା ମୁହଁରେ ଓ ବେଗର ଆଲୁଅ ବାଲା ସାଇକଲ ଚଲାଳିମାନେ ପ୍ରମାଦ ଗଣନ୍ତି । କୌଣସି ପ୍ରକାର ହରିର ଗୁଳବଣ ମେଣ୍ଟିଯାଏ । ଜମ୍ବୁ ବ୍ୟବସ୍ଥା ନହେଲେ ସରକାରର ଲୋକମାନଙ୍କ ଠାରୁ ଜବରଦସ୍ତି ପଇସା ଆଦାୟ କରନ୍ତି । ଲୋକଙ୍କ ସମ୍ପତ୍ତି ଦଖଲ କରନ୍ତି । ହରି ପିଲାମାନଙ୍କର ଚିକିତ୍ସା ବ୍ୟବସ୍ଥା ପାଇଁ ଏ ପ୍ରକାର ଶୁଳ୍କ ଆଦାୟକୁ ଯଦି ଘୁସ ବୁଝାଯାଏ ତେବେ ବାଧ୍ୟ ହୋଇ ହରିକୁ ଗୋଟିଏ ଘୁସଖୋର ବୋଲି କୁହାଯିବ । ସହର ବାସିଏ ମଧ୍ୟ ତାକୁ ଏହି ପଦରେ ଭୂଷିତ କରିଥିଲେ । ନ୍ୟୁଟନଙ୍କ କୁକୁର ପ୍ରଦୀପଟି ପକାଇ ଦେବାରୁ ବର୍ଷ ବର୍ଷ ପରିଶ୍ରମ କରି ଲେଖିଥିବା ତାଙ୍କ ଗ୍ରନ୍ଥଟି ପୋଡ଼ି ଯାଇଥିଲା । ନ୍ୟୁଟନ୍ କିନ୍ତୁ ଏଥିରେ ବିଚଳିତ ହୋଇ ନଥିଲେ ବୋଲି ଅସୀମ ଧୈର୍ଯ୍ୟର ନମୁନା ବୋଲି ଖ୍ୟାତି ଲଭିଥିଲେ । କିନ୍ତୁ ଆମ ହରି ଧୈର୍ଯ୍ୟ ଗୁଣରେ ନ୍ୟୁଟନଙ୍କ ଠାରୁ ଢେର ଢେର ଉପରେ, ଦୈନନ୍ଦିନ କର୍ମ କ୍ଳାନ୍ତିର ଅପନୋଦନ ପାଇଁ ଯେତେବେଳେ ହରି ଘରେ ଟିକେ ଆରାମ ନେବାକୁ ବସେ ସେତେବେଳେ ତା ସ୍ତ୍ରୀ ଛୁଆ ଗୁଡ଼ାକୁ ତାକୁ ହାତୁଡ଼ି ଦେଇ ନିଜ କାମରେ ଲାଗିଯାଏ । ହରିର ଅସୀମ ଧୈର୍ଯ୍ୟର ସହିତ ପିଲାମାନଙ୍କର କାମ ତୁଲାଉଥାଏ । କାହା ନାକରୁ ସିଙ୍ଘାଣି ପୋଛି ପୋଛି କରେ ହରି ଲେସି ହେଲାଣି ତାକୁ ସଫା କରୁ କରୁ କଏ ଛୁଆ ଉପରେ ଟିଏ ହୋଇ ପାଣିକି ଗୁହାଁ ଲାଣି ! ବଜାର ବେଗରେ ଧାଇଁ ଯାଇ ତାକୁ ପୋଷାକ ଆଣିଲା ବେଳକୁ ସ୍ନାନେ ଦୁଇଜଣ ଗୋଟିଏ ଗୋବର କୁଣ୍ଡାଇ ପାଇଁ ଛିଡ଼ା ଛିଡ଼ି କାମୁଡ଼ା କାମୁଡ଼ି ହୋଇ କନ୍ଦାକଟା ହେଲେଣି । ତାଙ୍କ ହାଁ ହାଁ କରି ଛଡ଼ା ଛଡ଼ି କଲାବେଳକୁ କଏ ଲଣ୍ଠନଟି ମାଡ଼ାଇ କାଚ ଭାଙ୍ଗି ସାରିଲାଣି । ସାନ୍ଦ୍ରେ ଗୁହାଁ ଆରେ କଅଣ ବେଳ କରୁ କରୁ ସ୍ନାନେ ଜଣେ ପିଣ୍ଡା ଉପରୁ ଗଡ଼ି ପଡ଼ି ହେଁ ହେଁ କନ୍ଦା ଛାଡ଼ିଲାଣି ! ସବୁଆଡ଼ୁ ଧକ୍କା ଧକ୍କା କାମ ତୁଲାଇ ତୁଲାଇ ଯେତେବେଳେ ଥକ୍କା ମାରିଯାଏ ସେତେବେଳେ ଶୁଳ୍କବୋଡ଼ ଦରଜା ଆସି ସାହାଯ୍ୟ କରେ । ଏହିପରି ଦିନଗୁଡ଼ାକ କୌଣସି ମତେ ଚାଲିଯାଏ । ମାଲି ଗୋଦାମର ଚାରି ପାଞ୍ଚଟା ଟ୍ରେନ୍ ବାରବାର ଖବରରେ ଲକ୍ଷ୍ମୀଦେବୀ ତା

ଲେଖକ—ଶ୍ରୀ ଫତୁରାନନ୍ଦ

ପ୍ରତି ପ୍ରସନ୍ନ ହୋଇଗଲେ । ତାଙ୍କର ପ୍ରସାଦ ଓ ଅଉ କିଛି ଠାର ଉଧାର କରି ଶୁଳ୍କର ବାହାଘର କାମଟା ଉଠେଇ ଦେଲା । ଯୋଗାଡ଼ ଯନ୍ତ୍ର କରି ତାକୁ ଯେତେବେଳେ ଶାଶୁ ଘରକୁ ପଠାଇ ଦେଲା, ସେତେବେଳେ ଦୈନିକ ଦେଢ଼ପା ଚାଉଳର ଖର୍ଚ୍ଚ କମିଲା !

÷ × ÷

କିନ୍ତୁ ହରିକଣର ମଜା ଟିକେ କମିଲା । କାରଣ ଶୁଳ୍କଟି ସବୁ ଘର ଧନ୍ଦାରୁ ଅଧେ ଚଳାଉ ଥିଲା । ତା କାମତକ ଏ ମାନଙ୍କୁ କରିବାକୁ ପଡ଼ିଲା କିନ୍ତୁ ହରିର ସାଉକୁ ଚିନ୍ତା ନ ଥାଏ । ସେ ଭାବୁଥାଏ କୌଣସି ମତେ ବଳି ଛଅ ଜଣଙ୍କୁ ବିଦାୟ କରିଦେଲେ ସେ ଟିକେ ଝାଡ଼ ଝୁଣ୍ଡ ହୋଇ ବସିବ । କିନ୍ତୁ ସେ ଶୁଳ୍କକୁ ଯେତିକାଳ ପରିଶ୍ରମ କରି ବିଦାୟ କରିଛି ସେହି ପରିଶ୍ରମ ଅନୁପାତରେ ଗଣନା କରି ସେ ଯେତେବେଳେ ଅବଶିଷ୍ଟ ଅଙ୍କକୁ ଗୁଣେ ସେତେବେଳେ ତାକୁ ଦୁଇ, ଦୁଇ ଶହ ଝାପସା ହୋଇ ମଳିଳ ଟିକେ ଦେଖେଇ ଦିଏ । ବାପ ଛଅଜଣଙ୍କର ସଭା ଜଣେ



Digitized by srujanika@gmail.com

ପଢ଼େ ନାହିଁ । ଖବର କାଗଜ ଉଠେଇ କରି ଚାହିଁଲେ ସେ ଦେଖେ ଶ୍ମଶାନରେ ତାର ଶବ ଧୂ ଧୂ ହୋଇ ଜଳୁଛି । ବାକି ଗୁଡ଼ାକର ବିଷୟ ଭାବି ଖାଲି ଫଁ—କରି ଗୋଟିଏ ନିଶ୍ୱାସ ଛାଡ଼େ । ପୁଲିସ ଚାକିରି, ସେ ଫଁ ନିଶ୍ୱାସକୁ ଡର ନାହିଁ । କାମରେ ଲାଗିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ ବେଶୀ ଭୁଲିଯାଏ ଗୋଟିଏ ବାଲ ହବୁଗ କମ୍ପା ଲଇନ୍ ବେଗମ ବାଲା ସାଇକେଲ ଚଲାଇବା ହାତରେ ପାଇଲେ ।

\+ + +

ସେ ଦିନ କାର୍ଯ୍ୟାନ୍ତରରେ ହରି ଏସ୍, ଡି, ଓ ଙ୍କ ଘରକୁ ଯାଇଥିଲା । ଏସ୍. ଡି. ଓ ଙ୍କ ଅଫିସ ବାହାଘର ଖୁବ୍ ନିକଟରେ ହେବାର ଥାଏ । ସେଥିଲାଗି ଖୋଦ ଏସ୍. ଡି ଓ ଜିନିଷ ପତ୍ର ବହିବା ଦବାରେ ଲାଗି ପଡ଼ି ଥାଆନ୍ତି । ହରି ମଧ୍ୟ କେତେ କେତେ ଜିନିଷର ସ୍ଥାନ ଏସ୍, ଡି, ଓ ଙ୍କୁ ବତାଇ ଦେଉଥାଏ । ଏହି ସମୟରେ ଲଛମନ୍ ରାମ୍‌ର ଚାକର ଗୋଟାଏ ବାସି ଜରି ଚାଦରରେ ଘୋଡ଼ା ହୋଇଥିବା ଏକ ବଡ଼ କାଷ୍ଠ ପତ୍ରକୁ ବାବୁଙ୍କ ଟେବୁଲ ଉପରେ ଆଣି ଥୋଇଲା । ବାବୁ କୌତୂହଳୀ ହୋଇ କେଉଁଠୁ ଆସିଲା କେଉଁଠୁ ଆସିଲା ବୋଲି ପଚାରୁଥିବା ସମୟରେ ନିଜେ ଲଛମନ୍ ରାମ ଆସି ବାବୁଙ୍କୁ ରାମ ରାମ କହି ନମସ୍କାର କଲେ । ବାବୁ ମଧ୍ୟ ରାମ ରାମ ପ୍ରତ୍ୟୁତ୍ତର ଦେଇ ଲଛମନ୍ ରାମଙ୍କୁ ବସିବାକୁ କହିଲେ । ତାପରେ କିଛି ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଲା । ହରି କିନ୍ତୁ ମାଛକୁ ବଗ ଚାହିଁଲା ପରି ଥାଳକୁ ଚାହିଁଥାଏ । ବାବୁ ପଚାରିଲେ "ଏ କଅଣ ଲଛମନ୍ ବାବୁ ?

"ଯେ—ଛୋଟ ମିଠାଇ ଆଣିଥିଲି ।"

ଚାକରଟି ଥାଳ ଉପରୁ ଚାଦରଟି ଉଠାଇ ଦେଲା । ପହିଲେ ଗୋଟିଏ କଡ଼କୁ ଦିଶିଲା କିଛି ଛୋଟ ଛୋଟ ସୁନ୍ଦର ଆମ୍ବ, ନାସପାତି, କମଳା, ତାପରେ ସେ କାର ସେ କାର ଲଡ୍ଡୁ, ବାଦାମ, ପେସ୍ତା, କସ୍‌ମିସ୍ ଲଡ୍ଡୁ ଚାରିକଡ଼ ଧାଡ଼ି ଛାଇ ହୋଇ ଯାଇଅଛି । ତା ପାଖରୁ ଟେବଲ ଦିଅ ଦିଲ୍ ଖୁସ୍ । ତା କଡ଼କୁ ଟେନିସ୍ ବଲ ପରି ରସଗୋଲା, ସେତେବେଳକୁ ହରିର ଆଖି ଖୋସି ହୋଇ ଗଲାଣି । ଆହୁରି ବାକି ଅଛି, ହରି ଚାହିଁ ଥାଏ । ଫଳ ଉପରକୁ ଗୋଟିଏ ନେଳ କାଗଜରେ ଗୁଡ଼ା ହୋଇ ଥିବା ଏକ ଚମତ୍କାର ଶାଢ଼ୀ । ହରି ତା ଜୀବନରେ ଏମିତିଆ ଦେଖି ନଥିବ । ଏତିକରେ ଶେଷ ନୁହେଁ । ଶାଢ଼ୀ ପାଖକୁ ଥୁଆ ହୋଇଛି ଗୋଟିଏ ଭେଲ୍‌ଭେଟ କନାର ବାକ୍‌ସ । ଏସ୍, ଡି,ଓ, ନିଜେ ଭେଲ୍‌ଭେଟ ବାକ୍‌ସଟିକୁ ଖୋଲି ଦେଲେ । ଭିତରେ ଗୋଟିଏ ସୁନାର ହାର, ହୀରା, ନୀଳା, ଖଞ୍ଜା ହୋଇ ଭାରି ଚମତ୍କାର ଦିଶୁଥାଏ । ଏସବୁ ଦୃଶ୍ୟ ଦେଖି ହରିର ଆଖି ଖୋସି ହୋଇଗଲା । ଏସ୍,ଡି,ଓ, ଏ ସବୁ ଦେଖି କହିଲେ ଲଛମନ ବାବୁ, ଏ ସବୁର କଅଣ ଦରକାର ଥିଲା ଆପଣ ବୃଥାରେ କାହିଁକି ଖର୍ଚ୍ଚାନ୍ତ ହେଲେ । ଏହାର କେବଳ ଦି ହଜାର ଟଙ୍କା ହେବ ?" ଅବଶ୍ୟ ଏସ୍, ଡି, ଓ, ବାବୁ ଶଶୁର ଘରେ ଭେଟିକାଳ ନେଇ ଖାଇବାରେ ଇଚ୍ଛା ନାହିଁ କହିଲା ପରି କହିଲେ, କି ଅଜ ଭୋଜ ପ୍ରକାରେ କହିଲେ ତା କେବଳ ସେଇ ଜାଣନ୍ତି ।

ଲଛମନ୍‌ରାମ ଗଦ ଗଦ ହୋଇ କହିଲେ, "ବାବୁ ଯେ କେତେବା ଜିନିଷ, ଇସ୍‌କୋଭ ହାମର ଲଡ଼କି, ହାପଣଙ୍କ ଲଡ଼କି ପାଖକୁ ପଠାଇଛି । ହାପଣଙ୍କ ଲଡ଼କି କଣ ହାମାର ଲଡ଼କି ନୁହେଁ । ହାପଣଙ୍କୁ ହାତ ଯୋଡ଼ୁଛି ହମ୍ ଲଡ଼କିକା ସୌକ୍‌ଟା ଭାଙ୍ଗି ଦିଅନ୍ତୁ ନାହିଁ ।" ଏସ୍,ଡି,ଓ, ବ ପିଲାର ମନ ଭାଙ୍ଗି ଯିବ ବୋଲି ଭାବି ଆଉ ଦ୍ୱିରୁକ୍ତି ନକରି ଚାକରକୁ ଜିନିଷ ଗୁଡ଼ିକ ଘର ଭିତର ଆଡ଼େ ନେଇ ଯିବାକୁ କହିଲେ । ହରି କନେଷ୍ଟବଲର ମୁଣ୍ଡ ଘୂରି ବୁଲିଗଲା । ତାର ଝିଅଟି ବଡ଼ସ ଶଶୁ ଘରୁ ଅଳ୍ପଦିନ ହେଲା ଆସି ତା ଘରେ ମାଷେ ହବ ଅଛି । ତାର ମଧ୍ୟ ସାତ ମାସ ଗର୍ଭ, ଝିଅ ସେହିଠାରେ ଠିଆ ହୋଇ ସ୍ୱପ୍ନ ଦେଖୁଥାଏ । ତା ହାତରେ ଏସ୍,ଡି,ଓ, ପଞ୍ଚଟିକୁ ଟେକି ଦେଇ କହିଲେ ଝିଅ ନିଅ ଏହା ତମା ଅପେକ୍ଷା ତୁମର ବେଶି ଦରକାର ଭଗବାନ ମୋତେ ଯାହା ଦେଇଛନ୍ତି ତା ମୋ ପକ୍ଷେ ପର୍ଯ୍ୟାପ୍ତ । ହରି ଅତି ଆନନ୍ଦରେ ପରାଟା ନେଇ ଘରେ ଯାଇ ପହଞ୍ଚିଲା ।

ସାତ ଝିଅ ତାକ ଆସି ପରାଟକୁ ଘେରିଗଲେ । ସୁଲୀ ବୋଉ ସମସ୍ତଙ୍କ ହାତକୁ ମିଠେଇ ଆମ୍ବ ବଢ଼େଇ ଦେଉଥାଏ । ହରି ସୁଲୀ ବୋଉକୁ ତାଗିଦ୍ କରି କହିଲା" ଦେଖ ସୁଲୀକୁ ଖାଲି ରସଗୋଲା ଦିଅ । ଆମ୍ବରୁ ବେଶି ଦିଅ ନାହିଁ । ଛଚଡ଼ାଏ କାଟି କରି ଦିଅ । ବେଶି ଖାଇଲେ ତା ଦେହରେ ଯିବ ନାହିଁ । ପିଲାପିଲା ବ ଘେରି ପାଟି କରୁଥାନ୍ତି ବାପା ଏମିତିଆ ଜିନିଷ ଆମେ କେବେ ଖାଇ ନାହୁଁ । ତାପରେ ପିଲାଙ୍କୁ ବୁଝେଇ ସୁଝେଇ ଦେଇ ସୁଲି ବୋଉକୁ ସେ ଶାଢୀ ଓ ହାରଟା ପିନ୍ଧିବାକୁ କହିଲା । ସୁଲୁ ବୋଉ କହିଲା ନାହିଁ ଆଉ ମୁଁ ତ ବୁଢ଼ୀ ହେଲିଣି ମୋର ଗୋଟାଏ କି ସଉକ ମ, ସେତକ ସୁଲୀ ପାଇଁ ଥାଉ । ସୁଅ ପାଳ ବେଳକୁ ପିନ୍ଧିକରି ଯିବ । ସୁଲୀ ଏହା ଶୁଣି ଭାରି ଖୁସି ହେଉ ଥାଏ । ସୁଲୀ ବୋଉର ବାରଣ ସତ୍ତ୍ୱେ ହରି ଏକ ଜିଗର ଧରି ଥାଏ "ନାହିଁ ସୁଲୀ ବୋଉ ସୁଲୀ ଗଲା ବେଳେ ସିନା ତାହା ନେଇ କରି ଯିବ ତୁମକୁ ଆଜି ପିନ୍ଧିବାକୁ ହେବ" ଖୁବ୍ ଜିଗର କରିବାରୁ ସୁଲୀ ବୋଉ ସେ ଶାଢୀଟି ପିନ୍ଧିଲା । ହରି ନିଜେ ହାରଟି ଦେଇ ସୁଲୀ ବୋଉ ବେକରେ ପିନ୍ଧାଇ ଦେବାକୁ ଯାଉଛି ଠିକ୍ ଏହି ସମୟରେ ଦୁଇଟି ବଡ଼ ବଡ଼ କାମୁଡ଼ା କାମୁଡ଼ି ହୋଇ ତା ଗୋଡ ଉପରେ ପଡ଼ିଲେ, ଚିତ୍କାର କରି ତା ସ୍ୱପ୍ନ ଭାଙ୍ଗିଗଲା ଓ ସେଠାରୁ ସେ ଏସ୍ ଡି ଓ ଙ୍କ ଆଦେଶରେ କାର୍ଯ୍ୟାନ୍ତରରେ ଅନ୍ୟ ଆଡ଼େ ଚାଲିଗଲା । ସବୁ କାମ ଶେଷକରି ହରି ବସାକୁ ଫେରିଲା । ଘରେ ଆସି ଦେଖେତ ହୁଲ ସ୍ଥୂଳ କାଣ୍ଡ । ସୁଲୀର ଗୋଡ ଖସିଯାଇ କଚଡ଼ି ହୋଇ ପଡିବାରୁ ତା ଅଣ୍ଟାରେ ଖୁବ୍ ଜୋର ମାଡ ବସିଛି, ସେ ରାତିସାରା ଦରମରା ହୋଇ ପଡ଼ିଛି । ସୁଲୀବୋଉ ତା ଅଣ୍ଟାରେ ହାତ ବୁଲାଉ ଅଛି । ହରିକୁ ଦେଖିଲାକ୍ଷଣି ବଡ଼ ପାଟିରେ କହିଲା "ଚାଲ ଡାକ୍ତର ଟାଏ ଡାକିଆଣ ।" ଯନ୍ତ୍ରଚାଳିତ ପରି ହରି ଡାକ୍ତର ଡାକିବାକୁ ଗଲା । ଡାକ୍ତର ଆସିଲେ, ଶେଷକୁ ସୁଲୀ ଭଲ ହେଲା । କିନ୍ତୁ ହରିର ହାତ ପାଣି ସବୁ ସଫା ହୋଇ ତେହେରୁ ବିଛି ଅଧିକ ଉଧାର ହୋଇ ବ ଗଲା । ପ୍ରସବ ସମୟରେ ଅନ୍ତତଃ ଦୁଇ ଶ ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଡାକ୍ତରଙ୍କ କଥା ବାର୍ତ୍ତାରୁ ଅନୁମାନ କରିପାରୁ ଥିଲା ।

\+ + +

ସେହିଦିନ ସନ୍ଧ୍ୟାବେଳେ ହରି ବଡ଼ପିଣ୍ଡା ଉପରେ ବସି ଆଉ ଥରେ ଦୁଇଶ ଟଙ୍କା କେଉଁଠୁ ମିଳିବ ସେ ବିଷୟ ଭାବୁଛି । ଏହି ସମୟରେ ତାର ସାଙ୍ଗ କନେଷ୍ଟବଲ ମଦନ ଆସି ପହଞ୍ଚିଲା । ତାକୁ ଦେଖି ହରି ତାର କରଜ ବୃତ୍ତାନ୍ତ ସବୁ କହିଲା ଏବଂ ଦୁଇଶଟଙ୍କା କପରି ମିଳିବ ତାର ଉପାୟ ଖୋଜି ବସିଲେ । କିଛି ସମୟ ବାଦ ହରି ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା, ତାର ନଜର ପଡ଼ିଲା ଲଛମନରାମ ଠି । ସେହି ଲଛମନରାମ ତ ଏସ୍ ଡି ଓଙ୍କ ଝିଅ



Digitized by srujanika@gmail.com

ସୌଖୀନ ପାଇଁ ହଜାରହଜାର ଟଙ୍କା ଖର୍ଚ୍ଚ କରି ପାରନ୍ତି ତାହାହେଲେ ମୋ ଝିଅର ପ୍ରାଣ ରକ୍ଷିବା ଲାଗି ଲକ୍ଷ ମାଗିଲେ କିଛି ନଦେବେ ବା କାହିଁକି? ଏଣୁ ଭାବି ମଦନକୁ ଲଛମନରାମର ସମସ୍ତ ବିଷୟ କହିଲା ଓ ଲଛମନରାମ ପରି ଦାଗୀ ଚୋର ଓ ଚତୁର ଲୋକ ଦୁନିଆରେ ବିରଳ ବୋଲି, ମତ ପ୍ରକାଶ କରିଥିଲା। ସମସ୍ତ ବିଷୟ ଶୁଣିସାରି ମଦନ ହୋ ହୋ କରି ହସି ପକାଇ କହିଲା "ବୋଉ ସାହାବଟା ଗଞ୍ଜେଇ ଖାଇ ତତେ ଫୁଲିସ ଚିଜ କରି ଦେଇଥିଲା। ଆରେ ଓଲୁ ଏସ୍, ଡ଼, ଓ ହାତରେ ତାର ଜୀବନ ନାଟିକା ଅଛି, ତାକୁ ହାତରେ ନରଖିଲେ ତାର ଗତି କେତେକ। ଆଗରୁ ଏସ୍, ଡ଼, ଓ ର ହାତ ମୁଠାରେ ଟିକଣା ରଖିଥିଲେ ଭବିଷ୍ୟତ ଆପଦ ବିପଦ ବେଳରେ ସେ ସହାୟ ହେବେ। ଏସ୍, ଡ, ଓଙ୍କ ହାତ ତ ଟାଣ ଥିବ। ସେ କିଛି ଦୋଷ ପାଇ ତାକୁ ଧଇଲେ ସେ ଖସିଯିବ। ଆରେ ଓଲୁଙ୍କ ବୁଦ୍ଧି ବୁଢ଼ା ଗଲୁ ହେଲୁ ଲଛମନ ରାମଠୁ କେତେ ଟଙ୍କା ଆଣିବୁ, ତୋ ଝିଅ ପାଇଁ ତ ଖର୍ଚ୍ଚ ହେବ। ଆରେ ବୋକା ଅନ୍ୟ ଉପାୟ ଦେଖ" କହି ମଦନ ଚାଲିଗଲା। ହରିର କିନ୍ତୁ ଧାରଣା ଥାଏ ଲଛମନରାମ ନିଶ୍ଚୟ ଦେବ। ଦି ଚାରିଦିନ ଅନୁସନ୍ଧାନ ପରେ ଲଛମନରାମର ଦେଖାପାଇ ହରି ନିଜର ପ୍ରାର୍ଥନା ଜଣାଇଲା। ଲଛମନ ସବୁ ଶୁଣିସାରି କହିଲା "ହାମେ ଏତନା ତକଲିଫ୍ କରି ବେପାର କରୁଛୁ କ'ଣ ରୁପୟା ବାଣ୍ଟିବାକୁ, ଭିଖ୍ ମାଗୁଛ ତ ଚାରିଅନା ପୈସା ଲିଅ।" ହରିର ଗୋଡ଼ ତଳୁ ମାଟିଗୁଡ଼ା ଭୁସୁଡ଼ି ପଡ଼ିଲା ପରି ଲାଗିଲା। ସେ କ୍ରୋଧରେ ଘରକୁ ପଳାଇ ଆସିଲା। ବାଟରେ ବରଷା ଖୁବ୍ ମାଡ଼ିଲା। ବାଲି ହାଓ୍ୱା, ସନ୍ତା ମୁହାଁ, ବେଗରେ ଲାଗିଥିଲା ବହୁତ ଶୀକାର ଦେଲେ। ବାଘୁଣୀର ମନ ଏଥିରେ ସନ୍ତୋଷ ନଥାଏ। ସେ ଖୋଜୁଥାଏ ମୋଟାଏ ବଡ଼ ଶୀକାର। ମନକୁ ଚାହିଁ ଫଳ ମିଳିଗଲା, ଶୀକାର ଜୁଟିଗଲା। ଦିନେ ହରି ମାଲ ଗୋଦାମ ହକ୍ ପାଖରେ ରାତି ପ୍ରାୟ ଗୋଟାଏ ବେଳେ ଦେଖିଲେ ଗୋଟିଏ ଡଙ୍ଗା ଉପରେ ଚଢ଼ାଉ କଲା। ସେ ଡଙ୍ଗାରେ ଥିଲା ଧାନ। ଯେପରି ରସିଆନେ ପେପର ଗୋଟିଏ ଜିନିଷରୁ ସମ୍ପୂର୍ଣ୍ଣ ଅନ୍ୟପ୍ରକାର ଜିନିଷ ବାହାର କରି ପାରନ୍ତି ସେହିପରି ହରି ସେ ଧାନରୁ ସରୁର ଟିଣ କିରାସିନି ଓ ଚିନିସହ ଯୋଡ଼ ଲଗା ବାହାର କଲା। ଧାନର ସ୍ଥାନ ପରମଟ୍ ଭିତରେ ଏମାନେ ଗୁଞ୍ଜି ଗାଞ୍ଜି ହୋଇ ପଳାଇ ଥିଲେ। ସେଠାରେ ହାଲେ ହୋଇ ପଡ଼ିଗଲା। ବିଜୁଳି ବେଗରେ ଖବର ଲଛମନ୍ ପାଖକୁ ଗଲା। ଖୋଦ୍ ସେଠଜୀ ସେଠ-ରେ ପହଞ୍ଚିଲେ। ଲଛମନ୍‌ରାମ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ହରି କହିଲା "ସେଠଜୀ। ବେପାରରେ ଏହିପରି ବହୁତ ତକଲିଫ ଉଠାଇବାକୁ ପଡ଼େ ଓ ବହୁତ ଖଇରାତ କରିବାକୁ ପଡ଼େ। + —

ତିନିଶହ ଟଙ୍କାରେ ରାଜି ହୋଇ ହରି ଡଙ୍ଗା ଛାଡ଼ି ଦେଲା; ଲଛମନ୍‌ରାମ୍ କହିଲା "ସିପେଇ ଭାଇୟା ଆଉ ଏତେ ରାତି ହେଲାଣି କାଲି ସକାଳେ ହାମର ଘରକୁ ଯିବ, ହାମେ ରୁପୟାଟା ଦେଇ ଦବୁଁ" ବ୍ୟବସାୟୀ ମାନେ ଜବାବରେ ଖିଲାପ କରନ୍ତି ନାହିଁ ଭାବି ହରି ରାଜି ହୋଇ ଘରକୁ ଫେରିଲା। ଖବରଟା ସେତେବେଳେ ହରିର ଘରେ ଚାଞ୍ଚଲ୍ୟ ସୃଷ୍ଟି କଲା। ସାଙ୍ଗେ ସାଙ୍ଗେ ବଜେଟ ତିଆରି ସୁରୁ ହୋଇ ଗଲା। ହରିର ଭାରି ଇଚ୍ଛାଥିଲା ଧାଡ଼ୁ ବଜାରରେ କିଛି ଟଙ୍କା ଖର୍ଚ୍ଚ କରିବାକୁ, କିନ୍ତୁ ଶୁଳୀ ବୋଉ ଘୋର ପ୍ରତିବାଦ କରି ଟଙ୍କା ସ୍ୱାସ୍ଥ୍ୟ ଓ ଅତ୍ୟାବଶ୍ୟକୀୟ ବିଭାଗରେ ଘୋର ଅଭାବ ବୋଲି ଦର୍ଶାଇ ଧାଡ଼ୁବିଭାଗ ଖର୍ଚ୍ଚକୁ ନାକଚ୍ କରିଦେଲେ। କୌଣସି ମତେ ସକାଳ ହେଲା। ହରି ଶୀଘ୍ର ଆଣିବାକୁ ଗଲା। ଅନ୍ୟମାନେ ଘରେ ଆନନ୍ଦରେ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କଲେ। ଲଛମନ ରାମ ଘରେ ପହଞ୍ଚିବା ମାତ୍ରେ ସେ ହରିକୁ ତିନି ଖଣ୍ଡ ନୂଆ ଦଶଟଙ୍କିଆ ନୋଟ ଧରାଇ ଦେଲା। ହରି ନୋଟ ଗୁଡ଼ା ଭଲ କରି ଗଣି ଦେଖିଲା। ପ୍ରତ୍ୟେକ ନୋଟ ନୂଆ। କେଉଁଠି କଣରେ ଗୋଟାଏ ଲେଖାଏ ଦସ୍ତଖତ୍ ଛଡ଼ା ଆଉ କୌଣସି ଚିହ୍ନ ମଇଳା ଦାଗ ନଥାଏ। ହରି ଖୁସିରେ ନୋଟଗୁଡ଼ିକ ପକେଟରେ ପୁରାଇ ତା ଘରୁ ବାହାରିବା ମାତ୍ରେ ଆଗରେ କେତେ ଜଣ ଲୋକଙ୍କୁ ଦେଖି ଥକ୍କା ହୋଇ ଠିଆ ହୋଇ ଗଲା। ପଛରେ ଦେଖିଲା ଅବାଞ୍ଛ ସୁଟକେ ମୁରୁକି ହସା ଦେଇ ଠିଆହୋଇଛନ୍ତି ଲଛମନ୍ ରାମ। ସେହି ଲଛମନ୍ ରାମ ଯେ ସାପଠୁଁ ବେଶୀ ଅବିଶ୍ୱାସୀ, ବିଲୁଆଠୁ ବଳି ଚତୁର ଓ ବାଘଠୁଁ ବଳି ଭୀଷଣ। ହରି ତା ଘରକୁ ଯିବା ପୂର୍ବରୁ ସେ ଏସ୍, ଡି ଓ ଓ ଏନ୍ ଫୋରସ୍ ମେଣ୍ଟ ବିଭାଗକୁ ଜଣାଇ ଜାଲ ବିଛେଇ ରଖିଥିଲା ଖୋଦ ଏସ୍ ଡ ଓଙ୍କ ଦସ୍ତଖତ୍ ଥିବ ଓ ନମ୍ବର ଟିପା ହୋଇଥିବା ତିନିଖଣ୍ଡ ଦଶଟଙ୍କିଆ ନୋଟ ଲଛମନ୍‌ରାମ ପାଖରେ ରଖା ହୋଇ ଥାଏ।

\+ ÷ +

ବହୁତ ଡେର ପର୍ଯ୍ୟନ୍ତ ଶୁଳୀ ଓ ତା ବୋଉ କଥାବାର୍ତ୍ତା ହେଉଥାଆନ୍ତି—"ବାପା-ଙ୍କର ଏତେ ଡେରି କାହିଁକି ହେଉଛି ମ", "ଭଲ ପଚାରୁଛୁ, ହଉ ତୋର ଏବେବେଳେ ତିନିଶ ଟଙ୍କା ପଡ଼ିଛି। କିଣା କିଣିର ଧୂମ୍ ଚାଲିଥିବ। ହାରଟାଏ ଆଣିବାକୁ ଏକା ଜଗର୍ ଲଗାଇଥିଲେ, ଖୁବ୍ ବୁଝେଇ ସୁଝେଇ ମନା କରି ଦେଇଥିଲି, ଯେମିତିଆ ଏବେ ଝିଅ ଲୋକ ସେକଣ ମାନନ୍ତି?" "ହଉ ମ ମୋର କଣ ବୟସ ଅଛି ଯେ ମୁଁ ପିନ୍ଧିବି।" "ନାହିଁ ଲୋ କିଛି ଦିନ ପିନ୍ଧିବୁ, ତା ପରେ ମତେ ଦେବୁ, ହେଲେବି ତ ବାପ ଆସିଲେଣି, ବାପା, ବାପା, କଅଣ ଆଣିଛ?" ଗମ୍ଭୀର ଭାବରେ ହରି ଉତ୍ତର କଲା "ଗାଡ଼ା ଆଣିଛି ସେଥିରୁ ତୁମ୍ଭ-ମାନଙ୍କୁ ଜାଣିବାଏ ପୁଅ ସ୍ୱଗ ଦେବାକୁ ଚାହେଁ ନାହିଁ।" ସୁଳୀର ମନଟା ଭାଙ୍ଗିପଡ଼ିଲା। ସୁଳୀ ବୋଉ ହରିର ଶୁଖିଲା ମୁହଁ ଦେଖି ପ୍ରମାଦ ଗଣିଲା। ଏହିସମୟରେ ହରିର ଆଖିରୁ ଦୁଇଧାର ଲୁହ ଛୁଟି ଯାଇ ତାର ଗାଲକୁ ଛନ୍ନାଇ ଦେଲା। ସୁଳୀ ବୋଉ ବ୍ୟସ୍ତ ହୋଇ ପଚାରିଲା "ଏଁ, କାନ୍ଦୁଛ?"—କଥାଟା ସେମାନଙ୍କୁ ଅଜଣା ରହିଲା ନାହିଁ। ×

÷ +

ଆଜି ରାୟର ଶେଷଦିନ,—ଯେଉଁ ଏସ୍ ଡି ଓଙ୍କ ଘରେ ସେ ଠିଆ ହୋଇ ସ୍ୱପ୍ନ ଦେଖିଥିଲା, ଯେଉଁ ଏସ୍ ଡ ଓଙ୍କ ଦସ୍ତଖତ୍ ଥିବା ନୋଟ୍ ନେଇ ସେ ଗିରଫ ହୋଇଥିଲା ସେହି ଏସ୍ ଡ ଓ ରାୟ ଶୁଣାଇ ଦେଲେ। ହରିକୁ ଦେଢ଼ ବର୍ଷ ଜେଲ ଓ ପାଞ୍ଚଶହ ଟଙ୍କା ଜୋରିମାନା। ରାୟ ଶୁଣି ହରିର ମୁଣ୍ଡ ବୁଲାଇ ଦେଲା। ଚାରିଆଡ଼ ତାକୁ ଅନ୍ଧାର ଦିଶିଲା। ଆଖି ବୁଜି ସେ ଦେଖିଲା ତାର ଝିଅ ଓ ସ୍ତ୍ରୀ ପେଟ ବିକଳରେ ଇଆଡ଼େ ସିଆଡ଼େ ବୁଲୁଛନ୍ତି ଓ ଅନ୍ତେ ଅନ୍ତେ ଅଦୃଶ୍ୟ ହୋଇ ଯାଉଛନ୍ତି। ସୁଳୀର କାନ୍ଦଣା ସେ ସ୍ପଷ୍ଟ ଶୁଣିପାରି ପ୍ରଚଣ୍ଡ ରାଗ ତାର ତାଳୁରୁ ତଳପା ଯାଏ ତାତେଇଦେଲା। ଡାହାଣ ଗୋଡ଼ରୁ ଜୋତାଟା କାଢି ସାଇଁ କରି ଏସ୍ ଡ଼ ଓଙ୍କ ମୁହଁକୁ ଛାଟିଦେଲା। କଅଁଳିଆ ଏସ୍ ଡ଼ ଓ ଯୋତା ମାଡ଼ ସହନ୍ତି କେତେବେଳେ। ସେହି ଚୌକି ଉପରେ ଅଚେତ ହୋଇ ଢଳି ପଡ଼ିଲେ। ସଙ୍ଗେ ସଙ୍ଗେ ପୁଲିଶ ଗୁଡ଼ାକ ହରିକୁ ତା ହାତରେ ହାତକଡ଼ି ମରାଇ ଦେଲେ। ହରି କିନ୍ତୁ ନଚେଷ୍ଟିତ ବଡ଼ା ଖାଲି କ... ସ୍ୱରରେ ପାଟିକଲା।

"ଏ ଶଳାକୁ ଲଛମନ୍ ରାମ ତା ଝିଅ ସଉକ୍ କରିବ ବୋଲି ଯେଉଁ ଟଙ୍କା ଦେଇଥିଲା ସେ ହେଉଛି ସରକାରୀ ଦରମା ଆଉ ମୋତେ ମୋ ଝିଅର ଜୀବନ ବଞ୍ଚେଇବା ପାଇଁ ଯେଉଁ ଟଙ୍କା ଦେଇଥିଲା ସେ ହେଉଛି ଘୁଷ୍।"



Digitized by srujanika@gmail.com

## ସମ୍ମୁଖ ତାନ

ଲେଖକ—ସୁଧାଂଶୁ ମୋହନ ରାଉତରାୟ

ଶୁଣ ଆଜ ସମୁତ୍ଥାନ୍ !
ଦିଗନ୍ତରୁ ଦୂରୁ ଆସେ ଭାସି ରକ୍ତ-ପିପାସୁ ଗାନ୍ !

ମଣିଷ ରକ୍ତ ଶୋଷିଛି କାଞ୍ଚନ ହସ ବଦନ ଭର,
ତୁମରି ବୁକୁରେ ପ୍ରତି ପଞ୍ଜରେ ଶିହରି ଉଠିଛି ଥର ।

ଛାଗି ନୁହେଁ ସେ ଜନନୀ ପାଇଛି ପାଷାଣ ପାହାଡ଼ ଛାତି,
ପ୍ରତି କ୍ଷୁଧାତୁର ମଣିଷ କାନ୍ଦେ କାନ୍ଦୁଛି ତା'ର ମାଟି ।

ନାଲି ରକ୍ତର କଣ୍ଠେ କଣ୍ଠେ ଗଢ଼େ କଙ୍କାଳ ମାଳ ମାଳ
ମଣିଷ—ମାଲୁ ସେ ସିଂହାସନରୁ ଚଳାଏ ଶାସନ କଳ ।

ଚୁହ ତୁମେ ସବୁ ଚୁହ !
ଅରେ ରୁହ, ତୁମ ବଳ ପରଖିବା, କମ୍ପି ଉଦ୍‌ବେଗ ହୁଅ !

ଯାହା ଥିଲା ଆମ ସବୁତ ନେଇଛ ଦାନରେ ଦେଇଛ ଧୂଳି,
ଲୋକକଳ୍ପ ପେଟରେ ଶୃଙ୍ଖଳ ପିଟିରେ ମୁଣ୍ଡି ବର୍ଷିଛ ଗୁଳି ।

ରକ୍ତ ଦାନବ କେଉଁ ଇଙ୍ଗିତେ ହୋଇଛ ଅପହାରୀ,
ମଣିଷ ପାଟିରୁ କଥା କାଟି ନେଇ, ଦେଇଛ ଅନ୍ଧ କାରା ।

(ଏଇ) ଶାସନ ପ୍ରବଞ୍ଚନା
କେତେ ଦିନ ଆଉ ତାହାରି ରଖିବ ମେଣ୍ଢ ଯେମ୍ନ ପରିଚାଳନା ।

ଜଳିଅଛେ ଦାବାନଳ,
ଲକ୍ଷ ଜନତା ଶପଥ ନେଇଛି ଦୂରେ ଶୁଭେ କୋଳାହଳ ।

ପ୍ରତି ପ୍ରାଣେ ବାଜେ ରଣ ଦୁନ୍ଦୁଭି ନାହିଁ ନାହିଁ ଅବକାଶ,
ସମ୍ମୁଖେ ଅଛି ମଙ୍ଗଳ ଦୀପ୍ତି ଉର୍ଦ୍ଧ୍ୱରେ ମହାକାଶ ।

ଅସାଡ଼ ଭୁଜରେ ମଶାଲ ଜାଳିବେ ଘନ ଦୁର୍ଗମ ପଥେ
ଜାଳି ଦେବ ପିଙ୍ଗ ଶୋଷଣ ପେଷଣ ତାର ଦୁର୍ଜ୍ଜୟ ରଥେ ।

ନ ହୁଅରେ ଆଜ କ୍ଷୁଣ୍ଣ,
ଭସ୍ମ କରିବେ ମାନବ ଗରଳ କାଳ ବାଳୁ ଅଗ୍ନି ପୂର୍ଣ୍ଣ

—†—

## ଜୟଯାତ୍ରା

ଲେଖକ—ବୀଣାପାଣି ବେହେରା

ପୂଜାର ମନ୍ତ୍ର ଶେଷ ହୋଇଲା କିରେ ମହାକାଳ ମନ୍ଦିରେ ?
ଓଁ କାର ଧ୍ୱନି ବାଜଇଛି ଆଜି ଈଶ୍ୱରଙ୍କ ଘରେ ଘରେ ।

ବନ୍ଦୀର ଗୀତ ହୋଇଲା କି ଶେଷ—
ତୁଷ୍ଟ ହୋଇଲେ କି ରୁଷ୍ଟ ମହେଶ—
ସିକ୍ତ ନୟନେ ଭକ୍ତରେ ଆଜି ଗୃହଲେ କି ଅବଧିରେ ?
କାନ ଦେଇ ଶୁଣ ବାଜେ ଚାରିଦିଗେ ବାଜେ ଭୈରବ ଭେରି,
ପବନର ମୁଖେ ତାହାରି ବାର୍ତ୍ତା ଧ୍ୱନିତ ଧରଣୀ ଘେରି ।

ଆଜ ଗତ ଯାଏ ସେ ଶୁଭ ଲଗ୍ନ,
ତୁହ ନାହିଁ ଅଜ ତନ୍ଦ୍ରା ମଗ୍ନ,
ଅରେ ଉଦାସୀନ, ଅରେ କୃତଘ୍ନ ଅନ୍ଧ କି କରିବୁ ଡେରି !
ପୂର୍ବ ଆକାଶୁ ଭେଦି ହୋଇ ଆସେ ପନ୍ଥୁଳ ତପ୍ତ ପ୍ରାଣରେ,
ଅଗ୍ରଣୀ ଯେହ୍ନ ଏକେ ଏକେ ଦେଖ ସ୍ରୋତ ମଧ୍ୟେ ମୋତି ଭରେ
ହେବାକୁ ହେବରେ ପାରି ଏ ସାଗର
ଅରେ, ଅରେ, ଅଜ ବିଳମ୍ବ ନକର

ଯାହା ବଢ଼ିଗଲା ଡାକେ ଥର ଥର ଅନାଗତ ଯାତ୍ରୀରେ ।
ଫୁଲି ଉଠେ ପାଲ, ଘୁରି ଯାଏ ହାଲ ତରଣୀ ଦେଇଛି ଛାଡ଼ି,
ସବଳ ହସ୍ତେ କାଢ଼ ଧରି ଏଠି ଠିଆ ହୁଅ ଧାଡ଼ ଧାଡ଼ ।
ପଶ୍ଚିମ ଅଭ୍ର ଆବୃତ୍ତିରେ ଝଡ଼,
ଉଠୁଛି ତୁଫାନ, ଉତଳା ସାଗର

ନାହିଁ କିଛି ଭୟ, ଭୟ ନାହିଁ ଅରେ ଏଯେ ଭୈରବୀ କାଳୀ
କାଳର ବିଜୟୀ ହେବୁ ତୁରେ ଅସି ଖର୍ପରେ ଗୋଡ଼ କାଢ଼ି
ଜୟ ଜୟ କାଳୀ, ମୁଣ୍ଡ କପାଳୀ, ଜୟ ଜୟ ମହାକାଳ,
ଏକ ହାତେ ଯାର ଅଭୟ ମନ୍ତ୍ର ଆର ହାତେ କରବାଳ ।

ଭୃକୁଟୀ ନେତ୍ରେ ଅଗ୍ନି ସ୍ଫୁରଇ
ରେଖେ ପେଖେ ଅଟ୍ଟହାସ ସେ ଭୁଲଇ
ବିଜୟ ଯାତ୍ରା ଅନୁକୂଳ କର କାଟାଇ ବନ୍ଧନ ଜାଳ,
ଜୟ ଜୟ କାଳୀ, ମୁଣ୍ଡ କପାଳୀ ଜୟ କର ମହାକାଳ ।

—†—



Digitized by srujanika@gmail.com

( ନଭ ବର୍ଷ ଅବଶିଷ୍ଟାଂଶ )

ସ୍ଥାନ; କାରଣ ଆପଣ ପ୍ରଗତିଶୀଳା ନାରୀ, ଆମ୍ଭେମାନେ ତ ବର୍ତ୍ତମାନ ମାତୃ ଗର୍ଭସ୍ଥ ଶିଶୁପରି ଅସହାୟ ।

ସରସୀଙ୍କୁ ଦୁହିଙ୍କର ଅବସ୍ଥା ଦେଖି ହସ ମଡ଼ଉଛି, ସେ କହିଲେ—ନୀରଦବାବୁ, ବଣ ପଥରେ ଯେଉଁ ଗାଛ ଗୋଟାଏ ଗାଛକୁ ଆଶ୍ରୟ କରି ଆସିଛି ତୁବଳ କରି ଆସିଛି—ଦୁନିଆଁରେ ତ ଉତ୍ଥାନ ପତନ ଅବଶ୍ୟମ୍ଭାବୀ ଦୁଃଖ କରିବାର କଣ ଅଛି ? ଆମେବି ତ ଦିନେ ଅସହାୟ ଥିଲୁ ।

ସୁରେଶ—ଆଚ୍ଛା ଆପଣଙ୍କର ନୂଆଁ ସଂଘ କଣ ଆମ୍ଭମାନଙ୍କୁ ବନ୍ଧୁ ଭାବରେ ଗ୍ରହଣ କରି ପାରିବ ନାହିଁ ?

ସରସୀ—ବନ୍ଧୁ ହେବାର ଯୋଗ୍ୟତା ସଂସାରରେ କେତେଜଣଙ୍କର ଅଛି ସୁରେଶ ବାବୁ ? ଆମ୍ଭମାନଙ୍କର ସଙ୍ଘ କୌଣସି ପୁରୁଷର ସାହଚର୍ଯ୍ୟରେ କଳଙ୍କିତ ହେବାକୁ ଚାହେଁ ନାହିଁ ।

ନୀରଦ—ହଁ ଆମେ ସବୁ ନୋଟିସରୁ ଜାଣିଛୁ ଯେ—ହେଲେ କେତେଦିନ ଏହାପରି ଚାଲିବ ?

ସୁରେଶ—(ରାଗିଯାଇ କହିଲା) ଓଃ ସ୍ତ୍ରୀ-ଜାତି ଗୋଟାଏ ସଙ୍ଘ-ଅଙ୍ଗର ଏତେ ତେଜ, ଜାଣ ଆମେ ମର୍ଦ୍ଦ ପୁଅ । କହି ଯେମିତି ସରସୀର ହାତ ଧରିବାକୁ ଯାଇଛି ସରସୀର ବାମ ହାତରେ ଚକ୍ ଚକ୍ କରି ଉଠିଲା ଗୋଟିଏ ଇସ୍ପାତର ଛୋରା—

ନୀରଦ—'ଆରେ ବାବା ଏତ ସାକ୍ଷାତ ଗୋଟାଏ ଗୋଟାଏ ଚଣ୍ଡୀ' କହି ଦୁଇବନ୍ଧୁ ସାଇକେଲ ଧରି ଦୌଡ଼ଦେଲେ । ସେଦିନ ଥିଲା ନବାରିଣୀ ସମିତିର ଚତୁର୍ଥ ବାର୍ଷିକ ଅଧିବେଶନ । ଓଡ଼ିଶାର ଛନଭୋଗ ନ୍ୟାସି

ଏକତ୍ର ହୋଇଛନ୍ତି; ଶ୍ରେୟ ସତ୍ୟ—ଶେଷ ପାନାର ଜନ୍ୟ ଆୟୋଜନ—

ଲେଡ଼ି ପ୍ରିନ୍ସିପାଲ୍ ସଭାନେତ୍ରୀର ଆସନ ଅଳଙ୍କୃତ କରି ତାର ସ୍ୱରରେ ବକ୍ତୃତା ଦେଉଛନ୍ତି ।

ଭଗ୍ନୀମାନେ,

ତୁମ୍ଭମାନଙ୍କ ନ୍ୟାସ୍ତ ସଙ୍ଘର ଚେଷ୍ଟା ଓ ସାଧନା ଯୋଗୁଁ ଆଜ ତୁମେ ସମଗ୍ର ଭାରତ ବର୍ଷରେ ଯୁଗାନ୍ତର ଆଣି ପାରିଛ, ଆଜ ତୁମର ମାନଙ୍କ ପାଇଁ ପୁରୁଷର ବଂଶଦାନ୍ତ ଭାଙ୍ଗି ଯାଇଛି, କେତେ ଦରିଦ୍ର ପିତାମାତା କନ୍ୟାଭାରରୁ ମୁକ୍ତ ହୋଇ ସ୍ୱସ୍ତିର ନିଶ୍ୱାସ ମାରୁଛନ୍ତି । ଯେଉଁ ପଣ ପ୍ରଥା ଦିନେ ବଙ୍ଗରୁ ଆସି ଓଡ଼ିଶାକୁ ଗ୍ରାସ କରିଥିଲା ତହିଁରୁ ଉତ୍କଳ ମୁକ୍ତ ପ୍ରାୟ ।

ତୁମ୍ଭେମାନେ ନବୀନ ଅଭିନବ ଶୀଳ ଚରିତ୍ରବତୀ ହେବା ଦ୍ୱାରା ଅତୀତମାନ କାଳରୁ ନାରୀ ଜାତି ଉପରେ ଯେଉଁ ଅମାନୁଷିକ ଅତ୍ୟାଚାର ହେଉଥିଲା ତାହା ଲୋପ ହୋଇ ଯାଇଛି, ଅନେକ ସେହି ମାନେ ପୁରୁଷର ଧର୍ମାଳର ପାତ୍ରୀ ହୋଇଛନ୍ତି, ନାରୀର ତେଜ ଦୀପ୍ତ ଦୃଷ୍ଟି ସମ୍ମୁଖରେ ସେମାନେ ସଙ୍କୁଚିତ ଭୀତ ଏବଂ ସନ୍ତ୍ରସ୍ତ । ହେ ମହା ପୁରୁଷ-ଦର୍ପଦଳନୀ ନ୍ୟାସି ସଙ୍ଘଂ ତୁମକୁ ମୁଁ ମୋର ଅନ୍ତର ର ସଶ୍ରଦ୍ଧ ଅଭିବାଦନ ଜଣାଉଛି, ତୁମ୍ଭମାନଙ୍କର ସାଧନା ଜୟଯୁକ୍ତ ହେଉ, ପରମେଶ୍ୱରଙ୍କ ନିକଟରେ ଏହାହିଁ ମୋର ଆନ୍ତରିକ ପ୍ରାର୍ଥନା ।

ଘନ ଘନ କରତାଳି ସହିତ ସଭାଭଙ୍ଗ ହେଲା । ତହିଁ ଆରଦିନ ସବୁ ପତ୍ରିକାରେ ସମ୍ପାଦକୀୟ ସ୍ତମ୍ଭ ହିସାବରେ କେବଳ ନ୍ୟାସି ସଙ୍ଘର ଜୟଗାନ କରିବାକୁ ଲାଗିଲା ।

ଏଣେ କେତେ କେତେ ବଜାର ଫେରନ୍ତା ପ୍ରଫେସରଙ୍କ ଠାରୁ ଆରମ୍ଭ କରି 'ଡେପୁଟି' ସାହେବ୍,

ଡେପୁଟି, ଠାକୁର ଗୃହିଣୀ ଅନୁକରଣୀୟ କଂଗ୍ରେସିଆ ବଡ ପାଣ୍ଡିଆ ଅଫିସରଙ୍କ ଠାରୁ ଷ୍ଟେଟ କଲେଜ ପର୍ଯ୍ୟନ୍ତ ଅବିବାହିତ ରହି ଅଧିକ କାଳ ଜାଗରେ ଯୋଡ଼ିଛନ୍ତି, 'ମା'ମାନେ ବୋହୂମୁହଁ ଦେଖିବା ଆଶାରେ ସାରିଲେଣି, ବାପମାନେ ଏତେ ପଇସା ଖର୍ଚ୍ଚ କରି ପୁଅକୁ ପାଠ ପଢ଼େଇ ମୁନାଫା କରିବା ପାଇଁ ଲୋକ ନାହିଁ ବୋଲି ଦଶଥର ପାଞ୍ଚଥର ଶୁଣାଇ ଦେଲେଣି, ଘରେ ପାଠୁଆ ପୁଅମାନଙ୍କ ଗଞ୍ଜଣା ଦେଖିଲେ ପଥର ବି ତରଳି ଯିବ । କଥାରେ କହନ୍ତି, ପୁଅର ମା ଯେବେ ନବାହେ, ଅଣି ମଣ ପଲ ବାହେ” । ହାଃ ହଃ କଥା ବାହା ଆଗରେ କହିବେ ? କନ୍ୟାମାନେ ମଙ୍ଗିଲେ ଫିନା ବସ୍ତ୍ର ହେବେ କି ପାଞ୍ଚଟିର ଘରକୁ ଆସିବେ । ନ୍ୟାସି ସଙ୍ଘରେ ଅସଂଖ୍ୟ ଦରଖାସ୍ତ ପଡ଼ିସାରିଲାଣି । ଲଗ୍ନ ନ 'ଲଗ୍ନ କର ମାନେ ତୁଅସନ୍ତି ମାସମାସ ସୋମବାର କରିବାକୁ ଆରମ୍ଭ କଲେଣି, ପୁରୁଣା କନ୍ୟା ବୃତୀମାନେ ସମୟେ ସମୟେ ସର୍ବ ନିଶ୍ୱାସ ପକାଇ କହୁଛନ୍ତି, ଅଣ୍ଡିରପୁଅ ହେଇ ଜନ୍ମ ହେଇ ସ୍ୱା ପୁଣି ଦୁର୍ଭାଗ୍ୟରେ ଥିଲୁ । ଆଉ କେତେ ଦିନ ବଞ୍ଚିଲେ ଆହୁରି କେତେ ନୂଆ ଚଳଣି ଶୁଣିବା ଲୋ ଭଉଣୀ ! ଏ ଗାଁର ନଗର ପାତ୍ରୀ ରହିଛି, ପୁଅ ପୁରୁଷଙ୍କ ଶୁଖିଲା ମୁହଁକୁ ଚାହିଁଲେ ଛାତିକୁ କୋହ ଉଠୁଛି ।

ମାତ୍ର ନ୍ୟାସି ସଙ୍ଘର କାର୍ଯ୍ୟ କହାର ଆଖିର ଲୁହ ଓ ହୃଦୟର କୋହକୁ ଅପେକ୍ଷା ନ ରଖି ବେଗ୍ ଜୋରସୋରରେ ଆଗେଇ ଚାଲିଛି,—

—ଏ ହେଉଛି ଦୁନିଆର ପୃଷ୍ଠାରେ ଗୋଟାଏ ନୂଆ କଥା—କିନ୍ତୁ ଦେଶ ତ ଚଳୁଛି ଚିନ୍ତା ଭାବନାରେ ପଡ଼ିଛନ୍ତି—ସୃଷ୍ଟି ଚଳିବ ତ ?

( ଭଳନ ଅବଶିଷ୍ଟାଂଶ )

ସତ୍ୟ ଅନ୍ତର କିଛି ଯୋଗ କରିଛନ୍ତି” ଏ ଅନୁବାଦରେ ଏହାର ମଧ୍ୟତା ନଷ୍ଟ କରି ଦେଇଛି । “ଅନ୍ତର କିଛି” ଗଳ୍ପଟିରେ Climax ନାହିଁ । ଯଦି କହିବାର ଥାଏ, ତାକୁ ଏପରି ପ୍ରଚ୍ଛନ୍ନ ଭାବରେ କହିବାକୁ ହୁଏ ଯେପରି କହୁଛି ବୋଲି ଜଣା ନ ପଡ଼ିବ ଅଥଚ ପାଠକ ମନରେ suggestive ପ୍ରଭାବ ପକାଇବ । କ୍ଷୁଦ୍ରଗଳ୍ପ କେବଳ ଗୋଟିଏ theme କୁ ଧରି ଲେଖିବାର କଥା । ଗୋଟାଏ idea । ଯାହା ଅଧିକ କହିବାର ଥିବ, ତାକୁ ଇଙ୍ଗିତ ଭାବରେ କହିବା, art କୁ

ଆହତ କରିବା । ଗଳ୍ପର ଗତି ବା ଲକ୍ଷ୍ୟ ଉତ୍ତେଜିତାକୁ ଦେଖେଇ ଦେବାକୁ ହୁଏ । ପ୍ରକାଶ୍ୟରେ ପାଟି କରି କହିବା ଠିକ୍ ନୁହେଁ । ତାହା ଛଡ଼ା ଗଳ୍ପର ଯେଉଁ central idea ସେଇଟା ବି ଭଲ ଫୁଟି ନାହିଁ ଏଥିରେ । ଆପଣଙ୍କ ବ୍ୟକ୍ତିତା ଅବାନ୍ତରେ ଲୁଚି ଯାଇଛି । ଠିକ୍ ବୋଧ ହୁଏ ମୁଁ ବୁଝାଇ ପାରୁ ନାହିଁ । ନିଜେ ପଢ଼ି ବୁଝିବାକୁ ଚେଷ୍ଟା କରିବେ । ଆପଣଙ୍କର ଏ ଗଳ୍ପ ଡଗରରେ ପ୍ରକାଶ ପାଇବା ନ ପାଇବା ମୋ ହାତରେ ନାହିଁ । Editor ଯାହା କରନ୍ତି । ମୁଁ କିଛି କହିବି ନାହିଁ । ମୁଁ

ଏଇଟି ବନ୍ଧୁମାନଙ୍କରେ ଯେ ଗଳ୍ପ ଲେଖିବେ ଆପଣଙ୍କର “ହାତ” ଅଛି । ଛାଡ଼ିବେ ନାହିଁ, practice ରଖିଥିବେ ଓ ପଢ଼ୁଥିବେ । ମୋର ଆଶା ଆପଣଙ୍କ ଗଳ୍ପ ଦିନେ ଖୁବ୍ ଭଲ ହେବ । Humour ଗଳ୍ପ ଆଉ ଓଡ଼ିଆରେ ବଡ଼ କମ । ଏ ଦିଗରେ ଆପଣ ମନ ଦେଇଛନ୍ତି, ଆନନ୍ଦର କଥା । ଆଉ କିଛି ଲେଖିପାରୁ ନାହିଁ । କ୍ଷମା କରିବେ । ମୁଁ କଲ୍ୟାଣ କରୁଛି ଆପଣ ସାହିତ୍ୟରେ ସୁନାମ ଅର୍ଜ୍ଜନ କରନ୍ତୁ । ଭଗବାନଙ୍କ ଠାରେ ନିର୍ଭର ରଖି କର୍ତ୍ତବ୍ୟ କରିଯାଆନ୍ତୁ । କର୍ମର ଫଳ ସେ ଦେବେ । ଇତି ।



Digitized by srujanika@gmail.com

# ଧୋତି, ପେଣ୍ଟ ଓ ଲୁଙ୍ଗି

ଲେଖକ—"ବିନୋଦ ବଂଶୀ"

ଶୁଣ ଶୁଣ ଦେଇ କାନ
ଧୋତି ପେଣ୍ଟର କଳି କଥା ପୁଣି
ଲୁଙ୍ଗିର ସମାଧାନ ॥

ପେଣ୍ଟ—
ଭର୍ନାକ୍ୟୁଲର ବାର୍ଦ୍ଧିକା ଧୋତି ତୁ
ତୁଚ୍ଛରେ କରୁଛୁ ଚିତ୍କାର !—
ଉଇଁ ଆସୁଥିଲା ସଞ୍ଜ ତାରକା, ବର୍ଷି ଚାଲିଥିଲା ସନ୍ଧ୍ୟା ଶରଜା;
ମୃଦୁଳ ମଳୟେ ମୁକୁଳିତ ବେଣୀ ହଲାଇ—!
ଶାଢ଼ୀ ଚାଲୁଥିଲେ ସିନେମାର ପଥେ, କିଏ କରିଣ ତୁମକୁ ଓ ମୋତେ
ହେନା ବେଷ୍ଟରେ ଅନ୍ତର ଆମ ଗୋଳାଇ—
ଅସହ୍ୟ ହେଲା କମ୍ପନ, ତୁମେ ମୁଁ ଦେଲେ ଲଙ୍ଘନ,
ଅଟକି ଯିବା ଶାଢ଼ୀ,
ବୁଝି ଲଗିଲା ଚଟିରେ ତୁମର ମଞ୍ଚି ପଡ଼ିଲା ସେ କଥା ସ୍ମରର
ମୁଁ ସିନା ଚାଲିଲି ମାଡ଼ି !!
ଶାଢ଼ୀ ଚାଲିଥିଲା ହାସ୍ୟ ବୁଣାଇ; ତୁମରେ କରିଣ ଧିକ୍କାର ॥

ଧୋତି:—
ଚମତ୍କାର ତମେ ପେଣ୍ଟ ହେ—ମୋ ଚିନ୍ତା ନାହିଁ କସ୍ତାର
ଗୈରିକ ବଜାରର ଯୁଗଏ ବନ୍ଧୁ ନୁହଇ ଏ କାଳ ଶସ୍ତାର
ସାଗର ବେଳାର ସିକତାରେ ଅରେ କରୁଥିଲେ ଯଦି ଭ୍ରମଣ ହେ,
କାଳ ଯାଉଥିଲା କୃଷ୍ଣ ଫେର ମୋ ନ ମାନିଣ ଶତ ବାରଣ ହେ,
ମୁକ୍ତି ମୁହାଁ ଯେ ବନ୍ଧନେ ତାର ନାହିଁ, ବନ୍ଧିହେ ତୁରନ୍ତ
କ୍ରୀତଦାସ ପରି ତୁମେ ଥିଲ ସେଠି କଳ୍ପନା ପୁରେ ନୀରସ ।
ହିଲ୍ଲୋଳ ବାୟୁ ସେବି, ସେହିପଥେ ଶାଢ଼ୀ ଦେବୀ,
ଗଗନ ପବନ ଅନ୍ତରେ ଲଭି ସ୍ୱପ୍ନର ସେଣ୍ଟ ଭରି,
ମୃଦୁମନ୍ଦେ ଚାଲି ଚାଲି; ଚାହିଁଥିଲ ତୁମେ ଖାଲି
ହେ କଳ୍ପନାର ଶୁଷ୍କ ପରଏ ଦିଶୁଥିଲ ଦେବଦାସ !
ଉଣ୍ଟେ ତୁମ, ତାର ଚଞ୍ଚଳ ଶାଢ଼ୀ ଅଞ୍ଚଳେ ବାନ୍ଧି,
ମଞ୍ଚ ଭୂମିରେ ପଞ୍ଚ ବାଣର ଇନ୍ଦ୍ର ଭୁବନ ସୃଜି,
କୃଷ୍ଣ ମେଘର କମ୍ପନେ ଗଲା ଅବ !
ଶୁଣିଲେ ତୁମର ହୁଏ ଯାଉଥିବ ଦ୍ରବ !!
ଜାଣେନା ତୁମ ସଂକୋଚ ! ନାହିଁ ରୋମାନ୍‌ସ !! ନାହିଁ ବସ୍ତାର !!

ପେଣ୍ଟ—
ରଖ ସୁନ୍ଦର ମଣି ଦେଖ ମୁହିଁ ସୁନ୍ଦର ବେଶି କଏ !
ଯାଦୁ, ବାଜୁ, ଘା, ବଇଷ୍ଟ, ମଟଳା,
ଗୋଡ ମୋଟା, ମୁଁ ଥୋବର ଚୋଦଙ୍ଗ
ସବୁ ଲୁଚିଯାଏ ଅନ୍ତରେ ମୋର,
ମୋ ଜାଣୁ ଚୌକିବ ଏତେ ବଡ ଜୋର !
ସୁନ୍ଦର ଗ୍ରୀସ ଅଟାଯୁବ ଇସ୍ ମଟେଙ୍କ ସାହେବ 'କଷ୍ଟ'ର

ଧୋତି:—
ପୁଲ୍‌ସ୍ ! ପୁଲ୍‌ସ୍ ! ଅର୍ଥିପେସିଏଲ୍ ଡଉଟି !!
ଲୁଚୁ ଛପାନାହିଁ, ନାହିଁ ଭଣ୍ଡାମି ନାହିଁ କରଭସ୍ମ ନାହିଁ ଗୁଣ୍ଡାମି,
ମିଶିଯାଏ ମୁହିଁ ଭଲା ଲୋକ ସଥେ ପଢ଼ିତ ପାବନ ମୂଳ ହାତେ ।
ରଏଲ୍ ରୋମାନ୍‌ସ ଅଣିଦେବା ମୋର ଡଉଟି !!

ପେଣ୍ଟ:—
ଭୋଟ ନାଅ ହେ ଭୋଟ ନାଅ ! ଭୋଟ ନାଅ
ସ୍କୁଲ୍, କଲେଜ, ଅସେମ୍ବ୍ଲି ହଲ ସଭା ମଣ୍ଡପ ଦେଖ
ଯାନ, ବ୍ୟୋମଯାନ, ସହର ବଜାର ସବୁଠି ମେ ହାଜର ଦେଖ !!

ଧୋତି:—
ଗୃଣୀ ମୂଳଆର ସାମ୍ରାଜ୍ୟ ଏଠେ ଏଠି ତମର କି ହକ
ତୁମର ଏଠିକି ସ୍ଥାନ ?

ପେଣ୍ଟ:—
ଗୃଣୀ ମୂଳଆର ନେତ୍ତୁ ଗଢ଼ଣେ ମୋହର ଦେନ୍‌ମାନ୍ !
ମୁହିଁ ମହା ମାନବୀୟ ।

× × ×

ଧୋତି ପେଣ୍ଟରେ ଚାଲୁଥିଲା କଳି
ଲୁଙ୍ଗି ଦେଖିଲା ହାତା ହାତି ଯାଏ
ଅଳକେ ଯିବ ଚଳି—
ଭଲ ଲୋକ କରି ମଝିରେ ଅସିଣ
କହୁଛି ସେ ଧୀରେ ଗଳି—

+ + +

ଲୁଙ୍ଗି—ଲୁଙ୍ଗି ଅସିଛି; ଲୁଙ୍ଗି;
ବହୁ ଦୂରୁ ତୁମ କଳିକଣ୍ଠର ପାଇଲି ସୁରକ ସୁର୍ଣ୍ଣ !!
ପାଟିବ ଲୁଚୁଇ, ପାଇଣ ଧିଚୁର, ଦରଦେଖା ଦରଛପା
ସବୁ ମୁଁ ପାଟିବ ଘରେ ଓ ବାହାରେ କେହି ହେବେ ନାହିଁ ଖପା;
ସଂକୋଚ ନାହିଁ, ନାହି ମୋ ଲଜ୍ଜା, ନାହିଁ ମୋର ବୃଥା ସମର ସଜ୍ଜା
ଦିଲ୍‌ଭରି ମୋର ମୋହବତ ଖାଲି ଦେଇ—
ଚାଲୁଥିଲେ ମୁହିଁ ଝୁଲାଇ ପାଏ ସନ୍ତର ପେଟବେ ବୁଡ ବୁଡ ଯାଏ
ବଚନ ମୋର କରମଠ ନୁହେଁ ଏକ—
ଅସ ଧୋତି ଅସ ପେଣ୍ଟ ଅସ ହେ ଅଙ୍ଗିବ ମୋର ଅଙ୍ଗ
ଜବାବ ତୁମର ମେଣ୍ଟାଇ ଦେବ ଅଣିଦେଇ ନୂଆ ଢଙ୍ଗ !!
କରିବ ତୁମର ସଲାର



Digitized by srujanika@gmail.com



## ଛାତ୍ରୀମାନଙ୍କ ଦାୟିତ୍ୱ

ଲେ—ଶ୍ରୀମତୀ ସରଳା ଦେବୀ

ଦେଶରେ ନାରୀଶିକ୍ଷାର ପ୍ରସାର ନହେଲେ ଓଡ଼ିଆ ଜାତି କଦାପି ଲକ୍ଷ୍ୟ ଲାଭ କରିବ ନାହିଁ ଏବଂ ଭାରତରେ ଗୌରବମୟ ଜାତି ରୂପେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ ଏହା ଧ୍ରୁବ ଚିରନ୍ତନ ସତ୍ୟ। ଗଡ଼ଜାତରେ ନାରୀଶିକ୍ଷାର ପ୍ରସାର କିଛି ମାତ୍ର ହୋଇନାହିଁ, ଏହା ଅତି ଖାଣ୍ଟି ସତ୍ୟକଥା। ଗଡ଼ଜାତ ଅଞ୍ଚଳରେ ବାଳିକା ମାନଙ୍କୁ ପାଠ ପଢ଼ାଇ ଉପଯୁକ୍ତ ନାଗରିକା ଓ ଉପଯୁକ୍ତ ମାତା ଏବଂ ଗୃହିଣୀ କରି ପ୍ରକୃତ ନାରୀ କରିବା ପାଇଁ ଛାତ୍ରୀମାନଙ୍କ ମନରେ ଆଜିଠୁଁ ସଙ୍କଳ୍ପ କରିବା ଉଚିତ। ନାରୀଶିକ୍ଷା ପାଇଁ ନାରୀମାନେ ସିନା ଅଗ୍ରସର ହୋଇ ନିଜକୁ ଆଜିଠୁଁ ପ୍ରସ୍ତୁତ କରିବେ? ତାହା ପୁରୁଷ ଶିକ୍ଷକ ପକ୍ଷରେ ସବୁ ଅବସ୍ଥାରେ ସମ୍ଭବ କିପରି ହେବ? ଛାତ୍ରୀମାନେ ଆମର ପାଠପଢ଼ି ସମାଜର ସେବା କରିବା ପାଇଁ ତାଲିମ ହେବା ଉଚିତ। ଦେଶରେ ପ୍ରଚୁର ଶିକ୍ଷୟିତ୍ରୀ ଓ ନାରୀ ଡାକ୍ତରଙ୍କର ଅଭାବ। ଏବେ ଦେଖା ଯାଉଛି ଆମ ଛାତ୍ରୀମାନେ ଏମ୍, ବିଏ, ପାଶ କଲେ ସରକାରୀ ଅନ୍ୟ ବିଭାଗକୁ ଚାକିରୀ ନିମନ୍ତେ ଦରଖାସ୍ତ କରୁଛନ୍ତି। କାରଣ ଅନ୍ୟ ବିଭାଗରେ ଦରମା ବେଶି। ଅନ୍ୟ ବିଭାଗରେ ଚାକିରୀ କରିବାରେ ବାଧା ନାହିଁ ଓ ନିଜକୁ ଛାତ୍ରୀମାନେ ଯୋଗ୍ୟା କଲେ ଡିପୁଟି, ପୁଲିସ୍ ହୋଇ ପାରନ୍ତି। କିନ୍ତୁ ସବା ଆଗରେ ଆମର ଶିକ୍ଷା ପ୍ରସାର ପାଇଁ ଛାତ୍ରୀମାନେ ତ୍ୟାଗ ସ୍ୱୀକାର କରି ଠିଆ ହେବା ଦରକାର। ଯେଉଁ ସ୍ୱାଧୀନତା ଦେଶରେ ହୋଇଛି, ତାକୁ କେବଳ ପୁରୁଷ ଭୋଗିବେ ନାହିଁ, ନାରୀକୁ ତାର ସ୍ୱାଦ ନେବାକୁ ପଡ଼ିବ। ସେଥିପାଇଁ ଆମକୁ ସ୍ୱାଧୀନ ଦେଶର ଦାୟିତ୍ୱ ନେବାକୁ ହେବ। ମାତ୍ର ସେଥିପାଇଁ କେହି ଉତ୍ସୁକ ନୁହନ୍ତି। ମୁଁ ଜାଣେ ଅଧିକାଂଶ ଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକ ମାନେ ପାଠ ପଢ଼ାଉଛନ୍ତି ଜ୍ଞାନ ଲାଭ ପାଇଁ ସେତେ ନୁହେଁ ବିବାହ ବଜାରରେ ବର ଧରିବା ପାଇଁ ସେତିକି। ଏହା ଦେଶ ପକ୍ଷରେ କୁଲକ୍ଷଣ ଓ ଅତି ମାରାତ୍ମକ। ପଣପ୍ରଥା ଶେଷ ହେବାରୁ କେହି

ମାତ୍ର ଚାକିରି କରିବାକୁ ଉତ୍ସୁକ ନୁହନ୍ତି। ଏପରି ଅବସ୍ଥାରେ ଛାତ୍ରୀମାନେ ପରସ୍ପର ଶିକାର ନହୋଇ ମନଦେଇ ସ୍ଥିର ଲକ୍ଷ୍ୟ ରଖି ନିଜକୁ ଶିକ୍ଷା ଦୀକ୍ଷା ଓ ଦୈହିକ ଶକ୍ତି ଚର୍ଚ୍ଚାରେ ତାଲିମ କରିବାରେ ଲାଗିଯିବା ଉଚିତ। ଶିକ୍ଷା ଓ ଦାୟିତ୍ୱ ଚାକିରୀ ଦୋକାନରେ ବିକା ହେବା ପଦାର୍ଥ ନୁହେଁ। ତାହା କେବଳ ନାରୀକୁ ନୁହେଁ, ସମସ୍ତ ସମାଜ ଓ ରାଷ୍ଟ୍ରକୁ ସୁଗଠିତ, ସୁନିୟନ୍ତ୍ରିତ କରେ ଅନେକ ଦାନ କରି ମନୁଷ୍ୟତ୍ୱକୁ ଉଜ୍ଜ୍ୱଳ କରିବ। ଏ ଦିଗରେ ଛାତ୍ରୀ ମାନଙ୍କର ସାଧନା, ତ୍ୟାଗ, କଷ୍ଟ ସହିବା, ଦୁଃଖକୁ ଆଗେଇ ଭଲ ବରଣ କରିବାରେ ନାରୀ ମାନଙ୍କର ଓ ଛାତ୍ରୀ ମାନଙ୍କର ବାହାଦୁରୀ। ଆମ ଦେଶରେ ଲକ୍ଷ ଲକ୍ଷ ସ୍ତ୍ରୀ ରୋଗରେ ଚିକିତ୍ସା ନପାଇ ମରନ୍ତି। ପର୍ଦ୍ଦାପ୍ରଥାରେ ଯାଉଁଳି ହୋଇ ସେମାନଙ୍କର ଅଯଥା ଭୟ ଶଙ୍କାର ଅନ୍ତ ନାହିଁ। ଲୋକ ନିନ୍ଦା ଦୁର୍ନାମ ଭୟରେ ସଦା ମ୍ରିୟମାଣ ହୋଇ ସେମାନଙ୍କର ଶକ୍ତି ଓ ଅଧିକାର ଲଜ୍ଜା ଯାହା ଏ ଯୁଗରେ ଅଚଳ ଅବସ୍ଥାରେ ପହଞ୍ଚିଲାଣି, ତାହାର ଚର୍ଚ୍ଚା କରି ମଫସଲ ଓ ସହରର ନାରୀ ଶକ୍ତି ଦେଶରେ ପଙ୍ଗୁ ପ୍ରାୟ। ଏକଥା ଛାତ୍ରୀମାନେ ଆଜି ଅନୁଭବ କରିବା ଉଚିତ। ଶିକ୍ଷା ସହିତରେ ଦେହ ପରିଶ୍ରମ, ଘରର ଯାବତୀୟ କର୍ମ ସମ୍ପାଦନ କରିବା ଓ ନିୟମାନୁବର୍ତ୍ତିନୀ ହୋଇ ସମୟର ସଦ୍‌ବ୍ୟବହାର ତଥା ଶୃଙ୍ଖଳା ରକ୍ଷିବା ପାଇଁ ପ୍ରତି ଛାତ୍ରୀଙ୍କର ଚେଷ୍ଟା ହେବା ଉଚିତ। ଆମ ଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ଅତି ଖରାପ। ସ୍ୱାସ୍ଥ୍ୟରକ୍ଷା କରିବାକୁ ଯତ୍ନ ନିଆ ନହେଲେ ଛାତ୍ରୀଙ୍କର ଶିକ୍ଷା ଦେଶରେ ଅକାମୀ ହୋଇଯିବ। ଏଥିପାଇଁ ଅତି ସାବଧାନରେ ଶାରୀରିକ ଓ ମାନସିକ ଶକ୍ତିର ଚର୍ଚ୍ଚା କରି ନିଜକୁ ବଳଶାଳୀ ହେବାକୁ ହେବ ଓ ପିତା ମାତାଙ୍କୁ ଏ ଦିଗରେ ସଚେତନ କରିବାକୁ ହେବ। ଖେଳ, କସରତ, ଦୌଡ଼ିବା, ପହଁରିବା, ଡେଇଁବା, କୁଦିବା, ଏ ଦିଗରେ ଝିଅମାନେ ଦୃଷ୍ଟି ଦେବା ଉଚିତ। ଏ ହେଉଛି ଶକ୍ତିର ଯୁଗ। ଦେହ ବଳ ନଥିଲେ ମଣିଷ ଉଠିଇ ପାରିବ ନାହିଁ। ତାର ଶିକ୍ଷା ପୋଥି ବାଇଗଣରେ ହୋଇ ଅକାମୀ ହୋଇଯିବ।

ସମାଜର ମଙ୍ଗଳରେ ତାହା ଲାଗିବ ନାହିଁ। ଛାତ୍ରୀମାନେ ଗହଣା, ଭଲ ଲୁଗା ପଟାର ମୋହ ତ୍ୟାଗ କରି ଗରୀବ ପଡ଼ୋଶୀ ଝିଅ ଓ ଛାତ୍ରୀମାନଙ୍କର ସୁବିଧା କରିବା ପାଇଁ ନିଜର ତ୍ୟାଗ ଦେଖାଇବା ଉଚିତ। ଆମର ପରମ୍ପରା, ଓ ଧର୍ମନୀତିର ନିୟମ ମାନିବା ଆମର ଛାତ୍ରୀ ମାନଙ୍କର ଆଜି ଅତି ଦରକାରୀ କଥା ହୋଇ ପଡ଼ିଛି। ନୀତିହୀନ ଜୀବନ ପଶୁତୁଲ୍ୟ। ଯାହା ଆମର ପ୍ରାଚୀନ ରୀତି ନୀତି ଥିଲା, ସେଥିରୁ ଭଲ କଥା ଗ୍ରହଣ କରି ମନ୍ଦ ଗୁଡ଼ିକୁ ବର୍ଜନ କରିବା ହେଉଛି ଆମ ଯୁଗର ନାରୀ ଓ ଛାତ୍ରୀ ମାନଙ୍କର ବିଧି। ମାତ୍ର ତାହା ଦେଖା ଯାଉ ନାହିଁ। ଧର୍ମ, ନୀତି, ସତ୍ୟ, କ୍ଷମା, ଦୟା, ଏଗୁଡ଼ିକ ସୁନ୍ଦରର ଚର୍ଚ୍ଚା ଜୀବନରେ ନ ଥିବାରୁ ତାହା ବୁଡ଼ିବା ଉପରେ ହୋଇ ଗଲାଣି। ଦେଶରେ ନାରୀମାନେ ନୀତି ଓ ଧର୍ମକୁ ମାନି ଚଳିବା ଆଜି ବଡ଼ ଦରକାର। କିନ୍ତୁ ଲୋକାଚାର ବା ବନ୍ଧ ବାଧନ ଧର୍ମ ବା ନୀତି ନୁହେଁ ବୋଲି ଆମକୁ ମତ ରଖିବାକୁ ହେବ। ନରବଳି ବା ଛାଗବଳି ଦେବତାଗୃହ ଥିଲା [illegible] ଦେବୀ ପୂଜା ବେଳେ ମଣିଷ ମୁଣ୍ଡ ହଣା ମନୁଷ୍ୟର ପ୍ରକୃତ ଧର୍ମ ନୁହେଁ। ପର୍ଦ୍ଦାପ୍ରଥା, ଜାତିଭେଦର କୁସଂସ୍କାର ଦୂର କରି ଛାତ୍ରୀମାନଙ୍କୁ ଉଦାହରଣ ପାଇଁ ଶ୍ରେଣୀ ହୀନ ସମାଜର ମୂଳଦୁଆ ଦେବାକୁ ନିଜର ଆଚରଣ ଶୁଦ୍ଧି କରି ଦେଖାଇବାକୁ ହେବ। ତା ନହେଲେ ଆଗାମୀ ସମାଜ ଚିତ୍ରରେ ବର୍ତ୍ତମାନ ଛାତ୍ରୀ ମାନଙ୍କର ଜୀବନଯାତ୍ରା ପାଇଁ ସ୍ଥାନ ନାହିଁ। ଗୁରୁଜନ ମାନଙ୍କୁ ଶ୍ରଦ୍ଧା କରି ତାଙ୍କମାନଙ୍କର ଅଭିଜ୍ଞତା ପ୍ରସୂତ ମତ ଗ୍ରହଣ କରିବା ଛାତ୍ରୀ ମାନଙ୍କର ଉଚିତ—ଯଦି ତାହା ଯୁଗାନୁମୋଦିତ ପନ୍ଥାରେ ଛାତ୍ରୀମାନଙ୍କ ଜୀବନ ବିକାଶର ଉପଯୁକ୍ତ ହୁଏ। ଏହିପରି ସତ୍ତ୍ୱା ନ ଥିବା କେବଳ ଢେଙ୍କି ଘଡ଼ିରୀଙ୍କ ତୁଲ୍ୟ ଗୃହାଳରେ ରହିଲେ ଛାତ୍ରୀ ମାନଙ୍କଠାରୁ ଦେଶବାସୀ କିଛି ଆଶା କରି ପାରିବେ ନାହିଁ। ସେଇ ଦୃଷ୍ଟିରୁ ଆଜି ପୁଣିଏ ସ୍ୱାଧୀନତାର ଦାୟିତ୍ୱ ଛାତ୍ରୀମାନଙ୍କୁ ନେବାକୁ ହେବ।

(ଅବଶିଷ୍ଟାଂଶ ୧୦ ପୃଷ୍ଠା ଦେଖନ୍ତୁ)

(ପୂର୍ବ ପ୍ରକାଶିତ ପରେ)

କଟକ ବେତାର କେନ୍ଦ୍ରର ନାଟକ ବିଭାଗ ବିଷୟରେ ପଦେ ଅଧେ ଏଥର ଲେଖିବାକୁ ଯାଉଛି । ବେତାର କେନ୍ଦ୍ରରେ କେତେ ଗୁଡ଼ିଏ ବିଭାଗ ଅଛି । ଯଥା-କଥା ବା ବକ୍ତୃତା (talk) ବିଭାଗ, ଗୀତ ବିଭାଗ ବାଦ୍ୟ ଯନ୍ତ୍ର ବିଭାଗ ଓ ନାଟକ (drama) ବିଭାଗ ଇତ୍ୟାଦି । ପ୍ରତ୍ୟେକ ବିଭାଗ ପାଇଁ ଜଣେ ଜଣେ ନିର୍ଦ୍ଦିଷ୍ଟ ସହକାରୀ (Programme Assistant) ମାନେ ସବୁ ରହିଥାଆନ୍ତି ।

କଟକ ବେତାର କେନ୍ଦ୍ରରୁ ପ୍ରତି ସୋମବାର ଦିନ ଗୋଟିଏ ଗୋଟିଏ ନାଟିକା ୭ ୩୦ ମିନିଟରେ ପ୍ରସାରିତ ହୁଏ । ନାଟିକା ଗୁଡ଼ିକ ଲେଖକ ମାନଙ୍କ ଠାରୁ ଟଙ୍କା ଦେଇ ଲେଖା କିଣାଯାଏ । ସେଥିରେ ପୁଣି ସ୍ତର ବା gradation, ତାହା ମଧ୍ୟ ଟଙ୍କା ଅନୁଯାୟୀ ସେଥିପାଇଁ ଆଜିକାଲି କଟକ ବେତାର କେନ୍ଦ୍ରରୁ ଏତେ କଦର୍ଯ୍ୟ ନାଟିକା ସବୁ ପ୍ରସାରିତ

## କଟକ ବେତାର କେନ୍ଦ୍ର

କରାଯାଉଛି ଯେ ତାହା, ଯେ କୌଣସି ସ୍କୁଲ ଠାରୁ ଅଧିକ ନିମ୍ନ ଶ୍ରେଣୀର । ସେଗୁଡ଼ିକ ଶିକ୍ଷାମୂଳକ ହେଉନାହିଁ, କିମ୍ବା ଆମୋଦ ଦାୟକ ମଧ୍ୟ ହେଉନାହିଁ । "ରକ୍ତଦାନ" ଓ "ଫେରିଅସ" ପ୍ରଭୃତି ଏ ମାସର ନାଟିକା ଗୁଡ଼ିକୁ କିପରି ପ୍ରୋଗ୍ରାମ ଅସିଷ୍ଟେଣ୍ଟ ବା ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ ପ୍ରସାର କରିବାକୁ ଅନୁମତି ଦେଲେ ଓ ଲେଖା କିଣିଲେ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏମାନଙ୍କର ନାଟିକା ବିଷୟରେ କୌଣସି ପ୍ରକାର ପ୍ରାଥମିକ ଅଭିଜ୍ଞତା ଅଛି କି ନାହିଁ ସନ୍ଦେହ । ଏ ତ ଗଲା ଲେଖା କଥା; ପରିବେଷକ (producer) ମାନଙ୍କ ସମ୍ବନ୍ଧରେ ନିଜ ଇଚ୍ଛାରେ ଅଭିନେତା ବାଛନ୍ତି । ତାଙ୍କର ପ୍ରିୟ ବା ଆତ୍ମୀୟ ମାନେ ନାୟକ ଏବଂ ନାୟିକାର ଅଭିନୟ କରିବେ । ଭଲ ଓ ଦକ୍ଷ ଅଭିନେତା ମାନେ ଲାଇବ୍ରେରୀରୁ ଛଅ ଛଅ ମାସ ହେବ ସୁଯୋଗ ପାଉନଥିଲେ ମଧ୍ୟ ନିତାନ୍ତ ନୂତନ ଅଭିନେତା ଯେ କିଛି ଜାଣେ ନାହିଁ, ସେ ଅଭିନୟ କରୁଛି ଯାଉଛି । ଏ ପ୍ରକାର ସ୍ୱଜନ ବାହୁଲ୍ୟ ନିର୍ଦ୍ଦେୟ ନୁହେଁ । ଏପରି ମଧ୍ୟ ହେଉଛି, ସମୟ ସମୟରେ ପରିବେଷକ ମାନେ ନିଜେ ନାୟକ ହେବାପାଇଁ ଚେଷ୍ଟାକର ଯଦି ଅକୃତକାର୍ଯ୍ୟ ହୁଅନ୍ତି, ତେବେ ନାୟକ ହୋଇଥିବା ବ୍ୟକ୍ତି ନାମରେ ଷ୍ଟେସନ ଡାଇରେକ୍‌ଟରଙ୍କ ନିକଟରୁ ନାୟକଙ୍କ ଅନଭିଜ୍ଞତା ସମ୍ବନ୍ଧରେ ଫେରି ଲେଖନ୍ତି ।

ଗୋଟିଏ ନାଟକ ପ୍ରସାରିତ ହେବା ପୂର୍ବରୁ ଆର୍ଟିଷ୍ଟ ମାନଙ୍କର ପରିବେଷକଙ୍କ ନିର୍ଦ୍ଦେଶରେ ରିହରସାଲ ହୁଏ । ଆର୍ଟିଷ୍ଟ ମାନଙ୍କୁ ରିହରସାଲରେ ଆସିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଦିଆଯାଉଛି, ମାତ୍ର ସେମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଶେଷରେ ବିରକ୍ତ ହେଇ ଗଲେ, ରିହରସାଲ ହେବ ନାହିଁ, ବୋଲି ମୌଖିକ କହିଦିଆ ଯାଉଛି । ଅନେକ ସମୟରେ ଫାଟକ ପାଖରୁ ଆର୍ଟିଷ୍ଟ ମାନଙ୍କୁ ଫେରାଇ ଦିଆ ଯାଉଛି । ଯଦି ରିହରସାଲ ନହେବାର କଥା, ତେବେ ପୂର୍ବରୁ ଚପରାସି ଦ୍ୱାରା ଆର୍ଟିଷ୍ଟ ମାନଙ୍କୁ ଜଣାଇଦେବା ଉଚିତ ନୁହେଁ କି ? ଭଦ୍ରଲୋକ ଝିଅମାନେ ଆସିବେ ରିହରସାଲକୁ । କିନ୍ତୁ ବେତାର କର୍ତ୍ତୃପକ୍ଷଙ୍କର ସମୟ ଜ୍ଞାନ ଏତେ ଠିକ୍ ଯେ ଦୁଇଘଣ୍ଟା ଲେଖାଏ ସେମାନଙ୍କୁ ଅପେକ୍ଷା କରିବାକୁ କହିବେ । କର୍ତ୍ତୃପକ୍ଷ ଏତକ ଜାଣିବା ଉଚିତ୍ ଯେ ଆର୍ଟିଷ୍ଟମାନେ ରେଡ଼ିଓରୁ ଟଙ୍କା ନେଇ ପେଟ ପୋଷୁ ନାହାନ୍ତି, କେବଳ ଗୋଟିଏ 'ଆମୋଦ'ରେ ଆସୁଛନ୍ତି । ସେମାନ ଅଭଦ୍ର ବ୍ୟବହାର କେବେ ଆଶା କରନ୍ତି ନାହିଁ ବେତାରରୁ । ସେମାନଙ୍କ ସହିତ ବେଠିଆ, ଚପରାସିଙ୍କ ପରି ବ୍ୟବହାର କରିଦିବା ଉଚିତ ନୁହେଁ । କର୍ତ୍ତୃପକ୍ଷ ଏ ବିଷୟରେ ଶୀଘ୍ର କିଛି ପ୍ରତିକାର ନକଲେ, ଫଳ ବିଷମୟ ହୋଇ ଉଠିବ ।

ଏ ବିଷୟରେ ଯେଉଁମାନେ ବିରୋଧ ଆପତ୍ତି କରୁଛନ୍ତି, ତାଙ୍କୁ ଆଉ ପ୍ରୋଗ୍ରାମ ଦିଆଯାଉନାହିଁ । ଯେଉଁମାନେ ସହିନେଉଛନ୍ତି ସେମାନେ ପ୍ରତି ଅଭିନୟରେ ସୁଯୋଗ ପାଉଛନ୍ତି । ଏ ବ୍ୟବସ୍ଥା ବାଦ୍ୟ ଗୀତ ନେଇ ବେତାର ଚଳିବ ? ବେଶୀ ଟଙ୍କା ଦେଇ ଭଲ ଲେଖା ନେବେ ନାହିଁ । ଚିହ୍ନା ପରିଚୟ ଲୋକଙ୍କ ଠାରୁ ଲେଖା ନେବେ । ନିଜ ଇଚ୍ଛାରେ ପରିବେଷକ ବାଛିବେ, ଆର୍ଟିଷ୍ଟ ବାଛିବେ । ଅଭିନୟର ଦକ୍ଷତା ନେଇ ବାଛିବେ ନାହିଁ, ବାଛିବେ ସ୍ୱାର୍ଥ ଓ ବନ୍ଧୁତ୍ୱ ନେଇ । ଶେଷରେ କୌଣସି ପ୍ରକାର ଦୋଷ ନିଜେ ନେବେ ନାହିଁ । ଫଳରେ ନାଟକ ବିଭାଗର ଅବସ୍ଥା ଯାହା ହୋଇଛି ଓ ଯେ ପ୍ରକାର ନାଟକ ସବୁ ପରିବେଷଣ କରାଯାଉଛି ତାହା ପ୍ରତ୍ୟେକ ବେତାର ଶ୍ରୋତା ଅନୁଭବ କରିପାରୁଥିବେ । ନାଟକ ବିଭାଗରେ ଶତାଧିକ ବ୍ୟକ୍ତି ଆର୍ଟିଷ୍ଟ ଶ୍ରେଣୀ ଭୁକ୍ତ ହେଲେ ମଧ୍ୟ ତନ୍ମଧ୍ୟରୁ ଦଶ ବାର ଜଣ ପ୍ରତିଥର ପାଆନ୍ତି, ଅନ୍ୟମାନେ ମରୀଚିକା ପଛରେ ଧାଇଁ ଥାଆନ୍ତି, ବେତାରରେ ପ୍ରୋଗ୍ରାମ ପାଇବେ ବୋଲି ।

ଏ ବିଷୟରେ ଶତାଧିକ ପତ୍ର ରେଡ଼ିଓ କର୍ତ୍ତୃପକ୍ଷଙ୍କ ନିକଟକୁ ଗଲେ ମଧ୍ୟ ଓ ସବୁ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଶିଥିଳତା ଏ ଦିଗରେ ଆଦୌ ଶୋଭା ପାଉନାହିଁ । ଶେଷରେ "ନେଣ୍ଡଗୁଡ଼ କହୁଣୀକୁ ଗୋହିଗଲା" ପରେ ଆଉ କିଛି କରିବାକୁ ନଥିବ । ଆଜହୁଁ ସତର୍କ ହୁଅନ୍ତୁ, କର୍ତ୍ତୃପକ୍ଷଙ୍କୁ ପୁଣି ଥରେ ଅନୁରୋଧ ।

ଲେ—ଶ୍ରୀ ହରିହର ପ୍ରସାଦ ମହାଲିକ

(ଦେଓଘର ଅବଶିଷ୍ଟାଂଶ)

୧୦



ସୁଶ୍ରୀ ବାଣୀ ଦେବୀ



Digitized by srujanika@gmail.com

## ଧର୍ମକ୍ଷେତ୍ର ପୁରୀ

ଶତ ଯାତ୍ରୀ ସମାଗମ ଯହିଁ
କୋଟି-ଧ୍ୱନି ଆକାଶ କମ୍ପାଏ
ଜଗନ୍ନାଥ ତୁଙ୍ଗ ମନ୍ଦିରେ
ମନ୍ଦ୍ରେ, ପ୍ରତିଧ୍ୱନି ତୋଳୁଥାଏ ।
ସେହିପରି ଧର୍ମ ହେଜ ପୁଣି
ପାରାବାର ଛୁଇଁଯାଇ ଚରଣ,
ଧୀରେ ବୀଚିମାଳା ବାହୁତୋଳି
କରି ବେଳାଭୂମି ପ୍ରଦକ୍ଷିଣ ।
ପ୍ରଶାନ୍ତ ସାଗର ନିସ୍ତବ୍ଧତା
ପରେ ଉଠେ କୋଳାହଳ ଧ୍ୱନି,
ଦିଗନ୍ତ ବିସ୍ତାରି ଲହରୀ
ଦୁଲୁକାଏ ସମଗ୍ର ଅବନୀ ।
ହିନ୍ଦୁଧର୍ମ ପୀଠ ରୂପେ ଧାତ୍ରୀ
ଯିଏ କଲା ମନ୍ଦିର-ସୃଜନ,
କଳା-ଶ୍ରେଷ୍ଠ ରୂପ ରେଖ ଦେଇ
ଯିଏ କଲା ପ୍ରତିମା-ସ୍ଥାପନ ।
ଗୃହଧାମେ ଥୋଇ ତାର ସ୍ଥାନ
ଯିଏ କଲା ଏ ଆନନ୍ଦ ଧାମ,
ଧନ୍ୟ ସେହି ଭକ୍ତ ନରପତି
ଧନ୍ୟ ତାଙ୍କ ଶୁଭ୍ର କୀର୍ତ୍ତି ଧନ୍ୟ ।
ଦେଇ ବଳି ନିଜର ଶରୀର
ଚାଳି ମାଂସ ହାଡ଼ ରକ୍ତ ବଳ,
କଲେ ଯେ ମନ୍ଦିର ସୃଜନ
ଧନ୍ୟ, ଧନ୍ୟ ସେହି ଶିଳ୍ପୀ କୁଳ ।
କାଳବଶେ କେ ହୁଅଇ କ୍ଷୟ
କେ ଧରଇ ନବୀନ ଶରୀର
କାଳ ଯାଏ ବହି ସରବଦା
ନରହିଁ ହେ କେବଳ ହୋଇ ଥିର ।
ତୁଙ୍ଗ ପୀଠେ ଯହିଁ ଶୁଭୁଥାଏ
ଭକତର ଭକତି ରାଗିଣୀ
ତହିଁ କିପାଁ ହାୟ ବାରନାରୀ
ବଜାଇବା ପାଦରୁ କିଙ୍କିଣୀ ।
ଧର୍ମ କ୍ଷେତ୍ରେ ଯହିଁ ଶତ ଯାତ୍ରୀ
ପ୍ରେମାବେଶେ ଡାକୁଥିବେ ଲୁହ
ବେଶ୍ୟାରହି କଟାକ୍ଷ ମାରିବ
ଏହା କି ହେ କେବେ ଶୋଭନୀୟ !
ନୈତିକତା ଯାହାର ପ୍ରଧାନ
ସେ କରିଛି ଗଣିକା ସ୍ଥାପନ
ଅସଂଯମ, ଲଜ୍ଜାକର ମୂର୍ତ୍ତି
ନୁହେଁ କି ଯା ଅନ୍ତରାୟ ପ୍ରଧାନ ?
ଅବା ତୁଙ୍ଗ ପୀଠେ ଥୋଇଛନ୍ତି
ସତ୍ୟ, ମିଥ୍ୟା ସ୍ୱର୍ଗ-ନରକ,
କହିଇବେ ଏ ସାରା ଖଣ୍ଡରେ
ଏକାଠାରେ ସେସବୁ ପରଖ ।
ଭଲମନ୍ଦ ସମନ୍ୱୟେ ଅବା
ବିଶ୍ୱ-ଶିଳ୍ପୀ କରିଲା ଗଠନ ।
ନୁହେଁ ଏହା ଭ୍ରାନ୍ତ ଆଚରଣ
ହେବ ନଷ୍ଟ ତା ଶାନ୍ତି ବିଧାନ
କାଳବଶେ ଅଧର୍ମ ପ୍ରବୃତ୍ତି
ମନ୍ଦ, ଖଳ ରହେ ଧର୍ମ ପୀଠେ
ସଂଯମକୁ ଛାଡ଼ ନରେ ଆଜି
ପଡ଼ିଛନ୍ତି ଦୁର୍ଗମ ଏ ପଥେ

—†—

ଦମୟନ୍ତୀ ସାମନ୍ତରାୟ
[ ୧୨୪୧ ]

## ପତିତର ଗୁହାରି

କୁମାରୀ ହଂସମଞ୍ଜୁ ବେଗ
ନାଗ ନଂ ୧୦୩୨

ତୁମରି ମନ୍ଦିରେ ହେ ମୂକ ଦେବତା
ଆସିଛି ମୁଁ ଆଜି ଧାଇଁ,
ଆଣିଛି ଏ ଫୁଲ ଉପହାର ମୋର
ତୁମ ପୂଜା ଅର୍ଘ୍ୟ ପାଇଁ ।
ତୁମରି ଦୁଆରେ ଲୋତକ ଝରାଇ
ବେଦନା ମୋ ଯିବ ଗାଇ,
ଚିରଦିନ କିବା ପତିତ ଥିବି ମୁଁ
ତୁମରି ସୃଷ୍ଟିରେ ଥାଇ ?
କହିଲା ପୂଜକ "ତୋ ପରି ପତିତେ
ମନ୍ଦିରେ ପ୍ରବେଶ ମନା"
ଯଦି ପାରୁ ତୁହି ମନ୍ଦିର ବାହାରୁ
କର ତାଙ୍କ ଅର୍ଚ୍ଚନା ।"
କେତେ ପରାଗରେ ଆଣିଥିଲି ମୋର
ପୂଜା ଡାଲି ତୁମ ପାଇଁ,
ତୁମରି ଶ୍ରୀମୁଖ ଦର୍ଶନ କରିବି
ପୂଜକ କହିଲା 'ନାହିଁ' ।
ଏହିକି ହେ ନାଥ ତୁମରି ଦେବତା
ଏତେ ଭେଦ ଭାବ ଯାର,
ସେହି ବ୍ରାହ୍ମଣକି ତୁମର ଶ୍ରୀପାଦେ
ଦେବ ପୂଜା ଉପହାର ?
ତୁମେ ସବୁ ପ୍ରଭୁ ସର୍ଜନା କରିଛ
ନିଖିଳ ଜଗତ ରଚି,
ତୁମରି ସୃଷ୍ଟିରେ ସାନ ବଡ଼ ସବୁ
ସମସ୍ତେ ସମାନ ପ୍ରଜା ?
ତୁମେ ଯେବେ ପ୍ରଭୁ ଭଲ ମନ୍ଦ ସୃଷ୍ଟି
ନିଖିଳ ଅବନୀ ସାରା,
କେଉଁ ଲେଖେ ତୁମେ ଆଦର ରହିଛ
ହୋଇ ଦେଉଳ କାରା ?
କେଉଁ ପାପ ଫଳେ ଦେଲ ଅଭାଗରେ
ଏ କର୍ମର ଅଭିଶାପ,
ତୁମେ ବୁଝିଲନି ହେ ! ମୂକ ଦେବତା
ହୃଦୟ ଯନ୍ତ୍ରଣା ତାପ ।
ଦେଉଳ ବାହାରେ ଶୁଣ ଆସ ପ୍ରଭୁ
ଦେଉଳ ଶୃଙ୍ଖଳ ଭାଙ୍ଗି,
ଧୂଳି ଗାଈ ଆଉ ଅରୁଆ ଦୁର୍ଗନ୍ଧ
ଶ୍ରୀପଦ ଚରଣ ଲାଗି ।

—†—

ସ୍ନେହର ନାଗ ନାଗୀଏ,

ଗତ ୩୧।୭।୪୯ରେ ମୟୂରଭଞ୍ଜରେ ଜିଲ୍ଲା ନାଗ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହାର ସଂକ୍ଷେପ ବିବରଣୀ ଆସନ୍ତା ସଂଖ୍ୟାରେ ପ୍ରକାଶ ପାଇବ ।

ଏହି ସମ୍ମିଳନୀରେ କେତେକ ଛାତ୍ର ଓ ନାଗ ଅଭିଭାବକମାନେ ଗୋଟିଏ ଗୁରୁତର ପ୍ରଶ୍ନ ଉଠାଇଥିଲେ । ଆଜି ମୁଁ କେତେକ ଚିନ୍ତାଶୀଳ ଲୋକ ଓ ନାଗ ସଂଘର ହିତୈଷୀଙ୍କ ପରାମର୍ଶ ନେଇ ସେ ପ୍ରଶ୍ନର ଉତ୍ତର ଦେବି ।

ପ୍ରଶ୍ନ ଉଠିଲା— (୧) ଏହି ଶିଶୁ ଓ ତରୁଣ ମନଙ୍କର ଅନୁଷ୍ଠାନକୁ ଅନ୍ୟ ଗୋଟିଏ ନାମ ନଦେଇ ନାଗ ନାମ କାହିଁକି ଦିଆଗଲା, (୨) ଅହିଂସା ପାଳନପାଇଁ ଚେଷ୍ଟା କରୁଥିବା ବାଳକ ହିଂସ୍ର ନାଗକୁ ଆଦର୍ଶ କରି ନପାରେ (୩) ନାଗ କେବେ କାହାର ସେବା କରେ ନାହିଁ, ତେବେ ସେବାବ୍ରତୀ ତରୁଣ ତାଠାରୁ କି ଶିକ୍ଷା ପାଇବ, ଇତ୍ୟାଦି ।

ଏ ପ୍ରଶ୍ନ ନାଗସଂଘ ଆରମ୍ଭରେ ଉଠିଥିଲା । ପ୍ରଥମ ଦ୍ୱିତୀୟ ବର୍ଷ ଉପରରେ ତାର ଉତ୍ତର



Digitized by srujanika@gmail.com

ଦେବାର ସାମାନ୍ୟ ଚେଷ୍ଟା ହୋଇଛି । ଏବେ ଆମ୍ଭେମାନେ ଭଲ ଭାବରେ ନାଗର ତାତ୍ପର୍ଯ୍ୟ ବୁଝି କୁହ ବର୍ଣ୍ଣିତ ଯେ 'ନାଗ' ନାମହି ତରୁଣମାନଙ୍କ ସଙ୍ଘ ସମସ୍ତେ ସର୍ବୋତ୍କୃଷ୍ଟ ।

ପ୍ରଥମରେ ନାଗ ନାମକୁ ଅଶୁଭ ବୋଲି ଭାବିବା ଅନ୍ୟାୟ । କେଉଁ ପ୍ରବଚନରେ ଅଛି ସକାଳ ବାଆଡେ ଯେପରି ଅଛି ଅନ୍ୟ ଖଣ୍ଡରେ ଦକ୍ଷିଣେ ସାପ ଶୁଭ ବୋଲି କୁହା ଯାଇଛି । ସେ ସବୁ ସାମାଜିକ ଅନ୍ଧ ଧାରଣା । ଏହିପରି ଅନ୍ଧ ବିଶ୍ୱାସ ଉପରେ କୁଠାରାଘାତ କରିବା ଆମ ତରୁଣଙ୍କର ଗୋଟିଏ ଲକ୍ଷ୍ୟ ହେବା ଉଚିତ ।

ନାଗ ଗୋଟିଏ ପ୍ରତୀକବାଚୀ ଶବ୍ଦ । ନାଗ ଅର୍ଥ କେବଳ ବିଷଧର ସାପ ବୁଝାଏ ନାହିଁ । ନାଗର ଗୂଢ଼ ଅର୍ଥ— ଶକ୍ତି । ଶକ୍ତିର କୌଣସି ରୂପ ନାହିଁ । ଅଥଚ ଶକ୍ତି ବୋଲି ଆମେ ଜାଣୁ ଓ ଭକ୍ତି ଦେଉଁ । ସେହିପରି ଶକ୍ତି ଏକ ପ୍ରତୀକ ବିଶେଷ 'ନାଗ' । ହିନ୍ଦୁ ଧର୍ମ ଶାସ୍ତ୍ରରେ ନାଗ ଶକ୍ତିର ପ୍ରତୀକ । ଶକ୍ତିମୟୀ ଦୁର୍ଗାଙ୍କର ହାତେ ଅସ୍ତ୍ର ନାଗ । ପ୍ରଳୟାତ୍ମକ ମହାକାଳ ମହାଦେବଙ୍କର ଭୂଷଣ ମଧ୍ୟ ନାଗ । ଯୋଗ ସାଧକମାନେ ଏହି ନାଗ ରୂପକୁହିଁ ମୂଳାଧାରସ୍ଥ ସୁପ୍ତ କୁଣ୍ଡଳିନୀ ଶକ୍ତିର ଆକାର ବୋଲି କଳ୍ପନା କରନ୍ତି । ଏହି ନାଗ କୁଣ୍ଡଳିନୀ ଜାଗ୍ରତ ହୋଇ ସୁଷୁମ୍ନା ମଧ୍ୟରେ ସ୍ୱାଧିଷ୍ଠାନ, ମଣିପୁର, ଅନାହତ ଇତ୍ୟାଦି ସନ୍ଧି ଛେଦ ଭେଦକରି ମସ୍ତକର ସହସ୍ରାରରେ ପ୍ରବେଶ କଲେ ସମାଧି ହୁଏ—ଯୋଗ ସିଦ୍ଧି ହୁଏ । ସୁତରାଂ ନାଗ ଶକ୍ତିର ପ୍ରତୀକ । ଆମର ସୁପ୍ତ ଯୁବ ଶକ୍ତିକୁ ଜାଗ୍ରତ କରିବାପାଇଁ ନାଗ ସଙ୍ଘର ଉତ୍ପତ୍ତି ।

ଦ୍ୱିତୀୟରେ ନାଗକୁ ହିଂସ୍ର ବୋଲି ବିଚାରିବା ଅନ୍ୟାୟ । ନାଗକୁ ଆଘାତ ନକଲେ ସେ କାହାକୁ ଦଂଶନ କରେ ନାହିଁ । ଏହା ସତ୍ୟ ! ଅନୁଭବୀ ମାନେ କହିବେ । କେ. । ଯେତେବେଳେ ନାଗ ଫଣାଏ—ସେତେବେଳେ—ଅରେ ନାଗ ତେତେ ଯେ ଆଘାତ ଯୋଉଛି ତାକୁ କାମୁଡ଼ନ୍ତୁ ନାହିଁ—ତୋର ଯେ ଶତ୍ରୁ ତାକୁ ମାରନ୍ତୁ, ନାଗମାନଙ୍କୁ ସେହି ଉପଦେଶ ଦିଏ । ମନୁଷ୍ୟର ମନୁଷ୍ୟତାକୁ, ଶକ୍ତିକୁ ଯାଲେ ତାର ସତ୍ୟଧର୍ମ, ଦେବା ପ୍ରେମ ଓ ଅହିଂସା ଧର୍ମ । ସେ ଦୁର୍ବଳ ଗୁଡ଼ିକ ପ୍ରତି ସହାନୁଭୂତି ରଖି ତାର ଶତ୍ରୁ—ହିଂସା ଦ୍ୱେଷ, ପରର ଅନିଷ୍ଟ କରିବା ଆଦି ପ୍ରବୃତ୍ତିକୁ ନାଶ କରିବ ।

ତୃତୀୟରେ ନାଗ ଭଳି ବଡ଼ ସେବକ ପୃଥିବୀରେ ଆଉ କିଏ ଅଛି ? ନାଗ ବାସୁକୀ ଯେ ସେ ବସୁଧାକୁ ଧରି ରଖିଛି । ଏହା ଅବଶ୍ୟ ପୌରାଣିକ କଳ୍ପନା । ଅଥଚ ମଧ୍ୟ ପୂର୍ବରୁ କହିଛି ଏ ନାଗ ଶବ୍ଦରୁ କେବଳ ପ୍ରତୀକ ବୋଲିହିଁ ବୁଝାଏ । ଯେଉଁ ଶକ୍ତି ପୃଥିବୀକୁ ରକ୍ଷା କରିଛି—ସେହି ଶକ୍ତିକୁ ନାଗ କଳ୍ପନା କରା ଯାଇଥିବାରୁ, ଭବିଷ୍ୟତ୍ ସମାଜକୁ ଯେ ଧରିଛି ସେହି ତରୁଣମାନଙ୍କୁ ନାଗ କୁହାଯିବା ଉଚିତ ନୁହେଁ କି ?

ନାଗର ଅନ୍ୟନାମ ଅନନ୍ତ—ଯାର ଅନ୍ତ ନାହିଁ—ଶେଷ ନାହିଁ— ମୃତ୍ୟୁନାହିଁ—ଅମର । ଆମ ଦେଶର ତରୁଣ ମାନେ ଅମୃତର ସନ୍ତାନ ଅମର—ତେଣୁ ନାଗ ସ୍ୱୟଂ ଭଗବାନ ଅନନ୍ତ ଶୟନରେ ଶୋଇଛନ୍ତି ବୋଲି ହିନ୍ଦୁ ପୁରାଣ କଳ୍ପନା କରିଛି ।

ନାଗ ଦେହରେ ଗରଳ ଅଛି ସତ୍ୟ—ନାଗ ଶିରରେ ମଣି ମଧ୍ୟ ଥାଏ । ନାଗର ଗରଳ ଯେପରି ବିଷ ସେହିପରି ଜୀବନରକ୍ଷାକାରୀ ଔଷଧ ମଧ୍ୟ । ଯିଏ ଯେପରି ବ୍ୟବହାର କରିବ ତା କ୍ଷେତ୍ରରେ ସେ ସେହିପରି କାର୍ଯ୍ୟକାରୀ ହେବ ।

ମୋର ବିଶ୍ୱାସ ନାଗ କର୍ପର ତାତ୍ପର୍ଯ୍ୟ ବୁଝି ସମସ୍ତେ ଓଡ଼ିଶାର କୋଣେ କୋଣେ ନାଗ ସଂଘ ସ୍ଥାପନା କରିବା ପାଇଁ ଲାଗି ପଡ଼ିବେ ।

## ନାଗଙ୍କ ପ୍ରଶ୍ନ

ସରୋଜକାନ୍ତ [ ୧୧୧୫ ] ଭାରତର କେଉଁ ନଦୀ ବେଶି ଲମ୍ବା, ଓସାର ଓ ଖାଲ ?

ମହେନ୍ଦ୍ର [ ୧୬୪୨ ] ନାଗ ମାନଙ୍କର କଣ ଝଠେ ନାହିଁ କାହିଁକି ?

## ନାଗଙ୍କ ଚିଠି

ମୋର ନାଗ ଭାଇ ଭଉଣୀମାନେ,

ମୁଁ କେତେ ନାଗ ଭାଇଙ୍କ ଠାରୁ ଲେଖା ପାଇଛି ଯେଉଁଠାରେ ମନ ପଢ଼ିଲେଣି କିନ୍ତୁ ତୁମ୍ଭମାନଙ୍କର ବିନା ସହଯୋଗରେ କେଉଁଥା କରିନ । ଆଗାମୀ ଉତ୍କଳରେ ଭବିଷ୍ୟତ ଅନ୍ଧ-ଅମର ଉପରେ ମାଳବ୍ୟ ପରି ଭାଇ ଓ ସରୋଜିନୀ ନାଇଡୁଙ୍କ ପରି ଭଉଣୀ ଅଛନ୍ତି । ଆମ୍ଭେମାନେହିଁ ଦେଶକୁ ଗଢ଼ିବା, ଆମ୍ଭମାନଙ୍କ ଭିତରୁ ଓଡ଼ିଶାର ବିଖ୍ୟାତ ଲେଖକ ଓ ଲେଖିକା ବାହାରିବେ—ଏଥିରେ ସନ୍ଦେହ ନାହିଁ । କିନ୍ତୁ ବିଶେଷତଃ ଉତ୍କଳ ପାଇଁ କଣ କରିବାକୁ ହେବ, ତାହା ଆମ୍ଭମାନଙ୍କୁ ବୁଝାଇ ଦେବେ—କିନ୍ତୁ ସେ ହେଉଛନ୍ତି ବାକ୍ୟବୀର, ଆଉ ଆମେ କର୍ମବୀର ।

ଏ ଭିତରେ ଖ୍ରୀଷ୍ଟିଅନ କଲେଜର ୨ୟ ବର୍ଷିକ ଛାତ୍ର ଶ୍ରୀମାନ ଗୋପାଳବାବୁ ମୋ ପାଖକୁ ଏ ବିଷୟରେ ଅନେକ ଲେଖିଛନ୍ତି । ମୁଁ ଛୋଟ ଲେଖକ । କିନ୍ତୁ ମୁଁ ଆଜି ଆହ୍ୱାନ କରୁଛି ସମସ୍ତେ ମିଳିତ ଭାବରେ କାମ କଲେ ଭଲ ହେବ ।

ଇତି ।

ତୁମ୍ଭମାନଙ୍କର ନାଗଭାଇ

ସେକ୍ ରହିମ୍

ନବ ଓଡ଼ିଶା ପ୍ରେସ, କଟକ

## ଅବସର ବିନୋଦନ ୩୬

ତଳେ କେତୋଟି ଚିତ୍ର ଦିଆଗଲା । ଚିତ୍ର ଗୁଡ଼ିକରେ ଥିବା ଲୋକମାନେ ଗୋଟିଏ ଗୋଟିଏ ବାଦ୍ୟ ଯନ୍ତ୍ର ବଜାଉଛନ୍ତି । କିଏ ବିଲାତି ବାଦ୍ୟ କିଏ ଦେଶୀ ବାଦ୍ୟ । ବଜାଉଥିବା ବେଳେ ତାଙ୍କ ହାତରୁ ଗୋଟିଏ ବନ୍ଧୁ ଦୈତ୍ୟ ଆସି ଯନ୍ତ୍ର ଗୁଡ଼ିକ ନେଇ ଗଲା । ମାତ୍ର ସେମାନଙ୍କ ହାତ ବଜାଉଥିବା ଅବସ୍ଥାରେ ରହିଛି । କହ ପାରିବ କିଏ କି ଯନ୍ତ୍ର ବଜାଉଥିଲା—

୩୫ ନମ୍ବର ଅବସର ବିନୋଦନର ଉତ୍ତର ୧୦ ଜଣ ଛାତ୍ର—ଓ ୧୧ ଶିଲିଙ୍ଗ ୮ ପେନ୍ସ ପଇସା ଥିଲା ।




Digitized by srujanika@gmail.com

# ଢ଼ିଣ୍ଡୋଳ

ମହାଶୟ

କଣ୍ଟକ ମଦନମୋହନ କଲେଜ ଛାତ୍ରୀ ମାନଙ୍କ ଚରିତ୍ର ଉପରେ ଅଯଥା ଆକ୍ଷେପ କରିବା କଲେଜ ଛାତ୍ର ମାନଙ୍କର ଈର୍ଷାଜାତ ଅଟୁଛି ?

ଆପଣଙ୍କର

ନିରଞ୍ଜନ ପଣ୍ଡା

(ଏହା ଅତି ଜଘନ୍ୟ ମନୋବୃତ୍ତି ଓ ଅସଭ୍ୟତା—ସମ୍ପାଦକ)

ମାନନୀୟ ସମ୍ପାଦକ ଡଗର, ନମସ୍କାର ।

ଗତବର୍ଷ ଫାଲଗୁନ ପ୍ରଥମାର୍ଦ୍ଧ ତ୍ରୟୋଦଶ ସଂଖ୍ୟାର ଶ୍ରୀମାନ ମହୀନ୍ଦ୍ର ନାୟକଙ୍କର "କ୍ଷମାଭିକ୍ଷା" ଏବଂ ଚଳିତ ବର୍ଷ ଅଷାଢ଼ ଦ୍ୱିତୀୟାର୍ଦ୍ଧ ସଂଖ୍ୟାର ଶ୍ରୀମାନ ଉମାଶଙ୍କର ମିଶ୍ରଙ୍କର "ଟେଲିଫୋନ ମାର୍କେଟିଂ ଲଭ" କେବଳ କେତୋଟି ସରଳ, ନିରୀହ ପ୍ରାର୍ଥୀଙ୍କ ଚରିତ୍ର ଉପରେ ଆକ୍ଷେପ ଛଡ଼ା ଅନ୍ୟ କିଛି ନୁହେଁ । ଏହାଦ୍ୱାରା କେବଳ 'ଡଗର'ର ସମ୍ମାନକୁ କ୍ଷୁଣ୍ଣ କରୁଛି ତା ନୁହେଁ, ଛାତ୍ର ଛାତ୍ରୀଙ୍କ ମର୍ଯ୍ୟାଦା ଉପରେ ଆଘାତ ଦେଉଛି ମଧ୍ୟ । ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେପରି ନହୁଏ—ଏହା ଆପଣଙ୍କ ପାଖରୁ ଆଶା କରୁଛି ।

ଆପଣଙ୍କର

ମନୋରଞ୍ଜନ ନାଥ ବହୁଦାର

[ ଯଦି କୌଣସି ସାମାଜିକ ଦୁଷ୍ଟଚରିତ୍ରତାକୁ ଘଟଣାରେ ପଢ଼ାଇବା ଉଦ୍ଦେଶ୍ୟରେ ବ୍ୟଙ୍ଗ କରାଯାଏ ତେବେ ତାହା ସ୍ପୃହଣୀୟ । କିନ୍ତୁ ସେ କାହାଣୀ ଯେପରି ବନ୍ଦୋକ୍ତି ପରି କୌଣସି ବ୍ୟକ୍ତି ବିଶେଷକୁ କଟାକ୍ଷରେ ଆକ୍ରମଣ ନହୁଏ ସେଥିପ୍ରତି ଆମେ ସଜାଗ ରହୁଛୁ, କିନ୍ତୁ ଲଜ୍ଜା ଓ ଅପବାଦରୁ ଏଥିରୁ ଅନ୍ତରାଳୀ ସଂ: ଡ଼]

ସମ୍ପାଦକ ମହାଶୟ !

ଗତ ତ୍ରୟୋଦଶ ବର୍ଷ ଦ୍ୱିତୀୟ ସଂଖ୍ୟାରେ କଟକର ବେଢ଼ାର କେନ୍ଦ୍ର ବିଷୟରେ ଡଗରରେ ଯାହା ଲେଖା ବାହାରିଥିଲା ତାହା ଯଥାର୍ଥ ବୋଲି ମନେ ହେଲା, କାରଣ କଟକରେ ସବୁବେଳେ ଯେତେବେଳେ ବେଢ଼ାର କେନ୍ଦ୍ର ସ୍ଥାପନ କରିବାର ଶୁଣାଗଲା ସେତେବେଳେ ଆମେ ମାନେ ଭାବିଲୁ ଯେ ଓଡ଼ିଆ ପୁଅମାନଙ୍କୁ ଏହିଗତିରେ ଶିକ୍ଷାଦେବା ପାଇଁ ହିଁ କଟକରେ ଏହାର ପ୍ରତିଷ୍ଠା ହେଲା । ଏଣିକି ଓଡ଼ିଶା ଭିତରେ ଯେତେ ଯୋଗ୍ୟ ଯୁବକ ଚାକିରୀ ଅଭାବରୁ ବେକାର ରହିଛନ୍ତି ସେମାନଙ୍କ ସୌଭାଗ୍ୟ ଫୁଟିଉଠିବ । ଓଡ଼ିଶାରେ ଧନର ଅଭାବ । ଧନୀଙ୍କ ପୁଣି ଅଳ୍ପ ଲୋକେ ବାହାରେ ଧନ ବ୍ୟୟ କରି ବାହାରଣୀ ଓସ୍ତାଦ ମାନଙ୍କଠାରୁ ତାଲିମ ହୋଇ ପାରିବେ ଏହା ଅସମ୍ଭବ । ରେଡ଼ିଓଦ୍ୱାରା ଓଡ଼ିଆ ପୁଅଙ୍କ ସେଭଳି ସ୍ଥାନରେ ଶିକ୍ଷାର ଅଭାବ ରହିବ ନାହିଁ । କିନ୍ତୁ ହାୟ ଦୁର୍ଭାଗ୍ୟର କଥା, ରେଡ଼ିଓରେ ଯେତେବେଳେ ପରୀକ୍ଷା ପାଇଁ ଆମେ ମାନେ ଯାଉଁ ସେତେବେଳେ କିପରି ଗାଇଲେ ଭଲ ଓ ଆଦରଣୀୟ ହେବ ଏହାର କିଞ୍ଚିତ୍ ମାତ୍ର ଆଭାସ ମଧ୍ୟ କେହି କାହାକୁ ଦିଏନାହିଁ । ସେ ଯେପରି ଯାଇଁ ଗାଇଦେଇ ଚାଲିଆସେ ! ତାପରେ ପରୀକ୍ଷକ ତାହା ପ୍ରତି ଯେପରି କରୁଣା ଦେଖାଇବେ । ଏଥିରୁ କଣ ଲାଭ କରିବେ ଓଡ଼ିଆପୁଅ ? ସେମାନେ ଯଦି ଏଥିରେ କୌଣସି ପ୍ରକାର ଶିକ୍ଷାଦାନ ବାବଦରେ ନକହନ୍ତି ତେବେ ସେଥିରେ ଓଡ଼ିଆ ମାନଙ୍କର କଲ୍ୟାଣ ବା କଣ ହୋଇ ପାରିବ? କେବଳ ମାର ନେଉଛନ୍ତି ମାହାପାତ୍ରେ ଗୃହ - ବହୁଛନ୍ତି ଛତା, ଏହାହିଁ ସାର ।

ମହାଶୟ,

ପ୍ରାୟ ତେର ଚଉଦ ବର୍ଷ ପୂର୍ବେ ଗୋଟିଏ ଦାଢ଼ିଆ ବୁଢ଼ା ଓଡ଼ିଶାର ପ୍ରତ୍ୟେକ ଗାଁ ଗଣ୍ଡା ବୁଲି ଲୋକମାନଙ୍କର ଦୁଃଖ ଦୁର୍ଦଶା ବୁଝୁଥିଲେ ଓ ସେହି ଦୁଃଖ ଦୁର୍ଦଶା ସବୁ ସରକାରଙ୍କ ନଜରରେ ପକାଇବା ଲାଗି ସେ ଖଣ୍ଡିଏ କାଗଜ ପ୍ରତିଷ୍ଠା କରିଥିଲେ, ସେ କାଗଜ ହେଉଛି 'ସମାଜ' । ଦୁଃଖ ଦୁର୍ଦଶା ଜଣାଇବା ପାଇଁ ଲୋକମାନଙ୍କୁ ସେଠିକୁ ଯିବାକୁ ପଡ଼ୁନଥିଲା । ଖୋଦ୍ ସେହି ବୁଢ଼ା ପ୍ରତ୍ୟେକ ଘରେ ଘରେ ବୁଲି ବୁଲି ଲୋକମାନଙ୍କ ଦୁଃଖ ଦୁର୍ଦଶା ବୁଝି ତାହା ସମାଜରେ ବାହାର କରୁଥିଲେ । ଦାଢ଼ିଆ ବୁଢ଼ା ଗୋପବନ୍ଧୁ ଆଜକୁ ଏକୋଇଶ ବର୍ଷ ହେଲା ସ୍ୱର୍ଗାରୋହଣ କଲେଣି । ଏହା ଭିତରେ 'ସମାଜ' କେତେ ଅଗ୍ରଗତି କରିଛି ମୁଁ ଜାଣେ ନାହିଁ । ଜଣେ ଛାତ୍ର ରେଭେନ୍ସା କଲେଜର ଆଇ, ଏସ୍, ସି ପାସ୍ କରି ସେହି କଲେଜରେ ସ୍ଥାନ ନ ପାଇବାରୁ ତାଙ୍କ ଦୁଃଖ ଜଣାଇବାକୁ ବର୍ତ୍ତମାନ ସଂପାଦକଙ୍କ ପାଖକୁ ଯାଇଥିଲେ । ଏଥିରେ ତାଙ୍କର କଅଣ ଅନ୍ୟାୟ ହେଲା ଦେଶବାସୀ ବିଚାର କରିବେ । ସଂପାଦକ ମହାଶୟ ନିଜ ବାଡ଼ିର ଦୁଃଖ ଦୁର୍ଦଶା ଶୁଣିବେ କଅଣ ଓଲଟି ରାଗି ଗଲେ ଓ ସେ ଛାତ୍ରଟିକୁ ଅତି ଶୀଘ୍ର ସେ ସ୍ଥାନ ତ୍ୟାଗ କରିବାକୁ ବାଧ୍ୟ କଲେ । ଛାତ୍ର ସଙ୍ଗେ ଛାତ୍ରଟିକୁ ମଧ୍ୟ ଚେତାଇ ଦେଇଥିଲେ ଯେ ବର୍ତ୍ତମାନ ଅବସ୍ଥାରେ ସରକାରଙ୍କୁ କିଛି କହିବା ପାଇଁ କହିବା ଅନୁଚିତ୍ । କି ବିଚିତ୍ର ପରିବର୍ତ୍ତନ । ଯେଉଁ କାଗଜର ସମ୍ପାଦକ ଜନ ସାଧାରଣଙ୍କ ପାଇଁ ସରକାରଙ୍କ ସାଙ୍ଗରେ ନିର୍ଭୀକ ଭାବରେ ଲଢ଼ୁଥିଲେ ସେହି କାଗଜରେ ସେହି ସମ୍ପାଦକ ସରକାରଙ୍କ ପାଇଁ ଜନସାଧାରଣଙ୍କ ବିରୁଦ୍ଧରେ ଲଢ଼ିଲେଣି । ହାୟ, ଗୋପବନ୍ଧୁ !

ଭଦ୍ରକର ରାମଚନ୍ଦ୍ର ମିଶ୍ର ।

Digitized by srujanika@gmail.com

ହାଓଡ଼ା କୃଷ୍ଣ କୁଟୀରର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଆଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

## ଧଳା

ଦେହରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

୧୦୧ ଟଙ୍କା ପୁରସ୍କାର
**ନକଲଠୁ ସାବଧାନ**

## ଅସଲି
## ପଞ୍ଚଗୁଣୀ ତୈଳ

[ ରେଜିଷ୍ଟାର୍ଡ ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ, ଅସଲି ପଞ୍ଚଗୁଣୀ ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦଉଦ, କଣ୍ଡୁ, ଖସ, ପୋଡ଼ାଘାଅ, କାଛୁ, ବଣ୍ଟି, ମଚଲା, ବାଗୀ ପ୍ରଭୃତି ୫୬ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ୧ରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ବ୍ୟବହାର ବିଧି ଶିଶି ସହିତରେ ଥାଏ । ପଢ଼ିଲେ ସମସ୍ତ ବିଷୟ ବୁଝି ପାରିବେ । ମୂଲ୍ୟ ପ୍ରତି ଗ୍ରୋସ ଟ ୭୫ଟଙ୍କା ପ୍ରତି ଡଜନ ଟ ୭ ଃ, ପ୍ରତି ଶିଶି ୧୦ ଅଣା ମାତ୍ର । ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରିଦେଇ ଦିଅନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ । ଅନ୍ୟ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ ।

ପତ୍ର ଦେଲେ କାଟଲଗ ପଠାଇ ଦେଉ ।

ପ୍ରାପ୍ତିସ୍ଥାନ—
ମନିରାମ ବୈରୋଡ଼ମଲ
୧୩୨ ଦେଲଙ୍ଗା ବଜାର, କଟକ

## ହାଇଡ୍ରୋସିଲ୍

ଅମ୍ବର "ବି, ଏଚ," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଅ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ଟ ୩, ଅଭ୍ୟନ୍ତରର ଔଷଧ "ଗାନଆ" ବଟିକା ୧।୦ ଭିଃପିଃ ଟ୦।୬ ।

## ପେଟବ୍ୟଥା

କଲିକ୍, ପେନ, ପେଟମରା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଅମ୍ବର "ଦୀପନ" ବ୍ୟବହାର ଦ୍ୱାରା ଦୁଇଦିନ ମଧ୍ୟରେ ଭଲହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ଟ ୩, ଭିଃପିଃ ଟ୦।୬ ।

Kaviraj R. N. Chakravarty. [D.M.]
24 Devendra Ghose Road.
Bhawanipore: Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମଧ୍ୟରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ବିଷୟରେ ଏବଂ ସବୁ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଏକ ଖଣ୍ଡିଏ ପୋଷ୍ଟକାର୍ଡ଼ରେ ଆପଣଙ୍କ ପସନ୍ଦରେ ଆସୁଥିବା କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପତ୍ରଖଣ୍ଡର ଭିତରେ ନିଜର ପୂରା ଠିକଣା ଲେଖିକରି ପଠାନ୍ତୁ । ତାହାହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କ ଆଗାମୀ ବାରମାସର ଭାଗ୍ୟର ଫଳ, ଲାଭ, କ୍ଷତି କେଉଁଠାରେ ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ଚାକିରିରେ ଉନ୍ନତି, ଶାରୀରିକ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, କ୍ରସ ଅଥବା କୌଣସି ଅକସ୍ମାତ କାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, କ୍ରସ ଅଥବା କୌଣସି ଅକସ୍ମାତ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ପୋଷ୍ଟକାର୍ଡ଼ର ଲେଖା ଅନୁସାରେ, ଅର୍ଥାତ୍ କେଉଁ ତାରିଖରେ ଠିକ୍ ଠିକ୍ ଘଟିବାର ସମସ୍ତ ଘଟଣାର ଫଳ ନିର୍ଣ୍ଣୟ କରି କେବଳ ଟ ୧।୦ର ଭିଃପିଃ ଯୋଗେ ପଠାଇ ଦେବୁ । ଡାକ ଖର୍ଚ୍ଚ ଅଲଗା ପଡ଼ିବ । ଖରାପ ଗ୍ରହକୁ ଶାନ୍ତ କରାଇବାର ଉପାୟ ମଧ୍ୟ ଆମେ ଲେଖିଦେବୁ । ଏହା ଠିକ୍ ନ ହେଲେ, ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି । ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ ।

THE BENGAL MESMERISM HOUSE (D. W B.)
HOSHIARPUR.


Printed & Published by G. C. Mohapatro, at the Gopinath Press, Bhadrak. 16. 8. 49.

Digitized by srujanika@gmail.com

# ଡଗର


ଆନନ୍ଦ ଆଲୋକ ଓ ଅଗ୍ରଗତିର

ପ୍ରତୀକ

ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର

ତ୍ରୟୋଦଶ ବର୍ଷ ପଞ୍ଚମ ସଂଖ୍ୟା

୧ । ୯ । ୪୯


## ଗୋଗ୍ରାସ ଏକମାତ୍ର ବସ୍ତୁ




ଚିତ୍ର । ଚନ୍ଦ୍ର ସିଂହ

ସ୍ତୁତି ।


ବାର୍ଷିକ ମୂଲ୍ୟ ୫ ୭ ୯

ଷାଣ୍ମାସିକ ୨ ୩ ୯

ପ୍ରତିଖଣ୍ଡ

୪ ଅଣା ।


Digitized by srujanika@gmail.com

## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ସର୍ବର ଯୋଗ୍ୟ ପ୍ରତିଷ୍ଠାନ ।

## ଧବଳ

ଦେହରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା

ଶାଖା ୩୬—ନଂ ହରିସନ ରୋଡ କଲିକତା



## ୧୦୧ ଟଙ୍କା ପୁରସ୍କାର

### ନକଲଠୁ, ସାବଧାନ

## ଅସଲି

## ପଞ୍ଚଗୁଣା ତୈଳ

[ ରେଜିଷ୍ଟାର୍ଡ ]

ବହୁ ଗୁଣକାରକ, ବିଶ୍ୱବିଖ୍ୟାତ, ଅସଲି ପଞ୍ଚଗୁଣା ତେଲ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦଦ୍ରୁ, କଣ୍ଡୁ, ଘା, ପୋଡ଼ାଘାଆ, ବାତ, ବାର୍ଦ୍ଧକ୍ୟ, ମଟଲା, ଖାଣ୍ଡି ପ୍ରଭୃତି ୫୬ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ବ୍ୟବହାର ବିଧି ଶିଶି ସହିତରେ ଥାଏ । ପଢ଼ିଲେ ସମସ୍ତ ବିଷୟ ବୁଝି ପାରିବେ । ମୂଲ୍ୟ ପ୍ରତି ଗ୍ରୋସ ୫୨ଟଙ୍କା ପ୍ରତି ଡଜନ ୫୬୦, ପ୍ରତି ଶିଶି ୧୦ ପଇସା ମାତ୍ର । ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରିଦେଇପାରନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ । ଅଉ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ ।

ପତ୍ର ଦେଲେ କାଟଲଗ ପଠାଇ ଦେବୁ ।

ପ୍ରାପ୍ତିସ୍ଥାନ—

ମନୀରାମ ବେଣୀରାମଲ

୧୩୨ ଚୌଧୁରୀ ବଜାର, କଟକ



## ହାଇଡ୍ରୋସିଲ୍

ଆମର "ବି, ଏଚ୍," ତେଲ ଦ୍ୱାରା ହାଇଡ୍ରୋସିଲ ଅଣ୍ଡିସି ଗୋଦର, ହାଣ୍ଡିଆ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩ ୯, ଅଭ୍ୟନ୍ତରିକ ଔଷଧ "ପାନୀୟ" ବଟିଦାମ ୨।୯ ଡାଃ ମାଃ ୫୦ ୟାଃ ।

## ପେଟବ୍ୟଥା

ଅଜୀର୍ଣ୍ଣ, ଶୂଳ, ପେଟଫମ୍ପା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର "ଦୀପନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣ-ରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ୩ ୯, ଡାଃ ମାଃ ୫ ୦ ୟ ।୵

Kaviraj R. N. Chakravarty. [D-M.]
24 Devendra Ghose Road.
Bhawanipore Calcutta



# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମସିହାରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ବିବରଣୀ ସହ ସବୁ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଗୋଟିଏ ପୋଷ୍ଟକାର୍ଡରେ ଆପଣଙ୍କ ପସନ୍ଦରେ ଆସୁଥିବା କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପତ୍ରଲେଖକର ସ୍ୱାକ୍ଷର ନିଜର ପୂରା ଠିକଣା ଲେଖିକରି ପଠାନ୍ତୁ । ତାହା ହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କ ଆଗାମୀ ବାରମାସର ଜାତକର ଫଳ, ଲାଭ, କ୍ଷତି କେଉଁ ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ଚାକିରିରେ ଉନ୍ନତି, ପାରିବାରିକ ମଙ୍ଗଳ, ସ୍ୱାସ୍ଥ୍ୟ କେମିତି, ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁମାନେ ବିବାହ, ଗୋଡାଧନ ପ୍ରାପ୍ତି, ଲଟେରୀ, କୁଆ ଅଥବା କୌଣସି ଅଜଣାଙ୍କ ତାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୋଡାଧନ ପ୍ରାପ୍ତି, ଲଟେରୀ, କୁଆ ଅଥବା କୌଣସି ଅଜଣାଙ୍କ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ପୋଷ୍ଟକାର୍ଡର ଲେଖା ତାରିଖରୁ, ଆମ୍ଭେ କହି ଦେବାକୁ ଏହି ବର୍ଷରେ ଠିକ୍ ଠିକ୍ ଘଟିବାର ସମସ୍ତ ଘଟଣାର ଫଳ ନିର୍ଣ୍ଣୟ କରି କେବଳ ୫୦ାର ଖର୍ଚ୍ଚରେ ଭିଃ ପିଃ ଯୋଗେ ପଠାଇ ଦେବୁ । ଡାକଖର୍ଚ୍ଚ ଅଲଗା ପଡ଼ିବ । କୁଗ୍ରହକୁ ଶାନ୍ତ କରାଇବାର ଉପାୟ ମଧ୍ୟ ଆମେ ଲେଖିଦେବୁ । ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି । ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ ।

THE BENGAL MESMERISM HOUSE (D.W B.)

HOSHIARPUR.



ସମ୍ପାଦକ— **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ମୁଦ୍ରାକର ଓ ପ୍ରକାଶକ ସଂପାଦକ— **ଶ୍ରୀ ରାଧାମୋହନ ଦାସ**



Digitized by srujanika@gmail.com



ଭାଦ୍ର ପ୍ରଥମାର୍ଦ୍ଧ ତ୍ରୟୋଦଶ ବର୍ଷ ୨ୟ ସଂଖ୍ୟା ୧.୯.୮୧




ଜୀବନରେ ପରଖି ଯେ, ଜନ୍ମମୃତ୍ୟୁ ଉଭୟର ଖେଳ,
ଜୀବନକୁ କଲ ଯେହୁ କର୍ମମୟ ଉଜ୍ଜ୍ୱଳ ଉଦ୍‌ବେଳ ।
ଜନ୍ମକ୍ଷଣ କ୍ଷଣଜନ୍ମା ପରିଚୟ ମାନିଲ ଜୀବନେ
ସ୍ୱକର୍ମେ କରିଲ ଧନ୍ୟ ଜୀବନର ପ୍ରତି କ୍ଷଣେ କ୍ଷଣେ ।
ତାହାରେ ମୁଁ ଜଣାଏ ପ୍ରଣତି
ହେ ମହାତ୍ମା ମହାମତି ହେ ସାଧକ ଶୁଦ୍ଧପୂତ ଯତି ।
ମୃତ୍ୟୁର ପରିଧି ଲଙ୍ଘି ସମୟର ସୀମା ଅତିକ୍ରମି
ଅନନ୍ତର ଅଭିମୁଖେ କ୍ଳାନ୍ତିହୀନ ଆହେ ପଥଶ୍ରମୀ !
ମୃତ୍ୟୁର ତାମସୀ ଛାୟା ଯା ଜୀବନେ ଆଲୋକ ସମ୍ପାତ
ସେହି ମହାମାନବର ଜାନୁ ଦେଶେ ଏ ମୋ ପ୍ରଣିପାତ ।
ଘେନ ଘେନ ହେ ଗୁରୋ ପ୍ରଣତି
ହେ ମହାତ୍ମା ମହାମତି ହେ ସାଧକ ଶୁଦ୍ଧପୂତ ଯତି !
ମାନବ ଓ ଦେବତାର ବ୍ୟବଧାନ କରି ସଂକୁଚିତ
ସେବା ଆଉ ପ୍ରେମ ଡୋର ହେଲା ଯାର ଜୀବନ ବାଞ୍ଛିତ ।
କର୍ମରେ ସଂଯୋଗ ଦେଖି ଯା ଜୀବନ ମାର୍ଗ ଅନୁସରି
ଆଳସ୍ୟର ସ୍ୱର୍ଗପୁରୀ ତେଜି ଦେବେ ମର୍ତ୍ତେ ଅବତରି ।
ସେ ଦେବରେ ଜଣାଏ ପ୍ରଣତି
ହେ ମହାତ୍ମା ମହାମତି ହେ ସାଧକ ଶୁଦ୍ଧପୂତ ଯତି ।
ଯାହାର ସେବାରେ ବନ୍ଧୁ ଜୀବନକୁ କଲ ନିୟୋଜିତ
ତାହାର ବିଶ୍ୱାସଘାତେ ହେଲ ତୁମ୍ଭେ ଅମର ନିର୍ଜିତ ।।
ଜୀବନର ଅନ୍ତେ ପୁଣି ମରଣରେ ସେଇ ଘାତକଟା
ତଥାପି କରିଛ କ୍ଷମା ବକଧର୍ମୀ ହୃଦମର ବ୍ୟଥା
ହେ ଦୟାଳୁ ଜଣାଏ ପ୍ରଣତି
ହେ ମହାତ୍ମା ମହାମତି ହେ ସାଧକ ଶୁଦ୍ଧପୂତ ଯତି ।
ମାନବର ଦୁର୍ବଳତା ଛଳେ ବଳବିମର ସନ୍ଧାନ
ଦୁର୍ବଳର ହିଂସା ଛେଦ ଅହିଂସାରେ କଲ ବଳୀୟାନ ।
ପୁରାତନ ଜୀବଧର୍ମେ ହେଲ ତୁମ୍ଭେ ନବ ଆଖ୍ୟାୟିକା ।
ପ୍ରେମିକ ମାନବ ପ୍ରାଣେ କର୍ମମୟ ଜୀବନ ନାୟିକା ।
ହେ ମହାତ୍ମା ଘେନ ମୋ ପ୍ରଣତି
ହେ ମହାତ୍ମା ମହାମତି ହେ ସାଧକ ଶୁଦ୍ଧପୂତ ଯତି ।

Digitized by srujanika@gmail.com

# ତାରେ ତାରେ ଟାନା ନାନା

ହିନ୍ଦି ରାଷ୍ଟ୍ରଭାଷା ହେବ—କଂଗ୍ରେସ ସୁପାରି
...ହିନ୍ଦୁସ୍ତାନରେ ସ୍ଥାଆଉ ରହିଲେନାହିଁ—
ବୁବସ୍ତାନ।

\+ + +

ନାଗରୀ ରାଷ୍ଟ୍ରଲିପି ହେବ—ତଦୀୟ ସୁପାରିଶ ...ନାଗରମାନେ ଏଇ ଲିପିରେ ଛଠାଉ ଲେଖିବାର ସୁବିଧା ହେବ ଏଣିକି।

\+ + +

ମୌଳିକ ଶିକ୍ଷାରେ ମାତୃଭାଷା ହିଁ ହେବ—ଶିକ୍ଷାମନ୍ତ୍ରୀ ସମ୍ମେଳନର ନିଷ୍ପତ୍ତି।

......ଅଗିକ (ଅଗରୁ) ଶିକ୍ଷାରେ ପିତୃଭାଷା—ତା ଉପରକୁ ପିତାମହୀ ଭାଷା ପୁଣି ପ୍ରପିତାମହୀ।

\+ + +

ଆଡ଼ମିରାଲ ନିମିଜ- କାଶ୍ମୀର କଳର ଭଲଣ୍ଟେଯ ହେବେ—ଲେକ ସକ୍‌ସେସ୍ ସଂବାଦ... ପାକିସ୍ତାନ ଛୋଟଗ୍ଲେକୀ ଛାଡ଼ିଲେ ତ।

ଭାରତର ନାମ ଆର୍ଯ୍ୟାବର୍ତ୍ତ ଓ ରାଷ୍ଟ୍ରର ନାମ ଆର୍ଯ୍ୟଭାଷା ନ ହେବ କାହିଁକି—ପଞ୍ଜାବ।...ଦ୍ରାବିଡ଼କୁ ଭଡ଼ କାଟି ନେବାର ବାଟ?

\+ + +

କୃଷକର ଭାତ ହାଣ୍ଡିରୁ ଭାତ ଉଡ଼ିଯାଉଛି—ସମ୍ବଲପୁର ସମ୍ବାଦ।

ମନ୍ତ୍ରୀମାନଙ୍କ ଡ଼ିନର ବା ପାନ ସୁପାରିରେ ପରଶା ହେବାକୁ?

\+ + +

ମଧୁବାଣୀରେ ବନ୍‌ଶୀ ଖେଳାଳୀର ବନଶୀରେ ଗୋଟାଏ ବଡ଼ ମାଛ ପଡ଼ିବାରୁ—ଖେଳାଳୀ ବୁଡ଼ିମଲା।
...ମତ୍ସ୍ୟ ଅବତାର ଦେଖି ଉଦ୍ଧାର ପାଇଥିବ।

\+ + +

"ଚିନ୍ତା-ଭାବ- ଆଶା ଓ ଆକାଂକ୍ଷାରେ ଭାରତ ଓ ମାର୍କିନ ଅତି ନିକଟ ନିକଟରେ।"
—ରାଷ୍ଟ୍ରଦୂତ ହେଣ୍ଡରସନ
......ଖାଦ୍ୟ ଖାଦକ ପଣ?

\+ + +

ଫରେଦ୍‌ଉଦ୍ଦୀନ ଖରସୁଆଁ ଓଡ଼ିଆଙ୍କ ଉପରେ ବିହାରି ଅତ୍ୟାଚାର କରୁଛି।—
ସଂବାଦ...ବିହାରୀ ଆନନ୍ଦ ନା ଅତ୍ୟାଚାର?
—(ସାତଙ୍କ)

\+ + +

ଚନ୍ଦନନଗର ଭାରତକୁ ଆସିଲା—ସଂବାଦ...
ଟୋପିଟୋପି ଗୋପିଚନ୍ଦନ।

\+ + +

ହିଟୋ ସରକାର ଓ ସୋଭିଏଟ ସରକାର ମଧ୍ୟରେ ବାକ୍ ଯୁଦ୍ଧ ଚାଲିଛି—ସଂବାଦ
—...ନାକ୍‌ଯୁଦ୍ଧ କେବେ ଚାଲିବ—

\+ + +

ଶ୍ରୀଯୁକ୍ତ ମହତାବଙ୍କ ବାବାଜୀ ହେବା କଥା ନୋହିଲା।—ସଂବାଦ

ଧାନ ଗୋଟି ଗୋଟି ଖାଇ ମୁଠି ମୁଠି ବାନ୍ଧୁ ବାନ୍ଧୁ ଦିନ ସରିଲା।

\+ + +

ଅନ୍ୟ କୌଣସି ସରକାର ଠାରୁ ପଶ୍ଚିମ ବଙ୍ଗ ସରକାର ଅଯୋଗ୍ୟତର ନୁହେଁ—ନଳିନୀ ସରକାର......ଯୋଗ୍ୟତା କଥା ଉଠୁ ନାହିଁ।

\+ + +

କାଶ୍ମୀରର ଅଜାଦ ଲୁଣ୍ଠନକାରୀ ବାହିନୀ—ପାକିସ୍ତାନୀ ସେନାନ୍ତର୍ଭୁକ୍ତ —ପାକିସ୍ତାନ ସରକାର......ସଙ୍ଗ ଦୋଷେଣ କେବଳମ୍

\+ + +

ପ୍ରଦେଶମାନଙ୍କୁ କେନ୍ଦ୍ରର ଭଗ୍ନ ସଭାପତି ଇଚ୍ଛାକଲେ ବନ୍ଦ କରି ପାରନ୍ତି— ନୂଆ ଶାସନତନ୍ତ୍ର...... ସଭାପତି— ହର୍ତ୍ତାକର୍ତ୍ତା ବିଧାତା।

\+ + +

ମହତାବ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ କଟକ ସହରର ନାମ—ମହତାବ ନଗର ହେବ।—ପୁଞ୍ଜିପତି ସଭାର ପ୍ରସ୍ତାବ
...ଗୃହମାଟୌକିର ନାମ ମୋତିଝିଲ—
—ବହାରବାଗର ନାମ—ମିହି ବାହାର, ଚୌଧୁରୀ ବଜାରର ନାମ— ହାମ୍ଦିଲାଇ ବଜାର, ସେକ୍ରେଟେରିଏଟର ନାମ—ସୁଧୀର ଧାମ, କଟକଚଣ୍ଡୀ ରାସ୍ତା ଭୈରବ ରୋଡ଼—ବାଖରାବାଦର ନାମ—ନିତ୍ୟାନନ୍ଦ ଆବାଦ ସ୍ୱରାଜ ଆଶ୍ରମ ନାମ—ମଦନାନନ୍ଦ ସଦନ ଇତ୍ୟାଦି।

\+ + +

ମେକସିକୋ ଭାରତକୁ ଗୋଟିଏ ହେଲ୍-କଲେକ୍ଟୋପ.କ୍ ଉପହାର ଦେଇଛି ଯେଉଁଥିରେ ଦିଲ୍ଲୀରେ ମଇଳା ବୋହାଇ କାମ ଚଳିବ—ସଂବାଦ......ନେହେରୁ ତାହା କଂଗ୍ରେସକୁ ଦାନ କରିବେ।

\+ + +

ମେକ୍‌ସିକୋ ଭାଷାରେ କଲେକ୍‌ଟୋମାନେ ସଂଗ୍ରହ—ଉପର ନାମର ଟୀକା—
...ତେବେ ପାକ୍ ମାନେ କଣ ମଇଳା?

\+ + +

ସ୍ୱାଧୀନତା ଦିବସ ଦିନ ଜୟପୁରରେ ଗୋଟିଏ ମାଙ୍କଡ଼ ଜାତୀୟ ପତାକା ଧରିବସିଲା—ସଂବାଦ...ଭାଗ୍ୟେଲଙ୍ଗୁଳରେ ଗୁଡ଼ାଇ ନାହିଁ।

\+ + +

ବ୍ରିଟିଶ ବେତାର ସଂଘ ଚନ୍ଦ୍ରକୁ ଦୂରଦୃଶ୍ୟ ଯନ୍ତ୍ର ସାହାଯ୍ୟରେ ଦୃଶ୍ୟମାନ କରାଇବେ—ସଂବାଦ... ଚକୋର ଭଲ ଚାହିଁ ରହିବୁ।

\+ + +

ପାମେଲା ମାଉଣ୍ଟବେଟେନ କୃଷ୍ଣ ମେନନଙ୍କ ସେକ୍ରେଟେରୀ ହେବେ—ଲଣ୍ଡନ ସଂବାଦ।
ଭଜରେ ମନ ପାଗଲା କୃଷ୍ଣ।

\+ + +

ପାଟନାରେ ମତ୍ସ୍ୟ ବୃଷ୍ଟି ହେଉଛି—ସଂବାଦ—ମତ୍ସ୍ୟଦେଶରେ ରୌପ୍ୟ ବୃଷ୍ଟି ହୁଅନ୍ତା ହେଲେ—ଭଗବାନଙ୍କର କି ଅବିଗୃହ।

\+ + +

ଭାଗଲପୁର ଜେଲରେ କମ୍ୟୁନିଷ୍ଟମାନେ ଜେଲ ଆକ୍ରମଣ କଲେ—ସଂବାଦ।
......ତାପରେ ଭାଗଲବାନୁ।

\+ + +

କୁଚବିହାର କେନ୍ଦ୍ର ଶାସିତ ହେବ—ସଂବାଦ...ବଙ୍ଗ ଆସାମର ଭାରକେନ୍ଦ୍ର ସ୍ଥିର ରହିବ ଏଠାରେ

\+ + +

ପୃଥିବୀ ବ୍ୟାଙ୍କରୁ ଭାରତ ୩୪ ଅର୍ବୁଦ ଡଲାର କରଜ ପାଇଲା—ସଂବାଦ
......ଋଣଂକୃତ୍ୱା......

\+ + +



Digitized by srujanika@gmail.com

ଅଗଷ୍ଟ ପନ୍ଦର ! ଅଗଷ୍ଟ ପନ୍ଦର ! ସ୍ୱାଧୀନତା ଶିଶୁର ଦୁଇ ବର୍ଷ ପୂରି ତିନି ବର୍ଷ ପଶିଲା । ଏହି କାଳ ମଧ୍ୟରେ ସ୍ୱାଧୀନ ଭାରତ ଉନ୍ନତି ଓ ପ୍ରଗତି ଦିଗରେ କେତେ ଆଗେଇଛି ତାହା ତଯ୍ସନ କରିଯାଉ ।

ପ୍ରଥମେ ସ୍ୱାଧୀନତା ଆଣି ଦେବା ପରେ ଆଉ ଗାନ୍ଧୀ ବୁଢ଼ାର ପ୍ରୟୋଜନ ନାହିଁ ଜାଣି ତାଙ୍କୁ ବିଦା କରି ଦିଆଗଲା । ଦ୍ୱିତୀୟରେ ଧଳା ବଡ଼ଲାଟ ଗାଦିରେ ଜଣେ କଳା ସମ୍ରାଟ ହୋଇ ବସିବାରୁ କଳାଙ୍କ ମାନ ବଢ଼ିଲା । ନପୁଂସକ ଗଡ଼ଜାତି ରଜା ଗୁଡ଼ାଙ୍କୁ ନିକାଲି କରି ସାର୍ବଭୌମତ୍ୱ ଜାହିର କରାଗଲା । ବିଲାତରେ ମଠର କିଣା, ବ୍ରୁଟରେ ଫର୍ନିଚର କିଣା ଆମେରିକାରେ ଘର କିଣା ଇତ୍ୟାଦିରେ କୋଟି କୋଟି ଟଙ୍କା ଖରଚ କରି ମାନ ବୃଦ୍ଧି କରାଗଲା । କାଶ୍ମୀରରେ ଲଢ଼େଇ ଲଗାଇ ଭାରତର ସାମରିକ ଶକ୍ତି ବିକାଶ କରା ହେଲା । ବିଦେଶୀ ରାଜ୍ୟମାନଙ୍କୁ ଦୂତ ପଠାଇବାରୁ ଭାରତର ଇଜତ ବଢ଼ିଲା । ଶହ ଶହ ଆନ୍ତର୍ଜାତୀୟ ସଭାରେ ଭାରତ ଭାଗ ନେବା ବାହାନାରେ ହଜାର ହଜାର ଭାରତବାସୀ ସରକାରୀ ଖରଚରେ ମୁଲକ ଫେରି କରି ଆସିଲେ । ଖାଦ୍ୟ ଓ ଗୃହ ଯନ୍ତ୍ରାଦି କିଣିବାରେ ବହୁ କୋଟି ଗଚ୍ଛିତ ଧନ ଖରଚ କରି ସରକାର କୌଶଳ ଓ ଉଦାରତା ଦେଖାଇଲେ । ଚାକିରିଆଙ୍କ ସଂଖ୍ୟା ଓ ଦରମା ବଢ଼ାଇ ସରକାର ବେକାର ସମସ୍ୟା ନିବାରଣ କଲେ । ବେପାରିମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଜାତୀୟ ଧନ ବଢ଼ିଗଲା । କଳା ବଜାରରେ ପ୍ରଚୁର ବିଭାଗ ଖୋଲି ବହୁତ କର୍ମୀ କଂଗ୍ରେସ ସକର୍ମୀ କରାଇଲେ । ଶ୍ରୀମତୀ ବିଜୟ ଲକ୍ଷ୍ମୀ ରୁଷିୟାରୁ ଆମେରିକା ଯାଇଁ ଭାଇ ଜବାହର ଲାଲଙ୍କ ବିପୁଳ ସମ୍ବର୍ଦ୍ଧନାର ଉଦ୍ୟମ କରୁଛନ୍ତି । ଏଥିର ଉଦ୍ଦେଶ୍ୟ କେବଳ ଭାରତ ଟେକ ଦେଖାଇବା ।

ବିଜୟ ଲକ୍ଷ୍ମୀଙ୍କର ଶିଳ୍ପ କଳା କୌଶଳ ରୁଷିୟାରେ ବ୍ୟର୍ଥ ହେବାରୁ ପଣ୍ଡିତ ରାଧାକୃଷ୍ଣ ସେଠାରୁ ଯାଉଛନ୍ତି—ରୁଷମାନଙ୍କୁ ଦର୍ଶନ ତତ୍ତ୍ୱ ପାଠ ପଢ଼ାଇବେ । ଏଥି ମଧ୍ୟରେ ସାଢ଼େ ଚାରି ହଜାର ଯୋଜନା ଓ ପରିକଳ୍ପନା ଦୁଇ ହଜାର ତିନି ଶହ କମିଟି ବସି ସେଥିରେ ବହୁ ଲକ୍ଷ ଟଙ୍କା ଖରଚ ହୋଇ ଗଲାଣି । କେତେ କାଗଜ ଓ କାଳି ଖରଚ ହୋଇଛି ତା'ର ହିସାବ ନାହିଁ ।

ମନ୍ତ୍ରୀମାନେ ରେଲ ମଟର ଛାଡ଼ି ପବନରେ ଉଡ଼ିଲେଣି । ଏହା ଏକ ବିରାଟ ଉର୍ଦ୍ଧଗତିର ସୂଚନା ।

ଏହିଭଳି ବଖାଣି ବସିଲେ ସରିବ ନାହିଁ ଜାଣି ଏତିକରେ ମୁଣ୍ଡି ମରିଲି ।

+ + + +

ପାକିସ୍ଥାନ ପ୍ରଧାନମନ୍ତ୍ରୀ ଲିଆକତ ଅଲି ସାହେବ ତାଙ୍କର ଇଦ୍ ବାର୍ତ୍ତାରେ କହିଛନ୍ତି କି ଭାରତରେ ରହି ଯାଇଥିବା ତିନି କୋଟି ମୁସଲମାନ ଆଜି ସ୍ୱାଧୀନତାରୁ ବଞ୍ଚିତ ହୋଇ ସଡ଼ୁଛନ୍ତି ।" ବାକି ସତେଇଶ କୋଟି ଅମୁସଲମାନ ଯେ କି ସ୍ୱାଧୀନତାର ଆନନ୍ଦରେ ଗଡ଼ୁଛନ୍ତି, ସେ କଥା କହିବ କିଏ ? ଜୟ—ପ୍ରକାଶ, ଲୋହିଆ, ପି, ଆର୍, ଦାସ, ଶରତ ବୋଷଙ୍କ କଥା କିଏ ପଚାରେ । ସେମାନେ ତ ଆଉ ଲୋକଙ୍କ ପ୍ରତିନିଧି ନୁହନ୍ତି । କଂଗ୍ରେସ ବାଲା ତ ସ୍ୱାଧୀନତା ପାଇଛନ୍ତି—ଆଉ କଂଗ୍ରେସ ଯେତେବେଳେ ଲୋକଙ୍କ ପ୍ରତିନିଧି ଲୋକେ ସ୍ୱାଧୀନତା ନ ପାଇଲେ ବୋଲି କିଏ କହିବ ।

+ + + +

ମହତାବଜୀଙ୍କର ପଚାଶବର୍ଷ ପୂରି ଯିବା ତାଙ୍କର ସୁବର୍ଣ୍ଣଜୟନ୍ତୀ ହେଉଛି । କୃତଜ୍ଞ ସ୍ୱାଦକ ତଥା ଗୁଣଗ୍ରାହୀ କୃତଜ୍ଞ ଓଡ଼ିଆ ଜାତି ଏଥିରେ ଯୋଗ ଦେବ । କଥା ହେଉଛି ତାଙ୍କୁ ପଚାଶହଜାରଟଙ୍କା ଥଳି ସହିତ ଗୋଟିଏ ସ୍ତବ ସମ୍ବଳିତ ସ୍ମାରକ ପୁସ୍ତକ ଉପହାର ଦିଆଯିବ ଗୁଣର ଆଦର ସମ୍ମାନ କରି ଜାଣିବା ଗୋଟାଏ ଜାତିର ମହତ୍ତ୍ୱର ପରିଚାୟକ । ମହତାବଙ୍କ ଭଳି ଜଣେ ଅସଂଖ୍ୟ ଗୁଣଶାଳୀ ପୁରୁଷଙ୍କ ସମ୍ବର୍ଦ୍ଧିତ କରି ଓଡ଼ିଆ ଜାତି ଆପେ ଗୌରବାନ୍ୱିତ ହେବ ବୋଲି ଆମର ବିଶ୍ୱାସ । ବାଲ୍ୟ ଧୂଳା (ହରେ, ଓୟାର ଶପ୍) ଗୋଟାଏ ଜାତିର ଉନ୍ନତି ଓ ପ୍ରଗତିରେ ଲକ୍ଷଣ । ମହତାବଜୀ କେବଳ ଜଣେ ପ୍ରବୀଣ ଜନ-ନେତା ନୁହନ୍ତି—ଯେପରି ରଣ-ଜେତା ସେହିପରି ଧନଦେତା ମଧ୍ୟ । ଏଥିରେ ପ୍ରମଣ୍ଟ ବ୍ୟକ୍ତି (ପ୍ରୋମୋଟର) ମାନଙ୍କୁ ଆମେ ସ୍ୱାଗତ ଜଣାଉଛୁଁ ।

+ + + +

ମହତାବଜୀଙ୍କ ସୁବର୍ଣ୍ଣ ଜୟନ୍ତୀ ସମ୍ବନ୍ଧରେ କେତେ ଗୁଡ଼ିଏ କଥା ଆମର ଚେତାଇ ଦେବାକୁ ମନ ହେବାରୁ ପ୍ରମଣ୍ଟ-ପ୍ରବରମାନଙ୍କ ଗୋଚରାର୍ଥେ ତାହା ନିବେଦନ କଲୁ ।

ପ୍ରସ୍ତାବ ମୁତାବକ ସୁବର୍ଣ୍ଣ ଜୟନ୍ତୀରେ ସୁବର୍ଣ୍ଣର ସମ୍ପର୍କ କିଛି ରହୁ ନାହିଁ । ତେଣୁ ଆମେ ସୂଚାଇ ଦେଉଁ କି ଏହି ପଚାଶ ହଜାର ଟଙ୍କାରେ ପଚାଶ ଗୋଟି ସୁବର୍ଣ୍ଣ ପଦକ ତିଆରି କରାଇ ଗୋଟିଏ ମାଳା କରା ହେଉ । ପ୍ରତି ପଦକରେ ଚାଟୁ-ସୁଗନ୍ଧିଙ୍କର ଗୋଟିଏ ଲେଖାଏଁ ଗୁଣ ଓ ନାମ ଲେଖା ହୋଇ ମାଳଟି ତାଙ୍କୁ ସ୍ମାରକ ରୂପେ ଉପହାର ଦିଆଯିବା ଉଚିତ । ଯଥା—୧ । ରାଜନୈତିକ, ୨ । ଔପନ୍ୟାସିକ, ୩ କାବ୍ୟିକ, ୪ । ଐତିହାସିକ, ୫ । ଗବେଷକ, ୬ । ଧର୍ମ ତାତ୍ତ୍ୱିକ, ୭ । ବ୍ୟାୟାମିକ, ୮ । କାମ୍ଯିକ, ୯ । ବାଗ୍ମିକ, ୧୦ । ମାନସିକ, ୧୧ ଭଲ ନାଗରିକ, ୧୨ ଭୂଷ୍ମା ଦ୍ୱାରକ, ୧୩ ଓଡ଼ିକଳା କାଳାନ୍ତକ, ୧୪ ଆନାସ୍ୱାନରପାଳକ, ୧୫ ନିଶୋଧକ, ୧୬ ପ୍ରତିଶୋଧକ ଇତ୍ୟାଦି ଇତ୍ୟାଦି ।

+ + + +

ସମାଜରେ ଗୋଟାଏ ହେଉଛି ଲୋଭନୀ—ମନ୍ତ୍ରୀଙ୍କ ଯାନ୍ତା ।

ବାଲୁଆ ସଭରେ ଗୋଟାଏ ଚହଲ—ପହଲ ଖେଳିଗଲା । ଠୋକା ଠାକରା ମାନେ ଯାନ୍ତା ଦେଖିବା ପାଇଁ ଚୂଡ଼ା ଗୁଡ଼ଲ ବାନ୍ଧି ବସିଲେ । ତାହା ଦେଖି ସଭାପତି କହିଲେ—ଆରେ ମନ୍ତ୍ରୀଙ୍କ ଯାନ୍ତାତ ଦିନ ରାତି ଲାଗିଛି;



Digitized by srujanika@gmail.com

**ଢଲ୍ଲିଅ ବଗୁର**

ଯେତେବେଳେ ମନ କରିବ ଅଗ୍ନି ଭୁଜି ବି ଦେଇ ପାରିବ। ସେଥିପାଇଁ ଏତେ ବ୍ୟସ୍ତ କିଆଁ।

ମାତ୍ର ଲୋକାଏ ନ ଶୁଣନ୍ତି। ଆଜି ସଭାରେ ଯାତ୍ରା ବିଷୟ ଆଲୋଚନା ଲାଗିଲା। କି ପାଲା ହେବ ଓ କିଏ କେଉଁ ସୁଆଙ୍ଗ ହେବ ତାହାର ତଜ୍ଜନ କରାଗଲା। ପ୍ରତି ବିଷୟରେ ସାବାଳକ ଭୋଟ ନିଆ ହେଇ ଯାହା ସ୍ଥିର ହେଲା ତାହା ଏହି—

ପାଲାର ନାମ—ହନୁମନ୍ତ ବସ୍ତ୍ର ହରଣ।
ରଙ୍ଗାପାର୍ଟି ନେବେ—ପାଟମନ୍ତ୍ରୀ ମହତାବ
ମନ୍ତ୍ରୀ—ଜୁନ କାନଗୋଇ
ସେନାପତି—ରାଜୁଦା
ମୁନି—ଲିଙ୍ଗରାଜ ମିଶ୍ର
ଖମାରିଆ—ଚଥାଡ ପୁଅ
ଦୁଆରୀ—ଲାଲଜୀ

ଆସଲ ସୁଆଙ୍ଗ ହନୁମନ୍ତ ସାଜିବା ପାଇଁ କିଏ ରହିଲା ତାହା ଭୋଟରେ ସ୍ଥିର ହୋଇ ପାରିଲା ନାହିଁ ତରବରରେ ତେଣୁ ପାଠକଙ୍କ ଉପରେ ସେଇଟା ତଦବିର ସକାଶେ ଛାଡ଼ ଦିଆ ଯାଇ ସଭା ଭଙ୍ଗ ହେଲା। (ଇତି—ଡଗର)

\+ \+ \+ \+

ସେପ୍ଟେମ୍ବର ତା ୩ ରିଖରେ ନିଖିଳ ଓଡ଼ିଶା କଂଗ୍ରେସ କର୍ମୀ ସମ୍ମିଳନୀ ଶ୍ରୀକ୍ଷେତ୍ରରେ ବସିବାରେ ଠିକ ହୋଇଥିଲା। ମାତ୍ର ବର୍ତ୍ତମାନରେ ଅସୁବିଧା ହେବ ବୋଲି ଶୀତକାଳକୁ ଘୁଞ୍ଚାଇ ଦିଆ ଯାଇଛି। ଶୀତ ଦିନରେ ବଡ଼ ଶୀତ ହୋଇ ଖଦିଦାନକୁ ଗଡ଼ାଇ ଦେଲେ ଆହୁରି ସୁବିଧା ହେବ ବୋଲି ଆମର ମତ। କାରଣ ପୁରୀରେ ଗ୍ରୀଷ୍ମ ଅଧିକ ନୁହେ।

କେତେକ ଅସହଣୀ ଏଥିଭିତରେ କହି ସାରିଲେଣି କି କଂଗ୍ରେସର ଗୁଣ୍ଡାଦଳୀ ପଦାରେ ପଡ଼ିଯିବା ଭୟରେ ଫୁଲ ଘୁଞ୍ଚା ଘୁଞ୍ଚ ଯାଉଛି। କଥାଟା ଯଦି ସତ ହୋଇଥାଏ, ତେବେ ସେ ସମ୍ମିଳନୀକୁ ଖଡ଼ାଖିଆ କର୍ମୀଙ୍କୁ ବାଦ ଦେଇ କେବଳ ଟିକଣିଆଙ୍କୁ ବାଛି ବାଛି ନିମନ୍ତ୍ରଣ କଲେ ଏ ଦଙ୍ଗା ଭୟ ରହନ୍ତା ନାହିଁ ତ।

ତାହା ଛଡା ଆଉ ଗୋଟାଏ ଉପାୟ ହେଉଛି। ଖଦଡ଼ଦାନା ଧରିଥିବା ସବୁ ବଇଷ୍ଣମଙ୍କୁ ହସ୍ପିଟାଲରେ ଭାଗ ଦେଇଦେବ ?।

ତଥାପି ଆମ ଓଡ଼ିଶାରେ ଯେଉଁ ପରିସ୍ଥିତି। ସେଥିରେ ଏସବୁ ଡର କେବଳ ଦୁର୍ବଳ ମନୋବୃତ୍ତିର ନମୁନା। ଏଠାକାର ସରକାରୀ ଓ ବେସରକାରୀ ଅର୍ଥାତ୍ ମନ୍ତ୍ରୀ-ଦଳିଆ ଓ କଂଗ୍ରେସ କମିଟି ଦଳିଆଙ୍କ ଭିତରେ ଯଉଁ ଜଡ଼ାଜଡ଼ିଆ ମେଣ୍ଟ-ବାଳିଆ ପାରିବାରିକ ସମ୍ବନ୍ଧ ସେଥିଁର ବିଦଳିଆଙ୍କ କଥା ବା ଶୁଣୁଛି କିଏ। ବିଦ୍ କଟକିଆ ପାଳୁଆ ହୋଇଗଲେଣି—ତାଙ୍କର ବା କଉଁ କାଟଣ ଅଛି।

\+ \+ \+ \+

ସରକାର ଘୋଷଣା କରିଛନ୍ତି କ୍ରମେ ଦେଶରୁ ଅଫିମ ଉଠାଇ ଦେବେ। ଅଫିମ ଉଠିବା କଥା ଶୁଣି ଶୁଣି କାନ ବଧିର ହେଲାଣି। କଂଗ୍ରେସର ଅଫିମ ପିକେଟିଂ କାହାର ବା ମନେ ନଥିବ। କିନ୍ତୁ କ୍ଷମତା ପାଇବା ପରେ ସରକାର ସାପ ନ ମରୁ—ବାଡ଼ି ନ ଭାଙ୍ଗୁ ନୀତି ଧରି ଅଫିମ ଉଠାଉଛନ୍ତି।

ଆମ ଦେଶରେ ବିଶେଷ କରି ଓଡ଼ିଶାରେ ୫୦୦ ମହଣ ଅଫିମ ଯେ ଜଳୁଛି, ତାର କାରଣ କେବଳ ଦାରିଦ୍ର୍ୟ ବୋଲି କିଏ ନଜାଣେ। ଅଫିମ ଟୋପାଏ ପକେଇ ଦେଲେ ଭୋକ ମରିଯାଏ, ତ ଦୁର୍ବଳ ଦେହରେ କାମ କରିବାର ତେଜ ଆସେ। ଆମ ବଗୁରରେ ବର୍ତ୍ତମାନ ବ୍ୟାପିଥିବା ଖାଦ୍ୟାଭାବ ଓ ଆଳସ୍ୟ ନିବାରଣର ମହୌଷଧି ହେଉଛି—ଅଫିମ। ସରକାର କଣ ଏତେ ବେଳୁ ଯେ ନିଶା ଉଠାଇ ଦେଇ କୋଟି କୋଟି ଟଙ୍କା ଆମଦାନୀର ବାଟ ବନ୍ଦ କରିବେ।

\+ \+ \+ \+

ସରକାର କିନ୍ତୁ ଦାୟରେ ପଡ଼ି ଗଞ୍ଜେଇ ଟାକୁ ଏକାବେଳକେ ଉଠାଇଦେବେ କହୁଛନ୍ତି। ଗଞ୍ଜେଇ ଆସୁଥିଲା ପାକିସ୍ଥାନରୁ। ସେ ଛଡ଼ୁ ନାହିଁ। ଭାରତରେ ଫସଲ କଲା ବେଳକୁ ଉଠୁ ନାହିଁ। ତେଣୁ ଉଠାଇବା ଛଡ଼ା ଆଉ ବାଟ କଣ ? ଏଣେ ଆଉ କଉଁଥିରେ ନୋହିଲା ତ ନାହିଁ—ଏଇ ଗୋଟିକ କଥାରେ ହେଲେ ଗାନ୍ଧୀନୀତିଟା ରକ୍ଷା ହେବ।

ମାତ୍ର ଏଣେ ଯେ ଭୋଲାନାଥଙ୍କର ଭୋଗ ଭଣ୍ଡୁର ହେବ। ଧର୍ମ ନାଶ ଯିବ। ତେଣୁ ଧାର୍ମିକମାନେ ଘରେ ଗଞ୍ଜେଇ ଗୁପ୍ତ ଆରମ୍ଭ କରି ଦିଅନ୍ତୁ ଏଣିକି।

\+ \+ \+ \+

ପୁରୀରେ ପାକିସ୍ଥାନର ଚର ଧରା ପଡ଼ି ପୁଣ ହରଣଚାଲ ହେବା ୭ ଦିନ ପରେ ଖବର କାଗଜରେ ନ ବାହାରିବା ଯାଏଁ ଓଡ଼ିଶା ଗୋଏନ୍ଦା ବିଭାଗଙ୍କ ନିଦ ଭାଙ୍ଗି ନଥିଲା। ଜଣେ କିଏ ସୋସାଲିଷ୍ଟଙ୍କ ସାଙ୍ଗେ କଥା କହିଲେ ନ କହିଲେ କିରାଠାରୁ ହାର ପର୍ଯ୍ୟନ୍ତ ମିଛ ସତ ରିପୋର୍ଟମାନ ଗଲଛି। ଏତେବେଳେ ଆମର କବିଙ୍କ କବିତା ମନେ ପଡ଼ୁଛି—

ଓଡ଼ିଶା ଦେଶର ଏ ଠିକ ପୁଲିସ
ବିନା ମେଘେ ସୃଜି ପାରନ୍ତି ବିଜୁଳି
ମାଛ ତେଲେ ଭାଜି ଖାଆନ୍ତି ଇଲିସ
ବଡ଼ ବୁଦ୍ଧିମନ୍ତ ଶକତ ବାଳଣ
ନାହି ତେଲ କରି ସଜାନ୍ତି ବାଳଣ
ବଇରି ଦେଖିଲେ ଘଉଡ଼ନ୍ତି ପୁଲିଶ।

\+ \+ \+ \+

ବିଦ୍ୟା ମୁଖସ୍ଥ, କଣ୍ଠସ୍ଥ, ହୃଦୟସ୍ଥ କରିବା ବଡ଼ କଷ୍ଟ ସାଧ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର କର୍ତ୍ତାମାନେ ଏକ ସହଜିଆ ଧର୍ମ ଆବିଷ୍କାର କରିଛନ୍ତି। ଏଣିକି ପିଲାଏ ବା ପଣ୍ଡିତମାନେ ବିଦ୍ୟାଭ୍ୟାସ ନକରି କେବଳ ବହିଗୁଡ଼ିକ ଗୋଳାଇ ଭକ୍ଷଣ ଓ ପାଚନ କଲେ ବିଦ୍ୟା ଉଦରସ୍ଥ ହୋଇଯିବ। ଏହି ସୂତ୍ରରେ ମଧୁସୂଦନ ପୁସ୍ତକାଳୟର ହଜାର ହଜାର ଟଙ୍କାର ପୁସ୍ତକ—ପଣ୍ଡିତମାନଙ୍କର ବିଦ୍ୟାଭ୍ୟାସରେ ଲାଗିଲାଣି।

\+ \+ \+ \+

ଷଡ଼େଇକଲା ଖରସୁଆଁରେ କନିକା ରାଜା ସାହେବ ସ୍ୱାଧୀନ ଭାରତର ମୁକ୍ତ ହାୱା ପାଇଲେ ନାହିଁ ବୋଲି ଦୁଃଖ କରିଛନ୍ତି। କିନ୍ତୁ ଷଡ଼େଇକଲା ଓ ଖରସୁଆଁ ତ ନିଜେ ମୁକ୍ତ ବାୟୁରେ ସଟଲକକ୍ ଭଳି ଥରେ ଓଡ଼ିଶା ଥରେ ବିହାରକୁ ଉଡ଼ୁଛି। ସେଠି ହାୱା ନ ପାଇବାର କାରଣ ରାଜାସାହେବ ସେଠି ନିଜେ ଉନ୍ମୁକ୍ତ ହୋଇ ବିହାରୀଙ୍କ ନିଜ ରୂପ ଦେଖାଇ ପାରିନାହାନ୍ତି। ଏଠି ଘର ଭିତରେ ଆସି କାନ୍ଦିଲେ— ମା ମହତାବ କହିବେ—

କାନ୍ଦିଲେ କି ହେବ କାଳିନ୍ଦ୍ରୀ ଗମନା
ରାଜେନ୍ଦ୍ର କି ସତେ ଛାଡ଼ିବ- ଇତି।

(ବଇଷ୍ଣବ ପାଣି ବୁଢ଼େ)

—*—



Digitized by srujanika@gmail.com

"ଚଷମା ଓ ତାର ଚଟି"—ଏ କଥାଟା ଶୁଣି ହୁଏତ ଆପଣ ଯଦି ଚଷମାର ମହିମା ଜାଣି ନଥିବେ ବୃମ୍ଭା ତାର ପ୍ରେମ କାହାଣୀରେ କେବେହେଲେ ଉଟବେଇ ଝୁରିବେଇ ହୋଇ ନଥିବେ ତେବେ ହସିଉଠେଇ ଦେବେଣି ବୃମ୍ଭା ଯଦି ଆଉଟିକେ ତା ଶୀଳପାଣ୍ଡିତ୍ୟରେ ଅର୍ଥାତ୍ ଆମ ଅନୁସାରେ ସ୍ୱପକ୍ଷ ବଦ ରସିକ ଢଙ୍ଗ ଅମଳର ଲୋକ ହୋଇଥିବେ ତେବେ ଦାନ୍ତ ଘୋଡ଼ି ଖଚମ କ ଉପଲଟାଏ ଧରିବେଣି।

ମାତ୍ର ମୋର କହିବାର କଥାଟି—ଟିକେ ଧର୍ଯ୍ୟଧରି ଭାବି ଚିନ୍ତି ଦେଖ—ଚଷମା ଏ ଯୁଗ ସଭ୍ୟତାରେ କେମିତି ବିପ୍ଳବ ସୃଷ୍ଟି କରିଛି ଖାଲି ଉପରେଇ କରି ଭାବିଲେ କି ଟିକିଏ ହାଲୁକା କରି ହସି ଦେଲେ ଚଳିଯିବ ନା। ପ୍ରହରାଜଙ୍କ ଭାଷାରେ ଟିକିଏ ଚଳେଇ କରି ଖେଳେଇ କରି ଜଳେଇ କରି, ମଲେଇ କରି,

## ଚଷମା ଓ ତାର ଚଟି

ଝଲେଇ କରି ଆଗ ପଛ ଦେଖି ଏ କଥାଟା ଭାବନ୍ତୁ।

ଜଣେ ହୋଇଛି କେଜାଣି ଏ ଯୁଦ୍ଧ ପରେ ପରେ ତ ଚଷମା ପ୍ରେମ କଣ ନହିଁ ଅନ୍ତର ବେଗରେ ମାଡି ଗଲାଛି। ଟୋକା, ଟୋକୀ ବୁଢ଼ା, ବୁଢ଼ୀ, ପ୍ରେମିକ ପ୍ରେମିକା, ଏମିତି କି ମାନ୍ୟବର ରାଜାଜୀ, ଜନାବ ଆସଫଅଲି ମହାମାନ୍ୟ ମହତାବଜୀ ଆଉ ମାନ୍ୟବର କାନନଗୋଙ୍କଠୁଁ ଆରମ୍ଭ କରି ତଳଆ ପଥର ଚପରାଶି ପର୍ଯ୍ୟନ୍ତ ସମସ୍ତେ ତା ପ୍ରେମରେ ପାଗଳ। ଯେଉଁଠିକି ଯା ଖାଲି ଚଷମା। ମେଡିକାଲର Eye department କୁ ଯା ଯେ କୌଣସି ପ୍ରକାର ଚକ୍ଷୁ ରୋଗ ହେଉ ପଛକେ—ଫରମାସ ମିଳିବ ଚଷମା ବ୍ୟବହାର କର। Desperade ବା UNIVERSAL LOVERS ASSOCIATION କିମ୍ବା ଅବିବାହିତ ସଙ୍ଘ କିମ୍ବା ଅଙ୍କିତ ଦ୍ରୈନିକ ସମ୍ପଦ—ଯେଉଁଠି ମେମ୍ବର ହୁଅନା କାହିଁକି—ତମର ପ୍ରଥମ ଯୋଗ୍ୟତା ପରୀକ୍ଷା ହେବ—ତମେ ରୋଲଡ୍ ଗୋଲଡ୍ ଫ୍ରେମ ଦିଆ ଚଷମା ନିଦେନ ଅନ୍ତତଃ ଘରେ ନ ପିନ୍ଧିଲେ ବି ବାହାରେ ପିନ୍ଧ କି ନା ଆଉ ଚଷମା ଚଢ଼ି ତମେ ମନମତାଣିଆ ହୃଦୟପଶିଆ ଇତ୍ୟାଦି ଇତ୍ୟାଦି; ୧୦୧ ପ୍ରକାର ଗାଳୀ ହାଣି ପାରୁଛ କି ନା? ଗୁଣ୍ଡଙ୍କର ବାଙ୍ଗରର INTERVEW କୁ ଯା, ବିବାହ କରିବାକୁ ଯା, ସ୍ତ୍ରୀ ବା ପ୍ରେମଣୀଙ୍କର ମାନଭଞ୍ଜନ କରିବାକୁ ଯା। ଅଧିକ କଥା ପରେ ଭୁଲିକୁ ଯାଉ—ଆଗ ଯୋଡ଼ା ଚଷମା ସବୁଠି ଖାଲି ଚଷମା, ଚଷମା, ଚଷମା! ସାରା ପୃଥିବୀଟା ଯେମିତି ଚଷମା ପଛରେ ପାଗଳ।

ଏଇ ଚଷମା କଥା ଭାବି ଭାବି ମୋ ମୁଣ୍ଡ ଭିତରୁ ଦି ଦିନଟା ଝୁଣ୍ଟିଲା ହୋଇ ଗଲାଣି। କାଲି ବିପାଙ୍କର UNIVERSITY ରୁ ଆସିଥିବା ଗୋଟିଏ ଚିଠି ପଢ଼ୁ ପଢ଼ୁ ଦେଖିଲି ଯେ ସ୍କୁଲ କଲେଜର ଟୋକା ଟୋକୀଙ୍କ ଭିତରେ ଚଷମା ନିଶା ଏମିତି ବ୍ୟାପି ଗଲାଣି ଯେ ଅଭିଭାବକମାନେ ଅସ୍ତ ବ୍ୟସ୍ତ ହୋଇ ସେଥିପାଇଁ ଆମ କୁଳପତିଙ୍କ ନେତୃତ୍ୱରେ ଅଭିଭାବକମାନେ ଗୋଟିଏ ANITI-SPECS ASSOCIATION ଗଢି ଏ ପିନ୍ଧିଲା ପ୍ରେମ ପଥରୁ କିମିତି ପିଲା ମାନଙ୍କୁ ଫେରାଇବାକୁ ହେବ ସେ ବିଷୟରେ ଘମା ଘୋଟ ଅନୁସନ୍ଧାନ କରୁଛନ୍ତି। ବର୍ତ୍ତମାନ ଏହି କାମରେ ଆମ ବିଶ୍ୱବିଦ୍ୟାଳୟ ଏତେ ବ୍ୟସ୍ତ ଅଛନ୍ତି ଯେ ଗଲା ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ସେଇ ଯୋଗୁଁ ବାହାରିବାରେ ଡେରି ହେଲା ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳେ।

ନାଆଁ ଖୁଣ୍ଟାର 'ନିୟମିତ ପାଠକେ ଜାଣିଥିବେ ମାନ୍ୟବର କାନନଗୋଙ୍କର ଚଷମା କେମିତି ଆମେରିକାର ଯୁକ୍ତରାଷ୍ଟ୍ରରେ ଚହଳ ପକେଇଦେଲା। ଆମେରିକାର ବଡ଼ ବଡ଼ ଯୁବତୀ ତାଙ୍କ ଚଷମା ପ୍ରେମରେ ପଡ଼ି ଛଟପଟ ହେଲେ। ସେ ସମସ୍ୟା ଏତେ ଜଟିଳ ହୋଇଗଲା ଆଉ ସେ କଥା ଭାବି ଭାବି ମନ୍ତ୍ରୀ ମହୋଦୟଙ୍କର ମଣ୍ଡ ଏତେ ବିଗିଡ଼ି ଗଲା ଯେ—ଅବେ ଉଦ୍ଧାର ପ୍ରତିଷ୍ଠ ମନସ୍ତତ୍ତ୍ୱବିତ୍ ଚିକିତ୍ସକମାନଙ୍କର ଶୁଶ୍ରୂଷାଧୀନ ହୋଇନଥିଲେ ବ୍ୟାପାରଟା କଣ, ବୋଲି କଣ ହୋଇ ହୁଏତ ଓଡ଼ିଶା ମୁଣ୍ଡରେ ବଜ୍ର ପଡ଼ି ଯାଇଥାନ୍ତା।

—•—

ମୋର ଜଣେ ମନୀଷୀ ଅର୍ଥଶାସ୍ତ୍ରର ଛାତ୍ର ବନ୍ଧୁ କହନ୍ତି—ଏ ଯୁଦ୍ଧ ପରେ ପରେ ଯେଉଁ ଅର୍ଥସଂକଟ ଆଉ ମୁଦ୍ରାସ୍ଫୀତି ଘଟିଲା ସେଥିରେ ଚଷମାର ପ୍ରଭାବ ଅନେକ ଅଛି। ଆଜିକାଲି ଚଷମା ଉପରେ ଲୋକଙ୍କର ଯେଉଁ ନାହିଁ ନଥିବା ଚାହିଦା ବଢ଼ିଛି ତା ଫଳରେ ପୁଞ୍ଜିବାଦୀର ପେଟ ଖୁବ୍ ଫୁଲିକୁ ଫୁଲିକୁ ମାଡ଼ି ଗଲାଣି। କେବଳ ସେଥିପାଇଁ ବିରାଟ ଆଜିଯାଏଁ ଆମେରିକାର ଚଷମା କାରଖାନାରେ ନିଜର ପୁଞ୍ଜି ଖଟାଇ ଆଗରୁ ବାଟ ସଫା ରଖିବା ପାଇଁ ଆମେରିକାର ଦୁଆରେ,

(ଲେଖକ—ଶ୍ରୀ ରଘୁନାଥ ପଣ୍ଡା)

ଦୁଆରେ ହତ୍ୟା ଧରା କରୁଛନ୍ତି।

ଏତ ଗଲା ସବୁ ସଫା ସଫା ଜଣାଶୁଣା, ଖୋଲାଖୋଲି କଥା। ତେବେ କେଉଁଠି ଚଷମାଙ୍କର କେତେ ହାତ ଅଛି ସେ କଥା ଶୁଣନ୍ତୁ। ଆପଣ ଯଦି ଚଷମା ପ୍ରେମିକ ହୋଇଥିବେ ତେବେ କଥାଟା ଅଖି ପିନ୍ଧାକେ ଜାଣି ନେବେଣି—ନିଶ୍ଚୟ। ମାତ୍ର ଯଦି ସେ ପଥର ପଥିକ ନ ଥାନ୍ତି ତେବେ ଟିକେ ଡେରି ହେବ। ମାତ୍ର ମୋର ବିଶ୍ୱାସ ଆପଣ ଟିକେ ଖାଲି ମନ ମୁନି ଠିକ୍ ରଖି ହବ ଦେଲେ ଧଡ଼ାକିନା ବୁଝିଯିବ ଯେ।

ଏଇ ଦେଖନ୍ତୁ—ପ୍ରଥମେ ଚଷମା ପିନ୍ଧିବା ପୂର୍ବରୁ ଯେଉଁ ପରୀକ୍ଷା ହୁଏ ସେଥିରେ ଆଗ ଦରକାର ଗୋଟିଏ କଳା ଘର ଅର୍ଥାତ DARK ROOM ଟି। ବାସ୍...ଏଥର କଥାଟା ସଫା ସଫା ବୁଝି ଯିବେ ଯେ—ଗାଁ। ପରମଳ...।

Digitized by srujanika@gmail.com

ମୋର ଜଣେ ଅନୁରାଗୀ ବନ୍ଧୁ କହନ୍ତି କଳା ବଜାର ପ୍ରେମରେ ଚଷମା ଅମୋଘ । ଫୁଲ ପାଖୁଡ଼ାର ରଙ୍ଗ ଆଉ ଗନ୍ଧ ଇତ୍ୟାଦି ଯେମିତି ଭ୍ରମର ମାନଙ୍କୁ ଆକୃଷ୍ଟ କରେ ଠିକ୍ ସେମିତି ଆଜି କାଲି ଚଷମା ପ୍ରେମ ଜଗତରେ ବିଶେଷତଃ କଳା ବଜାରରେ ଗୋଟାଏ ବଡ଼ ATTRACTIVE REGENT ର କାମ କରୁଛି । କଷରତ୍ୟତ ବା କଲଛଡ଼ା ଦେଉଥିବ । ପ୍ରେମିକ ବା ପ୍ରେମିକଙ୍କୁ ଠିକ ବାଟକୁ ଆଣିବାକୁ ଚଷମା ଠାରୁ ଅବ୍ୟର୍ଥ ଔଷଧ ଆଉ କିଛି ନାହିଁ । ଏ ହେଉଛି ପ୍ରେମ-ଜଗତର ଟେଲିହିଲନ । ପୁଣି ବିଭିନ୍ନ ରଙ୍ଗର ଯେମିତି ବିଭିନ୍ନ ପରିମାଣରେ ଆକର୍ଷଣୀ ଶକ୍ତି ଅଛି ସେମିତି ଚଷମାର ବିଭିନ୍ନ ପ୍ରେମର ବିଭିନ୍ନ ମାତ୍ରାରେ ଆକର୍ଷଣୀ ଶକ୍ତି ଅଛି । କେଉଁ ପ୍ରେମରେ ଆକର୍ଷଣ ଶକ୍ତି କେତେ ସେ କଥା ଯଦି ଆପଣଙ୍କୁ ମାଲୁମ ନ ଥାଏ ଆଉ ଆପଣ ଯଦି ସେ କଥା ଜାଣିବାକୁ ଅତ୍ୟନ୍ତ ଆଗ୍ରହାନ୍ୱିତ ଥାଆନ୍ତି ତେବେ ଟିକିଏ କଷ୍ଟକରି କଳା ବଜାରରେ ଚେଷ୍ଟା କଲେ ସବୁ ଚଷମା ଦୋକାନରୁ ଜାଣିପାରିବେ । ନଚେତ ଟିକିଏ ଚଳେଇ କରି ଜଣେ କଳାବଜାରୀ ପ୍ରେମିକ ବା ପ୍ରେମିକା ବିଶେଷତଃ ଯୁବ ବା ଯୁବତୀଙ୍କୁ ପଚାରି ପାରିଲେ ଟିକିଏ ଶସ୍ତାରେ ଅର୍ଥାତ୍ ଫ୍ରେଣ୍ଡ ଫ୍ରେଣ୍ଡାପ୍ରଷ୍ଟିନ୍ ବା ଟିକିଏ ହସରେ ସବୁ କଥା ପାଇପାରିବେ ।

କଳ ବଜାର ସହର ପାଇଁ ପ୍ରଜାତନ୍ତ୍ର ବସନା, କମ୍ୟୁନିଷ୍ଟ ଦଳନା ଭୋଟର-ବିମୋହନା, ମନ୍ତ୍ରୀବାହନା ଆମ ସରକାର ଚଣ୍ଡୀଙ୍କର ବର ବଜାରରେ ଯେଉଁ ନାହିଁ ନଥିବା ତାଣ୍ଡବ ସେ କଥା ବୋଧେ କାହାରିକୁ ଅବିଦିତ ନ ଥିବ । ମାତ୍ର ଚଷମା ଏ ସବୁ କଳାବଜାରୀଙ୍କ ସାହାଯ୍ୟ କରି ମହାମାନ୍ୟ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବାରୁ ଏ ଚଷମା ବ୍ୟାପାର ସରକାରୀ ମହଲରେ ବି ଆତଙ୍କ ସୃଷ୍ଟି କରିଛି ।

ଏବେ ଜଣେ ଐତିହାସିକ ରେଭେନ୍‌ସା କଲେଜର Historical societyରେ ବକ୍ତୃତା ଦେଉ ଦେଉ କୌଣସି ରସଗର୍ଭ ସ୍ଥଶଙ୍କର ପ୍ରଶ୍ନର ଉତ୍ତରରେ କହିଲେ—ଏ ଯେଉଁ ଚଷମା ବିପ୍ଳବ ଏହା କେଉଁ ଅଧମ ତାରିଖରୁ ହୁଏତ ଖ୍ରୀଷ୍ଟପୂର୍ବକ ପର ତାହା ଠିକ୍ ଜଣା ପଡ଼ୁନି । ଏ ବିପ୍ଳବ ୧୮ଶ ଶତାବ୍ଦୀରେ ଇଂରେଜ ସହୃଦୟଙ୍କୁ ଖୁବ୍ ପ୍ରଭାବିତ କରିଥିବା କଥା Cowperଙ୍କ ଲେଖାରୁ ଜଣା ପଡ଼େ । ଓଡ଼ିଶାରେ ଏହାର ପ୍ରଭାବ କେଉଁ ପୁରାଣ କାଳରୁ ଏହାର ଜୀବନ୍ତ ପ୍ରମାଣ ସ୍ୱୟଂ ପତିତପାବନ ଜଗନ୍ନାଥଙ୍କର ଚକା ଡୋଳା ।

ଏ ବିପ୍ଳବର ଅତୀତ ଇତିହାସ, କ୍ରମବିକାଶ ଆଉ ଭବିଷ୍ୟତ ରୂପରେଖ ନେଇ ଓଡ଼ିଶା ସରକାର ଶିବବାବୁ ଓ କେଦାରନାଥ ବାବୁଙ୍କ ପରି ଦଣ୍ଡାଦଣ୍ଡ ବୁଢ଼ା ବୁଢ଼ା ଐତିହାସିକମାନଙ୍କ ସାହାଯ୍ୟରେ ଅନୁସନ୍ଧାନ କରୁଛନ୍ତି ବୋଲି Historical society ଜୁଅରେ ହାଓ୍ୱାଇ ଗୁଜବରୁ ଜାଣି ପାରୁଛନ୍ତି ।

ହୋମିଓପ୍ୟାଥିକ ମତରେ ଚକ୍ଷୁରୋଗରେ ଚଷମାର ବ୍ୟବସ୍ଥା ନ ଥିବାରୁ ଅନେକ ସେ ଚିକିତ୍ସାକୁ ପସନ୍ଦ ନ କରନ୍ତି । କଥା ମୁଁ କାଲେ ଡାଃ ଚୌଧୁରୀଙ୍କଠାରୁ ଶୁଣିଛି । ଏବେ ମୋର ଖୋଦ ଅଜା ହୋମିଓପ୍ୟାଥିକ ଡାକ୍ତର ବୃନ୍ଦାବନଚନ୍ଦ୍ର ଲେଙ୍କା ଏମ୍, ଏଚ୍, ବି,ଙ୍କଠାରୁ ଚିଠି ପାଇଛି ସେ ହୋମିଓ-ଚିକିତ୍ସାର ଏ ଦୁର୍ଦ୍ଦଶା ଦେଖି ନିଜେ ସ୍ୱୟଂ "ଚକ୍ଷୁରୋଗରେ ହୋମିଓପ୍ୟାଥିକ ଚଷମା" ଶୀର୍ଷକ ଏକ ପୁସ୍ତକ ପ୍ରଣୟନ କରି ଆସନ୍ତା ହୋମିଓ କଂଗ୍ରେସରେ ତାର ଅନୁକୂଳ ମତ ପ୍ରକାଶ ପାଇଁ ପ୍ରେସ ଆଡ଼କୁ ପଠାଉଛନ୍ତି ।

ଏଥିରୁ ସ୍ପଷ୍ଟ ବୁଝିହେବ ଚଷମା କେମିତି ଆଧୁନିକ ସମାଜ, ରାଜନୀତି, ଚିକିତ୍ସା, ଅର୍ଥ ଦୈନନ୍ଦିନ ଜୀବନ ଯାପନ-- ଏମିତି କି ପ୍ରଣୟ ଜଗତରେ ବି ବୈପ୍ଳବିକ ପ୍ରଭାବ ପକାଇ ପାରୁଛି । ସବୁର ଅନ୍ତରେ ଆଜି ସେଇ ଗୋଟାଏ ଜ୍ୱଳନ୍ତ ସମସ୍ୟା ଗୁରୁତ୍ୱ ପୂର୍ଣ୍ଣ ପ୍ରଶ୍ନ— "ଚଷମା ଆଉ ତାର ଗତି" । ଏହାର ଭବିଷ୍ୟତ କେବଳ ସେଇ ଖୋଦାର ମେହେରବାନି ଉପରେ । ତଥାପି ଏ ନର ଯନ୍ତ୍ରର ଭାବିବାର କଥା

ସ୍ତ୍ରୀ ରୋଗ ପାଇଁ

**ଚନ୍ଦ୍ରକଳୀ ରେଚନୀ**

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଛି ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କିମ୍ବା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୩ ୫୯ ଡାକ ଖର୍ଚ୍ଚ—୦।୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୲—ଡାକଖର୍ଚ୍ଚ—୦।୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta

**ହାଇଡ୍ରୋସିଲ**

ଆମର 'ନିଶାକର ତୈଳ' ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହର୍ଣ୍ଣିଆ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ ମୂଲ୍ୟ ୫ ଟଙ୍କା, ଆଭ୍ୟନ୍ତରିକ ଔଷଧ ଦରକାର ହେଲେ ଦାମ ୨୲ ଡା: ପ: ୦।୵୦ ।

**ପେଟ ବ୍ୟଥା**

କଲିକ୍ ପେନ୍, ପେଟଫମ୍ପା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର 'ପାକରାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣ ରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୫ ଟଙ୍କା, ଡା: ପ: ୦।୵୦ ।

Kaviraj S. K. Chakravarty (D. C.)
126/2 Hazra Road, Calcutta 2
Stockists: Bhubanswar Trading house
Bhubaneswar (Orissa



Digitized by srujanika@gmail.com



କରମକ୍ଲାନ୍ତ ଜୀବନର ମୁହୂର୍ତ୍ତଗୁଡ଼ିକୁ ଦୀର୍ଘଶ୍ୱାସ ପରି ବିଦାୟ ଦେଇ ଫେରୁଥାଏଁ ।

ରାତି ପହରକୁ ବଳି ପଡ଼ୁଛି । ଉତ୍କଣ୍ଠ-ଅନ୍ଧାରର ଅଧୀର-ବିଳାସ ହୃଦୟରେ ଶଙ୍କା ନିଗାଇ ଦେଉଥାଏ । କେଉଁ ଏକ ଅଜ୍ଞାତ ଅଶ୍ରୁ-ସ୍ୱପ୍ନର କଳା-ପରଦା ମନ ଭିତରେ ବିପଦର ଆବରଣ ସୃଷ୍ଟି କରୁଥାଏ । ଯେ'କେହି ଜାଣ ; ହୋଇପାରେ କଥା । ମୟୂରଭଞ୍ଜର ଗୋଟିଏ ନିର୍ଜନ-ବଣୁଆ ବସ୍ତି, ତା'ର ଉପରେ ମୁଁ ରହୁଛି । ପାଖରେ ଅଛୁ ବନ୍ଦୁଆ—ଆମ ଗାଁରେ ତା' ଘର ।

ଚାଲିଛି ସବୁ ପ୍ରକାର ଆଶଙ୍କାକୁ ନେଇ । କାରଣ ପଳେଇ ଯିବାକୁ ହେବ । ଜରୁରୀ ଚିଠି ଆସିଛି—ସିପ୍ରା ଶକ୍ତ ବେମାର । ଆଖି ଆଗରେ ମୋର ଆକାଶ ଭାଙ୍ଗି ପଡ଼ୁଥାଏ —

## ବର୍ଷଣ ରଜନୀ

ଲେଖକ—ଶ୍ରୀ ଯଦୁନାଥ ଦାସ ମହାପାତ୍ର

ପୃଥିବୀ ରସାତଳସ୍ଥ ହେଉଥାଏ······ସିପ୍ରା-ସ୍ୱପ୍ନରେ ମୁଁ ଧୈର୍ଯ୍ୟ ହରେଇ ଦେଉଥାଏଁ ଦେଲେ—ଦେଲେ... ।

...ସିପ୍ରା ଗାଉଥିଲା ହାତରେ ବୀଣା । ଅଙ୍ଗରେ ତା'ର ବ କମନୀୟତା—ମୁଖରୁ ଫୁଟି ପଡ଼ୁଥିଲା ଲକ୍ଷ ଲକ୍ଷ ଗୋଲାପ । କାକ କୃଷ୍ଣ କେଶରେ ଅଦ୍ୟଫୁଟ ସୁଗନ୍ଧରାଜର ଉତ୍ସବ । କବି ମୁଁ । ହୃଦୟରୁ ମୋର ଝରି ପଡ଼ୁଥାଏ କଳ୍ପନାର ଫଲ୍‌ଗୁ ।

"ସିପ୍ରା । ତୁମେ କେଡ଼େ ସୁନ୍ଦର ।"

"ଧତ୍"

ପୂର୍ଣ୍ଣିମୀ ରଜନୀର ଶୋଭା ଚନ୍ଦ୍ରିକା । ଏଇ ସାରା ଅଲୁଅ ହୋଇ ଉଠେ । ନିହ—କଣ୍ଟିତ ଉଦ୍ୟାନ ବୃକ୍ଷରୁ ଭାସିଆସେ ମଲ୍ଲୀ—ମାଳତୀର ମାଦକତା ।

—"ତୁମ ଗୀତ ଭାରି ସୁନ୍ଦର ସିପ୍ରା"

ସିପ୍ରାର ଅଭିମାନ ଆରମ୍ଭ ହୋଇଯାଏ । ଗୀତ ବନ୍ଦ ହୁଏ । ବୀଣା ରହିଯାଏ ତା'ର ଅଙ୍କନିରେ । ସିପ୍ରା ମୁହଁରେ ଉଦାସମନ୍ଥାଣୀ—ବ୍ୟଥା ହସ । ସେ ମୌନବ୍ରତ ଅବଲମ୍ବନ କରେ ।

ମାନ ମୁଁ ଭଙ୍ଗିବାକୁ ଆନନ୍ଦ ପାଏଁ । ଅଭିମାନିନୀ ସେ ମୋ' ଆଖିରେ ଅଧିକ ସୁନ୍ଦର ହୋଇ ଉଠେ ।

ଚନ୍ଦ୍ରବାଳା ଢଳିଯାଏ । ତା'ର ବିରହୀ—କଣ୍ଠର କରୁଣ କ୍ରନ୍ଦନ ଆମ ହୃଦୟରେ ଝଙ୍କାର ତୋଳେ । ଚନ୍ଦ୍ରିକାର ନଗ୍ନ ପ୍ରଳୟ ହୁଏ । ରାତି ବଢ଼ି ଉଠେ । ଶୈଳଶାଳୁ ଅଲଙ୍ଘନ କରି ପଡ଼ୁ ପଡ଼ୁ ଆଖି ବୁଜି ଆସେ । ଶୁଇ ପଡ଼ି ଯାଉଥାଏ ।

ଆଃ । ହଠାତ୍ ଏ' କ'ଣ ?

—"ସିପ୍ରା ତୁମେ ଯେ' ସଙ୍ଗୀତ ।"

ଶଯ୍ୟା ପାଖରେ ସିପ୍ରା ବସି ମୋ' ମୁଣ୍ଡରେ ହାତ ବୁଲାଇ ବୁଲାଇ ଡାକେ— "କବି"

ଉତ୍ତର ଦିଏ ମୁଁ—"ଜବାବ"

ବରୁଦଳେ ଏହିପରି । ସେ ଗୋଟିଏ ଦାନ ମାଗେ । ହବୁଦଳେ ତା'ର ଗୋଟିଏ ଇଚ୍ଛା । ସେ ଆରମ୍ଭ କରେ—

"ମନେ ଅଛି ଜମର ? 'ପ୍ରେମିକ ବାଦଶା 'ତାଇର ପ୍ରିୟତମାକୁ ଅମର କଲା । ମୋତେ କଣ ଅମର କରି ପାରିବନି ? ଯ ଇଚ୍ଛା—କବି । ତମେ ତମ କବିତାରେ

ଏଇ ଗୋଟିଏ ତା'ର ଅନୁନୟ । କବି କବିତାରେ ତା'କୁ ଅମର କରିବ । କେଜାଣି କ'ଣ ହେବ ?

ରାତି ଗର୍ଜେ ଉଠେ । ସ୍ୱପ୍ନ ଭାଙ୍ଗିଯାଏ ।

× × ×

—"ସିପ୍ରା । ଈଶ୍ୱର ଆଶୀର୍ବାଦ, ତମେ ଅମର ହୁଅ " "କବି; ମୋ ର ସ୍ମୃତିରେ କବିତାର ତାଜ୍ ତମେ ଗଢ଼ି ଯାଅ । ଏଇ ମୋ ଆକାଂକ୍ଷା ପୂର୍ଣ୍ଣ ହେବ ପାରିବନି ?"

—"ପାରିବି ସିପ୍ରା" ମଥାନତ ହୋଇଯାଏ । ଧୀରେ—କମ୍ପିତ ସ୍ୱରରେ ମୁଁ ଉତ୍ତର ଦିଏ ।

\+ + + +

"ଆଉ ମୁଁ ଭଲ ହେବିନି । ଶରତର ପରି ବୀଣା ମୋର ଆଉ ବାଜି ଉଠିବନି । ବୀଣାର ଝଙ୍କାରରେ ତମ ହୃଦୟର କବିତା-ପ୍ରବାହ ଆଉ ଜୀବନ ପାଇବନି କେବେ । ମୁଁ ତମକୁ ଆଜି ଆଶିଷ କରୁଛି ।"

"ସିପ୍ରା ।"

ଆଖିରେ ମୋର ଲୁହ ଭରିଯାଏ ।

"ହଁ, ମୋର ସେଇ ଗୋଟିଏ ଇଚ୍ଛା । କବିତାର ତାଜ୍ । ଅମର ତାଜ୍ । ସମାଧିର ମାର୍ବଲ ଉପରେ ଆଙ୍କିଦେବ, କବି ତମେ, ତମ ବେଦନା—ସିକ୍ତ ନଇତ ; ହୃଦୟର ଅପୂର୍ଣ୍ଣ-କାହାଣୀ । ଜଗତ ଜାଣିବ । ସିପ୍ରା ତମର ହବ ଅମର । ପ୍ରେମର ମିଳନ-ଛବି ଆଉ ଫୁଟିବନି ଅରୁଣିମାରେ ପଦ୍ମ ଫୁଟିଲା ପରି । ଏଣିକି ଉଠିବ ବିରହକଣ୍ଠରେ କରୁଣ ଉଚ୍ଛ୍ୱାସ । କବି, ଆଉ ବେଶୀବେଳ ମତେ ରଖି ପାରିବନି । ମୁଁ ଯାଉଛି···।"

କବିତାର ଆଶ୍ୱାସ ଅସିଲା ଶରଦିନ ପାଇଁ ମୋର ଆଖି ଆଗରେ ମଣ୍ଡଳାକାରେ ଦୁଇ ବୁଲୁଥିଲା ନିଃଶ୍ୱାସର ଚକ୍ର ।

× × ×

ସିପ୍ରା ଯାଇଛି । ତା'ର ସ୍ମୃତି ଝୁରି ଝୁରି ମୋତେ ଆଜ ଜୀଇ ରହିବାକୁ ପଡ଼ୁଛି । ତା'ର ଶେଷକଥା—"କବି, ମୋତେ ଅମର କରିଯାଅ—ଆଜ ବି ଜାଗି ଉଠି ମନ ତଳେ ତଳେ ବ୍ୟଥାର କରୁଣ-ଅଶ୍ରୁ ଢାଳି-ଯାଏ । ପ୍ରାଣରେ ଜ୍ୱାଳାର ଲହରୀ ଉଠେ । ଅପୂର୍ଣ୍ଣ ଗୀତରେ ହୃଦୟ ଉଦ୍‌ବେଳିତ ହୋଇଯାଏ । ଜଗତରେ ଆଉ ବଞ୍ଚି ରହିବାର ଇଚ୍ଛା ତାରେ ପ୍ରାଣ ଭିତରେ ବ୍ୟର୍ଥ-ଗୀତର ଝଙ୍କାର ଉଠେ । ତଥାପି ପ୍ରାଣରେ ଶାନ୍ତି ଅଛେଇ...।

୮ମ ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# କେବଳ ପୁରୁଷଙ୍କ ପାଇଁ

## (ମହିଳା ପଢ଼ିବେ ନାହିଁ—ଘଇତାଙ୍କଗଣ ରଖିଲା)

ଓଲେଟ—ସ୍ନାନ (ପାଇଖାନା, ନାଳନ୍ଦା)
ପ୍ରିୟ ପାଠକ ଗଣ,

୧ ସୁଶ୍ରୀ ନ ବାହାଘର ପୂର୍ବ ବ୍ୟାକୁଳ ମାତ୍ର ବାଲା ଦେଖିଲେ ନଜେ ଅମ୍ବୂଲ କିଶୋର ମନେ । ୨—ବାହାଘର ପ୍ରତିଶ୍ରୁତି ବିଫଳ—ଅବିରତ ଅଶ୍ରୁ ଅନେକ ଉଚ୍ଛ୍ୱଳ—ଦୈନିକ ନିର୍ବିବାଦ ଦାଢ଼ି ଛାଂଟି ନ ସ୍ପର୍ଶ ଯୌବନ ଶୂନ୍ୟ ଜବାନ୍ ମାନେ । ୩—ନିର୍ଜୀବନ ପ୍ରତିପଦ ପ୍ରୌଢ଼ ଶୂନ୍ୟ ପୁରୁଷମାନେ ୪—ମନ୍ତ୍ରକାମୀ ମୁକ୍ତ ଅନନ୍ତ ବୃଦ୍ଧମାନେ ଜାଣିବେ !!

ମୁଁ ଅନାମକର ଜୀବନର ମଳଶୂନ୍ୟ ଦୂଳପୂତ 'ଅନାମେଣ୍ଡ' ଗ୍ରହଣ କରି ନେ-ଇଛି । ମୁଁ ଜାଣେ ତମେ କହିବ, 'ଏଭ୍ର ଖୁବ୍ କୋଥରେ ବାଢ଼ିବ ଯେ ତମେ ଅନା-ମକର କେଉଁ କାରଖାନାରୁ ନାମକରଣମି ଲେଖା କେବଳ ମହିଳାଙ୍କ ପାଇଁ ପଢ଼ିବ ? —ମାଇପଙ୍କ ଗୁଣ ପଢ଼ିଥିଲ ? କେଉଁ କହୁଛ ? ଯଦି ତ କହୁଥାଅ, ତାହାହେଲେ ତମେ ତମ ନିଜ ସ୍ତ୍ରୀଙ୍କ ନିଜ ଘରମାଙ୍କ ଗୁଣ ମଧ୍ୟ କଥାଟା କହି ଦିଅ, ମୁଁ କଥାଟା ମାନିନେବି । ଦେଖି କହିଲେ !

ସେମିତି ଲବଣୀ ଦେବୀଙ୍କ ଦେଇ, ଲିଭେଇ ଗୋପନରେ ଗୋପପୁରରେ ବଢ଼ୁ ନିତ୍ୟ—ସେତ ପ୍ରଜାପତି ଲଗିତ । ତେଲେ ଗୋପପୁରରେ ଲବଣୀଦେବୀର ମଣିଧର ବଳୁଶି ସହିତା ଦେବୀଙ୍କୁ ଓ କହୁଣି ଖାଇବା ପୂର୍ବରୁ ବାଟରେ ତମର ଅନେକଙ୍କ ସଙ୍ଗ ହେଉଣି ହେବ । ପାର୍କରେ, ମାଇପ ମହଲ, ସିନେମା ହଲରେ, ବାଥରୁମରେ, ଅଟେମ୍ବଲିରେ, ଜୀପରେ, ସଭାରେ, କୋଇଁର ଗୁଡ଼ଆଡ଼େ ଦଶଦିଗ ଖେପି ଦେଇ ଦାନା, କଟେଷ୍ଟ, ଓଡ଼ୁଣା ରମଣୀ ମେଳା ମେଳା, ଝେଲା ଝେଲା ମେଂଗ୍ ମେଂଗ୍ ହେଉଛନ୍ତି । ମେଳା ମେଳ ଏଣ୍ଟା ମାଷ୍ଟରଙ୍କ ପାଇଁ ଅବାସ୍ତବ ହେଉଛି, ମାତ୍ର ମେଳା ୨ ମହିଳାଙ୍କ ପାଇଁ ଡ୍ରେଷ୍ଟ ଅବାସ୍ତବ ହୋଇନାହିଁ । ତମକୁ ଭଉଟ ବାହାରକୁ ପର୍ଯ୍ୟନ୍ତ ଛିଣ୍ଡେ କଗିରଖି ଚଳିବାକୁ ହେବ, ହାତେମାପି ଗଣ୍ଠାରେ ଗଳିବାକୁ ହେବ । ତେଣୁ ଏ ମହିଳା ସଙ୍କୁଳ ଯୁଗରେ ଦିଗ ଭର୍ଣ୍ଣମୂଳକ ଚାଲିବା ପାଇଁ ତମକୁ ନିମ୍ନ ଲିଖିତ ନିର୍ଦ୍ଦେଶ ଦିଆଗଲା ।

( ) ଦୁଅଅଣ୍ଡେଣ—ନଣ ଗଜେଇ ଅସୁଥିବ, ବେଉଷଣ ହେଇ ନଥିବ, ଅର୍ଥାତ ସାବୁନ ଫେଣ ଲାଗି ତା ଉପର ଦ୍ରୁତ ଫଲେଟହୋଇ ଛ ପାନମା ଲଙ୍ଗଳ ଗୁଲି ନ ଥିବ ! ଦେଖିନ ତମେ ଏ ଶ୍ରେଣୀ ଭିତରେ ଯାଉଛ କି ନାହିଁ । ଯଦି ଗଲ ତତ୍‌କ୍ଷଣାତ୍ ତମକୁ ବଡ଼ ସାବଧାନ ହୋଇ ଚଳିବାକୁ ହେବ । କାରଣ ଏ ଶ୍ରେଣୀ ଭକ୍ତମାନେ ସବୁଠୁ ହଟର୍କ ହେବା କଥା, ମାତ୍ର ସେମାନେ ପହିଲେ ଗୋଡ଼ ଖସେଇ ପକାନ୍ତି ।

ଜଣେ ଉଡ଼ୁକ ଲେଖାରୁ ଉକ୍ତର କଥା କହୁଛି । ତାର ପ୍ରଥମ ଦୋଷ କାଫ୍ ଲଭର (Calf love)ଉଦ୍ରେକ-ମାନେ ଦଲୁ ବୟସ୍କା ଅନେଗ ସ୍ତ୍ରୀର ଗୋଡ଼ ଭିଡ଼ାକୁ ଆକାଂକ୍ଷିତ ହେବା । କଲେଜରେ ମଧ୍ୟ । ଅଧ୍ୟାପିକାଙ୍କ ଆଡେ ତମ ଲିବିଡୋ (Libido) ଟାଣିହେଇ ଗତି କରିବା ବିଚିତ୍ର ନୁହେ । ସାଧାରଣଙ୍କ ଭିତ୍ର, ରମ୍ଭିକେଟ ରେତ ସିଂହାର ଅନେକ ଗୁଡ଼ ଗୁଣ ଅଛି ।

ବିଶେଷ ତମର ଏ ବୟସରେ ସଚେଷ୍ଟ ଭାବେ ପ୍ରେମର ଉଦ୍ଘାଟନ—ଉ ସ୍ତ୍ରୀ ବୋହୂଅଳେ ମଧ୍ୟ ତମକୁ ଏକ ଗବାଗୋଣ୍ଡ (ଗବାକ୍ଷ ନୁହେଁ)ମନେକର କେହି ହେଲେ—ବାଲା,କିଶୋରୀ, ତରୁଣୀ, ରମଣୀ ପଦ୍ମିନୀ, ଶଂଖିନୀ,ଚିତ୍ରିଣୀ,ହସ୍ତିନୀ କି ସୁନ୍ଦରୀ ଅସୁନ୍ଦରୀ, ବ୍ରଣା ଅବ୍ରଣା, ଗୋରୀ,କାଳୀ—କେହିହେଲେ ପାରିବେ ନାହିଁ ଗ୍ରହିବେ ତ ନାହିଁ ମୁଁଲେ କହୁଁକି ?

( କ୍ରମଶଃ )


ଆପଣମାନଙ୍କ ଅନୁଜ୍ଞାର
ଅପେକ୍ଷାରେ—

# ଭା ର ତୀ ପ୍ରେ ସ

ମିଶ୍ରାଳାସାହି, କଟକ ।


୭ମ ପୃଷ୍ଠାର ଅବଶିଷ୍ଟାଂଶ

ସିପ୍ରାର ଗନ୍ଧମୟ ଦେଳାଲୁ ତନୁ ଭସ୍ମ ହୋଇ ଯାଇଛି, ମାତ୍ର ମୃତ୍ୟୁ-ଶଯ୍ୟାରେ ହାତପାତି ସେ ଯେଉଁ ଦାନଟିକ ମାଗିଥିଲା ତା'ର 'ପୂର୍ଣ୍ଣତା କାହିଁ' ? ଦୁଃଖିନୀ-ସିପ୍ରା ଅସଂପୂର୍ଣ୍ଣ ଜୀବନ-ନାଟିକା କଥା ଉଦ୍ଭବ ଅଶ୍ରୁ-ଟା ମୋର ଓଦା ହୋଇ ଅସେ—ଭାରି ହୋଇ ଆସେ । ମନରେ କୋହ ଉଠେ । ରାତିର ଅନ୍ଧାରରେ ପ୍ରକୋଷ୍ଠ ଭିତରେ ସିପ୍ରାର ଛବି ଦେଖି ମୁଁ ଚିତ୍କାର କରି ଉଠେ । ପରପାରରେ ତା'ର ଆତ୍ମାର ମଙ୍ଗଳ-କାମନା କରେ । କେତେବେଳେ ଉପଯୁକ୍ତ ବାତାୟନ ପାଖରେ ବାଡ଼ ମଶାଣୀ ଭିତରେ ସିପ୍ରାର ଚିତାଗ୍ନି ଦିଶିଯାଏ......ରାତି ଭୟଙ୍କର ହୁଏ । ଶୂନ୍ୟ ଶେଯରେ କାହାର ସନ୍ଧାନ କରୁ କରୁ ଚିରନ୍ତନ-ବୁକୁ ମୋର ବାହୁନି ଉଠେ.......


# ଦି ଓଡ଼ିଆନ ଇନ୍‌ସୁରେନ୍‌ସ କୋଃ ଲିମିଟେଡ

ହେଡ ଅଫିସ ବମ୍ବେ
ଅନ୍ଧ୍ର ଓ ଉତ୍କଳ ଶାଖା:— ଭିଜାଗାପଟାମ୍

ନିଆଁ, ଦୁର୍ଘଟଣା ଓ ଜୀବନ ବୀମା ପାଇଁ ଭାରତର ବିଖ୍ୟାତ ସର୍ବଶ୍ରେଷ୍ଠ ବୀମା କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ

ଓଡ଼ିଶାରେ ସର୍ବତ୍ର ଏଇ କଂପାନୀର କାର୍ଯ୍ୟ କରିବା ପାଇଁ ସ୍ପେସାଲ ଏଜେଣ୍ଟ ଇନ୍‌ସପେକ୍ଟର ଓ ଅର୍ଗାନାଇଜର ଆବଶ୍ୟକ । ଯୋଗ୍ୟତାନୁଯାୟୀ ବେତନ ଓ ଗସ୍ତ ଖର୍ଚ୍ଚ ଏବଂ ଉଦାର ଭାବରେ କମିସନ ଦିଆଯାଏ ।

ନିମ୍ନ ଠିକଣାରେ ଦରଖାସ୍ତ କରନ୍ତୁ ।
କେ ସୂର୍ଯ୍ୟନାରାୟଣ ରାଓ ବି. ଏ.
ବ୍ରାଞ୍ଚ ସେକ୍ରେଟେରୀ, ଓଡ଼ିଆନ ଇନ୍‌ସୁରେନ୍‌ସ କୋ. ଲିମିଟେଡ୍
ପୋଷ୍ଟ ବକ୍‌ସ ନଂ—୩—ମେନ୍ ରାସ୍ତା, ଭାଇଜାଗା ଟମ୍


Digitized by srujanika@gmail.com

ଦେବ ଦେବୀଙ୍କ ମଧ୍ୟରେ ବିଘ୍ନେଶ୍ୱର ଅନ୍ୟତମ। ଯଦିଓ ବର୍ଷା ପବନର ଅଧିଦେବତା ଇନ୍ଦ୍ର, ବରୁଣ ପରି ବିଘ୍ନେଶ୍ୱର ନୁହନ୍ତି। ବ୍ରହ୍ମା ବିଷ୍ଣୁ ଓ ଶିବଙ୍କ ପରି ସର୍ବବ୍ୟାପି ନୁହନ୍ତି। ତାଙ୍କ ନାମରୁ ବୁଝାଯାଏ ତାଙ୍କର କେବଳ ଗୋଟିଏ ବିଷୟରେ ଅଧିକାର—ସେ ଯେପରି 'ବିଘ୍ନହର—ଈଶ ବିଘ୍ନେଶ'—ଏବଂ ବିଘ୍ନ ନାଶକ। ଆମେ ସେଥିପାଇଁ ତାଙ୍କୁ ପୂଜାକରୁ। ବିଷ୍ଣୁ ଆଦି ସବୁ ଦେବତା ପୂଜାର ପ୍ରଥମରେ ବିଘ୍ନେଶଙ୍କ ପୂଜା।

ଏଭଳି ଏକ ଆଶ୍ଚର୍ଯ୍ୟ ଦେବଙ୍କର କଳ୍ପନାର ମୂଳତଥ୍ୟ ଖୋଜିବାକୁ ସ୍ୱତଃ ଇଚ୍ଛାହୁଏ। ଏହି ଗବେଷଣାର ଉପାଦାନ କେବଳ ପୁରାଣ। ପୁରାଣକୁ କେବଳ ବିଷ୍ଣୁଶର୍ମାଙ୍କ ହିତୋପଦେଶ ମନେକଲେ ଏ ଗବେଷଣା ସମ୍ଭବ ନୁହେଁ। ପୁରାଣ ମୂଳରେ, ପୂର୍ବକାଳର କଳ୍ପିତ ଐତିହାସିକ ସତ୍ୟ ତଥା କୃଷ୍ଟି ମୂଳକ ତଥ୍ୟ ମଧ୍ୟ ରହିଛି। ପୁରାଣକୁ ଅନେକ ସମୟରେ କୌଣସି ନିର୍ଣ୍ଣୟ କରିବାରେ ବାଧା ଆସିଥାଏ। ୨୦୦୦ ବର୍ଷ ପୂର୍ବ ମିଶରର ମୃତ ଶବ ସମାଧି ଗବେଷଣା କଲା ଭଳି ଆମକୁ ସେଥିପାଇଁ ସାବଧାନତାର ସହିତ ଗତି କରିବାକୁ ହେବ—କଳ୍ପନା ଓ କାରଣର ଆଶ୍ରୟ ନେଇ।

ନିରପେକ୍ଷ ଗବେଷଣା କଲେ ଆମେ ଦେଖିବାକୁ ପାଉଁ ଯେ ବିଘ୍ନେଶ ଅନ୍ୟ ଦେବତାଙ୍କ ଭଳି ପ୍ରଥମରୁ ଦେବତା ନଥିଲେ—ଥିଲେ ଜଣେ ଭିକାରୀ—ଅତି କୁତ୍ସିତ—ଅତ୍ୟନ୍ତ ଘୃଣ୍ୟ ଭାବରେ ସେ ଜୀବନ ଯାପନ କରୁଥିଲେ। ଏବଂ ସେ ନିଜର ପ୍ରତିଭା ବଳରେ ଏହି ଉଚ୍ଚ ଆସନର ଭାଜନ ହୋଇ ପାରିଲେ।

ଯୁଗ ଯୁଗ ଆଗେ ଆର୍ଯ୍ୟାବର୍ତ୍ତର ଗୋଟିଏ ଭିକାରୀ ଦଳର ସର୍ଦ୍ଦାର ନାମ ଥିଲା ବିନାୟକ ଥିଲା—ଅତି କୁତ୍ସିତ ଅଥଚ ସ୍ଥୂଳକାୟ ଓ ବଳବାନ୍—ସମ୍ଭବତଃ କୃଷ୍ଣବର୍ଣ୍ଣ—ନାକ ବାହାରିପଡ଼ିଛି—ହାତୀର ଶୁଣ୍ଢ ପରି—ସେହି—ଗ୍ରାମ ଗ୍ରାମରେ—ଗଳି ଗଳି ବୁଲିଥିଲା—ଲୋକଙ୍କ ପରି ଗଣ୍ଡଗୋଳ କରୁଛି—ଏକ କପ ଇଲା ଯାଏ ବ୍ୟତିବ୍ୟସ୍ତ କରୁଛି ଲୋକଙ୍କୁ—କଳ୍ପନାରେ ଆମେ ଏହିଭଳି ଦେଖି ଅଛୁ ବିଘ୍ନେଶ୍ୱରଙ୍କ ଆଧ୍ୟାତ୍ମିକ ରୂପରେ ଅତ୍ୟନ୍ତ କଷ୍ଟ ଜନକ ଦାନବ ସ୍ୱରୂପ ବୋଲି ଲାଗେ।

ଯେଉଁଠି ବିନା ପୂଜା—ବାର ବ୍ରତ ସେଠି ସେ ତାଙ୍କର ଏବଂ କେବଳ ନିଜପାଇଁ ନୁହେଁ—ନିଜର ଅନୁଚର ମାନଙ୍କ ପାଇଁ ମୁକ୍ତି ଆଦାୟ କରି ପାରୁଥିଲେ। କିନ୍ତୁ ସାଧାରଣ ଉତ୍ସବ ଭଳି ସେ ଅଲକ୍ଷ୍ମୀ ତାଙ୍କ ନିମନ୍ତ୍ରଣ ସମସ୍ତଙ୍କ ଆଗେ ସେ ନିଜର ଭାଗ ନ ନେଲେ ସହଜେ ଛାଡ଼ୁ ନଥିଲେ।

ମନେହୁଏ ବିନାୟକ ସତେ ଯେପରି ପ୍ରତ୍ୟେକ କର୍ମ କାର୍ଯ୍ୟରେ ସଦଳବଳେ ହାଜର ହୋଇ ଧମକ ଦେଉଥିଲେ। ଆଗ ଆମକୁ ବାଣ୍ଟି ଦେଇ ଦିଅ। ତାହା ହେଲେ ତୁମର କୌଣସି ବିଘ୍ନ ହେବ ନାହିଁ, ନଚେତ୍ ସବୁ ଭଣ୍ଡୁର ହୋଇଯିବ।

ଭଲ ଦିନ ବାରରେ କେହି କେବେ ଗଣ୍ଡଗୋଳ ପସନ୍ଦ କରେ ନାହିଁ। ସେଥିପାଇଁ ହୁଏତ ସମସ୍ତେ ଏହି ମାଗିଖିଆ ଲୋକମାନଙ୍କୁ ବିନା ବାଧାରେ ବଢ଼ା କରି ଦେଉଥିଲେ।

## ବିଘ୍ନେଶ୍ୱର ଦେବ

ଲେଖକ—କେ. ଗଣନାଥନ, ବି, ଏସ୍, ସି

ବିନାୟକଙ୍କ ଗୋଟିଏ ଗୁଣ ଥିଲା ସେ ଅନ୍ୟମାନଙ୍କ ପରି ସବୁ କରି ଦେଉ ନ ଥିଲେ କେବଳ ନିର୍ଦ୍ଦିଷ୍ଟ ଉତ୍ସବଟି ଉପରେ ନିର୍ବିଘ୍ନରେ ହେବ, ସେଥିପାଇଁ ନିର୍ଦ୍ଦେଶ ଦେଉଥିଲେ ଏବଂ ତାହା ଘଟୁଥିଲା।

ଦିନ ବିତିଗଲା। ବିନାୟକ କ୍ରମେ ବୟୋବୃଦ୍ଧ ପ୍ରବୀଣ ଏବଂ ବୃଦ୍ଧ ହେଲେ। ଏଣିକି ଲୋକେ କେବଳ ଯେ ସମ୍ମାନ ଦେଖାଇଲେ ତା ନୁହେଁ ସ୍ୱତଃ ପ୍ରବୃତ୍ତ ହୋଇ ପ୍ରତ୍ୟେକ କର୍ମକାଣ୍ଡରେ ବିଘ୍ନନାଶ ଆଶାରେ ତାଙ୍କୁ ପ୍ରଥମ ସ୍ଥାନ ଦେଲେ। ଏହା କ୍ରମେ ଧାରାବାହିକ ପଦ୍ଧତିରେ ଏକ ଧର୍ମ କର୍ମ କାଣ୍ଡରେ ପରିଣତ ହେଲା।

ବିନାୟକଙ୍କର ମୃତ୍ୟୁ ପରେ ତାଙ୍କ ପ୍ରତି ଲୋକଙ୍କର ଭକ୍ତି ଓ ଶ୍ରଦ୍ଧା ଅଧିକ ପରିମାଣରେ ବଢ଼ିବାକୁ ଲାଗିଲା। ଲୋକେ କ୍ରମ ପରୀକ୍ଷା କରି ଦେଖିଲେ ଯେ ତାଙ୍କ ନାମରେ ପୂଜା ଅର୍ପଣ କଲେ ସବୁ ପର୍ବ ପର୍ବାଣୀ ନିର୍ବିଘ୍ନରେ ସଂଘଟିତ ହେଉଛି। ଫଳରେ ଗଣପତିଙ୍କର ଅଧିକାର ବଢ଼ିବାକୁ ଲାଗିଲା। ତାଙ୍କ ଶିଷ୍ୟମାନେ ଏହାକୁ କେବଳ ପ୍ରଶ୍ରୟ ଦେଲେ ନାହିଁ ବିଘ୍ନେଶ ସ୍ୱର୍ଗରେ ନଥିବାରୁ କ୍ରମେ ଆର୍ଯ୍ୟ-ପୂଜାପଦ୍ଧତିର ଆଗମରେ ସ୍ଥାନ କରିବାକୁ ଲାଗିଲେ—ତାଙ୍କର ମୂର୍ତ୍ତି ବା ଘଟ ତାଙ୍କର ଲୋକପ୍ରିୟତା ତାଙ୍କୁ ଗଣପତି, ବିଘ୍ନେଶ, ଗଣେଶ ଆଦି ନାମରେ ଭୂଷିତ କଲା।

ଏହାହିଁ ମନେହୁଏ ଗଣପତିଙ୍କର ପୌରାଣିକ ଇତିହାସର ଅବତାରଣା। କ୍ରମଶଃ ତପସ୍ୟା ବଳରେ ଭକ୍ତ ଗଣପତି ସେ ଦେବାସନର ଅଧିକାରୀ ହେଲେ।

ବର୍ତ୍ତମାନ ଏହି କଳ୍ପନାର ଯୁକ୍ତିଯୁକ୍ତତା ବିଷୟର ବିଚାରପାଉ। ଗଣପତିଙ୍କର ଜନ୍ମ ବୃତ୍ତାନ୍ତରୁ ଜଣାଯାଏ—ତାଙ୍କର 'ପିତାମାତା ଅଜ୍ଞାତ। ଧୂଳି ଅଥବା ପାର୍ବତୀଙ୍କର ଦେହ ମଳିରୁ ତାଙ୍କର ଜନ୍ମ। ଏହାହିଁ ତାଙ୍କର ଅଜ୍ଞାତକୁଳୋଦ୍ଭବ ଜୀବନର ପ୍ରମାଣ।

ହର ପାର୍ବତୀଙ୍କ ସହିତ ତାଙ୍କର ସମ୍ବନ୍ଧ ବିନାୟକଙ୍କର ଭକ୍ତି ବୃତ୍ତିହିଁ ଆଣି ଦେଇଥିବାର ସମ୍ଭାବନା। ମନୁଷ୍ୟର ବା ଦେବତାର ହସ୍ତି-ମୁଣ୍ଡ କଳ୍ପନା ନିତାନ୍ତ ଅସମ୍ଭବ। ସମ୍ଭବତଃ ଦୀର୍ଘନାକ ଏବଂ ଅତିଶୟ ଉଦରସର୍ବସ୍ୱ ସ୍ୱଭାବ ଯୋଗୁଁ ଗଜାନନ ଲମ୍ବୋଦରଙ୍କ ବଦନରେ ହସ୍ତୀଶିର ଆରୋପ କରୁଛି। ଏହି ମହାକାୟଙ୍କର ଏକଦନ୍ତ ବର୍ଣ୍ଣନାରୁ ଜଣାଯାଏ ବୃଦ୍ଧାବସ୍ଥାରେ ତାଙ୍କର ଗୋଟିଏ ମାତ୍ର ଦାନ୍ତ ରହିଯାଇଥିଲା।

ତାଙ୍କ ଧଡ଼ ଉପରେ ହାତୀର ହାତୀ-ମୁଣ୍ଡ ସ୍ଥାପନାର କଳ୍ପନାରୁ ଜଣାଯାଏ ସମ୍ଭବତଃ କୌଣସି ମାରାତ୍ମକ ବ୍ୟାଧିଗ୍ରସ୍ତ ହେବା ଫଳରେ ତାଙ୍କର ଅବୟବ ବିକୃତ ହୋଇଗଲା। ଗଜାନନଙ୍କର ମୂଷିକ ବାହାନରୁ ଜଣାଯାଏ ସେ ମୂଷାକୁ ବହୁତ ଭଲ ପାନ୍ତି। ମୂଷା ଉପରେ କେହି କେବେ ଚଢ଼ିବା ସମ୍ଭବ ନୁହେଁ। ମୂଷାମାନେ ଭିକ୍ଷୁକଙ୍କର ସାଥି ହେବା ସ୍ୱାଭାବିକ। ଗଣପତି ଶବ୍ଦରୁ ବୁଝାଯାଏ ସେ ଗୋଟିଏ ଭିକ୍ଷୁକ ଦଳର ସର୍ଦ୍ଦାର ଥିଲେ।

—୦—



Digitized by srujanika@gmail.com



୨୫
କାଲି ପ୍ରାର୍ଥନା କାଳେ ଜନେ
ଭିଜିଲେ ଯେ ହରି ଭଜନେ ।
ତାହାଙ୍କୁ ମନ ଧ୍ୟାନ କର,
ସେ ଅଟେ ବଡ଼ଇ ମଧୁର ।
ଅଧି.ସେ କେଡ଼େ ମନୋରମ
ଶୁଣ ସେ ଭଜନ ମରମ ।
ଈଶ୍ୱର ନ ଥାନ୍ତି ମନ୍ଦିରେ
ଆବା ମସ୍‌ଜିଦ୍ ପୁଣ୍ୟ ପୀଠେ ।
ଘଟରେ ବାହାରେ ବା ତାହୁଁ
ଖୋଜିଲେ ମିଳନ୍ତି ସେ ନାହି ।
ଯେବଣ ସ୍ଥାନରେ ଈଶ୍ୱର
କହେ ମୁଁ ଛନ୍ତି ତାର ଘର ।
ଦେଖ ହେ ଦୀନ ଦୁଃଖି ଜନ
କ୍ଷୁଧା ପିପାସା ଅଚେତନ ।
ସେ ସ୍ଥାନ ଈଶ୍ୱରଙ୍କ ବାସ
ସେମା ତୁ କରହେ ବିଶ୍ୱାସ ।
ତେଣୁ ପିପାସା କ୍ଷୁଧାତୁର
କରିବା ପାଇଁ ଦୁଃଖ ଦୂର ।
ମନେ ଧରଣ ରାମ ନାମ
କରିବା ତାଙ୍କ ହେତେ କାମ ।
ନୃତ କାଠିଣ ଦେଖି ପ୍ରତି
ସେବିବା ହୋଇ ଶୁଦ୍ଧ ମତି । ୧୪-୧୨-୪୪

୨୬
ଦେଖ ହେ ଅମେ କ ଅଯଥା
କଥା କହିବେ କହୁ ମିଥ୍ୟା
ହେତୁ ସେ ଲଜ୍ଜା ଅବା ଭୟେ
ମିଥ୍ୟା ବଚନ ବିଷ ପ୍ରାୟେ ।
ନ ଭାଷି ଅସତ୍ୟ ବଚନ
ମଙ୍ଗଳ ଭଲ ଶତେ ଗୁଣ ।
ଭଲ ହେ ଅମ୍ଭେ ପେଟରେ
ସତ୍ୟହିଁ ଭାଷିବା ବଡ଼ରେ ।
ମନରେ ଯେ ଭାବ ହୃଦୟ
କହିବା ନ କରଣ ଭୟ । ୧୫-୧୨-୪୪

୨୭
ଯେ କଥ୍ୟ ସତ୍ୟ ଭାଷୁଥାଏ
ସତ୍ୟରେ ଗଢ଼ା ଯାଇ ତାହେ ।
ତାର ସାମାନ୍ୟ ମିଥ୍ୟା ଭାଷ
ଦୁଗ୍ଧ ଭାଣ୍ଡରେ ଯେସନେ ବିଷ ।
ବିନ୍ଦୁ ମାତ୍ରକେ ସର୍ବନାଶୀ
ମଣନ୍ତି ସଦା ସତ୍ୟ ଭାଷୀ । ୧୬-୧୨-୪୪

୨୮
ଦେଖ ହେ ଅମ୍ଭର ସ୍ୱଭାବ
ସୁକର୍ମ ଯହିଁ ପାଏ ଠାବ ।
ସେ ସ୍ଥାନ ଅଟେ ପରହରୁ
ବରତ ଉଚିତ କର୍ମରୁ ।
ସୁକର୍ମେ ନ ଦେଇ ସମୟ
ଅକର୍ମେ ସଦା ଥାଏ ଲୟ ।
ଯେଣୁ ତ ଅକର୍ମ ଭ୍ରାନ୍ତି ଭ୍ରାନ୍ତ
ସୁଖେ ମାତିଣ ରହିଥାନ୍ତି । ୧୭-୧୨-୪୪

ମନୁଷ୍ୟ ନୁହଇ ଈଶ୍ୱର
ଏହା ତୁ ହୃଦେ ଲୟେ କର ।
ତଥାପି ଏ ଯେତେ ମନୁଷ୍ୟ
ଈଶ୍ୱର ବିଭୂତିର ଅଂଶ ।
ଈଶ୍ୱର ବିଭୂତିରୁ ଭିନ୍ନ
ନୁହେଁ ମନୁଷ୍ୟ କଦାଚନ । ୧୮-୧୨-୪୪

୩୦
ସାଧୁ ସନ୍ଥଙ୍କ ବାଣୀ ଘୋଷି
ଯେତେ ସାହାସ୍ତ୍ର ପଢ଼ି ବସି ।
ହେଲେ ହେଁ ପଣ୍ଡିତ ବିଦ୍ୱାନ
ହୃଦୟ ଈଶ୍ୱରଙ୍କ ସ୍ଥାନ
ନ ଦେଲେ ହୃଦେ ତାଙ୍କୁ ଠାବ
ବିଦ୍ୟା ଅଭ୍ୟାସେ କିବା ଲାଭ
ହୃଦରେ ଈଶ୍ୱରଙ୍କ ବିନେ
କି କାର୍ଯ୍ୟ କହ ହେ ଜୀବନେ । ୧୯-୧୨

୩୧
ଜୀବ ମାତ୍ରଙ୍କେ ମୁକ୍ତି ପଥ
ଇଚ୍ଛନ୍ତି ଜଗତେ ସତତ ।
କିନ୍ତୁ କେ ଜାଣନ୍ତି ନାହିଁ ।
କିସ ଅବା ମୁକତି ବୋଲଇ ।—୨ ..-୧୨
ଉଚିତ ନରସିଁଅ କବ ।
ସେ ତାହା କହୁଛନ୍ତି ଭବ ।
ମୁକତି ସମ୍ବନ୍ଧରେ ମତ ।
ତାଙ୍କର ହକତ ପ୍ରକଟ ।
କହନ୍ତି କବ ନରସିଁଅ ।
ହେ ହରି ମୁକତି ନ ଦିଅ ।
ଦାସ ଭକତ ହରିଜନ ।
ନ ମାଗେ ମୁକ୍ତି କଦାଚନ ।
ଜନ୍ମ ଜନମେ ଅବତରେ ।
ସେ ପ୍ରେମେ ବୋଲେ ହରି ହରି ।
ଏମନ୍ତ ମୁକ୍ତିର ମୂରତି ।
ଦେଖିଲେ ନରସିଁଅ ଯତି - ୨୧-୧୨-୪୪

୩୨
ପୁଣି ସେ ମୁକ୍ତିର ପ୍ରମାଣ ।
ଦେଲେ ଶ୍ରୀକୃଷ୍ଣ ଭଗବାନ ।
ଗୀତାରେ କହେ ଯଦୁପତି
କହିଲେ ମୁକତିର ଗତି ।
ପରମ ଅନାସକ୍ତି ଭାବ ।
ଅଟଇ ମୁକ୍ତିର ସ୍ୱଭାବ ।
ସୁଖେ ବା ଦୁଃଖରେ ଅସକ୍ତ ।
ବରତି ନର ଲଭେ ମୁକ୍ତ ।
ପ୍ରଥମେ ଈଶୋପ ନିଷଦ
ଭଣିଲେ ଏହି ମନ୍ତ୍ରପଦ ।
ତେଣୁ ଆସକ୍ତି ବରଜ
ମୁକତି ମାର୍ଗ ସଦା ଭଜ । ୨୨-୧୨

୩୪
ପୁଣି ହେ ଶୁଣ ମୋର ବାଣୀ
କହିବି ସତ୍ୟ ମରମ ଜାଣି ।
କେମନେ ଅନାସକ୍ତି ଭାବ
ହୃଦୟେ କରିବ ପ୍ରଭାବ ।
କେମନ୍ତେ ଏହି ଅନାସକ୍ତି
ଭାବରେ ହେବ ଅନୁରକ୍ତି ।
ତହିଁର କହିବ ଉପାୟ
ଶୁଣ ସୁଜନେ କର ଲୟ ।
ସୁଖ ଦୁଃଖ ଏ ସଂସାରରେ
ହୁରାଳ ରହୁ ପ୍ରାଏ ଧୁରରେ ।
ତାହାକୁ ସମ ବୋଲି ମାନ
ନୋହିବ ଅମ୍ଭ ଅଭିମାନୀ ।
ଘନ୍ଦ ମିଶ୍ର ରେ ଅଜ୍ଞାନ ।
ଅମ ପର ଏ ଭେଦଜ୍ଞାନ ।
ଏମନ୍ତେ ସମଭାବ ବହି
ଅନାସକ୍ତି ଯେ ବଢ଼ିଥାଇ
ତେଣୁ ଏହାର ଅନ୍ୟ ନାମ
ଅଟଇ ସମଭାବ ଜ୍ଞାନ ୨୩—୧୨



## ଚୌତିଶା-ଚନ୍ଦନ

( ଲେଖକ—ଚକୁଳିଆ ପଣ୍ଡା )

ଗୁଣ୍ଡାଙ୍କ ପ୍ରତାପ ବଢ଼ିଲା ଭବେ,
ହୁଣ୍ଡା ଟାକ କୁ ଡରିଲେ ସର୍ବେ,
ଫୁଣ୍ଡା ବଜାରିଙ୍କ ବଢ଼ିଲା ମାନ,
ମୁଣ୍ଡାଇଲେ ବୋକା ରାଜ୍ୟ ଶାସନ,
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ନାରୀଙ୍କର ହେଲା ସଂସ୍କୃତି ଜୟ,
ପାରିଲେ ନାହିଁ ପୁରୁଷ ନିରୟ,
ଗାରଗା କାଢ଼ି ବୁଲିଲେ ବଜାର,
ବାରିଲେ ନାହିଁ ବନ୍ଧୁ ସହୋଦର
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
କଳା ବଜାରେ ଅସିଲା ମାଡ଼,
କଳାଇ ଦର କଲେ କୋଠାବାଡ଼,
ଧଳା ତେଲରେ ମିଶାଇଲେ ପାଣି
ମଲ ମୁଣ୍ଡିଅ ନ ପାରିଲେ ଜାଣି,
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ମୂଲିଅ ଖାଉଚଲେ ନର୍ମିଲେ ଧାନ,
ଗୁଲିଗର୍ଠି ଦାଖ ଭାତ ଦୋକାନ,
ଚୁଲି ନାଁ ଚଢ଼ୁ ମଜୁରିଆ ଘରେ,
ଝୁଲିବେ କୋଟୁ ହାଣ୍ଡିଅ ଦୋଳାରେ,
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ନାରୀର ଆଦର ବଢ଼ୁଛି ଦେଶ,
ଛଅଁପା ଲାଗି ଘର ଘରକୁ ଭୂଷେ,
ବଶା ବଶା ସୂନା ଯାଉଛି ଉଡ଼ି,
ଶିକ୍ଷା ଫର୍ମିଟି ପାଇଁ ଦଉଡ଼ା ଭଡ଼ି;
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ବୁଢ଼ିଲା ନିଜ ସ୍ୱାର୍ଥରେ ମାନବ,
ହୁଇଲେ ଉଦାର ଦେଶାତ୍ମ ଭାବ,
ଗୁଡ଼ ପକାଇଲେ ଲୋକ କନାକୁ,
ପୁଡ଼ିଅ ବାନ୍ଧି ସୁବର୍ଣ୍ଣ-ଫନ୍ଦାକୁ
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ଜାତି ଜାତି ମଧ୍ୟେ ଲାଗିଲା ଦ୍ୱେଷ,
କାଉ ବର୍ଣ୍ଣରେ ଗୁଲିଲା ସମ୍ବାଦ,
ଘର ଦଳ ଗୋଳ, ବା ଷଡ଼ଯନ୍ତ୍ର
ମାଉଲା ଯେବେ ଦେଶେ ଗଣତନ୍ତ୍ର,
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ଅନାଗର ଦନ୍ଦ ଦନ୍ଦ ଗ୍ରାସିଲା,
କାନ ଆଉ ହାତେ ଫିଙ୍କି ନ ହେଲା,
ବନା ବନା ଦନ କନାବଅଲୀ,
ହୁନାମ ଗାଇ ଲମ୍ବାଇଲେ ଟାଳି,
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ଅଛ ହେଉଛି କି ଗନେ ପ୍ରଖର,
ଚରିତ୍ର ହୋଇ ଉନ୍ନ ପ୍ରକାର,
ପ୍ରୀତି-ପ୍ରିୟାରେ ବଢ଼ିଲା ବିଶ୍ୱାସ,
ଉଛର ରହସ୍ୟ ଜାଣିଲେ ଦେଶ ?
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା ।
ଧାଇ ଶାବଣେ ମେଘ ଯାଏ ଲଚି,
ମାଗି ଯାଏ ରୁଚୀ କୃଷକ ଦୁଃଖି,
"ଫାଇନ" ଖାଇ ଉଠେ ମୁଣ୍ଡ ଝେଞ୍ଚ,
ଦାସ ଯାଏ ଅଜ ସ୍ୱାମୀ ଉପେକ୍ଷି ।
କାହାକୁ କହିବା,
କପାଳରେ ସିନା କର ଚାଢ଼ିବା । (କ୍ରମଶଃ)

## ଶସ୍ତା କବିଦଳଙ୍କ ଆର୍ତ୍ତନାଦ

ଲେଖକ—ଶ୍ରୀ ଶଃ ପ୍ରଃ ପୁରୋହିତ

ନମସ୍କାର, ସମ୍ପାଦକ ମୋହଦୟ,
ଆମ ଶସ୍ତା କବିଙ୍କ ହୃଦେ ପଶିଲାଣି ଭୟ,
ବଉଳ ଧୀରେ ଚଲାଜବ, ଶବ୍ଦେ ଶୁଣ ପାଖ ।
କଲମେ, ମରମେ, ଜୀବନେ, ଲାଗିଲାଣି ଅଗ୍ନି ।
ପାଠକେ ବୋଲନ୍ତ ଏ ମାନେ, କେଉଁ ଯୁଗ କବି
କଲମ ଶାନ୍ତ କରନ୍ତ ଖାଲି ଅଙ୍କେ ଶସ୍ତା ଛବି ।
ପ୍ରକାଶକ ଚମୋଡ଼ନ୍ତି ଆଖି ଦେଖାଇ କହେ
ଛାପିବ କିଏ ତୁମ କବିତା, ପଢ଼ିବ ଆଉ କିଏ ?
ହୁଜାଥାଉ ବାଜେଇପିଣ୍ଡି ସମସ୍ତ ନଷ୍ଟ କର
କିଏ ତୁମକୁ ଏବୁଦ୍ଧି ଦେଲା ? ଅନ୍ୟ ବୃତ୍ତି ଧର ।
ଷୋଡ଼ଶୀ ବାଳା, କଲେଜ ଗାର୍ଲ, କହେ ହସି ହସି
ଖାଲି ଏହାଙ୍କୁ ଆମେ ଚିଣିଲୁଁ ଲେଖୁଛନ୍ତି ବସି ।
ଆମର ବେଶ, ଚାଲି ଚଳଣ ଅଳ୍ପ ବଳ୍ପ ଭିସ
ନବୀନ ଯୁଗ ଶସ୍ତା କବିଙ୍କ ଏହା କଲ୍ପ ବଶ ।
ସମ୍ମିଳନୀ ଆଦ ଗଢ଼ି ନବୀନା କଶୋରୀ ଗଣ
ନେବେ ଆମପ୍ରତି ଡାଇରେକ୍ଟ ଏକ୍ସନ୍ ।
ତେବେ ଆମ କବିତା ଦେଖି ପାଇବେନ ଅହାର
କଲମ ଭଗ୍ନ ହେବ ବ୍ୟପର ମନେକରୁଁ ବିଚାର ।
ହେ ଉଦାର ? ଲୋକ ପ୍ରିୟ ସମ୍ପାଦକ ମହାଶୟ
ଶସ୍ତା କବି ଦଳଙ୍କୁ ଏବେ କହ ଦିଅ ଉପାୟ ।

—— × ——



Digitized by srujanika@gmail.com



## ସମାଜ

ଦେଶଭକ୍ତ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା
ମୂଲ୍ୟ ଟ ୧।

ଏଥର ସଂଖ୍ୟାଟି ପୂର୍ବ ବର୍ଷମାନଙ୍କଠାରୁ ଆକାରରେ ବୃହତ୍ତର ହୋଇଛି। ତ୍ରିରଙ୍ଗ ଛଦ-ପଟର, ନିର୍ବନ୍ଧ ଟିକି ଚିତ୍ତାକର୍ଷକ। ଗୋପବନ୍ଧୁଙ୍କ ସମ୍ବନ୍ଧରେ ଲେଖା ଛଡ଼ା ଭିନ୍ନ ଭିନ୍ନ ସୁଧୀବର୍ଗଙ୍କ ଲିଖିତ ନାନା ବିଷୟରେ ଜ୍ଞାତବ୍ୟ ଓ ରୁଚିକର ପ୍ରବନ୍ଧରେ ଏ ସଂଖ୍ୟାଟି ପରିଶୋଭିତ। ସାଧାରଣ ପାଠକଙ୍କ ଆକର୍ଷଣ କଲାଭଳି ଗଳ୍ପ, ନାଟ୍ୟ କବିତା ମଧ୍ୟରେ କେବଳ ଲକ୍ଷ୍ମୀକାନ୍ତଙ୍କର ଗୋଟିଏ ମାତ୍ର ଗଳ୍ପ ଥିବାରୁ ଆଶଙ୍କା ହୁଏ ଏ ସଂଖ୍ୟାଟିର ବହୁଳ ପ୍ରଚାରରେ ବାଧା ପଡ଼ିବ। ସମାଜର ପରିଚାଳକମାନଙ୍କ ଯତ୍ନ ଓ କୁଶଳତାକୁ ଆମେ ପ୍ରଶଂସା କରୁଛୁ।

\+ \+ \+

## ସବ୍ୟସାଚୀ

(ସାମାଜିକ ନାଟକ)—ପୃ ୧୫ଷ୍ଠା
ଲେଖକ ଶ୍ରୀ ଧୂର୍ଜଟୀ—ପ୍ରାପ୍ତିସ୍ଥାନ ଲକ୍ଷ୍ମୀ ପ୍ରେସ ବାରିପଦା।

ଏହା ଗୋଟିଏ ଆଧୁନିକ ଶିକ୍ଷିତ ଘରର ପ୍ରେମ ଗଳ୍ପ। ଅତି ଅଳ୍ପ କେତେଜଣ ପାତ୍ର-ପାତ୍ରୀଙ୍କ ଦ୍ୱାରା ଅଭିନୀତ ହୋଇପାରିବ। ଭାଷା ସ୍ୱାଭାବିକ ଓ ସରଳ। ଚରିତ୍ର ଗୁଡ଼ିକ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି ଲେଖକ। ବାରିପଦା ରଙ୍ଗମଞ୍ଚରେ ଥରେ ଅଭିନୀତ ହୋଇ ସାରିଛି। ପରିକଳ୍ପନାରେ ଯେପରି ମୌଳିକତା ରୂପାୟନରେ ତତୋଧିକ ଶିଳ୍ପକଳା (art) ରହିଛି। ଦୋଷ ମଧ୍ୟରେ ବହୁତ ବଙ୍ଗଳା ଛାପ ଓ ବଙ୍ଗଳା ଇଡ଼ିଅମର ବ୍ୟବହାର ଭାଷାର ମୌଳିକତା ନଷ୍ଟ କରୁଛି। ତେବେ ଆଧୁନିକ ଓଡ଼ିଆ ସମାଜରେ ଏପରି ଅନୁକରଣ ପ୍ରିୟତା ମଧ୍ୟ ବିରଳ ନୁହେଁ। ଛପାର ଘନତା ଏତେ ସୁନ୍ଦର ବହିଟିକୁ ଅସୁନ୍ଦର କରି ପକାଇଛି। ଆଶା କରୁ ଧୂର୍ଜଟୀଙ୍କର ଲେଖନୀ ନିଷ୍ଫଳ ନ ହୋଇ ନାଟ୍ୟ ସାହିତ୍ୟର ଭଣ୍ଡାର ସମୃଦ୍ଧ କରିବ।

× × ×

## ବିଦ୍ୟୁତ୍

(ନବୀନ ସାହିତ୍ୟ ସମିତିର ମୁଖପତ୍ର) ତ୍ରୈମାସିକ ପତ୍ର—ଝାଞ୍ଜିରିମଙ୍ଗଳା, କଟକରୁ ପ୍ରକାଶିତ

ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଖଣ୍ଡିଏ ଉପହାର ପାଇ ପରିଚାଳକଙ୍କୁ ସାଧୁବାଦ ଅର୍ପଣ କରୁଛୁ। କେତେକ ସାହିତ୍ୟାନୁରାଗୀ ଉତ୍ସାହୀ ତରୁଣ ମିଳି ଗୋଟିଏ ସାହିତ୍ୟ ସମିତି ଗଢ଼ିବା ସଙ୍ଗେ ସଙ୍ଗେ ସାହିତ୍ୟ ପତ୍ରଟିଏ ପ୍ରକାଶ କରୁଛନ୍ତି। ଓଡ଼ିଆ ସାହିତ୍ୟ ଅନୁଶୀଳନ ଓ ଉନ୍ନତି ସାଧନ ସେମାନଙ୍କର ଉଦ୍ଦେଶ୍ୟ। ଏ ସଂଖ୍ୟାରେ ଅନେକ ଗୁଡ଼ିଏ ଉପାଦେୟ ଲେଖା ରହିଛି। ଆମେ ବିଦ୍ୟୁତର ଅଭିବୃଦ୍ଧି ଓ ଦୀର୍ଘ ଜୀବନ କାମନା କରୁଁ।

\+ \+ \+

## ତୁଳସୀ

ମାସିକ ପତ୍ର—ବାର୍ଷିକ ମୂଲ୍ୟ ଛ ଟଙ୍କା

ଏହି ପତ୍ରିକାଟି ପାଟଣା ଭାରତୀ ସମାଜ ଦ୍ୱାରା ପ୍ରତିଷ୍ଠିତ ହୋଇ ହାତଲେଖାରେ ଚଳୁଥିଲା। ବର୍ତ୍ତମାନ ଲବ୍ଧପ୍ରତିଷ୍ଠ କବି ଓ ସାହିତ୍ୟିକ ଶ୍ରୀ ସୋମନାଥ ହୋତୃଶର୍ମାଙ୍କ ସମ୍ପାଦନାରେ ମୁଦ୍ରିତ ଓ ପ୍ରକାଶିତ ହୋଇଅଛି। ପ୍ରଥମ ସଂଖ୍ୟାଟି ଶ୍ରୀ ଶଶିଭୂଷଣ ରାୟ, ଶ୍ରୀ ରଜନୀକାନ୍ତ ଦାସ ପ୍ରଭୃତି ସୁସାହିତ୍ୟିକମାନଙ୍କ ରଚନା ଦ୍ୱାରା ପରିଶୋଭିତ। ଶ୍ରୀ ସୋମନାଥ ବାବୁଙ୍କର ଏହି ସଦୁଦ୍ୟମକୁ ଆମ୍ଭେମାନେ ପ୍ରଶଂସା କରି ତୁଳସୀର ଦୀର୍ଘଜୀବନ ଓ କ୍ରମୋନ୍ନତି କାମନା କରୁଁ। ତୁଳସୀର ପବିତ୍ର ସୁବାସରେ ଉତ୍କଳର ପ୍ରତି ପଲ୍ଲୀ ମହକି ଉଠୁ।

× × ×

## କଙ୍କାଳର ଲୁହ

ଅଧ୍ୟାପକ କୁଞ୍ଜବିହାରୀ ଦାସ—ପୃ ୧ଷ୍ଠା—
ମୂଲ୍ୟ ବାରଅଣା—କବିତା ପୁସ୍ତକ।

ଛାତ୍ରାବସ୍ଥାରେ କବି ବନ୍ୟା ବିଧ୍ୱସ୍ତ ଅଞ୍ଚଳକୁ ସ୍ୱେଚ୍ଛାସେବକ ଭାବରେ ଯାଇ ଯାହା ଦେଖିଥିଲେ ସେଥିର ଅଭିଜ୍ଞତା ଅନୁଭୂତିର ବର୍ଣ୍ଣନା। ବନ୍ୟା ପୂର୍ବରୁ ଗାଁ ଅ କଅଣ ଥିଲା ଓ ଏବେ କଅଣ ହୋଇଛି ତାହାର ତୁଳନା ମୂଳକ ନିର୍ଭୁଳ ଚିତ୍ର ଅତି ନିପୁଣ ହାତରେ ଅଙ୍କିତ। ଭାଷା ଯେପରି ସାବଲୀଳ ସେହିପରି ଗାଉଁଲି ରଙ୍ଗରେ ମଧୁର।

କବି ବ୍ୟଥିତ ହୋଇ ଭଗବାନଙ୍କୁ ଧମକାଇଛନ୍ତି—

ସାବଧାନ କରେଁ, ଦୁଃଖ ବିପଦେ
ନ ମିଳିଲେ ଦରଶନ,
ଅନ୍ତରରୁ ଚିରକାଳ ଦେବୁ
ଦେବୁ ହେ ନିର୍ବାସନ।

କବିର ଦରଦୀ ପ୍ରାଣ ଆବେଗ ଭରେ ଗାଇ ଉଠିଛି—

ନିତି ନିତି ଶତ ଜୀବନ ଯାଉଛି
ଏ ଜୀବନ ଯିବ ଯାଉ,
ଶତ ଶତ ହୀନ କଙ୍କାଲ ସମ
ଚଳିର ସମାଧି ପାଉ।
ଦୀନର ଭାଗ୍ୟେ ଭାଗୀ ହୁଏ ଯେବେ
ନିଜକୁ ଦେଇ ମୁଁ ବଳି
ସଞ୍ଜ ବନଲତା ସମ ନଇଁଯାଏ
ନଇଁଯାଏ କ୍ଷଣେ ଜଳି।'

କଙ୍କାଳର ଲୁହ କ୍ଷୁଦ୍ର ହେଲେ ମଧ୍ୟ କାବ୍ୟରସରେ ଭରପୂର।

÷ ÷ ÷

## ବାପୁ ତର୍ପଣ

ଶ୍ରୀ ମାୟାଧର ମାନସିଂହ—ପୃ ୬ଷ୍ଠା
ମୂଲ୍ୟ ବାରଅଣା

ମହାତ୍ମାଜୀଙ୍କ ମହାପ୍ରୟାଣକୁ ଉଦ୍ଦେଶ କରି କବି ଯେଉଁ କବିତା ଗୁଡ଼ିଏ ଲେଖିଥିଲେ ସେଗୁଡ଼ିକ ଏଥିରେ ସଙ୍ଗୃହୀତ ହୋଇ ପ୍ରକାଶ ପାଇଛି। ବାପୁଜୀଙ୍କ ସମ୍ବନ୍ଧରେ ଉପାଦେୟ ଗଦ୍ୟ ପ୍ରବନ୍ଧଟିଏ ମଧ୍ୟ ଅଛି। ଏହା ପଢ଼ି ପାଠକମାନେ ଶିକ୍ଷା ଓ ଆନନ୍ଦ ଲାଭ କରିବେ।



Digitized by srujanika@gmail.com



## ବୁଣାବୁଣି

୨ ବର୍ଷର ଶିଶୁର ଟୋପି

ଉପକରଣ— ୪ ଖିଅର ( ରେଲ୍‌ଓ୍ୱାଇ ) ୧ ଆଉନ୍‌ସ ଉଲ ଏବଂ ୧୨ ନମ୍ବରର ୧ ଯୋଡ଼ା କଣ୍ଟା ।

ପ୍ରଥମେ ୧ ଧାଡ଼ି ସିଧା ବୁଣିଯାଅ ।

୧ମ ଧାଡ଼ି —* ସାମନାରେ ସୂତା ୧ ସିଧା * ପୁନର୍ବାସ୍ଥନ କର ।

୨ୟ ଧାଡ଼ି —ସବୁ ଓଲଟା କର ।

୩ୟ ,, — *ସାମନା ସୂତା ୨ ସିଧା *ପୁନର୍ବାସ୍ଥନ କର ।

୪ର୍ଥ ,, —ସବୁ ଓଲଟା

୫ମ ,, — *ସାମନା ସୂତା ୩ ସିଧା *ପୁନର୍ବାସ୍ଥନ କର ।

୬ଷ୍ଠ ,, — ସବୁ ଓଲଟା

୭ମ ,, —* ସାମନା ସୂତା ୪ ସିଧା *ପୁନର୍ବାସ୍ଥନ କର ।

୮ମ ,, —ସବୁ ଓଲଟା ।

୯ମ ,, —* ସାମନା ସୂତା ୫ ସିଧା *ପୁନର୍ବାସ୍ଥନ କର ।

୧୦ମ,, —ସବୁ ଓଲଟା ।

୧୧ଶ,, — *ସାମନା ସୂତା ୬ ସିଧା *ପୁନର୍ବାସ୍ଥନ କର ।

୧୨ଶ,, — ସବୁ ଓଲଟା ।

୧୩ଶ,, — *ସାମନା ସୂତା ୭ମ ସିଧା *ପୁନର୍ବାସ୍ଥନ କର ।

୧୪ଶ,, — ସବୁ ଓଲଟା ।

୧୫ଶ,, — * ସାମନା ସୂତା ୮ ସିଧା *ପୁନର୍ବାସ୍ଥନ କର ।

୧୬ଶ,, — ସବୁ ଓଲଟା ।

୧୭ଶ,, — *ସାମନା ସୂତା ୯ ସିଧା ପୁନର୍ବାସ୍ଥନ କର ।

୧୮ଶ,, — ସବୁ ଓଲଟା ।

୧୯ଶ,, — *ସାମନା ସୂତା ୧୦ ସିଧା ପୁନର୍ବାସ୍ଥନ କର ।

୨୦ଶ,, — ସବୁ ଓଲଟା ।

୨୧ଶ,, — *ସାମନା ସୂତା ୧୧ ସିଧା *ପୁନର୍ବାସ୍ଥନ କର ।

୨୨ଶ,, —ସବୁ ଓଲଟା ।

୨୩ଶ,, — *ସାମନା ସୂତା ୧୨ ସିଧା *ପୁନର୍ବାସ୍ଥନ କର ।

୨୪ଶ,, — ସବୁ ଓଲଟା ।

୨୫ଶ,, — *ସାମନା ସୂତା ୧୩ ସିଧା *ପୁନର୍ବାସ୍ଥନ କର ।

୨୬ଶ,, — ସବୁ ଓଲଟା ।

୨୭ଶ,, — *ସାମନା ସୂତା ୧୪ ସିଧା *ପୁନର୍ବାସ୍ଥନ କର ।

୨୮ଶ,, — ସବୁ ଓଲଟା ।

୨୯ଶ,, — *ସାମନା ସୂତା ୧୫ ସିଧା ପୁନର୍ବାସ୍ଥନ କର ।

୩୦ଶ,, — ସବୁ ଓଲଟା ।

ବର୍ତ୍ତମାନ ଟୋପିର ନମୁନା ଆରମ୍ଭ କର ।

୧ମ ଧାଡ଼ି—*୧ ସିଧା, ୧ ଓଲଟା * ପୁନର୍ବାସ୍ଥନ କର ।

୨ୟ ଧାଡ଼ି—*୧ ଓଲଟା, ୧ ସିଧା *ପୁନର୍ବାସ୍ଥନ କର ।

ଏହି ନମୁନାକୁ ସବୁ ଦାନା କହନ୍ତି ।

ନମୁନା ଦୁଇ ଇଞ୍ଚ ବୁଣା ହୋଇ ସାରିଲେ ଗୋଟ ବୁଣ, ଅର୍ଥାତ୍—

୧ମ ଧାଡ଼ି ସବୁ ସିଧା ।

୨ୟ ଧାଡ଼ି ସବୁ ସିଧା ।

ଏହାପରି ଦୁଇ ଇଞ୍ଚ ବୁଣା ସରିଲେ ଘର ବନ୍ଦ କର । ଦୁଇ ପାଖ ସମାନ କରି ଧରି ଓଲଟା ପାଖରେ ଛୁଞ୍ଚିରେ ସିଲାଇ କରି ଦିଅ । ଏହାପରି କରିଲେ ଗୋଟିଏ ଟୋପି ହେବ ।

ଶ୍ରୀମତୀ ସୁଜାତା ଦେବୀ

—*—

## ରନ୍ଧାବଢ଼ା

ବନ୍ଧା କୋବିର ପାୟେସ

ବନ୍ଧା କୋବିର ଉପର ଶାଗୁଆ ପତ୍ର-ଗୁଡ଼ିକ ବାହାର କରିଦେବେ । ଧଳା ପତ୍ର ଗୁଡ଼ିକ ରଖିବେ । ସେ ଗୁଡ଼ିକ ସାନ ସାନ କରି କାଟିବେ । ଦୁଇସେର ଦୁଧକୁ ଫୁଟାଇବେ । ଦୁଇ ସେର ଦୁଧ ଫୁଟି ଫୁଟି ଦେଢ଼ ସେର ଦୁଧରେ ପରିଣତ ହେଲେ, ୨୫ ବା ୩ ପାଆ କୋବି ପତ୍ର ନେଇ ଦୁଧରେ ମିଶାଇଦେବ । ଭଲ ସିଦ୍ଧ ହେଲେ ୧୫ ପାଆ ଚିନି ମିଶାଇବେ । ତାପରେ ଗୁଜରାଟ, ଡାଲଚିନି, କିସମିସ୍, ବାଦାମ ଓ ତେଜପତ୍ର ଆବଶ୍ୟକ ମତେ ମିଶାଇବେ । ବାହାଲ ହେଲେ ସାମାନ୍ୟ ଖାଇବା ସୁଗନ୍ଧି ମିଶାଇବେ । କୋବିକୁ ପ୍ରଥମେ ପାଣିରେ ସିଦ୍ଧ କରି ମଧ୍ୟ ଦୁଧରେ ମିଶା ଯାଇପାରେ ।

ସୁଶ୍ରୀକରଣୀ ସାହୁ ।

—*—

## ଦରକାରୀ

୧ । ଅଜି କାଲି ବର୍ଷା କାଳରେ କଙ୍କଡ଼ା ବିଛାର ଉପଦ୍ରବ ବେଶୀ । ଯଦି କୌଣସି ଉପାୟରେ ତାହାର ଲାଙ୍ଗୁଳ ମନୁଷ୍ୟ ଉପରେ ମାରିଦିଏ ତେବେ ଖୁବ୍ ଯନ୍ତ୍ରଣା ହୁଏ । ସେହି ଯନ୍ତ୍ରଣାରୁ ମୁକ୍ତିଲାଭ କରିବାର ପ୍ରଧାନ ଉପାୟ—

ଅର୍ଖ ଗଛର ଡେମ୍ଫରୁ ଯେଉଁ ଖିର ବାହାରେ ସେହି ଖିର ଯନ୍ତ୍ରଣା ସ୍ଥାନରେ ଲଗାଇ ଦେଲେ ଯନ୍ତ୍ରଣା ଏକ ମୁହୂର୍ତ୍ତରେ ଭଲ ହୋଇ ଯାଏ ।

ଆଉ ଏକ ପ୍ରକାର ବିଛା ଅଛି ତାହାର ନାମ ତେନ୍ତୁଳିଆ ବିଛା । ସେହି ବିଛାର ଯନ୍ତ୍ରଣାରୁ ମୁକ୍ତ ଲାଭ କରିବାର ପ୍ରଧାନ ଉପାୟ—କାର୍ବୋଲିକ୍ ତେଲ । କଙ୍କଡ଼ା ବିଛା କାମୁଡ଼ିଲେ ମଧ୍ୟ କାର୍ବୋଲିକ୍ ଲଗାଇଲେ ଭଲ ହୋଇ ଯାଏ କିନ୍ତୁ ଅର୍ଖ ଖିର ଠାରୁ ବେଶି ବୋଲି ସମସ୍ତେ ଲେଖନ୍ତି ।


ପୁରସ୍କାର ୧୦୦୦ ଙ୍କା
ଲେପା ରକ୍ତାଓର
ରେଜିଷ୍ଟ୍ରାର୍ଡ
ସର୍ବପ୍ରକାର କୁଷ୍ଠ
ଧଳା ରଉ, ମେହଉ
ସ୍ତ୍ରୀ ରୋଗ ମାନଙ୍କର
ବ୍ରହ୍ମାସ୍ତ୍ର
ହିନ୍ଦୁ ଏଣ୍ଡ କୋଂ
ବାଣୀହାଟ
କଟକ




Digitized by srujanika@gmail.com

# ଗାଁଆ ଭଗବତୀ

ଫତୁରାନନ୍ଦ

ନିଛାଟିଆ ଗାଁ ପାଖ ତେଣ୍ଟା ମଝିରେ କି ଝଙ୍କା ଗଛଟାଏ ଅଛି,
ମୂଳ ଆଡ଼ ଦୁଇ ଛଅ ଲୁଡ଼ୁ ଲୁଡ଼ୁ ପତର ପଡ଼ିଛି ପଡ଼ି ।
ଛଅ ସାତ ସୁନ୍ଦର ମାଟି ଘୋଡ଼ା ତହିଁ ଗଡ଼ ପଡ଼ିଚନ୍ତି ଗୋଇ,
କାହା ଗୋଡ଼ ଭଙ୍ଗା କାହାର ଅମୁଣ୍ଡା କାହା ଅବା ଛନ୍ଦ ହୋଇ ।
ଭଙ୍ଗା ମାଟି ଘାଟ ଖପର ତାହାରେ ଗୋଟେ କଡ଼ ଅଛି ପୁରି,
ଲଟିଛି ସେଠାରେ ଗୁଣ୍ଡି ଚାଉଳ ଖେଳ ଏଣ୍ଡୁଅ ମୁଣ୍ଡ ଟୁଙ୍ଗୁରି,
କେଉଁଠାରେ ଗେଦେ କୁକୁର ହଗିଛି କେଉଁଠି ଗୋବର ଲଣ୍ଡେ,
ଗଛମୂଳେ ଲଗି ରହିଅଛି ଗୋଲ କୋଣିଆ ପଥର ଖଣ୍ଡେ ।
ସିନ୍ଦୂରରେ ଅଙ୍କା ହୋଇଛି ତହିଁରେ ମୁଣ୍ଡ ଗଣ୍ଡି ହାତ ପେଟ,
କଜଳରେ ଆଖି ଦୁଇଟି ହିଁ ଗଢ଼ା ପାଖେ ତେଲ ଦୁଇ ବୋତ ।
ବଣି ଧଳା ଲୁଅ ମନ୍ଦା ମନ୍ଦା ପଡ଼ି ଦିଶୁଥାଏ ଛାଉ ମତି,
ଭାରି ପରତମ୍ଭ ଏ ଦେବୀ ଅଟନ୍ତି ଆମ ଗାଁ ଭଗବତୀ ।
ନଈରେ ଗାଧୋଇ ଅରକ୍ଷିତ ମାଳୀ ନିତି ସେଇଠାକୁ ଯାଏ ।
ପଥର ଉପରେ ପାଣି ମନ୍ଦେ ଛାଟି ଗୁଣୁ ଗୁଣୁ ମନ୍ତ୍ର ଗାଏ ।
ସେହି ତ ଅଟନ୍ତି ଜମିଦାରୀ ତାର ସେହି ତାର ପେଟ ଭାତ,
ଦରକାର ହେଲେ ଆଗରୁ କହିଲେ ମିଳେ ଟଙ୍କା ଛଅ ସାତ ।
ଦହେଇଁ ମଣ୍ଡଳ ବସୁଆସି ଲୋକ ଡାକେଇ ହୋଇନ୍ତି ମା ବଳେ,
ହରପଣ୍ଡା କଲା ଦୋହିରୁ ସଜାଏ ଜଣା ବାଳମେଲା ନଜେ ।
ଚୃଉଲ ସଇଁଚଲେ ଅରକ୍ଷିତ ସଙ୍ଗେ ଦାନାର ଦିଅଇ ମୁଖା,
ପରଦିନ ଗଛମୂଳେ ଥୁଅ ହୁଏ ଧୂପଦାଣ୍ଡି, ଘିପଟୁଖା ।
ପାଞ୍ଚହାତ ଥାନେ ବାନ୍ଧଇ ଖଡ଼ିକା ଦନେଇ କମ୍ପଇ ବସି,
କଳକଳା ରବେ ହୁହାଟେ ଆରେରେ ଗାଁ ରେତ ଯିବେ ପଶି ।
ଚଇଦ ଭଉଣୀ ଧାଇଁ ଆସୁଥିଲେ ପକାଉଛି, କରେ ହୁଣ୍ଡି,
ବେଗେ ପଣା ଦିଅ ଯାଆନ୍ତୁ ସରବେ ଯେଝା ଘରକୁ ବାହୁଡ଼ି ।
ଗାଁ ଗୋଟାଯାକ ହୁଲ୍‌ହୁଲ୍ ପଡ଼େ, ମାଇପେ ହୁଅନ୍ତି ରୁଣ୍ଡ,
କହ ହୋନ୍ତି ମାଆ କେତେ ଭଲ ଆମ ରଖିଲେ ରଖନ୍ତୁ ମୁଣ୍ଡ ।
ଘିଅର ଦୀପଟା ଲଗାଇଣ ଜଣେ ହାତକୁ ବଢ଼ାଇ ଦିଏ,
ହାପୁ ହାପୁ କରି କାଳସୀ ଆମର ନିଆଁ ନେଇଣ୍ଟୁଆକୁ ପିଏ ।
ଚୂହୁଁ ଚୂହୁଁ ସେଠି ନଡ଼ିଆ କଦଳୀ ପଇସା ହୁଅଇ ଗଦା,
ସେଦିନ ଗାଁ ଭଗବତୀଙ୍କର ପେଟଟି ହୁଅଇ ଓଦା ।
ଅରକ୍ଷିତ ଠେଇଁ ସଭିଙ୍କ ଭକତି ଭଗବତୀଙ୍କଠୁ ବଳି,
ସେ ଯଦି ଓଜାଇ ମାଆଙ୍କ ପାଖେ ତା ସମ୍ପତ୍ତିଙ୍କ ପାଇଁ ଅଳି ।
ବେଣି—ଭାଗ ନଥି ଆଣ୍ଟୁ ବୁଢ଼ାଙ୍କର ତା ପାଖରେ ଯାଇ ପଡ଼େ,
ସେଥିଲାଗି ଦିନରାତି ଅରକ୍ଷିତ ତାଙ୍କଠି ଗୁହାରି କରେ ।
ଦୟା ହୁଏ ଯାର ତାଙ୍କୁ ସେ କହଇ ମାଆ ମୋ ଶୁଣିଲେ ଡାକ,
ନ ହେଲେ କହଇ ମାଆ ଦେବେ ନଷ୍ଟେ କଟିଲେ ପୁରୁବ ପାପ ।
ଭଗବତୀଙ୍କର କପାଳ ଫିଟଇ ଗାଁରେ ହଇଜା ହେଲେ,
ଚୃଂଆଡ଼ ଯାକ ନଗା ପୋଛା ହୁଏ କମ୍ପି ଯାଏ ବାଜା ଢୋଲେ ।

ଦିନରାତି ଯାକ ପୂଜା ଧୂମଧାମ ତା ପରେ ସିନ୍ଦୂର ଲଗା,
କଦଳୀ ନଡ଼ିଆ ଖଇର ପଣାରେ ଭଜାଯାଏ ଅଧା ପଘା ।
ହୁହାଟେ କାଳସୀ ଆରେରେ ମୁରୁଖ ମଣ୍ଡେଳ ପାଶୋର ଦେଲ,
ବାଟ ଛାଡ଼ିଦେଲ ସାତ ଭଉଣୀଙ୍କ ଫଳ-ଏ ହେବାର ଗେଲ ।
ଦାନ୍ତେ କୁଟା ଦେକେ ପାଳର ଦଉଡ଼ି ମୁଣ୍ଡିଆ ମାରନ୍ତି ସଭି,
ସରବେ ବୋଲନ୍ତି କରିମାଖି ହେଲୁ ମାଆ ତୁହି ସାହା ହେଲୁ ।
ଯହୁଁ ଯାହୁଁ ବଢ଼େ ଗାଁରେ ହଇଜା ବଢ଼େ ପଜା ପରିପାଟୀ,
ସନ୍ତୋଷ ନୋହିଣ ଗାଆଁ ଭଗବତୀ ଅଧେ ଗାଆଁ ଦେଲେ ଗୃଟି ।
ହଇଜା କମିଲେ ଅରକ୍ଷିତ କହେ ମାଆ ହେଲେ ଏବେ ଶାନ୍ତ,
ନହିଲେ କି ତମେ ଜଣେ ହେଲେ ଲୋକ ଏ ଗାଆଁରେ ଦେଖିଥାନ୍ତ
ହଇଜା ସରିଲେ ଭଗବତୀଙ୍କର ପୂଜା ଗୁଲେ ଦିନାକେତେ,
ସଭିଙ୍କ ମନରୁ ତାହା ପରେ ମାଆ ଉହାଡ଼ ହୁଅନ୍ତି ସେତେ ।
ଉବୁଉଲ୍ ବାଲ୍ କହେ ଆଲୋ ମାଆ କଟ ମୁଁ କରିବ ତୋଷ,
ନିର୍ବଂଶିଆ କହେ ଆଲୋ ସବାଖଇ ପାଇଲୁ ବା କେଉଁ ଯଶ ।
ଛୋଟ ଛୋଟ ଅଳ ପାଇଁ ଠାକୁରାଣୀ ଯାଇ ମାଟି ଘୋଡ଼ା ହାତୀ,
ତା ଉପରେ ଚଢ଼ି ସୁଖେ ରାତିଯାକ ଗାଆଁ ବେଢ଼ା ବୁଲୁଥାନ୍ତି ।
ଘୋଡ଼ା ଚଢ଼ା ସୁଖେ ତୋଷ ହୋଇ ମାଆ ପୁରାନ୍ତି ଯେତେ ଯା ଅଳି ।
ତାଙ୍କ ଦେଖା ଦେଖି ଯେତେ ଘୋଡ଼ା ମିଳେ କେ ତାହା ପାରିବ କଳି
ସିଏ ଭଗାରିକୁ କପାରିକୁ ପଟେଣ ନଗାରେ ସାବାଡ଼ କରି,
ଅଧ ରାତିରେ ସେ ଭାଙ୍ଗେ ଘୋଡ଼ା ଗୋଡ଼ ବଇଶାର ନାଆଁ ଧରି ।
ଛୋଟା ଘୋଡ଼ା ଚଢ଼ି ବୁଲି ଗଲେ ମାଆ ତଳକୁ ପଡ଼ନ୍ତି ଖସି,
ଭଗାରି ପାଇଁ ଏ ଦଶା ହେଲୁ ଭାବି କରନ୍ତି ତାକୁ କନ୍ଦାଂଣି ।
ଦଶହେରା ପାଇଁ ବେଳେ ୨ ଗାଆଁ ଲୋକେ ସେଇଠେଇଁ ଘୁଣ୍ଡ,
ସେ ଦିନ ମାଆଁଙ୍କ କପାଳ ଫିଟଇ ମିଳିଯାଏ ବୋଦା ମୁଣ୍ଡ ।
ଆଉ ଆନ ଦିନେ ହୁଏ ସେହି ଜାଗା ଖାଲିଭୁଲ ସୁନସାନ,
ବେଳେ ବେଳେ ସେହି ବୁଢ଼ା ବାବାଜୀଟା ସେଠି ବସି ଛାଡ଼େ ଜ୍ଞାନ ।
ଆରେ ଆରେ ଭାଇ ଯାହାକୁ ଭାବଛ ତୁମେ ଗାଆଁ ଭଗବତୀ,
ତୁମରି ଛାଡ଼ିକି ସତରେ ସେ କଣ ପଥରରେ ରହିଛନ୍ତି ?
ତା ଉପରେ ରାଗ ଅଥବା କାହିଁକି ଏତେ ଭୋଗ ପଣା ପିଠା,
ମାନିଲେ ଠାକୁର ନ ମାନିଲେ ସେତ ଜାଣିଛ ପଥର ଇଟା ।
ଠାକୁରାଣୀ ନୁହେଁ ଆପଣା ଆରସି ଦେଖି ତହିଁ ନିଜ ମୁହଁ,
ଭଲ ଥିଲେ ଭଲ, ମନ୍ଦ ଥିଲେ ମନ୍ଦ, ଭାଗ୍ୟ ନିନ୍ଦ କାମ୍ପା କୁହ ।
କାହୁଁ ବା ପାଇବ ଭଲ ରୂପ ଏଥି ମନ୍ଦ ଯଦି ନିଜ ରୂପ,
ନିଜ ରୂପଟାକୁ ନ ସଜାଡ଼ି କିଆଁ ଆରସିଠି ଏତେ କୋପ !
ସଜାଇ ଦେବାଅ ମାଆଙ୍କ ମୂରତି ପରି ହେ ନିଜକୁ ନିଜେ,
ତା ହେଲେ ଦେଖିବ ପଥର ଭିତରେ ମାଆଁ ଭଗବତୀ ବିଜେ ।



Digitized by srujanika@gmail.com



## ଗ୍ଲାନି ଗଲା

ଦେବତା ସିଏତ ଗୃଲଗଲା
ପଥେ ତାର
ଅହର୍ନିଶ ବନେ ଅର୍ଚ୍ଚନା
କରୁ କାର ?
ଆଖିର ପଲକେ ଅମ୍ବା
ଅନ୍ଧାର ଢ଼ାଳି
ଦେବତା ସିଏତ ପଥେ ଗଲା
ତାର ଗୃଲ ।
ଫେରିବନି ଆଉ ଫେରିବନି
ଅନ୍ଧାର ପୁରେ ଢାଳିଲ ଆଲୁଅ
ଜାଳିବନି ଆଉ ଜାଳିବନି ॥
ଘର ପଡ଼ିଛି ତୁହି
ଖୋଡ଼ଖୋପଡ଼ିର
ଗଢ଼ ପଡ଼ିଛି ତୁହି
ପାଷାଣେ ପ୍ରାଚୀର
ଯୁଗ ଯୁଗ ଧରି ଢ଼ାଳି ପଡ଼ିଛି ତୋର
ଲହୁଧାର
ନିଷ୍ଠୁର ସେତ ଗୃଲଗଲା ଆଜି
କରିପର
ନାହିଁ ଆଜି ତାର
ମିଛ କଳେବର
ନାହିଁ ସିନା ତାର
ହସ ଦର ଦର
(କାନ୍ଦୁ) ଘୁରି ବୁଲେ ଆଜି
ଆତ୍ମା ଅମର ଗୃହଧାର
(ହେଇ) କାନ ଡେରି ଶୁଣ
ଭାସି ଆସେ କାର ଝଙ୍କାର
କାଟି ଏହି ଅମା ଅନ୍ଧାର
ହୁଅ ଆରେ ତୁହି ଆଗୁସାର
ମାଡ଼ି ଗୃଲ ଆଗେ ମାଡ଼ିଗୃଲ ଆରେ
ଉତ୍ସାହୀ ଯୁଗ ବୀର ॥

ଶ୍ରୀ ଶରତଚନ୍ଦ୍ର ମହାନ୍ତି ।
(୧୦୮୩)

—○—

## ଶପଥ

ଦକ୍ଷିଣ ଆକାଶୁ ଝରଇ କାହାର
ଧଗ ଧାଗ ଦଶେ ମରନ ଭାବ
ସରଗ ମୂଲରୁଁ ବାପୁଜୀ ଆମର
ଡ଼ାଳନ୍ତିରେ ଆଜି ନୟନ ବାରି ।
ମଣିଷ ଦେବତା ଲହୁ ଢ଼ାଳେଆଜି;
ପ୍ରେମ ସୁନା-ଘର ପଡ଼ି ଅଛି ଭାଙ୍ଗି,
ଦେଖି ଏ ଯୁଗର ହତଶିରୀ ରୂପ
ଦେଶ ମା କାନ୍ଦଇ ଲୋତକ ଢ଼ାଳି ।
କାନ୍ଦ ନାହିଁ ବାପୁ କାନ୍ଦନା ଦେବତା
ଲହୁ ଢ଼ାଳ ନାହିଁ ଦେଶ ମା ଆଉ ।
ଶପଥ ନେଉଛୁଁ, ମଣିଷ ହୋଇବୁ
ଗଲେ ପଛେ ହୀନ ପରାଣ ଯାଉ ।
ଜୟନ୍ତୀ ଉତ୍ସବେ ବାପୁ ଆସ ଫେରି,
କରୁଛ କାହିଁକି ଆଉ ଏତେ ଡେରି ?
ନରକରୁ ଆମେ ଫେରି ଆସି କଷ୍ଟେ
ଦେଶ ପାଇଁ ଦେବୁ ପରାଣ ଢାଳି ॥

ଶ୍ରୀମତୀ ଉର୍ମିଳା ରାଉତରାୟ
(୧୦୪୭)

—○—

## ମୟୂରଭଞ୍ଜ ନାଗମେଳା

ନାଗମେଳା ଅନୁଷ୍ଠାନ ଜଗତରେ ମୟୂରଭଞ୍ଜର ନାଗ ନାଗୁଣୀମାନେ ଓଡ଼ିଶାକୁ ବାଟ ଦେଖାଇ ଦେଲେ । ଗତ ୩୧।୭।୪୯ ଦିନ ସେମାନେ ବାରିପଦାରେ ଜିଲ୍ଲା ନାଗମେଳା ବସାଇଥିଲେ । ତାଙ୍କର ସମ୍ପାଦକ ମେଳା ଉଦ୍‌ଘାଟନ କରିବା ପରେ ନିର୍ବାଚିତ ସଭାପତି ଅଧ୍ୟାପକ ଦୁଷ୍ମନ୍ତ ବହିଦାର ଉପସ୍ଥିତ ହୋଇ ନ ପାରିବାରୁ ମୟୂରଭଞ୍ଜ ଜନପ୍ରିୟ ନେତା ଶରତଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ମେଳା କାର୍ଯ୍ୟ ଆରମ୍ଭ ହେଲା । ଶ୍ରୀଯୁକ୍ତ ଲାଲମୋହନ ପତି, ହରିଶ୍ଚନ୍ଦ୍ର ଦାଶ, ଉଦୟନାଥ ଦାଶ, ସୁରେଶ ଚନ୍ଦ୍ର ମିଶ୍ର, ମହେଶ୍ୱର ମହାପାତ୍ର ପ୍ରଭୃତି ବହିଷ୍ଠ ଭଦ୍ରବ୍ୟକ୍ତି ତଥା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଦଇତାରିବାରକ ଓ ଅନ୍ୟାନ୍ୟ ଛାତ୍ରପ୍ରିୟ ଶିକ୍ଷକମାନେ ନାଗ ନାଗୁଣୀମାନଙ୍କୁ ନାନାଦଗରେ ଉତ୍ସାହିତ କରୁଥିଲେ । ପତାକା ଉତ୍ତୋଳନରେ ମେଳା କାର୍ଯ୍ୟ ଆରମ୍ଭ ହେଲା । ସ୍ଥାନୀୟ ନାଗ ସଙ୍ଘର ସଭାପତି ହାଇସ୍କୁଲର ଶିକ୍ଷକ ଶ୍ରୀ ମଧୁସୂଦନ ମହାନ୍ତି ଅଭ୍ୟର୍ଥନା ଜଣାଇ ନାଗ ସଙ୍ଘର ଉଦ୍ଦେଶ୍ୟ ଉମ୍ମୀବାଛିତ ସମ୍ପର୍କରେ କହିଥିଲେ । ସମ୍ପାଦକ ନାଗ ସଙ୍ଘର ବିବରଣୀ ପାଠ କଲା ପରେ—ସଭାପତିଙ୍କ ନାଗ ସଙ୍ଘର ଲକ୍ଷ୍ୟ ଓ ସାଧନା ସମ୍ପର୍କରେ ଭାଷଣ ଦେଲେ । ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନଙ୍କ ଉପଦେଶ ପୂର୍ଣ୍ଣ ଭାଷଣ ପରେ ସଭାପତି ନାଗମାନଙ୍କୁ ଉଦ୍‌ବୋଧନ ଜଣାଇଥିଲେ । ପ୍ରତି ପ୍ରତିଯୋଗିତାରେ ସର୍ବୋତ୍ତମ ହୁଇଟି ପ୍ରବନ୍ଧ 'ଯନ୍ତ୍ରଶିଳ୍ପର ଭବିଷ୍ୟତ' ଓ ଓଡ଼ିଶାରେ ସ୍ତ୍ରୀ ଶିକ୍ଷା, ଯଥାକ୍ରମେ ଶ୍ରୀ ବୈକୁଣ୍ଠନାଥ ମିଶ୍ର ଓ ରାଧାକୃଷ୍ଣ ସାହୁ ଲେଖକଦ୍ୱୟ ପାଠ କଲେ ।

ସନ୍ଧ୍ୟାରେ ପତାକା ଅବତରଣ ପରେ ବିଚିତ୍ର ଅଭିନୟ (ଭେରାଇଟି ଶୋ) ଆରମ୍ଭ ହେଲା । ନିମ୍ନଲିଖିତ ନାଗମାନେ ଅଂଶ ନେଇଥିଲେ—ସଙ୍ଗୀତ-ସର୍ବଶ୍ରୀ ଦେବୀକୁମାର ଦାସ ।ଶଶିଭୂଷଣ ମହାପାତ୍ର ଶ୍ରୀ ବିପିନ ବୋଷ ସ୍ୱାମୀ; ପ୍ରହଳଣ-ଆବୃତ୍ତି-ଶ୍ରୀ ବିରଞ୍ଚି ମିଶ୍ର; ଗାନ୍ଧୀଙ୍କର ଆଶୀର୍ବାଦ—ଶ୍ରୀ ଜିହ୍ୱାର ମହାନ୍ତି ହୋତା; କୋଣାର୍କରୁ ଗୋଟିଏ ଦୃଶ୍ୟ- ବିରଞ୍ଚି ମିଶ୍ର ରାଧାକୃଷ୍ଣ ସନ୍ତୋଷ ଓ ଭୋଳାନାଥ ଦାସ 'ଗଡ଼ଜାତ ଯୁବକ;' ନବଭାରତରେ ଛାତ୍ର-ଶ୍ରୀ କ୍ଷିତୀଶଚନ୍ଦ୍ର ପଣ୍ଡା- ଅଜନ୍ତାରୁ ଶତବର୍ଷ ପରେ-ରୁମାନ୍ତା ଗାୟତ୍ରୀ ମହାପାତ୍ର ଅପରାଜିତ- ଅଭିନୟ (କର୍ଣ୍ଣ)-ଅନନ୍ତ ଓ ନରସିଂହ ଶେଷରେ ସଙ୍ଘର ସଭାପତି- ଉପସ୍ଥିତ ଭଦ୍ରବ୍ୟକ୍ତି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ସଭା ସାଙ୍ଗ ହେଲା ।

## ନାଗଙ୍କ ପ୍ରଶ୍ନ

ସୁନାଆନ୍ (୧୨୭୫)-ଓଡ଼ିଶାର ସର୍ବଶ୍ରେଷ୍ଠ ସାହିତ୍ୟିକ କିଏ ? ମୁରାରି (୧୨୧୪)-ସ୍ଥାପିତ ଶିଳ୍ପରେ ପୃଥିବୀରେ ସର୍ବଶ୍ରେଷ୍ଠ ସ୍ଥାନ କେଉଁ ଦେଶର ?

ସୋମନାଥ (?) ଉଦ୍ଭିଦ ଗଛର ଫୁଲ ଅଛି କି ନାହିଁ ? ଗୌରୀଶଙ୍କର—ପ୍ରଥମେ କେଉଁ ସୁନାଖଣି ଆବିଷ୍କୃତ ହେଲା ?

ଚନ୍ଦ୍ରମୋହନ (୧୨୬୨) କେତେ ସାଲରେ ବୁଡ଼ା ଜାହାଜ ତିଆରି ହୋଇଥିଲା ?

ଚନ୍ଦ୍ର (୧୨୪୨) ନାରୀମାନଙ୍କର କଣ



Digitized by srujanika@gmail.com

ନାଗୁନାଙ୍କ କହଁକ ?

ପୂର୍ଣ୍ଣ—(?)—ବାସ୍ତବିକ ଯୋଡ଼ର ବଖାଡ଼ଳ ହବ ?

## ନାଗଙ୍କ ଉତ୍ତର

—ସରୋଜ ଭାଇ ଜାଣିବ—ଇଂଗ୍ଲଣ୍ଡର-ମ୍ୟାନ ଫାଉଷ୍ଟେନ ପେନର ଅବିଷ୍କର୍ତ୍ତା ଅଟନ୍ତି । —ପୂର୍ଣ୍ଣଚନ୍ଦ୍ର (?) ଓ ଚନ୍ଦ୍ରମୋହନ (୨୬୫୨)

ମହେନ୍ଦ୍ର ଭାଇ ଜାଣିବ—ଶେରସାହଙ୍କ ସମୟରେ ଭାରତରେ ସର୍ବପ୍ରଥମ ଡାକ ବିଭାଗ ଖୋଲାଥିଲା—ପ୍ରାୟ ୧୫୪୦ ଖ୍ରୀଷ୍ଟାବ୍ଦରେ—ପୂର୍ଣ୍ଣ (?)

ଜବଲୁଭାଇ ଜାଣିବ—କାଶ୍ମୀରୀୟା ରମଣୀମାନଙ୍କୁ ଭାରତର ଶ୍ରେଷ୍ଠା ସୁନ୍ଦରୀ ବୋଲି କୁହାଯାଏ । କିନ୍ତୁ ଲଣ୍ଡନର ଫେସନ ଫଟୋଗ୍ରାଫର ଆନ୍ତ୍ରଣାନେବ୍ୟଗୃହଙ୍କ ସଂଗୃହିତ ଶ୍ରେଷ୍ଠା ସୁନ୍ଦରୀମାନଙ୍କ ଫଟୋରୁ ଜଣା ପଡ଼ୁଛି ଯେ ପୃଥିବୀର ଶ୍ରେଷ୍ଠା ସୁନ୍ଦରୀମାନଙ୍କ ମଧ୍ୟରେ ହାଇଦରାବାଦର ରାଜକନ୍ୟା 'ନିଲୋ ଉଫେର' ବେରାରର ରାଜକନ୍ୟା 'ବ୍ରାବେଭାର' ଓ ଜୟପୁରର ରାଜକନ୍ୟା ଆଡ଼େୟସାଙ୍କ ସ୍ଥାନ ରହୁଛି । ଏମାନଙ୍କୁ ଭାରତର ଶ୍ରେଷ୍ଠ ସୁନ୍ଦରୀ ବୋଲି କୁହାଯାଇପାରେ—ମହେନ୍ଦ୍ର ୧୨୪୨ ଓ ପୂର୍ଣ୍ଣ ।

ଗୋବିନ୍ଦ ଭାଇ ଜାଣିବ— ମହାଭାରତ ଯୁଦ୍ଧ ଆଜକୁ ଖ୍ରୀଃପୂଃ—୪୦୦୦ ବର୍ଷ ତଳେ ଅର୍ଥାତ ୬୦୦୦୦ ବର୍ଷ ତଳେ ଘଟିଥିବାର ବିଶ୍ୱାସ ।—ମହେନ୍ଦ୍ର (୨୨୪୨)

ନୂଆ ନାଗଙ୍କ ନାମ

୨୨୬୦— କାଳୀକିଂକର ଦରଡ଼ା କୋଃ ଅ—କମଲଲୋଚନ ଜେନ ଫିଲୋଟେନେଶ୍ୱର ଏମ ଇଃ ଇଃ ସ୍କୁଲ; ପୋଃ ଅଃ ନାମୋ, ବାଲେଶ୍ୱର ।

୨୨୬୧— ଲକ୍ଷ୍ମୀନାରାୟଣ ପଣ୍ଡା କେଃ ଅଃ ଉମାକୁଧର ଦାସ ହେଃ ପଃ ସୁନହଟ ହିନ୍ଦୁଃ ପ୍ରାଃ ସ୍କୁଲ । ୮ମ ଶ୍ରେଣୀ—ପୋଃ ଅଃ ବାଲେଶ୍ୱର ।

୨୨୬୨— ଭଗବାନଚରଣ ସାହୁ ୯ମ ଶ୍ରେଣୀ ସତ୍ୟାନନ୍ଦ ହାଇସ୍କୁଲ, ପୋଃ ଅଃ ସୋର ବାଲେଶ୍ୱର

୨୨୬୩ ଅଭିମନ୍ୟୁ ସେନାପତି ୯ମ ଶ୍ରେଣୀ କୋରୁଆ ହାଇସ୍କୁଲ ।

୨୨୬୪— ରବିନାରାୟଣ ମହାପାତ୍ର ପୂର୍ଣ୍ଣଚନ୍ଦ୍ର କଲେଜ ବାରିପଦା ମୟୁରଭଞ୍ଜ ।

୨୨୬୫— ସୁନଅନ ପ୍ରଧାନ ୯ମ ଶ୍ରେଣୀ ମହେନ୍ଦ୍ର ହାଇସ୍କୁଲ ଅଠମଲ୍ଲିକ

୨୨୬୬— କୀର୍ତ୍ତନ ପ୍ରଧାନ, ୧୦ମ ଶ୍ରେଣୀ ମହେନ୍ଦ୍ର ହାଇସ୍କୁଲ; ଅଠମଲ୍ଲିକ ।

---

ଅବସର ବିନୋଦନ— ୩୭

୧ ତଳ ଲିଖିତ ବାକ୍ୟରେ ଥିବା ବର୍ଣ୍ଣ ଗୁଡ଼ିକୁ ବ୍ୟବହାର କରି ଭାରତର ସହର ମାନଙ୍କ ମଧ୍ୟରୁ ଅନ୍ତତଃ ୧୦ ଗୋଟିର ନାମଲେଖ, ପ୍ରତ୍ୟେକ ବର୍ଣ୍ଣ ବା ଅକ୍ଷର ଏକାଧିକ ବାର ବ୍ୟବହୃତ ହୋଇ ପାରେ । ବମ୍ବେ,କଳା, ଢାକା, ଦଦା, ଶନା, ସୁନ, ମୁରଲ ପାଟନା ପ୍ରବାସଗଲେ ।;

---

ନମ୍ବର ୩୭ ଅବସର ବିନୋଦନର ଉତ୍ତର ପ୍ରଥମ ଦୁଇଟି ଇଂରେଜୀ ବାଦ୍ୟ ଯନ୍ତ୍ର, ସେଲୋ ଓ ହାର୍ପ ୩ୟଟି ବୀଣା ଓ ୪ର୍ଥଟି ହାରମୋନିଅମ୍ + +

କୁପନ

ଅଜା; ମୁଁ ନାଗ ନାଗୁଣୀ ହେବ । ମୋର ବୟସ ୧୮ ବର୍ଷରୁ କମ ।ମୋର ଜନ୍ମ ...... ମସିହା । ମୁଁ ସତ୍ୟ ସେବା ଓ ସାହସ ପାଳନ କରିବାକୁ ଯତ୍ନ କରି,ଅହିଂସା ସାଧନ ରେ ବ୍ରତୀ ହେବ ଏହି ସହ ୦/୦ର ଡାକଟିକଟ ପଠାଇଲି ।

ଡମର

ନାଟ ନାଗୁଣୀ ଶ୍ରୀ..............

......................

ଗ୍ରାମ.............

ପୋଃ......

ଜି:...

(ଏହା କାଟି କିମ୍ବା ନକଲ କରି ପଠାଇବେ )।

---

# ୨୪ ଅଧ୍ୟାୟ

ଭାରତୀୟ ଜବନ-ବୀମାର କ୍ଷେତ୍ରରେ "ହିନ୍ଦୁସ୍ଥାନର"ର କୀର୍ତ୍ତି ଓ କାର୍ଯ୍ୟ କର ଇତିହାସରେ ଆଉ ଗୋଟିଏ ଉଜ୍ଜ୍ୱଳତର ନୂତନ ଅଧ୍ୟାୟ ସଂଯୋଜିତ ହେଲା । ଏହା ଏକ ଦିଗରେ ଯେପରି ହିନ୍ଦୁସ୍ଥାନରେ ଅବିଚ୍ଛିନ୍ନ ବହୁମୁଖୀ ଲୋକ ସେବାର ପରିଚୟ ପ୍ରଦାନ କରେ ଅନ୍ୟ ଦିଗରେ ସେହିପରି ସେମାନଙ୍କର ଆର୍ଥିକ ଉନ୍ନତି ସାଧନରେ ସହାୟକ ହିସାବରେ ଜନସାଧାରଣ ଏହି ପ୍ରତିଷ୍ଠାନର କେତେଦୂର ଆସ୍ଥାବାନ ଓ ନିର୍ଭରଶୀଳ, ତାହାର ମଧ୍ୟ ପ୍ରମାଣ ମିଳେ ।

ଏହି ଆସ୍ଥା ଓ ନିର୍ଭରଶୀଳତା ଯେ ଉତ୍ତରୋତ୍ତର ବୃଦ୍ଧି ପାଇଅଛି, ସୋସାଇଟିର ଗତ ୧୯୪୮ ସାଲର ହିସାବ ନିକାଶରେହିଁ ତାହାର ନିଦର୍ଶନ ମିଳେ—

| | |
|---|---|
| ନୂତନବୀମା.................................... | ୫୧୩,୯୮,୬୭,୨୪୮ଙ୍କା |
| ମୋଟ ଚଳନ୍ତି ବୀମା............................ | ୫୨୩,୪୨,୨୭,୯୫୪ଙ୍କା |
| ପ୍ରିମିୟମର ଆୟ.................................. | ୫୨,୯୫,୮୦,୪୫୪ଙ୍କା |
| ବୀମା ତହବିଲ.................................... | ୫୧୨,୦୭,୨୦,୪୭୧ଙ୍କା |
| ମୋଟସମ୍ପତ୍ତି..................................... | ୫୧୩,୪୧,୫୧,୦୦୭ଙ୍କା |
| ପ୍ରଦତ୍ତଓଦେୟ ଦାବୀର ପରିମାଣ.............. | ୫୭୭,୭୧,୪୪୭ଙ୍କା |

ହିନ୍ଦୁସ୍ଥାନ କୋ ଅପରେଟିଭ ଇନସ୍ୟୁରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ— ହିନ୍ଦୁସ୍ଥାନ ବିଲ୍ଡିଂସ୍

ନମ୍ବର ଚିତ୍ତରଞ୍ଜନ ରୋଡ଼ ଏଭେନିଉ; କଲିକତା ।

ଓଡ଼ିଶା ଅଫିସ— ଗ୍ରାଣ୍ଡଟ୍ରଙ୍କ ରୋଡ଼; କଟକ ।



Digitized by srujanika@gmail.com

## ଓଡ଼ିଆ ସମ୍ବାଦପତ୍ର ମାନଙ୍କର ମନୋଭାବ

ମାନନୀୟ ସମ୍ପାଦକ ମହୋଦୟ,

ବଡ଼ ଦୁଃଖର ସହିତ ଏକ ଆମ ଓଡ଼ିଶାର ସମ୍ବାଦ ପତ୍ରମାନଙ୍କର ମନୋବୃତ୍ତିର ସମାଲୋଚନା କରିବାକୁ ବାଧ୍ୟ ହେଉଛି ।

ଯେଉଁ କେତେ ଗୋଟି ଦୈନିକ ସଂବାଦ ପତ୍ର ଓଡ଼ିଶାରେ ମୁଦ୍ରିତ ହେଉଛି ସେମାନଙ୍କ ମଧ୍ୟରୁ କେତେକ ସ୍ୱାର୍ଥଜଡ଼ିତ ଥିଲା ଧରି ଓଡ଼ିଶାର ଜାତୀୟ ଜୀବନକୁ ଯେ କିପରି ଭାବରେ ହତ୍ୟା କରୁଛନ୍ତି ତାହା ନିକଟ ଘଟଣାରୁ ବେଶ୍ ଜଣାପଡ଼େ ।

ବ୍ୟାସ କବି ଫକୀର ମୋହନଙ୍କର ଶ୍ରାଦ୍ଧ ଦିବସ ବାଲେଶ୍ୱର 'ଫକୀର ମୋହନ ସାହିତ୍ୟ ପରିଷଦ' ଅନୁକୂଳରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ସେଥିରେ ବିଶେଷ ରୂପେ ଶତାଧିକ ସଂଖ୍ୟାରେ ମହିଳା ଏବଂ ଛାତ୍ରୀ ମାନେ ଯୋଗ ଦେଇ ନମସ୍ୟ ସ୍ୱର୍ଗୀୟଙ୍କ ପ୍ରତି ସମ୍ମାନ ଦେଖାଇଥିଲେ । ସ୍ଥାନୀୟ ଏମ୍. ଏଲ୍. ଏ. ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି (ସଂପାଦକ, ଜନତା) ଙ୍କର ପୌରହିତ୍ୟରେ ଅନୁଷ୍ଠିତ ହୋଇ ସର୍ବାଙ୍ଗ ସୁନ୍ଦର ହୋଇଥିଲା । ସଂବାଦ ପତ୍ରର ପ୍ରତିନିଧି ମଧ୍ୟ କେତେ ଯୋଗ ଦେଇଥିଲେ । କିନ୍ତୁ ଆଶ୍ଚର୍ଯ୍ୟ ହେଉଛି, ଏତେ ବଡ଼ ସଂବାଦଟା କେବଳ ଖଣ୍ଡ ସଂଯୋଗ ପତ୍ରକୁ ଛାଡ଼ି ଦେଲେ କେତେକ ପ୍ରଥମଶ୍ରେଣୀର ଲୋକପ୍ରିୟ କାଗଜରେ ସ୍ଥାନ ପାଇଲା ନାହିଁ । ମାସିକର ସମ୍ପାଦକ ଦୁଇ ତିନି ଥର ସମ୍ବାଦ ପତ୍ର ଅଫିସକୁ ଚିଠି ଦେଲେ ମଧ୍ୟ ଉତ୍ତର କିଛି ପାଇଲେ ନାହିଁ । କେବଳ ଶୁଣିଲି " ସେ ଅମୁକଙ୍କ ସଭାପତି ଥିଲେ । ସେ ଅମୁକ ଦିନ ଧରକାବାଙ୍କୁ ଅମୁକ କହିଥିଲେ । ସେ ଅମୁକ ଦିନ ଅମୁକ କରିଥିଲେ ତେଣୁ ସେ ସମ୍ବାଦ ଛପାଯିବ ନାହିଁ ।"

ଫକୀର ମୋହନଙ୍କର ଓଡ଼ିଆ ସାହିତ୍ୟକୁ ଦାନ ଯେ କି ମହନୀୟ ତାହା ଯେ କେହି ଉପଲବ୍ଧି କରିବ । ଏବଂ ଫକୀର ମୋହନଙ୍କର ସାହିତ୍ୟ ସହିତ ସୁରେନ୍ଦ୍ରବାବୁଙ୍କ ରାଜନୈତିକ ମତବାଦର ଯେ କିଛି ସମ୍ପର୍କ ନାହିଁ ଏହା ସର୍ବବାଦୀ ସମ୍ମତ; ଏପରି ସ୍ଥଳେ ଆମର ସମ୍ବାଦ ପତ୍ରମାନେ ସ୍ୱାର୍ଥଜଡ଼ିତ କ୍ଷୀଣ ଆବରଣ ତଳେ ସାହିତ୍ୟକୁ ତଥା ଜାତୀୟ ଜୀବନକୁ ନୃଶଂସ ଭାବରେ ହତ୍ୟା କରିବାକୁ ବସନ୍ତି ତେବେ ସେ ଇତିହାସ ହାତରୁ କେବେ କ୍ଷମଣୀୟ ହେବେ ନାହିଁ । ଏବଂ ଏହା ଯଦି ଜାତ୍ରୀୟତା ସତ୍ୟ ହୋଇଥାଏ ଏଥିରେ ସମ୍ପୃକ୍ତ ସମ୍ବାଦ ପତ୍ରମାନେ ଲଜ୍ଜିତ ହେବା ବାଞ୍ଛନୀୟ । ଏ ପ୍ରକାର ମନୋବୃତ୍ତିସମ୍ପନ୍ନ ସମ୍ବାଦ ପତ୍ର ଯେଉଁ ଜାତି ଜୀବନରେ ଲୋକପ୍ରିୟ ହେଲା ଭଳି ଦୁଃସାହସ କରେ, ସେ ଜାତି ଧ୍ୱଂସ ହେଲେ ମଧ୍ୟ ମାନବ ସଭ୍ୟତା ଦୁଃଖ କରିବ ନାହିଁ ବୋଲି ମୋ' ପରି ପ୍ରତ୍ୟେକ ମୂର୍ଖ ଅନୁଭବ କରୁଛନ୍ତି । ଇତି ।

ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ,
ଗୋପବନ୍ଧୁ ସମ୍ପୃକ୍ତ ସଦନ, ରାଜକନିକା ।

'ଡଗର' ସମ୍ପାଦକ ମହାଶୟ,

'ପ୍ରଜାତନ୍ତ୍ର' ନାମରେ ଯେଉଁ ଖବର କାଗଜ ପ୍ରକାଶ ପାଉଛି ତାହା ଓଡ଼ିଶା ଜନସାଧାରଣ ଓ ସମ୍ବାଦିକମାନେ ଯେ କିପରି ବରଦାସ୍ତ କରୁଛନ୍ତି ସେ କଥା ବୁଝି ହେଉନାହିଁ । ଏବେ ଭାଷା ଓ ଭାବ ବିଶ୍ଳେଷଣର ଅଭାବ; ତା' ଉପରେ ପୁଣି ଅଛି କଦର୍ଯ୍ୟ ମିଥ୍ୟା ପ୍ରଚାର ।

ମିଥ୍ୟାର ସତ୍ୟ-ଅହଂକାରବତାର ଲୋକଙ୍କର ପ୍ରେସ୍ । ପୁଞ୍ଜିବାଦୀର ଘୃଣ୍ୟ ପ୍ରଚାରକ ଦଳଙ୍କର ମିଥ୍ୟା ସମ୍ବାଦ ସରବରାହ କରିବ ଓ ଗଣତନ୍ତ୍ର ବିରୁଦ୍ଧରେ ପ୍ରଚାର କରିବା ତାହା ଅନ୍ୟକିଛି କାମ ନାହିଁ । ଏହିଠି ହେଲା ମୁକ୍ତିବାଦୀର ପ୍ରତ୍ୟେକ ଜନହିତ କାଗଜଙ୍କ ପରି କର୍ତ୍ତବ୍ୟ ।

କିନ୍ତୁ ସେ କଥା ଛାଡ଼ି ଦେଲେ ଆଉ ଗୋଟିଏ ଅତି ମାରାତ୍ମକ କଥା ଆମ କେତେ ଜଣ କଲେଜ ଛାତ୍ରଙ୍କ ଆଖିରେ ଅତି ଜୋରରେ ଲାଗିଛି । ତାହା ହେଉଛି ପ୍ରଜାତନ୍ତ୍ରର ଅଶ୍ଳୀଳ ଭାଷା ଓ ଭାବ । ମହତାବଙ୍କର ସମ୍ପାଦିତ ଅଭ୍ୟାସ ଓ ରୁଚି ଅନୁଯାୟୀ 'ପ୍ରଜାତନ୍ତ୍ର' ଭାଷା ଓ ଭାବ [ଯେ କୌଣସି ସଂଖ୍ୟା ପ୍ରଚାରର ପତ୍ରହାସ ଓ ଅନ୍ୟାନ୍ୟ ସ୍ତମ୍ଭ ଦ୍ରଷ୍ଟବ୍ୟ] ଭଦ୍ରଲୋକ ଲେଖି ପାରିବେ ନାହିଁ । ତାହା ମହତାବଙ୍କୁ ଭଲ ଲାଗିପାରେ । କିନ୍ତୁ ତାକୁ ଆଜି ସମାଜରେ ସାହିତ୍ୟ ଓ ସଂବାଦ ଚର୍ଚ୍ଚା ହିସାବରେ ପରିବେଷଣ କରିବା ଅତି ମାରାତ୍ମକ କଥା ଓ ଅତି ହୀନ ବୃତ୍ତିର ପରିଚାୟକ ।

ଓଡ଼ିଶାର ଛାତ୍ର, ସମ୍ପାଦକ, ଲେଖକ, ବୁଦ୍ଧିଜୀବୀ ଓ ପ୍ରତ୍ୟେକ ସୁରୁଚି ସମ୍ପନ୍ନ ଲୋକ ପ୍ରଜାତନ୍ତ୍ର-ପରି ଗୋଟି ସମାଜ ବିରୋଧୀ ଓ ଓଡ଼ିଆଜାତିର ସଂସ୍କୃତି ଓ ଅଭ୍ୟୁଦୟ ବିରୋଧୀ ଖବର କାଗଜ ବିରୁଦ୍ଧରେ ଅଭିଯାନ କରନ୍ତୁ ଏହାହିଁ ଆମର ଆପଣଙ୍କର ଖବର କାଗଜ ଜରିଆରେ ଅନୁରୋଧ । ଆମ ସଭ୍ୟତା ସଂସ୍କୃତି ଓ ଗଣତାନ୍ତ୍ରିକ ବାତାବରଣକୁ ପ୍ରଜାତନ୍ତ୍ର ଯେପରି ମଳିନ କରି ଦେବାରେ ଘୃଣ୍ୟ ଚେଷ୍ଟା କରୁଛି ତାର ସକ୍ରିୟ ପ୍ରତିରୋଧ କରିବା ପ୍ରତି ଦେଶ ପ୍ରେମୀ ଓ ସୁରୁଚି ସଂପନ୍ନ ଲୋକର କର୍ତ୍ତବ୍ୟ ।

ଆପଣଙ୍କର—ଜଗନ୍ନାଥ ସାହୁ, ଅଶ୍ୱିନୀ ସାହୁ,
ସୋମନାଥ ନନ୍ଦ, ହରିବନ୍ଧୁ ଦାସ
ନିରଞ୍ଜନ ମହାନ୍ତି— ରେଭେନ୍ସା କଲେଜ ।

ସମ୍ପାଦକ 'ଡଗର' ମହାଶୟ,

ସେପ୍ଟେମ୍ବର ସମ୍ବଲ ଆପଣଙ୍କର ୧୯— ୫୦ ତାରିଖରେ ପ୍ରକାଶ ପାଇଥିବା ନଗରରେ ମଙ୍ଗଳକଥା ଶିର୍ଷକ ଲେଖାରେ 'ବ୍ଲେକ 'ମାର୍କେଟିଙ୍ଗ ଲଭ୍' ନାମକ ଏକ ଗଳ୍ପିକା ଛପା ପାଇଥିଲା । ଶ୍ରୀଜୀବନ ଶଙ୍କର ପଣ୍ଡା ଇନୈକ ସମ୍ବଲପୁର କଲେଜ ଛାତ୍ର ଏ ଲେଖାଟିର ଲେଖକ । ଏ ଗଳ୍ପଟିରେ ଲେଖକ ଗୋଟିଏ ଛାତ୍ରୀର ନାମ ଦେଇ ଓ ଗୋଟିଏ ଛାତ୍ରର ନାମ ଦେଇ ଗଳ୍ପଟି ଲେଖିଥିବାର ଦେଖି ଦୁଃଖିତ ହେବାକୁ ପଡ଼ିଲା । କୃଷ୍ଣଚନ୍ଦ୍ର ଗଳ୍ପର ନାୟକ ଆଇ.ଏସ୍‌ସି ଛାତ୍ର ଓ ନାୟିକା ଖ୍ରୀଷ୍ଟିୟାନ ଝିଅ ଡଲି । ସମ୍ବଲପୁର କଲେଜରେ ଡଲି ବେହେରା ନାମକ ଜଣେ ଛାତ୍ରୀ ଅଛନ୍ତି ଓ ସେ ଖ୍ରୀଷ୍ଟିୟାନ ମଧ୍ୟ । କୃଷ୍ଣଚନ୍ଦ୍ର ନାମକ ଜଣେ ଆଇ.ଏସ୍‌ସି ଛାତ୍ର ମଧ୍ୟ ସେ କଲେଜରେ ଥିଲେ । 'ଭୁଲ' ନାମକ ଗତବର୍ଷ ସମ୍ବଲପୁର କଲେଜ ଡ୍ରାମାଟିକ କ୍ଲବ ତରଫରୁ ଅଭିନୀତ ହୋଇଥିଲା । ଗଳ୍ପଟି ପଢ଼ିଲେ ଜଣାପଡ଼େ ଉକ୍ତ ଅଭିନୀତ ଛାତ୍ର ଛାତ୍ରୀଙ୍କୁ ନେଇ ଏହି ଗଳ୍ପଟି ଲେଖା ହୋଇଅଛି । ଅବଶ୍ୟ ଲେଖକଙ୍କ ବିରୁଦ୍ଧରେ କୌଣସି ସଠିକ ପ୍ରମାଣ ଦେବା କଠିନ, ତେବେ ଲେଖକଙ୍କର ବିଚାର କରିବା ଉଚିତ, ନିଜର ଦେଶର ସ୍ୱଭଗ୍ନୀମାନଙ୍କ ବିରୁଦ୍ଧରେ ଲେଖି ବାହାଦୁରୀ ନେବା କଣ ସ୍ୱାଧୀନ ଭାରତ ସନ୍ତାନର କର୍ତ୍ତବ୍ୟ । ଯେତେବେଳେ ଆମ ସମାଜ କୌଣସି ଝିଅର ସାମାନ୍ୟ ବଦନାମରେ କଠୋର ଶାସ୍ତିର ବ୍ୟବସ୍ଥା କରିଥାଏ ସେତେବେଳେ ଏପରି ବ୍ୟଙ୍ଗାତ୍ମକ ଗଳ୍ପ ଲେଖି ଲେଖକ କଣ ସମାଜରେ ଆଦର୍ଶ ଦେଖାଉଛନ୍ତି ?

କୃଷ୍ଣଚନ୍ଦ୍ର ବେହେରା
ଆଇ.ଏସ୍‌ସି ଛାତ୍ର, ...

Digitized by srujanika@gmail.com

Prajatantra

ORISSA'S MOST POPULAR FORTNIGHTLY

Reg. No O4. 1.

ବିଲାସ ଓ କେବଳ ଏକକ ... ଗତ ତେ

ଉତ୍କଳର ଅଦ୍ଵିତୀୟ ସୁଗନ୍ଧ ତୈଳ

# ଦ୍ରାକ୍ଷାଥାମିନ

ବା

ଇଗ୍ରାନ୍ଧକ ରସ

... ଏହା ... ଗୁଣ ... ଅବଶ୍ୟ ...

# କଷ୍ଟୁନାଇନ

... ସ୍ତ୍ରୀରୋଗ ... ଅବ୍ୟର୍ଥ ଔଷଧ ...

# ଯୌବନସୁଧା

ବା

ovotone

... ଯୌବନ ଫେରାଇ ଆଣେ ... ଏହା ଅତ୍ୟାବଶ୍ୟକ ଔଷଧ।

ପ୍ରଯୋଜନ ସମ୍ପାଦ

ସୁବାସିତ କେଶ ତୈଳ

# ସାକ୍ଷପା

... କେଶ ଘନ ... କରେ,

... ସୁନ୍ଦର ... କରେ,

... ଶୀତଳପ୍ରଦ ...

ଏବଂ ... କରେ

... କୋମଳ ... କେଶଭାର

# ବିସର୍ଚିବିକା

... ଏବଂ ... ଏହା ଅବ୍ୟର୍ଥ ଫଳପ୍ରଦ। ...

ଠିକଣା

... ଔଷଧାଳୟ

ଭଦ୍ରକ

Printed & Published by G. C. Mohapatro, at the Gopinath Press, Bhadrak.

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଆନ୍ଦୋଳନର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ     ଷଷ୍ଠ ସଂଖ୍ୟା
ଭାଦ୍ର ଦ୍ୱିତୀୟାର୍ଦ୍ଧ
୧୬।୯।୫୮

## ବାମାଙ୍ଗ ମିଳନ



[illegible] ବୋଷ—ଆସନ୍ତୁ [illegible], ମୋ [illegible] ଆସ.
ଲୋହିଆ—ଆପ [illegible] ବୋଷ ଆମ [illegible]ଡଙ୍ଗାରେ ବସ

[illegible] ବାର୍ଷିକ [illegible]
ଷାଣ୍ମାସିକ [illegible]
ପ୍ରତି ଅଙ୍କ
୪ ଅଣା

Digitized by srujanika@gmail.com

# ଦି ଓ୍ୟାର୍ଡନ ଇନ୍‌ସୁରେନ୍ସ କୋଃ ଲି,

ହେଡ଼ ଅଫିସ—ବମ୍ବେ

ଆଞ୍ଚଳିକ ଶାଖାଃ— ଭାଇଜାଗାପଟ୍ଟମ୍

ଅଗ୍ନି, ଦୁର୍ଘଟଣା ଓ ଜୀବନ ବୀମା ପାଇଁ ଭାରତର ବିଖ୍ୟାତ ସର୍ବଶ୍ରେଷ୍ଠ ବୀମା-କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ।

ଓଡ଼ିଶାରେ ସର୍ବତ୍ର ଏହି କମ୍ପାନୀର କମ୍ପାନୀର କାର୍ଯ୍ୟ କରିବା ପାଇଁ ସ୍ପେସାଲ ଏଜେଣ୍ଟ ଇନ୍‌ସ୍‌ପେକ୍ଟର ଓ ଅର୍ଗାନାଇଜର ଆବଶ୍ୟକ । ସେମାନଙ୍କୁ ବେତନ ଓ ଗସ୍ତ ଖର୍ଚ୍ଚା ଏବଂ ଉଦାର ଭାବରେ କମିସନ ଦିଆଯାଏ ।

ନିମ୍ନ ଠିକଣାରେ ଦରଖାସ୍ତ କରନ୍ତୁ ।

କେ ସୂର୍ଯ୍ୟନାରାୟଣ ମୂର୍ତ୍ତି ବି. ଏ.

ବ୍ରାଞ୍ଚ ସେକ୍ରେଟେରୀ, ଓ୍ୟାର୍ଡନ ଇନ୍‌ସୁରେନ୍ସ କୋ. ଲିମିଟେଡ୍,

ପୋଷ୍ଟ ବକ୍ସ ନଂ—୨୩୦—ମେନ୍‌ରୋଡ଼, ଭାଇଜାଗାପଟ୍ଟମ୍



# ୪୨ ଅଧ୍ୟାୟ

ଭାରତୀୟ ଜୀବନ-ବୀମାର କ୍ଷେତ୍ରରେ "ହିନ୍ଦୁସ୍ଥାନ"ର ବିଚାର ଓ ବିସ୍ତୃତିର ଇତିହାସରେ ଆଉ ଗୋଟିଏ ଉଜ୍ଜ୍ୱଳତର ନୂତନ ଅଧ୍ୟାୟ ସଂଯୋଗ ହେଲା । ଏହା ଏକ ଦିଗରେ ଯେପରି ହିନ୍ଦୁସ୍ଥାନରେ ଅବିଚ୍ଛିନ୍ନ ବହୁମୁଖୀ ଲୋକ ସେବାର ପରିଚୟ ପ୍ରଦାନ କରେ ଅନ୍ୟ ଦିଗରେ ସେହିପରି ସେମାନଙ୍କ ଆର୍ଥିକ ଉନ୍ନତି ସାଧନରେ ସହାୟକ ହିସାବରେ ଜନସାଧାରଣ ଏହି ପ୍ରତିଷ୍ଠାନ ପ୍ରତି କେତେଦୂର ଆସ୍ଥାବାନ ଓ ନିର୍ଭରଶୀଳ, ତାହାର ମଧ୍ୟ ପ୍ରମାଣ ମିଳେ ।

ଏହି ଆସ୍ଥା ଓ ନିର୍ଭରଶୀଳତା ଯେ ଉତ୍ତରୋତ୍ତର ବୃଦ୍ଧି ପାଉଅଛି, ସୋସାଇଟିର ଗତ ୧୯୪୮ ସାଲର ହିସାବ ନିକାଶରୁ ତାହାର ନିଦର୍ଶନ ମିଳେ—

ନୂତନ ବୀମା......................ଟ୧୩,୮୮,୫୭,୨୫୮ଙ୍କା—

ମୋଟ ଚଳନ୍ତି ବୀମା......................ଟ୬୧,୪୬,୭୭,୯୫୯ଙ୍କା

ପ୍ରିମିୟମର ଆୟ......................ଟ୨,୯୫,୮୦,୪୫୪ଙ୍କା

ବୀମା ତହବିଲ......................ଟ୧୨,୦୬,୨୦,୪୬୧ଙ୍କା

ମୋଟ ସମ୍ପତ୍ତି......................ଟ୧୩,୪୧,୫୧,୦୦୬ଙ୍କା

ପ୍ରଦତ୍ତ ଦେୟ ଦାବୀର ପରିମାଣ..............ଟ୬୭,୭୧,୪୪୬ଙ୍କା

ହିନ୍ଦୁସ୍ଥାନ କୋ ଅପରେଟିଭ ଇନ୍‌ସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସଃ—ହିନ୍ଦୁସ୍ଥାନ ବିଲ୍‌ଡ଼ିଙ୍ଗସ୍;

ନମ୍ବର ଚିତ୍ତରଞ୍ଜନ ଏଭେନ୍ୟୁ; କଲିକତା

ଓଡ଼ିଶା ଅଫିସ—ଚାନ୍ଦିନୀଚୌକ; କଟକ ।



ଏଣିକି ସବୁପ୍ରକାର ଚିଠିପତ୍ର

# ଉତାର ଅଫିସ --- କଟକ ୧

ଠିକଣାରେ ପଠାନ୍ତୁ ।



# ନାରୀ ରହସ୍ୟ

## ପୁରୁଷର ଯାହା ଅଗମ୍ୟ

ଯଦି ଆପଣ ପ୍ରକୃତରେ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ଚାହାନ୍ତି ଏବଂ ଶତ ଦୁର୍ବଳତାର ସତ୍ତ୍ୱେ ଯଦି ପଲକମାତ୍ରେ ଆପଣଙ୍କ ପ୍ରେୟସୀ ପ୍ରେମ ପ୍ରାପ୍ତି ସଙ୍ଗେ ସଙ୍ଗେ ନିଜ ଇଚ୍ଛାର ବଶବର୍ତ୍ତୀ କରିବାକୁ ଚାହାନ୍ତି ତେବେ 'କୋକଶାସ୍ତ୍ର' ପଢ଼ନ୍ତୁ । ଏହା ଦାମ୍ପତ୍ୟ ଜୀବନ ସମ୍ବନ୍ଧରେ ଏକ ପ୍ରାଚୀନ ଗ୍ରନ୍ଥ । ଏହା ପାଠ କଲେ ସ୍ୱାମୀର ଅଗୋଚର ନାରୀ ଚରିତ୍ରର ଯାବତୀୟ ରହସ୍ୟ ପ୍ରକାଶ ପାଇବ । ବାସର ଶଯ୍ୟାର କେତେକ ଗୁପ୍ତ ବାତ ସୁନ୍ଦର ଆର୍ଟ କାଗଜରେ ଦିଆଯାଇଛି । ଅବିବାହିତ ଯୁବକମାନଙ୍କ ପକ୍ଷରେ ଏହା ପଢ଼ିବା ଅନୁଚିତ ।

ମୂଲ୍ୟ—ଟ୩—ଡାକ ଖରଚ ୦୷୵ ।

ସମସ୍ତ ହିନ୍ଦୀରେ ଅନୁଦିତ । ପତ୍ରରେ ଆପଣଙ୍କର ଠିକଣା ଇଂରାଜୀରେ ଲେଖନ୍ତୁ ।

**Modern Publishers**
**25 Katra Masbroo,**
**DELHI,** (D B)



# ହାଇଡ୍ରୋସିଲ୍

ଆମ୍ଭର '**ନିଶାକର ତୈଳ**' ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହର୍ଣିଆ; ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ଟ, ଅଭ୍ୟନ୍ତରିକ ଔଷଧ ଦରକାର ବଟି ଦାମ ଟ ୨ଡା: ପ: ୦୷୵ ।

# ପେଟ ବ୍ୟଥା

କଲିକ ପେନ୍; ପେଟଫମ୍ପା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର 'ପାକରାଜ' ବ୍ୟବହାର ଦ୍ୱାରା ଦଶ ଦୁଇ ଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ଟ୩୦, ଡା: ପ: ୦୷୵ ।

**Kaviraj S. K. Chakravarty (D. C)**
**126/2 Hazra Road, Calcutta 29**
**Stockists: Bhubanswar Trading house**
**Bhubanesswar: (Orissa)**


Digitized by srujanika@gmail.com



ଭାଦ୍ର ଦ୍ୱିତୀୟାର୍ଦ୍ଧ ତ୍ରୟୋଦଶ ବର୍ଷ ଷଷ୍ଠସଂଖ୍ୟା ୧୬।୯।୪୯

## କାଶ୍ମୀର

ଭାରତ ସରକାର ସ୍ୱାଧୀନତା ପରେ ଯେତେଗୁଡ଼ିଏ ନ୍ୟାୟସଙ୍ଗତ ସାହସିକ କାର୍ଯ୍ୟ କରିଛନ୍ତି—ବର୍ତ୍ତମାନ କାଶ୍ମୀର ସିଦ୍ଧାନ୍ତ ଅନ୍ୟତମ। ଆଜିଯାଏଁ ଶାନ୍ତିରକ୍ଷା ଦୃଷ୍ଟିରୁ ନେହେରୁ ସରକାର ଯେତିକି ସହନଶୀଳତା ଦେଖାଇଥିଲେ ତାହା ସୀମା ରେଖାର ଚରମ ପର୍ଯ୍ୟନ୍ତ ଗଲା। ତାକୁ ପାକିସ୍ଥାନ କେବଳ ନୁହେଁ—ସମ୍ଭବତଃ ମାର୍କିନ ଇଂରେଜୀ ଗୋଷ୍ଠୀ ରାଜ୍ୟ ସମୂହ ଦୁର୍ବଳତା ବୋଲି ମନେ କରି ନ ଥିଲେ ସେମାନେ ଆହୁରି ଭାରତକୁ ମିଳିତ ଜାତି ସଙ୍ଘ ନିଯୁକ୍ତ କାଶ୍ମୀର କମିସନ ପ୍ରସ୍ତାବକୁ ମାନି ନେବା ପାଇଁ ଭାରତକୁ ଅନୁରୋଧ କରିବାର ସାହସ କରି ନଥାନ୍ତେ। ପାକିସ୍ଥାନ ଆକ୍ରମଣକାରୀ ଦେଶ। ଏ କଥା ସେ ନିଜେ ସ୍ୱୀକାର କଲା ପରେ ଭାରତ କୌଣସିମତେ ପାକିସ୍ଥାନ ସହିତ ସମାନ ଆସନରେ ବସି ସମାଧାନ ପ୍ରାର୍ଥୀ ହେବା ଉଚିତ ନୁହେ। ଭାରତର ଦୁର୍ବଳତା ସେଇଠି ହେଇଥିଲା। ସେଥିପାଇଁ ଆଜି ସିଦ୍ଧାନ୍ତ ବିଷୟରେ ମଧ୍ୟ ମଧ୍ୟସ୍ଥତା କରିବା ପାଇଁ କମିଶନ ପ୍ରସ୍ତାବ ଦେଇଛନ୍ତି ନିର୍ଲଜ ଭାବରେ। ଭାରତ ଏ ମଧ୍ୟସ୍ଥତାକୁ ଅସ୍ୱୀକାର କରି ଠିକ୍ କରିଛି। ନେହେରୁ ସରକାରଙ୍କର ଏ ଦୃଢ଼ତା ପଛରେ ଜନମତ ଅନୁକୂଳ ବୋଲି ଆମର ବିଶ୍ୱାସ। ମାତ୍ର କେବଳ ଏତିକରେ ସରକାରଙ୍କ କର୍ତ୍ତବ୍ୟ ଶେଷ ହେବ ନାହିଁ ଆମ ମତରେ ଭାରତ ମିଳିତ ଜାତି ସଙ୍ଘକୁ ଚୂଡ଼ାନ୍ତ ମତ ଶୁଣାଇ ଦେବ ଯେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକ୍ରମଣକାରୀ ପାକିସ୍ଥାନ କାଶ୍ମୀରରୁ ତାର ସମସ୍ତ ଚିହ୍ନ ଲୋପ ନ କଲେ ଭାରତ ଯୁଦ୍ଧ ଦ୍ୱାରା ଆତ୍ମରକ୍ଷା କରିବ ଓ ଆବଶ୍ୟକ ହେଲେ ପ୍ରତିରୋଧ ମୂଳକ ଆକ୍ରମଣ କରିବାକୁ ବାଧ୍ୟ ହେବ। ସରକାରଙ୍କଠାରେ ଏଇ ଦାବୀ କରି ଦେଶ ଆଜି ସରକାରଙ୍କ ପଛରେ ଠିଆ ହେବା ଉଚିତ।

---

## ନାଗରିକ ସ୍ୱାଧୀନତା

ସୁଖର କଥା ଓଡ଼ିଶାରେ ନାଗରିକ ସ୍ୱାଧୀନତା ସଙ୍ଘର କାର୍ଯ୍ୟାରମ୍ଭ ହୋଇଛି। ବର୍ତ୍ତମାନ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଏପରି ନିର୍ଲଜ ହସ୍ତକ୍ଷେପ ହେଉଛି ଯେ ନାଗରିକ ସ୍ୱାଧୀନତା ସଙ୍ଘର ସ୍ଥାପନା ବହୁ ପୂର୍ବରୁ ହେବା ଉଚିତ ଥିଲା। ବ୍ରିଟିଶ ଶାସନ ଯେତେ ପ୍ରକାର ଅନ୍ୟାୟ ଆଇନରେ ବଳୀ ହୋଇଥିଲେ ବର୍ତ୍ତମାନ ପ୍ରାଦେଶିକ ସରକାର ତହିଁ ଅଧିକ ପ୍ରବଳ ହୋଇଛନ୍ତି। ବିନା ବିଚାରରେ ଲୋକମାନଙ୍କୁ ବନ୍ଦୀ କରି ରଖାଯାଉଛି, ସର୍ବୋଚ୍ଚ ଅଦାଲତରେ ଯେଉଁମାନେ ରିହାତି ପାଉଛନ୍ତି ସେମାନଙ୍କୁ ପୁଣି ବନ୍ଦୀ କରାଯାଇ ଅଦାଲତର ଆଦେଶକୁ ଫାଙ୍କି କରି ଦିଆଯାଉଛି, ସଭା ସମିତି କରିବା ଲୋକଙ୍କର ସ୍ୱାଧୀନ ମତ ବ୍ୟକ୍ତ କରିବାର ଅଧିକାର ଛଡ଼ାଇ ନିଆଯାଉଛି। ପ୍ରେସ ପରାମର୍ଶଦାତା କମିଟିର ପରାମର୍ଶ ନ ନେଇ ସରକାର ଗୋଟିକ ପରେ ଗୋଟିଏ ସମ୍ବାଦପତ୍ରକୁ ବନ୍ଦ କରି ଦେଇଛନ୍ତି। ଏ ଭଳି ନିର୍ଲଜ ନୀତି କଂଗ୍ରେସ ସରକାରଙ୍କଠାରୁ ଆଶା କରା ଯାଇ ନ ଥିଲା। ବିଶେଷ ପରିସ୍ଥିତିରେ ଏପରି କରାଯାଉଥିବାର ବାହାନା ହାସ୍ୟାସ୍ପଦ। ନିଜ ଦଳକୁ ଶାସନ ଗାଦିରେ ଚିରଦିନ ଅଭିଷିକ୍ତ କରାଇବାର ଏ ଫନ୍ଦି ମାତ୍ର। ଜବାହାରଲାଲ ଦିନେ କହିଥିଲେ—ଯେଉଁ ସରକାର ବିନା ବିଚାରରେ ଲୋକଙ୍କୁ ଅଟକ ରଖନ୍ତି—ନାଗରିକ ସ୍ୱାଧୀନତା ଉପରେ ହସ୍ତ କ୍ଷେପ କରନ୍ତି ସେ ସରକାର ତିଷ୍ଠିବା ଅନ୍ୟାୟ। ଆଜି ଜବାହାରଙ୍କ ପଟ୍ଟଶିଷ୍ୟମାନେ ଗୁରୁଙ୍କ ସହ ସେ ନୀତିବାକ୍ୟକୁ ପାଶୋରିଛନ୍ତି।

ଓଡ଼ିଶାରେ ଅତି ଅଦ୍ଭୁତ ଶାସନ ଚାଲିଛି ! ଏହାକୁ ପୁଲିଶ ଓ ଗୁପ୍ତଚର ଶାସନ କୁହାଯାଇ ପାରେ। କଂଗ୍ରେସ ସରକାର ପ୍ରଥମରେ ଘୋଷଣା କରିଥିଲେ ଯେ, କେବଳ ଲୋକମତ ଜାଣିବା ପାଇଁ ଗୋଇନ୍ଦା ବିଭାଗ ରହିଛି। କିନ୍ତୁ ଫଳତଃ ସେମାନେ କେବଳ ସରକାରଙ୍କ ବିରୁଦ୍ଧ ମତବାଦୀଙ୍କ ପଛରେ ଜୁଆଁ ଭଳି ଲାଗି ରହିଛନ୍ତି ଏବଂ ମିଥ୍ୟା ରିପୋର୍ଟ ଦେଇ ସରକାରଙ୍କୁ ଭଣ୍ଡିବା ସେମାନଙ୍କର ପ୍ରଧାନ କାମ ହୋଇଛି। ସରକାର ମଧ୍ୟ ତାଙ୍କର ପ୍ରତିପକ୍ଷମାନଙ୍କ ସମ୍ବନ୍ଧରେ ମିଥ୍ୟା ସମାଚାର ଦେବା ପାଇଁ ଉତ୍ସାହିତ କରୁଛନ୍ତି। କେତେକ ସେକ୍ରେଟେରୀଏଟ ଅମଲାଙ୍କ ବିରୁଦ୍ଧରେ ସରକାର ସି ଆଇ ଡ଼ି ରିପୋର୍ଟରେ ଶୃଙ୍ଖଳାଗତ ଶାସ୍ତି ବିଧାନ କରିପୁଣି ଉପରିସ୍ଥ ଅଫିସରଙ୍କ ଇନକ୍ୱାଏରି ଫଳରେ ଶାସ୍ତି ପରିହାର କରିବା ମୂଳରେ ଏହି ରହସ୍ୟ ଅତି ଉଲଗ୍ନ ହୋଇ ପଡ଼ିଥିଲା। ଓଡ଼ିଶାର କେତେକ ବିରୋଧୀ ରାଜନୀତିଜ୍ଞଙ୍କ ଘର ଠାରୁ ବସ

୨ୟ ପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com

# ଦି ଓ୍ୟାଡନ ଇନସୁରେନସ କୋଃ ଲି,

ହେଡ୍ ଅଫିସ୍—ବମ୍ବେ

ଅନ୍ଧ୍ର ଉତ୍କଳ ଶାଖାଃ— ଭିଜିଗାପଟାମ୍

ଅଗ୍ନି, ଦୁର୍ଘଟଣା ଓ ଜୀବନ ବୀମା ପାଇଁ ଭାରତର ବିଖ୍ୟାତ ସର୍ବଶ୍ରେଷ୍ଠ ବୀମା-କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ।

ଓଡ଼ିଶାରେ ସ୍ୱତନ୍ତ୍ର ଏହି କମ୍ପାନୀର ଜୀବନବୀମାର କାର୍ଯ୍ୟ କରିବା ପାଇଁ ସ୍ପେସାଲ ଏଜେଣ୍ଟ ଇନ୍ସପେକ୍ଟର ଓ ଅର୍ଗାନାଇଜର ଆବଶ୍ୟକ । ଯୋଗ୍ୟଙ୍କୁ ବେତନ ଓ ଗସ୍ତ ଖର୍ଚ୍ଚା ଏବଂ ଉଦାର ହାରରେ କମିଶନ ଦିଆଯାଏ ।

ନିମ୍ନ ଠିକଣାରେ ଦରଖାସ୍ତ କରନ୍ତୁ ।

ଶ୍ରୀ ସୁଧୀନ୍ଦ୍ରଚନ୍ଦ୍ର ଗୁପ୍ତ ବି. ଏ.

ଜଏଣ୍ଟ ସେକ୍ରେଟେରୀ, ଓ୍ୟାର୍ଡନ ଇନ୍ସୁରେନ୍ସ କୋ. ଲିମିଟେଡ୍,

ପୋଷ୍ଟ ବକ୍ସ ନଂ—୨୩୦—ମେନ୍‌ରୋଡ୍, ଭିଜାଗାପଟମ୍,

—o—

# ୪୨ ଅଧ୍ୟାୟ

ଭାରତୀୟ ଜୀବନ-ବୀମାର କ୍ଷେତ୍ରରେ "ହିନ୍ଦୁସ୍ଥାନ"ର ବିକାଶ ଓ ବିସ୍ତୃତିର ଇତିହାସରେ ଆଉ ଗୋଟିଏ ଉଜ୍ଜ୍ୱଳତର ନୂତନ ଅଧ୍ୟାୟ ସଂଯୋଗ ହେଲା । ଏହା ଏକ ଦିଗରେ ଯେପରି ହିନ୍ଦୁସ୍ଥାନରେ ଅବିଚ୍ଛିନ୍ନ ବହୁମୁଖୀ ଲୋକ ସେବାର ପରିଚୟ ପ୍ରଦାନ କରେ ଅନ୍ୟ ଦିଗରେ ସେହିପରି ସେମାନଙ୍କ ଆର୍ଥିକ ଉନ୍ନତି ସାଧନରେ ସହାୟକ ହିସାବରେ ଜନସାଧାରଣ ଏହି ପ୍ରତିଷ୍ଠାନ ପ୍ରତି କେତେଦୂର ଆସ୍ଥାବାନ ଓ ନିର୍ଭରଶୀଳ, ତାହାର ମଧ୍ୟ ପ୍ରମାଣ ମିଳେ ।

ଏହି ଆସ୍ଥା ଓ ନିର୍ଭରଶୀଳତା ଯେ ଉତ୍ତରୋତ୍ତର ବୃଦ୍ଧି ପାଉଅଛି, ସୋସାଇଟିର ଗତ ୧୯୪୮ ସାଲର ହିସାବ ନିକାଶରୁ ହିଁ ତାହାର ନିଦର୍ଶନ ମିଳେ—

ନୂତନ ବୀମା.................................ଟ ୧୩,୮୮,୬୭,୨୫୪ଙ୍କା—

ମୋଟ ଚଳନ୍ତି ବୀମା.........................ଟ ୭୧,୪୨,୨୭,୯୬୯ଙ୍କା

ପ୍ରିମିୟମର ଆୟ..............................ଟ ୨,୯୬,୮୦,୪୬୪ଙ୍କା

ବୀମା ତହବିଲ................................ଟ ୧୭,୦୭,୭୦,୪୬୧ଙ୍କା

ମୋଟ ସମ୍ପତ୍ତି................................ଟ ୧୩,୪୧,୬୧,୦୦୭ଙ୍କା

ଉର୍ଦ୍ଧଦେୟ ଦାବୀର ପରିମାଣ................ଟ ୬୭,୭୧,୪୪୭ଙ୍କା

ହିନ୍ଦୁସ୍ଥାନ କୋ ଅପରେଟିଭ ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସଃ—ହିନ୍ଦୁସ୍ଥାନ ବିଲ୍ଡିଙ୍ଗସ୍;

ନମ୍ବର ଚିତ୍ତରଞ୍ଜନ ଏଭେନ୍ୟୁ; କଲିକତା

ଓଡ଼ିଶା ଅଫିସ—ଚାନ୍ଦନୀଚୌକ; କଟକ ।

ଏଣିକି ସବୁପ୍ରକାର ଚିଠିପତ୍ର

## ଝଙ୍କାର ଅଫିସ — କଟକ ୧

ଠିକଣାରେ ପଠାନ୍ତୁ ।

# ନାରୀ ରହସ୍ୟ

## ପୁରୁଷର ଯାହା ଅଗମ୍ୟ

ଯଦି ଆପଣ ପ୍ରକୃତରେ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ଚାହାନ୍ତି ଏବଂ ଶତ ଦୁର୍ବଳତାର ସତ୍ତ୍ୱେ ଯଦି ପଲକମାତ୍ରେ ଆପଣଙ୍କ ପ୍ରେୟସୀ ପ୍ରେମ ପ୍ରାପ୍ତି ସଙ୍ଗେ ସଙ୍ଗେ ନିଜ ଇଚ୍ଛାର ବଶବର୍ତ୍ତୀ କରିବାକୁ ଚାହାନ୍ତି ତେବେ 'କୋକଶାସ୍ତ୍ର' ପଢ଼ନ୍ତୁ । ଏହା ଦାମ୍ପତ୍ୟ ଜୀବନ ସମ୍ବନ୍ଧରେ ଏକ ପ୍ରାଚୀନ ଗ୍ରନ୍ଥ । ଏହା ପାଠ କଲେ ସ୍ୱାମୀର ଅଗୋଚର ନାରୀ ଚରିତ୍ରର ଯାବତୀୟ ରହସ୍ୟ ପ୍ରକାଶ ପାଇବ । ବାସର ଶଯ୍ୟାର କେତେକ ଗୁପ୍ତ ବଡ଼ ସୁନ୍ଦର ଆର୍ଟ କାଗଜରେ ଦିଆଯାଇଛି । ଅବିବାହିତ ଯୁବକମାନଙ୍କ ପକ୍ଷରେ ଏହା ପଢ଼ିବା ଅନୁଚିତ ।

ମୂଲ୍ୟ—ଟ ୩—ଡାକ ଖରଚ ଟ୦।୯ ।

ସମସ୍ତ ଭାଷାରେ ଅନୁଦିତ । ପତ୍ରରେ ଆପଣଙ୍କର ଠିକଣା ଇଂରାଜୀରେ ଲେଖନ୍ତୁ ।

Modern Publishers
25 Katra Mashroo,
DELHI, (D B)

# ହାଇଡ୍ରୋସିଲ୍

ଆମର 'ନିଶାକର ତୈଳ' ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହର୍ଣିଆ; ଗଣ୍ଡିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ଟ ୩୲, ଆଭ୍ୟନ୍ତରିକ ଔଷଧ ଦରକାର ବଟି ଦାମ ଟ ୨ ଭିଃ ପିଃ ଟ୦।୯ ।

# ପେଟ ବ୍ୟଥା

କଲିକ୍ ପେନ୍; ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମର 'ପାକରାଜ' ବ୍ୟବହାର ଦ୍ୱାରା ଦଶ ଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ଟ୩୦୲, ଭିଃ ପିଃ ଟ୦।୯ ।

Kaviraj S. K. Chakravarty (D. C)
126/2 Hazra Road. Calcutta 29
Stockists: Bhubanswar Trading house
Bhubaneswar: (Orissa)

Digitized by srujanika@gmail.com

# ଟାକ ଧୀନା ଧୀନ ଟାକ ଟାକ

ଆଠମଲ୍ଲିକରେ ଅଧ୍ୟାଦ— ସମ୍ବାଦ
... ଲାଟ ଓ ମନ୍ତ୍ରୀଙ୍କ ବାଡ଼ି ଖାଇ ପେଟ ପୂରୁ ନାହିଁ ?

କଳାହାଣ୍ଡୀରୁ ଧାନରପ୍ତାନି— ସମ୍ବାଦ
ବାଲୁଙ୍ଗା ରହିଯିବେ ।

\+ + + +

ଭାରତ ସରକାର ଚୁକ୍ତି ଭଙ୍ଗ କରିଛନ୍ତି— ଓଡ଼ିଶା ରାଜନ୍ୟବର୍ଗ...... ଭଥା ଦେଇ ବନ୍ଧୁ ନଇଲେ ପଶେ ।

\+ + +

କମିଉନିଷ୍ଟ ଅନଶନକାରୀ ମରିଛନ୍ତି— ସମ୍ବାଦ,... କଂଗ୍ରେସ ଜେଲରେ ମଲେ ସ୍ୱର୍ଗ ପ୍ରାପ୍ତି ।

ଜେଲରେ ଗୃଷୀ ମୂଲିଆଙ୍କ ନେତା ଅନଶନ କରିଛନ୍ତି— କମ୍ୟୁନିଷ୍ଟ ପ୍ରଚାର... ଗୃଷୀ ମୂଲିଆଙ୍କ ପ୍ରତି ସହାନୁଭୂତି ଦେଖାଇ. ବୋଧହୁଏ ।

\+ + + +

ରିଫ୍ୟୁଜି ଷ.ହ.ନ.ରେ ଓଡ଼ିଶା ସେକ୍ରେଟେରିଏଟରେ ଯୁବତୀ ନିଯୁକ୍ତ—ସମ୍ବାଦ
... ସେକ୍ରେଟେରିଏଟର ତପସ୍ୟା ଭାଙ୍ଗିବ ।

\+ + +

ଅନ୍ୟ ପ୍ରେସରେ ଦର ନବୁଝି ସରକାର ପ୍ରଜାତନ୍ତ୍ର ପ୍ରେସକୁ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭିଉ ଛପିବାକୁ ଦେଲେ— ସଂଗ୍ରାମରେ... ପ୍ରେମ ରାଜ୍ୟରେ ଦରଦସ୍ତୁର ନଥାଏ ।

\+ + + +

ଆମେରିକାର ନାରୀମାନେ ଗୋଟିଏ ସପ୍ତାହରେ ୪ କୋଟି ଟଙ୍କାର ଫେସ ପାଉଡ଼ର କିଣିଛନ୍ତି ।... ସମ୍ବାଦ
-ଫେସ ଭେଲ୍ୟୁ Face Value ବଢ଼ିଥିବ ।

\+ + + +

ହାରମୋନିୟମ ଏକ ଜଘନ୍ୟ ବାଦ୍ୟଯନ୍ତ୍ର —ଡାକ୍ତରଆପ୍ପା— ଯନ୍ତ୍ର ଭଲ କାନରେ ବାଜେ ।

\+ + + +

ତିବତରେ କମ୍ୟୁନିଜିମକୁ ଦଶ ହାତ ଦୂରରେ ରଖିବାକୁ ହେବ— ଅଭିମତ ।
... ତିବତ ଅଧିବାସୀମାନେ ଦଶ ହାତ ହେଲେ ତ ।

\+ + + +

ବି ସି ମୁଖାର୍ଜ୍ଜୀ ଖାଦ୍ୟ କମିସନର ହେଲେ — ସମ୍ବାଦ ।

ବୁଢ଼ା କାଳେ ପାଠ ପଢ଼ିବେ
ବାରବାଟି ବାଡ଼ ଡାଙ୍ଗିବେ ।

\+ + + +

ପଣ୍ଡିତ ନେହେରୁ ମାସକୁ ୫୦୦ଟଙ୍କା ଦରମା ପାଆନ୍ତି... ସମ୍ବାଦ ।
... ନଗନାଉ ଶୁନ କାଟି ନେଲୁ ଡ଼ାମର କାଉ— ଗଲୁ କେତେ ରହିଲୁ କେତେ ।

\+ + + +

ରାଧାକୃଷ୍ଣନ ଓ ଭିଶିନ୍‌ସ୍କିଙ୍କର ସାକ୍ଷାତ ବନ୍ଧୁତ୍ୱ ବାତାବରଣରେ ହୋଇଥିଲା—ସମ୍ବାଦ ।
... କମ୍ୟୁନିଷ୍ଟ ରୁଷିଆରେ ସାଥିତ୍ୱ ବାତାବରଣରେ ହୋଇଥିବ ।

\+ + + +

କମନୱେଲଥ ସମ୍ପର୍କ ସଭାରେ ଭାରତ ଓ ପାକିସ୍ଥାନ କମ୍ୟୁନିଜିମ ବିରୋଧରେ ଅର୍ଥନୈତିକ ପ୍ରତିରୋଧ ପାଇଁ ରାଜିହେଲେ— ସମ୍ବାଦ ।
... ପଶ୍ଚିମ ଦେଶମାନେ ସ୍ୱାର୍ଥନୈତିକ ବିରୋଧ ଗୃହାନ୍ତି ।

\+ + +

ବିଧାନ ସଭାର ସଭ୍ୟମାନେ ସଂଶୋଧନ ଚେଷ୍ଟା କରନ୍ତୁ— ରାଜେନ୍ଦ୍ରପ୍ରସାଦ ।
... କେବଳ ଶୋଧନ ଚଳାଇ ପାରିବେ ।

\+ + +

କାଶ୍ମୀର କମିସନ ପ୍ରସ୍ତାବରେ ନିମିଜ ମଧ୍ୟସ୍ଥ ହେବେ— ସମ୍ବାଦ ।
... ଦଳେଇ ପଶିବେ ମାଉସୀ ଘରେ ।

\+ + +

ଭାରତ ସେ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି— ସମ୍ବାଦ ।
... ଘେନାଇ ଆମ୍ଭେ ଯେବେ କହିଲୁରେ

କଂଗ୍ରେସ ଜମିଦାରୀ ଉଚ୍ଛେଦ ପାଇଁ ଦୃଢ଼ ପ୍ରତିଜ୍ଞା— ନେହେରୁ ।
... ଭାବିବେ ଉଚିତ ଛିଲ ପ୍ରତିଜ୍ଞାତା ଜଗନ୍ ।

---

(ସମ୍ପାଦକୀୟ ପୂର୍ବପୃଷ୍ଠା ଉତ୍ତାରୁ)

ଖାଇବାର ଅଭିଯୋଗ ଆଜିଯାଏ ବିଗୃହିନାହିଁ କି ନ ଆଣିବାର ଦୁର୍ବଳତା ମୂଳରେ ଏହି ଦୁଷ୍କର୍ମ ସୁସ୍ପଷ୍ଟ । ଅଥଚ ପାକିସ୍ଥାନର ଗୁପ୍ତଚର ଆସି ପୁଲିସ ହାତରୁ ଖସିଯିବା ଏହି ଶାସନ ପକ୍ଷରେ ସମ୍ଭବ ହୁଏ । କଂଗ୍ରେସ ସରକାରର ବିରୋଧୀମାନେ ରାଷ୍ଟ୍ରଦ୍ରୋହୀ—ନା କଂଗ୍ରେସ ସରକାର ଓ ତାଙ୍କ ପୁଲିସ ରାଷ୍ଟ୍ରଦ୍ରୋହୀ- ଜନସାଧାରଣ ବିଚାର କରନ୍ତୁ ।

ବିଶ୍ୱସ୍ତ ସମ୍ବାଦ ମିଳିଛି ଯେ, ସରକାର ବିରୋଧୀମାନଙ୍କୁ ସାହାଯ୍ୟ ଓ ଆଶ୍ରୟ ନ ଦେବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ସତର୍କ କରି ଦେଇଛନ୍ତି । ଏହା ବ୍ରିଟିଶ ଶାସନ ଦୁର୍ବଳତାର ଅଶ୍ଳୀଳ ନକଲ ମାତ୍ର । ରାଷ୍ଟ୍ର ବିରୋଧୀମାନଙ୍କୁ ସ୍ଥାନ ନଦେବା ଯୁକ୍ତିସଙ୍ଗତ । କିନ୍ତୁ ଦଳଗତ ଶାସନ ବିଧାନ ଜାରି ଥିବାବେଳେ ପ୍ରଚଳିତ ସରକାର ବିରୁଦ୍ଧରେ କହିବାର ଅଧିକାର ପ୍ରତ୍ୟେକ ନାଗରିକର ଅଛି । ଏ ଅଧିକାର ଖର୍ବ କରିବା ଫ୍ୟାସିଷ୍ଟ ମନୋଭାବର ପରିଚୟ ମାତ୍ର ।

ନିକଟରେ ଜଣେ ବିଶିଷ୍ଟ ଗାନ୍ଧୀବାଦୀ ସଙ୍ଗଠନ କର୍ମୀଙ୍କୁ ଅନ୍ୟାୟରେ ଜେଲ କରି ୧୪୪ଧାରା ଜାରି କରି ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଘର ଛାଡ଼ି ବାହାରି ଯିବାପାଇଁ" ସରକାର ଆଦେଶ ଦେଲେ । ଏପରି ଆଦେଶ ଯେ ଆଇନର ସ୍ପଷ୍ଟ ଅପବ୍ୟବହାର ଏହା ଯେକୌଣସି ଆଇନଜ୍ଞ କହିବ । ଏଭଳି ଜୋର ଜବରଦସ୍ତିର ଅତି ବିଭତ୍ସ ସ୍ୱରୂପ ଏହି ଭୂଇଁ ଉପରେ ନାଚୁଛି ? ଏହାର ଅବସାନ କେବେ—ଏହାର ପ୍ରତିକାର କଣ ?

ଦେଶ ନାଗରିକ ଅଧିକାର ବିଷୟରେ ସଚେତନ ନ ହେଲେ ଏ ଅନ୍ୟାୟର ସମାଧାନ ସମ୍ଭବ ନୁହେଁ । ଦୁଇଶହ ବର୍ଷ ସ୍ୱାଧୀନତା ହରାଇ ଆମେ ପଞ୍ଜ ଅବଶ ପକ୍ଷୀ ଭଳି ଏବେ ମୁକ୍ତ ଆକାଶର ସ୍ୱପ୍ନ ମଧ୍ୟ ଦେଖି ପାରୁନାହୁଁ । ବର୍ତ୍ତମାନ ସରକାର ଏହି ଦୁର୍ବଳତାକୁ ପାଣ୍ଠି କରି ମେଣ୍ଟରାସ୍ତୁ ଶାସନ ଜାହିର କରୁଛନ୍ତି ।

Digitized by srujanika@gmail.com



ଓଡ଼ିଶାର ବ୍ୟବସ୍ଥା ସଭା କଟକରୁ ଭୁବନେଶ୍ୱରକୁ ଉଠିବା ପୂର୍ବରୁ ତଗର ବାଲୁଆ ସଭା କଟକପିଠାପୁରକୁ ଉଠିଆସିଲା । ପିଠାପୁର କୁ ଅସିବାର କାରଣ ବାଲୁଆ ସଭା ପିଠାକେବଳ ଖାଆନ୍ତି ନାହିଁ —ପିଠାର ବାନ୍ଧ ମଧ୍ୟ ଗଣନ୍ତି । ବର୍ତ୍ତମାନ ଏହା ହାମ୍ ବଜାରରେ ବାଲୁଆ ସଭାର ଅଧିବେଶନ ହୋଇ—କଟକ ସହରର ବାନ୍ଧ ଗଣିବାକୁ ଆରମ୍ଭ କରିଛନ୍ତି ।

\+ + + +

ଓଡ଼ିଶାର ସମନ୍ୱୟ କେବେଠୁ ସ୍ଥାନରେ ମଦ ନିବାରଣ ହୋଇନଥିବାରୁ ତାହା ଓ ଦେଶୀ ମଦର ଆଶ୍ରୟ ପାଇଁ ବାଲୁଙ୍ଗ ମଦ ଚରଣରେ ଶରଣ ପଶିବାକୁ —ବାଲୁଙ୍ଗ ମଦ ଶରଣ ରକ୍ଷଣ ବାନା ଆଣି କଟକ ସହରରେ ଉଡ଼ାଇଦେଇଛନ୍ତି ଜଣେ ଭିତରେ ଗୋଟିଏ ଖେଳାଳି ସମିତି ଉପରେ ଏ ପଞ୍ଚୋପଚାର ଦାନା ଉଡ଼ୁଛି । ଶୁଣା ଯାଉଛି ଏହାପରି ଭିତରେ କଟକରେ ବାଲୁଙ୍ଗ ମଦର ବନ୍ୟା ଦୁଇଗୁଣ ଉପରକୁ ଉଠିଛି । ବଡ଼ ବଡ଼ ପାଟି ଆଉ ... ଏବନ୍ୟାର ଜନ୍ତୁ । ଖାଲି ମଦ ନୁହେଁ, —ଅନ୍ୟାନ୍ୟ 'ମ' କାରର ସେବା ମଧ୍ୟ ଚାଲିଛି । ଏ'ମ'କାର ଭିତରେ ମହାତ୍ମାଙ୍କ ନାମ ଯାଇପାରେ ବୋଲି କେହି ଯେପରି ସନ୍ଦେହ ନକରନ୍ତି । + + +

ଅତିଶୀଘ୍ର କଟକରୁ ପିଡବ୍ଲୁଡି ସେକ୍ରେଟରିଏଟର ସବୁ ଅଂଶ ଭୁବନେଶ୍ୱରକୁ ଉଠିଯିବା ଆଗରୁ ... ଗୃହାଦାଲଣି । ମନ୍ତ୍ରୀ ମହାଶୟ ଭୁବନେଶ୍ୱରରେ ବଟନେଶ୍ୱର ହୋଇବାର କଥା ଲାଗି । ଶୁଣା ଯାଉଛି ଭୁବନେଶ୍ୱରରେ ଓଡ଼ିଶା ସେକ୍ରେଟେରିଏଟର ଅନ୍ୟାନ୍ୟ ବିଭାଗ ଯାଇ ନଥିବାରୁ —କେହିକେହି P. W D କୁ ପବ୍ଲିକ ଉଇମେନସ୍ ଡିପାର୍ଟମେଣ୍ଟ ବୋଲି ଭୁଲ ମନେ କରୁଛନ୍ତି । + + +

କଟକ ମ୍ୟୁନିସିପାଲିଟିରେ ମଶା ନିବାରଣ ... ଏଣିକି କିଛି, ... ଗଲାଣି । ଓଡ଼ିଶା ମଶା ମାରୁ ମାରୁ ହଠାତ୍ ମହାତ୍ମାଙ୍କ ଲକ୍ଷ୍ୟ ମିଛ ବୁଝିକରି ... ତା ଶୁଣି ଶୁଣି ଅହିଂସ ପାଳିଛି ଯାଇ ମଶାମାନଙ୍କୁ ପ୍ରେମ ସମ୍ଭାଷଣ କରୁଛନ୍ତି । ଓଡ଼ିଶାରେ ... ଇଲେ କୁଆଡ଼େ ହିଂସ୍ର ମାରଣଶକ୍ତି ବଦଳରେ ପ୍ରେମକାମାରଣୀ ଶକ୍ତି ବଢ଼େ । ଡାକ୍ତରମାନେ ପରୀକ୍ଷା କରି ଦେଖିବେ କି ? + +

କଟକରେ କୋଶଳ ଉତ୍କଳ ପ୍ରଜାପରିଷଦର ନେତା ରାଜେନ୍ଦ୍ର ବାହାଦୁର ଆଗମନ କରିଥିଲେ । ତାଙ୍କ ଶୁଭ ଆଗମନ କରିବାକୁ ଗୃହଁ ଗୃହଁ ଚାନ୍ଦା ପିଅନ ପଠାଇଥିବା ସି ଆଇ ଡ଼ି ଗଣ କ୍ଷଣକ ପାଇଁ କାମ ଉଦ୍ଧାରରେ ମଗ୍ନ ହେଲେ ଭଳି ଚଞ୍ଚଳ ହୋଇଗଲେ । ଶେଷରେ ରାଜେନ୍ଦ୍ର ଯେତେବେଳେ କହିଲେ—ଭାରତ ସରକାର ଏତେ ଦଗାଦାର ଚୁକ୍ତିଭଙ୍ଗ କଲେ —ଆମ ରାଜ୍ୟରେ ଶାନ୍ତି ଶୃଙ୍ଖଳା ରଖିଲେ ନାହିଁ—ଲୋକଙ୍କ ସୁବିଧା ଦେଖିଲେ ନାହିଁ —ତାର ଉତ୍ତର ବେହିଆ ମୁହଁରେ ଓଡ଼ିଶା ସରକାର ଦେଲେ—ଅବ୍ଠିକ୍ ହେବ । ଏ ଅବସରରେ ତଗର ଏତିକି କହେ—ନେତା ଗୁଡ଼ କହୁଣିକି ବାହି ଗଲାଣି—ଚୋରଂ ଗଚ୍ଛତୋ ବା କାମୁସାଦଧାନମ୍ ? ; ରାଜ୍ୟ ଯାହାର ନାହିଁ ତାର ପୁଣି ରାଜ୍ୟ ରାଜ୍ୟ ଚିତ୍କାର କାହିଁକି ? ଶିରୋନାସ୍ତି ଶିରୋପୀଡ଼ା । ଘରର କେହି ନୁହନ୍ତି—ପିଢ଼ାରେ କାଉ ବସାଇବାକୁ ନାରାଜ ।

\+ + + +

କଟକ ନଗରରେ ଆଉ ଏକଖଣ୍ଡ ପ୍ରଳୟ କାଣ୍ଡ ଘଟିଗଲା । ଓଡ଼ିଶା ଆସେମ୍ବ୍ଲିର କଂଗ୍ରେସୀ ସଭ୍ୟଙ୍କର ଜରୁରୀ ସଭା ଡକା ହେଲା ଉମାଚରଣଙ୍କୁ ବହିଷ୍କାର କରିବା ପାଇଁ ଉମାଚରଣଙ୍କ ଦୋଷ, ସେ ତାଙ୍କ ଦଳପତି ମହତାବ ଓ କେତେକ ଏମ୍ ଏଲ୍ ଏଙ୍କ ନାମରେ କଳଙ୍କ ନେସିଲେ । ଏ କଳଙ୍କ କେଉଁଠି ଲେପିଲେ, କାହାଆଗେ ଲେପିଲେ ଆମେ ସର୍ବସାଧାରଣ ଜାଣି ପାରିଲୁ ନାହିଁ । ତଥାପି ସେ ମିଥ୍ୟା କଳଙ୍କ ଗାଇ ଭୁଲିବା ଅପରାଧରେ ତାଙ୍କୁ ଦଳରୁ ବାହାର କରାଯାଇଛି । ଉମାରଚଣ, ହରିଚରଣଙ୍କୁ ନ ଭଜି ଉମାଚରଣକୁ ଯିବା ବାସ୍ତବିକ ବଡ଼ ଅପରାଧ ।

\+ + + +

ଏ ସମ୍ବନ୍ଧରେ ଜଣେ ପରମାର୍ଥ-ଜୀବିକାଧାରଣ ଏମ୍ ଏଲ୍ ଏ କହିଲେ—ଉମା ବାବୁ କେବଳ ମହତାବଙ୍କ ନାମରେ ଅଭିଯୋଗ ଆଣିଥିଲେ ଆମେ ତାଙ୍କୁ ସପୋର୍ଟ କରିଥାନ୍ତୁ । କିନ୍ତୁ ସେ ଆମ ସମସ୍ତଙ୍କୁ ଯେ ଦାଣ୍ଡରେ ଲଙ୍ଗଳା କରେଇ ତାଳମାରି ନାଚ ଦେଖିବାକୁ ବସିଲେ —ଫଳରେ ଆମେ ସବୁ ମୁହଁବିଯାଇ ମିଳି ରୋଗକୁ ନ ଧୋଇ ଘୋଡ଼ାଘୋଡ଼ି ହୋଇ ଭ୍ରମ-ଭାନ ରହିଲୁଁ । ଆମର ବିଶ୍ୱାସ ଏ ମହାଶୟ ଆଉ କେତୋଟି କମ୍ପାର୍ଟର ଉପରେ ହେଲା ପରେ ଦିନେ ନା ଦିନେ ସେ ରୋଗ କାଢ଼ିବେ ।

\+ + + +

ଜଣେ ମଦ୍ୟପ ଏମ୍ ଏଲ୍ ଏ-ଯେଉଁ ସର୍ବ୍ବୀକ ମହତାବଙ୍କ ଅତ୍ୟନ୍ତ ଅନ୍ତରଙ୍ଗ ଏବଂ ଯେ ଲକ୍ଷ ଲକ୍ଷ ଟଙ୍କା ଓଡ଼ିଶା ସରକାରଙ୍କୁ ଛୁଡ଼େଇ ହରଣଗୁଲ କରିନେଲେଣି—ସେ ମଜକୁର କେମନ୍ତେ ସେଇ ମଜଲସ୍‌ରେ ଜୋରରେ ଇସ୍ତାହାର କଲେ— ମୁଁ ମଦ ଖାଇବି—ମୋର ଇଚ୍ଛା । ଏଥିରେ ଆପତ୍ତି କେହି କରି ପାରେ ନା । ମୁଁ ମଦ ଖାଏଁ ଜହରଲାଲ ଜାଣେ, ମୁଁ ମଦ ଖାଏଁ ମହତାବ ଜାଣେ, ମୁଁ ମଦ ଖାଏଁ ଏ କଥା ପଟେଲର ଜାଣିବା ଉଚିତ ଏବଂ ଆଶା କରେ ସେ ମଧ୍ୟ ଜାଣିଥିବେ —ମୁଁ ଲୁଚାଇ ଛପାଇ ଖାଏ ନାହିଁ—ଏଥି ପାଇଁ ମୋତେ କଂଗ୍ରେସ ବହିଷ୍କାର କରି ପାରେ ନା—କାରଣ ମୁଁ କଂଗ୍ରେସ ପାଖକୁ ଆସି ନାହିଁ—କଂଗ୍ରେସ ମୋ ପାଖକୁ ଆସିଛି ।

ବାସ୍ତବିକ ... ପାଖକୁ ମନ୍ଦିର ଆସିବାର କଥା । କିନ୍ତୁ ବାଲୁଆ ସଭା ବିଗୁର କରି ବୁଝି ପାରୁ ନାହାନ୍ତି—ଏ ସଭ୍ୟ ଜଣକ କଂଗ୍ରେସର ଦୁର୍ନାମ ଅଧିକ କରିଚନ୍ତି—କି ଉମା ପଟ୍ଟନାୟକ ଅଧିକ କରିଛନ୍ତି । ତଥାପି ଉମା ବାବୁଙ୍କର ଦେଶୋଚିତ-ଦୋଷ ନିଶ୍ଚୟ ଅଛି—ସେ ଜାଣିଆନ୍ତି ନୁହନ୍ତି କିମ୍ବା ତାଙ୍କର ବୋଧହୁଏ ଆଧୁନିକା ସୁନ୍ଦରୀ ସ୍ତ୍ରୀ ନାହିଁ— ମଦ ପରଷି ଦେବାକୁ । ହାରେ ଅଭାଗା ।

\+ + + +

ଶ୍ରୀମତୀ ସରଳା ଦେବୀ ମହତାବ ମନ୍ତ୍ରୀମଣ୍ଡଳର ଲକ୍ଷ୍ୟ ମିଛ ବାହାନାରେ ପଶ୍ଚିମ



Digitized by srujanika@gmail.com

ନେହେରୁଙ୍କୁ ଲେଖିଥିଲେ। ପଣ୍ଡିତ ନେହେରୁ ଉତ୍କଳ କଂଗ୍ରେସ କମିଟିକୁ ପଠାଇଛନ୍ତି। ଉତ୍କଳ କଂଗ୍ରେସର ସାଧାରଣ ସମ୍ପାଦକ (ପଥା ସର୍ବସାଧାରଣ ସମସ୍ତ ସଂସଦ ଧାରଣାଙ୍କ) ମହତାବଙ୍କ ଗଦାଧର ସରଳାଙ୍କୁ ଜଣାଇ ଦେଇଛନ୍ତି ଯେ ସମସ୍ତ ଅଭିଯୋଗ କମିଟି ଆଗରେ ପ୍ରମାଣ କରନ୍ତୁ। ଏ ସମ୍ବାଦ ପରେ ଆଉ ଏକ ସମ୍ବାଦ ଶୁଣାଯାଉଛି ଯେ କଟକ ଜେଲର କେତେକ ଚୋର ଡାକୁମାନଙ୍କଠାରୁ ଲେଖି ପଠାଇଛନ୍ତି ଯେ, ଏଣିକି ମକଦମାଗୁଡ଼ାକ ହାକିମ ବିଚାର ନ କରି ସେନସେନସେ ବିଚାର କରିବେ। ସରଳା ଦେବୀ ମହତାବଙ୍କ ବିରୁଦ୍ଧରେ ତଥ୍ୟ ସଂଗ୍ରହ ନ କରି ଏଇ ଚୋରଗୁଡ଼ାଙ୍କ ବିରୁଦ୍ଧରେ ସାକ୍ଷୀ ପ୍ରମାଣ ଦାଖଲ କଲେ ବରଂ ଦେଶରୁ ଚୋର କମିଯାନ୍ତେ।

\+ \+ \+ \+

ମହତାବଙ୍କର ଦୁର୍ନାମ ରଟଣା କରିବା ଗୋଟାଏ ଫେସନ ହୋଇଗଲାଣି କେତେକ ଲୋକଙ୍କର। ଭାରତ ସରକାରଙ୍କ ଅଫିସଠାରୁ ବଳି ଅମଳ ହୋଇଗଲାଣି କେତେକ ଅସହଣି, ପ୍ରତିକ୍ରିୟାଶୀଳ, ଦେଶଦ୍ରୋହୀ ... ମାନଙ୍କର। ଶ୍ରୀମତୀ ସରଳାଦେବୀ ଯେ କାହିଁକି ଏ ସ୍ୱାର୍ଥପର ଲୋକଙ୍କ ସାଙ୍ଗରେ ମାତିଛନ୍ତି ଜଣା ହେଉ ନାହିଁ। ଆମେ ଶ୍ରୀମତୀ ସରଳାଙ୍କୁ କହୁଁ—ସେ ନରପେଷ ଆଖିରେ ଟିକିଏ ନଗର ପରିକ୍ରମ କରି ବୁଝନ୍ତୁ,—ପରିରନ୍ତୁ—

ସଂସାରସ ... ଚାଟି ବାଗୁଣେ

ଯାଉଛି ସୁଦିଲେ!

\+ \+ \+ \+

ଓଡ଼ିଶାର ଘାଟ ନିଜେ ହାଲ ଧରିବା ପରେ-ସେତେ ବଡ଼ ବଡ଼ ହାକିମ ଅମଲାଙ୍କ ବଙ୍ଗଳା ଆଉ ଅଗଣାରେ ଟ୍ରାକ୍ଟର ବୁଲି ମାଟି କାଟି ଦେଇ ସିଥର ପକେଇ ଦେଇଗଲା—ତାହା ଗ୍ରୋ ମୋର ଫୁଡ଼ କରୁଁ କରୁ ଅଫିସରେ ଗ୍ରୋ ମୋର ଫାଇଲ ହେଲା କିନ୍ତୁ କଳା ସାହେବମାନଙ୍କ ଅଗଣାରେ ଘାସ କେନେବ କଅଁଳିଲା ନାହିଁ। ଖାଦ୍ୟର ଗରଜ, ସେ ଆସି ଏଇ ବଡ଼ ବଡ଼ଆଙ୍କ ପେଟରେ ହଜମ ହେଲେ ଦୁର୍ଗବାସ ହେବ—ଆମର ବ ଯାଏ ସେ ଆମେ ଖାଦ୍ୟ ପାଖକୁ ଧାଉଁବୁ। [illegible] ଶର୍ମା କେବେ କହିଥିଲେ—ନହ ସୁପ୍ରସ୍ୟ

ସିଂହଦ୍ୱାର ପ୍ରବିଷ୍ଟ ମୁଖେ ମୃଗାଃ କିନ୍ତୁ ଏ ଯୁଗରେ ଏବୁ ମ କାର ... ଅପଲାଙ୍କ ପାଟିରେ ପେଟରେ ବାଲେ ପଶୁଛି। ବୃଥା କର କ ଲାଭ।

\+ \+ \+ \+

ତେବେ ମାନିବାକୁ ହେବ ଯେ ଗୋଟାଏ ଉନ୍ନତି ଏଇ ଟ୍ରାକ୍ଟରର ସଞ୍ଚାଳନ ଫଳରେ ହୋଇଛି। ଶସ୍ୟ ଅଧିକ ହେଉ ନ ହେଉ ଜିଆ ଯଥେଷ୍ଟ ବଢ଼ିଛନ୍ତି। ଡାକ୍ତରମାନେ କହନ୍ତି ଜିଆରେ ବହୁତ ଭିଟାମିନ। ଏ ଦାଲଦା ବନସ୍ପତି ଘିଅ ଯୁଗରେ ଜିଆ ଖାଦ୍ୟ ଅତି ଉତ୍ତମ ଓ ଶ୍ରେଷ୍ଠ।

\+ \+ \+ \+

କଟକ ରେଭେନ୍ସା କଲେଜରେ କେତେକ ପୁରୁଷ ପୁଙ୍ଗବ ଛାତ୍ର ଅଛନ୍ତି ଯେଉଁମାନଙ୍କର ଉପକ୍ରମ ଦେଖିଲେ ବୈଜ୍ଞାନିକମାନଙ୍କୁ ଗବେଷଣାର ଖୋରାକ ମିଳିବ। କେତେକ ଛାତ୍ରୀ ମଧ୍ୟ ଯେ ଗବେଷଣା ବା ପ୍ରୟୋଗାରର ବସ୍ତୁ ନୁହନ୍ତି। ଆମେ ଠିକ ତାହା କହୁନାହୁଁ। ତେବେ ଛାତ୍ରୀ ପୁରୁଷ ଛାତ୍ରଙ୍କୁ ଗାଳି ଦେବାଠାରୁ ଛାତ୍ରୀଙ୍କ ଉପରକୁ ଅଣ୍ଡା ପକାଇବାଇଗଣ ଫିଙ୍ଗିବାରେ ପୌରୁଷ ଅଧିକ ଏଥିରେ ସନ୍ଦେହ ନାହିଁ। ରେଭେନ୍ସା କଲେଜରେ ଏ ଅବସ୍ଥା ଦେଖି ଆମର ମନେ ହୁଏ ଅଳ୍ପ ଦିନ ପରେ ମନୋହାରୀ ଦୋକାନରେ ସମସ୍ୟା ପଡ଼ିବ। କାରଣ ରୁଜ ଲିପଷ୍ଟିକ୍ ପାଉଡ଼ର ଅଭାବ ଯଥେଷ୍ଟ ହେବ। କିନ୍ତୁ ଦରକି ଦୋକାନୀ ଉପାସରେ ରହିବେ। କାରଣ ନାରୀ ଛାତ୍ରୀମାନେ ପୌରୁଷ ଦେଖାଇ ପୁରୁଷ ହେଲେ କେତେଖଣ୍ଡ ସାଟ ପଞ୍ଜାବି ବା ଟ୍ରାଉଜର କଟା ଯିବ? କିନ୍ତୁ ସବୁ ଛାତ୍ରଙ୍କ ଯଦି ମାଇଚିଆମି କରନ୍ତି ତେବେ—ପ୍ରସାଧନ ସାମଗ୍ରୀ ଅଭାବ ହେବ ନିଶ୍ଚୟ।

\+ \+ \+ \+

ଓଡ଼ିଶାରେ ଏକ ନାଗରିକ ସ୍ୱାଧୀନତାର ଦୁଆ ଉଠିଛି। ବାବା, ଆମର ଏଠି ନା ଅଛି ନଗର ନା ନାଗରୀ ଯେ ନାଗରିକ ସ୍ୱାଧୀନତା ଉଠିବ। ଯଦି ବା ଉଠେ, ଏଠି ସ୍ୱାଧୀନତାର କ ଅଭାବ? ଏଠି ମଦ ଖାଇବାର ସ୍ୱାଧୀନତା ବଡ଼ ବଡ଼ କ୍ଲବଗୁଡ଼ିକ ବେଶ୍ ପ୍ରଚଳିତ ହେଉଛି। ଏଠି କଳାପୋତିଆର ପ୍ରଚାର ତ କୌଣସି କୌଣସି ସମ୍ପାଦକେ ଜୋରସୋରରେ ଚଳାଉଛନ୍ତି। ଏଠି ଲାଞ୍ଚ ମିଛର ପ୍ରଚାର ଓ ସେକ୍ରେଟେରିଏଟ ମନ୍ତ୍ରୀଙ୍କ ଗାଦି ଟାଣ ହେଉଛି—ଏ ସବୁରେ ସ୍ୱାଧୀନତା ଦେବା ସ୍ଥଳେ ପୁଣି ଆମ ସ୍ୱାଧୀନତା ଅପହରଣ କରାଯାଉଛି ବୋଲି କହିବା ମୂର୍ଖତା।

କଟକିରୁ ବନ୍ଧୁ 'କ' ଅକ୍ଷରର ଉଦ୍ଭବ। କଳାପୋତେଇ ଶବ୍ଦଟା କଟକରୁ ଆମଦାନୀ। କ୍ରମେ ସେ ଶବ୍ଦର ଏବ୍ରିଭିଏସନ ବା ସଂକ୍ଷିପ୍ତ ସାର-ହେଲାଣି (କେ ପି)। ସେ ଯାହା ହେଉ—ଏ ଶବ୍ଦଟା କଟକ ଭିତରେ ଆବଦ୍ଧ ରହୁ। କାରଣ ଭୟ ହେଉଛି କଟକରୁ ଉଭଗର ଉଦ୍ଭବ ଭୁଲି ବାଲେଶ୍ୱର ଜିଲ୍ଲାକୁ ଗଲେ ସେଠି ଅନେକ (କେ ପି)କୁ ବାଲେଶ୍ୱର କଂଗ୍ରେସ କମିଟି ସଭାପତି ବରୁଣାକର ପାଣିଗ୍ରାହୀ ବୋଲି ଭୁଲ୍ କରିବେ।

\+ \+ \+ \+

ଗଡ଼ଜାତରୁ କେତେ ଅଫିସରଙ୍କ ନାମ ଆଇ ଏ ଏସ୍ ଚାକିରୀ ପାଇଁ ଓଡ଼ିଶା ସରକାର ପଠାଇବା କଥା। କିନ୍ତୁ ତା ସଙ୍ଗରେ ଧୂଆ ମୂଳା ଅଧୂଆ ମୂଳା ସମାନ କରି ମୋଗଲବନ୍ଦୀରୁ କେତେକ ଲୋକଙ୍କ ନାମ ଯାଇଛି ବୋଲି ବିଲୁଆ ସବୁ ସମ୍ବାଦ ପାଇଛନ୍ତି ଗଡ଼ଜାତ ଓଡ଼ିଶା ମିଶ୍ରଣର ପ୍ରତୀକ ସ୍ୱରୂପ ଏପରି କରାଯାଇଛି ବୋଲି ଆମର ମତ। କିନ୍ତୁ ଏଥିରେ ମୋ ଯୁଆଇଁ ତା'ପୁତୁରା ଭାବ ଯେ ଅଛି ଏବଂ ବର୍ତ୍ତମାନ ସରକାରଙ୍କ ଅମଳରେ ଏ ଯେଉଁ ସ୍ୱଜନ ବାତ୍ସଲ୍ୟ ଚାଲିଛି ତାକୁ ଆଗରୁ ଇଂରାଜୀରେ ନେପୋଟିଜମ୍ କହୁଥିଲେ। ଏଣିକି ମହତାବଙ୍କ ସୁବର୍ଣ୍ଣ ଜୟନ୍ତୀରେ ମହତାବିଜମ୍ ଆଖ୍ୟା ଦିଆଯାଉ। ତାଙ୍କ ନାମ ଅମର ହୋଇଯିବ।


ପୁରସ୍କାର ୧୦୦୦ ଟଙ୍କା
ଜ୍ୟୋତି ରତ୍ନ ଓ...
ରେଜିଷ୍ଟାର୍ଡ
ସର୍ବପ୍ରକାର କୁଷ୍ଠ
ଧଳାକୁଷ୍ଠ, ମେହ
ସ୍ତ୍ରୀ ରୋଗ ମାନଙ୍କର
ବିକ୍ରୀସ୍ଥାନ
ଜ୍ୟୋତି ଏଜେନ୍ସୀ


Digitized by srujanika@gmail.com

ବହୁଦିନତଳେ । ସେତେବେଳକୁ ବୋଧହୁଏ କଳିଯୁଗ ହୋଇ ନ ଥାଏ। ସେହି ସମୟରେ ଅଜା ଆମର ସ୍ୱର୍ଗରେ ଥିଲେ। ସେ ସେଠାରେ ଇମିତି ଭାବରେ ନ ଥିଲେ କି ତାଙ୍କର ଇମିତି ରୂପ ବି ନ ଥିଲା। ଖାସ ତାଙ୍କ ଭାଗ୍ୟ ଦୋଷରୁ ଇମିତି ହୋଇଛି। କଥାଟା ହେଉଛି—

ଅଜା ସେତେବେଳେ ଜଣେ ଗନ୍ଧର୍ବ ଥିଲେ। କାମଦେବଠୁ ବି ବଳିକରି ତାଙ୍କ ରୂପ ଥିଲା। ଏଡ଼େ ସୁନ୍ଦର ରୂପରେ ସେତେବେଳେ ସ୍ୱର୍ଗ 'ମର୍ତ୍ତ୍ୟ' ପାତାଳ କେଉଁଠାରେ ନ ଥିଲେ। କଥାଅଛି ଥରେ ରତି ଦେବୀ ଭୁଲରେ ତାଙ୍କ ପାଖକୁ ଦୌଡ଼ି ଆସିଥିଲେ। ତେଣୁ କାମ ଦେବଙ୍କର ତାଙ୍କ ଉପରେ ରାଗ ଥାଏ। ସେ ମନେ ମନେ ଉପାୟ ଖୋଜୁଥାନ୍ତି। ତା ପରେ ଦିନେ ଉର୍ବଶୀ ମେନକା ପ୍ରଭୃତି ସବୁ ଅପସରାମାନେ ଆସି ଅଜାଙ୍କ ପାଖେ ପହଞ୍ଚିଲେ କିନ୍ତୁ ଅଜା କାହାକୁ ପସନ୍ଦ

## ଡ଼ଗର ଜନ୍ମ ବୃତ୍ତାନ୍ତ

କଲେନାହିଁ; କେବଳ ଜଣକୁ ଛାଡ଼ି—ସେ ହେଉଛନ୍ତି ଆମର ଆଈ। ସେ ବି ଥିଲେ ଜଣେ ପରମା ସୁନ୍ଦରୀ ଅପସରା। କଥା ହେଲା କଣ କି ଅଜା ବାହା ହେବାକୁ ମନ କଲେ କଣ ହେବ ଆଈଙ୍କ ବାପା ଆଦୌ ମଙ୍ଗିଲେ ନାହିଁ। ସେ ତାଙ୍କୁ ଇନ୍ଦ୍ରଙ୍କୁ ଦେବା ପାଇଁ ଭାବିଥିଲେ। କିନ୍ତୁ ଅଜା କି ଛାଡ଼ିବା ଲୋକ। ସେ କୃଷ୍ଣଙ୍କ ଗୋପଲୀଳା ଶୁଣିଥିଲେ। ତେଣୁ ସେ ସ୍ୱର୍ଗରେ ଲୀଳା ଆରମ୍ଭ କଲେ। ଅଜା ଆମର ଖୁବ ଭଲ ବଇଁଶୀ ବଜାଇ ପାରୁଥିଲେ, ଏପରି କି କୃଷ୍ଣଙ୍କଠୁ ବେଶୀ। ସେ ତେଣୁ ମନ୍ଦାକିନୀ କୂଳରେ ବଇଁଶୀ ବଜେଇବେ ବୋଲି ଠିକ କଲେ। ଏ ବଇଁଶୀବଜା ତାଙ୍କ କାଳ ହେଲା ନୋହିଲେ ସେ ମର୍ତ୍ତ୍ୟକୁ ଆସି ନ ଥାନ୍ତେ କି ଆମର ଅଜା ବି ହୋଇ ନ ଥାନ୍ତେ।

ଦିନକରେ ତାଙ୍କ ବଇଁଶୀ ବଜା ଭଗବାନ ଶୁଣି ପାରିଲେ। ସେ କହିଲେ, ମୋଠୁ ସୁନ୍ଦର ବଇଁଶୀ କିଏ ବଜାଉଛି। ସେ ଗରୁଡ଼କୁ ଡାକି କହିଲେ କିଏ ବଇଁଶୀ ବଜାଉଛି ଦେଖି ଆସିବାକୁ। ଗରୁଡ଼ ଦେଖି ଆସି କହିଲା କିନ୍ତୁ ଅଜା ସେତେବେଳେ ଭଗବାନଙ୍କର ପ୍ରିୟ ପାତ୍ର ଥିଲେ ତେଣୁ ଭଗବାନ କିଛି ଅଭିଶାପ ଦେଇ ପାରିଲେ ନାହିଁ କେବଳ ରଗେଇ ଖଗେଇ ହୋଇ ହୋଇ ରହିଲେ। କିନ୍ତୁ ମନେ ମନେ ପ୍ରତିଶୋଧ ନେବା ପାଇଁ ଓର ଉଣ୍ଡୁଥାନ୍ତି।

ଦିନେ ସକାଳେ। କୃଷ୍ଣ ନ ଥାନ୍ତି ମହାଦେବ ନ ଥାନ୍ତି। ସବୁ ଦେବତାମାନେ ମଧ୍ୟ ନ ଥାନ୍ତି। କୁଆଡ଼େ ସଭା କରିବା ପାଇଁ ଯାଇଥାନ୍ତି। ଠିକ ଏହି ସମୟରେ ଅଜା ବଜେଇଲେ ବଇଁଶୀ। ଲକ୍ଷ୍ମୀ କିମ୍ବା ପାର୍ବତୀ କେହି ଜାଣି ନ ଥାନ୍ତି ଅଜାଙ୍କ ବଇଁଶୀ ବଜାଇବା କଥା। ସମସ୍ତେ ଭାବିଲେ କୃଷ୍ଣ ବଜାଉଛନ୍ତି ତେଣୁ ଆଗେ ଧାଇଁଲେ ଲକ୍ଷ୍ମୀ ତା ପରେ ଦୁର୍ଗା; ତାପରେ ପାର୍ବତୀ; ତାପରେ ଶଚୀଦେବୀ ଓ ତା ପଛେ ପଛେ ଧାଇଁଲେ ସବୁ ସୁରବାଳା ମାନେ। ଯାଇଁ ପହଞ୍ଚିଲେ ମନ୍ଦାକିନୀ କୂଳରେ। ସମସ୍ତେ ଅଜା ଆଈଙ୍କୁ ଘେରି ଠିଆ ହୋଇ ମନ୍ତ୍ର ମୁଗ୍ଧ ହୋଇ ବଇଁଶୀ ଶୁଣୁଥାନ୍ତି। ସ୍ୱର୍ଗସାରା ହୁଲସ୍ଥୂଲ ପଡ଼ିଗଲା। ଯେଉଁମାନେ ପଛରେ ଥିଲେ ପଡ଼ି ଉଠି ଧାଇଁଲେ ମନ୍ଦାକିନୀ କୂଳକୁ। ଅଜା ଆହୁରି ଜୋରରେ ବଇଁଶୀ ବଜାଇବାରେ ଲାଗିଥାନ୍ତି। ଏହି ସମୟରେ ଭଗବାନ ଘରେ ପହଞ୍ଚି ଦେଖିଲେ ଲକ୍ଷ୍ମୀ ନାହାନ୍ତି। ଭାବିଲେ ମଲା ଯା ଲକ୍ଷ୍ମୀଙ୍କି ବେଳ ମିଳିଲା ନାହିଁ ଯେ ଏତିକି ବେଳେ ମହାଦେବ ଘରକୁ ବୁଲି ଗଲେ। ସେ ତାଙ୍କ ଘରକୁ ଗଲେ। ସିଆଡ଼େ ମହାଦେବ ଖୋଜି ଖୋଜି ଆସୁଛନ୍ତି ଦୁର୍ଗାଙ୍କୁ। ଏହି ସମୟରେ ଇନ୍ଦ୍ର ପହଞ୍ଚିଲେ ଶଚୀଙ୍କୁ ଖୋଜି ଖୋଜି। ତିନି ଜଣ ଯାକ ଖୋଜିଲେ ପଣ

କାହିଁ ? ସ୍ୱର୍ଗରେ ଗୋଟିଏ ସ୍ତ୍ରୀ ବି ଦେଖାନାହିଁ। ବୋଧେ ଧର୍ମଘଟ କରିଛନ୍ତି ନା କଣ (ଯଦି ଓ ସ୍ତ୍ରୀ ଧର୍ମଘଟ ସଂସାରରେ ବର୍ତ୍ତମାନ ଚଳୁଛି ସେତେବେଳେ ସ୍ୱର୍ଗରେ ଚଳୁଥିଲା, ଧର୍ମ ନା ତେଣୁ ସ୍ୱର୍ଗରୁ ବହିର୍ଭୂତ ହୋଇଛି) ତାଙ୍କ ସମ୍ମାନ ରକ୍ଷା ପାଇଁ। କହେ ନାରାୟଣ, ଲକ୍ଷ୍ମୀଙ୍କୁ କିଛି କହିଛ କି ? ମହାଦେବ ପଚାରିଲେ। କିନ୍ତୁ ଏମାନେ ମୁଣ୍ଡ ହଲାଇ ମନା କଲେ। ଭଗବାନ କହିଲେ—ଚାଲ ଥରେ ସ୍ୱର୍ଗକୁ ଘେରେ ବୁଲି ଆସିବା। କେଉଁଠି ଥିବେ ଜଣା ପଡ଼ିଯିବ। ତିନିଜଣ ଯାକ ସ୍ୱର୍ଗ ସାରା ଖୋଜି ଖୋଜି ସୁଦ୍ଧା ସନ୍ଧାନ ପାଇଲେ ନାହିଁ। ଦଳ ଦଳ ହୋଇ ସ୍ୱର୍ଗର ସବୁ ଦେବତା ତାଙ୍କ ସ୍ତ୍ରୀଙ୍କି ଖୋଜି ଲାଗିଲେ। ମହା ବିପଦ ଉପସ୍ଥିତ ହେଲା। ଯେତେ ବଣ ବୁଦା ଝାଡ଼ ଜଙ୍ଗଲ ସବୁ ଖୋଜା ହେଲା କିନ୍ତୁ କାହାରି ଦେଖାନାହିଁ। ଏହି

ଲେଖକ—
ଶ୍ରୀ ରବୀନ୍ଦ୍ର ନାଥ ପଟ୍ଟନାୟକ

ସମୟରେ ଗରୁଡ଼ ଉଡ଼ି ଆସି ଖବର ଦେଲା ଯେ ଗୋଟିଏ ଗନ୍ଧର୍ବ ବଇଁଶୀ ବଜାଉଛି ଆଉ ତା ଚାରିପାଖରେ ସ୍ୱର୍ଗର ଯେତେ ସ୍ତ୍ରୀ ଲୋକ। ଭଗବାନ୍ ତ ଅବାକ୍। ମହାଦେବ ଥଟ୍ଟା କରି କହିଲେ 'କିଓ ଭଗବାନ୍' ତମଠାରୁ ପରା ଆଉ କେହି ଭଲ ବଇଁଶୀ ବଜାଇ ପାରନ୍ତି ନାହିଁ। ଏ କଥଣ ? ତମ ସ୍ତ୍ରୀ ତ କଜେ ବାଉଁଶ ଯାଇଛନ୍ତି। ଭଗବାନ୍ ତ ରାଗି ଖୁନ୍। ତାଙ୍କ ମୁହଁ ଲଜ୍ଜାରେ ନାଲି ପଡ଼ିଗଲା। ଛାର ଗନ୍ଧର୍ବଟା ପାଇଁ ଏଡ଼େ ଅପମାନ। ଓଃ। ସେ ଡମ ଡମ ହୋଇ ଧାଇଁଲେ ମନ୍ଦାକିନୀ କୂଳକୁ। ତା ପଛେ ପଛେ ଶିବ ଓ ଇନ୍ଦ୍ର ପୁଣି ତାଙ୍କ ପଛେ ସ୍ୱର୍ଗର ସବୁ ଦେବତା। ଭଗବାନଙ୍କର ଗର୍ଜନ ଶୁଣି ଲକ୍ଷ୍ମୀଙ୍କର ଚେତା ପଶିଲା। ତା ପରେ ପଶ୍ଚାତ୍ ମୁହଁ ଦେଖିଲେ ଭଗବାନ ଗର୍ଜନ



Digitized by srujanika@gmail.com



ଭାଦ୍ରବର ଅଧା ଅଧି । ଦିନଦିନ ହେଲା ଝିଡ଼ି ଧରିଛି । ମେଘ ମେଦୁର ଆକାଶଟା ଗୋଟାଏ ବୃହତ୍ ଜଳୋଦରୀ ରୋଗୀର ପେଟ ପରି ଦେଖା ଯାଉଛି । ସରଦ୍ ଲାଗିବା ଭୟରେ ସୂର୍ଯ୍ୟଦେବ ତିନିଦିନ ହେଲା ଅଫିସ ଧୁଆଁରେ ମୁହଁ ଦେଖେଇ ନାହାଁନ୍ତି ।

ପାହାଡ଼ ତଳିଆ ଗାଁ । ବାଡ଼ିମାଳ, ଗଛ ଖଣ୍ଡାଳରେ କେତେ ରକମର ଚଢ଼େଇ ବାନରଙ୍କ ଡାକ ପକେଇ ଥାନ୍ତି, କାହାର ପାଟି ଆଉ ଶୁଭୁନି । ଘାସିନାଇଁ, କୁଆନାଇଁ ଗାଈଗୋରୁ-ଗୁଡ଼ାକ ଗୁହାଳରେ ଥୋଡ଼ା ଥୋଡ଼ା ବନ୍ଧା ହୋଇଚନ୍ତି । ମଝିଆଉଙ୍କରେ ଟୋପା ଥର ଥର କାହିଁ ଆଗାକୁ ରହୁଁଛି ।

## ବନ୍ଧନ

ଝିପି ଝିପି ବର୍ଷା ଝରୁଛି ଅବିରାମ ଭାବେ । କୁମ୍ଭାରର ହାଣ୍ଡିଗଢ଼ା ମାଟିପରି ଆଣ୍ଠିଏ ଚକଟା କାହୁଅ ଦାଣ୍ଡରେ ଜମିଗଲାଣି । ଜହ୍ନା ପିମ୍ପୁଡ଼ି, ଗେଣ୍ଡାମଲା, ଝେଲୁଣିଆ ଆଦ୍ରମ୍ଭ ଖୋଜି ଖୋଜି କିଏ କେଉଁ ସୁବିଧାରେ କାନ୍ଥ ଉପରକୁ ଉଠି ଗଲେଣି । ପିଣ୍ଡା ଉପରୁ ତଳକୁ ଓହ୍ଲାଇବାକୁ କଷ୍ଟ ଲାଗୁଛି । ଗାଁ ମାଇପେ ମୁଣ୍ଡରେ ପାଣିହାଣ୍ଡି ଧରି ଦାଉ ଛାଟି ପହରେ କାହୁଅ ଭିତରେ ଯା'ଆସ କରୁଚନ୍ତି । ଦଳେ ଅମାନିଆ ଲଗାଲା ଟୋକା ଦାଣ୍ଡର କଣପାଣି ଗଡ଼ୁନ୍ତି ନାଳିଆରେ ପାଣି ଛଟାଛଟି ହୋଉଛନ୍ତି । ମୁରବୀ-ପଣିଆ କରି କିଏ ଥରେ ପାଟି କରି ଦେଲେ ମଉଜ ବନ୍ଦ ହୋଇ ଯାଉଛି । କିନ୍ତୁ ଟିକକ ପରେ ଫେରେ ଯେ କଥାକୁ ସେକଥା ।

ପିଣ୍ଡା ଉପରେ କାଣ୍ଡପଟି ଖଣ୍ଡେ ପାରି ମହା ଆରାମରେ ଢୋଡ଼ଢାଡ଼ ହୋଇ ବସିଚନ୍ତି ଦାସେ । ପାଖରେ ଖେଜାଏ ତାଳପତ୍ର ଗୋଟାଏ ଲେଖନ ଅଳାଯୁଆ ହୋଇ ଗଡ଼ୁଚନ୍ତି । ନାସ-ଦାନିଟା ଅଣ୍ଟାରୁ ବାହାର କରି, ଆଛା କରି ଟିପେ ସୋରଡ଼ି ନେଇ ମେଘର ଟିପିରି ଟିପିରି ତୁଳେ ତାଳ ପକେଇ ଦାସେ ସ୍ୱର ଧଇଲେ,—
"କାକ ଦେବାପାଏଁ ରଡ଼ି, ଗଛର ଦେହରେ ବକଳ ପରିଏ କଳା ଦେହେ ଥିବ ଜଡ଼ରେ ଧନ ।......

ଆଗଛମା ପିଣ୍ଡା ଉପରୁ କନ୍ଧ ପଧାନ ପଚାରିଲା, "ମହାପୁରୁ, ବୁଆ ଦେଉତା ସବୁ ଯଇଲା, ଗଛ ଧଡ଼ିଘ ଦେଲକୁ ଏ ମେଘ ତ ଅଛା ଦୁର୍ନସ୍ତି କଲା ? ଥରେ ଥରେ ସିନା ହାଉ କାଟି ଦେଇ ଆସିଲା, ଆଉ ଦନେ ଦ ଦନ ଇମିତି ଲଗେଇବ ବୋଇଲେ ସବୁ ଧୋଇ ପଡ଼ିବ ।" ସ୍ୱର ଧରିଚନ୍ତି, ରସଭଙ୍ଗ ହେବା ଭୟରେ ଦାସେ ନ ଶୁଣିଲା ପରି ତୁନି ରହିଲେ ।

କାହୁଅରେ ଫୁଆଁ ମାଉ, ଘାଞ୍ଚଟେକେ ଗୋସେଇଁ ଘର ରଢା ବଳଦଟା ଦଉଡ଼ୁଛି । ହାତେ ପରି ଦାଡ଼ି ଧରି ଦେହସ୍ତ ଘର ନାଟିଆ ତା ପଛରେ ଗୋଡ଼େଇଛି । ନାଳିଆ ପିଲାଗୁଡ଼ାକ ପାଖ ପିଣ୍ଡାକୁ ଉଠିଗଲେ । ଗାମ୍ଭୁରୁ ଘର ବୁଢ଼ା ମଣ୍ଡପ ଉପରୁ ଚାହିଁକା ଗୁଉତି ବୁଢ଼ା ବୋଇଲା, "ଏପ' ଯାଉଦା ବେତା କୁଣ୍ଡାତ ତାକୁ ଠେସୁଛି ?" ଅନ୍ୟାନ୍ୟ ପିଣ୍ଡାରୁ କେତେ ଜଣ ହସି ଉଠିଲେ ।

କନ୍ଧପଧାନ ପୁଣି ପଚାରିଲା, "ପାଞ୍ଜି କଅଣ ବୋଲୁଛି ମାହାପୁରୁ ?" ମେଞ୍ଜାଏ ନାସଚ୍ଛଙ୍କା ଖଙ୍କାର ଥୋ କରି ଥୁମ୍ପି ଦେଇ ଦାସେ କହିଲେ, "ଆଳି ବୃତ ପାହିଲା ଯାଏଁ ବୃହସ୍ପତି ଚଳନ

ଲେଖକ—ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

ଅଛି । କାଲି ଆଡ଼କୁ ଉଣା ହୋଇ ଆସିବ ଯେ," କନ୍ଧପଧାନ ବାଣି ଯୋଡ଼ିବାରେ ମନ ଦେଲା ।

ସଞ୍ଜହୋଇ ଆସିଲାଣି । ନାଳର ଅମାନିଆ ଟୋକାଙ୍କ ଭିତରୁ କେତେଜଣ ବାପ, ଭାଇ ଠଉଁ ଗୁପଉ ଖାଇ ଏଁ ଏଁ କରି ଘରକୁ ଛୁଟିଲେଣି । ଗୁହାଳ ମାନଙ୍କରୁ ଭୋକିଲା ପଶୁଙ୍କର ହମ୍ବା ରଡ଼ି । ଗୋସାଇଁ ଘର ଦାଣ୍ଡ ଅଗଣା ଭିତରୁ କୀର୍ତ୍ତନ ପ୍ରାରମ୍ଭର ଗିନି ଟିଣି ଟିଣି, ମୃଦଙ୍ଗ ଟିପା ଶୁଭିଲାଣି ।

(ପଞ୍ଚମ ପୃଷ୍ଠା ଉତ୍ତାରୁ)

କରି ଧାଇଛନ୍ତି । ତାଙ୍କ ପଛେ ପଛେ ସ୍ୱର୍ଗର ଆଉ ସବୁ ଲୋକ । ସବୁ ସ୍ତ୍ରୀ ଲଜ୍ଜାରେ ନାଲି ପାଉଁଯାଇ କଲିକଣିଆ ହୋଇ ଯେଝା ଘରକୁ ପଳାଇଲେ । ଏକା ରହିଗଲେ ଆଈ । ସେ ଅଜାଙ୍କ ଗୋଡ଼ ଧରି ପଡ଼ି ରହିଲେ ଭଗବାନ ଆହୁରି ରାଗିଗଲେ । ଅଭିଶାପ ଦେବାକୁ ବାହାରିଲେ । ତାପରେ ଅନେକମାନେ ତାଙ୍କୁ ବୁଝାଇ ସୁଝାଇ ଘରକୁ ନେଇଗଲେ ।

ସେ ସନ୍ଧ୍ୟାବେଳେ ମର୍ଦ୍ଦଳବୃକ୍ଷ ମୂଳରେ ବିଚାର ଆରମ୍ଭ ହେଲା । ବିଚାରପତି ହେଲେ ସ୍ୱୟଂ ଭଗବାନ । ଅଜାଙ୍କ ବିରୁଦ୍ଧରେ ଯେତେ ଅଭିଯୋଗ ଆରମ୍ଭ ହେଲା । ପ୍ରଥମେ କାମଦେବ ଠିଆ ହୋଇ କହିଲେ,—ସ୍ୱର୍ଗରେ ମୋଠାରୁ ସୁନ୍ଦର କେହି ନାହିଁ କିନ୍ତୁ ଏ ଅଜା ମୋଠୁ ସୁନ୍ଦର ହେଲେ ପୁଣି ପରଦାନସିନ ରତି-ଦେବୀଙ୍କୁ ଟାଣି ନେଲେ ବାହାରକୁ । ତାପରେ ଉର୍ବଶୀ ପ୍ରଭୃତି କହିଲେ ସ୍ୱୟଂ ଦେବାଧିପତି ଇନ୍ଦ୍ର ଆପଣ ସ୍ନେହ କରନ୍ତି ଆଦର କରନ୍ତି କିନ୍ତୁ ଏ ଗାଈଙ୍କ ଆମକୁ ଉପେକ୍ଷା କଲେ । ଆମେ ଏହା ସହ୍ୟ ପାରିଲୁ ନାହିଁ । କାରଣ ଲେଡ଼ିସ ଫାଷ୍ଟ । ତାପରେ ମହାଦେବ ଓ ଦେବତା ସମେତ କହିଲେ ଯେ ଏ ଗାଈଙ୍କ ବଇଁଶୀ ବଜାଇ ଆମର କୁଳ ଲଳନାଙ୍କୁ ବାହାରକୁ ଟାଣିଛି । ଏ ଆମ ପକ୍ଷେ ଘୋର ଅପମାନ । ଶେଷରେ ସ୍ୱୟଂ ବିଚାରପତି ଅଭି-ଯୋଗ ଆଗତ କଲେ । ସେ କହିଲେ ଯେ ଗାଈଙ୍କ ତାଙ୍କଠୁ ସୁନ୍ଦର ବଇଁଶୀ ବଜାଇବାରେ ତାଙ୍କୁ ଅପମାନ କରା ହୋଇଛି । ସେ ସଦା-ଶେଷରେ କହିଲେ ଏ ସବୁ କେବଳ ଅପ୍ସରୀ ଆଈ ଯୋଗୁଁ ଘଟିଛି । ତେଣୁ ଏମାନଙ୍କୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରି ଗଢ଼ି ମର୍ତ୍ତ୍ୟକୁ ପଠାଇ

(ସପ୍ତମ ପୃଷ୍ଠା ଶେଷ ଦେଖନ୍ତୁ)



Digitized by srujanika@gmail.com

ବର୍ଷାର ଦେହ ଭେଦ କରି ଓଦା ଛାତରୁ ରନ୍ଧାଶାଳର ଧୂଆଁ କୁଣ୍ଡଳୀ ଆକାରରେ ଉପରକୁ ଉଠୁଚି । ଜଗନ୍ନାଥ ପୂଜାରୀ ତାଲ-ମାରି ଦେଉଳ କବାଟ ଫିଟାଉଚି ।

ଓଦା ସର ସର ଦାମିନୀ ଦାଣ୍ଡଘର ଏରୁଣ୍ଡି ବନ୍ଧ ଉପରେ ପାଦ ଥୋଇ ଡାକିଲା "ହଇହେ, ଶୁଣୁଛ,"—ଦାସେ ଗୁଣୁ ଗୁଣୁ ହେଇ ପୁଣି ସ୍ୱର ସାଧନାରେ ଲାଗି ଯାଇଚନ୍ତି; ଦାମିନୀ ଆସିବା ପ୍ରତି ତାଙ୍କର ନଘା ନାହିଁ । ଦାମିନୀ ବିରକ୍ତ ହେଲା—'ପୋଡ଼ିଯାଉ ଏ ଗୀତ, ନାଟ! ବୁଢା ଅଣ୍ଟିରାଟେ ହେଲା'—ଦାସେ ଫେରି ପଛ ଦେଖିଲେ ପଣତରେ ଗୋଟିଏ ଛୋଟ ସାରି କୁଆ ଧରି ଦାମିନୀ ଠିଆ ହୋଇଚି । ଉଠି ଆସି କହିଲେ, 'ବାଃ କୋଉଠୁ ପାଇଲ ଏ କଥିଟିକି ! ନିଅ ନିଅ, ଯେଉଁଠି ଥିଲା ସେଇଠି ଛାଡ଼ି ଦେଇ ଆସ । ତାର ମାଆ ଖୋଜି ହେବଣି ।' ଦାମିନୀ କହିଲା, 'ଗୋଡ଼ ପିଟିଲେ ଡେଣା ମେଲିଲେ ପଶୁ ପକ୍ଷୀର ଆଉ ପୁଣି ମାଆ ବାପ ! କା' ମାଆ କା'ର ନା କା ବାପ କାର । ବସା ଭାଙ୍ଗି ଯେ ଯାହା ବାଟରେ ଚାଲିଲେ । ଏଇଟା କଅଁଳ ପିଲାଟା ବେଶୀ ଦିନ ଉଞ୍ଜନ ବୋଧ ହୁଏ । କୋଉ ଗଛ ଡାଳରେ ବସିଥିଲା, ଚନ୍ତ ଚନ୍ତ ସାଙ୍ଗୀ ହେଇ ତଳକୁ ଖସି ପଡ଼ିଲା । ଦେଖୁନ କେମିତି ଡାଟଣା ହୋଇ ଯାଇଚି ଯେ ଚାଲି ବୁଲି ହେଲେ ହେଉନ । ନୂତନ ପରିଣିତା ଯୁବତୀ ପରି ସେଇ ଓଦା ଦେହ ଓଦା ଲୁଗାରେ ଦାସଙ୍କୁ ପୋଟଳି ଧରି କହିଲା, 'ହଇହେ ଆମେ ଏଇଟିକି ପୋଷିବା । ସତ ପାହିଲେ ତମେ ଘନଆ ବାଉରି ଠାରୁ ପଞ୍ଜିରି ଗୋଟିଏ କିଣାଇ ଆଣ । ଦାସେ ହତାଶ ଭାବରେ କହିଲେ ଏଡ଼େଟିକେ ଛୁଆ କଣ ଖାଇବ କଣ ନାଇଁ, କାହିଁକି ମିଛରେ ଏ ଅସନଟରେ ପଶୁଛ ? ଯେଉଁ ଗଛ ମୂଳରୁ ପାଇଥିଲ ସେଇଠି ଛାଡ଼ି ଦେଇଆସ । ବର୍ଷା ଛାଡ଼ିଲେ ତାର ମାଆ ଫେରି ବସାକୁ ଉଡ଼େଇ ନେବ । ଆଖି ଛଳ ଛଳ କରି ଦାମିନୀ କହିଲା, 'ତମର ପିଲା ହୋଇଥିଲେ ଏପରି କହନ୍ତ ନା ? ଏ ବର୍ଷା କାକରରେ ସତପାକ ଗଛ ମୂଳରେ ରହିଲେ ଏଡ଼େଟିକେ ଛୁଆ ଜୀଇଁବନା ? ଭଗବାନଙ୍କ ସୃଷ୍ଟିରେ ଗଛ, ପତ୍ର, ପଶୁ, ପକ୍ଷୀ, କୀଟ, ପତଙ୍ଗ, ମଣିଷ— ପ୍ରାଣ ସବୁ ଦେହରେ ସମାନ । ମୁଁ ଏ ଦେହ ଧରି ଫେରେ ଏଇଟିକୁ ଛାଡ଼ି ଦେଇ ଆସି ପାରିବିନି । ଦାମିନୀର ଆଖିରୁ ଲୁହ ଝରିଲା ।

ନାରୀ ପ୍ରାଣ କି ତରଳ । ବ୍ୟଥା ବେଦନାର ଶ୍ୱାସ ଠୁଳ କରି ବିଧାତା; ଏଇ କରୁଣାମୟୀଙ୍କର ଦେହ ଗଢ଼ିଛି ପରା ? ଅନ୍ୟର ଦୁଃଖ କଷ୍ଟ ନିଃସହାୟ ଅବସ୍ଥା ଦେଖି କେବେ ଯଦି କେଉଁ ମହାପ୍ରାଣର ହୃଦୟ ତରଳିଚି, ତେବେ ତାହା ନାରୀର । ସହାନୁଭୂତି ଓ ସମଦୁଃଖ ଜ୍ଞାପନର ଅଶ୍ରୁ ଯଦି କେବେ କେଉଁଠି ଛୁଟିଛି' ତେବେ ତାହା ପ୍ରଥମେ ନାରୀର ସ୍ନିଗ୍ଧ ନୟନ ଯୁଗଳରୁ । ପରକୁ ନିଜର କରି ସଂସାର ପଥରେ ତାକୁ ମଜବୁତ କରି ଛିଡ଼ିବା ପାଇଁ ଯଦି କିଏ କେବେ କେଉଁଠି ପ୍ରାଣପାତ କରିବାକୁ ଦ୍ୱିଧା କୁଣ୍ଠିତ ମନେ କରିନି, ତେବେ ସେ ନାରୀ । ଦୁନିଆଲୀ ଜୀବନର ସ୍ୱାର୍ଥପ୍ରବଣ ବିଷମତା ଭିତରେ ପ୍ରାଣର ଆବେଗ, ଅନ୍ତରର ଉଚ୍ଛ୍ୱାସକୁ ଯଦି କିଏ କେବେ ପ୍ରଥମେ ସମ୍ମାନିତ କରି ତାର ପ୍ରତିଷ୍ଠା ଲାଗି ହୃଦୟର ଦ୍ୱାର ମୁକୁଳା କରି ଦେଇଛି, ତେବେ ସେ ନାରୀ । ପ୍ରକୃତିର ସୁଷମା— ଦେବତାର ଆଶିଷ— ପ୍ରଣୟର କବିତା— ସ୍ୱର୍ଗର ମୂର୍ତ୍ତରୂପ ନାରୀର ମହତ୍ତ୍ୱ ଉପଲବ୍ଧି କରିବା ମାନବ ଜୀବନର ସାର୍ଥକତା । ନାରୀର ହୃଦୟ ଉପରେ କାନ ପାତି, ତାର ଅନାବିଳ ହୃଦୟର ସ୍ପନ୍ଦନରୁ ଲେ-ଉଡ଼ିତ କୋଟି ଯୁଗର କଣକୁବାର୍ତ୍ତା ଶୁଣିବ ।

---

(ଷଷ୍ଠ ପୃଷ୍ଠା ଉତ୍ତାରୁ)

ଦେବା ଏହା ସର୍ବସମ୍ମତି କ୍ରମେ ଗୃହୀତ ହେଲା—

| ଅଜା | ଆଈ |
|---|---|
| ୧ ଗେଡ଼ା | ଲମ୍ବା |
| ୨ ପତଳା | ହାତୀ ପରି ମୋଟା |
| ୩ ଗୋରା | କଳା |
| ୪ ଚନ୍ଦାମୁଣ୍ଡା | ଝୋଟ ପରି ବାଳ |
| ୫ ମଣା | ପଣ୍ଡିତ |
| ୬ ପାକୁଆପାଟି | ସୁବର୍ଣ୍ଣନିନ୍ଦୀ ଦନ୍ତପନ୍ତି |
| ୭ ମରହଟ୍ଟୀ | ଆଧୁନିକା |
| ୮ କଂଗ୍ରେସ | କମ୍ୟୁନିଷ୍ଟ |
| ୯ ବ୍ୟବସାୟ ନାଗଖେଳା, | ନାଗଦାଡ଼ା |
| ୧୦ ଦକ୍ଷୁଲୀବାଡ଼ ହସ୍ତ | ସମାର୍ଜନୀ ହସ୍ତ |

ଏହି ସବୁ କରି ଅଜା ଆଈଙ୍କୁ ମର୍ତ୍ତକୁ ପଠାଇ ଦିଆହେଲା କିନ୍ତୁ ଅଜା ଓ ଆଈଙ୍କର ଯେଉଁ ସ୍ନେହ ଥିଲା ଏତେ ବଦଳାଇବା ସତ୍ତ୍ୱେ ତାହା ଅପୂର୍ଣ୍ଣ ରହିଲା ।

ତାପରେ ଦିନ ଚାଲିଲା । ଅଜାଙ୍କୁ ଆଉ ଭଲ ଲାଗିଲା ନାହିଁ । ସ୍ୱର୍ଗରେ ଥିଲାବେଳେ କେତେ ମଜା ସେ କରୁଥିଲେ । ମର୍ତ୍ତକୁ ଆସି ସବୁ ମଜା ଫସର ଫାଟିଗଲା । ସେ ମନେ ମନେ ଗୋଟିଏ ରସରସିଆ ଜିନିଷ ବାହାର କରିବାରେ ଲାଗିଥାନ୍ତି କିନ୍ତୁ ଭାବି ଭାବି ନ ପାରିବାରୁ ବିଛଣା ଧରିଲେ । ଦିନେ ଆଈଙ୍କ ଘରୁ ଗୁଡ଼ ଭାର ଆସିଥାଏ । କଳସୀ ମୁହଁରେ ଜନ୍ତା ପଡ଼ିଯିବ ବୋଲି କାଗଜ ଦିଣ୍ଡା ବନ୍ଧା ହୋଇଥାଏ । କିପରି କେଜାଣି କାଗଜ ଟଣ୍ଡେ କଳସୀ ଭିତରକୁ ଖସି ପଡ଼ିଥାଏ । ଅଜା ଖାଇ ବସିଥାନ୍ତି ଚକୁଳି ପିଠା । ଏହି ସମୟରେ ଦୈବାତ ସେ କାଗଜଟି ଗୁଡ଼ ସାଙ୍ଗରେ ଚାଲିଗଲା । ଅଜା କାଗଜଟି ବାହାର କରି ଫିଙ୍ଗି ଦେବାକୁ ବସିଲେ ମାତ୍ର ଗୁଡ଼ ଲୋଭ ସମ୍ଭାଳି ନପାରି ଚାଟିଦେଲେ । ଚାଟି ଦେବା ସଙ୍ଗେ ସଙ୍ଗେ ତାଙ୍କର କି ଭାବ ହେଲା କେଜାଣି ଥାଳ ପାଖରୁ ଡେଇଁ ପଡ଼ି ପରସ୍ପେ ନାଚିଗଲେ ଆଈ ତ ଅବାକ୍ । ପାଇଗଲି ହୋ ପାଇଗଲି କହି ନାଚି ନାଚି ଅଜା ଯେତେବେଳକୁ ବେଦମ ହୋଇ ଆସିଲେ ଆଈ ତାଙ୍କୁ କୂଅ ମୂଳକୁ ଧରି ନେଇ ପାଞ୍ଚ ଛଅ ବାଲ୍ଟି ପାଣି ଢାଳିଲେ । ଥଣ୍ଡାପାଣି ପଡ଼ି ଅଜାଙ୍କ ମୁଣ୍ଡ ଥଣ୍ଡା ହେଲାରୁ ଆଈଙ୍କୁ ଡାକି କହିଲେ "ବୁଝିଲ ନାହିଁ କହେ, ମୁଁ ପରା ରସ ରସିଆ ଜିନିଷ ବାହାର କରିବାକୁ ବ୍ୟସ୍ତ ହେଉଥିଲି ଆଜି ତା ପାଇଗଲି । କାଗଜରେ ଗୁଡ଼ ଲାଗିଥିଲା ବୋଲି ସିନା ମୁଁ ଏତା ଚାଟିଲି ଯଦି କାଗଜରେ କଥା-ଗୁଡ଼ ନେସିଦେବା ତା' ହେଲେ କେତେଲୋକ ନ ଚାଟିବେ କହିଲ । ଏ କାଗଜଟି ଭଗବାନଙ୍କ ଡଗର ବୁଝିଲ ? ତେଣୁ ଆମେ ନିଆ ରସ ରସିଆ ଡଗର —ନାମ ଦେବା

'ଡଗର'



Digitized by srujanika@gmail.com

ସୌଭାଗ୍ୟ ଯାହାର ନାହିଁ, ତାର ବ୍ୟଥା ବେଦନାର କରୁଣ ଉଚ୍ଛ୍ୱାସ ତୁଲେ ଯେ ଆପଣା ଶ୍ୱାସର ସମ୍ଭାର ମିଳାଇ ପାରନ୍ତି, ସେ ବଞ୍ଚିଥାଇ ସୁଦ୍ଧା ମୃତ— ତାର ଜୀବନ ନାଟିକା ଜଡ଼ ହୋଇ ଯାଇଛି । ଦୁନିଆ ଭିତରେ ସେହି ପ୍ରଥମ ଅଭିଶପ୍ତ ପ୍ରାଣୀ ।

ଦାସେ ଇମିତି ଗୋଟାଏ କଥା କହି ପକେଇ ବଡ଼ ଭୁଲ କଲେ ନିଶ୍ଚୟ । ପୁରୁଷ ଯଦି ନାରୀକୁ ବୁଝି ପାରୁଥାନ୍ତା, ତେବେ ସଂସାର ଭିତରେ ଏତେ ଜଟିଳତା ଉପୁଜି ନଥାନ୍ତା । ସେମାନଙ୍କ ଦାମ୍ପତ୍ୟ ଜୀବନ ଉପରେ ସାତଗୋଟା ନଦୀର ସୁଅ ପ୍ରବଳ ବେଗରେ ବହିଯାଇଛି । କିନ୍ତୁ ଦାମିନୀ ଏ ଯାଏଁ ନାରୀ ଜୀବନର ଶ୍ରେଷ୍ଠକାମ୍ୟ ମାତୃତ୍ୱର ଗୋରବରେ ଗୌରବାନ୍ୱିତା ହୋଇପାରିନି । ତାର ଅଶାନ୍ତ ହୃଦୟ ମରୁବାଲି ଉପରେ ନିଃସହାୟ ଯୌବନର ତୃଷାର୍ତ୍ତ କଣ୍ଠରେ ହାହାକାର କରି ଉଠେ । କାନ୍ଧର ଗାମୁଛରେ ଦାମିନୀର ଲୁହଧାର ପୋଛି ଦେଇ ଦାସେ କହିଲେ, 'ଦାୟୁଣୀଟାଏ, ଏଥିପାଇଁ କାନ୍ଦନ୍ତି, ଅନାଥ ଛୁଆଟିକୁ ପୋଷିବା ନାଇଁ ଯେ କଣ ଫୋପାଡି ଦେବା ? ଯାଅ, ତା ମୁହଁରେ ଟିକେ ଦୁଧ ଟିଅଇଁ ଦିଅ । ରାତି ପାହିଲେ ମୁଁ ପିଞ୍ଜିରି କିଣେଇ ଆଣିବି । ଦାମିନୀର ମୁଖମଣ୍ଡଳ ଉଜ୍ଜଳ ହେଲା, ତାର ଅଶ୍ରୁସିକ୍ତ ନୟନ ଦୁଇଟି ଶିଶିର-ସ୍ନାତ ପ୍ରଭାତ କୁସୁମପରି ହସି ଉଠିଲା ।

୨

ବ୍ରାହ୍ମଣ ସଂସାର ଭିତରକୁ ପକ୍ଷୀ ଛୁଆ ଆସିବାର ଆଜ ଏକୋଇଶ ଦିନ । ଛୁଆର ଏକୋଇଶିଆ ଉତ୍ସବ ଉପଲକ୍ଷରେ ବ୍ରାହ୍ମଣ ଦମ୍ପତି ଗାଁର ବନ୍ଧୁ ବାନ୍ଧବ, ମିତ୍ର ସଙ୍ଗାତ—ସମସ୍ତଙ୍କୁ ନିମନ୍ତ୍ରଣ କରିଛନ୍ତି । ଗୃହିଣୀ ଉଲୁ ଘର ଘର କରି ଦାମିନୀ କହି ଆସୁଛି—"ସେ ତମର ପିଲା, ମୋର ବୋଲ ତ ମୁଁ ବୋଲୁନି । ତା'ର ହେଲେ ହେଉ, ସେ ଆଇଜ ଆଣି କଇଁ ଥାଉ ।" ଦାମିନୀର ଏଇ ମାତୃତ୍ୱ ପାଗଳାମୀ ନେଇ ଗାଁର ମାଇପି ମହଲରେ କଥା ପଡ଼େ । କିଏ ଥଟ୍ଟା କରେ । କିଏ ବା ସହାନୁଭୂତି ଦେଖାଇ କହେ, "ଦେଖୁନା ପକ୍ଷୀ ଛୁଆଟା ପାଇଁ ଏତେ କରୁଛ, ଦଶମାସ ଗର୍ଭରେ ଧରି-ଥିଲେ କଣ ନ କରନ୍ତା ? ମାହାପୁରୁ ତା' କୋଳ ଭରତି କରନ୍ତୁ; ତାର ଘର ଉଜ୍ଜଳ ହେଉ ।"

ଖାଇପିଇ, ପାନଚନ୍ଦନ ଧରି, ଛୁଆର ଦୀର୍ଘ ଜୀବନ କାମନା କରି ମାଇପି ମରଦ ହେଲେ । ସମସ୍ତଙ୍କ ଉପସ୍ଥିତିରେ ଛୁଆର ନାମକରଣ ହେବା କଥା । ଦାମିନୀର ଆଉଁଷି —"ସେ ଗୋଟେ ମଣିଷ ହେଲାଣି ଯେ ତା'ର ପୁଣି ଗୋଟାଏ ନାଁ ରହିବ । ନିଖ ପରି କୋଉଠି ଟିକେ ଲଗି ଥାଉ ।" ଦାସେ ଧରି ବସିଲେ—"ଏ ପୁଣି ଗୋଟାଏ କି କଥା' ତୁମର । ନାଁ ନ ଦେଲେ ତାକୁ କଣ ବୋଲି ଡାକିବ ? ଏଇ ଦେଖ ମୋର ନାଁ ତମେ ଧରୁନ । 'ହଇହେ ହଇହେ' ବୋଲି ଡାକି-ଟାକୁ ଅଡ଼ୁଆ ଲାଗୁ ନ ଥିବ ? ଯାହା ସୁଧାରି ହୁଏନି ତାକୁ ସିନା ସହି ନିଆଯାଏ; ଆଉ ଯେଉଁଠି ସୁଧାରିବାର ବାଟ ଅଛି ତାକୁ କାହିଁକି ଜାଣି ଶୁଣି କରିବ ? ଦାମିନୀ କହିଲା; "ତମପରି କିଏ ଆଉ କୋଉଁ ସଂସାରରେ ନ ଥିବେ । ହଉ, କି ନା ଦଉଛ ଦିଅ ।" ଦାସେ ଗୋଟି ଗୋଟି କରି କେତେ ନାଁ କହିଲେ କିନ୍ତୁ କୋଉଟି ହେଲେ ଦାମିନୀର ମନକୁ ପାଇଲାନି । ସେ ବି ଯାହା ମଝିରେ ମଝିରେ ଗୋଟାଏ କହେ, ଦାସେ ତାକୁ ଦୂଷେଇ କରି ଉଡ଼େଇ ଦିଅନ୍ତି । ଡେଣା ଭିତରେ ମୁଣ୍ଡ ଗୁଞ୍ଜି ଛୁଆଟି ପଞ୍ଜିରି ଭିତରେ ଗୋଟାଏ କରେ ଢୁଳେଇ ପଡ଼ିଥାଏ । ଟିକେ ବିରକ୍ତ ହୋଇ ଦାସେ କହିଲେ, "ତେବେ ଯାହାର ନାଁ ହେଉ, ଅନାଥନାଥ ଦାସ ।" ଦାମିନୀ ରଗି ଯାଇ କହିଲା, "ଖବରଦାର ! ସେ କଥା ଆଉଥରେ ମୁହଁରେ ଧରିବନି । ମୋ ପୁଅ କାହିଁକି ଅନାଥ ହେବ ?" ଦାସେ ଦବିଯାଇ କହିଲେ, "ଆଚ୍ଛା, ତମର ପସନ୍ଦ ହେଲାପରି ଗୋଟାଏ ନାଁ ଦିଅ ।" ଛୁଆଟି ମୁଣ୍ଡ ପୋତି ନୂଆ ବୋହୂ ପରି ପିଞ୍ଜିରି ଭିତରେ ଗୋଟାଏ କରକୁ ଲାଗି ବସିଛି । ଦାମିନୀ ହସ ହସ ମୁହଁରେ ତାର ଉପରେ କିଛି ସମୟ ଦୃଷ୍ଟି ନିବେଶ କରି କହିଲା; "ମୋ ପୁଅର ନାଁ ବୁଢ଼ା । ଦେଖ ତେ ଲୁଚିଛି ତାର । ସବୁବେଳେ କିମିତି ବୁଢ଼ାଙ୍କ ପରି ବସି ଚିନ୍ତା କରୁଛି ଦେଖିଲ ।" ତାପରେ ବୁଢ଼ାକୁ ଚଞ୍ଚଳ କରିବାକୁ ପିଞ୍ଜିରି ଖାଡ଼ି ସନ୍ଧିରେ ଆଙ୍ଗୁଠି ପୁରାଇ କହେ, "ହଇରେ ମେଞ୍ଚଡ଼ା, ତୁତ ଆଜଠୁଁ ଯୋଗ ସାଧିଲୁଣି, ବଡ଼ ହେଲେ କଣ ଆଉ ଘର ଦୁଆର କରିବୁ ?" ମାତୃତ୍ୱର ଆବେଗ-ରେ ଘନ ଘନ ଚୁମ୍ବନ କରି ପୁଣି କହେ, 'ମୋ ବୁଢ଼ା ମୋତେ ଛାଡ଼ି କୋଉଠି ରହି ପାରି-ବନି । କୁଆଡ଼େ ଗଲେ ବି ମୋ କୋଳକୁ ପୁଣି ଫେରି ଆସିବ ।' ପିଞ୍ଜିରି ଭିତରେ ଛୁଆଟି ଦାମିନୀର ମୁହଁ ପାଖକୁ ଲାଗିଆସେ ।

ପକ୍ଷୀର ସ୍ୱାସ୍ଥ୍ୟ ରକ୍ଷା ବିଭାଗ ଦାମିନୀ ନିଜ ହାତରେ ରଖିଲା, ଦାସେ ନେଲେ ବିଦ୍ୟାଭ୍ୟାସ । ଦାସେ ବୁଢ଼ାକୁ ପଢ଼ାଇ ବସନ୍ତି,

ଜଗତ୍‌ପତି । ଦଶରଥ ନନ୍ଦନ ଦାଶରଥି ।।
ଚକ୍ରଧର । ଭବସାଗରୁ ମୋତେ ପାରିକର ହେ
କମଳାର ବର ।।

ଅଜ୍ଞାନ ପକ୍ଷୀ କେବେବୋଲ ମାନେ କେବେ ବା ଅବଜ୍ଞାରେ ତୁନି ରହେ । ଦାସେ ଚଟି ଉଠନ୍ତି; ଗାଳି ଗୁଜବ କରି ମାଡ଼ ଦେବାର ଭୟ ଦେଖାନ୍ତି । ତଥାପି ପକ୍ଷୀ ପୂର୍ବବତ ଅଚଳ । ଶେଷରେ ନ ପାରି ଉଠି-ଯାଇ ଦାମିନୀକୁ ଡାକ ଦେଉନ୍ତି—ହଇହେ ଶୁଣିଲ, ଏ ଧୂର୍ତ୍ତକୁ ଆଜ ଖାଇବାକୁ ଦିଅନି । ଦେଖିବି ଏ ମୋର କଥା କିମିତି ନମାନିବ । ଦାମିନୀ ବିଗିଡ଼ି ଯାଏ । ସ୍ୱର ଟେକି କହେ, 'ତମର ପାଠ ପଢ଼େଇବା ରଖି ଦେଇଥାଅ । ମୋ ପୁଅ ମୂର୍ଖ ହେଉ ପଛେ ବଞ୍ଚି ଥାଉ ।" ଓଲଟି ଗାଳି ଖାଇ ଦାସେ ଦାଣ୍ଡ ପିଣ୍ଡାକୁ ଗୁଳି ଯିବାକୁ ବସିଲେ କି (ବୋଧ ପକ୍ଷୀ ଗାଇ ଉଠେ —'ଚକ୍ରଧର, ଭବସାଗରୁ ମତେ ପାରିକର । ଦାମିନୀ ଆନନ୍ଦରେ ନାଚି ପଡ଼ାଏ—'ପଢ଼େରେ ପୁଅ ଆଉ ଧାଡ଼ିଏ ପଢ଼େ ।" ପକ୍ଷୀ ଛୁଆ ପୁଣି ଗାଏ—ଜଗତପତି, ଦଶରଥ ନନ୍ଦନ ଦାଶ-ରଥି ।' "ମୋ ପିଲାର କେତେ ବୁଦ୍ଧି"— ଆବେଗରେ ଦାମିନୀର କଣ୍ଠରୁଦ୍ଧ ହୋଇ-ଆସେ । ସେ ତାର ଆନନ୍ଦଦୀପ୍ତ ସୁନ୍ଦର ମୁହଁଟି ପଞ୍ଜରିରେ ଲଗେଇ ଦିଏ । ପକ୍ଷୀ ଛୁଆ ପକ୍ୱ ଫଳ ଭ୍ରମରେ ଦାମିନୀର ଯୁକ୍ତ ବିମ୍ବାଧରରେ ଚଞ୍ଚୁଘାତ କରେ । ଦାସେ ଦାଣ୍ଡ ପିଣ୍ଡାକୁ ଯାଉ ଯାଉ ଭାବନ୍ତି—ସତରେ ଛୁଆଟାର ବହୁତ ବୁଦ୍ଧି ଏହା ।



Digitized by srujanika@gmail.com

ଋତୁ ଚକ୍ରର ଆବର୍ତ୍ତନରେ ଆହୁରି ଦୁଇଟି ବର୍ଷାକାଳ ବିତି ଗଲାଣି । ବାରି ଓଡ଼ା ଭିତର ବରଡ଼ରେ ଯେଉଁ ଫଳ ଫଳି ନଥିଲା ସଂସାର ଭିତରେ ବୁଢ଼ା ଦେଖା ହେବାର ଦୁଇ ବର୍ଷ ଭିତରେ ଦାମିନୀ କୋଳରେ ଆଜି ନୂଆ ପୁଅ । ଜଗତର ଯେତେ ଅନାବିଳ ସୁଖ ସବୁ ଏହି କୁଟୀରଟି ଭିତରେ ଠୁଳ ହେଉଯାଇଛି । ଦୁଇ ପୁଅର ସେବା କରୁ କରୁ ଦାମିନୀ ଆଗରେ ଦିନଟା କେତେ ଜଲ୍‌ଦି ଗଲିଯାଏ ସେ ବୁଝି-ବାକୁ ତର ପାଏନି । ମାଆ କୋଳରେ ମଣିଷ ଛୁଆ କୁଆଁ କୁଆଁ କରି କାନ୍ଦେ; ପଞ୍ଜୁରୀର ପକ୍ଷୀ ଛୁଆ ତାର ଅନୁକରଣ କରି କୁଆଁ କୁଆଁ କରେ । ଦାମିନୀର ବୁକୁ ଭିତରେ ଆନନ୍ଦର ଗୋଟାଏ ପ୍ରବଳ ବନ୍ୟା ଦୁଇ କୂଳ ଭସେଇ ବହି ଯାଏ ।

ଟୁକୁକୁ ଆଠ ମାସ ପୂରିଲାଣି । ବହୁତ ବଜର ବଜର ହେଉଛି । ମ,ମା, ପ,ପା, ଦାଦା......କଥା କହିବାକୁ ତାର ଅଦ୍ୟମ ପ୍ରୟାସ । ଦାସେ କହନ୍ତି, "ଏଇଟା ବାୟା ହେଇଯିବ । କେତେବେଳେ ପଢ଼ି ବୁଢ଼ା ରହିଲାନି ।" ଓର ଉଣ୍ଡି କହେ, "ହଁ ବୁଢ଼ା ସିମିତି ମୂର୍ଖ ହେଇଯାଉଥିଲା ।" ସ୍ରୋତ ବେଗଡ଼କ ଦେଖି ଦାସେ ଧାଇଁ ପଳେଇ ତେବେକେ ରକ୍ଷା ପାଆନ୍ତି । ଟୁକୁକୁ କୋଳରେ ଧରି ଦାସେ ବୁଢ଼ାକୁ ପଢ଼େଇ ବସନ୍ତି । ଟୁକୁ ପଞ୍ଜୁରି ସମେତ ବୁଢ଼ାକୁ କରକବଳିତ କରିବାକୁ ବିଫଳ ପ୍ରୟାସ କରେ, ଅଳି ଲଗାଏ, କାନ୍ଦେ । ଦାସେ ବୁଝାନ୍ତି—"ନାଇଁରେ ବାୟା ସେ ତୋର ବଡ଼ ଭାଇ । କାହିଁ ବୋଲେଟି, 'ଭାଇ ।' ନାନା, ଡାଡାର ଛନ୍ଦରେ ଗୋଳେଇ ଘୋଳେଇ ଟୁକୁ ବୋଲେ, 'ବାଇ' । ଅନୁକରଣ କରି ବୁଢ଼ା ବୋଲେ, 'ବାଇ' । ଦାସେ ଡାକ ପକାନ୍ତି—"ଧାଇଁ ଆସହେ ଦୁଇଭାଇ କଥା ହେଉଛନ୍ତି ଶୁଣିବ ।" ହାତର କାମ ଫୋପାଡ଼ି ଦେଇ ଅତି ବ୍ୟସ୍ତ ହେଇ ଦାମିନୀ ଧାଇଁ ଆସେ । ଦାସେ କହନ୍ତି, 'ଶୁଣ—କାହିଁରେ ଟୁକୁ ବୋଇଲୁ, 'ଭାଇ' ଟୁକୁ ପୂର୍ବବତ୍ କହେ 'ବାଇ' ବୁଢ଼ା ଛଡ଼େଇ ବୋଲେ 'ବାଇ' ଦାମିନୀ ଟୁକୁକୁ ଦାସ କୋଳରୁ ତୋଳିନେଇ ତାର ଛୋଟ ମୁହଁଟିରେ ଅଜସ୍ର ଚୁମ୍ବନ ଅଜାଡ଼ି ଦିଏ । ବୁଢ଼ାର ପଞ୍ଜୁରିରେ ମୁହଁ ଦେଖାଇଲେ ବୁଢ଼ା ଖୁଲୁ ଖୁଲୁ କରି ଦୁଇଥର ଚୁମ୍ବିଦିଏ ।

ଟୁକୁ କଥା କହି ଶିଖୁଛି ଖୁବ ଜୋରେ ସୋରେ—ଦାଦା, ନାନା, ବାଇ, ମାମା ନାନା ଏ (ହେ), ମାଲେ ମା ଇତ୍ୟାଦି । ବୁଢ଼ା ସବୁ-ଥିର ସୁନକଲବୁଦ୍ଧି କରେ ଆଉ କହୁତ ଦରଦ-ଭରି ଡାକେ, 'ମାଲେ ମା ।'

\+ \+ \+ \+

(୩)

ବଇଦ କହିଦେଇଗଲା ଆଉ ଆଶା ନାହିଁ । ଦାସେ ଭୁମରି କପାଳ ଫାଟିଗଲା । ଦାମିନୀର ସବୁ ସହଣିକ, କାନ୍ଦ ବୋବା, କାଉଳ କାନ୍ଦା କାନରେ ବାଜିଲାନି, ସବୁ ବ୍ୟର୍ଥ ଗଲା । ଦେଢ଼ବର୍ଷ ପାଇଁ ସଂସାରକୁ ଆସି ଟୁକୁ ପୁଣି ଆରପାରିକୁ ଚାଲିଗଲା । ଦାସେ ଅଣ୍ଟା ଭାଙ୍ଗି ପଡ଼ି ବସି ପଡ଼ିଲେ । ଦାମିନୀର ଚେତା ନାହିଁ । ସାହି ପଡ଼ିଶାର ମାଇପି ମରଦ ଘର ଭିତରକୁ ପଶି ଆସିଲେ । ଦାମିନୀକୁ ସେଇ ଅବସ୍ଥାରେ କେଉଁ ସାନ୍ତ୍ୱନା ମନା ? ସେ କେବଳ ବାୟାଣୀ ପରି ଡାକ ପକାଉଥାଏ । 'ମୋ ଧନ ଉଠେ ଦୁଧ ପିଇବୁ । ମୋ ଧନ ମେ ତେ ଚୁମ୍ବିଁ', ବୋଲେ—ମାଲୋ ମା,'' ଲୋକବାକର ଗହଳ ଚହଳରେ ବୁଢ଼ା ପଞ୍ଜୁରି ଭିତରେ ଭୟରେ ଛପି ଯାଇଥିଲା । ମାଆର ପାଟି ଶୁଣି କୋମଳ ସ୍ୱରରେ ଡାକିଲା 'ମାଲୋମା' । ଦାମିନୀର ଦୁଃଖ ଉଚ୍ଛୁଳି ଗଲା । ଟୁକୁ ଆଉ ନାହିଁରେ ବୁଢ଼ା କହି ତଳେ ମୁଣ୍ଡ ପିଟି ଦେଇ ସେ ମୂର୍ଚ୍ଛା ଗଲା ।

ନିମେଷ ପରେ ନିମେଷ ଗିଳି କାଳସ୍ରୋତ ବହି ଚାଲିଛି । ଏହାର ଭିତରେ ମଣିଷ ସବୁ ସହି ପାରେ, ପାରେନା କେବଳ ଅନ୍ତଗତ ପ୍ରାଣର ଅନ୍ତପାଇଁ ନିଷ୍ଠୁର ଚକ୍ରାର । ପ୍ରବଳ ଦଶା ଭିତରେ ବାୟୁର ବେଗ ଯେପରି କମି କମି ଯାଏ; ବସାବନ୍ଧା ଜୀବନର ଧରାବନ୍ଧା କର୍ମ ନିର୍ଘଣ୍ଟ ଭିତରେ ଦୁଃଖ ସୁଖର ମାତ୍ରା ମଧ୍ୟ ସେହି ପରି କମି ଯାଏ । ଫେରେ ଆରମ୍ଭ ହେଲା ଧାନକୁଟା ପାଣି ଅଣା; ରଖା ସଜଡ଼ା—ଦୁନିଆଲା ଜୀବନର ପାଲା । ଘରେ ଆଉ ଦାସଙ୍କର ସତେ ମନ ଲାଗୁନି । ଘାଟ ଘଡ଼କ ଛଡ଼ା ସେ ଦିନଟା ଯାକ ପ୍ରାୟ ବାହାରେ କଟାଉ-ଚନ୍ତି । ଟୁକୁ ଛ' ଦିନରେ କେବେ ଥରେ ମନେ ପଡ଼ିଗଲେ ବୁଢ଼ାକୁ ଧାଉଁଏ ପଢ଼େଇ ଦିଅନ୍ତି । ବୁଢ଼ା ଅମାନିଆ ହୁଏନି ସନ୍ତୁ ଷ୍ଠେ କରେ । ଟୁକୁ ଚାଲିଗଲା ଦିନରୁ ଦାମିନୀର ସଦାହସ ମୁହଁରୁ ହସ ଲିଭି ଗଲାଣି । ଆଶା ନାହିଁ ଭରସା ନାହିଁ—ସେ କିମିତି ଗୋଟାଏ ବିରାଟ ପରିବର୍ତ୍ତନ ଭିତରେ ମିଶି ଗଲାଣି । ଦୈନନ୍ଦିନ କାମପରି ସେ ବୁଢ଼ାର ସେବା କରି ଚାଲିଛି । କାମପନ ସାରି ଦି'ପହର ବେଳେ ସେ କେଉଁଠି ଟିକେ ବସିଗଲେ । ମାଆକୁ ଦେଖି ବୁଢ଼ା ଆନନ୍ଦରେ ଡାକେ; 'ମାଲୋମା' ଦାମିନୀ ବୁଢ଼ାକୁ ଅନେଇ ଥାଏ; ଆଖିଦେଇ ନୀରବ ଅଶ୍ରୁ ଗଣ୍ଡ ପ୍ଲାବିତ କରି ବହି ବହିଯାଏ ।

ସେ ଦିନ ଖରାବେଳେ ଦାମିନୀ ଶୋଇଘର ପିଣ୍ଡାରେ ମନମାରି ବସିଛି । ସାମନା ଘରର ପଞ୍ଚାଝି ଅଳଗୁଣିରେ ପିଞ୍ଜରି ଭିତରେ ବୁଢ଼ା-ଝୁଲୁଛି । ଟୁକୁର କଥା ମନେପଡ଼ି ଦାମିନୀର ଅନ୍ତର ଦୁଇଁ ବିଦାରି ହେଇ ଯାଉଛି । ଆଖିରୁ ଲୁହ ଧାର ଲାଗିଛି । ସ୍ତନରୁ କ୍ଷୀର ସ୍ରବି ବୁକୁର ଲୁଗା ଓଦା ହେଇଗଲାଣି । ବୁଢ଼ା ରହି ରହି ଡାକୁଛି—'ମାଲୋମା ।' ଦାମିନୀର ଆଖିରେ ଗୋଟାଏ ଲକ୍ଷହୀନ ଶୂନ୍ୟ ଦୃଷ୍ଟି । ଦାଣ୍ଡ ପଟରେ ଗୋଟାଏ ଭିକାରୀ ଗୀତ ଗାଇ ଭିକ ମାଗୁଥାଏ—

> ବୁଢ଼ ଚିହ୍ନିଲରେ ବାନ୍ଧିଥିଲୁ ମନ ଆ
>
> ପଞ୍ଜିରି ଭିତରେ ହୋଇଚ ଥାଆ
>
> କିଛିତ ନ କହୁ ନାମ ନ ଭଜିଲୁ
>
> ଆରପାରେ କିଏ ହୋଇବ ସାହା;
>
> ରେ ବାଇଧନ
>
> ମୁକତି ପାଇଁ ବାଳିଅ ମନ ।

'ମା' ମନେ ମୁଠେ ମିଛ ।

ଦାମିନୀର ଅନ୍ତର୍ଦୃଷ୍ଟି ଉପରେ ଗୋଟାଏ ନବତମ ଜ୍ୟୋତି ତାର ପ୍ରଭା ବିସ୍ତାର କଲା । ତାର ଉଦ୍‌ବେଳିତ ହୃଦୟକୁ ମନ୍ଥିତ କରି ଗୋଟାଏ ଧ୍ୱନି ଲହରି ଉଠିଲା; ମୁକ୍ତି । ହଁ ମୁକ୍ତି । ମୁକ୍ତି ହିଁ ପ୍ରାଣୀର ଏକମାତ୍ର କାମ୍ୟ । ମୁକ୍ତି ଆଶାରେ ସମସ୍ତେ ଚାଲିଚନ୍ତି । ଟୁକୁ ଗଲା; ଦାସେ ଯିବେ; ସେବି ଦିନେ ଚାଲିଯିବ ।



Digitized by srujanika@gmail.com

କେହି କାହାପାଇଁ କିମିତେ ଅପେକ୍ଷା କରି ପାରିବେନି ।

'ହରିଅପା' ବାରିଧାଂଙ୍କରେ ନୂଆବା ଲେଖକ—

ବୋଲୁଚି ସିନାତୁ ସବୁ ମୋର ମୋର
ଭାବ ଦେଖେ କେହି ନୁହେ କାହାର
ଏକା ତୁ ଆସିଛୁ ଯିବୁ ଏକା ହୋଇ
କୁହ ଯାଉଅଛୁ ମାୟା ବାତର,
ରେ ବାଇବର
ସୋଲ୍‌ଟୋଇ ବୋଲେ ଉଦ୍ଧାର କର ।"

ପାଗଳଣୀ ପ୍ରାୟ ଦାମିନୀ ଦାଣ୍ଡ ପଟକୁ ଛୁଟିଲା । ଦୁଆର ଖୋଲି ପଚାରିଲା, 'ଭିକାରି ତୁ ମତେ ମୁକ୍ତ ଦେଇ ପାରିବୁ ?" ଭିଖାରୀ ଉତ୍ତରକଲା— 'ମୋର କି ସାଧ୍ୟ ମା', ଦୋଳି ନେଲା ବାଲା ସେ ଯେ କତଦିନ ଆତପାତ ହେଉଚି । କହିବକୁଡ଼ି ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ । ସେ ସବୁ ମା' ଆମେ ନିମିତ୍ତ ମାତ୍ର । ତାର ଇଚ୍ଛାନୁସାରେ ରାତି ଯାଇ ଦିନ ଆସୁଚି, ସୁଖ ଯାଇ ଦୁଃଖ ଆସୁଛି, ଜନ୍ମ ପରେ ମୃତ୍ୟୁ ଆସୁଚି । ମତେ ମୁଠେ ଦେଇ ବିଦା କର ମା ।' ଦାମିନୀ ଗଳାରୁ ସୁନାର ହାରଟି ବାହାର କରି ଭିଖାରୀ ହାତରୁ ବଢ଼େଇ ଦେଲା । ଭିକାରୀ ପ୍ରଥମେ ବିଶ୍ୱାସ କରି ପାରିଲାନି । ତାପରେ ଛଳ ଛଳ ଆଖିରେ ଏପଟ ସେପଟ ଟିକେ ଚାହିଁ ଏକା ଦୌଡ଼ାରେ ଚାଲିଗଲା । ଦାମିନୀ ଫେରି ଆସିଲା ବୁଢ଼ା ପାଖକୁ । ବୁଢ଼ା ପଢ଼ୁଚି—'ଚକ୍ରଧର, ଭବ-ସାଗରୁ ମତେ ପାରିକର ହେ କମଳାର ବର । ଆଖି ତାର ଛଳ ଛଳ । ବୁଢ଼ା ଉପରେ ଦୃଷ୍ଟି ନିବେଶ କରି ଦାମିନୀ ନୀରବରେ ଠିଆ ହେଲା । ଅନେକ ଦିନ ପରେ ମାଆକୁ ପାଖରେ ପାଇ ପଞ୍ଜୁରି ଭିତରେ ଫଡ଼ ଫଡ଼ ହୋଇ ବୁଢ଼ା ଆନନ୍ଦରେ ଡେଇଁଲା । କିନ୍ତୁ ମାଆ ଠାରୁ ଆଦର ସୋହାଗ ନ ପାଇ ମନଟି ମାରିଦେଇ ଗୋଟାଏ କଡ଼ରେ ଚୁପ ହୋଇ ବସିଲା । ମୁକ୍ତି ପାଇଁ ବ୍ୟାକୁଳତା ଅଜ୍ଞାତ ଭାବରେ ତାର ମର୍ମବେଦନା ଉପରେ ନୀରବତାର ପରଦା ଦ୍ୱାରା ବାହ୍ୟରୁ ଯେପରି ଘୋଡ଼େଇ ରଖୁଥିଲା । ଜଡ଼ିତ କଣ୍ଠରେ ଦାମିନୀ ପଚାରିଲା, 'ହଇରେ ବୁଢ଼ା ପଞ୍ଜୁରି ଭିତରେ ତତେ ବଡ଼ କଷ୍ଟ ହେଉଚିନା ? ବୁଢ଼ା ଦଣ୍ଡେ ଚୁପ ହେଲା, ତାର ମାଆର ଉଦାସୀନତା ଲାଗି ସେ ଯେପରି ଅଭିମାନରେ ବସିଚି । ଦାମିନୀ ପୁଣି ପଚାରିଲା, 'ଧନ ମୁଁ ତୋର ମାଆ, ମତେ ସତ କରି କହ ।' ପୁନରପି ମାଆର ଆବେଗ-ଭରା ସ୍ୱର ଶୁଣି ପକ୍ଷୀର ହୃଦୟକୁ ପିଟି ଲାଗିଲା । ଆଖି ପାଣି ଟଳ ଟଳ କରି ସେ ଯଥେଷ୍ଟ କରୁଣ ସ୍ୱରରେ ଡାକିଲା, 'ମାଲୋ ମା' ସେଇ ତିନୋଟି ବର୍ଣ୍ଣ ଦେଇ ଦାମିନୀ ବୁଝିପାରିଲା ଅଜ୍ଞାନ ପକ୍ଷୀ ପ୍ରାଣର ସ୍ୱାଧୀନତା ପାଇଁ ବ୍ୟାକୁଳତା । ଅଗଣା ଉପର ଆକାଶକୁ ଦାମିନୀ ଚାହିଁଲା, କେତେ ପକ୍ଷୀ କଳରବ କରି ସ୍ୱାଧୀନ ଭାବରେ ଉଡ଼ି ବୁଲୁଛନ୍ତି— ବୁକୁରେ ଦମ୍ଭ, ନୟନରେ ଆଶା, ଡେଣାରେ ବଳ ଧରି କିନ୍ତୁ ତାର ପୁଅ ପ୍ରାଣରୁ ବଳି ପ୍ରିୟ ବୁଢ଼ାକୁ ସେ କଣ କରିଚି ? ଯେ ଯାହାକୁ ସ୍ନେହ କରେ ସେ କଣ ତାକୁ ବାନ୍ଧି ରଖେ, ବନ୍ଦୀ କରେ ? ସନ୍ତାନ ହରା ଦଗ୍ଧ ଅନ୍ତର ତାର ବିଦ୍ରୋହୀ ହୋଇ ଉଠିଲା । କମ୍ପିତ ହସ୍ତରେ ପିଂଜରି ଦୁଆର ଖୋଲି ଦେଇ, ପରନ୍ତୁ ଓଷାରି ସେ ଡାକିଲା, 'ଆ ଧନ ମୋ କୋଳକୁ ଆ, ତୋତେ ଆଉ ବାନ୍ଧି ରଖିବିନି' । ବୁଢ଼ା ପିଂଜରି ଭିତରେ ଦୁଇ ଚାରିଥର ଏ ପାଖ ସେ ପାଖ ଡେଇଁଲା, ଖୋଲା ଦୁଆର ମୁହଁକୁ ଆସି ଅନେଇଲା, ତାପରେ ଉଡ଼ିଗଲା । କିମଜଡ଼ ରାମ ପକ୍ଷୀ ଭାବିଲାନି ମାଆ ତାର କି ଅଗାରେ ତାର ମୁକ୍ତି ଚାହୁଁଥିଲା ।

ହାତର ପରନ୍ତୁ ସେଇ ଭାବେ ରହିଚି, ଦାମିନୀ ବୁଢ଼ାର ଉଡ଼ିଯିବା ଦିଗକୁ ଚାହିଁଚି ଛଳଛଳ ଦୃଷ୍ଟିରେ । ଦାଣ୍ଡ ଆଡୁ ବାସେ ଆସି ଦେଖିଲେ ପିଂଜରି ଦୁଆର ଖୋଲା, ବୁଢ଼ା ନାହିଁ, ଦାମିନୀ ଆଖିରେ ଉଦ୍‌ବେଳିତ ଲୁହର ଝରି । ବାସେ ପଚାରିଲେ—'ପିଂଜରି ଦୁଆର ଖୋଲିଥିଲ ? ବୁଢ଼ା କୁଆଡ଼େ ଉଡ଼ି-ଗଲା ? ବହୁତ ବିଳମ୍ବରେ ଦାମିନୀର ମୁହଁରୁ ବାହାରିଲା, 'ମୁକ୍ତ!' ବାସେ ବହୁତ ଖୋଜା ଖୋଜି କଲେ । ବା ବାହାର ଡୋଟାରେ ଘୂରି ଘୂରି ପକ୍ଷୀର ନାଁ ଧରି ଡାକିଲେ— ତୋର ମାଆ କାନ୍ଦୁଚି, ବୁଢ଼ା ତୁ ଫେରିଆ । ତୁ ନ ଆସିଲେ ତୋ ମାଆ ବଞ୍ଚିବନି, ବୁଢ଼ା; ବୁଢ଼ା!......... ବାସେ ନିରାଶ ହୋଇ ଘରକୁ ଫେରିଲେ । ଦୁହିଁଙ୍କର ମନ ବୁଢ଼ା ପାଇଁ ବ୍ୟାକୁଳ । ରଙ୍ଗାବଡ଼ା ଆଉ କେଉଁଠି କିଏ ? ବୁଢ଼ାର ସ୍ମାରକ ପଂଜରାଟି ମୁଣ୍ଡ ପାଖରେ ଥୋଇ ଦାମିନୀ କାନ୍ଦି କାନ୍ଦି ଶୋଇଲା, ପୁତ୍ରର ବିଚ୍ଛେଦ ପରେ ବୁଢ଼ାର ବିଚ୍ଛେଦ ବାସେ ମଧ୍ୟ ସମ୍ଭାଳି ନପାରି କାନ୍ଦି ପକେ-ଇଲେ ।

ଏଣେ ବୁଢ଼ା ବହୁକାଳ ପରେ ବାଞ୍ଛିତ ସ୍ୱାଧୀନତା ପାଇ ଉତଫୁଲ୍ଲ ଅନ୍ତରରେ ଏ ଗଛରୁ ସେ ଗଛକୁ ଉଡ଼ିବୁଲିଲା । ବେଳେବେଳେ ସେ ଉଠିଯାଏ ସୁଦୂର ଗଗନ ଉପରକୁ କିନ୍ତୁ ସୁନୀଳ ଗଗନର ବ୍ୟାପ୍ତ ସୁଷୁପ୍ତି ତାର ଅନଭ୍ୟସ୍ତ ପ୍ରାଣରେ ଦକା ପହଞ୍ଚାଇ ଦିଏ । ସେ ଭୟରେ ବୃକ୍ଷ ଶାଖା ଉପରକୁ ଖସି ଆସେ, ଆଉ ଡାକେ, ମା ଲୋ ମା । କେହି ତାକୁ ଆଦର କଲେନି, ତାର ପାଖକୁ ଆସିଲେନି, ତାପରେ କେତେ ପକ୍ଷୀ ଯେ ଯାହାର ଧନ୍ଦା ନେଇ ଉଡ଼ିଗଲେ । ଗୋଟାଏ ପକ୍ଷୀ ମେଳରେ, ପକ୍ଷି ବୁଢ଼ା ଗାଇଲା, 'ଜଗତପତି ଦଶରଥ ନନ୍ଦନ ଦାଶରଥି, ପକ୍ଷୀଦଳ ତାକୁ ଏକା ଛାଡ଼ି ଦେଇ ଉଡ଼ିଗଲେ । ସେ ବି ସେମାନଙ୍କ ସାଥିରେ ଯିବାକୁ ବସିଲା କିନ୍ତୁ ସେଇ ଦଳର ତିନି ଚାରିଟା ପକ୍ଷୀ ତାକୁ ଖୁମ୍ପି ମାରିବାକୁ ଦଉଡ଼ି ଆସିଲେ ବୁଢ଼ା ଭୟରେ ଲୁଚିଲା, ରାତି ସାରା ଘୂରିଘୂରି ବିଦ୍ରୂପ ଓ ଲାଞ୍ଛନାର ଦୁଃଖ ଭୋଗ କରି ଅବସନ୍ନ ଶରୀର ନେଇ ପାହାନ୍ତପହର ବେଳକୁ ତାର ମାଆ କୋଳକୁ ଫେରିଆସିଲା । ପଞ୍ଜୁରି ଭିତରେ ସେ ଢଳିଲାଇ ପଡ଼ିଚି । ରାତି ସାରା ଅନିଦ୍ରା ପରେ ଏ ତାର ପାହାନ୍ତି ନିଦ ।

କିଚିରି ଡାକରେ ଚେତା ପାଇ ଦାମିନୀ ପ୍ରଥମେ ଚାହିଁଲା ବୁଢ଼ାର ପଂଜରାଟିକୁ । ବୁଢ଼ା ଫେରି ଆସିଛି । ବାଧା ନମାନି ତାର ଆଖି ଦେଇ ଆନନ୍ଦାଶ୍ରୁ ଝରିଲା । ନାରୀ ହୃଦୟର ସମସ୍ତ ମମତା ଓ ବାତ୍ସଲ୍ୟ ଏକତ୍ରିତ କରି ସେ କହିଲା, ବୁଢ଼ା, ତୁ ତୋର ମାଆ କୋଳକୁ ଫେରି ଆସିଚୁ ? ମାଆର ଡାକରେ ବୁଢ଼ାର ନିଦ ଭାଙ୍ଗିଗଲା । ସେ ପଦାକୁ ବାହାରି ପଡି ଦାମିନୀର ଅଧରରେ ଥଣ୍ଟମାରି ରହି ରହି ଡାକିଲା; ମାଲୋମା । ସେହି ତିନୋଟି ବର୍ଣ୍ଣ ଦେଇ ବୁଢ଼ା ତାର ମାଆକୁ ବୁଝେଇ ଦେଲା—ସେ ଚାହେଁନା ନୀଳ ଆକାଶ; ଘନ ଆକାଶ; ଘନ ବିଟପୀ ପୂର୍ଣ୍ଣ ବିସ୍ତୃତ ଅରଣ୍ୟାନୀ ଆଉ ଫଳପୁଷ୍ପେ ଅବନତ ପ୍ରସାରିତ ତରୁ-ଶାଖା ! ସେ ଲୋଡ଼େ ତାର ମାଆର କୋଳ; ତାର ପ୍ରେମ; ତାରସ୍ନେହ । ବୁଢ଼ା ପୁଣି ଡାକିଲା; ମାଲୋମା; ଦାମିନୀ ବୁଢ଼ାର ମୁହଁରେ ଚୁମ୍ବନ ଦେଇ ତାର ଶ୍ରାନ୍ତ ଦେହ ଉପରେ ଆପଣାର କମ୍ପିତ ହସ୍ତ ବୁଲେଇଦେଲା ।



Digitized by srujanika@gmail.com

## ବେଉଡ଼ା-ବାହୁଡ଼ା

( ଲେଖକ ଶ୍ରୀ ଅନନ୍ତଚରଣ ରଣା )

ବେଳତ ହେଲାଣି ବହୁତ
ଖରା ଭୀଷଣ ଟାଣ,
ଘରେ ବାହୁଡ଼ିଲା ଘନଆ
ସାରି ବେଉଡ଼ା କାମ । ୧

ଆଗରେ ଚାଲନ୍ତି ବେଗରେ
ହଳେ ବଳଦ ତାର
ନାଁ ଦେଇଥିଲା ଘନଆ
ରେଲେ ଗାଁ ବାହାର । ୨

କାନ୍ଧ ରେ ଧରିଛି ଜୁଆଳୀ
ବାନ୍ଧି ମୁଣ୍ଡେ ଗାମୁଛା,
ହାତେ ଗୁଆ କୋଳ ପାଞ୍ଚଣ
ଚାଲେ ବଳଦ ପିଛା । ୩

\+ + + +

ଧାନ କୁଟି ସାରି ଘରକୁ
ସେହି ଫେରିଲା ବାଟେ,
ଘନଆ ମାଇପ ବଡ଼ପ
ସାଗ ତୋଳୁଛି ଆଣ୍ଟେ ୪

ଚାହିଁଲା ଘନଆ କହିଲା,
ବେଳ ଗଲାଣି ଗଡ଼
ସାଗ ତୋଳା ଥାଉ ନହେଉ
ଖଟ୍ଟା ପଡ଼ୁଛି ଛଡ଼ । ୫

\+ + + +

ଆଗ ଆଗ ଗଲା ବେଗରେ
ବାଡ଼ ପଖାଳ କଂସେ
ଗାଧୋଇ ପଡ଼ ମୁଁ ଯାଉଛି
ହଂସା ଉଡ଼ୁଛି ଶୋଷେ । ୬

\+ + + +

କାଲି ରାତି ଗଲା ଉପାସେ
କେବେ ଜାଣିବ ଆଉ
ଚାଉଳ ନଥିଲା ବହଲ
ପେଟ ପୁରିବ କାହୁଁ ୭ ?

\+ + + +

ତୁମ ପଛେ ପଛେ ଯାଇଛି
ଧାନ କୁଟିବା ପାଇଁ;
ମାଣକ ଚାଉଳ ପଣନ୍ତ
କାନି ଦେଲା ଖସାଇ । ୮

ଉରତରେ ଘନ ମାଇପ
ଘରେ ହୋଇଲା ଠିଆ,
ତୋଡ଼ୁଆଣୀ ଦେଇ ଧୋଇଲା
ସାଗ ନେଇ ମାଟିଆ । ୯

ଘରେ ପହଞ୍ଚିଲା ଘନଆ
ବାନ୍ଧି ବଳଦ ହଳ
ଓଦା ଲୁଗା ଓଦା ଗାମୁଛା
ଗଲା ବୋହେଇ ଶାଳ । ୧୦

ଆଜି ପରା ରଥ ବାହୁଡ଼ା
ଦେଖି ଯିବ କି ନାହିଁ ?
ଏତେ ମଠ ମଠ କରୁଛ
ବେଳ ଗଲାଣି ପାହି । ୧୧

\+ + + +

ବାହୁଡ଼ା ଦେଖା ମୋ ସରିଛି
ବସ ପକାଇ ପିଢ଼ା,
(ତମ) ବେହୁଡ଼ା ବାହୁଡ଼ା ନୁହେଁକି
ମୋର ରଥ ବାହୁଡ଼ା ୧୨

—o—

## —ଝରାପତ୍ର—

ପବନରେ ଝରା ପତ୍ର
ତୋଳେଇ ତୋଳେଇ ପୁଣି
ଶୁଷ୍କ-ପତ୍ର-ପରିକୀର୍ଣ୍ଣ
ଶୀତଳ ସମୀର ଶ୍ୱାସେ
ଅତଳ ଅତୀତ ତଳୁ
ଭାସି ଆସେ ବଂଶୀତାନ
ଅକମ୍ପ ତ ଶାନ୍ତ ଜଳେ
କପୋତ-କୂଜନକ୍ଲାନ୍ତ
ଜ୍ୟୋତ୍ସ୍ନା ଶୁକ୍ଳ ନୀଳାମ୍ବର
ପୁଷ୍ପରିକ୍ତ ମୌନ ବନେ
ଚାହିଁ କୋଣେ ଏଜୀବନେ
ରହିବାଟି -ଚାଲି ବନ୍ଧୁ

ବସନ୍ତର ମଧୁଟ୍ରଯ୍ୟା ପରେ
ଆପଣାକୁ ଚାହିଁ ଥରେଥରେ ।
ନରଜନ ପୁଷ୍କରିଣୀ ତୁଠେ,
ଧୂଆଁ ଫୁଲ ଆଖି ମେଲି ଉଠେ ।
ପ୍ରଣୟର ଆଦ୍ୟସ୍ପୃଷ୍ଟ ପଥ,
ଦିଗନ୍ତର ଆଲୋକେ ସନ୍ତପ୍ତ ।
କାହିଁ ଫୁଲ ମୁଦିଅଛି ପତା,
ସନ୍ଧ୍ୟା ମୁଖେ ନାହିଁ କେଉଁ କଥା ।
ଭାଲେ ଆଜି ପିନ୍ଧିଛି ବେଦନା,
କରେବାୟୁ ମୃଦୁ ସଞ୍ଚରଣ
ବାନ୍ଧିଆଉ କେତେଦିନ ଘଟେ
ହାତଧରି ଏହି ମୁକ୍ତ ପଥେ ।

ଏଇ ଶୁଭ୍ର ସନ୍ଧ୍ୟା ତଳେ
ଆଗାମୀ ଜୀବନ ସ୍ୱପ୍ନ
ସେତିକି ଚୁଣାଇ ଦେଲ
ଲୁହାର- ଆବଦ୍ଧ- ପ୍ରାଣ
ଜୀବନର ପଦେ ପଦେ
ହୃଦୟେ ରହିଛି ଲାଗି
ବାର୍ଦ୍ଧକ୍ୟ ଶ୍ରାବଣ ପୁଣି
ବସୁନ୍ଧ ସାହାରା ବ୍ୟଥା
ତଥାପି କି ଏ ଜୀବନ
କିଏ ଜାଣେ କାଳ-ଭ୍ରମେ
ଝରା ପତ୍ର ବନପଥ
ତା ତଳେଁକି ଏଜୀବନ-

ପାଣ୍ଡୁ ପାତ ବାଲୁତଟେ ବସି
ନିରେଖିବା ହୋଇ ହସାହସି ।
ଏଜୀବନେ ସେତିକିରେ ଆଉ,
ତଳେ ସୁଖ ନଲାଗଇ ଆଉ ।
ଛିଡ଼ା ଆମ ବାହମ ବନ୍ଧନ
ରକ୍ତସମ ମୁର୍ମୁରି ଦାହନ ।
ଝୁରୁଛି ତ ନୟନେ ନୟନେ
ଅନାଇଛି ଜୀବନ ଅୟନେ ।
ଜାଗିଦେବା ଉପଭୋଗ ହିନ
କେତେବେଳେ ନହେବ ବିଲୀନ
ପାହିଁ ଚାଲୁ ବସନ୍ତ ଶୟନ,
ଏତେ ରୁକ୍ଷ ଶୁଷ୍କ ଅର୍ଥ ହୀନ !
ସ୍ମୃତି ବିଦ୍ୟୁତ୍ ପ୍ରଭା ପରାନ୍ତି



Digitized by srujanika@gmail.com

## କବିତା କଲ୍ଲୋଳ

କି ଯୁଗ ପଡ଼ିଲା,
ଧରମ କି ସତେ ଧର୍ମ ଛୁଟିଲା ।୦।
ବାଇଁଆ ସଭାରେ କଥା ପଡ଼ିଲା,
ସବୁ ଜିନିଷର ଦର ବଢ଼ିଲା,
ଦର ପରେ ପୁଣି ଦର ଚଢ଼ିଲା,
ପଚିଶ ଛନ୍ଦରେ ଡ଼ର ବଢ଼ିଲା ।୧।
ମଶାଙ୍କର ଶୁଭ ଦଶା ପଡ଼ିଲା,
ମ୍ୟାଲେରିଆ ଜ୍ୱର ଦେଶ ପିଟିଲା,
ଔଷଧମାନଙ୍କ ଦର ବଢ଼ିଲା,
ପଥ୍ୟ ଅଭାବରେ ରୋଗ ଚଢ଼ିଲା ।୨।
ମୂଲିଆ ଭାଇଙ୍କ ଦର ବଢ଼ିଲା,
ଚଷା ଭାଇଙ୍କର ଡ଼ର ବଢ଼ିଲା,
ଚୈତ୍ର ମାସରୁ ଧାନ ସରିଲା,
କରଜ ଧାନରେ ପେଟ ଭରିଲା ।୩।
ଗଞ୍ଜାଇ ଅଫିମ ଦର ଉଠିଲା,
ନିଶା ଖିଆଙ୍କର ଥର ଉଠିଲା,
ଟିକି ଝିଅ ବଭାଘର ଉଠିଲା,
ଘଣ୍ଟ କନିଆଙ୍କୁ ବର ଜୁଟିଲା ।୪।
ସୋରିଷ ତେଲର ମାନ ବଢ଼ିଲା,
ନାମ ସଙ୍କୀର୍ତ୍ତନ ଗାନ ବୁଡ଼ିଲା,
ପୁରୁଣା ପଢ଼ାରୁ ମନ ଛୁଟିଲା,
ଗାଆଁ ମାନଙ୍କରେ ଦଳ ବଢ଼ିଲା ।୫।
ଗୃହିଣୀଆଙ୍କର ଝର ବଢ଼ିଲା,
କଙ୍ଗାଳିଆଙ୍କ ଘର ବଢ଼ିଲା,
ଚୋରମାନଙ୍କର ଚର ବଢ଼ିଲା,
ଜମିଦାର ହରବର ବଢ଼ିଲା ।୬।
ବେପାରୀ ଭାଇଙ୍କ ପାଗ ପଡ଼ିଲା,
ଗୋଡ଼ି ଖାଇବାକୁ ଭାଗ ପଡ଼ିଲା,
ଭେଜିଟେବଲରେ ଯାଗ ବଢ଼ିଲା,
ଭଣ୍ଡାମିରେ ଅନୁରାଗ ବଢ଼ିଲା ।୭।
ନାଆଁ ବାଲାଙ୍କର ତାଲ ପଡ଼ିଲା,
ଅନାଆଁ ବାଲାଙ୍କ ପାଲ ପଡ଼ିଲା;
ହାଅ ଦେବତାଙ୍କ ପଣ୍ଡ କଟିଲା,
ଧୂପ ହଆ ବେଳ ଘଡ଼ି ଛୁଟିଲା ।୮।
କଣ୍ଟ୍ରୋଲ ବରଷା ଯହୁଁ ହୋଇଲା,
ଗୃହରେ ବିପତ୍ତି ତହୁଁ ହୋଇଲା,
ଚଷା ଭାଇଙ୍କର ଲହୁ ବହିଲା
ବାହୁନ ଗୃହିଣୀ ବୋହି ଦୋଇଲା ।୯।
ଡ଼ାକ୍ତର ଡ଼ଉଟଲ ପୋଷି ହୋଇଲା,
କଲାପୋତାଇରେ ଖୁସି ହୋଇଲା,
ଅନାଥ ବେଉସା ଢେଙ୍କି ହୋଇଲା,
ଖାଉଟି ଏକାଙ୍କା ଦୋର୍ପା ହୋଇଲା ।୧୦।
ଗୁରୁବାବୁଙ୍କର ତେଲ୍ଲ ବଢ଼ିଲା,
ନେତାଙ୍କର ଦେଢ଼ା ପିଲା ବଢ଼ିଲା,
ଖଦଡ଼ରେ ମାଙ୍କଡ଼ଲୀଳା ବଢ଼ିଲା;
ସତ ଅହିଂସାର ଭେଳା ବୁଡ଼ିଲା ।୧୧।

ଇତି-ଏକାଦଶପଦ୍ୟଂ
ସମାପ୍ତେତ୍ ।

ଲେଖକ—ଶ୍ରୀ ଭଗବାନ ପ୍ରଧାନ

---

## ମାଇଚଆ ପ୍ରେମ

ବାରବଜାରୀଙ୍କ ବାର ଅପମାନ
ସ୍କୁଲ ଜୀବନ ମୋ ଯାଇଛି କଟି
ନୂଆ ମନେ ଧରି ନୂଆ ନୂଆ ଆଶା
ଛୁଇଁଛି ମୁଁ ଥରେ କଲେଜ ମାଟି ।
ଆଖି ଖୋଲିଗଲା କଲେଜରେ ଦେଖି
ବାର ପିଲାଙ୍କର ବାର ଫେସନ
ପାଠ ପଢ଼ା ଡେଣେ ଯାହା ହେଉ ପଛେ
ସିନେମା ଦେଖାରୁ ମରେନି ମନ ।
ସାହେବ ଠାଣିରେ ସିଗାରେଟ ଖାଇ
ମାଡ଼ିଛି ମୁଁ କେତେ ଫେସିନ ଯୋତା
ମଡର୍ଣ୍ଣ ଗାର୍ଲଙ୍କ ପଛରେ ଧାଇଁଛି
ଅବଶେଷ୍, କହ ପାଉନି କଥା ।
ନାନା ଫେସନରେ ଏକ ଦୁଇ କରି
ଫେଲ୍‌ରେ କଟିଲା ବରଷ ଗୁଡ଼ି,
ବାପା ବୁଢ଼ା ଡେଣେ ପଢ଼ା କାଟି ଦେଲେ
ସବୁଆଶା ମୋର ଗଲା ତ ଛାଡ଼ି ।
ଘରେ ବସି ବସି କଳନାରେ କେତେ
ସୁନ୍ଦରୀଙ୍କୁ କଲି ପ୍ରାଣ ସଙ୍ଗିନୀ ।
ଗୃହସ୍ଥ ବାଜିଲେ ପାରକରୁ ଯିବା-
କିଶା ଥରେ ମୋର କେବେ ଭାଙ୍ଗିନି ।
ସିନେମା ଠାଣିରେ ଝିଅଙ୍କୁ ଅନାଏ
ତାଙ୍କ ମୁହଁ ଥିଲଦେଲେ ତଳକୁ ।
କେତେଥରହାତ ଠାରିଦେଇଛି ମୁଁ
ଗୃହ ତାଙ୍କ ପଛ ବେଣୀବାଲକୁ
ଲଭ୍ ଷ୍ଟୋର ପଢ଼ି ବାଗେଇ ମୁଁ ଥରେ
ପାର୍କେ କହିଥିଲି ହୃଦଏ କଥା
ସୁକୋମଳ ଚଟି ଗାଲରେ ବସିଛି
ଆଜେ ଯାକେ ମୋର ଯାଇନି ବଥା ।
ଆଉ ପାରିବନି ମୋହବତ୍ କରି
ମାଇଚଆ ଯିଏ କହିଲେ କହୁ,
ପର ମୋତେ କରି ଦେବଯିଏ ଦେଉ
ସିନେମା ଦେଖି ମୋ ଜୀବନ ଯାଉ ।

କୃଷ୍ଣଚନ୍ଦ୍ର ସେନ

---

କବିତା ଅବଶିଷ୍ଟାଂଶ

---

## ନୂଆଁଏ ଆଜି ମଥା

ଛାତିରୁ ଲହୁ ଢ଼ାଳି
ଫଉଜ ଗଲା ଗଡ଼ି,
ମରୁର ବୁକେ ଯିଏ
ରଚିଲା ନଇ ବଢ଼ି,
କୋଟିକୁ ଗୋଟି କରି
ମାଟିରେ ଗଢ଼ିଲା ତା,
କହିବା ଲାଗି ଯିଏ
ଶିଖାଇ ଗଲା କଥା,
ଉଆଁସ ଅମା ତଳେ
ସଳିତା ଯା'ର ଜଳେ
ଶୋଷକ ଦଳ ଯହୁଁ
ଏ ଯାଏ ପେଟ ମରେ,
ମଥିତ ପତିତ ଯା,
ଡ଼ାକରେ ଉଠେ ଚେଇଁ,
ଅପଥ ପରେ ଯିଏ
ଦେଖାଏ ପଥ ଫେଇ,
କେବେବି ଭୁଲି ହୁଏ
ଅଭୁଲା ତାର କଥା,
ଦେବତା ତାର ପଦେ
ନୁଆଁଏ ଆଜି ମଥା ॥

(ଗାନ୍ଧିଜୟନ୍ତୀ ଉପଲକ୍ଷେ)

—୦—



Digitized by srujanika@gmail.com



ରୋଷେଇ କଲାବେଳେ ସାଧାରଣ ଚୁଲିରେ ଯେଉଁ ଭଳି ଧୂଆଁ ହୁଏ ସେଥିରେ ରୋଷେଇ କରୁଥିବା ଲୋକଙ୍କୁ କଷ୍ଟ ହୁଏ ଓ ଘର ଭିତର ମଧ୍ୟ କଳାପଡ଼ି ଅଣ୍ଡ ଅପରିଷ୍କାର ହୁଏ । ଏହାଛଡ଼ା ଏ ଚୁଲିରେ ଯେତେ ଜାଳ ଖର୍ଚ୍ଚ ହୁଏ ତାର ଖୁବ୍ କମ ତାପ କାମରେ ଲାଗେ । ଅନେକ ନଷ୍ଟ ହୋଇଯାଏ । ଏହାର ପ୍ରତିକାର ସ୍ୱରୂପ ସେବାଗ୍ରାମ ଓ ୱାର୍ଧାରେ ଏକ ପ୍ରକାର ଚୁଲି ବ୍ୟବହାର କରାଯାଉଛି । ଯେଉଁଥିରେ ଧୂଆଁ ବାହାରି ଯିବାପାଇଁ ଚିମିନି ଖଞ୍ଜା ଯାଇଛି ଓ ତାହାଦ୍ୱାରା ଘରେ ମୋଟେ ଧୂଆଁ ବା ଗରମ ହେବନାହିଁ । ଆମ ଘରେ ଏହିଭଳି ଚୁଲି ତିଆରି କରି ବର୍ଷେ ଉପରେ ବ୍ୟବହାର କରି ଦେଖାଗଲାଣି ଏଥିରେ ଜାଳ ଖରଚ ଅଧା କମି ଯାଇଛି । ବ୍ରହ୍ମଚନ୍ଦ୍ରପୁର କସ୍ତୁରବା ଶିକ୍ଷା କେନ୍ଦ୍ର ଓ ଅନୁଗୁଳ ବାଳିକାଗଡ଼ ଛାତ୍ରାବାସରେ ଏହି ଚୁଲି ଭଲ କାମ ଦେଉଛି । ଏହା ଛୋଟ ଛୋଟ ମାପର । ୨,୩ ଜଣଙ୍କର ସାନ ରୋଷେଇଠୁଁ ୬୦,୭୦ ବା ବେଶୀ ଲୋକଙ୍କର ବଡ଼ ରୋଷେଇ ମଧ୍ୟ ହୋଇ ପାରିବ । ସାଧାରଣ ଅନୁଷ୍ଠାନ, ଛାତ୍ରାବାସ, ଶିକ୍ଷାକେନ୍ଦ୍ର ଆଦିରେ ତ ବ୍ୟବହାର ଅବଶ୍ୟ ହେବା ଉଚିତ ଓ ଘରେ ଘରେ ମଧ୍ୟ ଚଳିବା ଉଚିତ । ଧୂଆଁ ଓ ଗରମ ଦୂର ହୋଇଗଲେ ରୋଷେଇ କାମ କେତେ ଆରାମର ସହିତ ହୋଇପାରେ ତାହା ଅନୁଭବ ନ କଲେ କଳ୍ପନା କରି ହେବ ନାହିଁ ।

ତଳେ ଚୁଲିର ଚିତ୍ର ଦିଆଗଲା । ଏଥିରେ ତାହାକୁ ମଝିରୁ ଲମ୍ବ ଭାବରେ କାଟିଲେ ଯେପରି ଦେଖାଯିବ ତାହା ପ୍ରଥମ ଚିତ୍ରରେ ଦିଆଯାଇଛି ଓ ଦ୍ୱିତୀୟ ଚିତ୍ରରେ ତାର ଉପର ପାଖରୁ ଦେଖାଯାଇଛି । ଚିତ୍ରରେ ଦୁଇପ୍ରକାରର ମାପ ଦିଆଯାଇଛି । ଛୋଟ ମାପଟି ୪।୫ ଜଣ ପରିବାର ପାଇଁ ଓ ବଡ଼ ମାପଟି ୨୫,୩୦ ଜଣଙ୍କର ବଡ଼ ରୋଷେଇ ପାଇଁ ଆବଶ୍ୟକତା ଅନୁସାରେ ଏହାର ମଝି ମଝିଆ ବା ଅଧିକ ବଡ଼ ଅନୁପାତର ଚୁଲି ମଧ୍ୟ ତିଆରି କରାଯାଇପାରେ ।




ଏଥିରେ ହାଣ୍ଡି ବସେଇବାର ତିନୋଟି ମୁହଁ ଥିବାର ଦେଖାଯିବ । ପ୍ରଥମ ଦୁଇଟିରେ ପୁରା ଅଞ୍ଚ ଲାଗିବ ଓ ସବୁପ୍ରକାର ରୋଷେଇ ହୋଇ ପାରିବ । ଶେଷ ମୁହଁରେ ଆଞ୍ଚ କମ୍ ଲାଗିବ । ପାଣି ଗରମ କରିବାପାଇଁ ଏହା ବ୍ୟବହାର କରାଯାଇପାରେ । ଗୋଟିଏ ହାଣ୍ଡିରେ ପାଣି ବସେଇ ରଖିଥିଲେ ତାହା ଗରମ ହେଉଥିବ ଓ ସେ ପାଖରୁ ଅନ୍ୟ ହାଣ୍ଡିରେ ଆବଶ୍ୟକମତେ ଡାଲି ଓ ତରକାରୀ ଆଦିପାଇଁ ବ୍ୟବହାର କରାଯିବ । କିମ୍ବା ପ୍ରଥମରୁ ସେଥିରେ ଡାଲି ବସେଇ ଦେଲେ ତାହା ଧୀରେ ଧୀରେ ସିଝୁଥିବ । ବ୍ୟବହାର ବେଳେ ସବୁ ଗୁଡ଼ିକ ମୁହଁରେ ବାସନ ବସେଇବାକୁ ହେବ । କିଛି ବସେଇବାର

## ବିଧୂମ ଚୁଲି

ନଥିଲେ ପଲମ ବା ଢାଙ୍କୁଣୀ ବସେଇ ବନ୍ଦ କରି ଦେବାକୁ ହେବ । କୌଣସି ମୁହଁ ଖୋଲା ରହିଲେ ଚୁଲି ଠିକ ଜଳିବ ନାହିଁ । ଧୂଆଁ ମଧ୍ୟ ହେବ ।

### ସାନ ମାପର ଚୁଲି ତିଆରି

କଞ୍ଚା ବା ପୋଡ଼ା ଇଟା ଆକାରରେ ଗୋଟିଏ ପରସ୍ତ ଶୁଆଇ (୩ ଇଞ୍ଚି ଓସାର ଓ ୫ ଇଞ୍ଚ ଉଚ୍ଚ) ପାଞ୍ଚ ଫୁଟ ଲମ୍ବର ଦୁଇଟି ଗାନ୍ଥୁଣି କରାଯିବ । ଦୁଇଟି ମଝିରେ ଦୂରତ୍ୱ ୭ ଇଞ୍ଚ ରହିବ । ଗାନ୍ଥୁଣି କାଦୁଅରେ ହେବ । ଇଟା ବ୍ୟବହାର ନ କରି କେବଳ ମାଟିରେ ମଧ୍ୟ ତିଆରି କରାଯାଇପାରେ । ଇଟାରେ ଟିକିଏ ଚଞ୍ଚଳ ହୁଏ, ଏତିକି । ଯେଉଁ ମୁହଁରେ ପ୍ରାୟ ୮।୯ ଇଞ୍ଚ ଲମ୍ବ ଓ ସେତିକି ଓସାରର ଖଣ୍ଡେ ଟିଣ ବସେଇ (ପ୍ରଥମ ଚିତ୍ର 'କ' ଦେଖନ୍ତୁ) ତା ଉପରକୁ ପୁଣି ଆଉ ଧାଡ଼ିଏ ଲେଖା ଇଟା ଗାନ୍ଥି ଦିବାକୁ ହେବ । ଏ ଟିଣ ତଳେ ପାଉଁଶ ଝଡ଼ିବା ସ୍ଥାନ ଓ ଟିଣ ଉପରେ ଜାଳ ରହିବ । ଏହି ମୁଣ୍ଡରୁ ୧୪।୧୫ ଇଞ୍ଚ ଟିଣଠାରୁ ୬।୭ ଇଞ୍ଚ ଛାଡ଼ି ପ୍ରଥମ ଚିତ୍ର 'ଗ' ଅଂଶରେ ଦେଖା ଯାଉଥିବ ଭଳି ମାଟି ଓ ଇଟା ଆଦି ଦେଇ ଭର୍ତ୍ତି କରି ଦେବାକୁ ହେବ । ଟିଣ ଓ ଏହି ଭର୍ତ୍ତି ଅଂଶ ମଝିରେ ଥିବା ଖାଲି ଜାଗାରେ ୮ ଭାଗରୁ ୩ ଭାଗ ବା ୭ ଭାଗରୁ ୧ ଇଞ୍ଚ ମୋଟରେ ଲା



Digitized by srujanika@gmail.com

ଛଡ଼ ଅଧଅଧ ଇଞ୍ଚ ଛଡ଼ାରେ ଦେବାକୁ (ପ୍ରଥମ ଚିତ୍ର 'ଙ') ହେବ । ଏମିତି ପ୍ରାୟ ୯ ଇଞ୍ଚ ଲମ୍ବର ଟୁକୁରା ଛଡ଼ ୬।୭ ଖଣ୍ଡ ଲାଗିବ । ଏ ଜାଳିଦ୍ୱାରା ତଳଆଡ଼ୁ ପବନ ଆସିବ ଓ ପାଉଁଶ ଝଡ଼ିବ । ଛଡ଼ ଗୁଡ଼ିକର ଗୋଟିଏ ମୁଣ୍ଡ ଟିଣ ଉପରେ ରହିବ । ଟିଣ ଉପରେ ଟିକିଏ କାଦୁଅ ଦେଇ ଛଡ଼ ଗୁଡ଼ିକର ମୁଣ୍ଡ ସେଥିରେ ବସେଇ ଦେବାକୁ ହେବ । ଟିଣ ଗୋଡ଼ାକ ଯାକ ଉପରେ ପ୍ରାୟ ଅଧଇଞ୍ଚ କାଦୁଅ ଦେବାକୁ ହେବ ।

ଚୁଲିର ଉପର ଢାଙ୍କିବାକୁ ଟାଇଲ, ଆସବେଷ୍ଟସ୍ ସିମେଣ୍ଟର ଟୁକଡ଼ା ବା ଆସବେଷ୍ଟସ ସିମେଣ୍ଟ ବ୍ୟବହାର କଲେ ତା'ଉପରେ ଇଞ୍ଚେ ଦେଢ଼ଇଞ୍ଚ ମାଟି ଦେବାକୁ ହେବ । ବଡ଼ ଚୁଲି ପାଇଁ ସୁତା'ଏ ମୋଟର ଲୁହା ପତର ବ୍ୟବହାର କରାଯାଇ ପାରେ । ବଡ଼ ଚୁଲିରେ ବଡ଼ ବଡ଼ ଓ ଭାରି ହାଣ୍ଡି ତା' ଉପରେ ଅନେକ ସମୟରେ କଚଡ଼ା ହେବ ତେଣୁ ଲୁହା ପତର ହେଲେ ଭାଙ୍ଗିବାର ଆଶଙ୍କା ରହିବ ନାହିଁ । ଚିତ୍ରରୁ ଦେଖାଯିବ ଯେ ଏହାର ଉପର ଅଂଶ (ଙ) ବା 'ଛାତ' ଜାଳ ମୁହାଁଠାରୁ ପ୍ରଥମ ହାଣ୍ଡି ମୁହାଁଯାଏ ଉପର ଆଡ଼କୁ ଗଡ଼ାଣିଆ ହୋଇଛି । ଏମିତି ଏ ମୁଣ୍ଡରୁ ସେ ମୁଣ୍ଡ ଦେଢ଼ଇଞ୍ଚ ଖଣ୍ଡେ ଗଡ଼ାଣିଆ ହେବ । ଜାଳ ଜଳିଲା ଧୂଆଁ ଅନେକ ସମୟରେ ପଛବାଟେ ବାହାରିଥାଏ, ଏହାଦ୍ୱାରା ତାହା କମ ହେବ ।

ହାଣ୍ଡି ବସିବା ମୁହାଁଗୁଡ଼ିକ ଠିକ ଗୋଲ ହେବା ଦରକାର । ଯେମିତି କି କୌଣସି ବାସନ ବସିଲେ ଚାରିକଡ଼ରେ ମୋଟେ ଫାଙ୍କ ରହିବ ନାହିଁ । ଏଥିପାଇଁ ତିଆରି ବେଳେ ମାଟି ଟିକିଏ କଞ୍ଚା ଥାଉଁ ଥାଉଁ ମୁହଁରେ ଗୋଟାଏ ଡେକଚି ବା କରେଇ ବସେଇ ବୁଲେଇଦେଲେ ତାହା ସୁନ୍ଦର ଗୋଲ ଓ ଚିକ୍କଣ ହୋଇଯିବ । ମୁହଁର ବ୍ୟାସ ସାନ ଚୁଲିରେ ୬ରୁ ୭ଇଞ୍ଚ ଓ ବଡ଼ରେ ୧୦ରୁ ୧୨ଇଞ୍ଚ ରହିବ । ଏ ମୁହଁ ମାପଠୁଁ ସାନ ବାସନ ତାହା ଭିତରେ ଗଳି ପଡ଼ିବା ଯୋଗୁଁ ବସେଇବା ଅସୁବିଧା ହେବ । ସେଥିପାଇଁ ଆମେ ଭଙ୍ଗା ହାଣ୍ଡିର ଘଡ଼ ବ୍ୟବହାର କରିଥାଉ । ଯେଉଁ ସାନ ବାସନ ଦିଆଯିବ ତାଠୁଁ ସାନ ମୁହଁ ଭାଙ୍ଗ ହାଣ୍ଡିର ଘଡ଼ସହିତ ସେତିକି ଅଂଶ ରଖିବାକୁ ହେବ ଯେପରି ଚୁଲି ମୁହଁରେ ଗଳି ନ ପଡ଼ିବ । ଏଇଟି ଚୁଲିରେ ଓଲଟେଇ ବସେଇ ତା' ଉପରେ ବାସନ ବସେଇ ଦେଲେ ହେଲା । (୧ମ ଚିତ୍ର,) ବଡ଼ ଚୁଲି ପାଇଁ ଲୁହାର ଏହିଭଳି ମୁଦିଆ ତିଆରି କରି ନିଆ ଯାଇ ପାରେ ।

ପ୍ରଥମ ଓ ଦ୍ୱିତୀୟ ମୁହଁଠୁ ତୃତୀୟ ମୁହଁ ସାନ ଚୁଲିରେ ଦୁଇ ବା ଅଢ଼େଇ ଇଞ୍ଚ ଉଞ୍ଚ ରହିବ । ବଡ଼ ଚୁଲିରେ ୩ ବା ୩½ ବେଶୀ ଉଞ୍ଚ ରହିବ । ଚିତ୍ରରୁ ଏହା ସ୍ପଷ୍ଟ ଜଣାପଡ଼ିବ ।

ମୁହଁ ତିଆରି ସମ୍ବନ୍ଧରେ ଆଉ ଗୋଟିଏ କଥା ପ୍ରତି ଦୃଷ୍ଟି ଆକର୍ଷଣ କରୁଛୁ । ୧ମ ଚିତ୍ରରୁ ଦେଖାଯିବ ଯେ, ଜାଳର ଠିକ ଉପରକୁ ପ୍ରଥମ ମୁହଁ ନାହିଁ, କେତେକଟା ଆଗେଇ ରହିଛି ଜାଳ ଦେବା ମୁହଁବାଟେ ଯେପରି ଧୂଆଁ ପଛଆଡ଼ୁଆ ଚୁଲି ନ ବାହାରେ, ସେଥିପାଇଁ ଏହା କରା ହୋଇଛି । ଜାଳ କ୍ରମେ ଜାଳର ଆଗଆଡ଼କୁ ଜଳିବ । ଯଦି ପଛବାଟେ ଧୂଆଁ ବାହାରେ ତେବେ ବୁଝିବାକୁ ହେବ ଯେ, ଜାଳ ପଛଆଡ଼କୁ ଜଳି ଗଲାଣି, ତାହା ଆହୁରି ଠେଲି ଦେବାକୁ ହେବ ।

ଛାଡ଼ କରାଯାଇ ପାରେ । ଆଉ ଏକ ଉପାୟ ହେଉଛି, ଚିମନୀଠୁଁ ଓଳି ପର୍ଯ୍ୟନ୍ତ ଖଣ୍ଡେ କରୁଗେଟ ଟିଣ ବା ଆସବେଷ୍ଟସ୍ ଶିଟ୍ ନୋଧାଭଳି ଦେଇ ଦେବା । ଏ ଟିଣ ବା ଆସବେଷ୍ଟସ୍ ସିମେଣ୍ଟ ଟୁକୁରାର ଉପର ମୁଣ୍ଡରେ କଣା ହୋଇ ସେ ବାଟେ ଚିମନୀ ଗଳିବ ଓ ତାର ଧାରରେ ସରୁ ଫାଙ୍କ ସିମେଣ୍ଟ ବାଲି ଗୋଳେଇ ଭଲରୂପେ ବନ୍ଦ କରି ଦେବାକୁ ହେବ । ତାହେଲେ ସବୁ ପାଣି ଏହି ନୋଧା ବାଟେ ଓଳିକି ଗଡ଼ିଯିବ ।

ଉପରେ ଢାଙ୍କୁଣିଟି ଟିଣରେ କରାଯାଇ ପାରେ । ସେଥିରେ ଚିତ୍ରରେ ଥିବାଭଳି ୩ ଲୁହା (ଗାର୍ଡ଼ି) ପାତର ତିନୋଟି ଗୋଡ଼ ଲଗେଇ ଗୋଡ଼ଗୁଡ଼ିକୁ କେବଳ ଚିମନୀ ନଳା ଭିତରେ ଗଳେଇ ଦେଲେ ତାହା ମଜବୁତ ହୋଇ ରହିବ । ଟିଣ ନ କରି ଚିମନୀର ମୁହଁଠୁଁ ବଡ଼ ମୁହଁ ଥିବା ଗୋଟିଏ ହାଣ୍ଡିକୁ ମଧ୍ୟ ଏଥିରେ ବ୍ୟବହାର କରାଯାଇପାରେ । ହାଣ୍ଡିରେ ଚାରି ମୁହଁ ଆଡ଼କୁ କେତୋଟି ବଡ଼ ବଡ଼ କଣା କରିଦେଲେ ଧୂଆଁ ବାହାରିବା ସୁବିଧା ହେବ ।



ସାନ ଚୁଲି ପାଇଁ ଚିମନୀ ଅନ୍ତତଃ ୩ଇଞ୍ଚ ବ୍ୟାସ ଓ ୯।୧୦ ଫୁଟ ଉଚ୍ଚ ହେବା ଦରକାର । ଗାଁ କୁମ୍ଭାରମାନେ ଯେଉଁ ମାଟି ନଳା ତିଆରି କରନ୍ତି ତାହାହିଁ ଯୋଡ଼ି ଭଲ ଚିମନୀ କରାଯାଇପାରେ । ଟିଣ ଚିମନୀ ଅପେକ୍ଷା ଭଲ, କାରଣ ଟିଣ ତାତିଗଲେ ନିଆଁ ଲାଗିବାର ସମ୍ଭାବନା ଥାଏ । ଚାଳ ଘରେ ଚିମନୀ ଲଗେଇବା ଏକ ସମସ୍ୟା ଯେଉଁ ଚିମନୀ ଚାଳ ଉପରକୁ ବାହାରିବ ସେଠି ତାର କଡ଼ ଦେଇ ବର୍ଷାଦିନେ ପାଣି ଗଳିବ । ଚିମନୀକୁ ଘରର କାନ୍ଥ ପାଖ ଦେଇ ବାହାର କଲେ ଓ ତା'ଉପରେ ଢାଙ୍କୁଣୀଟି ଟିକିଏ ବଡ଼ କରି କଲେ ଏହାର ଗୋଟିଏ ସମାଧାନ ହେବ । କିମ୍ବା ଚୁଲିର ଗୋହିକୁ ଘରର ବାହାର ପର୍ଯ୍ୟନ୍ତ ନେଇ ଚିମନୀକୁ ଘରର ଓଳି ବାହାରେ

ଚିତ୍ରରେ ଦେଖାଯାଉଥିବା ଭଳି ବଙ୍କା ଯାଇଥିବା ଦୁଇଖଣ୍ଡ ପାତକୁ ଛକ କରି ଚିମନୀ ମୁହଁରେ ଲଗାଯିବ, ଅର୍ଥାତ୍ ଖଣ୍ଡେ ପାତ ଚିତ୍ରରେ ଦେଖାଯାଇଥିବା ଭଳି ରହିବ ତ ଅନ୍ୟ ଖଣ୍ଡ ତା ସହିତ ସମକୋଣ ହୋଇ ବସିବ । ଯେମିତିକି ୪ଟା ଗୋଡ଼ପରି ହେବ । ତା ଉପରେ ହାଣ୍ଡିକି ଓଲଟେଇ ଦେଲେ ହେଲା । ( ୧ମ ଚିତ୍ର 'ଘ' ) ।

## ବଡ଼ ଚୁଲି

ଚିତ୍ରରେ ୨୫,୩୦ ଜଣଙ୍କ ରୋଷେଇର ଉପଯୁକ୍ତ ବଡ଼ ଚୁଲିର କେତେକ ମାପ ଦିଆ ହୋଇଛି । ଅନ୍ୟାନ୍ୟ ମାପ ମଧ୍ୟ ସେହି ଅନୁପାତରେ ହେବ ।

( ୧୬ ପୃଷ୍ଠା ଦେଖନ୍ତୁ )



Digitized by srujanika@gmail.com



ନାଗଙ୍କ କଲମରୁ

## ବିଶ୍ୱ ଜୟୀ

ହେ ଅମର ବିଶ୍ୱଜେତା
ଭାରତ- ନଭ- ସବିତା
ସତେ ହେଲ ଅସ୍ତ ମିଁଣ୍ଡ କରି ଅନ୍ଧାର !
ଆହା କେଡେ ଭାଗ୍ୟ ବଳେ
ଜନମି ପାଇଲ୍ କୋଳେ
ତୁମ୍ଭ ତୁଲ୍ୟ ଗୁଣୀ ଧନ୍ୟପୁତ୍ର ତା'ର॥(୧)
ଶତାବ୍ଦୀ ଶତାବ୍ଦୀ କାଳ
ବିଦେଶୀ ଶୃଙ୍ଖଳ ମାଳ
କରିଥିଲା ଶକ୍ତିହୀନ ଏଦେଶ-ପ୍ରାଣ ,
ଅମର ବାଣୀ ତୁମ୍ଭର
ପ୍ରାଣରେ କଲା ସଞ୍ଚାର
ଜାଗି ଉଠିଲା ଭାରତଶୁଣି ଆହ୍ୱାନ(୨)
ଏଟୋମିକ୍ ବୋମା ଶକ୍ତି
ଜନମାଏ ମନେ ଭୀତି
ରହିଗଲା ମଥା ପୋତି ତୁମ୍ଭ ଚରଣେ
ଭାରତର ପରାଧୀନ
ଶିକୁଳି ହୋଇଲା ଛିନ୍ନ
ଅମୋଘ ଅହିଂସା ଅସ୍ତ୍ରେ କି ଜାଗରଣେ!(୩)
କିନ୍ତୁ ହେ ମହା ମାନବ
ଏତେ ଦୟା ଦାନ ତବ
ଲଭି କରିଥିଲେ ସୁଖୀ ଭାରତ ମାତା,
ଆଜି ସେଯେ ଦସ୍ତ ହୀରି
ମଣେ ସଂସାର ସାହାରି
କାହିଁ ! ଚାଲିଗଲ କରି ତା କୋଳପିତା(୪)
ତାକେ ମାତା ଆର୍ତ୍ତ ସ୍ୱରେ
ରହିଁ ନେତ୍ର ଫେଇ ଦାରେ
ଜଣାଅ ବିଭୁଙ୍କ ପାଶେ ମାତ୍ର ଦୁର୍ଗତି,
ଦେଖନ୍ତୁ ସେ ଦଶା. ତା'ର
ହଣା ମରି ଅତ୍ୟାଚାର
କରନ୍ତୁ ତା ପ୍ରତିକାର ଶୀଘ୍ର ଅନନ୍ତ ॥(୫)

ଲେ—ଶ୍ରୀ ଶାନ୍ତିକୁମାର ବେହେରା ୧୦୨୨

—❋—

## ନାଗଙ୍କ ସମ୍ବାଦ

ଦିବାକର (୯୨୨)- କଥାଲୀ ନଂ (୧୧) ଆଜିଯାଏ ବିଦେଶୀ ସୂତା କାଟି ଖଣ୍ଡେ ଲୁଗା ଓ ଜାମା କରି ପିନ୍ଧିଛନ୍ତି । ଏବଂ ଆସନ୍ତା ବର୍ଷ ସ୍ୱାଧୀନତା ଦିବସରେ ନୂଆ ଲୁଗା ଓ ଜାମା କରି ପିନ୍ଧିବା ପାଇଁ ସେ ଦୃଢ଼ପ୍ରତିଜ୍ଞ ସେ ଅନ୍ୟ ନାଗମାନଙ୍କୁ ସୂତା କାଟି ବାପୁଜୀଙ୍କ ସ୍ମୃତି ରକ୍ଷା ସଙ୍ଗେ ସଙ୍ଗେ ସ୍ୱାବଲମ୍ବନ ଓ ସ୍ୱଦେଶୀ ଭାବ ବଢ଼ାଇବାକୁ ଅନୁରୋଧ କରିଛନ୍ତି ଯେଉଁମାନେ ଏ ଭଲ କାମ କରିବେ ସେମାନେ ଉପର ଠିକଣାରେ ସେମାନେ ସମ୍ବାଦ ଦେଲେ ତାହା ଉପର ପ୍ରକାଶ କରିବେ ।

## ଅଜାଙ୍କ ଭୁମ୍ବୀ

ଲମ୍ବୋଦର— ତମେ ଲେଖିବାର ଅଭ୍ୟାସ ରଖ ! ବଳେ ବଳେ ଲେଖା ହେବ । ଅଭ୍ୟାସ ଛାଡ଼ିଲେ ଅଡୁଆ । ଅନେକ ଲେଖା ଛପା ନହେଲେ ମନ ଦୁଃଖରେ ଲେଖା ଛାଡି ଦିଅନ୍ତି । ସେଟା ବଡ଼ ଭୁଲ । ହଁ ତମ ଚିଠିରେ ନାଗ ନମ୍ବର ଲେଖି ନାହିଁ । ଏଣିକି ନ ଭୁଲ ଯେପରି ।

ବସନ୍ତ— ଭାରତର ସର୍ବଶ୍ରେଷ୍ଠ ନାଟ୍ୟକାର ୰ କାଳିଦାସ ସର୍ବଶ୍ରେଷ୍ଠ ବୈଜ୍ଞାନିକ ୰ ଆଚାର୍ଯ୍ୟ ଜଗଦୀଶ, ସର୍ବଶ୍ରେଷ୍ଠ ରାଜନୀତିଜ୍ଞ ୰ ମହାତ୍ମାଗାନ୍ଧୀ ଓ କୂଟନୀତିଜ୍ଞ ୰ ଜିନ୍ନା !

ମୋହନ (୨୨୪) ପାଦୁକା କାଠ ଭକ୍ତି ଜଣାଇଦା ପ୍ରାଚ୍ୟ ସଭ୍ୟତା ।

ଦିବାକର (୯୦୭)- ନିକଟରେ ପଣ୍ଡିତ ନେହେରୁ ବକ୍ତୃତାରେ କହିଛନ୍ତି ବ୍ୟକ୍ତିଗତ ଭାବରେ ପିଲାଏ ଯେ କୌଣସି ରାଜନୈତିକ ଦଳରେ ରହନ୍ତୁ କିନ୍ତୁ ପିଲାଙ୍କ ସଂଗଠନ କୌଣସି ଦଳ ସହିତ ସଂଯୁକ୍ତ ନ ରହୁ । ଏ ଅତି ହାସ୍ୟାସ୍ପଦ କଥା । କାରଣ ଜଣେ ଲୋକ ଘରେ ପାଜି ତ ବାହାରେ ବାଜି ହେବା ଅପ୍ରାସଙ୍ଗିକ । ମୋ ମତରେ ସମସ୍ତେ ରାଜନୀତି ଆଲୋଚନା କର- କିନ୍ତୁ ଜୀବନ ପରିପକ୍ୱ ନହେବା ଯାଏଁ ରାଜନୀତିକ କାର୍ଯ୍ୟରେ ବା ଦଳରେ ଯୋଗ ଦିଅ ନାହିଁ ।

ସୂର୍ଯ୍ୟମଣି (୨୨୨) ଲୁଙ୍ଗି ପିନ୍ଧିବାରେ କ୍ଷତି ନାହିଁ । ଏହା ଦ୍ୱାରା ଅଳ୍ପ କନା ଖର୍ଚ୍ଚ । ଲୁଗାରେ ଅଯଥା କନା ଖର୍ଚ୍ଚ ହୁଏ । ଅଯଥା ଅପବ୍ୟୟ ବରଂ ପାପ । ତେବେ ଛାତ୍ର ବା ଯୁବକମାନେ ଲୁଙ୍ଗି ଭିତରେ ଇଚ୍ଛା ବ୍ୟବହାର କରିବା ଭଲ ।

## ନାଗଙ୍କ ପ୍ରଶ୍ନ

ଚନ୍ଦ୍ରମୋହନ (୨୨୫୨)- ଭାରତରେ କିଏ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ ।

ଗୋବର୍ଦ୍ଧନ (୨୨୫୨) ରେଡ଼ର କିଏ ?

ନବ (୨୨୪୦) ପୃଥିବୀର ସର୍ବଶ୍ରେଷ୍ଠ ଧର୍ମ କିଏ ?

ଦୟାନିଧି—(ପୃଥିବୀର କିଏ କିଏ ନୋବଲ ପ୍ରାଇଜ ପାଇଛନ୍ତି ?

ମହେନ୍ଦ୍ର (୨୨୪୨)- ପୃଥିବୀର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ କିଏ ?

## ନାଗଙ୍କ ଉତ୍ତର

ସରୋଜ ଭାଇ ଜାଣିବି— ଭାରତରେ ବ୍ରହ୍ମପୁତ୍ର ନଦୀ ବେଶୀ ଲମ୍ବ ଓସାର ଓ ଖାଲ ନବ— ୨୨୪୦ ।

ମହେନ୍ଦ୍ର ଭାଇ — ୨୦୦ ବର୍ଷ ଆଗେ

ମୁଇଜରଲାଣ୍ଡରେ ତାଙ୍କ ବହିଗ ସୃଷ୍ଟି ହୋଇଥିଲା । ନବ (୨୨୪୦)

୧୮୪୯ରେ ସର୍ବପ୍ରଥମେ ପ୍ରଥମ ଓଡ଼ିଆ ପତ୍ରିକା ଜ୍ଞାନାରୁଣ ପ୍ରକାଶ ପାଇଥିଲା— ଚନ୍ଦ୍ରମୋହନ ୨୨୫୨ ।

ବାଷ୍ପୀୟପୋତର ଉଦ୍ଭାବକ ରବର୍ଟ ଫୁଲଟନ —ଚନ୍ଦ୍ରମୋହନ ।

ସ୍ଥାପତ୍ୟ କଳାରେ ଜାପାନ ସର୍ବଶ୍ରେଷ୍ଠ— ଡିମ୍ବିରି ଗଛରେ ଫୁଲ ନାହିଁ— ଚନ୍ଦ୍ର ଓ ଅନ୍ୟାନ୍ୟ ମାନେ ।

## ଅବସର ବିନୋଦନ ୩୮

ଗୋଟିଏ ଗଛରେ କେତେଗୁଡ଼ିଏ ପକ୍ଷୀ ଉଡ଼ି ଆସି ବସିଲେ । ପ୍ରତି ପତ୍ରରେ ଗୋଟିଏ ପକ୍ଷୀ ବସିବାକୁ ଗୋଟିଏ ପକ୍ଷୀକୁ ଯାଗା ମିଳିଲା ନାହିଁ । ପ୍ରତିପତ୍ରରେ ଦୁଇଟି ଲେଖାଏ ପକ୍ଷୀ ବସିବାରୁ ଗୋଟିଏ ପତ୍ର ଖାଲି ପଡ଼ିଗଲା । ତେବେ ଗଛରେ କେତୋଟି ପକ୍ଷୀ ଓ କେତୋଟି ପତ୍ର ଥିଲା ।



Digitized by srujanika@gmail.com

# ଚିଠିପତ୍ର

ମହାଶୟ,

ଗତ କେତେଦିନ ତଳେ ରେଭେନ୍ସା କଲେଜର ଛାତ୍ରମାନେ ଏକ ଅଭିନୟ କରିଥିଲେ। କେତେକ ମୁଷ୍ଟିମେୟ ଅସହିଷ୍ଣୁ ଛାତ୍ର ହଠାତ ଉଲ୍ଲଙ୍ଘ ହୋଇପଡ଼ି ସେମାନଙ୍କ ଉପରକୁ ପଥର ଅଣ୍ଡା, ପଚା ବାଇଗଣ, ଜୋତା ଛତା ବର୍ଷଣ କଲେ। ଏପରି ଘୃଣ୍ୟ ଘଟଣାକୁ ସାବାସ ଦେବାକୁ ହେବ। ପଶୁମାନେ ମଧ୍ୟ ତାଙ୍କ ସ୍ତ୍ରୀ ଜାତି ଉପରେ କେବେହେଁ ଆକ୍ରମଣ କରନ୍ତି ନାହିଁ। ଏହି ବର୍ବରୋଚିତ କାର୍ଯ୍ୟକୁ କଣ୍ଟ୍ରଣ ପଶୁତ୍ୱରୁ ଢ଼େର ହୀନ ବୋଲି କୁହାଯିବ। ଏହି ପଶୁମାନଙ୍କ ହାତରେ ଏ ଦେଶର ଭାଗ୍ୟଡ଼ୋର ଭବିଷ୍ୟତରେ ଯଦି ପଡ଼େ ତାହା ହେଲେ ଏ ଦେଶର ମା ଭଉଣୀମାନଙ୍କର ଅବସ୍ଥା କଣ ହେବ ସହଜରେ ଅନୁମେୟ।

ଏହି ମୁଷ୍ଟିମେୟ ଛାତ୍ରମାନେ କେବଳ ଯେ ଏହାଦ୍ୱାରା ରେଭେନସା କଲେଜର ବଦନାମ କରିଛନ୍ତି ତାହା ନୁହେଁ ଉତ୍କଳର ଛାତ୍ର ସମାଜର ସୁନାମ ଉପରେ ଗୁରୁତର ଆଘାତ ଆଣି ଅଛନ୍ତି। ତେଣୁ ସମଗ୍ର ଛାତ୍ରସମାଜ ଏହି ମୁଷ୍ଟିମେୟଙ୍କର କାର୍ଯ୍ୟକଳାପ ପ୍ରତି ସତର୍କ ରହିବା ଉଚିତ।

ଆପଣଙ୍କର—

କେତେକ ରେଭେନ୍ସା କଲେଜ ଛାତ୍ର

ତା ୧୯।୧।୪୯

---

ମହାଶୟ,

ଗତ ଅଗଷ୍ଟ ତା ୨୨ ରିଖ 'The Eastern Times' (ଦି ଇଷ୍ଟର୍ଣ୍ଣ ଟାଇମସ) ଦୈନିକ ଖବର କାଗଜରେ ଶ୍ରୀ ହରେକୃଷ୍ଣ ମହତାବଙ୍କର "ଉପଦେଶ ଦରକାର ନାହିଁ" ଶୀର୍ଷକ ଏକ ଦୀର୍ଘ ଲେଖା ପ୍ରକାଶିତ ହୋଇଛି। ସେ ଦୀର୍ଘ ଲେଖା ମଧ୍ୟରୁ ତିନୋଟି ଧାଡ଼ି ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। ତାଙ୍କର ସେହି କେତୋଟି ଧାଡ଼ିର ଓଡ଼ିଆ ଅନୁବାଦ ହେଉଛି—

ଶ୍ରୀକୃଷ୍ଣ ଯେତେବେଳେ ଏହି ପାର୍ଥିବ ଜଗତରୁ ଚାଲିଗଲେ, ଅର୍ଜ୍ଜୁନଙ୍କୁ ଦେଇଥିବା ତାଙ୍କର 'ବଳ' ନେଇଗଲେ। ଏହା ଦ୍ୱାରା ଅର୍ଜ୍ଜୁନ ଶକ୍ତିହୀନ ହୋଇ ପଡ଼ିଲେ। ଗାନ୍ଧିଜୀଙ୍କ ସହକର୍ମୀମାନଙ୍କର କଥା ମଧ୍ୟ ଠିକ ସେହିପରି। ଶ୍ରୀ କୁମାରଅପ୍ପାଙ୍କ ସଦୃଶ ପଣ୍ଡିତ ଜବାହାରଲାଲ ନେହେରୁ ସର୍ଦ୍ଦାର ପଟେଲ ଓ ଅନ୍ୟାନ୍ୟ ଅନେକ ଗାନ୍ଧିଜୀଙ୍କ ସହକର୍ମୀ ଥିଲେ। ଏ ମହାଭାରତୀୟ ଉଦାହରଣ ଦେଇ ସେ କହିବାକୁ ଚାହାନ୍ତି ଯେ ଅର୍ଜ୍ଜୁନଙ୍କ ସଦୃଶ ଗାନ୍ଧିଜୀଙ୍କ ପରେ ପରେ ଶ୍ରୀ କୁମାରଅପ୍ପାଙ୍କର ମଧ୍ୟ ଅବନତି ଘଟିଛି ଏବଂ ସେ ଗାନ୍ଧିଜୀତି ଚାଲିଛନ୍ତି। ଶ୍ରୀ ହରେକୃଷ୍ଣ ମହତାବ ଏକ ନିର୍ଘାତ ସତ କଥା କହିଛନ୍ତି। ସେଥିପାଇଁ ବୋଧହୁଏ ଏହି ଭାରତଭୂମି ବର୍ତ୍ତମାନ ନରକରେ ପରିଣତ ହେବାକୁ ବସିଲାଣି। ଗାନ୍ଧି ପରେ ପରେ ଗାନ୍ଧିଜୀଙ୍କ ମଧ୍ୟ ମରୁଛି। ଲାଞ୍ଚ, ମିଛ ନାରୀ ଅପହରଣ ଓ ଚୋରାବଜାର ବଢ଼ି ଚାଲିଛି। ତେଣୁ ଏ ବିଷୟରେ ମୋର ଜିଜ୍ଞାସାର କଥା ଏହି ଯେ କେବଳ ଶ୍ରୀ କୁମାରପ୍ପାଙ୍କ ଭଳି ପ୍ରଧାନମନ୍ତ୍ରୀ ପଦବୀ ଭୂଷଣ ଶ୍ରୀ ହରେକୃଷ୍ଣ ମହତାବଙ୍କ ଭାଷାରେ ଜଣେ ପଦମର୍ଯ୍ୟାଦା ବିହୀନ ବର୍ତ୍ତିଷ୍ଣୁ ନାଗରିକ ଲୋକ ଗାନ୍ଧି ପରେ ପରେ ଗାନ୍ଧିଜୀଙ୍କ ଭୁଲିଗଲେ ନା ତାଙ୍କ ସଙ୍ଗେ ସଙ୍ଗେ ଅନ୍ୟ ଯେଉଁମାନେ ସହକର୍ମୀ ଥିଲେ ବା ଯେଉଁମାନଙ୍କ ନାମ ଉଲ୍ଲେଖ କରାଯାଇଛି ସେମାନେ ଭୁଲିଗଲେ? ଏହାର ଉତ୍ତର ମହତାବଦେବେ କି?—ଶ୍ରୀ ଚିଦମ୍ବର ମିଶ୍ର, ପୁରୀ

---

## ଶୋକ

ଗଭୀର ଦୁଃଖର ବିଷୟ ଯେ ଉତ୍କଳର ସୁପରିଚିତ କବି ୮ ଏସ ଏ ହମିଦ୍‌ଗଜନ୍ତାଙ୍ଗ ଦିନ ଇହଧାମ ତ୍ୟାଗ କରି ଅଛନ୍ତି। ତାଙ୍କର କବିତା ଓଡ଼ିଶାର ପ୍ରତ୍ୟେକ ପୁର ପଲ୍ଲୀରେ ସୁପରିଚିତ ଓଡ଼ିଆ ସାହିତ୍ୟରେ ତାଙ୍କର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଥିଲା। ତାଙ୍କର ତିରୋଧାନରେ ଏହି ସ୍ଥାନ ଅପୂରଣୀୟ ହୋଇ ରହିବ। ଆମେ ତାଙ୍କର ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଉଅଛୁ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।— ସମ୍ପାଦକ ଉଗର

---

## ନାଗବର୍ଗ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ। ମୋର ବୟସ ୯ ବର୍ଷରୁ ଊଣା। ମୋର ଜନ୍ମ—ତା । । । ମସିହା। ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟା କରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ଚାନ୍ଦା ନିମନ୍ତେ ୦ ୮ ଡାକ ଟିକଟ ଦେଲି

ସ୍ନେହର

ଠିକଣା—ଶ୍ରୀ...

## ନୂଆ ନାଗଙ୍କ ନାମ

ସର୍ବଶ୍ରୀ (୧୧୬୭) ସୁରେଶଚନ୍ଦ୍ର, ୧୦ମ-ଶ୍ରେଣୀ କୈଳାସଚନ୍ଦ୍ର ହାଇସ୍କୁଲ-ରାଜନୀଳଗିରି (୧୨୬୮) ଯୁଗଳ କିଶୋର ପାଣିଗ୍ରାହୀ, ରାମଚନ୍ଦ୍ର ହାଇସ୍କୁଲ, ଖଣ୍ଡପଡ଼ା (୧୨୬୯) ମଦନମୋହନ ପଟ୍ଟନାୟକ, ୭ମଶ୍ରେଣୀ, (୧୨୭୦) ବସନ୍ତକୁମାର ମହାନ୍ତି, ଅଷ୍ଟମଶ୍ରେଣୀ, ମହେନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ, ଆଠମଲ୍ଲିକ (୧୨୭୧) ଶ୍ରୀ ଧରଣୀଧର ପରିଡ଼ା, କୋରୁଆ ହାଇସ୍କୁଲ—ବୃନ୍ଦାନଗର, କଟକ (୧୨୭୨) ନୀଳାଦ୍ରି ବିହାରୀ ମିଶ୍ର, (୧୨୭୩) ହମାଦ୍ରି ବିହାରୀ ମିଶ୍ର (କୋ ଅ) ଜଗନ୍ନାଥ ଓଝା, ମଙ୍ଗଳାବାଗ ମହଲ୍ଲ, କଟକ (୧୨୭୪) ବିନୋଦ ବିହାରୀ ପଲାଇ ୧୨କକ୍ଷ ଉତ୍ତର ଛାତ୍ରାବାସ, ଫକୀର ମୋହନ ମହାବିଦ୍ୟାଳୟ ବାଲେଶ୍ୱର (୧୨୭୫) ନବକିଶୋର (୧୨୭୬) ଭରତ ଚରଣ (୧୨୭୭) ଉମାକାନ୍ତ ୧୧ଶ ଶ୍ରେଣୀ କୈଳାସଚନ୍ଦ୍ର ହାଇସ୍କୁଲ, ନୀଳଗିରି-(୧୨୭୮) ସୁରେଶଚନ୍ଦ୍ର ପଟ୍ଟନାୟକ, ବାଲିହାପୁର, ଦେଓଗି (୧୨୭୯) ସୁରେନ୍ଦ୍ର ପ୍ରଧାନ, ୮ମଶ୍ରେଣୀ, ମହେନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଆଠମଲ୍ଲିକ।

---

### କେତେକ ସୂଚନା

ଚୂଲି ପୁଣି ଦମ୍ଭରେ ଜଳିଲାବେଳେ ନିଆଁର ଶିଖା ଚୂଲୀର ମୁହଁ ପର୍ଯ୍ୟନ୍ତ ପହଞ୍ଚିଯାଏ। ଯଦି କିଛି ଚୂଲୀର ମୁହଁରେ ଯଥେଷ୍ଟ ଆଞ୍ଚ ନ ଲାଗେ ଓ ଶିଖା ସେତେଦୂର ନ ଯାଉଥାଏ, ତେବେ କେଉଁଠି କିଛି ମଇଳା ଅଟକିଛି ବା ପବନ ଟାଣୁ ନାହିଁ ବୋଲି ବୁଝିବାକୁ ହେବ।

ପ୍ରଥମରୁ ସେମିତି ହେଲେ ଚିମନି ଆଉ ଟିକିଏ ଉଚ୍ଚ କରିବା ଆବଶ୍ୟକ ବୋଲି ବୁଝିବାକୁ ହେବ। ଚିମନି ତଳ ପର୍ଯ୍ୟନ୍ତ ଅନେକ ପାଉଁଶ ଯାଇ ଜମିବ। ସେ ସବୁ ଲମ୍ବାମଧ୍ୟ ସଫା କରିବା ଦରକାର।



Digitized by srujanika@gmail.com

# କେବଳ ପୁରୁଷଙ୍କ ପାଇଁ

ତୁମର ଚଂଗ ଚଂଗ ଦେଖି ଫରଫର ଦାଲା ଫଟକନ ହୁରୁଡ଼ିବ । 'ନୋ, ମୋର ଫ୍ରେନୋ' ଲେସ୍ ଦାନ୍ ଏ ଇଭନିଙ୍ଗ୍' ଭାବ କଳାଦେଖିକ ଫର୍ ର୍ କନ ବୁଲେଇ ଦେଇ ଫକର ଫକର ହୋଇ ପଳେଇବେ । ତୁମେ ଡର ଡର ହୋଇ ତରୁଣୀ ଓଏଣ୍ଟିଂ ଲମ୍ବରେ ବି ତୁମକୁ ରଖିବ ନାହିଁ । ତମ ଭକ୍ତମିଶ୍ରିତ ଗଦ୍ ଗଦ୍ ଭାବ ଦେଖି ରମଣୀ ଭାବିବ, 'ଦୂର ! ଓନଲି ଏ ଦୟ୍ ! ଝିଲ୍ଲ ବଙ୍କଟେ, ଗାଲ ଚିପିଦେଲେ ଦୁଧ ବାହାରି ପଡ଼ିବ । ଇଏ ସଂଗେ ଗୋଟେ ପ୍ରେମ ! " ଶେମ୍ !! "

ପଦ୍ମିନୀ ତୁମକୁ ଦେଖିଲେ ପଛରେଇ ପଛରେଇ ଗୁଳୁବା ମାନେ ଦାନ୍ତକାଟି ପଳେଇବେ । ରୁମାଲ 'ଖଣ୍ଡେ ଭୁଲରେ କମ୍ବା' ଜାଣି ମଧ୍ୟ ପଛେ ରଖକେଇ ଦେଇ ଯିବ ନାହିଁ ବେଣୁ, ମୋ' କଥା ବିଶ୍ୱାସ ନୋହିଲେ ଥରେ ଅଧେ କଲେଜ ଗେଟ ପର୍ଯ୍ୟନ୍ତ ପଦ୍ମିନୀ ପିଛା ଧରି ମୋ କଥାରେ ସତ୍ୟତା ପରଖି ନେବ । ଉତ୍କଟ ପ୍ରେମୀ ଶଂଖିନୀ ଆଖିକୁ ତୁମେ ଦଶିବ ନାହିଁ । ହୁଏତ ତାର ପ୍ରେମଦ୍ରଜାଣି ବନ୍ଧୁଥିଲା ବେଳେ ଯଦି ହାବୁଡରେ ପଡ଼ ତମ ଶଂଖି ଛଡ଼ିବାକୁ ସେ ଧାଇଁବ । ତେଣୁ ଶଂଖିନୀ ଠାରୁ ଟିକିଏ ଦୂରରେ ରହିବ, ଛାଇ ନମାଡ଼ିବାଇ ଭଲ । ଚିତ୍ରିଣୀ ଦଡ଼ ଚତୁରୀ । ସେ ତୁମକୁ ଦେଖିଲେ ଆଖି ନଚେଇ କହିବ, ହେଇଟି ମୁଁ ଧରା ଦେଉଛି, ଧରିଲ ।' ତମେ ଆଖି ଇସାରା ପାଇ ଧରିବାକୁ ଦଉଡ଼ିଲେ ସେ ଅନ୍ୟ ପକ୍ଷେ ଯାଇ ଅନ୍ୟ ମତରେ ଧରା ଦେଇଥିବ । ତୁମେ ଅମର ମିଛେ ମିଛେ ଗୋଡ଼େଇ ସକେଇବାଟା ଭଲ ହେବ ନାହିଁ, ହୁଏତ ଗୋଡ଼ଉ ଗୋଡ଼ଉ ପ୍ରିନ୍ସିପାଲବା ପ୍ରଫେସରଙ୍କ ପେଟରେ ଯାଇ ପାରେ । ହସ୍ତିନୀ ତ ତୁମକୁ ଦେଖିଲେ, ମଲୁ" ମୋର ଅଣ୍ଡିରା'! ତମକୁ ଶୁଣେଇ ଶୁଣେଇ କହି ନିତମ୍ବକୁ କମ୍ପାଇ କମ୍ପାଇ ପଳାଇବ—

ତୁମର ତୃତୀୟ ଦୋଷ ହେଉଛି ଅତ୍ୟଧିକ ସୌନ୍ଦର୍ଯ୍ୟ ପ୍ରିୟତା । ତୁମେ ଏଅଳବୟସରେ ସୁନ୍ଦରୀ ଟିଏ ଦେଖିଲେ ସ୍ଥାନ କାଳ ପାତ୍ର ଭୁଲି ତାକୁ ଅଁ ଟାକ ରଅନେଇ ରହିବ । କେତେ ହେମ ଗୋବର ନାକ ଟା ସୁନ୍ଦରତା ତୁମେ ସେନାକଟାକୁ ଅଁ କରିଅନେଇ ଥିବ—ସତେ ଯେପରି ନାକ ଟାକୁ ସେ ଠାରୁ ଉପାଡ଼ି ଆଣି କଳରେ ରଖିବାକୁ ସବୁବେଳେ ଇଚ୍ଛା ।

ତୁମକୁ ଏଇମିତି କହିଥାଉ ଆଖିରେ କବୀଙ୍କ ଆଖିରେ, ଉପାସିଆ ଆଖିରେ ବା ଭୋକାଣ ଧିଆ ଆଖିରେ ଗୃହାଁ ନାହିଁ । ତେବେ ଗୋଟେ କଥା ନିଶ୍ଚୟ—ତୁମକୁ ସମସ୍ତେ ଶ୍ଳେଷ ଆଖିରେ ଦେଖିବେ ଧୂନିଆ ର ବଡ ବିଶେଷ କ୍ରିକସ ଇଏ ଜଣେ କବି । ଉତ୍ତର କହିଥିଲେ ମନେହୁଏ- ତୁମେ ଯେତେ ବେଳେ ପ୍ରେମରେ କାଠ ବାଉଁଶକୁ ଯାଳପକଉଥିବ ସେତେ ବେଳେ ସମସ୍ତେ ତୁମକୁ ତାଙ୍କବାଉଁଶ ଧରି ଗୋଡ଼େଇବେ !

ତମପ୍ରତି ଏହି ହତାଦର, ଅନାଦର ମୂଳରେ କଣ ଜାଣ ? କଣ- କଣ୍ଡାକଣ ଗଜରା, ସେମୁଣି କଟର ନାଁ ନାଁ । ମୁଁ କହିଦେଲ ବୋଲି ନୁହେଁ, ହତାଦର ମୂଳରେ ଯେ ତୁମର ନିଜ କଣ ବଦାନ୍ୟ- ମାନ ସେକଥା ତୁମ ମୁଣ୍ଡରେ ଭଲି ନଥିବ, ତୁକିବ କଥାତ ନୁହେଁ । କିନ୍ତୁ ତୁମେ ଯଦିଶେ ଭାବିଲେ ଦେଖିବ ମୋ' କଥାରେ କିଛି ସନ୍ଦେହ ଅଛି କି ନାହିଁ କିନ୍ତୁ ହତାଦରର କାରଣ ଠବରେଇଲେ ତୁମର ହଂଜୁ ପ୍ରତି କ୍ରିୟା ବୟସ ଜଣ ହେବ ଜାଣ ? ଏଇଟି ତୁମ ଜୀବନର କ୍ରୁସିୟାଲ ପଏଣ୍ଟ । ତୁମର ପଦେ ପଦେ ପ୍ରତିକ୍ରିୟା ହେବ, ସକାଳେ, ଦିପହରେ, ସନ୍ଧାରେ, ରାତିରେ ସବୁ ବେଳେ ଗାଲ ଚାପି, ଚାପି ଛଂଚ ଚଂଚ କଅଁଳିଆଁ କଉଁରିଆ, ଜସର, ଖାଁ ଖାଁ ନିଶ ଦାଢ଼ିର ଟଭୋଳିବ ଓ ସତ୍ୟ ନାଶ କରେଇ ଗହଳିଆ ବୁଢ଼ାଳିଆ ଟ ଅଁ ସିଆ, କୃଷ୍ଣବର୍ଣ୍ଣିଆ ନଦେ ଦାଢ଼ିର ଆବିର୍ଭାବ ଏବଂ ସ୍ୱାଗତ କରେଇବାକୁ । କିନ୍ତୁ ମୋ' ସାନ୍ତ୍ୱନା ମାନେ—ସେକଥା କଦାପି ଜନ୍ମିବ ନାହିଁ । କାରଣ ଅବୟସରେ ବାଳକା ଆଖିରେ କଣ୍ଟଷ ଯେମିତି ଅପ୍ରୀତିକର ଅବୟସ- ରେବାଳକ ମୁଖରେ ଶିଖ ଦାଢ଼ି ସେମିତି ଦୃଷ୍ୟା ହିଦ !! (ଡାପରେ!!!)—

ଲେଖକ—ବୃନ୍ଦାବନଚନ୍ଦ୍ର ମହାନ୍ତି


**ସ୍ତ୍ରୀ ରୋଗ ପାଇଁ**

## ଋତୁବତୀ ରେଚନୀ

ପରୀକ୍ଷାକରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇଥିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୫୦୩୭

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨୫— ଡାକଖର୍ଚ୍ଚ—୫୦୩୭ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta





Digitized by srujanika@gmail.com

ଭାରତର ଶ୍ରେଷ୍ଠ ଚର୍ମର

## ଚକ୍ଷୁ

ବାତରକ୍ତ, କୁଷ୍ଠ, ଶ୍ୱେତକୁଷ୍ଠ, ଏକଜିମା, ଗୋରାରଙ୍ଗି, କୁଷ୍ଠିତ ଓ ଅନ୍ୟାନ୍ୟ ଚର୍ମରୋଗ ଏହାଦ୍ୱାରା ଦୂର ହୁଏ।

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ଥାଉ ଅତ୍ୟଳ୍ପ ଦିନରେ ଆରୋଗ୍ୟ ହୁଏ।

ରୋଗ ବିବରଣ ଲେଖି ମୂଲ୍ୟରେ ଔଷଧ ନିଅନ୍ତୁ।

ପ୍ରୟୋଗ—

ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ

(H. K. K.)

ନଂ- ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା, ଶାଖା ୪୯—ନଂ ହ୍ୟାରିସନ ରୋଡ କଲିକତା

---

୧୦୦୦ଟଙ୍କା ପୁରସ୍କାର

କଟକର, ସାବଧାନ

## ଅସଲି

## ପଞ୍ଚଗଣ୍ଡା ତୈଳ

[ରେଜେଷ୍ଟର୍ଡ]

ଏହି ତୈଳ ଶିରରୋଗ, ମସ୍ତିଷ୍କ ଦୁର୍ବଳତା, ... ପ୍ରଭୃତି ରୋଗରେ ବ୍ୟବହାର କଲେ ... ଫଳ ଦେଖାଏ। ମୂଲ୍ୟ ... ମାତ୍ର।

ଏହି ତେଲ କେବଳ ... ଠାରୁ ନେବେ।

ପ୍ରାପ୍ତିସ୍ଥାନ—

ମହାଦେବ ... ବଜାର, କଟକ

---

ଉତ୍କଳର ଜନସାଧାରଣଙ୍କ ଏକମାତ୍ର ପତ୍ରିକା

## 'ଗ୍ରାମ ସେବକ'

ଗ୍ରାହକ ହୁଅନ୍ତୁ। ଠିକଣା—ଗ୍ରାମସେବକ, କଟକ।

## ହାଇଡ୍ରୋସିଲ୍

ଅର୍ଥାତ୍ "ଓ, ଏଚ," ତେଲ ... ଗୋଦର, ... ଅବସ୍ଥାରେ ଆରୋଗ୍ୟ ହୁଏ। ମୂଲ୍ୟ ... "ପାଇଲସ୍" ...

## ପୋଷ୍ଟବକ୍ସ

... ଏକମାତ୍ର "ବିଗରନ" ବ୍ୟବହାର କଲେ ... ଦିନ ମଧ୍ୟରେ ... ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ...

Kaviraj R. N. Chakravarty, (D. M.)
24 Devendra Ghose Road,
Bhawanipore Calcutta

---

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?



... ପରିବର୍ତ୍ତନ ହେବ ... ଭବିଷ୍ୟତ ... ଜାଣିବାକୁ ଇଚ୍ଛା କରନ୍ତି, ତାହାହେଲେ ... ବ୍ୟବସାୟ, ଚାକିରି, ... ପରୀକ୍ଷା ... ମକଦ୍ଦମା ... ଲାଭ ... ଅଛି କି ନାହିଁ ... ଜାଣିବା ପାଇଁ ... ପଠାନ୍ତୁ। ... ମୂଲ୍ୟ ... ପରୀକ୍ଷା କରନ୍ତୁ।

THE BENGAL MESMERISM HOUSE (D. W. B.) HOSHIARPUR.

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା ସମ୍ପାଦକ—ଶ୍ରୀ ... ମୋହନ ...

Printed & Published by G. C. Mohapatro, at the Gopinath Press, Bhadrak. 1. 9. 49

Digitized by srujanika@gmail.com

# ଝଙ୍କାର

ତ୍ରୟୋଦଶ ବର୍ଷ ୭ମ ସଂଖ୍ୟା ଗାନ୍ଧୀଜୟନ୍ତୀ ବିଶେଷାଙ୍କ



Digitized by srujanika@gmail.com

ସାରା ଜଗତକୁ ଉତ୍କଳର "ଶ୍ରେଷ୍ଠ ଦାନ,
କଲିକତା ର ପ୍ରେସିଡେନ୍‌ସି କଲେଜର ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

ଆଚାର୍ଯ୍ୟ ଗିରିଙ୍କ
ହାଇଡ୍ରୋଆର୍ସିନି
ବା
ଜ୍ୱରାନ୍ତକ ରସ

ଏହା ଭାରତର ଜନ୍ତ ମୂଳରୁ ଏଲକାଲେଡ଼ ବାହାର କରି ପ୍ରସ୍ତୁତ । କୁଇନାଇନଠାରୁ ଏହା ୭ଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ । ଏତେ ବଡ଼ ଜ୍ୱର ନାଶକ ଔଷଧ ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ିଯାଇ ଶରୀର ଫେରି ଆସେ । ଏକ ଦର୍ଶ ସକାଶେ ଜ୍ୱର ଆସେ ନାହିଁ । ପଥ୍ୟାପଥ୍ୟର ବିଚାର ନାହି !

ଜୀବାଲୀନ

ଚର୍ମ ରୋଗର ଅବ୍ୟର୍ଥ ଔଷଧ । କାଛୁ, କୁଣ୍ଡିଆ, ଦାଦୁ ମଚଲା ଏବା ଘା ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶ କରି ଚର୍ମକୁ ଦାଗ ନିଷେଧ କରେ ।

# ଯୌବନ ସୁଧା
# ବା
## OVOTCNE

ଯାବତୀୟ ସ୍ତ୍ରୀ ରୋଗ ପ୍ରଶମନକାରୀ ଅଙ୍ଗ ବର୍ଦ୍ଧକ ପୁଷ୍ଟିକାରକ ଓ ସୁଲବାହ ଶକ୍ତି ସମ୍ପନ୍ନ ଶ୍ରେଷ୍ଠ ରସାୟନ ।

ଏହା ସ୍ତ୍ରୀ ଜନନେନ୍ଦ୍ରିୟ, ଜରାୟୁ । ବସ୍ତିକୋଷର, ଡିମ୍ବାଧାର, ଋତୁଧର୍ମ ଉପରେ ଇନ୍ଦ୍ରଜାଲ ପରି କାର୍ଯ୍ୟ କରେ । ଏହି ଔଷଧ ବ୍ୟବହାର କରି ସହସ୍ର ସହସ୍ର ମହିଳା ଶ୍ୱେତ, ପୀତ, ନୀଳ ଓ ରକ୍ତ ପ୍ରଦର, ଅନିୟମିତ ଋତୁ, ରଜକଷ୍ଟ, ଯୋନୀଶୂଳ, ଯୋନୀ କଣ୍ଡୁ ତଳପେଟ, କମରରୁ ଦେଶରେ ବେଦନା; ବାଧକ ବେଦନା, ବନ୍ଧ୍ୟା, ମୃତବତ୍ସା, ଗୁଳ୍ମ ପ୍ରଭୃତି ଅନେକ ପ୍ରକାର ଜଟିଳ ରୋଗରୁ ମୁକ୍ତି ଲାଭ କରି ଅଛନ୍ତି । ଏହା ଯୋନୀ ସମ୍ବନ୍ଧୀୟ ସମସ୍ତ ରୋଗ ନାଶ କରି ସ୍ତ୍ରୀମାନଙ୍କର କାନ୍ତି ବର୍ଦ୍ଧନ କରି ଶରୀରର ରଙ୍ଗ ଫୁଟାଇ ଦିଏ । ବାଧକ ଜନିତ କୃଶ ଓ ବିସ୍ତୀର୍ଣ୍ଣ ଜାନୁକୁ କ୍ରମ ସ୍ଥୂଳ ଘନ ଜଘନରେ ପରିଣତ କରେ । ବସ୍ତି ଦ୍ୱୟାଧି ସମ୍ପ୍ରସନ ନୃଶାଳ କଟିକୁ ... ଶୁଷ୍କ ଓ ମନୋରମ କରେ । ଏବଂ ଶିଥିଳ ପତନୋନ୍ମୁଖ ବକ୍ଷକୁ ନବ ଯୌବନରେ ପରିଣତ କରେ । ପ୍ରତ୍ୟେକ ନର ନାରୀଙ୍କର ଏହା ଅତ୍ୟାବଶ୍ୟକ ଔଷଧ ।

ବିଳାସ ଓ ଭେଷଜ ଏକତ୍ର ସମାବେଶ ସାରା ଜଗତଠାରୁ
ଉତ୍କଳର ଅତୁଳନୀୟ ପ୍ରସାଧନ ଓ
ପ୍ରଶୋଧନ ସମ୍ଭାର .

ସୁବାସିତ ଷୋଡ଼ଶ ତୈଳ

# ସାର୍ଥିକା

ଦେହ ପୋଷଣ ଏବଂ ମେଦ ଶୋଷଣ କରି
ନିର୍ମାଣକରେ
ଶକ୍ତିଶାଳୀ, ସୁଦୃଢ଼, ସୁଗଠିତ, ପେଶୀ,
ଉତ୍ପନ୍ନ କରେ
ସୁକୋମଳ, କାନ୍ତି ଯୁକ୍ତ, ସୁନ୍ଦର ତ୍ୱକ୍,
ମୂର୍ତ୍ତିମନ୍ତ କରେ,
ବାସନାର ଲୀଳା ଶୃଙ୍ଗାଦେବ ମନୋହର, ସ୍ଫୀତ, କଠୋର
ପୀନପୟୋଧର
ଏବଂ ପ୍ରଲମ୍ବିତ କରେ
ସୁଚିକ୍କଣ, କୋମଳ, ଭ୍ରମରକୃଷ୍ଣ, କୁଞ୍ଚିତ କେଶଦାମ ।

# ବିସୂଚି ବଜ୍ର

ହଇଜା, କଲେରା ଓ ଉଦରାମୟରେ ଶ୍ରେଷ୍ଠ ସୁପରୀକ୍ଷିତ ଔଷଧ
ବିସୂଚି ବଜ୍ର ହଇଜା ବା କଲେରାର ଜୀବାଣୁ ନାଶ କରେ ଏବଂ ସଙ୍ଗେ ସଙ୍ଗେ ପକାଶୟର ଅଗ୍ନି ବର୍ଦ୍ଧନକରେ ଓ ତ୍ରିଦୋଷର ସାମ୍ୟକରି ଶରୀରକୁ ନୂତନ ଜୀବାଣୁ ପ୍ରବେଶର ଅଯୋଗ୍ୟ କରି ଦିଏ, ଅଜୀର୍ଣ୍ଣଯୋଗୁଁ ଉଦରାମୟ, ଆମାଶୟ ଓ ରକ୍ତାମାଶୟରେ ମଧ୍ୟ ଏହା ଅବ୍ୟର୍ଥ ଫଳପ୍ରଦ । ଏହା ସର୍ବ ପ୍ରକାର ବେଦନା ନାଶକ । ଦାନ୍ତବିନ୍ଧା, ବିଷ୍ଣୁକାମଡ଼ା, କୁକୁର କାମୁଡ଼ାର ମହୌଷଧ ଏହା ଶ୍ରେଷ୍ଠ ବିଷ ଦୋଷ ନାଶକ । ପ୍ରଲେପ ଭାବରେ ମଧ୍ୟ ଏହା ବ୍ୟବହାର କରାଯାଏ କାଟି ବା ଛେଚି ହୋଇଯିବା ପୋଡ଼ାଯିବା ଇତ୍ୟାଦି ସ୍ଥାନରେ ଲଗାଇବା ମାତ୍ରେ ବେଦନା ନାଶ କରେ ପ୍ରତ୍ୟେକ ଗୃହସ୍ଥର ସବୁବେଳେ ପାଖରେ ରଖିବା ଉଚିତ ।

ପୀଠସ୍ଥାନ
ବିଜୟ ଶକ୍ତି ଔଷଧାଳୟ
ବାଲେଶ୍ୱର

Digitized by srujanika@gmail.com



ଆଶ୍ୱିନ ପ୍ରଥମାର୍ଦ୍ଧ ତ୍ରୟୋଦଶ ବର୍ଷ ୭ମ ସଂଖ୍ୟା ୨।୧୦।୪୯

ଗାନ୍ଧୀ ଜୟନ୍ତୀ—

୨ବର୍ଷ ପରେ । ଆଜ ମନରେ ନୂଆ ପ୍ରଶ୍ନ ଉଠୁଛି । ଗାନ୍ଧିଜୀ କଣ ଏ ମାଟିରେ ଜନ୍ମି-ଥିଲେ । ଏ ପ୍ରଶ୍ନ ଉଠିବାହିଁ ଆଶ୍ଚର୍ଯ୍ୟ କଥା । କାରଣ ଏଠି ଜନ୍ମି ସେ ଏ ଦେଶପାଇଁ ଯାହା କରିଛନ୍ତି ତାର ଭଲ ମନ୍ଦର ବିଚାରକ ସେ ନୁହନ୍ତି—ତାଙ୍କର ପରବର୍ତ୍ତୀ ଯୁଗ । ଆଜ ନିରପେକ୍ଷ ଦୃଷ୍ଟିରେ ଦେଖିଲେ ବାସ୍ତବିକ ପ୍ରଶ୍ନ ଉଠେ—କେହି କେହି କୃତଘ୍ନତା ବା ପାପ କହି ପାରନ୍ତି କିନ୍ତୁ ଏ ପାପ ମନରେ ଯେ କାହିଁକି ଉଠିଲା ତାର କାରଣ କହି ହେବ ନାହିଁ—ତଥାପି ଉଠୁଛି—'ଗାନ୍ଧିଜୀ ଯାହା କହୁଛନ୍ତି—ଯାହା କରିଛନ୍ତି ତାହା କଣ ସତ୍ୟ ?'

ଆମେ ଗର୍ବ କରୁଥିଲୁ, ଗୋଟାଏ ଲୋକର ତପସ୍ୟାରେ ଭାରତ ସ୍ୱାଧୀନ ହେଲା । ଗାନ୍ଧିଜୀ ନିଜେ ସେ ଗୌରବ ନେବାକୁ ଚାହିଁ ନାହାନ୍ତି । ଆମେ କିନ୍ତୁ ନିଜର କୃତ ସମସ୍ତ ଅନ୍ୟାୟରୁ ନିଜର ଦାୟିତ୍ୱକୁ ଛଡ଼ାଇବା ପାଇଁ ଆମର ତ୍ୟାଗଟାକୁ ମଧ୍ୟ ତାଙ୍କଠାରେ ଆରୋପ କରିଦେଲୁଁ । ଫଳରେ ଗାନ୍ଧିଜୀ ହେଲେ ଭାରତର ପିତା—ଭାରତର ଭାଗ୍ୟ ବିଧାତା । ଭାରତର ସ୍ୱାଧୀନତାର ଗୌରବ ଦେବା ସଙ୍ଗେ ସଙ୍ଗେ ଗାନ୍ଧିଙ୍କ ଶିରରେ ସମସ୍ତ ଆବର୍ଜନା—ଆମର ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ—ଲଦି ହୋଇଗଲା ।

ଭାରତ ବିଭକ୍ତ—ବାଁଚି ହତ୍ୟାଠାରୁ ଆଜି କଂଗ୍ରେସ ସରକାର ଗାନ୍ଧି ନାମରେ ଯାବତୀୟ ଅନ୍ୟାୟ କରିବାକୁ ସାହସୀ ହୋଇଛନ୍ତି । ଫଳରେ ଗାନ୍ଧି ଆଉ ଶାନ୍ତିର ପିତା ନ ହୋଇ ଭ୍ରଷ୍ଟତାର ଜନକ ରୂପେ ଠିଆ ହୋଇଛନ୍ତି । ଗାନ୍ଧିର ଖଦଡ଼ଧାରୀ ଲୋକ ଦେଖିଲେ ଜନତା ଭଣ୍ଡ କଳାପୋଡ଼ିଆ ବୋଲି ଚିତ୍କାର କରୁଛନ୍ତି ! ସେଥିପାଇଁ ଆଜ ମନରେ ସନ୍ଦେହ ହୁଏ—ଗାନ୍ଧିଜୀଙ୍କର ଧର୍ମ, ତପସ୍ୟା, ସତ୍ୟ, କଣ କେବଳ ମିଥ୍ୟାଚାର !

ଯିଶୁଙ୍କ ପରବର୍ତ୍ତୀ ବହୁବର୍ଷପରେ ଖ୍ରୀଷ୍ଟୀୟ ସମାଜ ବ୍ୟାଧିଗ୍ରସ୍ତ ହେଲା । ବୁଦ୍ଧଙ୍କ ନିର୍ବାଣର କେତେ ପିଢ଼ି ପରେ ବୌଦ୍ଧ ଧର୍ମରେ ପଙ୍କି-ଳତା ଦେଖାଦେଲା—କିନ୍ତୁ ଗାନ୍ଧିଜୀଙ୍କର ତିରୋ-ଭାବର ତିନୋଟି ବର୍ଷ ନ ଯାଉଣୁ—ଗାନ୍ଧି ପ୍ର-ଚାରିତ ସତ୍ୟର ସମାଧି ହୋଇଗଲା । ଅଥଚ ଗାନ୍ଧିଜୀଙ୍କ ପରି କୌଣସି ଧର୍ମ ପ୍ରଚାରକ ଆବି-ର୍ଭାବ ହୋଇ ଏପରି ଅଖଣ୍ଡ ପୃଥିବୀର ସମ୍ମାନାର୍ହ ହୋଇ ପାରି ନ ଥାନ୍ତି । ତେବେ କଣ ଗାନ୍ଧି-ଜୀଙ୍କର ବ୍ୟକ୍ତିତ୍ୱ ବୁଦ୍ଧ ଖ୍ରୀଷ୍ଟଙ୍କଠାରୁ ଉଚ୍ଚତର ନୁହେଁ । ଗାନ୍ଧିଜୀଙ୍କର ସତ୍ୟ ଦର୍ଶନ କଣ କେବଳ ମରୀଚିକା ?

ଆମର ମନେ ହୁଏ ଧର୍ମାଧର୍ମ ନ୍ୟାୟା-ନ୍ୟାୟର ଦାୟିତ୍ୱ ନିଜ ଶିରରେ ନ ନେଇ କୌଣସି ଦେବତା ବା ମହାତ୍ମାଙ୍କ ଉପରେ ଆରୋପ କଲେ, ଉଭୟ ମନୁଷ୍ୟ ଏବଂ ଦେବତା ତଳକୁ ଖସି ପଡ଼ନ୍ତି । ଆଜି ଲୋକେ ଯଦି ଆପଣାର ଦାୟିତ୍ୱ ଓ କର୍ତ୍ତବ୍ୟ ବୁଝନ୍ତି ତେବେ ସବୁଠାରୁ ବଡ଼ ଜୟନ୍ତୀ ପାଳିତ ହେବ ।

କେନ୍ଦ୍ରର ଔଦ୍ଧତ୍ୟ ।

ଔଦ୍ଧତ୍ୟର ସୀମାଥାଏ । କିନ୍ତୁ ପଟେଲ-ଙ୍କର ଔଦ୍ଧତ୍ୟ ହିଟଲରଙ୍କ ଔଦ୍ଧତ୍ୟଠାରୁ ବଳି ଗଲାଣି । ଆଜି ସେଇଁ ପଟେଲ ଦିଲ୍ଲୀ ସିଂହାସନରୁ ବସି ପତ୍ରୁଆ ଧମକ ଦେଉଛନ୍ତି ଯେ ସରାଇକଳା ଖରସୁଆଁ ବିହାର ସହିତ ରହିବାର ନିଷ୍ପତ୍ତି ଚୂଡ଼ାନ୍ତ ଓ ଅପରିବର୍ତ୍ତନୀୟ । ସେ ଦିଲ୍ଲୀ ସିଂହାସନ ତାଙ୍କ ପିତୃ ପିତାମହଙ୍କର ମୌରସୀ ନୁହେଁ—ନଥିଲା ଏବଂ ତାଙ୍କର ଉତ୍ତରାଧିକାର ମଧ୍ୟ ସ୍ୱୀକାର କରିବ ନାହିଁ । ଦିଲ୍ଲୀର ଅଧିକାରୀ ମୋଗଲ ବାଦସା ଯାଇ-ଛନ୍ତି—ଇଂରେଜ ସମ୍ରାଟ ଯାଇଛନ୍ତି ଏବଂ ପଟେଲ ମଧ୍ୟ ଯିବେ । କିନ୍ତୁ ଜନତା ପଟେଲଙ୍କ ଏ ଅସଫାଳନର ଜବାବ ଦେଇ ଅପରି-ବର୍ତ୍ତନୀୟକୁ ପରିବର୍ତ୍ତନ କରିପାରେ ଏବଂ ପଟେଲଙ୍କର ଆତ୍ମମ୍ଭରିତାର ଦୁର୍ଭାଗ୍ୟକୁ ବିନୟ ସୌମ୍ୟ ସୌଭାଗ୍ୟରେ ପରିଣତ କରିପାରେ ।

ସରାଇକଳା ଖରସୁଆଁର ଲୋକେ ବିହା-ରରେ ରହିବାକୁ ନ ଚାହିଁଲେ ଗୋଟାଏ ପଟେଲ ବା ତାର କ୍ରୀଡ଼ାପୁତ୍ତଳୀ ମହତାବର ଚଢ଼ାଯାଇ ଲୋକଙ୍କ ଉପରେ ଗୁଳି ଚଳାଇ, ଲୋକଙ୍କୁ ଓଡ଼ିଶା ବିମୁଖ କରି ବିହାରରେ ମିଶାଇ ଦେବାର ସଂକଳ୍ପ ପଣ୍ଡ ହେବହିଁ ହେବ । ଆଜି କହିବାକୁ ଲଜ୍ଜା ହୁଏ ଯେ ଏଇ ଓଡ଼ିଶା ଭୂଇଁରେ ମହତାବଙ୍କର ମୁଖପତ୍ର ଲେଖୁଛି—ଭାରତ ସରକାରଙ୍କ ନିଷ୍ପତ୍ତିକୁ ମାନିନେବା ଛଡ଼ା ଅନ୍ୟ ଉପାୟ ନାହିଁ । ଏ କଥା କହିବା ପୂର୍ବରୁ ମହତାବଙ୍କର ଗାଡ଼ି ଛାଡ଼ି ଚାଲିଯିବା ଉଚିତ । ଯେ କୌଣସି ସାଧୁ ସଭ୍ୟ କୃଷ୍ଣ ପ୍ରାନ୍ତୀୟ ମନ୍ତ୍ରୀ ଏ ପରିସ୍ଥିତିରେ କେନ୍ଦ୍ର ସରକାରକୁ ଚ୍ୟାଲେଞ୍ଜ ଆହ୍ୱାନ ଦେଉ ଥାନ୍ତା । କାଶ୍ମୀର ଯଦି ଗଣ ଭୋଟରେ ଭାଗ୍ୟ ନିଷ୍ପତ୍ତି କରେ । ସରାଇକଳା ଖରସୁଆଁର ଭାଗ୍ୟକୁ ଦିଲ୍ଲୀରେ ବସି ପଟେଲ ନିଷ୍ପତ୍ତି କରି-ବାକୁ କିଏ ଏବଂ ତାକୁ ମାନି ନେବାର ଅଧି-କାର ବାରବାଟୀରେ ବସି ମହତାବଙ୍କୁ ଦେଲା କିଏ ।

# ତାରେ ତାରେ ତାନା ନାନା

ମିଲିଟାରୀ ଅଫିସର ଏକାଥରେ ତିନୋଟି ଖୁଣି କରିଛନ୍ତି—ସମ୍ବାଦ

…ନୈତିକ ହିସାବରେ । +

ରୁଷିଆ ଜାତୀୟବାଦୀ ଚୀନା ସରକାର ସହିତ ସମ୍ପର୍କ ଛାଡ଼ିଦେଲେ—ସମ୍ବାଦ

…ଲୁହାଶିଏ ଧରି । +

ଭାରତ ଇଂଲଣ୍ଡ ଓ ଅନ୍ୟାନ୍ୟ କମନ-ୱେଲଥ ରାଜ୍ୟ ପାଇବା ପୂର୍ବରୁ କମିଉନିଷ୍ଟ ଚୀନା ସହିତ କୂଟନୈତିକ ସମ୍ବନ୍ଧ ବାନ୍ଧିବ—ସମ୍ବାଦ

…ଏ ଦୌଡ଼ ଛୁଡ଼ଗଲ୍ଲ ସେ ଦଉଡ଼ ଠାଣ । +

ଟଙ୍କା ପଇସାରୁ ରଜା ମୁଣ୍ଡ ଉଠି ଅଶୋକ ସ୍ତମ୍ଭ ବସିବ—ସମ୍ବାଦ

…ଟଙ୍କା ପାଇଁ ଆଉ କେହି ଶୋକ କରିବେ ନାହିଁ । ÷

ଡ଼ଗର ଅଫିସରେ ବହୁ ବେନାମି ଚିଠି ପହଞ୍ଚୁଛି—ସମ୍ବାଦ

ସମସ୍ତଙ୍କଠାରୁ ବିନା ନାମ ଠିକଣାରେ ଉତ୍ତର ମଧ୍ୟ ଯାଉଛି । +

ଝାନସିରେ ମୃତ ସମ୍ପାଦକ ଶର୍ମା ବିଗୁର ଅଦାଲତରେ ହାଜର ହେଲେ—ସମ୍ବାଦ

…ଚିତ୍ରଗୁପ୍ତ ପାଞ୍ଜି ଫିଟାଇଥିବେ । +

ପଣ୍ଡିତ ନେହେରୁ ସାତ ତାରିଖରେ ଆମେରିକା ଗଲେ—ସମ୍ବାଦ

…ସାତ କଥାରେ ସଟା ହେଲେ । +

ବି ସି ମୁଖର୍ଜୀ ଖାଦ୍ୟ କମିସନର ହେବେ—ସମ୍ବାଦ +

…ପୀରତି ପଥ ଖତରା।

ମହତାବ ବି. ସି ମୁଖର୍ଜୀଙ୍କୁ ଆହୁରି ବଡ଼ ପାହ୍ୟା ଦେଇ ରଖିବେ—ଅସମର୍ଥିତ ସମ୍ବାଦ

…ଶ୍ୟାମ ଅପବାଦ ମୋତେ ଲାଗିଥାଉ ।

ଏ କେ ଘୋଷ ଶୀଘ୍ର ଓଡ଼ିଶାର ଆଇ ଜି ପୁଲିଶ ହେବେ—ଅସମର୍ଥିତ ସମ୍ବାଦ

ମାଇକୀ ଓ …ହାଁ । କି ପୁଲିଶ ଜାମ ମଧ୍ୟ ଗୁଳିବ + +

ମିଳିତ ଜାତିସଙ୍ଘ ସାଧାରଣ ସଭାରେ କେହି କିଛି ନ କହିବାରୁ ମୁଲତବୀ ରହିଲା—ସମ୍ବାଦ

…ସବ୍ ସେ ଚୁପ୍ ଭଲ ।

ଚୀନା ମିଳିତ ଜାତି ସଙ୍ଘରେ ଗୁହାରୀ କଲାବେଳେ ବଡ଼ ଗୁରୁଙ୍କ ଅନୁପସ୍ଥିତ ଥିଲେ—ସମ୍ବାଦ

…ଦୂରେ ଥାଇ ଡାକ ଦେଲେ ତେଉଁ-ଥାଅ କର୍ଣ୍ଣକୁ— ନିକଟରେ ନ ଶୁଣୁଛ ମୋ କର୍ମ ଅବଳରୁ ।

… …

ମହତାବ କହିଲେ କଂଗ୍ରେସ ଓ ସରକାର ବି ଠିକ ଗାନ୍ଧୀ ବାଟରେ ଚାଲୁଛନ୍ତି—ବର୍ତ୍ତମାନ କେବଳ ସ୍ୱେଚ୍ଛାସେବକଙ୍କ ବଦଳରେ ସରକାରୀ କର୍ମଚାରୀ ଅଛନ୍ତି—ସମ୍ବାଦ

…ସ୍ୱେଚ୍ଛାସେବକ ବଦଳରେ ସ୍ୱେଚ୍ଛାଚାରୀ ଅଛନ୍ତି । … …

ଆନନ୍ଦପୁରରୁ ଡ଼ାକ୍ତରଖାନା ଉଠି ଯାଇଥିବାରୁ ୯ଜଣ ଲୋକ ଅନଶନ କରିଛନ୍ତି—ସମ୍ବାଦ

…ପ୍ରଭୁ ଲିଙ୍ଗରାଜଙ୍କଠିଁ ଘର୍ଷଣ ।

… …

କଲିକତା ବିଶ୍ୱ ବିଦ୍ୟାଳୟ କୁଳପତିଙ୍କ ପୁଅକୁ ଅଧିକ ୧୬୩ ନମ୍ବର ମିଳିଛି—ସମ୍ବାଦ

…ପଣ୍ଡିତଙ୍କ ପୁଅ ।

… …

ମାନ୍ଦ୍ରାଜରେ କମିଉନିଷ୍ଟ ପାର୍ଟି ବେଆଇନ ହେଲା—ସମ୍ବାଦ

…ଋଷୁ ଯହା ଦେଇ ଯାଇଛନ୍ତି ।

… …

ପାକିସ୍ଥାନ ମୁଦ୍ରା ଦର ହ୍ରାସ କରିବ ନାହିଁ—ସମ୍ବାଦ

…ତ୍ରାସ କରିବ ।

… …

ଭୁବନେଶ୍ୱରରୁ ମହତାବଙ୍କ ଅଫିସ ଉଠିବ—ସମ୍ବାଦ

…ଉତ୍କଳେ ଶ୍ରେଗୈବା—ଭୁବନେଶ୍ୱରେ ହବା ।

… …

ଶ୍ରୀଯୁକ୍ତ ଶରତଚନ୍ଦ୍ର ଦାସ ସୋସାଲିଷ୍ଟ ପାର୍ଟିରେ ଯୋଗ ଦେବେ—ସମ୍ବାଦ

…ସେଥି ପାଇଁ ଅଭିମାନିନୀ ରାଧାର ସୋସାଲିଷ୍ଟରେ ଶରଧା ଗୋ ।

… …

ସରକାର ଜାଣି ପାରିଛନ୍ତି ଯେ ବିନୋଦ କାନୋନଗଙ୍କ ଘର ତାଙ୍କ ଘର ଭିତରେ—ତେଣୁ ୧୪୪ ଉଠିଲା —ସମ୍ବାଦ

ପୁଲିଶଙ୍କ ଘରେ ନୁହେଁ ତେବେ ?

… …

ବେଭିନ କହିଲେ—ରୁଷିଆ ଯଦି ତା' ଗହ୍ୱରରୁ ବାହାରେ ତେଣୁ ଆଣବିକ ଅସ୍ତ୍ର ବ୍ୟବହାର ବେଆଇନ ହୋଇ ପରେ—ସମ୍ବାଦ

…ଗଙ୍ଗାରୁ ବାହାର ଗହ୍ୱର ତୋ ହୁଦ ।

—○—

---

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

---

ଆମେ ଏ କ୍ଷେତ୍ରରେ ଉତ୍କଳ କଂଗ୍ରେସକୁ ଶେଷ ଥରେ ଚେତାବଣୀ ଦେଉଛୁଁ । ସଭାପତି ବିଶ୍ୱନାଥ ଦାସ ନିଜେ ପରିସ୍ଥିତି ଦେଖିଛନ୍ତି । ଏ ବିଷୟରେ ଯଦି କଠୋର କାର୍ଯ୍ୟାରମ୍ଭ ଦମ୍ଭର ସହିତ କରି ନଯାଏ ତେବେ ଉତ୍କଳରେ କଂଗ୍ରେସର ଦୁର୍ନାମ ସେ ନିଜ କର୍ମକାଳ ମଧ୍ୟରେ ଅଲିଭା ଅକ୍ଷରରେ ଲେଖି ଦେଇଯିବେ । ଶ୍ରୀଯୁକ୍ତ ନନ୍ଦକିଶୋର ଦାସ ସମ୍ପାଦକ ଥିବାବେଳେ ଯେଉଁ ନିର୍ଦ୍ଦେଶ ବିବୃତି ଦେଇଥିଲେ ଅତି ସ୍ପଷ୍ଟ ଭାବରେ ନିଖିଳ ଭାରତୀୟ କଂଗ୍ରେସ କମିଟିକୁ ଉତ୍କଳ କଂଗ୍ରେସ ସେହି ଜବାବ ଦେଇ କହୁ—ଗଣ ଭୋଟରେ ଛଡ଼େଇକଲା ଖରସୁଆଁର ଭାଗ୍ୟ ନିସ୍ପତ୍ତି ନ ହେଲେ ଓଡ଼ିଶା କଂଗ୍ରେସ ସ୍ୱତନ୍ତ୍ର ଅନୁଷ୍ଠାନ ହେବାକୁ ବାଧ୍ୟ ହେବ ।

ଛଡ଼େଇକଲା ଖରସୁଆଁ ଲୋକମାନଙ୍କୁ ଆମେ ଏବେ ମଧ୍ୟ କହୁଛୁଁ—ନ୍ୟାୟ ତାଙ୍କ ପକ୍ଷରେ । ସେମାନେ ଏ ଧର୍ମ ଯୁଦ୍ଧରେ ସମସ୍ତ ଅତ୍ୟାଚାରର ସହି ଆଗୁସାର ହୁଅନ୍ତୁ । ଉଦ୍ଧତ ପଟେଲର ଗର୍ବିତ ଆସ୍ପର୍ଦ୍ଧାର ନିର୍ଭୀକ ଓ ଦାମ୍ଭିକ ଜବାବ ଦିଅନ୍ତୁ । ଅନ୍ୟାୟ ଆଇନକୁ ଅମାନ୍ୟ କରିବାକୁ ଯାଇ ବିହାର ସରକାରଙ୍କ ଦୁର୍ବୃତ୍ତ କର୍ତ୍ତୃତ୍ୱ ଶିଥିଳ କରି ଦେବାହିଁ ପ୍ରକୃତ ସଭ୍ୟତା ଗ୍ରାହୀର କାର୍ଯ୍ୟ ହେବ ।

—❊—



Digitized by srujanika@gmail.com



ହୁଲମା ହୁଲ ହୋଇଗଲା ମେହନ୍ତୀ—ଙ୍କାର ଦର ପଡ଼ିଗଲା— ଜନସର ଦର ବଢ଼ିଗଲା । କିନ୍ତୁ ମୂର୍ଖ ବଳୁଆ ସଭା କହିଲା—ଗରୀବ ଭେକାଳ ବୁଡ଼ିଗଲା… ସଂଜାଳେ ଅକାଳ ପଡ଼ିଗଲା… ବଡ଼ଙ୍କ କପାଳ ବଢ଼ିଗଲା— ମନ୍ତ୍ରୀମଣ୍ଡଳୀଙ୍କ ପୋଡ଼ିଗଲା ।

\+ + +

ହଲଅ ପିଠାଙ୍କ ହୁସାବରେ ଜନସର ସୁଲଭ ବା ଦୁର୍ଲଭ୍ୟତା ସାଙ୍ଗକୁ ତାର ମୂଲ ଗ୍ରହିଁ ଦା ସବୁବେଳେ ସବୁ ଜନସର ଘଟିତ ବଢତଜନ୍ୟନ୍ତ୍ରଣ କରେ । କିନ୍ତୁ ଏଇ ଟଙ୍କା ସଭ୍ୟତା ଯୁଗରେ ଅର୍ଥନୀତି ବିଶାରଦମାନଙ୍କ କାଇଦା ଜିନିଷର ମୂଲ ଘଟିବାକୁ ମାଡ଼ି ବସିଛି । ଏଥିରେ ଫାଇଦା ଉଠାଇବେ ଟଙ୍କା କାରବାରୀମାନେ—ତାଙ୍କର ସମୁଦ୍ର ପାଣିରେ ବଢ଼ି ମରୁଡ଼ି କିଛି ନାହିଁ—ଶହେଟା ନଈ ମିଶିଲେ ବଢ଼େ ନାହିଁ କି ଛାଡ଼ିଲେ ଛାଡ଼େ ନାହିଁ । + + + +

ଆମେରିକା ଟଙ୍କା ଇଂରେଜୀ ଟଙ୍କାକୁ ଶସ୍ତାରେ କିଣିଲା ବୋଲି ଭାରତ ବି ତା ଟଙ୍କାକୁ ଶସ୍ତା କଲା । କିନ୍ତୁ ପାକିସ୍ଥାନ ନସ୍ତେଡ ବନ୍ଦା । ସେ ଆପଣା ରୁପିଆର ଇଜ୍ଜତକୁ ତଳେ ପକାଇ ଦେବ ନାହିଁ । କାରଣ ପାକିସ୍ଥାନରେ ଅଡଶ ସୁନାସେର ଟଙ୍କେ ଓ ଚୂନାସେର ଟଙ୍କେ ହେବାକୁ ଯାଉଛି । ତାହେଲେ ଟଙ୍କାର ଇଜତ ରହିବ ଚିରଦିନ ପାଇଁ । ଟଙ୍କା ସାମ୍ୟବାଦୀ ସଙ୍ଗ ହୋଇ ଅପାଷାଣ୍ଡ ବ୍ରାହ୍ମଣ ସମସ୍ତଙ୍କୁ ସାଥି ସଂବୋଧନ କରିବ ।

\+ + +

କାଶ୍ମୀର ସମସ୍ୟା ପୁଣି ମିଳିତ ଜାତି ସଂଘକୁ ଯାଇଛି । କିନ୍ତୁ ସେଠି ଯେମିତି ରୁସ ଆମେରିକା ଦଳାଦଳି ଚାଲିଛି—କଥାଟି ଦଳିତ ହୋଇଯିବ ବୋଲି ମନେ ହୁଏ । ପାକିସ୍ତାନ ରୁସିଆ ଫ୍ରେମ୍‌ରେ ପଡ଼ିଯାଇଛି ବୋଲି ଭଲ କରି ଖ୍ୟାଳନ ଆଉ ଅନେକଙ୍କର ପାକିସ୍ଥାନୀ ପ୍ରୀତି ବଢ଼ିଚାଲିଲାଣି । ଏଭଳି ଅବସ୍ଥାରେ ଭାରତ ଅଳ୍ପେ ସଖି—ଆପଣା ମହତ୍ତ୍ୱ ଅପେ ରକ୍ଷି ସଂଘକୁ ପୃଷ୍ଠଭଙ୍ଗ ଦେଇ ଫେରି ଆସନ୍ତୁ । ଅଉ ପୁଣି ଅଯୋଧ୍ୟା ମୁଖ ଦେଖିବାକୁ ମନ କରିବେ ନାହିଁ କେବେ ; ବଳୁଆ ସଭା ସାବଧାନ କରି କହୁଛି । ; —

ନଈକି ଗାଧୋଇ ଯିବୁ ନାହିଁ—ବୋଲେହିଁ
ଥଣ୍ଡିଆ କୁମ୍ଭୀର ଗ୍ରହିଁ ଥିବଟି— ,,
ଲେକ୍ ସକସେସ୍‌କୁ ଯିବୁ ନାହିଁ ,,
ରୁଷିଆ କୁମ୍ଭିର ଗ୍ରହିଁ ଥିବଟି— ,,
ଆଙ୍ଗ୍ଲୋଆମେରିକା ଧରିନେବଟି ,,

\+ + + +

ଫେଡ଼େଇକଲା ଆଉ ଖରବୁଆଁ ଭାଗ୍ୟରେ ଶ୍ରୀମାନ ପଟେଲ ଡୋରି ବାନ୍ଧିଦେଲେ । କଥାରେ ଅଛି ସ୍ତ୍ରୀଭାଗ୍ୟ ପଥର ତଳେ । ଫେଡ଼େଇକଲା ଓ ଖରବୁଆଁ ଯେଣ ସ୍ତ୍ରୀଲିଙ୍ଗ—ତାଙ୍କ ଭାଗ୍ୟ ଅଣଲେଉଟ ହେଇ ପଥର ତଳେ ରହିଲା । ପୂର୍ବର ସୂର୍ଯ୍ୟ ଦେବତା ପଶ୍ଚିମରେ ସତେ ଉଇଁବେ, ନା ଏ ଭାଗ୍ୟ ଲେଉଟିବ ! ବିଧାତା ପୁରୁଷଙ୍କର ରାର ଯେ '

\+ + + +

ଭାରତ ସରକାର ଓଡ଼ିଆଙ୍କ କଥା ନଶୁଣି ଏପରି ମନମୁଖିଆ କଥା କରିଦେଲେ ବୋଲି କହି ଓଡ଼ିଆମାନେ ଉତ୍ତେଜିତ ହୋଇ ଉଠିଛନ୍ତି । ମାତ୍ର କରମକୁ ଅଦରି ରହିବା ଓ ଓଡ଼ିଆଙ୍କ ଠାରୁ ଆଉ ବେଶି କିଏ ଜାଣେ । ଏବେ ବି ଦାଇବର କରଣି ବୋଲି କହି ରହିଗଲେ ଭଲ । ବୃଥା ମୁଣ୍ଡ କୋଡ଼ କଚୁଡ଼ି ନଗୁଡ଼ି ହେବାର ବା ଫଳ କଣ !

\+ +

ଆରେ ଛିଅ ! ଛିଅ ! ଏଇଥିପାଇଁ ପେଇଁ ଏତେ ମୁଣ୍ଡ ବାଡ଼ିଅ ! ଫେଡ଼େଇକଲା ତା ରମ୍ ରମ—ଏମିତି କାଳିଛି ପଦାର୍ଥଟା ଲାଗି ଏତେ ଅବଶୋଷ କାହିଁ ! ଆଉ ଯଦି ଫେଡ଼େଇକଲା ଅର୍ଥାତ୍ ଛିଅଗୋଟା କଲା ବଦ୍ୟା ସେଠି ଅଛି ବୋଲି କହ, ତେବେ ଆମର କଣ ଗୋଟାଏ ସରିଗଲା ! ଆମେ ଓଡ଼ିଆ ଜାତିଟା କଳା ଚୁଙ୍ଗଲୀ ଜାତି । ଆମର ମୋଳ କଳା ଆଉ ଆମ ମନ୍ତ୍ରୀଙ୍କର ଚରିମଠି କଳା ପରିପୂର୍ଣ୍ଣ ଥାଉଁ, ଅପର ଛିଅଟା କଳା ନିବାରେ ମନ ଭଙ୍ଗା କରିବାର କିଛି ନାହିଁ ।

\+ + + +

ଓହୋ!…ଗୋଟାଏ କଥା କେହି କହୁ ପାରନ୍ତି କି ଫେଡ଼େଇକଲାର ଛିଉନାଟ ସା ଚାଲିଗଲା ! ସନ୍ତ ଏକା ନାଁ ପ୍ରିୟ ଓଡ଼ିଆଙ୍କ ପକ୍ଷରେ ଏଇଟା ଗୋଟାଏ ମସ୍ତବଡ଼ ହାନି । କିନ୍ତୁ ଆମେ ପ୍ରବୋଧ ଦେଉଛୁଁ ଯେ ଓଡ଼ିଆ ଆଉ କେତୁଟାଦିନ ଥିବ ଟରନ୍ତୁ—ଗାଆଁ ଗାଆଁକେ, ଘର ଘରକେ ନାଟ ଲାଗିଯିବ । ଝୁମର, ଖେମଟା କଥା କାଳି, ଗରବା, ମନପୂରି ନାଚ ନାଚ ଯେମିତି ହଉଥିଲା ନାଟ ଯେ ନାଚିବାକୁ ପଡ଼ିବ ! ବୋଲ ଆସୁଛି… ଭୁବନେଶ୍ୱରରୁ ଗ୍ରହିଁ ।

\+ + + +

ଗ୍ରହିଁ ଗ୍ରହିଁ ଚୀନ ଲାଲେଲାଲ ହୋଇଯିବା ଉପରେ । ଏଇ ନାଲି ରଙ୍ଗ ଯେ କା ବେଗରେ ମାଡ଼ି ଆସୁଛି ତାହା ଜାଣିଶୁଣି ସୁଦ୍ଧା ରୁସିଆର ଲୋକେ ସୂଅ ଆଗରେ ବନ୍ଧ ପକାଇବାର ଉଦ୍ୟମ କରୁ ନାହାନ୍ତି । କିନ୍ତୁ ଏ ନଈ ସୁଅ ଆଗରେ ବାଲି ବାନ୍ଧ କା ସମ୍ଭେଇବ !—ପଥର ବନ୍ଧ କିଏ ପକାଉଛି କାହିଁ ? ରଣଜିତ୍‌ସିଂ କହିଥିଲେ—ସବ୍ ଲାଲ୍ ହୋଯାଏଗା !

\+ + +

ହାଇକୋର୍ଟଙ୍କ ବିଚାର ଫଳରେ ଓଡ଼ିଶା ଦେବତାମାନଙ୍କୁ ରାଜା ରାଜୀ ରଙ୍ଗାଚାର୍ଯ୍ୟଙ୍କ ଗାଦି ଭୁକ୍ତ ପଡ଼ିଲା । ଗରିବ ଓଡ଼ିଆ ଠାକୁରମାନଙ୍କର ଅଭିଶାପ ପଡ଼ି ଗଲାକି ଆଉ ! ଏଥିଉପରେ ସେ ଯେଉଁ ଆପତ୍ତି ଦରଖାସ୍ତ କରିଥିଲେ, ତାହା ମଧ୍ୟ ନାମଞ୍ଜୁର ହୋଇଛି । ରଙ୍ଗାଚାର୍ଯ୍ୟଙ୍କ ନୂଆ ରଙ୍ଗ ଭୂମି ପୁଣି କେଉଁଠି ହେଉଛି ତାର କୌଣସି ସୂଚନା ମିଳୁନାହିଁ । ଆଗ କବୁ ଏଭଳିଆ ଜଣେ ଯୋଗ୍ୟ ଅଫିସରଙ୍କୁ ପାଇ ସରକାର ଗୋଟାଏ କିର୍ତ୍ତ୍ୟାନନ୍ଦ



Digitized by srujanika@gmail.com

ଧାମ ସୃଷ୍ଟି କରାଇ ତାଙ୍କୁ ଗାଦିରେ ବସାଇବେ। ପୁଣି କେତେ ନବରଙ୍ଗ ଦେଖାଯିବ।

କାଶ୍ମୀର ଯେଉଁ ଭାରତ ଓ ପାକିସ୍ଥାନ ଭିତରେ ଯେଉଁ ଝଗଡ଼ା ଝାଟି ଲାଗିଛି ତାର ଶେଷ କେଉଁଠି ତାହା ମା ଗଙ୍ଗା ଜାଣନ୍ତି। କାଶ୍ମୀର ଲଳନା ଯାହାର ଅଙ୍କଲକ୍ଷ୍ମୀ ହେବେ ସେ ସ୍ୱର୍ଗସୁଖ ଭୋଗ କରିବ ଏହି ଆଶାରେ ଉଭୟେ ପ୍ରାଣପଣ କରୁଛନ୍ତି। ମାତ୍ର ଆମକୁ ଆଗତ ଭବିଷ୍ୟତ ଦେଖା ଯାଉଛି କି ଏହାର ସମାଧାନ ରହିଛି କେବଳ ଭାଗ ଭାଗ କରି ବାଣ୍ଟି ନେବାରେ। ଉଭୟେ ଯାକ ନାଇଁ ସ୍ୱେଚ୍ଛା ବାଧା ହେଲେ କି ସର୍ବନାଶ ହେବାର ଦେଖିଲେ ଜବାହାରଲାଲଜୀ ଅର୍ଦ୍ଧ ତ୍ୟାଗିବାକୁ ରାଜି ହେବେ—ଯେହେତୁ ସେ ପଣ୍ଡିତ ଅଟନ୍ତି। କିନ୍ତୁ ବିପଦ ହେବ ବାମ-ଦକ୍ଷିଣ ଭାଗ ପଡ଼ିବ ନା ତଳ ଉପରେ ବା ଗଣ୍ଡି ମୁଣ୍ଡରେ ଭାଗ ବସିବେ।

\+ \+ \+

'ପରମାଣୁ ବୋମା ନାମକ ଗୋଟିଏ ଗୋଳ ଭିତରେ ପୃଥିବୀ ଯାକ ଆମେରିକାକୁ ମାନି ରହିଛନ୍ତି। ଏବେ ପ୍ରମାଣିତ ଭାବରେ ଜଣା ପଡ଼ିଲାଣି ଯେ ରୁଷିଆ ମଧ୍ୟ ପରମାଣୁ ଅସ୍ତ୍ର ଲାଭ କରିଛି। ବର୍ତ୍ତମାନ ଉଭୟ ପକ୍ଷ ଯଦି ଏହି ବ୍ରହ୍ମାସ୍ତ୍ର ଛାଡ଼ନ୍ତି ତାହାର ଫଳ ହେଉ ନହେଉ ଜଗତରେ ପ୍ରଳୟ ଅବଶ୍ୟମ୍ଭାବୀ ଅଷ୍ଟଗ୍ରହ ମିଳନରେ ଯାହା ହେବାର କଥା।

— — —

ଆମର ମନେ ହେଉଛି କି ଏତେଦିନ ଯେ ତୃତୀୟ ମହାସମରର ଯେଉଁ କଳ୍ପନା ମନ ବା ଜାତିକୁ ବାଧୁଥିଲା; ତାହା ଏବେ ଫସର ଫାଟିଗଲା। ଆଉ ବୋଧହୁଏ ଏଣିକି ଯୁଦ୍ଧଟା ଅସ୍ତ୍ରଯୁଦ୍ଧ ନ ହୋଇ କେବଳ ବାକ୍ୟ ଯୁଦ୍ଧ ବା ଛୁରୁଡ଼ି ଯୁଦ୍ଧରେହିଁ ଶେଷ ହୋଇଯିବ।

— — —

ଚିନି ପୁଣି କଣ୍ଟ୍ରୋଲ କରି କଳାବଜାରକୁ ଧଳା କରିଦେବାର ଆଶା ବୋଧହୁଏ ସରକାର ଧରିଥିଲେ। କିନ୍ତୁ ଦେଖା ଯାଉଛି ଯେ ଚିନି କଳା ବଜାରକୁ ଅଧିକ ମିଠା କରି ଦେଉଛି। ଦୋକାନୀଙ୍କ ଗଦି ମିଠା ଅଫିସରଙ୍କ ପକେଟ ମିଠା, ଆଉ କିଣିଲାଙ୍କ ପାଟିତ ସହଜେ।

\+ \+ \+

ଚୀନାର କମ୍ୟୁନିଷ୍ଟ ଦଖଲ ଅଞ୍ଚଳରେ କମ୍ୟୁନିଷ୍ଟ ସରକାରକୁ ବ୍ରିଟେନ ମଧ୍ୟ ସ୍ୱୀକାର କରିବାକୁ ସ୍ଥିର କରିଛି ବୋଲି ଜଣାପଡ଼ିଲାଣି। ବାସ୍ତବିକ ବ୍ରିଟେନର ଛଡ଼ା ଖଣ୍ଡିକ ବଡ଼ ବଡ଼ ଖେଳ—ବା Osulating ସେଥି-ପାଇଁ ଅତି ସହଜରେ ଯେତେବେଳେ ଇଚ୍ଛା ସେତେବେଳେ ଯେଣିକି ତେଣିକି ମୁହାଁଇ ହେବ।

\+ \+ \+

ମିଳିତଜାତି ସଙ୍ଘର ଅର୍ଥନୈତିକ ସାମାଜିକ ଆଦି ବିଷୟକ ସଭାରେ ଆମ ରୁଷ ରାଜଦୂତ ରାଧାକୃଷ୍ଣନ ପୃଥିବୀର ଶାନ୍ତି ପାଇଁ ପ୍ରସ୍ତାବ ଦେଇଛନ୍ତି। ଷ୍ଟାଲିନ ଓ ଟ୍ରୁମାନ ଦୁଇମୁଣ୍ଡ ବାକି ପୂର୍ବ ଅଞ୍ଚଳରୁ ଦୁଇ ମୁଣ୍ଡ ଓ ପଶ୍ଚିମ ଅଞ୍ଚଳରୁ ଦୁଇମୁଣ୍ଡ ଏମିତି ଛ ମୁଣ୍ଡ ହେବେ। ସୃଷ୍ଟି କରିବାକୁ ବ୍ରହ୍ମାଙ୍କର ଚାରିମୁଣ୍ଡ ଥିଲା ଚାରି ଦିଗକୁ। ଧ୍ୱଂସ କରିବାକୁ ଶିବଙ୍କର ପାଞ୍ଚମୁଣ୍ଡ ହେଲା। ବାକି ଗୋଟିଏ ମୁଣ୍ଡ ହେଲେ କଳେ ବଳେ ଶାନ୍ତି ବିରାଜମାନ କରିବ।

\+ \+ \+

ଭାରତର ମାତୃଭାଷା ହିନ୍ଦୀ ହେବ ବୋଲି ଠିକ ହେବା ପରେ ସଂଖ୍ୟା ଗୁଡ଼ାକ ଇଂରେଜୀରେ ରହିବ କି ହିନ୍ଦୀରେ ରହିବ—ଏଇ ବିଷୟରେ ମନ ଫଟାଫଟି ହେଲା। ବାସ୍ତବରେ ଭାଷା ଯେପରି ପ୍ରକୃତ ଗଣ୍ଡଗୋଳ କୋଉଠି ନ ଥାଏ। ଗୋଳ ଏଇ ସଂଖ୍ୟା ନେଇ। ସାରୁ ଭିତରେ ମାରୁ ଥିଲାପରି ସଂଖ୍ୟା ଭିତରେ ସର୍ବଦା ଟଙ୍କେଶ୍ୱର ଜୀଅ ରହିଛନ୍ତି ତାଙ୍କରି ପାଇଁ ଯାବତ ପ୍ରାଦେଶିକତା— ଆଉ କଳି। ସଂଖ୍ୟାଟା ଯଦି ଇଂରେଜୀ ହୁଏ ଆଉ ଇଂଲଣ୍ଡରୁ ଆସେ ଆମର ବରଂ ଲାଭ। କ୍ଷତି କଣ ?

\+ \+ \+

ବିଶେଷରେ ଟଙ୍କାର ସଂଖ୍ୟା ଗିନି ଭୁଲିନାରେ...ବଢ଼ିଯାଇ ଥିବାରୁ ଶଙ୍କା ଉଠୁଛି ଯେ ଟଙ୍କା ରଙ୍କା ମାନଙ୍କ ଭିତରେ ସଂଖ୍ୟା ଯେପରି ଗୋଳ ଉଠି ପାରେ। କାରଣ ଏଇ ଅର୍ଥନୈତିକ ପଦ୍ଧବର୍ଦ୍ଧନରେ ଭାରତର ଭାଗ୍ୟ ଭଲ ହେବ କି ମନ୍ଦ ହେବ ତାହା ଜାଣିବା ପାଇଁ ଉପର ତାରଇଶ୍ୱର ଦେବଙ୍କୁ ସ୍ମରଣା କରି

ଗୋଟିଏ ସଂଖ୍ୟା ଲେଖି ଭୃଗୁ ଜ୍ୟୋତିଷଙ୍କ-ଠାକୁ ପଠାଇ ହେଇଛି।

\+ \+ \+

ଆମେରିକା ମୁଦ୍ରାଦର ବଢ଼ିବା ପରେ ବଜାରରେ ସେଫଟି ରେଜର ବ୍ଲେଡ଼ ଦର ବଢ଼ି-ଯାଇଛି। ଏଥିର ଆମ କଳା ସାହେବଙ୍କ ନିତ୍ୟ ନୈମିତ୍ତିକ କ୍ଷୌର କର୍ମରେ ବ୍ୟାଘାତ ପଡ଼ିବାକୁ ସମ୍ଭବଙ୍କର ଗାମୁଛା କି ସାନ ହେଉଛି ବୋଲି କେହି କେହି ଧାରଣା କରୁଛନ୍ତି। ଏହା ଦ୍ୱାରା ଅନେକ ବାଳ ଯେ ଦେଶରେ ରହିଯିବ ଏବଂ ଭାରତ ଏକ ପଣ୍ଡିତ ଦେଶ ହୋଇଯିବ ତାହା ପଣ୍ଡିତ ଜବାହର ନିଶ୍ଚୟ ହୃଦୟରେ ଗମ କରିବେ ।ଏଇ ବାଳ ବୃଦ୍ଧି ଫଳରେ ଦେଶର ଅର୍ଥନୈତିକ ଅବସ୍ଥା ମଧ୍ୟ ବାଳପ୍ରମାଣରେ ବଢ଼ିଚାଲିବ ବୋଲି ବିଶ୍ୱାସ।

\+ \+ \+

ଓଡ଼ିଶାରୁ ମ୍ୟାଲେରିଆ ମୂଳ ଉତ୍ପାଟନ କରିବା ପାଇଁ କିଏ ଜଣେ ଦକ୍ଷିଣାମୂର୍ତ୍ତି କଟକ ଆସିଥିଲେ। ତାଙ୍କ ବକ୍ତୃତା ହାଉଆରେ ଓଡ଼ିଶାର ମଶାସବୁ ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମ ଚତୁର୍ଦ୍ଦିଗକୁ ଉଡ଼ି ଯାଇଛନ୍ତି। ଏଣିକି ଦେଶରେ ପ୍ରବାଦ ରହିବ—

ବ୍ରାହ୍ମଣ ବରଷା ମେଲେରିଆ ବଢ଼ି
ଦକ୍ଷିଣା ପାଇଲେ ଯାଆନ୍ତି ଉଡ଼ି

\+ \+ \+

ଉପର ରାଜଧାନୀ ଉପରକୁ ଆସିବାପରେ ବିଲୁଆ ସଭା ବଡ଼ ଅଡୁଆରେ ପଡ଼ିଗଲେ। କାରଣ ସହରଟା ବିଲୁଆମାନଙ୍କ ରହଣି ସହଣି ପାଇଁ ବିଲକୁଲ ନିକମ୍ମା। ଯାହା ଥିଲା ଥିଲା ଗୋଟାଏ କି ଘୋଡ଼ ପୁଲିସ ସାହେବ ଆସି ଏମିତି ଲପଟ ଲଗେଇଲା ଯେ ବିଲୁଆମାନେ ଲାହିରେ ତେଲ ଦେଇ ଶଙ୍କର ପୁର ହରମ୍ବର ଧରିଲେ। ଆମର ତ ସବୁଦିନେ ବୃତ୍ତି ପାଇଛି। କିନ୍ତୁ ଗୋଟେର ଫୋର କିଛି ନଥାଇ ସିପାହୀ ଚଉକିଆଗୁଡ଼ିଙ୍କ ଇମିତ ନିଶାଚର ଧରିଲେ ଯେ, ବିଲୁଆଙ୍କ ବାହାରିବା ମୁସ୍କିଲ। ବିଲୁଆମାନେ କଟକ ଜବର ସଭ୍ୟ ସଭ୍ୟା ବା ସରକିଟ କୋଠୀର ଅଧିକାରୀ ବା ବାସିନ୍ଦା ହୋଇଥିଲେ କଣ ହୋଇଥାନ୍ତା କିଜାଣି ଅବା। ତା ଛଡ଼ା ଆମର ଆମର ଖାଦ୍ୟାଭାବ ମଧ୍ୟ ଘଟିଲା। ମିନସି-

(ତେରପୃଷ୍ଠା ଶେଷ ତଦଖନ୍ତୁ



Digitized by srujanika@gmail.com



ଲୋକେ କହନ୍ତି ମୁଁ ଭାରି ଅସୁନ୍ଦର । ଆଜ୍ଞା, କହନ୍ତୁ ତ ସାଧାରଣ ମଣିଷର ଯାହା ଥିବାର କଥା ତାହା ତ ମୋର ଅଛି ଆଉ ଅସୁନ୍ଦର କୋଉ ଦାଢ଼େ ହେଲି । ଦୋଷ ଭିତରେ ଟିକିଏ କଳା, ଆଜ୍ଞା ସେଇ ହାଣ୍ଡିକଳା ପରି ଆଦିବାସୀ ଗୁଡ଼ାକ ପରା ଓଡ଼ିଶା ସରକାରକୁ ଉଜାଡ଼ି ଦେଇଥିଲେ । ନାକଟା ଟିକିଏ ଚେପ୍ଟା ଓ ମୁଣ୍ଡ ବାଳଗୁଡ଼ା ଟିକିଏ ପାଉଁଶିଆ ! ଆଜ୍ଞା, ସେଇ ଚେପ୍ଟା ନାକ ସାଇବମାନେ ପରା ଏ ରାଇଜରେ ରାଜୁତି କରି ଗଲେ ସେ କେହି ତାଙ୍କୁ ପଦେ କହିଲେ ସହନ୍ତି ନାହିଁ । ମୁଁ ସ୍କୁଲପଢ଼ି ବାହିଁକି ସହିବ ? ମୋର କଣ ନାହିଁ ଯେ ମୁଁ ଏପରି ବାରଲୋକଙ୍କର ବାର କଥା ଶୁଣିବ ? ସହିବ ବୋଲି ମୋ ଦେହରେ ଛପା ମରା ହୋଇଛି ନା କଣ ? ମୋତେ କଳାଙ୍କ ଦେଖି ଯିଏ ପାରେ ସିଏ ପଦେ କହିଦେବେ ? ଆଚ୍ଛା ମୁଁ ଦେଖିନେବ, ନୋହିଲେ ମୋ ନାଁ—ହଁ କଣ କହୁଥିଲିଟି ମୋ ରୂପ କଥା

## ମୋର ପ୍ରେମ

ନାଁ ? ମୋର ଏତେବଡ଼ ଗୌର ଚନ୍ଦ୍ରବାବୁ ଆପଣମାନେ ଭାବୁଥିବେ ମୁଁ ଏଇ ରୂପ ବିଷୟ ନେଇ କେଉଁଠି ଅପଦସ୍ତ ହୋଇଛି । ହଁ, ଆପଣଙ୍କ ଅନୁମାନ ଠିକ୍ । ସେଇକଥା ପରା ବାହାର କରିବା ପାଇଁ ମୋ ଯେତେକ ଗୁପ୍ତ କଥା ଆପଣଙ୍କ ଆଗରେ ପ୍ରକାଶ କରୁଛି ତା ଆପଣ ପଢ଼ିଲେ ତ ପଢ଼ିଲେ ଆଉ କାହାରିକୁ କହିବେ ନାହିଁ ।

ମାଟ୍ରିକ୍‌ରେ ଦୁଇ ଚାରିଥର ଇନ୍‌କୋର କରି ସାରିଲା ପରେ ଆର୍ଟ ଡ଼ିଭିଜନରେ କୋଣସି ମତେ ଖସିଗଲି । କଲେଜ ହାଓ୍ୱା ବାଜିଲା ସିମିତ ମୋର ତ ଚାଲିଲା—ଅଜସ୍ର ଅଳଙ୍କାର ଉପଚାର ! ଦିନକୁ ପ୍ରାୟ ୬।୭ପ୍ରକାର ପୋଷାକ ନହେଲେ ଚଳେ ନାହିଁ । ତାଛଡ଼ା ସ୍ନୋ, ପାଉଡ଼ର ଅନ୍ୟସବୁ କଥା ତ ଛାଡ଼ । ଯେତେହେଲେ ଧନୀ ଘର ପିଲାଟି । ମୋତେ ବୋକା ଦେଖି କି କଣ କମ୍ପା ଧନୀ ଦେଖି ପଡ଼ିଥିଲା ଯାଣି ଜୁଟିଗଲେ କେତେ ଗୁଡ଼ାଏ ସାଙ୍ଗ । ସେମାନେ ତ ମୋ ମନରେ ଖେଳାଇ ଦେଲେ ରୋମାନ୍ସର ଢେଉ । ମୁଁ କଣ ଏତେ ଜାଣିଛି । ମୁଁ ସେ ସ୍ରୋତରେ ଭାସିଲି । ଦିନେ ମୋତେ କହିଲେ, "ଚାଲ ସିନେମା ଦେଖିଯିବା" ମୁଁ ଚାଲିଲି । ସେମାନେ କହିଲେ ଦେଖ ତୋତେ ଆଜି ସମସ୍ତଙ୍କୁ ସିନେମା ଦେଖାଇ ନେବାକୁ ହେବ । ହଁ ଭରିଲି । ସିନେମା ଘରେ ପଶୁ ନପଶୁ ଆଗ ଦେଖି ପକାଇଲି ମୋର ପୁରୁଣା ବନ୍ଧୁ ରଞ୍ଜନକୁ । ସେ ତା ପାଖକୁ ମୋତେ ଡାକିଲା । ମୁଁ ଥାର୍ଡ଼ କ୍ଲାସ ଟିକେଟ୍ କାଟି ସେକେଣ୍ଡ କ୍ଲାସକୁ ଯିବି କିମିତି । କଣ କରାଯାଏ । ସେ ତା ଟିକେଟ୍‌ଟି ବଢ଼େଇ ଦେଲା ମୋଆଡ଼େ । ତାକୁ ଧରି ଗଲି ତା ପାଖକୁ । ରୋମାନ୍ସ ଖରାପ ହୋଇଗଲା ବୋଲି ମୁଁ ମନେ ମନେ ବଡ଼ ଖୁସି ହେଉଥିଲି ! କିନ୍ତୁ ତା ପାଖରେ କାହାରିକୁ ନଦେଖି ଆହୁରି ଖୁସି ହେଲି । ସିନେମା ଦେଖା ସରିଲା । ସେ ମୋତେ ତା ଘରକୁ ଟାଣିଲା । ମୁଁ ଭାବିଲି ହଷ୍ଟେଲ ନିୟମ ଜାଣି ନାହିଁ ପରା ଏଏ । ତାକୁ ଜଣେଇ ଦେଲି "ମୁଁ ହଷ୍ଟେଲରେ ଅଛି ।" ସେ କିନ୍ତୁ ମାନିଲା ନାହିଁ । ମୋତେ ଟାଣି ନେଇଗଲା । ତା ଘରେ ପହଞ୍ଚିଲୁ । ଏ ଘରର କଡ଼ା ହଲାଇ ଡାକିଲା, "ସବିତା, ସବିତା !" ମୋ ମନ ସେତେବେଳକୁ କଣ ଯେ ହୋଇ ଯାଉଥାଏ କହି ପାରିବି ନାହିଁ । କିଛିକ୍ଷଣ ପରେ କବାଟ ଖୋଲି ଠିଆ ହେଲା ତନ୍ୱୀ ଯୁବତୀ ସବିତା । ମୋତେ ଦେଖି ସେ ଫିକ୍ କରି ହସି ପକାଇଲା । ଭାବିଲି ଇଏ ପରା ପ୍ରେମର ଗୋଟାଏ ଲକ୍ଷଣ । ସେତେବେଳକୁ ଜଗତଟା ସାରା ମୋ ଆଖିରେ ପ୍ରେମ । ମୁଁ ବି ଟିକିଏ ହସିଦେଲି । ସିଏ ଯେ ମୋ ରୂପକୁ ଦେଖି ହସିଲା, ଏକଥା ଜାଣିଥିଲେ ବୋଧହୁଏ ଏତେ କାଣ୍ଡ କରିବାକୁ ସାହସ କରି ନଥାନ୍ତି । ତା ପରେ ଧରନ୍ତୁ ଯାହା ହବାର କଥା । ମାନେ ଖାଇବାକୁ ଦେଇ କିଛି ବିଷୟରେ ଚର୍ଚ୍ଚା ସାଧାରଣତଃ ପ୍ରେମ ବିଷୟରେ । ତାପରେ ଘନିଷ୍ଠତା ବେଶ୍ ।

ସେଦିନ ସେଇଠି ଶୋଇ ପଡ଼ିଲି । ସକାଳୁ ଉଠି ଚା ଖାଇ ଚାଲି ଆସିଲି ହଷ୍ଟେଲକୁ । ତାପରେ ସେଇ ସାଧାରଣ କଥା "ଆଉ ଥରେ ନିଶ୍ଚୟ ଆସିବେ ।" ହଷ୍ଟେଲକୁ ଆସିଲି ସତ କିନ୍ତୁ ମନ ମୋର ସେଇଠି ରହିଗଲା । ମୁଁ ଭାବିଲି ମୋ ପ୍ରେମ ଗୁଡ଼ାକ ଦେହର ଗୋଟାଏ କପରେ ସଞ୍ଚିତ ଥିଲା । ବର୍ତ୍ତମାନ ତାହା ଅବିରାମ ଗତିରେ ବାହାରିବାକୁ ଆରମ୍ଭ କରିଛି । ପୁଣି ସେଇ ନିତି ଦିନିଆ କଥା । ଲଭ୍‌ଲେଟର ଲେଖା ଲେଖି ଚାଲିଲା । ଖଣ୍ଡିଏ ଲେଖେ ଖଣ୍ଡିଏ ଫେରେ, ଏମିତି କରି ଶେଷକୁ ଖୁବ୍ ଗୋଲ ଗୋଲ ଅକ୍ଷରରେ ଲେଖି ତାଙ୍କ ଘର ଚାକରକୁ ଆଠଅଣା ପଇସା ଦେଇ (ଘୁଷ୍ ନୁହେଁ) ଚିଠିଟି ଦେଇ ଆସିବାକୁ କହିଲି । ଚିଠିରେ ନାମ ଦେଇ ନଥିଲି । ସେଇଠି ହୋଇଛି ମୋ ବୋକାମି । ସେ ଚାକର ଯାଇ ଦେଇ ଆସିଛି ତା ବଡ଼ ଭଉଣୀ କବିତାକୁ । ମୁଁ କଣ ଆଜ୍ଞା, ଏତେ କଥା ଜାଣେ ! ତାର ପରି ଜଣକ ସଙ୍ଗରେ ଚାଲିଥିଲା । ସେ ତା ପ୍ରେମିକ ପଠାଉ ଭାବି ସେ ଚାକର ହାତରେ ଚିଠି ଖଣ୍ଡେ ଦେଇ ପଠାଇଲା । ସେଥିରେ ଲେଖାଥିଲା ଯେ ଘର ପଛପାଖ ନଡ଼ିଆବଗିଚା

ଲେଖକ—
ହତାଶ ପ୍ରେମିକ

ଗଛମୂଳେ ଦେଖାହେବ । ମନେ ମନେ ମୁଁ ବଡ଼ ଆନନ୍ଦ । ବଜାରକୁ ଯାଇ ସ୍ନୋ, ପାଉଡ଼ର, ପ୍ରଭୃତି କିଣି ରାତି ୭ଟା ବେଳକୁ ବାବୁ ସାଜି ବାହାରି ପଡ଼ିଲି । ସେ ସାଙ୍ଗମାନେ ଏ ବେଶ ଦେଖି ହସୁଥାନ୍ତି । ମୁଁ କିନ୍ତୁ କେଆର କଲିନି । ଏ ଗୁଡ଼ାକୁ ମଣିଷ କେଆର କଲେ ଚଳିବ କେମିତି ? ରାତି ସାଢ଼େ୭ଟା ବେଳକୁ ମୁଁ ଯାଇ ଗଛମୂଳେ ହାଜର । ସେଇଠି ବସି ବସି ଅଧଘଣ୍ଟେ ହେଲା । ମୁଁ ଭାବିଲି ସେ ଆସିଲେ ନିଶ୍ଚୟ ଅଭିମାନ କରିବି । ସେ ଅଭିମାନ ଭାଙ୍ଗିଲେ କଥା କହିବି ନାହିଁ ଏମିତି କେତେ; କିନ୍ତୁ କବିତା ଦେବୀ ସେତେବେଳକୁ ଆସି ମୋତେ ଦୂରରୁ ଚାହିଁ ପଳାଇ ଗଲେଣି । ମୁଁ କଣ ଜାଣିଛି ମୁଁ ତ ଭାବନାରେ ବିଭୋର । କିଛିକ୍ଷଣ ପରେ ଜଣେ ସ୍ତ୍ରୀଲୋକ ବାହାରିବାର ଦେଖିଲି । ମୁଁ ଅଭିମାନ କରି ବସିଥାଏ । ସେ ପାଖକୁ ଆସିବାରୁ ମୋର ଅଭିମାନ ଭାଙ୍ଗି-

(ପରପୃଷ୍ଠା ଶେଷାଂଶ ଦେଖନ୍ତୁ)

Digitized by srujanika@gmail.com



ଶାରଦୀୟ ପୂଜାର ଅବସର ର ରେଳ କୃଷ୍ଣ ନଗରୀର ଧୂମ୍ରମୟ ଅବଦ୍ଧ ବାୟୁରୁ ମୁକ୍ତବାୟୁ କ୍ରୋଡ଼କୁ ଫେରୁଥାଏ । ମନ ମୋର ସଦ୍ୟ ମୁକ୍ତ ପକ୍ଷୀ ତୁଲ୍ୟ କୋଳାହଳ ନିରୁଦ୍ଧମୟ ଜୀବନରେ ଭାସି ବୁଲୁଥାଏ—ଅବାଧ୍ୟଭାବ ସୁନୀଳ ଗଗନକୁ କଳ୍ପନା କରି କରି । ଜୀବନର ଘଣ୍ଟା ଘଣ୍ଟା ଆଉ ମିନିଟ୍ ଘଣ୍ଟାର ଗତ ପରି ଜନ ଗୁରୁକ ମୋ' ନିକଟରେ ବଡ଼ ଦୁଃସହ । ସେଥିରୁ ଟିକିଏ ବେଆଡ଼ା-ଟିକିଏ ବିଚିତ୍ର-କେତେ ସୁଖପ୍ରଦ । ସେଇ ଆଶାରେ ଏଇ ଶାରଦୀୟ ଅବକାଶ ମଝେ ଜାଗି ଦେଇଥାଏ ଅଶାନ୍ତ ଭାବରେ ଦର୍ଶାନ୍ୱିତ ଓ ଅକାଶୀ କଳ୍ପନାର କ୍ରୀଡ଼ନକ । ଆସାନ୍‌ସୋଲ୍ ଗାଡ଼ିରୁ ଓହ୍ଲାଇ ବାସ୍ ପାଇବାର ଆଶା ଖୁବ୍ କମ୍ ଥାଏ ।

## ଛଦ୍ମବେଶୀ

ଟ୍ରେନ୍‌ର ଧୂମ୍ର କୁଣ୍ଡଳୀକୁ କୋଇଲା ଗୁଣ୍ଡି-ଆ ଭରା ଉଡ଼ନ୍ତି ପବନରେ ଭାସି ବୁଲୁଥାଏ । ସାବ୍‌ନା ଧାନବିଲ ଉପରେ ମୁଗ୍ଧ ହୋଇ ଚାହିଁ ଥାଆନ୍ତି ପକ୍ଷୀକୁ ପାହାଡ଼ କଙ୍କାଳ—ଆଜିର ବର୍ତ୍ତମାନ ସଭ୍ୟତାର ପ୍ରତୀକ ସ୍ତୂପ ! ସାନ ମୁହଁଟି ଭିତରେ ଟ୍ରେନ କୋଠରି ଗଡ଼ି ଚାଲେ ଦିଗଟା ଜୀବ ଜନ୍ତୁ ଦଉଡ଼ୁଥାଏ । ଗୋଟାଏ ମସ୍ତବଡ଼ ପେଟ :—ବିଦ୍ରୁପ ଫୁଙ୍କ ନା-ବାଲି ଭର୍ତ୍ତି, ଅଙ୍କା ବାଙ୍କା ଭରେଇ, ଗୋଟିଏ ଅଜଗରା ଅଣ୍ଡାର ଗୃହପାଖେ । ବାସ୍ ଏତିକି ଇମ୍ପିଟିଆ ଅଭି...

ଜନ୍ତୁ ଦେଖି ଦେଖି ମୋ'ର ମସ୍ତିଷ୍କ ଭିତରେ ଝଡ଼ର ପରିକଳ୍ପନା ହୋଇଥାଏ । ମୁଁ ଖାଲି ଚାହିଁଥାଏ ।

ବାସ୍ ପାଇଲି । ଚୂରଳ ବସ୍ତା ଗୋଟାକ ଉପରେ ଗୋଟାଏ ଲଦିଦେଲା କୁଳିଆ ଆମ-ମାନଙ୍କୁ ଡ୍ରାଇଭର ମଟର ଭିତରେ ଖୁନ୍ଦି ଦେଇ ଯେତେବେଳେ କବାଟ ଲଗେଇ ଦେଇ ମଟ-ରରେ ଷ୍ଟାର୍ଟ ଦେଲା ସେତେବେଳେ ମୋ'ର ମନେ ପଡ଼ିଲା ଲର୍ଡ୍ କ୍ଲାଇଭ୍‌ଙ୍କ ଅମଳର ଅନ୍ଧ-କୂପ ହତ୍ୟାର ବିଭୀଷିକା । ଅନ୍ଧକୂପ ହତ୍ୟା ଦମନ ନୀତିରେ ପ୍ରୟୋଗ କରା ହେଉଥିଲା ସେ ଯୁଗରେ, ଏ ଯୁଗରେ ସଭ୍ୟ ମନୁଷ୍ୟ ଆପେ ଆପେ ଅନ୍ଧକୂପ ହତ୍ୟାକୁ ବରଣ କରେ ଅନ-ନ୍ୟୋପାୟ ହୋଇ । ଏତିକି ତଫାତ୍ ।

ପାଖ ବେଞ୍ଚରୁ ଜଣେ ଯୁବତୀ ଅତିରିକ୍ତ ଗୃହା ସଇ ବମନୋନ୍ମୁଖୀ ହୋଇ ପଡ଼ିଲେ । ବଡ଼ ବିରକ୍ତ ହୋଇ ଡ୍ରାଇଭର ଗାଡ଼ି ରଖିଲା । ସମସ୍ତେ ଫାଙ୍କମାନ୍ଥି ଭଳିଆ ପେଟେ ଲେଖାଏ ଥଣ୍ଡା ପବନ ପୂରାଇ ପୁଣି ଗାଡ଼ିକୁ ଫେରି ଆସିଲେ ।

ଗାଡ଼ି ଚାଲିଲା—

ତା' ସାଥିରେ କଳ୍ପନାରେ ଉଡ଼ି ବୁଲିଲା ମୋର ବିପ୍ଳବୀ ମନ । ଗୋଟାଏ କଣ ସିଟ୍‌ରେ ନିଜକୁ ଯଥାସାଧ୍ୟ ସଙ୍କୁଚିତ କରି ବସି ଚାହିଁ ରହିଥାଏ ଦୂରକୁ । ଦୂର ଦିଗ୍‌ବଳୟର ସୀମା-ରେଖା ଭେଦ କରି ପାହାଡ଼ର ଚୂଡ଼ ଚରି ଆଖି

ମୋ'ର ଛୁଟି ଚାଲିଥାଏ ଅନନ୍ତ ପଥରେ— ବିଶ୍ୱକୋଳରେ ଲକ୍ଷନିଃସ୍ୱ ପ୍ରାଣୀର ନୀରସ କଙ୍କାଳସାର ଜୀବନର ଅନୁସନ୍ଧାନରେ । ନିଃସ୍ୱ ଦରିଦ୍ରଙ୍କର ଅର୍ତ୍ତନାଦ ନିବାରିବା ପାଇଁ ମୁଁ ଖୋଜି ବୁଲୁଥାଏ କୌଣସି ଏକ ପ୍ରତିଷେଧକ । ମୁଁ ଭାବେ—ଭାବି ଭାବି ମସ୍ତିଷ୍କ ମୋ'ର ପୀଡ଼ିତ ହୁଏ ।

ତରୁଣ ମନରେ ମୋ'ର ମୋହ ଆଉ ସ୍ନେହର ଆକର୍ଷଣ ବଡ଼ ଜଟିଳ ହୋଇପଡ଼େ । ଭାବେ ଦୁନିଆର ଏଇ ନିଷ୍ପେଷିତ ପଦଦଳିତ-ଙ୍କର ସାଥିରେ ମୋ'ର ସମ୍ବନ୍ଧ କଅଣ ? ଏମା-ନଙ୍କୁ ନେଇ ମୋ'ର ବୟସ ଓ ଯୌବନକୁ ଅବହେଳା କରିବି କାହିଁକି ? ପାଖ ସିଟ୍‌ର ସେଇ ଯୁବତୀଙ୍କ ଆଡ଼କୁ କଅନେଇଲି । ସେ

ଲେଖ—

**ଦୁର୍ଗା ମାଧବ ମିଶ୍ର**

ମୋତେ କେତେବେଳୁ ଅନେଇ ଥିଲେ କି କଣ ମୁଁ ଚାହିଁଲି ମାତ୍ରେ ଦୁହିଙ୍କ ଆଖି ସମାନ ହୋଇଗଲା । ସେତେବେଳେ ମୁଁ ଦୁନିଆକୁ ଭୁଲିଗଲି । ଖୁସିପରି ତାଙ୍କର ମୁହଁଆଡ଼େ ଅନାଇ ରହିଲି । ସେ ବାସ୍ ଆରପାଖକୁ ମୁହଁ ଫେରାଇ ନେଲେ । ମୁଁ ଭାବିଲି ଜୀବନର ବୁଭୁକ୍ଷୁ ଯୌବନକୁ ପାଦରେ ଠେଲିଦେଇ ଗୁଡ଼ାଏ କଙ୍କାଳଙ୍କ ସାଥିରେ ମାତିବା କାହିଁକି—ଦୋକାମୀ ମୋ' ଭିତରେ ଢେର ଯୁକ୍ତି ବାଢ଼ୁଥିଲା ସେତେବେଳେ ।

(ପଞ୍ଚମ ପୃଷ୍ଠା ଉତ୍ତରୁ)

ଗଲି । ମୁଁ ତାର ହାତ ଧରି ଟାଣିଲି କିନ୍ତୁ ହୁସିଆରେ କେତେ ସେ କଣ କହି ଚାଲିଗଲା ତାର ବଳନା ନାହିଁ । ଯେତେବେଳେ ତାକୁ ନିଜ ଆଡ଼କୁ ଟାଣି ଆଣିବାର ଚେଷ୍ଟା କରେ ସେତେବେଳେ ଚନ୍ଦ୍ରାଲୋକରେ ତା ମୁହଁଟି ଦେଖି ଚମକି ପଡ଼ିଲି । ଏଁ ଏ ଯେ ରଘୁ । ତାପରେ କଣ ହେଲା ମୁଁ କହି ପାରିବି ନାହିଁ । ମୋ ପିଠି, କାନମୁଣ୍ଡା, ଗାଲ କହିବେ । ତା ମନକୁ ଯା ଆସିଲା ଗାଳିଦେଇ ମୋତେ ଛାଡ଼ିଦେଇ ଚାଲିଗଲା । ସେ ଯେଉଁ ମାଡ଼ ପିଠିରୁ ଗଲା ଛଡ଼ନ ହୋଇ ଆଜିଯାଏ । ମନେ ପଡ଼ିଲେ

ଭୟରେ ଦେହ ଶୀତେଇ ଉଠେ । ତା ଆର-ଦିନ ସହର ସାରା ଅଜାଡ଼ ହୋଇଯିବ ଭଳି ରଘୁର ଗୋଲ୍ଡଫିଲେ ପଡ଼ି ଖଣ୍ଡେ ଚିଠି ଲେଖିଲି । ଆଉ ତାକୁ ଲେଟାର ବକ୍‌ସରେ ଡ୍ରପ କରିଦେଇ ଟ୍ରଙ୍କ ସୁଟ୍‌କେଶ ଧରି ଚାଲିଲି ବାଲେଶ୍ୱର କଲେଜ । ସାଙ୍ଗ ସାଥିମାନେ ଏ ଆକସ୍ମିକ କଲେଜ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେଲେ ସତ କିନ୍ତୁ କଥାଟା କେହି ବୁଝି ନାହାନ୍ତି ଆଜିଯାଏ । ରଘୁ ବାସ୍ତବିକ୍ ମୋର ବନ୍ଧୁ । ନୋହିଲେ ଏତେବେଳକୁ କଥାଟା ଦାଣ୍ଡରେ ପଡ଼ି ହାଟରେ ଗଡ଼ି ଗଡ଼ିଥାନ୍ତା ।

ତଥାପି ବି ତାଙ୍କ ଘର ଗୋଟାକ ଲୋକ ଏକଥା ଜାଣନ୍ତି । କିନ୍ତୁ ଶେଷବେଳେ ଯେଉଁ କଥାଟି କହି ଦେଇଗଲା ସେଇଟା ମୋତେ ବଡ଼ ବାଧୁଛି । କଥାଟା କଣ କି ମୋର ଚଉଦ ପୁରୁଷର ଶ୍ରାଦ୍ଧ କରି ସାରିବା ପରେ ଓ କଳ୍ପନାରେ ମୋ ଭଉଣୀକୁ ସ୍ତ୍ରୀ କରି ସାରିଲା ପରେ କହିଲା "ଯେଉଁରୂପ, ଏଥିରେ ପୁଣି ମଣିଷପେ ତୋତେ କରିବେ ପ୍ରେମ ନା ପେରେ—ମ"

—*—



Digitized by srujanika@gmail.com

ହଠାତ୍ ଗାଡ଼ି ଖୁବ୍ ଜୋରରେ ବ୍ରେକ୍ ଦେଇ ରହିଗଲା—ବିନା ସଙ୍କେତରେ । ଭାବନା ଶୀଘ୍ର ଛିଡ଼ିଗଲା । ଆଉ ବେଞ୍ଚରୁ ଜଣେ ଢେଙ୍ଗୁ ଭଦ୍ରଲୋକ ଖଣ୍ଡିଏ ବାଡ଼ି ଧରିକି ଉଠିଆସି ଲଉଠା ଲଗାଉ ଲଗାଉ କହିଲେ, "ଷ୍ଟେ-ହେବାର ବାବୁ ।"

ମୁଁ ତାଙ୍କ କଥାର କୌଣସି ଉତ୍ତର ନ ଦେଇ ଝରକାବାଟେ ଡେଇଁ ପଡ଼ିଲି । ବାକି କେତେକ ସୁବିଧାବାଦୀ ଏତିକିବେଳେ ଗୋଡ଼ ହାତ ଲମ୍ବାଇ ଫରଗୁ ହୋଇ ବସି ପଡ଼ିଲେ ।

ଆଗ ମଟର ଚକାକୁ ଲଗି ଗୋଟିଏ ଅସ୍ଥି-ସାର ସ୍ତ୍ରୀ ମୁଣ୍ଡରେ ହାତଦେଇ ବସି ଯାଇଛି । ଆଖିରୁ ଦ'ଠୋପା ଲୁହ ବାହାରି ଶୁଖିଯାଇଛି । ମଟର ତାକୁ ହଠାଇ ଆଗକୁ ଯାଇ ପାରୁନାହିଁ । ମୁଁ କିଛି ବୁଝି ପାରିଲି ନା । ଆମେ ଯେତେ ଡାକିଲେ ବି ସ୍ତ୍ରୀଟି କଷ୍ଟଲ ମର୍ମର ପ୍ରତିମା ପରି ବସି ରହିଲା । ବାଧ୍ୟ ହୋଇ ଆମେ ହାଡ଼ଲୁଡ଼ ଭଳିଆ ତାକୁ ସେଠୁ ଟେକି ନେଇ ଟିକିଏ ଦୂରରେ ଥୋଇଦେଲୁ । ମଟର ଗାଡ଼ି ଟିକିଏ ଆଗକୁ ଯାଇ ଅଟକିଲା । ଏଥର ବୁଝିଲୁ ସେ ସ୍ତ୍ରୀଟି କାହିଁକି ସେପରି ଭାବରେ ବସିଛି । ମଟର ଚକାତଳେ ଗୋଟିଏ ସାତ ଆଠ ବର୍ଷର ଶିଶୁ ଚାପା ପାଇ ଶେଷ ନିଃଶ୍ୱାସ ମାରିଛି । ମଟରର ତଳେ ରହି ଯାଇଥିବାରୁ ଦିଶୁ ନଥିଲା । ମୁଁ ତା ଉପରେ ଝୁଙ୍କି ପଡ଼ି ଅନେଇଲି । ଦେଖିଲି ଛାତି ଉପର ହାଡ଼ଗୁଡ଼ା ତା'ର ଲେଗୁ କୋଗୁ ହୋଇ ଯାଇଛି । ଆଖି ଡୋଳା ଦୁ'ଟା ନିଜ ଜାଗାରୁ ବାହାରି ଆସିଛି । ତା' ପଛେ ପଛେ ଦ'ଧାର ରକ୍ତ ସେହି ଡୋଳା ପଛେ ପଛେ ବାହାରି ଆସିଛି । ନୂଆଗୁଡ଼ା ଦେହଟାରେ ଖଡ଼ଗାର ପଡ଼ିଯିବ । ଦେହରୁ ଗୋଟାଏ ଫୁରଫୁରିଆ ଗନ୍ଧ ବାହାରି ପବନରେ ଭାସୁଛି । ମୁଁ ଆଉ ଚାହିଁ ପାରିଲି ନା । ପଛକୁ ଫେରି ଅନେଇଲି—ଜଣେ ଭଦ୍ରଲୋକଙ୍କ ଆଖିରୁ ଧାର ଧାର ଲୁହ ବହି ଯାଉଛି । ଯେପରି ସମ୍ଭାଳିବାକୁ ଚେଷ୍ଟା କରୁଛନ୍ତି ପାରୁ ନାହାନ୍ତି । ମୁଁ ତାଙ୍କ ନିକଟକୁ ଚାଲି ଆସିଲି—ତାଙ୍କ ଭିତରେ ଜଣେ ସମ-ଦୁଃଖୀର ସନ୍ଧାନ ପାଇ ।

ଏ ଦୃଶ୍ୟ ବେଶୀ ସମୟ ରହିଲା ନା । ସ୍ତ୍ରୀଟି ନିଜର ଅସ୍ଥିଳ ଶରୀରଟାକୁ ଉଠାଇ ନେଇ ଖୁବ୍ ଶୀଘ୍ର ଦୂର ଝୋଟାଝାଡ଼ତଳେ ମିଶିଗଲା । କର୍ମମ ଡ୍ରାଇଭରର ହର୍ଣ୍ଣରେ ଚିନ୍ତା ଭାଙ୍ଗିଲା । ମୁଁ ନିଃସ-ହାୟ ପରି ସେଇ ଭଦ୍ରଲୋକଙ୍କ କାନ୍ଧକୁ ଆଉଜି ପଡ଼ି ଯାଇ ମଟରରେ ପୁଣି ଭର୍ତ୍ତି ହେଲି । କର୍ତ୍ତବ୍ୟର ନିଷ୍ଠୁର ବେସୁରା ରାଗିଣୀ ଗାଇ ଗାଡ଼ି ଚାଲିଗଲା ।

ସ୍ତରସ୍ତର ଜୀମୂତାବରଣ ତଳେ ସୂର୍ଯ୍ୟର ଶେଷ ରଶ୍ମି ନିଭିଗଲା । ପଶ୍ଚିମ ଦିଗରେ କ୍ଷଣିକ ରକ୍ତିମା ପାହାଡ଼ର ଉତ୍ତୁଙ୍ଗ ଚୂଡ଼ାତଳେ ମ୍ଳାନ ହୋଇଗଲା । ମୁଁ ଅନନ୍ୟ ମନସ୍କ ଭାବରେ ସେଇ ବିଚିତ୍ର ସୁଷମା ଆଡ଼େ ଏକ ଧ୍ୟାନରେ ଚାହିଁ-ଥାଏ । ମନେ ହେଉଥାଏ—ଯିମିତି ମୁଁ ଟ୍ରେନ୍ ବାଲିର ଗୋଟାଏ ପ୍ରକାଣ୍ଡ ଚଡ଼ା ଉପରେ ଠିଆ ହୋଇଛି । ଯେତିକି ଦମ୍ଭର ସହିତ ଛିଡ଼ା ହେବାକୁ ଚେଷ୍ଟା କରୁଛି, ଗୋଡ଼ ସେତିକି ଭିତରକୁ ଭିତରକୁ ପଶି ଯାଉଛି । ମୁଁ ବିହ୍ୱଳ ହୋଇ ଦୂର ଦିଗ୍‌ବଳୟ ଆଡ଼େ ସାହାଯ୍ୟ ପାଇଁ ଅନେଇଛି ।

"ଆଉ ଭାବିଲେ କଣ ହେବ ବାବୁ—ଏଇତ ଦୁନିଆ—"

ହଠାତ୍ ନୀରବତା ଭାଙ୍ଗିଗଲା । ମୁଁ ଗାଡ଼ି ଭିତରକୁ ମୁହଁ ଫେରାଇ ଚାହିଁଲି । କେତେ-ବେଳୁ ମୁଁ ଯେ ସେଇ ଭଦ୍ରଲୋକଙ୍କ ଉପରେ ମୋ'ର ସମସ୍ତ ଭାର ଲଦି ଦେଇ ବସିଛି, ମୋ'ର ଆଉ ଖିଆଲ ନାହିଁ; ଦେଖିଲି । ମଟର ଭିତରର ସମସ୍ତ ଯାତ୍ରୀଙ୍କ ଦୃଷ୍ଟି ମୋ'ର ଠାରେ ନିବଦ୍ଧ । ସେ ଯୁବତୀ ମଧ୍ୟ ଦ୍ୱିଗୁଣ ଆଗ୍ରହରେ ମୋ'ଆଡ଼େ ଚାହିଁଛନ୍ତି । ବଡ଼ ଅପ୍ରତିଭ ବୋଧ କଲି । ନିଜର ଦୁର୍ବଳତାକୁ ଯଥାସାଧ୍ୟ ଚାପି ରଖି କହିଲି; 'ହଁ ତା ନୁହେଁ, ଆଉ କ'ଣ ?'

ତା'ପରେ ଭଦ୍ରଲୋକଙ୍କ ସାଥିରେ ବେଶ୍ ସୌହାର୍ଦ୍ଦ୍ୟର ସହିତ କଥାବାର୍ତ୍ତା ଚାଲିଲା । ଦେଖିଲି, ଭଦ୍ରଲୋକ ବଡ଼ ବେଶୀ ଭାବ ପ୍ରବଣ । ଗରୀବ ମାନଙ୍କର ଦୁଃଖ ବର୍ଣ୍ଣନା କରୁ କରୁ କାନ୍ଦ ପକାଉ ଥାଆନ୍ତି । ମୁଁ ଆଗ୍ରହର ସହିତ ଶୁଣୁଥାଏ । ଦୁହିଁଙ୍କ ପ୍ରକୃତି ଏକା ହୋଇଥିବାରୁ ଦୁହେଁ ଖୁବ୍ ଶୀଘ୍ର ବନ୍ଧୁ ପାଲଟି ଗଲୁ । ମୋ'ର ଭାବନା କବଳରୁ ମୁକ୍ତି ପାଇ ଯେଉଁ ବନ୍ଧୁଙ୍କ ସହ ଆଳାପରେ ମାତିଗଲି ।

କଣ୍ଡକ୍ଟର ଗଳ୍ପପରେ ବନ୍ଧୁ ଜଣକ ବାସ୍‌ରୁ ଓହ୍ଲାଇ ଗଲେ । ଗଲାବେଳେ ସାହେବୀ ଢଙ୍ଗରେ ମୋ'ର ବାଁ ହାତଟା ହଲାଇ ଦେଇ ନମସ୍କାର କରି ହସି ହସି ଚାଲିଗଲେ । ତାଙ୍କ ସହିତ ସେ ଯୁବତୀ ମଧ୍ୟ ଓହ୍ଲାଇଥିଲେ । ସେ ଏହା ଭିତରେ କଥୋପ କଥନରେ ଯୋଗ ଦେଇ ନୀରସ ବାସ ଭ୍ରମଣକୁ ସରସ କରି ଦେଇଥିଲେ । ସେ ଗଲା-ବେଳେ ନିହାତ୍ ପରିଚିତଙ୍କ ପରି ମତେ ଅନ୍ତ-ରିକ ଅର୍ଥରେ ଆଲିଙ୍ଗନ କରି ବିଦାୟ ନେଲେ । ନାରୀ ଅଙ୍ଗର ଉଷ୍ଣ ନିଶ୍ୱାସ ମତେ ଅଭିଭୂତ କରିଦେଲା । ମୁଁ ଥଙ୍ଗେଇ ଥଙ୍ଗେଇ ଗୋଟାଏ ନମସ୍କାର କଲି । ସେ ସେତେବେଳକୁ ବାସ୍ ବାହାରେ ।

ଏତେ ଅଳ୍ପ ସମୟ ବନ୍ଧୁତା ଏତେ ଘନିଷ୍ଟ ହୋଇ ପଡ଼ିଥିଲା ଯେ, ସେ ଚାଲିଗଲା ପରେ ତାଙ୍କର ଅନୁପସ୍ଥିତି ଅନୁଭବ କଲି ।

ବାସ୍ ଚାଲିଲା—

ହଠାତ୍ ଦୂର ରାସ୍ତାରୁ ଦୁଇ ପରିଚିତ ମୁଖରୁ ବାହାରି ଆସିଲା ତା'ନେ ତୃପ୍ତିର ହସ ! ମୋ'ର ମନେ ହେଲା ସତେ ଯେମିତି ସେ ଦୁହେଁ ବାସ୍ ଭିତରୁ ବାହାରି ଯାଇଛନ୍ତି କୌଣସି ଅମୂଲ୍ୟ ରତ୍ନ ସାଥିରେ ନେଇ ।

ଆଶ୍ଚର୍ଯ୍ୟ ହେଲି । କାରଣ ଅନୁମାନ କରି ପାରିଲି ନା ।

କେତେଦୂର ଯିବାପରେ କଣ୍ଡକ୍ଟର କହିଲା, "ବାବୁ, କେଉଁଠାଏ ଯିବେ ?"

ସୁନ୍ଦରଗ୍ରାମ,
ଅଚ୍ଛା ଦିଅନ୍ତୁ, ଟଙ୍କାଟଙ୍କା ଦୁଇଅଣା

ମୁଁ ମନିବ୍ୟାଗଟା ପାଇଁ ଛାତି ପକେଟରେ ହାତ ମାରିଲି । କାଗଜ ପତ୍ରଗୁଡ଼ିକ ଉଷ୍ମ ହୋଇ ହାତକୁ ଲାଗିଲା । ହାତଟା ପକେଟରେ ପୂରାଇ ସବୁ କାଗଜ ପତ୍ର ବାହାରକୁ ଆଣି ଦେଖିଲି—ମନିବ୍ୟାଗଟା ନାହିଁ ।

ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ସାଙ୍ଗେ ସାଙ୍ଗେ ଫାଉଣ୍ଟେନ୍ ପେନ୍‌ଟା ପାଇଁ ହାତ ମାରି ଦେଖିଲି ସେଇଟି ବି ଠିକ୍ ସ୍ଥାନରେ ନାହିଁ ।

ହାତ ବ୍ୟାଗରେ ରଖି ଦେଇ ନାହିଁ ତ !

ହାତ ବ୍ୟାଗଟା ଝିଙ୍କି ଆଣି ଲଗାପଟା ଦ'ଖଣ୍ଡ ଟାଣି ଆଣିଲି । ତା' ସାଥିରେ ମନି-ବ୍ୟାଗଟା ଖସି ଆସିଲା । ଖୁବ୍ ତତ୍ପରତାରେ ହାତ ପୂରାଇ ଟଙ୍କା କାଢ଼ିଲା ବେଳକୁ ଦେଖେ ଚମଡ଼ା ମୁଣିଟା ଫାଙ୍କା—ସେଥିରେ ଗୋଟିଏ କପର୍ଦ୍ଦକ ନାହିଁ । ଟଙ୍କା ଲୁଆଡ଼େ ଗଲା । କଲମଟା ବି ନାହିଁ ?

ଥାନା ପାଖରେ ଘଣ୍ଟି ବାଜିଲା ସାତ ।

ଡବଲ କଫ୍ ସାର୍ଟର ହାତଟା ଉପରକୁ ଦୁନାଇ ଅଣ୍ଟେ ବଜୁଳିବତୀ ଆଲୁଅରେ ସମୟ

(୧୦ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com

# ମେଲାଣି

**କାଳନ୍ଦୀଚରଣ ପାଣିଗ୍ରାହୀ**

ଧର୍ମ ଆଉ ରାଜନୀତି
ଦୁଇଟିକୁ ଦୁଇପାଖେ ରଖି ତୁମେ ଧରିଲ ନିକିତି
ଧର୍ମକୁ କରିଲ ଭାରି
ରାଜନୀତି ଉପରେ ତା ଭାର
ରଖିଲ ଚତୁର ।
ମାଗିଥିଲ ପ୍ରେମ ମଧ୍ୟ ପରମ ଶତ୍ରୁର
ଜୀବନଠାରୁ ସତ୍ୟ ବଡ଼
କହିଥିଲ ପରା କେତେ ଥର
କହିଥିଲ ଉତ୍ସର୍ଗ କରିବ ସାରା ଦେଶ
ସତ୍ୟ ପଦ ହୁଏ ଶେଷ ।
ରାଜନୀତିଠାରୁ କଲ ଧର୍ମକୁ ଯେ ସାର
ନମସ୍କାର ନମସ୍କାର !
ଧରିଲ ଦରିଦ୍ର ବେଶ ସେ କି ରାଜନୀତି ?
ପାରେ କେହି କହି
ଚରଖା ଅହିଂସା ଧରି ରାଜନୀତି ରଣେ ?
ତୁମେ ଏକା ଜଣେ
ଏ ଦେଶର ଦରିଦ୍ରକୁ ଆଣି
ଦୁନିଆ ଆଗରେ ପରା ରଖିଥିଲ ଦୁଃଖୀର ବଖାଣି!
ଦାରିଦ୍ର୍ୟର ମୁଖପାତ୍ର
ହୋଇ ମାତ୍ର
କହିଥିଲ ନିଃସ୍ୱଜନ ଭାଷା ହିଁ କେବଳ
ମଣିଷର ପଶୁ ବଳ କରିଲ ଫୁତ୍କାର ;
ନମସ୍କାର ନମସ୍କାର !
ଯେ ଧନ ଲଭିଲ ଧର୍ମ ବଳେ
ରାଜନୀତି-କଉଶଳେ
ପାରିଲ କି ତାହା ?
ନୃଶଂସ ହୃଦୟେ ଯାହାଁ ମାୟା
ପାରିଲ ସରଜି ?
ଦୁନିଆର ହେ ବନ୍ଧୁ ଦରଦୀ !
ହୃଦୟ ପରିବର୍ତ୍ତନ ଲୋଡ଼ିଥିଲ ରାଜନୀତି କ୍ଷେତ୍ରେ
ଦେଖିଛ କି ନେତ୍ରେ
କାହିଁ ହେଲେ ନମୁନା ତାହାର ?
କିବା ଦେଖିଗଲ ଖାଲି ମୁନାଫାର
ଜ୍ୱଳନ୍ତ ବଜାର
ଦ୍ୱେଷର ପିଶାଚ ।
ସେ ଅଗ୍ନିର ଗୃହଦାହେ କରେ ସଦାନାଚ ।
ତହିଁ ଯେବେ ତବ ଶାନ୍ତି ବାଣୀ
ନ ସିଞ୍ଚିଲା ପାଣି
... ଅଧିକ
... ଆଗ୍ରହ ହେବ ଅକଠିକ ?
... କହ କେଉଁଠାରେ ?
ହା... ସିଂହଦ୍ୱାରେ
ଅହରହ ... ତହିଁ ଦାନବର ... ଅଧ...
ଧରି ନୈ...
ସେହିଠାରୁ ସତେ ...
ବନ୍ଦୀ କ୍ରନ୍ଦନର ଅହେ ପ୍ରିୟ ।
ତୁମଠାରୁ ...ର ଘଟିବ ବିଚ୍ଛେଦ ?
... ସେହି
ଯୋଡ଼ ପାଣି
ସେହିଠାରେ ଦାନ କର ଆଜି କିବା ମାଗି ମେଲାଣି

ଆଶା—ସାତଘଣ୍ଟା ଉତାରୁ
ମିଳେଇବା ପାଇଁ ଘଣ୍ଟାକଣ୍ଟା ଆଡ଼କୁ ଚାହିଁଲି । ଦେଖିଲି, ଘଣ୍ଟାଟିର ଠିକ୍ ଜାଗାରେ ନାହିଁ । ମୁଁ ସ୍ୱପ୍ନ ଦେଖୁନ ଥି । ଦୁ' ଆଖିକୁ ମଳିଲି । କଟଟି ଉପରେ ଆଙ୍ଗୁଳି ଚାଳନ କଲି । କାହିଁ ?

ବଡ଼ ହତାଶ ଲାଗିଲା । ମତେ ଜଣାଗଲା, ପୃଥିବୀଟା ଯିମିତି ମୋ ଆଗରେ ଘୁରୁଛି । ଗଛ ପତ୍ରଗୁଡ଼ିକ ପବନରେ ଉଡ଼ୁଛନ୍ତି । କର୍ଣ୍ଣକୁହରେ ପଶୁଥିଲା—

ବାବୁ, କଅଣ ହେଲା କି ?

ସବୁ ବିଶୃଙ୍ଖଳ ।

ମଟରଟା ଯାକ ଖୋଜା ହେଲା । ମିଳିଲା ନାହିଁ ।

ସେତେବେଳକୁ ସେଇ ଭଦ୍ରଲୋକ ... ସେଇ ଯୁବତୀଙ୍କ ଛଡ଼ା ତ ଆଉ କେହି ... ନାହାନ୍ତି ।

... 

ବ୍ୟାପାର କ'ଣ ବୁଝିବାକୁ ମୋର ...




...ହୋଇନଥାଏ । ...ସମବେଦନାରେ ଯେ ଦରିଦ୍ର, ଦୁଃସ୍ଥ- ... ଅନ୍ଧାରରେ ଅଶ୍ରୁ ଢାଳୁଥାଏ, ...

ତଳେ ଯେ ସଇତାନ୍ ଲୁଚି ଶୋଇଛି, ଏକଥା ବୁଝିବାକୁ ମୋର ମୁଣ୍ଡ ଅତିରିକ୍ତ ଭାବରେ ଗରମ ହୋଇ ଯାଇଥାଏ ।



Digitized by srujanika@gmail.com

ରଘୁପତି

ରାଘବ

ରାଜାରାମ



ପତିତ

ପାବନ

ସୀତାରାମ

—ପ୍ରାଣର ବାପୁଜୀ—

ଜୀବନେ ତମକୁ ଲଘୁ କରିଅଛୁ
ସବୁଥିରେ ଅଛୁ ଫାଙ୍କି,
ତବ ଉପଦେଶ ଦଳିଛୁ ଚରଣେ
ଉଡ଼ାଇ ତବ ଟାଙ୍କି।
ଆଉ ନାହିଁ—ଆଉ ନାହିଁ
ଏଣିକି ଜୀଇଁବା ଜୀଇଁବା କେବଳ
ବାପୁଜୀ, ତମରି ପାଇଁ ।
ମାନସିଂହ (ବାପୁତର୍ପଣ)

ଖାଲି ଏକ ଭୟ ମନେ ଆସେ,
କେଜାଣି ବା ଚେଲା ଦଳ
ସୁଖ ଢାଙ୍କି ଦେହ ଗାନ୍ଧି-ବାସେ
କରିବେ ଅ-ଗାନ୍ଧୀ କର୍ମ କାଳେ ଲୁଣ୍ଠିତେ
ନିଜ କ୍ଷୁଦ୍ରହିତେ,
ସେହି କାଳେ ହେ ମରଣ,
ହେବ ତବ ଜୟ ବାର ମ୍ବାର,
ଗାନ୍ଧୀର ପ୍ରକୃତ ହତ୍ୟା
ଯହିଁ ପାପ, ହିଂସା, ଅତ୍ୟାଚାର ।
—ମାନସିଂହ (ମହା ଯାତ୍ରା ବାପୁତର୍ପ



Digitized by srujanika@gmail.com

ଈଶ୍ୱର ଆଲ୍ଲା ତେରେ ନାମ



ସବ୍‌କୋ ସନ୍‌ମତି ଦେ ଭଗବାନ

କୋଟିଏ ପର୍ଣ୍ଣଶେଯିଏ
ସଜାଡିଲ ଅଖଣ୍ଡ ପ୍ରଦୀପ,
କୋଟି ହୃଦ-ବେଦିକାରେ
ଅଜାଡିଲ ପୀରତିର ନୀପ,
କୋଟିଏ ଅନ୍ତରେ ଦେଇ
ଦରଜର ଅତୁଲ୍ୟ ପରାସ,
ଆପଣାକୁ ଜାଳି ଯିଏ
ଚରଣରୁ ଧୂପ [illegible] ବାସ,
ଗୋଟିଏ ଯମୁନା ଛଡା
ତା' ସ୍ମୃତିକୁ ପୋଛିବ କି ପାରଇ,
ଜୀବନର ମନ୍ଦାକିନୀ
ତା' ମରଣୁଁ ଝରନ୍ତେ ଝରଇ !

—ଗୌରଚନ୍ଦ୍ର ।

ଜୀବନର ପରାଭବେ ନମାଇଲ ପରାଜୟ ସେଥି
[illegible] ଉଠିଛି ଅ[illegible] ଯନ୍ତ୍ରଣାଯୁ ମୃତ୍ୟୁ ଶିରେ ପାଦ ଦେଇ ଦେଇ,
ମାନବର ଦୁର୍ବଳତା ପ୍ରେମ [illegible] ପାଏ ଯାହାଁ ଦମ୍ଭ,
ମରଣ [illegible] ଯାହା ପାଇ ମାତ୍ର ସମାରମ୍ଭ,
ଘାତକର ଘା[illegible] ପ୍ରେମରେ ଦ୍ରବଣ,
[illegible] କର୍ମଠେ ଯାର [illegible] ଉତ୍ସପ୍ରସ୍ରବଣ,
ବୀଭତ୍ସ ବିଶ୍ୱାସଘାତ ଯୁ[illegible] ଲେ ଦେଇ ଜୟଟୀକା ।
ଆଧ [illegible] ଗୌରବରେ [illegible] ରଖିବା ବହ୍ନିଶିଖ !
ବିଶ୍ୱାସରେ ବାଟପିଇ [illegible] ରେ ଛଡିଲ ନିଶ୍ୱାସ ।
ସେ ଆଧା ଆବେଗମୟୁ ଗାଲି ଏକ ସୂକ୍ଷ୍ମ ଭାବୋଚ୍ଛ୍ୱାସ ।

— ନିତ୍ୟାନନ୍ଦ

—÷—



Digitized by srujanika@gmail.com



## ବର୍ତ୍ତମାନ

ଲେ— ଶ୍ରୀମତୀ ପ୍ରେମମୟୀ ଦେବୀ

ଲେଖନୀ ହସ୍ତେ ସ୍ତମ୍ଭିତ ମୁହିଁ ପାରେ ନାହିଁ କିଛି ଭାବି
ରକ୍ତ ଅକ୍ଷରେ ଯେ ଗାଥା ହୋଇଛି ଲେଖା
ହିଂସାର ଯୁଗେ ରଂଜିତ ଯେଉଁ ଛବି
ଜାଣେ ଦିନେ ହେଲେ ଘୃଣିତ ମସୀରେଖା ।

ତେବେ ବି ତ ଆଜି ଧରିଛି କଣ୍ଠ ଚିପି
ଶୋଣିତ ପ୍ରବାହ ଉଛୁଳେ ନୟନ ବ୍ୟାପୀ
ସ୍ତମ୍ଭିତ ମନେ ଉଠେ ଧାରଣା ଅଦ୍ୟାପି
ମହାକାଳ ବୁକେ, ସେତ ନୁହେଁ ପାପ ଶିଖା ।

ଧର୍ମର ନାମେ ସ୍ୱାର୍ଥକୁ କରି ବଡ଼
ଭକ୍ତ ମଣିଷେ ପଶୁ କରି ଅଛି ଯିଏ,
ସେଇ ଯଦି ଖୋଜେ ସତ୍ୟ ବୃହତ୍ତର
ତାହାଠାରୁ ବଳି ପାଗଳ ଧରିତ୍ରୀରେ କିଏ ?

ଖାଲି ଅକାରଣେ ମରି ପ୍ରାଣ ହୁଏ ବଳି
ଅନ୍ଧ ମଣିଷେ ସଇତାନ ଯାଏ ଛଳି,
ଜନପଦ ହୁଏ ଭୀଷଣ ରୁଦ୍ର କାରା
ସ୍ୱାଦୁ ନଦୀ ଜଳେ ମିଶିଛି ରକ୍ତ ଧାରା ।

ସହିଅଛି କେତେ ଅତ୍ୟାଚାର ଏ ମହୀ
କେତେ ଦଳ କେତେ ସଂପ୍ରଦାୟ ଲହୁ ବହି
କେହି ତ ତାହାର ପ୍ରମାଣ ଦେବାକୁ ନାହିଁ
କେତେ ସୀମାନ୍ତ ଭାଙ୍ଗିଛି କାଳ ବଳେ ।

ପାଗଳ ମଣିଷ ପଢ଼େ ନାହିଁକି ଇତିହାସ ?
ତେଣୁ ଆଣିବାକୁ ଚାହେଁ ଯଣକର ନାଶ,
ଅମର ଆତ୍ମା ନୁହେଁ କାହାର କ୍ରୀତ ଦାସ
ରାମ ରହିମେ ଧର୍ମ ତ ନାହିଁ ଠେଲେ ।

ସେତ ଜାଣିଅଛି ଖଣ୍ଡକାଳର ପରେ,
ଉଦାତ୍ତ କଣ୍ଠେ ଆଜି ବି ଯାହାର ପଢ଼େ
ସେ ଯେ ଭୀତ ନୁହେଁ ଭ୍ରାନ୍ତ [illegible] ହୁଂକାରେ
ନାଳାକାରେ ହେଲେ ନାହିଁ [illegible] ବୈଶାଖୀ ଝଡ଼େ ।

କେତେ ମେଘ ଆସେ କେତେ ମେଘ ଯାଏ ନାହିଁ
ସ୍ୱାର୍ଥ ସହିତେ ଦମ୍ଭ ପଡ଼ଇ ଫାଟି,
ପଙ୍କଜ କେତେ ମଳିନ୍ତ ପଙ୍କ ଘାଣ୍ଟି
ସେହି ଆଜି ଖାଲି ତାହାର ହିସାବ ଗରେ ।

ଜଗତ ବ୍ୟାପୀ ଏ ଚୁଲିଅଛି ହଣାହଣି
ଆମେତ କେବଳ ରଖୁ ତାର ସନ୍ଧାନ
ମୃତ୍ୟୁର ମୁଖେ କେତେ ଅମୃତ ବାଣୀ
ଉଠୁଛି କିନ୍ତୁ ଦେଉନାହିଁ କିଏ କାନ ।

ଭୀଷଣର ଭୟେ ସ୍ପନ୍ଦରେ ଭୁଲି ହେଲେ
ଅଶୋକ ମନ୍ତ୍ର ପଶେ ନା କର୍ଣ୍ଣ ମୂଳେ
କଣ୍ଟାର ଘାତେ ଦେଖି ପାରୁନାହିଁ ଫୁଲେ
ଅର୍ଚ୍ଚନାବେ ତାଙ୍କଇ ପ୍ରେମ ଗାନ ।

ମହାମାନବ ତୁ ବୃଥା ପାଇଅଛୁ ଭୟ,
ଝଡ଼ର ଊର୍ଦ୍ଧ୍ୱେ ଗାଇଯା ଆପଣା ସୁର
ପଛେ ଚାହିଁ ଦେଖ ଘୂର୍ଣ୍ଣିବ ସଂଶୟ
କିଏ ବାହାରିଲା କିଏ ବା ହୋଇଲା ଦୂର ।

ଧର୍ମର ନାମେ ଯେଉଁ ଅମୃତ ପ୍ରାଣ,
ଦିଏ ଭ୍ରାନ୍ତ [illegible] ବଳି ଦାନ
ତାର କାନେ ଯାଇ ଶୁଣା ମିଳନର ଗାନ
ବିଶ୍ୱଭୁବନ ପ୍ରେମେ ହେଉ ଭରପୁର ।

ଶାନ୍ତିର ଦେବ ଜାଗହେ ଗାନ୍ଧୀ ଜାଗ ହେ ଶାକ୍ୟ ମୁନି,
ଜାଗ ମହାବୀର ଜାଗ ହିଂସାର ବୀଭତ୍ସ ଧ୍ୱନି ରଣେ,
ମନ୍ଦିରେ ଜନପଦେରେ [illegible] ଅଟ୍ଟାଳିକା [illegible]
ପଡ଼ୁଛି ତୁମେ [illegible] ତା ଭୁଲିଛନ୍ତି ପର ଜନେ ।
ସେହି ଭବ ମହାବାଣୀ ଏ ଭାରତେ ହେଲାକି ଅର୍ଥହୀନ
ଜାଗ ଜାଗ ଆଜି ଜଗତଜୀବନ ଗାନ୍ଧୀ ବୁଦ୍ଧ ଜୀନ ।

---

## ସ୍ମୃତି

ଭୁଲି [illegible]
[illegible] କି ହୁଏ କେବେ ଅତୁଲ୍ୟ କଥା
[illegible] ଥାଏ ସେ ଚିର ଚିତ୍ତରେ ମଥା ହେ
ସେ ପୁଣ୍ୟ ବାଣୀ
ଧରିଥିଲେ ଅନ୍ତରେ ଉଜ୍ଜ୍ୱଳ ଯିବା ହେ ।
ଯେତିକି ପୁଲକିତ ହେବ ସେ ସ୍ମୃତି
ଝଲୁଥିବ ତହିଁରୁ ଉଜ୍ଜ୍ୱଳ ଦ୍ୟୁତି ହେ
ନିଜ ଅନ୍ତରେ
ବିକାଶି କର ପୂଜା ପ୍ରେମ ମନ୍ତ୍ରରେ ହେ ।
ଆସି ନଥିଲେ ସେ ଯେ ଆପଣା ଲାଗି
ଯା ପ୍ରେରଣାରେ ଦେଶ ଉଠିଲା ଜାଗି ହେ

ତାଙ୍କ ଜନମ
ତୁମର ପାଇଁ ସବୁ ତାଙ୍କ କରମ ହେ ।
ତପସ୍ୟା ତେଜ ମିଶା ବାଣୀ ତାଙ୍କର
ଶୁଣି ଭାଙ୍ଗିଲା ମୋହ ନିଦ୍ରା ତୁମର ହେ
ଅରପ ଏବେ
ତାଙ୍କ ଚରଣେ ତୁମ ଶ୍ରଦ୍ଧା ଗାରବେ ହେ ।
ଜୀବନେ ତାଙ୍କ ଉପଦେଶ ଆଚରି
ଭାଲ ହୃଦୟେ କି କର୍ତ୍ତବ୍ୟ ତୁମର ହେ

ଉତ୍କଳ କନ୍ୟା

ବାପୁଜୀ ସ୍ମୃତି ପାଳି ହେଉଥା ଧନ୍ୟା ହେ ।
ତାଙ୍କ ଇଚ୍ଛାନୁସାରେ ନିଜକୁ ଗଢ଼ି
ପୂଜିବା ଲାଗି ତାଙ୍କୁ ହୁଅ ସଜାଡ଼ି ହେ
ସୁମନପରି
ଅର୍ପି ଦିଅ ନିଜକୁ ସୁଗୁଣେ ଭରି ହେ ।
ସମଦର୍ଶୀ ହୁଅ ସତ୍ୟେ ବାହୁରେ
କାଟି ଦିଅ ଜୀବନ ପର ସେବାରେ ହେ
ସତ୍ୟେ ସୁଦୃଢ଼
ହୁଅ ଯେ ଗୁଣେ ତୁମ ବାପୁଜୀ ବଢ଼ ହେ ।
ଶ୍ରୀମତୀ ଦେବହୁତି ଦେଇ



Digitized by srujanika@gmail.com



## ମହାଯାତ୍ରା

(ଲାଳକା) ଲେ—ହନୁମାନ କରମଗୃହୀ

ହେ କନକା ଲୁଇବ୍ରେରୀ-
ବାସିନୀ ଭାରତୀ,
ସାରଲେ, କ କଲେ କହ
ଛାତ୍ର ଚୂଡ଼ା ମଣି
ଜରଦ୍‌ଗବ (ଗୃହବର୍ଷେ
ଖସିଲେଯେ—I A)
ଶୁଣିଲେ ଯେକାଳେ ଉତ୍ତ -
ପ୍ରଫେସର ମୁଖେ
Test ପରୀକ୍ଷାରେ ତାଙ୍କ
ଧୈର୍ଯ୍ୟ ଧରିଥିବା
Return ticket ବାର୍ତ୍ତା
ବୁଝି କ୍ଷଣ୍ଣ କାରୀ
. କେମନ୍ତେ ସହଲେ ,ସହ
ଦାରୁଣ ବାରତା ?
କି କଲେ ଶୁଣିଣ ତାଙ୍କ
ସିନେମା- ବାନ୍ଧବ
ସିଗାରେଟ୍ -ସାଥିବୃନ୍ଦ ?
ଦେଲେଟି ସାନ୍ତ୍ୱନା ?
ଯୁଚ୍ଛୋଦ୍ଧର ସାରଲେ ଗୋ,
ଜରଦ୍‌ଗବଙ୍କର
ସ୍ୱଗୃହ ?- ପ୍ରୟାଣ ବାର୍ତ୍ତା,
କହ କୃପା ବହ ।
ବୁଦ୍ଧିବୃନ୍ଦି ଧ୍ୱଂସ ଜାଣି
ବାବୁ କୁଳମଣି
ଜରଦ୍‌ଗବ ମାର୍ଜାରଙ୍କୁ ୧
କହିଲେ ସମ୍ବୋଧି
"ହେ ଦୋସ୍ତ, ଦୁସ୍ତର—test
ପରୀକ୍ଷା ସାଗରେ
(ତମ୍ଭ ତମ୍ଭଙ୍ଗିଲ ରୂପେ
ଭ୍ରମିଲେ ଭେଟିବେ
ଯହିଁ କଷ୍ଟ ପ୍ରଶ୍ନ
Frig Don gohn ଆଦି
ଯେଉଁ ପ୍ରଫେସର ନିଜ
ଜ୍ଞାନାଚରଣରେ
ଅଧ କର ଥାଆନ୍ତି ମତେ
କର୍ଣ୍ଣଧାର ରୂପେ-
କରୁଥିଲେ ଅନୁକ୍ଷଣ
ଶ୍ରୀବାକ୍ୟେ ଯାଙ୍କର
ଶତବର୍ଷ ନବେ—Proxy
ଗୋଟି ଗୋଟି ପ୍ରାଣୀ
ଓଡ଼ିଆ କ୍ଲାସେ ନିତ
RollCall ବେଳେ
ଟଲେ ଡେକ୍‌ରେ କଲେଜ'
ନିଜ ଧାମେ ସେହ
ଲଢ଼ି ଥାନ୍ତେ ମୋ ଲାଗି ଯେ
sending up ବେଳେ
ହେ ଦୋସ୍ତ, କସୁଖେ ଆଉ
ରହିବ ସସାରେ ?
କଲେଜର ଲୀଳାଖେଳା
ସରିଲା ମୋହର,
କଲେଜବହମୁବଟେ
ଜର ଜର ହୋଇ
ସ୍ୱାସ୍ଥ୍ୟ ସଞ୍ଚ୍ୟ ପାଶୋରିଣ
ସାରିଲି ଅଯୂତ
Second Show Cinemaରେ
ରହି ଜାଗରଣେ ।
ଅମେରିକା ଦୁଗ୍ଧ ମିଳେ
ମୁଗ ଧଳର ମିଶିଲ
ମୁହୁର୍ମୁହୁ କରିଇଲି
Privy ପର୍ଯ୍ୟଟନ ।
ଦୁଃଖ ମନ୍ତ୍ର ପାଠ ସନା
ମହା ସୁଖ ଦେବାଯ୍
ବୋଲନ୍ତି ଜଗତେ ସାଧୁ,
ଜଗତ ଯେ ସଦା
ମହାଦୁଃଖେ, ସ୍ୱାସ୍ଥ୍ୟ ଭଙ୍ଗ
ରହି ଉଜାଗରେ
ଠିକ୍ୟା ଯତ୍ନେ, ଅଳେକ ସେ
ଜଗତ ଛାମତେ
ବନ୍ଧି ମଧ୍ୟ ଏବେ ତହିଁ
ହେଲା ଜୀବନ୍ତ
ସନ୍ତାପର ସିଂହାସନ
ହେଲା ସିନା ଲଭ
ଭଙ୍ଗୁର ପାଠର ଭାଇ
ସୁଖ ଏହ ପର
ଆମ୍ଭ ଗ୍ରାମେ ଯେବେ ତୁମ୍ଭେ
ଯିବ ଦୋସ୍ତବର
ଜଣାଇବ ଗୁରୁଜନ
ଶ୍ରୀ ପଦେ ପ୍ରଣାମ
କହିବ ମୋ ଡାକ୍ତରଙ୍କୁ
ଯେଉଁ ଠିକ୍ୟା ମତେ
ଦେଇଥିଲେ Powder
Cream suow ପାଇଁ
ଚଳାଇବ ନିରୁଦ୍ଦେଶ
ଯାହାର ଖରଚ
ସାଙ୍ଗ ହେଲା ଅଜଠାରୁ
ବନ୍ଧୁପଣ ମୋର
ସମସ୍ତଙ୍କୁ ଥାପୁଡ଼ାଇ
ମାଗୁଛି ମେଲାଣି
ହେନ୍ତେ ଚଢ଼ି ଅଚିରିବ
ନିରୁଦ୍ଦେଶ ବ୍ରତ
ବାଜିଲାଣି ଆଦ୍ୟ ଘଣ୍ଟି
ଯାଉଚି ଷ୍ଟେସନ
ଆଚ୍ଛା ଭାଇ ଜୟହିନ୍ଦ୍
ଅଧା ରାମ ରାମ
ଭୁଲିଲେ ବାବ୍ଦେନ୍ଦ୍ର ଡେଙ୍କ
West Hotel
ସେନ୍ଦ୍ଧି ବଣେ ବୁଲିଟିଏ
ଗୃହିଲା ପଣ୍ଡାଡେ ୩

—※—

୧ । କଲେଜରେ ପଡ଼ି ପଡ଼ି ବୟସ ଗଡ଼ିଯିବାରୁ ତାହୁ ଜରଦ୍‌ଗବ ଡାକନ୍ତି । ଜରଦବ ଉପାଖ୍ୟାନର ମାର୍ଜାର ଶାବକ ଖାଇବା ପରି ତାଙ୍କର ବାନ୍ଧୁମାନଙ୍କ ଉଦ୍ଦେଶ୍ୟ ତାଙ୍କଠାରୁ ସବୁବେଳେ କିଛି କିଛି ଝଡ଼ାଇବେ. ଅର୍ଥାତ ଅପ୍ରାକୃତ ପ୍ରେମ ନଥାଏ ।

୨ । ରେଭେନସା କଲେଜ- ରେ କଲେଜ ।

୩ । West Hostel ରେ American Condensed Milk ଦିଆ- ଯାଉଥିଲା ଯେ ଓଡ଼ିଆବାର ଛାତ୍ରମାନେ ପାଇ-ଖାନାରେ ଛନ୍ଦ ଭଙ୍ଗ ଦେଉଥିଲେ ଅର୍ଥାତ୍ ଦଦାହଜମି ।



Digitized by srujanika@gmail.com

# ଚିଠିପତ୍ର

ମହାଶୟ ।

କରଞ୍ଜିଆ ହାଇ ସ୍କୁଲରେ ଦୁଇଟି କ୍ଲାସ ଖୋଲି ହେଲାଣି । ଏଠାରେ କେବଳ ଦୁଇଜଣ ଶିକ୍ଷକ ଥିଲେ । କିନ୍ତୁ ଆଜକୁ ୧୨ଦିନ ହେଲା କେବଳ ଜଣେ ଶିକ୍ଷକ ଅଛନ୍ତି । ତିନିମାସ ବିତିଗଲା କେତେକ ବିଷୟମାନେ ପଢ଼ା ହୋଇ ନାହିଁ । ଜଣେ ଶିକ୍ଷକ ଦୁଇଟା କ୍ଲାସ ଚଳେଇବେ କିପରି ? ଫଳରେ ଛାତ୍ର ତଥା ସବ୍‌ଡିଭିଜନର ଲୋକମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଖେଳି ଯାଇଛି । କର୍ତ୍ତୃପକ୍ଷ ଏଥିପ୍ରତି ପାଶ୍ଚିପିତ ପ୍ରଜାଙ୍କର ଦୃଷ୍ଟି ଦେବେ କି ?

—+—

ମହାଶୟ,

ରେଭେନସା କଲେଜ ଆଇ, ଏସ ସି ରେ ବାଇଓଲଜି ପଢ଼ିବା ପାଇଁ ବହୁଛାତ୍ର ଆଗ୍ରହ ପ୍ରକାଶ କରିବାରୁ ସେମାନଙ୍କୁ ସ୍ଥାନାଭାବର କାରଣ ଦେଇ ଫେରାଇ ଦିଆ ହୋଇଥିଲା । ଏବେ ୪,୫ଟି ସ୍ଥାନ ଖାଲି ପଡିବା ଜଣା ପଡ଼ିବାରୁ କେତେକ ଛାତ୍ର ପୁଣି ହମ ହମ ହୋଇ ପ୍ରିନ୍‌ସ୍‌ପାଲଙ୍କ ପାଖକୁ ଯାଇଥିଲେ । କିନ୍ତୁ ପ୍ରିନସ୍‌ପାଲ ସ୍ଥାନଥିଲେ ସୁଦ୍ଧା ପିଲାମାନଙ୍କୁ ବାରଣ କରିଦେଲେ । ସ୍ଥାନଅଛି ଅଥଚ ସେମାନଙ୍କୁ ନିଆ ଯାଉ ନାହିଁ ।

— ଜଣେ ଛାତ୍ର

ମହାଶୟ,

ଟାଉନ ଶାଖା ଡାକ୍ତରଖାନାଟି ... ସରକାରଙ୍କ ଅମଳରୁ ଟାଉନ ଓ ପାଖ ଆଖ ୧୦୦୦୦ ହଜାର ଲୋକଙ୍କ ହିତ ଦୃଷ୍ଟିରୁ ସନ ୧୯୪୭ ଜୁଲାଇ ମାସଠାରୁ ସ୍ଥାପିତ ହୋଇ ଚଳି ଆସୁଥିଲା । ଏହି ଡାକ୍ତରଖାନାଟି ଉଠିଯିବା ପାଇଁ ସରକାରଙ୍କ ଆଦେଶ ଆସି ପହଞ୍ଚି ଅଛି । ସର୍ବସାଧାରଣଙ୍କ ବାରମ୍ବାର ଆପତ୍ତି ସତ୍ତ୍ୱେ ସରକାର ଏ ପ୍ରତି ଦୃଷ୍ଟି ନ ଦେଇ ସୁବିଚାର ନ କରି ଏଥି ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଏହାର ପ୍ରତିବାଦ କରି ଗତ ଗାନ୍ଧିଜୟନ୍ତୀ ସକାଳ ୯ ଘଣ୍ଟା ଠାରୁ ଶ୍ରୀ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧିଙ୍କ ନୀତି ଅନୁସାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିମ୍ନଲିଖିତ ୭ ଜଣ ବ୍ୟକ୍ତି ଅନଶନ ଆରମ୍ଭ କଲେ ।

୧ । ଶ୍ରୀ ଗିରିଶ ବିହାରି ମହାନ୍ତି ୨ । ଶ୍ରୀ ରଘୁନାଥ ହୋତା ୩ । ଶ୍ରୀ ଦିବାକର ପାତ୍ର ୪ । ଶ୍ରୀ ସହଦେବ ସାହୁ ୫ । ଶ୍ରୀ ହରିହର ନନ୍ଦୀ ୬ । ଦାମୋଦର ଦାସ ୭ । ଶ୍ରୀ ଦୁଃଖୀ ସେନା ଶ୍ରୀ ରମେଶ ଦାଶ ।

ଶ୍ରୀ ଗଙ୍ଗାଧର ଦାଶ

— ଆନନ୍ଦପୁର

---

## କ୍ଷମାଭିକ୍ଷା

ସହୃଦୟ ପାଠକ ପାଠିକା; ଏଜେଣ୍ଟ ଓ ଡଗରର ଶୁଭାକାଂକ୍ଷୀ ବର୍ଗଙ୍କୁ ଏହି ଶୁଭ ଦିନରେ ଡଗର ତାର ଅନ୍ତରର ଅଭିବାଦନ ଜଣାଉଛି । ଡଗର ଅଫିସ କଟକକୁ ଉଠିଆସିବା ଦ୍ୱାରା ପ୍ରାଥମିକ ଆୟୋଜନ କରିବାରେ ଆମ୍ଭଙ୍କୁ ବହୁତ ଅସୁବିଧା ଭୋଗିବାକୁ ପଡିଅଛି । ଏହି ଅସୁବିଧା ଦୂର କରିବାକୁ ଆମ୍ଭଙ୍କୁ ଆଉ କିଛି ଦିନ ମଧ୍ୟ ଲାଗିବ । ଏଥିଲାଗି ସବୁ ସଂଖ୍ୟା ପ୍ରକାର ପାଇବାରେ ବହୁତ ବିଳମ୍ବ ଘଟିଅଛି ଓ ଆଉ କିଛି ଦିନ ପାଇଁ ଘଟିବାର ସମ୍ଭାବନା ଅଛି । ଆମ୍ଭର ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆପଣମାନଙ୍କଠାରୁ କ୍ଷମା ମାଗୁଅଛୁ । ଆପଣମାନଙ୍କ ଦୟା ଓ ସୁଇଚ୍ଛାକୁ ସମ୍ବଳ କରି ଆମ୍ଭେ ଆଉ ଅଳ୍ପଦିନ ମଧ୍ୟରେ କଟକରୁ ଯଥା ସମୟରେ ପ୍ରକାଶ କରିବାକୁ ଚେଷ୍ଟା କରୁଅଛୁ ।

ମ୍ୟାନେଜର

ଡଗର

---

ଶ୍ରୀ ପ୍ରଫୁଲ୍ଲ କିଶୋର ପଟ୍ଟନାୟକ ଲେଡିଗେଡ଼ ନୂଆଦିଲ୍ଲୀ— ଡଗର ଉତ୍କଳର କିଶୋରମାନଙ୍କ ପାଇଁ ଏକମାତ୍ର ପତ୍ରିକା । ସେଥିରେ 'କେବଳ ପୁରୁଷଙ୍କ ପାଇଁ' ପରି ଲେଖା ପ୍ରକାଶ ପାଇବା ଦ୍ୱାରା ତାର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି ।

ଏ ସମ୍ବନ୍ଧରେ ଆମେ ଏତିକି କହିବାକୁ ଚାହୁଁ ଯେ ଡଗର କେବଳ କିଶୋରଙ୍କ ପାଇଁ ନୁହେଁ । କିଶୋରଙ୍କ ପାଇଁ ଗୋଟିଏ ବିଭାଗ ମାତ୍ର ସୂଚିତ ଅଛି । କେବଳ ପୁରୁଷ ବା ମହିଳାଙ୍କ ପାଇଁ ପ୍ରଭୃତି ଲେଖାକୁ ଅଶ୍ଳୀଳ ମନେ କରିବା ଉଚିତ ନୁହେଁ । ଏହା ଆଧୁନିକ ସମାଜର ଅଶ୍ଳୀଳତା ଉପରେ ବରଂ ଯୋତା ମାଡ଼ । ସ.ଡ.

ଶ୍ରୀ ଯତୀନ୍ଦ୍ର ଦାସ ମହାପାତ୍ର, ଫକୀରମୋହନ କଲେଜ ବାଲେଶ୍ୱରର ଛାତ୍ର ଲେଖିଛନ୍ତି ହରିହର ପ୍ରସାଦ ମହାନ୍ତିଙ୍କ ଓଡ଼ିଶାର କେନ୍ଦାର କେନ୍ଦ୍ର ସମ୍ବନ୍ଧରେ ଯାହା ଲେଖିଛନ୍ତି ତାହା ବ୍ୟକ୍ତିବିଶେଷ ପ୍ରତି ବିଦ୍ୱେଷବଶତଃ ଲେଖା ହୋଇଥିବାର ଜଣାଯାଏ । ବାସ୍ତବରେ ରକ୍ତଦାନ ଓ ଫେଡ଼ିଆସ ପ୍ରତିଷ୍ଠିତ କେନ୍ଦାର ନାଟିକା ଅତି ଚମତ୍କାର । ଡଗର ସମ୍ପାଦକ ଏ ସବୁ ନିର୍ଗୁଣ ଲେଖା ପ୍ରକାଶ କରିଛନ୍ତି ବୋଲି ଲେଖକ ଅନୁମାନ ଓ ଆକ୍ଷେପ କରିଛନ୍ତି ।

ଏ ସମ୍ବନ୍ଧରେ ଆମେ ନିଜ ଅଜ୍ଞତାକୁ କହିବୁଁ — କଟକ ଦେଶର କେନ୍ଦ୍ର ସ୍ୱଜନବତ୍ସଳତାର କେନ୍ଦ୍ର ହୋଇଥିବାରୁ ଉପଯୁକ୍ତ ବିଷୟ ମଧ୍ୟ କହି ବୋଧହୁଏ । କଳା ଅର୍ଥରି ଯେତେ ବାହାରେ ରହିବ ସେତେ ସୁନ୍ଦର ।

ସ. ଡ.

---

### ବାଲୁଆ ବଜାରର ଅବକଷ୍ଣିକାଶ

ପାଲଟି ଯେତେ ମଶା ମାରିଲେ କି ମଶା ମରେ ଆମ ପେଟ ପୁରେ ! ମନ୍ଦିରେ ମନ୍ଦିରେ ମଠର କୃପାରେ ଯେଉଁ ଡଙ୍କା ନୈବେଦ୍ୟ ମଣ୍ଡା ମିଳୁଥିଲା ଆମର ଫୋର କୋର୍ଟ ଉନାର ମହନ୍ତବ ନେହେରୁଙ୍କୁ କି ଏମିତି ଉନର ଦେଇ ନ ଥିବେ । କିନ୍ତୁ ଆମ ଦୁର୍ଭାଗ୍ୟରୁ ସେ ଗୋଟି ଜଣଙ୍କ ଏମିତି କଟକଣା କରି କଟକ ଟ୍ରଙ୍କ ମଠରର ଗଡକ ରୋକିଲା ଦା ଗୃପା ପଡ଼ି ମରିବା ହେଲା ସପନ । ଆମର ଉନର ନାଟି ଫଫେଲ ଫେଲରୁ ଫେଲ । କେତେରେ ନଈ କୂଳରେ କାହାକୁ ଟିକିଏ ପୋଖରୀ ପାଣି ବି ବସେଇ ଦେଲେ ନାହିଁ । ଆମ ଟି ପାଟି ବି ଭଣ୍ଡାର ଏ ଯାହା ହେଉ ବାଲୁଆମାନଙ୍କର ବଡ ବନ୍ଧୁ ଆମ ଓଡ଼ିଶାର ବଡ଼ ବାଲୁଆ । ସେ କି ବଳରେ ଗୃଷ ନ କରି ମଧ୍ୟ ଗୃଷ ବାବଦକୁ ମାସରେ ୩୦୦୦୦ ପାନ୍ତି—ତାଙ୍କ ଅନୁଗ୍ରହରୁ ବାଲୁଆ ଗହନ ପୂଲିଶ ଦେଇ ସ୍ଥାନାନ୍ତରିତ ହେଉଛନ୍ତି । ଏଥର ବାଲୁଆ ବାଇଙ୍କର ଅବାଧ ନିଶାତର ଅଧିକାର ବା କଳାବଜାର ଚାଲିବ । ଜୟ ବାଲୁଆ ସରକାର



Digitized by srujanika@gmail.com




ଭାଗ୍ୟମଣି—ଶ୍ରୀଉମାଚରଣ ଦାସ— ପୃ ୧୪୮ ପୃଷ୍ଠା ଟ ୧। ଏହି ଉପନ୍ୟାସ ଖଣ୍ଡିକ କଳାହାଣ୍ଡି ପୁରସ୍କାର ଲାଭ କରିଛି । ଉତ୍କଳର ସାମନ୍ତ ଯୁଗୀୟ ଗୋଟିଏ ଘଟଣା ନେଇ ଏହାର କଥାବସ୍ତୁ ଗଠିତ । କଥାବସ୍ତୁ ରଚନାରେ ବହୁତ ଅଦକ୍ଷତା ସୂଚକ ଘଟଣାମାନ ଥିଲେହେଁ, ରଚନାଭଙ୍ଗୀ କୌଶଳରେ ନିପୁଣତା ଅଛି । କେବଳ ପୁସ୍ତକର ଭାଷା ଆଧୁନିକ ଉପନ୍ୟାସୋପଯୋଗୀ ରୁଚି— ସଙ୍ଗତ ହୋଇ ପାରିନାହିଁ । ମୁଦ୍ରଣରେ ଅନେକ ଭୁଲ ରହିଯାଇଛି । ବୟସରେ ଉମାଚରଣବାବୁ ଯେ ସାହିତ୍ୟ ସେବାରେ ମନ ବଳାଇଛନ୍ତି ଏ ଅତି ଆନନ୍ଦର କଥା । ତାଙ୍କ ଭଳି ଅଭିଜ୍ଞବ୍ୟକ୍ତିଙ୍କଠାରୁ ଆମ୍ଭେମାନେ ଆହୁରି ମନୋହର କଥା ସୃଷ୍ଟି ଆଶା କରୁ ।

ପ୍ରଦୀପିକା—ଅଧ୍ୟାପକ ଶ୍ରୀସିଦ୍ଧେଶ୍ୱର ହୋତା ଏମ୍ ଏ, କାବ୍ୟତୀର୍ଥ —ପୃ ୭୩ ପୃଷ୍ଠା-ମୂଲ୍ୟ ଏକଟଙ୍କା । ଅଧ୍ୟାପକ ହୋତା ଜଣେ ଚିନ୍ତାଶୀଳ ସୁଲେଖକ ବୋଲି ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ରଚିତ ସାତଗୋଟି ପ୍ରବନ୍ଧ ପ୍ରଦୀପିକାର ଅଙ୍ଗ ମଣ୍ଡନ କରିଛି । ତହିଁ ମଧ୍ୟରେ ଦୁଇଟି ମନସ୍ତତ୍ତ୍ୱମୂଳକ, ଦୁଇଟି ଓଡ଼ିଆ ଛନ୍ଦ ସମ୍ବନ୍ଧରେ ଆଉ ତିନୋଟି ଗୋପବନ୍ଧୁ ଗଙ୍ଗାଧର ଓ ଗାନ୍ଧିଜୀ ଜୀବନୀ ଆଲୋଚନା । ପ୍ରବନ୍ଧ ଭାଷା ବିଶୁଦ୍ଧ ଓ ଚିନ୍ତା ମୌଳିକ । ପଣ୍ଡିତଜୀ ସର୍ବ ସାଧାରଣରେ ତାଙ୍କର ଦାନ ବିତରଣ କରି ଅମର ସାହିତ୍ୟ ସୃଷ୍ଟି କରିବେ ବୋଲି ଆଶା କରୁଁ ।

ଜୀବନୀ ଓ ପ୍ରବନ୍ଧ ଶ୍ରୀମାୟାଧର ମାନସିଂହ —ପୃ ୧୬୦ ପୃଷ୍ଠା—ମୂଲ୍ୟ ପନ୍ଦର ଅଣା । କବି ମାନସିଂହଙ୍କର ବାଇଶ ଗୋଟି କ୍ଷୁଦ୍ର ନାନା ବିଷୟକ ଗଦ୍ୟପ୍ରବନ୍ଧ ଘେନି ଏ ପୁସ୍ତକର କଳେବର ଗଠିତ । ପଦ୍ୟରଚନାରେ କବି ଯେପରି ସିଦ୍ଧି ଲାଭ କରିଛନ୍ତି ଗଦ୍ୟରେ ମଧ୍ୟ ତଦନୁରୂପ ଖ୍ୟାତି ଅର୍ଜନ କରିବେ ବୋଲି ଆମର ବିଶ୍ୱାସ । ଏ ପୁସ୍ତକରେ ଥିବା ବିଷୟଗୁଡିକର ପରିସର ବିସ୍ତୃତ ଓ ଭାଷା ସ୍ୱଚ୍ଛନ୍ଦ । ସ୍କୁଲର ପାଠ୍ୟରୂପେ ନିର୍ବାଚିତ ହେବା ପକ୍ଷରେ ଏହା ଖୁବ୍ ଉପଯୋଗୀ ବୋଲି ମନେ ହୁଏ ।

\+ \+ \+

ହେମଶସ୍ୟ— ଡାଃ ମାୟାଧର ମାନସିଂହ ପୃ ୧୦୮ ପୃଷ୍ଠା— ମୂଲ୍ୟ ଟ ୧। ୧୫ଟ ଗୋଟି ଖଣ୍ଡ କବିତାରେ ଏ ପୁସ୍ତକର କଳେବର ମଣ୍ଡିତ । କବି ମାନସିଂହଙ୍କର ଜୀବନ୍ତ ଓ ହେମଶସ୍ୟୀ କବିତା ଗୁଡ଼ିକ ପ୍ରାଣବନ୍ତ କରିଛି । ଭାବ

କବି ଓ କବିତା— ଡାଃ ମାୟାଧର ମାନସିଂହ — ପୃ ୧୫୭ ପୃଷ୍ଠା — ମୂଲ୍ୟ ଦୁଇଟଙ୍କା । ଏହି ପୁସ୍ତକରେ କବି ମାନସିଂହ ଆପଣାକୁ ଜଣେ କବିତାର ସମାଲୋଚକ ରୂପରେ ପ୍ରକାଶ କରିଛନ୍ତି । ସାଧାରଣତଃ କବିମାନେ ଅନ୍ୟ କବିଙ୍କ ରଚନା ପଢ଼ି ମୁଗ୍ଧ ତନ୍ମୟ ହୋଇ ପାରନ୍ତି ମାତ୍ର ତାକୁ ବିଶ୍ଳେଷଣ କରି ଉପଭୋଗ କରିବା କବିଙ୍କଠାରେ ସମ୍ଭାବନା ସହଜ ନୁହେଁ । ମାତ୍ର କବି ମାନସିଂହ ନିଜେ ଜଣେ ଖ୍ୟାତନାମା କବି ହୋଇ ମଧ୍ୟ ଭାବସ୍ରୋତରେ ଭାସିନ ଯାଇ ଅପର କବି ଓ କବିତାର ନିରପେକ୍ଷ ସମାଲୋଚନାରେ ଅଦ୍ଭୁତ କ୍ଷମତାର ପରିଚୟ ଦେଇଛନ୍ତି । ସେକସପିୟର, ରବୀନ୍ଦ୍ରନାଥ, ରାଧାନାଥ, ଗୋପାଳକୃଷ୍ଣ ପ୍ରଭୃତି କବିମାନଙ୍କର ଆଲୋଚନା ଗୁଡ଼ିକ ଯେପରି ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ସେହିପରି ପାଣ୍ଡିତ୍ୟପୂର୍ଣ୍ଣ । ମାନସିଂହଙ୍କ ଗଦ୍ୟ ଓ କବିତା ଲେଖିବାର ନିପୁଣତା ତାଙ୍କ ଲେଖିବାର ଆର୍ଟଠାରୁ ଊଣା ବୋଲି ମନେ ହୁଏ ନାହିଁ । ଏପରି ଉପାଦେୟ ଗ୍ରନ୍ଥ ଓଡ଼ିଆରେ ବିରଳ ।

କ୍ଷଣିକ ସତ୍ୟ— ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ—ପୃ ୧୦୮ ପୃଷ୍ଠା-ମୂଲ୍ୟ ଟ ୧। ବିଭିନ୍ନ କାଳରେ ରଚିତ କବିଙ୍କ ଖଣ୍ଡକବିତା ସଂଗ୍ରହ । ବୋଧହୁଏ ପ୍ରଥମ କବିତା 'କ୍ଷଣିକ ସତ୍ୟ'ର ନାମାନୁସାରେ ବହିଟିର ନାମକରଣ ହୋଇଛି । ମାତ୍ର ଭିତରେ ଯେ କବିତାଗୁଡ଼ିକ ରହିଛି ସେଥିରେ ନିର୍ଭେଳ ଚିରନ୍ତନ-ସତ୍ୟର ପ୍ରକାଶ । ମୂଳରୁ ଶେଷଯାଏ ସବୁ କବିତାରେ ଗୋଟିଏ ନୀରବ ବେଦନାର ସ୍ରୋତ ବହି ଯାଉଛି । ଏହା ଆପଣାର ନୁହେଁ—ବିଶ୍ୱର ବେଦନା ମୂଳ ହୋଇ କବିର ହୃଦୟକୁ ଯେତେବେଳେ ଆଲୋଡ଼ିତ କରେ ତାର ଦରଦୀ ହୃଦୟ ତାର ଝଙ୍କାର ଉଠେ ଗୋଟାଏ ବ୍ୟଥାତୁର ସ୍ୱର ସୃଷ୍ଟି କରି । ସେହି ସ୍ୱର ବଡ଼ ମଧୁର । କ୍ଷଣିକ ସତ୍ୟର କବିତାଗୁଡିକ ସେଥିପାଇଁ ଏତେ ମଧୁର ହୋଇଛି । ଅନେକ ସ୍ଥଳରେ କବିତାଠାରୁ ଗଭୀର ତତ୍ତ୍ୱ ପ୍ରକଟିତ ହୋଇଛି ଅଧିକ । ପ୍ରାୟ ପ୍ରତି କବିତାର ଭାବବ୍ୟଞ୍ଜକ ରେଖାଚିତ୍ରଗୁଡିକ ବହିଟିକୁ ଅଧିକ ଉପାଦେୟ କରିଛି । ମୋଟ ଉପରେ କ୍ଷଣିକ ସତ୍ୟ କବି କାଳିନ୍ଦୀ ଚରଣଙ୍କ ଯଶ ଅକ୍ଷୁର୍ଣ୍ଣ ରଖିଛି ।

ଜୀବନଚିତା—ଡାକ୍ତର ମାୟାଧର ମାନସିଂହ ପୃ ୭୩ ପୃଷ୍ଠା—ମୂଲ୍ୟ ଦଶଅଣା । ତିରିଶ ଗୋଟି ସାନବଡ଼ କବିତାରେ ଏ ବହିଟି ସମ୍ପୂର୍ଣ୍ଣ । ସଂସାରରେ ସୁଖ ଦୁଃଖ ସମସ୍ତେ ଭୋଗ କରନ୍ତି ମାତ୍ର କବି ତାହାଯେପରି ଗଭୀର ଭାବରେ ଅନୁଭବ କରେ ତାହା ଆଉ କେହି ପାରନ୍ତି ନାହିଁ । କବିର ବିଶିଷ୍ଟତା ଏହିଠି । କବି ମାନସିଂହ ତାଙ୍କ ଜୀବନରେ ଯେଉଁ ସବୁ ଦୁଃଖ, ବେଦନା, ଲାଞ୍ଛନା ହତାଶ ଭୋଗିଛନ୍ତି ଯେଉଁପରି ଜଳପୋଡ଼ି ହୋଇଚନ୍ତି ସେହି ସବୁ ଅନୁଭୂତିର ମଧୁ ନିର୍ଯ୍ୟାସ ବୋଲି ହୋଇରହିଛି ଜୀବନଚିତାରେ ଥିବା ପ୍ରତି କବିତାର ଛନ୍ଦେ ଛନ୍ଦେ । ବେଦନା ବିଧୁର ହୃଦୟର ତପ୍ତହୁତାଶ ଭରା କବିତାଗୁଡ଼ିକ କବିଙ୍କ ବୀଣାର ପରଶରେ ଜୀବନ୍ତ ରସମୟ ହୋଇ ଉଠିଛି ।

\+


ପ୍ରଗତିଶୀଳ ଉତ୍କଳରୁ ପ୍ରକାଶ ପାଉଛି—

---ଉନ୍ମେଷ---

(ମାସିକ ପତ୍ର)

ଉତ୍କଳର ବିଶିଷ୍ଟ ଲେଖକଙ୍କର ନାନାପ୍ରକାର କବିତା, ପ୍ରବନ୍ଧ, ଗଳ୍ପ, ନାଟକ, ଆଲୋଚନା ଇତ୍ୟାଦିରେ ଭରି ସରସ ସୁନ୍ଦର ସାହିତ୍ୟ ପତ୍ରିକା ଅଚିରେ ପ୍ରକାଶ ପାଉଛି ।

ବାର୍ଷିକ ଟ୬ଙ୍କା     ଷାଣ୍ମାସିକ ଟ୩ଙ୍କା

ଖଣ୍ଡ ୫୦

ଅଗ୍ରୀମ ଦେଇ ନିମ୍ନ ଠିକଣାରେ ପଠାଇ ଶୀଘ୍ର ଗ୍ରାହକ ଶ୍ରେଣୀଭୁକ୍ତ ହୁଅନ୍ତୁ

ପରିଚାଳକ ଉନ୍ମେଷ C-o ନବଶକ୍ତି ପ୍ରେସ

ଲଘା ବଜାର     କଟକ୨




Digitized by srujanika@gmail.com



## ବିରଳା ଭବନ

(ଲେ— ରାଧା ଗୋବିନ୍ଦ ରଥ' ଅଧିକାରୀ ୧୧୦୯)

ଭାଙ୍ଗିଲ ଯେ ଛିନ୍ନ କରି ଦଳେ
ଶତାବ୍ଦିର ବେଷ୍ଟିତ ଶୃଙ୍ଖଳ,
ଅହିଂସାର ମୋହିନୀୟ ସ୍ପର୍ଶେ
ପରାଜିତ କରି ଶତ୍ରୁବଳ,
ଚାଲିଗଲେ କାହିଁ ସେ ଦେବତା,
ଭାରତର ବକ୍ଷେ ଜାଳି ଅଲିଭା ଏ ଚିତା ?
ଝଡ଼ ଝଞ୍ଜା ବଜ୍ରାଘ୍ର ଆଘାତେ
ଉଜ୍ଜ୍ୱଳି ଜଳିବ ମନ୍ଦ ବାତେ,
କି ମହାନ ଅଟଇ ସେ ଜ୍ୟୋତି
ନ ଲିଭିବ ଘଟିଲେ ବି ପ୍ରଳୟର ରାତି ।
ଯେଉଁ ତତ୍ତ୍ୱ ଦେଇ ଦେଶେ ଆଜି,
ବ୍ୟାପୁ ତାହା ନିଖିଳ ଧରଣୀ
ସ୍ୱର୍ଗଧାମେ ଲଭିବ ସେ ଶାନ୍ତି
ଦେବ କଷ୍ଟେ ସେନେହ ଅର୍ଜିତ
ଯାର ଫଳେ ନ ରହିବ ପରମାଦ ଲେଶ ।
ଜନମି ସେ ଏହି ଦେଶ କୋଳେ
ପ୍ରଚାରିଲେ ଅହିଂସା ଧରମ,
ଭେଦ ଭାବ ଭୁଲି ଉଚ୍ଚ ନୀଚ
ସାଧିଲେ ସେ ଯେ ମହାକରମ
ଏ ଜଗତେ ନାହିଁ ମୂଲ୍ୟ ତାର
ଦୀନ ଦୁଃଖୀ ପାଇଁ ପ୍ରାଣେ ଯାର ହାହାକାର
ଭରି ଉଠୁଥିଲା ନିଶି ଦିନ
କାହିଁ ସେ ଦେବତା ଆଜି ଶୂନ୍ୟ ହେଲା ସ୍ଥାନ
ଦେବତାର ବକ୍ଷ ଦୋହଲାଇ
ପାଷାଣର ବଜ୍ର-ନାଦୀ ଗୁଳି
ଭେଦିଲା ଅନ୍ତରେ ତାର
ରାମ ନାମ ମୁଖେ ଧରି ପଡ଼ିଲେ ସେ ଢଳି ।
ଅହିଂସାର ଶାନ୍ତିମୟ ପ୍ରାଣ ।
ନାଶିଲା ତାହାରେ କିମ୍ବା ଦୁର୍ବୃତ୍ତ ପଷାଣ !
ଅହେ ପୂଜ୍ୟ ପିତା
ପର ପାଇଁ ଦେଲ ନିଜପ୍ରାଣ ।
କୋଟି କଣ୍ଠ ଗାଏ ଆଜି
ରାମଧୂନ ଗାନ ।
ପାପକିଳିଷ୍ଟ ବକ୍ଷ ଏ ଧରାର
ପବିତ୍ର କରିଛି ବାପୁ ଝରି ରକ୍ତ ଗାର ।
ପୁଣ୍ୟ ଭୂମି ହେଲା ତୋର ମରଣର ସ୍ଥାନ
ମହାକାଳ ରାଉ ନାମ ବିରଳା ଭବନ ।

## ବାପୁଜୀ

ଦେବତା କପଟ କହିବି ତୁମକୁ
ତୁମେତ ମଣିଷ ରୂପୀ
କିନ୍ତୁ ତୁମ କୀର୍ତ୍ତି ଦେବତାଠୁଁ ବଳି
ଜଗତେ ଯାଇଛି ବ୍ୟାପି—୧
ଯେ ଦିନ ଭାରତ ଅନ୍ଧକାରରେ
ଡିଇଁ ଥିଲା ଶ୍ରେଷ୍ଠ ତାର
କିଏ ଜାଣିଥିଲା ତାହାର ଆଲୋକ
ବ୍ୟାପିବ ଭାରତ ସାରା—୨
କୋଟି ମୁମୂର୍ଷୁର ଆର୍ତ୍ତ କ୍ରନ୍ଦନ
ବାଜିଲା ତୁମରି କାନେ
କୋଟି ନରନର ଅଶ୍ରୁର ଲହରେ
ଦହିଲା ତୁମରି ପ୍ରାଣେ—୩
ବନ୍ଦିନୀ ମାତା ମୋ ଅନାଇଥିଲା
କେତେ ଯେ ସାଧନା କରି
ମୁକ୍ତ ସେ ଆଜି ତୁମରି ପାଇଁ
ମୁକ୍ତ ଏ ଭାରତ ଶିର—୪
ଭାରତ ପାଇଁକି ବରିଲ ତୁମେ ହେ
ଯେତେକ ବିପଦ ଦୁଃଖ
କାରା ବାସକୁ ମଣିଥିଲ ତୁମେ
ଇନ୍ଦ୍ରପୁରୀର କୋଟି ସୁଖ—୫
ତୁମରି ପାଇଁ କି କେତେ ଦିନପାଇଁ
ଲାଗିଗଲା ହର୍ଷୋତ୍ସବ
କିନ୍ତୁ ତାହାଙ୍କୁ ଆଜି ଭାରତେ
ଭାସୁଛି ଏ ଆର୍ତ୍ତରବ—୬
କିଏସେ ହେ ତୁମେ କାହିଁ ଏ ଆସିଲ
ଯାଉଛ କାହିଁ ଚାଲି
(ଆଜି) ସାରା ଏ ବିଶ୍ୱରେ ଶୁଭୁଛି ଖାଲି
ବାପୁଜୀ ବାପୁଜୀ ବୋଲି—୭
ବାପୁଜୀ ତୁମ କଥା ସତେ
ପଡ଼ୁଅଛି ଆଜି ମନେ
ସତ୍ୟ-ଅହିଂସାର ପାଇଁ କି ଲଢ଼ିବୁ
ଏ ସ୍ୱାଧୀନ ଅଭିଯାନେ—୮
ମୁସଲମ ହିନ୍ଦୁ ଦୁଇ ଭାଇ ହୋଇ
ମାନିବୁ ତୁମରି କଥା
ଜାତିମ୍ନ ଝଣ୍ଡାର ଅଗରେ ଅପେକ୍ଷେ
ନୁଆଇଁ ଦେବୁ ଏ ମଥା—୯

## --ବାପୁଜୀ ଆସିବ ଫେରି--

ଶ୍ରୀ ଗଦାଧର ପାଢ଼ୀ (ନଃ୩୨୫)

ମରନ୍ତି ଆଜିସେ ଅମର ଅଟଇ
ରହିଛି ହେ ଜେସେ ମରଣଜୟୀ ।
ଚାଲିଗ କୋଟିର ପରାଣ ଯିଏରେ
ଜଗତେ ତାହାର ମରଣ ନାହିଁ ।
ମରିବାକୁ ସିଏ ଇଚ୍ଛିଲେ ବି ନିଜେ
କିଏସେ ତାହାକୁ ଦେବରେ ଛାଡ଼ି
ଯଦିଓ ସେ ମରିବ, ମରିବ କି ସୁଖେ ?
କୋଟିଏ ପ୍ରାଣର ମମତା ଏଡ଼ି
ଏ ଦେଶ ଜାତିର ଦୁଃଖ ଦେଖିଣ
ରହିବ ବାହିଁକି ତା ଆଖି ନୀର
ମୁମୂର୍ଷୁ ଜାତି କାତରତା ଶୁଣି
କେତେ ଅବା ସେ ରହିବ ଥିର ।
ଏ ଦେଶ ମାଟିଠା ଦୁଇଖଣ୍ଡ ହେଲା
ମାଆ ତା କାନ୍ଦୁଛି ବୁହାଇ ଜଳ
ଆସିବ ନାହିଁ କି ପୋଛିବାକୁ ନିଜେ
ଜନନୀ ଆଖିର ଅଶ୍ରୁଧାର ।
କହିସେ ଯାଇଛି ଭାରତ ହୋଇବ
ପଠାଣ, ହିନ୍ଦୁର ଗୋଟାଏ ଦେଶ ”
ନ ଆସିବ ଯଦି ଆଉ ଥରେ ଫେରି
କିଆଁ ସେ ଆମକୁ କହିଲା ମିଛ
ଜୀବନେ ସେ କେବେ କହିନାହିଁ ମିଛ
କପଟ ଆଜି ସେ ମିଛୁଆ ହେବ
ବୁଝି ନେବ ବଳେ ତା ସତ୍ୟ ପଣିଆ
ଯଦି ବରଜନ ପରେ ନ ଫେରିଥିବ ।
ଦେଖିବା କପଟ ରହିବ କେ ଲୁଚି
ଚାଲିଗ କୋଟିକୁ ଦେଇଣ ଫାଙ୍କି
ଯେଉଁଠି ରହିବ ଦଳେ ନେବ ଖୋଜି
ନ ପାରିବ କେବେ ଆମକୁ ଠକି ।
ସେ ଯେଉଁ ବିଦ୍ୟୁତ ଜାଳିଅଛି ଦେଶେ
ଜାଳିବା ତାହାକୁ ପରାଣ ଭରି
ବଳଇକୁ ପୁଣି ନେବାକୁ କୋଳକୁ
ଏ ଦେଶ ବାପୁଜି ଆସିବ ଫେରି



Digitized by srujanika@gmail.com

## ବାପୁଜୀ

ବିଶ୍ୱର ମହାମାନବ !
ଗଲକେମନ୍ତେ ଫେରିବାକୁ ନାହିଁ ?
(ଏବେ)କୋଟି କୋଟି ଲୋକ ପରି,
ରହିଛନ୍ତି ତବ ପଥ ଚାହିଁ ।
ଉତ୍ସୁକ ନୟନେ ପୁଣି
ଚାହିଁ ଅଛି ତବ ସେବା ଶ୍ରମ
କ୍ଷେତ୍ରରେ ଧରି ତୁଳି
କାହୁଁ ଅବା କି ଚିନ୍ତା ଲଭିବ ।
ବନ୍ଧୁବନ୍ଦ ଦେଖିନ ସେ
ତୁମର ସେ ସୁହାସ୍ୟ ବଦନ,
କୋଳାହଳ ପରି ମୁଖ
ଲଭିବାକୁ ଥିଲୁ ଉତ୍ମନା ।
ନ ଶୁଣିଲ ତା ମିନତି
ଚଲେ ଗଲ ଶୋଇ ସେହି ଠାରେ
ଧନ୍ୟହେଲେ ଦିଲ୍ଲୀ ଆଜି
ତୁମ ଦିବ୍ୟ ରକ୍ତ ପ୍ଲାବନରେ ।
ଏମୁନାର ଗୟଣା ପୁଣି
ପୂତ ହେଲା ତବ ଦେହ ଧରି ,
ମୃତ ପଥେ ପଡ଼ିଗଲେ
ବାସ୍ପ କାର ନ ଉଠେ ଶିହରି ?
ଭାରତ ମାତାର ପରି
ଅନ୍ତରର ଥର ଗଣ୍ଠି ଧନ,
ବିଦାୟ ନେଲ କି ଏବେ ?
ଆଜି ଠାରୁ ପାଇଁ ଚିର ଦିନ ।
ଜାତିର ପିତା ଆହେ ।
ଧାନ ଦୁଃଖୀ କାନ୍ଦନ୍ତି ବିକଳେ
ଏବେ ପଞ୍ଜାବରେ ପରି ?
ହିନ୍ଦୁ-ମୁସଲମାନ କାହିଁ ଜଳେ
ଶାନ୍ତିବାରି ଦେ ସିଞ୍ଚିବ
ତୁମେ ପରି ଗୋଲକ ବିଦାୟ
ଆଫ୍ରିକାରୁ ଦେବ ିବ
ଲାଞ୍ଛିତ ହୋଇଲେ ଭାରତୀୟ ?
ହରିବକେ ଆମ ବ୍ୟଥା
ପୋଛିବକେ ଦୁନିଆର ଲୁହ
ଅଶ୍ରୀ କେତେ ନେତ୍ରୁ ନୀର
ବାହି ଉଠେ, ହୃଦୟରୁ କୋହ ।
ହତ୍ୟାକାରୀର କାଏ ଜନ୍ମି
ଏ ଭାରତେ, ନିର୍ଦ୍ଦୟ ହୋଇଲା
ତୁମରି କୋମଳ ବକ୍ଷେ,
ବାପୁଜୀ ହେ ଗୁଳି ବରଷିଲା ।

(ସେଇ) ପଣ୍ଡୁବଳ ବରୁଷରେ
ଜଳ କିବା ତୁମ ଅନ୍ନପାନ,
ତୁମକୁ ହରାଇ ଆଜି
ଆମେ ଏବେ ହୋଇଲୁଁ ନେତାହୀନ
ବାପୁଜୀ ମାନସେ ଆଜି
ଅର୍ଘ୍ୟ ବାଢ଼ି କହୁଅଛେ ବିଦାୟ,
ଆଶୀର୍ବାଦ କର ପିତା
ହୋଇ ଥାଉ ସଦା କର୍ମମୟ ।
(୯୦୩)

—○—

### ଅଜାଙ୍କ ଚିଠି

ଚନ୍ଦ୍ର ଓ ଅନ୍ୟାନ୍ୟ ମାନେ ।

ତୁମେ ଉତ୍ତର ଦେଇଥିଲ ଯେ, ଡିମ୍ବିରି ଗଛର ଫୁଲ ନାହିଁ । କିନ୍ତୁ ପ୍ରକୃତରେ ଡିମ୍ବିରି ଗଛର ଫୁଲ ଫଳ ଭିତରେ ଥାଏ । ଗୋଟିଏ ଡିମ୍ବିରି ଫଳକୁ କାଟିଲେ ଯେଉଁ ଛୋଟ ଛୋଟ ମଞ୍ଜି ଭଳିଆ ଜିନିଷ ଦେଖିବାକୁ ପାଇବ ସେଗୁଡ଼ିକ ମଞ୍ଜି ନୁହେଁ ଫୁଲ ।

ରବୀନ୍ଦ୍ର ଓ ଗିରୀଶ—ମହାତ୍ମାଙ୍କ ଜୟନ୍ତୀ ପତ୍ରରେ ସୁବର୍ଣ୍ଣ ଯୋଡ଼ିବାର କାରଣ ସୁନାର ଦର କମିଗଲା—ସ୍ନେହର ନାଗ ନାଗୁଣୀଏ ।

ତୁମେମାନେ ଆଗ ପରି କାହିଁକି ପ୍ରଶ୍ନୋତ୍ତର ପ୍ରତି ମନଯୋଗ ଦେଉନାହଁ ? ମୁଁ ଦେଖି ପାରୁଛି ତମମାନଙ୍କ ମଧ୍ୟରୁ ଅଧିକାଂଶ ଶୋଇ ପଡ଼ିଲଣି । ତମମାନଙ୍କ ଲାଙ୍ଗୁଡ଼ରେ ହାତ ମାରିଲି । ଆଗ ଯୁଆଡ଼ୁ ତୁମର ଫଁ ଫଁ ।

## ଅବସର ବିନୋଦନ ୩୯

ତଳେ ପାଞ୍ଚଟି ଛବି ଦିଆଗଲା । ଗୁରୁଜଣ ପାଞ୍ଚଟି ବାଦ୍ୟଯନ୍ତ୍ର ବଜାଉ ଥିଲେ । ବଜାଇବା ଅବସ୍ଥାରେ ବେତାଳ ବାଦ୍ୟଯନ୍ତ୍ର ନେଇ ଯିବାରୁ ତାଙ୍କ ହାତ ବଜାଇବା ଅବସ୍ଥାରେ ରହି ଯାଇଛି । କିଏ କି ବାଦ୍ୟଯନ୍ତ୍ର ବଜାଉ ଥିଲେ ଲେଖ ।

ମେଉ—ଅଜା




ଗର୍ଜନ ଶୁଣ ପାଇବ ।

### ନାଗଙ୍କ ପ୍ରଶ୍ନ

ଗୋବର୍ଦ୍ଧନ (୧୦୭୯) ଗ୍ରୀଣ୍ଡିଖେଡ଼ ରୋଗ କଣ ?

ପୂର୍ଣ୍ଣଚନ୍ଦ୍ର (୪୦୫୦) ଚଳଚିତ୍ରର ଭଗବାନ କିଏ କିଏ ?

ପରମାନନ୍ଦ (୧୧୩୮) ପୃଥିବୀରେ ବର୍ଷା ହେଲା । ନା ଜଳଥିଲା ?

ରବୀନ୍ଦ୍ର (୧୦୦୨) ସର୍ବ ପ୍ରଥମ ଓଡ଼ିଆ ନାଟକ ଓ ପର ଲେଖକଙ୍କ ନାମ କଣ ?

ଜନାର୍ଦ୍ଦନ (୧୨୫୩) ଟେଲିଫୋନର ଆବିଷ୍କାରକ କିଏ ?

ଦୟାନିଧି (୧୨୪୧)—ଚନ୍ଦ୍ର ବା ସୂର୍ଯ୍ୟମଣ୍ଡଳ କାହିଁକି ଘଟେ

ଦୋଳଗୋବିନ୍ଦ (୧୧୪୪) ବାଲ୍ୟବିବାହ କେତେ ଖ୍ରୀଷ୍ଟାବ୍ଦରେ ଗଲା ?

## ନୂଆନାଗଙ୍କ ନାମ

(୧୨୮୦) ଅକ୍ଷୟ କୁମାର ପ୍ରଧାନ ୧୦ମଶ୍ରେଣୀ ବିଭିନ୍ନ ଉଚ୍ଚ ଇଂରାଜୀ ବିଦ୍ୟାଳୟ । (୧୨୮୧) ଦାମୋଦର ମିଶ୍ର ୫ମଶ୍ରେଣୀ । ରାଣୀହାଟ ଉଚ୍ଚ ଇଂରାଜୀ ବିଦ୍ୟାଳୟ । (୧୨୮୨) ଅନନ୍ତ ଚରଣ ମିଶ୍ର ୪ର୍ଥ-ଶ୍ରେଣୀ ରାଜାବଗିଚା ମଧ୍ୟ ଇଂରାଜୀ ବିଦ୍ୟାଳୟ (୧୨୮୩) ରାଧାମୋହନ ସାମଲ ନବମଶ୍ରେଣୀ କରଞ୍ଜିଆ ଉଚ୍ଚ ଇଂରାଜୀ ବିଦ୍ୟାଳୟ । (୧୨୮୪) ଶରତଚନ୍ଦ୍ର ମହାନ୍ତି ୭ମଶ୍ରେଣୀ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଉଣା । ମୋର ଜନ୍ମ—ତା । । ।

ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ନିମନ୍ତେ ୦/୬ ଡାକ ଟିକଟ ଦେଲି ।

ସ୍ନେହର
ଠିକଣା—ଶ୍ରୀ...

## ସ୍ତ୍ରୀ ରୋଗ ପାଇଁ

# ଋତୁମତୀ ରେଚନୀ

ପରୀକ୍ଷାକରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ କଷ୍ଟମୁକ୍ତ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ଟଙ୍କା ଡାକ ଖର୍ଚ୍ଚ—ଠ୦।୶

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୲— ଡ଼ାକଖର୍ଚ୍ଚ—ଠ୦।୶ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ ।

Kaviraj K. M. KAVYATIRTHA (D. G.)
70, Cornwallis St., Calcutta

# ମାଟ୍ରିକ୍ ଛାତ୍ର ମାତ୍ରେ

ଯେ ୯ମ ଶ୍ରେଣୀ ବା ୧୦ମ, ୧୧ଶ ଶ୍ରେଣୀର ହୁଅନ୍ତୁ,
ତା ଘରୋଇ ଛାତ୍ର ହୁଅନ୍ତୁ

# ପ୍ରତ୍ୟେକ ପରୀକ୍ଷା

Half Yearly, Annual, Pretest, Test ଏବଂ Final
ପାଇଁ ନିଜକୁ ପ୍ରସ୍ତୁତ କରିବା ନିମନ୍ତେ
M A T R I C  M A N U A L ର
ସାହାଯ୍ୟ ନିଅନ୍ତୁ

ଗତ ୮।୧୦ ବର୍ଷର University Question ଏବଂ ସେଗୁଡ଼ିକର ସହଜ ଏବଂ ସୁନ୍ଦର ଉତ୍ତର ଦିଆ ଯାଇଥିବାରୁ ପରୀକ୍ଷା ପାଇଁ ବହୁତ ଉପକାରିତା ଛାତ୍ର ମାନେ ଉପଲବ୍ଧି ପାଇବେ । ଛାତ୍ରମାନଙ୍କର ସୁବିଧା ଦୃଷ୍ଟିରୁ ବହି ଗୁଡ଼ିକୁ କେତେଗୁଡ଼ିଏ ଭାଗରେ ବିଭକ୍ତ କରାଯାଇଛି ।

Part--I—Math (Comp) I-12, Part III -English I|8
Part--II--Geography 2-0 Part V-Science I|8

ପ୍ରାପ୍ତିସ୍ଥାନ—କୃଷ୍ଣଭଣ୍ଡାର, କଟକ ଓ ଓଡ଼ିଶାର ବଡ଼ ବଡ଼ ପୁସ୍ତକାଳୟମାନ

ପୁରସ୍କାର ୫୦୦୦ ଟଙ୍କା
... ରଞ୍ଜିତ
ରେଜିଷ୍ଟାର୍ଡ
ସର୍ବପ୍ରକାର କୁଷ୍ଠ
ଅକାଳ ... ମେହ ଓ
ସ୍ତ୍ରୀ ରୋଗ ମାନଙ୍କର
ବ୍ରହ୍ମାସ୍ତ୍ର
... ଏଜେଣ୍ଟ
... କଟକ

## ଉତ୍କଳ ଟ୍ରେଡ଼ର୍ସ୍

୨୦୫, ବହୁବଜାର, କଲିକତା,—୧୨
ଏଠାରେ ସିମେଣ୍ଟ, କରଗେଟେଡ ସିଟ ଅପର୍ଯ୍ୟାପ୍ତ ପରିମାଣରେ ମିଳେ ।

ଏଣିକି ସମସ୍ତ ପ୍ରକାର ଚିଠି
ପତ୍ର ଡ଼ଗର ଅଫିସ କଟକ- ୧
ଠିକଣାରେ କରନ୍ତୁ ।

# ନାରୀ ରହସ୍ୟ

## ପୁରୁଷର ଯାହା ଅଗମ୍ୟ

ଯଦି ଆପଣ ପ୍ରକୃତରେ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ଚାହାନ୍ତି ଏବଂ ଶତ ଦୁର୍ବଳତାର ଦୁଃଖ ଯଦି ଫଳକମାନେ ଆପଣଙ୍କ ପ୍ରେୟସୀ ପ୍ରେମ ପ୍ରାପ୍ତି ସଙ୍ଗେ ସଙ୍ଗେ ନିଜ ଇଚ୍ଛାର ବାଧ୍ୟବର୍ତ୍ତୀ କରିବାକୁ ଚାହାନ୍ତି ତେବେ 'କୋକଶାସ୍ତ୍ର' ପଢ଼ନ୍ତୁ । ଏହା ଦାମ୍ପତ୍ୟ ଜୀବନ ସମ୍ବନ୍ଧରେ ଏକ ପ୍ରାଚୀନ ଗ୍ରନ୍ଥ । ଏହା ପାଠ କଲେ ସ୍ୱାମୀର ଅଗୋଚର ନାରୀ ଚରିତ୍ରର ଯାବତୀୟ ରହସ୍ୟ ପ୍ରକାଶ ପାଇବ । ବାସର ଶଯ୍ୟାର କେତେକ ଗୁପ୍ତ ବାତ ସୁନ୍ଦର ଆର୍ଟ କାଗଜରେ ଦିଆଯାଇଛି । ଅବିବାହିତ ଯୁବକଙ୍କ ପକ୍ଷରେ ଏହା ପଢ଼ିବା ଅନୁଚିତ ।

ମୂଲ୍ୟ—ଠ୩—ଡ଼ାକ ଖରଚ ଠ୦।୶ ।

ସମସ୍ତ ଭାଷାରେ ଅନୁଦିତ । ପତ୍ରରେ ଆପଣଙ୍କର ଠିକଣା ଇଂରାଜୀରେ ଲେଖନ୍ତୁ ।

Modern Publishers
25 Katra Mashroo,
DELHI, (D B)

## ହାଇଡ୍ରୋସିଲ୍

ଅମୃତ 'ନିଶାକର ତୈଳ' ଦ୍ୱାରା ହାଇଡ୍ରୋସିଲ ଅଚିହ୍ନିସ ଗୋଦର, ହର୍ଣ୍ଣିଆ; ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୯, ଅଭ୍ୟନ୍ତରିକ ଔଷଧ ଦରକାର ବଟି ଦାମ ୨ ୨ଭ: ପ: ୨୦।୶ ।

## ପେଟବ୍ୟଥା

କଲିକ୍ ପେନ୍; ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଅମୃତ 'ପାକରାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୨୩୦୯, ଡ: ପ: ଠ୦।୶ ।

Kaviraj S. K. Chakravarty (D. C)
126/2 Hazra Road, Calcutta 29
Stockists: Bhubanswar Trading house
Bhubanesswar: (Orissa)

[illegible]
ORISSA'S MOST POPULAR FORTNIGHTLY!
Reg. No 04. 1-10-49


## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ଦୁର୍ଗନ୍ଧିତ ଘାଅ, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଲାଲ ଚକା, ହାତପାଦର ଆଙ୍ଗୁଳି ବଙ୍କା ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ।

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା।
ଶାଖା ୩୬—ନଂ ହାରିସନ ରୋଡ କଲିକତା

## ୧୦୧ଟଙ୍କା ପୁରସ୍କାର

## ନକଲରୁ ସାବଧାନ

## ଅସଲି

## ପଞ୍ଚଗୁଣା ତୈଳ

[ ରେଜିଷ୍ଟାର୍ଡ ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ, ଅସଲି ପଞ୍ଚଗୁଣା ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦଉଦ, କଛୁମ, ଘା, ପୋଡ଼ାଘାଅ, ବାତ, ବଣଚ, ମଚଳା, ବାଗୀ ପ୍ରଭୃତି ୫୬ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ। ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ। ବ୍ୟବହାର ବିଧି ଶିଶି ସହିତରେ ଥାଏ। ପଢିଲେ ସମସ୍ତ ବିଷୟ ବୁଝି ପାରିବେ। ମୂଲ୍ୟ ପ୍ରତି ଡ୍ରୋସ ଟ ୭୫ଟଙ୍କା ପ୍ରତି ଡଜନ ଟ ୭ ୱ, ପ୍ରତି ଶିଶି ୮୦ ୱ୵ ମାତ୍ର। ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରିଇ ଦିଅନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ। ଅଉ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ।

ପତ୍ର ଲେଖିଲେ କାଟଲଗ ପଠାଇ ଦେବୁ।

ପ୍ରାପ୍ତିସ୍ଥାନ—
ମନିରାମ ବେଣୀରାମ ମଲ
୧୩୨ ଚେଲଗା ବଜାର, କଟକ

ଉତ୍କଳର ରଚନାତ୍ମକ ମାସିକ ପତ୍ରିକା

## 'ଗ୍ରାମ ସେବକ' ପଢ଼ନ୍ତୁ

ଗ୍ରାହକ ମୂଲ୍ୟ ଟ ୩୯ ଚିଠିଲେଖା-ପୋ: କଟକ ୨

## ହାଇଡ୍ରୋସିଲ୍

ଆମ୍ଭର "ବି, ଏଚ," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଆ, ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ। ମୂଲ୍ୟ ଟ ୩ ୯, ଅଭ୍ୟନ୍ତରିକ ଔଷଧ "ପାନଅ" ବଡ଼ିଦାମ ୬୮୯ ଡା:ମା:ଟ୦ ୱ୵ ।

## ପେଟବ୍ୟଥା

ଇଲକ୍, ପେନ, ପେଟମରା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର "ଦୀପନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣ-ରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ଟ ୩ ୯, ଡା:ମା: ଟ ୦ ୱ ।୵

Kaviraj R N. Chakravarty. [D.M.]
24 Devendra Ghose Road,
Bhawanipore Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଗତ ଅପେକ୍ଷା ୧୯୪୯—୫୦ ସାଲରେ ଯେଉଁ ବଡ଼ ପରିବର୍ତ୍ତନ ହେବ ତାହାର ବିଶେଷ ତଥ୍ୟ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଆଜ ମିତ୍ରୀ ଠିକ୍ ଜ୍ୟୋତିଷ ଚାର୍ଟ ଆମଙ୍କ ପାଖରେ ଅଥବା କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପତ୍ରର ଭାବରେ ନିଜର ମୁଖ ଦିଗ ଲେଖିକରି ପଠାନ୍ତୁ। ତାହାହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କୁ ବାର ମାସର ଭାଗ୍ୟର ଫଳ, ଲାଭ, କ୍ଷତି କେଉଁ ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ଚାକିରୀରେ ଉନ୍ନତି, ଶାସ୍ତ୍ରରେ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, କୁଅ ଅଥବା କୌଣସି ଅଲୌକିକ ଘଟଣାର ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୁପ୍ତଧନ ପ୍ରାପ୍ତି, ଲଟେରୀ, କୁଅ ଅଥବା କୌଣସି ଅଲୌକିକ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ଜ୍ୟୋତିଷଚାର୍ଟର ଲେଖା ଅନୁସାରେ, ଆମ୍ଭେ ବର୍ଷ ସାରା ମାସରେ ଠିକ୍ ଠିକ୍ ଘଟିବାର ସମସ୍ତ ଘଟଣାର ଫଳ ନିର୍ଣ୍ଣୟ କରି କେବଳ ଟ୧।୵ ବିନିମୟରେ ଭି: ପି: ଯୋଗେ ପଠାଇ ଦେବୁ। ଡାକଖର୍ଚ୍ଚ ଅଲଗା ପଡ଼ିବ। କ୍ରୂର ଗ୍ରହକୁ ଶାନ୍ତ କରାଇବାର ଉପାୟ ମଧ୍ୟ ଆମେ ଲେଖିଦେବୁ। ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇଁ ଗ୍ୟାରେଣ୍ଟି ଦିଆଯାଉଛି। ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ।

THE BENGAL MESMERISM HOUSE (D.W B.) HOSHIARPUR.


ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଚିତ୍ରକଳା ସମ୍ପାଦକ—ଶ୍ରୀ ରାଧାମୋହନ ଦାସ

Printed & Published by G. C. Mohapatro, at the Gopinath Press, Bhadrak. 1. 10. 49.

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ
ଆଶ୍ୱିନ ଦ୍ୱିତୀୟାର୍ଦ୍ଧ—ତ୍ରୟୋଦଶ ବର୍ଷ ୮ମ ସଂଖ୍ୟା--୧୬।୧୦।୪୯

## ଓଁ ଶ୍ରୀ ପ୍ରଜାପତୟେ ନମଃ




ଯଥା ରାବଣସ୍ୟ ମନ୍ଦୋଦରୀ
ଯଥା ଷ୍ଟାଲିନସ୍ୟ ଲିଆକତ

ଯଥା ସୁଗ୍ରୀବସ୍ୟ ତାରା
ଯଥା ଟ୍ରୁମାନସ୍ୟ ନେହେରୁ

ମୂଲ୍ୟ- ପ୍ରତିଖଣ୍ଡ ଦୁଇଅଣା

Digitized by srujanika@gmail.com

### ସ୍ତ୍ରୀ ରୋଗ ପାଇଁ

# ରଜ୍ଜକୀ ରେଚନୀ

ପରୀକ୍ଷାକରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ କଷ୍ଟସ୍ ପ୍ରାକୃତିକ ସ୍ରାବ ହେବ । ଔଷଧର କିଛି ଅପେ ହାନି କାରକନୁହେଁ । ମୂଲ୍ୟ ୫୯ ଡାକ ଖର୍ଚ୍ଚ—୦।୷୵

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଗୁଡ଼ିକ ଦୂର ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସ୍ୱରୂପ । ମୂଲ୍ୟ—୨୲— ଡାକଖର୍ଚ୍ଚ—୦।୷୵ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. G.)
70, Cornwallis St., Calcutta

---

# ମାଟ୍ରିକ୍ ଛାତ୍ର ମାତ୍ରେ

ଯେ ୯ମ ଶ୍ରେଣୀ ବା ୧୦ମ, ୧୧ଶ ଶ୍ରେଣୀର ହୁଅନ୍ତୁ,
ବା ଉଠିଛନ୍ତି ହୁଅନ୍ତୁ

# ପ୍ରତ୍ୟେକ ପରୀକ୍ଷା

Half Yearly, Annual, Protest, Test ଏବଂ Final
ପାଇଁ ନିଜକୁ ପ୍ରସ୍ତୁତ କରିବା ନିମନ୍ତେ

**M A T R I C M A N U A L ର**

ସାହାଯ୍ୟ ନିଅନ୍ତୁ

[illegible] ବର୍ଷର University Question ଏବଂ ସେଗୁଡ଼ିକର ସହଜ ଏବଂ ସୁନ୍ଦର [illegible] ପରୀକ୍ଷା ପାଇଁ ବହୁତ ଉପକାରିତା ଛାତ୍ର ମାନେ ଇ [illegible] ବହି ଖଣ୍ଡିକୁ କେତେଗୁଡ଼ିଏ ଭାଗରେ ବାଣ୍ଟି ଦିଆଯାଇଛି ।

Part--I—Math (Comp) 1-12, Part III -English 1;8
Part--II--Geography 2-0 Part V-Science 1;8

ପ୍ରାପ୍ତିସ୍ଥାନ—[illegible], [illegible] ଉତ୍ତରର ବହି ଷ୍ଟଲ ବାଲୁବଜାର

---

ପୁରସ୍କାର ୧୦୦୦ଙ୍କା
ଜୈପୁର ରଙ୍ଗୁଣି
ରେଜିଷ୍ଟାର୍ଡ
ସର୍ବପ୍ରକାର କୁଷ୍ଠ
ଧଳା ଦାଗ, [illegible]
ସ୍ତ୍ରୀ ରୋଗ ମାନଙ୍କର
[illegible]

---

### ଉତ୍କଳ ଟ୍ରେଡ଼ର୍ସ୍

୨୦୫, ବହୁବଜାର, କଲିକତା,—୧୨

ଏଠାରେ ସିମେଣ୍ଟ, କରଗେଟେଡ୍‌ସିଟ ଅପର୍ଯ୍ୟାପ୍ତ ପରିମାଣରେ ମିଳେ ।

---

ଏଣିକି ସମସ୍ତ ପ୍ରକାର ଚିଠି ପତ୍ର ଡ଼ଗର ଅଫିସ କଟକ-୧ ଠିକଣାରେ କରନ୍ତୁ ।

---

# ନାରୀ ରହସ୍ୟ

## ପୁରୁଷର ଯାହା ଅଗମ୍ୟ

ଯଦି ଆପଣ ପ୍ରକୃତରେ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ଚାହାନ୍ତି ଏବଂ ଶତ ଦୁର୍ବଳତାର ସତ୍ତ୍ୱେ ଯଦି ପତ୍ନୀମାନେ ଆପଣଙ୍କ ପ୍ରତି ପ୍ରେମ ପ୍ରାପ୍ତି ସଙ୍ଗେ ସଙ୍ଗେ ନିଜ ଇଚ୍ଛାରେ ବଶବର୍ତ୍ତୀ କରିବାକୁ ଚାହାନ୍ତି ତେବେ 'କୋକଶାସ୍ତ୍ର' ପଢ଼ନ୍ତୁ । ଏହା ଦାମ୍ପତ୍ୟ ଜୀବନ ସମ୍ବନ୍ଧରେ ଏକ ପ୍ରାଚୀନ ଗ୍ରନ୍ଥ । ଏହା ପାଠ କଲେ ସ୍ୱାମୀର ଅଗୋଚର ନାରୀ ଚରିତ୍ରର ଯାବତୀୟ ରହସ୍ୟ ପ୍ରକାଶ ପାଇବ । ବାସର ଶଯ୍ୟାର କେତେକ ଗୁପ୍ତ ଛବି ସୁନ୍ଦର ଆର୍ଟ କାଗଜରେ ଦିଆଯାଇଛି । ଅବିବାହିତ ଯୁବକଙ୍କ ପକ୍ଷରେ ଏହା ପଢ଼ିବା ଅନୁଚିତ ।

ମୂଲ୍ୟ—୨୲—ଡାକ ଖରଚ ୦।୷୵ ।
ସମସ୍ତ ଭାଷାରେ ଅନୁଦିତ । ପତ୍ରରେ ଆପଣଙ୍କର ଠିକଣା ଇଂରାଜୀରେ ଲେଖନ୍ତୁ ।

Modern Publishers
25 Katra Mashroo,
DELHI, (D B)

---

# ହାଇଡ୍ରୋସିଲ

ଆମର 'ନିଶାକର ତେଲ' ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ଫୁଲିବା, ବାଣ୍ଡ ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ୫ ୩୯, ଅଭ୍ୟନ୍ତରିକ ଔଷଧ ଦରକାର ବଟି ଦାମ ୫ ୨ଭ: ଡା: ୦।୷୵ ।

# ପେଟ ବ୍ୟଥା

କଲିକ୍ ପେନ୍; ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ହେବା ଆଦି ରୋଗ ଆମର 'ପାଚକରାଜ' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ କିଛିଦିନ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୨୲୦, ଡା: ମା: ୦।୷୵ ।

Kaviraj S. K. Chakravarty (D. O)
126/2 Hazra Road, Calcutta 29
Stockists: Bhubaneswar Trading house
Bhubaneswar: (O)

Digitized by srujanika@gmail.com



ଆଶ୍ୱିନ ଦ୍ୱିତୀୟାର୍ଦ୍ଧ ତ୍ରୟୋଦଶ ବର୍ଷ ୮ମ ସଂଖ୍ୟା ୧୭।୧୦।୪୯

## ଓଡ଼ିଶା ବ୍ୟବସ୍ଥା ସଭା

ଅତୀତରେ ଗଡ଼ଜାତ ବୋଲି କଥିତ ଅଞ୍ଚଳରୁ ମନୋନୀତ ସଭ୍ୟ ଗହଣରେ ଓଡ଼ିଶାର ସୁସ୍ଥିତନ ବ୍ୟବସ୍ଥା ସଭାର ନୂତନ ଅଧିବେଶନ ନୂତନ ରାଜଧାନୀରେ ବସିଲା । ଏ ବ୍ୟବସ୍ଥା ସଭାର ବିଶେଷତ୍ୱ ଏକଦା ଏହି ଯେ ସ୍ୱତନ୍ତ୍ର ଅଞ୍ଚଳର ପ୍ରତିନିଧି ମାନେ ଓଡ଼ିଶା ବ୍ୟବସ୍ଥା ସଭାରେ ସମାନ ସ୍ଥାନ ପାଇଲେ କିନ୍ତୁ ଏ ସମ୍ମାନ ତାଙ୍କୁ ଦେଲା କିଏ ? ଅନ୍ୟାନ୍ୟ ବ୍ୟବସ୍ଥାପକ ମାନେ ଯେଉଁ ଅଧିକାରରେ ପ୍ରତିନିଧିତ୍ୱ ପାଇଛନ୍ତି ଗଡ଼ଜାତରେ ପ୍ରତିନିଧି ସେଇ ଅଧିକାର ଦାବୀ ଉପସ୍ଥିତ କରି ପାରିବେ କି ? ଆମ ଦେଶରେ ନିର୍ଲଜ୍ଜତାକୁ ଗୌରବ ମନେକରିବାର ସ୍ୱଭାବ ଅତି ନଗ୍ନ ହୋଇ ଠିଆ ହେଲାଣି ଲୋକେ ମଧ୍ୟ ତାକୁ ବାହାବା କହିବାକୁ ଛାଡ଼ନ୍ତି ନାହିଁ । ଏହି ଅଭିବାଦିତ ବା ସରକାରଙ୍କ ମନୋନୀତ ସଭ୍ୟଙ୍କ ଆବିର୍ଭାବ ପରକ୍ଷଣରେ ଓଡ଼ିଶାର ବ୍ୟବସ୍ଥା ସଭା ଆଉ ପ୍ରତିନିଧି ମୂଳକ ସଭା ହୋଇନାହିଁ । ସରକାର କହିପାରନ୍ତି ଏବଂ ଶାସ୍ତ୍ରକ ମହତାବ କହିଲେ ମଧ୍ୟ ଯେ ଏହି ମନୋନୟନ ନ୍ୟାୟ ସଙ୍ଗତ ଭାବେ ହୋଇଛି; ସବୁ ଦଳରୁ ଏଥିରେ ମନୋନୟନ କରାଯାଇଛି ଏତେ ସହଜ ଏହି ମନୋନୟନ କରିବା ଛଡ଼ା ବ୍ୟବସ୍ଥାସଭାରେ ଗଡ଼ଜାତ ବାସୀଙ୍କୁ ସ୍ଥାନ ଦେବାପାଇଁ ଅନ୍ୟ ପନ୍ଥା ଗ୍ରହଣ ଅସମ୍ଭବ ଥିଲା, କିନ୍ତୁ ସିଏ ମନୋନୀତମାନଙ୍କୁ ନିରପେକ୍ଷ ଭାବରେ କଲେ ସେମାନେ ଏ ପ୍ରହସନ ପ୍ରତିଷ୍ଠାରଙ୍ଗୀ ନିଜେ ନିରପେକ୍ଷ ଭାବରେ ନିର୍ବାଚନ ପର୍ଯ୍ୟନ୍ତେ ଶାସନ କରିଥିଲେ କି ଯାଉଥିଲା ? ନିଜର ମନୋନୀତ ଲୋକଙ୍କୁ ବସାଇବା ଯାହା- ନିଜେ କହିବା ତାହା ।

ଅତି ଲଜ୍ଜାର କଥା ଯେ ଓଡ଼ିଶା ବ୍ୟବସ୍ଥା ସଭାର ବାଚସ୍ପତି ଏ ସବୁରେ ଆଲୋଚନା ହେବାକୁ ଦେଲେ ନାହିଁ- ଅଥଚ ବୋମ୍ବେରେ ଏ ସମ୍ପର୍କରେ ଆଲୋଚନା ପାଇଁ କାଟ ପ୍ରସ୍ତାବ ଆସି ପାରିଲା । ବ୍ୟବସ୍ଥା ସଭାର ମୂଳଦୁଆ କପରି ହାଣିଗଲାଣି ତାହା ଏଥି ରୁ ନିଶ୍ଚୟ ବୁଝା ପଡ଼ିବ ଏ ଦେଶରେ ସ୍ୱାଧୀନତା ବାସ୍ତବିକ ଏକ ଅର୍ଥ ହୀନ ସଭ୍ୟତା

\+ \+ \+ \+

## ଟଙ୍କାର ମୂଲ୍ୟ ହ୍ରାସ

ଟଙ୍କା ଅର୍ଥନୀତି ଏକ ମାରାତ୍ମକ ଅର୍ଥନୀତି । ପଦାର୍ଥ ଏବଂ ଟଙ୍କା ଭିତରେ ଯଦି ଓ ଅଦଳ ବଦଳ ଗୃଲେ, ତଥାପି ଦୁଇଜଣଙ୍କର ବିରୋଧ ବଡ଼ ସ୍ପଷ୍ଟ । ଟଙ୍କା ପଦାର୍ଥର ଚଳନ୍ତି ମୂର୍ତ୍ତି ବା ପ୍ରତିନିଧି । ପଦାର୍ଥ ନଥିଲେ ଟଙ୍କାର ପଦାର୍ଥ ହୋଇ ପାରିବ ବୋଲି ଅଧିକାର ଟଙ୍କାକୁ ଦିଆ ଯାଇ ନଥାଏ । କିନ୍ତୁ ସମାଜରେ ଏପରି ଅବସ୍ଥା ଆସି ପହଞ୍ଚିଲାଣି ଯେ ଟଙ୍କା ଆଉ ପଦାର୍ଥର ପ୍ରତିନିଧିତ୍ୱକୁ ସ୍ୱୀକାର ନକରି ନିଜେ ଜିନିଷର ସ୍ଥାନ ଅଧିକାର କରି ବସିଛି । ଫଳରେ ପଦାର୍ଥ ଯେ ଟଙ୍କା ବଦଳରେ ନିଜେ ପହଞ୍ଚିବାର ନିର୍ଭରତା ଦେଇଥିଲା ସେ ନିର୍ଭରତା ଆଉ ଦେଇ ପାରୁନାହିଁ । ଟଙ୍କା କହୁଛି ମୁଁ ଜିନିଷ ଆଣି ଦେବି । ଟଙ୍କା ଜିନିଷ ଯୋଗାଇବାର ଚେଷ୍ଟାରେ ପ୍ରାଣନ୍ତକ ହେଉଛି, ପାରୁନାହିଁ । ଯେଉଁ ଜିନିଷ ଦେବା ପାଇଁ ସେ ନିଜର ଅଳ୍ପ ଶକ୍ତି ପ୍ରୟୋଗ କରୁଥିଲା ସେ ଜିନିଷ ପାଇଁ ସେ ଗୃରି ପାଞ୍ଚ ଗୁଣ ଶକ୍ତି ପ୍ରୟୋଗ କରି ବିଫଳ ହେଉଛି । ସରକାର ଟଙ୍କକୁ ନିୟନ୍ତ୍ରଣ କରି ଦେଖୁଛନ୍ତି ବୁଝି ପାରୁଛନ୍ତି ଯେ ଟଙ୍କାର କ୍ଷମତା କମିଯାଉଛି । ଅଥଚ ଟଙ୍କାକୁ ସେ ଯେଉଁ ଆସନ ଦେଇଥିଲେ ସେ ଆସନରୁ ତାକୁ ଖସାଇ ପାରୁନାହାନ୍ତି । ତଦ୍ଦ୍ୱାରା ସରକାର ବର୍ତ୍ତମାନ ଟଙ୍କାର ଅଧୀନ । ପୂର୍ଣ୍ଣ ବିଦେଶ ଉପରେ ନିର୍ଭର କରୁଥିବା ଯାଏ ଟଙ୍କା ବିଦେଶୀ ମୁଦ୍ରାର ଆଦେଶ ପାଳନ କରିବାକୁ ବାଧ୍ୟ । ଭାରତ ସରକାର ଯେ ଟଙ୍କାର ମୂଲ୍ୟ ହ୍ରାସ କଲେ ତାହା କେବଳ ବିଦେଶୀ ବା ଆମେରିକା ମୁଦ୍ରାର ବିନିମୟ ଦୃଷ୍ଟିରୁ । ଏହା ଆମ ବ୍ୟବସାୟ ଓ ଆର୍ଥିକ ପରିସ୍ଥିତିକୁ ଭଲ କରୁ ବା ମନ୍ଦ କରୁ, ଏ କଥା ଅସ୍ୱୀକାର କରି ହେବ ନାହିଁ ଯେ ଆମେ ଏବେ ଅର୍ଥନୈତିକ ଦୃଷ୍ଟିରୁ ପରାଧୀନ ବରଂ ଅସହାୟ ।

ଏହାର ପ୍ରତିକାର କଣ ? ପ୍ରତିକାର ଭାରତ ତାର ପ୍ରତ୍ୟେକ ଆବଶ୍ୟକୀୟ ପାଇଁ ବାହାର ଉପରେ ନିର୍ଭର ନକଲେ ଟଙ୍କାର ଦର ବଢ଼ିବା ଘଟିବାରେ ଦେଶର ଅବସ୍ଥା ଖରାପ ବା ଭଲ ହେବାର ଆଶଙ୍କା ନାହିଁ ।

...

—

# ସୁଆଲ ଜବାବ

(ଉପରର କେତେକ ପାଠକ ସଂପାଦକ କେତେକ ପ୍ରଶ୍ନ ପଚାରିଛନ୍ତି । ସଂପାଦକ ପ୍ରଶ୍ନ ଗୁଡ଼ିକର ସାରାଂଶ ଦେଇ ତାର ଉତ୍ତର ସହିତ ସାଧ ଦେବାକୁ ଚେଷ୍ଟା କରିଛନ୍ତି । ଅନେକ କହନ୍ତି ଜଣାଇ ଦେବାକୁ ଚାହୁଁଛେ— ଏମାନଙ୍କ ନାମ ପ୍ରକାଶ କରିବାର ଅଧିକାର ନ ଦେଲେ ଆମେ ପ୍ରଶ୍ନକାର ତାର ଉତ୍ତର ଦେବାକୁ ବାଧ ନୋହୁଁ ।)

ପ୍ରଶ୍ନ—ଶ୍ରୀଯୁକ୍ତ ଶରତ ଦାସ ମନ୍ତ୍ରୀ ନହେଇ ଲାଲ ମୋହନ ପଟ୍ଟନାୟକ ହେବେ କଅଁ ।

ଉତ୍ତର—ମହତାବଙ୍କର ଦାସ ଅନେକ ମାତ୍ର ପଟ୍ଟନାୟକ ଜ୍ଣ ।

ପ୍ର—ଶ୍ରୀ ହରେକୃଷ୍ଣ ଦାସଙ୍କ ନାମାନୁସାରେ ରାସ୍ତାର ନାମ ଦିଆଯିବାର କାରଣ କହି ପାରିବେ କି ?

ଉ—ହରେକୃଷ୍ଣଙ୍କ ନାମରେ ଏଠି ମହତାବ ଶ୍ରେଷ୍ଠ ହେବାକୁ । କାରଣ ହରିନାମ ବନେରେ କୃଷ୍ଣନାମ ବନେ, ବଟଲେ ମାନୁଷଜନ୍ମ ସଏ ବନେ ବନେ ।

ପ୍ର—କଳାହାଣ୍ଡି ରଜାଙ୍କ କଂଗ୍ରେସରୁ କଡ଼ା ଗଣ୍ଡ କାହିଁକି ?

ଉ—କଂଗ୍ରେସ କଳାବଜାର କଲେ ଆଉ କଳା ସମ୍ପର ଆବଶ୍ୟକତା ହେବ ନାହିଁ ।

ପ୍ର—ପାଟଣା ମହାରାଜା ଅକାରଣରେ ଗୋଧନ ଖାଉଛନ୍ତି କାହିଁକି ?

ଉ—ସେ ଆଗଣ୍ଡାର ପା ଅଟେ ଚରୁଛନ୍ତି ।

ପ୍ର—ସମ୍ବଲପୁର ମାଜିଷ୍ଟ୍ରେଟ ପୁଲିଶଙ୍କୁ ନାବାଳିକା ମକଦମାରେ ଦଣ୍ଡ ଦେବା କଣ ନ୍ୟାୟ୍ୟ ?

ଉ—ପ୍ରେମ ଆଉ ମନ୍ତ୍ରୀ ଦରେ ନ୍ୟାୟାନ୍ୟାୟ ବିଚାର କରାଯାଇ ନ ପାରେ ।

ପ୍ର—ଏମର ମହାରାଜା, ମହନ୍ତବାବୁଙ୍କ ସୁଦର୍ଶନ ଜନ୍ମଜୟନ୍ତୀରୁ ଏତେ ଟଙ୍କା ଦେବାର କ ଉଦ୍ଦେଶ ?

ଉ—(ହରି)କୃଷ୍ଣଚନ୍ଦ୍ର କୃପାରୁ ଭଜମନ ହରଣ ମଠଭନ୍ତୁ ଭଞ୍ଜନଂ ନବକଲ୍ପ ଲୋଚନ କଳ୍ପ ମୁଖକର କଲ୍ପ ପଦ କଲ୍ପବାଦୁଷ୍ମଂ (କଲ୍ପ ଅର୍ଥ ବିଦ୍ୱନ୍ଦଳ କଲ୍ପ)

ପ୍ର—ବ୍ରହ୍ମପୁରରୁ ବଡ଼ାଲ ଆସିଲେ କାହିଁକି ?

ଉ—ଟିଲକରେ ବିହୁତ ମଞ୍ଚ ମଲ୍ଲରୁ ବଡ଼ାଲ ଅବଶ୍ୟ ହେଲେ ।

ପ୍ର—ଆପଣ ବିଶ୍ୱନାଥ ଦାସଙ୍କ ଠିକଣା ଦେଇ ପାରିବେ କି ?

ଉ—ସିଂଘଙ୍କୁ ଉଦାନ—ଅଧଃସ୍ୱର୍ଗ ।

ପ୍ର—କେନ୍ଦୁଝରରେ ଅନ୍ଧାର ରାଜୁତି ଚାଲିଛି କାହିଁକି ?

ଉ—ପୂର୍ଣ୍ଣଚନ୍ଦ୍ରରେ ନବୁଞ୍ଜ କାନନରେ ବାର୍ଣ୍ଣା ରାଜନେ ଆଉ କଣ ଧୂଳିଲଳନାଙ୍କ ଅଶୀକ କିଛି ଦଶିବ !

ପ୍ର—ମହତାବ ମାସରେ ଦୁଇଥର ବାଲେଶ୍ୱର ବନ୍ଦେ କଲେ କଅଁ ?

ଉ—ବାଲେଶ୍ୱର ଦାସୀଙ୍କୁ କରୁଣାକର ବୋଧ କହିବାକୁ ।

ପ୍ର—ଭୁବନେଶ୍ୱରରେ ଟିଣ ଘରେ ବ୍ୟତାନ୍ତ ସଙ୍ଗ ଦମିଲ କାହିଁକି ?

ଉ—ଜଥା ନ ଦହିଲେ ମଧ୍ୟ କଥା ଶୁଭିବ ବୋଲି ।

ପ୍ର—ଓଡ଼ିଶାରେ କଣ ନିବାରଣ ହେବ ବୋଲି ସଦାଶିବ ବାବୁ କହିଛନ୍ତି । ଗଞ୍ଜେଇ ବିନା ହିନ୍ଦୁଅମେଲା ଚଳିବ କପରି ?

ଉ—ନିଜ ଶାନ୍ତକ ଅଛନ୍ତି ।

ପ୍ର—ରାଧାନାଥ କାନନଗୋଙ୍କ ହାତରୁ ଉନ୍ନତ ବିଭାଗ କାଢ଼ିନିଆ ଯିବାର ପ୍ରସ୍ତାବ ଅନ୍ୟାଯ୍ୟ ନୁହେଁକି ?

ଉ—Textile articles (T.A)ର ଦର ପଡ଼ିଛି । ମନ୍ଦ କଣ ?

ପ୍ର—ଏତେ ଘୋଷଙ୍କୁ ଓଡ଼ିଶାରୁ ତଡ଼ିବା କଣ ଉଚିତ ?

ଉ—ବିସ୍ମି ମୁଖର୍ଜୀ ବଡ଼ଲାଟନନା ଭୋଟ ଚିନ୍ତାରେ ।

ପ୍ର—ଜଣ୍ଡ ଆଲୁଅରେ ଶୋଇଲେ ମସ୍ତିଷ୍କ କଣ ଭଲ ହୁଏ ?

ଉ—ତା ହୋଇଥିଲେ ମନ୍ତ୍ରୀମାନେ ଅନ୍ଧାର ପ୍ରତି ପସନ୍ଦ କରନ୍ତେ ନାହିଁ । ବୋଧହୁଏ ଅନ୍ଧାରରେ ଭଲ ହୁଅନ୍ତି ଲୋକେ ।

ପ୍ର—ଆଚାର୍ଯ୍ୟ ଓ ଭଭ ଇଞ୍ଜିନ ଉଦ୍ୟାନରୁ ଯାଇ କେଉଁଠି ରହିଥିବେ ?

ଉ—କଟକ ପ୍ଲେନ, ବାରବାଟୀ କୋଠି କଲେଜ ଗ୍ଲାସ, ଆଦିରେ ଅନୁସନ୍ଧାନ କରନ୍ତୁ ।

ପ୍ର—ଅଭିନେତା ଓ ଅଭିନେତ୍ରୀମାନେ ଆମ ବ୍ୟବସ୍ଥାପକ ଓ ମନ୍ତ୍ରୀମାନଙ୍କ ଠାରୁ ଅଧିକ ଦରମା ପାଆନ୍ତି କି ?

ଉ—କିନ୍ତୁ ଅଧିକ ଅଭିନୟ କରିପାରନ୍ତି ନାହିଁ ।

ପ୍ର—ହିନ୍ଦି ପ୍ରଚାରକ କହନ୍ତି ଯେ ଓଡ଼ିଆମାନେ ସହଜରେ ହିନ୍ଦି ଶିଖି ପାରନ୍ତି—ଏହା କଣ ସତ ?

ଉ—ହଁ - ବିଶେଷତଃ ବଙ୍ଗଳା ଭାଷାରେ ଲେଖା ହୋଇଥିଲେ ।

ପ୍ର—ଖାଇବାକୁ ଦେଇ ନ ପାରି ଦୁଇଟି ପୁଅକୁ କୂଅରେ ପକାଇ ଦେବା କଣ ବାପ ପକ୍ଷରେ ସମ୍ଭବ ?

ଉ—ପୁଅ ଦୁଇଟି କମ୍ୟୁନିଷ୍ଟ ହୋଇଥିବାରୁ ଅଣ୍ଡରଗ୍ରାଉଣ୍ଡ ପଠାଇ ଦେଇଥିବେ ।

ପ୍ର—ଗୋଆର ଲୋକେ ସେଠା ସରକାର ଜନତା ଓ ସଂବାଦପତ୍ରର ମୁଖ ବନ୍ଦ କରିଥିବାର ମିଳିତଜାତି ସଂଘ ଆଗରେ ଆପତ୍ତି କଲେ କିଛି ଫଳ ହେବ ?

ଉ—ମିଳିତଜାତି ହାତରେ ଗୁଆକାଣ୍ଡ ନାହିଁ ।

ପ୍ର—ରୁଷିଆ ତାର ପରଦା ଉଠାଉ ବୋଲି ବେଭିନ ସାହେବଙ୍କର କହିବା କାରଣ କଣ ?

ଉ—ଛନକା ପଶିଲୁ ଛତରେ ଜାଣିବୁଲି ଉପେକ୍ଷି ।

ପ୍ର—ଆସଧ ଅଲି କହୁଛନ୍ତି ଯେ ଚଡ଼କ୍ୱାର ଲଗା କଲରୁ ଲଗା ବାହାରିବ । ଆପଣ ବିଶ୍ୱାସ କରନ୍ତି ?

ଉ—ହନୁମାନ ବସ୍ତ୍ରହରଣ ଅଭିନୟ ଦେଖିସାରି କହିବ ।

ପ୍ର—ବିଜାଜୀ କାହିଁକି ହନୁମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଉପଦେଶ ଦେଲେ ?

ଉ—Evolution ବା ବିକାଶ ବାଦରେ ହନୁମାନ ଆମ ପୂର୍ବ ପୁରୁଷ ଆଉ devaluationରେ ମଧ୍ୟ ସେ ଆମର ସେଇଥି ।

Digitized by srujanika@gmail.com

# ଭାଲୁଆ ସଭା

ଭୁବନେଶ୍ୱରରେ ନୂଆ ଐତିହାସିକ ବ୍ୟବସ୍ଥା ସବୁ ବସିଛି । ଗଡ଼ଜାତ ଓ ବେଡ଼ାଜାତ ଉଭୟ ସଭ୍ୟ ମିଶି ବ୍ୟବସ୍ଥା ବଭ୍ରାଟ ଆରମ୍ଭ କରିଛନ୍ତି । ମହତାବ ଗର୍ବ କରି ଭାଷିଛନ୍ତି ସେ ବିଜୟବର୍ଷ ତଳେ ଯେଉଁ ଭବିଷ୍ୟତ ବାଣୀ ଶୁଣାଇଥିଲେ ତାହା ସଫଳ ହେଉଛି । ମହତାବ ଶୀଘ୍ର ଗୋଟିଏ ସୁଫଳୀ କରି ପକାନ୍ତୁ । ଏବଂ କଟକରେ ଗୋଟିଏ କରକୋଷ୍ଠୀ ବଗୁର ମନ୍ଦିର ଉନ୍ମୁକ୍ତ କରି ଭବିଷ୍ୟତ ବାଣୀମାନ ଶୁଣାନ୍ତୁ । ବଶେଷତଃ ବବାହ ବଗରେ ତାଙ୍କର କୁଶଳୀ ହାତ ଓ ସୁନ୍ଦରପୌହାବ ସବ୍ବରେ ତାଙ୍କର ବଚକ୍ଷଣତା ସମସ୍ତଙ୍କୁ ସୁବଦତ ।

\+ + +

ଜନାବ ଆସଫଅଲ ଭୁବନେଶ୍ୱରରେ ସାବୁଣା ବଜେ କରିଦେବାକୁ ଉଗର ଦଣୀ । ମହାମାନ୍ୟ ବ୍ୟବସ୍ଥା ସଭରେ ଭାଷଣ ଦେଇ ଓଡ଼ିଶାର ଅଗ୍ରଗତିର ଗୋଟାଏ ଫର୍ଦ୍ଦ ପେଶ କରିଛନ୍ତି । ସେଥିରେ ସେ ପ୍ରଥମେ ହୀରାକୁଦ ମାଛକୁଦ କାମର ଗୋଟାଏ ସଠିକ ବବରଣୀ ଦେଇ ଯାହା କହିଛନ୍ତି ସେଥିରୁ ଜଣାଯାଏ ଓଡ଼ିଶାଟା ଯାକ ତ ସବୁ ଆଲୁଅ ହୋଇଯିବ । ଭାଲୁଆ ସଭା କହୁଛି —

ବାହ୍ମୀଗଲ ଗଲ ଗଲ
ବାବାରେ ଆଲୁଅ
କର ମରଦନ
ଭାଙ୍ଗ ଗରଦନ
ଚଲାଅ ରଦନ
ରତ ଓ ମଦନ
ଶ୍ରୀ ଲାଟ ସଦନ
ବଡ ଏକା ଭଲ
ବାହ୍ମୀ ଗଲ ଗଲ

\+ + +

ଭୁବନେଶ୍ୱରରେ ବ୍ୟବସ୍ଥା ସଭାର ପୁଣି ଐତିହାସିକ ଘଟଣା ହୋଇଗଲା ବୋଲି ଲାଟ ମନ୍ତ୍ରୀ ସମସ୍ତେ ଭାବିଲେ । ଭୁବନେଶ୍ୱର ରାଜଧାନୀର 'ବର୍ତ୍ତମାନ'ର ଅପୂର୍ବ ଖବର ଯେ 'ଅଟଳ' ଅସିଲା ତାର ଗବେଷଣା ପାଇଁ କେଦାରକୁଣ୍ଡରେ କେଦାରବାବୁ ଅବା ମୁଣ୍ଡ ବାଡେ଼ଇଲେ ପାଇବେ । କନ୍ତୁ ବାହାରେ ଲୋକେ ଦେଖୁଛନ୍ତି ଯେ ଭୁବନେଶ୍ୱରରେ ଚଥାର ଘରମାନ ଫାଟି ପାଣି ବରଷିଲାଣି । ବର୍ତ୍ତମାନ ଇତିହାସ ହେବାକୁ ଲାଗିଲାଣି । ଓଡ଼ଆ ଇଞ୍ଜିନିଅର ପାରିବେ ନାହିଁ ବୋଲି ମହତାବଙ୍କ ପ୍ରେମ ପଞ୍ଜାବ ଦେଶକୁ ଭୁକଷ୍ୱାର କରିବାର ସୁଫଳ ଇଏ । ଆମ ଓଡ଼ଆମାନେ ଗାଉଛନ୍ତି—

କପାଳ ଉଣାରୁ ନାଗରି ଜଣା
ଭୁବନେଶ୍ୱରକୁ ବାଟ ତ ବଣା
ସରକାର ସୁଅ ଆମ ଅରଣା
ଘରପୋଡ଼ ବେଳେ ଖଜନ୍ତ ଚଣା
ନାଗମାମୁ ହରିକୃଷ୍ଣଙ୍କୁ ଜଣା
ଓଡ଼ଆ ପେଲନ୍ତ ହରଡ଼ ଘଣା
ବଦେଶୀଏ ଏଠି ହେଲେ ସେରଣା ।

\+ + +

ଶ୍ରୀଯୁକ୍ତ ମହତାବ ଆଦବାସୀ ସଂହାର କରିସାରି ଆଦବାସୀ ଉଦ୍ଧାର ପାଇଁ ରାଜଧାନୀରେ ବଡ଼ ଚିତ୍କାର କରୁଛନ୍ତି । ଦୁଇବର୍ଷ ତଳେ ଏଇ ମହତାବ କହିଥିଲେ ଓଡ଼ିଶାରେ ଆଦବାସୀ ସଂଖ୍ୟା ଅଧିକ ହେଲେ ଆମ ଓଡ଼ିଆ କୃଷ୍ଟି ବୁଡ଼ିଯିବ । ଏବେ ସେ କୃଷ୍ଟି ପାଇଁ ପଞ୍ଜାବୀ ଆଉ ମାଡ୍ରାଜୀ ଛଡ଼ି ଗୁଲଣ କରି କେବଳ କଥାରେ କରୁଣା ଦୃଷ୍ଟି ତକ ଆଦବାସୀମାନଙ୍କୁ ଦେବେ । କୃଷ୍ଟି ଓ ମୁକ୍ତିତକ ତାଙ୍କ ପାର୍ଶ୍ୱଦମାନେ ପାଇବେ । ମୁକ୍ତିଯାକ ବରୋଧୀମାନଙ୍କ ଭାଗରେ । ଆଉ କୃଷ୍ଟିଟାତ ପ୍ରକାଶନ କାର୍ଯ୍ୟାଳୟ ଭତରେ । ବାଇ Nasty, hasty, pasty ସବୁ ନଜ ପାଖରେ ।

\+ + +

ଶ୍ରୀଯୁକ୍ତ ମହତାବ କମ୍ୟୁନଷ୍ଟ ନେତା ବୈଦ୍ୟନାଥଙ୍କୁ ଅଭୟବାଣୀ ଶୁଣାଇ କହିଛନ୍ତି—ଆସ ବନ୍ଧୁ ମୋର ପାଖ, କହିବ ବଶି ବଶ୍ୱାସ—। କନ୍ତୁ ବୈଦ୍ୟନାଥ କୈଳାସ ଛାଡ଼ ଅସିବାକୁ ନାରାଜ । ଆମର ମନେ ହୁଏ ମହତାବଙ୍କ କଥା ଓ କର୍ମ ଭତରେ ଯେଉଁ ଗହ୍ୱର ଗର୍ତ୍ତ ବ୍ୟବଧାନ ରୂପେ ଠିଆ ହେଇଛି ସେ ସେଇଠି ଦେଖିଛନ୍ତି । ମହତାବଙ୍କ ଅଭୟବାଣୀକି ବଗୁରଆଳନ୍ଦ ଜଣ ଅଇନ ବୋଲି ଗ୍ରହଣ କରିନେବ ? ମହତାବ ଗୌରଙ୍କୁ ଅଭୟ ବାଣୀ ଦେଲେ ମନୋହର ଦାରବାବୁ ତାହା ଭୁଲିବେ ବୋଲି ମାନନେବେ ତ ? ମହତାବଙ୍କ ଧୂଆଁ ବାଣ ଯେମିତ—ବୈଦ୍ୟନାଥଙ୍କ ଲାଗି ବା ଲଙ୍କାଚବା ପଣ ସେମିତ ।

\+ + +

ରାଜାମାନେ ବ୍ୟବସ୍ଥାପକ ହେବାକୁ ରାଜି ହୋଇଥିଲେ ମହତାବ ବଡ଼ ଖୁସି ହୋଇ ଥାନ୍ତେ । ଆମ ମହତାବ ତ ଆପଣେ ଅଗରପଡ଼ାର ରାଜା - ସେ ଏକା ମାଧ୍ୟମ ବଳରେ ଫଳ ହୋଇ ଥିଲେ ରାଜାଙ୍କ ପ୍ରତନଧିତ୍ୱ ବଳେ ବଳେ କରିବେ । ତା' ଛଡ଼ା ପଟେଲ ତ ତାଙ୍କୁ ରଜାଙ୍କ ଉପରେ ରାଜଚକ୍ରବର୍ତ୍ତୀ କରି ଦେଇଛନ୍ତି । ଆଉ ଚନ୍ତା କଣ । ଆମର ରାଜାମାନଙ୍କୁ ଉପଦେଶ ସେମାନେ ମହତାବଙ୍କ ସୁନା ମୂର୍ତ୍ତି ବସାଇ ସେଠି ପଢ଼ନ୍ତୁ—'ସକଳ ତୀର୍ଥ ତୋ ଚରଣେ, ଭୁବନେଶ୍ୱର ଙ୍କ କାରଣେ' ତା ହେଲେ ସବୁ ପାଇଶି ତୁଟିଯିବ ।

\+ + +

ଜନାବ ଆସଫ ... ତାଙ୍କ ସରକାର ଜଣ ଜଣ କଲେ ଗୁଣାବଳ ଗାଇବା ପରେ ଦାଣ୍ଡରେ ପିଲାଙ୍କ ବାଇସ୍କୋପବାଲା ଗାଉଛି—

କଟକ ସହର ଦେଖୋ
ରାଜଧାନୀ ଭୁବନେଶ୍ୱର ଦେଖୋ
ବାରହାତ ମନ୍ଦିରରେ
ତେରହାତ ଦେବତା ଦେଖୋ
ମଟରଗାଡ଼ ଯାଉଛ ଦେଖୋ
ଢାଟଯୋଡ଼ ଫେଲ ଦେଖୋ
ହୀରାକୁଦ ବନ୍ଧ ଦେଖୋ

ଭାଲୁଆ ସଭା ବଗୁରରେ ଏଠି ଆହୁରି ଅନେକ ଜନସ ଦେଖିବାକୁ ଅଛି । ଯାହା ଅଛି ଯାହା ନାହିଁ ତାର ତାଲିକା ତଳେ ଦଅଗଲା···ଏଠି···

ଲାଟ ଅଛନ୍ତି···　　　　ନାଟୀ ନାହାନ୍ତି ।
ମନ୍ତ୍ରୀ ଅଛନ୍ତି···　　　　ମନ୍ତ୍ର ନାହିଁ ।



Digitized by srujanika@gmail.com

ଉତ୍କଳ କେଶରୀ ଅଛନ୍ତି… କେଶ ନାହିଁ
କାନୁନଗୋ ଅଛନ୍ତି କାନୁନ ନାହିଁ ।
ଲିଙ୍ଗରାଜ ଅଛନ୍ତି ବ୍ରେମୋର ନାହିଁ
ରାଜକୃଷ୍ଣ ଅଛନ୍ତି ଗୋବର୍ଦ୍ଧନ ନାହିଁ
ବଣହା ଅଛନ୍ତି ଦାନ୍ତ ନାହିଁ ।
ତ୍ରିପାଠୀ ଅଛନ୍ତି ପାଠ ନାହିଁ ।
ରାଜା ଅଛନ୍ତି ରାଜ୍ୟ ନାହିଁ ।
ସାଙ୍ଗଠନିକ ଅଛନ୍ତି ଗତି ନାହିଁ ।
କଣ୍ଟ୍ରୋଲ ଅଛି ଜିନିଷ ନାହିଁ ।
ରାଜଧାନୀ ଅଛି ଧନ ନାହିଁ ।
ପେଡେଲ ଅଛି କଳା ନାହିଁ ।
ହୀରାକୁଦ ଅଛି ହୀରା ନାହିଁ ।
ମାଛକୁଦ ଅଛି ମାଛ ନାହିଁ ।
ଯୋଜନା ଅଛି ଭଜନ ନାହିଁ ।
ଭୂଷଣ ଅଛି ପୋଷଣ ନାହିଁ ।
ଶୋଷଣ ଅଛି ଶାସନ ନାହିଁ ।
ମଟର ଅଛି ସଡ଼କ ନାହିଁ ।
[illegible]ଲିସ ଅଛି ପୁଲିସ ନାହିଁ ।
ହାକିମ ଅଛି ହୁକୁମ ନାହିଁ ।

… … …

କଟକରୁ ରାତାରାତି ବ୍ୟବସ୍ଥା ସଭା ଭୁବନେଶ୍ୱରକୁ ଉଠିଗଲା । ସଭ୍ୟମାନେ ରହିବା ଶୋଇବା ଆହାର ବିହାରକୁ ବଡ଼ କଷ୍ଟ ପାଇଲେ । ଜଣେ କହିଲେ— ମହମଦ ଟୋଗଲକ ଦିଲ୍ଲୀରୁ ସିକନ୍ଦରାବାଦକୁ ରାଜଧାନୀ ନେଇଦେଲେ ଗୋଟିଏ ଲୋକ ଉଠିବାକୁ ମନା କରିବାରୁ ତାକୁ ଘୋଡ଼ା ପଛରେ ବାନ୍ଧିଦେଲେ ସେ ଘୋଷଡ଼ି ଘୋଷଡ଼ି ସିକନ୍ଦରାବାଦରେ ପହଞ୍ଚିବା ବେଳକୁ କେବଳ ତାର ହାଡ଼ କେତେ ଖଣ୍ଡ ଥିଲା । କିନ୍ତୁ ମହତାବ ଯେ ସଭ୍ୟମାନଙ୍କର ହାଡ଼ ଗୋଡ଼ ଠିକ ରଖି କେବଳ ମୁଣ୍ଡଟିକୁ ପୂର୍ବରୁ କପର କାଟି ନେଇଛନ୍ତି ତାହାହିଁ ତାଙ୍କର ବାହାଦୁରୀ । ଯାହାଙ୍କ ଟଙ୍କାରେ ଭୁବନେଶ୍ୱର ତିଆରି ହେଉଛି ସେଇ କେବଳ ବସିବା ଯାଗାରେ କଙ୍କାଳସାର ହେଉଛନ୍ତି । କିନ୍ତୁ ଯିଏ ରେଲଗାଡ଼ି ମଟରରେ ଘୋଡ଼ା ହୋଇ ବ୍ୟବସ୍ଥା ସଭାକୁ ବା ରାଜଧାନୀକୁ ଟଣା ହେଉଛନ୍ତି… ତାଙ୍କ ଗଣ୍ଡି ଲାଗୁଛି । ମହତାବ ନିଜେ ତାର ପ୍ରମାଣ ।

… … …

ଜନସମ୍ପର୍କ ବିଭାଗ ବୋଲି ଗୋଟିଏ ବିଭାଗ ଅଛି । ଜଣେ ପ୍ରସିଦ୍ଧ କଂଗ୍ରେସବାଲା ସଙ୍ଘ ଅନୁଯାୟୀ ବାଟରେ ଜନସମ୍ପର୍କ ଚଳାଇଛନ୍ତି । କେହି କେହି କହନ୍ତି ସରକାର ଜନସମ୍ପର୍କକୁ 'ଜନନସମ୍ପର୍କ' ବିଭାଗ କଲେ ଭଲ ହୁଅନ୍ତା । କିନ୍ତୁ ଆମେ ଦେଖୁଛୁ ତାର ଓଲଟା ନାମ ଦେଲେ ଠିକ ହେବ । ଜନନ ନ କରି ହରଣ ବିଭାଗ ବୋଇଲେ ତାର ଅର୍ଥ କେହି ନାରୀହରଣ ବସ୍ତ୍ରହରଣ ଯେପରି ନ ବୁଝନ୍ତି । ହରଣ ଅର୍ଥ ହରଣ ଚୁରି । ଯଥା— ୪୦ ହଜାର ଟଙ୍କାର ଜିନିଷ କଣା ହୋଇ ଦୁଇହଜାର ଟଙ୍କାର ଜିନିଷ ଥୁଆ ହୋଇଛି । ବାକି ୩୮ ହଜାର ହରଣଚୁରି । ତେଣୁ ଜନ ବା ଜନନ ବିଭାଗ ନ କରି 'ହର ବା ହରଣ ବିଭାଗ କରାଯାଉ ବୋଲି ବାଲୁଆ ବଗର ମତ ।

… …

ଧଳା ହାତୀ ପୋଷିବା ଆମ ଓଡ଼ିଶା ସରକାରଙ୍କର ନୀତି । ଆମ ଦେଶର ଯାହା କିଛି ଖରାପ । ଅନ୍ୟ ପ୍ରଦେଶର ଯାହା କିଛି ଭଲ । ଆମ ମନ୍ତ୍ରୀମାନଙ୍କର ଏ ଯେଉଁ ହାଇଁରିଆ ଧରିଛି ଏହାର କୌଣସି ଔଷଧ ଯଦି ଆୟୁର୍ବେଦରେ ଦ୍ରଜବାକୁ ଅବସ୍ଥାର ଦରନ୍ତେ ତାହାହେଲେ ଅଦା ସାଧାରଣଙ୍କ ଅର୍ଥ ସାର୍ଥକ ହୁଅନ୍ତା । ମନ୍ତ୍ରୀମାନଙ୍କ ଏଫିସିଏନ୍ସି ନିଶ୍ଚୟ ବଢ଼ିଯାନ୍ତା ଏବଂ ସେମାନେ ଅନ୍ୟ ପ୍ରଦେଶରୁ ଆସିଥିବା ବଡ଼ ବଡ଼ ପାହିଆର କର୍ମଚାରୀଙ୍କ ସମକକ୍ଷ ହୁଅନ୍ତେ ।

… … …

କଟକ ଡାକ୍ତରଖାନାରେ ଏମିତି ଜଣେ ଧଳା ହାତୀ ଗୋଟିଏ ମୁସଲମାନର ହାରନିଆ, ନିଜ ଶାଳରରେ ଧରି କାଟିବେ କାଟିବେ ବୋଲି ଦୁଇଦିନ ଚାଲିଗଲା ପରେ ରୋଗୀଟିର ହାରନିଆ ଫାରନିଆ ଆପେ ଭୁଆଡ଼େ ଉଭେଇ ଗଲା । ଆଉ କାଟିବା ଦରକାର ପଡ଼ିଲାନାହିଁ । ଶେଷେ ସେ ହାରନିଆ ଯାଗା ବକଣ୍ଠାରସ୍ଥାନକୁ ଚାଲିଗଲା । ଏପରି ସହଜ ଚିକିତ୍ସା ଏ ପ୍ରଦେଶରେ ଚାଲିଲେ ଦରିଦ୍ର ଦେଶବାସୀମାନେ ବଞ୍ଚିଯାନ୍ତେ । କୃତ୍ରିମ ପୋଷଣର ଚିନ୍ତା ମଧ୍ୟ ଲାଘବ ହୋଇ ଯାଆନ୍ତା ।

… … …

ଗ୍ରୋ ମୋର ଫୁଡ଼ ପରେ ସରକାର ଏକ ଗ୍ରୋ ମୋର କବି ଲେଖକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହା ଫଳରେ ଦେଶର କୋବି-ଲେଟ୍ୟୁସ ସଙ୍ଗେ ସଙ୍ଗେ କବି ଲେଖକ ମଧ୍ୟ ବଢ଼ି ଚାଲିବେ । ଅଧୁନା ଆରମ୍ଭ ଜନସମ୍ପର୍କ ବିଭାଗରେ ଶୁଭ ହୋଇଛି । ଏଣିକି ଯେଉଁମାନେ ସରକାରଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରି ଗଳ୍ପ ଉପନ୍ୟାସ କବିତା ଲେଖିବେ ସରକାର ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦେବେ । ତା ସଙ୍ଗେ ସଙ୍ଗେ ଗୋଟିଏ ଗାଲରେ କବି ଆଉ ଗାଲରେ ଲେଖକ ମାର୍କା ମାରି ଖଚ ବଜାରରେ ଛାଡ଼ିଦେବେ । ଏଇ କବି ଗୁଚ୍ଛ ମୂଳରେ କେତେ ଖତ ଗୋବର ବା ଆମୋନିଆ ସଲଫେଟ ଦେବା ଦରକାର ହେବ ତାର ହିସାବ ଫାଇନାନସ ବିଭାଗଙ୍କ ବିଚାରାଧୀନ ।

… …

ଭାରତ ଯାପାନୀ ପିଲାମାନଙ୍କୁ ହାତୀ ଘୋଡ଼ା ଦେବ ବୋଲି କହି ସତକୁସତ ହାତୀଟିଏ ପଠାଇ ଦେଲେ । କିନ୍ତୁ ଜାପାନ ଭାରତରୁ ହାତୀ ଓ ମଧ୍ୟ ପାକିସ୍ଥାନରୁ ଭାରତକୁ ଆସିବାର ଛୁଲାତକ ନେଇ ଭାରତକୁ ଗୋଟିଏ ଭାଲୁ ଲାଙ୍ଗୁଳ ଧରାଇ ଦେବାକୁ ବସିଛି ।

… …

ଆମ ପ୍ରଧାନମନ୍ତ୍ରୀ କେମନ୍ତେ ବ୍ୟବସ୍ଥା ସଭାରେ କହିଛନ୍ତି—ଭୁବନେଶ୍ୱରକୁ ଆସେମ୍ବ୍ଲି ଉଠାଇବାରେ ହଜାରେ ଟଙ୍କା ଖରଚ ହୋଇଛି । ଏ କଥା କହିବା ବେଳେ ମହତାବଙ୍କୁ ଗାନ୍ଧିଆ ରୋଗ ଧରି ଗାଲଟା ଫୁଲି ଫୁଲି ପଡ଼ି ଅନେକଙ୍କୁ ଦିଶିଲା । ଗାନ୍ଧିଆ ବା ମମ୍ପସରେ କେତେକ ଇନ୍ଦ୍ରିୟରେ ଶିଥିଳ ହୋଇଯାଏ ବୋଲି ଡାକ୍ତରମାନେ କହନ୍ତି ଆମେ ଭଗବାନଙ୍କ ଠାରେ ପ୍ରାର୍ଥନା କରୁ ସବୁ ଇନ୍ଦ୍ରିୟ ଯାଉ ପଛେ ମହତାଙ୍କର ଏଇ ମିଛ କହିବାର ଇନ୍ଦ୍ରିୟଟା ଯେପରି ଶିଥିଳ ନ ହୁଏ । ମହତାବଙ୍କର ସ୍ୱାସ୍ଥ୍ୟ ପାଇଁ ଆମେ ମାସ ତ୍ରେୟାର କରିବାକୁ ଉପଦେଶ ଦେଉଛୁ ।

ଶ୍ରୀଯୁକ୍ତ ବଣହାଙ୍କ ଇସ୍ତଫାଟା ବେଶ୍ ମଧୁମୟ ପରିସ୍ଥିତି ସୃଷ୍ଟି କରିଛି । ପି ଡବ୍ଲ୍ୟୁଡି ବିଭାଗଟା ଏଣିକି କାହା ଠେଇଁ ରହିବ, ସେଇ ଚିନ୍ତା ଭାଲେଣି ପଡ଼ିଯାଇଛି । ଆମ ମତରେ ବଣହାଙ୍କ ଯୋଗ୍ୟ ଉତ୍ତରାଧିକାରୀ କୌଣସି ମନ୍ତ୍ରୀ ନ ମିଳିଲେ ଅନ୍ତତଃ ଯିଏ ତାକୁ ନେଇ ଆଣି ଥୋଇ ପାରିବେ ତାଙ୍କୁ ଦେବା ଉଚିତ । ଆମ ବିଚାରରେ ଶ୍ରୀଯୁକ୍ତ କାନୁନଗୋ ଏକା ତାହାଁର ଭାଜନ ।



Digitized by srujanika@gmail.com



## ପାଲ୍‌ଡ୍ରିନ ମେସ୍

ଲେଖିକା—ଶ୍ରୀମତୀ ପ୍ରେମଲତା ଦେବୀ

ପାଲ୍‌ଡ୍ରନ ମେସର ସବୁ ମେମ୍ବରଙ୍କ ଆଜ ଭାରି ଫିଟ୍ ଫାଟ୍। ପାଲ୍‌ଡ୍ରନ ମେସର ନାଁ। ଶୁଣି ଯେମିତି କିଏ ଆଁ ନ କରନ୍ତୁ। ନାଁ ଦେବାଲାଗି ତ ଗୋଟାଏ କିଛି ସତ୍ୟ ସମ୍ବନ୍ଧ ଦରକାର ହୁଏ ନାହିଁ। ଆଖି ଆଗରେ ଯାହା ପଡ଼ିଯାଏ ସେଇଥିରୁ ନାଁ ହୋଇଯାଏ। ଯେମିତି ସାଆନ୍ତ ସାଇର 'ପେଁ ସଢ଼ଆ' କଥାଟି। ଜଣଙ୍କ ଗୋଟାଏ ଗାଁ ପଞ୍ଚାୟତରେ ଦିନେ ସଢ଼ଆ 'ପେଁ' କରି ଅଧବାୟୁ ଟାଏ ଛାଡ଼ି ଦେଇଥିଲା। ଆଉ ଦିନେ ଆଉ ଗୋଟିଏ ଯାଗାରେ ସେହି ସଢ଼ଆକୁ ଚିହ୍ନାଇ ଦେବା ପାଇଁ ଜଣେ ଲୋକ ତା' ସାଙ୍ଗକୁ କହିଲା, "ଆରେ ସେହି ସଢ଼ଆ ମ ଯିଏ 'ପେଁ' କରି ସଭା ଭଣ୍ଡୁର କରି ଦେଇଥିଲା।" ଆର ଜଣକ କହିଲା, "ଓହୋ ସେ ପେଁ ସଢ଼ଆ।" ବେଶ୍ ନାଁ ହୋଇଗଲା ପେଁ ସଢ଼ଆ। ଆଜିଯାଏଁ ବି ତା ନାଁ ପେଁ ସଢ଼ଆ ହୋଇ ରହିଛି। ଠିକ୍ ଏହିମିତି ଏ ମେସ୍‌ର ନାଁ 'ପାଲ୍‌ଡ୍ରନ୍ ମେସ୍' ହୋଇଅଛି। ଏହି ମେସ୍‌ରେ ସବୁଠାରୁ ବେଶୀ ପାଲ୍‌ଡ୍ରନ ଖର୍ଚ୍ଚ ହୁଏ। ଏହି ମେସ୍‌ର ଜଣେ ମେମ୍ବର ସାଙ୍ଗରେ, ସେ ବଡ଼ ଔଷଧ ଦୋକାନର ନାହା ମନେ ବାନ୍ଧି ଥାଏ ବୋଲି ଦୁଇଥର ସେ ଦୋକାନରୁ ଚାକର ପାଲ୍‌ଡ୍ରନ ନେଇ ଏହି ମେସ୍‌କୁ ଆସିଥିଲା। ଦିନେ ଏହି ମେସ୍‌କୁ ଚିହ୍ନାଇବାକୁ ଯାଇ ଦୋକାନଦାର ସେ ଚାକରକୁ କଥା ଛଳରେ କହିଦେଲା, "ଯା ଯୋଉ ମେସ୍‌କୁ ପାଲ୍‌ଡ୍ରନ ନେଇଥିଲୁ ସେହି ମେସ୍‌କୁ ଯାଇ, ରଘୁ ବାବୁଙ୍କୁ ଏ ଚିଠିଟା ଦେଇଦେବୁ"। ଚାକରଟି କହିଲା, "ଓହୋ ସେ ପାଲ୍‌ଡ୍ରନ ମେସ୍" ଦୁଇତିନି ଜଣ ଲୋକ ତ ସେଠାରେ ବସିଥିଲେ। ସମସ୍ତେ ହସିଉଠି କହିଲେ, "ବାଃ ବେଶ୍ ନାଁ ତ ପାଲ୍‌ଡ୍ରନ ମେସ୍"। ସେହି ଦିନଠାରୁ ତା ନାଁ 'ପାଲ୍‌ଡ୍ରନ ମେସ୍'। ମେମ୍ବରମାନେ ସମସ୍ତେ କିରାଣୀ। ସମସ୍ତଙ୍କ ଆୟର ବେଶି ଭାଗ ପାଲ୍‌ଡ୍ରନ୍‌ରେ ଯାଏ। ଏଥରେ ଶୁକ୍ରବାର ଓ ଶନିବାର ଦୈବଯୋଗକୁ କଅଁର ଛୁଟି ପଡ଼ିଲା। ତା ପର ଦିନଟା ସୂର୍ଯ୍ୟ ଦେବତାଙ୍କ ପାଇଁ ଛୁଟି। ମୋଟରେ ହେଲା ତିନି ଦିନ ଛୁଟି। ନାନା କଳ୍ପନା ଜଳ୍ପନା ପରେ ସ୍ଥିର ହେଲା ଯେ, ଏ ଛୁଟିତକ ଚଣ୍ଡିଖୋଲରେ ଉପଭୋଗ କରାଯିବ। ଏ ତିନିଦିନଯାକ ଯେମିତି ମେଲେରିଆ ଦେବତା ନଜର ନ ପକାନ୍ତି, ସେଥିଲାଗି ସମସ୍ତେ ଆଗରୁ ଚଉକସ୍ ପାଲ୍‌ଡ୍ରନ ଖାଇଦେବାକୁ ବିଲ୍ ଦେଇଥାଆନ୍ତି। ଶୁକ୍ରବାର ଦିନ ସକାଳୁ ସମସ୍ତେ ଫିଟ୍ ଫାଟ୍। ଦିନ ଗାଡ଼ିରେ ଚଣ୍ଡିଖୋଲ ଯିବାକୁ ହେବ। ଜିନିଷପତ୍ର ସଜାଡ଼ିବାର ଧୂମ୍ ଲାଗିଛି। ପ୍ରଭାକର ହୋଇଛି ସରଦାର। ସମସ୍ତେ ଚାଉଳ-ଡାଲି, ଲୁଣ, ଷ୍ଟୋଭ, କିରାସିନି ଓ ଟିନପରିବା ଇତ୍ୟାଦି ସମସ୍ତ ଘରକରଣା ଜିନିଷ ନେଇ ଯିବାର ଆୟୋଜନ କରୁଥିଲେ, କିନ୍ତୁ ସରଦାର ପ୍ରଭାକର ଗୋଟିଏ କଥାରେ ସବୁ ନାକଚ୍ କରିଦେଲା; "ଆରେ ଆରେ କୁଲିପରି ଏଗୁଡ଼ା ସବୁ କାହିଁକି ନେବା। ଟଙ୍କା ଥିଲେ ତ ସବୁ ଜିନିଷ ଚଣ୍ଡିଖୋଲ ବାବାଜୀଙ୍କ ପାଖରୁ ମିଳିବ। କେତେଜଣଙ୍କର ଟିକିଏ ସନ୍ଦେହ ଜାତ ହେବାରୁ ପ୍ରଭାକର ଜୋରରସହିତ କହିଲା, "ଆରେ ମୁଁ ତ ଚଣ୍ଡିଖୋଲର ପୋକ, ସମସ୍ତେ ମୋ ହାତକୁ ଟଙ୍କା ଦେବଟି ସମସ୍ତ ଦାମ ମୁଁ ତୁଲାଇ ନେବି। ବୃଥାରେ ଗଧଭଳି ଗୁଡ଼ାଏ କାହିଁକି ବୋହିବା? ବେଶୀ ପରିଶ୍ରମ ପଡ଼ିଲେ କାଲେ ଜର ଲେଉଟି ପଡ଼ିବ।' ଜର ନା ଶୁଣି ସମସ୍ତେ ରାଜି ହୋଇଗଲେ। ଯେ ଯାହାର ଲୁଗାପଟା ଖଣ୍ଡି ସୁଟ୍‌କେଶ୍ ସଜାଡ଼ିବାରେ ଲାଗିଲେ। ପ୍ରଭାକରର ତ ଯୋଡ଼ାଏ ସୁଟ୍‌କେଶ ଠିକ୍ ଏକାପରି। ଗୋଟିକରେ ସେ ତାର ଲୁଙ୍ଗୀ, ଲୁଗା କାମିଜ୍ ଓ ସଙ୍ଗୃହୀତ ସମସ୍ତ ଟଙ୍କା, ବିପଦ ଆପଦ ପାଇଁ କିଛି ପାଲ୍‌ଡ୍ରନ, ସେଫ୍‌ଟି ରେଜର ଇତ୍ୟାଦି ଭର୍ତ୍ତି କରି ଚାବି ପକାଇ ସଜାଡ଼ି ରଖିଲା। ସେତେବେଳକୁ ଗାଡ଼ି ସମୟ ହୋଇ ଆସୁଥାଏ ହଠାତ ମନେ ପଡ଼ିଲା, ସିଟି ବୁକିଙ୍ଗ୍ ହାଉସ୍‌ରୁ ଟିକେଟ ନେଇ ଆସିଲେ ତ ଭଲ ହେବ। ଯାହା ଭାବି ମୁହଁରେ ସୁଣ୍ଟାଏ ଖୁର୍ଦ୍ଧି ଦେଇ ସମସ୍ତଙ୍କୁ କହିଲା, "ହେଇଟି ତୁମ୍ଭେମାନେ ସମସ୍ତେ ଜିନିଷ ପତ୍ର ନେଇ ଷ୍ଟେସନକୁ ଯାଅ, ମୁଁ ବାଲୁବଜାରରୁ ସମସ୍ତଙ୍କ ପାଇଁ ଏକା ବେଳେକେ ରିଟର୍ନ ଟିକେଟ କରି, ଷ୍ଟେସନରେ ଯାଇଁ ପହଞ୍ଚିବି। ଆଉ ଦେଖ ମୋର ଏଇ ଉପର ସୁଟ୍‌କେଶଟା ସାଙ୍ଗରେ ନେଇଯିବ। ଏହା କହି ପ୍ରଭାକର ଚାଲି ଦେଲା। ସମସ୍ତେ ବିଛଣା ପତ୍ର ଓ ସୁଟ୍‌କେଶ ସବୁ ସଜାଡ଼ିବାରେ ଲାଗିଗଲେ। ସଦା ତା ପକେଟରେ ହାତ ମାରି ଦେଖିଲା ତା ରୁମାଲଟା ନାହିଁ। କାଲେ କୋଉଁଠି ଖସି ପଡ଼ିଥିବ ଭାବି, ଆଉ ସାଉଁ ଖୋଜିଲା। ପ୍ରଭାକରର ସୁଟ୍‌କେସକୁ ବି ଉଠେଇ ଦେଖିଲା। ଠିକ୍ ଏତିକି ବେଳେ ଉକ୍ତସା ବାଲାଙ୍କ ମଧ୍ୟରୁ ଜଣେ ପାଟି କରି ଉଠିଲା, 'ବାବୁ ଚଞ୍ଚଳ କର ଗାଡ଼ି ସମୟ ହୋଇଗଲା।' ହାତ ଘଣ୍ଟାକୁ ଚାହିଁ ଦେଇ ଜଣେ ଦୁଇଜଣ ବି କହିଲେ, "ଅରେ ସତେତ ଚାଲ ଚାଲ ଚଞ୍ଚଳ ଚାଲ। ଅରେ ଦିନା ସୁଟ୍‌କେଶ ଓ ବିଛଣା ପତ୍ର ଗୁଡ଼ା ରିକ୍ସାରେ ଲଦି ଦେ।" ଜଣେ ଦିନାକୁ ବଢ଼ାଇ ଦେଲା, "ପ୍ରଭାକରବାବୁଙ୍କର ଉପର ସୁଟ୍‌କେଶଟି ନବୁ"। ସମସ୍ତେ ତର ତର ହୋଇ ରିକ୍ସାରେ ବସିଲେ। ଚାକରଟି ସୁଟ୍‌କେଶ ଓ ବିଛଣାପତ୍ର ସବୁ ରିକ୍ସାରେ ଲଦିଦେଲା······ ଭାଗ୍ୟକୁ ଗାଡ଼ି ପଛରେ ଥିବା ଗୋଟିଏ ଖୋଲା ବେଞ୍ଚ ମିଳିଗଲା। ମଉଜରେ ଯାତ୍ରାଟି ଆରମ୍ଭ ହେଲା। ଗାଡ଼ି ଭିତରେ ଚାଲିଥାଏ ଗମାଗୋଟ ଆଲୋଚନା। ଖାଇବା ଜିନିଷ କଣ ଭକ୍ଷ-ତିଆରି ହେବ। କିଏ କହେ ପୁରି, ତ କିଏ କହେ ପଲୌ, ବା କିଏ କହେ ସାଧା ଭାତ। କିଏ କହେ ଆଉ ପୋଟଳ ରସ ଓ କିଏ କହେ ରାମପକ୍ଷୀ ଝୋଳ। ରାମପକ୍ଷୀ ନାଁ ଶୁଣିବା ମାତ୍ରେ, ପ୍ରଭାକର ପ୍ରତିବାଦ କରି ଉଠିଲା। "ଆରେ ଦୁର୍ ଦୁର୍ ମହାପାପୀ! ଠାକୁରଙ୍କ ଯାଗାରେ। ବାବାଜୀ ଆଉ ରହି ଥାଇ ଦେବେ।" କୁଆଡ଼ୁ କିଛି ଠିକ ହୋଇ ପାରିଲା ନାହିଁ। ସବୁ ଶେଷରେ ପ୍ରଭାକରକୁ ହଠ୍‌ଲଗ



Digitized by srujanika@gmail.com

ଯାଇବାକୁ ପଡ଼ିଲା । ଖାଇବାର ଲକ୍ଷ୍ମୀ ତଥାପି
ହେଲା । ପ୍ରଭାକର ତାକୁ ଯାଉଥାଏ । ସଦା
ଲେଖି ଯାଉଥାଏ । ଦଶ ଅଧ୍ୟାୟ ପାଞ୍ଚପା
ଚାଉଳ, ପାଞ୍ଚଟଙ୍କାର ଗୁଆ ଘିଅ ପାଞ୍ଚ-
ଟଙ୍କାର, ଚାରି ଟଙ୍କାର ଖେଚଡ଼ ମସଲା,
ହରଡ଼ ଡାଲି ଅଧସେର, ନଡ଼ିଆ ତେଲ ଅଢ଼େଇ
ଦୁଇସେର, ପୋଟଳ ସେରେ, ଚନ୍ଦ୍ରଳ ଅଧପାଏ
ତତ୍‌ଲ ନାଁ ଶୁଣିବାମାତ୍ରେ ସଦା ପାଟିରୁ ଝୋଲ-
ତାଏ ଲାଳ ଗଡ଼ିପଡ଼ି ତାଲିକାକୁ ଖରାପ କରି-
ଦେଲା । ସଦା ଚଟାପଟ ପୋଛି ପକାଇଲା, କିନ୍ତୁ
ସମସ୍ତେତ ତାଲିକା ଆଡ଼କୁ ଚାହିଁଥିଲେ । ନ
ଦେଖିବେ ବା କେମିତି । ହୋ ହୋ ହୋଇ
ସମସ୍ତେ ହସି ପକାଇଲେ । ବିଚାରା ସଦା
ଲଜ୍ଜାରେ ସରବସ୍ତ୍ର ହୋଇଗଲା । ପୁଣି ଲେଖା
ଚାଲିଲା । ଖାଦ୍ୟପେୟ ମଧୁରତାର କଳ୍ପନାରେ
ସେତେବେଳକୁ କେତେଜଣଙ୍କ ପେଟରେ ଟିକେ
ଟିକେ ଭୋକ ବି ଦେଖାଗଲାଣି । ପ୍ରଭାକର
ଖାଦ୍ୟ ଯୋଜନାରେ ସମସ୍ତେ ପୁରାପୁରି ସନ୍ତୁଷ୍ଟ
ହୋଇଗଲେ । ଗାଡ଼ି ଯାଇଁ ଧାନମଣ୍ଡଳ ଷ୍ଟେସ-
ନରେ ପହଞ୍ଚିଲା । ମୁଣ୍ଡ ଉପରେ ଟାଇଁ ଟାଇଁ
ଖରା । ଶଗଡ଼ ଗାଡ଼ିକି ଦୂରର କଥା ଗୋଟାଏ
କୁଲିବି ସୁଟ୍‌କେଶ ଟେକି ନେଇ କରି ଯିବାକୁ
ମିଳିଲେ ନାହିଁ । ଯିଏ ଯାହା ସୁଟ୍‌କେଶ୍
ଧରି ସେହି ଖରାରେ ବାହାରିଲେ । ବିଜୟୋ-
ଲ୍ଲାସରେ ପ୍ରଭାକର ପାଟି କରି ଉଠିଲା, "ତୁମ-
ମାନଙ୍କ କଥା କରିଥିଲେ ଗୋଟି ଗୋଟି ହୋଇ
ସମସ୍ତେ ଏହାକ୍ଷଣି ମରିଥାଆନ୍ତ । ଏଇଟିକି
ନବାକୁ ତ କାଠିକର ପାଠ, ତା ଉପରେ
ଯଦି ଚାଉଳ, ଡାଲି ଲୁଣ, ଷ୍ଟୋଭ କିରୋସିନି
ହାଣ୍ଡି, ଡାଲି ଗୁଡ଼ିକ ଆଣିଥାଆନ୍ତ, ତା ହେଲେତ
କିହାଲ । ପ୍ରଭାକର ବୁଦ୍ଧିର ପ୍ରଖରତା ସ୍ୱୀକାର
କରି ସମସ୍ତେ କୃତଜ୍ଞତା ଜ୍ଞାପନ କଲେ । କଷ୍ଟେ
ସୃଷ୍ଟେ ଯାଇ ସମସ୍ତେ ଚଣ୍ଡିଖୋଲରେ ପହଞ୍ଚି-
ଲେ । ଆଗ ଧର୍ମଶାଳାରେ ଅଧଘଣ୍ଟାଏ ସମସ୍ତେ
ଗଡ଼ିଗଲେ । କିଛି ସମୟ ବିଶ୍ରାମ ବାଦ, ଦିହରେ
ନିଆ ଜୋର ଓ ପେଟରେ ନିଆ ଭୋକ
ଦେଖାଗଲା । ସମସ୍ତେ ବି କହି ଉଠିଲେ, ପ୍ରଭା-
କର ଚଞ୍ଚଳ ରୋଷେଇର ବନ୍ଦୋବସ୍ତ କର ।
ଆମେ ବାବା ସେସବୁ କିଛି ଜାଣୁ ନାହିଁ ।
ପ୍ରଭାକର କହିଲା ହେଉ ରୋଷେଇତ କରିବା
ଏତେ କେତେ କାହିଁକି । ଦେଖ ଏବେ ବାଘୁଆ
ଭାଗ ସନ୍ଧ୍ୟା ଥାଉଁ ଥାଉଁ ଝାଡ଼ା ଝପଟ ସାରି-
ଦିଅ । ତା ପରେ ଧୀରେ ସୁସ୍ଥେ ବସି ରୋଷେଇ
କରିବା । ବାଘ ନା ଶୁଣି ସମସ୍ତେ ପ୍ରାଣ ବିକଳ-
ରେ ଝାଡ଼ା ଫେରିବା କାମଟା ସାରିଦେଲେ ।
ନିଶ୍ଚିନ୍ତ ହୋଇଗଲାରୁ ଭୋକ ଦ୍ୱିଗୁଣ ଦେଖା-
ଇଲା । ପ୍ରଭାକର ସଦାକୁ ଜିନିଷ ତାଲିକାଟା
ଧରାଇଦେଇ କହିଲା, "ତୁ ଯାଆ ସେହି
ଷ୍ଟୋରରୁ ଜିନିଷ ମଗେଇ ସଜାଡ଼ି କରି ରଖ
ମୁଁ ଯାଉଛି ବାବାଜୀଠାରୁ ବାସନ ପତ୍ର ନେଇ
ଆସି ଥୋଇଦେଇ ଟଙ୍କା ନେଇଯିବ ।" ସଦା
ଚଟାପଟ ଯାଇଁ ଷ୍ଟୋରରୁ ସଉଦାପତ୍ର ମଗା-
ମଗି କରାଇ ପ୍ରଭାକରର ଅପେକ୍ଷାରେ ବସି-
ରହିଲା । ପ୍ରଭାକର ବାବାଜୀଠାରୁ ବାସନପତ୍ର
ଆଣି ଥୋଇ ଦେଇ ଟଙ୍କା କାଢ଼ିବାକୁ ସୁଟ୍-
କେଶ୍ ପାଖକୁ ଗଲା । ତାଲାପଟାକୁ ଦେଖି
ଯେମିତି ଟିକେ ଦୋ ଦୋ ପାଞ୍ଚ ହେଲା । ଭାବି-
ବାକୁ ତାକୁ ସମୟ ନ ଥାଏ । ଚାବିଟାକୁ ବାଛି
ତାଲାପଟାକୁ ଖୋଲି ଦେଲା । ସୁଟ୍‌କେଶଟା
ଖୋଲିଦେଲାମାତ୍ରେ, ତା ପେଲେଇ ପାଣି
ହୋଇଗଲା । ଚୂନ ସାହୁ ଦୋକାନର ଆଠ-
ଣିଆ ରାଜଭୋଗ ଗୋଟା ସୁଧା ପାଟିରେ ଭର୍ତ୍ତି
କରି ଦେବା ପାଇଁ ଯେତିକି ଆଁ ଦରକାର
ସେତିକି ଆଁ ଟାଏ କରି ସମସ୍ତଙ୍କ ମୁହଁକୁ ବାଲୁ
ବାଲୁ କରି ଚାହିଁଥାଏ । ସମସ୍ତେ ତାର ଏ
ବିକଟ ରୂପ ଦେଖି କହିଲେ, 'କିରେ କଣ
ହେଲାକି ? ପ୍ରଭାକର ଖଣ ଖଣେଇ କହିଲା,
"ହଇରେ ତୁମେ ମୋର ଚୋରି ସୁଟକେଶଟା
ଆଣିଲ କିରେ" । ଜଣେ କହିଲା, କାହିଁକି
ତୁତ ଉପରଟା କହିଥିଲୁ ଠିକ୍ ଉପରଟା
ଆସିଛି । ମୁଁ ନିଜେ ଦେଖିଛି ଦିନ ଉପରଟା
ନେଇ ରିକ୍‌ସାରେ ଥୋଇଥିଲି । ପ୍ରଭାକର
ବିରକ୍ତ ହୋଇ କହିଲା, "ତୋ ଆଖି ସେତେ
ବେଳେ ଫୁଟି ଯାଇଥିଲା । ଯାହେଉ ପ୍ରଭାକରର
ଢେର ଦେଖି ସଦା ଟଙ୍କା ନେବାପାଇଁ
ଆସିଲା । ସେ ଆସି ଦେଖେତ କଥାବାର୍ତ୍ତା
ପଞ୍ଚମରେ ଚାଲିଛି । ଗୋଳମାଳର କାରଣ
ବୁଝିବାକୁ ତାକୁ ଡେରି ଲାଗିଲା ନାହିଁ । ସୁଟ୍-
କେଶ ତଳ ଉପର ନେଇ ଗୋଳମାଳ ହୋଇ-
ଛି । ତା ମନ ଭିତରେ ଗୋଟିଏ ବମ୍ ଫୁଟିଲା ।
ସେ ଧୂଆଁ ଗୁଡ଼ାକ ଉପରକୁ ଉଠି ଗଲାରୁ ସେ
ପରିଷ୍କାର ଦେଖି ପାରିଲା । ସେହି ପାଲ୍‌ଟନ
ମେସ୍ । ସମସ୍ତେ ଡରେ ଡର ହେଉଛନ୍ତି ଚଣ୍ଡି-
ଖୋଲ ଆସିବାଲାଗି । ସେ ତାର ହାତ ଯାଇ-
ଥିବା ରୁମାଲଟି ଆଡ଼େସାଡ଼େ ଖୋଜୁଛି କାନ୍ଥ
କଡ଼କୁ ଦେଖିଲା ପ୍ରଭାକରର ଦୁଇଟି ସୁଟ୍-
କେଶ । ତା ପଛରେ କାଳେ ପଡ଼ିଯାଇଥିବ
ଭାବି, ପ୍ରଭାକରର ଉପର ସୁଟ୍‌କେଶଟା ଟେକି
ଗୋଟାଏ ଜାଗାରେ ଥୋଇଲା । ରୁମାଲ ନ
ପାଇବାରୁ ଦୁଇଟିଯାକ ସୁଟକେଶ ଘୋସାରି
ନେଇ କାନ୍ଥ କଡ଼କୁ ଥୋଇ ଦେଲା । ଏହିପରି
ଅଲକ୍ଷରେ ଉପର ସୁଟ୍‌କେଶ ତଳକୁ ତଳ
ସୁଟକେଶ ଉପରକୁ ହୋଇଯାଇଥିଲା । ବର୍ତ୍ତମାନ
ସେ ବୁଝି ପାରିଲା ଯେ, ସେ ନାଟର ଗୋବର୍ଦ୍ଧନ
ସେହି ନିଜେ । କଥାଟା ଖୋଲି ଦେବାକୁ ତାର
ସାହସ ହେଲା ନାହିଁ । ଗଣ୍ଡଗୋଳ ବେଶୀ
ହେବାରୁ ବାବାଜୀ ଓ ତାର ଚେଲାମାନେ
ସେଠାରେ ଆସି ପହଞ୍ଚିଗଲେ । ସେମାନଙ୍କୁ ବି
କଥାଟା ବୁଝିବାକୁ ବେଶୀ ଡେରି ଲାଗିଲା
ନାହିଁ । ସେମାନଙ୍କର ହସ ଶୁଣି ସବୁ ସତେକି
ଯେମିତି ଫାଟିଗଲା । ବାବାଜୀ ଓ ଶିଷ୍ୟମାନଙ୍କ
ହସ ଓ ଏମାନଙ୍କର ଭୋକ ରାଗ ଠିକ୍ ଖାପି
ଗଲା । ଯେମିତି ହଂସ ସହିତ ଅହଂସ ଓ
ଅମ୍ଳ ସହିତ କ୍ଷାର । ଏମାନଙ୍କର ମନେ ହେଉ-
ଥାଏ ଯଦି ସେଠାରେ ଗୋଟାଏ ଉଡ଼ାଜାହାଜ
ପହଞ୍ଚିଯାଆନ୍ତା ତେବେ ଘରଦ୍ୱାର ବିକାଦେବାର
ସର୍ତ୍ତ ଦେଇ ସଙ୍ଗେ ସଙ୍ଗେ ସେ ସ୍ଥାନ ଛାଡ଼ିଦେଇ
ପଳେଇ ଆସିଥାଆନ୍ତେ । କିନ୍ତୁ ଉପାୟ ନାହିଁ ।
ଯେ କୌଣସି ମତେ ଗୋଟାଏ ରାତି
ସେଠାରେ କଟାଇ ଦେବାକୁ ପଡ଼ିବଇ
ପଡ଼ିବ । ଭୋକ ଏମାନଙ୍କର ଦୁର୍ଦ୍ଦଶା
ବୁଝିବବା କାହିଁକି ? ଗୋଟାଏ ହଣ୍ଟର ଧରି
ନିର୍ଦ୍ଦୟ ଭାବରେ ଯେମିତି ସଫାତ ସଫାତ୍ ଚାବୁକ
ଲଗାଇବାରେ ଲାଗିଲା । ଗୋଟାଏ ରାତି ଏହି-
ପରି ଚାବୁକ ଖାଇବାକୁ ପଡ଼ିବ ଏହିପରି କଳ୍ପନା
ରେ ସେମାନଙ୍କର କଷ୍ଟ ଦ୍ୱିଗୁଣ ହୋଇ
ଉଠିଲା । ଯାହାହେଉ ବାବାଜୀଙ୍କ ଦୟାରୁ
କିଛି ଅମୃତଭଣ୍ଡା ଓ ଚୂଡ଼ା ଭୋକକୁ ଲାଞ୍ଚଦେଇ
ରାତିଟି କଟାଇଲେ । ତହିଁ ଆରଦିନ ଠିକ
ଗୋଟାଏବେଳେ ସମସ୍ତେ ପାଲ୍‌ଟନ ମେସରେ
ହାଜର । ସମସ୍ତଙ୍କ ଉପସ୍ଥିତିରେ ପ୍ରଭାକର
ତାର ଆର ସୁଟ୍‌କେଶ୍‌ଟି ଫିଟାଇ ସେହି ନୋଟ
ବିଡ଼ାଟି କାଢ଼ି ସମସ୍ତଙ୍କୁ ଦେଖାଇଲା । ଠିକ୍
ସେତିକି ଟଙ୍କା । ସଦାର ତେବେ ବି ଅସଲ
କଥାଟି କହିବାକୁ ସାହାସ ହେଲାନାହିଁ । ସେ
ବଡ଼ ପାଟିକରି ବୁଝାଇଲା ପରି କହିଲା,
"ଆରେ ଛାଡ଼ ସେ କଥା । ଭଗବାନଙ୍କର
ଇଚ୍ଛା ଯେ, ଏହି ଟଙ୍କା କେବଳ ପାଲ୍‌ଟନ
ରେ ଖର୍ଚ୍ଚ ହେବ । ଅନ୍ୟ କୌଣସିଥିରେ
ନୁହେଁ । ନ ଜାଣିକଏ ମେସ୍ ନା ହୋଇଛି
ପାଲ୍‌ଟନ ମେସ୍



Digitized by srujanika@gmail.com



## ମେର ଘର ମେ ଅନ୍ତର

ଲେଃ—ପଦ୍ମନାଥ ଦାଶମହାପାତ୍ର

ସୁଷମା ଯେତେବେଳେ ଷୋଡ଼ଶ ବସନ୍ତରେ ଉପନୀତ ହେଲା ମୁଁ ତାକୁ ଲକ୍ଷ୍ୟ କରିଥିଲି—ତା'ର ସଦ୍ୟସ୍ଫୁଟ ଗୋଲାପ ମୁଖରେ ଫୁଟି ଉଠିଥିଲା ଉଦ୍ଦାମ ତରଳ ହାସ୍ୟ—ମୃଗିଣୀ ପ୍ରସାରିତ ନେତ୍ରରେ ଫୁଟି ଉଠିଥିଲା ଯୌବନ-ସ୍ୱପ୍ନର ସହସ୍ର ରଙ୍ଗୀନ ଛବି—ହେମଗୌର ବକ୍ଷରେ ତା'ର ପ୍ରେମର ପ୍ରଥମ ଆଭାସ ମୁଁ ପାଇଥିଲି। ଷୋଡ଼ଶ ବସନ୍ତର ପ୍ରଥମ ଉପହାର ନେଇ ସେ ଯେତେବେଳେ ଯୌବନ ଦେବତାର ପୂଜା କରିଥିଲା, ମୁଁ ମୋର ପ୍ରଥମ ଉପହାର ରକ୍ତଗୋଲାପରେ ତା'ର କାକକୃଷ୍ଣ କବରୀକୁ ରଞ୍ଜିତ କରି ତା'ର ନାରୀତ୍ୱର ଶ୍ରେଷ୍ଠ ଧନଟିକୁ ଅପହରଣ କରିଥିଲି। ତା'ର ଅସ୍ପୂର୍ଣ୍ଣ-ଅକ୍ଷତ ଯୌବନର ଶତସହସ୍ର ଶୋଭା ନେଇ ମୋର ନିଷ୍ପ୍ରାଣ ମନକୁ ସେ ଆକ୍ରମଣ କରିଥିଲା—ସେଦିନ-ସେଇ ଦିଗ୍‌ବଳୟବ୍ୟାପୀ ସବୁଜ ପ୍ରାନ୍ତରରେ-ଥିଲି—ଶୀତାର୍ତ୍ତ ମୁମୂର୍ଷୁ ଅର୍ଦ୍ଧଚନ୍ଦ୍ରର ଅସ୍ପଷ୍ଟ ଆଲୋକ ଆଉ ନିଦ୍ରିତ ସ୍ୱପ୍ନଚ୍ଛିତ ପୃଥିବୀ।

ମୋ ପକ୍ଷେ ସେ ଅତି ଗୌରବମୟ। ଯୌବନର ପ୍ରଥମ ପାଦରେ ଉପନୀତ ହୋଇ ତୋଳିଥିଲି ସ୍ମୃତିର ତାଜମହଲ ଅବା ନବ-ସ୍ତମ୍ଭୀ କୁତବ୍‌ମିନାର। କଳ୍ପନା କରିଥିଲି ଚିରଦିନ ସେ ସେମିତି ସରଳ ରେଖାପରି ଦୀର୍ଘାୟୁମାନ ରହିବ। କିନ୍ତୁ ହାୟ; ସେ କଥା ଭାବି ମୁଁ ଆଜି ଅନୁତାପ କରେ—ଶୟନ କକ୍ଷରେ କାନ୍ଦେ—ସେଇ ଗୌରବମୟ ଅତୀତ ମୋତେ ଉପହାସ କରେ...ବିଦ୍ରୂପ କରେ। ମୁଁ ନିଦ୍ରା ଭେଳ ଚମକି ଉଠେ...ହାତ ବୁଲାଇ ଦେଖେଁ ସୁଷମା ଅର୍ଦ୍ଧଲଗ୍ନ ନିଦ୍ରିତ। ଛାତିରେ ଲଣ୍ଠାଟା ଘୋଡ଼େଇ ଦେଇଁ ଦେଉଁ ତା'ର ଅଳସ ଅସନା ବାଳଗୁଡ଼ାକରେ ହାତ ବୁଲେଇ ଦିଏଁ—ମୋର ହସ୍ତସ୍ପର୍ଶରେ ତାର ନିଦ୍ରା ଭାଙ୍ଗେ.....ଦେଖେ, ସେ ତାର ଅଶୀ ଲହରେ ଉପାଧାନଟି ଭିଜାଇ ଦେଇଛି—ସନ୍ତାନହୀନ ମାତା ସେବ—ସ୍ୱଳ୍ପ ସ୍ନେହରେ ଆଧିକ୍ୟହେତୁ ଉପାଧାନଟିକୁ ବକ୍ଷରେ ଜାକି-ଧରି ଘନ ଘନ ଚୁମ୍ବନ ଦେଉଛି—ଆହା—ଭଗ୍ନହୃଦୟ ମୋର କାନ୍ଦଉଠେ—ଜନନୀ ହେବାରେ ଯେ କି ଗୌରବ ତାହା ମୁଁ ବୁଝିବି କାହୁଁ?

ମୋର ସୁନ୍ଦର ରୂପନେଇ ଯେତେବେଳେ ମୁଁ ଗର୍ବ କରୁଥିଲି—ସେଇ ଯାଦୁକରୀ କାଉଁରୀ ପରଶରେ କେତେ ନୀରସ-ଜଡ଼-ନିର୍ଜୀବ କୁମାରୀ ଜୀବନଦାନ ପାଇଥିଲେ...ମୁଁ ତାଙ୍କୁ କଣ କରିଥିଲି...ମୋର ଏଇ ପ୍ରତାରଣା ଯୋଗୁଁ ଆଜି ଜୀବନର ମଳିନ ସନ୍ଧ୍ୟାରେ ବସି ମୁଁ ଅନୁତାପ କରେ...କାନ୍ଦେ...କଅଁଳ ଛୁଆଟି ପରି କଇଁ...କଇଁ...ହୋଇ।

ସୁଷମା ତୁଳସୀ ଚଉରାମୂଳେ ନିତି ସଞ୍ଜବତୀ ଜାଳିଦେଇ ବୃନ୍ଦାବତୀଙ୍କ ପାଖେ କେତେଜଣ ମନାସିଯାଏ। ଗୃହଲକ୍ଷ୍ମୀ ସେ...ସରଳ ସେ... ମୋର ରୁକ୍ଷ-ନିର୍ମମ ହୃଦୟକୁ ବୁଝି ପାରି ନ ଥିଲା—ତା'ର ମନ-ପ୍ରାଣ-ଯୌବନ ସବୁ ଅଜାଡ଼ି ଦେଇଥିଲା ମୋର ପାଦତଳେ—କିନ୍ତୁ ମୁଁ ତା'ର ଅପବ୍ୟବହାର କରିଛି—ତା'କୁ ସନ୍ତୁଷ୍ଟ କରିବାରେ କ୍ଷଣେ ଅନ୍ୟାୟ କରିଛି—କୃପଣତା କରିଛି—ସେ ଆଜି ବୁଝିଛି—ସେଥିପାଇଁ ସେ ଦୁଃଖକରେ—ମୋତେ ନିଜର କରିବା ପାଇଁ ଦିଅଁ ଦେବତାଙ୍କ ପାଖେ ଜଣାଏ...।

ମୁଁ ଆଜି ବୁଝିଛି—ମୁଁ ତାକୁ ଭଲ ନ ପାଇଥିଲେ ଅନ୍ତତଃ ଏତେ ଅନୁତାପ କରିବାକୁ ପଡ଼ୁ ନ ଥାନ୍ତା। ଆଜି ଜୀବନର ଏଇ ଧୂସର ସନ୍ଧ୍ୟାରେ ସେ ପାଉଛ ପାଦ ଦେଲାବେଳେ ତା' ଚିନ୍ତା ମୋତେ ଏତେ ବ୍ୟଥିତ କରୁ ନ ଥାନ୍ତା—ମୋର କର୍ମକ୍ଳାନ୍ତ ଜୀବନ ପରେ ଏ ଭଗ୍ନ ହୃଦୟ ନେଇ ମୁଁ ଚିତ୍କାର ଛାଡ଼େ... ମୋର ସର୍ବନାଶ ମୁଁ ନିଜେ କରିଛି—ସେଥି-ପାଇଁ ଦାୟୀ ମୁଁ......।

ସୁଷମା ଗୃହକାମରେ ବ୍ୟସ୍ତଥାଏ—ମୁଁ ଜାଣେ ସବୁବେଳେ ତା'ର କଥା ଭାବେ—ତା'ପ୍ରତି ଅନ୍ୟାୟ ବ୍ୟବହାରଯୋଗୁଁ କାନ୍ଦେ...ସେଥିପାଇଁ ଦିନକୁଦିନ ମୋର ସ୍ୱାସ୍ଥ୍ୟ ଖରାପ ହେଉଛି—ସମ୍ପୂର୍ଣ୍ଣ ବାର୍ଦ୍ଧକ୍ୟରେ ପ୍ରବେଶ କରି ନଥିଲେହେଁ ଚର୍ମ ଶିଥିଳ କୁଞ୍ଚିତ ହୋଇ-ଯାଉଛି-ଚକ୍ଷୁ କୋଟରଗତ ହେଉଛି—ତା'ରି ପାଇଁ ମୋର ଏ ଦଶା। ସେ ବୁଝେ—ବୁଝାଏ ଯା'ହବାର ହୋଇଯାଇଛି—ଆଉ ଅନୁତାପ କଲେ ଫେରି ଆସିବନି—ତୁମେ କାନ୍ଦନା—ଧନଟି ମୋର, ମୋ ଲାଗି ଚିନ୍ତା କରି କରି ଅକାଳ ବାର୍ଦ୍ଧକ୍ୟରେ ପାଦ ଦେଲଣି—ଆଉରି... କାନ୍ଦୁଛ...—।

ମୁଁ ତା'ର ଅଳସ ତନୁଲତାଟିକୁ ମୋ ବକ୍ଷ ଉପରକୁ ଆଉଜେଇ ଆଣେ—କହେ—ସୁଷ, ମୋତେ କ୍ଷମା କରିବ? ତୁମପ୍ରତି କ୍ଷଣେ ଅନ୍ୟାୟ କରିଛି—ମାତୃତ୍ୱର ଗୌରବରେ ନାରୀ ନିଜକୁ ଭାଗ୍ୟବତୀ ମଣେ—ତମର ସେ ଭାଗ୍ୟ ନାହିଁ—ସୁଷ, ସେଥିପାଇଁ ଦାୟୀ ମୁଁ ନୁହେଁ କି......?

ତା'ର ଉଷ୍ଣ ଲୋତକରେ ଶିବ-ଜଟା-ନିସୃତ ଗଙ୍ଗା ପରି ଝରିଲା ମୋ ଅଣ୍ଟାର ପରିଧାନ ଓଦା ହୋଇଯାଏ। ସରଳ ମନକୁ ସେ ବୁଝେଇ ପାରେନି—କାନ୍ଦେ—। ଜୀବନରେ କି ସୁଖ ସେ ପାଇଲା? କଣପାଇଁ ସେ ଗର୍ବ କରିବ? କଣ ଅଛି ତାର? ଅଭାଗିନୀ ସେ—ମୁଁ ତାର ଅଯୋଗ୍ୟ ପତି......।

ସେ ଯାଏ ରୋଷେଇ ଘରକୁ ନିତି ମୁଁ ମୋର ବୃଦ୍ଧ ଜୀବନର ତୁଳସୀ ମାଳିକା ଧରି ବସିପଡ଼େ—କୃଷ୍ଣ ନାମ ଜପକରେଁ—ସେଇ ଦଣ୍ଡକ ଅନ୍ତତଃ ତା'ର ସବୁ ସ୍ମୃତି ମନରୁ ପୋଛି ପକେଇବା ପାଇଁ ଚେଷ୍ଟାକରେ କିନ୍ତୁ ପାରେନି—ମୋର ଭକ୍ତି ନିବଦ୍ଧ ମନ ଭିତରେ ତା'ର ସୁନ୍ଦର ରୂପ ନାଚେ—ମୁଁ ବସି ବସି ସେଇ ଅତୀତ କଥା ଭାବି ଆତ୍ମବିସ୍ମୃତ ହୋଇ-



Digitized by srujanika@gmail.com

ଯାଏଁ —।

ସେ ସ୍ନେହେଇ ସାରି ଆସି ମୋ'ର ପାଖରେ ବସେ—ସନ୍ଧ୍ୟା ସାରିଲେ ଯିବ—ଖାଇବ । ସେ ଡାକେନା… ।

ମୋ ସନ୍ଧ୍ୟା ସରେନା…ରାତି ବେଶୀ ହୁଏ…ଉମ୍ନିଡଲ ଦିନେ ଦିନେ ଆମେ ଖାଇ ଶୋଇବା ବେଳକୁ ପଥ ଘରଗୁଡ଼ାକରେ ସବୁ ଆଲୁଅ ନିଭି ଯାଇଥାଏ…ତଥାପି ସେ ରାଗେନା…ମୋ'ର ଜରାଗ୍ରସ୍ତ ହତାଶମୟ ଜୀବନରେ ସେ କି ମୋତେ ଭଲପାଏ…ଆଦର କରେ… ।

।ମୁଁ ତଳପଡେ…ସେ କେତେ କଣ ଆଶଙ୍କା କରି ଧାଇଁ ଆସେ—ମୁଁ ପ୍ରଳାପ-କରେ—ସେ ବୁଝାଏ—ମୁଁ କାନ୍ଦେ—ସେ ସାନ୍ତ୍ୱନା ଦିଏ—ଛୁ ଏତେ ବୁଝାଇଲ ତଥାପି ତମେ ଅବୁଝା…କେତେବେଳେ ସନ୍ଧ୍ୟା ସାରି କଣ ଭାବୁଚ ? ମୁଁ ଲଜ୍ଜିତ ହୁଏଁ …।

ମୁଁ ବସେ—ସେ ଥାଳ ପରଶି ଦେଇଯାଏ ଏଣ୍ଡେଣ୍ଡ ଦିଥର ଖାଇ ଉଠିପଡ଼େଁ—ଖାଇବା-ରେ ସୁଖ ନାହିଁ—ସେ ଦୁଃଖ କରେ—ଭାବେ ତରକାରୀପନ୍ ଭଲ ନ ଲାଗିବାରୁ ମୁଁ ଉଠି-ପଡ଼ିଲି… ।

ରାତିରେ ମୁଁ ସ୍ୱପ୍ନ ଦେଖେ-- ପ୍ରେତମୂର୍ତ୍ତିର ସେଇ ଅସ୍ୱାଭାବିକ ସନ୍ତାନଟି ଆସି ମୋ ବେକ ଚିପି ଧରୁଛି- ମୁଁ ଡରେଁ- ଧଇଁସଇଁ, ମୋତେ ଉପିଡ ଦେଉଚ୍—ମୁଁ…ମୁଁ ପରା ତୋ ବାପ… ସୁଷମା ଆସି ତାକୁ ନେଇଯାଏ—ଖେଳନା-ଟାଏ ଧରେଇ ଦେଇ ଭୁଲେଇ ଦିଏ, ସେ କିନ୍ତୁ ଭୁଲେନା—ଫେରି ଧାଇଁ ଆସେ-- ମୋ'ର ପ୍ରସାରିତ ବକ୍ଷକୁ ତା'ର କଅଁଳ ପାଦ ଦୁଇଟିରେ ଦଳି… ଦେଇଯାଏ— ଧୂସର କେଶଗୁଡ଼ାକୁ ମୁଠେଇ ଧରି ଝିଙ୍କେ—ମୋତେ କଷ୍ଟ ହୁଏ- ମୁଁ ସନ୍ତାନର ମାୟା ମମତା ନରଖି ତା'କୁ କଚୁଡ଼ଦିଏଁ—ସେ କାନ୍ଦେ, ମା' ପାଖକୁ ଧାଇଁ ଯାଏ—ସୁଷମା କହେ—ସେ ରାକ୍ଷସ-ରକ୍ତପାୟୀ ପାଖକୁ ଯିବୁନି ଧନ,—ସେ ରକ୍ତ ଶୋଷିନେବ !' ମୋ ପ୍ରାଣରେ ଆଘାତ ଆସେ-ମୁଁ ପିତା ହୋଇ ସନ୍ତାନର ରକ୍ତ ପିଇବି—ସେ କଣ ମୋ'ର ନୁହେଁ ସୁଷମା, ତମେ ତାର ଜନନୀ ହୋଇ ଯେତିକି ଗର୍ବ କରୁଚ-

ମୁଁ ତାର ପିତା ହୋଇ ମୋର କଣ ସେତିକି ଗର୍ବ କରିବାର ନାହିଁ ?

ସୁଷମା ନିଷ୍ଠୁର ଭାବେ ଉତ୍ତର ଦିଏ— 'ନାହିଁ' ମୁଁ କାନ୍ଦେ…ଚିତ୍କାର କରେ… ନିଦଭାଙ୍ଗେ—ଶଯ୍ୟା ଅଣ୍ଡାଳ ପକାଏଁ - ସନ୍ତାନ ନାହିଁ ! ଆଖି ଖୋଲି ଦେଖେଁ —ସୁଷମା ସେମିତି ଉପାଧାନଟିକୁ ବକ୍ଷରେ ଜଡ଼ାଇ ଧରିଚି— ସନ୍ତାନ ନାହିଁ—ଖାଲି ସ୍ୱପ୍ନ—ଦୁଃସ୍ୱପ୍ନ ।

ପ୍ରାଣ କାନ୍ଦି ଉଠେ । ପ୍ରକୃତ ସନ୍ତାନ ପରିବର୍ତ୍ତେ ସୁଷମାକୁ ଆଜି ନକଲି ସନ୍ତାନ ଭୁଲେଇଚି କିଏ ? ଜଡ଼—ନିର୍ଜୀବ ଉପା-ଧାନ କାହିଁପାଇଁ ତାର ସେ ସ୍ଥାନଟିକୁ ପୂରଣ କରିଚି ?

ନିର୍ମମ ମୁଁ—ମୋର ନୈତିକ ଚ୍ୟୁତି ପାଇଁ—ମୁଁ ଗୃହିଁ ଥିଲି ସିମିତି ସୁଷମାର ରକ୍ତ । ସେଥି-ପାଇଁ ସେ ଧନ- ସୁଷମା ଯେତେବେଳେ ଗର୍ବ କରି ଆସି କହୁଥିଲା—ଯେ ସେ ଆଜି ଖାଲି ମୋର ସ୍ତ୍ରୀ ନୁହେଁ—ମୋ ସନ୍ତାନର ମା, ତା'ର ଛାତି ଗର୍ବରେ ଫୁଲି ଉଠୁଥିଲା— ମାତୃତ୍ୱର ଗୌରବରେ ସେ ସେଇ ଅନାଗତ ଗୌରବମୟ ମୁହୂର୍ତ୍ତର ପ୍ରତୀକ୍ଷାରେ ଗୃହକୋଣ ବସି ରହୁଥିଲା—ମୋର ମନରେ ବ୍ୟଥା ଆସିଲା - ଦେହ ଥରି ଉଠିଲା— ସୁଷମା ଆଜି ତା'ର ରୂପ କାନ୍ତିକୁ ବିକ୍ରୀ କରିବାକୁ ଯାଉଚି—ମୋ ର ରାଗ ହେଲା—ପିତା ହବାର ଗୌରବ ମୋ'ର ପ୍ରାଣକୁ ବ୍ୟଥିତ କଲା ନାହିଁ- ମୁଁ ନରହନ୍ତା—ଶିଶୁହନ୍ତା ଘାତକର ମୂର୍ତ୍ତି ଧରିଲି— ଡାକ୍ତର ପାଖକୁ ଯାଇଁ ଔଷଧ ଆଣିଲି—ସୁଷମା ଜାଣେ ନାହିଁ—ତାର ବଳିଷ୍ଠ ସନ୍ତାନ ହବ ଏହି ପ୍ରତାରଣା କରି ଶିଶିକି ଆଲମାରୀରେ ଲୁଚେଇ ରଖି ତାକୁ ଖୁଆଇଲି— ସେ ସେତେବେଳକୁ ଭାବୀ ସନ୍ତାନର କୁଆଁ— କୁଆଁ – କାନ୍ଦ ଖାଲି ଶୁଣୁଥିଲା—ଅତି ଭାବରେ ଖାଇଦେଲା ।

ତା'ପରେ ଦିନେ ସେ ଜାଣିଲା -ଦେଖିଲା ଗର୍ଭ ଭଙ୍ଗାଇବାର ଔଷଧ—ହୃଦୟ ତା'ର ଭାଙ୍ଗି ପଡ଼ିଲା—କାନ୍ଦିଲା । ମୁଁ ସେଇ କାନ୍ଦ ନ ଶୁଣିବି ବୋଲି ଘରୁ ପଳେଇଗଲି—ତା' ମନରେ ଦୁଃଖ ଆସିଲା—ମୋ ପାଖକୁ ଚିଠି ଲେଖିଲା-- ଆଜ ଯହା ହେବାର ହେଇଛି ମୋ'ର ଭାଗ୍ୟରେ ଜନନୀ ହବାର ଗୌରବ ନାହିଁ—ସେଥିପାଇଁ ତମେ ଦୋଷୀ ନୁହଁ …। ସେ ସବୁ କଥା ଆଜି ମୋର ହୃଦୟକୁ ମନ୍ଥି ଦେଇଯାଏ । ମୋର ସବୁ ଦୋଷରେ ସୁଷମା ମୋତେ କ୍ଷମା କରିଚି— କିନ୍ତୁ ମୁଁ…

ସେଇଦିନୁ ତା'ର ଆଉ ମୋ ଭିତରେ ବିରାଟ ବ୍ୟବଧାନ ସୃଷ୍ଟି କରିଚି ମୁଁ…

ସୁଷମା ଆଜି କି ଏ ସବୁ ଭାବେ--ଦୁଃଖ କରେ-କାନ୍ଦେ- । ସେ ଦିନ -ମୋର ସ୍ପଷ୍ଟ ମନେ ପଡ଼ୁଚି—ଦିଆଲୀ ଅମିସା ହେଇଥାଏ-- ମୁଁ ସକାଳେ କଚେରିକି ବାହାରିଗଲି କଣ ଗୋଟାଏ କାମ ଥାଏ—କାମ ସାରୁ ସାରୁ ସୂର୍ଯ୍ୟ ରଶ୍ମି ଟାଇଁକରୁ ସରଳ ଭାବେ ଆସି ପଡ଼ିଲାଣି—ଚଞ୍ଚଳ ହେଇ ପଡ଼ିଲି -- ଘୋଡ଼ା-ଗାଡ଼ିରେ ବସି ଆଦେଶ ଦେଲି--ଚଲ ଜଲ୍ଦି । ସୁଷମା କେତେବେଳୁ ସ୍ନେହେଇସାରି ସେଇଠି ଶୋଇ ପଡିଥିବ -- ଆଜି ଦିଆଲୀ ଅମିସା । ମନେ ପଡିଲା ରାତିରେ ଭାତ ଖିଆ ହେବନି-ଘୋଡ଼ାଗାଡ଼ିଟାକୁ ଅଟକେଇ ମଇଦା ସେରେ କିଣି ରୁମାଲରେ ବାନ୍ଧି ଦେଲି—ଗାଡ଼ି ଗଲା ।

ଘରେ ପହଞ୍ଚିଲି—ସୁଷମା ଚେୟାର ଉପରେ ବସି ଝରକାରେ ଥିବା ନିର୍ଜୀବ ରକ୍ତ ରବର କଣ୍ଢେଇ ଟିକି ଏକ ଧ୍ୟାନରେ ଦେଖୁଚି- ତା'ଚେୟାରକୁ ଭରିଦେଇ ଠିଆ ହେଲି— ତା'ର ଲକ୍ଷ ନାହିଁ- ସେ ଗାଉଚି—ଧୀରେ… ଧୀରେ…ବେଦନାଭରା କଣ୍ଠ ଥରାଇ… ଘର୍ ଘର୍ମେ ଦେଓ୍ୟାଲି ହେ

ମେରା ଘର୍ମେ ଅନ୍ଧେରା…

ଅଜାଣତରେ ଉଷ୍ମଲୋତକ ଟୋପେ ତା' ଦେହରେ ପଡ଼ିଲା…ସେ ଉଠି ପଡ଼ିଲା— ପଛରେ ମୁଁ ସନ୍ତାନଘାତୀ—ସେ ପଳେଇ ଗଲା ଭିତରକୁ ।

ମୋର ବକ୍ଷ ପଞ୍ଜର ଥରାଇ ଦୀର୍ଘ ନିଶ୍ୱାସ ଟାଏ ଆସିଲା…ହାୟ,ପିତା ହବାର ଗର୍ବ ମୋର ନାହିଁ…।

—o—



Digitized by srujanika@gmail.com

## ମାୟାଧର ଜଣାଣ

ଲେ—ବୀରେନ୍ଦ୍ର ବାହିନୀ ବଏ

( ଜଗନ୍ନାଥ ହେ ତୁମେ ବଡ଼ ଦାରୁଣ ବ୍ରହ୍ମ )

ମାୟାଧର ହେ, କଦା ମାୟା ନକଲ—
ମାୟାଧର ହେ ।
ମାୟା କଉ କରି ଯୁବତୀଙ୍କ ମନ ଯୁଗେ ଯୁଗେ ତୁମେ ଉଚ୍ଚାଟ ନେଲ—
ମାୟାଧର ହେ କବା…
ସତ୍ୟଯୁଗେ ତୁମେ ସାଜିଲ ହର,
ଦୁର୍ଗା ମନ ମତେ ବରିଲେ ବର,
ଦିଗମ୍ବର ବେଶ ସାଜି ନଜେ ନଜେ ହୈମବତୀ ମନ ମତାଇ ଦେଲ— ମାୟାଧର ହେ
ତ୍ରେତୟାରେ ହେଲ ରାମ ମୂରତି,
ବର ନେଲ ହେଲେ ସୀତା ଯୁବତୀ,
ଧନୁଭଙ୍ଗ କଲେ କି ମାୟା ନକଲ ସୀତା ସତୀ ମନ ଗୋରାଇ ନେଲ— ମାୟାଧର ହେ
ଦ୍ୱାପରେ ସାଜିଲ ଯଶୋଦା ସୁତ,
ଚାଲା ପଗଳା ଉନ୍ମତ୍ତର
ସକଳେହିଁ ଭ୍ରମନ୍ତି ସର୍ବେ ଚଳନ୍ତେ ଯନ୍ତ୍ରରେ
ଶୁଣି ବିଚାରବାଗରେ ହୋଇଲେ ଚକିତ
କନ୍ୟା ମିଠା ନ ଗ୍ରହିଲେ ଯେହ୍ନେ ପ୍ରିୟ ଯାତ
ସେହିମତେ ସର୍ବେ ହୋଇ
ଏଣିକି ଆରେକ ବୋଲେ କି କହିବା ସଖି
କେବେ ଲଇ ମହାତ୍ମା ଆମ୍ଭଙ୍କୁ ପଟା ଦେବ
ଛୁଟିରେ ନ ଯାଉ କୃଷ୍ଣ ଜଙ୍କରେ ଥାଉ
କଥା ରହନ୍ତି ସଂଯୋରେ,
ମାହାଦେବଙ୍କ ହଉନ୍ତା ବଢ଼ଉ ବାଗରେ
କେଉଁ ଠାକୁ ମନ୍ତ୍ରୀ ଜାଣଇ ତୁହ ହି
କାହିଁ କୂଟିର ଅଢ଼ାଇବା ଠକା ଗୋଟି
ଆ ହୋଇ ବସିଥିବା
ଆମ୍ଭ କଳ ଠେଠେଇକୁ ଅନ୍ୟ ହାତେ ଦେବା
ନେଟବାଲଇ କାର ଗାଲମାରି ଝୁଣ୍ଡିଲେ
ନାଲଣୀ ଜନକ ଯେମୁ ମଳିନ ଭଜିବେ
ଅଧିକାରକୁ ବଢ଼ିବ
ସତେ ହରେକୃଷ୍ଣ ଏବେ ମନ୍ତ୍ରୀ କା ଛାଡ଼ିବ
କେଉଁ ବାଟେ ଯାଉ ଲଳନା ନୟନେ ଲୋତକ,
ମହତାବ ଅନାଇ ବୋଧ କହଇ ଏପରି
ଆମ୍ଭ ସଙ୍ଗେ ସଦା ଥିବୁ
ମନ୍ତ୍ରୀ ଆଉ ପାଖେ ଯେ ଅବୋଧ ନ ହଇବୁ
କେ ବୋଲେ କେଉଁ ରହ ଗଣ୍ଡେ ଜୀବନ ହାରିବା
କାହୁଁଣି ଏ ଛୁଟିନାମେ କିସ୍ତ ମରିବା
ଧ୍ୱନି ଦଣ୍ଡ ଦେ ଝଟ ଝଟ,
ବାରମ୍ବାର ଛିଟୁଛୁଟ ଜୀବନ ହାରିବ
କେଉଁ ମେଳିଙ୍କିଲ ନାଲି ଗଣ୍ଡାଇ କାମିଲ
ସମୀର ଶୂନ୍ୟର ଘାତ ଆରତେ ଛନ୍ଦିଲ
କେତ୍ତୁ ମେଞ୍ଚରରେ ପଡ଼ି
କେତ୍ତୁ ଘାଇଲ ଧଇଣ ହୃଦୟରେ କେତେ

୨

(ରାଗ କାମୋଦୀ ଚଉତିଶା)

କହୁଛନ୍ତି ମନ୍ତ୍ରୀ ପ୍ରଧାନଙ୍କୁ
ରହୁଁ ଶ୍ରୀହରେକୃଷ୍ଣ ମୁଖକୁ
ଛୁଟିରେ ଗଲେ ଧର ଆମ୍ଭ ହୃଦୟ
ମନ୍ତ୍ରୀମାନଙ୍କୁ ଦେବ ଉଚ୍ଛେଦ କି ହେ ମୋହନ
ଛୁ ପଟେ ପଟେ ଭୁକିଯିବ
କାହା ପାଇଁ ଏ ଯୁଗରେ ଥିବ
ଯାହା ବାହା ସାହା ପାଇଁ ବସିଥିଲୁ
ସେହୁ ଯେତେବେଳେ ଛୁଟିରେ ଯିବ ହେ ମୋହନ
ବଡ଼ ଦେଇ ନାଗ କରି ଯାଅ
ନଛାଡ଼ିଲେ ଅନ୍ତ ତେଡ଼ ଥାଅ
ଟଳେ ଅନ୍ତର ହୋଇଲେ ମରୁ ଥାଉଁ
ଏବେ ଛାଡ଼ି ମସନ୍ଦ କହନ୍ତେ ହେ ମୋହନ
ଯେବେ ଯାଅ ବିହାର ବାଗରୁ
ସଙ୍ଗେ ଯିବା ବାଳକ ଆଗରୁ
ମେ ଜନ ଧରି ବାହୁଡ଼ି ଆସି ବାରୁ
ମନ୍ତ୍ରୀମାନେ ଚୁହି ଚୋ ପଥରୁ ହେ ମୋହନ
ସେକ୍ରେଟେରୀ ଏବେ ଅସିଗଲେ
ପ୍ରଣ ପଶିଲ ହୃଦୟ ଛୁଲେ
ଜାଳଣୋପ ଆରୁ ଦେଖିଯେଲେ ମନ୍ତ୍ରୀ
ଫୁଟି ଉଠଇ ଆନନ୍ଦ ଭେଳେ ହେ ମୋହନ
କର୍ଣ୍ଣ ତେଜ ଶୁଣି ଥାଉଁ ହର୍ଷ,
ହେଟେ ମଳିଲ ଶୁଖ ସୁବର୍ଣ୍ଣ
ଏବେ ଯେତେ ଥଳମାଳ ଶୂନ୍ୟ ହେବ
କଳଙ୍କୁ ତୁମ୍ଭର ବନ୍ଧୁ ନାହିଁ ।
ତୁ ତୁ ମାରୁ ହେ କେତ୍ତୁ ରଖିବ
ମେଘ ସଘନେ ଘୁଲ ଚଲଇବ
ଝଟ ପଟ କଲା ଚେଉଁ ନଦୀର
ଆପଦାସୀ ଦାଉ କେ ଧରିବ ହେ ମୋହନ

—

(ରାଗ ଚୋଖୀ)

ହରିଙ୍କ ଗମନ ଦୋଳି ଛନ୍ଦ ଛନ୍ଦ
ହୋଇ ସକଳ ସେକ୍ରେଟେରୀ
ଖୁଡ଼ୁପାଖରେ ବାସି ନ ପାରନ୍ତି
ପରସ୍ପର ଜୋହେ ସଫରୀ
ଚଉଦି, ଆନେ ଫେଉ ଥାଇ ବଦନ,
ବନାଦୋଷେ ଗୋପେ ନାଶ କର ନାଥ
ନୋହୁଁ କନ୍ୟାଙ୍କ ଶୋଷଣା ।
ପାରିଲାନି କୃଷ୍ଣ ପ୍ରଭୁ ହରେକୃଷ୍ଣ
ଜଳୁଛନ୍ତି ଆଶ୍ରମ ଭୂମିର
ସେ ଛାଡ଼ିଥିଲେ ଏକ ଗୋଦାବରୀଶ
ତୁମ୍ଭର ଗୋଦାବରୀଶ ଅପାର ।

କୃଷ୍ଣହେ, ସେ କହିଲେ ମର୍ଦ୍ଦରାଜଙ୍କୁ
ତୁମ୍ଭେ ମର୍ଦ୍ଦ ବନ୍ଧୁ ମରଦ ବ ପେଥେ
ଟେକିଛ ଗର୍ଦ୍ଦନ ରାଜକୁ !
ତୁମ୍ଭେ ମହାତାପ ସେତୁ ଟହାଦାଜ
ଏଣୁ ନିସଗୁଣ ବହୁଛ;
ସେ ସନମାନ ତେଜି ବଚନ ପଚିଲେ
ତୁମ୍ଭେ ତାହା ହେଜି ଯାଉଛ ।
କୃଷ୍ଣ ହେ, ସେ ନେଲେ ଯେ କଷ୍ଟ ଦାସରୁ
ତୁମ୍ଭେ ବିଶ୍ୱନାଥ ଦାସ ଆଦରୁଛ
କାଶି ନେଇ ସବନାଶରୁ ।
ତାଙ୍କୁ ବୁମଣ୍ଟ କେ ଦେଇ ମୋହରରେ
ବସାଇନେଲ ନିଜପରେ
ତୁମ୍ଭଙ୍କୁ ତୁମଚ୍ଚ କାହେ ଗେ ହାଲ୍‌ ଦେ
ଯାଉଛ ନିତ୍ୟ ଆନନ୍ଦରେ ।
କୃଷ୍ଣ ହେ ସେ ସଙ୍ଗେ ନେଇଥିଲେ ନାରୀ
ତୁମ୍ଭେ ନର ସେକ୍ରେଟେରୀ ରଖିଅଛ
ଆଉ ସକଳଙ୍କୁ ସଙ୍ଗେ ସନ୍ଦ ।

—○—

(ରାଗ—ଚକ୍ରେଣ୍ଡିନ କମୋଦୀ)

ହରେକୃଷ୍ଣ ହୃଦୟ ମନ୍ତ୍ରୀଙ୍କ ଆଗେ
ସମ୍ପଦା ସଖୀ ଯେତେ ବାହାର ବାଗେ
ସେକ୍ରେଟେରୀ ଏ ଯେତେ ଅଛନ୍ତି ରହି
ପଦ୍ମ ବାହୁନେ ଭୃଙ୍ଗ ରହିବ ତାହିଁ ?
ନିତ୍ୟ ଆନନ୍ଦ ବାନ୍ଧୁ ନରଦେହ ବଟେ
ମହାରାଜଙ୍କୁ ସେବା ରଖିବ ଭଲେ ।
ଘନାଜିତ ମୁଁ ସଦା ରହିବ ଏଥେ
ଡିନାପାଠରୁ ଦୂର ପାରିବା କେତେ
ହରେକୃଷ୍ଣ ହୋଇଲ ହେଁ ବୋଲିବ ରାଜା
ଦେଖୁ ହେ ବାଜେ ବୋଗ କାହୁଣୀ ତେଜ
ହେ ନବ ସେକ୍ରେଟେରୀ ଯୁକ୍ତି ବାହାର ସାଥ
ଛୁଟି ପେଇ ନେଇ ରଙ୍ଗରେ ଏଠି ।
ନବୀନ ଆଉ ନହେଁ ତୁମ୍ଭଙ୍କୁ ଛଟ
ଯେ କହେ ଛୁଟି ଭଲୁ ପଢ଼ିବା ବାଟ ।।

—○—



Digitized by srujanika@gmail.com



## ଶ୍ମଶାନେ ହରିଶ୍ଚନ୍ଦ୍ର

ଲେଖକ ଶ୍ରୀ ଲମ୍ବୋଦର ଦାଶ

କାହିଁ ସମର୍ପିଛ ଦେବ ପ୍ରେମମୟୀ ପତ୍ନୀ
ନୟନର ମଣି ପୁତ୍ର ତବ,
କାହାର ପରୀକ୍ଷା ତୃପ୍ତି ସାଧନାର ପାଇଁ
ଉପେକ୍ଷିଲ ବିପୁଳ ବିଭବ ?
ରାଜକୀୟ ବେଶ ଭୂଷା, ରାଜ ସିଂହାସନେ
ରଖିଦେଇ କାହାର ଉଦ୍ଦେଶେ,
ଭ୍ରମୁଅଛ କହ ପିତା ସନ୍ତେ ଏ ଘୋର ଶ୍ମଶାନେ
ଧନ ହୀନ ଚଣ୍ଡାଳର ବେଶେ ?
ନାହିଁ ଏଥି ହୀରା ଜାଲା ଅଟ୍ଟାଳିକା ଆଦି
ନାହିଁ ଏଥି ବିପଞ୍ଚୀ କ୍ୱଣନ,
ନର ଅସ୍ଥି କଙ୍କାଳରେ ଭରେ କେଦାକାର
ଶୁଭେ ସଦା ଗୃଧ୍ର ଶ୍ୱାନ ସ୍ୱନ ।
ଚିତା ବହ୍ନି ଦେଉଥାଏ ଜଳେ ଶିଖା ଟେକି
ଦିଗେ ଯାଇ ଅନନ୍ତ ଗଗନେ,
ଏ ବୀଭତ୍ସ ଦୃଶ୍ୟ ପିତା ଦେଖୁଅଛ ବସି,
ଏକ ମନେ ଉତ୍ସୁକ ନୟନେ ।
ବାବୁ କି ବା ରାଜ୍ୟେ ଏଥି ନାହିଁ ଭେଦ ଭେଦ
ରାଜା, ପ୍ରଜା କି ଅବା ଧନୀକେ,
ସର୍ବଗ୍ରାସୀ ହୁତାଶନ କରେ ଏକାକାର
ବୃଥା ଦମ୍ଭ କରନ୍ତି ଦାମ୍ଭିକେ ।
ସତ୍ୟ ଲକ୍ଷ୍ୟ ସତ୍ୟ ଗତି ସତ୍ୟ ଧ୍ୟାନରେ
ମାତ୍ର ତବ ପ୍ରଫୁଲ୍ଲ ବଦନ,
ନ ପାରିଲୁ ରୋଧି ସତ୍ୟ ସାଧନର ପଥ
ବିଶ୍ୱାମିତ୍ର କଠୋର ବଚନ ।
ସାହୋଦୟ ବୀର ବର୍ଯ୍ୟ ଆହ୍ୱାନ କୃପଣ
ମୃତ୍ୟୁ ମାଡି କରି ଆଚରଣ,
ହୃଦୟ ପୁରବ ବାଂଶୋ ମାତ ମହାହବେ
ନେଲେ କେତେ ଅମୂଲ୍ୟ ଜୀବନ ।
ସେ କାଳର ବନ୍ଧୁଦୂରେ ରହି ଦୂରେ ପନ୍ଥେ
ସତ୍ୟ କଲ ସ୍ମୃଦଦ୍ଦୁର ହାର,
ସତ୍ୟର ପ୍ରଶସ୍ତି ଫଳ କେତେ ମଧୁମୟ
ଦେଖୁ ଆଜ ଏ ସାରା ସଂସାର ।

—C—

## ଅଜାଙ୍କ ଭୁମୀ

ଲମ୍ବୋଦର— ବନ୍ଧୁ ପଢ଼ିବାକୁ ମାଗିନେଇ ନଦେବା ବଡ଼ ଚୋରହୀନତା । ଆମ ଦେଶରେ ବଡ଼ ବଡ଼ ଲୋକେ ଏ କଥା କରନ୍ତି । ତୁମର ଲାଇବ୍ରେରୀ ମଧ୍ୟ ଏ ରୋଗ ଧରିଛି । ଯେଉଁ ବନ୍ଧୁ ଏପରି କରନ୍ତି ସେମାନଙ୍କ ସହିତ ବନ୍ଧୁତା ନ ରଖିବା ଭଲ । ତମେ ସେଥିପାଇଁ ଦୁଃଖ କରିବ ନାହିଁ । ବହି ନଜେ କିଣି ଅନ୍ୟକୁ ପଢ଼ିବାକୁ ଦେବା ପାପ । କାରଣ ତଦ୍ୱାରା ବହି ବିକ୍ରୀ କମିଯାଏ ; ଫଳରେ ଲେଖକ ଉତ୍ସାହିତ ହୁଏ ନାହିଁ ।

ଧର୍ମଚରଣ— ପ୍ରତିସଂଖ୍ୟାରେ ତମେ ଅଜାଙ୍କ ଉପଦେଶ ପଢ଼ିବାକୁ ଚାହଁ । ମୁଁ ଦେବାକୁ ପ୍ରସ୍ତୁତ । କିନ୍ତୁ ତମକୁ ଲୋକ ନ ମିଳିଲେ ଯେତେ ଯେତେ ପାଠରେ ଭରିଲେ ବି ଥୁଥୁ କରି ଫିଙ୍ଗି ଦେବ । ସେଥିଲାଗି ମୁଁ କହୁଛି କି ତମ ମନରେ ଯେଉଁ ପ୍ରଶ୍ନ ଉଠୁଛି, ସତ୍ୟ, ସାହସ, ସେବାପାଳନରେ ଯେଉଁ ବାଧା ଆସୁଛି ଦ୍ୱିଧା ବା ସନ୍ଦେହ ଜାଗୁଛି ତାର ସମାଧାନ ପାଇଁ ପ୍ରଶ୍ନ ପଚାରିଲେ ମୁଁ ବୁଝାଇ ବଳାଇ ତମକୁ ଖୋଲାଇ ପାରିବି ।

ବୈକୁଣ୍ଠ— ସତ ସାଧନର ସବୁଠୁ ବଡ ବାଧା ତ୍ୟାଗ । ଅନ୍ୟର ସୁବିଧା ପାଇଁ ନିଜେ ଅସୁବିଧା ଭୋଗ କରିବାକୁ ପ୍ରସ୍ତୁତ ହୋଇ ପାରିଲେ ସତ ବାଟରେ ଆଗେଇ ଯିବ । ସ୍ୱାର୍ଥ ଅସତ୍ୟକୁ ଡାକି ଆଣେ । ନିଃସ୍ୱାର୍ଥ ହେଲେ ଅସତ୍ୟ ଛାଡି ପଳାଇବ । ଆଉ ଗୋଟେ କଥା । ସବୁବେଳେ ଭଗବାନ୍ ନାମ ଧରି ଭଗବତ୍ ଶରଣରେ ରହ । ସେ ସବୁ ଠିକ କରିଦେବେ ।

## ନାତିଙ୍କ ପ୍ରଶ୍ନ

ମହେନ୍ଦ୍ର (୧୬୪୨) ଦିନେ ଆଲୋକ କିଏ ଉଦ୍ଭାବନ କରିଥିଲା ।

ନରହରି—ବିଗଡ଼ ଆଖିର ତାରା ସମ୍ମୁଖାନୁପାତରେ ପଦ୍ଧତିତ ହୁଏ ନାହିଁ କି ?

ଜନାର୍ଦ୍ଦନ (୧୬୫୩) ବେଣୀ ଉପରକୁ ଗଲେ ଅଶ୍ୱାରୋହେ କାହିଁକି ?

ସ୍ମୃଦାନନ୍ଦ (୧୬୨୭) ସନ୍ଧ୍ୟାବେଳେ ଓ ସକାଳେ ବଗ ଉଡିଲାବେଳେ ରେଲ ଦେଖାଯିବାର କାରଣ କଣ ?

## ନାତଙ୍କ ଉତ୍ତର

ପରମାନନ୍ଦ ହୋଇ ଜାଣିବ—ପୃଥିବୀରେ ଜଳ ପ୍ଲାବନ କରଣ ଜଳର ଯନ୍ତ୍ର ନାହିଁ କି ବୃଷ୍ଟି ନାହିଁ—ପର୍ଣ୍ଣ ହୋଇ ଜାଣିବ—ଟେଲିଫୋନର ଆବିଷ୍କାର ଗ୍ରେହାମ ବେଲ; ରବୀନ୍ଦ୍ର ଇ ଜାଣିବ—ସର୍ବପ୍ରଥମ ଓଡ଼ିଆ ନାଟକ ଜାହ୍ନବୀ ଦେବୀର ଲେଖକ ରାମଶଙ୍କର ରାୟ—ସ୍ମୃଦାନନ୍ଦ (୧୬୨୭)

## ଅବସର ବିନୋଦନ

—ନଂ ୪୨ ଚନ୍ଦ୍ରଭାନୁ ଚରଣ ଦାଶମହାପାତ୍ର, ବଡ଼ ଘଣ୍ଟ ତାର ପଞ୍ଚଟି ପ୍ରାଣ । (ଜହ୍ନମାମୁଁ)
ଗତ ସଂଖ୍ୟାର ବିନୋଦନର ଉତ୍ତର
(୧) ଦେବେନ୍ଦ୍ର (୨) ଉର୍ଦ୍ଧିଡବଳ୍ଲ (୩) ଏସବିଜ (୪) ବଇଁଶୀ (୫) ମହୁମାଛି । ଉତ୍ତରଦାତା—ସବିତ ରାଣୀ, ସ୍ମୃଦାନନ୍ଦ

## ନୂଆ ନାତିଙ୍କ ନାମ

୧୬୧୧—ଶ୍ରୀ ଭଗବାନ୍ ଚରଣ ପଣ୍ଡା ୧୦ ଶ୍ରେଣୀ, ଆନନ୍ଦପୁର ହାଇ ସ୍କୁଲ ଆନନ୍ଦପୁର (୧୬୧୨) ରତ୍ନମଣି ପଟ୍ଟନାୟକ ୧୦ମ ଶ୍ରେଣୀ ବଲାଙ୍ଗିର ହାଇସ୍କୁଲ ବଲାଙ୍ଗିର; (୧୬୧୩) ସ୍ମୃତି ରାଣୀ ଘୋଷ C/o ସୁରେଶଚନ୍ଦ୍ର ଘୋଷ, ଗଣ୍ଡାଳିଆ ଗୁଣ୍ଡୁପୁର, କଟକ; (୧୬୧୪) ଲମ୍ବୋଦରଦାଶ C/o ଗଙ୍ଗାଧର ଦାଶ, ଚକ୍ରଧରପୁର ଶାସନ, ପୋ; କରଞ୍ଜିଆ, ମୟୂରଭଞ୍ଜ; (୧୬୧୫) ରେବତୀ କାନ୍ତ ମହାନ୍ତି, ଅର୍ଜୁନପୁର, ପୋ; ଜୁଦନଗର କଟକ —

## ନାତିବର୍ଗ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ—ମୋର ବୟସ ୧୮ ବର୍ଷରୁ କମ—ମୋର ଜହ୍ନ ମାମୁଁ । ମଫସଲ—ମୁଁ ସତ୍ୟ ସାହସ ଓ ସେବା ହୋଇ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାତିବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏହାସହ ଚାନ୍ଦା ନିମନ୍ତେ ୦୮ ର ଡାକ ଟିକେଟ ପଠାଇଲି—ଆପଣଙ୍କର ନାତି......
ନାମ.........
ଠିକଣା......



Digitized by srujanika@gmail.com

# ହାବାଇ ଖବର

(ସମ୍ବାଦପତ୍ରରେ ବାହାରି ନଥିବା ଖବରକୁ ସଂଗ୍ରହ । ପାଠକେ ଏହାକୁ ହାଲୁକା ଖୋରାକ ଭାବେ ଗ୍ରହଣ କରି ହାଲୁକା ଭାବରେ ଆସ୍ୱାଦନ କରିବେ—ସଂ ଭା)

ଭାରତ ସରକାର ଓଡ଼ିଶାରେ ଲୁହା କାରଖାନା କରିବାକୁ ଟଙ୍କା ଯୋଗାଇଦେଲେ ଓ ପାଟୋଲସାରାଙ୍କୁ ଟେଲିଗ୍ରାମ୍ କରିବା ପରେ ଟଙ୍କା ଦେଇଦେଲେ ଓଡ଼ିଶା ସରକାର ପାଇ ବାକ୍ସରେ ଥୋଇଲେ ବୋଲି ପଥାକ୍ରମେ ତାହା ମଧ୍ୟପ୍ରଦେଶ ଓ ବିହାରର ଗୃହାଗଲା ।

\+ \+

ଶୁଣାଯାଏଂ ବରହା ସାହେବ ଇସ୍ତଫା ଦେବାପରେ ସେ ଏବଂ ତାଙ୍କ ଶ୍ରୀମତୀ ଅନାଥ ହୋଇଯିବେ ବୋଲି ପ୍ରାନ୍ତନାଥ ତାହା ଗ୍ରହଣ କରିବାକୁ କୁଣ୍ଠିତ ହେଉଛନ୍ତି । ଶ୍ରୀଯୁକ୍ତ ବରହା କେମନ୍ତେ ସୁହାଉ ଗାଉଛନ୍ତି—

ମାନ ଉଚ୍ଚାରଣ କରନ୍ତେ ତାରଣ
ଶରଣ ମୁଁ ତୁମ୍ଭ ପାଦତଳେ
ଅନାଥର ନାଥ ନନ୍ଦକୁଳ ନାଥ
ବରହାଙ୍କ ନାଥ କଟକରେ ।

\+ …

ବରହା ଇସ୍ତଫା ନଦେଲେ ଶ୍ରୀଯୁକ୍ତ କାନନଗୋ ଇସ୍ତଫା ଦେବେବୋଲି ଧମକ ଦେଇଥିଲେ ବୋଲି ଶୁଣାଯାଏ । ତାଙ୍କର ପଣ ହିଁ ପଣ । ମାତ୍ର ହଠାତ ଚନ୍ଦକା ବଣର ଶ୍ରୀଖଣ୍ଡ ସ୍ମରଣ କରି ସେ ଅସ୍ତ୍ରତ୍ୟାଗ କରିଛନ୍ତି ।

\+ \+

ଓଡ଼ିଶା ସରକାରଙ୍କର ନଲବାଗୀ ଜଲଦା ଉପରେ ହେଲାଣି ବୋଲି କେନ୍ଦ୍ର ସରକାରରୁ

---

ଠାକୁରଙ୍କଠାରୁ ଯେଉଁ ପ୍ରେରଣା ମିଳିବ ଲାଟ ଭବନରେ ନାଚ ସେ ପ୍ରେରଣା ମିଳିବ କି? ତା ପରିବର୍ତ୍ତେ ଯେଉଁ ଶିକ୍ଷାରେ ବାଲେଶ୍ୱର ଗଲେ ନାହିଁ, ଯାହା ସତ୍ୟର ପ୍ରତୀକ ସେ ଭଳି ଅନୁଷ୍ଠାନ ଲାଟ ଭବନରେ ହେବା ବାଞ୍ଛନୀୟ । ଜନାବ ଆସଫଅଲୀଙ୍କ ପୂର୍ବବର୍ତ୍ତୀ ଡକ୍ଟର କାଟଜୁଙ୍କ ସମୟରେ ସୂତାକଟା ପାଇଁ ଲାଟ ଭବନର ଦ୍ୱାର ଉନ୍ମୁକ୍ତ ଥିଲା । ସେ ଆଦର୍ଶ ଭିତ୍ତି ବର୍ତ୍ତମାନ ଯେଉଁ ଆଦର୍ଶ ପ୍ରତିଷ୍ଠା କରାଯାଉଛି ତଦ୍ୱାରା ନାରୀ ଜାତି କାହିଁକି ସମଗ୍ର ଦେଶର ନୈତିକ ଉନ୍ନତି ହେବ ବୋଲି ମୋର ବିଶ୍ୱାସ ନୁହେଁ । ଇତି ବିପ୍ଲବିଣୀ

---

ସମାଜସ୍ତ ଆସିଛନ୍ତି ଶୁଣାଯାଏ । କିନ୍ତୁ ଏହା ସୁନିଶ୍ଚିତ ଯେ, ଅନ୍ୟାୟରେ ଅର୍ଥମନ୍ତ୍ରୀ କିଛି ଖର୍ଚ୍ଚ କରି ନ ପାରନ୍ତି । ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ରସ ସୃଷ୍ଟିରେ କେତେକାଂଶ ଯାଇଥିବାର ଯଥେଷ୍ଟ ସମ୍ଭାବନା ଅଛି ।

\+ \+ \+

ବଣାଇରେ ଲୁହା କାରଖାନା କରିବା ପାଇଁ ଅନୁମତି ପାଇଥିବା ଟାଟା କମ୍ପାନୀ ପ୍ରଜାତନ୍ତ୍ରକୁ ୨ଲକ୍ଷ ଟଙ୍କା ଦାନ ଦେଉଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟକୁ ମଧ୍ୟ କେତେହଜାର ବାର୍ଷିକ ଦେବାର ସମ୍ଭାବନା । ମହତାବଙ୍କୁ ବ୍ୟକ୍ତିଗତ ଭାବରେ ଉତ୍କୋଚ ଦେବାର ସମ୍ବାଦ ମିଥ୍ୟା ପ୍ରମାଣିତ ହୋଇଛି । ମହତାବ ଓ ପ୍ରଜାତନ୍ତ୍ର ଏକ ବୋଲି କେତେକ ମୂର୍ଖ ଲୋକେ ଯେ ବିଚାରୁଥିଲେ ତାହା ଦୂର କରିବା ପାଇଁ ମହତାବ ଭାରତର ଇତିହାସ ପରିଷଦ ଆଗରେ ଏକ ଐତିହାସିକ ଭାଷଣ ଦେଇପାରନ୍ତି ।

÷ \+

ହାଇକୋର୍ଟର ଆଦେଶକୁ ସରକାର ପାଳନ ନ କଲେ ଘୋର ଶୃଙ୍ଖଳା ହେବାର କଥା । କିନ୍ତୁ ଖେଦ, ହାଇକୋର୍ଟର ଟିପ୍ପଣୀକୁ ଖୋଦ୍ ହାଇକୋର୍ଟ ଅବମାନନା ବା ଅବହେଳା କରି ପାରେ କି ନାହିଁ ସେ ବିଷୟରେ ମାନ୍ୟବର ପ୍ରଧାନ ବିଚାରପତି ସବଜଜ ଶ୍ରୀ ଗୋବିନ୍ଦ ରଙ୍ଗରାଜ ଓ ଗନ୍ତାମର ଟେଷ୍ଟ ମଠାଧୀଶଙ୍କ ଠାରୁ ଆପତ୍ତି ଅଭିଯୋଗ ଶୁଣିସାରି ବିଶେଷ ରାୟ ଦେଇ ସ୍ୱୀୟ ନାମ ସାର୍ଥକ କରିବେ ବୋଲି ଓଡ଼ିଶାର ଓକିଲ ମହଲରେ ଆଶା ପୋଷଣ କରିଛନ୍ତି ।

\+ \+

ପ୍ରଧାନମନ୍ତ୍ରୀ ଛୁଟି ନେଇଥିଲେ କିଏ ପ୍ରଧାନମନ୍ତ୍ରୀ ହେବ ବା ହେବାର କଥା ଏ ବିଷୟରେ ନାନା କଳନା ଜଳନା ଚାଲିବାରୁ କୌଣସି ଅଗ୍ରଗାମୀ କଟକଚଣ୍ଡୀ ମନ୍ଦିରରେ ଭୋଗ କରୁଥିଲେ ଏବଂ ଅଗ୍ନିପ୍ରହରୀ ଯନ୍ତ୍ରରେ ଶ୍ରୀକୃଷ୍ଣ ଚୈତନ୍ୟ ସଙ୍ଗରେ ତୁଳ୍ୟ କାର୍ଯ୍ୟ ନାମ ନାମ ପ୍ରଚାର ଆରମ୍ଭ କରି ଦେଇଥିଲେ । କିନ୍ତୁ କଳି କାଳରେ ଦେବତା ମାନେ ପଥର

---

ହୋଇଗଲେ ଯେ ।

… … … …

ଶୁଣାଯାଏ ଶ୍ରୀଯୁକ୍ତ କାନନଗୋ ଆଣ୍ଟିକମ୍ୟୁନିଷ୍ଟ ଲୋକମାନେ ଶ୍ରୀ ମହତାବଙ୍କୁ ଗାଦିଚ୍ୟୁତ କରିବାର ଷଡ଼ଯନ୍ତ୍ର କରୁଥିବାରୁ ମହତାବ ଛୁଟି ନେଇ ସେମାନଙ୍କୁ ପଟେ ଚଖେଇ ଦେଇଥାନ୍ତେ । ମାତ୍ର ଇତି ମଧ୍ୟରେ ମହତାବଙ୍କୁ ବୁଦ୍ଧି ଦେଖାଯିବାରୁ ସେ ରହିଗଲେ ।

… … … …

ଓଡ଼ିଶା ସରକାରଙ୍କ ଟଙ୍କା ସରିବା ବେଳକୁ ମହତାବ ଘର ଧରିବାକୁ ବସିଥିଲେ ବୋଲି ଯେଉଁମାନେ କହୁଥିଲେ ସେମାନେ ତାଙ୍କର ମୁହଁସବୁ ଲଣ୍ଡନରେ ଦେଇ ଧୋଇ ଆରମ୍ଭ କରିଛନ୍ତି ।

… … … …

ଶହୀଦ ଭବନ ପାଇଁ ୧୪ହଜାର ଟଙ୍କାରେ ଯେଉଁ ମହାଶୟ କାନ୍ଟ୍ରାକ୍ଟ ନେଇଥିଲେ ତାଙ୍କଠୁଁ ତାହା ଆଣି ଜଣେ ବିଶିଷ୍ଟ କଣ୍ଟ୍ରାକ୍ଟରଙ୍କୁ ୨୦୦୦୦ଟଙ୍କାରେ କାମ ସମାପ୍ତ କରିବେ ବୋଲି ଜଣାଯାଉଛି ! ବଳକା ଟଙ୍କାଟା କାହାର ଅଫିସକୁ ନ ଆସିଲେ ମଧ୍ୟ କୌଣସି କାଗଜରୁ ଗଲେ ତାହା ସହିଦଙ୍କ ପ୍ରାପ୍ତ ହେବ ଚିରସ୍ମରଣୀୟ ହେବ ବୋଲି ଆଶା କରାଯାଏ ।

…

ମୟୂରଭଞ୍ଜର ଜଣେ ଚନ୍ଦ୍ରାପାଣ୍ଡ ଓକିଲ ସରକାରୀ ଓକିଲ ହେବାର କାରଣ କଣବୋଲି ଅନୁସନ୍ଧାନରେ ଜଣାଯାଉଛି ସେ ନିକଟରେ ମହତାବ ଆଟେଣ୍ଡେଶ୍ୱର ବୋଲି ଅଭିନନ୍ଦନ ଦାସରେ ଉଲ୍ଲେଖ ରହିବା ଉଚିତ ଏହା ମହତାବଙ୍କର ବ୍ରହ୍ମପୁର ଗସ୍ତ ସମୟରେ ପ୍ରତିପାଦିତ ହୋଇଯାଇଛି ।

… … …

ଗୋପାଳଙ୍କ ଉତ୍ସବରେ କଟକ ସହରରେ କୌଣସି ନବୀନ କୋଠିରେ ଗୋପବାଳ ଉତ୍ସବ ପାଳିତ ହେଉଥିଲା । ମାତ୍ର କୃଷ୍ଣ କିଏ ଏ ସମ୍ବନ୍ଧରେ ବହୁ ଯୁକ୍ତିତର୍କ ହେବାରୁ ଲୀଳାର ମଧୁର ରସ ସାମାନ୍ୟ ବୀଭତ୍ସ ରସରେ ପରିଣତ ହୋଇଛି ।

…



Digitized by srujanika@gmail.com

Dagaro
ORISSA'S MOST POPULAR FORTNIGHTLY
Reg. No 04. 1. -49


## ହାଉଡ଼ା କୁଷ୍ଠ କୁଟୀର
### ଜେ ଷ୍ଟ
ବାତରକ୍ତ, ଦୁର୍ଗନ୍ଧଯୁକ୍ତ ଘାଆ, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଅ ଙ୍ଗ ଶୋଥ, ଶୋଷ ଘାଆ କୁଞ୍ଚିତ ହେବା ଓ ଅନ୍ୟାନ୍ୟ ଚର୍ମରୋଗାଦି ଅବ୍ୟର୍ଥ ଏଥାହିଁ ସର୍ବଶ୍ରେଷ୍ଠ ଚିକିତ୍ସା ପ୍ରତିଷ୍ଠାନ।

### ଧଳକୁଷ୍ଠ
ଦେହରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ।

ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—
**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଉଡ଼ା।
ଶାଖା ୩୬—ନଂ ହାରିସନ ରୋଡ଼ କଲିକତା।



## ୧୦୧ ଟଙ୍କା ପୁରସ୍କାର
### ନକଲରୁ ସାବଧାନ
## ଅଗ୍ନିହି
## ଚନ୍ଦ୍ରପ୍ରଭା ତୈଳ
( ର୍ଜି )

କେଶ ଶୁକ୍‌ଲାଳକ ହେବାର କାରଣ ଅଗ୍ନିହି ଚନ୍ଦ୍ରପ୍ରଭା ତୈଳ, ଶୋଷରୁ ଘୁଣ୍ଟି ପର୍ଯ୍ୟନ୍ତ ଦାଦ, କଉଁଚ, ଖାସ ପୋଡ଼ାଘାଆ, କାଛୁ, ଛଉଁ, ମଚଲା, ଦାଗ ଆଦି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ। ୨ରେ ମାନ ପରୀକ୍ଷା କରି ଦେଖନ୍ତୁ। ବ୍ୟବହାର ବିଧି ଶିଶି ସହିତ ଥାଏ। ମଫସଲ ସମସ୍ତ ଦୋକାନ ଦୁଇ ପାଉଣ୍ଡ ପ୍ରତି ଶିଶି ୫୨ଟଙ୍କା ଡାକ ଖର୍ଚ୍ଚ, ଛୋଟ ଶିଶି ୫୦ ମାତ୍ର। ଯଦି କେହି ଏହି ଔଷଧକୁ ନଷ୍ଟ ବା ପ୍ରମାଣ କରିଇ ଦେବେ, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ। ଅଭ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ।

ପତ୍ର ଦେଇ ବିନାମୂଲ୍ୟରେ ତାଲିକା ମଗାଇ ନିଅନ୍ତୁ।

ପ୍ରାପ୍ତି ସ୍ଥାନ—
ମ୍ୟାନେଜର କେମିକେଲ
୧୩୨ ନେ ଚାନ୍ଦନୀ ଚୌକ, କଟକ



ଉତ୍କଳର ରଚନାତ୍ମକ ମାସିକ ପତ୍ରିକା
## 'ଗ୍ରାମ ସେବକ' ପଢ଼ନ୍ତୁ
ଗ୍ରାହକ ମୂଲ୍ୟ ୪୩୯ ଠିକଣା—ପୋ: କଟକ।

## ହାଇଡ୍ରୋସିଲ୍
ଆମ୍ଭର "ଗ, ଏଚ," ତୈଳ ଦ୍ଵାରା ହାଇଡ୍ରୋସିଲ ଅଣ୍ଡକୋଷ ଗୋଦର, ହାଣ୍ଡିଅ, ଚର୍ମବାତ ଆଦି ଅତ୍ୟନ୍ତ ଭାବେ ଆରୋଗ୍ୟ ହୁଏ। ମୂଲ୍ୟ ୪୩୯, ଅଭ୍ୟନ୍ତରୀକ ଔଷଧ "ପାନଅ" ବଡ଼ିଦାମ ୪୬୯ ଡାଃ ଖର୍ଚ୍ଚ ୮୯୦ ମ୍ୟ ।

## ଯୋଟବ୍ୟଥା
କଲିକ, ପେଇନ, ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ କନ୍ଦା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର "ପାଚନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ୪୩୯, ଡାଃ ଖଃ ୮୦ ମ୍ୟ ।

Kaviraj R. N. Chakravarty. [D M,]
24 Devendra Ghose Road,
Bhawanipore Calcutta



# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମସିହାରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ଦରଷ୍ଟାର ଶବ ସବୁ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଅଳ ଖଣ୍ଡିଏ ପୋଷ୍ଟକାର୍ଡ଼ରେ ଆପଣଙ୍କ ପସନ୍ଦରେ ଆସୁଥିବା କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପରିବାର ଭାବରେ ନିଜର ପୂରା ଠିକଣା ଲେଖିକରି ପଠାନ୍ତୁ। ତାହାହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କ ଆଗାମୀ ବାରମାସର ଭାଗ୍ୟର ଫଳ, ଲାଭ, କ୍ଷତି କପରି ରୋଜଗାର ହେବ, ଚାକିରି ବ୍ୟବସାୟରେ ଲାଭ ହେବ, ସ୍କୁଲରେ ଉନ୍ନତି, ଶାରୀରିକ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ଦେଶ ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା। ମନ ଅନୁସାରେ ବିବାହ, ଗୋଡ଼ାଧନ ପ୍ରାପ୍ତି, ଲଟେରି, ... ଅଥବା କୌଣସି ଅଜବ୍ୱିକ ଡାରଣରୁ ସୁଖ ଅଥବା ... କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ, ଗୋଡ଼ାଧନ ପ୍ରାପ୍ତି, ଲଟରୀ, କ୍ରସ ଅଥବା କୌଣସି ଅଜବ୍ୱିକ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ପୋଷ୍ଟକାର୍ଡ଼ର ଲେଖା ତାରିଖଠାରୁ, ଆମ୍ଭେ ଏହି ମାସରେ ଠିକ୍ ଠିକ୍ ଘଟିବାର ସମସ୍ତ ଘଟଣାର ଫଳ ନିର୍ଣ୍ଣୟ କରି କେବଳ ୫୧୦ର ଭିପି ଡାଃ ଖଃ ଯୋଗେ ପଠାଇ ଦେବୁ। ତାହାଙ୍କର ଅଲଗା ପଡ଼ିବ। ଏଥିସହ ଗ୍ରହଙ୍କୁ ଶାନ୍ତ କରାଇବାର ଉପାୟ ମଧ୍ୟ ଆମେ ଲେଖିଦେବୁ। ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇ ଗ୍ୟାରେଣ୍ଟି ଦିଆଯାଉଛି। ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ।

THE BENGAL MESMERISM HOUSE (D.W B.) HOSHIARPUR.


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ସହକାରୀ ସମ୍ପାଦକ— ଶ୍ରୀ ରାଧାମୋହନ ଦାସ
Printed & Published by G. C. Mohapatro, at the Gopinath Press, Bhadrak. 1. 11. 49.

Digitized by srujanika@gmail.com

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟପତ୍ର

ତ୍ରୟୋଦଶ ବର୍ଷ ୧୦ମ ସଂଖ୍ୟା
କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ
୧୬।୧୧।୪୯

# ଡଗର

## ଦି ଗ୍ରେଟ୍ ଉତ୍କଳ୍ ଗ୍ରାଣ୍ଡ ସର୍କସ




ବାର୍ଷିକ ଟ ୭ ସାଣ୍ମାସିକ ଟ ୩ ମୂଲ୍ୟ – ପ୍ରତିଖଣ୍ଡ ୨ ଅଣା

Digitized by srujanika@gmail.com

**ସ୍ତ୍ରୀ ରୋଗ ପାଇଁ**

## ଋତୁ୍ୟକାରୀ ରେଚନୀ

ପରୀକ୍ଷାକରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅନ୍ୟ ହାନି କାରକ ନୁହେଁ । ମୂଲ୍ୟ ୫୯ ଡାକ ଖର୍ଚ୍ଚ—୦।୵୬

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୲— ଡାକଖର୍ଚ୍ଚ—୦।୵୬ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. G.)
70, Cornwallis St., Calcutta

---

# ୪୨ ଅଧ୍ୟାୟ

ଭାରତୀୟ ଜୀବନ-ବୀମାର କ୍ଷେତ୍ରରେ "ହିନ୍ଦୁସ୍ଥାନ"ର ବତ୍ରିଶ ବର୍ଷ ବୟସ୍କ ଗୌରବମୟ ଇତିହାସରେ ଆଜି ଗୋଟିଏ ଉଜ୍ଜ୍ୱଳତର ନୂତନ ଅଧ୍ୟାୟ ସଂଯୋଗ ହେଲା । ଏହା ଏକ ଦିଗରେ ଯେପରି ହିନ୍ଦୁସ୍ଥାନରେ ଅବିଚ୍ଛିନ୍ନ ବହୁମୁଖୀ ଲୋକ ସେବାର ପରିଚୟ ପ୍ରଦାନ କରେ ଅନ୍ୟ ଦିଗରେ ସେହିପରି ସେମାନଙ୍କ ଆର୍ଥିକ ଉନ୍ନତି ସାଧନରେ ସହାୟକ ହିସାବରେ ଜନସାଧାରଣ ଏହି ପ୍ରତିଷ୍ଠାନ ପ୍ରତି କେତେଦୂର ଆସ୍ଥାବାନ ଓ ନିର୍ଭରଶୀଳ, ତାହାର ମଧ୍ୟ ପ୍ରମାଣ ମିଳେ ।

ଏହି ଆସ୍ଥା ଓ ନିର୍ଭରଶୀଳତା ଯେ ଉତ୍ତରୋତ୍ତର ବୃଦ୍ଧି ପାଇଅଛି, ସେ ସାଇଁର ଗତ ୧୯୪୮ ସାଲର ହିସାବ ନିକାଶରେହିଁ ତାହାର ନିଦର୍ଶନ ମିଳେ—

| | |
|---|---|
| ନୂତନ ବୀମା | ୧୧୩,୯୮,୫୬,୨୮୫ଙ୍କା |
| ମୋଟ ଚଳନ୍ତିବୀମା | ୬୨୯,୪୨,୬୭,୯୫୯ଙ୍କା |
| ପ୍ରିମିୟମରଆୟ | ୨,୯୫,୮୦,୪୫,୪୫୪ଙ୍କା |
| ବୀମା ତହବିଲ | ୧୨୨,୦୭,୨୦,୪୭୨ଙ୍କା |
| ମୋଟ ସମ୍ପତ୍ତି | ୧୨୩,୪୨,୫୨, ୦୦୬ଙ୍କା |
| ପ୍ରଦତ୍ତ ଓ ଦେୟ ଦାବୀର ପରିମାଣ | ୬୭,୭୨,୪୪୬ଙ୍କା |

ହିନ୍ଦୁସ୍ଥାନ କୋ ଅପରେଟିଭ ଇନସିଓରେନ୍ସ ସୋସାଇଟି ଲିଃ
ହେଡ଼ ଅଫିସ—ହିନ୍ଦୁସ୍ଥାନ ବିଲ୍ଡିଙ୍ଗସ୍
ନମ୍ବର ଚିତ୍ତରଞ୍ଜନ ଏଭେନ୍ୟୁ; କଲିକତା
ଓଡ଼ିଶା ଅଫିସ—ଚୌଧୁରୀ ବଜାର; କଟକ ।

---

**ପୁରସ୍କାର ୧୦୦୦ଙ୍କା**

**କୈଳାସ ଚନ୍ଦ୍ର ତେଲ**

ରେଜିଷ୍ଟାର୍ଡ

ସର୍ବପ୍ରକାର କୁଷ୍ଠ, ଧଳା ରୋଗ, ମେହ ଓ ସ୍ତ୍ରୀ ରୋଗୀ ମାନଙ୍କର ବିଜ୍ଞାପନ

ଲକ୍ଷ୍ମୀ ଏଜେନ୍ସି ... କଟକ

---

**ଆକର୍ଷଣୀୟ ବିଜ୍ଞାପନ**

ବ୍ୟବସାୟର ମୂଳମନ୍ତ୍ର ।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦଳୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

**ଠିକଣା—ଶ୍ରୀ ଦଳୀପ କୁମାର**
**ମାନସିଂ ମହାପାତ୍ର**
**ପୋଃ ଢେଙ୍କାନାଳ**

---

**ନବୀନ ଉତ୍କଳର**
ନବ ବିକାଶର ଉନ୍ମେଷ
ବାର୍ତ୍ତାବହ

# ଉନ୍ମେଷ

ଶୀଘ୍ର ପ୍ରକାଶ ପାଉଛି
ଉତ୍କଳର ସ୍ୱନାମ ଧନ୍ୟ
ଲେଖକ ମାନଙ୍କ ଲେଖାବଳୀରେ
ସମୁଜ୍ଜ୍ୱଳ
ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା
ଉନ୍ମେଷର ଲକ୍ଷ୍ୟ
ବାର୍ଷିକ ୬୵ ଷାଣ୍ମାସିକ ୩୵ ପ୍ରତିଖଣ୍ଡ ୦।୵
ଉନ୍ମେଷ—ଅଫିସ
ଉତ୍କଳସାହିତ୍ୟ ପ୍ରେସ କଟକ—୨

---

**ହାଇଡ୍ରୋସିଲ୍**

ଆମର 'ନିଶାକର' ତୈଳ ବ୍ୟବହାରରେ ହାଇଡ୍ରୋସିଲ ଅଣ୍ଡବୃଦ୍ଧି ଗୋଦର, ହାର୍ଣ୍ଣିଆ ଗଣ୍ଠିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ; ମୂଲ୍ୟ ୩୵, ଅଭ୍ୟନ୍ତରିକ ଔଷଧ ଦରକାର ବଟି ଦାମ ୨୵ ଡା: ପ: ୦।୵୬ ।

**ପେଟବ୍ୟଥା**

କଲିକ୍‌ପେନ୍; ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ ଅକ୍ଷୁଧା ହେବା ଆଦି ରୋଗ ଆମର 'ପାକଶକ୍ତି' ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୩୵, ଡା: ପ: ୦।୵୬ ।

Kaviraj S K. Chakravarty (D. C)
126/2 Hazra Road. Calcutta 29
Stockists: bhubanswar, Trading house
Bhubanswar. (O)

Digitized by srujanika@gmail.com



କାର୍ତ୍ତିକ ତୃତୀୟାର୍ଦ୍ଧ ତ୍ରୟୋଦଶ ବର୍ଷ ୧୦ମ ସଂଖ୍ୟା ୧୬।୧୧।୪୯

## ଗଡ଼ସେଙ୍କ ଫାଶି

ଗାନ୍ଧୀ ହତ୍ୟାକାରୀଙ୍କୁ ଫାଶୀ ହେବାରେ ସମସ୍ତେ ଚକିତ ହେବେ । ସାଧାରଣ ଲୋକେ ହୁଏତ ଭାବିବେ, ମହିଷ ଘାତକର ଫାଶି ହୁଏ । ଗାନ୍ଧୀ ଘାତକର ଆଉ ଅଧିକା କଣ ହେଲା? କିନ୍ତୁ ଆମ ଆଖିରେ ପ୍ରାଣ ଦଣ୍ଡହିଁ ସବୁଠାରୁ ବଡ଼ ଦଣ୍ଡ । ତା ଠାରୁ ବଳି ଦଣ୍ଡ ଏପର୍ଯ୍ୟନ୍ତ ମନୁଷ୍ୟର ହିଂସ୍ର ବୁଦ୍ଧି ଆବିଷ୍କାର କରିପାରି ନାହିଁ । ଯେଉଁ ଦେଶରୁ ପ୍ରାଣଦଣ୍ଡ ଉଠି-ଯାଇଛି, ସେ ଦେଶର ଲୋକେ ପ୍ରାଣଦଣ୍ଡକୁ ଭୁଲ ଜ୍ଞାନକରି ନୁହେଁ, ପ୍ରାଣଦଣ୍ଡକୁ ଉଗ୍ରକରି ତେଣୁ ଘୃଣ୍ୟ ମନେକରି ଉଠାଇଛନ୍ତି । ତା ଛଡ଼ା ବିଚାରବିଭାଗ ଗଠନ ମନୁଷ୍ୟ ବିଶେଷ ପ୍ରକୃତିଛଡ଼ା ହୋଇ ଅନ୍ୟକୁ ହତ୍ୟା କରିପାରେ, କିନ୍ତୁ ଗୋଟାଏ ସମାଜ ବା ବିଚାରାଳୟ ପୁଣି ସେହି ପାପ କଲାବେଳେ ପ୍ରକୃତରେ ଶାସକ ବା ବିଚାରକ ତାର ପଦରେ ପ୍ରକୃତିସ୍ଥ ଥାଏ କି ନାହିଁ ତାହା ବିଚାର କରିବା କଥା । ଭାରତ ସରକାର ସ୍ୱାଧୀନ ଦେଶର ସରକାର ହୋଇ ମଧ୍ୟ ଏପର୍ଯ୍ୟନ୍ତ ପ୍ରକୃତିସ୍ଥ ନୁହନ୍ତି । ତେଣୁ ଏବେ-ଯାଏଁ ପ୍ରାଣଦଣ୍ଡ ପ୍ରଥା ରହିଛି । ଯଦିଓ ଏକଦା ପ୍ରାଣଦଣ୍ଡ ପ୍ରଥାକୁ ନିନ୍ଦା କରୁଥିବା କଂଗ୍ରେସ ନେତାମାନେ ଗତ ୩ ବର୍ଷ ଧରି ସ୍ୱାଧୀନ-ଶାସନର ଆସନ ମାଡ଼ି ବସିଛନ୍ତି । ଏବଂ ପ୍ରକାରାନ୍ତରେ ଗାନ୍ଧୀଭକ୍ତ ମସ୍ରୁୱାଲା ମଧ୍ୟ ଅଗତ୍ୟା ସରକାରଙ୍କର ଔଚିତ୍ୟ ପ୍ରତିପାଦନ କରିଛନ୍ତି । ମସ୍ରୁୱାଲା ଅଦ୍ଭୁତ ହାସ୍ୟାସ୍ପଦ ଅବସ୍ଥାକୁ ଟାଣି ହୋଇ କହିଛନ୍ତି ଯେ ଯେଉଁ ସରକାରଙ୍କର କେବଳ ଅସାଧାରଣ ଅବସ୍ଥାରେ ଦଣ୍ଡିତ ବ୍ୟକ୍ତିକୁ କ୍ଷମା କରିବାର କଥା ସେ ସରକାର ଅନନୁତପ୍ତ ଗଡ଼ସେ କ୍ଷେତ୍ରରେ ସେ ଭଳି ଅବସ୍ଥା ପାଇବେ ନାହିଁ ଗାନ୍ଧୀଜୀଙ୍କର ହତ୍ୟାଠାରୁ ବଳି ଅସାଧାରଣ ପରିସ୍ଥିତି ଆଉ କଣ ହୋଇପାରେ? ଯେଉଁ ଲୋକ ଗାନ୍ଧୀଜୀଙ୍କୁ ହତ୍ୟାକରି ଅନୁତାପ ମଧ୍ୟ ନକରେ ତାର ବିବେକ ଯେ କେତେ ଗ୍ଲାନି ଓ କଳୁଷରେ ଆଚ୍ଛାଦିତ ତାହା ମସ୍ରୁୱାଲାଙ୍କ ନିର୍ମଳ ହୃଦୟର ହୁଏତ ସହଜ ବୋଧଗମ୍ୟ ହୋଇ ନାହିଁ ।

ସେ ଯାହାହେଉ ଏହା ସୁନିଶ୍ଚିତ ଯେ ମୃତ୍ୟୁଦଣ୍ଡ ଠାରୁ ମଧ୍ୟ ଅଧିକ ଦଣ୍ଡର ପରିକଳ୍ପନା ମନୁଷ୍ୟର ବୁଦ୍ଧି କରିଛି; କିନ୍ତୁ କ୍ଷମତାଗ୍ରସ୍ତ ଓ ଭୟଗ୍ରସ୍ତ ମନୁଷ୍ୟ ସେ ଦଣ୍ଡକୁ ସ୍ୱୀକାର କରିବାର ସାହସ ଓ ଧୈର୍ଯ୍ୟ ରଖିପାରେ ନାହିଁ । ତାର ଦୁର୍ବଳତା ସେଥିପାଇଁ ଦାୟୀ । ମାତ୍ର ମହାପୁରୁଷମାନେ କ୍ଷମାହିଁ ସବୁଠାରୁ ବଡ଼ ଦଣ୍ଡ ବୋଲି ସ୍ୱୀକାର କରିଛନ୍ତି । ଆମର ପୁନରୁକ୍ତି କରିବା ଉଚିତ ନୁହେ ଯେ ଗାନ୍ଧୀଜୀଙ୍କର ଆତ୍ମା ହତ୍ୟାକାରୀକୁ କ୍ଷମାହିଁ କରିଥିବ । ଦୁଃଖ ହେଉଛି ଯେ ଗାନ୍ଧୀଙ୍କ ହତ୍ୟାକାରୀକୁ ହତ୍ୟାକରି ଗାନ୍ଧୀଜୀଙ୍କୁ ଜାତିର ଜନକ ଉପାଧି ଦେଇଥିବା ଲୋକେ ଗାନ୍ଧୀଙ୍କ କଳଙ୍କର କାରଣ ହେଲେ । ଗାନ୍ଧୀଜୀ ପୃଥିବୀ ଆଗରେ ଯେତେବଡ଼ ହୋଇଥିଲେ ଗଡ଼ସେ ହତ୍ୟାପରେ ସେ ନାମ ପୂର୍ବବତ୍ ପ୍ରେରଣା ଦେବ କି ନାହିଁ ସନ୍ଦେହ ହେଉଛି ।

ଗଡ଼ସେ ଫାଶିକୁ ଆମେ ଗାନ୍ଧୀ ଷଡ଼ଯନ୍ତ୍ର ହତ୍ୟାଠାରୁ ଅଧିକ ଜଘନ୍ୟ କହୁଁ । କାରଣ ଏ ହତ୍ୟା ଏତେ ନିର୍ଲଜ ଯେ ଏହା ଆଇନ ଓ ନ୍ୟାୟ ନାମରେ, ରାଷ୍ଟ୍ର ନାମରେ, ବହୁ ବିଚାରକ, ବହୁ ଆଇନଜ୍ଞ, ବହୁ ରାଜକର୍ମଚାରୀ ଏବଂ ରାଷ୍ଟ୍ରର ସର୍ବୋଚ୍ଚ ଆସନସ୍ଥ ଲୋକମାନେ ଅତି ଖୋଲାଖୋଲି ଭାବରେ କରିବାକୁ ସଙ୍କୋଚ ବୋଧ କରି ନାହାନ୍ତି । ଗଡ଼ସେର ଷଡ଼ଯନ୍ତ୍ର ଗୁପ୍ତ ଥିଲା । ତେଣୁ ସେ ଭୀରୁତା ପ୍ରକାଶ କରୁଥିଲା । କିନ୍ତୁ ଅନ୍ୟାୟକୁ ଗୁପ୍ତରେ ସାଧନ କରିବାରେ ବିବେକ ଯେତିକି ସଚେତନ ଥାଏ ବର୍ତ୍ତମାନ ଗଡ଼ସେର ହତ୍ୟାକାରୀ ମାନଙ୍କର ବିବେକ ସେତିକି ମଳହୀନ ମଧ୍ୟ ନୁହେଁ । ଦୁଷ୍ଟବୁଦ୍ଧି ଦୁଷ୍ଟବୁଦ୍ଧିତାର ସୀମା ଲଙ୍ଘନ କଲେ ନିର୍ଲଜ ହୁଏ । ବର୍ତ୍ତମାନ ଯେଉଁ ଦେଶର ଶାସନ ପ୍ରାଣଦଣ୍ଡକୁ ସମର୍ଥନ କରେ ସେ ସେହିଭଳି ନିର୍ଲଜ ।

ଗଡ଼ସେକୁ ପୂର୍ଣ୍ଣମୁକ୍ତି ଦେବାକୁ ଆମେ କହୁନଥିଲୁ । କାରଣ ଆହତ ଉତ୍କ୍ଷିପ୍ତ ଜନତା ତାକୁ ହୁଏତ କ୍ଷମା କରିପାରି ନଥାନ୍ତେ ତାକୁ ହୁଏତ ସମାଜରେ ଆଉ ସ୍ଥାନ ମିଳିନଥାନ୍ତା । କିନ୍ତୁ ସରକାର ଯଦି ଉତ୍ତେଜନା ଜନତାର କାମ ନିଜେ କରନ୍ତି ତେବେ ତାହା କେତେ ନିର୍ଲଜ ଦାମ୍ଭିକ ।

ଗଡ଼ସେର ସଂଶୋଧନ ପାଇଁ କଣ ଅନ୍ୟ ଉପାୟ ନଥିଲା ।

ପ୍ରଥମକୁ ଆର୍ ଏସ ଏସକୁ ଉତ୍ସାହିତ କରିବାରେ ସରଦାର ପଟେଲଙ୍କ ଦାୟିତ୍ୱ ଗଡ଼ସେ ହତ୍ୟାରୂପୀ ଦୁର୍ବଳତାର କାରଣ । ଗଡ଼ସେ ବଧ ଭାରତ ସରକାରଙ୍କ ଦୁର୍ବଳତାର ପରିଚୟ ଦିଏ । କଂଗ୍ରେସ ସରକାର ଆର ଏସ ଏସ ଦଳକୁ ଆଲିଙ୍ଗନ କରି ନଥିଲେ ହୁଏତ ଗଡ଼ସେ କ୍ଷମା ପାଇପାରିଥାନ୍ତା । ଠିକ ଏହିଭଳି ଦୁର୍ବଳତା ୧୯୩୧ରେ ବ୍ରିଟିସ ସରକାରଙ୍କର ଆସିଥିଲା । ଗାନ୍ଧୀ ଇରୁଇନ ଚୁକ୍ତିପରେ ଭଗତ ସିଂହର ଫାଶିଦ୍ୱାରା ବ୍ରିଟିଶ ସରକାର ତାଙ୍କର ଆଧିପତ୍ୟ ଓ ଅମ୍ଳାନ କ୍ଷମତାର ପ୍ରମାଣ ଦେବା ପାଇଁ ଏହି ନିର୍ଲଜ ଦଣ୍ଡବିଧାନ କରିଥିଲେ । ଆଜି କଂଗ୍ରେସସରକାର ମଧ୍ୟ ସେହିପରି ଆର ଏସ ଏସ ଦଳକୁ ସ୍ୱାଗତରେ ନେଇ ଗଡ଼ସେ ପ୍ରାଣଦଣ୍ଡକୁ ସମର୍ଥନ କରୁଛନ୍ତି

Digitized by srujanika@gmail.com

# ଡାଟରେ ଡାଟରେ ଟାନା ଟାନା

ଦେଖାଇନା ସେ କିଛି ଦଳର ରାଜନୀତିରେ ସ୍ଥାନ ନାହିଁ—ଇତି ପଟ୍ଟାଭି ।

……ରାଜନୈତିକ ଦଳର—ସେ ସ୍ଥାନେ ସେମାନେ ମଲଭ !

\+ + +

ରୁଷ ଓ ଆମେରିକା ଭିତରେ ବନ୍ଧୁତ୍ୱ ହେଲେ ଭାରିଲେ ସ୍ୱାଧୀନତା ବିରୋଧୀଙ୍କ ମୁଣ୍ଡ ଭାଙ୍ଗ ହେବ—ଇତି ଭସନ୍ତି ।

……କାହୁଁ ଡେଇଁ ଶୋଇଥିବ ଶିବ………

\+ + —

ନେ ଦୁହୁଁ, ଫେର ଆସ—ଇତି ଆମେରିକା-ବାସ ।

……ଗୃହିଁ ଗୃହିଁ ଲୋକେ ଭରଣୀ ଭଜୁଅଛନ୍ତି

\+ + +

ମନୁଷ୍ୟ ଏକ ନଶ୍ୱର ବ୍ୟାପାର ସତ କିନ୍ତୁ ମନୁ ହେବା ଉଚିତ—ଇତି ଗାଡ଼ଗିଲ

……ସେ ଦେଶର ଯୁଦ୍ଧ ନବତ ଜ୍ରୋମୋର ଜବନ ଦୌ ଭରିବାକୁ ପଡ଼ିବ ।

ହେବେ : + +

ରାମରାଜ୍ୟ ପୁନଃ ପ୍ରତିଷ୍ଠିତ ହେବା ଉଚିତ—ଇତି ରାଜେନ୍ଦ୍ର ପ୍ରସାଦ;

……ରାଜେନ୍ଦ୍ର ବାବୁ ରାମଭକ୍ତ ହନୁମାନ

\+ — —

ହଜାରରର ନାଁଦିଷ୍ଟ ବ୍ୟକ୍ତିତ୍ୱ ଅଛି ।

—ଇତି—ନେହେରୁ ।

……ସେହି ନାଲୁ ଅବାଂଛ ।

\+ + +

ଧର୍ମ ଗର୍ବ ଧୁମ୍ବାର ଅନ୍ତରାଳରେ ଠକାଇ ଅନୁଭିକୁ ବାଣରେ ଅନ୍ଧକାର ଭଳି ନାହିଁ—ଇତି ରାଜାଜୀ ।

……ବିଶ୍ୱାନ ଜଣୁ ରାଜାଙ୍କ ଭଲା ହୋଇ-ଛନ୍ତି ପରା !

\+ + +

ଅଟଳ ମୂର୍ଖତ୍ ଦର୍ଶନରେ ଆନନ୍ଦର ଦୁଆନ୍ତ ନାହିଁ ।—ଇତି ପଟ୍ଟାଭି ।

……ଏକୁଷାକ ତାଙ୍କର ଅଦର୍ଶନରେ ଗୃଲେ

\+ + +

ମନୁଷ୍ୟର ଆମାଜ୍ଞ ସନ୍ଦେହରେ ଭଜାମୀ ହେବ—ଇତି ନେହେରୁ

……ଯେନାମେ ବାମନାକ୍ଷିତଃ— ଅମୃତ୍ୱ ବିଜେତା ଓ ବିଜିତ

\+ + +

ଦାନା ଓ କନାଛଡ଼ା ଭାରତରେ କୌଣସି 'ବାଦ' ବା ism ନାହିଁ ।—ଇତି ନେହେରୁ

……ଖାଇ ଶୁଇବା ଭାରତର 'ବାଦ' ପଡ଼ ପାଇଛନ୍ତି ।

\+ + +

ବିଶ୍ୱବିଦ୍ୟାଳୟ ଶିକ୍ଷାର ଆଦର୍ଶ ଆହୁରି ଓସାରିଆ ( broader ) ହେବା ଉଚିତ—ଇତି ଅଜାଦ ।

……କାରଣ ପ୍ରେମିକ ପ୍ରେମିକାଏ ତାଲରୁ ଖସି ପଳାଉଛନ୍ତି ।

\+ + +

ଧର୍ମ ମନ୍ଦିରରେ ନାହିଁ ମନୁଷ୍ୟ ମନ ଓ ହୃଦୟରେ ଅଛି—ଇତି ତ୍ରିମାନ ।

……ଧନରେ ମଧ୍ୟ ଅଛି-କାରଣ ଧନ ଅର୍ଜନେ ଧର୍ମ ଭଜ ।

\+ + +

ମନ୍ତ୍ରୀମାନେ ସ୍ୱର୍ଗର ପରୀ ବୋଲି ଆଶା-କରିବା ଅନାବଶ୍ୟକ—ଇତି ପଟ୍ଟାଭି ।

……ନର୍କର କୀଟ ହୋଇଥିବେ ।

\+ + +

ପ୍ରାଦେଶିକ ସରକାର ଏମ୍ ଏଲଙ୍କ ଦ୍ୱାରା, ଏମ୍ ଏଲଙ୍କ ପାଇଁ ପରିଚାଳିତ ହେଉଛି ଇତି ସର୍ଦ୍ଦାର ସାଜନ ।

…… ଏମ ଏଲଙ୍କ ଠାରୁ, ଏମ ଏଲଙ୍କ ଠାରେ ଏମ ଏଲଙ୍କର ମଧ୍ୟ ।

\+ + +

ଡେମୋକ୍ରାସୀର ଅର୍ଥ ଅଧିକ ଭୋଟ ନୁହେଁ ଅଧିକ ସେବା ଓ ପ୍ରେମ—ଇତି ଜଣେ ସୌରାଷ୍ଟ୍ର ସଚୀବ ।

……ପ୍ରଜାମାନେ ନିର୍ମାଲ୍ୟ—ନେତାମାନଙ୍କର ସେବା ।

… … …

କଂଗ୍ରେସ ଭିତରେ ନୂଆ ରକ୍ତ ପଶୁ ଇତି କୃପାଳନୀ ।

……ସୋସାଲିଷ୍ଟଙ୍କ ଦମ୍ଭ ଦେଖାଇବାକୁ ଧାର ଆଣିଲେ ସାଇଁ + + + + + +

କଂଗ୍ରେସ ଲୋକେ କାଳକୁ ପରୀକ୍ଷା କରନ୍ତୁ —ରାଜେନ୍ଦ୍ର ବାବୁ ।

……ଆଜ୍ଞ ଖୋଜ ଖୋଜ ମହାଦେବ ବାହାରିବ

ଦଶବର୍ଷରେ ଭାରତରେ ଘିଅ ମହୁ ବହିଯିବ—ଇତି ଗାଡଗିଲ

……ଉଡ଼ିବୁଲ ଥିବ ଫୁଲେ ଫୁଲେରେ ଗାଡ଼ଗିଲ ( ମଧୁକର ପରିବର୍ତ୍ତେ )

\+ + +

ମୋ ପରମାୟୁ ଶୁଣ ଆସୁଛି—ସର୍ଦ୍ଦାର

……ଅଜରାମରବତ୍ ପ୍ରାଜ୍ଞଃ ଗ ଦମର୍ଥଞ୍ଚ ଚିନ୍ତୟେତ୍ !

\+ + +

ଓଡ଼ିଶାରେ ଗ୍ରାମୋଫୋନ୍ ବଡ଼ ଆଶା-ଜନକ —ଇତି ପାଟିଲ ।

……ସୁଖଠାରୁ ସୁଖ ଆଶାରେ ସୁଖ ଅଧିକ ।

\+ + +

ଏ ବର୍ଷ ଓଡ଼ିଶାରେ ବହୁ ପଡ଼ିଆ ଜମି ଉଠିଆ ହୋଇଛି—କ ନନ୍ଗୋ !

……କେବେ ଟାଙ୍ଗରା ମୁଣ୍ଡରେ ବାଳ ଉଠିବ?






Digitized by srujanika@gmail.com

ହଲେଣ୍ଡର ଶାସକ ରାଣୀ ଜୁଲିଆନାଙ୍କ ଶିଶୁ ଜନ୍ମ ଅସନ୍ତା ନଭେମ୍ବରରେ ହେବ । ପିଲାଟି ଜନ୍ମ ହେବା ପାଇଁ ଦଶମାସ ବଦଳରେ ଦଶବର୍ଷ ଲାଗିଯାଇଥିଲା । ତା ପୂର୍ବରୁ ଓଲନ୍ଦାଜମାନେ ଜନ୍ମ ନିରୋଧ ଅଭ୍ୟାସ କରୁଥିଲେ । ବର୍ତ୍ତମାନ ଗର୍ଭବେଦନା ବା ଲେବର ପେନ ହେଉଥିବ । ଡାକ୍ତର ହେଉଁଠାଓ ସୁବର୍ଣ୍ଣ ଫଳକ ବଣ୍ଟାଯିବ ହେବେ ବୋଲି ଆଶା କରାଯାଉଛି ।

... ... ...

ଆଣବିକ ବୋମା ନିୟନ୍ତ୍ରଣ ପାଇଁ ମିଳିତ ଜାତିସଂଘ ସଭାପତି ଟେମେନ୍ସ ଏକ ଅସ୍ଥାୟୀ ଶାନ୍ତିର ବ୍ୟବସ୍ଥା କରିବେ । ଶାନ୍ତିଟା ସ୍ଥାୟୀଭାବରେ ପରିଣତ ହେବ । ତେବେ ଆଶା ଯେ ଜଣ୍ଡାଏ ପ୍ରେମ ଗାଢ଼ ହେବ । କିନ୍ତୁ ଜୀବନଟା ଯେ ଅସ୍ଥାୟୀ । ଅସ୍ଥାୟୀ ଜୀବନରେ ପ୍ରେମଟା ମଧ୍ୟ ହାତେ ଆସେ ଭାଲୁ ଖସିବା ପାଇଁ ସେ ।

\+ \+ \+

ଗତ ସୋଭିଏଟ ଦିବସରେ ଷ୍ଟାଲିନ ମହାରାଜ ତାଙ୍କ ଉତ୍ସବରୁ ଅନୁପସ୍ଥିତ ରହିଥିବାରୁ କେହି କେହି ସନ୍ଦେହ କରୁଛନ୍ତି ଯେ ଷ୍ଟାଲିନ ଅସୁସ୍ଥ । କେହି କେହି କହନ୍ତି ଷ୍ଟାଲିନ କୃଷ୍ଣସାଗର କୂଳରେ ଯାଇ ଭାରତର କଳାପୋତାଇ ବା କଳାବଜାର ସାଧନା କରୁଛନ୍ତି । କାହାରି କାହାରି ମତରେ ତାଙ୍କ ହୁକୁଡ଼ା ନିଶ ବଳକ ଧଳା ହୋଇ ଆସିବାରୁ ସେ କୃଷ୍ଣସାଗର କୂଳରେ ରଙ୍ଗ କଳା କରୁଛନ୍ତି । କେହି କେହି କହନ୍ତି ସାହାଡ଼ା ଗଛରୁ ଲଗାଇ ଏମ ବିବାହ ନିମନ୍ତେ ସେ କାୟାକଳ୍ପ ଚିକିତ୍ସା ଅଧୀନ । ଆମ ମତରେ ସେ ସାଇବେରିଆର ଶ୍ୱେତ ଭଲ୍ଲୁକ ବିପ୍ଳବ ଦମନ ପାଇଁ ଅନୁପସ୍ଥିତ ଅଛନ୍ତି ।

... \+ ...

ପଣ୍ଡିତ ନେହେରୁ ଆମେରିକାରୁ ମାତ୍ର ଗୋଟିଏ ଜିନିଷ କିଣି ଆଣିଛନ୍ତି । ସେ ହେଉଛି ହ୍ୟାଟ ବା ଟୋପି । ସମ୍ଭବତଃ ସେ ଟୋପି ଖଣ୍ଡ ପିନ୍ଧିଲେ ଆମେରିକାବାସୀଙ୍କୁ ଯେତେ ବୁଦ୍ଧି ଦିଶେ ନେହେରୁଙ୍କୁ ମଧ୍ୟ ସେତିକି ହେଉଥିବ । ଆମର ଡର ହେଉଛି ନେହେରୁ ସେ ହେଟ ପିନ୍ଧି ଆମକୁ ହଟ୍ ହଟ୍ ନ କରନ୍ତୁ ବା ହେଟ ନଜରରେ ନ ଦେଖନ୍ତୁ ।

... \+ ...

ଆଉ ଗୋଟିଏ ଭୟ ଏଠା ହେଉଛି । ଆମେରିକାବାସୀ ପଣ୍ଡିତଜୀଙ୍କ ମୁଣ୍ଡଟିକୁ ରଖି ପ୍ରତି ବଦଳରେ ମୁଣ୍ଡହୀନ ଟୋପିଟିଏ ଦେଇ ନାହାନ୍ତି ତ ?

... ... ...

ସେ ଯାହାହେଉ ଆମ ପ୍ରଧାନମନ୍ତ୍ରୀ ଶୁଭରେ ଫେରି ଆସିଛନ୍ତି । କିନ୍ତୁ ଅର୍ଜୁନ ସେ କାଳରେ ପାତାଳପୁରକୁ ଯାଇ ଯାହା କଲେ ଶେଷରେ ସେଇ ପାତାଳପୁରରେ ବଭ୍ରୁବାହନଠାରୁ ହାର ମାନିଲା ପରି ଭବିଷ୍ୟତରେ ଭାରତ ଆମେରିକାଠାରେ ହାର ନ ମାନିଲେ ରକ୍ଷା ।

... ... ...

ଟ୍ରୁମାନ ସାହେବ ଆମେରିକାର ମାଇକ୍ରୋନିଆ ଜାତୀୟ ଡ଼ିମକ୍ରସି କ୍ଲବରେ କହିଛନ୍ତି ଯେ ଭାରତ ବିନା ଯୁଦ୍ଧରେ ପୃଥିବୀରେ ତାର ଯୋଗ୍ୟ ଆସନ ପାଇବ । ଅବଶ୍ୟ ସାରା ପୃଥିବୀଟା ଯଦି କେବଳ ମାଇକ୍ରୋନିଆ ଜାତୀୟ ଡ଼ିମକ୍ରସି କ୍ଲବର ସଭ୍ୟ ହୋଇଯାଏ ତେବେ ଏଠା ଅବଶ୍ୟ ସହଜ ସାଧ୍ୟ ହେବ । ସେ ସୁଦିନ ତେବେ ଆସିବ କେଉଁଠି ? ହେ ଟ୍ରୁମାନ ! ତୁଇ ଭରସା । କାରଣ ଭାରତରେ କଥା ଅଛି ବିନା ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମି ମିଳେ ନାହିଁ । ବିଶେଷତଃ ସ୍ତ୍ରୀଙ୍କ ପାଇଁ ଯୁଦ୍ଧ କଥାରେ ଭାରତର ପୁରାଣଠାରୁ ଇତିହାସ ପର୍ଯ୍ୟନ୍ତ ସମସ୍ତେ ମୁଖର ।

... ... ...

ଗୋଟିଏ ମୃତ ଲୋକ ବର୍ଗ୍ଗ୍ରାମରେ ଅଭି ନାୟିମ କରି କହିଛି ଯେ ସେ ଜୀବିତ । ଏଥିରେ ଅନେକ ଆଶ୍ଚର୍ଯ୍ୟ ହୋଇଛନ୍ତି । କିନ୍ତୁ ଆମ ଓଡ଼ିଶାର ସରକାରୀ ଦୈନିକ କାଗଜ ଦିନେ ଏକ ଅଭିନବ ସମ୍ବାଦ ଦେଇଥିଲେ ଯେ ମୃତ ବ୍ୟକ୍ତିଟି ରେଳ ଲାଇନ ଉପରେ ଯାଇ ଶୋଇଲା ମୃତ ବ୍ୟକ୍ତି ଉପରେ ରେଳ ଗାଡ଼ି ଯିବାରୁ ପ୍ରାଣ ବାହାରିଗଲା । ଏ ସମ୍ବାଦ ପଢ଼ି ଉକ୍ତ ସମ୍ବାଦପତ୍ର ପ୍ରତି କେହି କେହି କଟାକ୍ଷପାତ କରୁଥିଲେ । ଆମର ବିଶ୍ୱାସ ପୂର୍ବ ସମ୍ବାଦ ପାଇ ସମସ୍ତେ ଆଶ୍ୱସ୍ତ ହେବେ ଯେ ସରକାରୀ ସମ୍ବାଦପତ୍ରର ସମ୍ବାଦ ସତ୍ୟ ମଧ୍ୟ ହୋଇପାରେ ।

ପୂର୍ବରୁ କୃତ୍ରିମ ଆଖି ଦିଆଇ କଣା ବା ଅନ୍ଧକୁ ସୁନ୍ଦର ଚକ୍ଷୁ ଦେଇ ହେଉଥିଲା । ମାତ୍ର ସେ ଆଖି ଡୋଳା ସ୍ଥିର ଥିବାରୁ ସେଥିରେ ଅପାଙ୍ଗ ହାଣି ହେଉ ନ ଥିଲା । ଏବେ ଚଳାପାଙ୍ଗ ପାଇଁ ବୈଜ୍ଞାନିକମାନେ ନୂଆ ଆଖି ବାହାରି କରିଛନ୍ତି । ବହୁ ପକ୍ଷମାନେ ଏଣିକି କାମାକ୍ଷ ହୋଇ ନେତ୍ରକଟାକ୍ଷ ମାରି ପ୍ରେମିକ ପ୍ରେମିକାମାନଙ୍କୁ ଘାଇ କରିବେ । ଆମର ବୈଜ୍ଞାନିକମାନଙ୍କୁ ଅନୁରୋଧ ସେମାନେ ଭଲ ସାର୍ଟିଫିକେଟ ହାସଲ କରିବା ପାଇଁ ଓଡ଼ିଶା ଲାଟ ସାହେବ ନତୁ । ପ୍ରଧାନମନ୍ତ୍ରୀ କାନୁବା ବୃତୀୟ ମନ୍ତ୍ରୀ (ଯଥା ବୃତୀୟ ପତ୍ନୀ)ଙ୍କ ଆଖିକୁ ହେବନ୍ତୁ ।

... ... ...

ଓଡ଼ିଶାର ବିଶିଷ୍ଟ ବୈଜ୍ଞାନିକ ଆଶ୍ଚର୍ଯ୍ୟ ମିଶ୍ର ଆବିଷ୍କାର କରିଛନ୍ତି ଯେ ଜଡ଼ବସ୍ତୁ ଚରମ ରୂପରେ ଅଦୃଶ୍ୟ ତରଙ୍ଗରେ ପରିଣତ ହୋଇ ପାରେ । ମିଶ୍ରଙ୍କୁ ବହୁ ବୁଦ୍ଧ ଅବଶ୍ୟ ଧନ୍ୟ ଧନ୍ୟ ଦେବେ । କାରଣ ଏଣିକି ମନୁଷ୍ୟ ହୃଦୟ ବିଶ୍ୱାସ କରିବ ଯେ ଏ ଜଡ଼ ଦେହର ମଧ୍ୟ ନାଶ ନାହିଁ । କିନ୍ତୁ ଆମ ଯୁବକ ଯୁବତୀଙ୍କର ଆବଶ୍ୟକ ଅନ୍ୟ ଦିଗ । ଅଧ୍ୟାପକ ମହାଶୟ ଦୟା କରି ଆବିଷ୍କାର କରିବେ କି, ଶୂନ୍ୟ ତରଙ୍ଗକୁ କିପରି ଜଡ଼ରେ ପରିଣତ କରି ହେବ ? ତାହାହେଲେ ପ୍ରେମ ଭଳି ସୁନ୍ଦର ତରଙ୍ଗାୟିତ ଭାବକୁ ଆମେ ପକେଟ ବା ଭେନିଟି ବ୍ୟାଗରେ ଧରି ବୁଲନ୍ତୁ । \+ \+ \+

ଚଟକ ସେକ୍ରେଟେରିଏଟରେ

ରଙ୍ଗଫଟିଛି-ମାର, 'ମାର, ଭଣ୍ଡାଙ୍କୁ ମାର-ମାର ଗୋପାଳଙ୍କୁ ମାର !' କଥା କଣ, କଥା କଣ ବୋଲି ଲୋକେ ରୁଣ୍ଡ ହୋଇ ଦେଖିଲେ ସେ ସବୁକାର ଘର ଘରଚ କାଠ ଗୁଳୁଛି । ଚିକିତ୍ସା ଚେପଶ୍ରି କାଠ ଖାଇଲେଣି, ଗଣ୍ଡା ଜଣଙ୍କ କାଠ ଖାଇଲେଣି କିନ୍ତୁ ବଡ଼ ବଡ଼ ହାକିମ ସବୁ ଯେଉଁଠି ସେଇଠି ! ଖାଲି ହରିଙ୍କ ନାମ



Digitized by srujanika@gmail.com

## ବିଲୁଆ ବିଚାର

ବିଷ୍ଣୁ ହେଉଛନ୍ତି, କୃଷ୍ଣଙ୍କ ନାମ ଗୋବିନ୍ଦ ହେଉଛି, ଏସିଷ୍ଟେଣ୍ଟ ସେକ୍ରେଟାରୀଙ୍କ ନାମ ଅଣ୍ଡର ସେକ୍ରେଟେରୀ ହେଉଛି କିନ୍ତୁ ପ୍ରଜା ସେ ଖୋଜ ଖୋଜ ପାଉନାହାନ୍ତି । ସେ ଖୋଳଖୋଳକରି ପାଉଥିବେ । କିରାଣୀ ଚପରାସୀମାନେ କହୁଛନ୍ତି-

ଜୀବମାରଣ ଜୀବପାଳ

ଜଗନ୍ନାଥ ପରମ ଦୟାଳୁ !

÷ + +

ଇ,ଡିଏ ଟ୍ରେନ ଅଛନ୍ତି-ତାଙ୍କ ପଛଆଡେ ଲୁମାଥାଏ । ସେ ଲୁମଟାକୁ କାଟି ଦେଲେ ପୁଣି ମାଂସ ଜମିଉଠେ । ଓଡ଼ିଶା ସରକାର ଟ୍ରେନର ନମ୍ବର ଟ୍ରେନ ଲୁମାକୁ କାଟୁଛନ୍ତି । ଅବଶ୍ୟ ଏଥିରେ ବିଚକ୍ଷଣତା ଅଛି ।

+ + +

ଲୋକସମ୍ପର୍କ ବିଭାଗର କର୍ତ୍ତା ଏବେ ଅଣ୍ଟାରେ ଲଗାଇ ସବୁ ତଦନ୍ତ କରାଉଛନ୍ତି । କିନ୍ତୁ କଥା ହେଉଛି ଯେଉଁ ଗଲତ ବାହାରିବ ସେଥିପାଇଁ ଦାୟୀ କିଏ ହେବ? ଏ ସବୁ ତଥ୍ୟ ସମସ୍ତଙ୍କ ଜ୍ଞାନ ଓ ବିଶ୍ୱାସ ମତେ ମିଥ୍ୟା ଗୋଲମାଲ କରି ପ୍ରତ୍ୟେକ ଲୋକ କହିବେ ଶେଷରେ ଦୋଷୀ ମିଳିବ ନାହିଁ କି ଦଣ୍ଡ ମିଳିବ ନାହିଁ । ସମସ୍ତଙ୍କ ପ୍ରାଣ ରହିଯିବ । ପ୍ରାଣନାଥ ମଧ୍ୟ ରହିଯିବେ—ସ୍ୱୀରଂ ସ୍ୱରଂ ପ୍ରଚାର ବିଭାଗଂ

+ + ÷

ବିଲୁଆ ସଭାକୁ ଜଣେ ପ୍ରଶ୍ନ ପଚାରିଛନ୍ତି ଯେ ଓଡ଼ିଶା ସେକ୍ରେଟେରିଏଟରେ ଜଣେ ସେକ୍ରେଟେରୀଙ୍କ ଅଫିସ ଘରେ ରେଡିଓଟିଏ କାହିଁକି ରହିଛି । ଆମର ମନେହୁଏ ଅଫିସର ସମସ୍ତ କାର୍ଯ୍ୟ ତାଲମାନ ଲୟରେ କଲେ ସାରା ଉତ୍କଳର ଶାସନ କଳାରେ ଶ୍ରେଷ୍ଠ ଉତ୍କଳ ନାମର ଯଥାର୍ଥତା ଫୁଟି ଉଠିବ । ତା ଛଡ଼ା ସେକ୍ରେଟେରୀ ମହାଶୟ ଘରେଇ ସମସ୍ତ ଖବର ବେତାର ବାହାବାଇ ଭାବରେ ପାଇପାରିବେ । ସେକ୍ରେଟେରୀ ମହାଶୟଙ୍କୁ ଅଧିକ କାର୍ଯ୍ୟ କରିବାକୁ ପଡୁଥିବାରୁ ତାଙ୍କର ଯାବତୀୟ କାର୍ଯ୍ୟ ତାଙ୍କର ସେଇ ଅଫିସ ଭିତରେ ଯେପରି ସେ ସାରିପାରନ୍ତି—ସରକାର ଅତି ଶୀଘ୍ର ତାର ବ୍ୟବସ୍ଥା କରନ୍ତୁ । + + ❊

ସେକ୍ରେଟେରିଏଟରୁ ଯେଉଁମାନେ ତଡ଼ା ଖାଉଛନ୍ତି ତାଙ୍କୁ ତିନ ଶ୍ରେଣୀରେ ବିଭକ୍ତ କରାଯାଉଛି—ପ୍ରଥମରେ ରାଜନୀତି ସଂପୃକ୍ତ ବୋଲି ସନ୍ଦେହ ହେଉଥିବା, ଦ୍ୱିତୀୟରେ ଅପାରଦର୍ଶୀ ତୃତୀୟରେ ଲାଞ୍ଚ ମିଛ ସଂଯୁକ୍ତ ଥିବା କର୍ମଚାରୀ ଏଥିସଙ୍ଗେ ସଙ୍ଗେ ବିଲୁଆମାନେ ସୁପାରିସ କରୁଛି ଯେ ନିମ୍ନ ତିନି ଶ୍ରେଣୀର ଲୋକଙ୍କୁ ପୁନଃ ନିଯୁକ୍ତ ମଧ୍ୟ କରାଯାଉ—ପ୍ରଥମରେ ଯିଏକୌଣସି ନାରୀ ନେତାଙ୍କ ବ୍ୟାପାରରେ ସଂଯୁକ୍ତ ଥିବେ, ଦ୍ୱିତୀୟରେ ଯିଏ ତୈଳମର୍ଦ୍ଦନରେ ପାରଦର୍ଶୀ ଥିବେ ଏବଂ ତୃତୀୟରେ ଯିଏ ବଡ଼ ହାକିମ ଓ ମନ୍ତ୍ରୀମାନଙ୍କୁ ଯୋଗାଇ ପାରୁଥିବେ ।

+ + +

ଜଣେ ପଚାରିଛନ୍ତି ପଣ୍ଡିତ ନେହେରୁ ଆମେରିକାରେ ଉଡ଼ାଜାହାଜ ଉଡ଼ାଇଲେ ଅର୍ଥାତ୍ ନିଜେ ଥରେ ବ୍ୟୋମଯାନ ଚଳାଇଲେ କିଆଁ ? ଏତେ ସହଜ ପ୍ରସଙ୍ଗ ବିଲୁଆ ସଭାରେ ପଡ଼େ ନାହିଁ । ପ୍ରଶ୍ନକର୍ତ୍ତା ଜାଣିବା ଉଚିତ ଥିଲା ଯେ ଜବାହର ବର୍ତ୍ତମାନ ଭାରତର କର୍ଣ୍ଣଧାର । ତେବେ ପୂର୍ବେ ଗହ୍ୱର ବିପଦ ସାଗର ଭିତରେ ନୌକା ଚଳାଇ ବାରେ କର୍ଣ୍ଣ ଧରିଛି ମିଛିଥିଲା ଏବେତ ଲୋକଙ୍କୁ ସରକାର ମାନେ କେବଳ ହାଓଆରେ ଉଡ଼ାଉଛନ୍ତି । ଜବାହର କଣ ତହିଁରୁ ବାହାରିଯିବେ ।

+ +

ମାନ୍ଦ୍ରାଜରେ ଗୋଟିଏ ସ୍ଥାନରଭୂଇଁ ଫାଟି ଫାଟା ଭୂଇଁରୁ ପଙ୍କ କାଦୁଅ ସବୁ କିଏ ଫିଙ୍ଗିଲା ପରି ଲାଗିଲା । କିନ୍ତୁ ଏକଥା ଆମେ ଜାଣିନୁ ଯେ ଶ୍ରୀଯୁକ୍ତ ଉମାଚରଣ ପଟ୍ଟନାୟକ ସେଠାକୁ ଯାଇ ନଥିଲେ । ଏଠା ମନ୍ତ୍ରୀମଣ୍ଡଳଙ୍କ ଉପରେ ବିଶେଷ ଡଃ ବନ୍ଧୁ ଏମ୍ ଏଲ ଏ ଓ ଖାସ୍ କରି ମହତାବଙ୍କ ଉପରେ ଯେଉଁ କାଦୁଅ [ଧୂଅ] ଦେଖା ଗଲା ସେସବୁକୁ ମଧ୍ୟ ଉମାଚରଣ ଫିଙ୍ଗି ନାହାନ୍ତି ଉମାବାବୁ କହନ୍ତି—ପଙ୍କତ ଲାଗିଥିଲା—ସେ କେବଳ ଦେଖାଇ ଦେଲେ । ଆମ ମତରେ ସେଇଥିପାଇଁ ଉମାବାବୁ ତଡ଼ାଖାଇଲେ । ଯଦି ନିଜ ହାତ ଖରାପ କରି ଥୋଡେ ଫିଙ୍ଗି ଥାନ୍ତେ—ତେବେ ବଡ଼ ବଢିଆ ହୋଇଥାନ୍ତା ।

❊ ❊ ✹.

ସୋସାଇଟିଙ୍କ କାଗଜ କୃଷକ ଲେଖିଥିଲେ ଯେ ପ୍ରଜାତନ୍ତ୍ର ଡାଲମିଆଙ୍କ ଠାରୁ ୩୦୦୦ ଟଙ୍କା ନେଇଛି । ଏକଥାର ପ୍ରତିବାଦ ମହତାବ ସ୍ୱୟଂ ତାଙ୍କ ପ୍ରଜାତନ୍ତ୍ର ଜରିଆରେ କରିଛନ୍ତି । ମାନ ନିଜେ ହେଲେ କରି ନାହାନ୍ତି ମାତ୍ର ଏଥିରେ ପ୍ରତିବାଦ କରିବାର କଣ ଅଛି? ଖୋଦ ମହତାବ ଛାପର ଫାଣ୍ଡକୁ ଦେଉଛନ୍ତି ଡାଲମିଆଁ ସିମେଣ୍ଟ ବସ୍ତା ଫାଣ୍ଡକୁ ଦେଉଛନ୍ତି । ଏଥିରେ ଖରାପ କଣ ରହିଲା ବା ? ଏକ ବା ଅନ୍ୟ କାଗଜରେ ବାହାରିବାର କି ଦରକାର ଥିଲା ? ବେଶ୍ୟାଙ୍କର ବିଜ୍ଞାପନ ଦରକାର ହୁଏନାହିଁ ଗନ୍ଧରୁ ବାରିହୁଏ । ❊ ❊

ଡାକ୍ତର ସଭାରେ ଶ୍ରୀଯୁକ୍ତ ପ୍ରଧାନମନ୍ତ୍ରୀ କହିଲେ ଡାକ୍ତରଙ୍କ ଚିକିତ୍ସା ନପାଇ ଲୋକେ କବିରାଜଙ୍କ ଫାନ୍ଦରେ ପଡ଼ୁଛନ୍ତି । ଆମ ଦେଶରେ ବୈଷ୍ଣବ ଧର୍ମ ପ୍ରଚାର ପରେ ପରକିୟା ପ୍ରୀତିର ରସ ସ୍ୱାଦନ ବଢ଼ୁଛି । ମହତାବ ତାହା ନିଜେ ଭଲ ଜାଣିଥିବେ । ବିଶେଷତଃ ପ୍ରଧାନମନ୍ତ୍ରୀ ହେବା ପରେ ସେ ସୁଯୋଗ ତାଙ୍କୁ ଅନେକ ମିଳିଥିବ । ଫାନ୍ଦରେ ପଡ଼ିବାରେ ଆନନ୍ଦ ଅଛି । କିନ୍ତୁ କଥା ହେଉଛି ଲୋକେ କେବଳ ଅଭାବ ପାଇଁ ସେ ଫାନ୍ଦରେ ପଡ଼ନ୍ତି, ତା ନୁହେଁ । ସ୍ତ୍ରୀ ଯଦି ସତୀ ହୁଏ ତେବେ ସ୍ୱାମୀ କେବେ ଫାନ୍ଦରେ ପଡ଼ିବ ନାହିଁ । ଡାକ୍ତରମାନଙ୍କୁ ସତୀ ହେବା ପାଇଁ ମହତାବ ଉପଦେଶ ଦେଇଥିଲେ ଭଲ ହୋଇଥାନ୍ତା । ବିଶେଷତଃ ତାଙ୍କ ଭଳି ସଚ୍ଚରିତ୍ର ପୁରୁଷ ଆଉ କିଏ ଏ ମହୀରେ ? ... ...

କିନ୍ତୁ କଥା ହେଉଛି କବିରାଜ ଗୁଡ଼ିଙ୍କୁ ବାରାଙ୍ଗନା ବୋଲି ଜାଣି ଶୁଣି ଓଡ଼ିଶା ସରକାର ଯେ ତାଙ୍କ ପିଛେ କାହିଁକି ଏତେ ଟଙ୍କା ଖରଚ କରୁଛନ୍ତି ତାହା ସର୍ବସାଧାରଣ ବୁଝିପାରୁ ନାହାନ୍ତି । ମହତାବ ଓ ତାଙ୍କ ମନ୍ତ୍ରୀମଣ୍ଡଳ ତେବେ କଣ ଫାନ୍ଦରେ ପଡ଼ି ଠିକ୍ ଏକଥା ଲେଖିଛନ୍ତି? — + —

ଖର୍ଚ୍ଚ କାଟ ଭିତରେ ଗସ୍ତ ଖରଚଟା କାଟ ହେବ ବୋଲି ମହତାବ ଜଣାଇଛନ୍ତି । ମାତ୍ର ଏ ଗସ୍ତକାଟ ମନ୍ତ୍ରୀଙ୍କର ସିଧା ବାଗିଆ ହେବ ନା ଦେଢ଼ା ବାଗିଆ ହେବ । କର୍ମଚାରୀମାନଙ୍କର କାଟ ହେଲେ ସୁଧୀରଘୋଷ ବର୍ଷକରେ ୮୮ ହଜାର ମାଇଲ ଟୁର କରି ୪୪ ହଜାର ଟଙ୍କା କିଜାଣି ନନେବେ କିନ୍ତୁ ଜଣେ ମନ୍ତ୍ରୀ ଯେ ଲାଟଙ୍କ ସହ ସରକାରୀ ଉଡ଼ାଜାହାଜରେ ସର୍ବୋଦୟ ମେଳକୁ ଯାଇ ଭଡ଼ା ଉଡ଼ାଜାହାଜରେ ଯାଇଛନ୍ତି ବୋଲି ଗସ୍ତ ଖର୍ଚ୍ଚ ନେଲେ, ସେ ଭଳି ଯୋଡା ଖର୍ଚ୍ଚକୁ କିଏ କାଟିବ ! ଏମିତି ଜୋଡା ଅଢ଼େଇଆ, ସୁଢ଼ିଆ କେତେପ୍ରକାର ଖର୍ଚ୍ଚ ଅଛି । କାଟ୍ କାଟ୍ ବୋଲି ଈଶ୍ୱର ପାର୍ବତୀଙ୍କର କୋଟି କୋଟି ଅଙ୍କ ହେଲେ ବି ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ ।



Digitized by srujanika@gmail.com

# ଟିକାର ସହକାରୀ

ଲେ—ଅନାମ

ବିଦ୍ୟାଶୂନ୍ୟ ଭଟ୍ଟାଚାର୍ଯ୍ୟ ବୋଲି କେଉଁ ବିଶ୍ୱବିଦ୍ୟାଳୟର ଓଡ଼ିଆ ପାଠକ୍ରମର ଚରମ ଉତ୍ତୀର୍ଣ୍ଣର ଉପାଧି ଥିଲା, ମୋର ଠିକ୍ ମନେନାହିଁ କିନ୍ତୁ ସେଇ ଉପାଧି ଛଡ଼ା ମୋର ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟର ଉପାଧି ସଂଗ୍ରହ କରିବାର ସୁଯୋଗ ନଥିଲା । ଗାନ୍ଧୀ ବୁଢ଼ାଟା ମତାଇ ଦେଲା ସିନା, ମୁଣ୍ଡ ଲଗାଇଲା କେଉଁଠି? ସେତେବେଳେ କହିଲା ସ୍କୁଲ କଲେଜ ଛାଡ଼ି ଚାଲିଆସ । ଆସିଲୁଁ । ଦେଶ ସ୍ୱାଧୀନ ହେଲା । ସ୍ୱାଧୀନ ଦେଶରେ ବି ସେଇ ସ୍କୁଲ କଲେଜର ଉପାଧି ବା ଡ଼ିଗ୍ରୀ ନହେଲେ ଚାକିରୀ ବାକିରୀ କିଛି ମିଳିବାରୁ ନାହିଁ । ଅବଶ୍ୟ କଂଗ୍ରେସ ମନ୍ତ୍ରୀମାନେ ଗୋଟାଏ ଦୁଇଟା ବ୍ୟତିକ୍ରମ କରିଛନ୍ତି । ବିନା ପାସବାଲା କିଏ ଜଣେ ଅଧେ ସେକ୍ରେଟେରୀ ବା ଡାଇରେକ୍ଟର ହେଲେଣି କିନ୍ତୁ ସେଥିପାଇଁ ଯେତେ ଟିଣ ପିଟା ଦରକାର, ଯେତେ ବଡ଼ ବଳିଆ ଓ ତାକୁ ପୋଡ଼ିବା-ପାଇଁ କାଠ ଦରକାର, ଯେତେ ମୃଗିଣୀ ସ୍ତୁତି, ଅହଲ୍ୟା ଉଦ୍ଧାର, ଆରତି ତ୍ରାଣ, କେଶବ-କୋଇଲି ରଚନା ଦରକାର ସେସବୁ ମୋର ଅନୁଭୂତି ଭିତରେ ଆଣି ବିଧାତା ଦୃଷ୍ଟି ଦେଇ ନାହାନ୍ତି । ଫଳରେ ଜଣେ ଭୂତପୂର୍ବ ଜେଲ-ଫେରନ୍ତା କଂଗ୍ରେସ କର୍ମୀର ଉଦର ପୋଷଣର ଉପାୟ କଲାପୋଡ଼ାଇ କିମ୍ବା ସରକାରୀ ପ୍ରଚାର ବିଭାଗର ଯୋନାଲ ଅଫିସର ହେବା ଛଡ଼ା ଅନ୍ୟ ବାଟ ନାହିଁ । କିନ୍ତୁ କଲାପୋଡ଼େଇ-ପାଇଁ ଯେତିକି ଧୈର୍ଯ୍ୟ, ସାହସ, କୌଶଳ ଦରକାର ତାହା ମଧ୍ୟ ନାହିଁ ମୋଠି । ଆଉ ଯୋନାଲ ଅଫିସର ହେବାକୁ ଯେତେ ମିଛ ବାଡ଼ଫଉସି ଦରକାର ସେଥିରୁ ଯେତିକି ହାସଲ କରିଛି, ସେତିକିରେ କଂଗ୍ରେସ ନେତାଏ ସନ୍ତୁଷ୍ଟ ନୁହନ୍ତି; ତେଣୁ ଅଧମ ତାରଣ ଉପାୟ କବିତା ଲେଖା ।

ଓଡ଼ିଆ କବିତା ମା ସରସ୍ୱତୀଙ୍କ ମୁହଁରୁ ବାହାରିଛି । ସେଥିପାଇଁ ଯେ ଡାକିଦେଲ ମା ଶାରଳେ ଝଙ୍କଡ଼ବାସିନି, ତହୁଁ ଆରଦିନ ଠାରୁ ସେ କବି । କିନ୍ତୁ କବି ହେଲେ ତ ପେଟ ପୋଷି ହେବ ନାହିଁ । କବି ହୋଇ ଦୁଇଟିକିଆ କବିତା କୌଣସି ମତେ ତଗର ପଗରରେ ବାହାର କରିଦେଲେ, ହେଲା । ସମ୍ପାଦକଙ୍କୁ ପାନଖିଲେ ବା ସିଗାରେଟଟା ଦେଇ କିମ୍ବା ଆପଣଙ୍କ ଭଳି ସମ୍ପାଦକଙ୍କୁ ଲେଖକ ଦୁନିଆରେ କେବଳ 'ଆପଣ ଲେଖି ପଠାନ୍ତୁ' ବୋଲି ପଇସା ଖରଚ ନକରି ପଦେ ମୁହଁ ଖରଚ କରିଦେଲେ ଯଥେଷ୍ଟ । ତାପରେ ଲେଖା ବାହାରି ପଡ଼ିବ । ତାପରେ ତମେ ଜଣେ ଲେଖକ କବି । ତେଣିକି ବାଟ ଟିକିଏ ଟିକିଏ ଦିଶିଯିବ । ମା ଶାରଳାଙ୍କ ଶରଣ ପଶିଲେ ମୂର୍ଖ କବି ହୋଇଯାଏ । ଆଜିକାଲି ପୁଞ୍ଜିପତି ବା ମନ୍ତ୍ରୀ ଯେଉଁମାନେ ଖବର-କାଗଜ ପ୍ରକାଶ କରୁଛନ୍ତି ସେମାନଙ୍କ ଶରଣ ପଶିଲେ ଗଜା ମଧ୍ୟ ସହକାରୀ ସମ୍ପାଦକ ବା ସମ୍ପାଦକ ହୋଇଯାଉଛନ୍ତି । ଯଥା ପାଣିଗ୍ରାହୀ ପାଢ଼ୀଗ୍ରାହୀ ହେଉଛନ୍ତି, ଭୈରବ 'ଭୋ' ରବା ହେଉଛନ୍ତି, ରାମପ୍ରସାଦ ମଦନପ୍ରସାଦ, ରମେଶଚନ୍ଦ୍ର ଗୋମେଶଚନ୍ଦ୍ର, ଗୟାନାଥ, ଅନାଥ, ନିତ୍ୟାନନ୍ଦ ମିଥ୍ୟାନନ୍ଦ ହୋଇଯାଉଛନ୍ତି । ସୁତରାଂ ଏ ଯୁଗରେ ଅସମ୍ଭବ କିଛି ନାହିଁ । ମାତ୍ର ଏହି ଉଦ୍ଦେଶ୍ୟ ସାଧନ କରିବା କିପରି ଏଇ ଚିନ୍ତା ମୋତେ ଅହର୍ନିଶ ଘାରିଲା । ମୁଁ ପ୍ରତିଦିନ ଖବର କାଗଜକୁ ଚାହିଁ ବସିଥାଏଁ କେଉଁ ଦିନ କେଉଁ କାଗଜରେ ସହକାରୀ ସମ୍ପାଦକ ଆବଶ୍ୟକ ବାହାରିବ କିନ୍ତୁ ସେ ସୁଯୋଗ କେବେ ଘଟୁନଥାଏ । ଦିନେ ଖଣ୍ଡେ କାଗଜ ସ୍ତମ୍ଭ ଦେଖୁ ଦେଖୁ ନଜର ପଡ଼ିଲା ଓଡ଼ିଆ ହିନ୍ଦୀ ବଙ୍ଗଳା ଶିକ୍ଷିତ ଦରକାର ଅନ୍ୟୁନ ଷଷ୍ଠିକାଙ୍କ ନମସ୍ତେ—ତଳେ ଠିକଣା ଦିଆ ଯାଇଥିଲା । ମୁଁ ଦେଖିଲି, କିଛି କିଛି ଜନତା ସଲୁନରେ ଅଛି—ଚୋଟିଆଏ କବିଯଜ୍ଞ—ଯାଦବ ବେକାର ସମସ୍ୟା ଟା ସନ୍ଦିହାନ ପରି ଦୂର ହୋଇଯାଏ କାରଣ ଏତେ ଜମେ ତ ଜଣା ଥାଏ ଯେ ଆଜିକା ଛାତ୍ରୀମାନେ ଯୁବକ କବିଙ୍କ ପ୍ରେମରେ ଯେତିକିଟା ପଡ଼ନ୍ତି ଏମିତି ଅନ୍ୟ କାହାଠି ସେପରି ପଡ଼ିବାର ବା ହରିକାଟରେ ପଡ଼ିବାର ସମ୍ଭାବନା କମ୍ ମିଳେ । ମା ଜର୍ଣ୍ଣୀ ଭରସା ଚୋଖି କରି —ଦରଖାସ୍ତ ଟାଏ ଛାଡ଼ିଦେଲି । ସାତଦିନ ପରେ ଇଣ୍ଟରଭ୍ୟୁ ପାଇଁ କାର୍ଡ ଆସିଲା । କେଉଁ ସେଲୁନ ଓଳିକରେ ଭଲକରି ଦାଢ଼ି ଗୁମ୍ଫ— ନୂଆ ବ୍ଲେଡରେ ଯେଉଁଠି ଯେଉଁଠି କଟିଗଲା ସେଠି ଫିଟକିରି ଘଷି । ଦୁଇ ବେଣୀ ମୁଣ୍ଡ ଏଣ୍ଡ ଭରି ବାହାରି ପଡ଼ିଲି । ନିର୍ଦ୍ଦିଷ୍ଟ ସମୟରେ ତାଙ୍କ ରୁମ ଭିତରକୁ ଅନୁମତି ନେଇ ଆସିଲେ ହଠାତ୍ ମୁହଁ ଦେଇ ମୋ ହାତ ଧରିଗଲା । 'ମାଲେ ମୋ ମୁଣ୍ଡ ରଙ୍କ୍ ବୋଲି ମୁଁ ଆଖି ବୁଜି ଦେଲି—ଏମ୍, ହରିଚଣ୍ଡୀ ବୋଲି ଡାକିଲା ଦେଲାରୁ ମୁଁ କହିଲି କିଛିନା ଏଠି ସାକ୍ଷାତ କରିବ ଚଣ୍ଡୀ! ମୁଁ ଲମ୍ବ ତମ୍ବ ଗୋଡ଼ ତଳେ ପଡ଼ିଗଲି । ସେତିକି ଅଟ୍ଟହାସ କରିଉଠିଲେ । ହସ ହସି ସେ ହସି ହସି ଘର ଭିତରକୁ ଗଲେ ପରେ ମୁଁ ମଞ୍ଚକ ପ୍ରାଣ (ପିଠାନ ହାନ୍ତି) ଟିକି ଧରି ପଳାଇ ଆସିଲି । ପରିଚୟ ବୁଝିଲା ଯେ ଅନୁପଲକ୍ଷ ତେଲଗୁ ବାଏମାସ କିନ୍ତୁ ଏ ଶିକ୍ଷା ଓ ଯୌବନ ଥାଇ ମଧ୍ୟ ସେ ଓଡ଼ିଶାରେ କୌଣସି ମନ୍ତ୍ରୀ ବା ଲାଟଙ୍କୁ ସୁପ୍ରିୟ କରି ପାରିନାହାନ୍ତି । ସେଥିପାଇଁ ଆଜି ଯାଏ ସେ କିମ୍ବା ତାଙ୍କର ପ୍ରତିଯୋଗୀ ସ୍ୱାମୀ କେହି ଚାକିରି ପାଇନାହାନ୍ତି । କିନ୍ତୁ ଏଥିପାଇଁ ସେ ତାଙ୍କର କୁପ ଦାୟୀ ସେ ଦଥା ତାଙ୍କ ଦର୍ଶନ କେବେ ହେଲେ ତାଙ୍କ ଆମ ପ୍ରେମୀ ମନକୁ ଲୁଚାଇ ପାରନାହିଁ । ସେ କହୁଛନ୍ତି ଯେ ହିନ୍ଦୀ, ବଙ୍ଗଳା ଜାଣି ନଥିବାରୁ ପଞ୍ଜାବୀ ବା ବଙ୍ଗାଳୀମାନଙ୍କ ପରି କିଛି ସୁବିଧା କରିପାରୁ ନାହାନ୍ତି । ସେଥିପାଇଁ ତାଙ୍କର ପ୍ରବଳ ଇଚ୍ଛା ସେ କିପରି ବଙ୍ଗଳା ହିନ୍ଦୀ ଓ ଭଲରୂପେ ଓଡ଼ିଆ ଶିଖିବେ । ଯାହା ହେବ ସେଠି ନିଗମ ହୋଇଗଲି । ଏଥର ମୁଁ ପ୍ରତ୍ୟେକ ଖବର କାଗଜ ତାଙ୍କ ପାଖରେ ଦୁହାଇ । ସମ୍ପ୍ରେ କହିଲେ—ନୋ ଭେକେନ୍‌ସି । କେବଳ ଗୋଟିଏ ଖବର କାଗଜ ମାଲିକ ମୋ ସହିତ ଗନ୍ଧକରେ ବସି କହିଦେଲେ ଆଜି କାଲି ଆସି ପରୀକ୍ଷା ଦିଅ । ମୋ ସା-ହେବମାନେ କହି ଉଠିଲେ ଚିଃ ଚିଃ— କାଲି ଆସି ତମେ କାମ ଆରମ୍ଭ କରି ଦିଅ,



Digitized by srujanika@gmail.com



## ମୂର୍ଖ

"ସାହାବ ମୁଁ ଲେଭସାଏଗ, ବୈଠିଏ"। ଯୋଗିଆର ସାହସ ଦେଖି ଡାକ୍ତରେ ରହିଲେ ନାହିଁ। ଆଉ ଜଣେ ରେକ୍ସବାଲ ଆସି-ଥିଲେ, ସାହାବ ମେରା ରିକ୍ସାପେ ବୈଠିଏ। ଯୋଗିଆର ପଛର ସଣ୍ଡେବ ଗଲା ନାହିଁ। ଆଉ ଜଣେ ରେକ୍ସବାଲା ଡାକିଲେ, 'ସାହେବ ଦୟା କରି ଉଅନ୍ତୁ ସାହାବ ମେରା ଦୌଡ଼ିବା ମେରା ରିକ୍ସାପେ ବୈଠିଏ'। ଯୋଗିଆ ମୂର୍ଖ ମୂର୍ଖ ହସି ହସି ସାଙ୍ଗରେ ରହି ମୁଣ୍ଡ ହଲାଉଥାଏ। ଏହି ସମୟରେ ଯୋଗିଆ ରିକ୍ସା ଚଳାଇ ଦୌଡ଼ାଇ ସାହେବ ଆଗରେ ଠିଆ ହୋଇ କହିଲା, "ଗୁଡ୍ ମର୍ଣ୍ଣିଂ ସାହେବ ଆଇ-ଏମ୍ ଥ୍ୟାଙ୍କ୍ ୟୁ ବେରି ବେରି। ସିଟ୍ ମାଇ ରିକ୍ସା।" "ଓ-କେ-ଜନ୍" ବୋଲି କହି ସାହେବ ଯୋଗିଆ ରିକ୍ସା ଉପରକୁ ଡେଇଁ ପଡ଼ିଲେ। ଗଲା ବେଳକୁ କହି ଯୋଗିଆ ବର୍ମା ଡକ୍ଟରୁ ଦୌଡ଼ ଦୌଡ଼ ରିକ୍ସା ନେଇ ଗୁଡ଼ୁଖାଲା। ତା ପଛରେ ଗୋଟିଏ ସଭା ବସି-ଗଲା। ଜଣେ କହିଲା ଏଇ ଅଙ୍ଗ୍ରେଜୀ ଦପଦପ କହିଛି ବୋଲି ସବୁବେଳେ ଯୋଗିଆ ବଡ଼ ସୁବିଧା ନେଉଛି। ତା ରିକ୍ସା ହଜାରେ ଖରାପ ହେଲେ ବି ସାହେବମାନେ ତା ଗାଡ଼ିକୁ ପସନ୍ଦ କରୁଛନ୍ତି ଖାଲି ଏଇ ଅଙ୍ଗ୍ରେଜୀ କଥା ପାଇଁ। ଆଉ ଜଣେ କହିଲା, ଯୋଗିଆ ଥିଲାବେଳେ ସାହେବ ପାଖରେ ଆଉ କେହି ପାଇବେ ନାହିଁ ଏଇଟା ଧରିବାକୁ କଥା। ମାଗା କହିଲା, ଗଲା କୋଉଠି ଥିଲା ବାସନା ପାଇ ଦଉଡ଼ି ଆସିଲା। ମାଗା ସିନା ଏତକ କହିଦେଲା, କିନ୍ତୁ ତା ଛାତିରେ ଗୋଟାଏ ଛନକା ପଶିଗଲା। ଯୋଗିଆ ସିଏ, ସାହେବ ସୁବାଙ୍କ ସାଙ୍ଗେ ତାର କାରବାର। ମିଛଟାରେ ମାନେ ତାର ସବୁ ଚିନ୍ତା କେତେବେଳେ କେଉଁ କଥା। କାଲେ କିଏ ଏମାନଙ୍କ ଭିତରୁ ତା ଆଗରେ ଫୋଡ଼ିଦେବ। ହଠାତ୍ କଥାଟାକୁ ବୁଲେଇ-ଦେଇ ପୁଣି କହିଲା "ଆମ ଯୋଗିଆ ଭାଇ ଯେମିତି ଦି ହାତରେ ରୋଜଗାର କରେ ସେମିତି ଦି ହାତରେ ଖର୍ଚ୍ଚ ବି କରେ। ବିପଦ-ଆପଦକୁ ଗୋଟାଏ ଭରବଡ଼ ସାହା।" ଟିକଲା ହଠାତ୍ ପାଟି କରି ଉଠିଲା, 'ହଁ: ଯା-ଯା-ଆ ମା। ଗଲାଟି ପରଦାନା ମାଷ୍ଟିନବାରେ ଗୋଟାଏ ଗାଡ଼ି"। ଏମିତି ତା ପଛରେ କିଏ ଭଲ କହିଲା, କିଏବା ଖରାପ କହିଲା, କିନ୍ତୁ ଯୋଗିଆ ସେତେବେଳକୁ ବର୍ମା ଡକ୍ଟରୁ ପର ଛୁଟିଥାଏ। ରାସ୍ତାରେ କାହା ପ୍ରତି ଭ୍ରୂକ୍ଷେପ ନାହିଁ। ଧକ୍କା କି କୌଣସି ଦୁର୍ଘଟଣା ପାଇଁ ଚିନ୍ତା ନାହିଁ। କାହିଁକିବା ହେବ ତାର ସବାର ଯେ ମିଲେଟେରୀ ସାହାବ। ବିପଦ ଆପ-ଦକୁ ସେ ଅଛନ୍ତି। ମନେ ମନେ ଭାବୁଥାଏ ଡର କାହାକୁ ଭୟ କାହାକୁ ଠାକୁର ଅଛନ୍ତି ଦେବାକୁ। ସବାର ବି ଯେମିତି ବେଧଡ଼କ ଯୋଗିଆବି ସେମିତି ବେପରୁଆ। ବେଧଡ଼କ ଭାବରେ ଘଣ୍ଟି ବଜାଇ ବଜାଇ ଦଉଡ଼ୁଥାଏ। ମିଲେଟାରୀ ସାହେବଙ୍କ କୋଟମ୍ୟାନ ଘୋଡ଼ାକୁ ଅଡ଼ାଇଲା ପରି ପାଟି କରୁଥାଏ, ଅଉର ଜୋରସେ ଜନ ଅଉର ଜୋରସେ। ଯୋଗିଆ ଅଦ୍ଭୁତ ଜୋରରେ ଦଉଡ଼ିଲା। ତା ମୁଣ୍ଡରୁ ଝାଳ ବାହାରି ଆଖି ଓ ପାଟିରେ ପଶି ଯାଉ-ଥାଏ। ହାତରେ ପୋଛିବାକୁ ଉପାୟ ନାହିଁ। ଦି ଦଣ୍ଡରେ ଦି ହାତ ଲାଗିଛି। ଅନବରତ ଘଣ୍ଟି ବଜାଉଛି। ନେପୋଲିୟନ ଯୁଦ୍ଧ ଭୂମିରେ ଘୋଡ଼ା ପିଠିରେ ବସି ଏକାବେଳକେ ଦୁଇଗୁଣିଆ କାର୍ଯ୍ୟ କରିପାରୁଥିଲେ ବୋଲି ଖ୍ୟାତି ଲଭିଥିଲେ। ଆମ ଯୋଗିଆ ସେ ହିସାବରେ ନେପୋଲିୟନଙ୍କଠାରୁ କିଛି କମ୍ ନୁହେଁ। ରାସ୍ତାରେ କେଉଁଠି ଖାଲି ଦେଖି କାଟିଇ ନେଉଛି, ଲୋକ ଦେଖି ଘଣ୍ଟି ଦେଉଛି, ମୁଣ୍ଡରେ ଭାବ ଗୁଣୁଛି ସାହାବ ତ ସାହାବ, ମୁଁ ତ ଆଇ, ପାଞ୍ଚଟଙ୍କାର ଫାଇଭ୍ ରୁପିସ୍, ନେବାକୁ ଠିକ୍। ସାହାବ ଆଇ ଫାଇଭ୍ ରୁପିସ୍ ଠିକ୍। ସାହାବ ନିଶ୍ଚୟ ପାଞ୍ଚଟଙ୍କା ଦେବ। ମିଲେଟେରୀ ସବାରରେ ତ ଏତିକି ଫାଇଦା। ଏଇ ଘଣ୍ଟାଏ ହେବ ବି ନାହିଁ ପାଞ୍ଚ ଟଙ୍କା। ଆଉ ମୂର୍ଖଗୁଡ଼ିଆ ଏଇ ଦେଶୀ ସବାର ଛି, ଛି ଛି। ଘଣ୍ଟା ଘଣ୍ଟା ଖଟାଇବେ ପଇସା ଦେବେ ଆଠଅଣା କି ଛଅ-

---

(ଅବଶିଷ୍ଟାଂଶ ଶେଷାଂଶ)

ହେଁ ଅରବିନ୍ଦ ସରକାର୍ ଯାଇ ଚନ୍ଦ୍ର ଅଙ୍କରେ ଖବର କାଗଜର ଅଫିସରେ ପହଁଚିଲି। ସମ୍ପାଦକ ମୋତେ ପ୍ରଥମେ ଇଂରାଜୀ ଟେଲିପ୍ରିଣ୍ଟର କପି ଆଣି କହିଲେ—ଏହାର ଅନୁବାଦ କର। ଦୁଇଘଣ୍ଟା ପରେ ସବୁ ସାରୁ ଅଉ ଦୁଇଘଣ୍ଟା ଅଧିକ ପହଁଚିଲି ସକାଳ ୮ଟାରୁ ଦିନ ଟିକାଟ ଯାଏ ମୋର ପରୀକ୍ଷା ସରୁନଥାଏ। ୩ଟା ବେଳେ ମୋର ପରୀକ୍ଷା ସରିଲା। ସମ୍ପାଦକ କହିଲେ 'ଆପଣ ଯାଆନ୍ତୁ, କାଲି ଆସିବେ।' ପରୀକ୍ଷାଫଳ ଜଣାଇ ଦିଆଯିବ।

ବନ୍ଧୁ ଆଗରେ ତହୁଁ ଅରବିନ୍ଦ ଗଳ୍ପ-ବେଳକୁ ମୋର ସ୍ଥାନରେ ଆଉ ଜଣେ ଲୋକ ବସି ପରୀକ୍ଷା ଦେଉଥିଲେ। ସେ ଲୋକଟିକୁ ମୁଁ କାହିଁ ଦେଖି ନାହିଁ। ପଚାରି ବୁଝିଲି ସେ ଜଣେ ଭାରି ଇଞ୍ଜିନିୟରଙ୍କର ଗ୍ରାଜୁଏଟ କେଉଁଠି ଚାକିରି ନ ମିଳିବାରୁ ଶେଷରେ ମାଷ୍ଟର ଧରିବାକୁ ଠିକ କଲେ। ମାତ୍ର ତା ମଧ୍ୟ କପାଳରେ ଜୁଟିଲା ନାହିଁ। ଜଣେ ଭଦ୍ରଲୋକ ଉପାୟ ବତାଇଦେଲେ-ଯାଅ ଖବର କାଗଜରେ କିଛିଦିନ ସହକାରୀ ହେବାର ସଂପାଦକ କାମକର। ସରକାରଙ୍କ ଆଖିରେ ପଡ଼ିବ। ଏବଂ ଚାକିରୀ ମଧ୍ୟ ସହଜରେ ମିଳିବ। କେବଳ ସେ ଏକା ନୁହନ୍ତି ତାଙ୍କର ଦେଖାଦେଖି ଆଉ ଦୁଇ ତିନିଜଣ ବନ୍ଧୁ ମଧ୍ୟ ପରୀକ୍ଷା ଦେବା ପାଇଁ ପ୍ରାର୍ଥୀ ହୋଇ ଉଏଟିଂ ଲିଷ୍ଟରେ ରହିଛନ୍ତି। ମୋର ମନେ ହେଲା ଗୋଟିଏ ଦୋକାନ ଆଗରେ କିଉ ହୋଇ ଠିଆହେଲା ପରି ଉପରନ୍ତୁ ଲୋକେ ଯେମିତି ଠିଆ ହୋଇଛନ୍ତି ଉମେଦବାର ହୋଇ।

ମୁଁ ପଳାଇ ଆସିବା ପାଇଁ ବାଟ ଖୋଜୁଥିଲି। କିନ୍ତୁ ସଂପାଦକଙ୍କୁ କହିଦେଇ ଆସିବା ଲୋଭ ବୋଲି ଭାବି ଯେତେବେଳେ ଖୋଜିଲି ସଂପାଦକ ଗଲେଣି।

ଖବର କାଗଜର ନାମଟା ଜାଣିବାକୁ ନିଶ୍ଚୟ ପାଠକେ ଚାହୁଁଥିବେ। ମୁଁ ଏତିକି କହି ପାରେ ଖବର କାଗଜର ନାମ 'ପରୀକ୍ଷା', ଇଷ୍ଟରଭ୍ୟୁ, ଟେଷ୍ଟ, ଏମିତି କିଛି ନୁହେଁ। ଯଦିଓ କାଗଜଟା କେବଳ ପରୀକ୍ଷା ଓ ଯଦଇଣ୍ଟରଭିଉରେ ଚାଲିଯାଏ।



Digitized by srujanika@gmail.com

# ଡଗର



ଅଣା ସେଥିରେ ଫିକର ମିକର ବୁଝିଗଲା । ତା ଉପରେ ପୁଣି ଜୋକୁ ଦେଖି ଲାଗାଇ ଗଲା । କାଇଁପାଇଁ ପିରଙ୍କ ଦାନ୍ତରୁ ଯଦି କାଟି ଏହାପରି ମିଳେଟା ସବୁର ପାଇବି ତେବେ ଏଇ ମୁଚୁକୁଟିଆଙ୍କୁ ପଚାରେ କିଏ । ତାପରେ ମନେ ମନେ ଖର୍ଚ୍ଚର ତାଲିକା କରିବାକୁ ଲାଗିଲା । "ନାଃ ଗୁରୁବାରିଆ ବୋଉଟା କେତେଦିନ ହେଲା ଝିଅର ଝିଅର କଲାଣି ଆଜି ତାକୁ କୋଡ଼ିଏଟା ଟଙ୍କା ଦେଇଦେବି । ଉହୁଁ, ତାକୁ ଟଙ୍କାଟିଏ, ଘର ଖର୍ଚ୍ଚ ପାଇଁ ଟଙ୍କାଟାଏ ଦେବି । ତାଡ଼ି ପାଇଁ ତିନିଟଙ୍କା ନ ହେଲେ ନ ଚଳେ । ଶଳା ମଗଲୁ ଆଜି ତାଡ଼ି ଖାଇବାକୁ ନ ଡାକିଲେ ଭାରି ରାଗିଲେଇ କରି କହିବ । ହଠାତ୍ ପୁଲିସର ହୁଇସିଲ୍ ଓ ରୋକ୍ ରୋକ୍ ଡାକ ଧ୍ୟାନ ଭାଙ୍ଗିଗଲା । ପ୍ରାଣପଣେ ରିକ୍ସ ଟାକୁ ସେ ରୋକିବାକୁ ଚେଷ୍ଟା କଲା । ହଠାତ୍ ବାଙ୍କରୁ ଗୋଟାଏ ମଟର ଗାଡ଼ିର ଆବିର୍ଭାବ । ଚାରିଆଡ଼ୁ ଲୋକେ ପାଟିକରି ଉଠିଲେ, 'ହାଁ ହାଁ ହାଁ ବାଜିଲା ବାଜିଲା ।' ଯୋଗିଆ ପ୍ରାଣ ବିକଳରେ ରିକ୍ସା ଦଣ୍ଡାଟାକୁ ପୁଲିସର କାଠ ଡାଙ୍ଗ ଆଡ଼କୁ ମୋଡ଼ିଦେଲା । ସୁତାଏ ଅନ୍ତରରେ ମଟର ଗାଡ଼ିଟା ରିକ୍ସା ପାଖଦେଇ ଚାଲିଗଲା । ମଟରର ପବନ ଡାକ ଓ ଧୂଳି ମାଡ଼ ଯୋଗିଆକୁ ବୁଲାଇ ଦେଲା । ରିକ୍ସା ଦଣ୍ଡାଟା ପୁଲିସର ଡାଙ୍ଗରେ ପିଟି ହୋଇଗଲା । ସାହାବ ଫିଟନ୍‌ର ସିଟରୁ ଯାଇ ଯୋଗିଆ ଉପରେ ପଡ଼ିଲେ । ପୁଲିସଟି ସାହାବଙ୍କୁ ଚଟପଟ ଉଠାଇଦେଲା । ଓ ତଳେ ପଡ଼ିଥିବା ଯୋଗିଆର କାନକୁ ଧରି ଟେକି କହିଲା, 'ହାଁ ବେ ଶାଳା ତେରା ନମ୍ବର ବତାଓ ।' ଯୋଗିଆଙ୍କ ଛାଡ଼ିବା ପରି ! ପୁଲିସକୁ ସେ ବାଧା ଦେଇ ଦେଲେ । 'ହାଁବେ ରଖ ରଖ ହାମ୍ ନେକେଇଗା । ପୁଲିସ ଦେଖିଲା' ପୁଲିସଟି ରାଗରେ ତା ଉପରେ ଚଢ଼ାଉ କରିବାକୁ ଯାଉଥିଲା । ଏହି ସମୟରେ ସାହାବଙ୍କୁ ଲକ୍ଷ୍ୟକରି ଯୋଗିଆ କହିଲା, 'ସାହାବ ହ ସେମୁ ଆଇ ବ୍ୟାଡ଼ ।' ସାହାବଟି ପୁଲିସ ଆଡ଼କୁ ଚାହିଁ ଗମ୍ଭୀର ହୋଇ ମିଶିଗଲେ ଓ ରିକ୍ସ ଉପରେ ବସିଯାଇ ଯୋଗିଆକୁ ରିକ୍ସା ନେବାପାଇଁ ଇଙ୍ଗିତ କଲେ । ପୁଲିସଟି ବିଚରା ଚୁପ ହୋଇଗଲା । ଯୋଗିଆ ପୁଣି ଗୋଟିଏ ଗଡ଼ ଟାଣିକି କରି ଦଉଡ଼ିଲା । ଏଥର କିନ୍ତୁ ବଡ଼ ହସି ଆଉ ହୋଇ ଗଲା । ବକ୍‌ସିବଜାରର ଗୋଟିଏ କୋଠା ପାଖରେ ସାହାବ କହିଲେ 'ରୋକନା' । ରିକ୍ସାଟା ଥୋଇଦେଇ ଯୋଗିଆ ମୁଣ୍ଡରୁ ଝାଳ ପୋଛିଲା । ଅଣ୍ଟାରୁ ଗାମୁଛାଟା କାଢ଼ି ଖୋଲି ବାନ୍ଧି ହେବାକୁ ଲାଗିଲା । ସାହାବଟି ଘର ଭିତରକୁ ଚାଲିଗଲେ । ଅଳ୍ପ ସମୟ ପରେ ଘର ଭିତରୁ ଗୋଟିଏ ଚପ୍ରାସୀ ଆସି ଯୋଗିଆକୁ କହିଲା, 'ହେ ବାବୁ ବୁଲାଉଛନ୍ତି ଅନ୍ଦର ଅର୍ଡ଼ ।' ଯୋଗିଆ ଚମକିପଡ଼ି କହିଲା 'ଏଁ' ପୁଣି ଚପ୍ରାସୀ କହିଲା ଆବେ ଅନ୍ଦର ଅର୍ଡ଼ । ଯୋଗିଆ ଠିକ୍ କରି ପାରିଲାନାହିଁ କାହିଁକି ସାହାବ ଡାକୁଛନ୍ତି । ପୋଷା ବିରାଡ଼ି ପରି ସେ ଚପ୍ରାସୀର ପଛେ ପଛେ ସେ ଘର ଭିତରକୁ ଗଲା । ଦେଖିଲା ସାହାବଟି ଆଉ ଗୋଟିଏ ସାହେବ ସହିତ ଗୋଟିଏ ଟେବୁଲ ପାଖରେ ବସିଅଛନ୍ତି । ଟେବୁଲ ଉପରେ ବୋତଲ ଗ୍ଲାସ ଓ କେତେଟି ପ୍ଲେଟ ଥୁଆ ହୋଇଛି । ଯୋଗିଆ 'ଗୁଡ଼୍ ମର୍ଣ୍ଣି ସାହାବ' କହି ସଲାମ ପକାଇଲା । ସାହାବ କହିଲେ, ଓ ହାଁ ବୈଠୋ । ଗୋଟିଏ ସୈନିକ ପରି ଯୋଗିଆ ସେଇଠି ବସିପଡ଼ିଲା । ଏହି ସମୟରେ ଖାନସାମା ଟେବୁଲ ଉପରକୁ ଖାନା ଆଣିଲା । ସାହାବ ଗୋଟିଏ ପ୍ଲେଟରେ ଖାଦ୍ୟ ପଦାର୍ଥରୁ ନିଜ ହାତରେ ସଜାଡ଼ି ଯୋଗିଆ ହାତକୁ ବଢ଼ାଇଦେଲେ । ସାହାବ ଖାଇବସିଲେ, ଯୋଗିଆ ଖାଇଲା । କିଛିକ୍ଷଣପରେ ସାହାବଟି ବୋତଲ ଖୋଲି ଗିଲାସରେ ଅଳ୍ପ ଅଳ୍ପ ଢାଳିଲେ । ତାର ବାସନା ଯୋଗିଆକୁ ଦୋହୋଲେଇ ଦେଲା । ସାହାବ ଟିକେ ଇଶାରା କରି ଚାହିଁ ଦେଖିଲେ, ଯୋଗିଆର ଦୃଷ୍ଟି ଗ୍ଲାସ ଉପରେ ରହିଛି । ଟିକିଏ ମୁରୁକି ହସି ସାହାବ କହିଲେ, 'ତୁମ୍ ପିଏଗା' । 'ହଜୁର' କହି ଯୋଗିଆ ଖାଲିଆଡ଼େ ମୁଣ୍ଡ ହଲାଇଲା । ସାହାବଟି ଲାଇମ୍‌ଜୁସ୍ ଓ ସୋଡ଼ା ଯୋଗ କରି ସେ ଗିଲାସଟିକୁ ଯୋଗିଆ ହାତକୁ ବଢ଼ାଇ ଦେଲେ । ଯୋଗିଆ ଲାଜ ଲାଜ ହୋଇ ଗିଲାସଟିକୁ ଧରିଲା । ସାହାବ ଦିଜଣ ପିଇଲେ ଯୋଗିଆ ବି ପିଇଲା । ଖାନା ସରିବାରୁ ସାହାବ ଯିବାକୁ ଉଠିଲେ । ହାତ ଘଣ୍ଟାକୁ ଚାହିଁ ଦେଇ କହିଲେ ଦେଖୋ ଜନ ଥୋଡ଼ା ଦେର ହୋଗିଆ । ଜଲଦି ଯାନେ ପଡ଼େଗା । 'ଜି ହଜୁର' କହି ଯୋଗିଆ ପ୍ରସ୍ତୁତ ହେଲା । ସାହାବ ରେକ୍‌ସରେ ବସିପଡ଼ିବାମାତ୍ରେ ଯୋଗୀ ପୂର୍ଣ୍ଣ ଦର୍ପ ଉତ୍ସାହରେ ରିକ୍ସା ଧରି ଧାଇଁଲା । ଏଥରକ ରିକ୍ସା ତାକୁ ହାଲୁକା ହାଲୁକା ଲାଗିଲା । କିନ୍ତୁ ଅଳ୍ପ ଅଳ୍ପ ରାସ୍ତାଗୁଡ଼ାକ ତାକୁ କାହିଁକି ଦୋହଲୁଥିବା ଜଣାଗଲା । ଏ ଦୋହଲିବାଟା କ୍ରମେ ବେଶି ବେଶି ଜଣାଯାଇ ଓଲଟି ପଡ଼ିଲା ପରି ଜଣାଗଲା । କଟକ ସହରର ରାସ୍ତା ତା ଦେହରେ ଅଧୁମାରି ଗାଡ଼ ଗୋଟିଏ ଗାଡ଼ରେ ଯୋଗିଆର ଗୋଡ଼ ପଡ଼ିଗଲା । ତାକୁ ଜଣାଗଲା ଯେମିତି ଭୂଇଁ କମ୍ପ ହୋଇ ଯାଉ, ଗଛ ଲୋକ ଓ ମୋଟର ତା ଉପରେ ଅଜାଡ଼ି ହୋଇ ପଡ଼ୁଛନ୍ତି । ଚକ୍ଷୁରେ ଅନ୍ଧକାର ଦେଖି ତାର ସେହି ପାରେ ଧରି ରହିଲା । ଆଉ ହୋସ୍ ଛୁଟିଗଲା । ଯାଡ଼ମୋଡ଼ ହୋଇ ସେ ଯେତେବେଳେ ଆଖି ମେଲାଇଲା ସେ ଦେଖିଲା ଗୋଟାଏ କୋଠରୀର ଖଟ । ଇଲେକ୍ଟ୍ରିକ ପଙ୍ଖାଟା ଘୁଁ ଘୁଁ ହୋଇ ବୁଲୁଛି । ଚାରିଆଡ଼େ ଚାହିଁଲା ଡାକ୍ତର ଆଉ କେତେ ଲୋକ ଖଟିଆରେ ଶୋଇଛନ୍ତି । ମୁଣ୍ଡଟା ତାକୁ ହାଲୁକା ଜଣାଗଲା । ମୁଣ୍ଡରେ ହାତ ଦେଇ ଦେଖିଲା ଗୋଟିଏ ପଟି ବନ୍ଧା ହୋଇଛି । ତା ମୁଣ୍ଡ ଗୋଲମାଳିଆ ହୋଇଗଲା । ପୁଣି ଅଚେତକେ ଶୋଇପଡ଼ିଲା । ଘଣ୍ଟାଏ ବାଦ କଣ ହୋଇଗଲା । ଏଥର ପାଖରେ ଦେଖିଲା ମାଆ ଓ ଆଉ କେତେ ଜଣ ସାଥୀ ରିକ୍ସାବାଲା । ମାଆ ତାକୁ ଚାହିଁ ଥିବାର ଦେଖି ପଚାରିଲା, 'ଯୋଗିଆ ତୁଇ କେମିତି ଲାଗୁଛି ।' ସେ ଦିନ ଯୋଗିଆ ଆଉ କେହି କଥାବାର୍ତ୍ତା କରି ପାରିଲା ନାହିଁ । ତହିଁ ଆରଦିନ ଯୋଗିଆ ଟିକେ ସୁସ୍ଥ ହେଲା । ସଞ୍ଜ ବେଳକୁ ମାଆ ହେଉମା ଯାଇଁ ପହଞ୍ଚିଲେ । ଯୋଗିଆକୁ ଖଟିଆ ଉପରେ ବସିଥିବାର ଦେଖି ସମସ୍ତେ ଖୁସି ହୋଇଗଲେ । ମାଆ ହସି ହସି କହିଲା, 'ଯୋଗିଆ ତୁଇ ଯାହା ହେଉ ପଟକେ ତୋ ଜନମ ସାର୍ଥକ ହୋଇଗଲା । ଆଜିକି ଦିନକେଇ ଏମିତି ସରାପ କାହିଁକି ପିଇଲୁ । ଠାଇଁ ଠାଇଁ ଖାଇ ଧନ୍ଦାରେ ଯିବ । ମଙ୍ଗଳାବାଗ ଠେଇଁ ମୁଁ ଦେଖିଲି ସେ ସାହାବ ତତେ ରିକ୍ସାରେ ପକାଇ ନିଜେ ରିକ୍ସା ଟାଣି ଡାକ୍ତରଖାନା ନେଉଥିଲେ ରାସ୍ତା କଡ଼ଯାକ ଲୋକସବୁ ହସି ହସି ଗଡ଼ିଯାଉଥାଆନ୍ତି । ହବ ଡାକ୍ତରଖାନାର କମ୍ପାଉଣ୍ଡର ଭୁଲେଇରେ



Digitized by srujanika@gmail.com

ସମ୍ଭବ । କିଏ କହୁଥାଏ ନାହିଁ ସମ୍ପ-ରେ ଗାଡ଼ିଟା ଗାଡ଼ ବାଟରେ ନଦୀ ଦେଖା । ସ୍ୱାଦ ସେ କଥା ଘୁଞା କାହିଁକି ଲୁଚିବ । ସେ ରିକ୍ସା ଦଉଡ଼ାଇ ଦଉଡ଼ାଇ ତଳେ ଏଠାକୁ ନେଇ ଆସିଲା । କେବଳ ସେତେ-ବେଳେ ସବାର ହୁଏ ବୋଲି ମୁଁ ଆସି ପାରିଲି ନାହିଁ ।" ସନ୍ଧ୍ୟାବେଳକୁ କାଗଜ ଖଣ୍ଡ, କଣା ଓପିନ ବଣ୍ଡଲ, ସମସ୍ତଙ୍କୁ ସାଙ୍ଗରେ ନେଇ ଏଠାକୁ ଆସିଥିଲେ । ସାହାବଙ୍କ ମଙ୍ଗଳାଙ୍କ ଦାଦାଙ୍କୁ ଡାକ୍ତରଙ୍କ ଠାରୁ ଶୁଣିଲି ବେଶି କିଛି ଖରାପ ହୋଇ ନାହିଁ । ତୋ ରିକ୍ସା ବି ଫାଣ୍ଡି-ରେ ପୋଲିସ ଜମାରେ ଅଛି । ଡାକ୍ତରବାବୁ ବି କହୁଥିଲେ ଯେ ସେ ସାହାବ ବୁଝାଇଦେ-ଲେଣି ତାଙ୍କ କମ୍ପା ଗୋଟିଏ ଦଶଟଙ୍କିଆ ନୋଟ ଦେଇଯାଇ ଅଛନ୍ତି ।" ଧନ୍ୟ ସେ ସାହାବ ଯୋଗିଆର ମୁଣ୍ଡ ଆପେ ଆପେ ସେ ସାହାବ ଉଦ୍ଦେଶରେ ନଇଁ ଆସିଲା । ଦିନ ଦୁଇ ଦିନ ପରେ ଯୋଗିଆ ସୁସ୍ଥ ହୋଇ ଓ ଡାକ୍ତରବାବୁଙ୍କ ଠାରୁ ଦଶଟଙ୍କିଆ ନୋଟ ଖଣ୍ଡ ନେଇ ଡାକ୍ତର ଖାନାରୁ ଘରକୁ ଫେରିଲା ।

\+ \+ \+

ଏଥରକ ଯୋଗିଆ ପ୍ରତିଜ୍ଞା କଲା ଆଉ ସବାରୀ ଟାଣିବ ନାହିଁ । ସାଙ୍ଗ ସାଥୀମାନେ ଭାବିଲେ ଯୋଗିଆ ବଦଳି ଗଲା ହୁଁ ଯୋଗିଆ ବଦଳିଗଲା ତା ସଙ୍ଗେ ସଙ୍ଗେ ତା ଦେଶ ବି ବଦଳିବାକୁ ଲାଗିଲା ଯୋଗିଆ ଅନ୍ତରପାକ ଖାଲି ସହସମିଳିତ ହୋଇଗଲା । ଖାଲି ସାହାବମାନଙ୍କ ଦୁର୍ନାମ ସବୁଠେଇ ସେ ଶୁଣେ । ସବୁଠେଇଁ ଖଦଡ଼-ଲୁଗା ଓ ଟୋପି ପିନ୍ଧା ନେତାମାନେ ପାଟି କରନ୍ତି; 'ଏ ଦେଶର ବିଦେଶୀ ଲୋକଙ୍କ ହାତରୁ ସମ୍ପତ୍ତି ଛଡ଼ାଇ ଆଣିବାକୁ ହେବ ।' ଯୋଗିଆକୁ କିନ୍ତୁ ଏ ସ୍ୱରାଜ ବୁଝିବାକୁ ଭଲ ଲାଗେ ନାହିଁ । ସେ ସେଠାରୁ ପଳାଇ ଆସେ । ସବୁ ସମ୍ପତ୍ତିରୁ ତାକୁ ଅବା ଭାଗ ମିଳିବ ସେ ଜାଣିଲା ତା ଇଚ୍ଛା ଭଳି । ବର୍ଷ ପରେ ବର୍ଷ ବିତିଇ ଯାଉଥାଏ । ସ୍ୱାଧୀନ ସାହାବ ସବାର ପାଇବା ତା ପକ୍ଷରେ ଭାଗ୍ୟର ପାଠ ହେଲା ଓ କ୍ରମେ କ୍ରମେ ଏକଦମ୍ ବନ୍ଦ ହୋଇଗଲା । ସେ ଶୁଣିଲା ଯେ ସାହାବମାନେ ସବୁ ଖଦଡ଼-ଧାରୀଙ୍କୁ ଦେଇ ଚାଲିଗଲେ । ସେ ମନେ ମନେ ଭାବିଲା ଏତେ ଭଲ ଦେଶୀ ଆମମାନେ ସାହାବଙ୍କ ଠାରୁ ବେଶୀ ବୁଦ୍ଧିଆ ଓ ଭଲ । ଏତେ ମୁଣ୍ଡ

ସେମାନେ କେବେ ବି ତାକୁ ଠକନ୍ତି ନାହିଁ । ସେଦିନ ସ୍ୱାଧୀନ ଭାରତ ମନଙ୍କ ଉପରେ ତାର ମନ ଥାଏ । ସେ ମାର୍କେଟରେ ବସିଥିଲା । ହେଲେ ତାକୁ ଜଣେ ଖଦଡ଼ିଆ ବାବୁ କାହାକୁ ଡାକି ତା ରିକ୍ସାରେ ଧଡ଼ାସ କରି ବସିପଡ଼ି କହିଲେ; ଚାଲ ଚାଲ ଆସେମ୍ବ୍ଲି ହଲକୁ ଚାଲ ଯୋଗିଆ ପଚାରିଲା ବାବୁ କେତେ ମିଳିବ । ବାବୁ କହିଲେ 'ଆରେ ଚାଲ ମ ଆସେମ୍ବ୍ଲି ମେମ୍ବର । ଯାହା ଦେବ ନବୁ ନବୁ କିନ୍ତୁ ଚାଲ ନେ । ଆସେମ୍ବ୍ଲି ସମୟ ହୋଇ ଗଲାଣି । ଯୋଗିଆ ଖୁସି ହୋଇ ରିକ୍ସା ଧରି ଦଉଡ଼ିଲା । କିନ୍ତୁ ବେଶୀ ବାଟ ଦଉଡ଼ି ପାରିଲା ନାହିଁ । ପଛକୁ ଗୋଟିଏ ପାଦ କରି ଚାଲିଲା । ରିକ୍ସା ଭିତରୁ ବାବୁ ଘନ ଘନ ହାତ ଘଡ଼ିକୁ ଚାହିଁ କହୁଥାଆନ୍ତି ଆରେ ଆସେମ୍ବ୍ଲି ସମୟ ହୋଇଗଲା ଚାଲ ଚାଲ । ଯୋଗିଆ ବଳବଳ ହାତେ ଦଉଡ଼ି ଯାଇ ପୁଣି ମନ୍ଦେଇ ଯାଏ । ବାବୁଟି କହି କହି ଥକି ପଡ଼ିଲେ । ବାବୁ ବାରମ୍ବାର କହିବାରୁ ଯୋଗିଆ କହିଲା, ବାବୁ ମୁଁ ତ ଗୋଟାଏ ମଣିଷ, ମଟର ପରି କେମିତି ଦଉଡ଼ିବ । 'ହାଣ୍ଟ ଫେଟରା' ତୋର ଲାଗି ଆଜି ଡେରି ହୋଇଯିବ ।' 'ବାବୁ ତୁମେ ଅଉଟିକେ ଆଗରୁ ଆସିଲ ନାହିଁ ? ଚୁପରେ! ଶଳା ମୂର୍ଖ ପାଟି କରନ ! ଶଳା ପଦ ଶୁଣି ଯୋଗିଆର ମୁଣ୍ଡ ଗରମ ହୋଇଗଲା । ସେ ଅଟକାଇ କରି କହିଲା 'ହଁ ବାବୁ ତମଭଳିଆ ବାବୁମାନଙ୍କର ବୋଝ ଯେତେବେଳେ ଆମ୍ଭେ-ମାନେ ବହୁଛୁ, ସେତେବେଳେ ଆମେ ଶଳା ମୂର୍ଖ ନୁହେଁ, ଆଉ କଅଣ ତୁମେ ଶଳା ମୂର୍ଖ ? କଅଣ କହିଲୁ ବେ" ଯୋଗିଆ ଆଉ ଉତ୍ତର ଦେଇ ପାରିଲା ନାହିଁ । ତା ଉପରେ ଆଉ ଗୋଟାଏ ଚାପଡ଼ ମାଡ଼ ବସିଲା । ତାପରୁ ଟାୟାର ଖସିଗଲା । ଯୋଗିଆ ରିକ୍ସା ଥୋଇଦେଇ ଟାୟାରଟିକୁ ଗୋଟେଇ ଆଣିଲା ଏବଂ ତାକରେ ଲଗେଇବାକୁ ଚେଷ୍ଟା କଲା । ଶୁନଶାନ ରାସ୍ତାଟି ଗୁହାଳ କେହିହେଲେ ସାଥି ରିକ୍ସା ବାଲା ନାହାନ୍ତି । ଥିଲେ ଚଞ୍ଚଳ ସଜାଡ଼ ହୋଇ ଯାଇଥାଆନ୍ତା ବାବୁଟି କିନ୍ତୁ ସେତେ-ବେଳକୁ ରାଗ ଓ ବିରକ୍ତିରେ ପାଟି କଲେଣି । ଯୋଗିଆ ବି ଟିକେ ନ୍ୟୁନ ହୋଇ କହିଲା ବାବୁ ଆଉ ପାଞ୍ଚ ମିନିଟରେ ହୋଇଯିବ । ବାବୁ ରାଗରେ ତମ ତମ ହୋଇ କିଛି କହି ପାରିଲେ ନାହିଁ । ଠିକ ଏହି ସମୟରେ ଜଣାଶୁଣା ପଡ଼ିଆ



ଉଡ଼ାଇ ଗୋଟିଏ ମଟର ସେଠାରେ ଅଟକି ଗଲା । ଭିତରୁ ଜଣେ ମୋଟା ବାବୁ ଏ ବାବୁଙ୍କୁ ଡାକିଲେ । 'ଆସନ୍ତୁ କାରରେ ଚାଲନ୍ତୁ । ଆସେମ୍ବ୍ଲି ଟାଇମ ହୋଇଗଲାଣି ।' ବାବୁଟି କାରରେ ଯାଇ ବସିଲେ । ଯୋଗିଆ ପଇସା ମାଗି ଉଠିଲା 'ବାବୁ ଏଇଠିକ ରାସ୍ତା ଡାହାଣ ହେଲେ ମୋର ଭଡ଼ା ଦେଇଯାଆନ୍ତୁ ।' ନ ଶୁଣି ପରି ଗଲେ ଅଲ୍ଟ ଗୁରୁତ୍ବ ସତେକି ନ ମିଳିବ କିଏ ମୋଟା ହୋଇ ବାବୁ ଗର୍ଜି ଉଠିଲେ । 'ଚୁପ ଶଳା ବଦମାସ ଏକ କଉଡ଼ି ବି ଦେବି ନାହିଁ । ଜାଣିଛୁ ନା ମୁଁ କିଏ ?' ଯୋଗିଆ କ ଲେଡ଼ ବାଟା ସେଠା କିଛି ଗୋଟାଏ ଖରାପ କାମ କରି ନାହିଁ । ଡ୍ରାଇଭ କରୁ । ମଟର ବାଡ଼ାକୁ ଧରି ପକାଇଲା । ରଖ ରଖ ବାବୁ ତମ କାଲି ଆଖି ରଖ । ତୁମରି ଭଳି କେତେ ଖାଦି-ଟୋପିବାଲା ଖଦଡ଼ିଆଙ୍କୁ ଏଇ ରିକ୍ସାରେ ବସାଇ ମସଜିଦ ଗଳି ନେଇଛି । କେତେ ବାବୁଙ୍କୁ ଏମୋରିୟମ ଓ ବଲମୋରିଆ ଘଟିକି ନେଇଛି । କେତେ କଳାପୋଡେଇ କଳାଖ ଏଇ ରିକ୍ସାରେ ବୋହି ତୁମରି ଭଳିଆ ବାବୁଙ୍କ ଘରମାନଙ୍କରେ ଦେଇଛି । କେତେ ଦରଘର ଝିଅ ବୋହୁ ଏଇ ରିକ୍ସାରେ ନେଇ ତୁମରି ପରି ବାବୁ ମାନ-ଙ୍କର ମଜାଲିସଖାନାରେ ଛାଡ଼ିଛି । ଆଉ ବାକି ଥିଲା ଜାଣିବାକୁ ତୁମରି କଥା । ଯେ ବି ମୂଲିଆଙ୍କୁ ମୂଲ ନଦେଇ ପଳେଇ ଯାଏ । ମୋର ହକ ପଇସା ନଦେଲେ ମୁଁ କେବେ ଛାଡ଼ିବ ନାହିଁ । ଡ୍ରାଇଭରଟି ଗର୍ଜି ଉଠିଲା । ଆବେ ଛାଡ଼ । ଯୋଗିଆ କହିଲା ନା ଛାଡ଼ିବ ନାହିଁ । ଡ୍ରାଇଭରଟି ହଠାତ୍ କାର୍ ଚଲେଇ ଦେଲା । କାରଟି ଗୋଟିଏ ଝିଙ୍କା ମାରି ଆଗକୁ ଚାଲିଗଲା । ଯୋଗିଆ ହାତରୁ ମଟର ବାଡ଼ାଟା ଖସିଗଲା । ସେ କଚଡ଼ା ହୋଇ ତଳେ ପଡ଼ିଗଲା । କେବଳ ସେତିକି ନୁହେଁ । ଦୁର୍ଯୋଗରୁ ତା ପାଦ ଉପରେ ତା ପଛ ଚକଟି ଚାଲିଗଲା । ପାଦ ହାଡଟିକ ଚୂନା ହୋଇଗଲା । ଯନ୍ତ୍ରଣାରେ ଛଟପଟ ହୋଇ ସେ ଅସହାୟ ଅବସ୍ଥାରେ ସେଠାରେ ପଡ଼ି ରହିଲା । ଡାକ୍ତରଖାନାରେ ଭର୍ତ୍ତି ହୋଇ ଗଲା । ମନେ ମନେ କେତେ ଥର ଭାବିଲା । ସାହେ-ବଙ୍କଠାରୁ ଏମାନେ କେଉଁ ଗୁଣେ ଭଲ ସେ

୯ ପୃଷ୍ଠା ଦେଖନ୍ତୁ

Digitized by srujanika@gmail.com

## ହେ ମୋ ପ୍ରିୟତମା

ଲେ — ଶ୍ରୀ ଯଦୁନାଥ ଦାଶ ମହାପାତ୍ର

ହେ ମୋ ପ୍ରିୟତମା, ତୁମେ କି ପାରିବ ଚାଲି,
କଂଟକମୟ ଦୁର୍ବାର ବନ ପଥେ,
ହିଂସ୍ର ପଶୁର ଚମ୍ପିତ ମହାଗାନ
କୋମଳ ତୁମର ବକ୍ଷ ଦେବନି ଜାଳି?

ଝଞ୍ଜାର ଯହିଁ ବିପ୍ଲବ-ଗୀତ ଉଠେ,
ଫୁଲଝରି ସମ ଗୋଳାପ ପଡ଼ଇ ଝରି
କଂକାଳ କେତେ ନିଜର ହତ୍ୟା ରଚେ,
ରକ୍ତର ଢେଉ ବନ୍ଧୁ ଦୂରେ ଦୂରେ ଛୁଟେ ।

ହେ ମୋ ପ୍ରିୟତମା ତହିଁକି ପାରିବ ଚାଲି,
ଜୀବନ ଯୁଦ୍ଧେ ଯହିଁ ଗୋ, ସାହାରା ବାଲି ?

ହିମାଳୟ ତଳ ଶୁଭ୍ର ତୁଷାର ରେଖା,
ରାଜପୁତାନାର ଲକ୍ଷ ସିକତା ଶିର,
ବଂଗ ଦେଶର ମୌସୁମୀ ଭରା ପ୍ରାନ୍ତେ,
ଆଗୋ ସହଚରୀ, ତୁମେ କି ପାରିବ ଚାଲି ?

ଜୀବନ ଯୁଦ୍ଧେ ରକ୍ତ ଅଦ୍ଭୁତ ଗୃହିଁ,
ନର୍ମ ପାଦକୁ ପ୍ରସ୍ତର ପରି କରି'
ତେବେ ଯାଇଁ ସଖି, ମୋ ସାଥେ ପାରିବ ଚାଲି,
ଦୁଃଖ କଠୋର ଜୀବନ କବିତା ଗାଇ !

ହେ ମୋ' ପ୍ରିୟତମା, ସତେ କି ପାରିବ ଚାଲି
ଦୂରନ୍ତ ଏଇ ପୃଥିବୀର ନିଶ୍ୱାସେ,
ଅଙ୍ଗ ଲତିକା ଝାଉଁଳି ପଡ଼ିବ ନିକି'
ଜୀବନଟା ଖାଲି ଭରି ଗୋ ସାହାରା ବାଲି ।

ଏ' ଜୀବନେ ନାହିଁ ସୁରଭି ପୁଷ୍ପ ବାସ,
ନାହିଁ ଏଥି ସଖି, ଜ୍ୟୋସ୍ନା ରାତିର ଗୀତ.
ମହାନଦୀ ବୁକେ ଜ୍ୟୋସ୍ନା ବିହାର ଲୀଳା
କାଲି ମରିଯାଏ ଆଜର କୁସୁମ ବାସ ।

ଦୂରଗମ ପଥେ ଝଞ୍ଜାର ବଟା ଜାଳି,
ହେ ମୋ' ପ୍ରିୟତମା ତୁମେ କି ପାରିବ ଚାଲି ?

—…○✻○…—

## ନିଜ ଚୂରୀ

ଶ୍ରୀ କୁବେର ଦଳାଇ ବି, ଏ

ସରମେ ନଯାଅ ମରି ହେ କେସନ
ସରମେ ନଯାଅ ମରି
ନିଜେ ନିଜେ ନିଜ ଗୁଣ ଗାଇ ବୁଲି
ଗୋଡ଼ ପାଲଟାଇ ଶିରି
ନ ଥାଉ ପଛକେ ଅପରର ଜ୍ଞାନ
ଶୁଣିବାକୁ ଏହି ଫାମା ଯଶଗାନ
ଦାଣ୍ଡେ ବାଟେ ଘାଟେ ଗାଇ ବୁଲୁଥାଅ
ଗଡ଼ କଣ୍ଠ ଥିଲା ପରି,
ସରମେ ନ ଯାଅ ମରି ହେ କେସନ
ସରମେ ନଯାଅ ମରି ।

ଦୁନିଆଁକୁ ସତେ ଏତେ ଜଡ଼ ଅନ୍ଧ
ବିଚାର ନାହିଁ ତା ତଳେ
ତମ କଥା କରି ଦେବ ବାଣୀ ନେବ
ବିନା ବିଚାରରେ ଶିରେ!
ତମରି ବିଭବ ତମରି ଗରିମା
ଜଣା ଅଛି ଚୂପ ଦେଖା ଅଛି ସୀମ ,
ତମ ମୁଖେ ଯାହା ହମ-ଧାମ ଲେଖେ
ସାନ ଧୂଳି କଣା ସବୁ ।
ସରମେ ନଯାଅ ମରି ହେ କେସନ
ସରମେ ନଯାଅ ମରି

ଏଇ ଜଳ କେତେ କଳା ଧଳା କରି
ପାଣିରେ ପକାଇ ସବୁ,
ଦୁନିଆଁରୁ ଠକେ ଗଢ଼େ ଅମଙ୍ଗଳ
ଲାଗେ ଚକ୍ରେ କେତେ ଘରା
ଉପର ଚାକଣ ଦେଖି ଗଲେ ଭୁଲି
ନିଜ କଳା ରୂପ ଦଶଇ ଚହଟି,
କାଁ । ଭେଲକିରେ ଲୋକ ଭୁଲାଇବା
ହୁଅଇ ସପନ
ସରମେ ନଯାଅ ମରି ହେ କେସନ
ସରମେ ନଯାଅ ମରି

---

ଏମାନଙ୍କ ହାତକୁ ଗାଦି ଚାଲି ଆସିଲା । ପୂର୍ବ-ଥର ଡାକ୍ତରଖାନାରୁ ଫେରିବା ବେଳେ ଦଶ ଟଙ୍କା ନେଇ ଫେରିଥିଲି । ଏଥର କାନ୍ଥ ଗୋଡ଼ଟିକୁ ଦେଇ ଫେରିଲି । ସେଥରସବାର ଥିଲେ ସାହାବ, ଏଥରକ ସବାର ଥିଲେ ଗାନ୍ଧି ଟୋପି ବାଲା ଖଦଡ଼ଧାରୀ ବାବୁ । ସେ କହେ, ନାଃ ସାହାବ-ମାନେ ଢେର ଭଲ । ସେ ବି ଧୋବ ଧାଉଳିଆ ପାଠୁଆ ବାବୁମାନଙ୍କୁ ବେଳେବେଳେ ଏହାର ସତ୍ୟତା ପ୍ରତିପାଦନ କରିବା ଲାଗି ପଚାରେ । ସମସ୍ତଙ୍କଠାରୁ ଏକ ରକମକାର ଉତ୍ତର ଆସେ । 'ତୁ ମୂର୍ଖ ତତେ କଣ ବୁଝେଇବୁ ।' ତାର ସାଥୀମାନଙ୍କୁ ପଚାରିବାକୁ ଇଚ୍ଛା ହୁଏ ନାହିଁ । କାରଣ ସେମାନଙ୍କଠାରୁ ସେ ନିଜକୁ ବୁଦ୍ଧିଆ ବୋଲି କହେ । ଧୋବ ଧାଉଳିଆଙ୍କ କଥା ଶୁଣି ବେଳେ ବେଳେ ତା ମନରେ ଖଟକା ଲାଗେ । କହେ ସତେ କଣ ମୁଁ ମୂର୍ଖ ।

ଲେଖକ—ଫକୀରାନନ୍ଦନ



Digitized by srujanika@gmail.com



## ବୁଣାବୁଣି

ଉଲ ବ୍ଲାଉଜ ପାଇଁ ନମୁନା :—ନମୁନାଟି ୧୩ ଘରର । ବିଶଲ୍ଲଇନ୍‌ରେ ନମୁନା ଶେଷ ହୁଏ । ବ୍ଲାଉଜ୍‌ର ଆରମ୍ଭରେ କଲେ, ୧୩ ରରେ ଛାଡ଼ିଥିବା ଘରି ଘର ନେବ ଏବଂ ନମୁନା ମଝିରେ ଯଦି ଏକ ଘର କିମ୍ବା ଦୁଇ-ର ଓଲଟା ନେବାକୁ ଇଚ୍ଛା କରନ୍ତି ତେବେ ଅଳ୍ପ ବେଶୀ ଘର ନେବାକୁ ପଡ଼ିବ । ପ୍ରଥମ-ଧାଡ଼ି :—ଏକ ଘର ଖାଲି ତୋଳି ନେବେ (ବାମ କଣ୍ଟାରେ ସମସ୍ତ ଘର ରହିଥିବ) ଡାହାଣ କଣ୍ଟାରେ ତାପରେ ସିଧାଟିଏ ବୁଣି ତୋଳିନେବା ର ଭିତର ଦେଇ ସେହି ବୁଣିଥିବା ଘରଟି ଗଳାଇନେଇ ତୋଳିନେବା ଘରଟି ଛାଡ଼ି ଦେବେ । ତାପରେ ୪ ସିଧା, ଆଗ ପାଖରୁ ସୂତା ଆଣି ସିଧା ଗୋଟିଏ ବୁଣିବେ, ଆଉଥରେ ଆଗ ପାଖରୁ ସୂତା ଆଣି ପୂର୍ବପରି ଗୋଟିଏ ସିଧା ବୁଣିବେ, ୩ ସିଧା । ଯୋଡ଼ା ।

ଦ୍ୱିତୀୟ ଲାଇନ୍ :—ସବୁ ଓଲଟା ।

ତୃତୀୟ ଲାଇନ୍ :—ପ୍ରଥମ ଧାଡ଼ିପରି ଏକ ଘର ତୋଳି ନେଇ ଗୋଟିଏ ସିଧା ବୁଣି ତୋଳା ଘରଟି ଛାଡ଼ିଦେବେ, ୩ ସିଧା, ଆଗରୁ ସୂତା ଆଣି ୩ ସିଧା ଦୁଇଥର ବୁଣିବେ । ଯୋଡ଼ା —ଚତୁର୍ଥ ଧାଡ଼ି—ସବୁ ଓଲଟା । ପଞ୍ଚମ ଧାଡ଼ି :—ପ୍ରଥମ ଧାଡ଼ି ପରି ଏକଘର ତୋଳିନେଇ ଗୋଟିଏ ସିଧା ବୁଣି ତୋଳା ଘରଟି ଛାଡ଼ିବେ, ୨ ସିଧା, ଆଗରୁ ସୂତା ୧ ସିଧା, ଆଗରୁ ସୂତା ଆଣି ୨ ସିଧା, ଯୋଡ଼ା । (ଯୋଡ଼ା ଅର୍ଥ ଦୁଇ ଏକତ୍ର) । ଷଷ୍ଠ ଧାଡ଼ି :—ସବୁ ଓଲଟା । ସପ୍ତମ ଧାଡ଼ି—ଏକଘର ତୋଳି ନେଇ ସିଧା ବୁଣି, ତୋଳି ଥିବା ଘରଟି ପୂର୍ବପରି ଛାଡ଼ିଦେଲା ପରେ ସିଧା, ଆଗରୁ ସୂତା ଆଣି ୨ ସିଧା, ଆଗରୁ ସୂତା ଆଣି ସିଧା, । ଦୁଇଏକତ୍ର । ଅଷ୍ଟମ ଧାଡ଼ି—ସବୁ ଓଲଟା । ନବମ ଧାଡ଼ି—ଗୋଟିଏ ର ତୋଳିନେଇ, ଏକ ସିଧା ବୁଣି ଠିକ୍ ପୂର୍ବପରି କରିବେ, ଆଗରୁ ସୂତା ଆଣି ୯ ସିଧା ଆଗରୁ ସୂତା ଆଣି ଗୋଟିଏ ଦୁଇଏକତ୍ର । ଦଶମ ଧାଡ଼ି ସବୁ ଓଲଟା ।

ନମୁନାଟି ବ୍ଲାଉଜର ସିଧା ପଟରୁ ହିଁ ଆରମ୍ଭ କରିବେ ।

କୃଷ୍ଣ କୁମାରୀ ମିଶ୍ର ।

## ରନ୍ଧାବଢ଼ା

ଡେଙ୍ଗୁଳି ଫୁଲ ଭଜା—ଡେଙ୍ଗୁଳି ଫୁଲ ବଟାଭାଇ ବଟା ଲଙ୍କାମରିଚ ଲୁଣ ପରିମାଣ ଅନୁସାରେ, ତେଲ ଅଧ ଛଟାଙ୍କିଏ ଫୁଟଣ-ମସଲା ଓ ଲଙ୍କା ରଖ ।

ଫୁଲକୁ ଭଲକରି ପାଣିରେ ଧୋଇ ଡେମ୍ଫ ଗୁଡ଼ିକ ଛଡ଼ାଇ ଦିଅ । ପାକପାତ୍ର ଚୁଲିରେ ବସାଇ ପାଣି ଗରମ କରି ଫୁଲକୁ ପକାଅ; ସିଝିଗଲେ ପାଣି ତକ ଗାଳି ଦିଅ । ପାକ ପାତ୍ର ତଳକୁ ଓହ୍ଲାଇ ରଖ । ଆଉ ଗୋଟିଏ ପାକ-ପାତ୍ରରେ ତେଲ ତକ ଦେଇ ଲଙ୍କା ମରିଚ ଓ ଫୁଟଣମସଲା ଫୁଟାଇ ଫୁଲକୁ ପକାଇ ଭଲ କରି କଷିଦେଇ ଓହ୍ଲାଅ । କିଛିକ୍ଷଣ ପରେ ବାଇ ଓ ଲୁଣ ଗୋଳାଇ ଦେବ ।

ଏହାର ଆସ୍ୱାଦ ଖଟା । ଏଣୁ ବାଇଲାଗି ବେଶ ଉପଯୁକ୍ତ ଓ ମୁଖ ରୋଚକ ।

ମାଂସର ପ୍ରଲେହ—ସମସ୍ତ ପ୍ରକାର ମାଂସରେ ପ୍ରଲେହ କରାଯାଏ । ମାଂସ ଅଧ-ସେର, ଘିଅ ଅ ଅଧଛଟାଙ୍କି, ବୁଟ ବେସନ ଅଧଛଟାଙ୍କି, ପିଆଜ ଦିତୋଳା, ବାଦାମ ଅଧଛଟାଙ୍କି ସୁସ୍ତ ଅଧଛଟାଙ୍କି କସମିସ ଏକ ଛଟାଙ୍କି ଦହି ଦୁଇଟା, ଅଦା ଏକତୋଳା ମରିଚ ଅଧଭରି, ଲେମ୍ବୁ ଏକଗୋଟା, ଛୋଟ ଗୁଜରାଟ ଗୁଣ୍ଡ ଦୁଇ ଅଣା ଓଜନ । ଲବଙ୍ଗ ଗୁଣ୍ଡ ଦୁଇ ଅଣା ଓଜନ, ଡାଲଚିନି ଗୁଣ୍ଡ ଦୁଇଅଣା ଓଜନ ଓ ଚିନି ଏକ ଛଟାଙ୍କି ସଂଗ୍ରହ କରି ରଖ ।

ଗୋଟାଏ ପାକପାତ୍ରରେ ଲେମ୍ବୁରସ ଓ ଚିନି ମିଶାଇ ଜ୍ୱଳନ୍ତା ନିଆଁରେ ବସାଇବ । ପାଣି ସାମାନ୍ୟ ଗାଢ଼ ହେଲେ ଅନ୍ୟ ପାତ୍ରରେ ଢାଳି ରଖିବ ।

ତତ୍‌ପରେ ଚୁଲିରେ ପାକପାତ୍ର ବସାଇ ଘିଅ ଦିଅ । ଗରମମସଲା ପକାଇ ଆସ୍ତେ ଆସ୍ତେ ଭାଜୁଥିବ । କଞ୍ଚା କଟା ମାଂସକୁ ସେଥିରେ ଦେଇ କଷି ପାଣି ବାହାରି ମରିଗଲେ ଘାଣ୍ଟି ଓହ୍ଲାଇ ରଖିବ । ପରେ ତହିଁରେ ଲେମ୍ବୁ-ରସ, ବେସନ ଓ ଦହିର ହଳଦିଆ ଅଂଶ ଦେଇ କେଟି ବରଫି ଆକାରରେ ପ୍ରସ୍ତୁତ କରିବ । ତତ୍ପରେ ଗୋଟିଏ ହାଣ୍ଡିରେ ଜଳ ପୂର୍ଣ୍ଣ କରି ତାର ମୁହଁରେ ଲୁଗା ବାନ୍ଧିବ ହାଣ୍ଡିକୁ ଚୁଲିରେ ବସାଇ ପାଣି ଫୁଟିବାର ଜାଣିଲେ ସେ ଗୁଡ଼ିକ ଲୁଗା ଉପରେ ଦେଇ ସିଦ୍ଧ କରିବ । ସିଝି ଟିକିଏ ଶକ୍ତ ହେଲେ ଓହ୍ଲାଇବ । ପାକ ପାତ୍ରରେ ଘିଅ ଢାଳି ସେ ଗୁଡ଼ିକ ବାଦାମୀ ଧରଣରେ ଭାଜିବ । ଭଜା ହେଲେ ପୂର୍ବ ପ୍ରସ୍ତୁତ ଗାଢ଼ ଲେମ୍ବୁ ଓ ଚିନି ରସ ଦେବ । ବର୍ତ୍ତମାନ ଅବଶିଷ୍ଟ ବୁଟ ମାଂସରେ ସମସ୍ତ ମସଲା ଓ ପିଆଜ ଦେଇ ଚୁଲିରେ ବସାଇବ ସିଝି ଗଲେ ସେଥିରେ ବାର ଡିବା ଲି ଦେବ ମୃଦୁ ଜାଳ ଦେଇ କିଛିସମୟ ପରେ ସେଥିରେ କିସ୍‌ମିସ୍ ବଟା ଇତ୍ୟାଦି ଓ ଜାଫରାନ ଓ ଗରମ ମସଲା ଚୂର୍ଣ୍ଣ ଦେବ । ପାଣି ମରିଗଲେ ସାମାନ୍ୟ ଝୋଳଥାଇ ଓହ୍ଲାଇ ରଖ ।

ଏହାକୁ ପ୍ରଲେହ କହନ୍ତି । ଏହା ଉପାଦେୟ ଓ ସ୍ୱାଦୁକର ହୁଏ ।



ଅନୁପମା ଦାସ



Digitized by srujanika@gmail.com



## କାବ୍ୟକବିତା

କମଳାୟନ— (କାବ୍ୟ) ଶ୍ରୀ ମାୟାଧର ମାନସିଂହ — ପୃ୧୯୫ପୃଷ୍ଠା—ଦୁଇଟଙ୍କା ଏ କାଳର ଗୋଟିଏ ସାଧାରଣ ଜୀବନ କାହାଣୀକୁ ଆଶ୍ରୟକରି କମଳାୟନ କାବ୍ୟ ରଚିତ । କାବ୍ୟ ମାନଙ୍କରେ ଯେପରି ସବୁ ଅଦ୍ଭୁତ, ଆକସ୍ମିକ, ଉତ୍ତେଜନାପୂର୍ଣ୍ଣ ଘଟଣାବଳୀର ସମାବେଶ ଥାଏ, ସେହି ଚିରାଚରିତ ପ୍ରଥାରୁ ବାହାରି ଯାଇ ଅତି ସ୍ୱାଭାବିକ ଏ ଯୁଗର ଜୀବନ କାହାଣୀ ଉପରେ କବି କାବ୍ୟ ରଚନା କରିଛନ୍ତି ଜାଣିଶୁଣି । ତାଙ୍କର ପରୀକ୍ଷା ସଫଳ ହୋଇଛି ବୋଲି ନିଃସନ୍ଦେହରେ କୁହାଯାଇ ପାରେ । କେବଳ ଅତି ସ୍ୱାଭାବିକ ଓ ବାସ୍ତବ କରିବାକୁ ଯାଇ ଯଥେଷ୍ଟ ରସସୃଷ୍ଟି ହୋଇ ପାରି ନାହିଁ ବୋଲି ମନେହୁଏ ।ବୋଧହୁଏ ହୋଇ ଗଦ୍ୟରେ ଲେଖିଥିଲେ ଚରିତ୍ରଗୁଡିକ ଅଧିକ ଫୁଟି ପାରି ଥାଆନ୍ତା । ଛନ୍ଦ, ଯତି, ମିତ୍ରାକ୍ଷର ଶୃଙ୍ଖଳା, କବିଙ୍କର ସହଜ ଭାବ-ବିଳାସ ଓ ଭାଷା ବିକାଶକୁ ବହୁ ସ୍ଥଳରେ ପ୍ରତିହତ କରିଛି । ମାଳତୀ ନାମର ପତ୍ନୀଟି ସ୍ୱାଭାବିକ କାରୁଣ୍ୟରେ ଏତେ ମଧୁର ଯେ କେବଳ ସେତିକ କବିଙ୍କର ସିଦ୍ଧ କବିତ୍ୱର ପରିଚୟ ଦେଉଛି । କବି ଦେଖାଇଛନ୍ତି ଦେଶ ପ୍ରେମ ଓ ବିଶ୍ୱପ୍ରେମର ଆକର୍ଷଣ ଠାରୁ ଜନ୍ମମାଟିର ମୋହ କେତେ ଅଧିକ । ପ୍ରତ୍ୟେକ ଶିକ୍ଷିତ ଯୁବକ ଯୁବତୀଙ୍କୁ ଆମର ଅନୁରୋଧ ମନ ଦେଇ ଥରେ କମଳାୟନ ପଢ଼ନ୍ତୁ ।

÷ + +

ପ୍ରିୟା—ଶ୍ରୀସଚ୍ଚିଦାନନ୍ଦ ଦାସ । ୮୫ ପୃଷ୍ଠାର ଖଣ୍ଡକବିତା ପୁସ୍ତକ । ଶୃଙ୍ଗାର ରସକୁ ସଫଳ କରିବା ପାଇଁ ଛନ୍ଦଗୁଡିକ ବହୁ ରୂପ ନେଇଛନ୍ତି । ଭାଷା ମଧ୍ୟ ତଦୁପଯୋଗୀ ଲଳିତ ହୋଇଛି । ଲେଖକ ନୂତନ ହେଲେହେଁ ଲେଖାରେ କମନୀୟତା ସୁସ୍ପଷ୍ଟ ।ଲେଖାରେ ମାନସିଂହଙ୍କ ମାୟା, ଅନୁକରଣର ସାମାନ୍ୟ ଛାପ କଲାପରି ମନେ ହୁଏ ।

ମାଟିବାଣୀ—ଶ୍ରୀ ମାୟାଧର ମାନସିଂହ ପୃ୧୧୬ପୃଷ୍ଠା-ମୂଲ୍ୟ ୫୧ । ଏଥିରେ ସର୍ବମୋଟ ବିଷୟରେ କେତୋଟି କବିତା ଥିଲେହେଁ ଗୋ୨୯ଟି କବିତା ଅଛି । ପଲ୍ଲୀର ଗୃହୀଙ୍କ ଏ ପୁସ୍ତକର 'ମାଟିବାଣୀ' ନାମର ସାର୍ଥକତା ଜଣା ପଡୁନାହିଁ । ଏଥିରେ ଥିବା 'କଣ୍ଟକାଟ' ଭାରି ସୁନ୍ଦର ଓ କବିଙ୍କର କୋମଳ କାରୁଣ୍ୟ-ମୟ ହୃଦୟର ପରିଚୟ ଦେଉଛି ।

କେମା—ଶ୍ରୀମାୟାଧର ମାନସିଂହ-ପୃ୯୪ପୃଷ୍ଠା ମୂଲ୍ୟ ବାରଅଣା । ଆଧୁନିକ ସମାଜର ଗୋଟିଏ କାହାଣୀକୁ ଆଶ୍ରୟ କରି ସୁକରୁଣା ବୃତ୍ତରେ ରଚିତ ଖଣ୍ଡିଏ କାବ୍ୟ । କବି ମାୟାଧର ଲିରିକ୍ ଲେଖିବାରେ ଯେଉଁ କୃତିତ୍ୱ ଦେଖାଇଛନ୍ତି କେମାରେ ତାହା ଦେଖାଇ ପାରି ନାହାନ୍ତି ବୋଲି ମନେ ହୁଏ ଛନ୍ଦର ଶିକୁଳି ତାଙ୍କ ଭାବ ବିଳାସର ସ୍ୱଚ୍ଛ ଗତିକୁ ପ୍ରତିହତ କଲାପରି ଲାଗେ । କାହାଣୀରେ ବିଶେଷତ୍ୱ ନାହିଁ । ତଥାପି କବିଙ୍କ ପ୍ରତିଭା ବଳରେ ବହିଟି ସୁଖପାଠ୍ୟ ହୋଇଛି ସେପରି ।

## ସଙ୍ଗୀତ

ଗୀତିକା—ଲେଖକ ଶ୍ରୀଗୌରମୋହନ ପ୍ରଧାନ, ମୂଲ୍ୟ ମାତ୍ର ୫୦ ଏ ସଙ୍ଗୀତ ଗୁଡ଼ିକ ଛୋଟ ଛୋଟ ସଙ୍ଗୀତ । ୨୫ଟି ସଙ୍ଗୀତରେ ଗଢ଼ା ଅବୟବ । ଗୀତ ଗୁଡ଼ିକ ଉପରେ କାନ୍ତକବିଙ୍କର 'ଜୀବନ ସଙ୍ଗୀତର ପ୍ରଭାବ ଅତି ସ୍ପଷ୍ଟ । ଭାବର ଉଚ୍ଛ୍ୱାସ ଅଛି । କିନ୍ତୁ ମନେ ହେଉଛି କବି, ମାଟିର ମୋହକୁ ଊର୍ଦ୍ଧ୍ୱଗ ( Subimate ) କରିବାକୁ ଯାଇ ସାଧନା ପଥରେ ବଡ଼ ବେଶି ବାଧାପାଇଛନ୍ତି । ସେଥିପାଇଁ କବିତା ଗୁଡ଼ିକ ଦେହର ଚିତ୍କାରକୁ ସ୍ୱୀକାର ନକଲେ ମଧ୍ୟ ଉପରର ବଂଶୀ ପଦଧ୍ୱନିର ଶୁଣି ପାରିଲାପରି ଲାଗୁନାହିଁ ।

ଯୁଥିକା—ଲେଖକ ଶ୍ରୀଗୌରମୋହନ ପ୍ରଧାନ-ମାତ୍ର ୬୩ଟି କବିତା ୬୩ପୃଷ୍ଠାରେ ସରିଛି କବିତାର ଭାଷା ସେପରି ଚିତ୍ତାକର୍ଷକ ହୋଇ ପାରି ନାହିଁ । ଭାବ ଅତିରିକ୍ତ ଶବ୍ଦର-ତଳେ ତେଣୁ ସାଧାରଣ ସ୍ତର ଲୋକଙ୍କର ଆଦରଣୀୟ ବସ୍ତୁ ହେବ କି ନାହିଁ ସନ୍ଦେହ ହୁଏ ।

ଗ୍ରାମ୍ୟ ସଙ୍ଗୀତ—ସଙ୍ଗ୍ରାହକ ଶ୍ରୀଚନ୍ଦ୍ରମଣି ପାଣିଗ୍ରାହୀ । ୩୨ପୃଷ୍ଠା କେତେଜଣ ଅନାମଧନ୍ୟ କବିଙ୍କ ରଚିତ ପଚିଶଟି ଜାତୀୟ ସଙ୍ଗୀତ ସଂଗୃହୀତ ହୋଇ ଏଥିରେ ସ୍ଥାନ ପାଇଛି । ସଙ୍ଗ୍ରାହକ ଏ ପୁସ୍ତକରୁ ଲବ୍ଧ ଧନ ବଳରାମଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ୟୟ କରିବେ ବୋଲି ଲେଖକମାନଙ୍କ ଠାରୁ ଅନୁମତି ପାଇଛନ୍ତି । ମାତ୍ର ପୁସ୍ତକରେ କୁତ୍ରାପି ତାହାର ସୂଚନା ନାହିଁ । ଉଦ୍ୟମଟି କିନ୍ତୁ ପ୍ରଶଂସନୀୟ ।

## ଦର୍ଶନ

**Gandhism is peace without war**—( ସଂଗ୍ରାମ ବିନା ଶାନ୍ତି ସ୍ଥାପନ ହିଁ ଗାନ୍ଧୀବାଦ )—ଲେଖକ ଶ୍ରୀ ଏଚ୍ ବି ମିଶ୍ର ମାଇଙ୍ଗଲ ଓ ସଂଗ୍ରାମର ସଂପାଦକ । ଗାନ୍ଧୀବାଦ ବୋଲି ଗୋଟିଏ କିଛି କଥା ନାହିଁ, ଗାନ୍ଧୀ ଦର୍ଶନ ବୋଲି ଆଖ୍ୟା ଦେଇ ସେ ସମ୍ବନ୍ଧରେ ଆଲୋଚନା କଲେ ବେଳେ ଆଲୋଚକ ମାନେ ଏତେକ ଦେଖିପାରୁଥିଲେ ବଡ଼ ଚମତ୍କାର ହୋଇଥାନ୍ତା । ଗାନ୍ଧୀଙ୍କର ଦୃଷ୍ଟି-କୋଣ ବଡ଼ ପୁରୁଣା । ବହୁପୂର୍ବରୁ ତାହା ଉକ୍ତ । କିନ୍ତୁ ପ୍ରୟୋଗରେହିଁ ଗାନ୍ଧୀଙ୍କର ବିଶେଷତ୍ୱ । ମିଶ୍ରବାବୁ ଶିକ୍ଷକ ଭଳି ଗାନ୍ଧୀଜୀଙ୍କର ପ୍ରୟୋଗ ପ୍ରଣାଳୀର ଦର୍ଶନ ତଥ୍ୟ ରୂପେ ବ୍ୟାଖ୍ୟାନ କରି ସାମାନ୍ୟ ଦକ୍ଷତା ଦେଖାଇ ପାରିଛନ୍ତି । ସେ ପଥରେ ପଥିକ ନ ହେଲେ ଗଭୀର ଅନୁଭୂତି ସମ୍ଭବ ନୁହେଁ । ତଥାପି ଲେଖକଙ୍କର ବିଚକ୍ଷଣ ମେଧା ଓ ଚିନ୍ତାଶକ୍ତିର ପରିଚୟ ସେ ଦେଇଛନ୍ତି ବହିଟିରେ । ଇଂରାଜୀ-ରେ ଏଭଳି ପୁସ୍ତକର ବହୁପ୍ରଚାର ଅବଶ୍ୟ ଉଚିତ ।



Digitized by srujanika@gmail.com



## ବଂଶୀ

ସଚ୍ଚି ରାଉତରାୟଙ୍କର ବଂଶୀର parody

ବଇଁଶୀଟି ମୋର ଦେଇଗଲ ସଖି ଜୁମର କରେ,
ବଜାଇ ସାରିଲେ ଛପେଇ ରଖିବ ଗୋପେଇଘରେ,
ଭଅଁଳ ଗାଧୁଆ ମହୁଆ ଖରାର ଅଳପ ତେଜେ,
ସାତ-ଘଡ଼ିଅଟି ଶୋଇପଡ଼େ ଯେବେ ପଡର ଶେଯେ,
ଶିମ ଗଛତଳ କଳା ଭଅଁରର କରୁଣ ରାଗେ,
ସ୍ୱଦେଶୀପ୍ରିୟର ସ୍ମୃତି ଯେବେ ଧୀରେ ମାନସେ ଜାଗେ,
ବଜାଇବ ଥରେ ବଇଁଶୀଟି ମୋର ଦରଦୀ ସ୍ୱନେ
ସାଇରେ ସାଇରେ ପଡ଼ିବ ଚହଳ ସଭିଏଁ ମନେ,
ସେ ସନଶୁଣିବେ କୂଳ ଭୂଆସୁଣୀ କହିବ ରାଗେ,
କଣ ଦେଇ କାନେ; କହିଲେ ସିନା ହେ ଅଧିକ ଲାଗେ,
'ଦେଖିଲ ଏକାଲେ ବସି ବସି କିଏ ବଇଁଶୀ ବାଏ,
'ଛଟି ଖଣ୍ଡେ ଲେଖି ବସିଲେ, ମତେଇ ଛକିବା ଯାଏ,
'ସାଇରେ ଏମିତ ବୋହୂ ଝିଅରୁଣୀ ଅଛନ୍ତି କେତେ।
'ମୋ ପରି କିଏସେ ଖାଟି ଖାଟି ସହେ ଗଞ୍ଜଣା ଯେତେ,
ଏକ-ପୁଅ କିଏ ବସିଥିବ ବାଛି କଂସାଏ ଭାତ
ଲୁଣ୍ଡାଏ ପଖାଳ ଧରିଛି, ଯାଇନି ମୁହଁକୁ ହାତ,
ବଇଁଶୀ ଶବଦ ଶୁଣି ବଖାଣିବ ଦାରୁଣ ରୋଷେ,
'କିନ ରାତି ଖାଲି ବଇଁଶୀ ଫୁଙ୍କିବେ ଅଳପେଇ ପେ,
ମରିବେ ଖାଲିଲେ ଲିବିବେନି କିଛି ବେଳାଅବେଳା,
'ପୁତଖାଇ ତା'ର କିଏ ଯାଏ। ମୋ ରଥ ଏଡ଼ୋଇବେଳା,
ମୁରବୀ କିଏସେ ମାଳା ଜପୁ ଜପୁ ଦଅଁଙ୍କ ଘରେ
ଆଖି ମୁଦ ଧାରେ କହିବ ଝିଅରେ 'ଶୁଣିଲୁ ଥରେ
'ଝିଅ ଭୁଆସୁଣୀ ବଇଁଶୀ ଫୁଙ୍କିଲେ, ଛୁଆଙ୍କୁ କାଳ;
'ଆଜଯାଏ ଶୁଣି ନଥିଲିତ ଆସି ପାଚିଲି ବାଳ
'ଆଉକି ରହିବ ପୃଥ୍ୱୀ, ଆସି ହେଲା ଅଘୋର କଳି,
'ହାଁ'କରି କଣ ଦେଖୁଚୁ? ଦଉନା ଚୁଲିଟା ଜାଳି;
ଗାଁ ଗୋଠ ଗାଈ ଫିଟିବେ, ଶୁଣିଏ ବେସୁର ତାନ
ଲାଙ୍ଗୁଳ ଟେକିବେ ଖଣ୍ଡେ ଦୂରୁ;ଥାଉ ଡେରିବା କାନ
ଗଉଡ଼ ବିଚାରି 'ଅହ ଅହ' କରି କହିବ କେତେ
'ମୁରଲୀରେ ତୋର ଶରଣ ଗଲି ମୁଁ, ନଡ଼ାକ ଏତେ
ବଇଁଶୀଟି ମୋର ଦେଇଗଲା ସଖୀ ଜୁମରେ କରେ,
ରଖିବା ତାହାକୁ ସାଇତି ଯତନେ ଗୋପେଇ ଘରେ,
ଲିଭ-ଫୁଟା ସମ କାଲ୍ଟିମ୍ବୁ କ୍ଷଣେ ବାଇବ ବାରେଟା'
ଗାଉଲି ପ୍ରିୟା ଯେ ପ୍ରିୟର ମିନତି ଭୁଲା କି ପରେ

ଶ୍ରୀ ବିଜୟାନନ୍ଦ ତ୍ରିପାଠୀ

## ଅଜା... ଜାତୀୟ ପତାକା

ହାତେ ଧରି ଅଜା ଜାତୀୟ ପତାକା
ଛୁଡ଼ା ହେଲେ ଯାଇ ଦୁଆରେ,
ନୋଥ ଚମକାଇ ପଚରିଲେ ଆଈ
ଏ ବେଶେ ଯାଉଛ କୁଆଡ଼େ ?
କଂଗରେସି ସାଜେ ପିନ୍ଧି ଅଛ ଲୁଗା
କଂଗରେସି ଜାମା ଜାକଟି
କଂଗରେସି ବାନା ବାଡ଼ିରେ ଗୁଡ଼ାଇ
ନଯା କହୁଛ ମୁଁ ଆକଟି।
କିଏ କହୁଥିଲ ପରି ଏଇ ବାନା
ଦେଇଥିଲି ବୋଲି ଉଡ଼ାଇ
ନାଲି ପଗଡ଼ିଏ ଜିଏଲକୁ କେତେ
ଡାଲିପରି ନେଲେ ଅଡ଼ାଇ।
ତମେ ପୁଣି ଆଜି ସେଇ ବାନା ଧରି
ଫଦାକୁ ଯାଉଛ ବାହାରି,
ଏତା ମୋର ଘିନା ଦେକାଳ ବୁଢ଼ିକ
କିଛି ନହେବତ ତାହାରି

କିଏ ଶେ ହାତ ମାରି କହିଦେଲେ ଅଜା
ଶୁହଁ ଆଗୋ ଚନ୍ଦ୍ର ବଦନା,
କଂଗରସ ରାଜା ହେଲାଣି ଏଣିକି
ସ୍ୱାଧୀନ ମୁଁ ତୁମେ ସ୍ୱାଧୀନା।
ବାହୁଟିଲେ ଯେତେ ପୁଲିଶ ପୁଲିସ
କରନ୍ତି ସେ ସାତ ସଲାମ,
ସାଇବ ଶାସନ ଉଠିଗଲା ଏବେ
ହେଲେଣି ସେ ଆମ ଗୋଲାମ।
ଲାଟମନ୍ତ୍ରୀ କିସ ଦେଖିବ ଆମର
ହେଲେଣି କଂଗ୍ରେସ ବାଲାଏ,
ସ୍ୱାଧୀନ ଦେଶରେ ସଭିଁଏ ସ୍ୱାଧୀନ,
ସ୍ୱାଧୀନ ଏ ନାଗ ପିଲାଏ।
ତିନି ସାଲ ହେଲା ହେଲାଣି ଏ କଥା
ଜାଣି ନାହିଁ ଆଜ ଯାଏ କି
ଶୁଣି ଅଈ ଏହା ଫୁଲି ଗଲେ ଆଉ
ଭୂଇଁ ପରେ ଗୋଡ଼ ଥାଏ କି ?
କହିଲେ ହେ ଦାସେ ଚୁହ ତୁମେ ଆଗ
ଯିବି ମୁଁ ସ୍ୱାଧୀନ ମହଲା
ହାଟରେ ବଜାରେ ବୁଲିବି ମଜାରେ
ସ୍ୱାଧୀନା ମୁଁ ନବ ଛଇଲା।
ମୋହ ପଛେ ପଛେ ଥିବ ତୁମେ ସଦା
ମୋର ମୋଟ ଯାକ ବହିବ,
ଶୁଣି ଅଜା ମୁଣ୍ଡେ ହାତ ଦେଇ ବୋଲେ
ହାଇରେ କି କଲୁ ଦଇବ।
ଭଲ ଏ କଂଗ୍ରେସ ମାଇପି ମହଲେ
ଲଗାଇ ଦେଇଛି ପାଲଟ,
ଭରତଟା ଆମ ଭାରତ କି ନାହିଁ
ହୋଇଗଲା ପରା ବିଲାତ।

—o—



Digitized by srujanika@gmail.com



# କୋଣାର୍କରେ ଦିନେ

ଲେଖକ—ଶ୍ରୀ ଗୌରାଙ୍ଗ ସାଁ

ଆଜି ବି ବଙ୍ଗୋପସାଗରର ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ଛିଡ଼ା ହୋଇ ଉତ୍କଳୀୟ କଳା ଓ ସଂସ୍କୃତିର ବିଜୟ ପତାକା ଉଡ଼ାଇ ଚାଲିଛି ଜୀର୍ଣ୍ଣ ବୃଦ୍ଧ ଶିଳ୍ପତୀର୍ଥ କୋଣାର୍କ। ଯୁଗ ଯୁଗ ଧରି ତା ହାର ଅସରନ୍ତି ରସର ଫୁଆରରେ ନିଜକୁ ଡୁବାଇ ଦେବା ପାଇଁ ଆପଣା ଭୁଲି ରସିକମାନେ ଧାଇଁ ଆସନ୍ତି ତା ପାଖକୁ। ଆଜି ସେ ଜୀର୍ଣ୍ଣ ବୃଦ୍ଧ, ପ୍ରତ୍ୟେକ ଅଂଗ ପ୍ରତ୍ୟଙ୍ଗ ତାର ଶିଥିଳ। ତଥାପି ତାର ଆହ୍ୱାନ ଏଡ଼ିଦେଇ ଚାଲିଯିବା ପୃଥିବୀର ଯେ କୌଣସି ରସିକ ପକ୍ଷରେ ସହଜ ହୋଇ ଉଠିନି ବୋଲି ମନେ ହେଉଛି। ଉତ୍କଳ ଲକ୍ଷ୍ମୀର ଅଭିନ୍ନ କୋଳରେ ଯେଉଁ ଯୁଗରେ କୋଣାର୍କ ଜନ୍ମ ନେଇଥିଲା, ଉତ୍କଳ ଭାଗ୍ୟ ଦେବତାର ତତ୍‌କାଳୀନ ମୁରଲୀର ବଂଶୀଧ୍ୱନି ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଯେଉଁ ପୁଲକର ଜାଗରଣ ସୃଷ୍ଟି କରିଥିଲା ତାହାର କଳନାଦ ଆଜିକାର ଓଡ଼ିଆ କରି ପାରେନି। ବଡ଼ ଭୟ ଆଉ ଲଜ୍ଜା ପାଏ ସେ। ଥରେ ଓଡ଼ିଆ ସଂସ୍କୃତିର କାହାଣୀ ଗାଥା ଏହି ଧ୍ୱଂସ-ରତ ଜୀର୍ଣ୍ଣ ପୀଠର ନୀରବ ଆହ୍ୱାନକୁ ଶୁଣିବା ପାଇଁ ଧୈର୍ଯ୍ୟ ଆଜି ସେ ହରାଇ ବସିଛି। ତଥାପି ଯୁଗ ଯୁଗ ଧରି ରସିକମାନେ ଜନ୍ମିବେ ଏବଂ ସେମାନଙ୍କର ରସର ଆଧାର କେଉଁଠି ରହିଛି ସେମାନେ ଖୋଜି ନେବେ। କୋଣାର୍କର ପ୍ରତ୍ୟେକ ଜୀର୍ଣ୍ଣଶିଳା ଭାବର ଭଣ୍ଡାର— ପ୍ରତ୍ୟେକ ମୂର୍ତ୍ତିର ଭଙ୍ଗୀରେ ରହିଛି ପ୍ରାଣର ଆକର୍ଷଣ। କେବଳ ଦେଖିବା ଭଳି ଆଖି ନେଇ ଦେଖି ପାରିଲେ— ଅନୁଭବ କରିବାର ମନ ନେଇ ଯେ କୌଣସି ରସଗ୍ରାହୀ ଥରେ ଏହାର ଜୀର୍ଣ୍ଣ ଗମ୍ଭୀର ମୂର୍ତ୍ତି ଦେଖିଲେ ଆଉ ତାର ଉପାୟ ନଥିବ କେବେ ତାକୁ ଭୁଲିଯିବା ପାଇଁ।

ବିଜ୍ଞାନର କ୍ଷିପ୍ର, ଉନ୍ନତିରେ ଏ ଯାନ୍ତ୍ରିକ ଯୁଗରେ ସାଧାରଣ ମଣିଷ ମନରେ ଚିନ୍ତାଧାରା ସହିତ ଭାବୁକମାନଙ୍କର ଭାବନାର ବହୁତେଶୀ ତାରତମ୍ୟ ଚାଲିଛି। କବିର କବିତା ପଢ଼ି ଏବଂ ଶିଳ୍ପୀର ସୃଷ୍ଟି ଦେଖି ରସ ଗ୍ରହଣ କରି ମନର ଖୋରାକ ସଂଗ୍ରହ କରିବା ପାଇଁ ଆଜି ମଣିଷ ପାଖରେ ସମୟ ନାହିଁ— ମଣିଷ ଆଜି ବଡ ବ୍ୟସ୍ତ। କୋଣାର୍କ ଦେଖିଲେ ଓଡ଼ିଶାର ତତ୍‌କାଳୀନ ସଭ୍ୟତାର ଏବଂ ସାମାଜିକ ଜୀବନର ସ୍ୱଚ୍ଛଳତାର ଅତି ସ୍ପଷ୍ଟ ଧାରଣା



ପ୍ରସାଧନେ

ଜନ୍ମେ। ତେଣୁ ଆଜି ଆଉ ସେ ଯୁଗ ଭିତରେ ପ୍ରବେଶ କରି ସହଜରେ ଅନୁମାନ କରି ହୁଏ। ଶିଳ୍ପୀ ଶିଳ୍ପ ସୃଷ୍ଟି କରେ ଆପଣାର ଆନନ୍ଦକୁ ଏବଂ ରସିକ ସେ ଆନନ୍ଦର ଭାଗୀଦାର ହୋଇ ଉଠେ ଯେତେବେଳେ ଶିଳ୍ପୀର ସୃଷ୍ଟି ତାର ମନରେ ରସର ସଞ୍ଚାର କରେ। କୋଣାର୍କର ଶିଳ୍ପଚାତୁରୀ ଏବଂ ସୃଷ୍ଟିରୁ ଜଣାଯାଏ ନାହିଁ ଯେ ଶିଳ୍ପୀ ତାହା ନିଜ ପାଇଁ କରିଯାଇଛି ବୋଲି— ଯାହାକୁ କି ଆଜିକାଲି art for art sake କ ଗାଥର ସମସ୍ତ ଖୋଦିତ ମୂର୍ତ୍ତିରୁ ବେଶ ଅନୁମିତ ହୁଏ। ତତ୍‌କାଳୀନ ସଭ୍ୟତାର ଏହା ଏକ ବିସ୍ତୃତ ବର୍ଣ୍ଣନାପୂର୍ଣ୍ଣ ଗ୍ରନ୍ଥ। ସାଧାରଣ ଲୋକେ ଯେ ଏଥିରୁ ଯଥେଷ୍ଟ ସାମାଜିକ ଜୀବନର ଶିକ୍ଷା ପାଉଥିଲେ ଏହା ଟିକିଏ ଭାବିଲେ ବେଶ ଜଣାଯାଏ। ବିଜ୍ଞାନ ଶିଳ୍ପକଳା ଏବଂ ଆଧ୍ୟାତ୍ମିକ ଜ୍ଞାନର ଉତ୍କର୍ଷତା ଓଡ଼ିଆ ଜାତି କେତେ ଦୂର ଅର୍ଜନ କରିପାରିଥିଲା ? ତାର ସୁସ୍ପଷ୍ଟ ପ୍ରମାଣ ଏହି ମନ୍ଦିରରୁ ମିଳେ। ବିଂଶ ଶତାବ୍ଦୀର ବିଜ୍ଞାନ ଏବଂ ଓଡ଼ିଶାରେ କୋଣାର୍କ ଯୁଗର ବିଜ୍ଞାନକୁ ତୁଳନା କଲେ କେଉଁଟା କେତେ ଉତ୍କୃଷ୍ଟ ତା'ର ମୀମାଂସା କରିବା ଏବେବି ସହଜ ହୋଇ ଉଠିନି। ଉତ୍କଳର ପ୍ରାଚୀନ ତାଳପତ୍ର ପୋଥି ସଂଗ୍ରହ କରି ସେଥିରୁ ଜର୍ମାନ ଜାତିର ଧୂମ ବାରୁଦ ଆବିଷ୍କାର, କାଠଯୋଡ଼ର ପଥର ବନ୍ଧ, ସମୁଦ୍ର ଗର୍ଭରୁ କୋଣାର୍କର ଭିତ୍ତିସ୍ଥାପନ ଧ୍ୱଂସମୁଖୀ ସମୁଦ୍ର ପବନ ବିପକ୍ଷରେ ବିଶାଳ ପୁରୀ ମନ୍ଦିରର ସଗର୍ବରେ ଦଣ୍ଡାୟମାନ ଅବସ୍ଥା ଚୂନ ମସଲା ବିହୀନ ବିଶାଳ ପଥର ଖଣ୍ଡର ଯୋଜନାରେ ସମାନତା ରଖି ଏତେ ବଡ଼ ମନ୍ଦିରମାନ ନିର୍ମାଣ ବିଷୟରେ ଭାବିଲେ

ସେ ଯୁଗର ଓଡ଼ିଆଙ୍କର ବୈଜ୍ଞାନିକ କୃତିତ୍ୱ ସହଜରେ ଅନୁମାନ କରି ହୁଏ । ଏବଂ ଆହୁରି ଓଡ଼ିଆ ଆଶ୍ଚର୍ଯ୍ୟ ହୁଏ । କାଠସେ ଦିନ ଏଭଳି ନିର୍ମାଣ କରିବାକୁ ଆମେ ବିଦେଶରୁ ଇଂଜିନିଅର ସାହେବ—ଭୁବନେଶ୍ୱରର ରାଜଧାନୀ ନିର୍ମାଣ କରିବା ପାଇଁ ବିଦେଶୀ ସାହେବଙ୍କ ଦଅନ୍ତ ନକ୍ସା ( plane )-କୁ କାଠଯୋଡ଼ର ପୋଲର ସ୍ଥାୟିତ୍ୱ ବିଷୟରେ ବର୍ଷେ ନପୂରୁଣୁ ବଡ଼ ବିପଦରେ ପଡ଼ିବାକୁ ହୁଏ—ଆଉ ପଥର ବନ୍ଧ ପଥର ଭଳି ଅଜର ଅମର । ଏତିକି ଭାବିଲେ ମନେହୁଏ ଆଜିକାର ଓଡ଼ିଆ ଜାତିର ସଂସ୍କୃତି ଆଉ ଅନୁକରଣ ପ୍ରିୟ ସଭ୍ୟତା ଠାରୁ ତା'ର ମୌଳିକ ସଭ୍ୟତା ଆଉ ସଂସ୍କୃତିର ପ୍ରଭେଦ କଣ? ଏବଂ ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ମନ ଭିତରେ ଚାଲିଥାଏ ନିରନ୍ତର ଗୋଟିଏ ଅମୀମାଂସିତ ଦ୍ୱନ୍ଦ୍ୱ ।

ଶିଳ୍ପଦୃଷ୍ଟିରୁ କୋଣାର୍କକୁ ବିଚାର କରିବାର ଦମ୍ଭ ମୋର ନାହିଁ । କେବଳ ଏତିକି କହି ପାରେ—ଯେଉଁ ଶିଳ୍ପୀଗଣ ଏହି ଅମର କଳାର ଜନ୍ମଦାତା, ସେମାନେ ଯେ ଭାରତୀୟ କଳା ସୃଷ୍ଟିର ମୂଳମନ୍ତ୍ରରେ ଦୀକ୍ଷିତ ଥିଲେ ଏଥିରେ ସନ୍ଦେହ ନାହିଁ । ସମଗ୍ର ମନ୍ଦିରର କାରୁକାର୍ଯ୍ୟରୁ ଶିଳ୍ପୀମାନଙ୍କର ଅସୀମ ଧୈର୍ଯ୍ୟର ପରିଚୟ ମିଳେ—ଏବଂ ବଂଶପରମ୍ପରା କ୍ରମେ ଯେ ମନ୍ଦିର ଗାତ୍ରରେ ଏହି ସୃଷ୍ଟିକ୍ରିୟା ସୁସମ୍ପନ୍ନ ହୋଇଥିଲା ତାହାର ଅନୁମାନ କରିହୁଏ । ଏହି ଦୃଷ୍ଟିରୁ ବିଶୁ ଆଉ ଧର୍ମାର କିମ୍ବଦନ୍ତୀର ସତ୍ୟତା ବହୁତ ବେଶୀ ଉପଲବ୍ଧି କରାଯାଏ । ଶିଳ୍ପୀର ମନରେ ଯେତେବେଳେ ପବିତ୍ର ଆନନ୍ଦ ଜନ୍ମେ, ସେତିକିବେଳେ ତାର ଅମର କଳ୍ପନା ସୃଷ୍ଟି ଜାଗେ—ଆଉ ସେହି ସୃଷ୍ଟି କାର୍ଯ୍ୟରେ ଶିଳ୍ପୀ ହୋଇଯାଏ ସମାଧିସ୍ଥ । ତାର ବହିର୍ଜଗତ ସହିତ କିଛି ହେଲେ ସମ୍ପର୍କ ନଥାଏ । ସେତିକିବେଳେ ଏହି ଯେ ପରମ ଆନନ୍ଦର ଅନୁଭୂତି ବିଶ୍ୱସ୍ରଷ୍ଟାର ବିଶ୍ୱମୂଳ ସୃଷ୍ଟିର ଆନନ୍ଦର ଅନୁଭୂତି ଏବଂ ସେହି ଅନୁଭୂତିରୁ ଶିଳ୍ପସୃଷ୍ଟି ଏହାର ପ୍ରତ୍ୟକ୍ଷ ପ୍ରମାଣ ଓଡ଼ିଶାର କାରିଗରମାନେ ଦେଇଯାଇଛନ୍ତି ଏହି ମନ୍ଦିର ଗାତ୍ରରେ । ଶିଳ୍ପୀ ସୃଷ୍ଟି କରିବା ସମୟରେ ନିର୍ଭୟ ହୋଇ ଉଠେ—ମନ ତାର ମୁକ୍ତିର ସନ୍ଧାନରେ ଆଗେଇ ଯାଏ ତାର ତୁଳି ନିର୍ମାଣକୁ ଭରସା କରି । ଭାରତୀୟ, ଶିଳ୍ପ, ସଙ୍ଗୀତ, ସାହିତ୍ୟ ସୃଷ୍ଟିର ଏହି ମୂଳନୀତି ଏହି ପରମ ସତ୍ୟ, ଏହି ସତ୍ୟର ବିଜୟ ପତାକା ଉଡ଼ାଇ ଉତ୍କଳୀୟ ଶିଳ୍ପୀ ଯୁଗ ଯୁଗକୁ ଅମର ଶିଳ୍ପ-ସୃଷ୍ଟି କରିଦେଇ ଯାଇଛନ୍ତି । ଶିଳ୍ପୀ ଯେତେବେଳେ ସୃଷ୍ଟି ଭିତରେ ନିଜକୁ ହଜାଇ ଦିଏ, ବାହ୍ୟିକ ଚୈତନ୍ୟ ଶୂନ୍ୟ ହୋଇ ଧ୍ୟାନରତ ରୁହେ ଏବଂ ପରମଜ୍ଞାନ ଆଉ ଆଲୋକର ସନ୍ଧାନରେ ବ୍ୟଗ୍ରରହେ ସେତେବେଳେ ସେ ପରମ ସାଧକ, ଯୋଗୀ, କୋଣାର୍କ ନିର୍ମାଣ ସମୟରେ ବୃଦ୍ଧ ଶିଳ୍ପୀର ପାନଖିଆ ଅଭ୍ୟାସ ପାଇଁ ରାଜା ଆଉ ଶିଳ୍ପୀର ଉପାଖ୍ୟାନଟି ଏଠାରେ ଉଲ୍ଲେଖ ଯୋଗ୍ୟ । ଯାହା ହେଉ ଇମିତ ସାଧକ ଶିଳ୍ପୀ କେତେ ଯେ ଉତ୍କଳ ଜନନୀଙ୍କ କୋଳରେ ଜନ୍ମିଥିଲେ କିଏ କହିବ



ବାଦକା

କୋଣାର୍କ ନିର୍ମାଣ ସମୟରେ କେତେ ଶିଳ୍ପ-ଗୁରୁଙ୍କର କେତେ ଚେଲା ଯେ କାର୍ଯ୍ୟରତ ଥିଲେ ତା'ର ଇୟତ୍ତା ହୁଏ ନାହିଁ ।

ଶିଳ୍ପ ବିଚାର ବେଳେ ଶିଳ୍ପର ଭାବ ବିଚାର କରିବାର କଥା । କେବଳ ସୁନ୍ଦର କରି ମୂର୍ତ୍ତି ଗଠନ କଲେ କିମ୍ବା ଛବି ଅଙ୍କନ କଲେ ଯେ ତାହା ଉତ୍କୃଷ୍ଟ ଶିଳ୍ପବୋଲି ଧରାଯିବ ତାହା ନୁହେଁ । ଶିଳ୍ପୀ ଯଦି ଶିଳ୍ପ ଭିତରେ ଭାବ ଫୁଟାଇ ନପାରେ ତାହା ହେଲେ ତାହା ଆଖିକୁ ଯେତେ ସୁନ୍ଦର ଦିଶେଲେ ବି ତାହା ମୃତ ଶିଳ୍ପବୋଲି ଧରି ନିଆଯାଏ—ଠିକ୍ ଏହି କଥା ଆଚାର୍ଯ୍ୟ ନନ୍ଦଲାଲ ମାତେ ଥରେ କହିଥିଲେ । ପୁଣି ଛବି କିମ୍ବା ମୂର୍ତ୍ତି ଦେଖି ଜାଣିବା ଦରକାର—ଠିକ୍ ଦେଖିବା ଭଳି ଦୃଷ୍ଟି ନେଇ ଦେଖିଲେ ସେ ଭାବର ପ୍ରମାଣ ମିଳେ । କୋଣାର୍କର ସୂକ୍ଷ୍ମ କାରୁକାର୍ଯ୍ୟ ଭିତରେ ମୂର୍ତ୍ତିମାନଙ୍କର ଏହି ଭାବର ଅଭାବ ଅଛି କି ନାହିଁ ପ୍ରଥମ କୋଣାର୍କ ଦର୍ଶନରେ ବିଚାର କରିବାକୁ ପଡ଼ିଥିଲା । ସମସ୍ତ ମନ୍ଦିରର ଅଲଂକାରିକ ଖୋଦନ ଏବଂ ମୂର୍ତ୍ତିମାନଙ୍କର ଛନ୍ଦ ଆଉ ଭାବ ବାହୁଲ୍ୟ ଇଙ୍ଗିତ ଯେ କୌଣସି ଭାବୁକ ମନରେ ପରମ ଆନନ୍ଦ ସୃଷ୍ଟି କରିବ । କେବଳ ଭାବ ଆଉ ସୁନ୍ଦର ଏହି ଦୁଇଟିର ସମନ୍ୱୟ ରହିଛି ବୋଲି କୋଣାର୍କ ଏତେ ବଡ଼ ଶିଳ୍ପତୀର୍ଥ ହୋଇ ରହିଛି । କୋଣାର୍କ ଶିଳ୍ପରୁ ହିଁ ମନେହୁଏ ତାହା ଭାରତ ଶିଳ୍ପଧାରାର ଗୋଟିଏ ଯୁଗର ଶେଷ ଉନ୍ନତ ଶିଖରରେ ପହଞ୍ଚିଥିଲା । ଏକ ଦିଗରେ 'ଏଲୋରା-ଅଜନ୍ତାର ଚିତ୍ରରାଜ୍ୟ ଏବଂ ଅନ୍ୟ ଦିଗରେ କୋଣାର୍କର ମୂର୍ତ୍ତିଶିଳ୍ପ, ଭାରତୀୟ କଳା ବିକାଶର ଶେଷ ପ୍ରତୀକ ଭଳି ମନେ ହୁଏ । ଏହାପରେ ଭାରତୀୟ ଶିଳ୍ପଧାରା ବନ୍ଦ ରହିଥିଲା । ଏହି ମନ୍ଦିର ଗାତ୍ରରେ ନୃତ୍ୟରତା ଅପ୍ସରା ମୂର୍ତ୍ତିମାନଙ୍କର ଭଙ୍ଗୀ ଓ ଭାବ ଏବଂ ସମର-ଗମନୋଦ୍ୟତ ଅଶ୍ୱ ଯୋଡ଼ିକର ତେଜୋପୂର୍ଣ୍ଣ ଭଙ୍ଗୀ ବଡ଼ ଚିତ୍ତାକର୍ଷକ ଏବଂ ଜୀବନ୍ତ । ମନ୍ଦିର ଗାତ୍ରରେ ସାମରିକ, ନୈତିକ, ନାଗରିକ ଜୀବନର ପୂର୍ଣ୍ଣ ଇତିହାସ ବିଦ୍ୟମାନ ରହିଛି । ଜ୍ୟୋତିଷ ଏବଂ ବିଜ୍ଞାନ ବିଦ୍ୟାର ମଧ୍ୟ ଯଥେଷ୍ଟ ଅନୁସନ୍ଧାନ ମିଳିପାରେ ବୋଲି ଆଶା ହେଲା । ବୈଜ୍ଞାନିକ ବା ଜ୍ୟୋତିର୍ବିଦମାନେ ସେ ବିଷୟରେ ବେଶୀ କହିପାରିବେ । ମନ୍ଦିରର ମୂର୍ତ୍ତିମାନଙ୍କର ଛନ୍ଦ ସମ୍ବନ୍ଧରେ କିଛି କହିବାକୁ ଗଲେ ଭୁବନେଶ୍ୱର ଆଉ କୋଣାର୍କର ମୂର୍ତ୍ତିମାନଙ୍କର ତୁଳନା ସ୍ୱତଃ ମନକୁ ଆସି ଯାଏ ।

କ୍ରମଶଃ



ମନ୍ଦିର ପାଦସ୍ଥିତ ଖୋଦିତ ହାତୀମାନଙ୍କରୁ



Digitized by srujanika@gmail.com

# ବିଲୁଆପତିଙ୍କ ମାର୍କିନ ଯାତ୍ରା

୭।୧୧।୪୯

[ଭାରତପତି ପଣ୍ଡିତ ନେହେରୁ ଆମେରିକା ଯିବା ସଙ୍ଗେ ସଙ୍ଗେ ବିଲୁଆ ପତି ମଧ୍ୟ ଏକ ଅନଅଫିସିଏଲ ଭିଜିଟ ଦେଇଥିଲେ । ତାଙ୍କ ଯାତ୍ରା ଶେଷ ପରେ ଆମେରିକାର ସାମ୍ବାଦିକ ମାନେ ଏକ ସମ୍ମିଳନୀରେ ଯେଉଁ ପ୍ରଶ୍ନ ପଚାରିଥିଲେ ତାହା ହାୱାଇ ଯନ୍ତ୍ରରେ ଉତ୍ତର ଅଫିସରେ ପହଞ୍ଚିଛି]

ପ୍ରଶ୍ନ- ଆପଣ ଆମେରିକା ଦେଖିଲେ ?

ଉତ୍ତର- ଧନ୍ୟବାଦ୍ ବରଂ କହନ୍ତୁ ଆମେ ଋଷିମାନେ ଦେଖିଲୁ । ନଦେଖିଲୁ ପୁଅ ଦେଖ ବିଲୁଆ କାନ୍ଦୁଛି ଦେଖ ।

ପ୍ରଶ୍ନ -ଆପଣଙ୍କ ସମୟ କପରି କଟିଲା ?

ଉତ୍ତର - ଉନ୍ମାଦ ନାରେ (exciting)- ଉନ୍ମାଦ ବେଗରେ ନୁହେଁ ।

ପ୍ରଶ୍ନ - ଆପଣଙ୍କ ବୁଲିବାରେ ଲାଭ କାହାର

ଉତ୍ତର - ଲାଭ ସବୁଦିନେ ପୁଞ୍ଜିର ।

ପ୍ରଶ୍ନ- କେତେ ଗହମ ଭାରତକୁ ଯିବ ଓ କେବେ ଯିବ?

ଉତ୍ତର - ଅର୍ଦ୍ଧ ଟନ ନିକଟରେ ଯିବ ଅର୍ଦ୍ଧ ଭାରତ ବାସୀଙ୍କ ଗଣ୍ଡିରେ ଭିତଲାଗିଲା ପରେ କାମ ଦେବ ।

ପ୍ରଶ୍ନ- କାଶ୍ମୀରରେ ପ୍ରକୃତ ଅବସ୍ଥା କଣ ?

ଉତ୍ତର - ସେଠି ବର୍ତ୍ତମାନ ମୋଷ୍ଟା କମଳ ନଯୋଗିଲେ ନଚଳେ । କମଳଯାକ କଣ ଆପଣତ ଜାଣନ୍ତି ,

ପ୍ରଶ୍ନ - ବିଦେଶୀ ପୁଞ୍ଜି ସମ୍ବନ୍ଧରେ ମତ କଣ?

ଉତ୍ତର - ପର ଚକୁଳି ବାରହାତ —

ପ୍ରଶ୍ନ - ଭାରତ ପୁଞ୍ଜିପତିଙ୍କ ଅବସ୍ଥା ?

ଉତ୍ତର - ସେ ବର୍ତ୍ତମାନ ଲୁଣ୍ଠିପତି ; ସବୁଠି ତାଲାବନ୍ଦ । ନିଜେ ପରିଶ୍ରମ ନକରି ଲାଭ କରାଇବାର ବେଗ ତାଙ୍କ ପୁଞ୍ଜିକୁ ବି ଧରିଲାଣି ।ସିନ୍ଦୁକରେ ଟଙ୍କା କଳା ଅନ୍ଧାରରେ ପଡ଼ିଛି —ଅଥଚ ବଜାର ଲଗାଣରେ ମୁନାଫା ମିଳୁଛି —କଳାବଜାରଯୋଗେ । ।

ପ୍ର- ଗଡ଼ସେଙ୍କୁ କି ଦଣ୍ଡ ଦିଆଯିବ ?

ଉ- ଛମାସ ଫାସି ।

ପ୍ର- ଫାସି ଟା କଣ ଅହିଂସା ?

ଉ- ତାର ଅନୁଗତ ଆଗ୍ଭର ଶାସ୍ତିବିଧାନ ଅହିଂସା ।

ସାମ୍ବାଦିକ ସମ୍ମିଳନୀ

ପ୍ର- ଗାନ୍ଧୀଜୀ ଥିଲେ କଣ ହୋଇଥାନ୍ତା ।

ଉ- ତାକୁ ସେଇ କଥା ଜାଣିଆସିବା ପାଇଁ ଗାନ୍ଧୀଜୀଙ୍କ ପାଖକୁ ପଠାଇ ଦିଆଯାଉଛି ।

ପ୍ର- ଭାରତରେ କମ୍ୟୁନିଷ୍ଟ ଓ ଶ୍ରମିକ ନେତାମାନେ କଣ କରନ୍ତି ?

ଉ- କମ୍ୟୁନିଷ୍ଟ ଅନ୍ତ— ତାଙ୍କର ଉପ-ସ୍ଥିତପନ୍ଥୀ କମ୍ୟୁନିଷ୍ଟ ବା ସାମ୍ପ୍ରଦାୟିକତାବାଦୀ ବେଶୀ ।

ପ୍ର - କଣ ଏବେବି ହିନ୍ଦୁ ମୁସଲମାନ ଗୋଳ ଅଛି ?

ଉ- ହଁ ଏବେ ବି ଗଇତା ମାଇପ ଗୋଳ ଛୁଆଛୁଆଁ ଗୋଳ ଶ୍ରମିକ ଶ୍ରମିକା ଗୋଳ ବଢ଼ୁଛି । ତେଣୁ ପୁରୁଷମାନଙ୍କୁ ବନ୍ଧ କରିଦେଲେ ଗୃହ କଳି ସହଜରେ ତୁଟି-ଯାଉଛି ।

ପ୍ର- ଇଣ୍ଡୋଚାଇନାରେ କି ଭଳି ଶାସନ ହେବା ଉଚିତ ?

ଉ- ତାହାକୁ ଲଦା ନହୋଇ ଶାସନଟା ଯଦି ଭିତରୁ ପୋଡ଼ା ହୁଏ । ତେବେ ଠିକ ହେବ ।

ପ୍ର- ଠିକ ବୁଝି ହେଉନାହିଁ ?

ଉ- ଭାରତ ଯେ ... ବ୍ରିଟିଶଙ୍କ ଆଦେଶ-ରେ ଶାସନ ଖସଡ଼ା ନକରି ନିଜେ ଭିତରି ଉଦ୍ୟମରେ କମନୱେଲଥରେ ରହିଲା ।

ପ୍ର- ଆମ ଦୁଇ ଦେଶ ଭିତରେ ସ୍ଥାୟୀ ବନ୍ଧୁତା କପରି ହେବ ?

ଉ- ମାନବିକ ସ୍ପର୍ଶ ।

ପ୍ର- ସେଠା କମିତି ?

ଉ- ମଣିଷ ମଣିଷକୁ ଛୁଇଁବ— ଯଥା ଆଲିଙ୍ଗନ, ଚୁମ୍ବନ ।

ପ୍ର- ଭାରତରେ ଅହିଂସା ଆନ୍ଦୋଳନ ଚାଲିଛି ?

ଉ- ସ୍ୱାଧୀନତା ପାଇଁ ଥିଲା ଅହିଂସା, ସ୍ୱାଧୀନତା ପାଇବା ପରେ ପରେ ସେ ବିଚାରି ମରିଯାଇଛି । ପୁଣି ଗାନ୍ଧି ମଲା ପରେ ତା ଉପରେ ସମାଧି ଦେଇ ହା ରାମ ଲେଖି ଦେଇଛୁ ।

ପ୍ର- ବର୍ତ୍ତମାନ ଆପଣଙ୍କର ନୀତି କଣ ?

ଉ- ସକ୍ରିୟ ଅହିଂସା ।

ପ୍ର- ସେଠା କମିତିଆ ନା ?

ଉ- ମନରେ ହିଂସା ନକରି ମାରିବା । ପିମ୍ପିଡ଼ି ମାରୁ, କୁକୁଡ଼ା ଛେଳିକୁ ମରାଯାଏ ।

ପ୍ର- କମ୍ୟୁନିଷ୍ଟ ବା ଗୃହନୀତି ଭାରତ ସ୍ୱୀକାର କରିବ ?

ଉ- ପୀତ ଓ ରକ୍ତ ମିଶ୍ରଣରେ କେଶରୀ ରଙ୍ଗ ହୁଏ । ସେଇ ରଙ୍ଗ ଆମ ପତାକା ମୁଣ୍ଡରେ ରହିଛି । ଯେତେବେଳେ ଯେଉଁ ରଙ୍ଗ ଦରକାର ହେବ ।

ଆମେରିକାର ହେବେ କମିତିଆ ?

ଉ- ନବମିଶ୍ରଣ ଅଣ୍ଡା ପରି ।

ପ୍ର- ଭାରତର ଖାଦ୍ୟ ସମସ୍ୟା କପରି ଓ କେବେ ଦୂର ହେବ ?

ଉ- ବାଉଳା ଭୂତ ଘୋଟିବା ପୂର୍ବରୁ— ଅର୍ଥାତ୍ ୧୯୫୧ରେ । ବଢ଼ାଅ ବଢ଼ାଅ ବୋଲି ହୁକା ହୁକା ହୁଆ କଲେ ଖାଦ୍ୟ ବଳେ ବଢ଼ିଯିବ ।

ପ୍ର- ବର୍ତ୍ତମାନ କଂଗ୍ରେସର ପ୍ରଭାବ କପରି ?

ଉ- ଅଭାବ ଦୂର ହୋଇଛି ।

ପ୍ର- ସୋସାଲିଷ୍ଟମାନଙ୍କ ସହିତ କଂଗ୍ରେସର କି ଫରକ ?

ଉ- ସେମାନେ ଧୃଷ୍ଟିକପାଣ୍ଡୋଭ କହିବାକୁ ଚାହାନ୍ତି— ଆମେ ଶିରସ୍ତ୍ରାଣ ।

ପ୍ର- କାରଣ ?

ଉ- କଂଗ୍ରେସ ଯାହାଠୁ କପଟାର ପାଏ ତାକୁ ହତ ଦର କରେ ନାହିଁ । ସେ ଯେତେ ଘୃଣ୍ୟ ହେଉ ।

ପ୍ର- କମ୍ୟୁନିଷ୍ଟ ଓ ସୋସାଲିଷ୍ଟ କେତେ ତଫାତ ?

ଉ- ସୋସାଲିଷ୍ଟମାନେ ବନା ରାମରେ ସୀତା ବିବାହ ଅଭିନୟ କରିପାରନ୍ତି ।କିନ୍ତୁ କମ୍ୟୁନିଷ୍ଟମାନେ ବିନା ସୀତାରେ ରାମ ବିବାହ ଅଭିନୟ କରିପାରନ୍ତି ।

ପ୍ର- ଓଡ଼ିଶାରେ କିଭଳି ଶାସନ ଚାଲିଛି ?

ଉ- ସରକାରୀ ଦପ୍ତରରେ ଏତେ ପାଳବିଣ୍ଡା ଦରକାର ପଡ଼ୁଛି ଯେ ଓଡ଼ିଶାରେ ଘରଛପର ବନ୍ଦ ।

—



Digitized by srujanika@gmail.com



## ଅଜାଙ୍କ ଭୁମ୍ବୀ

ନାଗ ନାତି ନାତୁଣୀଏ—ଅଜ ଗୋଟେ କଥା କହିବି, ମାନିବ? ତମେ ଜାଣିବ, କୌଣସି ଅନ୍ୟାୟର ପ୍ରତିବାଦ କରିବା ପାଇଁ ଗୋଟିଏ ଗୋଟିଏ ଦିବସ ପାଳନ କରାଯାଏ। ଯେମିତି ଷଡ଼େଇକଳା ଖରସୂଆଁ ଦିବସ। ଏହାଦ୍ୱାରା ସରକାରଙ୍କୁ ଲୋକମତ ପ୍ରତି ସଜାଗ କରାଇ ଦିଆଯାଇଥାଏ। କିନ୍ତୁ ଆମ ଦେଶର ଲୋକଙ୍କ ଆଚରଣ ବିରୁଦ୍ଧରେ ଲୋକଙ୍କୁ ସଜାଗ କରିବା ପାଇଁ ଜଣିତ୍ କ୍ରିୟାନୁଷ୍ଠାନ ହୁଏ। ଏଇ ଉଦ୍ଦେଶ୍ୟରେ ମଝିରେ ମଝିରେ 'ନାଗ ଦିବସ' ପାଳିତ ହେବ। ଆସନ୍ତା ନଭେମ୍ବର ତା ୩୦ ରିଖ ସମସ୍ତେ ନାଗଦିବସ' ପାଳିବା। ଏ ଦିବସ ପାଳିବାର ଉଦ୍ଦେଶ କହିବି; ତମେ ଦେଖୁଛ ଜାଣୁଛ ଯେ ଆଜିକାଲି ମନ୍ତ୍ରୀ ଓ ନେତାଙ୍କଠାରୁ ଆରମ୍ଭକରି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ କେବଳ ଆପଣା ସ୍ୱାର୍ଥରେ ମାତିଛନ୍ତି। ଫଳରେ ସାଧାରଣଙ୍କର ମଙ୍ଗଳପାଇଁ କାମ କିଛି ହେଉନି କହିଲେ ଚଳେ। ଦେଶବାସୀଙ୍କର ଏଇ ତ୍ରୁଟି ପ୍ରତି ସଜାଗ କରିଦେବା ପାଇଁ ତମେ ୩୦ ତାରିଖ ଦିନ ପ୍ରତ୍ୟେକ କିଛି ନା କିଛି ପର-ଉପକାର କରିବ ଯେ ଯାହା କରିବ—ମୋ ପାଖକୁ ଲେଖି ପଠାଇଲେ ମୁଁ ତାହା ଉତ୍ତରରେ ପ୍ରକାଶ କରିବି।

—ତମର ଅଜା।

## ନାଗଙ୍କ ପ୍ରଶ୍ନ

ବିବେକାନନ୍ଦ(୧୨୫୦) କେଉଁ ପ୍ରାଣୀର ଆୟୁ ସର୍ବାଧିକ?

ମହେନ୍ଦ୍ର(୧୨୪୨) ପୃଥିବୀରେ କେଉଁ ପକ୍ଷୀ ସବୁଠାରୁ ବଡ

ନରହରି (?) ପୃଥିବୀର ସବୁଠାରୁ ବଡ ଭୂଗର୍ଭ ରେଳ ଷ୍ଟେସନ କେଉଁଠି ?

## ନାଗଙ୍କ ଉତ୍ତର

ନରହରି ଭାଇ ଜାଣିଛ—ଈଗଲ ସବୁଠାରୁ ଦ୍ରୁତଗାମୀ ତାହାର ଗତି ଘଣ୍ଟାରେ ୧୮୦ ମାଇଲ।

ପୂର୍ଣ୍ଣଚନ୍ଦ୍ର—ଚଳଚିତ୍ରର ଆବିଷ୍କର୍ତ୍ତା ଟମାସ ଏଡିସନ ,

ଭଗବାନ ଭାଇ—ପୃଥିବୀର ଶ୍ରେଷ୍ଠ ଔପ-

ନବେଶିକ କ୍ରିଷ୍ଟୋଫର କଲମ୍ବସ

ଭାଇ ତମର ବିବେକାନନ୍ଦ (୧୨୫୦)

## ଅବସର ବିନୋଦନ ୪୩

ପ୍ରିୟାଙ୍କ ଭୂଷଣ ଏବୃର ଅକ୍ଷର ରଜା ବଜେ କଲେ ବାଜେ, ପ୍ରଥମ ଅକ୍ଷର ଲୋପ କରି ଦେଲେ ମହାଦେବ ମନ ରାଜେ। ଦ୍ୱିତୀୟ ଅକ୍ଷର ଲୋପ କରି ଦେଲେ କଅଁଳ ପିଲାଙ୍କ ସୁଖ, ତୃତୀୟ ଅକ୍ଷର ଲୋପ କରି ଦେଲେ କହ ବାବୁ ବଡ ଦୁଃଖ

ଶଶୀ — (୧୨୪୮)

ଅବସର ବିନୋଦନ ୪୨ ଉତ୍ତର—ସବାରୀ

—+—

## ନୂଆ ନାଗଙ୍କ ନାମ

ସର୍ବେଶ୍ୱର (୧୨୯୬) ପର୍ଶୁ ସ୍ୱମ ହରି, ୯ମ ଶ୍ରେଣୀ ଜିଲ୍ଲାସ୍କୁଲ, ବାଲେଶ୍ୱର

(୧୨୯୭)ବ୍ରହ୍ମାନନ୍ଦ ଚୌଧୁରୀ, ୯ମଶ୍ରେଣୀ ଶଙ୍ଖନାସ ହାଇସ୍କୁଲ ପୋଃ ଫୁଲ ନଅରୀ କଟକ

(୧୨୯୮) ରମାନାଥ ଖଣ୍ଟୁଆ ନଂ ୩୪ ମ୍ବର ସିଥାଉନ ଜାମସେଦପୁର

(୧୨୯୯)ବଟକୃଷ୍ଣ ପଣ୍ଡା ୮ମଶ୍ରେଣୀ ଅଳକା ଉଚ୍ଚଇଂରାଜୀ ବିଦ୍ୟାଳୟ ପୋଃବାଗଲପୁର କଟକ

(୧୩୦୦) ସୁରେନ୍ଦ୍ର ବିକାଶ ସାହୁ,

(୧୩୦୧) ପୂର୍ଣ୍ଣଚନ୍ଦ୍ର ରଥ; ପୃଥିରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟ—ଦଲ୍ଲଗିର

୧୩୦୨- ଭାସ୍କର ଚନ୍ଦ୍ର ବାରିକ ୮ମଶ୍ରେଣୀ ହାଇସ୍କୁଲ, ପୋ... କରଞ୍ଜିଆ—ମୟୁରଭଞ୍ଜ

୧୩୦୩ କମଳ—ଅଚ୍ୟୁତାନନ୍ଦ ଶତପଥି,

୧୩୦୦୪—ଯଦୁମଣି ନାୟକ, ୧୦ମଶ୍ରେଣୀ ଗାନ୍ଧୀ ଶିକ୍ଷାଶ୍ରମ ଚମ୍ପାପୁର, ପୋଃ ଛତିଆ—କଟକ

## ଆମ୍ବ ଗଛ

ଏଇ ଆମ୍ବ ଗଛ ତଳେ
କୋଇଲଟି ବସି ଗାଉଛି କେତେ
ମନ୍ଦ ଅନଳ ତାଳେ।
ଫଗୁଣ ବାଆ ଦୋଳେ ,
ବଉଳ ବେଣୀ ଲୋଳେ ,
ବାଉଳ ପଡ଼ନେ ଗଂଧ ଧାସ୍ର-ଭାଳେ ॥
ଗୁଞ୍ଜନସ୍ୱରେ ମଧୁପ ଦେହେ ପରାଗ ରେଣୁବୋଳେ
କଅଁଳ ପତ୍ର ମାଳେ
ଝୁରେପଲ ଜ୍ୟୋତ୍ସ୍ନା ଖେଳେ;
ବଇଶାଖ ଝାଂଜି କାଳେ
କ୍ଳାନ୍ତ ପଥିକ କ୍ଳାନ୍ତି ମେଣ୍ଟିଛି
ଶୀତଳ ଛାୟାତଳେ।
ଗୋପାଳ ବାଳକ ବଂଶୀ ବାଜିଛି—
ମନ୍ଦ ଭୈରବୀ ସ୍ୱରେ !

ମହେନ୍ଦ୍ର ନାଥ ଆଚାର୍ଯ୍ୟ (୧୨୪୨)
ନାଗ ୧୨୪୨

## ଶେଷଆହୂତି

ଏଇତ ଏଥର ବାଜୁଛି ଜୟର ତୂର୍ଯ୍ୟ।
ରକତେ ରଂଗିନ୍ ପ୍ରଭାପ୍ରତିମସୂ
ଜାଗିଛି ଭାରତସର୍ପ।
ରକ୍ତ କଂପା ଏଇ-କ୍ଷଣେ !
ଜୀବନରକ୍ତ ଲକ୍ଷଣ ଏ— ?
ମୃତ୍ୟୁ- ଅଂଧାର ଅଂଧକାରା ଅଂତେ —
ଏଥରକି ତୁ ଅନ୍ଧ ହୋଇଲୁ ତୃପ୍ତ
ହତ୍ୟାର ପ୍ରାତେ ?
ଆଜି ମା'ର ଚକ୍ଷୁ ଝରୁଛି ଜୟର ଅଶ୍ରୁ,
ଦୁଃଖିନୀର ବକ୍ଷୁଁ ରକ୍ତ ଝରାଇଛି ଏକ ଦସ୍ୟୁ
ଶ୍ରେଷ୍ଠ ପୂଜାରୀ ମଣ୍ଡଳରେ
ତାଜା ରକ୍ତ ଝରୁଛିରେ—
ଦେଶା ପାଉଣାର ଶେଷ ସମାଧାନ ନାହିଁକି ?
ଶତାବ୍ଦ- ବ୍ୟାପୀ ଯଜ୍ଞର ଶେଷେ,
ଆହୂତି ଏହିକି ? ? ?

ନାଗ ୧୧୮୪
ଶ୍ରୀ ଦିବାକର ମହାନ୍ତି ଗ୍ରାମ- ଇଟୁ

---

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ। ମୋର ବୟସ ୧୮ବର୍ଷରୁ ଊଣା। ମୋର ଜନ୍ମ—ତା । । । ମସିହା। ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ଗ୍ରହଣ ନିମନ୍ତେ ୦୮ ଡାକ ଟିକଟ ଦେଲି

ସ୍ନେହର
ଠିକଣା—ଶ୍ରୀ...



Digitized by srujanika@gmail.com

ସାର୍ ଜଗଡଙ୍କୁ ଉତ୍କଳର "ଶ୍ରେଷ୍ଠ ଦାନ,
'କଲିକତା ର ପ୍ରେସିଡେନ୍ସି କଲେଜର ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

# ଆଚାର୍ଯ୍ୟ ଗିରିଙ୍କ
# ହାଇଡ୍ରୋଆର୍ସିନ ବା ଜ୍ୱରାନ୍ତକ ରସ

ଏହା ଭାରତର ଜଡି ମୂଳରୁ ଏଲ୍‌କାଲେଡ଼ ବାହାର କରି -ତ । କୁଇନାଇନଠାରୁ ଏହା ୭ଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ । ଏତେ ବଡ଼ ଜ୍ୱର ନାଶକ ଔଷଧ ଆଜି ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଭଗ୍ନ ଶରୀର ଫେରି ଆସେ । ଏକ ବର୍ଷ ସକାଶେ ଜ୍ୱର ଆସେ ନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ !

# କିଉଟିଲାନ

ଚର୍ମ ରୋଗର ଅବ୍ୟର୍ଥ ଔଷଧ । କାଛୁ, କୁଣ୍ଡିଆ, ଦାଦୁ ମଟଳ ପଚା ଘା ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶ କରି ଚର୍ମକୁ କାନ୍ତି ବିଶେଷ କରେ ।

# ଯୌବନ ସୁଧା
# ବା
## OVOTCNE

ଯାବତୀୟ ସ୍ତ୍ରୀ ରୋଗ ପ୍ରଶମନକାରୀ ଅଙ୍ଗ ବର୍ଦ୍ଧକ ପୁଷ୍ଟିକାରକ ଓ ପୁଂଗବାହ ଶକ୍ତି ସମ୍ପନ୍ନ ଶ୍ରେଷ୍ଠ ରସାୟନ ।

ଏହା ସ୍ତ୍ରୀ ଜନନେନ୍ଦ୍ରିୟ, ଜରାୟୁ । ବସ୍ତି-କୋଠର, ଡିମ୍ବାଧାର, ଓ ଆବର୍ତ୍ତ ଉପରେ ଇନ୍ଦ୍ରଜାଲପରି କାର୍ଯ୍ୟ କରେ । ଏହି ଔଷଧ ବ୍ୟବହାର କରି ସହସ୍ର ସହସ୍ର ମହିଳା ଶ୍ୱେତ, ପୀତ, ନୀଳ ଓ ରକ୍ତ ପ୍ରଦର, ଅନିୟମିତ ଋତୁ, ରଜକଷ୍ଟ, ଯୋନୀଶୂଳ, ଯୋନୀ କଣ୍ଡୂ ତଳପେଟ, କମରଠାରୁ ଦେହରେ ବେଦନା; ବାଧକ ବେଦନ, ବନ୍ଧ୍ୟା, ମୃତବତ୍ସା, ଗୁଳ୍ମ ପ୍ରଭୃତି ଅନେକ ପ୍ରକାର ଜଟିଳ ରୋଗରୁ ମୁକ୍ତି ଲାଭ କରି ଅଛନ୍ତି । ଏହା ଯୋନୀ ସମ୍ବନ୍ଧୀୟ ସମସ୍ତ ରୋଗ ନାଶ କରି ସ୍ତ୍ରୀମାନଙ୍କର କାନ୍ତି ବର୍ଦ୍ଧନ କରି ଶରୀରର ଅଙ୍ଗ ପୁଷ୍ଟି ବାଧକ ଜନୀ ... ତ କୃଶ ଓ ବିସ୍ତୀର୍ଣ୍ଣ ଜାନୁକୁ କ୍ରମ ସ୍ଥୂଳ ଉନ୍ନତ କରେ । କଟି ବାଧ୍ୟ ସମ୍ପୂର୍ଣ୍ଣ

କଟିକୁ କୃଶ ଓ ମନୋରମ କରେ । ଏବଂ ଶିଥିଳ ପତନୋନ୍ମୁଖ ବକ୍ଷକୁ ନବ ଯୌବନରେ ପରିଣତ କରେ । ପ୍ରତ୍ୟେକ ନର ନାରୀଙ୍କର ଏହା ଅତ୍ୟାବଶ୍ୟକ ଔଷଧ ।

ବିଳାସ ଓ ଭେଷଜ ଏକତ୍ର ସମାବେଷ୍ଟ ସାର ଜଗତଠାରୁ
ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ
ପ୍ରଶୋଧନ ସମ୍ଭାର

ସୁବାସିତ ପୋଷକ ତେଲ

# ସାର୍ଥିକା

ଦେହ ପୋଷଣ ଏବଂ ମେଦ ଶୋଷଣ କରି
ନିର୍ମାଣ କରେ
ଶକ୍ତିଶାଳୀ, ସୁଦୃଢ଼, ସୁଗଠିତ, ପେଶୀ,
ଉତ୍ପନ୍ନ କରେ
ସୁକୋମଳ, କାନ୍ତି ଯୁକ୍ତ, ସୁନ୍ଦର ତ୍ୱକ୍,
ସୁଗଠିତ କରେ,
ବାସନାର ଲୀଳା ଶୃଙ୍ଗବେଦୀ ମନୋହର, ସ୍ଫୀତ, କଠୋର
ପୀନପୟୋଧର
ଏବଂ ପ୍ରଲମ୍ବିତ କରେ
ସୁଚିକ୍କଣ, କୋମଳ, ଭ୍ରମରନିନ୍ଦିତ, କୁଞ୍ଚିତ କେଶଦାମ ।

# ବିସୂଚି ବଜ୍ର

ହଇଜା, କଲେରା ଓ ଉଦରାମୟରେ ଶ୍ରେଷ୍ଠ ସୁପରୀକ୍ଷିତ ଔଷଧ
ବିସୂଚି ବଜ୍ର ହଇଜା ବା କଲେରାର ଜୀବାଣୁ ନାଶ କରେ ଏବଂ ସଙ୍ଗେ ସଙ୍ଗେ ପକାଶୟର ଅଗ୍ନି ବର୍ଦ୍ଧନ କରେ ଓ ନିର୍ଦ୍ଦୋଷରେ ସାମ୍ୟ କରି ଶରୀରକୁ ନୂତନ ଜୀବାଣୁ ପ୍ରବେଶର ଅଯୋଗ୍ୟ କରି ଦିଏ, ଅଜୀର୍ଣ୍ଣ ଯୋଗୁଁ ଉଦରାମୟ, ଆମାଶୟ ଓ ରକ୍ତାମାଶୟରେ ମଧ୍ୟ ଏହା ଅବ୍ୟର୍ଥ ଫଳପ୍ରଦ । ଏହା ସର୍ବ ପ୍ରକାର ବେଦନା ନାଶକ । ଦାନ୍ତବିନ୍ଧା, ବିଛାକାମୁଡ଼ା, ବୋଳୁଅ କାମୁଡ଼ାର ମହୌଷଧ ଏହା ଶ୍ରେଷ୍ଠ ବିଷ ଦୋଷ ନାଶକ । ପ୍ରଲେପ ଭାବରେ ମଧ୍ୟ ଏହା ବ୍ୟବହାର କରାଯାଏ କାଟି ବା ଛେଚି ହେଲେ ଇତ୍ୟାଦି ସ୍ଥାନରେ ଲଗାଇବା ମାତ୍ରେ ବେଦନା ନାଶ କରେ ପ୍ରତ୍ୟେକ ଗୃହସ୍ଥର ସବୁବେଳେ ପାଖରେ ରଖିବା ଉଚିତ ।

ପ୍ରାପ୍ତିସ୍ଥାନ
ବିଜୟ ଶକ୍ତି ଔଷଧାଳୟ
ବାଲେଶ୍ୱର

Digitized by srujanika@gmail.com

Dagaro

Reg. No 04.  ORISSA'S MOST POPULAR FORTNIGHTLY  16-11-49

## ହାଉଡ଼ା କୃଷ୍ଣ କୁଟୀର

## କୃଷ୍ଣ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଆଂଶିକ ଫୁଲା, ଫୋଟକା, ଘୋର ରସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

## ଧଳାକୁଷ୍ଠ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲେପ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଉଡ଼ା

ଶାଖା ୩୬—ନଂ ହାରିସନ ରୋଡ କଲିକତା

## ୧୦୧ଟଙ୍କା ପୁରସ୍କାର

**ନକଲରୁ ସାବଧାନ**

## ଅସଲି

## ପଞ୍ଚଗୁଣା ତୈଳ

[ ରେଜିଷ୍ଟାର୍ଡ ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ ଅସଲି ପଞ୍ଚଗୁଣା ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦରଜ, ଛେଚା, କଟା, ପୋଡ଼ା, ଘାଆ, କାଛୁ, ବିଖଉଜ, ମଚକା, ବାଗି ପ୍ରଭୃତି ୫୨ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ବ୍ୟବହାର ବିଧି ଶିଶି ସହିତରେ ଥାଏ । ପଢ଼ିଲେ ସମସ୍ତ ବିଷୟ ବୁଝି ପାରିବେ ମୂଲ୍ୟ ପ୍ରତି ଗ୍ରୋସ ୭୫ଟଙ୍କା ପ୍ରତି ଡଜନ ୭ ୟ, ପ୍ରତି ଶିଶି ୧୦ ୯/ ମାତ୍ର । ଯଦି କେହି ଏହି ଔଷଧକୁ ନିଷ୍ଫଳ ପ୍ରମାଣ କରାଇ ଦିଅନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ । ଆଉ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ ।

ପତ୍ର ଦେଲେ କାଟଲଗ ପଠାଇ ଦେବୁ ।

ପ୍ରାପ୍ତିସ୍ଥାନ—

ମନୀରାମ କେଦାରମଲ

୧୩୨ ବେଲଗା ବଜାର, କଟକ

ଉତ୍କଳର ରଚନାତ୍ମକ ମାସିକ ପତ୍ରିକା

## 'ଗ୍ରାମ ସେବକ' ପଢ଼ନ୍ତୁ

ଗ୍ରାହକ ଚାନ୍ଦା ଟ ୩୯ ଠିକଣା-ପୋ: କଟକ ୨

## ହାଇଡ୍ରୋସିଲ୍

ଆମ୍ଭର "ବି, ଏଚ୍," ତୈଳ ଦ୍ୱାରା ହାଇଡ୍ରୋସିଲ ଅର୍ଗାଇସ ଗୋଦର, ହାଣ୍ଡିଆ, ଗଣ୍ଡିବାତ ଆଦି ଅଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ । ମୂଲ୍ୟ ଟ ୩୯, ଅଭ୍ୟନ୍ତରିକ ଔଷଧ "ପାନଅ" ବଡ଼ିଦାମ ୨୯ ଡା:ମା:୧୦ ୯/ ।

## ପେଟବ୍ୟଥା

କଲିକ୍, ପେନ, ପେଟମରା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର "ଗ୍ୟାପନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣ-ରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ଟ ୩୯, ଡା:ମା: ଟ ୦ ୯/

Kaviraj R N. Chakravarty. [D.M,]
24 Devendra Ghose Road,
Bhawanipore Calcutta

# ୧୯୪୯-୫୦ରେ ତମର ଭାଗ୍ୟ କ'ଣ ହେବ ?

ଯଦି ଆପଣ ୧୯୪୯—୫୦ ମସିହାରେ ଯେଉଁ ସବୁ ପରିବର୍ତ୍ତନ ହେବ ତାହାର ବିବରଣୀ ତଥା ସବୁ ଘଟଣା ଘଟିବାର ପୂର୍ବରୁ ଦେଖିବାକୁ ଚାହାନ୍ତି, ତାହାହେଲେ ଆଜ ଖଣ୍ଡିଏ ପୋଷ୍ଟକାର୍ଡରେ ଆପଣଙ୍କ ଜନ୍ମରେ ଅଥବା କୌଣସି ଫୁଲର ନାମ ପତ୍ର ଲେଖିବା ସମୟ ଏବଂ ପରିଷ୍କାର ଭାବରେ ନିଜର ପୁରା ଠିକଣା ଲେଖିକରି ପଠାନ୍ତୁ । ତାହାହେଲେ ଆମେ ଜ୍ୟୋତିଷ ବିଦ୍ୟା



ସାହାଯ୍ୟରେ ଆପଣଙ୍କ ଆଗାମୀ ବାରମାସର ଭାଗ୍ୟର ଫଳ, ଲାଭ, କ୍ଷତି କେଉଁଠି ରୋଜଗାର ହେବ, କେଉଁ ବ୍ୟବସାୟରେ ଲାଭ ହେବ, ଚାକିରୀରେ ଉନ୍ନତି, ଗ୍ରହଙ୍କ ମଙ୍ଗଳ, ସ୍ୱାସ୍ଥ୍ୟ ରୋଗ, ବିଦେଶ ଯାତ୍ରା, ସ୍ତ୍ରୀ ସନ୍ତାନମାନଙ୍କ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା । ମନ ଅନୁସାରେ ବିବାହ, ପୋଷ୍ୟଧନ ପ୍ରାପ୍ତି, ଲଟେରୀ, କ୍ରୁଅ ଅଥବା କୌଣସି ଆକସ୍ମିକ କାରଣରୁ ସୁଖ ଅଥବା କୌଣସି ଲୋକ ସଙ୍ଗେ ନୂତନ ବନ୍ଧୁତା, ମନ ଅନୁସାରେ ବିବାହ. ପୋଷ୍ୟଧନ ପ୍ରାପ୍ତି, ଲଟରୀ, କ୍ରୁଅ ଅଥବା କୌଣସି ଆକସ୍ମିକ କାରଣରୁ ସୁଖ ଅଥବା ଧନଲାଭ ପ୍ରଭୃତି ବିଷୟ ପୋଷ୍ଟକାର୍ଡର ଲେଖା ଦାମ୍ପତ୍ୟଠାରୁ ଅନେକ ମାସ ହାରକଷରେ ଠିକ୍ ଠିକ୍ ଘଟିବାର ସମସ୍ତ ଘଟଣାର ଫଳ ନିର୍ଣ୍ଣୟ କରି କେବଳ ୧୦ଟାର ବିନିମୟରେ ଭି: ପି: ଯୋଗେ ପଠାଇ ଦେବୁ । ଡାକଖର୍ଚ୍ଚ ଅଲଗା ପଡ଼ିବ । ଖରାପ ଗ୍ରହଙ୍କୁ ଶାନ୍ତ କରିବାର ଉପାୟ ମଧ୍ୟ ଆମେ ଲେଖିଦେବୁ । ଏହା ଠିକ୍ ନ ହେଲେ ମୂଲ୍ୟ ଫେରସ୍ତ ପାଇ ଗ୍ୟାରେଣ୍ଟି ଦିଆଯାଉଛି । ଥରେ ନିଶ୍ଚୟ ପରୀକ୍ଷା କରନ୍ତୁ ।

THE BENGAL MESMERISM HOUSE (D.W B.) HOSHIARPUR.

ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା ସଂପାଦକ—ଶ୍ରୀ ରାଜମୋହନ ଦାସ

Printed & Published by G. C. Mohapatro, at the Gopinath Press, Bhadrak 16.11 49

Digitized by srujanika@gmail.com

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟପତ୍ର
ତ୍ରୟୋଦଶ ବର୍ଷ ୧୧ଶ ସଂଖ୍ୟା
ମାର୍ଗଶିର ପ୍ରଥମାର୍ଦ୍ଧ
୧।୧୨।୪୯।

# ଡଗର

## ଖରଚ କାଟ




ହାତୀ ଗଲାପାଏ ଶିମ୍ଭୁଡ଼ି ନଗଲେ ସରକାର ଗଲାବେଳେ
ବଡଙ୍କ ବେଲରୁ ବଢ଼ୁଛ ନବଳେ, ପିଅନ ବାପୁଡ଼ା ମରେ

Digitized by srujanika@gmail.com

ବାର୍ଷିକ ୫ ... ଷାଣ୍ମାସିକ ୫ ୩ ମୂଲ୍ୟ — ଦୁଇଅଣା

## ସ୍ତ୍ରୀ ରୋଗ ପାଇଁ

# ରମ୍ଭକୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ଔଷଧର କିମ୍ବା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୧୦୬୦

### ଦେଶୀ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨— ଡାକଖର୍ଚ୍ଚ—୧୦୬୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. G.)
70, Cornwallis St., Calcutta

---




# ପାଇରୋଲା

ପ୍ଲୀହାଜ୍ୱର, ପାଳିଜ୍ୱର ଓ ମ୍ୟାଲେରିଆର ମହୌଷଧ

# ଅନନ୍ତରସ ସାଲସା

ରକ୍ତ ପରିଷ୍କାରକ, ବୀର୍ଯ୍ୟବର୍ଦ୍ଧକ ଓ ବାତ-ବେଦନାନାଶକ ମହୌଷଧ



ବହୁବଜାର ଲେବରେଟରୀ
୨୨୫, ବହୁବଜାର ଷ୍ଟ୍ରୀଟ, କଲିକତା ୧୨

---

ପୁରସ୍କାର ୧୦୦୦ ଟଙ୍କା
ଲୋଧ୍ରା ରତ୍ନାକର
ରେଜିଷ୍ଟାର୍ଡ
ସର୍ବପ୍ରକାର ଜ୍ୱର ଷ୍ଟ
ଅଳାରର, ମୋହନ
ସ୍ତ୍ରୀ ରୋଗୀ ମାନଙ୍କର
ବିଶ୍ରାମପୁଅ
ହିନ୍ଦୁସ୍ତାନ ଏଜେନ୍ସି
...ରାଣୀହାଟ
କଟକ

---

### ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର ।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦଲ୍ଲୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

ଠିକଣା—ଶ୍ରୀ ଦଲୀପ କୁମାର
ମାନସିଂ ମହାପାତ୍ର
ପୋ: ଢେଙ୍କାନାଳ

---

## ନବୀନ ଉତ୍କଳର

ନବ ବିକାଶର ଉନ୍ମେଷ
ବାର୍ତ୍ତାବହ

# ଉନ୍ମେଷ

ଅଚିରେ ପ୍ରକାଶ ପାଉ
ଉତ୍କଳର ସ୍ୱନାମ ସିଦ୍ଧ
ଲେଖକ ମାନଙ୍କ ଲେଖାବଳୀରେ
ସମୁଜ୍ଜ୍ୱଳ
ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା
ଉନ୍ମେଷର ଲକ୍ଷ୍ୟ
ବାର୍ଷିକ ୫୬(ଷାଣ୍ମାସିକ ୫୩ ପ୍ରତିଖଣ୍ଡ ୫୦୬
ଉନ୍ମେଷ—ଅଫିସ
ଝାଞ୍ଜିରୀ ମଙ୍ଗଳ କଟକ—୧

---

# ହାଇଡ୍ରୋସିଲ

ଆମର 'ନିଶାକର ତୈଳ' ବ୍ୟବହାରରେ ହାଇଡ୍ରୋସିଲ ଅଚଉଷ ଗୋଦର, ହାର୍ଣ୍ଣିଆ ଗଣ୍ଡିବାତ ଆଦି ଆଶ୍ଚର୍ଯ୍ୟ ଭାବେ ଆରୋଗ୍ୟ ହୁଏ; ମୂଲ୍ୟ ୫ ୩୯, ଅଭ୍ୟନ୍ତରିକ ଔଷଧ ଦବାକାର ବଟି ଦାମ ୫ ୨ଡା: ମା: ୧୦୬୦ ।

# ପେଟବ୍ୟଥା

କଲିକ୍ ପେନ୍; ପେଟମରା ଆଦି ଯାବତୀୟ ଉଦର ଯନ୍ତ୍ରଣା ଏବଂ ନିଦ୍ରା ଓ ସ୍ତୁ ହେବା ଆଦି ରୋଗ ଆମର 'ପାକସିଦ୍ଧ ବ୍ୟବହାର ଦ୍ୱାରା ୧ ନେ ଦୁଇଦିନ ମଧ୍ୟରେ ଭଲ ହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ଲାଗି ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ । ମୂଲ୍ୟ ୨୩୦୯, ଡା: ମା: ୧୦୬୦ ।

Kaviraj S. K. Chakravarty (D. C)
126-2 Hazra Road. Calcutta 26
Stockists. bhubanswar Trading house
Bhubaneswar. (O)

ଏ ସଂଖ୍ୟାରେ

କଣ

ପଢିବେ?

ମହତାବଙ୍କ ଜୟନ୍ତୀ

ନୁହେଁ

ବ୍ରହ୍ମଚାରୀ ସୁଶୀଳ

ମୋହନଙ୍କ ଜୟନ୍ତୀ

ଦେଖନ୍ତୁ

—o—

ନବ ଗୀତଗୋବିନ୍ଦକାର

ଜୟଦେବଙ୍କ

ଜୟହରେ କୃଷ୍ଣହରେ

ଲଳିତ ଛନ୍ଦରେ

ପ୍ରକାଶିତ

ପୁଣି

କହନ୍ତୁଆବୋଉ

ଅଛକ ତମର ଭଉଣୀଅଉ

ମଜାକଥାରେ

ଦାହାଉଲ

—o—

କୋଣାର୍କରେ ଦିନେ

ଶେଷାଂଶ

ଏଇ ସଂଖ୍ୟାରେ

[illegible]

# ଉତ୍କଳ

ମାର୍ଗଶିର ପ୍ରଥମାର୍ଦ୍ଧ ୧୩ଶ ବର୍ଷ ୧୧ ସଂଖ୍ୟା ୧।୧୨।୪୯

## ଶ୍ରୀଯୁକ୍ତ ମହତାବ

୫୦ ବର୍ଷ ବୟସରେ ଶ୍ରୀଯୁକ୍ତ ମହତାବଙ୍କ ଗୋଟିଏ ଶୁଭେଚ୍ଛୁ ପତ୍ର ହିସାବରେ ତାଙ୍କର ୫୧ ବାର୍ଷିକ ଜନ୍ମଦିବସରେ ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ, ଭଗବାନ ତାଙ୍କୁ ଦୀର୍ଘଜୀବୀ କରି ଜଣେ ପ୍ରକୃତ ଅକୃତ୍ରିମ ଦେଶସେବୀ ହେବାର ସୁଯୋଗ ଓ ସଫଳତା ଦିଅନ୍ତୁ ।

କିନ୍ତୁ ଆମ୍ଭେମାନେ ଜୀବିତ ମନୁଷ୍ୟର ଜୟନ୍ତୀର ପକ୍ଷପାତୀ ନୋହୁଁ । ରାମ ବା କୃଷ୍ଣଙ୍କର ଜୀବିତାବସ୍ଥାରେ ଜୟନ୍ତୀ ପାଳିତ ହେବାର ବିବରଣୀ କୌଣସି ପୁରାଣରେ ନାହିଁ । ରାମନବମୀ ବା ଜନ୍ମାଷ୍ଟମୀ ରାମକୃଷ୍ଣଙ୍କର ପରବର୍ତ୍ତୀ କାଳର କଥା । ଗାନ୍ଧୀଜୀ ତାଙ୍କର ଜୟନ୍ତୀକୁ ଚରଖା ଜୟନ୍ତୀରେ ପରିଣତ କଲେ । ଆମ୍ଭେମାନେ ଆଶାକରୁଁ, ଶ୍ରୀଯୁକ୍ତ ମହତାବ ଏଭଳି ଜୟନ୍ତୀ ବିଶେଷତଃ ସୁବିଧିପତମାନଙ୍କର ପୃଷ୍ଠପୋଷକତାରେ ପାଳିତ ଜୟନ୍ତୀକୁ ବାରଣ ଅବଶ୍ୟ କରିବେ ।

ଜୟନ୍ତୀ ଉତ୍ସବକଥା ଛାଡ଼ିଦେଲେ ଶ୍ରୀଯୁକ୍ତ ମହତାବଙ୍କ ଭଳି ଜଣେ ଦେଶର ବିଶିଷ୍ଟ ବ୍ୟକ୍ତିଙ୍କର ଗୁଣ ସ୍ମରଣ କରିବାର ଅବସର ଏଭଳି ଜନ୍ମଦିନ ଯେ ଆଣିଦିଏ ଏଥିରେ ସନ୍ଦେହ ନାହିଁ । କିନ୍ତୁ ମହତ ବ୍ୟକ୍ତିଙ୍କର ଗୁଣାନୁକରଣ ସଙ୍ଗେ ସଙ୍ଗେ ତାଙ୍କ ଚରିତ୍ରର ଅଭାବ ଦିଗକୁ ଦୃଷ୍ଟିଦେଲେ ଲୋକଙ୍କର ପ୍ରକୃତ ଶିକ୍ଷା ହୁଏ ।

ଶ୍ରୀଯୁକ୍ତ ମହତାବ ଧନୀ ସନ୍ତାନ । ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ସ୍ୱାଧୀନତା ସଂଗ୍ରାମରେ ଯେତେ ଶାରୀରିକ ଦୁଃଖ ସେ ସହିଛନ୍ତି ତାହା ତାଙ୍କ ପକ୍ଷରେ ଯଥେଷ୍ଟ ତ୍ୟାଗ । ମହତାବ ଉତ୍ସାହର ଗୋଟିଏ ଉଜ୍ଜ୍ୱଳ ମୂର୍ତ୍ତିମାନ ଉତ୍ସାହ କହିଲେ ଚଳେ । କୌଣସି କାର୍ଯ୍ୟସାଧନ ପାଇଁ ସେ ଦୃଢ଼ପରିକର ହେଲେ ଛଳେବଳେ କୌଶଳେ ତାର ଚରମ ପରିଣତି ନ ଦେଖିବା ଯାଏ ସ୍ଥିର ରହି ପାରନ୍ତି ନାହିଁ । ସଫଳତାରେ ସେ ଆଗେଇଯାନ୍ତି କିନ୍ତୁ ବିଫଳତାରେ ସେ କେବେ ଟଳି ପଡ଼ନ୍ତି ନାହାନ୍ତି । ତାଙ୍କର ବିସ୍ତାରିତ ବକ୍ଷପରି ତାଙ୍କର ସାହସ । ଅତି ଦୁଃସାହସିକ କାର୍ଯ୍ୟ କରିବାବେଳେ ମଧ୍ୟ ଦୁର୍ବଳ ବିବେକ ଦଂଶନ ତାଙ୍କ ଗତିପଥକୁ ପ୍ରତିହତ କରେ ନାହିଁ । ମୁକ୍ତହସ୍ତ ହେବାରେ ସେ ସମୟ ସମୟରେ ଅକିଞ୍ଚନ ( bankrupt ) ହେବା ଅବସ୍ଥାକୁ ଟାଣିହୋଇ ଆସନ୍ତି, ତଥାପି ନିଜର ଅବସ୍ଥାରେ ସେ କେବେ ବିଚଳିତ ହେବାର ଦେଖାଯାନ୍ତି ନାହିଁ

ଶ୍ରୀଯୁକ୍ତ ମହତାବଙ୍କର ସମୟ ଅନୁସାରେ ନିଜକୁ ଖାପ ଖୋଇ ଦେବାର ଶକ୍ତି ଅଦ୍ଭୁତ, ଆଜି ସେ ରାଜ ଐଶ୍ୱର୍ଯ୍ୟ ଭୋଗରେ ଥାଇ କାଲି ସେ ଆବଶ୍ୟକ ହେଲେ ଦରିଦ୍ରତମ ବାସ୍ତୁହୀନ ଯାଯାବର ସଦୃଶ ହେବାରେ ସାମାନ୍ୟ ବିପନ୍ନତା ମଧ୍ୟ ତାଙ୍କଠାରେ ମିଳିବ ନାହିଁ ।

ଶ୍ରୀଯୁକ୍ତ ମହତାବ ଜଣେ ଉତ୍କୃଷ୍ଟ କ୍ଷତ୍ରିୟ ପରି ଦୁର୍ଦ୍ଧର୍ଷ ଅରିନ୍ଦମ । ଶତ୍ରୁକୁ ସେ କଦାପି କ୍ଷମା କରନ୍ତି ନାହିଁ । ଏବଂ ତାଙ୍କର ତୀକ୍ଷ୍ଣ ସ୍ମୃତି ସେ କ୍ଷମାର ଅନ୍ତରାୟ ହୁଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଶତ୍ରୁପରାଜୟ ମାନଦା ମୁହୂର୍ତ୍ତରେ ତାଙ୍କର ଆଉ ଶତ୍ରୁ ମିତ୍ରର ପାର୍ଥକ୍ୟ ନଥାଏ । ଶ୍ରୀଯୁକ୍ତ ମହତାବଙ୍କୁ ଅନେକ ସମୟରେ ଛଦ୍ମବେଶୀ ଶତ୍ରୁଙ୍କ ମଧ୍ୟରେହିଁ ବାସ କରିବାକୁ ପଡ଼େ

ଆମ୍ଭେମାନେ ପୁନର୍ବାର ମହତାବଙ୍କର ଦୀର୍ଘଜୀବନ କାମନା କରି ତାଙ୍କ ଜନ୍ମ ତିଥିରେ ଅଭିନନ୍ଦନ ମାତ୍ର ଜଣାଉଛୁଁ ।

Digitized by srujanika@gmail.com

# ଡାଟେର ଡାଟେର ଟାନା ଟାନା

ପଣ୍ଡିତ ନେହେରୁ ସାହାଜାହାନଙ୍କ ଦିୱାନେ-ଇ-ଆମ ସିଂହାସନରୁ ଭାଷଣ ଦେଲେ-ସଂବାଦ

…ମୟୂର ସିଂହାସନ ନଥିଲା ।-ଥିଲା ମୟୂରପୁଚ୍ଛ ବଣିଜ୍ୟ ଭାବ

\+ + +

କଠିଣ ପରିଶ୍ରମ କର-କଠିଣ ପରିଶ୍ରମ କର -ନେହେରୁ

………ହଁ । ମୋର ଦାଇଁଆ—
ତୁମ ମୋର ମାଇଁଆ—
ହାମ ଖାଏଁ ଭଇଆଁ
ତୁ ବଡ଼ା ଗୃଇଁଆ
ହ ମର ହାଇଆଁ

\+ + + +

ବୃଷ ଫିଡରଲ ଛାତ ସଂଘର ସଂହିତା (charter) ବଣ୍ଟନ କରୁଛ—ଗୃହନା ବୃତ୍ତକ ସୁହାବ ।

……ତୁମ ବଳ କହିଁଡା ଜାଣେ ।

\+ + + +

ଦକ୍ଷିଣ ଅଫ୍ରିକା ଗୋରା ସରକାର କଳା ଅଧିବାସୀଙ୍କ ଉପରେ ବୋମା ବର୍ଷଣ କରୁଛି-ଜାତିସଂଘ ଟ୍ରଷ୍ଟିକମିଟି ଆଗରେ ଅଭିଯୋଗ

…କାଳାଗୋଚରରେ ଥାଇ ଡାକିଲେ ନଶୁଭେ

\+ + + +

୧୯୫୦,୨୬ ଜାନୁଆରୀରେ ଭାରତ ସ୍ୱାଧୀନ ହେବ—ଅମ୍ବେଦକାର

………୧୯୪୭ ୧୫ ଅଗଷ୍ଟରେ ବୋଧହୁଏ ପରାଧୀନ ହୋଇଥିଲା ବା ଅମ୍ବେଦକାର ଅଧୀନ ହୋଇଥିଲା ।

❊ ❊ ❊

ବୀର ପୂଜାର ପରିଣତ-ଏକଛତ୍ର ଶାସନ —ଅମ୍ବେଦ କାର

………ଓଡ଼ିଶାରେ-ବୀର ପୂଜା ନୁହେଁ-କଚ୍ଛ ମାରୁଆଡ଼ିକନ୍ୟାମାନେ ବରପୂଜା କରିଥିଲେ ।

\+ + + +

ଆମ ଶାସନ ବିଧାନରେ ଗାନ୍ଧିବାଦରୁ ଢେର (much) ରହିଛି -ସଂସ୍କାର ।

………ବିଶେଷତଃ ପଣ୍ଡିତଙ୍କ ଡାଙ୍ଗରୀ ମୁଣ୍ଡରୁ ପେଟଙ୍କ ବାହାରିଛି ।

\+ + + +

ମୁ ଜୟନ୍ତୀ ପାଇଁ ରାଜି ନଥିଲି । କିନ୍ତୁ ଯେତେବେଳେ ଦେଖିଲି, ରାଜି ନହେଲେ ବନ୍ଧୁମାନଙ୍କୁ ହରାଇବାକୁ ପଡ଼ିବ ସେତେବେଳେ ବାଧ୍ୟହୋଇ ରାଜି ହେଲି—ମହତାବ ।

………ଯେ। ଆଡ଼ାହେ ଉପେ ଅନେ ଦୋ

❊ ❊ ❊

ଦୋଷ ଦେଖିବାର ସମୟ ଏନୁହେ—ନେହରୁ

……ସମସ୍ତେ ଅନ୍ଧ ହୋଇଗଲେ ଆଉ କିଛି ଦିଶିବ ନାହିଁ

\+ + +

କଂଗ୍ରେସ ବୁଢ଼ୀଆ ଗଛ ନୁହେ-ପ୍ରାକୃତିକ ବଣ —ରାଜାଜୀ

……ସେଠି ସେଥିପାଇଁ ବାଘ ଭାଲୁ ବି ରହନ୍ତି ।

❊ ❊ ❊

ପୂର୍ବ ପାକିସ୍ତାନ ଭାରତ ସୀମାକୁ ମାଡ଼ ଆସିଛି—ସଂବାଦ

……ଓଟରୁ ଟିକିଏ ସ୍ଥାନଦିଅ ଭାରତ

\+ + +

ଶାସନ ବିଧାୟକ ସଭାରେ ଏଯାଏ ୫ ଠିଏ ଲକ୍ଷ ଟଙ୍କା ଖର୍ଚ୍ଚ ହେଲାଣି—ସଂବାଦ

……ଷଠରୁ ଷାଠିଏ ।

\+ + +

ଶାସନ ବିଧାୟକ ସଭା ୨ୟ ବର୍ଷରେ ୧୬୫ ଦିନ ବସିଲାଣି—ସଂବାଦ

……ମାନବଙ୍କର ୨ୟ ବର୍ଷରେ ଦେବତାଙ୍କର ବର୍ଷେ ହୁଏ ।

'ରୁଷିଆ ସ୍ୱର୍ଗ'-କମିଉନିଷ୍ଟ ପ୍ରବର୍ତ୍ତିତ ଶାନ୍ତି ସମ୍ମିଳନୀର ଡାକ

……କମିଉନିଷ୍ଟମାନେ ଜେଲ ନଯାଇ ସ୍ୱର୍ଗାରୋହଣ କରନ୍ତୁ ।

\+ + +

ଭାରତ ଶାସନବିଧାନ ଗୃହୀତ ହେଲା

……ଗୋପାଳଭଣ୍ଡଙ୍କ ମହାଭାରତ ।

… … …

ଶାସନ ବିଧାନ ଦେଶର ଭଲସେବା କରିବ ରାଜେନ୍ଦ୍ର ପ୍ରସାଦ

……ବିଧାଦେଇ ଗୋଡ଼ହାତ ବଥା ମାରିବ ।

❊ ❊ ❊

କାଗଜ ଯୋଜନାର ଦିନ ଗଲା ଯାଉଛି- — ପଟେଲ

……ସିଲଟ ଯୋଜନାରେ ଚଞ୍ଚଳ ଲଭିବା

\+ + +

ଦିଲ୍ଲୀ ସଭାରେ ପଣ୍ଡିତ ନେହେରୁଙ୍କ ମଞ୍ଚ ୩ଥର ଭାଙ୍ଗିବ ଭାଙ୍ଗିବ ହୋଇ ଭାଙ୍ଗିଲା ନାହିଁ —ସଂବାଦ

……ପଣ୍ଡିତଜୀ ନଇଁବେ ପଛେ ଭାଙ୍ଗିବେ ନାହିଁ

ଆଗାମୀରେ ପରଦା ପ୍ରଥା ଉଠିଯିବ— ଶ୍ରୀମତୀ ହଂସ ମେହେଟ

……ବିଲକୁଲ ବେପରଦା

\+ + +

ଅମ୍ବେଦକାର କଂଗ୍ରେସରେ ଯୋଗ ଦିଅନ୍ତୁ — ନିବେଦନ

……ଏହିକି ଏତେ—ମୁଦିଥିଲେ ଗୋଡ଼ ……

❊ ❊ ✹

ପାରସ୍ୟର ସାହା ନ୍ୟୁୟର୍କରେ ରାଜକୀୟ ସଂବର୍ଦ୍ଧନା ପାଇଛନ୍ତି—ସଂବାଦ

ନେହେରୁ ମନ୍ତ୍ରୀ ପତ୍ନୀୟା ସଂବର୍ଦ୍ଧନା ପାଇଥିବେ

\+ + +

ପଟେଲ ନେହେରୁଠାରୁ ଆରମ୍ଭକରି ସବୁ କଂଗ୍ରେସ ନେତା …… ଖରାପ—ଜୟପ୍ରକାଶ ଆମ୍ବ ବଡ଼ ମନ୍ୟତେ ଜଗତା

\+ + +

ହାଇଦ୍ରାବାଦ ଭାରତ ଅନ୍ତର୍ଭୁକ୍ତ ହେଲା— ସଂବାଦ ……ବୟସ ଗଡ଼େଇ ଦେଲ ।।

\+ + +

ପୂର୍ବ ପାକିସ୍ତାନ ସରକାର ହିନ୍ଦୁଘରସବୁ ଦଖଲ କରୁଛନ୍ତି—ସଂବାଦ …ପାକିସ୍ତାନ ସରକାର ଘରକରଣା ଭଲ କରିପାରିବେ ,

\+ + +

ଶୀତଳବିଦ ଭାରତର ଆଡଭୋକେଟ ଜେନେରାଲ ହେଲେ—ସଂବାଦ—

……ଆଇନ ଭାରଙ୍କ ମଥା ଗରମ ହେଲାଣି ।



Digitized by srujanika@gmail.com

୧୯୩୨ ମସିହାରେ ୫୫ଟି ଅର୍ଦ୍ଧଭଗ୍ନ ବଲ୍ମ ସହରେ ଗୋଟିଏ ହିସାବରେ ବୁଝି ଜଳ୍ଦ କରିବାରୁ ମେକ୍ସିକୋ ଦେଶରେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ବର୍ଜନ କରିଯାଇଛି । ପୂର୍ବେ ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା—ଏଣିକି ପୁତ୍ରାର୍ଥେ ବର୍ଜିତେ ନାରୀ ହେବ ।

\+ \+ \+

ହନୁମାନ ସାହେବ, ଗଣତନ୍ତ୍ର ଶାସନର ଅଭିବୃଦ୍ଧି କମନ୍ତେ ଦଶଟି ସର୍ତ୍ତ ବା ଟେନ୍ କମାଣ୍ଡମେଣ୍ଟସ ଜାରି କରିଛନ୍ତି । ମାତ୍ର ଏହା-ଦାଗମ ସୂଚିତ ସେ ଛାଡ଼ି ଯାଇଛନ୍ତି ବୋଲି ବିଲ୍‌ଅ ସଭା ଚେତାଇ ଦେବାକୁ ଚାହେଁ । ସୂଚିଟି ହେଉଛି— ଯେଉଁମାନେ ପୂର୍ବୋକ୍ତ ୧୦ଟି ସର୍ତ୍ତ ଭଙ୍ଗ କରିପାରିବେ ଯଦି ତାହା ଅନ୍ୟ କେହି ଜାଣି ନପାରେ । ଜାଣିଲେ କିନ୍ତୁ ଦଣ୍ଡନୀୟ ।

... ... ...

ଶ୍ରୀଯୁକ୍ତ ଅମୃତକଉର କହନ୍ତି ଯେ ନାରୀ ଓ ନର ଗୋଟିଏ ରଥର ଯୋଡ଼ିଏ ଚକ ସଦୃଶ । କିନ୍ତୁ ଆମ ମତରେ ଉଭୟେ ଚକ୍ର ସତ୍ୟ, ମାତ୍ର ପୁରୁଷ ରଥ ତଳ ଚକ୍ର ଅଥବା ନାରୀ ରଥ ଉପରେ ସୁଦର୍ଶନ ଚକ୍ର । ପୁରୁଷ ଠିକ ଘରେ ଅବା ରାସ୍ତା କାଟି ଚାଲେ । ନାରୀ ଚକ୍ର କେବଳ ଆକାଶକୁ କଣାଣ ଉଡ଼ାଇ ଗୋଷ୍ଠ ପାଏ କେବଳ ସୁଦର୍ଶନ । ମହାଭାରତ ଯୁଦ୍ଧରେ ରଥ ତଳ ଚକକୁ ସମସ୍ତେ ଦେଖନ୍ତି କିନ୍ତୁ ସୁଦର୍ଶନକୁ କେହି ଦେଖେ ନାହିଁ— ଅଥଚ ସେ ଅଦୃଶ୍ୟ ବା ଅଦେହ ହୋଇ ଯୁଦ୍ଧ ଶତ୍ରୁଙ୍କୁ ହାଣି ଚାଲି ଯାଉଥାଏ ।

... ... ...

ରେଳ ଡବାରେ ଆଗେ ଚାରୋଟି ଶ୍ରେଣୀ ଥିଲା । ଏଥିରୁ ନୂତନ କିଛି କରିବେ ବୋଲି ଭାରତ ସରକାର ତାକୁ ତିନି ଶ୍ରେଣୀ କଲେ । ଏବେ ପୁଣି ୪ ଶ୍ରେଣୀ ହେବ ବୋଲି ଖବର ମିଳିଲାଣି । କଥାରେ ଅଛି ନବ ମୁଗଲ ହେବେ ନାହିଁ ହେଲେ । କିନ୍ତୁ ଚତୁର୍ଥ ଶ୍ରେଣୀ ନହୋଇ ପାହେନ୍ତୁ ଉପରେ ପଞ୍ଚମ ଶ୍ରେଣୀଟିଏ ନଥି ଖୋଲି ଯାବତ ଗୋରୁଗାରିଙ୍କୁ ସେଥିରେ ନେବାର ସୁବିଧା କଲେ ଭାରତ ସରକାର ସମସ୍ତଙ୍କୁ ସମବ୍ୟବହାର କଲେ ବୋଲି ଗର୍ବ କରନ୍ତେ ।

... ... ...

ବମ୍ବେରେ ଗୋଟିଏ ସ୍ୱାମୀ ତାର ସ୍ତ୍ରୀକୁ ହତ୍ୟା କରିବା ଅପରାଧରେ ଦଣ୍ଡ ପାଉଥିବା ବେଳେ ସ୍ତ୍ରୀ ଆସି କହିଲା ମୁଁ ଜୀବିତା । କିନ୍ତୁ ବିଚାରପତି ଭାବିଲେ ଦଣ୍ଡ ଆଦେଶ ପରେ ସ୍ତ୍ରୀର ବଞ୍ଚିବା ଘଟଣା ଘଟିବାରୁ ବନ୍ଦୀତ କେବଳ ହୋଇଗଲା । ସରକାରୀ ଓକିଲ କହିଲେ— ଏତେ ଡେରିରେ ସାକ୍ଷ୍ୟ ଗ୍ରହଣ କରିଯାଇ ନପାରେ । କିନ୍ତୁ ଏତେ ଡେରିରେ ସ୍ୱାମୀ ସେ ସ୍ତ୍ରୀକୁ ପୁଣି ସ୍ତ୍ରୀ ବୋଲି ଗ୍ରହଣ କରିଥିବ କି ନାହିଁ ସମ୍ବାଦ ପ୍ରକାଶ ପାଇନାହିଁ । କିମ୍ବା ସ୍ୱାମୀର ଫାଶି ପରେ ସ୍ତ୍ରୀ ବିଧବା ହୋଇଥିବ କି ନାହିଁ ତାହା ମଧ୍ୟ ବିଚାରକର୍ତ୍ତା ଠିକ୍ କଲେ କି ନାହିଁ ଜଣା ପଡ଼ିନାହିଁ ।

—○—

କିଛି ସରଂଗମ ସ୍ଥାନରେ ହାମ ବଜାର କଟକରେ ପାଳ ଗଲାଣି—ସୁବର୍ଣ୍ଣ ଜୟନ୍ତୀ ଗାଲବର୍ଣ୍ଣ ନଗରୀ ବା ବିଲ୍‌ଆଙ୍କ ଜୟନ୍ତୀ !! ନୁହେଁ । ସୁବର୍ଣ୍ଣ ମନୁଷ୍ୟର ଜୟନ୍ତୀ । କେବଳ ମନୁଷ୍ୟର ନୁହେଁ—ମହାତ୍ମାପି ମହତାବଙ୍କର ଜୟନ୍ତୀ !

ଏ ଜୟନ୍ତୀ କଥାଟା କେଉଁଠୁ ଆସିଲା ବୋଲି ବିଲ୍‌ଆଙ୍କର ମୁକ୍ତ ମଣ୍ଡପରେ ଆଲୋଚନା ଚାଲିଲା । ଜଣେ କହିଲେ ଇନ୍ଦ୍ରଙ୍କର କନ୍ୟାର ନାମ ଜୟନ୍ତୀ । ଶ୍ରୀଯୁକ୍ତ ମହତାବଙ୍କ ଜୟନ୍ତୀ ଯୁକ୍ତ ହେବାରୁ ମହତାବ ଜୟନ୍ତୀ ପାଳିତ ହେଉଛି । ଜଣେ କହିଲେ ଦୁର୍ଗାପୂଜା କାଳୀନ ନବରାତ୍ରି ମଧ୍ୟରେ ଜୟନ୍ତୀ ପତ୍ରକୁ ଲକ୍ଷ୍ୟ କରି ଏ ଜୟନ୍ତୀ ଉତ୍ସବ ହେଉଛି । କାରଣ ମହତାବ ପ୍ରେମୀର ପୂଜା କରୁଛନ୍ତି । ମଣିଷମାନଙ୍କ ଜୟନ୍ତୀ ଦୁର୍ବା ଖୁଆଇ ପୁଷ୍ଟି ସାଧନ କରିବେ ତେଣୁ ଏହି ଖ ଦ୍ୟର ନାମ ହାତ ବଜୟନ୍ତୀ ହେବ ।

\+ \+ \+

ଅନ୍ୟଜଣେ ବିଲ୍‌ଆ ପଣ୍ଡିତଙ୍କ ମତରେ ଜୟନ୍ତୀ ଅର୍ଥ ପତାକା—ବୈଜୟନ୍ତୀ । ମହତାବ ସମସ୍ତ ପୁଣ୍ୟ ଅପୁଣ୍ୟକୁ ଜୟକରି, ନ୍ୟାୟ ଅନ୍ୟାୟ ଧର୍ମ ଅଧର୍ମକୁ ଜୟକରି ଜୟପତାକା ଉଡ଼ାଇ ଦେଲେ ବୋଲି ଏ ଜୟନ୍ତୀ ପାଳିତ ହୋଇଛି ଆଉଜଣେ ପଣ୍ଡିତ କହିଲେ ରୋହଣୀ ନକ୍ଷତ୍ରର ଅନ୍ୟ ନାମ ହେଉଛି ଜୟନ୍ତୀ ମହତାବ ଜନ୍ମ ନକ୍ଷତ୍ରରୁ ତେଣେ ରୋହଣୀ ନକ୍ଷତ୍ର ପଡ଼ିବାରୁ ଜୟନ୍ତୀ ହେଲା ଏଥିପାଇଁ ମହତାବଙ୍କୁ ଜନ୍ମ ଜୟନ୍ତୀ ମାନିକରି ଏକ ଆବେଦନ ଦେଲେ + + +

ଆଉଜଣେ ପଣ୍ଡିତ କହିଲେ ଜୟନ୍ତୀ ହେଉଛି ବିଚାରପତିଙ୍କର ଶୁଭ ଆଦେଶ ବା ରାୟ । ବର୍ତ୍ତମାନ ଓଡ଼ିଶାର ବଡ଼ ବଡ଼ ମାଲୁଆଣ୍ଡି ମାନେ ବିଚାରପତି ହୋଇ ଯେଉଁ ରାୟ ଦେଇ-ଛନ୍ତି ତାହାକୁ ଜୟନ୍ତୀ ବୋଲି କୁହାଯିବ । କିନ୍ତୁ ଏ ତଥ୍ୟର ପ୍ରତିବାଦ କରି ଆଉଜଣେ କହିଲେ ଜୟନ୍ତୀ ଅର୍ଥ ଅଶ୍ୱ । ଅର୍ଥାତ ଅଶ୍ୱମେଧ କାଳରେ ଯେଉଁ ଅଶ୍ୱ ବିଜୟ ଯାତ୍ରା କରୁଥିଲା ତାର ନାମ ଥିଲା ଜୟନ୍ତୀ । ବର୍ତ୍ତମାନ ଗୋରୁ-ମାନେ ଶୁଖି ଯାଉଥିବାରୁ ଜଳାମାନଙ୍କର ରକ୍ଷିତ ବୃକ୍ଷରୁ ତେଣୁ ଜଳାଦଖାରରେ ଯେଉଁ ମାଡ଼ ମାଡ଼ି ସ୍ୱର୍ଣ୍ଣ ଅଛି ସେହି ସୁବର୍ଣ୍ଣର ଜୟନ୍ତୀ ଉତ୍ସବ ମାଲୁଆଣ୍ଡି ଜଣ୍ଟମାନେ ପାଳନ କରୁଛନ୍ତି ।

\+ + +

ଚନ୍ଦ୍ରଶେଖରର ବିଲ୍‌ଆଟିଏ ଉଠି କହିଲେ ଆପଣମାନେ ସମସ୍ତେ କନିଷ୍ଠଙ୍କ ଭଳି ଏକ ଦେଶଦର୍ଶୀ । କଥାଟାର କେବଳ ଗୋଟାଏ ଅର୍ଥ ଗୋଟିଏ ଶବ୍ଦ-ମୂଳ ବା ଧାତୁଗୀତ ଧରି ଦେଖିଲେ ଚଳିବ ନାହିଁ । ଆପଣମାନେ ଜାଣନ୍ତି ହିମବାଜାର କଟକରେ ଯେତେ ଲୋକ ଅଛନ୍ତି ଏଠି ସମସ୍ତେ ଖାଆନ୍ତି ପିଅନ୍ତି, ଶୁଅନ୍ତି ଉଠନ୍ତି, ହସନ୍ତି ବସନ୍ତି, ଦେଖନ୍ତି ଶୁଣନ୍ତି, ଦଉଡ଼ନ୍ତି ଜଣନ୍ତି, ; ଯାଆନ୍ତି ଆସନ୍ତି, ତଥା ହରାନ୍ତି ଜିତନ୍ତି ଏବଂ ଜୟନ୍ତୀ ମଧ୍ୟ ।

\+ + +

ମହତାବ ଜୟନ୍ତୀ ପାଳନ ନିମନ୍ତେ ୧୯ଜଣ ନିବେଦକଙ୍କ ମଧ୍ୟରୁ ୧୩ଜଣ ଜନ୍ତୁ ମାଲୁଆଣ୍ଡି । ଏକଥା ଦେଖି ମହତାବଙ୍କର ଜନ୍ତୁମାନେ ଚିତ୍କାରରେ ହସୁଛନ୍ତି । ମହ-

ତାଙ୍କ ଅସ୍ଥିରେ ମାଛଅସ୍ଥି ହୋଇଛି କି ଇନ୍‌ଭେଷ୍ଟିଗେସନ୍ କରୁଛନ୍ତି କେଜାଣି ସେମାନେ ବୋଧହୁଏ ଜାଣୁନାହାନ୍ତି ଯେ ଓଡ଼ିଆ କେବେ ନିଜେ ନିଜ ଗୁଣ ଗାଇବାର ଲୋକ ହୋଇନାହିଁ କିମ୍ବା ନାହାନ୍ତି । ଓଡ଼ିଆର ଜୟ ଜୟକାର ସେଥିପାଇଁ ଓଡ଼ିଶା ବାହାରେ ଚତୁର୍ଦ୍ଦିଗରେ— ଛାଡ଼ିଥିବା ଝରଣାରେ, ବସ୍ତ୍ରର ସୂତାଗୁଡ଼ାରେ ଲୁଚିଥିବେ, ମାରବ ଉପରେ କଲ୍‌ପରେ—ଅସ୍ତ୍ରରେ ଯନ୍ତ୍ରାଗାରରେ—ଆଜି ଏ ସବୁର ଉପରେ ଆମ ମହତାବଙ୍କର ମୁକ୍ତ ହସ୍ତ— ଦାତାକର୍ଣ୍ଣ ଙ୍କର ଜୟ ଜୟକାର ।

+ + +

ମହତାବ ଜୟନ୍ତୀ ପାଳନପାଇଁ ଯେଉଁ ବୁଲେଟିନ ବାହାରୁଥିଲା ସେଥିରେ କିଛି ଲେଖାଯାଇ ଥିଲା ଯେ ଓଡ଼ିଆ ବୀରପୂଜା କରି ଜାଣିନାହିଁ । —ଏହା ଲୋକାପବାଦ ଦୂରକାର । ସେଇ ଅପବାଦକୁ ଦୂର କରିବା ପାଇଁ ଆସ ଓଡ଼ିଆ ମାତ ଓଡ଼ିଆ ଜାଗ ଓଡ଼ିଆ ଲାଗ ଓଡ଼ିଆ ଉଠ ଓଡ଼ିଆ ବସ ଓଡ଼ିଆ ଇତ୍ୟାଦି ଆହ୍ୱାନରେ ଦଗବଦଗ କର୍ମ ଉଠିଲା । ମଜା ଏବେ ? ଓଡ଼ିଆ ବୀର ପୂଜା କରିବାକୁ କଲା ମଇଦାନକୁ ବାଉଁଶଗଛ ଡେଇଁଲା ସେଠିଏ ବୀରଙ୍କ ପୂଜାର ମେଳା ମେଳା । ବାଳିକା ବିଦ୍ୟାଳୟ ମାନଙ୍କର ବୀର ବାଳିକାମାନେ ଖେଳ କସରତ ଦେଖାଇଲେ ଏଣେ ମହତାବଙ୍କ ସ୍ୱସ୍ତି ବାଚନ ଯଜ୍ଞ ଓ ତେଣେ ଲୋକମାନଙ୍କର ନୈବେଦ୍ୟଙ୍କ ମଧ୍ୟ ହୋଇଗଲା । କେହି କେହି କହୁଛନ୍ତି ଲୋକେ ସବୁ ଆସିନଥାନ୍ତେ ଜାଣି ବାଳିକା ନାଚର ଆକର୍ଷଣୀୟ ବ୍ୟବସ୍ଥା କରାଯାଇ ଥିଲା । ମାତ୍ର ଆମେ କହୁ ଏହା କଳାର ଶ୍ରେଷ୍ଠତମ ବିକାଶ ନିମନ୍ତେ କରାଯାଇଥିଲା ।

+ + +

ଜୟନ୍ତୀ ସଙ୍ଗରେ ଯେତେ ମାତ୍ରଅଛି କହୁଛି ଯେ ମାଇପେ ଯୋଗ ଦେଇଥିଲେ ତାର ଏକଶତାଂଶ ଓଡ଼ିଆ ମାଇପେ ଯୋଗ ଦେଇ ନାହାନ୍ତି ବୋଲି କେହି କେହି ସାମ୍ୟବାଦୀ କହୁଛନ୍ତି । ଆମର ମନେହୁଏ ଓଡ଼ିଆ ମାଇପେ ସବୁ କଂଗ୍ରେସ ଆଉ ମାଇପେ ସବୁ ସୋସାଲିଷ୍ଟ ହୋଇଗଲେଣି ବୋଲି ଏ ପରିସ୍ଥିତି ଉପୁଜିଛି । ଆଉ ମାତ୍ରଅଛି କହୁ ମାଇପେ ଯାକ କଂଗ୍ରେସ ମାଇପେ ଯାକ ସୋସାଲିଷ୍ଟ ହେବାରୁ ସେ ଜୟନ୍ତୀପାଳନ ପାଇଁ କେବଳ ନାମ ଦେଇଛନ୍ତି ନା ଦେହ ଦେଇନାହାନ୍ତି ।

ଶ୍ରୀଯୁକ୍ତ ମହତାବଙ୍କ ଜୟନ୍ତୀରେ କଏ କେତେ ପଇସା ଭାର ତାଙ୍କରି ନାମରେ ଘୋଷିତ ହୋଇଛି—

ଅଦାୟ ମୋଟ ୮୯ହଜାରରୁ—୨୫ହଜାର ଅଦେୟ ୨୭ହଜାର ବିଶ୍ୱବିଦ୍ୟାଳୟ— ଏମାନେ ୫୨ହଜାର ବାଦ୍‌ବାକି ଧଳାବଜାର ବା କଳାବଜାର ବିହାରବ ଘର କାଗଜ— ୪୨ମଣ୍ଡଳ କାର୍ଯ୍ୟନିର୍ବାହକ ପ୍ରତିମଣ୍ଡଳ ୫୦ ଓ ଉଣ୍ଣା ଆଉ କେ—ସଭ୍ୟମାନଙ୍କୁ ୧୦୦ଟଙ୍କାର ରଜଗାର ଏକ କପି ଗୃ—ଛାତ୍ରମାନଙ୍କୁ ଭେଟି, ଅଫିସରମାନଙ୍କୁ ହେଟି, ସ୍କୁଲ କଲେଜକୁ ଛୁଟି ମଜୁଆଡ଼ିକୁ ବେଣ୍ଟି କଂଗ୍ରେସ ବାଲାଙ୍କୁ ହେଣ୍ଡି, ସୋସାଲିଷ୍ଟଙ୍କୁ ଠେଙ୍ଗା, ବଡ଼ଲୋକଙ୍କୁ ଲେମ୍ବୁ, ଡେକୋରେଟରଙ୍କୁ ଲୁଣ, କନ୍‌ଟ୍ରାକ୍ଟରଙ୍କୁ କଳା, ମୁନି ବାବୁଙ୍କୁ ଧଳା-ବ୍ୟବସାୟୀଙ୍କୁ ତାଳ, ବାବୋଇଙ୍କ ପାଲି—ଅଣମାଇପକୁ ଶାଳି ଓଡ଼ିଆ ବେପାରିଙ୍କୁ ଲାଲ—ଇତ୍ୟାଦି ଇତ୍ୟାଦି ପଦାର୍ଥମାନ ଦାନ କରାହେଲା !

+ + +

ଶ୍ରୀଯୁକ୍ତ ଜୟପ୍ରକାଶ କଟକରେ ବଡ଼ କରି ଏକ ବିରାଟ ସଭାରେ ଭାଷଣ ଦେଲେ କେତେକ କମିଉନିଷ୍ଟମାନେ କଳାପତାକା ଦେଖାଇ ପତ୍ରକମଳ ଓ ପତ୍ରବଦଳ ତାଙ୍କ ଉପରକୁ ପକାଇଥିଲେ । କଦଳ ଓ କମଳ ନିକ୍ଷେପଟା ଗୋଟାଏ ପ୍ରତୀକ ପ୍ରତିବାଦ କେଣୁ ଏହା ଉପରେ ଗୁରୁତ୍ୱ ଦେବା ଉଚିତ ନୁହେଁ । ତଥାପି ସୋସାଲିଷ୍ଟମାନେ କହୁଛନ୍ତି କମ୍ୟୁନିଷ୍ଟଙ୍କ ମୁହଁ କଳା ହୋଇଗଲା ବୋଲି କଳା ପତାକା ଦେଖାଉଛନ୍ତି । କିନ୍ତୁ ସୋସାଲିଷ୍ଟମାନେ ଜାଣନ୍ତି ନାହିଁ ଯେ ଉତ୍କୃଷ୍ଟ କଳା ଅଛି ବୋଲି ଆମ ଦେଶ ଉତ୍କଳ । ଏଠି କୃଷ୍ଣ କଳା, ଜଗନ୍ନାଥ କଳା, କାଳୀ କଳା, ମାଙ୍କଡ଼ ମୁହଁ କଳା, ହାଣ୍ଡି ଗାଣ୍ଡି ମଧ୍ୟ କଳା । ମାତ୍ର ପତ୍ର କିଏ ଦେଲା କାହାର ? ସୋସାଲିଷ୍ଟ ପାର୍ଟିର କମ୍ବା କମ୍ୟୁନିଷ୍ଟ ପାର୍ଟିର ଏହାର ଦାତା କିଏ ହେଉଛନ୍ତି କିଏ, ତାହା ଜନତା ବିଚାର କରନ୍ତୁ।

... ... ...

ଶ୍ରୀଯୁକ୍ତ ଜୟପ୍ରକାଶ କହିଲେ—ପଣ୍ଡିତ ନେହେରୁ ଗାନ୍ଧୀଙ୍କ ପାଖରେ ଥିଲେ—ହାମେଭି ତାଙ୍କପାଖରେ ଥିଲୁ । ସେ ଗାନ୍ଧୀଙ୍କ କଥା ନମାନି ବାରୁ ଆମେ ତାଙ୍କଠୁଁ ଅଲଗା ହୋଇ ଗଲୁ । କିନ୍ତୁ ଗାନ୍ଧୀଙ୍କ ପାଇଁ ଅଗ୍ନିକୁ ଲେମ୍ବୁ ରସ କାର ଦେଇ ଗଲା? ଗାନ୍ଧୀର ଶିରଧ୍ କଏ ବାଢ଼ିଲା ।

ଗାନ୍ଧୀର ଶଲ କଏ ଗଙ୍ଗାପ୍ରି କଲା ? ! ଗାନ୍ଧୀ ସସ୍କାର କଏ କଲା ? ଏକଥା ଜୟପ୍ରକାଶ ଭୁଲି ଯାଇଛନ୍ତି । + + +

ଶ୍ରୀଯୁକ୍ତ ଜୟ ପ୍ରକାଶ କହିଲେ—ହମ ଏଁ ସେ ମୂଳକ ବନାଏଙ୍ଗେ ଜହାଁ । କାମ କରନେବାଲା ଖ ଏଙ୍ଗେ ଅଉର କାମନାହିଁ କରନେବାଲା ଭୂଖ ମରେଙ୍ଗେ । ଏକଥାଶୁଣି ବୃଦ୍ଧ ଓ ବାତ୍ତତ ମହାତନ୍ତ୍ରରେ ପଡ଼ିଗଲେଣି । ବୃଦ୍ଧ ସିନା କେଜାଣି ପାଚିଲା ପତର ଝଡ଼ି ପଡ଼ିବେ—ଏପିଲା ଗୁଡ଼ାକ କଣ କରିବେ ? ସାମ୍ୟବାଦକୁ ଅଙ୍କଶାସ ଦେବେ ସିନା

+ + +

ତିର୍ଜ୍ଜି ସରଗକୁଗଲେ ବ ଧାନକୁଟେ । ଅଳସୁଆ ଲୋକେ ମଲେ ସ୍ୱର୍ଗରେ ଯାଇ ଅଳସୁଆମିର ପ୍ରଚାର କରିଦେବେ । ଇନ୍ଦ୍ର ଦେବତା ଆଗେଇ ମନୁଷ୍ୟ ତପ ଭଙ୍ଗିବାକୁ ଚେଷ୍ଟା କରୁଥିଲେ । ଏଥର ମନୁଷ୍ୟମାନେ ସ୍ୱର୍ଗର ସୌନ୍ଦର୍ଯ୍ୟ ସହଜରେ ନଷ୍ଟ କରି ଦେଇ ପାରିବେ । ଜୟ ଜୟପ୍ରକାଶଜୀଙ୍କ

+ ❊ + +

ଶ୍ରୀମତୀ ଅରୁଣା ଓ ମହାମାନ୍ୟ ଆସଫ ଅଲିଙ୍କର ପ୍ରାସାଦରେ ବୃହତ୍ ଭୋଜୀ ହେଲା—କେବଳ ମହିଳାମାନଙ୍କପାଇଁ ।·୧୪୪ ଜାରୀ—କେହି ପୁରୁଷ ଯାଇ ପାରିବେ ନାହିଁ ବୋଲି ସବୁ ଗିରସ୍ତଙ୍କୁ ତାଙ୍କ ମାଇପଙ୍କ ଗଣ ଦିଆଯାଇଥିଲା । ନିମନ୍ତ୍ରଣ କରିଥିଲେ ଲେଡ଼ି ଅରୁଣା ନୁହନ୍ତି କେବଳ କବେଳା ଅରୁଣା —ସେଥିରେ ଲେଡ଼ି ଫେଡ଼ କିଛି ହେଲେ ନାହିଁ । ମହାମାନ୍ୟ ଲାଟ୍ ସାହେବଙ୍କ ସହଧର୍ମିଣୀ ଏହିତ ସର୍ବସାଧାରଣ ମହିଳାଙ୍କପରି ନିଜକୁ କେବଳ ଶ୍ରୀମତୀ ବୋଲାଇ ପାରିବେ କି ନାହିଁ ତାହାର ମୀମାଂସା ଆଇନରେ ହେବା ଉଚିତ ।

+ ❊ + ❊

ସେ ବୃହତ୍ ଭୋଜରେ କିନ୍ତୁ ମାନ୍ୟବର ମନ୍ତ୍ରୀ ଓ ଉଚ୍ଚ ପତ୍ନୀମାନେ ନିମନ୍ତ୍ରିତ ଥିଲେ ସେମାନେ ସାଧାରଣ ମହିଳା ଆସଫଅଲିଙ୍କ ଅତି ନିକଟବର୍ତ୍ତିନୀ ହେବା ସ୍ୱାଭାବିକ । କିନ୍ତୁ ଶୁଣାଯାଏ ସେମାନଙ୍କୁ ବୃହତ୍‌ଛଡ଼ା ବିଶିଷ୍ଟ ମଧ୍ୟ ପରିବେଷଣ କରାଯାଇଥିଲା । ବାକି ସାଧାରଣ ମହିଳା ମାନେ ଅମୃତ କୁଟ ଖାଇକେ ଲେଖାଏ ଖାଇ ଆପ୍ୟାୟିତ ହୋଇ ଫେରିଥିଲେ

+ ❊ ❊



Digitized by srujanika@gmail.com

# କହ ନୂଆବୋଉ

ଲେ—ଶ୍ରୀ ସବଳପ୍ରସାଦ ଚୌଧୁରୀ

ପିଲାଦିନର ଗୋଟାଏ ଘଟଣା । ଆଜି ଯାଏ ବି ମନେ ପଡ଼ିଲେ ହସ ମାଡ଼େ । ମୋତେ ସେତେବେଳକୁ ହୋଇଥାଏ ୧୦.୧୨ ବର୍ଷ; ଗାଁ ପାଖ ମାଇନର ସ୍କୁଲରେ ପଢ଼ୁଥାଏ ।

ସେ ବର୍ଷ ରଜବେଳକୁ ବାପା ମୋତେ କହିଲେ ବୃନ୍ଦାବନ ଯିବାକୁ । ବୃନ୍ଦାବନରେ ଭାଇଙ୍କ ଶ୍ୱଶୁରଘର । ସେ ବର୍ଷ ନୂଆବୋଉ ଥାଆନ୍ତି ତାଙ୍କ ବାପଘରେ । ଆମଘରୁ ରଜଭାର ଯିବାର କଥା । ତା ସଙ୍ଗରେ ମୁଁ ଯିବା କଥା ହେଲା ।

ବାପାଙ୍କ କଥାରେ ଆନନ୍ଦରେ ହଁ ଭରିଲି । ଭାବିଲି—ଏଥର ଦେଖୁଛ ମୁଁ ଜଣେ ବଡ଼-ମଣିଷ ହୋଇଗଲିଣି । ତା ନହେଲେ ମୋ ଉପରେ ଏତେବଡ଼ ଦାୟିତ୍ୱପୂର୍ଣ୍ଣ କାମଟା ଦିଆ ହୁଅନ୍ତା !

ଭାଇଙ୍କ ଶାଶୁଘର ନୁହେଁ ଯେ ମୋର ମନେ ହେଲା ମୁଁ ଯିମିତି ମୋ ଶାଶୁଘରକୁ ଯାଉଛି । ମନ ହେଉଥାଏ ଯିମିତି ନୂଆବୋଉ ମୋର ସେମାନେ କଣ ହେବେ ? କମଳା ଆଉ ସୁମୀ ? ହଁ—ସେ ବୋଲିବାକୁ କାହିଁକି କେଜାଣି! ନୂଆବୋଉଙ୍କୁ ମୁଁ ପଚାରିଥିଲି-'କହ ନୂଆବୋଉ ଅଜୁକା ତୁମର ଭଉଣୀ, ଆଉ ।' ସେ କହି ଥିଲେ କିନ୍ତୁ ଗୁମର ଗଲା ନାହିଁ ।

ପହିଲି ରଜଦିନ ସକାଳୁ ବାନ୍ଧି ଭାରୁଆ ସହିତ ଜେଷ ଜାମା ପିନ୍ଧି ମୁଁ ବାହାରି ପଡ଼ିଲି । ନୂଆବୋଉଙ୍କ ଘରକୁ ଯିବା ଏଇଟା ହିଁ ପ୍ରଥମ । ବାଟସାରା ଭାବି ଭାବି ଯାଉଥାଏ—ପହଞ୍ଚିଲା ପରେ ମୋତେ ସେମାନେ କିପରି ଅଭ୍ୟର୍ଥନା କରିବେ । କାହାକୁ କଣ କହି ସମ୍ବୋଧନ କରିବାକୁ ପଡ଼ିବ । କମଳା ଆଉ ସୁମୀ କେତେ କଥା ଅନେଇବେ ଆସି । ପ୍ରଥମେ ମୁଁ ତାଙ୍କୁ କଣ କହିବି । ନୂଆବୋଉଙ୍କ ପକ୍ଷଟା କାହିଁକି ହେଉଥିବ । ଏମିତି କେତେ କଣ ।

ଆମେ ସବୁ ଗ୍ରାମରୁ ସନ୍ଧ୍ୟାବେଳକୁ ଯାଇଁ ସେଠି ପହଞ୍ଚିଲୁ । ଅଗରୁ ଖଟି ଦିଆ ହୋଇଥିଲା ହାତ ଗୋଡ଼ ଧୋଇ ମୁଁ ବଡ଼ ଲୋକ ହୋଇ ବସିଥାଏ ।

ପହଞ୍ଚିଲା କ୍ଷଣି ସମସ୍ତେ ଆସି ଆମକୁ ଘେରିଗଲେ । ପ୍ରସ୍ତୁତ ହୋଇ ବସିଥିଲେ ସତେ ଯେମିତ ଆକ୍ରମଣ କରିବା ପାଇଁ । ଏତେ ଗୁଡ଼ାଏ ଅଚିହ୍ନା ମୁହଁ ଏକାସଙ୍ଗରେ ଦେଖି ପକାଇ ମୁଁ ଏକବାରେ ଘାବରେଇ ଗଲି । ବାଟରେ ସବୁ କଳ୍ପନା ଜଳ୍ପନା ସଙ୍ଗରେ ବାଟଚାଲି କ୍ଲାନ୍ତିବି କୁଆଡ଼େ ଉଡ଼ିଗଲା । ଜାଣିପାରିଲି ନାହିଁ । ଏ ବିପଦରେ ପଡ଼ି ଅସହାୟ ଭାବରେ ମୁଁ ନୂଆବୋଉଙ୍କର ସାହାଯ୍ୟ ଆଶାରେ ଆଖି ବୁଲାଇଲି । କିନ୍ତୁ ସେ ହୋପ୍‌ଲେସ୍ ନୂଆବୋଉ ସେତେବେଳକୁ କୁଆଡ଼େ ଯାଇଥାନ୍ତି କେଜାଣି ତାଙ୍କୁ ସେଠି ଦେଖିଲି ନାହିଁ । ତେଣୁ ଏକା ଏକା ଆଗେଇବା ଛଡ଼ା ଉପାୟ ନଥିଲା ।

ଦେଖିଲି ୪।୬ ଜଣ ବୟସ୍କା ସ୍ତ୍ରୀ ଲୋକ ଗୋଟାଏ କଡ଼କୁ ଠିଆ ହୋଇଛନ୍ତି । ଗୁରୁଜନ ନିଶ୍ଚୟ । ନମସ୍କାର କରିବାକୁ ହେବ ସମସ୍ତଙ୍କୁ ଗୋଟାଏ ଗୋଟାଏ । କିନ୍ତୁ ସମସ୍ତେ ଯେ ଏକାଠି ଠିଆ ହୋଇଛନ୍ତି ! ବଡ଼ ଅସୁବିଧାରେ ପଡ଼ିଲି । ଶେଷରେ ତାଙ୍କ ଆଗରେ ମୁଣ୍ଡଟାକୁ ତେର୍ଛା କରି ୪।୬ ଥର ଉଠାଇ ପକାଇ, ବାହୁ ପକାଇଲି । ମୋ ଭାଗ୍ୟରୁ ତାଙ୍କ ମଧ୍ୟରୁ ଜଣେ ଆଦରରେ ମୋତେ ଘର ଭିତରକୁ ନେଇଗଲେ । ଭାବିଲି ଏଇ ବୋଧହୁଏ ନୂଆବୋଉଙ୍କ ବୋଉ ।

କମଳା ଆଉ ସୁମୀ ସହିତ ଦେଖା ହେବାକୁ ବେଶୀ ସମୟ ଲାଗିଲା ନାହିଁ । କମଳା ମୋର ବୟସର ହେବ ଓ ସୁମୀ ଟିକିଏ ଛୋଟ । କିନ୍ତୁ ସେଇଟା ବଦ୍‌ମାସ୍ ବେଶୀ । କମଳାର ବଡ଼-ଭାଇ ଲାଲୁ । ସେଠିକା ମାଇନର ସ୍କୁଲ ଫାଷ୍ଟ କ୍ଲାସରେ ପଢ଼ୁଥାଏ । ସେ ବି ଆମ ଦଳରେ ଯୋଗଦେଲା । ମୋ ଟ୍ୟାଣ୍ଡ ଜାମା ଟିକିଏ ସଫା ଥିବାରୁ କୁଣିଆ ବୋଲି ତାଙ୍କ ଭିତରୁ ମୁଁ ବାରିହୋଇ ପଡ଼ୁଥାଏ ।

ସଂଧ୍ୟାବେଳେ ଜଳଖିଆ ପଡ଼ୁଥାଏ । ସମସ୍ତେ ସାଇ ଦାଣ୍ଡରେ ବସିଲୁ । କେତେ ଗପ ସପଲୁ । ସୁମୀ କହିଲା ତାଙ୍କ ବାଲିକା ସ୍କୁଲର ସ୍ପୋର୍ଟସ୍ କଥା କେତେଜଣଙ୍କ ସେ ପ୍ରାଇଜ ପାଇଛନ୍ତି । ମୋ ଓଷ୍ଠ ଆଉ ସମ୍ଭାଳି ହେଇ ପାରିଲା ନାହିଁ । କହିଲି,—"ଆମର ବି ସ୍ପୋର୍ଟସ୍ ହୋଇଥିଲା ସେ ସ୍କୁଲରେ । ଏ ବର୍ଷ ମୋ ଭାଗ୍ୟ ଏମିତି—ସବୁ ରେସରେ ମୁଁ ଫାଷ୍ଟ । ଲଙ୍ଗ ଜମ୍ପ୍, ହାଇଜମ୍ପ୍ ଆଉ ସିଲେଇ ଇତ୍ୟାଦିରେ ଯାହା ସେମାନଙ୍କ ହେଲା । ସେଥିରେ ସବୁ ଯେତେ-ବେଳେ ମୁଁ ଫାଷ୍ଟ ହେଉଥାଏ ସେତେବେଳେ ଆଉ ଦେଖିବୁ କଣ ସୁମୀ? କରତାଳି ଶବ୍ଦରେ ପଡ଼ିଆ ଫାଟି ଯାଉଥାଏ । ପ୍ରାଇଜ୍ ଯେତେ ପାଇଛି ଗୁଡ଼ାଏ ବ୍ୟାଗ ବୋଝେଇ ହେଇଗଲା । ସଭାପତିଙ୍କ ସ୍ତ୍ରୀ ଖୁସିହୋଇ ମୋ ବେକରେ ଗୋଟାଏ ମେଡ଼ାଲ ଝୁଲାଇ ଦେଲେ । ଘରକୁ ଯେତେବେଳେ ଫେରିଲି ଭାରି ଆନନ୍ଦରେ—"

ଏତିକି କହୁଛି ସମସ୍ତେ ଏକା ସଙ୍ଗରେ ଠୋ ଠୋ ହସିଦେଲେ । ମୁଁ ବାଧା ପାଇଲି । ହସରେ ଫାଟି ପଡ଼ୁ ପଡ଼ୁ ସୁମୀ କହିଲା,—ପାଇଛ ତ ଏକା ! ଭାରି ଭଲ ତମେ ଏତେ ଜିତୁଛ? ଯେଉଁଦିନ ଦୌଡ଼ ଜମ୍ପୁଥିଲେ ସ୍ପୋର୍ଟସ୍ ଦିନ ସନ୍ଧ୍ୟାବେଳେ ତମେ କୁଆଡ଼େ ଫେରିଲ କିଛି ପ୍ରାଇଜ ନ ପାଇ ଖାଲିହାତରେ । ଆଖିରୁ ଲୁହ ଝରୁଥାଏ । ଆଉ ନୂଆ କାମିଜ୍‌ଟା କୁଆଡ଼େ ଚିରିଯାଇଥାଏ । ଧୂଳିରେ ଗଡ଼ିକରି ତମକୁ କୁଆଡ଼େ ସେଦିନ ଖୁବ୍ ବାଡ଼ାଇଲେ । ତମେ କୁଆଡ଼େ—

ଧଇଁସଇଁ ମୁହଁଟା ଶୁଖିଗଲା । ଜାଣେ ପରା—ସେ ହୋପ୍‌ଲେସ୍ ନୂଆବୋଉ ଯେଉଁଠି ଥିବେ ସବୁ ମଟର୍ କରିବେ । ମନ ହେଉଥାଏ ନୂଆବୋଉ ତୁଣ୍ଡକୁ ଧରି କହନ୍ତି — କହ ନୂଆବୋଉ ଅଜୁକା ତୁମର ଅହଙ୍କାର ଆଉ? କିନ୍ତୁ ମୁହଁ ଟାଣି ଜୁଟିଲା ନାହିଁ ! ଖୁବ୍ ଦୁଃଖ ହୋଇ ଏଇ ଛୋଟ ସୁମୀ ପାଖେ ହାରିଗଲି !

ଜବାବ ଖୋଜି ନପାଇବା ଭୟରେ ମୁଁ ମୁହଁ ଉପରେ ଟିକିଏ ହସ ଖେଳାଇ ଦେଇ କହିଲି— ହେଇ, ବଡ଼ ହେଲେଣି ; ଏଇ ତାଙ୍କ ଜାଣୁଛକର ତେବେ ମୋତେ ହିଁ ପଚାରିବେ ନା ?

ଶୁଣିଲ ଦେଖିବ ପାଇଁ ରବା ?

ଯାଉନୁ ମୁଁ କେଉଁ ଡ଼ାକୁଛ କି ?

ସେ ଦୋହେଁ ଏ ଆଉ କହୁଥାନ୍ତି । ଲଜ୍ଜାରେ ଚାଲ ଦେହରୁ ଚୂପ ହୋଇଗଲି । ସମସ୍ତେ ଘରକୁ ଗଲେ । ନୂଆବୋଉଙ୍କୁ ଜଣେ ଗାଳି ଦେବା ବାହାରକୁ ହବ ହେବ ପାଇଲି ନାହିଁ ।

ରାତିରେ ଖାଇସାରି ଶୋଇବାକୁ ଗଲି । ସବୁ ବାପଘରେ ବାଡ଼ି ସମ୍ମୁଖରେ ଚାଲୁଥାଏ । ଯିଏ ଯିଏ ବୁଝିଥା ଘର ନୁହେଁ । ଏ ଯେ ସେଇଙ୍କ ଶ୍ୱଶୁର ଘର । ଲକ୍ଷ୍ୟ କରି ହୁଏତ ଏମାନେ ମୋର କି ହେଉଥିବେ । ଯାହା ହଉ ପ୍ରଣାମ !

ଏଠି ମୋର ଶାନ୍ତ,ଶିଷ୍ଟ ସ୍ୱଭାବ ଦେଖି ନୂଆବୋଉ ମୁରୁକି ମୁରୁକି ହସୁଛନ୍ତି । ହୋପଲେସ୍ (ଏହାଛଡ଼ା ଆଉ କିଛି ଇଂରେଜୀ ଗାଳି ଶିଖି ନଥିଲି ସେତେବେଳେକୁ ।)

ଗୋଟାଏ ଖଟରେ ଲଲ୍ଲି, ମୁଁ ଓ ଲଲ୍ଲିର ୬.୭ ବର୍ଷ ସାନ ଝିଅ ନିକି ଶୋଇଲୁ । ନାନା ଗପସପ ଭିତରେ କେତେବେଳେ ନିଦ ହୋଇଗଲା ଜାଣି ପାରିଲି ନାହିଁ । ମୁଁ ଶୋଇଥାଏ ଗୋଟିଏ କଡ଼କୁ ଓ ଲଲ୍ଲି ଶୋଇଥାଏ ମଝିରେ ।

ନୂଆ ଜାଗା । ଭଲ ନିଦ ହେବ ବା କୁଆଡ଼ୁ । ପାହାନ୍ତା ପହରକୁ ନିଦ ଭାଙ୍ଗିଲା । ଏଣେ ତେଣେ ଛଟପଟ ହୋଇ ଶୋଇଲି । ଓଦା ଲାଗିଲା । ହାତ ମାରି ଅଣ୍ଡାଳିଲି । ସର୍ବନାଶ ! ମୋ ମୁଣ୍ଡରେ ସତେ କି ବଜ୍ର ପଡ଼ିଲା । ସ୍ୱପ୍ନରେ କେତେବେଳେ ପରିସ୍ରା କରି ପକାଇଛି । ମୋର ଏ ହେମାଳିଆ ମଝିରେ ମଝିରେ ବାହାରେ । ନୂଆବୋଉ ଜାଣନ୍ତି । ଭାଇ ବାହାଘର ଉପଲକ୍ଷ ଦେଇ ଦେଇ ଅଭ୍ୟାସ ଭଲ କରି ପାରିନାହାନ୍ତି ସମ୍ପୂର୍ଣ୍ଣ ରୂପେ । ଘରେ କେହି କିଛି କହନ୍ତି ନାହିଁ ସିନା । ଏ ଯେ ଶ୍ୱଶୁର ଘର । ହେ ଭଗବାନ, ତମେ ଆଉ ଦୁଇଟା ଦିନ ଟିକିଏ ହୋଇ ରହିପାରିଲ ନାହିଁ । କାଲି ସକାଳେ କମଳା ଆଉ ରାଧୀ ମୋତେ କଣ କହିବେ । ଦୁଃଖରେ ମୁଁ ପ୍ରାୟ କାନ୍ଦି ପକାଇଲି ।

ହାତରେ ଅଣ୍ଡାଳି ଦେଖିଲି ମୋ ଲୁଗା, ବିଛଣା ଚାଦର ଦେଇ ଓ ଲଲ୍ଲି ଲୁଗାକୁ ଥୋଡ଼ାଏ ଓଦା ହୋଇଯାଇଛି । ଭାସି ଯିଏ ଛୋଟ ପିଲା ରାଧୀଟା ଯଦି ଜାଣେ । କପାଳ ଏ ବିପଦରୁ ଉଦ୍ଧାର ପାଇବ ଭାବିବାକୁ ଲାଗିଲି । ଲଲ୍ଲିଟା ହେଲେ ମଝିରେ ଶୋଇଥିଲା । ତା ହେଲେ ସବୁ ଦୋଷ ତା ମୁଣ୍ଡରେ ଯାଆନ୍ତା । ହୋଇପାରେ ସେ ପଟରେ ଶୋଇଛି । ଭାବିଲି — ତାକୁ ଟେକିଆଣି ଏ ପଟରେ ଶୁଆଇ ଦେଇ ମୁଁ ସେ ପଟକୁ ଉଠିଯିବି । ପୁଣି ଭାବିଲି ଟେକିଲାବେଳେ ଯଦି ନିଦ ଉଠେ ତାହେଲେ ସବୁ ମଜ୍ଜାର ବାହାରିବ । ତାହା ହେଲାନି ।

ଆଉ ନିଦ ହେବ ବା କୁଆଡ଼ୁ । ଆସ୍ତେ ଆସ୍ତେ ସକାଳ ହୋଇ ଆସିଲା । ମୋ ଛାତିର ଧକ୍ ଧକ୍ ବେଗ ଜୋରରେ ବଢ଼ି ଚାଲିଲା । ହଠାତ୍ ମୋ ମୁଣ୍ଡରେ ଗୋଟିଏ ବୁଦ୍ଧି ଖେଳିଗଲା । ଲଲ୍ଲି ଓ ନିକି ଶୋଇଥାନ୍ତି ସେତେବେଳକୁ ନିଘୋଡ଼ ନିଦରେ । ଚୁପ କରି ଉଠି ବାହାରକୁ ପଳାଇଲି । ଏକଦମ ନଈକୂଳକୁ ।

ଏ ଆଡ଼େ ଲଲ୍ଲିର ସକାଳେ ନିଦ ଭାଙ୍ଗିଲା ବେଳକୁ ସେ ଦେଖିଲା ତା ଲୁଗା ପଟା, ବିଛଣା ଚାଦର ସବୁ ଓଦା । ନିକି ତ ଏ ପଟରେ ଶୋଇଛି । ସେ ପ୍ରଥମେ କିଛି ବୁଝିପାରିଲା ନାହିଁ । କିନ୍ତୁ ପରେ ତାର ନିଜ ପ୍ରତି ସନ୍ଦେହ ହେଲା । ଆସ୍ତେ ଆସ୍ତେ ସନ୍ଦେହ ଦୃଢ଼ୀଭୂତ ହେଲା । ସେ ଭାବିଲା ରାତି ଯଦି ଜାଣିଥିବ, କି ଲାଜର କଥା । କିନ୍ତୁ ରାତିର ଲୁଗା ଯଦି ସେ ସେତେବେଳେ ଦେଖିବାକୁ ପାଇଥାନ୍ତା ତାହାହେଲେ ତାର ସବୁ ସନ୍ଦେହ ତୁଟି ଯାଇଥାନ୍ତା । ଲାଜରେ କାହାରିକୁ କିଛି ନକହି ଲଲ୍ଲି ଚୁପ ରହିଲା ।

ଏଣେ ସକାଳୁ ଓଦା ସରସର ହୋଇ ମୁଁ ଯେତେବେଳେ ଫେରିଲି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ମୋତେ ପଚାରିଲେ । କହିଲି, ନଈରେ ପାଣି ସାଉଁଟିବା ବେଳେ ଗୋଡ଼ ଖସିଗଲା, ଲୁଗା ପଟା ସବୁ କାଦୁଅ ହୋଇଗଲା । ତେଣୁ ଧୋଇଆଇ ହୋଇ ଆସିଛି । ମନେ ମନେ ଭାବିଲି— ମୋତେ ପୁଣି ଇଏ ବାହାଇଦେବେ ଶୀଘ୍ରରେ ।

ଲଲ୍ଲି ଭୟରେ ମୁହଁ ହୋଇଯାଇଛି । ମୋତେ ଲକ୍ଷ କରୁଥାଏ । ତାର କାରଣଟା ମୁଁ ଜାଣି ସାରିଲିଣି ସେତେବେଳକୁ । କେତେ ଘଣ୍ଟା ପରେ ନୂଆବୋଉ ଚାଲେ ବିଛଣା ଗୋଟାଇ ଖରାରେ ପକାଇବାକୁ । ସେ ଘରେ ଥାଇ ସେ ପଚାରିଲେ— କାଲି ଝରକା କଡ଼କୁ କିଏ ଶୋଇଥିଲା କହରେ ଲଲ୍ଲି ।

ଲଲ୍ଲି ଓ ମୁଁ ଜଳଖିଆ ଖାଉଥିଲୁ ଦୁହେଁ । ମୁଁ ହଠାତ କହି ପକାଇଲି— ନିକି ଶୋଇଥିଲା । ଲଲ୍ଲି ଆଉ ଜମା ନାହିଁ । ବୋଧହୁଏ ଭାବିଲା ତାକୁ ରକ୍ଷା କରିବାକୁ ଯାଇ ମୁଁ ମିଛ କହିଲି । ଲାଜରେ ସେ ସଢ଼ିଗଲା । ମୋ ମନରୁ କିନ୍ତୁ ସେତେବେଳ ଯାଏ ସମ୍ପୂର୍ଣ୍ଣ ରୂପେ ଭୟ ଯାଇ ନଥାଏ । ଏ ହୋଇପାରେ ନୂଆବୋଉ ଯେଉଁଠି ମୋତେ ବିଶ୍ୱାସ କାହିଁ କରିବା ।

ସେ ଦିନ ରାତି ଖାଇବା ବେଳ ମୁଁ ଓ ଲଲ୍ଲି ଖାଇ ବସିଛୁ । ଶୁଣିଲି ଆର ଘରେ କିଏ ସବୁ ହସି ହସି ଗପ କରୁଛନ୍ତି । ନୂଆବୋଉଙ୍କ ସ୍ୱର ତା ମଧ୍ୟରେ ଶୁଣିପାରିଲି । ଆଶଙ୍କାରେ ହୃଦୟ ମୋର ଥରିବାକୁ ଲାଗିଲା । ଜାଣିଲେ କି ଆଉ ? କାନପାରି ଶୁଣିଲି କିଏ ଜଣେ କହୁଛି··· ଛି ରାଧୀ ସେ ପୁଅ ମନରେ କଣ ହେବ ! କିଛି କହିବୁ ନାହିଁ ।

ତାହାହେଲେ ଆଉ କିଛି ଅଛପା ନାହିଁ । ସମସ୍ତେ ଜାଣି ସାରିଲେଣି । ଏହା ନୂଆବୋଉଙ୍କ କାର୍ଯ୍ୟ ବୋଲି ଜାଣିବାକୁ ମୋର ବାକି ରହିଲା ନାହିଁ । ମୋତେ ଆଉ ଭାତ ରୁଚିଲା ନାହିଁ । ପାଣି ମାଗିଲି । ହସ ଚାପି ଚାପି କମଳା ଆସି ପାଣି ଗ୍ଲାସ ଥୋଇ ଦେଇଗଲା । ଦୁଆର ବନ୍ଦ ସେ ପାଖରେ ନହେଉଣୁ ସେ ଫେଁ କରି ବଡ଼ ପାଟିରେ ହସି ଉଠିଲା ।

ରାଗରେ ମୋ ଦେହ ଜଳି ଉଠିଲା । ହୋଇପାରେ ନୂଆବୋଉଙ୍କ ପ୍ରତି ମୋ ମନ ରାଗରେ, ଅଭିମାନରେ ଭାଙ୍ଗି ପଡ଼ିଲା । ଦୁଃଖରେ ଲଜ୍ଜାରେ ମୁହଁ ମୋର ଶୁଖି ପଡ଼ିଗଲା । ହାତ ଧୋଇ ଯାଇ ଶୋଇଲି । ସେ ଘରୁ କମଳା, ରାଧୀ ପ୍ରଭୃତି ଦଳେ ଝିଅଙ୍କର ଗୃହାସର ସମ୍ମିଳିତ ସ୍ୱର ମୋ କାନରେ ଆସି ବାଜୁଥାଏ । ମନେ ହେଉଥାଏ ନୂଆବୋଉଙ୍କୁ ଯାଇ ପଚାରନ୍ତି କହ ନୂଆବୋଉ, ଅଛି କି ତମର ଭଉଣୀ ଆଉ? ଏ ରାଧୀଟା ବଡ଼ ଦୁଷ୍ଟ । ତା କଥା ହବନି ।

ତା ପରଦିନ ସକାଳେ ସମସ୍ତଙ୍କ ଅନିଚ୍ଛା ସତ୍ତ୍ୱେ ଘରକୁ ବାହାରିଲି । ବିଦାୟ ନେଲାବେଳେ— କମଳା ଆଉ ରାଧୀ ପାଖରେ ଖୁଲାଏ ଲେଖା ଲୁଗା ଘୋଡ଼ାଇ ହେଉଁ ମାଙ୍କଡ଼ ଭଳିଆ ମୁହଁ କରୁଥାନ୍ତି ତାଙ୍କୁ ଦେଖି ମୋ ଦେହ ଜଳି ଉଠୁଥାଏ । ମନ ହେଉଥାଏ— ଆମ ଗାଁ ହୋଇଥାନ୍ତା କି । ଗୋଟାଏ ଗୋଟାଏ ମହୁଣିକିଆ ବାଧା ପିଠିରେ ଥୋଇ ବୁଝେଇ ଦିଅନ୍ତି ମୁଁ କିଏ ।

ସେ ଦିନ ସଂଧ୍ୟାବେଳେ ଘରେ ପହଞ୍ଚିଲି ।

କମଳା ଆଉ ରାଧୀ କେଉଁ ଦିନରୁ ବାହା ହୋଇଗଲେଣି । ମୁଁ ବାଡ଼ୁଆ ଅଛି । ହୁଏତ ସେ ଦିନ ଯଦି ସେଁସରେ ମୁତି ନଥାନ୍ତି ! ତଥାପି ମୁଁ ନୂଆବୋଉଙ୍କୁ ପଚାରେ— କହ ନୂଆବୋଉ, ଅଛି କି ତମର ଭଉଣୀ ଆଉ ? ଏ ହେଁସ ମୁତୁରାଟାକୁ ନହେଲେ କିଏ କାହିଁକି କନ୍ୟା ଦେବ ।



Digitized by srujanika@gmail.com



# କୋଣାର୍କରେ ଦିନେ

ଲେଖକ—ଶ୍ରୀ ଗୌରାଙ୍ଗ ଷଁ

( ପୂର୍ବପ୍ରକାଶ ପରେ )

ପ୍ରାୟ ଦୁଇ ମାସ ଧରି ଭୁବନେଶ୍ୱରର ମୂର୍ତ୍ତିମାନଙ୍କୁ ଦେଖିବା ଏବଂ ସେମାନଙ୍କ ସହିତ ଶିଳ୍ପଦୃଷ୍ଟିରୁ ଘନିଷ୍ଠ ଭାବରେ ପରିଚିତ ହେବା ପରେ କୋଣାର୍କ ଦେଖିବାର ସୁଯୋଗ ପାଇଥିଲି । ଛନ୍ଦ ହିସାବରେ ଭୁବନେଶ୍ୱରର ରାଜାରାଣୀ ମନ୍ଦିରର ମୂର୍ତ୍ତିଗୁଡ଼ିକ ମୋତେ ବେଶୀ ଆକର୍ଷିତ କରିଥିଲା— ତଥାପି କୋଣାର୍କର ବାଦନରତା ବିଭ ମୂର୍ତ୍ତିଗୁଡ଼ିକର ଛନ୍ଦ ବଡ଼ ମଧୁର । ଯେକୌଣସି ଭାବୁକର ମନକୁ ସେମାନଙ୍କର ଭାବ ଆଉ ଠାଣି ଅପୂର୍ବ ଆନନ୍ଦରେ ପୂର୍ଣ୍ଣ କରିଦେଇ ପାରିବ । ଶହ ବର୍ଷର ଜୀର୍ଣ୍ଣ ପ୍ରସ୍ତର ମୂର୍ତ୍ତି ଭାବୁକ ଆଉ ରସିକମାନଙ୍କ ପାଖରେ ଜୀବନ୍ତ ହୋଇ ଉଠେ— ସେମାନଙ୍କର ନୃତ୍ୟ ବାଦ୍ୟ ରତ ଭଙ୍ଗୀରେ ରସିକ ନିଜକୁ ଭୁଲିଯାଏ । ସୁନ୍ଦରର ଆଧ୍ୟାତ୍ମିକ ସତ୍ତରେ ସେପରି ତାର ମନରେ ନୂତନ ରାଗିଣୀ ଜଗାଇ ଦେଇଯାଏ । ଯେ ପାଳେ ସେ ଠିକ ପାଳେ ହୋଇଯାଇ ପାରିବ ଏହି ମୂର୍ତ୍ତି ଗୁଡ଼ିକୁ ଦେଖି ଏବଂ ସେମାନଙ୍କର ମାଙ୍ଗଳିକ ଅବଦାନ ବୁଝି । ଏହିଠାରେହିଁ ସାର୍ଥକ ଶିଳ୍ପୀର ପରିଚୟ ମିଳେ ।

ଯେଉଁ ଶିଳ୍ପୀମାନେ ଖଜୁରାହୋ ଶିଳ୍ପର ଚର୍ଚ୍ଚା କରୁଅଛନ୍ତି ସେମାନଙ୍କୁ ଛନ୍ଦ ବିଷୟରେ ଅନେକ ସମୟରେ ସାଧାରଣଙ୍କ ପାଖରେ ତିରସ୍କୃତ ହେବାକୁ ପଡ଼େ । ହୁଏତ ଅଜନ୍ତା ମନ୍ଦିରର ମୂର୍ତ୍ତି ଗୁଡ଼ିକର କଟି ବେଶ ସରୁ, ଶରୀର ଏତେ ବଙ୍କା, ଅଙ୍ଗୁଳି ଏତେ ପତଳା ଇତ୍ୟାଦି କାହିଁକି ? ତାର ଉତ୍ତର ବିଶେଷ ଭାବରେ ଦେବାକୁ ଗଲେ ଭାରତୀୟ ଶିଳ୍ପ କେଉଁ ପନ୍ଥାରେ ତାର ବର୍ଣ୍ଣନା ଦେବାକୁ ପଡ଼ିବ । ଏ ପ୍ରବନ୍ଧର ତାହା ଉଦ୍ଦେଶ୍ୟ ନୁହେଁ । କେବଳ ଏତିକି କହିପାରେ ଯେ ଭାରତୀୟ ଶିଳ୍ପୀ ଯାହା ଆଖିରେ ଦେଖେ ତାହାର ସଠିକ ନକଲ ବା ଅନୁକରଣ କରେ ନାହିଁ । ଯାହା ବସ୍ତୁ ସୃଷ୍ଟି କରେ ତାହାକୁ ଅଧିକ ସୁନ୍ଦରତମ କରିବାକୁ ଚାହେଁ । ଏହି ମୂର୍ତ୍ତିଗୁଡ଼ିକୁ ସେହିପରି ଛନ୍ଦମୟ କରି ଗଢ଼ିଅଛନ୍ତି । ବୁଦ୍ଧଙ୍କ ସ୍ଥିର ରୂପ ଫୁଟାଇବାକୁ ଯାଇ ଶିଳ୍ପୀ ତାହାର ଦୃଷ୍ଟିଶକ୍ତି ସାଧାରଣ କରିଦେବା ବଦଳରେ ଯଦି ଟିକିଏ ଅଧିକ ଆଖି ଉପର ଦୃଷ୍ଟି ଦାନ କରେ ତେବେ ତାହା ଅଧିକ ଭାବପୂର୍ଣ୍ଣ ଏବଂ ସୁନ୍ଦର ଦିଶେ । କିନ୍ତୁ ସେଥିରେ ଅଛି ଅଙ୍ଗର ସଂଯୋଗ, ସେଇଠା ଶିଳ୍ପୀ ନିଜର ସୌନ୍ଦର୍ଯ୍ୟ ଅନୁଭୂତିରୁ ସୃଷ୍ଟି କରେ ଏବଂ ତାର ଦୃଷ୍ଟି ଭଙ୍ଗୀ ସାଧାରଣଠାରୁ ପୃଥକ । ସାଧାରଣ କହନ୍ତି ତାର ଆଖି ଇମିତି ନୁହେଁ କିନ୍ତୁ ଯେ ଭାବୁକ ସେ କହିବ ଠିକ ହୋଇଛି । ସେହିଠାରେ ପ୍ରଧାନ ପ୍ରଭେଦ । ଭାରତୀୟ ଶିଳ୍ପୀମାନେ ସେହି ଶୈଳୀ ଆଉ ଧ୍ୟାନରେ ମୂର୍ତ୍ତିମାନଙ୍କରେ ଅପୂର୍ବ ଛନ୍ଦ ଦାନ କରିଛନ୍ତି । ଯେଉଁଠା ସମ୍ପୂର୍ଣ୍ଣ ଅସ୍ୱାଭାବିକ ବୋଲି ମନେ ହୁଏ ସାଧାରଣଙ୍କ ଆଖିରେ, ସେଇଠାରେ



ନୃତ୍ୟରତା

ସେମାନେ ସୌନ୍ଦର୍ଯ୍ୟ ଦେଖିଥାନ୍ତି । ଏଥିପାଇଁ ଦାୟୀ ଶିଳ୍ପୀ ନୁହେଁ— ଦାୟୀ କେବଳ ଯେ ଦେଖିବ ଏବଂ ରସ ଗ୍ରହଣ କରିବ ।

ଯାହା ହେଉ— କୋଣାର୍କର ଇମିତି କେତେଗୁଡ଼ିଏ ଛନ୍ଦ ଆଉ ଲାବଣ୍ୟପୂର୍ଣ୍ଣ ମୂର୍ତ୍ତି ଶିଳ୍ପ ଜଗତରେ ଅମର । ସପ୍ତାଶ୍ୱ ଯୋଜିତ ରଥ ଯେଉଁଠି ରଖି ସମ୍ମୁଖରେ ସୂର୍ଯ୍ୟଦେବଙ୍କର ମୂର୍ତ୍ତି କଳ୍ପନା ଯେଉଁ ଉତ୍କଳ ଶିଳ୍ପୀ କରି ପାରିଥିଲେ ତାହା ଅତୁଳନୀୟ । ଦୁର୍ଭାଗ୍ୟରୁ ସେ ଅମୂଲ୍ୟ ଧନ ସମସ୍ତଙ୍କ ମନ୍ଦିର ମଧ୍ୟରୁ ଅପସୃତ କରାଯାଇଛି । ସେହିପରି ମୟୂରର ନଟରାଜ, ଦଶଭୁଜା ଦେବୀ ମୂର୍ତ୍ତି ଇତ୍ୟାଦି । ଯେଉଁ ଯେଉଁ ଯୁଗରେ ଯେଉଁ ଯେଉଁ ସ୍ଥାନରେ ଭାରତ ଶିଳ୍ପ ଉନ୍ନତତମ ଆଦର୍ଶ ଛୁଇଁପାରି ନେଇଛନ୍ତି । ଶିଳ୍ପୀମାନଙ୍କର ଏଭଳି ସାଧନା ଓ ଶ୍ରମର ଦାନ ଯୁଗ ଯୁଗଯାଏ ପୃଥିବୀରୁ ସେହି ପରମସୁନ୍ଦରର ଆଉ ସତ୍ୟ ଆଡ଼କୁ ପଥ ଦେଖାଇ ଦେଇପାରିବ ଏଥିରେ ସନ୍ଦେହ ନାହିଁ । କେବଳ ଦେଖି ଶିଖିବା ଭଳି ଧୈର୍ଯ୍ୟ ଆଉ ଜ୍ଞାନ ଦରକାର ।

ଦ୍ୱିତୀୟତଃ ମନ୍ଦିର ଗାତ୍ରର ଅଶ୍ଳୀଳ ମୂର୍ତ୍ତିମାନଙ୍କ ସମ୍ବନ୍ଧରେ ପଦେ ଦୁଇପଦ କହିବା ଦରକାର । ମନ୍ଦିରମାନଙ୍କର ସଂଯୋଗରତ ନଗ୍ନ ନରନାରୀମାନଙ୍କର ମୂର୍ତ୍ତି ଦେଖି କେତେ କେତେ ମତ ପ୍ରକାଶ କରିଛନ୍ତି । ବାସ୍ତବରେ କୋଣାର୍କରେ ଏହିପରି ମୂର୍ତ୍ତିଗୁଡ଼ିକ ଅତି ବେଶୀ ଭାବରେ ଖୋଦିତ ହୋଇଛି । ତତ୍କାଳୀନ ସାମାଜିକ ଜୀବନରେ ଏହାର ପ୍ରଭାବ କିଭଳି ପଡ଼ିଥିବ କହି ହେବନାହିଁ କିମ୍ବା ଠିକ ଭାବରେ କହିବା ମୁସ୍କିଲ । ତେବେ ତତ୍କାଳୀନ ସାମାଜିକ ଏବଂ ମଣିଷର ନୈତିକ ଦୁର୍ବଳତା ଦୃଷ୍ଟିରୁ ମୂର୍ତ୍ତିଗୁଡ଼ିକ ଅତି ପ୍ରଭାବଶାଳୀ ଏଥିରେ ସନ୍ଦେହ ନାହିଁ । ତଥାପି ଶିଳ୍ପକୁ ଅବଧାନଙ୍କ ମତରୁ ମାନି ନେବାକୁ ବାଧ ହେଉଛି । ସାହିତ୍ୟ ଦେହରେ ନବରସର ବର୍ଣ୍ଣନା ରହିଛି ଏବଂ ଆଦିରସର ବର୍ଣ୍ଣନା

Digitized by srujanika@gmail.com



(କୋଣାର୍କ ରଥ ଚକ୍ରର ସାଧାରଣ ଦୃଶ୍ୟ)

ରହିତ ସାହିତ୍ୟ ରସ ଦୃଷ୍ଟିରୁ ଯେପରି ଅନୁଶୀଳନ କରିଯାଏ ସେହିପରି ମନ୍ଦିରମାନଙ୍କର ମୂର୍ତ୍ତିକୁ ଭଲ ଭାବରେ ନିରୀକ୍ଷଣ କଲେ ନବରସର ଭାବ ସୃଷ୍ଟି କରିଛନ୍ତି ମୂର୍ତ୍ତିଗୁଡ଼ିକରେ ତତ୍କାଳୀନ ଶିଳ୍ପୀମାନେ ବୋଲି ମନେହୁଏ । ଯଦି ଆଜି ରସାତ୍ମକ ଏହି ଅଶ୍ଳୀଳ ମୂର୍ତ୍ତିଗୁଡ଼ିକ ସେମାନଙ୍କ ଦ୍ୱାରା ସୃଷ୍ଟ ହୋଇ ନଥାନ୍ତା ତେବେ ଶିଳ୍ପ ସୃଷ୍ଟିରେ ଅସମ୍ପୂର୍ଣ୍ଣ ହୋଇଥାନ୍ତା । ଏହାହିଁ ଆଚାର୍ଯ୍ୟ ଅବନୀନ୍ଦ୍ରନାଥଙ୍କ ମତ । ଏଥିରେ ଏକମତ ହେବା ଛଡ଼ା ଶିଳ୍ପ ଦୃଷ୍ଟିରୁ ଆଉ ଅନ୍ୟମତ ହୋଇ ପାରୁନା । ଏହି ସବୁ ଶିଳ୍ପ ଯୋଗୁଁ ସାମାଜିକ ଜୀବନରେ କିପରି ପ୍ରଭାବ ପଡ଼ିଥିଲା ତାହା ଐତିହାସିକମାନେ ଭଲ ଭାବରେ ବର୍ଣ୍ଣନା କରିପାରିବେ । ଟେକ୍‌ନିକାଲ ଦୃଷ୍ଟିରୁ ଏହି ମୂର୍ତ୍ତିଗୁଡ଼ିକ ଅତି ସୁନ୍ଦର ଏବଂ ଭାବପ୍ରବଣ ସୃଷ୍ଟି ଏଥିରେ ସନ୍ଦେହ ନାହିଁ । ଏହାଛଡ଼ା ଶିଳ୍ପ ସୃଷ୍ଟିରେ ଶିଳ୍ପୀକୁ ମଧ୍ୟ ଦେବତା ସୃଷ୍ଟି ଭଳି ସେ ସମ ନଜରରେ ସମାଧିସ୍ଥ ରହିବାକୁ ପଡ଼େ— ଏହାର ବ୍ୟତିକ୍ରମ ହେବା ଭୁଲ । କାରଣ ସୃଷ୍ଟି କଲାବେଳେ ଶିଳ୍ପୀ ଶ୍ଳୀଳ ଅଶ୍ଳୀଳ ଦେଖେ ନାହିଁ । ସେ ମୁକ୍ତ ଆଉ ନିର୍ଲିପ୍ତ ଥାଏ । ଶ୍ଳୀଳ ଓ ଅଶ୍ଳୀଳ ସବୁ ସୃଷ୍ଟିରେହିଁ ଶିଳ୍ପୀ ସମାନ ଭାବରେ ତନ୍ମୟ ହୋଇଯାଏ ।

ଓଡ଼ିଶାର ଅନ୍ୟାନ୍ୟ ମନ୍ଦିରମାନଙ୍କଠାରୁ କୋଣାର୍କର ଗଠନ ପ୍ରଣାଳୀ ସମ୍ପୂର୍ଣ୍ଣ ପୃଥକ । ସମସ୍ତ ମନ୍ଦିରଟିକୁ ଗୋଟିଏ ରଥର କଳ୍ପନାରେ ନିର୍ମାଣ କରାଯାଇଛି । ଦୂରରୁ ମନ୍ଦିର ପାଦର ବଡ଼ ବଡ଼ ଚକ ଏବଂ ସମ୍ମୁଖସ୍ଥ ଅଶ୍ୱଗୁଡ଼ିକୁ ଦେଖିଲେ ମନେ ହୁଏ ସତେ ଯେପରି ଏ ପ୍ରସ୍ତର ରଥଟି ଗତିଶୀଳ । ମନ୍ଦିରର ଚକା ଦେହରେ ଭାସ୍କର୍ଯ୍ୟ ଅତ୍ୟନ୍ତ ସୂକ୍ଷ୍ମ ଓ ପ୍ରତ୍ୟେକ ଦେଵଦେବୀ ମୂର୍ତ୍ତି ଏବଂ ଅଳଙ୍କାରଗୁଡ଼ିକ ଖୋଦନଗୁଡ଼ିକ ମଧ୍ୟ ପୃଥକ । ସମସ୍ତ ମନ୍ଦିରର ଗଠନ ଏବଂ ପ୍ରତ୍ୟେକ ଚକକୁ ଗବେଷଣା କଲେ ଯେ କି ଅମୂଲ୍ୟ ଜ୍ଞାନର ସନ୍ଧାନ ମିଳିବ ତାହା କିଏ କହିବ ? ପ୍ରଧାନ ମନ୍ଦିରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । କେବଳ ମୁଖଶାଳାର ବିଶାଳତା ମଧ୍ୟ ମନକୁ ବିସ୍ମିତ କରି ଦିଏ । ପ୍ରଧାନ ମନ୍ଦିର ଗାତ୍ରରେ କିଜାଣି କେତେ ଅମୂଲ୍ୟ ଶିଳ୍ପ କାଳ ମୁହଁରେ ଧ୍ୱଂସ ପାଇଯାଇଛି ।

ସେ ଯୁଗରେ କୋଣାର୍କ ଉତ୍କଳ ଜନନୀଙ୍କ କୋଳରେ ଜନ୍ମିଥିଲା । ସେ ଯୁଗରେ ଏହା ଗୋଟିଏ ବିଶାଳ ନଗରୀ ଦ୍ୱାରା ମୁଖରିତ ହେଉଥିବ— କେବଳ ଐତିହାସିକମାନଙ୍କର ମତ ମଧ୍ୟ ଏହିପରି । କିନ୍ତୁ ଆଜିକାର କୋଣାର୍କ-ର ଅବସ୍ଥିତି— ସମୁଦ୍ରର ନିର୍ଜନ ବେଳାଭୂମି ଉପରେ ସମୁଦ୍ରଠାରୁ ପ୍ରାୟ ସାଢ଼େ ଏକ ମାଇଲ ଦୂରରେ କୋଣାର୍କ ଛିଡ଼ା ହୋଇଛି । ସମସ୍ତ ନିର୍ଜନ ପ୍ରାନ୍ତରରେ ଏହି ଶିଳ୍ପପିଣ୍ଡର ଧ୍ୟାନଗମ୍ଭୀର ମୂର୍ତ୍ତି ଦେଖିଲେ ଦର୍ଶକ ମନରେ ନୈସର୍ଗିକ ଆନନ୍ଦ ଜାଗ୍ରତ ହୁଏ । ଅଦୂରରେ ଦିଗନ୍ତ ବ୍ୟାପୀ ବିଶାଳ ସମୁଦ୍ର ଏବଂ ତା କୂଳରେ କୋଣାର୍କର ପରିତ୍ୟକ୍ତ ଜୀର୍ଣ୍ଣ ଦଗ୍ଧାସ୍ଥିମୟ ଶରୀର— କିଏ କହିପାରିବ ଏ ଦୁହିଁଙ୍କର ଯୁଗଯୁଗର ହୃଦୟର ଅଭିବ୍ୟକ୍ତି କଣ ? ଅଦୂରରେ ନୋଳିଆ ଗାଁ ଦେଖାଯାଏ । ଆଜିର କୋଣାର୍କ ଆଉ ଜନମୁଖରିତ ନୁହେଁ । ନିର୍ଜନ ପ୍ରାନ୍ତରରେ କେବଳ ରମଣୀୟ ପ୍ରକୃତି ସହିତ ତାର ଜୀବନର ଅବଶିଷ୍ଟ ସମୟ ବିତାଇ



ବାଦ୍ୟ ରତା

ଦେବାକୁ ବସିଛି । ଆଉ ସମୁଦ୍ର ସମ୍ପର୍କରେ ଭାବୁକମାନଙ୍କ ରବ ଅହ୍ୱାନରେ ତାକୁ ନେଉଛି ତା ପାଖରୁ , ଉତ୍କଳର ଅତୀତ ଗୌରବର ସତ୍ୟତାର ପ୍ରମାଣ ନେଉଛି । ସେ ଥରେ ମୁଁ ଭାଙ୍ଗ ଶୂନ୍ୟପଥରେ ଉର୍ଦ୍ଧ ଶିର ଅଙ୍ଗଣରେ ଏ ପ୍ରଶ୍ୟସେବର ଚରଣରେ ଲୋଟି ହୋଇ ଯାଏ ଆଉ ଗୋଟିଏ ଗଭୀର ଦୀର୍ଘ ନିଶ୍ୱାସ ପକାଇ ଯେପରି ଅନେକ କିଛି ଦାମ୍ଭିକ୍ତ ନେଇ ଫେରି ଆସିବାକୁ ହୁଏ ତାକୁ ।

ସମୁଦ୍ରର ଲୁଣି ପବନଦ୍ୱାରା ବାଲିପଥରର ସୂକ୍ଷ୍ମ ମୂର୍ତ୍ତିଗୁଡ଼ିକ କ୍ଷୟପ୍ରାପ୍ତ ହୋଇଆସିଲାଣି କେବଳ ସ୍ଥାନେ ସ୍ଥାନେ ମୁଗୁନି ପଥରର ମୂର୍ତ୍ତିଗୁଡ଼ିକ ଧ୍ୱଂସମୁଖୀକାଳକୁ ପରାଜୟ କରି ରହିଛି । ଏହି ଯେ ଧ୍ୱଂସମୁଖୀ ଶିଳ୍ପସମ୍ପଦ— ଏହାର ଦର୍ଶନରେ ଯେକୌଣସି ଶିଳ୍ପୀର ମନରେ ଗଭୀର ଦୁଃଖ ଜନ୍ମିବାର କଥା— ବିଶେଷତଃ ଓଡ଼ିଆ ଶିଳ୍ପୀ ଆଜି ଦୁର୍ବଳ— ତାର ପରମ୍ପରା ଆଜି ସେ ହରାଇ ବସିଛି । ଯେଉଁ ଭୁବନେଶ୍ୱରରେ ଶିଳ୍ପୀମାନେ ଶତ ମନ୍ଦିର ନିର୍ମାଣ କରି ଅମର କଳାସୃଷ୍ଟି କରିଥିଲେ ଏବଂ ଯାହାର କଳାକୌଶଳ ପୃଥିବୀ ବିଖ୍ୟାତ ସେଠାରେ ଆଜି ଜଣେ ହେଲେ ଶିଳ୍ପୀର ନିଦର୍ଶନରୁ ସେଭଳି ମୂର୍ତ୍ତି ଜନ୍ମି ପାରୁନା । ପଥୁରିଆ ଶିଳ୍ପୀବର୍ଗ ଆଜି ସାମାନ୍ୟ ମଜୁରିଆ ମାତ୍ର—ପେଟ ବିକଳରେ ନିହାଣ ଛାଡ଼ିଛି । ଏହାର ପ୍ରତ୍ୟକ୍ଷ ପ୍ରମାଣ ଭୁବନେଶ୍ୱରରେ ରହିଥିବା ସମୟରେ ଲେଖକ ପାଇଥିଲା । ପ୍ରାଚୀନ ସାରା ଓଡ଼ିଶାରେ ମୂର୍ତ୍ତି ଶିଳ୍ପର ଚର୍ଚ୍ଚା ବନ୍ଦହୋଇ ଯାଇଛି ! ଯେଉଁମାନେ କରନ୍ତି ସେମାନେ ବିକଳରେ ମୂର୍ତ୍ତିର ଖଣ୍ଡଗୁଡ଼ିକ ଇତ୍ୟାଦି କାଟିଲା ଭଳି । କିନ୍ତୁ କୋଣାର୍କ ଭୁବନେଶ୍ୱର ଯୁଗରବିନ୍ଦୁ ଧରମା ଏବଂ ଅନ୍ୟାନ୍ୟ ଶିଳ୍ପଯୋଗୀ ଆଉ କେତେଜଣ ରହିଛନ୍ତି ବର୍ତ୍ତମାନ ଓଡ଼ିଶାରେ ? ଆଜି କୋଣାର୍କ ଦର୍ଶନରେ ମନର ଆନନ୍ଦ ଯେତିକି ବଢ଼ୁଥାଏ—"ସେ ଦିନ କି ଆଉ ଆସିବ" ଭାବି ମନ ତାଠାରୁ ଅଧିକ ଦୁଃଖ ଆଉ ହତାଶରେ ଦବିହୋଇ ଯାଉଥାଏ ।

କୋଣାର୍କ ଦେଖି ମନେ ହୋଇଥିଲା ଆଜିକାଲି ଓଡ଼ିଆ ଶିଳ୍ପୀ ଇଚ୍ଛାକଲେ ଅନେକ କୋଣାର୍କ ଗଢ଼ିପାରନ୍ତା—କିନ୍ତୁ ସେ ଆଜି ମୃତ କାହିଁକି ? ତାର ଉତ୍ତର ଦେବ କିଏ ? ଶେଷରେ ଏତିକି ଅନୁରୋଧ ଏହି ଅହ୍ୱାନ ମନେପକାଇ ଓଡ଼ିଆ ଯୁବ ପାରିଥିଲ । ମହାଶିଳ୍ପୀ ଠାକୁର କରିବ ଅହ୍ୱାନ ଏବଂ କର୍ତ୍ତବ୍ୟ ପୂର୍ଣ୍ଣ ଇଂଗିତ ଶୁଣି ପ୍ରତ୍ୟେକ ଓଡ଼ିଆ ଶିଳ୍ପୀଙ୍କ ଜୀବନର କଠିନ ଦାୟିତ୍ୱ ବରଣ କରନ୍ତୁ ।

Digitized by srujanika@gmail.com



ନାଗଙ୍କ କଲମରୁ

## ସ୍ମୃତି

ନାଚଉଠେ ମୋର ହୃଦକନ୍ଦର, ଶିଦସୁନ୍ଦର—
ସନ୍ଧ୍ୟା ପରଶେ ଉଷା ଅଙ୍ଗ,
ସମୀର ବହଇ ଧୀର ସ୍ପନ୍ଦନେ, ଉଷାବନ୍ଦନେ
ମଧୁପ ମୁରଲୀ ରସରଙ୍ଗ ।
ମୁକ୍ତଗୀତିକା ଧରି ଚଂଚଳେ ଧବଳଅଂଚଳେ
ଭାଦ୍ର ଫେରିଛି ଅତି ମନ୍ଦ୍ରେ,
ଶ୍ୟାମଳ ଧରଣୀ ହୃଦ ଲମ୍ପନ, ମୃଦୁ କମ୍ପନ
ଦୋହଉ ମୋହଅ ତହିଁ ଫନ୍ଦେ !
ଆକାଶେ ପାତାଳେ ଅକ ସଙ୍ଗୀତ, ଗୀତ ଉଙ୍ଗିତ,—
ଦେବତାର.ଭୁରୁ ସଂଗ୍ରାମ.ନ୍ତ;
ସ୍ନେ ର ସୁହାସେ ମାତି ବନ୍ଦ୍ୟତ କରେଯୁକ୍ ଧୃତ ;
ନବ ଉନ୍ମାଦ ହୃଦନ୍ତନ୍ତେ ।
ମୁକ୍ତ ନିଶାଣ ଡୋଳେ ଗମ୍ଭୀରେ ଦେହ ଭଙ୍ଗୀରେ—
ଭୂଲଣ—ଅତି କଠୋରଛେଦ,
ସଚକିତ ନୟନର ଫାଙ୍କରେ ଗୃହେଁ ବାଙ୍କରେ
ହୃଦୟମୋ' ଦ୍ରବଯାଏସ୍ତବ୍‌ଧେ
ସ୍ୱାଧୀନ ଏ ଜାତି ଚିର ଲକ୍ଷିତ; ମନବାଞ୍ଛିତ—
ପୂର୍ଣ୍ଣ ହୋଇଛି ଆଜ ରଙ୍ଗେ
ସ୍ୱାଧୀନ- ପତାକା ଉଡ଼େ ହର୍ଷରେ, ବାୟୁସ୍ପର୍ଶରେ—
ଅତୀତର ସ୍ମୃତି ଧରି ସଙ୍ଗେ ।
ଏ ଦେଶ ଜନତା ନୁହେ ନନ୍ଦିତ, ନୁହେ ଯୁବ୍‌ଧୃତ ,
ପୂଜିବ ଜନମ ମାଟି ହର୍ଷେ
ବିଜୟ ଉଲ୍ଲାସେ ମାତି ଗର୍ବରେ— ପୂଜା ପର୍ବରେ
ଲାଗିବ ଏ ଦେଶର ଉତ୍କର୍ଷେ
କ୍ଷତ ନିଶାଣ ତଳେ ବେଷ୍ଟିତ, ନିସ୍ପେଷିତ—
କଙ୍କାଳ, ରଙ୍କ,ଶବ ଯାତ୍ରା !
"ଜୟ ଭାରତ ଜନନୀ" ନିର୍ଘୋଷ, ନିରଘୋଷିତ ।
କାହିଁ କେ' କଳଙ୍କ ତାର ମାତ୍ରା !!

ଗୋପୀନାଥ ପଟ୍ଟନାୟକ
ନାଗ । ୧୦୪୭

\+ + +

## ଓଡ଼ିଆ ଝିଅରେ ମୁହିଁ

ଓଡ଼ିଆ ଝିଅରେ ମୁହିଁ,
ଶିରା ପ୍ରଶିରା ମଧ୍ୟେ ମୋର ଯାଏ ବୀର-ରକ୍ତ ବହି ।

ଉତ୍କଳମାତା ଜନନୀ ମୋର ,
ଆଗେଇ ଯିବ ନିରନ୍ତର ,
କରିବ କେତେ ମୁଁ ଉପକାର ,
ମୋହର ଜନନୀ ପାଇଁ
ଓଡ଼ିଆ ଝିଅରେ ମୁହିଁ ।

ମୋଠାରୁ ସାନ ବାଳିକାବ୍ରତ,
ରଖିଦେଇଛି ଜାତି ମହତ ,
ମୁହିଁ କି ନୁହେଁ ତା ଦେଶେଜାତ,
ନଯିବରେ ପଛେଇ,
ଓଡ଼ିଆ ଝିଅରେ ମୁହିଁ ।

ଆସିଲେ ଆସୁ ବତାସି ବାଅ,
ଫେରିବ ନାହିଁ ମୁହିଁ ଅଗୁଆ ,
ଆଗେଇ ଯିବ, ଡ଼ରିବ କିଆଁ,
ଜନନୀ ମୋ ଡାକଇ
ଓଡ଼ିଆ ଝିଅରେ ମୁହିଁ ।

ଯେଉଁ ମାତାର କୋଳରେ ବସି,
କହିଲି କଥା, ଶିଖିଲି ହସି'
ତାହାର ମୁଖୁଁ ଦୁଃଖର ମସୀ
ଲିଭାଇ ଦେବାକୁଇ ,
ଓଡ଼ିଆ ଝିଅରେ ମୁହିଁ ।

ଯେଉଁ ଦେଶର ମାଟିରେ ଜନ୍ମ ,
ଯାହାର ଖାଦ୍ୟେ ଗଢ଼ା ଜୀବନ,
ଶେଷରେ ହେବ ସେଇଠି ଲୀନ,
ଧନ କହୁଛି ଯହିଁ
ଓଡ଼ିଆ ଝିଅରେ ଭାଇ

ଆମର ଦେଶ ପୁରୀ ମନ୍ଦର,
ଭୁବନେଶ୍ୱର କୋଣାରକର,
ଶିଳ୍ପସ୍ଥାପତ୍ୟ ଉଚ୍ଚଦରର
ଦିଶିଯାଉଛି ଭାଇ ।
ଓଡ଼ିଆ ଝିଅରେ ମୁହିଁ,

ଓଡ଼ିଆ ମୁହିଁ, ଓଡ଼ିଆ ପାଇଁ
ସେବାକରିବ ପ୍ରାଣ ମୋ ଦେଇ,
ବଡ଼ କି ସାନ ବାରିବ ନାହିଁ
ଗ୍ରାମରୁ ଗ୍ରାମ ଯାଇଁ
ଓଡ଼ିଆ ଝିଅରେ ମୁହିଁ ।

ଆସରେ ଭାଇ ଆସରେ ଭାଇ,
ହାତକୁ ହାତ ମିଶାଇ ଦେଇ,
ମରିବା ପଛେ ଡରିବା ନାହିଁ
ଆମରି ମାତା ପାଇଁ
ଓଡ଼ିଆ ଆମେ ଭାଇ ।



Digitized by srujanika@gmail.com

ନାଗବଗୃହକ

## ନାଗଙ୍କ ଉତ୍ତର

ମହେନ୍ଦ୍ରଭାଇ ଜାଣିବ— ରଞ୍ଜନ ରଶ୍ମିର ଆବିଷ୍କାରକ ହେଉଛନ୍ତି Roentgen

ଜନାର୍ଦ୍ଦନଭାଇ ଜାଣିବ— ପୃଥିବୀର ଆମ୍ଳ ମଣ୍ଡଳଠାରୁ ଉପରସ୍ଥ ବାୟୁମଣ୍ଡଳ ଅପେକ୍ଷାକୃତ ଥଣ୍ଡା । ଆମ ପୃଥିବୀର ବାୟୁ ଗୁରୁ ଗୃପ ଏବଂ ଉପର ବାୟୁମଣ୍ଡଳ ଲଘୁଗୃପ ବିଶିଷ୍ଟ । ତେଣୁ ଉପରକୁ ଗଲେ ଥଣ୍ଡାଲାଗେ ।

(ମହେନ୍ଦ୍ର ୧୨୧୦, କହ୍ଲାର ୧୦୨୪)

ନରହରିଭାଇ ଜାଣିବ—ବିସ୍ତୃତ ଅଙ୍ଗାର ଭାଗ ରେଡ଼ିୟମ ଯୋଗୁଁ ଏଠାର ପରିବର୍ତ୍ତିତହୁଏ।

ବୃନ୍ଦାବନଭାଇ ଜାଣିବ — ଗୋଧୂଳି ଯୋଗୁଁ ସଜ ଓ ସକାଳେ ଆକାଶ ଲାଲ ଦେଖାଯାଏ ।

### —ନାଗଙ୍କ ପ୍ରଶ୍ନ—

ଜଗନ୍ନାଥ—ନୋବେଲ ପ୍ରାଇଜକିଏ କିଏ ସାହିତ୍ୟରେ ପାଇଛନ୍ତି—

ମହେନ୍ଦ୍ର (୧୨୧୦)—ଅମେ ଛକୁ ବାହିଁଚା

ଜଗର

କହ୍ଲାର (୧୦୨୪) ଭାରତର ବଡ ଲାଟ୍ ସାହେବ କିଏ ?

ତ୍ରିଲୋଚନ (୯୧୧) କେଉଁ ଗାଳ ଅପେ ପ୍ରବେ ନାହିଁ ।

ବେ କୃଷ୍ଣ (୯୧୨) ନୀଳଗିରିର ଲୋକମାନଙ୍କର ଟୋପି କପରି ?

ଗଙ୍ଗାଧର (୯୩୦) ଭାରତର ପ୍ରଥମ ବିଦେଶୀମ୍ନ ବଟେନ୍ତା କିଏ ?

ଉଡ଼ାଜାହାଜର ଆବିଷ୍କାରକ କିଏ ? ଚନ୍ଦ୍ର ପ୍ରତିଦିନ କେତେ ଡେରିରେ ଉଦିତହୁଏ ଏବଂ କାହିଁକି ?ବାୟୁରେ କେତୋଟି ଉପାଦାନ ଅଛି । କେଉଁଠାରେ ଅଗ୍ନେୟଗିରି ଦ୍ୱାରା ସର୍ବଦା ଆଲୋକ ହୋଇଛି

## ଅବସର ବିନୋଦନ ୪୪

ତୃତୀୟବର୍ଣ୍ଣେ ଗଢ଼ା ମୋହର ନାମ,
ସବୁ ପ୍ରାଣୀଙ୍କର ଅଟେ ଭବନ ,
ପ୍ରଥମ ତୃତୀୟ କରଣ ଠୂଳ ,
ସ୍ନାନ କରନ୍ତି ଏ ପ୍ରାଣୀ ସକଳ
ପ୍ରଥମ ଚତୁର୍ଥଙ୍କର ମିଳନ ,

୧ମ ବର୍ଣ୍ଣ ୧୨ଶ ସଂଖ୍ୟା

ଖାଇବାକୁ ବଳୁ ଥାଏଟି ମନ ।
ଦ୍ୱିତୀୟ ଚତୁର୍ଥ ବର୍ଣ୍ଣ ମିଶାଇ,
ପିଇଦେଲେ ପୂର୍ଣ୍ଣମଥାଘୁରଇ
ଚତୁର୍ଥ ପ୍ରଥମ ଯୋଗକରଣ,
ପଶୁ ଙ୍କର ଧ୍ୱନି ଏହିଟି ଜାଣ ।
କହିଦିଅ ଭାଇ ଏହା ଉତ୍ତର,
ନାମଟି ଏହାର ଅତି ସୁନ୍ଦର ।

୯୭୫ ଶଶିଭୂଷଣ ହୋତା

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଉଣା । ମୋର ଜନ୍ମ—ତା । । । ମହିନା ।ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ଗୁଣ୍ଡା କମ୍ପେନ୍ଦ୍ର ୦/ ଡାକଟିକଟ ଦେଲି

ସ୍ନେହର

ଠିକଣା —ଶ୍ରୀ•••

---

(୧୦ପୃଷ୍ଠାର ଅବଶିଷ୍ଟାଂଶ)

୪-୨୦ ଗୃହତ୍ୟାଗ

୭-୩୦ ପ୍ରତ୍ୟାବର୍ତ୍ତନ

୮-୩୦ ଉଦରସେବା

୯-୦୦ ବିଶ୍ରାମ ଓ ସାହିତ୍ୟ ଚର୍ଚ୍ଚା

(କଲେଜ ଗାର୍ଲ ଉପନ୍ୟାସ ପଠନ)

୯-୪୫ ଶୟନ, ଉପବାସ ଓ ମୌନ ବ୍ରତପାଳନ (ବିବାହିତମାନଙ୍କପାଇଁ ରାତ୍ର ୧୨ଟା ପରେ ବର୍ଣ୍ଣେ ଫୁସଫୁସ ମନ୍ତ୍ରଦାନ)

ଉକ୍ତଦିନ ସମସ୍ତ ଗୃ ଓ ଜଳଖିଆ ଦୋକାନ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ । ନିଜ ନିଜର ସୁବିଧା କରି ନେବା ପାଇଁ ସମସ୍ତଙ୍କୁ ଅନୁରୋଧ ଷାଉନ ବସରେ ସେଦିନ କେବଳ ଦଶପଇସା ଓ ଚଉଦ ପଇସା ଟିକେଟ ଛଡ଼ା ବାକି ଟଙ୍କାକିଆ ଦୁଇଟଙ୍କିଆ ଆଦି ଟିକଟ୍ ବିକ୍ରି ବନ୍ଦ କରାଯାଇଅଛି. ଉକ୍ତଦିନ ଟାଉନ ବସରେ ଦୁଇଟି ଶ୍ରେଣୀ କେବଳ ରହିବ । ପ୍ରଥମରେ-ବାହୁଡ଼ ଝୁଲ (ଠିଆହେବା) ୨ ରେ-ବସ ନଗଡ଼ା (ବସିବା) ସ୍ତ୍ରୀ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି. ରିକ୍ସର ଛାତ ପରପାଇଁ ସ୍ୱତନ୍ତ୍ର ମାସୁଲ ନାହିଁ ଖାଲି ଚଢିପାରିଲେ ହେଲା ।

ଉକ୍ତଦିନ ପ୍ରଭାତ ଓ କେପିଟାଲ ସିନାମାରେ ଶୁଭଟାବେଳେ ରେକର୍ଡ ସଂଗୀତ ହେବ ସମସ୍ତେ ଶୁଣି ପାରିବେ ।

ସୁଭାଷଜୟନ୍ତୀ ପାଇଁ ସମସ୍ତ ଅନୁଷ୍ଠାନ ବନ୍ଦ ଥିଲେ ମଧ୍ଯ ଓଡ଼ିଶା ବାସୀମାନେ କଟକ ବେତାର କେନ୍ଦ୍ରରୁ ଉକ୍ତ ରବିବାରଦିନ ଓଡ଼ିଆ ଗୀତ ଶୁଣିପାରିବେ ।

ରାତିରେ ମ୍ୟୁନସିପାଲଟି ପ୍ରତି ଗଳିରେ ପ୍ରତି ବଡ ରାସ୍ତାମାନଙ୍କରେ ଦୀପାବଳୀ ଉତ୍ସବ କରିବାରୁ ଭାର ନେଇଥିବାର ଆମେ ତାଙ୍କୁ ଅନେକ ଧନ୍ୟବାଦ ଅର୍ପଣ କରୁଅଛୁଁ । ପ୍ରତି ଘରେ ଦୀପାଳି ଉତ୍ସବ କରିବାକୁ ଅନୁରୋଧ । ରାତ୍ର ବାରଟା ପରେ କଳୁ ଅଲ ବିଦ୍ୟୁତ ବ୍ୟନ୍ଧ ଯୋଜନାରେ ସମସ୍ତେ ବତୀ ଲିଭାଇବାକୁ ଅନୁଯୋଗ ।

ଏହି ଉତ୍ସବ କମ୍ୟୁନିଷ୍ଟ ଛଡ଼ା ସମସ୍ତେ ପାଳନ କରିବେ । କମ୍ୟୁନିଷ୍ଟମାନେ ନୀରବରେ ଜେଲ ଭିତରେ ପାଳନ କରିବେ । ସୋସାଲିଷ୍ଟମାନେ ଦିନବେଳେ ଏ ଜୟନ୍ତୀ ପ୍ରତିବାଦ କରି ରାତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମଧ୍ୟ ଚଳିବ ।

କଲେଜ ବୋର୍ଡିଂରେ ପ୍ରତି କୋଠରୀରେ ସଭା ଓ ସମିତି ହେବାର ଆୟୋଜନ ହୋଇଛି କୌଣସି ତରୁଣ କମ୍ବା ତରୁଣୀମାନଙ୍କ ବିଷୟରେ ଆଲୋଚନା କରିବା ପାଇଁ ବିଷୟବସ୍ତୁ ଠିକ କରାହୋଇଛି ।

ପ୍ରତ୍ୟେକ କୁମାର କୁମାରୀ ବ୍ରହ୍ମଚର୍ଯ୍ୟଙ୍କର ଆଦର୍ଶ ଅନୁକରଣ କରିବାକୁ ଅନୁରୋଧ । ସେ ଆକୁମାର କୁମାରୀ ଆବାଳବାଳା ସମସ୍ତଙ୍କୁ ଏକ ବସ୍ତ୍ରରେ ଦେଖିବାକୁ ଆଉସ୍ୱାଏ ପିଣ୍ଡା ମଧ୍ୟ ହୋଇ ନାହାନ୍ତି । ଏହାହିଁ ବ୍ରହ୍ମଚର୍ଯ୍ୟର ପ୍ରମାଣ ସମସ୍ତେ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟନ୍ତୀ ପାଳନ କରନ୍ତୁ ।

। ଇତି ।

ଜୟହିନ୍ଦ

ନିବେଦକ ବୃନ୍ଦ

୧—କଲ୍ଲୋଳ ବଲ୍ଲଭ ମହାନ୍ତି

୨—ମନ୍ତ୍ରୀବାହନ, କରମର୍ଦ୍ଦନ, ପାଳଚଣ୍ଡୀ ମହାନ୍ତି (ସମ୍ପାଦକ, ହୁଇମସ)

୩—ଦହିକାଞ୍ଜି ଚୂଡ଼ା

୪—ଝିନ୍ ଟିନ୍ ଧୀନତା (ଗିଲ୍ଟସ ମାଲିକ)

୫—ମାହିନ୍ତୁ ରାମଅରଜ ଦାର

୬—ଅଦ୍ରିଗଡ଼ ରଥ (ସମ୍ପାଦକ, ଖମ୍ବାଜ)

୭—ଅଧ୍ୟାପକ ଭଜକୃଷ୍ଣ ମିଶ୍ର

୮—ଭାନୁମତୀ ରାଜହିତରାୟ

୯—ପାଦଧର ଦାଶ

୧୦—ପରିତ୍ୟକ୍ତ ମୋହନ ପ୍ରଧାନ

୧୧—ଶ୍ରୀଯୁକ୍ତା ସୁରୈଯ୍ୟା

୧୨—ଶ୍ରୀଯୁକ୍ତା ମମତାଜ ଶାନ୍ତି

୧୩—ବେଗମ ପାରା



Digitized by srujanika@gmail.com

# କହିନାହିଁ ପଦଟିଏ କଥା

ଲେ— ଶ୍ରୀ କୁଞ୍ଜବିହାରୀ ଦାଶ ଏମ୍, ଏ,

ଥରେ ମୋତେ ଗୃହିଁ ନାହିଁ, କହିନାହିଁ ପଦଟିଏ କଥା
ଜାଣେନା କପରି ତୁମେ ହୃଦୟର ହେଲ ସ୍ନେହ ଲତା !
ଚୁପେ ଚୁପେ ଚୁଲେ ଆଖି, ଅଟକିଲି କି ଲାଗି ଏ ଠାବେ ?
ଅଜାଣତେ ତୃଣ ସମ ମନ କପାଁ ଭାସିଗଲା ଭାବେ?
ଗୃହିଣୀ ଲଟିତ ଦେହେ ଉଛୁଳଇ ବିଜୁଳିର ରଙ୍ଗ,
ଲୋଟି ପଡ଼େ ଦୁବାଦଳେ ରୂପରାଶି ତରଙ୍ଗ ତରଙ୍ଗ ।
ଏହି ରୂପ ତଳେ ଧାଡ଼ି ଦେଇଥିବ ସ୍ନେହଶୀଳ ମନ,
କୁସୁମେ ସୁବାସ ଯେହ୍ନେ ଦିଏ ନୁହେଁ ବିଶ୍ୱରେ ଅକ୍ଷମ ।
ଖୁନ୍ଦ ହୋଇ ହୃଦୟର ରୂପ ଯେବେ ଝରଇ ବାହାରେ,
ମଣ୍ଡିତ ହୁଅଇ ଯେହ୍ନେ ଘନ ବନ ହୈମନ୍ତୀ ନିହାରେ ।
ପଦଟିଏ କଥା,
କହିନାହିଁ କପରି ଗୋ ହୃଦୟର ହେଲ ସ୍ନେହ ଲତା ?

ଚୁପେ ଚୁପେ ମଣ୍ଟି ମଣ୍ଟି ଚାହିଁ ଯେଉଁ ହଳିବା ଗୌରବ,
ହେ ବିଜୁଳି ଲତା ଏହି ସ୍ୱାଧୀନତା ଦେବ କି ଗୋ ଲବ ?
ଦେଖିବି ତୁମର ରୂପ ଦେଖେ ଯଥା ତାରା ଚନ୍ଦ୍ରମାରେ,
ହେ କ୍ଷଣିକା, ମୋ ହୃଦୟେ ଅମାବାସ୍ୟା ଯାହିଁ ଢଙ୍କାମାରେ ।
ଆଉ ଥରେ ଦେଖିବାର ଆଶା ନାହିଁ, ନାହିଁ ତେଣୁ ଚିନ୍ତା,
ହୁଅ ଯାହା ସଖୀ, ପ୍ରିୟା ମୋ ହୃଦୟେ ହୋଇଛ କବିତା ।
ପୁଣି ଭାବେ କବିତା ମୋ ହୋଇ ଯେବେ ଯିବ ଗୋ ବାହାର,
ହୃଦେ ହୃଦେ, କାହିଁ ହେବ ସେ ରୂପର ଏକା ଅଧିକାରୀ ?
ପଦଟିଏ କଥା
କହିନାହିଁ କପରି ଗୋ ହୃଦୟର ହେଲ ସ୍ନେହଲତା ?

...୦...

# ଚିଠାଉ

ମହାଶୟ, 'ମାୟାଧର ଭଣାଣ' ବ୍ୟଙ୍ଗ କବିତାରେ ମାୟାଧରଙ୍କୁ ଯେତେ ହୋଇଥିବେ ବୋଲି ଭାବିଛନ୍ତି ସେ ପ୍ରାୟ ତାହା ନୁହନ୍ତି କି ଅଟେବୀ ନୁହନ୍ତି । କଲିକତାର କଲ ଲୋକରେ କବିତା ରଚନାହିଁ ସମ୍ଭବିଛି । ନଚେତ କବିତା ପରି ଦେହର ସୁଧା ସେଠାରେ ସେପରି ରସିକତା ପାଇନାହିଁ । ଗୀତଗୋବିନ୍ଦ କାରଙ୍କ ରଚନାଠାରୁ ମାୟାଧରଙ୍କ ରଚନା ବୋଧହୁଏ ଅଧିକ ଲୋଲୁପତା ଆଣିନାହିଁ । ଇତି ।

ସ୍ନେହର ଚକ୍ରଧର ମହାପାତ୍ର

(ମାନସିଂହଙ୍କ କଲମରୁ ଧୂପପରି ଲଳିତ କାବ୍ୟ ଆଉ ବାହାରୁ ନଥିବାରୁ ବ୍ୟଙ୍ଗ କବି ଆକ୍ଷେପ । କରିଥିଲି ପରି ମନେ ହେଲା । ତେଣୁ ଆମ୍ଭମାନେ ସେ ବ୍ୟଙ୍ଗରୁ ସ୍ଥାନ ଦେଇଥିଲୁ । କିନ୍ତୁ ପରେ ବନ୍ଧୁମାନେ କେତେକ ବ୍ୟକ୍ତିଗତ ଲକ୍ଷ୍ୟର ଇଙ୍ଗିତ ଚଳିତ ଥିବାର ଗୋଚର କରାଇବାରୁ ଆମ୍ଭେମାନେ ବଡ଼ ଦୁଃଖିତ ଏବଂ ଲଜ୍ଜିତ । —ସମ୍ପାଦକ

ମହାଶୟ, ନିଖିଳ ଉତ୍କଳ ସେବିକା ସଙ୍ଘ ଚଳିତ ବର୍ଷ କେତେକ ଉଦାରମନା ବ୍ୟକ୍ତିଙ୍କ ଆନୁକୂଲ୍ୟରେ ଚଳି ଆସୁଛି । କିନ୍ତୁ ଦୁଃଖର ବିଷୟ ଯେ ଏହାକୁ ରେଜେଷ୍ଟ୍ରିଭୁକ୍ତ କରିବା ନିମନ୍ତେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ମଞ୍ଜୁରୀ ମିଳୁ ନାହିଁ । ଏ ସଂଘର ଉଦ୍ଦେଶ୍ୟ ନାରୀ ସେବିକା ସଂଗ୍ରହ ଓ ଜନସାଧାରଣଙ୍କ ସେବା । ଆମ ସଂଘର କେତେକ ସେବିକା ନିଜର କର୍ତ୍ତବ୍ୟ ସାଧନାରେ ବହୁ ବାଧା ବିଶେଷତଃ ବଡ଼ ବଡ଼ ଅଫିସରଙ୍କଠାରୁ ପାଉଛନ୍ତି । ଏହି କାରଣରୁ ଏ ସଂଗଠି ରେଜେଷ୍ଟ୍ରିଭୁକ୍ତ ହେବା ଉଚିତ ।

ଆପଣଙ୍କର ହେମଲତା ଦାସ ପୁରୀ ।

(ନାରୀମାନଙ୍କୁ ଲାଞ୍ଛିନା କରିବା ଯଦି ତଥାକଥିତ ଶିକ୍ଷିତ ଅଫିସରମାନଙ୍କର କାମ ହୁଏ— ମଞ୍ଜୁରୀ ନ ହେବାରେହିଁ ତାଙ୍କର ସ୍ୱାର୍ଥ ତେଣୁ ଉଚିତ ।)

ମହାଶୟ, ଖୁରଦା ୟୁନିୟନ ବୋର୍ଡ ଭିଙ୍ଗ ଯେଉଁ ପଞ୍ଚ ଶ୍ରୀପଞ୍ଚ ମନୋନୟନ ହେଲା ତହିଁରେ ସାଧାରଣ ଅସନ୍ତୁଷ୍ଟ । ଅଧିକ ଦୁଃଖର ବିଷୟ ଏହି ଯେ ଏସ ଡି ଓ ଏହାର ତଦନ୍ତ କରୁଥିବା ସମୟରେ ସ୍ଥାନୀୟ ଏମ ଏଲ ଏ ତାଙ୍କୁ ପ୍ରଭାବିତ କରିଥିବାର ସନ୍ଦେହ ଲୋକେ କରୁଛନ୍ତି । ତେଣୁ ଓ ପଟେଲ ଅଧିକ ଅଫିସରଙ୍କୁ ପ୍ରଭାବିତ ନ କରିବା ପାଇଁ କହୁଥିବା ବେଳେ ଏହା ଯଦି ସତ ହୁଏ ବଡ଼ ଲଜ୍ଜାର କଥା । ବର୍ତ୍ତମାନ ମନୋନୀତ ଶ୍ରୀପଞ୍ଚ ଭୋଟ ହେଲେ କଦାପି ଜିତିପାରିବେ ନାହିଁ

ସ୍ୱାକ୍ଷରକାରୀ ନାମ ଅସ୍ପଷ୍ଟ
ଗୁରୁଜଙ୍ଗ ଖୁର୍ଦା ।

(ଯେତେ କହିଲେ ଭାଗବତ— ଢୋଷ ନୋହିବ କଂଗ୍ରେସ କର୍ମୀ ଓ ନେତାଙ୍କ ଚରିତ)— ସମ୍ପାଦକ

ମହାଶୟ' ବଙ୍ଗଳା ମାସିକ ବସୁମତୀ ୨୭ବର୍ଷ ଅଶ୍ୱିନ ବଙ୍ଗାବ୍ଦ ୧୩୫୫ ପୃଷ୍ଠା ୭୬୮ ରବିଶେଷ ଲେଖକ ସବ୍ୟସାଚୀ ସେନ । ବହୁ କାଳ ପୂର୍ବେ ଉତ୍କଳରେ ପ୍ରକାଶିତ ବିନୋଦ ବାବୁଙ୍କ ଲମ୍ବକାମୋଦୀ କବିତା ଟିଏରୁ ସମନେ ହୁଏ ।ଯଥା... ବଙ୍ଗଳାରେ 'ତୁମି ବଲେଛିଲେ ଆସିବେ ସବାଇ ଫିରେ, ସ୍ଥଳେ ଓଡ଼ିଆରେ ତୁମେ କହିଥିଲ ଆସିବ ସଭିଏଁ ଗୋଡ଼ାଲେ'

ଆପଣଙ୍କର ପୂର୍ଣ୍ଣଚନ୍ଦ୍ର ପାଢ଼ୀ
ସମ୍ବଲପୁର ।

( ଏ ବିଷୟରେ ବିନୋଦବାବୁଙ୍କଠାରୁ ଶୁଣିବାର ବାସନା ରହିଲା)



Digitized by srujanika@gmail.com

Reg. No 04. Prajatantra(?) ORISSA'S MOST POPULAR FORTNIGHTLY 1-12-49


## ହାଓଡ଼ା କୃଷ୍ଣ କୁଟୀର

## କ୍ରୁଷ୍ଣ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକ୍‌ଜିମା, ଘୋର ଦୁର୍ଗନ୍ଧ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ।

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ।

ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

**(H. K. K.)**

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା

ଶାଖା ୩୬—ନଂ ହାରିସନ ରୋଡ କଲିକତା।

## ୧୦୧ଟଙ୍କା ପୁରସ୍କାର

## ନକଲରୁ ସାବଧାନ

# ଅସଲି

# ପଞ୍ଚଗୁଣା ତୈଳ

[ ରେଜେଷ୍ଟ୍ରାର୍ଡ ]

ବହୁ ଗୁଣକାରକ, ଭୁବନ ବିଖ୍ୟାତ ଅସଲି ପଞ୍ଚଗୁଣା ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦଦ୍ରୁ, ଇଚ୍‌ଜିମ, ବାତ, ପୋଡ଼ା ଘାଅ, ବାତ, ବଥ, ମଚକା, କାଟି ପ୍ରଭୃତି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ। ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ। ବ୍ୟବହାର ବିଧି ଶିଶି ସହିତରେ ଥାଏ। ପଢିଲେ ସମସ୍ତ ବିଷୟ ବୁଝି ପାରିବେ। ମୂଲ୍ୟ ପ୍ରତି ଗ୍ରୋସ ୭୫ଟଙ୍କା ପ୍ରତି ଡଜନ ୭୦, ପ୍ରତି ଶିଶି ୧୦ ମାତ୍ର। ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରିପାରନ୍ତି, ତାଙ୍କୁ ୧୦୧ ଟଙ୍କା ପୁରସ୍କାର ଦିଆଯିବ। ଆହୁରି ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ।

ପତ୍ର ଲେଖିଲେ କାଟଲଗ ପଠାଇ ଦେବୁ।

ପ୍ରାପ୍ତିସ୍ଥାନ—

ମନସାରାମ ବେଣୀମାଧବଲାଲ

୧୩୨ ଚୌଲିଆ ବଜାର, କଟକ

## ହାଇଡ୍ରୋସିଲ୍

ଆମ୍ଭର "ଡି, ଏଚ," ତୈଳ ଦ୍ୱାରା ହାଇଡ୍ରୋସିଲ ଅଣ୍ଡକୋଷ ରୋଗ, ହାଣ୍ଡିଆ, ଗଣ୍ଡିବାତ ଆଦି ଅସ୍ତ୍ରବିନା ଭାବେ ଆରୋଗ୍ୟ ହୁଏ। ମୂଲ୍ୟ ୨୦, ଅଭ୍ୟନ୍ତରର ଔଷଧ "ପାଚନ" ବହିଦାମ ୩୦ ଭିଃପିଃ ୦୩୦।

## ପେଟବ୍ୟଥା

ଅଜୀର୍ଣ୍ଣ, ପେଟ ଫମ୍ପିବା ଆଦି ଯାବତୀୟ ଉଦରଯନ୍ତ୍ରଣା ଏବଂ ନିଦ୍ରା ଓ କ୍ଷୁଧା ନ ହେବା ଆଦି ରୋଗ ଆମ୍ଭର "ପାଚନ" ବ୍ୟବହାର ଦ୍ୱାରା ଦିନେ ଦୁଇଦିନ ମଧ୍ୟରେ ଭଲହୁଏ ଓ ନିୟମିତ ସେବନ କଲେ ସମ୍ପୂର୍ଣ୍ଣରୂପେ ଚିରଦିନ ପାଇଁ ଆରୋଗ୍ୟ ହେବାର ଗ୍ୟାରେଣ୍ଟି ଦିଆଯାଏ। ମୂଲ୍ୟ ୨୦, ଭିଃପିଃ ୦୩୦

Kaviraj R. N. Chakravarty. [D M,]
24 Devendra Ghose Road
Bhawanipore Calcutta.




ପୁଷ୍ଟିକର

ଓ

ସୁସ୍ୱାଦୁ ଖାଦ୍ୟ

ଶକ୍ତି ସାମର୍ଥ୍ୟ ବଢ଼ାଏ

# ମରିସନ୍‌ବାର୍ଲି

ଏକମାତ୍ର ପରିବେଶକ: ମରିସନ ଆଣ୍ଡ କୋଂ
୩୨ ବିବେକାନନ୍ଦ ରୋଡ଼, କଲିକତା—୭

ଉତ୍କଳର ରଚନାତ୍ମକ ମାସିକ ପତ୍ରିକା

# 'ଗ୍ରାମ ସେବକ' ପଢ଼ନ୍ତୁ

ଗ୍ରାହକ ଚାନ୍ଦା ୨୦ ଠିକଣା-ପୋ: କଟକ ୨

ନାମାଙ୍କର

ନୂଆ ଉପନ୍ୟାସ

# ପୀରତିପଥଖସଡ଼ା

ଅତିଶୀଘ୍ର ଆପଣଙ୍କର

ଦୃଷ୍ଟି ପଥାରୂଢ଼

ହେବ


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ... ସହ ସମ୍ପାଦକ—ଶ୍ରୀ ରାଧାମୋହନ ଦାସ

Printed &Published by G.C. Mohapatro, at the Gopinath Press, Bhadrak. 1.12. 49

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଅଟ୍ଟହାସ୍ୟର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟପତ୍ର
ତ୍ରୟୋଦଶ ବର୍ଷ ୧୨ଶ ସଂଖ୍ୟା
ମାର୍ଗଶିର ଦ୍ୱିତୀୟାର୍ଦ୍ଧ
୧୭ । ୧୨ । ୪୯ ।




କେଉଁ ମାର୍ଗେ ଆସେ ଧନ
ଜୟପ୍ରକାଶଙ୍କ ଦଶ ହଜାର
ମହ୍‌ତାବ ଏକାବନ

ବାର୍ଷିକ ଟ ୬ ଷାଣ୍ମାସିକ ଟ ୩ ମୂଲ୍ୟ -- ପ୍ରତିଖଣ୍ଡ ୨ଅଣା

Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଋତୁବତୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କିମ୍ବା ଅବୋ ହାନି ବାରିକନ୍ତୁ ନାହିଁ। ମୂଲ୍ୟ ୬୫୯ ଡାକ ଖର୍ଚ୍ଚ—୧୲୵୦

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ କୋରବଦ୍ଧୁରତ ହଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୨୲— ଡାକଖର୍ଚ୍ଚ—୧୲୵୦ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ।

Kaviraj M. K KAVYATIRTHA (D. G.)
70, Cornwallis St., Calcutta

---

# ୪୨ଅଧ୍ୟାୟ

ହିନ୍ଦୁସ୍ଥାନ ଜୀବନ-ବୀମାର କ୍ଷେତ୍ରରେ "ହିନ୍ଦୁସ୍ଥାନ"ର ଗୌରବ ଓ ବିସ୍ମୟକର ଇତିହାସରେ ଆଉ ଗୋଟିଏ ଉଜ୍ଜ୍ୱଳତର ନୂତନଅଧ୍ୟାୟ ସଂଯୋଗ ହେଲା। ଏହା ଏକ ଦିଗରେ ଯେପରି ହିନ୍ଦୁସ୍ଥାନରେ ଅବଚ୍ଛିନ୍ନ ବହୁମୁଖୀ ଲୋକ ସେବାର ପରିଚୟ ପ୍ରଦାନ କରେ ଅନ୍ୟ ଦିଗରେ ସେହିପରି ସେମାନଙ୍କ ଆର୍ଥିକ ଉନ୍ନତି ସାଧନରେ ସହାୟକ ହିସାବରେ ଜନସାଧାରଣ ଏହି ପ୍ରତିଷ୍ଠାନ ପ୍ରତି କେତେଦୂର ଆସ୍ଥାବାନ ଓ ନିର୍ଭରଶୀଳ, ତାହାର ମଧ୍ୟ ପ୍ରମାଣ ମିଳେ।

ଏହି ଆସ୍ଥା ଓ ନିର୍ଭରଶୀଳତା ଯେ ଉତ୍ତରୋତ୍ତର ବୃଦ୍ଧି ପାଇଅଛି, ସେ ସାକ୍ଷ୍ୟର ଗତ ୧୯୪୮ ସାଲର ହିସାବ ନିକାଶରେହିଁ ତାହାର ନିଦର୍ଶନ ମିଳେ—

ନୂତନ ବୀମା……………………୨୩,୯୭,୬୭,୨୪୯ ଟଙ୍କା—
ମୋଟ ଚଳନ୍ତିବୀମା……………………୭୨,୪୭,୬୭,୯୬୯ ଟଙ୍କା।
ପ୍ରିମିୟମରଆୟ……………………୩୭,୯୬,୮୦,୪୬,୪୬୪ ଟଙ୍କା।
ବୀମା ତହବିଲ……………………୨୭,୦୭,୭୦,୪୭୨ ଟଙ୍କା।
ମୋଟ ସମ୍ପତ୍ତି……………………୨୩,୪୨,୬୨, ୦୦୭ ଟଙ୍କା।
ପ୍ରଦତ୍ତ ଓ ଦେୟ ଦାବୀର ପରିମାଣ…………… ୭୭,୭୨,୪୪୭ ଟଙ୍କା।

ହିନ୍ଦୁସ୍ଥାନ କୋ ଅପରେଟିଭ ଇନ୍ସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—ହିନ୍ଦୁସ୍ଥାନ ବିଲ୍ଡିଙ୍ଗସ୍
୪ ନମ୍ବର ଚିତ୍ତରଞ୍ଜନ ଏଭେନିଉ; କଲିକତା
ଓଡ଼ିଶା ଅଫିସ—ମୁନ୍ସିଫଚୌକ; କଟକ।

---

## ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦିଲ୍ଲୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

**ଠିକଣା—ଶ୍ରୀ ଦିଲୀପ କୁମାର**
**ମାନସିଂ ମହାପାତ୍ର**
**ପୋଷ୍ଟ ଢେଙ୍କାନାଳ**

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧୦ରୁ ୧୬୦ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶେଷ ଜ୍ୟୋତିଷ ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଚାର କରି ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ। ମାତ୍ର ୧୲ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖିପଠାନ୍ତୁ।

ଭାଗ୍ୟନିର୍ଣ୍ଣୟ କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ।

---

ନବୀନ ଉତ୍କଳର
ନବ ବିକାଶର ଉନ୍ମେଷ
ବାର୍ତ୍ତାବାହକ

# ଉନ୍ମେଷ

ଅଚିରେ ପ୍ରକାଶ ପାଉଛି
ଉତ୍କଳର ସୁନାମ ସିଦ୍ଧ
ଲେଖକ ମାନଙ୍କ ଲେଖାବଳୀରେ
ସମୁଜ୍ଜ୍ୱଳ
ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା
ଉନ୍ମେଷର ଲକ୍ଷ୍ୟ
ବାର୍ଷିକ ୪୲ ଷାଣ୍ମାସିକ ୨୲ ପ୍ରତିଖଣ୍ଡ ।୦

ଉନ୍ମେଷ—ଅଫିସ
ଝାଞ୍ଜିରୀ ମଙ୍ଗଳା କଟକ—୧

---

ନୂଇ ହୋଇ ସେବା କରନ୍ତି-ଦୁଇଜଣଙ୍କର ଆଦରର ଧନ। ତଥାପି କୁନ ଧରଣୀର ମାୟା, ଜନନୀର ସ୍ନେହ ସବୁ ଛାଡ଼ି ଶ୍ମଶାନର ମୃତ୍ୟୁ ଗହ୍ୱରରେ ଲୁଚିଗଲା। କିନ୍ତୁ ମୃତ୍ୟୁ ପରେ ବି ସ୍ମୃତି ଦୁହିଙ୍କ ଜୀବନରେ ଜାଳିଦେଲା ପ୍ରଦୀପ। ମଲା ସ୍ମୃତି ଭିତରୁ କିପରି ଉଠିଲା-ଦାମ୍ପତ୍ୟ ଜୀବନରେ ସଂକେତ ଦେଇ। ଭାଷା-ଭାବ ବିଷୟ ପୂର୍ଣ୍ଣ ନୂତନ। ଆଜି ପଢ଼ନ୍ତୁ।

ତରୁଣ ଲେଖକ—ଶ୍ରୀ ଶୁକଦେବ ସାହୁଙ୍କର

ନୂଆ ଉପନ୍ୟାସ

# ନବ ଜନ୍ମ

ମୂଲ୍ୟ ଏକଟଙ୍କା

ପ୍ରାପ୍ତିସ୍ଥାନ—ଇଷ୍ଟର୍ଣ୍ଣ ଟ୍ରେଡିଂ କରପୋରେସନ
କଲେଜ ରୋଡ, କଟକ—୩

—୦—

Digitized by srujanika@gmail.com

ଆନନ୍ଦାଡ଼ ହ ଖଣ୍ଡ ଇମାନ ଭୂଷାଳ କାନ୍ଦନ୍ତେ

# ଡଗର

ମାର୍ଗଶିର ଦ୍ୱିତୀୟାର୍ଦ୍ଧ ୧୩ଶ ବର୍ଷ ୧୨ ସଂଖ୍ୟା ୧।୧୨।୪୯

## ଭାରତର ଶାସନ ବିଧାନ

ଗତ ୨୬।୧୧।୪୯ରେ ବିଧାନମୂଳକ ସଭା ତାଙ୍କର ଶାସନ ବିଧାନକୁ ଅନ୍ତିମ ସମ୍ମତି ଦାନ କଲେ । ଆସନ୍ତା ଜାନୁଆରୀ ୨୬ତାରିଖଠାରୁ ଭାରତ ସାର୍ବଭୌମ ଗଣତନ୍ତ୍ରରେ ପରିଣତ ହେବ । ଏହାର ଲକ୍ଷ୍ୟହେବ ବୃହତ୍ତମ ଗଣତନ୍ତ୍ର ମଧ୍ୟରେ ପ୍ରତ୍ୟେକ ନାଗରିକ ପ୍ରତି ସାମାଜିକ, ରାଜନୈତିକ ଓ ଆର୍ଥିକ ନ୍ୟାୟର ବିଧାନ, ଚିନ୍ତା ଓ ଭାବପ୍ରକାଶ, ବିଶ୍ୱାସ ଧର୍ମ ଏବଂ ଧର୍ମପାଳନରେ ତାର ସ୍ୱାଧୀନତା ଏବଂ ସୁବିଧା ସୁଯୋଗ ତଥା ସାମାଜିକ ମର୍ଯ୍ୟାଦାରେ ସମାନତା ସୃଷ୍ଟି । ଅଥଚ ଏଇ ଉଦ୍ଦେଶ୍ୟରେ ଶାସନ କଲାବେଳେ ଶାସନକର୍ତ୍ତା ନାଗରିକ ନିକଟରେ ବିଧାନମୂଳକ ସଭାର ଏ ଘୋଷଣାକୁ ଅବମାନନା କରିବାର ବିଧାନ ମଧ୍ୟ ଏଥିରେ ରହିଛି ।

ସେକଥା ଛାଡ଼ିଦେଲେ ମଧ୍ୟ ବିଧାନର ଲକ୍ଷ୍ୟ ଯେତେ ମହତ ହୋଇଛି—ତାହା ଗୋଟିଏ ଧର୍ମ ଅନୁଷ୍ଠାନର ଅନୁଶାସନ ପରି ମନେ ହୁଏ । କୌଣସି କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦିଆଯାଇଥିଲେ ଶାସନ ବିଧାନ ଏପରି ବାଳକର ଧୂଆଁ ବାଣ ଭଳିଆରେ ପୃଥିବୀର ବୃହତ୍ତମ ବିଧାନ ପୁସ୍ତକରୂପେ ଲିପି-ସର୍ବସ୍ୱ ହୋଇନଥାନ୍ତା । କାର୍ଯ୍ୟକ୍ଷମ ଓ କାର୍ଯ୍ୟକାରୀ ମନୋବୃତ୍ତି ଯେତିକି କହିବାକୁ ଗଲେହେଁ—ନିଜର କରିବାର କ୍ଷମତା ଅନୁସାରେ ସେ ଯୋଜନା ଗଢ଼େ । ଏହାହିଁ ଶ୍ରେଷ୍ଠ ବସ୍ତୁବାଦ । ଅମ୍ବେଦକାରଙ୍କର କଥା ଓ କାର୍ଯ୍ୟରେ ଯେପରି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ—ତାଙ୍କର ପ୍ରସ୍ତୁତ ସନ୍ତାନ ଅନ୍ୟରୂପ ନେଇ ନାହିଁ ଏହାହିଁ ଅବିସମ୍ବାଦିତ ସତ୍ୟ । ଭାରତର ବିଧାନ ଗଢ଼ି ସେ ଯେତେବେଳେ କହିଲେ—ଆମେ ଏବେ ମଧ୍ୟ ଏକଜାତି ନୋହୁଁ ସେତେବେଳେ ଅଛୁତସ୍ଥାନ ଦାବୀ କରୁଥିବା ଆମ୍ବେଦକାରଙ୍କ ଭୂତମୂର୍ତ୍ତି ଆଖିରେ ନାଚିବା ସ୍ୱାଭାବିକ । ସେଥିପାଇଁ ଭାରତର ଏ ବିଧାନ କେବଳ ହିତୋପଦେଶ ହୋଇ ରହିଯିବ ।

ସୌଭାଗ୍ୟର କଥା ଆମ୍ବେଦକାର ନିଜର ଏ ଦୁର୍ବଳତା ପ୍ରତି ସଚେତ । ତେଣୁ ସେ ତାଙ୍କ ଅନ୍ତିମ ଭାଷଣରେ କହିଲେ—ବିଧାନ ଯେତେ ଭଲହେଉ ପଛେ ଯେଉଁମାନେ କାର୍ଯ୍ୟକାରୀ କରିବେ ସେମାନେ ମନ୍ଦହେଲେ ଏହା ମନ୍ଦଫଳଦେବ । ଏବଂ ବିଧାନ ଯେତେ ମନ୍ଦହେଉ ପଛେ ଭଲ ଲୋକ ହାତରେ ତାହା ଭଲଫଳ ଦେବ । ମାତ୍ର ଦୁଃଖର କଥା, ଆମ୍ବେଦକାର ତାଙ୍କର କଳନାକୁ ଆଉ ସାମାନ୍ୟ ଆଗକୁ ନେଇ ଦେଖି ପାରିଲେ ନାହିଁ ଯେ ଭଲଲୋକଙ୍କ ହାତରେ ଭଲ ଶାସନ ବିଧାନ ଦେଲେ ସବୁଠାରୁ ଭଲହେବାର ସମ୍ଭାବନା । କାଠ ହାଣିବା ପାଇଁ କୁରାଢ଼ି ଧରିବା ଲୋକପରି ଆମ୍ବେଦକାରଙ୍କ ଶାସନ ବିଧାନକୁ ସାଧୁ ଉଦ୍ଦେଶ୍ୟ ରଖି କାର୍ଯ୍ୟକରିବା ଲୋକ ଯେ ହାସ୍ୟାସ୍ପଦ ନହେବ ସେ ଭରସା ଆମ୍ବେଦକାର ଦେଇ ପାରିବେ କି ?

ଆମ୍ବେଦକାରଙ୍କ ନିଜକଥା ସହିତ ବିଧାନର ଉପଧାରାର କାର୍ଯ୍ୟକାରୀ ସମ୍ଭାବନାକୁ ମିଳାଇ ଦେଖିଲେ ଶ୍ରେଷ୍ଠ ଦୃଷ୍ଟାନ୍ତ ଆଖିରେ ପଡ଼ିବ । ବ୍ୟକ୍ତି ପୂଜାରେ ଏକଛତ୍ରବାଦର ସ୍ୱାଗତ କରାଯାଏ ବୋଲି ଆମ୍ବେଦକାର ମତଦେଲେ । କିନ୍ତୁ ବିଧାନକୁ ଏପରି କେନ୍ଦ୍ର ପ୍ରଧାନ ବିଧାନ କରିଗଲେ ଯେ ଏହା ବ୍ୟକ୍ତିପୂଜାକୁ ଅତି ଗୁଣ୍ୟ ପ୍ରଶ୍ରୟ ଦେବହିଁ ଦେବ । ୩୦କୋଟି ଅଧିବାସୀଙ୍କର ଏକ ସର୍ବମୟ କର୍ତ୍ତୃତ୍ୱଧାରୀ ଶାସକ—ବ୍ୟକ୍ତିପୂଜା ପାଇବହିଁ ପାଇବ ।

## ଗୁଣ୍ଡାମି ଓ ସରକାର

ସରକାରୀ ଦଳର ବିରୋଧୀଙ୍କ ପ୍ରତି ସମ୍ପ୍ରତି ଗୋଟାଏ ଅଦ୍ଭୁତ ମନୋଭାବର ସୃଷ୍ଟି ଉତ୍କଳର ଅଧିକାଂଶ ପତ୍ରପତ୍ରିକା ବର୍ତ୍ତମାନ ଅତି ଉତ୍କଟ ସ୍ୱାଧୀନ ମନୋବୃତ୍ତିରେ ପରିଚାଳିତ ହେଉଥିବାରୁ ଲୋକପ୍ରିୟତା ବଢ଼ୁଛି । ଶାସକ ସମ୍ପ୍ରଦାୟ ବ୍ୟକ୍ତି ମାନଙ୍କର ଏଥିରେ ଆତଙ୍କ ହୋଇ ଉଠିଛି । ଫଳରେ ବର୍ତ୍ତମାନ ଶାସକମାନେ ଆପଣାର ଆତ୍ମସମ୍ମାନ ରକ୍ଷାର ଭାର ଗୁଣ୍ଡା ଏବଂ ହୀନ ଚରିତ୍ରମାନଙ୍କ ଉପରେ ନ୍ୟସ୍ତ କରିବାକୁ ବାଧ୍ୟ ହୋଇଛନ୍ତି । ବର୍ତ୍ତମାନ ଶାସନକର୍ତ୍ତା କଳାବଜାରୀ ଓ ଗୁଣ୍ଡାଙ୍କ ଗହଣରେ ରହି ସେଇ ମାନଙ୍କର ପ୍ରଶଂସାକୁହିଁ ଗୌରବାତ୍ମକ ମନେ କରନ୍ତି । ଗତ ମହତାବ ଜୟନ୍ତୀ ଏହି ମନୋବୃତ୍ତିର ନମୁନା ମାତ୍ର ।

ଏଥର ବିରୋଧ ଅତି ହୀନ ଘଟଣାର ରୂପ ନେଇଛି । ମହତାବ ଜୟନ୍ତୀରେ ବିଶିଷ୍ଟ ଭାଗ ନେଇଥିବା ବ୍ୟକ୍ତି ବିରୋଧୀ ସମାଲୋଚକ କିଆଁଶୃଙ୍ଖଳା ସମ୍ପାଦକଙ୍କୁ ରାସ୍ତା ଉପରେ ଅପମାନିତ ଓ ଆତଙ୍କିତ କରିଛନ୍ତି । କୌଣସି ସରକାର ଯଦି ଗୁଣ୍ଡାଙ୍କୁ ପ୍ରଶ୍ରୟ ଦେଇ ସମ୍ବାଦ ପତ୍ରର ମୁଖ ରୋଧ କରିବାର ଚେଷ୍ଟା କରନ୍ତି ତେବେ ତାହା ଦିବାସ୍ୱପ୍ନ ହେବ । କାରଣ ସତ୍ୟକୁ ଦାବିବାର ପଥ ଏ ଯାଏଁ ଆବିଷ୍କୃତ ହୋଇ ନାହିଁ ।

ସାଧାରଣରେ ଏକ ସନ୍ଦେହ ଜାଗିଛି ଯେ ଏହି ଦୁର୍ବ୍ୟବହାର ମୂଳରେ ସରକାରୀ ସମର୍ଥକ ଦଳର ଷଡ଼ଯନ୍ତ୍ର ରହିଛି । ଭଗବାନ କରନ୍ତୁ ଏହା ମିଥ୍ୟା ହେଉ । କାରଣ ଏହା ସତ୍ୟ ହେଲେ ଦେଶର ଘୋର ଅକଲ୍ୟାଣ ହେବ । ଉଭୟ ଶାସକ ଦଳ ଓ ଶାସିତ ବର୍ଗ ଗୁଣ୍ଡାମିର ଅଧୀନ ହେବାକୁ ବାଧ୍ୟ ହେବେ । ଏହା ଅରାଜକତାର ଅଗ୍ରଣୀ ।

ଏହି ସୂତ୍ରରେ ଶ୍ରୀଯୁକ୍ତ ମହତାବଙ୍କୁ ଆମେ ଗୋଟିଏ ସୂଚନା ଦେବାକୁ ବାଧ୍ୟ ହେଉଛୁଁ । ଏ ଜୟନ୍ତୀ ପରେ ଏହି ଘଟଣାରେ ତାଙ୍କର ହାତ ଥାଉ ନଥାଉ ଦାୟିତ୍ୱ ଯଥେଷ୍ଟ ରହିଛି । ଆମେ ସ୍ପଷ୍ଟ ଦେଖି ପାରୁଛୁ ଯେ ଯେଉଁ ଗୁଣ୍ଡା ଓ କଳା ବେପାରୀମାନେ ସେଦିନ ମହତାବଙ୍କ ଜନ୍ମ ଜୟନ୍ତୀ ପାଳନ କରିବାକୁ ଆସିଥିଲେ ସେମାନେ ଛଦ୍ମ ବେଶରେ ମହତାବଙ୍କ ନୈତିକ ଜୀବନର ଶ୍ରାଦ୍ଧ ଦିବସ ପାଳନ କରିଗଲେ ।

—୦—

Digitized by srujanika@gmail.com

# ସଂବାଦ ଓ ସଂବେଦ

ଉତ୍କଳ ସାହିତ୍ୟ ସମାଜରେ ଚନ୍ଦ୍ରାମଣି ମେଂସର୍ ପାଳିତ ହୋଇଥିଲା ।
......—ଚନ୍ଦ୍ରା ମାନଙ୍କ ମୃତ୍ୟୁରେ ମଣି ନଥିଲେ କିଏ ଚନ୍ଦ୍ରା ବ ନଥିଲେ ।

+ + +

ଓଡ଼ିଶା ଚେମ୍ବର ସଂଘର ପ୍ରତିନିଧି ଡାକ୍ତର ମେହେତାଙ୍କୁ ଦେଖା କରିବାକୁ ଯାଇ ଦ୍ୱିବେଦୀଙ୍କ ଠାରୁ ଉତ୍ତର ମଧ୍ୟ ପାଇଲେ ।
......ଦ୍ୱିବେଦୀଙ୍କ ନାମ କରୁ ଦୁଇବାଧା ନୁହେଁ ।

+ + +

ଗଲାଣି ବାଲେଶ୍ୱର ସବଡ଼ିଭିଜନରେ ହଜିଲ ହେବା କଥା ଏକେଡ଼ା ଅନ୍ନେନାଁ ଗୋଡ଼ାଜୋଡ଼ରେ ବୁଲରେ ବାହାରି ଯାଇଛି ବୋଲି ଶୁଣାଯାଏ ।
......ନମସ୍ତେ ଗଡ଼ିକା ମାଗେ ମନ୍ତ୍ରୀଙ୍କ ଘରଣୀ ହାତ ପାତି ଚୋର କେତେ ଅଭୁତ କରଣୀ ।

+ + +

ପାରଳା ଖେମୁଣ୍ଡି ହାଇସ୍କୁଲ ଓ ଗାର୍ଲସ୍କୁଲ ହଟି ଯାଉଛି ।
......ଗାର୍ଲ ମାନଙ୍କୁ ଉଠେଇ ଦେବା କଷ୍ଟକର ହୋଇ ଯେ ।

+ + + +

ଖଲିକୋଟ କଲେଜ ବ୍ରହ୍ମପୁରର ଦର୍ଶନ ହେବ ଶୋଭନ
......ଆମ ଦେଶରେ ଦେବତା ଅଲ୍ପ ନାହାନ୍ତି ।

+ + + +

ଶ୍ରୀଯୁକ୍ତ ସୁଧୀର ଘୋଷ ସରକାରୀ କର୍ମଚାରୀ ହେବା ପରେ କଂଗ୍ରେସ ନେତା ହୋଇ ରହିବେ ବୋଲି ମନ୍ତବ୍ୟ କରୁଛନ୍ତି ।
.........ତାଛଡ଼ା ସେ ତାଙ୍କ ସ୍ତ୍ରୀର ସ୍ୱାମୀ, ପୁଅର ବାପ, ଝିଅର ଜ୍ୱାଇଁ, ଜ୍ୱାଇଁର ଶଳା ଆଦି ହୋଇ ମଧ୍ୟ ରହିବେ ।

+ + +

ଚଳିତ ଶାଗଜ ଠାରୁ ସରକାର ଅମାନତ ଦାବି କରୁଛନ୍ତି ।
.........ସରକାର ନବରଙ୍ଗଙ୍କୁ ଉତ୍ତର ଦେବେ

+ + + +

ଅର୍ଥ କମିଟି ରିପୋର୍ଟରେ ଶ୍ରୀ ବ ଦାସ କହୁଛନ୍ତି ସରକାର ପାଣିପରି ପଇସା ଖରଚ କରୁଛନ୍ତି ।
..........ତେବେ ବାତ୍ ମନ୍ତ୍ରୀ ହୃଦୟଙ୍କୁ ଚଳନ୍

+ + +

କେନ୍ଦ୍ରମନ୍ତ୍ରୀ ସଂଖ୍ୟା ୧୪ ରୁ ୯ କରିବାକୁ ବିଚାର ସ୍ଥିର କରୁଛନ୍ତି ।
............ନଅଟି ରତ୍ନ ରହିଲେ ଶ୍ରେଷ୍ଠ ହେବାର କଥା

✻

ନଗୀନୁଦ୍ଦିନ ହୁସେନଙ୍କ ଓ ଆଇନର ବିରୋଧ କରୁଛନ୍ତି ।
........ହିନ୍ଦୁଙ୍କୁ ସେ ହତ୍ୟା କରନ୍ତୁ କିନ୍ତୁ ହିନ୍ଦୁତ୍ୱକୁ ନୁହେଁ ।

+ + + +

ପୁରୀ ଜିଲ୍ଲାବୋର୍ଡ ରାଜାଜୀଙ୍କୁ ଅଭିନନ୍ଦନ ଦେବାରେ କେତେକ ସଭ୍ୟ ଆପତ୍ତି କରାଇଛନ୍ତି
........ବିଦ୍ରୋହ କା ଦରକାର ?

... ... ... ...

ଲୀଗଙ୍କ ଚତୁର୍ଦିଗରୁ ବନ୍ଦ ହେଉ ବୋଲି ଜଣେ ପାର୍ଲିମେଣ୍ଟ ସଭ୍ୟ କହୁଛନ୍ତି ।
......ଟଣାତ କେବଳ ଅଂଶ ଓ ଉର୍ଦ୍ଧ୍ୱରେ ଥାଏ ।

+ + + +

ବାଲେଶ୍ୱର ଜିଲ୍ଲାବୋର୍ଡ ଚେଆରମ୍ୟାନ ଉଚ୍ଚ ପାହାଚକୁ ଯାଉଥିବାରୁ କଂଗ୍ରେସ କମିଟି ଅପ୍ରତିକାର କରିବେ ।
......ଘାଉଁକରେ ରାଜନୀତିର ଷଡ଼ଯନ୍ତ୍ରାରମ୍ଭଣ !

+ + +

ଭାରତ ପାର୍ଲିମେଣ୍ଟର ପ୍ରଥମ ସଭାପତି ରାଜେନ୍ଦ୍ର ପ୍ରସାଦ ହେବେ ।
......ପଟେଲ ପ୍ରସାଦ ଉପାଧି ମିଳିବ ।

+ + +

ଷ୍ଟାଲିନଙ୍କ ୭୦ ବର୍ଷରେ ଜନ୍ମଦିନରେ ସ୍ଲୋଗାନ ହେଉଛି-"ପୃଥିବୀର ଶ୍ରେଷ୍ଠ ମଣିଷଙ୍କର ନେତା ଷ୍ଟାଲିନ୍ ।"
......ତିନୋଟି ପତ୍ନୀଙ୍କର ଗହଣା ମଧ୍ୟ ଷ୍ଟାଲିନ ।

— — —

ନୂଆଗାଇ ପୋଲରେ ଟେଂକ୍ରେଟ (ପଢ଼ା) ଫେଲ ହେଉଛି ।
......ନୂଆଗାଇ କମ୍ପାନୀ ନିହାତି ଚୋରି କରିଜାଣନ୍ତି ।

— — —

ପରସ୍ପର ସଦ୍‌ବ୍ୟବହାର କପଟ ହେବ ଓଡ଼ିଶାସରକାର ଇସ୍ତାହାରରେ ତାହା କହୁଛନ୍ତି
...ଲୋକେ ସରକାରଙ୍କ କଥାରୁ ସଦ୍‌ବ୍ୟବହାର କରନ୍ତୁ ।

— — —

ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ହେଲେ ମଧ୍ୟ କର୍ଣ୍ଣାଟକ ପ୍ରଦେଶ ଦାବୀ ବୁଦ୍ଧିହୀନତା କାମ ବୋଲି କାର୍ଯ୍ୟକାରୀ କମିଟି ପ୍ରସ୍ତାବ ଦେଇଛନ୍ତି,
......ଏ ବଡ଼ ଲୋକଙ୍କର ମତ
ଅଳପ ଜଣେ ବୁଝନ୍ତି ।

— — —

ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ସୀତାରାମୟା ବେଦନା ଶୁଣାଇବେ !
......ପଟ୍ଟଭି ପାଦନ ସୀତାରାମ
ଗନ୍ଧାମ କୋଇପୁଟ ପେରିସାମ୍ ।

... ... ...

ଶ୍ରୀପୁଲିନ ସାନ୍ତନମଙ୍କ ଦାପ ଗେଷାପ ମାଛ ଖାଇନାହାନ୍ତି ବୋଲି ପାର୍ଲିଅମେଣ୍ଟରେ ବକ୍ତୃତା କଲେ ।
......ଚଉଦପୁରୁଷରେ ଶୁଣି ନଥିବେ !

— — —

କଟକରେ ହୋମିଓପାଥିକ 'ସମ୍ମେଳନୀ ବଙ୍ଗଳାରାଜଙ୍କୁ ଗୃହାଭୋଜ ଦେଇଥିଲେ !
......ଗୃହର ଲକ୍ଷେ ଡାଇଲ୍ୟୁସନ ।

— — — —

କଲିକତାରେ କମ୍ୟୁନିଷ୍ଟମାନେ 'ବୋମା' ବର୍ଷଣ କରୁଛନ୍ତି ।
......ସେଠା ବୌମାଙ୍କ ଦେଶ ପରି !

✻ + ✻



Digitized by srujanika@gmail.com



ଓଡ଼ିଶା ସେକ୍ରେଟେରିଏଟରେ କୌଣସି ନେତାଙ୍କର ତୈଳ ଚିତ୍ର ଉନ୍ମୋଚନ କାହିଁକି ହେଲ ବୋଲି ଜଣେ ପଚାରିଛନ୍ତି । ଆଗେ ମହାରାଜାଧିରାଜ ଭାରତେଶ୍ୱର ବା ଭାରତେଶ୍ୱରୀଙ୍କ ଛଡ଼ା କୌଣସି ଲାଟ ମନ୍ତ୍ରୀ ବା କାଉନ-ସିଲରଙ୍କ ଫଟ ସେକ୍ରେଟେରିଏଟରେ ରହୁନଥିଲା ଏବେ ଗଣତନ୍ତ୍ର ଯୁଗରେ ମନ୍ତ୍ରୀଙ୍କ ତୈଳଚିତ୍ର ଏଠିଯାଇ ରହୁଛି କାରଣ ମନ୍ତ୍ରୀମାନଙ୍କ ସହିତ ତୈଳ ଶବ୍ଦର ବହୁତ ବହୁତ ଡାଲ୍‌ଭାତ୍ ରହିଛି । ପ୍ରଥମରେ ମନ୍ତ୍ରୀମାନେ ନାହିରେ ତେଲପକାଇ ଶୁଅନ୍ତି । ଦ୍ୱିତୀୟରେ ମନ୍ତ୍ରୀମାନେ ତୈଳଦ୍ୱାରା ହାତ ଚିକଣ କରନ୍ତି । ତୃତୀୟରେ ତୈଳ ଲଗାଇବା ଲୋକଙ୍କ ସହିତ ତାଙ୍କରପ୍ରୀତି ଲାଗେ ତେଣୁ ଏ ତୈଳଚିତ୍ର ଉନ୍ମୋଚନ ଯୁକ୍ତ ସଙ୍ଗତ

\+ \+ \+ \+

ନଭେମ୍ବର ତା ୨୪ ରିଖ ରାତି ଆଠଟା ବେଳେ କଟକ ରେଡିଓର ପ୍ରୋଗ୍ରାମ ଥିଲା— କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ ସଙ୍ଗୀତର ରାଗ ଓ ରୂପ ଆଲୋଚନା କରିବେ ଓ ଗୁରୁଜଣ ଗାୟକ ଏଥିରେ ଯୋଗ ଦେବେ । କାମରେ ଦେଖାଗଲା କବିଚନ୍ଦ୍ର ଚମ୍ପୂର ପରିଚୟ ଦେଇ କେଦାର ରାଗର ଲକ୍ଷଣ ଶ୍ଳୋକଟି ଓ ଚିପିଟା ତାଳର ମାନ ପଢ଼ିଗଲେ । ଆଉ ଗାୟକ ଗୁରୁଜଣଙ୍କୁ ନାଆଁ ଧରି ଡାକ ମାରିଲାରୁ ସେମାନେ ସମସ୍ତେ 'ଖ' ଗୀତରୁ ପଦପଦ ଲେଖା ବୋଲିଲେ ।

ଆମ ମନେ ହୁଏ ଏତକ 'ଆଲୋଚନା' ତ ନୁହେଁ କେବଳ 'ଆଲୋ' କମନ୍ତେ କାଳୀବାବୁଙ୍କ ଭଳି ଏଡ଼େବଡ ସଂଗୀତ ବିଶାରଦ ଓ ନାଟ୍ୟ ଦ୍ୱିଜବରଙ୍କର ଲୋଡ଼ା ନଥିଲା । ରେଡିଓ ଷ୍ଟେସନର ଦରମା ଖିଆ ଡାକବାଜିଆ (announcer) ଙ୍କ ଦ୍ୱାରା ଏ କାମ ସୁରୁଖୁରୁରେ ଚଳିଯାଇ ଥାଆନ୍ତା ।

\+ \+ \+ \+

ଭାରତୀୟ 'ବାମର୍ଗି' ମାନଙ୍କ ପ୍ରତିନିଧି ସାଜି ସୁଭାଷ-ଭ୍ରାତା ଶ୍ରୀ ଶରତ ବୋଷ ଚୀନର ଲାଲ-ବଜେଡା ମାଓ ସିତୁଙ୍ଗଙ୍କଠାକୁ ଅଭିନନ୍ଦନ ପଠାଇଥିଲେ । ସେଠୁ ସେ ଯେଉଁ ପ୍ରତ୍ୟଭି-ନନ୍ଦନ ପାଇଛନ୍ତି ସେହି ନାଲିକନା ଖଣ୍ଡିକ ମୁଣ୍ଡରେ ବାନ୍ଧିପକାଉଛନ୍ତି— "ସବ୍ ଲାଲ ହୋ ଯାଏଗା !" ଦିନେ ପଞ୍ଜାବ କେଶରୀ ରଣଜିତ୍ ସିଂହ ମାନଚିତ୍ରରେ ଇଂରେଜ ଅଧିକୃତ ଦେଶ ଗୁଡ଼ିକୁ ନାଲିରଙ୍ଗ ହୋଇଥିବାର ଦେଖି କହି ପକାଇ ଥିଲେ— ସବ୍ ଲାଲ ହୋ ଯାଏଗା ।

\+ \+ \+ \+

କଂଗ୍ରେସ ଶାସିତ ସ୍ୱାଧୀନ ଭାରତରେ 'ମଧ୍ୟବିତ୍ତ' ଶ୍ରେଣୀର ଲୋକମାନଙ୍କର ଅବସ୍ଥା କ୍ରମେ ଏପରି ଶୋଚନୀୟ ହୋଇ ଉଠୁଛି ଯେ ଅଳ୍ପକାଳ ମଧ୍ୟରେ ଏ ଶ୍ରେଣୀଟା ବିଲକୁଲ ଲୋପ ପାଇଯିବ । ସବୁ ଦେଶରେ ମଧ୍ୟବିତ୍ତ ଶ୍ରେଣୀଟା ଜାତିର ମେରୁଦଣ୍ଡ । ଏହି ଶ୍ରେଣୀ ଭିତରୁ ପଣ୍ଡିତ, କବି, କଳାକାର, ବୈଜ୍ଞାନିକ, ରାଜନୀତିଜ୍ଞ ଆଦି ବାହାରନ୍ତି । ଏ ଲୋପ ପାଇଗଲେ ଦେଶରେ ରହିବେ କେବଳ ଉଚ୍ଚ ଓ ନୀଚ ଶ୍ରେଣୀ-ଅର୍ଥାତ ଅତି ଧନୀ ଓ ମୂଲିଆ । ଏହିକଥା ବଡ଼ ବଡ଼ ଲୋକେ କହିଲେଣି ଓ ସରକାର ମଧ୍ୟ ସ୍ୱୀକାର କଲେଣି ।

ଆମ ବିଚାରରେ ଏ ଶ୍ରେଣୀଟା ଲୋପ ପାଇବା ହିଁ ଉଚିତ, କାରଣ କଂଗ୍ରେସ, ସାମ୍ୟବାଦୀ, କମ୍ୟୁନିଷ୍ଟ ଆଦି ସମସ୍ତ ପ୍ରଗତିଶୀଳ ମାନଙ୍କ ମତରେ ସମାଜରୁ ମଧ୍ୟ ଶ୍ରେଣୀ (middle man) ଲୋପ ପାଆନ୍ତୁ । ଏକଥା କହୁଥିବା ଲୋକେ ମଧ୍ୟଶ୍ରେଣୀର ହେଲେ ବି ଏକଥା କହିବାର ମତଲବ ଏହିକି ମଧ୍ୟ ଶ୍ରେଣୀଟା ଲୋପ ପାଇଗଲେ ସେମାନେ ଉପର ପାହାଚକୁ ଉଠିଯିବେ ଓ ତଳଆଙ୍କ ଉପରେ ଘୋଡ଼ା ଚଢ଼ିବେ । ତେଣୁ ଆମେ ପରାମର୍ଶ ଦେଉଁ କି ମଧ୍ୟବିତ୍ତ ମରିଗଲେ ବୋଲି ରଡ଼-ତୁଣ୍ଡ ନକରି ସବୁ ମଧ୍ୟ ଶ୍ରେଣୀମାନେ ରାଜନୀତିରେ ପଶି ଉପର ଶ୍ରେଣୀକୁ ଉଠି ଯାଆନ୍ତୁ । ଘୋଡ଼ାଚଢ଼ିବା ପାଇଁ ବହୁତ ଗୁଣ୍ଡା ମୂଲିଆ ରହି ଥିଲିଆ ଅଛନ୍ତି ଏ ଦେଶରେ ।

\+ \+ \+ \+

ମୋଗଲ ଓ ଇଂରେଜମାନେ ତାଙ୍କ ଭୁଣ୍ଡ ପଞ୍ଚଟ ମୁତାବକେ ଭାରତୀୟ ନଗର, ପ୍ରଦେଶ, ନଦୀ ପର୍ବତାଦିର ମନଇଚ୍ଛା ନାମକରଣ କରିଥିଲେ । ଅନେକ ସ୍ଥଳରେ ସ୍ୱାଧୀନ ଭାରତରେ ସେ ସବୁ ରଦ୍‌କରି ପୂର୍ବ ଗୌରବଦ୍ୟୋତକ ବା ଐତିହାସିକ ନାମ ରଖିବାର ଧୂମ ଉଠ-ଗଲାଣି । ଗେଞ୍ଜସ ଗଙ୍ଗା, ବେନାରସ ବନାରସ ହୋଇ ଗଲେଣି ସୌରାଷ୍ଟ୍ର, କୋଶଳ, ବିନ୍ଧ୍ୟାଚଳାଦି ପୁନର୍ଜୀବନ ପାଇଲେଣି । ମାତ୍ର ବଙ୍ଗ ବେଙ୍ଗଲ ଓ ଉତ୍କଳ ଓଡ଼ିଶାହୋଇ ରହିଛି ! ନୂଆ ଶାସନ ବିଧାନରେ ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇଛି କି ସେ ନାମ ପରିବର୍ତ୍ତନ କରିପାରିବେ । ଏଣିକି ଦିଲ୍ଲୀର ନାମ ହସ୍ତିନା, ଏଲାହାବାଦର ନାମ ପ୍ରୟାଗ ହୋଇଯିବ । ଓଡ଼ିଶାକୁ ଉତ୍କଳ କରିଯିବାର ପ୍ରସ୍ତାବ ଉଠିଲେଣି ହୋଇଯିବା ଖୁବ୍ ସମ୍ଭବ ମଧ୍ୟ । ଆମେ ପ୍ରସ୍ତାବ କରୁଛୁ କଟକର ନାମ ବାରବାଟି କଟକ, ପୁରୀର ନାମ ନୀଳାଚଳ, ବେଲେଶ୍ୱରର ନାମ ବାଲେଶ୍ୱର ରଖାଯିବା ଉଚିତ । ଏ ପ୍ରସଙ୍ଗରେ ଆମ ନୂଆ ରାଜଧାନୀ 'ଭୁବନେଶ୍ୱର' ପୁରୁଣା ହେଲେ ମଧ୍ୟ ଅତି ପୁରୁଣା ନୁହେଁ ; ଅସଲନାମଟା 'ଏକାମ୍ର କାନନ' । ସେ କାରଣରୁ ଏ ଦୁଇନାମକୁ ଉଠାଇ ରାଜଧାନୀ ନିର୍ମାତା ମହତାବଜୀଙ୍କ ସମ୍ମାନାର୍ଥେ ଏହାକୁ 'ମହତାବ ନଗର' ରଖିଲେ ଭଲ ହୁଅନ୍ତା ବୋଲି ଆମର ମତ । ସୁବର୍ଣ୍ଣ ଜୟନ୍ତୀ ସାଙ୍ଗରେ ଏହା ଖାପଖାଆନ୍ତା ମଧ୍ୟ । କେହି ସ୍ୱଜାତି-ବତ୍ସଳ ନେତା ଏ ପ୍ରସ୍ତାବ ଉଠାଇ ଜାତିର ଗୌରବ ରକ୍ଷା କରିବାକୁ ପ୍ରୟାସୀ ହେବେକି?

\+ \+ \+



Digitized by srujanika@gmail.com

ପ୍ରଧାନ ମନ୍ତ୍ରୀ ନେହରୁଙ୍କ ନିର୍ଦ୍ଦେଶ ଦେଇଛନ୍ତି କି ଦେଶର ଏ ଆର୍ଥିକ ଅନାଟନ ବେଳେ କେହି ମାନ୍ୟବାନ ବ୍ୟକ୍ତିଙ୍କୁ ମାନପତ୍ର (address) ଦେବା ବେଳେ ତାର ଖୋଳଟା ସୁନା ବା ରୁପାରେ କରାଯିବ ନାହିଁ ।

ଅବଶ୍ୟ ତାଳପତ୍ରରେ ମାନପତ୍ର ଛପାଇ ବା ଲେଖି ତାକୁ କାଇଁଚି ବା ଖଜୁରି ପତ୍ରର ଖୋଳରେ ପୁରାଇ ଦିଆଗଲେ ପୁରା ଗାନ୍ଧୀ ଆଦର୍ଶ ରକ୍ଷା ହୁଅନ୍ତା । ହେଲେ ଯେଉଁ ମାନନୀୟ ବ୍ୟକ୍ତିଙ୍କ ମାନ୍ୟତା ତାଙ୍କ ପଦତ୍ୟାଗ ସଙ୍ଗେ ସଙ୍ଗେ ବିସ୍ମୃତି ଅନ୍ଧକାରରେ ଉଭେଇ ଯିବ, ତାଙ୍କର ଓ ତାଙ୍କ ପୁଅ ନାତିଙ୍କର ମନ ବହଲେଇବା ଓ ଲୋକ ଦେଖାଇବା ପାଇଁ ଏତକ ହେଲେ ଆଉ ରହିଲା କଣ ? ନେହରୁଙ୍କ ଭଳି ଇତିହାସରେ ନାମ ରହିବା ଲୋକଙ୍କ କଥା ସ୍ୱତନ୍ତ୍ର—ମାନପତ୍ର, ଲୁଣ, କାଠି, ଖୋଳ ନୈତମାନଙ୍କର ଦଶା କଣ ହେବ !

ଏହାଛଡ଼ା ସୁନା, ରୁପା ଜଡ଼ିତ ଖୋଳରେ ଯାହା ଖରଚ ହୁଏ ତାହିତ ଗରିବ ଲୋକ ଦିଅନ୍ତି ନାହିଁ । ଲକ୍ଷପତି, କୋଟିପତି ମହାଜନଙ୍କ ଠାରୁ ତାହା ଆସେ ବୋଲି କାହାରି ବା ଜଣା ନାହିଁ । ଆମର ବିନୀତ ଅନୁରୋଧ ପ୍ରଧାନ ମନ୍ତ୍ରୀ ତାଙ୍କର ଏ ଉକ୍ତି ପ୍ରତ୍ୟାହାର କରନ୍ତୁ—ତାହା ନୋହିଲେ ଟାଉନ ହଲରେ ସଭା ଡକରା କରି ଏହାର ଉଗ୍ର, କ୍ଷିପ୍ର, ତୀବ୍ର ପ୍ରତିବାଦ କରାଯାଉ ।

\+ + + +

ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି -"ଅଶାନ୍ତସ୍ୟ କୁତଃ ସୁଖମ୍" । ସେଥିପାଇଁ ଶାନ୍ତି ଆଣିବା ଉଦ୍ଦେଶ୍ୟରେ ସେ କାଣ୍ଡିଆଲ କରି କୁରୁକ୍ଷେତ୍ର ଲଢ଼େଇ ଲଗାଇ ଦେଇଥିଲେ । ଏବେ ପୃଥିବୀର ନାନା ଦେଶର ପ୍ରତିନିଧିଗଣ ଶାନ୍ତି-ନିକେତନରେ ଜୁଣ୍ଡହୋଇ ଶାନ୍ତିସଭା କଲେଣି । ଖବର କାଗଜ ବାଲାଙ୍କୁ ବାସନ୍ଦ ହୋଇଛି କାରଣ ଶାନ୍ତିକୁ ପସର ପଠାଇଦବା ତାଙ୍କର ପ୍ରକୃତି । ଦୁନିଆ ଯେତେ ଅଶାନ୍ତି ଓ ବିଗ୍ରହ ସବୁ ସୃଷ୍ଟି କରନ୍ତି ଖବରକାଗଜ ।

ଆମେ ଜାଣୁ ରଣ ବା ବିଗ୍ରହର କୌଶଳ strategy ଲୁଚାଇ ରଖାହୁଏ । ଶାନ୍ତିର କୌଶଳ ଲୁଚାଇବା ଏହା ପ୍ରଥମେ ଶୁଣାଗଲା ।

ପ୍ରତିନିଧିଗଣ ଜଣେ ଶାନ୍ତିରେ ରହିବା ନିମନ୍ତେ ସବୁପ୍ରକାର ଆରାମର ବ୍ୟବସ୍ଥା ହୋଇଛି । ବିଶ୍ୱକବି ରବୀନ୍ଦ୍ରଙ୍କ ବାସ ଭବନରେ ବୈଠକ ବସୁଛି ଏଥି ଉପରେ ଅଛି ନୃତ୍ୟ, ଗୀତ ଆଦି ଶାନ୍ତିର ବାହାନା । ତ୍ରୁଟି କେବଳ ଏତିକି ଯେ ଶ୍ରୀ ମମତାଜ ଶାନ୍ତିଙ୍କୁ ଏହି ଶାନ୍ତି ସମ୍ମିଳନୀକୁ ନିମନ୍ତ୍ରଣ କରାପାଇ ନାହିଁ ।

\+ + + +

ଭାରତ ପାର୍ଲିଆମେଣ୍ଟର ମେମ୍ବର ଶ୍ରୀ କାମାଥ ଏକ ପ୍ରସ୍ତାବ ଆଣିଛନ୍ତି କି ପାର୍ଲିଆମେଣ୍ଟର ପ୍ରତି ବୈଠକ ବସିବା ପୂର୍ବରୁ ସମସ୍ତ ମେମ୍ବର ଛିଡ଼ା ହୋଇ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ ।

ମହାତ୍ମାଗାନ୍ଧୀ ସବୁବେଳେ ରାମସେବା କରି କରି ସବୁକଥାରେ ଈଶ୍ୱରଙ୍କୁ ଧରି ଧରି ଫଳରେ ଯାହାହେଲା ତାହା କିଏ ନଜାଣେ? ଜଗତରେ ଯେତେ ଅନାଚାର, ଦୁରାଚାର, ଗୃହାଚାର ହୁଏ ସେଥିରୁ ଅନେକତ ଭାଗ ଈଶ୍ୱରଙ୍କ ଦୋହାଇ ଦେଇ ବା ଈଶ୍ୱରଙ୍କ ନାଆଁରେ ।

ଏହା ଛଡ଼ା ଭାରତ ଯେତେବେଳେ ଧର୍ମନିରପେକ୍ଷ ରାଷ୍ଟ୍ରବୋଲି ଘୋଷିତ ହୋଇଛି । ଆଉ ପୁଣି ଭଗବାନ ଗଡ୍, ଅଲ୍ଲାଆଦିକୁ ଆଣି ପୁରାଇବା ଅସଙ୍ଗତ ବା ବେଆଇନ ହେବ ନାହିଁ କି? ହୁଏତ ନାଆଁ ନେଇ ଗୋଳ ବାହାରିବ ତାହାଛଡ଼ା ଏପରି ଲୋକତ ଅଛନ୍ତି, ଯେଉଁମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ ବା ଯାହାଙ୍କ ଧର୍ମ ନିରୀଶ୍ୱରବାଦ । ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଈଶ୍ୱର ପ୍ରାର୍ଥନା ଦ୍ୱାରା ଏମାନଙ୍କ ପ୍ରତି ଅବିଚାର କରାହେବ ବୋଲି ଆମର ଧାରଣା ।

\+ + +

ସାମ୍ୟବାଦୀ ନେତା ଶ୍ରୀ ଜୟପ୍ରକାଶ ନାରାୟଣ ସସ୍ତ୍ରୀକ ଆସି ଭଦ୍ରକରେ ବିରାଟ ସଭାରେ ବକ୍ତୃତା ଦେଇ ଗଲେ । କିନ୍ତୁ ସଭା ଆରମ୍ଭ ହେବା ଆଗରୁ କେତେକ ଭଦ୍ରଲୋକ ତାଙ୍କର ବ୍ୟକ୍ତିତ୍ୱ ଯେନା ଯେଉଁପରି ଅଶ୍ଳୀଳ, କୁତ୍ସିତ ଓ ବିଭତ୍ସ ପ୍ରଚାର କଲେ ତାହା କେବଳ ଇତରଙ୍କୁ ଶୋଭା ପାଏ । ରାଜନୈତିକ ମତଭେଦ ବିରୋଧ ଜଣାଇବା ଆଉ ଅଭଦ୍ର ଭାବରେ ନିନ୍ଦା ଠାକୁଲି କରିବା ଏକାକଥା ନୁହେଁ । ଏଥିରୁ ଜଣାପଡ଼ୁଛି ପ୍ରଚାରକ ମାନେ କଉଳ—ଫଟା ରସିକ—ରସିକ ପଣକୁ ପାରିଡା ପୋକ

\+ + + +

ଭାରତ ଶାସନ ବିଧାନ ଛାପ ପଡ଼ିଗଲା । ସବୁରି ଆଖିକି ଏକା ଛାପବଟା ସୁନ୍ଦର ଦିଶେ ନାହିଁ । ତେଣୁ ନାନା ସଭ୍ୟ ଏ ବିଧାନର ନାନା କିସମର ସମାଲୋଚନା କରୁଛନ୍ତି । କାହାରି କାହାରି ମନକୁ ବଡ ବାଧା ହୋଇଛି ଏଇଥି ପାଇଁ ଯେ ଏତେ ବଡ ଧର୍ମ ପ୍ରାଣ ଓ ଆଧ୍ୟାତ୍ମିକ ଦେଶର ଶାସନ-ବିଧାନ ଭିତରେ ଈଶ୍ୱରଙ୍କ ନାଆଁ ଗନ୍ଧ ସୁଦ୍ଧା ରହିଲା ନାହିଁ ।

ଗାନ୍ଧିଜୀ ପ୍ରତି ଶ୍ୱାସ ପ୍ରଶ୍ୱାସରେ ଏହିଗଢ ବିତରଣ କରୁଥିଲେ ବୋଲି ତାହା ଦେଶକୁ ଏଭଳି ଗଢ଼ିଇଲେଯେ ଦେଶ ଧର୍ମ ଓ ଈଶ୍ୱରଙ୍କୁ ବାଦ ନଦେଇ ରହି ପାରିଲା ନାହିଁ । ସଭ୍ୟଗଣ ଧୀରମତି, ସ୍ଥିର ବୁଦ୍ଧି, ବିନା କାହାରି କୁଶିକ୍ଷା ବିଚାରର ଶରୀର କୁଶଳତାରେ ଦେଶ କାଳ ପାତ୍ର ବିଚାର କରି ଏମନ୍ତ କର୍ମକରି ଅଛନ୍ତି ବୋଲି ଆମର ଦୃଢ଼ ମତ ।

\+ + + +

ଚୀନ ଜାତୀୟ ସରକାରଙ୍କର ଉର୍ଦ୍ଧ୍ୱଶ୍ୱାସ ବନ୍ଦ ଘଣ୍ଟାନ୍ତର କାଳ ଉପସ୍ଥିତ । କମ୍ୟୁନିଷ୍ଟ ସେଠି ଅଜି ଆଉ ରାଜ ଦ୍ରୋହୀ ନୁହନ୍ତି—ସେହିମାନେହିଁ ରାଜ ସରକାର—ଜାତୀୟ ବାଦୀ ବିଦ୍ରୋହୀ । ଏଭଳି ଅବସ୍ଥାରେ ସତ୍ୟକୁ ଆଖି ବୁଜି ଆଉ କେତେକାଳ ରହିବେ । ସବୁ ସରକାର ଏହି ନୂଆ ଚୀନ ସରକାରକୁ ସ୍ୱୀକାର କରିବାକୁ ବାଧ ହେବେ । ଆମର ଖାଲି ଏତିକି ଭାବନା ପଡ଼ୁଛି, ମାର୍ଶଲ ଚିଆଙ୍ଗ କାଇ ସେକ କେଉଁ ତାଳ ଧରିବେ । ଘନିଷ୍ଠ ବନ୍ଧୁ ଜବାହିରଲାଲଜୀ ଏତେବେଳେ କଣ ତ୍ୟାଗ କରିବେ ! ରାଜଦ୍ୱାରେ ଶ୍ମଶାନେଚ........

\+ + + +



Digitized by srujanika@gmail.com



## ଶାନ୍ତିପ୍ରୀୟ କମ୍ରେଡ଼

ଲେଖକ—ସୁଶୀଳମୋହନ ମିଶ୍ର

ଦେଶର ନେତାଏ ଆଜି ହେଲେଣି ପୁରୁଣା । ସମସ୍ତ ନେତାଙ୍କ ବୟସ ୫୦ରୁ ଅଧିକ ହେଲାଣି । କଂଗ୍ରେସ ଦଳ ନାରେ ଯେମିତ ଭୁଷା ରଚନା ଲୋକେ କଲେଣି କାଲି ହୁଏତ ସେମାନେ ଗାଧେଇ ଛାଡ଼ ଚାଲିଯିବେ । ଦେଶରେ ଅରାଜକତା ସୃଷ୍ଟି ହୋଇଯିବ । ଦେଶକୁ ଏଇ ଧ୍ୱଂସ ମୁଖରୁ ବଞ୍ଚାଇବା ଲାଗି ମୁଁ ଭାବିଲି ମୁଁ ନେତା ହେବି । କଂଗ୍ରେସ ନେତା ହେବାର ଆଉ ବାସନା ମୁଁ ମନରେ ଧରିଲି ନାହିଁ । ଶେଷରେ ସ୍ଥିରକଲି ମୁଁ କମ୍ୟୁନିଷ୍ଟ ହେବି ।

ଦିନେ ବେଳ ରଡ ରଡ ହେଲାବେଳେ ଗ୍ରେଗନାଶନ ରଥଙ୍କ ସହିତ ଦେଖାକଲି । ମୁଁ ନମସ୍କାର କଲି । ସେ ହାତ ଉଠାଇ ଲାଲ ସଲାମ କଲେ ।

ମୁଁ କହିଲି "ସାଥୀ ଆଜ୍ଞା ମୁଁ କମ୍ୟୁନିଷ୍ଟ ହେବାକୁ ଆସିଛି"

ରଥେ ମୋ ଆପାଦ ମସ୍ତକ ଅନାଇଲେ ଆଉ ଚଟୁକରେ ହାତ ବୁଲାଇ କହିଲେ "ଦାଢ଼ି ଉଠିବାର କେତେବର୍ଷ ହେଲାଣି?"

ମୁଁ କହିଲି "ଦୁଇବର୍ଷ"

ସେ କହିଲେ "ମୁଁ ଶୁଣି ଆନନ୍ଦିତ ହେଲି ଯେ ତମ ଦାଢ଼ିର ବୟସ ମୋଟେ ଦୁଇବର୍ଷ । ଆମ ଦଳରେ ପୁରୁଣା ଦାଢ଼ିର ସ୍ଥାନ ନାହିଁ । ଆମର ସଭ୍ୟମାନଙ୍କ ମଧ୍ୟରୁ ଅନେକେ ତୁମର ସମସାମୟିକ"

ମୁଁ ମନେ ମନେ ଭାରି ଖୁସି ହେଲି । ଭାବିଲି ଏଦଳରେ ଯୋଗ ଦେବା ମଧ୍ୟ ସହଜ । ରଥେ କହିଲେ "ଆପଣ ଟିକିଏ ଭିତରକୁ ଆସନ୍ତୁ ତ" ମୁଁ ଭିତରକୁ ଗଲି । ଭିତରକୁ ଯାଇ ଦେଖିଲି ଜଣେ ବାବୁ ଓରଫେ ସାଥୀ ଗୋଟାଏ ମାନଚିତ୍ର ଧରି ବସିଛନ୍ତି । ମାନଚିତ୍ରରେ ଆଖି ବୁଲାଇ ଦେଖିଲି ତା ରୁଷିଆର ଚିତ୍ର । ହଠାତ୍ ସାଥୀଜଣଙ୍କ ପାଟିକରି ଉଠିଲେ "ଜାଗ ଜାଗ ଲାଲ ରୁଷିଆ, ଆଉଟିକିଏ ଆଗକୁ ମଉସୀ ରୁସିଆ ଭଉଣୀ"

ମୁଁ ଯାଇ ବସିଲି ଗୋଟାଏ ଚେୟାରରେ ଆଉ ମୋ ସାମନାରେ ବସିଲେ ଗ୍ରେଗନାଶନ ରଥେ । ଆମର ଦୁଇଜଣଙ୍କ ମଝିରେ ଥିଲା ଗୋଟାଏ ଫଟୋ । ରଥେ ମୋତେ ପ୍ରଶ୍ନକରି କହିଲେ "ତୁମେ ଏହାଙ୍କୁ ଜାଣ?" ମୁଁ ଫଟୋଟି ନେଇ ଦେଖିବାକୁ ଲାଗିଲି । ବୁଝିପାରିଲି ନାହିଁ ସେଇଟା କାର ଛବି । ଅନନ୍ୟୋପାୟ ହୋଇ ଶେଷରେ କହିଲି "ଆପଣଙ୍କର"............

ସେ ହସିଲେ ଆଉ କହିଲେ "ତୁମର ଅନୁମାନରେ ଟିକିଏ ଭୁଲ ହେଲା । ଏ ଫଟୋଟି ହେଉଛି ମହାତ୍ମା ଷ୍ଟାଲିନଙ୍କର ବା ଲାଲ ବାପୁଜିଙ୍କର"

ମୁଁ କହିଲି "ଅପରାଧ ମାର୍ଜନା କରିବେ । ମୁଁ ଖାଲି ଜାଣିଥିଲି ଫିରିଙ୍ଗି ଅଙ୍କର ଖାଲି ବାପୁଜି ଅଛନ୍ତିବୋଲି କିନ୍ତୁ ଆଜି ଆପଣ ସେ ଭୁଲ ଭାଙ୍ଗି ଦେଲେ । ଲାଲଙ୍କର ଯେ ଗୋଟାଏ ବାପୁଜି ଅଛନ୍ତି ତାହା ମୁଁ ଏ ଶୁଭ ମୁହୂର୍ତ୍ତରେ ଜାଣିଲି ।"

ରଥେ ଛିଡ଼ାହୋଇ ମୋ ପାଖକୁ ଆସିଲେ । ମୁଁ ଭଦ୍ରତା ଖାତିରରେ ଛିଡ଼ାହେଲି । ସେ କହିଲେ, ଆପଣ ଏମିତି କିଛି ସମୟ ଛିଡ଼ାହୋଇ, ରହନ୍ତୁ; ମୁଁ ଟିକିଏ ଭିତରୁ ଆସେଁ ।

ସେ ଚାଲିଗଲେ ଆଉ କିଛିକ୍ଷଣ ପରେ ଫେରି ଆସିଲେ । ତାଙ୍କ ହାତରେ ଗୋଟାଏ ପୁଙ୍ଗା ଥିଲା । ସେ ମୋ ଆଡ଼କୁ ପୁଙ୍ଗାଟାକୁ ବଢ଼ାଇଦେଇ କହିଲେ "ଗୋଟାଏ ସ୍ଲୋଗାନ କରନ୍ତୁ ତ?"

ମୋ ମୁଣ୍ଡରେ ଗୋଟାଏ ଦ୍ୱନ୍ଦ୍ୱ ଦେଖାଦେଲା । ମୁଁ ନିଜକୁ ନିଜେ ଭାବିବାକୁ ଲାଗିଲି । ସ୍ଲୋଗାନ ମାନେ କଣ ? ସ୍ଲୋ...ମାନେ ଧୀରେ-ଧୀରେ ହୋଇଥିବ ପରା ? ଆଉ ଗାନମାନେ ଗୀତ କି ? ହେଲେ ତାହାହିଁ ବୋଧହୁଏ ? ଧୀରେ ଧୀରେ ଗାନ କରିବା ଅର୍ଥ ବୋଧହୁଏ slow ଗାନ । କିନ୍ତୁ ଗାଇବି କଣ ? ଲାଲ ପାର୍ଟିର ଜାତୀୟ ସଙ୍ଗୀତ କଣ ନାହିଁ । ଆଖି ସାମନାରେ ପଡ଼ିଲା ଲାଲ ବାପୁଜୀଙ୍କ ନଣହନନ ଆଉଦା ପରି ବଙ୍କା ଚୁଟୁକିଟି । ମୁଁ ଗାଇବାକୁ ଆରମ୍ଭ କଲି—

"ଶୁନୋ ଶୁନୋ ଏ ଦୁନିଆ ବାଲେ ଲାଲ ବାପୁଜୀକା ଅମର କାହାନୀ"

ରଥେଙ୍କ ରାଗି ଗଲା । ସେ କହିଲେ "ତୁମେ କେବେ ଲାଲ ଦଳର ସ୍ଲୋଗାନ ରାସ୍ତାରେ ଶୁଣିନ ?"

ମୋର କେଜାଣେ କେମିତ ମନେ ପଡ଼ିଗଲା ଦିନକର ଲାଲ ସ୍ଲୋଗାନ ଦେଉଥିବା କେତେଜଣଙ୍କ ପାଟି ଶୁଣି । ମୋର କିନ୍ତୁ ପୂର୍ଣ୍ଣ ସ୍ମରଣ ନଥିଏ—ସେମାନେ କଣ କହୁଥିଲେ; ତଥାପି ମୁଁ ଯାହା କିଛି ମନେରଖିଥିଲି କହିଲି ।

"ତୋଡ଼ ଦେଙ୍ଗେ-ଫୋଡ଼ ଦେଙ୍ଗେ"

"ଭାଙ୍ଗ ଦେଙ୍ଗେ-ନିଆଁ ଲଗାଇ ଦେଙ୍ଗେ""

ଘେଟି ଦୋ କପଡ଼ା ଦୋ !

ବିଚ ବଜାରମେ ଫାସୀ ଦୋ

କଂଗ୍ରେସ ସରକାର-ଜିନ୍ଦାବାଦ

ଲାଲଝଣ୍ଡା-ଗାନ୍ଧୀ ଟୋଡ଼ ଦୋ

ରାଜ ବନ୍ଦୀକୋ

ଲାଠିମାର ସେ ନାହିଁ ଡରେଙ୍ଗେ

ରଥେ ହସିଲେ । ମୁଁ ଆଉ ପ୍ରସାଦ ଲାଭ କଲି ଆଉ ମୋର ସ୍ମରଣ ଶକ୍ତିକୁ ଧନ୍ୟବାଦ ଦେଲି । ମୁଁ ଆଉକିଛି ସ୍ଲୋଗାନ ଦେବାକୁ ଯାଇ ରଥଙ୍କୁ ପ୍ରୀତ କରିବାକୁ ଚେଷ୍ଟା କଲି । ରଥେ ଗୋଟାଏ ହୁଇସିଲ ଦେଲେ । ସାଙ୍ଗେ ସାଙ୍ଗେ ପରଦା ଅନ୍ତରାଳରୁ, ଆସିଲେ ଶ୍ରୀମତୀ ଷ୍ଟାଲିନା ମହାନ୍ତି, ଶ୍ରୀମତୀ ଲେନିନା ଦାସ ଆଉ କୁମାରୀ କ୍ରାମ୍ପିନା ରାୟ । ଅବଶ୍ୟ ଏମାନଙ୍କ ନାଆଁ ଶୁଣି ଯେ ଏମିତି, ମୁଁ ତାପରେ ଜାଣି ପାରିଥିଲି ।

ରଥେ କହିଲେ "ମନେ କରନ୍ତୁ ତୁମେ ଏଇକେତେ ଜଣ ସାଥିନୀ [ ସ୍ତ୍ରୀ ଲିଙ୍ଗରେ ] ଙ୍କ ସହିତ ଶୋଭାଯାତ୍ରାରେ ଯାଉଛ; କହିଲ, ପୋଲିସ ବାଡ଼ିରୁ ନିଜକୁ ଲାଠି ମାଡ଼ରୁ ବଞ୍ଚାଇବା ଲାଗି କି କି ବ୍ୟୂହ ରଚନା କରିବ"?

ମୁଁ କହିଲି "ପ୍ରଥମରେ ନାରୀଙ୍କୁ ରଖିବି କାରଣ ଲାଠି ଏମାନଙ୍କ ଉପରେ ପଡ଼ିବ ନାହିଁ ।



Digitized by srujanika@gmail.com

ତାପରେ ରହିବେ ଜନତା ଯେଉଁ ମାନଙ୍କ ଦାଢ଼ୀ ଗଜୁରି ନଥିବ ବା ଗଜୁରି ଥିଲେବି ପୁରୁଣା ହୋଇ ନଥିବ। କଲେଜ ଛାତ୍ରଙ୍କୁ ବି ଏଇ ବ୍ୟୂହରେ ରଖାଯାଇ ପାରେ। ସବାଶେଷରେ ମୁଁ।"

ରଥେ କହିଲେ "ସାବାସ୍! ଆଚ୍ଛା ତୁମେ ଶେଷରେ କାହିଁକି ରହିବ?"

ମୁଁ କହିଲି "ମୁଁ ଯଦି ଜେଲକୁ ଯାଏ ତେବେ କାଲି ଆନ୍ଦୋଳନ କରିବ କିଏ?"

"ଖୁବ୍ ସୁନ୍ଦର ଯୁକ୍ତି!"

'ଆଚ୍ଛା ଶୋଭାଯାତ୍ରା କର' ବୋଲି ରଥେ ଉଠି ଚାଲିଗଲେ।

ମୁଁ ସ୍ଲୋଗାନ ଦେବାକୁ ଲାଗିଲି। ଆଉ କୋଠରୀ ଭିତରେ ବୁଲିବାକୁ ଲାଗିଲି। ମୋ ମୁଣ୍ଡରେ ଗୋଟାଏ ଦାଉଁଶ ବାଡ଼ୀ ଆସି ଆଘାତ କଲା। ମୁଁ ସାଙ୍ଗେ ସାଙ୍ଗେ ପଡ଼ିଗଲି ଆଉ ବାକି ଯେତେକ ଲୋକ ସେଇଠି ଥିଲେ ଖିଲ ଖିଲ କରି ହସି ଉଠିଲେ। ମୁଁ ଘରର ଚାରିଆଡ଼େ ଆଖି ବୁଲାଇ ଦେଖିଲି ଆଉ ଭାବିଲି ପୋଲିସ ଆଉ ମୁଦୁଲଠି ଚାଳନା କରି ନାହିଁ ତ? ସେ ଭୟ ମୋର ଦୂରୀଭୂତ ହେଲା। ଖାଲି ଦେଖିବାକୁ ପାଇଲି ରଥେ ଠେଙ୍ଗାଟିଏ ଧରି ଛିଡ଼ାହୋଇଛନ୍ତି। ମୁଁ ମୁଣ୍ଡରେ ହାତ ଦେଇ ଦେଖିଲି ଧାର ଧାର ହୋଇ ରକ୍ତ ବହୁଛି। ମୁଁ ନିର୍ଲଜ୍ଜଙ୍କ ପରି କହିଲି "ସାଥି! ଆଜ୍ଞା ଦେଖନ୍ତୁ ମୋର ରକ୍ତ ଆମ୍ଭଙ୍କର ପାହିରି ପତାକା ପରି ନାଲି କିନା? ଯଦି ମୁଁ କଂଗ୍ରେସିଆ ହୋଇଥାଆନ୍ତି ତାହା ହେଲେ ଏଇ" ରକ୍ତ କଳାହୋଇ ଥାଆନ୍ତା କଳାବଜାରରେ।

ରଥେ ମୋତେ ଅନାଇ ଥାଆନ୍ତି ମୁଁ ତାହାଙ୍କୁ ଅନାଇ ଥାଏଁ। ଶେଷରେ ରଥେ ମୋତେ କହିଲେ "ତୁମକୁ ରୋଜ ଠେଙ୍ଗିଆ ଟ୍ରେନିଂ ନେବାକୁ ହେବ"

"ସାଥୀ ଆଜ୍ଞା ଏତ ଠେଙ୍ଗିଆ ଟ୍ରେନିଂ?" ମୁଁ ପ୍ରଶ୍ନ କଲି।

ସେ କହିଲେ "ଆମକୁ ପୋଲିସି ବାଡ଼ାନ୍ତି ସେଥିପାଇଁ ଆମେ ତାଙ୍କ ଲାଠିକୁ ସହି ପାରିବା ଭଳି ଧୈର୍ଯ୍ୟ କରି ନେଇଥିବା ଦରକାର"

ମୁଁ କହିଲି "ପୋଲିସ ଏ ଦଳ ଉପରେ ଗୁଳି ବି ଚଳାଏ। ତେବେ ସେ ଟ୍ରେନିଂ ବି କଣ?"

"ନା ଦରକାର ପଡ଼ିବ ନାହିଁ" ରଥେ କହିଲେ।

ରଥେ କହିଲେ "ଆଚ୍ଛା ଏ ଅଗଣାକୁ ଆସ!"

ମୁଁ ଗଲି। ସେ ମୋ ହାତରେ ବଲଟିଏ ଦେଇ କହିଲେ "ଏଇ ଦେଖ ତୁମ ଆଗ ସାମନାରେ ପାଞ୍ଚୋଟି ମୂର୍ତ୍ତି ଅଛନ୍ତି। ଭାବିନିଅ ଯେ ସେମାନେ କଂଗ୍ରେସିଆ; ମନ୍ତ୍ରୀ ସଭାରେ ବସିଛନ୍ତି। ତୁମ ହାତରେ ଯେଉଁ ବଲଟି ଅଛି ତାହା ହେଉଛି ହାତ ବୋମା। ତୁମେ ତୁମର ଲକ୍ଷ୍ୟଠିକ କରି ଫିଙ୍ଗ।"

ମୁଁ ବଲଟି ଫିଙ୍ଗି ଦେଲି। କାନ୍ଥରେ ବାଜି ବଲଟି ଓଲଟି ଆସି ରଥଙ୍କ ତିଳଫୁଲ ନାସାରେ ବାଜିଲା। ରଥେ 'ବୋଉଲୋ' ବୋଲି ତଳେ ପଡ଼ିଗଲେ ଆଉ ରାଗରେ କହିଲେ "ପୁଞ୍ଜିପତିର ଦଲାଲ୍ କଂଗ୍ରେସ ବଳା ଏଠୁ ପଳା।"

ମୁଁ କହିଲି "ମୁଁ ଜାଣି ଜାଣି ଏଦଣ୍ଡ ଆପଣଙ୍କୁ ଦେଇ ନାହିଁ।"

"ହଉ ହଉ ସେ ସଫେଇ ମୁଁ ଚାହିଁନି" ରଥେ ନାକ ରଗଡ଼ି ରଗଡ଼ି କହିଲେ।

ଡାକିଲେ "ଦୁର୍ଗୋଭ ଦୁର୍ଗୋଭ (ଦୁର୍ଗାର କମ୍ୟୁନିଷ୍ଟୀୟ ନାମ ହେଉଛି ଦୁର୍ଗୋଭ) ସାଥୀଦୁର୍ଗା ଆସି କାନୁ କହିଲେ କଣ?

ରଥେ କହିଲେ 'ଟିପି ରଖିଲ; ଚନ୍ଦ୍ରୋଭ ରଞ୍ଜନ ପଟ୍ଟନାୟକ (ମୁଁ) ବୋମା ଫିଙ୍ଗା ପରୀକ୍ଷାରେ ମାଇନସ୍ ଦଶ ଆଣିଛି।"

ଦୁର୍ଗୋଭ ଚାଲିଗଲେ।

ସେତେବେଳକୁ ରାତି ହୋଇଯାଇ ଥିଲା ଦଶ। ମୁଁ ରଥଙ୍କୁ କହିଲି "ସାଥୀ ଆଜ୍ଞା, ମୁଁ ଆଜି ଘରକୁ ଯାଉଛି କାଲି ପୁଣି ଆସିବି।"

ରଥେ କହିଲେ "କାହିଁକି?"

ମୁଁ କହିଲି "ମୁଁ ସକାଳୁ କିଛି ଖାଇନାହିଁ"

ସେ ଉତ୍ସାହିତହୋଇ କହିଲେ "ସକାଳୁ କିଛି ଖାଇନାହିଁ? ବେଶ୍ ବେଶ୍ ଅନଶନ ପରୀକ୍ଷା ହୋଇଯାଉ।"

ସେ ମୋତେ ଗୋଟାଏ କୋଠରୀରେ ବନ୍ଦ କରିଦେଇ କହିଲେ "ଚନ୍ଦ୍ରୋଭ ତୁମେ ସେଇ ଜେଲଭିତରେ ଥାଇ ଏଇ କଂଗ୍ରେସ ସରକାରକୁ ଗାଳିଦିଅ।"

ମୁଁ ଆଉ କଂଗ୍ରେସ ସରକାରକୁ ଗାଳିଦେବି କଣ ନିଜ ମୂର୍ଖାମିକୁ ଗାଳି ଦେଉଥାଏ। ତଥାପି ରଥଙ୍କ ତୃପ୍ତିପାଇଁ ଏ ସରକାରକୁ ଗାଳି ଦେଲି।

କଂଗ୍ରେସ ସରକାର—ଗୁଣ୍ଡାହି
ଚାହାଁମେ ଚଳି ନାହିଁ ଦେଶଦ୍ରୋହି ଇତ୍ୟାଦି

ରାତି ଦୁଇଟାରେ କବାଟ ଖୋଲିଲା ସେତେବେଳେ ଆକାଶରେ ଅଷ୍ଟମୀର ଚାନ୍ଦ ବଙ୍କା ଦାଆପରି ଅନ୍ଧକାର ଘାସକୁ କାଟି କାଟି ଯାଉଥାଏ। କେହିଜଣେ ଭିତରକୁ ପ୍ରବେଶ କଲା। ହାତରେ ତାର କିଛିଥିବାର ଅନୁମାନ କଲି। ଭାବିଲି ମୋର ଅନଶନ ପରୀକ୍ଷାରେ ମୁଁ କୃତିତ୍ୱ ସହକାରେ ପାସ କରିଛି। ବୋଧହୁଏ ଭୋଜନ ମିଳିବ!

ସେ ଜଣଙ୍କ ମୋ ପାଖକୁ ଆସି କାନରେ କହିଲା "ଚନ୍ଦ୍ରୋଭ, ଚନ୍ଦ୍ରୋଭ! ପୁଲିସ ତୁମର ପିଛା କରିଛନ୍ତି। ତୁମେ ରାତାରାତି ଏ ସ୍ଥାନଛାଡ଼ି ଚାଲିଯାଅ।

ମୋ ଦେହ ଥରିବାକୁ ଲାଗିଲା। ପେଟ ଜଳୁଥାଏ ଭୋକରେ ତାଉପରେ ପୁଲିସର ଏ ଅଯାଚିତ ଆକ୍ରମଣ। ମୁଁ କମ୍ୟୁନିଷ୍ଟ ନେତା ନୁହେଁ। ନେତା-ଭ୍ରୂଣମାତ୍ର। ପୋଲିସ ଯମର ଆଖି ଏ ଭୂତାପ୍ରତି କାହିଁକି ଯେ ପଡ଼ିଲା ମୁଁ ବୁଝି ପାରିଲି ନାହିଁ। ତଥାପି ମୋତେ ପଳାଇବାକୁ ହେବ।

ମୁଁ କହିଲି "ସାଥୀ ଦୁର୍ଗୋଭ, କିପରି ପଳାଇବି କହ?"

ସେ କହିଲେ "ମୁଁ ତ କହି ପାରିବି ନାହିଁ"

ମୁଁ ତାଙ୍କ ଗୋଡ଼ ଧରିଲି, ଆଖିରୁ ଝର ଝର ହୋଇ ଲୁହ ଗଡ଼ୁଥାଏ। ମୁଁ କହିଲି "ମୋତେ ଏ ବିପତ୍ତିରୁ ବଞ୍ଚାଅ ଦୁର୍ଗୋଭ"

ଦୁର୍ଗୋଭ କିଛି ନକହି ଚାଲିଗଲେ ମୁଁ କଳ୍ପିତ କାରାଗାର ଭିତରୁ ବାହାରକୁ ଆସି ଦେଖିଲି ଅଗଣାରେ ଗୋଟାଏ ଶାଢ଼ୀ ଆଉ ବ୍ଲାଉଜ ଶୁଖୁଛି। ତରବରରେ ବ୍ଲାଉଜଟାକୁ ଦେହରେ ଗଳାଇ ଦେଇ ଶାଢ଼ୀଟା ପିନ୍ଧି ପକାଇ ପଳାଇବାକୁ ବସିଲି।

ଅନ୍ଧାରୁଆ ଘର ଦେଇ ମୋତେ ବାହାରକୁ ଯିବାକୁ ପଡ଼ିଲା। ମୁଁ ସେଇ ଘରଭିତରେ ଯେମିତି ପ୍ରବେଶ କରିଛି କିଏ ଜଣେ କହିଲା—"କିଏ? ପୁଣି ଏତେ ରାତିରେ?"

ମୋର ଛାତିରେ କିଏ ହାତୁଡ଼ୀ ମାରିଲା ପରି ଲାଗିଲା। ମୁଁ ଥରି ଥରି କହିଲି "ମୁଁ ଜଣେ

(ଅନ୍ୟପୃଷ୍ଠା ଶେଷ ଦେଖନ୍ତୁ)



Digitized by srujanika@gmail.com



## ଶେଷ-ଉତ୍ତର

ବାରଟା ବାଜିବାକୁ ଦଶ ମିନଟ୍ ବାକି। ସାନ ଡାକ୍ତରଖାନାଟିରେ ରୋଗୀ କମ୍...ବଡ଼ ଭୋର ଦିନକୁ ୩୦ ଦଶ.........ସାଙ୍ଗ ନାହିଁ, ସାଥି ନାହିଁ ନିସ୍ତବ୍ଧ, ନୀରସ ସାହାରା ମରୁଭୂମି। ତଥାପି ଚିକିତ୍ସା କରନ୍ତି ପୁଣି ମନୁଷ୍ୟର ଜୀବନ ନେଇ ଖେଳ ଆମର...... Health magazine ଟା ଉପରେ ପୁଣି ଥରେ ଆଖି ବୁଲାଇ ନେଲି।

"ଡାକ୍ତରବାବୁ ଟିକିଏ ଔଷଧ ଦେବେ ?" ବାଳିକା କଣ୍ଠର ମିନତି—ଭରା ସ୍ୱରରେ ।- କେତୋଟି ପଦ କଥା ମୋ କାନରେ ବାଜିଲା କ୍ଷଣି ପ୍ରାଣରେ ଅନୁଭବ କଲି ଗୋଟାଏ ପୁଲକ। ଅସନ୍ନ— ଯୌବନା ବାଳିକ ଟିଏ। ବେଣୀର ରିବନ୍‌ଟାକୁ ବାଁ ହାତ ଧରି ଆଙ୍ଗୁଳିରେ ଗୁଡ଼ାଉ ଗୁଡ଼ାଉ କହିଲା "ଜାଲ ଭାରି ଜର"

ମୁଁ ପଚାରିଲି "ନାଁ କଣ"।

"ମଂଜୁ ସ୍ୱର୍ଣ୍ଣ" "ବାଃ ଚମତ୍କାର ନାଁ ତ ?" ପ୍ରେସ୍‌କ୍ରିପ୍‌ସନ୍ ଲେଖି ବସିଲି। ରୋଗୀ କହିସାରିବା ପୂର୍ବରୁ ପ୍ରେସକ୍ରିପ୍‌ସନ୍ ଲେଖା ସରିଥାଏ। କିନ୍ତୁ ସେଦିନ ଶୁଣିବାକୁ ପଡ଼ିଲା।

"କମ୍ପାଉଣ୍ଡର ବାବୁ ଏ ଔଷଧଟା ତିଆରି କରି ଦିଅନ୍ତୁ।" କମ୍ପାଉଣ୍ଡର୍ ଆସି ପ୍ରେସ୍-କ୍ରିପ୍‌ସନ୍ ନେଇଗଲେ।

" ବସ ମଂଜୁ" ବାଳିକାଟି ବସିଲା। ମୁହଁଟି ତାର କାଇଁଶ ଖୀ ଝାଙ୍କିରେ ମଉଳା ଗୋଲାପ କଢ଼ିଟି ପରି--ମୁଣ୍ଡର ବାଳ ଗୁଡ଼ିକ ଅଲରା ହୋଇ ମୁହଁ ଉପରେ ସତେକି ଫଣୀପରି ଖେଳି ବୁଲୁଛି।

ମୁଁ ପଚାରିଲି " ଅଚ୍ଛା ମଂଜୁ ଜର କାହିକି ହେଲା।" " ବାପା କହିଲେ ଇନ୍‌ସ୍‌ପେକ୍ଟ୍ରେସ୍ ଆସିବେ। ଫୁଲ ଆଣିବ। ସ୍କୁଲ ଘର ସଜା ହେବ। ବାକରରେ ବୁଲି,ବୁଲି ଫୁଲ ସାଉଁଟିଲି ପାଣିରେ ବୁଡ଼ି କରି ଆଣିଲି—ଜର ହେଲା।"

..... କମ୍ପାଉଣ୍ଡର ବାବୁ ଔଷଧ ଦେଇଗଲେ। ମୁଁ "କହିଲି ଦିଅ ଜାଅ ଔଷଧ, ଦିନରେ ତିନି ପାନ --- ଆଉମେଟେ ଜର ହେବନି। ଆଉ ଶୁଣ—ଟମେଟିଡ ମୋଟେ ଥଣ୍ଡାରେ ବୁଲିବନି।"

ସେ ଟିକିଏ ହସିଦେଇ କହିଲା "ନମସ୍କାର ମୁଁ କାଲି ଆସିବି ଯେ।"

ମୁଁ ଚାହିଁ ରହିଲି ତା ବାଟକୁ।

(୨)

ଚଉଦ ବର୍ଷର କିଶୋରୀଟିଏ ... ... ... ଯୌବନର ଭରା ମାଦକତା ତାର ଆସିନି— ଗୋଲାପ କଢ଼ଟିଏ ...... ...। ତଥାପି ତାର ଗୋଟାଏ ସୌନ୍ଦର୍ଯ୍ୟ ଅଛି। ମଳୟ ପବନରେ ସେ ଦୋହଲି ଉଠେ ଅଳିକୁ ଥଟ୍ଟା କରେ ... ଅଳି ତାକୁ କହେ ଆଉ ବେଶୀଦିନ ନାହିଁ ଗୋ ମାନିନୀ ! ଦେବତାର ଆଦେଶ.....ଜଗତର ନିୟମ କଢ଼ି ଗୋଲାପ ହେବ। ତାର ନାଲି ଟହ୍ଟହ୍ ଅଧରରେ ଭ୍ରମରର ଅଧର ପରଶ ଲାଗିବ ତା ପରେ ପୁଣି ସେ ଝଡ଼ିପଡ଼ିବ ତଳେ। ଆଉ ଆଗକୁ ଭାବି ପାରିଲି ନାହିଁ।......"ମଂଜୁ" ନାଁରେ ଅଛି ଗୋଟାଏ ମାଦକତା। + +

ତା ପରଦିନ ଠିକ୍ ୧୦ଟା ବେଳେ ସେ ଆସିଲା। କିନ୍ତୁ ଠିକ୍ ଗୋଟିଏ ପାଖୁଡ଼ାଟିଏ ପରି ସେ ନିଜକୁ ସାଜିଛି। ମୁଁ କେବଳ ଚାହିଁ ରହିଲି ତାକୁ ସେ କହିଲା "ନମସ୍ତେ !" ମୁଁ ତାର ପ୍ରତ୍ୟୁତ୍ତର ଦେଲି ତାର ଗାଲଟିକୁ ଟିକେ ଚପି ଦେଇ.........ସେ କହିଲା "ଯାଉଛି ସ୍କୁଲକୁ ଫେରିଲାବେଳକୁ ମୋତେ ଗୋଲାପ କଢ଼ି ଦେବେତ ଡାକ୍ତର ବାବୁ !" ମୁଁ କହିଲି "ନିଶ୍ଚୟ ! ତେବେ କଢ଼ି ଉପରେ ଏତେ ଶ୍ରଦ୍ଧା କାହିଁକି ? ନିଜେ ଜଢ଼ିବେ କି ନା କଣ !" ସେ କହିଲା "ହେଃ ତମେ ଭାରି ଦୁଷ୍ଟ" ଏତିକି କହି ସେ ଦୌଡ଼ି ପଳାଇଲା। ଆଉ ମୋତେ ଭାବିବାକୁ ଦେଇଗଲା ଚଉଦ ବରଷର କିଶୋରୀ ପ୍ରାଣର ଅବୁଝା କଥା କୋଟିଏ। ·

ବୃଦ୍ଧଟା ବେଳକୁ ବଗିଚାର ସୁନ୍ଦର ପତର ଲଗା କଢ଼ି ଗୁଡ଼ାକୁ ଆଣି ଟେବୁଲ ସଜାଡ଼ି ରଖି ବସି ରହିଲି ତା'ର ପ୍ରତୀକ୍ଷାରେ। ଟିକ୍......ଟିକ୍......ଟିକ୍......ଓ୍ୱାଲକ୍ଲକ୍ ଚାଲିଛି ଅବିରାମ ଗତିରେ ଦୁନିଆକୁ ଭ୍ରୂକ୍ଷେପ ନ କରି। ଭ୍ରାନ୍ତ ମାନବ ଚେଷ୍ଟା କରୁଛି ତାର ସାଥିରେ ଦୌଡ଼ି ଦେବାକୁ କିନ୍ତୁ ପାରୁନି। ଯିଏ ପାରୁଛି ସେ ହୋଇଛି "ମାନବ"। ଯେ ପାରୁନି ସେ ହୋଇଛି ନଗଣ୍ୟ...ଦାସ।

(୩)

"ବାବୁ ଟିକେ ଶୀଘ୍ର ଆସ ନହେଲେ ବୌ ମରିଯିବ।" ମୋ ଜୋତା ଉପରେ ମୁଣ୍ଡଟାକୁ ଠୋକରି ପିଟିଦେଇ ଅଣ୍ଟାରୁ ଟଙ୍କାଟିଏ କାଢ଼ି ତଳେ ଥୋଇ ଦେଲା। ବଡ଼ ବିରକ୍ତ ଲାଗିଲା। ମଂଜୁ ଆସିବ ୪ଟାବେଳେ। ମୁଁ କେମିତି ଯାଇପାରିବି ନାହିଁ। ତା ପରେ ଫିସ ଟଙ୍କାଟାଏ —ମୋତେ ଅପମାନ ନୁହେଁ—ମୋ ଡିଗ୍ରୀକୁ ଅପମାନ। ... ... ...

ଠିକ୍ ଏତିକିବେଳେ କଲେଜର ସ୍ମୃତି। ସାନ ଡାକ୍ତରର ଦାମ୍ ଯେତେବେଳେ ଏମ.ବି. ଦେଇ ପାଶ୍‌ନାହାନ୍ତି ବଡ଼ର ବା ମର୍ଯ୍ୟାଦା ରଖିବେ କଣ? ମୁଁ ଗୋଡ଼ରେ ତା ମୁଣ୍ଡଟାକୁ ଆଡ଼େଇ ଦେଲି। ସେ କହିଲା "ବାବୁ ଘରକୁ ଚାଲ ମୁଁ ଆଉ ଟଙ୍କାଟିଏ ଦେବି.....ସେତିକି ରଖିଛି ନହେଲେ ବୋଉର ଔଷଧପାଇଁ......... ବାବୁ ମୁଁ ବଡ଼ ଗରିବ ତ ଜୀବନ ରଖ ବାବୁ ......ମୋ କହିଟିକୁ ଚାହିଁବା ପାଇଁ ଆଉ କେହି ନାହିଁ ବାବୁ।" ଟେଥ୍‌ସ୍କୋପ୍‌ଟା ବେକରେ ଝୁଲାଇ କହିଲି "ଆରେ ଯା ମ ତୋର ପରି କେତେ ଗରିବ ମରୁଛନ୍ତି ଏଇ ଡାକ୍ତରଖାନାରେ ତାର ଖବର ରଖି ଲାଭ? ଏତେ ଚେଷ୍ଟା କରୁଛୁ ଆମେ। ବଞ୍ଚୁନି ? ଲୋକେ କହନ୍ତି ମରିବାକୁ। ଟଙ୍କାଟାଏ ଦେଇ କେତେ କଥା କହି ଚାଲିଛି ବଦମାସ୍—ଅସମ୍ଭବ ମୁଁ ଯାଇ ପାରିବି ନାହିଁ। ଏଟା ମୋତେ ଅପମାନ। ( Get out) ଅରେ ରାମ,ଏ ରାମ,ଏଟାକୁ ଧକ୍କାଦେଇ ବାହାର କରି ଦେ ତ।" + + +



Digitized by srujanika@gmail.com

"ଡ଼ାକ୍ତର ବାବୁ ଆଉ ସତ କହୁଛନ୍ତି ଯିବେ ନା" ?

" କିଏ ମଂଜୁ ? କଅ ତୁମ ଫୁଲ ନଅ........"ମଂଜୁ ଟିକେ ମଉଳା ହସ ହସି କହିଲା "ସେମିତ ନେବ ନା" । "ବେଶ୍ ମୁଁ ନେଉଛୁ ନଅ" କହି ତା ମୁଣ୍ଡକୁ ଟାଣି ଆଣିଲି ମୋ ଛାତି ଉପରକୁ ଆଉ ତା ଖୋପାରେ ପିନ୍ଧାଇଦେଲି ଗୋଟିଏ ବୁନ୍ତର ଦୁଇଟି କଢ଼ି । ସେ ଢଳିପଡ଼ିଲା ମୋ ଉପରକୁ......ପୁଣି ଥରେ ପଚାରିଲା "ଡ଼ାକ୍ତର ବାବୁ ଯିବେନି ଆପଣ ଆମ ଘରକୁ? "

"ତୁମ ଘରକୁ ! ନିଶ୍ଚୟ ଯିବି" ସେ ଚାଲିଲା ଆଗେ ଆଗେ......ଅନୁସରଣ କଲି

(୪)

ସେଇ ଲୋକଟ ଏଇ ନରୁଆ ମା ପାଇଁ ଯିଏ ଯାଇଥିଲା । "ବାବୁ ଆସିଗଲେ ?" ତା ମୁହଁରେ ଫୁଟିଉଠିଲା ହସର ଢେଉ । ମୁଁ" କହିଲି "ମଂଜୁ!"

ମୋ ପାଟିରୁ ଛଡ଼ାଇ ନେଇ କହିଲା "ହଁ ଡାକ୍ତରବାବୁ ସେ ମୋର ଦାଦା......ମୁଁ କହି ପକାଇଲି ଆବେଗରେ "ସତେନା!"

କିନ୍ତୁ ସେତେବେଳକୁ ନରୁଆ ମାର ଜୀବନ ବୋଇତ ଚାଲିଗଲା ଅଜଣା ଧ୍ରୁବ ତାରାର ସନ୍ଧାନରେ ମୁଁ କହିଲି Hope-less ମଂଜୁ ଚାହିଁଲା ମୋ ମୁହଁ ଆଡେ ...............

ମଂଜୁର କାନ୍ଦ ଶୁଣିବାକୁ ମୁଁ ଆଉ ସେଠାରେ ନଥିଲି । ଦିନ କେତୋଟି ଯାଇ ଗୋଟିଏ ମଧୁର ସ୍ମୃତି କରୁଛି । ମୁଁ କିନ୍ତୁ ମଞ୍ଜୁକୁ ଦେଖିନି......ଖାଲି ଶୁଣେ ତା ଦେହ ଖରାପ । ମନ ଭିତରେ ଉଠେ ଗୋଟାଏ ଦୁଃଖର କୋହ ବଡ ଧୈର୍ଯ୍ୟର ସହିତ ମୁଁ ତାକୁ ଚାପିରଖେ । ଦିନେ ମଂଜୁର ଦାଦା ଆସି କହିଲା " ଡାକ୍ତର ବାବୁ ଶୀଘ୍ର ଆସନ୍ତୁ ମଂଜୁ——"ମୁଁ ଆଉ ଶୁଣି ପାରିଲିନି ଉଠିଗଲି ପାଗଳପରି ।

\+ + + +

ମଞ୍ଜୁ ଶୋଇଛି ଗୋଟିଏ ଖଟ ଉପରେ—ଆବେଗରେ ତା ହାତ ଦୁଇଟି ଧରି ପକାଇ କହିଲି " ମଂଜୁ ମୁଁ ଆସିଛି । ସେ କେବଳ ଟିକିଏ ହସିଲା । କାନରେ ଷ୍ଟେଥେସ୍ କୋପ ଲଗାଇ ତାକୁ Examine କଲି । ସେ କାଶି ଉଠିଲା ଜୋରରେ କାଶରେ ଝଲକାଏ ରକ୍ତ... ପୁଣ ଥରେ ଠିକ୍ ତା ନାଲିଆ ରକ୍ତ ! ମୁଣ୍ଡ ଭିତରେ ମୋର ସବୁ ଗୋଳମାଳ ହୋଇଗଲା । ଆଖି ଆଗରେ ମୋର ନାଚି ଉଠିଲା T:B ଯେଉଁଥିରୁ କେହିକେବେ ଫେରିନି - - - -ମୁଁ କହିଲି " ମଂଜୁ ମୁଁ ତୁମକୁ ଯିବାକୁ ଦେବିନି ତୁମେ ...... ...

ମଂଜୁ ଟିକିଏ ହସି କହିଲା "ମୁଁ ତ ସେଇଆ ଚାହେଁ..............ମାତ୍ର ମୁଁ ଗରିବ ଡାକ୍ତର ବାବୁ ତମକୁ କଣ ଫିସ୍ ଦେବି?

ସେଦିନ ମୋର ବେଶ ମନେଅଛି .....ଗରିବ ବାଲି ମୋ ଦାଦାକୁ—ଯାହା କହିଥିଲ ତୁମେ ମୁଁ କହିଲି "ମଞ୍ଜୁ ଭୁଲିଯାଅ ସେ ସବୁ—ମୁଁ ତ ଜାଣି ନ ଥିଲି ସେ ତୁମର ଦାଦା ବୋଲି । "

ସେ କହିଲା " ନିଶ୍ଚୟ ! କେବଳ ସେଇତ ଗରୀବ ନୁହେ, ଦୁନିଆରେ ଅନେକ ଅଛନ୍ତି...ଆଜ ତମେ ଏଠିକି ଆସିଛ ତମର ମଞ୍ଜୁ ପାଇଁ । ଗରୀବର ସେବା ପାଇଁ ନୁହେଁ !" ଆଖିରେ ତାର ଲୁହ । ମୁଁ ରୁମାଲ କାନିରେ ତା ଆଖି ପୋଛି ଦେଇ କହିଲି ଛି କ୍ଷମାକର ମୋତେ ମଞ୍ଜୁ...ମୁଁ ପ୍ରତିଜ୍ଞା କରୁଛି ଗରୀବର ସେବାହିଁ ମୋର ଜୀବନର ବ୍ରତ ହେବ ।

ସେ ମୋର ହାତ ଦୁଇଟି ନେଇ ତାର ଛାତିରେ ଭିଡ଼ି ଧରିଲା " ମୁଁ ଯାଉଛି ମୋତେ ଆଉ ତମେ ଧରି ରଖିପାରିବ ନାହିଁ.....କେବଳ ମୋର ସ୍ମୃତି ନେଇ ତୁମର ପ୍ରତିଜ୍ଞା ପାଳନ କର ଯା ତମ ମଞ୍ଜୁର ଶେଷ ଅନୁରୋଧଟା ସେ କାଶି ଉଠିଲା ଖୁବ୍ ଯୋରରେ ..... ତା ମୁଣ୍ଡଟି ମୋ କୋଡ଼ ଉପରେ ରଖି ମୁଁ ମୋ ମୁହଁ ଟିକି ନେଲି ତା ଓଠ ଉପରକୁ...ସେ ହାତ ଆଡେଇ ଦେଲା କହିଲା " ମାରାତ୍ମକ ଏ ଏ ରୋଗଟା"

ପୁଣି ସେଇ କାଶ, ପୁଣି ସେଇ ରକ୍ତ ! !

ଲେଖକ—ଯତୀନ୍ଦ୍ର କୁମାର ମହାପାତ୍ର

( ୭ପୃଷ୍ଠାର ଅବଶିଷ୍ଟାଂଶ )

ଅଭାଗିନୀ ନାରୀ । "

"ଏତେ ରାତ୍ତରେ କମ୍ୟୁନିଷ୍ଟ ଅଫିସରୁ କାହିଁକି ଅସିଥିଲ । ତୁମେ ଜଣେ କମ୍ୟୁନିଷ୍ଟ?" ଅଫିସର ମୋତେ ପ୍ରଶ୍ନକଲେ ।

ମୁଁ ଜାଣିପାରିଲି ଆଉ ସାହ ନାହିଁ । ବର୍ତ୍ତମାନ ଏମାନେ ମୋତେ ଗିରଫ କରିନେବେ କଣ ଜୋର ଶୁଖି ଯାଉଥାଏ । ଭଗବାନଙ୍କୁ ଡ଼ାକୁଥାଏଁ କିନ୍ତୁ କମ୍ୟୁନିଷ୍ଟଙ୍କର ଭଗବାନ ଯେ ନାହାନ୍ତି ! ନେତା ହେବାର ବାସନା ମୋର ମରିଗଲା । ମାତ୍ର ଏତିକି ଆଶାଥିଲା ଯେ ମନ୍ତ୍ରୀ ହେବାକୁ ହେଲେ ଜେଲ ଯିବାକୁ ପଡ଼େ । ଲୋକ ମୁହଁରେ କିଛି ନଥାଉ ପଛେ ଯଦି ଥରେ ଜଣେ ଜେଲରୁ ଆସେ ସେ ମନ୍ତ୍ରୀ ହେବାର ଉପଯୁକ୍ତ ହୋଇଯାଏ । ତଥାପି ଜେଲ ।

ଅଫିସର ପ୍ରଶ୍ନକଲେ " ତୁମର କଣ୍ଠ ପୁରୁଷ ପରି ଶୁଭୁଛି ଯେ "

ମୁଁ ଚେଷ୍ଟାକଲି ସ୍ତ୍ରୀ ପରି କହିବାକୁ କିନ୍ତୁ ହେଲନାହିଁ ।

ଜଣେକିଏ ମୋ ମୁହଁରୁ ହିଁର୍ଚ୍ଚ ପକାଇଲା ଆଉ କହିଲା " ତୁମ ନାକତଳେ କଣ ଅଛି ଯେ !" ମୁଁ ମୁହଁରେ ହାତଦେଲି ଆଉ ଦେଖିଲି ସତେତ ! ଏବେ କଣ ଉତ୍ତର ଦିଏଁ ।

ଶେଷରେ ମୁଁ କହିଲି " ମୁଁ ଗୋଟାଏ ମାଇଚିଆ । ସବୁବେଳେ ନିଜକୁ ସ୍ତ୍ରୀ ଭାବି ଚଳି କରୁଥାଏଁ ।" ଅଫିସରଟା ହସିଉଠିଲା । ବିଜୁଳି ଆଲୁଅରେ ଘରଟି ଉଦ୍ଭାସିତ ହେଲା । ସେ ଥରେ କହିଲେ " ଅଣ୍ଡର ଗ୍ରାଉଣ୍ଡ ଠେଙ୍କରେ ତୁବେ ପାଇଲ ଦାଗରୁ ଆଠ ମାର୍କ । ଗୋଟାଏ କଥା କିନ୍ତୁ ତୁମେ ମନେରଖ, ଯାହା ଉତ୍ତର ଦେବ ଗୋଟିଏ ଭାବରେ ଉତ୍ତର ଦେବ, ଏଣୁ ତେଣୁ ଦୁଇପ୍ରକାର ଉତ୍ତର ଦେବନି"

ସାଙ୍ଗେ ସାଙ୍ଗେ ଲୁଲ ଜାତୀୟ ସଙ୍ଗୀତ ବୋଲି ହେଲା ଆଉମୋତେ ପଥେ କହିଲେ–

" କୁଆଁ କୁଆଁ କରି କାନ୍ଦିଲ !"

ମୁଁ କହିଲି " କାହିଁକି?"

" ତୁମର ଆଜି ଜନ୍ମ ହେଲାପରା" ସେ ମୋତେ କହିଲେ " ତୁମେ କେଉଁ ଫ୍ରଂଣ୍ଟରେ କାମ କରିବ ? "

ମୁଁ କହିଲି "ଛାତ୍ର ଫ୍ରଂଣ୍ଟରେ "

ସେଇଦିନୁ ମୁଁ ହୋଇଛି ଛାତ୍ର କମ୍ୟୁନିଷ୍ଟ । ପିଲାଏ ମୋତେ କମ୍ରେଡ ବୋଲି ଡାକନ୍ତି । ସେତିକି ମନ ହିଁ ମୋର କମ୍ରେଡତ୍ୱର ଚିହ୍ନ । ମୁଁ ଧ୍ୱଂସବାଦୀ କମ୍ରେଡ ନୁହେଁ । ଶାନ୍ତିପ୍ରିୟ କମ୍ରେଡ । କାରଣ ଏଇ କମ୍ରେଡତ୍ୱରେ ଝୁଣ୍ଡ ନାଇ ଝିଙ୍କା ନାହିଁ ପୋଲିସର ଲାଲ ପଗଡ଼ିର ଭୟ ନାହିଁ ; ଅଛି ଖାଲି ପ୍ରତ୍ୟହ ହୋଟେଲର ଚା-କାପ୍‌ସ୍ଟେନ ସିଗରେଟ୍ ଆଉ .........



Digitized by srujanika@gmail.com

# ହେ ମୋ ପ୍ରିୟତମ

ଲେଖକ—ପାଞ୍ଚହନୁ

( ୧୦ମ ସଂଖ୍ୟାରେ ପ୍ରକାଶିତ ଶ୍ରୀ ଯଦୁନାଥ ଦାଶ ମହାପାତ୍ରଙ୍କ 'ହେ' ମୋ ପ୍ରିୟତମ' କବିତାର ଅନୁକରଣ—parody )

ହେ ମୋ ପ୍ରିୟତମ ନଷ୍ଟେ ପାରିବ ଗୃଲ,
ପୀଚ ବସ୍ତ୍ରଯୁକ୍ତ ବଣିଜ ବହୁଳ ପଥେ,
ଷ୍ଟୁଡ଼ବେକରରେ ତମର ଦୋସ୍ତ ସାଥେ,

ତମେ ବସିଥିବ ପଛ ସିଟେ ଧୀରେ ଚଳ ।
ମଳୟ ଯହିଁ ମୋ ମଲମଲ ଶାଢୀ ଟାଣେ
ପାର୍କପଥରେ ଗୋଲାପ ପାଖୁଡ଼ା ଝଡ଼ି,
'ବାବୁ ପଇସାଟେ' ରଡ଼ି ଯାଉ ଥାଏ ବୁଢ଼ି,
ପ୍ରେମିକା ପ୍ରେମର ପତ୍ର ପଢ଼େ ମନେ ମନେ ।
ହାଲୋ ଡାର୍ଲିଂ କଷ୍ଟରେ ଯିବ ଗୃଲ

(ଯହିଁ) ପ୍ରେମର ଯୁଦ୍ଧରେ ଯୁବକ ହାରଇ ଖାଲି ।
ସିନେମା ହଲ୍‌ରେ କାରପେଟ ବିଛା ତଳ
ଟୀ ପାର୍ଟିରେ ଦୂରେ ପଡ଼ିଥା ମେଲ୍,
ଓଡ଼ଶା ଦେଶରେ ବିଲୁପ୍ତ ହାଓ୍ୟା ଜଳ.
ହାଇହୋ ଶୁଭୁଛି କଷ୍ଟେ ମୁଁ ଯିବ ଗୃଲ ।
ଜୀବନ ଯୁଦ୍ଧେ ଦୂର୍ଜ୍ ଗାଲରେ ବୋଳ
ନର୍ମ ପାଦରେ ତରଳ ଅଲତା ଘେନ,
ରଞ୍ଜିତ କରି ଲିପ୍‌ଷ୍ଟିକ୍ ଓଠ ବେକ
ହାଇହିଲ୍ ପଦେ କଷ୍ଟେ ଯିବ ମୁଁ ଗୃଲ!

ଆହେ ଡାର୍ଲିଂ କଷ୍ଟେ ଯିବ ମୁଁ ଗୃଲ
(ଯହିଁ) ଦୂରନ୍ତ ତମ ସୁରୁଚିର ନିଶ୍ୱାସେ
ଅଙ୍ଗଲତା ମୋ ତଳେ ତଳ ଯାଏ ଆସେ
ଏପାଶ ସେ ପାଶ ନିଶାଭିରି ମଧୁ ବୋଲା
ଏ ଜୀବନ ଖାଲି ସ୍ନୋ ଏସେନ୍ସ୍ ବାସ,
ଏଠି ସବୁଦିନେ ବିଜୁଳି ବତୀର ଯାତ,
ମନ୍ଦାକିନୀ ଜଳ ଯୋଗ୍ରା ପାଟରେ ସ୍ୱସ
ଗ୍ରାମୋଫୋନ ଅବା ରେଡ଼ିଓ ଗାନରେ ମାତ
କାଠଯୋଡ଼ି କୂଳେ ଟର୍ଚ୍ଚ ଲାଇଟ ଜାଳି
ହେ ମୋ ପ୍ରିୟତମ କଷ୍ଟେ ପାରିବ ଗୃଲ ।

# ବିଶ୍ୱନାଥ ଅଳି

ଶ୍ରୀ ମନୋଜ କୁମାର ଦାସ

( ବାସଗାଳ କନ୍ଦର ହେ—ବୃଶେ )

ବାସ, ଭୁବନେଶ୍ୱର ହେ,
କଳିଙ୍ଗ ମହୀଧର
ଧରବସ୍ତୁସୁନ୍ଦର ହେ,
କଳିଙ୍ଗ ମହୀଧର!
ସଟେଲ ନନ୍ଦନ ଛନ୍ଦ କନ୍ଦର ହେ—
ବିଶାଳ ବସୁଧର!
ଭୁଚ୍ଛା ଡ଼ମାଣ୍ଡରୁ ଥରଗଲେ ଛଡ ହେ
ଥରଗଲେ ଛଡ
ମନ୍ତ୍ରୀ ବୋଲାଇବ କେଉଁ ଗୁଣରେ ?
ମାତରହ ସଦା ବିହାରେ ବାଗରେ
ମୋ ପାଇଁ କଳଲ ଲଟ ଦୁଆର ହେ

ବଦାପଥର, ମଳି ଏଥର
(ଯଦି) ଏତେ କଥା ଥିଲି ପେଟ ଭିତର
ଉଆଁ ଣିଂ ଆଗୁ କପାଁ ନକର କଳିଙ୍ଗା ଖଣ୍ଡବର
ଦାଶ ବର୍ଷ ତଳେ ପଡ଼େ କା ମନେହେ,
ମନେକା ପଡେ
(ଥରେ) ସ୍ୱର୍ଗେ ବସିଥିଲ ମୋହବି ପାଇଁ
ସୁଭିପେ କହ
ଗୃହ ତନ୍ତ୍ର-ସୁଦର୍ଶନ ଭ୍ରମହସ୍ତେ,
ସେତେବେଳେ ଦେଖି ନଥିଲେ କେହ
( ଅହୋ ) ବନ୍ଧୁ ପ୍ରବର, ବୃଝ ଏଥର

( ସେବେ ) ଛାଡ ନଥିଲ 'ମାସିକ ହୁଂକାର'
(କେତେ) ନିଃସହାୟ ଥିଲ ବନ୍ଧୁ ପ୍ରବର
କଳିଂଗ ଖଣ୍ଡବର
(ଆଜି) ବେତ ପଣେ ବଡ ପଡାକା ବାଙ୍କିତ,
ସୁସସୁରି ମୋତେ କରିଲ ପର
ପଟେଲ ଭ୍ରମର-ରଖ ଏଥର
ଛଡ଼ାଇନେଉଛ ବଡା ପତର
ହାର୍ଟଫେଲ୍ କରି ମଇ ଏଥର
ବିଶାଳ ବସୁଧର
ବାସ ଭୁବନେଶ୍ୱର—



Digitized by srujanika@gmail.com

# ଗ୍ରନ୍ଥାଗାର

## ପ୍ରବନ୍ଧ

ଜୀବନ ପଥ—ଡା-ମାୟାଧର ମାନସିଂହ ୧୧୫—ମୂଲ୍ୟ ୧।୦ । ଜୀବନପଥ ଗୋଟିଏ ନୂଆ ପ୍ରକାର ବହି ଯାହା ଓଡ଼ିଆରେ ନଥିଲା । ଏଥିରେ ମାନବର ସାମାଜିକ ଓ ବ୍ୟକ୍ତିଗତ ଜୀବନ ଓ ଜୀବନର କେତେଗୁଡ଼ିଏ ଜଟିଳ ସମସ୍ୟାର ଆଲୋଚନାମୂଳକ ସାତଗୋଟି ପ୍ରବନ୍ଧ ସନ୍ନିବେଶିତ । ଯଥା ସମାଜ ଓ ରାଷ୍ଟ୍ର, ପ୍ରେମ ଓ ବିବାହ, ଶ୍ରମ କୌଶଳ, ଧର୍ମ ଜୀବନ, ନିଜ ଦାୟିତ୍ୱ, ସୁସ୍ଥ ଶରୀର ଓ ବ୍ରହ୍ମ । ବିଷୟ ଗୁଡ଼ିକ ଏକରୁ ଆରେକ ଜଟିଳ ଲୋକ ଏହିସବୁ ଗୋଳକ-ଧନ୍ଦାରେ ପଡ଼ି ଘାବୋର ଯାଏ ଓ ପଦେ ପଦେ ଝୁଣ୍ଟି ହାବୁଡ଼ ଖଟଡ଼ା ବି ଖାଏ । ଏ ପୁସ୍ତକ ପ୍ରଦର୍ଶିତ ମାର୍ଗ ଯେ ସମସ୍ତଙ୍କ ପକ୍ଷରେ ସୁଗତ ଓ ସୁକର ତାହା ନହେଲେ ମଧ୍ୟ ଏ ପୁସ୍ତକ ପଢ଼ିବା ଦ୍ୱାରା ପାଠକ ନିଜର ସମସ୍ୟା ସମାଧାନରେ ଯଥେଷ୍ଟ ସହାୟତା ପାଇବେ ବୋଲି ଆମର ବିଶ୍ୱାସ । କବି ମାନସିଂହ ଏଥିରେ ପ୍ରମାଣ କରିଛନ୍ତି ଯେ ସେ କେବଳ ପଦ୍ମବନ୍ଦ୍, କଳନା ବିଳାସୀ କବି ନୁହନ୍ତି ବାସ୍ତବ ଓ କଠୋର ଜୀବନ ରଣ-କ୍ଷେତ୍ରରେ ଜଣେ ଅଭିଜ୍ଞ ସୈନିକ ମଧ୍ୟ ଏତିକି ଦୁଃଖର କଥା ଯେ ଏତେ ସୁନ୍ଦର ପୁସ୍ତକଟି ଅସମ୍ପୂର୍ଣ୍ଣ ରହିଥିବା ପରି ଲାଗୁଛି । ଅବଶ୍ୟ ସମସ୍ୟାର ସୀମା ନାହିଁ । ତଥାପି ଲେଖକ ଏ ପୁସ୍ତକର ଦ୍ୱିତୀୟ ଭାଗ ଲେଖିବାରେ ପ୍ରୟାସୀ ହୋଇ ଆମ ସାହିତ୍ୟର ବଡ଼ ଅଭାବ ପୂରଣ କରନ୍ତୁ ।

## ରାଜନୀତି

ପାକିସ୍ତାନ-ଶ୍ରୀ [illegible]ବିହାରୀ ଦାସ—୩୬ ପୃଷ୍ଠା ପୁସ୍ତକର ମୂଲ୍ୟ ୮୦ ଓଡ଼ିଆରେ ରାଜନୈତିକ ପୁସ୍ତକ ପ୍ରଣୟନର ପ୍ରଣାଳୀ ଅତି ଆଧୁନିକ, କିନ୍ତୁ ଖୁବ୍ ଉତ୍ସାହପ୍ରଦ ନୁହେଁ । ସବୁ ଜାତି ଉପରେ ରାଜନୀତିର ଯେଉଁ ଏକଛତ୍ର ଆଧିପତ୍ୟ ଚାଲିଛି ଓଡ଼ିଆ ପାଠକ ସେ ଅତ୍ୟାଚାରର ପ୍ରତି ସତର୍କ ବା ସଜାଗ ନୁହନ୍ତି । ତେଣୁ ରାଜନୈତିକ ସାହିତ୍ୟ ପ୍ରତି ଅବହେଳା, ଗଳ୍ପ ଉପନ୍ୟାସରେ ଭୁଲି ରହିବା ଜାତିକୁ ଦିବାସ୍ୱପ୍ନ-ବିଳାସୀ କହିବା ଅନ୍ୟାୟ ହେବ ନାହିଁ । ସେହି ଦୃଷ୍ଟିରୁ ପାକିସ୍ତାନ (ଏହା ପ୍ରକୃତରେ ପାକିସ୍ଥାନ ହେବା ଉଚିତ ଥିଲା) ବଜାରରେ ଖୁବ୍ ଆଦୃତ ନହୋଇ-ପାରେ କିନ୍ତୁ ଅତି କ୍ଷୁଦ୍ର ହେଲେହେଁ ଗୋଟିଏ ବିଶିଷ୍ଟ ଅଭିଧାନ ଗ୍ରନ୍ଥ ରୂପେ ବିବେଚିତ ହେବ । ପାକିସ୍ଥାନର ଇତିହାସ ମାତ୍ର କେତେବର୍ଷ ହେଲେହେଁ ତାହା ଯେ ଏକ ଚମକପ୍ରଦ ଐତିହାସିକ ବିବର୍ତ୍ତନର ପରିଣାମ ଏଥିରେ ସନ୍ଦେହ ନାହିଁ । ଏ ପୁସ୍ତକ ଲେଖି ଲେଖକ ଜନସାଧାରଣଙ୍କର ଯଥେଷ୍ଟ ଉପକାର କରିଛନ୍ତି

## ଗଳ୍ପ ଉପନ୍ୟାସ

ଲକ୍ଷ ଯୋଜନର ଦୂରେ—ନାମଟି ଲକ୍ଷ ଯୋଜନ ଦୂରେ ବା ଦୂରରେ କରିଥିଲେ ସୌନ୍ଦର୍ଯ୍ୟ ନଷ୍ଟହୋଇ ନଥାନ୍ତା । ବଙ୍ଗଳା ମୋହ ଆମ ଲେଖକମାନଙ୍କୁ ନାମ ନିର୍ବାଚନ ବେଳେ ବେଶ୍ ଘାରିଦେଉଛି । ଷଷ୍ଠୀ ବିଭକ୍ତିରେ ଅଯଥା 'ର' ପ୍ରୟୋଗକୁ ଓଡ଼ିଆ ଭାଷା ବହୁସ୍ଥାନରେ ଅବହେଳା କରୁଛି । ତଦ୍ଦ୍ୱାରା ଭାଷାର ସୌନ୍ଦର୍ଯ୍ୟ ବଢ଼ିଛି-ଛଡ଼ିନାହିଁ । ଅବଶ୍ୟ 'ର'କୁ ବଙ୍ଗଳାପରି 'ର୍' ଉଚ୍ଚାରଣ କଲେ ଅର୍ଥାତ୍ 'ଯୋଜନାର ଦୂରେ' ନକହି 'ଯୋଜନ'ର୍ ଦୂରେ' କହିଲେ 'ଝିଅର ଶେଷେ' ନକହି 'ଝିଅ'ର୍ ଶେଷେ' ମାଟିର ମଣିଷ' ନକହି 'ମାଟି'ର୍ ମଣିଷ' କହିଲେ ଚଳିଯିବ । ମାତ୍ର ସେ ପ୍ରଚଳନ ସମୀଚୀନ କି ନୁହେଁ ତାହା ସୁଧୀଜନେ ବିଚାର କରନ୍ତୁ ।

ପୁସ୍ତକଟିର ଲେଖକ ସାହିତ୍ୟରେ ନବାଗତ ୫୮ ପୃଷ୍ଠାର କ୍ଷୁଦ୍ର ଗଳ୍ପ—ଗୋଟିଏ ସ୍ତ୍ରୀ ଗୋଟିଏ ପୁରୁଷ ଭିତରେ ଚିଠିପତ୍ର ଆଦାନ ପ୍ରଦାନ ଛଳରେ ଲିଖିତ । ଆମ ସମାଜରେ ପୁଅ ଝିଅଙ୍କର ପ୍ରଣୟକୁ ଅଭିଜ୍ଞ ଅଭିଭାବକମାନେ ସୂଚିତ କରିଦେଉଥିଲେ । କାରଣ ଯୌବନରେ କାମନା-ପ୍ରବଳ ପ୍ରବୃତ୍ତି ପ୍ରକୃତ ଜୀବନ ସାଥି ବାଛିବାରେ ଅନ୍ତରାୟ ହୋଇଥାଏ । ସେଥିପାଇଁ କେବଳ ବାପ ମା, ସମାଜ, ବନ୍ଧୁବର୍ଗ ନୁହନ୍ତି ବରକନ୍ୟା ନିର୍ବାଚନରେ ଗୋଟାଏ ବିଜ୍ଞାନର ହସ୍ତକ୍ଷେପକୁ ମଧ୍ୟ ସହ୍ୟ କରିଯାଉଥିଲା । ଜ୍ୟୋତିଷଶାସ୍ତ୍ର ବରଂ ସବୁଠାରୁ ବଡ଼ ବିଚାରକ ହୋଇ ଠିଆହେଉଥିଲା । କିନ୍ତୁ କ୍ରମେ ସମାଜ, ଅଭିଭାବକ ଓ ଜ୍ୟୋତିଷ ନେ ନିଜର ଅଧିକାରର ଅପବ୍ୟବହାର କଲେ । ଫଳରେ ଆଜି ଯୁବକ-ଯୁବତୀ ତରୁଣ ତରୁଣୀମାନେ ବିଦ୍ରୋହ କରି ନିଜ ଜୀବନସାଥି ନିର୍ବାଚନର ଦାୟିତ୍ୱ ନିଜ ମୁଣ୍ଡରେ ବହିବାର ଚେଷ୍ଟାରେ । ଏତିକିବେଳେ ପୁରୁଣା ପନ୍ଥୀ ସ୍ଥାନେ ସ୍ଥାନେ ନିଜ ଅସ୍ତିତ୍ୱର ଘୋଷଣା କରୁଛନ୍ତି । ସେହିଠାରେ ହିଁ 'ମନ'ର ଦେଖାଇ ଚରଣେ ବିବାହ । ଏ ଘଟଣା ବହୁ ଆମ ଦେଶର ବହୁ କଥା ଉପନ୍ୟାସରେ ମିଳେ ନାୟକ ଶ୍ରୀକାନ୍ତ ମଧ୍ୟ ଅନ୍ୟତ୍ର ବିବାହ କରିଛି ସାମାଜିକ ସାଧାରଣ ଘଟଣା କ୍ରମରେ । କିନ୍ତୁ ବିବାହ ପରେ ଦୁଇ ପିଲାଙ୍କର ବାପ ମା ହୋଇ ମଧ୍ୟ ପ୍ରଥମ ପ୍ରଣୟକୁ କେହି ଭୁଲିପାରି ନାହାନ୍ତି । ଏହି ସମସ୍ୟା ଉପସ୍ଥାପନ କରି ଲେଖକ ସମାଧାନ କରିଛନ୍ତି—ନାୟକର ଝିଅ ପୁଅ ଓ ନାୟିକାର ପୁଅ ଝିଅଙ୍କ ମିଳନର ସ୍ୱପ୍ନ ଭିତରେ । ସମାଧାନଟି ବଡ଼ ମନସ୍ତତ୍ତ୍ୱମୂଳକ ଏବଂ ବାସନା ଚରିତାର୍ଥର ଗୋଟିଏ ଉର୍ଦ୍ଧ୍ୱଗ (sub limated) ରୂପକୁ ତେଣୁ ସ୍ପୃହଣୀୟ । କିନ୍ତୁ ବିବାହିତ ଓ ବିବାହିତା ଦୁଇଟି ଭିନ୍ନ ପୁରୁଷ ସ୍ତ୍ରୀଙ୍କ ଭିତରେ ପ୍ରେମ ପତ୍ର ଆଦାନ ପ୍ରଦାନ ପୁସ୍ତକର ଆଦର୍ଶକୁ କ୍ଷୁଣ୍ଣ କରୁଛି । ମନୁଷ୍ୟ ମନରେ ଅନେକ ପାପ ବା ଅନ୍ୟାୟର ଅବାଞ୍ଛିତ ବାସନାର ଛାୟା ଉଠେ ସେ ସବୁକୁ ସଂଯତ ରଖିବାର ନାମ କୃଷ୍ଟି—ସାମାଜିକ ଆଚାର । ତାକୁ ଖୋଲି କରିଦେଲେ ସମାଜ ବଡ଼ ଅସୁନ୍ଦର ହୋଇଯାଆନ୍ତା । ସେହି ଦୃଷ୍ଟିରୁ ବିଚାର କରିପାରିଥିଲେ ଭଲ ହୋଇଥାନ୍ତା ବୋଲି ମନେ ହେଉଛି ।

ବହିଟିର ମୂଲ୍ୟ—ମାତ୍ର ବାରଅଣା ।

## ନାଟକ

ନକ୍ସଲାଡ଼—(ନାଟକ) ଶ୍ରୀମାୟାଧର ମାନସିଂହ—ପୃ ୫୨ପୃଷ୍ଠା—ମୂଲ୍ୟ ଆଠଅଣା । ଆଧୁନିକ ସମାଜର ଗୋଟାଏ ଦୈନନ୍ଦିନ ଚିତ୍ର ଏ ନାଟକର ବିଷୟ ବସ୍ତୁ । ଗୋଟିଏ ଶିକ୍ଷିତା ବାଳିକାର ଏକ ଯୁବକ ସହିତ ବିବାହ ସ୍ଥିର ହୋଇଥିଲା । ସେମାନେ ପରସ୍ପର ପ୍ରତି ନିବିଡ଼ ଆକୃଷ୍ଟ ହୋଇଥିଲେ । ମାତ୍ର କୁଚକ୍ରୀଙ୍କ କଥାରେ ଭୁଲି ମା' ବାପ ଅନ୍ୟ ଯୁବକ ସହିତ କନ୍ୟାର ବିବାହ ଦେଇଥିଲେ । ଫଳରେ ବାଳିକାଟି ଆତ୍ମହତ୍ୟା କରି ଅପମାନ ଓ ସନ୍ଦେହରୁ ମୁକ୍ତି ଲଭିଲା । ନାଟ୍ୟକାର ଏ ସମସ୍ୟାର ସମାଧାନ ନକରି ନାଟକଟିକୁ ବିୟୋଗାନ୍ତକ କରିଦେଇ ପଳାୟନ-ପନ୍ଥା (escapism) ର ଆଶ୍ରୟ ନେଇଛନ୍ତି । ଆଜିକାଲିକାର ଶିକ୍ଷିତ ବାପ ମା ଏପରି ଭୁଲକରିବା ହେତୁ ଅନେକ ତରୁଣଙ୍କ ଜୀବନ ଭସ୍ମସାତ୍ ହୋଇଯାଉଛି କିମ୍ବା ତୁଷାନଳରେ ଦଗ୍ଧ ହେଉଛି ।



Digitized by srujanika@gmail.com

ସ୍ନେହର ନାଗ ନାଗୁଣୀମାନେ,

ଆମ୍ଭମାନଙ୍କ ସମାଜ ନାନାପ୍ରକାର କୁସଂସ୍କାରରେ ପୂର୍ଣ୍ଣ । ତା' ପରେ ଆମ୍ଭମାନଙ୍କ ଉପରେ ଯେତିକି ପାଶ୍ଚାତ୍ୟ ଶିକ୍ଷାର ଆବହାଓ୍ୱା ଲାଗୁଛି, ସେତିକି ଆମର ନୈତିକ ଅଧଃପତନ ଘଟୁଛି । ଅନ୍ତତ ଧର୍ମ ଅଧର୍ମ ଭାବି ଯେଉଁ କାର୍ଯ୍ୟ ତଥା କଥିତ ଅଶିକ୍ଷିତମାନେ କରିବାକୁ କୁଣ୍ଠାବୋଧ କରୁଥିଲେ ବର୍ତ୍ତମାନର ଶିକ୍ଷା ପ୍ରଭାବରେ ଆମ୍ଭେମାନେ ଅମ୍ଳାନ ବଦନରେ ତାହା କରିଯାଉଛୁ । ବର୍ତ୍ତମାନର ଆଲୋଚ୍ୟ ଗୋଟିଏ ବିଷୟ ଦେଖାଯାଉ । ଓଡ଼ିଶାରେ ଅବୈଧଶିଶୁର ଜନ୍ମସଂଖ୍ୟା ଅଳ୍ପ ନୁହେଁ । ଉତ୍କଳର ପୁରପଲ୍ଲୀକୁ ବାଦଦେଲେ କେବଳ ଯେ କେତେଟି ପ୍ରସୂତି—ଚିକିତ୍ସାଳୟ ଅଛି ସେଠାରେ ଅନ୍ତତଃ ପ୍ରତିବର୍ଷ ଶତାଧିକ ଶିଶୁ ଜନ୍ମଲାଭ କରୁଛନ୍ତି । ଏମାନେ ଗର୍ଭଧାରିଣୀର ଘୃଣିତ ସ୍ୱାର୍ଥ । ପ୍ରସବପରେ ସଦ୍ୟଜାତ ଶିଶୁଟିକୁ ଯାହାକୁ ତାକୁ ବିକ୍ରୟ କରିଦେଇ ବା କେଉଁ ନହେଲେ ମୃତ୍ୟୁ ହାତରେ ଦେଇ ସେ ତାର ପୂର୍ବସ୍ଥାନକୁ ଚାଲିଯାଉଛି । ଯେଉଁମାନେ ଶିଶୁଗ୍ରହଣକାରୀଙ୍କର ସୁସ୍ଥ ସବଳ ଦେହ ବା ସୁନ୍ଦର ରୂପ ଦେଖି ନେଉଛନ୍ତି, ସେଠାରେ ହୁଏତ ସ୍ୱାମୀର ଆଗ୍ରହ ଥିଲେ ସ୍ତ୍ରୀର ନାହିଁ, ସ୍ତ୍ରୀର ଥିଲେ ସ୍ୱାମୀର ନାହିଁ କେଉଁଠାରେ ବା ପରିବାର ବର୍ଗଙ୍କର ବିପତ୍ତି ଏପରି ବିଡ଼ମ୍ବନାରେ ଶିଶୁର କୋମଳପ୍ରାଣ ଟିକିବା ଅସମ୍ଭବ । ତା' ପରେ ଉଚ୍ଚବର୍ଣ୍ଣର ହିନ୍ଦୁମାନେ ତ ଏ ଜାତିର ସନ୍ତାନଙ୍କୁ ସ୍ପର୍ଶ କରିବେ ନାହିଁ, ଯେଉଁମାନେ ଏମାନଙ୍କୁ ଗ୍ରହଣ କରନ୍ତି ସେମାନେ ସାଧାରଣତଃ ନିମ୍ନବର୍ଣ୍ଣର ଦରିଦ୍ର । ସ୍ନେହ ବା ଦୟା ପରବଶ ହୋଇ, ସେମାନେ ନିଜର ଗ୍ରାସାଚ୍ଛାଦନ ପାଇ ଗର୍ଭଜାତ ସନ୍ତାନକୁ ଫିଙ୍ଗି ରଖି ମୂଲ ଲାଗିବାକୁ ଯାନ୍ତି, ଅନ୍ୟ ଗୋଟିଏ ଶିଶୁକୁ ଲାଳନ ପାଳନ କରି ବଢ଼ାଇବାକୁ ତାଙ୍କର ସମୟ ଓ ସାମର୍ଥ୍ୟର ଏକାନ୍ତ ଅଭାବ । ଏହିପରି ଅଭାବ ଅନଟନରେ ମୃତ୍ୟୁ ସଙ୍ଗରେ ଲଢ଼ି ଯେଉଁ ବୀର ଶିଶୁ ବଞ୍ଚିରହେ ତାର ସଂଖ୍ୟା ଶହେରେ ଏକ କି ଦୁଇ !

ଏହି ଅବାଞ୍ଛିତ ଶିଶୁମାନଙ୍କୁ ଦେଖିଲେ ମନେ ହେବ ନାହିଁ ଯେ ସେମାନେ ଶସ୍ୟଶ୍ୟାମଳ ପରମାୟୁ ଦେଇ ପୃଥିବୀକୁ ଆସିଛନ୍ତି । ମାତୃ ଗର୍ଭରେ ସଞ୍ଚରିଲା ଦିନୁ ସେମାନଙ୍କୁ ନଷ୍ଟ କରିବାକୁ କେତେ ଯେ ଅମାନୁଷିକ କୌଶଳ ପ୍ରୟୋଗ କରାଯାଏ ତାର ଇୟତ୍ତା ନାହିଁ କିନ୍ତୁ 'ରଖେ ହରି ମାରେ କିଏ !' କୌଣସିମତେ ଭ୍ରୂଣ ଅବସ୍ଥାଟା କଟିଯାଏ । ଖୁବ୍ ଅଳ୍ପ ଶିଶୁଙ୍କୁ ବାଦ ଦେଲେ ଦେଖିବେ ସେମାନେ କେତେ ସୁନ୍ଦର ଓ ସ୍ୱାସ୍ଥ୍ୟବାନ । ଥରେ କଟକ ହାସ୍ପିଟାଲ୍‌ରେ "ସିଜାରିୟାନ୍ ସେକସନ୍" ଦ୍ୱାରା ଦୁଇଟି ଯମଜ ଶିଶୁ ଭୂମିଷ୍ଠ ହୋଇଥିଲେ ଯାହାଙ୍କର ମୋଟ ଓଜନ ଚଉଦ ପାଉଣ୍ଡ ଥିଲା । ଗୋଟିଏ ବା ସାତ ପାଉଣ୍ଡ ସନ୍ତାନ ଗର୍ଭରେ ଧାରଣକରି ଜନନୀ ପକ୍ଷରେ ଚଲାବୁଲା ହେବା କେତେ କଷ୍ଟକର ବ୍ୟାପାର ! କ୍ରମଶଃ—

ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ

ପୌଷ ଦ୍ୱିତୀୟାର୍ଦ୍ଧ ୧୩ଶ ବର୍ଷ ୧୪ସଂଖ୍ୟା ୧।୨।୫୦

## ମୌଲାନା ଆଜାଦ

ମୌଲାନା ଆଜାଦ ଉତ୍କଳକୁ ଆସି ଜନସାଧାରଣଙ୍କୁ କେତେକ ସାଧୁଉପଦେଶ ଦେଇଯାଇଛନ୍ତି । ବିଶେଷତଃ କଂଗ୍ରେସ ଅନୁଷ୍ଠାନ ପ୍ରତି ତାଙ୍କର ଉପଦେଶ ବଡ ଉପାଦେୟ । ଅବଶ୍ୟ ଏଠା ଅବସ୍ଥାର ସେ ଯେତେ ପ୍ରଶଂସା କରିଛନ୍ତି ସେଥିପାଇଁ ତାଙ୍କୁ ଧନ୍ୟବାଦ ଦେବା ଧନ୍ୟବାଦିତର କର୍ତ୍ତବ୍ୟ—ମାତ୍ର ପ୍ରଶଂସା "ପ୍ରାୟ ସବୁସମୟରେ ଅନ୍ତହୋଇଥାଏ ବକ୍ତୃତାରେ ଶଂସିତ ଲୋକ ମୁଖରେ ।

ମୌଲାନା ସାହେବ କହିଛନ୍ତି ସ୍ୱାଧୀନତା ରୂପକ ଅସ୍ତ୍ରର ସଦୁପଯୋଗ କରି ତାର ଫଳ ଆହରଣ କରିବାପାଇଁ ଆଉ କିଛିଦିନ କଷ୍ଟ ସହିବାକୁ ପଡିବ । ଏହା ଅତି ସୁବିବେଚିତ ଉକ୍ତି । ମାତ୍ର ଗୋଟାଏ ମନସ୍ତାତ୍ତ୍ୱିକ ପରିସ୍ଥିତି ଏ ଉକ୍ତି ସହଜରେ ସୃଷ୍ଟି କରେ । ସ୍ୱାଧୀନତା ହାସଲ ପାଇଁ ମୌଲାନା ଯେତେବେଳେ ଲୋକଙ୍କୁ କଷ୍ଟ ସହିବା ପାଇଁ ସେଇ କଂଗ୍ରେସ ମଞ୍ଚରୁ ଆହ୍ୱାନ କରିଥିଲେ ସେତେବେଳେ ଲୋକେ ଶିର ନତ କରି ତାହା ଶୁଣୁଥିଲେ କାହିଁକି—ଏବଂ ଆଜିପୁଣି କଷ୍ଟସହିବା ଆବଶ୍ୟକ ବୋଲି ଉକ୍ତି ଉଠିଲାବେଳେ ଲୋକ ମୁଖରେ ବିଦ୍ରୂପମୂଳକ ହସ ଓ କଠୋରର ମୁଦ୍ରା କାହିଁକି ?

ମୌଲାନା ସାହେବ ଅନ୍ୟତ୍ର ଅନ୍ତରାଳରେ ତାର ଉତ୍ତର ଦେଇଛନ୍ତି—କଂଗ୍ରେସ କର୍ମୀମାନେ ଯଦି ସ୍ୱାଧୀନତାର ଲାଭ ଉଠାଉଥାନ୍ତି ତେବେ ସେମାନେ ଦେଶର ଶତ୍ରୁ । ଆଜି ଅବସ୍ଥା ସେହି ଆକାର ଧରିଛି । ଯେଉଁମାନେ ଦେଶର ମେରୁଦଣ୍ଡ—ତ୍ୟାଗର ପ୍ରତୀକ ଆଦର୍ଶର ଧାରକ ଥିଲେ ସେମାନେ ଆଜି ସ୍ୱାର୍ଥର ଅନ୍ଧକାରରେ ଆତ୍ମହରା । ପ୍ରତ୍ୟେକ ପ୍ରାଦେଶିକ କଂଗ୍ରେସ ଭିତରେ ମତଦ୍ୱୈଧ ଏଇ ସୁବିଧା ଓ ଲାଭ ଉଠାଇବାର ସୁଯୋଗ ନେଇ; ମନ୍ତ୍ରୀମଣ୍ଡଳ ଏବଂ କଂଗ୍ରେସ ମଧ୍ୟରେ ବିବାଦର ମୂଳମଧ୍ୟ ଏଇ ସ୍ୱାର୍ଥ । ଉତ୍କଳର କଂଗ୍ରେସ ଓ ମନ୍ତ୍ରୀମଣ୍ଡଳ ମଧ୍ୟରେ ସେ ଭଳି ଦ୍ୱୈଧ ନାହିଁ ବୋଲି ମୌଲାନା ସାହେବ ଯେଉଁ ଆନନ୍ଦ ପ୍ରକାଶ କରିଛନ୍ତି ତାହା ତାଙ୍କର ସମସ୍ୟାଭିଜ୍ଞ ହେତୁ ବାହ୍ୟକ ଅନୁଭୂତି ହୋଇ କିମ୍ବା ତାଙ୍କର ପ୍ରଦର୍ଶକମାନଙ୍କର ଛଦ୍ମ ବେଶ ଧାରଣର କୁଶଳତାରୁ ସମ୍ଭବ ହୋଇଛି । ଉତ୍କଳରେ ଉପର ଶ୍ରେଣୀର କଂଗ୍ରେସ କର୍ମୀ ବା ନେତାଙ୍କ ସଂଖ୍ୟା ଅଳ୍ପ । ସୁବିଧା ଓ ସୁଯୋଗକୁ ସେମାନେ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଛନ୍ତି । ଏପରି କି ଉତ୍କଳ କଂଗ୍ରେସ କମିଟିର ସଭାପତି ଓ ସେକ୍ରେଟାରୀମାନଙ୍କୁ ପାର୍ଲିଆମେଣ୍ଟାରୀ କାର୍ଯ୍ୟରେ ନିଯୁକ୍ତ କରି ସ୍ୱାର୍ଥସାଧନର ସମସ୍ତ ସୁଯୋଗ ଦିଆଯାଇଛି । ଏଥିରେ ତ୍ୟାଗର 'ସାମାନ୍ୟ ସୁଗନ୍ଧ' ମଧ୍ୟ ମିଳିବା କଷ୍ଟକର । ତେଣୁ କଂଗ୍ରେସ କମିଟି ଓ ମନ୍ତ୍ରୀମଣ୍ଡଳ ବା ପାର୍ଲିଆମେଣ୍ଟାରୀ ଦଳ ଭିତରେ ଦ୍ୱୈଧର ଅବକାଶ ନାହିଁ । ସମୟ ସମୟରେ ଉଚ୍ଚ ଆସନ ପାଇଁ ଯେଉଁ କଳହ ଲାଗେ ତାହା ଭିତରେ ହିଁ ହୁହୁଳ ହୋଇ ରହିଯାଏ । କାରଣ ବାହାରକୁ ବାହାରିବାରେ ସମୂହ ସ୍ୱାର୍ଥର ସର୍ବନାଶ ସମ୍ଭାବନା । ଏଇ ଉଚ୍ଚ ବା ଶିକ୍ଷିତ ଶ୍ରେଣୀର କଂଗ୍ରେସ କର୍ମୀଙ୍କୁ ଛାଡିଦେଲେ ଅନ୍ୟମାନେ ଗାଁ ଗହଳର ମୂର୍ଖ— ସେମାନଙ୍କର ପାଟି ଭଣ୍ଡ କରିବାରେ କ୍ଷମତା ନାହିଁ ।

ଏ ପରିସ୍ଥିତି ବାହାରକୁ ସୁନ୍ଦର ଶୋଭନ ହୋଇପାରେ କିନ୍ତୁ ଏହାଦ୍ୱାରା କଂଗ୍ରେସର ସୁସ୍ଥ ଅବସ୍ଥା ସୂଚାଉ ନାହିଁ । କଂଗ୍ରେସ ଭଳି ତ୍ୟାଗମୂଳକ ରାଜନୈତିକ ଦଳର ଅଧୋଗତି ହେଲେ—ଆଦର୍ଶର ଅଧୋଗତି ହେଲେ—ଦେଶର ଅବସ୍ଥା ସହଜ ଅନୁମେୟ ।

## ଶିକ୍ଷା

କେନ୍ଦ୍ରୀୟ ଶିକ୍ଷା ପରାମର୍ଶ ପରିଷଦର ବୈଠକ କଟକରେ ହୋଇଯାଇଛି । ମାନନୀୟ ଶ୍ରୀଯୁକ୍ତ ଆସଫଅଲିଙ୍କ ତାତ୍ପର୍ଯ୍ୟପୂର୍ଣ୍ଣ ଭାଷଣ ପ୍ରତି ଦୃଷ୍ଟିପାତ ଆବଶ୍ୟକ । ସେ କହିଛନ୍ତି ଅଜ୍ଞାନତା ପାପ ଅଛି, ମାତ୍ର ଅର୍ଦ୍ଧପକ୍ୱ ଜ୍ଞାନ ଏବଂ ଭ୍ରମାଦପୂର୍ଣ୍ଣ ଚିନ୍ତାର ଫଳ ଅପରିମିତ କ୍ଷତିକାରକ । କାରଣ ଜ୍ଞାନହିଁ ଶକ୍ତି ଏବଂ ବ୍ୟବହାରିକ ଜୀବନର ଭାବ ସ୍ଥିର କରିବା ପାଇଁ ଯେଉଁମାନଙ୍କ ହାତରେ ଏ ଶକ୍ତି ନ୍ୟସ୍ତ ହୁଏ ସେମାନଙ୍କର ବିଶେଷ ସାବଧାନ ହେବା ଉଚିତ ଯେପରି ଏ ଶକ୍ତି କେବଳ ଅନ୍ୟମାନଙ୍କ ଅମଙ୍ଗଳର ହେତୁ ନହୋଇ ନ୍ୟାୟ ଏବଂ ମଙ୍ଗଳପାଇଁ ନିୟୋଜିତ ହେବ ।

ବାସ୍ତବିକ ଶିକ୍ଷା ଆଜି ଶିକ୍ଷା ପଦବାଚ୍ୟ ନୁହେଁ । ଏହା କେବଳ, ଶିକ୍ଷିତ ବର୍ଗଙ୍କ ହାତରେ ଏକ ବାହ୍ୟ ଶୋଭାର ଅସ୍ତ୍ର ହୋଇ ରହିଛି । ମନୁଷ୍ୟର ବୁଦ୍ଧି ଏ ଶକ୍ତିକୁ ଆବୃତ କରି ରଖିବାପାଇଁ ଶିକ୍ଷା ସ୍ତରର ଅଧିକାରୀଙ୍କୁ ସମ୍ମତ କରିବା ସଙ୍ଗେ ସଙ୍ଗେ ତାହାକୁ ସଂଯତ କରିବାର ଉପାୟ ଏବଂ ଯନ୍ତ୍ର ଆବିଷ୍କାର କରନ୍ତୁ । ଆଜି ସାଧାରଣ ଶିକ୍ଷା ବା ଉଚ୍ଚଶିକ୍ଷାର ବହୁଳ ବ୍ୟାପ୍ତିରେ ଅଛି ସଂବାଦପତ୍ର ବା ଗ୍ରନ୍ଥାଗାର, ଚଳଚିତ୍ର ଓ ବେତାର ଯନ୍ତ୍ର । ଏ ତିନୋଟି ଅସ୍ତ୍ରକୁ ସର୍ବତ୍ର—ଏପରିକି କମ୍ୟୁନିଷ୍ଟ ଦେଶରେ ମଧ୍ୟ ସରକାର ନିୟନ୍ତ୍ରଣ କରନ୍ତି । ଆଜି ରାଜ ସରକାର ନଥିଲେ ହେଁ, ଦଳ ସରକାର ତତ୍ତ୍ୱାବଧାନରେ । ଫଳରେ ଏ ତିନୋଟିଯାକ ଅସ୍ତ୍ର ଗୋଟିଏ ଦଳର ପ୍ରଚାରକ ହୋଇ କାର୍ଯ୍ୟ କରିବାକୁ ବାଧ୍ୟ । ଏହାର ପରିଣାମରେ ଶିକ୍ଷା ନିତାନ୍ତ ସଂକୁଚିତ ହେବାକୁ ହେବ । ଶିକ୍ଷାବିତ୍‌ମାନେ ଏହାର ପ୍ରତିକାର ଉଦ୍ଭାବନ କରିବା ସର୍ବାଦୌ ଆବଶ୍ୟକ । ନୂତନ ଆବିଷ୍କାରଠାରୁ ପୁରାତନ ଆବିଷ୍କାରର ସଦ୍‌ବ୍ୟବହାରରେ ହେବ ତାହାର ଆବିଷ୍କାରକଙ୍କ ଆଜି ତ୍ୟାଗୀ ଶିକ୍ଷିତ ସମାଜର ଚିନ୍ତାର ବିଷୟ ।

Digitized by srujanika@gmail.com

# ଡାରେ ଡାରେ ଛାନା ନାନା

ଖରଚ କମ କର— ଅରଜନ ବଢ଼ାଅ— ପଟେଲ ।

...ହଟେଲ ନଗର ବଡ଼ ମହରଗ ।

... ... ...

କମ୍ୟୁନିଜମର ଯୁଦ୍ଧ ଡାକରା—ସୈନ୍ୟଙ୍କ ଡାକରୁଁ ବଳ— ଟ୍ରୁମାନ... କାହିଲେ କି ହେବ କମ୍ୟୁନିଷ୍ଟମନା ଲୋକଙ୍କ ସହଜେ ଛାଡ଼ିବ ।

... ... ...

କଲର ମାଲିକମାନେ ଯଦି ବଣ୍ଟନର ଉଚିତ ପାଇଁ ନ ଉଠନ୍ତି ତେବେ ଦେଶର ଶତ ଲକ୍ଷ ହେବ କହୁ ହେଉନାହିଁ— ନେହେରୁ... ଦେଶ ତାଙ୍କୁ ଉଠେଇଦେବ ।

... ... ...

ସରକାର ଧର୍ଷିତ ନାରୀମାନଙ୍କ ସନ୍ତାନର ରକ୍ଷଣାବେକ୍ଷଣ କରିବେ— ପି, ଟି, ଆଇ

...ଅସାଧୁଜନଙ୍କୁ ରଖି ପଟେଲ ସୁଖ ।

... ... ...

ଅଙ୍କ ଗୋଟିଏ ବୁଦବୁଦ— ଦମୁ—

...କଳାବଜାରୀଙ୍କ ସୁଖ ଅନୁସାରେ ।

... ... ...

ଅଙ୍କ ପ୍ରତି ସରକାରଙ୍କ ଶୁଭ ଦୃଷ୍ଟି ପଡୁ ନାହିଁ— ଦମୁ ...

...ଅଙ୍କ ଯେ ସରକାରଙ୍କ ଉପରେ ଶନି ଦୃଷ୍ଟି ପକାଉଛି ।

... ... ...

ପୃଥିବୀ ଉପରେ ନେହେରୁ ଅନାଇ ରହିଛି— ପଟ୍ଟାଭି

...ପଟ୍ଟାଭି ପୋଷାକ ନେଡ଼ ହେଲେ ପରଦେଶ ।

... ... ...

କଳାବଜାରୀମାନେ ତାଙ୍କ— ଅଭ୍ୟାସ ନ ଛାଡ଼ିଲେ ମୂଳପୋଛ ହୋଇଯିବେ— ନେହେରୁ

...କଳାବଜାର ପଇସାରେ ମୂଳ ଦରକାର ନାହିଁ ।

... ... ...

ମରିବା ଯାଏଁ ମୁଁ ଲଢ଼ିବି— ଶ୍ରୀମତୀ ଚିଆଙ୍ଗକାଇଶେକ ।

...ହତ୍ୱା ବା ପ୍ରାପ୍ୟସେ ସ୍ୱର୍ଗଂ ।

× × ×

ମୁଁ ତମକୁ କଠିନ ଶ୍ରମ ଓ କାର୍ଯ୍ୟମୟ ନବବର୍ଷ କାମନା କରେ— ନେହେରୁ ।

...ଗାଡ଼ୁଆନର ବଳଦଙ୍କୁ ସାନ୍ତ୍ୱନା ।

\+ × +

ଦୈନିକ ଜୀବନ ହାରାହାରୀ ହିସାବ କିତାବ ଉପରେ ନିର୍ଭର କରେ— ବଙ୍ଗଳ କଂଗ୍ରେସ ସଭାପତି ମାହାଲ୍ଲନାବିସ ।

...ମାଉପଙ୍କ ହିସାବର ହାରାହାରୀ ଅସମ୍ଭବ କିନ୍ତୁ ।

× + ×

ଦୁଇ ତିନି ବର୍ଷ ଭିତରେ ଦ୍ୱିତତ୍ତ୍ୱ ଖଣ୍ଡିତ ଭାରତକୁ ଅଖଣ୍ଡ କରିଦେବ... ଖାରେ

...ହାତରେ ଅଠା ରଖିଥିବେ ।

× × ×

ପଣ୍ଡିତ ନେହେରୁ ଭଗବାନଙ୍କ ଭାରତ ପ୍ରତି ସର୍ବଶ୍ରେଷ୍ଠ ଉପହାର... ନାଗପୁର ବିଶ୍ୱବିଦ୍ୟାଳୟ ।

...ସେଥିପାଇଁ ନାମ ଜହର— ମାତ୍ର କାହା ମଥାରେ ଶୋଭିବେ ?

* * *

ଭାରତ ଲାଲ ଚାଇନାକୁ ସ୍ୱୀକାର କଲା— ପି, ଟି, ଆଇ ।

...ବେଲ ଥାଉଁ ଥାଉଁ ଏବେ ଗୋବନ୍ଧ ସୁନ୍ଦର !

* * *

କଳାବଜାରୀଙ୍କୁ ଧରିବା କାଠି କର ପାଠ— ନେହେରୁ ।

... କାଳ ଅନ୍ଧାରରେ ବାଡ଼ି ବୁଲେଇଲେ ବାଜନ୍ତା କି ?

* * ×

ବଙ୍ଗଳାରେ ସାନ ନିର୍ବାଚନ ବନ୍ଦ ହେଲା । ଇତ୍ତାହାର ।

...ଚକେ ଗଲେ ବାର ବୋଡ଼ ।

* * *

ମହାତ୍ମାଜୀଙ୍କର ପରମ୍ପରାଠାରୁ ବଡ଼ ଧର୍ମ ନାହିଁ— ଜଗଜୀବନ ।

...ବଡ଼ କର୍ମୀ ମଧ୍ୟ ନାହିଁ ।

... ... ...

ପୃଥିବୀ ଶାନ୍ତିର ଗୁରୁ ଚାବି ଭାରତ ହାତରେ— ଶ୍ୟାମାପ୍ରସାଦ ।

...କିନ୍ତୁ ଚାବିଟା ପାକିସ୍ତାନ ହାତରେ ।

* * *

ରୁଷ ନେତୃତ୍ୱରେ କୋମିନଫର୍ମ ମାର୍କ୍ସଙ୍କ ପନ୍ଥାରୁ ଖସି ଯାଇଛନ୍ତି— ଟିଟୋ ।

...ନଜାଣି ତାହାଙ୍କ ଗୋଡ଼ ଦଡ଼ାଇଲେ ।

* * ×

ହିନ୍ଦୀ ଆଉ ତାର କ୍ଷୁଦ୍ର ସୀମା ଭିତରେ ରହି ନପାରେ— ରାଜେନ୍ଦ୍ରପ୍ରସାଦ ।

...ଆକାଶରେ ଉଡ଼ିବ ।

* * *

କାଶ୍ମୀରରେ ଜଣେ କଳାବଜାରୀଙ୍କୁ ହଜାର ହଜାର ଲୋକଙ୍କ ଆଖି ଆଗରେ ବେତ ଦଣ୍ଡ ହେଲା— ଖବର ।

...ପିଠି ଫଟେ ନାଲି ବଜାର ହୋଇଥିବ ।

× × ×

ସ୍ତ୍ରୀମାନେ ଶତକଡ଼ା ୫୦ ସ୍ଥାନ ପାର୍ଲିଆମେଣ୍ଟରେ ନିଅନ୍ତୁ— ପଟ୍ଟାଭି ।

...ଅର୍ଧଭାଗିନୀ ।

* * *

ରାଜମୁକୁଟ— କାଉନ୍ସିଲହାଉସ ଉପରୁ ଉଠାଇ ନିଆଗଲା— ସରକାରୀ ଆଦେଶ ।

... ରାଜେନ୍ଦ୍ରଙ୍କ ମୁଣ୍ଡରେ ଶୋଭିବ ।

* * *

ଢାକାରେ ପରଦାପ୍ରଥା ଖୁବ୍ ଚଞ୍ଚଳ ଉଠୁଛି ସମ୍ବାଦ ।

...ପରଦାର ପ୍ରଥା ବଢ଼ିଥିବ ।

* × *

ଓଡ଼ିଶା କଂଗ୍ରେସର ଶାନ୍ତି ଫେରିଛି— ଅଜାଦ ।

...ରାଜଦ୍ୱାରେ ନୁହେ— ଶ୍ମଶାନେ ।

× + +

ସୋସାଲିଷ୍ଟ ପାର୍ଟିକୁ ନାଲି ବାକ୍ସରେ ଭୋଟ ଦିଅ— ପ୍ରଚାର ।

...ଦେଶ ଲାଲ ଲାଲ ହୋଇଯିବ ।

* * *

ଯଦୁମଣି ମଙ୍ଗରାଜଙ୍କୁ କଳା ବାକସରେ ପ୍ରଚାର ।

ଯଦୁମଣିଙ୍କ ଦେହରେ କେହି ନ ପଡ଼ନ୍ତୁ ।

* * *

କଂଗ୍ରେସକୁ ହଳଦିଆ ବାକ୍ସରେ—ପ୍ରଚାର —ହଳଦିଆ କିନ୍ତୁ ଲଙ୍ଗଳ ଦଣ୍ଡ ନୁହେଁ ।

× × ×



Digitized by srujanika@gmail.com



କମନ ୱେଲଥ ସମ୍ମିଳନୀ ଲଙ୍କାରେ ବସିଲା ମାତ୍ର ଏକଥା ସତ ନୁହେଁକି ଲଙ୍କାରେ ସମସ୍ତେ ଅସୁର । ଲଙ୍କାକୁ ପାକିସ୍ତାନ ପ୍ରତିନିଧିଙ୍କ ସଙ୍ଗେ ଭାରତ ପ୍ରତିନିଧି ପଣ୍ଡିତଜୀ ମଧ୍ୟ ଥିଲେ । ପଣ୍ଡିତଜୀ ସେଠାକୁ ଯିବାରୁ ଲଙ୍କାରେ ରାମ ନାମ ପଡ଼ିଲା । ମାତ୍ର ଏ କଳି ଯୁଗର ଲଙ୍କାରେ ଲଙ୍କା ପ୍ରତିନିଧି ସେନା ନାୟକ ନିଜେ କମନ ୱେଲଥ ସେନାଙ୍କ ନାୟକ ହେଲେ ।

+ + + +

ଶ୍ରୀଯୁକ୍ତ ସେନା ନାୟକ ଭାଷଣରେ କହିଲେ —ଆକାର ପ୍ରକାର ଜାତି ଧର୍ମ ନିର୍ବିଶେଷରେ ଆମେ କମନ ୱେଲଥର ସଭ୍ୟମାନେ ସବୁ ସମାନ କଥାଟା ବାସ୍ତବିକ ସତ । କାରଣ ସେନା ନାୟକ ସମସ୍ତଙ୍କଠୁଁ ଚେଙ୍ଗା, କେଟନ ସମସ୍ତଙ୍କଠୁଁ ଡେଙ୍ଗ —ନେହରୁ ମଝମଝିଆ । ତା ସତ୍ତ୍ୱେ ଓ ସମସ୍ତେ ସମାନ ଆସନ ପାଇଥିଲେ । ଏଇଟି ସୌହାର୍ଦ୍ଦ୍ୟର ପ୍ରମାଣ ।

+ + + +

ଇଣ୍ଡୋନେସିଆର ସଭାପତି କରାଚିରେ ପହଞ୍ଚିବାରୁ ପାକିସ୍ଥାନ ବଡ଼ ଖୁସି ହୋଇ ଗଲେ । ସଭାପତି ମୁସଲମାନ ବୋଲି—ପାକିସ୍ତାନ ଇସଲାମ ରାଜ୍ୟ ସ୍ଥାପନ ପାଇଁ ସ୍ୱପ୍ନ ଦେଖି ଖୁବ ଆଦର ଅଭ୍ୟର୍ଥନା କଲେ । ମାତ୍ର ହାଜି କହିଲେ —ଆମ ଇଣ୍ଡୋନେସିଆ ରାଷ୍ଟ୍ର ଧର୍ମବାଦ ରହିତ ରାଷ୍ଟ୍ର ସେଠି ସମସ୍ତେ ସମାନ —ହିନ୍ଦୁ ମୁସଲମାନ ଖ୍ରୀଷ୍ଟିଆନ ସମସ୍ତେ । ପାକିସ୍ତାନର ପ୍ରଧାନ ମନ୍ତ୍ରୀଙ୍କ ଗୋଟିଏ ଗାଲରେ ଚୂନ ଗୋଟିଏ ଗାଲରେ କଳା ଲଗି ଥିଲା । ସେଇଟିକୁ ପୋଛିବା ପାଇଁ ଝୋଟର ଦରକାର ହେବାରୁ ସେ ଭାରତକୁ ଝୋଟ ରପ୍ତାନି ବନ୍ଦ କରି ଦେଲେ ।

+ + + +

ଇଂଲଣ୍ଡ କମିଉନିଷ୍ଟ ଚୀନକୁ ସ୍ୱୀକାର କରିବାରୁ ଶ୍ରୀମତୀ ଚିଆଂକାଇସେକ କହିଲେ —ବେହିଆ ଚୁଙ୍ଗା ପାଇଁ ବ୍ରିଟେନ ଗୋଟିଏ ନିଲାମ ଡାକିଦେଲେ । କଥାଟା ସତ, ମାତ୍ର ଚୀନର ଜାତୀୟ ସରକାର ନିଲାମ ଡାକ ମାଲ —ଗତରା ପଚରା ହୋଇ ନଥିଲେ କଣ ବ୍ରିଟେନ ସେ ସାହସ କରିଥାନ୍ତା ?

+ + + +

ବିହାରରେ କୃଷି ବିଭାଗ ପ୍ରସ୍ତାବ କରିଛନ୍ତି ଯେ ହାତୀ ଦ୍ୱାରା ହଳ କଲେ ଟ୍ରାକ୍ଟରର ଅଧା ଖରଚ ହେବ, ଆମର ବିଶ୍ୱାସ ଓଡ଼ିଶା ସରକାର ଏ ଉପଦେଶ ଗ୍ରହଣ କରିବେ । ଏବଂ ତା ସଙ୍ଗେ ସଙ୍ଗେ ପିମ୍ପୁଡ଼ି ଦ୍ୱାରା ମଞ୍ଜି ବୁଣାଇ ଏବଂ ମାଙ୍କଡଙ୍କ ଦ୍ୱାରା ଗୃହ ଅମଳ କଲେ ବିନା ଖରଚରେ ସବୁ କାମ ହୋଇ ଯାନ୍ତା ।

+ + + +

ଭାରତ ସରକାର ପାକିସ୍ତାନକୁ ପ୍ରସ୍ତାବ ପଠାଇଛନ୍ତି ଯେ ଦୁଇ ରାଷ୍ଟ୍ର ଭିତରେ କୌଣସି ମତ ବା ମନ ଅମେଳ ହେଲେ ଯୁଦ୍ଧ ଦ୍ୱାରା ତାହାର ସମାଧାନ ନକରି ଆପୋଷ ନିଷ୍ପତ୍ତି କରିବାପାଇଁ ଚୁକ୍ତି ଲେଖି ଦେବେ । ପାକିସ୍ତାନ ଏହାର ଉତ୍ତର ଦେଇ ନାହାନ୍ତି । କିନ୍ତୁ ଯଦି ଦେବେ —ଅବଶ୍ୟ ପାଣିରେ ଗାର କାଟି ସହି କରିଦେବେ ।

+ + + +

ସିଣ୍ଡିକେଟ କାଉନସିଲରେ ଜାତୀୟ ବାଣୀ ଗୀତନାକୁ ସ୍ଥାନ ଦିଆ ଗଲା ବୋଲି ଭୁସ ସ୍ୱତ୍ତ୍ୱ ଶୂନ୍ୟ ଗଲା । ଚ୍ରୈନକୁ ମାନ ମାରି ଖପରରେ ଖାଇଲେ ଖଇଲା ବାଲୁର ଯାହା ଦୁଃଖ । ଚ୍ରୈନକୁ ଛେର ବାସନ ମିଳିବ ।

+ + + +

କଲିକତାରେ ଯେଉଁ ଗଣ୍ଡ ଗୋଳ ହେଉଛି ସେଥିରେ ପୁଲିସ ଆଗ ଧାଡ଼ିରେ କଂଗ୍ରେସ ବାଲା ମାଡ଼ ଖାଇଲା ପଛେ ଖାଉଛନ୍ତି ବୋଲି ସର୍ଦ୍ଦାର ପଟେଲ କହିଛନ୍ତି । ମାତ୍ର ସେତେବେଳେ କଂଗ୍ରେସବାଲା ଲୋକଙ୍କ ସହାନୁଭୂତି ପାଇଥିଲେ ବର୍ତ୍ତମାନ ପୁଲିସ୍ ତା' ପାଇ ନାହାନ୍ତି । ବିଲୁଆ ସଭା ମତରେ ସହାନୁଭୂତି ଲୋକେ ଦେବେ କଣ—ପୁଲିସ ସାଙ୍ଗରେ ତାଙ୍କର ମଧ୍ୟ ସହ ଅନୁଭୂତି ହୋଇଯାଇଛି । ପୁଲିସ ଲୋକଙ୍କୁ ସହାନୁଭୂତି କରିବେ ତା ଲୋକେ ପୁଲିସକୁ ସହାନୁଭୂତି କରିବେ । ବରଂ ସମସ୍ତେ ମିଶି ଦୁଷ୍ଟଲୋକଙ୍କୁ ସହାନୁଭୂତି ଦେଲେ ସେମାନେ ମଧ୍ୟ ସହାନୁଭୂତି ଉତ୍ତମ ମଧ୍ୟମ ପାଇ ଯାନ୍ତେ ।

+ + × +

ସର୍ଦ୍ଦାର ପଟେଲ ଆହୁରି କହିଛନ୍ତି—ସେ କମିଉନିଜିମ୍ କଣ ବୁଝିଛନ୍ତି—ମାତ୍ର ଏମ.ଜି ଗୋଳ ବୁଝି ପାରୁନାହାନ୍ତି । ବିଲୁଆ ସଭାମତରେ ସର୍ଦ୍ଦାର କମିଉନିଜିମ୍ କଣ ବୁଝି ନାହାନ୍ତି । ବୁଝିଥିଲେ ସେ ଏମିତି କହନ୍ତେ ନାହିଁ । କମିଉନିଜିମ୍ ସେ ବୁଝିପାରୁ ନଥିବାରୁ କମିଉନିଷ୍ଟ ମାନେ ମାଡ଼ ଦେଇ ବୁଝାଇ ଦେଉଛନ୍ତି । ରୁଷ୍ ମାର୍କା କମିଉନିଜିମର ସ୍ୱରୂପର ଆସ୍ୱାଦ ମଧ୍ୟ ପାଇଁ ଯାଉଛନ୍ତି । —ଯା ଦେବୀ କାଳିକତାସୁ କମିଉନିଜିମ ସଂସ୍ଥିତା

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ । ନମୋ ନମ

+ + + +

ଓଡ଼ିଶା ବ୍ୟବସ୍ଥା ସଭା ଦେଲ୍ଲି ପାର୍ଲିଆମେଣ୍ଟକ ସଭ୍ୟ ବାଛିଲେ । ଏଥର ଭୋଟ ପ୍ରଥା ଏମିତି ହୋଇଛି ଯେ କେବଳ ଅଧିକ ସଂଖ୍ୟକ ଦଳର ଲୋକ ଯାଇ ପାରିବେ ମାତ୍ର ଅଳ୍ପ ସଂଖ୍ୟକ ଲୋକଙ୍କ ପ୍ରତିନିଧି ଯାଇପାରିବେ ନାହିଁ ସେଥି ପାଇଁ ବିରୋଧୀ ଦଳ ଭୋଟରେ ଯୋଗ ଦେଲେ ନାହିଁ । ଯୋଗ ଦେଲେ ଯାହା ବିୟୋଗ ହେଲେ ମଧ୍ୟ ସେଇୟା । ବର୍ତ୍ତମାନ କଂଗ୍ରେସ ଦଳ ଅଦ୍ୱିତୀୟ—ଆଉ ଦ୍ୱିତୀୟ ନାହିଁ କି ଗଣିତ ନାହିଁ । ମିଟିଂରେ ମାଛି ମାରିବ କିଏ ?

+ + × +

ଓଡ଼ିଶା ଆସେମ୍ବ୍ଲିରୁ ଯେଉଁ ମାନେ ଭୋଟ ପାଇଁ ପାର୍ଲିଆମେଣ୍ଟକୁ ଗଲେ—ସେମାନଙ୍କର ଭିତରୁ ବାହାର କରିଣ ଦୂରକୁ ନିର୍ବାଚିତ ହୋଇଛନ୍ତି ତାହାର ଏକ ତାଲିକା ବିଲୁଆ ସଭା ପକ୍ଷରୁ ବାହାରିଛି ।

+ + +

ତ୍ରିଥରେ ସର୍ବାଧିକ ଭୋଟ ପାଇଛନ୍ତି —ଶ୍ରୀ ବିଜୟ ପାଣି । ସିଂହଭୂମ ଜିଲ୍ଲାର ଝାଡ଼ଖଣ୍ଡ ଖରସୁଆଁର ସୁବିଖ୍ୟାତ ନେତା ସେଠାରେ



Digitized by srujanika@gmail.com

ଫାଶି ପରି ବଢନ୍ତୁ ଦଳ ଅଛି ଏଠି ମହତାବ ସହ ପାଣି ଚନ୍ଦନ ଫୁଲ ଦିଗଯାଇଥିବ ତୁ ତାଙ୍କୁ ହଟାଯିବ ହେବ ନାହିଁ।

\+ + + +

ହିଞ୍ଜିଳିରେ ଛୋଟ ପାଇଛନ୍ତି ଶ୍ରୀଯୁକ୍ତ ମୋହନଲାଲ ପଣ୍ଡିତ। କେହି କେହି କହୁଛନ୍ତି—କଂଗ୍ରେସ ଯେ କ୍ରମେ ଅଧିକ ଜମିଦାର ଶ୍ରେଣୀ ପଟକୁ ପ୍ରିୟ ବା ତାଙ୍କର ଅନୁଷ୍ଠାନ ହୋଇ ଯାଉଛି, ଏ ତାର ପ୍ରମାଣ। କିନ୍ତୁ ଆମ ମତରେ କଂଗ୍ରେସ ଯେ କ୍ରମେ ଦେଶ ଖାଇ ପିଇ ଆରାମରେ ଶୋଇ ମୋଟା ତାଜା ହୋଇ ଶାନ୍ତ ଦାନ୍ତିଆ ଟମାଟୋ ଭଳି ଲାଲ ଗୋଲାଳ ଅନୁଷ୍ଠାନ ହୋଇ ଯାଉଛି—ଏହା ହିଁ ତାର ପ୍ରମାଣ।

* * * *

ଭଦ୍ରକରେ ମୋଗଲ ସାହେବ ମହମ୍ମଦ ହନିଫ। ଜଣେ ନୀରବ କର୍ମୀ ସବୁ ସ୍ଥାନରେ ରହିବା ଏକାନ୍ତ ଆବଶ୍ୟକ। ଶ୍ରୀଯୁକ୍ତ ହନିଫ ଭଳି ନୀରବ କର୍ମୀ ଦୁଷ୍ପ୍ରାପ୍ୟ। ସେ ଏତେ ସୁଧୀର ଯେ ମାଛଟି ମର ବୋଲି କହନ୍ତି ନାହିଁ କି ଲୁଚା ଖିଆରୁ ଦଗଡ଼ା କରନ୍ତି ନାହିଁ। କେବଳ ଦୁଃଖ ଏତିକି ଯେ ବାଲେଶ୍ୱର ଜିଲ୍ଲା ବୋର୍ଡ ତାଙ୍କୁ ଝୁରି ହେବ ସ୍ୱଣ୍ଡ ମାଇପେ ବାନ୍ଧିଲା ପରି।

\+ + × ×

ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରେ ହେଉନ୍ତୁ ବା ଶ୍ରୀଯୁକ୍ତ ଜଗନ୍ନାଥ ଦାସେ ହେଉନ୍ତୁ—ଓଡ଼ିଶା ଯେ ଜଗନ୍ନାଥ ଦେଶ ଏବଂ ଓଡ଼ିଶାର ଜଗନ୍ନାଥ ଧର୍ମ ସମ୍ବନ୍ଧରେ ଯେ ମାର ହାଣ ଗବେଷଣା ଚାଲିଛି ସେଥି ପାଇଁ ଏହୁହିଁକୁ ବାଛିବା ଅତି ସ୍ୱାଭାବିକ ହୋଇ ପଡ଼ିଲା। ଅବଶ୍ୟ ଜଗନ୍ନାଥ ମିଶ୍ରେ ମିଳିତ ଗେଦବଂଶ ମନ୍ତ୍ରୀ ମଣ୍ଡଳକୁ ସମ୍ବନ୍ଧରେ ସମର୍ଥନ କରିଥିଲେ। ସେହି ଭଳି ଗୁଣ ଯୋଗୁ ରାଜଗୋପାଳ ଆଗୁଆ ଗଭର୍ଣ୍ଣର ଜେନେରାଲ ହେଲେ ପୁଣି! ବାକି ଜଗନ୍ନାଥ ଦାଶଙ୍କ କଥା କହିଲେ କହେବ? ଛଅଲକ୍ଷ ଯାଇ ମଧ୍ୟ—ମୋଟ ପଣ୍ଡିତଙ୍କ ଶିଷ୍ୟମାନଙ୍କ ସହ ଚଣ୍ଡୀ ମନ୍ଦିରରେ ସାହସ କରି ମଧ୍ୟ ଛୋଟ ଟଙ୍କା ଦେଲାକୁ ସବୁଠୁ କମ୍। ବୋଧ ହୁଏ ଦାସେ ଆଉ ମହତାବଙ୍କ ଗୁରୁ ଧର ମୂଲ୍ୟ ନାହାନ୍ତି।

* * * *

ସବୁଠାରୁ ଛୋଟ ପଟାଙ୍ଗ ଭାଗିରଥି ମହାପାତ୍ରେ। ସେ ବିଚାରି ଗାନ୍ଧୀ ପାର୍ଣ୍ଣି ଟ୍ରପକ ଗଙ୍ଗା ଅବତରଣ ଅଭିନୟ ସାରିବା ପରେ ଅଥଳ ଗଣ୍ଡରେ ନିଜେ ବୁଡ଼ି ଗଲେ। ମଣିଷ ଠକିଲେ ଶିଖେ ଭଗିରଥି-ବାବୁ ଶିଖିଲେ ଠକି।

× + + +

ଓଡ଼ିଶାରୁ ଜଣେ ତଫସିଲଭୁକ୍ତ ସମ୍ପ୍ରଦାୟ ଯିବା କଥା। ଶ୍ରୀଯୁକ୍ତ ମହେଶ୍ୱର ନାୟକଙ୍କୁ ଉଭୟ ଆଦିବାସୀ ଓ ତଫସିଲଭୁକ୍ତ ହିସାବରେ ନିଆଯିବାରୁ ଏକାଥରକେ ରଥଟ ଦେଖା ଓ କଦଳୀ ବିକା ହୋଇଗଲା।

* * *

ମାଡ ବଂଶ ଶତାବ୍ଦୀର ନାରୀମାନଙ୍କ ମଧ୍ୟରୁ କୌଣସି ବୀର ଲଳନା ଯେ ପ୍ରତିନିଧିତ୍ୱ ପାଇଲେ ନାହିଁ ଏହାହିଁ କ୍ଷୋଭର କଥା। ଓଡ଼ିଶାରେ ବଡ଼ ବଡ଼ ନରମାନେ ନାରୀ ବା ପତ୍ନୀ ସହଯୋଗ ଲୋଡ଼ୁନାହାନ୍ତି ବୋଲି ଏପରି ଅନ୍ୟାୟ ସମ୍ଭବ ହୋଇପାରେ। ଏ କଥାର ସତ୍ୟାସତ୍ୟ ପ୍ରଧାନମନ୍ତ୍ରୀ ବା ଲୋକସଭା କହି ପାରିବେ।

× + +

ରଣପୁରର ରାଜମାତାଙ୍କୁ ମଧ୍ୟ କଂଗ୍ରେସବାଲା ସ୍ଥାନ ଦେଲେ ନାହିଁ। କ୍ଷିଳଶିଳସୁଆ ଗଗନେ ଉଡ଼ୁଥିବେଳେ ଶ୍ରୀମତୀ ସରଳାଙ୍କୁ ପଚାରେ କିଏ। ଆଜାଦଙ୍କ ଆଗରେ କଟକ ନାରୀମାନେ କାନ୍ଦୁଥିଲେ। ଆଜାଦ ଚୁପ କଲେ। ମାଫ, ତ୍ରୁର କଂଗ୍ରେସ କମିଟି କଣ ଶୁଣୁଛି କାହା କଥା। ଲକ୍ଷ୍ମଣ ସୀତାଙ୍କୁ ସରଯୂ କୂଳରେ ଛାଡ଼ି ଆସିଲା ପରି ଓଡ଼ିଶା କଂଗ୍ରେସ କାହାକୁ କାଠଯୋଡ଼ୀ ଓ କାହାକୁ ମହାନଦୀ କୂଳରେ ନେଇ ଛାଡ଼ି ଦେଇ ଆସିଲେ।

× ÷ +

ଆମ କଟକରୁ ଓଡ଼ିଶା ବିଭାଗର ଡିରେକ୍ଟରେ ପୋଷ୍ଟ ଓ ଟେଲିଗ୍ରାମକର୍ତ୍ତାଙ୍କ ଅଫିସ ଆସିଛି। ପୁରୀରେ ତିନିମୂର୍ତ୍ତି ଏଟି ତିନିନାଥ ମେଳାରେ ଅଛନ୍ତି। ଗୋଟିଏ ନାଥ ପଞ୍ଜାବରୁ ଗୋଟିଏ ମାଡ୍ରାଜରୁ ଓ ଗୋଟିଏ ବିହାରରୁ। ଓଡ଼ିଆ ବାସ୍ତବିକ ଅନାଥ। ସେଥିପାଇଁ ଓଡ଼ିଆମାନେ କେବଳ ତିନିନାଥଙ୍କ ପାଇଁ ପାନ ସୁପାରି ଓ ଗାଞ୍ଜାର ବ୍ୟବସ୍ଥା କରୁଥାନ୍ତି।

\+ × +

ବାଲେଶ୍ୱରରେ ଫକୀର ମୋହନଙ୍କ ଶ୍ରାଦ୍ଧ ଦିବସରେ ଶ୍ରୀମତୀ ସରଳା ଦେବୀ ପୌରୋହିତ୍ୟ କରିଥିଲେ। ଫକୀର ମୋହନଙ୍କ ସାହିତ୍ୟ ଆଲୋଚନା ଯେ ବିଷଦ ଭାବରେ କଲେହେଁ ଲୋକେ ସରଳାଙ୍କୁ କଳ୍ପଳତାର ଲୋଚନ ଭଳି ଦେଖି ପାରିଲେ ନାହିଁ। ଅବଶ୍ୟ କଣ୍ଠ ଘୁଞ୍ଚି ମିଶା ଶିଳ୍ପ ଗୁମ୍ଫିତ ଗାଲେ ଦେଖିଥିବେ।

× + +

ଫକୀରମୋହନ ସାହିତ୍ୟ ପରିଷଦ ବଂଶଧରଙ୍କ ଶାନ୍ତିକାନନ ପାଇଗଲେ ବୋଲି ଶୁଣା ଯାଏ। ଯାହାହେଉ ବାଲେଶ୍ୱରର ଅନ୍ୟ ଅଶାନ୍ତ ସବୁ ଯାଇ ଶାନ୍ତି କାନନରେ ଶାନ୍ତ ହେଲେ ଭଲ ହେବ।

\+ + +

ପ୍ରଧାନମନ୍ତ୍ରୀ କହୁଛନ୍ତି ଯେ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କୁ କେଉଁଠୁ ପେଟ୍ରୋଲ କାଢିବାର ଜ୍ଞାନ ଦ୍ୟାଗ ୨୨ବା ରୁ ୬.୫.୯୨ ଯୁବକଙ୍କୁ ଫ୍ରାନ୍ସରେ ଶିକ୍ଷା ଦେବା ପାଇଁ ପଠାଇବାକୁ ୭ଲକ୍ଷ ୮୦ହଜାର ଟଙ୍କା ସରକାର ଦେଇଥିଲେ। ୭ଜଣ ଯୁବକଙ୍କ ପଢ଼ା ହେଲା ନାହିଁ। ବାଙ୍କ ଫଜ ଭଳିଟାଏ ଦେଇ ପଟ୍ଟନାୟକେ ପଟି ଚଢ଼ାଇ ଦେଇ ନାହାନ୍ତି ତ ? ସରକାର ସପେଇ ଦେଇଛନ୍ତି ଯେ ଫ୍ରାନ୍ସରେ ପାଠ ପଢ଼ାଉଥିବା ମାଷ୍ଟରମାନେ ଯେଉଁ ପାଠ ପଢ଼ାଇଛନ୍ତି ତାର ହିସାବ ନ ଦେଇଥିବାରୁ ବିଜୟ ବାବୁ ହିସାବ ଦେଇ ପାରୁନାହାନ୍ତି। ଏଣିକି ମାରି ନେଲେ ମହାପାତ୍ରେ, ପ୍ରବନ୍ଧ ଭଳି ପଟ୍ଟନାୟକେ ପ୍ରବନ୍ଧ ଚଳାଇବାର ଭୟ ଅଛି। କିନ୍ତୁ ମହତାବେ ତ ଖାଲି ଗୃହ ରହିବା ବ୍ୟକ୍ତି ନୁହନ୍ତି—ସେ ଗୃହ ଜଳକା।

ପଟ୍ଟାମୁଣ୍ଡଇରେ ଉନାଗନା ଭୋଟ ଯୁଆଣ ଚାଲିଛି। ମଙ୍ଗରାଜେ ମଙ୍ଗ ଛାଡି ଦେଇ ଭୋଟ ଆର୍ଥିକ ପରି ହେଲେ ଜଗନ୍ନାଥଙ୍କ ପତିତପାବନ ନାମ ସାର୍ଥକ ହେବ। ସୂତାରଙ୍କ ସୂତା ଖିଅରେ ଭାଗ୍ୟ ଝୁଲୁଛି। ଅଭ ସହଦେବ ତ ସହଜେ ଗାଈଙ୍କି ଭଲ ପାଆନ୍ତି—ନିଜେ ଗୋବୈଦ୍ୟ। ଭୋଟ କାହାକୁ ମିଳିବ ଦେଖାଯାଉ।



Digitized by srujanika@gmail.com



## ବିଜୟୀ କିଏ ?

ଶ୍ରୀ ଚନ୍ଦନ ରାମ୍ପଣ ଘଡ଼ିଆର

ଦୁଇଦିନ ଧର୍ମଘଟ ପରେ ଛୋଟ ସହରଟିର ଗଳିକନ୍ଦି ଯେତେବେଳେ ଦୁର୍ଗନ୍ଧମୟ ଆବର୍ଜନାରେ ପୂର୍ଣ୍ଣ ହୋଇଆସିଲା ସେତେବେଳେ ଗୋଟିଏ ସ୍ୱେଚ୍ଛାସେବକ ଅନୁଷ୍ଠାନର ଉଦ୍ୟୋକ୍ତା ରୂପେ ଆମେ ସାତଜଣ ସହରର ଆବର୍ଜନା ସଫା ପାଇଁ ବ୍ରତୀ ହେଲୁ, ତରୁଣ ଜୀବନରେ ଭାବପ୍ରବଣତା ଉଚ୍ଚ ଛୁଆଇ।

ଜନହିତବ୍ରତୀ କଲେଜର ଅନ୍ୟାନ୍ୟ କେତେକ ଛାତ୍ର ମଧ୍ୟ ଏ ପବିତ୍ର କାର୍ଯ୍ୟରେ ଅଗ୍ରସର ହୋଇଥିଲେ। ବାଲିସୂର୍ଯ୍ୟର ଲୋହିତ କିରଣ ଭିତରେ ନିଜକୁ ହରାଇଦେଇ ଆମେ ଓଡ଼ିଶା ଯୁବକ ସେବାସଂଘର ସାତଜଣ ସ୍ୱେଚ୍ଛାସେବକ ମ୍ୟୁନିସିପାଲିଟି ଟ୍ରକ ନେଇ ବାହାରି ପଡ଼ିଲୁ ଗଳି କନ୍ଦିର ସ୍ତୂପୀକୃତ ଆବର୍ଜନା ଆଦିର ସଫେଇ ପାଇଁ।

ତରୁଣ ଜୀବନର ଆଭିଜାତ୍ୟ, ଆଡ଼ମ୍ବର ଓ ଛାତ୍ର ଜୀବନର ବିଳାସିତା କେଉଁଠି ସେଇ ସେବା ସାଗରରେ ଲୀନ ହୋଇଗଲା ଆପେ ଆପେ। ଶୁଭ୍ର ବସ୍ତ୍ର, ଖଦିଏ ପରିଧାନ ଥିଲା ଆମର—କେବଳ ମ୍ୟୁନିସିପାଲିଟି ମେହେନ୍ତର ମାନଙ୍କର ପ୍ରକୃତ ରୂପରୁ ଆମକୁ ପରିଚୟ କରାଇ ଦେବା ପାଇଁ। ସେହି ସେବା ମନର ପବିତ୍ର ସମ୍ମାନ ତଳେ ଲୁଚିଗଲା ସାଥି ଭଗବାନ ବାବୁଙ୍କର ବ୍ରାହ୍ମଣ ସମାଜର ଛାର ରକ୍ଷଣଶୀଳତା ନୀତି। ଲକ୍ଷ୍ମୀଧରଙ୍କର କଲେଜର ଗୌରବମୟ ଛାତ୍ରଜୀବନର ବିଳାସ ଆଉ ମୋର ଏକଜିକ୍ୟୁଟିଭ ଅଫିସର ଅବସ୍ଥାର ଆଭିଜାତ୍ୟ। ଏମାନେ ସମସ୍ତେ ଥିଲେ ମୋର ସାଥୀ—ଆଉ ସଂଘର ଉଦ୍ୟୋକ୍ତା।

ଅକ୍ଳାନ୍ତ ପରିଶ୍ରମରେ ଥକି ଆସିଲୁ ଟ୍ରକରେ ଦୁଇତିନି ଥର ମହ ଆବର୍ଜନାସ୍ତୂପ ସ୍ଥାନାନ୍ତରିତ କରାଇବା ପରେ ସ୍ଥାନୀୟ ଭଦ୍ରଲୋକମାନେ ଏହି ନୂତନ ତ୍ୟାଗରେ ଆମୋଦିତ ହୋଇ ସେମାନଙ୍କର ବିବେକର ଶତ ତାଡ଼ନା ଏଡ଼ି ନପାରି ଆମକୁ ସାହାଯ୍ୟ କଲେ ଆପେ— ସତ୍ୟର ଜୟ ବିବେକର ଜୟ—ସେଠି ହିଁଏ ପରିଭବ ମାନବ।

ଗୋଟିଏ ଦିନର କେତେଘଣ୍ଟା ପରିଶ୍ରମ ପରେ ସହରଟିର ପୂର୍ବ ସମୃଦ୍ଧି ଫେରିଆସିଲା ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗୀୟ ଅଫିସରଙ୍କର ଅଫିସ ପାଖରେ—ଟ୍ରକଟିକୁ ଦଣ୍ଡାୟମାନ କରାଇ ମ୍ୟୁନିସିପାଲିଟିର ବିଭାଗୀୟ କର୍ମକର୍ତ୍ତାଙ୍କର ନିର୍ଦ୍ଦେଶମତେ ଅଫିସରଙ୍କ ଠାରୁ ଗୋଟିଏ ବାହାବା ଶୁଣିବାକୁ ନିମନ୍ତ୍ରଣ ଆସିଥିଲା ଆମ କେତେଜଣଙ୍କ ପାଇଁ ତା ସହିତ ମଧ୍ୟ ଏହି ଅପରିଷ୍କାର କାମ ପାଇଁ ନିଜକୁ ପରିଷ୍କାର କରିବାକୁ ସ୍ନେସନ ଆଦିର ଆୟୋଜନ କରି ଯାଇଥିଲା ଖୁବ ବିରାଟ ଆକାରରେ।

ହେଲଥ ଅଫିସରଙ୍କର ସମ୍ମୁଖସ୍ଥ ଚଉକି ଗୁଡ଼ିକ ଉପରେ ନିଜର କ୍ଳାନ୍ତ ଶରୀରଟିମାନଙ୍କୁ ଅବସ୍ଥାପିତ କରି ସାମାନ୍ୟ କଥାବାର୍ତ୍ତାର ଉପକ୍ରମ ଚାଲିବା ଅବସ୍ଥାରେ ଖବର ପହଞ୍ଚିଲା— କଲେଜ ହସପିଟାଲରେ ଜଣେ ବ୍ୟକ୍ତିର ଶବ ଦୁଇଦିନ ହେଲା ସଂସ୍କାର ହୋଇ ପାରିନି— ଏଇ ଧର୍ମଘଟ ଯୋଗୁ।

ସଂଘର ସଂପାଦକ ଭଗବାନ ବାବୁ ତାଙ୍କର ଯୁବକ ମନେବୃତ୍ତିକୁ ତୃପ୍ତି ନକରି ଆଦେଶ ଦେଲେ—ସଂସ୍କାର କାର୍ଯ୍ୟରେ ସେବକ ମନୋବୃତ୍ତିରେ ନିୟୋଜିତ ହୋଇଥିବା ତରୁଣ ମନ ଗୁଡ଼ିକ ପୁଣି କ୍ଷଣକାଳ ପାଇଁ ଚଞ୍ଚଳ ହୋଇ ଉଠିଲା। ଟ୍ରକରେ ଉଠିଲୁ ଗୋଟିଏ ଗୌରବମୟ ଅଭିଯାନରେ।

ସପ୍ତ ର ଘର ଗୁଡ଼ିକୁ ପଛରେ ପକାଇ ଟ୍ରକଟି ଆମକୁ ନେଇଗଲା ଗୋଟିଏ ବିଜୟୀ ଅଭିଯାନ ପାଇଁ। ନୂଆ କାମ ଯୋଜନାର ସନ୍ଧାନ ପାଇ ତରୁଣ ମନ ମଧ୍ୟ ଆମର ଚଞ୍ଚଳ ହୋଇ ଉଠିଲା। ସାଥିରେ ଜଣେ ମ୍ୟୁନିସିପାଲିଟିର ଜମାଦାର ଓ ଡ୍ରାଇଭର ବାଦ ଆମେ ସାତଟି ତରୁଣ ସ୍ୱେଚ୍ଛାସେବକ।

ଶବ ସଂସ୍କାରର ଅଭିଜ୍ଞତା ନଥିଲେ ମଧ୍ୟ ଆମେ ସେତେବେଳେ ନଥିଲୁ—ଟ୍ରକଟି ବିଜୟ ଦର୍ପରେ କଲେଜ ଓ୍ୱାର୍ଡର ଦାଣ୍ଡ ପାଖରେ ଲାଗି ରହିଲା। ସେବାସଂଘର ସଭ୍ୟ ଗୁଡ଼ିକ ସାମାନ୍ୟ ଗର୍ବର ସହିତ କଟାକ୍ଷ ପାତ କରି ଆମେ ଓ୍ୱାର୍ଡରେ ପଶିଲୁ ଗୋଟାଏ ଗୋଟାଏ ବିଜୟୀ ସୈନିକ ରୂପରେ।

ଦୁଇ ଦିନର ବାସି ଶବ—ଓ୍ୱାର୍ଡଟିକୁ ଦୁର୍ଗନ୍ଧରେ ଭରାଇ ଦେଇଥିଲା। ସ୍ଥାନୀୟ ଡାକ୍ତର ଓ ନର୍ସମାନେ ରୁମାଲ ନଦେଇ ଓ୍ୱାର୍ଡଟିର ଭିତରକୁ ପ୍ରବେଶ ପାଇଁ ଶ୍ୱାସରୋଧ କରୁଥାନ୍ତି। ଶବ ସତ୍କାରର ସଂବାଦୀୟ ଅନ୍ତ୍ୟେଷ୍ଟିକ୍ ଯୋଗ୍ୟତା ସ୍ୱେଚ୍ଛା ସେବକ ରୂପେ ଅର୍ଜନ କରିପାରିଥିଲେ ମଧ୍ୟ—ଏପରି ଦୁର୍ଗନ୍ଧିଯୁକ୍ତ ନର୍କ ମଧ୍ୟରେ କାମ କରିବାର ସୁଯୋଗ ଯୁଟି ନଥିଲା ବୋଧେ ଆମ ଭାଗ୍ୟରେ।

'ସ୍ୱେଚ୍ଛାସେବକ ପାଇଁ ଠିଆହେଲେ ଘୃଣା ତ୍ୟାଗକର'—ଉକ୍ତ ପଦଟି ମୋର ଅନ୍ତର ଭିତରେ ନିନାଦିତ ହୋଇ ଯାଉଥିଲା ଶ୍ରୀଯୁକ୍ତ ନରସିଂହ ଦେବଙ୍କର ଅମର ବାର୍ଷିକ ଉତ୍ସବ ଦିନଠାରୁ।

କେତେ ଦିନର ନିନାଦିତ ଅବାସ୍ତବ ଭାଷାକୁ ଆଜି ରୂପ ଦେବାକୁ ଆସିଥିଲୁ ସମସ୍ତେ। ଅନ୍ୟାନ୍ୟ ମାନଙ୍କୁ ଘୃଣା ନକରିବାକୁ ଗୋଟାଏ ଛୋଟିଆ ଉପଦେଶ ଦେଇ ଶବଟିର ପାଦ ଦେଶରେ ହାତ ଦେଲୁ ସଙ୍ଗେ ଅନ୍ୟମାନେ ପ୍ରସ୍ତୁତ ହୋଇ ଉଠିଲେ ଶବଟିକୁ ଟ୍ରକକୁ ଆଣିବା ପାଇଁ। ଶବଟିକୁ ଟ୍ରକରେ ରଖି ଟ୍ରକ ଆସିଗଲା ଆମକୁ ନେଇ।

ମିଡ଼ିଆଗ୍ରେର ବିସ୍ତୃତ ବାଲୁକା ପ୍ରାନ୍ତର ମଧ୍ୟରେ ଟ୍ରକଟି ଯେତେବେଳେ ଆମକୁ ଶବଟି ସହିତ ପହଞ୍ଚାଇ ଦେଲେ, ସେତେବେଳେ ଦୁର୍ଗନ୍ଧ ଭିତରେ ନିଜକୁ ହଜାଇ ଦେଇ ଆମର ମନକୁ ଯେତେ ଦୃଢ଼ କରାଇ ନେଇଥିଲେ ମଧ୍ୟ ଗୋଟାଏ ବାଳର ଅବସାଦ ଥିଲା। ଦୁର୍ବଳ ହୋଇ ଆସିଲୁ ଆମେ ସମସ୍ତେ—କ୍ଳାନ୍ତ ଶରୀରର

୬୭ ପୃଷ୍ଠାର ଶେଷ ଦେଖନ୍ତୁ—



Digitized by srujanika@gmail.com



# ଅଥ ବୀରବଲ୍ ଉବାଚ

ଲେଖକ—ଶ୍ରୀ ରବୀନ୍ଦ୍ରନାଥ ଦାସ।
(କାଳେଢ଼)

ବସିଛି ସଭା ବସେଇ।

କେଉଁଠି? ସେ କଥା ଜାଣିବାର କି ଦରକାର ଅଛି? ଏଁ—ଏଁ ମଣିଷ ହେଲେ ଏଇ ଦୋଷ ଅଛି ଆପଣଙ୍କର ଜାଣିବା ପାଇଁ! କିନ୍ତୁ ଏହା ସାଧାରଣ ସଭା ନୁହେଁ, ନୂଆ ନେତାଙ୍କ ସଭା ନୁହେଁ, ବଡ଼ଘର ସଭା ନୁହେଁ, ମନ୍ତ୍ରୀଙ୍କ ମିଟିଂ ସଭା ବି ନୁହେଁ, କି ମନ୍ତ୍ରୀଙ୍କର ଓ ଦେଶୀ ବା ମିସ୍-ଏ ମିଲ୍-ଏ ଉଇକ୍ (miss-a-meal a week) ସଭା ନୁହେଁ। ଏ ହେଉଛି ସମ୍ରାଟଙ୍କର ଦରବାର ସଭା।

କଣ ହେଲା? ମୁଁ କେମିତି ଜାଣିଲି? ଅନୁମାନ କରିପାରୁନାହାନ୍ତି ଆପଣ? ସେ କଥା ମୁଁ ଆପଣଙ୍କୁ କହିବି? ଆପଣ ମୋତେ ଧରିନେବେ ଏଇ ଡରରେ। ସେତେବେଳେ ହେଉଛି ସ୍ୱପ୍ନ ଉଡ଼ିଯିବ ଯେ ଭଲ, ସବୁ ଦୃଶ୍ୟ କେମିତି ଶୁଣିଲି ବୋଲି।

ସମ୍ରାଟ୍ ସିଂହାସନ ଉପରେ ସଭାର ମଧ୍ୟସ୍ଥଳରେ ଉପବିଷ୍ଟ। ପାର୍ଶ୍ୱରେ ସଭାସଦ ନବରତ୍ନ ଟୋଡରମଲ୍ଲ, ମାନସିଂହ, ଫୈଜୀ, ଫଜଲ୍, ତାନ୍‌ସେନ୍ ପ୍ରଭୃତି ଆସୀନ। କେବଳ ବର୍ତ୍ତମାନ ଖାଲି ଦେଖା ନାହିଁ ରସିକରାଜ ବୀରବଲଙ୍କର।

ବ୍ୟାପାର କଣ? ଏଣେ ତାଙ୍କର ଅନୁପସ୍ଥିତି ପାଇଁ ସମସ୍ତେ ଚିନ୍ତିତ ହେବାକୁ ଯାଉଛି। ଦରବାର ଜମୁନି। ସମ୍ରାଟଙ୍କ ମୁହଁ ଚିନ୍ତାଗ୍ରସ୍ତ। ଭଲରୁ ଧାନସିଦ୍ଧା ହର୍ଷ ଛନପର ହେବାକୁ ଯାଉଛି। ଉଜୀର ଡାକିଲେ ନାଜରଙ୍କୁ, ନାଜର କତୁଆଲଙ୍କୁ, କତୁଆଲ ଡାକିଲେ ପ୍ରହରୀକୁ!

ଉଜୀର କହିଲେ, ନାଜର କଲେ ଯନ୍ତ୍ର ଏବଂ ଶାନ୍ତ୍ରୀ ମନ୍ତ୍ରୀ ଅନ୍ତଃପ୍ରାନ୍ତରେ କତୁଆଲ ପ୍ରହରୀଙ୍କୁ ଆଦେଶ ଦେଲେ ବୀରବଲଙ୍କୁ ଡାକିଆଣିବାକୁ। ପ୍ରହରୀଙ୍କ ପ୍ରସ୍ଥାନ ପୂର୍ବରୁ ବୀରବଲ୍ ପ୍ରବେଶ କଲେ ଦରବାର ମଧ୍ୟରେ। ସମ୍ରାଟଙ୍କୁ ସଶ୍ରଦ୍ଧ ପ୍ରଣିପାତ ପୂର୍ବକ ନିଜ ଆସନ ଗ୍ରହଣ କଲେ ବୀରବଲ୍, ମୁଖମଣ୍ଡଳରେ ଚିନ୍ତାର ରେଖା ସୁସ୍ପଷ୍ଟ।

ସମ୍ରାଟ ପଚାରିଲେ—ବୀରବଲ୍, ତୁମର ତବିୟତ୍ ଠିକ୍ ଅଛି ତ? ବୀରବଲ୍ ନିବେଦନ କଲେ—ହଜୁରଙ୍କ କୃପାରୁ ତବିୟତ୍ ଠିକ୍ ଅଛି। ତେବେ......

"କଣ, କୁହ?"

ବୀରବଲ୍—ହଜୁର ଯେତେବେଳେ ଶୁଣିବାକୁ ଚାହୁଁଛନ୍ତି, ହଜୁର ତ ମା' ବାପ, ହଜୁରଙ୍କ ପାଖରେ ଲୁଚେଇବି କ'ଣ।

"କଥାଟା କ'ଣ ସ୍ପଷ୍ଟରେ କୁହ"।

ବୀରବଲ୍—ହଜୁର୍, ଯେତେବେଳେ ନିର୍ଦ୍ଦେଶ ବାଣୀ ଦେଉଛନ୍ତି କହୁଛି। ମୋର ଦରମା ଆଉ କିଛି ନ ବଢ଼ିଲେ ଚଳିବନି। ମୋଟ ଦରମା ଆଠଶହ ଟଙ୍କାରୁ ମୁଁ ନିଜେ ମାତ୍ର ଦୁଇଶହ ବ୍ୟବହାର କରେ, ଦୁଇଶହ ଋଣ ଶୋଧ କରେଁ, ଦୁଇଶହ ଟଙ୍କା ଋଣ ପ୍ରଦାନ କରେ, ଅବଶିଷ୍ଟ ଦୁଇଶହ ଟଙ୍କାରେ ଗୋଟିଏ ଉଦ୍ୟାନ ପୋଷଣ କରେ। କିନ୍ତୁ ବର୍ତ୍ତମାନ ଆଉ ଦୁଇଶହ ଟଙ୍କା ପାଣିକୁ ଫୋପାଡ଼ିବା ଆବଶ୍ୟକ ହେଉଛି। ଖେଦ ବନ୍ଧ ଅବସ୍ଥା ବିଚାର କରି ଏ ଗରିବ ପାଇଁ ବ୍ୟବସ୍ଥା କରନ୍ତୁ।

ସମ୍ରାଟ ବୀରବଲଙ୍କ କଥା କିଛି ବୁଝି ନପାରି ଉଜୀରଙ୍କ ଆଡ଼କୁ ଚାହିଁଲେ।

ଉଜୀର ସମ୍ରାଟଙ୍କ ମନୋଭାବ ବୁଝି କହିଲେ—ହଜୁର! ବୀରବଲ ଦୁଇଶହ ଟଙ୍କା ନିଜ ପାଇଁ ବ୍ୟୟ କରନ୍ତି, ଦୁଇଶହ ଟଙ୍କାରେ ଋଣଶୋଧ କରନ୍ତି ଅର୍ଥାତ୍ ପିତାଙ୍କ ନିମିତ୍ତ ଖର୍ଚ୍ଚ କରନ୍ତି, ଦୁଇଶହ ଟଙ୍କା ଋଣ ପ୍ରଦାନ କରନ୍ତି ଅର୍ଥାତ୍ ପୁତ୍ର ନିମନ୍ତେ ଖର୍ଚ୍ଚ କରନ୍ତି। ବର୍ତ୍ତମାନ ତାଙ୍କର ଏକ କନ୍ୟା ଜନ୍ମଗ୍ରହଣ କରିଛି ତା'ପାଇଁ ଦୁଇଶହ ଟଙ୍କାର ପ୍ରୟୋଜନ। କନ୍ୟା ପ୍ରତିପାଳନ କରିବା ମାନେ ଅର୍ଥବ୍ୟୟ କରିବା ଓ ପାଣିକୁ ଫୋପାଡ଼ିବା ଏକ କଥା।

ସମ୍ରାଟ୍ ପଚାରିଲେ—ଉଜୀର୍, ତୁମେ ତ ଉକାଏତା ପେଶ କଥା ଉଠେଇଛ କାହିଁକି?

ଉଜୀର୍—ହଜୁରଙ୍କର ସେ କଥା ନ ଜାଣିବା ଉଚିତ। ସମ୍ରାଟ କୌତୂହଳ ହୋଇ ପଚାରିଲେ ନାଁ ଉଜୀର, ତୁମେ ସମସ୍ତ ପ୍ରକାଶ କର।

ଉଜୀର—ହଜୁର୍, ବୀରବଲ୍‌ଙ୍କ ସ୍ତ୍ରୀ ବଡ଼ ମୁଖରା, ମଝିରେ ମଝିରେ ବୀରବଲ୍‌ଙ୍କ ଟେକିନେଇ ହାତ ସଫେଇ ମଧ୍ୟ କରନ୍ତି ଏବଂ ଏଥର ପୁଣି କନ୍ୟା ଜନ୍ମକରି ବୀରବଲ୍‌ଙ୍କ ଖାତ ବଢ଼ାଇବାରେ ଲାଗିଛନ୍ତି ତେଣୁ ତାଙ୍କୁ ଉକ୍ତ ସହିତ ତୁଳନ କରାଯାଇଛି।

ବ୍ୟାଖ୍ୟା ଶୁଣି ସମ୍ରାଟ ମୃଦୁ ହାସ୍ୟ କରି ପଚାରିଲେ-ବୀରବଲ୍, ତୁମେ ଏତେ ରସିକ କଥା କହିବା କେଉଁଠୁ ଶିଖିଲ?

"ହଜୁର୍ ମୋତେ "ଉଗର" ଏ ଶିକ୍ଷା ଦେଇଛି" ଏତିକିବେଳେ ଶ୍ରୀମତୀଙ୍କ ଚଲୁରରେ ନିଦ ଛୁଟିଯିବାରୁ ସ୍ୱପ୍ନ ଛୁଟିଗଲା ମୋର।

---

( ୫୨ ପୃଷ୍ଠାର ଅବଶିଷ୍ଟାଂଶ )

ଅବସ୍ଥା ଆସଯାଇ ଥାଏ। ମନ ମଧ୍ୟରେ ପ୍ରବଳ ଝଡ଼ ତାର ଶେଷ ଶେଷ ଟିକକ ଶୈଳିହନ ପ୍ରଲାପ ବୁଲି ନିର୍ବାପିତ ହୋଇ ଆସୁଥାଏ।

ସମଗ୍ର ଭୂମିର ପାଖରେ ପ୍ରଣତି ରଖାଇ ଶିବାନନ୍ଦବାବୁ ଦେବାର ବିପରୀତ ଗତିରେ ଶତ୍ରୁମାନଙ୍କ ହୋଇ ମୃତ ନିଷ୍ପତ୍ତିରୁ ଭୂମିରେ ସମାଧି ଦେବାପାଇଁ —ଅନୁରୋଧ କଲେ।

ମୁଣ୍ଡଉପରେ ବୈଶାଖ ମାସର ପ୍ରଚଣ୍ଡ ସୂର୍ଯ୍ୟ କିରଣ ତଳେ ଉତ୍ତପ୍ତ ବାଲୁକା ରାଶି ଆଉ ମୃତ ବ୍ୟକ୍ତିର ଦୁର୍ଗନ୍ଧ ଚୋରାରୁ ମୁକ୍ତ ପ୍ରତ୍ୟେକ ଆମର ଜୀବନ ପରିବେଶ—ଖୁବ୍ ଦୁଃଖଦାୟକ ଅଦ୍ଭୁତ।

କାର୍ଯ୍ୟରେ ପଶ୍ଚାତ୍‌ପଦ ହେବାର ଦେଖି ଇମାମ ସାହେବ ପ୍ରଜାମାନଙ୍କର କହିଉଠିଲେ— ମୁଁ ମନା କରୁଛି ଆଜ୍ଞା ଆପଣ ମାନେ ସାହସ କରିଲ ଏକାମ ଅଟ ଜଟିଳ ନୁହେଁ।

ଏହି ଦୃଢ଼ ସାଦା ବାକ୍ୟଟିରେ କହୁଥିବା ମନର ଦୃଢ଼ତା ଢାକି ପାରୁ ନଥିଲା।

ତାହା ବୁଢ଼ା ମେହେନ୍ତରଟିଏ ଧର୍ମ ଘଟ କାଣ୍ଡ ସେ—ସେଠାରେ ମୁସଲମାନ ଇମାମଦାର ବାବୁଙ୍କ କଥା ଶୁଣି ପଶେଇ ଅସିଲା ଆମର।

ଜଣ ବାବୁ —ବାବୁଙ୍କର ଘୃଣ, କାହା ଘର ଜାଣ୍ଟ —ଆପଣ ଜାଣନ୍ତିନି ବୋଲି ମୁଁ

[ ୭ ପୃଷ୍ଠାର ଶେଷ ଦେଖନ୍ତୁ ]



Digitized by srujanika@gmail.com

# କାଠୁ କାଠି

ମାଷ୍ଟରେ ଯେବେ ତା ହାତର ବେତଟିକୁ ନେଇ ନେଇ ଚୁମ୍ବନ ଚୁମ୍ବନ କଣ ଛୁଉଁଥାଏ କେଜାଣି କେତେ ଆନନ୍ଦ ହେଉଥାଏ।

ଦିନେ ଏହା ଦେଖି ପଚାରିଲି—କିରେ ମାଷ୍ଟରେ ତୁ ତ ନା ଛକ ଖାଉଛୁ, ଏମିତି ଚୁମ୍ବି ହେଉଛୁ କାହିଁକି ?

ମାଷ୍ଟରେ—ଅରେ କାଲି ରାତିରେ ପରା ମୁଁ ଏହି ହାତରେ ଗୋଟିଏ କଅଁଳେଇ କରି ଗୁଣ୍ଡୁଚି ମାରିଥିଲି ମଶାକୁ,

× × × +

ଦିନେ ରେଳଟିଏ କର ଡାକ୍ତର ଜଣେ ଅଗାଡ଼ୁ କହୁ କହୁ କହିଲେ ପିଅ ମାନଙ୍କୁ ଦେଖିବାକୁ ମୋତେ ଭଲ ଲାଗେ ନାହିଁ।

ପୁଣି ଦିନେ ବାହାରେ ଯାଉଁ ଯାଉଁ ରୋଗିଏ ଅତି ସୁନ୍ଦର ଟୋକିଟିକୁ ଧୁଇ ଜଣ ଯାକ ଚାହିଁଲେ।

ସାଙ୍ଗ—କହୋ କଣ ତୁମେ କହୁଥିଲ ପରା ମୋତେ ଚାହିଁନା ଦେଖା। କଣ ଲାଗୁଛି ହୋଇ କହିଲେ—ଆହା, ତୁମ ଚାହିଁବା ମୋ ଚାହିଁବା ଭିତରେ ବହୁତ ପାର୍ଥକ୍ୟ ଅଛି। ତୁମେ ତା'ର ଅଙ୍ଗ ପ୍ରତ୍ୟଙ୍ଗକୁ ଚାହିଁଛ କିନ୍ତୁ ମୁଁ ଚାହିଁଛି ତା'ର ମୁହଁରେ ଖୋଷିହୁଥିବା ଗେଣ୍ଡୁଫୁଲକୁ !

× × × ×

ଦିନେ ନାରଣ ଅଭିମାନ ମାଉ ଉପରୁ କହିଲା କରୋଳରେ —ମୁଁ ତୁମ ନିକଟରୁ ଏତେ ଗାଳି ଦେଉଛି ତୁମେ ଖଣ୍ଡେ ମନ୍ଦ ଗାଳି ଦେଉନା ?

ଉତ୍ତର—ମୁଁ ଗାଳି ନ ଦେଲେ କଣ ହେବ କିନ୍ତୁ ମୁଁ ତୁମକୁ ବେଶୀ ଭଲ ପାଏଁ। ତୁମର ଦ ଅଣ ଗାଳି ହେଲେ ମୋର ହିଁ ଏ ଥର ହେବ କାରଣ ମୋତେ କଥା ଦେଖିବାକୁ ପଡ଼େ।

ତେଣୁ ତୁମେ ଆଉ ଖଣ୍ଡ ଲେଖି ସାରିଲେ ମୁଁ ଫେର୍ଣ୍ଡ ଦେବ।

ଶ୍ରୀ ନାରଦ ବନ୍ଧୁ ଦେହୁରୀ
ଭଦ୍ରକ କଲେଜ
ଭଦ୍ରକ

× × + +

ମାଷ୍ଟ୍ରେ ପଚାରିଲେ, ଅଛି କହିଲ ଦିନେ, ତୁମକୁ ଯୁଦ୍ଧଟଣି ଦେଖ ଦିଆ ହେଲା। ତୁମେ ଯୁଦ୍ଧରୁ ପେଟକୁ ଭ ଆଣି ଯୁଦ୍ଧ ଦେଖ ଦେଇଥିଲ ଆଣିଲ। ପୋଷକ ଭି ଖାଣ୍ଡି ନେଉ ?

ଟିକି—ସର, ଡିଡପସ।

ମାଷ୍ଟ୍ରେ—କପଡ଼ ଜା ଟିଳିକି ?

ଟିକି—ସର, ମୁଁ ଆଗରୁ କହିଥିଲି।

+ × ×

୧ମ—ଅଛି ଭଇ, ଡାକ୍ତର ମୋତେ ଖାଇସାରିବା ପରେ ଦୁଇଟିଏ ଔଷଧ ଖାଇବାକୁ କହିଛି ଯେ, ମୋର ମୋଟେ ମନେ ପଡ଼ୁନି। ତୁ ଟିକିଏ ମନେ କରିଦେବୁ। କିନ୍ତୁ ବେଶୀ କହିବା ଦରକାର ନାହିଁ, ଖାଲି କହିଦବୁ, ହେ, ସେ ଯେଉ ଔଷଧ।

୨ୟ—ଅରେ ଭଇ, ମୋ'ର ବଡ ସେମିତି କଣ୍ଟି ମନେ ରହେ ନାହିଁ। ତୁ ଟିକିଏ ମତେ ମନେ କରିଦେବୁ। ଖାଲି କହିବୁ "ହେ, ସେ ଯେଉଁ କଥା"।

+ + +

୧ମ—ଆପଣଙ୍କର କେତୋଟି ପିଲାପିଲି ?

୨ୟ—ଚାରିଗୋଟି।

୧ମ—ସେମାନଙ୍କର ନାମ ?

୨ୟ—ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର, ଆପଣଙ୍କର ?

୧ମ—ମୋ'ର ବି ଛଅ ଗୁଡ଼ିଏ ଗୋଟି।

୨ୟ—ସେମାନଙ୍କର ନାମ ?

ପ୍ରଥମ ଭଦ୍ରଲୋକ ଆଉ 'ମ୍ବର' ବଳିଷ୍ଠ ନାମ ନପାଇ କହିଲେ, ସେପ୍ଟେମ୍ବର ଅକ୍ଟୋବର, ନଭେମ୍ବର, ଡିସେମ୍ବର।

+ + +

ଜଣେ ପିଲାକୁ ଡେରିରେ ଆସିବାର ଦେଖି ମାଷ୍ଟ୍ରେ ପଚାରିଲେ, କିରେ ତୋର ଏତେ ଡେରି କାହିଁକି ?

ଛାତ୍ର—ସର୍, ମୁଁ ଖାଇ ନଥିଲି।

ଶିକ୍ଷକ—ଏତେ ବେଳଯାଏ ଖାଇନଥିଲୁ କାହିଁ ?

ଛାତ୍ର—ସର, ମୋତେ ନେଇ କେହୋ'ଇ ନଥିଲା।

+ + ×

ଗୁଡ଼ିଏ ଲୋକ ଗୋଟିଏ ବଣ ଭିତରରୁ ଯାଉଥିଲେ। ଗୋଟିଏ ବାଘର ଡାକ ଶୁଣି ଜଣେ କହିଲା, କିରେ ଏତେବେଳେ ଗୋଟିଏ ବାଘ ବୋବାଉଛି କଣ ?

ଅନ୍ୟଜଣେ—କିରେ, ତୁ ଡ଼ରପେର କଥା କହୁଛୁ କଣ ?

ଅନ୍ୟଜଣେ—ତୁ'ତ ନଜେ କହୁଛୁ।

ଅନ୍ୟଜଣେ—ମୋ ଛଡ଼ା ତମେ ସମସ୍ତେ କହୁଛ।

ଶ୍ରୀ ନାରାୟଣ ପ୍ରସାଦ କାନୁନଗୋ
ରେଭେନ୍ସା କଲେଜ
୩ୟ ବାର୍ଷିକ କଳା

(କାହାଣୀର ଅବଶିଷ୍ଟାଂଶ)

କଣ୍ଡାକ୍ଟର—ସେ ସାଆନ୍ତ ମାନେ ପୁଣି ଏକାମ କରିବେ। ମୁଁ ପୁଣି ଥାଉଁ ଥାଉଁ ! ପୋଷଯାଉ ସେ ଧର୍ମଘଟ ପେଦୁଲ ଉସେ ମହଙ୍ଗା ଭତ୍ତା—ମୁଁ ବନ୍ଦ ଦେଉଛି ବାବୁ ! କିଏ କଣ କରିବ ମୋର କଲେ କରିବ ପଛେ"

ଅବାକ୍ ହୋଇ ରହିଲୁ ସମସ୍ତେ ତା କଥା ଶୁଣି—ଧର୍ମଘଟ କରିଛନ୍ତି। ଯେଉଁ ମାନେ ପାଇଁ କାମ କରିବ, ତାର କୁଆ ସାଆନ୍ତମାନଙ୍କ କଣ ହେବ ଯୋଗାଡ଼। ତାଙ୍କର ସରଳ ଆତ୍ମା ପ୍ରତି ଆମର ବାଜୁନି। ମୁଣ୍ଡ ନଇଁ ଆସିଲା ଏ କଥା ପଦାରେ।

ଛତ୍ର କିଏ—ହଁଓ ତୁମେ ବି ଧର୍ମଘଟ କରିଛ—ପୁଣି କାମ କଲେ ତୁମ ମାହାର ଲଗନଙନ ଦେହିକା କରିବନ।

ହଁ ହେଉଛି କଥା ହୋଇଛି ବାବୁ ! ହେଲେ-ସେ ଧର୍ମଘଟ ଆମ ଏଇ ଜମିଦାର ବାବୁମାନଙ୍କ ପାଇଁ ମୁକ୍ତପାଇଁ ଟିପାଇଁ—ଆଉ ତୁମ ପାଇଁ ନୁହେଁ ବାବୁ। ତୁମମାନଙ୍କର ଚାକିରି ଯାଇଁ ପୁଅ ମାନେ ଆମ ଅଛନ୍ତି। ଏକାମ କରିବେ ଆଉ ଆମେ ଧର୍ମଘଟ କରିବୁ କେମିତି—ବସି ରହି ତୁମ ସମସ୍ତେ ଦେଖିବୁ ! ଏହା ଆଉ କେଉଁ ମେହେନ୍ତର ଆଗିରେ ଗଲେ ଯିବ ସିନା ମାହାର ବାଘ ଉପରେ ହେବନି—ଆମର ବାଲୁ ଦେଖା ନାହିଁ ବାବୁ ! ଅମେ ବଜାରୁ ପାଉଛ ଏଇ ଆମର ଚେର୍।

—※—



Digitized by srujanika@gmail.com

# ଚୁ ଚୁ ଧ ରି

(ଡଗରର ପାଠକ ପାଠିକା ଗଣ ଯେ କୌଣସି ଗୂଢ଼ ପ୍ରଶ୍ନ ପଚାରିଲେ ତାର ସରସ ଉତ୍ତର ଚୁ ଚୁ ଧରି ଦେବାକୁ ଚେଷ୍ଟା କରିବ)

ଦୁର୍ଗାପ୍ରସନ୍ନ ମିଶ୍ର
ଖଲ୍ଲିକୋଟ କଲେଜ

ପ୍ର—ପ୍ରେମ ( love ) ଗୋଟାଏ କଳା ( Art ) ନା ବିଜ୍ଞାନ (Science)?

ଉ—ପାଇନଥିବା ଯାଏଁ କଳା (Art) ପାଇଗଲେ ବିଜ୍ଞାନ (science)

ପ୍ର—ଆପଣ ଏମିତି ରଙ୍ଗରସିଆ କେମିତି ହେଲେ ?

ଉ—ଅଭାବ, ଅନାଟନ, ଅଶାନ୍ତ ମଣିଷକୁ ରଙ୍ଗ ରସିକ କମ୍ୟୁନିଷ୍ଟ କରିଏ ।

ଡାକ୍ତର ରାମଚନ୍ଦ୍ର ମିଶ୍ର
ଝାଞ୍ଜିର ମଙ୍ଗଳା

ପ୍ର-ନଅଁ ଖୁଣ୍ଟା ସଂପାଦକ ଗୋଦାବରୀଶ ମହାପାତ୍ର ଡଗର ସଂପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କର କିଏ ହୁଅନ୍ତି ?

ଉ—କେନ୍ଦ୍ର ବିଧାୟକ ସଭାର ସଭ୍ୟ ଶ୍ରୀ ବି ଦାସ ଉକ୍ତ ସଭାର ଅନ୍ୟତମ ସଭ୍ୟ ବିଶ୍ୱନାଥ ଦାସଙ୍କର ଯେ ହୁଅନ୍ତି ।

ପ୍ର—ଜନମତ ସଂପାଦକ ନିତ୍ୟାନନ୍ଦ ଓ ଡଗର ସଂପାଦକ ନିତ୍ୟାନନ୍ଦ ଏକ ବ୍ୟକ୍ତି କି ?

ଉ—ଏକବ୍ୟକ୍ତି ନୁହନ୍ତି, ଜଣକର ରାମାନୁଜୀ ମଠ ଓ ଅନ୍ୟ ଜଣଙ୍କର ଶଙ୍କର ମଠ ।

ପ୍ର—ଇଷ୍ଟର୍ଣ୍ଣ ଟାଇମସ ସଂପାଦକ ଭୈରବ ମହାନ୍ତିଙ୍କ ସହିତ ଦୈନିକ ଆଶା ସଂପାଦକ ରମେଶ ମହାନ୍ତିଙ୍କର କିଛି ସମ୍ବନ୍ଧ ଅଛି କି ?

ଉ—ଜଣେ ଜଣଙ୍କର ମାଉସୀ ପୁଅ ଭାଇର ଶଳାର ପିଉସୀ ଝିଅ ଭଉଣୀର ମଉଳା ପୁଅ ଭାଇ—ଯେପରି—କମଳା କାନ୍ତ ବାହାନ ଉପ ଧାର ନାହିଁ ଯାକ ତାବୁତ ତା ବାପୁ ପଦ୍ମ ମୁଖ ମଳନ ।

ପ୍ର—ରାଧାନାଥ ରଥଙ୍କର ବୈଦ୍ୟନାଥ ରଥ କିଏ ହୁଅନ୍ତି ?

ଉ—ଜଣେ ନନ୍ଦଘୋଷ ଓ ଅନ୍ୟ ଜଣେ ଭୁବଣ ।

ଚନ୍ଦ୍ରଶେଖର ମିଶ୍ର
ରେଭେନ୍‌ସା କଲେଜ

ପ୍ର—ମ୍ୟୁନିସ୍‌ପାଲିଟି ଆଲୁଅ ଖୁଣ୍ଟ ତଳେ ଛିଡାହୋଇ ଆଜିକାଲିକାର ଟୋକା ଟୋକୀଏ ପ୍ରେମାଳାପ କରୁଥିବାର ଆପଣଙ୍କୁ ଜଣା ଅଛି କି?

ଉ—ଆଜିକାଲିକାର ଟୋକା ଟୋକୀଙ୍କ ପ୍ରେମ ମ୍ୟୁନିସ୍‌ପାଲିଟି ନର୍ଦ୍ଦମାକୁ ସୁହାଏ ।

ପ୍ର—ରାଜନୈତିକ ନେତା ପକ୍ଷରେ ସବୁଠାରୁ ରୋମାଣ୍ଟିକ ( Romantic ) ଘଟଣା କଣ ?

ଉ—ଯେତେବେଳେ ସେ ଆବିଷ୍କାର କରେ ଯେ ତାର ପତ୍ନୀ ମଧ ତାର ମତକୁ ପୋଷଣ କରୁଛି । ଏହାର ସତ୍ୟତା ନିମନ୍ତେ ଶ୍ରୀମତୀ ଅରୁଣା ଓ ମହାମାନ୍ୟ ଆସଫ୍‌ ଅଲ୍ଲି, ଶ୍ରୀମତୀ ସୁଭଦ୍ରା ଓ ମାନ୍ୟବର ମହତାବ ଅବା ଶ୍ରୀଯୁକ୍ତା ମାଳତୀ ଦେବୀ ଓ ଶ୍ରୀଯୁକ୍ତ ନବକୃଷ୍ଣ-ଚୌଧୁରୀ କିମ୍ବା ଶ୍ରୀଯୁକ୍ତା ପ୍ରଭାବତୀ ଦେବୀ ଓ ଶ୍ରୀଯୁକ୍ତ ଜୟପ୍ରକାଶ ନାରାୟଣ ଶ୍ରୀମତୀ ସରଳା ଓ ଶ୍ରୀଯୁକ୍ତ ଭଗୀରଥି ମହାପାତ୍ରଙ୍କୁ ପଚାରି ପାରନ୍ତି ।

ପ୍ର—ବିବାହିତା ନାରୀ ପ୍ରତି ଆସକ୍ତ ହେବା ପାପ କି ?

ଉ—ଯଦି ନାରୀ ସହିତ ଯୋଗସାଧନାର ଅଭ୍ୟାସ କରିଯାଉ ନଥାଏ ।

ପ୍ର—ଆପଣ କେଉଁ ବାଦ (ism) ପୋଷଣ କରନ୍ତି ?

ଉ—ମୁଁ ଗାନ୍ଧୀବାଦ ପୋଷଣ କରେ, ସାମ୍ୟବାଦ ପୋଷଣ କରେ, କମ୍ୟୁନିଷ୍ଟ ବାଦରେ ତୋଷଣ କରେ ଓ କଂଗ୍ରେସ ବାଦରେ ଶୋଷଣ କରେ ।

ଖଲିପାଢ଼ୀ—ବ୍ରହ୍ମପୁର

ପ୍ର—ଆପଣ ଜୀବନରେ କେବେ ଚଟକଣା ଖାଇଛନ୍ତି କି ?

ଉ—ମୁଁ ଏଯାଏଁ କେବେ ଖାଇନାହିଁ । ଅନ୍ତତଃ ଦୁଇଜଣ ନଥିଲେ ଚଟକଣା ଖାଇବା ସମ୍ଭବ ନୁହେଁ ।

ପ୍ର—ମୋର ମାନସୀ ମୋତେ ଭଲପାଏ ବୋଲି କିପରି ଜାଣିବି ?

ଉ—ତାହା ଦେବା ନ ଜାନନ୍ତି କୁତଃ ମନୁଷ୍ୟାଃ—କାରଣ ପ୍ରେମିକାକୁ ଆପଣ ପଚାରିଲେ ସେ ଯଦି ଆପଣଙ୍କୁ ସହଜରେ କହିଦିଏ—'ଭଲପାଏ' ବୋଲି ତେବେ ଜାଣିବେ ନିଶ୍ଚୟ ଏଥିପୂର୍ବରୁ ସେ ସେପଦକୁ ମୁଖସ୍ଥ କରିନେବାର ବହୁ ସୁଯୋଗ ପାଇଛି । ଯଦି ସେ କହିଲେ ବୁଝିଲଇ କହି ତେବେ ଜାଣିବେ ଯେ ସେ ଶିକ୍ଷିତ ଖେଳୁଆଡ଼ି ଅଛି ଏବଂ ଏମିତି ଅନେକଙ୍କ ସହ ଖେଳୁଛି । ଯଦି ସେ ନାହିଁ କରେ ତେବେ ଜାଣିବ ଯେ ସେଇଟା ପ୍ରଥମ ଥୋପ—ବନଶୀ-ରେ ଜୀଅଳ ମାତ୍ର ।

\+ + + +

ପ୍ର—ଜୀବନରେ ଶାନ୍ତି ପାଇବାର ଉପାୟ ଜାଣନ୍ତି କି ?

ଉ—ଯଦି ନାରୀ ଜାତିଠାରୁ ଅଲଗା ରହିପାରିବେ ।

\+ + + +

ପ୍ର—ପ୍ରେମଟା କଣ କେବଳ କାମ ବା sex ସଂଭୂତ ?

ଉ—ଫ୍ରଏଡ଼ଙ୍କ ମତ ଖଣ୍ଡନ କରିବା ମୋ ପକ୍ଷରେ ସଂଭବ ନୁହେଁ । ତେବେ ଏତିକି କହିପାରେ ଯେ କାମାସକ୍ତ ଲୋକଙ୍କର ମାର୍ଜିତ କଳାର ନାମ ପ୍ରେମ ।

\+ + + +

ପ୍ର—ଆଉଙ୍କ ତୁମ୍ଭୀ 'ଡଗରର' ନାଗରିକ ବିଭାଗରେ ପଢିଲି—ଆଉଙ୍କ ନାଁ ତ ମୁଁ ଜାଣି ନାହିଁ । ତାଙ୍କ ଚେହେରା କିମିତି ? ଡଗରରେ ତାହା ପ୍ରକାଶ କରିବେ କି ?

ଉ—ଗଜ କର୍ଣ୍ଣୀ, ଗଜଦନ୍ତୀ ଓ ଗଜ ନେତ୍ରୀ ଏବଂ ଗଜବୁଦ୍ଧି—ନାମ ଶ୍ରୀମତୀ ହସ୍ତିନୀ ଦେବୀ



Digitized by srujanika@gmail.com



# ଛତ୍ରାକ ସୁନ୍ଦରୀ

ଅବଗୁଣ୍ଠା ବଣର କନ୍ୟା, ଅଗୋଚରା, ଲଜ୍ଜାଶୀଳା ସତୀ,
ପ୍ରାଣ-ଦେବାଳୟେ ମୋର ଗୋଧୂଳିର ମୃଦୁ-ଘୃତ ବତୀ,
ଧରଣୀ ମଣ୍ଡନାରାଜ୍ଞୀ ଶୁଭ୍ର-ତନ୍ୱୀ ଛତ୍ରାକ ସୁନ୍ଦରୀ ,
ପ୍ରେମଦାର କକ୍ଷତଳେ ଗୁଡ଼େରଖି ଅଞ୍ଚଳେରେ ଧରି ।
କରୁଚ ମୋ ପ୍ରାଣ ମନ୍ତ୍ରବଶ,
ତମ ଶାବ ଅଧରରେ ରଂଜିତରଖି ଲୁବ୍ଧ ନିମନ୍ତ୍ରଣ ।।

କେତେ ମନ୍ତ୍ରେ ଅବତର, ପଲ୍ଲୀଗ୍ରାମ୍ୟ କଣ୍ଟକିତ ଘର;
ଏ ସବୁ କଳମ କିଂବା ବର୍ଣ୍ଣିପାରେ ଠାଣି କାଳି ଝରି ?

ଶ୍ୟାମାସ୍ମିତ ବୁଦା ଧାରେ…ଶୃଙ୍ଗଯୁକ୍ତ ହୁଙ୍କା-ହର୍ମ୍ୟ ତୁଲେ,
ଅଭ ନେସେ କକ୍ଷେ ଗୃହଁଲେ ସୁନ୍ଦର, ଉହାଡେଲେ ଢେଲେ;

ଅଙ୍କିବାକୁ ଛବି ତମ ମନ ମୋର କଲ୍ପନା ପହଁରି
ଧାଇଁ ଯାଏ ରେଶମୀସୂତ୍ର ରୂପ ଖିଅଧରି ।
ନବତଳ ପ୍ରାସାଦ' ର ଧାରେ ଖୋଲି ହେମ ବାତାୟନ
ସୁକୋମଳା ରାଜ ବଧୂ ମେଲିବାର ତରଳ ନୟନ,
' ମହାନଦୀ ଜ୍ୟୋତ୍ସ୍ନା ବିହାରରେ '—
' ମାନସିଂହ ' କଳପନା ତୁଳି ମଧ୍ୟେ ଯେଉଁ ଛବି ଧରେ;
ସେଇ ଛବି ଆଖିଆଗେ ଭାସେ,
[ ପ୍ରେୟସୀ ଗୋ ] ତୁମେ କି ଜାଣିଚ ସତେ-ତମରେ ମୁଁ ଅନାଏ
ହତଶେ…?]
ଛଣଛଦା ଗୃହ କୋଣୁଁ ପଡ଼ି ଛଣ ଓଢ଼ଣା ବାହାଡେ
ଧୂମିତ ସଂଧ୍ୟାରେ ଯେବେ ବୁଲୁ ରୂପେ ଶର ଭଡ଼ ଗାଢ଼େ;

ସେତେବେଳେ ବକଳେ ମୁଁ ଧାଇଁ ଯାଏ ' ଭଞ୍ଜକବି ' ଦ୍ୱାରେ;
' ଲାବଣ୍ୟବତୀ ' କି ସତେ ସାଥେ ତମ ସମ ହୋଇପାରେ ?

ମାନେ ନାହିଁ ମନ ମୋର ଯେଣୁ;
' ତାଜଦାସେ ' ଶୋଭା କରେ ' ଉଷ୍ଟସ୍ମିତା ଲଳନା ' ସେ ତେଣୁ ;
ବାଲୁକା ପ୍ରାନ୍ତରେ ଯେବେ ଫୁଟିଉଠ ସଖୀ;
ସେତେ ବେଳେ ମନହୁଏ ଘଣ୍ଟିପରେ ଗାଢ଼େ ତଡ଼ ରଖି
' ସୋଦ୍ରସଫିଦ୍ୱରେ ' ପୁଛନ୍ତି ମୁଁ—' ମିରଣ୍ଡା 'କି ଏଭଳି ଥିବ,
ଦେଖିଥିଲ ' ଅସୁର୍ଲ୍ୟାଣ୍ଡେ ' ଭଳି ଥିଲା ଧବ ମଞ୍ଜୁ ଛବି ?"
କମ୍ପା ପରିବନ୍ତ ଯାଇଁ ' ଓମର ' ରେ-ମରୁଭୂମିତରେ
ଘୋଷିତ, ସିଦ୍ଧିକ ଧରି ପ୍ରେୟସୀକ ଦବ, ଭ୍ରମ ଧୀରେ

ଏଭଳି ଗୃହଁ ଅସିଥିଲି ଦ୍ରାକ୍ଷାବନ ଧରି ;
ଛନ୍ଦଭୋଳ କଣ୍ଠଗଣ୍ଡେ, ନେତ୍ରଟରେ ରଖି ବୃହିଗ୍ରୁ …?"
ଭାବ ଭାବ କଲନା ମୋ ଦ୍ରବେ,…
ବର୍ଣ୍ଣ, ବୁଦା, ହୁଙ୍କାମୂଳୁଁ ରୂପ, ରସ, ଗନ୍ଧ ଅନୁଭବେ ! ! !

ଅଙ୍କଯେତେ ବେଶପିନ୍ଧି ଉଦ୍ଭଟ କଲ୍ପନା ପାନ୍ତିନେ,
ବାସ୍ତବରେ ଦେଖେ ତାକୁ; କଲି କେସେ ମନେ—
ବାହାରେ ରୂପ ହୋଇ ତେଲେ ନାହିଁ କଲମର ମୂନ,
ତୁମପ୍ରେମ ବନ୍ୟା ଜଳେ ଭାସି ଚଳେ ଯଥା ଶୁଷ୍କ ତୃଣ ।
ସବୁ ଛବି ନିହ୍ନରଣ ଅଣେ—
ସପନର ମହୋତ୍ସବ ରଚାଯାଏ ନିଟୋଳିତ ପ୍ରାଣେ ! !

ବୈଜ୍ଞାନିକ କହେ ଯେବେ ନୁହ ତୁମେ ପ୍ରାଣୀ-ଜଗତର,
ସବୁଜ କଣିକା ହୀନ ଉଦ୍ଭିଦ ମାତର;
ସେତେବେଳେ ପ୍ରେମମୋର ଯାଏ ଜଳି ପୋଡ଼ି,
ମନହୁଏ—" ଡିଜିଙ୍କି ନାଇନ୍ତି ଏମିତି ?"
ପରକ୍ଷଣେ ତମସୌଗ୍ୟ ହୁଏ ପ୍ରୈୟୀ ଧରି
ଜଳରେ ଅଣାଇ ମୁଁ ସେ ତମଲାଗି ଗଳି ।
ତୁଅଗୋ ପଶୁ ଉଦ୍ଭିଦ
ନାହିଁ ତଳେ ଖେଦ;
ଦେଖ ମହ ଅଳ ବୈତକ୍ରମ,
ତୁମର ଯେ ପ୍ରାଣ ଅଛି, ସେ ପ୍ରାଣଟି ମୋର ପ୍ରାଣ ସମ !

ସେହିମୋର ଗୁରୁ ଗଉରବ,
ପ୍ରାଣେ ପ୍ରାଣ କଳମଧ୍ୟୁ, ସେହି ଅଟେ ଉଜ୍ଜ୍ୱଳ ଉତ୍ସବ ।
ହୋଇଗଲେ ' ମହାମାତୃ ' ଲେଖି ଯନ୍ତ୍ର ଭାଙ୍ଗିଦେବ ବହି,
ତମ ନାନାବାଦ ରଖି, ପାରେ ନାହିଁ ଯୋଡ଼ା ପ୍ରାଣ ସହି ।
ମୋ ଅଧର, ରସନାର ତୃପ୍ତି ପାଇଁ ଚଗଲାମୀ ହୋଇ

କଙ୍କପ୍ର କତାଇ ଦେହେ ନଇଡନ୍ ଦାଅଗେ ସିଝାଇ…
ସେବେଳରେ; ସେଇବାଳେ ତୁଣ୍ଡବୁ ମୋ ନୀରପକ୍ଷେ ସ୍ରାବ,
ମସ୍ତ ଲେବୁ ଭାଙ୍ଗଭଳ ଗୃହଁ ରହେ ମୁଁ ବଦଗନ୍ଧ ଦବ !
ଏକଥା କି ଜାଣିନାହିଁ ସଖୀ,
ଅବ ଶ୍ରାବଣର କନ୍ୟା, କାଳ ଭେଦ ଭେଣ୍ଡା-ହଣା ପକ୍ଷୀ ?

ଲେ—ବିନୋଦ ସତ୍ପଥୀ

Digitized by srujanika@gmail.com




ନବ ଜନ୍ମ—ଲେଖକ ଶ୍ରୀ ଶୁକଦେବ ସାହୁ—ଉତ୍କଳ ଟ୍ରେଡିଂ କର୍ପୋରେସନ କଟକ ପକ୍ଷରୁ ଦୃଷ୍ଟ ଇଣ୍ଡ୍ରଷ୍ଟ୍ରିଜ ଷ୍ଟୋରିଜନ୍ସରେ ପ୍ରକାଶିତ ୭୮ ପୃଷ୍ଠାର କ୍ଷୁଦ୍ର ଉପନ୍ୟାସ—ଦେଢ଼ଟଙ୍କା। ମ.ଫ

ତୁଚ୍ଛଦ ପଠନ ଛାପ ଶୈଳୀ ସୁନ୍ଦର—ଦେଉଡ଼ିକ ଗଠନ ସଚ୍ଚ ଦେଖ ଉଦ୍ଧୃତ, କିନ୍ତୁ ଉପନ୍ୟାସର କଥା ହଦ ଚଳନ କଳନାର ବିଶେଷ ସାମଞ୍ଜସ୍ୟ ନାହିଁ।

ଗଳ୍ପ ବସ୍ତୁରେ ଗୋଟିଏ ସହଜ ଘଟଣା—ନିଜ ଧନ ଘଟଣାର ଚରଣ। ନାୟକ ଯାହାକୁ ମନ କରିଥିଲେ ତାକୁ ବିଭା ହୋଇ ପାରିଲେ ନାହିଁ। ବିଭା ହେଲେ ଅନ୍ୟ ଜଣକୁ। ସେଇ ସଂସାର ତାର ସୁନ୍ଦର ହେଲା। ପ୍ରଣୟର ସ୍ମୃତି ଚିହ୍ନ ଗୋଟିଏ ଶିଶୁକୁ ଛାଡ଼ି ପ୍ରଥମ ସ୍ତ୍ରୀ ମଧ୍ୟ ଚାଲିଗଲେ। ଶୂନ୍ୟ ସ୍ଥାନ ପୂରଣ ଜନ୍ୟ ଦ୍ୱିତୀୟ ପକ୍ଷ ଆମ ସମାଜର ସହଜ ଘଟଣା କିନ୍ତୁ ଶିଶୁଟି ଉପରେ ଅଧିକାର ବିଜୟଙ୍କର ହୋଇଥିଲା—ପ୍ରଥମ ପ୍ରଣୟିନୀର। ମାତ୍ର ନୂଆ ଗୃହିଣୀ ସେ ଅଧିକାରକୁ ସ୍ୱୀକାର ନକରି ଶିଶୁଟିକୁ ନେଇ ଆସିଲା ପାଖକୁ। ପ୍ରଣୟିନୀ ଅନ୍ୟର ସ୍ତ୍ରୀ ହେଲେ ହେଁ ପ୍ରଣୟୀର ପ୍ରଥମ ଚିହ୍ନଟିକୁ ଭୁଲି ପାରିଲେ ନାହିଁ। ଦୁଇମା ଛିଣ୍ଡିଲ ଯତ୍ନ ନେଇ ନେଇ ଶିଶୁଟି ଝଡ଼ିଗଲା। ସ୍ୱାମୀ ସ୍ତ୍ରୀ ରହିଲେ ଆଉ ଗୋଟିଏ ନବ ଜନ୍ମର ଆଶାରେ।

ଏ ଗୋଟିଏ ଜୀବନ ଦର୍ଶନ। ମଣିଷ ଅନ୍ତର ସଂସାରରେ ଅନେକ ଦୁର୍ବଳ ଥାଏ। —ଏଥିପାଇଁ କେତେବେଳେ ନାରୀ ହୋଇ ନାୟିକା ଅନନ୍ୟ—କେଉଁ ନୂତନର ସ୍ୱାଗତ କରେ। କିନ୍ତୁ ଏ ଦର୍ଶନ ତଳେ ଗୋଟିଏ ବିରାଟ fallacy ବା ଅପସିଦ୍ଧାନ୍ତ ରହିଛି। ମନୁଷ୍ୟର ଇନ୍ଦ୍ରିୟ ଲାଳସା ପରିତୃପ୍ତିର ଉପକରଣ ଯେତେବେଳେ ଶୂନ୍ୟ ହୋଇ ଯାଏ—ସେତେବେଳେ ନୂତନ ଉପକରଣ ଆଣିଲେ ଦୁରବସ୍ଥା ତୃପ୍ତି ବଢ଼ୁଥିବ ହୁଏ। ମନୁଷ୍ୟ ସେତେବେଳେ ଶୂନ୍ୟତାକୁ ଅନୁଭବ ନକରି ଶୂନ୍ୟତାର ଗୋଲାମ ହୋଇ ଯାଏ।

ଲେଖକ ସମ୍ଭବତଃ ନୂତନ, ଉପନ୍ୟାସର ଶୈଳୀ, ପ୍ରଯୋଜନା ଓ ବିନ୍ୟାସରେ ବହୁ ଦୋଷ ରହିବା ସ୍ୱାଭାବିକ। ଲେଖାରେ ପୁନରାବୃତ୍ତି ଦୋଷ ବହୁ ବେଶି—ଯଥା ହସି ହସି ବହୁ ସ୍ଥାନରେ ବ୍ୟବହୃତ ହୋଇ ଶ୍ରୁତି କଟୁ ହୋଇଛି। ବ୍ୟାକରଣଗତ ଦୋଷ ମଧ୍ୟ ରହିଛି। ନିତ୍ୟ ଦୁର୍ବଳ ବର୍ତ୍ତମାନ ଭିତରେ ଗୋଟିଏ ଗୋଟିଏ ଅତୀତ କାଳ କ୍ରିୟା ବଡ଼ ଜଞ୍ଜାଳରେ ପକାଇ ଦେଉଛି। ବାଳକ ଗୋଟିଏ ଅଳ୍ପ ଗୋଟିଏ ଛୋଟ ପିଲା ଭିତରେ କଥା ଭାଷାର ଭାଷା ଓ ଭାବ ଅସ୍ୱାଭାବିକ ମନେ ହୁଏ। ଆଶା କରୁ ଲେଖକଙ୍କ ଆଗାମୀ ସୃଷ୍ଟି ନିର୍ଭୁଲ ହେବ।

ଜନରବ—ଲେଖକ ଶ୍ରୀ ସତୀନ୍ଦ୍ର କୁମାର ଦାସ। ସାଥୀ ଉପନ୍ୟାସମାଳାର ୫ମ ଖଣ୍ଡ ମୂଲ୍ୟ —୧।— ୧୯୮ ପୃଷ୍ଠାର ଉପନ୍ୟାସ। ଲେଖକ କ୍ଷୁଦ୍ର ଗଳ୍ପ ଲେଖକ ହିସାବରେ ନାମ କରିଛନ୍ତି। ଔପନ୍ୟାସିକ ଭାବରେ ଅବତୀର୍ଣ୍ଣ ହେବାର ଏଇ ପ୍ରଥମ। ଉପନ୍ୟାସର କଥାବସ୍ତୁକୁ ଆରମ୍ଭ ଠାରୁ ପରିଣାମ ଓ ବୃତ୍ତାନ୍ତ ସମାପ୍ତି ଅବଧି ସମସ୍ତ ଗୋଟିଏ ବିରାଟ ଭାବ ପ୍ରବଣତା ଉପରେ ଠିଆ ହୋଇଛି। ଭାଷା ସେଥିପାଇଁ ଉପନ୍ୟାସ ଅନୁରୂପ ନହୋଇ ହୋଇଛି— ନାଟକୀୟ। ନାଟକରେ ଲେଖକଙ୍କୁ ବହୁ ସଙ୍କୋଚ ଉପଦ୍ରବ ଭିତରେ ଗତି କରିବାକୁ ପଡ଼େ ବୋଲି ଭାଷାକୁ ଅତିସ୍ୱାଭାବିକ ବା ଅତି ବାସ୍ତବିକ ଠାଣି ଦେଖାଇ ପଡ଼େ। କ୍ରମେ ଆଧୁନିକ ନାଟକରେ ତାହା ମଧ୍ୟ ଗ୍ରହଣୀୟ ହେଉ ନାହିଁ। ଉପନ୍ୟାସରେ ସେ ଭାଷା ଓ ସ୍ରୋତ ରହିଲେ ତାହା ଲେଖକର ନବୀନତା ସୂଚାଇ ଦିଏ।

ଉପନ୍ୟାସରେ ସବୁଠାରୁ ଭଲ ବିଷୟ ଲକ୍ଷ୍ୟ କରିବାର ହେଉଛି—ବର୍ତ୍ତମାନ ଧନୀକ ସମାଜର ନୈତିକ ଅଧଃପତନ ପ୍ରତି ଲେଖକ ଯେଉଁ କଟାକ୍ଷ କରିଛନ୍ତି—ତାର ବିକାଶ। ଦେଶର ଓ ସମାଜର ନେତୃତ୍ୱ ନେଇ ଏଇ ପଇସାବାଲା ଲୋକେ ଯେଉଁ ଅବସ୍ଥା ସୃଷ୍ଟି କରୁଛନ୍ତି ସେଥିରେ ଭଲ ଲୋକେ ଅବଶ୍ୟ ହେବେଣି ହେବେ। ମାତ୍ର ଏହାର ପରିଣାମରେ ଅତ୍ୟାଚାରିତ ଲୋକେ ହୁଏତ ଦଳ ଲୋକଙ୍କୁ ଅନ୍ୟାୟ ସ୍ୱାର୍ଥ ଯେ କରିବେ। ନଚେତ୍ ସଚେତ ବ୍ୟକ୍ତି ପ୍ରତିରୋଧ କରିବାକୁ ଯାଇଁ ହିଂସା ଆଚରଣ କରିବ। ଦୁର୍ବଳ ମନୁଷ୍ୟ ଅନ୍ୟ ପନ୍ଥା ପାଉ ନାହିଁ। ଆଜି ସ୍ଥାନେ ସ୍ଥାନେ ଯେଉଁ କମ୍ୟୁନିଷ୍ଟ ଆତଙ୍କ-ବାଦ ଦେଖା ଯାଏ—ତା ମୂଳରେ ଏଇ ମନୋବୃତ୍ତି ବହୁ ପରିମାଣରେ ଥିବାର ଅନୁମାନ ଅବିବେଚିତ ନୁହେଁ।

ଉପନ୍ୟାସକାର ଶିକ୍ଷିତା ଓ ଧନୀ ରମଣୀଙ୍କର ଚରିତ୍ରକୁ ଯେଉଁ ବାସ୍ତବତାରେ ଚିତ୍ରିତ କରିଛନ୍ତି ସେଥି ପ୍ରତି ଆମ ସମାଜର ଉଚ୍ଚ ଗୋଷ୍ଠୀ ପାର୍ଟି ଓ ସଭା ସମିତିସ୍ଥ ମହିଳାମାନଙ୍କ ଦୃଷ୍ଟି ପଡ଼ିଲେ ମଙ୍ଗଳ ହେବାର ଆଶା।

—୦—

## ପତ୍ରପତ୍ରିକା

'ସତ୍ୟବାଦୀ'—ପାକ୍ଷିକ ପତ୍ରିକା—ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସ—ନବପର୍ଯ୍ୟାୟର ୧୧ବର୍ଷ ପ୍ରଥମ ସଂଖ୍ୟା—ମୂଲ୍ୟ ଚାରିଅଣା—୩୪ ପୃଷ୍ଠା ବ୍ୟାପୀ ଗଳ୍ପ—ପ୍ରବନ୍ଧ କବିତା ଶିଶୁସାହିତ୍ୟ ଓ ରଙ୍ଗମଞ୍ଚର ଆଲୋଚନା ସମ୍ବଳିତ ସମ୍ପାଦକ—ସର୍ବଶ୍ରୀ ରାଧାନାଥ ରଥ, କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଅନନ୍ତ ପଟ୍ଟନାୟକ, ଏହି ପାକ୍ଷିକକୁ ସାପ୍ତାହିକ କରିବାର ଆକାଂକ୍ଷା ଉଦ୍ୟୋକ୍ତାମାନଙ୍କର ରହିଛି। ପ୍ରଥମ ସଂଖ୍ୟାଟିରେ ସ୍ୱର୍ଗତ ଗୋପବନ୍ଧୁଙ୍କ ସମ୍ପାଦକୀୟ ପୁନର୍ମୁଦ୍ରଣ କରାଯାଇଛି। ଆଦର୍ଶ ସମ୍ବନ୍ଧରେ ଉତ୍କଳମଣିଙ୍କର ଆଲୋଚନା ବର୍ଷପରେ ମଧ୍ୟ ଆଜିର ପରି ମନେହୁଏ। ଏ ସଂଖ୍ୟାର ସୁନ୍ଦରତମ ତୃଜନ ଢ଼କଡ଼େ ଚି ଅଛୁ ମ.ଫ ଗଳ୍ପ ଗୁଡ଼ିକର ଦାରିଦ୍ର୍ୟ ଫୁଟିପଡ଼େ।

ମୋଦେଶ—ଶିଶୁମାନଙ୍କର ଅତି ଆଦରର ପତ୍ରିକା ମୋଦେଶ ପୁଣି ପ୍ରକାଶ ପାଉଛି। ସମ୍ପାଦକ ଶ୍ରୀ ବୀରକିଶୋର ଦାସ। ଶିଶୁମାନଙ୍କ ପାଇଁ ଓଡ଼ିଶାରେ ଏହି ଗୋଟିଏ ପତ୍ରିକା ହେଲେ ହେଁ ଏହା ଅନ୍ୟାନ୍ୟ ପ୍ରଦେଶର ଶିଶୁ ପତ୍ରିକାମାନଙ୍କ ତୁଳନାରେ ବହୁତ ଉପରେ। ନାନା ଛବି ପରିଶୋଭିତ ପତ୍ରିକାଟି ବାସ୍ତବିକ ମନୋରମ ଜ୍ଞାନପ୍ରଦ ହୋଇଛି ବିଷୟ ନିର୍ବାଚନରେ କଳାତ୍ମକ ନିପୁଣତା ପ୍ରକାଶ ପାଉଛି।



Digitized by srujanika@gmail.com



## ଦେବତା

କେଏସେ ତୁମେ ଏ ମର୍ତ୍ତ୍ୟଭୂମେ
ଯାଉଛ ଏକା ଚାଲି
ଜାଣନା ତୁମେ ମରୁର ବାଧା
ପଡ଼ିବ ବନେ ଢାଳି ।
ମରୁର ପଥେ କାହିଁ ଲୁଚେଇ
ଜାଳିଛ ଫୁଲ ବନ
ଫୁଲଟି ଫୁଟି ଯାଉଛି ଉଡ଼ି
(ରହିଛି) ଅଶାର ଦୀପ ଜାଳି ।
ସପନ ଲୁଚି ଦେବତା ତୁମେ
ଆସିଛ ଚଳି ଚଳି
ମରୁର ପଥେ ଜୀବନ ଗୀତ
ଦେବକୁ ସତେ ଢାଳି ।
ମନର କଥା ମଉଳି ଯିବ
ମରମେ ଯିବ ଜଳି
ଅକୁହା ଗୀତ ଅଲକ୍ଷ୍ୟ ସ୍ମୃତି
ଗୋପନେ ଦେବ ଢାଳି ।
ସଜଳ ଦେବତା ନମାନି ବାଧା
ଝାସିଲ ଚଣ୍ଡାନଳେ
ତୃଷା ପାବକ ଛତା ଅନଳ
ମଣ୍ଡିଲ ନିଜ ଗଳେ ।
ଦେଶରେ ଦାବି ମୁକତି ଲାଗି
ଥିଲ ଯେ ତୁମେ ଯୁଝି
ଲୁହର ଛତା ଲିଭ ସଜାଡ଼ି
ହୋଇଛ ପୂଜି ଅଛି ।
ସଜୀବ ଅହିଂସା ମୁକତି ପଥ
ଜ୍ୟାପିଲ ଯେଉଁ ଦେଶେ ।
ସେହି ଦେଶର ଗରଳ ପିଇ
ଗଲୁ ଅମର ବେଶେ ।
ମରଣ ଜୟୀ ମରଣ ଜୟୀ
ଶୋଉଛ ବାହୁଁ ଯାଇ
ଲୁହର ଲାଗି ଭସ୍ମ ରଜତ
ଲୁଟାଇ ଦେଲ ନାଇ ।
ସଜେ କି ମୋର ଦେବତା ବର
ଆସିବ ନାହିଁ ଫେର
(କାରୁ) ପୂଜା ଚାଲିଛି ଅର୍ଘ୍ୟ ଥାଳିଟି
ପଡ଼ିଛି ସେହିପରି ।

ଲେଖକ ଶ୍ରୀ ସୁରେଶଚନ୍ଦ୍ର ପଟ୍ଟନାୟକ

## ଅଜା ବାହାଘର

କି ଶୁଭ ଲଗନେ ଗ୍ରହ ପାଇଛି ଗୋ
ପଡ଼ିଛି ବାରୁଣୀ ଯୋଗ
ଡଗର ପଢ଼ିଲ ଅଜା ବାହାଘର
ଧନ୍ୟ ହୋଇଅଛି ନଗ ।
କେତେ ଶିବପୂଜା କେତେ ଉଚ୍ଚକୋଟୀ
ବଜାର ବସିବ ପରା
ଅଜାଙ୍କର ଖୁସି ବନ୍ଧୁଲେ ନସରେ
ଧରାକୁ ମଣନ୍ତି ସରା ।
ବନାରସୀ ପାଟ କିଣିବା ପାଇଁକି
ଅଜା ମୋର ତରବର
ଗୋଟି ଆଈଙ୍କୁ ମୋ ନାଲି ପାଟ ଖଣ୍ଡି
ଦିଶିବ ଅତି ସୁନ୍ଦର ।
ଆଈ ମୋର ସତେ ଅପସରୀ ଅବା
ଇନ୍ଦ୍ର ସଭାର ମେନକା
ସେଥିପାଇଁ ଅଜା ମୁଗ୍ଧ ହୋଇ କରି
ହୋଇଲେ ତାଙ୍କର ସଖା ।
ଅଜାଙ୍କର ଯୁବା ବୟସ ଯାଇନି
ବୁଢ଼ା କାଳ ଅନ୍ତେ ପରା
କୈଶୋର ଅବସ୍ଥା ଆସିବାରୁ ପୁଣି
ଆଈ ପ୍ରେମରେ ବିଭୋର ।
ଅଜାଙ୍କର ଅଙ୍ଗ ବାହାଘର ବୋଲି
ନାଚ ନାତୁଣୀ ସଜନୀ ।
ଅଜା ହୋଇଯିବେ ନୂଆ ବର ଅଜି
ଆଈ ମୋ କନିଆ ଜନନୀ ।
ଅଜାଟି ମୋହର ବଡ଼ ଚତୁର ଗୋ
ଜାଣି ରଖ ଲୁନ ଆଈ
ଅଜା ମୋର ଜମ କଥା ନ ମାନିଲେ
ଦେବ ଚଅଁର ବୁଲାଇ ।
ଆଧୁନିକ ଯୁଗ ଆଈ ପରା ତୁମେ
ସବୁତ ଜାଣ ତୁମକୁ
ଭ୍ରମ ହେଲେ ମୁଁ ତ କାଠ ପଡ଼ିଲୁ
କ୍ଷମା କର ଅଧମକୁ ।
ମୁଁ ପରା ତୁମର ଶ୍ରେଷ୍ଠ ନାତୁଣୀ ଗୋ
ନାମଟି ମୋର ସବିତା
ପ୍ରଭୁଙ୍କ ପାଖରେ ମିନତି ମୋହର
ନ ଲାଗେ ତୁମକୁ ପିଡା ।

ଲେଖିକା ସବିତା ରାଣୀ ମିଶ୍ର ୧୬୪

## କୁଡ଼ିଆ ସାନ କୁଡ଼ିଆଟିରେ ଦିନ ମୋ କଟିଯାଉ

କୁଡ଼ିଆ ସାନ କୁଡ଼ିଆଟିରେ
ଦୁଃଖ, କ୍ଳେଶ ସହି
ସନ୍ଧ୍ୟା ଧଣେ ମୋ ପ୍ରାଣ ସୁଖେ
ନାଚ ଯାଉ ହେ ବହି ।
ବେ ଶାଖର ଝୁଲା ତାର
ଶୁଣାଉ ମୋତେ ବଂଶୀସ୍ୱର,
ଆଲୁଅ ଦେଇ ବିପଦେ ମୋର
ବିଷମ ପଥ ବାହି
ସନ୍ଧ୍ୟା ପଣେ ମୋ ପ୍ରାଣ ନାଚ
ସୁଖେ ଯାଉ ହେ ବହି ।
କୁଡ଼ିଆ ସାନ କୁଡ଼ିଆଟିରେ
ଉଚେ ରଖି ଶିର
ଲୁହାଇବି ମୁଁ ମୋ ପ୍ରାଣ ଦାନେ
ଅନନ୍ଦର ଝର ।
ଚାହେଁ ନା ମାନ ଚାହେଁ ନା ଧନ
ନେତା ହେବାର ନାହିଁ ମୋ ପଣ,
ସ୍ନେହାର ସ୍ରୋତେ ଭସାଇ ଦେବ
ମୁକ୍ତ ପ୍ରାଣ ମୋର
ଲୁହାଇ ଦେବ ମୋ ପ୍ରାଣ ଦାନେ
ଆନନ୍ଦର ଝର ।
କୁଡ଼ିଆ ସାନ କୁଡ଼ିଆଟିରେ
ଦିନ ମୋ ଯାଉ କଟି
ତାହାର ଧୂଳି ଧୂସର କୋଳେ
ଫୁଲବେ ଉଠୁ ଫୁଟି ।
ଶ୍ରେଷ୍ଠ ମୋ ପ୍ରାଣ ଲତାର ଫୁଲ
ନୟନ ଜଳେ ହୋଇଣ ଟଳ,
ମୋ ଲୁହ ପ୍ରେମ ବିଧାତା ପଦେ
ପଡ଼ୁ ହେ ତହିଁ ଲୋଟି
କ୍ଷୁଦ୍ର ମୋର କୁଡ଼ିଆଟିରେ
ଦିନ ମୋ ଯାଉ କଟି ।
କୁଡ଼ିଆ ସାନ କୁଡ଼ିଆଟିରେ
ଦିନ ମୋ କଟିଯାଉ
ପରମଈଶ ଚରଣ ତଳେ
ଶିର ମୋ ନତ ଥାଉ ।
କ୍ଷୁଦ୍ର ମୋର ଅଞ୍ଜଳୀରେ
ସ୍ନେହ ସଚେତ କଣ୍ଠ ଗୀତରେ,
ଦୁଃଖୀ ପ୍ରାଣେ ପୀଡ଼ିତ ପ୍ରାଣେ
ଢାଳିବ ନିତ ମଧୁ
କୁଡ଼ିଆ ସାନ କୁଡ଼ିଆଟିରେ
ଦିନ ମୋ କଟି ଯାଉ ।

ଲେ— ଶ୍ରୀ ବିନୋଦବିହାରୀ ପଲାଇ



Digitized by srujanika@gmail.com

## ଡ୍ୟାଫୋଡ଼ିଲ

ହୋଇ ଲକ୍ଷ୍ୟହୀନ ଯେ ଗଗନେ
ଉପତ୍ୟକା, ଶୈଳସାନୁ ଉର୍ଦ୍ଧ୍ୱେ ଭ୍ରାମ୍ୟମାନ
ଖଣ୍ଡ ମେଘ ସମ ଭ୍ରମୁଥିଲି ମୁଁ ବିଜନେ।

ଅକସ୍ମାତ ବିଲୋକିଲି
ସ୍ୱର୍ଣ୍ଣ ଡ୍ୟାଫୋଡ଼ିଲ
ଅସଂଖ୍ୟ ମୃଦୁ ସମୀରେ ନର୍ତ୍ତନଶୀଳ ।
ନାହିଁ ତାଳ, ଛନ୍ଦ ତାନ
ଘନ ବୃକ୍ଷ ଛାୟା ତଳେ
ନିକଟରେ ହ୍ରଦ ଏକ ସୁବିରାଜମାନ। ୧ ।
ଛାୟାପଥ ତାରକା ଶୋଭିତ
ଝଙ୍କାରିତ ଦୀପ୍ତ ପ୍ରଭା ସମ ଅଶାନ୍ତ ହୋଇ
ପୁଷ୍ପ ରାଜ ହ୍ରଦ ତୀରେ ସ୍ଥିତ ।
ସୀମା ହୀନ ରେଖା ଧାରେ
ଥିଲେ ସରବେ ବିସ୍ତୃତ
ନିମିଷକେ ଲକ୍ଷ ଲକ୍ଷ ମୁହିଁ ବିଲୋକିଲି ।
ଥିଲେ ନର୍ତ୍ତନେ ମଗନ
ନୁଆଁଇ ସରବେ ମଥା
ଲୀଳାୟିତ ଛନ୍ଦେ ଧୀରେ ସଂଗୃଳନ କରି । ୨ ।
ହ୍ରଦ ଉର୍ମି ତରଙ୍ଗ ନର୍ତ୍ତନ
ପ୍ରାକୃତିକ ଡ୍ୟାଫୋଡ଼ିଲ ସୁଖନୃତ୍ୟ ସମ
ନଥିଲେ କରି ଆନନ୍ଦ ଦାନ
କବି ଉପଭୋଗେ ବିନା
(ରହି) ଏ ସୁଖଭରି ଗହଣରେ
ନପାରେ ସାହାଯ୍ୟକରି ଏ ଆନନ୍ଦ ଦାନେ
କାହିଁକଣି ଅନାଇଲି
କିନ୍ତୁ ନଥିଲି ମୁଁ ଜାଣି
କେବ ଭବିଷ୍ୟତେ ଅନନ୍ତ ଏ ଦୃଶ୍ୟ ପ୍ରାଣରେ। ୩ ।
ଶଯ୍ୟାମୁଁହ ଆଶ୍ରଇ ଯେବେଲେ
ହୋଇ ଚିନ୍ତନା ବିହୀନ ଅବା
ଦୁଃଖପୂର୍ଣ୍ଣ ହୃଦୟେ ସେବେଳେ
ମନଶ୍ଚକ୍ଷେ ଉଠେ ନାଚି
ଡ୍ୟାଫୋଡ଼ିଲ ସ୍ନିଗ୍ଧ ରୂପ
ପାଏ ମୁଁ ଅନନ୍ଦ ଯାହା ବିଜନତା ଦାନ
ଆନନ୍ଦେ ହୃଦ ମଗନ
ହୋଇଯାଏ ମୋର ପୂର୍ଣ୍ଣ
ଡ୍ୟାଫୋଡ଼ିଲ ସମ ହୃଦ ରଚଇ ନର୍ତ୍ତନ। ୪।

•••••••••✽•••••••••✽

## —ନାଗଙ୍କ ପ୍ରଶ୍ନ—

### ନାଗ ୧୦୭୯

୧—ଭାରତର କେଉଁ ସହରକୁ ଦାକ୍ଷିଣାତ୍ୟର ରାଣୀ କହନ୍ତି ?

୨—କେଉଁ ମୁସଲମାନ ସମ୍ରାଟ ୧୫୦୦ ରାଣୀଙ୍କୁ ରଖିଥିଲେ ?

୩—୧୯୪୯ରେ ରାଷ୍ଟ୍ରର ଡ଼ାକ୍ତର ଖାନାର ଉଦ୍ଭୂତ ଖବର କଣ ?

୪—ଗାଈର କେତୋଟି ପାକସ୍ଥଳୀ ?

୫—ଉପେନ୍ଦ୍ର ଭଞ୍ଜ କେଉଁ କେଉଁ କବିଙ୍କୁ ଭକ୍ତି କରୁଥିଲେ ?

ବିବେକାନନ୍ଦ ( ୧୨୩୦ )

୧—' intrnational ' ପଦର ଅବିଷ୍କର୍ତ୍ତା କିଏ ?

ଗୋବର୍ଧନ [୧୦୭୯[

[କ] ପୃଥିବୀରେ ସର୍ବାଧିକ ସ୍ୱାଦୁ କଣ ?

[ଖ] ପୃଥିବୀରେ ଆଶ୍ଚର୍ଯ ପକ୍ଷୀ କିଏ ?

[ଗ] ବଞ୍ଚିବା ପାଇଁ ସବୁଠାରୁ କଣ ଅଧିକ ଦରକାର

[ଘ] ଗାନ୍ଧୀ ମାହାତ୍ମା କେବେ ଓ କେତେ ବର୍ଷରେ ପରଲୋକ ଗମନ କଲେ ?

[ଙ] ଭାରତର କେଉଁ ମହାତ୍ମା ୨୮୦ ବର୍ଷ ବଞ୍ଚିଥିଲେ ?

## ଅବସର ବିନୋଦନ ୪୫

ଗୋଟିଏ ସେରିଆ ପଥରଟିକୁ ଏପରି ଭାବରେ ୭ ଭାଗ କର ଯେପରିକି ଉକ୍ତ ପଥର ଖଣ୍ଡର ବିନିମୟରେ ହିଁ ଯେତେ ସେର ଇଚ୍ଛା ସେତେ ସେର ଜିନିଷ ଓଜନ କରାଯାଇ ପାରିବ

ଗୋବର୍ଧନ—୧୦୭୯

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଉଣା । ମୋର ଜନ୍ମ—ତା । । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ନିମନ୍ତେ ୫୦ ନୟା ଡାକଟିକଟ ଦେଲି

ସ୍ନେହର
ଠିକଣା —ଶ୍ରୀ...



Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଜମ୍ବୁକୀ ଋରଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାବୃତ୍ତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୧୯୯/

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରକୁ ଦୂରୀଭୂତ କରେ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୯— ଡାକଖର୍ଚ୍ଚ—୧୦୯/ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

Kaviraj M. K KAVYATIRTHA (D. G.)
70, Cornwallis St., Calcutta

---

ଉତ୍କଳ ସାହିତ୍ୟର ସମୁଜ୍ଜ୍ୱଳ ମଣିମୁକ୍ତା,

# ମାନସିଂହ ସାହିତ୍ୟ

## ସହିତ ପରିଚିତ ହେବାକୁ

| | | | |
|---|---|---|---|
| ଧୂପ— | ୧୧ | କମଳାୟନ— | ୧୨ |
| ବାପୁତର୍ପଣ— | ୧୦୯ | ହେମା— | ୧୦୯ |
| ଜୀବନୀ ଓ ପ୍ରବନ୍ଧ— | ୧୦୯/୦ | ଜୀବନପଥ— | ୧୨।୶ |
| ଜୀବନଚିନ୍ତା— | ୧୦୯୶ | ନିଷ୍ଠା ଗୀତ— | ୧୦୯ |
| ହେମପୁଷ୍ପ— | ୧୧। | ହେମଶସ୍ୟ ଓ—ଅନ୍ୟାନ୍ୟ ପୁସ୍ତକର | |
| କବି ଓ କବିତା— | ୧୨ | ଅନୁସନ୍ଧାନ କରନ୍ତୁ । | |

---

## କ୍ଷମା ଭିକ୍ଷା

ପ୍ରେସ ଅସୁବିଧା ଯୋଗୁ ଗତ ର ନିର୍ଦ୍ଦିଷ୍ଟ ବାହାରି ପାରି ନାହିଁ ଏବଂ ଅତି ଦୁର୍ବଳ ଓ କ୍ଷୀଣ ରୂପ ନେଇଛି । ଅତଏବ ଏଥର ନୂଆ କଳେବର ଦେଖିବେ । ନୂତନ ଗ୍ରାହକ ହୋଇ ଉତ୍ସାହିତ କରନ୍ତୁ ।

ପରିଚାଳନା ସମ୍ପାଦକ

---

## ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର ।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦଲ୍ଲୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

ଠିକଣା—ଶ୍ରୀ ଦଲ୍ଲୀପ କୁମାର
ମାନହିନ ମହାପାତ୍ର
ପୋଃ ଢେଙ୍କାନାଳ

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧୦ରୁ ୧୬୦ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଜ୍ୟୋତିଷ ସାହାଯ୍ୟରେ ସଂଖ୍ୟାବିଜ୍ଞାନ ବଳରେ ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୧୧ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖିପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

---

ନବୀନ ଉତ୍କଳର
ନବ ବିକାଶର ଉନ୍ମେଷ
ବାର୍ତ୍ତାବହନ

# ଉନ୍ମେଷ

ଜାନୁୟାରୀ ୧୯୫୦ ମସିହାରେ ପ୍ରକାଶ ପାଉଛି
ଉତ୍କଳର ସୁନାମ ପ୍ରସିଦ୍ଧ
ଲେଖକ ମାନଙ୍କ ଲେଖାବଳୀରେ
ସମୁଜ୍ଜ୍ୱଳ
ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା
ଉନ୍ମେଷର ଲକ୍ଷ୍ୟ
ବାର୍ଷିକ ୧୨(ବାର୍ଷିକ ୧୩ ପ୍ରତିଖଣ୍ଡ ୧୦୯

ଉନ୍ମେଷ—ଅଫିସ

ଝାଞ୍ଜରୀ ମଙ୍ଗଳ କଟକ—୧

---

ଦୁଇ ବୋଉ ସେବା କରନ୍ତି-ଦୁଇଜଣଙ୍କର ଆଦରର ଧନ । ତଥାପି ଦୁନିଆ ଧରଣୀର ମାଧୁରୀ, ଜନନୀର ସ୍ନେହ ସବୁ ଛୁଇଁ ଭଗବାନର ମୃତ୍ୟୁ ଗହ୍ୱରରେ ଲୁଚିଗଲା । କାନ୍ତ ମୃତ୍ୟୁ ପରେ ବି ତା'ର ସ୍ମୃତି ଦୁହିଁଙ୍କ ଜୀବନରେ ଉଜ୍ଜ୍ୱଳ ଅମର ପ୍ରଦୀପ । ମଣି ସ୍ମୃତି ପ୍ରେମକୁ ଦୂର ପୃଥିବୀରେ ଜାଳି ଉଜ୍ଜ୍ୱଳ-ଦାମ୍ପତ୍ୟ ଜୀବନରେ ଶୁଭ ସଙ୍କେତ ଦେଇ । ଭାଷା-ଭାବ ବିଷୟ ସମ୍ପୂର୍ଣ୍ଣ ନୂତନ । ଆଜି ପଢ଼ନ୍ତୁ ।

ତରୁଣ ଲେଖକ—ଶ୍ରୀ ଶୁକଦେବ ସାହୁଙ୍କର

ନୂଆ ଉପନ୍ୟାସ

# ନବ ଜନ୍ମ

ମୂଲ୍ୟ ଏକଟଙ୍କା

ପ୍ରାପ୍ତି ସ୍ଥାନ—ଉଇମେନ୍ସ ଟ୍ରେଡିଂ କରପୋରେସନ

କଲେଜ ଛକ, କଟକ—୩

—○—

Digitized by srujanika@gmail.com

Dagaro

Reg. No O18. ORISSA'S MOST POPULAR FORTNIGHTLY I- -O


## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍‌ କୁଷ୍ଠିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ । ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍‌, ଖୁରୁଟ—ହାଓଡ଼ା

ଶାଖା ୩୬—ନଂ ହାରିସନ ରୋଡ କଲିକତା

## ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ଼ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍‌ ଗୋଲ୍‌ଡ ଗହଣା, ରଙ୍ଗରେ ଓ ମଜବୁତରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେବୁ । ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

ଜି, ମାଲାକାର ଚୌଧୁରୀ ଷ୍ଟ୍ରିଟ, ବ୍ରାହ୍ମସମାଜ ରୋଡ, କଲିକତା—୩୪

## ୧୦୧ ଟଙ୍କା ପୁରସ୍କାର

**ନକଲରୁ ସାବଧାନ**

## ଅସଲି ପଞ୍ଚଗୁଣା ତୈଳ

( ରେଜିଷ୍ଟାର୍ଡ )

ବହୁ ଗୁଣକାରକ, ଭୁବନ ବିଖ୍ୟାତ, ଅସଲି ପଞ୍ଚଗୁଣା ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦଦ୍ରୁ, ଛାଉଣି, କୁଷ୍ଠ, ପୋଡ଼ା ଘାଆ, ଖାଜୁ, ବିଖଣ୍ଡି, ମଚଳା, ଦାଗ ପ୍ରଭୃତି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ବ୍ୟବହାର ବିଧି ଶିଶି ସହିତରେ ଥାଏ । ପଡ଼ିଲେ ସମସ୍ତ ବିଷୟ ବୁଝି ପାରିବେ । ମୂଲ୍ୟ ପ୍ରତି ଗ୍ରୋସ ଟ ୭୫ଟଙ୍କା ପ୍ରତି ଡଜନ ଟ ୭ ୲, ପ୍ରତି ଶିଶି ୫୦ ୲/୦ ମାତ୍ର । ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରାଇ ଦିଅନ୍ତି, ତାଙ୍କୁ ୧୦୧ଟଙ୍କା ପୁରସ୍କାର ଦିଆଯିବ ଆଉ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ । ପତ୍ର ଦେଲେ କାଟାଲଗ ପଠାଇ ଦେବୁ ।

ପ୍ରାପ୍ତି ସ୍ଥାନ—ମନିରାମ କେଦାରମଲ



## ପାଇରୋଲା

ପ୍ଲୀହାଜ୍ୱର, ପାଳିଜ୍ୱର ଓ ମ୍ୟାଲେରିଆର ମହୌଷଧ

## ଅନନ୍ତରସ ସାଲସା

ରକ୍ତ ପରିଷ୍କାରକ, ବୀର୍ଯ୍ୟବର୍ଦ୍ଧକ ଓ ବାତ-ବେଦନାନାଶକ ମହୌଷଧ



ବହୁବଜାର ଲେବରେଟରୀ

P.56 ବହୁବଜାର ଷ୍ଟ୍ରୀଟ . କଲିକତା ୧୨

ଉତ୍କଳର ରଚନାତ୍ମକ ମାସିକ ପତ୍ରିକା

## 'ଗ୍ରାମ ସେବକ'

ଗ୍ରାହକ ଚାନ୍ଦା ଟ ୩୮ ଠିକଣା-ପୋ: କଟକ ୨

ପଢନ୍ତୁ

**ପୁରସ୍କାର ଟ୧୦୦୦ ଟଙ୍କା**

**ଲେପା ଉଦ୍ଧାର** — ରେଜିଷ୍ଟାର୍ଡ —

ସର୍ବପ୍ରକାର କୁଷ୍ଠ ଧଳା କୁଷ୍ଠ, ମେହ ଓ ସ୍ତ୍ରୀ ରୋଗ ମାନଙ୍କର ବିଜ୍ଞାପନ

ଲକ୍ଷ୍ମୀ ଏଜେନ୍ସୀ: ଲେଡ଼ି ଓ ଆଲିପୁର ଦଆର ଜଙ୍କସନ ଭାରତ ବର୍ଷ ଇତ୍ୟାଦି


୪-୩-୧୯୫୮—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ୨ ୧୯୫୮—ଶ୍ରୀ ମଦନମୋହନ ଦାସ

Printed & Published by G.C. Mohapatro, at the Gopinath Press, Bhadrak. 1.2.

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୧୭ଶ ସଂଖ୍ୟା
ମାଘ ଦ୍ୱିତୀୟାର୍ଦ୍ଧ
୧୬ । ୨ । ୫୦

## ପାକିସ୍ତାନର ସ୍ୱୟମ୍ବର




ନମ୍ରାକନ୍ତ—ପିତା ନାଜିମୁଦ୍ଦିନ !
କାହାକୁ ବରିବେ ବୋଲ
ଜଣେଚି ଦଶୁଛନ୍ତି ମାଙ୍କଡ ମୁର୍ଦ୍ଦା ଠା
ଅନ୍ତରେ ଦଶଇ ଭାଲୁ
( ଅମୃତ ଉପାଖ୍ୟାନରୁ )

Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଚନ୍ଦ୍ରକୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପରେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୫୵୦

## ଦେହ ଏବଂ ମନର ପ୍ରସନ୍ନ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବତୁରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସନ୍ଦେଶ । ମୂଲ୍ୟ— ୨୲— ଡାକଖର୍ଚ୍ଚ—୫୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

**Kaviraj M. K KAVYATIRTHA (D. G.)**
**70, Cornwallis St., Calcutta**

---

ଉତ୍କଳ ସାହିତ୍ୟର ସମୁଜ୍ଜ୍ୱଳ ମଣିମୁକ୍ତା,

# ମାନସିଂହ ସାହିତ୍ୟ

## ସହିତ ପରିଚିତ ହେବାକୁ

| | | | |
|---|---|---|---|
| ଧୂପ— | ୫୧ | କମଳାୟନ— | ୫୨ |
| ବାପୁତର୍ପଣ— | ୫୦୲ | ଜେମା— | ୫୦୲ |
| ଜୀବନୀ ଓ ପ୍ରବନ୍ଧ— | ୫୦୲୦ | ଜୀବନପଥ— | ୫୧୲୵ |
| ଜୀବନଚିନ୍ତା— | ୫୦୲୵ | ନିଷ୍ଠ ଗୀତ— | ୫୦୲ |
| ହେମପୁଷ୍ପ— | ୫୧। | ହେମଶସ୍ୟ ଓ—ଅନ୍ୟାନ୍ୟ ପୁସ୍ତକର | |
| ଜନ୍ମ ଓ ଜନିତା— | ୫୨ | ଅନୁସନ୍ଧାନ କରନ୍ତୁ । | |

---

## ଘଟସୂତ୍ର

ଉଚ୍ଚବଂଶୀୟ, ଉଚ୍ଚଶିକ୍ଷିତ, ଓଡ଼ିଆଭାଷୀ ସମ୍ଭ୍ରାନ୍ତ ବଙ୍ଗାଳି ଭଦ୍ରଲୋକ, ଅଧ୍ୟାପକ—ରୂପ ସମ୍ପନ୍ନା ୨୨-୨୫ ବର୍ଷର ଜାତିଧର୍ମ ନିର୍ବିଶେଷରେ କୌଣସି ଓଡ଼ିଆ ମହିଳାଙ୍କୁ ବିବାହ କରିବାକୁ ଇଚ୍ଛୁକ । ଅସହାୟ, ଦରିଦ୍ରା, ଦୁସ୍ଥା ପ୍ରାର୍ଥନୀୟ ।

ବକ୍ସ ନଂ ୧—ଉତ୍ତର

( ଏଭଳି ବିଜ୍ଞାପନ ଆମ୍ଭେମାନେ ଏ ସ୍ତମ୍ଭରେ ପ୍ରକାଶ କରିବୁ )

---

## ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର ।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦଳୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

**ଠିକଣା—ଶ୍ରୀ ଦଳୀପ କୁମାର**
**ମାନସିଂ ମହାପାତ୍ର**
**ପୋଃ ଢେଙ୍କାନାଳ**

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଜ୍ୟୋତିଷଶାସ୍ତ୍ର ସାହାଯ୍ୟରେ ସଂଖ୍ୟାବିଜ୍ଞାନ ବିଗ୍ରହ ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୫୧ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖିପଠାନ୍ତୁ ।

**ଭବିଷ୍ୟଦ୍ରଷ୍ଟା କାର୍ଯ୍ୟାଳୟ**
**ଭାଗବତ ଭବନ, ଭଦ୍ରକ ।**

---

## ଆନ୍ତର୍ଜାତିକ ମିଳନୀ ସଂଘ

"International Exchange Service"

ଆପଣ ମାନେ ଦେଶ ବିଦେଶରେ ଆପଣ ମାନଙ୍କ ସମ ବୟସ ଓ ମନୋଭାବ ଧର ବନ୍ଧୁ ଚାହାନ୍ତି ? ନିଶ୍ଚୟ ! ସାଧାରଣ ଲୋକ ଚରିତ୍ର ପକ୍ଷରେ ଏହା ସ୍ୱାଭାବିକ । ଆପଣ ଯଦି ଘରେ ବସି କେଉଁ ସୁଦୂର ଫିନଲାଣ୍ଡ ବ୍ରାଜିଲ ବା ମେକ୍ସିକୋ ପ୍ରଭୃତି ଦେଶରେ ଜଣେ ସହାନୁଭୂତିଶୀଳ ବନ୍ଧୁ ପାଆନ୍ତି, ସୁଖୀ ହେବେ ନାହିଁ କି ?

ଆମର ଅନୁଷ୍ଠାନ ଆପଣଙ୍କୁ ଯେ କୌଣସି ଦେଶରେ ଆପଣଙ୍କ ପ୍ରାର୍ଥିତ ବନ୍ଧୁ ସହିତରେ ଯୋଗସୂତ୍ର ସ୍ଥାପନ ଓ ପରିଚୟ କରାଇ ଦେଇ ପାରିବ ।

ପ୍ରବେଶିକା ଫି—ସର୍ବସାଧାରଣଙ୍କ ପାଇଁ ଏକଟଙ୍କା ମାତ୍ର । ବାର୍ଷିକ ଚାନ୍ଦା ଛାତ୍ରଙ୍କ ପାଇଁ ଏକଟଙ୍କା ଓ ସାଧାରଣଙ୍କ ପାଇଁ ଦୁଇଟଙ୍କା ମାତ୍ର ବାଳିକା ଓ ମହିଳାଙ୍କ ପାଇଁ ଅର୍ଦ୍ଧ ।

ନିମ୍ନଠିକଣାରେ ପତ୍ର ବ୍ୟବହାର କରନ୍ତୁ

"ଅନ୍ତର୍ଜାତିକ ମିଳନୀ ସଂଘ"
ଉତ୍ତର ଅଫିସ
କଟକ ୧

ପ୍ରେସିଡେଣ୍ଟ

ପ୍ରତିନିଧି - ଶ୍ରୀ ଲକ୍ଷ୍ମଣଚନ୍ଦ୍ର ପାଣିଗ୍ରାହୀ

---

## ନବୀନ ଉତ୍କଳର

ନବ ବିକାଶର ଉନ୍ମେଷ ବାର୍ତ୍ତାବହ

# ଉନ୍ମେଷ

ଉତ୍କଳର ସ୍ୱନାମ ଧନ୍ୟ ଲେଖକ ମାନଙ୍କ ଲେଖାବଳୀରେ ସମୁଜ୍ଜ୍ୱଳ

ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା

ଉ ନ୍ମେ ଷ ର ଲ କ୍ଷ୍ୟ

ବାର୍ଷିକ ୫୬(ଷାଣ୍ମାସିକ ୫୩ ପ୍ରତିଖଣ୍ଡ ୫୦୲

ଉନ୍ମେଷ ଅଫିସ ଝାଞ୍ଜିରୀ ମଙ୍ଗଳା କଟକ—୧

Digitized by srujanika@gmail.com

ଆନନ୍ଦାଦ୍ଧ୍ୟେବ ଖଳ୍ୱିମାନି ଭୂତାନି ଜାୟନ୍ତେ

# ଝଙ୍କାର

ମାଘ ଦ୍ୱିତୀୟାର୍ଦ୍ଧ ୧ମବର୍ଷ ୧୭ସଂଖ୍ୟା ୧୭।୨।୫୦

## ଜମିଦାରୀ ଉଚ୍ଛେଦ ଆଇନ

ଏ ଓଡ଼ିଶା ଇଷ୍ଟେଟସ୍ ଲ୍ୟାଣ୍ଡ ଏବଲିଶନ୍ ବିଲ ବା ଜମିଦାରୀ ଉଚ୍ଛେଦ ଆଇନ ଚଠା ଅଭିମତ ପାଇଁ ସର୍ବସାଧାରଣଙ୍କ ଆଗରେ ପେଶ୍ ହୋଇଛି । ଏଭଳି ଆଇନର ମୂଳନୀତି କଣ ହେବା ଉଚିତ ତାହା ଅମ୍ଭେମାନେ ପୂର୍ବରୁ ସୂଚାଇ ଦେଇଛୁଁ । ବର୍ତ୍ତମାନ ଚଠା ସମ୍ବନ୍ଧରେ ବିଶେଷ କିଛି କହିବାର ନାହିଁ । କାରଣ ଜମିଦାରୀ ଉଠାଇବା ଉଦ୍ଦେଶ୍ୟରେ ଯେକୌଣସି ଆଇନକୁ ବର୍ତ୍ତମାନ ଅମ୍ଭେମାନେ ସ୍ୱାଗତ କରୁଁ । ବରଂ କହିବୁ ଯେ ଏହାର ଉପଯୋଗିତା ନଷ୍ଟ ହୋଇଗଲାଣି—ବହୁ ବିଳମ୍ବରେ ଆଗତ ହେବାରୁ । ଜମିଦାରମାନେ ବାସ୍ତବରେ ମୃତ । ବିଷଦନ୍ତ-ହୀନ ସର୍ପଭଳି କର୍ତ୍ତୃତ୍ୱ ହୀନହୋଇ ରହିଛନ୍ତି । ଜମିଦାରୀ ପ୍ରଥା ମଧ୍ୟ ମୃତ । ବର୍ତ୍ତମାନ ଆଇନ କେବଳ ଶବସତ୍କାର ମାତ୍ର । ଏ ସତ୍କାର ଚନ୍ଦନ ବା ତୁଳସୀ କାଠରେ ହେଉ ବା କବର କଫିନରେ ହେଉ ଆମର ବିଶେଷ କିଛି କହିବାର ନାହିଁ । ତଥାପି ଅମ୍ଭେମାନେ ବହୁସଂଖ୍ୟକ ଛୋଟ ଛୋଟ ଜମିଦାରମାନଙ୍କ ଆଶଙ୍କା ଓ ଦାବିପ୍ରତି ଅନ୍ଧ ହେବାକୁ ପ୍ରସ୍ତୁତ ନୋହୁଁ । ସେମାନେ ଯେତେବେଳେ ଯୁକ୍ତି କରନ୍ତି ଯେ ରାଜାମାନେ ଦୈବକ୍ରମେ ପାଇଥିବା ରାଜ୍ୟହରାଇ ଯଦି ପୁରୁଷାନୁକ୍ରମେ ବସିଖିଆ ଭତ୍ତା ପାଇଲେ; ହକ ପଇସା ଖଟାଇ ବ୍ୟବସାୟ ସୂତ୍ରରେ ଜମିଦାରୀ କରି ଉଚିତ କ୍ଷତିପୂରଣ ଜମିଦାର ନପାଇବେ କାହିଁ—ତାହାଁର ବିଶେଷ ସୁସଙ୍ଗତ ଉତ୍ତର ମିଳେନାହିଁ । ତଥାପି ଗୋଟିଏ ଭୁଲକୁ ଅନ୍ୟଭୁଲ୍ ଦ୍ୱାରା ଠିକ୍ କରି ହେବନାହିଁ । ରାଜାଙ୍କ କ୍ଷେତ୍ରରେ ସରକାର ଯେଉଁ ଭୁଲକଲେ ଜମିଦାରଙ୍କ କ୍ଷେତ୍ରରେ ସେ ଭୁଲ ପୁନରାବୃତ୍ତି କରିବା ଅସଙ୍ଗତ । ଦେଶର ସମୂହ କଲ୍ୟାଣ ଦୃଷ୍ଟିରୁ ଜମିଦାରମାନେ ସ୍ୱାର୍ଥତ୍ୟାଗ କରନ୍ତୁ—ଏତିକି ଆମର ପ୍ରାର୍ଥନା । ଏଇ ମଧ୍ୟବିତ୍ତ ଶ୍ରେଣୀର ତ୍ୟାଗ ବଳରେ ଭାରତ ସ୍ୱାଧୀନ ହୋଇଛି । ସେମାନଙ୍କର ତ୍ୟାଗ ସେ ସ୍ୱାଧୀନତାକୁ ବଳବତ୍ତର କରୁ ।

କିନ୍ତୁ ବର୍ତ୍ତମାନ ଏ ବିଲ୍‌ରେ ଗୋଟାଏ ବିଶେଷ ତ୍ରୁଟି ଏବଂ ଅଭିସନ୍ଧି ପ୍ରତି ଅମ୍ଭେମାନେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଆଇନ ଚିଠାର ଦ୍ୱିତୀୟ ଅଧ୍ୟାୟ ତୃତୀୟ (୧) ଧାରାରେ ଅଛି— ପ୍ରାଦେଶିକ ସରକାର ଯେ କୌଣସି ସମୟରେ ନୋଟିସ ଜାରିକରି ଯେ କୌଣସି ମଧ୍ୟ ସତ୍ତ୍ୱାଧିକାରୀର ନୋଟିସ ଲିଖିତ ଜମିଦାରୀ ସରକାର କୌଣସି ବାକିର ଦାୟିତ୍ୱ ନନେଇ ଖାସ୍ କରି ପାରିବେ । ଏହା ଏକ ମାରାତ୍ମକ ନୀତି । ଏହା କେବଳ ବର୍ତ୍ତମାନ କ୍ଷମତା ପ୍ରାପ୍ତ ରାଜନୈତିକ ଦଳର ସୁବିଧା ନିମନ୍ତେ କରାଯାଇଛି ବୋଲି କହିଲେ ଅନ୍ୟାୟ ହେବ ନାହିଁ । ଏ ସମ୍ବନ୍ଧରେ ବାରାନ୍ତର ଆଲୋଚନା କରିବାର ବାସନା ରହିଲା ।

## ଭାରତର ନବବିଧାନ

ନବୀନ ଭାରତକୁ ଅମ୍ଭେମାନେ ସ୍ୱାଗତ କରୁଛୁ । ସ୍ୱାଧୀନତା ଦିଗରେ ଏହା ସାମାନ୍ୟ ଅଗ୍ରଗତି । ସୁତରାଂ ଆମର ଅଭିନନ୍ଦନ । ଏହା ନିଜେ ନିଜକୁ ଅଭିନନ୍ଦନ ବୋଲି ପରି ମନେ ହୁଏ । କିନ୍ତୁ ବାସ୍ତବରେ ଏ ଅଭିନନ୍ଦନ ମୂଳରେ ପ୍ରଚ୍ଛନ୍ନ ଥାଏ—ଆତ୍ମଗ୍ଲାନି—ନିଜର ଦୁର୍ବଳତା ଅଧିକ । ଆଜି ମନେ ପଡ଼ୁଛି—ଆମେ ସ୍ୱାଧୀନ ଭାରତର କି ଛବି କଳନା କରିଥିଲୁ—ଏବେ ବର୍ତ୍ତମାନର କି ରୂପ ଦେଖିବାକୁ ମିଳୁଛି । ସମଗ୍ର ଭାରତୀୟ ସଂବିଧାନର ସ୍ରଷ୍ଟା ଶିକ୍ଷିତ ଗୋଷ୍ଠୀର ନେତାଙ୍କର ପରିକଳନା ବଡ଼ ଅବାସ୍ତବ ଏବଂ ଆତ୍ମନିର୍ଭରଶୀଳ ଭାବ ବିହୀନ । ସେଥିପାଇଁ ସାଧୁ ଇଚ୍ଛା ସତ୍ତ୍ୱେ ଭାରତର ସଂବିଧାନକୁ ବୈପ୍ଳବିକ ରୂପଦେବା ସଂଭବ ହୋଇନାହିଁ । ଏ ଶାସନ ସଂବିଧାନ ଆମଲାତନ୍ତ୍ରକୁ ବଳୀୟାନ କରିବା ସଙ୍ଗେ ସଙ୍ଗେ ଶାସକ ଦଳ ବିଶେଷକୁ ସ୍ୱେଚ୍ଛାଚାରୀ କରି-ବାର ସୁଯୋଗ ଦେଇଛି । ସ୍ୱତନ୍ତ୍ର ହେବା ସଙ୍ଗେ ସଙ୍ଗେ ବୃଟିଶ ସାମ୍ରାଜ୍ୟ ମୁକ୍ତ ଦ୍ୱାରା ପ୍ରଭାବିତ ହେବାପାଇଁ ପଥ ପରିଷ୍କାର କରିଛି —ବ୍ୟକ୍ତିର ସ୍ୱାଧୀନତାକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତାହାକୁ ଯଥେଚ୍ଛାଚାରୀ ଶାସକଦ୍ୱାରା ଖର୍ବକରିବାର ସୁଅସ୍ତ୍ର ଦାନ କରିଛି । ତଥାପି ଏହା ଅତୀତ ଶାସନଠାରୁ ଅଧିକ ବ୍ୟାପକ । ତେଣୁ ଅଭିନନ୍ଦନ ।

## ନୂତନ ଚୀନ

କମ୍ୟୁନିଷ୍ଟ ଚୀନକୁ ଭାରତ ସ୍ୱୀକାର କରିଛି ଏହା ରାଜନୈତିକ ଦୂରଦୃଷ୍ଟି ହୋଇପାରେ ଏବଂ ଏହା ଅସଙ୍ଗତ ନୁହେଁ ମଧ୍ୟ । କିନ୍ତୁ କମ୍ୟୁନିଷ୍ଟ ଚୀନ ଯେ କେତେଦୂର ଚୀନର ଲୋକାକାଂକ୍ଷାର ଅନୁରୂପ ବା ଅନୁକୂଳ ହେବ ତାହା ଭାରତର ନିଜ ସ୍ୱାର୍ଥ ଦୃଷ୍ଟିରୁ ବିଚାରିବା ଉଚିତ । ଦେଶରେ ଅସନ୍ତୋଷ ବିପ୍ଳବର ଆ-ବାହକମାତ୍ର । କିନ୍ତୁ ସେ ବିପ୍ଳବ ଯଦି ନିଜେ ନିଜର କ୍ରିୟାକଳାପରେ ସନ୍ତୁଷ୍ଟ ନଥାଏ ତେବେ ଅଭିଷ୍ଟ ସିଦ୍ଧି ଅସମ୍ଭବ । ବିପ୍ଳବ ଆତ୍ମସନ୍ତୋଷ ଲାଭ କରିବାକୁ ହେଲେ ଆତ୍ମପ୍ରତ୍ୟୟ ଓ ଆତ୍ମନିର୍ଭର-ଶୀଳତା ଆବଶ୍ୟକ । ବିପ୍ଳବ ଯଦି ଅନ୍ୟର ବିଧାରି-ବା ଶକ୍ତି ସାମର୍ଥ୍ୟର ଆଶ୍ରୟୀ ହୁଏ ତେବେ ସେ ବିପ୍ଳବର ପରିଣାମ କଦାପି ଦେଶକୁ ଲକ୍ଷ୍ୟ ସ୍ଥାନରେ ପହଞ୍ଚାଇ ପାରିବ ନାହିଁ । ଚୀନର ଚ୍ୟାଂ ସରକାର ଆମେରିକାର ଆଶ୍ରୟ ନେଲା ପରି କମ୍ୟୁନିଷ୍ଟ ସରକାର ରୁଷ ଆଶ୍ରୟ ନେଲେ ଚୀନର ସ୍ୱାଭାବିକ ଆତ୍ମବିଶ୍ୱାସ ଅସମ୍ଭବ କମ୍ୟୁନିଷ୍ଟ ଚୀନ ଚୀନମାନଙ୍କୁ ସ୍ୱାଧୀନତା ଆଣିଦେବ କି ପରାଧୀନତାର ମଦରୁ ନୂଆ ପାତ୍ରରେ ପରିବେଷଣ କରିବ ତାହାହିଁ ଦେଖିବାର କଥା ।

Digitized by srujanika@gmail.com

# ଡାଟରେ ଡାଟରେ ଟାନା ନାନା

ପାକିସ୍ତାନର ତାଗିଦା ମିଛ—ଧୈର୍ଯ୍ୟ ଚ୍ୟୁତ ଘଟୁଛି—ନେହେରୁ

...ଧରଧୈର୍ଯ୍ୟ ଧନରେ ସାନ୍ତ୍ୱନା...

\+ + +

ପାକିସ୍ତାନ—ଯୁଦ୍ଧଂ ଦେହି ଡାକ ଛାଡୁଛି—ନେହେରୁ

...ଭୁକିଲା କୁକୁର କାମୁଡ଼େ ନାହିଁ ।

× × ×

ପାକିସ୍ତାନ ଦକ୍ଷିଣ ଅଫ୍ରିକା ଉପରୁ ବାଣିଜ୍ୟ କଟକଣା ଉଠାଇ ଦେଲା—ସଂବାଦ

...ଘଇତା ପଛେ ମରୁ—ସଉତୁଣୀ ରାଣ୍ଡି ହେଉ ।

\+ + +

ପୂର୍ବ ପାକିସ୍ତାନରୁ ଲକ୍ଷେ ମୁସଲମାନ ପଶ୍ଚିମ ବଙ୍ଗକୁ ପଳି ଆସିଛନ୍ତି—ସଂବାଦ

...ଜନ୍ଦାର ଡେଣା ଲାଗିଲାଣି ।

\+ + +

ଆମେରିକା ଯେଉଁ ହାଇଡ୍ରୋଜେନ ବୋମା ଆବିଷ୍କାର କରୁଛି ତାହା ଆଟମ ବୋମାଠାରୁ ଅଧିକ ବଳଶାଳୀ—ସଂବାଦ

...ଭାରତରେ ତହୁଁ ବଳଶାଳୀ ବୋମା—ମୂଳା ଓ ମୁଢ଼ିରୁ ପ୍ରସ୍ତୁତ ।

\+ + +

ଗଣତନ୍ତ୍ର ଦିବସ ଦିନ ରାଷ୍ଟ୍ରପତି ବାହାରିବା ବେଳକୁ ମେଘ ବନ୍ଦ ହୋଇଗଲା—ସଂବାଦ

...ଇନ୍ଦ୍ର ମଧ୍ୟ ରାଷ୍ଟ୍ରପତିଙ୍କର ଆନୁଗତ୍ୟ ସ୍ୱୀକାର କଲେ ।

× × ×

ଭୋଟ ଲଢ଼ାଇରେ ସାବଧାନ ହେବା ଦରକାର—ରାଜେନ୍ଦ୍ର ପ୍ରସାଦ

...ତ ରଣ କାଠ ବାକ୍ସ ଭାଙ୍ଗିଗଲେ ମଙ୍ଗରାଜ ଆପତ୍ତି କରିବେ ଯେ ଭୋଟ ଚୋରି ହୋଇଛି ।

\+ + +

ଦେଶର ଭବିଷ୍ୟତ ଲୋକେ ନିଜ ହାତରେ ଗଢ଼ିବେ—ରାଜେନ୍ଦ୍ର ପ୍ରସାଦ ।

...ବର୍ତ୍ତମାନ ରାଜେନ୍ଦ୍ର ଗଢ଼ନ୍ତୁ ।

× × ×

ରୁଷ ହାଇଡ୍ରୋଜେନ ଅସ୍ତ୍ରଠାରୁ ଅଧିକ ବଳଶାଳୀ ଅସ୍ତ୍ର ଆବିଷ୍କାର କରୁଛି ।—ସଂବାଦ

...ଅଙ୍ଗାରକମ୍ଭ ହୋଇଥିବ ।

\+ + +

ଭଦ୍ରକ ଜଗନ୍ନାଥପୁରରେ କଲେଜ ବସେଇବି । ଲୋକେ ଆପତ୍ତି କଲେ...ଗୁଳା ! —ମହତାବ

...ଖଟରୁ ଆସିବେ କି ?

× × ×

ଗାନ୍ଧୀବାଦ ସଂବନ୍ଧରେ ମହତାବ ଭଦ୍ରକ କଲେଜ ଛାତ୍ରଙ୍କୁ ମେହ୍ଲାର ଭାଷଣ ଦେଲେ—ସଂବାଦ ।

...ଜଗନ୍ନାଥପୁରର ସ୍ତ୍ରୀ ଲୋକ ମାନଙ୍କୁ ଅହିଂସା ଗୁଳିର ଚମକ ଦେଖାଇ ଆସିବା ପରେ ।

× + ×

ଶହ ଶହ ସ୍ତ୍ରୀ ଲୋକ ଜଗନ୍ନାଥପୁରରେ କଲେଜ ନ ହେଉ ବୋଲି ଆପତ୍ତି କରିଥିଲେ—ସଂବାଦ

...ତାଙ୍କ ସଙ୍ଗର ପୁରୁଷ ସେନା ନଥିବାରୁ ମହତାବ ଅଗ୍ରାହ୍ୟ କରିଦେଲେ ।

\+ + +

ବାଗେ ଟ୍ରିବ୍ୟୁନାଲ ଘୋଷଣା ଫଳରେ ପାକିସ୍ତାନ ଦଶ ବର୍ଗ ମାଇଲ ଭୂମି ପାଇଲେ——ସଂବାଦ

...ବାକ୍ଷ ଗୋ କନ୍ୟା !

\+ + +

ଭାରତରେ ଯୁବ ମନ୍ତ୍ରୀ ମଣ୍ଡଳ ଲୋଡ଼ା—କାମାଥ

...କିନ୍ତୁ ଯୌବନ ଯେ କ୍ଷଣସ୍ଥାୟୀ ।

\+ + +

ପ୍ରାଚୀନ କଳାର ପୁନରୁତ୍ଥାନ ହେଉ—ନେହେରୁ

...କିନ୍ତୁ ପ୍ରାଚୀନ କାଳମାର ନ ହେଉ ।

\+ + +

ଆସାମ ସୀମାରେ ପାକିସ୍ତାନ ସମର ସଜ୍ଜା କରୁଛି—ସଂବାଦ ।

ଆସିଲେ କଳାପାହାଡ଼
ଭାଙ୍ଗିବେ ଲୁହାର ବାଡ଼—
ପିଇବେ ଗଙ୍ଗାର ପାଣି
ସୁବର୍ଣ୍ଣ ଥାଳାରେ ହେଡ଼ା ପରଶିବେ
କୈଳାସ ନାଥଙ୍କ ରାଣୀ [ନ ହନ୍ତୁ]।

× + +

ଶ୍ରୀଯୁକ୍ତ କରୁଣାକର ପାଣିଗ୍ରାହୀ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିରୁ ଇସ୍ତଫା ଦେଇଛନ୍ତି—ସଂବାଦ

...ମହତାବ ତାଙ୍କ ପାଣି ଗ୍ରହଣ କରି କ୍ଷମା ମାଗିବାରୁ ପୁଣି ମାନ ଭାଙ୍ଗିଲାଣି ।

\+ + +

କେନ୍ଦୁଝରର ମାଣିକ ରାମ ମହନ୍ତଙ୍କ ଉପରେ ଶୃଙ୍ଖଳାଗତ ବିଧାନ ହେଉଛି—ସଂବାଦ

...ଉଠୁଥାଉ ଆସେମ୍ବ୍ଲିକୁ ଚଢ଼ି ଯାଉ ଘରୁ
ମହତାବ ଗଦାଟର ମୁଖ କପା ସାରୁ
ମୋ କଳା ମାଣିକରେ

\+ + +

ବଡ଼ ଦେଉଳରେ ଦିଅଙ୍କ ନୀତି ପ୍ରତିଦିନ ଅତି ବିଳମ୍ବରେ ହେଉଛି—ସଂବାଦ

...ବିଳମ୍ବେ ନାଳଂ ଅର୍ଥାତ୍ ବିଳମ୍ବ ହେଲେ ଭକ୍ତର ନାଳ ଗଡ଼େ—ସେଥିପାଇଁ ।

× + ×

ସମ୍ବଲପୁର କର୍ମୀମାନଙ୍କୁ ଶ୍ରୀଯୁକ୍ତ ମହତାବ ଉଦ୍‌ବୋଧନା ଶୁଣାଇଲେ—ସଂବାଦ

...ମନ ସମ୍ବଲପୁରୀ ଛେନା ଖାଇଯିବ ।

× × ×

ଦିଲ୍ଲୀରେ ବିଷାକ୍ତ ସୋରିଷ ତେଲ ଖାଇ ୨ ଜଣ ଲୋକ ମରିଛନ୍ତି—ସଂବାଦ

...ଓଡ଼ିଶାରେ ମହଣ ମହଣ କରଞ୍ଜ ତେଲ ଦକ୍ଷିଣା ଦେବା ଫଳରେ ସୋରିଷ ତେଲ ଚୁପେ ପରିଣତ ହୋଇ ଯାଇଛି ବୋଲି ଜଣେ ମୁସଲମାନ ବ୍ୟବସାୟୀ ଜାଣନ୍ତି ଓ ପ୍ରକାଶ କରିଛନ୍ତି ।

\+ + +

ଓଡ଼ିଶା ପ୍ରେସ ପରାମର୍ଶଦାତା କମିଟି ସହ ସରକାରଙ୍କ ପରାମର୍ଶ ଦରକାର ପଡ଼ୁନାହିଁ—ମହତାବ ।

...ବ୍ରହ୍ମା ବିଳବିଳେଇଲେ ବେଦ

\+ + +

ମୁଁ ଭୋଟ ଦାତାମାନଙ୍କୁ ଧନ୍ୟବାଦ ଦେଉଛି—ମଙ୍ଗରାଜ

..."ବଥ ନୁହେଁ ମୋତେ ଛାଡ଼ି ।"

\+ + +

ସାଧାରଣ ତନ୍ତ୍ର ଉତ୍ସବରେ ଓଡ଼ିଶା ଲାଟ କୋଠୀରେ ସାମ୍ବାଦିକ ମାନଙ୍କ ପ୍ରତି ଅବହେଳା ପ୍ରଦର୍ଶିତ ହୋଇଥିଲା—ସଂବାଦ

...ବିସମ୍ବାଦିକ ମାନେ ସମ୍ମାନ ପାଇଥିବେ ।

\+ + +



Digitized by srujanika@gmail.com



ସମସ୍ତେ ହୁରି ପକାଇ କହୁଛନ୍ତି କି "ଭାରତର 'ଇଣ୍ଡେକ୍ସ' ଭାରି ଉଠିକି ଉଠି-ଗଲାଣି ।"

ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ 'ଇଣ୍ଡେକ୍ସ'ବୋଲି ଜିନିଷଟା ଗୋଟାଏ ହାଉଆଇ ମାଲ୍—ମନ୍ତ୍ରୀଙ୍କର ତଳପେଟରେ ଥାଏ । ପେଟ ଯେତେବେଳେ ଖାଲି ହୁଏ, ଇଣ୍ଡେକ୍ସର ଉପରକୁ ଉଠିବାର କଥା । ଖାଲି ତାର ଏତିକି ଯେ ଅତି ଉଠିକି ଉଠିଗଲେ ବୁଷ୍-କରି ଖସିପଡ଼ିବା ବଡ଼ ସହଜ ।

\+ + +

କଂଗ୍ରେସ ଭିତରେ ଯେ ଘୁଣ ଧରିଲାଣି ଏକଥା ଏତେଦିନକେ ବଡ଼ବଡ଼ିଆଙ୍କୁ ଦେଖିଲା ସେଥିପାଇଁ ତାକୁ ନୂଆ ଜୀବନ୍ୟାସ ଓ ଶକ୍ତି ସଞ୍ଚାର କରିବା ଦରକାର ବୋଲି କଂଗ୍ରେସ କମିଟି ତେଜରେ ବିଚାରୁଛନ୍ତି । ଅସନ୍ତା ଭୋଟ ବେଳକୁ ଯେପରି ସୁଧାରି ଯାଇଥିବ । ଆମେ କହୁ କି ଭିଟାମିନ୍ ବି ଇଞ୍ଜେକସନ୍ ଓ କାଲସିୟମ ବଟିକା ଖୁଆଇଦେଲେ ଅଶୁ ଫଳ ମିଳିଯାଆନ୍ତା । ବସ୍ତବସ୍ତରେ ବଡ଼ ବିପଦ; କାରଣ ବାଛି ବସିଲେ ତ କମଳ ଯାକ ବାଳ-!

❋ ❋ ❋

ଉତ୍ତର ପ୍ରଦେଶ ( ଇଉପି ) ଆସେମ୍ବ୍ଲିର ଛବିଶ ଜଣ କଂଗ୍ରେସ ମେମ୍ବର କଂଗ୍ରେସ ଛାଡ଼ି ବିରୁଦ୍ଧ ଦଳରେ ଯୋଗ ଦେଇଛନ୍ତି । ଏଗୁଡ଼ିକ ଯଦି ମାଛ-ରୋଟି (fishes, loaves) ରୁ ଭାଗ ନପାଇଲେ ବୋଲି ବିଗଡ଼ି ଥାଆନ୍ତି, ତେବେ ଛବିଶଟା ନୂଆ ମନ୍ତ୍ରୀ ଉପମନ୍ତ୍ରୀ, ପ୍ରମନ୍ତ୍ରୀ ଅନୁମନ୍ତ୍ରୀ ପଦ ସୃଷ୍ଟି କରି ନଦେଇ ପନ୍ତୁ ବସିଛନ୍ତି କାହିଁକି ? ଟଙ୍କା ପାଇଁ ତ ଭାବନା ନାହିଁ । କରଜ କରି ବା ଟିକସ ବସାଇ ଯେତେଇଚ୍ଛା ସେତେ ଟଙ୍କା ମିଳିପାରିବ । ଭାରତବାସୀ ତହିଁକି ଅପାରଗ ନୁହନ୍ତି ।

ଆମ ଓଡ଼ିଶାରେ କିନ୍ତୁ ଏତିକି ଅସୁଖ ନାହିଁ । ଓଡ଼ିଆମାନେ ଅଳ୍ପକେ 'ତୋଷ । ପେଣ୍ଟରେ ପୋଷାଙ୍କରେ ଦରମା ଗଣ୍ଡାକ ସାଙ୍ଗରେ ଗସ୍ତ ଖରଚ ଆଉ ପିଠି ଆଉଁସା ଦେଲେ ତାଙ୍କ ଭାଉଜ ! ମୁଣ୍ଡରୁ ବଳେଇ ପଡ଼ୁଛନ୍ତି !

❋ ❋ ❋

'ପ୍ରଜା' ଶବ୍ଦଟା ଗୋଟାଏ ଆପେକ୍ଷିକ ଶବ୍ଦ ( relative term ) । 'ପ୍ରଜା' କହିବା ମାତ୍ରକେ 'ରାଜା' କଥାଟା ମନକୁ ଆସିଯାଏ । ପ୍ରଜାଥିଲେ ରାଜା ଅଛି—ରାଜାଥିଲେ ପ୍ରଜା ଅଛି ବିନା ପ୍ରଜା ରାଜା ଯେପରି ସମ୍ଭବ ନୁହେଁ ରାଜା ବିନା ପ୍ରଜା ବି ସେହିପରି ଅସମ୍ଭବ । ଏଇଥି ପାଇଁ ଆମ ଭାରତ 'ପ୍ରଜାତନ୍ତ୍ର' ରାଷ୍ଟ୍ର ହେଲେ ମଧ୍ୟ 'ରାଜାଙ୍କୁ' ଛାଡ଼ିପାରୁ ନାହିଁ । ସ୍ୱାଧୀନ ଭାରତର ଶେଷ ବଡ଼ଲାଟ ଥିଲେ ରାଜା-ଗୋପାଳ—ପୁଣି ନୂଆ ପ୍ରଜାତନ୍ତ୍ରର ପ୍ରଥମ ରାଷ୍ଟ୍ରପତି ହେଲେ 'ରାଜେନ୍ଦ୍ର' ଓଡ଼ିଶାରେ ମଧ୍ୟ 'ପ୍ରଜାତନ୍ତ୍ର'ର ଚାଳକ ଜଣେ ରାଜା ।

❋ ❋ ❋

ରାଜେନ୍ଦ୍ର ପ୍ରସାଦଙ୍କ ଯେ କେବଳ ନାମିକ ରାଜା ନୁହନ୍ତି—କାମିକ ରାଜା ମଧ୍ୟ—ଏକଥା ତାଙ୍କ ପ୍ରଥମ ବକ୍ତୃତାରୁ ଜଣାପଡ଼େ । ଇଂଲଣ୍ଡର ରାଜା ବା ତାଙ୍କ ପ୍ରତିନିଧି ( viceroy )ଙ୍କ କହିଲା ଢଙ୍ଗରେ ଆମ ପ୍ରଜା-ରାଷ୍ଟ୍ରପତି ରାଜେନ୍ଦ୍ର କହିଲେ—'ମୋ ପ୍ରଜା'—'ମୋ ମନ୍ତ୍ରୀ'—'ମୋ ସରକାର' । ଏହି ଭାଷା ପ୍ରଜାତନ୍ତ୍ର ସାଙ୍ଗରେ ଖାପ ଖାଉ ନାହିଁ କି ?

\+ + +

ପାକିସ୍ଥାନରେ ହୁଆ ତେଲି ରଣ—ରଡ଼ି ଉଠିଲାଣି ଓ ରଣକରିବା ସକାଶେ ପାକିସ୍ଥାନୀ ଲୋକେ ସଜବାଜ ହେଲେଣି । ଖବରଟା ସତ ହେଉ ବା ମିଛ ହେଉ କଥାଟା ଶୁଣି ଆମ ବୀର ଓଡ଼ିଆ ଲୋକଙ୍କ ପିଳେହି ପାଣି ହେବାକୁ ବସିଲାଣି, ଏତିକି ରକ୍ଷା ଯେ ଓଡ଼ିଶା ମୁଲକ ପାକିସ୍ଥାନରୁ ବହୁତ ଦୂର । ନୋହିଲେ ବେଳକୁ ଏପାଖରେ ଆମର ପାହାଡ଼ ଜଙ୍ଗଲ ଓ ସେପାଖରେ ସମୁଦ୍ର ରହିଛି । ଆଉ ଡର କଣ ?

\+ + +

ଅନେକ କହନ୍ତି, ଯୁଦ୍ଧର ଧୂଆଁ ଉଠାଇବା ଗୋଟାଏ ରାଜନୈତିକ କୌଶଳ । ଯେଉଁ ସରକାର ଲୋକଙ୍କ ବିଶ୍ୱାସ ହରାଏ, ସେ ଏହି ଧୂଆଁ ଉଠାଇବା ସହିତ ସତ ଗୋଟାଏ ଯୁଦ୍ଧ ଲଗେଇ ଦେଇ ଲୋକଙ୍କ ମନକୁ ବାଆଁରେଇ ଦିଏ ଓ ତାହା ଫଳରେ ନିଜର ଟଳଟଳାୟମାନ ଆସନକୁ ଜବର କରିନିଏ । ତେବେ ଏ କ୍ଷେତ୍ରରେ ଏହି ଗରଜଟା କାହାର ଜବରୋ ସେକଥା ଏକା ବାବା ସତ୍ୟପୀର କିବା ବାବା ବୈଦ୍ୟନାଥଙ୍କୁ ମାଲୁମ !

❋ ❋ ❋

ଖବର ମିଳୁଛି ଯେ ପୂର୍ବ-ବଙ୍ଗ ପାକିସ୍ଥାନରେ ଥିବା ହିନ୍ଦୁଙ୍କ ଉପରେ ଅମାନୁଷିକ ଅତ୍ୟାଚାର ହେବାରୁ ହଜାର ହଜାର ଲୋକ ପଳାଇ ଆସିଲେଣି । ଅଥଚ ଗାନ୍ଧିଜୀ ନାହାଁନ୍ତି ଯେ ନୂଆଖାଲି ଧାଇଁବେ ! ପୁଣି ଇଂରେଜ ସରକାର ବି ନାହିଁ । ଏପରି ଅବସ୍ଥାରେ ଆମ ଭିତରୁ ଯେ କେହି ଏ ସାହସ କରନ୍ତା ସେ ମହାତ୍ମା ପାଲଟି ଯାଆନ୍ତା ଏକା ଦିନକେ ! ଏ ସୁବିଧାଟା ଛାଡ଼ିବାର ନୁହେଁ ! ସୁଯୋଗ ଥରେ ଛାଡ଼ିଲେ ଆଉ ମିଳେନା !

\+ + +

ଏହା ସଙ୍ଗେ ସାଙ୍ଗେ ଖବର ବାହାରିଲାଣି ଯେ ପାକିସ୍ଥାନରୁ ସତ୍ତେ ଚାଳିଶ ଯାକେ ମୁସଲମାନ ଲୋକ ପଶ୍ଚିମବଙ୍ଗ ଭିତରକୁ ପଶି ଆସିଛନ୍ତି । ଏମାନେ ଅବଶ୍ୟ ସୈନ୍ୟ ନୁହନ୍ତି କେବଳ ମଣିଷ । ତେବେ ଏମାନେ କାହିଁକି ଆସିଛନ୍ତି ବୋଲି ଅନେକ ସନ୍ଦେହ କରି ଭାବୁଛନ୍ତି ଯେ ଏମାନେ 'ପଞ୍ଚମ—ବାହିନୀର' କାମ କରିବେ । କିନ୍ତୁ ଆମେ ଭାବୁଛୁ—ନୂଆ ବସନ୍ତକାଳ ଆସି ଯିବାରୁ ଏମାନେ ଆସିଛନ୍ତି ପଞ୍ଚମ ତାନରେ ଗାୟନ କରିବା ନିମନ୍ତେ ।

❋ ❋ ❋

ଚମତ୍କାରପ୍ରଦ ଖବର ପ୍ରକାଶ ପାଇଛି ଯେ ଚୀନର ବଡ଼ ବଡ଼ ନାୟକ ଚିଆଙ୍ଗ-କାଇ-ଶେକ୍ କହୁଛନ୍ତି ଯେ ଚୀନର ବିଜେତା କମ୍ୟୁନିଷ୍ଟମାନେ ଶୀଘ୍ର ଭାରତ ଆକ୍ରମଣର ପରିକଳ୍ପନା କରୁଛନ୍ତି ଅନେକ ସରଳ

ଖଣ୍ଡସୀ ହବ ନେଟଲେଣି ଯେ ଏହାର ଅଗ୍ରଦୂତ ସ୍ୱରୂପ ଭାରତୀୟ କମ୍ୟୁନିଷ୍ଟମାନେ ଏଠାରେ ଗୋଳ ଲଗାଇ ଦେଉଛନ୍ତି । କେହି କେହି ଅନୁମାନ କରନ୍ତି ଏଣିକି ଅଧିକ ଜୋରରେ କମ୍ୟୁନିଷ୍ଟ ଦମନ ନୀତି—ଯାହାକୁ ଦମନ କରିବାର ଲୋଡ଼ା ପଡ଼ିବ ତାକୁ କମ୍ୟୁନିଷ୍ଟ ନାଁ ଦିଆଯିବ । ଆମର ବିଶ୍ୱାସ ଯେ କଂଗ୍ରେସର ଗୃହଅତିଥି କୃଷ୍ଣଚନ୍ଦ୍ର ଦେଖିଲା ଭଳି ଚମ୍ପାଂ ସ୍ୱପ୍ନଦେଖି ଝଲବଲାଉଛନ୍ତି ।

* * *

ସରକାର ସମ୍ବାଦପତ୍ର ମାନଙ୍କ ସହିତ ଉଚିତ ସମ୍ପର୍କ ରଖୁନାହାନ୍ତି ବୋଲି ଆପତ୍ତି ଉଠିବାରୁ, ଅସେମ୍ବ୍ଲି ସଭରେ ପ୍ରଧାନ ମନ୍ତ୍ରୀ ମହୋଦୟ କହିଲେ କି—ଓଡ଼ିଶାର ଯେତେ ସମ୍ବାଦପତ୍ର ଅଛନ୍ତି ସମସ୍ତେ ଦଳମତବାଦୀ—ସ୍ୱାଧୀନ ହୋଇ ଖଣ୍ଡିଏହେଲେ ସମ୍ବାଦପତ୍ର ଏଠି ନାହିଁ । ଏକଥା ଶୁଣି ପ୍ରଧାନ ମନ୍ତ୍ରୀଙ୍କ ସକାଶେ ଆମର ବଡ଼ ଦୁଃଖ ହେଉଛି । ରାଜଧାନୀ କଟକ ସହର ମଧ୍ୟରେ 'ପ୍ରଜାତନ୍ତ୍ର' ଓ ଇଂରାଜୀ 'ଟାଇମସ' ନାମକ ସ୍ୱନାମ ଧନ୍ୟ ଯୋଡ଼ା ଯୋଡ଼ା ହାତ୍‌ବଡ଼ା ଦୈନିକ ଥାଉଁ ଥାଉଁ ତାଙ୍କ ଭଳିଆ ଇତିହାସବେତ୍ତା ଯାହା ଏମନ୍ତ ଭୁଲିଲେ !

ବନ୍ଧୁଙ୍କି କହିବା,
କପାଳରେ ସିନାକରଡ଼ା ଢ଼ିବା"

* * *

ଆମ ସ୍ୱାଧୀନ ଭାରତରେ ଯେଉଁ 'ରାମ-ରାଜ୍ୟ' ଚଳୁଛି, ତହିଁର 'ରାମ' ଦୁଇଟି ପଣ୍ଡିତ ଜବାହାରଲାଲଜୀ ଲଙ୍କା ବିଜୟ ଅଭିଯାନ କରିଗଲେ । ତଫାତ ଏତିକି ଯେ ଅଯୋଧ୍ୟାର ରାମ ଯିବାବେଳେ ପଦାତିକରେ ଯାଇ ଫେରିଲା ବେଳେ ପୁଷ୍ପକ ବିମାନରେ ଆସିଥିଲେ । ଏବଂ ସେ ଥିଲେ କ୍ଷତ୍ରିୟ । କଳିଯୁଗର ରାମ ବ୍ରାହ୍ମଣ ଏବଂ ସେ ବ୍ୟୋମଯାନରେ ଚଢ଼ି ଲଙ୍କାରେ ପହଞ୍ଚିଲେ । ତ୍ରେତା ଯୁଗର ରାମ ସାଙ୍ଗରେ ନେଇଥିଲେ ବାନର ଓ ଭଲ୍ଲୁକ । କଳିର ରାମଙ୍କ ବାନର ସେନା ଆସିଛନ୍ତି ସମୁଦ୍ର ପାରିରୁ । ଏକା ଗୋଟିଏ କଥା ! ରାଜା ରାମ ଲଙ୍କାରୁ ଆଣିଥିଲେ 'ସୀତା' ମନ୍ତ୍ରୀରାମ ସେଠୁ ଲେଉଟିବା ବେଳେ ·ଏକପଟିଆ ହୋଇ ଲେଉଟିଲେ କି 'ସୀତା' ଟିଏ ଆଣିଛନ୍ତି, ସେଇଥିରେ ସନ୍ଦେହ ରହିଗଲା ।

\+ \+ \+

ଭାରତରେ ଏତେ ସହର ଥାଉଁ ଥାଉଁ କଲିକତା ସହରରେ ଥରକୁ ଥର ହାଙ୍ଗାମା ହୁଏ ଓ ରକ୍ତନଦୀ ବହେ । ଏବେ ଏ ଅହିଂସା-ବାଦୀ କଂଗ୍ରେସ ଅମଳରେ ମଧ୍ୟ ବୋମା, ଗୁଳି ମାଡ଼ର ସୀମା ନାହିଁ । ଏଥିର କାରଣ କଣ ବୋଲି ପ୍ରଶ୍ନ ହେବାରୁ ଜଣେ ବିଜ୍ଞ ଏହିମତ ଦେଲେ କି କଲିକତା ମାତା ଗଙ୍ଗାକାଳୀଙ୍କ ଅସ୍ଥାନ । କାଳୀ ଠାକୁରାଣୀଙ୍କ ନିତ୍ୟନ ବେଦୀ ବଳିର ଭଣା ହେଉଥିବାରୁ ମାଆ ଆମର ରକ୍ତମୁଖା ହୋଇ ମଣିଷ ଲହୁ ପିଇବାରେ ଶରଧା ବଳାଉଛନ୍ତି ।

\+ \+ \+

ଚୀନର ବିଜୟୀ କମ୍ୟୁନିଷ୍ଟ ସରକାର ଗୋଟାକ ପରେ ଗୋଟାଏ ମୂଲକକୁ 'ମୁକ୍ତ' ଦାନ କରି ସାରି ଏବେ ତିବ୍ବତ ଉପରେ ଆଖି ପକାଉଛନ୍ତି । ଫଳ କଣ ହେବ ତାହା ଜଳ ଜଳ ହୋଇ ଦିଶୁଛି । ମଝିରେ ହିମାଳୟଟା ଥିବାରୁ ଭାରତ ଉପରେ ଆଖିର ଦୃଷ୍ଟିଟା ଅଟକି ଯାଉଛି ? ନଚେତ୍ ତୁରନ୍ତ ଘଟି ଯାଆନ୍ତା ପରା !

\+ \+ \+

ଓଡ଼ିଶା ଗୋରୁ-ମରି-ଫୁଡ଼ କର୍ତ୍ତାମାନେ ଗୋରୁ ମରିରେ ଫେଲ୍ ହୋଇ ଏବେ ଏକ ନୂତନ ପନ୍ଥା ଧରିଛନ୍ତି । ବ୍ୟାପକ ଭାବରେ ଗୋରୁ ମରି' କରିନପାରିଲେ ବୋଲି ତାଙ୍କର ସମସ୍ତ ଶକ୍ତି ଓ ଅସ୍ତ୍ର ପ୍ରୟୋଗ କରିବେ ଏଣିକି ଏକ ଏକ ସୀମାବଦ୍ଧ ବିଶିଷ୍ଟ ଅଞ୍ଚଳରେ । କଥାଟାକୁ ଆମେ ଅନ୍ତରର ସହିତ ସମର୍ଥନ କରୁଛୁଁ, କିନ୍ତୁ ଏଥିପାଇଁ ଯେଉଁ ସବୁ ନୂଆ ଅଫିସର ନିଯୁକ୍ତ ହେଲେଣି ତାଙ୍କର ସେ ଅଞ୍ଚଳ ସହିତ ପରିଚୟ କେତେ ଓ କୃଷିସହିତ ସମ୍ପର୍କ କେତେ ତାହା ବିଚାର କରି ଯାଇଛି ତ ? ଆଉ କଲେକ୍ଟର, ଏସ, ଡ଼ି, ଓ, ଇଞ୍ଜିନିୟର ଡେପୁଟି ଡାଇରେକ୍ଟର ମାନଙ୍କ ଗସ୍ତ ଖର୍ଚ୍ଚ ବାବଦ କେତେ ଓ ଅସଲ କାମରେ କେତେ ଖରଚ ହେବ ! ସେ କଥାକୁ ଆଗରୁ ତଉଲି ଦେଖିବା ଦରକାର ।

ନୋହିଲେ grow more ଟା eat more ହୋଇଯିବ ଆଗଥର ଭଳି ।

× × + +

ଜଣକା ରଜା ବୁଆଡ଼େ କେବେ ତାଙ୍କ ରାଇଜରେ ବାଳକର, ପଳକର ପ୍ରଭୃତି ତେତିଶଟି କର ବସାଇ ଦେଖିଲେ ଯେ ଚଉତିରିଶଟି କଲାକୁ ଖାପ ଖାଇଲା ଭଳି ଚଉତିଶଟି କର ବସାଇବା ଦରକାର । ମନ୍ତ୍ରୀ କେଉଁଥିରେ ଆଉ ଗୋଟାଏ କର ବସିବ ତାହା ଖୋଜି ପାଇଲେ ନାହିଁ । ମନ୍ତ୍ରୀଙ୍କୁ ଏକଥା ପଚାରନ୍ତେ ସେ କହିଲେ—ମହିମା ସେଥିପାଇଁ ଚିନ୍ତା କଣ ! ଆଜ୍ଞା ହେଲେ ମୁଁ କହି ଦେବି । ରଜା କହିଲେ—କହ, ମନ୍ତ୍ରୀ କହିଲେ—ଆଜ୍ଞା ଏ ରାଜ୍ୟର ପ୍ରଜାଗୁଡ଼ାକ ଉଲ୍ଲୁ ଅଛନ୍ତି —କାରଣ ତେତିଶଟି କର ଦେଇ ମଧ୍ୟ ପାଟି ଫିଟାଇ କରୁନାହାନ୍ତି । ଏଣୁ ଗୋଟାଏ 'ଉଲ୍ଲୁ' କର ବସାଇ ଚଉତିଶଟି ପୂରଣ କରାଯାଉ ।

ଆମ ସରକାର ଜାଣର କେତେ ସଂଖ୍ୟା ପୂରଣ କରିବେ ତାହା ଜଣା ନାହିଁ । ତେବେ ହିଣ୍ଡି ଅଟକା, ପାଳଗଦା, ପାନ ଗୁଆ ବିଡ଼ି ଦୋକାନ ସହିତେ ଯେଣୁ କର ବସିବାର ହେଲାଣି ବୋଧ ହୁଏ ୧୦୮ ହେବାକୁ ଆଉ ଗୋଟାଏ ବାକି ଥିବ । ଏଣିକି 'ନମ୍ବର' କର ବୋଲି ଗୋଟିଏ କର ବସାଇ ଦେଲେ ବାହା, ବ୍ରତ, ଚୂଡ଼ାକର୍ମ ଆଦି ସବୁ କାମିଞ୍ଜ ଘର ଉପରେ ପଡ଼ିଯିବ ଏବଂ ସଂଖ୍ୟା ପୂରଣ ମଧ୍ୟ ହୋଇଯିବ । ଯଦି ଆଉ କିଛି ବଳକା ରହିଯାଏ, ତେବେ ଆମେ ଧୂଣ୍ଡ ମୂର୍ଖଙ୍କ ଦେବାକୁ ରାଜି ଅଛୁଁ ବିନା ମୂଲ୍ୟ—ଯଥା—ଜନ୍ମ କର, ମୃତ୍ୟୁକର ବାର୍ଦ୍ଧକ୍ୟକର, ଝାଡ଼ା କର, ଇତ୍ୟାଦି ।

× × +

ଜମିଦାରୀ ଉଠିଗଲା ବୋଲି । ପ୍ରଜା ଏଣିକି ହେଣ୍ଡି ମାରି ବୁଲିବେ । କାରଣ ଜମିଦାରଙ୍କ ଦାଉରୁ ପାରି ପାଇଗଲେ । କିନ୍ତୁ ଅବଶ ଜମିଦାର ଗୁଡ଼ାକ କିମିତି କୋଥଳି ପେଟ ଭରଣା କରିବେ ସେହି ଚିନ୍ତା ପଡ଼ିଲାଣି ତାଙ୍କର । ସରକାର ଯେଉଁ 'ବଣ୍ଡ' ଧରାଇ ଦେବେ ସେମାନେ ତାକୁ ରୈଷ୍ଟିବେ—ଗୁଣ ଘୋଷିବେ । ଶୁଣାଯାଏ ଓଡ଼ିଶା ମୂଲକରେ ପ୍ରାୟ ଅଠରଲକ୍ଷ ହଜାର ଜମିଦାର ଅଛନ୍ତି । ଏହି ବିରାଟ ଲୋକର ସମସ୍ୟାକୁ ସମାଧାନ କରିବା ସରକାରଙ୍କ କାମ । ଆମ ବିଚାରରେ ଗୋଟିଏ ଚାଉଳ ଖାନା କରି ସେହିଠି ଏମାନଙ୍କୁ ଖୋରାକ ଦିଆଯିବାର ବ୍ୟବସ୍ଥା କରାଯାଉ । ସେ ଛତ୍ରଅ ଖାନାର ଦାଣ୍ଡୁଅ ମଧ୍ୟ ଲୋକ ଦେଖି ବଛାଯାନ୍ତା । × + +



Digitized by srujanika@gmail.com



## ମନ୍ତ୍ରୀ ଘଟୋତ୍କଚଙ୍କ ଶପଥ ଗ୍ରହଣ

ସୁନାଲ ମୋହନ ମିଶ୍ର

ଜାନୁଆରୀ ପଚିଶ ତାରିଖର ଆଶ୍ଚର୍ଯ୍ୟ ସନ୍ଧ୍ୟା । ଗଗନରେ ହସୁଁଛି ଚନ୍ଦ୍ର । ମାଘ ମାସର ଶୀତରେ ବାହାରେ କୁଆଁଟିଏ ବାନ୍ଧୁଛି । ଶୁଖିଲା ପତ୍ର ଉପରେ ପଡୁଛି କାକର ଟପ୍ ଟପ୍ ହୋଇ । କିନ୍ତୁ କଳଙ୍ଗର ମନ୍ତ୍ରୀ ଦେହରେ ଲାଗୁଛି ଗରମ । ମନ୍ତ୍ରୀ ଘଟୋତ୍କଚ ଆଶ୍ଚର୍ଯ୍ୟ ମନେ କଲେ । ସେ ନିଜକୁ ନିଜେ କହିବାକୁ ଲାଗିଲେ "ଏଇତ ମୁଁ ଦେବେଶ୍ୱର ଗଡ଼ରୁ ଫେରିଲି ସୁନ୍ଦର ମଟରରେ ବସି । ଶୀତରେ ଡ୍ରାଇଭରଟା ଥରୁ ଥାଏ । ଗଡ଼ରେ ଧୁମା ହ୍ୱିସ୍କୀ ଆଉ ନୀରବତା ପାଳନ କରୁଥିଲି । ତେବେ ଏତେ ଗରମ ମୋ ମନ୍ତ୍ରୀ ମହଲରେ କାହିଁକି ? କୌଣସି ଦେବତାର ଆଶୀର୍ବାଦ କଣ ଏଇଟା ? ଆଜି କେତେ ତାରିଖ ? ପଚିଶ ବୋଧ ହୁଏ । କାଲି ଛବିଶ ଜାନୁଆରୀ ଶପଥର ଦିନ ଗଙ୍ଗା ସ୍ନାନର ଶୁଭ ମୁହୂର୍ତ୍ତ ।"

ମନ୍ତ୍ରୀ ଘଟୋତ୍କଚ ପୁଣି ଥରେ ଶୋଇବାକୁ ଚେଷ୍ଟା କଲେ କିନ୍ତୁ ଆଖି ପତାରେ ନିଦ ଧରୁ ଦେଉନଥିବ । ନିଜ ଶୋଇବା ଘର ଅନ୍ଧକାରରେ ସେ ନିଜେଇ ଝାଳିଗଲେ । ଏଇ ଅନ୍ଧକାର ଘର ଦେଖି ଜଣେ ହସି ଉଠିଲେ ।

ଘଟୋତ୍କଚ ପ୍ରଶ୍ନ କଲେ—"କିଏ କିଏ ?" ପୁଣି ଥରେ ସେଇ ହସ ।

ଘଟୋତ୍କଚ ଭୟରେ ଥରିବାକୁ ଲାଗିଲେ ଆଉ ଭାବିବାକୁ ଲାଗିଲେ । ଆରେ କେଉଁ କମ୍ରେଡ୍, ମୋର ଶୟନ ମନ୍ଦିରରେ ପ୍ରବେଶ କରି ନାହାନ୍ତି ?

ପୁଣି ଥରେ ସେଇ ହସ ।

ମନ୍ତ୍ରୀ ଘଟୋତ୍କଚ ନିଜ ମୁଣ୍ଡ ପାଖରେ ଥିବା ବନ୍ଧୁକ ଉଠାଇ ହସ୍ତ-କାରୀଙ୍କୁ ସଚେତ କରାଇବାକୁ ଯାଇ କହିଲେ "କିଏ ହସୁଛ ଆଗରୁ ଆସ ନିଜର ପରିଚୟ ଦିଅ—ନ ହେଲେ..................."

"ନ ଦେଲେ ?" ଅନ୍ଧକାରରୁ ପ୍ରଶ୍ନ ହେଲା ।

"ମୁଁ ତୁମକୁ ଖୁନ କରିବି !" ଘଟୋତ୍କଚ କହିଲେ

"ଖୁନ କରିବ— ହାଃ ହାଃ ହାଃ"

"ହଁ ହଁ ହଁ —ମୁଁ ଖୁନ କରିବି" ମନ୍ତ୍ରୀ ଘଟୋତ୍କଚ ଉତ୍ତେଜିତ ହୋଇ କହିଲେ—

"କରୁ ନ......"

"ଏଇ କଲି—" ମନ୍ତ୍ରୀ ଘଟୋତ୍କଚ କହିଲେ ଆଉ ଘଟୋତ୍କଚ ବନ୍ଧୁକର ଟ୍ରିଗର ଟିପିଲେ—

ବନ୍ଧୁକ ଫୁଟିବା ସାଙ୍ଗେ ସାଙ୍ଗେ ଘର କୋଣରେ ଗୋଟିଏ ଆଲୁଅ ଜଳି ଉଠିଲା— ସେଇ ଆଲୁଅ ଭିତରେ ଦେଖା ଗଲା ତ୍ରିରଙ୍ଗା ପତାକା ଆଉ ସେ ପତାକା ଭିତରୁ ବାହାରି ପଡ଼ିଲେ ମହାତ୍ମା ଗାନ୍ଧି ।

କ୍ଷତ ବିକ୍ଷତ ହୋଇଛି ମହାତ୍ମା ଗାନ୍ଧୀଙ୍କ ବକ୍ଷ—ସେ ପୁଣି ହସି ଉଠି ଆଶୀର୍ବାଦ କଲା ଭଙ୍ଗୀରେ ଛିଡ଼ା ହୋଇ କହିଲେ— "ଘଟୋତ୍କଚ...*..........."

ଘଟୋତ୍କଚ ନିଜ ବନ୍ଧୁକରେ ହାତ ଦେଲେ । ନିଜେ ମୁଣ୍ଡରେ ହାତ ବୁଲାଇଲେ । ଘର ଚାରିଆଡ଼େ ଆଖି ବୁଲାଇ ନେଲେ । କିନ୍ତୁ କିଛି ଦେଖି ପାରିଲେ ନାହିଁ । ଖାଲି ଦେଖିଲେ ଗାନ୍ଧୀଙ୍କ ଅମ୍ଳାନ ପ୍ରଶସ୍ତ ବକ୍ଷରୁ ତାଙ୍କର ରୁଧିରର ଧାର ପ୍ରବାହିତ ।

ମନ୍ତ୍ରୀ ଘଟୋତ୍କଚ କହିଲେ 'ମହାତ୍ମା ଗାନ୍ଧି ମୁଁ ତୁମକୁ ଖୁନ୍ କରିଛି'

ଗାନ୍ଧି କହିଲେ "ମୋତେ ଖୁନ୍ କରି ନାହିଁ; ଯଦିବା ଭାବୁଛ ତୁମେ ଗାନ୍ଧିକୁ ଖୁନ୍ କରିଛ ବୋଲି ସେ କଥା ସତ୍ୟ ନୁହେଁ । କହ ଡାକୁ ତୁମେ ଶପଥ ନେବକି ନାହିଁ ?"

ଘଟୋତ୍କଚ କହିଲେ— 'ନେଉଛି'

"ଏଇ ପତାକା ଛୁଇଁ ଶପଥ କର ଯେ ଦେଶର ଅଭାବ ଅନଟନ ଦୂର କରିବ ଆଉ ମନୁଷ୍ୟକୁ ବ୍ୟକ୍ତି-ଗତ ସ୍ୱାଧୀନତା ଦେବ"

—•—

"ହଁ ଶପଥ ଗ୍ରହଣ କଲି" ଘଟୋତ୍କଚ କହିଲେ । ଜାତୀୟ ସଙ୍ଗୀତ ବୋଲା ହେଲା । ମନ୍ତ୍ରୀ ଘଟୋତ୍କଚ ଖଟରେ ଲେଉଟିଗଲେ । କବାଟରେ କିଏ ଠକ୍ ଠକ୍ ଠକ୍ କଲା-

ମନ୍ତ୍ରୀ ଘଟୋତ୍କଚ କହିଲେ—କିଏ ?

ବାହାରୁ ଉତ୍ତର ଆସିଲା 'ମୁଁ ମଣି ପାଣି ।'

"ମଣି ପାଣି" ତୁମକୁ ମୁଁ ଚିହ୍ନି ନାହିଁ ଯେ ଓଃ ସ୍ୱତନ୍ତ୍ରର ସମ୍ପାଦକ ପରା ? ଆସ—ଆସ ଭିତରକୁ ଆସ" ଘଟୋତ୍କଚ କହିଲେ ।

ମଣି ପାଣି ଭିତରକୁ ପ୍ରବେଶ କରି କାଲମଟା ଘଟୋତ୍କଚ ହାତକୁ ବଢ଼ାଇ ଦେଇ କହିଲେ, "ଆଜ୍ଞା ମୋର ଇସ୍ତଫା ଗ୍ରହଣ କରନ୍ତୁ ମୁଁ ମେଦିନୀପୁର, ଫତେବଲା ଗ୍ରାମ ଆଡ଼କୁ ମୋ ବାହିନୀ ଧରି ଚାଲିଲି ।"

ଘଟୋତ୍କଚ ଅତି ଆଶ୍ଚର୍ଯ୍ୟ ହୋଇ କହିଲେ 'କି ହୋ କାହିଁକି ?"

ମଣି ପାଣି କହିଲେ ଆଜ୍ଞା କାଲିଠାରୁ ସ୍ୱତନ୍ତ୍ରରେ ଆଉ କଣ ଲେଖିବୁ । ଆପଣଙ୍କ କୌଣସିଠି ତ୍ରୁଟି ଦେଖିଲେ ଆମେ କାଗଜ ଢାଙ୍କି ଘୋଡ଼ାଇ ଦେଉଥିଲୁ । ଆଉ ତ ଆପଣଙ୍କ ତ୍ରୁଟି କିଛି ହେବ ନାହିଁ । ଆପଣ ଶପଥ ଗ୍ରହଣ କଲେଣି । ତେବେ ଆମେ ଆଉ କାହିଁକି ରହିବା ।"

ଘଟୋତ୍କଚ କହିଲେ—କାହିଁକି ଦେଶ ସେବା କରିବ ।

ମଣିପାଣି କହିଲେ ଆଜ୍ଞା ଆପଣଙ୍କ ଛଡ଼ା ଆମେ ଆଉ କାହାକୁ ଜାଣୁନା । ଆପଣ ଭଲରେ ଥିଲେ ଆମର ଭଲ । ଆପଣ ଆମର ଦେଶ ଓ ଦଶ ।

× × ×

ଠକ୍ ଠକ୍ ଠକ୍

କିଏ ?—ମନ୍ତ୍ରୀ ଘଟୋତ୍କଚ ପ୍ରଶ୍ନ କଲେ

"ଆଜ୍ଞା ମୁଁ" ଭୈରବ ରବରେ ବାହାରୁ ଉତ୍ତର ଆସିଲା

'କିଏ ? ନାଁ କଣ ?' ଘଟୋତ୍କଚ ପଚାରିଲେ

'ମିଷ୍ଟର ମୋଟର ବାଇକ୍ ସାର୍ ।'

"କମଇନ—କମଇନ— ଆସ— ଆସ" ହାଓ ଡୁ ଇଉ ଡୁ—କିମିତି ଅଛ—ହ୍ୱାଟ ଏବାଉଟ ହୁଇସ୍କି ?"

"ହ୍ୱିମ୍‌ସ କଥା ଛାଡ଼ନ୍ତୁ ସାର, ଜାଣେ ପରି ଜନସ୍ଥାନ ଖାଲି। ମୋର ଇସ୍ତଫା ଗ୍ରହଣ କରନ୍ତୁ। ଆପଣ ଶପଥ ଗ୍ରହଣ କରୁଛନ୍ତି ପରା।"

"ହଁ ସେଥିରେ ତୁମର ଖତି କଣ?"

"ଦେଶ ସେବା କରିବା ପାଇଁ ମୁଁ ଜନ୍ମ ହୋଇନ। ମନ୍ତ୍ରୀ ସେବା ହିଁ ମୋର ପ୍ରଧାନ କର୍ତ୍ତବ୍ୟ। ହିସାବରେ ଜଏନ କରି କରି ମୋର ପେଟ ବଢ଼ିଥିଲା କିନ୍ତୁ ହିସାବ ଏଥର ସ୍ୱପନ ହୋଇଯିବ। ମନ୍ତ୍ରୀତ୍ୱ ଆ କଳଙ୍କ ଜନତା ଏଥର ଶଗ ଭଡ ଇତ୍ କରିବାକୁ କଲ୍ କରିବେ।"

"ଶାସନ ଖାଇବାକୁ ତ କେବେ ଜନତା ମୋତେ। ସତ କହୁଛ ମନ୍ତ୍ରୀର ମୋଟର ସାଇକଲ ସେ ଦିନ କଣ ସତେ ଆସିବ? ମୋର ହୋଟର ମେଟେ ଶାସନ ଦେବ? ସେଇ ମୋଟର ଦୁଆର ମୁଁ ଦେଖି ପାରିବ ଶପଥ ଗ୍ରହଣ କଲେ? ଦେଶ ଧ୍ୱଂସରେ ଜନ ମନଗଣ ଅଧିନାୟକ ହୋଇ ପାରିବ?"

"ହଁ ଆଜ୍ଞା।"

"କିନ୍ତୁ ମୋଟର ସାଇକଲ ତୁମର ଦୁଃଖ?" ପ୍ରଶ୍ନ କଲେ ଘଟୋତ୍କଚ।

"ନଥିଲା, ଅନେକ ଦିନ ମୋଟର ସାଇକଲରେ ଘୂରି ଘୂରି ବୁଲିବାର ସମ୍ଭାବନା, ଅସ୍ତ୍ରାଏ ଲୁଗା ଦିନ ଖବରେ ବୁଲିବା ଏଇ ଯେ ଦୁଃଖ—ଯେଉଁ ଦୋକାନ ଯାଏଁ ଯେଉଁ ସ୍ଥାନକୁ ଯାଏ ଲୋକେ ଭାବୁଥିଲେ ମୁଁ ଆସିନାହିଁ ଆସିଛି ସ୍ୱୟଂ ଘଟୋତ୍କଚ! ଯେଉଁଠି ୫ ଜଣ ମେନ ଥାଆନ୍ତି ତାକୁ ମୁଁ ୫୦୦ ଜଣ କରେ କିନ୍ତୁ ଆଉ ମିଛ କହ ହେବନି?"

ମନ୍ତ୍ରୀ ଘଟୋତ୍କଚ କହିଲେ "ମିଛ କହିବା ପାପ ନୁହେଁ।"

"ମିଛ ଛଡ଼ା ଆଉ whimsରେ ଥାଏ କଣ? ସେଥିପାଇଁ ଇସ୍ତଫା ଗ୍ରହଣ କରନ୍ତୁ…" … …

ଠକ୍ ଠକ୍ ଠକ୍

'କିଏ?' ପ୍ରଶ୍ନ କଲେ ଘଟୋତ୍କଚ

"ଆଜ୍ଞା ମୁଁ ଭୋଗନାଶନ ରଥେ"

"ଭିତରକୁ ଆସନ୍ତୁ ଭାଗଣର! ତୁମର ଆଗମନ ଅପେକ୍ଷାରେ ମୁଁ ଜାଗର ଜାଲ ବସିଥିଲି। ତୁମେ ଆସିଛ ଖୁବ ଭଲ କଥା। ଆମର ଆଜି ଶତ୍ରୁତା ନାହିଁ। ଆଜି ଆମର ମିଳନର ଦିନ। ତୁମର ଦେହର ରକ୍ତ ବନ୍ଦନ ଅନେକ ମୋ ଦେହରେ ଦେଇ ଦିଅ! ମୋର ହୋଇ ଯାଉ ନେତ୍ର ପାଣି ଗଲି।"

ଘଟୋତ୍କଚ କହିଲେ ଆଉ ଜୁଣ୍ଡି ପକାଇଲେ ଭୋଗ ନାଶନ ରଥଙ୍କୁ।

ଭୋଗ ନାଶନ ରଥେ କହିଲେ "ମୋର ଇସ୍ତଫା ଗ୍ରହଣ କରନ୍ତୁ ଘଟୋତ୍କଚ। ମୁଁ ଏତେଦିନ ଆପଣଙ୍କୁ ସମର୍ଥନ କରି ଆସୁଥିଲି। ଆପଣ ଆଜି ଶପଥ ଗ୍ରହଣ କରୁଛନ୍ତି ଦେଶର ଅଭାବ ଅନଟନ ଦୂର କରି ସମସ୍ତଙ୍କୁ ତାର ବ୍ୟକ୍ତିଗତ ସ୍ୱାଧୀନତା ଦେବାକୁ। ଆମର କମ୍ୟୁନିଷ୍ଟ ପାର୍ଟିରେ ଆଉ କିଏ ରହିବ? କଣ ସେ ଆପଣଙ୍କୁ ସହଯୋଗ କରିବ। ଏଇ ନିଅନ୍ତୁ ମୋର ପଦ ଆଉ ହାତୁଡ଼ି।"

ଠକ୍ ଠକ୍ ଠକ୍

କିଏ? —ପ୍ରଶ୍ନ କଲେ ଘଟୋତ୍କଚ

"ଆଜ୍ଞା ନବେଦ୍ୟା"

କୁଆଡ଼େ ଆସିଛ? —ପ୍ରଶ୍ନ କଲେ ଘଟୋତ୍କଚ।

ଆଜ୍ଞା ଇସ୍ତଫା ଦେବାକୁ। ଏଇ ନିଅନ୍ତୁ ମୋର ଲାଙ୍ଗଳ ଆଉ ଚକ।

ଠକ୍ ଠକ୍ ଠକ୍

କିଏ?

"ଆଜ୍ଞା ମୁଁ ବଳୁଆ ମହାପାତ୍ର"

"ବଳୁଆ ମହାପାତ୍ର? ବେଆଡ଼ା ନା ଠାଏ"

"ଆଜ୍ଞା ହଁ ମୁଁ ସବୁଦିନ ବେହୁଆ ଟିଏ"

"ତୁମେ କଣ କର?"

"ଆଜ୍ଞା ମଇଳା ଘାଣ୍ଟେ।"

"ଏଠି କାହିଁକି। ଏଠିତ ମଇଳା ନାହିଁ" ପ୍ରଶ୍ନ କଲେ ଘଟୋତ୍କଚ।

ଉତ୍ତରରେ ବଳୁଆ ମହାପାତ୍ର କହିଲେ 'ଦିନେ ଥିଲା! ଆଜି ମୁଁ ଆସିଛି ମୋର ରଗଡ଼ ଦେବାକୁ।"

"ଭିତରକୁ ଆସନ୍ତୁ ଚୌକିରେ ବସନ୍ତୁ!"

"ନା, ଆଜ୍ଞା ପଞ୍ଚାୟତ ଲାଞ୍ଛିତ ଥିବାରୁ ଆମକୁ କିଏ ଚଉକି ଦିଏ ନା। ଆମେ ସବୁବେଳେ ତଳେ ବସୁ।" କହିଲେ ବଳୁଆ ମହାପାତ୍ର।

"ତୁମର ଆଗମନର କାରଣ"

"ଆଜ୍ଞା ଇସ୍ତଫା ଗ୍ରହଣ କରନ୍ତୁ। ଆପଣ କୁଆଡ଼େ ଶପଥ ଗ୍ରହଣ କରୁଛନ୍ତି ଶୁଣିଲି [illegible] ହେବ [illegible]।"

"ଚରଣ ଦର୍ଶନ କଲ?" ଘଟୋତ୍କଚ କହିଲେ।

"ନା ଆଜ୍ଞା ଆପଣଙ୍କ ଚରଣରେ ପଡ଼ି ଯୋଡ଼ା ଅଛି ଯେତା ଦର୍ଶନ କରି ଫେରିବ।"

ଠକ୍ ଠକ୍ ଠକ୍

"କିଏ?"

"ଆଜ୍ଞା ନାଆଁ ଖେଳ ଭ୍ରମର ବର"

"ତୁମେ କୁଆଡ଼େ!" ଘଟୋତ୍କଚ କହିଲେ

"ଆଜ୍ଞା ଅଳିକର ପଥର ପଥ ପ୍ରଦର୍ଶନ କରିବା ପାଇଁ ଆସିଛି"

"ମୁଁ କୁଆଡ଼େ ତ ଯାଉନାହିଁ"

"ଯଦି ଯାଆନ୍ତି"

"ତୁମେ ଜାଣ ମୁଁ ଶପଥ ଗ୍ରହଣ କଲିଣି ଆଉ କୁଆଡ଼କୁ ଯିବି ନାହିଁ"

ନାଆଁ ଖେଳ [illegible]ଗଲା।

ଠକ୍ ଠକ୍ ଠକ୍

"କିଏ?"

"ଆଜ୍ଞା ମୁଁ ଗୋପାଳ ଗୋଡ଼ଗଞ୍ଜ"

"ତୁମେ କୁଆଡ଼େ ଆସିଛ?"

"ଶୁଣିଛି ଆପଣ ଶପଥ ଗ୍ରହଣ କରୁଛନ୍ତି ବୋଲି; ତେଣୁ ଇସ୍ତଫା ଦେବା ପାଇଁ ଆସିଛି।"

"ତୁମେ କଣ ଗୋଟାଏ ଇସ୍ତଫା ଦେବ?"

"ଆଜ୍ଞା କପୂର୍ଣ୍ଣୀ ଉପରେ, ହିସାବ ଖାତା ଫର୍ଦ୍ଦ ଇତ୍ୟାଦିରେ ଯେଉଁ ଗୁଡ଼ା ଦେଇଥାଏଁ ଆଉ ଦେବି ନାହିଁ।"

ଘଟୋତ୍କଚ ଚିନ୍ତା କରିବାକୁ ଲାଗିଲେ ଆଉ ଭାବିବାକୁ ଲାଗିଲେ ଏଥର ହିଁ ଘଟିଲେ କଂଗ୍ରେସ ଦଳ ପାରିବନି—ଆଜି ଅରେ ପରୀକ୍ଷା କରାଯାଉ।

ଠକ୍ ଠକ୍ ଠକ୍

କିଏ?

"ଆଜ୍ଞା ମୁଁ ଆପଣଙ୍କର ଅନ୍ତର ସେକ୍ରେଟାରୀ"

"ତୁମେ କୁଆଡ଼େ" ଘଟୋତ୍କଚ ପ୍ରଶ୍ନ କଲେ

"ମୁଁ ଇସ୍ତଫା ଦେବାକୁ ଆସିଛି ଆପଣ ଯେଉଁ ଟଙ୍କା ଦେଇ ମୋତେ ରଖିଛନ୍ତି ସେଥିରେ ମୁଁ

(ଅବଶିଷ୍ଟାଂଶ ୯ ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com



## ଆବିଷ୍କାର

ଶ୍ରୀ କମଳକୁମାର ଦାସ

ସମାଜ ଓ ସରକାର ଚଳାଇଚନ୍ତି ନିଶା ନିବାରଣ ପାଇଁ ତୁମୁଳ ସଂଗ୍ରାମ, ଅଥଚ ସହରର ଅଭିଜାତ ମହଲରେ ହେ' ଓ୍ୟାର୍ଡ଼ସ୍ ଏବଂ ହ୍ୱାଇଟ୍ ହର୍ସ ବୋତଲ ଗୁଡ଼ିକ ସେମାନେ ବସି ଗଳ୍ପ କରୁଥିଲେ, ଆଉ ସୋଡ଼ା ବୋତଲ କେତୋଟି ଏପଟ ସେପଟ ବିକଳ ଭାବରେ ଗଡ଼ିପଡ଼ି ଅନ୍ତରର ଶୂନ୍ୟତା ପ୍ରକାଶ କରୁଥିଲେ ।

ଲୋକ ଗୁଡ଼ିକ ଅନ୍ତରେ ୨ ଯୁବକ ସମସ୍ତଙ୍କର । ଭାବଧାରା ଅନେକଟା ସମାନ । ତାଙ୍କ ଆଗରେ ନ୍ୟାୟ ଅନ୍ୟାୟର ଯୁକ୍ତି ବାତୁଳତା ତାଙ୍କ ଆଖିରେ ସମାଜ ପଙ୍କିଳ । ସମାଜ ଆଖିରେ ସେମାନେ ଦୁଷ୍ଟଚରିତ୍ର, ଲମ୍ପଟ, ମାତାଲ । ଶ୍ଳୀଳ ଅଶ୍ଳୀଳ ଭେଦଭାବ ତାଙ୍କ ନିକଟରେ ନାହିଁ । ତାଙ୍କର ଦୁନିଆଁ ନିଆରା, ଅଥଚ ତାଙ୍କ ଭିତରୁ ପ୍ରତ୍ୟେକଟି ଲୋକ ହେଉଛି ସମାଜରେ ଉଚ୍ଚ ସ୍ଥାନରେ ଅଧିକୃତ । ସମସ୍ତେ ଅଭିଜାତ ବୋଲି ଗର୍ବ ସେମାନେ କରନ୍ତି ।—ନିଶା ଓ ନାରୀ ହେଉଛି ତାଙ୍କର ଜୀବନ ।

ତାଙ୍କର କଥାବାର୍ତ୍ତା ବଢ଼ି ଉଠିଲା ନାରୀକୁ କେନ୍ଦ୍ର କରି । ଜଣେ କହିଲା—ପ୍ରେମ ଗୋଟାଏ କ'ଣ ? ପ୍ରେମ କରିବାକୁ ଏଇ ବୋତଲ ସାଙ୍ଗରେ କର । ପ୍ରେମ ଠିକ୍ ହୋଇ କିଣ ହୁଏ ଠିକ୍ ଏଇ ବୋତଲ ଭଳିଆ—ସେ ଗୋଟିଏ ବୋତଲ ସମସ୍ତଙ୍କୁ ଦେଖାଇ ଗିଲାସରେ ଢାଳିବାକୁ ବସିଲେ ।

ଆଉ ଜଣେ କହିଲା-" ଠିକ୍, କିନ୍ତୁ କେତୋଟା ପାଗଳ ଅଛନ୍ତି ଯେଉଁମାନେ ପ୍ରେମ ପ୍ରେମ ବୋଲି ପାଗଳ । ପ୍ରକୃତ ପ୍ରେମକୁ ଖୋଜନ୍ତି ସେମାନେ?...ହା...ହା ... ମୋ ଜୀବନରେ ଅନ୍ତତଃ ମୁଁ କୋଡ଼ିଏଟାଙ୍କ ତରୁଣୀ ଝିଅ ସାଙ୍ଗରେ ପ୍ରକୃତ ପ୍ରେମ କରିଥିବି...ହା...ହା...

ଅନ୍ୟ ଜଣେ ଗିଲାସରେ ମଦ ଢାଳୁ ଢାଳୁ କହିଲା—"ତଥାପି ବେଳେ ବେଳେ କ'ଣ ମନେହୁଏ ଜାଣ... ଯେମିତି ...... ଯେମିତି ମନେହୁଏ କିଏ ଜଣେ ତୁମକୁ...ତୁମର କାନ ପାଖରେ ମୋଟିଏ ଟାଣିଧରି ଠାଣି ରଖିଛି... କିନ୍ତୁ କ'ଣ ବୁଝିହେଲାନି ସବୁ ଠିକ୍ ହୋଇଯାଏ ସବୁ ଠିକହୋଇଯାଏ...ହଇ...ହଇ..." ନିଶା ତାଙ୍କୁ ଯୋରରେ ଧରି ଆସିଥିଲା ।

ପ୍ରଥମ ଜଣକ କହିଲା-" ଓ ତୁମେ ଏ ସମାଜର ଝିଅଗୁଡ଼ାଙ୍କ କଥା କହୁଚ...ଆରେ ଧ୍ୟାତ୍...ଧ୍ୟାତ୍...ସେଇଗୁଡ଼ାକ ସବୁ ଅନିଷ୍ଟର ମୂଳ...ସେଇ ଗୁଡ଼ାକ ଆମକୁ ନଷ୍ଟକରି ମାରନ୍ତି...ଜଣ ଜଣ ହୋଇ ଆସି ଆମକୁ ଶୋଷଣ କରନ୍ତି...ସେମାନେ କଣ କରନ୍ତି ଯାଣିଚ... ସେମାନେ ଆମକୁ ଦନାକେତେ ଭଲକରି ଉପଭୋଗ କରି ନେବାପରେ ନିଜର କନ୍ଦର୍ପ ପ୍ରକୃତି ଓ କୁତ୍ସିତ ରୂପ ଜାହିର କରନ୍ତି ଥିଃ......ମୁଁ ତାଙ୍କ ମୁହଁରେ ଛେପ ପକାଏଁ... ଥିଃ ଆମେ ତାଙ୍କର ସେ କୁତ୍ସିତତା ଦେଖି ଦୂରକୁ ଘୁଞ୍ଚିଗଲେ ସେମାନେ ଆମକୁ ଗାଳି ଦିଅନ୍ତି... ଆମେ ପରା ଦୁଷ୍ଟଲୋକ...ଆମେ ମାତାଲ...ହେ ହେ...ଆରେ ବାବା ତୁମେମାନେ ତ ଆମକୁ ସୁଖ ଦେଲନି...ଆମେ ଯଦି ଅନ୍ୟତ୍ର ସୁଖ ଖୋଜି ବସୁ ତେବେ ଆମେ ହେଲୁ ଦୁଷ୍ଟଲୋକ... କୁହ ଆମକୁ ଦୁଷ୍ଟଲୋକ କହୁଛ କିଏ...ତୁମେମାନେ ନା... ?

ପୁଣି ଜଣେ କହିଲେ—ଠିକ କହୁଚ ବନ୍ଧୁ, ଆମେ...ଆମେ ଯେ ଆଜି ନଷ୍ଟ ହେଉଚୁ ତାର କାରଣ ହେଉଚନ୍ତି ସମାଜର ଏଇ ଝିଅଗୁଡ଼ାକ ଶୀଘ୍ର...ଅତିଶୀଘ୍ର ତାଙ୍କର ଗୋଟିଏ ସ୍ୱତନ୍ତ୍ର ଆୟୋଜନ ହେବା ଦରକାର

ଜଣେ ଏ ପର୍ଯ୍ୟନ୍ତ ବସିଥିଲେ ତନ ଗୁମଥର ପୂର୍ଣ୍ଣ କେନ୍ ସେ ନିଃଶେଷ କରି ବର୍ତ୍ତମାନ କହିଲେ—"ଶୁଣ...ତୁମେମାନେ ଶୁଣ...ମୁଁ ଗୋଟିଏ ଗଳ୍ପ କହିବି—ମୁଁ ଝିଅଙ୍କ କଥା କହିବି—ସେ ସିଧା ହୋଇ ଉଠିବସି କହିବାକୁ" ଆରମ୍ଭ କଲେ—

ମୁଁ ଗୋଟିଏ ଝିଅକୁ ଭଲ ପାଉଥିଲି... ମାନେ ତାକୁ ଭଲ ପାଉଥିଲି—ଭଲ ପାଇବା ମାନେ କ'ଣ ବୁଝିହେଲାନି...ଆମର ପ୍ରଥମ ଦର୍ଶନରେ ପ୍ରେମ ହୋଇଗଲା ...ଏକଦମ୍ ସିଧା...ସରପଟ୍—

"ଏଇ ପ୍ରଥମ ଦର୍ଶନ ପରେ ଅନେକ ଦେଖା ଦର୍ଶନ ଚାଲିଲା—ସେ ମତେ ତା ନିଜକୁ ଦେଖାଇ ହୁଏ ଆଉ ମୁଁ ଦେଖେ...ମୁଁ ମଧ୍ୟ ତାକୁ ଦେଖାଇ ହୁଏ ଆଉ ସେ ମୋତେ ଦେଖେ...ତାପରେ ହେଲା କଥାବାର୍ତ୍ତା—ସେ ମତେ କହେ ମୁଁ ଶୁଣେ—ଆଉ ମୁଁ କହିଲେ ସେ ଶୁଣେ—ଏ ହେଲା ଆମ ଭିତରର ଦେଖା ଶୁଣା ।

"ତା ପରେ ମୁଁ ଚିଠିଏ ଲେଖିବା ଆରମ୍ଭ କରିଦେଲି—ହଁ—ଝିଅମାନେ ଚିଠିଏ ଲେଖିବା ଭଲ ପାନ୍ତି—ମୁଁ ତାକୁ ଚନ୍ଦ୍ର ଦେଖାଏଁ—କହେଁ—'ଦେଖୁଚ ଚନ୍ଦ୍ର ଆମକୁ ଦେଖି ହସୁଛି' ସେ ହସେ—ଭାବେଁ ହସରେ ଚନ୍ଦ୍ର ପରାସ୍ତ ହେଲା—ଏଁ ବୋତଲଟା ସରିଗଲା—ଆଉ ଆଉ ଗୋଟାଏ ଖୋଲ—ହଁ—କଣ କହୁଥିଲି ହଁ—ନ୍ୟାକୁଇ କହନ୍ତି ଭଲ ପାଇବା । ମୁଁ ଗୋଟାଏ ପ୍ରକୃତ ପ୍ରେମିକ ପାଲଟି ଗଲି—ବୃନ୍ଦାବନୀ ଗଛରେ ବୁଲି—ନରମ କଥାବାର୍ତ୍ତା—ଏ ପ୍ରେମ ରୋଗଟା ମୋତେ ଗୋଟାଏ ଭୂତପରି ମାଡ଼ି ବସିଲା—ମୁଁ କିଛି ବୁଝିପାରିଲି ନାହିଁ ଥପ୍ରମ ନିଶ୍ୱାସରେ ତାକୁ ଶେଷ କରି ଦେଲି ।

"କିନ୍ତୁ ସେତେବେଳେ ମତେ ଏ ପ୍ରେମ ଭୂତଟାକୁ କାହିଁକି ଭଲ ଲାଗୁଥିଲା ବର୍ତ୍ତମାନ ମତେ ହସ ମାଡ଼ୁଚି...ହେ...ହେ...ମୂର୍ଖ ଯେଉଁମାନେ ପ୍ରେମ କରନ୍ତି ।

"କ୍ରମେ ସବୁ ଠିକ ହୋଇ ଆସିଲା ।... ଦେଖାରେ ମୁଁ ଭାବିଥିଲି ଯେ ସେ ସୁନ୍ଦରୀ—କିନ୍ତୁ ଆମର ସାନିଧ୍ୟ ଯେତେବେଳେ ନିକଟରୁ ନିକଟତର ହେଲା ମୁଁ ବୁଝି ପାରିଲି ଯେ ସେ ବାସ୍ତବିକ ସୁନ୍ଦରୀ ନୁହେ । ପ୍ରସାଧନ ପ୍ରକ୍ରିୟା ଦ୍ୱାରା ଗୋଟିଏ କୃତ୍ରିମ ସୌନ୍ଦର୍ଯ୍ୟର ଆବରଣ ଚାରିପଟରେ ବୋଳି ହୋଇ ତା ପଛପଟରେ କୁତ୍ସିତ ରୂପ ଓ ମନ ଲୋକ ସେ ରହିଛି...ମୁଁ କହୁଚି ମୁଁ କପରି ତାର ସେ ଅସଲ ରୂପକୁ ଧରି ପାରିଲି...

"ପ୍ରଥମ ଦେଖାରେ ମୁଁ ଭାବିଥିଲି ସେ ସେ ଅଦ୍ୱିତୀୟା ସୁନ୍ଦରୀ...ଦୂର ଦେଖା ଗୁଡ଼ାକ ଠିକ ସେମିତି ଗଲା ।

( ୮ମ ପୃଷ୍ଠାରେ ଦେଖନ୍ତୁ )



Digitized by srujanika@gmail.com

୭ପୃଷ୍ଠାର ଅବଶିଷ୍ଟାଂଶ

"ତା ପରେ କଥାବାର୍ତ୍ତା ହେଲା…ସେ ଯେମିତ ଓଠ ବଙ୍କେଇ କଥାବାର୍ତ୍ତା କଲେ ମୁଁ ମୋର ଧାରଣା ବଦଳାଇ ପକାଇଲି ଯେ ସେ ବାସ୍ତବିକ ସୁନ୍ଦରୀ…ସେ ହସିଲା ବେଳେ ତାର ଦୁଇଟି ଗାଲରେ ଦୁଇଟା ଗାତ ହୋଇଯାଏ…ତା'ର ସେଇ ଜନ୍ମଗତ ମଧ୍ୟ ବେଶ୍ ଆକର୍ଷଣ କରୁଥିଲା…ତାର ସେଇ ଫୁଲିକା ଗାଲ ଉପରେ ଦୁଇଟି ଗାତ ବଡ଼ ଭଲ ଲାଗୁଥିଲା ମତେ—ମୁଁ ମନେ ମନେ ଭାବିବାକୁ ଆରମ୍ଭ କଲି ଯେ ମୁଁ ଯାକୁ ମୋର ପ୍ରେମ ଜଣାଇବି ।

"ଏବେ ସେ ତା ଘରର କାହା ସାଙ୍ଗରେ କଥାବାର୍ତ୍ତା କରୁଥିବା ବେଳେ ମୁଁ ଲକ୍ଷ୍ୟ କରି ଦେଖିଲି ଯେ ସେ ମୋ ସହିତ ଯେପରି ଓଠ ବଙ୍କେଇ କଥାରେ ଟାଣ ଦେଇ କଥା ବାର୍ତ୍ତା କରେ ସେମିତ ସେ କରୁନ । ତା କଥାବାର୍ତ୍ତାରେ ସାଧାରଣତା ବା ସ୍ୱାଭାବିକତା ମୁଁ ଲକ୍ଷ କଲି । ମୁଁ ମନରେ ଚିନ୍ତାକଲି ସେ କାହିଁକି ସେପରି ଓଠ ବଙ୍କେଇ ଓ କଥାର ଲହର ଦେଇ ମୋ ସହିତ କଥା-ବାର୍ତ୍ତା କରେ ।

"ନିଜକୁ ଅନୁସନ୍ଧାନ କରିବା ଦ୍ୱାରା ବୁଝିଲି ଯେ ମୁଁ ମଧ୍ୟ ଠିକ ସେମିତ ଗୋଟିଏ ରହିତ ବା କୃତ୍ରିମ ଢଙ୍ଗ ନେଇ ତା ସହିତ କିମ୍ବା ଅନ୍ୟ କୌଣସି ସ୍ତ୍ରୀ ସହିତ କଥାବାର୍ତ୍ତା କରିଥାଏଁ…ସେଇଥିରୁ ମଧ୍ୟ ବୁଝିଲି ଯେ ସେ ମତେ ଭଲ ପାଏ…ଅନ୍ତତ ମୋ ସହିତ କଳା-ପୂର୍ଣ୍ଣ ଭାବରେ କୃତ୍ରିମ କଥାବାର୍ତ୍ତା କରି ସେ ମୋ ମନ ନେବାକୁ ଚାହେଁ…ମୁଁ ବି ଠିକ ସେଇଆ ଚାହୁଁଥିଲି…

"ମୋର ଏ ବୁଝିବା ସଙ୍ଗେ ସଙ୍ଗେ ମୋର କାମ ଆରମ୍ଭ ହେଲା…ମୁଁ ମୋ ନିଜକୁ ପ୍ରକାଶ କରି ବସିଲି…ମୁଁ ତାକୁ ଚନ୍ଦ୍ର କିରଣରେ ଧୁଆଇ ଧୁଆଇ ବୁଲାଇ ନେବା ବେଳେ କେତେ ପ୍ରକାର କୃତ୍ରିମ ମିଠା କଥା ସବୁ କହେ…ସେ ଶୁଣେ…ଶେଷରୁ ମୁଁ ପ୍ରେମ ସଫା ସଫା ଜଣାଇ ଦେଲି…ଶେଷରୁ ମୁଁ କଅଣ କହିବି…ସେ ମୋ ଆଡ଼କୁ ଚାହିଁ ହସି-ବାକୁ ଆରମ୍ଭ କଲା…ହେ…ହେ…ସେ ମୋ ଆଡ଼କୁ ସିଧା ଚାହିଁନ…ସେ କଡ଼େଇ ଚାହିଁ ହସିଲା…ତା'ର ଏ ହସିବାକୁ ବୁଝିଲି ସମ୍ମତି ହୋଇଗଲା ।

"ମନ ଦୁଇଟା ତ ଲାଗି ଯାଇଥିଲା…ଏଥର ଦେହ ଦୁଇଟା ବି ଲାଗି ଆସିଲା—ପ୍ରଥମ ହେଲା ହାତରେ ହାତର ମିଳନ…ତା ପରେ ଅଳି ଟିକିଏ ଚୁପ ଦଆ ନଆ…ତାପରେ ହାତ ଛନ୍ଦା ଛନ୍ଦି…ତାପରେ ଓଠ…ମୁହଁ…କ୍ରମଶଃ—ଯେତେବେଳେ ତା ଓଠରେ ମୋ ଓଠ ଲାଗିଲା ସେତେବେଳେ ମୋ ଆଖି ଯୋଡ଼ିକ ଆସି ପଡ଼ିଲା ଠିକ ତାର ଗୋଟିଏ ପଟ ଗାଲ ଉପରେ…ମୁଁ ଠିକ ସେତିକି ବେଳେ ଜାଣି ପାରିଲି ଯେ ତାର ମୁହଁର ସୌନ୍ଦର୍ଯ୍ୟ ପ୍ରକାଶ କରିବା କେତେ କୃତ୍ରିମତାର ଆଶ୍ରୟ ଗ୍ରହଣ କରିଛି । କ୍ରମେ ତାର ଏ କୃତ୍ରିମତାକୁ ସମ୍ପୂର୍ଣ୍ଣ ଭାବରେ ଆବିଷ୍କାର କରିବାର ଇଚ୍ଛା ହେଲା…ମୁଁ ପ୍ରେମ ପଛରେ ଯିବା ଛାଡ଼ି କେତେବେଳେ ମୋର ଏ ଆବିଷ୍କାର ପଛରେ ଚାଲିବାକୁ ଆରମ୍ଭ କରିଦେଲି…ମୁଁ ଯେତେ ଆବିଷ୍କାର କଲି ସେତେ ବୁଝି ପାରିଲି ଯେ ତାଠି ସମ୍ପୂର୍ଣ୍ଣ କୃତ୍ରିମତାର ଆଶ୍ରୟ ନେଇ ପୂର୍ଣ୍ଣ କରି ଦେଖାଇବାର ଚେଷ୍ଟା କରିଛି…ମତେ ହସ ମାଡ଼ିଲା…ଘୃଣା ଆସିଲା—ଛି—ଛ୍ୟାଃ ! ଏ ସ୍ତ୍ରୀ ଗୁଡ଼ାକ ନିଜର ଯାହା ନାହିଁ ସେଇଆ ଦେଖାଇ ହେବାକୁ ଚାହାନ୍ତି ।

"ତା ପରେ ଅନ୍ତର ଆବିଷ୍କାର ଚାଲିଲା—ଦେଖିଲି ଯେ ସେ ନିଜକୁ ସତୀ ବୋଲି ଯାହା ମୋ ଆଗରେ ଜାହିର କରିଦ ବୋଲି ବସିଛି ସେଥିରେ ମଧ୍ୟ ଗୋଟିଏ ବିରାଟ ଛଳନା ଅଛି । ଶାରୀରିକ ମିଳନ ପରେ ସେଠା ବି ସହଜ ଭାବରେ ଜଣା ପଡ଼ିଲା—ତାର ସବୁ କୃତ୍ରିମ—ସବୁ କୃତ୍ରିମ—

"ସେଇଠୁ ତା ଉପରେ ମୋର ଗୋଟିଏ ଘୃଣା ଆସିଲା—ଘୃଣା…ଉତ୍କଟ ଘୃଣା…ମୁଁ କିନ୍ତୁ ମୋର ଏ ଆବିଷ୍କାର କଥା ମନ ଭିତରେ ରଖିଲି କାରଣ ମୋର ସନ୍ଦେହ ହେଲା ଯେ ଏ ସମଗ୍ର ସ୍ତ୍ରୀ ଜାତିଟା ସମାନ…ମୁଁ ମୋର ଏ ଅଭିଜ୍ଞତା ଏବଂ ଅନ୍ୟ ମାନଙ୍କର ଅଭିଜ୍ଞତା ଯାହା ସବୁ ଶୁଣିଥିଲି ତାର ସମଷ୍ଟି ଗତ ଗୋଟିଏ ଥିଓରୀ ଆବିଷ୍କାର କରି ବସିଲି ।

"ମୋର ଏ ଥିଓରୀ ଆଉ ଗୋଟିଏ ସ୍ତ୍ରୀ ଉପରେ ପ୍ରୟୋଗ କରି ପରୀକ୍ଷା ଆରମ୍ଭ କଲି ମୁଁ ତାକୁ ପ୍ରଥମରେ ଏକା ଥରକେ ପ୍ରେମ ଜଣାଇଲି—କଥା ନାହିଁ ବାର୍ତ୍ତା ନାହିଁ—ଏକାଥରକେ ପ୍ରେମ ଜଣାଇ ଦେଲି—ସେ ମୋ ଉପରେ ରାଗିଗଲା—ସଫା ମନା କରିଦେଲା—ମୁଁ ତାକୁ କେତେ ନେହୁରା ହୋଇ କହିଲି ତେବେବି ସେଇ ଏକା କଥା ସେ ମତେ ପ୍ରେମ କରିବ ନାହିଁ କି ମୋର ପ୍ରେମ ନେବ ନାହିଁ । ଆଉ ଶୁଣିଲେ—ସେ ସଫା ସଫା ମନା କରିଦେଲା ।

ତାପରେ ମୁଁ ତାକୁ କହିଲି ମୋର କେଉଁ ବେଙ୍କରେ କେତେ ଟଙ୍କା ଅଛି—ତୁମର କେଉଁ ସହରରେ କେତେ ଘର ଅଛି—ଏଥର ତାର ମନା କରିବାରେ ସେତେ ଜୋର ନଥିଲା ।

"ମୁଁ ପୁଣି କହିଲି ଯେ ମୁଁ ଖାଲି ତାକୁ ଯେ ଭଲପାଏ ତା ନୁହେଁ—ମୁଁ ତାକୁ ବିବାହ କରିବାକୁ ଚାହେଁ—ପୁଣି ସେ ମନା କଲେହେଁ ଏକେବାରେ ନରମ ପଡ଼ିଗଲା । ମୁଁ ସେମିତ କହି ଚାଲିଲି ଯେ ମୁଁ ଶିକ୍ଷିତ—ମୁଁ ଯୁବକ—ମୋର ଆଭିଜାତ୍ୟ କଥା ମଧ୍ୟ କହିଲି ଏଥର ସେ କିଛି କହିଲା ନାହିଁ

"ମୁଁ କହିଚାଲିଲି 'ମତେ ବିବାହ କଲେ ତୁମେ ସୁଖରେ ରହି ପାରିବ—ଏକଦମ ସୁଖରେ" ସେ ମୋ ଆଡ଼େ ଅନାଇ ରହିଲା ।

ମୁଁ ତୁମ ସକାଶେ ଖୁବ୍ ଭଲ ଶାଢ଼ୀ ଆଉ ଦାମିକା ଗହଣା ଆଣି ଦେବି—ଚାହା ଦୋକାନରେ ସ୍ପେଶ୍ୟାଲ ରୁ ଭଳିଆ ବେନାରସରୁ ସ୍ପେଶ୍ୟାଲ ଶାଢ଼ୀ ତିଆରି କରାଇ ଦେବି—ହୁଁ—' ସେ ଏଥର ହସିଲା ।

"ତୁମେ ଖୁବ୍ ବଡ଼ଘରେ ରହିବ—ରାଜ ମହଲ ପରି ସୁଖରେ ରହିବ—ତୁମ ସକାଶେ ମୁଁ ଗୋଟାଏ ରାଜ ମହଲପରି ଘର ତୋଳି ଦେବି—ତୁମେ ସେ ମହଲରେ ମୋର ରାଣୀ ହୋଇ ରହିବ—' ସେ ଏଥର ଆଗେଇ ଆସିଲା ।

"ମୁଁ ତୁମକୁ ନେଇ ଦେଶ ବିଦେଶ ବୁଲାଇ ଆଣିବି—ଆମେରିକା—ଇଂଲଣ୍ଡ—ଫ୍ରାନ୍ସ ବୁଲାଇ ଆଣିବି—ଫ୍ରାନ୍ସ ଦେଶରେ ତୁମକୁ ମୁଁ ସ୍ୟାମ୍ପେନ ପିଆଇ ଆଣିବି'—ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ସ୍ୟାମ୍ପେନ କଅଣ?—କହିଲି—ସରବତ୍—ଫରାସି ଦେଶର ସରବତ୍ ! ସେ ଆନନ୍ଦରେ ମୋ ଆଡ଼େ ଆଉ ଦୁଇପାଦ ଆଗେଇ ଆସିଲା ।

(୯ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com

( ୮ପୃଷ୍ଠାର ଅବଶିଷ୍ଟାଂଶ )

"ମୁଁ କହି ଚାଲିଲି- 'ମୁଁ ତୁମକୁ ମଟର କିଣି ଦେବି—ତୁମେ ସେ ମଟରରେ ଚଢି ବୁଲିବ'—ସେ ଏଥର ମୋ ଉପରକୁ ଢଳିଁ ପଡ଼ିଲା।

"ମୁଁ ତୁମକୁ ରେଡିଓ କିଣି ଦେବି ତୁମେ ତାକୁ ଶୁଣି ଶୁଣି ଶୋଇବ—ସେ ମୋ ଛାତି ଭିତରେ ମୁହଁ ଲୁଚାଇ ଆଖି ବନ୍ଦ କରିଦେଲା।

"ଦେଖିଲ ମୋ ଥିଓରୀଟା ଠିକ୍—କେଉଁଠି ଟିକିଏ ହେଲେ ଭୁଲ ନାହିଁ। କିନ୍ତୁ ଦିନେ ସେ ଦୁଇଟି ଯାକ ଝିଅ ଜାଣି ପାରିଲେ ଯେ ମୁଁ ଦୁଇ ଜଣଙ୍କ ସାଙ୍ଗରେ ପ୍ରେମ କରୁଛି। ଦିନେ ମୋହରି ଘରକୁ ଆସି ସେମାନେ ଦୁହିଁ ଧରା ଧରି ହୋଇ ଆରମ୍ଭ କରିଦେଲେ ଲଢେଇ ସେତିକିବେଳେ ଆହୁରି ମଧ୍ୟ ବୁଝି ପାରିଲି ଯେ ତାଙ୍କ ମୁଣ୍ଡରେ ଯେତିକି ବାଳ ସାଧାରଣ ଆଖିରେ ପଡୁଛି ତାର ବେଶୀ ଭାଗ ହେଉଛି କୃତ୍ରିମ—ଏ ସଂଗ୍ରାମରେ କାଳେ ଅଂଶ ନେବାକୁ ପଡ଼ିବ ସେଇ ଡ଼ରରେ ଘରୁ ଖସି ପଳାଇଲି। ଘରକୁ ଫେରିଲା ବେଳକୁ ଦେଖିଲି ଯେ ଘରର ପ୍ରାୟ ସବୁ ଜିନିଷ ଭଙ୍ଗା ଭଙ୍ଗି ହୋଇ ପଡ଼ିଛି ଆଉ ସେ ଦୁଇ ଜଣଯାକ ଦରମରା ହୋଇ ମୋ ଖଟ ଉପରେ ଶୋଇଛନ୍ତି।

"ମୁଁ ସୁବିଧା ବୁଝି ଦୁଇ ଜଣଙ୍କୁ ବୁଝାଇ ଦେଲି ଯେ ମୁଁ କେଉଁଏକ ତୃତୀୟଟା ଝିଅ ସହିତ ପ୍ରେମ କରୁଛି—ଅତଏବ ସମସ୍ତଙ୍କର ସୁବିଧା ହେବ ଯଦି ସେମାନେ ଗୋଟିଏ ସଭା କରି ଠିକଣା କରନ୍ତି ମୁଁ କାହାକୁ ବିବାହ କରିବି।" କିନ୍ତୁ କେହି ଏକଥା ଠିକଣା କରିବାକୁ ମଙ୍ଗିଲେ ନାହିଁ—ଅଥଚ ଜଣ ଜଣ ହୋଇ ଆସି ସେମାନେ ମୋ ସହିତ ଦେଖା କରନ୍ତି। ମୁଁ ଗଲା ପରେ ପ୍ରତ୍ୟେକକୁ ଆଶ୍ୱାସନା ଦିଏଁ ଯେ ମୁଁ ତାକୁ ସମୟ ହେଲେ ବିବାହ କରିବି। ଏମିତି ଆଶ୍ୱାସନା ମୁଁ ଦେଇ ଆସୁଛି ଆଉ ଦେଇ ଆସୁଥିବି—ବୁଝିଲନା ଏ କୃତ୍ରିମତା ପୂର୍ଣ୍ଣ ଝିଅ ଗୁଡ଼ାଙ୍କୁ ସେଇଆ ଦରକାର—ତାଙ୍କୁ କେବଳ ଶାଠ୍ୟ ହିଁ ବଶ କରି ପାରିବ। ଆରେ—ରେ ତୁମମାନେ ଯେସବୁ କଣରେ ଶୋଇ ପଡ଼ିଲଣି—ମୋର ଏ ଭଲ ଗପଟା ମାଟି ହୋଇଗଲା ଦେଖୁଚ।

---

( ୭ପୃଷ୍ଠାର ଅବଶିଷ୍ଟାଂଶ )

ଟେବିଲ ଘଣ୍ଟା ବସିଥାଏଁ ଆଉ ଦମା ନିଏଁ। ଆପଣ ଯେତେବେଳେ ଶପଥ ଗ୍ରହଣ କଲେଣି ସେତେବେଳେ ମୋର ଆଉ ପ୍ରୟୋଜନ କଣ ?"

ଠକ୍ ଠକ୍ ଠକ୍

କିଏ ?

"ଆଜ୍ଞା ଆମେ"

"ଆମେ..."

"ଆଜ୍ଞା ଆପଣଙ୍କ ସରକାରଙ୍କ ଅଫିସର"

"କୁଆଡ଼େ ଆସିଛନ୍ତି"

"ଇସ୍ତଫା ଦେବାକୁ"

"କାହିଁକି ?"

ଆଜ୍ଞା ଆମେ False T. A ଦେଇ ପଇସା ଯୋଗାଡ଼ କରୁଥିଲୁ। ଆପଣ ଯେତେବେଳେ ଶପଥ ଗ୍ରହଣ କଲେଣି ସେତେବେଳେ ଆମେ କୁଥ ହାରେ ଆପଣଙ୍କର ସରକାରକୁ କଳଙ୍କିତ କରିବୁ କାହିଁକି ?

"ଧୂର୍ତ୍ତ ଚେଙ୍ଗୀ ! ଖାଲି ଇସ୍ତଫା ଇସ୍ତଫା ଯେ ଆସୁଛି ସେ କହୁଛି ଇସ୍ତଫା ନିଅନ୍ତୁ। ମୋର ଲୋଡ଼ା ନାହିଁ ଶପଥ ଗ୍ରହଣ କରି ବିଲୁଆ ମହାପାତ୍ର, ରୋଗନାଶନ ରଥ, ଶଠପନ ଅଗ୍ରବାଲ୍ମ ମଣିପାଣି ମନରେ କଷ୍ଟ ଦେବାକୁ। ଏମାନେ କଣ ନା ଜନତା କଣ ଜାଗାଲିଆ ଜନତା! ଯେତିକି ଦେବେ ସେତିକି ମାଗିବେ ? କଣ କହୁଛ 'ଶଠପନ' ?

"ଆଜ୍ଞା ହଁ ଆପେ କାଣ କହୁଛନ୍ତି ଏମାନଙ୍କୁ ଦୋଷ ଆଗରୁ ନେ କହୁଛନ୍ତି ବିଶ୍ୱାସ ଦେଇ ଦେଉଛୁ ଆଉ ଆପଣ ମାନେ କହୁଛନ୍ତି କଲବଜାର କଲବଜାର ହାମେ କରୁଛନ୍ତି ବୋଲି" ଶଠପନ କହିଲେ

ମନ୍ତ୍ରୀ ଘଟୋତ୍କଚ କହିଲେ "ନା ଶପଥ ନିଆ ହେବ ନାହିଁ ଯେମିତି ଥିଲା ଏ କଳଙ୍କ ସେମିତି ସେମିତି ରହୁ !"

ହାକେ ହୋ !

ହୋକେ ହୋ !

ପାଞ୍ଚ କରି ବିଲୁଆ ଲଣ୍ଡ ଠେକ ପୀଠାପୁର ରେ ହାଜର।

ଲାଲ ଝିଣ୍ଡାକୁ ଜୟ କହି ରୋଗନାଶନ ରଥେ ଦା ଆଉ ହାତୁଡ଼ି ହଲେଇ ହଲେଇ ମାଟି ତଳେ ପ୍ରବେଶ କଲେ।

"ଇନ୍‌କିଲାବ ଅନଶନକୁ ବଦଲି ଲେଙ୍ଗୋ" କହି କହି ବବେଦୀ ଲଗଳ ଚଷି ଚଷି ଓଡ଼ିଆ ବଜାରରେ ଆସି ହାଜର। ଶିମୁଳି ଫୁଲର ମାଳା ତାଙ୍କର ବେକରେ ଝୁଲାଇ ଦେଇ ହାତରେ ଅମ୍ବଟିଏ ଧରାଇ ଦେଇ ଘରକୁ ବଢ଼ିନେଲେ "ଇମିଦାର ଆନନ୍ଦ ଚନ୍ଦ୍ରାନନ ଚମ୍ପୁ"

ଶଠପନ ଗ୍ରୈଡ଼ଗଙ୍ଗ ଲାଲଙ୍କ ଶପଥ ଗ୍ରହଣ ପାଣ୍ଠିରୁ ଟ ୧୦୦୧ ଦାନ କରି ଫେରିଲେ। ଗଲା ବେଳେ ଗାଉ ଥାଆନ୍ତି

"କଳାବଜାର୍ ସେ ମନ୍ତ୍ରୀ ମିଳେ
ମିଳେ ଧନ ଆଉର ମାନ୍
ଉସ୍ ଧନ ମେ ବୈକୁଣ୍ଠ ମିଳେ
ବୈକୁଣ୍ଠ କୈସେ ଛୋଡ଼ ଯାଇ
ବନ ଚଲେ ରାମ ରଘୁରାଇ।"
(ତୁଲସୀ ଦାସ)

ମଣିପାଣି କଲମ ବାହାର କରି ଲେଖି ପକାଇଲେ—

—ଅପୂର୍ବ ମିଳନ—

୨୫-୨-୫୧

ଆଜି ସଂଧ୍ୟା ୧୨ଟାରେ ମନ୍ତ୍ରୀ ଭବନରେ କମ୍ୟୁନିଷ୍ଟ ପାର୍ଟି, ସୋସିଏଲିଷ୍ଟ ପାର୍ଟି, ବିଲୁଆ ପାର୍ଟି, ଶଠପନ ପାର୍ଟି ମାନଙ୍କର ସଭାପତି ଗଣ ଉପସ୍ଥିତ ହୋଇଥିଲେ। ନାନାବିଧ ତର୍କ ବିତର୍କ ପରେ ପାନ ସୁପାରୀ ହୋଇଥିଲା। ପ୍ରଧାନ ମନ୍ତ୍ରୀ ଘଟୋତ୍କଚ ସଭାର ସଭାପତି ହୋଇଥିଲେ। ଶଠପନ ପାର୍ଟିର ସଭାପତି କମ୍ୟୁନିଷ୍ଟ ପାର୍ଟିର ମଙ୍ଗଳ ସଭାରେ ଟ ୧୦୦୧ ଙ୍କା ଦାନ କଲେ ଓ ଟ ୩୦୦୨ ଙ୍କା ଓଡ଼ିଶାରେ ପଥର କାନ୍ଥିଆ ଗୋଟାଏ ସୁଦୃଢ଼ ଜେଲ ଘର ତିଆରି କରିବାକୁ ଦେଇଥିବାରୁ ଧନ୍ୟବାଦର ପାତ୍ର ହୋଇଛନ୍ତି। ବିଲୁଆ ପାର୍ଟିର ସଭାପତି ଖୁବ ଭଲ ନାଚ ପାରୁଥିବାରୁ ତାଙ୍କୁ ସେରେ ଅଫିମ ଗୁଳି କରି ଖାଇବାକୁ ଦେଇଛନ୍ତି। ତୁଲମ୍ବର ସମ୍ପାଦକ ମାସକୁ ୮୦୦୦ ଗେଲେନ ପେଟ୍ରୋଲ ମଞ୍ଜୁର ହେଇ ଥିବାରୁ ସେ ସରକାରଂକୁ ଧନ୍ୟବାଦ ଜଣାଇ ଅଛନ୍ତି।



Digitized by srujanika@gmail.com




## ପତ୍ରପତ୍ରିକା

ପ୍ରାଥମିକ ଶିକ୍ଷା—ପ୍ରାଥମିକ ଶିକ୍ଷକ ଫେଡ଼େରେସନର ମୁଖପତ୍ର—ମାସିକ । ବାର୍ଷିକ ୪୩—ପ୍ରତିଖଣ୍ଡ ୨ ଅଣା । ଏହି ପ୍ରଥମ ସଂଖ୍ୟାରେ ଶିକ୍ଷକମାନଙ୍କ ଲିଖିତ କେତେକ ପ୍ରବନ୍ଧ ବାହାରିଛି । ଶିକ୍ଷା ସମ୍ବନ୍ଧରେ ପ୍ରବନ୍ଧ ଅଧିକ ରହିବା ଉଚିତ । ବଙ୍ଗଳାରେ 'ଶିକ୍ଷା' ପତ୍ରିକା କ୍ଷୁଦ୍ର ହେଲେ ହେଁ ଶିକ୍ଷା ସମ୍ବନ୍ଧରେ ନୂତନ ଆଲୋକପାତ୍ ଯେପରି କରେ ପ୍ରାଥମିକ ଶିକ୍ଷା ଆମ ପ୍ରଦେଶରେ ତାହା କରିବବୋଲି ଆଶା କରୁ । ସମ୍ପାଦକୀୟରେ ସମ୍ପାଦକ ଯେଉଁ ବର୍ଷତ୍ରୟ ଯୋଜନା ଦେଇଛନ୍ତି ବା ଶିକ୍ଷକ ଫେଡ଼ରେସନରେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି—ତାହା କାର୍ଯ୍ୟରେ ପରିଣତ କଲେ —ଦେଶର କଲ୍ୟାଣ ହେବା ସଙ୍ଗେ ସଙ୍ଗେ ଶିକ୍ଷକମାନଙ୍କର ମର୍ଯ୍ୟାଦା ବୃଦ୍ଧି ହେବ, ନିଃସନ୍ଦେହରେ ।

ଚୋଇଙ୍କ—ସମ୍ପାଦକ ଶ୍ରୀ ସତ୍ୟେନ୍ଦ୍ରପ୍ରସନ୍ନ ସିହ୍ନ, ଏମ୍ ଏ—ପରିଚାଳନା ସମ୍ପାଦକ —ଶ୍ରୀ ରତ୍ନାକର ନାୟକ । ମୂଲ୍ୟ—ପ୍ରତିଖଣ୍ଡ ୪୦.୬ ଅନ୍ୟାୟର ଓ ଅନାଚାରର ଅବାଚାରର ଓ ବ୍ୟଭିଚାରରକୁ ଅପସାରିତ କରି ସତ୍ୟର ଅନୁସନ୍ଧାନରେ ଗତି କରିବା ବାଇଙ୍କର ମୁଖ୍ୟ ଉଦ୍ଦେଶ ବୋଲି ପରିଚୟରେ ପଢ଼ିଲୁ । ଏଥିରେ କେତେଗୁଡ଼ିଏ କବିତା ଗଳ୍ପ ସମାଲୋଚନା ପ୍ରଶ୍ନ ଉତ୍ତର ଆଦି ପ୍ରକାଶ ପାଇଛି । ଏହା ହାସ୍ୟରସପ୍ରମୁଖ ପତ୍ରିକାଟିଏ—ନବୀନ ସହଯୋଗୀଙ୍କୁ ସ୍ୱାଗତ କରୁଛୁ ।

ସେବା—ସାପ୍ତାହିକ ସମ୍ବାଦପତ୍ର—ସମ୍ପାଦକ ଶ୍ରୀ ରାଜେନ୍ଦ୍ର ପଣ୍ଡା, ବି, ଏ, ବି ଏଲ—ସହକାରୀ ଶ୍ରୀ ବିଶ୍ୱନାଥ ସେନ ବାହାଦୂର—ମୂଲ୍ୟ ଏକଅଣା । ଖଣ୍ଡି । ପତ୍ରଟି ସମ୍ବଲପୁରରୁ ପ୍ରକାଶିତ ଆମ ଦେଶରେ ଜିଲ୍ଲା-ସମ୍ବାଦ ପତ୍ରମାନଙ୍କର ଅଭାବରେ ପ୍ରାଦେଶିକ ସମ୍ବାଦ ପତ୍ରମାନଙ୍କର କଳେବର ଅଯଥା ଭାରାକ୍ରାନ୍ତ ହୋଇପଡ଼େ । ଜିଲ୍ଲା ଓ ଜିଲ୍ଲାର ନାନା ସ୍ଥାନର ଅଭାବ ଅଭିଯୋଗ ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ଜିଲ୍ଲା ସମ୍ବାଦ ପତ୍ରମାନଙ୍କର ମୁଖ୍ୟ ଉଦ୍ଦେଶ ହୋଇଥାଏ । ସେହି ଦୃଷ୍ଟିରୁ ସେବା ପ୍ରଥମ ସଂଖ୍ୟାରୁ ହିଁ ତାର କର୍ତ୍ତବ୍ୟରେ ତ୍ରୁଟି ଦେଖାଇ ନାହିଁ । ନବୀନ ପତ୍ରକାରକତାକୁ ଆମ୍ଭେମାନେ ସ୍ୱାଗତ ଜଣାଉଛୁ ।

ଜାଗରଣ—ରେଭେନ୍ସା କଲେଜ ପୂର୍ବ ଛାତ୍ରାବାସର ସାହିତ୍ୟ ପତ୍ର । ଛାତ୍ରମାନଙ୍କର ଉଦ୍ୟମ ଅତି ପ୍ରଶଂସାର୍ହ । ଲେଖାମାନଙ୍କର ସ୍ତର ଖୁବ୍ ଉଚ୍ଚରେ । କବିତାଗୁଡ଼ିକ କୌଣସି ସାହିତ୍ୟାନୁରାଗୀ ଅଧ୍ୟାପକ ସଂଶୋଧନ କରିଥିଲେ ଭଲ ହୋଇଥାନ୍ତା । ସମସ୍ତେ ମନ୍ଦାକ୍ରାନ୍ତାରେ ଲେଖିବାକୁ ଯାଇ ମାତ୍ରା ଭୁଲ କରୁଛନ୍ତି । ସଙ୍ଗୀତ ବେସୁରା ହେଲେ ବା ବେତାଳ ହେଲେ ଯେପରି ପାପ; କବିତା ଛନ୍ଦ ହରାଇଲେ ସେହିଭଳି ପାପ । କାରଣ ତାହା ପାଠକର ମାନସିକ ଛନ୍ଦକୁ ବ୍ୟାହତ କରେ । ତେଣୁ କବିପ୍ରୟାସୀ ଯୁବକମାନେ ପ୍ରଥମେ ସାଧନାରେ ରତ ହୋଇ ପରେ ପ୍ରକାଶ—ପୃଷ୍ଠଭୂମିରେ ଅବତରଣ କରିବା ଉଚିତ । ଅଧ୍ୟାପକମାନେ ସହାୟକ ନହେଲେ ତାହା ହେବା ସହଜ ନୁହେ ।

ପ୍ରବନ୍ଧ ଗୁଡ଼ିକରୁ ଜଣାଯାଏ—ଆମ ଛାତ୍ରଙ୍କର ମନ ଏବେବି ଭାରତୀୟ ପରମ୍ପରାରୁ ଦୂରକୁ ଯିବାକୁ ଚାହେଁ । ଏହା ସୁସ୍ଥ ମନେ ବୃତ୍ତି ବୋଲି ଆମେ କହିପାରିବୁ ନାହିଁ ।

ଊର୍ମି—ରେଭେନ୍ସା କଲେଜ ପଶ୍ଚିମ ଛାତ୍ରାବାସର ମୁଖପତ୍ର । ପ୍ରକାଶିତ ଗଳ୍ପ କବିତା ଓ ପ୍ରବନ୍ଧମାନ ଛାତ୍ରମାନେ ଯେଉଁଠି ରଖି-ପାରିଛନ୍ତି ତାହା ଦେଖିଲେ ଯେକୌଣସି ସାହିତ୍ୟ-ପ୍ରେମୀ ଉତ୍କଳ ଭବିଷ୍ୟତର ଆଶା ପୋଷିବ । କେତେଗୁଡ଼ିଏ ସୁନ୍ଦର ଚିତ୍ର ଓ ଫଟୋ ମଧ୍ୟ ପତ୍ରିକାର କଳେବରକୁ ସମୃଦ୍ଧ କରିଛି । ସମ୍ପାଦନାରେ ଯଥେଷ୍ଟ ସାବଧାନତା ଓ ମନଯୋଗ ରହିଛି ।

## ଗାନ୍ଧୀଗ୍ରନ୍ଥ

ଉତ୍କଳରେ ବାପୁଜୀଙ୍କ ପଦଯାତ୍ରା—ଲେଖକ ଶ୍ରୀ ବିନୋଦ କାନନଗୋ—ମୂଲ୍ୟ ୫୧ । ବାପୁଜୀ ତାଙ୍କ ଜୀବଦ୍ଦଶାରେ ତିନିଥର ପଦଯାତ୍ରା କରିଥିଲେ । ( ଲେଖକ ୨ଟି ଯାତ୍ରା କଥା ଉଲ୍ଲେଖ କରିଛନ୍ତି ) ତିନୋଟି ଯାକ ଯାତ୍ରା—ଗାନ୍ଧୀଜୀଙ୍କୁ ବାସ୍ତବିକ ଯୁଗାବତାର ପ୍ରମାଣ କରିଛି । ଧର୍ମର ଗ୍ଳାନିହେଲେ ଯୁଗାବତାର ମାନେ ଧର୍ମ ସଂସ୍ଥାପନା କରନ୍ତି । ଗାନ୍ଧୀଜୀ ଭାରତକୁ ତିନୋଟି ଅଧର୍ମ ବା ପାପରୁ ମୋଚନାର୍ଥେ ତିନିଥର ପଦଯାତ୍ରା କରିଥିଲେ । ବିଦେଶ ଶାସନରୂପୀ ପାପ ଦୂରୀକରଣ ପାଇଁ ୧୯୩୦ରେ ଦାଣ୍ଡିଯାତ୍ରା—ଅସ୍ପୃଶ୍ୟତା ପାପ ଦୂରୀକରଣ ପାଇଁ ୧୯୩୪ରେ ଉତ୍କଳରେବାପୁଜୀଙ୍କ ନାମକରଣ ଅନୁସାରେ 'ପ୍ରଚଣ୍ଡଧର୍ମଯାତ୍ରା' ଓ ୧୯୪୭ରେ ସାଂପ୍ରଦାୟିକ ଭେଦଭାବ ଶମନ କାମନାରେ ନୂଆଖାଲି ଯାତ୍ରା । ସମାଲୋଚିତ ପୁସ୍ତକରେ ଉତ୍କଳର ହରିଜନ ଯାତ୍ରା ସମ୍ବନ୍ଧରେ ଲେଖକ ଗାନ୍ଧୀଜୀଙ୍କ ସଙ୍ଗରେ ରହି ନିଜର ଅନୁଭୂତି ଖୁବ୍ ପ୍ରାଞ୍ଜଳ ଭାଷାରେ ଲେଖିଛନ୍ତି ।

ଦିଲ୍ଲୀ ଡାଏରୀ—.........
ପ୍ରକାଶକ—ଉତ୍କଳ ସେବାମଣ୍ଡଳ

ଗାନ୍ଧୀଜୀ ତାଙ୍କର ଅନ୍ତିମ କାଳରେ ଅବ୍ୟବହିତ ପୂର୍ବରୁ ଦିଲ୍ଲୀର ପ୍ରାର୍ଥନା ସଭାରେ ପ୍ରତ୍ୟହ ଯେଉଁ ଅମର ବାଣୀ ଶୁଣାଇ ଯାଇଛନ୍ତି ତାହା ତାଙ୍କର ଅନ୍ତରର କ୍ରନ୍ଦନ ବା ପ୍ରାର୍ଥନା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାର ସମାଲୋଚନା ଅସମ୍ଭବ । ପୁସ୍ତକଟି ସେହି ପ୍ରାର୍ଥନା ଭାଷଣମାନଙ୍କରେ ସଙ୍କଳିତ । ଏହି ଅନୁବାଦ ଗ୍ରନ୍ଥଟି ଓଡ଼ିଆ ସାହିତ୍ୟକୁ ଯଥେଷ୍ଟ ସମୃଦ୍ଧ କରିଛି ।



Digitized by srujanika@gmail.com



## ଶିଶୁସମସ୍ୟା—(ପୂର୍ବ ସଂଖ୍ୟାର ଶେଷ)

ବର୍ତ୍ତମାନ ସ୍ୱାଧୀନ ଭାରତର ମନୁଷ୍ୟ କିପରି ବଳିଷ୍ଠ ସୁସ୍ଥ ସବଳ ଭାବରେ ଜୀବନ ଯାପନ କରିବ, ଏ ବିଷୟରେ ନାନା ପ୍ରକାର କଳ୍ପନା ଜଳ୍ପନା ଓ ଗବେଷଣା ଚାଲିଛି । କେତେ "ଜନ ମଙ୍ଗଳ", 'ଶିଶୁ ମଙ୍ଗଳ' 'ପ୍ରସୂତି ମଙ୍ଗଳ' ଏପରିକି ମନୁଷ୍ୟର ଉନ୍ନତି-କଳ୍ପେ ପଶୁ ପକ୍ଷୀ ମଙ୍ଗଳ ମଧ୍ୟ ବାଦ୍ ଯାଉ ନାହିଁ । ଏହାଛଡ଼ା କେତେ ନୂଆ ନୂଆ ଯୋଜନା ବାହାରୁଛି, କିପରି ଆମ ସମାଜର ବଡ଼, ବଡ଼ ସମସ୍ୟାର ସମାଧାନ ହେବ, ସ୍ୱାଧୀନ ଜାତି ବୋଲି କିପରି ଆମର ଜୟ-ଜୟକାର ଜଗତ ଘୋଷଣା କରିବ, ତାର ଚେଷ୍ଟା ଆମେ କରୁଛୁ । ମନୁଷ୍ୟ ସମାଜର ଉନ୍ନତି ପାଇଁ ଏତେ ଚେଷ୍ଟା ଚାଲିଛି ସେଥି ଈଶ୍ୱର ଶ୍ରେଷ୍ଠ ଜୀବ ମାନବ ଶିଶୁ ଯେ ପ୍ରତିବର୍ଷ ଅକାଳରେ କେତେ କାଳ ଗ୍ରାସରେ ପଡ଼ୁଛନ୍ତି, କେହି ତାର ଖବର ରଖୁଛନ୍ତି କି? ଅସହାୟ ଶିଶୁ ତାର ଜନ୍ମ ପାଇଁ ଦାୟୀ ନୁହେ, ତା ସମାଜ ତଥା ଦେଶ ନେତା ମାନଙ୍କର ଏ ଉଦାସୀନତା ନିନ୍ଦନୀୟ ନୁହେଁ କି?

ଅବଶ୍ୟ ଏହା କୁହାଯାଇ ପାରେ ଯେ ଯେଉଁ ପ୍ରଦେଶରେ ବୈଦ୍ୟ ବିଜ୍ଞାନଙ୍କ ନିର୍ଦ୍ଦିଷ୍ଟ ସେବା ସୁଶ୍ରୂଷାର ଅଭାବ ସେଠାରେ ଅସହାୟ ଶିଶୁର ମୃତ୍ୟୁ ହେଉଛି? ଏକଥା ସତ୍ୟ ଯେ ଆମ ଦେଶରେ ମାତାମାନେ ବର୍ତ୍ତମାନ ଏଭଳି ପରିସ୍ଥିତିକୁ ଆସିଛନ୍ତି, ଯେଉଁମାନଙ୍କ ଅଜ୍ଞତାରେ ସେମାନେ ସେପରି ଅଳ୍ପ ବୟସରେ ପିଲାମାନଙ୍କୁ ସୁସ୍ଥ ସବଳ କରିବାରେ ପାରୁ ଥିଲେ ଏମାନେ ତାହା କରିପାରୁ ନାହାନ୍ତି । ମଧ୍ୟ ସଭ୍ୟ ଦେଶମାନଙ୍କରେ ଯେପରି ଭାବରେ ଶିଶୁମାନଙ୍କର ଖାଦ୍ୟ ପେୟର ଯତ୍ନ ନିଆ ଯାଉଛି ତା' ମଧ୍ୟ ଏମାନେ କରିପାରୁ ନାହାନ୍ତି । କେବଳ ତେଲ ହଳଦୀ ଲଗାଇ ବଞ୍ଚାଇ, ମୁହଁ ହାତରେ କ୍ରିମ ପାଉଡ଼ର ବୋଳି ବୋଲି ଦେଖିବାକୁ ଲଭ-ଦେଇ ଏମାନେ ନିଜର କର୍ତ୍ତବ୍ୟ ଶେଷ କରୁଛନ୍ତି । ଶିଶୁ ଦୁର୍ବଳ ହେଉଛି କି ଖଣ୍ଡିଆ ପଡ଼ି ଯାଉଛି ତାହା ଦେଖିବାର ଅବସର ନାହିଁ । ତଥାପି ଏ ବିଷୟରେ ଏତିକି କୁହାଯାଇପାରେ ଯେ ଯେପର୍ଯ୍ୟନ୍ତ ଆମ ଦେଶର ସ୍ତ୍ରୀମାନଙ୍କୁ ଯଥାର୍ଥ ହେଉ ଶିକ୍ଷା ଦିଆ ନଯାଇଛି, ସେପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇପାରିବ ନାହିଁ ।

କିନ୍ତୁ ବିଚାର କଲେ ଦେଖାଯିବ ଅସହାୟ ଶିଶୁମାନଙ୍କର ଅବସ୍ଥା ଆହୁରି ଭୟଙ୍କର ! ପିତୃ ପରିଚୟ ତ ନାହିଁ, ମାତା ମଧ୍ୟ କେବଳ ଗର୍ଭଧାରିଣୀ, ତାଛଡ଼ା ଜନନୀର କୌଣସି ଦାୟିତ୍ୱ ତ' ତାରେ ନାହିଁ । ତେବେ କିଏ ଏ ହତଭାଗ୍ୟ ଶିଶୁ ମାନଙ୍କୁ ରକ୍ଷା କରିବ ! ଏ କାମ ଗୀ, ଉପାୟ ବା ରହିଅଛି ନାହିଁ । ଆମ ଦେଶରେ ଏପରି ଆଇନ ନାହିଁ ଯେ ସରକାର ବାଧ୍ୟ ହୋଇବ ଓ ବୈଧ କି ଅବୈଧ ସମସ୍ତ ଶିଶୁମାନଙ୍କର ଉଚିତ ପରିପୋଷଣ ଶିକ୍ଷା ଦୀକ୍ଷା ପାଇ ।

ଉନ୍ନତ ଶିଶୁ ଜଗତରେ ଏ ଦୁର୍ଭାଗ୍ୟ ଦୁର୍ଗତି ସମ୍ବନ୍ଧରେ ଆମର ତୁରନ୍ତ ଆବଶ୍ୟକ ସେହିପରି ସର୍ବାଙ୍ଗ ସୁନ୍ଦର ଅନୁଷ୍ଠାନ । ଯେଉଁଠାରେ ଏହି ଶିଶୁମାନଙ୍କୁ ରଖାଯାଇ ଉପଯୁକ୍ତ ଭାବରେ ଲାଳନ ପାଳନ କରାଯାଇ-ପାରିବ, ସେମାନଙ୍କୁ ଉଚିତ ଶିକ୍ଷା ଦେଇ ଯୋଗ୍ୟ ନାଗରିକ ରୂପେ ଗଢ଼ି ସମାଜକୁ ଦାନ କରିବାହିଁ ଜାତିର ଶ୍ରେଷ୍ଠ ସେବା ହେବ ।

ଯେତେଦିନ ପର୍ଯ୍ୟନ୍ତ ଆମର ଦେଶ ପରାଧୀନ ଥିଲା ସେତେଦିନ ପର୍ଯ୍ୟନ୍ତ ସମାଜ ଓ ଶାସନର କୌଣସି ପ୍ରକାର ଦାବି କରୁ ନଥିଲୁ, ମାତ୍ର ବର୍ତ୍ତମାନ ଜାତୀୟ ସରକାର ତଥା ସ୍ୱାଧୀନ ନାଗରିକ ମାନଙ୍କର ଏହି ଦାୟିତ୍ୱ ପଡ଼ିବା ଏକାନ୍ତ ବାଞ୍ଛନୀୟ ।

ବାସ୍ତବରେ ଏ ବିଷୟରେ ଅଧିକ ଚିନ୍ତା ଆଲୋଚନା କରିବାର ସମୟ ଆସିଛି ।

ଲେଖିକା—କୃଷ୍ଣପ୍ରିୟା ଦେବୀ

## ଆଈଙ୍କ ସଂଗୀତ ଶିକ୍ଷା



ଆପୁଣିକା ଆଉ ସଙ୍ଗୀତ ଶିଖିବା ପାଇଁ ଅଜା ମୁଣ୍ଡାଇଲେ ଭାଇଲି ଦୋକାନେ ଯାଇଁ । ମନଲୋଡ଼େଲ ଦନେ ତାର ମନ୍ତ୍ର ଖଟେ

କହେ ଆଈ ଅଜା ଏଥର ବଜାଇ ଶିଖ, ଆସନ୍ତା ମାସକୁ ରେଡ଼ିଓ-କରିବା ଠିକ୍ । କେ ଲିପ୍ତ ଧଜାଶି ତମ ତ ଦାଶି

ଆଉ ଗାଉଛନ୍ତି ଅଚ୍ଛା ବନ୍ଧୁସେନ ଦାଦରେ ସେଉଛେ ପଳାଇ ଯାଉନ୍ତି ଅଯ ପଳାଇ ନାପ କାନରେ ଦଅନ୍ତି ମୂଦ



Digitized by srujanika@gmail.com

# ସୁଖୀ କିଏ

ଲେଖକ—ଶ୍ରୀ ଫକୀର ନନ୍ଦ

କ୍ଲବ୍ ଘରେ ସମସ୍ତେ ବସି ଗପସପ ହେଉଛୁ ବନ୍ଧୁ ହଠାତ୍ ବଡ଼ ବଳେଇ ଉଠିଲା- "ହାପି ଦ ମ୍ୟାନ୍ ହୁଜ୍ ୱିସ୍ ଆଣ୍ଡ କେୟାର୍, ଏ ଫିଉ ପ୍ୟାଟରନାଲ ଏକର୍ସ୍ ବାଉଣ୍ଡ, କଣ୍ଟେଣ୍ଟ ଟୁ ବ୍ରିଦ୍ ହିଜ୍ ନେଟିଭ୍ ଏୟାର୍ ଇନ୍ ହିଜ୍ ଓନ୍ ଗ୍ରାଉଣ୍ଡ। ବାସ୍ତବିକ କବି ହଜାର ବାର ଠିକ୍"

"ହିଅର୍, ହିଅର୍, ହିଅର୍, ହିଅର୍‌ହିଅର୍-ହିଅର୍"—ବାକିସବୁ ସାଙ୍ଗେ ସାଙ୍ଗେ ଯୋଡ଼ି ଦେଲେ "ଆରେ ସେ କବି ସିନା ଏପରି ଲେଖି ଯାଇଛନ୍ତି, ଅବା କାହାକୁ ପଚାରିଲେ ସେ ଅନ୍ୟ ପ୍ରକାରରେ କହିବେ"

ବନ୍ଧୁ ମାନଙ୍କ କଥା ନୁହେଁ ତା ଯଥାର୍ଥତା ପରଖିବାକୁ ଭ୍ରମଣ କରିବାକୁ ଯାଇ ଯଥେଷ୍ଟ ବାଦଣ୍ଡା ଯନ୍ତ୍ର ବାଡ଼ି ବସିଲୁ! ଜଣେ ଜଣେ ହୋଇ ସମସ୍ତେ ତର୍କରେ ଯୋଗ ଦେଲେ, କ୍ଲବ୍ ଘରଟା ମାଛ ହାଟରେ ପରିଣତ ହେଲା। ଖାଲି ହାଉ, ହାଉ, ହାଉ ମୁଁ ଦେଖିଲି ଯେ କଥାଟା ଯେମିତି ଭାବରେ ଗଡ଼ି କରୁଛି ସିଦ୍ଧାନ୍ତରେ ତ କେହି ପହଞ୍ଚିବେ ନାହିଁ, ବରଂ ହାତାହାତି ହେବାର ସମ୍ଭାବନା। ଗୋଟାଏ କଳ କାଢ଼ିଅ ପାଟିକରି ସମସ୍ତଙ୍କ ପାଟି ବନ୍ଦ କରିଦେଲି ଓ କହିଲି "ଦେଖ ଏତେ ଗଣ୍ଡଗୋଳରୁ ଲାଭ କଅଣ? ଖୁବ୍ ବଡ଼ ବଡ଼ ମୁଣ୍ଡିଆଙ୍କ ପାଖକୁ ଖବର ଦେବା ସେମାନଙ୍କର ମତ କଅଣ ଦେଖିବା। ଯାହାକୁ ବେଶିଲୋକ ସୁଖୀ ବୋଲି କହୁଥିବେ, ସେହି ପ୍ରକୃତରେ ସୁଖୀ ଅଟେ ସମସ୍ତେ ଏକାବେଳେକେ କହି ଉଠିଲେ ହଁ ସତ ଠିକ୍, ଠିକ୍, ଠିକ୍ ବନ୍ଧୁ କହିଲା "କିନ୍ତୁ, କେଉଁ ଦିନ ଉତ୍ତର ଆସିବ ତାର ଠିକ୍ ନାହିଁ, କଥାର ଗରମଟା ଅତକଣ ରହିବ?" ମୁଁ କହିଲି "କିଛି ପରବାଏ ନାହିଁ, ମୁଁ ଏହିକ୍ଷଣି ମଗେଇ ଦଉଛି"

ଏହା କହି ବେତାଳ ମାନଙ୍କୁ ଡାକି ଜୀବନ୍ତ ମୃତ ବଡ଼ ବଡ଼ ମୁଣ୍ଡିଆଙ୍କ ଆତ୍ମା ପାଖକୁ ଖବର ଦେଲି କବିତାକାରରେ ଉତ୍ତର ସବୁ ବି ସାଙ୍ଗେ ସାଙ୍ଗେ ଆସି ଗଲା: ପଢ଼ି ଦେଖିଲି ଯେ କେଉଁଟା କାହାର ସଙ୍ଗେ ମେଳ ନାହିଁ। ଆମ ଭିତରେ କିଛି ସ୍ଥିର ହୋଇ ପାରିଲା ନାହିଁ ପ୍ରକୃତରେ ସୁଖୀ କିଏ? ପାଠକ ମାନଙ୍କ ପାଖରେ ଲେଖା ଗୁଡ଼ିକ ଓଡ଼ିଆରେ ତର୍ଜମା କରି ପେସ୍ କଲି, ଦୟାକରି ବାଛି ଦେବେ ପ୍ରକୃତରେ ସୁଖୀ କିଏ।

## ହିଟଲର

ଧରାରେ ସେ ଜନ ଅଟେ ପ୍ରକୃତରେ ସୁଖୀ
ହର୍ଷ ସମର ଚିତ୍ତ ଥିବ ଯାର ପଛେ,
ଗୋଟାଏରେ ଗୋଟେ ଦେଶ ଉଚ୍ଚ ମନ-ମୁଖୀ
କାଢ଼ିବାର ପଥ କିନ୍ତୁ ବାନ୍ଧି ଦେଇ ଅଛେ।
ଶୁଦ୍ଧ ଅର୍ଥନୀତି ବହୁଥିବ ମନରେ
ଯେଉଁ ନୀତି ଏବେ ପୃଥିବୀରେ ସର୍ବଶ୍ରେଷ୍ଠ,
ଯୁବଂ ଦେହ ଭାବ ଛଡୁଥିବ ଜେଲ ଗିରେ
ଅଗ୍ନି ଦଗ୍ଧ ପ୍ରକୃତିକରେ ହୋଇଥିବ ଟେଷ୍ଟ (test)

ସ୍ୱଦେଶ ଶୋଷିତ କରିଥିବ ସିଂହାସନ
ବହିଥିବ ଯଥା କେହେନ କେଶରୀ ବା
ଅସ୍ତ୍ରଶସ୍ତ୍ର ବର୍ଜିତ ଜନାଙ୍ଗାତ ଧନ ଜନ
ଆପେ ବସିଥିବ ଉଚ୍ଚେ ଟେକି ନିଜ ଗ୍ରୀବା।
ସ୍ୱୀକୃତ ଈଶ୍ୱରର ମଣ୍ଡଳ ପରେ
ବସି କହୁଥିବ ନାହିଁ ଅଭ ଭୂତ ଭୟ,
ଈଶ୍ୱରର ମାୟା ସାମ୍ୟବାଦୀ ବୁଦ୍ଧି ଅରେ—
କହୁଥିବ ବନ୍ଧୁ ପୁଣି ଶତ୍ରୁ ହେବ ହୃଦୟ।

ଦୟା ମାୟା ସ୍ନେହ ପ୍ରୀତି ମଣି ଦୁର୍ବଳତା
କର୍ତ୍ତବ୍ୟରୁ ଟାଳି କରିଥିବ ମନ ଦୂର,
ଯନ୍ତ୍ର ଯୁଗେ କାର୍ଯ୍ୟ କରୁଥିବ ଯନ୍ତ୍ର ଯଥା
ମନୁଷ୍ୟ-ଦଳେ କରୁଥିବ ଦଳ, ହେଲୁ
ନାନାରୂପେ ଗଢ଼ିତ କରି କଣ୍ଠରେ ମନ୍ତ୍ର
ନାରଦଙ୍କୁ ଧିକ୍କାରିବା ଛନ୍ଦ ମାନ ଜବା
ସଦା ସାମରିକ ବେଶେ ରହି ଯାଏ ଘସ୍ତ୍ରୁ।
ନାରୀ ଦ୍ୱେଷ ପ୍ରବୃତ୍ତିରୁ ସେ ଥିବ କନିଷ୍ଠ।

## ଷ୍ଟାଲିନ୍

ବିଚକ୍ଷଣ ବହୁମୁଖୀ କର୍ମର ଯୋଜନା
କରିବାରେ ଯେହୁଥିବ ବଡ଼ ଧୁରନ୍ଧର,
ବୃଥା ବାକ୍ୟାଳାପେ ଯାର ନଥିବ କାମନା
ମଉନ ମୁହିଁ। କର୍ଷଣ ତୁହାରେ ପ୍ରଖର
କର୍ଣ୍ଣଧାର ଥିବ ସେହି ଏପରି ରାଷ୍ଟ୍ରରେ
ଯେଉଁ ରାଷ୍ଟ୍ରେ ଘୃତ ମଧୁ ଥିବ ପରିପୂର୍ଣ୍ଣ
ବ୍ୟକ୍ତିଗତ ଧନ କିଛି ନଥିବ ସେଠାରେ,
ବ୍ୟକ୍ତିଗତ ବୁଦ୍ଧି ମଧ୍ୟ ହୋଇଥିବ ଶୂନ୍ୟ।

ସେ ଦେଶେ ନଥିବେ କେଉଁଣେ ହେଲେ ହେଁ ବେକାର
ସମୂହ କଲ୍ୟାଣେ କର୍ମ କରୁଥିବେ ସର୍ବେ
ଧନୀ ନିର୍ଦ୍ଧନର ଭେଦ ନଥିବ ବିଚାର
ଧୂଆ ଅଧୂଆ ଭେଦ ନଥିବ ସେଠି ଗର୍ବେ।
ଧର୍ମ ନାମେ ଶୋଷଣକାରୀ ନଥିବେ ମହନ୍ତ
ବୃଥା ଲାଭ ମାରିବାକୁ ନଥିବେ ବେପାରୀ
ଉତ୍ପାଦନ ବଣ୍ଟନର ଜଟିଳ ଯନ୍ତ୍ର,
କେବଳ ପାଠ ମୁଖିଆ ମୁଖ-ସୁଦ୍ରସାର।

ଲାଲଝଣ୍ଡା ଉଡୁଥିବ ସେଠି ଘର ଘର
ଲାଲ ଫୌଜ ହୋଇ ସୁଦୃଢ଼େ ପ୍ରୋଥିତ,
ଯା ଭୟେ ଶୋଷକ ଶ୍ରେଣୀ ହୋଇବେ କାତର
ସର୍ବହରା ହେବେ ଦେଶ ଅଙ୍କୁରିତ।
ଛଳମତି ଥିବ ତା'ର ସହରେ ସଦା,
ନୋହୁଥିବ କେବେଁ ସେହୁ ପରମୁଖାପେକ୍ଷୀ
ସବୁ ବାହାର ତା ପତ୍ନୀ ମାଡ଼େ ଭୂଷ ଗଦା
ଭବ ଥରହର ତା' ହୁଲୁହୁଳା ଜଣ ଦେଖି।



Digitized by srujanika@gmail.com

# ନ୍ୟୁଟ୍-ହାମ୍‌ସନ୍, ଔପନ୍ୟାସିକ

ଲେ—ଗୋପାଳ ଚନ୍ଦ୍ର ମିଶ୍ର ଏମ୍, ଏ

ସ୍କାଣ୍ଡିନେଭିଆ ଦେଶପୁଞ୍ଜର ଉଲ୍ଲେଖ ଆମ୍ଭେମାନେ ଭୌଗୋଳିକ ଏବଂ ରାଜନୈତିକ ପରିସରରେ ଶୁଣିବାକୁ ପାଉଥାଉଁ, ମନୋରମ ହ୍ରଦରାଜିର ଅପୂର୍ବ ଲାବଣ୍ୟ ସଂଘାତ, ସୁଦୃଶ୍ୟ ସଂଘାତ, ଏ ଦେଶ-ପୁଞ୍ଜର ଅନବଦ୍ୟ ଲୀଳା କାହାଣୀ ପ୍ରକୃତି, ଯୁଗେ ଯୁଗେ ଏ ଦେଶର ବାଣୀ ପୀଠକୁ ନିତ୍ୟ ନୂତନ ପ୍ରେରଣା ଯୋଗାଇ କରି ରଖିଥାଏ। ଏହି ଦେଶପୁଞ୍ଜର ସାହିତ୍ୟିକ, ଲେଖକ, କବି, ଔପନ୍ୟାସିକ ନାଟ୍ୟକାର ମାନଙ୍କର ଅମର ରଚନା, କଲ୍ପନା-ପ୍ରବଣ କବି-ବାଣୀ ବିଶ୍ୱସାହିତ୍ୟର ପୃଷ୍ଠାରେ ପ୍ରତି ଯୁଗରେ ଉଦ୍ଦୀପନା ଜାଗରଣର ହିଲ୍ଲୋଳ ସୃଷ୍ଟି କରିପାରିଅଛି। ନରୱେର ଇବସେନ୍ ହାମସନ୍, ସୁଇଡେନର ସେଲମା ଲାଗରଲଫ ଏବଂ ଅଗଷ୍ଟ ଷ୍ଟ୍ରିନ୍‌ବର୍ଗ, ଡେନ୍‌ମାର୍କର ଜେନ୍‌ସେନ୍ ପ୍ରଭୃତି ବିଶ୍ୱସାହିତ୍ୟର ଆନ୍ତର୍ଜାତିକ କ୍ଷେତ୍ରରେ ତୁଙ୍ଗ ପ୍ରସିଦ୍ଧି ଲାଭକରି ସାହିତ୍ୟ ପ୍ରେମୀମାନଙ୍କ ପ୍ରାଣରେ ଚିରଦିନ ପାଇଁ ଆସନ ଅଧିକାର କରି ପାରିଛନ୍ତି।

୧୯୨୦ ମସିହାରେ ହିଁ ବିଶ୍ୱବିଖ୍ୟାତ ହାମ୍‌ସନ୍ ବାଣୀ ସାଧନାର ପୁରସ୍କାର ସ୍ୱରୂପ, ନୋବେଲ ପ୍ରାଇଜ୍ ପ୍ରାପ୍ତ ହୋଇଥିଲେ। ସେହି ମହାମନା, ସୁପ୍ରତିଷ୍ଠିତ ଔପନ୍ୟାସିକ ପ୍ରଧାନତଃ ଉପନ୍ୟାସ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଲେଖକ ବୋଲି ବିବେଚିତ ହୋଇଥିଲେ ମଧ୍ୟ ସେ କେବଳ ଉପନ୍ୟାସ ଜଗତରେ ସୀମାବଦ୍ଧ ନଥିଲେ। ହାମ୍‌ସନ୍ ଅନେକ କବିତା ରଚନା କରିଥିଲେ ଏବଂ ନାଟକ ଲେଖା ଦିଗରେ ହାତ ଦେଇଥିଲେ।

୧୮୫୯ ମସିହାରେ ନରୱେର ଦୃଶ୍ୟ ବହୁଳ ଭୂମିର ଏକ କୁଟୀରରେ ହାମସନ ଜନ୍ମ ଗ୍ରହଣ କରିଥିଲେ। ଦୀର୍ଘ ଜୀବନରେ ସେ କୌଣସି ସେମିତି ଧାରାବାହିକ ଭାବରେ ଶିକ୍ଷାର୍ଜନ କରି ନଥିଲେ। ତାଙ୍କର ସାରା ଜୀବନ ଭିନ୍ନ ଭିନ୍ନ ଅନୁଭୂତି ଆଘାତ ଦ୍ୱାରା ଯେପରି ପରିପୂର୍ଣ୍ଣ। ବାଲ୍ୟବୟସରେ ସେ ଆମେରିକା ଯାତ୍ରା କରିଥିଲେ ଏବଂ ସେଠାରେ ଜୀବନ ଧାରଣ ନିମନ୍ତେ ତାଙ୍କୁ ହିମୁଲ ସଂଘର୍ଷ କରିବାକୁ ପଡ଼ିଥିଲା।

ହାମ୍‌ସନଙ୍କର ଜୀବନର ବୈଚିତ୍ର୍ୟହିଁ ତାଙ୍କର ସାଧକ ଜୀବନର ପରିପୂର୍ଣ୍ଣତା ପାଇଁ ଉପାଦାନ ଯୋଗାଇ ଥିଲା। ହାମ୍‌ସନ୍ କୃଷି-କ୍ଷେତ୍ରରେ କୃଷକ, ଅଫିସରେ କିରାଣୀ, ସହରର ଯାନବାହନ ସଂପୃକ୍ତ ଏକ ପରିଚାଳକ ପଲ୍ଲୀ ବିଦ୍ୟାଳୟରେ ଶିକ୍ଷକ, ଏବଂ ସେହି ହାମ୍‌ସନ୍ ପୁଣି ସ୍ୱପ୍ନପୁରୀର ଶିଳ୍ପୀ, ସର୍ବୋପରି ସାହିତ୍ୟରେ ନୋବେଲ ପ୍ରାଇଜର ଗର୍ବୀ ଅଧିକାରୀ।

ହାମ୍‌ସନଙ୍କର ଉପନ୍ୟାସ ମଧ୍ୟରେ କ୍ଷୁଧା ( Hunger ), ମାଟିର ବିକାଶ (Growth of the soil )Vagabonds,August The ring is closed, The road leads on ପ୍ରଭୃତି ପ୍ରଧାନ, ଏବଂ ବିଶ୍ୱ ସାହିତ୍ୟ ଦରବାରରେ ସମାଦୃତ। ହାମ୍‌ସନ୍-ଙ୍କର ଚରିତ୍ର ଗୁଡିକ ନିହାତି ବାସ୍ତବ ଜଗତର ଚରିତ୍ର ଏବଂ ବାସ୍ତବତାରେ ସେମାନେ ଅତି ବାସ୍ତବ।

ମିଥ୍ୟାବାଦୀ ଅଗଷ୍ଟ, ଗାମ୍ଭୀର୍ଯ୍ୟ ଏବଂ ସରଳତାର ପ୍ରତିମୂର୍ତ୍ତି ପଲ୍ଲନା, ଶିଥିଳ ଜୋଆକିମ୍, ନିଜ ପଲ୍ଲୀ ଗ୍ରାମ ଅଣାମ୍ଭୀ ଆକାଂକ୍ଷା ମୂର୍ଚ୍ଛିତ ଏଷ୍ଟେର, ଚିର ବ୍ୟଥିତ ଅବେଲ, ପ୍ରଭୃତି ଏହି କେତେ ଗୁଡ଼ିଏ ହାମସନଙ୍କର ରଚନାର ସୃଷ୍ଟି ଚରିତ୍ର, ଯେଉଁମାନେ କି ପାଠକର ପ୍ରାଣରେ ନିଜ ନିଜର ବୈଶିଷ୍ଟ୍ୟ ଯୋଗୁଁ ଅଙ୍କିତ ହୋଇ ରହି ଯାଆନ୍ତି। ଏହି ଚରିତ୍ର ଗୁଡିକ ସରଳ ଅମାୟିକ ଏବଂ ସେମାନେ ଜୀବନରେ ବିଚଳିତ ହେଉ ନାହାଁନ୍ତି। ନାଟ୍ୟକାର ସେକସ୍‌ପିଅରଙ୍କ ଅମର ନାଟକ ହାମଲେଟ ସହିତ ହାମସନଙ୍କର ଅଗଷ୍ଟ ସମକକ୍ଷ ହୋଇ ପାରିବ। ଭାଗବଣ୍ଡ ଉପନ୍ୟାସରେ ଯେଉଁ ଅଗଷ୍ଟ, ସେହି ଅଗଷ୍ଟ ପୁଣି, ଅଗଷ୍ଟ ଉପନ୍ୟାସରେ ଅବତୀର୍ଣ୍ଣ ହେଉଅଛି। ସେହି ଅଗଷ୍ଟଠାରେ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଯେତିକି ପରିସ୍ଫୁଟ, ତା ଅପେକ୍ଷା ବ୍ୟକ୍ତିତ୍ୱ ଅଦ୍ଭୁତ ଅଧିକ ପ୍ରତିଫଳିତ। ଅଗଷ୍ଟ ଏ ମୁହୂର୍ତ୍ତରେ ଚୋରି କରୁଛି, ଏବଂ ଅନ୍ୟ ମୁହୂର୍ତ୍ତରେ ତାହା ଦାନ କରି ଦେଇ ଯାଉଛି। ଗ୍ରାମର ସରଳ ନିରାଡମ୍ବର ଜୀବନ ପ୍ରଣାଳୀ ପରିବର୍ତ୍ତନ କରି ଅଗଷ୍ଟ ଗ୍ରାମ ମାନଙ୍କର ଶିଳ୍ପ ଜାଗରଣ ଆଣିବାକୁ ବଦ୍ଧପରିକର। ପୋଲଡେନ ଗ୍ରାମର ଉନ୍ନତି ବିଧାନ ଅଗଷ୍ଟର ସଙ୍ଘର୍ଷ ଜୀବନର ଲକ୍ଷ୍ୟ, ମାତ୍ର ଅଗଷ୍ଟ ପଦେ ପଦେ ବିଫଳ ହୋଇଅଛି। ସେହି ଅଗଷ୍ଟ ଉପନ୍ୟାସ ଅନ୍ତରାଳରେ ସାମୟିକ ଅଦୃଶ୍ୟ ହୋଇ ଯାଇ, ପୁନର୍ବାର Road leads on ଉପନ୍ୟାସରେ ଅବତୀର୍ଣ୍ଣ ହେଉଅଛି। ଏହି ଉପନ୍ୟାସରେ ଅଗଷ୍ଟର ସ୍ୱର ସେହି ଏକ ଅପରିବର୍ତ୍ତନ ସ୍ୱର, ଅଗଷ୍ଟ ବୃଦ୍ଧ ଶିଥିଳ, ଜରା ଜୀର୍ଣ୍ଣ, ତଥାପି ସେ ଶିଳ୍ପ ମୋହରେ ଉନ୍ମତ୍ତ। ଅଗଷ୍ଟ ଅର୍ଥ-ନୈତିକ ଦୁର୍ଗତି ନିମନ୍ତେ ବ୍ୟାକୁଳ। ସୁଖର କଥା ଏହି ଗ୍ରନ୍ଥରେ ପାଠକର ଚିର ପରିଚିତ ଅଗଷ୍ଟ କର୍ଣ୍ଣେଲିଆ ନାମକ ଦରିଦ୍ର ବାଳିକା ପ୍ରେମରେ ବିଭୋର ହୋଇ ଅଛି। କର୍ଣ୍ଣେଲିଆ ଅଗଷ୍ଟକୁ ଭଲ ପାଉ ଅଛି। କିନ୍ତୁ ତାର ସେ ଭଲ ପାଇବାରେ ପିପାସା ନାହିଁ, ବରଂ କୁମାରୀ ଜୀବନର କାନ୍ତିସରେ ପୂର୍ଣ୍ଣ। ସେତେବେଳକୁ କର୍ଣ୍ଣେଲିଆ ଏକ ଗ୍ରାମ୍ୟ ଯୁବକ ପ୍ରତି ଆକୃଷ୍ଟ ହୋଇ ସାରିଥାଏ।

ଦରିଦ୍ର ଅଗଷ୍ଟ ବୃଦ୍ଧ ଏବଂ ଶିଥିଳ-ତାର ଭଲ ପାଇବା ପୂର୍ଣ୍ଣ ହେଉ ନାହିଁ। କର୍ଣ୍ଣେଲିଆ କୌଣସି ଏକ ଦୁର୍ଘଟଣାରେ ପ୍ରାଣ ହରାଉ ଅଛି;

କ୍ରମେ ଅଗଷ୍ଟର ଜୀବନରେ ଶେଷ ଯବନିକା ପଡ଼ି ଆସୁଅଛି।

ୟୁ ଗାମ୍ବୁ ଏକ ସମ୍ବାଦ ପତ୍ର ଏକ ବାର୍ତ୍ତା ପ୍ରକାଶ କରେ। “A sea of sheep; A Sailors grave ” ଏହି ଦୁର୍ଘଟ, ଶାନ୍ତ, ଏକୋଟାଚରେ ସରଳ ଅଗଷ୍ଟର, ଚରିତ୍ର ଏକ ଦର୍ପଣ। ସେହି ମିଶ୍ରଣରେ ମିଥ୍ୟା, କୌତୁକ ଚାପଲ୍ୟ, ସାହସ ହିଁ ବିକଶିତ ହେଉଥାଏ। ଅଗଷ୍ଟ ବିବାହର ପକ୍ଷପାତୀ ନୁହେଁ—ସେ କିଶୋରୀ ମାନଙ୍କୁ ଭଲ ପାଏ, କିନ୍ତୁ ଗୋଟିଏ କିଶୋରୀର ବନ୍ଧନରେ ବିବାହ କରି ରହିବାକୁ ସେ ଆଦୌ ପସନ୍ଦ କରି ନାହିଁ।



Digitized by srujanika@gmail.com

ସମସ୍ତ ଜୀବନର ସକଳ ଗୃପ୍ତ ପ୍ରଣୟ, ପ୍ରେମ ତାର ଶେଷ ଜୀବନରେ ଏକ ବିୟୋଗାନ୍ତ ପରିଣତି ପ୍ରାପ୍ତ ହୋଇ ଅଛି । ଜୀବନର ସଂଧ୍ୟାଛାୟା ତଳେ, ଅଗଷ୍ଟର ପ୍ରେମରସ ଝରି ଯାଉଛି । ଉପନ୍ୟାସର ପୃଷ୍ଠା ଲେଉଟାଇଲେ ଜଣାଯାଏ, ଅଗଷ୍ଟ ଯେପରି ସ୍ୱାର୍ଥପର । କିନ୍ତୁ ସେ ପ୍ରକୃତରେ ସ୍ୱାର୍ଥପର ନୁହେଁ । ସେ ତାର ଛୋଟ ଗାଁଟିର ଅଭିବୃଦ୍ଧି ନିମନ୍ତେ ତତ୍ପର । ସେ ତାର ଛୋଟ ଗାଁଟିର ସୁନା ଭବିଷ୍ୟତ କଳ୍ପନା କରି ଅଛି । କେହି କେହି କହି ପାରନ୍ତି ଅଗଷ୍ଟ ମିଥ୍ୟାବାଦୀ, ନୈତିକତାର ଦୃଷ୍ଟି ଦେଇ ତାକୁ ସାବ୍ୟସ୍ତ କରାଯାଇ ପାରେ ମାତ୍ର ନିଜେ ହାମସନ୍ କହୁଛନ୍ତି "Compared to August's magnificient un-truth, mere truth was dry and tedious. ନୀତିବାଗିଶ ମାନେ ଯାହା କହନ୍ତୁ ପଛକେ ସମସ୍ତ ମିଥ୍ୟା ପ୍ରତାରଣା ଅଳୀକ ସ୍ୱପ୍ନ ସତ୍ତ୍ୱେ ଆମର ଏହି ଅଗଷ୍ଟ ଚିରଦିନ ପାଠକ ପ୍ରାଣରେ ଆଦର ଏବଂ ଆସନ ପାଇବ ।

ମୂଳତଃ ବାର୍ଣ୍ଣମସ୍ନପରେ ହାମ୍‌ସନ୍ ପ୍ରଧାନତଃ ଏକ ଧରେଣ୍ୟ ଔପନ୍ୟାସିକ, ଏବଂ ସେ ହେଉଛନ୍ତି ଆଧୁନିକ ଜୀବନର ସମସ୍ୟାର ଆଲୋଚକ । ଏହି ସମସ୍ୟା ହେଉଛି ଶିଳ୍ପ-କରଣ ପୁରାତନ ପନ୍ଥୀ, ଏବଂ ଆଧୁନିକ ପ୍ରଗତିଶୀଳ ନୂତନ ପନ୍ଥୀ ମାନଙ୍କ ମଧ୍ୟରେ ଏହି ସମସ୍ୟା ନେଇ ଦ୍ୱନ୍ଦ୍ୱ ଏବଂ ଭୟଙ୍କର ସଂଘର୍ଷର ସୂତ୍ରପାତ ହୋଇଅଛି । ଆଉ ଏହି ସଂଘର୍ଷହିଁ ହାମ୍‌ସନ୍‌ଙ୍କର ଏକାଧିକ ଉପନ୍ୟାସର ପ୍ରତିପାଦ୍ୟ ବସ୍ତୁ ।

'ମାଟିର ବିକାଶ' ଶୀର୍ଷକ ଉପନ୍ୟାସର ନାୟକ ଆଇଜାକ ପ୍ରାଚୀନ ପନ୍ଥୀ, କିନ୍ତୁ ଅବ୍ୟବହିତ ପରେ ଆଧୁନିକତାର ଝଡ଼ ତାର କ୍ଷୁଦ୍ର ସରଳ କୁଟୀରଟି ଉପରେ ପ୍ରବାହିତ ହେଉଅଛି, ଏବଂ ସରଳ ଜୀବନକୁ ବିଧ୍ୱସ୍ତ କରି ଦେଉଛି ।

Vagabond ଏବଂ August ରେ ଏହି ଝଡ଼ହିଁ ବହି ଚାଲିଛି । ସମୁଦ୍ର ଉପକୂଳ-ବର୍ତ୍ତୀ ପୋଲଭନ ଗ୍ରାମରେ ଆଧୁନିକତାର ପର୍ଣ୍ଣ ପକ୍ଷପାତୀ ଅଗଷ୍ଟ ବିଦ୍ରୋହ ସୂତ୍ରପାତ କରୁଅଛି କିନ୍ତୁ ସେ ବ୍ୟର୍ଥ ହେଉଅଛି ।

ଯେତେଦୂର ଅନୁମାନ ହୁଏ ହାମ୍‌ସନ୍ ପ୍ରାଚୀନ ସଭ୍ୟତା ପ୍ରାଚୀନ ସମାଜର ସୁଖଦୁଃଖରେ ବିଶ୍ୱାସ କରନ୍ତି । ସେ ଆଧୁନିକତାକୁ ସମାଲୋଚନା କରୁଛନ୍ତି ।

ବରେଣ୍ୟ ହାମ୍‌ସନ୍‌ଙ୍କ ମତରେ ଆଧୁନିକତା 'ରକ୍ତ ଅନୁର୍ବରତା' ର ବୀଜ ବପନ କରୁଅଛି । ଯନ୍ତ୍ର ଯୁଗରେ 'ରକ୍ତ' ର ଯେପରି ସୁଷ୍ଠୁ ମୌଳିକ ବିକାଶ ଘଟି ନାହିଁ ।

ଅଗଷ୍ଟର ଚରିତ୍ରରେ 'ରକ୍ତ ଅନୁର୍ବରତା' ଲକ୍ଷିତ ହେଉଅଛି ତେଣୁ ହାମ୍‌ସନ୍ କହୁଛନ୍ତି "Industrialism also creates a Soulless type of man, who like August is only a machine, A life but not a soul"

ହାମ୍‌ସନ୍ ବ୍ୟଥିତ ଯେ ଏହି ଯୁଗରେ ଆମର ବିବେକ ଏବଂ ନୈତିକତା ହ୍ରାସ ପାଉଅଛି । ଏହି ନୂତନ ସଂସ୍ଥା ଏହି ନୂତନ କର୍ମୋଦ୍‌ଯୋଗ ଯନ୍ତ୍ର ଯୁଗର ଆହ୍ୱାନ କେତେଦୂର ମଣିଷକୁ ସୁଖୀ କରିପାରିବ ତାହାହିଁ ଲକ୍ଷ୍ୟ କରିବାର କଥା । ହାମ୍‌ସନ୍ ଏହାଠାରେହିଁ ସନ୍ଦିହାନ୍ କିନ୍ତୁ ତାଙ୍କର ନାୟକ ଅଗଷ୍ଟ ଖୁବ୍ ଆଶାବାଦୀ ତେଣୁ ସେ କହୁଛି—

" Life will thunder here again. You will see improvement and actvity in every field many factories large places of business, weaving mills stamping mills, workshops, flying machines and money, money, Ay' millions. all these miserable huts here along the Road will be ten times their present value "

କବି ସ୍ୱପ୍ନବାଦୀ, କବି ଦଦ୍ରଭୂକ୍ । ତେଣୁ ସମୟରେ କବି ନୀଳ ଆକାଶର ଅସୀମ ରାଜ୍ୟରେ ବିଚରଣ କରେ । ସେ ଧନଧାନ୍ୟ-ଭରା ବସୁନ୍ଧରାକୁ ଭୁଲିଯାଏ । ମାତ୍ର ଔପନ୍ୟାସିକ ପକ୍ଷରେ ଏ ସମସ୍ତ କଳ୍ପନା ସମ୍ଭବ ନୁହେଁ । ଔପନ୍ୟାସିକ ଧରଣୀର ସୀମାରେ ଠିଆହୋଇ ସେହି ଧରଣୀରୁ ବିଷୟ ବସ୍ତୁ ରୂପ ଉପାଦାନ ରଚନା ସୌଧ ନିମନ୍ତେ ସଂଗ୍ରହ କରିଥାଏ । ହାମସନ ସ୍ୱପ୍ନବାଦୀ ନୁହନ୍ତି, ସେ ମନୁଷ୍ୟକୁ ମନୁଷ୍ୟ ଭାବରେ ବର୍ଣ୍ଣନା କରି ଦେଖାଇଛନ୍ତି । ମଣିଷର ପ୍ରବୃତ୍ତି ପ୍ରକୃତି ଉପରେ ତାଙ୍କର ଅଶେଷ ପର୍ଯ୍ୟବେକ୍ଷଣ—

ହାମସନ ଏକାଧାରରେ ବାସ୍ତବବାଦୀ ଏବଂ ସ୍ୱପ୍ନବାଦୀ । ତାଙ୍କର ଆଇଜାକ ସଂସମ୍ବନ୍ଧରେ ମଣିଷ ଜାତିର ସାକ୍ଷୀ, ପ୍ରତିନିଧି ପର ମୂହୂର୍ତ୍ତରେ ସେହି ଆଇଜାକ ମଧ୍ୟ ଏକ ସ୍ୱତନ୍ତ୍ର ବ୍ୟକ୍ତି ବ୍ୟତୀତ ଅନ୍ୟ କିଛି ନୁହେଁ ।

ହାମସନ ବ୍ୟାପକ ବିରାଟ ସୀମାହୀନ ଜୀବନ ମଧ୍ୟରେ ମୃତ୍ୟୁର ପ୍ରବାହ ବେଳେବେଳେ ଅନୁଭବ କରୁଛନ୍ତି "Chapter the last" ପୁସ୍ତକରେ ହାମ୍‌ସନ୍ ମୃତ୍ୟୁ କିପରି ଜୀବନକୁ ଅର୍ଥଶୂନ୍ୟ କରି ପକାଉ ଅଛି, ତାହା ଆଲୋଚନା କରିଛନ୍ତି ।

"No, the whole thing ( life) is death, where is it to end ? Why doesn't this eternal destraction ever stop, for its not getting any better. Then what is the meaning of it. continuity of ferocity !"

ମୋଟ ଉପରେ ଜୀବନ ବୋଇଲେ, ଯାହା ବୁଝାଯାଏ ହାମସନ୍ ସେହି ଜୀବନର ବିଶ୍ଳେଷଣ ପୂର୍ବକ ସମକ୍ଷରେ ଯୁଗ୍ମ ବୈପ୍ଲବିକ ଭାବଧାରା, ଯେଉଁ ପ୍ରାଚୀନ ଓ ନୂତନ, ତାହାର ସମାଧାନ କରୁଛନ୍ତି ।

---

## କୁତୁକୁତୁ

ସମ୍ପାଦକ—ଶ୍ରୀ ରବୀନ୍ଦ୍ରନାଥ ଦାସ

ଶିଖା—ସାନ୍ତ୍ୱନା କ'ଣ ସାମ୍ୟମକୁ ପ୍ରଥମ ଥର ଦେଖିଲା ମାତ୍ରେ ତା ପ୍ରେମରେ ପଡ଼ିଗଲା ?

ରେଖା—ନାଁ, ପ୍ରଥମଥର ଦେଖାରେ ସେ ବୁଝିଲା ସାମ୍ୟମ୍‌ର ପ୍ରଚୁର ଅର୍ଥଅଛି, ତାପରେ...

× ×

ବିବାହ ସରିଯିବା ପରେ ମିନ ତା ନୂଆ ବୋହୂ ପାଖକୁ ଦଉଡ଼ି ଯାଇ ପଚାରିଲା— କାହିଁ ନୂଆବୋହୂ ତୁମେତ ମୋଟେ ଥକିଲା ଜଣା ଯାଉନ ? ତେବେ ଯେ ଜେଜୀ କହୁଥିଲା ତୁମେ ଭାଇଙ୍କୁ ବାହାହେବା ପାଇଁ ବହୁତ ଦିନ ଖୋଜୁଥିଲ ।

× × ×



Digitized by srujanika@gmail.com



## ନୂଆ ନାଗଙ୍କ ନାମ

ସବଂଶୀ

୧୩୨୪ । ବସନ୍ତ କୁମାର ଦାସ, ୧୩୨୫ । ବିଜୟଗୋବିନ୍ଦ ମିଶ୍ର, ୧୩୨୬ । ଶ୍ରୀଦେନାଥ ଦାସ ୮ମ ଶ୍ରେଣୀ ବାରିପଦା ଉଃ ଇଃ ବିଦ୍ୟାଳୟ । ୧୩୨୭ । ଦୁର୍ଯ୍ୟୋଧନ ସେଣ୍ଠି, ଗାନ୍ଧୀ ଶିକ୍ଷାଶ୍ରମ (ଗୋଠମୁହଁ) ୭ମ ଶ୍ରେଣୀ—ପୋଃ—ଛତିଆ, କଟକ । ୧୩୨୮ । ବଳଭଦ୍ର ଜେନା, ପୋଃ ସୁଆପାଟଣା, କେନ୍ଦୁଝର । ୧୩୨୯ । ପ୍ରସନ୍ନକୁମାର ପଟ୍ଟନାୟକ, ୧୩୭୦ ଗୃହବାସ୍ଥାନ, ପଟଣା ହାଇସ୍କୁଲ (୮ମଶ୍ରେଣୀ) ପୋଃସୁଆପାଟଣା— । ୧୩୭୧ । ସ୍ନେହଲତା ଦେଈ C/o ଗିରୀଶଚନ୍ଦ୍ର ପଟ୍ଟନାୟକ ପୋଃ ସୁଆପାଟଣା କେନ୍ଦୁଝର । ୧୩୭୨ । ନକୁଳଚରଣ ପାଣି ପଟଣା ମିଃ ଇଃ ସ୍କୁଲ [୬ଷ୍ଠ ଶ୍ରେଣୀ] ପୋଃ ସୁଆପାଟଣା—କେନ୍ଦୁଝର । ୧୩୭୩ । ଚନ୍ଦ୍ରମଣି ଗୋଚ୍ଛାଏତ, C/o ସାହେବଙ୍କ Norton buildings Old Court House St Calcutta ୧୩୭୪ ସତ୍ୟରଞ୍ଜନ ଦାସ, ମିଶନ ସ୍କୁଲ ବାଲେଶ୍ୱର ୧୧ଶ ଶ୍ରେଣୀ । ୧୩୭୫ । ହେମନ୍ତ କୁମାରୀ ଦେଈ, ୧୩୭୬ ଦ୍ୱାରିକାନାଥ ମହାନ୍ତି ନାଗଣା ପୁର—ପୋଃ ବୃନ୍ଦାବନଗ୍ରାମ କଟକ । ୧୩୭୭ । ଭକ୍ତହରି ଜେନା ୯ମ ଶ୍ରେଣୀ ଧର୍ମଶାଳା ବନିପୀଠ ପୋଃ ଧର୍ମଶାଳା—କଟକ ୧୩୭୮ । ରମାକାନ୍ତ ମହାପାତ୍ର C/o Loke nath mohapatra M.A Lecturer Puri college Puri. ୧୩୭୯ । ଭ୍ରମର ବର ପ୍ରଧାନ କୋଶଳା ମିଃ ଇଃ ସ୍କୁଲ ୫ମ ଶ୍ରେଣୀ ପୋଃ ବେଶଳା via Angul ୧୩୩୦ କଷ୍ଟ ପ୍ରସାଦ ରାୟଗୁରୁ, ୧୩୩୨ ମୁରଲୀଚରଣ ମିଶ୍ର ୯ମ ଶ୍ରେଣୀ ମହେନ୍ଦ୍ର ହାଇସ୍କୁଲ ପୋଃ ଅଠମଲ୍ଲିକ । ୧୩୩୨ ଦୁର୍ଯ୍ୟୋଧନ ସେଣ୍ଠି, ଗାନ୍ଧୀଶିକ୍ଷାଶ୍ରମ ଚମ୍ପପୁର ଗୋଠମୁହଁ—୭ମ ଶ୍ରେଣୀ ପୋଃ ଛତିଆ । [illegible] ଅମୂଲ୍ୟ କୁମାର ଦାସ, ୬ଷ୍ଠ ଶ୍ରେଣୀ—ଗାନ୍ଧିଶିକ୍ଷାଶ୍ରମ ଚମ୍ପପୁର— P. O. Chhatia ୧୩୩୪ କ୍ଷୀରୋଦ ଭର୍ତ୍ତୀ, ୧୩୩୫ ନନ୍ଦକିଶୋର ଅଗରୱାଲ ୯ମ ଶ୍ରେଣୀ ଅଠମଲ୍ଲିକ, ମହେନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅଠମଲ୍ଲିକ । ୧୩୩୬ ହାଡ଼ିବନ୍ଧୁ ପ୍ରଧାନ ୧୦ ମ ଶ୍ରେଣୀ ଅଠମଲ୍ଲିକ, ମହେନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅଠମଲ୍ଲିକ ୧୩୩୭ । ଅର୍ଜୁନ ଚରଣ ମଲ୍ଲିକ, ୧୩୩୮ କୈଳାସଚନ୍ଦ୍ର ବେହେରା ଅଟଳବିହାରୀ ହାଇସ୍କୁଲ ବାସୁଦେବପୁର— ବାଲେଶ୍ୱର ୧୦ ଶ୍ରେଣୀ । ୧୩୩୯ । ନାରାୟଣ ପଟ୍ଟନାୟକ, ୮ମ ଶ୍ରେଣୀ ବ୍ରଜମୋହନ ହାଇସ୍କୁଲ—ଭବାନୀପାଟଣା, କଳାହାଣ୍ଡି । ୧୩୪୦ । ତ୍ରିଲୋଚନ ଗଉଡ, ୧୩୪୧ ସୁଧାକର ପଟ୍ଟନାୟକ, ଠାଙ୍ଗି ହାଇସ୍କୁଲ ପୋଃ ଠାଙ୍ଗି—ପୁରୀ ।

## ପୁରସ୍କାର ଘୋଷଣା

ନାଗ ନାଗୁଣୀମାନେ,

ତୁମମାନଙ୍କ ମଧ୍ୟରୁ ସମସ୍ତେ ପ୍ରଶ୍ନ ଦେଇ ଉତ୍ତର ଦେଉ ନାହଁ । ଏଣିକି ମୁଁ ସ୍ଥିର କରିଅଛି ଯେ ତୁମ ମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସର୍ବାଧିକ ନିର୍ଭୁଲ ଉତ୍ତର ଦେବେ ସେମାନଙ୍କୁ ଏକ ଏକ ଟଙ୍କା କରି ପୁରସ୍କାର ଦିଆଯିବ ।

ତୁମମାନଙ୍କର

ଅଜା

## ନାଗମାନଙ୍କୁ ଉତ୍ତର

ଜନାର୍ଦ୍ଦନ ଭାଇ ଜାଣିବ—ଆମ ଦେଶ ଗ୍ରୀଷ୍ମ ପ୍ରଧାନ ଦେଶ । ସେଥିପାଇଁ କଳାଛତା ଗ୍ରୀଷ୍ମରୁ ନିମିତ୍ତ ଆମ ଦେଶରେ ବ୍ୟବହାର କରାଯାଏ । କାରଣ କଳା ଛତା ସୂର୍ଯ୍ୟକିରଣ ଗ୍ରହଣ କରେ କିନ୍ତୁ ରଖିପାରେ ନାହିଁ । ତାହା ଆମକୁ ଥଣ୍ଡା ଦିଏ, କଳା ଶୀଘ୍ର ତାତେ ନାହିଁ । ଇଂରେଜମାନଙ୍କର ଶୀତ ପ୍ରଧାନ ଦେଶ । ତେଣୁ ସେମାନେ ଶୀତରୁ ରକ୍ଷା ପାଇବା ପାଇଁ ଅନ୍ୟ ରଙ୍ଗର ଛତା ବ୍ୟବହାର କରନ୍ତି । ଯେହେତୁ ଅନ୍ୟ ରଙ୍ଗର ଛତା ସୂର୍ଯ୍ୟକିରଣ ଛାଡେ ନାହିଁ ।

( ସବିତା ୧୨୦୪ )

ବିବେକାନନ୍ଦ ଜାଣିବେ—ଉପେନ୍ଦ୍ର ଭଞ୍ଜ ଦୀନକୃଷ୍ଣ ଜୟଦେବ କବିଙ୍କୁ-ଭକ୍ତି କରୁଥିଲେ ।

ଗୋବର୍ଦ୍ଧନ ଜାଣିବ—ଦାଂଚିବା ପାଇଁ ବାୟୁ ବିଶେଷ ଦରକାର

ବିବେକାନନ୍ଦ ଜାଣିବ—ପ୍ରତାପରୁଦ୍ର ଦାକ୍ଷିଣାତ୍ୟର ରାଣୀ କହନ୍ତି । ଅଲ୍ଲାଉଦ୍ଦିନ ଖିଲିଜି ୧୬୦୦ ରାଣୀ ରଖିଥିଲେ । ଗାନ୍ଧିର ଦୁଇଟି ପାକସ୍ଥଳୀ ।

ଗୋବର୍ଦ୍ଧନ ଜାଣିବ—ଅଗ୍ନି ଚଢ଼େଇ ପୃଥିବୀର ଆଶ୍ଚର୍ଯ୍ୟ ପକ୍ଷୀ । ଗାନ୍ଧୀ ମହାତ୍ମା ୧୯୪୮ ଜାନୁୟାରୀ ୩୦ରେ ପରଲୋକ ଗମନ କରିଥିଲେ ।

## ନାଗଙ୍କୁ ପ୍ରଶ୍ନ

(୧) । ପୃଥିବୀରେ, ଜନ୍ମହୋଇ ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ କଣ ?

(୨) । ଇଂରାଜୀରେ କେଉଁ ତାରିଖଟି ଅମଙ୍ଗଳ ଜନକ ?

(୩) । କେଉଁଠି ସ୍ୱର୍ଣ୍ଣମନ୍ଦିର ଅଛି ?

( ସବିତା ୧୨୪୪ )

(୧) । ଯୌବନରେ ମଣିଷ ଚପଳ ହୁଏ କାହିଁକି ( ଇନ୍ଦ୍ରମଣି ମହେନ୍ଦ୍ର ହାଇସ୍କୁଲ )

(୧) । ଶୀତଦିନ ରାତିରେ ମେରୁ ଦେଶରେ ମେରୁ ପ୍ରଭା ଦିଶେ କାହିଁକି (କୀର୍ତ୍ତନ ୧୨୬୬ )

(୧) । ଗତ ସଂଖ୍ୟା ୧୭ । ୨ ଉପରରେ କେଉଁ ଅନ୍ଧ ନାଗନାଗୁଣୀଙ୍କୁ ଚିଠି ଲେଖିଛନ୍ତି ସେ କିଏ, ତାଙ୍କର ନାମ କଣ ? (ମାନସରଞ୍ଜନ )

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ । ମୋର ଜନ୍ମ—ତା । । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି ; ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ଗୁଡ଼ା ନିମନ୍ତେ ୦। ୯ ଡାକଟିକଟ ଦେଲି

ସ୍ନେହର

ଠିକଣା —ଶ୍ରୀ...



Digitized by srujanika@gmail.com

## ମଉସାଙ୍କ ଚିଠି

ମଠସାହି
ତା୩ । ୨ । ୪୩ମସିହା

ସ୍ନେହର...

ଗତ ଏଇଦିନେ   ଯାଇଥିଲୁ ପରା ବିଦେଶ,
ବରଷେ ପୂରିଲା   ଦେଲୁନି ତୁ କିଛି ସନ୍ଦେଶ ।
ତୋ ଜିଇବ ସୁଖରୁ   ମାଆ ଗଙ୍ଗାକାଳୀ ଦେଖନ୍ତୁ,
ଆମ ଏଠାକାରୁ   ପ୍ରଭୁ ଜଗନ୍ନାଥ ରଖନ୍ତୁ ।
ଗଲାବେଳେ ପରା   କହିଗଲୁ-ତୁଇଁ ମୋ' ବଳ,
'ଲାଗିଲା ମଉସା ପୁଅ, ମାଇପ ମୋ' ଏ ଉଦ୍ଧ ।,
'ଗଲା ମାତରକେ ଲେଖିବି'ବୋଇଲୁ 'ଚିଠାଭି'
ଯେମନ୍ତେ ହୋଇଲେ,   ଟଙ୍କା ଯେବେ ନାହିଁ
ପଠାଇ ।

ପ୍ରତି ହାଟପାଳି   ଡାକ ପିଅନରୁ ପଚାରେ,
ନାହିଁ ଚିଠି ପତ୍ର କହି ସେ ହାତକୁ ଛୁଆଁଇଦେ ।
କାହିଁକି ରହିଚୁ   ବିଦେଶରେ ଅରେ ଚଗଲୁ ?
ଯୁବତୀ ସ୍ତିରୀ ତୋ'   ଦାଣ୍ଡେ ଗଲେ ହୋଇ
ନଗଲା ।

ଜାଳ ମହରଗ   ହୁଭ ହୁଭ ହୋଇ ବଢୁଚି,
ଭୋକ ଉପାସରେ   ହାଡ଼ରୁ ମାଉଁସ ଝୁଉଁଚି ।
ନଅଅଙ୍କ ଠାରୁ   ଏଇ ମହରଗ ବଳିଲା,
ଟଙ୍କାରେ ଟିକଟା   ଚାଉଳ ଭାତ ନ ଟଳିଲା ।
(ତୋ') ମାଉସୀ ମରିଚି   ବେଭାର ପଡିବ
ଜଦର,

କେଶବ ବାବୁଙ୍କ   କହିଗଲୁ କାଲି ଖବର ।
ଚାରି ଦିନ ହେଲା   ମାରେ ତୋ ପୁଅକୁ ପିହ୍ଲା ।
ବସି ଘଣ୍ଟେ ନାହିଁ   ଘରେ ପଡିବାକୁ ଚୁହ୍ଲା ।
ଶାଶୁ ସଙ୍ଗେ କଳି   କରତୋ ମାଇପ ବୁଝିଚି,
ଯେତେ ବୁଝେଇଲି   ଖୁମାଣ ପୋଡସେ ବସିଚି ।
ବେମୁରବା ହେଲେ   ହେବ ଶେଷ ଫଳ ଏଇଥି,
ତୁଅ ହେଇଚୁଙ୍କ   ବୁଝେଇବ ଅରେ କେହିଅ ?
କଣା ଜମିରେ ତୋ'   ଲାଗିଅଛି ଭଲ ଫସଲ,
ଦାନ୍ତ,ବେଉଷଣ   କରିବା ହେଉଚି ଅସଲ ।
କାଲି ବେଳ ବୁଢେ   ତୋ' ସାନ ଭଉଣୀ
ଅସିଚି
ଅଜ ତା ଶଶୁର   ନବା ପାଇଁ ଅସି ବସିଚି ।
ଅଧିକାରୀ ପୁଅ   ମଧୂକୁ ଲାଗିଚି ସୁଷମା,
ଅଜା ଅଳ କଉ   କହୁଚି—ଅଣିବୁ ଚଷମା ।
ପାଇଚି ତୋ' ଚିଠି ଖଣ୍ଡିକ, ଦେଇଚି ଅନାମ,
ଭେଜନରୁ ଅବୁଝ,   ସ୍ତ୍ରୀ ମାଧିଅଙ୍କ ପ୍ରଣାମ ।
ଗୃହଅସ ଛୁଟି   ନମିଳିଚି ଯେବେ ଦେଉଥା,
ଏଠାରେ ସମସ୍ତ   କୁଶଳ । ଇତି ।

ତୋ
ମଉସା,
ଲେ—କୁମାରୀ ତୁଳସୀ ଦାସ

## କବିପ୍ରତି–

ପଚାରୁଛି କବି! କହିବକି ସତ
ମୋ ରୂପକୁ କିଆଁ ଏତେ ଆଦର?
ଗଳ୍ପ, ଉପନ୍ୟାସ, କବିତା, ସବୁଟି
ମୋ ନାମ ବିନୁ କି ନାହିଁବଢ଼େ ଦର ।
ତୁଳନା କରିଛ ଚଳକୁ ତାଳ ହେ !
ଦୁନିଆଁ ଆଖିରେ ଭେଳକି ଦେଇ,
କବି ବୋଲାଇବା ବାହାଦୁରୀ ନେଇ
ମିଛ କଳପନା ଯେତେ ସଜେଇ ।
ଶରୀରଟି ମୋର ରକତ ମାଉଁସ
ହାଡ଼ କଙ୍କାଳରେ ହୋଇଛି ଗଢ଼ା,
ତାକୁ ତୁମେ ଦିଅ ସରଗ ସୁଷମା
"ଲାବଣ୍ୟ ପ୍ରତିମା" ଉପମା ବେଢ଼ା ।
ମାତୃତ୍ୱ ମୋହର ଈଶ୍ୱର ଆଦେଶେ
ରହିଛି ବୁଭୁକ୍ଷୁ ସନ୍ତାନ ପାଇଁ
ମାଂସ ଚର୍ମରେ ଯେ ଗଢ଼ା ତାକୁ ପୁଣି
" ସ୍ୱର୍ଣ୍ଣ କଳ ରୁଚ " କହ କିପାଇଁ ?
ତୁମ ଉପଭୋଗ୍ୟ ନୁହେ ଏକା କବି!
ଅନଙ୍ଗ ସାୟକ ହେଲେହେଁ ହେତୁ
ତୁମର ନୟନେ ଦିଶେ ସୁଧାମୟ
ତେଣୁ ତା' ଉପରେ ସାଧୁଛ ଦାଉ ।
ନୟନେ ମୋହର ନାହିଁ ତ ସେପରି
ଚଞ୍ଚଳ ଭ୍ରମର ଗୃହିଣୀ ଛଟା
ତୁମେହିଁ ତାହାକୁ କହିଛ ହେ କବି!
ସବୁଜ ଆଖିରେ ଭବ ଉଲଟା ।
ମାତୃତ୍ୱ ଶରୀର ସ୍ୱଭାବେ କୋମଳ
"ଶିରୀଷ କୋମଳ" ତାହାକୁ କହ
ଭୁଜଦ୍ୱୟ ତଥା "ଲତିକା" ତୁଳନା-
କରିଅଛ, ଲଭ ସୁନ୍ଦର ମୋହ ।
କୁନ୍ତଳ ମୋହର ସ୍ନିଗ୍ଧ ସୁକୁଞ୍ଚିତ
ଅବା ରୁକ୍ଷ, ଅଳପ, ପିଙ୍ଗଳ ହେଉ
ତୁମେ ତାକୁ କହ ହେ ଅଳି କୁନ୍ତଳ!
କେଶ ଗୁଚ୍ଛ କିବା "ସାଗର ଢେଉ"
ବଦନେ ମୋହର ନାହିଁ ତ ହେ କବି!
ପୂର୍ଣ୍ଣ ଚନ୍ଦ୍ରମାର ସୁଷମା ଚଳେ
କାହିଁ ପୂର୍ଣ୍ଣଚନ୍ଦ୍ର ? କାହିଁ ମର୍ତ୍ତ୍ୟବାସୀ-
ନାରୀ ମୁଖେ, କହେ ଉପମା ଚଳେ ?
ଲଜ୍ଜା ଆସେ ମୋତେ ପଢି ତୁମ ଲେଖା
ଏ ଉପମା ଆଉ ନଦେଇ କବି;
କି ଆନନ୍ଦ ପାଅ ସେଥିରେ କେଜାଣି?
ମୋ ରୂପରୁ ନିତି ଏପରି ଭାବି ।
କେତେ ପ୍ରକାରରେ, କେତେ ଛଳନାରେ-
କେତେ ଅଧୁନିକ ଭାଷା ଛଟାରେ,
ନିତି ନିତି ମୋର ରୂପର କଲ୍ପନା-
ଗୁନ୍ଥୁଛ ତୁମର ହୃଦ ପଠାରେ ।
ବାଟେ, ଘାଟେ, ଯାନେ, ପ୍ରେକ୍ଷାଳୟେ ଅବା
ଦେଖି ମୋ ବାହାର ତନୁ ସୁନ୍ଦର
"ହାୟ ହାୟ" ହୋଇ ମର କପା । କବି !
ପଛରେ ଗୋଡ଼ାଇ ମରୀଚିକାର ।
ଅକସ୍ମାତେ ମୋର ନୟନ ଯଦ ଚ
ମିଳିଯାଏ ତୁମ ନୟନ ପଥେ
ତୁମେ ତାକୁ ଦେଇ ପ୍ରେମର ସୂଚନା
ଭାସିଯାଅ ବୃଥା ପ୍ରେମର ସ୍ରୋତେ ।

ଶ୍ରୀମତୀ ସୁଲୋଚନା ପାଢ଼ୀ

## ଛୋଟ ହେବ ଯେବେ

(୧)

ଛୋଟ ହେବ ଯେବେ
ଫୁଲଟି ପଦ୍ମରେ
ଫୁଲଟି ପରି,
ମୁଗ୍ଧ କରିବ ନଖିଳ ପରାଣ
ନିମିଷେ ସକଳି
ଭୂତଳେ ପଡ଼ିକେ ଯାଏଁ ମୁଁ ଝରି ।

(୨)

ଛୋଟ ହେବ ଯେବେ
ଧୂଳିଟି ପରାଏ
ମୁଁ ଦଇବଗତୀ,
କୋଟି ପଦାତଳେ ଅଙ୍ଗତେ ଲଭି
ନୀରବେ ନୟୁତ
ହେବ ଜଗତର ଦରଦ ଭାଗୀ ।

(୩)

ଛୋଟ ହେବ ଯେବେ
ଜଳ ଫୋଟାଟିଏ
ସୁଦୂର ମେଘେ
ତୃଷିତ ଧାତ୍ରୀର ଆକୁଳ ଡାକରେ
ଛୁଟି ଆସିବି ମୁଁ
ବିଜୁଳି ବେଗରେ ବିଜୁଳି ବେଗେ ।

(୪)

ଛୋଟ ହେବ ଯେବେ
ଦୀପଟି ପରି ମୁଁ
ମଉନେ ଜଳି
ବେଦନା ଭିତରେ ଉଲ୍ଲାସ ଭରି
କୋଟି କଲ୍ୟାଣେ
ହସି ହସି ଦେବି ଜୀବନ ବଳି ।

ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦେବୀ



Digitized by srujanika@gmail.com

# ଚୁରୁନ୍ତ୍ରୀ

ସୁଧାଂଶୁ ଶେଖର ମିଶ୍ର
ଆଇ କଲେଜ, କଟକ

ପ୍ର—ଉଁଆର୍ଟ ମଞ୍ଚରେ ଯୁବତୀର ସୁକୋମଳ ଗଣ୍ଡ ଦେଶରେ ସ୍ନେହ ଚୁମ୍ବନ ଦେବା ବିପଦ-ଜନକ କି ?

ଉ—ତାର ପରିଣାମ ପୋଷ୍ଟମର୍ଟମ ସାଇନାଇଡ୍ ।

ପ୍ର—ବିଧାନାଥ ରଥେ ମନ୍ତ୍ରୀ ହେବା ଗୁଜବ ସତକି ?

ଉ—ଟଥାପ ହାଲ ଯାଉଛି ମାତ୍ର

ପ୍ର—ଗୋଟିଏ ଝିଅକୁ ମୁଁ ମନେ ମନେ ଭଲ ପାଇବାକୁ ଆରମ୍ଭ କଲିଣି । ଦିବା ଶର୍ବରୀ ସର୍ବଦା ସେ ମୋ ଆଖି ଆଗରେ ନାଚି ଯାଉଛି ତେଣୁ ଏପରି ଅବସ୍ଥାରେ ମୁଁ ତାକୁ ନିକଟରେ କିପରି ପାଇବି ?

ଉ—ତୁମର ଜଣେ ବନ୍ଧୁଙ୍କୁ ତାଙ୍କୁ ବିବାହ କରିବାକୁ କୁହ ନିଜେ ନହେଇ ।

ପ୍ର—ଗୋଟିଏ ଷୋଡଶୀ ଯୁବତୀ ପାଇଁ ସ୍ନୋ, ପାଉଡର ପ୍ରଭୃତି କି ଦରକାର ?

ଉ—ପ୍ରେମ ପଥକୁ ଖସଡ଼ା କରିବା ପାଇଁ ।

ଶ୍ରୀଗୁରୁଚରଣ ମହାନ୍ତି
ଅଲଭି, କଟକ

ପ୍ର—ଅଧିକାଂଶ ବିଜ୍ଞାପନ ନାରୀ ଚିତ୍ର ଦେବା ଦ୍ୱାରା ନାରୀର ଅବମାନନା ହେଉ ନାହିଁ କି ?

ଉ—ବିଜ୍ଞାପନ ବହୁଳ ପ୍ରଚାର ଓ ପ୍ରସାର ପାଇଁ କରାଯାଏ—ଅଧିକ ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପନ ଜିନିଷର ଗୁରୁତା ଓ ମୂଲ୍ୟ ବଢ଼ାଇ ଥାଏ ମାତ୍ର ।

ପ୍ର—ସରକାର ଯଦି ବୁଝୁଛନ୍ତି ଯେ କମ୍ୟୁନିଜିମକୁ ଲୋକେ ଭଲ ପାଉ ନାହାନ୍ତି—ତେବେ କମ୍ୟୁନିଷ୍ଟଙ୍କୁ ଜେଲରେ ପକୁଛନ୍ତି କିଆଁ ?

ଉ—ସରକାର ନିଜେ ଭଲପାଉଛନ୍ତି ବୋଲି,

ପ୍ର—ବିନା ଔଷଧରେ ଜନ୍ମ ନିରୋଧ କରିବାର ସହଜ ଓ ଭଲ ଉପାୟ କଣ ?

ଉ-ଷ୍ଟାଇନାକ ଅପରେସନ କରିଦେଲେ କାମ ଶକ୍ତି ରହିବ ମାତ୍ର ଉତ୍ପାଦନ ଶକ୍ତି ନଷ୍ଟ ହୋଇ ଯିବ । ଯଦି ତା ମଧ୍ୟ କଷ୍ଟ ସାଧ୍ୟ ହୁଏ ତେବେ ସ୍ତ୍ରୀର ହୁକୁମ ତାମିଲ ନକଲେ ତା ଶାଢ଼ୀ ଗହଣା—ସିନେମା ଦେଖା ଆଦି ବନ୍ଦ କରି ଦେଲେ ଦିନେ ଦିନେ ଜନ୍ମ ନିରୋଧ ।

ପ୍ର—ନେତାମାନେ ଅନେକ ସମୟରେ ଅର୍ଦ୍ଧାଙ୍ଗିନୀଙ୍କ ସହ ଗମନ କରିଥାନ୍ତି ମାତ୍ର ଶ୍ରୀଯୁକ୍ତ ମହତାବଙ୍କ ସହିତ କୌଣସି ସାଧାରଣ କ୍ଷେତ୍ରରେ ଶ୍ରୀମତୀ ଶୁଭଦ୍ରା ଦେବୀ ଦେଖା ନଯିବାର କାରଣ ?

ଉ—ଶୁଭଦ୍ରା ଦେବୀଙ୍କୁ ଅଗରୁ ପଡ଼ାର ରାଣୀ କୁହା ଯାଏ । ମାତ୍ର ମହତାବ ଯେ ମନ୍ତ୍ରୀ ।

ଶ୍ରୀରମେଶ ଚନ୍ଦ୍ର ରଣା
ଲକ୍ଷଣନାଥ ହାଇ ସ୍କୁଲ, ବାଲେଶ୍ୱର

ପ୍ର—ବିବାହିତ ବ୍ୟକ୍ତିମାନେ ସୁଖୀ ନା—ଅବିବାହିତ ବ୍ୟକ୍ତି ମାନେ ?

ଉ—କେହି ସୁଖୀ ନୁହନ୍ତି—କାରଣ ଦିଲ୍ଲୀକା ଲଡ୍ଡୁ ଯୋ ଖାୟା ସୋ ପସ୍ତାୟା ଅଉର ଯୋ ନହିଁ ଖାୟା ସୋ ଭି ।

ପ୍ର—ଭଗର ବାଲ୍ୟା ବିବାହ ସହିତ ସମ୍ପାଦିତ ହୁଏ ?

ଉ—ଯେଉଁ ବାଲ୍ୟା କାହାରି ପତି ନୁହନ୍ତି ।

ପ୍ର—ଜଣେ ଝିଅକୁ ପ୍ରେମ କରିବାକୁ ହେଲେ ପ୍ରଥମେ କଣ କରିବାକୁ ହୁଏ ?

ଉ—ଦୁଇପଇସାର ଲଙ୍କା ମରିଚ କିଣି ରଖିଥିବ —ଦରକାର ବେଳେ ଆଖିରେ ଘଷି ଦେବାକୁ ପଡ଼ିବ—ବାଲିକାର ଅଜ୍ଞାତରେ

ପ୍ର—ଆପଣ ଯେ ଉତ୍ତରରେ ଏମିତି ଲେଖୁଛନ୍ତି ଆପଣଙ୍କୁ କେହି ଧରନ୍ତି ନାହିଁ ?

ଉ—ତା ହୋଇ ଥିଲେ କେଉଁ ଦିନୁ ଧରା ପଡ଼ି ହୋଇ ପାଇଥାନ୍ତି—ଆଜି ଯାଏ ବାଡ଼ୁଅ ନଥାନ୍ତି !

ନାରାୟଣ ପ୍ରସାଦ କାନନଗୋ
ରେଭେନସା କଲେଜ

ପ୍ର—ବିଜ୍ଞାପନର ଯେଉଁ କବଚ ବ୍ୟବହାର କଲେ ପ୍ରେମିକା ମିଳନ୍ତି ସେ କବଚ ଯଦି ଦୁଇ ଜଣ ଗୋଟିଏ ବାଳିକା ପାଇଁ ବ୍ୟବହାର କରନ୍ତି ବା ମକଦ୍ଦମାରେ ଦୁଇ ପକ୍ଷ ଯାକ ବ୍ୟବହାର କରନ୍ତି କିଏ ଜୟୀ ହେବ ?

ଉ—କବଚ ବିଜ୍ଞାପକ । କାରଣ ସିଏ ଜୟୀ ହେବ ସେ ଅନ୍ତତଃ ଆଉ ଥରେ କିଣିବ ନିଶ୍ଚୟ ।

ପ୍ର—ଓମାର ଖୟାମ, ଅବୀଠାକୁର, ବର୍ଣ୍ଣାର୍ଡ ଶଙ୍କର ଦାଢ଼ିର ଦରକାର କଣ ଥିଲା ?

ଉ—ସହର ମାନଙ୍କ ଉପରେ ଆକାଶରୁ ବୋମା ପଡ଼ିବାର ଭୟ ଥିଲା ବେଳେ କୋଠା ଉପର ରଙ୍ଗ ଶାଗୁଆ କରାଯାଏ ବା କେମୋଫ୍ଲେଜ କରାଯାଏ ଯେପରି ଶତ୍ରୁ ସହର ନଭାବି ବଣ ଜଙ୍ଗଲ ମନେ କରିବ ! ସେହିପରି କବି ଲେଖକ ମାନଙ୍କ ଉପରେ କଟାକ୍ଷ ବୋମା ପଡ଼ିବାର ଭୟ ଥାଏ ବୋଲି ସେମାନେ ମୁଁହକୁ ବିକୃତ କରି ଆତ୍ମରକ୍ଷା କରିଥାନ୍ତି ।

ପ୍ର—ମାନ୍ୟବର ମହତାବ ଚୂଡ଼ାରେ ପାଣି ପଡ଼ିଲା ଭଳି ଶୁଖୁଛନ୍ତି କାହିଁକି ?

ଉ—ବୋଧହୁଏ ସେ ପର ଚୂଡ଼ା (ମୁଣ୍ଡ)ରେ ପାଣି (ହାତ) ବୁଲାଇ ଜାଣନ୍ତି ବୋଲି ।

ପ୍ର—ଜଣେ ପ୍ରଫେସର୍ ଓ ଜଣେ ରିକସା ବାଲା ଉଭୟ ଦିନରେ ୨।୨ ଟଙ୍କା ରୋଜଗାର କଲେ ମଧ୍ୟ ଜଣେ ରିକ୍ସାରେ ବସେ ଓ ଅନ୍ୟ ଜଣେ ଟାଣେ କାହିଁକି ?

ଉ—ପ୍ରଫେସରଙ୍କ ମୁଣ୍ଡ ଓ ରିକ୍ସା ବାଲାର ଗୋଡ଼ର ଦାମ ସମାନ ହେଲେହେଁ ରିକ୍ସା ବାଲାର ଗୋଡ଼ ତା କାମ କରେ ଅର୍ଥାତ ଟାଣେ ପ୍ରଫେସର ମୁଣ୍ଡ ତା କାମ କରେ ଅର୍ଥାତ ବାକି ଉପରେ ବସେ । ।

ଶ୍ରୀବୈଦ୍ୟନାଥ ରାମ
ରେଭେନ୍ସା କଲେଜ, କଟକ

ପ୍ର—ଖବର କାଗଜ ସଂପାଦକ ମାନେ ନିଜ ନିଜର ଦଳଗତ ସ୍ୱାର୍ଥ ଦୃଷ୍ଟିରୁ ମିଥ୍ୟା ସମ୍ବାଦ ଛାପ ଦେବା ଉଚିତ କି ?

ଉ—ସମ୍ବାଦ ଛାପା ହେଲେ ଆଉ ମିଥ୍ୟା ହୋଇ ରହେ ନାହିଁ ।

Digitized by srujanika@gmail.com

**Dagaro**

**Reg. No O18.** ORISSA'S MOST POPULAR FORTNIGHTLY 16-2.50


## ଖାଉଡ଼ା ଭଷ୍ମ କୁଷ୍ଠ ର

ବାତରକ୍ତ, ସ୍ଫର୍ଶଶକ୍ତି ଧଳକୁଷ୍ଠ, ସର୍ବାଙ୍ଗେ ବା ଅଂଶରେ ଫୁଲା, ... ଫୋଟକା ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକାହିଁ ନର୍ଭର ଯୋଗ୍ୟ ପ୍ରତିଷ୍ଠାନ

ଭାରତ

ସରକାରଙ୍କ ... ସ୍ଥାନରେ ... ଦାନ ... ଅତି ... ଔଷଧ ... ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଆରୋଗ୍ୟ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ... ୧୪ ଲେନ, ଖୁରୁଟ—ହାୱଡ଼ା

ଶାଖା ... ହାରିସନ ରୋଡ କଲିକତା



# ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଗାର୍ଣ୍ଣିଟ ଗିନିସୁନ ପତ୍ର ଗ୍ୟାରେଣ୍ଟି ଦିଆ ଏସିଡ଼ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ଼ ଗୋଲ୍ଡ ଗହଣା, ରଙ୍ଗରେ ଓ ମଜବୁତରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

କି, ମାଲିକ ର ଚୌଧୁରୀ ଙ୍କ, ବ୍ରହ୍ମସମାଜ ରୋଡ, କଲିକତା—୩୪



## ୧୦୧ ଟଙ୍କା ପୁରସ୍କାର
### ନକଲରୁ ସାବଧାନ
# ଅସଲି ପଞ୍ଚଗୁଣା ତୈଳ

( ରେଜିଷ୍ଟାର୍ଡ )

ବହୁ ଗୁଣକାରକ, ଭୁବନ ବିଖ୍ୟାତ, ଅସଲି ପଞ୍ଚଗୁଣା ତୈଳ, ଗୋଡଠାରୁ ମୁଣ୍ଡ ପର୍ଯ୍ୟନ୍ତ ଦାଉଦ, କଣ୍ଡୁ, କାଛୁ, ପୋଡ଼ା ଘାଆ, କାଛୁ, ... ମଟକା, ... ପ୍ରଭୃତି ୫୭ ପ୍ରକାର ଚର୍ମ ରୋଗକୁ ଆରୋଗ୍ୟ କରେ । ... ମାତ୍ର ପରୀକ୍ଷା କରି ଦେଖନ୍ତୁ । ... ସମସ୍ତ ... ମୂଲ୍ୟ ପ୍ରତି ... ୦୨୫ଟଙ୍କା ପ୍ରତି ... ଟ ୭ ... ପ୍ରତି ... ମାତ୍ର । ଯଦି କେହି ଏହି ଔଷଧକୁ ନକଲ ପ୍ରମାଣ କରାଇ ଦେଇପାରନ୍ତି, ତାଙ୍କୁ ୧୦୧ଟଙ୍କା ପୁରସ୍କାର ଦିଆଯିବ ଆଉ ମଧ୍ୟ ଅନ୍ୟ ପ୍ରକାର ଔଷଧ ମିଳେ । ପତ୍ର ଦେଲେ କାଟଲଗପଠାଇ ଦେବୁ ।

ପ୍ରାପ୍ତି ସ୍ଥାନ—ମନିରାମ କେଦାରମଲ






ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ ଶକ୍ତି ସାମର୍ଥ୍ୟବଢ଼ାଏ

# ମରିସନ୍ ବାର୍ଲି

ଏକମାତ୍ର ... ଏଜେଣ୍ଟ ... ୩୨ ... କଲିକତା—୨



ଉତ୍କଳରେ ଗଠନାତ୍ମକ ମାସିକ ପତ୍ରିକା

# 'ଗ୍ରାମ ସେବକ'

ପଢ଼ନ୍ତୁ

ଗ୍ରାହକ ଚାନ୍ଦା ୨ ... ଠିକଣା-ପୋ: କଟକ ୨



ପୁରସ୍କାର ୧୦୦୦ ଟଙ୍କା

ଲେପା ରକ୍ତ ଓ ...

ରେଜିଷ୍ଟାର୍ଡ

ସର୍ବପ୍ରକାର କୁଷ୍ଠ ... ପ୍ରମେହ ... ସ୍ତ୍ରୀ ରୋଗ ମାନଙ୍କର ... 

... ଏଜେନ୍ସି ...

... ବାଲିକ ... ରାଣୀହାଟ କଟକ


ସମ୍ପାଦକ—ନିତ୍ୟାନନ୍ଦ ମହାପାତ୍ର

ପ୍ରକାଶକ—ଶ୍ରୀ ଗୋକୁଳମୋହନ ଦାସ

Published by G.C. Mohapatro, at the Gopinath Press, Bhadrak. 16 2 50

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୧୨ଶ ସଂଖ୍ୟା
ଫାଲ୍‌ଗୁନ ୧ମାର୍ଚ୍ଚ
୧ । ୩ । ୫୦


## ଦିଲ୍ଲୀ ମଙ୍ଗଳ



ବଶୀକର ଗାନ୍ଧୀ ଔଷଧ ଖାଇ ଭଲେ,
ନେହେରୁଙ୍କୁ ଆପଣା ରଥ ଯୋଚିଦେଲା ଯିଏଁ ।


ବାର୍ଷିକ ୫୭ ଷାଣ୍ମାସିକ ୫୩ ମୂଲ୍ୟ-ପ୍ରତିଖଣ୍ଡ ଦୁଇଅଣା



Digitized by srujanika@gmail.com

### ସ୍ତ୍ରୀ ରୋଗ ପାଇଁ

# ଋତୁବନ୍ଧା ରେଚନୀ

ପରୀକ୍ଷା କରନ୍ତୁ ।

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନିକାରକ ନୁହେଁ । ମୂଲ୍ୟ ୧୮ ଡାକ ଖର୍ଚ୍ଚ—୧୵୦

## ଦେହ ଏବଂ ମନର ପ୍ରସନ୍ନ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରକୁ ଦୂରୀଭୂତ କରେ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨—ଡାକଖର୍ଚ୍ଚ—୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ ।

Kaviraj M. K KAVYATIRTHA (D. G.)
70, Cornwallis St., Calcutta

---

ଉତ୍କଳ ସାହିତ୍ୟର ସମୁଜ୍ଜ୍ୱଳ ପରିମୂର୍ତ୍ତି,

# ମାନସିଂହ ସାହିତ୍ୟ

ସହିତ ପରିଚିତ ହେବାକୁ

| | | | |
|---|---|---|---|
| ପୁଷ୍ପ— | ୧୲ | କମଳାୟନ— | ୧୲ |
| ଧୂପଛର୍ପଣ— | ୵୦ | ହେମଃ— | ୵୦ |
| ଜୀବନୀ ଓ ପ୍ରବନ୍ଧ— | ୵୦ | ଜୀବନପଥ— | ୧୲ |
| ଜୀବନଚିତ୍ରା— | ୵୦ | ନୂଆ ଗୀତ— | ୵୦ |
| ପ୍ରେମପୁଷ୍ପ— | ୧୲ | ହେମଶସ୍ୟ ଓ—ଅନ୍ୟାନ୍ୟ ପୁସ୍ତକର | |
| ଧର୍ମ ଓ କବିତା— | ୧୲ | ଅନୁସନ୍ଧାନ କରନ୍ତୁ । | |

---

## ଘଟସୂତ୍ର

ପଞ୍ଚବିଂଶ ବର୍ଷ, ଉଚ୍ଚଶିକ୍ଷିତ, ଓଡ଼ିଆଭାଷୀ ସଚ୍ଚରିତ୍ର ବଙ୍ଗାଳି ଭଦ୍ରଲୋକ, ଆଧୁନିକ—ରୁଚି ସମ୍ପନ୍ନ ୨୨-୨୫ବର୍ଷର ଜାତିଧର୍ମ ନିର୍ବିଶେଷରେ କୌଣସି ଓଡ଼ିଆ ମହିଳାଙ୍କୁ ବିବାହ କରିବାକୁ ଇଚ୍ଛୁକ । ଅସହାୟ, ଦରିଦ୍ର, ଦୁଃସ୍ଥା ପ୍ରାର୍ଥନୀୟ ।

ବକ୍ସ ନଂ୧—ଉଗର

( ଏଭଳି ବିଜ୍ଞାପନ ଆମ୍ଭେମାନେ ଏ ସ୍ତମ୍ଭରେ ପ୍ରକାଶ କରୁ )

---

## ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର ।

ବିଜ୍ଞାପନକୁ ମନୋରମ

ଏବଂ ଆକର୍ଷଣୀୟ କରିବା ପାଇଁ

ଶିଳ୍ପୀ ଶ୍ରୀ ଦଳୀପ କୁମାରଙ୍କ

ସହ ପରାମର୍ଶ କରନ୍ତୁ

• ଠିକଣା—ଶ୍ରୀ ଦଳୀପ କୁମାର

ମାନସିଂହ ମହାପାତ୍ର

ପୋଃ ଢେଙ୍କାନାଳ

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧୦ାରୁ ୧୬୦ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବଶୀଳ ଜ୍ୟୋତିଷ ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଦ୍ୟାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୧୲ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖିପଠାନ୍ତୁ ।

ଜ୍ୟୋତିଷ ସହାୟତା କାର୍ଯ୍ୟାଳୟ

ଭାଗବତ ଭବନ, ଭଦ୍ରକ ।

---

## ଆନ୍ତର୍ଜାତିକ ମିଳନୀ ସଂଘ

DER WELT-BRIEFKASTEN

"International Exchange Service"

ଆପଣ ମାନେ ଦେଶ ବିଦେଶରେ ଆପଣ ମାନଙ୍କ ସମ ବୟସ୍କ ଓ ସମଭାବାପନ୍ନ ବନ୍ଧୁ ଚାହାନ୍ତି ? ନିଶ୍ଚୟ ! ସାଧାରଣ ଲୋକ ଚରିତ୍ର ପକ୍ଷରେ ଏହା ସ୍ୱାଭାବିକ । ଆପଣ ଯଦି ଘରେ ବସି କେଉଁ ସୁଦୂର ଫିନ୍‌ଲାଣ୍ଡ ବ୍ରାଜିଲ ବା ମେକ୍ସିକୋ ପ୍ରଭୃତି ଦେଶରେ ଜଣେ ସହାନୁଭୂତିଶୀଳ ବନ୍ଧୁ ପାଆନ୍ତି, ସୁଖୀ ହେବେ ନାହିଁ କି ?

ଆମର ଅନୁଷ୍ଠାନ ଆପଣଙ୍କୁ ଯେ କୌଣସି ଦେଶରେ ଆପଣଙ୍କ ପ୍ରାର୍ଥିତ ବନ୍ଧୁ ସଙ୍ଗରେ ଯୋଗସୂତ୍ର ସ୍ଥାପନ ଓ ପରିଚୟ କରାଇ ଦେଇ ପାରିବ ।

ପ୍ରବେଶିକା ଫି—ସର୍ବସାଧାରଣଙ୍କ ପାଇଁ ଏକଟଙ୍କା ମାତ୍ର । ବାର୍ଷିକ ଚାନ୍ଦା ଛାତ୍ରଙ୍କ ପାଇଁ ଏକଟଙ୍କା ଓ ସାଧାରଣଙ୍କ ପାଇଁ ଦୁଇଟଙ୍କା ମାତ୍ର ବାଳିକା ଓ ମହିଳାଙ୍କ ପାଇଁ ଅଧା ।

ନିମ୍ନଠିକଣାରେ ପତ୍ର ବ୍ୟବହାର କରନ୍ତୁ

"ଆନ୍ତର୍ଜାତିକ ମିଳନୀ ସଂଘ"
ଉଗର ଅଫିସ
କଟକ ୧

(signature) ପ୍ରେସିଡେଣ୍ଟ

ପ୍ରତିନିଧି - ଶ୍ରୀ ଉମେଶଚନ୍ଦ୍ର ପାଣିଗ୍ରାହୀ

---

## ନବୀନ ଉତ୍କଳର

ନବ ବିକାଶର ଉନ୍ମେଷ ବାର୍ତ୍ତାବହ

# ଉନ୍ମେଷ

ଉତ୍କଳର ସୁନାମ ସିଦ୍ଧ ଲେଖକ ମାନଙ୍କ ଲେଖାବଳୀରେ ସମୁଜ୍ଜ୍ୱଳ

ନବୀନ ଲେଖକମାନଙ୍କୁ ଉତ୍ସାହିତ କରିବା

ଉ ନ୍ମେ ଷ ର ଲ କ୍ଷ୍ୟ

ବାର୍ଷିକ ୫୲(ଷାଣ୍ମାସିକ ୩୲ ପ୍ରତିଖଣ୍ଡ ୵୦

ଉନ୍ମେଷ ଅଫିସ ଝାଞ୍ଜିରି ମଙ୍ଗଳା କଟକ—୧

Digitized by srujanika@gmail.com

ଅନନ୍ତାଙ୍କ ଶ୍ରୀ ଖଣ୍ଡ ଇମାନ ବୃନ୍ଦାବନ ଜାଗୃତେ

# ଜଗତ

ଫାଲ୍‌ଗୁନ ପ୍ରଥମାର୍ଦ୍ଧ ୧୩ବର୍ଷ ୧୭ସଂଖ୍ୟା ୧୩୫୦

## ଭାରତ ଓ ପାକିସ୍ତାନ

ଭାରତକୁ ଭାଗ ଭାଗ କରିବାର ଯେଉଁ ମୂଳନୀତିକୁ ସେଦିନ କଂଗ୍ରେସ କାର୍ଯ୍ୟନିର୍ବାହକ ସମିତି ମାନିନେଇଥିଲେ ଆଜି ତାର କୁପରିଣାମ ଅତି ସାଂଘାତିକ ଅବସ୍ଥାରେ ପହଞ୍ଚିଛି। କେବଳ ପାକିସ୍ତାନ ମଧ୍ୟ ସେପରି ପ୍ରଚଳିତ ନୀତିର ଯୁକ୍ତିରେ ଭାରତ ଯେପରି ଖଣ୍ଡ ଖଣ୍ଡ ହେଉ ଏବଂ ଶାନ୍ତି ରକ୍ଷା ପାଇଁ ସେମାନେ ଆତ୍ମସମର୍ପଣ କରିବା ତାହାଁ ଚାହାଁନ୍ତି। କଂଗ୍ରେସ ଏବେ ମହାତ୍ମା ଗାନ୍ଧୀଙ୍କୁ ଘୃଣା କରୁଥିଲେ କି ନାହିଁ—ଧର୍ମ ମୂଳନୀତିରେ ଭାରତକୁ ଭାଗକରିବାମାନଙ୍କ ନିକଟରେ ହାର ମାନିବା ଯେଉଁ ଅବସ୍ଥା କେବଳ ତାର ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ। କଂଗ୍ରେସର ନୀତି ଯଦି ହେଉ—ପାକିସ୍ତାନ ସ୍ୱୀକାର କରିବାକୁ ସ୍ୱୀକାର କରିବ ସଙ୍ଗେ ସେ ଧର୍ମ ଧର୍ମ ଭେଦ କରି ଭାରତ ଭାଗ ଓ ଗାନ୍ଧୀଜୀଙ୍କୁ ସ୍ୱୀକାର କରିନେଇଛନ୍ତି ଏବଂ ବର୍ତ୍ତମାନ ଭାରତ ଧର୍ମନିରପେକ୍ଷ ରାଷ୍ଟ୍ର ଘୋଷିତ ହୋଇଥିଲେ ହେଁ—ପାକିସ୍ତାନର ସଂଖ୍ୟାଲଘୁ ହିନ୍ଦୁମାନଙ୍କ ସ୍ୱାର୍ଥ ଦେଖିବା ଭାରତ ସରକାରଙ୍କ ଅବଶ୍ୟ କର୍ତ୍ତବ୍ୟ ହେବା ଉଚିତ୍ ଥିଲା ମାତ୍ର ସେ ଦାବି ତାଃ ଏକ ଇସଲାମ ଶରିୟତୀ ରାଷ୍ଟ୍ରରେ ତାର ଅଧିକାର ସମ୍ପୂର୍ଣ୍ଣ ହୋଇ ଯାଇଛି। ସ୍ୱାଧୀନତାର ଆଗରୁ କଂଗ୍ରେସ ଯଦି ଭାରତକୁ ଏକ ଜାତିର ଦେଶ ଭାବି ଭାଗ ଭାଗ କରିବା ଛାଡ଼ି ସାମ୍ପ୍ରଦାୟିକ ନୀତି କରିଥିବ ଧର୍ମ ଧର୍ମ ଭିତରେ ଭାଗ ନକରି ପ୍ରଦେଶ ଭିତରେ ଭାଗ କରି ସ୍ୱାୟତ୍ତ ପ୍ରଦେଶକୁ ସ୍ୱତନ୍ତ୍ର କରିଦେଇଥାନ୍ତେ ସେମାନେ ନିଜ ନିଜ ଭିତରେ ଶେଷ୍ଟୀ ଗାନ୍ଧୀଜୀ ବୁଝିପାରିଥାନ୍ତେ—ଏବଂ ଧର୍ମ କଳହ କରିବା ଦରକାର ହୋଇ ନଥାନ୍ତା ଯେ ସମସ୍ତ ପ୍ରଦେଶ ମଧ୍ୟ ଭାରତରେ ରହୁଛନ୍ତି। ମହାତ୍ମା ଗାନ୍ଧୀଙ୍କ ଅନୁମୋଦନ ସେ କାଳର ନେତାଙ୍କୁ ଜଣା ହୋଇଥିବ ନାହିଁ।

କଂଗ୍ରେସର ଏହି ନୀତିକୁ ପାଳନ କରିଥିଲେ ମହାତ୍ମାଜୀ। ସେ ନୂଆଖାଲି ଯାଇ ଧର୍ମବିଦ୍ୱେଷ ବିରୋଧରେ ଯେଉଁ ଆପଣ କରିଥିଲେ ତାହା ଆଜି କରିବା ପାଇଁ କେହି ନାହିଁ। ଆଜି ହୁଏତ ପାକିସ୍ତାନ ପୂର୍ବବଙ୍ଗକୁ ଆକ୍ରମଣ କରିବ। ହୁଏତ ଭାରତ ବିଜୟୀ ମଧ୍ୟ ହେବ। ମାତ୍ର ଯେଉଁ ମନ୍ତ୍ରରେ ଏହି ବିଜୟ ପାଇବ ତାହା ଦେଶକୁ ରକ୍ଷା କରିଦେବା ଶକ୍ତି ନୁହେଁ। ସେଥିପାଇଁ ଭାରତର ଭୟ ହେଉଛି—ପାକିସ୍ତାନ କାଳେ ଭାରତ ଆକ୍ରମଣ କରିବ। ଏହି ଭୟଗ୍ରନ୍ଥି ବା fear complex ଭାରତକୁ ଦୁଃଖର ଭାରରେ ପ୍ରସ୍ତୁତ ରହିବାକୁ ପଡୁଛି। ଏହି ଭୟଗ୍ରନ୍ଥି ବା ଆମର ପ୍ରାୟ ଅର୍ଦ୍ଧେକ ଅର୍ଥ ରଣ ସଜ୍ଜାରେ ବ୍ୟୟ କରିବାକୁ ଗହ୍ୱର ମଧ୍ୟକୁ ଟାଣିନେଉଛି। ଆମର ପ୍ରାୟ ଅର୍ଦ୍ଧେକ ଅର୍ଥ ରଣ ସଜ୍ଜାରେ ବ୍ୟୟ କରିବାକୁ ବାଧ୍ୟ ହେଉଛି। ଏ ଗୋଲକ ଧନ୍ଦାରୁ ଭାରତ ନିଜକୁ ବଞ୍ଚାଇବାର ଉପାୟ କଣ?

ଯଦି ଆମ୍ଭେମାନେ ଗୋଟାଏ ନୂଆ ପରିଣତିର ସୂଚନା ଦେଉଁ ତେବେ ଅବାନ୍ତରଃ ଏହା ରାଷ୍ଟ୍ର ବିରୋଧୀ ଜଣାଗଲେ ହେଁ ବାସ୍ତବରେ ତାହା ଏକ ନୂଆ ଚିନ୍ତାଧାରା। ଆମର ମନେହୁଏ ଆଜି ପାକିସ୍ତାନକୁ ଯେଉଁମାନେ ଭୟ କରୁଛନ୍ତି ସେମାନେ ଅହିଂସା ଦ୍ୱାରା ବ୍ରିଟିଶ ହାତରୁ ସ୍ୱାଧୀନତା ଛଡ଼ାଇ ଆଣିଛନ୍ତି ବୋଲି ଗର୍ବ କରିବା ଉଚିତ ନୁହେଁ। ଆମର ଅହିଂସା ସଂଗ୍ରାମ ବଳରେ ଯଦି ବାହାରର ଶତ୍ରୁ ବ୍ରିଟିଶ ଶାସନ କରିନପାରି ରାଜ୍ୟ ଛାଡ଼ିଯିବା ସମ୍ଭବ ହୁଏ ତେବେ ଏକପ୍ରକାର ଭାଲି ଯେଉଁମାନେ ଆମର ଭାଇଥିଲେ ସେମାନଙ୍କର ଅନ୍ୟାୟ ଅତ୍ୟାଚାରକୁ ଆମେ ଭୟକରି ଅସ୍ତ୍ରସଜ୍ଜା କରିବା ଶୋଭା ପାଉନାହିଁ। ଧରନ୍ତୁ ଆମ ଓ ପାକିସ୍ତାନ ସମଗ୍ର ଭାରତକୁ ଅଧିକାର କରିନେଲା। ପାର୍ଥକ୍ୟ ଭିତରେ ଭାରତର ନାମ ହୁଏତ ପାକିସ୍ତାନ ହେବ ଏବଂ ତିରଙ୍ଗା ପତାକା ବଦଳରେ ଚନ୍ଦ୍ରତାରକା ଚିହ୍ନିତ ପତାକା ଉଡ଼ିବ। ମାତ୍ର ଏହା ଯଦି ଅହିଂସା ଭାରତବର୍ଷଙ୍କ ଇଚ୍ଛାର ବିରୋଧରେ ହୁଏ ତେବେ କେତେଦିନ ନିକଟ ହୋଇପାରିବ ଜଣା? କଂଗ୍ରେସ ଆମ ଉପରେ ଚାପ ଦେଇ ଦେବେ କେତେ ଜଣ ଧର୍ମ ଦ୍ରୋହୀ ମୁସଲମାନ ଦେଶୀ ଅମୁସଲମାନଙ୍କ ଜାତୀୟତା ଯାକି କେତେ ଦିନ ସମ୍ଭବ ହେବ ଏ ପ୍ରଶ୍ନ ନାହିଁ।

ଆଜି କହିଲ ଲୋକେ ଯଦି ଏ ଭଳି ଭାବରେ ପାକିସ୍ତାନ ବିରୋଧରେ ଉତ୍ତେଜିତ ହେବେ ତେବେ ପାକିସ୍ତାନ ଆକ୍ରମଣ କରିବାର ସମ୍ଭାବନା ନାହିଁ।

ଏହି ବିଷୟରେ ଆମ ମତରେ ଭାରତ ସରକାର ସମ୍ପୂର୍ଣ୍ଣ ଆକ୍ରମଣ ବା ରଣ ଘୋଷଣା କରିବା ପୂର୍ବରୁ ଭାରତର ଲକ୍ଷ୍ୟ ଓ ଗୁରୁ ସମ୍ପର୍କରେ ଏକ ବିଚାର କର୍ତ୍ତବ୍ୟ ରହିଛି। ଆମର ମତେ ଶୁଦ୍ଧ ଭାରତର ହିନ୍ଦୁ ମୁସଲମାନ ଆଜି ଅସ୍ତ୍ର ଶସ୍ତ୍ର ନେଇ ପୂର୍ବ ପାକିସ୍ତାନ ଭିତରକୁ ପଶିପାରନ୍ତି। ବିଶେଷତଃ ମୁସଲମାନମାନଙ୍କର ଏହା ସର୍ବପ୍ରଥମ କର୍ତ୍ତବ୍ୟ। ଏଥିପାଇଁ ପାକିସ୍ତାନ ସରକାର ଯେତେ ଦଣ୍ଡ ଦେବେ ତାହା ଗ୍ରହଣ କରିବା ଉଚିତ। ଭାରତରେ ପାକିସ୍ତାନକୁ ଘର ଛାଡ଼ି ପଳାଇ ଆସିଲେ ଉଭୟ ପାକିସ୍ତାନ ଓ ଭାରତର ଅମଙ୍ଗଳ। ଉଭୟରେ ଦାୟିତ୍ୱ—ବସୁଧୈବ ପାଇଁ ଯୁଦ୍ଧ କରିବାରେ ଧର୍ମନ୍ୟାୟର ପ୍ରତିଷ୍ଠା ସମ୍ଭବ। ପାକିସ୍ତାନ ଓ ଭାରତର ମୈତ୍ରୀ ଚିନ୍ତା ଅନ୍ୟାୟ ବୋଲି କହିବା ଆତ୍ମସମ୍ମାନ ନୁହେଁ। ବର୍ତ୍ତମାନ ଭାରତର ହିନ୍ଦୁ ମୁସଲମାନ ମିଳି—ଅହିଂସା ଯାତ୍ରା ଆରମ୍ଭ କରିବା ଆବଶ୍ୟକ। ଭାରତ ଯଦି ଆମର ମାତୃଭୂମି ହୁଏ ପାକିସ୍ତାନ ମଧ୍ୟ ଆମର ମାତୃଭୂମି। ତା ଯଦି ଆମେ ପ୍ରକାଶ୍ୟରେ ସ୍ୱୀକାର କରୁ ନଥାଉ ତେବେ ପାକିସ୍ତାନକୁ ପଳାଇ ଆସୁଥିବା ବ୍ୟକ୍ତିମାନଙ୍କୁ ସହାୟ ଦେବାର ପ୍ରଶ୍ନ ନ ଉଠାଇ କାରାଗାରରେ ରଖିବା ବ୍ୟବସ୍ଥା ହୁଅନ୍ତା। ସର୍ବୋପରି ଆଶା ବୁଝି ଦେଲେ ସତ୍ୟ ପୂର୍ଣ୍ଣ ମହାନ୍ ହେବ। ଆମ୍ଭେମାନେ ସେଥିପାଇଁ ସରକାରଙ୍କୁ ସତର୍କ କରାଇ ଦେଉଛୁଁ।

Digitized by srujanika@gmail.com

# ଡାଟରେ ଡାଟରେ ଚାନା ନାନା

ବୃଢପକ୍ଷକୁ ଘଣ୍ଟା ତଦାରଖ କମିଶନ ବସାଇ ଭାରତୀୟ ଅଞ୍ଚଳ ଦେଖିବାପାଇଁ ଜାତିସଂଘ ସରକାରଙ୍କ ପ୍ରସ୍ତାବକୁ ପାକିସ୍ଥାନ ଅଗ୍ରାହ୍ୟ କଲେ—ସମ୍ବାଦ

......ବଳେଇ ଆଖିବୁଜି କ୍ଷୀରପିଇବା ଭଲ ।

❊ ❊ ✱

ପାକିସ୍ଥାନର ପଶ୍ଚିମ ସୀମାନ୍ତରେ ପାକ୍ତୁନ ସ୍ଥାନ ଗଢ଼ାହେଲା—ସମ୍ବାଦ

......ଏଥର ପାକା (ପାକିସ୍ଥାନ) ହୁଜ ହୋଇ-ଯିବେ ।

× + ×

ଏଣିକି ପୂର୍ବବଙ୍ଗର ସଂଖ୍ୟା—ଲଘୁଙ୍କ ଉପରେ ଅତ୍ୟାଗ୍ରୁର ପାଇଁ ଆମକୁ ଅନ୍ୟପନ୍ଥା ଦେଖିବାକୁ ହେବ ।—ନେହେରୁ

......ଏଯାଏଁ ବାମପନ୍ଥା ଧରି ଭାଗ୍ୟ ବାମ ହୋଇଛି—ଏଣିକି ଦକ୍ଷିଣପନ୍ଥା ଧରି ଦକ୍ଷିଣା ଦେଇଦଅ !

+ × +

ବର୍ତ୍ତମାନ ସାଧାରଣ ନିର୍ବାଚନରେ କ୍ରୀମିକଦଳ ପୁଣି ଉପଯୁକ୍ତ ହୋଇଛନ୍ତି—ସମ୍ବାଦ ।

ଚର୍ଚ୍ଚିଲ ଚଢ଼ା—ଏଟ୍ଲି ମରିବେ ।

+ × +

କଂଗ୍ରେସ କାର୍ଯ୍ୟକାରୀ ସଭ୍ୟମାନେ ଅକାର୍ଯ୍ୟକାରୀ ହେବେ—କଂ: କ: ର ନିଷ୍ପତ୍ତି

......ଅ+ସଭ୍ୟ ମଧ ହେବେ ।

+ × +

ଶରତଚନ୍ଦ୍ରଙ୍କ ପରଲୋକ—ଶୋକସମ୍ବାଦ

......ବଙ୍ଗଳାର ଚନ୍ଦ୍ର ବୁଡ଼ିଗଲେ ।

× × ×

ପାକିସ୍ତାନୀ ହିସାବରେ ମୋର ଜନ୍ମ—ଆସାମ୍ ।...........ଖୋଜାହିସାବରେ ଧର୍ମ ଇଂରାଜୀହିସାବରେ କର୍ମ, ପାରସୀ (ନିଜସ୍ତ୍ରୀଙ୍କ ଦେଶ) ହିସାବରେ ମତଭ୍ରମ !

✱ ❊ ❊

ପୃଥିବୀର ଦୁଇ ରାଜନୈତିକ ଗୋଷ୍ଠୀ ଏକାସଙ୍ଗରେ ବାସ କରିବାକୁ ବାଧ—ରାଧାକୃଷ୍ଣନ୍ ।

.........ଏକୈକେପି ଅନର୍ଥାୟ......

+ × +

ଗାନ୍ଧୀଜୀଙ୍କର ଚିତାଭସ୍ମ 'ପୂର୍ଣ୍ଣ' ନଦୀରେ ଅପ୍ରିତ ହେଲା—ସମ୍ବାଦ

.........ତେବେ କି ପୂର୍ଣ୍ଣ ନ ହେଲା ?

✱ ❊ ✱

ପାତ୍ରକଟିଆ ପେଇନାପାଇଁ କଂଗ୍ରେସ ପାଞ୍ଚଣିଆ କମିଟି ବସାଇଛନ୍ତି—ସମ୍ବାଦ

......ପାତ୍ରକଥରେ ଛେଳି ବୁକୁର

✱ ✱ ❊

ଦକ୍ଷିଣ ଆଫ୍ରିକା ଗଣ୍ଡଗୋଳ ତୁଟାଇବାକୁ ଗୋଲଟେବୁଲ ବୈଠକ—ସଂବାଦ

ଅଖଣ୍ଡ ମଣ୍ଡଳାକାରଂ ।

❊ ❊ ❊

କାଶ୍ମୀରକ ବ୍ୟାସିଂହଙ୍କ ଅସି ଶାନ୍ତ କଥା-ବାର୍ତ୍ତା କରିବାପାଇଁ ଦ୍ୱାର ଉନ୍ମୁକ୍ତ—ଟ୍ରୁମାନ

......ଜାଗର ଜାଳ—ବସିଛି ବାଳୀ

× + ×

ପୃଥିବୀ ଆଉ ସରଳରେ ଚଳୁନାହିଁ—ସରକାର

......କାଳସ୍ୟ କୁଟିଳାଗତି

❊ ❊ ❊

ପଶ୍ଚିମ ବଙ୍ଗରେ ଗୋରୁହତ୍ୟା ଦେଖାଗଲା—ସଂବାଦ

......ମଣିଷହତ୍ୟା ଚାଲିଲାଣି ସେ !

+ + +

ମୁଁ ଯଦି ପୁଣି ପ୍ରଧାନମନ୍ତ୍ରୀ ହୁଏଁ ତେବେ ଅସ୍ତ୍ର ଯୁଦ୍ଧ ବନ୍ଦକରିବା ପାଇଁ ମୁଁ ନିଜେଯାଇଁ ଷ୍ଟାଲିନ୍‌ଙ୍କୁ ଧରିବି—ଚର୍ଚ୍ଚିଲ

......କେତେଦିନ ତେଲ ନେବେ ?

✱ ❊ ❊

ଭାରତ ସ୍ୱାଧୀନହେଲେ ମଧ୍ୟ ବ୍ରିଟିଶ ସାମ୍ରାଜ୍ୟ ହଜିଯାଇନାହିଁ—କ୍ରିଷ୍ଣ ମେନନ୍

......ନୂଆବୁଯାକି ଛନ୍ଦରେ ଚଢ଼ିଚି ।

ପାକିସ୍ଥାନ ଏଟି ସର୍ତ୍ତରେ ଭାରତକୁ ଶାନ୍ତି ପ୍ରସ୍ତାବ ପଠାଇଛି—ଜାଫ୍ରୁଲ୍ଲା ଖାଁ

...ଠିକଣା ଭୁଲଥିବାରୁ ତାହା ଇପିର ଫକୀରଙ୍କ ହାତରେ ପଡ଼ିଗଲା ।

❊ ❊ ❊

ସବୁ ଜାତିର ଗାଈଙ୍କୁ ମିଶାଇ ଗୋଟିଏ ଜାତି ଗଢ଼ି କରିବାକୁ ଲଖନୌରେ ପର୍ଯ୍ୟବେକ୍ଷଣ ଚାଲିଛି—ସଂବାଦ

...ମଣିଷ ଉପରେ ପରୀକ୍ଷା କଲେ ଶାନ୍ତ ବଳେ ବଳେ ଅସନ୍ତା ।

ଉତ୍କଳ ସମ୍ମିଳନୀ ସହ ଖଣ୍ଡ୍ୟାମୃତ ଷଷ୍ଠିପୂର୍ତ୍ତି ସଭା ମିଳିଗଲା—ସଂବାଦ

...ପଦ୍ମପତ୍ର ମିବ ମ୍ଭସା ।

❊ ❊ ❊

ନାଡ଼ନ ନ୍ୟୁହେଇ ସରକାରୀ କର୍ମଚାରୀଙ୍କୁ କୃପାପେକ୍ଷା କରୁଛି—ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର

...ଦେହି ପଦପଲ୍ଲବ ମୁଦାରଂ ।

❊ ❊ ❊

ଲୁହ ପରମିଟ ଅଣ-ଓଡ଼ିଆ କମ୍ପାନିଙ୍କର—ସଂବାଦ

...ସେମାନେ ଲୁହର ମଣିଷ—ଓଡ଼ିଆମାନେ ମାଟିର ।

❊ ❊ ❊

ଜୟପୁର ମହାରାଜାଙ୍କୁ ବିପୁଳ ସଂବର୍ଦ୍ଧନା—ସଂବାଦ

...ସମୁଦ୍ରର ବଢ଼ନ୍ତି ଛୁଟନ୍ତି କେତେ ?

❊ ❊ ❊

ସେରାଇକଳା ଖରସୁଆ କେନ୍ଦ୍ରଶାସନରେ ରହୁ—ପଣ୍ଡିତ କୃଷ୍ଣଚନ୍ଦ୍ର

...ଖରସୁଆଁର ଭାଗ୍ୟ ଧୂପର ଗ୍ରହ ବର୍ତ୍ତମାନ ସ୍ଥିର ନୁହନ୍ତି । କେନ୍ଦ୍ରସ୍ଥ ମଧ୍ୟ ନୁହନ୍ତି ।

× + +

ଖରସୁଆଁ ରାଜା ଭାରତ ସରକାରଙ୍କ ବିରୁଦ୍ଧରେ ସେରାଇକଳାକୁ ବିହାରରୁ ଛଡ଼ାଇ ଆଣିବାପାଇଁ ମକଦ୍ଦମା କରିଛନ୍ତି—ସଂବାଦ

...ସ୍ୱର୍ଗକୁ କଳଙ୍କ ନାହିଁ ।

ଲେକ୍‌ସକସେସରେ ଆମେ ଭାସିଲୁ କି ଲୁଡ଼ିଲୁ ଠିକ୍ ନାହିଁ—ମହାବୀର ତ୍ୟାଗୀ

...ଲେକ ସକସେସର ଅର୍ଥ ସଫଳହ୍ରଦ—ଯାହାହେଉ ପଛେ ଫଳଫଳିବ ।

✱ ✱ ✱

ଅଯୋଗ୍ୟ ଲୋକଙ୍କୁ ନପୁଂସକ କରିଦେବା ଉଚିତ—ଆଫ୍ରିକାର ବୈଜ୍ଞାନିକ ।

...ଗୋପରେ ଏକ କୃଷ୍ଣ ଯଥେଷ୍ଟ ।

❊ ❊ ❊

ବାଗଦାଦରୁ ୧୦୦ମାଇଲ ଦୂରରେ ପ୍ରଥମେ ମାନବ ଦେଖାଦେଲେ—ଡାକ୍ତର ନାଲବେ ।

...ସେଇଠା ପୃଥିବୀର କେନ୍ଦ୍ରବିନ୍ଦୁ ହୋଇଥିବ ।

× × +



Digitized by srujanika@gmail.com



ପୁଣି ଅକ୍ରୂର ରଥ ଆସୁଛି । ମହତାବଙ୍କୁ ଏଥର ନିଶ୍ଚେ ନିଶ୍ଚେ ମଥୁରାପୁରକୁ ଯିବାପାଇଁ ହେବ । କଂସ ମାମୁଁ ଧନୁଯାତ କରୁଛନ୍ତି । ଆମେ ମହତାବଙ୍କୁ ବନ୍ଧେଇ ଜଣାଉଛୁଁ ମାତ୍ର ଏ ଗୋପଗୁଆଳଏ 'ମଥୁରବୃନ୍ଦାବନ ବନ୍ଧୁର ବାଗ ସବୁ ଭୁଲିଯିବେ ସିନା !

*  *  *  *

ମହତାବ ଗଲେ ପୁଣି କାହା ମୁଣ୍ଡରେ ପଗଡ଼ିଟି ବନ୍ଧାହେବ ସେଇହେଲା ମହାଚିନ୍ତା । ଦ୍ୱିତୀୟ ମନ୍ତ୍ରୀ କାନଗୋଇଙ୍କ ହକଟା ଫାଟୁଛି । ହେଲେ କବର୍ଗ ଆଉ ବବର୍ଗ ସଂଘର୍ଷରେ ପବର୍ଗର ଜୋର ବେଶି ପଡ଼ିବାରୁ ନୀଳଗିରିରାଜଙ୍କଠି ଘର୍ଷଣ ବଢ଼ିବାର କଥା । ତଥାପି ଏକପାଖିଆ ବିଗ୍ରହ ହେଇଯିବା ଉପରେ ଏ ମୁକରରଟା ଥୋଇଲା ମାଇକ୍ରୋ ମିଟରରେ ପ ଦାନଙ୍କୁ ରଖି ଗୋଟାଏ ବସାଗଣ୍ଠି ଆବିଷ୍କାର କରାଯିବା କଥା ହେଲା । ସେ କରଣ ହେଇନଥିବେ କି ବ୍ରାହ୍ମଣ ହେଇ ନଥିବେ, ଗଡ଼ଜାତ ହୋଇ ନଥିବେ କି ମୋଗଲବନ୍ଦୀ ହେଇନଥିବେ, ପବିତ୍ର ହେଇନଥିବେ କି ଅପବିତ୍ର ହୋଇନଥିବେ, ପ୍ରଧାନ ହୋଇ ନଥିବେ କି ଅପ୍ରଧାନ ହୋଇନଥିବେ ମନ୍ତ୍ରୀ ହୋଇନଥିବେ କି ଅମନ୍ତ୍ରୀ ହୋଇନଥିବେ । ଏଭଳି ଏକ ପୁରୁଷଙ୍କ ଖୋଜ୍ କରାଯାଉଛି ।

\+  \+  \+  \+

ବାଲୁଆ ସବୁଙ୍କ ମତରେ ଶ୍ରୀ ପବିତ୍ରମୋହନ ପ୍ରଧାନ, କରଣ ନୁହନ୍ତି କି ଖଣ୍ଡାଏତ ନୁହନ୍ତି—ତେବେ; ଗଡ଼ଜାତ ହେଇ ମଧ୍ୟ ଅଗଡ଼ଜାତ ରାଜନୀତିରେ ଭାଗ ନେଉଥିବାରୁ ସେ ଗଡ଼ଜାତ ନୁହନ୍ତି କି ଅଗଡ଼ଜାତିଆ ନୁହନ୍ତି—ପେଟଭିତରେ ମଇଳା ଥିବା ସତ୍ତ୍ୱେ ତାଙ୍କ ନାମ ପବିତ୍ର ହୋଇଥିବାରୁ ସେ ପବିତ୍ର ନୁହନ୍ତି କି ଅପବିତ୍ର ନୁହନ୍ତି ପୁଣି, ତାଙ୍କ ଉପାଧି ପ୍ରଧାନ ହେଲେ ମଧ୍ୟ ସେ ଏବେ ମଧ୍ୟ ଅପ୍ରଧାନ ଅଛନ୍ତି ଏବଂ ସେ ଅମନ୍ତ୍ରୀ ହେଲେ ମଧ୍ୟ ଏକଜିକ୍ୟୁଟିଭ କାଉନସିଲ ରଖିଥିବାରୁ ମନ୍ତ୍ରୀବି ନୁହନ୍ତି । ସୁତରାଂ ତାଙ୍କୁଇ ପ୍ରଧାନମନ୍ତ୍ରୀ କଲେ ତାଙ୍କ ଉପାଧିଟା ସାର୍ଥକ ହୁଅନ୍ତା ।

\+  \+  \+  ×

ମାତ୍ର ନିର୍ବାଚନ ପାଖେଇ ଆସିବା ବେଳେ ଓଡ଼ିଶା କଂଗ୍ରେସ 'ସମାଜ'କୁ ସନ୍ତୁଷ୍ଟ ନକଲେ ଚଳିବ ନାହିଁ, ତେଣୁ ୧୩ ଦିନ ପାଇଁ ଲିଙ୍ଗରାଜ ବାବୁଙ୍କୁ ମନ୍ତ୍ରୀ କରିଦେଲେ ଅସୁନ୍ଦର ଦିଶନ୍ତା ନାହିଁ । ତାପରେ ପବିତ୍ର ବାବୁ ପ୍ରଧାନମନ୍ତ୍ରୀ ହେଲେ ବିଶ୍ୱନାଥ ବାବୁଙ୍କୁ ମନ୍ତ୍ରୀ କରି ନିଆଯାଇ ପାରେ । ଏସବୁ ଗୋଳମାଳ ଧନ୍ଦାରୁ ରକ୍ଷା ପାଇବାକୁ ହେଲେ ନବକୃଷ୍ଣ ଚୌଧୁରୀଙ୍କ ପଟାପଟି କରି କୌଣସିମତେ ଗଦି ନସିବ କରିଦେଲେ କୃଷ୍ଣଙ୍କ ରାଜତ୍ୱ ରହନ୍ତା କେବଳ ହରିଙ୍କ ହରଣ ସମୟରେ ନୂଆ କୃଷ୍ଣ ଆସି ଗୋପଲୀଳା ଆରମ୍ଭ କରନ୍ତେ ।

*  *  *  *

କାଲୁ ଦୈବାତ୍ ଯଦି ନବବାବୁ ଲ୍ୟାଙ୍ଗ ମାରନ୍ତି—ତେବେ ପୁଣି କାଶୀଯାଇ ଗଙ୍ଗାସ୍ନାନ କରି ବାବା ବିଶ୍ୱନାଥଙ୍କୁ ଅର୍ଚ୍ଚନା କରିବାକୁ ପଡ଼ିବ । ତା'ଠାରୁ ମୂଳରୁ ବିଶ୍ୱନାଥଙ୍କୁ ଉତ୍କଳନାଥ ଉପାଧି ଦେଇ ଦେଲେ ପାଇଟି ତୁଟନ୍ତା ।

\+  \+  \+  \+

ମାତ୍ର ଶୁଣିବା ଉଠୁଛି ଯେ କୃଷ୍ଣ ଓ ବିଶ୍ୱନାଥଙ୍କ ଭିତରେ ଭିତରେ ଖୁବ ଟଣା ଓଟର । ଦୁହେଁ ଯାକ ଯୁଦ୍ଧଭୂମିରେ ନଥାନ୍ତି ଜମା ଦୁଇଙ୍କ ଭିତରୁ କାହାର ମୁଣ୍ଡ ଫୁଟିବ ନାହିଁ । ମାତ୍ର ଅନୁଚରମାନେ ବାଘା ପାଲ ଲଗେଇ ଦେଲେଣି, ଯାହାର ବାହା ତାର ମନ ନାହିଁ—ଶାହି ପଡ଼ିଶାଙ୍କୁ ନିଦ ନାହିଁ ।

*  *  *  *

ସେ ଯାହାହେଉ ହେଲା ମହତାବଙ୍କ ଚିଠିଟା ଏକା କଂଗ୍ରେସ ମହଲରେ ଜଣା ପଡ଼ିଗଲା । ସେ ଦିଲ୍ଲୀ ଗଲାବେଳକୁ କଲିକତାରେ ମନାଇଦେଲେ—ନା ମୁଁ ଓଡ଼ିଆଙ୍କୁ ଛାଡ଼ି ଯାଉନାହିଁ । ମାତ୍ର ଶେଷରେ ଆମକୁ ଅନାଥ କରି ଚାଲିଗଲେ । ଏବେ ବି ଲୋକଙ୍କର ପରତେ ହେଉନାହିଁ—କହୁଛନ୍ତି—ସତେ ଛାଡ଼ିଯିବେ—ମହତାବ ଏ ଓଡ଼ିଶା—ଆମ୍ବ ଦଶା !

\+  \+  \+  \+

କଟକ ରେଭେନ୍ସା କଲେଜର ସୁବିଧାନ ଶିଳ୍ପ ସଂଘର ଅଧିବେଶନରେ ପିଲାମାନେ ଆପତ୍ତି କଲେ—ଆଜିକାଲି ପୁରାତନ ପିଲାସଂଖ୍ୟା ବଢ଼ିଲେଣି ତେଣୁ କେବଳ ପିଲାଙ୍କ ନାମ ରହିଲେ ସେମାନେ ଆପତ୍ତି କରିବେ । ଜଣେ ପ୍ରସ୍ତାବ କଲେ ଶିଳ୍ପ ଉଠାଇ ଛାତ୍ର କଲେ ଚଳିବ କାରଣ ଛାତ୍ର ଶବ୍ଦ ଏବେ ସ୍ତ୍ରୀ ଲିଙ୍ଗ ବାଚକ ଶବ୍ଦ ରୂପେ ବ୍ୟବହୃତ ହୁଏ ଅନ୍ତତଃ ଇଂରାଜୀରେ । ମାତ୍ର ପିଲାମାନେ କହିଲେ—ଛାତ୍ର ସ୍ତ୍ରୀ ଲିଙ୍ଗ ଛାତ୍ରୀ ଶବ୍ଦ କାହିଁକି ନହେବ ? ତେବେ ପୁରୁଷ ହେଲେ ଆମେ ନାରୀ, ତମେ ପିଲାକୁ ଆମେ ପିଲି, ତମେ ଛାତ୍ରକୁ ଆମେ ଛାତ୍ରୀ, ତମେ ସ୍ୱାମୀକୁ ଆମେ ସ୍ତ୍ରୀ, ତମେ ପିତାକୁ ଆମେ ମାତା, ତମେ ରାମ ଆମେ ସୀତା ଇତ୍ୟାଦି । ଜଣେ ପ୍ରସ୍ତାବ ଦେଲେ ଏହାର ନାମ ହେଉ ପିଲାପିଲି ସଂଘ । ନାରୀ ମହଲରୁ ଆପତ୍ତି ହେଲା, ଆଉ ଶିଳ୍ପ ନାମ ରହିବ—ଯଥା ସୀତା ରାମ, ରାଧାକୃଷ୍ଣ । ଆମ ବାଲୁଆ ସଭାମଣ୍ଡପରେ ଏହା ହିଁ ସର୍ବୋତ୍କୃଷ୍ଟ ହେଲା । ମାତ୍ର ଗୋଟିଏ ଅସୁବିଧା ହେବ ଯେ ଜଣେ ସୀତାରୁ ଜଣେ ରାମ ନହୋଇ ଜଣେ ରାମ ହେବାକୁ ବାଧ୍ୟ ହେବେ । ଜଣେ ରାଧାରୁ ଜଣେ କୃଷ୍ଣ ।

*  *  *  *

ଦିଲ୍ଲୀଠାରେ ନିଖିଳ ଭାରତ କଂଗ୍ରେସ କମିଟି ବସିଗଲା । ଏଥର ହୁଅତେ ଆଡ଼ମ୍ବର ନଥିଲା ବୋଧହୁଏ ମେଘ ଡମ୍ବରୁ ଥିଲା । ତେଣୁ ଯେଉଁ ପ୍ରସ୍ତାବ ଗୃହୀତ ହେଲା ତାହା ଜନତାକୁ ଥରାଇ ଦେବ ନିଶ୍ଚୟ । ସବୁଠାରୁ ବଡ଼ ପ୍ରସ୍ତାବରେ ମୁଖ୍ୟ ସଭ୍ୟମାନଙ୍କ ପ୍ରତିନିଧି ଯୋଗ୍ୟତା ମାପ ଆଉ ଦିଆଯାଉଛି । ଏଣିକି କଂଗ୍ରେସର ଧୂଆ ମୂଳା ଆଉ ମୂଳା ସବୁ ସମାନ । ଯୋଗ୍ୟ କଂଗ୍ରେସ ସଭ୍ୟମାନେ ଅସତ୍ୟ ଆଚରଣ କରିବାରୁ ଏ ବ୍ୟବସ୍ଥା କରାଗଲା । ମାତ୍ର ଯେଉଁମାନେ ଅସତ୍ୟ ଆଚରଣ କରିବେ ତାଙ୍କର ଯୋଗ୍ୟତା ଯେତେ କେତେ ।



Digitized by srujanika@gmail.com

...ଶେଷ କଂଗ୍ରେସ ଛାଡ଼ିଲେ ନାହିଁ ଭଙ୍ଗ ହେବେ ନାହିଁ । କିନ୍ତୁ ଡର ହେଉଛି ଅସାଧାରଣ କଂଗ୍ରେସ କହିବା ଅସଚ୍ଚା ହେଲେ ସାଧାରଣଙ୍କ ସ୍ଥାନ କେଉଁଠି ?

\+ + + ×

ଇଣ୍ଟ୍ୟାନିଷ୍ଟ ଗୃହନାର ସଞ୍ଚାପତି ଡୁସ ସହିତ ସାଂସ୍କୃତା କରି ଅନେକ ଦାନ ଯୌତୁକ ପାଇଛନ୍ତି । ଶୁଣାଯାଉଛି ଯେହେତୁ ଜାପାନ ପିଲ୍ଗ୍ରିମ ନଙ୍କୁ ହାତୀ ଚଢ଼ାଇଥିଲେ ପରେ ଷ୍ଟାଲିନ ଋନାମ୍ନଙ୍କୁ ସଇବେରିଆର ଶ୍ୱେତ ଭଲ୍ଲୁକ ଉପହାର ଦେଇଛନ୍ତି । ଋନାମାନେ ଭାଲୁର ଲାଙ୍ଗୁଳ ଧରି ଖେଳୁଛନ୍ତି ଆଉ ଖେଳୁଥିବେ ।

* * * *

"ଜାପାନ ସମ୍ରାଟ ହିରୋହିତୋଙ୍କୁ ଯୁଦ୍ଧ ଅପରାଧୀ ବୋଲି ବିଚାର କରାଯାଉ"— ଏକଥା ରୁଷିଆ ଦାବି କଲାଣି । ଏତେକାଳ ପରେ ଏଭଳି କଥା ବାହାରିବାରୁ ଦେଖି ମନେହେଉଛି ଆମ ସୃଷ୍ଟିରେ ଦାମର ଭଲ କରିଛନ୍ତି । ନୋହିଲେ ସେ କେବେ ଦୃଷ୍ଟି ପାଇ ନଥାନ୍ତେ ଓ ଫାସି କାଠରେ ଝୁଲି ମରି ଥାନ୍ତେ । ଅନ୍ତରେ ଯେବେ ସେ ଗାତରୁ ଉଠି ଆସନ୍ତି, ଏବେ ସେ କାଙ୍କର ସୁପ୍ରି ବିଚାର ନହେବ ତାହା କିଏ କହି ପାରେ । କିନ୍ତୁ ଦାଦା ଆମର ଆଗରୁ ହୁସିଆର ଅଛନ୍ତି ।

\+ + × ×

· ଅନେକ ପ୍ରଦେଶରେ ସରକାରୀ କଂଗ୍ରେସ ଓ ପ୍ରାଦେଶିକ କଂଗ୍ରେସ ଭିତରେ ଝଗଡ଼ା ଓ ଠେଲାଠେଲି ଲାଗିଥିବାରୁ କଂଗ୍ରେସର ମାନ କମିଯାଉଛି ବୋଲି ଉପର ମହଲରେ ଖିଆଲେଣି ପଡ଼ୁଛି । ଆମେ କହୁଁ ସେପଇଁ ସମସ୍ତେ ଓଡ଼ିଶାର ବେଜକୁ ବୁଢ଼ା ଆଦର୍ଶର ଅନୁସରଣ କରୁ ନାହାନ୍ତି କହୁଁ କି ? ଏଠାରେ ତ ସବୁ ଅଡୁଆ ତୁଟି ଯାଇଛି !

\+ + × +

ଯୁକ୍ତ ପ୍ରା ଉତ୍ତର ପ୍ରଦେଶରେ ମାଙ୍କଡ଼ ସୁମାରିରୁ ଜଣାଯାଏ ଯେ ଗୋଟିଏ ମାଙ୍କଡ଼ ପିଛା ଛଅଜଣ ମଣିଷ ସେ ପ୍ରଦେଶରେ ଅଛନ୍ତି । ଅର୍ଥାତ ସୋଟିଏ ମାଙ୍କଡ଼ ଦମ୍ପତିଙ୍କର ଛଅ ଗୋଟି ମନୁଷ୍ୟ ବଂଶଧର ସେଠି ବିଦ୍ୟମାନ । ଏହାହିଁ ମନୁଷ୍ୟ ଜାତିର ଅଗ୍ରଗତି ସୂଚାଇ ଦିଏ ।

\+ + +

ଓଡ଼ିଶାରେ କମ୍ୟୁନିଷ୍ଟ ମାନେ ନାରୀ ବେଶରେ ରହି ଅସ୍ତ୍ରର ପ୍ରଚଣ୍ଡ କାମ ଚଳାଇ ଛନ୍ତି । ଓଡ଼ିଶାର ପୁଲିସ ମାନେ ବୋଧହୁଏ ସ୍ତ୍ରୀ ପକ୍ଷ କରିବାର ଜାଣି କମ୍ୟୁନିଷ୍ଟ ମାନେ ବାହୁ ବୁଦ୍ଧିରେ ଏଭଳି ଉପାୟ ଅବ- ଲମ୍ବନ କଲେ । ଗୁଳି ମୁହଁରେ ଆଗ ନାରୀଙ୍କୁ ଠିଆ କରିଦେବା ମଧ୍ୟ କମ୍ୟୁନିଷ୍ଟଙ୍କ କୌଶଳ । ନାରୀଙ୍କୁ ଦେଖିଲେ ସହଜେ ତ ସମସ୍ତେ ଦୟାର୍ଦ୍ର ହେବେ । ମାତ୍ର ନାରୀ ବେଶୀ ପୁରୁଷ ବା ଶିଖଣ୍ଡିଙ୍କୁ ଗୃହିଁ କେଉଁ ପୁଲିସ ଅସ୍ତ୍ର ତ୍ୟାଗ ନ କରିବ ଭଲା ?

* * *

ଗାନ୍ଧୀ ନୀତି ମୁତାବକେ 'ବିଶ୍ୱ-ଶାନ୍ତି' ନିମନ୍ତେ କି ଯୋଜନା କରାଯିବ, ଏହାର ପ୍ରସ୍ତାବନା କରିବା ପାଇଁ କଂଗ୍ରେସ ମଣ୍ଡଳ କେତେଜଣ ବଡ଼ ବଡ଼ ଗାନ୍ଧୀ ଭକ୍ତଙ୍କ ସୁପରା- ମର୍ଶ ଲୋଡ଼ିଛନ୍ତି । ଏହା ଲୋଡ଼ିବା ସ୍ୱାଭାବିକ । କାରଣ ଗାନ୍ଧୀ-ନୀତି ଅନୁସାରେ ଭାରତରେ ଯେତେବେଳେ 'ରାମରାଜ୍ୟ' ସ୍ଥାପନ ହୋଇ ଗଲା,—ଏଣିକି ପୃଥିବୀ ସାରା ରାମ ରାଜ୍ୟ ବିସ୍ତାର କରିବାର ବେଳ । ସୁଆଦିଆ ଦରବ ପରଷି ନ ଖୁଆଇବା ଯାଏ କି ଆପେ ଏକୁଟିଆ ଖାଇ ତୃପ୍ତି ଆସେ କି ?

\+ + +

ପରମାଣୁ ବୋମା ପଛରୁ ତନ୍ଦ୍ରାଦାଳ ଜବର ଦାସ୍ତ ଏକ ବୋମା ବାହାରି ଗଲାଣି—ତା' ନାଁ 'ହାଇଡ୍ରୋଜେନ' ବୋମା । ଏହା ଯେଉଁଠି ପଡ଼ିବ, ଶହେ ମାଇଲ ଆୟତନରେ ଗଛପତର କଣି ଜୀବଜନ୍ତୁ ପୋକ ଜୋକ ସହିତେ ସବୁ ଛାରଖାର ହୋଇଯିବ । ଏହାପରି ବଡ଼ି ବଡ଼ି ଏପରି ଅସ୍ତ୍ର ବା ଧନେ ବାହାର ପାରେ ଯାହା ଗୋଟା ପୃଥିବୀକୁ ଜାଳି ଧ୍ୱଂସ କରିଦେଇ ପାରିବ । ଗୋଟିଏ ନ୍ୟୁଜସି ପର୍ଯ୍ୟନ୍ତ ଏତେ ଓ. ଓ. ଟି ଖରଚ କରିବା ଠାରୁ ହାଇଡ୍ରୋଜେନ ବୋମା କିଣିଲେ ଏକା ଥରକେ ମଶା ବାଇଲା ନିର୍ମୂଳ ହୁଅନ୍ତେ ନାହିଁ କି ?

ଆମ ମତରେ ଏହାକୁ ଡରିବାର କିଛି କାରଣ ନାହିଁ । କାରଣ ଆମେ ଗୋଟାଏ ଅକ୍ସିଜେନ ବୋମା ତିଆରି କରିଦେଲେ, ଦୁହେଁ ମିଳି ପାଣି ପାଚି ଗିଦେ ଯେ ଏକାଥରେ !

× + ×

ହାଇଡ୍ରୋଜେନ ବୋମାକୁ ଗୋଟିଏ ଦୈତ୍ୟ ଉଡ଼ିଆସି ଭାରତ ଉପରେ ପଡ଼ୁଛି— ମାତ୍ର ଫାଟିନାହିଁ । ଏ ବୋମା କିଏ ଯେ ପକାଇଲା ତା' ଜଣା ପଡ଼ୁନାହିଁ । ନରମାୟା ନାରାୟଣଙ୍କୁ ଗୋଚର ଆଉ ଆମେରିକାଙ୍କ ମାନ୍ୟ । ଆମେରିକାଙ୍କୁ ଗୋଚର ।

* * *

ଜଣା ଯାଉଛି ଯେ ନୂଆ ଭୋଟ ୧୯୫୧ ଜାନ୍ ଏପ୍ରିଲରୁ ଆରମ୍ଭ ହୋଇ ପାରେ । ପୁଣି ସେତେବେଳେ ଝାଣ ଖରା ଓ ବର୍ଷା ଯୋଗୁଁ ଭୋଟ ଦେବାରେ ଅସୁବିଧା । ଅତଏବ... ଯାହା କହନ୍ତି ଯେତିକି ଗଲେ ସେତିକି ଉଶ୍ୱାସ ! ଦେଖା ଯାଉ, ଫୁଲ କେତେ ଘୂରି ବୁଲି ଯାଉଛି ।

× × ×

ଓଡ଼ିଶାର କେତେ ଜଣ ଗଡ଼ଜାତ ରଜା ସରକାରଙ୍କୁ ରାଜ୍ୟ ଛାଡ଼ିଲା ବେଳେ ଯେଉଁ ସର୍ତ୍ତର କରିଥିଲେ, ସରକାର ତାହା ଭଙ୍ଗ କରିଛନ୍ତି ବୋଲି ବଡ଼ ଅଦାଲତରେ ମକଦ୍ଦମା ଦାଏର କଲେଣି ! ସରକାର ନାମରେ ଆଇନ ହୁଣ୍ଡିରେ ବିଚାର ହୁଏ ସତ—ମାତ୍ର ଆଇନକୁ ସୃଷ୍ଟି କରେ କିଏ ।

ନିର୍ବାଣ ଦୀପେ କିମୁ ତୈଳଦାନଂ !

× × ×



Digitized by srujanika@gmail.com



# ଜାଣିରଖନ୍ତୁ

ଶ୍ରୀ ଶ୍ୟାମଳ ମୋହନ ମିଶ୍ର

ଯେଉଁମାନେ ନିଜର ଜୀବନଟାକୁ ସୁଖ ସ୍ୱଚ୍ଛନ୍ଦରେ ସମ୍ମାନର ସହିତ ଅତିବାହିତ କରିବାକୁ ଚାହାନ୍ତି ସେମାନେ ଅନ୍ତତଃ ଏତିକି ଜାଣିରଖିବା ଉଚିତ ଯେ ନେତା ହେବାଠାରୁ ଆଉ କୌଣସି ପନ୍ଥା ନାହିଁ ଯାହା ସହଜ ଲବ୍ଧ ଆଉ ସମ୍ମାନପୂର୍ଣ୍ଣ।

ଆପଣମାନେ ମୋତେ ପ୍ରଶ୍ନ କରିବେ ବୋଧହୁଏ ଅତି ଉତ୍ସାହିତ ଭାବରେ ପ୍ରଶ୍ନ କରିବେ, ସତେ ?

ମୁଁ ଉତ୍ତରରେ କହିବି "ଆଜ୍ଞା ହଁ" ଆପଣ ସନ୍ଦେହ କରନ୍ତୁ ମୋତେ ପଚାରିଲେ "କିମିତି ? [illegible]—

ଆପଣମାନେ ଜାଣନ୍ତି ମନ୍ତ୍ରୀମାନେ ଗାଁକୁ ଗାଁ ଗସ୍ତ କରନ୍ତି। ସେଇମାନେ ଯେଉଁଠିକି ଯାଆନ୍ତି ସଭା ସମିତି ମନ ହୁଏ। ସହର ଭିତରେ କାରରେ ବସି ବସି ମନ୍ତ୍ରୀମାନେ ହୁଏତ ଛାଡ଼ନ୍ତି ମୋ ସେମାନେ ଯଦି ପଟି ଭୁଣ୍ଡ କଣ୍ଟା କଣ୍ଟା ନକରନ୍ତି ତେବେ ପଞ୍ଚବର୍ଷ ପରେ ମାଳ ହୋଇଯିବେ ନେତା ପ୍ରତିଦ୍ୱନ୍ଦ୍ୱୀ ଦଳ ମଣ୍ଡଳରେ ପଛରୁ ମଣ୍ଡଳରେ ଥରେ ଥରେ "ଜୟନ୍ତି" ଯେଉଁଠି ସଭା ସମିତି ମାନଙ୍କରେ ଆପଣ ହଜାର ହଜାର ଲୋକ "ଖାଲି ହଜାର ହେଲେ ହେବ ନାହିଁ ହେ, ହଜାରେ ହେଲେ ହେବ ନାହିଁ"

ଆପଣ ପୁଣି ପ୍ରଶ୍ନ କରନ୍ତୁ "ନେତା କେମିତିକୁ ହେବ" ଦୟା ଥାଇ ମୁଁ କହୁଛି ପଦ୍ମ ; ଆପଣମାନେ ହୁଏତ ଜାଣନ୍ତି ମନ୍ତ୍ରୀ କେବେ ପାଦରେ ଚାଲି ଚାଲି ଯାଆନ୍ତି ନାହିଁ, ସେମାନେ ଯାଆନ୍ତି ମୋଟରରେ। ଯେଉଁଠି ସଭା ଦେବାର ପାଖରେ ମୋଟରଟା ରହିବ ଆପଣ ଦୌଡ଼ି ଯାଆନ୍ତୁ, ମୋଟରର କବାଟଟା ଖୋଲନ୍ତୁ। ମନେ କରନ୍ତୁ ମନ୍ତ୍ରୀ ମୋଟରରୁ ବାହାରି ଆସୁଛନ୍ତି ଯଦି ସେ (ମନ୍ତ୍ରୀ) ଛୋଟିଆ କି ମୋଟିଆ ନୁହେଁ ନହେଲେ ତାଙ୍କ ଶରୀର ଭିତର ପରଜ ଶରୀର ଯଦି ଥାଆନ୍ତି ତେବେ ସାଙ୍ଗେ ସାଙ୍ଗେ ଉଚ୍ଚ ସ୍ୱରରେ, ବଢ଼ି; ହାତ ଜୋଡ଼ି ନମସ୍କାର କରନ୍ତୁ। ଯଦି ନେଇ ମନ୍ତ୍ରୀଙ୍କୁ କହନ୍ତୁ "ଥାଉ ଥାଉ ମୁଁ ଧରୁଛି ମୁଁ ଧରୁଛି! ଆସନ୍ତୁ ଆସନ୍ତୁ ଆପଣ ଏତେ କଷ୍ଟ କରି ଆମ ଗାଁକୁ ଆସିଲେ।

ମନ୍ତ୍ରୀ ମହୋଦୟ ସ୍ୱଭାବିକ ଭାବରେ ତୁମେ କିଏ ବୋଲି ପଚାରିବେ ଏବଂ ତୁମେ ଉତ୍ତର ଦେବ "ଦାସ ଦାସ ଦାସ" ଅନ୍ତତଃ— ଜୋଉଏଇ ପାଇଁ ମନ୍ତ୍ରୀ ଫେରନ୍ତି। ତୁମ ପାଖରୁ ପଇସା ସନ୍ତୁଷ୍ଟ ନହେଲେ ଜନମତ ଠାରୁ ବଞ୍ଚିତ ହେବେ ହୁଏ।

ମନ୍ତ୍ରୀଙ୍କର ତୁମ ପ୍ରତି ପ୍ରଶ୍ନ ହେବ "ତୁମେ କହୁଁଛ ଏତେ ଯେ ବରେ ହେଇଛ" ଉତ୍ତରରେ ମୁଁ କହୁଛି ତୁମର ଏଇ ସମୟ ଦୋଷ ଗାଁର କେଉଁ କାମ କରିବେ କିଏ? ସେମାନେ ଭାବିବେ, ତୁମ ସହିତ ମନ୍ତ୍ରୀଙ୍କର ସମ୍ପର୍କ ଅଛି। ଆଉ ଗୋଟିଏ କଥା ; ମନ୍ତ୍ରୀ ଯେମିତି ମୋଟରରୁ ଓହ୍ଲାଇବେ ପ୍ରଥମେ ତୁମେ ଯେମିତି ଜୟଧ୍ୱନି ଦେବ। ତାହାଙ୍କ ନାଁ ଲୋକ ମାନଙ୍କ ଭିତରେ ଥାଇ ଯଦି ତୁମେ ଜୟଧ୍ୱନି କର ତାହା ହେଲେ ତୁମେ ତୁମର ପ୍ରାଧାନ୍ୟ ଦେଖାଇ ପାରିବ ନାହିଁ।

ମନ୍ତ୍ରୀ ସଭା ମଣ୍ଡପରୁ ଗଲେ, ତୁମେ ତାଙ୍କର ପଛେ ପଛେ ଯିବ, ଗାଁର ବଡ଼

---

ବାର୍ତ୍ତା ବିଚିତ୍ରା ଆଲୋଚନା

ବ୍ରହ୍ମପୁରର ଅଠକ ବନ୍ଦୀ ଆଦିବାସୀ ଯୁବକଙ୍କ ପତ୍ନୀ ଉପ୍ର ଗ୍ରାମରୁ ସରକାର ତାଙ୍କ ଜନ ସମ୍ପର୍କ ବିଭାଗରେ ଚାକିରି ଯାଚିଛନ୍ତି। ସରକାରି ଏମିତି ଆଉ କେତୋଟି ବିଭାଗ ଖୋଲିଲେ ଅନେକ ନାରୀମାନେ ସରକାରଙ୍କ ରକ୍ଷିତା ହୋଇ ଯିବେ। ଓଡ଼ିଶା ସରକାର ଯଦି ଉପଯୁକ୍ତ ଗୃହାନ୍ତ ସେବେ ବିଭାଗ ମାନ ଖୋଲିବାର ସୂଚନା ଅଛି ଯଥା—ଜନ ସମ୍ପର୍କ ବିଭାଗ, ଜନ ସଂହାର ବିଭାଗ, ଜନ ଶୋଷଣ ବିଭାଗ, ଜନ ହରଣ ବିଭାଗ ବିଶେଷତଃ ଜନ ବର୍ଦ୍ଧନ ବିଭାଗ ଇତ୍ୟାଦି।

\+ +

ଓଡ଼ିଶାର ଲାଟ ମହୋଦୟ ଆସପଆଲି ସାହେବ କେଉଁଠି ଉଦ୍ଭାବନ କରିବାକୁ କହିଲେ କି ଓଡ଼ିଶାର ଲାଟକୋଠି ଦୁଇ ସ୍ତମ୍ଭ ହେବ ନାହିଁ ମନ୍ତ୍ରୀଙ୍କର ନୀତିଗତ ଭାଗୀରୁ ରକ୍ଷିତ ହୋଇଛି। ଅର୍ଥାତ୍ ଶ୍ରୀମାନ ପାଠକ ଶ୍ରୀମାନ୍ ଆବଦ ଆଲିଙ୍କ ନିକଟରେ ଅଧିକ ପଡ଼ିଛି। ମାତ୍ର କେବଳ ସେତିକି ନୁହେଁ— ଓଡ଼ିଶା ଲାଟ ଓ ପ୍ରଧାନ ମନ୍ତ୍ରୀ ଆପଣ ସବୁ ଘଟନା ବଡ଼ ଅନ୍ତରର। ଓଡ଼ିଶା ପ୍ରଦେଶ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେତେ ପ୍ରଧାନ ମନ୍ତ୍ରୀ ବା ଲାଟ ହେଲେଣି ତାହାର ପୁଅ ନାହିଁ ବା ଦାଦାର ନାଇ ନାହିଁ। ଏ ଅପୂର୍ବ ଘଟଣା ଯେଉଁ ଓଡ଼ିଶାର ଗୋପର ଫୁଲ ଉଠିଲା ପରୁ ନାହିଁ ଦୋ... ଦେଖିବା ଗଜ- କେଳାଙ୍କ ମଠ। ବାଲ୍ମୀକି ସଭା ଦେଖି ଯଦି ଦାଣ୍ଡକୁ ଏଣିକି ମନ୍ତ୍ରୀ ଓ ଲାଟ ହେବାକୁ ପ୍ରଥମେ ଉଦାର ଉପାଦାନ ସମ ଦରବାର ସୂଚନା ବନ୍ଦ ହେବ।

\+ + +

ହାଇଦ୍ରାବାଦ ବନ୍ଦ ଚଞ୍ଚିଅ ପାଇଁ ଯାହାଙ୍କର ଘଡ଼ିଆର ଗଳ୍ପ ତାଙ୍କୁ ଉଠନ୍ତି ଯବ ପୂରଣ ଦେଇ। ଯାହାଁ ପଣ୍ଡିତ ନେହେରୁ ମଧ୍ୟ ଖୁବ ବେଳ୍ ବେଳେ କହିଗଲେ। ମାତ୍ର ବର୍ତ୍ତମାନ ଅନେକ ଜାଗାରେ ସେଥିପାଇଁ ଆଉ ପ୍ରତିବାଦ ହୋଇଥିବାରୁ ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ମାତ୍ର ଆମ ଦେଶରେ କଥା ଅଛି—ଯେ ବାହା ହଇଲେ ବୋଇ ଖୁସି ଦଙ୍କା!

× ×

ବଜାରରେ ମାଛ ପେଷ୍ଟମ ତେଲ ଖାଇ ବହୁ ଦେଶ ଉପରେ ଭାରି ଲୋଭ ଓ ଉଦାସ ହେଉଛି ବୋଲି ଆମର ଚିନ୍ତିଶା। ଓଡ଼ିଶାରେ କୌଣସି ଝଗଡ଼ା ଜଣଙ୍କୁ ସୁନ୍ଦର ଦେଇ ଲବେ ତେବେ ଭରନ୍ତି ତେଲକୁ କହିବ ସେ ଶେଷ ଉତ୍ତରଦେଲେ ମନ୍ତ୍ର ବଳରେ। ସେ କଥା ବୁଝିଅ ଛଡ଼େ। ମାତ୍ର ସେ କରନ୍ତି ତେଲର କଳା ବଜାରର ପାପ ପଇସା ଯେଉଁ ଖଦର କଲଜାରେ ପଡ଼ିଲା—ସେ କଲଜା ଯିଏ ପଢ଼ି ବଞ୍ଚାଇବ ଆଉ ଜଳ ଉଦାର ବା ଶେଷ ହୋଇଥାଉ। ସେହେତୁ ନ ହେଉ— ନାଗଙ୍କିଆ ଓଡ଼ିଆ ଘୁଡ଼କ ଏଣିକି ଟଙ୍କାଏ ମୋଟ ଡାକ ବନ୍ଦିବେ।

\+ × +

—✻—

Digitized by srujanika@gmail.com

ପଢ଼ୁ ଲୋକମାନଙ୍କ ସହିତ ମନ୍ତ୍ରୀଙ୍କ ପରିଚୟ କରାଇ ଦେଉଛନ୍ତି, ତାହା ଉପରେ ପରିଚୟ ଜଣାଇବାକୁ ଚେଷ୍ଟା କରନାହିଁ । ଯଦି ସେପରି କର ତେବେ ତୁମେ ଆଉ ନେତା ହୋଇ ପାରିବ ନାହିଁ ।

"ସଭାରେ ସଭାପତି କିଏ ହେବ କହିଲ ?

"ତୁମେ ତୁମେ ତୁମେ"

ଯଦି ତୁମେ ଜାଣିପାରିଲ ଯେ ଆଉ ଜଣେ ତୁମ ପରି ବା ତୁମଠାରୁ ନେତୃକାମୀ ମଣିଷ ସଭାକୁ ଆସିଛି ଆଉ ସେ ସଭାପତି ହେବାକୁ ଇଚ୍ଛା କରେ ତେବେ ତୁମେ କଣ କରିବ ?

ଆରେ ଏତିକି ବୁଝିପାରୁ ନାହିଁ ପାଠକ ମାନେ ? ଖୁବ୍ ସରଳ ଉତ୍ତର "I propose…… …"

ଯଦି ଏହି କାମଟି ଆଉ କେହି ଜଣେ କରିଦେଉଛି ତେବେ ଦୁଃଖ କରନା ।

"I second"

ଏଇଆ ବି ଯଦି କିଏ କହିଦେଲା ତେବେ ଦୁଃଖ କରନାହିଁ । ଧୂଳିମଳି ହୋଇ ହସି ହସି ସଭାପତି ଗଳାରେ ମାଳା ଆଉ ସଭାପତି ଆସନ ବି ଦେଇ ଦେବ । ନେତୃତ୍ୱ ନେଉଛନ୍ତି ତେବେ ଖସ୍ ମନ୍ତ୍ରୀଙ୍କ ଗଳାରେ ପିନ୍ଧାଇ ଦିଅ ଆଉ ଦର୍ଶକଙ୍କ ନଜର ମୁଣ୍ଡିଆ ମାର । ମନ୍ତ୍ରୀ ନିଜ ହାତରେ ତୁମକୁ ନଉଠାଇବା ଯାଏଁ ତୁମେ ସେଇ ପାଦତଳେ ପଡ଼ିରହ । ତା'ପରେ ଆଉଗୋଟିଏ କଥା କହେ । ମନ୍ତ୍ରୀ ଯେତେବେଳେ କିଛି ଉଦ୍ଧୃତି—ପୂର୍ଣ୍ଣ ଭାଷଣ ଦେଉଛନ୍ତି ସେତେବେଳେ ସଭାସ୍ଥଳରେ ଛିଡ଼ାହୋଇ କରତାଳି ଦିଅ Here Here କହ ।

ମନ୍ତ୍ରୀ ଯଦି କିଛି ହସର କଥା କହନ୍ତି (Humour) ତେବେ ଜୋରରେ ହସ ।

ଆଉଗୋଟିଏ କଥା ଜାଣିରଖ । ମନ୍ତ୍ରୀଙ୍କୁ ଦେଖିବା ପାଇଁ ମନ୍ତ୍ରୀଙ୍କ ଚାରିଆଡ଼େ ଲୋକ ଭିଡ଼ହୋଇ ଥାଆନ୍ତି ।

ଆଉ ସେମାନେ ଯଦି ଛିଡ଼ାହୋଇ ଥାଆନ୍ତି ତେବେ ସେମାନଙ୍କୁ (କାହାକୁ ବାଧାଦେଇ କାହାକୁ ଭାଇ କହି) ବସାଇବାକୁ ଚେଷ୍ଟାକର । କାରଣ ଜାଣିରଖନ୍ତୁ ତୁମର ଏ ଜନତା ପ୍ରୀତି କାର୍ଯ୍ୟଟି ନିଶ୍ଚୟ ଯେମିତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରେ । ସବୁ ସଭା ସମିତିରେ ପେଣ୍ଡାଲରେ ବସିବାକୁ ଚେଷ୍ଟାକରିବା ଉଚିତ ! ଯଦି ଘଟଣାରେ ସଭା ସମିତି ହେଉଥାଏ ଆଉ ପେଟ୍ରୋମାକ୍ସ ଜଳୁଥାଏ ତେବେ ଥରେ ଥରେ ଦର୍ଶକମାନେ ହୋଇ ପେଟ୍ରୋମେକ୍ସର ଲିଭୁଥିବାରେ ଦମ ଦିଅନ୍ତୁ ବା ପିନ୍ କରନ୍ତୁ । ମାଇକ୍‌ର ଯଦି ଗଣ୍ଡଗୋଳ ହେଉଥାଏ ତେବେ ଅନ୍ତତଃ ମନ୍ତ୍ରୀଙ୍କ ଭାଷଣ ବେଳେ ମାଇକ୍ ତୁମ ନିଜ ହାତରେ ଏଡଜଷ୍ଟ କରିବାକୁ ଭୁଲିଯିବେ ନାହିଁ । ଆଉଗୋଟିଏ କଥା ସବୁରେ ଭୁଲିହେଉନାହିଁ । ଲୋକେ ଯଦି ପଛରେ ଗୋଳ କରୁଥାନ୍ତି ତେବେ ମାଇକ୍ ମାଧ୍ୟମରେ କହନ୍ତୁ

"ପାଟି କରନ୍ତୁ ନାହିଁ
ପାଟି କରନ୍ତୁ ନାହିଁ
ବସି ଯାଆନ୍ତୁ………"

ଯଦି ତୁମକୁ ସଭାରେ କିଛି କହିବାକୁ ପଡେ ଆଉ ତୁମର ନାଆଁ ଯଦି ମନ୍ତ୍ରୀଙ୍କୁ ଜଣାଇବାକୁ ଇଚ୍ଛା ହୁଏ ତାହାହେଲେ ଏମିତି କହିବେ

"ମୋର ପୂର୍ବ ବକ୍ତାମାନେ ଅନେକ କିଛି କହିସାରିଲେ ଆପଣମାନେ ଏ ଥର ଶ୍ରୀମାନ ଚାହିଁ ରହିଛନ୍ତି ମନ୍ତ୍ରୀଙ୍କ କଥା ଶୁଣିବାକୁ ଇଚ୍ଛା କରନ୍ତି । ମୁଁ ଧାଡ଼ିଏ ସୂଚାଇଦେଉଛି ଖାଲି ଏତିକି ଯେ ଗାଁ । ଲୋକଙ୍କ ସେବାରେ କମ୍ୟୁନିଷ୍ଟମାନଙ୍କୁ ମାରେ, ସୋସିଆଲିଷ୍ଟମାନଙ୍କୁ ଦମନ୍ତୁ ଏବଂ ଉତ୍ପାଦ…ଜାଣିରଖନ୍ତୁ ସବୁବେଳେ ଚେଷ୍ଟା କରିବେ ଯେମିତି ଆପଣଙ୍କ ଫଟୋ ମନ୍ତ୍ରୀଙ୍କ ସହିତ ବାହାରେ । ଯଦି ଫଟୋ ନେବାର ସୁଯୋଗ କମ ହୋଇଥାଏ ତେବେ ଖଦଡ଼ ପିନ୍ଧି ସଭାକୁ ଆସିଥିବା ଲୁଗା ଆଣ୍ଠୁ ନଛୁଇଁ ଥିବା ଉଚିତ ।

ସଭା ସାଙ୍ଗ ହେଲାପରେ ଆପଣ ସଭାପତିଙ୍କୁ, ମନ୍ତ୍ରୀଙ୍କୁ ଧନ୍ୟବାଦ ଦେବେ

ତା'ପରେ—

ସବୁଦିନ ସଭାସମିତି ହେବାର ସୁଯୋଗ ନଥାଏ ବିଶେଷ କରି ବର୍ଷା ଦିନରେ କାଦୁଅ ରାସ୍ତା ହେଉଥିବା ସମୟରେ, ଏମିତି ଦିନରେ କଣ ଆଉ ଗାଁକୁ ଯିବ ନା ସଭା କରିବ । ତାହେଲେ ଏଇ ଦିନମାନଙ୍କରେ ଖବର କାଗଜ ମାନଙ୍କରେ ଲମ୍ବା ଲମ୍ବା ବିବୃତି ଦେବା ।

ବିବୃତି ଦିଅ ଅବା ସମ୍ପାଦକ ପାଖକୁ ଚିଠି ଦିଅ । ଯଦି ବିବୃତି ଦିଅ ତ ହେଲେ ଲେଖିବ

"କମ୍ୟୁନିଷ୍ଟମାନେ ବିଭିନ୍ନ ସ୍ଥାନରେ ପ୍ରଚାର କଲେ ଲୋକେ ମୋ କଥା ଆଗ୍ରହ ସହିତ ଶୁଣୁଥାଆନ୍ତି"

ଯଦି ଲେଖିବାର ଅଭ୍ୟାସ ଥାଏ ତା'ହାହେଲେ ସମ୍ପାଦକଙ୍କ ପାଖକୁ ଦେଇ ପତ୍ର । "ଦେଶସେବା ଇତ୍ୟାଦି ଲୋକଙ୍କୁ ଧ୍ୟାନ ଲଗାଇବା ପାଇଁ ଗାନ୍ଧୀଙ୍କୁ ଗାନ୍ଧୀଙ୍କ ନୀତି ନୀତି ଉପଦେଶ ଦେଉଛନ୍ତି । ଅମୁକ ଗାଆଁରେ ସଭା ତମୁକ ଗାଆଁରେ ସମିତି କରି ପଣ୍ଡା ମହାଶୟ ଦେଶବାସୀ ଲଗାଇ ବୁଲାଇଲେ କିମିତି ଦେଶର ଅପକାର ହେବ ସେ ବିଷୟରେ ଗୋଟାଏ ସାରଗର୍ଭକ, ହୃଦୟସ୍ପର୍ଶୀ, ଉପଦେଶମୂଳ ଭାଷଣ ଦେଲେ, ଲୋକେ ପ୍ରତିଜ୍ଞା କଲେ ଯେ ସେମାନେ ଆଉ ଝୋଳ ଦ୍ୱାରା ହଳ ନବୁଲାଇ ବଳଦ ଦ୍ୱାରା ହଳ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି"

କଂଗ୍ରେସର ଯେ କୌଣସି ଶୁଭ ଦିନରେ ନିଜ ଗାଁ ସ୍କୁଲର ପତାକା ଉତ୍ତୋଳନ ତୁମେ ନିଜେ କରି ସମ୍ବାଦ ପତ୍ରରେ ଛପାଅ ।

ଏମିତି ଯଦି କର ତାହାହେଲେ ଅଳ୍ପ ଦିନ ଭିତରେ ତୁମେ ନେତା ହୋଇଯିବ । ଅନେ ଚେଷ୍ଟାକରି ଦେଖନ୍ତୁ ନା ଚେଷ୍ଟାକୁ ଫଳ ଲଭ୍ୟତେ ।



Digitized by srujanika@gmail.com



## ଅଣ୍ଡରଗ୍ରାଉଣ୍ଡ

ଶ୍ରୀ ସୁରେନ୍ଦ୍ର ମହାନ୍ତି

ନନ୍‌ସେନସ୍, ଶ୍ୟାମଳ ଦାଁ ପାଦର କାବୁଲୀ ସାଣ୍ଡାଲଟା କାଢ଼ି, ପାହାଚ ଉପରୁ ଗୋଟିଏ ଗୋଡ଼୍‌କୁ ପଥରରେ, ଜୋତା ତଳେ ଥିବା ଗୋଟିଏ କଣ୍ଟା ଉପରେ ଥୁଇ, ଟାଣିଆର ପିଟିଲେ । ସେଇଠିଁରୁ କେଇ ପରସ୍ତ ଚମ କାଟି ଗଲାଣି, ସେ କଣ୍ଟା ମୂନରେ, ନନ୍‌ସେନସ୍ ... ଶ୍ୟାମଳ, ହିଂସ୍ର ଝଡ଼ରେ ଦାନ୍ତ ଚିପି ଆଉ କେଇ ପାହାର କଣ୍ଟା ଉପରେ ବଜାଇ, ସେଗୋଡ଼ଟା ଛାଡ଼ି କାଢ଼ିକୁ ଧରି ବୋଲି, ... ଶେଷ ଅଜାଣତାରେ ଗୋଡ଼ଟି, ବାହୁର ଆଲିଙ୍ଗନ ଭିତରେ, ପ୍ରଥମର ବିହ୍ୱଳ ଚାନ୍ଦ୍ରଚୁର ଆଡି ପଡ଼ାପରି, ନନ୍‌ସେନସ୍, ପୁଣି ସେଇ କଣ୍ଟା, ମୁନିଆଁ ପ୍ରଥମାର ଚାନ୍ଦ୍ରଚୁର ଆଖିପତା କଣ୍ଟା ।

ସହରର ଗୋଟିଏର ଧୂଳିଆ ରାସ୍ତା, ବସ୍ତୀ ଅଞ୍ଚଳ, ଛାଡ଼ି ଛାଡ଼ି ହୋଇ କୁଲୀ ବସ୍ତୀ, ମେହେନ୍ତରର ବସ୍ତୀ, କେଟେ ବସ୍ତୀ, ମଝିରେ ମଝିରେ ଝୁପ ଝୁପକିଆ ଜଙ୍ଗଲ, ଭଙ୍ଗା କାନ୍ଥ ବାଡ଼ ଭୁଷୁଡ଼ି କାନ୍ଥ । ଫୁଟା ଚାଳ, ଛଣ ଓଲରା ଘର, କାଳିଆ କାଠି କାଠି ଲଙ୍ଗଳା ଧୂଳିଧୂସର ଛୁଆ । ହାଡ଼ ଭାଙ୍ଗ ହିଂସ୍ର କୁକୁର ହାଉ ହାଉ କରିଆ, ଖଟଲ ଧୂଳିଆ ବସ୍ତୀ ରାସ୍ତା, କୁତ୍ସିତ ଅବର୍ଜନା-ପୂର୍ଣ୍ଣ ବସ୍ତୀ ଉପରେ ଶେଷ ଅପରାହ୍ନର ଗୋଧୂଳି—ମ୍ଳାନ ଆକାଶ । କୋମଳ ଧୂସର ଆକାଶ, ପୁଣି କଣ୍ଟା, ଜୋତା ଭିତରେ ମୁନିଆ କଣ୍ଟା, ଆଗ ଚା ଦୋକାନରେ କୌଣସି ମତେ ଟେକି ହୋଇ ଛେଚେଇ ପକାଇ ପାରିଲେ ରକ୍ଷା । ଆଗରେ ଗୋଟିଏ ଭଙ୍ଗା କୋଠା, କେବେକାର ଶିଉଳି ବସା, ଘଡ଼ା—କାନ୍ଥ ଫାଟରେ ଓସ୍ତ ଗଛ ଉଠା କୋଠା । ପୋଷ୍ଟର, ସିନେମା ପୋଷ୍ଟର, ରାଜନୈତିକ ପୋଷ୍ଟର, ଔଷଧି ପୋଷ୍ଟର ଫୁଟବଲ ମ୍ୟାଚ ପୋଷ୍ଟର, ପୋଷ୍ଟରର ଆବରଣ ତଳେ, ପଡ଼ାରେ ଅଦୃଶ୍ୟ କାନ୍ଥ "ଏକ ନମ୍ବର ନେତା ଆସୁଛନ୍ତି" "ଦୁଇ ନମ୍ବର ନେତାଙ୍କର ହୀରକ ଜୟନ୍ତୀ" "ସିନେମାରେ ଦମର ମଉଳ" "ମଇଦାନରେ କ୍ରିକେଟ୍ ମ୍ୟାଚ୍" । "ଦୁଷ୍ଟ ଦାଦାନଙ୍କ" "ଅଖିଳ ଭାରତୀୟ ସମ୍ମିଳନୀ" "ଇନ୍‌କିଲାବ ଜିନ୍ଦାବାଦ୍" "ମୁସଲିମ ଲିଗ ଜିନ୍ଦାବାଦ୍" "ଏକନମ୍ବର ସରକାର ମୁର୍ଦ୍ଦାବାଦ୍" ଶ୍ୟାମଳର ଦେହ ଉତ୍ତେଜନାରେ ଶିହରି ଉଠିଲା, ମୁନିଆ କଣ୍ଟାର ଯନ୍ତ୍ରଣା ନାହିଁ ଆଉ । ଏକନମ୍ବର ସରକାର ମୁର୍ଦ୍ଦାବାଦ । ସୁନ୍ଦର ଗୋଲ ଗୋଲ ଅକ୍ଷର ବହଳ ନାଲି ସ୍ୟାହିରେ ଲେଖା, ଲଳିତାର ହସ୍ତାକ୍ଷର । ଲଳିତା ପଢ଼ୁଥିଲା, ସ୍ପଷ୍ଟ ଓ ସୁନ୍ଦର, ଆସନ୍ନ ସନ୍ଧ୍ୟାର ନିମୀଳିତ-ଚକ୍ଷୁ-ଆକାଶ, ବୃଦ୍ଧ ଅର୍ଦ୍ଧଫେନ ସେବୀ ତନ୍ଦ୍ରାକ୍ରାନ୍ତ ଆକାଶ । ମ୍ୟୁନିସିପାଲଟିର ବତୀ ବାଲ୍ବ କାଚରେ ଗୋଟିଏ ଗେଣ୍ଡୁଡ଼ୀ କରେ ଇଷ୍ଟିଂଗଲ୍ ପଛରେ କେତେଟା ବଡ଼ ମଶି ମଶି ଉଡ଼ି ଉଠିଲେଣି, ବସ୍ତୀର ଚା' ଦୋକାନ, ମୁଣ୍ଡରେ ମଙ୍କି କ୍ୟାପ୍, ଦେହରେ ଗଳାବନ୍ଦ ଛିଣ୍ଡା କୋଟ, ପରିଧାନରେ ଗାରଟଣା ଲୁଙ୍ଗୀ ମୁହଁ ଭଲ କରି ଧନୁନ ଝିହଁ, ଚା ଦୋକାନୀ ବସୁମଲ୍ଲ । ବସୁମଲ୍ଲାର ଅରକ୍ଷ ମାରପ ଢୋଉଣ୍ଡ ଭଣଜା ଇନ ଛୁଲ୍ଲ, ଗୋଟିଏ ପାଣ୍ଡ ବାଲ୍‌ଟି ଭିତରେ ଅଇଁଠା ବାସନ ଗୁଡ଼ା ଧୋଇଛି, ଛିଣ୍ଡା ପାଇଜାମା, ତତୋଧିକ ଛିଣ୍ଡା ଗେଞ୍ଜି, ଓଠରେ ଖଣ୍ଡେ ବିଡ଼ି, ଆଉ ତା ସାଙ୍ଗରେ ସିନେମା ଗୀତ, "ମେରେ ଗୁଲ୍ ଗୁଲ୍ ଗୋ ରହ ଦେ-" ସଲାମ ବାବୁ ବସୁମଲ୍ଲର ଦଲ୍‌ଦାଉଆ ଅଭିନନ୍ଦନ, ଏକ୍ କପ୍ ଚା' ବସୁମଲ୍ଲା ଧୂଆଁଳିଆ ଲଣ୍ଠନର କଳା କାଚ ପୋଛୁ ପୋଛୁ ଉନଚୁଲକୁ ଆଦେଶ ଦେଲା, ଏକ କପ୍ ଚା, ଇସ୍‌ପେସାଲ୍ ଚା, ଆଗ ମେହେନ୍ତର ବସ୍ତୀର କିଏ ଜଣେ ମେହେନ୍ତର-କାମରୁ ଫେରୁଛି ହୁଏତ ଦେହକୁ ଖାଲି କୋଟ, ଛିଣ୍ଡା ଜର୍ସିଆ ମୁଣ୍ଡରେ ଟୋପି, ଓଠରେ ଚିଙ୍ଗା, କଣ୍ଠରେ ପାଣି, ଜମ୍ପର୍, ଗ୍ଲାସ୍—ଜର୍ଜ ଚା, ବିଷମିଶ୍ରିତ ହୁଇସ୍କି ... ଆଉ ଇନକିଲାବ! ଇନକିଲାବ ଜିନ୍ଦାବାଦ୍ ଚା, ବାଟେ ଓଷ୍ଠ ଉନ୍ମୁକ୍ତ ଦୋକାନ ଟେବୁଲରୁ ଦାଗ ଲାଗିଛି ଏକ ମଇଳାରେ ଟିକି ଇନ କୁଳ ଦସ୍ତୁରେ ଚା ଢାଳି ଦେଲା । ମ୍ୟୁନିସିପାଲିଟି ବାତିଘରେ ସନ୍ଧ୍ୟା ବତୀ ଖୁଣ୍ଟରେ ନିଆଁ ଲଗାଇ, ବତୀ ଲଗାଉଛି, କାଳ ନାଟଯୁଗର ଉଦୟ, ଶହୀଦ୍ ଦିବସ, ସେଦିନ ବାଦାମ ହେବ ଶହୀଦ୍ । ବାଦୁଡ଼ିର ଘୁରି ପରି, ତାର ଅନ୍ଧାରେ ଗଢ଼ା ହେବ, ଗଣ-ଦେବତାଙ୍କର ପ୍ରଚଣ୍ଡ ବଜ୍ର, ନିଜ ପ୍ରତି ଶ୍ୟାମଳର ଭକ୍ତି ଜନ୍ମିଲା । ମ୍ୟୁନିସିପାଲଟି ବତିଖୁଣ୍ଟ ପରି, ଗଣଦେବତା ଖାତିର ସିଡ଼ିରେ ଚଢ଼ିବେ ଉପରକୁ । ତା ପରେ ଆଗାମୀ କରିବେ, ଗଣର ମୁଣ୍ଡ ଉପରେ ପାଦ ଲମ୍ବାଇ, ଆଗାମୀ ଦିନର ଧୂଳିରେ ଗଣ ପଡ଼ିବେ ତଳେ, ଭଙ୍ଗା ସିଡ଼ି, ପୁଣି ଆସିବେ ନୂଆ ଗଣଦେବତା, କାନ୍ଥରେ ସେଇ ଭଙ୍ଗା ସିଡ଼ି କାଟେଇ, ସୁବିଧା ପ୍ରସ୍ତରର ଯୁଗରୁ ସୃଷ୍ଟି—ଦୁଇଟି ବର୍ଗ ବଡ଼ଲୋକ, ଛୋଟଲୋକ । ସେ ଦୁଇଜଣଙ୍କ ମଝିରେ ମଝିମ୍, ଅନେକ ମଝିମଝିଆ ଲୋକର ଆକାଂକ୍ଷା ବଡ଼ଲୋକ ହେବା । ଛୋଟଲୋକର ସ୍ୱପ୍ନ, ଦୁନିଆଁ ହେଉ ଛୋଟଲୋକର ଦୁନିଆ ମଝିମଝିର ଲୋକ, ଛୋଟଲୋକର ଠିକାଦାରୀ ନେଇ ପୁରୁଣା ବଡ଼ଲୋକକୁ ତଡ଼ି ଦିଏ ନୂଆ ବଡ଼ଲୋକ । ପୁରୁଣା ମଝିଆଁ ଲୋକଙ୍କ ଜାଗାରେ ନୂଆ ମଝିଆଁ ଲୋକ ଆସି, ଆରମ୍ଭ କରନ୍ତି ପୁଣି ପୁରୁଣା ଠିକାଦାରୀ । ସବୁ ସ୍ୱପ୍ନର ସିଦ୍ଧାନ୍ତର ଉପସଂହାର । କିନ୍ତୁ ଆମର ସ୍ୱପ୍ନ ସେ ସିଦ୍ଧାନ୍ତକୁ ମିଥ୍ୟା କରିଦେବ । ଆମେ ଗଢ଼ିବୁ ନୂଆ ଦୁନିଆ । କିନ୍ତୁ ଆମେ କିଏ? ସ୍ୱପ୍ନର ଫେଣାର୍କ ତଳରେ ଅଟେଣ୍ଡ ପଥର ଦୁହା ଦୁର୍ଗ !

* ଗଳ୍ପଟି ସମ୍ପୂର୍ଣ୍ଣ କାଳ୍ପନିକ ଜୀବିତ କିମ୍ବା ମୃତ କୌଣସି ବ୍ୟକ୍ତି ସହିତ, ଏହାର କୌଣସି ସମ୍ପର୍କ ନାହିଁ । ଲେଖକ—



Digitized by srujanika@gmail.com

ନନ୍‌ସେନ୍‌ସ୍ । ପଶ୍ଚିମର ଦିଗନ୍ତରେ ଦିନର ଚିତା, ଲାଲ୍ ଚିତା, ଶ୍ୟାମଳ ପଇସା ଦେଇ ଦେଖି ଆସିଲା । ଆଉ ଅନ୍ଧକାର, ଟୁପୁଟୁପୁକିଆ ଜଙ୍ଗଲ ଭିତରେ ଖଦୀର କେବେଳର ପରିତ୍ୟକ୍ତ ଭଙ୍ଗା କୋଠା, ଭୁତକୋଠା, ବ୍ରହ୍ମରାକ୍ଷସ ଅଛି । ଗାଁଆଳି ଚିଲ୍ଲାଏ, ଯେତେବେଳେ ସୁଦ୍ଧା ଭୟ କରନ୍ତି, ତାର ସୀମା ମାଡ଼ିବାକୁ ଅସ୍ତର ଗ୍ରାମ୍ୟ, ସ୍ୱପ୍ନର ପ୍ରସୂତି-ଶାଳା ! ଲଳିତା—ଏଇ ସାମ୍ୟ ପ୍ରକୃତି ପରି ଦୁଇଆଖିରେ ତାର ସ୍ୱପ୍ନର ମଦିରତା, କୁଞ୍ଚିତ ଲଳାଟରେ ତାର ରାତିର ତନ୍ଦ୍ରା—ଲଳିତା ! ତୋଡ଼ାର ରଙ୍ଗାପରି ଲଳିତାର ଲଥ ଲୁଚିଯାଏ ଛାତିର କୋମଳ ପର୍ଦ୍ଦା । ଲଳିତା କିନ୍ତୁ ଏତେ ସୁନ୍ଦର କାହିଁକି ? ସୌନ୍ଦର୍ଯ୍ୟ ଗୋଟାଏ ସଲଫ୍ୟୁରିକ୍-ଏସିଡ୍ । ଦକ୍ଷିଣାର ମୂଲ୍ୟ ଦେଇ ସୌନ୍ଦର୍ଯ୍ୟର ସବୁ ସମ୍ପତ୍ତି ଶେଷ ହେବାକଥା । ତଥାପି ଏ ତିରିଶ ପାଖାପାଖି ବର୍ଷରେ ଲଳିତା ଏତେ ସୁନ୍ଦରୀ କାହିଁକି ? ବିନୋଦ, କମ୍ରେଡ୍ ବିନୋଦକୁ ଯଦି ସେ ଖୁନ୍ କରି ପାରନ୍ତା ! ହେଉନା ପଛେ ସେ ପାର୍ଟିବୁରୋର ନେତା, କାଲି ଶହୀଦ୍ ଦିବସ, ନଭେମ୍ବର ଦିବସ, ସେ ବି ଦିନେହେବ ଶହୀଦ୍ । କିନ୍ତୁ ଲଳିତା, କେବେ କେଉଁ ଅଳସ ଗୋଧୂଳିରେ, ତାର ସମାଧି ଉପରେ ରଖିବ କି ଅଚିହ୍ନିତାର ସ୍ତବକ ?

ମହମ ବତୀର ସ୍ନିଗ୍ଧ ଆଲୋକରେ, କମ୍ରେଡ୍ ବିନୋଦ ପଢୁଥିଲେ ସେକ୍ସପିଅରଙ୍କର ଅଥେଲୋ । ଝରକା ବାହାରେ ଜଙ୍ଗଲ ଉପରେ ନଇଁ ଆସିଲାଣି ସନ୍ଧ୍ୟାର ଅନ୍ଧକାର । ଶିଆଳ କେଉଁଠି ହୁକେ-ହୋ-ହୁକେ ଉଠିଲେ । ଅସ୍ତରଞ୍ଜା ଭସ୍ମର ଫ୍ରେମ୍‌ରେ ବିନୋଦଙ୍କର ମାର୍କସୀୟ ଦୃଷ୍ଟି କୋଣରୁ ସେକ୍ସପିୟର-ଙ୍କ ଡ୍ରାମାର ସମାଲୋଚନା ଏକ ନିଶା । ମୁହଁର ବାଁ ଫାଳଟା ପୋଡ଼ି ଯାଇଛି । ଥରେ ବୋମା ତିଆରି କରୁ କରୁ, ସେ ଦୁର୍ଘଟଣା ଘଟିଥିଲା, ଅନେକଦିନ ତଳେ । ସାମ୍ନା ପାଟିର ଦାନ୍ତଟା ଛମୁଦାନ୍ତ ଭଙ୍ଗା । ଛଦ୍ମବେଶରେ ବୁଲିବା ପାଇଁ ସେ ଦାନ୍ତ ଦିନେଟା ଭଙ୍ଗା ଯାଇଥିଲା ।

ଲଳିତା, ତାଙ୍କର ସ୍ତ୍ରୀ, ବିନୋଦ ଉତ୍ତେଜିତ କଣ୍ଠରେ ପାଠକରି ପଢ଼ୁଥିଲେ ।

"Well do it and be brief,
I will walk by
I would not kill thy unrepented spirit"

ଲଳିତା ହାତରେ ଗୋଟାଏ ବାଙ୍ଗଉଠା ଚା'କପ୍ ଧରି ଘର ଭିତରକୁ ପଶି ଆସୁଥିଲେ । ବିନୋଦର ଉତ୍ତେଜିତ କଣ୍ଠର ଆବୃତ୍ତିରେ, ଚା' କପ୍‌ଟି ହାତରୁ ଖସି, ତଳେ ପଡ଼ି ଚୂନା ହୋଇଗଲା । ବିନୋଦ ହୋ-ହୋ-ହୋଇ ହସି ଉଠିଲେ । ଫାଳେ ପୋଡ଼ା ମୁହଁରେ ବ୍ରହ୍ମରାକ୍ଷସର ହସ ।

ଲଳିତା ଅନୁଯୋଗ କଲେ—କେତେଥର ମନାକରିଛି ତମକୁ, ଅଥେଲୋ ମୋ ଆଗରେ ଅନ୍ତତଃ ବଡ଼ ପାଟିରେ ପଢ଼ିବ ନାହିଁ ବୋଲି ।

ବିନୋଦ ବକ୍ତୃତା ଆରମ୍ଭ କଲେ—ଏଥିପାଇଁ ଅଥେଲୋ ଚରିତ୍ରଟି ଲାଗି, ସେକ୍ସପିଅର ଚିରଦିନ ସ୍ମରଣୀୟ ହୋଇ ରହିବେ । ସମାଜରେ ପ୍ରତ୍ୟେକ ଇଣ୍ଟଲେକ୍‌ଚୁଆଲ୍ ଅଥେଲୋ ପରି ନିର୍ମମ, ଏକନିଷ୍ଠ ହେବା ଉଚିତ ତାହେଲେ ଯାଇ ଆମର ସ୍ୱପ୍ନ ସଫଳ ହେବ । ତମେ ହାମ୍‌ଲେଟର ପ୍ରଶଂସା କର ଏତେ । କିନ୍ତୁ ହାମ୍‌ଲେଟ ଷଣ୍ଢୁଷ୍ଟ ବୁର୍ଜୋୟାର ମାନସିକ ଦାରିଦ୍ର୍ୟ ଓ ସାଂସ୍କୃତିକ ଅପଭ୍ରଂଶର ଘୃଣ୍ୟ ପ୍ରତିମୂର୍ତ୍ତି!—ମୋତେ ଭଲଲାଗେ ରାତିର ଅନ୍ଧାର, ନୋହିଲେ ଭଲଲାଗେ ବୈଶାଖ ମଧ୍ୟାହ୍ନର ରୌଦ୍ର ! କିନ୍ତୁ ଘୃଣା କରେ ମୁଁ To be or not to be—ପଶ୍ଚିମର ଦିଗ୍‌ବଳୟରେ ଏ ନୁହେଁ ଅନ୍ଧାର ନୁହେଁ ଆଲୁଅ ।

ବିନୋଦ ପୁଣି ପଢ଼ିଲେ…No Heaven forbid…ଲଳିତା ଚାଲିଗଲେ, ଆଉ କପେ ଚା' କରିବା ପାଇଁ । ଚଟାଣ ପଡ଼ ଭଙ୍ଗା ପୋର୍ସିଲେନ୍ । ଭିତରକୁ ପଶି ଆସିଲା ଶ୍ୟାମଳ । ବିନୋଦ ବହି ଉପରୁ ମୁହଁ ଉଠାଇ କହିଲେ … ଏଇ ଯେ ଶ୍ୟାମଳ ! ତାଲା ପାଇଁ ସବୁ ପ୍ରସ୍ତୁତ ତ ? କାଲି ହିଁ ଏତ ଏକ ରକ୍ତସ୍ନାନର ସାକ୍ଷୀନ ହେବା ପାଇଁ ପଡ଼ିଆରେ, ଅନ୍ୟମାନେ ସେଥି ପାଇଁ ତିଆରି ତ ?

ଶ୍ୟାମଳ, କ୍ଳାନ୍ତ ଭାବରେ ପାଦରୁ ଜୋତା ହଲଟା ଟାଣି, ବିନୋଦ ପାଖରେ ବସି ପଡ଼ି କହିଲା …ସମସ୍ତେ ପ୍ରସ୍ତୁତ । ସହରର ସବୁ ପ୍ରଧାନ ପ୍ରଧାନ ରାସ୍ତା ଦେଇ ଏକ ବିରାଟ ପଟୁଆର ବାହାର କରିବା ପାଇଁ ସବୁ ଉଦ୍ୟମ ହୋଇଛି । କିନ୍ତୁ ଅନୁମତି ପୁଲିସ୍ ଠାରୁ ମିଳି ନାହିଁ ।

ବିନୋଦ କହିଲେ … ବେଶ୍ ତ, ଗୁଳି ଚାଲୁ, ଲାଠି ଚାଲୁ, ପୁରୁଣା ନ ଭାଙ୍ଗିଲେ ନୂଆ ଗଢ଼ା ହେବ କିପରି ?

ତା ପରେ ଲଳିତାଙ୍କ ଉଦ୍ଦେଶ୍ୟରେ ବଡ଼ ପାଟି କରି କହିଲେ …ଦୁଇ କପ୍ ଚା' ।

କିଛି ସମୟ ପରେ ଲଳିତା ଆସିଲେ । ଦୁଇ ହାତରେ ଦୁଇ କପ୍ ଚା', ସମୁଦ୍ର ମନ୍ଥନ-ଉତ୍ଥିତା ଲକ୍ଷ୍ମୀ, ଗୋଟିଏ ହାତରେ ବିଷ, ଆଉ ଗୋଟିଏ ହାତରେ ଅମୃତ, ନାଁ-ନାଁ ମୋତେ ବିଷ ଦିଅ, ଗରଳ ଦିଅ ଲକ୍ଷ୍ମୀ ! ଶ୍ୟାମଳ ଚଞ୍ଚଳ ହୋଇ ଉଠିଲା ଓଠରେ ଚପା ହସ ଖେଳାଇ ଲଳିତା ପଚାରିଲେ…କି କମ୍ରେଡ୍ ! କାହିଁକି ତମର ପରୀକ୍ଷା ! ଶ୍ୟାମଳ କମ୍ପିତ ଥର ଥର ହାତରେ ଲଳିତାଙ୍କ ହାତରୁ ଚା' କପ୍‌ଟା ନେଇ ଓଠ ପାଖରେ ଧରିଲା । ତମେ ସେମିତି ହସ କାହିଁକି ଲଳିତା ? ସବୁ ଓଠରେ ଚପା ହସ । ଦାର୍ଜିଲିଙ୍ଗ ଚା', ଚମତ୍କାର ସୁସ୍ୱାଦୁ । ମୂର୍ତ୍ତିମତୀ ପୃଥିବୀ ତମେ ଲଳିତା ! ଅଫଳନ୍ତ ସରପ୍ଲସ୍ ଭାଲ୍ୟୁ, ଜମା ହୋଇ ରହିଛି ତମର ଦେହ ଦେହ, ତମର ଚମ୍ପାଙ୍ଗୁଳି, ତମର ନାଲି ନାଲି ଟୁକୁଟୁକୁ ପତଳ ଓଠ, ତମର କୁଞ୍ଚିତ କବରୀ, ତମର ବଙ୍କିମ ଭ୍ରୂଲତା ଦ୍ରୁ ଉନ କବାଡ଼ର କନିକ ପରି ତମକୁ ଆଲିଙ୍ଗନ ଭିତରେ ଯଦି ହତ୍ୟା କରି ପାରନ୍ତି ! ତମର ଶଙ୍ଖଧବଳ ଗ୍ରୀବା ଯଦି ମୋର

(୯ପୃଷ୍ଠା ଶେଷ ଦେଖନ୍ତୁ)

* ଟେଟନାଟସ୍କାର ଉପରେ ଏକମ ଭଗ୍ୟାଭ ଦଂଶନ ଦଳଚଷ ହାମ୍‌ଲେଟ ନାଟକରୁ ଉଦ୍ଧୃତ ଅଂଶ । ଲେଖକ—

# ମିଠାକଣ୍ଡା

## କଳାପୋତେଇର ରାଜ

ଲେଖକ—ଶ୍ରୀନିବାସ ମିଶ୍ର ବି, ଏ

ଯାହାକୁ ଇଚ୍ଛା ତାକୁ ପଚାର—'ଆପଣ ଦିନକୁ କେତେ ଥର ଖାଆନ୍ତି କି କେତେଥର ଦିନକୁ ପାଇଖାନା ଯାଆନ୍ତି'—ସେ ନିଶ୍ଚୟ ଅନ୍ତତଃ ଥଙ୍ଗ ଥଙ୍ଗ ହୋଇ ଭାବିଚିନ୍ତି ଉତ୍ତରଟା ଦବ। କିନ୍ତୁ 'କଳାପୋତେଇ ଆପଣଙ୍କ ଆଡ଼ କି ମତ ?' ବୋଲି ପଚାରିଲେ ନ ସରୁଣୁ ଅନର୍ଗଳ ଉତ୍ତର ଶୁଣିବାକୁ ପାଇବ। କି ଶୁଭ ମୁହୂର୍ତ୍ତରେ ଏ ଶବ୍ଦଟାର ସୃଷ୍ଟି କେଜାଣି ଏ ନାଁଟା ଧନୀ ଗରୀବ, ଛାତ୍ର, ଶିକ୍ଷକ, ହାକିମ ହୁକୁମା ବେପାରୀ, ସେଠ, ଘଇତା ମାଇପ କାହାରି ଅଜଣା ଏ କଥା ନୁହେଁ। ରାଧାନାଥ ବଞ୍ଚି-ଥିଲେ ବୋଧେ ଗାଇଥାନ୍ତେ।

'ଧନ୍ୟ କଳାପୋତା ଜନ୍ମ ଶୁଭକ୍ଷଣେ-
ପରିଚିତ ତୁମେ ସବୁରି ଭବନେ।'

କିନ୍ତୁ କଳାପୋତେଇର ଜାତି କୁଳ ପ ବିଶ୍ଳେଷଣ କଲେ ଦେଖାଯିବ ଏ କଥାଟା କିଛି ନୂଆ ନୁହେଁ। ଇତିହାସ ବହି ଖୋଲି ଦେଖିବ କାଳପାହାଡ଼ ଯେତେବେଳେ ଲୁହର ବାଡ଼ ଭଙ୍ଗି ପୁରୀ ମନ୍ଦିରରେ ଜଗନ୍ନାଥ ହାଡ଼ ଚୂନା କରିବାକୁ ଆସିଲା ସେତେବେଳେ ମୁକୁନ୍ଦ ଦେବଙ୍କ ପାଟରାଣୀ ସୁବର୍ଣ୍ଣ ଥାଳରେ ହାଗ କଳାପୋତେଇ ଯାଚିଥିଲେ। ସେମିତି ସୋମନାଥ ମନ୍ଦିର ଭାଙ୍ଗି ଯେତେବେଳେ ମାମୁଦ ଦେବତାଙ୍କ ମୁଣ୍ଡ ଗୁଣ୍ଡା କରିବାକୁ ବସିଲେ ସେତେବେଳେ ପଣ୍ଡାମାନେ ତାଙ୍କୁ ମଣ୍ଡା ପିଠା ଯାଚିଥିଲେ ଏବଂ ଦକ୍ଷିଣା ସ୍ୱରୂପ ହୀରା ମୁଣ୍ଡା ଲୋଭ ଦେଖାଇଥିଲେ। ମାମୁଦ ଏବେ କେଉଁ ସିଃ ଆଇଃ ଡ଼ି ଭନ୍ଦରେ ହଉ କି ନିଜ ବିବେକ ବଳରେ ହଉ ସେ କଳାପୋତେଇକି ଲୁଆଡ଼େ ପ୍ରତ୍ୟାଖ୍ୟାନ କରି ତାଙ୍କର ଦେଖିଲା କାମ କରି ଚାଲିଗଲେ। ରାଜନୀତି ବା କୂଟନୀତି କ୍ଷେତ୍ରରେ ସିମିତି କଳାପୋତା ଜବର ଥିଲା। ଆଗ ଯୁଦ୍ଧ ବେଳେ ଇଂରେଜ ସରକାର ବିପଦ-ଗ୍ରସ୍ତ ଥିବାବେଳେ ଆମକୁ ନେହୁରା ହେଲେ 'କଳାପୋତେଇ ସ୍ୱରୂପ ଆମେ ଭାରତ ଶାସନକୁ ତୁମ ହାତରେ ଛାଡ଼ିଦବୁ, ଆମକୁ ଧନ, ଜନ ଯୋଗାଇ ଦେଇ ଯୁଦ୍ଧରେ ଜିତେଇ ଦିଅ।' କିନ୍ତୁ ଶେଷକୁ ଆମ୍ବ ଖାଇ ସାରିଆ ପୋପଡ଼ ଆମ ମୁଣ୍ଡ କଣା କଲେ। ମୂଳଟା ଫେଲପଣ ଆମରି ଆଡ଼୍। କଳାପୋତା ଆଗ ହାସଲ କରି ପରେ କାର ବାର କରିବା ଶାସ୍ତ୍ର କହୁଛି।

ଏମିତି କେତେ ଉଦାହରଣ ପୁରାତନ ଇତିହାସ, ରାଜନୀତି, ପ୍ରେମନୀତିରେ ଖାଲି ନୁହେଁ ପୁରାତନ ରାଷ୍ଟ୍ରଯୁଦ୍ଧ, ଦ୍ୱନ୍ଦ୍ୱ ଯୁଦ୍ଧ, ପ୍ରେମ ଯୁଦ୍ଧ, ହାସ୍ପିଟାଲ ଯୁଦ୍ଧ, ଗେରସ୍ତ ହର୍ଷା ଯୁଦ୍ଧ ସବୁଥିରେ କଳାପୋତେଇର କାମନା

( ୧୦ ପୃଷ୍ଠା ଦେଖନ୍ତୁ )

( ୮ ପୃଷ୍ଠାର ଅବଶିଷ୍ଟାଂଶ )

ଆଙ୍ଗୁଳିର ସ୍ପର୍ଶରେ କେଳୀ ହୋଇ ଉଠନ୍ତା ! ଗରମ ସ୍ପର୍ଶ ଦେହରେ ତାଳ ହୋଇଗଲା, ଲଳିତା କହିଲେ...ତେବେ ଆସ ଶ୍ୟାମଳ, ମୁଁ ଆଗରେ ଯାଉଛି।

ଲଳିତାଙ୍କ ଓଠରେ ସେଇ ଚପା ହସ ଲହରା ଉଠିଗଲେ, ଶ୍ୟାମଳର ସ୍ପର୍ଶ ସରିଗଲା, ବିନୋଦ କହିଲେ—ତମେ ଯାଅ ଶ୍ୟାମଳ, କାଲି ପାଇଁ କମ୍ରେଡ୍ ଲଳିତା, ତମକୁ କେତେକ ଉପଦେଶ ଦେବେ।

ଶ୍ୟାମଳ ଉଠିଗଲା। କାଲି... କାଗଜର ହରଫରେ ଲେଖା ରହିବ, ବିପ୍ଳବର ଇତିହାସରେ ବିଜୟୀ ଶ୍ୟାମଳର ଗଳାରେ, ଲଳିତା ଲମ୍ବାଇଦେବ ସ୍ୱୟମ୍ବରର ମାଳା... ଅପରାଜିତାର ମାଳା ସେ ହେବ ସ୍ମରଣୀୟ ସେ ହେବ ବରଣୀୟ, ସେ ହେବ ଶହୀଦ୍ !!

ଭଙ୍ଗା କୋଠା ପଛରେ ସେଇ ଯେଉଁ ବେଦୀଟା। ବୁଢ଼ା ବର ଗଛ ତଳେ, ବାଦୁଡ଼ି ଗୁଡ଼ା ଚାଁ ଚାଁ କରି ବର ଫଳ ଖାଉଛନ୍ତି, ବେଦୀ ଉପର ତଳ ଛାୟାଳିତ ହୋଇଛି, ବର ପତ୍ର ଛଣା ଜ୍ୟୋତ୍ସ୍ନାରେ, ଲଳିତାଙ୍କ ପାଖରେ ଶ୍ୟାମଳ ବସି ପଡ଼ିଲା।

କେଉଁଠୁ କି ଗୋଟାଏ ନାଁ ନଜଣା ଫୁଲର ଗନ୍ଧ ପବନରେ। ଶ୍ୟାମଳ ଗୋଟିଏ ଗଦା କବିତାର କଥା ମନେ ମନେ ଭାବୁଥିଲା, ତଳର ପୃଥିବୀରେ ଆଜି ଚାନ୍ଦ ଝର୍ଣ୍ଣିଳିତ ଜ୍ୟୋତ୍ସ୍ନା—ଅଣ୍ଡା ଫ୍ରାଇ ଉପରେ, ଲୁଣ ଓ ଗୋଲମରିଚ ଛିଞ୍ଚା ପରି, ଆସ ବଧୂ... ଆସ ପ୍ରିୟତମ।

ଲଳିତା ଶାଢ଼ୀ ଭିତରୁ କେତେଟା ହାତବୋମା କାଢ଼ି କହିଲେ...ସାବଧାନରେ ଏଗୁଡ଼ା ଲୁଚାଇ ରଖ କମ୍ରେଡ୍ ! କାଲି ଦରକାର ଆସିବ।

ଶ୍ୟାମଳ ଥର ଥର ହାତରେ ସେ ବୋମା ଗୁଡ଼ା ଲୁଚାଇ ଦେଲା, ଦେହର ପରିଚ୍ଛଦ ଭିତରେ।

ଲଳିତା ଉଠୁ ଉଠୁ କହିଲେ...ତେବେ ଆଉ ଡେରି ନକରି ଚାଲି ଯାଅ କମ୍ରେଡ୍, ବେଶୀ ଡେରି ହେଲେ, ପୁଲିସ କାବୁଡ଼ାରେ ପଡ଼ିବା ଅସମ୍ଭବ ନୁହେଁ, ଲଳିତା ଚାଲିଗଲେ।

—( ତିନି )—

ଖାଲି ପ୍ଲାଟଫର୍ମର ଗନ୍ଧ, ଦିହ ସାରା ଯେପରି କିଏ ଜଳୁଛି ! ଆଇଓଡିନ୍, ମୁଣ୍ଡରେ ଗୋଟାଏ ପ୍ରକାର ବାଣ୍ଡେଜ୍ ! ଆଉ ଆଃ ଶ୍ୟାମଳ ଟାକୁ ରକ୍ତ ଉଠିଲା। ବେଆଇନ ଶୋଭାଯାତ୍ରା। ପୁଲିସର ଲାଠି ଚାର୍ଜ ! ଦୁଇଟା ବୋମ ଫୁଟିଲା। ତାପରେ ଗୁଳି ଚାର୍ଜ, ତାପରେ ଆଉ ଶ୍ୟାମଳର ମନେ ନାହିଁ କିଛି ! ଉଃ-ନିଶ୍ୱାସ ନେବାକୁ କେତେ କଷ୍ଟ ଛାତି ଭିତରେ କିଏ ? ଯେମିତି ହାତୁଡ଼ି ପିଟୁଛି ଅହରହ ସରୀସୃପ ପରି, ଶ୍ୟାମଳ ବିଛଣା ଉପରେ କେଇଥର ମୋଡ଼ି ହୋଇଗଲା। ମୁଁ ହେବି ଶହୀଦ୍। ବରଣୀୟ, ସ୍ମରଣୀୟ, କିନ୍ତୁ କାହିଁ ଲଳିତା ? କାହିଁ ସ୍ୱୟମ୍ବରର ମାଳା ? କାହିଁ ଅପରାଜିତାର ମାଳା ? ଶୁଣିବ ଯଦି ଲଳିତା ଶ୍ୟାମଳ ମରିଚି ହସ୍ପିଟାଲରେ ଗୁଳିମାଡ଼ ଖାଇ ଅଭିନୟ କରି ହେଉଥିବେ, ନୟର ସେ ନୀଳୋତ୍ପଳ ଆଖିରେ ଫୁଟାଇବ ଦୁଇବୁନ୍ଦା ଲୁହ ଓଃ ! ଚିନ୍ତାଟା କିଏ ଯେପରି ବଜ୍ରମୁଷ୍ଟି ଭିତରେ ଚାପି ଧରୁଛି ! ମୃତ୍ୟୁ, ଇତିହାସହୀନ, ଅଶ୍ରୁହୀନ, ଅକରୁଣ ! ଆଃ-ଶ୍ୟାମଳର ବିକଟ ଚିତ୍କାରରେ ହସପିଟାଲଟା ଥରି ଥରି ଉଠିଲା। ନିଦ ମଳ ମଳ ଆଖିରେ ସିଷ୍ଟର ଧାଇଁ ଆସିଲା।

ଧଳା ଚାଦରଟା ଟାଣି ଦେଲା, ଶ୍ୟାମଳର ଶେତା ପାଣ୍ଡୁର ମୁହଁ ଉପରେ।



Digitized by srujanika@gmail.com

କହୁଛନ୍ତି । ପୂର୍ବ ଯୁଗରେ ମଧ୍ୟ କଳା-ପୋଡ଼ୋଇଲ ହାତ ଅଳାଇ ବନ୍ଦର ରକ୍ଷିତ । କୃଷ୍ଣଙ୍କ ଠାରୁ କଳଙ୍କିତ କଳାପୋଡ଼ା ଆଉ କଏ ସେ ଯୁଗରେ ପ୍ରେମର ପଟେ ପଢ଼ୁ-ନାହଁ । ଧାମ, ଶ୍ରୀ, ଲକ୍ଷ୍ମୀ ଲକ୍ଷ୍ମୀ ପଇଁଠାରେ ଯଶୋଦାଙ୍କ ଡେଲି ଦିନରେ, ସଂସାରର ଗଡ଼ ଉନ୍ନିଶିଠାରେ, ଗୋପୀମାନଙ୍କୁ ପ୍ରେମ କରିଥିବେ— ଗାନ୍ଧୀ ମାତୃ କଥା, ସେମାନେ ନ ହୋଇଲେ ତଇଁଶୀ ଖଣ୍ଡ ପୂର୍ବ ମଟ୍ଟକୁ ନିକେଦମ୍ କରିଦେବେ ।

କଳାପୋଡ଼ାଙ୍କର ଏଥିରୁ ବିଗତ ଇତିହାସର ସ୍ପଷ୍ଟ ଚକଶ କଲ୍ପିବାଲେ ମାନେ ଯେ ଏଯାବତ୍ ତାହାଙ୍କ କାର୍ଯ୍ୟକ୍ରମ ଚଳି ଏବଂ ଏତେ ମଧ୍ୟ ଶିବ ଯେପରି ସ୍ୱୋଗରେ ଗୃହୀତ ଏ ଦେଶଅହେ ଁ ଆଉ ଅସ୍ୱୀକାର କରି ହବାନା । କଳାପୋଡ଼ାଙ୍କର ସହିତ ଏବଂ ତାଙ୍କ ଦଳମାନେ ଗୋଟିଏ ଦୃଢ଼ ସରକାର ଗଢ଼ିବା ମତଲବରେ ଥିଲେ । ସେମାନେ ଦହିଦାନ ଏବଂ କାଏ ଅସ୍ତ୍ରର ପ୍ରାଚୁର୍ଯ୍ୟ-ରେ, କାଏ ମିତ୍ର ଶୈଳୀ, କାଏ ଛାତ୍ରଙ୍କଠାରେ ଛାପି ଛାପି ତାଙ୍କ ଅନୁଷ୍ଠାନକୁ ଦୃଢ଼ କରିବାରେ ଲାଗି ପଡ଼ିଥିଲେ । କିନ୍ତୁ ଶତ୍ରୁ ଅନୁଷ୍ଠାନ ବାଲେ ବାହାରକୁ ବାହାର ପଡ଼ିଲେ ସାଙ୍ଗେ ସାଙ୍ଗେ କ୍ୟାନ୍ ହେବେ କମ୍ପା କରିବାରେ ରହିବେ ଏହି ଭିତରେ ଲୁଚି ଲୁଚି ଚଳିବା କଥା । ବର୍ତ୍ତମାନ ପାଟି ଖାଇ ପିଇ ଟିକିଏ ଦମ୍ଭିଲା ହେବାରୁ ଯାତ୍ୟାପି ସଂଗ୍ରାମ କରି ବର୍ତ୍ତମାନର ସରକାର ହଟାଇ Semi-Govt. ବା ପ୍ରତିଦ୍ୱନ୍ଦ୍ୱୀ ସରକାର ଗଢ଼ିବାରେ ବଦ୍ଧପରିକର । ଏତେ ଦିନ ବାସ୍ତାରକୁ ବାହାର ଅଧିକାରୁ ଏବଂ ପ୍ରତ୍ୟକ୍ଷ ସଂଗ୍ରାମରେ ଯୋଗ ଦେଇ ଲକ୍ଷ ହାସଲ ଦଗରେ ଗଛ କଲରୁ ଲୋକେ ଚହିଁଲେ ଓ ଜାଣିଲେ । ସେଥିପାଇଁ ଆଜି ଏତେ ବିଖ୍ୟାତ ବିଶ୍ରୁତ ଓ ବିଜୟୀ । ଏଥିପାଇଁ ସରକାର ଟିକିଏ ସେମାନଙ୍କ ପ୍ରତି ନିର୍ମମ ହେବାର ଜଣାପଡ଼ୁଛନ୍ତି । ସେଦିନ ପଣ୍ଡିତ ନେହେରୁ କହୁ କହୁ ରାଗିଯାଇ କହିଲେ ଯେ କଳା-ପୋଡ଼ାଙ୍କୁ ଯେଉଁଠି ପାଉଛ ନିକଟସ୍ଥ ଗଛ ମୂଳରେ ବାନ୍ଧି ଲୋକଙ୍କ ସାମନାରେ ପିଟ ! ଏବେ ସ୍ପଷ୍ଟ କହିଲେଣି ଯେ କଳା-ପୋଡ଼ାଙ୍କ ସଂପତ୍ତି ସରକାର ବାଜ୍ୟାପ୍ତ କରି-ନେବେ । ଏହା ଉଗ୍ରାନ୍ଦିରେ ସରକାର କେତେ କଳାପୋଡ଼ାଙ୍କୁ ଧରି କାହାକୁ ଜେଲ୍, କାହାକୁ ଜୋରିମାନା, କାହାକୁ ଯେ କେତେ ଓ୍ୱାରିଣ୍ସ କଲେଣି ସେ କଥା ଯେ ସବୁ ଦିନେ ନିକାଟି କରି ଖବର କାଗଜ ପଢ଼ୁଥିବ ସେ କହିବ ।

କିନ୍ତୁ ପ୍ରଶ୍ନ ଉଠିପାରେ—ସରକାର ଅନ୍ୟ ଦଳପ୍ରତି ଏତେ ନିଷ୍ଠୁର ହେବାର ତ ଜଣାପଡ଼ୁନାହିଁ, ଯାଙ୍କ ଉପରକୁ କାହିଁକି ଏତେ ନିଆଁ ଦାଣ୍ଡ ? ତାର ଉତ୍ତର ଭାରି ସହଜ । ସୋସାଲିଷ୍ଟ ବାଲା କହୁଛନ୍ତି ଆମେ ତୁମ ସାଙ୍ଗରେ କାମ କରିବୁ । କିନ୍ତୁ ଗୋଟିଏ ସରକାର ବିରୁଦ୍ଧ ଦଳ ଗଢ଼ିବା ଆମର ମତଲବ୍ । ତେଣୁ ସେ ସରକାରଙ୍କର ଏକପକ୍ଷେ ଭଲ । କମ୍ୟୁନିଷ୍ଟବାଲା କହୁଛନ୍ତି ଆମେ ସରଗରୁ ଚାନ୍ଦ ଆଉ ଚୁପଅରୁ ଖଜା ଆଣି ଦେଶବାସୀଙ୍କୁ ଏକା ରାତିକେ ରଜା ବନେଇ ଦବୁ । ସେଥିପାଇଁ ପଣ୍ଡିତ ନେହେରୁ କହିଲେ, 'stupidest party' ଅର୍ଥାତ୍ ଅତି ବୋକ୍‌କ ଦଳ । କିନ୍ତୁ କଳାପୋଡ଼ା ବାଲା ଏକବାର ଏସରକାରକୁ ନିକାଲି ପ୍ରତିଦ୍ୱନ୍ଦ୍ୱୀ ସରକାର ଗଢ଼ିବା ପାଇଁ ହମହମ । ଏଥିପାଇଁ ସେମାନେ ସରକାରଙ୍କର ଚକ୍ଷୁଶୂଳ ।

ପାର୍ଟିଟିଏ ଗଢ଼ାହେଲେ ତ ତାକୁ ଦୃଢ଼ ଭାବରେ ପ୍ରତିଷ୍ଠା କରିବା ପାଇଁ କେତେ ଶାଖା ପ୍ରଶାଖା ତା'ର ଭିତରେ ମେଲିଦିଆ ହୁଏ । ଗୋଟାଏ ଦଳରେ ସର୍ବୋଦୟ ସଙ୍ଘ, ପଡ଼ୃର ସମିତି, ମେହେନ୍ତର ସଙ୍ଘ, ପ୍ରଜା ସଙ୍ଘ, ରଜାସଙ୍ଘ, ସଂକୀର୍ତ୍ତନସଙ୍ଘ ଗଢ଼ି ନିଜକୁ ମଜଭୁତ କରିବାକୁ ଅବସର ହେଲାବେଳେ ଅନ୍ୟଗୋଟାଏ ଦଳ ଯୁବ ସମିତି, କୃଷକସଙ୍ଘ, ମଜଦୁରସଙ୍ଘ, ଖଟିଖିଆସଙ୍ଘ, ତରୁଣସଙ୍ଘ ଇତ୍ୟାଦି କେତେ ଲୁଆଡୁ ଗଢ଼ି ମୂଳଦୁଆ ଠାଣ କରିବାରେ ଅଣନିଶ୍ୱାସୀ । କଳାପୋଡ଼ା ଦଳ ସେମିତି କେତେ ସଙ୍ଘ ରଙ୍ଗ ଢଙ୍ଗରେ ଗଢ଼ି ଚାଲିଛି । ସଂକ୍ଷେପ କରି କହିଲେ ସେଗୁଡ଼ିକ ହେଉଛନ୍ତି—K. P. A, B. P. A, S C F, B B C, K K S ଇତ୍ୟାଦି । ଏମାନଙ୍କ ମେମ୍ବରମାନେ ସିନା ଏତିକି କହିଦେଲେ ସବୁ ସମଝି ନେବେ କିନ୍ତୁ ଅନ୍ୟଦଳ କିମ୍ବା 'ଡଗର'ର ଗ୍ରାହକ ପ୍ରେମିକଙ୍କ ପରି ନିରପେକ୍ଷ ଲୋକଙ୍କୁ ନିଶ୍ଚୟ ବୁଝିବା ଷ୍ୟ ହବାର କଥା । K P A ବୋଲନ୍ତେ କଳାପୋଡ଼ା ଆସୋସିଏସନ୍ । B. P. A. ବୋଲନ୍ତେ ବଙ୍ଗପୋଲ୍ ଆସୋସିଏସନ୍ S C F ବୋଲନ୍ତେ ସଦ୍‌ସେ ରପ୍‌ଭଲ୍ ଫେଡ଼ରେସନ୍, K K S ବୋଲନ୍ତେ କାନକୁହା ସୋସାଇଟି ଏବଂ B. B. C ବୋଲନ୍ତେ ଦ୍ୟକ୍ ବାଛଟିଂ କର୍ପୋରେସନ୍ ( ବ୍ରିଟିସ୍ ବ୍ରଡକାଷ୍ଟିଂ କର୍ପୋ-ରେସନ ନୁହେଁ ) ।

ଏହି ବିଖ୍ୟାତ ଅନୁଷ୍ଠାନ ଗୁଡ଼ିକ କିପରି ଏବଂ କି ଉପାୟରେ କଳାପୋଡ଼ା ରାଜ୍‌କୁ ସମର୍ଥନ କରି ତାକୁ ଦୃଢ଼ କରିବାରେ ଲାଗି ପଡ଼ିଛନ୍ତି ସେ ବିଷୟରେ ଅନୁସନ୍ଧାନ କରାଯାଉ । କଳାପୋଡ଼ାଙ୍କ ଆସୋସିଏସନ୍ ହେଲା ସବୁ ଆସୋସିଏସନ୍‌ର କେନ୍ଦ୍ର । ବଜାରରୁ ପାଞ୍ଚସିଉକା ଜାଗାରେ ପଞ୍ଚଟଙ୍କା ନେଇ ଜିନିଷ ବିକ୍ରୀ କରିବା ଠାରୁ, କଦଳୀ କମଳାଖୋଇ ମଟରରେ ଚଢ଼େଇ ଭୋଟ ଆଦାୟ କରିବା, ଚପରାଶିକୁ ଅଣ୍ଟାଗୁଞ୍ଜା ଦେଇ କିରାଣିକୁ ଘିଅ ଅରୁଆ ଚାଉଳ ଦେଇ, ଅଫି-ସରକୁ ଶସ୍ତାଦରରେ ମଟରକିଣାଇ ଦେଇ ସୁଖିରୁରେ କାମ ଆଦାୟ କରିବା, ପୁଅଙ୍କୁ ସାଇକଲ, ଘଡ଼ି, ଭଲ ଚାକିରି ଦବା କହି ଝିଅକୁ ବାହାହବାକୁ ମଙ୍ଗାଇନବା, ମାଈପକୁ ସିନେମାନବା କି ଗହଣା ଲୋଭ ଦେଖାଇ ନିଜର କାମ ହାସଲକରି ନବା, କ୍ଲାସରେ ମାଷ୍ଟରକୁ କାଗଜ ପେନ୍‌ସିଲ ଦେଇ ପାଠ ପଚାରିନବା ପର୍ଯ୍ୟନ୍ତ ଇତ୍ୟାଦି ୨ କାମ ହେଲା ଏ ଆସୋସିଏସନ୍ ସଭ୍ୟମାନଙ୍କର କର୍ତ୍ତବ୍ୟ । B P. A ର ସଭ୍ୟ ସେହିପରି 'ଆପଣଙ୍କ ମୁହଁ ସୁନ୍ଦର ଖୁହବୁନ୍ଦର ଯାହା କହିଲେ ବଡ଼ ତାରିଫ ହେଲା, 'ଲେଖାଟା ବଡ଼ ଭାବ ଗର୍ଭକ ଏବଂ ତତ୍ତ୍ୱାଦର୍ଶକ' ଇତ୍ୟାଦି

( ୧୧ପୃଷ୍ଠା ଶେଷ ଦେଖନ୍ତୁ )



# ଲକ୍ଷ୍ନୌ ଷ୍ଟିଚ୍ (Lucknow stitch)

ଓ

# ଶାନ୍ତି ନିକେତନ ଷ୍ଟିଚ୍

(Santiniketan stitch)




ଉପରେ ଦୁଇଟା ଫୁଲର ନମୁନା ହେଉଛି ଲକ୍ଷ୍ନୌ ଷ୍ଟିଚ୍। ଏହା ରୁମାଲର ହାତରେ ବେଡ଼କଭର ଏବଂ ଫ୍ରକର ହାତରେ ବେକରେ କରାଯାଏ। ଛବିର ତଳ ପାର୍ଶ୍ୱର ଷ୍ଟିଚ୍ଟି କିପରି କରିବାକୁ ହେବ ତାହା ଦେଖା ହେଲା।

'କ' ବିନ୍ଦୁରେ ଛୁଞ୍ଚି ଉଠାଇ 'ଖ' ବିନ୍ଦୁରେ ଲଗାଇ ତଳେ ନେଇ ଯାଆନ୍ତୁ। ପୁନର୍ବାର 'ଗ' ବିନ୍ଦୁରେ ଛୁଞ୍ଚି ଉଠାଇ ଘ ବିନ୍ଦୁରେ ଛୁଞ୍ଚି ଲଗାଇ ଭିତର ପଟକୁ ନେଇ ଯାଆନ୍ତୁ। ଏହିପରି ଷ୍ଟିଚ୍ଟି ସମ୍ପୂର୍ଣ୍ଣ ହେବ। ଏହି ଷ୍ଟିଚ୍ ଦେଇ ପାର୍ଶ୍ୱରେ ଦୁଇଟା ନମୁନାଟି ଭର୍ତ୍ତି କରିବାକୁ ହେବ। ଫୁଲ ଗୁଡ଼ିକ ନୀଳ ରଙ୍ଗ ଦେଇ ଓ ପତ୍ର ଗୁଡ଼ିକ ସବୁଜ ରଙ୍ଗ ଦେଇ କରିବାକୁ ହେବ। ତାର ଚାରିଆଡ଼କୁ out line stitch ଦେଇ କରିବାକୁ ହେବ।—

ତଳ ନମୁନାଟି ହେଉଛି ଶାନ୍ତି ନିକେତନ ଷ୍ଟିଚ୍। ଏହା ବ୍ଲାଉଜ୍ ଫ୍ରକ, ଟେବୁଲ କ୍ଲଥ ବା ସାଇଡ଼ କ୍ଲଥରେ କରାଯାଏ। ନୀଳ କଳା ଗୋଲାପୀ ହଳଦିଆ ପ୍ରଭୃତି ନାନା ରଙ୍ଗର ସୂତା ବ୍ୟବହାର କରିଲେ ଦେଖିବାକୁ ଭଲ ହୁଏ। ସବୁ ଲାଇନ ଗୁଡ଼ିକ—outline stitch ଓ chain stitch ଦ୍ୱାରା କରାଯାଇପାରେ। ଉପରର ଦାନ୍ତ ଗୁଡ଼ିକ କିପରି କରିବାକୁ ହେବ ତାହା ଛବିର ବାମ ପାର୍ଶ୍ୱରେ ଦେଖାଇ ଦିଆଗଲା। କ ବିନ୍ଦୁରେ ଛୁଞ୍ଚି ଉଠାନ୍ତୁ, ତା'ପରେ ଖ ବିନ୍ଦୁରେ ଛୁଞ୍ଚି ଲଗାଇ ଭିତର ପାଖକୁ ନେଇ ଯାଆନ୍ତୁ। ଗ ବିନ୍ଦୁରେ ଛୁଞ୍ଚି ଉଠାନ୍ତୁ। ପୁନର୍ବାର କ ବିନ୍ଦୁରେ ଛୁଞ୍ଚି ଫୋଡ଼ି ଲଗାଇ ଭିତର ପଟ ଦେଇ ଉପରେ ଘ ବିନ୍ଦୁରେ ଛୁଞ୍ଚି ଉଠାନ୍ତୁ ଓ ସୂତାଟି ଛୁଞ୍ଚିର ସାମନା ଦେଇ ଟାଣି ଘ ତଳେ ଫୋଡ଼ି ଦିଅନ୍ତୁ। ଏହିପରି ଗୋଟିଏ ଦାନ୍ତ ହେଲା। ଏହିପରି ସବୁ ଗୁଡ଼ିକ କରିବାକୁ ହେବ। ଭିତରର ଫସ ଗୁଡ଼ିକ ତାହାର ପାର୍ଶ୍ୱରେ ଦୁଇଟା ଚିତ୍ର ଦ୍ୱାରା ଦେଖାଇ ଦିଆଗଲା। କ ବିନ୍ଦୁରେ ଛୁଞ୍ଚି ଉଠାନ୍ତୁ ଖ ବିନ୍ଦୁରେ ଛୁଞ୍ଚି ଲଗାଇ ଭିତର ପଟ ଦେଇ ଗ ବିନ୍ଦୁକୁ ନେଇ ଆସନ୍ତୁ। ଏହିପରି ଛୁଞ୍ଚିର ସାମନା ଦେଇ ସୂତାକୁ ନିଅନ୍ତୁ। ପୁନର୍ବାର ଛୁଞ୍ଚିଟି ଘ ବିନ୍ଦୁରେ ଲଗାଇ ଭିତର ପଟ ଦେଇ ଙ ବିନ୍ଦୁକୁ ନେଇ ଆସନ୍ତୁ ଓ ସୂତା ଛୁଞ୍ଚିର ସାମନା ଦେଇ ଟାଣି ଆଣନ୍ତୁ। ପୂର୍ବପରି ଙ ବିନ୍ଦୁରେ ଫୋଡ଼ି ଓ ବିନ୍ଦୁରେ ଉଠାନ୍ତୁ। ଏହିପରି ଭିତରର 'ଫସ' ଗୁଡ଼ିକ Lady-Daisy stitch ଦ୍ୱାରା କରିବାକୁ ହେବ।

ଶ୍ରୀମତୀ ସୁଜାତା ଦାସ୍,—

---

## ଦାଗୀ ହାର ଅଫିସିଆଲେ

ଏହି ନାମର ସ୍ୱାର୍ଥ ସାଧନ କରୁଛନ୍ତି। SCF ର କର୍ମ ଅନୁସନ୍ଧାନ କରିହେଉଛି। ସବୁ କଥାରେ ହଁ ମାରିଲେ କିମ୍ବା ନରେଇ ରହିଗଲେ ଏ ଅନୁଷ୍ଠାନଟି ବେଶ୍ ଗୁଣରେ KKS ର ସଭ୍ୟମାନେ କେନ୍ଦ୍ର KPA ର କର୍ମଚାରୀଙ୍କୁ ସବୁବେଳେ ସରଗରମରେ ରଖିଥାନ୍ତି କେତେ କାଳପେଟା କେବଳ ତାହାକୁ ନେଇଲେ ବାତ୍ୟାର ଭାର କେତେ ସମସ୍ତ ଭିତରେ ଅନାୟାସରେ ହେଉଥିବ ତା ଠିକ୍ କହିବା ଏ ସମ୍ପର୍କରେ ସମ୍ଭବ ନୁହେଁ। BBC ଟି ବଡ଼ ଭଲ। ଏବଂ ଉନ୍ନତି ଧାରଣାର। ଏ ସ୍ଥିତିରେ ବଡ଼ ବଡ଼ ଗୁପ୍ତ ବାଲ୍ୟଙ୍କୁ ଦେଖି ସଭ୍ୟ କରାଯାଏ। କରିଶ ଏ ପ୍ରତିଷ୍ଠାନଙ୍କ CID ଓ ... CID ବୋଲି ଥରେ ଧରା-ପଡ଼ି, ସେମାନଙ୍କ CID ବୋଲି ଥରେ ଧରା-ପଡ଼ିଗଲେ କାର୍ଯ୍ୟ କ୍ଷେତ୍ରରେ ନିପୁଣତାର ହେତୁ ଅଭାବର କାରଣ ନାହିଁ। ସେଥିରେ ସିମେଣ୍ଟ କ୍ୟାମ୍ପରୁ ବାହାରି ଘରୁ ଘରୁ ପଦ ଖୋଜି ସ୍ୱୟଂ ଭାବ ହେଲେ ଖାଲି ଅପବାଦ ତ ନୁହେଁ ସେମାନଙ୍କର ଶିକାରୁ ସମ୍ପଦ ଉଠି ଯାଉଥାନ୍ତି। ଏହାପରେ ପ୍ରତ୍ୟେକ ଅନୁଷ୍ଠାନ ନିଜ ନିଜ କ୍ଷେତ୍ରରେ ରହି କାର୍ଯ୍ୟ ଚଳାଇ ପରିଶ୍ରମ ଦେଖାଇଲେ। ଏପରି ନିପୁଣତାର ସହିତ କାର୍ଯ୍ୟ କଲେ ବର୍ତ୍ତମାନ ସରକାର Paralyse ବା ଅଚଳ ହୋଇପଡ଼ିବ ଏବଂ ତାଙ୍କର Semi Govt sound Govt ରେ ପରିଣତ ହୋଇପାରିବ।

କେତେ ସରକାର କେତେ ସଜୀବ ୧୭ ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

## ସୃଷ୍ଟି—ଲୀଳା

—ଶୈଳବାଳା ଦେବୀ

ଜୀବନର ସୁବିମଳ-ଛଟା,
ଅଛି ଫୁଟି-ସଉରଭେ ଭରି
ପ୍ରାନ୍ତେ ପ୍ରାନ୍ତେ ସଞ୍ଚାର କରଇ
ବିଶ୍ୱଭରି ମନରେ ଅମୃତରି ।
ସଦ୍ୟଫୁଟା ଫୁଲ ଧରେ ମଧୁ
ମଧୁକର ଚିତ୍ତ ପ୍ରଫୁଲ୍ଲିତ,

ଧରଣୀରୁ ଅପସରି ତମ
ହସେ ରବି କରି ଆଲୋକିତ ।
କାହିଁ ଥାଏ ମୃତ୍ୟୁ, ତା'ର କେତେ
ନିରମମ ନିଷ୍ଠୁର ତା' ଖେଳା,
ଅସୀମ ସେ ମୃତ୍ୟୁ-ପାରାବାରେ
ବୁଡ଼ିଯାଏ ଏ ଜୀବନ ଭେଳା ।
ଧୂଳି ଗଲେ ସୁନ୍ଦର ସୁଷମା
ଶୁଖି ଶୁଖି ହୋଇଯାଏ ଲୀନ,

ପାରି ନାହିଁ କେହି କରି ଭେଦ
କାହିଁଚର ନୀରବେଶ ଭିନ୍ନ ।
ଜନମର ଅସୀମ ଆନନ୍ଦ
ମରଣର ଦାରୁଣ-ବିଷାଦେ,
ବୁଡ଼ିଯାଏ—ଆଉ ପୁଣି ଦିନେ
ଆକୁଳିତ ପ୍ରାଣ ଖାଲି କାନ୍ଦେ ।

## ତମେ କହିଥିଲ—

ଦରଦୀ—

ତମେ କହିଥିଲ ଧରିବାକୁ ଦେହ
କେହି ହେ କାହାରି କଥାରେ
ଅଚିହ୍ନା ପଥେ ପଥେ ଅନାଇ ନ
ଅଯଥା, ଅଥବା ଯଥାରେ ।
ତମେ କହିଥିଲ ଯେତେ ଯେ ଲଗଇ
କହିବ ମୁଁ ନପିବ ପରତେ,
ଅଛ ଶତ୍ରୁ ଏକା କଣ୍ଠ ବନ୍ଧିଲ
ଯାଉ ହୁଏଁ ଅନବରତେ ।
—ତମେ ଦେଇଥିଲ ଭରଷା ଯଦି ହେ
ନିରମାଣି ଦେଇ ବଳକେ,

ଅଚିହ୍ନା କପଟ ଠେଲିଗଲ ଶେଷେ
ବାରଜଲେ ବୋଲି ସବଳେ ।
ଅସିଧାର ପଥପରେ ଖସିବାର
ନପାରିଲି ବୋଲି ଦରଦ,
ପ୍ରତିଶୋଧ ତାର ସବୁନିକ ଛଡ଼
ତାଡ଼ିଲ୍ଲ କରିଛ କରବ ।
ଦୋଷ ଦେବା ପାଇଁ ନଲେଶମାତ୍ରହିଁ ବାଟ
ନଛେ ମୁଁ ବୁଝିଛି ଦେଷରେ

ଭଲପାଇବା ପଦ ଯେ ଛିଟିଲେ କି ଶେଷ
ନମରିବ ଅବଶେଷରେ ।
ଯମା ଯେବେ ଜମା ନାହିଁ ସେ ବୀଧାନେ
ନଥାଉ ନାହିଁ ନେମ ଭୁଲେଣି
ଆଶାରୁ ଯାଇ ନାଥିଲେ ମୁଁ
ନଯିବ ଏଜୁଳା ଜାଲେଣି ।
ଜୀଇବାର ସବୁ ସଉଦା ସଚ୍ଛି
ଜୀବନ ମେ. ଅଛି ତଥିଏ
ମରଣର ଯେତେ କଳନା ଅଛି
ଲୁହରେ ଖେଳଘର ଫଇଏ ।

## କହ ନୂଆ ବୋହୂ କହତ କହ

ଲେ—ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର

ଆମ ଗାଁ । ବନ ନେତାଙ୍କ ନମୁନା ନେତାଙ୍କ ଶୁଣି,
ଆମ ଗାଁ । ଦେଶ ବିଦେଶରେ ଯେତେ ଅଛନ୍ତି ଦୁଃଖୀ,
କହ ନୂଆବୋହୂ ସଭିଲେ କେବେକି ହୋଇବେ ସୁଖୀ,
ମାଟିରେ ଫଳାଇ ସୁନାର ଫସଲ ଅମଳ-ଲକ୍ଷ୍ମୀ ?

ପ୍ରଜା ର ରାଇଜ ପ୍ରଜାର ଶାସନ ଗର୍ବର କୋଶ,
ସୁନା ଧାନ ଫୁଟା କିଆରୀ ବରର ହେତେ ନଥିବ ଶୋଷ ।
ଖଜଣା ଦେବ ଯେ ସମାଜ ଦେବ ଗଢ଼ ଶାସନ ମୂର୍ତ୍ତି,
ଆପଣ ପାଇବେ ଦେଶରେ ସକଳ ଜ୍ଞାନୀ ଓ ଗୁଣୀ ।

ଜାଣ ନୂଆବୋହୂ ଅର୍ଥ ସହଜେ ମୁଁ ଥିଲି ପଢ଼ି,
ଯେଉଁ ସମାଜର ଯେଉଁ ଶାସ୍ତ୍ରର ବିଧାନ ଲୋଡ଼ା;
ଶାସନ ସଂସ୍ଥା ହୋଇବଗୋ! ଗଢ଼ା ଜନତା ତା'ର
କହିବେ ଗୋ କଥା ତୋଳିବେଗୋ ମଥା ତା' ଅଧିକାର—

ଆମ ଗାଁ । ବର ଗଛ ତଳେ ତଳେ ଛଟିନ ମୂଳେ,
ଅବା ଦଇଗ ଖୀ ଫୁଁ ଫୁଁ ନଈ ତଟ ପଦ୍ମ ଫୁଲେ
ଦଳ ଦଳ ହୋଇ କଙ୍କଳ ଦଳ ବୁଲିବେ ନାହିଁ
ଖାଲି ପିଠି ଆଉ ପେଟର ମୁଠାକ ପାଇବ ପାଇଁ ।

ଦେହର ରକତ ଦେଇଛି ପାଇଛ ସୁନାର ଫଳ,
ଆମ ଗାଁ । ବନ ଚଳାଇବ ପୁଣି ଶାସନ କଳ—
ଅନ୍ତତ ପ୍ରଶ୍ନ ନହିବ କେବେତ ପେଟର ପାଇଁ,
ସେହିପରି ନୂଆ ଗ୍ରାମ ରାଇଜକ ଅଛିବ କାହିଁ ?

କହ ନୂଆବୋହୂ କେବେ ଆମ ଗାଁ । ପଞ୍ଚାୟତ ବନ
ହୋଇବ ସେବକ ସାଆନ୍ତ ନହେଇ ସେଇ ସୁଦନ ।
ଏତେ କଥା ଯାହା ପଚାରିଲି ମୁଁହ ଥରକୁ ଥର,
ବଚ୍ୟର ଉତ୍ତର ଦିଅ ନୂଆବୋହୂ ଅଟଗା ମୋହର ।



Digitized by srujanika@gmail.com

## ସୁଖୀ କିଏ ?

( ଗତ ସଂଖ୍ୟାର ଜେର )

'ସୁଖୀ କିଏ ?' ଏ ପ୍ରଶ୍ନର ବିଚାର ଆଧୁନିକ ଯୁଗର ଜୀବନ୍ତ ମୃତ ପ୍ରସିଦ୍ଧ ବୀରମାନେ ଦେଇଛନ୍ତି । ଗତ ସଂଖ୍ୟାରେ ହିଟଲର ଷ୍ଟାଲିନଙ୍କ ମତ ଯାଇଛି । ଏଥର ଚର୍ଚ୍ଚିଲ ଓ ଟ୍ରୁମାନଙ୍କର ଦିଆଗଲା । ଏହା କ୍ରମଶଃ ପ୍ରକାଶ ପାଇବ । ଶେଷରେ ପାଠକମାନେ ସମସ୍ତଙ୍କ ଭିତରେ ସୁଖୀ କିଏ ଅଭିମତ ଜଣାଇବେ ।

### ଚର୍ଚ୍ଚିଲ କହୁଛନ୍ତି

ଝୁରୁଝୁ ଫିମ୍ଫୁଡ଼ି ବାତ-ଫୁରୁସିରେ ମାର
ପାଣି ପରେ ସର ଛାଣି ଝୁହୁହୁବ ତିର ।
ଜର୍ମାନ ବାପାଙ୍କ ପାଉଲୁ ପଣ ମାରି ସହ
ଶାମ୍ କକା ପଦେ ଯେହ୍ନେ ଢେଲ ଘଷଇ ।
ଘର ବୁଡ଼ି ଯେବେ ପାଣି ହୋଇବ ଆଣ୍ଠିଏ,
ତଥାପି ପାରଇ ଶୋଇ ମଶିଣାରେ ଯିଏ ।
ମୋହର ନଥିଲା ନାହିଁ ଭସିଗଲା କସ
ମାଧୁଆ ଭାଇର ଅଛୁ କହ ମୋଡ଼େ ନାଗ ।
ପଛରୁ ପଛେ ଦାଉର ମାରୁ ଥାଉ କୁହ,
ଚିକ୍କି ଚୁକ୍କି ଆଖି କରି ଟାଣେ ଯେ ଚୁରୁଟ ।
ଘୋଡ଼ା ମରୁ ଗାଡ଼ି ଭାଙ୍ଗୁ ଯା ହେବାର ହେଉ
ଟାଙ୍ଗେରେ ଚଢ଼ି ଯେ ରଙ୍ଗ ଛଟେ ଗେଉ ଗେଉ
ଟହ ଟହ ନାଲି ଗଣ ଚନ୍ଦ ନାସପାତି
ଏକା ଏକା ଖାଇ ଯେ ଖୁଆଏ ଟାଉର ଜାତି ।
ଜିଲାରଙ୍ଗ ଦେଖି ଯାର ଉଠଇ ଓକାଳ
ଗେରାରେ ଗରଧା ଯାର ଅଟେ ଟାରକାଳ ।
ଛିଣ୍ଡା ନାଇ ଫିତା ଯେ
ସହଜେ ପାରେ ଯୋଗି
ଜାଣିବା ଏପରି ଜନ ଜଗତରେ ସୁଖୀ !
ଚର୍ଚ୍ଚକା ସମ ଚର୍ଚ୍ଚିଲ କହିଲେ ଏମନ୍ତ
ପଢୁଥା ନନ୍ଦ ଭଉଣୀ ଶୁଣ ଗୁଣବନ୍ତ ।

### ଟ୍ରୁମାନ କହୁଛନ୍ତି

ଧ୍ୱଜ ଘାହାନ୍ତରେ ହାଣୀ ମୁଣ୍ଡରେ କଳସ
ଢାଲ ଦେଇ ଧାଏ ଯାକୁ ରାଜପଦ ଯଶ ।
ହାତ ମାରିଦେଲେ ମାଟି କରଡ଼ରେ ସୁନା
ସୁନାର ଚୁମ୍ବକ ଜାତି ଟେକିଛି ନମୁନା ।
ସାଉକାର ମହାଜନଙ୍କର ପ୍ରତିନିଧି,
ବାଧିରେ ସକଳ ନିଧି ପାଇଛି ଯେ ସିଦ୍ଧି ।
ଶାରୂଳ ଘେନି ଯେ ଛୁଞ୍ଚି ଦାନେ ହୁଏ ଦାତା,
ଧଳିଆ ଜାତି ଲୋକଙ୍କ ବଳିଆ ବିଧାତା ।
ଏକା ଚୁସ ଜାମ୍ବୁବାନ ସଙ୍ଗେ ଥାଏ ବଳ
କାଢ଼ୁଥାଏ ମାରଣ ଅସ୍ତ୍ର ଯେ ଭଲ ଭଲ ।
ଶକତି ଦେଖାଇ ଯେତ ଉପୁଜାଏ ଟଙ୍କା
ପାଣି ପରି ମିଳି ପାରେ କୋଟି କୋଟି ଟଙ୍କା ।
ପରମାଣୁ ବୋମା ନାମେ ଅସ୍ତ୍ର ଶବ୍ଦ-ଭେଦୀ
ହାଇଡ୍ରୋଜେନ ବୋମାରେ ପାରେ ବିଶ୍ୱଛେଦି ।
ବିରାଡ଼ି ବୈଷ୍ଣବ ସମ କହେ ବାର ବାର
ଏ ଅସ୍ତ୍ରକୁ କେହି ନ କରିବ ବ୍ୟବହାର ।
ହିରୋସିମା ସୀମାରେ ଯେ ପଣ୍ଡିତଙ୍କ ପୁଅ
ମାଙ୍କଡ଼ ମାଉଲେ କେହ୍ନେ କାହୁଁହେ ନାହୁଁହ !
ଶିକାର ବଖତ ଦେଲେ ଗୃହଣୀକୁ ଛାଡ଼ି
ଘୋଡ଼ାରେ ଚଢ଼ାଇ ନିଜେ ବସେ ଘୋଡ଼ାଗାଡ଼ି ।
ପରୋପକାର ସ୍ୱର୍ଗୀୟ ସଦା ଥାଏ ମୁଖେ
କହନ୍ତି ଟ୍ରୁମାନ ହେ-ହଂସରେ
ରହେ ସୁଖେ ।
ନାମଟି ଟ୍ରୁମାନ ମାତ୍ର କାମଟି ଓଲଟା
ଭଣଇ ଫତୁରାନନ୍ଦ ଶୀଉ ଓଲି ରଠ ।

### ସ୍ୱର୍ଗୀୟ ପ୍ରଶ୍ନ

ଏବେ ସେହି କୋଠରୀରେ ଆଲମିରା ଏକ
ଥିଲା ତହିଁ ପୂରିଥିଲା ଓଡ଼ିଆ ପୁସ୍ତକ ।
ଏତେ ବଡ଼ ଆଲମିରା ଚକ୍ଷୁ ଦେଖିନାହିଁ,
ଲମ୍ବ ଓସାରରେ ତାହା ତେରନ୍ ଫୁଟ୍ ହୋଇ ।
ପୃଥିବୀରେ ଅଛି ଯେତେ ଓଡ଼ିଆ ପୁସ୍ତକ,
ସବୁ ପୁସ୍ତକର ଥିଲା କପି ଏକ ଏକ ।
ଲାଇବ୍ରେରୀର କର୍ତ୍ରୀ ସରସ୍ୱତୀ ଦେବୀ
ପଚାରିଲେ କହ ବତ୍ସ 'କି ପୁସ୍ତକ ନେବ' ?
କହିଲି ମୁଁ ନାହିଁ ନେବି ପୁସ୍ତକରେ ମନ,
ପଚାରିବି ପ୍ରଶ୍ନ ଦୁଇ ହେବ ଇଲେ ପ୍ରସନ୍ନ ?
ସାଗ୍ରହରେ ସରସ୍ୱତୀ ଦେଲେ ଅନୁମତି
ପଚାରିଲି ହୋଇ ମୁହିଁ ହରଷିତ ମତି—
କହ କାହିଁକି ଏ ବଂଶ ଗୀତାଳୀର ଶ୍ରେଷ୍ଠ
ଓଡ଼ିଆ ସାହିତ୍ୟେ ଖାଲି ପୂରିଛି ପ୍ରଣୟ ?
ପ୍ରଣୟ ତ ଅଛି ତାହା ଶୁଣି ଏତେ ଗପ,
ବଜାରରେ ଗଡ଼ୁଅଛି ହୋଇ ବସ୍ତା ବସ୍ତା ।
ଯହିଁ ବୁଲାଇବେ ଚକ୍ଷୁ ପ୍ରେମିକ ସେଠାରେ
ବସିଛନ୍ତି ପ୍ରିୟାହୀନ ପ୍ରାଣ ତାଙ୍କ ପାରେ ।
କେଉଁଠାରେ ହୋଇଅଛି ଅପରାଜିତ କଥା
ପ୍ରେମିକ ଖରଦେ ପ୍ରିୟା କୋଡ଼ ଅଛି ପଥ ।
ଦାଠଯୋଡ଼ି କୂଳ ଜାହି ଦେଖ ଅଇଛିକା ।
ପ୍ରେମିକ ବାହୁ କଡ଼ରେ ବସିଛି ପ୍ରେମିକା ।
ପ୍ରେମିକ ପ୍ରେମିକା ଯାଉ ଲଗ ମାଂସ ଝୋଳ
ଆମେ ବା ପ୍ରେମେ ପଡ଼େ ମାତି ଜମାନ୍ତି ହୋଟଲ
ମୋଟର ଚଢ଼ି ବୁଲନ୍ତି ଖୋଲା ମଇଦାନେ,
ସିନେମା ଯାଆନ୍ତି ପୁଣି ଦିବା ଅବସାନେ ।
ଏତେ ବଡ଼ କଥା ଭଗ୍ନ ଆମ ସାହିତ୍ୟରେ,
ନାୟକ ନାୟିକା ସଦା ଗୀତ ଗୀତ କରେ ।
କହିଥାନ୍ତି ସାହିତ୍ୟର କେବଳ କ୍ଷୁଦ୍ର ଗାନ;
କହ କହ ସରସ୍ୱତୀ ଏହାର କାରଣ ।
ରାଧାନାଥ ଚନ୍ଦ୍ରମଣି ଅବା ଗଙ୍ଗାଧର,
ସହିତରେ ମିଶିଯାଇ ଏ ନନ୍ଦ କିଶୋର,
ଲେଖିଗଲେ ଯାହା ତାହା ଛଡ଼ ଲକ୍ଷ ଭକ୍ତ,
ଜବଗଲେ ମୋ ସାହିତ୍ୟ କଲୁଷିତ ମସ୍ତ ।
ବର୍ତ୍ତମାନେ ଅବନ୍ତୁର୍ଦ୍ଧ ସ୍ୱୟଂ ରାଜସ୍ଥିତ,

(୧୪ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

# କୁଟୁ କୁଟୁ

ସଂଗ୍ରାହକ—ଶ୍ରୀରବୀନ୍ଦ୍ରନାଥ ଦାସ (କଲିକତା)

ଭଦ୍ରମହିଳା—ମୁଁ ମୋ ସ୍ୱାମୀଙ୍କ କବର ଦେଖିବାକୁ ଚାହେଁ ।

ଜଗୁଆଳ—ଆଜ୍ଞା, ପରିଚୟ ନଦେଲେ ତ ମୁଁ ଖୋଜି ବାହାର କରି ପାରିବିନି ।

ଭଦ୍ରମହିଳା—ଖୁବ ମୋଟା ହୋଇ, ସଦାବେଳେ ସାହେବୀ ପୋଷାକ ବ୍ୟବହାର କରୁଥିଲେ, ତାଙ୍କ ଡାହାଣ ହାତଟି ମୁହଁରେ ଚଟି ଯାଇଥିଲା !

\+ + +

କୌଣସି ଜଣେ ଛାତ୍ର ଆଇ. ଏ. ଏସ୍ ପାଇଁ ପରୀକ୍ଷା ଦେଉଥିଲେ । ପରୀକ୍ଷାକୁ ଯିବା ପୂର୍ବରୁ ସେ ଶୁଣିଥିଲେ ଯେ ଏସବୁ ପରୀକ୍ଷାରେ ଖୁବ ଚତୁରକ ପ୍ରଶ୍ନ ସବୁ ପଚରା ଯାଏ ତେଣୁ ଉତ୍ତର ଦେବା ପୂର୍ବରୁ ଭାବି ଦେଖିବା ଦରକାର ।

ପ୍ରଶ୍ନକର୍ତ୍ତା—ଅଚ୍ଛା କହନ୍ତୁ ତ ମିଷ୍ଟର୍ ଅନୁପମା ଦେବୀ, ଜଣେ ଲୋକ ସାତଟଙ୍କା ଏଗାର ଅଣାରେ ଗୋଟାଏ ଜିନିଷ କିଣିଲା ଏବଂ ସେହି ଜିନିଷକୁ ପାଞ୍ଚଟଙ୍କା ପନ୍ଦର ଅଣାରେ ବିକିଲା, ତାର କେତେ ଲାଭ ବା କ୍ଷତି ହେଲା ।

ଅନେକ ଚିନ୍ତା କରି ଛାତ୍ରଟି ଉତ୍ତର ଦେଲେ ଅଣା ଦୃଷ୍ଟିରୁ ଲାଭ ଓ ଟଙ୍କା ଦୃଷ୍ଟିରୁ କ୍ଷତି ହେଲା ।

× × ×

ବ୍ରିଟିଶ ଶାସନ ଆମଳରେ ସାମାନ୍ୟ ହିନ୍ଦି ଜାଣିଥିବା ଜଣେ ସାହେବଙ୍କର ଗୋଟିଏ ମାଛ ଗଣ୍ଡ ଦରକାର ହେଲା । ସେ ତାଙ୍କ ଚପରାଶିକୁ ଡାକି କହିଲେ—ଏକ ଗଧା ମାଂଗତା ହାମ୍ ।

ଚପରାଶି ଗୋଟାଏ ଗଧ ଆଣି ପହଂଚାଇଲା । ସାହେବ ମାଛ ଗଣ୍ଡର ହିନ୍ଦି ଜାଣି ନଥିବାରୁ ମେମ୍ ସାହେବଙ୍କୁ ଡାକି ଚପରାଶିକୁ ଦେଖାଇ କହିଲେ—ହାମ ନାଂଗତା ହାମରା ମେମ୍ କା ମାଫିକ୍ ଏକ ଗଧା ।

❋ ❋ ❋

ଥରେ ତିନିଜଣ ମୂର୍ଖ ବସି ନିଜ ନିଜର ଆତ୍ମ ବଡ଼ିମା କହୁଥିଲେ । ପ୍ରଥମ—ମୁଁ କାଲି ସ୍ୱପ୍ନ ଦେଖିଛି ଯେ, ଭଗବାନ ମୋତେ ସମସ୍ତ ପୃଥିବୀର ରାଜା କରିଦେବାକୁ କହିଲେ ।

ଦ୍ୱିତୀୟ—ମୁଁ ସ୍ୱପ୍ନ ଦେଖିଛି ଭଗବାନ ମୋତେ ସମସ୍ତ ବିଶ୍ୱର ରାଜା କରିଦେବାକୁ କହିଲେ ।

ତୃତୀୟ—କିନ୍ତୁ, କାହିଁ, ମୁଁ ତ ତୁମମାନଙ୍କୁ ସେମିତି ସ୍ୱପ୍ନ ଦେଲି ବୋଲି ଆଉ ମୋର ମନେ ପଡ଼ୁନି

\+ + +

ଶିକ୍ଷକ—ଅଚ୍ଛା କହିଲ ପିଲେ, ଯଦି ମୁଁ ଘରର ଏକୋଣରେ ପାଞ୍ଚଟି ଅଣ୍ଡା ଦିଏଁ, ଆଉ ସେ କୋଣରେ ସାତଟି ଅଣ୍ଡା ଦିଏଁ ତେବେ ମୋଟ କେତୋଟି ଅଣ୍ଡା ହେବ ।

ଛାତ୍ର—( ତୁରନ୍ତ ଉଠି ) ଆପଣ ଅଣ୍ଡା ଦେଇ ପାରିବେନି ସାର୍ ।

❋ ❋ ❋

ସୁଷମା—ଆଜିକାଲି ଯୁଗଳବାବୁ ପ୍ରାୟ ପ୍ରତ୍ୟହ ସନ୍ଧ୍ୟାବେଳେ ମୋତେ ଦେଖା କରିବାକୁ ଆସି ଏଠି ପ୍ରାୟ ଦଶଟା ପର୍ଯ୍ୟନ୍ତ ଗପନ୍ତି । ତୁମେ କ'ଣ ଭାବୁଚ କହିଲ ?

ପ୍ରଭାକର—ହୁଏତ ଯୁଗଳ ତୁମ ପ୍ରେମରେ ପଡ଼ିଛି, ଅବା ତାର ଲାଇଟ୍ କନେକ୍ସନ କଟି ଯାଇଛି ।

❋ ❋ ❋

ଜଣେ ଲୋକ ହୋଟେଲରେ ଖାଇସାରିଲା ପରେ ମେନେଜରକୁ ପଇସା ଦେବା ସମ୍ବନ୍ଧରେ କହିଲା—ଦେଖନ୍ତୁ ମୋର ଆଠଅଣା କମ ହେଉଛି ।

ମେନେଜର—ଚିନ୍ତା ନାହିଁ, ଆପଣଙ୍କ ନାମ ଓ ଠିକଣାଟା ଦୟାକରି ଏଇ କାନ୍ଥରେ ଲେଖିଦିଅନ୍ତୁ, କାଲିଆସି ପଇସାଟା ଦେଇ-ଯିବେ ।

ଲୋକ—କିନ୍ତୁ ଏଠାରେ ଲେଖା ରହିଲେ ଯେ ସମସ୍ତେ ପଢ଼ିବେ ।

ମେନେଜର—ନାହିଁ ଆଜ୍ଞା, ତା ଉପରେ ପରା ଆପଣଙ୍କ କୋଟଟି ଟାଙ୍ଗି ରଖି ଯିବ !

❋ ❋ ❋

"ତେବେ ତୁମେ ମୋ ଝିଅକୁ ବାହା କରିବାକୁ ଚାହଁ ? ତୁମର କ'ଣ ପ୍ରକୃତରେ ତାକୁ ପସନ୍ଦ ହୋଇଛି"।

"ନିଶ୍ଚୟ, ନିଶ୍ଚୟ । ଆପଣଙ୍କର ଟଙ୍କା ଓ ତା'ର ସୌନ୍ଦର୍ଯ୍ୟ ମୋତେ ପାଗଳ କରିଛି ।"

❋ ❋ ❋

[illegible]

ଉତ୍କଳ ସାହିତ୍ୟ ଘରେ ଚରମ ଦୁର୍ଦ୍ଦିନ ।
ଦୈନ୍ୟ ଦୁଃଖ ଓ ଅତି ଦୁର୍ଭିକ୍ଷ ମଡ଼କ
ଦେଶାପେକ୍ଷା ଉତ୍କଳ ଯେ ଅଧିକ ଲାଞ୍ଛିତ ।
ଏହିପରି ସନ୍ଦିଗ୍ଧରେ ଏ ପରି ଦେଶେ,
ଚଟ୍ କଣ୍ଟ୍ରୋଲ ବସନ ଆହାର ଆସେ !
ଏପରି ଦୁର୍ଦ୍ଦିନ ବେଳେ ଏ ଖାଦ୍ୟ ନ ଖାଇ,
କିମ୍ବା କେ ବୁଝିବେ ସାହିତ୍ୟର କାନ୍ଦା ଗୀତ ।
ଇଂରାଜୀ ଫରାସୀ ପଢ଼ି ମୋ ସାହିତ୍ୟ ଭଲ,
ଶବ୍ଦର ସମ୍ଭାର ଥାଉଁ ହେବ କାହିଁ ନୀଚ ?
ଜାତୀୟ ଜୀବନ ସହ ସାହିତ୍ୟ କପଟ,
ଖାଇବ ଖାଦ୍ୟ ଯେବେ କହ ନହେଲେ ଏପରି ?
ଏ ସମୟେ ବୈକୁଣ୍ଠରୁ ଆସେ ଟେଲିଗ୍ରାମ,
ପଢ଼ି ସରସ୍ୱତୀ ଛାଡ଼ି ଗଲେ ସତ୍ୟକାମ—
"ପଳାଅ ପଳାଅ ଦେବୀ, ପଳାଅ ସତ୍ୱରେ,
ବେଡ଼ି ଦେଲେ ସ୍ୱର୍ଗପୁର ଦୁର୍ଗର ଅଧୁରେ ।"
କାନ୍ଦିଗଲେ ସରସ୍ୱତୀ, କାନ୍ଦିଲି କୋଠାରୀ
ତେଣୁ ଉଦ୍ୟୋଗେ ସେହିଠାରୁ ଆସି ମୁଁ ଫେରି ।
ପ୍ରଶ୍ନ ସମାଧାନ ଆଜିପର୍ଯ୍ୟନ୍ତ ହୋଇ ନାହିଁ,
'ଡଗର' ପାଠକେ ଯେବେ ପାରିବେ କି କହି ?

ଭଗବାନ ପ୍ରଜାପତି
ସମ୍ବଲପୁର କଲେଜ—ହଷ୍ଟେଲ



Digitized by srujanika@gmail.com

## ଅଶ୍ୱମେଧ ଯଜ୍ଞ

ଦେବତା ପୂଜନ ରତ
ରାଜା - ରାଜନରେ
ହେବ ପୂତ ଯଜ୍ଞ, ଉରେ
ଧ୍ୱନି କୋଳାହଳେ ।
ନିପୁଣ ସେନାନୀ ଏକ
ଅଶ୍ୱ ସହିତରେ
ବାହାରିଲେ ସେନାସହ
ଦୂର ଦେଶାନ୍ତରେ ।

\+ + + +

ନ ଛୁଇଁ ପ୍ରଭାତ ପୀଠ
ସଂଧ୍ୟାର ବିମାନ,
ନ ଖାଉ ଧରା ବଦନୁ
କିରଣ ଅରୁଣ,
ନନ୍ଦନର ଧ୍ୱଜ ଉଠେ
ଅବନ୍ତୀ ନଗରେ,
ଉଜ୍ଜ୍ୱଳନ୍ତ ରାଜା ମୂର୍ତ୍ତି
ରଣ ପ୍ରାଙ୍ଗଣରେ ।
ଥାଉ ଉଷ୍ମ ରକ୍ତ ଧାର
ବୀର ଧମନୀରେ
ଦୁର୍ବଳ ସମକେ ରହେ
ରଣ ପ୍ରାଙ୍ଗଣରେ ?
ଝଡ଼ି ଯାଉ ମଥା ଲକ୍ଷ
କପାଇଁ ଦୁର୍ବଳ
ସମସ୍ତେ ରହନ୍ତେ ଦେଖି
ଏସନ ବେଭାର ?
ରହିବାରେ ନଲାଗିବ
ବୀର ହୋଇ କିଏ,
ଜନ୍ମମାତ ସ୍ୱାଧୀନତା
ପ୍ରାଣ ବନମନ୍ତେ ?
ତେଣୁ ଏତେ ରକ୍ତ ପାତ,
ରାଜାର କୁମାର
ବନ୍ଦୀ ହୁଏ ଉଷ ପାଶେ
ଶତ୍ରୁର ଶିବିର ।
ସାମ୍ୟୋତ୍ସବେ ଯହିଁ ଫୁଟେ
ମଧୁ କଲ ତାନ,
ତହିଁ ଜଡ ଉହ୍ୟଅଛି
ତରୁଣ କ୍ରନ୍ଦନ ?
ବିଷାଦ ସଂଗୀତ ଗାଏ
ମଧ୍ୟାହ୍ନ ସମୀର
ମଥାପିଟି କାନ୍ଦେ ଦୂରେ
ଉର୍ମି ତଟିନୀର ।

× + + ×

ପ୍ରଗଲ୍ଭ ବଳଦ୍ୟୋଲ୍ଲାସେ
ମାଳବ ସେନାନୀ
ଆଦେଶିଲେ ବଳ ସୂନେ
" ଛଡ଼ଏ ଧରଣୀ
କାମ୍ପିଯିବ ଯଜ୍ଞ ପୀଠେ
ଅଶ୍ୱ ମୁକୁଳାଅ
ଶୀଘ୍ର ପିଲୁ, ତହିଁପାରେ
କାହିଁ ରକ୍ତ ସ୍ରୁଅ ! "
ସାଶ୍ରୁ ନେତ୍ରେ ଅନାଇଲେ
ନୃପେ ରାଜ ସୁତ ।
କରାଇଲେ ଧୀରେ ସ୍ଥିର
ଆନ୍ଦୋଳିତ ଚିତ୍ତ ।
ପରାଜୟ, ପିତୃହତ୍ୟା
ହୃଦୟରେ ତାଙ୍କ
ଅଙ୍ଗୀକାର କଲେ ଯିବ
ପୂତ ଯଜ୍ଞ ଦେଖି ?

\+ + + +

ଅଶ୍ୱମେଧ ଯଜ୍ଞ ହେବ
ନର ରକ୍ତ ସ୍ରୁଏ !
ଧର୍ମ ରାଜ୍ୟ ପହଞ୍ଚିଛି
ସତ୍ତା ବିପର୍ଯ୍ୟୟେ ।
ପରାଧୀନତାର ହାୟ
ଦୂଷଣ ଅପାର
ଧର୍ମ ନାମେ କରିବକି
ରାଜ୍ୟ ଛାର ଖାର ?

ବନମାଳୀ ସାମନ୍ତରାୟ

...୧...

## ଅମର-ସହୀଦ ଚନ୍ଦ୍ରାମଣି ପୂଜାରୀ

( ଶ୍ରୀନନ୍ଦକିଶୋର ପାଣ୍ଡେଲ । )

ବିଗତ ୧୯୨୦ ଅସହଯୋଗ ଆନ୍ଦୋଳନରେ ଯେଉଁ ବୀର ପୁତ୍ରଗଣ ପ୍ରାଣପଣ ପୂର୍ବକ ଇଂରେଜ ବିରୁଦ୍ଧ ସଂଗ୍ରାମରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ସମ୍ବଲପୁର ଜିଲ୍ଲାବାସୀ ଚନ୍ଦ୍ରାମଣି ପୂଜାରୀ ହେଉଛନ୍ତି ଅନ୍ୟତମ । ସମଗ୍ର ଭାରତ ବର୍ଷରେ ସମ୍ବଲପୁର ଜିଲ୍ଲାର ଆନ୍ଦୋଳନ ସର୍ବୋତ୍ତମ ଓ ଶ୍ରେଷ୍ଠ ସ୍ଥାନକୁ ହୋଇପାରିଥିଲା ଏବଂ ଏଥିସକାଶେ ମହାମାନବ ମହାତ୍ମା ଗାନ୍ଧିଙ୍କର ଶୁଭ ଦୃଷ୍ଟି ମଧ୍ୟ ପଡ଼ିଥିଲା ଏଇ ଅଭାଗା ଦେଶ ବକ୍ଷରେ ବିଶେଷତଃ ସେହି ବୀରପୁତ୍ର ଚନ୍ଦ୍ରାମଣି ପୂଜାରୀଙ୍କ ଉପରେ ।

ସମ୍ବଲପୁର ଜିଲ୍ଲାନ୍ତର୍ଗତ ଝାରସୁଗୁଡ଼ା ଥାନାନ୍ତର୍ଗତ ପଞ୍ଚପଡ଼ା ଗ୍ରାମରେ ଚନ୍ଦ୍ରାମଣି ପୂଜାରୀ ଜନ୍ମଲାଭ କରିଥିଲେ । ସେ ଜାତିରେ ଅଘମ ଗଉଡ ଥିଲେ । ବାଲ୍ୟକାଳରେ ସାମାନ୍ୟ ମାତ୍ର ବିଦ୍ୟାଶିକ୍ଷା କରିପାରିଥିଲେ । ଉଚ୍ଚଶିକ୍ଷା ପାଇଁ ତାଙ୍କ ଭାଗ୍ୟରେ ସେତେ ଯେପରି ଲେଖା ହୋଇନଥିଲା କିନ୍ତୁ ତାଙ୍କର ବୁଦ୍ଧି ବଡ଼ ପ୍ରଖର ଥିଲା ସୁତରାଂ ସେ ମେଧାବୀ ନହେଲେ ସୁଦ୍ଧା ବଡ଼ ବୁଦ୍ଧିଜୀବୀ ଥିଲେ । ଧନୀର ସନ୍ତାନ ହେଲେହେଁ ସେ ଦେଶସେବାରେ ସ୍ୱତଃ ପ୍ରବୃତ୍ତ ହୋଇଉଠିଲେ । ଖାଣ୍ଟି କଂଗ୍ରେସ କର୍ମୀ ହିସାବରେ ତାଙ୍କୁ ଦେଶବାସୀ ମଧ୍ୟରେ କିଏ ନ ଜାଣେ ? ସେ ଖାଣ୍ଟି କଂଗ୍ରେସ କର୍ମୀ ଓ ଦେଶସେବୀ ଥିଲେ । " ଅନଳରେ ସୁନାହେଲେ ପରୀକ୍ଷିତ ଜଣା ପଡେ ସିନା ଖାଣ୍ଟି ବା ମିଶ୍ରିତ " ଏହିପରି ଭାବରେ ସେ ବାରମ୍ବାର ପରୀକ୍ଷିତ ହୋଇ ଅସଲ ସୁନାକୁ ପେ ଜଣା ପଡ଼ ପାରିଛନ୍ତି ।

ଏହି ସମୟରେ ଶୁଖାରାମ ତନ୍ତୀ ତାଙ୍କର ପରମ ସହଚର ଥିଲେ । ଉଭୟେ ମିଶି ସ୍ଥାନେ ସ୍ଥାନେ ସଭାସମିତି ଆହ୍ୱାନକରି ସ୍ୱାଧୀନତା, ଖଦୀବୁଣା ଓ ସ୍ୱାବଲମ୍ବନତା ବିଷୟରେ ଅନେକ ଉପଦେଶ ମାନ ପ୍ରଦାନ କରିବାକୁ ଲାଗିଲେ ।

Digitized by srujanika@gmail.com

ଣଦେବ ବର୍ଦ୍ଧନ, ଏଣା ନଦୀବନ୍ଧ ସୂଚନେ ସମ୍ପୂର୍ଣ୍ଣ
ଗାନ୍ଧୀଙ୍କ କୃପା ଭ୍ରମ ଭର୍ତ୍ସନା କରୁଥିଲେ ଏବଂ
ଦୁର୍ଜନ ଉତ୍ତର ଉପରେ ପ୍ରାଣପଣ ଚେଷ୍ଟା
କରୁଥିଲେ । ତାଙ୍କର ଏପରି ଅସ୍ପୃଶ୍ୟତା
ନିବାରଣ କାର୍ଯ୍ୟରେ ହରିଜନ ଲୋକେ ସମ୍ପୂର୍ଣ୍ଣ
ଉତ୍ସାହିତ ହୋଇ ଉଠିଥିଲେ ଏବଂ ତାଙ୍କୁ
ସବର୍ଣ୍ଣ ହିନ୍ଦୁମାନେ ନିତାନ୍ତ ଉତ୍ପୀଡ଼ିତ ହୋଇ ତାଙ୍କୁ
ସମାଜରୁ ଭ୍ରମ ଭଳି ସାତବର୍ଷ ପର୍ଯ୍ୟନ୍ତ
ବାସନ୍ଦ (ଅଲଗ) କରିଥିଲେ । ତାଙ୍କୁ ଏକ
ପ୍ରକାର ଅନ୍ନ ଜଳ ବନ୍ଦ କରି ଶତ ଶତ
ଦୁଃଖ ପ୍ରଦାନ କରୁଥିଲେ ସମସ୍ତେ ।

ଅସହଯୋଗ ଆନ୍ଦୋଳନ ବେଳେ ଡେପୁଟି ନ ହେବାର ବାହାଦୁର ତାଙ୍କୁ ରାଜନୈତିକ କ୍ରୋଧ କୋପରେ ସଂଶ୍ଳିଷ୍ଟ ଦେଖି ଏବଂ ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କରି ଦୁଇଥର ଜରିମାନା କରିଥିଲେ ଏବଂ ସେହି ବାବଦରୁ ତାଙ୍କର ଘର ଓ ସମସ୍ତ ସମ୍ପତ୍ତି ନୀଳାମ ପୂର୍ବକ ବାଜ୍ୟାପ୍ତ କରି ନେଇଥିଲେ । ଦ୍ୱିତୀୟ ଥର ଜେଲରେ ସେ ଯକ୍ଷ୍ମା ରୋଗ ଗ୍ରସ୍ତ ହୋଇଥିଲେ ଏବଂ ସେହି ଜେଲ ଭିତରେ ହିଁ ଉକ୍ତ ରୋଗ କ୍ରମଶଃ ବୃଦ୍ଧି ପାଇ ହେବାକୁ ଲାଗିଲା । ସୁତରାଂ ସରକାର ମହାନୁଭବତା ପ୍ରଦର୍ଶନ ପୂର୍ବକ ତାଙ୍କୁ ଜେଲରୁ ମୁକ୍ତ କରି ଦେଇଥିଲେ ।

ସେ ପ୍ରଥମତଃ ସମାଜ ତଥା ଗ୍ରାମବାସୀଙ୍କ ଅପମାନ ଓ ଉତ୍ପୀଡ଼ନ, ଦ୍ୱିତୀୟତଃ କାରାଗାର ବାସ ଏବଂ ସରକାରଙ୍କ ଦ୍ୱାରା ସର୍ବସ୍ୱାନ୍ତ, ତୃତୀୟରେ ଶୂଳବ୍ୟାଧି ଗ୍ରସ୍ତ ଦ୍ୱାରା ଜୀବନ ଓ ଶରୀର ଜର୍ଜରିତ ହେବାରୁ ନାନା ଦୁଃଖ, କଷ୍ଟ ଭିତରେ ସେ କାଳାତିପାତ କରିବାକୁ ଲାଗିଲେ । ତଥାପି ଏତାଦୃଶ ଶାରୀରିକ ଓ ମାନସିକ ବେଦନା ଗ୍ରସ୍ତ ଥାଇ ମଧ୍ୟ ସ୍ୱୀୟ କର୍ତ୍ତବ୍ୟ ପଥରୁ କ୍ଷଣମାତ୍ର ସତ୍ସଙ୍କଳ୍ପରୁ ତିଳେମାତ୍ର ବିଚ୍ୟୁତ ହୋଇ ନଥିଲେ ।

ସତ୍ୟବାଦୀ ଚନ୍ଦ୍ରମଣିଙ୍କର ଏବମ୍ବିଧ କାର୍ଯ୍ୟକଳାପରେ ମୁଗ୍ଧ ହୋଇ ସ୍ୱୟଂ ଧର୍ମଭକ୍ତ ମହାତ୍ମା ଗାନ୍ଧୀ ତାଙ୍କର ଜନ୍ମଭୂମି (ପତ୍ରପଡ଼ା) କୁ ପରିଦର୍ଶନ କରିବା ନିମନ୍ତେ ଆସି ଓ ଆଶୀର୍ବାଦ ବାଣୀ ପ୍ରଦାନ କରିଥିଲେ କନ୍ତୁ ହାୟ, ନିଷ୍ଠୁର ବିଧାତା ଏହା ସହି ପାରିଲେ ନାହିଁ । ମହାମାନବ ମହାତ୍ମା ଗାନ୍ଧୀଙ୍କର ସହକର୍ମୀ ତଥା ଚନ୍ଦ୍ରମଣିଙ୍କର ଶୁଭଚିନ୍ତା କାର୍ଯ୍ୟରେ ପରିଣତ ହେବା ପୂର୍ବରୁ ଗତ ୧୯୩୭ ମସିହାରେ ମଇ ମାସରେ ତାଙ୍କର କାଳ ହୋଇଗଲା । ମହାବୀରଙ୍କ ଜନ୍ମର ଗୋଟିଏ ଦିନ ପରେ ବନ୍ଧୁ ଆସି ଚନ୍ଦ୍ରମଣିଙ୍କ ଉପରେ ପ୍ରକଟିତ ହୋଇଗଲା । ଗୃହେ ଗୃହେ ଜନ୍ମବାସୀଙ୍କର ସମସ୍ତ ଆଶା ଓ ଆକାଂକ୍ଷା ଶୂନ୍ୟରେ ମିଳେଇଗଲା । ମାତ୍ର ସତର ବର୍ଷ ବୟସ କ୍ରମରେ ତାଙ୍କର ଧର୍ମର ଆତ୍ମା ନଶ୍ୱର ଶରୀର ପରିତ୍ୟାଗ କରି କେଉଁ ଅବିନଶ୍ୱର ଧାମକୁ ମହାପ୍ରୟାଣ କଲା । ସମ୍ବଲପୁରର ଉତ୍କଳ ଆଲୋକ ଲିଭିଗଲା ଏବଂ ପ୍ରଜ୍ୱଳିତ ମନର, ହୃଦୟର ଗୋଟିଏ ଆକାଂକ୍ଷା ଅପୂର୍ବ ରହିଗଲା । ଏପରି ଭାବରେ ଜିଲ୍ଲାର ବରିଷ୍ଠ ନେତା, ମୁକ୍ତି ଯୁଦ୍ଧର ସ୍ୱାଧୀନ ସିପାହୀ, ମହାତ୍ମା ଗାନ୍ଧୀଙ୍କର ପ୍ରିୟତମ ଶିଷ୍ୟ ଚିରଦିନ ପାଇଁ ଧରାପୃଷ୍ଠରୁ ବିଦାୟ ନେଇ ଗଲେ ।

ଯଦି ସେ ଆଜି ବଞ୍ଚିଥାନ୍ତେ, ତେବେ ଶୃଙ୍ଖଳିତ ଭାରତର ସ୍ୱାଧୀନତା ଦେଖି କେତେ ଦୂର ପ୍ରୀତ ଓ ଆନନ୍ଦିତ ହୋଇ ନଥାନ୍ତେ । ତାହାର ମୂଳରେ ତାଙ୍କର ଅଦମ୍ୟ ଉତ୍ସାହ, ପ୍ରେରଣା ଓ ଅକ୍ଳାନ୍ତ ପରିଶ୍ରମ ବିଦ୍ୟମାନ ରହିଥିଲା । ବର୍ତ୍ତମାନ ତାଙ୍କର ଚିର ଅଭିଳାଷିତ କାମନା ପୂର୍ଣ୍ଣ ହୋଇଛି, ଆଜୀବନ ଆଶା, ଅଭାବ ଦୂର ହୋଇଛି, ତାଙ୍କର ଚିର ଜୀବନ ସଞ୍ଚିତ କର୍ମବଳୀର ବିଜୟ ହୋଇଛି । ଭଗବାନ କରନ୍ତୁ, ସେ ଅମର ପୁରୀରେ ଯୁଗେ ଯୁଗେ ବଞ୍ଚି ରହିଥାନ୍ତୁ ଏବଂ ସେଇ ଭାରତ ମାତା ମସ୍ତକରେ ଅମର ଆଶୀର୍ବାଦ ଧାରା ବର୍ଷଣ କରନ୍ତୁ ।

## ନାଗଙ୍କୁ ପ୍ରଶ୍ନ

ଶିଶିର (୪୭୩—୩ୟ ଶ୍ରେଣୀ)—

୧—ବେଦ କେଉଁ ସମୟରେ ରଚିତ ?

୨—ଅନେକକାଳ ଜାଗାନ୍ତ ଖେଳ ଜଣ ?

୩—Negus ( ନେଗୁସ ) କାହାକୁ କହନ୍ତି ?

ଗୋପୀନାଥ (୧୦୩୭)

୧—ଓଡ଼ିଶାରେ ପୁରୀ ପ୍ରସିଦ୍ଧ ଯୋଗ୍ୟ-ଜଣ ଓ ସ୍ୱର୍ଣ୍ଣ ଖଣ୍ଡିକ କାହା ହୋଇଛନ୍ତି କି ?

୨—ନରେନ୍ଦ୍ର ଭାଇଙ୍କର ବର୍ତ୍ତମାନ କେତୋଟି ପତ୍ରିକା ଅଛି ? ସେଗୁଡ଼ିକ ଛପା ନହୋଇ ପାରିବ କାହିଁକି ?

୩—ବିଦ୍ୟାସାଗରଙ୍କର ଗଳ୍ପଗୁଡ଼ିକରେ ନଦୀ ନାଗର ନାମିଷ୍ଠ କିଏ କେଉଁଠି ଜନ୍ମଗ୍ରହଣ କରିଥିଲେ ।

## ନାଗମାନଙ୍କୁ ଉତ୍ତର

ସଦାନନ୍ଦ ଜାଣିବ—ପ୍ରତିବାଦୀ ଜନ୍ମଦେଇ ପାନ୍ଥର ପ୍ରଧାନ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ପରହିତ ସାଧନ କରିବା । କାରଣ ତଦ୍ଦ୍ୱାରା ସମସ୍ତେ ଉପକୃତ ହୁଅନ୍ତି—ନଜେ ପା--

ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଅମୃତସରରେ ସ୍ୱର୍ଣ୍ଣମନ୍ଦିର ଅଛି ।

ଇନ୍ଦ୍ରମଣି ଭାଇ ଜାଣିବ—ଯୌବନରେ ଇନ୍ଦ୍ରିୟ ସବୁ ସତେଜ ବଳଶାଳୀ ଓ ମସ୍ତିଷ୍କ ଅପରିପକ୍ୱ ହେବାରୁ, ମନୁଷ୍ୟ ଚପଳ ହୁଏ—ଇନ୍ଦ୍ରମଣି (୧୬୫୯) ଓ ନାଗଯୂଷ [୧୩୩୯]

## ନୂଆ ନାଗଙ୍କ ନାମ

୧୩୪୨ ଋଷିଚରଣ ସାମଲ ୮ମ [ଖ] ୧୩୪୩ ଗଙ୍ଗାପ୍ରସାଦ ମହାପାତ୍ର ୮ମ [କ] ୧୩୪୪ ପଦ୍ମଲୋଚନ କୁମାର ମହାନ୍ତି ୮ମ [କ] ୧୩୪୫ ଭବଗ୍ରାହୀ ନାୟକ ଅଷ୍ଟମ [ଖ] ୧୩୪୬ ଗୋବିନ୍ଦଚନ୍ଦ୍ର ନାୟକ ଅଷ୍ଟମ (କ) ୧୩୪୭ ପ୍ରଭାକର ବେହେରା ୮ [କ] ୧୩୪୮ କୃଷ୍ଣଚନ୍ଦ୍ର ମହାନ୍ତି ୯ମ ଶ୍ରେଣୀ ଅଠଳବହାଁ ହାଇସ୍କୁଲ ପୋ: ବାସୁଦେବପୁର, ବାଲେଶ୍ୱର:



Digitized by srujanika@gmail.com

# ଚୁଟୁ ଧରୀ

( ପ୍ରତ୍ୟେକ ପ୍ରଶ୍ନ କର୍ତ୍ତା ମାତ୍ର ୩ଟି ପ୍ରଶ୍ନ ପଠାଇ ପାରନ୍ତି )

ବୈଦ୍ୟନାଥ ରଥ ଆଇ. କଲେଜ କଟକ

ପ୍ର—ଯେଉଁ ବିବାହିତ ପ୍ରଫେସର ମାନେ କଲେଜ ଛାତ୍ରୀମାନଙ୍କ ସହ ନିତ୍ୟ ଗୋଟିଏ ପ୍ରେମ କରୁଛନ୍ତି ସେମାନେ ପ୍ରଫେସର ହେବାର ଉପଯୁକ୍ତ କି ? ପ୍ରେମରେ ଏପ୍ରକାର କଳା ଚେଞ୍ଜେଇବ ପ୍ରତିକାର ଅଛି ?

ଉ—ଅଭିଜ୍ଞ ( experienced ) ନହେଲେ ପ୍ରଫେସର ହୁଅନ୍ତି ନାହିଁ । ବିବାହ ହେଲେ ପ୍ରେମରେ ଅଭିଜ୍ଞତା ଆସେ ତେଣୁ ଛାତ୍ରୀମାନଙ୍କୁ ଶିକ୍ଷା ଦେବାକୁ ହେଲେ ବିବାହିତ ପ୍ରଫେସର ଆବଶ୍ୟକ । ଆପଣଙ୍କ କଲେଜରେ ପ୍ରେମରେ ଅନର୍ଥ ଅଛି କି ?

ଏପ୍ରେମରୁ ଉତ୍ତମ କଳା ଚେଞ୍ଜେଇ ଯିଏ ଯେତେ କଳା ଦେଖିବାରେ ସାର୍ଥକତା ରହିଛି ।

ପ୍ର—ପଣ୍ଡିତ ନେହେରୁ ଏବଂ ସର୍ଦ୍ଦାର ପଟେଲଙ୍କ ପରେ କିଏ ଭାରତର ସବୁଠାରୁ ଅଧିକ ଲୋକପ୍ରିୟ ହେବ ?

ଉ—ଧୁରେନ୍ଦ୍ରା ଓ ମମତାଜ ଶାନ୍ତି

ପ୍ର—ବିବାହ ପରେ ପ୍ରେମ କରିବା ଉଚିତ କି ପ୍ରେମପରେ ବିବାହ କରିବା ଉଚିତ ।

ଉ—ଆଲୁଅରେ ଖାଇଲେ ଯାହା ଅନ୍ଧାରରେ ଖାଇଲେ ତା ।

ନୀରଦ ବିହାରୀ ପଣ୍ଡା—ଭଦ୍ରକ କଲେଜ

ପ୍ର—ଚୁଟୁଡ଼ା ମାନେ କଣ ?

ଉ—ଲଗାଇ ଦେଲେ ପ୍ରଶ୍ନ ଭଣ୍ଡାର ପଛେ ପଛେ ଗୋଡ଼ାଇଦିଏ ।

ପ୍ର—ବିରହ ଓ ମିଳନ ଭିତରେ କେଉଁଥିରେ ଆନନ୍ଦ ଅଧିକ କିଏ ଓ କାହିଁକି ?

ଉ—ମିଳନର ପଛଆଡ଼େ ଆନନ୍ଦ ଆଉ ବିରହର ଆଗ ଆଡ଼େ । ମିଳନ ପାଇଁ ଯେତେ ଟଙ୍କା ଖରଚ କରିବାକୁ ପଡ଼େ ଖାଲି ଫୁଲ କିଣିଲେ ମିଳନ ଶିବାନନ୍ଦରେ ପରିଣତ ହୋଇ ଯାଏ । ଆଉ ବିରହ ପରେ ମିଳନ ହେଲେ ଯେଉଁ ଉପହାର ଦେବାକୁ ପଡ଼େ ତାହା ମଧ୍ୟ ଅତି ଚମତ୍କାର ବିଷୟ ହୁଏ ।

ପ୍ର—ଉପର ଅଜାଙ୍କର କୌଣସି ନାତି ନାତୁଣୀଙ୍କ ବିବାହ ହୋଇଛନ୍ତି କି ?

ଉ—ବିବାହ ହେଲା ପରେ ନାତି ନାତୁଣୀ ଆଉ ରହନ୍ତି ନାହିଁ—ନଥିଲାବେଳେ ଅଜାଙ୍କ ନାତୁଣୀ ଦେଖି ଆଉ ଆଇଙ୍କର ନାତୁଣୀ ଯେଉଁ ମନେ ଅଜା ଆଇଙ୍କର ବଡ଼େ ସେବା କରନ୍ତି ।

ସୁଧାଂଶୁ ରାଉତରାୟ—ଆର କଲେଜ

ପ୍ର—ମୁଁ ମୋର ପ୍ରେମିକାର ଫଟୋ ପକେଟରେ ରଖିଥାଏ—ଆପଣ ଆପଣଙ୍କ ପ୍ରେମିକାର ଫଟୋ କେଉଁଠି ରଖିଥାନ୍ତି ?

ଉ—ହଜମି ଔଷଧର ଡ଼ବା ଭିତରେ ।

ପ୍ର—ଆପଣ ବଡ଼ ଗଳ୍ପକ ମନେ ହୁଅନ୍ତି—ଅପଣ ଲେଖା ଲେଖି ଛାଡ଼ି ଧ୍ୟାନ ଦେଉ ନାହାନ୍ତି ?

ଉ—ମୁଁ ଗଳ୍ପକ ସତ, ପାନ ଖାଉ ଗଳ୍ପ ଅତି ଗଳ୍ପକ ନୁହେଁ ।

ପ୍ର—ପ୍ରେମର ସଜ୍ଞା କଣ ?

ଉ—ଯାହା ପେଟ ଭିତରେ ଖବର ଜବର କରେ ।

ନରେନ୍ଦ୍ରନାଥ ପଣ୍ଡା—ଅଭିଲପଙ୍କ ବାଲେଶ୍ୱର

ପ୍ର—ଅମ୍ଳାୟୁ ସ୍ୱଜନ ମଲେ ସ୍ତ୍ରୀ ମାନେ ମୁହଁରେ ହାତ ଦେଇ କାନ୍ଦନ୍ତି କାହିଁକି ?

ଉ—ଲୁହକୁ ନଦେଖିଲେ ଅନ୍ୟଲୋକ ଲୁହ ବାହାର ନାହିଁ ଯେ !

ପ୍ର—ଜୀବନଟା କଳା ନା ବିଜ୍ଞାନ ?

ଉ—ଉଭୟ । ଦୁଃଖରେ କଳା ଆଉ ସୁଖରେ ବିଜ୍ଞାନ ।

ପ୍ର—ଜଳକର ମାନେ ଖୋସାମତିଆ କି ?

ଉ—ସବୁ ଅଫିସ୍ ଖୋସାମତିଆ ନୁହନ୍ତିକି ସବୁ ଖୋସାମତିଆ ଅଫିସ୍ ।

ଶ୍ରୀବତ୍ସ ବାରିକ ମହାନ୍ତି, ମଙ୍ଗଳାବାଗ କଟକ

ପ୍ର—ଧରମ ଟିଏ ବିବାହରେ ଦାମ୍ପତ୍ୟର ଛାୟା ପଡ଼ୁଛି କି ?

ଉ—ଧର୍ମରେ ବାସ୍ତବ ଓ ଛାୟା ସରିଗଲେ

ପ୍ର—ଆପଣ କେବେ ପ୍ରେମିକ ଥିଲେ କି ?

ଉ—ନିଶ୍ଚୟ—ଏବେ ମଧ୍ୟ ଅଛି । କିନ୍ତୁ ପ୍ରେମିକା ନାହାନ୍ତି ।

ପ୍ର—ପ୍ରଜାତନ୍ତ୍ରର ସମ୍ପାଦକ ସମାଜ ପତ୍ର ନୁହେଁ କାହିଁକି ?

ଉ—ପ୍ରଜାତନ୍ତ୍ର ବିହାରୀବାଗରେ ରହୁ ରହ କରେ—ସମାଜ ବ୍ରହ୍ମପୁରୀ ।

ରାମଚନ୍ଦ୍ର ମହାନ୍ତି କଲ୍ଲି !

ପ୍ର—ବିବାହ ପରେ ପ୍ରେମ କରିବାରେ ଆନନ୍ଦ କିଛି ନାହିଁ କି ?

ଉ—ଖାଇ ନଖାଇ ଧୂଆଁ ଖାଇବା—ଘରେ ନିଆଁ ଲଗାଇ ନିଆଁ ରକ୍ଷାକରିବାରେ ଅନେକ ଆନନ୍ଦ ଯେଉଁଥିପାଇଁ ମିଳେ ।

ପ୍ର—ପୁଅଙ୍କ କଲେଜରେ ଝିଅ ପଢ଼ନ୍ତି ମାତ୍ର ଝିଅଙ୍କ କଲେଜରେ ପୁଅ ନପଢ଼ନ୍ତି କାହିଁ ?

ଉ—ପୁଅ ଝିଅଙ୍କ ପାଣି ଗ୍ରହଣ କରି ଆଣିପାରନ୍ତି କିନ୍ତୁ ପୁଅଙ୍କର ଧୈର୍ଯ୍ୟ ଅଛି—ଝିଅଙ୍କର ନାହିଁ ।

ପ୍ର—ଆପଣ କାହାର ପ୍ରେମିକା ହେଲେ କଲେଜ ଗାର୍ଲ୍ ପସନ୍ଦ କରିବେ ନା—ଗାଉଁଲି ଝିଅ ପସନ୍ଦ କରିବେ ?

ଉ—ପ୍ରେମିକା ହିସାବରେ କଲେଜ ଓ ଗୃହିଣୀ ଭାବରେ ଗାଉଁଲି ।

---

୨୦ ବର୍ଷର ଅଭିଜ୍ଞତା

ଦେଶ ମହିଳେଗ କରୁଛି ! ରାମଙ୍କ ରାଜ୍ୟରେ ଏ ଧୋବା ଧୋବଣୀ କଳକଳ ରାମଙ୍କ ମୁହଁରେ କଳା ବୋଳିଲେ, ମୁସଲମାନଙ୍କ ରାଜ୍ୟରେ ଏମାନେ ନାକ ଟେକିଲେ, ହିନ୍ଦୁ ରାଜ୍ୟରେ ଏ ଭଲ ଭଲ କଳକଳ ରାଜନୈତିକ ଦେଶ ଛାଡ଼ିଦେଲେ । ସେମାନେ ଆସିଲାରୁ ତାଙ୍କୁ ସେମାନେ ଗୋରା ବେପାରୀ ଦଳରେ ଧରିଲେ ଗୋଟି 'କ୍ୱିଟ୍ ଇଣ୍ଡିଆ' ବୋଲି ପଠାଇଲେ । ଏଣେ ଏ ଦେଶ ଲୋକ ରାଜନୀତି ବୁଝିଲେ ଯେ ସେମାନେ ଅଥଚ ମଙ୍ଗଳ ନାରୀ ପର ନାକ ଟେକିବାକୁ ଆରମ୍ଭ କରିବାର ଲୁଣ୍ଠନ କରି ଦେଲେଣି । ତେଣୁ ବର୍ତ୍ତମାନ ସତ୍ୟ ଉପାୟ ହେଉଛି ଦକ୍ଷିଣ ସମ୍ଭବ ଛାଡ଼ି ଉଠିବା ଏବଂ ବର୍ତ୍ତମାନ ବିଶେଷ ଭାବରେ ପ୍ରତିଷ୍ଠା ଲାଭ କରିବା ଏହି ନୂତନ ଅଥଚ ପୁରାତନ ନୀତିକୁ ଗୋଟିଏ ତ୍ରିଶୂଳର ଗୁନ୍ଥ ଦେଇ ପାଣ୍ଟିକୁ ଟେକି ଦେଉ ନବ କଥା । ବେଶୀ ଡେରି ହେଲେ ଏମାନେ ପୁଣି ସ୍ଲୋଗାନ ଉଠାଇବେ —ଜାଲ୍ ପେଟ୍ ଜୋର ଅମର ରହେ

ଜନ୍ କଣ୍ଡାଣ୍ଟ ଜିନ୍ଦାବାଦ

Digitized by srujanika@gmail.com

ହାଜଡ଼ା ଭସ୍ମ କୁଠାର

କୁଷ୍ଠ

ବାତରକ୍ତ, ସ୍ୱର୍ଣଭଙ୍ଗ, ସଂଯୋଗ ଆ ଅଙ୍ଗ ଫୁଲା, ଗଳିତ, ଫୋଟକ ଦୂଷିତ ଘାଆ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ଏକମାତ୍ର ଯୋଗ୍ୟ ପ୍ରତିଷ୍ଠାନ

ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅଭ୍ୟନ୍ତରୀଣ ସେବନୀୟ ଓ ବାହ୍ୟ ଔଷଧ ... ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ... ପାଇଁ ... ହୁଏ । ... ଦରରେ ... ପ୍ରତିଷ୍ଠାତା—

ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ

(H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା

ଶାଖା ... ହାରିସନ ରୋଡ଼ କଲିକତା

ସ୍ୱର୍ଣ୍ଣ ସମସ୍ୟାର

ସମାଧାନ



ଖାଣ୍ଟି ଗିନିସୁନା ତଥା ଗ୍ୟାରେଣ୍ଟି ଦେଇ ... ୨୨ କ୍ୟାରେଟ ... ଗହଣା, ... ମାପ ... ପ୍ରେରଣ କରୁଛୁ । ... ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ... ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

ଡି, ମଲ୍ଲିକର ଚୌଧୁରୀ ... ବ୍ରାହ୍ମସମାଜ ରୋଡ଼, ...

୧୦୧ ଟଙ୍କା ପୁରସ୍କାର

ନକଲରୁ ସାବଧାନ

ଅସଲି

ପଞ୍ଚଗୁଣା ତେଲ

[ ... ମାର୍କ ]

ବହୁ ଗୁଣକାରକ, ସ୍ୱଳ୍ପ ... ଅସଲି ପଞ୍ଚଗୁଣା ତେଲ, ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ... ଫୋଡ଼ା, ଘାଆ, ... ଚର୍ମ ରୋଗକୁ ଆରୋଗ୍ୟ କରେ ... ପରୀକ୍ଷା କରି ଦେଖନ୍ତୁ । ... ସମସ୍ତ ... ୧୦୧ଟଙ୍କା ପୁରସ୍କାର ... ଏଜେଣ୍ଟ ... ଦରକାର ... ଦେବୁ ।

ପ୍ରାପ୍ତିସ୍ଥାନ—ମହାବୀର ... 

ପାଇରୋଲ



... ମହୌଷଧ

ଅନନ୍ତରସ ସାଲସା



ରକ୍ତ ପରିଷ୍କାରକ, ବୀର୍ଯ୍ୟବର୍ଦ୍ଧକ
ଓ ବାତ-ବେଦନାନାଶକ ମହୌଷଧ

ବହୁବଜାର ଲେବରେଟରୀ
... କଲିକତା

... ମାସିକ ପତ୍ରିକା

'ଗ୍ରାମ ସେବକ'

ପଢ଼ନ୍ତୁ

ବାର୍ଷିକ ମୂଲ୍ୟ ...

ପୁରସ୍କାର ୨୦୦୦ଟଙ୍କା

ନେପାଳ ରଜାଙ୍କର
ରେଜିଷ୍ଟ୍ରାର୍ଡ
ଧାତୁଦୌର୍ବଲ୍ୟ ...
... କଲିକତା

ସମ୍ପାଦକ — ଶ୍ରୀ ... ମହାପାତ୍ର    ପରିଚାଳନା ସମ୍ପାଦକ—ଶ୍ରୀ ରାଧାମୋହନ ଦାସ

Printed & Published by ... at the Gopinath Press, ...



# ଡଗର

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୧୮ଶ ସଂଖ୍ୟା
ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ
୧୬।୩।୫୦

## ଓଡ଼ିଶା ବଜେଟ




ମୋଟ ଦେହରୁ ମୋ କନା ହେଲା ଛୋଟ ପୁରା ଜୋଟ ହେବ କାହିଁ ?
ଖରଚ କାଟିଲୁ ଝଟ ଏ ବଜେଟ ନାମ ମାତ୍ର ହୁଉଥାଇ !

—ମନ୍ଦଭାବ

ବାର୍ଷିକ ଟ୬ ଷାଣ୍ମାସିକ ଟ୩ ମୂଲ୍ୟ-ପ୍ରତିଖଣ୍ଡ ଚାରିଅଣା

Digitized by srujanika@gmail.com

## ସ୍ତ୍ରୀ ରୋଗ ପାଇଁ

# ଚନ୍ଦ୍ରକା ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨ ୫୯ ଡାକ ଖର୍ଚ୍ଚ—୨୲୦/

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ
## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବତୁରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨— ଡାକଖର୍ଚ୍ଚ—୦୲୦/ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K KAVYATIRTHA (D. G.)
70. Cornwallis St., Calcutta

---

ଉତ୍କଳ ସାହିତ୍ୟର ସମୁଜ୍ଜ୍ୱଳ ମଣିମୁକ୍ତା,

# ମାନସିଂହ ସାହିତ୍ୟ

ସହିତ ପରିଚିତ ହେବାକୁ

| | | | |
|---|---|---|---|
| ଧୂପ— | ୨୲ | କମଳାୟନ— | ୨୲ |
| ବାପୁତର୍ପଣ— | ୦୲ | ହେମ— | ୦୲ |
| ଜୀବନ ଓ ତୃଷ୍ଣା— | ୦୲୲ | ଜୀବନପଥ— | ୨୲୶ |
| ଜୀବନଚିନ୍ତା— | ୦୲୶ | ନିର୍ଝର— | ୦୲ |
| ହେମଶସ୍ୟ— | ୨୲ | ହେମଶସ୍ୟ ଓ—ଅନ୍ୟାନ୍ୟ ପୁସ୍ତକର | |
| କବି ଓ କବିତା— | ୨୲ | ଅନୁସନ୍ଧାନ କରନ୍ତୁ । | |

---

### ଘଟକ ସୂତ୍ର

ଉଚ୍ଚବଂଶୀୟ, ଉଚ୍ଚଶିକ୍ଷିତ, ଓ ଉଚ୍ଚପଦସ୍ଥ ସମ୍ଭ୍ରାନ୍ତ ବଙ୍ଗାଳି ଭଦ୍ରଲୋକ, ଅନୁମାନିକ—କୁଡ଼ି ସୁନ୍ଦରୀ ୨୨-୨୫ବର୍ଷର ଜାତିଧର୍ମ ନିର୍ବିଶେଷରେ କୌଣସି ଓଡ଼ିଆ ମହିଳାଙ୍କୁ ବିବାହ କରିବାକୁ ଇଚ୍ଛୁକ । ଅସହାୟ, ଦରିଦ୍ରା, ଦୁସ୍ଥା ପ୍ରାର୍ଥନୀୟ ।

ବକ୍ସ ନଂ୧—ଡଗର

( ଏଭଳି ବିଜ୍ଞାପନ ଆମ୍ଭମାନେ ଏ ସ୍ତମ୍ଭରେ ପ୍ରକାଶ କରିବୁ )

---

### ଆକର୍ଷଣୀୟ ବିଜ୍ଞାପନ

ବ୍ୟବସାୟର ମୂଳମନ୍ତ୍ର ।
ବିଜ୍ଞାପନକୁ ମନୋରମ
ଏବଂ ଆକର୍ଷଣୀୟ କରିବା ପାଇଁ
ଶିଳ୍ପୀ ଶ୍ରୀ ଦଲ୍ଲୀପ କୁମାରଙ୍କ
ସହ ପରାମର୍ଶ କରନ୍ତୁ

**ଠିକଣା—ଶ୍ରୀ ଦଲୀପ କୁମାର**
**ମାନସିଂହ ମହାପାତ୍ର**
**ପୋଃ ଢେଙ୍କାନାଳ**

### ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଆପଣଙ୍କୁ ସ୍ମରଣକରି ୧୦୦ରୁ ୧୭୦ ପର୍ଯ୍ୟନ୍ତ ଯେକୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଜ୍ୟୋତିଷ ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବଳରେ ଆପଣଙ୍କ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୨୲ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖିପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
**ଜାଗୃତି ଭବନ, ଉତ୍କଳ ।**

---

## ଆନ୍ତର୍ଜାତିକ ମିଳନୀ ସଂଘ

DER WELT-BRIEFKASTEN

"International Exchange Service"

ଆପଣ ମାନେ ଦେଶ ବିଦେଶରେ ଆପଣ ମାନଙ୍କ ସମ ବୟସ୍କ ଓ ସମଭାବାପନ୍ନ ବନ୍ଧୁ ଚାହାନ୍ତି ? ନିଶ୍ଚୟ ! ସାଧାରଣ ଲୋକ ଚରିତ୍ର ପକ୍ଷରେ ଏହା ସ୍ୱାଭାବିକ । ଆପଣ ଯଦି ଘରେ ବସି କେଉଁ ସୁଦୂର ଫିନ୍‌ଲାଣ୍ଡ, ବ୍ରାଜିଲ ବା ମେକ୍ସିକୋ ପ୍ରଭୃତି ଦେଶରେ ଜଣେ ସହାନୁଭୂତିଶୀଳ ବନ୍ଧୁ ପାଆନ୍ତି, ସୁଖୀ ହେବେ ନାହିଁ କି ;

ଆମର ଅନୁଷ୍ଠାନ ଆପଣଙ୍କୁ ଯେ କୌଣସି ଦେଶରେ ଆପଣଙ୍କ ପ୍ରାର୍ଥିତ ବନ୍ଧୁ ସଙ୍ଗରେ ଯୋଗସୂତ୍ର ସ୍ଥାପନ ଓ ପରିଚୟ କରାଇ ଦେଇ ପାରିବ ।

ପ୍ରବେଶିକା ଫି—ସର୍ବସାଧାରଣଙ୍କ ପାଇଁ ଏକଟଙ୍କା ମାତ୍ର । ବାର୍ଷିକ ଗୁଣା ଛାତ୍ରଙ୍କ ପାଇଁ ଏକଟଙ୍କା ଓ ସାଧାରଣଙ୍କ ପାଇଁ ଦୁଇଟଙ୍କା ମାତ୍ର ବାଳିକା ଓ ମହିଳାଙ୍କ ପାଇଁ ଅଧା ।

କମ୍ୟୁନିକେସନରେ ପତ୍ର ବ୍ୟବହାର କରନ୍ତୁ

"ଆନ୍ତର୍ଜାତିକ ମିଳନୀ ସଂଘ"
ଡଗର ଅଫିସ
କଟକ ୧

Robert Schiller (signature)
ପ୍ରେସିଡେଣ୍ଟ

ପ୍ରତିନିଧି - ଶ୍ରୀ ଉତ୍ତମଚନ୍ଦ୍ର ପାଣିଗ୍ରାହୀ

---

### WANTED

Agents to secure orders for woolen & silk Textiles. Endi chadders 3×1½ yards. Rs 16/- free postage.

Bharat knitting Works
Ludhiana.

Digitized by srujanika@gmail.com

ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ

# ଡଗର

ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ ୧୩ବର୍ଷ ୧୮ସଂଖ୍ୟା ୧୭.୩.୫୦

## ଓଡ଼ିଶାର ବାସ୍ତୁହୀନ

ପୂର୍ବ ବଙ୍ଗର ବାସ୍ତୁହୀନମାନଙ୍କୁ ସାହାଯ୍ୟ ଦେବା ବର୍ତ୍ତମାନ ମାନବିକତା ଦୃଷ୍ଟିରୁ ଆବଶ୍ୟକ ହେଲାଣି । ଓଡ଼ିଶା ଭାଗରେ ଯେ ଅନେକ ବାସ୍ତୁହୀନଙ୍କୁ ଥଇଥାନ କରିବାର ଭାର ପଡ଼ିବ ଏଥିରେ ସନ୍ଦେହ ନାହିଁ । ଏଥିପାଇଁ ଓଡ଼ିଶା ସରକାର ଉପଯୁକ୍ତ ଯୋଜନା କରିବେ ଏବଂ ଜନସାଧାରଣ ମଧ୍ୟ ସାହାଯ୍ୟ ଦେବେ । ଜାତିର ସମୁଦାୟ ଦୁର୍ବଳତାକୁ ଜାତିର ଲୋକେ ଓ ଜାତିର ସରକାର ସହ୍ୟ କରିବାକୁ ବାଧ୍ୟ । ଆପଣା ହାତରେ ଯେଉଁ କିଆରି ଛେଦନ କରାଯାଇଛି ସେଥିପାଇଁ ପ୍ରତିକାର ଅନ୍ୟ ସ୍ଥାନରେ ଖୋଜି ଲାଭ ନାହିଁ । କିମ୍ବା ଏଠା ମୁସଲମାନମାନଙ୍କୁ ତଡ଼ିଦେବା ବା ମାରିବାରେ ତାର ସମାଧାନ ଅସମ୍ଭବ । କଳଙ୍କକୁ ବରଂ ନିଜ ଶିରରେ ରଖି ଭୁଲିବା ଶ୍ରେୟ । ଆମେ କେବଳ ଓଡ଼ିଶା ସରକାରଙ୍କୁ ଗୋଟିଏ କଥା ସୁଚାଇ ଦେବାକୁ ଚାହୁଁ । ଏହା ସଂକୀର୍ଣ୍ଣତା ହୋଇପାରେ—ତଥାପି ପ୍ରାଦେଶିକ ସୀମା ଜଗାଇବା ଦିଗରୁ ଦୂରଦୃଷ୍ଟି ରଖିବା ଅନ୍ୟାୟ ନୁହେଁ । ବାସ୍ତୁହୀନମାନଙ୍କୁ ବଙ୍ଗର କୌଣସି ନିକଟବର୍ତ୍ତୀ ଜିଲ୍ଲା ଉପକଣ୍ଠରେ ସ୍ଥାନ ନ ଦେଇ ପ୍ରଦେଶର ଭିତରେ କିମ୍ବା ଅନ୍ୟ ପାର୍ଶ୍ୱରେ ଥଇଥାନ କରିବା ବାଞ୍ଛନୀୟ । ତା ନ ହେଲେ ବଙ୍ଗ ସଂଲଗ୍ନ ଜିଲ୍ଲାରେ ସ୍ଥାନ ଦେଲେ କେତେ ଦିନ ପରେ ବଙ୍ଗଳା ତାଙ୍କୁ ସମୁଦାୟ ଜିଲ୍ଲାଟି ଚାହିଁଯିବା ବିଚିତ୍ର ନୁହେଁ ।

## ବାଲେଶ୍ୱରରେ ସ୍ୱାସ୍ଥ୍ୟ

ଓଡ଼ିଶା ଆସେମ୍ବ୍ଲିରେ ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟ ସମ୍ବନ୍ଧରେ କେତେକ ରହସ୍ୟପୂର୍ଣ୍ଣ ତଥ୍ୟ ଶ୍ରୀଯୁକ୍ତ କରୁଣାକର ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲାର ଲୋକ ସଂଖ୍ୟାରୁ ଜଣାଯାଏ ଅନ୍ୟ ଦୁଇ ଜିଲ୍ଲା ତୁଳନାରେ ବାଲେଶ୍ୱରର ଲୋକ ସଂଖ୍ୟା ଅତି ଅଳ୍ପ ବଢ଼ିଛି ।

| | ୧୮୮୧ ଗଣନାରେ | ୧୯୪୧ ଗଣନାରେ |
|---|---|---|
| ବାଲେଶ୍ୱର— | ୯୪୫୨୮୦ | ୧୦୨୯୯୩୦ |
| କଟକ— | ୧୭୯୨୧୯୩ | ୨୪୩୨୪୬୭ |
| ପୁରୀ— | ୮୮୮୫୯୨ | ୧୨୦୧୯୩୯ |

ବାଲେଶ୍ୱରରେ ପ୍ରାୟ ୫୦ ହଜାର ବଢ଼ିଛନ୍ତି । କିନ୍ତୁ ପୁରୀରେ ୩ ଲକ୍ଷ ଓ କଟକରେ ୭ ଲକ୍ଷ ଜନବୃଦ୍ଧି ହୋଇଛି । ଏ ଜନହ୍ରାସର କାରଣ ଯେ ସ୍ୱାସ୍ଥ୍ୟହାନି ଏବଂ ବିଶେଷତଃ ମ୍ୟାଲେରିଆ ଏହା ନିଃସନ୍ଦେହରେ କୁହାଯାଇ ପାରେ । ଗତ ବର୍ଷ କଟକରେ ମ୍ୟାଲେରିଆ ରୋଗୀ ସଂଖ୍ୟା ୩୩୨୯୪, ପୁରୀରେ ୧୧୨୬୭ ଓ ବାଲେଶ୍ୱରରେ ୨୪୬୪୩ ଅର୍ଥାତ ଲୋକ ସଂଖ୍ୟାର ଅଢ଼େଇ ଗୁଣ ପ୍ରାୟ । ଅନ୍ୟ ଜିଲ୍ଲାମାନଙ୍କରେ ଏକ ବା ଦେଢ଼ଗୁଣ । ଏପରି ସ୍ଥଳରେ ସରକାର ବାଲେଶ୍ୱରରେ ମ୍ୟାଲେରିଆ ନିବାରଣ ପାଇଁ କିଛି କରୁନାହାନ୍ତି । ୨ଟି ମ୍ୟାଲେରିଆ ଇଉନିଟ କୋରାପୁଟ ଓ କଟକରେ ରହିଛି ଏବଂ କଟକ ଜିଲ୍ଲାରେ ୩ଟି ସହରରେ ମଶା ମାରିବାର ବ୍ୟବସ୍ଥା ହୋଇଛି । ନଈ ଭାଙ୍ଗିଛି ଯେଉଁଠି ସେଠି ମାଟି ନ ପକାଇ ଅନ୍ୟସ୍ଥାନରେ ମାଟି ପକାଇବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ।

## କାଶ୍ମୀର

ନିରାପତ୍ତା ସଭା ମୁଣ୍ଡି କାଶ୍ମୀର ସମସ୍ୟା ସମାଧାନ ପାଇଁ ଜଣେ ମଧ୍ୟସ୍ଥ ନିଯୁକ୍ତ କରିବେ । ଭାରତ ସର୍ତ୍ତ ରଖି ରାଜି ହୋଇଛନ୍ତି । ଭାରତ କାଶ୍ମୀର ସମ୍ବନ୍ଧରେ ଯେଉଁ ଯେଉଁ ନୀତି ଅବଲମ୍ବନ କରିଛନ୍ତି ତା ଠିକ୍ ହୋଇଛି କି ଭୁଲ ହୋଇଛି ବର୍ତ୍ତମାନ ଭଲ ଭାବରେ ପୁନର୍ବିଚାର କରିବାର ସମୟ ଆସିଛି । ପଣ୍ଡିତଜୀ କହେ ଅନ୍ୟାୟ ଅସହିଷ୍ଣୁତା ହେଲେ ମଧ୍ୟ ସାମ୍ପ୍ରଦାୟିକ ଷଡ଼ଯନ୍ତ୍ରର ବିଜୟ ସର୍ବଦା । ଭାରତୀୟ ହିନ୍ଦୁମାନଙ୍କ ଆଡ଼ରୁ ତାହାର ଅଭାବର ହେତୁ ଉଦାରତା କିମ୍ବା ନିର୍ବୁଦ୍ଧିତା ତାହା ଦେଖିବାର କଥା । ଯଦି ନିର୍ବୁଦ୍ଧିତା ହୁଏ ତେବେ କେବଳ କାଶ୍ମୀର ପୂର୍ବବଙ୍ଗ ନୁହେଁ ହିନ୍ଦୁମାନେ [illegible] ଶ୍ରେଣୀକୁ ଲୋକଙ୍କର ପଦଦଳିତ ଚତୁର୍ଦ୍ଦିଗରେ ହେବେ । ଏହାର ପ୍ରତିକାର ନାହିଁ ।

କାଶ୍ମୀର ମୁସଲମାନ ପ୍ରଧାନ ଦେଶ ତଥାପି ସେମାନେ ଭାରତ ଅନୁରକ୍ତ ବୋଲି ନେତାମାନେ ଆଶ୍ୱାସନା ବାଣୀ ଶୁଣାଉଛନ୍ତି । ଏହି ମତକୁ ଦୃଢ଼ କରିବା ପାଇଁ ଶେଖ ଅବଦୁଲ୍ଲାଙ୍କୁ ଭାରତର ନାନା ସ୍ଥାନରେ ବୁଲି ପ୍ରଚାର କରିବାକୁ ପଡ଼ୁଛି । କାଶ୍ମୀରର ଲୋକେ ଯାହା ଚାହିଁବେ ତାହା ହେବ ବୋଲି କହି ଲାଭ ନାହିଁ ଯେଉଁ ଅଂଶ ପାକିସ୍ତାନ ମାଡ଼ି ବସିଛି ସେ ଅଞ୍ଚଳର ଲୋକେ ଯଦି ଅସନ୍ତୁଷ୍ଟ ଥାଆନ୍ତି ଏବଂ କାଶ୍ମୀର ଶାସନ ତଳକୁ ଆସିବାକୁ ଚାହାନ୍ତି ଯେ କୌଣସି ସର୍ତ୍ତରେ ନିରପେକ୍ଷ ଶକ୍ତିର ତତ୍ତ୍ୱାବଧାନରେ ଯଥାଶୀଘ୍ର ଜନମତ ନେବା ଉଚିତ । କାଶ୍ମୀର ଯେପରି ଭାରତର ଏକ କଣ୍ଟକ ହୋଇ ସବୁଦିନେ ରହୁଛି ତା ଅପେକ୍ଷା ପାକିସ୍ତାନକୁ ଚାଲିଯିବା ବରଂ ଭଲ—ଅବଶ୍ୟ ଯଦି ଲୋକେ ଚାହୁଁଥାଆନ୍ତି ।

ସବୁଠାରୁ ଗୋଟିଏ ପନ୍ଥା ଅତି ସମ୍ମାନକର ଆମର ମନେ ହୁଏ । ଭାରତ କାଶ୍ମୀରକୁ ନିଜ ଅନ୍ତର୍ଭୁକ୍ତ କରିବାପରେ ପାକିସ୍ତାନକୁ ସିଧା ଜବାବ ଦେଇ ଯୁଦ୍ଧ ଘୋଷଣା ନକରିବାଟାକୁ ପାକିସ୍ତାନ ଏବଂ ବୋଧହୁଏ ଅନ୍ୟାନ୍ୟ ଦେଶର ଲୋକେ ଦୁର୍ବଳତା ମନେ କରୁଛନ୍ତି । ପାକିସ୍ତାନ ମିଳିତ ଜାତି ଆଗକୁ ଯାଇ ଥିଲେ ବୋଧହୁଏ

(ଅବଶିଷ୍ଟାଂଶ ପର ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

# ଡାଟରେ ଡାଟରେ ଟାନା ନାନା

ଶେଷରେ ଆପଙ୍କୁ କେବଳ ଜଙ୍ଗଲ ବିଭାଗ ଆଡ଼୍ଖୁ ଉପରେ ନଜର କରିବାକୁ ପଡ଼ିବ—ଭୈରବ ମହାନ୍ତି

...ସମସ୍ତେ ଦାଢ଼ୀ ଛାଡ଼ି ମୁହଁରେ ଜଙ୍ଗଲ ବଢ଼ାନ୍ତୁ ।

\+ × +

କଅଣ୍ଟିଆ ବଜେଟ ପେସ କରିବାରେ ଆଇନଗତ ବାଧା ନାହିଁ—ଧାନବନ୍ଧୁ ସାହୁ

...ଏମ୍ ଏଲ ଏଙ୍କ ଅଣ୍ଟି ଭରିଲେ ହେଲା ।

× + ×

ବଜେଟ କଅଣ୍ଟିଆ ହେଲେ ମଧ୍ୟ କରଶାର କାରଣ ନାହିଁ—ଗୀଳମଣି ରାଉତରାୟ

...ପରଧୃତ କର୍ମିତ ଶୋଭିତ ଧର୍ମଂ
ତଦପି ନ ମୁଞ୍ଚ ତ୍ୟାଗ ସ୍ତମ୍ଭଂ ।

\+ × +

ବାଲେଶ୍ୱର ଜିଲ୍ଲାରେ ଲୋକ ସଂଖ୍ୟା କମି ଯାଉଛି—କରୁଣ କର ପଣ୍ଡିତ ସ୍ୱାମୀ

...ଯୋଜ ସଂଖ୍ୟା ବଢ଼ୁଛି କି ?

\+ + +

ଆଦିବାସୀଙ୍କ ଉନ୍ନତି ପାଇଁ ଅଧିକ ଦରକାର—ଲକ୍ଷ୍ମୀ ନା. ଭଞ୍ଜଦେଓ

...ଆଦିବାସୀରେ ଉନ୍ନତି ମଧ୍ୟ କରାଯିବା ଉଚିତ ।

❊ ❊ ❊

ବଜେଟ ବ୍ୟବସ୍ଥାର ପ୍ରଶଂସା କରୁଛି—ଆନନ୍ଦ ଦ୍ରୁମର

...ମା ଗଙ୍ଗେ ଶାନ୍ତି ।

× + ×

ଅନୁଗୁଳକୁ ଆଉ ହସ୍ତମୁଦା ମହାଲ ନକର—ହୃଷିକେଶ ତ୍ରିପାଠୀ

...ହସ୍ତମୁଦା ମହାଲ କଲେ ପଦେ କହିବାକୁ ବି ନଥିବ ।

\+ + +

ମୁଁ ବଜେଟକୁ ସ୍ୱାଗତ କରୁ—ମଦନ ମୋହନ ପଟ୍ଟନାୟକ ।

...ଫୁଲତୁଳସୀ ଅଛିତ ? ଅନ୍ୟାଗଛି ! ଅନାଗଛି !

\+ + +

ପ୍ରମମୁଖୀ ଶାସନ ଫଳରେ ଲୋକେ ଆଗେଇପଡ଼ିବେ—ସଭ୍ୟ

...ପ୍ରଜାମୁଖୀ ଶାସନରେ ତ ଲୋକେ ଉଡ଼ୁଛନ୍ତି ।

\+ × +

ମଧ୍ୟ ବିତ୍ତ ଶ୍ରେଣୀ ଲୋକେ ଅଧିକ ହଇରାଣ ହେଉଛନ୍ତି—ନାରାୟଣ ମୂର୍ତ୍ତି ।

...ମଧ୍ୟମ ନାରାୟଣ ତୈଳ ମାଲିସ କରନ୍ତୁ ।

× + ×

ଶାସନ ବିଧାନର ଲକ୍ଷ୍ୟ ଆମ ବଜେଟ ଭିତରେ ରହିଛି—ପଞ୍ଚାନନ ପ୍ରଧାନ ।

...ଅଚଳବନ୍ଦ, ପରବତୋହବା ।

\+ × +

ଜମିଦାରୀ ଅଞ୍ଚଳରେ ବିଶେଷ କୃଷି ଦରଅ—ନାରାୟଣ ପାତ୍ର

...ଜମିହୃତ ଦେଇଛନ୍ତି—ଙ୍କାବଚ୍ଛି ପାତ୍ର ଦାଅ ନ୍ତୁ ।

× × +

ଏ ବଜେଟ ଆଧୁନିକ ବଜେଟ—ଗଦାଧର ଦତ୍ତ

...ଆଧୁନିକା ବିନା କିଏ ବୁଝିବ ମରମ !

\+ × +

ମୂଲିଆମାନେ ବେଶି ପଇସା ଦାବି କରି କମ୍ କାମ କରୁଛନ୍ତି—ଗୌରାଙ୍ଗ ଚରଣ ଦାସ ।

...ଏମ୍ ଏଲ ଏମାନେ ବେଶି କାମ କରି କମ୍ ପଇସା ନେଉଛନ୍ତି ।

\+ × +

ଇଂଲଣ୍ଡରେ ମାଉଁସଖିଆ ବର୍ଷରେ ଜଣପିଛା ୧୧୦ ପାଉଣ୍ଡରୁ ୭୦ ପାଉଣ୍ଡକୁ କମିଛି ।—କ୍ରିପସ

...ବ୍ରିଟିଶ ସିଂହ ନିରାମିଷ ଅଭ୍ୟାସ କରୁଛି ପରା ।

\+ + +

ପାକିସ୍ତାନ କ୍ରମେ ପାଗଳ ହୋଇ ଗଲାଣି—ଅଜ୍ଞାତ

...ଯାହାକୁ କାମୁଡ଼ିବ ସେ ମଧ୍ୟ ପାଗଳ ହେବ ।

\+ + +

ମୁଁ ଦୁଇଦଳ ପ୍ରଥାରେ ବିଶ୍ୱାସ କରେ—ଅଧ୍ୟାପକ ନାଥ

...କାନ୍ଧ ହିଦାଲ ନହେଲେ ଶମ୍ଭୁ ପୂଜା ଅସମ୍ଭବ ।

\+ + + ×

ମୁଁ ସ୍ଥାନୀୟ ଲୋକଙ୍କ ଠାରୁ ଅର୍ଜନ କରେ—ସୁକୃତି

......ସତକଥା । ମାନ କାହାର ଝୁଲ ?

\+ + + +

ହିନ୍ଦୁ ପଳାତକଙ୍କ ସମ୍ପତ୍ତି କଥା ପରେ ଦେଖିବା — ପାକିସ୍ତାନ ପ୍ରଧାନମନ୍ତ୍ରୀ ଲିୟାକତ
...... ଚୋରାଇଲେ କି ?

❊ ❊ ❊ ❊

ପାକିସ୍ତାନରେ ଦାନ ଚୋରର ଲୋକେ ଥିବେ ମନ୍ଦ ମେଦିନୀ କେହି ନଥିବେ—ମୋଆଳିତ

...କନ୍ୟା ଦାନ ଦେଲେ କେ କିଏ ଥିବେ କି ?

❊ ❊ ❊ ❊

ଦାରୁପଦରେ ମଣା ମରିଛନ୍ତି---ସମ୍ବାଦ
...ମାଥିଉଜୀଙ୍କ ମଥା ବଥା ଦ୍ରାକ ।

❊ ❊ ❊ ❊

କୋଇଲା ଖଣିର ଏକ ହଜାର ଶ୍ରମିକଙ୍କ ଛାଟ ଉପରେ ଓଡ଼ିଶା ସରକାର---କୃଷକ ସଂବାଦ

...ନଟେକ ମାଇଲା ଶ୍ରୀବତ୍ସ ଦୁର୍ଘଣ ଘଟେ କହୁଅଛି ତାହାକୁ ।

\+ × × ×

(ପରପୃଷ୍ଠା ଉତ୍ତାରୁ)

ଭଲ ହୋଇଥାନ୍ତା । କାରଣ ଆକ୍ରମଣ କାରୀ ସେ—ଭାରତ ନୁହେଁ । ସେ ଯାହା ହେଉ— ବ ଯାହା ହେବାର ହେଲାଣି । ବର୍ତ୍ତମାନ ଭାରତ ଯଦି ପାକିସ୍ତାନ ସହିତ ଦ୍ୱନ୍ଦ୍ୱ ଏଡ଼ିବାକୁ ଚାହେଁ ତେବେ କଶ୍ମୀରକୁ ପୂର୍ଣ୍ଣ ଭାବରେ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରି ସୈନ୍ୟ ସାମନ୍ତ ଓ ଯୁଦ୍ଧ ଉପକରଣ ଯୋଗାଇବା ଦାଇ ସାହାଯ୍ୟ କରୁ । ଏବଂ କାଶ୍ମୀର ମିଳିତ ଜାତି ସଂଘର ନୂତନ ସଭ୍ୟ ରୂପେ ଜାତି ସଂଘରେ ଆସନ ଉଠାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପାକିସ୍ଥାନ ସେନା କାଶ୍ମୀରରୁ ଅପସାରିତ ନ ହେଲେ ଯୁଦ୍ଧ ଘୋଷଣା କରିବ ବୋଲି ଶେଷ ସର୍ତ୍ତ ଶୁଣାଇ ଦେଉ । ଏହା ହିଁ ବର୍ତ୍ତମାନ କାଶ୍ମୀର ଓ ଭାରତ ପକ୍ଷରେ ବୀରତ୍ୱର ପରିଚୟ ହେବ । ଫଳରେ ଭାରତ ଓ ପାକିସ୍ତାନର ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱୀ ହେବା ଅବଶ୍ୟକ ମନେ କରିବେ ନାହିଁ । ଯୁଦ୍ଧ ଅବସାନରେ ବା ମିଳିତ ଜାତିସଂଘର ନିଷ୍ପତ୍ତି ଫଳରେ କାଶ୍ମୀର ଏକ ସ୍ୱତନ୍ତ୍ର ରାଷ୍ଟ୍ର ହେବାରେ ଭାରତର କ୍ଷତି ନହୋଇ ବରଂ ଲାଭ ହେବ ଏବଂ ସେତେବେଳେ ଭାରତ ସହିତ ନିର୍ମଳ ମନରେ ମିଶିବାକୁ କାଶ୍ମୀର ପାଇଁ ଦ୍ୱାର ଉନ୍ମୁକ୍ତ ରହିଥିବ ।



Digitized by srujanika@gmail.com

# ଶିଆଳ ଅଖାଡ଼ା

ବର୍ତ୍ତମାନ ଦୁଇଟି 'ବ' ଭାରତବର୍ଷକୁ ବ୍ୟସ୍ତ କରୁଛି—ବଜେଟ ଓ ବଙ୍ଗଳା। ଆମ ପାର୍ଲିଆମେଣ୍ଟରେ ବଜେଟ ଅସେମ୍ବ୍ଲିରେ ମଧ୍ୟ ବଜେଟ। ପାର୍ଲିଆମେଣ୍ଟରେ ବଜେଟ ପିଛା ମାଥାଇ ଆମ ବଜେଟ ପିଛା ମହତାବ। କିନ୍ତୁ ସେଠି ବଳକାବୁ ଏଠି ନାଅଣ୍ଟିଆ। କାରଣ ମାଥାଇ ବାଙ୍ଗର କିନ୍ତୁ ମହତାବ ଡେଙ୍ଗା। ଅଳ୍ପ କନାରେ ମାଥାଇଙ୍କ କୋଟ ହେବ ମାତ୍ର ମହତାବଙ୍କର ଚଳିବ ନାହିଁ। ସୁତରାଂ cut the coat according to the cloth—

*　*　*　*

ବଜେଟଟା ସବୁବେଳେ ନୂଆ। କିନ୍ତୁ କେନ୍ଦ୍ର ବଜେଟ ଗଲା କେଇବର୍ଷ ହେବ କେବଳ ନୂଆ ନୁହେଁ—ସର୍ବପ୍ରଥମ ବଜେଟ ହୋଇ ଆସୁଛି। ଶେଷ ଇଂରାଜୀ ଅର୍ଥମନ୍ତ୍ରୀ ପ୍ରଥମ ବ୍ରିଟିଶ ଭାରତର ଶେଷ ବଜେଟ ପେଶ କଲାପରେ ଲିଆକତ ଅଲ୍ଲୀ ପ୍ରଥମ ଭାରତୀୟ ଭାରତର ବଜେଟ ଆଣିଲେ। ତା ପରବର୍ଷ ସମୁଖମ୍ ଚେଟୀ ପ୍ରଥମ ସ୍ୱାଧୀନ ଭାରତର ବଜେଟ ଆଣିଲେ। ତା ପରବର୍ଷ ପୁଣି ପ୍ରଥମ ସୁସ୍ଥ ଡୋମିନଅନ ବଜେଟ ଆସିଲା। ତା ପରବର୍ଷ ପ୍ରଥମ ଶେଷ ଡୋମିନିଅନ ବଜେଟ—ଏବଂ ଏ ବର୍ଷ ପ୍ରଥମ ରିପବ୍ଲିକାନ ବଜେଟ ମାଥାଇ ଆଣି ଛନ୍ତି। ଅତଏବ ଆମେ ନୂତନତ୍ୱକୁ ଛାଡିଲେ ମଧ୍ୟ ନୂତନତ୍ୱ ଆମକୁ ଛାଡୁ ନାହିଁ।

*　*　*　*

ଭାରତ ବଜେଟରେ ସାଧାରଣଙ୍କର ଲାଭ ଏତିକି ହେଇଛି ଯେ ପୋଷ୍ଟକାର୍ଡ ଲଫାଫା ଦର କମି ଯାଇଛି। ଯଦି ଦର ବଢିଥାନ୍ତା ତେବେ ପୁଞ୍ଜିପତିମାନେ ହୁଏତ ଆଗରୁ ସବୁ ପୋଷ୍ଟକାର୍ଡ ଲଫାଫା କିଣି ଗଚ୍ଛିତ କରି ରଖି ଦେଇଥାନ୍ତେ—ବେଶି ଦରରେ କଳାପେଠରେ ବିକିବା ପାଇଁ। ଯାହାହେଉ ଏଣିକି ପୋଷ୍ଟକାର୍ଡ ସୁଲଭ ହେବ।

×　×　+　×

କିନ୍ତୁ ପ୍ରକୃତ ଲାଭମାନ ହେଲେ ଭଡ଼-ବଡ଼ିଆ ମାନେ। ଶିଳ୍ପପତି, ବ୍ୟବସାୟୀ, ସୁପର ଟାକ୍ସ ଦାତା, ଇନକମ ଟାକ୍ସ ଦାତା, ତାର ଦେବାବାକୁ ଆଉ ବହୁତ ଛାଡ ପାଇଲେ। ଏହାଫଳରେ ଉତ୍ପନ୍ନ ବଢିବ—ଲାଭ ହେବ—ବେପାର ବଢିବ। ମୋଟା ଲୋକଙ୍କର ପେଟ ବଢିବ—ଗରିବ ଲୋକଙ୍କର ନାଟ ବଢିବ—ଡାକ୍ତରଙ୍କର ଡାକରା ବଢିବ—ଓକିଲଙ୍କର ମୋକଦ୍ଦମା ବଢିବ—ରାଜନୀତିକ ମାନଙ୍କର ଗୀତ ମଧ୍ୟ ବଢିବ—କଳା ଯେ ତାଆଙ୍କର କଳା ବଢିବ—କଳା ବଜାରୀଙ୍କର କଳା ବଢିବ—ଚୋରଙ୍କର ଚୋରି ବଢିବ—ପୋଲିସଙ୍କର ଧରା ବଢିବ ଇତ୍ୟାଦି।

\+　×　+　+

ବଜେଟରେ ଯାହାଇଚ୍ଛା ତାହାହେଉ ନାଆ ଟିକସ ଯେ ଧାର୍ଯ୍ୟ ହୋଇନାହିଁ—ଏଇଟା ସୁମହତ କାର୍ଯ୍ୟ। ଅନ୍ତତଃ ଏକଥା କେହି କହିବ ନାହିଁ ବଜେଟଟା ଖରାପ। ଭଲ ନହୋଇ ପାରେ ଅନ୍ତତଃ ଆଉ କିଛି ହେଉ ନହେଉ ଆମ ପ୍ରବାସୀ ଓଡ଼ିଆଙ୍କ ପକ୍ଷରେ ଏହା ସ୍ୱର୍ଗୀୟ ବଜେଟ। କାରଣ କଲିକତାରୁ ଏଣିକି ଅତି ଅଳ୍ପ ଦିନରେ ନବ ବଧୂମାନେ ଚିଠି ପାଇ ପାରିବେ। ଲଫାଫା ଦର ଶସ୍ତା ହୋଇଛି। ରେଳ ଭଡ଼ା କମି ନାହିଁ। କେହି ଓଡ଼ିଆମାନେ ଅଯଥା ବାରମ୍ବାର ଘରକୁ ନଆସି ଅନ୍ତତଃ ବାରମ୍ବାର ଚିଠିପତ୍ର ଲେଖି ପତ୍ର ଦ୍ୱାରା ଧର୍ମ, ଅର୍ଥ, କାମ ମୋକ୍ଷ ପ୍ରାପ୍ତିର ବ୍ୟବସ୍ଥା କରିବେ।

×　+　×　+

ମାତ୍ର ବଜେଟରେ ଶିକ୍ଷା ସ୍ୱାସ୍ଥ୍ୟ ଖୁବ୍ ଜୋରରେ କାଟ ଖାଇଛି। ଲୋକ କଳା ବଜାରର ପ୍ରାଦୁର୍ଭାବରେ ଭଲେ ଭଲେ ଏତେ ଶିଖିଲେଣି ଯେ ଆଉ ଶିକ୍ଷାଦେବା ଦରକାର ପଡିବ ନାହିଁ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ଶ୍ରୀମତୀ ଅମୃତ କଉର ବୋଧହୁଏ କହିବେ—ଏ ଅନିତ୍ୟ ସଂସାର ମାଝରେ ମରିବ—ସେଥିପାଇଁ ଏତେ ଯତ୍ନ କାହିଁକି?

ଲୁଖା ଖଙ୍କ୍ ଖତ୍
ମିଛ ମାସ୍ୱାରେ ପଡ଼ି ହେଉ
ହେଉ ହେଉ ନତ୍ ହେଉ

*　*　*　*

ଓଡ଼ିଶା ବଜେଟ ସମ୍ବନ୍ଧରେ ବାଲ୍ଲିଆ ପଡି ନିଜ ମତ ନଦେଇ ବାଲ୍ଲିଆ-ଅସେମ୍ବ୍ଲି ସଭ୍ୟମାନଙ୍କ ମତ ପେଶ କରୁଛି—

ଶ୍ରୀ ଗୌରବ ମହାନ୍ତି—ଏ ବଜେଟର ନାମ—ବ୍ରାହ୍ମଣ ହରେକୃଷ୍ଣ ବଜେଟ।

ଶ୍ରୀ ଲୋକମଣି ରାଉତରା—ଏ ବଜେଟର ନାମ—ନ ହେଲେ ନରହେ ଜୀବନ

ଶ୍ରୀ ଧନବନ୍ଧୁ ସାହୁ—ଯୋ ହୁଇ ହୋ ତୋରୀ ମରଜୀ ସେ।

ଶ୍ରୀ କୃପାକର ପାଣିଗ୍ରାହୀ—ପାଣି ପାଣିଭୋଗ ଯାଇ ଶୀଘ୍ର ବାଗକୁ ଫଳ ପାଇଛି ଏଥିରେ ସୁରେନ୍ଦ୍ର।

ଶ୍ରୀ ବ୍ରଜେନ୍ଦ୍ର ଚନ୍ଦ୍ର ଦେଓ—ଯାହା ଶ୍ରେଷ୍ଠ ତାହା ହେଉ—ସରକାର ଶ୍ରେଷ୍ଠ ଗୋଷ୍ଠୀ ଶ୍ରେଷ୍ଠ ହରେ କୃଷ୍ଣ ମୁଖ ପରେ ବାଜ ଗୋ!

ଶ୍ରୀ ଅଚ୍ୟୁତ କୁମାର ଦାସ—ହାକିମରେଖାର ଜନକ ଠୁଳୁଗିଆମାନଙ୍କର ଜୀବିକା ଆବ ଶ ଲୋଷ୍ଟ ହେବାକୁ ଏ ବଜେଟ ଅତି ମନ୍ଦ ନୁହେ କିମ୍ବା ଅତି ଭଲ ନୁହେଁ।

ଶ୍ରୀ ବୈଦ୍ୟନାଥ ରଥ—ଭ୍ରାନ୍ତ ସୃଷ୍ଟି କରନ୍ତି।

ଶ୍ରୀ ଲୋକନାଥ ମିଶ୍ର—ପତିତ ପାବନ ବାନା ଆଉ କେତେ ଦେଖିବ।

ଶ୍ରୀ ବାଞ୍ଛାନିଧି ମହାପାତ୍ର—ଛୁ ଛୁ ଏଣ୍ଡା ଜନ୍ତୁ ଲ—

ଶ୍ରୀ ମର୍ଦ୍ଦନ ମୋହନ ପଟ୍ଟନାୟକ—ଭାମିତା ମଧ୍ୟ ଉତ୍ତମ ବଜେଟ

ଶ୍ରୀ ଶୁଦ୍ଧାନନ୍ଦ କାନନଗୋ—'ଧରଧର ସତୀ' ହବ

ଶ୍ରୀ ରାଜକୃଷ୍ଣ ବୋଷ—ଏ ବଜେଟର ନାମ ଇମ୍ପଟିନ ବଜେଟ ଏହା ଲାଭର ଉପକାର କରେ ମାତ୍ର ହାତ୍ ଦୁର୍ବଳ କରି ଦିଏ।



Digitized by srujanika@gmail.com

ଶ୍ରୀ ଯୁଧିଷ୍ଠିର ନାରାୟଣ ସାହୁ—ଏ ବଜେଟରେ ମନ୍ତ୍ର ସଙ୍ଗୀତ ନାହିଁ ।

ଶ୍ରୀ ଗଜପତି ଜେଠୀ—ବ ହେଳରେ ଜନ୍ମିତ ନୂହିଲି ୧ରଟରେ ।

ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ—ଧୂକ୍ଷୁପ ଦଳ ଲୋ—ଏଇଟି ଆଳରିଲେ ଏଇଟି ଭଳି ଲୋ

ଶ୍ରୀ ବୈକୁଣ୍ଠନାଥ ମିଶ୍ର—ମଦନାନନ୍ଦ ମୋଦକ ବିବର୍ଦ୍ଧନୀ ବଜେଟ

ଶ୍ରୀ ଶୈଳେନ୍ଦ୍ର ହରିଅ— Wihout Port Folio

ଶ୍ରୀ ଚନ୍ଦ୍ରମୋହନ ପ୍ରଧାନ—ଯାହା ହେବାର ହେବ ଏଣିକି—ମୁଁ ତ ଦେଇଛି ଜୀବନ ବଳି

ଶ୍ରୀ ବୀରେନ୍ଦ୍ର ଦାସ—ଶ୍ୟାମ ସୁନ୍ଦର ହେ ତମେ ଜାଣ ଏତେ ସୁନ୍ଦର

ଶ୍ରୀ ବଦ୍ରିକାନାଥ ଦାସ—ମରିବ ପଛେ ମୁଁ କଲ ବଲେ, ସଖୀ ନଯିବ ଯମୁନା ତୋହ ଭୂଲେ ।

ଶ୍ରୀ ପାର୍ଯ୍ୟୂଣ ପାଠ—ମେଟେ ଏ ସଂକଳ୍ପ ଭର ପଦ୍ଧତାଣ ।

ଶ୍ରୀ ସ୍ୱାଦୁଶୋଧନ ମହାପାତ୍ର—ଅହଂ ତ୍ୱାଂ ସର୍ବ ପାପେଭ୍ୟଃ ମୋକ୍ଷୟିଷ୍ୟାମି ମାଶୁଚଃ ।

ଶ୍ରୀମତୀ ସ୍ୱୟଂବଦା ଦେବୀ—ସବ୍ ସେ ଚୁପ ଭଲ ।

ଶ୍ରୀ ରାଜମୋହନ ପଟ୍ଟନାୟକ—Lead kindly light—

\+ \+ \+

ଓଡ଼ିଶା ଏସେମ୍ବ୍ଲିରେ ସବୁଠୁ ଚମକ ପ୍ରଦ, ପ୍ରେମ ହର୍ଷଣକାରୀ, ନାରୀ ମନହାରୀ—ବାଳ ବିନୋଦ—ବୃଦ୍ଧ ଯୌବନ ପ୍ରାପ୍ତି ମୂଳକ—ବିଚିତ୍ର—ଅପୂର୍ବ ନଗର-ସମ୍ଭବ ସଂବାଦ ହେଉଛି ସ୍ୱୟଂ ଦୈତ୍ୟନାଥ ବହୁକାଳ ତପ ସ୍ୱାରଣ କରି ଆକର୍ଷ୍ଣକ ଭାବେ ତାଙ୍କ ସ୍ୱ-ସ୍ଥାନରେ ଧରାଧାମରେ, ଭରତ ଖଣ୍ଡେ ଉତ୍କଳ ପ୍ରଦେଶେ, କଟକ ନଗର୍ଯାଂ, ରେଭେନ୍ସା କଲେଜସ୍ଥ ଆସେମ୍ବ୍ଲି ଭବନେ, ଅମୁକ ନମ୍ବର ସିଟେନ, ବହୁଳ ପକ୍ଷ, ବାମଙ୍ଗେ ସ୍ୱଶରୀରେ ଅବତୀର୍ଣ୍ଣ ହୋଇ ତାଙ୍କର ଭକ୍ତ, ଅନୁରକ୍ତ ବିରକ୍ତ, ସରକ୍ତ ମାନଙ୍କୁ ଅଭ୍ୟାର୍ଥିତ କରୁଛନ୍ତି । ସ୍ଥଳ ପଣ୍ଡିତ ମାନେ ସେଦିନ କଟକ ସହର ଜନ୍ମ ଦାଣ୍ଡରେ ପ୍ରଚୁର ପଦ ମାରୁଥିଲେ—

ନଈରେ ବାଳିଆ ଚହଟିଲା,<br>
ହିନ୍ଦୁର ଶଙ୍ଖା ହୁଅ କର୍ମବନ୍ଧ<br>
ସୁଦିଣି ବନ୍ଦୀ ଲେଉଟିଲା !

\+ × \+

ଆଖି ଆଗ ନା କାନ ଆଗ—ଚକ୍ଷୁ କର୍ଣ୍ଣର ବିବାଦ ଭଞ୍ଜନ କଲେ ଆମ ଓଡ଼ିଆ ବ୍ୟବସ୍ଥା ସଭାର ବାଚସ୍ପତି ମହାଶୟ । ଆସେମ୍ବ୍ଲିରେ ଦୁଇଜଣ ସଭ୍ୟ ଏକ ସମୟରେ କହିବାକୁ ଉଠିଲେ । ଯିଏ ଆଗେ ଉଠିବ ସେ ଅଗେ କହିବା କଥା ମାତ୍ର ଏକସଙ୍ଗରେ କହିବା କଥା ! ସେ ସ୍ଥଳରେ ବାଚସ୍ପତି ଯାହାକୁ ଅଗ ଦେଖିବେ ସେଇ କେବଳ କହିବ । କିନ୍ତୁ ସାବୁ ଭିତରୁ ପୁଣି ମାରୁ ବାହାରିଲା । ବାଚସ୍ପତି କହିଲେ—ମୁଁ ଜଣକୁ ଆଗ ଠିଆ ହେବାର ଦେଖିଛି—ଆଉ ଜଣକୁ ଆଗ କହିବାର ଶୁଣିଛି—ଏ ସ୍ଥଳରେ ଚକ୍ଷୁ ଆଗ ନା କର୍ଣ୍ଣ ଆଗ ? ବଲ୍ଲୁଆ ସଭା ମତରେ କାନ ଆଗ । କାରଣ ଗୁହାରିଟା ସବୁବେଳେ ଭକ୍ତ ଭଗବାନଙ୍କ ଠାରେ ଜଣାଏ । ଯେଉଁମାନେ କାନରେ କହନ୍ତି ସେମାନଙ୍କ ସ୍ଥାନ ସେଥିପାଇଁ ଅଗ । ଏକଥା ଅନ୍ତତଃ ପ୍ରଧାନ ମନ୍ତ୍ରୀ ସବୁତ ଦେଇ କହି ପାରିବେ । ତା’ ଛଡ଼ା ସଂଶୋଧନ କରିବାକୁ ହେଲେ କାନ ମୋଡ଼ ନାକଘସି ଶିଖି ହେବ—ଆଖିରେ ଅଙ୍ଗୁଳି ଦେଇ ଦେଖିବା କଥାଟା ସିନା ଅଛି—ମାତ୍ର ନିଜ ଆଖିକି କାହାରି କେବେ ଅଙ୍ଗୁଳି ଯାଏ ନାହିଁ । ଅତଏବ ବାଚସ୍ପତି ମହୋଦୟ ଏ ରୁଲିଂ ଦେଇ ଥିବେ ବୋଲି ଆଶା କରୁଁ ।

\+ \+ \+

କଟକ ରେଭେନ୍ସା କଲେଜର କୌଣସି ଶ୍ରେଣୀର ଦୁଇ ବିଭାଗ ଭିତରେ କଳି ଗୋଳ ଲାଗିଛି ଗୋଟିଏ ପ୍ରଫେସରଙ୍କୁ ନେଇ । ପ୍ରଫେସର ମହୋଦୟ ବଡ଼ ଛାତ୍ରଛାତ୍ରୀ ପ୍ରିୟ ବା pupilar. ଶ୍ରେଣୀର ଦୁଇଟି ଯାକ ବିଭାଗ ପ୍ରଫେସରଙ୍କ ପଢ଼ା ଗ୍ରହାନ୍ତି ମାତ୍ର ଯେଉଁ ବିଭାଗରେ ଛାତ୍ରୀ ଅଛନ୍ତି କେବଳ ସେଇ ବିଭାଗରେ ପ୍ରଫେସରଙ୍କ ରୁଟିନ ପଡ଼ି ଥିବାରୁ ଛାତ୍ରୀହୀନ ବିଭାଗ ଜବରଗାରେ ଝୁରୁଛନ୍ତି । ପ୍ରିନ୍‌ସିପାଲ ମହୋଦୟ ସମ ଭାବରେ ଦୁଇ ବିଭାଗ ମଧ୍ୟରେ ଝିଅ ବଣ୍ଟନ କରି ଦିଅନ୍ତୁ । କାରଣ ବିନା ଛାତ୍ରୀରେ କୌଣସି ଶ୍ରେଣୀ ଜମେ ନାହିଁ—ପ୍ରଫେସରଙ୍କର ପଢ଼ାଇବାକୁ ମନ ବା ଲାଗିବ କପରି ?

\+ \+ \+

ଉତ୍କଳ ପ୍ରଦେଶରେ ଗବେଷଣା କରି ଜଣା ପଡ଼ିଛି ଯେ ସୋରିଷ ତେଲରେ ମୋବିଲ ଅଏଲ ମିଶୁଛି । ବଲ୍ଲୁଆ ସଭା ମତରେ ଆଉ କିଛି ପେଟ୍ରୋଲ ମିଶାଇ ଦେଲେ ମଣିଷମାନେ ରାସ୍ତାରେ ନଗୁଲା ମୋଟରଭଳି ଦଉଡ଼ନ୍ତେ ବା ଉଡ଼ାଜାହାଜ ପରି ଉଡ଼ନ୍ତେ । ଆମର ସରକାର ଓ ସରକାରଙ୍କ ପଛପେଲା କଳା ବଜାରୀ ପୁଞ୍ଜିପତି ମାନେ ବିନା ପଇସାରେ ଏ ଉପଦେଶ ଗ୍ରହଣ କଲେ କୃତାର୍ଥ ହେବୁ ।

\+ × \+

ହିଟଲରଙ୍କ ପରି ନେତାଜୀଙ୍କୁ ଘେନି ଏକ ରହସ୍ୟ ମୟ ସଂବାଦ ପ୍ରକାଶ ପାଇଛି । ବଡ ବଡ଼ ଲୋକଙ୍କୁ ବଡ କରିବାର ଚେଷ୍ଟାଠାରୁ ଛୋଟ କରିବାର ଚେଷ୍ଟା ଏ ସମାଜରେ କମ ହୁଏ ନାହିଁ । ହିଟଲରଙ୍କ ଝିଅ ବାହାରିଗଲେ । ଏବେ ନେତାଜୀଙ୍କର ପୁଅ ଆବିଷ୍କାର ହୋଇ ପୁଅର ମା ଅଷ୍ଟ୍ରିୟାରମଣୀ ଭାରତ ସରକାରଙ୍କଠୁଁ ଖୋରାକ ପୋଷକ ଦାବୀ କରିଛନ୍ତି ବୋଲି ଅସମର୍ଥିତ ସଂବାଦ । କୌଣସି ଭାରତୀୟ ସନ୍ତାନ ଏଭଳି ଦାବି କଲାପରେ । କାରଣ ଗାନ୍ଧୀଙ୍କୁ ଭାରତର ଜନକ ନକହି ପିତା ମହ କରି ଦିଆଯାଇ ପାରନ୍ତା—ଏବଂ ନେତାଜୀ ପିତା ହୋଇ ପାରନ୍ତେ । କିନ୍ତୁ ଯେଉଁ ଗୋରା ଜାତିକ କଳାମାନେ ଗାନ୍ତି ସେଇ ଜାତିର ରମଣୀ ପୁଣି ଏ କଥା କହୁଛି । ବାସ୍ତବିକ ଅନ୍ୟକୁ ଛୋଟ କରିବା ପାଇଁ ଏ ଜାତି କାକରୁ କେତେ ତଳକୁ ଖେଳ ନଯାଏ ।



Digitized by srujanika@gmail.com

## ବାହାଘର ଗୀତ

ଲେଖ—ନ. ମ.

ଆଜିକାଲି ଫେସନ ହେଉଛି—ବିନା ଗୀତରେ ବାହାଘର ନହୁଏ । ବିନା ହାତଗଣ୍ଠିରେ ବାହାଘର ହୋଇ ପାରେ—ବିନା ଅଇଣ୍ଠା ଚଟାରେ କାଜ ସଜ ହୋଇ ପାରେ—ବିନା କେଳ କଟାରେ ପାଦ୍ରି ପାଠ କରିପାରେ କିନ୍ତୁ ବିନା ବାହାଘର ଗୀତରେ ନୂତନ ଭାରତ ରକ୍ଷା ଆଇନ ବଳରେ ବାହାଘର ମନା।

ଯେଉଦିନଠୁ ବାହାଘରଟା ଭାରତ ରକ୍ଷା ଆଇନର ଉପଧାରା ହେଲାଣି—ଅର୍ଥାତ ଯେଉଁ ଦିନ ଆମ ସରକାର ବୁଝିଲେଣି ଯେ ଅଧିକ ସନ୍ତାନ ଉତ୍ପନ୍ନ ନ କଲେ ପାକିସ୍ତାନ ସହିତ ଯୁଦ୍ଧରେ ଲୋକକ୍ଷୟକୁ ଭରଣି କରିହେବ ନାହିଁ—ସେଇଦିନଠୁ ଛାପାଖାନା ମାନଙ୍କରେ ପ୍ରଜାପତି ବ୍ଲକର ଜଣା ଟନାଟନି ଚାଲିଛି ।

ଲଳିତାର ବାହାଘର ଦିଲ୍ଲୀପ ବାବୁଙ୍କ ସହ—ଏଇ ମାସ କେଇ ଦିନଟି ?—ନାହିଁ କି ଲେଖି ଯାଇଛି । ନିମନ୍ତ୍ରଣ ଛପା ଶେଷ । ମାତ୍ର ବାହାଘର ଗୀତ କାହିଁ ?

ଆଈ ଲଗେଇଛନ୍ତି ବାହାଘର ଗୀତ ଦରକାର । ଭାଇ ଲଗେଇଛନ୍ତି ବାହାଘର ଗୀତ ଲୋଡ଼ା । ବାପା ବୋଉଙ୍କର ବି ଆବଶ୍ୟକ । ରୁମାଲ କାଗଜ କିଣା ସରିଲାଣି । ସେଇଥିଲେ ଛପାଯିବ ସବୁ । ମାତ୍ର ବାହାଘର ଗୀତ କାହିଁ ?

ସେ ଗାଁର ଜଣେ କବି ଥାନ୍ତି । ପାତଳା ଦେହ—ବୟସ ତିରିଶ ପାଖାପାଖି—ସବୁ ମଳ ମଳ କନାର ଲମ୍ବ ପଞ୍ଜାବୀ—ଚପଲଟା ପିନ୍ଧି ସେ ବୁଲନ୍ତି—ଘରେ ଘରେ—ଖୋଜନ୍ତି ସୌନ୍ଦର୍ଯ୍ୟ । ଯାହାର ଯାହାର ବାହାଘର ସାଧ୍ୟ ହୁଏ ସେ ଯାଇଁ ହାଜର ହୁଅନ୍ତି ସେଠି । ଲୋକେ କହନ୍ତି—"କବି ଗୋଟେ ବାହାଘର ଗୀତ ।"

କବି ଶେଷକୁ ଗୀତ ଲେଖି ଲେଖି କାହିଁକି ଛଟା ଲାଗିବାରୁ ପୁରୁଣା ଗୀତ ସବୁକୁ ମେଳେଇ ଖଣ୍ଡା ବଣ୍ଡ ଥୋଡ଼—ଥୋଡ଼ ବଣ୍ଡ ଖଣ୍ଡା କରି ଦିଅନ୍ତି । ପାରିଶ୍ରମିକ ବାହାଘର ଭୋଜିଟା !

କବିଙ୍କୁ ଦିନେ ଜଣେ ଜ୍ୟୋତିଷ ଆସି କହିଗଲେ—ଦେଖ ବାବୁ, ତୁ ଏତେ ଅନ୍ୟର ବାହାଘର ଗୀତ ଲେଖୁଛୁ ବୋଲି ତୋ ବାହାଘର ଗୀତଟା ଏଇ ଜୀଳଗା ଠେକରେ ବି ସମ୍ଭବ ହୋଇ ପାରିଲା ନାହିଁ । ଏଣିକି ବାହାଘର ଗୀତ ଲେଖା ବନ୍ଦ କରି ଦେ—ଦେଖିବୁ ତୋ ପାଇଁ ହାତରେ ହୁଣ ଲାଗିଯିବ ।

ସେଇ ଦିନଠୁ କବିଙ୍କର ବାହାଘର ଗୀତ ଲେଖା ବନ୍ଦ । ଯିଏ ଯେତେ ଲଗାଇଲେ ମଧ୍ୟ ଯେ ନାହିଁ କି ସେଇ ନାହିଁ—ଏକା ଜିଦି । ଲଳିତା ବାହାଘରରେ ମଧ୍ୟ ସେଇ ନାହିଁ—ଆପଣାର ପିଉସୀ ଝିଅ ଭଉଣୀଟା ବାହା ହେଉଛି—ତଥାପି ନାହିଁ । ନିରୁପାୟ ।

ଝିଅଙ୍କ ଘର ଭିତରେ କବିତା ଲେଖେ ଏକା ଲଳିତା । ମାତ୍ର ବାହାଘର ତ ତାହାରି । ସେ ବା ଲେଖିବ କିମିତି ? ଘରର ଚିନ୍ତାର ବିଷୟ ହୋଇ ଗଲା । ସରକାରଙ୍କର ନିଅଣ୍ଟିଆ ବଜେଟରେ ମଧ୍ୟ ଏ ଦୁଶ୍ଚିନ୍ତା ହେବ ନାହିଁ । କାରଣ ବିନା ବାହାଘର ଗୀତରେ ବାହାଘର ହେବ କିମିତି ?

ସାନ ସାନ ଭାଇ ଭଉଣୀ ମାନେ ଚୁପ୍‌ଚାପ ଯାଇ ଶିଖାଇଲେ—ନାନି—ଲେଖିଦେ ଖଣ୍ଡେ ଗୀତ—ଆମେ ଆମନାରେ ଛାପି ଦେବୁ—କେହି ଜାଣିବେ ନାହିଁ । ମାତ୍ର ଲଳିତା ଏଡ଼େ ବୁଦ୍ଧିହୀନ ଝିଅଟିଏ ନୁହେଁ ଯେ ସେ ପିଲାଗୁଡ଼ାଙ୍କ କଥାରେ ଭୁଲି ଶେଷରେ ଅପଦସ୍ତ ହେବ ।

ସେ ମଧ୍ୟ କବିଙ୍କ ଭଳି ମନାକରି ବସିଲା 'ନାହିଁ'—କାରଣ ତାଲେ କବିତା ଲେଖିଲେ ବାହାଘର ବନ୍ଦ ହୋଇଯିବ ।

ଶେଷକୁ ନିତାନ୍ତ ନିରୁପାୟ ହୋଇ ସମସ୍ତେ ଆଶା ଛାଡ଼ିଦେଲେ । ବିନା ବାହାଘର ଗୀତରେ ବାହାଘର—ଧୋବା ବାହାଘର ପରି । ବରପକ୍ଷ ହସିବେ । ସମସ୍ତଙ୍କ ମନଦୁଃଖ ।

ପରହିଦିନ ବାହାଘର । ଛାପାଖାନାରେ ଦିନେ ଦି ଦିନ ଲାଗିବ । କାଲି ସକାଳୁ ଯେ କୌଣସିମତେ କବିତା ନ ପାଇଲେ ଚଳିବ ନାହିଁ । ଲଳିତାର ଭାଇ ଭଉଣୀ ସମସ୍ତେ ଲାଗିଗଲେ—ପୁରୁଣା ଗୀତକୁ ଓଲଟ ପାଲଟ କରି, ନାଁ ବଦଳାଇ ଲେଖିଦେବାକୁ—ମନ୍ଦିର ବାଜୁଛି—ବାଜା ବାଜୁଛି—ଶଙ୍ଖ ହୁଳହୁଳି ପଡ଼ୁଛି—ମୁଁ ଆଶୀର୍ବାଦ କରୁଛି ତମେ ସୁଖରେ ଘରକର—ଏଇମିତି କେତେ-ଗୁଡ଼ାଏ ଶବ୍ଦ ଲଗାଇଦେଲେ ତ ଗୀତ ହେଲା । ନହେଲେ କେବଳ ନାଁ ବଦଳାଇ ଆଉଜଣକ ବାହାଘର ଗୀତକୁ ଚଳାଇ ଦିଆଯାଇ ପାରେ—ଯେମିତି ଗାଁରେ ଗୋଟିଏ ବର-ଯୋଗାଡ଼କ ଥାଏ—ତାକୁ ଦରକାର ବେଳେ ସମସ୍ତେ ନେଇଯାନ୍ତି । କାମ ସରିଲେ ପୁଣି ସ୍ୱ ଅନ୍ତଘରେ ହାଜର—ସେମିତି ।

ଅଡୁଆ ହୁଏ ଏକାଦିନେ ଦୁଇଟା ବାହାଘର ବେଳକୁ, ଯାହା ହେଉ ଲଳିତାର ବାହାଘରରେ ସେ ଚିନ୍ତା ନାହିଁ ତ ।

କିନ୍ତୁ ଲଳିତାର ଯୋଗ—ସେଠି ଦୋଷେଇ କି ଲୋକେଇରେ ପଡ଼ନ୍ତୁ ନାହିଁ ଯେ ପୁରୁଣା ଗୀତକୁ ଅଦଳ ବଦଳ କରି ଛପା ଯିବ । ତାର ପିମ୍ପି ଛାଡ଼ା ଟେକା ଚଙ୍ଗଚଙ୍ଗା ବର ବାହାଘର ଗୀତଟାବି ସେମିତି ହେବା ଦରକାର । ନହେଲେ ତ ନାହିଁ । ବାହାଘର ଗୀତ ନହେଲେ କଣ ତା ବରର ମୁହଁ ମାଙ୍କଡ଼ ଘୁଷୁରି ଭଳି ଦିଶିବ କି ଆଉ ! ତାର ବର ଯେମିତି ସେମିତି—ସୁନ୍ଦର—ଗୁଲ ଗୁଲିଆ—ନୂଆ—ନବୀନ—ତରୁଣ ! ଶେଷକୁ ନିରସ୍ତ୍ର ସମସ୍ତେ — ଆଉ ଗତି କଣ ଅଛି ?

ସେଦିନ ବୁଢ଼ୀ ଆଈକୁ ମା ସାରଳା ପ୍ରସନ୍ନ ହେଲେ । ସେ କହିଲେ ମୁଁ ସାରଳାଙ୍କ, ପାଖରେ ମାନସିକ କରି ଆସିଛି ରାତିରେ ତକିଆ ତଳେ କାଗଜ ପେନସିଲ ରଖି ଦେବ । କାଲି ସକାଳେ ଦେଖିବ କବିତା ଲେଖା ହୋଇସାରିଥିବ । ମୋତେ ମା ସପନେଇଛନ୍ତି । ମୁଁ ଯେଉଁ ଘରେ ଶୋଇବି — ସେ ଘରର ଆଉ କେହି ଶୋଇବେ ନାହିଁ । ଘର ଲିପା ପୋଛା ହେବ, ଧୂଣା ଧୂଆଁ ଦିଆ ଯିବ । ଭୋଗ ଲାଗିବ ।

ବୁଢ଼ୀ କଥା ଶୁଣି ସମସ୍ତେ ରାଜି । ଏଣି

୭ ପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com



# ପାଗଳ ଶିଳ୍ପୀ

ଲେ—ହରିହର ବାହିନୀପତି, ବି: ଏ:

ଆଜି ଇନସ୍‌ପେକ୍‌ଟର ଆସିବେ—ବିଚାରି ଭୁଇଁ ମଷ୍ଟିରି ଚରଚରରେ ଖାଇସାରି ସ୍କୁଲକୁ ଯିବାକୁ ଯୋତା ପିନ୍ଧୁଛି, ସ୍ତ୍ରୀ ପାନ ଭାଙ୍ଗୁଛନ୍ତି, ଝୁନୁନା ଦାଣ୍ଡ ଦୁଆରୁ ଦୌଡ଼ିଆସି କହିଲା "ବାପା ଚିଠି ଆସିଛି" ମୋ ହାତକୁ ସେ ବଢ଼ାଇ ଦେଲା ଖଣ୍ଡେ ଲଫାଫା, ଖୋଲି ଦେଖେତ ତା' ଭିତରେ ସାଧା କାଗଜ ଉପରେ ମୋର ପିଲାଦିନର ପେନ୍‌ସିଲ୍ ଅଙ୍କା ଛବି ଗୋଟିଏ ଓ ଆଉ ଖଣ୍ଡିଏ ଛୋଟିଆ ଚିଠି। ଚିଠିରେ ଲେଖାଥିଲା ଶିଳ୍ପୀ! ଭ୍ରାନ୍ତ ତୁମେ। ତୁମର ଏ ପାଗଳାମି କାହିଁକି? ଆଦର୍ଶକୁ ତୋଳି କାହିଁକି, ଯଦି ବାସ୍ତବତାର ରୂପ ନଦିଅ—ଭବିଷ୍ୟତରେ ସନ୍ଧାନ ବା ତା' କାହିଁକି ଯଦି ସମାଧିର ଅନ୍ଧାର ତୁମେ। ଅଲୋକର ଦୀପ କାହିଁକି ଯଦି ତଳେ ତାର ଅନ୍ଧାରର ଚକ୍ର—ଗୋଲାପର ସ୍ୱପ୍ନ କାହିଁକି କଣ୍ଟକିତ ଯଦି ତାର ସ୍ୱର୍ଣ୍ଣ—ସୁନ୍ଦର ଗୁଁଦର ଅର୍ଚ୍ଚନା କାହିଁକି କଳଙ୍କିତ ଯଦି ତାର ରୂପ—ଅସାର ସଂସାର କାହିଁକି ଯଦି ତାହା ହତାଶରୁ ଜନ୍ମ। ଜାଣ ଯେବେ ପୂର୍ଣ୍ଣତା ଅସମ୍ଭବ, ପ୍ରଚେଷ୍ଟା ତାହାହେଲେ କାହିଁକି ଶିଳ୍ପୀ? କାହିଁକି ଏ ଅଧା ପନ୍ତରିଆ ସୃଜନ ତୁମର? ହେଉ ନିଅ—ଫେରିପାଅ ତୁମର ସେ ଛବିଟିକୁ ଶିଳ୍ପୀ!

\+ × × +

ସେଦିନବେଳେ ରମେଶ ଦାଣ୍ଡ ଦୁଆରୁ ଭୋରରବ ପରି ଆସୁ ଆସୁ କହିଲା, "—ଅରେ ସୁଧାଂଶୁ କଣ ହେଲାରେ ପଅରଦିନ କାଗଜରେ ଯେଉଁ ଖବର ବାହାରିଥିଲା? ବିଲାତରୁ ଆସୁଥିବା ଜାହାଜଟି ଭାରତ ମହାସାଗରରେ ବୁଡିଯାଇଛି—ଆଜି ବାହାରିଛି ବୁଡ଼ିଯାଇଥିବା ଜାହାଜଟିର କୌଣସି ପତ୍ତା ନାହିଁ। ସେଥିରେ ବିଲାତରୁ ଫେରୁଥିଲେ ଓଡ଼ିଆ ଛାତ୍ର ହିମାଂଶୁ ଶେଖର ମହାପାତ୍ର।"

ମୁଁ ଚିଠି ଓ ଛବିଟିକୁ ନିର୍ବାକ ହୋଇ ବଢ଼ାଇ ଦେଲି ରମେଶ ହାତକୁ।

ମନେ ପଡ଼ିଲା, ହିମାଂଶୁର ବାହାଘର ଦିନ ତା ସ୍ତ୍ରୀ ପାଇଁ ହିମାଂଶୁର ବନ୍ଧୁ ଦାମିକା ଶାଢ଼ୀ, ସ୍ନୋ, ପାଉଡର ଅତର କିଣି ଉପହାର ଦେଇଥିଲେ। ଆଉ ମୁଁ ନିଃସ୍ୱ, ଦୀନବନ୍ଧୁ ହିସାବରେ ହିମାଂଶୁ ହାତରେ ତା ସ୍ତ୍ରୀ ପାଇଁ ପଠାଇ ଦେଇଥିଲି ଏହି ଛବିଟିକୁ ସେଥିରେ ପେନ୍‌ସିଲ୍ ମୁନରେ ଆଙ୍କିଥିଲି ଗୋଟିଏ ଦମ୍ପତି। ସ୍ତ୍ରୀ ମାଟି ଚକଟି କୋଳରେ ଟୋକେଇ ଭରି ଆଣି ସ୍ୱାମୀ ପାଖରେ ଠିଆ ହେଉଛି ଓ ସ୍ୱାମୀ ସ୍ତ୍ରୀ ମୁଣ୍ଡରୁ ମାଟି ଟୋକେଇ ଉତାରି ଘର ତୋଳୁଛି—ଘର ଚୂଳ ମରନ। ଗୃହରୁ ଛବି କଳା ଅର୍ଣ୍ଣପାଠ ଏଇ ଦାମ୍ପତ୍ୟ-କୋଣାର୍କର ଚୂଳ ମାରିବାକୁ ହିମାଂଶୁ ହାତରେ ଧରମାକୁ ଟେକି ଦେବା ପାଇଁ ତାର ସ୍ତ୍ରୀ ଉପଯୋଗୀ ହୋଇନଥିଲା ବୋଲି।

\+ + +

ରମେଶ କହିଲା—"ସୁଧାଂଶୁ ଆମ ସ୍ନୋ ପାଉଡ଼ର ସବୁ ହିମାଂଶୁ ସ୍ତ୍ରୀ ଦେହରୁ କେଉଁ ଦିନରୁ ଲିଭି ଯିବଣି ଓ ଦାମିକା ଶାଢ଼ୀ ସବୁ ବଳଡ଼ା କନାର କାମ ସାରିବଣି ବୋଧେ।

ମୁଁ ନିସ୍ତବ୍ଧ ହୋଇ ଠିଆ ହୋଇଥିଲି। ସ୍ତ୍ରୀ ବୋଧେ କିଛି ବୁଝି ନଥିଲେ। ଝୁନୁନା ହାତରେ କହି ପଠାଇଲେ—"ବାପାଙ୍କୁ କହ ଆଜି ପରା ସ୍କୁଲକୁ ଇନ୍‌ସ୍‌ପେକ୍‌ଟର........."

ମୁଁ...... ହିଁ...... ଇନ୍‌ସ୍‌ପେକ୍‌ଟର -କହ ସ୍କୁଲ ଗଲି।

× + ×

ଛବି ଅଙ୍କାଲି ପୁଣି—ଏକ ଷୋଡ଼ଶୀ ବିଧବାର ଲବଣୀ ହୃଦୟ ତଳେ ବଜ୍ର ପରି ପାଷାଣର ଏକ କଠିନ ମୂର୍ତ୍ତି—ପାଦ ତାର ଅଣି ଧାରରେ—ସମାଜ ଗୃଧ୍ର ଗୃହଁ ରହିଛି ତାର ପ୍ରତି ପଦକ୍ଷେପକୁ—ତଥାପି ସେ କୋମଳ ପାଦ ଖଣ୍ଡା ଧାରରେ ଭୁଶି ଯାଇ ରକ୍ତ ଛୁଟୁଛି—ବିଧବା ସେ, ପାଦ ତଳୁ ରକ୍ତ ବୋହି ଗଲେ ସଧବାର ଦର୍ପଣଛଟା ଅଳତାର ଭ୍ରମ ସୃଷ୍ଟି କରି ପାରେ?

ଛବିଟିକୁ ହିମାଂଶୁର ସ୍ତ୍ରୀ ପାଖକୁ ପଠାଇ ଦେଲି।

\+ + +

ହିମାଂଶୁ ତାର କେତେକ ଯାତ୍ରୀ ବନ୍ଧୁଙ୍କ ସହିତ ସମୁଦ୍ରରେ ପହଁରି ପହଁରି ଏକ ନିକଟବର୍ତ୍ତୀ ଦ୍ୱୀପରେ ଆଶ୍ରୟ ନେଇ ଶେଷକୁ ନିଜପଦରେ ଜନ୍ମ ମାଟିକୁ ଫେରି ଆସିବା ପ୍ରାୟ ଆଜିକୁ ହେଲାଣି ଦୁଇଟି ବର୍ଷ।

ଏହା ଭିତରେ ହିମାଂଶୁର ସ୍ତ୍ରୀ ମୋତେ ଚିଠି ଲେଖିଥିଲା, ତାର ବିବାହ ବାସରେ ଉପହାର ଦେଇଥିବା ମୋ ଛବିଟିକୁ ଫେରାଇ ଦେବାକୁ।

ଆଜି ହିମାଂଶୁ ଆମଘରର ଅତିଥି। ତାର ଦାମ୍ପତ୍ୟ ନୀଡ଼ରେ ବି ଏକ ନୂତନ ଅତିଥିର ବସା—ହିମାଂଶୁର ସ୍ତ୍ରୀ କୋଳରେ ଏକ ନବଜାତ ଶିଶୁ। ଝୁନୁନା ହିମାଂଶୁର ଛୋଟ ପୁଅଟିକୁ ଗେଲ କରୁଛି। ତାର ମା ମଧ୍ୟ ହିମାଂଶୁ ସ୍ତ୍ରୀ ସହିତ ଜମାଇ ଦେଇଛନ୍ତି ଗପ—ମୁଁ ହିମାଂଶୁ ପାଖରୁ ହଠାତ୍ ଉଠିଯାଇ କହିଲି "ଆରେ ତୁ ଜାଣିନୁ ପରା?" ସ୍ତ୍ରୀଙ୍କୁ ଡାକି କହିଲି "ହେଇ ନିଅ ଏ ଛବିଟିକୁ ତୁମ ସାଙ୍ଗକୁ ଦେଇ କହିବ, ଶିଳ୍ପୀ ଘରଟିର ଚୂଳ ମାରି ଦେଇଛି, ବନ୍ଧୁ ବଢ଼େଇର ଧରମା ଦେଖି। ହିମାଂଶୁ ଆଲେକ୍‌ଜାଣ୍ଡର ସେଲକାର୍କ ପରି ନିର୍ଜନ ଦ୍ୱୀପର ଅଧୀଶ୍ୱର ହୋଇଥିଲା ବେଳେ ଶିଳ୍ପୀ ତାର ଅନ୍ୟ ଛବିଟିରେ ଦେଇଥିଲା ବାସ୍ତବ ଭବିଷ୍ୟତର ନିଷ୍ଠୁର ସନ୍ଧାନ ପାତ୍—ଆଉ ବର୍ତ୍ତମାନ ଦେଉଛି—ବର୍ତ୍ତମାନର ଦାମ୍ପତ୍ୟ ଜୀବନର ମାତାଲ ରୂପ, ଏହି ସଂଶୋଧିତ ଛବିଟି ତଳେ, ସେହି ଚିର ପରିଚିତ ପାଗଳ ଶିଳ୍ପୀ ତାଙ୍କର......



Digitized by srujanika@gmail.com

# କୁଟୁ କୁଟୁ

ପୁଅ—ବାପା ଆମ ପୂର୍ବ ପୁରୁଷ ମାନେ କୁଆଡେ ମାଙ୍କଡ ଥିଲେ ?

ବାପା—ହଁ ।

ପୁଅ—ତେବେ ମୁଁ ଅଜାଙ୍କୁ ମାଙ୍କଡ଼ ଡାକିବି ।

\+ \+ \+

ରାମ—କଏ ଚୋର କୁମାର କହିଲ ।

ଶ୍ୟାମ—ମୋ ସାନ ଭାଇ

ରାମ—କମିତି

ଶ୍ୟାମ— ସେ ମଲା ବେଳକୁ ତାର ବୟସ ହୋଇଥିଲା ଆଠ ବର୍ଷ ପରା ,

\+ \+ \+

ମଧୁ— ରାଜଗୋପାଳ ଅଗ୍ରଣୀ ଭାରତ-ଭାସ୍କର ପଦବୀ ନେଲେ ନାହିଁ କାହିଁକି ?

ରାମ—ରାଜା ଅନୁସାରେ କେତେ ବା ରଖୁଥା ହୋଇ ଥାନ୍ତେ

\+ \+ \+

ଶ୍ୟାମ—ହଇରେ ରାମ ତୁଟଣା ଦାରମ ବୁ ଶଡକଡା ଟଙ୍କାଏ କାଟିଦିଅ ବୋଲି ସରକାରଙ୍କୁ କହନ୍ତୁ କରେ ।

ରାମ—ହଁ ଭାଇ ନ ହେଲେ ସରକାର ଶଡକଡା ଶଏ କାଟିବାକୁ ପ୍ରସ୍ତୁତ ଥିଲା ମୁଁ ଆଦର୍ଶ ଦେଖାଇ ଅନ୍ୟ ମାନଙ୍କୁ ଅନୁପ୍ରାଣିତ ହେବା ପାଇଁ କହିଲି ପରା ।

\+ \+ \+

ଗୋପାଳ—ଆରେ ଲୋକ ମାନେ ପରା ଶଏ ବରଷ ବଞ୍ଚନ୍ତି କିନ୍ତୁ ମୋ ଅଜାତ ଅଶି ବରଷରେ ମରିଗଲେ ।

ପ୍ରାଣ —"ଅଲଡ଼ନ ବଣ୍ଡ୍ ." ସ୍କିମ ପରା !

\+ \+ \+

ଯଦୁ—ଟମ ସ୍କିଲ୍ ମେଡ଼ିକ ଏତେ ଭଲ ଲାଗେ ଆଉ କଣ କହିବି, ସେ ମୋ ପାଖରେ ଥିଲେ ମୁଁ ସ୍ୱାସ୍ଥ୍ୟ ଭୁଲି ଯାଏଁ

ରାମ—ଭାଇ ଦୟା କରି ତୋ ସ୍କିଲ୍ ମେଡ଼ିକ ଦେଇ ଦେ !

× × ×

ଜ୍ୟୋତ୍ସ୍ନା—ଗଣେଶ ବାବୁ ଲେଖି ଛନ୍ତି "ହୃଦୟ କୃପଣ ମୋର ହୃଦୟର ବ୍ୟଥା ."

ପଦ୍ମ—ନଅ ଅଭୁଦ କଥାଟିଏ ଶୁଣାଇଲୁ ଭଉଣୀ ଗଣେଶ ବାବୁଙ୍କୁ ଲେଖିଦେ ସେ କୌଣସି ଡାକ୍ତର କୁ ନଦେଖାଇ ତୋ ପାଖକୁ ଲେଖିଲେ କହିଁକି। ଏହା ବୋଧହୁଏ T B ର ଲକ୍ଷଣ ।

ବୀରବଲ

---

ବରଷର ବୃଦ୍ଧୀ—ଅବା ସତ ହୋଇଥିବ ତା' କଥା । ମିଛରେ କାହିଁ କି କହନ୍ତେ !

ସେଦିନ ରାତିରେ ବୃଦ୍ଧୀ ଏକୁଟିଆ ଗୋଟିଏ ଘରେ ଶୋଇଲା । କେବଳ ଲଳିତାକୁ ସାଇ କହିଦେଲା—କାନ ପାଖରେ କଣ ଫୁସ୍-ଫୁସ୍ କିଛି କେହି ଜାଣିଲେ ନାହିଁ ।

ତହିଁ ଆରଦିନ ସକାଳେ ଦେଖିଲା ବେଳକୁ ସାଧା କାଗଜରେ ଲେଖାଅଛି—

| | |
|---|---|
| ଦିଲୀପ ବାବୁଙ୍କୁ | ଲଳିତା ନାଗୀ |
| ବରକୁ କନିଆ | ଯୋ'ନା ଯେନି । |
| ବର ଶ୍ରୀକୃଷ୍ଣକୁ | କନିଆ ରାଧା— |
| ବର କଡା ପାନ | କନିଆ ସାଦା । |
| ସେ ଶିବ ବାହାନ | ଏ କାମ ଧେନୁ— |
| ବର ଇନ୍ଦ୍ର କନ୍ୟା | ସଚୀଙ୍କ ତନୁ । |
| ଜୀବନେ ମରଣେ | ଦୁଇଟି ପ୍ରାଣ |
| କାପତା କାପତୀ | ସମାନ ଜାଣ । |
| ଜନମେ ଜନମେ | କାହାକୁ କେହି |
| ଗଡ଼ିଏ ଛାଡି ତ | ପାରିବେ ନାହିଁ । |
| ଏକବିନୁ ଆନ | ମରିବ ଝୁରି |
| ମୀନ ଏକ ଆନ | ନିର୍ମଳ ବାରି । |

ଇତ୍ୟାଦି ଇତ୍ୟାଦି କେତେ କଥା ।

ସକାଳୁ ସମସ୍ତେ ଅବାକ୍ । କେହି ଜଣେ ଅଧେ ସନ୍ଦେହ କରି କହିଲେ ବୃଦ୍ଧୀ ଲଳିତାକୁ ଲିଖେଇ ଦେଇଛି—ମାତ୍ର ବୃଦ୍ଧୀ ଆଖିକୁହିଁ ମନା କଲେ । ମା ଶାରଳା ନିଜେ ଏ ଗୀତ ଲେଖିଦେଇ ଯାଇଛନ୍ତି । ସାଙ୍ଗେ ସାଙ୍ଗେ ଗୀତ ଛପାହୋଇ ଆସିଲା ବୃଦ୍ଧୀ ଆଗରେ ।

ବର ବସିଛନ୍ତି । ବରଯାତ୍ରୀ ବସିଛନ୍ତି । ବୃଦ୍ଧୀକୁ ମଧ୍ୟ ଗୋଟିଏ ଚଉକି ଦିଆ ଯାଇଛି । ବୃଦ୍ଧୀ ବଡ ଫରୁଆଡ ଲେଡ଼ୀ । କନ୍ୟା ମଧ୍ୟ ଶିକ୍ଷିତା । ଖଣ୍ଡେ ଦୂରରେ କନ୍ୟା ଓ କନ୍ୟା ପିତା ବସିଛନ୍ତି । ଏ ନୂଆ ଧରଣ ବାହାଘର । ଆଗନ୍ତୁକ ଭଦ୍ର ବ୍ୟକ୍ତିମାନେ ବରକନ୍ୟାଙ୍କୁ ଆଶୀର୍ବାଦ କରିବେ । ଏମନ୍ତ ସମୟରେ ବାହାଘର ଗୀତ ବଣ୍ଟାଗଲା ।

ବାହାଘର ଗୀତ ସମ୍ବନ୍ଧରେ ମୁଖବନ୍ଧ ଦେବାକୁ ଯାଇଁ କନ୍ୟା ଭାଇ କହିଲେ—"ଏହି ଏକ ଦୈବୀ କବିତା—ଏହା ସ୍ୱୟଂ ନିଜେ ମା ସାରଳା ଲେଖିଛନ୍ତି । ଆମ୍ଭର ବୃଦ୍ଧା ପିତା-ମହୀଙ୍କୁ ଶାରଳାଙ୍କ ସ୍ୱପ୍ନାଦେଶ ହେବାରୁ ସେ ରାତିରେ ସାଦା କାଗଜ ଓ ପେନସିଲ ଟିକିଏ ତଳେ ରଖି ଶୋଇଲେ ଏବଂ ସକାଳେ ଦେଖିବା ବେଳକୁ କବିତାରେ କାଗଜ ପୂର୍ଣ୍ଣ । ସେହି ଦୈବୀ କବିତା ଆଜି ଆପଣ-ମାନଙ୍କୁ ଉପହାର ଦିଆଯାଉଛି ।"

କରତାଳରେ ମଜଲିସ୍ ଫାଟିପଡ଼ିଲା । ସମସ୍ତେ କବିତା ଶୁଣି ଆମୋଦିତ ।

ଏତିକିବେଳେ ବୃଦ୍ଧା ଠିଆହୋଇ କହିଲେ—"ମୋର ଆଉ ପଦେ ମାତ୍ର କହିବାର ଅଛି—ଶୁଣିବାକୁ ଅବଧାନ ହୁଅନ୍ତୁ ।"

ସମସ୍ତେ ଉତ୍କର୍ଣ୍ଣ ହୋଇ ଶୁଣିବାକୁ ଲାଗିଲେ । ବୃଦ୍ଧା ଆରମ୍ଭ କଲେ—"ଏ ସଂକ୍ରାନ୍ତରେ ଆଉ ଗୋଟିଏ ମାତ୍ର ଘଟଣା ଆପଣମାନଙ୍କ ଅଗୋଚରରେ ରଖା ଯାଇଛି । ସେତକ ନକହିଲେ ସତ୍ୟର ଅପଳାପ ହେବ । ମା ଶାରଳା ଯେ ଏ କବିତା ଲେଖିଛନ୍ତି ଏଥିରେ ମୋର ସନ୍ଦେହ ନାହିଁ । କାରଣ ମୋ ପକ୍ଷରେ କବିତା ଲେଖିବା ଅସମ୍ଭବ । ମୁଁ ଜାଣେ ଯେ ଅଜ୍ଞାତରେ ଶାରଳା ଆସି ଲେଖିଛନ୍ତି । ରାତି ଅଧରେ ସ୍ୱପ୍ନ ଦେଖିଲି ମା ଶାରଳା ନିଜେ ବସିକରି ଲେଖି ଦେଉଛନ୍ତି—ଆଃ କି ସୁନ୍ଦର ରୂପ ସତେ କି ଆମ ଲଳିତା କନ୍ୟା ବେଶରେ ଆସିଛି । ମାତ୍ର ସେଦିନ ଶୋଇବା ପୂର୍ବରୁ ଆମ୍ଭର କଲ୍ୟାଣୀୟା ନାତୁଣୀ ଆଉରି ଶୁଣି କନ୍ୟାକୁ ଡାକି କେବଳ ଶାରଳାଙ୍କ ସ୍ୱପ୍ନ- ଦେଶର ଆଉ ଗୋଟିଏ ଅଂଶ ଶୁଣାଇ ଦେଇଥିଲି—ଯାହା ଆଉ କାହାକୁ କୁହାଯାଇ ନଥିଲା ।

ସମସ୍ତେ କହି ଉଠିଲେ—କଣ କଣ କହନ୍ତୁ ।

ବୃଦ୍ଧା କହିଲେ—ଶାରଳା ମୋତେ ଆହୁରି ମଧ୍ୟ ଜଣାଇ ଥିଲେ ଯେ ଯଦି ରାତି ମଧ୍ୟରେ ସେ କାଗଜରେ କବିତା ଲେଖା ନହୁଏ ତେବେ ଜାଣିବୁ ଯେ ବରର ମୁହଁ ମାଙ୍କଡ଼ କନ୍ୟା ଭାଲୁ ମୁହଁ ପରି ହୋଇଯିବ । —ଏଇ କଥାଟା ମୁଁ କେବଳ ଲଳିତାକୁ କହିଛି—ଆଉ କାହାକୁ କହିନାହିଁ ।"

ତାପରେ ସଭାରେ କଣ ହେଲା—ସେ କଥା ମୁଁ କହିବାକୁ ଅକ୍ଷମ ।

ମାତ୍ର ବୃଦ୍ଧୀକୁ ଏବେ ବି ବେଳେ ବେଳେ ମା ଶାରଳା ଏମିତି ସ୍ୱପ୍ନାଦେଶ ହୁଅନ୍ତି ।

(ଲଳିତା ନାଗୀ ଓ ଦିଲ୍ଲୀପ ବାବୁଙ୍କଠାରେ କ୍ଷମା ପ୍ରାର୍ଥନା ସହ—କାଃମଃ)



Digitized by srujanika@gmail.com



ଶ୍ରୀ 'ଝଙ୍କାର' ସମ୍ପାଦକ ମହାଶୟ ସମୀପେଷୁ

ଆପଣ ଆପଣଙ୍କ କାଗଜରେ ହଂସପୁର ପାଇଁ ଲେଖା ଦିଅନ୍ତୁ। ସେଥିପାଇଁ ମୋର ଗୋଟିଏ ଲେଖା ଛାପିବାକୁ ଅନୁରୋଧ।

ଏବେ କଟକରେ ଓଡ଼ିଆ ଘରେ ବଣିକ୍ ଘର ପୁଅ ମେମ୍ ବାହା ହେଲେ। ଆଉ ପୁଅର ଅଭିଭାବକ ମାନେ ପରା ଭଣ୍ଡାମି ଭଳି ହିନ୍ଦୁ ଧର୍ମ ରୀତିକୁ ଅଙ୍ଗୀକାର କରି ହିନ୍ଦୁ ମତରେ ମେମ୍‌ଙ୍କୁ ବେଦୀରେ ବସାଇ ବାଡ଼ିଅ ଧୂଆ କୁଶବାଣ୍ଡି ଟିକି ଲଗାଇ ଦେଇ ବାହା କରାଇ ଛନ୍ତି। ଆମ ଶାସ୍ତ୍ରରେ ଅଛି ମହାତ୍ମ ଜନଙ୍କ ପନ୍ଥା ସାଧାରଣ ଅନୁସରଣ କରନ୍ତି—ଯେପରି ଗାନ୍ଧୀପଥ ଦେଶବାସୀ ଅନୁକରଣ କରିଛନ୍ତି ବା କରୁଛନ୍ତି। ସେପରି ଆମ ଓଡ଼ିଆ ହିନ୍ଦୁ ସମାଜର ପ୍ରବୀଣ ମୂଳ ବଣିକ୍ ବଂଶମାନେ ଯଦି ଏଇ ପରି ମେମ୍ ବାହା କରାଇବାକୁ ସ୍ୱାଧୀନ ଓଡ଼ିଶାର ଯୁବକ ମାନଙ୍କ ଆଗରେ ଆଦର୍ଶ କରି ଥୋଇବେ ଏବଂ ୧୯୫୦ ସାଲରେ ଦେଶ ସ୍ୱାଧୀନ ହେଲାପରେ ଇଉ ଏନ୍ ଓ ରେ ଭାରତ ଇତ ସାମିଲ ହେବା ପରେ ଯଦି ଓଡ଼ିଶାର ରାଜଧାନୀ କଟକରେ ଏଇ ବିବାହକୁ ଆଡ଼ମ୍ବର ମଧ୍ୟ କରି ହୋଇ ପୁରୋହିତ ଅଣାଇ ଇଂରେଜ ହୁକୁମର ପାଣି ଗ୍ରହଣରେ ଆମର ସମାଜର ବଣିକ୍ ବଂଶ, ଉଚ୍ଚ ପଦସ୍ଥ ଲୋକମାନେ ନୈତିକ ସମର୍ଥନ କରି ଦେଶ ମନର ଦାବି ହୋଇ ପଡ଼ିଥିବା ନୈତିକ ଭିତ୍ତିକୁ ଆଉରି ଦାବି କରି ଖୁବ୍ ଜୋରଦାର ଓ ବାହାଦୁରୀ ମନେ କରିବେ, ତେବେ ଆମର ସମାଜର ଉନ୍ନତି ସମ୍ଭବ ହେବକି? ଏହାର ମନ୍ଦ ପ୍ରଭାବ ରାଷ୍ଟ୍ର ଉପରେ ମଧ୍ୟ ବିଷାକ୍ତ ହୋଇ ପଡ଼ିବ—ଭବିଷ୍ୟତ୍ ବଂଶ ଧାରାକୁ ମଧ୍ୟ ବିଷାକ୍ତ କରିବ। ଏକ ସମୟରେ ଇଂରାଜ ରାଜତ୍ୱ ତଳେ କେତେକ ଦାସ ମନୋବୃତ୍ତିର ଲୋକେ ମେମ୍ ବାହା ହେବା ଦ୍ୱାରା ସରକାରର ଆଲାଉନ୍ସ ଦରମା ଅଧିକା ଦେଉଥିଲା। ଇଂରେଜୀ ରାଜତ୍ୱ ବେଳେ ଏଙ୍ଗ୍ଲୋ ଇଣ୍ଡିଆନ୍ ସମାଜ ସ୍ଥାପିତ ହେଲା—

କିନ୍ତୁ ୧୯୪୭ ସ୍ୱାଧୀନ ଦେଶ ହେଲାପରେ ଆଉ ଗୋରାମାନଙ୍କ ଅନୁଗ୍ରହ ଏ ଦାଗରୁ ମିଳିବ ନାହିଁ। ଅବଶ୍ୟ ପ୍ରେମ କରି ସେ ଯୁଗରେ ମେମଙ୍କୁ ବଡ଼ ବଡ଼ ସରକାରୀ ଗୃହସ୍ଥ ବିଲାତରେ ବାହା ହୋଇ ଆସୁଥିଲେ ବା ଦେଶରେ ଆଇନ ବିବାହ କରୁଥିଲେ। ଏ ଯୁଗରେ ମଧ୍ୟ ବିବାହ ମୂଳରେ ପ୍ରେମ ଥିବା କଥା। ଏହି ସ୍ୱାଧୀନ ଦେଶରେ କେହି ବାଧା ଦେଉ ନାହିଁ ଆଇନ ମଧ୍ୟ ଦେଉ ନାହିଁ—ରାଷ୍ଟ୍ର ମଧ୍ୟ ଦେବ ନାହିଁ। କିନ୍ତୁ ସ୍ୱାଧୀନ ଦେଶର ସମାଜ ବାଧାଦେବା ଉଚିତ। ଦେଶ ଓ ସମାଜର ନିରାପତ୍ତା ଓ ସ୍ୱାର୍ଥ ବିଚାର କରିବା କଥା। ଆମ ଓଡ଼ିଆ ପୁଏ ଯଦି ମେମ୍ ଅଣାଇ ବାହା ହେବେ ଏବଂ ଓଡ଼ିଶାର କୁଳବୃଦ୍ଧ ବିଚାରକମାନେ ଯଦି ଘର ଅଗ୍ନିରେ ରଖିବେ, ବେଦିରେ ବାହା କରିବେ ତେବେ ଆମ ଓଡ଼ିଆ ଝିଅଗୁଡ଼ିକ କେତେ ସଂଖ୍ୟାରେ ଯୁଗ ଯୁଗ ଧରି ବାଡ଼ିଅ ହୋଇ ଘରେ ବା କଲେଜରେ ବା ଗୃହକାର୍ଯ୍ୟରେ ରହିବେ, କେତେ ସଂଖ୍ୟା ଦଲାଲ ଦ୍ୱାରା କଲିକତା, ପଞ୍ଜାବ, ଆଫଗାନିସ୍ଥାନ ରପ୍ତାନି ହେବେ ଅବା କେତେ ସଂଖ୍ୟା କଂସା, ନେଟା ଭଣ୍ଡ ଦଲାଲ ଦାମାନଙ୍କ ଦ୍ୱାରା ବିକ୍ରି, ଗଞ୍ଜାମ ବାଲେଶ୍ୱର ଗଡ଼ଜାତ ମାନଙ୍କରୁ ଆସି ବିକ୍ରିର ଅଗ୍ରିମ ହେବେ? ପୁଣ ବିବାହ୍ୟକ ଝିଅ ସମସ୍ୟା ଦେଶରେ ଦେଖା ହୋଇଛି।—

ଆମ ଓଡ଼ିଆ ବଡ଼ ବଡ଼ିଆମାନେ ବ୍ରିଟିଶ ଅମଳରେ କେବେ ସାହେବ ହୋଇଁ ଭାରତର ସୌଭାଗ୍ୟ ପାଇ ନାହାଁନ୍ତି ବା ଆନ୍ତର୍ଜାତିକ ବିବାହର ଘଟା ଯଦି ଓଡ଼ିଶାର ଗାଁ ଗଣ୍ଡାରେ ବ କେନ୍ଦ୍ରରେ କୁଶବନ୍ତ୍ ମୂଲ୍ୟ ବଢ଼ାଇ ଚାଲିଯାଏ, ତେବେ ବୁଝା ହେଉ! ନିଶ୍ଚିନ୍ତ ସେ ଓଡ଼ିଆଘର ଝିଅମାନଙ୍କ ଅମେରିକା ୟୁରୋପର ସାହେବମାନେ ତାଙ୍କ ଦେଶ ଝିଅମାନଙ୍କ ଭାଗ୍ୟ ତାଙ୍କ କଦାପି ନିକଟରେ ବା ଭବିଷ୍ୟତରେ ବିବାହ କରିବେ ନାହିଁ। ମେମ୍ ବୋହୂ ଦେଶରେ ହେବାର ଉପକ୍ରମ ଦେଖୁଛୁଁ, ମାତ୍ର ତା ବଦଳରେ ଠିକ୍ ହେଲା ସାହେବ ହୋଇଁ କିନ୍ତୁ ତାହା ହେବ ନାହିଁ। ବହୁକାଳ ଦେହ ମନ ଗୋରାଙ୍କ ଦାସତ୍ୱ କରି ଆମ ପୁଅମାନଙ୍କ ଆଖିରେ ଗୋରା ସଭ୍ୟତା, ଗୋରା ଲୋକେ ଗୌରାଙ୍ଗୀ ଝିଅ ନିଜର ଦେଶର ମାତୃଜାତି ମାନଙ୍କଠାରୁ ବଡ଼ ଦିଶିବା କଥା।— ହୀନମନ୍ୟତାର ଏହା ଲକ୍ଷଣ ଓ ଯେଉଁ କୃଷ୍ଟି ଏଠି ଅତୀତ ଶତାବ୍ଦୀଧରି ଘରେ ଘରେ ବୃଦ୍ଧି ହୋଇଛି, ଏପରି ମନୋବୃତ୍ତି ତାର ଫଳ। ଆମ ହିନ୍ଦୁ ବିଫଳ ଶୋକ ମରୁଛି ପରି ମରୁଛନ୍ତି। ତାଙ୍କ, ଆତ୍ମ ରକ୍ଷା କରନ୍ତୁ! କିନ୍ତୁ ମେମ୍‌ଙ୍କୁ ହିନ୍ଦୁ କଲେ କି ହିନ୍ଦୁସଂଖ୍ୟା କମି ଯାଉଥିଲା—ବଢ଼ିଗଲା? ପାଦ୍ରୀ କେତେ ଗୋଟି ହିନ୍ଦୁ କ୍ରିଶ୍ଚିଆନ କରିଛନ୍ତି। ସେ ଅନୁପାତରେ ଆମେ କେତେ ସାହେବଙ୍କୁ ହିନ୍ଦୁ କରିଛୁ? ଏହାଭଳି ନିର୍ବୋଧତା ଏ ଯୁଗରେ କଣ ହୋଇପାରେ? ଧର୍ମ ବ୍ୟକ୍ତିର ପଦାର୍ଥ ହୋଇ ସାରିଲାଣି।

ଧର୍ମାନ୍ତର ବିବାହ କଥା ବିଚାର କରାଯାଉ। ଧର୍ମ ତ ଗୋଟା ସତ୍ତା କଥା ନୁହେଁ। ଜଣେ ନାରୀ ହିନ୍ଦୁକୁ ବାହା ହେବ ବୋଲି ସେ ତାର ହିନ୍ଦୁ ଜାତିରେ ବାହା କରିବ ବା ତାର ପୈତୃକ ଧର୍ମ ବଦଳାଇବାକୁ ପଡ଼ିବ, ଏହା ଈଶ୍ୱର, ଧର୍ମ ପ୍ରକୃତିରୁ ଅଛି! କଳ୍ପିତ କଥା। ସେଇପରି ପୁରୁଷ ପକ୍ଷରେ ମଧ୍ୟ ସେଇ କଥା। ତାଛଡ଼ା ପ୍ରେମ ମୂଳକ ଗାନ୍ଧର୍ବ ବିବାହ ମାନଙ୍କରେ ହିନ୍ଦୁରୀତି ବେଦୀ, ଧର୍ମ ଠାକୁର ସାକ୍ଷୀ ପ୍ରଭୃତି କିଛି ରହିବା ବିଧି ନୁହେଁ ମଧ୍ୟ!! କିନ୍ତୁ ଆମ ଲୋକେ ସବୁ ଛେଳି, ବିଦେଶିନୀ ବିଦେଶୀ ଆମ ଆଗରେ ଏ ଯାବତ୍ ମୋହ ରହିଛନ୍ତି ମାତ୍ର ଯାବଚ୍ଚନ୍ଦ୍ର ଦିବାକର ଯାଏ ଏହା ରହିବା ସମିଚୀନ କଣ? ଓଡ଼ିଆ ଝିଅକୁ ଆନ୍ତର୍ଜାତିକ ବିବାହ ବଜାରରେ ଭୁଲବୁଝି ତଥାକଥିତ ନେତାମାନେ ନ ଠେଲିବା ଯାଏ ଯେଉଁମାନେ ମେମ୍ ବାହା କରିଛନ୍ତି ଓ ମେମ ବାହା ହେବ-

( ଅବଶିଷ୍ଟାଂଶ ୯ ପୃଷ୍ଠା ଶେଷ ଦେଖନ୍ତୁ )



Digitized by srujanika@gmail.com

## ଉଦ୍‌ବୋଧନ

ଲେ—(ଅ )

(ସ୍ୱାଧୀନତାର ବିପ୍ଳବ ଯଜ୍ଞରେ ପୂର୍ଣ୍ଣାହୁତି ଦିଆ ଯାଇଛି ସତ—କିନ୍ତୁ ଭାରତର ଅର୍ଥନୈତିକ ବିପ୍ଳବର ସୂତ୍ରପାତ ହୋଇନାହିଁ ସତ । ସୁବିଧାବାଦୀ ଆଉ ସର୍ବହରାର ଅସାମଞ୍ଜସ୍ୟ ଦୂର କରିବାପାଇଁ ସମ୍ମୁଖରେ ପ୍ରବଳ ବିପ୍ଳବର ସଙ୍କେତ । କିନ୍ତୁ ଏହାନ୍ତରାଳରେ, — ସ୍ୱାଧୀନତାର ପ୍ରତିଷ୍ଠା ସଂଗେ ସଂଗେ ତାର ଏକ ମନ୍ତ୍ର ଆବାହକ—ଭାରତର ସର୍ବଶ୍ରେଷ୍ଠ ତ୍ୟାଗୀ ଅନୁଷ୍ଠାନ ଆଜି ନିଷ୍କ୍ରିୟ ହୋଇ ପଡ଼ିଛି । ତା ବିନା ପୁଣି ସାମ୍ୟ ପ୍ରତିଷ୍ଠା କିପରି ହେବ ? ସେଇଥିପାଇଁ ଅତୀତର ଆଉ ବର୍ତ୍ତମାନର ଏ ଦୃଶ୍ୟ ଆଜି ସେଇ ବିପ୍ଳବୀ ମନକୁ ଉଦ୍‌ବୋଧନ କରୁଛି — )

ଯଦି ନହେବୁରେ ଅଗ୍ରସର

ଅନ୍ଧକାରର ନର୍କ ଗର୍ଭରୁ ଶୁଣ ଅରେ ଜନୁଆର ।
ଏଇ ନିଶଣର ଗ୍ଲାନିତଳୁଁ ତୋର ଦୁର୍ଦ୍ଧର୍ଷ ପଶ୍ଚାତେ
ରକ୍ତିଳ ନିଜ ତର୍ଜନୀ ତୋଳେ ସଂକେତ ତାର ହାତେ
ଶଂକିତେ କହିଁ ଦୃଷ୍ଟି ଫେରାଅ ଶ୍ୟାମ ଶିଷ୍ୟାଙ୍କର ଦଳ
ଭଗ୍ନ କଟାକ୍ଷ ଚକ୍ଷୁ ଆଜିସେ ମୃତ୍ୟୁଳ ଦାବାନଳ !
ପ୍ରଭଂଜନର ସହ ଗର୍ଜିଥିଲୁ ବଜ୍ରପାତ ଯାଚି ଚର
କଦମ୍ ତୋହର ନଥିଲାତ ଅଧା ଦୂରୁ ପଥ ହେବ ।

ଲକ୍ଷ କୁଳୀଶ ବକ୍ଷ ତୋହର ଛିନ୍ନ କରିଛି ଯଦି,
ସୁଦୃଢ଼ ତୋର ଧୈର୍ଯ୍ୟ ଦୁର୍ଗ ପାରିନାହିଁ କେହି ଭେଦି
ଶୁଭ୍ର ପାଷାଣକୁ ଧୌତ କରିଛି ବନ୍ୟାର ମର୍ମଜଳ
ନାଲ୍ ଲହୁ ତୋର । ତଥାପି ଯାଇନି ଢଳି ତୋର ମନ ବଳ ।
ଦୁର୍ବା ଦଳର ନୀଳ ପୃଷ୍ଠରେ ରକ୍ତର ମଖମଲ
ରଚିଛୁ ଲକ୍ଷ ଶବ ଦେହରେ ତୋର ମଶାଣି ପଦାର ବଳ ।
ଉଦ୍ଦାମ ହୋଇ ମସ୍ତକ ଟେକି ଦୁନିଆର ଆଗେ ଡାକେ
"ଧରିଛି ସତ୍ୟ ହୃଦକା ବାଛି ଲକ୍ଷ ଶବ ମୁଁ ଢୁକେ ।

କିନ୍ତୁ ପାଇନି ଧରି,

କଳ୍ପନାତୀତ ଉତ୍ସାହ ଯାହା ବକ୍ଷେ ଥିଲା ତା' ପୂରି ।"
ଶକ୍ତ ଶପଥ ରଚିଛୁ ଯାହାର ଶତ ମୃତ୍ୟୁର ବାଜ
ଆଜି କାହିଁ ସେରେ ସଜଳିଛି ଭଗ୍ନ-ହୋଇଛିରେ ଦଗା ବାଜ ।
ରାତିର ବୁକେ ଦେଖିଛୁ ତୁ ସିନା ସ୍ୱପ୍ନର ନବଛାୟା
ଭ୍ରାନ୍ତରେ ମୋର ଆଶା—
ଉଷା ନୁହେଁ ସେରେ, ଝଂଝାର ଅଗ୍ନି କ୍ଷୀଣ ବିଦ୍ୟୁତ ଶିଖା
ସଂଗ୍ରାମର ସେ ସଂକେତ ଅଟେ । ଦେଖି ମୁହୂର୍ତ୍ତେ ଦେଖା
ମାତୃ ଭେଟେ ସେ ଭ୍ରାନ୍ତ କରିଛି । ହୁସିଆର ହୁସିଆର ।
ଭକ୍ତି ଜାଳେ ତୁ ମୁଗ୍ଧ ହୁଅନା କହୁଛି ମୁଁ ବାର ବାର ।
ସମତାର ମେଘ ! ଢୁଳୁଛି ସେରେ, ଭୀରୁଯୋଗୀ ନୁହେଁ ତୋର
ଶତ୍ରୁର ହୃଦେ ଅଦ୍ୟାବଧି, ଜଲ୍ଲାଦ ତ ତୁ ତାର ।

ମୁକ୍ତି ଓ ସ୍ମୃତି ନିତି

ଇଂରେଜ ତୋର ହୋଇ ପାରେ ସତ୍ରୁ । ତୋରପୁଣି ଜାବା ଭାଇ
ବିପ୍ଳବେ ସିନା ମୁକ୍ତ କରିଛୁ ଶୃଙ୍ଖଳତାରେ ତୁହି
ଅଯୁତରେ ଆଜି ଅତଳ ସାଗର ମୂଳଦୁଆ ସିନା ଦେଇ ।
ମୁକ୍ତିର ସତ କୋଣାର୍କ ତୁହି ରଚିଛୁ ବକ୍ଷତଳେ
ତଥାପି ତ ତାର ମୂର୍ତ୍ତି ମରିବ ଅର୍ଥ ଅଭାବେ ଅରେ !

ରକ୍ତ କଦମ୍ବ ଥୋଇ

ବାତ୍ୟାର ବୁକେ ଆଉ ଥରେ ଖାଲି ଯାଅ ଅରେ ତୁହି ଧାଇଁ
କ୍ଷୁଦ୍ର ଏ ତୋର ଦୁର୍ବଳତାର ଶୋଷଣ ଦ୍ୱେଷ ନେଇ
ଧ୍ୱଂସର ପଥେ ଅଗେଇ ଗୃହିଛି ପ୍ରିୟତୋ କର୍ମଭୂଇଁ ।

କର ନା ତୁ ଆଉ ଡେରି

ତୁଚ୍ଛ ପାରେନା ବକ୍ଷରେ ଅଣ୍ଡ ବିପ୍ଳବ ବାନା ତୋର ।
ବାପୁଜୀ କରେ ସଂପ୍ରତି ତେଣେ କିଏ ସେ ଅର୍ବାଚୀନ
ସେ କରେ ଲଜ୍ଜା ହୀନ—
ଅଂତ କ୍ଷେତ୍ରରେ ଅତୀତର ତୋତେ ଦେଖି ପାରିନାହିଁ କେହି
ତୋହର କୃତିର ଜୀର୍ଣ୍ଣ ଯେ ତା'ର ସ୍ୱୀକାର କରେନି ଏବେ ।
ସାମ୍ୟର ଶିଖା ଜାଳି ଦେବରେ ତୁହି ଅନ୍ଧାର ଯାଉଛି ଚ
ଯବନିକା ଆଗୁଁ ଶେଷଥର ପାଇଁ ଦେଏ ସଂଗ୍ରାମ ରଚ

ରକ୍ତ ଅର୍ଘ୍ୟ ଦେଇ,

ସ୍ୱାଗତ କରିବୁ ନବ ବିପ୍ଳବେ ଆଜି ଶେଷଥର ପାଇଁ ।

---

(ହଂସପୁର ୯ ପୃଷ୍ଠା ଉତ୍ତାରୁ)

ଛନ୍ଦକ ବାଉ ଘର "ଦନର" ଖାଇବାକୁ ନିମନ୍ତ୍ରିତ ହୋଇ ଯାଉଛନ୍ତି ସେମାନଙ୍କର ଉଚିତ ଯେ ଏଇ ସବୁ କାର୍ଯ୍ୟ, ଅପକାର୍ଯ୍ୟ ବା ଅକାର୍ଯ୍ୟକୁ ଅନ୍ତତଃ ସମ୍ମାନ ଦେଇ ନିଜର ପ୍ରାଦେଶିକ ସମ୍ମାନ, ଅର୍ଥନୀତିକ, ସ୍ୱଷ୍ଟ ଜାତକ ଦାବୀ ଗୁଡିକୁ ସମ୍ମୁଖରେ ସ୍ୱାର୍ଥ ଦିଗରେ ବିଶେଷ କାର୍ଯ୍ୟ କରିବା । ଏହା ପରିହାସର କଥା ନୁହେଁ । ଭାବିବାର କଥା —

ଆଉ ସେମାନେ ନିଜ ଢଙ୍ଗରେ ଆମ ଦାବୀ ହେଉଛନ୍ତି ଓ ପୁଣି ରାଷ୍ଟ୍ରୀୟ ଆବଶ୍ୟକତାରୁ ମଧ୍ୟ ସେମାନେ ନିଜ ଗରଜରୁ ଅଧିକାର ।—

ଇତି

ଅବହେଳିତା ଓଡ଼ିଆର ମାତା

[ ଏ ସଂବାଦରେ ସଂପାଦକ ଅନୁମତି ଅପେକ୍ଷା କରନ୍ତି ]



Digitized by srujanika@gmail.com



## ତୁମେ ଓ ମୁଁ

ଲେଖକ—ଗ—ନା—ସା—

ତୁମେ ଗୋପବନ୍ଧୁ ଉତ୍କଳର ମଣି ଓଡ଼ିଆ ଜାତିର ଟେକ
ପ୍ରାତଃକାଳେ ତବ ନାମ ମୁହିଁ ସ୍ମରିବ (୧) ହୋଇ ଓଡ଼ିଶାର ଲୋକ ॥ ୧
ତୁମେ ଯଦି ହେବ ମହାସମର ହେବି ଗାନ୍ଧିଙ୍କ ଅହିଂସା
ତେବେ ହେଲେ ଏହି ମହାମନ୍ତ୍ରେ ଭରି ଛାଡ଼ିଯିବ ଯୁଦ୍ଧ ନିଶା ॥ ୨
ତୁମେ ମୁସୋଲିନ୍, ହର୍ ହିଟ୍ଲରର ମୁଁ ଅଟେ ଜାଠ ଚର୍ଚିଲ
ଜିନ୍ନା—ଲିଆକତ ହେଲେ ତୁମେ ମୁଁ ହିଁ ଗାନ୍ଧି-ଜବାହର ଲାଲ ॥ ୩
କାଶ୍ମୀରରେ ତୁମେ ଆକ୍ରମଣକାରୀ ମୁଁ ହିଁ 'ଯୁ-ଏନ୍-ଓ' ରାୟ
ଆଟମ୍ ବମ୍' ତୁମେ ମୁଁ ଅହିଂସା- ବୋମା, ସ୍ୱାଧୀନ୍ ଭାରତଙ୍କ ଜୟ ॥ ୪
ପାହାଡ଼ୀ ପଠାଣ ହୁଅ ତୁମେ ଯେବେ କଳହ ନକର ବନ୍ଦ
ଶେଖ ଅବଦୁଲ୍ଲା ମୁଁ—ଆଲ୍ଲା ହୋ ଆକବର ହିନ୍ଦୁସ୍ଥାନ ଜିନ୍ଦାବାଦ ।
ଗଡ଼ଜାତ ରାଜା ହେବ ଯେବେ ତୁମେ, ପ୍ରଜା କରି ଜାଲ ଚାଲ,
ଧାରସ୍ତ୍ରୀ ଦାଗୁଡ଼ା ଅବସ୍ଥା କରିବ ହୋଇ ମେନନ୍—ପଟେଲ ॥ ୬
କମ୍ୟୁନିଷ୍ଟ ତୁମେ ହୋଇବାକି ଯେବେ—ହେବି ମୁଁ ସୋସିଆଲିଷ୍ଟ,
ବଡ଼ ଏକାଦଶୀ ଉପବାସ ତୁମେ, ବାହାଘରର ମୁଁ ଫିଷ୍ଟ ॥ ୭
ତୁମେ ଅଷ୍ଟ୍ରେଲିଆ ମେଣ୍ଢାବାଳ ମୁହିଁ ଖାଣ୍ଟି ଦେଶୀ ଜଡ଼ ତେଲ
ପୁଷମାସ ରାତି ଖୋଲ ଦେହ ତୁମେ, ମୁଁ ଅଟେ କାଶ୍ମୀର ଶାଲ ॥ ୮
ମହାକାଳ ଫଳ ସୁନ୍ଦର ହେଲେ ମୁଁ କମଠୁଁ ହେବ ମଧୁର
'ଲିପଷ୍ଟିକ୍' ମୁଁ ହି ହୋଇବାକି ଯେଉଁ ତୁମେହିଁ ପ୍ରିୟା-ଅଧର ॥ ୯
ତୁମେ ସୁନ୍ଦରୀ—କାମଧେନୁ ମୁହିଁ ମହାଦେବଙ୍କର ଷଣ୍ଢ
ତୁମେ ଚନ୍ଦ୍ରକାନ୍ତ ବାଛାପିଆ-ଠାକ ମୁହିଁ ଶିରୋମଣି ଭଣ୍ଡ ॥ ୧୦
ତୀର୍ଥଯାତ୍ରୀ ତୁମେ ହେଲେ ମୁହିଁ ହେବି-ପୁରୀ-ଜଗନ୍ନାଥ ପଣ୍ଡା
"ଉତ୍କଳ କେଶରୀ" ଥାଉଁ ଥାଉଁ ତୁମେ ମୁଁ କିଆଁ ଓଡ଼ିଆ ମେଣ୍ଢା ?
ତୁମେ କବି ଇନ୍ଦ୍ର ରବୀନ୍ଦ୍ର ମୁହିଁ ଟି ଉପେନ୍ଦ୍ର କବି-ପ୍ରବର
ବଣ-ମାଳତୀ ମୁଁ ତୁ ଉଦ୍ୟାନ-ମଲ୍ଲୀ ଜାପ ଲୋ ଲେଖା ମୋହର ॥୧୨
ତୁମେ ଯଦି ହେବ ଜଗନ୍ନାଥଙ୍କର ଅଭଡ଼ା ଲୁଡ଼ିଆ ଥାଳି
ମୁଁ ହୋଇବ ସିନା ବଳଦେବଙ୍କର କେନ୍ଦ୍ରାପଡ଼ା ରସାବଳୀ ॥ ୧୩
କଳାଗ୍ରାହୀ ତୁମେ ହେଲେ ମୁହିଁ ହେବ ଭାସ୍କର କୋଣାରକ
ଦେଶରନ୍ ହେଲେ ମହତାବ ହୋଇ ରଖିବ ଓଡ଼ିଆ ଟେକ ॥ ୧୪
ତୁମେ ଯଦି ଶ୍ୱେତ ବନସ୍ପତି ମୁହିଁ କଳା-କଉଡ଼ିଆ-ତେଲ
'ବି-ଏନ୍-ଆର-ପାସେଞ୍ଜର' ତୁମେ, ମୁଁ 'ଇ, ଆଇ, ଆର, ମେଲ୍' ॥
'ଓମର ଖାୟାମ' ହୋଇବାକି ଯେବେ 'ମାନସିଂହ' ମୁହିଁ ହେବ
'ଜର୍ଜ ଏଲିଏଟ୍' ହେଲେ ତୁମେ ମୁହିଁ ହୋଇଥିବ 'କାନ୍ତକବି ॥'
ବଙ୍ଗଳ ଉତ୍କଳ ହୁଅ ଯେବେ ତୁମେ ବଚ୍ଛିନ୍ନ-ଅଞ୍ଚଳ ଘେନି
ଏକାମ୍ର କାନନେ ମୁଁ ହୋଇବ ତେଣୁ ଆଧୁନିକ ରାଜଧାନୀ ॥୧୬
ତୁମେ ଯଦି ହୁଅ 'ସୁରେୟା' 'ରେହେନ', ଖାଣ୍ଟି 'ମମତାଜ ଶାନ୍ତି'
'ଅଶୋକ କୁମାର' 'କିଶୋର ସାହୁ' ମୁଁ ଅଭିନେତା ମଣି 'ଓୟାସ୍ତି' ॥
ତୁମେ ଯଦି ହୁଅ କାମିନୀ, କାଞ୍ଚନ, ସ୍ୱପ୍ନିଲ—'ମଡ଼ାର୍ଣ—ମିସ୍'
ବରାଡ଼-ବୈଷ୍ଣବ ସାଜିବ ମୁହିଁ ଗୋ ଦେବ 'ଅପଟୁଡେଟ୍ କିସ୍' ॥
ପ୍ରହଟେ ନଳିନୀ ହୋଇବାକି ଯେବେ ମୁଁ ହେବ ତରୁଣ ରବି (୨)
କାବ୍ୟର ନାୟିକା ହେବେ ତୁମେ ମୁହିଁ ବିଂଶ-ଶତାବ୍ଦୀର କବି ॥
ପ୍ରେମ-ପାଗଳିନୀ ହେଲେ ମୁହିଁ ହେବ ତୁମର ପ୍ରେମ ପାଗଳ,
କଣ୍ଟାରୁ ଫୁଲକୁ ପାରିଡ଼ା ପେଲ ମୁଁ ଶ୍ରୀବଦନକୁ ପଖାଳ ॥ ୨୧
ତୁମେ ଯଦି ହେବ 'କଲେଜ ଗାର୍ଲ' ମୁଁ ହୋଇବ 'କଲେଜ ବୟ'
ଯାର ପିରିଅଡ଼ ଫାଙ୍କି ମାରୁଥିବ ତୁମଠାରେ ରଖି ଲୟ ॥ ୨୨
ତୁମେ ଯଦି ହେବ 'ଜି-ବି-ଏସ (୩) ମୁହିଁ ହୋଇବ ଜି, ଏନ୍, ଏସ
କଂଗ୍ରେସ ଓ ସୋସାଲିଷ୍ଟମାନେ ମିଳିମିଶି ସରକାର ଗଠନ କରିବା ଭୁଲବ ମିଛବୋଲ ନରେନ୍ଦ୍ରଦେବ କହିଛନ୍ତି। ବାସ୍ତବିକ କାଣିଆ କପିଲାର ଭେଟ ଆଉ ହେବା ଅସମ୍ଭବ। ଗଳ୍ପ କଥା ଗଲାଣି। ଏଣିକି ଯେଝା ଯେଝା ବାଟନେଇ ବ୍ୟସ୍ତ। କାଏ ରାଣୀ କାଏ ଚନ୍ଦ୍ରକାଣୀ କାହିଁ ରାମ—କାହିଁ ରାମ ଭଣ୍ଡାରୀ।

× + + ×



Digitized by srujanika@gmail.com

# ମୁଁ ନେତା ହେବ

ଲେ—ସୁନୀଲମୋହନ ମିଶ୍ର

ସମସ୍ତେ ହୁଏତ ଖରାପ ଭାବିବେ ପରନ୍ତୁ କିନ୍ତୁ ଏ ଯୁଗ ଚାହେଁ ନେତା ହୋଇ ମଣିଷ ବଞ୍ଚି ରହୁ, ଭଲ ଭାବରେ ବଞ୍ଚି ରହୁ। ନେତା ହେବାପାଇଁ ଡିଗ୍ରିର ପ୍ରୟୋଜନ ନାହିଁ — ଆଉ ତ୍ୟାଗର ବି ଦାନ ନାହିଁ, ଜେଲ ଯିବାକୁ ନେତାକୁ ପଡେ଼ନା, ଖାଲି କରିବାକୁ ପଡେ ତୈଳ ମର୍ଦ୍ଦନ—ଅବଶ୍ୟ ତେଲଟା ଜଡ଼ା ତେଲ ହେବା ଉଚିତ। କାହିଁକି ନା ଜଡ଼ା ତେଲ ଯେ ଲଗାଏ ତା'ର ହାତରେ ଲାଗିରହେ, ଆହୁରି ବି ଯେ ଲଗାଇ ହୁଏ ସେ ବି କଷ୍ଟ ଆରାମ ଅନୁଭବ କରେ ନା !

ମୁଁ ନେତା ହେଲି। ଦେହରେ ମୋର ଖଦଡର ପଞ୍ଜାବୀ, ମୁଣ୍ଡରେ ଟୋପି—ହାତରେ ହଳଦିଆ କନାର ଝୁଲମୁଣି—ମୁହଁରେ ଗାନ୍ଧି ଧ୍ୱନି। ମୋର ଗାଁଆକୁ ଯିବାର ଥାଏ। ରାସ୍ତା କଡ଼ରେ ମୋର ଗାଁ, ବସରେ ଯିବାଆସିବା କରିବାକୁ ହୁଏ। କିନ୍ତୁ ଆଜିକାଲିକାର ମଟର ବସ ସମସ୍ୟା ସ୍କୁଲ କଲେଜର ହଷ୍ଟେଲରେ ସିଟ୍ ପାଇବା ଠାରୁ ଆହୁରି ଜଟିଳ କିନ୍ତୁ ମୁଁ ଜାଣେ ମୋ ଭଳି ଗାନ୍ଧିବାଦୀ ନେତା ପାଇଁ ସେ ଦ୍ୱାର ବି ଉନ୍ମୁକ୍ତ। ଯାତ୍ରୀବାହୀ ବସ୍‌ଟି ଯାତ୍ରୀଙ୍କ ଔରସରେ ଗର୍ଭବତୀ ହୋଇଥାଏ—ତାହାର ଭବିଷ୍ୟତ ଯାତ୍ରାରେ କ୍ଳାନ୍ତ ଉପୁଜିବ ବୋଲି ଘୁମାଇ ରହିଥିଲା। ବସ୍ କଣ୍ଡକ୍ଟର ବସିଥାଏ ମଟର ଇଞ୍ଜିନ ଉପରେ ଦେବତା ପରି। ଲକ୍ଷ ଲକ୍ଷ ଯାତ୍ରୀଙ୍କର ଯୋଡହସ୍ତ ଉପରକୁ ଉଠୁଥାଏ। କଣ୍ଡକ୍ଟର ହସୁଥାଏ ଆଉ ବେଳେ ବେଳେ ଅତି ନିଷ୍ଠୁର ଭାବରେ ଉତ୍ତର ଦେଉଥାଏ।

ଜଣେ ଯାତ୍ରୀ କଣ୍ଡକ୍ଟର ବାବୁଙ୍କୁ କହିଲା— ବାବୁ ଗାଆଁରେ ପିଲାଟା ମୋର ଶକ୍ତ ବେମାର ମୋତେ ଟିକିଏ ଯିବାକୁ ଦିଅନ୍ତୁ। ନିଜ ପକେଟରୁ ବାହାର କରି ଔଷଧପତ୍ର କଣ୍ଡକ୍ଟରକୁ ସାର୍ଟିଟି ଦେଖାଇଲା। ହୁର୍ ହୁର୍ କରି କଣ୍ଡକ୍ଟର ତାକୁ ଠେଲି ଦେଲା। ଯାତ୍ରୀଟି ଆଖିରେ ମମତାର ଅଶ୍ରୁ ଆଉ ହୃଦୟରେ ଘଡ଼ିହିଂସାର ନିଆଁ କିନ୍ତୁ ସେ ଗୁହାରି କରିବ କାହାକୁ !

"ମୋତେ ???"

ମୁଁ ଗୋଟାଏ ଗଛମୂଳେ ବସିଥାଏ। ହାତରେ ସ୍ୱତନ୍ତ୍ର କାଗଜ। ବସି ବସି ସେଇ କାଗଜର ପୃଷ୍ଠା ଓଲଟାଇ ବସିଲି। କଣ୍ଡକ୍ଟରର ଦୃଷ୍ଟି ଆକର୍ଷଣ କରିବାକୁ ମୁଁ ମୋର ପକେଟ ସଙ୍ଗୀତ ବହିରେ ଲେଖିବାକୁ ବସିଲି। ମୁଁ ଲେଖିଲି ମୋର ନାଁ ମୋର ଗାଆଁର ନାଁ। ବେଳେବେଳେ କଣ୍ଡକ୍ଟର ଆଡ଼କୁ ଅନାଇ ଚିନ୍ତାମଗ୍ନହୋଇ ପଡ଼ୁଥିଲି। କଣ୍ଡକ୍ଟର ଦୃଷ୍ଟି ପଥାରୂଢ଼ ହେଲା—ସେ ଜନତା ଠେଲି ମୋର ପାଖକୁ ଆସିଲା। ମୁଁ ମୋର ପକେଟ ସଂଗୀତ ଖାତାଟି ବନ୍ଦ କରିଦେଇ ଝୁଲି ମୁଣାରେ ପୁରାଇ ସ୍ୱତନ୍ତ୍ର ପଢ଼ିବାକୁ ଲାଗିଲି।

କଣ୍ଡକ୍ଟର ମୋତେ ଭୂମିସ୍ପର୍ଶ ଦଣ୍ଡପ୍ରଣାମ ଜଣାଇ ଦେଲା। ମୁଁ ଗ୍ରହଣ କଲି।

କଣ୍ଡକ୍ଟର ପଚାରିଲା ଆପଣ କୁଆଡେ଼ ଯିବେକି ?

ମୁଁ କହିଲି ହଁ ଯିବାର ଥିଲା ଯେ କିନ୍ତୁ ଯିବାର ତ ଆଉ ଆଶା ଦେଖୁନି।

କେଉଁଠିକି ଯିବେ ଏଇ ବଳଡ଼ପୁର ?

ମୁଁ କହିଲି ତାହାହେଲେ ତୁମେ ବୋଧହୁଏ ଜାଣ କାଲି ମନ୍ତ୍ରୀ ସେଇଠିକୁ ଯାଉଛନ୍ତି— ମୁଁ କିନ୍ତୁ ଆଜି ସେଇଠିକି ନଯାଇ ଚମ୍ପାପୁର ଯିବି—କାରଣ ମନ୍ତ୍ରୀ ପଅରଦିନ ସେଇଠି ପହଞ୍ଚିବେ। ଯେତେବେଳେ ସେ ନିଜେ ମୋତେ ପଠାଉଛନ୍ତି ସେତେବେଳେ ମୋର ଆଉ ଗତି କଣ ?

କଣ୍ଡକ୍ଟର କହିଲା "ତେବେ ଆସନ୍ତୁ କିନ୍ତୁ ଯଦି ଅପମାନ ଅନୁଭବ ନ କରନ୍ତି ତାହାହେଲେ ଆସନ୍ତୁ ଫାଷ୍ଟ କ୍ଲାସକୁ।"

ଫାଷ୍ଟକ୍ଲାସ ଚଢନ୍ତି କିଏ ରମା ଭଣ୍ଡାରୀ ନା ରମେଶ୍ୱର ଶ୍ରେଷ୍ଠଙ୍କ ନେତା ସୂର୍ଯ୍ୟ

ମଟର ଗଡ଼ିଲା

ଧୂଳି ଉଡ଼ିଲା

ଯିବା ରାସ୍ତାରେ ମୋ ପ୍ରିୟର ଶାଶୁଘର। ସେଇଠି ମଟରଟାକୁ ରଖାଇବାକୁ କହିଲି। ଅଟକିଲା। ମୁଁ ପ୍ରିଅ ଘରକୁ ଗଲି। ମଟରର ଯାତ୍ରୀମାନେ ମୋର ଯିବା ପଥକୁ ଅନାଇ ରହିଲେ। ପ୍ରିଅ ଘରେ ପହଞ୍ଚି ଦେଖିଲି, ପ୍ରିଅଟା ନାହିଁ। ନାଳକୁ ଲୁଗା ପଖାଳିବାକୁ ଯାଇଛି। ସମୁଦି ସଙ୍ଗେ ବସି ବସି ଗପିବାକୁ ଲାଗିଲି। କଥାବାର୍ତ୍ତା ଭିତରେ ସମୁଦି କହିଲେ "ଦେଖିଲ ସମୁଦି ଦାମାଦ କୌଣସି କାମ ପାଇଁ ଟିକେ କାଳ ନାହିଁ ତାକୁ କୌଣସି ଗୋଟାଏ କାମରେ ଲଗାଇ ଦିଅ। ମୁଁ ହଁ କଲି ଆଉ କହିଲି ସମୁଦି ଆପଣ ଦାମକୁ ଟିକିଏ ଟିକିଏ ଧୂତ କରିବାକୁ କୁହନ୍ତୁ।"

ମୁଁ ଫେରି ଆସିଲି ଅଧଘଣ୍ଟାକ ପରେ। ଯାତ୍ରୀମାନେ ସେତେବେଳ ପର୍ଯ୍ୟନ୍ତ ମଟର ଭିତରେ ବୃଥାଟାରେ ବସି ମୋ ବିରୁଦ୍ଧରେ ବହୁ ଗୁଜବ ଗୋଡ଼ାଉଥିଲେ। କିନ୍ତୁ ଅହିଂସା ଧର୍ମାବଲମ୍ବୀ ଗାନ୍ଧିବାଦୀ ବିରୁଦ୍ଧରେ କେବେ ସମାଲୋଚନା କରାଯାଇ ପାରେ। ଯଦିବା କିଏ କରେ ସେ ହେଲା କମ୍ୟୁନିଷ୍ଟ। ଦେଶର ଶାନ୍ତି ରକ୍ଷା ଆଇନରେ ଦଣ୍ଡିତ ହେବାପାଇଁ ପ୍ରସ୍ତୁତ ହେବା ନିହାତି ଦରକାର।

ମଟର ଗଡ଼ିଲା।

ଦିନ ରାତି ହେଲା। ଗାଁଟି ମୋର ଦେଖା ଗଲା।

ଜଲ୍ଦି ହନ୍ଦ କହିଗାଡ଼ିରୁ ଓହ୍ଲାଇ ପଡ଼ିଲି। ଗାଁ। ଛୋଟ ଗାଁ। ଯେଉଁଠି ମୁଁ ଜନ୍ମ ହୋଇଛି। କାଳର ଗତି ଭିତରେ ବଦଳି ଯାଇଛି ମୁଁ। ଆଉ ମୁଁ ସେ ବାର ବୁଲା ରମେଶ୍ୱର ନୁହେଁ—ଏକେବାରେ ନେତା ରମେଶ୍ୱର।

ପୁନିଆ ମାରବାଡ଼ି ବସି ଦୋକାନରେ ଟଙ୍କା ଗଣୁ ଥାଏ। ପୁନିଆ ମାରବାଡ଼ି କରି-ଥାଏ ଗୋଟାଏ ଛୋଟ ଲୁଗା ପଟାର ଦୋକାନ। କରୋସିନ ତେଲ ବି ବିକା ବିକି କରେ। ସେଇ ଦୋକାନ ସାମନାରେ ଛିଡ଼ାହୋଇ ପୁନିଆକୁ କହିଲି "କିରେ ବାବା ପୁନିଆ ଟଙ୍କା ଗଣୁଛୁ। ଗଣ ବାପା ଗଣ।"

( ୬ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ପୁଜାରୀ ମାରବାଡ଼ୀ ହାତରୁ ଟଙ୍କା ଗୁଡ଼ିକ ଗଣି ଗଣି ନେଇ ଚାଲି ପଡ଼ିଗଲା ଆଉ ସେ ମୋ ମୁହଁକୁ ଅନାଇ ରହିଲା କୌଣସି ସନ୍ଦେହ ଧୂତ ଦୃଷ୍ଟିରେ—ସେ କରଯୋଡ଼ି କରି ନମସ୍କାର ଜଣାଇ ପଚାରିଲା "ଆପଣ ଭଲ ଅଛନ୍ତି ?"

ମୁଁ କହିଲି "ହଁରେ ଭାଇ ତୁମେମାନେ ମୋତେ ଶାନ୍ତିରେ ରହିବାକୁ ଦେଉନାହଁ । ଯେତେବେଳେ ତୁ ହେଲୁ ମୋ ଗାଁ ଲୋକ । ତୁ ମୋ ଆଗରେ ହସିଥିଲୁ ମୁଁ ଏକଥା ଦେଖିନଥିଲି ।" ମୁଁ ଗୃହ ଫେରିଲି ମୋର ଘରକୁ । ମୁଁ ଯେ ଏତେବୁଡ଼ା ଏ କଥା ପୁଜାରୀକୁ କାହିଁକି କହିଲି ସେ କଥା ରାଗେ ହାଏ ରହସ୍ୟ ରହିଛି । ଆଜିକାଲି ଯେ କପଡ଼ା ଆଉ କିରାସିନି ବ୍ୟବସାୟ କରେ ସେ ଯେତେ ଚେଷ୍ଟା କଲେବି ଯୁଧିଷ୍ଠିରଙ୍କ ପରି ଧର୍ମ ଆଡ଼କୁ ଲକ୍ଷ କରି ରହି ପାରେନା । ଲୋକଙ୍କର ତ ଲୋକଙ୍କ ଦୋଷ ଗୋଟାଏ ଗୁଣ ଅଛି । ପୁଜାରୀ ଯେତେବେଳେ ଜଣେ କପଡ଼ା ବ୍ୟବସାୟୀ ସେତେବେଳେ ଗ୍ରାହକଙ୍କଠାରୁ ଆଗରେ ଦୁଇପଇସା ଯେ ଅଧିକ ନନେଇଥିବ ସେଥିରେ ପ୍ରମାଣ କଣ ?

ପୁଜାରୀ ଆମ ଘରକୁ ଆସିଲା । ସେତେବେଳେ ମୋର ବିଗତ ଯୌବନା ଗୃହିଣୀ ମୋତେ ସମାଲୋଚନା କରିବାକୁ ଲାଗିଥାଏ । ସେ କହୁଥାଏ କହିଲେ ଏତେଦିନ ବୁଢ଼ା କାହିଁକି—ମୁଁ ତୁମକୁ ଅନାଇ ଅନାଇ ମୋର ଆଖି ଅନ୍ଧ ହୋଇ ଗଲାଣି । ତୁମେ ମୋତେ ପୁରୀ ଥରେ ନେଇଯିବାକୁ କଥା ଦେଇଥିଲ କିନ୍ତୁ କାହିଁ, ହାୟରେ ମୋର ଦୁର୍ଭାଗ୍ୟ- ମୁଁ ତୁମକୁ ବାହା ହେଲି କାହିଁକି ଇତ୍ୟାଦି ଇତ୍ୟାଦି ।

ମୋର ମନ ମଧ୍ୟରେ ଶ୍ରୀମତୀଙ୍କ ପ୍ରତି ଟିକିଏ କରୁଣା ହେଲା କିନ୍ତୁ କରୁଣା ଯଦି କାମରେ କରାଯାଇ ପାରୁ ଥାଆନ୍ତା ତାହା ହେଲେ ଦୁନିଆରେ ଆଉ "ବାବୁ ଚଉସାଟେ" ଦଳ ରହନ୍ତେ ନାହିଁ । କରୁଣା କରିବାକୁ ହେଲେ ଅର୍ଥର ପ୍ରୟୋଜନ ।

ପୁଜାରୀ ମାରବାଡ଼ୀ କହିଲା, "ଆପଣ କେମିତି ଗାଁକୁ ଆସିଲେ ?"

ମୁଁ ଭାବିଲି ବୋଧହୁଏ ପୁଜାରୀ ବାପ୍ୟୁରେ ଯାହା ଭାବିଥିଲି ଠିକ୍ ସେଇଆ ଘଟିଛି ଅର୍ଥାତ୍ ସେ କଳାବଜାର କରିଛି ।

ମୁଁ କହିଲି "ପୁଜାରୀ ତୁ ମୋର ଗାଁର ଲୋକ । ତୁ ମୋ ଆଖି ସାମନାରେ ଭାସିଗଲୁ ଏ କଥା ମୁଁ କେମିତି ପାରିବି ନାହିଁ—ଜେଲ ଯିବାପରି ଗୌରବର କଥା ହୋଇ ଥାଆନ୍ତା ମୁଁ ହସି ହସି ତୋତେ ଜେଲକୁ ପଠାଇ ଦେଇ ଥାଆନ୍ତି କିନ୍ତୁ ବ୍ୟବସାୟ କରି ଘଣା ଟେକିଦେଲୁ ମୋର ଦୁଃଖ ।

ପୁଜାରୀ ଆଉ କଥା କହି ପାରିଲାନାହିଁ । ତାର ସମସ୍ତ ଦେହ ଥରିବାକୁ ଲାଗିଲା । ମୁଁ ବି କିଛି କହିଲି ନାହିଁ । ଖାଲି ପ୍ରତୀକ୍ଷା କରିବାକୁ ଲାଗିଲି ସେ କଣ କହୁଛି ।

ପୁଜାରୀ ଅତି କଷ୍ଟରେ କହିଲା, "କଥାଟା କଣ ସବୁ ହୋଇଗଲାଣି ।"

ମୁଁ କହିଲି ମନ୍ତ୍ରୀ ବି ଏକଥା ଜାଣି ପାରିଛନ୍ତି ଯଦି ମୁଁ ଟିକିଏ ସଦୟ ହୃଦୟ ହୋଇ ନଥାନ୍ତି ତେବେ ଯାଇ ସାରନ୍ତାଣି ତୋର ଏ ଦୁନିଆ । ମୁଁ ବୋଲି କଥାଟିକୁ ଗୁପ୍ ଚୁପ୍ କରି ରଖିଥିଲି ଆଉ କମ ଖେ ସାମନ୍ତ କରିଛି ଏଇ ଅଫିସର ମାନଙ୍କୁ । ଧାରଉଧାର କରି ଘୁଷ୍ ଦେଲି ବୋଲି ସେମାନେ ଆଉ କିଛି କରିବାକୁ ପାରି ନାହାନ୍ତି । ଯେତେବେଳେ ତୁ ହେଲୁ ମୋ ଗାଆଁର ଲୋକ ତୁ ଭାସିଗଲୁ ଆଉ ମୁଁ ଦେଖୁଥିବି ଏକଥା ମୋ ଦେହରେ ସୁହାଯିବ ନାହିଁ ।

ପୁଜାରୀ କହିଲା, "କେତେ ଟଙ୍କା ଘୁସ୍ ଦେଇଛନ୍ତି । ମୁଁ କହିଲି— ଆରେ ଭାଇ ଟଙ୍କା ପଇସା କଥା ଛାଡ଼ ତୁ ଯେ ଜେଲ ନଯାଇ ବର୍ତ୍ତିଯାଇଛୁ ସେଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଦେ । ଦୁଇଶହ ଟଙ୍କା ମୋର ଖର୍ଚ୍ଚ ହୋଇଛି— ଟଙ୍କା ପଇସା ଦେବା ନେବାର କଥାତ ପଡ଼ୁ ନାହିଁ । ନା ମୁଁ ତୋତେ ଟଙ୍କା ମାଗୁନାହିଁ । ଭବିଷ୍ୟତ ପାଇଁ ହୁସିଆର ରହ, ନହେଲେ...।"

ପୁଜାରୀ ମୋ ହାତକୁ ତିନିଶ ଟଙ୍କା ବଢ଼ାଇ ଦେଇ ଚାଲିଗଲା । ମୁଁ ପଦ୍ମକେଶୀ ଶ୍ରୀମତୀଙ୍କୁ ଡାକି କହିଲି ହଇହେ ଶୁଣୁଛ "ନିଅ ନିଅ ପୁରୀଯିବ ପରା ଧର୍ମ କରିବାକୁ ।"

* * *

ଗାଁ ଆଉ ଥରେ ବୁଲିବାକୁ ଆସିଲି । ଜାଗେ ସେଇ ପଧାନ ଘରର ଲୋକଟା ମୋତେ ଯେମିତି ଅନାଇ ଦେଇଛନ୍ତି କେତେଜଣ ଲୋକଙ୍କ ଆଗରେ କହିଲା—କହେ ନେତାବାବୁ ସେଇ ଯେ ଖାଇବାକୁ ପାଉନଥିଲି ବୋଲି ଶଏଟି ଟଙ୍କା ଧାର ନେଇଥିଲ ଆଉ ଫେରାଇବାର ଚେଷ୍ଟା କଲନାହିଁ । ବଡ଼ ନାୟକ୍ ହରାମ ତୁମେ ।" କଥାଟା ସମସ୍ତଙ୍କୁ କହିବାର ଯୋଗ୍ୟ କିନ୍ତୁ ପାଞ୍ଚଦଶଜଣ ଲୋକଙ୍କ ଆଗରେ ଏକଥାଟା କହି ସେ ଯାହା ମୋତେ ଅପମାନ ଦେଲା— ତାହା କ୍ଷମା ହେବ ନାହିଁ । ଇଚ୍ଛାକରିଥିଲେ ମୁଁ ଶଏଟା ଟଙ୍କା ଦେଇ ପାରିଥାନ୍ତି କିନ୍ତୁ ଅପମାନଟା ପୂର୍ଣ୍ଣ ପରିଶୋଧ କରିବାକୁ ହେବ । ଘରକୁ ଆସିଲି । ଏତେବଡ଼ ଲଜ୍ଜାର କଥା କାହାକୁ କହିବି, ନିଜେ ଏଇ ଲଜ୍ୟା ଟିକିକ ହଜମ କରିବା ବି ମୁସ୍କିଲ ।

ତହିଁ ଆର ଦିନ ଗାଁ ପାଖ ପୋଲିସ ଷ୍ଟେସନକୁ ଗଲି । ପୋଲିସ ଇନ୍‌ସପେକ୍ଟର ଘରକୁ ଯାଇ ଡାକିଲି ଇନ୍‌ସପେକ୍ଟର ବାବୁଟି ଆସି ମୋତେ ନମସ୍କାର ଜଣାଇ ଦେଲେ । ମୁଁ କହିଲି "ସବୁ କୁଶଳତ ?"

ଇନ୍‌ସପେକ୍ଟର ବାବୁଟି କହିଲେ " ହଁ ଏମିତି ଚାଲିଛି " ମୁଁ କହିଲି " D I G ଆପଣଙ୍କୁ ଭାରି ପ୍ରଶଂସା କରୁଥିଲେ । ମନ୍ତ୍ରୀ, ମୁଁ ଆଉ D I G ବସି ବସି ଦିନେ ଗପ ଶପ କରୁଥିଲୁ ମନ୍ତ୍ରୀ ମୋତେ କହିଲେ ଆପଣ ଏଇ ରଘୁନାଥ ପଟ୍ଟନାୟକଙ୍କୁ ଜାଣନ୍ତି ।" ମୁଁ କହିଲି " ଆଜ୍ଞା ହଁ ତାହାରି ଯୋଗୁ ତ ଆଜି ସେଇ ପୋଲିସ ଷ୍ଟେସନର ଆଖପାଖ ଗାଆଁରେ କମ୍ୟୁନିଷ୍ଟ ଭୟ ନାହିଁ । "

D I G କହିଲେ "ଆରେ ନେତାବାବୁ ରଘୁନାଥ ପଟ୍ଟନାୟକ ଅବଶ୍ୟ ଜଣେ କର୍ମଦକ୍ଷ ସବ ଇନ୍‌ସପେକ୍ଟର କିନ୍ତୁ ଚନ୍ଦ୍ରମଣୀ ହରିଙ୍କୁ ତ ଧରାଇ ଦେଇ ପାରୁନାହିଁ ।

ମୁଁ କହିଲି "ଦେଖନ୍ତୁ D. I. G. ବାବୁ

୨ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com



## ଦ୍ୱିଧାର

ଲେଖିକା—ଶ୍ରୀମତୀ ବସନ୍ତକୁମାରୀ ଦେବୀ

ପାହାଡ଼ କଡରେ ଗୋଟିଏ କ୍ଷୁଦ୍ର ଜନବସତି ! ଜେଲେଟା କୋଠାଘର ମସ୍ତକ ଉନ୍ନତ କରି ଠିଆ ହୋଇଛି—ତା ପାଖରେ କେତେ ଗୁଡ଼ିଏ କୁଡ଼ିଆଁ ଘର ।

କୋଠାଘରର ସୁସଜ୍ଜିତ ମନ୍ଦିର କକ୍ଷ ଭିତରେ ମୂଲ୍ୟବାନ ପଲଙ୍କ ଉପରେ ବିଛା ହୋଇ ଥିବା ଦୁଗ୍ଧଫେନନିଭ ଶଯ୍ୟାରେ ଶୋଇ ରହି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥାଏ ନବବିବାହିତା ଧନୀକ-ପତ୍ନୀ-ଗୀତା । କବି ମନ ତାର ପାହାଡ଼ର ନବ ନବ ସୌନ୍ଦର୍ଯ୍ୟ ଦର୍ଶନରେ ଆତ୍ମହରା ହୋଇଯାଏ—ଲେଖନୀ ମୁଖରୁ ନିଃସୃତ ହୁଏ କେତେ ପ୍ରକାର ପ୍ରେମ-ଭରା, ମାଦକତା ଭରା କାବ୍ୟ, କବିତା, ଗଳ୍ପ ଇତ୍ୟାଦି ।

ଅନନ୍ୟ ସୁନ୍ଦରୀ ପତ୍ନୀଙ୍କର ଭାବବିଭୋର ମୁହଁଟି ଅତନୁ ଦାସଙ୍କ ସ୍ୱାମୀ ଅଶୋକର ମନ ପ୍ରାଣ ପୂର୍ଣ୍ଣ ହୋଇଉଠେ—ଅନେକ ଚେଷ୍ଟା ପରେ ପତ୍ନୀର ଇଚ୍ଛାନୁଯାୟୀ ମନୋରମ ସ୍ଥାନଟିରେ ଘରଟିଏ ପାଇଛି । ଯାହେତୁ ତାର ତ୍ୟାଗ କରିବାଟା ସାର୍ଥକ ହୋଇଛି । କାରଣ ସେ ଗୃହିଣୀ ନୁହେଁ ଏହି ଅଶିକ୍ଷିତ ଲୋକଙ୍କ ଭିତରେ ବସି କହିବାକୁ—କିନ୍ତୁ ଗୀତାର ମନଟାକୁ ଏ ସ୍ଥାନଟା କିଣି ପକାଇ ଥିଲା ନିଜର ମାଧୁର୍ଯ୍ୟ ଦେଖାଇ । ଅତଏବ ବାଧ୍ୟହୋଇ ଅଶୋକକୁ ନିଜର ପ୍ରିୟବନ୍ଧୁଙ୍କ ଠାରୁ ବହୁ ଦୂରରେ ରହିବାକୁ ପଡ଼ିଲା ।

ପୂର୍ଣ୍ଣମୀର ଚନ୍ଦ୍ରମା ନିର୍ମଳତା ଫେରିପୂର୍ଣ୍ଣ ପାହାଡ଼ ଉପରୁ ଉଙ୍କି ମାରି ଗୃହେ—ସେହି ଆଲୋକ ଗୃହ ମଧୁର ହସରେ ଗୀତାର ନଜ୍ରାଭ ଆଖି ଦୁଇଟି ଥରି ଉଠେ…ଅଧର ଦୁଇଟି ସୌନ୍ଦର୍ଯ୍ୟରେ ଲୋଳୁପ ହୋଇଯାଏ

( ପରିସ୍ଥିତି ଦେଖନ୍ତୁ )

---

( ମଜାକଥାର ଅବଶିଷ୍ଟାଂଶ ),

ରଘୁନାଥ ତ ଆଉ ଜାଣେ ନାହିଁ ଯେ ଜାଗେ ପ୍ରଧାନ ଘରେ ଚନ୍ଦ୍ରମଣୀ ଲୁଚିଛି"

ଇନ୍‌ସପେକ୍ଟର ରଘୁନାଥ ମୋ ମୁହଁକୁ ଅନାଇବାକୁ ଲାଗିଲେ ଆଉ ମୁଁ ପୁଣି ଆରମ୍ଭ କଲି ତାପରେ D.I.G ମୋତେ କହିଲେ—"ଯେତେ ଇନ୍‌ସପେକ୍ଟର ଅଛନ୍ତି ସବୁଠୁଁ ରଘୁନାଥ ଖୁବ୍ ଅଳ୍ପ ସାହାଯ୍ୟ କରୁଛନ୍ତି କମ୍ୟୁନିଷ୍ଟମାନଙ୍କୁ ଧରାଇବାକୁ ।"

ମୁଁ ରଘୁନାଥକୁ କହିଲି, "ବୁଝିଲେ ରଘୁନାଥ ବାବୁ ଯେତେବେଳେ D.I.G ଏଇକଥା ମୋତେ କହିଲେ ସେତେବେଳେ ଲଜ୍ଜାରେ ମୋର ମୁହଁ ପୋଡ଼ି ହୋଇଗଲା ।"

ମୁଁ ଚାଲି ଆସିଲି । ଫେରିବା ବେଳେ ରଘୁନାଥ ବାବୁଙ୍କୁ କହିଲି 'ଜାଗେଶ୍ୱର ପ୍ରଧାନ ଘର ଟିକିଏ ଖାନାତଲ୍ଲାସ କରି ଦଅନ୍ତୁ ଦେଖିବେ ଜଣେନା ଜଣେ କମ୍ୟୁନିଷ୍ଟ ତାଙ୍କ ଘରେ ଲୁଚିଛନ୍ତି ।"

ସନ୍ଧ୍ୟା ଦଶଟା । ଜାଗେଶ୍ୱର ପଧାନ ଖାଇ ସାରି ଶୋଇବାର ଉପକ୍ରମ କରୁଛନ୍ତି ପୋଲିସ ଆସି ଖବର ଦେଲା ତୁମ ଘରେ କମ୍ୟୁନିଷ୍ଟ ଅଛନ୍ତି ।

ଜାଗେଶ୍ୱର କହିଲେ "କମ୍ୟୁନିଷ୍ଟ କଣ"

ରଘୁନାଥ କହିଲେ "ଓଃ କିଛି ଜାଣନ୍ତି ନାହିଁ" "ଚନ୍ଦ୍ରମଣୀକୁ କେଉଁଠି ଲୁଚାଇ ଅଛନ୍ତି । ଚନ୍ଦ୍ରମଣୀ ହେଉଛି ଜାଗେଶ୍ୱର ପଧାନର ପୁଅ । କେତେ ବର୍ଷର ଟୋକାଟିଏ ।

ଜାଗେଶ୍ୱର କହିଲେ—" ସେ ଶୋଇଛି ସେଇ ଘରେ "

ଆପଣ କହୁଥିଲେ ନା ଆପଣ କମ୍ୟୁନିଷ୍ଟ କଣ ଜାଣନ୍ତି ନାହିଁ— ପୋଲିସ ବାବୁ କହିଲେ

ଅପମାନର ପ୍ରତିଶୋଧ ନେବାକୁ ଯାଇ ମୁଁ ଚନ୍ଦ୍ରମଣିଙ୍କୁ ଧରାଇ ଦେଲି । ସେ ଜୀବନରେ କେବେ କମ୍ୟୁନିଜମର ଅର୍ଥ ବୁଝି ନଥିଲା । ଖାଲି ମୋର ଅପମାନ ପ୍ରତିଶୋଧ ନେବା ପାଇଁ ଓ ପୋଲିସ ବାବୁଙ୍କ ଉଚ୍ଚହେବାର ବୁଦ୍ଧି ପାଇଁ ଚନ୍ଦ୍ରମଣୀକୁ କମ୍ୟୁନିଷ୍ଟ ବୋଲି ପ୍ରମାଣ କରି ଦିଆଗଲା । + + ×

ଘରେ କାଠ ନଥାଏ ଜାଳିବାକୁ କି ବସା ବସି କରିବାକୁ ଚେଆର ଖଣ୍ଡେ ବି ନ ଥିଲା । ଗାଁ ଜଙ୍ଗଲର ଅନତି ଦୂରରେ ଜଙ୍ଗଲ ଚପରାଶିର ଘର । ଚପରାଶିଟା ମୋତେ ଚିହ୍ନେନା । ତାର ପାଖକୁ ଗଲି । ଜଙ୍ଗଲ ଚପରାଶିଟା କବାଟରୁ ଉଠି ଦାନ୍ତ ଘଷୁଥାଏ । ସେ ମୋତେ ଚିହ୍ନେନା । କିନ୍ତୁ ନିଜକୁ ପରିଚୟ ଦେବାକୁ ମୋର କେବେ କୁଣ୍ଠାବୋଧ ହୁଏନା । ଚପରାଶିଟାକୁ ନିକଟ ଡାକିଲି । ଚପରାଶିଟା ଆସିଲା ଆଉ ପ୍ରଶ୍ନ କଲି " କଣ କହୁଛନ୍ତି " ମୁଁ କହିଲି ବିନା ଲାଇସେନସରେ କାଠ ନେବା କଣ କଞ୍ଜର ଭେଟର ଅନୁମତି ଦେଇଛନ୍ତି ।

ଚପରାଶିଟା କହିଲା "ନା"

ମୁଁ କହିଲି "ତେବେ ଗାଁ ଲୋକେ କହୁଛନ୍ତି ତୁମେ କାଠ ବାଙ୍ଗି ବିକି ପଇସା ରୋଜଗାର କରୁଛ"

ଚପରାଶିର ମୁହଁ ଲାଲ ହୋଇଗଲା ! ମୁଁ କହିଲି "ତୁମେ ତୁମର କାମରେ ହେଳା କରୁଛ ଏଥିପାଇଁ ଚାକିରି ଦେଇପାରେ କିନ୍ତୁ ମୋତେ ଠକାଇ ଦେଇ ପାରିବ ନାହିଁ । ଗୋଟିଏ କଲମ ମାରରେ ତୁମର ଚାକିରୀ ଚାଲିଯିବ—ମୋ ଘରେ ଜାଳ ଖଣ୍ଡିଏ ନାହିଁ, ଚୌକିଟିଏ ନାହିଁ ବସିବାକୁ—କାଠ କିଣିମୁଁ ଜାଳିପାରିବି ନାହିଁ କିନ୍ତୁ ମୁଁ ତୁମକୁ କାଠ ମାଗିବି ନାହିଁ । ଆମେ ଜାଣୁ ତୁମେ କଣ କରୁଛ ।"

ସନ୍ଧ୍ୟା ଆଗରୁ ଲୋକଟି ମୋ ଘରକୁ ଦୁଇବୋଝ ଜାଳେଣି କାଠ ପଠାଇ ଦେଇଥିଲା । ଏତିକି ମୋର ଦରକାର ଥିଲା । ଯଦି ଲୋକଟା ମୋ କଥାର ମର୍ମ ନବୁଝି ମୋତେ କାଠ ପଠାଇ ଦେଇ ନଥାନ୍ତା ମୁଁ ଏତିକି କହିପାରେ ଲୋକଟାକୁ ଚାକିରୀରୁ ତଡ଼ିବାକୁ ଚେଷ୍ଟା କରିଥାନ୍ତି ଉପରେ ସମ୍ବାଦ ଦେଇ ।

ମୁଁ ନେତା । ମୁଁ ସାଧାରଣ ଲୋକଙ୍କୁ ଅସାଧାରଣ କରିପାରେ, ବଦଳି କରିପାରେ ଚାକିରୀ ଯୋଗାଇ ଦେଇପାରେ, ଚାକିରୀରୁ ବରଖାସ୍ତ କରିପାରେ—ଚୋରବଜାର କରିପାରେ ଚୋର ବଜାରୀକୁ ଧରାଇ ଦେବବୋଲି ଧମକ ଦେଖାଇପାରେ— ମୁଁ ଏ ଦେଶର ନେତା । ମନ୍ତ୍ରୀ କାରଣ ମୋର କଥାମାନ ଚଳିବ ବା ବାଧା । ଆସନ୍ତା ନିର୍ବାଚନରେ ଭୋଟ ଯୋଗାଇବ କିଏ ! ଭୋଟ ନହେଲେ କେବେ କେହି ମନ୍ତ୍ରୀ ହୋଇପାରେ ?

ମୁଁ ଭୋଟ ଯୋଗାଏ ସେ ମୋତେ ସୁବିଧା ସୁଯୋଗ ଯୋଗାନ୍ତି ।



Digitized by srujanika@gmail.com

ଅଶୋକ ।

ଠିକ୍ କୋଠାଘରର ପାର୍ଶ୍ୱସ୍ଥ ଦରଭଙ୍ଗା ଛଣଘରଟି ଭିତରେ ଛିଣ୍ଣାକନ୍ଥାଟି ଉପରେ ପଡ଼ିଥିବା ମାଳତୀର ଅଶ୍ଳୀଳ ହୃଦରେ—ବିଶୁ ଆଜି ମାତାଲ ହୋଇ କାଠ ଫାଳଟା ଧରି ଖୁବ୍ ମାରୁଛି—ସାରା ଦେହଟା ଯନ୍ତ୍ରଣାରେ ଅଥିର ହୋଇ ଉଠୁଛି, ପ୍ରହାରିତ ସ୍ଥାନଗୁଡ଼ିକ ଫୁଲିଗଲାଣି··· ମାଳତୀ ନିଜ ଭାଗ୍ୟକୁ ନିନ୍ଦି ସାରା ରାତିଟା କାନ୍ଦି କଟାଇ ଦିଏ ।

କାମିନୀର ପୁଅଟାକୁ ଭାରି ଜ୍ୱର ହୋଇଛି । କାମିନୀର ସ୍ୱାମୀ ଚୋଇଲା ଖଣିର କୁଲି । ପନ୍ଦର ଦିନରେ ଥରେ ଆସେ ଘରକୁ ସେ । ଆହୁରି ଦଶ ଦିନ ବାକିଅଛି ସେ ଘରକୁ ଆସିବାକୁ—କାମିନୀ ଖବର ଦେଇଛି ଟଙ୍କା ପଠାଇବାକୁ । ଯାହାଙ୍କ ଘରେ କାମିନୀ କାମ କରୁଥିଲା, ପୁଅର ଜ୍ୱର ହେତୁ କାମ ପାଇଁ ନଯାଇ ପାରିବାରୁ ଖପ୍ପା ହୋଇ ଉଠିଛନ୍ତି । ସେ ଭଦ୍ରଲୋକ ମଧ୍ୟ କାମିନୀ ତାଙ୍କଠାରେ ରଖିଥିବା ନିଜର ପାଞ୍ଚ ଟଙ୍କାରୁ ଟଙ୍କାଟିଏ ପାଇଲା ନାହିଁ । ଅଶ୍ରୁଳ ନୟନରେ ବୁକୁ ଭସାଇ ସେ ଦିନ ଗଣୁଛି ।

ଶ୍ୟାମଳୀର ସାତ ବର୍ଷର ପୁଅ ନରି ମଦ ଖାଇଛି ! ଆଜି ଖୁବ୍ ଜୋରରେ ଶ୍ୟାମଳୀ ତାକୁ ମାରୁଛି ! ଅଶ୍ଳୀଳ ଗାଳିରେ ଜନନୀକୁ ଅଭିଷିକ୍ତ କରୁ କରୁ ନରି ଖୁବ୍ ଜୋରରେ କାନ୍ଦୁଥିଲା ।

ଦୁଇହାତରେ ନିଜର କାନକୁ ଚାପିଧରି ସୁନ୍ଦର ମୁହଁଟିକୁ ଯଥା ସମ୍ଭବ ବିକୃତ କରି ଗୀତା କହିଲା—"ଛି, ଛି—ଓହୋ ! କେତେ ଅସଭ୍ୟ ଏ ଗୁଡ଼ାକ ମ—କି କଦର୍ଯ୍ୟ କଥା ବାର୍ତ୍ତା—ସାତ ବର୍ଷର ପିଲାଟେ ପୁଣି ମଦ ବି ଖାଉଛି—ଛି ଏତେ ସୁନ୍ଦର ଥିଲେ ଏମାନେ କିପରି କୁତ୍ସିତ କରି ଦେଉଛନ୍ତି ଦେଖିଲ ?

ପଞ୍ଚାର ହାତରେ ହାତଛନ୍ଦି ଅଶୋକ ତାକୁ ଝରକା ପାଖରୁ ଟାଣି ନେଇ ନେଇ କହେ—"ମୁଁ ପରା ଏଇଥି ପାଇଁ ଏଠାରେ ଆସି ରହିବାକୁ ନାହିଁ କରୁଥିଲି—ଏ ସବୁ ଅନାର୍ଯ୍ୟଗୁଡ଼ାକଙ୍କ କଥାରେ କାନ ଦିଅନାହିଁ—ଚାଲ ଟିକିଏ ବୁଲିଆସିବା—ଦେଖୁଛ ନା, ପ୍ରକୃତି କି ଚମତ୍କାର ଦିଶୁଛି—"

\+ \+ \+

ପାହାଡ଼ର ଉନ୍ମୁକ୍ତ ବକ୍ଷରୁ ଆଦରିବା ପାଇଁ ଧୂସର ମେଘର ଆବରଣ ଓହ୍ଲାଇ ଆସେ—ଅଭିନବ ରୂପସଜ୍ଜାରେ ପାହାଡ଼-କୋଳର ବୃକ୍ଷଲତା ଆହୁରି ମନୋରମ ରୂପ ଧାରଣ କରନ୍ତି । ପୃଥିବୀ ବକ୍ଷର ଶ୍ୟାମଳିମା ସହିତ ଆକାଶବକ୍ଷ ଧୂସର ବର୍ଣ୍ଣର ଏକ ଅପୂର୍ବ ସମାବେଶ । ଆବେଶରେ ଗୀତାର ଚକ୍ଷୁ ମୁଦ୍ରିତ ହୋଇ ଆସେ । କ୍ଷୁଦ୍ରାଗ୍ନିପରି ତା ମନଟା ଚଞ୍ଚଳ ହୋଇ ଉଠେ । ଝରକାର ସ୍ୱଚ୍ଛ କାଚନିର୍ମିତ କବାଟ ଉପରେ ଜଳବିନ୍ଦୁ ଝରିପଡ଼ିବା ଦେଖି ଦେଖି ବିହ୍ୱଳ କଣ୍ଠରେ ସେ ସଚିତ୍ର ମେଘଦୂତର ପୃଷ୍ଠା ଓଲଟାଇ ଓଲଟାଇ ପ୍ରେମୋନ୍ମାଦକର କବିତାଗୁଡ଼ିକ ଆବୃତ୍ତି କରିଯାଏ—ଏକାନ୍ତ ନିକଟରେ ବସି ମୋହମୁଗ୍ଧ ପରି ଅଶୋକ, ଗୀତାର ସେହି ଅମୀୟ ମୁଖ-ସୁଷମା ପାନ କରୁଥାଏ + +

ଉଦ୍ବେଗରେ ମାଳତୀର ହୃଦସ୍ପନ୍ଦନ ଥରିଯାଏ । ଚାଉଳ, ଡାଲି, ତେଲ ସବୁ ସରିଯାଇଛି—ପୁଣି ଚାଳବାଟେ ପାଣିଗଳି ବିଛଣାର ଶେଯଟା ତିନ୍ତି ଯାଇଛି ତାର ଅସାବଧାନତା ହେତୁ । ଆଜି ଆଉଥରେ ତାକୁ ଦରମରା ହେବାକୁ ପଡ଼ିବ ମାତାଲ ସ୍ୱାମୀ ହାତରେ × ×

ରୁଗ୍ଣ ପୁଅଟାକୁ କୌଣସିମତେ ଛିଣ୍ଣା କାନିତଳେ ଘୋଡ଼େଇ ରଖିବାର ବ୍ୟର୍ଥ ପ୍ରଚେଷ୍ଟା କରୁଥିଲା କାମିନୀ । ବର୍ଷାପାଣିରେ ଘରଦୁଆର ସବୁ ଭିଜୁଛି—ପିଲାଗୁଡ଼ାକ ଶୀତରେ ଥରିଯାଉଛନ୍ତି । କାମିନୀ ମେଘଉପରେ ଅଭିଶାପ ବର୍ଷୁଥିଲା + +

ମାଳତୀକୁ ପୁଣି ଆଜି ବିଶୁ ମାରୁଛି—ଯନ୍ତ୍ରଣାରେ ଚିତ୍କାର କରୁଛି ମାଳତୀ । 'ମେଘଦୂତ' ର ମଧୁର କାଶୀଟା ଭାଙ୍ଗିଗଲା ଗୀତର । ଭୀତା ହରିଣୀପରି ଗୀତା ସ୍ୱାମୀଙ୍କ ନିକଟକୁ ଲାଗିଆସେ ! ଓଃ କି ନିଷ୍ଠୁର ନିର୍ଯ୍ୟାତନ ! ସ୍ୱାମୀଙ୍କ ଅମୂଲ୍ୟ ପବିତ୍ର ପ୍ରେମ ଯେ କେବେ ଏହାପରି ଭୀଷଣ ରୂପ ଧରିପାରେ, ତା' ତାର କଳ୍ପନାର ବାହାରେ— ।

× + +

ସ୍ଥାନୀୟ କ୍ଲବରେ ସାପ୍ତାହିକ ସାହିତ୍ୟ ସଭା ହେବ । ବିଖ୍ୟାତ ବିଖ୍ୟାତ ଲେଖକ ବକ୍ତାଙ୍କୁ ନିମନ୍ତ୍ରଣ କରାଯାଇଛି । "ଅଶିକ୍ଷିତ ଜନସମାଜ ଭିତରେ ଶିକ୍ଷାର ପ୍ରସାର"—ଏହି ମର୍ମରେ ଆଜି ବିଶିଷ୍ଟ ଲେଖକ '........' ସଭାପତି ଆସନ ଅଳଂକୃତ କରି ଅଭିଭାଷଣ ଦେବେ । କ୍ଲବର ପୃଷ୍ଠପୋଷକ ହେଉଛନ୍ତି ଅଶୋକ । ତା'ର ଅର୍ଥରେ ସଭାମଣ୍ଡପ ଆଜି ସ୍ୱର୍ଗୀୟ ସୌନ୍ଦର୍ଯ୍ୟରେ ଉଦ୍ଭାସିତ । ସୁନେଲି ଜରି ଧଡ଼ି ନୀଳଜର୍ଜେଟ ଶାଢ଼ୀଟା ପିନ୍ଧି ଗୀତା ଆଜି ଦେବୀପ୍ରତିମା ପରି ଦିଶୁଛି । ନୂତନ ନିର୍ମିତ ସ୍ୱର୍ଣ୍ଣାଳଙ୍କାର ଗୁଡ଼ିକ ଝକ୍‌ମକ୍ କରୁଛି ତାର ସୁଗୌର ତନୁଲତା ଉପରେ । ନିମନ୍ତ୍ରିତ ଭଦ୍ରଲୋକ ଓ ଭଦ୍ରମହିଳାଙ୍କ ସଙ୍ଗେ ଅଶୋକ ପରିଚିତ କରାଇଦିଏ ଗୀତାକୁ । ଗୀତାର ଅପ୍ରତିହତ ରୂପରାଶି ଆଗରେ ସମସ୍ତେ ସମ୍ଭ୍ରମରେ ମୁଣ୍ଡନୁଆନ୍ତି । ପ୍ରତିଉତ୍ତରରେ ଗୀତାର ଶୁଭ୍ର—କୋମଳ ହସ୍ତଦୁଇଟି ପରସ୍ପର ଆବଦ୍ଧ ଅବସ୍ଥାରେ ଈଷତ୍ ଉପରକୁ ଉଥିତ ହୋଇ ପରକ୍ଷଣରେ ଲଇଁପଡ଼େ । ଭଦ୍ରମହିଳାଙ୍କର ବସ୍ତ୍ରାଳଙ୍କାରର ସମାବେଶରେ ଉଜ୍ଜ୍ୱଳ ହୋଇଛି ସଭାଗୃହଟା । ସୌଖୀନ ପୋଷାକ ପରିହିତ ଭଦ୍ରମଣ୍ଡଳୀଙ୍କ ଦେହରେ ବୋଳାହୋଇଥିବା ଏସେନ୍‌ସର ସୁମଧୁର ଗନ୍ଧ ସ୍ଥାନଟାକୁ ଆହୁରି ମଦାକୁଳ କରିଦେଇଛି । ପ୍ରାରମ୍ଭ ସଙ୍ଗୀତ ବୋଲାଯାଏ । ଶ୍ରୋତାଙ୍କ କରତାଳି ଶବ୍ଦରେ ସ୍ଥାନଟି ମୁଖରିତ ହୋଇଉଠେ । ସଭାପତି ପ୍ରଥମେ ଏହି କୃଷ୍ଟି-ସମ୍ପନ୍ନ ଦେଶହିତୈଷୀ ଉଦ୍ୟୋକ୍ତା ଉଦାର ଚେତା ଅଶୋକ ବାବୁଙ୍କ ଉଦାର ପ୍ରାଣର ଭୂରି ପ୍ରଶଂସା କରି ବିନୀତ ଭାବରେ ନିଜର କୃତଜ୍ଞତା ଜଣାନ୍ତି । ପୁଣି ତାଳିମାଡ଼ ପଡ଼େ । ଅଶୋକବାବୁ ଯେ ଜଣେ ଦେଶହିତୈଷୀ, ଏଥିରେ ତିଳେମାତ୍ର କାହାର ସନ୍ଦେହ ରହେନା ।

ଅଶିକ୍ଷିତ ଜନସମାଜ ଭିତରେ, ଶିକ୍ଷାପ୍ରସାର

ଲାଭ କରିବାର ଚେଷ୍ଟା କପର ଶିକ୍ଷିତବ୍ୟକ୍ତି-ମାନଙ୍କୁ ଜଣାଇବାକୁ ହେବ, ଯେ ଶିକ୍ଷ୍ୟଟରେ ସଙ୍ଗୀତ ମର୍ମ୍ମଜ୍ଞ ଆତ୍ମନିବେଦନ କରନ୍ତି—

ସେଇରୁ ଫେରି ଗୀତା କହେ, "ବାଃ ଭାରି ଚମତ୍କାର ବକ୍ତୃତା ଦେଲେ '......' ବାବୁ ! ତାଙ୍କର ଉଚ୍ଚାରଣ କରିବାର ଭଙ୍ଗୀ, ଭାଷା ସବୁ କି ଉଚ୍ଚାରଣର—"

ଅଶୋକ ମୃଦୁସ୍ୱରରେ କହେ, "ହଁ ଭାରି ଚମତ୍କାର—ପ୍ରକୃତରେ ଏହି ଜଙ୍ଗଲୀଆ ଲୋକଙ୍କ କୁପ୍ରବୃତ୍ତି ଇତ୍ୟାଦିକୁ ସଂସ୍କାର କରିବା ଉଚିତ—"

ଅଳ୍ପଦୂରରେ ଅବସ୍ଥିତ ହରିଜନପଡ଼ାରୁ, ସ୍ତ୍ରୀ ପୁରୁଷଙ୍କ କଳରବ ଭାସିଆସେ । ଗୀତା କହେ, "ଏ ଗୁଡ଼ାକ ପୁଣି ଶିକ୍ଷା ଲାଭକରିବେ ? ଦିନସାରା ମଦରେ ବିଭୋର ହୋଇ ଅକଥ୍ୟ ଗାଳିଗୁଡ଼ା ଯାହାଙ୍କ ତୁଣ୍ଡରେ ଲାଗିଛି ନାହିଁ, ସେ ଗୁଡ଼ାକ ପୁଣି ହେବେ ଶିକ୍ଷିତ ?"

ଅଶୋକ କଣ କହିବାକୁ ଯାଉଥାଏ କିନ୍ତୁ ପ୍ରତିବେଶୀ କନ୍ୟା ପୂର୍ଣ୍ଣିମାର କଣ୍ଠସ୍ୱର ଭାସି ଆସି ସେମାନଙ୍କ ଆଲୋଚନାକୁ ବନ୍ଦ କରିଦିଏ । ସୁକୋମଳ ସୋଫା ଉପରେ ନିଜକୁ ଅଉଜାଇ ଦେଇ ଗୀତା କହେ—"ବାଃ କି ଚମତ୍କାର ଗୀତ ଗାଉଛି ପୂର୍ଣ୍ଣିମା—ପିଆନୋ ସାଙ୍ଗରେ ତା କଣ୍ଠ ଠିକ୍ ମିଳିଯାଉଛି—"

"ଆଉ ତମେ କଣ ମନ୍ଦ ଗାଉଛ ଗୀତା ? ତମର କଣ୍ଠ ପୂର୍ଣ୍ଣିମାଠାରୁ ସୁନ୍ଦର—" ଅଶୋକ, ସ୍ତ୍ରୀର ମନୋରଞ୍ଜନ କରିବାପାଇଁ କହେ । ପରକ୍ଷଣରେ ଗୀତାର ସ୍ୱପ୍ନାଳୁ ଚକ୍ଷୁ ଦୁଇଟି ଉପରକୁ ଲଇଁପଡ଼େ ଅଶୋକ । ହରିଜନ ବସ୍ତିର ଗୋଳମାଳ କ୍ରମେ କ୍ରମେ ଅସ୍ପଷ୍ଟ ହୋଇଆସେ ।

\+ + + ×

କାଲି ରାତିରେ କାମିନୀର ପୁଅଟା ମରି ଯାଇଛି । ମାତାର ଆର୍ତ୍ତ ଚିତ୍କାର ପଡ଼ା କମ୍ପାଇ ଦେଉଛି । ଅଳ୍ପ ଶରୀର ସୁସ୍ଥରଖିବା ସମ୍ପର୍କରେ କହିବେ ଡାକ୍ତର... । ସମସ୍ତ ହୋଇଗଲାଣି । କେଉଁ କ୍ଲାବର ସଙ୍ଗେ କେଉଁ ଶାଢ଼ୀଟା ମାନିବ ଗୀତା ଠିକ୍ କରି ପାରୁନ । ଅଶୋକ ସ୍ୱଚ୍ଛ ଦୀର୍ଘ ଦର୍ପଣ ଆଗରେ ଠିଆହୋଇ, ଅତିର ମିହିଟା ଧରି ସିଲ୍କ ପଞ୍ଜାବୀ ଟିକୁ ଠିକ୍ କରୁ କରୁ କହିଲା, "ନା ! ଆଜି ଏଘରେ ରହି ହେବନି ଗୀତା ! ଦେଖୁନ ମଲା ଲୋକଟାକୁ ସେ ମାଇପିଟା କି ରକମ ମାଟିକରି କାନ୍ଦୁଛି—କି ବାଜେ ଲୋକ ଗୁଡ଼ାଏ ସ !

କୃଷକବାଣୀ ଠାରୁ କାମିନୀର ପୁଅ ମରିବା କଥା ଶୁଣିଥିଲା ଗୀତା । କହିଲା "ଆହା—ତାର ପରା ପୁଅଟା ମରିଗଲା, ଟିକେ କାନ୍ଦିବନି ପାଇ !" "ଓଃ—" ଅଶୋକ ଅପ୍ରସନ୍ନ ହେଲା । "ଦେଖୁନ ଲୋକ ଗୁଡ଼ାକର କି ପ୍ରକୃତି ! ମଦ ଖାଉ ସବୁ ମାଇପି ଉଡ଼ାଇ ଦେଉଛନ୍ତି ଅଥଚ ଔଷଧ ଟିକେ ନପାଇ ମରୁଛନ୍ତି ! କି ମୂର୍ଖ ଏ ଗୁଡ଼ାକ..."

ସେଦିନ ସଭାରୁ ଫେରିଲା ବେଳକୁ ବେଳ ଗଡ଼ିଛି । ରାସ୍ତା କଡ଼ର ଧୂଳିରେ ବସି କାମିନୀର ସାନ ପୁଅଟା ଧୂଳିଗୁଡ଼ାକ ମୁଣ୍ଡରେ ନେଇ ଅଜାଡ଼ୁ ଥିଲା—ଆଉ ଦୁଇତିନିଟା ପିଲା ଅପରିଷ୍କାର ଜାମା ପିନ୍ଧି ଦୂରରେ ଠିଆ ହୋଇ ମଜା ଦେଖୁଥିଲେ । ନିଜେ ନିଜର ବନ୍ଧୁମାନଙ୍କ ସଙ୍ଗେ ଅଶୋକ ଆଉ ଗୀତା ଆସୁଥିଲେ । ପିଲାଗୁଡ଼ିକର ପାଖଦେଇ ଯାଉ ଯାଉ ପୂର୍ଣ୍ଣିମା ମୁହଁଟା ବିକୃତ କରିଦେଇ କହିଉଠିଲା, "ଓଃ କି ଦୁର୍ଗନ୍ଧ ! କି ଅପରିଷ୍କାର—ଏମାନଙ୍କ ମୁଣ୍ଡରେ ମସ୍ତିଷ୍କ ବୋଲି କିଛି ନାହିଁ ; ଚେଷ୍ଟା କଲେ କଣ ଟିକିଏ ପରିଷ୍କାର ରହିପାରନ୍ତେ ନାହିଁ । ଆଜି ଡାକ୍ତର କହିଲେ ଏମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବାପାଇଁ ଶିକ୍ଷା ଦେବାକୁ ! କିନ୍ତୁ ଏ ତ ଦେଖୁଛି, ଯାହାଙ୍କର ଏପରି ରହିବାଟା ଅସ୍ଥିମଜ୍ଜାଗତ ହୋଇଗଲାଣି 'ଯେତେ ମାଠିଲେ ମଠ୍, ମୁଁ ସେହି ଦରପଟା କାଠ୍' ଦରପୋଡ଼ା କାଠକୁ ଯେତେ ମାଠିଲେ ମଧ୍ୟ ସେ କଣ କେଜାଣି ତେଜ ପାରେ । ..."

ପୂର୍ଣ୍ଣିମାର ରସିକତାରେ ସମସ୍ତେ ହୋ ହୋ ହୋଇ ହସି ଉଠିଲେ ଆଉ ପ୍ରଶଂସା କଲେ ପୂର୍ଣ୍ଣିମାର ବୁଦ୍ଧି ମେଲା ଭଙ୍ଗୀ । ଆତ୍ମପ୍ରସାଦ ଅନୁଭବ କଲା ପୂର୍ଣ୍ଣିମା ।

× + + +

ସଂସ୍କୃତ ସହର କର୍ମଚଞ୍ଚଳ କ୍ଲବ ଜୋର-ସୋରରେ ଚାଲିଛି । ହରିଜନଙ୍କ ଭିତରେ ଶିକ୍ଷାର ପ୍ରସାର, ବିବେକୀ ସାହିତ୍ୟ ଓ ଦେଶୀୟ ସାହିତ୍ୟ, ଅର୍ଥନୀତି, ରାଜନୀତି, ଜ୍ଞାନ ଚର୍ଚ୍ଚାର ଇତ୍ୟାଦି ଇତ୍ୟାଦି ବିଷୟରେ ବଡ଼ ସୁନ୍ଦର ବକ୍ତୃତାସବୁ ଦିଆ ହେଉଛି । ଦେଶର ଶ୍ରେଷ୍ଠ ଶ୍ରେଷ୍ଠ ସାହିତ୍ୟିକ ଆସି ଯୋଗ ଦେଉଛନ୍ତି—ଫୁଲମାଳରେ ସଭାମଞ୍ଚ ପରିପୂର୍ଣ୍ଣ ହୋଇ ଯାଉଛି । ସଭାଗୃହଙ୍କୁ ମନୋରମ ଉପହାର ସବୁ ଦିଆ ଯାଉଛି । କେଉଁଥିରେ ତ୍ରୁଟି ନାହିଁ ।

ମାଳତୀ ଆଜି ମରଣୋନ୍ମୁଖ ଅବସ୍ଥାରେ—ତାର ଗର୍ଭସ୍ଥ ଭ୍ରୂଣ ବାପର କ୍ରୂର ପଦାଘାତରେ ପ୍ରାଣ ହରାଇଛି । ତାର ପ୍ରତିକ୍ରିୟା ଚାଲିଛି ମାଳତୀର ସର୍ବାଙ୍ଗରେ । ଦୟାକରି ଅର୍ଥଦେଇ ଜଣେ ପଡ଼ୋଶୀ ମାଳତୀକୁ ଡାକ୍ତରଖାନାକୁ ପଠାଇ ଦେଇଛନ୍ତି ! ମୃତ୍ୟୁ-ଶଯ୍ୟାରେ ପଡ଼ି ଚିତ୍କାର କରୁଛି ମାଳତୀ ! ଅନେକ ସମୟରେ ନର୍ସମାନଙ୍କ ତାଡ଼ନାରେ କିଛିକ୍ଷଣପାଇଁ ବନ୍ଦ ହୋଇଯାଉଛି ତାର ଆର୍ତ୍ତଚିତ୍କାର ।

କ୍ଷୁଦ୍ର କୁଡ଼ିଆ ଭିତରେ ଶୋଇରହି ମାତାଲ୍ ବାପୁ କଣ ଭାବୁଛି କେଜାଣି ?

ଶ୍ୟାମଳୀର ପୁଅ ନବ କୁଆଡ଼େ ସିଗାରେଟ୍ ଚୋରିକରି ଆଣି ନିଜ ସାଙ୍ଗମାନଙ୍କ ଭିତରେ ବାଣ୍ଟୁଛି ! ସେଥିପାଇଁ ପଡ଼ୋଶୀ ଘରର ରୁକ୍ମିଣୀ ଶ୍ୟାମଳୀକୁ ତାର ଚଉଦପୁରୁଷକୁ ଅଭିସମ୍ପାତ ଦେଉଛି କାରଣ ଆଜି ସକାଳେ ତାର ଛ ବର୍ଷର ପୁଅ ବୁଧି କୁଆଡ଼େ ବିଡ଼ି ଖାଉ ଖାଉ ତାର ଗୋଟେ ଲୁଗା ପୋଡ଼ି ପକାଇଛି ।

ସଭାପତି ନିଜର ଡାକ୍ତର ବୋଲା ମୁହଁ ଉପରେ ସୁବାସିତ ସିଲ୍କ ରୁମାଲ ଥରକୁ ଥର ବୁଲାଇ ଆଣୁ ଆଣୁ କହୁଛନ୍ତି—

ଅନେକ ଗ୍ରାମ ଭାଇମାନେ ଏଠାରେ ଉପସ୍ଥିତ ହେବାର ମୁଁ ଦେଖୁଛି । ମିଳିତ ଜନଗଣ ଉପରେ ମୋର ଦୃଢ଼ ବିଶ୍ୱାସ ରହିଛି । ଆପଣମାନେ ଅଶିକ୍ଷିତ ଜନସମାଜର ସଂସ୍କାର

(୧୧ପୃଷ୍ଠା ଶେଷ ଦେଖନ୍ତୁ)



Digitized by srujanika@gmail.com



## ଗଳ୍ପ ଉପନ୍ୟାସ

ମହାନଗରୀର ରାତ୍ରି—ଗଳ୍ପସଂଗ୍ରହ ଲେଖକ ଶ୍ରୀ ସୁରେନ୍ଦ୍ର ମହାନ୍ତି—ପ୍ରକାଶକ—ନବଭାରତ ଗ୍ରନ୍ଥାଳୟ, କଟକ—ମୂଲ୍ୟ ୫୲—

ଓଡ଼ିଆ ଭାଷାରେ ଗଳ୍ପ ଲେଖାର ପରମ୍ପରାରେ ବାନ୍ଧି ଭାଙ୍ଗି ଯେ କେତେଜଣ ନବୀନ ସାହିତ୍ୟିକ ନୂତନ ସୃଷ୍ଟିରେ ହାତ ଦେଇଛନ୍ତି ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ବାବୁ ଅନ୍ୟତମ। ତାଙ୍କ ଲେଖାରେ ଜୀବନର କେତେକ ଦୃଷ୍ଟିକୁ ସ୍ୱତନ୍ତ୍ର କୋଣରୁ ଦେଖିବାର ପ୍ରୟାସ ଅଛି। ପୁସ୍ତକର ପ୍ରଥମ ଗଳ୍ପରେ ଗୋଟିଏ ଦୁଃସାହସୀର ମର୍ମକଥା ଦୃଷ୍ଟିକୋଣ ସହିତ ସବୁବେଳେ ସମ୍ପୂର୍ଣ୍ଣ ଏକମତ ନ ହେଲେ ମଧ୍ୟ ଏହା ଯେ ନିଷ୍ଠିତ ଦୃଷ୍ଟି ଅଧିକାରୀକୁ ଫାଶିଦେଇ ଅଭାବୀ ବାସ୍ତୁକୁ ଭିକାରୀ କରି ଆଗରେ ଥୋଇଛୁ ଏଥିରେ ସନ୍ଦେହ ନାହିଁ। ଉଦାହରଣ ସ୍ୱରୂପ ଲେଖକ ଯାଏ ଲେଖିଛନ୍ତି—ଦୋକାନୀଙ୍କର ଦଲାଲମାନଙ୍କ ସମ୍ବନ୍ଧରେ—"ଗ୍ରାହକ ଓ ବ୍ୟକ୍ତି ମଧ୍ୟରେ ଦାଲାଲିକରି ଯଦି କୋଣାର ସମ୍ମାନ ମିଳେ, ନାମକରା ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଦାଲାଲିକରି ଯଦି ଓକିଲର ପ୍ରତିଷ୍ଠା ମିଳେ ଭଗବାନ ଓ ମଣିଷ ମଧ୍ୟରେ ଦାଲାଲିକରି ଯଦି ମନ୍ଦିର ପୂଜାରୀ ଓ ମଠ ମହନ୍ତର ପଦବୀ ମିଳେ ତାହେଲେ କେଉଁ ହିସାବରେ ମଣିଷ ଓ କାମୁକ ପାତ୍ରର ମଝି ଭିତରେ ଦାଲାଲି କଲେ କଳଙ୍କିତ ହେବ କାହିଁକି?" ଏଠି ଅନେକ ସକଳ ଉଦାହରଣ ଉପସ୍ଥାପିତ କରି ଦାଲାଲିରେ ଶୋଭା ପାଏ। କେଉଁଠୁ ଓ କିଛି ଯେଉଁଠି ଶାଠ ପ୍ରେମରେ ଯେତେ ଅଳ୍ପ ହେଲେ ପରନ୍ତୁ ମାନେ ଦାଲାଲ ନୁହନ୍ତି। ବେଶ୍ୟା ଓ ବାଇଜୀ ମଧ୍ୟରେ ଯେ ଦାଲାଲ ତାର ପ୍ରେମ ନାହିଁ। ସେ ବେଶ୍ୟା ପାଖକୁ କେବଳ କାଟ ଈଶ୍ୱରଙ୍କ ପାଖକୁ ଯାଏ ନାହିଁ।

ଅନ୍ୟାନ୍ୟ ଗଳ୍ପମାନଙ୍କ ମଧ୍ୟରୁ ଭଦ୍ରତା ଅଭିଶାପ, ଓ ସିଗାରେଟ ଆଦି ଖୁବ୍ ଉଚ୍ଚକୋଟିର।

\+ \+ ×

ସୁପ୍ରଣିକାଶ୍ରୀ—ଉଦ୍ଦେଶ୍ୟମୂଳକ ଉପନ୍ୟାସ—ଲେଖକ ଶ୍ରୀଯଜ୍ଞେଶ୍ୱର ମିଶ୍ର—୧୧୨ ପୃଷ୍ଠାର ପୁସ୍ତକ—ମୂଲ୍ୟ ୧୲। ପ୍ରକାଶକ ଲେଖକ ସହଯୋଗ ସମିତି। ଲେଖକଙ୍କର ଏହା ନୂଆ ଉଦ୍ୟମ ମନେହୁଏ। ନୂଆ ଉଦ୍ୟମକୁ ମୁଦ୍ରାଯନ୍ତ୍ର ଭଳେ ଅଗ୍ରାହ୍ୟ ନଦେଇ ଲେଖକମାନେ କିଛିକାଳ ସାଧନାରେ ରତ ରହିଲେ ଦେଶରେ ଅଧିକ ସୁନ୍ଦର ଲେଖା ଦେଖିବାକୁ ମିଳନ୍ତା। ଉପନ୍ୟାସଟି ପ୍ରସଙ୍ଗରେ ସାକ୍ଷୀ ପକ୍ଷୀରେ ଠିଆହୋଇଛି। ତେଣୁ ପିଲାମାନଙ୍କୁ ଆମୋଦ ଦେଇପାରିବ ସନ୍ଦେହ ନାହିଁ। ସେଇ ଦୃଷ୍ଟିରୁ କେତେକ ପ୍ରେମ ମୁଦ୍ରର ଘଟଣାର ଅବତାରଣା—ନିତାନ୍ତ ଅବାସ୍ତବ ହେଲେ ମଧ୍ୟ ଆଦର ପାଇପାରେ। ଉକ୍ତ ଏତିଙ୍କର ସୁଯୋଗ ଆଡ଼ରେ ଲେଖକ ପ୍ରେମ ସୃଷ୍ଟି କରିଛନ୍ତି ନିଷ୍ଠୁର। ଭାଗ୍ୟ ହେଉ ଦୁର୍ଭାଗ୍ୟ ହେଉ—ଲେଖକଙ୍କର ଉକ୍ତ ଏତ ଆଡ଼ାଳରେ ପ୍ରତ୍ୟକ୍ଷ ଜନ ସମ୍ପୃକ୍ତ ନାହିଁ।

## କାବ୍ୟ କବିତା

ପଲ୍ଲୀ ପ୍ରକୃତି—ଲେଖକ ଶ୍ରୀ ଗୋପୀନାଥ ବେହେରା। ପ୍ରକାଶକ ଚନ୍ଦ୍ରଶେଖର ପୁସ୍ତକାଳୟ କଲିକତା, ମୂଲ୍ୟ ଆଠଅଣା—୪୪ ପୃଷ୍ଠା ମାତ୍ର।

ଗାଉଁଗହଳର କେତେକ ପରିଦୃଶ୍ୟ ଅତି ମନୋରମ ଗାଉଁଲି ଭାଷାରେ ଲେଖା। ଗାଁ ବର୍ଣ୍ଣନା କରିବା ଦିଗରେ ଶ୍ରୀଯୁକ୍ତ ସଚ୍ଚି ରାଉତରାୟଙ୍କ ପରେ ଅନେକ ଅନେକ ଲେଖକ ଦୃଷ୍ଟି ଦେଇଛନ୍ତି। ଗୋପିନାଥ ବାବୁ ସେ ଦିଗରେ ତାଙ୍କର ପ୍ରତିଭାର କର୍ମକୁଶଳତାର ପରିଚୟ। କେବଳ ବର୍ଣ୍ଣନା ନୁହେ—ସହାନୁଭୂତି ମଧ୍ୟ ବାଡ଼ି ସରଳ ଭାବରେ ଫୁଟି ଉଠିଛି କବିତାରେ।

ଅଭିମାନ କରି କେତେ ଗୃହଗଲ୍ପ
ଦାନ ଦେଲନାହିଁ ସନାର ତାକେ

\+ \+ × \+

ଆଉ ବନପରେ ଦୁହେଁ ଭେଟା ଭେଟ
ଦୁହିଁଙ୍କ ଅନ୍ତରେ ବେଦନା ଦାଗ,
ପଛକଥା ମନ ପେଛୁ ପଡ଼ଇଲେ
ଯାଉଁଥିଲା ତାଙ୍କ ସାଇତା ରାଗ।

ରେ ଲେଖକଙ୍କର ସହାନୁଭୂତି ନୁହେ ସହାନୁଭୂତି ମଧ୍ୟ ପ୍ରଖର ହୋଇଛି।

\+ \+ \+ \+

ଅଭିସାରରେ—ଲେଖକ ଶ୍ରୀ ଦେବସ୍ୱାତ୍ମା ମିଶ୍ର—ପ୍ରକାଶକ ଓଡ଼ିଆ ଲେଖକ ସହଯୋଗ ସମିତି—ମାତ୍ର ବୃଲଶ ପୃଷ୍ଠାର କବିତା ପୁସ୍ତକ ମୂଲ୍ୟ ଆଠଅଣା। ଗୋଟିଏ କ୍ଷୁଦ୍ର ପ୍ରେମକାବ୍ୟ କହିଲେ ଚଳେ। ଭାଷାରେ ଲାଳିତ୍ୟ ଅଛି ଏବଂ ଉଚ୍ଛ୍ୱାସ ମଧ୍ୟ ଅଛି। ଅଭାବ କେବଳ ଛନ୍ଦର। କବି ପୁସ୍ତକର ପରିସମାପ୍ତି କରିଛନ୍ତି—ଏହିକି କହି—

ଏତେବେଳେ କାହିଁ କହିଲା ଅନ୍ଧାରେ
କେଉଁଠି ଏକ,
ଅଭିସାର ପଥେ ପ୍ରେମିକ ପ୍ରେମିକ,
ଦେଖ ହେ ଦେଖ।

ପ୍ରେମ ଇତିହାସରେ ଗୋଟିଏ ପୁରୁଷ ସହିତ ଗୋଟିଏ ନାୟିକା ଭେଟ କରାଇ ଦେଇ କୋଉଠି ମୁହାଁରେ ଦେଖେଇ ଦେବାର ପ୍ରଚେଷ୍ଟା ବର୍ଣ୍ଣନା ଚାତୁରୀ, ପଦଲାଳିତ୍ୟରେ ସୁନ୍ଦର ହୋଇପାରେ କିନ୍ତୁ—ପାଠକ କବିତା ପଢ଼ିବା ପୂର୍ବରୁ ଯେଉଁଠି ଥାଏ—ପଢ଼ିସାରି ସାମାନ୍ୟ ଉନ୍ନତ ହେବ ନାହିଁ।

## ଭ୍ରମଣ

ଆଜିର ଆମେରିକା—ଉତ୍କଳ ଭାରତୀର ୨୨ଶ ଅବଦାନ—ଭୂପର୍ଯ୍ୟଟକ ରାମନାଥ ବିଶ୍ୱାସଙ୍କର ବଙ୍ଗଳା 'ଆଜକେର ଆମେରିକା'ର ଓଡ଼ିଆ ରୂପାନ୍ତର—ଅନୁବାଦକ ପଥ ପ୍ରାନ୍ତେ ଲେଖକ ଶ୍ରୀ ଉମେଶଚନ୍ଦ୍ର ପାଣିଗ୍ରାହୀ ୨୨୫ ପୃଷ୍ଠା ବ୍ୟାପୀ ପୁସ୍ତକର ମୂଲ୍ୟ ୫୲। ଓଡ଼ିଆ ଭାଷାରେ ଭ୍ରମଣ କାହାଣୀର ଅଭାବ। ସେଇ ଦୃଷ୍ଟିରୁ ଏ ପୁସ୍ତକ ପାଇଁ ବଜାରରେ ଯଥେଷ୍ଟ ସ୍ଥାନ ଅଛି। ଶ୍ରୀଯୁକ୍ତ ବିଶ୍ୱାସ ବଙ୍ଗଳାରେ ଭ୍ରମଣ କାହାଣୀ ଲେଖି ପ୍ରସିଦ୍ଧି ପାଇଛନ୍ତି। ତାଙ୍କ ବର୍ଣ୍ଣନାରେ ବିଶେଷତ୍ୱ ଅଛି। କାରଣ ବର୍ଣ୍ଣନା ସଙ୍ଗରେ ବ୍ୟକ୍ତିଗତ ସଂସର୍ଗ ଓ ସ୍ପର୍ଶ ପାଠକକୁ ସ୍ଥାନ ଓ ଲେଖକ ଉଭୟର ନିକଟତର କରାଇ ଦିଏ।



Digitized by srujanika@gmail.com



## ଦୁଇଗୋଟି ବୋମା

ଲେ—ଶ୍ରୀଗୋପାଳଚନ୍ଦ୍ର ମିଶ୍ର ଏମ୍. ଏ

ବୋମା ଦୁଇଗୋଟି ଦେଇଗଲି ନାଥ ତୁମରି କରେ
ଆଦରେ ଏହାକୁ ସାଇତି ରଖ ଗୋ ଛାତି ଭିତରେ
ଗୁପତେ ଆଦରେ ରଖ ଗୋ ଏହାକୁ ଘର ଭିତରେ
ଦେଖାଇବ ନାହିଁ ଏହାକୁ କାହାରେ ଏ ଜଗତରେ ।
ବୋମା ଦୁଇଗୋଟି ଆମଜୀବନର ସନ୍ଧାନୀ ପତ୍ର
ଆକାଶ ବୁକୁରେ ସତେ କି ଦୁଇଟି ସୁଗୋଲ ତାରା ।
ବୋମା ଦୁଇ ଗୋଟି ଆମ ଜୀବନର ସ୍ନେହ ଶ୍ରୀଫଳ
ଏ ବୋମା ଛୁଆଁଇ ଆମ ଜୀବନର ହୃଦୟ ତଳ ।
ଯେତେଦିନ ଥିବ ତମ ଅଧିକାରେ ଏ ବୋମା ଦୁଇ
ଦୁଇଟି ଜୀବନ ମିଳନ ପରଦା ଅଳପ ଛୁଇଁ ।
ସେତେଦିନ ସଖୀ ଆମେ ନିରାପଦ ନିର୍ଭୟ ଆମେ,
ଆମକଥା କେହି ଜାଣିପାରିବେନି ଏପରି ଧାମେ ।
ସ୍ଥନଆ ହୋଇବ ଦୁନଆ କେବଳ ଏ ବୋମା ଭୟେ,
ଲକ୍ଷ ଜନତା ଚମକି ପଡିବ ସମରାଳୟେ ।
ଯେ ଯେତେ ଶକତି ଆଣୁନା ତାହାଙ୍କ କ ଆସ୍ଫାଳନେ
ସକଳ ପ୍ରକାର ପ୍ରୟୋଗ ବିନାଶ ହେବ ଦହନେ—
ତୁମ ହାତେ ସଖୀ ବୋମା ଥିବ ଯଦି ଅନବରତ
ବୋମାର ଗୁଳନା ଅଧିକାର ମୋତେ ଦେଇଥିବତ ।
କେତେ କେତେ ରଥୀ ଫେରି ହଟିଯିବେ ପ୍ରାଣ ଆତଙ୍କେ
ବୋମା ଦୁଇଗୋଟି ଥପିଗଲି ନାଥ ତୁମରି ଅଙ୍ଗେ ।
ମନୋରଥ ସଖୀ କେବେ ହେବନାହିଁ ଅସାବଧାନ
ଏ ବୋମା କାହାକୁ ଦେଖାଇବ ନାହିଁ ତୁମକୁ ରାଣ ।
ଶୁଣିବେ ଯେଦିନ ଲୋଲୁପ ଜନତା ଏ ଜଗତରେ,
ବୋମା ଦୁଇଗୋଟି ରଖିଅଛ ତୁମ ଛାତି ଭିତରେ—
କେତେ ରଥୀ କେତେ ବୈଜ୍ଞାନିକ ମତ୍ତ ହେବେ ପାଗଳ
ପରୀକ୍ଷା କରିବ ମାଗିଁକି ତୁମର ବୋମାର ଫଳ ।
ନୀରବ ରାତିରେ ଧରିଣୀ ଛାତିରେ କେ କୁତୁହଳୀ
ଚୋରିକରିବାକୁ ଏହି ବୋମା ଦୁଇ ହେବ ବାଉଳି ।
କେତେ ମହାଜନ କେତେ ଯୁବଜନ କେତେ ସୁରୁଷ
ତୁମ ବୋମା କଥା ଆଲୋଚନା କରି ହେବେ ସରସ ।
ଏହି ଦୁଇ ବୋମା ପରେ ସଭିଙ୍କର ରହିବ ଲାଖି
ଜୀନ ଦୁନଆରେ ଚିର ପିପାସିତ ସଜଳ ଆଖି ।
ଫୁଟାଇବ ନାହିଁ ଛୁଟାଇବ ନାହିଁ ଏବୋମା ଦୁଇ
ପ୍ରେମର ଅଜାଣତେ ଏ ବୋମା ରହସ୍ୟ କହିବ ନାହିଁ ।
ଗୋପନେ ଗୋପନେ ମଉନେ ମଉନେ ନିଜ ମନରେ
ସଖୀ ରଖିଥିବ ଏହାକୁ ନିଭୃତ ଘର ଭିତରେ ।
ମୁଁ ଯେବେ ସଜନୀ ଥିବ ଗୋ ପ୍ରବାସେ ତୁମଠୁଁ ଦୂରେ
ଇଚ୍ଛା ଯେବେ ହେବ ବୋମା ଫିଙ୍ଗିବାକୁ ଘର ଭିତରେ ।
ବାରତା ପଠାଇ ମୋ ପାଖେ ସଜନୀ ରହିବ ଗୃହେଁ,
ମୁଁ ନଥିଲେ କେବେ ଭୁଲେ ଫୁଟାଇବ ଏ ବୋମା ନାହିଁ
ଭବିଷ୍ୟତେ ଯେବେ ଆମ ପରିଚୟ ହୋଇବ ଭୁଲ ।
ଯୁଗଳ ଜୀବନ ହେବ ଛିନ୍ନଭିନ୍ନ ପରତେ ଭଲ ।
ଯିବି ମୁହିଁ ମରି ଧରଣୀ ପୃଷ୍ଠରୁ ବିଦାୟ ନେଇ
ତଥାପି ସଜନୀ ଏ ବୋମା ରହସ୍ୟ କହିବ ନାହିଁ ।
ମଣିପ ଗହଳ-ଯାତ୍ରୀ ଦୁନଆରେ ପ୍ରଗତି ନାମେ,
ଏବେ ଯେ ସଜନୀ ବିଜ୍ଞାନ ଗବଷେ ବିବିଧ କାମେ ।
ସକଳ କଳାର ସକଳ ଅତୀତଙ୍କ କାଳ ବାଷ୍ପନେ,
ଆମ ବୋମା ଦୁଇ ଥିବାକୁ କିଅଛି ନବ ବାଧନେ ।

---

(କହାଣୀ ୯ ପୃଷ୍ଠା ପରଠାରୁ)

କାର୍ଯ୍ୟରେ ଲାଗିଯାନ୍ତୁ । ମୂର୍ଖଲୋକଙ୍କୁ ଶିକ୍ଷା ଦେବା ଏକାନ୍ତ କର୍ତ୍ତବ୍ୟ । ବିଳାସିତାକୁ ଆଉ ପ୍ରଶ୍ରୟ ଦିଅନ୍ତୁ ନାହିଁ । ହରିଜନ ବସ୍ତିକୁ ଯାଆନ୍ତୁ...ନିଶା ଭଣ୍ଡାମି ଛାଡିବାକୁ ସେମାନଙ୍କୁ ପ୍ରବର୍ତ୍ତାନ୍ତୁ...ସେମାନଙ୍କ ପିଲା-ମାନଙ୍କର ଶିକ୍ଷାର ଭାର ଆପଣ ମାନେ ଗ୍ରହଣ କରନ୍ତୁ ।"

ସଭାର ସର୍ବପଶ୍ଚାତ୍‌ରେ ବସିଥିବା କେତେ-ଗୁଡ଼ିଏ ଯୁବକ ହିଁକିଏ ଜୋର୍‌ରେ ନିଜ ଭିତରେ କଥା ହେଉଛନ୍ତି—"ହେଇ—! ସ୍ନୋ ପାଉଡ଼ର ମାଖି, ଝକମକ ପୋଷାକ ପିନ୍ଧି, ଫୁଲମାଳ ପକାଇ, ଚହଟ ଛକ୍‌ଣି, ଲମ୍ବା କହୁଡା ଦେଇ-ପରି, ଏ ସବୁ କାମ ବଡ଼ ସହଜ, ଇଳପରି ତରଳ ଓ ସରଳବୋଲି କହିଦେଉଛନ୍ତି...... ନିଜେତ ଥରେହେଲେ ସେହିଆଡ଼କୁ ମାଡ଼ି ନଥିବ । ଅଥଚ ଲମ୍ବା ଲମ୍ବା କଥା କହି-ପକାଉଛନ୍ତି......।"

ସଭାପତି କହୁଥିଲେ, "ଦେଖିବେ, ସେହି ମାନଙ୍କ ଭିତରେ କେତେ ରତ୍ନ ମିଳିବେ...ବର୍ତ୍ତମାନ ଦେଶର ଏହି ଅବସ୍ଥାରେ ଉପର ପ୍ରସାର ନିତାନ୍ତ ଅବଶ୍ୟକ......"

\+ × +

ଯନ୍ତ୍ରଣାରେ ମାଳତୀର ଦେହଟା ବଙ୍କେଇ ଯାଉଥିଲା । ସବୁ ଶେଷ ହୋଇ ଯିବାକୁ ଆଉ କେତେ ସମୟ ଅଛି କେଜାଣି ? ଦୁଇଟୋପା ଲୁହ ଝରି ପଡିଲା ତାର ଶୁଖିଲା ଗାଲ ଉପରେ—ବଡ ଲୋକଙ୍କ ଖିଆଲରେ ଗଢ଼ା କ୍ଷଣସ୍ଥାୟୀ ସଭ୍ୟତାର ବିରୁଦ୍ଧରେ ଅଭିଯୋଗ କରୁନଥିଲା ସେ—କରୁଥିଲା ଭାଗ୍ୟ ବିରୁଦ୍ଧରେ—



Digitized by srujanika@gmail.com

## ସୂର୍ଯ୍ୟ ଛୁଁଏ କୋଣାର୍କର ଚୂଳ

ଲେ—ଶ୍ରୀଧାଗୋବିନ୍ଦ ରଥ ଅଧିକାରୀ

ନାଗ ନମ୍ବର ୧୧୦୯

ବହୁଯାଏ ପାହାନ୍ତି ସମୀର,
ରବି ଉଠେ ହସ୍ତ ନ୍ତ୍ର ଭାତି—
ସୂର୍ଯ୍ୟ ଛୁଏଁ କୋଣାର୍କର ଚୂଳ ।
\+ × +
କୋଣାର୍କର ଅତୀତ ଗାରିମା
ଅତୀତର ସକଳ ବିଭବ ।
ଉତ୍କଳର ସେ କଳା କୌଶଳ
ଶିଳ୍ପୀ ପାଖେ ଏବେ ତ ଦୁର୍ଲଭ ।
ଉତ୍କଳର ସେ ବୀର ସନ୍ତାନ
ଅତୀତର ଅମର 'ଧରମା',
କାହିଁ ଯାଇ ଅଛି ଏ ଦେଶରୁ ।
ଦେଶବାସୀ କି ହୀନ-କରମା ?
ଅତୀତର ଗୌରବ ସକଳ,
ଭୁଲିଅଛି ଏ ଦେଶର ଜାତି ।
ଅତୀତର ସକଳ ଉନ୍ନତି
ଭାବିଲେ କି ନ ହୁଏ କରତି ?
ଅତୀତର ସେହି ବୀର ରାଜା
ଅତୀତର ସେ ଚତୁର ଶିଳ୍ପୀ ।
କି ସୁନ୍ଦର କଳାର ଶୃଙ୍ଖଳା
ପଥରର ବକ୍ଷେ ଥିଲେ ଲେପି ।
ଏକ ପ୍ରାଣେ ବୃକ୍ଷ ଶିଳା ଦେହେ
ବିନ୍ଦୁ ହିନ୍ଦୁ ଆଖିକି ଚତୁରେ—
ଗୋପ ତୁଳୀ ଦେଲେ ପ୍ରାଣ ଢାଳି
ସେହି କୃଷ୍ଣ ଶିଳାର ବକ୍ଷରେ ।
ପଥରର ବକ୍ଷେ ଗଢିଥିଲେ
ଶିଳ୍ପକଳା, ଗୁମ୍ଫା ଶିଳାଲିପି—
କୋଣାରକ, ଖଣ୍ଡଗିରି ଦେହେ
ଧଉଳରେ କଳିଙ୍ଗର ଶିଳ୍ପୀ ।
ନାହିଁ ଆଉ ପୂରୁବର ଖ୍ୟାତି—
ନାହିଁ ଆଉ ପୂରୁବର ଯଶ
କାଳତାରେ ଝରିଛି ବସନ୍ତ—
ଅତୀତର କରିଅଛି ଧ୍ୱଂସ ।
ଅତୀତସେ ହୋଇଛି ଅତୀତ
ଆଜି ମଧ୍ୟ ରହି ବ୍ୟବଧାନ ।
ସେ ଦିନର ହସ ହସ ରବି
ମୁଖତାର ହୋଇଛି ମଳିନ ।
ଏ ଦେଶର ଭାଗ୍ୟ ରବି ସଙ୍ଗେ—
ଅସ୍ତ ରବି ହୋଇଛି କେଦିନୁ ।
ବିପର୍ଯ୍ୟୟ ଘଟିଛି ଦେଶର
ବିଧ୍ୱସ୍ତ ଏ କୋଣାର୍କ ସେ ଦିନୁ ।
ଧର୍ଯ୍ୟଧରି ଆସେ ଏବେ ରବି
କାଳୁ ମୁଖ ଆଲୋକ ପାଣ୍ଡୁର ।
ବିଷାଦତା ଲଜ୍ଜା ନତ ମୁଖେ
ସୂର୍ଯ୍ୟ ଛୁଁଏଁ କୋଣାର୍କର ଚୂଳ ।

## ନାଗଙ୍କ ଉତ୍ତର

କିହ୍ୱାର ଭାଇ ଜାଣିବ—ହିନ୍ଦୀ ଭାଷାରେ ପୁସ୍ତକ ସଂଖ୍ୟା ସର୍ବାଧିକ ।—ହରିବନ୍ଧୁ (୧୨୫୯) ନାରାୟଣ (୧୩୩୯)

ଇନ୍ଦ୍ରମଣି ଭାଇ ଜାଣିବ—ଯଯାତି ନାମକ ରାଜା ବାର୍ଦ୍ଧକ୍ୟରେ ନିଜପୁତ୍ରଠାରୁ ଯୌବନ ଗ୍ରହଣ କରିଥିଲେ । ହରିବନ୍ଧୁ (୧୩୫୯)

ରାଧାମୋହନ ଭାଇ ଜାଣିବ—ଜଳକଣା ସଂରକ୍ଷଣ ନିମନ୍ତେ ଗଛରୁ ପତ୍ର ଝଡ଼େ ହରିବନ୍ଧୁ—(୧୨୫୯)

ଲମ୍ବୋଦର ଭାଇ ଜାଣିବ—ଭାରତୀୟ ସଂସ୍କୃତିରେ ସ୍ତ୍ରୀକୁ ଆଦ୍ୟମାତା ବୋଲି ଧରା ଯାଇଥାଏ—ତେଣୁ ପ୍ରାଚୀନ ଶ୍ଳୋକ ଅଛି—ନାର୍ଯ୍ୟସ୍ତୁ ଯତ୍ର ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।

## ନାଗଙ୍କ ପ୍ରଶ୍ନ

ହରିବନ୍ଧୁ—(୧୨୫୯) କାହାଡ଼ରେ ଆମ୍ବ ବଉଳ ପୋଡ଼ିଯାଏ କାହିଁକି ?

ମିହିର ( ୯୮୩ ) ଇଂରାଜୀରେ ଏପରି ଗୋଟିଏ ବାକ୍ୟ କହ ଯେଉଁଥିରେ A ଠାରୁ Z ଯାଏଁ ଅକ୍ଷର ଥିବ ।

ଚନ୍ଦ୍ରମଣି (୧୩୨୩) ପ୍ରଥମ ନାଗ ବନ୍ଧୁଙ୍କ ନାମ କଣ ଓ ସେ ଆଜିଯାଏ ଉଗର ସହିତ କି ସମ୍ପର୍କ ରଖିଛନ୍ତି ।

ଅନୁଜ (୧୨୫୨) ଆମ ସ୍ୱାଧୀନତା ଯୁଦ୍ଧରେ କାହାର ଦୁଇ ମୃତ୍ୟୁ ଶିବ ତ୍ୟାଗ କରିଛନ୍ତି ଓ ମୃଦ୍ଧ ଚଳାଇଛନ୍ତି ।

ନାରାୟଣ [୧୩୩୯] ପ୍ରଥମ ନାଗବନ୍ଧୁ କେବେ ସଭ୍ୟ ହୋଇଥିଲେ ?

ସବିତା (୧୨୪୪) ମଧ୍ୟ ଯୁଗର ଇଉରୋପ ଓ ଚୀନରେ କେଉଁ ରୋଗ ଦ୍ୱାରା ବହୁତ ଲୋକ ମରିଗଲେ ?

ଗୋପିନାଥ (୧୦୩୭) କୋଣାର୍କ ପଡ଼ିବାର କାରଣ କଣ ?

ସୋମନାଥ (୧୩୧୭) ପିଲାଜନ୍ମ ହେଲା ବେଳେ ତାର ଜୀବନୀ ଶକ୍ତି କେଉଁଠାରୁ ଆସେ ଓ ମଲାବେଳେ କୁଆଡ଼େ ଯାଏ ?

ମୋହନ (୧୨୧୮) କେଶବ କୋଇଲିର ଯଶୋଦା ଓ ଗାନ୍ଧାରୀର ଆଶୀର୍ବାଦରେ ଗାନ୍ଧାରୀ ଏ ଦୁହିଙ୍କ ମଧ୍ୟରୁ କିଏ ମାତୃତ୍ୱର ଉଚ୍ଚ କୋଟିରେ ବିଦ୍ୟମାନ ଓ କାହିଁକି ?

ସୁଶାନ୍ତ (?) ଓଡ଼ିଶାର କେଉଁ ଜିଲ୍ଲାରେ କେତେ ମୁସଲମାନ ଓ କେତେ ହିନ୍ଦୁ ?

## ଅବସର ବିନୋଦନ ୪୭



ଉପରେଥିବା ଗୃହଟି କଅଁର ନୂରଭାଇଙ୍କର ଥିଲା—ଗୋଟିଏ ଜମି ବାଣ୍ଟି ମାଡ଼ିଗଲା ବାକି ଅଂଶ କିପରି ସମାନ ସମାନ ଭାଗହେବ ଦେଖାଇଦିଅ—[ ଗୋବର୍ଦ୍ଧନ ]

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୮ ବର୍ଷରୁ ଉଣା । ମୋର ଜନ୍ମ—ତା | | |
ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ଗୃହା ନିମନ୍ତେ ୦°୨ ଡାକଟିକଟ ଦେଲି

ସେହିର
ପଢଣା —ଶ୍ରୀ...



Digitized by srujanika@gmail.com

# ଟୁଟୁ ଧରି

ଜନାର୍ଦ୍ଦନ ମହାନ୍ତି, ଏଗାଲିକି ମୟୂରଭଞ୍ଜ

ପ୍ର—ସେ କୌଣସି ଅନ୍ୟୋ ମାଧ୍ୟମ ଯୁବତୀ ସ୍ପଷ୍ଟ ଯୁବକର ମନ କଣିବେ କାହିଁକି ?

ଉ—ଆଜିକାଲିଙ୍କ ପ୍ରେମର devaluation ଜାଣି ନଥାଏ ବୋଲି ।

ପ୍ର—ଯୁବକର ମନ ଯୁବତୀ ଠାରୁ ବିରହ ବିଷୟରେ ଅଧିକ କି ଉଣା ?

ଉ—ବିରହାବସ୍ଥାରେ ଅଧିକ ସ୍ୱାର୍ଥାବସ୍ଥାରେ ଉଣା ଆଉ ସର୍ବସାଧାରଣାବସ୍ଥାରେ ଶୂନ୍ୟ ।

ପ୍ର—ଓଡ଼ିଶାର ସବୁଠୁ ଧନୀ ଓ ସବୁଠୁ ମୋଟ କିଏ ?

ଉ—ଧନୀ —ଧନୀ ଲୋକ୍ମାନେ ଓ ମୋଟ— ଝୁଲି ଯେତିକି ବହି ପାରେ ।

ବାବୁଲାଲ ଆର କଲେଜ, କଟକ

ପ୍ର—ଗୋଟିଏ କଲେଜ ବାଳାର ହାବ-ଭାବ କେତୋଟି ଘନଙ୍କୁ ସାଥି ହୋଇ ପାରନ୍ତି ?

ଉ—ଯେତୋଟି ଚନ୍ଦ୍ର ସେ ଭୋଗ କରି ଥିବେ । କାରଣ ପୁରାଣରେ କଥିତ ଅଛି ରଜନୀ ଶୁକ୍ଳବେଶ ନାରୀ ।

ପ୍ର—ଅଣ୍ଡିରାଚଣ୍ଡୀ ଓ ମାଇଚିଆ—ଏ ଦୁଇଟି ଶବ୍ଦ ପରସ୍ପର ବିପରୀତାର୍ଥକ ବୋଧକ କି ?

ଉ—ନା, କାରଣ ଉଭୟ ସ୍ଥଳରେ ବି-ଯୁକ୍ତାର୍ଥ ବିଦ୍ୟମାନ । ଯୁକ୍ତାର୍ଥ ଥିଲେ ବିରୋଧ ହୋଇଥାନ୍ତା । ପୁରୁଷ ଓ ନାରୀ ଦୁଇ ବିରୁଦ୍ଧ ଶବ୍ଦ । ମାତ୍ର ପୁରୁଷତ୍ୱ ହୀନ ପୁରୁଷ ଓ ନାରୀତ୍ୱ ହୀନ ନାରୀ ବିରୋଧୀ ନୁହନ୍ତି । ସହଯୋଗୀ ମଧ୍ୟ ନୁହନ୍ତି ।

ପ୍ର—ଅନେକ ଝିଅଙ୍କ କଣ୍ଠ କର୍କଶ ହେଲେ ମଧ୍ୟ କବିମାନେ କୋକିଳ କଣ୍ଠ କହନ୍ତି କାହିଁକି ?

ଉ—କୋକିଳ ବି ପୁଂଲିଙ୍ଗ ବୋଲି । କର୍କଶ ନହୋଇ ମଧୁର ହୋଇଥିଲେ କୋକିଳା କଣ୍ଠ କୁହା ଯାଉଥାନ୍ତା ।

ବାଉରିବନ୍ଧୁ ମହାନ୍ତି, ମଙ୍ଗଳାବାଗ

ପ୍ର—ଦୁଃଖଲାଗେ, ଭିତରରେ ନୂତନତ୍ୱର ବର୍ଣ୍ଣିତ ନାହିଁ ?

ଉ—ପ୍ରେମ ପୁରୁଣା ହେଲେ ଆଭିଆ ଲାଗେ ।

ପ୍ର—ତାଙ୍କେ ତାରେ ନାନା ନାନା କି ଭଙ୍ଗୀରେ ବନ୍ଧନ କରେ ?

ଉ—ସେତେଁ ମାନେ ପ୍ରଥମେ ଅନ୍ୟକୁ ଦେଖି ହସନ୍ତି, ଦ୍ୱିତୀୟରେ ଅର୍ଥ ବୁଝି ନପାରି ହସନ୍ତି, ଓ ତୃତୀୟରେ ହସିବାର ମନି ବୁଝାଇ ଦେଲେ ପୁଣି ହସନ୍ତି ସେଇମାନଙ୍କ ପାଇଁ ଗୋଟିଏ ଅନୁଭୂତି ।

ପ୍ର— ପିତା ମାତାଙ୍କ ବିରୁଦ୍ଧରେ ପିତାକୁ ଗୃହେଁ ନାହିଁ ମାତ୍ର ମୋ ବିବାହ ସମ୍ବନ୍ଧରେ ତାଙ୍କ ଯୋଜନାକୁ ମୁଁ ପସନ୍ଦ କରୁନାହିଁ ?

ଉ—ଚିନ୍ତା କରନ୍ତୁ ନାହିଁ— ତାଙ୍କ ଯୋଜନା ଯେତିକି ଫଳପ୍ରଦ ଆପଣଙ୍କ ଯୋଜନା ମଧ୍ୟ ସେତିକି । ଆପଣ ଯଦି ଏକା ବେଳେକେ ଦୁଇ ବିବାହ କରନ୍ତି ସେ ଭିନ୍ନ କଥା

ଅଚ୍ୟୁତାନନ୍ଦ ମହାନ୍ତି, ଅଡର ବଜାର ବାଲେଶ୍ୱର

ପ୍ର—ମନୁଷ୍ୟ କିପରି ପ୍ରେମରେ ପଡେ ?

ଉ—ପକା ଟେଶନରେ କଦଳୀ ଚୋପା ପଡ଼ିଥିଲେ ହାଇହିଲ୍ ଯୋତା ପିନ୍ଧି ଲୋକ ଗୋଡ଼ ପକାଇ ଦେଲେ ଯେମିତି ପଡେ ଠିକ୍ ସେମିତି ।

ପ୍ର—ପ୍ରେମଟା ନିଶା କି ?

ଉ—ହଁ, ପରିମାଣ ବେଶି ହେଲେ ଆତ୍ମହତ୍ୟା ।

ପ୍ର—ସ୍ତ୍ରୀ ସ୍ୱାମୀ ଆଗରେ କେତେବେଳେ ତାର ବିରାଟ ପ୍ରେମ ଦେଖାଏ ?

ଉ—ପଡ଼ୋଶୀ ଘରେ ନୂଆ ଫେସନର ଗହଣା ଦେଖିଲେ ।

ବ୍ରଜନାଥ ରଥ—ବାଲେଶ୍ୱର

ପ୍ର— 'ପ୍ରେମ'— ଏହା ସଂସାରରେ ନଥିଲେ କଣ ହୁଅନ୍ତା ?

ଉ—ମାଇପେ ବନ୍ଧ୍ୟା ହୋଇ ରହନ୍ତେ ।

ପ୍ର—ଜଣେ ଲୋକ ବିବାହ ନହୋଇ କେତେକ ଯୁବତୀଙ୍କ ସଙ୍ଗରେ ପ୍ରେମ କରିବା ଉଚିତକି ?

ଉ—ଆପଣ ଯଦି ଠିକ ମୋ କଥା ପଚାରୁ ଥାନ୍ତି, ତେବେ କହିବି ସେ କଛ ଯାଚ ନାହିଁ ।

କାରଣ ମୁଁ ବିନା ପ୍ରେମ କରେ—ଯୁବତୀ ମାନେ ମୋତେ ପ୍ରେମ କରନ୍ତି ନାହିଁ ।

ପ୍ର- ବୈବାହିକ ଜୀବନ ପ୍ରେମକୁ ହେବ କିପରି ?

ଉ—ପୁରୁଷ ନାରୀକୁ ଜୀବରେ ବିବାହ ସୂତ୍ରେ ବନ୍ଧନ କରିଥିବ ଯେପରି ନାରୀ ତା ଇଚ୍ଛାରେ କେଉଁଠିକି ଯାଇ ନପାରେ । ଏବଂ ପୁରୁଷ ମଧ୍ୟ ନାରୀର ଅଗୋଚରରେ କେଉଁଠିକି ଯାଇ ନପାରେ । ନାରୀ ଉପରେ ଥିଲେ ମଧ୍ୟ ପୁରୁଷର ଆଶ୍ରିତା ହୋଇ ଥିବ । ପୁରୁଷ ଭାରବାହୀ ହେଲେ ମଧ୍ୟ ନାରୀ ସେବକ ହୋଇଥିବ ।

ପ୍ର—ଆଜି କାଲିର ଯୁବକ ଯୁବତୀ ମାନଙ୍କର ପ୍ରେମ କହିଲେ ଆପଣ କଣ ବୁଝନ୍ତି ?

ଉ—ଭେନିଲା କ୍ରିମ !

ପ୍ର—ସୌନ୍ଦର୍ଯ୍ୟର ନଗ୍ନତାକୁ କିପରି ଭଲ ପାଆନ୍ତି ?

ଉ—ନଗ୍ନତାରୁ ସୌନ୍ଦର୍ଯ୍ୟ ପାଇଛୁ—ସୌନ୍ଦର୍ଯ୍ୟକୁ ନଗ୍ନତା ପାଇଥିଲେ କିମିତି ଲାଗେ ଦସ୍ତୁରକୁ ଗୁରୁପରିବାର ପଠାଇ ଦେବେ କି ?

ରମେଶଚନ୍ଦ୍ର ଦାଶ

ଫକୀରମୋହନ କଲେଜ ବାଲେଶ୍ୱର

ପ୍ର—ନୂଆ ପ୍ରେମିକ ପ୍ରଣୟିନୀ ଠାରୁ ବଡ଼ାକଥା ଶୁଣିଲେ କଣ କରିବ ?

ଉ—ଆଉ ଜଣଙ୍କ ପାଖରେ ହାତ ପକାଇ ଗୁଲିବ ଯେପରି ପ୍ରଣୟିନୀ ଦେଖେ ।

ପ୍ର—ଆପଣ ଯଦି ମୋର ପିତା ହୋଇ ଥାନ୍ତେ ମୃତ୍ୟୁ ଶଯ୍ୟାରେ କି ଉପଦେଶ ଦିଅନ୍ତେ ?

ଉ—କହନ୍ତି, ରେ ପୁଅ, ମୋପରି ତୁ ଶେଯରେ ଶୋଇ ମରିବୁ ନାହିଁ —ଆକାଶରେ ଉଡ଼ିବୁ ବା ଜଳରେ ବୁଡ଼ିବୁ ।

ପ୍ର—ସ୍ୱାମୀ ତାର ସ୍ତ୍ରୀଠାରୁ କଣ ଆଶା କରେ ?

ଉ—ଢାଉପରି ରାବ ରାବ ନହୋଇ କୋଇଲି ପରି ରାବ ।

Digitized by srujanika@gmail.com

Dagaro

Reg. No O18. ORISSA'S MOST POPULAR FORTNIGHTLY 16-4 50

## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏଖାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା

ଶାଖା ୩୬—ନଂ ହାରିସନ ରୋଡ କଲିକତା

---

# ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନି ସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ଼ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲଡ ଗହଣା, ରଙ୍ଗରେ ଓ ମଜବୁତିରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

କି, ମାଲ୍ୟକାର ଚୌଧୁରୀ ଏଣ୍ଡ, ବ୍ରାହ୍ମସମାଜ ରୋଡ, କଲିକତା—୩୪

---

## ଅପୂର୍ବ ସୁଯୋଗ

କୁଟିରଶିଳ୍ପ ଉଦ୍ୟୋଗୀ ଯାବତୀୟ ଯନ୍ତ୍ରପାତି ହୋସିଆରି ଯନ୍ତ୍ର, ପ୍ଲାଷ୍ଟିକ ଢଳାଇ ଯନ୍ତ୍ର ଓ ତତ୍ ସମ୍ବନ୍ଧୀୟ ତଥ୍ୟକରଣାଦି ପାଇଁ ଅନୁଗ୍ରହ କରି ତଳ ଠିକଣାରେ ଅନୁସନ୍ଧାନ କରନ୍ତୁ—

ଅଶୋକ ଟ୍ରେଡିଂ କୋ, ପି—୭, ମିସନରୋ ଏକସ୍‌ଟେନସନ, କଲିକତା

---

୧୯୪୨ ରକ୍ତ ସଂଗ୍ରାମର ସହୀଦ୍‌ସିପାହୀ ରଘୁ ବେହେରା ମନ୍ତ୍ର...

ବିଂଶ ଶତାବ୍ଦୀର ଏଇ ନପୁଂସକ
ନିର୍ଲ୍ଲଜ-ସଭ୍ୟତ,
କଦାପି ଦେଇଛି ତା'କୁ ଜାତିର ଯେ
ଜନ୍ମିଲା ମଥା ? ? ?

ଯାହା'ର ଉତ୍ତର ଦବ—

### " ରକ୍ତ ମୁଖୀ "

ପଢ଼ ପଢ଼ୁ ରକ୍ତ ତାତି ଉଠିବ । ଲେଖିଚନ୍ତି ଆମ୍ଭମାନଙ୍କର ପରିଚିତ—ଯଦୁନାଥ ଦାସ ମହାପାତ୍ର ।

---

## ପ୍ରକାଶ ଅଭିପ୍ରାୟରେ

# "ଜହରଲାଲ"

ଲେଖକ—ବିଳିରାମ ସାହୁ, ବି.ଏ.

ଏ ପୁସ୍ତକର ଭୂମିକାରେ ଆମେରିକାର ଅଧ୍ୟାପକ ଡକ୍ଟର ଜେ, ଏମ୍, ହଟ୍‌ଚିସନ୍ ଲେଖିଛନ୍ତି ! "........This book is a laudable effort in the presentation in a provincial language the life of a son of India.

......The organisation of the book is nteresting and novel. sincere attempt has been made to do justice and to presnt a fair and multisided picture of the adventurous life of Pandit Nehru. The book is an endeavour at synthesis and will no doubt fill a dafinite need in the literature of Orissa."

---

ଉତ୍କଳରରଚନାତ୍ମକ ମାସିକ ପତ୍ରିକା

# 'ଗ୍ରାମ ସେବକ'

ପଢ଼ନ୍ତୁ

ଗ୍ରାହକ ଚାନ୍ଦା ୪ ଟଙ୍କା ଠିକଣା-ପୋ: କଟକ ୨

---

ପୁରସ୍କାର ୧୦୦୦ ଟଙ୍କା
ନୈପାଳ ରଜ୍ୟୋତିର
= ରେଜିଷ୍ଟାର୍ଡ =
ସର୍ବପ୍ରକାର କୁଷ୍ଠ
ଧଳା ରୋଗ, ମେହ
ସ୍ତ୍ରୀ ରୋଗ ମାନଙ୍କର
ବ୍ରହ୍ମାସ୍ତ୍ର =
ନିଜସ୍ୱ ଏଜେନ୍ସି:
ଝିଲିଟ ରଣୀ ରାଣୀହାଟ
କଟକ

---

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା ସମ୍ପାଦକ— ଶ୍ରୀ ବାଞ୍ଛାମୋହନ ଦାସ

Printed & Published by G.C. Mohapatro. at the Goninath Press, Bhadrak. 16 4 50

Digitized by srujanika@gmail.com

# ଡଗର

ଅନନ୍ତ, ଅଲେଖ ଓ ଅଚ୍ଛେଦ୍ୟର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୨୧ଶ ସଂଖ୍ୟା
ବୈଶାଖ ମୃତମାର୍ଚ୍ଚ
୧।୫।୫୦

## ଦିଲ୍ଲୀ ଚୁକ୍ତି




ବାର୍ଷିକ ୫୲ ଷାଣ୍ମାସିକ ୫୩ ମୂଲ୍ୟ-ପ୍ରତିଖଣ୍ଡ ଚାରିଅଣା

ସମଗ୍ର ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ

୧ ମ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ

୧୯୫୦-୫୧ ମସିହା ଆରମ୍ଭରୁ ଚଳିବା ନିମନ୍ତେ ଶିକ୍ଷା ବିଭାଗରେ ଡିରେକ୍ଟର ସାହେବ ମଞ୍ଜୁର କରିଥିବା

# କଟକ ଟ୍ରେଡିଂ କମ୍ପାନୀର ପାଠ୍ୟପୁସ୍ତକାବଳୀ

( Orissa Gazette of 31-3-50—Notificaion No. T 6-50)

## ସାହିତ୍ୟ

ପ୍ରଥମ ଶ୍ରେଣୀ ପାଇଁ

**ମୋ ବହି**

ଶ୍ରୀ ଗିରିକିଶୋର ଦାସ ଟ ୦ ।

ଦ୍ୱିତୀୟ ଶ୍ରେଣୀ ପାଇଁ

**ସାହିତ୍ୟ ଦର୍ପଣ (୧ ମ ଭାଗ)**

ପଣ୍ଡିତ ଭୁବନେଶ୍ୱର ମିଶ୍ର ଟ ୦ ।

**କୌତୁକ ପାଠ (୧ମ ଭାଗ)**

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଏମ୍: ଏ: ଟ ୦ ।

**ଶିଶୁପାଠ (ଅତିରିକ୍ତ)**

ପଣ୍ଡିତ ଅକୁଳ ମିଶ୍ର ଟ ୦ ୵

ତୃତୀୟ ଶ୍ରେଣୀ ପାଇଁ

**ସାହିତ୍ୟ ଦର୍ପଣ (୨ୟଭାଗ)**

ପଣ୍ଡିତ ଭୁବନେଶ୍ୱର ମିଶ୍ର ଟ ୦ ।

**ଆଦର୍ଶ ପାଠ (୨ୟ ଭାଗ)**

ରାୟସାହେବ କୃଷ୍ଣଚନ୍ଦ୍ର ସେନଗୁପ୍ତ ଏମ: ଏ: ଟ ୦ ।/

**ସାହିତ୍ୟ ସଖା (ଅତିରିକ୍ତ)**

ପଣ୍ଡିତ ନୀଳକଣ୍ଠ ଦାସ ଏମ: ଏ: ଟ ୦ ।

ଚତୁର୍ଥ ଶ୍ରେଣୀ ପାଇଁ

**ଇତିହାସ ପାଠ (୧ମ ଭାଗ)**

ଶ୍ରୀ ଦାଶରଥି ପାଠୀ ବି: ଏ: ଡ଼ି: ଇଡ଼: ଟ ୦ ।/

**ସାହିତ୍ୟ ମାଧୁରୀ (୧ମ ଭାଗ) (ଅତିରିକ୍ତ)**

ପଣ୍ଡିତ ଭୁବନେଶ୍ୱର ମିଶ୍ର ଟ ୦ ।/୨

ପଞ୍ଚମ ଶ୍ରେଣୀ ପାଇଁ

**ଇତିହାସ ପାଠ (୨ୟ ଭାଗ)**

ଶ୍ରୀ ଦାଶରଥୀ ପାଠୀ ବି: ଏ: ଡ଼ି: ଇଡ଼ ଟ ୦ ।/

**ସାହିତ୍ୟ ମାଧୁରୀ (୨ୟଭାଗ) (ଅତିରିକ୍ତ)**

ପଣ୍ଡିତ ଭୁବନେଶ୍ୱର ମିଶ୍ର ଟ ୦ ।/୨

## ଗଣିତ

ଦ୍ୱିତୀୟ ଶ୍ରେଣୀ ପାଇଁ

**ନିମ୍ନ ପାଟୀଗଣିତ (୧ମ ଭାଗ)**

ଶ୍ରୀ ରାମକୃଷ୍ଣ ମହାପାତ୍ର ଟ ୦ ୵

**ପିଲାଙ୍କ ଗଣିତ ପରିଚୟ (୧ମ ଭାଗ)**

ଶ୍ରୀ ଗୋପୀନାଥ ମହାପାତ୍ର ଟ ୦ ।୵

ତୃତୀୟ ଶ୍ରେଣୀ ପାଇଁ

**ନିମ୍ନ ପାଟୀଗଣିତ (୨ୟ ଭାଗ)**

ଶ୍ରୀ ରାମକୃଷ୍ଣ ମହାପାତ୍ର ଟ ୦ ୵୨

**ପିଲାଙ୍କ ଗଣିତ ପରିଚୟ (୨ୟ ଭାଗ)**

ଶ୍ରୀ ଗୋପୀନାଥ ମହାପାତ୍ର ଟ ୦ ।୵

ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ

**ଉଚ୍ଚ ପାଟୀଗଣିତ**—ଶ୍ରୀ ରାମକୃଷ୍ଣ ମହାପାତ୍ର ଟ ୦ ୳

ପ୍ରକାଶକ—

**କଟକ ଟ୍ରେଡିଂ କମ୍ପାନୀ —କଟକ—୨**

Digitized by srujanika@gmail.com

ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ

# ଡଗର

ବୈଶାଖ ପ୍ରଥମାର୍ଦ୍ଧ ୧୩ଶ ବର୍ଷ ୨୧ ସଂଖ୍ୟା ୧।୫।୫୦

## ଦିଲ୍ଲୀ ଚୁକ୍ତି

ଦିଲ୍ଲୀ ଚୁକ୍ତି ଫଳରେ ନେହରୁ ସରକାର ଦେଶର ନାନା ସ୍ଥାନରେ ନିନ୍ଦିତ ହେଉଛନ୍ତି। ନିନ୍ଦାର କାରଣ ମୁଖ୍ୟତଃ [୧] ପାକିସ୍ତାନ ସରକାର ପୂର୍ବରୁ ଅବିକଳ ଏହି ଭଳି ଚୁକ୍ତି ମାନି ନାହାନ୍ତି [୨] ପୂର୍ବ ଚୁକ୍ତି ନମାନିବାର ପ୍ରତିବିଧାନ କରାନଯାଇ ପାରିବା ସ୍ଥଳେ ନୂଆ ଚୁକ୍ତି ପାଳିତ ନ ହେଲେ ପ୍ରତିକାର ସମ୍ଭବ ନୁହେଁ ଏବଂ [୩] ପ୍ରତିକାରର ବା ଚୁକ୍ତିଭଙ୍ଗ ଅପରାଧ ପାଇଁ କ୍ଷତିପୂରଣ ସର୍ତ୍ତ ନାହିଁ। [୪] ପାକିସ୍ତାନ ପ୍ରଧାନମନ୍ତ୍ରୀ ଗଣତନ୍ତ୍ର ଶାସନରେ ବିଶ୍ୱାସ କରନ୍ତି ବୋଲି ନେହେରୁଙ୍କୁ କଥା ଦେଲେ ମଧ୍ୟ ପାକିସ୍ତାନ ସଂବିଧାନର ଲକ୍ଷ୍ୟ ଧାରାରେ ମୁସ୍‌ଲିମ୍ ରାଷ୍ଟ୍ର ରୂପେ ଘୋଷଣା କରି କୁହାଯାଇଛି ଯେ ସେ ରାଷ୍ଟ୍ର ବ୍ୟକ୍ତିଗତ ଓ ସମଷ୍ଟିଗତ ଭାବରେ ମୁସଲମାନଙ୍କର ଧର୍ମ କୃଷ୍ଟି ରକ୍ଷା ଓ ଉନ୍ନୟନ କରିବ ସୁତରାଂ ପାକିସ୍ତାନ ପ୍ରଧାନ ମନ୍ତ୍ରୀଙ୍କ କଥାର ମୂଲ୍ୟ ନାହିଁ। [୫] ଆକ୍ରମଣ ପାକିସ୍ତାନ ଆଗ କରିଥିଲେହେଁ ଚୁକ୍ତି ଫଳରେ ଭାରତ ପାକିସ୍ତାନ ଉଭୟେ ସମଦୋଷୀ ପ୍ରମାଣିତ ହେଲେ [୬] ଏହାଦ୍ୱାରା ଭାରତ ଦୁର୍ବଳ ପ୍ରମାଣିତ ହୋଇଛି। [୭] ଚୁକ୍ତିର ପ୍ରଥମ ଭାଗରେ ଭାରତ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କର ମୌଳିକ ଅଧିକାର ସଂବନ୍ଧରେ ଯାହା ଅନୁଭବ କରନ୍ତି ଲେଖା ଯାଇଛି ତାହା ଉଭୟ ପ୍ରଧାନ ମନ୍ତ୍ରୀଙ୍କର ମତ ହେବା ଉଚିତ ଥିଲା। [୮] ଭାରତର ଏକ ଅଂଶ [କାଶ୍ମୀର] ପାକିସ୍ତାନ ଅଧିକାର କରିଥିବାବେଳେ ଉଭୟଙ୍କ ମଧ୍ୟରେ ଏଭଳି ଚୁକ୍ତି ହାସ୍ୟାସ୍ପଦ। [୯] ବଙ୍ଗଆସାମରେ ମୁସଲମାନ ସଂପ୍ରଦାୟ ଦୃଷ୍ଟିରୁ ମନ୍ତ୍ରୀ ନିଯୋଗ କରିବା ଦ୍ୱାରା—ଭାରତୀୟ ସଂବିଧାନ ଉପରେ ଆଞ୍ଚ ଆସୁଛି।

ଏସବୁ ଦିଗରୁ ନେହେରୁ ସରକାରଙ୍କର ଔଚିତ୍ୟ ଅନୌଚିତ୍ୟ ବିଚାର୍ଯ୍ୟ। ଭାରତ ଓ ପାକିସ୍ତାନ ଭିତରେ ବାସ୍ତବିକ କାଶ୍ମୀରରେ ଯୁଦ୍ଧ ଚାଲିଛି। ଏକଥା ଜାତିସଂଘରେ ପଡ଼ି ସାମୟିକ ଶାନ୍ତି ସ୍ଥାପିତ ହୋଇଛି। ଇତ୍ୟବସରରେ ଯଦି ଅନ୍ୟ ସମସ୍ୟା ଉଠେ ତାହାକଣ କାଶ୍ମୀର ସମାଧାନ ନହେବାଯାଏ ପକାଇଦେଇ ପାରିହେବ ?

ସଂପ୍ରଦାୟିକ ମନ୍ତ୍ରୀ ନିଯୋଗ ସଂବିଧାନ ଦୃଷ୍ଟିରୁ ଗର୍ହିତ ହୋଇପାରେ କିନ୍ତୁ ଏହା ଏକ ଅକ୍ଷରିକ ତ୍ରୁଟି। ଅବସ୍ଥା ଦୃଷ୍ଟିରୁ ସାମୟିକ ବ୍ୟବସ୍ଥା ମାତ୍ର। ସଂପ୍ରଦାୟିକ ଭିତ୍ତିରେ ନିଯୋଗ କଲାଭଳି ସର୍ତ୍ତ। ସାମାନ୍ୟ ସାବଧାନତାର ସହିତ ଭାଷା ପ୍ରୟୋଗ କରିଥିଲେ ଏ ତ୍ରୁଟି ପରିଗଣିତ ହୁଅନ୍ତା ନାହିଁ।

ଭାରତ ପ୍ରଧାନ ମନ୍ତ୍ରୀ ମୌଳିକ ଅଧିକାର ସମ୍ବନ୍ଧରେ ଭାରତ ସଂବିଧାନର ଧାରାକୁ ସ୍ୱୀକାର କରନ୍ତି। ପାକିସ୍ତାନ ପ୍ରଧାନ ମନ୍ତ୍ରୀ ମଧ୍ୟ ତାହା କରିଛନ୍ତି। କିନ୍ତୁ ପାକିସ୍ଥାନ ସଂବିଧାନରେ ଅନ୍ୟ ଅନେକ କଥା ଅଛି ଯାହାକି ଆବଶ୍ୟକ ବେଳେ ସଂଖ୍ୟାଲଘୁଙ୍କ ବିରୋଧରେ ପ୍ରୟୋଗ କରାଯାଇ ପାରିବ। ପାକିସ୍ତାନ ସଂବିଧାନରେ ଅଛି—ପାକିସ୍ତାନରେ ମୁସଲମାନ ମାନଙ୍କର (କେବଳ--ଅନ୍ୟର ନୁହନ୍ତି) କୁରାନ ଓ ସୁନ୍ନା ନିର୍ଦ୍ଦିଷ୍ଟ ଶିକ୍ଷାନୁଯାୟୀ ନିଜର ବ୍ୟକ୍ତିଗତ ଓ ସାମାଜିକ ଜୀବନ ପରିଚାଳନା ଓ ଗଠନ ଅନୁପ୍ରାଣିତ କରିବ। ଫଳରେ ଅନ୍ୟ ଧର୍ମାବଲମ୍ବୀର ଜୀବନ ମାର୍ଗ ନିୟନ୍ତ୍ରଣ ହେଲେ ବା ଇସଲାମ ଧର୍ମାନୁମୋଦିତ ନହୋଇଥିଲେ ମୁସଲମାନଙ୍କ ବ୍ୟକ୍ତିଗତ ଓ ସମାଜଗତ ଜୀବନରେ ବାଧା ଆସୁଛି ବୋଲି କହି ସଂଖ୍ୟାଲଘୁଙ୍କ ବିରୋଧରେ ସରକାର ଅସ୍ତ୍ର ପ୍ରୟୋଗ କରିବା ବିଚିତ୍ର ନୁହେଁ। ତା ଛଡ଼ା ପାକିସ୍ତାନ ପ୍ରଧାନ ମନ୍ତ୍ରୀ ସଂଖ୍ୟାଲଘୁଙ୍କ ଅଧିକାରକୁ ମାନିବାର ମୂଲ୍ୟ କିଛିନାହିଁ। କାରଣ ଏହି ସଂଖ୍ୟାଲଘୁଙ୍କ ଅଧିକାର ମାନିବାର ମୂଳନୀତି ଉପରେ ତାଙ୍କର ଆସ୍ଥା ଓ ବିଶ୍ୱାସ ଥିଲେ ଭାରତକୁ ଭାଗ ଭାଗ କରିବାର ପ୍ରୟୋଜନ ନଥିଲା। ପାକିସ୍ତାନ ଗଠନର ଅର୍ଥ ସେଠାରେ ମୁସଲମାନ କେବଳ ସଂଖ୍ୟା ଗୁରୁ ହେବା ନୁହେଁ। ପାକିସ୍ତାନର ସଂଖ୍ୟାଲଘୁ ମାନଙ୍କର ଆଉ ଏକ ସ୍ଥାନର ନାଗରିକ ପାକିସ୍ତାନ ନୈତିକତା ଦୃଷ୍ଟିରୁ ଅସ୍ୱୀକାର କରିନପାରେ। ଯଦିଓ ପାକିସ୍ତାନ ସେ ସ୍ୱୀକାର କରୁନାହିଁ ଏହାର ଅନ୍ୟଦିଗ ହେଉଛି ସଂଖ୍ୟାଲଘୁଙ୍କର ମୂଳପୋଛ। ଅବଶ୍ୟ ନେହେରୁ ବଳେ ଏକଥା ଉପଲବ୍ଧି କରିଛନ୍ତି। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ମନ୍ଦ ମଧ୍ୟରୁ ଯଥାସାମାନ୍ୟ ସମ୍ଭବ ଭଲ ଆଣିବାର ଅନ୍ୟଉପାୟ କିଛିନାହିଁ।

ପାକିସ୍ତାନ ପୂର୍ବରୁ ଚୁକ୍ତି ଭଙ୍ଗ କରିଛି ଭାରତ ତାର ପ୍ରତିକାର କରିନାହିଁ ସତ। କିନ୍ତୁ ଏ ପ୍ରତିକାର ଯେ ଯୁଦ୍ଧ ଏଥିରେ ସନ୍ଦେହ ନାହିଁ। ଏ ଯୁଦ୍ଧଅର୍ଥ ଗୃହ ଯୁଦ୍ଧ କାରଣ ଭାରତ ପାକିସ୍ତାନ ଭାଗ ଭାଗହୋଇ ମଧ୍ୟ ସଂସ୍କୃତିଗତ ଦୃଷ୍ଟିରୁ ଏକ। ଏ ଦୃଷ୍ଟିରେ ପରିଣାମ ପାଇଁ ଦେଶ ପ୍ରସ୍ତୁତ କି ନାହିଁ ତାହିଁ ଆଜି ସର୍ବାଦୌ ବିଚାର୍ଯ୍ୟ। ପାକିସ୍ତାନ ଯେପରି ବନ୍ୟ—ଭାରତ ସେପରି ବନ୍ୟ ନୁହେଁ—ଭାରତୀୟ ମନୋବୃତ୍ତି ଯୁଦ୍ଧପାଇଁ ପ୍ରସ୍ତୁତ ନୁହେଁ।

ମନବାଞ୍ଛିର କରିବାର କଥା—ଏହା ଦୁର୍ବଳତା ହୋଇପାରେ। ଆମେ ସ୍ୱୀକାର କରୁଛୁ। ଏହି ଦୁର୍ବଳ ଜାତିକୁ ଯୁଦ୍ଧ ଭିତରେ ନେଇ ପକାଇଦେବା ବୁଦ୍ଧିମାନ୍ ନେହରୁଙ୍କର ଧର୍ମ ନୁହେଁ।

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ତାରେ ତାରେ ଟାନା ନାନା

ପ୍ର—ଏକ ଅଣ୍ଡା ପଳେଇଲେ କାହିଁକି ?

ଉତ୍ତର—ମନ୍ତ୍ରୀ ସିଂହଙ୍କୁ କଚ୍ଚି ଦେବାର ତୁଲ ଯେ ଦେଇପାରି ନଥିଲେ

\+ + + +

ପ୍ର—କାଶ୍ମୀର ସମସ୍ୟା ପାଇଁ ଜଣେ ମଧ୍ୟସ୍ଥ ଠିକ୍ ହୋଇଛନ୍ତି ।

ଉ—ଲୋକଟି ବର ପକ୍ଷର ନା କନ୍ୟା ପକ୍ଷର ?

× + × +

ଲିଆକତ ଅଲ୍ଲୀ ଓ ନେହେରୁଙ୍କ ଚୁକ୍ତି—
ତାଳ ପରେ ତାଳ ତାଳ ଉଠୁପରେ

\+ + × +

" ପାକିସ୍ତାନର ଗୃହୀ ମୂଲ୍ୟ ଦେଶରେ ଶୋଭାଯାତ୍ରା କଲେ ।" ଜନତା

ଅମ୍ବ ଗଛରେ ଅମ୍ବ ପୁଣି ଫଳିଲଣି । ବର୍ତ୍ତମାନ ଟିକିଏ ଭଣ୍ଡା ଅଛି । ପଚାରିଲେ ଇଣ୍ଡା ପତ୍ରିଟା କେଉଁ ପତାକା ଧରି ସେମାନେ ଶୋଭାଯାତ୍ରା କଲେ । + + +

କମ୍ୟୁନିଷ୍ଟ ମାନେ ଫେରମୋଜା ଆକ୍ରମଣ କରିବାକୁ ବସିଲେଣି—ସମ୍ବାଦ

ହାଃ ଚୁଙ୍ଗକାଇସେକ୍ ପୁଣି କେଉଁ ଦ୍ୱୀପକୁ ଯିବ । × + +

ଶ୍ୟାମପ୍ରସାଦ ମୁଖର୍ଜି ଆଉ କେବିନେଟରେ ଯୋଗଦେବେ ନାହିଁ ।

ଶ୍ୟାମଗଲେ 'କୃଷ୍ଣ' ଅଛନ୍ତି । + ×

ଅମରଦାଙ୍କରେ ଆଶ୍ରୟ ପ୍ରାର୍ଥୀ ଅଫିସର ମାନେ ଭଲ କାମ କରୁ ନାହାନ୍ତି ।—ସମ୍ବାଦ

ସେମାନେତ ସ୍ୱେଚ୍ଛାସେବକ ନୁହନ୍ତି + +

ନଇବୁଲ ମିଆଁ ଢାକା ରେଡ଼ିଓରୁ ମିଛକଥା ପ୍ରଚାର କରୁଛନ୍ତି ।

........ଆକାଶବାଣୀ ମାନଙ୍କୁ ପଚାରେ ।

ଏଥର ଯୁଦ୍ଧ ପ୍ରଚାର ବନ୍ଦ ହେଉ—ନେହେରୁ

ତେବେ ଯୁଦ୍ଧ ଚାଲୁ + +

ସର୍ଦ୍ଦାର ପଟେଲ କଲିକତାର ଶିଳ୍ପପତି ପ୍ରଥମେ ସମ୍ପାଦକ ମାନଙ୍କୁ ଭେଟିଲେ—ସମ୍ବାଦ

...ତା'ପରେ ପାଇଖାନା ଗଲେ

❊ ❊ ❊ ❊

ଏ ଚୁକ୍ତିକୁ ଫଳବତୀ କରିବା ପାଇଁ ପାକିସ୍ତାନ ସରକାର ଦୃଢ଼ପରିକର—ଲିଆକତ

...ଯାଆଁଳା କାହୁତ ନ ଖାନ୍ତୁ—ଡ଼ବଲ ଫଳଫଳିଯିବ ଯେ !

❊ ❊ ❊ ❊

ସମସ୍ତେ ଭେଦାଭେଦ ଭୁଲି ଏକାଠିହୁଅନ୍ତୁ —ନେହେରୁ

...ସମସ୍ତେ କୁମ୍ଭ ମେଳାକୁ ଯାଇ ବୁଡ଼ମାରନ୍ତୁ

❊ ❊ ❊ ❊

ଶାନ୍ତି ଓ ଅଶୋକ ଆମେରିକାରେ ପହଞ୍ଚିବାରୁ ଭୋଜିଦିଆଗଲା—ସମ୍ବାଦ

...କର୍ଣ୍ଣିକତାଃ ଚଡ଼ିଆ ଖାନାର ସିପାହୀ ବିଚରା ବାଉଁଥ ରହିଲା ବଇଶାଖରେ ।

❊ ❊ ❊ ❊

ଲୋକଙ୍କଠାରୁ ମୋତେ ଏତେ ଦୂରରେ ରଖାଯାଉଛି ଯେ ଶେଷକୁ ମୋତେ ହୁଡବ ମିନାର ଉପରୁ କହିବାକୁ ପଡ଼ିବ---ନେହେରୁ

...ତେଙ୍କି ସ୍ୱର୍ଗ ଉପରକୁ ଗଲେ ବି ସେଇ ଧକଡ଼ ଧକଡ଼ ।

❊ ❊ ❊ ❊

ରୁଷ ସମ୍ରାଟଙ୍କୁ ଅଭିରଙ୍ଗଜେବ ହତ୍ୟା କରିଥିଲେ ବୋଲି ରୁଷର ପ୍ରଥମ ପ୍ରକାଶିତ ସମ୍ବାଦ ପତ୍ରରେ ବାହାରିଥିଲା ।

...ସେଇଦିନରୁ ନେହେରୁଙ୍କ ଯାଏ ହାତୀ ନେ ଘୋଡ଼ା ନେ ମୋ'ପେଁ କାଳ ବଜାଇ ଦେ କଥା ଚାଲି ଆସିଛି ।

❊ ❊ ❊ ❊

ପରୀକ୍ଷାରେ ଫେଲ ହୋଇଥିବାରୁ ବାଳିକାର ଆତ୍ମହତ୍ୟା—ସମ୍ବାଦ...ପ୍ରେମରେ ପାସ ପାଇଁ ନୁହେଁତ ! + + +

—ପୋଲିସ କମୁନିଷ୍ଟ ସଂଘର୍ଷରେ ଦୁଇ ଜଣ ମଲେ—ସମ୍ବାଦ

ଲାଲ ଝଣ୍ଡାକି ସତ୍ୟ ହେ !
ରାମ ପତାକା ସତ୍ୟ ହେ

\+ + + +

ଭାରତ ପାକିସ୍ଥାନ ଚୁକ୍ତିକୁ ପରୀକ୍ଷା କରି ଦେଖିବା ଦରକାର—କଲିକତା ବେତାର କେନ୍ଦ୍ରରୁ ସର୍ଦ୍ଦାର ପଟେଲଙ୍କର ଭାଷଣ

—କାଟିକି ଦେଖିବା ପାଇଁ ଡାକ୍ତର ବିଧାନ ରାୟ ଅଛନ୍ତି ତ ଭଲ × ×

ଭାରତର ବିକାଶ ପାଇଁ ବହୁ ସଂଖ୍ୟକ ଶିକ୍ଷିତ ଯୁବକ ଲୋଡ଼ା—ନେହେରୁ

—ଯୁବତୀ ମଧ୍ୟ । × ×

କଟକରେ ପାଣି ଅଭାବ—ସମାଜରେ ରଥ ମହାଶୟଙ୍କ ଦାବୀ

...ସବୁ ପାଣି ପ୍ରଜାତନ୍ତ୍ର ଗ୍ରହଣ କରିଛନ୍ତି

❊ ❊ ❊ ❊

ସୋରିଷ ତେଲ ଖାଇଲେ ଉଦରୀ ରୋଗ —ଓଡ଼ିଶା ସରକାରୀ ଇସ୍ତାହାର

—କିନ୍ତୁ ମାଲିସ କଲେ କ୍ଷତି ନାହିଁ ।

❊ ❊ ❊ ❊

[ ସମ୍ପାଦକୀୟ ଅବଶିଷ୍ଟାଂଶ ]

ନେହେରୁ ସରକାରଙ୍କ ଭୁଲ ଏଠାରେ ନାହିଁ—ଅନ୍ୟତ୍ର । ଏ ଜାତିକୁ ଏକ ସବଳ ଜାତିରେ ପରିଣତ କରିବାପାଇଁ ନେହେରୁ ସରକାର କଣ କରୁଛନ୍ତି ? ସୈନ୍ୟ ଓ ଅସ୍ତ୍ର ବଢ଼ାଇଲେ ଜାତିକୁ ସବଳ କରିହେବ ନାହିଁ—ଏକଥା ଯଦି ଗାନ୍ଧୀଶିଷ୍ୟ ନେହେରୁ ନବୁଝୁଥାନ୍ତି ତେବେ ଧରିବାକୁ ହେବ କ୍ଷମତା ତାଙ୍କୁ ମୋହାନ୍ଧ କଲାଣି ।

ଶରଣାର୍ଥୀଙ୍କୁ ଆଶ୍ରୟଦେଇ ଅଧିକ ଶରଣାର୍ଥୀଙ୍କୁ ଏଠାକୁ ଆସିବାପାଇଁ ପ୍ରଲୁବ୍ଧ କରିବା ସରକାରର କାମ ହେବା ଉଚିତ ନୁହେଁ । ଭାରତ ଅତିଥି ସେବାପାଇଁ ପ୍ରସିଦ୍ଧ । କୋଟି ସଂଖ୍ୟାରେ ସାଧୁଙ୍କୁ ଭାରତ ପୋଷିଛି । ଆଉ କେତେକୋଟି ଶରଣାର୍ଥୀଙ୍କୁ ମଧ୍ୟ ସାଧାରଣ ଲୋକେ ପୋଷିବେ । ଲୋକଙ୍କର ଏହି ପୋଷିବାର କ୍ଷମତା ବଢ଼ିବାପାଇଁ ସରକାର କଣ କରୁଛନ୍ତି ? ଲୋକଙ୍କଠାରୁ କରନେଇ ଶରଣାର୍ଥୀ ପୋଷାଯାଇ ନପାରେ । କିମ୍ବା ପାକିସ୍ତାନସହ ଲଢ଼ାଯାଇ ନପାରେ ।

ଆଖିଫେରାଇବାକୁ ହେବ ନେହେରୁଙ୍କୁ । ଆମେ ରକ୍ଷା ଇଂଲଣ୍ଡ ଓ ରୁଷର ଚମତ୍କାରିତା ଅନୁକୃତି ଦେଖାଇଦାକୁ ହେବ । ତାଙ୍କ ସମସ୍ୟା ଆମ ସମସ୍ୟା ନୁହେଁ । ଭାରତ ବ୍ୟକ୍ତିଗତ ସ୍ୱାଧୀନତାରେ ବିଶ୍ୱାସ କରେ—ଏବଂ ସେଇ ବ୍ୟକ୍ତିର ସମଷ୍ଟିପାଇଁ ବଳିଦାନ ଦେବାର ଧର୍ମ ଆମ ଭିତରେ ଲୁଚିଛି । ପାଶ୍ଚାତ୍ୟଦେଶ ସମଷ୍ଟି ଗତ ସ୍ୱାଧୀନତାରେ ବିଶ୍ୱାସକରେ ଏବଂ ସମଷ୍ଟି ବ୍ୟକ୍ତିର ଭଲମନ୍ଦକୁ ଦୃଷ୍ଟିଦିଏ ନାହିଁ ।

ଏହିଦିଗରୁ ପରିସ୍ଥିତିକୁ ବିଚାର କରିବା ଆବଶ୍ୟକ ।



Digitized by srujanika@gmail.com



ଭାରତର ପ୍ରଧାନ ମନ୍ତ୍ରୀ ଓ ପାକିସ୍ଥାନର ପ୍ରଧାନମନ୍ତ୍ରୀଙ୍କ ଭିତରେ ସଂଖ୍ୟାଲଘୁ ଲୋକଙ୍କ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ହୋଇ ଯାଇଛି। ଉଭୟ ପ୍ରଧାନମନ୍ତ୍ରୀ ଏ ଚୁକ୍ତିନାମାକୁ ନାମ ମାତ୍ର ଚୁକ୍ତିନାମା ନକରି କାମମାନ ଚୁକ୍ତିନାମା ପ୍ରମାଣ କରିବେ ବୋଲି ଖୁବ ଜୋରରେ କହୁଛନ୍ତି। ଦିଲ୍ଲୀ ବା ହସ୍ତିନାପୁରୀର ମାଇପି ମହଲରେ କିନ୍ତୁ କାନ୍ଦ ବୋବାଳି ଅଗଠରି ପଡ଼ିଛି—

ଫଟା କପାଳରେ ବାହା ବାହାବ ମୋ ବୋଉ
ଭଙ୍ଗି ଗଲା କାଚ ଯୋଡ଼ି ହୋଇବ ମୋ ବୋଉ
ଉଜୁଡ଼ା ଧନ କି ଗଜା ହେଇବ ମୋ ବୋଉ
ମରବତ ସତେ ପୁଅ ବେଇବ ମୋ ବୋଉ
ଚନ୍ଦାମୁଣ୍ଡେ କିଏ ବାଳ ରୋଇବ ମୋ ବୋଉ
ନେହେରୁଙ୍କୁ ଲିଆକତ ସାଇବ ମୋ ବୋଉ

\+ + + ×

କେହି କେହି ସନ୍ଦେହ କରୁଛନ୍ତି—ପାକିସ୍ତାନ ଏ ଚୁକ୍ତିନାମାକୁ ମାନିବ କି ନାହିଁ କିଜାଣି। ଲିଆକତ ଅଲି ଯେତେ ଯୋର-ସୋର ଘୋଷଣା କରୁଛନ୍ତି ସେଥିରୁ ଗର୍ଜିଲା ମେଘ ବରଷିବ ନାହିଁ ବୋଲି ଧାରଣା କରିବା ବିଚିତ୍ର ନୁହେଁ। କିନ୍ତୁ ଆମର ବିଶ୍ୱାସ ଲିଆକତ ଅଲି ଏଥର "ସାହେବ କି ବାପ ବୋଲେ ଡାକ—ଗୁଣ୍ଡୋଁର ଭୟେ ଡାକ" ବୋଲି ବଙ୍ଗଳା କାହାଣୀଠାରୁ ଭଲ ଅଭ୍ୟାସ କରିନେଇଛନ୍ତି। ଚୁକ୍ତିନାମାକୁ ନମାନି ଆଉ ଚାରା ନାହିଁ। ଲିଆକତଙ୍କ ପରି ସୁବୋଧ ବାଳକ ନାହିଁ—ଏକା ବେତରେ ବୁଝେ ମଧ୍ୟ ନାହିଁ। ତେବେ ଭୟ ହେଉଛି—ଇଚ୍ଛା ଥିଲେ ମଧ୍ୟ ନୁରୁଲ ଅମିନଙ୍କୁ ଅଣ୍ଟୁଗଣ୍ଠି ଧରି ବ୍ୟାଧି ହେଲାପରି ଲିଆକତ ଅଲିଙ୍କୁ ଯଦି ଚଉରଙ୍ଗୀ କମ୍ପା ନାରଙ୍ଗୀ ବ୍ୟାଧି ଧରେ ତେବେ ଇଚ୍ଛାଥିଲେ କର୍ମତଃ କିଛି କରି ପାରିବେ ନାହିଁ। ଠାକୁରେ କରନ୍ତୁ ତାଙ୍କ ଶରୀର କୁଶଳରେ ଥାଉ।

ଦୁଇ ମାସିଆ ପେଟ ଦଶମାସିଆ ହେବ—ଚନ୍ଦାମୁଣ୍ଡରେ ବାଳ ଗଜାବ—କଳା ବୋଡ଼ ଧଳା ହେବ!

× × + +

ଯେଉଁଠି ଆପଣା ଭିତରେ ସାହସ ହୁଏ—ସେଠି ଉଭୟ ପକ୍ଷ କିଛି କିଛି ତ୍ୟାଗ ନକଲେ ଚଳିବ ନାହିଁ। ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ ଚୁକ୍ତିନାମାରେ ମଧ୍ୟ ପୁରୁଷ ତାର କିଛି ପୁରୁଷତ୍ୱ ଛାଡ଼ି ନାରୀର ଗୋଡ଼ ପାଖରୁ ଦବନ୍ତେ ଆଉ ନାରୀ ମଧ୍ୟ କିଛି ନାରୀତ୍ୱ ଛାଡ଼ି ଅଳ୍ପ ବହୁତ ଘୋଡ଼ା ଚଢ଼େ। ସେମିତି ଭାରତ ଓ ପାକିସ୍ତାନ ଚୁକ୍ତିରେ ଲିଆକତ ତାଙ୍କର ନାରୀତ୍ୱରୁ କିଛି ଏବଂ ନେହେରୁ ତାଙ୍କ ପୁରୁଷତ୍ୱରୁ କିଛି ଛାଡ଼ିଛନ୍ତି। ଭାରତ ସଂବିଧାନରେ ଅଛି ସାଂପ୍ରଦାୟିକତା ଦୃଷ୍ଟିରୁ କୌଣସି ଚାକିରି ବା କାର୍ଯ୍ୟ ବା ମନ୍ତ୍ରିତ୍ୱ ଦିଆଯିବ ନାହିଁ। କିନ୍ତୁ ନେହେରୁ ଲିଆକତ ଚୁକ୍ତିରେ ସର୍ତ୍ତ ରଖାଗଲା ଯେ ଆସାମ ଓ ପଶ୍ଚିମ ବଙ୍ଗରେ ଲଘୁ ସଂପ୍ରଦାୟ ପକ୍ଷରୁ ଜଣେ ଲେଖାଏ—ମନ୍ତ୍ରୀ ରହିବେ। ଲିଆକତ ଅଲିଙ୍କୁ ମଧ୍ୟ ତାଙ୍କର ଇସଲାମିସ୍ତାନ ପାକିସ୍ତାନକୁ ସୁସ୍ଥ ପ୍ରଜାତନ୍ତ୍ର ଧାଞ୍ଚରେ ଚଳାଇବେ ବୋଲି ହାତବାଟି ଲେଖିଦେଇ ଗଲେ। ଏ ତ୍ୟାଗରେ ଲିଆକତଙ୍କର ଧର୍ମ କିଛି ହାନି ପାଇଲା ଆଉ ଅଧିକା ମନ୍ତ୍ରୀ ନିଯୁକ୍ତ କରି ନେହେରୁଙ୍କର ଅର୍ଥ କିଛି ହାନି ପାଇଲା। ବାକି ଦର୍ଶକ ବଳୁଆ ସଭାର କାମ କିଛି ହାନି ପାଇଲା—ଶରଣାର୍ଥୀ ମାନଙ୍କର ମୋକ୍ଷ କିଛି ହାନି ପାଇଲା!

* * * *

ଡାକ୍ତର ଶ୍ୟାମାପ୍ରସାଦ ଓ ନିୟୋଗୀ ଦୁଇ ବାଦାଯାକ ଏ ଚୁକ୍ତିନାମାରେ ନାରାଜ ହୋଇ ଇସ୍ତଫା ଦାଖଲ କରିଛନ୍ତି। ପାକିସ୍ତାନ ଥର ଥର କି ଚୁକ୍ତି କରି ମାନୁ ନାହିଁ ଅତଏବ ଏଥର ବି ମାନିବ ନାହିଁ ବୋଲି ତାଙ୍କର ଅଭିମତ। କଥା ସତ ଯେ; କିନ୍ତୁ ଚୁକ୍ତିଭଙ୍ଗ କଲେ କୋଉସିନା ପାକିସ୍ତାନକୁ ଛାଡ଼ପତ୍ର ଦେଇଥାନ୍ତେ, ଭାରତକୁ ଛାଡ଼ପତ୍ର ଦେବାରେ କି ଲାଭ? ନପାରିଲା ପୁରୁଷ ବାହାରେ ମାଡଖାଇ ମାଇପ ଉପରେ ତୋଡ଼ ଝାଡ଼ିଲା ପରି କଥା ହେଲା।

\+ + + ×

ପାକିସ୍ତାନ ଭାରତ ଚୁକ୍ତିର ଫଳାଫଳ କଣ ହେବ ତା' ଏଯାଏଁ ଆମ ବଇଦ ବୋଲି ମହାପନ୍ତେ କହି ନାହାନ୍ତି। ତେବେ ରବି ଶୁଦ୍ଧି ଓ ଗୁରୁ ଶୁଦ୍ଧି ହୋଇଛି ବୋଲି ଆମର ବିଶ୍ୱାସ। ତେଣୁ ଅୟଂ ଶୁଭୟୁ ଭବତୁ। ଫଳ—ପର୍ବତର ମୂଷିକ ପ୍ରସବ—ତ ନୁହେଁ—ପର୍ବତରୁ ଗଙ୍ଗା ଉଦ୍ଭବ ହେବେ।

\+ + × ×

ସର୍ବୋଦୟ ସମାଜର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ନିଯୁକ୍ତ ହୋଇଛନ୍ତି ଅତଏବ ବଳୁଆସଭା ପ୍ରସ୍ତାବରେ ସର୍ବୋଦୟ ସମାଜର ନାମ ଗୋପୋଦୟ ଓ ସର୍ବୋଦୟୀ ମାନଙ୍କର ନାମ ଗୋପବାସୀ କଲେ ଗୋପଙ୍କର ଗୋପବନ୍ଧୁ ନାମ ସାର୍ଥକ ହୁଅନ୍ତା।

* * * *

ଅନୁଗୋଳରେ ସର୍ବୋଦୟ ମେଳ କରୁଥିବା ବେଳରେ କଟକରେ ସୋସାଲିଷ୍ଟ ମାନଙ୍କର କୃଷୀମେଳାମଧ୍ୟ ହୋଇଗଲା। ସର୍ବୋଦୟ ମେଳ ଓ କୃଷୀମେଳାଭିତରେ ପ୍ରଭେଦ କେତେ-ଭେଦ କେତେ ଓ ସଂବେଦ କେତେ ତାହା ବୁଝିବାର ଅଛି। ସର୍ବୋଦୟ ମେଳାଟିର ଉଦୟ ଶଙ୍କ ଥିବ ବୁଢ଼ାହା ଚନ୍ଦ୍ର ବା ସୂର୍ଯ୍ୟର ଉଦୟ ହେଉଥିବ ମାତ୍ର ଗାନ୍ଧି ଓ ଗ୍ରାମଧୁନଧାରୀ ପଣ୍ଡିତ ଶ୍ରୀ ମନ୍ତ୍ରୀମାନେ ଗାଡ଼ି ବା ଚେକ ଉପରେ ଯାଇ ସେ ଉଦୟକୁ ଗହଣ ବ ସଭାଗତେ ସ୍ୱାଗତ କରୁଥିଲେ। କୃଷୀ ମେଳା ବା ସୋସାଲିଷ୍ଟ ମେଳାକୁ ଗୋଟିଏ କଥାରେ କୃଷୀ ଓ ଲିଷ୍ଟ ମେଳା କୁହାଯାଇପାରେ। ଏମାନେ କାରବାଟି ଭଳି ଖାଲି କଥାରେ ଚଷିପିବେ ମାତ୍ର ଫଳ ବେଳକୁ କୃଷି ଓ ଲିଷ୍ଟ ପ୍ରକୃତରେ ଶୋଷି ଓ ଲିଷ୍ଟ (ଶୋଷଣକୁ) ହୋଇଯିବେ। କାରଣ କୃଷୀଙ୍କର ଏ ମେଳକୁ ଲାଭ କରେଇବେ ସମାଜର ଶୋଷକ ଶିକ୍ଷିତ ଓ ମଧ୍ୟବିତ୍ତ ଶ୍ରେଣୀ ରହିନେତା। ତେଣେ ସେ ପାଣି କୃଷକଗୀ ଶିକ୍ଷାର୍ଥୀଅ, ଛଇହାତ ସଦାବାମାନ୍ ମାନଙ୍କର ଅରଣ୍ୟମର ଫଳ ପାଇବେ ଭଣ୍ଡ



Digitized by srujanika@gmail.com

ପ୍ରଜାତନ୍ତ୍ର ଗାନ୍ଧିବାଦୀ ମନ୍ତ୍ରୀ ଓ କଂଗ୍ରେସ ଏମ୍ ଏଲ୍ ଏମାନେ ।

✻ ✻ ✻ ✻

ଓଡ଼ିଶା ରାଜ୍ୟରେ ଏତେବେଳେ ଆଉ ଗୋଟିଏ ମେଳା,ମେଳଣି ବା ଢ଼ୋଲଣି ମଧ୍ୟ ହୋଇଥାଇ ରାଜଧାନୀ କଟକ ସହର ତଳେ ବାହାର ବଗିଚା ମଧ୍ୟରେ ଶ୍ରୀଯୁକ୍ତ ମହତାବଙ୍କ ନେତୃତ୍ୱରେ । ଏମେଳାରେ ସର୍ବସାର ପ୍ରସ୍ତାବ ଗୃହୀତ ହୋଇଛି ଯେ ଅଦ୍ୟାବଧି ଓଡ଼ିଶାର ସାହିତ୍ୟିକ,ରାଜନୈତିକ ଓକିଲ,ଡାକ୍ତର ଜଳାପୋଡ଼,ମାଲିକ,ମୂଲିଆ,ଚାଷୀ ସମସ୍ତେ ମହତାବଙ୍କୁ ଏକାଧାରରେ ନେତା, କବିଲେଖକ,ନାଟ୍ୟକାର,ସାହିତ୍ୟିକ,ରାଜନୈତିକ ପାଠକ, ଉପଦେଶକ, ଯୋଜକ, ଘଟକ, ସର୍ଜକ ଖାଦକ, ନୃତ୍ୟାସକ, ସମ୍ପାଦକ, ସାଂଗଠନିକ ଐତିହାସିକ,ଭୌଗୋଳିକ,ଗାଣିତିକ,ଜ୍ୟାମିତିକ ତଥା ବୈଜ୍ଞାନିକ, ଦାର୍ଶନିକ ଆଦି ବିଶେଷଣରେ ଭୂଷିତ କରିଛନ୍ତି ମାତ୍ର ଅଭିନେତା ଆଖ୍ୟା ଦେଇନଥିବାରୁ ଏ ମେଳା ଘୋର ପ୍ରତିବାଦ କରୁଛି ।

\+ × +

ପ୍ରଜାତନ୍ତ୍ର ପ୍ରଚାରର ବାର୍ଷିକ ମେଳଣାରେ ମହତାବ ଯେଉଁ ଅଭିନୟ କଲେ—ଅସହଣି ଲୋକେ ନିନ୍ଦା କରୁଛନ୍ତି ଯେ ଦେଶର ସର୍ବୋପରିସ୍ଥ ଶାସକ ଏମିତି ସାଧାରଣଲୋକଙ୍କ ସାଙ୍ଗରେ ନାଚିଲେ ଆଉ କଣ ଶୃଙ୍ଖଳା ରହିବ ? ମଞ୍ଚରେ ଗମ୍ଭୀର ହୋଇ ଜନ ସାଙ୍ଗରେ କଥା ନ କହି ତ୍ୱରା ହୋଇ ବସିଲେ ଶୃଙ୍ଖଳାଟା ଆଉ ରହେ ନାହିଁ । ତା ଛଡ଼ା ଶୃଙ୍ଖଳାକୁ ସବୁବେଳେ ହାତରେ ପିନ୍ଧି ବସିଲେ ଶୃଙ୍ଖଳା ଭାଙ୍ଗିବା ପାଇଁ ବିଦ୍ରୋହ ଜାଗେ । ଲୁହାର ଶୃଙ୍ଖଳକୁ ଫୁଲର ସଙ୍ଗ ଲାଗି କରିବା ପାଇଁ ମଣିଷର ଅବସର ବିନୋଦନ ଦରକାର । ମହତାବ ପ୍ରଧାନ ମନ୍ତ୍ରୀ ହେଲେ ବୋଲି ବ୍ୟକ୍ତି ହିସାବରେ ସେ ମୁକ୍ତ ଏକଥା ଆମେ ଜାଣୁନାହୁଁ ଶୃଙ୍ଖଳାଟା ଭିତର ଜିନିଷ ହେବା ଉଚିତ । କିନ୍ତୁ ସାହା ଭିତରେ ଶୃଙ୍ଖଳା ମନେ ହେଉ ନାହିଁ ତାର ବାହାର ବିଶୃଙ୍ଖଳାକୁ ଲାଗିଲା ବୋଲି ଲୁହ ଯାଉଛି । ଏବଂ ଆପେ ଜାଣୁ ମହତାବ ସେଦିନ ଅଭିନୟରେ ଲାଗିପଡ଼ିଥିଲେ ଏବଂ ଜାତି ମଧ୍ୟ ରହିଥିବେ ହୁଏତ !

\+ × + +

ମହତାବଙ୍କ ପ୍ରଜାତନ୍ତ୍ର ଦୁଃଖ କରୁଛନ୍ତି ଯେ ମହତାବଙ୍କ ବଇଭୂତି ହୋଇ ନଥିଲା । ତଥାପି ତ ଆପେ ଜାଣୁ ମୁକ୍ତି ମହାତ୍ମା ଗାନ୍ଧିଙ୍କ ଭଳି ହାତରେ କରିଛୁ । ଆମର ବିଶ୍ୱାସ ତା ହୋଇଥାନ୍ତା ମହତାବଙ୍କୁ ଅଭିନେତା ସଙ୍ଗେ ସଙ୍ଗେ ନାଚି ହେଉଥା,ମଦମଦ୍ୟ ପିଇଥାନ୍ତା । ମନ ଏ ଯୁଗଇଁ ମହତାବ କଲିକାତା ମୁଲେ ତପସ୍ୟା କରି ମୁଖ ଦେଲେ ଆସନ୍ତା ଜନ୍ମରେ ତାହା ହେଇ ପାରନ୍ତେ ଏବଂ ଏ ଜନ୍ମରେ ଯେଉଁ ନମ୍ବରି ତାଙ୍କୁ ହଇରାଣ କରିଥିବେ-ସେ ଜନ୍ମରେ ତାଙ୍କର ପ୍ରତିଶୋଧ ନେଇ ପାରନ୍ତେ ।

✻ ✻ ✻ ✻

ଗୋଟିଏ ବୁଢ଼ୀ ଗୋଡ଼ଠାରୁ ମୁଣ୍ଡଯାଏ ଲୁଣ ଭିତରେ ବୁଡ଼ିରହି ମହାତ୍ମ ହୋଇ ଗଲାଣି । ବହୁଲୋକ ତାକୁ ଦେଖିବାକୁ ଆସୁଛନ୍ତି । ବୁଢ଼ୀଟି ଏହିଭଳି ଲୁଣ ଖଡ଼ି ହୁଏତ ମରିବ କାରଣ ସେ ଏ ଜନ୍ମରେ ତପସ୍ୟା କରୁଛି— ଯେପରି ଆସନ୍ତା ଜନ୍ମରେ ସେ ଜଣେ କଂଗ୍ରେସ ମନ୍ତ୍ରୀହୋଇ ଜନ୍ମଲାଭ କରେ ଏବଂ ତାର ଆଉ ଲୁଣର ଆଦୌ ଦରକାର ନହୁଏ । ଗୋଟିଏ ଅଜବ ଅଲଣା ନେତାହୋଇ ସେ ଶାସନ ଚଳାଇ ପାରିବା ଆଶାରେ ଏ ଜନ୍ମରେ ସବୁ ଲୁଣ ଆବଶ୍ୟକତା ସାରିଦେଉଛି ।

\+ + +

ଓଡ଼ିଶାରେ ମାନ୍ୟବର ଲାଟ ସମ୍ବଲପୁର ନୃସିଂହନାଥ ଦେଖିବାକୁ ଯିବେ । ଶ୍ରୀଯୁକ୍ତ ମହତାବଙ୍କୁ ଉତ୍କଳକେଶରୀ ପଦବୀମିଳିଥିଲା ତେଣୁ ସେ ଏକ ନୃସିଂହ ହୋଇଥିଲେ । ନୃସିଂହନାଥଙ୍କ ପାଖରେ ଯେପରି ପ୍ରାକୃତିକ ଝରଣା ଅଛି—ଶ୍ରୀଯୁକ୍ତ ମହତାବଙ୍କର ସେହିପରି କରୁଣା ଝରଣା ଠିକ୍ ଝରୁଥିବ ଆଉ ବହୁଲୋକ ଦର୍ଶନକୁ ଯାନ୍ତି । ମାନ୍ୟବର ଲାଟସାହେବ ଜଣେ କବି—ସେ ଦୁଇ ନୃସିଂହଙ୍କୁ ତୁଳନା କରି ଗୋଟିଏ କାବ୍ୟ ଲେଖିଦେବେ ବୋଲି ଆମର ଆଶା ।

✻ ✻ ✻

ମୟୂରଭଞ୍ଜ କଂଗ୍ରେସ କର୍ମୀ ସମ୍ମେଳନରେ ସଭାପତି ଗଦାଧରଙ୍କ ସାଙ୍ଗକୁ ଲୋକସଂପର୍କ ଡିରେକ୍ଟର ସୁଧୀର ଘୋଷ ମଧ୍ୟ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଶୁଣାଇଥିଲେ । ସରକାରୀ ଚାକର ହେଲେବୋଲି ସୁଧୀର ବାବୁ ଏବେ ଯେ କଂଗ୍ରେସ ଅଛନ୍ତି ଏକଥା ଯେଉଁମାନେ ନଜାଣନ୍ତି ସେମାନେ ନିନ୍ଦା କରୁଛନ୍ତି । ମନୁଷ୍ୟ ଦେହରକ୍ଷା ପାଇଁ ନାନା ପାପକରିବାକୁ ବାଧ୍ୟ; ତାବୋଲି ତାର ଠାକୁର ଆରାଧନାରେ ଅଧିକାର ନାହିଁ—କିଏ କହିବ ? ସେମାନଙ୍କ ଚାକିରି କଲେବୋଲି କଂଗ୍ରେସର ଗୁଣ କୀର୍ତ୍ତନରେ ଅଧିକାର ଛାଡ଼ି ନେବ କିଏ ? ଶ୍ରୀଚୈତନ୍ୟ ଚନ୍ଦ୍ରଶେଖରର ଘରେ ରହି ମଧ୍ୟ କୃଷ୍ଣ ପ୍ରେମରେ ଭୋଳଥିଲେ । ସୁଧୀର ବାବୁ ଆମର ଏ ଯୁଗର ଶ୍ରୀଚୈତନ୍ୟ ।

\+ + +

କଟକରେ ନିଖିଳ ଉତ୍କଳ ଅର୍ଗାନାଇଜର ସଙ୍ଘର କାର୍ଯ୍ୟକାରୀ ସଭା ବସି ପ୍ରସ୍ତାବ ପାସ୍ କରିଛନ୍ତି । ପ୍ରସ୍ତାବ ଗୁଡ଼ିକ କେବଳ ଅର୍ଜି ଓ ଆବେଦନ ପ୍ରଧାନ ହୋଇଥିବାରୁ ସଙ୍ଘର ନାମ ସାର୍ଥକ ହୋଇଛି ।

ତୋଷେନ ବୀର କାଶେର ମୋ ମରଜ କମିଟିରେ ତଥାପି ପୁଣି ତା' କାନେ ଅରଜ ନପଶିଲାରେ

× + ×

ହରଦ୍ୱାର କୁମ୍ଭମେଳାରେ ସ୍ନାନକରିବାକୁ ଭିଡ଼ ଲଗେଇ ୭୯ ଜଣ ଲୋକ ମରିଗଲେ । ଏମାନଙ୍କର ପୁଣ୍ୟ ବେଶିଥିବାରୁ ସଙ୍ଗେ ସଙ୍ଗେ ସ୍ୱର୍ଗପ୍ରାପ୍ତି ହୋଇଗଲା । ବାକି ୧୬ଜଣ ଲୋକ ମୁମୂର୍ଷୁ ହୋଇଛନ୍ତି । ସେମାନେ କେବେ ସ୍ୱର୍ଗପ୍ରାପ୍ତି ହେବେ ଜଣାନାହିଁ :

✻ ✻ ✻

କାଶ୍ମୀରମାନେ ଜେଲରେ ଗୋଳମାଳ କରିବାରୁ—ଏଥିକି ତାଙ୍କ ବିଚାର ଜେଲଖାନା ଭିତରେ ହେବବୋଲି ଜଣାଯାଇଛି । ଜେଲଖାନାରେ ଗୋଳକଲେ—ସେଲ୍ ଭିତରେ ହେବ । ପୁଣି ସେଲ୍ ଭିତରେ ଗୋଳକଲେ କେଉଁଠି ହେବ ଜଣାନାହିଁ । ତେଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବ । ଅଙ୍ଗାର ଶତଧୌତେନ ମଳିନତ୍ୱଂ ନ ଜାୟତେ ।

× × +

ପାକିସ୍ତାନର ପ୍ରଧାନମନ୍ତ୍ରୀ ଜମନଭଏଲଥ ସଭ୍ୟଭାବରେ ବ୍ରିଟିଶ ସରକାରଙ୍କୁ ଏକ ଆବେଦନ କରିଛନ୍ତି ଯେ ତାଙ୍କ ପାକିସ୍ତାନର ନିର୍ଦ୍ଧାରିତ ସୀମା ଯେପରି ନିରାପଦ ରୁହେ ସେଥିପାଇଁ ଗ୍ୟାରେଣ୍ଟି ଦିଆଯାଉ ! ପ୍ରତ୍ୟେକ ଜିନିଷର ଗ୍ୟାରେଣ୍ଟି ସମ୍ଭବ ଥାଏ । ପାକିସ୍ତାନ ଲାଇଫ ବା ଆଜୀବନ ଗ୍ୟାରେଣ୍ଟି ଚାହୁଁଥିବେ । କିନ୍ତୁ ଜୀବନ ଲାଇଫ—ବାପାଙ୍କେଙ୍କ ଘଡ଼ି ବା ଜୀବନର କାଳ ଯାଏ ? ଏ ଜାଣି ନ ପାରି ରେ ଲୋକଙ୍କର ସନ୍ଦେହ ନାହିଁ ଥିଲେ ବାଜାରରେ ଘଡ଼ି ବିକିଥିଲେ—ଗ୍ୟାରେଣ୍ଟି କଥା ଉଠନ୍ତା ନାହିଁ । + × +



Digitized by srujanika@gmail.com

# ଉତ୍କଳ ସମ୍ମିଳନୀରେ ମୋର ଭାଷଣ

ଲେ: ସୁଶୀଳ ମୋହନ ମିଶ୍ର

ମାନନୀୟ ସଭାପତି ମହୋଦୟ

ଆପଣଙ୍କ ପ୍ରଶାନ୍ତ ସାଗର ପରି କରୁଣା ବାରିରୁ ମୋତେ ଯେଉଁ କଣାଟିଏ ଦେଇଛନ୍ତି ସେଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ଉପସ୍ଥିତ ଜ୍ଞାନୀ, ଧନୀ, ଉତ୍କଳ ସମାଜକୁ ମୋର ସୁଚିନ୍ତିତ ଭାଷଣ ଶୁଣାଉ ଅଛି । ଆଶା କରେଁ ଆପଣମାନଙ୍କ ପୁଅ, କନ୍ୟାଙ୍କ ବିବାହ ପ୍ରସଙ୍ଗରେ ଆଲୋଚନା ନକରି ବା ଆସନ୍ନ ନିର୍ବାଚନରେ କୃତକାର୍ଯ୍ୟ ହୋଇ ପାରିବେ କି ନାହିଁ ଏ ବିଷୟ ନ ଭାବି ମୋର ବକ୍ତବ୍ୟ ଶୁଣିବେ ।

ଭାଇମାନେ, ଆମେ ଉତ୍କଳ । ଆମେ ଅନ୍ୟାୟ ବିରୁଦ୍ଧରେ ଲଢ଼ୁ । ନ୍ୟାୟର ପଥ ପରିଷ୍କାର କରି ଦେଉ । ଆମେ ଦୁଃଖୀର ପ୍ରାଣରେ ସାନ୍ତ୍ୱନା ବାଣୀ ଶୁଣାଇ ଥାଉଁ । ଆମେ ଆଜି ଅଛୁଁ କାଲି ଥିବା କିନ୍ତୁ ଗତ କାଲି ନଥିଲୁ ! ଯଦିଆମେଗତ କାଲି ଥାଇଥାନ୍ତେ ତାହାହେଲେ ଭାରତ ବର୍ଷରେ ଗୃହଯୁଦ୍ଧ, ନାରୀ ହରଣ ଆଦି ସମସ୍ୟା ନ ଉପୁଜି ଶାନ୍ତିର ସ୍ରୋତ ବହିଥାନ୍ତା । କିନ୍ତୁ ହାୟ ଅତୀତ ଅତୀତରେ ରହିଗଲା । ଏହି ସୁନୀଳ ଗଗନ ଜାଣେ ଅତୀତ ଆମକୁ କେତେ ଖୋଜୁଥିଲା । ସମୁଦ୍ରର ନୀଳ ଲହରୀ ବସୁନ୍ଧରା ବୁକୁରେ ଶିର ପିଟି ପିଟି ଝୁରି ମରୁଥିଲା ।

ମୁଁ ରାମ ରାଜ୍ୟର କଥା କହୁଛି । କୈକେୟୀର ରୂପର ମୋହରେ ପଡି ଦଶରଥ ଯେତେବେଳେ ରାମଚନ୍ଦ୍ରଙ୍କୁ ଗାଦି ଛାଡି ଯିବାକୁ କହିଲେ ସେ ଚାଲିଗଲେ କାହିଁକି ଜାଣନ୍ତି ? ମୁଁ ଜାଣେ, ଏ ପ୍ରଶ୍ନର ଉତ୍ତର କାହାରି ମୁହଁରୁ ବାହାରିବ ନାହିଁ । ରାମଚନ୍ଦ୍ରର ଦୁର୍ଭାଗ୍ୟ ଯେ ସେତେ ବେଳେ ଭାରତରେ କେହି ଉତ୍କଳ ନଥିଲେ । ଆମେ ଯଦି ସେଦିନ ଥାଆନ୍ତେ ତେବେ ଆଶା କରାଯାଏ ନିଶ୍ଚୟ ରାମଚନ୍ଦ୍ର ପୁନା ପୁଅପରି ବନକୁ ଯାଇ ନ ଥାଆନ୍ତେ । ସେ ପୁଣି ବର୍ଷେ ଅଧେ ନୁହେଁ । ୧୪ ବରଷ । ସେ ଅପର ଶରଣାପନ୍ନ ହୋଇ ଯାଇ ଥାଆନ୍ତେ । ଆମେ ତାଙ୍କୁଇ ଗାଦିରେ ବସାଇ ଦେଇ ଥାଆନ୍ତୁ ତେଜାଘର ମାମଲା, ଆମର ବି କିଛି ଲାଭ ହୋଇ ଥାଆନ୍ତା । ରାମଚନ୍ଦ୍ର କେତେ ଖୁସି ନ ଥିବେ ଆମର ଅନୁପସ୍ଥିତିର କଥା ଉପରେ ଦେଖନ୍ତୁ ୧୪ ବର୍ଷ ଭରତ ରାଜଗାଦିରେ ବସିବା ପରେ ଯେତେବେଳେ ରାମଚନ୍ଦ୍ର ବନବାସ କରି ଫେରି ଆସନ୍ତି ସେତେବେଳେ ଭରତ ତାଙ୍କୁ ରାଇଜ ଫେରାଇ ଦେଲେ । ସେ ଏମିତି କଲେ କାହିଁକି ଜାଣନ୍ତି । ଆମେ ପରା ସେଇ ରାମରାଜ୍ୟରେ ନଥିଲେ । ଭରତ ଯେତେବେଳେ ଚଉଦ ବର୍ଷ ରାଜତ୍ୱ କରନ୍ତି ସେ ହେଉଛନ୍ତି ରାଇଜର ହକଦାର । କାରଣ ହିନ୍ଦୁ ଆଇନରେ ଅଛି ଯଦି କେହି ପୁରୁଷ ପୈତୃକ ସମ୍ପତ୍ତିକୁ ଥରେ ଅଧିକାର କରେ ତାହାହେଲେ ସେ ସମ୍ପତ୍ତିରୁ ଆଉ କାହାକୁ ଉଚ୍ଛେଦ କରାଯାଇ ପାରେନା । ଏକଥା ସତ୍ୟ କି ନୁହେଁ ବିଚାରକରି ଦେଖି ନିଅନ୍ତୁ । ପୁନଶ୍ଚ ରାମଚନ୍ଦ୍ର ବି ଭରତକୁ Civil death ବୋଲି ପ୍ରମାଣ କରିଥାନ୍ତେ । କାରଣ ଭରତ ଫଳମୂଳ ଖାଇ, ବାଘ ଛାଲରେ ଶୋଇ ଜୀବନ ଯାପନ କରୁଥିଲେ ଏକଥା କିଏ ଅସ୍ୱୀକାର କରିଥାନ୍ତେ । ଏହି ମାମଲାରେ ଉକିଲମାନଙ୍କ କଣ କମ୍ ଲାଭହୋଇ ଥାଆନ୍ତା । ଏଇଟା ହେଲା, ରାଇଜ ଓ ରାଣୀ ନେଇ ମାମଲା । ପଇସା ପଣବ ଖୁବ ଖରଚ ହୋଇଥାଆନ୍ତା ଆଉ ଆମ ଓକିଲଙ୍କୁ ଶିକା ଛିଣ୍ଡିଥାନ୍ତା ।

ଆଉରି ଗୋଟାଏ କଥା ବି ଶୁଣନ୍ତୁ ; ସୀତା ବନବାସର କଥା କହୁଛି । ଯଦି ଆମେ ସେ ଯୁଗରେ ଥାଆନ୍ତେ ପୁଆତି ସ୍ତ୍ରୀକୁ ଏମିତି ଅବସ୍ଥାରେ ଲକ୍ଷ୍ମଣ ଛାଡିଆସି କେବେ ମହତ୍ କାମ କରିପାରି ନଥାନ୍ତା । ସୀତା ଆମକୁ ଧରି ଗୁହାରି କରିଥାନ୍ତେ, ଭରଣ ପୋଷଣ ପାଇଁ ମାମଲା ଲଢିଥାନ୍ତେ ।

ଆଉ ରାମ ବି ଲଢିଥାଆନ୍ତେ ଭରଣ ପୋଷଣ ନଦେବାକୁ ଓ ଡାଇଭର୍ସ କରିବାକୁ ରାମ ଆମରି ସାହାଯ୍ୟରେ ପ୍ରମାଣ କରିଥାଆନ୍ତେ ସୀତା ଅସତୀ । ଆମର ଅନୁପସ୍ଥିତି ରାମ ଓ ସୀତା ଉଭୟେ ଉପଲବ୍ଧି କରିଥିବେ ସେଦିନ ।

ତାପରେ ଆସନ୍ତୁ ମହାଭାରତ ଯୁଗକୁ । ଗୋଟାଏ ଆଡ଼େ ଯୁଧିଷ୍ଠିର ଅନ୍ୟଆଡ଼େ ଦୁର୍ଯ୍ୟୋଧନ ଯୁଧିଷ୍ଠିର ଦାବୀ କରନ୍ତି ଅର୍ଦ୍ଧେକ ଭୂମି--ଦୁର୍ଯ୍ୟୋଧନ ମଙ୍ଗୁନାହିଁ । ହୁଏତ ଆମେ ଥିଲେ ଆମେ ଦୁର୍ଯ୍ୟୋଧନର ପକ୍ଷ ଗ୍ରହଣକରି କହିଥାଆନ୍ତେ ଯୁଧିଷ୍ଠିରକୁ ଅର୍ଦ୍ଧେକ ତ ଅଧେକ; ସୂଚ୍ୟଗ୍ର ପରିମିତ ଭୂମି ମିଳିବା ଉଚିତ ନୁହେଁ । ଆପଣମାନେ ପଚାରିବେ କାହିଁକି ?

ଟେରନ୍ତୁ ହିନ୍ଦୁ ଆଇନରେ ଅଛି ଯେ ଦୁଶ୍ଚରିତ୍ରା ସ୍ତ୍ରୀ ତାର ସ୍ୱାମୀର କୌଣସି ସମ୍ପତ୍ତି ପାଇପାରେନା । କୁନ୍ତିର ଜୀବନ ଚରିତ୍ର ଆଲୋଚନା କଲେ ଦେଖାଯାଏ ଯେ କୁନ୍ତୀ ବିବାହ ପୂର୍ବରୁ ଅସତୀ ଥିଲେ । ସୂର୍ଯ୍ୟର ଔରସରୁ କର୍ଣ୍ଣର ଜନ୍ମ । ଅର୍ଜୁନ ହେଲେ ଇନ୍ଦ୍ରର ପୁତ୍ର । ଭୀମ ହେଲେ ପବନ ନନ୍ଦନ । ଧର୍ମର ପୁତ୍ର ହେଲେ ଯୁଧିଷ୍ଠିର । ତେବେ କୁନ୍ତୀ ସତୀ ନା ଅସତୀ ଏଇଠୁ ବିଚାର କରନ୍ତୁ । ଅସତୀ କେବେ ତାର ସ୍ୱାମୀର ସମ୍ପତ୍ତି ଅଧିକାର କରେନା । ଆମଯୋଗୁଁ ଏତେବଡ ମହାଭାରତ ଯୁଦ୍ଧ ବନ୍ଦ ହୋଇ ଯାଇଥାଆନ୍ତା କିନ୍ତୁ ହାୟ ଅତୀତ ମାମଲା ଦେଖିଛି କିନ୍ତୁ ଉକିଲ ଜନ୍ମାଇ ପାରିଲା ନାହିଁ ।

ଭବିଷ୍ୟତଟା କି ଅନ୍ଧକାର ବୋଲି ମୁଁ ଭାବୁଛି । ଦେଖନ୍ତୁ ଉମଫଡା ପୋଷ୍ୟପୁତ୍ରପରି ଆଉ ଗୋଟିଏ ମାମଲାତ ହାତକୁ ଆସୁନାହିଁ । ବିପ୍ରମାନଙ୍କର ଆଉ ପୁଅ ମରୁନାହାନ୍ତି ଏଇଟା ବଡ ଦୁଃଖର ବିଷୟ । ଲୋକେ ମଲାବେଳେ ଗର୍ଭବତୀ ସ୍ତ୍ରୀ ଥାଉଁ ଥାଉଁ ପୋଷ୍ୟପୁତ୍ର କରି ମରୁନାହାନ୍ତି । ଧନବତୀ ସ୍ତ୍ରୀମାନେ କେ ଜାଣେ କାହିଁକି ଯେ ଅଧିକ ପୁତ୍ର କନ୍ୟା ଜନ୍ମ କରୁନାହାନ୍ତି ଠାକୁରଙ୍କ ଗୋଚର । ବାପମାନେ ଉକ୍ଷତା ଲେଖୁନାହାନ୍ତି । ଭାରତରେ ଏଇ ନୈତିକତା ଜାଗୁଥିବା କଥା ବଡ଼ ମାରାତ୍ମକ ଆମେ କେମିତି ବଞ୍ଚିବା । ଆମର ଆଖି ଆଗରେ ଭାରତଟା ଧ୍ୱଂସହୋଇ ଯାଉଛି । ଭାଇରେ



Digitized by srujanika@gmail.com

ରକ୍ତରେ ଜଳନ୍ତା ଭୂମି ରଞ୍ଜିତ ହେଉନାହିଁ । ଜମିଦାର ପଳ ଆଇନ ତିଆରି କରୁଛନ୍ତି ନିଜ ସୁବିଧାଲାଗି । ଗରୀବ ପ୍ରଜାର ପକ୍ଷନେଇ ଓକିଲଙ୍କ ଲଢ଼ିବା ଗୋଟାଏ ଛୁଇଁବାପରି । କମ୍ୟୁନିଷ୍ଟମାନଙ୍କ ସପକ୍ଷ ନେଇ ମାମଲା ଦାଏର କରିପାରନ୍ତା କିନ୍ତୁ ସେମାନେ କଣ ଆମକୁ ପଇସା ଦେବେ । ଗୃହଅଡ଼େ ହାହାକାର ମାଡ଼ିଯିବାକୁ ବସିଲାଣି । ତାପରେ ଆପଣମାନେ ଜାଣନ୍ତି କି ନାହିଁ କେଜାଣି ଏବର୍ଷ ମଧୁସୂଦନ ଆଇନ କଲେଜରେ ତିନିଶହ ଛାତ୍ର ଆଇନ ବିଦ୍ୟା ଲାଭ କରୁଛନ୍ତି । ସେମାନେ ଆମର ଗଳଗ୍ରହ ହେବେ । ଆମର ଖାଇଲା ଭାତରେ ଧୂଳିଦେବେ । ସରକାରଙ୍କୁ କହି ଆମେ ଏ କଲେଜକୁ ଉଠାଇ ଦେବାପାଇଁ ଚେଷ୍ଟାକରିବା ।

ତାପରେ ସ୍ତ୍ରୀଅମାନେ ବି ଆଜି ଆଇନ ପଢ଼ିଲେଣି । ଏଠି ଆଉ ବଡ଼ ହତାଶର ଚିହ୍ନ ଜଣଅଛି । ନାନା କାକୁତି ମିନତି କରି ଆମେ ଯେତେବେଳେ ମାମଲତକାର ଯୋଗାଡ଼ କରୁଁ ଆମେ ଦୁଇଁ ଟଙ୍କା ଫି ଅମକୁ ସ୍ୱୀକାର କରିବାକୁ ପଡ଼େ । କିନ୍ତୁ ଏଇ ମାଇକିନା ଓକିଲ ପାଇଲେ ଦୋଷରେ ବିବାଦ ଥାଉ ନ ଥାଉ ବିବାଦ ଲୋକ ଉପୁଜାଇବେ । ଏଇ ମାଇକିନା ଓକିଲମାନଙ୍କର ସୁଧାମୁଖରୁ ପଦେ ଶୁଣିବାପାଇଁ ଟିକିଏ ହାତ ଧରିବାପାଇଁ ବାଦୀ ହାଉଯାଉ ପଡ଼ିବେ କିନ୍ତୁ ମାଇକିନା ଓକିଲମାନଙ୍କର ହସ ଟିକକ ତାକୁ ସାନ୍ତ୍ୱନା ଦେବ । ଧନୀ ପ୍ରତିବାଦୀ ହୁଅନ୍ତୁ ବା ଧନୀ ବାଦୀ ହୁଅନ୍ତୁ ସବୁବେଳେ ଏଇ ମାଇକିନା ଓକିଲମାନଙ୍କ ଶରଣାପନ୍ନ ହେବେ । ଘରୁ ମଟରରେ ଓକିଲାଣୀଙ୍କୁ ବସାଇ କୋର୍ଟ ପର୍ଯ୍ୟନ୍ତ ପହଞ୍ଚାଇ ଦେବେ । ଦଶଟଙ୍କା ଯାଗାରେ କୋଡ଼ିଏ ଟଙ୍କା ଦେବେ । ଆମକୁ ପଚାରିବ କିଏ ।

ଏତିକିରେ ଦୁଃଖ ସରୁନ । ଟୋକା ଅଫିସର କୋର୍ଟରେ ଟୋକୀ ଓକିଲୀ ଆଖିର ଛନ୍ଦ, ଅନ୍ତରର ସ୍ପନ୍ଦନ ସବୁ କିଣାଇ ଦେବ ଟୋକୀ ଓକିଲ ନେଇଥିବ । ପକ୍ଷର ବାଦୀ ବା ପ୍ରତିବାଦୀର । କ୍ଲାସରେ ପଢ଼ାଇବା ବେଳେ ଓଡ଼ିଆ ଅଧ୍ୟାପକ ହୁଅନ୍ତୁ ବା ଇଂରାଜୀ ଅଧ୍ୟାପକ ହୁଅନ୍ତୁ ଟିକିଏ ନାରୀ ଜାତି ପ୍ରତି ପାତର ଅନ୍ତର କରିଥାଆନ୍ତି । ନାରୀ ଅଧରର ଭାଷାରେ ଦେବତା କିଣା ଆଉ ଛାର ଅଫିସର ମାନେ ତ ମନୁଷ୍ୟ ।

ଟୋକା ଓକିଲ ଦଳ ବି ସ୍ୱତରେ ଏଇ ଟୋକୀ ଓକିଲ ମାନଙ୍କ ପାଖରୁ ଯାଇ ବୁଦ୍ଧି ବଢ଼ାଇ ଦେବେ । ବିପକ୍ଷ ଦଳର ଓକିଲ ବି ଟିକିଏ ପୌରୁଷ ଦେଖାଇବା ଲାଗି ହୁଏତ ଗର୍ବର ସହକାରେ ନାରୀ ଓକିଲକୁ କହିଦେବ ସେ କମ୍ପିତ ଜାଣିବ । କାନୂନ ପରି ସ୍ତ୍ରୀଲୋକ ମାନଙ୍କ ମନ ବଳୁଛି କାହିଁକି କେଜାଣି ତଥାପି ଏହା ବଡ଼ ଦୁଃଖର କଥା ଆମପରି ଅନେକ କାଳା ଓକିଲମାନେ ଉଦରରେ ଓଦାକନା ଦେଇ ଶୋଇଲା ବେଳେ ଯଦି ଏଇ ନାରୀ ଓକିଲମାନେ କଳାକନା (ଗାଉନ) ହୋଇ କଚେରୀରେ ବୁଲନ୍ତି ତେବେ ଆମର ଦଶା କଣ ହେବ । ଯେଉଁ ସ୍ତ୍ରୀ ମାନେ ଘରର ଘରଣୀ ଥିଲା ଯାହାର କୋମଳ ପାଦରେ ରଞ୍ଜିତ ଅଳତା ଦେଖିଲେ ପୁରୁଷର ମନରେ ସାନ୍ତ୍ୱନା ଆସୁଥିଲା ସେଇ ସ୍ତ୍ରୀ ଲୋକମାନେ ଆଜି ଆମର ସହିତ ତର୍କ କରିବେ ।

ଏ ବିଷୟରେ ଆମେ ସରକାରଙ୍କୁ ଜଣାଇବା । ଯେଉଁ ଦେଶରେ ଗୃହକାର୍ଯ୍ୟ ନପାଇ ପୁରୁଷ ଆତ୍ମହତ୍ୟା କରୁଛି ସେଇଠି ଏଇ ଅବଳା ମାନଙ୍କୁ ଚାକିରୀରେ ପୂରାଉଛି କାହିଁକି । ହେଲା ସେମାନେ ପୁରୁଷ ସହିତ ସମାନ କାହିଁକି ନା ସମ୍ବିଧାନ ଏଇ ଖଣ୍ଡିତ ଭାରତର ପ୍ରଜା ତଥାପି ସେମାନେ ଯେଉଁ ଦାୟିତ୍ୱ ନେଇ ଏଇ ପୃଥିବୀକୁ ଆସିଛନ୍ତି ସେଇ ଦାୟିତ୍ୱଟିକୁ ପୂର୍ଣ୍ଣ ମନଯୋଗ ଦେଇ ପାଳନ କରନ୍ତୁ । ସରକାର ଅଧିକ ଶସ୍ୟ ଉତ୍ପାଦନ କରିବା ପାଇଁ ବ୍ରତୀ ହୋଇଛନ୍ତି । ଆମେ ଓ ଆମର ସ୍ତ୍ରୀମାନେ ଯଦି ଅଧିକ ଖାଦକ ନ ଯୋଗାଉଁ ତାହାହେଲେ ଏଇ ଅଧିକ ଖାଦ୍ୟକୁ ଖାଇବ କିଏ । ସେତେବେଳେ ସରକାର ଅଧିକ ଖାଦ୍ୟ ଉତ୍ପାଦନ କରି ବୋଲି ହରିକଲେ କଣ ଏଇ ଅଳ୍ପ ଶିକ୍ଷିତ ମାଇକିନା ମାନେ ଘରକୁ ଫେରି ଆସିବେ । ଆମର ଗଭର୍ନର ତ ନିଜେ ଜଣେ ଆଇନଜ୍ଞ ସେ କଣ ବୁଝି ନଥିବେ ଏ ବିରହଟା କଣ । ସିଗାରେଟ ଖାଲି ଖାଇଲେ କଣ ବିରହ ଘୁଞ୍ଚିବ । କ୍ରିପାଲନ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ଲେଖି ଲେଖି କଣ ମଦନକୁ ଭସ୍ମୀଭୂତ କରିପାରିବେ ।

ଏଠି ଆମ ଭୂତପୂର୍ବ ଗଭର୍ଣ୍ଣର ଜେନେରେଲ ଶ୍ରୀଯୁକ୍ତ ମାଉଣ୍ଟ ବେଟେନ ଆଜିକାଲି କୁଆଡ଼େ ଦାଢ଼ୀ ରଖିଲେଣି ବୋଲି ଶୁଣାଯାଏ ! ରାଜେନ୍ଦ୍ର ବାବୁ ବଡ ସୁଖରେ ରାଜୁତି କରିବେ କାହିଁକି ନା ଘରେ ଶାନ୍ତି ଅଛି । ମାନେ ତାଙ୍କ ସ୍ତ୍ରୀ ଘରବାଲୀ । ଆମ ଘର କଥା ଦେଖନ୍ତୁ; ବାବା ବିଶ୍ୱନାଥ ଆଜି ଏଇଠି କାଲି ସେଇଠି ହେଉଛନ୍ତି ଜାଣନ୍ତି ତାଙ୍କର 'ମାଇପ' ନାହିଁ ବୋଲି । ଘରେ ରହିବାକୁ ତାଙ୍କୁ ସୁଖ ଲାଗେ ନାହିଁ । ତେଣୁ ଏଣୁ ତେଣୁ ଗୁଡ଼ାଏ ଲେଖି କାଗଜର କଳେବର ବୃଦ୍ଧି କରନ୍ତି । ଘରେ ଘରବାଲୀ ଥିଲେ ସିନା ସେ ତାଙ୍କ ଯିବା ଆସିବା, କେଉଁଠି କିମିତି ସମ୍ମାନ ପାଇଲେ ତାଙ୍କୁ କହନ୍ତେ ତାଙ୍କେ ଘରେ ନଥିବାରୁ କାଗଜକୁ କହନ୍ତି ।

ତେଣୁ ମୋର ଆପଣମାନଙ୍କୁ ଅନୁରୋଧ ଯେ ଆପଣମାନେ ସରକାରକୁ କହି ଏହି ଭବିଷ୍ୟତ ବିରହ ଯନ୍ତ୍ରଣାରୁ ପୁରୁଷ ଜାତିକୁ ବଞ୍ଚାନ୍ତୁ ନହେଲେ ଶଯ୍ୟା ଖାଲି ରହିବ, ଗୁନ୍ଥା ମାଳ ମଉଳିବ ।

ଏତିକି କହି ମୁଁ ମୋର ବକ୍ତୃତା ସାଙ୍ଗ କଲି ।
ଓକିଲ ମାନଙ୍କୁ କ୍ଷମା ପ୍ରାର୍ଥନା ସହ

—+—



Digitized by srujanika@gmail.com

## ସ୍ମୃତି-ମାଲ୍ୟ

ଲେଖକ—ଶ୍ରୀ ଶ୍ରୀମନ୍ତକୁମାର ରଥ

ନଦୀ ତଟର ସେଇ ଅଶ୍ୱତ୍ଥ ମୂଳରେ ବେଦନା ପ୍ରଶାନ୍ତି-ସ୍ନିଗ୍ଧ କଣ୍ଠରେ ଡ଼ାକିଥିଲି, "ବେଳା..."

ଆଜି ଜୀବନର ଅପରାହ୍ନରେ ପାଦଦେଇ ସେ ଦିନର ସ୍ୱପ୍ନମୟ ସ୍ମୃତିକୁ ଉଦ୍‌ବୋଧନ କରିବା ମୋ' ପକ୍ଷରେ ପାଗଳାମି । କିନ୍ତୁ ଏ ପାଗଳାମିର ଜନ୍ମ ଆଜି ନୁହେଁ । ବିଗତ ଜୀବନର ତିରିଶ ବର୍ଷ ଧରି ପ୍ରତ୍ୟେକ ବର୍ଷର ପରିସର ମଧ୍ୟରେ କୌଣସି ନା କୌଣସି ସାମୟିକ ଆଭାସ ପାଇ ଏ ପ୍ରକାର ପାଗଳାମି ମୋ ଠାରେ ଦେଖାଯାଏ । ମୋ' ଜୀବନର ଶେଷ ନିଶ୍ୱାସ ବାୟୁ ବାହାରର ବାୟୁମଣ୍ଡଳ ମଧ୍ୟରେ ନିଜର ସତ୍ତା ନ ହରାଇବା ଯାଏ ହୁଏତ ଏ ପାଗଳାମିର ଅବସାନ ନାହିଁ ।

ବେଳାର ପରିଚୟ ? ତା' ଅତି ସାମାନ୍ୟ । ମୋ' ଅନ୍ତରର ପୁଞ୍ଜିଭୂତ ଶତ ବ୍ୟର୍ଥ ଆଶାର କେନ୍ଦ୍ର ସେ ।

ସେଇ ଦିନର ଶରତ୍ ସନ୍ଧ୍ୟା । ଗୋଟିଏ ଖିଆଲରେ ତା'କୁ ଡ଼ାକିଥିଲି ମୁଁ । ତା' ସେ ଜାଣିଥିଲା । କୌଣସି ଉତ୍ତର ନ ଦେଇ ମୋ' ପାଖକୁ ଲାଗିବସି ମୋ' କୋଳ ଉପରେ ମୁଣ୍ଡ ରଖିଥିଲା ସେ ।

ବିଜନ ନଦୀତଟ ! ଶୁକ୍ଳା ଦଶମୀର ଚନ୍ଦ୍ର ଆକାଶରେ ସ୍ନିଗ୍ଧ ଉଜ୍ଜଳ ଜ୍ୟୋତ୍ସ୍ନାପାତରେ ବେଳାର ସ୍ୱପ୍ନପରିର ଓଷ୍ଠାଧର ଆହୁରି କମନୀୟ ହୋଇ ଉଠିଥାଏ । ସୌନ୍ଦର୍ଯ୍ୟର ଅଭିନବ ସମାବେଶ ! ମୋର ଜାଗ୍ରତରେ ଏହା ସମ୍ଭବ ହୋଇପାରେ ବିଶ୍ୱାସ କରି ପାରୁ ନଥିଲି ।

—"ବେଳା—" ଧୀର କଣ୍ଠରେ ଡ଼ାକିଲି ।

ବେଳା ନୀରବ ।

—"ବେଳା—" ସ୍ପଷ୍ଟତରେ ଡ଼ାକିଲି । କରୁଣତା ଫୁଟି ଉଠୁଥିଲା ମୋ'ର କଣ୍ଠରେ ।

—"କଣ ?"

—"ବିଶ୍ୱାସ କରି ପାରୁନି ବେଳା, ନିଜକୁ ଏତେ ସମ୍ପଦର ଅଧିକାରୀ ବୋଲି । ବାସ୍ତବରେ କଣ ଏହା ସମ୍ଭବ ?"

...ସମ୍ପୂର୍ଣ୍ଣ ନିର୍ଲିପ୍ତ ଭାବରେ ନିଜାପି ପାରିଥିବାର ଛଳନା କରି ସେ ପଚାରିଲା, "କେଉଁ ସମ୍ପଦ ?"

—"ଏଇ ଶୁଭ୍ର ଜ୍ୟୋତ୍ସ୍ନା— ଆକାଶରେ ଚନ୍ଦ୍ର—ଆଉ ତ' ତଳେ..."

କଥା ଶେଷ କରିବାକୁ ନ ଦେଇ ସେ କହିଲା, "ସମ୍ଭବ ।"

"କିନ୍ତୁ ବିଶ୍ୱାସ ହୁଏନି ବେଳା, ଦୂର ଭବିଷ୍ୟତରେ ଉଭୟଙ୍କର ଭାଗ୍ୟର କଳନାକୁ ମନରେ ସ୍ଥାନ ଦେଇ । ଆଜି ସେ ବେଳ ଆସିନି । ହୁଏତ କିଛି ଦିନ ଯାଏ ନ ଆସିବ । କିନ୍ତୁ ଦିନେ ଆସିବ ନିଶ୍ଚୟ । ସେତେବେଳେ ଏ ସମାଜର ବ୍ୟବଧାନ ତୋତେ ମୋ' ଠାରୁ ଛଡ଼ାଇ ନେବ ।" ଅଧୀର ଭାବରେ ଏତିକ କହିଲି ।

—"ତମେ ଦୁର୍ବଳ ।"

—ଭୁଲ୍ ବୁଝିଛୁ ବେଳା । ଦୁର୍ବଳତା ମଣିଷ ମନରେ ସ୍ଥାନ ପାଏ ଠିକ ସେତିକ ବେଳେ, ଯେତେବେଳେ ସେ ନିଜର ସାହସ ହରାଏ । କିନ୍ତୁ ଆଜି ସୁଦ୍ଧା ତୋ' ପାଇଁ ସମାଜ ବିରୁଦ୍ଧରେ ଲଢ଼ିବାକୁ ମୋ ମନରେ ଯଥେଷ୍ଟ ଦମ୍ଭ ଅଛି । ମୋ'ର ଅନ୍ତିମ ଚେଷ୍ଟା ଯାଏ ଲଢ଼ିବି । କିନ୍ତୁ ରଣରେ ଯଦି ହୁଏ ମୋର ପରାଜୟ" ଛାତିରେ ଯନ୍ତ୍ରଣା ଅନୁଭବ କଲି... "ତା ପରେ ହୁଏତ ଜାଣି ବାକୁ ପାଇବ ତମେ ପରେ ।"

ବେଳା ନୀରବ । ଉଜ୍ଜ୍ୱଳ ଚନ୍ଦ୍ରାଲୋକରେ ଦେଖିଲି ମୁହଁ ତାର ଲାଲ ପଡ଼ିଯାଇଛି । ଛୋଟ ନାକ ପୁଡ଼ାଟି ଫୁଲି ଫୁଲି ଉଠୁଛି ।

ନିଜର ଭୁଲ୍ ବୁଝିଲି । ମୋ' ଶେଷ କଥା ପଦକରେ କେମିତି ଭୀଷଣ ଭାବରେ ଯେ ମୁଁ ତାର ଅନ୍ତରରେ ଆଘାତ କରିଛି, ସେଥି ପାଇଁ ଅନୁତପ୍ତ ହେଲି । କରୁଣ କଣ୍ଠରେ ଡାକିଲି "ବେଳା,...ମୋର ଭୁଲ ହୋଇଛି... ବେଳା ।"

—"ତମେ ଯଦି ମୋ'ଠି ଏତିକିର ବିଶ୍ୱାସ ହରାଇବ, ମୁଁ କଣ କରି ପାରିବି ନାହିଁ ।" ଅନ୍ତରର କୋହକୁ ଯଥାସମ୍ଭବ ଚେଷ୍ଟା କରି ଚାପି ରଖିଥିଲା ସେ ।

—"ମତେ କ୍ଷମା କର ବେଳା..."

—"ତମର ପୂର୍ବପୁରୁଷଙ୍କ ଠାରୁ ଆଜି ତମ କୋଳରେ ଯେମିତି ସମ୍ମାନ ଲାଭ କରିଛି, ଏଇ ନଦୀ ବକ୍ଷରେ ଠିକ ସେମିତି ସମ୍ମାନ ଲାଭ କରିବାକୁ ମୁଁ ପଛେଇବିନି ।"

ଆତଙ୍କରେ ଦେହ ମୋ'ର ଶିହରି ଉଠିଲା ।

ଭୁଲେଇବାକୁ ଯାଇ କହିଲି, "ଛି, ଏ ପିଲାଳିଆ ବୁଦ୍ଧି ଛାଡ଼ ବେଳା । ଆତ୍ମହତ୍ୟା ମହାପାପ...ବାହ୍ମଣୀ ପରି । କେବେ ତା' କରିବୁନି ।"

—"ମୁଁ ପିଲା ନୁହେଁ । ମତେ ଶିଖେଇବାକୁ ପଡ଼ିବନି ।" ସେ କହିଲା, "ତମେ ହୁଏତ ମୋ' ଅଭିବ ସହ୍ୟ ପାର । କିନ୍ତୁ ମୁଁ ତୁମର ଅଭାବ ସହି ପାରିବିନି ।"

ସେ ଦିନ ସେଇ ଅମାନିଆ ନାରୀ ଆଗରେ ମୁଁ ନିଜକୁ ଛୋଟ ମନେ କଲି ।

[ ଦୁଇ ]

ସେଇ ଦିନର ଏକ ବର୍ଷ ପରେ...

ବିରାଟ ପରିବର୍ତ୍ତନ ଘଟି ଯାଇଛି 'ମା' ଜୀବନରେ । ସମାଜ ବିରୁଦ୍ଧରେ ସଂଗ୍ରାମରେ ବିଜୟୀ ମୁଁ ହୋଇ ପାରିନି; ହୋଇଛି ବେଳା । ସମାଜର ସଂକୀର୍ଣ୍ଣ ଆଇନ-ପାଶରେ ବାନ୍ଧି ହେବା ପୂର୍ବରୁ ସେ ମୁକ୍ତି ପାଇଛି ନିଜେ ଇଚ୍ଛା କରି । ସେଇ ନଦୀର ଦହମାନ ଜଳ-ପ୍ରବାହରେ ଅନ୍ତିମ ନିଶ୍ୱାସ ତା'ର ଲୁଚି ହୋଇ ଯାଇଛି । ସମାଜର ତୀବ୍ର ବାଧା ତାକୁ ବାଧ୍ୟ କରିଛି ପରପାରର ଯାତ୍ରୀ ହେବା ପାଇଁ । ଯେଉଁ ନଦୀରେ ସେ ତା'ର ଜୀବନର

( ୮ ପୃଷ୍ଠା ଶେଷ ଦେଖନ୍ତୁ )



Digitized by srujanika@gmail.com

# କୁଟୁକୁଟୁ

ଅଧ୍ୟାପକ—କିଏ ସବୁ ସ୍ୱେଚ୍ଛାସେବକ ହେବ ନାହିଁ ଏଥି !

ଛାତ୍ର—ଆଜ୍ଞା କେତେ ସ୍ୱେଚ୍ଛାସେବକ ନା ଲେଖେଇଛନ୍ତି ?

❊ ❊ ❊ ❊

ପୁଅ—ବାପା ସର୍ବୋଦୟ ମେଳା ଅର୍ଥ କଣ ?

ବାପା—ସବୁ ନେତାଙ୍କ ଉଦୟ ପର୍ବରେ ।

\+ + +

ପୁଅ—ବାପା ବଡ ଭାଇଙ୍କି ବାହାହା କରାଇ ଦେଉନ କାହିଁକି ?

ବାପା—କାହିଁକିରେ ?

ପୁ—ଭାଇନା ପରି ଏଇକଥା କହିବା ପାଇଁ ଆପଣଙ୍କୁ କହୁଛନ୍ତି ।

× × × +

ଜଜ୍—ଦେଖ୍ ତୁ ଆଉ ଏଠିକୁ ଆସିବୁ ନାହିଁ, ବୁଝିଲୁ ? ଏଇଥର ମିଶାଇ ତୁ ତିନି ଥର ଜେଲ ଦଣ୍ଡରେ ଦଣ୍ଡିତ ହେଲୁଣି ।

ଚୋର—ଆଜ୍ଞା ମୁଁ କଣ ଏଠିକୁ ଇଚ୍ଛା କରି ଆସେ ପୋଲିସ ମତେ ଜୋର କରି ନେଇ ଆସନ୍ତି ନା !

\+ × × ×

ପ୍ରଶାନ୍ତ—ରମା ତୁମେ ଜାଣ ମୁଁ ଗରିବ । ମୁଁ ରମେଶ ପରି ଧନୀର ସନ୍ତାନ ନୁହେଁ ।

ରମା—ମୁଁ ତୁମକୁ ଖୁବ୍ ଭଲ ପାଏ କିନ୍ତୁ ମୋତେ ରମେଶର ଠିକଣାଟା କହିଦିଅ ।

\+ + × +

ବାବାଜୀ—ଜାଣ ଏ ସଂସାରଟା ମାୟାରେ ପରିପୂର୍ଣ୍ଣ । ଭଗବାନଙ୍କୁ ପ୍ରାର୍ଥନା କର ସ୍ୱର୍ଗ ପାଇବ ।

ପଥିକ—ଆଉ ଆପଣ ଭିକ୍ଷା କରି ବଞ୍ଚୁଛନ୍ତି କାହିଁକି ? ଭଗବାନ କହି କହି ମରିଗଲେ ତ ଅତଶୀଘ୍ର ସ୍ୱର୍ଗ ପାଇ ଯାଆନ୍ତେ ।

\+ + + +

ବମ୍ବେର ଜଣେ ଅଧିବାସୀ ଆଉଜଣେ ଅଧିବାସୀକୁ କହିଲା "ଭାଇ ମଦ ତ ଆଉ ଏଠି ମିଳିବ ନାହିଁ ; କଣ କରିବ ?"

ଅନ୍ୟଜଣକ—ଚାଲ ରିପବ୍ଲିକ ସଙ୍ଗ ଆଉ କେଉଁ ପ୍ରଦେଶକୁ ପଳାଇବା ।

\+ × +

ନରେନ୍ଦ୍ର—ଚଞ୍ଚଳା ମୁଁ ତୁମକୁ କେତେ ଭଲ ପାଏ ତୁମ ପାଇଁ ମୁଁ ପ୍ରାଣ ଦେବାକୁ ପ୍ରସ୍ତୁତ ।

ଚଞ୍ଚଳା—କାଲି ରେଳ ତଳେ କେଉଁଟା

ଥୋଇ ଦେଇ ପାରିବ ପ୍ରିୟତମ ?

❊ ❊ ❊ ❊

କୁନି—ବାପା ଭଗବାନ କେଉଁଠି ଥାଆନ୍ତି ।

ବାପା—ସବୁଠି ଥାଆନ୍ତି ?

କୁନି—ଆମ ଦେହରେ ଅଛନ୍ତି ! ମୋ ଦେହରେ ବି ?

ବାପା—ହଁ

କୁନି—ମୋତେ ତୁମେ ଏଥର ହେଗଦିଅ ଆଉ ମାଷ୍ଟରକୁ କହିଦେବ ସେ ମୋତେ ବାଡ଼େଇବେ ନାହିଁ ।

\+ × × +

ରମେଶ—କହିଲ୍ ପ୍ରଫୁଲ୍ଲ ବୀଣା ଦେଖିଲେ ମୋତେ ହସେ କାହିଁକି ?

ପ୍ରଫୁଲ୍ଲ—ତୋ ମୁହଁଟା ମାଙ୍କଡ ପରି-କନା ।

× + + +

ମାଆ—ମୀନା ବାହାରେ କାହିଁକି ଛିଡା ହୋଇଛୁ କିରେ?

ମୀନା—ଗୋଟାଏ ପିଲା ପରା ସେଇଠି ଛିଡ ହୋଇଥିଲା ମା ! ମୁଁ ଦେଖୁଥିଲି ସେ କେତେବେଳେଯାଏ ଛିଡା ହେବ ।—ବିରବଲ

---

( କାହାଣୀ ପର ପୃଷ୍ଠା ଉତ୍ତାରୁ)

ସେ ଲଟେଟ ବସନ୍ତ ହସି କହେଇ ଦେଇଥିଲା, ସେଇ ନଷ୍ଟ ବକ୍ଷରେ ତା'ର ଅନ୍ତିମ ଅନ୍ତ୍ୟେଷ୍ଟି ରଚନା କରିଛି ।

ତା ଜୀବନର ଶେଷ ମୁହୂର୍ତ୍ତରେ ବେଲା ମୋ' ପାଖକୁ ବିଦାୟ ମାଗି ଖଣ୍ଡିଏ ଚିଠି ଲେଖିଥିଲା ତା' ମୋ'ର ହସ୍ତଗତ ହୋଇଛି ! ସେଥିରେ ଲେଖିଥିଲା—

ମୋର...

ମୁଁ ଚାଲିଲି । ଜାଣେନା ତମ ହାତରେ ଏ ଚିଠି ପଡିଲା ବେଳକୁ ମୁଁ ମୋ ଗୃହ ପାଖରେ ଘେରି ରହିଥିବା ଏଇ ବାୟୁମଣ୍ଡଳରୁ ନିଶ୍ୱାସ ଗ୍ରହଣ କରୁଥିବି କି ନା; ଆଉ ତମର ମନର ଅବସ୍ଥା କଣ ଥିବ । ଆତ୍ମହତ୍ୟା କରିବା ପାପ ବୋଲି ତମେ ସେଦିନ ଉପଦେଶ ଦେଇଥିଲ । ସେ ବିଷୟରେ କହୁଛି ଭାବୁଛି । ଠିକ କହିଥିଲ ଆତ୍ମହତ୍ୟା କରିବନି ବୋଲି । ନିୟମ ବି କରିଥିଲି । କିନ୍ତୁ ପାରିଲି କୋଉଠି ?

ତମେ ଜାଣ ମୋ'ର ବିବାହ ଠିକ ହୋଇଥିଲା ଜଣେ ଖ୍ୟାତ ନାମା ଡାକ୍ତରଙ୍କ ସହିତ । କିନ୍ତୁ ମୁଁ କ'ଣ ତାଙ୍କୁ ଚାହୁଁଥିଲି ? କୋଉ ଅଧିକାର ବଳରେ ବା ସମାଜ ମୋ' ଉପରେ ଅତ୍ୟାଚାର କରିବାକୁ ବସିଥିଲା ? ଆମ ସମାଜର ଯେଉଁ ମୁଖିଆ ମାନେ ନିଜକୁ ଅଭିଜାତ ବୋଲି ପରିଚୟ ଦିଅନ୍ତି ବା ଜାତି ଧରି ବସିଛନ୍ତି ସେମାନେ କଣ ବୈଦିକ ଯୁଗରେ ଜାତି ପ୍ରଥାର ସତ୍ତା ପ୍ରମାଣ କରିବାକୁ ସକ୍ଷମ ହେବେ ?

ଯାହା ହେଉ ଆତ୍ମହତ୍ୟା ଛଡା ମୋ' ପକ୍ଷରେ ଅନ୍ୟ ଉପାୟ ନ ଥିଲା । ମୋତେ ଦୋଷ ଦେବନି ।

ହଁ, ମୋ' ପାଇଁ ମନରେ ଦୁଃଖ କରିବନି । ତମେ କହ, ମୋ' ସୁଖରେ ସୁଖୀ ହୁଅ ବୋଲି । ତା' ଯଦି ସତ ହୁଏ ତମ ପାଖରୁ ଦୂରରେ ରହି ବା ମୁଁ କେଉଁ ସୁଖ ଆଶା କରିଥାନ୍ତି ।

ବିଦାୟ ବେଳରେ ତମର ସୁଆଶିଷ ଚାହୁଁଛି । ଆଶୀର୍ବାଦ କର । ପର ଜନ୍ମରେ ଯେମିତି ସୁଖୀ ହୁଏ ।

ବିଦାୟ—

...ବେଲା

ଚିଠି ଖଣ୍ଡିକ ପଢ଼ିଥିଲି । ବେପଥୁ ହାତ ମୋ'ର ବେଲାର ଶେଷ ସ୍ମୃତି ଖଣ୍ଡିକ ଧରି ରଖିବାକୁ ସକ୍ଷମ ହୋଇ ନଥିଲା ।

ତିରିଶ ବର୍ଷ ପରେ ପୁଣିଥରେ ସେଇ ଗଛ ତଳେ ଛିଡ଼ା ହେଲି । ଦୀର୍ଘ ଏକ ଶତାବ୍ଦୀ ଧରି କେତେ ସ୍ମୃତି ଯେ, ତା' ସହିତ ଜଡ଼ିତ ତା'ର ଇୟତ୍ତା ନାହିଁ । ତିରିଶି ବର୍ଷ ତଳେ ମୋ ଜୀବନରେ ଯେଉଁ ଦିନଟି ଆସିଥିଲା, ସେ ଆଉ ଆସିବନି, କିନ୍ତୁ ଆଜି ପୁଣ୍ୟା ସେଇ ଦିନର ଏଇ ଅଶ୍ୱତ୍ଥ ବୃକ୍ଷ ପୁଣି ଥରେ ମୋ' ହୃଦୟରେ ସଜାଡ଼ି ଦେଇଛି ।

ମଥା ଲଗାଇ ସେଇ ବୃକ୍ଷ ମୂଳରେ ମୁଁ ପ୍ରଣିପାତ କଲି । ସେତିକି କରିବା ଛଡା ଆଜି ମୋ'ର ଅନାସକ୍ତ ଜୀବନର ଆଉ କ'ଣ ସଂଭବମର ହୋଇପାରେ ?.

ଅନ୍ତର ତଳେ ମୋ'ର କୁହୁଫଟା ବେଦନା ଜାଗି ଉଠିଥିଲା ।



Digitized by srujanika@gmail.com



## କାବ୍ୟ କବିତା

ସ୍ମୃତିକଣିକା ଓ ପୂର୍ବରାଗ—ପ୍ରଥମଟି କେତେଗୁଡ଼ିଏ କ୍ଷୁଦ୍ର କବିତା--ବରଂ କ୍ଷୁଦ୍ର ସଙ୍ଗୀତ କହିଲେ ଠିକ୍‌ହେବ ଓ ଦ୍ୱିତୀୟଟି ନାଟ୍ୟକାବ୍ୟ ପର୍ଯ୍ୟାୟ ଏକାଙ୍କିକା ବୋଲି ଲେଖାଯାଇଛି । ପୂର୍ବରାଗ ରଙ୍ଗମଞ୍ଚ ଉପରେ ଅଭିନୀତ ହେଉ ନହେଉ କାବ୍ୟ ହିସାବରେ ତାର ବିଚାର କରାଯିବ । ସ୍ମୃତିକଣିକାର ଲେଖକ ପରିଚିତ ଜଣେ ଜାତୀୟ କବି–ଶ୍ରୀବୀରକିଶୋର ଦାସ—୨ୟ ପୁସ୍ତକର ରଚକ ଜଣେ ତରୁଣ କବି ଓ ସାହିତ୍ୟିକ ଶ୍ରୀଗୋପାଳ ଚନ୍ଦ୍ର ମିଶ୍ର । ଦୁଇଟି ପୁସ୍ତକ ଦୁଇ ସ୍ୱତନ୍ତ୍ର ଚିନ୍ତାଧାରାର ପରିଚୟ ଦିଏ । ସ୍ମୃତିକଣିକାର ଲେଖାଗୁଡ଼ିକ ଭିତରେ ବିଗତ ୩୦ବର୍ଷର ଜାତୀୟ ଆନ୍ଦୋଳନ ବା ସ୍ୱାଧୀନତା ସଂଗ୍ରାମର ଐତିହାସିକ ପୃଷ୍ଠଭୂମି ରହିଛି । ଦ୍ୱିତୀୟ ପୁସ୍ତକଟି ଅଧୁନାତନ ପଶ୍ଚିମ ଅଭିମୁଖୀ, ପାଶ୍ଚାତ୍ୟ ଶିକ୍ଷାପ୍ରେମୀ—ଶିକ୍ଷାକାମୀ, ଶିକ୍ଷାଶ୍ରେୟୀ ଯୁବ ମନୋବୃତ୍ତିର ପରିଚୟ ଦେଉଛି । ପ୍ରଥମ ପୁସ୍ତକଟିର ଲେଖକ ବିଗତ କେତେ ବର୍ଷର ଜାତୀୟ ଜୀବନ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତରହି ଅନୁଭୂତି-ମିଶା ସାହିତ୍ୟ ସୃଷ୍ଟି କରିଛନ୍ତି । ଦ୍ୱିତୀୟ ପୁସ୍ତକର ଲେଖକ ବର୍ତ୍ତମାନ ପରିସ୍ଥିତିରେ ବିଚଳିତ ହୋଇ ଘଟଣା କ୍ଷେତ୍ରରୁ ଦୂରରେ ଥାଇ ସହଅନୁଭୂତି ମିଶା ଭାବରେ ବିହ୍ୱଳ-ହୋଇ ଲେଖିଛନ୍ତି । ପ୍ରଥମ ପୁସ୍ତକରେ କବିତାର ସ୍ୱରୂପ ବାରମ୍ବାର ଆହତ ଓ ବିକୃତ ହେଲେ ମଧ୍ୟ ଭାବର ତରଙ୍ଗ ଓ ଉଚ୍ଛ୍ୱାସର ବିଶ୍ୱସ୍ତତା ସବୁକୁ ଘୋଡ଼ାଇ ବାହାରିଛି । ବରଂ ପ୍ଲାବନ କରିଯାଇଛି—ଠିକ୍ ବନ୍ୟାପରି—ବନ୍ୟାପରି; ଆଉ ଦ୍ୱିତୀୟ କବିତା କବିତା ଦୃଷ୍ଟିରୁ ଶ୍ରେୟସ୍କର ହେଲେ ହେଁ ନବୀନ ଲେଖକର ଇଙ୍ଗିତ ଓ ଝୁଙ୍କ ଗତିକି ଡ଼ାଙ୍କି ନପାରି ରହିଛି—ମାନ ପ୍ଲାବନ ନାହିଁ—ସମୁଦ୍ରର ଲହରୀପରି ସେ ଉଠେ ପୁଣି ପଡ଼ିଯାଏ—ବେଳା ଭୂମିକୁ ଲଙ୍ଘନ କରିବାର ସାହସ ନଥାଏ । ଦୁଇଟି ପୁସ୍ତକର ପ୍ରଚ୍ଛଦ ଚିତ୍ରରୁ ବୁଝି ପଡ଼େ—ପ୍ରଥମଟି ମହାତ୍ମା ଗାନ୍ଧୀଙ୍କର ଫଟୋରେ ଗାନ୍ଧୀଯୁଗର ଆଭାସ ରହିଛି ଏବଂ ଦ୍ୱିତୀୟ ଚିତ୍ରରେ ରକ୍ତ ତାରକା ଶୋଭିତ ରୁଷର ନବ ସଭ୍ୟତାକୁ ସୂଚିତ କରାଉଅଛି । ତଥାପି ଦୁଇଟି ଦୁଇ ବିପରୀତ ଭାବ ଉଦ୍‌ଯୋଗୀ ନୁହନ୍ତି । ନ ହେବାର କାରଣ ଯେ ଗାନ୍ଧୀବାଦ ଓ ସାମ୍ୟବାଦର ଅବରୋଧ ତା ନୁହେଁ । ୨ୟ ପୁସ୍ତକର ଲେଖକ ଅହିଂସା ବାଦ ଓ ବସ୍ତୁବାଦମୂଳକ ମାର୍କ୍ସ ବାଦ ଦାରୁସୀୟ ମାର୍କ୍ସବାଦ ଭିତରେ ସାଲିସ୍ କରିବାର ଚେଷ୍ଟା କରିଛନ୍ତି-ସମ୍ଭବତଃ ନିଜର ଅନିଶ୍ଚିତ ବା ସନ୍ଦିଗ୍ଧ ସିଦ୍ଧାନ୍ତ ହେତୁ;ଉଦାହରଣ ସ୍ୱରୂପ ବେଣୁଧର ମୁଖରେ କବି ଗାଉଛନ୍ତି ସୃଷ୍ଟି ସୋଭିଏଟରୁସମାର୍କା କମିଉନିଜମର ଛାପାମର—

“ଦାଆ ଓ ହାତୁଡ଼ି ଶୁଭ ଲଙ୍ଗଳ— ତହିଁସେ ମାଟି ମାନବର ଚିରମଙ୍ଗଳ ।” ବରଂ ଲଙ୍ଗଳ ଶବ୍ଦଦେଇ ଭାରତୀୟ ସୋସିଆଲିଷ୍ଟ ଦଳକୁ ମଧ୍ୟସେ ହିତ ଦର କରିନାହାନ୍ତି । ସଙ୍ଗେ ସଙ୍ଗେ ଉମା ମୁହଁରେ ଗାଉଛନ୍ତି—“ହିଂସା ଯୋଗୁ ନ ମରୁ ହେ ପ୍ରୀତି ଦୟାସ୍ନେହ........ଅହିଂସା ଆଦର୍ଶ ରଖିଥିବା ବିଶ୍ୱଆଗେ,”ଏ ଭାବଧାରାକୁ ସମନ୍ୱୟ କହିପାରନ୍ତି । କିନ୍ତୁ ପ୍ରଥମ ପୁସ୍ତକରେ କବି ସନ୍ଦିଗ୍ଧ ନୁହନ୍ତି । ଗାନ୍ଧୀର ନେତୃତ୍ୱରେ ପୂର୍ଣ୍ଣ ବିଶ୍ୱାସରଖି ଜଣେସିପାହୀସୈନ୍ୟର-ଘଟକ ମଧ୍ୟରେ ଗତିକରୁ କରୁ ଯେଉଁ ପ୍ରେରଣାରେ ଅନୁପ୍ରାଣିତ ହୋଇଛି ତାର ସ୍ପଷ୍ଟଛାପ କବିତାର ଛନ୍ଦେ ଛନ୍ଦେ ରହିଛି--“ବନ୍ଧୁ ସବୁ ନାକ-ଧର୍ମ କର୍ମ ଯାହାଥିଲା ମୋର ତା ଲାଗି ସବୁତ ଛାଡ଼ିଦେଲି । ”ଏଥିରୁ ଗାନ୍ଧୀ ନେତୃତ୍ୱରେ ଅନୁରକ୍ତ ବୁଝାପଡ଼େ । “ଗୃହୀରର କଣ୍ଠ”“ମୁକ୍ତିଆପ୍ରତିଅତ୍ୟାଗ୍ରହ” ଆଦି ସାମ୍ୟବାଦୀ ବୋଲି କି ସେ ଯେ ବ୍ୟବହାର ନ କରିଛନ୍ତି ତା-ନୁହେଁ । କିନ୍ତୁ ସବୁରି ମୂଳରେ ରହିଛି ଗୋଟିଏ ମହତ ଆଦର୍ଶ—ଯଥା— “ଦେଶହିତଲାଗି ଯାଉପଛେ ପ୍ରାଣ, ନିଗୃହୀ ଦେବକୁ ମରିବୁ କାହିଁ” ଇତ୍ୟାଦି । ଜାତୀୟତା ଏଠି ଏମତ ବ୍ୟାପ୍ତ ଓ ମହତ ଯେ ତାହା ସମଗ୍ର ବିଶ୍ୱକୁ ଆଦରି ବସିଛି ।

ସେଇ ସ୍ଥଳରେ ଦ୍ୱିତୀୟ ପୁସ୍ତକର ଲେଖକ ନାୟିକା ମୁଖରେ ସଙ୍ଗୀତଟିଏ ପ୍ରକାଶ କରିଛନ୍ତି—

ଭିକ୍ଷୁଣୀ ସନ୍ନ୍ୟାସୀର ଅହିଂସ ଉପାୟେ
ଏ ଦେଶ ମୁକତି ଫେରି ଆସିବ କିପାୟେ
ଦେଖୁଛି ସେ ଆଶା ବୃଥା ମିଛା ଶାନ୍ତି ଲୋ
ମାରିବାକୁ ହେବ ଯିବା ହିଂସା କରିବାଲେ !

ପ୍ରଥମ ପୁସ୍ତକର କବିତା ସଙ୍ଗୀତ ଦୃଷ୍ଟିରୁ ଲେଖାହୋଇଥିବାରୁ ଗୀତରେ ହିଏତ ସୁନ୍ଦର ଶୁଣିବ । କିନ୍ତୁ ପାଠରେ ସେତେ ଲଳିତ ହୋଇନାହିଁ । କବିତା ଗୁଡ଼ିକ ଠାଣି ଓ ଠାରି ପଦ ମିଳାଇବା ପରି ଅନେକ ସ୍ଥଳରେ ହୋଇଛି । ଦୁଇଟି ପୁଞ୍ଜ ଚରଣର ଅଭାବ ଦେଖାଯାଏ ମଧ୍ୟ । ଯଥା—

କେବେ ବିବେକକୁ ବଳ ଦେବା ଲାଗି
ଲୋକ ସେବା ପାଇ ସତେ ଅଗତ୍ୟା—

୨ୟ ପୁସ୍ତକରେ ଅତି ସିଲ୍ଲିଆ ଦୋଷମାନ କବିତାରେ ରହିଯାଇଛି ଯାହାକି ସାମାନ୍ୟ ଧ୍ୟାନ ଦେଇପାରିଥିଲେ ଏଡ଼ି ଦିଆଯାଇପାରିଥାନ୍ତା

ଯତିଦୋଷ—ଶ୍ରାବଣଧାରା ବାର୍ତ୍ତା—କର ଧ୍ୱନି ପୂର୍ଣ୍ଣ ।

ମାତ୍ରାଦୋଷ—ଏହି ଖଡ଼ଗ ରକ୍ତ + + ପନେ ଅବଶେଷ

,,—ନିନାଦିତ କରୁ କଳ ଧୂମ୍ର ଆକାଶ ଅବନୀ

ଅଯଥା ଶବ୍ଦ—ପୂର୍ଣ୍ଣକଲି ସାର୍ଥ କଲି ଅଭିଳିତ ଦୀକ୍ଷା

ଅସମଞ୍ଜସ—ଆରମ୍ଭରେ କବି ହରିତ କାନ୍ତାରର ସଧନ ଦେଉଛନ୍ତି । ହରିତ ହରିଦ୍ରା ଅର୍ଥରେ ବ୍ୟବହୃତ କି ।

ସ୍ମୃତିକଣିକା; ୫୮ପନ ପୃଷ୍ଠା—ଟ°୫°/

ପୂର୍ବରାଗ; ୪୮ ପୃଷ୍ଠା—ଟ°୩/

\+ \+ \+

ଉତ୍ତ୍ରମାଳା—ଶ୍ରୀ ଗଣେଶ୍ୱର ବିଶ୍ୱାଳ— କେତେଗୁଡ଼ିଏ ଭଜନ, ଜଣାଣ ଓ ସ୍ତୋତ୍ରର ସମଷ୍ଟି—ସ୍ୱର୍ଗ ଦେବଦେବୀମାନଙ୍କୁ ଆଶ୍ରୟ କରି । ଆଧୁନିକତାର ଆଖିରେ ଏଗୁଡ଼ିକ କେତେଦୂର ଆଦୃତ ହେବ, କହି ହେଉନାହିଁ । ଏଇ କବିତା ବା ସଙ୍ଗୀତର ଭାବକୁ ଆଧୁନିକ ରୁଚି ସମ୍ମତ ଧାରାରେ ପକାଇ ହେଇଥାନ୍ତା କିନ୍ତୁ ସେ ଲେଖକ ପ୍ରାଚୀନ ଢଙ୍ଗରୁ ଲେଖିଯାଇଛନ୍ତି—ଅନ୍ୟରୁ ଅପେକ୍ଷା କରିନାହାନ୍ତି ! ଲେଖକ ଜଣେ ଭକ୍ତ—ତାଙ୍କ ରଚନା ସେଥିକରେ ସାର୍ଥକ—୬୪ପୃଷ୍ଠାର ପୁସ୍ତକ ମୂଲ୍ୟ ଟ°୬/ ।



Digitized by srujanika@gmail.com

## ଶପଥ

ଶ୍ରୀ ମନୋଜ କୁମାର ଦାସ

ଜୀବନର ଶପଥ ଗ୍ରହଣର ଯୋଗ୍ୟ ସମୟ ଆଜି
ଶକ୍ତି ଦିଅ ହେ ଅନ୍ତର୍ଯାମୀ ପ୍ରଭୁ ଯେପରି ପାରିବି ମୁଁ ।
ଯେପରି ନିଜକୁ ପାରିବି ଜାଣି କିଏ ମୁହିଁ,
କିପରି ଏଠି ଏହି ଜୀବନର ଅତୀତ ଅଛି
ବିଶ୍ୱ ଜୀବନ ମଧ୍ୟେ
କିପରି ଦେଖି ଆସିଲି, ଚାଲି ମୁହିଁ ଏବକୁ ଏକାକୀ ପଥେ ।
ଯୁଗ, ଯୁଗ ଧରି ରହି ଆସିଅଛି କଠୋର ସତ୍ୟ ଏହା,
'ସତ୍ୟ'ର ଆଗେ 'ମିଥ୍ୟା' ରହିଛି ଭଗ୍ନ ଜାନୁର ମାୟା ।
ଭସ୍ମ କରିଛି ଦେଶକର ଦେହ ବିଶ୍ୱ ମହା-ଶପଥ
ସୂର୍ଯ୍ୟ ଚନ୍ଦ୍ର ଦେବତା ଧରିଛି ନିର୍ଦ୍ଦେଶିତ ରୂପ ।
ହିମାଳୟ ଯହିଁ ମସ୍ତକ ଟେକେ, ଚନ୍ଦ୍ର ସେଠାରେ ଯାଇ,
ଚେତନା କରିଛି ମସ୍ତକ ଉପର ବହ୍ନି ଜଳାଇ ଦେଇ
ଧରଣୀର ଅଶ୍ରୁ ନିଗୁଡ଼ିବା ପାଇଁ ସ୍ୱର୍ଗ ତାହାର ଆଶା,
ପୋଡ଼ି ଦେବା ପାଇଁ ମର୍ତ୍ତ୍ୟମଣ୍ଡଳର ଉଚ୍ଛ୍ୱାସ ମିଶା ଭାଷା ।
କଲ୍ଲୋଳଙ୍କର ଗତି ପଥେ ଆସି ବସି ବାନ୍ଧିଛି ଗିରି,
କୃଷ୍ଣ ବାଦଲ ଲିପ୍ତ କରିଛି ପୂର୍ଣ୍ଣ ଚନ୍ଦ୍ରର ଶିରୀ !
ଏହି ଧରଣୀରେ ଅଶ୍ୱଗହ୍ୱର ମଣିମା ଲକ୍ଷ ଭାରତ-ମାତା
ମନ୍ଥରା ଠାରୁ ମନ୍ତ୍ର ପାଇଛି କୋଳାହଳ ବିବେକ-ହନ୍ତା;
ଲାଳସା-ନିକଷ୍ଟା ଯଥା
ବ୍ରହ୍ମଗ୍ରନ୍ଥର ହୃଦୟୁଁ ହରିଛି ନିର୍ମଳ ସରଳତା ।
ଶପଥ ଯେଉଁଠାରେ ତପୋବନ ରଣ ଶକ୍ତି ସାଧନାରତ,
ସାଧନା ହିନ ଇଙ୍ଗିତେ କା'ର ପ୍ରସ୍ତର ପରବତ,
ସେହିଠାରେ ଆଜି ଥିଆ ହୋଇଅଛି ଯାହାଙ୍କ ତାହାର ମୂର୍ତ୍ତି,
ବନ୍ଧୁ ହଜାର ଥିଆ ହୋଇଅଛି ଚଣ୍ଡ ପତନେ ଆଜି ।
ଚିରନ୍ତନ ଏ ଗୀତି
ସହିବ ମୁଁ ସବୁ ପ୍ରସ୍ତର ସମ ଶକ୍ତି କରି ଏ ଛାତି ।
ବିଶ୍ୱ ନ ବୁଝୁ, ନ ଜାଣୁ ଏ ମୋର ଅନ୍ତର ତଳ ଭାଷା,
ଆକାରେ ମୋ ଜୀବନ ବଞ୍ଚିତ, ନ ଦେଖିବ ପଛେ ହସ,
ଅଞ୍ଚିତ ଯେଉଁ ଶକ୍ତି ସାଧନେ ଜୀବନ ଦେଲି ମୁଁ ଢାଳି
ଜଣେ ବୋଲି କେହି-ଅଶ୍ରୁ ନିଗାଡ଼ି ପଦ୍ମନାମ ତା'ର ଭାଳି;
ଏ ଜୀବନ ଦେବ ଢାଳି
ପଶ୍ଚାତେ କେବେ ଦୃଷ୍ଟି ନ ରଖି ସମ୍ମୁଖେ ସଦା ଚାଲି ।

## ଦିଅ ଭାତ-ଭାତ ଦିଅ

ଶ୍ରୀ ଜଗନ୍ନାଥ ଚରଣ ଦାସ ।

ଘରେ ଘରେ ପୁଣି ଉଠୁଅଛି ଆଜି ସେଇ ପୁରାତନ ଗୀତ—
"ଦିଅ ଭାତ--ଭାତ ଦିଅ" । ୧ ।

ନର୍ତ୍ତକ ନାଗର ତାଣ୍ଡବ ଛବି ଅନ୍ତରୁ ଯିବା ନାହିଁ,
ଭୋକର ଜ୍ୱାଳାରେ ଭଉଣୀ ମାଉସୀ ଖାଉଥିଲେ ଯେବେ କାଇ,
ବାଇଶି-ପାହାଚେ ଗଡ଼ି ମରୁଥିଲେ କୋଟି କଙ୍କାଳ ଦଳ:
"ଦିଅ ଭାତ--ଭାତ ଦିଅ" ! ।୨

ସାତବ ପୁଅ ମୋ କାଙ୍ଗାଳ ବେଶେ ମୃତ୍ୟୁଲୁ ଆସେ ବାର
ବାଟ ଅବାଟରେ ମାଡ଼ି ଚାଲିଥିଲେ ଲୁହାଇ ଜୀବନ-ତରୀ,
ଅନ୍ଧାର ପାଇଁ କି ବାହାର ଦାଣ୍ଡେ ଉଚ୍ଚାରି ଦେଲେ ଦିଅ ;
ଦିଅ ଭାତ--ଭାତ ଦିଅ ।୩

ନ ଫୁଟି ଝଡ଼ିଲା ଯଉବନ-କଳି ଥିଲା ଯା ସୁଷମା ଆଉ
ତଥାପି ତାହାକୁ ଦେହ ଯାଚିବାକୁ ବଳାଇଲା ପେଟ ଦାଉ,
ହତାଶେ ଚାହିଁଲା ଯୋଡ଼ିବାକୁ ଘର ଛିଣ୍ଡା ଜୀବନ-ଖିଅ;
"ଦିଅ ଭାତ--ଭାତ ଦିଅ" ।୪

ତରୁଣ-ତରୁଣୀ କଣ୍ଠେ ଫୁଟିଲା ହା-ହତାଶର ଭାଷା
ଶିଶୁର ଶୋଣିତ ଆଧାର ହୋଇଲା ତୁଟିଲା ମାଆର ଆଶା,
ଗାଆଁ ଭୂଇଁ ଛାଡ଼ି ମନାସିଲା ଚଟା "ବଞ୍ଚୁ ଏ ଜୀବନ-ଜୀଅ"
ଦିଅ ଭାତ--ଭାତ ଦିଅ ।
ବରଷ ବରଷ ଜଳୁଥିଲା ଯେଣୁ ପେଟେ ଉପାସର ନିଆଁ
ଜାତି-ମାନ ଭୁଲି ଓଡ଼ିଆ ହୋଇଲା ବିଶ୍ୱ ଦୁଆରେ ଠିଆ,
ସେ ଦିନୁ ଦବିଲା ଓଡ଼ିଆ ଜାତିର ଗର୍ବ ସଉଧ ନିଅ
"ଦିଅ ଭାତ--ଭାତ ଦିଅ" ।୫

ଆଜି ବି ସେଦିନ ଆସିଲାଣି ଫେର ପୁଣି ନାଚେ ମହାକାଳ
ହାହାକାର କରି ଉଠେ ଆଜି କୋଟି କୋଟି କଙ୍କାଳ ମାଳ,
ସହର ସଉଧ ଛାଇତଳେ ଗଢ଼େ ଗାଆଁ ଗାଆଁ ଘର ଡ଼ିହ;
"ଭାତ, ଦିଅ--ଭାତ ଦିଅ !"

## 'ସୁନ୍ଦର'ର ନିମନ୍ତ୍ରଣ

ଶ୍ରୀ କୃଷ୍ଣଚରଣ ବେହେରା

ଚକ୍ରବାଳେ, ନୀଳ ନଭ ଚୁମ୍ବି ଯହିଁ ସବୁଜ ଧରଣୀ,
ସୂର୍ଯ୍ୟ ଧୀରେ ଅସ୍ତ ଯାଏ ଜାଳି ଚିତ୍ର ଉପର ରୋଷଣୀ ।
ଅଶାୟୀ ଧରଣୀ ବକ୍ଷ ଝଲପଡ଼େ ସ୍ୱରଗ ସୁଷମା,
ଏ ମଧୁ ଲଗନେ ଉଭା ମୋ' ଦୁଆରେ ସନ୍ଧ୍ୟା ମନୋରମା—
'ସୁନ୍ଦର'ର ନିମନ୍ତ୍ରଣ ଆସିଅଛି ଆନନ୍ଦ ଧାମରୁ
'ସେ ମହା ଆହ୍ୱାନ ତୋଳେ ସ୍ପନ୍ଦନ ମୋ' ଗହ୍ୱର ଅନ୍ତରୁ ।
ହେ ସୁନ୍ଦର ! ହୃଦୟ ମୋ' ପରଶିଛି ତବ ଆବାହନ,
'ସାଦରେ ମୁଁ ନେଲି ବରି ସୃଷ୍ଟିର ଏ ଶ୍ରେଷ୍ଠ ନିମନ୍ତ୍ରଣ !
ରୂପରଙ୍କ, ମଣିଷ ମୁଁ, ତବ ଆବାହନେ ମୋ' ପ୍ରତୀକ୍ଷା,
ସୃଷ୍ଟିର ପ୍ରକାଶେ ମୋତେ ରୂପଗୁରୁ ! ଦିଅ ରୂପଦୀକ୍ଷା



Digitized by srujanika@gmail.com



# ମଉସାଙ୍କୁ ଉତ୍ତର

ଲେଖକ—ପରଶୁରାମ ଶତପଥି

ଶ୍ରୀମାନ ତୁଳସୀ ଦାସଙ୍କ ମଉସାଙ୍କ ଚିଠିର ଉତ୍ତର

ମଉସା ଜାଣିବ ଅନନ୍ତାର ଏଠି କୁଶଳ
ଭଲମନ୍ଦ ମୋର ଲାଗିଛି ତ ଗଙ୍ଗା କାଳୀଙ୍କି ।
ସେଠା କୁଶଳକୁ ମାତା ଜାଗୁଳାଇ ରହିଲେ
ଘରକୁ ଯିବି ମୁଁ ରଜରେ ବେତନ ପାଇଲେ ।
ଏ ମରୁ ଫେରିଲି 'ସାବ' ହେଲି ତୁମ ପତ୍ରର
ବରଷକ ପରେ ସବୁ ଏ ମିଳିଲା ଉତ୍ତର ।
ଭାଣୁଜି ଅ ସିଏ ଏଠିରହେ ବାପା ସାଥିରେ,
ଶୁଣି ଖୁସିହେବ ସମାନ ସେ ଆମ ଜାତିରେ ।

ବାପ ଝିଅ ଦୁଇ ପରାଣୀ ଆନ କେ ନାହାନ୍ତି,
ପୁଅ ଭଲ ହେଉ ବୁଢ଼ା ମୋତେ ଭଲ ପାଆନ୍ତି ।
କଲିକତା ଆସି ବହୁତ ହାନସ୍ତା ହେଲେ
ସରବନ ସାତ ଭାଣ୍ଡ ଖବାକୁଣ କହିଲେ ।
ଖୋଜି ଖୋଜି ସାବ ସହର କାମ ନ ପାଇଲି,
ଅଣ୍ଟିରୁ କଉଡ଼ି ସାରି ମୁଁ ହେଇଲି କାଇଲି ।
ଦାଇବ ରଖିଲା ମଉସା କି ମିଛ କହୁଛ ?
ସାବ ବାପ ଆସି ହେଲେ ମୋତେ ସାହା ପୁରୁଷ ।

ମଲାପରେ ପୁଣି ପଡ଼ିଲି କୋରଡ଼ ଦାଇବୀ,
କାହିଁ ତକ ଆଉ ଏକୁଟିଆ ହେଇ ସହିବ ?
ନିମୁନିଆ ହେଲି—ଅସ୍ଥାମ ହୋଇ ପଡ଼ିଲି ।
ଗଡ଼ିଗଲି ମୃତ୍ୟୁ—ଭାଗ୍ୟ ଅବଳକୁ ଏଡ଼ିଲି ।
ଭଲକଲେ ସାବ ବାପ ମୋ ଚିକିତ୍ସା କରାଇ,
ସାବଟି ଆଣିଲା ମରଣ ମୁହଁରୁ ଫେରାଇ ।
ଦୁଇମାସ ହେଲା ପାଇଅଛି ନୂଆ ଚାକିରି,
ମାସକୁ ତିରିଶ ଟଙ୍କାରେ ହେବାକୁ ବାକିର ।

ସେଥିରୁ ବଞ୍ଚିଲା ଟଙ୍କା ହେବ ଦଶ କୋଡ଼ିଏ—
ଡାକଘର ନେଲା ଦେଇ ଭନ୍ଦୋବସ୍ତ ଯୋଡ଼ିଏ ।
ଭଲ ହେଇ ପୁଣି ଉଠିବାକୁ ଲାଗେ ମାସୁଟେ ।
ସାବବାପ ନୁହେଁ—ସାବ ବୁଧେ ମୋତେ ମୋଟୁଥେ ।
ତା' ଋଣ କାପରି ଶୁଝିବି ନଜାଣେ ଜୀବନ୍ତେ,
ଘରର ଘରଣୀ ନହେବ ମଉସା ଏମନ୍ତେ ।
ଏବେ ମାସେ ହେବ କଥବା ଦମାସ ହୋଇଛି,
ମାଟିଆ ବୁରୁଜୁ ଚଟକଲ କାମ ପାଇଛି ।

ଛୁଆର କରଜ ଶୁଝି ଶୁଝି ଦିନ ଗଲା ମୋ,
ନେତେ ଗୃହା ନେତା ପ୍ରଣାମକୁ ପୁଣି ସଲାମ ।
ତାହାଙ୍କୁ ଡରଇ ଦେଖି ପାଜାମା ନ ହଳକୁ ।
ଜଗା ନାହିଁ କାହିଁ ଏଥିରେ ସେ ଭାଇ ବନ୍ଧୁକୁ ।
ଦାନ ଦେଇ ଦେଇ ଦେଖିଛି ମଉସା ଦାଣ୍ଡ,
ଠୋ ଚଢ଼ି କାହିଁ ଗଲେ ମଲେ କାହାର ମୁଣ୍ଡ ।
ଆଜନ୍ତ, ମାଆକୁ ପଠାଇବି କିଛି ପଇସା,
ମୋ ପାଖରେ ସତ ଜଣେ ଟ ଏ ନାହିଁ ଅଛିଟା ।

ସ ବାକୁ ଗୋଟିଏ ଶାଢ଼ୀ ଦେବ ପାଇଁ ପଢ଼ିବ,
ଦଣ୍ଡ ଆ ଦେ କ ନେ ଡେଙ୍ଗ ଆଉ ନାଲୁ ଭୁଡିବ ।
ସିନେମା ଯିବାକୁ ପଇସା ନେଇ ଉଧାର,
ମାଟିଲେ କି କରେ ? ମଗିଲି ସେ ବଡ଼ ଉଦାର,
ଘର ପାଇଁ ତେମେ ମଉସା ଆପଣେ ଅଛନ୍ତି,
ସେଥିପାଇଁ ଏଠି ବଇଛି ହୋଇ ମୁଁ ନିଛନ୍ତ ।
ଘର ଭିତରକୁ କସ୍ତା ଯଦେ ଦେବ ହାତରୁ
ଟଙ୍କା ପଠାଉଛି ଗୃହଖର୍ଚ୍ଚ ହେବ ମୋହରୁ ।

ପୁଅ ପାଇଁ ଯାଇ ପଚ୍ଚୁର ବଇଦ ହେଲାକୁ
ବୋହୁ କଥା ଲେଖି ବଢ଼ାଇବ ବଡ଼ ଗୋଳାକୁ ।
ମାଆକୁ କୋଟିଏ ପ୍ରଣିପାତ କହେ ଅନନ୍ତା—
ବାପୁ ବୋହୁଙ୍କର କେବେ ବଇଛ ନା ବନନ୍ତା !
ହେଲା ସେ ନଳକୁ ମଥାର ମୋ ପୂଜା ସେବାର
ମାଉସୀ ଘରକୁ ଦେବ ତାମ ଇଚ୍ଛା ଦେଇ ର ।
ଅଳପ ପଇସା ହୋଇଥିବ ଆଗି ଦାଦନା,
ନ ହସିବେ ଏକା ତାଙ୍କ ଘର ସାଇ ପଡ଼ିଶା,

ଧାନ ବେଉଣା କଥା କି କରିବ ନାଗର,
ତମେ ଥାଅ ଥରେ ଅନନ୍ତାକୁ କଅଁ ପଚ୍ଚାର ?
ସାନ ଭଉଣୀକୁ ଭଲଭାବେ ବାହା କରିବ
ମନ ଖୋଲି ଦେବ ଖରଚକୁ ନ ଡରିବ ।
ସାବ ବହୁ ବାଧା, ଧରୁଛି ତ ହାତେ ଅଟକ,
କେବେ ଯିବ ଘର ଠିକଣା କରି ନ ପାରୁଛି ।
କୋଟି ଦଣ୍ଡବତ ତମକୁ ଲଗିଲା ମଉସା
ପଇସା ଦେବ ମୁଁ ଆଗ ରହୁ ମୋର ଭରସା ।



Digitized by srujanika@gmail.com



## ଝିଅଙ୍କ ନିମନ୍ତେ ସ୍ୱେଟର କୋଟ୍ ୨୦ରୁ ୩୦ବର୍ଷ ବୟସ୍କ

ଲେଖିକା—ଶ୍ରୀମତୀ ପ୍ରମିଳା ସାହୁ

ଏଇ କୋଟ ବୁଣିବା ନିମନ୍ତେ କଣ କଣ ପ୍ରୟୋଜନ ଅଟେ ରଖନ୍ତୁ । ଏକପାଉଣ୍ଡ ଉଲ୍ ୨ଟି ୧୨ନମ୍ବରର କଣ୍ଟା ଏବଂ ଶରୀରଟେ ଯେଉଁରଙ୍ଗର ଉଲ ସେଇରଙ୍ଗର ବଡ ଗୋଟାପାଞ୍ଚର ବୋତାମ ।

ପ୍ରଥମେ କଣ୍ଟାରେ ୧୨୦ଘର ନେବାକୁ ହେବ । ଗୋଟିଏ ସିଧା ଗୋଟିଏ ଓଲଟା ୩ଇଞ୍ଚ ହେବା ପର୍ଯ୍ୟନ୍ତ ବୁଣ । ତାପରେ ୧୦ଘର ସିଧା ଏବଂ ୧୦ଘର ଗୋଟିଏ ପାଟର୍ଣ ଦେବାକୁ ହେବ ତାର ନାମ ମହୁବସା ପାଟର୍ଣ । ଏଇ ନମୁନା ଓଲଟା ପାଖରୁ ଆରମ୍ଭ କରିବାକୁ ହେବ । ପ୍ରଥମଧାଡ (ଏକସିଧା) ଆଗରୁ ସୂତା ଗୋଟିଏଘର ଉଠାଇନେବ । ଗୋଟିଏ ସିଧା ସମସ୍ତଧାଡ଼ି ଏଇପରି ହେବ । ପ୍ରଥମରେ ଯେଉଁ ଗୋଟିଏ ସିଧା ତା ଛଡା ସବାଶେଷରେ ଏକସିଧା । ଦ୍ୱିତୀୟଧାଡ଼ି ।—( ଏକସିଧା ) ଏକସିଧା ଏକଦୋଡ଼ା ସମସ୍ତ ଧାଡ଼ି ଏଇପରି ପ୍ରଥମର ଏକସିଧା ଛଡ଼ା ସବାଶେଷରେ ଏକସିଧା, ତୃତୀୟଧାଡ଼ି—(୨ସିଧା) ଆଗରୁ ସୂତାନେଇ ଗୋଟିଏ ଘର ଉଠାଇ ନେବା ୧ସିଧା ସମସ୍ତଧାଡ଼ି ଏଇପରି (ପ୍ରଥମର ୨ସିଧା ଛଡା) ଚତୁର୍ଥଧାଡ଼ି—୧ସିଧା ଏକଯୋଡ଼ା ସମସ୍ତଧାଡ଼ି ଏଇପରି ସବାଶେଷରେ ୨ଟିସିଧା ୧୦ଟିଘର ସିଧା ଏବଂ ଆଉ ୧୦ଟିଘର ଏଇ ମହୁବସା ନମୁନା ଦେବାକୁ ହେବ ୧୪ଇଞ୍ଚ ବୁଣାହେବା ପର୍ଯ୍ୟନ୍ତ ଏଇପରି ବୁଣିଯାଅ । ତା ପରେ କୋଟର କାଖ ବୁଣିବାକୁ ହେବ । ପ୍ରଥମେ ଦୁଇପାଖରେ ଧାଡ଼ି ଆରମ୍ଭ କରିବା ପୂର୍ବରୁ ୧୦ଟିଲେଖା ଘର ପ୍ରତ୍ୟେକ ପାଖରେ ଏକସଙ୍ଗେ ବନ୍ଦ କରିଦିଅ ତାପରେ ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଗୋଟିଏ ଲେଖା ଘର ବନ୍ଦ-କରିବାକୁ ହେବ ଏପାଖେ ୫ଟିଘର ଅନ୍ୟପାଖେ ୬ଟିଘର ଦୁଇପାଖରେ ୧୬ଟିଲେଖା ୩୨ଟି ଘର ବନ୍ଦ କରିବାକୁ ହେବ । ୧୬ଟିଲେଖା ଘର ବନ୍ଦହେବା ପରେ ସେମିତି ବୁଣିଯାଅ କାଖରୁ ୭ଇଞ୍ଚ ବୁଣାହେବା ପର୍ଯ୍ୟନ୍ତ ତାପରେ ବେକ ଧରିବାକୁ ହେବ, ଦୁଇପାଖ କାନ୍ଧରେ ୨୬ଟି ଲେଖା ଘର ରଖି ମଝିରେ ୩୬ଟିଘର ଏକସଙ୍ଗେ ବନ୍ଦ କରିଦିଅ ଏଥର ଗୋଟିଏପାଖ କାନ୍ଧ ବୁଣିବାକୁ ଆଉଗୋଟିଏ ପାଖ କାନ୍ଧ କଣ୍ଟାରେ ସେପରି ରଖିଦିଅ । ଏଥର ଯେଉଁ କାନ୍ଧଟି ବୁଣାହେବ ତା ବେକ ପାଖର ଧାଡ଼ି ଆରମ୍ଭ ସମୟରେ ଗୋଟିଏଲେଖା ଘର ଏଇପରି ୩ଟିଘର ପ୍ରତ୍ୟେକଧାଡ଼ି ଆରମ୍ଭରେ କମ୍ କରିଦିଅ ତା ପରେ କାନ୍ଧରେ ରହିଲା ୨୩ଟିଘର । କାଖ ପାଖଧାଡ଼ି ଆରମ୍ଭରେ ୩ଟିଘର ଏକସଙ୍ଗେ ବନ୍ଦକର ତା ପରଧାଡ଼ିରେ ପୁଣି ୧୦ଟିଘର ଏକସଙ୍ଗେ ବନ୍ଦ କରିଦିଅ, ପୁଣି ତା ପରଧାଡ଼ିରେ ୧୦ଟିଘର ଏକସଙ୍ଗେ ବନ୍ଦକରିଦିଅ କାଖର କାନ୍ଧ ପର୍ଯ୍ୟନ୍ତ ଲମ୍ବ ୮½ଇଞ୍ଚ ହେବ । ଏଥର ଗୋଟିଏ ପାଖ କାନ୍ଧ ଶେଷହେଲା । ପୁଣି ଉଲ୍ ଛନ୍ଦାଇଆଣି ଏପାଖ କାନ୍ଧବୁଣାରେ ବାନ୍ଧିନିଅ ସେପାଖ କାନ୍ଧ ଯେପରି ହୋଇଛି ସେପରି ବୁଣିଯାଅ । ବୁଣା ସରିଲେ ତାକୁ ରଖିଦିଅ ପିଠିପାଖ ବୁଣା ସରିଲା । ଏଥର ଆଗପାଖର ଗୋଟିଏଫାଲ ବୁଣିବାକୁ ହେବ । ୧୨୦ର ଅଧା ୬୦ଘର । ୬୦ଘର କଣ୍ଟାରେ ଉଠାଅ ତାପରେ ୩ଇଞ୍ଚ ପର୍ଯ୍ୟନ୍ତ ଗୋଟିଏସିଧା ଗୋଟିଏ ଓଲଟା ବୁଣ । ତାପରେ ପିଠିପାଖେ ଯେଉଁ ବୁଣା ଦିଆଯାଇଛି ସେପରି ବୁଣିଯାଅ ୧୪ଇଞ୍ଚ ହେବା ପର୍ଯ୍ୟନ୍ତ । ଏଥର କାଖ କରିବାକୁ ହେବ ଏବଂ ସଙ୍ଗେ ସଙ୍ଗେ ବେକ ମଧ୍ୟ ବୁଣିବାକୁ ହେବ । କାଖରେ ପ୍ରଥମେ ୧୦ଟିଘର ଏକସଙ୍ଗେ ବନ୍ଦକରିବାକୁ ହେବ । ତାପରେ ୭ଟିଘର କାଖ ପାଖ ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଯୋଡା-ବୁଣି ବନ୍ଦ କରିବାକୁ ହେବ । ସେଇ ସମୟରେ ଯେଉଁ ସମୟରେ ୧୦ଟିଘର ଏକସଙ୍ଗେ ବନ୍ଦକରିଦ ଏପଟେ ବେକ କରିବାକୁ ହେବ ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଗୋଟିଏଲେଖା ଘର ଏଇପରି ୪ଟିଘର ବନ୍ଦ କରିବ ତାପରେ ୩ଧାଡ଼ି ଅନ୍ତର ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଗୋଟିଏଲେଖା ଘର ବନ୍ଦକର । ସେପଟେ ବଗଲରୁ ୮ଇଞ୍ଚ ହେବା ପର୍ଯ୍ୟନ୍ତ ବୁଣି ପୂର୍ବରେ କହିଥିବା କାନ୍ଧ ପରେ ଏପାଖର କାନ୍ଧ ବନ୍ଦକରା ସାମନା ପାଖର ଗୋଟିଏ ଫାଳ ହେଲା ଅନ୍ୟ ଫାଳଟି ମଧ୍ୟ ଏଇପରି ହେବ । ଏଥର ହାତ କିପରି ବୁଣିବାକୁ ହେବ ଦେଖନ୍ତୁ ।

### ହାତ

ପ୍ରଥମେ ୫୦ଘର କଣ୍ଟା ନିଅନ୍ତୁ ସ୍ୱେଟରର ଦେହରେ ଯେଉଁ ବୁଣା ଦିଆଯାଇଛି ତା ଏଇ ହାତରେ ମଧ୍ୟ ଦିଅନ୍ତୁ । ତାପରେ ପ୍ରତିଧାଡ଼ି ଆରମ୍ଭରେ ଦୁଇପାଖରେ ଗୋଟିଏଲେଖା ଘର ବଢ଼ାଇବାକୁ ହେବ । କଣ୍ଟାରେ ୧୧୦ ଘର ହେବା ପର୍ଯ୍ୟନ୍ତ ତାପରେ •ବୁଣିଯାଅ ହାତରେ କହୁଣି ପର୍ଯ୍ୟନ୍ତ କହୁଣି ପାଖହେଲେ ୪।୫ଧାଡ଼ି ଅନ୍ତର ଗୋଟିଏଲେଖା ଘର ବନ୍ଦକର ଧାଡ଼ିର ଆରମ୍ଭରେ ଦୁଇପାଖରେ ତାପରେ କହୁଣିରୁ ଏକଗୃଖଣ୍ଡ ଲମ୍ବା ୮ଇଞ୍ଚହେବା ପର୍ଯ୍ୟନ୍ତ ବୁଣିଲାପରେ ପରେ କଣ୍ଟାରେ କେତୋଟି ଘରଅଛି ଦେଖିନିଅ । ଯଦି ୬୦ଘରଥାଏ ଭଲ ନଚେତ ମଝିରେ ମଝିରେ ଯୋଡା ଯୋଡ଼ା ଘର ବୁଣି ୬୦ଟିଘର କରିନିଅ । ତାପରେ ଗୋଟିଏ ସିଧା ଗୋଟିଏ ଓଲଟା ୫ଇଞ୍ଚ ହେବା ପର୍ଯ୍ୟନ୍ତ ବୁଣ । ଏଥର ଘରସବୁ ବନ୍ଦ କରିଦିଅ ଏହା ଗୋଟିଏ ହାତ ହେଲା ଅନ୍ୟ ହାତଟି ପୂର୍ବୋକ୍ତ ହାତପରି ବୁଣିବାକୁ ହେବ । ଏଥର ବେକ ପଟି ଓ ଛାତିପଟି ବୁଣିବାକୁ ହେବ । କଣ୍ଟାରେ ୧୦ଟି ଘର ନିଅ ଲମ୍ବା ବୁଣିଯାଅ ସ୍ୱେଟରର ଆଗପାଖର ତଳୁ ବେକ ପାଖ ମାପ ଅନୁସାରେ ଆଗପାଖର ଆଉଗୋଟିଏ ଫାଳର ଶେଷ ପର୍ଯ୍ୟନ୍ତ ମାପରେ ଯାହାହେବ ସେଇ ଅନୁସାରେ ବୁଣିଯାଅ । ସେଇ ପଟିରେ ଅନ୍ଦାଜ ଅନୁସାରେ ବୋତାମ ଘର ବୁଣ ।

[ ୧୩ ପୃଷ୍ଠା ଶେଷ ଦେଖନ୍ତୁ ]



Digitized by srujanika@gmail.com

# ଯେସାକୁ ତେସା

ଲେଖକ—ଚନ୍ଦ୍ରଚୂଡ଼

( ଅଗଣ ଯେଁମା ପ୍ରଶ୍ନ ପଠାଇବ ବ ତେଲିଆ ଉତ୍ତର ପଠାଇବ—ମାସ ତେର ତାରିଖ ବେଳକୁ ପହଞ୍ଚିବା ଦରକାର )

ଗୋଧନ ଦାସ ନର୍ତ୍ତକ ବଲ୍ଲଭଗଞ୍ଜ,
କଲିକତା,

ପ୍ର—ପ୍ରତ୍ୟେକ ସଂଖ୍ୟା ପତ୍ରିକା ଉପର ପଚ୍ଚୋ କେଉଁ ଖଣ୍ଡ ପ୍ରକାଶ ପାଏ ?

ଉ—ଆପଣ ପ୍ରେମରେ ପଡ଼ିଲେ ପଚ୍ଚରେ ଯେଉଁ ଖଣ୍ଡ ବାଦ ଦେଇ ଲେଖିବାକୁ ମନ ଦେଉଛନ୍ତି ।

ପ୍ର—ଉପର ସିନେମା ବହୁତ ବନ୍ଦ ହେଲା କାହିଁକି ?

ଉ—ସହର ଆଉ ଆକାଶ ଭଳି ନଗ୍ନ-ଦ୍ୱାର ନାହିଁ—ତେଣୁ ସିନେମାର ତାରକାମାନେ ନେହ ପ କୁ ନାହାନ୍ତି ।

ପ୍ର—ଆପଣଙ୍କର ଦ୍ୱନ୍ଦ୍ୱ କଣ ?

ଉ—ସମସ୍ତଙ୍କୁ ପର ଆଉ ଭଲ ସମ୍ବୋଧନ କରେଇବା ।

କୁମାରସ ପତି ଦାସ
କେ ଏମ, ବି ଏମ, ହଷ୍ଟେଲ, ବାରିପଦା

ପ୍ର—ଜଣେ ପାଦ୍ରୀ ଚର୍ଚ୍ଚ ଭିତରେ କହିଲେ, "ତାଙ୍କୀମୋ ସତ୍‌କର୍ମ କରୁନଥିଲେ; ସେ ସତ୍‌କାମ କରୁଥିଲେ ମାତ୍ର । କାରଣ ସତ୍‌କର୍ମ ଯେ କରନ୍ତି ସେ ଭଗବାନ । ଗାନ୍ଧୀ ଭଗବାନ ନୁହନ୍ତି"—ତେବେ ସତ୍‌କର୍ମ ଓ ସତ୍‌କାମ ଭିତରେ ତଫାତ କଣ ?

ଉ—ଭଗବାନ ନିଜ ଅନୁରୂପ ମଣିଷ ଗଢ଼ିଛନ୍ତି ତେଣୁ ମଣିଷ ଭଗବାନ ମଧ୍ୟ ଭଳି ଓ ଭଗବାନ ଭିତରେ ଯେତିକି ତଫାତ ସତ୍‌କର୍ମ ଓ ସତ୍‌କାମ ଭିତରେ ସେତିକି ତଫାତ— ଓଡ଼ିଆ ପାଦ୍ରୀ— ଇଂରାଜୀରେ padry ଲେଖିଲେ ସେତିକି ତଫାତ ।

ପ୍ର—ଭାରତ ପାକିସ୍ତାନ ଚୁକ୍ତି ନିଶ୍ଚୟ ଚଳ୍ତ ଭଲ ଫଳପ୍ରଦ ହେବ ନା ସବୁ ସବୁ ଫଳପ୍ରଦ ହେବ ?

ଉ—ଶିବ ଚାଲିଲେ ଦେଖିବ ଶିବ ଫଳ-ଶିବ କୁଆଡ଼େ ?

ପ—ମୁଁ ପ୍ରେମ କରିବାକୁ ଚାହେଁ—ମାତ୍ର ଏପରି ଲୋକ ସହିତ ପ୍ରେମ କରିବ ଯେ ଯେଉଁ ତେ ଅନ୍ତରର ସହିତ ଭଲ ପାଇବ ଏବଂ ମୁଁ ମଧ୍ୟ ଅନ୍ତରର ସହିତ ଭଲପାଇବ । ଫଳରେ ବିବାହ ହେବ । ଆପଣ କଣ ଏ ପ୍ରେମକୁ ଓ ବିବାହକୁ ଭଲ ନୁହେଁ ବୋଲି କହିବେ ?

ଉ—ମୋ କୃପା ବ ଦରକାର ନାହିଁ । କିନ୍ତୁ ଭଉଣି, ଗୋଟାଏ କଥା । ପ୍ରେମ ଓ ବିବାହ ମଧ୍ୟରେ ତଫାତଟା ଟିକେ ଜାଣିଥିବ । ବିବାହଟା କରିବାକୁ ହୁଏ—ଯେମିତି ଭାତ ରନ୍ଧିବାକୁ ହୁଏ—ଖଟ ବସି ଖାଇବାକୁ ହୁଏ—ଭାତ ଗନ୍ଧିବାକୁ ହୁଏ—ଫଳ ମାରିବାକୁ ହୁଏ—କିନ୍ତୁ ପ୍ରେମଟା ସେତେ—ଯେମିତି ଝୁଡ଼ାମାରେ ପିଶାଚ ପରି—ଜାଣ ପଡ଼େ—ଭୂତ ମାଡ଼େ—ଭେଳ ଲାଗେ—ରୋଗ ଲାଗେ । ତେଣୁ ଦୁଇଟାକୁ ମିଶାଇ ଦେଲେ ବୁନାରେ ସୁହାଗା ନ ମିଶିଲେ ଚଳେ ନାହିଁ—ଅଲଗା ଅଲଗା ରଖି ମାର ।

ରମେଶଚନ୍ଦ୍ର ଦାସ, ଆଚାରମେସ; ମୋତିଗଞ୍ଜ
ବାଲେଶ୍ୱର

ପ୍ର—ପାକିସ୍ତାନର ପ୍ରଧାନମନ୍ତ୍ରୀ ଭାରତର ସାଂବାଦିକ ମାନଙ୍କୁ ସିଧା ସିଧା ଉତ୍ତର ନଦେଲେ କାହିଁକି ?

ଉ—ସନ୍ଦେହର ବାଙ୍କ ବାଙ୍କିଆ—ବାଙ୍କ ବୁଦ୍ଧି ଯୁକ୍ତି ବାଙ୍କ ଆଖିଆ ।

ପ୍ର—ସ୍ତ୍ରୀର ପରଲୋକ ପ୍ରାନ୍ତରେ ସ୍ୱାମୀ ଗାରବ ରହେ କାହିଁକି ?

ଉ— ମେସଲ୍ ନାଚରେ ଚନ୍ଦ୍ରସେଣାର ଅନ୍ତର୍ନିହିତ ପୂର୍ଣ୍ଣ ଦରକାର ।

ପ୍ର—ବିବାହ ଜଳ ନାହିବା ସ୍ତ୍ରୀମାନେ ବାଘ୍ରୀ କଣ ଠିକ ରହୁଥାନ୍ତି ?

ଉ—ବିବାହ ଉଦ୍ଦିଷ୍ଟ ମଧ୍ୟରେ ବହୁତ ଶ୍ରଦ୍ଧାରେ ଓ ନିର୍ଭୟରେ ଠିକ ଥାନ୍ତି ।

କାମାକ୍ଷା ପ୍ରସାଦ ଆଚାର୍ଯ୍ୟ
ସ୍ୱାଧ୍ୟାୟୀ ଚାଉଳ, ବାଲେଶ୍ୱର

ପ୍ର—ଧର୍ମ ଫାନ ଜଳ କି ଭଳେ ?

ଉ—ଧର୍ମ ଓ ଧନ ଏକତ୍ରରେ ପଡ଼ିଲେ ।

ପ୍ର—ଆଧୁନିକ ଯୁଗରେ ଭାରତୀୟ ଛାତ୍ରର କର୍ତ୍ତବ୍ୟ କଣ ?

ଉ—Examination bother-ation କୁ ଓ cultivation କୁ best profession of the Indian stud-ents population ଧରିବା ।

ପ୍ର—ଜାତୀୟ କଣ କଳ ସର ସାମଗ୍ରୀ ?

ଉ—ବିଳାସ ସାମଗ୍ରୀର ବିଳାସ ସ୍ଥଳୀ ମଧ୍ୟ ଅର୍ଥାତ ବିଳାସ ସାମଗ୍ରୀମାନେ ଯାହା ଉପରେ ବିଳସିତ ହୁଅନ୍ତି ।

ପୂର୍ଣ୍ଣଚନ୍ଦ୍ର ବିହାଣୀ, ବାରିପଦା

ପ୍ର—ମନୁଷ୍ୟ ବିବାହ କରେ କାହିଁକି ?

ଉ—ଭାର ଏକାକୀ ହେଲେ ବାରିଆ ବନ୍ଧୁରେ ନାହିଁ ବୋଲି—ଆଉ ଅର୍ଦ୍ଧରେ କିଛି ମାଲ ଦରକାର ।

ପ୍ର—ମନୁଷ୍ୟ-ସଭ୍ୟତାର ଚରମ ସୀମା କେଉଁଠି ?

ଉ—ଦଙ୍ଗାରେ ଯେଉଁଠି ହତ୍ୟା ଏ—

ପ୍ର—ମନୁଷ୍ୟ ବଡ଼ ନା ଦେବତା ବଡ଼ ?

ଉ—ଭଲଭାବରେ ମଣିଷ ହିଁ ବଡ଼ ଜନ୍ତୁ ।

( ୧୪ ପୃଷ୍ଠା ଦେଖନ୍ତୁ )

(ହଂସପୁର ୧୬ ପୃଷ୍ଠା ପରରୁ)

## ବୋଡାମ ଘରର ରୁଣା

କେନାହି ଘର ଅଗେ କଣ୍ଟାରେ ଭୁଣିନଥ ସ୍ଥିରେ ୪ଟିଘର ବନ୍ଧକର ତ ପରେ ଟେନୋଟି ଘର ରୁଣ । ଦ୍ୱିତୀୟ ଧାଡ଼ି ପ୍ରଥମେ ବିଜଘର ରୁଣ ଶେଷ ଘରରୁ ୪ଟିଘର ଉଠାଇ ନେଇ ଶେଷବନ୍ଧଘର ଲୁଣ ଏହ ହେଲୁ ବୋଡାମ ଘର ଯେଉଁଠି ବୋଡାମ ଘର କରିବାକୁ ହେବ ଉଦ୍ୟାନ ଓ ପଟି ଶେଷହେବ ପାଖ ଓ ଅଗପୁଞ୍ଜ ଯୋଡ଼ ତାର ସିଲେଇକର ଧାଡ଼ ଲଗାଅ ତାପରେ ଦୁଇଟାରଯେ ଓ ସିଲେଇକର ଏଥିର ପଟି ଅଗଗାଡ଼ରେ ଯୋଡ଼ିଦିଅନ୍ତୁକର ତାପରେ ସେଇ ବୋତାମଘର ଅନୁସାରେ ବୋତାମ ଲଗାଇଦିଅ । ଯେ ବୋତାମ ଘର କରିବାକୁ ନଚାହନ୍ତି ସେମାନେ ହିପ ତେତାମ ଲଗାଇ ଉପରେ ସେଇ ଗୋଟ ଚାରିଖ ଦୋଡ ଘ ଲଗାଇଦିଅ । —ଶ୍ରୀମତୀ ପ୍ରମିଳା ସାହୁ

ଏ: ଅର: ଅବଙ୍କ ସୌଜନ୍ୟ



Digitized by srujanika@gmail.com

ନାବଣ ପଣ୍ଡିତଙ୍କ ଉଚ୍ଚ ପ୍ରତିଭା ଦର୍ଶ ହେଉଛି ଦେଖାଉଛନ୍ତି। ଯେ ଛବି ପର୍ଶ ହେଉଛି ଗଡ଼ି— ଦେବତାଙ୍କୁ ଖୁଆଏ ପିଆଏ ସ୍ୱପ୍ନରେ

କୃଷ୍ଣଚନ୍ଦ୍ର ଦାସ, ବାରିପଦା କଲେଜ

ପ୍ର— ସିନେମାର ରଜା ସୁରେନ୍ଦ୍ରଙ୍କ ଲୋକପ୍ରିୟତା ଓ ଜହରଲାଲଙ୍କ ଲୋକ ପ୍ରିୟତା ଭିତରେ ତଫାତ କଣ ?

ଉ—ସୁରେନ୍ଦ୍ରଙ୍କୁ ଲୋକେ [ ପୁରୁଷ ] ପ୍ରିୟ ବୋଲି ଡାକ ପାରନ୍ତି ମାତ୍ର ଜହରଙ୍କୁ (ପାଉଡର) ପ୍ରିୟ ବୋଲି ଡାକି ପାରିବେ ନାହିଁ।

ପ୍ର—ଜଣେ ମନ୍ତ୍ରୀପତ୍ନୀ ଓ ଜଣେ ନେତାଙ୍କର ଭେଟାଭେଟି ବେଳେ ଉଭୟଙ୍କ ମନର ଭାବ କଣ ଥାଏ ?

ଉ—ସମାନ ବସ୍ତୁ ବୃଦ୍ଧି ଶୋଭାଗୁଣ
ସ୍ୱଚ୍ଛ ଥାଉ ସ୍ୱଭାବ ଲକ୍ଷଣ—

ପ୍ର—ଜଣେ ଅନ୍ତରଙ୍ଗ ବନ୍ଧୁ ଆତ୍ମହତ୍ୟା କଲେ। ମୁଁ ନିଃସନ୍ଦେହରେ ଜାଣେ ଯେ ସେ କାହାକୁ ପ୍ରେମ କରୁ ନଥିଲେ। ଅନ୍ୟ କାରଣ କଣ ଥାଇ ପାରେ ?

ଉ—ସମ୍ଭବତ ଏକ ଧନୀ ବାଳିକା ତାପ୍ରତି ପ୍ରେମର ଦୌରାତ୍ମ୍ୟ ବା ଅତ୍ୟାଚାର କରିଛନ୍ତି।

ଏସ୍ ମହାନ୍ତି, ଜଗନ୍ନାଥ ଭବନ, କଲିକତା

ପ୍ର—ଉତ୍କଳରେ ମୁଖ୍ୟମନ୍ତ୍ରୀ ମହତାବଙ୍କ ପରେ ତାଙ୍କ ସ୍ଥାନରେ କିଏ ଉପଯୁକ୍ତ ହେବ ?

ଉ—ବନା ପଦ୍ମଲୋଚନ ( ବନ୍ଧୁ ନଥିଲେ ଅନ୍ୟକେହ ତାଙ୍କର ଉତ୍ତରାଧିକାରୀ )

ପ୍ର—ଗଡ଼ଜାତ କଳା ଖରସୁଆଁର ଭବିଷ୍ୟତ କଣ ?

ଉ—ଅତ୍ରେ ଧାବନ୍ତ—ଧାବନ୍ତ।

ପ୍ର—'ଯାହା ନ ଖାଏ ଜୀଅ, ତାକୁ ଜୁଆଇଁ' ମନ୍ତ୍ରରେ ଜୀଅ' ଅର୍ଥ କଣ ?

ଉ—ଜୁଆଁଇ ଖାଇଲେ ଝିଅ ବଳେ ବଳେ ଖାଇବ—ପ୍ରେମର ଏଭଳି ପ୍ରାଦୁର୍ଭାବ।

ନରେନ୍ଦ୍ର କୁମାର ବେଉରିଆ
ତେଲିଙ୍ଗା ବଜାର କଟକ

ପ୍ର—ଗୋଟିଏ ଯୁବକ ଯଦି ଏକ ଯୁବତୀକୁ ଅନ୍ତର ସହିତ ଭଲ ପାଉଥାଏ ତେବେ ତାର reaction ପ୍ରତିକ୍ରିୟାରେ ସେ ଯୁବତୀ ସେଇ ଏକ ଯୁବକକୁ ଭଲ ପାଇବକି ? ପ୍ରେମର reaction ରେ ବିଶ୍ୱାସ କରନ୍ତି ?

ଉ—ନିଶ୍ଚୟ କରେଁ। ଏ reaction ଆପଣଙ୍କ କ୍ଷେତ୍ରରେ ମଧ୍ୟ ସେଇପରି ସତ୍ୟ ! ଆପଣ ଯେଉଁ ଯୁବତୀକୁ ଏକାନ୍ତ ଭଲ ପାଆନ୍ତି ସେ ମଧ୍ୟ ସତୀ ସାଧ୍ୱୀ ହେବା ସ୍ୱାଭାବିକ। ମାତ୍ର ଆପଣଙ୍କ ଭଳି ଅନ୍ୟ କେତେକ ଯୁବକ ଯଦି ତାକୁ ଆପଣଙ୍କ ଭଳି ବା ତତୋଧିକ ଐକାନ୍ତିକ ପ୍ରେମ କରନ୍ତି ବରଂ ସେ ଯୁବତୀ ସମସ୍ତଙ୍କ ନିକଟରେ ସତୀ ହେବାକୁ ବାଧ୍ୟ। ସେଇଠି ଅଡୁଆ।

ପ୍ର—ନାରୀ ମାନଙ୍କ ଉଚ୍ଚ ଶିକ୍ଷା ସମ୍ବନ୍ଧରେ ଆପଣଙ୍କ ମତ କଣ ?

ଉ—ଫଳ ଯେତେ ଉପରକୁ ଗଲେ— ଡେଇଁବା ଲୋକ ସେତିକି ଉପରକୁ ଉଠିବାକୁ ବାଧ୍ୟ। ପରିଣାମରେ ନରରନ୍ଧ୍ର ଉପକାର।

ପ୍ର—ସମ୍ପାଦକ, ସାମ୍ବାଦିକ, ଲେଖକ—କାହାକୁ ଆପଣ ଉଚ୍ଚସ୍ଥାନ ଦେବେ ?

ଉ—ହିସାବ କରିଦେଖନ୍ତୁ; ପ୍ରତ୍ୟେକକୁ ସମାନ ୧୦ ନମ୍ବର ଦେଇ:—

ଜଣେ ଲେଖକ ସାମ୍ବାଦିକ ନହୋଇ ପାରେ ବା ସମ୍ପାଦକ ନହୋଇ ପାରେ କେବଳ ଲେଖକ ବାବଦକୁ ୧୦ ନମ୍ବର ପାଇବ

ସାମ୍ବାଦିକ ଲେଖକ ନହେଲେ ନଚଳେ କିନ୍ତୁ ସେ ଜଣେ ସମ୍ପାଦକ ନହୋଇ ପାରେ—ତେଣୁ ତାର ଲେଖକ ବାବଦ ୧୦ ନମ୍ବର ଓ ସାମ୍ବାଦିକ ବାବଦ ୧୦ ନମ୍ବର ମୋଟ ୨୦ ନମ୍ବର।

ମାତ୍ର ସମ୍ପାଦକ ନିଶ୍ଚୟ ଲେଖକ ହୋଇଥିବ ଏବଂ ନିଶ୍ଚୟ ସାମ୍ବାଦିକ ହୋଇଥିବ ତେଣୁ ପ୍ରତ୍ୟେକରୁ ୧୦ ନମ୍ବର କରି ପାଇଲେ ୩୦ ନମ୍ବର ପାଇଲା।

ସ୍ତ୍ରୀ ରୋଗ ପାଇଁ

## ଲ୍ୟୁକୋ ରେମେଡୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କିମ୍ବା ଅଦୌ ହାନି କାରକ ନୁହେଁ। ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୫୯/୦

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ
### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରକୁ ଦୂରିତ ହୁଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୨।— ଡାକଖର୍ଚ୍ଚ—୫୦/୦ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ।

Kaviraj M. K KAVYATIRTHA (D. G.)
70, Cornwallis St., Calcutta

ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗେ ବା ଅଂଶେର ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ। ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—
**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା



Digitized by srujanika@gmail.com



## ବଧବାଛି ପୁଣି ମଲା

### ନାଗଙ୍କ କଲମରୁ

ଲେ—ଶ୍ରୀମତୀ ତୁଳସୀ ଦାସ

ଯାଉଥିଲି ଦିନେ ମହାନଦୀ କୂଳେ
ଦେଖିଲି ଗୋଟିଏ ବିଧବା ଜନେ,
ଜାଣି ନାହିଁ କାହିଁ ହୋଇ କାନ୍ଦୁଥିଲା ସିଏ
ବହୁଥିଲା ଲୁହ ନୟନ କୋଣେ।
କେତେ ଚୋପା ଗୋରା ଦେହ ମୁହଁ ତାର
ପଡ଼ିଥିଲା ଆହା ଦୁଃଖେ ମଉଳି,
ଚହଳିଆ ପଣ୍ଡା ଶୁଣିଥିଲା ଏକ
ତା ମଥେ ପକାଇ ଦେଉ ଯାଉଁଳି।
ଦାଉଣ ଝ ଶେଷ ଖଇଫୁଟା ଖରା
ଆହା କହ ପାଣି ପିଇଲା ସିଏ
ପଚାରିଲି ମୋତେ କେତେ ବାକି ଅଛି ?
କହ ପାରିବକି କିଏ ତାହାକୁ କିଏ ?
କାହାପାଖରେ କାମ ? ପଚାରିଲି ତାକୁ
ଏତେ ଡର ଡର ହେଉଛ କିଆଁ ?
କହିଲା—“ ଦେଇବ ସବୁବେଳେ ନିଠୁର
ଦୁଃଖୀ ମୁଣ୍ଡେ ତାଲେ ଦୁଃଖର କିଆଁ।
କାଆଗେ କହିବି ମୋ’ର ଦୁଃଖ କଥା
ମୋ’ ପରି ଦୁଃଖିନୀ ସଂସାରେ ନାହିଁ
ତିନିଦିନ ହେଲା ବାପାଙ୍କୁ ମୋ’ ଜର
ଯାଉଛି ବଇଦ ଡାକିବା ପାଇଁ।
ଦାନ, ବାଳଲୀଳା, ମହାଦେବ ପୂଜା,
କଲେ ଏହି ମୁଣ୍ଡ ଯିବନି ରହି,
ସିଏ ମହାଯଶା ତଣ୍ଟିରେ ବସିଛି
ଗଉଣି ନାଆଁ ଯାଉଛି କହି।
ମଣ୍ଡପିବା କଷ୍ଟ ପାଣି ଗଡ଼ୁ ନାହିଁ
ଛାତି ନପାରନ୍ତି ମଣିଷ ଅଉ,
ଗାଁ ଠେଙ୍ଗାପାଳ ଦୁଇ ନପାରନ୍ତି
ଏତେବେଳକୁ ଘୂଣି ସାଧନ୍ତି ଦାଉ।
ଚୋର ପରି ଆଁ ଇଲୁଡ଼ ଜଳରେ
ଡରି ମରଥିଲେ ଗଛ ଏ ଜନ,
ଶୁଖି ଚେହେରା ପରି ଯାହା ସିଏ ଧରି
ଦେଖି ନାହିଁ ତାଙ୍କ ମୁହଁ ମୁଁ ଦିନେ
ତେଣୁ ଦିନ ହେଲା ମୋ’ ମନ ଉଦାସୀ
ବାଇଜାରେ ପଡ଼ି ଯାଉଛି ମରି
ଖବର ଅଛି ଯଦି ଜାଣି କାହିଁ କାହିଁ
ମାଉସୀ ପଚାରି କୂଅରେ ପଡ଼ି।
ମନ ଦୁଃଖ କଥା ଭୂଲି ଯାଇ ଥିଲି
ବାପାଙ୍କର ମୁହଁ ମୁଁ ଚାହିଁ ଚାହିଁ
ବୁଝିବେ ଯେବେ ମୋତେ ଛାଡ଼ି ଦାଗା
କାହାକୁ କହିବି ? କି ସୁଖପାଇଁ ? ”

\+ + + ×

ଦୁଇ ଦିନ ପରେ ଶୁଣିଲି ତା’ ବାପା
ବେଗ ଫଗେ ଯୁଝି ଯାଉଛି ମରି,
ମୁଣ୍ଡ ପିଟି ପିଟି ବଧବାଛି ପୁଣି
ମରଛି, ମୋ’ ଦେହ ଉଠିଲା ଥରି
ସବୁ କଥା ଶୁଣି ସମବେଦନାରେ
କୋହ ଉଠିଲା ମୋ ପରାଣେ ଜାଗି
ନଥ ଅନ୍ତା ଏଇ ମରଣ ସଂସାରେ
ଥିଲେ ଥାଉ, ନୋହୁ ଦୁଃଖ ତା ଲାଗି

—•••—

### ନାଗଙ୍କ ପ୍ରଶ୍ନ

ରାଧାମୋହନ [୧୬୮୩] ଗଡ଼ରେ ଜଳ ଭୂଲିଆ ପୋକ ଜୁଜୁଜୁଟୁ କରେ କାହିଁକି ?

ଅବଦୁଲ ହକିମ ( ? ) ଇଂରାଜ ରାଜତ୍ୱ ଅବ୍ୟବହିତ ପୂର୍ବରୁ ଭାରତର ସର୍ବ ଶ୍ରେଷ୍ଠ ରାଜା କିଏ ?

ଭାସ୍କର [?] ସମାଜରେ ପ୍ରକାଶ ପାଉଥିବା ମେଜିକ ରୁମାଲ ମୁଦି ଦେବୀ କବଚ ଅାଦି ପ୍ରକୃତ ଫଳ ପ୍ରଦାନ କି ?

ରାଧାମୋହନ [୧୬୮୩] ପୋଷ୍ଟକାର୍ଡ଼ରେ ଶିବଛବି ଦେବାର ତାତ୍ପର୍ଯ୍ୟ କଣ !

ଦୁର୍ଯ୍ୟୋଧନ [୧୩୭୬] ଫାଉଣ୍ଟେନ ପେନର ପ୍ରଥମ ଆବିଷ୍କାରକ କିଏ ?

ଭାଗିରଥି [୧୧୬୮] ପୃଥିବୀରେ ସର୍ବ ପ୍ରଥମ କେଉଁ ପତ୍ରିକା ବାହାରିଲା ?

### ନାଗଙ୍କ ଉତ୍ତର

ଗୋପିନାଥ ଭାଇ ଜାଣିବ—ଶ୍ୟାମ ଚନ୍ଦ୍ର-ଭାଗାରେ ଛପ କରି ଜୁସ୍ତିବ୍ରେଗରୁ ଆବିଷ୍କାର ଲଭିଥିଲେ—ଅନୁଜ (୧୬୫୬) ରାଧାମୋହନ (୧୬୮୩) ଭାସ୍କର (୧୩୦୬) ଶୁଭେନ୍ଦୁ (୧୩୬୨) ସୋମନାଥ (୧୩୨୭)

ଦଣ୍ଡାନିଧି ଭାଇ—ସଂଗୀତ, ବାଦ୍ୟ, ନୃତ୍ୟ, ନାଟ୍ୟ ଆଲେଖ୍ୟ, ପୁଷ୍ପାସ୍ତରଣ, ଦଶନ ରଙ୍ଗ, ବସନ ରଙ୍ଗ ଦେହରଙ୍ଗ, ଶେଖର ଯୋଜନା ଗନ୍ଧଯୁକ୍ତ ଭୂଷଣ ଯୋଜନା, ଇନ୍ଦ୍ରଜାଲ, ଦ୍ୟୂତ, ଚର୍ଚ୍ଚା କୌଶଳ, ଜ୍ଞାନ, ରଣ ପ୍ରଭୃତି—ରାଧାମୋହନ (୧୬୮୩)

ଚନ୍ଦ୍ରାମଣି ଭାଇ ଜାଣିବ—ପ୍ରଥମେ ଜେଲି ଫିସ ନାମକ ଏକ ଦଳ ବା ମାଛ ଜାତୀୟ ଜୀବର ସୃଷ୍ଟି ହୋଇ ଥିଲା।—କିହର (୧୦୬୪



Digitized by srujanika@gmail.com

ଙ୍ଗ୍ରେନ ଭାଇ—କେଶବ କୋଇଲି ଓଡ଼ିଆରେ ପ୍ରଥମ ପୁସ୍ତକ—ନ ସମ୍ପୂଣ (୧୩୩୯)

ରାଧମୋହନ ଭାଇ—ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ୧୯୪୪—ପ୍ରତିଷ୍ଠାତା ଶ୍ରୀଗୋଦାବରୀଶ ମିଶ୍ର—ଶୁଭେନ୍ଦୁ (୧୩୫୨) ସୋମନାଥ [୧୩୨୬]

ଦୁର୍ଯୋଧନ ଭାଇ—ଚନ୍ଦ୍ରଲୋକ ଆବିଷ୍କର୍ତ୍ତା ଟମାସ ଏଡିସନ୍—ସୋମନାଥ [୧୩୨୬]

ଦ୍ୱୈରଭାଇ—ପ୍ରକୃତ ସୁଖୀ ଗୃହୀ—ସୋମନାଥ [୧୩୨୬] କହ୍ନାର [୧୦୬୪]

ଦୁର୍ଯୋଧନ ଭାଇ—ପର୍ବତ ପାଖରେ ଶବ୍ଦ କଲେ ଶବ୍ଦ ପର୍ବତରେ ବାଧାପାଇ ଫେରିଆସିବାରୁ ଅନେକ ପରେ ପ୍ରତିଧ୍ୱନି ଶୁଭେ । ରାଧାମୋହନ [୧୨୮୩] ଭାସ୍କର [୧୩୦୨]

## ୪୯ ଅବସର ବିନୋଦନ ଉତ୍ତର

କନକ ଓ କନକ
ଆବରଣ ଓ ଆଭରଣ
ଆକାର ଓ ଆଧାର

ଦୋଟିଏ ଲେଖାଏ ଉତ୍ତର ଦେଇଛନ୍ତି ଅମ୍ବିକା (୧୨୫୫) ରାଧାମୋହନ ୧୨୮୩)

ପୁରସ୍କାର

୨୦ ଶ ସଂଖ୍ୟାରେ ଅଧିକ ସଂଖ୍ୟକ ଉତ୍ତର ଦେଇଥିବାରୁ ହରିବନ୍ଧୁ (୧୨୫୯) ଟ ୧୮ ପୁରସ୍କାର ପାଇଲେ ।

## ନୂଆ ନାଗଙ୍କ ନାମ

୧୩୫୯ । ଧନେଶ୍ୱର ନାୟକ, କୋଲାବିରା ଏନ୍, ଏଲ୍, ଏମ୍ ଇ, ସ୍କୁଲ, ପୋ, କୋଲାବିରା kolabira । ୧୩୬୦ । ଉପେନ୍ଦ୍ରନାଥ ପଣ୍ଡା ବଳଭଦ୍ର ନାଃ ହାଇସ୍କୁଲ ୧୦ମ ଶ୍ରେଣୀ ଆନନ୍ଦପୁର । ୧୩୬୧ । କାମାକ୍ଷା ପ୍ରସାଦ ଆଗ୍ରୱାଲ ନବମ ଶ୍ରେଣୀ [କ] ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀର ପାଟଣା ପୋଃ ବଲାଙ୍ଗୀର ପାଟଣା । ୧୩୬୨ । ଶ୍ରୀଜଗନ୍ନାଥ ମହାନ୍ତି ବାଲେଶ୍ୱର ଜିଲ୍ଲା ସ୍କୁଲ ୯ମ A ବାଲେଶ୍ୱର ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ଉଣା । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ଚାନ୍ଦା ନିମନ୍ତେ ଟ୦ ୶ ଡାକଟିକଟ ଦେଲି

ସେହର
ଠିକଣା —ଶ୍ରୀ...


# ମନଲାଖି ପଢିଲା ବହି

## ଉପନ୍ୟାସ

| | | |
|---|---|---|
| ଜୁଆର ଭଟ୍ଟା— | ଶ୍ରୀ ଚନ୍ଦ୍ରମଣି ଦାସ | ଟ ୨ ୳ |
| ଅନାଥାଶ୍ରମ | ” | ଟ ୧ ୳ |
| ଭୁଲ କହାର | ” | ଟ ୧ |
| ବିଷ ବଳାଠା | ” | ଟ ୧ ୴ |
| ଧରାସ୍ୱର୍ଗ | ” | ଟ ୧ ୳ |
| ସତୀ ଦାହ | ” | ଟ ୧ ୳ |
| ଆଶ୍ରମରେ ଏକାକୀ ମୁଁ | ” | ଟ ୦ ୴୶ |
| ସେ ଓ ମୁଁ | ” | ଟ ୦ ୴୶ |
| ପକ୍ଷି ଶିକାର | ” | ଟ ୨ |
| ମୁଖମୁଖୋଷ ଦେବତା | ଶ୍ରୀ ଚନ୍ଦ୍ର | ଟ ୨ |
| ଜୀବନରକ୍ଷା— | —ନିତ୍ୟାନନ୍ଦ— | ଟ ୧ ୳ |
| ମୁକ୍ତ ଆକାଶର ବିହଙ୍ଗ | ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି. ଏ. | ଟ ୧ |
| ନୂଆ ଦୁନିଆ | ” | ଟ ୧ |
| କୁଲି | ” | ଟ ୧ |
| ମାଡ଼ା ମଠ— | ଶ୍ରୀ ବଟକୃଷ୍ଣ ପ୍ରହରାଜ ବି. ଏ | ଟ ୧ |
| ପୂର୍ଣ୍ଣାହୁତି | ” | ଟ ୧ |
| ଶୈତାନର ଗୁଲଖାକ | ଶ୍ରୀ ସୁରେନ୍ଦ୍ରନାଥ ଚୌଧୁରୀ ବି. ଏ. | ଟ ୩ । |
| ଡେଞ୍ଜର ସିଗନାଲ | ” | ଟ ୧ । |

## ପିଲାଙ୍କ ପାଇଁ

| | | |
|---|---|---|
| ନାଗରାଜ କଥାମାଳା ଲେ—କୃଷ୍ଣଚନ୍ଦ୍ର କର | | |
| ସୁନା ପଦ୍ମ | ” | ଟ ୦ ।୶ |
| ସୁନା ଶୃଙ୍ଗ | ” | ଟ ୦ ।୶ |
| ସୁନା ପଞ୍ଜୁରୀ | ” | ଟ ୦ ।୶ |
| ସୁନା ବାହୁଡ | ” | ଟ ୦ ।୶ |
| ସୁନା ବଇଁଶୀ | ” | ଟ ୦ ।୶ |
| ସୁନା ଚଢେଇ— | ” | ଟ ୦ ।୶ |
| ପରୀରାଇଜ କଥାମାଳା ଲେ—ଉଦୟନାଥ ଷଡ଼ଙ୍ଗୀ | | |
| ଜଳପରୀ | ” | ଟ ୦ ।୶ |
| କଣ୍ଟକପରୀ | ” | ଟ ୦ ।୶ |
| ପାତାଳପରୀ | ” | ଟ ୦ ।୶ |
| ଆକାଶପରୀ | ” | ଟ ୦ ୶ |
| ଶରତ ପରୀ | ” | ଟ ୦ ।୶ |
| ବସନ୍ତପରୀ | ” | ଟ ୦ ।୶ |
| ହୁକ୍କା ରାଇଜ କଥାମାଳା ଲେ—କୃଷ୍ଣଚନ୍ଦ୍ର କର | | |
| ହୁକ୍କାରାଣୀ | ” | ଟ ୦ ।୶ |
| ହୁକ୍କାକଜ୍ଜଳ | ” | ଟ ୦ ।୶ |
| ହୁକ୍କାଦ୍ୱୀପ | ” | ଟ ୦ ।୶ |
| ହୁକ୍କାକୋଠୀ | ” | ଟ ୦ ।୶ |
| ହୁକ୍କାମାଳା | ” | ଟ ୦ ।୶ |
| ହୁକ୍କାଘୋଡା | ” | ଟ ୦ ।୶ |
| ସପନରାଇଜ କଥାମାଳା ଲେ—ଉଦୟନାଥ ଷଡ଼ଙ୍ଗୀ | | |
| ସାତ ସମୁଦ୍ରର ଢେଉ | | ଟ ୦ ।୶ |
| ଦେଶ ବିଦେଶର ପିଲା | | ଟ ୦ ।୶ |
| ସାନଙ୍କ ରାମାୟଣ | | ଟ ୦ ୴୶ |
| ମହାଭାରତ କାହାଣୀ | | ଟ ୦ ୴୶ |
| କଥା ପଞ୍ଚକ | | ଟ ୦ ୴ |
| ବାପୁ ଜୀବନର ସତକଥା | | ଟ ୦ ।୶ |

ସାରସ୍ୱତ ଭଣ୍ଡାର—କଟକ—୨




Digitized by srujanika@gmail.com

# କଟକ ପବ୍ଲିଶିଂ ହାଉସ, କଟକ-- ୨ଙ୍କ

ପାଠ୍ୟ ପୁସ୍ତକାବଳି

ପଣ୍ଡିତ ଗୋଦାବରୀଶ ମିଶ୍ର ଏମ, ଏ, ବ, ଟିଙ୍କ

## ପାଠମାଳା

୧ମ ଭାଗ ସଂ, ସଂସ୍କରଣ ୨ୟ ଶ୍ରେଣୀ ଟ ୦।
୨ୟ ଭାଗ ସଂ, ସଂସ୍କରଣ ୩ୟ ଶ୍ରେଣୀ ଟ ୦।
୩ୟ ଭାଗ ନୂତନ ମୁଦ୍ରଣ ୪ର୍ଥ ଶ୍ରେଣୀ ଟ ୦।୵
୪ର୍ଥ ଭାଗ " ୫ମ ଶ୍ରେଣୀ ଟ ୦।୵

ଶ୍ରୀ ରାଜକିଶୋର ପଟ୍ଟନାୟକ କବିଭୂଷଣଙ୍କ ପ୍ରଣୀତ

## ସରଳ ପାଠ

ପ୍ରଥମ ଭାଗ ୨ୟ ଶ୍ରେଣୀ ଟ ୦।
ଦ୍ୱିତୀୟ ଭାଗ ୩ୟ ଶ୍ରେଣୀ ଟ ୦।

ମୌଲବୀ ରହେମତ୍ ଅଲ୍ଲି ବି, ଏ, ଏଲ, ଟିଙ୍କ

## ଗଣିତ ସୋପାନ

୧ମ ଭାଗ ୧ମ ଖଣ୍ଡ ୨ୟ ଶ୍ରେଣୀ ଟ ୦।
୧ମ ଭାଗ ୨ୟ ଖଣ୍ଡ ୩ୟ ଶ୍ରେଣୀ ଟ ୦।
୨ୟ ଭାଗ ୪ର୍ଥ ଓ ୫ମ ଶ୍ରେଣୀ ପାଇଁ ଟ ୦୴

ରାୟ ସାହେବ ହିମରାଳଭ ଏମ, ଏ, ଓ ଇଡ଼ଙ୍କ

## ଉଚ୍ଚ ଗଣିତ

ସଂଶୋଧିତ ସଂସ୍କରଣ ୪ର୍ଥ ଓ ୫ମ ଶ୍ରେଣୀ ଟ ୦୵

## ସାହିତ୍ୟ ମୁକୁଳ

ଶ୍ରୀ ଉପେନ୍ଦ୍ରପ୍ରସାଦ ମହାନ୍ତି ବି, ଏ, ଓ, ଇଙ୍କ
୧ମ ଭାଗ ସଂ, ସଂସ୍କରଣ ୨ୟ ଶ୍ରେଣୀ ଟ ୦।
୨ୟ ଭାଗ " ୩ୟ ଶ୍ରେଣୀ ଟ ୦।

## ସାହିତ୍ୟ ସୋପାନ

ଶ୍ରୀ ରାମକୃଷ୍ଣ ନନ୍ଦ ବି, ଏ, ଓ ଇଙ୍କ ପ୍ରଣୀତ

୧ମ ଭାଗ ନୂତନ ସଂ, ସଂସ୍କରଣ ୨ୟ ଶ୍ରେଣୀ
[ ଅନୁମୋଦିତ ] ଟ ୦।

### ଇତିହାସ ସହଚର

ପଣ୍ଡିତ କୃପାମଣି ଦାଶ କାବ୍ୟତୀର୍ଥଙ୍କ ପ୍ରଣୀତ

[Historical Reader ]
୧ମ ଭାଗ ୪ର୍ଥ ଶ୍ରେଣୀ ପାଇଁ ଟ ୦।୵
୨ୟ ଭାଗ ୫ମ ଶ୍ରେଣୀ ପାଇଁ ଟ ୦।୵

ଶ୍ରୀ ରାମଚନ୍ଦ୍ର ମହାପାତ୍ର ଏମ, ଏ, ଏଲ, ଟି
ଶ୍ରୀ ହରବନ୍ଧୁ ତ୍ରିପାଠୀ
ଓ ଶ୍ରୀ କାଶୀନାଥ ମିଶ୍ର ବି, ଏ, ଙ୍କ

### ଭୌଗୋଳିକ ପାଠ

[ Geographical Reader ]
୧ମ ଭାଗ ୪ର୍ଥ ଶ୍ରେଣୀ ପାଇଁ ଟ ୦।୵
୨ୟ ଭାଗ ସଂ, ସଂ, ୫ମ ଶ୍ରେଣୀ ପାଇଁ ଟ ୦।୵

ପଣ୍ଡିତ ନୀଳକଣ୍ଠ ଦାଶ ଏମ୍, ଏ, ଙ୍କ ପ୍ରଣୀତ

## ସରସ ପାଠ

୨ୟ ଭାଗ ସଂ, ସଂସ୍କରଣ ୩ୟ ଶ୍ରେଣୀ ଟ ୦।
୧ମ ଭାଗ " ୨ୟ ଶ୍ରେଣୀ
[ ଅନୁମୋଦିତ ] ଟ ୦।

ଶ୍ରୀ ଉପେନ୍ଦ୍ରନାଥ ଦାଶଙ୍କ ପ୍ରଣୀତ

## ବାଳ ସହଚର

୧ମ ଭାଗ ସଂ, ସଂସ୍କରଣ ୨ୟ ଶ୍ରେଣୀ
[ ଅନୁମୋଦିତ ] ଟ ୦।
୨ୟ ଭାଗ " ୩ୟ ଶ୍ରେଣୀ
[ ଅନୁମୋଦିତ ] ଟ ୦।

ଶ୍ରୀ ରାମଚନ୍ଦ୍ର ମହାପାତ୍ର ଏମ, ଏ, ଏଲ, ଟି
କାଶୀନାଥ ମିଶ୍ର ବି, ଏ,
ଶ୍ରୀ ହରବନ୍ଧୁ ତ୍ରିପାଠୀ
ଓ ଶ୍ରୀ ଦଶରଥି ରଥଙ୍କ ପ୍ରଣୀତ

## ପାଠ ତରଙ୍ଗ

୨ୟ ଭାଗ ସଂ, ସଂସ୍କରଣ ୫ମ ଶ୍ରେଣୀ
[ ଅନୁମୋଦିତ ] ଟ ୦।୵

ପ୍ରଥମ ଶ୍ରେଣୀର ପ୍ରଥମାର୍ଦ୍ଧ ପାଇଁ
ଶ୍ରୀ ରାମକୃଷ୍ଣ ନନ୍ଦ ବି, ଏ, ଓ, ଇଙ୍କ ପ୍ରଣୀତ

## ପାଠ ସୋପାନ

ଦ୍ୱିତୀୟ ଭାଗ ସଂଶୋଧିତ ସଂସ୍କରଣ ଟ ୵

ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି ବି, ଏ, ଓ, ଇଙ୍କ

## ପାଠ ମୁକୁଳ

ଦ୍ୱିତୀୟ ଭାଗ ସଂଶୋଧିତ ସଂସ୍କରଣ ଟ ୵୬
ପ୍ରଥମ ଶ୍ରେଣୀର ଦ୍ୱିତୀୟାର୍ଦ୍ଧ ପାଇଁ
ଶ୍ରୀ ବଦ୍ରୀନାଥ ପଣ୍ଡାଙ୍କର ପ୍ରଣୀତ

## ପ୍ରଥମ ପାଠ

ନୂତନ ମୁଦ୍ରଣ ଟ ୦୵୬

ପଣ୍ଡିତ ଗୋଦାବରୀଶ ମିଶ୍ର ଏମ, ଏ, ବି ଟିଙ୍କ

## ପାଠ ପ୍ରବେଶ

ସଂଶୋଧିତ ସଂସ୍କରଣ ଟ ୦୵
ଶ୍ରୀ ଉପେନ୍ଦ୍ରନାଥ ଦାଶଙ୍କ ପ୍ରଣୀତ

## ଶିଶୁ ସହଚର

ସଂଶୋଧିତ ସଂସ୍କରଣ ଟ ୦୵

Digitized by srujanika@gmail.com

Dagaro

Reg. No O18. ORISSA'S MOST POPULAR FORTNIGHTLY 1-5 50

# ନୂତନ ପାଠ୍ୟ ପୁସ୍ତକ

## —ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ହେଲା—

ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ ନିମ୍ନଲିଖିତ ପାଠ୍ୟପୁସ୍ତକ ଗୁଡ଼ିକ ୧୯୫୦-୫୧ ବର୍ଷ ମଧ୍ୟରେ ସମଗ୍ର ଓଡ଼ିଶା ଓ ଓଡ଼ିଶା ସହିତ ମିଶିଥିବା ଦେଶୀୟ ରାଜ୍ୟ ସ୍କୁଲ ମାନଙ୍କରେ ପଢାଯିବା ନିମନ୍ତେ ଓଡ଼ିଶା ଶିକ୍ଷାବିଭାଗୀୟ ଡିରେକ୍ଟର ମହୋଦୟ ମଞ୍ଜୁର କରି ତା ୧୭-୩-୫୦ ରିଖର No. 1/3T-6-50. ନମ୍ବର ନୋଟିଫିକେସନ [୩୧-୩-୫୦ ଗେଜେଟରେ] ବିଜ୍ଞାପିତ କରି ଅଛନ୍ତି ।

| ପୁସ୍ତକର ନାମ | ଭାଗ | କେଉଁ ଶ୍ରେଣୀ ପାଇଁ | ଲେଖକ | ମୂଲ୍ୟ |
|---|---|---|---|---|
| ଶିଶୁ | ଦ୍ୱିତୀୟ ଭାଗ | ପ୍ରଥମ ଶ୍ରେଣୀ-ପ୍ରଥମାର୍ଦ୍ଧ ପାଇଁ | — — — | ଟ ୦ ৵৬ |
| ନବମୁକୁଳ | — — | ପ୍ରଥମ ଶ୍ରେଣୀ—,, | ଶ୍ରୀଧର ମହାପାତ୍ର | ଟ ୦ । |
| ଶିଶୁପାଠ | — — | ପ୍ରଥମ ଶ୍ରେଣୀ-ଦ୍ୱିତୀୟାର୍ଦ୍ଧ | ଶ୍ରୀ ଅଧିରାଜ ମୋହନ ସେନାପତି | ଟ ୦ । |
| ସୁନ୍ଦର ସାହିତ୍ୟ | ପ୍ରଥମ ଭାଗ | ଦ୍ୱିତୀୟ ଶ୍ରେଣୀ | ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ | ଟ ୦ ।/ |
| ସୁନ୍ଦର ସାହିତ୍ୟ | ଦ୍ୱିତୀୟ ଭାଗ | ତୃତୀୟ ଶ୍ରେଣୀ | ,, | ଟ ୦ ।/ |
| ପାଠ ସଂଗ୍ରହ | ପ୍ରଥମ ଭାଗ | ଦ୍ୱିତୀୟ ଶ୍ରେଣୀ | ଷ୍ଟୋର ସମ୍ପାଦକ ମଣ୍ଡଳୀ | ଟ ୦ । |
| ପାଠ ସଂଗ୍ରହ | ଦ୍ୱିତୀୟ ଭାଗ | ତୃତୀୟ ଶ୍ରେଣୀ | ,, | ଟ ୦ ।. |
| ପାଠ ପ୍ରସୂନ | ପ୍ରଥମ ଭାଗ | ଦ୍ୱିତୀୟ ଶ୍ରେଣୀ | ଶ୍ରୀ ଭବଗ୍ରାହୀ ମହାନ୍ତି | ଟ ୦ । |
| ପାଠ ପ୍ରସୂନ | ଦ୍ୱିତୀୟ ଭାଗ | ତୃତୀୟ ଶ୍ରେଣୀ | ,, | ଟ ୦ । |
| ବାଳକ ପାଠ | ପ୍ରଥମ ଭାଗ | ଦ୍ୱିତୀୟ [ଅତିରିକ୍ତ ସାହିତ୍ୟ] | ଶ୍ରୀ ନୀଳକଣ୍ଠ ରଥ | ଟ ୦ ৵ |
| ବାଳିକା ପାଠ | ଦ୍ୱିତୀୟ ଭାଗ | ତୃତୀୟ [ବାଳିକାଙ୍କ ପାଇଁ] | ,, | ଟ ୦ ৶ |
| ନିମ୍ନଗଣିତ ବୋଧ | ପ୍ରଥମ ଭାଗ | ଦ୍ୱିତୀୟ ଶ୍ରେଣୀ | ଶ୍ରୀ ଦାମନଚରଣ ଦାସ | ଟ ୦ । |
| ନିମ୍ନଗଣିତ ବୋଧ | ଦ୍ୱିତୀୟ ଭାଗ | ତୃତୀୟ ଶ୍ରେଣୀ | ,, | ଟ ୦ ৶ |
| ସହଜ ଗଣିତ ଶିକ୍ଷା | ପ୍ରଥମ ଭାଗ | ତୃତୀୟ ଶ୍ରେଣୀ | ଶ୍ରୀ ଦିବାକର ପଟ୍ଟନାୟକ | ଟ ୦ ।৵ |
| ନବ ସାହିତ୍ୟ | ପ୍ରଥମ ଭାଗ | ଚତୁର୍ଥ ଶ୍ରେଣୀ | ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ | ଟ ୦ ।/ |
| ନବ ସାହିତ୍ୟ | ଦ୍ୱିତୀୟ ଭାଗ | ପଞ୍ଚମ ଶ୍ରେଣୀ | ,, | ଟ ୦ ।/ |
| ଭୌଗୋଳିକ ସାହିତ୍ୟ | ପ୍ରଥମ ଭାଗ | ଚତୁର୍ଥ ଶ୍ରେଣୀ | ଶ୍ରୀ ଅଧିରାଜମୋହନ ସେନାପତି | ଟ ୦ ।/ |
| ଭୌଗୋଳିକ ସାହିତ୍ୟ | ଦ୍ୱିତୀୟ ଭାଗ | ପଞ୍ଚମ ଶ୍ରେଣୀ | ,, | ଟ ୦ ।/ |
| ଉଚ୍ଚ ଗଣିତ ସାର | ପ୍ରଥମ ଭାଗ | ଚତୁର୍ଥ ଶ୍ରେଣୀ | ଶ୍ରୀ ରଘୁନାଥ ମହାନ୍ତି | ଟ ୦ । |
| ଉଚ୍ଚ ଗଣିତ ସାର | ଦ୍ୱିତୀୟ ଭାଗ | ପଞ୍ଚମ ଶ୍ରେଣୀ | ,, | ଟ ୦ । |

## ପ୍ରକାଶକ—ଷ୍ଟୁଡେଣ୍ଟସ୍ ଷ୍ଟୋର

ହେଡ଼ ଅଫିସ—
ବାଲୁବଜାର, କଟକ—୨

ଶାଖା—
ବ୍ରହ୍ମପୁର, ଗଞ୍ଜାମ
କଂସାରିପଡ଼ା, ସମ୍ବଲପୁର

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Printed & Published by G.C. Mohapatro, at the Gopinath Press, Bhadrak. 1·5 50

Digitized by srujanika@gmail.com





ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୨୨ଶ ସଂଖ୍ୟା
ବୈଶାଖ ପୂର୍ବାର୍ଦ୍ଧ
୧୭ । ୫ । ୫୦


## ପୁଞ୍ଜିପତିଙ୍କର ପଣ




ଆଉ କଳା ବଜାର କରିବୁ ନାହିଁ ।


ମୂଲ୍ୟ-ପ୍ରତିଖଣ୍ଡ ଦୁଇଅଣା

ବାର୍ଷିକ ଟ ୬ ଷାଣ୍ମାସିକ ଟ ୩



Digitized by srujanika@gmail.com

ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗୋଟିଏ ସୌଭାଗ୍ୟ ମୁଦ୍ରିକାରେ ମୁଦ୍ରିତ ଯାଦୁ ଯନ୍ତ୍ର ଦେଖିବେ ଏହି ଆଙ୍ଗୁଠି ପଳିବେ ଶୀଘ୍ରି ମୁଦ ପିନ୍ଧନ୍ତୁ। ଏହା ଆପଣଙ୍କୁ ଶକ୍ତ ସମସ୍ତ ଆଣିଦେବ। ଆପଣ ନିଜ ମନର୍ଚ୍ଛି ସୁନ୍ଦରୀ ପାଇ ପାରିବେ। ଆପଣଙ୍କର ପ୍ରେମିକା ଆପଣଙ୍କୁ ଯୋଗିବା ପଛେ ଆପଣଙ୍କ ପ୍ରତି ଅନୁରକ୍ତ ହେବେ। ସୁନ୍ଦରୀ ଆପଣଙ୍କ ଖୁସିରେ ଥିବ ହେବ ଏବଂ ବୀଣାଙ୍କରେ ଆପଣଙ୍କର ଇଚ୍ଛା ନିଷ୍ଠତିରେ ପୂରି ଯାଇବ। ଏହି ମୁଦ୍ର ଦୁଇଟି ମନ୍ତ୍ର ବାଳକମାନଙ୍କର ଆମା ରାଜ୍ୟରେ କଥା ଚାଲି ପାରିବେ ଏବଂ ଆପଣଙ୍କ ଭୂତ ଭବିଷ୍ୟତ ସେ ସମ୍ବାଦ ଘଟଣା ବାକ୍ୟ ଆପଣଙ୍କୁ ସ୍ୱପ୍ନରେ ଦେଖାଇବ। ଏଥିର ବ୍ୟବହାର ଥିଲେ ପୁର ହେବ। ପରୀକ୍ଷକଙ୍କ, ନାହିଁ ପ୍ରକୃତିରେ ନଷ୍ଟସ୍ୱ ଜନ୍ମ ହେବ। ସଂସାରରେ ଯେଉଁ ଖେଳ ପାସ କରିପାରିବେ। ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ। ଆପଣଙ୍କ ପ୍ରତିଦିନ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଇଜ୍ଜତ ମଧ୍ୟରେ କାଟି ଦେବେ।

ଏହି ମୁଦ୍ରିକା ନିଧି ଆପଣଙ୍କୁ ମୋଟ ୧୨୦/ ପଡ଼ିବ। ଶେଷ ଶକ୍ତିସମ୍ପନ୍ନ ମୁଦ୍ରିକା ମୂଲ୍ୟ ୪୦୦/ ଏହା ସୁବର୍ଣ୍ଣର ନାମ ପଦ। ଏହି ମୁଦ୍ରିକ ମୁଦ ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ। ସୂର୍ଯ୍ୟ ବରଂ ପର୍ଷ୍ଟ ମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି ମୁଦ୍ରିକ ମୁଦ କେବେ ବ୍ୟର୍ଥ ହେବ ନାହିଁ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଅମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଅମେ ଫେରସ୍ତ ଦେବୁ। ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୦୦୦ ନଗଦ ପୁରସ୍କାର ଦିଆଯିବ। ଅନୁଗ୍ରହ କରି ପରୀକ୍ଷା କରନ୍ତୁ।

Prof. Bengal Mesmerism House( D.B. )
Jullundur City.Panjab

---

ସ୍ତ୍ରୀ ରୋଗ ପାଇଁ

## ସ୍ତ୍ରୀବନ୍ଧୁ ରଚନା

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼େ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ। ମୂଲ୍ୟ ୫ ୫୯ ଡାକ ଖର୍ଚ୍ଚ—୫୦/

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହା ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୨।— ଡାକଖର୍ଚ୍ଚ—୫୦/ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

—ଶୁଭ ସମ୍ବାଦ—

ରାଷ୍ଟ୍ରଭାଷା ହିନ୍ଦି ଏଣିକି
ବାଧ୍ୟତା ମୂଳକ ବିଷୟ ନେଇ ସବୁ ସ୍କୁଲରେ
ପଢ଼ାହେବ
ସେହି ହିନ୍ଦୀ ଅଭ୍ୟାସ କରିବାକୁ
ଏକମାତ୍ର ପୁସ୍ତକ

ପ୍ରାଥମିକ

## ହିନ୍ଦୁସ୍ତାନୀ ଶବ୍ଦମାଳା

ଔର

## ଅନୁବାଦ ଶିକ୍ଷା

ଲେଖକ—
ଶ୍ରୀଗୋବିନ୍ଦ ଚନ୍ଦ୍ର ମିଶ୍ର ରାଷ୍ଟ୍ରଭାଷାରତ୍ନ
ମୂଲ୍ୟ—୫୧୦

ମୂଳ ଓଡ଼ିଆ ଶବ୍ଦ, ତାହାର ହିନ୍ଦୀଶବ୍ଦ ଓ ଲିଙ୍ଗ ଛଡ଼ା ପ୍ରତ୍ୟେକ ଅଧ୍ୟାୟ ଶେଷରେ ଅନୁବାଦ କରିବା ବିଷୟ ଦିଆଯାଇଛି। ଏହା Word Book ଓ Translation ଦୁଇକାମ କରିବାର ସୁବିଧା ଦେବ।

ପ୍ରକାଶକ—ଓଡ଼ିଶା ବୁକ୍ ଏମ୍ପୋରିୟମ
କଟକ—୨

---

## ସ୍ୱର୍ଣ୍ଣ ସମସ୍ୟାର

## ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ଼ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲଡ ଗହଣା, ରଙ୍ଗରେ ଓ ମଜବୁତିରେ ଅତୁଳନୀୟ। ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ। ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ।

ଜି, ମାଲାକାର ଚୌଧୁରୀ ଏଣ୍ଡ, ବ୍ରାହ୍ମସମାଜ ରୋଡ, କଲିକତା—୩୪

Digitized by srujanika@gmail.com

ଆନନ୍ଦାତ୍ ହି ଖଳ୍ୱିମାନି ଭୂତାନି ଜାୟନ୍ତେ

# ଝଙ୍କାର

ବୈଶାଖ ଦ୍ୱିତୀୟାର୍ଦ୍ଧ ୧୩ଶ ବର୍ଷ ୨୨ ସଂଖ୍ୟା ୧୭ । ୫ । ୫୦

## ˇ ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର

ମୟୂରଭଞ୍ଜର ଜନନାୟକ, ମୟୂରଭଞ୍ଜର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଶରତ୍‌ଚନ୍ଦ୍ର ଦାସ ଇହ ଲୀଳା ସାଙ୍ଗ କରିଛନ୍ତି ।

ଆତ୍ମାର ଦୁର୍ଗତି ବା ଅଧୋଗତି ନାହିଁ—ତେଣୁ ସଦ୍‌ଗତି କାମନା କରିବା ବୃଥା ।
ତାଙ୍କର ସଦ୍‌ଗୁଣାବଳି ଆମ୍ଭମାନଙ୍କୁ ସତ୍ ପଥରେ ସାହସ ଦେଉ !

ବିପକ୍ଷକୁ ମଧ୍ୟ ଯଥୋଚିତ ସମ୍ମାନ ଓ ସୌହାର୍ଦ୍ଦ୍ୟ ଦେବା—ତା' ପୁଣି ଆନ୍ତରିକତାର ସହିତ—ସୌଜନ୍ୟ ଦେବା ଭଳି ଉଦାରତା ତଥା ସତ୍ ସାହସ ଶରତ୍‌ଚନ୍ଦ୍ରଙ୍କ ଛଡ଼ା ଉତ୍କଳରେ କୌଣସି ଜନନାୟକଠାରେ ଦେଖା ଯାଇ ନାହିଁ । ଏହା ଅତ୍ୟୁକ୍ତିକର ହେଲେ ହେଁ ସତ୍ୟ ।

ଶରତଚନ୍ଦ୍ରଙ୍କ ସହିତ ଯେଉଁମାନେ ଏକମତ ଧରି ସମ୍ମୁଖରେ ହୋଇ ପାରି ନାହାନ୍ତି ବିଶେଷତଃ ସେମାନଙ୍କର ଶରତ୍ ଚନ୍ଦ୍ରଙ୍କ ଏଇ ବିଶେଷତା ପ୍ରତି ଦୃଷ୍ଟି ଆକର୍ଷଣ କରୁଛୁଁ ।

ଶରତ୍‌ଚନ୍ଦ୍ରଙ୍କର ପରିବାର ବର୍ଗ ଏବଂ ତାହାଙ୍କ ସମଗ୍ର ମୟୂରଭଞ୍ଜ ପ୍ରତି ଆମ୍ଭେମାନେ ଗଭୀର ସମବେଦନା ଜଣାଉଛୁଁ ।

ମୟୂରଭଞ୍ଜର ଆଦିବାସୀମାନଙ୍କ ପାଇଁ ଅଧିକ ସହାନୁଭୂତି-ଶୀଳ ଶରତ୍‌ଚନ୍ଦ୍ରଙ୍କଠାରୁ କୌଣସି ଆଦିବାସୀ ନେତା ମଧ୍ୟ ନଥିଲେ । ତାର ପ୍ରମାଣ ମୟୂରଭଞ୍ଜ ମିଶ୍ରଣ ପରେ ଆଦିବାସୀ ବିଦ୍ରୋହ ଓ ତାର ଦମନ । ଆଜି ମୟୂରଭଞ୍ଜର ଆଦିବାସୀମାନେ ହିଁ ଶରତ୍‌ଚନ୍ଦ୍ରଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସ୍ୱାଭାବିକ ।

## କେନ୍ଦ୍ର ମନ୍ତ୍ରୀ ମଣ୍ଡଳ

କେନ୍ଦ୍ର ମନ୍ତ୍ରୀମଣ୍ଡଳର ସାମାନ୍ୟ ଅଦଳ ବଦଳ ହୋଇଛି । ଏହା ପୁରାପୁରି ଏକ ଦଳୀୟ ହେବା ଦିଗରେ ଗତି । ପାଶ୍ଚାତ୍ୟ ଗଣତାନ୍ତ୍ରିକ ପରମ୍ପରାରେ ଏହା ହିଁ ବିଧିସଙ୍ଗତ ବ୍ୟବସ୍ଥା । କିନ୍ତୁ ଯେଉଁ ଦେଶରେ ବିଶେଷ ଜରୁରୀ ଅବସ୍ଥା ଥାଏ—ସେ ଗଣତନ୍ତ୍ର ଦେଶରେ ମିଳିତ ମନ୍ତ୍ରୀ ମଣ୍ଡଳକୁ ସ୍ୱାଗତ କରାଯାଇଥାଏ । ଭାରତରେ ଜରୁରୀ ଅବସ୍ଥା ଯୋଗୁ ବ୍ୟକ୍ତିଗତ ସ୍ୱାଧୀନତାକୁ ଖର୍ବ କଲାବେଳେ ପୂର୍ଣ୍ଣ ଦଳୀୟ ଶାସନକୁ—ହିଟଲର ବା ଷ୍ଟାଲିନ ବାଦ ଦିଗରେ ଏ ଦେଶ ଗତି କରୁଛି ବୋଲି ବିଚାରିବା ଅହେତୁକ ନୁହେଁ ।

## ଓଡ଼ିଶା ରାଷ୍ଟ୍ର

ଶ୍ରୀଯୁକ୍ତ ମହତାବ କେନ୍ଦ୍ର ମନ୍ତ୍ରୀ ମଣ୍ଡଳକୁ ଯିବା ଫଳରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ସ୍ଥାନ ଶୂନ୍ୟ ରହିଲା । ସମ୍ବିଧାନରେ ଯାହା ବ୍ୟବସ୍ଥା ଥାଉ ଗଣତାନ୍ତ୍ରିକ ଚଳନ୍ତି ପ୍ରଥା ଅନୁସାରେ ସଂଖ୍ୟାଧିକ ଦଳର ଉପ ଦଳପତି ପ୍ରଧାନର ସ୍ଥାନ ପୂରଣ କରିବା ବିଧେୟ । ତାହା ନ ହେଲେ ବି ଦଳର କୌଣସି ଲୋକଙ୍କୁ ସଭ୍ୟମାନେ [illegible] ନିର୍ବାଚନ କରିବା ସାଧାରଣ ବିରୋଧୀ ନ ହେଲେ ମଧ୍ୟ ବିଶେଷ ମନୋନୀତ ବ୍ୟକ୍ତିରେକେ ସାଧାରଣ ଦୃଷ୍ଟିରେ ଅତି ଅସୁନ୍ଦର ।

ବର୍ତ୍ତମାନ ନବକୃଷ୍ଣ ଚୌଧୁରୀଙ୍କ ନିର୍ବାଚନରେ ଆମ୍ଭେମାନେ ଖୁସି ହେଲେହେଁ ଏବଂ ଶ୍ରୀଯୁକ୍ତ କାନନଗୋଙ୍କ ନେତୃତ୍ୱଠାରୁ ଶ୍ରୀଯୁକ୍ତ ନବକୃଷ୍ଣଙ୍କ ନେତୃତ୍ୱ ଉପରେ ଆମର ଅଧିକ ଆସ୍ଥା ଥିଲେହେଁ ଏବଂ ଓଡ଼ିଶା କଂଗ୍ରେସ ବ୍ୟବସ୍ଥାପକ ଦଳର ସଙ୍ଗେ ସମ୍ପୃକ୍ତ ନିର୍ବାଚନ ବିଧି ଯଥେଷ୍ଟ ସମ୍ମାନ ରଖି ମଧ୍ୟ ଏପରି ଅଗଣତାନ୍ତ୍ରିକ ନୀତିକୁ ଆମ୍ଭେମାନେ ସମର୍ଥନ କରି ପାରୁ ନାହୁଁ । କାରଣ ଏହା ଦ୍ୱାରା ଦଳର ନେତାମାନେ ଆତ୍ମସମ୍ମାନକୁ ଭୟ ସାଧାରଣ ନିର୍ବାଚନରେ ପଛାଇ ରହିଯିବେ—ଏଣେ ଦଳର ସଂଖ୍ୟାଧିକ ଦେଖି ପ୍ରଧାନମନ୍ତ୍ରୀ ହେଉ ପୁଣି ନିର୍ବାଚନରେ ଠିଆ ହେଲେ ନ୍ୟାୟସଙ୍ଗତ ନିର୍ବାଚନ ସମ୍ଭବ ହେବ ନାହିଁ । କାରଣ ଲୋକେ ପ୍ରଥମତଃ ପ୍ରଧାନମନ୍ତ୍ରୀ ବୋଲି ସମ୍ମାନ କରିବେ—ଭୟ କରିବେ ଏବଂ ତାଙ୍କର ଦଳ ବର୍ତ୍ତମାନ କଂଗ୍ରେସ ଦଳ ଅନେକ ନିର୍ବାଚନରେ ଅବୈଧ ଉପାୟ ଅବଲମ୍ବନ କଲାପରି ଅନ୍ୟାୟ କରିବେ ସେଇ ଅବସ୍ଥା କାଏମ ରହିବା ସ୍ୱାଭାବିକ ।

## ଶ୍ରୀଯୁକ୍ତ ମହତାବ

ଶ୍ରୀଯୁକ୍ତ ମହତାବଙ୍କ ପଦୋନ୍ନତିରେ ଆମ୍ଭେମାନେ ଏକାଧିକ କାରଣରୁ ଖୁସି । ପ୍ରଥମରେ ତାଙ୍କର ଶୁଭାର୍ଥୀ ରୂପେ । ଦ୍ୱିତୀୟରେ ଉତ୍କଳବାସୀ ରୂପେ । ଓ ତୃତୀୟରେ ଭାରତୀୟ ରୂପେ । ତାଙ୍କର ଦକ୍ଷତା କାର୍ଯ୍ୟ କୁଶଳତା ଓ ନିର୍ଭୀକ ଅଭିଜ୍ଞତାର ସୁଯୋଗ ସମଗ୍ର ଭାରତ ପାଇବ । ଜଣେ ଉତ୍କଳୀୟ ସର୍ବ ପ୍ରଥମ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନପାଇବାରୁ ଆମର ଦାବୀ ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଯୁକ୍ତ ମହତାବଙ୍କର କର୍ମ କ୍ଷେତ୍ରର ପରିସର ବ୍ୟାପ୍ତ ହେବା ଦ୍ୱାରା—ତାଙ୍କର ବହୁ ବ୍ୟକ୍ତିଗତ ତ୍ରୁଟି ଲୋପ ପାଇଯିବାର ଯଥେଷ୍ଟ ସମ୍ଭାବନା ରହିଛି ।

Digitized by srujanika@gmail.com

# ଢାଟରେ ଢାଟରେ ତାନା ନାନା

ଶ୍ରୀ [illegible] ହେବେ ନ ମନ୍ତ୍ରୀ ହେବେ — ସମ୍ବାଦ ...... [illegible] ସାମ୍ବାଦ —[illegible] ।

✻ ✻ ✻ ✻

[illegible] ୧୯୬୮ ର ଶିଳ୍ପ ବାଣିଜ୍ୟ ମନ୍ତ୍ରୀ ହେଉଛନ୍ତି — [illegible] ...... [illegible] ବାହୁ [illegible]

✻ ✻ ✻ ✻

ବାହୁର ଲଡ଼ ସହେବ ପଞ୍ଚମ ମେଲ ବୁଝିବାରେ ମୁଖ୍ୟମନ୍ତ୍ରୀଙ୍କ [illegible] ସହାନୁଭୂତି ଦେଲେ — ସମ୍ବାଦ

ସତ — ଅନୁଭୂତି ହେଉଥିଲେ ଆଉ କେହି ବୁଝିଥାନ୍ତେ ।

✻ ✻ ✻ ✻

ଭଗବାନ ଥିବା ସକଳେ [illegible] ମନରେ ଧୈର୍ଯ୍ୟ ଧର — ଶାସ୍ତ୍ରୀ ପ୍ରସାଦ ।

ଦେଶରେ ଧୈର୍ଯ୍ୟ ଧରି ଭରତଙ୍କୁ ପଳାଇ ଆସିଲେ । ଏଠି ସୁଦ୍ଧା [illegible] ହେବ !

✻ + ✻ ×

ଭାରତ ଓ ପାକିସ୍ତାନର ଏକ ଭଲ ସ୍ବରାଜ୍ୟ-ରକ୍ଷା ଓ ବୈଦେଶିକ ନୀତି ହେବା ଉଚିତ— ନେହେରୁ

...ସରେଇ ନୀତି ଏକା ହେଲେ ଘରଣୀ ମଧ୍ୟ ଏକା ହେବା ଦରକାର ସେ ।

ଦୁଃଖ ପାଇ ଉଚିତ ଏ ଦାବି [illegible] ସୁନ୍ଦର ନାହିଁ —[illegible]

...[illegible] ନାହିଁ କି କଣ ?

× × + ×

ଅଧିଶାସ୍ତ୍ରୀ [illegible] ନୂତନ [illegible] କାଳିଚ— ଏହାକୁ ଆଜ ନୂତନ ଅବକାଶ— ନୂତନ ଆକାଂକ୍ଷା—[illegible]

...ଆହା ! [illegible] !

× + + +

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

( ଉର୍ଗ୍ଗଶିହ୍ନ । ୧୫ ପୃଷ୍ଠା ଉତ୍ତାରୁ )

ପରିଜନ୍ତୁ ବରଂ ଉତ୍ସଆ ଜାତିର । ଏହାର
କ୍ଷିପ୍ରିତା ଓ ଏ ଚଳଚିତ୍ର ନ ଆଦିବା ଆଁ
ଏ ପରିଜନ୍ତୁ ନାନା ପ୍ରକାରେ ଉତ୍ସଆ
ସଯୋଗ କରେ ନେ ମ ଜବ କୁ ଚାହ ।

ଆଜାନ୍ତୁ କାର ନାମ ଲସ ୨୮
ନାହିଁ ଅନ୍ୟ ଅର୍ଥଶୀସ୍ତ ନ ନ ଥିଲେ
ଦେବ ହୋଇଥାନ୍ତା ୨ୟ ସ୍ଥାନରେ ମୁଖ୍ୟ
ପୃଷ୍ଠଭୂମି ତ ଧାରି ନନ୍ତି । ଅନନ୍ତର
ଶେଷ ଛବିଟିର close up ଦରକାର

ଥିଲା । ମାଧବର ଶବ, ଝଡ଼ ଅତି ଜଲ୍ଦ—
ହେଉଛି—ଏହାର କ୍ରମ ବିକାଶ ଆବଶ୍ୟକ
ଥିଲା । ହୁଏ ସଂଗୀତ ନଦେଇଥିଲେ
ଚଳିଥାନ୍ତା ।

ଆଉମାନେ ପ୍ରତ୍ୟେକଙ୍କ ହିତାକାଙ୍କ୍ଷୀକୁ
ନେ ଯ ନେ ବନା ଦେଲି । ସତ୍ୟ ତ
ନ ନ ନେ । ଏ ନ ନ
ହେବା ହେ ନ ନିଜେ ନ
ଠିକ ନ ନ ନ । ଏହାର
ଆକର୍ଷଣ ନେ କଳା କୌଶଳରେ—

ଗଳାର ଚମତ୍କାରିତା ପୂରେ ନାହିଁ ।

ଅଭିନୟର ଉଦାହରଣ—ଶ୍ରୀ ଜି.ପି .ଦେବ
—ନିତ୍ୟାନନ୍ଦ ସାହୁ, ଉପଭଥକ
ବୁଦ୍ଧିଜନ ସଡ଼, ସଂଗୀତ—ଭବନାଥ
ମହାନ୍ତି ସିଂହଦେଓ ଆଲୋକ—ବୈଦ୍ୟନାଥ
ମୁଖାର୍ଜୀ—ସ୍ୱର—ଗୌରାଙ୍ଗ ସ୍ୱାଇଁ ଓ ସୁରେନ
ପାଲ,— ଛାୟାଚିତ୍ର ନିର୍ଦ୍ଦେଶନା,
ଫଟୋ, ଅଭି —ଲୋଚନ । ନିର୍ଦ୍ଦେଶନା—
ଚିତ୍ର—ଇନ୍ଦ୍ରଲୋକ
ଗୃହିତ ।



Digitized by srujanika@gmail.com

ଉପର ଉଦାହରଣରେ ୧୫, ୨, ୩, ୨ ବଯୋଗ ସଂଖ୍ୟା ଓ ୨ୟ ଉଦାହରଣରେ, ୧୭, ୮, ୪, ୨ ଯୋଡ଼ା ସଂଖ୍ୟା । ତେଣୁ ୨ୟରେ ଯେଉଁ ସଂଖ୍ୟା ଯୋଡ଼ା ସଂଖ୍ୟା ତଳେ (ତାରା-ଚିହ୍ନିତ) କାଟି ଦିଆଗଲା । ତା ଅର୍ଥ ମିଶାଇଲା ବେଳକୁ ସେ ସବୁ ବାଦ୍ ଦିଆଗଲା । ପ୍ରଥମ ଉଦାହରଣରେ ବାମପଟ ସଂଖ୍ୟା ଗୁଡ଼ିକ ସବୁ ବଯୋଡ଼ ସଂଖ୍ୟା ତେଣୁ ତା ସାମନା ସଂଖ୍ୟା ସବୁ ମିଶାହେଲା । ବଯୋଡ଼ ବା ଯୋଡ଼ ସଂଖ୍ୟା କେବଳ ବାମ ପଟ ସଂଖ୍ୟାରେ ଧରାଯାଏ ।

ଆପଣ ପରୀକ୍ଷା କରନ୍ତୁ ପ୍ରଥମେ ୧୫ କୁ ୨ରେ ଗୁଣନ କରି ଦେଖିଲା । ୩୭ କୁ ୨ରେ ଅମେ ଭାଗ କରିବୁ । ସେପଟ୍ଟ ମଧ ହେବ । ତେବେ ସେଇଠା ସମସ୍ତ ସାତେପଷ । ମ୍ ଯଥା—

| | |
|---|---|
| ୩୭ | ୧୫ |
| ୧୮* | *୩୦ |
| ୯ | ୬୦ |
| ୪* | *୧୨୦ |
| ୨* | *୨୪୦ |
| ୧ | ୪୮୦ |
| | ୫୫୫ |

## ନାଗଙ୍କ ଉତ୍ତର

ହୃଦୟ ଭାଇ—ଶିଆଳ ପରି ଜନ୍ତୁ ମାଂସ ଖାଏ ସେଇ ମାଂସର ଗନ୍ଧ ଯୋଗୁ ତା ପାଟିରୁ ଭାରି ଦୁର୍ଗନ୍ଧ ବାହାରେ—ଧର୍ମମୋହନ [୨୬୮୩]

ମୋହନଭାଇ—ଗୀତାଞ୍ଜଳି ଓ ଗୋପିକୃଷ୍ଣ ସମାନ ଶ୍ରୀଧାମୋହନ [୨୬୮୩]

ଓଡ଼ିଆରେ ସଂସ୍କୃତରେ ଅଧିକ ପର୍ଯ୍ୟାୟ—ରାଧାମୋହନ

ମଦନଭାଇ—ଗୁଣ୍ଡିଚ ବର୍ଷ ଜଳ ଖାଏ ଓ ଗଛରେ ଥାଏ—ରାଧାମୋହନ ଓ ଭାସ୍କର

ସଞ୍ଜୟ ଦେଇ—ଗୁଆର ପାନ ମନୁଷ୍ୟ ଜାଣିପାରି ନ ଥିବାରୁ ଯୁଦ୍ଧିଷ୍ଠିରଙ୍କ ବୋଲି ସେ କହେ —ଭାସ୍କର ।

ଅମୁକ ଭାଇ—ଆମ ସ୍ୱାଧୀନତା ଯୁଦ୍ଧରେ ଜହରଲାଲ ଓ ମୋତିଲାଲ ଏପରି ଭୂଲ ଯୁକ୍ତ ଯୋଗ ଦେଇଥିଲେ । ଶୁଭେନ୍ଦୁ [୧୩୫୧]

ଦୁର୍ଯ୍ୟୋଧନ ଭାଇ ଜାଣିଚ—୧୮୭୪ ଖ୍ରୀଷ୍ଟାବ୍ଦରେ ଓୟାଷ୍ଟରମ୍ୟାନ ଫାଉଣ୍ଟେନପେନ୍ ଆବିଷ୍କାର କରିଥିଲେ—ଶୁଭେନ୍ଦୁ [୧୩୫୧]

ଭଗିରଥି ଭାଇ—ପୃଥିବୀର ସର୍ବ ପ୍ରଥମ ପତ୍ରିକା ନାମ 'ଶିଂପାଓ' । ଏହା ୧, ୦୨୨ ବର୍ଷ ପୂର୍ବେ ଚୀନ ଦେଶରେ ପ୍ରକାଶିତ ହୁଏ । —ଶୁଭେନ୍ଦୁ [୧୩୫୧]

ଗୋପିନାଥ ଭାଇ—ବ୍ରିଟିଶ ସରକାର ଚୁମ୍ବକ ପଥର କାଢ଼ିନେବାକୁ କୋଣାର୍କ ସୂର୍ଯ୍ୟ ଭାଙ୍ଗି ପଡ଼ିଲା—ଅମୂଲ [୧୨୫୧]

ଚନ୍ଦ୍ରାମଣି ଭାଇ—ପ୍ରଥମ ନାଗବନ୍ଧୁଙ୍କ ନାମ ସୂର୍ଯ୍ୟକାନ୍ତ ଦାସ, ସେ ବର୍ତ୍ତମାନ ସମ୍ବଲପୁର କଲେଜର ଅଧ୍ୟାପକ—ଅମୂଲ [୧୨୫୧]

ଶିଶିର ଭାଇ— ନିମ୍ନ ବାକ୍ୟଟିଏ A ଠାରୁ Z ପର୍ଯ୍ୟନ୍ତ ସମସ୍ତ ଅକ୍ଷର ରହିଛି In ancient times there lived, with his queen a king named Viswabharati who was widely known for his power, zeal, justice—luxuries and riches [ଉପେନ୍ଦ୍ର ୮୧୪ ]

## ନାଗଙ୍କ ପ୍ରଶ୍ନ

କୈଳାସ [ ୧୩୨୮ ] ବର୍ତ୍ତମାନ ପୃଥିବୀର କେଉଁଠାରେ ଶତ୍ରୁ ନାହିଁ ।

ଶୁଭେନ୍ଦୁ [ ୧୩୫୧ ] କେଉଁ କେଉଁ ପତିବ୍ରତା ସ୍ତ୍ରୀ ସ୍ୱୀୟ ମୃତ ସ୍ୱାମୀଙ୍କର ଜୀବନ ଫେରାଇ ଆଣିଥିଲେ ?

ଉପେନ୍ଦ୍ର [ ୮୧୪ ] ପୃଥିବୀରେ ଆଉ କବି କିଏ ? ଏବଂ ତାଙ୍କୁ ଆଦିକବି କାହିଁକି କୁହାଯାଏ ।

ଭାସ୍କର—(୧୩୦୨) ସମସ୍ତ ସମୟରେ ନକ୍ଷତ୍ର ମାନେ ଅଗ୍ନିରେଖା ପରି ଲମ୍ବ ହୋଇ ଦିଶିବାର କାରଣ କଣ ?

କୃଷ୍ଣ [୧୩୪୮] ଶିଆଳ ମଣିଷକୁ ଦେଖି ମୁଣ୍ଡ ଟେକି ଲେ ମଣିଷ ପଣିକୁ ଡରେ କାହିଁକି ?

କୈଳାସ—(୧୩୩୮ ) ଦେଶରେ ବହୁ ରାଜନୈତିକ ଦଳ ଗଠିତ ହେବା ମଙ୍ଗଳ କି ?

ଶୁଭେନ୍ଦୁ ( ୧୩୫୧ ) ମୃତ୍ୟୁବାର ସବୁଠୁ ବଡ଼ ଇଂରାଜୀ ଶବ୍ଦ କେଉଁଟା ?

ସୋମନାଥ ( ୧୩୨୬ )—କିଏ ସର୍ବ ପ୍ରଥମ ଜ୍ୟାମିତି ବା ପରିମିତି ଶାସ୍ତ୍ର ଉଦ୍ଭାବନ କରିଥିଲେ ।

## ଅବସର ବିନୋଦନ ୪୭

ତଳେ ଦିଆଯାଇଥିବା ଅକ୍ଷର ଓ ବନାନକୁ ନେଇ ଆବଶ୍ୟକ ହେଲେ ଗୋଟିଏ ଅକ୍ଷରକୁ ଏକାଧିକ ବାର ବ୍ୟବହାର କରି---ଓଡ଼ିଶାର ଆଠଜଣ ନେତାଙ୍କ ନାମ ଲେଖ:—

ବନାନ

ା, ି, ୀ, ୁ, ୂ, େ, ୋ, ୌ, ୃ, ୍, ୍, ୍, ଂ

ବର୍ଣ୍ଣ

କ,ଗ,ଚ,ଣ,ତ,ଥ,ଦ,ଧ,ନ,ପ,ବ,ମ,ଯ, ର,ଲ,ଶ,ଷ,ସ,ହ,କ୍ଷ

—✻—

## ନୂଆ ନାଗଙ୍କ ନାମ

୧୩୬୩ । ଶ୍ରୀ ଶ୍ରୀଧର ଜେନା ୯ମ ଶ୍ରେଣୀ, ମାର୍ଶାଘାଇ ହାଇସ୍କୁଲ । ୧୩୬୪ । ଶ୍ରୀ ସୁଧାଂଶୁ କୁମାର ଦାଶ, ପୋ: ରାଜନୀଳଗିରି ମୟୂରଭଞ୍ଜ । ୧୩୬୫ । ଦିଗମ୍ବର ମିଶ୍ର ଶିକ୍ଷକ, ପୋ: ରାଜ କନିକା । ୧୩୬୬ । ଧନେଶ୍ୱର ମହାପାତ୍ର ଗ୍ରା—ଅଚ୍ୟୁତନ ପୋ: କନିକା ରାଜ କଟକ । ୧୩୬୭ ଅନନ୍ତ ଚରଣ ପ୍ରଧାନ କୋଶଳା ମି:ଇ: ସ୍କୁଲ ପୋ: କୋଶଳା—(ଅନୁଗୁଳ) ୧୩୬୮ ପୂର୍ଣ୍ଣେନ୍ଦୁ କୁମାର ପଟ୍ଟନାୟକ C/o ନବକିଶୋର ପଟ୍ଟନାୟକ R. M. S. Office Cuttack. ୩ । ୧୩୬୯ ଉମାକାନ୍ତ ନାୟକ ଧାନଶାଳା, ଅଳଙ୍ଗପୁର ପୋ: ମେଢ଼ାଗଞ୍ଜ ବାଲେଶ୍ୱର ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଊଣା । ମୋର ଜନ୍ମ—ତା । ।

ମହିନା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସଙ୍ଗେ ଗ୍ରାହକ ନିମନ୍ତେ ୦/ ଡାକଟିକଟ ଦେଲି

ସେହିର

ଠିକଣା —ଶ୍ରୀ...



Digitized by srujanika@gmail.com

# ଯେସାକୁ ତେସା

ଲେ—ଚକ୍ରଧର ମିଶ୍ର

"ସତ୍ୟନାରାୟଣ ସ୍ୱାଇଁ"
ଭଦ୍ରକ କଲେଜ, ଭଦ୍ରକ

ପ୍ର—ଯେଉଁ ଗ୍ରନ୍ଥକୁ ପଢ଼ିଲେ ବୁଝାଯାଏ ନାହିଁ ତାକୁ ଉଚ୍ଚ ସାହିତ୍ୟ ବୋଲି କୁହାଯାଏ କି ନା ? କେତେକ ଲେଖକ ଏହା କହନ୍ତି।

ଉ—ନା ହୋଇ ଯେଉଁମାନେ କହନ୍ତି ସେମାନେ ଅସାର—ନ ଜାଣି ନ ଶୁଣି ବୁଝିବାର ଭୋଗ ଦିଅନ୍ତି।

ପ୍ର—ଗାଁରେ ସଭା ସମିତି ହେଲେ ଏମ୍. ଏଲ୍. ଏ ମାନଙ୍କ ଉପସ୍ଥିତିରେ ତାଙ୍କୁ ସେ ସାଙ୍ଗରେ କାହାକୁ ସମ୍ବର୍ଦ୍ଧନା କରି ଯେଉଁ ରିପୋର୍ଟ ଯାଏ ତଦ୍ୱାରା ବ୍ୟକ୍ତି ସ୍ୱାଧୀନତାରେ ଆଞ୍ଚ ଆସୁ ନାହିଁ କି ?

ଉ—ଯିଏ ନିଜକୁ କୌଣସି "ଭକ୍ତ" ବୋଲି ପ୍ରକାଶ୍ୟରେ କହିବାକୁ ଡରେ ତାର ସ୍ୱାଧୀନତା ଆସିଲା କୁଆଡ଼ୁ ? ଶିରୋନାମି—ଶିରପୀଡ଼ା ?

ପ୍ର—'ନର୍ମ' ଶବ୍ଦ ବ୍ୟବହାର ଯୁକ୍ତ ଯୁକ୍ତ କି ନା ? କେତେକ ଏହାର ବିରୋଧୀ।

ଉ—ନର୍ମ ଶବ୍ଦକୁ ଯେ ଡରୁଛି ସେ ନର୍ମର ସୁଆଦ ପାଇଥିବ। ମୁଁ ଜାଣେ ନାହିଁ।

ପୂର୍ଣ୍ଣଚନ୍ଦ୍ର ପାଣି ଦେଉଳସାହି,
[illegible]

ପ୍ର—ମୋର ଜଣେ ବନ୍ଧୁ ଗୋଟିଏ କନ୍ୟା ପିତାଙ୍କୁ କଥା ଦେଇ ପରେ ନାହିଁ କଲେ ଆପଣ ସେ ବନ୍ଧୁଙ୍କୁ କଣ କହିବେ ?

ଉ—ନାମରଦ ! କାରଣ ମରଦର ବାତ୍ ହାତୀର ଦାନ୍ତ।

ପ୍ର—ବିବାହ ପୂର୍ବରୁ ପ୍ରେମିକା ଗର୍ଭବତୀ ହୋଇ ବିବାହ ପରେ ସ୍ୱାମୀ ଗୋଚରରେ ସେ ଗର୍ଭନଷ୍ଟ କରିବା ଦ୍ୱାରା କାହାର କେତେ ଦୋଷ ବା ଗୁଣ ?

ଉ—ଗୁଣ ଓ ଦୋଷରୁ ଅତୀତ ନ ହେଲେ ଏପରି ନିର୍ବିକାର ପ୍ରେମ ସମ୍ଭବ ହୁଏ ନାହିଁ।

ପ୍ର—ଆପଣ ଗାନ୍ଧୀଙ୍କୁ ପସନ୍ଦ (ପ୍ରେମ ବା ଭକ୍ତି ନୁହେ) କରନ୍ତି ନା—ଗାନ୍ଧୀ ବାଦକୁ ?

ଉ—ଗାନ୍ଧୀଙ୍କୁ ଭକ୍ତି କରେ ଓ ଗାନ୍ଧୀବାଦକୁ ପ୍ରେମ—ଅତ ଭାଲମୁଁ ହେବା ବାଜାର।

ଗୌରଚନ୍ଦ୍ର ରାଉତ, ସର୍ଗ୍ଗିତକ—

ପ୍ର—ପୁଅ ଜନ୍ମହେଲେ ବାପର ଆନନ୍ଦ ବେଶି ନା ଝିଅ ଜନ୍ମିଲେ ବେଶି ? ଓ କାହିଁକି ?

ଉ—ଝିଅ। କାରଣ ଅନେକ ପୁଅ ତାଙ୍କୁ ଶେଷରେ ଜ୍ୱାଇଁ ଦେବେ।

ପ୍ର—ମାର ଆନନ୍ଦ ପୁଅ ଜନ୍ମିଲେ ନା ଝିଅ ଜନ୍ମରେ ?

ଉ—ପୁଅ ଜନ୍ମରେ କାରଣ ବହୁ ନାଆସିଲେ ପୁଣି ଝିଅ ମହତ କେଉଁଠି ?

ପ୍ର—ବୁଢ଼ାଅବସ୍ଥା ପରେ ସ୍ତ୍ରୀ ପୁରୁଷଙ୍କର ବ୍ୟବଧାନ ବଢ଼େ କାହିଁକି ?

ଉ—ବୁଢ଼ାହୋଇ ଯେତେ ବଢ଼ିଥିବ ସ୍ତ୍ରୀ ସ୍ୱାମୀଠାରୁ ସେତେ ପାରଗତ ହୋଇଥିବା ସ୍ୱାଭାବିକ।

ଲକ୍ଷ୍ମଣଚନ୍ଦ୍ର ଦାସ
—ଫକୀରମୋହନ କଲେଜ, ବାଲେଶ୍ୱର

ପ୍ର—ଜଣେ ମଣିଷକୁ ଲୋକେ କାହିଁକି ବେଶି ଭଲପାଆନ୍ତି ?

ମଣିଷ ନିଜର ଦୁର୍ବଳତାକୁ ବେଶି ଭଲପାଏ।

ପ୍ର—ବେଶ୍ୟାମାନେ ବେଶି ସୁନ୍ଦର ଓ ବୁଦ୍ଧିମାନ ହୁଅନ୍ତି କାହିଁକି ?

ଉ—Art Lies in concealing art କଳାର ବିକାଶ ଅପ୍ରକଟ କଳାରେ।

ଉମାକାନ୍ତ ନାୟକ
ଆକର ପୁର — ବାଲେଶ୍ୱର

ପ୍ର — ପ୍ରେମଟା କଣ ?

ଉ — ରୋଗ — ବେଡ ହେଉଛି ତାର ଔଷଧ

ପ୍ର — ଭରତ ପାକିସ୍ତାନ ବୃକ୍ତ ହୋଇ ନଥିଲେ କଣ ହୋଇଥାନ୍ତା ?

ଉ — ଗାନ୍ଧୀ ମାଉସେ ବୁଢ଼ା ହୋଇ ନଥାନ୍ତେ।

ପ୍ର — ଆଧୁନିକ ଯୁଗରେ ଯୁବକ ଯୁବତୀମାନେ ପ୍ରେମ କେଉଁଠି କରନ୍ତି କହିବା ଉଚିତ

ଉ — ଯେଉଁଠି ଘର୍ଷଣ ଅନେମନ୍ୟ ବ୍ୟକ୍ତ ହୋଇ ଶିଖିଥାନ୍ତି।

ଗୌରକୃଷ୍ଣନାଥ ମିଶ୍ର — ସମ୍ବଲ

ପ୍ର — ଏକ ଜାତିରେ ଜାତିବାରୀ ସ୍ଥାନ ନିମ୍ନ ତ୍ୱର ଘେର ଯୋଗିବା ପାଇଁ କ ସୃଷ୍ଟି ହୋଇଛି ?

ଉ — ସରକାରଙ୍କ ପ୍ରଗତି ଲାଗି।

ପ୍ର — ଗୃହରେ ନବୀନ ଆଣିବା ପନ୍ଥା କେଉଁ ମାର୍ଗ ?

ଉ — ଆପଣ ନିଜକୁ ଧରିବା।

ପ୍ର — କେଉଁ କାରଣରୁ କଥାରେ ଲେଖକ ମାନେ ପ୍ରେମ ବିଷୟ ବେଶି ଚର୍ଚ୍ଚା କରନ୍ତି ?

ଉ — ଯେଉଁ ଭାଗାଭାଗିଣୀ ପ୍ରେମିକା, ମାନେ ଅନ୍ୟ ଭାବରେ ସମ୍ପୋଗଙ୍କ ପାଇଁ ବେଶି ଚଲାଇଛନ୍ତି।

ଶ୍ରୀ ସୋମନାଥ ନନ୍ଦ, ଜୟପୁର

ପ୍ର—ଉତ୍କଳ ଗୌରବ ନାହିଁ କି ପ୍ରକୃତରେ ଆମ ଜାତିର ଗୌରବ କି ?

ଉ—ଆମ ମାଟିର ଗୌରବ—ଜାତିର ନୁହେଁ—ଉତ୍କଳୀୟ ନୁହେଁ—ଉତ୍କଳର; କାରଣ ସେଥିରୁ ଆମ ମାଟିର ଉଦଯୋଗରୁ ପ୍ରମାଣିତ ହୁଏ ଓ କେତେ ଗୌରବ, ଖତ ଘରେ ଜଣାଯାଏ।


ନାରୀର ମାସିକ ଋତୁ ଯେ କୌଣସି କାରଣ ଯୋଗୁଁ ବନ୍ଦ ହେଉ ପଛେ ଏକମାତ୍ର ନିର୍ଦ୍ଦୋଷ ଋତୁଶୋଧକ ଯନ୍ତ୍ର ବ୍ୟବହାର କଲେ ୨୪ ଘଣ୍ଟାରେ ଅଭୂତ ଫଳପ୍ରଦ—ଗ୍ୟାରେଣ୍ଟିଡ୍—ମୂଲ୍ୟ—୧୫ ଟଙ୍କା—ମାସୁଲ ୨୪୦।

କବିରାଜ ଏମ୍—ଭଟ୍ଟାଚାର୍ଯ୍ୟ—[D.C.]
୨୭୦।୧।୧ ଅପର ସାରକୁଲାର ରୋଡ
କଲିକତା—୯



Digitized by srujanika@gmail.com

# ନେପୋଲିଅନଙ୍କର ପ୍ରଥମ ୱାଟରଲୁ ସଂଗ୍ରାମ

ପ୍ରଚଣ୍ଡ ଯୁଦ୍ଧ—ଚାଲିଥାଏ । ପ୍ରଥମ ମହାସମର କାଳର କଥା । ପାଲେଷ୍ଟାଇନରେ ବ୍ରିଟିଶ ସେନାଙ୍କ ସେନାଧ୍ୟକ୍ଷ ଲର୍ଡ ଆଲେନବି ସପ୍ତାହେ ହେବରେ ଯାଉଛନ୍ତି ତାଙ୍କ ପରଦିନରେ । କଥାରେ କଥାରେ ନେପୋଲିଅନଙ୍କର ଆକ୍ରା ଅବରୋଧ କାହାଣୀ ପଡ଼ିଲା ।

ହଠାତ୍ ଜଣେ ଡାକ୍ତର ସେହି ସେନାଧ୍ୟକ୍ଷଙ୍କୁ ପୁଚ୍ଛି କହିଲେ—"ନେପୋଲିଅନ ଏକ୍ରାରେ କାହାଙ୍କ ପରାସ୍ତ ହେଲେ ଜାଣିବାକୁ ଚାହୁଁଛନ୍ତି ?" ଲର୍ଡ ଆଲେନବି ହସିଲେ । ତଥାପି ଡାକ୍ତରଙ୍କ ଅନୁରୋଧ କଲେ ସେ ଟିକିଏ କୌତୂହଳ ଦେଖାଇ । ଟେବୁଲ ଉପରେ ଅଣୁବୀକ୍ଷଣ ଯନ୍ତ୍ର ଥିଲା । ଡାକ୍ତର ଲର୍ଡ ଆଲେନବିଙ୍କୁ ଦେଖିବାକୁ କହିଲେ । ସେ ଯନ୍ତ୍ର ଭିତରେ କଣ ଦେଖିଲେ ଜାଣନ୍ତି ? —ଗୋଟିଏ ମ୍ୟାଲେରିଆ ଜୀବାଣୁ ।

"ନେପୋଲିଅନଙ୍କୁ ପରାସ୍ତ କରନ୍ତି—ଏହି ମ୍ୟାଲେରିଆ ଜୀବାଣୁ ।" ଡାକ୍ତର କହିଲେ । ଆକ୍ରାର ପାର୍ଶ୍ୱରେ ଜଳ ଜମିଥିବା ଗୋଟିଏ ମ୍ୟାଲେରିଆ [illegible] ଅବରୋଧକାରୀ ନେପୋଲିଅନ ସେନାଙ୍କୁ ଆକ୍ରମଣ କଲା"

ଏ କାହାଣୀ ଜେମସ ହାରପୋଲଙ୍କ "ଜଣେ ଡାକ୍ତରର ଟଙ୍କା ଘଣ୍ଟାବାଳର କେତେ ପୃଷ୍ଠା" ନାମକ ପୁସ୍ତକରେ ବର୍ଣ୍ଣିତ ଅଛି ।

କି ଆଶ୍ଚର୍ଯ୍ୟ କଥା ! ନେପୋଲିଅନଙ୍କ ପରି ସମରଦକ୍ଷ ପ୍ରତିଭାବାନ ସେନାନାୟକଙ୍କ ସୈନ୍ୟ କ୍ଷୁଦ୍ରାଦପି କ୍ଷୁଦ୍ର ଏକ କୀଟଦ୍ୱାରା ପରାଭବ ପାଇଗଲେ ?

ଏ ଶିକ୍ଷା ସୁନ୍ଦର ଭାବରେ ଲର୍ଡ ଆଲେନବିଙ୍କୁ ଲାଗିଲା । ଏବଂ ତାହା ପରଠାରୁ ଆଲେନବି ତାଙ୍କର ସୈନ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ତଥା ମ୍ୟାଲେରିଆ ପ୍ରତିରୋଧକ ବିଧାନ ମାନ ପ୍ରତି ବିଶେଷ ଯତ୍ନ ନେଲେ ।

ପ୍ରଥମ ମହାସମର ? — [illegible] ଅଠର କଥା । ଏବେ ୧୯୩[illegible] ରେ ଶତ ସଂଗ୍ରାମର ବାର୍ଷିକୀ ଯେତେବେଳେ ଆମ୍ଭମାନଙ୍କୁ ଗଲ୍ଫଟାଇରେ [illegible] ସେତେବେଳେ [illegible] ଅନ୍ତର୍ଜାତୀୟରେ ମ୍ୟାଲେରିଆ କମିସନଙ୍କ ରିପୋର୍ଟ ପ୍ରକାଶିତ ହେଲା । ସେ ରିପୋର୍ଟରେ ମ୍ୟାଲେରିଆ ପ୍ରସ୍ତ ଦେଶରେ [illegible] ଦିନ ୧୫—୨୦ ଗ୍ରେନ କୁଇନାଇନ ଏବଂ ପ୍ରତିଷେଧନ ନିମନ୍ତେ ମ୍ୟାଲେରିଆ ହେବାର ମୌସୁମରେ [illegible] ଉପଦେଶ ଦେଇଛନ୍ତି ।

ଗତ ମହାଯୁଦ୍ଧରେ ମ୍ୟାଲେରିଆ ଅଞ୍ଚଳରେ ଯୁଦ୍ଧ କରୁଥିବା ସେନାମାନଙ୍କୁ ଏହି ମାତ୍ରାରେ କୁଇନାଇନ ଖୁଆଯାଉଥିଲା ।

Mal. No.458 Engels

ବିଦ୍ୟାଳୟ ମାନଙ୍କରେ ପ୍ରଚଳନୋପଯୋଗୀ ଶିକ୍ଷାବିଭାଗ କର୍ତ୍ତୃକ ଅନୁମୋଦିତ ପୁସ୍ତକାବଳୀ

## ଶିକ୍ଷକଙ୍କ ହ୍ୟାଣ୍ଡବୁକ୍

ଶିକ୍ଷାନୀତି—[illegible] ୧ମ ଶ୍ରେଣୀ
[illegible] ଗଣିତ—[illegible] ୨ୟ ,,
ଅଙ୍କ ପୁସ୍ତକ—ଜଗନ୍ନାଥ ମହାନ୍ତି [illegible] ,,
[illegible]—[illegible] ୪ର୍ଥ ଶ୍ରେଣୀ
[illegible]—[illegible] ,,
ସ୍ୱାସ୍ଥ୍ୟରକ୍ଷା ,, ୪ର୍ଥ [illegible] ,,
ସ୍ୱାସ୍ଥ୍ୟରକ୍ଷା ୪ର୍ଥ—୬ଷ୍ଠ ,,
[illegible] ୪ର୍ଥ—୬ଷ୍ଠ ,,
[illegible] ରଚନା ବୋଧ—
[illegible] ୫ମ—୬ଷ୍ଠ ,,
ସରଳ ଓଡ଼ିଆ ବ୍ୟାକରଣ—[illegible]
[illegible] ୪ର୍ଥ—[illegible] ,,
ଓଡ଼ିଆ ବ୍ୟାକରଣ—[illegible] ୪ର୍ଥ—[illegible] ,,
ଓଡ଼ିଆ ବ୍ୟାକରଣ ୧ମ, ୨ୟ ଭାଗ—
ପଣ୍ଡିତ [illegible] ଦାଶ ୪ର୍ଥ—୬ଷ୍ଠ ,,

ଓଡ଼ିଆ [illegible] ବ୍ୟାକରଣ—
[illegible] ଦାସ ,,
[illegible]—[illegible] ୪ର୍ଥ—୬ଷ୍ଠ ,,
[illegible]—[illegible] ମହାନ୍ତି
ଭାରତ ଇତିହାସ—[illegible] ଦାଶ ୪ର୍ଥ—୬ଷ୍ଠ ,,
[illegible] ଇତିହାସର ସରଳ [illegible] ୧ମ ଭାଗ
[illegible], ଗୋବିନ୍ଦ [illegible] ୪ର୍ଥ ଶ୍ରେଣୀ
,, ,, ୨ୟ ଭାଗ [illegible] ,,
[illegible] ଇତିହାସ—[illegible] ୫ମ
ଓଡ଼ିଶା ଭୂଗୋଳ—[illegible] ଚକ୍ରବର୍ତ୍ତୀ ୪ର୍ଥ—୬ଷ୍ଠ ,,
[illegible]—[illegible] ପ୍ରଧାନ
[illegible] (୧ମ ଭାଗ)---[illegible] ସେନଗୁପ୍ତ
୪ର୍ଥ---୬ଷ୍ଠ ,,
[illegible] ଓ [illegible]---[illegible] ଦାଶ
(ପ୍ରାଥମିକ ବିଦ୍ୟାଳୟ)

Printed, Published and Edited by N. Mahapatra, at the Dagaro Press, Cuttack—1

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଅଗ୍ରଗତିର
ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ତ୍ରୟୋଦଶ ବର୍ଷ ୨୩ଶ ସଂଖ୍ୟା
ଜ୍ୟେଷ୍ଠ ପ୍ରଥମାର୍ଦ୍ଧ
୧ | ୬ | ୫୦

## ସୁନା କଳସ




ବାର୍ଷିକ ଟ୬ ଷାଣ୍ମାସିକ ଟ୩ ମୂଲ୍ୟ- ପ୍ରତିଖଣ୍ଡ ଚାରିଅଣା

Digitized by srujanika@gmail.com

আপণঙ্ক স্বপ্ন সত হেব

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗରିବ ନୈରାଶ୍ୟ ଓ ଦୁଃଖରେ ବୁଡ଼ି ଯାଇଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ମଗାନ୍ତୁ । ଏହା ଆପଣଙ୍କୁ ବହୁତ ସମସ୍ତ ଆଣିଦେବ । ଆପଣ ନିଜ ମନଲାଖି ଚାକିରି, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ଲକ୍ଷ୍ମୀ ଆପଣଙ୍କ ଦୁଆରେ ଥିଆ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଇବ ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ମା...ଙ୍କ..., ଲକ୍ଷ୍ମୀ ପ୍ରଭୃତିରେ ନିଶ୍ଚୟ ଜୟ ହେବ । ପରୀକ୍ଷାରେ ହସି ଖେଳି ପାସ କରିପାରିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଆନନ୍ଦ ମଧ୍ୟରେ କାଟି ନେବେ ।

ଏହି କୁହୁକ ମୁଦି ଆପଣଙ୍କୁ ମୋଟେ ଟ୧୧୶ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦି ଟ୩୲୶ । ଏହା ଖୁବ୍ ଶୀଘ୍ର କାମ କରେ । ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର, ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଅମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଅମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ଟ୧୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Panjab

---

ସ୍ତ୍ରୀ ରୋଗ ପାଇଁ

## ସ୍ତ୍ରୀବନ୍ଧୁ ରେଗୁଲେଟୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅନ୍ୟ କୌଣସି ହାନିକାରକ ନୁହେଁ । ମୂଲ୍ୟ ଟ ୫୯ ଡାକ ଖର୍ଚ୍ଚ—ଟ୲୶

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଜୀର୍ଣ୍ଣ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ କୋଷ୍ଠକାଠିନ୍ୟ ଦୂର ହୁଏ । ଦାମ୍ପତ୍ୟ ଜୀବନ ପଥରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୲— ଡାକଖର୍ଚ୍ଚ—ଟ୲୶ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ବ୍ୟବସ୍ଥାପତ୍ରୀ ଯୁକ୍ତ ହୋଇ ଦିଆଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

—ଶୁଭ ସମ୍ବାଦ—

ରାଷ୍ଟ୍ରଭାଷା ହିନ୍ଦୀ ଏଣିକି
ବାଧ୍ୟତା ମୂଳକ ବିଷୟ ହିସାବ ସବୁ ସ୍କୁଲରେ
ପଢ଼ାହେବ
ସେହି ହିନ୍ଦୀକୁ ଅଭ୍ୟାସ କରିବାକୁ
ଏକମାତ୍ର ପୁସ୍ତକ
ପ୍ରାଥମିକ

## ହିନ୍ଦୁସ୍ତାନୀ ଶବ୍ଦମାଳା

ଓ

## ଅନୁବାଦ ଶିକ୍ଷା

ଲେଖକ
ଶ୍ରୀଗୋବିନ୍ଦ ଚନ୍ଦ୍ର ମିଶ୍ର ରାଷ୍ଟ୍ରଭାଷାରତ୍ନ
ମୂଲ୍ୟ—ଟ୧୲

ମୂଳ ଓଡ଼ିଆ ଶବ୍ଦ, ହିନ୍ଦୁସ୍ତାନୀ ହିନ୍ଦୀଶବ୍ଦ ଓ ଲିଙ୍ଗ ଛଡ଼ା ପ୍ରତ୍ୟେକ ଅଧ୍ୟାୟ ଶେଷରେ ଅନୁବାଦ କରିବା ବିଷୟ ଦିଆଯାଇଛି । ଏହା Word book ଓ Translation ଦୁଇକାମ କରିବାର ସୁବିଧା ଦେବ ।

ପ୍ରକାଶକ—ଓଡ଼ିଶା ବୁକ୍ ଏମ୍ପୋରିୟମ
କଟକ—୨

---

## ସୁଦର୍ଶନ ଯାଦବ ପାତ୍ରୀ ଆବଶ୍ୟକ

ଗୋପାଳ ଜାତିର ଯେ କୌଣସି ସମ୍ପ୍ରଦାୟ ମଧ୍ୟରୁ ୧୬ରୁ ୧୭ ବର୍ଷ ପର୍ଯ୍ୟନ୍ତ ଜଣେ ପାତ୍ରୀ, ବାଲେଶ୍ୱର ଜିଲ୍ଲା ବାସୀ ସଦ୍‌ଗୁଣ ସମ୍ପନ୍ନ ଗଭର୍ଣ୍ଣମେଣ୍ଟ କଲେଜ ଛାତ୍ର କଲିକତାରେ ଚିକିତ୍ସା ବିଦ୍ୟା ଅଧ୍ୟୟନରତ ( ନନ୍ଦବଂଶୀ ଗୋପାଳ ବୟସ ୨୧ ) ପାଇଁ ନିମ୍ନ ସର୍ତ୍ତରେ ଆବଶ୍ୟକ ।

(ଭବିଷ୍ୟତ କଲେଜ ଖର୍ଚ୍ଚ ଓ ଭବିଷ୍ୟତ ସମ୍ମାନ ପାଇଁ ସାହାଯ୍ୟ ଦାନ)

ଠିକଣା
C/o ପ୍ରଫେସାର ପ୍ରେମାନନ୍ଦ କାବ୍ୟତୀର୍ଥ
ମେଡ଼ିକାଲ କଲେଜ ହଷ୍ଟେଲ, କଲିକତା ପୋଃ ଡାକ୍ତରଖାନା

---

Ensure your radio with
G.R.P (India )
Radio & Ellctrical Dealers.
Repairing our Speciality
Bankabazar Cuttack—2

Digitized by srujanika@gmail.com

ଅନାଥତାତ୍ ହିଁ ଖଡ୍ଗ ବମାନ ଭୁଖାନ ଛାଡ଼ିନ୍ତେ

# ଝଙ୍କାର

ଜ୍ୟେଷ୍ଠ ପ୍ରଥମାର୍ଦ୍ଧ ୧୩ଶ ବର୍ଷ ୨୩ ସଂଖ୍ୟା ୧ । ୬ । ୫୦

## କେନ୍ଦ୍ରର ଅର୍ଥ ମନ୍ତ୍ରୀ

ଅର୍ଥମନ୍ତ୍ରୀ ମଥାଇ କେନ୍ଦ୍ରରୁ ଇସ୍ତଫା ଦେଲେ । ଶ୍ରୀଯୁକ୍ତ ଦେଶମୁଖ ସେ ସ୍ଥାନ ପୂରଣ କରିବା ଦ୍ୱାରା ପୂର୍ବରୁ ଦଳୀୟ ଶାସନର ଯେ ସୂଚନା ମିଳୁଥିଲା ତା ଦ୍ୱାରା ବ୍ୟତିକ୍ରମ ଦେଖା ଯାଇଛି । ହୁଏତ ନିଜ ଦଳରେ ସେ ଭଳି ଯୋଗ୍ୟ ଲୋକର ଅଭାବ ଥାଇ ପାରେ । କିନ୍ତୁ ଇସ୍ତଫା ପତ୍ର ଦେବା ପରେ ଶ୍ରୀଯୁକ୍ତ ମଥାଇ ଇସ୍ତଫାର ଯେଉଁ କେତୋଟି କାରଣ ଦର୍ଶାଇଛନ୍ତି ତାହା ପଟେଲ ନେହରୁଙ୍କ ଯେଉଁ ସଂଭୂତ ନୀତି ପ୍ରତି ଶଂକା ଓ ଅସ୍ଥାରେ ଗ୍ଳାନି ଆସିବା ସ୍ୱାଭାବିକ । କୌଣସି ଆତ୍ମସମ୍ମାନ ସମ୍ପନ୍ନ ଦଳୀୟ ବ୍ୟକ୍ତି ମଧ୍ୟ ଭାରତର ଅର୍ଥମନ୍ତ୍ରୀ ଭଳି ଏକ ପ୍ରଧାନ ପଦକୁ ଗ୍ରହଣ କରିବା ପାଇଁ ମଣ୍ଡାନ୍ ପଦ ହେବ । ଶ୍ରୀଯୁକ୍ତ ପନ୍ତ ଓ ଶ୍ରୀଯୁକ୍ତ ଆଗ୍ରୀ ସମ୍ଭବତଃ ଏଇ କାରଣରୁ ଅର୍ଥମନ୍ତ୍ରୀ ହେବାକୁ ଅସ୍ୱୀକାର କରିଥାଇ ପାରନ୍ତି । ଫଳରେ ଗୃହକର୍ତ୍ତା ମନୋବୃତ୍ତି ସମ୍ପନ୍ନ—ବ୍ରିଟିଶ ଶାସନ କାଳରୁ ପ୍ରସିଦ୍ଧ ଜଣେ ହାକିମ ବିଶେଷଜ୍ଞ ଦେଶମୁଖଙ୍କୁ ସେ ପଦରେ ବସାଇ ନେହେରୁ ପଟେଲ ମନମୁଖୀ ବ୍ୟବସ୍ଥା କରିପାରନ୍ତି କିନ୍ତୁ ସୁବ୍ୟବସ୍ଥା ହେବ କି ନାହିଁ—ସେ ବିଷୟରେ ସାଧାରଣ ସନ୍ଦେହ ହେବା ସ୍ୱାଭାବିକ । ବିଶେଷଜ୍ଞର ଯଦି ନିଜର ନୀତିପ୍ରତି ନିଷ୍ଠା ନଥାଏ ସେ ବିଶେଷଜ୍ଞାନର କୌଣସି ମୂଲ୍ୟ ନାହିଁ—କାରଣ ଚଷୁ ସା କିମ୍ବା ଚକ୍ଷୁ ପୀଡିତେ ବ କେବଳମ୍ । ଆମ୍ଭେମାନେ ଦେଶମୁଖଙ୍କ ନିଯୁକ୍ତି ଆଦୌ ସମର୍ଥନ କରିପାରୁ ନାହୁଁ ।

କିମ୍ବା ଯୋଜନା କମିଟି ସଂପର୍କରେ ଶ୍ରୀଯୁକ୍ତ ନେହେରୁଙ୍କ ଯୁକ୍ତିକି ଅକାଟ୍ୟ ଜ୍ଞାନ କରି ପାରୁ ନାହୁଁ । ଯୋଜନା ଯେତିକି କରାଯାଇଛି ତାହା କାର୍ଯ୍ୟରେ ପରିଣତ ନ ହେଲେ ଯାଏ ଅଧିକ ଯୋଜନାର ଫର୍ଦ୍ଦ କେବଳ ଫର୍ଦ୍ଦ ହୋଇ ରହିଯିବ କି ନା—କାହାବାଡ଼ରେ କଣରୁ ଧରିବ ନାହିଁ ।

ବିଶେଷତଃ ପାକିସ୍ତାନ ପ୍ରତି ଦୁର୍ବଳତା ପ୍ରକାଶ ନେହେରୁ ସରକାରଙ୍କର ଏକ କଳଙ୍କ । ସାଂପ୍ରଦାୟିକତା ମୂଳପୋଛ କରିବା ନାମରେ କାପୁରୁଷତାକୁ ପ୍ରଶ୍ରୟ ଦିଆଯାଉଛି । ଅହିଂସା ନାମରେ ଦୁର୍ବଳତାକୁ ଢାଙ୍କି ରଖିଲା ପରି । ପାକିସ୍ତାନ ଓ ଭାରତର ମୁଦ୍ରାକୁ ଅସମଞ୍ଜସ ରଖି—ମଝିରେ ମୁନାଫା ମାରିବାର ଦଲାଲ ସରକାରଙ୍କର କୋଷ୍ଟେଶି କରିପାରେ କିନ୍ତୁ ନୈତିକ ପ୍ରଭାବ ଦେଶ ଉପରେ କଦାପି ମଙ୍ଗଳକର ନୁହେଁ । ବଣିକ ମାନେ ଏହା ଦ୍ୱାରା କଳାବଜାର ପ୍ରତି ବାଧ୍ୟରେ ଲୋଲୁପ ଦୃଷ୍ଟି ଦେବେ । କାରଣ କ୍ଷତି ପୂରଣ ହେବା ଗୃହ ।

ପୁଣି ଅର୍ଥ ବିଭାଗ ବା ସ୍ଥାୟୀ ଆର୍ଥିକ କମିଟିର ନିର୍ଦ୍ଧାରଣକୁ ଉପେକ୍ଷା କରି ଅନ୍ୟ ମନ୍ତ୍ରୀ ଦପ୍ତର ଏବଂ ବିଶେଷତଃ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଯେଉଁଭଳି କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ ପାଇଛି—ତାହା ସତ୍ୟ ହେଲେ ବାସ୍ତବିକ ଶାସନ ବିଶୃଙ୍ଖଳାର ଏକ ଉଦ୍‌ବେଗ ଜନକ ପରିସ୍ଥିତି ।

## ମନ୍ତ୍ରୀ ନିର୍ବାଚନ

ଆମ୍ଭେମାନେ ପୁଣି ଥରେ ଏ ପ୍ରସଙ୍ଗ ଉତ୍‌ଥାପନ କରିବାକୁ ବାଧ୍ୟ ହେଲୁଁ । ଏହା ଦ୍ୱାରା ଆମେ କୌଣସି ବ୍ୟକ୍ତି ବିଶେଷର ନିର୍ବାଚନକୁ ସମର୍ଥନ ବା ବିରୋଧ କରୁନାହୁଁ । ବରଂ ଆମର ବିଶ୍ୱାସ ଓଡ଼ିଶାର ଯେ କୌଣସି ନିର୍ବାଚନ ମଣ୍ଡଳୀରୁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଅନାୟାସରେ ସଭ୍ୟ ନିର୍ବାଚିତ ହୋଇ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହୋଇ ପାରିବେ ବା ପାରିଥାନ୍ତେ । କିନ୍ତୁ ଯେଉଁ ପଦ ପରିସ୍ଥିତି ତାଙ୍କୁ ଏଣିକି ଘେରି ବସିଗଲା ଏହା ତାଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସଙ୍ଗେ ସଙ୍ଗେ ଗଣତନ୍ତ୍ରର ସାଧୁ ପରମ୍ପରା ଉପରେ ଆଘାତ ଆଣିଦେଲା । ଶ୍ରୀଯୁକ୍ତ ମହତାବ କେନ୍ଦ୍ରକୁ ଗଲାବେଳେ ଯେଉଁ ଦିନ ଚାଲିଗଲେ ସେଦିନ ଅଳ୍ପ ଦିନରେ ଅତି ସହଜରେ ନବବାବୁ ସଭ୍ୟ ନିର୍ବାଚିତ ହୋଇ ପାରିଥାନ୍ତେ । କିନ୍ତୁ ଦଳ ଭିତରେ ମତ ଭେଦ ନିଅଁକୁ ପରିବର୍ତ୍ତନଲେ ପଡ଼ାଇ ଦାବରଖିବାର ଚେଷ୍ଟା ଏକ ପକ୍ଷରେ, ଅନ୍ୟ ପକ୍ଷରେ କ୍ଷମତାକୁ ସହଜରେ ଛାଡ଼ି ନ ଦେବା ପାଇଁ ମନ୍ତ୍ରୀବର୍ଗଙ୍କର ଅନିଚ୍ଛା ଏକ କଦର୍ଯ୍ୟ ପରିସ୍ଥିତି ସୃଷ୍ଟି କଲା । ବର୍ତ୍ତମାନ ଶ୍ରୀଯୁକ୍ତ ଚୌଧୁରୀ ନିର୍ବାଚିତ ସଭ୍ୟ ନ ହେବା ଯାଏ ହୁଏତ ବ୍ୟବସ୍ଥା ସଭା ଡକା ଯାଇ ପାରିବ ନାହିଁ । ଯଦି ଡକା ଯାଏ—ଓଡ଼ିଶାର ପ୍ରଧାନ ମନ୍ତ୍ରୀ ସେଠାରେ ଯୋଗ ଦେଇ ପାରିବେ ନାହିଁ । ଯଦି ଯୋଗ ଦିଅନ୍ତି ତେବେ ତାହା କେବଳ ଅଗଣତାନ୍ତ୍ରିକ ନୁହେଁ—ବାରମ୍ବାରଙ୍କର ଜଘନ୍ୟ ପକ୍ଷପାତିତା ଓ ନ୍ୟାୟ ତଥା ଆଇନପ୍ରତି ଅବମାନନା ଓ ଅବହେଳା ହେବ । କାରଣ ବ୍ୟବସ୍ଥା ସଭାରେ ବସିବାର ମୌଳିକ ଅଧିକାର କେବଳ ସଭ୍ୟ ମାନଙ୍କର । ମନ୍ତ୍ରୀ ହିସାବରେ କୌଣସି ସଭ୍ୟ କେବଳ ଶାସନ କାର୍ଯ୍ୟର ଜବାବ-ଦେହୀ ହୋଇ ପାରେ । କିନ୍ତୁ ସଭ୍ୟ ନହୋଇ କୌଣସି ମନ୍ତ୍ରୀର ବ୍ୟବସ୍ଥା ସଭାରେ ବସିବାର ବା କହିବାର ଅଧିକାର ନାହିଁ । କାରଣ ମନ୍ତ୍ରୀ ରାଷ୍ଟ୍ରର ଭୃତ୍ୟ । ତେଣୁ ତାଙ୍କର ବ୍ୟବସ୍ଥା ସଭାରେ ଯୋଗ ଦେବାର ହେଲେ ସେଥିପାଇଁ ଏକ ବିଶେଷ ବ୍ୟବସ୍ଥା ଆବଶ୍ୟକ । ସେ ବ୍ୟବସ୍ଥା କିନ୍ତୁ ରାଷ୍ଟ୍ରର ବ୍ୟବସ୍ଥା ସଭାର ଅଧିକାରରେ ଥାଇ ନପାରେ । ତାହା ଏକ ବିଧାନଗତ ବ୍ୟବସ୍ଥା । ରାଷ୍ଟ୍ର ବ୍ୟବସ୍ଥା ସଭା କେବଳ ସଭ୍ୟ ମାନଙ୍କର ଅଯୋଗ୍ୟତା ଦୂର କରିପାରେ—ବିଧାନ ଅନୁସାରେ ଅଯୋଗ୍ୟ ବ୍ୟକ୍ତିକୁ ଯୋଗ୍ୟ କରିବାର କ୍ଷମତା ତାର ନାହିଁ ।

ଏଭଳି ମନ୍ତବ୍ୟ ଦେବାର ଉଦ୍ଦେଶ ଭବିଷ୍ୟତରେ ଏ ପ୍ରମାଦ ଯେପରି ପୁନର ଘଟି ନ ଯାଏ ।

Digitized by srujanika@gmail.com

# ଡାଟେରୁଡାଟେର ନାନା ନାନା

ଦେଶର ଜେଲ୍ରରେ ଗର୍ଭବତୀ ମହିଳା
—ସମ୍ବାଦ

ଦଶମୁଖ ହୁଅନ୍ତୁ ।

\+ * *

ମାକିସ୍ତାନରେ ହିନ୍ଦୁ ଉପରେ ଅତ୍ୟାଚାର
କଥା—ଅକଡ—ଅମେରିକାରେ—

...ଏହି କଥା ଶୁଣି ବେଳେ ବେଳେ ଏହି
କଥାଟା ବି ମଧ୍ୟ ଅନୁର୍ଯ୍ୟ ଜନକ ହୋଇ ଥାଏ ।

\+ \+ \+

ବନ୍ଧୁ ଅଶ୍ରୟ ପ୍ରାର୍ଥୀ ଭାରତରୁ ପାକିସ୍ତାନକୁ
ପଳାଇ ଆସିଛନ୍ତି—ଅମେରିକାରେ ଅକଡ

...ପାକିସ୍ତାନରୁ ଭାରତକୁ ପଳାଇବାପାଇଁ ଆଉ
କେହି ନଥିବେ ।

\+ \+ \+

ପଣ୍ଡିତ ଜବାହରଙ୍କ ଜନ୍ମସ୍ଥାନ ଉତ୍ତର
ପ୍ରଦେଶରେ କଂଗ୍ରେସ ଦଳ ଫାଟି ହୁଇଫାଳ—
ସମ୍ବାଦ

...ଦୀପତଳ ଅନ୍ଧାର । \+ *

କଂଗ୍ରେସ ଗୋଟିଏ ରାଜନୈତିକ ଦଳ
ହେବାକୁ ୧୦ ବର୍ଷ ଲାଗିବ— କଲ୍ ଭେଙ୍କଟ

...ବର୍ତ୍ତମାନ ପ୍ରଜାନୈତିକ ଅଛିପରା !

× \+ \+

ଭାରତ କାହାକୁ ଆକ୍ରମଣ କରିବନାହିଁ—
କେବଳ ତାର ସଭ୍ୟତା ଓ କୃଷ୍ଟିର ପ୍ରସାର
—ପଟେଲ ନୌବାହିନୀଙ୍କୁ ଉପଦେଶ

...ସଭ୍ୟତା ଓ କୃଷ୍ଟିର ବୋମା ତିଆରି ଶୀଘ୍ର-
ହେବ । × × *

ହିଟଲର ତିବ୍ବତର ମଠରେ ଠାଏ
ଅଛନ୍ତି—ସମ୍ବାଦ

...ଇଏ ମାତାମଠରେ ଥିବେ ।

* * *

ମିଳିତ ଜାତି ସଙ୍ଘ ସମ୍ପାଦକ ଲାଏ ସାହେ-
ବଙ୍କୁ କମ୍ପିଉନିଷ୍ଟ ନ ବାଳକ ମାନେ ହାସ୍ୟରୋଳ
ଭିତରେ ସ୍ୱାଗତ କଲେ —ସମ୍ବାଦ

...କାରଣ ସେ 'ଡଗର' ହୋଇ ଯାଇଥିଲେ

* * *

ଫ୍ରାନ୍ସ ବ୍ରିଟେନ ଓ ଆମେରିକା ସରକାର
ବୈଦେଶିକ ମନ୍ତ୍ରୀ ମାନେ ବିଶ୍ୱଶାନ୍ତି ପାଇଁ
ମନ୍ତ୍ରଣା କରୁଛନ୍ତି,

—ଚିନ୍ନମୂଳ—କେବେ ନାହିଁ ହେଲେ ।

* * *

ନିଅବିଡ ଅଣ୍ଡ ଆମେରିକା ସିନେଟରେ
ଅମପ୍ରତ୍ୟାଏ ବାଦିକ ପରେ ସଭା ଆରମ୍ଭ ହୋଇ
—ସମ୍ବାଦ

...ମୁଣ୍ଡ ଶୁଣି ତୋ ସଭାର, କହୁଛନ୍ତି ଚଢୋ-
ଲେଟ ନୃପ ପ୍ରାର୍ଥୀ—

* * *

୧୨ହଜାର ପାଉଣ୍ଡ ଆମ୍ବ ଭାରତରୁ
ବିଦେଶକୁ ରପ୍ତାନି ହୋଇଛି ସମ୍ବାଦ ।

...ବାହାରେ ତେନ୍ତୁଳି ଗୁଡ଼ ଗୋଳାଇ ଭାରତ-
ବାସୀ ଚୋପିବେ ।

* * *

ଉତ୍ତର ପ୍ରଦେଶର କଂଗ୍ରେସ ସଭ୍ୟ ମାନେ
ସବୁ ପ୍ରକାର ନିଶା ବର୍ଜନ କରିବେ ବୋଲି
ପଣ କଲେ —ସମ୍ବାଦ

...କ୍ଷମତା ନିଶାକୁ ଛାଡ଼ି

\+ × \+

ଜଣେ ଛାତ୍ର ଦୀର୍ଘ ଅଠଦିନ ଯାଏ କେବଳ
ଛିଙ୍କୁଛି—ସମ୍ବାଦ

...ଅଜାମର ହେବ ।

× × \+

ଦାନ୍ତରେ ପେନ୍ସିଲ ଧରି ଜଣେ ବାଳିକା
ଗୋଟିଏ ଗଳ୍ପ ବହି ଲେଖିଛନ୍ତି —ସମ୍ବାଦ

......ଦନ୍ତଗୀ ଧରିଥିବେ ।

× × ×

ମଧୁସୂଦନ ମହାପାତ୍ରଙ୍କ ଉପରେ ଦୋଷା-
ରୋପ ହାଇକୋର୍ଟ ଉଠାଇ ନେଲେ—ସମ୍ବାଦ

......ତ୍ରାହିମାଂ ମଧୁସୂଦନ

* * *

ତଗିରିଆରେ କଂଗ୍ରେସ କର୍ମୀ ମାନେ
ସୋସାଲିଷ୍ଟଙ୍କୁ ମାଡ଼ ଦେଲେ—ସମ୍ବାଦ

......ଅହିଂସାର ଉତ୍ତମ ଓ ମଧ୍ୟମ ।

* * *

ପୂର୍ବପଞ୍ଜାବରେ ୧୨୫ଜଣ କଂଗ୍ରେସ କର୍ମୀ
କଂଗ୍ରେସରେ ବଚ୍ଛି ନାମ ହୋଇନାହି ବୋଲି
ଇସ୍ତଫା ଦେଲେ—ସମ୍ବାଦ

......ନଜାରୁ 'ନାମ' କାମାନା ମୁଣ୍ଡବ୍ୟୋମୋନ
ଶାମ୍ୟତ

\+ \+ \+

ପ୍ରଫୁଲ୍ଲ ସ୍ମୃତି ମନ୍ଦିର ପାଇଁ ଲଟାରି ଟଣା-
ହେବ—ବ୍ରହ୍ମପୁର ସମ୍ବାଦ

......ପ୍ରଫୁଲ୍ଲଙ୍କ ସ୍ମୃତିକି ଟଣା ଓଟରି ନକର

× \+ \+

ଓଡ଼ିଶାର ପଞ୍ଚାୟତ ଗଠନ ପ୍ରହସନ
ହେଉଛି—ଅଭିମତ ।

ପାଞ୍ଚ ମୁଖରେ ଛେଳି ଲହର ।

* * *

ଆଠମଳିକରେ ଗୁଳିଲ ଅଭାବ ପଡ଼ିଛି
—ସମ୍ବାଦ

......ମନ୍ତ୍ରୀମାନଙ୍କ ପାଇଁ ସରକାର ଗଜାଳିଟ
ପଠାଇବ

\+ * *

ବାରିପଦା ଆଜାଦ ସିନେମାରେ ଗଣ୍ଡ-
ଗୋଳ ହୋଇଛି—ଅଭିଯୋଗ ।

......ଗଣ୍ଡଗୋଳପାଇଁ ଆଜାଦ ମିଳିଥିବ ତାଙ୍କୁ

× * *

ଲ ପରୀକ୍ଷାର ପ୍ରଶ୍ନରେ ଗଣ୍ଡଗୋଳ
ଏଥର ଛାତ୍ରମାନେ ଚିନ୍ତାମଣି ପୁସ୍ତକ
କିଣନ୍ତୁ ।

* * * *

ନିର୍ବାଚନରେ ଦରିଆ ସେପାରି ଲୋକ
ଡାକ ଯୋଗେ ନିଜର ଭୋଟ ପଠାଇ ପାରିବେ
ବୋଲି ସମ୍ବାଦ ।

ମର୍ତ୍ତ୍ୟର ସେପାରି ଲୋକଙ୍କ ପାଇଁ କଣ
ବ୍ୟବସ୍ଥା ହେଉଛି କେ ଜାଣେ ?

* * * *


## ସୁନିଶ୍ଚିତ ଲାଭ

୧ ମାର୍କିନ ଡିପୋଜିଟ ସ୍କିମ

[illegible]

୨ [illegible]

[illegible]

୩ ବୋନାସ ଇଉନିଟ ସ୍କିମ

[illegible]

୪ ଲୋନ୍ସ ଡିପାର୍ଟମେଣ୍ଟ

[illegible]

୫ ଶେୟାର ମାର୍କେଟ

[illegible] ( [illegible] )

ଇନ୍‌ଭେଷ୍ଟର୍ସ କାର୍ଟେଲ ଲିମିଟେଡ
(INVESTORS' CARTEL LTD.)
[illegible]
[illegible]

ବହୁଶ୍ରୁତି ବିଶାରଦ ବିଶ୍ୱନାଥ ପରିବେଦନା ପୂର୍ଣ୍ଣ ଏକ ବିରାଟ ଆବୃତ୍ତି ଦେଇ ନିଜର ବୀରତ୍ୱ ଓ ଉଦାରତାର ପରିଚୟ ଦେଇଛନ୍ତି । ସେ କହିଛନ୍ତି—ଶ୍ରୀଯୁକ୍ତ ନବ ଚୌଧୁରୀ ଜାଗର ଉପବାସ କରି ବାବା ବିଶ୍ୱନାଥଙ୍କ ପାଦରେ ନିଜଗ୍ଳାନି ହୋଇ ଅଳି ଅରଦଳି ପେଶ କଲାରୁ ଭକ୍ତବତ୍ସଳ ଆଶୁତୋଷ ବାବା ବିଶ୍ୱନାଥ ତାପେ ବର ପ୍ରଦାନ କରନ୍ତେ ଶ୍ରୀଯୁକ୍ତ ଚୌଧୁରୀ ପ୍ରଧାନ ମନ୍ତ୍ରୀ ହେଲେ । ନଚେତ୍ ନବକୃଷ୍ଣର କେତେ ବଳ ଯେ ହର ହର ଶଙ୍କର ବାବା ବିଶ୍ୱନାଥଙ୍କ ବିନା ବରରେ ଏଡ଼େ ବଡ଼ ଉତ୍କଳ ଖଣ୍ଡକୁ ଶାସିବେ । ବିଶ୍ୱନାଥ କହିଲେ ହେ ନବା—ଗଳୁକ ନବକୃଷ୍ଣ, ତମଲାଗି ଏ ପ୍ରଧାନ ମନ୍ତ୍ରିତ୍ୱକୁ ଛାଡ଼ି କରିଦେଲି ।

❋ ❋ ❋ ❋

କିନ୍ତୁ ଆମେ ଶୁଣିଲୁ ବାବା ବିଶ୍ୱନାଥ ତାପେ ବର ନଦେଇ କୋଟାଦର ଦେଇଛନ୍ତି । ନବକୃଷ୍ଣଙ୍କ ତପ ନୁହେଁ—ହରେକୃଷ୍ଣଙ୍କ କୋପରେ ବାବା ବିଶ୍ୱ ଛେଇ ମୁକ୍ତି ପ୍ରଥମେ ଯେଉଁ ତୋଡ଼ କାଢ଼ିଥିଲେ ତାକୁ ପଡ଼ ନୁହେଁକୁ ମୋଡ଼ ମନ୍ତ୍ରୀ ଗାଦ ଛାଡ଼ିଲେ । ଏଡ଼େ ବଡ ପରିତ୍ୟାଗଠାରୁ ସହଜରେ ମାନିବେ ବା କିଏ ? ସେଥିପାଇଁ କହିଲେ-ନବକୃଷ୍ଣଙ୍କ ପାଇଁ ପଡ଼ି ମୁଁ ତରଳି ଗଲି—ତେଣୁ ଗାଦୀ ଛାଡ଼ିଦେଲି । ତ୍ୟାଗଗୁଣରେ ରାଜା ହରିଶ୍ଚନ୍ଦ୍ର ଓ ରାଜା ହରେକୃଷ୍ଣଙ୍କୁ ବଳିଗଲି—ପୃଥିବୀ ଏଥର ମୋର କୀର୍ତ୍ତି ଗାଇବ ଯୁଗଯୁଗକୁ ଅମର ଅକ୍ଷରେ ରହିବ-'ବିଶ୍ୱନାଥଙ୍କ ସ୍ୱାର୍ଥ ତ୍ୟାଗ ।" ସର୍ ଫିଲିପ ସିଡ଼ନିଙ୍କ ନାମ ପଛକୁ ପଡ଼ିଯିବ-କାରଣ ବିଶ୍ୱନାଥ ଜୀବନଠାରୁ ବଳି ମନ୍ତ୍ରୀ ପଦକୁ ଛାଡ଼ି କରିଦେଇ କହିଲେ ଭାଇ ନବ—Thy necessity is greater than mine—ମୋଠାରୁ ତୁମର ଆବଶ୍ୟକ ଅଧିକ ।

❋ ❋ ❋ ❋

ପିଲା କନ୍ଦିଲେ ପଡ଼ିଲେ ମା ବାପ କହନ୍ତି ତେଇଁ ପଡ଼ିଲା । ବିଶ୍ୱନାଥଙ୍କର ମା ବାପ ହୁଏତ ବର୍ତ୍ତମାନ ଜୀବିତ ନଥିବେ ସେଥିପାଇଁ ସେ ନିଜେ ନିଜେ ହୃଦପଡ଼ି କହିଲେ—ମୋର କିଛି ହୋଇନାହିଁ—ଓଁ ମାରିଦେଇ । ମାତ୍ର ସେଇ ବକ୍ତୃତାରେ ଯେଉଁ କ୍ରନ୍ଦନର ସ୍ୱର ରହିଛି ତାହା ଉତ୍କଳ ବାସୀଙ୍କୁ ବାଧୁଛି ଏବଂ ଉତ୍କଳବାସୀ ନିର୍ବିର ଜବାବ ଦେଉଛନ୍ତି ଯେ ଆସନ୍ତା ଥରକୁ ତାଙ୍କ ମୁଣ୍ଡରେ ନିରପା ନିଷ୍ଠୁର ଲଡ଼ା ହେବ ।

❋ ❋ ❋ ❋

ଶ୍ରୀଯୁକ୍ତ ନବବାବୁଙ୍କ ପତ୍ର କିନ୍ତୁ ସାଫ୍ ସାଫ କହିଦେଲା ଯେ ବିଶ୍ୱନାଥଙ୍କ ଠାରୁ ସେ ଭିକ ଲୋଡ଼ି ନଥିଲେ । ବିଶ୍ୱନାଥଙ୍କ ତୁଣ୍ଡକୁ ମୁହଁ ସେ ସନ୍ନିପାତ ସ୍ଥିତିକି ହୋଇ ଯାଇଥାନ୍ତେ । ମନ୍ତ୍ରୀ କଳର ସଂସ୍ପର୍ଶରେ ହାଂଗ ମଲାପରି ତାଙ୍କର ଅବସ୍ଥା ହୋଇଗଲା । ଶ୍ରୀଯୁକ୍ତ ମହତାବ ଯାକୁ ମାରିବାକୁ ଇଚ୍ଛା କରନ୍ତି ତାକୁ ଆକାଶରେ ଉଡ଼େଇ ଦଅନ୍ତି । ନବ ବାବୁଙ୍କ ରାଜନୈତିକ ଜୀବନର ମୃଣ୍ଡି ମାରିବା ପାଇଁ ଶ୍ରୀଯୁକ୍ତ ମହତାବ ଧର୍ମାବଦ ଆବିର୍ଭାବ ହୋଇଥିଲେ ପରି ।

❋ ❋ ❋ ❋

ଶ୍ରୀଯୁକ୍ତ କପିଳେଶ୍ୱର ପ୍ରସାଦ [ K.P— କଳାପୋଡ଼ା କେହି ନପଢ଼ନ୍ତୁ ] ଓ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଦାସ କିନ୍ତୁ ମଝିରେ ଝୁଲା ପଡ଼ିଗଲେ —ନୂଆ ଓଡ଼ାଖାଶୀ ଗୁହ ଖାଇଲା ପରି । ବିଶ୍ୱନାଥ ଦାସେ ଶେଷ ବେଳକୁ ଏମିତି ଗୋଡ଼ ଯେପରି ମାରି ଖେଳୁଆଡ଼ ଗିରି ପ୍ରମାଣ କରିବେ ବୋଲି କିଏ ଜାଣିଥିଲା । ଶ୍ରୀଯୁକ୍ତ ଦାସ ଓ ନନ୍ଦେ ନା ହେଲେ ମନ୍ତ୍ରୀ—ନା ଯନ୍ତ୍ରୀ—ନା ପ୍ରଜାତନ୍ତ୍ରୀ ? ନା ସ୍ୱର୍ଗର ନା ମର୍ତ୍ତ୍ୟର ।

❋ ❋ ❋ ❋

ସକୁଠୁ ଗୁରୁଖ ପଡ଼ିଗଲେ ରଥେ ଅପଟେ । ବହୁ ଯୁଗରୁ ବିଶ୍ୱନାଥଙ୍କ ବିବେକରଥୀ ହୋଇ ଶେଷବେଳକୁ କର୍ଣ୍ଣରଥ ଅବସ୍ଥା ଗ୍ରସ୍ତ ହେଲା ପରି ଭୂଇଁ ତଳେ ପଶିଗଲେ । ଏବେ ତେଲ ଘଡ଼ରେ ହାତ ଓ ପୁଅ ମୁଣ୍ଡରେ ହାତ ଦେଇ ବସିବୁଛନ୍ତି—ସମାଜ ପୁଅ ବଡ ନା ତେଲଘଡ଼ ମନ୍ତ୍ରୀପଦ ବଡ଼ ? ବୁଦ୍ଧି ନଆସଇ ଘରକୁ—କହ ଦେଉଥାଇ ପରକୁ ।

× × + ×

ଅତି ବୁଦ୍ଧିରେ ଭାତ ଗୁହ ଖାଏ । ଅତି ବୁଦ୍ଧିରେ କାନନ୍ଦଗୋ କନ ନାକ ଅଧିଁକି ହେଲେ ସେ ଭାବିଥିଲେ ବିଶ୍ୱନାଥ ନବକୃଷ୍ଣଙ୍କୁ ଲଢ଼ାଇ ଦେଇ ମଝିରେ ଚତୁର ବିଡ଼ାଳ ହୋଇ ପିଠା ଖାଇବେ । ମାତ୍ର ଯାହା କରିବେ ମହତାବ ସେ ତ କାହାର ମନେ ନାହିଁ । ଶେଷରେ ପହନା ବୁଝ ମଦନ ମଧ୍ୟ କଦନ ଦେଲେ । ପିନା-ଖଦନ ସ୍ୱର ରହିବା କଥା ।

❋ ❋ ❋ ❋

ପାକିସ୍ଥାନକୁ ଆମେରିକାରୁ ଅସ୍ତ୍ର ଶସ୍ତ୍ର ସାହାଯ୍ୟ ହୋଇଅଛି ଥିବା ବେଳେ ବାହାରେ ଫାଟିଗଲା । ଏ ବିସ୍ଫୋରଣ ଯୋଗୁ ଯେଉଁମାନେ ମଲେ ବା ଆଘାତ ପ୍ରାପ୍ତ ହେଲେ ସେମାନେ କିନ୍ତୁ ଭାରତୀୟ ନୁହନ୍ତି । ଏତିକି ଦୁଃଖ । ଆମେରିକା ତଳ ଏଘର ମାଉସୀ ସେ ଘର ପିଉସୀ ହୋଇ ପାକିସ୍ତାନକୁ ଭିତରେ ଭିତରେ ଯେଉଁ ସାହାଯ୍ୟ ଦେଉଥିଲା, ତାହା ଏବେ ପ୍ରକାଶ୍ୟରେ ସାବ୍ୟସ୍ତ ହୋଇଗଲା । ହଠାତ ସବୁଦିନେ ଅଗ୍ନିବୃକ୍ଷ ଜୁଟିଏ—ସେଥିପାଇଁ ପାକିସ୍ତା ନ ବଗେ ଅଗ୍ନି ଖାଇଅଛି ନିର୍ଘାତ ।

❋ ❋ ❋ ❋

ମିଳିତ ଜାତି ସଂଘର ସଂପାଦକ ଲାଇ ଦୂତ ଗିରି କରି ଯାଇଥିଲେ ଷ୍ଟାଲିନ ପାଖକୁ କବି ଅଭିମନ୍ୟୁ ତା ଦେଖି ଲେଖିଲେ—

ଇଂଲଣ୍ଡ ବାତୁଳ ରୋମା ରସାତୁଳ
ଯେତେ ପୃଥିବୀ ବାସିନୀମାନେ
ଷ୍ଟାଲିନ୍ ଅତି ଦନେ ଲାଇ ଧରି ଦନେ
ପଶୁରନ୍ତି କର ଧରି ଛନେ ।
ଆମେରିକା ଖିଆ,
କାହୁ ମୋ ନଗର କର ଗନ୍ତ ।
ହିପିଲାଇ ଭାବେ ଜାତି ସଂଘେ ଯେତେ
ବନ୍ଧୁଳତା ମଚି ଦବାଗ୍ନି ।



Digitized by srujanika@gmail.com

କାଳିଆ ମୁକ୍ତାଶ [ କଶ ] ଦେଖିଲେ ସଂତ୍ରାସ
ଗଡଣ୍ଡ କଣ୍ଢରେ ଗଲ ଗଳ,
ଦେଖି ହାଇ ଡ୍ରୋଜନ   ଝାଉ ଜାନମନ
ଝୁଲିକି ଝୁଲାଇ ଖଲ ଖଲି
ବୁଝୀ ପ୍ରବର ହେ
ଭଲଗା ପିବାକୁ ଚଲ ଚଳ ।
ଦେଖି ଅଙ୍ଗ ଭଲୁ   ଧନ୍ୟସେ ଖୁରକୁ
ଭଗ୍ନିରେ କରଇ ମଳ ମଳ ।
ବୁଝୀ ପ୍ରବର ହେ ।

❊ ❊ ❊ ❊

ମ୍ୟାଲନ କହୁଛନ୍ତି
ଆମେରିକା ଘୁଣମାନ
ଭଙ୍ଗି ବସିଛ ମୋ ବୋମା ଘୁମାନ ଗୋ
ଯଣେ ଦାହବ ପୃଥ୍ୱୀସମାନ ସଜନୀ ଗୋ
ଶୁଣି ଲଣ୍ଡନରୁ ପଦେ
ଆରବ ପଙ୍କ ଯେ ବିକ୍ଷବେ ପଦେ ଗୋ
ଜରମାନ କଟଭଗ୍ନ ପଦେ ସଜନୀ ଗୋ ।
ଛୁଞ୍ଚ ମୋହିବା ଇଂଲଣ୍ଡେ
ତାଙ୍କ ପ୍ରୀତି ପଣେ ମୁଁ ନୂହେ ଦଣ୍ଡେ ଗୋ
ଅଳଙ୍କାର ସେ ମେଢଗା ଖଣ୍ଡେ ସଜନୀ ଗୋ ।

× + ×

ଲୁଇଙ୍କର ଏ ଘଟସ୍ଥ କାଳରେ ପୃଥିବୀର ବିଭିନ୍ନ ସ୍ଥାନରେ ଘଟସ୍ଥ ମାନ ଘଟି ଯାଉଛି । ମିଶର ରଜାଙ୍କ ଭଉଣୀ ଜଣେ ଆମେରିକା ବାସୀଙ୍କୁ ବିଭା ହେଉଛି । ଏଥିରେ ମିଶର ସାହା ମହାଖପ୍ପା । ମାଫ ଯାହାର ଯହିବ ରାଜି—କ୍ୟା କରେଗା କାଜୀ ?

+ × +

ତେଣେ ଜାପାନ ରଜାଙ୍କ ଝିଅ ଗୋଟିଏ କିରାଣିକୁ ବିଭା ହେଉଛି । ଦେଉଁ ରଜା ଝିଅ ଘୋଡ଼ା ସଇସକୁ ବିଭାହେବା କଥା ଗଳ୍ପରେ ଶୁଣା ଯାଉଥିଲା । କଥାରେ ଅଛି ସତ୍ୟ ଘଟଣା ଗଳ୍ପଠାରୁ ମଧ୍ୟ ଅଶ୍ଚର୍ଯ ଜନକ । ତେବେ ପ୍ରେମ ଓ ସଂଗ୍ରାମରେ ଭଲମନ୍ଦ ନବିଚାରିବାର କଥା—ଆମ ବାଲିଆ ସହରେ ସେଥିପାଇଁ ତାଙ୍କୁ ସଙ୍ଗୀତ ଗାଆ ଯାଏ—

ଜନ ଗଣମନ ଅଧିନାୟକ ତୁମ୍ଭେ
ଜୟ ଜୟ ହେ କାମଦେବ
ଯାହାର ଯହିଁ କି ମନ ଖୁସି
ହେଉଛଲେ ଦସି ?
ପ୍ରେମ ନ ଜାଣେ ବଦାନଶି
ସିଏ ଯେତେ ପାରେ ଲୁଟି ନେବ—
ଜୟ ଜୟ ଜୟ କାମ ଦେବ ।

+ + +

ଶ୍ରୀଯୁକ୍ତ ମହତାବଙ୍କୁ ସବୁଠୁ ଆଡ଼ମ୍ବର ପୂର୍ଣ୍ଣ ବିଦାୟ ଦିଆଗଲା ଦିଲ୍ଲୀର ପୁଞ୍ଜିପତି ବ୍ୟବସାୟୀ ମାନେ । ନିଛକ ପ୍ରେମ, ସ୍ନେହ ଓ ଭକ୍ତିର ପରାକାଷ୍ଠା । ମହାତାବଜୀଙ୍କ ଦିଲ୍ଲୀରେ ଥାଇ—ତିଳେ ମହକୁମା ହାତରେ ଧରି ଏ ପୁଞ୍ଜିପତି ମାନଙ୍କ ପ୍ରତି କୃପା କଟାକ୍ଷ ପାତ କରିବେ ବୋଲି ଆଶା—ତେଣୁ ଜଣେ ପୁଞ୍ଜିପତି ଗାଇଲେ—

ସେବକ ହୋଇ କରି   ଦିଲ୍ଲୀ ପିଦାକୁ ଡ଼ରି
ଭରସି ଯେବେ ନ କହିବ
ଶୁଣ ମହମା ମେରୁ   ଏ କର ଅର୍ଣବରୁ
କେମନ୍ତ ପ୍ରକାରେ ତରିବ ହେ
ମହାପ୍ରଭୁ !

ଆମର ବିଶ୍ୱାସ—ଉତ୍କଳରେ ପ୍ରଜାତନ୍ତ୍ର ଯଦି ଗୁଲୁ ରହିଥାଏ ତିଳେ ମନ୍ତ୍ରୀ ମହତାବ ମଧ୍ୟ ଦେଶୀଙ୍କୁ କାମ କରି ପାରନ୍ତି । ଏଠିତ ମହତା ପଦାରେ ପଡ଼ିଥିଲ—ସେଠି କାଉ କୋଇଲି ମଧ୍ୟ ନ ଦେଖେ ।

+ + +

କଟକରେ ବଡ଼ା ଚହଟରେ ଭଞ୍ଜଜୟନ୍ତୀ ହୋଇଗଲା । ବିଶେଷରୂପେ ଛନ୍ଦିତ ବିଛନ୍ଦ ଛନ୍ଦ ବଯ୍ୟାନ—ଭାବରେ ବନ୍ଧବାଡ଼ ମଧ୍ୟ ଭାଙ୍ଗି ଗଲା । ଶୁଣିଲୁ—ସେ ସ୍ରୋତରେ ଭାସିଯାଇ କେତେକ ମହିଳା ନିଜକୁ ସମ୍ଭାଳି ନପାରି ସ୍ୱଗୃହରେ ଆଶ୍ରୟ ନେଲେ । ଯେଉଁଠି ଭାବର ଜୁଆର ଖେଳେ ସେଠି ଶ୍ଳୀଳ ଅଶ୍ଳୀଳ ପ୍ରଶ୍ନ ଉଠେ ନାହିଁ । ତା ହୋଇଥିଲେ ପୃଥିବୀରେ ସୃଷ୍ଟିର ଅଭାବ ଥାଆନ୍ତା । ଯେଉଁ ଭଦ୍ର ମହିଳା ଓ ମହଲମାନେ ଅଶ୍ଳୀଳତା ଯୋଗୁ ନାଚ ସଭାସ୍ଥଳ ପଳାଇ ଆସିଲେ ସେମାନେ ଯଦି ନିଜେ ଜାହ୍ନବୀ ହୋଇଥାନ୍ତେ ତେବେ ବିଷକଣ୍ଠକୁ ତୋଷ କରିପାରି ଥାନ୍ତେ—ବୋଇଲ—

ବିଛନ୍ଦକୁ ସ୍ୱଚ୍ଛନ୍ଦନ   କବି ଭଞ୍ଜ ବିଶୋଭନ
ହରେ ହୃଦାନନ୍ଦ କନ୍ଦ ତାପ ହାରୀ ସେ,
ବନ୍ଦେ ମହତାପାଧିକ   ଭଞ୍ଜନ୍ଦ କଳା ସମାନ
ପୂରିତ ରହିଛି ଶ୍ଳୀଳାଶ୍ଳୀଳ ପ୍ରବୃତ୍ତି
ବିଦ୍ୟା ସ୍ଥଳ ସଂଘ ପଦରେ
ବିଷକଣ୍ଠ ତୋଷଦାୟୀ ଗଦଗଧରେ

× × ×

ଡାକ୍ତରଙ୍କ ମତରେ ଯକ୍ଷ ଜୀବର ଶରୀର ମଧ୍ୟରେ, (body politicsରେ) ମହତାବ ଓଡ଼ିଶାର dangerous portozoa ବା ବିଷାକ୍ତ ଜୀବାଣୁ ଥିଲେ—କେନ୍ଦ୍ରକୁ ଗଲେ harmless commonsel ସାଧାରଣ ଜୀବାଣୁ ହୋଇ ରହିବେ । ତଥାପି ପାକାଶନ୍ତ୍ର-ରେ (intestine) ସେ ପୁଣି କେତେ-ବେଳେ କାହାର ଉପକାର କରି ପାରନ୍ତି—ଏବଂ ସେ ଉପକାରଟା କଷ୍ଟସନ ଆଦି କ୍ରିୟାରେ ସାହାଯ୍ୟ କରିପାରେ । ପୁଞ୍ଜିପତିମାନେ ମହତାବଙ୍କ ଦିଲ୍ଲୀ ନିଃସାରଣକୁ ହାତପାତି ବସନ୍ତୁ ।

+ + +

ଶ୍ରୀଯୁକ୍ତା ମିସ୍ ମେୟୋ କାଶୀ ବିଶ୍ୱନାଥ ଲିଙ୍ଗ ଦେଖି ଲୁଆଣ୍ଡେ କାମାଶକ୍ତ ହୋଇ ପଡିଲା ପରି ମହିଳାମାନେ ଭଞ୍ଜ ସାହିତ୍ୟ ଶୁଣି ବିକାର ଶୀତ୍କାର ଗ୍ରସ୍ତ ହେଲେ ବୋଲି ସଭାର ଆବାହକମାନେ ବିବୃତି ଦେଇଛନ୍ତି । ମନେ ହେଉଛି ଛାତ୍ରମାନେ ନିର୍ଗୁଣାଟିତ ହୋଇ ଭଞ୍ଜ ସାହିତ୍ୟ ଆଲୋଚନା କରି ଶିଖିଲେଣି । କବି ଏହି କିଶୋର ମାନଙ୍କୁ ଦେଖି ହୁଏତ ଗାଇ ଥାନ୍ତେ—

ଆଜହୁଁତ ଏତେ ଉଶୃଙ୍ଖଳ
ଆହୁରି ଅଛିତ ବେଳକାଳ ।
କଟକ ବଜାରେ   ହଜାର ନାଯିକା
ଘେନ 'ସମାଜେ' କମରି ତାଳ
ଆରେ ଭେଣ୍ଡା କଳ ।

❊ ❊ ❊ ❊

ଶ୍ରୀଯୁକ୍ତ ମହତାବ କାହାର କି ଉପକାର କରିଛନ୍ତି ତା'ର ତାଲିକା ପ୍ରସ୍ତୁତ କରିବାପାଇଁ ଆମେ ଦେଶବାସୀଙ୍କୁ ଆହ୍ୱାନ କରୁଛୁ । ଅପକାରର କେବେ ମିଳିବ ନାହିଁ-ଉପକାର ଅନେକ । ଆମେ ଦୁଇଟି କଥା ଗୋଇଠା ଶେଷ ବିଷୟରେ ମହତାବଜୀଙ୍କ ଠାରୁ ପାଇ-ଥିବାର ୨ଟି ବ୍ୟକ୍ତିଙ୍କୁ ଜାଣିଛୁ । ଜଣେ ନେତା ଓ ଜଣେ ଗୃହବାଅ । ମହା ଜନ-ମାନଙ୍କର ଗୋଇଠା ମଧ୍ୟ ଉତ୍କଳର ଶ୍ରେୟ—ଅବଧାନଙ୍କ ବେତ ନବାଜିଲେ ପାଠ ନହୁଏ । ମହତାବଙ୍କ କୃପା ନପାଇଥିଲେ ନବକୃଷ୍ଣ ମନ୍ତ୍ରୀ ହୋଇନଥାନ୍ତେ କି ବିଚରା କର୍ମଚାରୀ ଶ୍ରୀଜାନ୍ଦ୍ର ଗୃହବରୁ ଯାଇ ହରେକୃଷ୍ଣ ପଦ ଯୋଗ ନଥାନ୍ତେ । ନବବାବୁ ବିଶ୍ୱନାଥଙ୍କଠାରୁ ଯେଉଁ ଶଠି ଲେଖି ଅଙ୍କ ଦାଣ୍ଡରେ ହଟାହଟା ହେଉଛନ୍ତି—ସେଇଟା ମହତାବଙ୍କ କାର୍ଯ୍ୟ । ତାରି ଫଳରେ ନବକୃଷ୍ଣ ହରେକୃଷ୍ଣଙ୍କ ପଦ ପାଇଲେ । ଆଉ ଲୋକନାଥ ହରେକୃଷ୍ଣ ପଦ ଘେ ଶିଲେ ।



Digitized by srujanika@gmail.com

## ବାଉଅ ଟୁଙ୍ଗୀରେ ସନ୍ଧ୍ୟା

ଲେଖକ—ସୁନୀଲ

ସବୁଜ ବାବୁ ଇସ୍ତଫା ଦେଲେ । ବହୁତ ଇସ୍ତଫା ଦେବାପାଇଁ ମନସ୍ଥ କରୁଁ କରୁଁ ଦିନେ ହଠାତ୍ ମୋ ହାତକୁ ବଢେଇ ଦେଲେ ତାଙ୍କର ଇସ୍ତଫା ଅବେଦନ ପତ୍ର । ମୁଁ ଗ୍ରହଣ କରିବା ଆଗରୁ ବାହାହୋଇ ପଡ଼ିଲେ । ବିବାହ ଓ ବାଉଅ ଟୁଙ୍ଗୀ ଦୁଇଟା ଭିନ୍ନ ଭିନ୍ନ ବସ୍ତୁ । ପ୍ରଥମଟିରେ ଦାଢ଼ୀ ରଖାଯାଏ ଆଉ ଶେଷଟିକରେ ଦାଢ଼ୀ ନିର୍ମୂଳ କରାଯାଏ । ସବୁଜ ବାବୁ ବିବାହ କରନ୍ତୁ ପଛକେ ସେଥିରେ କିଛି କାହାରି ଯାଏ ଆସେନା କାହିଁକି ନା, ଏଥିରେ ନୂତନତ୍ୱ କଣ ଅଛି । ବିବାହ ଗୋଟାଏ ଜୀବନ ମରଣ ସମସ୍ୟା ନୁହେଁ । ରୋଟି ଦୋ କପଡା ଦୋ ଠାରୁ ଅତି ଭୀତି-ପୂର୍ଣ୍ଣ ସଂଘର୍ଷ ନୁହେଁ । ବିବାହରେ ମଣିଷ ଜୀବନର ମଦ ପିଏ, ଯଉବନ ସୀମା ଛୁଇଁ ଆଗକୁ ଆଗକୁ ଚାଲିଯାଏ ।

ବାଉଅ ଟୁଙ୍ଗୀରେ ଆମେ ତିନିଜଣ ଥିଲୁଁ । ନାୟକ ବାବୁ, ସବୁଜ ବାବୁ ଓ ମୁଁ । ତିନିହେଁ ପବିତ୍ର ମୋହନ ପ୍ରଧାନଙ୍କ ଦେହ ଛୁଇଁ ପ୍ରତିଜ୍ଞା କରିଥିଲୁ ଯେ ଆମେ ଆମର ଜୀବନ ମୌଲନା ଅବଦୁଲ କଲମ ଆଯାଦ ପରି କଟାଇବୁଁ । ତିନିହେଁ ମିଶି ନାରୀ ସମାଜଟାକୁ ଘୃଣା କରୁଁ । ଦାଢ଼ୀ ରଖୁଁ ମଇଳା କୋଉରା ଲୁଗା ପିନ୍ଧୁ, ବାଳ କୁଣ୍ଡାଉନା, ସିନେମା ଦେଖୁନା—ଅମାବାସ୍ୟା ରାତିରେ ବୁଲୁଁ—ପଲଙ୍କରେ ବୁଝୋଇ ତଳେ ଶୋଉଁ, ବିବେକାନନ୍ଦଙ୍କ ଗ୍ରନ୍ଥାବଳୀ ପଢ଼ୁଁ ଏମିତି ଦିନ କଟିଯାଏ—ପ୍ରଭାତ ହୋଟେଲର ଚା ଆଉ କ୍ୟାପ୍‌ସ୍ଟେନ ସିଗାରେଟ ଖାଇ ଜୀବନଟାକୁ ଉପଭୋଗ କରୁଁ । ବସନ୍ତ ଋତୁରେ ଫୁଲ ଫୁଟିବା ଦେଖିଲେ ମାଡ଼ ମକଚ ଦେଉଁ—ଶରତ ଋତୁରେ କଇଁଫୁଲ ସରରେ ଫୁଟି ଥିବାର ଦେଖିଲେ ଆଖିବୁଜି ଦେଉଁ । ସବୁବେଳେ କୋଉ ଚିନ୍ତା ରହେ ଥାଉଁ ଫୁଲ ଶରରୁ ନିଜକୁ ରକ୍ଷା କରିବାକୁ ।

ଦିନେ କଣ ହେଲଟା ନାୟକ ବାବୁ ଦାଢ଼ୀ କାଟି ଦେଲେ-ଗାଲରେ ସ୍ନୋ ଲଗାଇ ବାଉଅ ଟୁଙ୍ଗୀରେ ହାଜର । ଅଫଗାନ ସ୍ନୋର ସୌରଭରେ ସାରା ଟୁଙ୍ଗୀଟା ଆମୋଦିତ । ଆମେ ସମସ୍ତେ ମୁହଁ ଦେଖା ଦେଖି ହେଲୁ ? ଅରେ କଥା କଣ । ଏଇ କାମ ବାଣ ବାଜିଲା ପରି ସୌରଭଟି ଅସିଲା କେଉଁଠୁ । ଦେଖି ଦେଖିଁ ଜଣାଗଲା ନାୟକ ବାବୁଙ୍କ ମୁହଁରେ ଲାଗିଛି । ନାୟକ ବାବୁ ମୁଣ୍ଡ ନୁଆଇଁ ବସି ରହିଲେ । ବାଉଅ ଟୁଙ୍ଗୀ ସଭାପତି ଶ୍ରୀ ସବୁଜ ପ୍ରସାଦ ମିଶ୍ର ପ୍ରଶ୍ନ କଲେ ।

ନାୟକ ବାବୁ ତୁମେ ବାଉଅ ଟୁଙ୍ଗୀର ଆଇନ ଭଙ୍ଗ କରିଛ ।

ନାୟକ ବାବୁ ଉତ୍ତର ଦେଲେ "ଆଜ୍ଞା" ସଭାପତି ଗର୍ଜିଉଠି କହିଲେ " ଆଜ୍ଞା ଆଜ୍ଞା କରନାହିଁ ନାୟକ, ତୁମେ ସ୍ତ୍ରୀଙ୍କ ଦଲାଲ । ତୁମେ ଆମ ସାଙ୍ଗରେ ବିଧାନ ଚନ୍ଦ୍ର ରାୟଙ୍କ ପରି ଚିରକୁମାରତ୍ୱ ବରଣ କରିବାକୁ ମନସ୍ଥ-କରି ପୁଣି ଭିତରେ ଭିତରେ ସ୍ନୋ ଲଗା, ଦାଢ଼ୀ କଟା ଏ ସବୁର ଅର୍ଥ କଣ ?"

ନାୟକ ବାବୁ ବୈଦ୍ୟନାଥ ରଥଙ୍କ ପରି ଉତ୍ତର ଦେବାକୁ ଯାଇ କହିଲେ " ଆଜ୍ଞା ମୋର ଅଜାଣତରେ ଏମିତି ଘଟିଛି ।"

ସଭାପତି ରାଗି ସନ୍ଦେହ ପ୍ରକାଶ ଭଙ୍ଗିରେ କହିଲେ " ତୁମର ଅଜାଣତରେ ଏତେବଡ କାଣ୍ଡ ଘଟିଗଲା ? ତେବେ ତୁମକୁ କାମ ବାଣ ବାଜିଲାଣି । ତୁମେ ଶୀଘ୍ର ବିବେକାନନ୍ଦ ଇଂଜେକ୍‌ସନ ନିଅ ନହେଲେ ଏ ଟୁଙ୍ଗୀ ଛାଡି ଚାଲିଯାଅ । ମୁଁ ଚାହେଁନା ଏଇ ପବିତ୍ର ବାଉଅ ଟୁଙ୍ଗୀରେ କଳଙ୍କ ଲାଗୁ । ତୁମେ ନିକେ ଏଇ ଟୁଙ୍ଗୀର ମର୍ଯ୍ୟାଦା ବୁଝି ନାହଁ ।"

ନାୟକ ବାବୁ ଉତ୍ତର ଦେଲେ " ଆଜ୍ଞା ଆଉ ଏମିତି ହେବ ନାହିଁ । ଏଥରକ ମୋତେ କ୍ଷମା ଦିଅନ୍ତୁ ।" ସଭାପତି କହିଲେ " ତୁମେ ତୁମେ ଜାଣ—

କ୍ଷମା ନାହିଁ ସଭାପତିର ଯାତକେ
ଦିଏ ନାହିଁ କ୍ଷମା ବନ୍ଧୁର ଅତକେ"

ନାୟକ ବାବୁ ସଭାପତି ମହୋଦୟଙ୍କ ଚରଣ ଛୁଇଁ କହିଲେ " ଦଣ୍ଡ ଦିଅନ୍ତୁ ପଛେ ବାଉଅ ଟୁଙ୍ଗୀକୁ ଛାଡ଼ିଦେବି ନାହିଁ ।"

ସଭାପତି ମୋତେ ଡାକିଲେ "ସେକ୍ରେଟେରୀ ଦଣ୍ଡାଜ୍ଞା କର"

ମୁଁ ବିବେଚନା ଗୋଟାଏ ଦଣ୍ଡ ଠିକ କଲି ଆଉ ଚିଠା ପ୍ରସ୍ତୁତ କଲି ।

" ଚିଠା "

ମୁଁ ଶ୍ରୀ ନାୟକ ସାରାଜୀବନ କୁମାର ରହିବି । ଘରକୁ ଘରଣୀ ନଆଣି ଘର କରିବି । ନାରୀ ଜାତିଟାକୁ ଭଉଣୀ ପରି ଦେଖିବି । କୌଣସି ସ୍ତ୍ରୀ ହାତରୁ କିଛି ପଇସା ଖାଇବି ନାହିଁ । କାହାରି ବିବାହ ଉତ୍ସବରେ ବର-ଯାତ୍ରୀ ଯିବି ନାହିଁ । ହୋଟେଲରେ ଖାଇ ଖାଇ ଜୀବନ କଟାଇବି । କୌଣସି ବିବାହ କରିଥିବା ବନ୍ଧୁର ସହିତ କଥା କହିବି ନାହିଁ । ପ୍ରେମ ମୂଳକ ଉପନ୍ୟାସ ପଢ଼ିବି ନାହିଁ । ଜ୍ୟୋତ୍ସ୍ନା ରାତିରେ ବୁଲିବି ନାହିଁ ।

ସାକ୍ଷୀ

[ସଭାପତି] ଶ୍ରୀ ସବୁଜ ପ୍ରସାଦ ମିଶ୍ର

ଶ୍ରୀ ନାୟକ

ଶ୍ରୀ ହରଭାଗ ମିଶ୍ର ମୁଦିପତ୍ତା

ନାୟକ ବାବୁ ଦସ୍ତଖତ କଲେ । କିନ୍ତୁ ମୁଁ ଲକ୍ଷ୍ୟ କଲି ତାଙ୍କ ହାତଟା ଦସ୍ତଖତ ଦେଲାବେଳେ ଥରୁଛି । ମୁଁ ଟିକିଏ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ଲାଗିଲି ।

ମୁଁ ଯାହା ସନ୍ଦେହ କରୁଥିଲି ପ୍ରକୃତରେ ସେଇଆ ହେଲା । ନାୟକ ବାବୁଙ୍କ ଛାତିରେ ଦେଖିଲି ଧାର ଧାର ହୋଇ ରକ୍ତ ବହୁଛି । ବୋଧହୁଏ ଦଲଜିତର ମାଇକିଆ କେହି ଚୁପରେ ଦିନେ ଛୁଇଁ ଛୁଇଁ ହୁଏତ କୌଣସି ରତି କାମବାଣ ବିଦ୍ଧ କରିଛନ୍ତି ।

ଦିନେ ନାୟକ ବାବୁ ମୋତେ କହିଲେ ମୋର କାନ ପାଖରେ କହିଲେ " ଆଚ୍ଛା ସେକ୍ରେଟେରୀ ବାବୁ କହନ୍ତୁ ତ ନିଅଲସ ଯଦି ସବୁଜ ରଙ୍ଗର ହାଇହିଲ ଯୋତା ପିନ୍ଧନ୍ତି ସବୁଜ ରଙ୍ଗର ଶାଢୀ ପିନ୍ଧନ୍ତି, ଆଉ କଳା କେଶରେ ଯଦି ଅନେକ ଗୁଡ଼ାଏ ଗୋଲାପ



Digitized by srujanika@gmail.com

ଫୁଲ ଟେଟେ କେଡେ ସେମାନେ କଣ ସୁନ୍ଦର ଦେଖା ଯାଆନ୍ତି ?"

ମୁଁ କହିଲି, "ଆପଣ [illegible] କେବେ ଭଲ କରି ଦେଖିଲେ ନା ?"

ନାୟକ ବାବୁ କହିଲେ " ନା ଦେଖି ମୁଁ ଘର ଶପଥ ନେଇଛି ଯେ କୌଣସି ଫୁଲ ଲୋକ ମୁହଁ ମୁଁ ଦେଖିବି ନାହିଁ ।"

ମୁଁ କହିଲି ତାଙ୍କୁ ସୁନ୍ଦର ଟଙ୍କେ କଥାକୁ ପଚାରିଲି ଯେଉଁ ଫୁଲ ଗଛକୁ ପ୍ରେମର ଅଶ୍ରୁରେ । ତୁମେ ଯେ ତାକୁ ଲଗାଇ ଟେକ ଦେଇ ତୁମର ଅଶ୍ରୁରେ ସୁନ୍ଦର ପାଣି ଦଥା କଳ ବାଜନ୍ତି ମଧ୍ୟ ବାଜାର ମଝିରେ ମନ୍ଦିରକୁ ସୁନ୍ଦର ବୋଲି କହେ । ଅଙ୍ଗ ମଣ୍ଡପ ଯଦି ଭଗବାନ ନେଇ ଆସନ୍ତି ଥ ଅନ୍ତା ତେବେ ସେଇ ମଣ ମାଳ ମୁଁ ତାଙ୍କୁ ଦେଇ କହନ୍ତା " ହେ ମୋର କଳା ବାଜର ମନ୍ଦିର ତୁମେ ନଇଁ ଦେଇ ସୁନ୍ଦର ବାସୁଥ ଅ ।"

ନାୟକ ମୋର ଦେଲେ ଅଉ ଆକାଶଟାକୁ ଅନେଇ ରହିଲେ । କେ ଜାଣେ ସେ ସେଇ ଖାଲି ଆକାଶଟାରେ କିଛି ଖୋଜୁଥିଲେ ।

ସଭାପତି ଆସିଲେ ଅଉ କହିଲେ "ନାୟକ ବାବୁ, ତୁମକୁ ଦେଖିଲେ କିମିତି ମନେ ହୁଏ ତୁମେ କିଛି ହଜାଇ ଦେଇଛ ।"

ନାୟକ ବାବୁ ଲେକ୍ଚରଫର୍ମ ଦଆଦେଇ ଥିବା ଯୋଗୀ ବେଡିଙ୍ଗ ନାଇଦେ ଯେମିତି ଚମକି ପଡ଼େ, ଅଉ ଅପରେଶନ ଟେବୁଲରେ ବସିପଡ଼େ, ଏବଂ ତାର ଅବସ୍ଥାକୁ ବର୍ଣ୍ଣନା କରିବାକୁ ସେମିତି ଭାବରେ ଉତ୍ତର ଦେଲେ-

" ହଁ ଅଜ୍ଞ, ଭଲ୍ଲି ଅଜ୍ଞ ନା "

ସଭାପତି ସବୁଜ ବାବୁ କହିଲେ " ଏଁ ହଁ ଅଉ ନା ଉହୁଁ "ଯେତେବେଳର ସମ୍ବାଦ ତୁମେ ଦାଖଲ କରିଛ ଏବେବି ରେ ଏକ ନମ୍ବର ବ୍ଲେକ ଲେଗ୍ । ଦସ୍ତାବର ପ୍ରଜାଙ୍କ ଅ ବାବୁ । ବାଡ଼ିଅ ଟୁଙ୍ଗୀରେ ଅଉ କଳଙ୍କ ଲେପନା ।"

ନାୟକ ବାବୁ କହିଲେ " ନା ଅଜ୍ଞ ମୁଁ ଖୋଜୁଥିଲି ସବୁଜ ରଙ୍ଗର ହାଇହିଲ ଯୋତା, ସବୁଜ ଶାଢ଼ୀ ଅଉ କୃଷ୍ଣ ବାମରେ ଟୋଲପ ଫୁଲର ଆଭରଣ କୌଣସି ଯୁବତୀର ସୁନ୍ଦର ଚୋପା ନା !"

ଏହାପରେ ବାବୁ କହିଲେ ସ୍ୱାଧୀନତାର ଘରଦ୍ୱାର ଚିନ୍ତା କରିବାରେ ଲୁଚିପ ଯାଉ ଏକ ଅନ୍ୟତମ ଅବସ୍ଥା ।

ଏମିତି କେତେବେଳେ ଯଦି ଏ କଥା ଅସୁନ୍ଦର ଜଗତରେ ବସିଥିଲେ ସବୁଜ ଗାନ୍ଧି ସାଙ୍ଗମିଳି ନିଆଁତ, ସବୁଜ ଶାଢ଼ୀ ଅଉ ଦୁଃଖ କରି ଯିବେ ଗୋଲାପି ଫୁଲ ଗଜାଏ ।

ପଟ୍ଟଲା ସୁରରେ କେନେ ଟୋଁ ଜଳି ଗଲେ । କଂଗ୍ରେସ ସରକାରର ଦେଶର କଲ୍ୟାଣ ସ୍ୱାଧୀ ସରକାର ନେତାରେ ଖାଙ୍କରପୁର ପକ୍ଷରେ ଜନାର୍ଦ୍ଦନ ରେଡ଼ି ମାନେରେ ଗୋଟାଏ ବାଟ ପକାଇ ଦେବେ । ଯ ଦ୍ୱାରା ଉତ୍କଳରେ ରାମ ଫଳିବ, ମଣି ଫଳିବ, ବିଷ୍ଣୁ ପଦର ସୁଖ ମିଳିବ, ଗଛେ ଗଛେ ଅଦଳରେ ଟଙ୍କା ଫଳିବ, ଲୋକଙ୍କ ମନ ବୋଧ ହେବ । ଲୋକେ ରାମ ରାଜ୍ୟ ପାଇବେ । କିନ୍ତୁ ସମସ୍ତେ କ୍ଲେଶରେ ପଡ଼ିଲେ । ନଦୀରେ ବାନ ପଡ଼ିବ, ଗାଁ ଭାସିଯିବ, ମଶା ମାଛି ଉପଦ୍ରବ ସହିହେବ ନାହିଁ, ନା, ଆମେ ଏ ବନ୍ଧଟାକୁ ଭାଙ୍ଗି ଦେବୁଁ । ସମସ୍ତେ ଲଙ୍ଗଳେୟି ଠୀକା ଲଗାଇ ବନ୍ଧ ଭାଙ୍ଗିବାକୁ ବସିଲେ । ଗାଆଁର ଭରଡା କୁଢଲ

ଢୋଲିଆ ଡେଙ୍ଗଁଗ୍ଲ, ମାଙ୍କିର ଧାଢ଼ୀ ଭଲମ ଖଡ୍ଗ ଉତ୍ତୋଳନ କଲେ 'ଧୂମ୍ର ନାରାୟଣ'ବାବୁ କମ୍ବଳ କାଣିଲେ, ଧର୍ମନାରାୟଣ ପ୍ଲାଟ ମଦାନରେ ଗାଁ ଗାଁ ବୁଲିଲେ, ଲୋକଙ୍କୁ କହିଲେ 'ଦେଖବାବା ଆମେ ବାବାଜୀ ଲୋକ । ଗୀତା-ଭ୍ରମରେ ରାଜ କାହିଁକି, ଦାନରେ ରୋଗୀଙ୍କ ମୁକ୍ତି ଚୁରିଁକି, ନାରୀ ଚମିକିଁ, ଆମ କଥା ଯେନ ଆସ ଏକାଠି ହୁଅ, ଗୁନ୍ଦା ସଂଗ୍ରହ କର କଂଗ୍ରେସ ବଡୁଙ୍କରେ ଲଢ଼ିବା, ବନ୍ଧ ଭାଙ୍ଗିବ ସୁଖରେ ମରିବା । ଲୋକେ ଶୁଣିଲେ । ଯେଉଁ ମା ଭଉଣୀ ମାନେ ଏବୁଣ୍ଡି ବାଡ ଡେଉଁ ନଥିଲେ ସେମାନେ ଘୁଙ୍ଘଣୀ ଧରି ଆଗେଇ ଗଲେ । କିନ୍ତୁ ନାରୀ ମାନଙ୍କ ମଧ୍ୟରୁ ଯେ ବେଶି ଆଗେଇ ଥିଲେ ସେ ହେଉଛନ୍ତି ମିସ ପାଞ୍ଚାଳୀ । ପ୍ରତିଦିନ କଂଗ୍ରେସ ପତାକା ଧରି ସ୍ଲୋଗାନ ଦଅନ୍ତି—

ଗାନ୍ଧୀ ମାହାତ୍ମା କି—ଜୟ

ଜୟ ହୁଇ ତୁଦ ଗଣ—ବାନ୍ଧ ଭାଙ୍ଗୋ ,
କଂଗ୍ରେସ ସରକାରକେ—ରଖ ଖାଡ !
ବନ୍ଧ ପକେ—ଟା ଉଡ଼ର ଗଣ୍ଡା
ଯେବେଥିକ—ଗାଡ଼ି ଶୁଆ
ପାନକର ବାପା—ଗଛା ବଇସିଆ

ଇତ୍ୟାଦି—

ସଭାରେ ଦେଖିବ ସେଇ ମିସ୍ ପାଞ୍ଚାଳୀ, ସଭାପତି ଆସନରେ ଦେଖ ସେଇ ଜଣକ ଅଳଙ୍କୃତ କରିଛନ୍ତି । ପଡ଼ୁଆର ଆଗରେ କିଏ ରହିବ ନା ମିସ୍ ପାଞ୍ଚାଳୀ ।

ଯେଉଁଠି ଦେଖ ପାଞ୍ଚାଳୀ, ପାଞ୍ଚାଳୀ ପାଞ୍ଚାଳୀ ।

ଆମର ବନ୍ଧୁ ଶ୍ରୀ ନାୟକ ବି ସଭାରେ ଯାଉଥିଲେ ବାଲୁକାରେ କାଟିଲେ—ଗୁନ୍ଦା ପାଇଁ ହାତ ପାତିଲେ—ଅଉ ବାଡ଼ିଅ ଟୁଙ୍ଗୀକୁ ଫେରିଲେ ନାହିଁ । ସଭାପତି ଶ୍ରୀ ସବୁଜ ବାବୁ କହିଲେ "ସେକ୍ରେଟେରୀ ବାବୁ ଶ୍ରୀ ନାୟକ ଆଉ ବାଡ଼ିଅ ଟୁଙ୍ଗୀରେ ଦିଶୁ ନାହାନ୍ତି ଯେ !"

ମୁଁ କହିଲି "ବୋଧହୁଏ ଦେହ ଖରାପ ହେଇଛି" ମୋ କଥା ସରୁ ନ ସରୁଣୁ ନାୟକ ବାବୁ ବିରାଜମାନ ।

ନାୟକ ବାବୁ ଆଖି ଛଳ ଛଳ କରି କହିଲେ "ଯେତେବେଳେ ଅମେ ମଣିଷ । ଏ ଦେଶର ଗୌରବ ଖାଲି ବାଡ଼ିଅ ରହିଲେ ଆମର କର୍ତ୍ତବ୍ୟ ଠିକ ରହିବ ନାହିଁ । ଆମେ ଆଗେ ଦେଶ ପାଇଁ ଆମ ଜୀବନଟାକୁ ଉତ୍ସର୍ଗ କରିବାକୁ ହେବ । ଆଜି ଦେଶରେ ଯେଉଁ ସମସ୍ୟା ଉଠିଛି—ଆମ ଭାଇବୋହୂ ପାଣିରେ ଭାସିଯିବାକୁ ବସିଛି—ଆମକୁ ଦେଶର ପାଇଁ ସବୁ କରିବାକୁ ହେବ ।"

ସଭାପତି କହିଲେ "ତେବେ ତୁମେ କଣ କରୁଛ ?"

ନାୟକ— "ଅଜ୍ଞା ନାରୀମାନଙ୍କୁ ଏ ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରରୋଚନା ଦେଉଛି ।"

ସଭାପତି ଚମକି ଉଠିଲେ ଯେମିତି କୌଣସି ଅବଚେତନ ମଣିଷର କାନରେ ପର ଗୁଞ୍ଜି ଦେଲେ ଶିହରି ଉଠେ ଅଉ ପ୍ରଶ୍ନ କଲେ "ନାରୀ ?"



Digitized by srujanika@gmail.com

ନାୟକ ବାବୁ କହିଲେ "ହଁ ଆଜ୍ଞା ପୁରୁଷ ମାନେ ତ ସହଜେ ବାହାରି କରୁ ନାହାନ୍ତି ମାନେ ହେଲେ ମେଣ୍ଟ ପଲ । ତାଙ୍କର ବରଫ ଫର୍ଦ୍ଦ ଝାଣ ବୁକୁରେ କାହିଁ ନ ଦେଖେଇଲେ କଣ ଚଳିବ ? ଯେତେ ହେଲେ ସେମାନେ ନାରୀ । ଦେଶଟା ତ ଖାଲି ପୁରୁଷ ନେଇ ଗଢ଼ାହୋଇନାହିଁ ନାରୀରବି ସେଇଠି ସ୍ଥାନ ଅଛି ।"

ସଭାପତି କହିଲେ "ତଥାପି ନାୟକ ବାବୁ, ତରୁଣୀ ନାରୀ ମାନଙ୍କ ସହିତ ମିଳ ମିଶି ଯିବା ଆସିବା କଲେ ଯଦି ବିବାହ କରିବାକୁ ପୁଣି ମନ ବଳେ ସେତେବେଳେ ଆମର ଉଦ୍ଦେଶ କଣ ହେବ ?"

ନାୟକ ବାବୁ କାନ ଛୁଇଁଲେ- ନାକ ଧରିଲେ—ମାଟି ଛୁଇଁଲେ ଆଉ କହିଲେ "ବିବେକା ନନ୍ଦ, ବିବେକାନନ୍ଦ, ଏ କଣ ଶୁଣାଇଲ । ବାଡ଼ିଅ ନୃଙ୍ଗୀର ସଭ୍ୟ ଆଉ ବିବାହ । ଯଦି ଦେଶ ମୋତେ ଗୃହୀଁ କରିନଥାନ୍ତା ଆଉ ଏ ଧାଙ୍ଗଡ଼ା ଦଳ ବନ୍ଧ କରୁଛିରେ ଲଢ଼ିବାକୁ ପଡ଼ି ନଥାନ୍ତା ତେବେ ମୁଁ ଯେଉଁ ପ୍ରତିଜ୍ଞା କରିଥିଲି ତାହା ଘରର ଇଟ ମାଟି ଜାଣନ୍ତି ।"

ସଭାପତି କହିଲେ, "ତୁମେ ବୃଦ୍ଧା ମାନଙ୍କୁ ବନ୍ଧ ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରରୋଚନା ଦେଇଛନା ତରୁଣୀ ମାନଙ୍କୁ ...?"

ନାୟକ ବାବୁ କହିଲେ "ଆଜ୍ଞା ଖାଲି ଅବିବାହିତା ତରୁଣୀ ମାନଙ୍କୁ । ବୃଦ୍ଧା ମାନଙ୍କର ଜୀବନର ଦୀପ ନିଭିବାକୁ ବସିଲାଣି ସେମାନେ ଆଉ ଏ ଆନ୍ଦୋଳନରେ ଯୋଗ ଦେବେ କାହିଁକି ? ଯେଉଁମାନେ ବିବାହିତା ସେମାନେ ସ୍ୱାମୀକୁ ଛାଡ଼ି ଆସିବେ କିମିତି । ପୁରୁଷ ମାନେ ତ ବିପ୍ଳବ କରୁଛନ୍ତି ଆଉ ଯଦି ନାରୀମାନେ ଯୋଗ ଦିଅନ୍ତି ତେବେ ପିଲା ଛୁଆ ଶାଶୁ ଶଶୁରର କଥା ବୁଝିବ କିଏ ? ତେଣୁ ପରିଶେଷରେ ଭାବି ଚିନ୍ତି ବିବାହ ଯୋଗ୍ୟା ତରୁଣୀ ମାନଙ୍କ ଉପର ହୃଦୟରେ ଆନ୍ଦୋଳନର ବୀଜ ବପନ କରୁଛି ।"

ସଭାପତି ପ୍ରଶ୍ନ କଲେ " କିଛି ଫଳ ଲାଭ କଲଣି? "

ନାୟକ " ଆଜ୍ଞା ହଁ । ଆପଣ ମିସ୍ ପାଞ୍ଚାଳୀକୁ ଜାଣିଥିବେ । ତାକୁ ଦେଖିଲେ ମନେହୁଏ ଶହେ ବର୍ଷ ପୂର୍ବରେ ଫରାସୀ ସରକାର କିଣାଇ ପଠାଇଥିବ । ଜୋନ ଅଫ୍ ଆର୍କ ଯେମିତି ପୁଣି ଥରେ ଫେରି ଆସିଛି । ଖାସ୍ ଦୁର୍ଗାବତୀର ସୌର୍ଯ୍ୟ ଆଉ ଅହଲ୍ୟା ବାଈର ବୀର୍ଯ୍ୟ ଯେମିତି ଏହାର ପ୍ରତ୍ୟେକ ରକ୍ତ କଣାରେ ଗର୍ଜ୍ଜନ କରୁଛି । ତେଣୁ ସେ ହୋଇଛି ମୋର ସହ କର୍ମିଣୀ ।"

" କେଉଁ ମିସ୍ ପାଞ୍ଚାଳୀ । " ସଭାପତି ପ୍ରଶ୍ନ କଲେ ।

ନାୟକ ବାବୁ ଆଖି ବୁଜି ସ୍ମୃତିପଟରେ କର ଥାପି କହିଲେ " ସବୁଜ ବ୍ଲାଉଜ୍ ଯୋଗା, ସବୁଜ ଶାଢ଼ୀ, କୃଷ୍ଣ କବରୀରେ ଗୋଲାପର ଫୁଲ "

ସଭାପତି କହିଲେ "ସେ କେଉଁ କାହାର ଝିଅ? "

ଆଜ୍ଞା " ଆମର ଜାତି " ନାୟକଙ୍କ ଉତ୍ତର ।

ଏମିତି ଚାଲି ଆନ୍ଦୋଳନ ଗଡ଼ି ଚାଲେ । ସୂଚକର ନବୀନ ବାଲୁକା ଶଯ୍ୟାରେ ମିସ୍ ପାଞ୍ଚାଳୀ ବସିଛନ୍ତି । ଦେଖୁଛନ୍ତି—ଶ୍ରୀ ନାୟକ ହୁଅର ହୁଅର କରୁଛନ୍ତି; ନାୟକ ଭାବୁଛନ୍ତି- ମିସ୍ ପାଞ୍ଚାଳୀ ମୁରୁକି ମୁରୁକି ହସୁଛନ୍ତି । ଦୁଇ ଦୁଇ ଆଖିର ମିଳନ ଲାଗିଛି । କହିବା ଦରକାର ଦୁଇଟି ଅଧର କଥା କହୁଛି । କହିବାର ନାହିଁ ସେ ପାରିବେ ଉଇଁ ଆସୁଛି ଅନୁରାଧା ନକ୍ଷତ୍ର ।

ସଭା ମଉଳେ...

ଶ୍ରୀ ନାୟକ ଆଉ ମିସ୍ ପାଞ୍ଚାଳୀକୁ ଦେଖାଯାଏ ଦୁଇଟି କପୋତ କପୋତୀ ପରି ଉଡ଼ି ଉଡ଼ି ହସି ହସି ହସି ଫେରୁଛନ୍ତି ନିଜ ନିଜ ନୀଡ଼ ଆଡ଼କୁ । ଖୁବ୍ କଳା ଅନ୍ଧାରରେ ମିସ୍ ପାଞ୍ଚାଳୀର କବରୀରୁ ଖସି ପଡ଼ିଛି ଗୋଲାପ ଫୁଲ । ଗୋଟାଇ ନେଉଛନ୍ତି ଶ୍ରୀ ନାୟକ । ବୁକୁ ସିଂହାସନରେ ସାଇତି ରଖିବାକୁ । ଆଉ କହୁଛନ୍ତି "ତୁମେ ସଖୀ ମୋର କରୁଣ ଜୀବନ ପରିକଳ୍ପନା"...

ମିସ୍ ପାଞ୍ଚାଳୀ ହସୁଛନ୍ତି ଖୁବ୍ ଧୀରେ ଧୀରେ ଆଉ ଶ୍ରୀ ନାୟକଙ୍କୁ ପ୍ରଶ୍ନ କରୁଛନ୍ତି " ନାୟକ ବାବୁ, ଆମର ଆନ୍ଦୋଳନ କଣ ସଫଳ ହେବ ? "

ଶ୍ରୀ ନାୟକ କହୁଛନ୍ତି "ଯଦି ମୋର ହୃଦୟର ଆନ୍ଦୋଳନଟା ସଫଳ ହୁଏ "

ମିସ୍ ପାଞ୍ଚାଳୀ " ତୁମେ କଣ ମନେକର ଏ ଆନ୍ଦୋଳନଟାକୁ ସରକାର ଦବାଇ ଦେବେ ? "

ଶ୍ରୀ ନାୟକ- " ଯେଉଁଠି ଏହି ଭଳି ଯେଉଁ ଆନ୍ଦୋଳନ ଦେଖା ଦେଉଛି ତାକୁ ସରକାର କିଛି କରିପାରିବ ନାହିଁ ଜାଣ ! "

" ତୁମେ ଯାଅ ଶ୍ରୀ ନାୟକ ବାବୁ, ଅନେକ ଚିନ୍ତାରେ ରାତି ଜାଗି ଆସିଲୁଣି " ପାଞ୍ଚାଳୀର ଅନୁରୋଧ ।

" ଆଚ୍ଛା ବିଦାୟ! କାଲି ଏଇ ବାଲିରେ ତୁମର ପଦ ଚିହ୍ନ ଯେମିତି ଦେଖିବାକୁ ପାଏଁ " ଶ୍ରୀ ନାୟକ ପାଞ୍ଚାଳୀର ଅନୁରୋଧ ରକ୍ଷା କଲେ ।

ବାଡ଼ିଅ ନୃଙ୍ଗୀରେ ଏମିତି ଦିନ କଟେ । ବନ୍ଧ ଆନ୍ଦୋଳନ ଆଗେଇ ଚାଲେ, ପ୍ରବନ୍ଧର ସୂଚନାରେ ଆମିଯାଏ । ସାରା ଦେଶ- ଆନ୍ଦୋଳନ ଆଗେଇ ଚାଲେ—ଆନ୍ଦୋଳନ କାରୀ ତରୁଣୀ ମାନେ ପୁଣି ଫେରି ଯାଆନ୍ତି ମା ଆ ମାନଙ୍କ କୋଳକୁ—କେବଳ ମିସ୍ ପାଞ୍ଚାଳୀ ଓ ଶ୍ରୀ ନାୟକଙ୍କ ବିବାହ ଶୁଭକାର୍ଯ୍ୟର ନିମନ୍ତ୍ରଣ ବାଜି ଉଠେ ମୃଦଙ୍ଗ ପଙ୍କ୍ତିରେ ।

ଯେଉଁ ଦିନ ବାଡ଼ିଅ ନୃଙ୍ଗୀଟା ଖୋଲି ଦେଇ ଦେଖିଲି ଦୁଇଟା ନିମନ୍ତ୍ରଣ ପତ୍ର ପଡ଼ିଛି—ଗୋଟାଏ ସଭାପତି ନାଆଁରେ ଆଉ ଗୋଟାଏ ମୋ ନାଆଁରେ । ମୁଁ ଆଶ୍ଚର୍ଯ୍ୟ । ସଭାପତି ଶ୍ରୀ ସବୁଜବାବୁ ଆସି ମୋତେ ପଚାରିଲେ—"ତୁମେ ଜାଣ ସେକ୍ରେଟେରୀ, ଶ୍ରୀ ନାୟକ ଲୁଏକ ଅଛନ୍ତି ପରି ଏ ନୃଙ୍ଗୀକୁ ବାହାରି ଯାଇଛି ।"

ମୁଁ କହିଲି, "ହଁ ଆଜ୍ଞା ଏଇ ପରି ତାର ନିମନ୍ତ୍ରଣ ପତ୍ର ।"

ସଭାପତି କହିଲେ "ପୋଡ଼ିଦିଅ ପୋଡ଼ିଦିଅ ଏଇ ନିମନ୍ତ୍ରଣ ପତ୍ରକୁ । ଆଉ ତୁମ ହାତରେ ଡାକବୋର୍ଡ଼କୁ ସେଥିରେ ଦେଇ ଦିଅ ! ବିବାହଟା ବଡ଼ ଛୁଆଁ ରୋଗ ।"

ମୁଁ ଡାକବୋର୍ଡ଼କୁ ସେଥିରେ ହାତ ଧୋଇଲି । ପୁଣି ସଭାପତି କହିଲେ "ପାଖରେ କୌଣସିଠି ନିମ୍ବ ଗଛ ଅଛି ।"

ମୁଁ କହିଲି "ହଁ ଆଜ୍ଞା ସେଇ ଡାକ୍ତର ବାବୁ ପାଖରେ ଅଛି ।"

ସଭାପତି କହିଲେ "ଶୀଘ୍ର ସନ୍ଧ୍ୟାରେ ଆମେ ସେଇ ଡାକ୍ତର ବାବୁ ଆଡ଼କୁ ବୁଲି



Digitized by srujanika@gmail.com

ଯିବା ଆଉ ଛଟଘଟିଏ ଲେଖାଏଁ ... ପନ୍ତ ଭକ୍ଷଣ କରିବା । ସକାଳୁ ... ରାତି କରିବା ଏ ସବୁ ହେଲା ... ଟେଷ୍ଟମେଣ୍ଟ ଏଲ ଦେଖିଥିଲେ ।”

ମୁଁ କହିଲି “ଆଜ୍ଞା ମୋର କିଛି ଗୋଟାଏ କଥା କହିବାର ଅଛି ।”

ସଭାପତି “ପ୍ରକାଶ କର”

ମୁଁ କହିଲି “ଆଜ୍ଞା ଲୋକ ମୁହଁରୁ ଶୁଣିଛି ସେଇ ... ଗଛ ପାଖକୁ ଯେଉଁ ପିମ୍ପଳ ଗଛଟା ନାହିଁ ?—ସେଇଟି କୁଆଡେ ମଦନ ଆଉ ରତି ଘର କରି ରହିଛନ୍ତି । ଯିଏ ସେଇ ପିମ୍ପଳ ଗଛର ଛାଇ ମାଡ଼ିଲା ତାକୁ କୁଆଡ଼େ ପ୍ରେମ ରୋଗ ଧରେ ।

ସଭାପତି କହିଲେ “କିନ୍ତୁ ଏହା ଗୋଟାଏ ଅନ୍ଧ ବିଶ୍ୱାସ ।”

ମୁଁ କହିଲି “ଆଜ୍ଞା ସବୁ କଥାତ ଏମିତି ଉଡେଇ ଦେଲେ ଚଳିବ ନାହିଁ । ମୁଁ ଶୁଣିଛି ସେଇ ପିମ୍ପଳ ଗଛର ଛାଇ ମାଡ଼ି ପରି ଲଜ୍ଜିତ ବାବୁ ଏମିତି ରୋଗରେ ପଡ଼ି ଥିଲେ ଯେ ଶେଷରେ ବୈଦ୍ୟରାଜ ଭୋଳାଶଙ୍କର କୈଳାସ ପର୍ବତରୁ ଅହିଫେନ ଔଷଧ ସେବନ କରିବା ପାଇଁ ଆଦେଶ ଦେଇ ଥିଲେ”

ସଭାପତି ହସିଲେ ଆଉ କହିଲେ “ଏଇଟା ଗୋଟାଏ କୁସଂସ୍କାର । ମୁଁ ରତି ବିଶ୍ୱାସ କରେନା । ମଦନକୁ ବିଶ୍ୱାସ କରେନା ।”

“ଆପଣ ବିଶ୍ୱାସ କରନ୍ତୁ ନ କରନ୍ତୁ ଯାହା ଲୋକେ କହନ୍ତି ସେଇଆ କହିଲି ।”

ଆମେ ସେ ଦିନ ସନ୍ଧ୍ୟାରେ ସେଇ ତନ୍ତ୍ରର ବାଡ଼ି ଆଡ଼କୁ ବୁଲି ଗଲୁ ।

ଶ୍ରୀ ସରଳ ମିଶ୍ର ମୋତେ ପଚାରିଲେ “ତୁମେ ଜଣ ବି ଏମିତି ଦିନେ ଶ୍ରୀ ନାୟକ ପରି ମୋତେ ଏକା ରଖି ... ?”

ମୁଁ କହିଲି “ଯେତେଦିନ ଯାଏଁ ପ୍ରଭାତ ହୋଟେଲ ବଞ୍ଚିଛି, ... ମାଛର କପଟରେ ... ଖାଇବାକୁ ... ଦିନ ପର୍ଯ୍ୟନ୍ତ ଅନ୍ତତଃ ମୁଁ ଆପଣଙ୍କ ସାଥିରେ ରହିଛି । ଆଉ ଆପଣ ଯଦି ବାଡ଼ିଆ ଟୁଙ୍ଗୀ ଛାଡ଼ି ଜୀବନରେ ବାହାରେ ... ଶାନ୍ତି ପାଆନ୍ତି ସେତେବେଳେ ବାଡ଼ିଆ ଟୁଙ୍ଗୀରେ ବସି ବସି ମୁଁ ଆରାଧନା କରିବି ।”

ସଭାପତି କହିଲେ “ମୁଁ ବିବେକା ନନ୍ଦଙ୍କ ଚରଣ ଛୁଇଁ ଶପଥ କରୁଛି ମୁଁ କେବେ ହେଲେ ବିବାହ କରିବି ନାହିଁ ।”

ମୁଁ ବି ଶପଥ ଗ୍ରହଣ କଲି

\+ \+ \+

ଶ୍ରୀ ନାୟକଙ୍କ ବିବାହର କେତେଦିନ ପରେ ତାଙ୍କ ସାଙ୍ଗରେ ଦେଖା ହେଲା । ମୁଣ୍ଡ ନଇଁ ପଡ଼ିଛି ଗୋଟାଏ ଦୋଷୀ ପରି ତଥାପି ଅଧରରେ ଖେଳିବୁଲୁଛି ଗୋଟାଏ ହସର ପ୍ରଥମୀ ଚନ୍ଦ୍ର ।

ମୁଁ ନମସ୍କାର ଜଣାଇଲି

ଶ୍ରୀ ନାୟକ ପ୍ରତିନମସ୍କାର କଲେ । ମୁଁ ପଚାରିଲି “ହଠାତ୍ ବିବାହଟା କେମିତି ଘଟିଲା ?”

ସେ ଉତ୍ତରରେ କହିଲେ “ଦେଶର ଅନୁରୋଧ”

ମୁଁ ବୁଝିପାରିଲି ନାହିଁ ବିବାହ ସାଙ୍ଗରେ ଦେଶର ଗୋଟାଏ ଅନୁରୋଧ କଣ ଅଛି କେଜାଣେ । ତଥାପି ସେ ପ୍ରଶ୍ନର କିଛି ମୂଲ୍ୟ ନାହିଁ । ମୁଁ କହିଲି “ସେ କେମିତି ଅଛନ୍ତି ?”

ଶ୍ରୀ ନାୟକ ଉତ୍ତରରେ କହିଲେ “କିଏ ?”

ମୁଁ କହିଲି “ସବୁଜ ରଙ୍ଗର ହାଇହିଲ
ଯେ ତା ସବୁଜ ରଙ୍ଗର ଶାଢ଼ୀ,
କଳା କବରୀରେ ଗୋଲାପ ଫୁଲ
ସେ କିଏ ହେଲା ମୋର ଦାଢ଼ୀ”

ସେ ହସିଲେ

ମୁଁ ପଚାରିଲି—“ଭାଇ ଆଜିକାଲି ଖୁବ୍ ଗରମ ପଡ଼ିଛି ନା ?”

ସେ କହିଲେ “କେ ଜାଣେ ଭାଇ ବାଡ଼ିଆ ଟୁଙ୍ଗୀର ଟେମ୍ପରେଚରରେ ବହୁତ ପ୍ରଭେଦ ଅଛି”

ଏକା ସହରରେ ଘର ତଥାପି ଟେମ୍ପରେଚର ଏତେ ଭିନ୍ନ ।

ମୋର ମନରେ କିମିତି ଗୋଟାଏ ସନ୍ଦେହ ହେଲା “କଥାଟା ଟିକିଏ ବୁଝାଇ କହିବେ ନାୟକ ବାବୁ ?”

ନାୟକ ବାବୁ କହିଲେ “ଶୁଣ କହୁଛି କିନ୍ତୁ ଏ କଥା ତୁମପରି ଜଣେ ବାଡ଼ିଆ ଟୁଙ୍ଗୀର ସଦସ୍ୟକୁ କହିବାକୁ ଲଜ୍ଜା ମାଡ଼ୁଛି ।”

ମୁଁ କହିଲି “ଆସ ବାଡ଼ିଆ ଟୁଙ୍ଗୀକୁ ଯିବା ।”

ଶ୍ରୀ ନାୟକ କହିଲେ “ସଭାପତି ?”

ମୁଁ କହିଲି “ସେ ବର୍ତ୍ତମାନ ଡାକ୍ତର ବାବୁର ପାଖରେ ବସି ପିମ୍ପଳ ଗଛର ପବନ ଖାଉଥିବେ ।”

ଆମେ ଦୁହେଁ ବାଡ଼ିଆ ଟୁଙ୍ଗୀକୁ ଗଲୁ । ଶ୍ରୀ ନାୟକ ଆରମ୍ଭ କଲେ “ଖରା ଦିନରେ ଗରମ ତ ପ୍ରାୟ ହୁଏ । ତଥାପି ଗୋଟାଏ ତରୁଣୀ ଅନବରତ ପଙ୍ଖା କରୁଥିଲେ ଯେମିତି ମନେହୁଏ ସୋଭିଏଟ୍ ରୁଷିଆର ସମସ୍ତ ଥଣ୍ଡା ଆସି ଆମର ଘରେ ପ୍ରବେଶି ଗଲାକି । ଗରମ ହେଉଥିବୁ ଦେହରୁ ଝାଳ ବହିଲା । ସ୍ତ୍ରୀ ଦେଖି ନିଜ ସୂକ୍ଷ୍ମ ଅଞ୍ଚଳରେ ପୋଛି ଦେଲେ । ମନେ ହେଲା ଧୀରେ ଧୀରେ ସାଇବେରିଆର ବରଫ ଜମି ଯାଉଛି । ଶୋଷ ହେଲା । ଧରାଇ ଦେଲେ ଗିଲାସେ ପାଣି । ଅବଶ୍ୟ ସେ ଅଧେ ଆଗ ପିଇ, ମନେହେବ—ସତେ ଯେପରି ଭଲ୍‌ଗା ନଦୀରୁ ବହି ଆସୁଛି ଅମୃତର ଧାର । ଓଷ୍ଠ ଓଷ୍ଠ ରସ ପୂର୍ଣ୍ଣ ହସ ଯେଉଁ ଅଧରରୁ ଖସିପଡ଼େ ସେଇଠୁ ମନେହୁଏ ମହୁ କଣିକା ଖସୁଛି । ଏମିତି କଟିଯାଏ । ଆଉ ଯେତେବେଳେ ଦେଖୁଛି ଶରଦିନଟାର ଖରା କାଟୁନାହିଁ । ଶୀତ ଦିନରେ ଶୀତ ବି ବାଧିବ ନାହିଁ ।”

ମୁଁ ପ୍ରଶ୍ନ କଲି “ କିମିତି ? ”

ଶ୍ରୀ ନାୟକ କହିଲେ “ସେଉଁ ତରୁଣୀର ଅଙ୍ଗରେ ଏ ପର୍ଯ୍ୟନ୍ତ ବସନ୍ତର ନିଆଁ ଜଳି ଉଠୁଛି ସେଇଠି ଆଉ ଶୀତ ରହିବ ”

ଦୁହେଁ ହସିଲୁ ।

ଦୁହେଁ ବି ବିଦାୟ ନେଲୁ ।

ସଭାପତି ଦିନେ ମଉନରେ ବସିଛନ୍ତି । ଯେମିତି ମୋର ମନେ ହେଲା ଏମିତି ଦିନେ ଶ୍ରୀ ନାୟକ ବସିଥିଲେ । ମୁଁ ପଚାରିଲି ସଭାପତି ବାବୁ’

ସଭାପତି ବାବୁ ଶୁଣିଲେ ନାହିଁ ? ମୁଁ ପୁଣି ଥରେ ଡାକିଲି ସେ ଖାଲି ହଁ କଲେ

ଦୁହେଁ ନୀରବ ରହିଲୁ କେତେକ୍ଷଣ ଯାଏଁ । ତାପରେ ସଭାପତି କହିଲେ ଆଚ୍ଛା ସେକ୍ରେଟେରୀ, ଧଳା ତନୁରେ କଳା ବ୍ଲାଉଜ ଭଲ ଦିଶେ ?

ମୋର ମୁଣ୍ଡ ଘୂରିଗଲା । ମୁଁ ଭାବିଲି ଏମିତି ଦିନେ ଶ୍ରୀ ନାୟକ ମୋତେ ପଚାରି ଥିଲା । ସେ ବାହା ହୋଇଗଲା ।



Digitized by srujanika@gmail.com

# ସାବିତ୍ରୀ ବ୍ରତ

ଚିତ୍ର—ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ

ହେଉଛି ଶୁଭବ୍ରତ ?

ଯୁଗଳ ଫେରି ଗୃହକୁ । ପତ୍ନୀଙ୍କ କଣ୍ଠରେ କି ଗାମ୍ଭୀର୍ଯ୍ୟ ଥିଲା କେଜାଣି ତାଙ୍କର ସେହି କେତେ ପଦ କଥାରେ, ଯୁଗଳ ହଠାତ୍ ଚମକି ପଡ଼ିଲା ।

ପଅରି ଦିନ ପରା ସାବିତ୍ରୀ ବ୍ରତ ?

ସାବିତ୍ରୀ ବ୍ରତ ?

ଯୁଗଳ ଶଙ୍କି ଗଲା ପଅର ଦିନ ସାବିତ୍ରୀ ବ୍ରତ ? ପୂଜାପୂଜାର କଳରୋଳ । ଖରଚର ଧୂମ୍‌ଧାମ । ଗୃହର ପୁରୋହିତଙ୍କ ଆଜ୍ଞା । ନିମିଷେକ ମଧ୍ୟରେ ଯୁଗଳ ଏ ସମସ୍ତ ଅନୁମାନ କରିନେଲା ।

ଏ ଅନୁଭୂତି ତାର ପ୍ରଥମ ନୁହେଁ । ଶ୍ରମକ୍ଳାନ୍ତ ନୀରସ ଜୀବନକୁ ଟିକିଏ ପ୍ରାଣର ସନ୍ଧାନ ଦେବାକୁ ସେ ଯେତେବେଳେ ଉନ୍ମୁଖ ହୋଇ ଘରକୁ ଧାଇଁ ଆସେ ପ୍ରଥମେ ଦେଖେ ଗୃହିଣୀଙ୍କର ମେଘଭରା ଶୁଖିଲା ମୁହଁ । ତାହାରୁ ରସର ପିପାସା ଆପେ ଆପେ ମେଣ୍ଟିଯାଏ । ପ୍ରାଣଟାର ବନ୍ଦେଇ ଉଠେ ।

ଦୁର୍ଭାଗ୍ୟର ପଟ୍ଟଭୂମି ଉପରେ ଯେତେବେଳେ ଦୁଇଟି ଅଯୋଗ୍ୟ ଅଲୋଡ଼ା ଜୀବନର ବଞ୍ଚି ରହିବାର ସାମର୍ଥ୍ୟ ସଙ୍ଗେ ଅଭାବ ଅନାଟନର ଦ୍ୱନ୍ଦ୍ୱ ଚାଲିଥାଏ ହୁଏତ ଅନ୍ତରାଳରେ ଥାଇ ନିୟତି ତାକୁ ବିଦ୍ରୂପ କରି ହସୁଥାଏ ।

ସେଥିଲାଗି ଆଜି ପତ୍ନୀ—କାନ୍ଦି ମୁନେଇ ପରଦିନ ଓଠ—ଲାଗିରହେ ।

କାଲି ଆସିଥିଲେ ସାଇର ସମସ୍ତେ । ଭଣ ଭଣବେ, ଫଇସାଲା ନାହିଁ ।—

ପତ୍ନୀଙ୍କର ଏ ଚେତାବଣୀ ଆଉ ଯୁଗଳର ଲୋଡ଼ା ନ ଥିଲା । ସତେ ଯେପରି ଗୃହିଣୀଙ୍କର ପ୍ରତ୍ୟେକ ଶବ୍ଦର ଇତିହାସ ସେ ଦୂର ଅତୀତ ଅଭିଜ୍ଞତା ସୂତ୍ରରୁ ଉଦ୍ଧାର କରୁଥିଲା ଗୋଟିକ ପରେ ଗୋଟିଏ ।

ମାସ ମଝି । ଦରମା ପଇସା ଯାହା କିଛି ଦୋକାନର ଧାରସୁଝାରେ ଆଧାଆଧି ଶେଷ । ଅଧିକ ବାରଦିନ ବାକି ।

କେଉଁଠା ଟଙ୍କା ବା ଦରମା ? ସହରରେ ଯେଉଁଠି ସବୁ ଦିନେ ଟଙ୍କାର

୧୦ ପୃଷ୍ଠା ଦେଖନ୍ତୁ

[ ମଜାକଥାର ଅବଶିଷ୍ଟାଂଶ ]

ବାଉଁଅ ଟାଙ୍ଗୀକୁ ଫେରିଲା ନାହିଁ ସବୁଜ ରଙ୍ଗର ହାଇହିଲ ଯୋତା ସବୁଜ ରଙ୍ଗର ଶାଢ଼ୀ ତାକୁ ପାଗଳ କରିଦେଲା । ତେବେ ସଭାପତି କଣ ସେଇ ରୋଗରେ ପୀଡ଼ିତ ! ବିବେକାନନ୍ଦଙ୍କୁ ଶଏ ଆଠଟା ନଡ଼ିଆ ଯାଚିଲି ଆଉ କହିଲି ହେ ଭଗବାନ ତୁମେ ସଭାପତିଙ୍କୁ ଭଲ କରିଦିଅ । କିନ୍ତୁ ଏ ରୋଗରୁ କେହି ବର୍ତ୍ତି ନାହାନ୍ତି । ସଭାପତି କଣ ? ”

ମୁଁ ସଭାପତିଙ୍କୁ ପଚାରିଲି “ ଆଜ୍ଞା ଆପଣ ଆଜିକାଲି ଡାକ୍ତର ଘରେ ଆଉ ବୁଲି ଯାଉଛନ୍ତି ?”

ସଭାପତି କହିଲେ “ ହଁ ”

ମୁଁ ପୁଣି ପଚାରିଲି “ ଆଜ୍ଞା ସେଇ ପିପ୍‌ପଳ ଗଛଆଡ଼େ କେବେ ଯାଉଥିଲେ! ”

ସଭାପତି କହିଲେ“ ଆଜିକାଲି ଯାଇ ସେଠି ବସେ ”

ମୁଁ କହିଲି “ ସେଇଠି ବସନ୍ତି ! ! ସେଇ ପିପ୍‌ପଳ ଗଛ ମୂଳରେ ? ଯେଉଁଠି ମଦନ ଆଉ ରତି ବସା ବାନ୍ଧିଛନ୍ତି । ସେବାଟେ ଯେଉଁ ଯୁବକ ପଥିକ ଖାଲି ବୁଲି ଯାଇଛନ୍ତି ସେମାନେ ଏହି ମହା ରୋଗରେ ପୀଡ଼ିତ ହୋଇଛନ୍ତି । ଆପଣ କାହିଁକି ଗଲେ । ନିମ୍ବ ଗଛତଳେ ବସିଲେ ନାହିଁ ।

ସେ କହିଲେ “ ନିମ୍ବଗଛ ତଳରେ ଶାନ୍ତି କାହିଁ ? ସେକ୍ରେଟେରୀ, ଜୀବନରେ କେତେ ବଡ଼ ଆଶା କରିଥିଲି ବାଉଁଅ ଟାଙ୍ଗୀକୁ ବଞ୍ଚାଇ ରଖିବି କିନ୍ତୁ ପିପ୍‌ପଳ ଗଛର ଛାଇ ମୋତେ ଟାଣିନେଲା । ଶୁଭ୍ର ତନୁ, କଳା ବ୍ଲାଉଜ,-ଦୁଧ ଅଳତା ମିଶା ଚକୁଳର ରଙ୍ଗ-ହରିଣୀ ପରି ଆଖି, ଅଳତା -ରଞ୍ଜିତ ପାଦରେ ମୁଁ ଦାଢ଼ୀ କାଟି ମଥା ରଖିଦେଇ ଫେରିଛି । ମୋର ବିବାହ ହେବାର ଯୋଗ ତ ହୋଇଛି ମୋର ଇସ୍ତଫା ପତ୍ର କାଲି ପଠାଇ ଦେବି । ”

ବାଉଁଶ ଟାଙ୍ଗୀରେ ନଇଁ ଆସିଛି ବିଦାୟର ସନ୍ଧ୍ୟା । ଶୁକ୍ର ଛାୟାପଥ ନଦୀରେ ବନ୍ୟା ଆସିଛି । ଛୋଟ ଛୋଟ ଧଳା ଫେନ ବିଚ୍ଛିନ୍ନ ହୋଇଛି ଗୋପନେ—ଅତି ନୀରବରେ । ବନାନୀର ନିକେତନରେ ଚକୋରୀ ଝୁରୁଛି ।

ବାଉଁଅ ଟାଙ୍ଗୀର ସେକ୍ରେଟେରୀ ଭାବୁଛନ୍ତି ! ଭାବନାର ଲଘୁ ଚପଳ ଛୁଇଁ ପାଉଛି । ଦିନେ, ସେ ସବୁଜ, ନାୟକ ବସିଥିଲେ ଗୋଟାଏ ନଉକାରେ । ଖୁବ ହସି ବୁଲି ଦିନ କଟାଇବେ ବୋଲି ଭାବିଥିଲେ କିନ୍ତୁ ଏ କଣ ହେଲା? ସେ ଦୁଇଜଣ ବିଶ୍ୱାସ ଘାତକତା କରି ଆଗରୁ ଚାଲି ପଳାଇଲେ । ପାଲଟଣା ନଉକାରେ ସେକ୍ରେଟେରୀ ବସିଛନ୍ତି ବସିଛନ୍ତି ବସିଛନ୍ତି ।

ଏ ବସିବାର ଆଉ ଅବସାନ କେଉଁଠି ? ଅଭିଜ୍ଞାଙ୍କ ନାଆ ଘୁମେଇ ଘୁମେଇ ଚାଲିଛି ଅବନ୍ତୀପୁର ଦିଗରେ । କୌଣସି ନାଉରୀକୁ ଅବନ୍ତୀ ନଗରୀର ଗତିପଥ ନେଇ ପ୍ରଶ୍ନ କଲେ ନାଉରୀ ଜଣକ ଉତ୍ତର ଦେଇ ପାରୁନି ।

ନାଉରୀଟା କହୁଛି, “ବାବୁ କାଳିଦାସର ଅବନ୍ତୀ ପିପାସାତ ଏଇଟି ମେଣ୍ଟି ନଥିଲା; ଆଉ ତୁମେ ତ ମଜାକଥାର ଲେଖକ । ମଲା ମଣିଷର ଦେହରେ ପ୍ରାଣ ଖୋଜିବୁଲ । ପ୍ରାଣ ଥିବା ଲୋକ ଦେହ ଭିତରେ ଦେଖ ତାର ଜୀବନର କଳନା । ତୁମେ ଫେରିଯାଅ ନାଆଁ-ଲିପ୍ସୁ ଲେଖକ ! ଅବନ୍ତୀର ପଥ ଗାନ କରିବାକୁ ଅଛିରି ଅନେକ ଦିନ ବାକି । ତୁମେ ନାଆ ଫେରାଅ । ତୁମେ ଲେଖକ ବଡ଼ ହୋଇପାରିବ ନାହିଁ ।” ନାଆ ଫେରି ଆସେ ।

ଅବନ୍ତୀପୁର କାହିଁ ? ଗୋଟିଏମାତ୍ର ପ୍ରଶ୍ନ ମନରେ ଉଠେ, ମନରେ ମରିଯାଏ ।



Digitized by srujanika@gmail.com

ଲକାଜୀ ଚଙ୍କାର ହଠଚମକ ଲଦ୍ୟା ମଣ୍ଡିତ ଭେଲଙ୍କ ଲଗାଇ ତାକୁ ଅନ କରିଦିଏ—ଯେଉଁଠି ଗରିବର ଭଙ୍ଗା କୁଡ଼ିଆ ଛାତକୁ ମଳ୍ଲି ଧାଇଁର ସାଛଡାଲ ଉଞ୍ଚା କୋଠା ଚୌତାଳ-ବାଡରେ ଅନାଖ୍ୟ ଅଟ୍ଟାଳିକାର ଉପ୍ର ନ ଥାଏ—ସେଠି ଯୁଗଳ ପରି ଗୋଟିଏ ହତଭାଗା କିରାଣିର ସ୍ଥାନ କେଉଁଠି ?

ଗୋଟାଏ ଦୁର୍ଗନ୍ଧମୟ ଗଳିର ବାୟୁ ଆଲୋକହୀନ ଗୋଟାଏ କୋଠରୀ ଭିତରେ ବସି ନୀରବରେ ପିଲାକବିଲାଙ୍କ ଜୀବନ ପ୍ରତିମୁହୂର୍ତ୍ତରେ ତିଳ ତିଳ କରି ନଷ୍ଟ କରେ ଯେ ଏଇଟା ସେଇ ବୁଝେ ଏ କଥା । ସେହି ଅନୁଭବ କରେ ଏ ବ୍ୟଥା ।

ମାସ ସରି ନାହିଁ । ଧାର ଉଧାର ଆରମ୍ଭ ହୋଇ ଗଲାଣି ।

ଏହି ଅଗତ୍ୟାସ୍ଥ ଦିନ କେତୋଟି ସେ କିପରି ଚଳିବ ସେ ଚିନ୍ତାରେ ଭାରାକ୍ରାନ୍ତ ମସ୍ତିଷ୍କରେ ପତ୍ନୀଙ୍କର ଏ ଅନପେକ୍ଷିତ ଆଘାତ ସମ୍ଭାଳିବାକୁ ଚେଷ୍ଟା କରିବି ସେ ପାରିଲା ନାହିଁ । କିନ୍ତୁ ଗୃହିଣୀଙ୍କ ଫରମାସୀ ଏଥିରେ ଖର୍ଚ୍ଚ ହେବାଯାଏ ନୁହେଁ । ହେଲା ନାହିଁ ମଧ୍ୟ ।

ପରଦିନ । ରବିବାର । କଚେରୀ ! ଘ ବୃହସ୍ପ ଟଙ୍କା ଧାର କରିବାକୁ ଯୁଗଳ ସକାଳୁ ବାହାରିଲା । କିଏ ବା ଦେଉଛି ? କାରଣ ମୁଣ୍ଡା ଦରମା ଗଣ୍ଠିକ ସମ୍ବଳ ! ଶୁଝିବ କେମିତି ? ଟଙ୍କାଭିକ ବୁଝିବ ତ ? ସହକର୍ମୀଙ୍କର ଏଇ ଅବିଶ୍ୱାସ ।

ଅବଶେଷରେ କଣକ ଦୋକାନରେ ଜାଲି ମାରିବା କୋଡ଼ି ପଡ଼ିଥିଲା ।

ଭଦ୍ର ଲୋକ ଏମିତ ଧାରାବାହୀ କରେ ନାହିଁ !

ନାଇଁ ଭାଇ କଣ କହିବା ? ଅଡ଼ବଡ଼ ସମୟ । ଏଇ ଅସନ୍ତା ମାସ ଦରମାରୁ ନିଶ୍ଚୟ—ସାବିତ୍ରୀ ସାହାଯ୍ୟ ଚୋର, ଶ୍ରୀମତୀ । ଏଇ ଦରମା, ଏଇ ଦରମା ବୋଲିତ ଗଣାଣି ମୁଁଇ ମାସ । ପୁଣି ତା ଉପରେ କଣ । ନା ।—

ବୋଝ ଭାଇ ଘର କରି ଥିଲେ ତ ପୁଣି ସୁବିଧା ଅସୁବିଧା ଥାଏ—

ହାଁ, ହାଁ, ଜିଭ ଭିଜା ସେତିକି ଥାଉ ।

ରଖ ସେ ସବୁ । ଗଲ ତୁମେ । ଗହଣ ଟିଏ ହେଲେ । ସଉଦାଦିଏ ତାଙ୍କୁ ଉଠ ଉଠ । ଗହଳ ହେବା—

ଦୋକାନୀର ଏ ରୁକ୍ଷ ଭ୍ରୂକୁଟି ପୂର୍ଣ୍ଣ ତାଚ୍ଛିଲ୍ୟ ତାର କେଉଁ ମର୍ମ ସ୍ଥଳରେ ଲାଗିଲା ସେ ହଠାତ୍ ଠଉରାଇ ପାରିଲା ନାହିଁ । ତଥାପି କାକୁତି ମିନତି କଲା । କଣ୍ଠାଳ କରି ବସିଲା ।

କିନ୍ତୁ ବ୍ୟବସାୟୀ ମନ ସେଥିରେ ଟଳିବାର ନୁହେଁ । ଟଳିବାର ନୁହେଁ । ଟଳିଲା ନାହିଁ ।

ଦୀର୍ଘ ଶ୍ୱାସ ଛାଡ଼ି ଯୁଗଳ ଫେରି ଆସିଲା ।

ରାସ୍ତାରେ ପାଦ ତାର ଠିକ୍ ପଡ଼ୁଲା ନାହିଁ । ଘର ଆଡ଼କୁ ବି ସେ ଆଗେଇ ପାରିଲା ନାହିଁ । ଗୃହିଣୀଙ୍କ ଅଭିଯୋଗ, ଅଭିମାନ ବିରକ୍ତି ସ୍ମରଣ କରି ତାର ହୃତ୍‌କମ୍ପ ହେଲା ।

ସେ ଜଣେ ଗୃହିଣୀ ତାର ଏ ଦୁଃଖ ବୁଝିବେ ନାହିଁ । ତାଙ୍କର ଲୋଡ଼ା ଜିନିଷ । ସେ ପୂଜା କରିବେ । ସେଥିଲାଗି ଦିନେ ଛଳେଇ ଛଳେଇ କହୁଥିଲେ—ପୋଷିବାର ଶକ୍ତି ଯା'ର ନ ଥାଏ ତା'ର ବାହା ହେବା ସଉକଟା ଏତେ ବଢ଼େଇ ଦେଲେ କାହିଁକି ?

ସେ ଆଗେଇ ଗଲା ।

ଆଗକୁ ଅଚ୍ୟୁତ ବଟିକବାବୁଙ୍କ ଅର୍ଦ୍ଦଳୀ କହୁଛି ଅଳ୍ପବୟସରେ ପଡ଼ି ତା ଠାରୁ ଯୋଡ଼ାଏ ଟଙ୍କା ଧାର କରିଥିଲା । ସୁନ୍ଦି ପାଧିନାହିଁ :

କାଲେ ମାଗି ଦେବ ।

ପାଦ ଥମିଗଲା ।

ସେ ମୁହଁ ଫେରାଇ ଗୁଳିଲା ।

ତାଙ୍କ ଅଫିସର ହେଡ଼ କିରାଣୀ । ବୃଦ୍ଧ, ଦମ୍ଭିଲା । ମୁଖ ଲୁଟିଲା । ମାଗିଲା ମନ୍ତ୍ରକେ ଦାଉଶହି ଟଙ୍କାରେ ଦେଲା । ଅସନ୍ତା ମାସରୁ କାଟି ଦେବ—ଏଇ ଜବାବରେ ।

ବେଳରେ ଫେରି ଜାଳୁଛି । ଘ ପହର ଗଲା । ଯୁଗଳର ଅଳ୍ପ ପ୍ରତ୍ୟୟ ଅବଶ ହେଲାପରି ଲାଗିଲା । କେତେ ଦୋକାନ ବୁଲି ସଉଦାପତ୍ର କିଣି ସେ ଘରକୁ ଫେରିଲା ।

ଅବେଳରେ ଖାଇଆ ପିଇଆ କରି ସେ ଦିନ ରାତିରେ ଯୁଗଳକୁ ହେଲା ଜର । ଜ୍ୱର ଘୋରରେ ସେ ପ୍ରଳାପ କରି ଉଠିଲା—ମୁଁ କଣ ମରିଯିବି ବଡ଼ ବୋଉ ?

ବଡ଼ବୋଉ ଟିକିଏ ବିରକ୍ତ ହେଲେ । କହିଲେ—ମଲାମ ଏକ ଅମଙ୍ଗଳିଆ କଥା ?

ନାଇଁ ମୁଁ ମରିବି ନାହିଁ । ତୁମେ ସାବିତ୍ରୀ ବ୍ରତ କରିବ । ସାବିତ୍ରୀବ୍ରତ କଲେ ସ୍ୱାମୀ ଦୀର୍ଘଜୀବୀ ହୁଅନ୍ତି ପରା । ମୁଁ ମରିବି ନାଇଁ—

ବଡ଼ବୋଉ ତୁନିହୋଇ ଶୋଇବାକୁ କହିଲେ । ଯୁଗଳ ମାନିଲା ନାହିଁ । ବାଉଳି ହୋଇ କହିଲା—ମୋତେ ତୁନି ହେବାକୁ କହ ନାଇଁ ବଡ଼ବୋଉ, ଶୁଣ, ମୁଁ ମରି ପାରିବି ନାହିଁ । ତୁମକୁ ଅସନ୍ତା ବର୍ଷର ପୂଜା ସରଞ୍ଜାମ କିଣି-ଦେବାକୁ ଏଇ ଅଳଙ୍କା ଅସୁଣା ପଡ଼ିର ଏଇ ଭଙ୍ଗା କୁଡ଼ିଆ ତଳେ ତିଳ ତିଳ ହୋଇ ପେଷି ହୋଇ ଯିବାକୁ ମୁଁ ବଞ୍ଚି ରହିବି । ତୁମକୁ ବଞ୍ଚାଇ ରଖିବାକୁ ଦୁନିଆର ସବୁ ସର୍ବନାଶୀ ଶକ୍ତି ବିରୁଦ୍ଧରେ ଛାତି ପତାଇ ଜୀବନୀ ଶକ୍ତି ନଷ୍ଟ କରିବାକୁ ମୁଁ ବଞ୍ଚି ରହିବି । ମରିବାର କ୍ଷମତା ମୋର ନାହିଁ । ମରିବାକୁ ମୋତେ ତୁମେ ସୁଯୋଗ ଦେବ ନାଇଁ । ମୁଁ ମରିବି ନାଇଁ । ବଞ୍ଚିବି । ମୁଁ ବଞ୍ଚିବି—

ନିର୍ବୋଧ ପରି ସ୍ତ୍ରୀ ଯୁଗଳର ଉଦ୍‌ବିଗ୍ନ ମୁହଁକୁ ଚାହିଁ ରହିଲେ ।

ସ୍ୱାମୀକୁ ବାଲି ଟିକିଏ ପିଇବାକୁ ଦେଇ ବଡ଼ ବୋଉ ମନ୍ଦିର ମଣ୍ଡପକୁ ବାହାରିଗଲେ । ପଡ଼ାର ସବୁ ସଧବା ସ୍ତ୍ରୀ ସେହି ମଣ୍ଡପରେ ବ୍ରତ ପାଳିନ୍ତି ।

ଯାହା ଥିଲା ସବୁ ପ୍ରାୟ ଯାଇ ଥିଲା । କବିରାଜ ଡାକିବାକୁ କି ଔଷଧ ପାନେ ଦେବାକୁ ଘରେ ସମ୍ବଳ ନଥିଲା । ଗୋଟିକ ପରେ ଗୋଟିଏ ବନ୍ଧା ପଡ଼ିଥିଲା ପେଟ ଦାଉରେ । ବାକି ଯାହା ଥିଲା ସେଥିରୁ କିଛି ପଡ଼ିଗଲା ।

ପତ୍ନୀଙ୍କ ଦେହରେ ଯାହା ସେମିତି ଅଳଙ୍କାର ଥିଲା—କେହି କେହି ସେଥିରୁ ଖଣ୍ଡେ ଅଧେ ବନ୍ଧା ପକାଇ କିଛି ଟଙ୍କା ଆଣି-ବାକୁ କହିଲେ । ପତ୍ନୀ ଜିଭ କାମୁଡ଼ି ପକାଇ କହିଲେ—ଛି—କି ଅମଙ୍ଗଳିଆ କଥା ସାବିତ୍ରୀବ୍ରତ ପରି ଦିନରେ ମୁଁ ଦେହ ଖାଲି କରିବି ? କି କଥା କହୁଚ ?—

[ ଅବଶିଷ୍ଟାଂଶ ୨୩ ପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ଶ୍ରୀ ଜଗନ୍ନାଥ

ଲେ—ଶ୍ୟାମସୁନ୍ଦର ମହାପାତ୍ର

ଭାରତୀୟ ସବାକ୍ ଚିତ୍ର ବର୍ତ୍ତମାନ ଯେଉଁ ସ୍ତରରେ ପ୍ରତ୍ୟେକ ରାଷ୍ଟ୍ର ନିର୍ମିତ ହୋଇ ମୁକ୍ତି ଲାଭ କରୁଛି, ବିଶେଷଜ୍ଞମାନଙ୍କ ମତରେ ଭାରତର ଚିତ୍ର ନିର୍ମାଣ ପୃଥିବୀ ମଧ୍ୟରେ ଅଗ୍ରଣୀ। ଏଣୁ ଓଡ଼ିଆ ଅଭିନୟକଳା-କୁଶଳୀ-ଗଣ ଯଦି "ସୀତା ବିବାହ" ପରେ କୌଣସି ଯୁଗାନ୍ତକାରୀ ଚିତ୍ର ପରିବେଷଣ କରିବାର ପ୍ରୟାସ କରିଥାନ୍ତି ତେବେ ସେମାନେ ପ୍ରଶଂସାର୍ହ୍ୟ। "ଲଳିତା"ର ମୁକ୍ତି ପରେ ପରେ ବର୍ତ୍ତମାନ ଓଡ଼ିଶାରେ ମୁକ୍ତିଭାରତୀ, ଓଡ଼ିଆ କଥାଚିତ୍ର, ଗ୍ରେଟ୍ ଇଷ୍ଟର୍ଣ୍ଣ ମୋସନ୍ ପିକ୍ଚର, କାମାକ୍ଷୀ ପିକ୍ଚରସ ପ୍ରଭୃତି ଦୃଢ ପ୍ରକାଶ କରୁଛନ୍ତି ଓ କେତେଗୁଡ଼ିଏ ଛବି ନିର୍ମାଣ କରି ସାରିଲେଣି। ଏଣୁ ଏ ଚିତ୍ରଗୁଡ଼ିକ ଯେ ଭାରତୀୟ ଚଳଚ୍ଚିତ୍ର ଜଗତରେ କେଉଁ ସ୍ଥାନ ପାଇବ ତାହା କେବଳ ଏମାନଙ୍କ ସୃଷ୍ଟିରୁ ଜଣା ପଡ଼ିବ। ଉତ୍କଳ ଚଳଚ୍ଚିତ୍ର ଜଗତରେ ଏମାନଙ୍କ ଅବଦାନକୁ ଆଲୋଚନା କଲେ ଜଣା ପଡ଼େ ଯେ ମୁକ୍ତିଭାରତୀର 'ଶ୍ରୀ ଜଗନ୍ନାଥ' ସେଇ ପୁରୁଣା ବିଦ୍ୟାପତି-ଲଳିତା ଆଖ୍ୟାନ ବସ୍ତୁ ନେଇ ଗଢ଼ା। ଏଥିରେ ନୂତନତ୍ୱ କିଛି ନାହିଁ। ଏଣୁ ବିଷୟ ବସ୍ତୁକୁ ଆଲୋଚନାର ଗଣ୍ଡି ମଧ୍ୟକୁ ଆଣିବା ନିଷ୍ପ୍ରୟୋଜନ। ଚିତ୍ର-ନାଟ୍ୟ-କାରଙ୍କର ଚିତ୍ରନାଟ୍ୟ-ରଚନାକୌଶଳ ତାଙ୍କୁ ଏଥିରେ ଦକ୍ଷ ବୋଲି ପରିଚିତ ନ କରାଇ ଏ ଦିଗରେ ସେ ଯେ ନବାଗନ୍ତୁକ ଏହାର ପରିଚୟ ଦେଉଛି।

ଅଭିନୟ ଦିଗରୁ ବିଚାର କଲେ ଶ୍ରୀ ଜଗନ୍ନାଥର କୌଣସି ଅଭିନେତା (ଜଣେ ଦୁଇ ଜଣକୁ ବାଦ ଦେଇ) ମଧ୍ୟବିତ୍ତ ଦରର ଅଭିନୟ ମଧ୍ୟ ଦେଖାଇ ପାରି ନାହାନ୍ତି। ମୁଖ୍ୟ ଭୂମିକାରେ ଇନ୍ଦ୍ରଦ୍ୟୁମ୍ନ ସାଜିଥିବା ବ୍ୟକ୍ତି ଓ ଶ୍ରୀଯୁକ୍ତ ମାଣିଆ ଏବଂ ନାରୀ ଭୂମିକାରେ ଶ୍ରୀମତୀ ସୀତାଦେବୀ ସାମାନ୍ୟ ଦୋଷତ୍ରୁଟି ସତ୍ତ୍ୱ ଭଲ ଅଭିନୟ କରିଛନ୍ତି। ସୀତାଦେବୀଙ୍କ ବଙ୍ଗଳାଟଣା କଥା ଓଡ଼ିଆ ଭାଷାକୁ ବିକୃତ ରୂପେ ପରିବେଷଣ କରିଛି ଓ ଅଭିନୟରେ ତାଙ୍କର 'ରଙ୍ଗମଞ୍ଚ ଅଭିମନ୍ୟୁ' ବେଳେ ବେଳେ ଫୁଟି ପଡ଼ୁଥିବାରୁ ସ୍ୱାଭାବିକ ଅଭିନୟରେ ବାଧା ପଡ଼ିଛି। ଇନ୍ଦ୍ରଦ୍ୟୁମ୍ନ ଭୂମିକାରେ ଅଭିନେତା ଭଲ ଅଭିନୟ କରିଛନ୍ତି। ମୀନା ମୁର୍ଷିଦ ନାମକରେ ବିଶେଷତଃରେ ସେ ନାଟ୍ୟମଞ୍ଚରେ ସୁନାମ ଅର୍ଜନ କରିଥିଲେ ଏହା ତାଙ୍କର ପ୍ରଥମ ଅଭିନୟ-କୁଶଳତା ପ୍ରମାଣ ଦେଉଛି। ଶ୍ରୀଯୁକ୍ତ ମାଣିଆଙ୍କ ଅଭିନୟରେ ଯଥେଷ୍ଟ ରଙ୍ଗମଞ୍ଚ ନାଟକୀୟତା ସୃଷ୍ଟି କରିଛି ଓ ତାଙ୍କର ସବୁବେଳେ ମଞ୍ଚିଆ ଅଭିନୟ 'ମହାପଥର ଯାତ୍ରା'ରେ ଅଭିନୟ କରୁଥିବା ଜମିଦାର ଭୂମିକାର ଶ୍ରୀଯୁକ୍ତ ମାଣିଆଙ୍କର ପରିଚୟ ଦିଏ। ମୋ ଆଖିକୁ ଖଳ ମାଧବଙ୍କର ଅଭିନୟରେ ବିଶ୍ୱବୃଦ୍ଧ ଆଗ୍ରହ ବିକଳରେ ଯେତେବେଳେ ଦେଖୁଛି ଯାହା ଦେଖୁଛନ୍ତି ସେତେବେଳର ଅଭିନୟ ସୁନ୍ଦର ହୋଇଛି। ବିଦ୍ୟାପତି ମୋଟେ କ୍ୟାମେରା ଫ୍ରି ହୋଇ ପାରି ନାହାନ୍ତି। ବହୁ ସ୍ଥାନରେ ତାଙ୍କର କ୍ୟାମେରା କନସସ୍ ଭାବ ତାଙ୍କ ସହଜ ଭାବ ପ୍ରକାଶରେ ବାଧା ଦେଇଛି। ପ୍ରେମରସାତ୍ମକ ଭୂମିକାରେ ସେ ଯେତେଦୂର ଆବେଗ-ମୁଗ୍ଧ-କାରୀ ଭାବ ସୃଷ୍ଟି କରିବାର ଥିଲା ତାହା ନକରି ପାରିବାରୁ ଦୃଶ୍ୟଗୁଡ଼ିକ ହୃଦୟଗ୍ରାହୀ ହୋଇ ପାରି ନାହିଁ। ଲଳିତା ସଙ୍ଗେ କାନନ କଥୋପକଥନ ଓ ଶଯ୍ୟା ପାର୍ଶ୍ୱରେ ପ୍ରେମାଳାପରେ କପଟ ଛଳ ଛଳ ଭାବ ଫୁଟି ପଡ଼ୁଛି। ସବୁଠୁ ଭାଙ୍ଗି ଓ ସୁନ୍ଦର ରୁଚିକୁ ଆଘାତ ଦେଉଛି ଲଳିତାର ନୃତ୍ୟ ଅଭିନୟ। ଅଭିନୟ ଅତି ନିମ୍ନ ଧରଣର, ହାବଭାବରେ କୌଣସି ଉଚ୍ଚାଙ୍ଗ ଅଭିନୟ କୌଶଳ ନାହିଁ ଯାହା ଦ୍ୱାରା ଆଜିର ହିନ୍ଦି ବା ବଙ୍ଗଳା ଚିତ୍ର-ତାରକାଗଣ ଦର୍ଶକମାନଙ୍କୁ ମୁଗ୍ଧ କରି ଥାନ୍ତି। ସଙ୍ଗୀତ ଓ ନୃତ୍ୟ ଦେଖାଇଲା ବେଳେ ଆଙ୍ଗିକ ଭାବ ଅତି ମାତ୍ରାରେ ଅଛି। ମୋଟ ଉପରେ ଉତ୍ତମ ଶ୍ରେଣୀ ଅଭିନେତ୍ରୀ ହେବାର କୌଣସି ଗୌରବ ପାଇବାର ହକଦାର ସେ ମୋଟେ ନୁହନ୍ତି।

ଅଭିନେତାଙ୍କ ଅଭିନୟ ଛଡ଼ା ମଧ୍ୟ ଲୋକପ୍ରିୟ ସୁନ୍ଦର ଚିତ୍ର ନିର୍ମାଣ କରିବାରୁ ବହୁ ଅନ୍ୟ ବାଧାବିଘ୍ନ ଅଛି ଯାହାର ଅଭାବ ନଗ୍ନ ଭାବରେ ଶ୍ରୀ ଜଗନ୍ନାଥରେ ଧରାପଡ଼େ। ପୋଷାକ ପତ୍ର ଓ 'ମେକଅପ୍' ଅନେକମାନଙ୍କର କମ ପ୍ରଭାବ ହୋଇଛି। କୌଣସି ଦୃଶ୍ୟରେ 'ମେକଅପ୍' ଚଳନ୍ତି ହିସାବରେ ହୋଇପାରିନାହିଁ ଓ ଲଳିତାଙ୍କ ଅଙ୍ଗମାନଙ୍କରେ କୃତ୍ରିମ ବୋଲି ଦିଶେ ଓ ଅନ୍ୟ ମେକଅପର ତ୍ରୁଟି ମଧ୍ୟ ଜଣାଯାଏ।

ଚିତ୍ରର ବହୁ ସ୍ଥାନରେ ଅସ୍ୱାଭାବିକତା ପରିଦୃଷ୍ଟ ହୁଏ। ଏହାର ଭୂମିକାରେ ଅଭିନୟ କରୁଥିବା ଚରିତ୍ରଗଣ ତାଙ୍କ ନିଜସ୍ୱ ଭାଷା ମାଧ୍ୟମରେ କଥାବାର୍ତ୍ତା କହିବା ଉଚିତ। ଯାହା ନିଶ୍ଚୟ ନ କଲେ ଚିତ୍ରର ଆଞ୍ଚଳିକ ଭାବ (Regional touch) ନଷ୍ଟ ହୁଏ। ଶ୍ରୀ ଜଗନ୍ନାଥରେ ଯେଉଁଠି ଶବରଜାତି ବାସୁଙ୍କ ମୁଖରୁ ଭିନ୍ନ ଭାଷା କଥା ଶୁଣା ଯାଉଛି, ସେଇଠି ପୁଣି ମାଣିଆଙ୍କର ସରଳ ଓଡ଼ିଆ କଥା ଓ ଗ୍ରାମ୍ୟ ଗୀତ ସହିତ ଅଧୁନିକ ଗୀତ ଶୁଣିବାକୁ ମିଳିଛି। ତେବେ ନାଗର ନୃତ୍ୟ ଦେବା ସଙ୍ଗେ ସଙ୍ଗେ ଅଧୁନିକ ପ୍ରଣାଳୀ ମଧ୍ୟ ଦେଖିବାକୁ ମିଳିଛି। ଏହା ଘୋର ଦୋଷାବହ। ଏପରି ତ୍ରୁଟି ହେବା ଦ୍ୱାରା ସେ ସ୍ଥାନରେ ଅସ୍ୱାଭାବିକତା ପ୍ରକଟିତ ହେବା ଏହା ଯେ କେହି ସ୍ୱୀକାର କରିବ। ରଣରଙ୍ଗ୍‌ଗସ୍ତ୍ର-ଙ୍କର ମିଛିଆ ଅଭିନୟର କୌଣସି ପ୍ରୟୋଜନ ନଥିଲା।

ଆଜିକାଲି ଚିତ୍ର ପ୍ରସ୍ତୁତ ବେଳେ ପ୍ରଥମେ ଦୃଷ୍ଟି ଦିଆଯାଏ ସଙ୍ଗୀତାଂଶରେ। ଭାବ ଓ ସ୍ୱର ଯୋଜନାକୁ ଏଥି ପାଇଁ ପ୍ରଯୋଜକ ଷଣ ପ୍ରତ୍ୟେକ ଗୀତପାଇଁ ଏପରିକି ୧୦ ହଜାରରୁ ୬୦ ହଜାର ଯାଏ ଟଙ୍କା ଦେଇ-ଥାନ୍ତି। ସଙ୍ଗୀତର ପ୍ରଭାବ ସାଧାରଣତଃ ସବୁ ଶ୍ରେଣୀର ଲୋକଙ୍କ ଉପରେ ପଡ଼ିଥାଏ ବୋଲି ଏ ପଥରେ ନିର୍ମାତାମାନେ ଏତେ ଟଙ୍କା ବ୍ୟୟ କରିବାର ସାହସ କରିଥାନ୍ତି। ଶ୍ରୀ ଜଗନ୍ନାଥରେ ସଙ୍ଗୀତର ସ୍ୱର ଯୋଜନା ଉଚ୍ଚାଙ୍ଗ ହୋଇ ପାରି ନାହିଁ। କେବଳ 'ତୁମେ ଲେଖିଛିଲ ନାହିଁ...' ଗୀତଟି ବାଦ ଦେଲେ ଅନ୍ୟ ଗୁଡ଼ିକ ସାଧାରଣ ସ୍ତରର। ଗୀତରେ ଥିବା ଓଡ଼ିଆ ଢଙ୍ଗ ଗୁଡ଼ିକ ବାଦ ହୋଇ ବିକୃତ ରୂପ ଧରିଥିବାରୁ ମନେହୁଏ ସ୍ୱେ ବ୍ୟାକରେ ଓଡ଼ିଆ

[ ଅବଶିଷ୍ଟାଂଶ ୯ ପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ଗୋପୀ ବିଳାପ

ଲେ—ହନୁମନ୍ତ

(୧)

ଦାଣ୍ଡରେ ଶୁଭିଲା ନାଦ ଉତ୍କଳର ନାଥ
ଓଡ଼ିଶା ଛାଡ଼ିବେ !—ଶୁଣେ ହେଲା ବଜ୍ରପାତ
ଉଡ଼ା ଜାହାଜ ଆସିଛି,
ବେଗି ଘେନିଯିବ ବାଧା ନ ମାନିବ କିଛି !

[ ୨ ]

ଗଲ ଗଲ ବୋଲି ଡାକ ମାରିଲୁ ହୁକର,
ଦିଲ୍ଲୀକୁ ଏଥର କୃଷ୍ଣ ଚଳିଲେ ମୁକର,
ଲୋକେ ହେଲେ ତଡ଼ା ତଡ଼,
ଦେଖନ୍ତୁ ଭଗଳ ଲଟି ଯାଏ ଛଡ଼ା ଛଡ଼ ।

[ ୩ ]

କଟକ ନଗରେ ଯେଣେ ପଡ଼ିଗଲା ରଡ଼ି,
ଛୁଟିଲେ ଲୋକେତ ଏକ ଆନପରେ ପଡ଼ି,
କିଏ କାହାକୁ ପଚାରେ,
ଯେଝାର କଷଣ ଯେଝା ମରମକୁ ଘାରେ ।

[ ୪ ]

କଲା ବଜାରରେ ଉଠେ କ୍ରନ୍ଦନର ରୋଳ,
ମୋଟ ବାଟେ ଢେଙ୍କେଶିଳି ପାଏ ଗଣ୍ଡଗୋଳ;
ଆଖି ଫଳେ ଲିଙ୍କା ଘଟି,
ଆରତେ କାନ୍ଦନ୍ତି ଶତେ ନୂଣ୍ଣ ପୋଡ଼ ବନ୍ଧି ।

[ ୫ ]

କିଏ କହେ ସତେ ନାଥ ଗଲା ଗଲ ଛାଡ଼ି,
ପ୍ରୀତି ଲତିକାକୁ ଦେଲ କେମନ୍ତେ ଉପାଡ଼ି,
ଫଳ ଅଛୁ ଥିଲା ଫଳ,
ଫୁଲ ବଣ୍ଟଉଠେ ଦେଲ ସମୂଳରେ ଛାଡ଼ ।

[ ୬ ]

କିଏ କହେ ସତେ ତମେ ଏତେ ଦାଗା-ଦିଆ,
ପୁରୁଷ ଜାତିଟା ପର ଯଶ-ପାରିତିଆ,
ଥରେ ଚୁପ୍ତି ନେଇ ମିଠା
ଚଟା ଲାଗିବାରୁ ଏବେ ଫିଙ୍ଗି ଦେଲ ସିଠା ।

[ ୭ ]

ତୁମ୍ଭେ ତ ରହିବ ଯାଇ ଇନ୍ଦ୍ର-ପ୍ରସ୍ଥ ପୁରେ,
ଅପ୍ସରା ଗନ୍ଧର୍ବ ମେଳେ ଏଥୁଁ ବହୁ ଦୂରେ,
ହେଇ ଆନନ୍ଦେ ବିଭୋର,
ଏଠାକାର ଛାର କଥା ଯିବଟି ପାସୋର ।

[ ୮ ]

ରାଧିକା ମଉଳି ଯିବେ ନ ପାଇଣ ବାରି,
ତୁମ୍ଭ ଛାୟା ତଳେ ଉଠୁଥିଲେ ଗଜା ମାରି,
ଆଉ ଯେତେକ ଅଗାନ୍ଥି ,
କାହା ଅଣ୍ଟା ଧରି ଜୀବ ରଖିବେ ବଞ୍ଚାଇ ।

( ୯ )

ଏତେକ ନିର୍ମମ ବୋଲି ନ ଥିଲୁ ତ ଜାଣି,
ମୁଖରୁ ନିଗଡ଼ୁ ଥିଲୁ ଛଣା ସୁଧା ପାଣି,
ଏବେ କାଟି ଦେଲ ଛଡ଼ା,
ଗୃହଁ ଗୃହଁ ଅନ୍ତୁଡ ଯେ ପାଲଟିଲା ପିଡ଼ା ।

( ୧୦ )

ପୁଣି ନୂଆ କୃଷ୍ଣ ଗୋପେ ଆସିବେଟି ଯେବେ,
ପୁରୁଣା କୃଷ୍ଣର ତୁଲେ ହେବ କି ସେ କେବେ ?
ସବୁ କୃଷ୍ଣ କି ସମାନ ?
ବର୍ଣ୍ଣେ ଗନ୍ଧେ ରୂପେ ରସେ ନିଶ୍ଚେ ଆନ ଆନ ।

( ୧୧ )

କହ କହ ଏବେ ଆମ୍ଭେ କରିବା କି ବୁଦ୍ଧି,
ପଢ଼ିବା କି ଆଉ ହାବ ଭାବ ବାଣ୍ଟୁ ବୁଦ୍ଧି,
କଲା କାନ୍ଦେ ମୁଣ୍ଡ କୋଡ଼,
କେଦାର ଗଉରୀ କୁଣ୍ଡେ ମରିବା କି ବୁଡ଼ି ।

( ୧୨ )

ତୁମ୍ଭେ ପଢ଼େ ଭୁଲି, ଆମ୍ଭେ ନପାରୁଁ ଭୁଲି,
ତୁମ୍ଭ ନାମ ସଉକରେ କାଟି ଯିବୁ ଭୁଲି,
ଖାଲି ଏତିକି ସାନ୍ତ୍ୱନା,
କୃଷ୍ଣ ନାମ ଜପୁ ଥିବୁଁ ଗୋବାଇଣ ଦିନ ।

---

( ପରପୃଷ୍ଠା ଉତ୍ତାରୁ )

ଭାଗ ନେଇଛନ୍ତି । ପରୀକ୍ଷରେ ଓଡ଼ିଶା ଢଙ୍ଗ ଦେଖାଇବାକୁ ଯାଇ ଟିଲିକିଆ ହୋଇଛି । ନଟା ଦ୍ୱାର ଦାର ହୁଏତ ଭଲ ଗାଇ ପାରନ୍ତି କିନ୍ତୁ ବ୍ୟୋକ କାହାଙ୍କ ସାଧନା ନେହେତ୍ରାଳ ମାଣିକ । ବ୍ୟୋକ ଗ୍ରାଜୁଏ ଅର୍ଚେଷ୍ଟ୍ରା, ଅତି ସାଧାରଣ ଭାବେ ଦିଆଯାଇଛି । ଆମ୍ଭ ଅମର ଅନୁରୋଧ ଭବିଷ୍ୟତରେ ଏପ୍ରତି ତତତ ଦୃଷ୍ଟି ଦିଆଯିବ ।

ଓଡ଼ିଶୀ ନୃତ୍ୟ ପରିବେଷଣ କ୍ଷେତ୍ରରେ କରିଛନ୍ତି ମିସ ରେଖା ଓଡ଼ିଶୀ ନୃତ୍ୟର ବୈଶିଷ୍ଟ ନଥିଲେ ତାହା ଓଡ଼ିଶୀ ହୋଇଛି କି ନୃତ୍ୟ ବଦଳରେ ଅଙ୍ଗକୁ ଯଥେଚ୍ଛାଚାଳନା କରା ଯାଇଛି ତାହା ବୁଝିବା କଷ୍ଟ ହୁଅନ୍ତା ନୃତ୍ୟରେ ତାଙ୍କର ଅଙ୍ଗମାନଙ୍କରେ ବୃତ୍ତି, ସୋମ, ଫାଙ୍କରେ ଗୋଳମାଳ, ମୁଦ୍ରା ପ୍ରଦର୍ଶନର ଅଭାବରେ ଓଡ଼ିଶୀ ନାଚର ଶ୍ରାଦ୍ଧ ହୋଇଛି । ପରିଚାଳକ ଏ ପ୍ରତି ସେ କାହିଁକି ଏତେ ପକ୍ଷ-ପାତିତ୍ୱ କରିଛନ୍ତି ତାହା ବୁଝି ହେଉନ ।

ଯାହାହେଉ ଉତ୍କଳର ଅଭିନୟ ପ୍ରେମୀ ମାନଙ୍କର ମିଳିତ ଉଦ୍ୟମରେ ନିର୍ମିତ ବୃତୀୟ ଅବଦାନ ରୂପେ ଏ ଚିତ୍ରଟିକୁ ଆମେ ସ୍ୱାଗତ ଜଣାଉଛୁଁ । ଭବିଷ୍ୟତରେ ସୁନ୍ଦର ଚିତ୍ର ନିର୍ମାଣ ଦିଗରେ କଳା କୁଶଳୀ ଗଣ ଚେଷ୍ଟା କରନ୍ତୁ, ଆମର ଅନୁରୋଧ । ତେବେ ଓଡ଼ିଆ ଚିତ୍ର ପ୍ରଯୋଜକ ଗଣ ଯଦି ସବୁବେଳେ ବିଦେଶର ପରିଚାଳକ ଓ ସଙ୍ଗୀତ କାରଙ୍କୁ ନେଇ ଚିତ୍ରର ଉଣ୍ଡ୍ୟୋତ ନକରନ୍ତେ ଓ ଇତି ମଧ୍ୟରେ କେତେକ ଲୋକଙ୍କୁ ବିଦେଶରେ ପ୍ରତିଷ୍ଠାବାନ ଟ୍ରେନିଂ ଦେଇ ଅଣାନ୍ତେ ଓ ସେମାନଙ୍କ ଦ୍ୱାରା ଚିତ୍ର ପରିଚାଳନା ହୁଅନ୍ତା ତେବେ ଯାଇ ଏ ଅନୁଷ୍ଠାନ ଗୁଡ଼ିକର ଉନ୍ନତି ସମ୍ଭବ ।



Digitized by srujanika@gmail.com



# କାନ୍ତକବି ଲକ୍ଷ୍ମୀକାନ୍ତ
# ଓ
# 'ଜୀବନ-ସଙ୍ଗୀତ'ର ଜୀବନ ଦର୍ଶନ

— ଶ୍ରୀ ଫଣୀ ପଟ୍ଟନାୟକ—

କବିଙ୍କର ଯେ କୌଣସି ଖଣ୍ଡିଏ ରଚନା ଭିତରେ ତାଙ୍କର ଜୀବନର ନିର୍ଦ୍ଦିଷ୍ଟ ଚିନ୍ତାଧାରା ଖୋଜିପାଇବା ଅସମ୍ଭବ। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚଳାଇ କବି ବା କଳାକାର ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀ ଓ ଅବସ୍ଥାର ସୁଯୋଗ ନେଇ ନିଜର ଜୀବନ-ଦର୍ଶନ ରୂପାୟିତ କରେ। ସାଧାରଣ ପାଠକ ଆଗରେ ତାର ଚିନ୍ତାଧାରା ପରିବେଷଣ କରି ନିଜର ସୁଖ,-ଦୁଃଖ, ଅଭିଜ୍ଞ, ଅନୁଭୂତି ମଧ୍ୟରେ ପାଠକଙ୍କୁ ସମଦୁଃଖ ଏବଂ ସୁଖରେ ଅଭିଭୂତ କରେ, ତାର ଆଦର୍ଶରେ ଅନୁପ୍ରାଣିତ କରେ।

ସେହିପରି ଓଡ଼ିଆ ସାହିତ୍ୟକୁ କାନ୍ତ-କବିଙ୍କର ବହୁଅବଦାନ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଜୀବନ ଦର୍ଶନ ଖୋଜିବା କଷ୍ଟକର। କାରଣ କବି ସାହିତ୍ୟର ଏଭଳି କୌଣସି ବିଭାଗ ନାହିଁ, ଯେଉଁଥିରେ ସେ ଲେଖନୀ ଚଳାଇ ନାହାନ୍ତି ଏବଂ ନିପୁଣ କଳାକାର ଭାବରେ ପ୍ରତିଷ୍ଠିତ ହୋଇ ନାହାନ୍ତି; ଏକଥା ଅସ୍ୱୀକାର କରିହେବ ନାହିଁ। ଯଦୁମଣିଙ୍କ ପରେ ଦୀର୍ଘଦିନ ଓଡ଼ିଆ ସମାଜରେ ଆଉ ହସଫୁଟିବାର ସୁଯୋଗ ଆସିଲା ନାହିଁ। ହାସ୍ୟରସର ଧାରା ଓଡ଼ିଆ ସାହିତ୍ୟରେ ଲୁପ୍ତ ପ୍ରାୟ ହେବାକୁ ବସିଲା ସେ ପ୍ରାଣ ଧାରାକୁ ପୁଣି ପ୍ରବାହମାନା ସ୍ରୋତ-ସ୍ୱିନୀରେ ପରିଣତ କଲେ ଏ ଯୁଗର ଯଦୁମଣି ରହସ୍ୟର ଶିଳ୍ପୀ କାନ୍ତକବି। ବ୍ୟଙ୍ଗ କବିତା, ଗୀତ, ଗଳ୍ପ, ରହସ୍ୟମୟ କାହାଣୀ, ଭଜନ, ସଙ୍ଗୀତ, ଶିଶୁକବିତା ଇତ୍ୟାଦି ଅସଂଖ୍ୟ ରଚନା ମଧ୍ୟରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇ ଉଠିଛି। କାନ୍ତକବିଙ୍କର ବହୁ କବିତା ଓଡ଼ିଆର ଘରପଲ୍ଲୀରେ ଏତେ ଲୋକପ୍ରିୟ ଯେ ତାହା ପ୍ରତିମୁଖରେ ମୁଖରିତ ହୋଇଥାଏ। ଅଥଚ କାନ୍ତକବି ଲକ୍ଷ୍ମୀକାନ୍ତ ଯେ ଏଭଳି ମନଫୁଲା-ଣିଆ କରି ସେମାନଙ୍କୁ ମଜାଇ ରଖିଛନ୍ତି, ଏକଥା କେହି ଜାଣନ୍ତିନାହିଁ କହିଲେ ଚଳେ "ଦେମୋତେ ନାଇଆ କରି" ମୁଁ ପିଲାଟିଦିନରୁ ଗାଇ-ଗାଇ ନାଚି ଖେଳିଚି, ବହୁ ମୁଖରୁ ଶୁଣି ଆନନ୍ଦପାଇଚି। ମାତ୍ର ସେଇ କବିତାର ଅମର କବିଙ୍କୁ ଜାଣିନଥିଲି। 'ଜୀବନ-ସଙ୍ଗୀତ' ର "ସବୁଥିରୁ ବଞ୍ଚିତ କରି" 'ଭଙ୍ଗା ମୋର ଡଙ୍ଗା ଖଣ୍ଡିକ', 'ଆସ ପ୍ରିୟତମ ମରଣ ମୋହର" ପ୍ରଭୃତି ବହୁ କବିତା କେତେ ବୃଦ୍ଧଙ୍କୁ ପାଗଳ କରିଛି ତନ୍ମୟରେ ଭଜିବାର ଦେଖିଛି। ସେମା-ନଙ୍କୁ ମନବୋଧ ଚଉତିଶା ପରି ଏ ସବୁ କବିତା ଏବିଂଶ ଶତାବ୍ଦୀର ପଞ୍ଜିକା ପ୍ରଚୁରିତ ଯୁଗରେ ମଧ୍ୟ ଏତେ ଜନପ୍ରିୟ ଏବଂ ଏତେ ବହୁଳଭାବରେ ଗଣର ସମ୍ପତ୍ତି ହୋଇ ଥିଲେହେଁ ସେମାନେ ହୁଏତ କବିତାର ସ୍ରଷ୍ଟାଙ୍କୁ ଚିହ୍ନିବାର ଅବକାଶ ନାହିଁ।

ସେ ଯାହା ହେଉ, କାନ୍ତକବିଙ୍କର ଜୀବନ ଦର୍ଶନ ଖୋଜି ପାଇବା ପାଇଁ "ଜୀବନ-ସଙ୍ଗୀତ" ର କବିତା ଗୁଡିକ ଯେପରି ଅଧିକ ରୂପାୟିତ ହୋଇ ଉଠିଛି ! ନିଜର ଜୀବନର ନାନା ଅନୁଭୂତି-ବିହ୍ୱଳ ଅଭିବ୍ୟକ୍ତି ଯେ ସାମାନ୍ୟ କେତୋଟଗୋଟି କବିତାରେ ଫୁଟିଉଠିଲେହେଁ ଏକଥା ସ୍ୱୀକାର କରିବାକୁ ହେବ ଯେ କାନ୍ତ-କବିଙ୍କ "ଜୀବନ-ସଙ୍ଗୀତ" ଜୀବନର ସଙ୍ଗୀତକୁ ସଙ୍ଗୀତ କରିବାରେ ସର୍ବାଙ୍ଗୀଣ ସମର୍ଥ ହୋଇଛି।

ସାହିତ୍ୟ ଯଦିଓ ଜୀବନର ସମାଲୋଚନା ବୋଲି ପ୍ରତିପାଦିତ ହୋଇଛି, ତଥାପି ମନେ-ରଖିବାକୁ ହେବ ଯେ ଏହା ଜୀବନର ପ୍ରକୃତ ପ୍ରତିନିଧିତ୍ୱ କରେ ନାହିଁ। ମନୁଷ୍ୟ ନିଜେହିଁ ନିଜର ପ୍ରତିନିଧି ହୋଇପାରେ। ତେବେ ରଚନାର ସେହି କ୍ଷୀଣ ପରିସର ମଧ୍ୟରେ ଆମେ ଦେଖୁ କାନ୍ତକବି "ସଂସାର ନଗର ସଂସାର କାରାରେ" ନିଜକୁ ତିଳ ତିଳ କରି ଇନ୍ଧନ ଯୋଗାଇଛନ୍ତି। ତାରି ମଧ୍ୟରେ ଦଳିତକଣ୍ଟି ପେଷି ହୋଇ ଯାଇଛନ୍ତି। ଆଶା ଆକାଂକ୍ଷ, ହତାଶ, ଗ୍ଳାନି ମଧ୍ୟରେ ଗଭୀର ନୈ-ରାଶ୍ୟବାଦୀ ହୋଇ ପଡ଼ିଥିଲେ ହେଁ କେଉଁ ଅରୂପ ଦେବତାର ମୋହନ ଆକର୍ଷଣ ତାଙ୍କୁ ଏ ସବୁ ମଧ୍ୟରେ ବିଚଳିତ କରି ପାରିନି। ସେ ପ୍ରଭୁପଦରେ ସେଇ ପରମପଦରେ ନିଜକୁ ହଜାଇ ଦେଇ ଛନ୍ତି। ଜୀବନର ସମସ୍ତ ହତାଦର ଦୁଃଖ, ଦୁର୍ଦ୍ଦଶା ମଧ୍ୟରେ ସେ ସେହି ପରମଶକ୍ତି ନିକଟରେ କେତେ ମାନ ଅପମାନ, ଅଭିମାନ କରିଛନ୍ତି, ନିଜର କର୍ତ୍ତବ୍ୟ ପଥରୁ ଟଳି ନଯିବା ପାଇଁ ସେ ବଦ୍ଧ ପରିକର ହୋଇଛନ୍ତି। ଗଭୀର ଅଦ୍ୱୈତବାଦରେ ମୁଗ୍ଧ ହୋଇ ସେ ପରମ ଶକ୍ତି ଏବଂ ନିଜ ଭିତରେ କୌଣସି ପାର୍ଥକ୍ୟ

---

(କାଳ୍ପାଣୀ ୧୧ ପୃଷ୍ଠା ପରରୁ)

ଯୁଗଳର ପଥ୍ୟ ହେଲା ସାବିତ୍ରୀ ବ୍ରତର ଭୋଗ।

ଜର ଆଗକତରେ ଯୁଗଳ ଛଟପିଟି ହେଲା। ପାଣି ଲାଗି ଚିତ୍କାର କଲା। କିନ୍ତୁ କେହି ଶୁଣିଲେ ନାହିଁ। ସ୍ତ୍ରୀ ମଣ୍ଡପକୁ ଚାଲି ଯାଇ ଥିଲେ ଗୀତ ଶୁଣିବାକୁ। ବୃନ୍ଦ କଟରେ ବସି କରି କେତେ ବେଳେ ଶୋଇ ଯାଇଥିଲା।

ଜର ବଢ଼ିଲା। ତବାତି ଖଇ ଫୁଟିଲା। ଚେତା ଚଇତନ ରହିଲା ନାହିଁ।

ରାତି ଅଧରୁ ସ୍ତ୍ରୀ ଫେରିଲେ।

ସେତେବେଳକୁ ଯୁଗଳ ଶୋଇ ଯାଇ ଥାଏ।

ପଥ୍ୟ ନାହିଁ। ଔଷଧ ନାହିଁ। ଜର ଘଡ଼ିକଘଡ଼ି ବଢି ଚାଲିଲା। ଅବହେଳାରେ ଅନାଦରରେ ଏଠ ଗୋଟିଏ ମହାଜୀବ ମରଣ ଓ ଜୀବନର ଚକ ଭିତରେ ପେଷି ହୋଇ ଗଲା।

ସମସ୍ତ ଚେଷ୍ଟା ପଣ୍ଡ ହେଲା।

ସାବିତ୍ରୀ ବ୍ରତର ସାର୍ଥକତାକୁ ଅମାନ୍ୟ କରି; ସ୍ତ୍ରୀଙ୍କର ଭବିଷ୍ୟତ ବ୍ରତ ପାଳନ ଲାଗି ଚିନ୍ତା ନ ରଖି; ଅତିବ ଅନଟନକୁ ଫାଙ୍କି ଦେଇ ସମସ୍ତଙ୍କ ଅଜ୍ଞାତରେ ଅପଲକରେ ପଡ଼ି ଯୁଗଳ ଚାଲିଗଲା।

ତାର ଚାଲି ଯିବାର କଥା ଥିଲା ବୋଲି।

Digitized by srujanika@gmail.com

ଦେଖି ପାର ନାହାନ୍ତି ଏବଂ ଅନିର୍ବଚନୀୟ ଭାବରେ ସେଇ ପରମପଦାଦରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଛନ୍ତି । ତାଙ୍କର କବିତାର ଛନ୍ଦେ ଛନ୍ଦେ ଜୀବନର ଏହି ନିଖୁଣ ଅଭିବ୍ୟକ୍ତି ଅତି ଜୀବନ୍ତ ହୋଇ ଉଠିଛି ।

କାଚ୍ୟୁତର ଧର୍ଷିତ ବକ୍ଷରେ ସିବାର ଶକ୍ତି ତାହାର ନାହିଁ । ଯୁଗ ଗୌରବ ବରେଣ୍ୟ ଚାନ୍ଦକବିଙ୍କୁ ଅଙ୍ଗୀକାର ଗଢ଼ି ବିଧାତାର ଯେଉଁ ଆଶୀର୍ବାଦ ପୂରଣ ହୋଇଛି ତାହା ତାଙ୍କର ଜନ୍ମ । ପୁଣି ତାହାର ମଧ୍ୟରେ ସଂସାର ତୀବ୍ର ଝଡ଼ ଝଞ୍ଜା, କପଣ ମଧ୍ୟରେ ସେ ପେଷି ହୋଇ ଯାଇଛନ୍ତି । "ତୁମେ ଯଦି ମଙ୍ଗଳ ଆଳୟ" କବିତାରେ ଏହିଭଳି ପ୍ରାଞ୍ଜଳ ଦେଖାପାଇ କରିଛନ୍ତି । ତେଣୁ ଗଦ୍ୟର ଅଭିମାନ କରି କହିଛନ୍ତି—

"ସବୁଥିବୁ ବଞ୍ଚିତ କରି
ଯେଉଁ ଯଣବାନା ଉଡ଼ାଇବ ହେ
ଧନ୍ୟ ଦେଇଥିଲ ସବୁତ ନେଲଣି
ଆଉ ଏବେ କିସ ଛଡ଼ାଇବ ହେ ।

ପୁଣି ପ୍ରାଣର ସେହି ଅତୁଳ ନିବେଦନ ମଧ୍ୟରେ ଜଣାଣ କରିଛନ୍ତି—

"ଏତେଦିବସ ଦୁଃଖପଦ ଅନ୍ଧାକାର
ଭରମ ଫାସ ନ ତୁଟିଲା ମୋହର ।"

ଜୀବନ ଯେ ଏତେ ଦୁର୍ବିନ୍ଧ ହୋଇ ମଧ୍ୟ ସେ ବିଶ୍ୱାସ କରି ପାରି ନାହାନ୍ତି । ମଙ୍ଗଳମୟ ପ୍ରଭୁଙ୍କର ଇଚ୍ଛା ମଙ୍ଗଳ ମୟ ହେବ ନାହିଁ ସେ ପ୍ରତି ପଦରେ ଚିନ୍ତା କରିଛନ୍ତି ଜୀବନର ଏହି ଝଡ଼ ଝଞ୍ଜା ମଧ୍ୟରେ ସେ ଜ୍ଞାନ ଥିଲେ ପରି ଗଦ୍ୟର ନୈରାଶ୍ୟବାଦୀ ନ ହୋଇଥିବାରୁ ମଧୁକବିଙ୍କ ମତ "ମରଣ ଉପୁଛି ଅମୃତ ସୋପାନ" ମତ ସେ ମୃତ୍ୟୁରେ ମଧ୍ୟ ଅମୃତ ସନ୍ଧାନ ଦେଇଛନ୍ତି । ସେ "ଅଧ ପ୍ରିୟତମ ମରଣ ମୋହର" କବିତାରେ ଗାଇଛନ୍ତି—

"ଅସ ପ୍ରିୟତମ ମରଣ ମୋହର
ମୋହ ବ ନ ତୁଟାଇ
ଅଧ ଅଧ ମୋର ଅନ୍ତ ନୟନେ
ନୂତନ ଜଗତ ଫୁଟାଇ ।

× + ×

ଜର ଜର ମୋର କାନ୍ତର ଅନ୍ତରେ
ସ୍ୱଜନା-କାଠି ଛୁଇଁ ଦେଇ ଯାଅ ଥରେ
ନବୀନ ଜୀବନେ ନବ ବସନ୍ତର
ନବ ସଙ୍ଗୀତ ଉଠାଇ ।"

କବିଗୁରୁ ରବୀନ୍ଦ୍ର ଏହି ଭାବରେ ମୁଗ୍ଧ ହୋଇ ତାଙ୍କର "ପୁରବୀ"ରେ ଗାଇଥିଲେ—

"ସେଇ ବିଶ୍ୱେର ଲୋକେ
ଯେଥା ସୁଗମ୍ଭୀର ବାଜେ
ଅନ୍ତରେର ବୀଣା ତାର
ଶବ୍ଦହୀନ ସଙ୍ଗୀତ ଧାରାୟ
ଛୁଟେଛେ ମୃତ୍ୟୁର ବନ୍ୟା
ଗ୍ରହେ ସୂର୍ଯ୍ୟେ ତାରାୟ ତାରାୟ ।"

'ମରଣ' ମଧ୍ୟରେ ଏଭଳି ଅମୃତର ସନ୍ଧାନ ଦେବା ସାହିତ୍ୟରେ ପଠାନ୍ତର ନାହିଁ । ସେକ୍ସପିୟରଙ୍କ ପରି ଜଗତର ବହୁ ବିଖ୍ୟାତ ମନୀଷି ମୃତ୍ୟୁ ମଧ୍ୟରେ ମଙ୍ଗଳର ନିର୍ଦ୍ଦେଶ ଦେଖି ପାରି ନାହାନ୍ତି । ବରଂ ତାହା କୁତ୍ସିତ କଦାକାର, ଅମ୍ଳ ହଣୀୟ ଭାବେ ପ୍ରତିଭାତ ହୋଇଛି ।

ଜୀବନ ସଂଘର୍ଷ ଯେତିକି ଯେତିକି ବଢ଼ି ଉଠିଛି କବି ସେ ସବୁକୁ ପ୍ରତି ପଦକ୍ଷେପରେ ଆନନ୍ଦରେ ମୁଣ୍ଡେଇ ନେଇ ତାହା ଭଗବାନଙ୍କର ଆଶୀର୍ବାଦ ବୋଲି ଗ୍ରହଣ କରିଛନ୍ତି ଏବଂ ବିନୀତ ଭାବରେ ପଚାରିଛନ୍ତି—"ଆଉ ଜଞ୍ଜାଳ କାହିଁକି—ମନକାମନା ମେଣ୍ଟିଲା ନାହିଁ କି ?" ଏବଂ ପରେ ଗଦ୍ୟର ଜଣ୍ଠାମଧ୍ୟରେ ସେହି ସଂଘର୍ଷ ଏବଂ କଠୋର ଜୀବନ ପରୀକ୍ଷା ମଧ୍ୟରେ ବିଚଳିତ ନହୋଇ ସେ ଘୋଷଣା କରିଛନ୍ତି ତାଙ୍କର ଜୀବନ ଲକ୍ଷ୍ୟରୁ କେବେ ହେଲେ ବିଚ୍ୟୁତ ହେବେ ନାହିଁ । ତେଣୁ—

"ରଖିଲେ ବା ରଖ, ନ ରଖିଲେ ନାହିଁ
ନାହିଁ ତ ବଦନା ଥିଲେ ତାହା ପାଇଁ—
ଛାଡ଼ିବି କି ସତେ ଛଡ଼ାଇଲେ ଯେତେ
ପଦାତଳେ ଲୋଟି ମରିବ ହେ ।

କାରଣ ସେ ନିଜ ମଧ୍ୟରେ ଭଗବାନଙ୍କୁ ଉପଲବ୍ଧି କରିଛନ୍ତି । ତାଙ୍କର ବିଶ୍ୱାସ ହୋଇଛି ଯେ ମଣିଷର ଅଭାବ ଅସୁବିଧା ଦୁଃଖ ଦୈନ୍ୟ ମଧ୍ୟରେ କେବଳ ସେହି ପରମ ଶକ୍ତିଙ୍କର ପ୍ରଚ୍ଛନ୍ନ ହସ୍ତ ରହିଛି । ବିଶେଷତଃ ମଣିଷ ଯେଉଁଭଳି ସଂସାରର ମୋହ ଜାଲରେ ପଡ଼ି ସମସ୍ତ ଦ୍ରବ୍ୟକୁ ମୋର ବୋଲି କହି ଦାରୁଣ ଦୁର୍ବିପାକ ମଧ୍ୟରେ ଗତି କରେ, ସେ କଥା ସେ ଚେତେଇ ଦେଇ କି ପ୍ରାଣ ସ୍ପର୍ଶୀ ବେଦନା ମଧ୍ୟରେ ଗାଇଛନ୍ତି—

"ମୋର ମୋର ବୋଲି
ଏ ବୁଦ୍ଧି ଅଟେ ମଳି
ସବୁ ତୋହର······ସବୁ ତୋହର ।"

କବି ଗଙ୍ଗାଧର ଏହି ଭାବରେ ଉଦ୍‌ବୁଦ୍ଧ ହୋଇ ତାଙ୍କର ବିଖ୍ୟାତ 'ଭକ୍ତି' କବିତାରେ ଲେଖିଥିଲେ—

"କେ ଦେଇ ପୂଜିବ ଯାହା ମୁଁ ଦେଖୁଛି
ସବୁ ତୁମ୍ଭର ପ୍ରସାଦ
ଯାହା ପରସାଦ ତାଙ୍କୁ ଅରପିଲେ
ହେବ କି ନା ଅପରାଧ ।"

କବି ବିଶ୍ୱର ଶିକ୍ଷକ । ତାଙ୍କର ଜୀବନ ଦର୍ଶନ ମଧ୍ୟରେ ଏକର ଅନୁଭୂତି ଅନେକରେ ପରିଣତ ହୋଇଯାଏ । ତା ମଧ୍ୟରେ କ୍ଷୁଦ୍ର ସଂକୀର୍ଣ୍ଣ ମାନସିକ ପରିସର କେବଳ ଉନ୍ମୁକ୍ତ, ବିସ୍ତାରିତ ହୁଏ ନାହିଁ, ସମ୍ପନ୍ନ ମଧ୍ୟ ହୁଏ । କବିର ଆବେଗ ପ୍ରତି ହୃଦୟରେ ମୂର୍ଚ୍ଛନା ତୋଳେ । ଜୀବନର ସ୍ୱାଦ ସେ ପାଏ କବିର ଦର୍ଶନ ମଧ୍ୟରେ । ସେହିଠାରେ କବି ହୁଏ ଦ୍ରଷ୍ଟା, ସେ ଆଗାମୀ ଯୁଗର ବାର୍ତ୍ତାବହ ହୋଇ ଉଠେ ।

ବିଖ୍ୟାତ ହିନ୍ଦୀ ସାହିତ୍ୟର ଅନ୍ୟତମ ବରେଣ୍ୟ କବିଙ୍କ ଭାଷାରେ

"ମାନବ ଜୀବନ ବେଦୀପର
ପରିଣୟ ହୋ ବିରହ ମିଳନକା
ସୁଖ ଦୁଃଖ ଦୋନେ ନାଚେଙ୍ଗେ
ହେ ଆଁଖ୍ ଖେଲକା ମନକା ।"

[ଜୟଶଙ୍କର ପ୍ରସାଦ]

ଅର୍ଥାତ ଦୁନିଆରେ ସୁଖ ଦୁଃଖ ଲାଗି ରହିଛି । ଏକଥା ମଣିଷ ଜାଣି ମଧ୍ୟ ବିଚଳିତ ହୁଏ । ଜୀବନକୁ ସୁନିୟନ୍ତ୍ରଣ କରିପାରେ ନାହିଁ । କାନ୍ତକବି ଏହି ମହାସତ୍ୟ ଉପଲବ୍ଧି କରିଛନ୍ତି ।



Digitized by srujanika@gmail.com



## ବିପ୍ଳବୀ ହରିନାଥ

ଲେ—ରାମଚନ୍ଦ୍ର ପାଢୀ

ମଟଡ ଅବ ଲ୍ୟରୁ ଯେଉଁ ଲୁଦ୍ରା ସ୍ଥି ଟେପିଥିଲି ସେହି ଟମଶମା କହିବା 'ସତକଥା' ଆଜି ମୋର ନାଗ ବନ୍ଧୁ ମାନଙ୍କୁ ଲେଖି ଜଣାଉଛି ।

୨୨ ବର୍ଷ ତଳର କଥା । ହରିନାଥ ଯୁବକ, ପଲ୍ଲୀ ଭିତରେ ଭ୍ରମଣ କରୁଥାନ୍ତି । ...ଏହି ଅତ୍ୟାଚାର ମୂଳକ, ଝାଡ଼ଖଣ୍ଡ (ଜୟପୁର ସମସ୍ଥାନ)ର ପରିଚାଳନା ସେତେବେଳେ ଏତେ ଘୋରଥିଲା ଯେ, ସ୍ୱାଧୀନ ଚେତା ହରିନାଥ ମନରେ କ୍ରୁରଫଣା ଭାବନା ଉଠିଥାଏ, ଅଥଚ ସରଳ କଣ୍ଠ ହସି ହସି ତା'ର ଲହ ଢ଼ାଳୁଛି, ତା'ର ଉଦ୍ଗାରୁ ସୁରଭିତ କାହାଳୀ ପିତା କୁଶଳରେ ଥିଲେ ହେଲା । ଏଠାରେ ପ୍ରତ୍ୟେକ ଠାଣା ପିର୍ଜନ ( ସମସ୍ଥାନ ପାଇକ ) ଜଣେ ଜଣେ ବାବୁ । ସେମାନଙ୍କ ବାଡ଼େଇ ପିଟ ବେଠୀ, ବେଗାରୀ କରାଇ ସର୍ବବିଧ ପ୍ରକାରେ ଲୁଣ୍ଠି ନେବା ସାଧାରଣ କଥା । ତାଙ୍କ ଛଡ଼ାତ ଆହୁରି ଅନେକ 'ବଡ଼ବାବୁ' ଥିଲେ । ଅମିନ, ଇନସ୍‌ପେକ୍ଟର ଗୁମାସ୍ତା ବାବୁ କେତେ କ'ଣ । ଏମାନଙ୍କର ସେବା ପୂଜାରେ ଲୁଟି ହେବା ଅର୍ଥ କହି ପଲ୍ଲୀ ସମୂଳେ ଧ୍ୱଂସପ୍ରାପ୍ତ ହେବା । ଏହିପରି ଶୋଷଣ ବାତାବରଣ ମଧ୍ୟରେ ହରିନାଥଙ୍କର ଅବଗ୍ରହ ହେଲା । ଉଦ୍ଦେଶ୍ୟ— ସହସ୍ରଙ୍କର କୃପାପାତ୍ର, ପ୍ରତ୍ୟେକ ବ୍ୟକ୍ତି ଦୁଃଖ ମୁଠିଏ ଦେଇ ଝପଟ ସହାନୁଭୂତି ସୂଚକ କଥା କହିବା ଏ ମୂଳକର ମାମୁଲି କଥା । ହରିନାଥ ଭିକ୍ଷା କରି ବୁଲି ବୁଲି ସରଳ ପ୍ରଜାଙ୍କର ଉଦ୍ବେଗତ କଥା କଳନା କରନ୍ତି—ଅଧିକାର ମାନବର ଜନ୍ମଗତ ଅଧିକାର ପାଇବାରେ ଏମାନଙ୍କଠାରେ ଏ ଘୋର ପ୍ରତିବନ୍ଧକ ଅଛି— ଅଜ୍ଞତା । 'ମହି ମେଣ୍ଟା ପଲରେ ପଶି ମେଣ୍ଟା ଭଳି' ଏମାନେ ନିଜର ଅମୃତତ୍ତ୍ୱ ଚଳନ୍ତି ନାହିଁ । ନାଏହି ପ୍ରଜା କିନ୍ତୁ ଗୃହହୀନା, ବଣର ଶଳପ ଚୂନା, ଠାକୁରୂନା, ମହୁଲ ରସ, ବରଡ଼ାଲଗ ଯଥେଷ୍ଟ । ପବିତ୍ରମାର୍ଜିତ ଧାନ, ମାଣ୍ଡିଆ, ଘିଅ କାହଲି, ମରିଚ, କାଙ୍ଗୁ ଇତ୍ୟାଦି ତା' ପାଇଁ ନୁହେ—ମା' -ଦେଶାରଢ ଲୁଟି କ୍ୟାଞ୍ଚା ଓ 'ଜୟପୁର ସମସ୍ଥାନ'ର ବାବୁ ମାନଙ୍କ ପାଇଁ । ଏମାନଙ୍କୁ 'ଗଡ଼ମ' ଲଗାଣ ଗୃହ -ଠାକୁରିଏ ନେଇ କଣ ଜୀବନଯାପକ ତା'ର ପରିଶ୍ରମାର୍ଜିତ ଶସ୍ୟ ଦେଇ ଦେଇ ମଧ୍ୟ ଶୁଝି ପାରେ ନାହିଁ । ସେ ସବୁର ମୂକ ସାକ୍ଷୀ ଏ ଅଞ୍ଚଳର ଦେବାଦ୍ରିଙ୍କର ଅଟ୍ଟାଳିକା ଶ୍ରେଣୀ । ଅଦାୟର ଗଡ ଟିକେ ଢିଲା ହେଲେ ଘରି ଯାଇ ଖରଚ ଘେନି ଧମକ ଦେଇ ଅସିବ ।

ଅନାର୍ଯ୍ୟ—ସେ ଆଇନ କାନୁନ ଜାଣେନା, ବାବୁଙ୍କ କଲମ ଯାହା ଲେଖିଲା ସେ ତାରୁ ଧରିନେଲା—ସତ । 'ଧରମ ଅଛି' 'ମହେନମହାପୁରୁ ସେ ଉଣାକରିବ' ଏହିକଥା । ସେ.ଟି ରହିବାପୁ ଅରମ୍ଭକରି ବେଠୀ ଖଟିବା ଯାଏଁ ଯେପରି ଏମାନେ ମା' ପେଟରୁ ନେଇ ଅସିଛନ୍ତି । ସ୍ୱାଧୀନ କଣ୍ଠ ଜାଣେ ସମସ୍ତଙ୍କର ବେଠିଅ ହାତରୁ ଖାଉ ପରବାନା କରିବା ପାଇଁ ଏମାନେ ସୁ ଅଭ୍ୟସ୍ତ ।

ଶୁଣିଛି । ଏମାନେ ଏତେ ସରଳ ବିଶ୍ୱାସୀ ଓ ଶାନ୍ତ ପ୍ରିୟ । ଏମାନଙ୍କ ଭିତରେ ବିପ୍ଳବୀ ମନୋଭାବ କିପରି ଅସିବ ହରିନାଥଙ୍କ ଏହାହିଁ ପ୍ରଧାନ ଚିନ୍ତା । ଭିକ ମାଗି ଯାଉ ଯାଉ ଏହି ସମସ୍ୟାର ସମାଧାନ ଖୋଜନ୍ତି । : ଅକସ୍ମାତ । କିଛି ଦିନ ପରେ ...ଶୁଣାଗଲା, "ହରି ମହାପ୍ରଭୁ ' ସିଏ ଯାହା ଲୋଡ଼ିବ ତାକୁ ତାହା ଦେଉଛନ୍ତି" ଏକଥା ଦେଶୀୟ ଗାଁ ମାନଙ୍କରେ ବିଜୁଳି ବେଗରେ ଖେଳିଗଲା । ଚୁଟିଲି, ଜନତାର ସ୍ରୁଅ, ହରି ମହାପ୍ରଭୁଙ୍କ ପାଦ ତଳରୁ, ଇପ୍ସିତ ବର ପାଇବା ସଙ୍ଗେ ସଙ୍ଗେ ବିପ୍ଳବର ବୀଜ ଜନତା ହୃଦୟରେ ପୋତି ଯେରନ୍ତି, ଶୋଷକଙ୍କର ଥରେ କିମ୍ବା ମନ୍ଦିକୁଣା ହେବା ଦେଖି ସେମାନଙ୍କର ପ୍ରାଣ ... ହେଲା, ପଥ ପରିଷ୍କାର କରିବା ... ... , ଜୟପୁର ସମସ୍ଥାନାଧୀଶ୍ୱର ସ୍ୱଦଳଙ୍କୁ ଏହି କାର୍ଯ୍ୟରେ ଶୀଘ୍ର ଗବନ୍ମେ ଅଗ୍ରସର ହେବାକୁ ଆଦେଶ କଲେ । ସେଥିରେ ... ଯୋଗାଇଲେ ମହାପ୍ରତାପୀ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟ ବାହାଦୁର । ଜଣେ ସରଳ ପ୍ରାଣ ମହାପୁରୁଷଙ୍କୁ ଧରିବା ପାଇଁ ଅଜସ୍ର ସିପାହି ବାହିନୀ ଓ ପୁଲିସ୍ ବାହିନୀ ନିଯୁକ୍ତ କରାଗଲା ଅବଶେଷରେ ନାରାୟଣ ପାଟଣା ଥାନା ଅଫିସ ସିପାହି ୫ ଜଣ ଅଗଧି ରଜତ ପ୍ରବନ୍ଧ ଗେଟିଏ ଫର୍ଦ୍ଦରେ ହରି ମହାପ୍ରଭୁଙ୍କୁ ଦଉଡ଼ି ଖଟ ଉପରେ ବସି ମଦା ଘୋଡ଼ା ଖାଉ — ଥିବା ଅବସ୍ଥାରେ ଧରି କୌଣସି ଏକ ଛିଣ୍ଡା ଯୋଡ଼ାରେ ବିବଧ ମାଡ଼ ମରି ପ୍ରାୟ ଅର୍ଦ୍ଧମୃତ କରି ପୋଲିସ୍ ହାତରେ ସମର୍ପଣ କରିଥିଲେ — ଫଳରେ ସିପାହୀ ମାନେ ମହାରାଜାଙ୍କ ପକ୍ଷରୁ ସ୍ୱର୍ଣ୍ଣ କଙ୍କଣ ପୁରସ୍କାର ପାଇଲେ ଓ ଜଣ ହେଡ଼୍‌ସିପାହାର ପୁରସ୍କାର ସ୍ୱରୂପ ହରିନାଥ ପାଇଲେ ଯାବଜ୍ଜୀବନ ଦ୍ୱୀପାନ୍ତରଦଣ୍ଡ । 'ଆମର ରକ୍ଷକ ରାଜା, ଭକ୍ଷକ ନୁହେ । ଆମେ ନ୍ୟାଯ୍ୟ-ସଙ୍ଗତ କର ରାଜାଙ୍କୁ ଦେବା ଅନ୍ୟାୟ ବେଠି ଲଗାଣ ଗଡ଼ମ ଖଟିବା ନାହିଁ । ସବୁ ଅଫିସର ଆମର ସେବକ ତାଙ୍କୁ ଅନ୍ୟାୟ କରିବାକୁ ପ୍ରଶ୍ରୟ ଦେବାନା, ବରଂ ତାଙ୍କୁ ସାହାଯ୍ୟ କରିବା । ମୁଖ୍ୟତଃ ଆମ ଭିତରେ ପରସ୍ପର ସହଯୋଗିତା ରଖି ନିଜ ଭିତରେ କଳି ଗୋଳ ନକରି ମିଶାଇ ସ୍ନେହ ସୌହାର୍ଦ୍ଦ୍ୟ ବଢ଼ାଇବା । ପୂର୍ଣ୍ଣଭାବେ ଆମେ ଆତ୍ମ ନିର୍ଭର-ଶୀଳ ହେବା ' ଏହାହିଁ ହରିନାଥଙ୍କ ବାଣୀ । ଏ ଅତ୍ୟାଚାର ମୂଳକରେ ଆଜି ଯାଏଁ ଜନର ଅଭ ଜିତି ନାହିଁ । ହରି ମହାପ୍ରଭୁଙ୍କ ସ୍ମୃତି ଜାଗରୁକ ରଖିବା ଉତ୍କଳୀ ବନ୍ଧୁଏ କରି ଦକ୍ଷିଣ ଉତ୍କଳୀଙ୍କ ଅତି ଆବଶ୍ୟକ ତାଙ୍କର ଭାବଧାରା ପ୍ରବାହିତ କଲେ ହିଁ ପ୍ରକୃତିରେ ତାଙ୍କର ସ୍ମୃତି ରକ୍ଷା ହୋଇ ପାରେ ଶୁଣାଯାଏ ତାଙ୍କୁ ପଗ୍ଲା କରି ... ।



Digitized by srujanika@gmail.com

## "କୋହିନୂର ଗଲା ଚାଲି"

ରଚନା—ତ୍ରିବିକ୍ରମନାଥ ମିଶ୍ର

ରକ୍ତ ପିଆସୀ ଯବନ ସେନାଙ୍କ
ପୂର୍ଣ୍ଣ ହୋଇଲାଣି ଶେଷ,
ଅପୂର୍ଣ୍ଣ କେବଳ ନାଦୀର ଶାହର
କୋହିନୂର ନେବା ଆଶ ।
ସୈନ୍ୟଙ୍କୁ ରାଜା ବୋଇଲେ ସହସା
"ହେ ଶ, ଲୁଣ୍ଠନ ଥାଉ,
"ଶାନ୍ତ ଅଟର ଶାନ୍ତ ପବନେ
ନକର କ୍ରୂରତା ଆଉ ।
"ସମ୍ମୁଖରେ ଦିଲ୍ଲୀଶ୍ୱରଠୁଁ
'କୋହିନୂର' ନେବି ଛାଣି,
"ଦେଖିବ ସର୍ବେ ବସିଛି ପରା
ବନ୍ଦେ କର ହଣା ହଣି ।"
ଭାରତର ସେହି ହୀରା 'କୋହିନୂର'
ଏଇ ଦୁନିଆ ଭିତର,
ଅମୂଲ୍ୟ ମଣି, ମୂଲ୍ୟ ତା ନାହିଁ,
ଯେଣୁ ସମ୍ପଦ ସାର ।
ବାଦଶାହାଙ୍କର ପଗଡ଼ିରେ ତେଣୁ
ଥୁଇଲେ ତା ଦବା ଗନ୍ତି,
ଚତୁରୀ ବୁଝିଲ ଦିଲ୍ଲୀଶ୍ୱରଙ୍କ
ବଡ଼ାଏ ପଗଡ଼ି ଜୋଗାନ୍ତି ।
ଇଚ୍ଛା ନାଦୀର ପଗଡ଼ି ବଦଳେ
ନେଇ ନେବ ସେହି ଧନ,
ପଗଡ଼ି ବଦଳ ଯବନ ଜାତିର
ବନ୍ଧୁ ମିତ୍ରତା ଚିହ୍ନ ।
ଦିଲ୍ଲୀ ଛାଡ଼ିବା ପୂର୍ବରୁ ତେଣୁ ସେ
ବାଦଶା-ଭବନେ ମିଳେ,
"ମିତ୍ରତା ଛଳେ ସ୍ୱମୁଖେ ବାଣୀ
ଫୁଟାଇ ବାଦଶା-ଛୁଟଲେ ।
*ମହମ୍ମଦ ଶାହା ଭୋଜନାରେ
ଛୁଟା ଅଭାଗ୍ୟର ରୀତି,
ଦୁର୍ବଳ ଯେତେ ମନ୍ତ୍ରୀ ଚାକିରି
ଦଳ-ମଧ୍ୟରେ ଥିବି ।
ବାଦଶା ଲଗନେ କହିଲେ ନାଦୀର,
"ସଖା! ଅନୁରୋଧ ମୋର,
ମିତ୍ରତା ଆମ ସ୍ମୃତି ରଖିବାକୁ
ପଗଡ଼ି ବଦଳ କର ।"
ଏହି ଅନୁପମ ଭୂଷଣ ଦିନ ରେ
ଶତ୍ରୁମାନଙ୍କୁ ସାଜେ,
ଶତ୍ରୁ ଭୂଷିଲେ ଦୁର୍ବଳ ମନେ
ଉଷିତେ ସିନା ତା ହଜେ ।
ଅବରେ ଏ ତେଣୁ ଦିଲ୍ଲୀ-ବାଦଶା
ସମ୍ମତି ଦେଲେ ଭାଳି,
ସୁନା ଭାରତର ଗଉରବ ସେହି
'କୋହିନୂର ଗଲା ଚାଲି ।'

*ନାଦିର ଶାହାଙ୍କ ଭାରତ ଆକ୍ରମଣ ସମୟରେ ଦିଲ୍ଲୀର ଥିବା ଭାରତର ନାମ ମାତ୍ର ସମ୍ରାଟ ମହମ୍ମଦ ଶାହା ।

## କୌତୁକ ଅଙ୍କ

ବର୍ଷର କୌଣସି ତାରିଖ କେଉଁ ବାରରେ ପଡ଼ିବ ଜାଣିବ କିପରି ?

ମନେକର ୫. ୪. ୧୯୫୦ କେଉଁ ବାରରେ ପଡ଼ିବ ତାହା ଜାଣିବାକୁ ହେବ ।

ସୂତ୍ର—

$$S = Y + D + \frac{Y-I}{4} - \frac{Y-I}{100} + \frac{Y-I}{400}$$

Y ହେଉଛି ବର୍ଷ, D ହେଉଛି, ସେହି ବର୍ଷର January ପହିଲାରୁ ଆରମ୍ଭ କରି ସେହି ତାରିଖ ଯାଏଁ ଗଣିଲେ ଯେତେ ଦିନ ହେବ—

ଉପର ଉଦାହରଣ ଦେଖାଯାଉ—

Y = ୧୯୫୦, D = January ୩୧
February ୨୮
March ୩୧
April ୫
୯୫

D = ୯୫

$$S = ୧୯୫୦ + ୯୫ + \frac{୧୯୫୦ - ୧}{୪} - \frac{୧୯୫୦ - ୧}{୧୦୦} + \frac{୧୯୫୦ - ୧}{୪୦୦} = ୧୯୫୦ + ୯୫ + ୪୮୭ - ୧୯ + ୪ = ୨୫୧୭$$

ଉପରୋକ୍ତ ଭାଗଫଳରେ ଭାଗଶେଷ ବାଦ ଦିଆଯିବ । ବର୍ତ୍ତମାନ S = ୨୫୧୭

ଏହାକୁ ୭ ରେ ଭାଗକର

ଭାଗଶେଷ ୦ ହେଲେ ଶନିବାର
" ୧ " ରବିବାର
" ୨ " ସୋମବାର
" ୩ " ମଙ୍ଗଳବାର
" ୪ " ବୁଧବାର
ଓ ସେହିପରି ୭ ଯାଏ ହେବ ।

ଅତଏବ ୨୫୧୭ ÷ ୭ = ୩୫୯ ଏବଂ ଭାଗଶେଷ ୪ ରହିଲା ।

ସୁତରାଂ ୫-୪-୧୯୫୦ ବୁଧବାର ଦିନ ପଡ଼ିବ ।

## ନାଗଙ୍କ ଉତ୍ତର

କୈଳାସଭାଇ ଜାଣିବ— ବର୍ତ୍ତମାନ ରୁଷ ଓ ଆମେରିକା ଲୋକେ ଦେଖି ଶକ୍ତିଶାଳୀ —ପୂର୍ଣ୍ଣେନ୍ଦୁ (୧୩୫୮) ନାରାୟଣ (୧୩୩୯)

ଶୁଭେନ୍ଦୁଭାଇ—ସତୀ ସାବିତ୍ରୀ ଓ ବେହୁଲା ସେମାନଙ୍କ ମୃତ ସ୍ୱାମୀଙ୍କ ଜୀବନ ଫେରାଇ ଆଣିଥିଲେ । —ପୂର୍ଣ୍ଣେନ୍ଦୁ (୧୩୯୧)

ଉପେନ୍ଦ୍ରଭାଇ— ବାଲ୍ମୀକିଙ୍କୁ ପୃଥିବୀର ଆଦିକବି କୁହନ୍ତି । ସେ ବାଣବିଦ୍ଧ କ୍ରୌଞ୍ଚ ଶବଦେହରେ କ୍ରୌଞ୍ଚୀର କ୍ରନ୍ଦନ ଦେଖି ଅଭିଭୂତ ହୋଇ ପ୍ରଥମ ଶ୍ଳୋକ ଲେଖିଥିଲେ । —ପୂର୍ଣ୍ଣେନ୍ଦୁ (୧୩୯୮) ନାରାୟଣ (୧୩୩୯)

ସୋମନାଥଭାଇ— ଭାରତୀୟ ପ୍ରଥମେ ଜ୍ୟାମିତି ବା ପରିମିତିଶାସ୍ତ୍ର ଉଦ୍ଭାବନ କରିଥିଲେ । ତାପରେ ପାରସ୍ୟର ପଣ୍ଡିତମାନେ ଏ ବିଷୟରେ ପାରଦର୍ଶିତା ଲାଭ କରିଥିଲେ । —ପୂର୍ଣ୍ଣେନ୍ଦୁ (୧୩୯୧)

ଶିଶିରଭାଇ—ଏହି ଗୋଟିଏ ଇଂରାଜୀ ବାକ୍ୟରେ A ଠାରୁ S ପର୍ଯ୍ୟନ୍ତ ବର୍ଣ୍ଣ ଅଛି The clever quick brown fox jumps on the lazy dog.—ନାରାୟଣ (୧୩୩୯)

## ନାଗଙ୍କ ପ୍ରଶ୍ନ

ଇଂଲଣ୍ଡରେ କେଉଁରାଜା ଅନେକ ସ୍ତ୍ରୀ ରଖିଥିଲେ —ପୂର୍ଣ୍ଣେନ୍ଦୁ (୧୯୧)

ପୃଥିବୀରେ କେତୋଟି ସାଧାରଣ ଭାଷା ଓ କେତୋଟି ରାଷ୍ଟ୍ରଭାଷା—ନାରାୟଣ (୧୩୩୯)

ମୋହନ (୨୭୮)ମହାଦେବଙ୍କର ଅର୍ଦ୍ଧନାରୀଶ୍ୱରବେଶ କାହିଁକି ?

କୈଳାସ(୧୩୩୯) ରୁଷ ଓ ଆମେରିକା ମଧ୍ୟରେ ଯୁଦ୍ଧ ଲାଗିବାର ସମ୍ଭାବନାର କାରଣ କଣ?

## ୪୮ ଅବସର ବିନୋଦନ ଉତ୍ତର

ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ବିଶ୍ୱନାଥ ଦାସ — ପୂର୍ଣ୍ଣେନ୍ଦୁ [୧୩୯୧]।

[କ] ଇଂରେଜୀରେ ଏପରି ଗୋଟିଏ ଶବ୍ଦ ଲେଖ ଯାହାର ଆଗ ଓ ପଛ ଅକ୍ଷର ଭିତରେ ଏକ MILE ବ୍ୟବଧାନ ।

(ଖ) 'କ' 'ଖ'ର ବାପ କିନ୍ତୁ 'ଖ' 'କ'ର ପୁଅ ନୁହେଁ— ଏହାର ତାତ୍ପର୍ଯ୍ୟ କଣ ?

(ଗ) ଚତୁର୍ଦ୍ଦିଗରୁ ତିନିଗୋଟି ଗଲା ବାକି (୩୨ଟି) ରହିଲା—ପ୍ରମାଣ କର

### ନୂଆନାଗଙ୍କ ନାମ

୧୩୭୦ । କୁମାରୀ ସୁରୁଲତା ମହାନ୍ତି C/o ଶ୍ରୀ ହରିବନ୍ଧୁ ମହାନ୍ତି ପିଟିନାସାହି କଟକ । ୧୩୭୨ । ଦାଶରଥି ସାମଲ, ମଲ୍ଲିକାପୁର ଜନାର୍ଦ୍ଦନ ପାଠାଗାର ପୋଃ ମଲ୍ଲିକାପୁର—ଜି କଟକ ।

### ନାଗବନ୍ଧୁ ଲୁପନ

ଅଜା, ମୁଁ ଜଣେ ନାଗ ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଊଣା । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚୂଡ଼ା ନିମନ୍ତେ ୦ ୵ ଡାକଟିକଟ ଦେଲି ।

ସ୍ନେହର
ଠିକଣା—ଶ୍ରୀ...

Digitized by srujanika@gmail.com

# ଚେଇଁସାକୁ ଚଇଁସା

ଲେ—ଚୁଟୁଗ୍ରୀଚନ୍ଦ୍ର

ଶ୍ରୀରାମଚନ୍ଦ୍ର ନାୟକ, ରାୟଗଡ଼ା

ପ୍ର—ସରକାରଙ୍କ ଖାଉଥିବା ହାତ ଯୁଦ୍ଧିଷ୍ଠ ହେଲେ ବାମହାତ କିଏ ?

ଉ—ସପ୍ଲାଇ ଟ୍ରାନ୍ସପୋର୍ଟ—ଡାହାଣହାତ ଯାହାକରେ ବାଁ ହାତ ତା ଜାଣେ ନାହିଁକି ବାଁହାତ ଯାହାକରେ ଡାହାଣହାତ ତା ଜାଣେ ନାହିଁ ।

ପ୍ର—କଂଗ୍ରେସ ନେତାଙ୍କ ସ୍ତ୍ରୀ ଓ ଅପଠିତା ନାରୀ ମଧ୍ୟରେ କାହାକୁ ବିଭାହେବା ଅଧିକ ପ୍ରଶଂସାର୍ହ ଓ ଲାଭଜନକ ?

ଉ—ଅପଠିତାଠାରୁ ଅପକୃତାର ବିବାହ ଅଧିକ ଲାଭଦାୟକ ।

ପ୍ର—ନାଥୁରାମ ଗଡ଼ସେ ନର୍କର କେଉଁ ସ୍ତରରେ ଅଛି ?

ଉ—ମନ୍ତ୍ରୀ ହେବାପାଇଁ ଯେଉଁଠି ସ୍ତରହୋଇ ଯିବାକୁ ହୁଏ—ତାର ଶେଷ ।

ପ୍ରେମଲତା ଭୂୟାଁ, ସାଲେପୁର

ପ୍ର—ମୁଁ କାହାକୁ ଭଲପାଇବି ?

ଉ—ଯାହାକୁ ତ ଆଖିରେ ଦେଖି ପାରି ନାହିଁ ।

ପ୍ର—ଆପଣଙ୍କ ବୟସ କେତେ ?

ଉ- ଯେତେ ଯେତେ ଉଣେଇଶ—ଆପଣ କେଉଁଠା ଶୁଣାନ୍ତି ?

ପ୍ର—ମୋର ପାଠ ପଢ଼ାରେ ମନଲାଗୁ ନାହିଁ ।

ଉ—ତମ ସାଙ୍ଗରେ ପଢ଼ୁଥିବା ପୁଅମାନଙ୍କ ମୁହଁରେ ଚୂନକାଳି ଲଗେଇ ଦିଅ, ମନଲାଗିବ ।

ଅନ୍ନଦା କୁମାରୀ ରାଉତରାୟ
କାଳିକା ପୁର — ପୁରୁଣା ହାଟ ଶାସନ

ପ୍ର— ସହଶିକ୍ଷାର ଉପକାର କଣ ?

ଉ— ପ୍ରେମଟା ଘସରା ହୋଇ ଗଲେ ପଢ଼ାରେ ମନ ଲାଗିବ ।

ପ୍ର — ଓଡ଼ିଆ ସଂପାଦକ ନିତ୍ୟାନନ୍ଦ ମହାପାତ୍ର ଓ କୁଙ୍କୁମ ସମ୍ପାଦକ ଦେବ ମହାପାତ୍ରଙ୍କ ସମ୍ପର୍କ କଣ ?

ଉ- ଉଭୟେ ବୃହତ(ବଡ଼) ଭାଣ୍ଡ (ପାତ୍ର)

ପ୍ର — ମୋର ରୋଗ ନାହିଁ — ଅଥଚ ମୁଁ ଚୂଡ଼ାରେ ପାଣି ପଡ଼ିଲା ପରି ଶୁଖୁଛି ?

ଉ — ବାଲୁଅ ପାଣି ପିଉଥିବ ।

ଯୋଗୀନ୍ଦ୍ର ପଟ୍ଟନାୟକ
ବାଲେଶ୍ୱର କଲେଜ

ପ୍ର—ହିନ୍ଦୁକୋଡ଼ ଆଇନ ପାସ ହେବାରେ କେତେ ଜଣ ନାରୀ ନେତ୍ରୀ ବିରୋଧ କରିଥିଲେ ଓ କାହିଁକି ?

ଉ—ଯେତେ ଜଣ ବୁଢ଼ୀ ଥିଲେ—କାରଣ ସହଜବୋଧ ।

ପ୍ର— ମହତାବ ଶାସନରେ ମୂଳଦୁଆ କେଉଁଠି ଥିଲା ?

ଉ—କାଳ ବହୁତ ଗହ୍ୱରରେ ଖୋଳା ହୋଇଛି—ନଦବାକୁ ଉପାଡ଼ିପାରି ନାହାନ୍ତି ।

ପ୍ର—ପ୍ରେମିକ ଯେତେବେଳେ ପ୍ରେମିକାକୁ ପଚାରେ 'ତମେ ମୋତେ କେତେ ଭଲ ପାଅ' ସେତେବେଳେ ପ୍ରେମିକା କି ଉତ୍ତର ଦେବ ?

ଉ— ଶୂନ୍ୟକୁ ଗୁହଁ ରହିବ—ଯାର ଅର୍ଥ—ଅସୀମ ଓ ଶୂନ୍ୟ ଉଭୟ ।

କୁମାରୀ ସୁମତି ଦେଈ, ଭଦ୍ରକ

ପ୍ର—ଆପଣ ଜାଣିଶୁଣି ବା ଭାବଚିନ୍ତି ମିଛ କହନ୍ତି କି ?

ଉ—ମୁଁ ସର୍ବଦା ସତ୍ୟ କହେଁ । ମିଛ କହିବାକୁ ହେଲେ ଭାବଚିନ୍ତି କହେଁ ।

ପ୍ର—କାଶ୍ମୀରର ଅବସାନର ହିସାବ କେବେ ପ୍ରକାଶ ପାଇବ ?

ଉ—ଭାରତ ମାତାର ଜ୍ୱଅଁ ସେକ ଅବଦୁଲ୍ଲା ଯେବେ ତାଙ୍କ କବଲକୁ ତାଲାକ ଦେବେ ।

ପ୍ର—ଆପଣ ଲୋଭ ସଂବରଣ କରନ୍ତି କିପରି ?

ଉ—ମୁଁ ତ ତାହା କରେ ନାହିଁ । କଲେ ମରିଯିବ ଯେ । ସେଥିପାଇଁ ସେ କାମଟା ମଲା ଦିନଠୁ ଆରମ୍ଭ କରିବ ।

ଶ୍ରୀମତୀ ସରସ୍ୱତୀ ଦେବୀ, ପୁରୀ

ପ୍ର—କବିମାନେ ନାରୀର ବଦନକୁ ଚନ୍ଦ୍ର ସହିତ ତୁଳନା କରନ୍ତି—ସୂର୍ଯ୍ୟ ସହିତ ବା କରନ୍ତି କାହିଁକି ?

ଉ—ପୁରୁଷ ସର୍ବଦା ଗୁହଁ ପାରିବେ ବୋଲି ।

ପ୍ର—ଆପଣ କେବେ ସ୍ୱୟମ୍ବରକୁ ଯାଇ ଛନ୍ତି ?

ଉ—ମୁଁ ସ୍ୱୟମ୍ବରକୁ ( ଶ୍ୱଶୁରାଳୟ ) କୁ ଥରେ ମାତ୍ର ଯାଇ ଫଳ ପାଇଛି ବିବାହରେ ସଂଗାତ ।

ପ୍ର—ଆପଣ ଓ ହରେକୃଷ୍ଣ ମହତାବଙ୍କ ଭିତରେ ସମ୍ବନ୍ଧ କିପରି ?

ଉ—ମୁଁ ପ୍ରତ୍ୟହ ୧୦୮ ଥର ସେ ନାମ ଜପ କରେ—ତ୍ରିସଂଧ୍ୟାରେ ।

ରାମଚନ୍ଦ୍ର ପଣ୍ଡା କେନ୍ଦୁଝର

ପ୍ର—ଚନ୍ଦନରେ ମଦନ ମୋହନ ଜଗନ୍ନାଥଙ୍କ ପ୍ରତିନିଧି ହେଲାପରି ଉତ୍କଳର ମହତାବଙ୍କ ଅମଳ ରାଜନୀତିରେ କେହି ଚଳନ୍ତି ପ୍ରତିମା ଥିଲେକି ?

ଉ—ମଦନ ମୋହନ ମଦନ ମୋହନ ! ସେପରି ହରେକୃଷ୍ଣ ସେ ନାମ ମଧ୍ୟ ଉଚ୍ଚାରଣ କରି ନାହାନ୍ତି ।

ପ୍ର— କେନ୍ଦୁଝରରେ ନିମ୍ନ ନିର୍ବାଚନ ପାଇଁ ମଦନ ମୋହନ ପଟ୍ଟନାୟକ ପ୍ରଚାର କରୁଛନ୍ତି କାହିଁକି ?

ଉ— କେନ୍ଦୁଝର ବାସୀଙ୍କର ମଦନ ହେଲେ ଚଳିଯିବ ବୋଲି ଜାଣି ।

ପ୍ର—ଯେଉଁ ନିତ୍ୟାନନ୍ଦ ବାବୁ ପ୍ରଧାନମନ୍ତ୍ରୀ ହେବେବୋଲି ଶୁଣା ଯାଉଥିଲା—ସେ ଡଗରର ସମ୍ପାଦକ ଏକ ନୂତନ କି ?

ଉ—ଉଭୟେ ପ୍ରଧାନମନ୍ତ୍ରୀ ନୁହନ୍ତି ?

ଶ୍ରୀସୀମାଚଳ ନନ୍ଦ . ଜୟପୁର

ପ୍ର — ମହତାବଙ୍କ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ବିଶେଷ କାର୍ଯ୍ୟ ଯେଉଁ ପାରଳା କରି ଥିଲେ ତାଙ୍କର ପ୍ରଶଂସା ବଦଳରେ ପାରଳା ମନ୍ତ୍ରୀ ମଣ୍ଡଳର ନିନ୍ଦା କାହିଁକି ରହିଛି ।

ମହତାବଙ୍କର ସ୍ମୃତି କହିବାର ଚେଷ୍ଟା ଅପ୍ରମାଣିତ ହୋଇଯିବ ଯେ ।

ପ୍ର — ଭାରତର ଶ୍ରେଷ୍ଠ ସାହିତ୍ୟ ମଧ୍ୟରେ ଉତ୍କଳ ସାହିତ୍ୟର ସ୍ଥାନ କେଉଁଠି ?

ଉ — ଦାନ୍ତ ଭଙ୍ଗା ଲଡୁ ଦୋକାନରେ



Digitized by srujanika@gmail.com

Dagaro
Reg. No O18. ORISSA'S MOST POPULAR FORTNIGHTLY 1-6-50

# କୋହିନୂରର କାହାଣୀ

ବର୍ତ୍ତମାନ ଶତାବ୍ଦୀ ଏକ କଠୋର ବାସ୍ତବବାଦୀ ଯୁଗ । ବିଜ୍ଞାନର କ୍ରମବିକାଶ ଏ ଶତାବ୍ଦୀରେ ବହୁ ବସ୍ତୁ ଉପରୁ ଗୋଟିକ ପରେ ଗୋଟିଏ ଯବନିକା ଉଠାଇ ନିଅି ଦେଉଛି । ତଥାପି ବହୁ ବସ୍ତୁ ଏବେ ମଧ୍ୟ ରହସ୍ୟର ଗର୍ଭରେ । ଏକ ବିରାଟ ଏବଂ ସୁପ୍ରସିଦ୍ଧ ଭାରତୀୟ ରତ୍ନ—ନାମ ତାର କୋହିନୂର—ଉଦାହରଣ ସ୍ୱରୂପ ଏ କଥା କୁହାଯାଇପାରେ । ୧୮୪୯ ରେ ମହାରାଣୀ ଭିକ୍ଟୋରିଆଙ୍କୁ ଏହା ଉପହାର ଦିଆଯାଇଥିଲା । ତାପରଠାରୁ ବ୍ରିଟିଶ ରାଜମୁକୁଟରେ ଏକ ଉଜ୍ଜ୍ୱଳ ମଣିରୂପରେ ହୋଇ ରହିଛି ସେ ।

କୋହିନୂର ପଛରେ ଏକ ଅଦ୍ଭୁତ ଇତିହାସ ଗଢି ଉଠିଛି । କୋହିନୂର ମୂଲ୍ୟ ଅନୁମାନିକ ୧,୦୦୦୦ ପାଉଣ୍ଡ । କିନ୍ତୁ ଏ ମଣି ସୌଭାଗ୍ୟ-ସୂଚକ ହେବା ପରିବର୍ତ୍ତେ କେବଳ ତାର ପଛେ ପଛେ ଦୁର୍ଭାଗ୍ୟକୁ ଆମନ୍ତ୍ରଣ କରି ଆଣିଛି ସେ । କୌଶଳ ଏବଂ ଛଳନା ସୂତ୍ରରେ କୋହିନୂର ବାରମ୍ବାର ହସ୍ତାନ୍ତରିତ ହୋଇଛି ଏବଂ ଏହି ମଣି—ପର୍ବତର ଆଲୋକ ନାମରେ ପ୍ରସିଦ୍ଧ । ଏହି କୋହିନୂର ପାଇଁ ଅନେକ ଯୁଦ୍ଧ ବିଗ୍ରହର ସୂତ୍ରପାତ ହୋଇ ଯାଇଛି ମଧ୍ୟ ।

ଦିନେ ପାରସ୍ୟର ରାଜା ଭାରତ ବିଜେତା ନାଦୀର ସାହ ମଧ୍ୟ ଶତ୍ରୁ ଭାରତ ସମ୍ରାଟ ମହମ୍ମଦ ସାହାଙ୍କ ସହ ସାକ୍ଷାତ କାଳରେ କହିଥିଲେ—ବନ୍ଧୁ, ଆପଣ ବନ୍ଧୁତାର ନିଦର୍ଶନ ସ୍ୱରୂପ-ତୁଲ ଆମେମାନେ ଶିରସ୍ତ୍ରାଣ ପରିବର୍ତ୍ତନ କରିବା । ପରାଜିତ ବନ୍ଧୁ ଏବଂ ଏକଦା ଶତ୍ରୁ ମହମ୍ମଦ ପ୍ରତିବାଦ କରିନ ପାରି, ଫଳରୁ ଶିରସ୍ତ୍ରାଣ ବଦଳ ହୋଇ ଯାଇଥିଲା । ଏହି ମୁକୁଟ ବଦଳ ତଳେ ଥିଲା ଏକ ରହସ୍ୟ । ମୂର୍ଖ ସାହା ତାଙ୍କ ହାସ୍ୟମୂରରା ଜାଣିନଥିଲେ ଯାହା ଦେଖୁ ନଥିଲେ ସେ ଗଲ ସମ୍ରାଟ କୋହିନୂରକୁ ପଗଡ଼ି ଭିତରେ ଲୁଚାଇଥିଲେ ।

କୋହିନୂର ସଂଲଗ୍ନ ସମସ୍ତ ଦୁର୍ଘଟଣାର ଶେଷ କାହାଣୀ ଘଟିଥିଲା ସେଇଦିନ—ଯେଉଁଦିନ ଗୋଟିଏ ବ୍ରିଟିଶ ଜାହାଜ କୋମ୍ପାନୀ କୋହିନୂର ଭାରତବର୍ଷରୁ ଇଂଲଣ୍ଡକୁ ନେବାର ଉଦ୍ୟମ କରେ । ଏଥିପାଇଁ ସମସ୍ତ ଆୟୋଜନ ମାଟିରେ ମିଶିଗଲା । କାରଣ ଅଧିକାଂଶ ନାବିକ ବାରମ୍ବାର ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କ ଭିତରୁ କେତେକ ମ୍ୟାଲେରିଆ ରୋଗରେ ମଧ୍ୟ ଆକ୍ରାନ୍ତ ହେଲେ । କିନ୍ତୁ ସେମାନେ କୁଇନାଇନ ସେବନ କରିଥିଲେ ଏ ଦୁର୍ଘଟଣା ସହଜରେ ଏଡ଼ାଇ ହୋଇ ପାରିଥାନ୍ତେ । ଏଇଥିପାଇଁ—ଭୂତପୂର୍ବ ଜାତିସଂଘ ଲିଗ୍ ଅବ ନେସନସର ମ୍ୟାଲେରିଆ କମିଶନଙ୍କ କମିଟି ୧୯୩୭ରେ ରିପୋର୍ଟ ଦେଇ ମ୍ୟାଲେରିଆ ଋତୁରେ ପ୍ରତିଷେଧକ ବିଧାନରୂପେ ୬ ଗ୍ରେନ କୁଇନାଇନ ପ୍ରତ୍ୟହ ସେବନ କରିବାକୁ ଏବଂ ମ୍ୟାଲେରିଆ ରୋଗଦ୍ୱାରା ଆକ୍ରାନ୍ତ ହେଲେ ପ୍ରତ୍ୟହ ୧୫ରୁ ୨୦ ଗ୍ରେନ ୫।୭ ଦିନ ବ୍ୟବହାର କରିବା ପାଇଁ ସୁପାରିଶ କରିଛନ୍ତି ।

ଏହା କିଛି ପ୍ରମାଣ କରୁ ନାହିଁ ଯେ ଯେତେ ପରୋକ୍ଷ ଭାବରେ ହେଉପଛେ କୋହିନୂରର ଇତିହାସକୁ କଳଙ୍କିତ କରିବାରେ ଯେଉଁ ଦୁର୍ଘଟଣା ଘଟିଲେ, କୋହିନୂରର ସେହି ମନ୍ଦ ପ୍ରଭାବକୁ ଲାଘବ କରିବାରେ କୁଇନାଇନ ଯଥେଷ୍ଟ ସାହାଯ୍ୟ କରିଥାନ୍ତା । Mal No 450 Engels

ଉଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ
ଆୟୁର୍ବେଦୀୟ ଅନୁଷ୍ଠାନ ।

## ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଅପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରିବାକୁ ଇଚ୍ଛା କରନ୍ତି ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

ନିବେଦକ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଆଳିଆ ମଙ୍ଗଳା
କଟକ [ ୧ ]

ସର୍ବାଧିକାରୀ ଓ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ସୁରେନ୍ଦ୍ର ମିଶ୍ର
ଆଳିଆ ମଙ୍ଗଳା
କଟକ (୧)

କଟକ ଟ୍ରେଡ଼ିଂ କମ୍ପାନି
ପ୍ରକାଶିତ

## ନୂତନ ପୁସ୍ତକ

ଉପନ୍ୟାସ
ଘନାବର୍ତ୍ତ- ବଟକୃଷ୍ଣ ପ୍ରହରାଜ ବି,ଏ ଟ୧୧୯
କୀର୍ତ୍ତିସ୍ତମ୍ଭ- ବାମାଚରଣ ମିତ୍ର ଟ୧।
ଗଳ୍ପ
ଗରୀବର କାହିଁ କି? ଗୋଦାବରୀଶ ମିଶ୍ର ୦।
ଇଶ୍ୱରଙ୍କ ପାଖକୁ ବାଟ " ଟ୦।
—ନାଟକ—
ସହୀଦ ବାଜୀରାଉତ-ବାଞ୍ଛାନିଧି ରାଉତରାୟ ଟ୧।
ଆତ୍ମଚରିତ
ମୋ ନିଜ କାହାଣୀ (ଜହରଲାଲ) ଟ୧୦
—ମାସିକ—
ଗୃହଲକ୍ଷ୍ମୀ-୧ମ ଜଗବନ୍ଧୁ ସିଂହ ଟ୧୯
" ୨ୟ " ଟ୧।
" ୩ୟ " ଟ୧୧
" ୪ର୍ଥ " ଟ୨୯

Printed, Published and Edited by N. Mahapatra at the Dagaro Press, Cuttack—1,

Digitized by srujanika@gmail.com

# ଡଗର

ଆନନ୍ଦ, ଆଲୋକ ଓ ଅନୁରାଗର
— ପ୍ରତୀକ —
ଉତ୍କଳର ସର୍ବାଧିକ ଲୋକପ୍ରିୟ ପତ୍ର
ସପ୍ତଦଶ ବର୍ଷ ୧୪ଶ ସଂଖ୍ୟା
ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ
୧୬।୬।୫୦


## ଉତ୍କଳରେ ନବକୃଷ୍ଣ




ନବକୃଷ୍ଣ ଶଙ୍କେ ହେଲେ ଏବଣେ
ସଙ୍ଗେ ଘେନି 'ଗୋପୀ' ଏକ ଦଶଜଣେ ।
ସଖୀ - 'ପ୍ରଧାନ' ଧାଇଁଲି - ଉତ୍ତରେ
ଯେବ୍ଦୁ ଧରଅ ପେଲନ୍ତି ତଡରେ ।

ଧୂପିଛାତି ଆଣେ ଧୁଇ ଗେଟିକା
ଧାଇଁରେ ଦକ୍ଷିଣରେ ଛପିଛପିକା,
ବୃନ୍ଦାବୃନ୍ଦ କେ କରଇ ମହିମା,
'ବନ୍ଧୁ' ବନ୍ଧୁ କେ ସୁଦାସ ବର୍ଦ୍ଧନ ।

ଡେଙ୍ଗା ଦଳପ ଆନନ୍ଦ ...;
ଇଙ୍ଗେ ... 'ରଙ୍ଗ' ... ।
'ହବା' ଠାକ ଦାଡ଼େ କେ ବନ୍ଦେ ।
ଯେତେ ଯେତେ ସର୍ବେ ... ।


ବାର୍ଷିକ ୫୲ ଷାଣ୍ମାସିକ ୫୩ ମୂଲ୍ୟ- ପ୍ରତିଖଣ୍ଡ ଦୁଇଅଣା



Digitized by srujanika@gmail.com

ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯାହା ଚାହିଁବେ ... ସ୍ୱପ୍ନରେ ... ତଥିରୁ ... ଏହି ... ଫଳପ୍ରଦ ... । ଏହି ... ଆପଣଙ୍କୁ ... ଆସିଦେବ । ଆପଣ ... ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବା ମାତ୍ରେ ହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ... ଆପଣଙ୍କ ... ଥିବ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ... ବୃଦ୍ଧି ପାଇବ । ଏହି ମୁଦ ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ଯେ ଗଚ୍ଛିତ ଧନ ସମ୍ପତ୍ତି ରଖିଛନ୍ତି ଆପଣଙ୍କୁ ସ୍ୱପ୍ନରେ ଦେଖାଯିବ ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ... ମୋକଦ୍ଦମା, ଲିହରି ପ୍ରତିଯୋଗିତାରେ ନିଶ୍ଚୟ ଜୟ ହେବ । ପରୀକ୍ଷାରେ ଛାତ୍ର ଶୀଘ୍ର ପାସ କରିଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଉନ୍ନତି ମଧ୍ୟରେ କାଟି ନେବେ ।'

ଏହି କୁହୁକ ମୁଦ ଆପଣଙ୍କୁ ମୋଟେ ୧୧୯୷ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦ ୭୩୷ । ଏହା ଖୁବ୍ ଶୀଘ୍ର କାମ ଦିଏ । ଏହି କୁହୁକ ମୁଦ ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦ କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଆମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୨୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Panjab



**ସ୍ତ୍ରୀ ରୋଗ ପାଇଁ**

## ଚେମ୍ବକୀ ରେଚନୀ

**ପରୀକ୍ଷା କରନ୍ତୁ**

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କିଛି ଅପକାରୀ ସ୍ଥାନ ବା ରହନ୍ତୁନାହିଁ । ମୂଲ୍ୟ ୫୯ ଡାକ ଖର୍ଚ୍ଚ—୨୦୷

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୨ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଲସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବେମାରବଡ଼ୁରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨୲— ଡାକଖର୍ଚ୍ଚ—୫•୷ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**



—ଶୁଭ ସମ୍ବାଦ—

ହିନ୍ଦୁସ୍ତାନୀ ହିନ୍ଦି ଏଣିକି
ବାଧ୍ୟତା ମୂଳକ ବିଷୟ ହୋଇ ସ୍କୁଲ୍‌ମାନଙ୍କରେ
ପଢ଼ାହେବ
ସେଥି ହିନ୍ଦୀକୁ ଆୟତ୍ତ କରିବାକୁ
ଏକମାତ୍ର ପୁସ୍ତକ

ପ୍ରାଥମିକ

## ହିନ୍ଦୁସ୍ତାନୀ ଶବ୍ଦମାଳା

ଔର

## ଅନୁବାଦ ଶିକ୍ଷା

ଲେଖକ—
ଶ୍ରୀଗୋବିନ୍ଦ ଚନ୍ଦ୍ର ମିଶ୍ର ରାଷ୍ଟ୍ରଭାଷାରତ୍ନ
ମୂଲ୍ୟ—୫୧୯

ମୂଳ ଓଡ଼ିଆ ଶବ୍ଦ, ତାହାର ହିନ୍ଦୀଶବ୍ଦ ଓ ଲିଙ୍ଗ ଛଡ଼ା ପ୍ରତ୍ୟେକ ଅଧ୍ୟାୟ ଶେଷରେ ଅନୁବାଦ ନିମିତ୍ତ ବିଷୟ ଦିଆଯାଇଛି । ଏହା Word Book ଓTranslation ଦୁଇକାମ କରିବାର ସୁବିଧା ଦେବ ।

ପ୍ରକାଶକ—ଓଡ଼ିଶା ବୁକ୍ ଏମ୍ପୋରିୟମ
କଟକ—୨



## କ୍ଷୁଦ୍ରଗଳ୍ପ ପ୍ରତିଯୋଗିତା

ହିନ୍ଦୁସ୍ତାନ ଟାଇମସ ଓ ଅନ୍ୟାନ୍ୟ ୧୮ ଟି ଦେଶ ବିଦେଶ ସମ୍ବାଦପତ୍ର ମିଳି ମିଶି ତଥା ପୃଥିବୀର ଏବର୍ଷ ପାଇଁ ସର୍ବଶ୍ରେଷ୍ଠ କ୍ଷୁଦ୍ର ଗଳ୍ପ ଏବଂ ଅନ୍ୟ ୫୨ ଟି ଶ୍ରେଷ୍ଠ କ୍ଷୁଦ୍ର ଗଳ୍ପ ନିର୍ବାଚିତ କରିବା ପାଇଁ ଏକ ଘୋଷଣା କରିଛନ୍ତି । ବର୍ଷ ଶେଷରେ ନିଉୟର୍କ ହେରଲଡ୍ ଟ୍ରିବ୍ୟୁନ ସର୍ବ ଶ୍ରେଷ୍ଠ ଗଳ୍ପକୁ ୫୦୦୦ ଡଲାର ପୁରସ୍କାର ଦେବେ । ଭାରତର ସର୍ବଶ୍ରେଷ୍ଠ ଗଳ୍ପ ପାଇଁ ହିନ୍ଦୁସ୍ତାନ ଟାଇମସ, ଯଥାକ୍ରମେ, ୫ ୧୫୦୦ ୫୧୦୦୦, ୫ ୨୫୦ ଓ ୫ ୫୦ ପ୍ରଥମ ୨ୟ ତୃତୀୟ ପୁରସ୍କାର ଦେବେ । ଭାରତବର୍ଷ ପାଇଁ ହିନ୍ଦି, ଉର୍ଦ୍ଦୁ, ବଙ୍ଗଳା, ଅସାମୀ, ଓଡ଼ିଆ, ତେଲଗୁ, ତାମିଲ, ମଲୟାଲମ, କାନରିଜ, ମରାଠୀ, ଗୁଜରାଟି ଆଦି ଭାଷାରେ ଗଳ୍ପ ତାଲିକା ଭୁକ୍ତ ହୋଇଛି । ମୂଳ ପାଣ୍ଡୁଲିପି ସହିତ ଇଂରାଜି ଅନୁବାଦଟିଏ ପଠାଇବାକୁ ହେବ । ପଠାଇବାର ଶେଷ ତାରିଖ ୩୧ । ୮ । ୫୦ ବିସ୍ତାରିତ ବିବରଣୀ ଜାଣିବାର ଠିକଣା ଦି, ହିନ୍ଦୁସ୍ତାନ ଟାଇମସ୍—ନୂଆଦିଲ୍ଲୀ


Digitized by srujanika@gmail.com

ଆନନ୍ଦାଦ୍ଧ୍ୟେବ ଖଲ୍ବିମାନି ଭୂତାନି ଜାୟନ୍ତେ

# ଝଙ୍କାର

ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ ୧୩ଶ ବର୍ଷ ୨୪ ସଂଖ୍ୟା ୧୬ । ୬ । ୫୦

## ନୂତନ ଶାସନ

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପ୍ରଧାନ ମନ୍ତ୍ରିତ୍ୱ ଗ୍ରହଣ କଲାପରେ ଓଡ଼ିଶା ଶାସନର ଇତିହାସରେ ଏକ ନୂଆ ପରିଚ୍ଛେଦ ଆରମ୍ଭ ହୋଇଛି । ଶ୍ରୀଯୁକ୍ତ ଚୌଧୁରୀ କଂଗ୍ରେସ ଦଳର ମୁଖ୍ୟ ହୋଇଥିବାରୁ ଶାସନ ତନ୍ତ୍ରର ନୀତି ଓ କାର୍ଯ୍ୟକ୍ରମରେ ବିଶେଷ ପାର୍ଥକ୍ୟ ଆଶା ନ କରିବା ସ୍ୱାଭାବିକ । ତଥାପି ବ୍ୟକ୍ତିଗତ ଦକ୍ଷତା, ବିଶ୍ୱସ୍ତତା ଓ ସାଧୁତା ଉପରେ ବହୁତ କିଛି ନିର୍ଭର କରେ ।

ତାଙ୍କ ଶାସନର ଆଭିମୁଖ୍ୟ ଶ୍ରୀଯୁକ୍ତ ଚୌଧୁରୀ ରାଜଧାନୀର ଗୋଟିଏ ଜନ ସଭାରେ ଅଭିବ୍ୟକ୍ତ କରିଛନ୍ତି । ଜଣେ ପ୍ରଧାନ ମନ୍ତ୍ରୀ ପକ୍ଷରେ ସାମାଜିକ ତଥା ଆର୍ଥିକ ପରିସ୍ଥିତିର ଏଭଳି ଦାର୍ଶନିକ ଆଲୋଚନା ଏକ ଶୁଭଙ୍କରୀ ସୂଚନା ପରି ମନେହୁଏ । ସେ କହିଛନ୍ତି, ଆଜି ଟଙ୍କାହିଁ ସବୁଠାରୁ ବଡ଼ ହୋଇଛି । ତାଙ୍କର କହିବାର ଥିଲା—ଟଙ୍କାହିଁ ଆଜି ସମ୍ମାନର ମାପକାଠି ହୋଇଛି—ଚରିତ୍ର ନୁହେଁ । ସେ କହିଛନ୍ତି—ଆଜି, ହାକିମ, ବଣିକ, ଚପରାସୀ, କଲେଜ ମୁନିଆ, ଶିକ୍ଷକ ଆଦି ସମସ୍ତେ ସେଇ ଟଙ୍କା ପଛରେ ଧାଇଁ ନିଜ ଶ୍ରମର ଅଧିକ ମୂଲ୍ୟ ଦାବୀ କରୁଛନ୍ତି । କିନ୍ତୁ ଜଣେ ଅଟଳ ହୋଇ ଯେ ଏମାନଙ୍କୁ ପୋଷେ—ଯେ ଉତ୍ପାଦକ—ସେଇ କୃଷୀ—କୃଷୀର ଦାବୀ କେହି ଶୁଣେ ନାହିଁ । କୃଷୀ ଯେତେବେଳେ ଦେଖେ ଯେ ଦୁଇଆଣା ଟଙ୍କା ଉପରେ ଘୂରୁଛି—ପୃଥିବୀ ତାର କର୍ଷ ଚତୁପାଖେ ଘୂରିଲା ପରି ସେତେବେଳେ ସେ ଉତ୍ପାଦନର ଭଲମନ୍ଦକୁ ଆଖି ନଦେଇ ଅଧିକ ଟଙ୍କା ଉପାର୍ଜ୍ଜନ ଚାହିଁବସେ—ଯେ କୌଣସି ପ୍ରକାରରେ—ସେ ସତ ହେଉ ବା ଅସତ୍ ହେଉ ।

ଏ ମର୍ମାଲୋଚନା ଅତି ବାସ୍ତବ । ତେଣୁ ସ୍ୱାଗତ ଯୋଗ୍ୟ । କିନ୍ତୁ ଶ୍ରୀଯୁକ୍ତ ଚୌଧୁରୀ ଏହାର ପ୍ରତିକାର ସମ୍ବନ୍ଧରେ କିଛି ଭାବିଛନ୍ତି କି ? ଚିନ୍ତାକ୍ଲିଷ୍ଟ, ସନ୍ଦିଗ୍ଧ ତଥା ଆଶଙ୍କିତ ମନର ପରିଚୟ ଦେଇ ଶ୍ରୀଯୁକ୍ତ ଚୌଧୁରୀ ଏହାର ପ୍ରକୃତ ସମାଧାନକୁ ଭଗ୍ନ କରି ଜଣେ ପଳାୟନ-ପନ୍ଥୀ ନେତାଭାବରେ ଠିଆହୋଇଛନ୍ତି—ହରିଚ୍ଛେଦ ଯାକୁ ସମାଧାନ କରିଦେବ । ଏ ଲୋକଙ୍କ ଆଖିରେ ଧୂଳି ଦେବା କଥା । ଅତି ହାସ୍ୟାସ୍ପଦ ଭାବରେ ଶ୍ରୀଯୁକ୍ତ ଚୌଧୁରୀ କହିଛନ୍ତି ହରିଚ୍ଛେଦ ଏକ 'ଇସୁ' କି ଏହାର ଉପରେ ଆସନ୍ତା ନିର୍ବାଚନ ସଂଗ୍ରାମ ଚାଲିବ । ଶ୍ରୀଯୁକ୍ତ ଚୌଧୁରୀଙ୍କ ଭଳି ଚିନ୍ତାଶୀଳ ଲୋକ ଏତେ ହାଲୁକା କଥା କହିବେ ବୋଲି ଆମେ ଆଶା କରି ନଥିଲୁ । ହରିଚ୍ଛେଦ ଆରମ୍ଭ ହେଲେ ଏହାକୁ ଇସୁ କରି ନିର୍ବାଚନ ଲଢ଼ା ଯାଇ ପାରି ଥାନ୍ତା । ବର୍ତ୍ତମାନ କୋଟି କୋଟି ଟଙ୍କା ଖରଚ କଲା ପରେ ଏହା ହେବା ନ ହେବାର ପ୍ରଶ୍ନ ଆଉ ନାହିଁ । ଯେଉଁ ସରକାର ଆସିବ ଏହାକୁ ସେ କାର୍ଯ୍ୟକାରୀ କରିବ । ଏହା ଆଉ ବିରୋଧ ସୃଷ୍ଟି କଲା ଭଳି ନୀତି ହୋଇ ନାହିଁ । ଓଡ଼ିଶାର ସବୁ ରାଜନୈତିକ ଦଳ ଏହାକୁ କାର୍ଯ୍ୟକାରୀ କରିବା ଉଚିତ ବୋଲି ଧରି ନେଲେ ବେଳେ ଏହା କୌଣସି ଗୋଟିଏ ଦଳର ମତ ହୋଇ ତାହା issue ବା ବିବାଦ ହୋଇ ନପାରେ ।

ନ ଦବାଇ ଦୂରଦୃଷ୍ଟିରେ ଯେଉଁ ସମସ୍ୟାର ପ୍ରକୃତ ରୂପ ଦେଖିଛନ୍ତି ତାର ସମା-

ଧାନ ମଧ୍ୟ କରିବା ପାଇଁ ସାହସୀ ହୁଅନ୍ତୁ । ଆମେ ତାଙ୍କଠାରୁ ଏଇ ଆଶା କରୁ ।

ଏହି ସମସ୍ୟା ଦାର୍ଶନିକ ମୋଟାମୋଟି ... ବିଶୁଦ୍ଧ ମନୋବୃତ୍ତି ... ସମାଧାନ ମଧ୍ୟ ସେଇ ବୈପ୍ଳବିକ ଦୃଷ୍ଟି କୋଣରୁ ଉଦ୍ଭାବନ ହେବ । ଏହାର ଆଲୋଚନା ଏଇ ସ୍ତମ୍ଭରେ ବହୁବାର କରିଛୁ । ଆଜି ମାତ୍ର କେତେକ ସୂଚନା ଦେଲେ ଯଥେଷ୍ଟ ହେବ ।

ସମାଜରେ ଧନିକ ପ୍ରତିପତ୍ତି ସ୍ଥାନ ତଳେ ଏବଂ ଉତ୍ପାଦକଙ୍କର ସ୍ଥାନ ଉପରେ—ଶିବର ସ୍ଥାନ ଉପରେ, କୁବେରର ସ୍ଥାନ ତଳେ ନିର୍ଦ୍ଦେଶ କରିବା ପାଇଁ ପ୍ରଥମେ ଗାନ୍ଧି ଓ ମନ୍ତ୍ରୀ ମାନେ ତାଙ୍କର ନିଜ ବ୍ୟକ୍ତିରେ ଜଣାଇ ଦିଅନ୍ତୁ । ତା ପରେ ରାଷ୍ଟ୍ରରେ ଆଇନ ହେଉ—ଯେଉଁ ନାଗରିକ ସମାଜ ପାଇଁ କିଛି ଉତ୍ପାଦନ ନକରେ—ସେ ଯେତେ ବଡ଼ ବୁଦ୍ଧି-ଜୀବୀ ହେଉ ସେ ଶିକ୍ଷା ଚାକିରୀ ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେବ । ଯେ ମୌଳିକ ଆବଶ୍ୟକ ଅନ୍ନ ଓ ପରିଧାନ ମଧ୍ୟରୁ ଯେ କୌଣସି ସାମଗ୍ରୀ ଉତ୍ପାଦନ ନକରେ ସେ ସମାଜରେ ଚୋର—ତାର ସ୍ଥାନ ଜେଲ ଖାନାରେ ।

ଏହା ଯଦି ସାହସର ସହିତ ଚୌଧୁରୀ କରନ୍ତେ ତେବେ ଭାରତର ନେତୃତ୍ୱ ଆଜି ତାଙ୍କର ହାତରେ ରହନ୍ତା । ସରକାର ଯେ ନିଜେ ବିପ୍ଳବୀ ହୋଇ ପାରେ ତା' ସେ ଦେଖାଇ ଦେଇ ପାରନ୍ତେ ।

## ଶ୍ଳୀଳ ଓ ଅଶ୍ଳୀଳ

ଉକ୍ତ ଇତ୍ୟନ୍ତରୀ ପଳନ କ୍ରମରେ ସାହିତ୍ୟରେ ଶ୍ଳୀଳତା ଓ ଅଶ୍ଳୀଳତା ସେନେ ଘଷ୍ଟି ଚକଟ ହେଉଛି । ଏ ଆଲୋଚନା ବେଳେ ଗୋଟିଏ କଥା ଆଲୋଚକ ଭୁଲି ଯାଉଛନ୍ତି ଯେ ଶ୍ଳୀଳତା ବା ଅଶ୍ଳୀଳତା ଦେଶ କାଳ ଓ ପାତ୍ର ଭେଦରେ ଭିନ୍ନ । ଏକ ଦେଶର ଅଶ୍ଳୀଳତା ଅନ୍ୟ ଦେଶରେ ଶ୍ଳୀଳ ହୋଇ ପାରେ । ସ୍ତ୍ରୀ ମାନଙ୍କର ଅର୍ଦ୍ଧନଗ୍ନ ଓ ଆଜାନୁ ମାତ୍ର ବିଗୋପିତ ପରିଧାନ ଇଂଲଣ୍ଡରେ ଶାଳୀନତା କିନ୍ତୁ ଭାରତରେ ନୁହେଁ । ବିପରି ଅବସ୍ଥାରେ ହେଉ ବା ବେଶ୍ୟାଳୟରେ ବିଳାସ କାଳରେ ହେଉ—ଭକ୍ତଙ୍କର

Digitized by srujanika@gmail.com

# ତାରେ ତାରେ ତାନା ନାନା

[illegible] ମୁଁ ଆପଣଙ୍କ ପୁସ୍ତିକା । ଏଥର [illegible] ଭୋଟର ଗ୍ରାହକ ହେଇ ପୁସ୍ତିକାର ନୂଆ ଅର୍ଥ ଲେଖିବେ କୋଉ ଆ [illegible] ।

\+ + +

ଶ୍ରୀମତୀ ବିବିଆନା [illegible] ଅଲଗା । ଅପେକ୍ଷା ଲୋକଙ୍କ ଦେହରେ ଥୁପ୍ ପକାଇ ପାରିଛନ୍ତି—ସମ୍ବାଦ

...କିନ୍ତୁ ପାନ ଖାଇଥିଲେ କି ମନ୍ତ୍ରୀ ଘଷିଥିଲେ ଜଣା ଯାଇନାହିଁ

× × ×

ପଣ୍ଡିତ ନେହରୁ ହ୍ୱାଙ୍ଗ୍‌ଶିଆ କ୍ରମଶ ବୋଲେ ଗୋଟିଏ ଜୀବନ୍ତ ଆଗ୍ନେୟ ଗିରି ପରିଦର୍ଶନ କଲେ—ସମ୍ବାଦ

...କାରଣ ଭାରତରେ ଆଗ୍ନେୟଗିରି ଉପରେ ବସି ଥିବାରୁ ଦେଖି ପାରୁ ନଥିଲେ ।

\+ + ×

ସହାପତି ପ୍ରସାଦ ଘୋଡ଼ା ଗାଡ଼ିରେ ସାଧ୍ୟ ଭ୍ରମଣ କରୁଛନ୍ତି—ସମ୍ବାଦ

...ବଳଦ ଗାଡି କେବେ ଧରିବେ ?

\+ + +

ଶରଣାର୍ଥୀ ବାଳକମାନଙ୍କୁ ନେଇ ବେପାର ଚାଲିଛି—ସମ୍ବାଦ ।

...ଲୋକେ ଶରଣ ଦେଇ ଅର୍ଥୀ ହୋଇ ଯାଉଛନ୍ତି ସମ୍ଭବତଃ ।

\+ + +

ସନ୍ଦ୍ରାବଦ ଗୋଟିଏ [illegible] ବନ୍ଧନ [illegible]—ମନ୍ତବ୍ୟ

ମୁଁ ପଢ଼ାପାଇଁ ଛୁଟି ମାଗୁଥାଏଁ ସେତେ ବେଳେ ନେପଥ୍ୟରେ ସଙ୍ଗୀତରେ ବିଚିତ୍ର ଏଇ ସଂସାରେ ।

× × ×

ମନ୍ତ୍ରୀ ମାନଙ୍କୁ କେବଳ ଈଶ୍ୱର ଭରସା—ପଣ୍ଡିତ ପନ୍ତ...ଲୋକମାନଙ୍କର କେବଳ ମନ୍ତ୍ରୀ ଭରସା ।

\+ × ×

ପଣ୍ଡିତ ନେହରୁ ଜଣେ ପ୍ରେମିକ ହୋଇ ଥିବାରୁ ପାକିସ୍ତାନ ପ୍ରତି ବିଶେଷ ଉଦାର ହୋଇଛନ୍ତି—ଅବଦୁଲ୍ଲା

...ପ୍ରେମ ମନ୍ଦିରର ଯେତେ ଗହୀରରେ ପୋତିବ ଲଙ୍କା ସେତିକି ବାହାରକୁ ମାରିବ—ଉପାୟ କଣ ତାହାକୁ ?

\+ + +

ଶ୍ରୀ ଲିଆକତ ଓ ଶ୍ରୀମତୀ ଲିଆକତ ଉଭୟେ ଆମେରିକାରେ ନାସ୍ତ କରାଇବେ—ସମ୍ବାଦ

...ଶ୍ରୀମତୀ ଲିଆକତ୍ ସହ ଧର୍ମିଣୀ ସହକର୍ମିଣୀ ଓ ସହ ଅସ୍ତ୍ରିଣୀ ମଧ୍ୟ ।

\+ + +

ଖାଦ୍ୟମନ୍ତ୍ରୀ ମୁନସି ସର୍ବାଗ୍ର ଜୁଲାଇ ପ୍ରଥମ ସପ୍ତାହରେ ବୃକ୍ଷ ରୋପଣ କରିବେ—ସମ୍ବାଦ

ଆମ୍ବ ଖାଇସାରି କୋଇଲି ଦେବେନାହିଁ ?

\+ + +

ଏସିଆ ମହାଦେଶ ପୃଥିବୀର କ୍ରୀଡ଼ା ଓ [illegible]ର କେନ୍ଦ୍ର ହେବ—ନେହରୁ ଜାଗ୍ ଜାଗ କର୍ଣ୍ଣାରେ

...କ୍ରିକେଟ ଖେଳ ନା ମହାଭାରତ ?


## ସୁନିଶ୍ଚିତ ଲାଭ

(୧) [illegible]

ଅର୍ଦ୍ଧବର୍ଷର ପ୍ରତ୍ୟେକ ମାସରେ [illegible],
ପ୍ରତ୍ୟେକ [illegible] ପକ୍ଷେ ସମ୍ପୂର୍ଣ୍ଣ [illegible] ।

(୨) [illegible]

[illegible]

(୩) [illegible]

[illegible]

(୪) [illegible]

ଏହି ସ୍କୀମରେ 'ଏ', 'ବି', 'ସି' ଓ 'ଡି' [illegible] ୫,୦୦୦ ; ୨,୫୦୦ ; ୧,୦୦୦ ଓ ୫୦୦ ଟଙ୍କା [illegible] ୨୦, ୮, ୧୧ ଓ ୨ ॥ [illegible] ।

(୫) [illegible]

[illegible] ( କଲିକତା, ବୋମ୍ବାଇ, ମାନ୍ଦ୍ରାଜ )

ଇନ୍‌ଭେଷ୍ଟର୍ସ କାର୍ଟେଲ ଲିମିଟେଡ
(INVESTORS' CARTEL LTD.)
[illegible], କଲିକତା—[illegible]
[illegible]


ସମ୍ପାଦକୀୟ ପୁର୍ବ ପୃଷ୍ଠା ଉତ୍ତରୁ

ନିତାନ୍ତ ଧୀରେ ଧୀରେ ଚଳ ଅତି ମନ୍ତ୍ରେଲ ଗୀତ ଇତ୍ୟାଦି ମୃଦୁଣୀୟ ହୋଇପାରେ ମାତ୍ର ସଭ ସ୍ଥଳରେ—ମାଭଉଣୀ ମାନଙ୍କୁ ଏକତ୍ର ବସାଇ ଅଭିନୟ କରାଯାଇ ନପାରେ—ପୁଣି ଯେଉଁ ସାହିତ୍ୟ ବୟସ୍କ ମାନଙ୍କର ଆଲୋଚ୍ୟ ତାହା ଶିଶୁ ବାଳକ ମାନଙ୍କ ନିକଟରେ ଅପାଠ୍ୟ ପରିବେଷଣ ।

ଓଡ଼ିଶାରେ ବା ଅନ୍ୟ କେଉଁ ଦେଶରେ ଯଦି ସାହିତ୍ୟ ବା ଛାୟାପଟରେ ନଗ୍ନ ଚିତ୍ର ଥାଏ ତେବେ ହୁଏତ ତାହା ତତ୍କାଳୀନ ଲୋକ ଚରିତ୍ରର ପରିପୋଷକ ହୋଇପାରେ କିମ୍ବା ଲୋକଙ୍କର ବୈରାଗ୍ୟ ବୃତ୍ତି ନିରୋଧରେ ସମ୍ପ୍ରତି ଦୃଷ୍ଟିରୁ ଜନବୃଦ୍ଧି ନିମନ୍ତେ ଲୋକାଭିମୁଖ୍ୟ ବଦଳାଇବା ପାଇଁ ହୋଇ ପାରେ । ଜନବୃଦ୍ଧି ନିମନ୍ତେ କେଉଁ ଦେଶରେ ପୁରସ୍କାର ଦିଆଯାଏ---କେଉଁ ଦେଶରେ ଜନ୍ମ ନିରୋଧର ଆବଶ୍ୟକତା ଥାଏ । ସମ୍ଭବତଃ ଉତ୍କଳର ଗୋଟାଏ ଭୀଷଣ ଯୁଦ୍ଧ ବିଗ୍ରହ ଓ ଲୋକକ୍ଷୟ ପରେ ବିରାଗୀ ଲୋକଙ୍କୁ ଯୌନ-ସମ୍ଭୋଗ ପ୍ରତି ଆକର୍ଷିତ କରି ପ୍ରଜନନ ଦ୍ୱାରା ଜନବୃଦ୍ଧିର ଆବଶ୍ୟକତା ଦୃଷ୍ଟିରୁ ସାହିତ୍ୟକ ଓ କଳାକାର ମାନେ ନିଜ ନିଜ କୃତିରେ ନାନା ଅନୁସଙ୍ଗ ଓ ଆବଶ୍ୟକ ଭାବ ଦେଇ ଥାଇ ପାରନ୍ତି— ଆଜର ଅବସ୍ଥା ଦୃଷ୍ଟିରୁ ତାହାର ଯୁକ୍ତାଯୁକ୍ତତା ସାହିତ୍ୟିକଙ୍କର ବିଚାର କରିବା ଚାହିଁନୀୟ ।

ସୃଷ୍ଟିର ଆଦିମାନବ ଓ ତାର ପତ୍ନୀର ପରିକଳନା କଲାବେଳେ ଶ୍ଳୀଳତା ନଥିଲା ବୋଲି ଆଜି ନରହୁ ଏକଥା ହାସ୍ୟାସ୍ପଦ । ସେଦିନ ମଧ୍ୟ ଜ୍ଞାନଫଳ ଖାଇବା ପରେ ଆଦିମାତା ଲଜ୍ଜାବନତା ହୋଇଥିଲେ । ମାତ୍ର ସେତେବେଳେ ମନୁଷ୍ୟ କେବଳ ନାରୀତ୍ୱର ସଂଧାନ ପାଇଥିଲା— ଭଗିନିତ୍ୱ ଓ ମାତୃତ୍ୱର ସଂଧାନ ପାଇ ନଥିଲା । ଆଜି ମନୁଷ୍ୟ ସମାଜ ଭଗିନୀ ଓ ମାତାର ଅବସ୍ଥାରକ । ସେଇ ନିଜ କୃତ ଭଗିନତ୍ୱ ଓ ମାତୃତ୍ୱକୁ ଶ୍ରଦ୍ଧା ଓ ସମ୍ମାନ ଦେବାପାଇଁ ସେ ନିଜେ ଯଦି ଆଗଭର ନହୁଏ ତାକୁ ଆମେ ଆଜି ଅସଭ୍ୟ ମାନଙ୍କଠାରୁ ଉତ୍କର୍ଷତର ବୋଲି କହିବୁଁ କେଉଁ ମୁହଁରେ ?



Digitized by srujanika@gmail.com



ହଠାତ୍ ଖବର ମିଳିଲା ଯେ ସମୁଦ୍ରରେ 'ନିଆଁ ଲାଗିଛି !' ଏଠିକି ସହରର ଯାକ ଲୋକେ ଛୁଟିଲେ ଦେଖିବାକୁ—ମହାଲଯାରେ ନିଆଁ ଲାଗିଲା କି ସମୁଦ୍ରରେ ନିଆଁ ଲାଗିଲା । କଟକେରେ ତ ସମୁଦ୍ର ନାହିଁ ? ଦେଖି ଦେଖି ଦରିଆରେ ନୁହେଁ କି ଲଣ୍ଡରେ ନୁହେଁ—କଟକ ସେକ୍ରେଟେରିଏଟ୍‌ରେ—ସେ ପୁଣି ସାଧାରଣ ସମ୍ପର୍କ ବିଭାଗ ଅଫିସରେ ନିଆଁ ଲାଗିଛି ।

\+ + +

ସରକାରଙ୍କ ଏଇ ସାଧାରଣ ବିଭାଗଟା ବାସ୍ତବିକ ଦରିଆ । ସରକାର ଏଠି ପାଣିପରି ଟଙ୍କା ବ୍ୟୟ କରନ୍ତି । ପାଣିଟା ଯେମିତି ସମୁଦ୍ରରୁ ଉଠି ପୁଣି ସମୁଦ୍ରକୁ ଯାଏ—ମଝିରେ ବର୍ଷା ହୋଇ, ବଢ଼ି ହୋଇ କେତେ ଲୋକଙ୍କର ଉପକାର କରି ଦେଇ ଯାଏ—ସରକାରଙ୍କ ଲୋକ ସମ୍ପର୍କ ବିଭାଗଟାର ଖର୍ଚ୍ଚ ଠିକ ସେହିପରି । ପ୍ରଜାଙ୍କଠାରୁ ଆସେ—ପୁଣି ସେଇ ପ୍ରଜାଙ୍କ ମଙ୍ଗଳ ପାଇ ସରକାର ଓ ପ୍ରଜାଙ୍କ ପ୍ରେମବନ୍ଧନ ହୃଦ-ଗ୍ରନ୍ଥି ଦୃଢ଼ କରିବା ପାଇଁ ନାଟ ତାମସା ବାଜା ବଜାଓଡ଼ି ଗୀତ ନାଟ ଝାଡ଼ ରୋଷଣୀରେ ଖରଚ ହୋଇ ଯାଏ । ମଝିରେ କେତେକ କଂଗ୍ରେସ କର୍ମୀ ସରକାରୀ କର୍ମଚାରୀ ସ୍ୱରୂପ ଆପଣା ପେଟ ପୋଷନ୍ତି । ତେଣୁ ଏହାକୁ ଦରିଆ ବା ମହାନଦୀ କହିବା ଅନ୍ୟାୟ ନୁହେଁ । ବିଶେଷତଃ ଏହି ବିଭାଗର ଖର୍ଚ୍ଚ ଯୋଗୁ ସରକାର ବା ମନ୍ତ୍ରୀଙ୍କ ଦିଲ୍ ଦରିଆ ପ୍ରମାଣିତ ହୋଇ ଯାଏ ।

\+ × +

କିନ୍ତୁ ଏ ନିଆଁ ଲଗାଇଲା କିଏ ସେ କଥା ଆମ ପୁଲିସ ପୁଙ୍ଗବ ମାନେ ଧରି ନପାରି ଶେଷରେ ଶୁଣାଯାଏ ଏକ୍ସପାର୍ଟ ମତ ଗ୍ରହଣ କରି ନେଲେ ଯେ ଛବି-ଦେଖା ସିନେମାଫିଲ୍, ଗୁଡ଼ାକ ଅତିରିକ୍ତ ଦାହ୍ୟପ୍ରବଣ ବା ପୋଡ଼ାକିଆ ବସ୍ତୁ—କେତିଦିନ ରହିଲେ ସେଥିରେ ଆପେ ଆପେ ନିଆଁ ଲାଗିଯାଏ । କିନ୍ତୁ ଆଉ ଦଳେ ବାଲୁଆ ଏକ୍ସପର୍ଟଙ୍କ ମତରେ—ପରି ପଡ଼ା ମଡ଼ା ଖାଇ ଯେପରି ବାଲୁଆ ମୁହଁରୁ ନିଆଁ ବାହାରେ ଏ ବିଭାଗରେ ସେମିତି କାହାର କାହାର ମୁହଁରୁ ନିଆଁ ବାହାରିଛି । ମତ ଦୁଃଖର କଥା ଏ ବିଭାଗରେ ଯେତେ ନିଆଁ ଗିଳା ଅଘାସୁର ଥିଲେ ମାନେ କେହି ଶ୍ରୀକୃଷ୍ଣ ପରି ବ୍ରଜପୁରର ଦାବାନଳ ଗିଳି ପାରିଲେ ନାହିଁ ।

\+ + +

ସୁଖର କଥା ଏ ବିଭାଗର ଡିରେକ୍ଟର ନଥିବା ବେଳେ ନିଆଁ ଲାଗିଲା । ସେ ଆସି ପ୍ରଥମେ ତାଙ୍କ ପୂଅଠାରୁ ଶୁଣି ଅଫିସ ଦୌଡ଼ି ଦେଖିଲେ ଯେ ଅସଲ ଜିନିଷ ସବୁ ରହି ଯାଇଛି । ମନେହୁଏ ଅସଲ ଜିନିଷ ଗୁଡ଼ିକ ଅଗ୍ନି ଦେବତା ଡିରେକ୍ଟରଙ୍କୁ ଖାତର କରି ନ ଖାଇ ଛାଡ଼ି ଯାଇଛି । ତା ଭିତରେ ଡିରେକ୍ଟରଙ୍କ ନିଜ ଚୂଲି ଆଦି ଖଇରିଆତରେ ମଧ୍ୟ ରହିଯାଇଥିବ ।

\+ + +

ଗୋଟାଏ ବଡ଼ ଖବର ଯେ ଏଠାରେ ପୋଡ଼ି ଯାଇଥିବା ରେଡ଼ିଓ ଇତ୍ୟାଦିକୁ କେଉଁଠା କୁହୁକ ମନ୍ତ୍ରରେ ଭାଇ ବନ୍ଧୁଙ୍କ ଘର ଅଳଂକୃତ କରୁଛି । ଅସହାଣୀ ଲୋକଙ୍କ କଥା, ଏ । ମାତ୍ର ଏ କଥା ସତ ଯେ ଏ ବିଭାଗର ଖରଚ ପାତି ସନ୍ଦେହ ଜନକ ହେବାରୁ ତନଖି ଜାଞ୍ଚ କରିବା ପାଇଁ ଠିକ ହେଲା ବେଳେ—ଅଗ୍ନି କାଣ୍ଡଟାଏ ହେଲା । ଭାଗବତ ଠିକେ କହୁଛି—

ଅଗ୍ନି ଯେସନେ ସର୍ବ ଖାଇ
ବାଗୁରେ ଗୁଣ ଦୋଷ ନାହିଁ ।

କେବଳ ଜନସମ୍ପର୍କ ବିଭାଗ ବୋଲି ଅଗ୍ନି ଭଣ୍ଡୁରେ କେବଳ କେତେକ ଗ୍ରାସ କରି ଗୁଣ ଜିକ ରଖି ଦେଇ ଯାଇଛି । କଳି କାଳରେ ଅଗ୍ନିର ଲିଦବୁଦ ବ୍ୟାଧି ନହେଲେ ରକ୍ଷା ।

\+ + +

ଏଇ ଜନସମ୍ପର୍କ ବିଭାଗ ସେ ଓ ବିଷୟରେ ଅନୁସନ୍ଧାନ କରିବା ପାଇ ସବୁଠାରୁ ବଡ଼ ପାଣିଶୁଣି—ପ୍ରଜାତନ୍ତ୍ରକୁ ! ମନେ ହେଉ ଯେମିତି ଏ ବିଭାଗ ସମ୍ବନ୍ଧରେ ଜାଣକାରୀ ସବୁଠୁ କେଶୀ ତାଙ୍କର । ଜନସମ୍ପର୍କ ବିଭାଗର ଠାରୁ ପ୍ରଜାତନ୍ତ୍ରକୁ ଜଗାଯାଉ ଅଛି । ବୋଧହୁଏ ଜନ ସମ୍ପର୍କ ବିଭାଗ ତରଫରୁ ଉହାଳ ପ୍ରସଙ୍ଗଟା ପ୍ରଜାତନ୍ତ୍ରରେ ଛପା ହୁଏ । କେତେ ପ୍ରବନ୍ଧରେ ଛପା ହୁଏ—ଆଉ କେତେ ଛପାର ବିଲ ଯାଏ ସେଇ ଜନସମ୍ପର୍କ ଓ ପ୍ରଜାତନ୍ତ୍ରଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ଯେତେ ବେଳେ ଏତେକିର ଖେଳା ଖେଳ ସମ୍ପର୍କ ଦୁହିଙ୍କ ଭିତରେ— ପ୍ରଜାତନ୍ତ୍ର ହିଁ ଏସବୁ ଜାଣିଥିବେ ।

\+ + +

ଓଡ଼ିଶାରେ ଏବେ ଗୋଟାଏ ବଡ଼ ଚୋରି ମଧ୍ୟ ହୋଇ ଯାଇଛି ଇତି ମଧ୍ୟରେ । ଏବଂ ଆଶ୍ଚର୍ଯ୍ୟର କଥା ଚୋର ନିଜେ ଚୋରି ଜିନିଷ ପରି ରଖି ଦେଇ—ହେଇଟି ଚୋର ପଳେଇଲା ପଳେଇଲା ବୋଲି ଚିତ୍କାର କରି ଉଠିଲା । ସମସ୍ତେ କୁଆଁ ପଛରେ ଧାଇଁଲେ—ଚୋର ତାର ଯେଉଁଠି ସେଇଠି । ଅବଶ୍ୟ ଏ ଘଟଣା ପ୍ରଜାତନ୍ତ୍ର ଅଫିସ କିମ୍ବା ଜନସମ୍ପର୍କ ବିଭାଗ ଅଫିସ ନିକଟରେ ଘଟିନାହିଁ—ଏକଥା ସତ୍ୟ ।

× + ×

ଶୁଣାଯାଉଛି ଆମ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ—ରାମ୍ ରାମ୍—ଖାଲି ଭୁଲ ହୋଇଗଲା—ନବକୃଷ୍ଣ ନବକୃଷ୍ଣ !—ଆମର ଅନୁରୋଧ ଓଡ଼ିଶା ବାସୀ ଓ ଓଡ଼ିଆ କର୍ମୀ ମାନେ କିଛିଦିନ ୧୦୮ ଥର ପ୍ରତ୍ୟହ ନବକୃଷ୍ଣ ନାମ ଜପି ପୂର୍ବ ହରେକୃଷ୍ଣ ନାମକୁ ପାଶୋରନ୍ତୁ ।

\+ + +

ପ୍ରଧାନ ମନ୍ତ୍ରୀ ନବକୃଷ୍ଣ ବୁଲେଟିନ ଆଗରେ ପିକେଟିଂ କରିବେ । ଯାହାହେଉ—ନବବାବୁଙ୍କ ପୂର୍ବସୂରୀ ମହତାବ ଯେପରି ସବୁ ଉଦ୍‌ଘାଟନ ଉତ୍ସବରେ ପୁରୋଧା ହେଉଥିଲେ, ମୋହରିର ସବୁ ଉଦ୍‌ଘାଟନ—ଜୟହିନ୍ଦ ହୋଟେଲ ସଙ୍ଗେ ସଙ୍ଗେ ମାଂସ ଡାକଲେଟ ଡାଲିଆର



Digitized by srujanika@gmail.com

ଉଦ୍‌ଘାଟନ ପାଠ କରିଛନ୍ତି—ସେ ବା ମଦାଳ ଦୋକାନର ଉଦ୍‌ଘାଟନ କରିବା ସମ୍ବାଦ ଆମେ ପାଇ ନାହୁଁ—ହୁଏତ କେଉଁଠି ଥାଇ ପାରେ—ନବବାବୁ ସେଇ ମହତାବଙ୍କ ବାମ୍ବୁଦା ହୋଇ—କୂଳର ତିଳକ ହୋଇ ଯେ ତାଙ୍କ ଉଦ୍‌ଘାଟନ ବାଣୀ ଛାଡ଼ି ଉଦ୍‌ଘାଟନ ଆରମ୍ଭ କରୁଛନ୍ତି ତା ଫଳରେ କୂଳ ଜୁଡ଼ିଯିବ ଟି ?

\+ × +

ସରକାରୀ ଅମଲାଙ୍କର ଡେଙ୍ଗେ ହଲକ ଶୁଣିଲଣି ! ଶୁଣା ଯାଉଛି ନବବାବୁ ଗୋଟେ କମିଟି ବସାଉ ଛନ୍ତି । ଏ କମିଟି ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କର ସମ୍ପତ୍ତି ତଦାରଖ କରି ବୁଝିବେ-କେଉଁକ ଭିତରେ କେଉଁ କର୍ମଚାରୀ କେତେ ଅତିରିକ୍ତ ସଂଚୟ କରିଛି । ଏହା ଫଳରେ ସରକାରୀ ଭଲ ଘୋଡା କମିବ ସନ୍ଦେହ ନାହିଁ । କିନ୍ତୁ ଅମଲାଙ୍କ ଛଡା ଆହୁରି ଦାରମଲ୍ଲ, ମାମଲ୍ଲ, ବାପମଲ୍ଲ— ମଲ୍ଲମାନେ ଅଛନ୍ତି ତାଙ୍କ ସମ୍ବନ୍ଧରେ କ ବ୍ୟବସ୍ଥା କରି ଯାଉଛି ଜଣା ନାହିଁ । ଅମଲାଙ୍କ ଚାକିରି ଓ ମାବୁଅଡ଼ୀଙ୍କ ଗାଦୀ ଗଲେ କହୁଡ ଗ୍ଲଡ଼ପୋଳ । ଏସବୁ ନିକାଶ କରିବା ପାଇ ନବବାବୁ ନୂଆ ଖଟିଏ ବ୍ୟବସ୍ଥା କରନ୍ତୁ ।

\+ × +

ଥରେ କନ୍ୟାଘର ବରଘର ଦେଖିଗଲେ । ବରକୁ କେତେକ ପ୍ରଶ୍ନ ପଚରାଗଲା—ସେ କେବଳ ଆଙ୍ଗୁଳି ଦେଖାଇ ଠାରିଲେ । ବର ପକ୍ଷର ଲୋକେ କହିଲେ—ଏ ଜଣେ ବଡ଼ ଦାର୍ଶନିକ—କଥା ସେଥିପାଇଁ କହନ୍ତି ନାହିଁ । ତାଙ୍କ ସମ୍ବନ୍ଧ କେହି ଦାର୍ଶନିକ ତତ୍ତ୍ୱ ପଚାରିଲେ—ସେ ଅଧେ କେତେବେଳେ କମ୍ପିତ ଭଙ୍ଗୀରେ ଦେଖନ୍ତି । କନ୍ୟାଘର ପଚାରିଲେ ବର ସବୁବେଳେ ଗୋଟେ ଆଖି ବନ୍ଦ କରିଛନ୍ତି କାହିଁକି ? ବରପକ୍ଷ କହିଲେ-ସେ ସମସ୍ତଙ୍କୁ ଏକ ଆଖିରେ ଦେଖନ୍ତି—ଅର୍ଥାତ୍ ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି । ଦୁଇ ଆଖିରେ ଚାହିଁଲେ କାଳେ ଭିନ୍ନ ଭିନ୍ନ ଲୋକପାଖରେ ଭିନ୍ନ ଭିନ୍ନ ବ୍ୟବହାର କରିବେ ସେଥିପାଇଁ ସେ ଏକ ଆଖିଆ ବ୍ରତ ନେଇଛନ୍ତି—ବାହା ସରିବା ପରେ ଜଣା ପଡ଼ିଲା ଯେ ବରଟି ପ୍ରକୃତରେ କଡ଼ା ଓ କଣା ।

\+ + + +

ପ୍ରଯୁକ୍ତ ମହତାବ ଦିଲ୍ଲୀରେ ତାଙ୍କର ପ୍ରଥମ ଭାଷଣରେ କହିଛନ୍ତି—ମୁଁ ଖାଲି କାମ କରିଯାଏଁ—କଥା କହେଁ ନାହିଁ । ଏହାଦ୍ୱାରା ଦିଲ୍ଲୀବାସୀ ମନେ ଭାବି ନଥିବେ ଯେ ମହତାବଙ୍କର ସେମାନଙ୍କ ଆଗରେ କହିଲା ଭଳି ଆଉ କିଛି ନାହିଁ । ସେମାନେ ବରଂ ବୁଝିଥିବେ ଯେ ମହତାବ ଯାହା ନକରିବାକୁ କହନ୍ତି ସେଇୟା କରନ୍ତି—ସେଥିପାଇଁ ହାସ୍ୟାସ୍ପଦ ହେଲେ ମଧ୍ୟ ଡରନ୍ତି ନାହିଁ । ଓଡ଼ିଶାରେ ସେ ସେମିତି କଥା ନକହିବାକୁ ପଣ କରି ଶେଷରେ କେବଳ କଥା ସର୍ବସ୍ୱ ସରକାରକୁ ଛାଡ଼ିଦେଲେ ।

\+ + × ×

ମହତାବଙ୍କ ଦିଲ୍ଲୀ ସମ୍ବର୍ଦ୍ଧନା ସଭାରେ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥାର ବାଡ଼ି ସୁଝାଇ ଦେଇଛନ୍ତି । ସେ କହିଛନ୍ତି କି—"ମନ୍ତ୍ରୀ ହେଉଛନ୍ତି ମଟର କାରର ଡ୍ରାଇଭର । ଡ୍ରାଇଭର ଗାଡ଼ି ଚଳାଉଥିବା ବେଳେ କାହା ସାଙ୍ଗରେ କଥା କହିଲେ ଯେପରି ସେ ଅନ୍ୟମନସ୍କ ହୋଇ ଗାଡ଼ି ଧକ୍‌କା ଖୁଆଇ ଦେଇ ପାରେ, ମନ୍ତ୍ରୀଙ୍କୁ ନାନା କଥା ବା ପରାମର୍ଶ ଦେଲେ ସେମାନେବି କାଠ ହୁଡ଼ି ଧକା ଲଗାଇ ଦେବାର ସମ୍ଭାବନା । ଏଣୁ କେହି ଆମକୁ କିଛି କୁହ ନାହିଁ । ଅର୍ଥାତ ଆମ ହାତରେ ଲଗାମ୍ ଛାଡ଼ି ଦେଇ ନାକରେ ତେଲ ଦେଇ ଘରେ ଶୋଇପଡ଼ ।"

ବୋଧହୁଏ ମହତାବଙ୍କ ଡେମୋକ୍ରେସିର ଏ ମୂଳମନ୍ତ୍ରଟା ପଟେଲଜୀଙ୍କଠୁଁ ହାସଲ କରି ନେଲେ ।

ତନ, ମନ, ଧନ, ଜୀବନ ଯୌବନ ।
ସର୍ମ୍ପି ଦେଇ ସବୁ ମନ୍ତ୍ରୀଙ୍କ ସଦନ ।
ନିଶ୍ଚିନ୍ତରେ ସର୍ବେ ସୁଖେ ରହୁଥାଅ,
ମଟରରେ ଚଢି ସ୍ୱର୍ଗେ ହଟିଯାଅ ।

\+ × +

ସ୍ୱର୍ଗିତ ଜହରଲାଲ ଅତିବେଶି ବକ୍ତୃତା ଦେଉଥିବା ଅପରାଧରେ ଏକ ରଙ୍ଗରସାତ୍ମକ ଅଭିନୟ କରି ଦିଲ୍ଲୀ ଜାହାଜର ଅଫିସର ଗଣ ତାଙ୍କର ବଗୁର ଓ ଦଣ୍ଡବିଧାନ କରିଛନ୍ତି । ଯବ ଦ୍ୱୀପ ଓ ବଲୀ ଦ୍ୱୀପ ଘେରିଆସିଲେ ଫେରି ପଣ୍ଡିତଜୀ ଆଉ ବକ୍ତୃତା ଦେବେ ନାହିଁ ବୋଲି ଅନୁମାନ କରାଯାଏ । କାରଣ ନୃତ୍ୟ ଓ ମୁଦ୍ରାଦ୍ୱାରା ଭାବର ଅଭିବ୍ୟକ୍ତ କରିହୁଏ ବାକ୍ୟୋଚ୍ଚାରଣ ଠାରୁ ଅଧିକ ମାତ୍ରାରେ । ଯବ ଦ୍ୱୀପ ଓ ବଲୀ ଦ୍ୱୀପରେ ସେ କିଛି ଦିନ ସେଠାକାର ନୃତ୍ୟ ଦର୍ଶନ କରି ଆସି ଏଣିକି ଅଙ୍ଗନ୍ୟାସ ଓ ମୁଦ୍ରା ଦ୍ୱାରା ଭାବ ପ୍ରକାଶ କଲେ ଲୋକେ ସହଜରେ ବୁଝି ପାରି ଆନନ୍ଦ ଲାଭ କରିବେ ।

× + ×

ଆମ ମହତାବଙ୍କୁ ଯେପରି ଶାବଳା—ପ୍ରସନ୍ନ ହୋଇଥିଲେ ଏଠି ଥିଲା ବେଳେ ; ଆମେ ଭାବି ଥିଲୁ ଯେ ଦିଲ୍ଲୀ ଜଳ ହାୱାରେ ସେ ଚତୁର୍ମୁଖ ହୋଇଉଠିବେ ଓ ବୃହସ୍ପତିଙ୍କ ଯେପରି ହିମାଚଳ ଠାରୁ କୁମାରିକା ଯାଏ ଲମ୍ବ ଲମ୍ବ ବାକ୍ୟବାଣରେ ଗଗନ ପବନ ବିଦୀର୍ଣ୍ଣ କରି ଦେବେ, ମାତ୍ର ତାଙ୍କ ପ୍ରଥମ ଭାଷାରେ ସେଠି ସେ ଜଣାଇ ଦେଲେ ଯେ ସେ ଜଣେ 'କର୍ମବୀର' ବାକ୍ୟବୀର ନୁହନ୍ତି :- ଏଣୁ ଏଠାରେ କେବଳ କର୍ମ ( work ) କରିବେ ବାକ୍ୟ ( Words ) କହିବେ ନାହିଁ । ଓଡ଼ିଶା ଦେଶର କେତେ ବଡ଼ ଗୋଟାଏ ଶ୍ୟାଳି ଓ ଓଡ଼ିଶା ଜାତି କେତେ ବଡ଼ ଗୋଟାଏ ଅଣାକୁ ସେ ବଲବୁଲ୍ ମାଟିଂ ତକାରଃ । ...... ଖାଲି ଏତିକି ଭରସା ରହିଲା, ତାଙ୍କର ବୃଷାଳ ବସୁ ଦ୍ୱାରା ଓଡ଼ିଶାର ମାନ କେତେ ଟେକିଛନ୍ତି !

\+ + + +

ସେଦିନ ଦିଲ୍ଲୀର ନୂଆ ମନ୍ତ୍ରୀ ସମ୍ବର୍ଦ୍ଧନା ସଭାରେ ପୁଣି ତାଙ୍କୁ କହିବାକୁ ପଡ଼ିଲା । ପୂର୍ବ ପ୍ରତିଜ୍ଞା ସ୍ମରଣ କରି ସେ ବାଧ ହୋଇ କହିଲେ କି -ମୁଁ ମନ୍ତ୍ରୀ ହିସାବରେ କିଛି କହିବି ନାହିଁ, ଜଣେ କଂଗ୍ରେସ କର୍ମୀ ହିସାବରେ କହୁଛି ମାତ୍ର ।

ସତ କଥା ଏକା ; ସେ ହେଉଛନ୍ତି ଶିଳ୍ପମନ୍ତ୍ରୀ; ଶିଳ୍ପଟା ହାତରେ କରିବାର କଥା-ତୁଣ୍ଡରେ କହିବାର ନୁହେଁ । ତୁଣ୍ଡରେ ଯାହା କହିବାର-ତାହା ପ୍ରଧାନ ମନ୍ତ୍ରୀ ଜବାହରଲାଲଙ୍କୁ ବଳଉଛି କେଉଁଠି ଯେ ସେ କହନ୍ତେ !

**Silence is golden !**

\+ + + +



Digitized by srujanika@gmail.com



# ଚିଠି

ଲେ—ସୁନୀଲମୋହନ ମିଶ୍ର

ଆଇନ କଲେଜ

ପ୍ରେମାବ୍ଦ ୯-୪-୪

ପ୍ରାଣର କମଳା(ପିଲଟି),

ତୁମର ପାସ ଖବର ଶୁଣି ସୁଖୀ ହେଲି। ସୈନ୍ଦ୍ରୀ ସ୍ମୃତି ହାଇସ୍କୁଲର ଛାତ୍ରୀ ତୁମେ, ମୋର ଶୁଭେଚ୍ଛା ନେବ। ତୁମେ ଲେଖିଛ ମୋର ନୂତନ ଜୀବନର ସନ୍ଦେଶ ଦେବାକୁ। ମୁଁ ବର୍ତ୍ତମାନ ମଧୁସୂଦନ ଆଇନ କଲେଜର ନୂତନ ଛାତ୍ର। ଗଙ୍ଗାଧର କଲେଜରୁ ପାସକରି ଆସି ବର୍ତ୍ତମାନ 'ଫକୀର ମୋହନ' ଛାତ୍ରାବାସରେ ରହୁଛି। ଆମର ଛାତ୍ରାବାସଟି 'ଜହରଲାଲ' କେନାଲ କୂଳରେ ଅବସ୍ଥିତ। 'ଗାନ୍ଧି ଷ୍ଟେସନ'ରୁ ଓହ୍ଲାଇ ସିଧା ସିଧା "ଗୋପବନ୍ଧୁ ରାସ୍ତାରେ" ଯାଇ ବାଁ କଡ଼କୁ ବୁଲିଗଲେ ଆସି ପହଞ୍ଚିବାକୁ ହେବ 'ସୁଭାଷ' ଛକରେ। ସେଇ ଛକରେ ଅଛି "ଜ୍ଞାନାଞ୍ଜନଗୋ ଚଷମା କାରଖାନା।" ଏଠାରେ ଆମେରିକା ଧରଣରେ ଚଷମା ତିଆରି ହୁଏ। ସେଇଠୁ ଟିକିଏ ଦୂରରେ "ସୁଭାଷ ରାସ୍ତା" ପଡ଼ିବ। ବାଁ ଦଗରେ ରହିଥିବ "ମହତାବ ପୋଲ" ଏଇ ପୋଲ ବାଟରେ "ପଟେଲ ବସ ସାର୍ଭିସ" ଯିବା ଆସିବା କରେ। "ବଢ଼ହା ବଜାର"ର ବାଁ ଆଡ଼କୁ ବୁଲି ଯାଇଥିବା 'ଲିଙ୍ଗରାଜ ଗଲି'ରେ 'ଲିଙ୍ଗରାଜ ମନ୍ଦିର' ଅଛି। ଲିଙ୍ଗରାଜ ମନ୍ଦିରର ସାମନାରେ 'ମହତାବ ପଡ଼ିଆ' ଆଉ ସେହି ପଡ଼ିଆର ଡାହାଣ କଡ଼କୁ "ମହତାବ ବ୍ୟାଙ୍କ ଫେକ୍ଟ୍ରୀ", "ମହତାବ ଜଡାଢେଲ କାରଖାନା", "ମହତାବ ଲେଭର ପ୍ରାଇମେରୀ ସ୍କୁଲ"। ଏଇଠି ଅଛି ମୁଁ ଆଉ ମୋର ଛାତ୍ରାବାସ। ତୁମେ ଲେଖିଛ ମୁଁ ଚିଠି ଡେରିରେ ଦିଏଁ ବୋଲି। କିନ୍ତୁ ତୁମର ଚିଠିର ଠିକଣା ସବୁବେଳେ ଭୁଲ ଥାଏ। ମୋର କୋଠରୀର ନା ହେଉଛି "ମାମୁଁ"। "ଛ ମାଣ ଆଠଗୁଣ୍ଠ" କୋଠରୀକୁ ଲାଗିକରି ଅଛି "ଲଛମା" କୋଠରୀ। ତାହାର ସାମ୍ନାରେ ରହିଛି 'ଗାର୍ଲ୍ସ ସ୍କୁଲ' କୋଠରୀ। ବର୍ତ୍ତମାନ ମୁଁ 'ଅଭିମନ୍ୟୁ ସାମନ୍ତ' ସିଂହାରର ମେସରେ ଖାଉଛି। ପ୍ରଭାକର ଖାଉଛି 'ଜଗନ୍ନାଥ ଦାସ' ମେସରେ। ଏଥର ଆଇନ କଲେଜର ପ୍ରଥମ ଭାଗରେ ବା "ଚନ୍ଦ୍ରାମଣି" ବିଭାଗରେ ଅଛି ନରସିଂହ ଆଉ ମୁଁ ଅଛି "ପବିଜା" ବିଭାଗରେ। 'କାଟ୍ଜୁ କମନ ରୁମ'ରେ ବେଳେ ବେଳେ ସମ୍ବଲପୁର ଛାତ୍ରମାନଙ୍କ ସାଙ୍ଗରେ ଦେଖାହୁଏ। ସେମାନେ କହନ୍ତି "ଆସଫ କମନ ରୁମ" ଟି ଭଲ। ଦୁଇଜଣ ଝିଅ ଆମ ସାଙ୍ଗରେ ପଢ଼ନ୍ତି। ସେମାନେ 'କୁନ୍ତଳା କୁମାରୀ କମନ ରୁମ'ରେ ବସାଉଠା କରନ୍ତି। ଖବର ନେବାରୁ ଜଣାଯାଇଛି ଯେ ସେ କମନ ରୁମର ନାମ କରଣ ଭିନ୍ନ ଧରଣର ହେବ। ଯେତେଦୂର ସମ୍ଭବ ତାହା "ସରଳା ସ୍ନାନ ପାଉଚ୍ଛ କମନ ରୁମ" ବୋଲି ପରିଗଣିତ ହେବ। ଆମ କଲେଜର ସାମନାରେ ଗୋଟାଏ ସୁନ୍ଦର ବଗିଚା ଅଛି। ସେଠି ମାୟାଧର, ବଞ୍ଚନ୍ଦ, ବିନୋଦ, ଶଚୀ ଇତ୍ୟାଦି ଫୁଲଗଛ ଲଗା ହୋଇଛି। ରାଜୁ ଏଥର ସେଠି ଗୋଟିଏ ନୂଆ ଫୁଲଗଛ ଲଗାଇଥିଲେ। ରାଧାମୋହନ ଛେଳି ଆସି ଖାଇଗଲା। ରାଜୁ ଦେଇଥିବା ଗଛ ନା ଜୁଆଡ଼େ ରାଜୁ ହୋଇଥାନ୍ତା। କେମ୍ପ ଆଉ ସରଜୁ 'ସରୋଜିନୀ ମହିଳା କଲେଜ'ରେ ପଢନ୍ତି।

କାଲି "ଖୋସଲା" ଦୂଳକୁ ବୁଲିବାକୁ ଯାଇଥିଲି। ଖୋସଲା କୂଳରେ "ନନ୍ଦନ" ପାର୍କରେ କେହି ନଥିଲେ। ଆଖି ଦୁହାଁକୁ ଶୁଭେ ଶୁଭେ ଫେରାଇ ଆଣି ପାରିଲି।

ତୁମ ଭାଇ ନଥିଲୁ କହିବ ଯେମିତି ସେ ଭଲ ପଢ଼ାଶୁଣା କରେ। କଲ୍ପନା କମିଛ ଅଛି ତାକୁ କହିବ ସେ ଯେପରି ସଞ୍ଜ ସକାଳେ ରାମଧୂନ ଗାଏ। ପୂଜା ଛୁଟିରେ ଘରକୁ ଯିବ ତୁମପାଇଁ 'ମମତାଜଙ୍ଘାଣ୍ଟି ଶାଢ଼ୀ' ଖଣ୍ଡେ ନେବ ବୋଲି ଭାବିଛି।

ଧରଣୀରେ ନଇଁ ଆସିଛି 'ଜମ୍ବୁପ୍ରକାଶ' ଗୋଧୂଳି; ଚକ୍ରବାଳରେ ଦେଖାଯାଏ 'ମ୍ଳାନ' ସୂର୍ଯ୍ୟ ବୁଡ଼ିବା ଉପରେ। ପୂର୍ବ ଆକାଶରେ ଘୋଟି ଆସୁଛି କଳା ରାତି। 'ମାଳତୀ ଦେବୀ'ଙ୍କ ପଦ୍ୟ।

ବିଦାୟ...

ତୁମର

ନେହେରୁ

ବି:ଦ୍ର. ନେଥି ମୋ ଶଳା, କଳ୍ପନା ମୋ ଶାଳୀ

## ଡଗର ନୂଆବର୍ଷ

ଆସନ୍ତା ସଂଖ୍ୟାରୁ ଡଗରର ନୂଆ ବର୍ଷ ଆରମ୍ଭ ହେବ।

ଏ ବର୍ଷରେ ଡଗରର ନୂଆ କଳେବର ଧରିବାର ବାସନା ଅଛି। ଗ୍ରାହକ ଗ୍ରାହିକାଙ୍କ ଆନ୍ତରିକତା ଉପରେ ଭରସା କରୁଛୁଁ।

ଆସନ୍ତା ସଂଖ୍ୟାରୁ ଡଗରରେ ଏକ ନୂଆ ବିଭାଗ ଆରମ୍ଭ କରି କିଛିଦିନ ଜାରି ରଖିବାକୁ ମନସ୍ଥ କରାଯାଇଛି।

ଉତ୍କଳର ପ୍ରସିଦ୍ଧ ଲେଖକମାନେ "ମୁଁ ଡାହାଁକି ଲେଖେଁ" ଶିରୋନାମାରେ ନିଜ ନିଜର ଲେଖା ମୂଳରେ ଥିବା ପ୍ରେରଣାକୁ ରୂପ ଦେବେ; ଏଥିରେ ଭାଗ ନେଇଛନ୍ତି ଶ୍ରୀ ମାୟାଧର ମାନସିଂହ ଶ୍ରୀ କାଳିନ୍ଦୀ ପାଣିଗ୍ରାହୀ, ଶ୍ରୀ ଗୋପୀନାଥ ମହାନ୍ତି, ଶ୍ରୀ କାହ୍ନୁଚରଣ ମହାନ୍ତି, ଶ୍ରୀ ଚନ୍ଦ୍ରମଣି ଦାସ, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ପ୍ରଭୃତି। ପ୍ରତ୍ୟେକ ଲେଖକର ବ୍ୟଙ୍ଗ ଆକୃତି ପ୍ରଚ୍ଛଦ ପଟରେ ସ୍ଥାନ ପାଇବ।

ଦୁଃଖର ସହିତ ଜଣାଉଛୁଁ ଯେ ଅର୍ଥାଭାବରୁ ନୂଆ ବର୍ଷରେ ବିଶେଷ ସଂଖ୍ୟା କରି ପାରିବୁ ନାହିଁ।

—ପରିଚାଳନା—



Digitized by srujanika@gmail.com

# *ପ୍ରଜାପତିଙ୍କ ରେଜିଷ୍ଟ୍ରିଖାନା

ପ୍ରଥମ ଖଣ୍ଡସ୍ୟ ୫ ସ୍ଥ

ଷ୍ଟାମ୍ପ—ଏକହଜାର ଟଙ୍କା

ଦଲିଲ—ସୁରେନ୍ଦ୍ରସ୍ୟ ପ୍ରେମଲତା

ଦାତା—

ପୁତ୍ରୀ ପ୍ରେମଲତା ମିଶ୍ର,
ବୟସ ଷୋଡ଼େ ଷୋଡ଼ଶ,
ଗ୍ରାମ ବୋଧଙ୍ଗ, ଥାନା ସାଲେପୁର
ଜିଲ୍ଲା କଟକ ।
ଜାତି—ଯୁବତୀ ।
ବ୍ୟବସାୟ—ପ୍ରେମଦାତ୍ରୀ ।

ଗ୍ରହୀତା—

ଶ୍ରୀମାନ ଚକ୍ରଧାରୀ ସୁରେନ୍ଦ୍ରନାଥ ମିଶ୍ର,
ବୟସ ଏକୋଇଶ,
ଗ୍ରାମ ବୋଲଗୁଣ୍ଡ କୁଟୀର, ଥାନା କଟକ
ଜିଲ୍ଲା କଟକ ।
ଜାତି—ଯୁବକ ।
ବ୍ୟବସାୟ—ମନୋଚୋର ।

ଦାତା ଉବାଚ—

ଅମ୍ଭେ ଦାତା ପୁତ୍ରୀ ପ୍ରେମଲତା ମିଶ୍ର ଅଦ୍ୟ ଏହି ଦାନପତ୍ର ଦଲିଲରେ ଆମ୍ଭର ଗୁରୁଜନମାନଙ୍କର ପରାମର୍ଶ କ୍ରମେ ଅମ୍ଭେ ଆମ୍ଭର ନବ ବିକଶିତ ଯୌବନ ରୂପକ ସମ୍ପତ୍ତିକୁ କାୟମନବାକ୍ୟରେ କାହାରି ବିନା ଶିକ୍ଷା ଓ ବିନା ବଳତ୍କାରରେ ଗ୍ରହୀତାଙ୍କର ଇଚ୍ଛା କ୍ରମେ ତାଙ୍କ ହସ୍ତରେ ସୁବନ୍ଦୋବସ୍ତ ନିମନ୍ତେ ଅର୍ପଣ କରି ଅଙ୍ଗୀକାର କରୁଅଛୁଁ କି ଯେ ଗ୍ରହୀତା ଆଜୀବନ ଭୋଗ ଦଖଲକାରୀ ହୋଇ ପାରିବେ, ଏ ବିଷୟରେ ପରେ କୌଣସି ପ୍ରକାର ଆପତ୍ତି କଲେ ହେଲେ ଅଗ୍ରାହ୍ୟ ହେବ ଗ୍ରହୀତାଙ୍କର ମନରୁ ସନ୍ଦେହ ଦୂର କରିବାପାଇଁ ଅମ୍ଭେ ଆମ୍ଭର ନିଜ ଇଚ୍ଛାରେ ଏହି ସର୍ତ୍ତର ଶିଳ୍ପ କଲେ, ଗ୍ରହୀତା ଅଦାଲତର ବିନା ଆଶ୍ରୟରେ ଓ ଆମ୍ଭର ଗୁରୁଜନମାନଙ୍କର ଆପତ୍ତି ଅଭିଯୋଗ ସତ୍ତ୍ୱେ ବନ୍ଧକରୂପେ ଥିବା ଆମ୍ଭ ଭଗିନୀକୁ ବନ୍ଧୁବାନ୍ଧବ ସହ ଭୋଗ ଦଖଲ କରିପାରିବେ, କୌଣସି ଆପତ୍ତି ଅଭିଯୋଗ କଲେ ହେଲେ ଅଗ୍ରାହ୍ୟ ହେବ ।

ଗ୍ରହୀତା ଉବାଚ—

ଅମ୍ଭେ ଗ୍ରହୀତା ଶ୍ରୀମାନ ସୁରେନ୍ଦ୍ରନାଥ ମିଶ୍ର ନିଜ ଇଚ୍ଛାରେ ଧୀରଚିତ୍ତ ସ୍ଥିରବୁଦ୍ଧିରେ ଦାତାଙ୍କର ଅନୁରୋଧ କ୍ରମେ ଆମ୍ଭର ଗୁରୁଜନମାନଙ୍କର ପରାମର୍ଶରେ ବନ୍ଧୁବାନ୍ଧବ ମାନଙ୍କୁ ଭୋଜନାଦି ଦେଇ ଦାତାଙ୍କର ଅଭିଳଷିତ ମନୋବାଞ୍ଛା ପୂର୍ଣ୍ଣ କରିବା ନିମନ୍ତେ ଓ କେବଳ ତାଙ୍କଠାରେ ଅନୁରକ୍ତ ରହି ତାଙ୍କର ଦାନ ସମ୍ପତ୍ତିକୁ ସୁବନ୍ଦୋବସ୍ତ କରି ବର୍ଷକୁ ବର୍ଷ ଲଭ କ୍ଷତି ସହ ଭରଣ ପୂରଣ କରି ଅଙ୍କକୁ ଅବଜ୍ଞା ନ କରିବୁ ବୋଲି ଅଙ୍ଗୀକାର କରି ଏଥିରେ ତ୍ରୁଟି କଲେ ଦାତାଙ୍କ ଇଙ୍ଗିତ କ୍ରମେ କାନମେଣ୍ଟା, ବସ ଉଠ ଦଣ୍ଡରେ ଦଣ୍ଡନୀୟ ହେବାକୁ ଆଜୀବନ ବାଧ୍ୟ ରହିଲୁଁ । ଏଥିରେ ଅମ୍ଭେ କିମ୍ବା ଆମ୍ଭର ବନ୍ଧୁବାନ୍ଧବମାନେ ଓଜର ଆପତ୍ତି କରି ନ ପାରିବୁ ବା ନ ପାରିବେ, କଲେ ହେଲେ ଅଗ୍ରାହ୍ୟ ହେବ । ଇତି । କାର୍ଯ୍ୟଞ୍ଚାଗେ

ଫଗୁଣମାସ ବୁଧବାର ଶୁକ୍ଳପକ୍ଷ,
ତା ୨୨ । ୨ । ୫୦

| | | | |
|---|---|---|---|
| ରେଜିଷ୍ଟ୍ରର ଅଫିସ— | ବାସରଗୃହ ପଲଙ୍କ | ନଂ— | ଗଣପତି |
| ସବ୍‌ରେଜିଷ୍ଟ୍ରର— | କାମଦେବ | ମାସୁଲ— | ଖିଲିପାନ, ସରୁ ଚାଉଳ |
| ହେଡ଼ କିରାଣୀ— | ପ୍ରେମ ଓ ସୁହାଗ | ପୁରସ୍କାର— | ଅଡଅଡ଼ ମୁହଁ, ହସ ହସ ଗୃହିଣୀ |
| ଗଚ୍ଛିତା— | ଶ୍ରୀମତୀ ରତି ଦେବୀ | | |
| ସାକ୍ଷୀ— | ଗୁରୁଚକ୍ଷୁ | | |

× × × × × × ×

ବାଳୁ—

ଯୁବତୀ ଜବାଧର ଚୁମ୍ବନ ସୁଖ
ସୁଖ ନୁହଇ ସେହି ଅପାର ଦୁଃଖ
ଭଲ ମାର୍ଗରେ ତାହା କଲେ ଗ୍ରହନ,
ସୁଖରୁ ସୁଖତର ହୁଏ ଜୀବନ ।

ବୀଣା—

ପତିଟି ପରମ ଧର୍ମ ପତିଟି ନମସ୍ୟ,
ପତିହିଁ ପରମ ଗୁରୁ ପତିହିଁ ସର୍ବସ୍ୱ ।
ପତି ସନ୍ତୋଷେ ସନ୍ତୋଷ ସକଳ ଦେବତା,
ପତିଟି ସକଳ ତୀର୍ଥ ମନରେ ଜାଣିଥା । ଇତି ।
ଆଶୀର୍ବାଦକ—ଉତ୍କଳବନ୍ଧୁ

*ନବଦମ୍ପତିଙ୍କୁ କ୍ଷମା ପ୍ରାର୍ଥନା ସହ ।



Digitized by srujanika@gmail.com

## ବିପଣୀ ବାହାରେ

ଲେ—ବୃନ୍ଦାବନଚନ୍ଦ୍ର ମହାପାତ୍ର ବି. ଏ. ଡି. ଇଡ୍.

ବାହ୍ମି ବଜାର ଛକ ଉପରେ ଖଲମୋର-ଅର ବିପଣୀ। ତା'ପରେ ଲେଖା ହୋଇଥିଲା- "ପୂଜା ଉପହାର"

ଘରର ପ୍ରତ୍ୟେକ କାନ୍ଥକୁ ଲାଗି ଏ କୋଣରୁ ସେକୋଣ ପର୍ଯ୍ୟନ୍ତ ତିନୋଟି ଲମ୍ବା ଚାଳ୍କଣ ଟେବୁଲ ପଡ଼ିଥିଲା। ଲମ୍ବା ଚାଳ୍କଣ ଟେବୁଲ ଧାରରେ କାନ୍ଥ ପାଖକୁ ତିନିଗୋଟି ପଙ୍କ୍ତିରେ ବିକ୍ରେତା ସବୁ ବସିଥିଲେ ଗ୍ରାହକମାନଙ୍କ ଅପେକ୍ଷାରେ। ପ୍ରତ୍ୟେକ ବିକ୍ରେତା ଦୋକାନର ବିଭିନ୍ନ ଦ୍ରବ୍ୟ ମଧ୍ୟରୁ ଗୋଟିକୁ ଆବୋରି ବସିଥିଲେ। କିଏ ଶାଢ଼ୀ ମେଖଳା ଭିତରେ ହଜିଥିଲା। କିଏ ହୁଏତ କଷ୍ମୋଟିକ୍ସ ବାକ୍ସର ଅଧିକାର ପାଇ ଓଠରେ ଫେଉ-ନାଯା ହସ ଖେଳେଇ ବସିଥିଲା। ଅନ୍ୟ କେହି ହୁଏତ ଚାହ୍କଣ ଟେବୁଲ ଉପରେ ନାନା କିସମର ସ୍ନୋ-ଭାନିର ପ୍ରଦର୍ଶନୀ କରି ଭିନ୍ନ ସ୍ନୋ-କ୍ରିମର ଉପଯୋଗିତା ଓ ଗୁଣ ବଖାଣି ପାଖ କଣାର୍କା କିଶୋରୀକୁ ଲଜ୍ଜାରେ ଜଡ଼ସଡ଼ କରି ଦେଉଥିଲା। ଦକ୍ଷିଣପଟ କଣରେ ଅନ୍ୟ ଜଣେ ବିବିଧ ଶିଶୁଖେଳନା ଦେଖେଉଥିଲା ସନ୍ତାନ-ଗର୍ଭିଣୀ ମା'କୁ। ତରୁଣମାନଙ୍କର ଭିଡ଼ ବେଶୀ ଜମିଆସିଥିଲା ଗୋଟିଏ ବିକ୍ରେତା ପାଖରେ ଯିଏ ଧରି ବସିଥିଲା ଗଞ୍ଜାମା, ଜିଲେଟ ସେଣ୍ଟ, ସାବୁନ, ସ୍ନୋ, ପାଉଡର।

କାଲି ଦଶହରା।

ସନ୍ଧ୍ୟା ନହେଉଣୁ ଦୋକାନଟି ମୁଖର ହୋଇ ଉଠିଲା। ସନ୍ଧ୍ୟା ହୁଏ ହୁଏ ଭିଡ଼ କ୍ରମେ ବଢ଼ି ଉଠିଲା। ତରୁଣର ଅଧୈର୍ଯ୍ୟ ଉଦ୍ଗମାସୀ କିଶୋରୀର ଏଇଟି-ସେଇଟି-ସବୁ ନେବ ମନାମଣ୍ଡାଣିଆ ହସ, ଛୋଟ ଛୁଆମାନଙ୍କର ଚପଳତାରେ ଦୋକାନଟି ଭରିଥିଲା। ରାସ୍ତାରେ ଯାଉଥିବା ଲୋକେ ଦଣ୍ଡେ ରହିଯାଉ ଥିଲେ ଭିତରର ସୌନ୍ଦର୍ଯ୍ୟ ବିପଣୀ ଉପରେ ପକେଇ।

ଏତେ ଭିଡ଼ ଅଛି। କିନ୍ତୁ ତା' ପାଖକୁ ଜଣେ ହେଲେ ଗ୍ରାହକ ଆସିଲେ ନାହିଁ। ସନ୍ଧ୍ୟା ବେଳୁ ଖାଲିହାତ ବସି ବସି ପ୍ରଭାତକୁ ବଡ଼ ବିରକ୍ତ ଲାଗୁଥିଲା। ସେ ଜାଣିଥିଲା ଏ ପୂଜା ଗହଳିରେ ତା' ପାଖକୁ କେହି ଆସିବେ ନାହିଁ। ସେ ଧରି ବସିଥିଲା ସୁନାର ହେୟାର ପିନ୍। ଏ ସମୟରେ ଏ ଜିନିଷର ମୂଲ୍ୟ କାହିଁ? ତଥାପି ସେ ଜଣେ ଅନ୍ୟ ଆଶା କରିଥିଲା। ନଅଟା ବାଜିଗଲା ଗହଳି ପତଳା ହେଇ ଆସିଲା। ଆଉ ଅଧଘଣ୍ଟାଏ ରହିଲେ ଦୋକାନ ବନ୍ଦ ହେବାକୁ! ହାଇ ପକେଇ ସେ ରୁମାଲରେ ମୁହଁ ପୋଛି ଆଣିଲା। ମଝିରେ ରୁମାଲଟି ରଖି ମୁହଁ ଦେଖେଇ ତା' ଆଡ଼କୁ ଆସୁଛି ଗୋଟିଏ କିଶୋରୀ।

କିଶୋରୀଟି ତା' ପାଖକୁ ଆସି ପଚାରିଲା,

"ହେୟାର ପିନ୍ ଅଛି?"

"ଅଛି।"

"ଦେଖେଁ!"

ପ୍ରଭାତ ବାକ୍ସ ଗୋଟିଏ ଭଲ କେଶକଣ୍ଟା କିଶୋରୀକୁ ଦେଖେଇଲା।

"ନାଁ। ଭଲ ନୁହେଁ। ଅନ୍ୟ ଦେଖାନ୍ତୁ!" କିଶୋରୀଟି କଣ୍ଟାଟିକୁ ଭଲକରି ନଦେଖୁଣୁ କହିଲା। ନିଜର ମନୋଜ୍ଞତାଟି ବେପସନ୍ଦ ହେବାର ଦେଖି ପ୍ରଭାତକୁ ଚିଡ଼ ଲାଗିଲା। ସେଇଟିକୁ ଭିତରେ ରଖିଦେଇ ଅନ୍ୟ କିସମର ଆଣିଲା। ସେଥିକୁ ଟେବୁଲ ଉପରେ ନ ରଖୁଣୁ କିଶୋରୀ ଅଧୈର୍ଯ୍ୟ ହୋଇ କହିଲା,—

"ପ୍ଲାଷ୍ଟିକର ନୁହେଁ।" ପୁଡ଼ିଆକୁ ରଖିଦେଇ ଆଉ ଗୋଟିଏ ଆଣିଲା। ସେଇଟା ନେଇ ପୁଣି ସଙ୍ଗେ ସଙ୍ଗେ ଫେରାଇ ଦେଇ କିଶୋରୀ କହିଲା,—

"ସେଲୁଲଏଡର ମଧ୍ୟ ନୁହେଁ।" ଟିକିଏ ଅପ୍ରସ୍ତୁତ ହୋଇଯାଇ ସେ ସେଇଟିକୁ ଯଥାସ୍ଥାନରେ ରଖି ଦେଇ ଗଡ଼ାପାଗ୍ଲର ଗୋଟିଏ କେଶକଣ୍ଟା କାଢ଼ିଲା। କିଶୋରୀଟିର ଚଞ୍ଚଳ ଭଙ୍ଗିମା ଏବଂ ତା'ର କଥାବାର୍ତ୍ତାକୁ ପ୍ରଭାତ ଭାବିଲା ସେ କୌଣସି ଧନୀ ତନୟା ହେବ। ତେଣୁ ସେ ସନ୍ତ୍ରମରେ ଗଡ଼ାପାଗ୍ଲର ସୁନ୍ଦର କେଶକଣ୍ଟାଟି ତାକୁ ଦେଖେଇଲା। ଝିଅଟି ତାକୁ ଗ୍ରହଣ ନ କରି ବିରକ୍ତ ହୋଇ କହିଲା, "ଏ ତ କଳା ଦରକାର।" ତାଚ୍ଛଲ୍ୟ ଭିତରକୁ ଫୋପାଡ଼ି ଦେଇ ସେ କଳା ରଙ୍ଗର ଗୋଟିଏ କାଢ଼ି ଆଣିଲା। ସୁନ୍ଦର କୃଷ୍ଣବର୍ଣ୍ଣ କେଶକଣ୍ଟାଟି ଦେଖି କିଶୋରୀର ମୁହଁଟି ଉଜ୍ଜ୍ୱଳ ହୋଇଗଲା। କାନ୍ଧକାନ୍ଥ କାନ ଉପରେ ଝୁଲି ପଡ଼ିଥିବା ଲୁଚି ଲୁଚି ଗାଲ ଭିତରେ କୃଷ୍ଣବର୍ଣ୍ଣ କେଶକଣ୍ଟାଟି ଗୁଞ୍ଜି ଦେଇ ସେ ପଚାରିଲା,

"ଦାମ କେତେ?"

"ବାରଅଣା।"

"ଓଃ।" କହି ସେଇଟି ମଥାରୁ କାଢ଼ି ପକେଇ ଟେବୁଲ ଉପରେ ଥୋଇଦେଇ ପଚାରିଲା, "ଆଉ ଅଳ୍ପଦାମର ଅଛି?"

"ଅଛି।" ସେଇଟିକୁ ଭିତରେ ରଖି ଦେଇ ଆଉ ଗୋଟିଏ କାଢ଼ିଲା। ଝିଅଟି ତାକୁ ଥରେ ମାତ୍ର ଦେଖିଦେଇ କହିଲା, "ନାଁ ସୁନ୍ଦର ନୁହେଁ।" ପୁଣି ପ୍ରଭାତ ସେଇଟିକୁ ଭିତରେ ରଖିଲା। ଅନ୍ୟଟିଏ କାଢ଼ିଆଣିଲା। ଝିଅଟିର ମନକୁ ସେଇଟି ପାଇଲା। ସେଇଟିକୁ ଡାହାଣ ହାତରେ ଧରି ପଇସା ପାଇଁ ବାମ ହାତରେ ମନିବ୍ୟାଗଟି ଫିଟେଇ ଫିଟେଇ ସେ ପଚାରିଲା, "ଇଏ ଦାମ କେତେ?"

"ଆଠଅଣା।"

"ଏତେ?" ସେ ପୁଣି ସେଇଟିକୁ ତଳେ ଥୋଇ ଦେଲା। ତା ମୁହଁ ଟିକିଏ ବିବର୍ଣ୍ଣ ପଡ଼ି ଆସିଥିଲା। ପ୍ରଭାତ ଭାବିଲା କିଶୋରୀ ଧନୀ ତନୟା ତ ନୁହେଁ। କୌଣସି ସ୍ୱଚ୍ଛଳ ଘରର ଝିଅ ମଧ୍ୟ ନୁହେଁ। ନ ହେଲେ ପୂଜା ବଜାରରେ ଆଠଣା ଦାମର ଜିନିଷଟେ କିଣିବାକୁ ସେ ପଛେଇ ଯାଉ ନଥାନ୍ତା। ପ୍ରଭାତ ବିରକ୍ତ ହୋଇ ପଚାରିଲା, "କେତେ ଦାମର ଆପଣ ଚାହାନ୍ତି?" ତା'ର ଉଚ୍ଚ ତାଚ୍ଛଲ୍ୟ କଣ୍ଠରେ କିଶୋରୀଟି ବଡ଼ଅପ୍ରସ୍ତୁତ ହୋଇ ପଡ଼ିଲା ସେ



Digitized by srujanika@gmail.com

# ଉତ୍ତର

ନମ୍ର କଣ୍ଠରେ ପ୍ରଶ୍ନକଲା, "ଦୁଇଅଣା ରେ ମିଳିବ ନାହିଁ ?" ପ୍ରଭାତ କେଶକଣ୍ଟାଟିକୁ ଡିବାରକୁ ଫେରାଇ ଦେଇ କିଶୋରୀ ମୁହଁକୁ ଚାହିଁ କହିଲା; "ତାହାହେଲେ ବାଲ୍‌ମୋରିଆରୁ ଏତେ ଦୂର ଧାଇଁ ଆସିଲେ କାହିଁକି ? ସେଇଠୁ କିଣି ନେଇ ପାରିଥାନ୍ତେ । ବାଲ୍‌ମୋରିଅରେ ଦୁଇଅଣା ଜିନିଷ ମିଳେ ନାହିଁ ।" ପ୍ରଭାତ ହସୁ ନଥିଲା । ତା' କଣ୍ଠ ସ୍ନେହ-ପୂର୍ଣ୍ଣ । ଝିଅଟିର ଗାଲ ରଙ୍ଗ ପଡ଼ିଗଲା । ସେ ବ୍ୟାଗରୁ ଆଠଣିଟିଏ ଆଉ ଦୁଅଣିଟିଏ କାଢ଼ି ଟେବୁଲ୍ ଉପରେ ଇଡ଼େଇ ଥର ଥର ହାତରେ ଥୋଇ ଦେଇ କହିଲା,

"ସେଇ ବାରଅଣା ଦାମର ହେୟାର ପିନ୍‌ଟି ଦିଅନ୍ତୁ ।" ପ୍ରଭାତ ମନେ ମନେ ହସିଲା । ପଇସା ତକ ନେଇ କେଶକଣ୍ଟାଟି କିଶୋରୀ ହାତକୁ ବଢ଼େଇ ଦେଲା । ସେ ସେଇଟିକୁ ନେଇ ନିଜର କାନ୍ତିକାନ୍ତ କାନ ଉପରେ ଝୁଲି ପଡ଼ିଥିବା କାଳକୁଟ୍ଟ କେଶରାଜିରେ ଗୁଞ୍ଜି ଦେଲା । କିଶୋରୀଟି ଚାଲିଗଲା । ଦୋକାନ ବନ୍ଦ ହେବାର ଘଣ୍ଟି ବାଜି ଉଠିଲା । ଦୁଇଟି କେଶକଣ୍ଟା-ସେଟ୍ରୁ ଅଗୋଚରରେ ପ୍ରଭାତ ନିଜ ପକେଟରେ ଭରତି କଲା । ସମସ୍ତେ ନିଅନ୍ତି । ସେ ମଧ୍ୟ ନିଏ । ସେ ବିଷୟରେ ସେ କିଛି ଭାବେ ନାହିଁ । ସାନ ଭଉଣୀ ଥର ଥର କରି ବାରମ୍ବାର କହିଥିଲା ଦୁଇଟି ନେବାକୁ । ଦୋକାନ ବନ୍ଦ ହେଲା । କାଲି ଦୋକାନ ଖୋଲିବ ନାହିଁ । କାଲି ଦଶହରା । ଧୀରେ ଧୀରେ ସେ ପାହାଚରୁ ଓହ୍ଲାଇ ରାସ୍ତା ଉପରକୁ ଆସିଲା ।

କିଶୋରୀଟି ବେଶୀ ବାଟ ଯାଇ ନଥିଲା । ଗୃହନିଜ ଦନ୍ତ ଚିକିତ୍ସକ ଦୋକାନ ଆଗରେ ସେ ଦେଖିଲା କିଶୋରୀଟିକୁ । ତା' ମନଟା ପୁଣି ଅଜଣାରେ ପୁଲକିଉଠିଲା । ସେ ମନେ ମନେ ଭାବିଲା, ଝିଅର ସବୁ କିଣି ସାରିଲେ ବାକି ମନ ଲାଗୁ ଗୋଟିଏ ଜିନିଷ କିଣିବାକୁ ପଇସା ନାହିଁ । ଝିଅଟି ଲଇଁ ପଡ଼ି କଣ ଖୋଜୁଥିଲା । ପଛରୁ ପଦଶବ୍ଦରେ ସେ ମୁହଁ ଟେକି ଦେଖିଲା ସେଇ ତରୁଣ ବିକ୍ରେତାକୁ । ସେ ବଡ଼ ଅପ୍ରତିଭ ହୋଇ ପଡ଼ିଲା । ପ୍ରଭାତ ଭଦ୍ରତା ଖାତିରରେ ଟିକିଏ ହସାଇ ପଚାରିଲା,

"କଣ ପଡ଼ିଗଲା କି ?"

"ନାଇଁ ପାଇଲିଣି ?"

"କଣ ହଜିଥିଲା ଦେଖି ?" ପ୍ରଭାତ ଝିଅଟିର ହାତ ଉପରେ ଟିକେ ପକେଇ କହିଲା । ଝିଅଟି ବଡ଼ ଚଞ୍ଚଳ ହୋଇ ପଡ଼ିଲା । ତା' ହାତରେ କିଛି ନଥିଲା ।

"କଣ ହଜିଛି କହୁ ନାହାନ୍ତି ? ମୁଁ ଟିକେ ମଗ ଖୋଜିଦେବି ।" ଝିଅଟି ତଳକୁ ନଇଁ ପଡ଼ି ଉତ୍ତର ଦେଲା,

"ହେୟାର ପିନ୍‌ଟି ।" କହିଲା ବେଳେ ସେ ଯେପରି ଲଜ୍ଜାରେ ଅଧିକ ତଳକୁ ନଇଁ ଗଲା । ଏତେ ଜିନ୍ଦା ଜିନ୍ଦାରେ କଣ, ସେ କଣ ରହନ୍ତା ? ଏଇ କଥା ସେ ବାରନ୍ତରେ ଭାବୁ ଭାବୁ ହଠାତ୍ ପ୍ରଭାତର ମନଟା କିଶୋରୀ ପ୍ରତି ଟିକେ ଅବ୍ୟକ୍ତ ବେଦନା ଓ ସହାନୁଭୂତିରେ ପୂରି ଆସିଲା । ଟିକେ ଆଲୁଅରେ ସେ ପ୍ରଥମଥର ପାଇଁ ଦେଖିଲା ଯେ ଝିଅଟି ହାତରେ କାଚ ନଥିଲା । "ଆପଣ ଯାଆନ୍ତୁ । ମୁଁ ଆଉ ଟିକିଏ ଖୋଜିବି । ଯଦି ପାଇବି ପାଇବି । ନ ପାଇଲେ ନାହିଁ ।" ଝିଅଟିର କଣ୍ଠରେ ନ ପାଇବାର ଆଶଂକା ପୂରି ଆସୁଥିଲା । କିନ୍ତୁ ପାଇବାର ଆଶା ବିଲକୁଲ ମରି ନଥିଲା, ମରିବାକୁ ଚାହୁଁ ନଥିଲା । ଟିକେ ପରେ ପରେ ପ୍ରଭାତ ନମ୍ର କଣ୍ଠରେ ପଚାରିଲା ।

"କେଉଁଠି ପକେଇଲେ କହି ପାରିବେ ?"

"ଦୋକାନରେ ତ ଏଇ କାନ ପାଖ ବାଳରେ ଗୁଞ୍ଜି ଦେଲି । ମୋ'ର ଆଉ ମନେ ନଥିଲା । ଏଠି ହାତ ମାରି ଦେଖିଲି ବେଳକୁ ନାହିଁ ।"

ପଥଧାରରେ, ପଥଉପରେ ବାଲ୍‌ମୋରିଆ ଦୋକାନ ପର୍ଯ୍ୟନ୍ତ ଦୁହେଁ ଟିକେ ଖୋଜିଲେ । ପାଇଲେ ନାହିଁ ; ଅଦୂରରୁ ମଟରର ହର୍ନ ଶୁଭିଲା । ପ୍ରଭାତ ଆଉ କିଶୋରୀଟି ପଥଧାରକୁ ଘୁଞ୍ଚି ଗଲେ । ମଟରର ଉଜ୍ଜଳ ଆଲୋକରେ ନାତିଦୂରରେ କେଶ-କଣ୍ଟାଟି ଝକ୍ ଝକ୍ କଲା । ମଟରଟି ହାଣେଇ ଆସୁଥିଲା ।

"ହେଇଟି ।" କହି ଝିଅଟି ଆନନ୍ଦରେ ଦୌଡ଼ିଗଲା । ଝିଅଟିର ହାତ ଧରି ଟାଣି ଆଣିଲା ପ୍ରଭାତ । ମଟରଟି ସାଇଁ କିନା ପାଖ ଦେଇ ଚାଲିଗଲା । ପ୍ରଭାତ ଟିକେ ଟିପିଲା ।

ମଟର ଚକ ମାଡ଼ିଯାଇ କେଶକଣ୍ଟାଟି ମଡ଼ି ମକ୍ଡ଼ି ହୋଇ ଭାଙ୍ଗି ଯାଇଥିଲା ।

"ହଉ ଚାଲନ୍ତୁ ଯିବା ।" କିଶୋରୀଟି କହିଲା । ତା'ର କଣ୍ଠ ସ୍ଥିର । କିନ୍ତୁ ଝିଅଟିର ଆଖିରେ ଲୁହ ଜମି ଆସୁଥିବାର ପ୍ରଭାତ ଅନୁଭବ କଲା ।

"ଆପଣ କେଉଁଠିକି ଯିବେ ?" ପ୍ରଭାତ ପଚାରିଲା ।

"ମୁଁ ମଙ୍ଗଳାବାଗ ଯିବି ।"

"ଚାଲିକରି ଏତେ ବାଟ ଯିବେ ? ରିକ୍ସା ଖଣ୍ଡେ କରି ନିଅନ୍ତୁ । ରାତିଟା ।"

ଝିଅଟି ଚଞ୍ଚଳ ପାଦ ପକେଇ କହିଲା, "କେତେବାଟ ଯେ । ଜାଣୁ ତ ପଡ଼ୁଛି ।"

"ନା ଆପଣ ରିକ୍ସା କରି ଯାଆନ୍ତୁ । ମୁଁ ରିକ୍ସା ଡାକି ଦେଉଛି ।" ସେ କାଠରେ ଯାଉଥିବା ଗୋଟିଏ ରିକ୍ସାକୁ ଡାକି ଝିଅଟିକୁ ଚାହିଁ କହିଲା, "ଦୁଇଅଣା ପଇସାତ ଲାଗିବ ।"

"ମୋ' ପାଖରେ ଆଉ ଅଧଲାଟେ ନାହିଁ ଯେ ।" ଝିଅଟି ହଠାତ୍ ରାଗରେ ଭାଂଗିପଡ଼ି କହିଲା । ରାଗରେ ନୁହେଁ, ଦୁଃଖରେ ଭାଂଗିପଡ଼ିଥିଲା । ସେ ଅନ୍ୟ ଦିଗକୁ ମୁହଁ ବୁଲେଇଥିଲା । ଝିଅଟି ଆଖିରୁ ଲୁହ ଗଡ଼ି ଆସୁଥିବାର ପ୍ରଭାତ ଅନୁଭବ କଲା । ଅଜ୍ଞାତ-ସାରରେ ନିଜର ନିରନ୍ଧ ଅବସ୍ଥାକୁ ଏତେ ନିର୍ମମ ଓ ବିକଳ ଭାବରେ ବାହାରେ ପକେଇ ଦେବାପାଇଁ ଝିଅଟିକୁ ବାଧ୍ୟ କରିଥିବାରୁ ପ୍ରଭାତ ବୁକୁରେ ଦାରୁଣ ବ୍ୟଥା ଲାଗିଲା । ପ୍ରଭାତ ନିଜେ ଦରିଦ୍ର । ନିଜର ଦରିଦ୍ରତା ଅନ୍ୟ ସମ୍ମୁଖରେ ପ୍ରକାଶ କରିବା କେତେ ମର୍ମନ୍ତୁଦ ସେ କଥା ପ୍ରଭାତ ଜାଣେ । କଣ କରିବ କିଛି ଭାବି ନପାରି ସେ ଝିଅଟିର ହାତ ଧରି କହିଲା, "ଆସନ୍ତୁ ବସନ୍ତୁ ।" ଝିଅଟି ରିକ୍ସା ଭିତରେ ବସିଲା । ସେ କାନ୍ଦୁଥିଲା । ପ୍ରଭାତ ତା' ପାଖରେ ବସିଲା ।

କିଛିକ୍ଷଣ ପରେ ଝିଅଟି ଲୁହ ପୋଛୁଥିଲା । ନମ୍ର କଣ୍ଠରେ ପ୍ରଭାତ ପଚାରିଲା, "ତୁମ ନାଁ କଣ ?"

"ଛବି ।"

"ତୁମେ ପଢ଼ ?"

"ନା, ମୁଁ ଚାକିରୀ କରେ ।"

(ଅବଶିଷ୍ଟାଂଶ ୯ ପୃଷ୍ଠା ଶେଷ ଦେଖନ୍ତୁ)



Digitized by srujanika@gmail.com

ଦୃଷ୍ଟିଭଙ୍ଗୀ

# ସିନେମା ହାଲ୍ ଚାଲ

କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଦିବାକର ପାଟନାରେ କହିଛନ୍ତି ଯେ ବର୍ତ୍ତମାନ ଚଳଚ୍ଚିତ୍ର ଗୃହଗୁଡ଼ିକ ସଂଖ୍ୟା କେବଳ ୩୬୦୦ । ବର୍ତ୍ତମାନ ଭାରତର ଲୋକସଂଖ୍ୟା ତୁଳନାରେ ଏହା ଅତି କମ । ବର୍ତ୍ତମାନ ନିଶାନିବାରଣ ଯୋଗୁ ଲୋକଙ୍କୁ ସିନେମା ଆଡ଼କୁ ଟାଣିଯିବା ଉଚିତ ଏବଂ ଆହୁରି ବେଶି ଚିତ୍ରଗୃହ ହେବା ଉଚିତ । କିନ୍ତୁ ଚିତ୍ରଗୃହରୁ ସରକାର ଯେଉଁ ଆମୋଦ କର ନେଉଛନ୍ତି ତାହା ତ ବହୁ ପ୍ରଦେଶରେ ବଢ଼ୁଛି । ସିନେମା ଦେଖନ୍ତି ବେଶୀ ମଜୁରିଆ ଓ କୁଲି । ସେମାନେ ବେଶୀ ଖର୍ଚ୍ଚ ପାରୁ ନାହାନ୍ତି ତ ?

ନାବାଳକ ବାଳକ ବାଳିକାମାନଙ୍କୁ ବର୍ତ୍ତମାନ ଅନୁମୋଦିତ ଫିଲ୍ମ ବ୍ୟତୀତ ଅନ୍ୟ ଚିତ୍ର ଦେଖିବାକୁ ଛାଡ଼ିଦିଆ ହେବ ନାହିଁ । ମ୍ୟାଟ୍ରିକ ଯଦି ପିଲା ୧୩।୧୪ ବର୍ଷରେ ପାସକରେ ଓ ମ୍ୟାଟ୍ରିକରୁ ଯଦି ସେମାନେ ସାହିତ୍ୟ ଚର୍ଚ୍ଚା କରନ୍ତି ଓ କନିଷ୍ଠ ନୋବେଲ ସାହିତ୍ୟ ଓ ଅନ୍ୟ ମଧ୍ୟ ନେଇ ସୂକ୍ଷ୍ମ ତତ୍ତ୍ୱ ସମସ୍ୟା — ଯୌନ ଧାରାକୁ ବିଶ୍ଳେଷଣ କରିବାର ପ୍ରୟାସ କରେ କାରଣ ତା ନହେଲେ ଯେ କଲେଜ ଶିକ୍ଷାର ଗୁରୁତ୍ୱର ପଥରେ ସେ ନିଜକୁ ଚଳାଇ ପାରିବ ନାହିଁ — ସେପାଇଁ ସରକାର କି ବ୍ୟବସ୍ଥା କରୁଛନ୍ତି ? କଲେଜରେ ବି: ଏ ପାସ କଲାବେଳକୁ ଛାତ୍ରଙ୍କର ବୟସ ୧୮ ବା ୨୦ । ତେବେ କଣ କଲେଜ ଛାତ୍ର ଚିତ୍ର ଦେଖିବାକୁ ନଯିବା ଉଚିତ ? ଏଥିରେ ଦୁଇଆଡ଼ ଅଛି । ଚିତ୍ରଶିଳ୍ପର ଓ ସାଧାରଣ ମାନବ ସ୍ତ୍ରୀ ପରିତୃପ୍ତିର । ଉଚିତ ହେବ ଯେ ସିନେମାରୁ ଉଗ୍ର ଯୌନ ତୃପ୍ତିକୁ ପୂର୍ଣ୍ଣ ନିର୍ବାସନ ଦେବା ଯାହାକି — ବାଳକ — କି ଯୁବକ କାହାରି ଦେଖିବା ପକ୍ଷରେ ଉଦ୍ରିକ୍ତତା ବଢୁଛି ।

\+ + +

ପୁଣି ଓଡ଼ିଆ ଚିତ୍ର ନିର୍ମାଣ ଲାଗି 'ରୂପ-ଭରଣି' ଓ "ଉତ୍କଳ କଥାଚିତ୍ର" ପ୍ରଭୃତି ହେଲେଣି ବୋଲି ଜଣା ପଡ଼ୁଛି । ଏ ସମ୍ବାଦ ଅତି ସୁଖକର କିନ୍ତୁ ପୁଣି ଯଦି ଅଭିନେତା ଅଭିନେତ୍ରୀଙ୍କ ଅଭାବରୁ ଚିତ୍ର ସାଧାରଣ ପର୍ଯ୍ୟାୟଭୁକ୍ତ ହୁଏ ତେବେ ଦୁଃଖର କଥା ହେବ । କିଏ କିଏ ମୁଖ୍ୟ ଅଭିନୟ କୁଶଳୀ ନାରୀ ବା ଯୁବକ ଖୋଜିବାକୁ ଶାନ୍ତାରାମ, ମେହେବୁବ ପ୍ରଭୃତି ବହୁ କଷ୍ଟ କରିଥାନ୍ତି । କିଶୋର ସାହୁଙ୍କ ଉତ୍କୃଷ୍ଟ ଅଭିନୟର ଭଲ ବହୁ ଅଛି ଯାଇ ଥାଆନ୍ତି । କାରଣ ଏ ବ୍ୟବସାୟ କେବଳ ଅଭିନେତା ଅଭିନେତ୍ରୀଙ୍କ ସାଫଲ୍ୟ ଉପରେ ନିର୍ଭର କରେ ବୋଲି ତାଙ୍କ ଧାରଣା । ଏଣୁ ଓଡ଼ିଆ ଚିତ୍ର ନିର୍ମାତାଙ୍କୁ ଅନୁରୋଧ ସେମାନେ ପ୍ରତ୍ୟେକ ଜିଲ୍ଲାରୁ ସନ୍ଧାନ ନେଇ ଉପଯୁକ୍ତ ଶିଳ୍ପୀ ଯୋଗାଡ଼ କରନ୍ତୁ । ଏପରି ବହୁ ଶିକ୍ଷିତା ନାରୀ ବା ଯୁବକ ଅଛନ୍ତି ଯେଉଁମାନେ ଚଳଚ୍ଚିତ୍ରର ଅଭ୍ୟନ୍ତରର କଦର୍ଯ୍ୟତା ଦେଖି ଆସିବାକୁ ନଚାହାନ୍ତି । ଫିଲ୍ମ କମ୍ପାନୀ ପ୍ରତିନିଧିଗଣଙ୍କୁ ପ୍ରତ୍ୟେକ ଜିଲ୍ଲାକୁ ଯାଇ ଯୋଗ୍ୟ ଲୋକ ବାଛିବାକୁ ଆମେ ଅନୁରୋଧ କରୁ ।

---

( ୮ ପୃଷ୍ଠାର ଅବଶିଷ୍ଟାଂଶ ଦେଖନ୍ତୁ )

"ଏତେ ଅଳ୍ପ ବୟସରେ ? ଚାକିରୀ ?"
"ବାଳିକା ମାଇନର ସ୍କୁଲର ଶିକ୍ଷକ ।"
"ତୁମର ଆଉ କିଏ ଅଛନ୍ତି ?"
"ବୋଉ । ସାନଭଉଣୀ ।"
"ବାପା ନାହାନ୍ତି ?"
"ନା ?"

ଆଗରେ ବଗି ଖଣ୍ଡିଏ । ବଗି ଖଣ୍ଡି ଆଲୁଅରେ ଝିଅଟିକୁ ଟିକିଏ ଭଲରୂପେ ଦେଖିନେବାକୁ ପ୍ରଭାତର ଇଚ୍ଛା ହେଲା । ସେ ଝିଅଟିକୁ ଅନେଇଲା । ଝିଅଟି ତାକୁ ଅନେଇ ରହିଲା ଅପଲକ ଆଖିରେ । ବଗିଖଣ୍ଡି ପଛରେ ପଡ଼ିଗଲା ! ତା'ପରେ ଆଉ କଣ ପଚାରିବ ତାକୁ ପାଇଥିଲା ନାହିଁ । ବିଚଳିତ ହୋଇ ଭାବୁ ଭାବୁ ତା ଜୋତାଟା ଝିଅଟିର ପାଦ ଉପରେ ମାଡ଼ି ହୋଇଗଲା । ଝିଅଟି ଉହୁଁ କହି ତା' ଅଣ୍ଟାକୁ ହାତରେ ଧୀରେ ଠେଲି ପାଦଟି କାଢ଼ିନେଲା । ପ୍ରଭାତ ଚମକି ବଡ଼ ବିଚଳିତ ହୋଇ ଭଲକରି ଭାବିବା ପୂର୍ବରୁ ପଚାରିଲା,

"ତୁମେ ବୋଧେ ବାହା ହୋଇଥିଲ ?"

ନିଜ ପଚାରିବାର ଭଙ୍ଗୀରେ ସେ ବଡ଼ ବିବ୍ରତ ହୋଇ ପଡ଼ିଲା । ଝିଅଟି କିନ୍ତୁ ଯଥାଶୀଘ୍ର ଉତ୍ତର ଦେଲା,

"ହଁ । ବର୍ତ୍ତମାନ ବିଧବା ।"

"କେବେ ବିଧବା ହେଲ ?"

"ଖୁବ୍ ଅଳ୍ପ ବୟସରୁ । ମତେ ସେତେବେଳେ ବାରବର୍ଷ ।"

"ବର୍ତ୍ତମାନ ତୁମକୁ କେତେ ?"

"ସତର" ଛବି ଚମକି ପଛଆଡ଼କୁ ଚାହିଁଲା । ତା' କାନ୍ଧ ପାଖରେ ପ୍ରଭାତ ହାତ ରଖିଥିଲା । ତ୍ରସ୍ତ ହାତଟା କାଢ଼ି ଆଣିଲା ।
"ଘର କିଏ ଚଳାଏ ?"

"କିଏ ଚଳେଇବ ? ମୁଁ । ଯାହା ଦରମା ପାଏ ସେଇଥିରୁ ।" ହଠାତ୍ ଗୋଟେ ଆବେଗରେ ପ୍ରଭାତ ଛବି ମୁହଁକୁ ଚାହିଁ ପଚାରିଲା, "ତୁମର ଆଉ ବାହା ହେବାକୁ ଇଚ୍ଛା ନାହିଁ ?" ଛବି ତଳକୁ ମୁହଁ ପୋତି ତୁନି ରହିଲା । ପ୍ରଭାତ ଆଉ ପଚାରିବାକୁ ସାହସ କଲାନାହିଁ । ପ୍ରଭାତ ରିକ୍ସାବାଲାକୁ ରିକ୍ସା ଅଟକେଇବାକୁ କହିଲା । ରିକ୍ସାରୁ ଓହ୍ଲେଇଲା । ପକେଟରୁ ଗୋଟିଏ ଅଣା ପଇସା କାଢ଼ି ରିକ୍ସାବାଲାକୁ ଦେଇ କହିଲା, "ଏଁକୁ ମଙ୍ଗଳାବାଗରେ ଛାଡ଼ିଦେବୁ ।" ରିକ୍ସାକୁ ଚାହିଁ କହିଲା,

"ନମସ୍କାର ଛବିଦେବୀ ।"

"ନମସ୍କାର ।" ଛବିର ଆଖି ପଛକୁ ଲମ୍ବି ଶୁଣି ନଥିଲା । ରିକ୍ସା ଗଡ଼ିଲା । ଛବି ଭାବୁଥିଲା ସେ ତାକୁ ଦେଖିନ ତାକୁ ଦେବୀ ବୋଲି ଡାକିଲା । ବିଧବାଙ୍କୁ ଦେବୀ ଡକା ହୁଏନାହିଁ । ଏଇତକ ଜାଣି ନାହିଁ । ବେଶୀ ପଢ଼ିନି ବୋଧେ ।

ଶରତ୍ ସକାଳର ଶାନ୍ତ ନୀରବତାରେ ପ୍ରଭାତ ଦେଖୁଥିଲା ସ୍ୱପ୍ନ । ଉମାର ପାହିରେ ତା'ର ନିଦ ଭାଙ୍ଗିଗଲା । ଆଖି ମଳି ମଳି ଉମା ପଚାରିଲା, "ଭାଇ ମୋ'ପାଇଁ ହେୟାର ପିନ୍ ଏଠା ଆଣିଛ ?" ପ୍ରଭାତର ଉତ୍ତରରେ ଉମା ଅସନ୍ତୁଷ୍ଟ ହୋଇ ରାଗି ଫୁଲି ପଳେଇଲା ।

ଶରତ୍ ପବନର ଶିହରଣରେ ବକୁଳ ଫୁଲ ଝଡ଼ି ବସିଲା ଛବି । ଅସଜଡ଼ କେଶରାଶିକୁ ସେ ଛୁଟିର ଉପରକୁ ଟେକି ଆଣିଲା । ଅସଜଡ଼ କେଶରାଶିରୁ ଫୁଲଟି ଖୋସାରୁ ଖସି ପଡ଼ିଲା ତା' କୋଳ ଉପରେ । ଆନନ୍ଦରେ ସେ ଫୁଲଟିକୁ ଉଠେଇ ଆଣିଲା ହଠାତ୍ ତା'ର ଥର ଥର ହାତରୁ । ସେ ଫୁଲଟି ଖସିପଡ଼ିଲା । ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଲା ।

ଅଦୂରରେ ବାଜୁଥିଲା ବିଜୟା ଦଶମୀର ନହବତ୍ ।



Digitized by srujanika@gmail.com

## ନାକୀ ଭାଉଜକୁ ଜ୍ୱର

ଲେ—କୁମାରୀ ତୁଳସୀ ଦାସ

ଡାକ୍ତର ବାବୁ ଗୁଳିଟିଏ ଥରେ  ମୋ ଦୁଃଖ ପଥ,
ଝିନ୍‌ଝନ ହେଲି ଭାଉଜକୁ ଜର  ଛାଡ଼ିଛି ପଥ।
ଗୋଡ଼ଜନ୍ମହିଁ କଟେ, ଶୁଆଇ ଦେଇଛନ୍ତି  ଗଦିଟା ସବୁ,
ପାଗଳଙ୍କ ପରି ହସେ, କାନ୍ଦେ ପୁଣି  କାନ୍ଦୁଛ ଦବି।
ଦେଢ଼େ ପରକାର ଅଉଷଧ ଦେଇ  ଗଲାଣି ଥକି,
ଦେଉଁଥିରେ କାହିଁ କମୁ ନାହିଁ,  ଖାଲି ହେଉଛି ବକି।
କିଏସେ କହୁଛି ଡାଆଣୀ ଲାଗିଛି  ଗୁଣିଆ ଡକ,
ଜରଫର ନୁହେଁ, ପୋଡ଼ା ଭାଉଜଙ୍କ ?  ଯାଆନା ପାଖ।
କିଏ ସେ କହୁଛି ଗରମ ଜରଏ  ଗାଧୋଇ ପକା,
ପେଟଭିତର ଦହି ପଖାଳ ଖୋଇଲୁ !  ଖାମୁହିଁ ବଂକା।
ପଡ଼ିଲୁ ଦ'ଟଙ୍କା ବାପାଙ୍କ ପାଖକୁ  ଡ଼ିବଲ ତାର
କହିଛି—"ଚେଷ୍ଟିଲୁ ଠାକୁ ଉଠିଆସ  କେହି ବେମାର।"
ଠାକୁରେ ଡରନ୍ତୁ ତମହାତ ଯଶ  ଏଇଟି ରହୁ,
ବାପା ଆସିବାର ବେଳକୁ  ଉଠୁ ମୋ ଭାଉଜବହୁ।

ଦେଖି କଟକରୁ ଭଉଣୀଙ୍କ ପାଖରୁ  ଆସିଛି ଚିଠି,
ମଟରବୁ ପଡ଼ି ଫାଟିଛି ମୁଣ୍ଡ  ଫୁଲିଛି ପିଠି।
ସାଙ୍ଗେ ସାଙ୍ଗେ ତାଙ୍କୁ ବଡ଼ ଡାକ୍ତର  ଖାନାକୁ ନେଇ,
ଛୁଟିଚନ୍ତି ମାମୁଁ ହାତ ଗୁଂଳା କଟୁ  କାହାକୁ ଦେଇ।
ଏଠିକି ସେଠିକି ସବୁ ବେଳେ ଯାଇଁ  ମଟରୁଟ ବୁଲ,
କାହ କଥା ବଡ଼ ଆଖି ଫୁଲାଇଣି  ନଜରେ ଚୁଲ।
ବି, ଏ, ପରୀକ୍ଷରେ ଏଥର ବି ଭାଇ  ଫେଏଲ ହେଲେ,
ଶୁଣିଥିବେ ସବୁ ? ଶହ ଶହ ଟଙ୍କା  ପାଣିରେ ଦେଲେ।
ମହିଁଆ ତରୁଣୀ ଗୌରବ ହୁଆନ୍ତେ  ପାଗଳ ହେଇ,
ଝିନଝନ ହେଲୁ ପଳେଇଛି ଆସି  କହେ ପିଟେଇ।
କଥଣ କରିବ ଭାବିହେଉ ନାହିଁ  ନଦଭେ ବୁଦ୍ଧି,
କୁହନ୍ତୁ କିଛି ପଢ଼ିହେଲା ଜଗେ  ଆଜିକି ଶୁଦ୍ଧି।

ସେଥିରେ ଦେଖିଲୁ ଲାଗିଅଛୁ ଘରେ  ଜର ବାଧିକା
ଡାକ୍ତର ବାବୁ ଭାଉଜକୁ ଭଲ  କରିବେ ଟିକା ?

ବୃଦ୍ଧର ହୋକାକୁ ପଠାଇ ଥିଲୁଁ ଯେ  ଧୋଇଆ ପାଉ,
- ପଇସା ଖେଳେ ସେ ଅଢେଇଶ ଟଙ୍କା  ଦେଇଛି ହାରି।
ବେମୁରବା ହେଲେ ଫଳତ ଏଇଆ  ଏତେ ସେ ଭାଣ୍ଡ,
ଘରବାଡ଼ି ନାହିଁ ବେକରେ ବାନ୍ଧିଛି  ଢ'ଦାଠା ଗଣ୍ଡ।
ଅଢ଼ ଗରଧାରେ ବଡ଼ ଭଉଣୀକି  ଆଣିବା ପାଇଁ,
ଯାଇଥିଲୁ ଯେ ମୋ ସାନ ଭାଇ ସେବ  ଆସିଲୁ ନାହିଁ।
ଶାଶୁତା କହିଲୁ—"ଜ୍ୱରର ବୋହୂକି  ପଠେଇ ଦେବ ?
ଘରେ ନାହିଁ ପୁଅ—ଆସିକି କହିବ ?  ଗାଳି ମୁଁ ନେବ।
(ତା) ଶ୍ୱଶୁର ଶିଙ୍ଘ ଆଉ ଶୁକ୍ର ବାରେ,  କିଏ ଜାପିବ,
ହାତୀ ଶାଳ ପରି ଖଣ୍ଡାଏ ସେମିତ  ପଡ଼ିତ ଥିବ।"
ଭାଗ୍ୟଟା ଖରାପ, ନାହାକ କହୁଛି  ପଡ଼ିଛି ଯଶା,
ମୁଁ ବି ଶୁଣିଛି "ଯଶା ନ ପଡ଼ିଲେ  ଖାଏନା ମଶା।"
ଡାକ୍ତର ବାବୁ ସତ କହିବ କି  ତମ ଔଷଧ,
ରୋଗ ବଇରାଗ ଭଲ ହୋଇ କଟେ  ଯଶା ବି ସୁଧେ ?

ଆଜି ଖରାବେଳେ ଆମଘର ଆଡ଼େ  ମଇଁନା ଦେଇ,
ତୁମ ବଡ଼ଝିଅ, ଯାଇଥିଲେ ସାଙ୍ଗେ  ଶାନ୍ତକୁ ନେଇ।
ଶାନ୍ତକି ହୁଆଡ଼େ ଥାଇଏ ପାଆସ  ଏଥର କଲା ?
ଡାକ୍ତର ପୁଣି ପଢ଼ିବ କହୁଛି,  ସେ କାହିଁ ଗଲା ?
ସବୁ ଶୁଣି, ଦେଖି କହିଲେ "ବାପାଙ୍କୁ-  ଆଣିଲୁ ଡାକି,
କହିଥିବ ତାଙ୍କୁ ନେବେନ ଫିଇସ,  ବୁଝିଲ ନାକି ?"
ଦାନ୍ତାକର ଟିକେ ଥଇଲୁ ଚଂଚଳ,  ଆଣିଛି ଗାଡ଼ି।
ଡାକ୍ତର କହିଲେ "ଗୁଲ ରେ ହାରୁଦା  ଆଣ ମୋ ବାଡ଼ି।"

## ମୁଁ ଆଜି ଭୁଲିଛି ମନ୍ତ୍ର—

ଲେ—ଦରଦୀ

ମନେ ପଡ଼େ ସେ ଦିନକି  ଟାନ୍ତ ଏକ ସୁନ୍ଦର-ପ୍ରକୃତେ,
ଆପଣାର ଫୁଟିଲତା -  ବୋଝ ଦେନି ତବ ପଦ ପ୍ରାନ୍ତେ,
ଅଞ୍ଜଳି ମୁଁ ମାଗିଥିଲି  ସେବେ ଅବା ହେଇ କଉଚ୍ଛଳ
କ୍ଷମା - କ୍ଷମା - କ୍ଷମାପନ  ମନ୍ତ୍ରେ ଜଡ଼ ରସନା ମୋ ଗୁଳ।
ତମେ ରେ ଦେଇଛ ନେଲି  ସେ ଅଘାତ ଧରି ବକ୍ଷପରେ
ତଥାପି ମୁଁ କାନ୍ଦି ଭାବେ  କଷ୍ଟ କିପାଁ ଘୁରି ଘୁରି ମରେଁ।
ଆଘାତରେ ପୂର୍ଣ୍ଣ ହୃଦ୍ୟା  ତଥାପି ମୁଁ କହେ କିଛି ନାହିଁ —
ପଡ଼େ ମାଡ଼ ମୃତ ସୁରେ  ପୁଣି ବ୍ୟଥା ଆଣିବାର ପାଇଁ।

ତୋଠାରେ ବିଶ୍ୱାସ ହାରି  ଆଜି ମୁହିଁ ହୋଇଛି ଚଣ୍ଡାଳ
ତମେ ଗୋ ରହିବ ଦେବି,  ସହିଯିବେ ପନ୍ଥ୍ୟ ଚିରକାଳ।
ତୁମେ ହେବ ଚିର ପ୍ରୀତଃ  ସ୍ମରଣୀୟା ସାଧ୍ୱି-ଶିରୋମଣି,
ମୁଁ ଅଛି ଚରିତ୍ର ହୀନ  ଆପଣାକୁ ଦୀନ ପତିଗଣି।
ମୋର ବକ୍ର ପରିହାସେ  ତମେ ଦେବି ହେବ ବରଭୂଲା,
ମୋହର ବିଳୁଣ୍ଠିତ ପାଦେ  ପାଅ ଶିଳା ଧ୍ରୁବାକର ପୂଜା।
ମୁଁ ଅଜି ଭୁଲିଛି ମନ୍ତ୍ର  ଆବାହନ ଅବା ସ୍ତୋତ୍ରଗାନ
ଅହମମ ବିଶୃଙ୍ଖଳା  ଆଜି ମୋର ଧର୍ମ ଆଉ ଧନ।



Digitized by srujanika@gmail.com

# ପାସ-ପ୍ରେୟସୀ

ନୃସିଂହ ଶତପଥୀ

ଶୁଣ ଶୁଣ ଗୋ 'ପାସ-ପ୍ରେୟସୀ'
ତୁମ ଦୁଟା ପରୀକ୍ଷାର ମୁଖୁଁ
ଶୁଣିଥିବ ଭଲ, ମନ୍ଦ ବସି !

ତୁମର ବିରହେ, ଦୁଃଖେ ପ୍ରାଣ ଛଟପଟ
ମେ' ମାସ ଯାଏ ରହିଥିବ ମଠ ମଠ ।

ଦୁଟା ହାତେ ଦେଇଥିଲ ଚିଠି—
ଆସିବାକୁ; ନ ଆସିଲେ, ପାରିବ କି ତିଷ୍ଠି ?

ପ୍ରିୟେ ତୁମେ ବହୁରୂପୀ ପୁଣି
ଏକାଥରେ ଲକ୍ଷେ ଯୁବା ଛନ୍ତି ମନ କିଣି;

ବାକୀ ଲକ୍ଷେ ବିରହରେ ମାରି
ସପ୍ଲିମେଣ୍ଟାରୀ ସମୟେ ରଚ ତୁମ ପ୍ରେମ-ଅଭିସାର ! !

କିନ୍ତୁ ରାଣୀ ମୋ' କେଶ୍ ଅଲଗା
ପରୀକ୍ଷାରେ ଦେବ ଯଦି ଦଗା
ବ୍ୟର୍ଥ ହେବ ମମ 'ଅଭିସାର'
ତୁମକୁ ପାଇବା ଲାଗି—ଶତ ଚେଷ୍ଟା ରହିବ ଉଛାଗର !

ସକାଳ, ଉପର ଓଳି, ସନ୍ଧ୍ୟା, ରାତିକାଳ
ଅଖିଆ, ଅପିଆ, ଆଉ ଅଗାଧୁଆ ବସି
ଜପି ଅଛୁ ଯେତେ "ଜପାମାଳ"

ଘଣ୍ଟା ବାଜେ ଠନ୍-ଠନ୍ ଦୁଇ
[ ହୋଇଥିବ ରୁ ହୁଏ ଥଣ୍ଡା ]
ତଥାପିତ ନୟନରେ ନିଦ୍ରା ଆସେ ନାହିଁ ।

ଚା' ମୁନ୍ଦେ ପିଇ
ବଡ କଷ୍ଟେ ଆଉ ଘଣ୍ଟେ ଗଡ଼େଁ
କିନ୍ତୁ ଆପେ ଆଖି ପତା ପଡେ !

...ପାନ ପିକ୍ସ ସରିଅଛି ଟଙ୍କା
ବଲ ଯେତେ ଦୋକାନୀ ବାଲ୍କ
ଗର୍ବ କର ମୁହିଁ କରେ ବଙ୍କା ।

ଧୂମ-ଦେବୀ ପଦ ସେବା
ଚାଲିଥାଏ ଯଶୀଥରେ ନିତି
...ଘଣ୍ଟା ପରେ...ଘଣ୍ଟା ଯାଏ ବିତି ।

[ମୁଁ ଗୋ] ସିଗାରେଟ; ବଡ଼ ପଦେ କ୍ରାନ୍ତ
ତୁମର ପ୍ରଣୟ-ମନ୍ତ୍ର ଯୁବକର ଉଚ୍ଛ୍ୱସିତ ଚିତ୍ତ !

ଧୂମ୍ରେ ଗଢ଼େ ଦିଲ୍‌ମୋର ମିନାର୍'
ରଚୁଅଛୁଁ ଆମେ ଯେତେ ମିଳନର ଗୃହ ଅଭିସାର ! !

ସହରରେ ହୁଏ କେତେ ଥିଏଟର, ନାଚ, ଡ୍ରାମ୍ସ ପଲ୍;
( ମୁଁ ଯେ କମନ୍ ସେନ୍‌ସ ଥିବା ବାଲ୍ )

ଏ ସବୁର ଯାଇ ନାହିଁ ପାଶ
ଆମର ମିଳନ ଦିନ ହେବ—ସବୁ ଡିଫରେଣ୍ଟ କ୍ଲାସ !

ସିନେମା—'ଭରତ ମେଲାପ', 'ରତନ', 'ଶାନ୍ତି', 'ଝୁଲ'
ଭାଲେ ତୁମେ ନ ଆସିବ ବୋଲି
ତମ ଡରେ ଦେଖି ଯାଇ ନାହିଁ ! !

ପ୍ରଶ୍ନ ପୁଣି ପାଇବାକୁ କେତେ ଆୟୋଜନ
( ଧାଁ ଡିପଡ୍ ପ୍ରେସକୁ ଗମନ

ଅବା ପତ୍ର ଅଦାନ ପ୍ରଦାନ )
ସବୁ ହୁଏ ଅକାରଣ
ଶୁଣିଥିଲି ଆରଣଲେ (?) କୃତ-କାର୍ଯ ହୋଇଥିଲେ ଗ୍ରହ ! !

ଏ ସାଲରେ ପ୍ରଶ୍ନ ଥିଲା କଡା
କଡ଼ାତ ନୁହଇ ବେଶୀ—ବଡ଼ ଅଖାଡୁଆ !

ଆସିବ ପ୍ରେୟସୀ ଥରେ ଖାଲି
ନହେବା ବିରହେ ଯିବ ଉବଟେଡ ଜଳି ।

ଖାଲି ତୁମ ଥାଡ୍ କ୍ଲାସ ଡେରେଛ ଗୃହିଣୀ
ଆଉ ବେଶୀ କିଛି ମୁଁ ଗୁହେଁ ନା ।



Digitized by srujanika@gmail.com



## କ୍ଷମତା ଓ ଧନ

ଶ୍ରୀ ଲକ୍ଷ୍ମୀ ମିଶ୍ର ।

ପ୍ରଶ୍ନ ଉଠେ କ୍ଷମତା ଓ ଧନର ପୃଥକୀକରଣ କି ଉପାୟରେ ସମ୍ଭବ ହୋଇ ପାରେ ?

ମାର୍କସ-ପନ୍ଥୀ ଓ ଗାନ୍ଧି-ପନ୍ଥୀ ଏହି ଉଭୟ ଦର୍ଶନର ସଦୃଶ ସିଦ୍ଧାନ୍ତ ମାନ ଗ୍ରହଣ କରି ଧନ ଓ କ୍ଷମତା ବଳକୁ ପରସ୍ପର ଠାରୁ ଅଲଗା କରିବାକୁ ହେବ । ମାର୍କସୀୟ ଦର୍ଶନ ମୂଳରେ ଖାଣ୍ଟି ଜଡ଼ ବାଦ ( pure materialism ) ର ଏକ ଅଦ୍ୱୈତ କଳ୍ପନା ରହିଛି । ଏହି ଦର୍ଶନରେ ମିଥ୍ୟା ଧର୍ମ , ଭଗବାନ ଓ ଆଧ୍ୟାତ୍ମିକତାର କୌଣସି ଛଳନା ବା ପ୍ରତାରଣା ନାହିଁ , ଯାହାକି ପୁଞ୍ଜିବାଦୀ ସନ୍ଥାରେ ଦେଖା ଯାଏ । ପୁଞ୍ଜିବାଦୀ ସଂସ୍ଥାରେ ଏକ ପ୍ରଚ୍ଛନ୍ନ ଜଡ଼ବାଦ ରହିଛି ଯାହାକି ଛଳନାପୂର୍ଣ୍ଣ ଧର୍ମ ଓ ଆଧ୍ୟାତ୍ମିକତାର ଆବରଣରେ ଘୋଡ଼ା । ଧର୍ମର ଆବରଣରେ ଘୋଡ଼ା ଏହି ଜଡ଼ବାଦ - ମୂଳକ ପୁଞ୍ଜି - ବାଦୀ ସଂସ୍ଥା ଯୋଗୁଁ ବ୍ୟକ୍ତିଗତ ସ୍ୱାର୍ଥ ନାନା ଭାବରେ ଅନ୍ୟକୁ ଶୋଷଣ କରି ଯାଉଛି । ଏହାରି ଯୋଗୁଁ ବ୍ୟକ୍ତିଗତ ସ୍ୱାର୍ଥରେ ସଞ୍ଚିତ ଧନ ଅଛନ୍ତସ୍ୱତ୍ତ୍ୱ ଦେଖାଇ ପାଲଟିଛି ଏବଂ ଏ ଚୋରକୁ ଧର୍ମର ଏକ ଆବରଣରେ ଘୋଡ଼ା ଯାଉଛି । ଏହି ନକଲି ଜଡ଼ବାଦର ମୂଳରେ ଥିବା ପୁଞ୍ଜିବାଦୀ ସଂସ୍ଥା ଯୋଗୁ ସ୍ୱାମୀ ସ୍ତ୍ରୀ ସମ୍ପର୍କ ପ୍ରେମକୁ ଅଣି ଶାଢ଼ୀ ସୁନା ଦ୍ୱାରା କିଣିଲ କରାଯାଉଛି ଏବଂ ଏହି ସମ୍ପର୍କ ଏକ ଆଇନ ସମ୍ମତ ବେଶ୍ୟା ଗିରି ପାଲଟିଛି । ପିତା ଓ ପୁତ୍ରଙ୍କର ପ୍ରୀତି ପରି ଏହା ଅଜ ଷ୍ୱଦନ୍ଦର ପ୍ରୀତି ହୋଇ ନାହିଁ । ସ୍ୱାମୀ ଅର୍ଥ ଅର୍ଜନର ଏକଚାଟିଆ ଅଧିକାର ରଖି ଶାଢ଼ୀ ଧନ ଦେଇ ସ୍ତ୍ରୀଠାରୁ ପ୍ରୀତି କିଣୁଅଛି ଏବଂ ସ୍ତ୍ରୀ ତାର ସ୍ୱାମୀଠାରୁ ଶାଢ଼ୀ , ଗହଣା , ଅଳଙ୍କାର ନେଇ ଆପଣାର ଦେହକୁ ବିକୁଛି , ଅଥଚ ଏହି ସମ୍ପର୍କକୁ ଏକ ବିକୃତ ଧର୍ମଧ୍ୱଜା ( sanctity of a false religion ) ଅବୃତ କରାଯାଇଛି ।

ପୁଞ୍ଜିବାଦୀ ସଂସ୍ଥା ହେତୁରୁ ନକଲ ଧର୍ମରେ ଆବୃତ ଥିବା ଏହି ପ୍ରତାରଣା - ମୂଳକ ଜଡ଼ବାଦକୁ ( Materialism based on Self-contradiction owing to false religion and false Morality ) ସର୍ବ ପ୍ରଥମେ ଛଳନାଶୂନ୍ୟ ଖାଣ୍ଟି ଜଡ଼ବାଦ ଦ୍ୱାରା ଧ୍ୱଂସ କରିବା ଯେ କେବଳ ସମ୍ଭବ ତାହା ନୁହେଁ , ଇତିହାସର ଗତି ବି ଏହି ଦିଗରେ ଗୁଡ଼ିଛି । ଏହି ଖାଣ୍ଟି ଜଡ଼ବାଦର ମୂଳରେ ଅସୀମ ଅନୁସନ୍ଧିତ୍ସା ରହି ଥିବାରୁ ଏହା ସହଜରେ ଆଧ୍ୟାତ୍ମିକ ଅଦ୍ୱୈତବାଦର ଅଭ୍ୟୁଦୟ ଘଟାଇବ । ଧନ ସାହାଯ୍ୟରେ ଶୋଷଣଟି ଲୋପ କଲା ପରେ ଅବଶିଷ୍ଟ କ୍ଷମତା—ଶୋଷଣ ରହିଯିବ ଏବଂ ଏକଛତ୍ର ଉତ୍କଟ ରାଜ ଆତ୍ମ ପ୍ରକାଶ କରିବ । ତାହାକୁ ଆଧ୍ୟାତ୍ମିକ ଅଦ୍ୱୈତବାଦ ଦ୍ୱାରା ଏବଂ ଆତ୍ମ-ବଳ ପ୍ରଭାବରେ ହଟାଇଲେ ଯାଇ ପ୍ରକୃତ ବୈରାଜ୍ୟ ( Noblest anarchism ) ସମାଜରେ ସ୍ଥାପିତ ହୋଇ ଯିବ । ସେତିକି ବେଳେ ଯାଇ ପ୍ରତ୍ୟେକ ବ୍ୟକ୍ତି ପ୍ରକୃତ ସ୍ୱରାଜ୍ୟ ଉପଭୋଗ କରିବ ; ଯେଉଁ ସ୍ୱରାଜ୍ୟର ପରିକଳ୍ପନା କି ଭଗବତ , ଗୀତା ଓ ଉପନିଷଦ ମାନଙ୍କରେ କରା ଯାଇଛି ।

ମାର୍କସୀୟ ସିଦ୍ଧାନ୍ତ ଅନୁସାରେ ପୁଞ୍ଜିବାଦୀ ସଂସ୍ଥା ମୂଳରେ ରହିଥିବା ବ୍ୟକ୍ତି-ଗତ ସମ୍ପତ୍ତି ର ମନୋବୃତ୍ତି , ଏବଂ ତଜ୍ଜାତ ସ୍ୱାର୍ଥପରତା , ଶୋଷଣ ଏବଂ ସଞ୍ଚୟ ପ୍ରବୃତ୍ତି ବିରୁଦ୍ଧରେ ଭୂମିହୀନ , ଗୃହ ହୀନ ସର୍ବହରା - ଶ୍ରେଣୀର ମନରେ ପୁଞ୍ଜିବାଦୀ ସଂସ୍ଥା ପ୍ରତି ଅବଜ୍ଞା ଓ ତାଚ୍ଛିଲ୍ୟ ଜନ୍ମାଇ ଦେବା ଦ୍ୱାରା ଏହି ସର୍ବହରା ଶ୍ରେଣୀ ପ୍ରଳୟଙ୍କରୀ ରୁଦ୍ର ଦେବତା ପାଲଟି ଏହି ପୁଞ୍ଜିବାଦୀ ସଂସ୍ଥାକୁ ଧ୍ୱଂସ କରି ନିଜ ତରଫରୁ ଏକ ଛଳନା - ଶୂନ୍ୟ ଖାଣ୍ଟି ଜଡ଼ବାଦ ମୂଳକ ଡ଼ିକ୍‌ଟେଟର - ସିପ ସ୍ଥାପନ କରିବ । ଏହା ଦ୍ୱାରା ପୃଥିବୀର ଜଳ , ପବନ , ଭୂମି ଅନ୍ନ , ଜମି , ବାଡ଼ି କୋଠା , କାରଖାନା ଇତ୍ୟାଦି କାହାର ବ୍ୟକ୍ତିଗତ କୋଠାଧନ ନହୋଇ ସମଗ୍ର ସମାଜର ହେବ । ମାତ୍ର ଖାଣ୍ଟି ଜଡ଼ବାଦ ଉପରେ ପ୍ରତିଷ୍ଠିତ ଏହି ସମାଜରୁ ଜଡ଼ବାଦର ଅବସାନ ଘଟି ଯଦି ଆଧ୍ୟାତ୍ମିକ ଅଦ୍ୱୈତ ବାଦର ଅଭ୍ୟୁଦୟ ନଘଟେ, ଶାସକ ଶାସିତ ମଧ୍ୟରେ ଫରକ ଯଦି ଗୁଞ୍ଜ ନଯାଏ ତେବେ ଇନ୍ଦ୍ରିୟପରତନ୍ତ୍ରତା ଓ କ୍ଷମତାର ଅପବ୍ୟବହାର ହେତୁରୁ ଏହା ସମାଜର ଅବଶ୍ୟମ୍ଭାବୀ ପତନ ଘଟାଇବ । ମାତ୍ର ବିଶ୍ୱ ଶକ୍ତିର ଘାତ ପ୍ରତିଘାତ ଓ କ୍ରିୟାପ୍ରତିକ୍ରିୟା ଯୋଗୁ ଏବଂ ଇତିହାସର ଗତି ଲକ୍ଷ୍ୟ କଲେ ନିଃସନ୍ଦେହରେ କୁହା ଯାଇ ପାରିବ ଯେ ବିକୃତ ଜଡ଼ବାଦ ଓ ଧର୍ମଧ୍ୱଜା- ମୂଳକ ପୁଞ୍ଜିବାଦର ଧ୍ୱଂସ ଘଟି ଖାଣ୍ଟି ଜଡ଼ବାଦ ଉପରେ ପ୍ରତିଷ୍ଠିତ କମ୍ୟୁନିଜମ୍ ସମଗ୍ର ପୃଥିବୀରେ ସ୍ଥାପିତ ହେବ ; ଏହାହିଁ ଅଚିରେ ଆଧ୍ୟାତ୍ମିକ ଅଦ୍ୱୈତବାଦ ବା ଖାଣ୍ଟି ବ୍ରହ୍ମବାଦ ସ୍ଥାପନାରେ ସାହାଯ୍ୟ କରିବ ।

ମାର୍କସୀୟ ପଦ୍ଧତି ଅନୁସାରେ ପ୍ରତାରଣା ମୂଳକ ଧର୍ମ ଓ ଈଶ୍ୱରର ଛଳନା ଏବଂ ପୁଞ୍ଜିବାଦକୁ ଲୋପ କଲାପରେ ଯେତେବେଳେ ଛଳନା ଶୂନ୍ୟ ଖାଣ୍ଟି ଜଡ଼ବାଦ ଓ ଡ଼ିକ୍‌ଟେଟରୀ- ତନ୍ତ୍ର ସ୍ଥାପିତ ହେବ, ଧନ ଦ୍ୱାରା ଶୋଷଣ କରିବାର ବାଟ ବନ୍ଦ ହୋଇଗଲେ କ୍ଷମତା ଦ୍ୱାରା ଶୋଷଣ କରିବାର ମନୋବୃତ୍ତି ଏବଂ ଆଚରଣ ଅବଶିଷ୍ଟ ରହିଯିବ । ଏତିକିବେଳେ ଗାନ୍ଧିପନ୍ଥୀଙ୍କର ପ୍ରକୃତ କାର୍ଯ୍ୟ ପଡ଼ିଥିବ । ସର୍ବପ୍ରକାର ଶୋଷଣ ଲୋପ ହୋଇ ଆଧ୍ୟାତ୍ମିକ ଅଦ୍ୱୈତ ବ୍ରହ୍ମବାଦର ଅଖଣ୍ଡ ପ୍ରଭାବ ପ୍ରତିଷ୍ଠିତ ନହେବା ଯାଏ ପ୍ରକୃତ ଶୋଷଣହୀନ ସମାଜ ବା ବୈରାଜ୍ୟ କଦାପି ସ୍ଥାପିତ ହୋଇପାରିବ ନାହିଁ । ଗାନ୍ଧିବାଦ ସିଦ୍ଧାନ୍ତ ଅନୁସାରେ ଯେଉଁ ବ୍ୟକ୍ତି ଡ଼ିକ୍‌ଟେଟର ବା ଶାସକ ହେବ ସେ ସମସ୍ତଙ୍କ ଠାରୁ ବେଶୀ ଖଟିବ ମାତ୍ର ତାହାର ଖଟଣିକୁ ମାସିକ ଦରମା, ଭତ୍ତା ବା ଅନ୍ୟ କିଛି ଦେଇ ବିକ୍ରୟ କରିବ ନାହିଁ ; ସେ ଏକ ଫକୀର ବା ସନ୍ନ୍ୟାସୀ ଭାବରେ ଚଳିବ । ସେ ସମସ୍ତଙ୍କ ଠାରୁ କମ ଖାଇବ କମ ପିନ୍ଧିବ ଓ କୁଡ଼ିଆଘରେ ରହିବ ।



Digitized by srujanika@gmail.com

ତାଙ୍କର ନିଜର ହୋଇ କିଛି ରହିବ ନାହିଁ। ଶାନ୍ତି ଗାନ୍ଧିପନ୍ଥୀମାନେ ନିଜର ଆତ୍ମବଳ ଓ ଚରମ ତ୍ୟାଗଦ୍ୱାରା ଏହା ଘଟାଇ ପାରିବେ ଏବଂ ଡିକ୍ଟେଟରଙ୍କର କ୍ଷମତା ଅପବ୍ୟବହାର ରୂପୀ ବାତ୍ୟାନ୍ତକୁ ନିଜର ଆତ୍ମ-ବଳ ପ୍ରଭାବରେ ଭାଙ୍ଗି ଦେଇ ପାରିବେ।

ପୁଞ୍ଜିବାଦୀ ସଂସ୍ଥାର ଉଚ୍ଛେଦ ପରେ ଯେଉଁ ଡିକ୍ଟେଟର ତନ୍ତ୍ରର ଅବଶ୍ୟମ୍ଭାବୀ ପରିଣତି ଘଟିବ, ସେହି ଡିକ୍ଟେଟର ଓ ତାଙ୍କର ଅନୁଚର ଶାସକମାନଙ୍କର କ୍ଷମତା କାଳେ ସୀମାତୀତ ହୋଇଯିବ, କାଳେ ଏହି କ୍ଷମତାର ଅପ-ପ୍ରୟୋଗ ଘଟିବ, ଏହାର ପ୍ରତିବିଧାନ କଲେ ଗାନ୍ଧିଜିଙ୍କ ପ୍ରଦର୍ଶିତ ପନ୍ଥା ଅନୁଯାୟୀ ଅନ୍ତତଃ ମୁଷ୍ଟିମେୟ କେତେକ ସର୍ବତ୍ୟାଗୀ, ଅହିଂସ ରାଜନୈତିକ ସନ୍ନ୍ୟାସୀ ରହିବେ, ଯେଉଁମାନେ କି ନବପ୍ରତିଷ୍ଠିତ ଶାସକ-ଗୋଷ୍ଠୀ ଓ ଡିକ୍ଟେଟରଙ୍କର ଦୋଷ ଦେଖିଲା କ୍ଷଣି ନିର୍ଭୀକ ଓ ଅହିଂସା ଭାବରେ ଏହା ବିରୁଦ୍ଧରେ ଅଭିଯାନ କରିବେ। ଡିକ୍ଟେଟର ଓ ଶାସକ ଗୋଷ୍ଠୀ ସେମାନଙ୍କର କ୍ଷମତାର ଅପବ୍ୟବହାର କରି ମିଥ୍ୟା ଓ କୂଟନୀତିର ଅସ୍ତ୍ର ନେଇ ଯଦି ଏହି ସର୍ବତ୍ୟାଗୀ ରାଜନୈତିକ ସନ୍ନ୍ୟାସୀମାନଙ୍କୁ ଉତ୍ପୀଡ଼ନ କରନ୍ତି, ତେବେ କୌଣସି ପ୍ରକାର ପ୍ରତିହିଂସା ନନେଇ ଏମାନେ ଆତ୍ମ-ବଳର ଚରମ ସୀମାକୁ ଯିବାଦ୍ୱାରା ହିଁ ଶାସକ ଗୋଷ୍ଠୀ ଓ ଡିକ୍ଟେଟରଙ୍କର ଯଥେଚ୍ଛ କ୍ଷମତା ଦ୍ୱାରା ଶୋଷଣ କରିବାର ମନୋବୃତ୍ତି ଓ ଆଚରଣକୁ ଲୋପ କରିବେ। ଧନଦ୍ୱାରା ଶୋଷଣ କ୍ରିୟାକୁ ମାର୍କସୀୟ ପଦ୍ଧତି ଅନୁସାରେ ଏବଂ କ୍ଷମତା ସାହାଯ୍ୟରେ ଶୋଷଣକୁ ଗାନ୍ଧିପନ୍ଥା ଅନୁଯାୟୀ ଲୋପ କରିବାର ଐତିହାସିକ ଗତିକି କେହି ରୋକି ପାରିବ ନାହିଁ।

ଧନଶୋଷଣହୀନ ଶାନ୍ତି ଜଡ଼ବାଦ ବା କମ୍ୟୁନିଜିମ ଯଦି ଆଧ୍ୟାତ୍ମିକ ଅଦ୍ୱୈତବାଦ ବା ବୈରାଗ୍ୟ ରୂପେ ଗତି ପରିବର୍ତ୍ତନ ନକରେ ତେବେ କି ଅବସ୍ଥା ଘଟିବ ?

ଯାନ୍ତ୍ରିକ ସଭ୍ୟତା ମଣିଷକୁ ଇନ୍ଦ୍ରିୟ ପର-ତନ୍ତ୍ର କରିଦେଇ। ହସ୍ତ ଏବଂ ଅଙ୍ଗୁଷ୍ଠିର (Hand and Thumb) ର କର୍ମ-କୁଶଳତାକୁ ଅକାମୀ କରିଦେଇ। ଏହି କାରଣରୁ ପୁଞ୍ଜିବାଦର ଧ୍ୱଂସପରେ ଯେତେବେଳେ ବ୍ୟକ୍ତିଗତ ଧନ-ସାହାଯ୍ୟରେ ଶୋଷଣକୁ ଲୋପ କରାଯାଇ ଶାନ୍ତି ଜଡ଼ବାଦ ବା କମ୍ୟୁନିଜିମର ସ୍ଥାପନା କରାଯିବ, ସେତେବେଳେ ଅର୍ଦ୍ଧାହାରୀ, ଓ ଅର୍ଦ୍ଧନଗ୍ନ ସଂଖ୍ୟା ଗରିଷ୍ଠ ସର୍ବହରା ଗୋଷ୍ଠୀ, ଯେଉଁମାନେ କି ବର୍ତ୍ତମାନ ଜଡ଼ତାର ସ୍ତରରେ ( In the plane of inertia ) ରହିଛନ୍ତି, ସେମାନେ ଦୀର୍ଘ ଅବସର ପାଇ ଏହି ଅବସରକୁ ଅନୁଶୀଳନ ଓ ଗବେଷଣାରେ ନ ଲଗାଇ କେବଳ ଇନ୍ଦ୍ରିୟ ତର୍ପଣରେ ଲଗାଇବାର ଆଶଙ୍କା ଅଛି ଯାହାର ଫଳରେ କି ସେମାନଙ୍କର ହସ୍ତ ଓ ଅଙ୍ଗୁଷ୍ଠି ଅକାମୀ ହୋଇଯିବ। ଫଳରେ ହସ୍ତ ଓ ଅଙ୍ଗୁଷ୍ଠର କର୍ମକୁଶଳତା ସହ ସମ୍ପୃକ୍ତ ଥିବା ମସ୍ତିଷ୍କ ଓ ହୃଦୟ ବିକାରଗ୍ରସ୍ତ (Full of mental conflicts) ଦୁର୍ବଳ ହୋଇଯିବ। ଶାସକ ଶାସିତର ଫରକ କମିଯାଇ (withering away of the State) ଆଧ୍ୟାତ୍ମିକ ଦ୍ୱନ୍ଦ୍ୱବାଦ ବା ବୈରାଗ୍ୟ ଆଡ଼କୁ ସମାଜର ଅବଶ୍ୟମ୍ଭାବୀ ଗତି ହେବା ପରିବର୍ତ୍ତେ ବିକୃତ ଡିକ୍ଟେଟର ତନ୍ତ୍ରରେ ଦୀର୍ଘ ଦିନ ଲାଗି ଯାଇ କ୍ଷମତାର ବିକଟ ଶୋଷଣ ଚାଲିବ।

ଏହି କାରଣରୁ ସଂଖ୍ୟା ଗରିଷ୍ଠ ସର୍ବହରାମାନେ ଯେଉଁମାନେ କି ବାଧ୍ୟ ହୋଇ ଜଡ଼ତା ଓ ଦାରିଦ୍ର୍ୟରେ ସଡ଼ୁଛନ୍ତି, ସେମାନେ ନ୍ୟାସ୍ତସ୍ୱାର୍ଥ-ପୁଞ୍ଜିବାଦୀ ସଂସ୍ଥା ବିରୁଦ୍ଧରେ ଜାଗ୍ରତ ହୋଇ ପୁଞ୍ଜିବାଦର ଧ୍ୱଂସ କରି ସେମାନଙ୍କ ତରଫରୁ ଯେତେବେଳେ ଅଧିନାୟକତ୍ୱ ଚଳାଇବେ, ସେତେବେଳେ ଏହି ଯାନ୍ତ୍ରିକ ଧ୍ୱଂସୋନ୍ମୁଖୀ ସଭ୍ୟତାର ବି ଉଚ୍ଛେଦ କରିବା ଦରକାର ପଡ଼ିବ। ଯନ୍ତ୍ରଶିଳ୍ପକୁ ଉଚ୍ଛେଦ କରିବାର ଅନ୍ୟ ଏକ କାରଣ ଏହାହିଁ ଯେ ଏହା ଶାସକଗୋଷ୍ଠୀ ଏବଂ ଡିକ୍ଟେଟରଙ୍କ କ୍ଷମତାର ଯଥେଚ୍ଛା ଅପ-ପ୍ରୟୋଗ ପାଇଁ ଯଥେଷ୍ଟ ସୁବିଧା ଦିଏ। ଯାନ୍ତ୍ରିକ ସଭ୍ୟତାକୁ ଧ୍ୱଂସ କରିବାର ଅର୍ଥ ଏହାନୁହେଁ ଯେ ସବୁ ଯନ୍ତ୍ରଶିଳ୍ପକୁ ଧ୍ୱଂସ କରିଦେବା। ମଣିଷର ଅନ୍ତତଃ ଯେଉଁ ଅନ୍ନ ଓ ବସ୍ତ୍ର ଆବଶ୍ୟକ, ସେଥିପାଇଁ ସେ କେନ୍ଦ୍ରୀଭୂତ ଯନ୍ତ୍ରଶିଳ୍ପ ଉପରେ ନିର୍ଭର ନ କରି, ଡିକ୍ଟେଟର ଓ ଶାସକ ଗୋଷ୍ଠୀର ବକ୍ର-ମୁଷ୍ଟି ଭିତରେ ନରହି ଏହି ଅନ୍ନ ଓ ବସ୍ତ୍ରକୁ ବିକେନ୍ଦ୍ରିତ ଭାବରେ ଏବଂ ସହଜ ସାଧ୍ୟ ପ୍ରଣାଳୀରେ ଉତ୍ପାଦନ କରିବା ଆବଶ୍ୟକ। ପୁଞ୍ଜିବାଦ, ବ୍ୟକ୍ତିଗତ ସମ୍ପତ୍ତି ଓ ସଞ୍ଚୟ ଆଚରଣର ଧ୍ୱଂସ ପରେ ନିତ୍ୟ ବ୍ୟବହାର୍ଯ୍ୟ ଅନ୍ନ ଓ ବସ୍ତ୍ରକୁ ବଡ଼ ବଡ଼ ଅନାୟାସସାଧ୍ୟ ଜଟିଳ ଯନ୍ତ୍ରଦ୍ୱାରା ନିୟନ୍ତ୍ରିତ କରି ଡିକ୍ଟେଟର ଓ ଶାସକଗୋଷ୍ଠୀ ରାଷ୍ଟ୍ରବାସୀଙ୍କି ଚିରଦିନ ପରମୁଖାପେକ୍ଷୀ ଯେପରି କରି ନ ରଖିବେ ଏଥିପାଇଁ ଗାନ୍ଧିପନ୍ଥୀମାନେ ଜନତା ଉପରେ ସେମାନଙ୍କର ପ୍ରଭାବ ପକାଇବେ ଏବଂ ଯାନ୍ତ୍ରିକ ସଭ୍ୟତାର ମାରାତ୍ମକତା ବିଷୟରେ ସମସ୍ତଙ୍କୁ ହୃଦୟଙ୍ଗମ କରାଇବାକୁ ଚେଷ୍ଟା କରିବେ। ଖାଦ୍ୟ ଓ ବସ୍ତ୍ର ଲୋକର ଘର ନିକଟରେ ଅନାୟାସ ଲଭ୍ୟ ହେବା ଦରକାର। ପୁଞ୍ଜିବାଦର ଧ୍ୱଂସପରେ ସମସ୍ତେ ସହଯୋଗ ପ୍ରଣାଳୀରେ ଅନ୍ନ ଉତ୍ପାଦନ କରିବେ, ମାତ୍ର ଏହା ଯେପରି ଭୂଗର୍ଭସ୍ଥ କୋଇଲା ପେଟ୍ରୋଲ, ଦୁର୍ବୋଧ ଟ୍ରାକ୍ଟର ଉପରେ (Complicated Tractor) ନିର୍ଭର ନ କରି ସହଜ-ଲଭ୍ୟ ସୁବୋଧ ବଳଦ ଓ ଲଙ୍ଗଳ ଉପରେ ନିର୍ଭର କରେ। ଏହି ସତ୍ୟକୁ ଗାନ୍ଧି ପନ୍ଥୀମାନେ ଶାସକ ଓ ଶାସିତଙ୍କର ଅନୁଭବ୍ୟ କରାଇବେ। ଠିକ୍ ସେହିପରି ଅବସର ବେଳେ ପ୍ରତ୍ୟେକ ନିଜ ନିଜର ବସ୍ତ୍ରର ଆୟୋଜନ କରିବା ଆବଶ୍ୟକ ଏବଂ ଏଥିପାଇଁ କୌଣସି ଏକ ସୁଦୂର ଲୁଗା କଳର କାରଖାନାକୁ ତକାଇ ବସିବା କ୍ଷତ କାରକ। ପୁଞ୍ଜିବାଦର ଧ୍ୱଂସପରେ, ଯନ୍ତ୍ରଶିଳ୍ପକୁ ନିମ୍ନ ସ୍ଥାନ ଦେବାଦ୍ୱାରା ଅନ୍ୟ ଏକ ବୈଷମ୍ୟର ଲୋପ ହେବ। ଦଳେ ଲୋକ ଖାଲି ମଥାଶ୍ରମ ଓ କାଗଜଗୃପ କରିବେ ଏବଂ ଅନ୍ୟ ଦଳଟା କେବଳ ଶରୀରଶ୍ରମ କରିବେ, ଏ ଦୁଇଟା ଶ୍ରେଣୀ ବିଭାଗ ମଧ୍ୟ ଲୋପ କରିଦିଆଯିବ। ସମସ୍ତେ ଅବସରରୁ ସାମାନ୍ୟ କିଛି ସମୟ ବ୍ୟୟକରି ନିଜ ନିଜର ବସ୍ତ୍ରର ଆୟୋଜନ କରି ନେବାଟା ଜାରି ରଖିଲେ ସବୁ ଲୁଗାକଳର ଧ୍ୱଂସ ବିଧାନ ହେବ। ଡିକ୍ଟେଟର ଓ ଶାସକଗୋଷ୍ଠୀ କେହି ଆଉ ଶରୀର ଶ୍ରମରୁ ବାଦ ଯିବେ ନାହିଁ। ହସ୍ତ ଓ ଅଙ୍ଗୁଷ୍ଠିର ଦୈନନ୍ଦିନ ସ୍ୱତଃ ପ୍ରବୃତ୍ତ ବ୍ୟବହାରତାକୁ



Digitized by srujanika@gmail.com



ହସନ୍ତ୍—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ—ଦ୍ବିତୀୟ ସଂସ୍କରଣ ୮୦ ପୃଷ୍ଠା—ମୂଲ୍ୟ ଏକ ଟଙ୍କା—ପ୍ରକାଶକ, ବିଦ୍ୟାପୁରୀ ପୁସ୍ତକାଳୟ।

'ହସନ୍ତ' ଖ୍ୟାତ କବି ଓ ସାହିତ୍ୟିକ ସଚ୍ଚିଦାନନ୍ଦବାବୁଙ୍କ ରଚିତ କେତୋଟି ହାସ୍ୟରସ-ମୟ ଏବଂ କବିତାର ସଂଗ୍ରହ। ଏଥିରେ ସର୍ବମୋଟ ଅଠରଟି କବିତା ସ୍ଥାନ ପାଇଛି।

ଏ କବିତା ଗୁଡ଼ିକର କୌଣସି ବ୍ୟକ୍ତିଗତ ଆକ୍ଷେପ, ବିଦ୍ରୂପ, ଆକ୍ଷେପ ବା କୁତ୍ସା ନାହିଁ। କେବଳ ହାସ୍ୟରସ ସୃଷ୍ଟିକରି 'କ୍ଷୁଧିତର ଖୋରାକ' ଯୋଗାଇବା କବିଙ୍କର ଉଦ୍ଦେଶ୍ୟ। କେଉଁ କୌଣସି ଅଶ୍ଳୀଳ, ଅସଙ୍ଗତ, ଅନାଗ୍ରହ, ବ୍ୟକ୍ତିଗୂର ପ୍ରତି କଟାକ୍ଷ ନକଲେ ରଙ୍ଗରସର ଅବତାରଣା ହୋଇପାରେ ନାହିଁ; ଦୁର୍ନୀତି ଦୁରାଗ୍ରହର ବିରୁଦ୍ଧରେ ସଳଖ ଭାବରେ ବଳିଷ୍ଠ ଲେଖନୀ ଧାରଣ କରିବା ଏକ କଥା, ମାତ୍ର ତାକୁ ବ୍ୟଙ୍ଗ କରି ଲୋକ ଚକ୍ଷୁରେ ପକାଇ, ହୀନମାନ କରି, ହାସ୍ୟାସ୍ପଦ କରି ସେସବୁର ପ୍ରତିକାର ବା ପ୍ରତିଶୋଧ ନେବା ଅନ୍ୟକଥା। ଯଥା ସଳଖରେ ସମାଲୋଚନା କରି ଯେତେ ଦୋଷ ଦେଖାଇଲେ ଯାହା ଫଳ ହୁଏ, ତଥା ପଦକରେ ବ୍ୟଙ୍ଗ ବା ଟାହିଲି କରିଦେଇ ପାରିଲେ ଫଳ ତାର ଶହେ ଗୁଣ ହୁଏ। ଏଥିପାଇଁ ବ୍ୟଙ୍ଗ କଥା ବା କବିତାର ଧାର ଯେପରି ତୀକ୍ଷ୍ଣ ସେହିପରି ମର୍ମଭେଦୀ।

ଓଡ଼ିଶାର ଦୁର୍ଭାଗ୍ୟ ଆମ ସାହିତ୍ୟରେ ରଙ୍ଗରସର ଏକାନ୍ତ ଅଭାବ। କବିଙ୍କ କଥାରେ ଯେଉଁ ଜାତି ଯେତେ ହସିପାରେ ସେ ସେତେ ସୁସ୍ଥ, ସବଳ ଓ ଜୀବନ୍ତ। ହାସ୍ୟରସରେ ଆମ ସାହିତ୍ୟର ଦାରିଦ୍ର୍ୟ ଓଡ଼ିଆ ଜାତିର ମୃତ୍ୟୁର ଲକ୍ଷଣ ସୂଚକ ଅଛି।

ସଚ୍ଚିବାବୁଙ୍କର ପ୍ରତିଭା ବହୁମୁଖୀ। କି କବିତା କି ଗଦ୍ୟ କଥା ସାହିତ୍ୟ ରଚନାରେ ସେ ସିଦ୍ଧହସ୍ତ ବୋଲି ପ୍ରଖ୍ୟାତ। ଏହି ହସନ୍ତ୍ ପ୍ରକାଶ କରି ସେ ତାଙ୍କର ଆଉ ଗୋଟିଏ ଗୁଣର ବିକାଶ କରିଅଛନ୍ତି।

ଏଥିଭିତରେ ଥିବା କେତୋଟି କବିତା ଅତି ସୁସ୍ୱାଦୁ, ଯଥା—ଗୋପବନ୍ଧୁଙ୍କ ଶ୍ରାଦ୍ଧ, ଦେବସଭା, ଅନ୍ଧାର ଘର ଆଲୁଅ କରି, ହନୁମାନର ଗୋତ୍ର, ପାର୍ଟିବିଭ୍ରାଟ। ଏଥିରେ ରାଜନୀତିକ, ସାମାଜିକ ଦୁର୍ନୀତି ଗୁଡ଼ିକୁ ବଡ଼ ନିପୁଣ ଭାବରେ ଠାପରା କରା ହୋଇଛି।

"ଶିଶୁରାଷ୍ଟ୍ର ବନ୍ଦନା" ଠିକ୍ ବ୍ୟଙ୍ଗ କବିତା ନୁହେଁ। "ଜନଗଣ ବର୍ଷ ତଳେ" ମଧ୍ୟ। ଏ ଦୁଇଟିକୁ ଏଥିରେ ସ୍ଥାନ ଦେଇ ନଥିଲେ ଚଳି ଥାଆନ୍ତା। 'ଚେନାଚୂର ଗରମ' ର 'ଶତ୍ରୋହୀ କରାନ୍' ର ରସ ଟିକିଏ ପାଣି ଫାଟି ଗଲାପରି ଜଣାଯାଉଛି।

ଆଶାକରୁ ସଚ୍ଚିବାବୁ ରଙ୍ଗସାହିତ୍ୟ ରଚନାରେ ଅଧିକ ମନ ବଳାଇ ଓଡ଼ିଆ ସାହିତ୍ୟର ଏହି ପ୍ରଧାନ ଅଭାବଟି ପୂରଣ କରିବେ। ଆମର ଅନୁରୋଧ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ହସନ୍ତ୍‌କୁ ଖଣ୍ଡିଏ କଣି ପଢ଼ିବେ।

ଛାଇ—ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ—ପୃ ୧୧୨ ପୃ—ପ୍ରକାଶକ, କଟକ ପବ୍ଲିଶିଙ୍ଗ ହାଉସ-ମୂଲ୍ୟ ୧ ଟ। ଛାଇ ଦଶଗୋଟି କ୍ଷୁଦ୍ର ଗଳ୍ପର ସମାବେଶ। ଗଳ୍ପ ଗୁଡ଼ିକର କଥାବସ୍ତୁ (plot) ଅନ୍ୟାନ୍ୟ ବିଦେଶୀ ଗଳ୍ପର ଛାୟାବଲମ୍ବନରେ ପ୍ରଥିତ ଓ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା। ସମ୍ଭବତଃ ସେଥିପାଇଁ ଛାଇ ନାମ ରଖା ଯାଇଛି।

"ସାତଟଙ୍କା ଛ ଅଣା" ଓ 'ଫକିର ସାହେବ' ଏ ଦୁଇଟି ଗଳ୍ପ ଅତି ଆଧୁନିକ ବାଛିଥିବା ଛନ୍ଦ—ସବୁ ପାଠକଙ୍କୁ ସୁଖ ଲାଗିବ ନାହିଁ ବୋଲି ମନେହୁଏ। ସଚ୍ଚିବାବୁଙ୍କର ସତେଜ ଓ ସହଜ ଭାଷା ଚତୁରୀ ଓ ବିଳାସ ଭଙ୍ଗୀ ଗଳ୍ପ ଗୁଡ଼ିକୁ ସରସ ଓ ଉପାଦେୟ କରି ପକାଇଛି।

[ ୨୩ ପୃଷ୍ଠାର ଅବଶିଷ୍ଟାଂଶ ]

ପ୍ରତ୍ୟେକ ଅଭ୍ୟାସ ଭାବରେ ମାନିନେବ। ଏଣୁ ମଣିଷ ଆଉ ପଶୁର ସ୍ତରକୁ ଫେରିଯାଇ ନାହିଁ, ପଶୁ ଯେ ଏ ଯାଏ ପଶୁ ରହିଛି, ତାହାର କାରଣ ସେ ତାର ହାତ ଓ ବୁଦ୍ଧିଆଙ୍ଗୁଳିକୁ ଦୈନନ୍ଦିନ କାର୍ଯ୍ୟରେ ଲଗାଇ ପାରି ନାହିଁ।

ପୁଞ୍ଜିବାଦୀ ସମାଜରେ ଲୋକଙ୍କର ସ୍ୱାର୍ଥପର ସଂଗ୍ରହ ପିପାସା ଓ ଆଇନସଙ୍ଗତ ଚୋରିଟା ଯେ ବଢ଼ି ଚାଲିଛି, ତାର କାରଣ ଧନୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିକୁ ଉଚ୍ଚତମ ଆସନରେ ବସାଯାଇ ଫକିର ଓ ସନ୍ନ୍ୟାସୀର ଆସନକୁ ହେୟ ଓ ଅବଜ୍ଞାତ ରଖାଯାଇଛି, ତାହାର ଫଳରେ ସନ୍ନ୍ୟାସୀ ବି ଭଣ୍ଡ ଓ ଲମ୍ପଟ ବୈଷ୍ଣବ ହୋଇ ଯାଉଛି। ସ୍ୱଇଚ୍ଛାରେ ସବୁ ତ୍ୟାଗ କରିଥିବା ଫକିର ସନ୍ନ୍ୟାସୀଙ୍କୁ ଉଚ୍ଚ ସ୍ଥାନ ଦିଆ ଯାଉଥିଲାବେଳେ ଏବଂ ଯାନ୍ତ୍ରିକ ସଭ୍ୟତାର ଅଗ୍ରଗତି ହୋଇ ନଥିଲାବେଳେ ବ୍ୟକ୍ତିଗତ ସମ୍ପତ୍ତି ଓ ଐଶ୍ୱର୍ଯ୍ୟଶାଳୀ ଧନୀ ବ୍ୟକ୍ତିର ଏତେ ପ୍ରାଦୁର୍ଭାବ ଓ ଆଧିପତ୍ୟ ନଥିଲା। ବେଦର ପରିକଳ୍ପନାରେ ଧନୀକୁ ତୃତୀୟ ଓ ନିମ୍ନ ସ୍ଥାନ ଦେଇ କପର୍ଦ୍ଦକ-ଶୂନ୍ୟ ଅକିଞ୍ଚନ ସନ୍ନ୍ୟାସୀକୁ ଉଚ୍ଚତମ ଆସନ ଦେବାର ଚିନ୍ତାଧାରା ଆଧ୍ୟାତ୍ମିକ ବ୍ରହ୍ମବାଦ ସୃଷ୍ଟି କରିଥିଲା ତାହାର ଫଳରେ କି ବୈରାଜ୍ୟର ଏକ ପ୍ରଚ୍ଛନ୍ନ ଫଲ୍ଗୁ ସ୍ରୋତ ଅଦ୍ୟାପି କ୍ଷୀଣ ଭାବରେ ଏ ଦେଶର ସମାଜରେ ବହୁଅଛି ଏବଂ ଯେଉଁ ବୈରାଜ୍ୟକୁ ବାଲ୍ମୀକି ତାଙ୍କର ରାମାୟଣର ରାମରାଜ୍ୟରେ ରୂପରେଖା ଦେଇଛନ୍ତି।

ପୁଞ୍ଜିବାଦୀ ସଂସ୍ଥା ଯହିଁରେ କି ମିଥ୍ୟା ଧର୍ମଧ୍ୱଜାର ଆବରଣତଳେ ବିକଟ ସ୍ୱାର୍ଥପରତା ଧନତୃଷ୍ଣା, କାମିନୀକାଞ୍ଚନର ତୃଷ୍ଣା ରହିଅଛି, ସେହି ପୁଞ୍ଜିବାଦକୁ ଧ୍ୱଂସ କରିବାକୁ ମାର୍କସୀୟ ପନ୍ଥା ହିଁ ଯେ କେବଳ ସମର୍ଥ ହେବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। ମାତ୍ର ଧନଦ୍ୱାରା ଶୋଷଣ କରିବାଟାକୁ ଲୋପ କଲାପରେ ଶାସକ ଗୋଷ୍ଠୀ ଓ ଡିକ୍‌ଟେଟରଙ୍କର ଯଥେଷ୍ଟ କ୍ଷମତା ପ୍ରୟୋଗର ଅପବ୍ୟବହାରକୁ ଏ ପନ୍ଥା କଦାପି ନିମ୍ନୂଳିତ କରିପାରିବ ନାହିଁ। କେବଳ ଗାନ୍ଧି ପନ୍ଥା ବା ଆତ୍ମବଳ ପ୍ରଦାନ ଦ୍ୱାରାହିଁ ଡିକ୍‌ଟେଟରଙ୍କର ଅସୀମ କ୍ଷମତା ପ୍ରୟୋଗର ବିପଦାନ୍ତକୁ ଭଙ୍ଗା ଯାଇ ଆଧ୍ୟାତ୍ମିକ ବ୍ରହ୍ମବାଦ ବା ବୈରାଜ୍ୟର ମୂଳଭିତ୍ତି ସ୍ଥାପନ କରାଯାଇ ପାରିବ। ଧନଦ୍ୱାରା ଶୋଷଣ ଲୋପ କଲା ପରେ ପରେ କ୍ଷମତା ଦ୍ୱାରା ଶୋଷଣକୁ ଲୋପ ନକରିବା ଯାଏ ସର୍ବହରାର ପ୍ରକୃତ ସ୍ୱରାଜ୍ୟ ଆସି ପାରିବ ନାହିଁ।



Digitized by srujanika@gmail.com



## କୋଣାର୍କ ମନ୍ଦିର କିଏ ଭାଙ୍ଗିଲା ।

ସତ୍ୟବାଦୀ ଦର୍ପଣର ୨୨ଶ ସଂଖ୍ୟା (ବୈଶାଖ ପ୍ରଥମାର୍ଦ୍ଧ) ର ୧୬ପୃଷ୍ଠା ୨ସ୍ତମ୍ଭରେ ମୁଦ୍ରିତ ନାଗରିକ ଉତ୍ତରରେ ଲେଖାଅଛି "ଶେଷୀନାଥ ଭାଇ—ବ୍ରିଟିଶ ସରକାର ଚୁମ୍ବକ ପଥର କାଢ଼ି ନେବାରୁ କୋଣାର୍କ ପୁରୀ ଭାଙ୍ଗି ପଡ଼ିଲା।"

ଏଠାରେ ଉପରୋକ୍ତ ତିନୋଟି କଥାର ଉଲ୍ଲେଖ ଅଛି । ଯଥା

(୧) ବ୍ରିଟିଶ ସରକାର

(୨) ଚୁମ୍ବକ ପଥର କାଢ଼ିନେବାରୁ

(୩) କୋଣାର୍କ ପୁରୀ ଭାଙ୍ଗି ପଡ଼ିଲା ।

ଏଥିରୁ ଏହା ବୁଝାଯାଇଅଛି ଯେ 'କୋଣାର୍କ' ଦେଉଳ କେତେକାଂଶରେ ଭାଙ୍ଗି ପଡ଼ିଥିଲା । ସେଥିରୁ 'ବ୍ରିଟିଶ ସରକାର' ଚୁମ୍ବକ ପଥର କାଢ଼ି ନେବାରୁ ତାହା 'ପୁରୀ' ଭାଙ୍ଗି ପଡ଼ିଲା ! ବର୍ତ୍ତମାନ ଦେଖାଯାଉ କୋଣାର୍କର ଚୁମ୍ବକ ପଥର କଅଣ ଥିଲା ଓ ବ୍ରିଟିଶ ସରକାର ତାକୁ କିପାଇଁ କାଢ଼ିନେଲେ ଯଦ୍ଦ୍ୱାରା କୋଣାର୍କ ମନ୍ଦିର ଭାଙ୍ଗି ପଡ଼ିଲା ।

ଭାରତରେ ଖ୍ରୀ ୧୭୫୭ରେ ବଙ୍ଗଦେଶର ନବାବ ସହିତ ଭାରତର ଇଷ୍ଟ-ଇଣ୍ଡିଆ କମ୍ପାନୀଙ୍କର ପଲାଶି ରଣକ୍ଷେତ୍ରରେ ଏକ ଯୁଦ୍ଧ ହୋଇଥିଲା—ଏହି ଯୁଦ୍ଧରେ ଇଷ୍ଟ-ଇଣ୍ଡିଆ କମ୍ପାନି କୌଶଳକ୍ରମେ ଜୟୀ ହୋଇଗଲେ ଓ ଏହି ବିଜୟ ଦ୍ୱାରା ବ୍ରିଟିଶ ସରକାରଙ୍କର ଆଧିପତ୍ୟ ଦୃଢ଼ରୂପେ ଭାରତରେ ସ୍ଥାପିତ ହୋଇଥିଲା । ତତ୍ପରେ ୧୮୦୩ରେ ଇଷ୍ଟ-ଇଣ୍ଡିଆ କମ୍ପାନି ଗୃହୀତ ଭାରତର ବ୍ରିଟିଶ ସରକାର ନାଗପୁରର ମରହଟ୍ଟା ରାଜାଙ୍କ ଠାରୁ ଓଡ଼ିଶା ପ୍ରଦେଶ ଜୟ କରିଥିଲେ । ତତ୍ ପୂର୍ବରୁ ଓଡ଼ିଶାରେ ବ୍ରିଟିଶ ସରକାରଙ୍କ କିଛି ସଂପର୍କ ନଥିଲା । ଓଡ଼ିଶା ଅଧିକାର କରିବା ସଙ୍ଗେ ସଙ୍ଗେ ବ୍ରିଟିଶ ସରକାର ୧୮୦୬ରେ କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଚେଷ୍ଟା କରିଥିବା କଥା ସରକାରୀ କାଗଜ ପତ୍ରରୁ ପ୍ରମାଣ ମିଳେ । ତତ୍ପରେ ଲର୍ଡକର୍ଜନ ବଡ଼ଲାଟ ଥିବା ସମୟରେ ୧୯୦୧ରୁ ୧୯୦୫ ମଧ୍ୟରେ ବହୁ ଅର୍ଥ ବ୍ୟୟ କରି ବ୍ରିଟିଶ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଓ ପୂର୍ତ୍ତବିଭାଗ ଦ୍ୱାରା ସୂର୍ଯ୍ୟଙ୍କ କୋଣାର୍କ ଭଗ୍ନମନ୍ଦିରର ଖନନକାର୍ଯ୍ୟ ହୋଇ ପରେ ମନ୍ଦିରର ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇଥିଲା । ତଦବଧି ପ୍ରାଚୀନ କୀର୍ତ୍ତି ରକ୍ଷା ଆଇନ [ Ancient monument presevation Act ] ଅନୁସାରେ କୋଣାର୍କ ମନ୍ଦିର ସୁରକ୍ଷିତ ହୋଇଅଛି ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ରକ୍ଷଣାବେକ୍ଷଣ କରୁଅଛି । ବ୍ରିଟିଶ ସରକାର କେବେ କୋଣାର୍କ ମନ୍ଦିର ଭାଙ୍ଗିବା ପାଇଁ କିଛି ମାତ୍ର କାର୍ଯ୍ୟ କରି ନଥିଲେ, ବରଂ ଏହି ବିଶାଳ ଜାତୀୟ କୀର୍ତ୍ତି ରକ୍ଷା କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଥିଲେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି କୋଣାର୍କର 'ଚୁମ୍ବକ ପଥର' କଅଣ ?

କୋଣାର୍କ ସମ୍ବନ୍ଧରେ ସ୍ୱର୍ଗୀୟ ଇଞ୍ଜିନିଅର ବିଷନ ସ୍ୱରୂପ ଖଣ୍ଡିଏ ବହି ଇଂରାଜୀରେ ଲେଖିଅଛନ୍ତି ଓ ସ୍ୱର୍ଗୀୟ ପଣ୍ଡିତ କୃପାସିନ୍ଧୁ ମିଶ୍ର ଖଣ୍ଡିଏ ବହି ଓଡ଼ିଆରେ ଲେଖିଅଛନ୍ତି । ସ୍ୱର୍ଗୀୟ ମିଶ୍ର ମହାଶୟ ବହୁ କିମ୍ବଦନ୍ତୀ ସଂଗ୍ରହ କରିଥିଲେ । କୋଣାର୍କର ଚୁମ୍ବକ ପଥର ତନ୍ମଧ୍ୟରୁ ଗୋଟିଏ । କୋଣାର୍କରେ ପ୍ରତିବର୍ଷ ମାଘସପ୍ତମୀ ଦିନ ଗୋଟିଏ ମେଳା ବସେ ଓ ସେଦିନ ଓଡ଼ିଶାର ନାନା ଅଞ୍ଚଳରୁ ବହୁ ନରନାରୀ ଚନ୍ଦ୍ରଭାଗାରେ ସ୍ନାନ କରିବା ପାଇଁ କୋଣାର୍କରେ ରୁଣ୍ଡ ହୁଅନ୍ତି । କୋଣାର୍କ ମନ୍ଦିର ଭାଙ୍ଗି ପଡ଼ିଲା ଏହି ପ୍ରଶ୍ନ ଶତସହସ୍ର ଯାତ୍ରୀ ମୁଖରୁ ଉଠେ ଓ ପଣ୍ଡାମାନେ ଯାତ୍ରୀମାନଙ୍କର ବିଶ୍ୱାସ ପାଇଁ ମନଗଢ଼ା ନାନା କଥା କହି ଯାତ୍ରୀମାନଙ୍କର କୌତୂହଳ ପୂରଣ କରନ୍ତି । କିମ୍ବଦନ୍ତୀଟି ଏହିରୂପେ କଥିତ ହୁଏ ।

କୋଣାର୍କ ମନ୍ଦିରରେ ଗୋଟିଏ ଚୁମ୍ବକ ପଥର ଥିଲା । ସେ ପଥର ଖଣ୍ଡିକର ଶକ୍ତି ଏତେ ଅଧିକ ଥିଲା ଯେ ମହୋଦଧିରେ ଯାଉଥିବା ଜାହାଜ ସବୁକୁ କୂଳକୁ ଟାଣି ଆଣୁଥିଲା— ଏଥିରେ ସମୁଦ୍ରଗାମୀ ବୈଦେଶିକ ବଣିକମାନେ ବହୁ ଯନ୍ତ୍ରଣା ଭୋଗୁଥିଲେ ଓ ଜାହାଜ ସବୁ କୂଳକୁ ଟାଣିହୋଇ ଆସିବାର କାରଣ ଖୋଜୁଥିଲେ । ଯେତେବେଳେ ସେମାନେ ବଣିକ ଜାଣିପାରିଲେ ଯେ ମନ୍ଦିରରେ ଥିବା ଚୁମ୍ବକ ପଥର ଯୋଗୁଁ ଏପରି ଘଟଣା ଘଟୁଅଛି । ସେମାନେ ଚୁମ୍ବକ ପଥରଟିକୁ କାଢ଼ିବାର ଚେଷ୍ଟା କଲେ ଓ ଗୁପ୍ତରେ ସେ କାର୍ଯ୍ୟ କରିପାରିଲେ । ଏହି ଚୁମ୍ବକ ପଥର ନଷ୍ଟ ହେବାରୁ ମନ୍ଦିରର ମୁକୁଟ ଖସିଗଲା ଓ ମୁଣ୍ଡୀ ଭାଙ୍ଗିବା ଫଳରେ ମନ୍ଦିରଟି କ୍ରମଶଃ ଭାଙ୍ଗି ପଡ଼ିଲା । ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର ଏହି କଥା ତାଙ୍କ ବହିରେ ଲେଖି ଅଛନ୍ତି ।

ବୈଦେଶିକ ବଣିକମାନେ କୋଣାର୍କ ମନ୍ଦିରକୁ **Black pagoda** ଆଖ୍ୟା ଦେଇଥିଲେ । ପର୍ତ୍ତୁଗିଜ ଜଳଦସ୍ୟୁ ବଣିକମାନେ କୋଣାର୍କ ମନ୍ଦିରରେ ବିଶ୍ରାମ କରୁଥିଲେ । ସମୁଦ୍ରରୁ ମନ୍ଦିର ଦେଖି ତହିଁରେ ଆକୃଷ୍ଟ ହୋଇ ମନ୍ଦିରକୁ ଆସୁଥିବାରୁ ଜାହାଜ ଗୁଡ଼ିକ କୂଳକୁ ଆସୁଥିଲେ । ଏଥିରୁ ସ୍ଥାନୀୟ ଲୋକମାନେ ବୋଧହୁଏ କଳ୍ପନା କରିଥିଲେ ଯେ ମନ୍ଦିରର ଚୁମ୍ବକ ପଥର ଜାହାଜକୁ ସମୁଦ୍ର ଗର୍ଭରୁ କୂଳକୁ ଆକୃଷ୍ଟ କରୁଥିଲା ।

ଆଉ ଗୋଟିଏ କିମ୍ବଦନ୍ତୀ ଅଛି ଯେ କଳାପାହାଡ଼ କୋଣାର୍କ ମନ୍ଦିର ଭାଙ୍ଗିବାକୁ ଯାଇଥିଲା — ମନ୍ଦିର ଭାଙ୍ଗିବା ସହଜ ବ୍ୟାପାର ନଥିବାରୁ ମନ୍ଦିର କୁମ୍ଭ ପଥର କେବଳ ଭାଙ୍ଗି ଦେଇଥିଲା । କଳା ପାହାଡ଼ ପ୍ରକୃତରେ କୋଣାର୍କ ଯାଇଥିଲା କି ନା ତାହା ଜଣା ଯାଇ ନାହିଁ । ଆଇନ-ଇ-ଆକବରୀ ଗ୍ରନ୍ଥରେ ଆକବରଙ୍କର ମନ୍ତ୍ରୀ ଅବୁଲ ଫାଜଲ କୋଣାର୍କ ସମ୍ବନ୍ଧେ ଯେଉଁ ବୃତ୍ତାନ୍ତ ଲେଖି ଅଛନ୍ତି, ତହିଁରେ କଳାପାହାଡ଼ ସମ୍ବନ୍ଧେ କିଛି କଥା ନାହିଁ ।

ସାହାହେଉ ଉପର ଲିଖିତ ଦୁଇଟି କିମ୍ବଦନ୍ତୀରୁ ଜଣା ଯାଇଅଛି ଯେ କୋଣାର୍କର 'ଚୁମ୍ବକ ପଥର' ବା 'କୁମ୍ଭପଥର' ନଷ୍ଟ ହେବାରୁ ମନ୍ଦିର ଭାଙ୍ଗି ପଡ଼ିଲା । ଗୋଟିଏ କିମ୍ବଦନ୍ତୀର କୁମ୍ଭପଥର ଅନ୍ୟ କିମ୍ବଦନ୍ତୀରେ 'ଚୁମ୍ବକ ପଥର' ରୂପେ ପରିଣତ ହୋଇ



Digitized by srujanika@gmail.com

... ର ... ଯାଇପାରେ । କୋଣାର୍କ ମନ୍ଦିରର ଅଗ୍ନି କୁମ୍ଭ ପଥର- ... ଖୋଜିଲେ ଏବେ ମୁଦ୍ରା ... ରେ ମିଳି ପାରେ । ମାତ୍ର କୋଣାର୍କରେ ବ୍ୟବହୃତ ପଥର ମଧ୍ୟରେ ଚୁମ୍ବକ ପଥର ଜାତୀୟ ପଥର ଥିବାର ପ୍ରମାଣ ମିଳୁନାହିଁ । ଏକଥା ସତ ଯେ ଚୁମ୍ବକ ଲୁହାକୁ ଟାଣେ ଓ ଚୁମ୍ବକ ପଥର [ load stone ] ମଧ୍ୟ ଲୁହାକୁ ଟାଣେ । ଗୋଟିଏ ଜାହାଜରେ ଅବଶ୍ୟ ଅନେକ ଲୁହା ଲାଗେ-ତେବେ ବହୁ ଦୂରବର୍ତ୍ତୀ ସମୁଦ୍ର ଗର୍ଭରୁ ଲୁହା ଲାଗିଥିବା ଜାହାଜକୁ ଟାଣି ଆଣିବା ପାଇଁ କେତେବଡ ଚୁମ୍ବକପଥର ଦରକାର ତାହା ବିଚାର୍ଯ୍ୟ ବିଷୟ । ସେ ଚୁମ୍ବକ ପଥରଟି ବର୍ତ୍ତମାନ କୋଣାର୍କରେ ନାହିଁ । ତେବେ ବୈଦେଶିକ ବଣିକମାନେ ତାକୁ ଅନ୍ୟ ଦେଶକୁ ନେଇ ଯାଇ ଥିବାର ବା ସମୁଦ୍ରରେ ପକାଇ ଦେଇଥିବାର ପ୍ରମାଣ ମଧ୍ୟ ମିଳେ ନାହିଁ । ତାହାର ସାମାନ୍ୟ ଖଣ୍ଡ ଯଦି କୋଣାର୍କରେ ଥାଆନ୍ତା ତେବେ ଆଜି-କାଲି ଯେଉଁସବୁ ମଟରକାର, ଲରି ଓ ଟ୍ରକ କୋଣାର୍କ ଯାଉଛି ସେଗୁଡ଼ିକର ଅବସ୍ଥା କଣ ହୁଅନ୍ତା ! ସୌଭାଗ୍ୟର କଥା ଯେ ତାହାର ଚିହ୍ନ ବା ସତ୍ତା ବର୍ତ୍ତମାନ କୋଣାର୍କ ଅଞ୍ଚଳରେ ନାହିଁ । ନଚେତ୍ ଆମ୍ଭେମାନେ ମଟରକାରରେ ଯାଇ କୋଣାର୍କ ଦେଖି ଫେରିବାର ସୁଯୋଗ ପାଆନ୍ତେ ନାହିଁ । ବୋଧହୁଏ ତତ୍କାଳୀନ ସ୍ଥପତି ଓଡ଼ିଆମାନେ ପ୍ରତ୍ୟେକ ପଥରରେ ଚୁମ୍ବକଶକ୍ତିର ଆରୋପ କରି ପାରୁଥିଲେ ନିଜ-ନିଜର ଗବେଷଣା ବଳରେ । ଆମ୍ଭେମାନେ ତାଙ୍କର ଅଯୋଗ୍ୟ ବଂଶଧର ସେହି ସେ ଶକ୍ତି ହରାଇ ଥିବାରୁ ଏବେ କୌଣସି ପଥରରେ ଚୁମ୍ବକଶକ୍ତି ଆରୋପ କରିବାପାଇଁ ଏକାବେଳକେ ଅସମର୍ଥ ହୋଇଛୁ ।

କୋଣାର୍କ ମନ୍ଦିର କାହିଁକି ଭାଙ୍ଗିଲା ତାହାର କାରଣ ସ୍ଥିରୀକୃତ ହୋଇ ନଥିଲେ ମଧ୍ୟ ଏତିକି କୁହାଯାଇ ପାରେ ଯେ ତାହାର କୁମ୍ଭପଥର ଭାଙ୍ଗି ପଡ଼ିବାରୁ ଓ ମନ୍ଦିରରେ ବହୁ ବଟ ଅଶ୍ୱତ୍ଥ ଗଛ ହେବାରୁ ପ୍ରାକୃତିକ କାରଣ ବଶତଃ ମନ୍ଦିରର ଉପରଭାଗର ପଥରସବୁ ଭାଙ୍ଗି ପଡୁଛି । ୧୮୩୮ରେ କର୍ଣ୍ଣେଲ ସାହେବ କୋଣାର୍କ ଦେଖିବାକୁ ଯାଇଥିଲେ—ସେ ଦେଖିଥିଲେ ଯେ ତତ୍କାଳୀନ ପୁରୀ ରାଜା ରାମଚନ୍ଦ୍ର ଦେବ କୋଣାର୍କ ମନ୍ଦିର ଭାଙ୍ଗି ତହିଁରୁ ମୂର୍ତ୍ତି ସବୁ ପୁରୀକୁ ଆଣାଇ ଥିଲେ । ମରହଟ୍ଟା ଅମଳରେ କୋଣାର୍କର ଅରୁଣ ସ୍ତମ୍ଭ ଭାଙ୍ଗି ପୁରୀର ସମ୍ମୁଖରେ ଗରୁଡ଼ ସ୍ତମ୍ଭ ସ୍ଥାପିତ ହୋଇଥିଲା—ଏଥିରୁ ଜଣାଯାଉଛି ଯେ ପ୍ରାକୃତିକ ପ୍ରଭାବ ବଶତଃ କୋଣାର୍କ ମନ୍ଦିର ଭାଙ୍ଗି ପଡୁଛି ଓ ମାନୁଷିକ ପ୍ରଭାବ ବଶତଃ କୋଣାର୍କ ମନ୍ଦିର ଭଙ୍ଗା ଯାଇଛି ।

(" ପ୍ରତ୍ନତାତ୍ତ୍ୱିକ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ନାଗମାନଙ୍କ ପାଇଁ ଏହା ଲେଖି ଥିବାରୁ ଆମ୍ଭେମାନେ ତାଙ୍କଠାରେ କୃତଜ୍ଞ । ଉତ୍କଳର ବିଦ୍ୟୋତ୍ସାହୀଙ୍କ ଠାରୁ ଏ ସହଯୋଗ ଆଶା କରି ପାରିବୁଁ କି ?" ସ ଡ଼ )

## ନାଗଙ୍କ ପ୍ରଶ୍ନ

୧୩୬୧—ଉପେନ୍ଦ୍ର—ପୃଥିବୀର ଆଧୁନିକ ସପ୍ତାଶ୍ଚର୍ଯ୍ୟର ନାମ କଣ ।

୧୩୪୮— କୃଷ୍ଣଚନ୍ଦ୍ର— ଦେଉଳ ଭିତରେ ପାଟି କଲେ ଶବ୍ଦ ଜୋର କାହିଁକି ହୁଏ ।

୧୩୫୧—ଶୁଭେନ୍ଦୁ— ପୃଥିବୀରେ ସବୁଠାରୁ ବଡ଼ ଝୋଟା କେଉଁଠି ଅଛି ।

୧୩୩୯—ନାରାୟଣ—ବର୍ତ୍ତମାନ ଭାରତର ସର୍ବଶ୍ରେଷ୍ଠ ସାହିତ୍ୟିକ କିଏ ?

୧୩୪୦—ଅନୁଜ— ଓଡ଼ିଆ ମାନେ ପୂର୍ବରେ ବାଣିଜ୍ୟ କରୁଥିଲେ—ତା'ର ସ୍ମୃତି କେଉଁ ପର୍ବରେ ଜଡ଼ିତ ଅଛି ?

୧୩୦୨— ଭାସ୍କର— ସମସ୍ତ ସମୟରେ ନକ୍ଷତ୍ରମାନେ ଅଗ୍ନିରେଖା ପରି ଲମ୍ବ ଦିଶନ୍ତି କାହିଁକି ?

୧୩୨୬—ସୋମନାଥ—ଭାରତର କେଉଁ ଆର୍ଯ୍ୟଲିପି ପୃଥିବୀର ପ୍ରାଚୀନ ଅଛି ବୋଲି କହୁଥିଲେ ?

## ନାଗଙ୍କ ଉତ୍ତର

ନାରାୟଣ ଭାଇ—ଓଡ଼ିଶାରେ ଶିଶୁ ସାହିତ୍ୟ ସ୍ରଷ୍ଟା ମଧୁସୂଦନ ରାଓ—ଭାସ୍କର (୧୩୦୨) ସୋମନାଥ (୧୨୮୩)

ନିହାର ଭାଇ—ପ୍ରତ୍ୟହ ଡାଏରି ଲେଖିଲେ— ଭବିଷ୍ୟତରେ ନିଜର ଉନ୍ନତି ବା ଅବନତି ବୁଝା ପଡ଼ିବ ଓ ନିଜ ଦୋଷମାନ ଜଣା ପଡ଼ିବ ।—ଭାସ୍କର—(୧୩୦୨) ରାଧାମୋହନ [୧୨୮୩]

ରାଧାମୋହନ ଭାଇ— ଜୁଳୁଜୁଳିଆ ପୋକର ପେଟରେ ଫସଫରସ ଥାଏ—ତାହା ସଞ୍ଜବେଳେ ଜଳୁଥାଏ ମାତ୍ର ସୂର୍ଯ୍ୟ ଆଲୋକରେ ଦିଶେ ନାହିଁ ।—କାମାକ୍ଷା (୧୩୬୧)

ରାଧାମୋହନ ଭାଇ—ପୋଷ୍ଟ କାର୍ଡରେ ଶିବମୂର୍ତ୍ତି ନାହିଁ— ତାହା ତ୍ରିମୂର୍ତ୍ତି —କାମାକ୍ଷା (୧୩୬୧)

କୈଳାସ ଭାଇ—ଦେଶରେ ବହୁ-ରାଜନୈତିକ ଦଳ ଗଠିତ ହେଲେ ସୁସ୍ଥ ସମାଲୋଚନା ଫଳରେ ଆମ୍ଭେମାନେ ରାଜନୈତିକ ପ୍ରକୃତ ପରିସ୍ଥିତି ବୁଝି ପାରିବା—ହରିବନ୍ଧୁ (୨୫୪)

## ୫୦ ଅବସର ବିନୋଦନ

୧ । ଧରି ବିପରୀତ ଯହିଁ ଅଇଲା
କାମ ବିପରୀତ ପୁର ରହିଲା
ଭଲୁକ ମଦ ହମ ବାସପୁରେ
ତହିଁ ଅର୍ଜୁନକୁ ଲୋଡନ୍ତି ନରେ
କେଉଁ ଋତୁରେ;
ନାଗଭାଇ ବୁଝି କହ ଚିତ୍ତରେ.

ଜଗନ୍ନାଥ (୨୮୭)

## ନୂଆନାଗଙ୍କ ନାମ

୧୩୭୨ । ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ ଶ୍ରୀକୃଷ୍ଣ ଏକାଡେମୀ ୯ମ ଶ୍ରେଣୀ ଜଗତସିଂହପୁର
୧୩୭୩ । କାଳୀଚରଣ ଲେଙ୍କା ୭ମ ଶ୍ରେଣୀ,
୧୩୭୪ । ଗୁଣମଣି ଦାସ ୭ମ ଶ୍ରେଣୀ,
୧୪୭୫ । କରୁଣାକର ମଲ୍ଲ ୭ମ ଶ୍ରେଣୀ, ମଧୁସାଗର ବିଦ୍ୟାପୀଠ, ପୋଃ ଅନୁଗୁଳ, କଟକ ।
୧୩୭୬ । ପୀତବାସ ପଟ୍ଟନାୟକ, ପୃଥ୍ୱୀରାଜ ହାଇସ୍କୁଲ ୧୦ ଶ୍ରେଣୀ ପୋଃ ବଲାଙ୍ଗିର ।
୧୩୭୭ । ପ୍ରଭାକର ଦାଶ ରେଭେନ୍ସା କଲେଜିଏଟ୍ ସ୍କୁଲ ୧୦ ମ ଶ୍ରେଣୀ କଟକ ।

## ନାଗବନ୍ଧୁ କୁପନ

ଆଜ୍ଞା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ଊଣା । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବ । ମୁଁ ଏଥି ସଙ୍ଗେ ଚାନ୍ଦା ନିମନ୍ତେ ୦ ୦ ୯ ଡାକଟିକଟ ଦେଲି ।

ସ୍ନେହର

ଠିକଣା—ଶ୍ରୀ...



Digitized by srujanika@gmail.com

# ଯେସାକୁ ତେସା

ଲେ—ବୃନ୍ଦ୍ର ଚନ୍ଦ୍ର

ଜଗନ୍ନାଥ ଚନ୍ଦ୍ର, ବିଡ଼ୀ, କାର୍ଡ଼ୀ ନାଥ

ପ୍ର—ମୋ ପଇ ... ଭାରତ ଜନ୍ୟାର ପ୍ରସ୍ତାବ ଆସିଛି—କପଣ ବାଛିବା ?

ଉ—ଲାଟ ରି— କାରଣ ନା ନାମରେ ସମାନ, ବ୍ୟତିକ୍ରମ ପାଇବା ନାହିଁ ।

ପ୍ର—ମହାତ୍ମା ଗାନ୍ଧି, ନେହେରୁ ଓ ସୁଭାଷଙ୍କୁ ଯିବାରେ ଆମର କି ଲାଭ ବା କ୍ଷତି ହେଲା ?

ଉ—ଧୂମ ବ୍ରହ୍ମ ନେହେରୁ ଓ ଭାଗ୍ୟ ଧନ ହେଲେ ହେଁ ଶୁଭ ଗ୍ରହଙ୍କର ପୂର୍ଣ୍ଣ ... ଥିବାରୁ ଫଳ ସମାନ ଗୃହେବ ।

ପ୍ର—ଅନେକ ଉଗରର ରହସ୍ୟ ବୁଝି ନ ପାରି ରାଗିବା ଭଲ ହୁଅନ୍ତି କାହିଁକି ?

ଉ—ଅରସିକେଷୁ ରସସ୍ୟ ନିବେଦନଂ— ବୂଲୁରେ ଖୋଲ ପଶୁଥିବି ।

କୃଷ୍ଣଚନ୍ଦ୍ର ବାଲ, ବାରିପଦା କଲେଜ ।

ପ୍ର—ଆପଣଙ୍କର ସ୍ତ୍ରୀ ଥିଲେ ଆପଣ ତାଙ୍କୁ ଏକାଧିକ ପୁରୁଷ ସାଙ୍ଗରେ ପ୍ରେମ କରିବାକୁ ପ୍ରଶ୍ରୟ ଦିଅନ୍ତେ କି ? ଦେଲେ କାହିଁକି ଦିଅନ୍ତେ ;

ଉ—ଗୋଟିଏ ପୁରୁଷ ପ୍ରେମରେ ପଡ଼ିଲେ ପ୍ରେମରେ ଗଭୀରତା ଆସେ । ଫଳରେ ଫେଲ, ହୃଦ୍‌ରୋଗ, ଆତ୍ମହତ୍ୟା । ଏକାଧିକଙ୍କ ପ୍ରେମରେ ପଡ଼ିଲେ ହତାଶା ନାହିଁ—ପ୍ରେମର ବ୍ୟାଧି ନଥାଏ—ପ୍ରେମଟା ହାଲୁକା ତାସ ଖେଳ ପରି ହୁଏ—Recreation.

ପ୍ର—ଯଦି କୌଣସି ସ୍ତ୍ରୀ କହେ ଯେ ଆପଣ ତାକୁ ବାହା ନକଲେ ସେ ଆତ୍ମହତ୍ୟା କରିବ—ଆପଣ କଣ କରିବେ ?

ଉ—ମୁଁ ଅଗ ଖୋଜିବି ସେ ଅଖ କେତେଜଣଙ୍କ ପାଖରେ କେତେ ଥର ଆତ୍ମହତ୍ୟା କରିଛି ।

ପ୍ର—ମୁଁ ଜଣକୁ ଭଲ ପାଏଁ—ସେ କିନ୍ତୁ ଅନୁକୂଳ ନୁହେଁ—ଉପାୟ କଣ ?

ଉ—ତା ନାଁରେ ଗୋଟିଏ କୁକୁର ପାଳି ଦେବ ।

କୁମାରୀ ହେମଲତା, ସାଲେପୁର ।

ପ୍ର—ମୋର ବାଘ ହେବାକୁ ଇଚ୍ଛା ହେଉ ନାହିଁ କାହିଁକି ?

ଉ—ଗୃହିଣୀ ଗୃହିଣୀ ଯେଉଁମାନଙ୍କର ପେଟ ସୁଖଯାଏ— ସେମାନେ ଭୋଜିର ଆନନ୍ଦ ପାଇବେ କେଉଁଠୁ ?

ପ୍ର—କେବେ କେହି ନହୋଇ ସନ୍ନ୍ୟାସୀ ହୁଅନ୍ତି କାହିଁକି ?

ଉ—ଏ ଜନ୍ମରେ ବାହା ହେଲେ ପରଜନ୍ମ ନାରୀଙ୍କରେ ବୃପେଯାଗ ମିଳେ ନାହିଁ ବୋଲି ବାଧ୍ୟ ହୋଇ ହୋଇ ।

ପ୍ର—ଆଜିକାଲି ସ୍ତ୍ରୀଅଙ୍କ ବେଶ ଭୂଷାରୁ କିଏ କୁମାରୀ ଓ ବିବାହିତା ଜାଣିବା କଷ୍ଟ ?

ଉ—ହସାଇ ଦେଲେ ଦାନ୍ତରଙ୍ଗ ଦେଖି ।

ନିତ୍ୟାନନ୍ଦ ପଟ୍ଟନାୟକ, ବଲାଙ୍ଗିର ।

ପ୍ର—ପ୍ରାଚ୍ୟ ଓ ପଶ୍ଚାତ୍ୟ ଗଣ୍ଡିଗଣ କାହିଁକି କମ୍ୟୁନିଜିମର ବିରୋଧ କରୁଛନ୍ତି ।

ଉ—ଏକା ଜଙ୍ଗଲରେ ଦୁଇଟି ସିଂହ ରହିବା ସମ୍ଭବ ନୁହେଁ ।

ପ୍ର—ଭାରତର କମ୍ୟୁନିଷ୍ଟ ଚୀନା କମ୍ୟୁନିଷ୍ଟଙ୍କ ଭିତରେ ତଫାତ କଣ ।

ଉ—ଚୀନାର ସ୍ୱାଧୀନତା ଓ ଭାରତର ପରାଧୀନତା ପ୍ରୀତି—ରୁଷ ସମ୍ବନ୍ଧ ।

ପ୍ର—ସିଗାରେଟ ଖାଇବା ଭଲ କି ବିଡ଼ି ଖାଇବା ଭଲ ?

ଉ—ନେତାଜୀଙ୍କ ଯେମିତି ଗନ୍ଧ ସେ ପିନ୍ଧନ୍ତି ।

ବୈଦ୍ୟନାଥ ରାମ
ଆର କଲେଜ, କଟକ ।

ପ୍ର—ଭାରତ ପାକିସ୍ତାନ ଆକ୍ରମଣ କରିବାର ଆଶଙ୍କା ଅଛି ବୋଲି ଆମେରିକାରେ କହୁଛନ୍ତି—ସେଇ ଡରରେ ଦକ୍ଷିଣ ହେଉ ନାହିଁ ତ ?

ଉ—ପାକିସ୍ତାନ ଅସ୍ତ୍ରଶସ୍ତ୍ର ମଧ୍ୟ ଆମେରିକାରୁ କିଣିଛି । ସେ ମଧ୍ୟ ଦକ୍ଷିଣ ଚୁକ୍ତିରେ ବାନ୍ଧି ଆସିପାରେ ।

ପ୍ର—ଅଧ୍ୟାପକମାନଙ୍କ ମନରେ ଛାତ୍ର ସ୍ୱଳ୍ପତାର ଅଭାବ ଆପଣ ପାଉଛନ୍ତି କି ? ପାଇ ଥିଲେ ପ୍ରତିକାର କଣ ?

ଉ—ଛାତ୍ରୀମାନଙ୍କୁ ପଚାର—ଇଚ୍ଛାକଲେ ସେମାନେ ସହଜରେ ସମାଧାନ କରି ପାରିବେ ।

ପ୍ର—'ମୁଁ' ଯଦି 'ଆପଣ' ହୋଇଥାନ୍ତି ।

ଉ—ମୋ ମୁଣ୍ଡ ର ବାଳ ହୋଇ ପାରନ୍ତି ନାହିଁ ।

ନିଶାକର ଚନ୍ଦ୍ର, ପାଣି, ଟିକାଗୋବିନ୍ଦ ।

ପ୍ର—ପ୍ରେମ ଓ ସ୍ନେହ ମଧ୍ୟରେ ପ୍ରଭେଦ କଣ ?

ଉ—ସ୍ନେହ ନୁଆଏ, ପ୍ରେମ ଯାଏ ।

ପ୍ର—ଆଗ୍ରହ ଓ ପ୍ରୀତିର ମଧ୍ୟରେ ସମ୍ପର୍କ କଣ ?

ଉ—ଜଣେ ଗୋଦାବରୀରେ ଓ ଆର ଜଣେ ଗଙ୍ଗାରେ ।

ପ୍ର—ଓଡ଼ିଶାର ପତ୍ର ପତ୍ରିକାର ସଂଖ୍ୟା ଅଣା କାହିଁକି ?

ଉ—ପ୍ରେମ ପତ୍ରର ସଂଖ୍ୟା ବଢ଼ୁଥିବାରୁ ।


## ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ୍ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲ୍ଡ ଗହଣା, ରଙ୍ଗରେ ଓ ମଜବୁତରେ ଅତୁଳନୀୟ । ସବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

କି, ମାଲକାର ଚୌଧୁରୀ ୬୩, ବ୍ରାହ୍ମସମାଜ ରୋଡ, କଲିକତା—୩୪



## ନାରୀର ମାସିକ ଋତୁ ଯେ

କୌଣସି କାରଣ ଯେତେଦିନ ବନ୍ଦ ହେଉ ପଛେ ଏକମାସ ନିର୍ଦୋଷ ଋତୋକାନସୁମିଶ୍ର ବ୍ୟବହାର କଲେ ୨୪ ଘଣ୍ଟାରେ ଅଦ୍ଭୁତ ଫଳପ୍ରଦ—ଗ୍ୟାରେଣ୍ଟିଡ୍—ମୂଲ୍ୟ—୦ ୫ ଡାକ ମାସୁଲ ୦ ୩୬

କବିରାଜ ଏମ୍—ଭଟ୍ଟାଚାର୍ଯ୍ୟ—[D. C.]
୧୨୦ । ୧ । ୧ ଅପର ସାରକୁଲର ରୋଡ
କଲିକତା—୯




Digitized by srujanika@gmail.com

16-6 50

Dagaro

ORISSA'S MOST POPULAR FORTNIGHTLY

Reg. No O 18.

# ବନ୍ୟା ଓ ଅତ୍ୟଧିକ ବୃଷ୍ଟିପାତ

[illegible] ଯୁଦ୍ଧକାଳରେ ନାନା ସ୍ଥାନରେ ବନ୍ୟାର ପ୍ଲାବନ—ଏ ସମ୍ବାଦ ଖବର ପାଇ ଦେଖ [illegible] ମାନଙ୍କରେ [illegible] ପ୍ରକାଶ ପାଉଛି—[illegible] ଆରେ କେତେ [illegible] ପ୍ରକାଶ କରିଛନ୍ତି । ଭାରତରେ ଏସିଆ ଓ [illegible]—ବିଶେଷତଃ କହିବାକୁ ଗଲେ [illegible] ଘଟୁଛି । ଅସଂଖ୍ୟ ଲୋକେ ଏ ବନ୍ୟା ଯୋଗୁ ଗୃହହୀନ [illegible] ବନ୍ୟା ହୁଏ । ନଦୀ [illegible] ଛାଡ଼ନ୍ତୁ—ଅନ୍ୟ ବିପଦ୍ କଥା ଛାଡ଼ନ୍ତୁ ।

[illegible] ଯେପରିକି ନାନା ବ୍ୟାଧିରୁ [illegible] । ଉଦାହରଣ ସ୍ୱରୂପ [illegible] ମାନଙ୍କରେ [illegible] ରକ୍ଷା କରେ । [illegible] ହୁଏ । [illegible] ପାଇଥାନ୍ତି ।

[illegible] କରେ । ଉଦାହରଣ ସ୍ୱରୂପ [illegible] ଅବସ୍ଥାରେ ଯେପରିରେ [illegible] [ tropical & sub-tropical ] ଭୂଖଣ୍ଡମାନଙ୍କରେ [illegible] ମୃତ୍ୟୁ [illegible] ରକ୍ଷା ପାଇପାରୁ ନଥାନ୍ତି । [illegible] ପ୍ରକାଶ କରି [illegible] ସେବନ କରନ୍ତୁ ।

[illegible] ବହୁ ପ୍ରଚାର [illegible] ହେଲେହେଁ—ବ୍ୟାଧି [illegible] ସେମାନେ [illegible] ଯୋଗ୍ୟତାର ଫଳ ସ୍ୱରୂପ [illegible] । [ Mal No 459 ]

ଉଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ
ଆୟୁର୍ବେଦୀୟ ଅନୁଷ୍ଠାନ ।

## ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

[illegible] ଜଟିଳ [illegible] ନିମ୍ନଲିଖିତ [illegible] ଠିକଣାକୁ [illegible] ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରୀ ମଙ୍ଗଳା
କଟକ [ ୧ ]

[illegible]
—ନିବେଦିକା—
ଶ୍ରୀ [illegible] ମିଶ୍ର
ଝାଞ୍ଜିରୀ ମଙ୍ଗଳା
କଟକ ( ୧ )

କଟକ ଟ୍ରେଡ଼ିଂ କମ୍ପାନି, କଟକ ୨
ପ୍ରକାଶିତ

## ନୂତନ ପୁସ୍ତକ

ଉପନ୍ୟାସ

ଘନାବର୍ତ୍ତ- ବଟକୃଷ୍ଣ ପ୍ରହରାଜ ବି,ଏ ଟ ୧
କୀର୍ତ୍ତିପଥ୍ୟ- ବାମାଚରଣ ମିତ୍ର ଟ ୧।

ଗଳ୍ପ

ଗରିବର କାହିଁ କି? ଗୋଦାବରୀଶ ମିଶ୍ର ଟ ୦।
ଈଶ୍ୱରଙ୍କ ପାଖକୁ ଚିଠି " ଟ ୦

—ନାଟକ—

ସହୀଦ ବାଜୀରାଉତ-ବ[illegible]ନାଥ ରାଉତରା

ଆତ୍ମଚରିତ

ମୋ ନିଜ କାହାଣୀ (ଜହରଲାଲ) ଟ ୧

—ସ୍ତ୍ରୀପାଠ୍ୟ—

ଗୃହଲକ୍ଷ୍ମୀ-୧ମ ଜଗବନ୍ଧୁ ସିଂହ ଟ
" ୨ୟ " ୧
" ୩ୟ " ୧
" ୪ର୍ଥ " ଟ

Printed, Published and Edited by N. Mahapatra at the Daguro Press, Cuttack—1,

Digitized by srujanika@gmail.com